
# ଓଡ଼ିଆ ସାହିତ୍ୟର ଇତିହାସ



ଡକ୍ଟର ସୂର୍ଯ୍ୟନାରାୟଣ ଦାଶ

ପ୍ରଥମ ଖଣ୍ଡ

କେନ୍ଦ୍ର-ସାହିତ୍ୟ-ଆକାଡେମିଦ୍ୱାରା ପୁରସ୍କୃତ

# ଓଡ଼ିଆ ସାହିତ୍ୟର ଇତିହାସ

## ପ୍ରଥମ ଭାଗ

[ ଭାଷାର ଉତ୍ପତ୍ତିଠାରୁ ପଞ୍ଚସଖା ଯୁଗ ଶେଷପର୍ଯ୍ୟନ୍ତ । ]

★

ଲେଖକ :

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

★

ଗ୍ରନ୍ଥ ମନ୍ଦିର

କଟକ, ବ୍ରହ୍ମପୁର

# History of Oriya Literature

## Part I

**Pandit S. N. Das, M. A.**

ପ୍ରକାଶକ :

ଶ୍ରୀ ଅଜୟନ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ, ବ୍ରହ୍ମପୁର

ଡିସେମ୍ବର, ୧୯୬୩—ପ୍ରଥମ ମୁଦ୍ରଣ
ଏପ୍ରିଲ୍, ୧୯୬୬—ଦ୍ୱିତୀୟ ମୁଦ୍ରଣ

ମୁଦ୍ରାକର :

ଶ୍ରୀ ଧାତ୍ରୁ ଷଣ୍ଢୁ
ଓଡ଼ିଶା ପ୍ରିଣ୍ଟିଂ ୱାର୍କସ୍
ବ୍ରହ୍ମପୁର

ମୂଲ୍ୟ — ସାଦା ବନ୍ଧେଇ—ଟ ୧୪.୦୦
ବୋର୍ଡ଼ ବନ୍ଧେଇ—ଟ ୧୬.୦୦

# ପ୍ରଥମ ସଂସ୍କରଣର ମୁଖବନ୍ଧ

ମତ୍ପ୍ରଣୀତ 'ଓଡ଼ିଆ ସାହିତ୍ୟର ଇତିହାସ' ଅତି ସଂକ୍ଷିପ୍ତଭାବେ ଲିଖିତ ହୋଇଥିଲେ ମଧ୍ୟ ତାହା ଦେଶର ସାହିତ୍ୟପ୍ରେମୀମାନଙ୍କ ନିକଟରେ ସମାଦୃତ ହୋଇଥିଲା । ସେହି ଉତ୍ସାହରେ ଉତ୍ସାହିତ ହୋଇ ଓଡ଼ିଆ ସାହିତ୍ୟର ଏକ ବିଶଦ ଆଲୋଚନା ସମ୍ବଳିତ ଏହି ଗ୍ରନ୍ଥ ପ୍ରଣୟନ କରିବାକୁ ସାହସୀ ହେଲି । ଏହା ଏହିଭଳି ଦୁଇ ବା ତିନି ଖଣ୍ଡରେ ସମାପ୍ତ ହେବ ବୋଲି ଆଶା କରୁଛି । ବିଷୟବସ୍ତୁ ସଂଗ୍ରହକରି ଏହି ଗ୍ରନ୍ଥ ସଙ୍କଳନ କରିବାକୁ ମୁଁ ବହୁ ସମୟ ଓ ଶ୍ରମ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ତଥାପି ଗ୍ରନ୍ଥ ମୁଦ୍ରଣ ସମୟ ଭିତରେ ମୁଁ ବହୁଦିନ ପୀଡ଼ିତ ରହିବାରୁ ସବୁ ଦିଗକୁ ଧ୍ୟାନ ଦେଇ ପାରିଲି ନାହିଁ । ଏହି କାରଣରୁ ଭ୍ରମପ୍ରମାଦ ରହିଯାଇଥିବା ସମ୍ଭବ । ସୁଧୀବର୍ଗ ଲେଖକର ଶ୍ରମ ଜାଣି 'ଶୁଦ୍ଧ ଅଶୁଦ୍ଧ ଛାଣି ଖାଇବେ', ଏହାହିଁ ପ୍ରାର୍ଥନା ।

'ଓଡ଼ିଆ ସାହିତ୍ୟର ଇତିହାସ' ମୁଦ୍ରଣ ଓ ପ୍ରକାଶନରେ ଗ୍ରନ୍ଥ ମନ୍ଦିର ଓ ଗ୍ରନ୍ଥ ପ୍ରକାଶିକା ପ୍ରେସର ମାଲିକ ବନ୍ଧୁ ଶ୍ରୀ ଶ୍ରୀଧର ମହାପାତ୍ର ବହୁ ଶ୍ରମସ୍ୱୀକାର କରିଥିବାରୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଅଛି ।

ମୋର କନିଷ୍ଠଭ୍ରାତା ଶ୍ରୀ ରାଧାକୃଷ୍ଣ ଦାସ, ବି.ଏ. ଗ୍ରନ୍ଥର ଉପାଦାନ ସଂଗ୍ରହ କରିବାରେ ବହୁବର୍ଷ ହେଲା ଆପ୍ରାଣ ଚେଷ୍ଟା କରିଥିବାରୁ ତାଙ୍କୁ ମୋର କୃତଜ୍ଞତା ଓ ଆଶୀର୍ବାଦ ଜଣାଉଅଛି ।

ଜୁନ୍ ୨୩, ୧୯୬୩ — ସୂର୍ଯ୍ୟନାରାୟଣ ଦାଶ

ଶ୍ରୀ ଗୁଣ୍ଡିଚା, କଟକ

# ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ

ପ୍ରଥମ ସଂସ୍କରଣଟି ୧୯୬୮ରେ ପ୍ରକାଶିତ ହେବାର ପ୍ରାୟ ଛଅବର୍ଷ ଭିତରେ ସବୁ ବହି ବିକ୍ରୀ ହୋଇଯାଇଥିବା ସୌଭାଗ୍ୟର ବିଷୟ ।

ଦ୍ୱିତୀୟ ସଂସ୍କରଣର ମୁଦ୍ରଣ ସମୟରେ ମୁଁ ବିଶେଷଭାବରେ ପୀଡ଼ିତ ହୋଇ ପଡ଼ିବାରୁ ସଂଶୋଧନାଦିରେ ବିଶେଷ ଧ୍ୟାନ ଦେଇ ପାରିନାହିଁ । ଏଥିନିମନ୍ତେ ମୁଁ ଅତ୍ୟନ୍ତ ଦୁଃଖିତ । କେନ୍ଦ୍ର ସାହିତ୍ୟ ଏକାଡେମୀର ସଭ୍ୟବୃନ୍ଦ ଏ ଗ୍ରନ୍ଥର ଉପାଦେୟତା ଉପଲବ୍ଧି କରି ବିଗତ ବର୍ଷ ମୋତେ ପୁରସ୍କୃତ କରିଥିବାରୁ ମୁଁ ଉକ୍ତ ସଂସ୍ଥା ପ୍ରତି ତଥା ଉକ୍ତ ସଂସ୍ଥାର ଓଡ଼ିଆ ପ୍ରତିନିଧିମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ।

ସୂର୍ଯ୍ୟନାରାୟଣ ଦାଶ

ଲକ୍ଷ୍ମୀଦେଉଳ,
ପୁରୁଣାକଲେଜ୍ ଗଳି,
କଟକ-୨

# ସୂଚୀ

ବିଷୟ — ପୃଷ୍ଠା

୧ମ ପରିଚ୍ଛେଦ—ଓଡ଼ିଆ ଭାଷାର ଉତ୍ପତ୍ତି ... ... ୧-୩୬

(୧) ଭାରତୀୟ ଭାଷା ବିଚାର ୧, ଓଡ଼ିଆ ଭାଷା ୨, ଭାଷାର ଉତ୍ପତ୍ତି କାଳ ୩, (୨) ଅଦିବୃନ୍ଦ ଓ ଆର୍ଯ୍ୟମାନଙ୍କର ଜନ୍ମସ୍ଥାନ ନିର୍ଣ୍ଣୟ ୪, (୩) ଭାରତ-ଇଉରୋପୀୟ ଗୋଷ୍ଠୀର ମୂଳଭାଷା ୬, ବୈଦିକ ଭାଷା ୬, ଭାରତ-ଇରାଣ ଭାଷା ୭, (୪) ଆଧୁନିକ ଭାଷାମାନଙ୍କର ଉତ୍ପତ୍ତି ୮, (୫) ବୈଦିକ ଭାଷା, ସଂସ୍କୃତ, ପ୍ରାକୃତ ୯, (୬) ଭାରତୀୟ ଆର୍ଯ୍ୟଭାଷା ବିଚାର ୧୨, (୭) ଉତ୍କଳରେ ଆର୍ଯ୍ୟବସତି ୧୪, (୮) ଅଶୋକ ଓ ଖାରବେଳ ଲିପିରେ ଓଡ଼ିଆ ଭାଷାର ଚିହ୍ନ ୧୯, ୧୩ଶ ଅନୁଶାସନ—କଳିଙ୍ଗ ଯୁଦ୍ଧବର୍ଣ୍ଣନା ୨୦, କଳିଙ୍ଗ ଅନୁଶାସନ ୨୩, ଅଶୋକଙ୍କ କାଳିଙ୍ଗୀ ଅନୁଶାସନର ଭାଷା ୨୪, କାଳିଙ୍ଗୀ ପ୍ରାକୃତ ୨୯, ଦ୍ରାବିଡ଼ ପ୍ରଭାବ ୩୨, ଖାରବେଳଙ୍କ ଲିପି ୩୩ ।

୨ୟ ପରିଚ୍ଛେଦ—ଓଡ଼ିଆ ସାହିତ୍ୟର କାଳବିଭାଗ ... ୩୭-୩୯

୩ୟ ପରିଚ୍ଛେଦ—ଗଙ୍ଗବଂଶ ପୂର୍ବର ରଚନା ... ୪୦-୭୮

(କ) ଲୋକଗୀତିକା, ଛଡ଼ା, ଖାଉବଚନ, ମନ୍ତ୍ରାଦି ୪୦, (୧) ଗୀତିକା ୪୪, ଯୋଗିଗୀତ ୪୬, ଚାନ୍ଦ୍ରାୟଣ ଗୀତ ୪୬, ଟେକିପଡ଼ ଗୀତ ୪୭, କେଳାପୋଡ଼ା ନାଟ ଗୀତ ୪୭, ଚଢ଼େଇଆ ପଶୁ ଗୀତ ୪୭, ଶିଶୁ ଗୀତିକା ୫୦, (୨) ଗଦ୍ୟ, ଗଦ୍ୟ-ପଦ୍ୟାତ୍ମକ ରଚନା ୫୨, ଗୋବିନ୍ଦମୁଖା ୫୨, (୩) କାହାଣୀ ୫୪, ନବଧାଳର କାହାଣୀ ୫୭, (୪) ଚଉତିଶା ୬୬, (୫) ପହେଳିକା ୬୬, (୬) ପ୍ରବାଦ-ପ୍ରବଚନ-ଢଗଢମାଳି, ମନ୍ତ୍ରାଦି ୭୭, ଗଳ୍ପସୂଚନାତ୍ମକ ଢଗଢମାଳି ୭୮, ସାଂଖ୍ୟକ ବଚନର କେତେକ ଦୃଷ୍ଟାନ୍ତ ୮୯, ଢଗଢମାଳିର ଛନ୍ଦ ୯୬, ଡାକବଚନ (ପ୍ରବାଦ) ୧୦୦, ମନ୍ତ୍ର ୧୦୧,

(ଖ) ବୌଦ୍ଧ ଚର୍ଯ୍ୟାପଦ ୧୦୩, (୧) ଚର୍ଯ୍ୟାପଦର ପରିଚୟ, ବୌଦ୍ଧମତର କେତୋଟି ତତ୍ତ୍ୱ ୧୦୭, ଚର୍ଯ୍ୟାପଦମାନଙ୍କରେ ଦର୍ଶନାଦି ତତ୍ତ୍ୱର ୧୦୯, ମହାସୁଖ ୧୧୧, କରୁଣା ୧୧୨, ଶାସ୍ତ୍ରତତ୍ତ୍ୱର ୧୧୨, ଭବନଦୀ ୧୧୩, ଚର୍ଯ୍ୟାପଦରେ ଯୋଗ ୧୧୪, ଚର୍ଯ୍ୟାପଦରେ ତନ୍ତ୍ର ମତବାଦ ୧୧୫, ସହଜମତ ୧୧୬, ଚର୍ଯ୍ୟାପଦ ଆଲୋଚନା ୧୧୭, ସିଦ୍ଧାଚାର୍ଯ୍ୟ ପରିଚୟ, ସରହପାଦ ୧୧୯, ସରହପାଙ୍କ ଗ୍ରନ୍ଥାବଳୀ ୧୨୭, ସରହପାଙ୍କ କେତେକ ଉକ୍ତମତ ୧୨୮, ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ୧୨୯, ପାଶୁପତମାନଙ୍କ ସମ୍ବନ୍ଧରେ ୧୨୯, ଜୈନମାନଙ୍କ ସମ୍ବନ୍ଧରେ ୧୩୦, ବୌଦ୍ଧମାନଙ୍କ ସମ୍ବନ୍ଧରେ ୧୩୧, ସହଜଯାନର ଶ୍ରେଷ୍ଠ, କଣ୍ଠସ୍ଥାନ୍ତ ୧୩୨, ଯୋଗ ସମ୍ବନ୍ଧରେ ୧୩୩, ଜଗତ ଶୂନ୍ୟ ୧୩୪, ଜଗତ ସହଜାନନ୍ଦମୂର୍ତ୍ତି ୧୩୫, ଭବ (ଜଗତ) ଅଳୀକ ୧୩୫, ପରମ-ପଦ ମହାସୁଖ ୧୩୬, ପରମପଦ ଶୂନ୍ୟ ନିରଞ୍ଜନ ୧୩୬, ସଦ୍‌ଗୁରୁପ୍ରଭାବ ୧୩୭, ଆତ୍ମପରଭେଦର ତ୍ୟାଗ ୧୩୮, ଭୁସୁକୁପାଦ (ଶାନ୍ତିଦେବ, ରାଉତ) ୧୪୨, ଲୁଇପା ୧୪୬, କୃଷ୍ଣାଚାର୍ଯ୍ୟ ୧୪୯, ସିଦ୍ଧ ଗୁଣ୍ଡରୀପାଦ ୧୫୫, ସିଦ୍ଧ କହ୍ନୁବା (କହ୍ନୁଆ) ପାଦ ୧୫୫, ଅଦ୍ୱୟ ବଜ୍ର ବା ମୈତ୍ରୀଗୁପ୍ତ ୧୫୬, ଶାନ୍ତ୍ୟାଶ୍ରୀ ୧୫୮, ଦୋହା ଓ ଚର୍ଯ୍ୟାପଦରେ କେତେକ ଓଡ଼ିଆ ଶବ୍ଦ ୧୬୦, ଦୋହାକୋଷ ବ୍ୟାକରଣ ୧୬୬, ଚର୍ଯ୍ୟାପଦରେ ଛନ୍ଦର ଗତ ୧୬୩, ସରହପାଙ୍କ ଗୀତମାନଙ୍କର ସ୍ୱର ୧୭୬ ।

୪ର୍ଥ ପରିଚ୍ଛେଦ—ଗଙ୍ଗବଂଶଯୁଗ ପୂର୍ବର ରଚନା...୧୭୯-୧୮୬

(୧) ଦେବଳ ଦେବଙ୍କ ଶିଳାଲେଖ ୧୭୯, (୨) ମାଧବ ବର୍ମାଙ୍କ ତାମ୍ରଶାସନ ୧୮୧, (୩) ଉର୍ଜ୍ଜିବେଡ଼ା ଶିଳାଲିପି ୧୮୩, (୪) ମଧୁକାମାର୍ଣ୍ଣବ ଦେବଙ୍କ ଲେଖ ୧୮୩, (୫) ଅନନ୍ତବର୍ମା ବଜ୍ରହସ୍ତ ଦେବଙ୍କ ସମୟର ଓଡ଼ିଆ ଲିପି ୧୮୫, (୬) ବଜ୍ରହସ୍ତ ଦେବଙ୍କ ସମୟର ଲିପି ୧୮୬ ।

୫ମ ପରିଚ୍ଛେଦ—ଓଡ଼ିଆ ସାହିତ୍ୟର ଗଙ୍ଗବଂଶ ଯୁଗ ବା ଆଦିଯୁଗ ... ... ୧୮୮-୨୩୫

ଗଙ୍ଗବଂଶ ଯୁଗର ପରିଚୟ ୧୮୮, ମାଦଳାପାଞ୍ଜି ୧୯୨, ପାଞ୍ଜି କିପରି ଲେଖା ହେଉଥିଲା ୧୯୩, ମାଦଳା ପାଞ୍ଜି ଓଡ଼ିଆ ଭାଷାର ପ୍ରଥମ ଲେଖା ୧୯୬, ଗଙ୍ଗବଂଶ ଯୁଗର କେତେକ ଓଡ଼ିଆ ଅଭିଲେଖ ୨୦୬ (୧) ଦ୍ୱିତୀୟ ନରସିଂହ ଦେବଙ୍କ ସମୟର ଓଡ଼ିଆ ଗଦ୍ୟ ୨୦୬, (୨) କୃତ୍ତି ସାହସମଲ୍ଲଙ୍କ ଓଡ଼ିଆ ଲେଖ ୨୦୮, (୩) ନରସିଂହ ଦେବଙ୍କ ଶିଳାଲିପି ୨୧୦, (୪) ଭୂପାଳ ପଣ୍ଡିତଙ୍କ ଲେଖ ୨୧୧, (୫) କେନ୍ଦୁକ୍ରା ତାମ୍ରଶାସନ ଲିପି ୨୧୨, (୬) ଭୂମି ଦାସଙ୍କ ଲିପି ୨୧୩, (୭) ଘଣ୍ଟ ସାହସମଲ୍ଲ ଅଭିଲେଖ ୨୧୪, (୮) ଭାନୁଦେବଙ୍କ ସମୟର ଲିପି ୨୧୫, (୯) ଚତୁର୍ଥ ଭାନୁଦେବଙ୍କ ସମୟର ଲିପି ୨୧୭, (୧୦) ନାରାୟଣ କେଦାରଙ୍କ ଦାନପତ୍ର ୨୧୮, ବଚ୍ଛା ଦାସ ୨୨୦, ନାରାୟଣାନନ୍ଦ ଅବଧୂତ ସ୍ୱାମୀ ୨୨୫, ରୁଦ୍ରକଥା ୨୩୦ ।

ଷଷ୍ଠ ପରିଚ୍ଛେଦ—ସୂର୍ଯ୍ୟବଂଶ ଯୁଗ ... ୨୩୬-୪୨୦

ସୂର୍ଯ୍ୟବଂଶ ଯୁଗର ସାମାନ୍ୟ ପରିଚୟ ୨୩୬, (କ) କପିଳେନ୍ଦ୍ର ଯୁଗ, (୧) ଉତ୍କଳବ୍ୟାସ ଶାରଳା ଦାସ ୨୪୨, ଶାରଳାଦାସଙ୍କ ଯୁଗର ଓଡ଼ିଶା ୨୪୨, ଶାରଳାଦାସଙ୍କ ସମୟର ରାଜନୈତିକ ଓଡ଼ିଶା ୨୪୫, ଶାରଳାଦାସଙ୍କ ଜୀବନ ୨୪୬, କବିଙ୍କ ଜନ୍ମସ୍ଥାନ ୨୪୯, ଝିଙ୍କୋଳ ଓ ପ୍ରାଚୀନ ତେଲ୍ତାଲୋ ୨୫୧, କବିଙ୍କ ନାମ ୨୫୩, ବାଲ୍ୟଶିକ୍ଷା ଓ କବିତ୍ୱ ସ୍ଫୁର୍ତ୍ତି ୨୫୩, ଜାତିସୂତ୍ର ୨୬୨, ଶାରଳାଦାସଙ୍କ ମହାଭାରତ ୨୬୫, ଗ୍ରନ୍ଥର ଆକାର ୨୬୫, ରଚନାରେ ମୌଳିକତା ୨୬୫, ପଦ-ବିଷୟବସ୍ତୁର ଆଲୋଚନା ୨୬୮, ବିଷୟବସ୍ତୁର ମୂଳସହିତ ତୁଳନା ୨୬୮, ମୂଳଠାରୁ ସମ୍ପୂର୍ଣ୍ଣ ନୂତନ ବିଷୟବସ୍ତୁର ଯୋଗ ୨୮୩, କପୋଳକଳ୍ପିତ ପ୍ରସଙ୍ଗର ଯୋଗ କରିବାରୁ ୨୮୪, ମୂଳ ବିଷୟବସ୍ତୁର ସଂକ୍ଷେପକରଣ ୨୮୫, ଅପଗତ ଦୁଷଣ ୨୮୫, ଚରିତ ଦୁଷଣ ୨୮୭, ଭାଷା ୨୯୬, ସଂସ୍କୃତ ଶବ୍ଦ ଅନୁସାରେ ଗଠିତ ଶବ୍ଦାବଳୀ ୨୯୭, ତଦ୍ଭବ ଶବ୍ଦ ସୃଷ୍ଟି ୨୯୯, ମାର୍ଜିତ ଶବ୍ଦର ବ୍ୟବହାର ୩୦୦, ଭାବାନୁଗ-ରସବ୍ୟଞ୍ଜକ ଶବ୍ଦର ବ୍ୟବହାର ୩୦୧, ଶବ୍ଦାଳଙ୍କାର ୩୦୨,

ନାମ ବ୍ୟୁତ୍ପତ୍ତି ପୃ ୦୩, ଜନଙ୍କ ବଙ୍ଗଧ ମଧ୍ୟରେ ପ୍ରବେଶ—କୋଣାର୍କ ଶାସ୍ତ୍ରରେ ପ୍ରବେଶ ପୃ ୦୪, ବୈଦିକ କର୍ମକାଣ୍ଡରେ ପ୍ରବେଶ ପୃ ୦୬, ଭୂତବାଦୀ ପୃ ୦୬, ବାସ୍ତୁକ ଚର୍ଯ୍ୟା ପୃ ୦୭, ଉତ୍କଳ ଦେଶର ବଙ୍ଗଧ ବର୍ଣ୍ଣନା ପୃ ୦୭, ନନ୍ଦବାକ୍ୟ ପୃ ୦୭, ନନ୍ଦବାକ୍ୟ ପୃ ୧୬, ପ୍ରବଚନ ପୃ ୧୬, ସାମାଜିକ ବନ୍ଧ ପୃ ୧୮, ଶବ୍ଦବୃତ୍ତି ପୃ ୨୪, ଦେଶର ନାମ ପୃ ୨୬, ବର୍ଣ୍ଣନା ସୂତ୍ର ପୃ ୩୧, ରୂପ-ବର୍ଣ୍ଣନା ପୃ ୩୨, ଦାର୍ଶନିକ ତତ୍ତ୍ୱ ସ୍ତର ପୃ ୩୬, ଶାରଳା ଦାସଙ୍କ ଧର୍ମ ପୃ ୩୬, ପାଠଭେଦ ପୃ ୪୦, ଜନଙ୍କ ସ୍ୱଧୀର ଉପଲଭାଷା ପୃ ୪୪, ଉପସଂହାର ପୃ ୪୫, ଚଣ୍ଡୀପୁରାଣ ପୃ ୪୭, ବିଲଙ୍କା ରାମାୟଣ ପୃ ୪୭, (୨) କପିଳେନ୍ଦ୍ର ଯୁଗର କେଶରୀ ଗଦ୍ୟଲେଖା ପୃ ୪୯, କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ଅଭିଲେଖ ପୃ ୫୦, (୧) ଖ୍ରୀ: ୧୪୫୧ର ଶିଳାଲିପି ପୃ ୫୧, (୨) ଅନ୍ୟ-ଏକ ଲିପି ପୃ ୫୧, (୩) ଜଗନ୍ନାଥ ମନ୍ଦିରର ଲିପି ପୃ ୫୨, (୪) ନୃସିଂହନାଥ ମନ୍ଦିର ଲିପି ପୃ ୫୩, (ଖ) ପୁରୁଷୋତ୍ତମ ଯୁଗ (୧) କେଶରୀ ଗଦ୍ୟ ଅଭିଲେଖ ପୃ ୫୩, (୧) ୨ୟ ଲିପି ପୃ ୫୪, (୨) ୩ୟ ଲିପି ପୃ ୫୪, (୩) ୪ର୍ଥ ଅଙ୍କ ଲିପି ପୃ ୫୫, (୪) ଗୋପେଶ୍ୱର ଅଙ୍କ ଲିପି ପୃ ୫୫, (୫) ୩୪ ଅଙ୍କର ଲିପି ପୃ ୫୭, ଅଭିଲେଖମାନଙ୍କର କେତେକ ବିଶେଷତ୍ୱ ପୃ ୫୭, ବଇଦକଙ୍କ ତକଣ୍ଡା ପୁସ୍ତକ ପୃ ୫୮, ଅର୍ଜୁନ ଦାସ ପୃ ୬୫, ଲେଖାର ସମୟ ପୃ ୬୬, ବିଷୟବସ୍ତୁ ପୃ ୬୮, ରସିକଗୋପାଳ ଅର୍ଜୁନ ଦାସ ପୃ ୮୨, କେତେକଗୁଡ଼ିଏ ସୁନ୍ଦର ଚଉ ପୃ ୮୨, ନୃତ୍ୟଗୀତ ପୃ ୮୬, ଋତୁବର୍ଣ୍ଣନା ପୃ ୮୬, ଷଡ଼ଋତୁ ପୃ ୮୭, ଭୋଜନବର ସୂକ୍ତଲଣି ପୃ ୮୭, ଶବ୍ଦ ବ୍ୟବହାରରେ ବିଶେଷତ୍ୱ ପୃ ୮୮, କାବ୍ୟଗୁଣ ପୃ ୮୯, ସମୟକ୍ଷ ପୃ ୯୦, ବର୍ଣ୍ଣନାସ୍ତୁତି ପୃ ୯୦, ଦେଶଭକ୍ତ ଶବ୍ଦର ପ୍ରାଚୀନ ରୂପ ପୃ ୯୨, ଶାରଳା ଦାସଙ୍କ ବୃତ୍ତାନ୍ତସହିତ ମେଳ ପୃ ୯୩, ସମଦଶ୍ୱର ବାଣୀ ଅନ୍ୟ ଗ୍ରନ୍ଥମାନଙ୍କରେ ଉଦ୍ଧୃତ ପୃ ୯୪, ଶିଶୁ ଶଙ୍କର ଦାସ ପୃ ୯୬, ଘଟଣାବଳୀ ଲେଖାର ସମୟ ପୃ ୯୬, ଉଷା ପରିଣୟର ଆଖ୍ୟାନ, ଶାରଳାଦାସଙ୍କ ଉଷାହରଣ ଉପାଖ୍ୟାନରୁ ମୂଳ ଭାବ ଲିଖିତ ପୃ ୯୭, ବିଷୟବସ୍ତୁରେ ମୂଳଠାରୁ ପ୍ରଭେଦ ପୃ ୯୭, କାବ୍ୟରେ ଶୃଙ୍ଗାରରସ ପ୍ରଧାନ ପୃ ୯୯, ନାୟିକାର ଯୌବନ ବର୍ଣ୍ଣନା ପୃ ୯୯, ସାମାଜିକ ଅବସ୍ଥା, ଉପେନ୍ଦ୍ର ଭଞ୍ଜ ଓ ଧନଞ୍ଜୟ ନରେନ୍ଦ୍ର

ମୁଦ୍ରିତ ଗ୍ରନ୍ଥମାନଙ୍କ ଉପରେ 'ଭୂଷା'ର ପ୍ରଭାବ ୪୦୧, ମାର୍କଣ୍ଡ ଦାସ ୪୦୨, କେଶବ କୋଇଲିର ବିଷୟବସ୍ତୁ ୪୦୨, ଛାନ୍ଦ, କାବ୍ୟଲକ୍ଷଣ ୪୦୪, ଜଗନ୍ନାଥ ଦାସଙ୍କ ଟୀକା ୪୦୪, ଛନ୍ଦ ଓ ଶବ୍ଦପାତ ୪୦୫, ବିଷୟବସ୍ତୁ ବିସ୍ତାର ୪୦୬, ଶବ୍ଦ ବ୍ୟବହାର ବୈଷମ୍ୟ ୪୧୦, ଅନୁପ୍ରାସ ୪୧୧, କବି ମାର୍କଣ୍ଡ ଓ କେଶବ କୋଇଲିର ସମୟ ୪୧୨, କୋଇଲି ରଚନା ଓ କେଶବ କୋଇଲିର ନାମକରଣ ୪୧୩, କବି ଦାମୋଦର ୪୧୪, ରାସକୋଇଲି ଚଉତିଶା ୪୧୪, ଧରଣୀଧର ମିଶ୍ର ୪୧୬, ଗୀତଗୋବିନ୍ଦର ପଦ୍ୟାନୁବାଦ ୪୧୬ ।

୭ମ ପରିଚ୍ଛେଦ—ସୂର୍ଯ୍ୟବଂଶ ଯୁଗ ... ୪୨୧-୪୭୮

(କ) ପ୍ରଜ୍ଞାପାରମିତା ବା ପଞ୍ଚସଖା ଯୁଗ, ଯୁଗପରିଚୟ ୪୨୧, ଦର୍ଶନ ଓ ଧର୍ମତତ୍ତ୍ୱର ପରମ୍ପରା ୪୨୨, ଉତ୍କଳରେ ବୈଷ୍ଣବଧର୍ମ ପ୍ରଚାର ୪୨୪, ଜଗନ୍ନାଥ, ବୁଦ୍ଧ ଓ ଶୂନ୍ୟପୁରୁଷ ୪୩୦, କେତେକ ଦାର୍ଶନିକ ତତ୍ତ୍ୱ ୪୩୪, (୧) ବ୍ରହ୍ମ ନିରୂପଣ, ବ୍ରହ୍ମ ଉପାସନା, ସବିଶେଷ ନିର୍ବିଶେଷ ବ୍ରହ୍ମ ୪୩୫, (୨) ନିର୍ଗୁଣ ବ୍ରହ୍ମ ୪୩୭, ନିର୍ଗୁଣ ଉପାସନା ଓ ସଗୁଣ ଉପାସନା ୪୩୭, ଭକ୍ତି-ପରିଭାଷା ୪୫୦, (୩) ବ୍ରହ୍ମଙ୍କ ଅଚିନ୍ତ୍ୟ ଶକ୍ତି ୪୫୧, (୪) ବ୍ରହ୍ମଙ୍କ ଐଶ୍ୱର୍ଯ୍ୟ ଓ ଭଗବତ୍ତା ୪୫୨, (୫) ବାସୁଦେବହିଁ ପରବ୍ରହ୍ମ ୪୫୩, (୬) ଗୀତାର ପୁରୁଷୋତ୍ତମହିଁ ଜଗନ୍ନାଥ ୪୫୫, (୭) ପରବ୍ରହ୍ମଙ୍କ ଆବିର୍ଭାବ ଓ ତିରୋଭାବ ୪୫୭, ବ୍ରହ୍ମଙ୍କ ଆତ୍ମ-ପ୍ରକାଶରେ ବିଭିନ୍ନତା ୪୫୮, (୮) ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ୪୫୯, (୯) ଭଗବାନଙ୍କ ଧାମ ବା ପରମ ଧାମ ୪୬୬, (୧୦) ଭଗବତ୍ତ୍ୱ ଧାମ, ବୃନ୍ଦାବନର ରାସଲୀଳା ୪୬୯, ଗୋପୀପ୍ରେମ ୪୭୦, (୧୧) ଜଗନ୍ନାଥ ଉପାସନା, ଶ୍ରୀକ୍ଷେତ୍ରରେ ସର୍ବଧର୍ମ ସମନ୍ୱୟ ତତ୍ତ୍ୱ ୪୭୩ ।

୮ମ ପରିଚ୍ଛେଦ—ସୂର୍ଯ୍ୟବଂଶ ଯୁଗ ... ୪୭୯-୭୧୮

(ଖ) ପ୍ରଜ୍ଞାପାରମିତା ବା ପଞ୍ଚସଖା ଯୁଗ—(୧) ବଳରାମ ଦାସ ୪୭୯, ଜୀବନୀ ୪୭୯, ସମୟ ୪୮୧, ମୁକ୍ତିମଣ୍ଡପରେ ପଣ୍ଡିତ ୪୮୧, ବଳରାମଙ୍କ

ଲଙ୍କା ଦର୍ଶନ ୪୮୪, ବାଲିରଥ ୪୮୫, ନୃତ୍ୟଭଙ୍ଗୀ ପଗଣା ୪୮୬, ଶିକ୍ଷା ୪୮୯, ଜନ୍ମସ୍ଥାନ, ବାସସ୍ଥାନ ୪୯୦, ଚୈତନ୍ୟଙ୍କ ସହିତ ସମ୍ପର୍କ ୪୯୧, ବଳରାମ ଦାସ, ଜଗନ୍ନାଥ ଦାସ ବନ୍ଧୁତ୍ୱ ୪୯୨, ଜାତିପୁର ୪୯୫, ଗ୍ରନ୍ଥ ପଣ୍ଡିତ୍ୟ ୪୯୬, ଗୁପ୍ତଗୀତା ୪୯୬, ଅମରକୋଷ ଟୀକା ୪୯୭, ବେଦାନ୍ତସାର ଗୁପ୍ତଗୀତା ୪୯୮, ବଡ଼ ଅବକାଶ ୪୯୯, ବ୍ରହ୍ମାଣ୍ଡଭୂଗୋଳ ୪୯୯, ଦେବତା ପଣନମା ୫୦୫, ଶ୍ରୀଙ୍କ ଚୋରଶାସ୍ତ୍ର ଟୀକା ୫୦୫, ଷଷ୍ଠସମୁଦ୍ର ୫୦୬, ଶ୍ରୀ ଭଗବଦ୍‌ଗୀତା ଅର୍ଥ ୫୦୭, ଦାଣ୍ଡୀ ରାମାୟଣ ୫୦୯, ବାଲ୍ମୀକି ରାମାୟଣ ସହିତ ତୁଳନା ୫୧୦, ଭାଷା ପ୍ରସଙ୍ଗ ୫୧୩, ନୂତନ ବିଷୟ ସଂଯୋଜନା ୫୧୩, ବିଷୟବସ୍ତୁ ସ୍ଥାନରେ ସ୍ୱତନ୍ତ୍ର ୫୧୪, ରାମାୟଣର ନାମକରଣ ୫୧୫, ଜଗମୋହନ ରାମାୟଣ ଓ ସମସାମୟିକ ସମାଜର ପ୍ରଭାବ ୫୧୭, ଗ୍ରନ୍ଥରେ ସାମାଜିକ ଛବି ୫୧୮, ରାଜନୀତି ୫୪୧, ରାମ ରାଜ୍ୟ ୫୪୪, ଅନୁସରଣୀୟତା ୫୪୫, ଜଗନ୍ନାଥ ସମାଜ ସମ୍ପର୍କରେ ଦୃଷ୍ଟିଭଙ୍ଗୀ ୫୪୭, କର୍ତ୍ତିନାମ୍ବୁତ୍ସ ୫୪୮, ଅଶ୍ୱଶାସ୍ତ୍ରମାନଙ୍କର ନାମ ୫୫୯, ଗୁରୁଜନଙ୍କ ଅନୁଭବ ପଞ୍ଜି ଗାଥା ୫୫୯, ଜନବାଦ ୫୬୧, ଚରିତ୍ର ଚିତ୍ରଣ ୫୬୨, ଅନ୍ୟାନ୍ୟ ୫୬୩, ଦେଶ-କାଳ ନିର୍ଦ୍ଦେଶ ୫୬୩, ଉତ୍କଳର ବିଭିନ୍ନ ସ୍ଥାନ ବର୍ଣ୍ଣନା ୫୬୩, କେତେକ ନାମର ଉତ୍ପତ୍ତି ପ୍ରସଙ୍ଗ ୫୬୫, କେତେକ ଭାଷାଗତ ବୈଶିଷ୍ଟ୍ୟ ୫୬୫, ଛନ୍ଦ ୫୬୬, ଅନ୍ୟାନ୍ୟ ପ୍ରସଙ୍ଗ ୫୬୯, ଉପସଂହାର ୫୮୩,
(୨) ଭକ୍ତିପୂର୍ଣ୍ଣ ଅତିବଡ଼ ଜଗନ୍ନାଥ ଦାସ ଗୋସ୍ୱାମୀ ୫୮୪, ଜନ୍ମ ୫୮୪, ବାଲ୍ୟ ଜୀବନ ୫୮୭, ଉଚ୍ଚଶିକ୍ଷା ଓ ଭାଗବତ ରଚନା ୫୮୮, ଶ୍ରୀଚୈତନ୍ୟ-ଜଗନ୍ନାଥ ଦାସଙ୍କ ପ୍ରଥମ ଭେଟ ୫୮୯, ଚୈତନ୍ୟ-ଜଗନ୍ନାଥ ଦାସଙ୍କ ସିଦ୍ଧାନ୍ତ ୫୯୦, ଦଶା ଚିତ୍ରଣ ୫୯୧, ଚୈତନ୍ୟ 'ପଞ୍ଚସଖା' 'ଅତିବଡ଼' ଜଗନ୍ନାଥ ୫୯୩, ଜଗନ୍ନାଥଙ୍କ ଦାସ ଜଗନ୍ନାଥ ଦାସ ୫୯୯, ଦାସଙ୍କର ଅଲୌକିକତା ୬୦୩, ଭାଗବତ ରଚନା ୬୦୬, ଭାଗବତ ପାଠର ଲୋକପ୍ରିୟତା ଯୋଗୁଁ ଦାସଙ୍କ ଉପରେ ବିପତ୍ତି ୬୦୮, ପ୍ରତାପରୁଦ୍ରଙ୍କର ଦାସଙ୍କ ପ୍ରତି ଶ୍ରଦ୍ଧା ୬୧୦, ସ୍ୱାମୀଙ୍କଠାରୁ ରାଜାଙ୍କର ଭାଗବତ ଶ୍ରବଣ ୬୧୧, ଗୋସ୍ୱାମୀଙ୍କ ସହିତ ବଳରାମ ଦାସଙ୍କ ଭେଟ ୬୧୨, ଗୋସ୍ୱାମୀଙ୍କ ଦେହତ୍ୟାଗ ୬୧୩, ଜଗନ୍ନାଥ ଦାସଙ୍କ ଶିଷ୍ୟବର୍ଗ ୬୧୬, ରଚନାବଳୀ ୬୧୭, ଭାଗବତ

୨୧୭, ଦାସଙ୍କ ଭାଗବତ ସମ୍ପୂର୍ଣ୍ଣ ନୁହେଁ ୨୨୧, ସରଳ ମନୋହର ଅନୁବାଦ ୨୨୨, ଭାଗବତର ଲୋକପ୍ରିୟତାର କାରଣ ୨୨୩, ଅମୃତ ପଦାବଳୀ ୨୨୪, ଅର୍ଥ କୋଇଲି ୨୨୫, ଗୁଣାନୁକ୍ଷା ୨୨୭, ଜଗନ୍ନାଥ ଦାସଙ୍କ ସମ୍ପ୍ରଦାୟ ୨୩୦, ମହାସ୍ୱପ୍ନ ୨୩୧, ଦାରୁବ୍ରହ୍ମ ଗୀତା ୨୩୧, ଲେଖାର ବହୁଶେଷ ୨୩୧, (୩) ଯଶୋବନ୍ତ ଦାସ ୨୩୩, ବଂଶ ଓ ଜନ୍ମ ସମୟ ୨୩୩, ଗୋବିନ୍ଦଚନ୍ଦ୍ର ୨୩୭, ଶିବ ସ୍ୱରୋଦୟ ୨୩୭, ପ୍ରେମଭକ୍ତି ବ୍ରହ୍ମଗୀତା ୨୩୭, (୪) ଅଚ୍ୟୁତାନନ୍ଦ ଦାସ ୨୩୭, ଜନ୍ମସ୍ଥାନ ୨୩୮, ଅଚ୍ୟୁତାନନ୍ଦଙ୍କ ଜନ୍ମକାଳ ୨୩୯, ଓଡ଼ିଶାର ରାଜାମାନଙ୍କ ଅଙ୍କ ଗଣନା ନିୟମ ୨୪୦, ଜନ୍ମ ୨୪୧, ବାଲ୍ୟଜୀବନ ୨୪୨, ମନ୍ତ୍ର ଗ୍ରହଣ ୨୪୨, ଜ୍ଞାନ ଉଦୟ ୨୪୪, ଡୋର ଓ କୌପୀନ ଗ୍ରହଣ ୨୪୪, ତୀର୍ଥ ଭ୍ରମଣ ୨୪୫, ଗୁରୁ ୨୪୬, ସମ୍ପ୍ରଦାୟ ୨୪୭, ମଠ ୨୪୭, ସମାଧି ୨୪୭, ଭଜନ ୨୪୭, ଯୁଗେ ଯୁଗେ ଅଚ୍ୟୁତାନନ୍ଦ ଶ୍ରୀକୃଷ୍ଣ ସଖା ୨୪୮, ଅଚ୍ୟୁତାନନ୍ଦଙ୍କ ଦ୍ୱାରା ଜରସିଂହାଦ ତାନ୍ତ୍ରିକମାନେ ନିରାକାରପନ୍ଥୀ ହେଲେ ୨୫୧, ପୁରାଣରେ ପଞ୍ଚସଖା ୨୫୨, ଗୋପାଳଙ୍କୁ ମନ୍ତ୍ର ଦାନ ୨୫୩, ମହାବଳଙ୍କ ସମ୍ଭ ବିବାଦ ୨୫୪, ଲକ୍ଷ୍ମୀପୁରରେ ଅବସ୍ଥାନ : ଗ୍ରନ୍ଥ ରଚନା ୨୫୫, ଜୈବଜୀବନ ୨୫୭, କାଳେଶ୍ୱର ୨୫୭, ଶ୍ରୀକୃଷ୍ଣଙ୍କ କୃପାରୁ ଜନ୍ମଗ୍ରହଣର ଉଦ୍ଦେଶ୍ୟ ୨୫୭, ବାଳଙ୍କ ପାଣ୍ଡିତ୍ୟ ୨୫୮, ଶୂନ୍ୟ ଭଜନରେ ସିଦ୍ଧିଲାଭ ୨୫୯, ଭକ୍ତିର ପାଣ୍ଡିତ୍ୟର ବିରୋଧ ୨୫୯, ଜଗ ତାନ୍ତ୍ରିକ ମତର ବିରୋଧୀ ୨୬୦, ସିଦ୍ଧବର୍ଗ ୨୬୧, ସ୍ୱଦେଶ ପ୍ରୀତି ୨୬୨, ଓଡ଼ିଶାରେ ସିଦ୍ଧ ସାଧକମାନଙ୍କ ଆଶ୍ରମ ୨୬୩, ସାମାଜିକ ବିପ୍ଳବ ୨୬୪, ହିନ୍ଦୁ ପରିଚୟ ୨୬୬, ଶବ୍ଦବ୍ରହ୍ମ ସଂହିତା ବା ଭୂମଣ୍ଡଳ ୨୬୭, ଦଶପଟଳ ମାଳିକା ୨୬୭, ଗରୁଡ଼ ଗୀତା ୨୭୧, ଶୂନ୍ୟସଂହିତା ୨୭୨, ଶୂନ୍ୟସଂହିତାର ବିଷୟବସ୍ତୁ ୨୭୪, ଗୁରୁ ୨୭୪, ମହାମନ୍ତ୍ର ଭଜନ ୨୭୪, ମହାମନ୍ତ୍ରର ଅର୍ଥ ୨୭୬, ଆତ୍ମ ପରିଚୟ ୨୭୭, ମହାମନ୍ତ୍ରରେ ସୃଷ୍ଟି-ଉତ୍ପତ୍ତି କୈବାଣ ୨୭୭, ସାଧନକ୍ଷେତ୍ର ୨୭୮, ମହାମନ୍ତ୍ର, ମନ୍ତ୍ରରାଜ ଓ ଜଗନ୍ନାଥ ୨୭୯, ପିଣ୍ଡ ବ୍ରହ୍ମାଣ୍ଡ : ପିଣ୍ଡରେ ରାଧାକୃଷ୍ଣଙ୍କ ନିତ୍ୟଲୀଳା ୨୮୧, ଶୂନ୍ୟ ପୁରୁଷଙ୍କ ଅବସ୍ଥିତି ; ଦେହରେ ଶୂନ୍ୟ ପୁରୁଷ ୨୮୪, ଗୋପଲୀଳା ଦ୍ୱାରକାଲୀଳା ଅପେକ୍ଷା ଶ୍ରେଷ୍ଠ : ନିତ୍ୟରାସ ପ୍ରସଙ୍ଗ ୨୮୭, ଦ୍ୱାରକାରେ ଯଦୁବଂଶ ଧ୍ୱଂସ ପରେ ନୀଳାଚଳରେ

ଶ୍ରୀକୃଷ୍ଣଙ୍କ ଘଡ଼ା ପଣ୍ଡ ଆବିର୍ଭାବ ୬୯୦, ପ୍ରଭାଣରଣୀ ୬୯୧, ସନ୍ଧ୍ୟା ଓ ସ୍ତ୍ରୀକୃତ ଗମନବ ୬୯୨, ପ୍ରସିଦ୍ଧ ଅଂଶ ୬୯୩, ପଦରତ୍ନ ୬୯୬, ଶୂନ୍ୟ-ସହୃତା ପ୍ରମାଣିତ ଗ୍ରନ୍ଥ : ଅଚ୍ୟୁତାନନ୍ଦ କାର୍ତ୍ତିକ କୃଷ୍ଣ ୬୯୮, ସାଧକ ପଣ୍ଡାଙ୍କର ହଦାଗ ବୃନ୍ଦିକୋଟ ୬୯୯, ଖଣ୍ଡ ୬୯୯, ଭକ୍ତଙ୍କ ପ୍ରେମ ଚିହ୍ନ ୬୯୯, ଶୂନ୍ୟସହୃତାରେ ଜଗତ ସ୍ଥାନ ଦର୍ଶନ ୭୦୦, ଗୁରୁଭକ୍ତି ଗୀତା ୭୦୧, କୃଷ୍ଣଙ୍କ ୭୦୩, ଗୋପାଳଙ୍କ ଓଗାଳ ଓ ନକ୍ଷତ୍ର ଖେଳ ୭୦୪, ବର୍ଣ୍ଣିଟୀକା ପୁସ୍ତକ ୭୦୬, ଅନନ୍ତ ଗୋଭ ୭୦୬, ଅଚ୍ୟୁତାନନ୍ଦ ଭଣିତା ୭୦୬, (୫) ଶିଶୁ ଅନନ୍ତ ଦାସ ୭୦୯, ହେଉଦ୍ଧା ୭୧୦, ପଞ୍ଚସଖାଙ୍କ ସ୍ଥାନ ୭୧୪ ।

# ବ୍ୟବହୃତ କେତେକ ସଂକେତ

ଅ. = ଅଧ୍ୟାୟ
ଉଦା. = ଉଦାହରଣ
ପ୍ରା. ଉ. = ପ୍ରାକୃତ ଉଦାହରଣ
ଚ. ପ. = ଚର୍ଯ୍ୟାପଦ
ବ. ପ. = ବନ ପର୍ବ
ମ. ପ. = ମଧ୍ୟ ପର୍ବ
ଚ. ପୁ. = ଚଣ୍ଡୀ ପୁରାଣ
ଅ. ପ୍ରେ. = ଅରୁଣୋଦୟ ପ୍ରେମ
ଉ. ପ. = ଉଦ୍ୟୋଗ ପର୍ବ
ଶା. ପ. = ଶାନ୍ତି ପର୍ବ
ବି. ପ. = ବିରାଟ ପର୍ବ
ରା. ବି. = ରାମବିଭା
ଉପ. = ଉପନିଷଦ୍
ଗୁ. ଭ. = ଗୁରୁଭକ୍ତି ଗୀତା
ଭ. ଗୀ. = ଭଗବଦ୍ ଗୀତା
ବି. ପୁ. = ବିଷ୍ଣୁ ପୁରାଣ
ଭା. = ଭାଗବତ
ଲ. ଭା. = ଲଘୁ ଭାଗବତାମୃତ
ପ. ପୁ. = ପଦ୍ମ ପୁରାଣ
ବ୍ର. ପୁ. = ବ୍ରହ୍ମବୈବର୍ତ୍ତ ପୁରାଣ
ଜ. ଚ. = ଜଗନ୍ନାଥ ଚରିତାମୃତ

ପ. ଗୀ. ସ. = ପଲ୍ଲୀଗୀତ ସଞ୍ଚୟନ
ଶ୍ୟା. ର. = ଶ୍ୟାମସୁନ୍ଦର ରାଜଗୁରୁ
ଚ. ଗୀ. = ଚର୍ଯ୍ୟା ଗୀତ
ଦୋ. କୋ. = ଦୋହା କୋଷ
ଆ. ପ. = ଆଦି ପର୍ବ
ସ୍ତ୍ରୀ. ପ. = ସ୍ତ୍ରୀ ପର୍ବ
ବା. ରା. = ବାଲ୍ମୀକି ରାମାୟଣ
ସ. ପ. = ସଭା ପର୍ବ
ଅ. ପ. = ଅଶ୍ୱମେଧ ପର୍ବ
ସ୍ୱ. ପ. = ସ୍ୱର୍ଗାରୋହଣ ପର୍ବ
ଦ୍ରୋ. ପ. = ଦ୍ରୋଣ ପର୍ବ
ଦା. ଭ. ର. = ଦାର୍ଢ୍ୟତାଭକ୍ତି ରସାମୃତ
ହ. ବଂ. = ହରିବଂଶ
ଶୂ. ସ. = ଶୂନ୍ୟସଂହିତା
ଶା. ସୂ. = ଶାଣ୍ଡିଲ୍ୟ ଭକ୍ତିସୂତ୍ର
ଚୈ. ଚ. = ଚୈତନ୍ୟ ଚରିତାମୃତ
ଶ୍ରୁ. = ଶ୍ରୁତି
ଋ. ବେ. = ଋକ୍ ବେଦ
ଉ. ଖ. = ଉତ୍ତର ଖଣ୍ଡ
ବେ. ସା. ଗୁ. ଗୀ. = ବେଦାନ୍ତସାର ଗୁପ୍ତଗୀତା

# ଓଡ଼ିଆ ସାହିତ୍ୟର ଇତିହାସ

## ପ୍ରଥମ ପରିଚ୍ଛେଦ

### ଓଡ଼ିଆ ଭାଷାର ଉତ୍ପତ୍ତି

**(୧) ଭାରତୀୟ ଭାଷା ବିଭାଗ**—ବର୍ତ୍ତମାନ ଭାରତରେ ସରକାରୀ ଭାବରେ ୧୪ (ଚଉଦ)ଟି ଭାଷାକୁ ପ୍ରଧାନ ଭାଷା ରୂପରେ ଗ୍ରହଣ କରାଯାଇଛି ।

(୧) ଆସାମୀ (ଅସମୀୟ), (୨) ବଙ୍ଗଳା (ବାଙ୍ଗଲା, ବଙ୍ଗ), (୩) ଗୁଜରାଟୀ, (୪) ହିନ୍ଦୀ, (୫) କନାଡ଼ା, (୬) କାଶ୍ମୀରୀ, (୭) ମାଲୟାଲମ୍, (୮) ମରାଠୀ (ମହାରାଷ୍ଟ୍ରୀ), (୯) ଓଡ଼ିଆ, (୧୦) ପଞ୍ଜାବୀ, (୧୧) ସଂସ୍କୃତ, (୧୨) ତାମିଲ୍, (୧୩) ତେଲୁଗୁ (ଆନ୍ଧ୍ର), (୧୪) ଉର୍ଦ୍ଦୁ ।

ଏ ଭିତରୁ ସଂସ୍କୃତ କୌଣସି ନିର୍ଦ୍ଦିଷ୍ଟ ଜାତି ବା ପ୍ରଦେଶର ମାତୃଭାଷା ନୁହେଁ । ମୁସଲମାନମାନଙ୍କ ଭିତରେ କେତେକଙ୍କର ମାତୃଭାଷା ଉର୍ଦ୍ଦୁ । ( ବଙ୍ଗ ଦେଶର ମୁସଲମାନମାନଙ୍କ ଭିତରୁ ବହୁ ଲୋକଙ୍କର ମାତୃଭାଷା ବଙ୍ଗଭାଷା ) ।

ଏହି ୧୪ଟି ପ୍ରଧାନ ଭାଷା ଛଡ଼ା ଭାରତରେ ଆହୁରି ପ୍ରାୟ ୨୧୦ (ଦୁଇ ଶହ ଦଶ)ଟି ଭାଷା ପ୍ରଚଳିତ ଅଛି । ଏଥିମଧ୍ୟରୁ ବହୁ ଭାଷାର ଲିପି ନାହିଁ ।

ଭାରତର ଭାଷାମାନଙ୍କୁ ସାଧାରଣତଃ ଆଦିବାସୀ ଭାଷା, ଦ୍ରାବିଡ଼ ଭାଷା (ଦାକ୍ଷିଣାତ୍ୟ ଭାଷା), ଆର୍ଯ୍ୟଭାଷା (ଇଣ୍ଡୋ-ୟୁରୋପୀୟ ଭାଷା)—ଏପରି ତିନି ଶ୍ରେଣୀରେ ମୋଟାମୋଟି ଭାବରେ ବିଭକ୍ତ କରାଯାଇପାରେ । ଆଦିବାସୀ ଭାଷାକୁ କେହି କେହି ଦ୍ରାବିଡ଼ ଭାଷା ଭିତରେ ମଧ୍ୟ ଗଣନ୍ତି ।

ଆଦିବାସୀ ଭାଷାମାନଙ୍କ ଭିତରେ—ମୁଣ୍ଡା, ହୋ, କୁଇ, ଗାଦବା, ସାନ୍ତାଳୀ ପ୍ରଭୃତି ପ୍ରଧାନ ।

ଦ୍ରାବିଡ଼ ଭାଷାମାନଙ୍କ ଭିତରେ—ତେଲୁଗୁ (ଆନ୍ଧ୍ର), ତାମିଲ୍, କନାଡ଼ (କର୍ଣ୍ଣାଟକୀ), ତୁଲୁ, ମାଲୟାଲମ୍ ପ୍ରଭୃତି ପ୍ରଧାନ ।

ଆର୍ଯ୍ୟ ଭାଷାମାନଙ୍କ ଭିତରେ—ହିନ୍ଦୀ, ମରାଠୀ, ବଙ୍ଗଳା, ଓଡ଼ିଆ, ପଞ୍ଜାବ୍, ଗୁଜରାଟୀ ପ୍ରଭୃତି ପ୍ରଧାନ ।

**ଓଡ଼ିଆ ଭାଷା**—ଭାରତର ପ୍ରାୟ ବୟାଳିଶି କୋଟି ଲୋକଙ୍କ ଭିତରୁ ପ୍ରାୟ ଦୁଇ କୋଟି ଲୋକଙ୍କର ମାତୃଭାଷା ଓଡ଼ିଆ । ଏହି ଓଡ଼ିଆ ଭାଷା ମୁଖ୍ୟତଃ ଓଡ଼ିଶା ପ୍ରଦେଶରେ ବ୍ୟବହୃତ ହେଉଛି । ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶମାନଙ୍କରେ ଓଡ଼ିଶା ପ୍ରଦେଶ ସହିତ ଲାଗିରହିଥିବା ଅଞ୍ଚଳର କେତେକ ଲୋକଙ୍କର ମାତୃଭାଷା ଓଡ଼ିଆ । ଓଡ଼ିଆ ଭାଷାକୁ ଉତ୍କଳ ଭାଷା, ଓଡ୍ର (ଉଡ୍ର) ଭାଷା ବୋଲି ମଧ୍ୟ କୁହାଯାଏ ।

ପ୍ରଦେଶର ବର୍ତ୍ତମାନ ପ୍ରଚଳିତ ନାମ ଓଡ଼ିଶା ଓ ଉତ୍କଳ । ଉତ୍କଳ ନାମଟି ବହୁ ପ୍ରାଚୀନ । ଉତ୍କଳ ଦେଶର ନାମରୁ ଭାଷାର ନାମ ଉତ୍କଳ ଭାଷା ହୋଇଛି ।

ଓଡ଼ିଆ ପ୍ରଦେଶର ନାମ ନୁହେଁ; ପ୍ରଦେଶର ନାମ ଓଡ଼ିଶା । ଏହି ନାମରୁ ( ଅର୍ଥାତ୍ ପ୍ରଦେଶର ନାମରୁ ) ଓଡ଼ିଆ ଭାଷାର ନାମ ହୋଇନାହିଁ । ଓଡ଼ିଶା ବା ଓଡ୍ର ( ବା ଓଡ୍ ) ଦେଶରେ ବାସ କରୁଥିବା ଲୋକେ ଓଡ଼ିଆ ନାମରେ ପରିଚିତ । ଓଡ଼ିଆ ଜାତିର ନାମରୁ ଓଡ଼ିଆ ଭାଷାର ନାମକରଣ ହୋଇଛି । ଓଡ୍ର ଭାଷା ଦେଶ ଓ ଜାତିର ନାମରୁ ହୋଇଛି ।

ପ୍ରାଚୀନ କାଳରେ ଓଡ଼ିଶା କଳିଙ୍ଗ ନାମରେ ପରିଚିତ ଥିଲେ ମଧ୍ୟ ଦେଶର ଭାଷା 'କଳିଙ୍ଗ' ନାମ ଦ୍ୱାରା ପରିଚିତ ହୋଇନାହିଁ ।

**ଭାଷାର ଉତ୍ପତ୍ତିକାଳ**—ଓଡ଼ିଆ ଭାଷାର ଉତ୍ପତ୍ତି କେବେ ହେଲା ତାହା ନିର୍ଦ୍ଦିଷ୍ଟ ଭାବରେ କହିବା ପାଇଁ ବର୍ତ୍ତମାନ ସୁଦ୍ଧା ଯଥେଷ୍ଟ ଉପାଦାନ ମିଳିନାହିଁ । ଭାରତର ଅଧିକାଂଶ ପ୍ରାଦେଶିକ ଭାଷାମାନଙ୍କର ଉତ୍ପତ୍ତି ସମୟରେ ଏହାର ଉତ୍ପତ୍ତି ହୋଇଥିଲା ବୋଲି ବୁଝାଯାଇପାରେ ।

ଭାରତୀୟ ଭାଷାମାନଙ୍କ ଉତ୍ପତ୍ତିର ଆଧାର ଓ ସମୟ ନିରୂପଣ ବିଷୟରେ ବହୁ ମତଭେଦ ଦେଖାଯାଏ । ସାଧାରଣ ଭାବରେ ଭାଷାର ସୃଷ୍ଟିକାଳ ଓ ପ୍ରସ୍ଥା ସମ୍ବନ୍ଧୀୟ ବିଭିନ୍ନ ମତର ଆଲୋଚନାରୁ ଭାରତୀୟ ଭାଷାମାନଙ୍କର ଉତ୍ପତ୍ତି ବିଷୟରେ କିଛି ଜାଣି ହେବ ।

(୧) କେତେକ କହନ୍ତି, ଭାଷା ମନୁଷ୍ୟକୃତ । ମାନବଜାତିର ବିକାଶ ସଙ୍ଗେ ସଙ୍ଗେ ଭାଷାର ବିକାଶ ହୋଇଛି । ଦେଶ, କାଳ ଓ ଆବଶ୍ୟକତା ଅନୁସାରେ ଭାଷାର ସୃଷ୍ଟି ଓ ବିକାଶ ହୋଇଛି । ଜନସମାଜର ସମ୍ବନ୍ଧସୂତ୍ରରେ ଭାଷାର ବିକାଶ ସମ୍ଭବ ହୁଏ । ପ୍ରଥମ ଅବସ୍ଥାରେ ମନୁଷ୍ୟମାନେ ନିଜ ନିଜର ମନୋଭାବକୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଇଙ୍ଗିତଦ୍ୱାରା ବ୍ୟକ୍ତ କରୁଥିଲେ । ପରେ ଆବଶ୍ୟକତା ଅନୁସାରେ ଭାଷାର ସୃଷ୍ଟି ଓ ବିକାଶ ଘଟିଅଛି ।

(୨) ଅନ୍ୟ ମତରେ ଭାଷା ସହଜାତ । ହର୍ଷ, ବିଷାଦ, ବିସ୍ମୟ ପ୍ରଭୃତି ଭାବର ଆବେଗରେ ମନୁଷ୍ୟର ମୁଖରୁ କେତେକ ସ୍ୱାଭାବିକ ଧ୍ୱନି ନିର୍ଗତ ହୁଏ । ଏହି ଧ୍ୱନି ଅନ୍ତରମାନଙ୍କର ମନର ଭାବ ପ୍ରକାଶ କରିବା ସଙ୍ଗେ ସେହି ବସ୍ତୁର ପ୍ରକାଶ କରିବାରେ ମଧ୍ୟ ବ୍ୟବହୃତ ହେଲା । ବସ୍ତୁର ପ୍ରକାଶରେ ଭାବବ୍ୟଞ୍ଜକ ଧ୍ୱନି ବ୍ୟବହୃତ ହେବାରୁ ଏହା କାଳକ୍ରମେ ବିକାଶ ଲାଭ କରି ଭାଷା ରୂପ ଧାରଣ କଲା ।

(୩) ଆଉ ଏକ ମତରେ, ଭାଷା ଈଶ୍ୱରଦତ୍ତ । ଈଶ୍ୱର ସୃଷ୍ଟି ସର୍ଜନା କରିବା ପାଇଁ ଇଚ୍ଛା କରି ତପ, ରତି, କାମ, କ୍ରୋଧ ପ୍ରଭୃତି ସହିତ ବାଣୀକୁ ଉତ୍ପନ୍ନ କରିଥିଲେ । ପ୍ରାଚୀନ ସଂହିତାକାର ମନୁ ଲେଖିଛନ୍ତି—

ସର୍ବେଷାଂ ତୁ ସ ନାମାନି କର୍ମାଣି ଚ ପୃଥକ୍ ପୃଥକ୍ ।
ବେଦ ଶବ୍ଦେଭ୍ୟ ଏବାଦୌ ପୃଥକ୍ ସଂସ୍ଥାଶ୍ଚ ନିର୍ମମେ । ୧।୨୧

ତପୋ ବାଚଂ ରତିଂ ଚୈବ କାମଂ ଚ କ୍ରୋଧମେବ ଚ ।
ସୃଷ୍ଟିଂ ସସର୍ଜ ଚୈବେମାଂ ସ୍ରଷ୍ଟୁମିଚ୍ଛନ୍ନିମାଃ ପ୍ରଜାଃ ।। ୧।୨୫

"ପରମାତ୍ମା ସୃଷ୍ଟିର ଆଦ୍ୟରେ ସମସ୍ତଙ୍କର ନାମ ଓ କର୍ମ ଭିନ୍ନ ଭିନ୍ନ କରି ବେଦର ଶବ୍ଦରେ ରଚିଲେ । ପ୍ରଜାମାନଙ୍କୁ ସୃଷ୍ଟି କରିବା ଇଚ୍ଛାରେ ତପ, ବାଣୀ, ରତି (ମନର ସନ୍ତୋଷ), କାମ (ଇଚ୍ଛା), କ୍ରୋଧ (ଚିତ୍ତ ବିକାର) ସର୍ଜନା କଲେ ।"

ପରମବ୍ରହ୍ମ ବେଦରେ ମଧ୍ୟ କହୁଛନ୍ତି—

"ଯଥେମାଂ ବାଚଂ କଲ୍ୟାଣୀ ମାବଦାନି ଜନେଭ୍ୟଃ ।"
ମୁଁ କଲ୍ୟାଣମୟୀ ବାଣୀ ମନୁଷ୍ୟଙ୍କୁ ଦେଇଛି ।

ଭଗବାନଙ୍କୁ ଏହି ଜଗତର ସ୍ରଷ୍ଟା ବୋଲି ମାନିଲେ ଭାଷା ମଧ୍ୟ ତାଙ୍କ ଦ୍ୱାରା ହିଁ ସୃଷ୍ଟି ହୋଇଛି ବୋଲି ସ୍ୱୀକାର କରିବାକୁ ହେବ । ମାନବଜାତିର ବିକାଶ ସଙ୍ଗେ ସଙ୍ଗେ ଭାଷାର ମଧ୍ୟ ବିକାଶ ହୋଇଛି ।

## (୨) ଆଦିଭାଷା ଓ ଆଦିମାନବର ଜନ୍ମସ୍ଥାନ ନିର୍ଣ୍ଣୟ—

ପୃଥିବୀର ଆରମ୍ଭ କାଳରେ ଏକ ଭାଷା ଥିଲା । ମାନବ ଜାତି ଏକ ସ୍ଥାନରୁ ଉତ୍ପତ୍ତି ହୋଇଥିଲା । ହିନ୍ଦୁ ଧର୍ମଗ୍ରନ୍ଥମାନଙ୍କରେ ଲେଖାଅଛି ଯେ, ସ୍ୱୟଂ ଭଗବାନ ସୃଷ୍ଟି ସର୍ଜନା କରିବା ପାଇଁ ପ୍ରଥମେ ଏକ ପୁରୁଷ ଓ ଏକ ସ୍ତ୍ରୀକୁ ସୃଷ୍ଟି କଲେ । ଏହି ଆଦିମ ସ୍ତ୍ରୀପୁରୁଷଙ୍କଠାରୁ ମାନବ ଜାତିର ଉତ୍ପତ୍ତି ହେଲା । ଆଦିମ ସ୍ତ୍ରୀ ଓ ପୁରୁଷ, ଏ ଦୁହେଁ ଯେଉଁ କଥା କହୁଥିଲେ, ତାହା ହିଁ ଆଦିମାନବ ଭାଷା । ଭାଷାକୁ ମନୁଷ୍ୟକୃତ, ପ୍ରକୃତିଜାତ, ଈଶ୍ୱରଦତ୍ତ ଯାହା ମାନିଲେ ମଧ୍ୟ ଏହି ଆଦିମମାନବଙ୍କର ଭାଷା ହିଁ ଆଦିଭାଷା । ଏହି ଆଦିମ ଭାଷାରୁ ଦେଶ, କାଳ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ଭାଷାର ସୃଷ୍ଟି ହେଲା ।

ଏହି ଆଦିଭାଷାଟି କେଉଁ ଭାଷା ? ଆଦିମ ମାନବମାନଙ୍କର ଜନ୍ମଭୂମିର ଭାଷା ହିଁ ଆଦିଭାଷା । ଆଦିମମାନବର ଜନ୍ମଭୂମି ବିଷୟରେ ବହୁ ମତ ଦେଖାଯାଏ ।

(୧) ମଧ୍ୟ-ଏସିଆକୁ କେହି କେହି ମାନବଜାତିର ଆଦି ଜନ୍ମସ୍ଥାନ ବୋଲି ପ୍ରତିପାଦନ କରନ୍ତି । ଅନେକମାନେ ଏହି ସ୍ଥାନକୁ ପୃଥିବୀର ବକ୍ଷ ସ୍ଥାନକୁ ଧାର

ବସତି ସ୍ଥାପନ କଲେ । ଏହି ଆର୍ଯ୍ୟମାନଙ୍କ ଭିତରୁ ଦଳେ ଇଉରୋପକୁ ଗଲେ ଏବଂ ଅନ୍ୟ ଦଳେ ଇରାନ ଓ ଭାରତକୁ ଗଲେ ।

(୨) ଆର୍ଯ୍ୟମାନଙ୍କ ଆଦ୍ୟ ଜନ୍ମସ୍ଥାନ—ପ୍ରାଚୀନ ହିନ୍ଦୁ ଶାସ୍ତ୍ରମାନଙ୍କରେ ଆର୍ଯ୍ୟମାନେ ଭାରତବର୍ଷ ବାହାରରୁ ଆସିଥିବାର ସୂଚନା ମିଳେ ନାହିଁ । ଭାରତବର୍ଷ ହିଁ ଏମାନଙ୍କର ଆଦ୍ୟ ଜନ୍ମସ୍ଥାନ । ଆଦିମକାଳରେ ଭାରତବର୍ଷର ସୀମା ଭିତରେ ମଧ୍ୟ-ଏସିଆର ଦକ୍ଷିଣାଂଶର କେତେକ ଅଞ୍ଚଳ ମଧ୍ୟ ଥିଲା । ହିନ୍ଦୁଶାସ୍ତ୍ର ମତରେ ଭଗବାନ ସୃଷ୍ଟି ସର୍ଜନା କରିବା ପାଇଁ ବ୍ରହ୍ମାଙ୍କୁ ନାଭିରୁ ଉତ୍ପତ୍ତି କଲେ ଓ ବ୍ରହ୍ମା ସୃଷ୍ଟି ରଚନା କଲେ । ବ୍ରହ୍ମାଙ୍କ ନିବାସ ସ୍ଥାନ ସ୍ୱର୍ଗ । ଏଥିରୁ କେହି କେହି ଅନୁମାନ କରନ୍ତି, ଆଦିମ ମାନବର ଜନ୍ମଭୂମି ସ୍ୱର୍ଗ । ଏହି ସ୍ୱର୍ଗ କେଉଁଠାରେ ? ଏହି ସ୍ଥାନରେ ଗନ୍ଧର୍ବ ଓ କିନ୍ନରମାନେ ବାସ କରନ୍ତି ଏବଂ ଏହାର ଅନ୍ୟ ନାମ ତ୍ରିପିଷ୍ଟପ । ଏହି ତ୍ରିପିଷ୍ଟପ ତିବ୍ବତପରେ ପରିଣତ ହୋଇଛି । ତ୍ରିପିଷ୍ଟପ କହିଲେ ତିବ୍ବତକୁ ବୁଝାଏ । "ଅମରକୋଷ"ରେ ସ୍ୱର୍ଗକୁ ତ୍ରିପିଷ୍ଟପ କୁହାଯାଇଛି ।

ସ୍ୱରବ୍ୟୟଂ ସ୍ୱର୍ଗ ନାକ ତ୍ରିଦିବ ତ୍ରିଦଶାଳୟାଃ
ସୁରଲୋକୋ ଦ୍ୟୌ ଦିବୌ ଦ୍ୱେ ସ୍ତ୍ରିୟୌ କ୍ଲୀବେ ତ୍ରିପିଷ୍ଟପମ୍ ॥
( ଅମରକୋଷ, ସ୍ୱର୍ଗବର୍ଗ ।୧। )

"ସ୍ୱର (ଅବ୍ୟୟ), ସ୍ୱର୍ଗ, ନାକ, ତ୍ରିଦିବ, ତ୍ରିଦଶାଳୟ, ସୁରଲୋକ (ପୁଂ), ଦ୍ୟୌ, ଦିବ୍ (ସ୍ତ୍ରୀ), ତ୍ରିପିଷ୍ଟପ (କ୍ଲୀ) ଏହି ନବ ନାମ ସ୍ୱର୍ଗର ।"

ଏହି ତିବ୍ବତ ହିମାଳୟର ଏକ ଅଂଶ । ଏହି ହେତୁ ହିମାଳୟକୁ ଆଦିମ ମାନବ ସମାଜର ଓ ଆର୍ଯ୍ୟଜାତିର ଆଦ୍ୟ ଜନ୍ମସ୍ଥାନ ବୋଲି କେହି କେହି ବର୍ଣ୍ଣନା କରନ୍ତି । ଏହି ସ୍ଥାନରୁ ଆର୍ଯ୍ୟମାନଙ୍କ ଭିତରୁ ଏକ ଦଳ ଇଉରୋପ ଆଡ଼କୁ ଯାଇ ବସତି ସ୍ଥାପନ କରିଥିଲେ ।

(୩) ଆଉ କେତେକଙ୍କ ମତରେ, ପୃଥିବୀରେ ଆଦିମ କାଳରେ କେବଳ ଗୋଟିଏ ଭାଷା ନ ଥିଲା । ଏକ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭାଷା ପ୍ରଚଳିତ ଥିଲା । ଅବଶ୍ୟ ଆଦିମ ସମୟରେ ଭାଷାର ସଂଖ୍ୟା ଖୁବ୍ ଅଳ୍ପ ଥିଲା । ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ବର୍ତ୍ତମାନ ଶତ ଶତ ଭାଷା ପ୍ରଚଳିତ ଅଛି । ଏହି

ଭାଷାଗୁଡ଼ିକ ଭିତରେ ମୌଳିକ ପ୍ରଭେଦ ଏତେ ବେଶୀ ଯେ, ଏହି ଭାଷାଗୁଡ଼ିକ ଯେ ଏକ ଭାଷାରୁ ଉତ୍ପନ୍ନ, ଏହା କହି ହେବ ନାହିଁ ଏବଂ ମାନବସମାଜର ଆଦି ଜନ୍ମସ୍ଥାନ ଏକ ଥିଲା, ଏହାଂମଧ୍ୟ ପ୍ରତିପାଦିତ କରି ହେବ ନାହିଁ । ପୃଥିବୀର ବିଭିନ୍ନ ସ୍ଥାନରେ ମାନବ ଜାତିର ଉତ୍ପତ୍ତି ଏକ ସମୟରେ କିମ୍ବା ବିଭିନ୍ନ ସମୟରେ ହୋଇଛି, ଏହା ମଧ୍ୟ କୁହାଯାଇପାରିବ ନାହିଁ ।

**(ଗ) ଭାରତ-ଇରାନ-ଇଉରୋପୀୟ ଗୋଷ୍ଠୀର ମୂଳ ଭାଷା**—ମାନବସମାଜର ଆଦି ଜନ୍ମସ୍ଥାନ ମଧ୍ୟ-ଏସିଆ ହେଉ, ବା ହିମାଳୟ ହେଉ, ତିବ୍ବତ ହେଉ, ବା ଯେ କୌଣସି ସ୍ଥାନ ହେଉ, ଇରାଣ ଓ ଭାରତୀୟ ଆର୍ଯ୍ୟମାନେ ଅତି ପ୍ରାଚୀନ କାଳରେ ଏକ ସ୍ଥାନର ଅଧିବାସୀ ଥିଲେ ବୋଲି ବହୁ ପଣ୍ଡିତ ସ୍ୱୀକାର କରୁଛନ୍ତି । ଭାରତ-ଇରାନ-ଇଉରୋପୀୟ ଆର୍ଯ୍ୟଗୋଷ୍ଠୀର ମୂଳ ଭାଷା ଏ ପର୍ଯ୍ୟନ୍ତ ନିର୍ବିବାଦରେ କଳ୍ପିତ ହୋଇ ପାରିନାହିଁ ।

**ବୈଦିକ ଭାଷା**—କେତେକଙ୍କ ମତରେ ବୈଦିକ ଭାଷା ବା ବେଦର ଭାଷା ହିଁ ଏହି ଗୋଷ୍ଠୀର ମୂଳ ଭାଷା । ଏହା ହେବା ସମ୍ଭବପର । କାରଣ, ବେଦର ଭାଷା କଥିତ ଭାଷା । ବେଦର ଭାଷାକୁ କେବଳ ସାହିତ୍ୟର ଭାଷା ଏବଂ ଏହା ସର୍ବସାଧାରଣଙ୍କ କଥିତ ଭାଷା ନୁହେଁ ବୋଲି କହିବା ମଧ୍ୟ ଠିକ୍ ନୁହେଁ । ଦେଖାଯାଉଛି, ବେଦରେ କଥିତ ଭାଷାର କେତେକ ଶବ୍ଦ ରହିଛି । ବର୍ତ୍ତମାନ ପୃଥିବୀରେ ଯେତେ ଗ୍ରନ୍ଥ ମିଳୁଛି, ସେ ଭିତରେ ବେଦ ହିଁ ସର୍ବପ୍ରାଚୀନ । ଅତଏବ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାଯାଇଥିବା ତଥ୍ୟରୁ କୁହାଯାଇ ପାରେ ଯେ, ବେଦର ଭାଷା ହିଁ ସର୍ବପ୍ରାଚୀନ ଭାଷା । ଆଦିମ ଆର୍ଯ୍ୟମାନେ ଏହି ବେଦ-ଭାଷାରେ କଥାବାର୍ତ୍ତା କରୁଥିଲେ ।

କାଳକ୍ରମେ ଆର୍ଯ୍ୟମାନଙ୍କର ଏହି ବେଦ-ଭାଷା ଦେଶ, କାଳ ଓ ଆବଶ୍ୟକତା ଅନୁସାରେ ପରିବର୍ତ୍ତିତ ହେବାକୁ ଲାଗିଲା । କଥିତ ଭାଷା ଲୋକମୁଖରେ ବିଭିନ୍ନ ଆକାର ଧାରଣ କରିଥାଏ । କଥିତ ବେଦ ଭାଷାର ପରିବର୍ତ୍ତିତ କଥିତ ଭାଷା ହିଁ ପ୍ରାକୃତ । ବେଦଭାଷାକୁ ମାର୍ଜିତ କରିବା ଉଦ୍ଦେଶ୍ୟରେ ପରେ ସଂସ୍କାର କରାଗଲା । ସଂସ୍କାର-ପର ଅବସ୍ଥାର ବେଦଭାଷାକୁ ସଂସ୍କୃତ କୁହାଗଲା । ପ୍ରାକୃତ ଭାଷା ଜନସାଧାରଣଙ୍କର କଥିତ ଭାଷାରୂପେ ରହିଲା

ଏବଂ ସଂସ୍କୃତ ସାହିତ୍ୟିକ ବା ଶାସ୍ତ୍ରୀୟ ଭାଷା ହେଲା । କିନ୍ତୁ ଜନମାନଙ୍କ ଭିତରେ ଏହି ସଂସ୍କୃତ ଭାଷା ଆବଦ୍ଧ ହୋଇ ରହିଲା ।

ଏହି ପ୍ରାକୃତ ଭାଷାରୁ କ୍ରମଶଃ ବିଭିନ୍ନ ଶାଖାର ଉତ୍ପତ୍ତି ହେଲା ।

କିନ୍ତୁ, କେହି କେହି ସଂସ୍କୃତରୁ ପ୍ରାକୃତର ଉତ୍ପତ୍ତି ଏବଂ ବେଦର ଭାଷାକୁ ସଂସ୍କୃତ ବୋଲି କହନ୍ତି । ହେମଚନ୍ଦ୍ରଙ୍କ ମତରେ ସଂସ୍କୃତର ପ୍ରକୃତିରୁ ପ୍ରାକୃତ ଭାଷାର ଉତ୍ପତ୍ତି ହୋଇଛି ।

"ପ୍ରକୃତିଃ ସଂସ୍କୃତମ୍ ତତ୍ର ଭବଂ ତଦାଗତଂ ବା ପ୍ରାକୃତମ୍"—ହେମଚନ୍ଦ୍ରଙ୍କ ଏହି ସୂତ୍ର 'ପ୍ରାକୃତ ସଞ୍ଜୀବନୀ' ଲେଖକଙ୍କ ଦ୍ୱାରା ମଧ୍ୟ ସମର୍ଥିତ ହୋଇଛି ।

"ପ୍ରାକୃତସ୍ୟ ତୁ ସର୍ବମେବ ସଂସ୍କୃତମ୍ ଯୋନିଃ ।"

ଯଦି ବେଦଭାଷା ସଂସ୍କୃତ ହେଲା, ତାହା ହେଲେ ସଂସ୍କୃତ ବା ବେଦ ଭାଷା ପ୍ରାକୃତ ଭାଷାର ଜନନୀ ବୋଲି ଏହି ସୂତ୍ର ଅନୁସାରେ ବୁଝାଯାଉଛି ।

ସଂସ୍କୃତ ଓ ପ୍ରାକୃତ ଯେ ବହୁ ପ୍ରାଚୀନ, ଏଥିରେ ସନ୍ଦେହ ନାହିଁ । ଏହି ଦୁଇଟି ଭାଷା ପ୍ରାଚୀନ କାଳରେ କଥାବାର୍ତ୍ତାରେ ବ୍ୟବହୃତ ହେଉଥିଲା । ସେହିହେତୁ ଜଣେ ଦାର୍ଶନିକ କହନ୍ତି, "ପ୍ରାକୃତେ ସଂସ୍କୃତେ ବାପି ସ୍ୱୟଂ ପ୍ରୋକ୍ତା ସ୍ୱୟଂଭୁବା ।" ଆଦ୍ୟପୁରୁଷ ସ୍ୱୟଂଭୁ ଭଗବାନ ଉଭୟ ଭାଷା—ପ୍ରାକୃତ ଓ ସଂସ୍କୃତ କହୁଥିଲେ । ଏହି ପ୍ରାକୃତ ଭାଷାରୁ ଓଡ଼ିଆ ଭାଷାର ଉତ୍ପତ୍ତି ।

(୨) **ଭାରତ-ଇରାନୀ ଭାଷା**—ଇଣ୍ଡୋ-ଇଉରୋପିୟନ୍ ବା ଭାରତ-ଇରାନୀ ଭାଷାରୁ ଭାରତୀୟ ଆର୍ଯ୍ୟଭାଷାର ଉତ୍ପତ୍ତି ହୋଇଛି ବୋଲି କେତେକ ପଣ୍ଡିତଙ୍କ ମତ ।

ଭାରତ-ଇଉରୋପୀୟ ଭାଷାମାନଙ୍କୁ ସାଧାରଣତଃ ଆଠ ଭାଗରେ ବିଭକ୍ତ କରାଯାଏ । ଯଥା—(୧) ଇଣ୍ଡୋ-ଇରାନିୟନ୍, (୨) ଆର୍ମେନିଆନ୍, (୩) ବାଲଟିକ୍ ( ସ୍ଲାଭିକ୍ ), (୪) ଆଲବେନିୟନ୍, (୫) ହେଲେନିକ୍, (୬) ଇଟାଲିକ୍, (୭) କେଲ୍ଟିକ୍, (୮) ଜର୍ମାନିକ୍ ।

ଇଣ୍ଡୋ-ଇରାନିୟନ୍ ଭାଷା ଭିତରେ ଇରାନୀ ଭାଷା ଦୁଇ ଭାଗରେ ବିଭକ୍ତ—ପ୍ରାଚୀନ ଇରାନୀ ଓ ଆଧୁନିକ ଇରାନୀ । ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ

ଦେଶସ୍ତୂପରୁ କେତେକ ଲିପି ମିଳିଯାଇଛନ୍ତି । ଏହି ଲିପିଗୁଡ଼ିକ ପ୍ରାଚୀନ ଇରାନୀ ଭାଷାରେ ଲେଖା । ଏ ପର୍ଯ୍ୟନ୍ତ ମିଳିଥିବା ଉପାଦାନରୁ ଜଣାଯାଇଛି ଯେ, ଏହା ପ୍ରାଚୀନ ଇରାନୀ ଭାଷାର ପ୍ରାଚୀନତମ ଲିପି । ଏହାକୁ ଭାରତ-ଇରାନୀ ଦେଶର ପ୍ରାଚୀନତମ ଲିପି ମଧ୍ୟ କୁହାଯାଇପାରେ । କାରଣ ଏ ପର୍ଯ୍ୟନ୍ତ ଏତେ ପ୍ରାଚୀନ କାଳର ନିର୍ଦ୍ଦିଷ୍ଟ ଲେଖ ଭାରତ ବା ଇରାନରେ ମିଳିନାହିଁ ।

ଏହି ପ୍ରାଚୀନ ଇରାନୀ ଭାଷା ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ପରିବର୍ତ୍ତିତ ହୋଇ ଆସି ଖ୍ରୀ. ଖ୍ରୀଷ୍ଟପର ୧ମ ଶତାବ୍ଦୀରେ ପଲ୍ଲବିତ ରୂପେ ଦେଖାଗଲା । ଆଧୁନିକ ଇରାନୀ ଭାଷା ଖ୍ରୀଷ୍ଟପର ନବମ ଶତାବ୍ଦୀରେ ଗଠିତ ହୋଇଛି ବୋଲି କେତେକଙ୍କର ମତ । ପାରସୀଆର୍ଯ୍ୟମାନଙ୍କର ଆବେସ୍ତା ଏହି ଆଧୁନିକ ଇରାନୀ ବା ପାରସ୍ୟ ଭାଷାରେ ଲିଖିତ ହୋଇଛି ।

ଏହି ମତବାଦୀମାନେ କହନ୍ତି, ଇରାନୀମାନଙ୍କଠାରୁ ଯେଉଁ ଆର୍ଯ୍ୟମାନେ ବିଚ୍ଛିନ୍ନ ହୋଇ ଭାରତକୁ ଆସିଲେ, ସେମାନେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ବହୁତ ଚେଷ୍ଟା କରିଛନ୍ତି । ସେମାନେ ଭାରତକୁ ଆସିବା ପରେ ସମଗ୍ର ଦେଶଟିରେ ବ୍ୟାପିବାକୁ ଲାଗିଲେ ଏବଂ ନିଜର ସ୍ୱତନ୍ତ୍ର ଭାଷା ଗଠନ କଲେ । ବୈଦିକ ଭାଷା ହିଁ ଏହି ସ୍ୱତନ୍ତ୍ର ଭାଷା । ବେଦ ହେଉଛି ଏମାନଙ୍କର ପ୍ରାଚୀନତମ ରଚନା ।

ବେଦ କେବେ ଲିଖିତ ହେଲା, ତାହା ଠିକ୍‌ରୂପେ ନିର୍ଣ୍ଣୟ କରିବା ସହଜ ନୁହେଁ । ବେଦର ଭାଷା ଖୁବ୍ ଉନ୍ନତ ଓ ମାର୍ଜିତ । ବେଦ ଭାଷାକୁ ଏହି ଅବସ୍ଥାକୁ ଆସିବା ପାଇଁ ନିଶ୍ଚୟ ହଜାର ହଜାର ବର୍ଷ ଲାଗିଥିବ । ଯେଉଁ ମୂଳ ଭାଷାରୁ ବେଦ-ଭାଷା ପରିମାର୍ଜିତ ହୋଇ ଆସିଲା, ତାହା ଜାଣିବା ପାଇଁ କୌଣସି ଉପାୟ ନାହିଁ । ବେଦ-ଭାଷାର ଜନନୀ ସେହି 'ଅ-ସଂସ୍କୃତ' ଭାଷା ହିଁ ଭାରତର ଆଦିଭାଷା । କିନ୍ତୁ ଏହି ସଂସ୍କୃତ-ପୂର୍ବ ବା ବେଦ-ପୂର୍ବ ଭାଷାର ସନ୍ଧାନ ନିର୍ଦ୍ଦିଷ୍ଟ ଭାବରେ ମିଳି ନ ଥିବାରୁ ବେଦ-ଭାଷାକୁ ହିଁ ଭାରତୀୟ ଆର୍ଯ୍ୟମାନଙ୍କର ଆଦିଭାଷା ରୂପରେ ଗ୍ରହଣ କରାଯାଇଛି ।

**(୪) ଆଞ୍ଚଳିକ ଭାଷାମାନଙ୍କର ଉତ୍ପତ୍ତି**—ଆର୍ଯ୍ୟମାନେ ଭାରତବର୍ଷକୁ ଆସିବା ପରେ ସ୍ଥାନୀୟ ଆଦିମ ଅଧିବାସୀମାନଙ୍କ ସହିତ ମିଳାମିଶା

କରିବାକୁ ଲାଗିଲେ ଏବଂ ଏହା ଫଳରେ କାଳକ୍ରମେ ଆର୍ଯ୍ୟ ଓ ଆଦିମ ଅଧିବାସୀଙ୍କ ସଂସ୍କୃତିର ସମ୍ମିଶ୍ରଣରେ ନୂତନ ସଂସ୍କୃତିର ଉଦ୍ଭବ ହେଲା । ବିଭିନ୍ନ ସ୍ଥାନର ବିଭିନ୍ନ ଅଧିବାସୀଙ୍କ ସହିତ ଆର୍ଯ୍ୟମାନେ ମିଶିଯିବାରୁ ସ୍ଥାନଭେଦରେ ବିଭିନ୍ନ ସଂସ୍କୃତି ଦେଖାଦେଲା । ଆଦିମ ଆର୍ଯ୍ୟଭାଷା କାଳକ୍ରମେ ସମଗ୍ର ଭାରତବର୍ଷକୁ ବ୍ୟାପିଯାଇ ଅନେକଗୁଡ଼ିଏ 'ଉପଭାଷା' ଗଠନ କଲା । ଏହି ଉପଭାଷାଗୁଡ଼ିକର ଆଲୋଚନାରୁ ପ୍ରାଦେଶିକ ଭାଷାମାନଙ୍କର ଉତ୍ପତ୍ତି ଓ କ୍ରମବିକାଶ ବହୁ ପରିମାଣରେ ଜଣାଯାଏ ।

**(୨) ବୈଦିକ ଭାଷା, ସଂସ୍କୃତ, ପ୍ରାକୃତ**—ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ—କଥିତ ଓ ଲିଖିତ । କଥିତ ଭାଷାର ଉତ୍ପତ୍ତିକାଳ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ବେଦ ଲିପିବଦ୍ଧ ହେବା ପୂର୍ବରୁ ଆର୍ଯ୍ୟମାନେ ତାକୁ ମୁଖସ୍ଥ କରି ପୁରୁଷାନୁକ୍ରମେ ଶିକ୍ଷା କରି ଆସୁଥିଲେ । ବେଦ ରଚନାର ବହୁ ପୂର୍ବରୁ ବେଦଭାଷାର ଅ-ସଂସ୍କୃତ ରୂପର ଭାଷା ପ୍ରଚଳିତ ଥିଲା । ବେଦ ରଚନାର କାଳ ଆଜପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିଲେ ମଧ୍ୟ ଅନେକ ପଣ୍ଡିତଙ୍କ ମତରେ ପାଞ୍ଚ ହଜାର ବର୍ଷରୁ କମ୍ ନୁହେ । ବୈଦିକ ଭାଷାର ପୂର୍ବ ଅମାର୍ଜିତ ଭାଷା ଅବଶ୍ୟ ଆହୁରି ଏକ ହଜାର ବର୍ଷ ପୂର୍ବରୁ ହୋଇଥିବ । କାରଣ, କୌଣସି ଅମାର୍ଜିତ ଭାଷାକୁ ମାର୍ଜିତ ହେବା ପାଇଁ ପ୍ରାୟ ଏକ ହଜାର ବର୍ଷ ଲାଗେ ବୋଲି ସାଧାରଣତଃ ଧରାଯାଏ । ତାହାହେଲେ, କଥିତ ଭାଷା ପ୍ରାୟ ଛଅ ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଛି ବୋଲି କହିବାକୁ ହେବ । ବୁଦ୍ଧଦେବଙ୍କ ଜନ୍ମ ସମୟରୁ, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ପ୍ରାୟ ପାଞ୍ଚ ଶହ କି ଛଅ ଶହ ବର୍ଷବେଳକୁ, ଭାରତରେ ଅଧିକାଂଶ କଥିତ ଭାଷାର ଉତ୍ପତ୍ତି ହୋଇସାରିଥିଲା । ଏହି କଥିତ ଭାଷାମାନଙ୍କର ଯେତେଗୁଡ଼ିଏ ଅଭିଲେଖ ଆବିଷ୍କୃତ ହୋଇଛି, ସେ ଭିତରେ ସର୍ବପ୍ରଥମ ଲେଖ ହେଉଛି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କର ଶିଳାଲିପି । ଓଡ଼ିଶାର ଧଉଳି ଓ ଜଉଗଡ଼ଠାରେ ଅଶୋକଙ୍କର କେତୋଟି ଶିଳାଲିପି ଅଛି ।

ବୈଦିକ କାଳରେ ଆର୍ଯ୍ୟ ପଣ୍ଡିତମାନେ ବୈଦିକ ଭାଷାକୁ ଲୌକିକ ଭାଷା ରୂପେ ବ୍ୟବହାର କରୁଥିଲେ । ପରେ ଏହି ବୈଦିକ ଭାଷା ଖ୍ରୀଷ୍ଟପୂର୍ବ ପଞ୍ଚମ କି ଷଷ୍ଠ ଶତାବ୍ଦୀରେ ବିଖ୍ୟାତ ବ୍ୟାକରଣ-ପ୍ରଣେତା ପାଣିନିଙ୍କ ଦ୍ୱାରା ନିୟନ୍ତ୍ରିତ

ହୋଇଲା । ପାଣିନିଙ୍କ ବ୍ୟାକରଣ ଏହି ବୈଦିକ ଭାଷାକୁ ସଂସ୍କାର କରିଥିଲା । ଏହି କାରଣରୁ ଏହି ସଂସ୍କୃତ ଭାଷା 'ସଂସ୍କୃତ' ନାମରେ ପରିଚିତ ହେଲା । ବର୍ତ୍ତମାନ ସଂସ୍କୃତର ଯେଉଁ ରୂପ ଦେଖାଯାଏ ତାହା ପାଣିନୀପ୍ରଦତ୍ତ ରୂପ ।

ସଂସ୍କୃତ ଭାଷା ଜନସାଧାରଣଙ୍କର କଥିତ ଭାଷା ବା ମାତୃଭାଷା ଥିଲା କି ନାହିଁ ସେ ସମ୍ବନ୍ଧରେ ମତଭେଦ ଦେଖାଯାଏ । ପାଣିନିଙ୍କ ପୂର୍ବର ବୈୟାକରଣମାନେ ବୈଦିକ ଭାଷା ବା ବୈଦିକ-ସଂସ୍କୃତ ଛଡ଼ା ଅନ୍ୟ ସବୁ ଭାଷାକୁ 'ଭାଷା' ନାମରେ ଅଭିହିତ କରିଥିଲେ । ବର୍ତ୍ତମାନ ମଧ୍ୟ ଏହି ନାମ ପ୍ରଚଳିତ ଅଛି । ଓଡ଼ିଶାର ବହୁ ଖ୍ୟାତନାମା କବି 'ଭାଷା ପ୍ରବନ୍ଧ'ରେ ଗୀତ କରିଥିବା ବ୍ୟକ୍ତ କରିଛନ୍ତି । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଦଣ୍ଡୀଙ୍କ ଲେଖାରୁ ସଂସ୍କୃତ ଏବଂ ପ୍ରାକୃତର ଅସ୍ତିତ୍ୱ ଜଣାଯାଇଛି । ଜନସାଧାରଣ ପ୍ରାକୃତରେ ଓ ଶିଷ୍ଟମାନେ ସଂସ୍କୃତରେ କଥାବାର୍ତ୍ତା କରୁଥିବା ଅନୁମିତ ହୁଏ । ଗୃହରେ ପରିବାର ମଧ୍ୟରେ ପ୍ରାକୃତ ଭାଷାରେ ଓ ଶିଷ୍ଟ ସମାଜରେ ସଂସ୍କୃତରେ କଥାବାର୍ତ୍ତା ହେଉଥିଲା । ରାଜକାର୍ଯ୍ୟ ଓ ଉତ୍ସବାଦି ସଂସ୍କୃତରେ କରାଯାଉଥିଲା । ରାଜ୍ୟ ରାଜ୍ୟ ଭିତରେ ଅନ୍ତର୍ରାଷ୍ଟ୍ରୀୟ ବ୍ୟାପାରରେ ସଂସ୍କୃତର ବ୍ୟବହାର ହେଉଥିଲା । ସଂସ୍କୃତ ରାଜଭାଷା ରୂପେ ବ୍ୟବହୃତ ହେଉଥିଲା । ପାଣିନିଙ୍କ ବ୍ୟାକରଣର ବାର୍ତ୍ତାରୁ ଜଣାଯାଏ ଯେ ସେତେବେଳେ ସଂସ୍କୃତ ପ୍ରଚଳିତ ବା କଥିତ ଭାଷା ମଧ୍ୟ ଥିଲା । ତେବେ ଏହା କୌଣସି ସ୍ଥାନରେ ଲୋକଙ୍କର ମାତୃଭାଷା ଥିଲାପରି ଜଣାପଡ଼ୁନାହିଁ । ପତଞ୍ଜଳି "ଲୌକିକ ସଂସ୍କୃତ"ର ନାମକରଣ କରିଛନ୍ତି । ଏହି ନାମକରଣରୁ ସାହିତ୍ୟିକ ଭାଷାକୁ ସଂସ୍କୃତ ଓ ବ୍ୟାବହାରିକ ବା କଥିତ ସଂସ୍କୃତକୁ ଲୌକିକ ସଂସ୍କୃତ ବୋଲି ସୂଚିତ କରାଇଥିବା ଅନୁମାନ କରାଯାଇପାରେ । ଏହି ଲୌକିକ ସଂସ୍କୃତ ମଧ୍ୟ ମାତୃଭାଷା ହୋଇଥିବା ନିଶ୍ଚିତ ରୂପରେ କୁହାଯାଇ ପାରିବ ନାହିଁ ।

ମୋଟ ଉପରେ ଶିଷ୍ଟ ଅର୍ଥାତ୍ ରାଜା, ରାଜପୁରୁଷ, ବ୍ରାହ୍ମଣ ପ୍ରଭୃତି ଭଦ୍ର ବ୍ୟକ୍ତିମାନେ ସଂସ୍କୃତରେ କଥାବାର୍ତ୍ତା, ପତ୍ର ଲେଖନ ଓ ଗ୍ରନ୍ଥ ରଚନା କରୁଥିଲେ । ସାଧାରଣ ଜନସମାଜ ପ୍ରାକୃତର ବ୍ୟବହାର କରୁଥିଲେ । ସଂସ୍କୃତ ଓ ପ୍ରାକୃତ ଉଭୟ ସମାଜ ଭିତରେ ବ୍ୟବହୃତ ହେଉଥିଲା । ନାଟକରେ ଶିଷ୍ଟ ପାତ୍ରମାନେ ସଂସ୍କୃତରେ ଓ ଅନ୍ୟମାନେ ପ୍ରାକୃତରେ କହୁଥିଲେ । ଶ୍ଳୋକାଦି ରଚନାରେ ପ୍ରାକୃତର ବ୍ୟବହାର ବେଶି ହେଉଥିଲା ।

କ୍ରମେ ପ୍ରାକୃତ ଭାଷାରେ ସଂସ୍କୃତର ମିଶ୍ରଣ ହୋଇ ପ୍ରାକୃତ ସଂସ୍କୃତାଭିମୁଖୀ ହୋଇଥିଲା । ସଂସ୍କୃତ-ପ୍ରଭାବ-ବହୁଳ ପ୍ରାକୃତ ଭାଷାରେ ଉଚ୍ଚକୋଟିର ଉତ୍ତମ ରଚନାମାନ ସମ୍ଭବ ହୋଇଥିଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ହାଲ ଏହି ପ୍ରାକୃତ ଭାଷାରେ 'ଗାଥା ସପ୍ତଶତୀ' ରଚନା କରି ଅମର ହୋଇଛନ୍ତି । ଏହି ଭାଷାକୁ 'ଗାଥା' ଭାଷା ମଧ୍ୟ କହନ୍ତି ।

କ୍ରମେ ସଂସ୍କୃତ କେବଳ ଶିକ୍ଷିତମାନଙ୍କ ଭିତରେ ଆବଦ୍ଧ ରହିଲା । ସମାଜର ଶିକ୍ଷିତ ଶ୍ରେଣୀ ସଂସ୍କୃତକୁ ଆଦର କରୁଥିଲେ ମଧ୍ୟ ଜନସାଧାରଣଙ୍କ ଭିତରୁ ବହୁ ଲୋକ ସଂସ୍କୃତ ରଚନାର ତାତ୍ପର୍ଯ୍ୟ ଓ ମାଧୁର୍ଯ୍ୟ ଉପଲବ୍ଧି କରି ପାରୁ ନଥିଲେ । ଲୋକଶିକ୍ଷା ନିମନ୍ତେ ପ୍ରାକୃତ ହିଁ ପ୍ରଧାନ ମାଧ୍ୟମର ସ୍ଥାନ ଅଧିକାର କରିଥିଲା । କିନ୍ତୁ ସଂସ୍କୃତରେ କଥାବାର୍ତ୍ତା, ପଦ୍ୟ ଲିଖନ ଓ ରଚନା କରିବା ପାଣ୍ଡିତ୍ୟ ଓ ସମ୍ଭ୍ରାନ୍ତ ସୂଚକ ବୋଲି ପଣ୍ଡିତମାନେ ଧାରଣା କରୁଥିବାରୁ ପ୍ରାକୃତ ଭାଷା ବେଶି ସମ୍ମାନ ଲାଭ କରିପାରୁ ନ ଥିଲା । ଆଜକୁ ତିନି ଚାରି ଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଏହି ଧାରଣା ଦେଶରେ ବଦ୍ଧମୂଳ ଥିଲା ଏବଂ 'ଭାଷା ପ୍ରବନ୍ଧ'କୁ ଶିକ୍ଷିତ ସମାଜ ବିଶେଷ ଆଦର ଚକ୍ଷୁରେ ଦେଖି ପାରୁ ନ ଥିଲେ । ସଂସ୍କୃତ ବକ୍ତା, ସଂସ୍କୃତ ଗ୍ରନ୍ଥକର୍ତ୍ତା ଓ ସଂସ୍କୃତ ପଣ୍ଡିତଙ୍କର ସର୍ବାଧିକ ଆଦର ଥିଲା । ଏହି ସବୁ କାରଣରୁ ଜନସାଧାରଣଙ୍କ ପାଇଁ ପ୍ରାକୃତ ଭାଷାର ଅତ୍ୟନ୍ତ ବେଶି ଆବଶ୍ୟକ ହୋଇପଡ଼ିଥିଲା । ବୁଦ୍ଧଦେବଙ୍କ ଆବିର୍ଭାବ ପରେ ପ୍ରାକୃତ ଭାଷାଗୁଡ଼ିକର ପ୍ରତିପତ୍ତି କ୍ରମେ ବୃଦ୍ଧିପ୍ରାପ୍ତ ହେଲା । ଜନସମାଜରେ ସହଜ ଓ ବୋଧଗମ୍ୟ ଭାଷାରେ ସ୍ୱ ସ୍ୱ ମତ ପ୍ରଚାର କରିବା ମାନସରେ ବୁଦ୍ଧଦେବ ପ୍ରାକୃତ ଭାଷାକୁ ଅଧିକ ରୂପେ ବ୍ୟବହାର କରିଥିଲେ । ରକ୍ଷଣଶୀଳ ବ୍ରାହ୍ମଣ୍ୟ ଧର୍ମର କଠୋର ନିବନ୍ଧନ ବିରୁଦ୍ଧରେ ମହାତ୍ମା ବୁଦ୍ଧଦେବ ଯେଉଁ ସାମାଜିକ ଓ ଧାର୍ମିକ ବିପ୍ଳବ କରିଥିଲେ ପ୍ରାକୃତ ଭାଷାକୁ ଉଚ୍ଚ ଆସନରେ ପ୍ରତିଷ୍ଠିତ କରାଇବାରେ ସେହି ବିପ୍ଳବ-ମନୋଭାବ ପ୍ରକାଶ ପାଇଥିଲା ବୋଲି ମଧ୍ୟ କୁହାଯାଇପାରେ । ପରବର୍ତ୍ତୀ ସମୟରେ ବୁଦ୍ଧଦେବଙ୍କ ଶିଷ୍ୟ-ପ୍ରଶିଷ୍ୟମାନେ ଏହି ପ୍ରାକୃତରେ ବହୁ ଉପାଦେୟ ଗ୍ରନ୍ଥ ରଚନା କରି ବୌଦ୍ଧଧର୍ମ ଓ ସମ୍ପ୍ରଦାୟକୁ ଏକ ସ୍ପଷ୍ଟ ଓ ବିଶିଷ୍ଟ ରୂପ ଦାନ କରିପାରିଥିଲେ । ଧର୍ମ ପ୍ରଚାର ପାଇଁ ବୌଦ୍ଧ ଭିକ୍ଷୁ ଓ ବୌଦ୍ଧ ପଣ୍ଡିତମାନେ

ବିଶେଷ ସ୍ଥଳରେ ପ୍ରାକୃତ ଭାଷାର ଆଶ୍ରୟ ନେଇଥିଲେ । ଏହି ପ୍ରାକୃତ ଭାଷା ପାଲି ବା ପାଲି-ପ୍ରାକୃତ ନାମରେ ଅଭିହିତ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀଠାରୁ ଖ୍ରୀଷ୍ଟପର ଦ୍ୱିତୀୟ ଶତାବ୍ଦୀ—ଏହି ପାଖ ଶହ ବର୍ଷ ଭିତରେ ପାଲି ଭାଷା ଲୋକ-ଭାଷା ରୂପେ ବ୍ୟବହୃତ ହୋଇଥିଲା । ଅହିଂସାବ୍ରତ ସମ୍ରାଟ ଅଶୋକ ନିଜ ହୃଦୟର ମନୋଭାବକୁ ପ୍ରଜାବୃନ୍ଦଙ୍କ ସମ୍ମୁଖରେ ପ୍ରକାଶ କରି ସେମାନଙ୍କର ପ୍ରାଣକୁ ପ୍ରଭାବିତ କରିବା କାମନାରେ ପ୍ରାକୃତ ମାଧ୍ୟମରେ ଅନୁଶାସନଗୁଡ଼ିକ ଲେଖିଥିଲେ । ବହୁ ସଂଖ୍ୟକ ପ୍ରକୃତି (ପ୍ରଜା) ବୃନ୍ଦଙ୍କୁ ବିଶେଷଭାବରେ ଆକର୍ଷଣ କରିବା ପାଇଁ 'ପ୍ରାକୃତ'ର ସ୍ୱାଭାବିକ ଆବଶ୍ୟକତା ଦେଖି ଥିବାରୁ ସେ ଏହାର ଆଶ୍ରୟ ନେଇଥିଲେ । 'ପ୍ରକୃତି'ଙ୍କ ଭିତରେ ପ୍ରାକୃତର ଆଦର ଓ ଏହାର ଲୋକପ୍ରିୟ ସମ୍ଭବର ନିଷ୍ଠା ହିଁ ଏଥିରୁ ପ୍ରମାଣିତ ହୁଏ ।

ପ୍ରାଚୀନ ବୌଦ୍ଧ ଧର୍ମଗ୍ରନ୍ଥମାନଙ୍କର ଭାଷା ପାଲି । ପ୍ରାକୃତ ଭାଷାମାନଙ୍କ ଭିତରେ ଏହା ପ୍ରାଚୀନତମ । ବୌଦ୍ଧମାନେ ଏହି ଭାଷାରେ ବହୁ ଧର୍ମଗ୍ରନ୍ଥ ରଚନା କରିଥିଲେ । ଅଶୋକଙ୍କ ଅନୁଶାସନଗୁଡ଼ିକ ମଧ୍ୟ ଏହି ପାଲି ଭାଷାରେ ଲିଖିତ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ହସ୍ତୀଗୁମ୍ଫା-ଅଭିଲିପିର ଲିପି ମଧ୍ୟ ପାଲି-ପ୍ରାକୃତରେ ଲିଖିତ ବୋଲି କୁହାଯାଉଛି । ଅଶୋକଙ୍କ ଅନୁଶାସନର ଭାଷା ସହିତ ଖାରବେଳଙ୍କ ଲିପିର ଭାଷାରେ କେତେକ ସାମ୍ୟ ରହିଛି । ହାତୀଗୁମ୍ଫା-ଲିପିର ଭାଷା କେତେକ ପଣ୍ଡିତଙ୍କ ମତରେ ସାହିତ୍ୟିକ ଭାଷା କହିହେବ ନାହିଁ ।

**(୬) ଭାରତୀୟ ଆର୍ଯ୍ୟଭାଷା ବିଭାଗ**—କେତେକଙ୍କ ମତରେ ଭାରତୀୟ-ଇରାନୀ ଭାଷା ସାଧାରଣତଃ ତିନି ଭାଗରେ ବିଭକ୍ତ ହେଲା— ଇରାନୀ, ଦେଶାଚୀ ଓ ଭାରତୀୟ ଆର୍ଯ୍ୟ । ଭାରତୀୟ ଆର୍ଯ୍ୟଭାଷା ବୈଦିକ ଭାଷା (ବା ସଂସ୍କୃତ ଭାଷା) ଓ ପ୍ରାକୃତ ଭେଦରେ ଦୁଇ ବିଭାଗରେ ବିଭକ୍ତ ହେଲା । ପ୍ରାକୃତ ଭାଷା ଉଦୀଚ୍ୟ, ପ୍ରାଚ୍ୟ, ମଧ୍ୟଦେଶୀୟ, କୋଶଳୀୟ (ଭାଷା) ଓ ଦାକ୍ଷିଣାତ୍ୟ—ଏହିପରି ପାଞ୍ଚ ଭାଗରେ ବିଭକ୍ତ ହେଲା । କୋଶଳୀୟ-ପ୍ରାକୃତ ଅର୍ଦ୍ଧମାଗଧୀ ଓ ମାଗଧୀ ରୂପରେ ବିଭକ୍ତ ହେଲା ଏବଂ ମାଗଧୀ-ପ୍ରାକୃତରୁ ମାଗଧୀ ଅପଭ୍ରଂଶର ସୃଷ୍ଟି ହେଲା । ଏହି ମାଗଧୀ ଅପଭ୍ରଂଶର ତିନୋଟି ଶାଖା—ପଶ୍ଚିମ-ମାଗଧୀ, ମଧ୍ୟ-ମାଗଧୀ ଓ ପୂର୍ବ-ମାଗଧୀ । ପୂର୍ବ-ମାଗଧୀ ଶ୍ରେଣୀରେ ଓଡ଼ିଆ, ବଙ୍ଗଳା ଓ ଆସାମୀୟ ଭାଷା ଅନ୍ତର୍ଭୁକ୍ତ ।

ସିନ୍ଧୁ ନଦୀର ପଶ୍ଚିମ ପଟେ ଉଦୀଚ୍ୟ-ଶାଖା ଭାଷାର ବ୍ୟବହାର ଥିବା ଅନୁମିତ ହୁଏ । ଗଙ୍ଗା ଓ ଯମୁନା ନଦୀ ମଧ୍ୟସ୍ଥଳରେ ଶୌରସେନୀ-ପ୍ରାକୃତ ପ୍ରଚଳିତ ଥିଲା । ଗୁଜରାଟୀ, ଅବନ୍ତୀ (ପଶ୍ଚିମୀ ରାଜସ୍ଥାନୀ) ଓ ମହାରାଷ୍ଟ୍ରୀ (ପୂର୍ବୀ ରାଜସ୍ଥାନୀ) ଭାଷା ଅନ୍ତର୍ଭୁକ୍ତ । ହିନ୍ଦୀ ଓ ପୂର୍ବ-ପଞ୍ଜାବୀ ଭାଷା ଶୌରସେନୀର ଅନ୍ତର୍ଭୁକ୍ତ । ଶୌରସେନୀ ଭାଷାର କେନ୍ଦ୍ର ହେଲା ମଥୁରା । କୋଶଳୀୟ ପ୍ରାକୃତର କେନ୍ଦ୍ର କାଶୀ । ମାଗଧୀ ଭାଷା ବିହାର ଓ ତତ୍ସନ୍ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଚଳିତ ଥିଲା ଏବଂ ପାଟଳିପୁତ୍ର ଏହାର କେନ୍ଦ୍ର ଥିଲା । ଅର୍ଦ୍ଧମାଗଧୀରୁ ଛତିଶଗଡ଼ୀ, ମରାଠୀ, ବାଘେଲୀ ପ୍ରଭୃତିର ସୃଷ୍ଟି ହୋଇଛି । ପଶ୍ଚିମ-ମାଗଧୀରେ ଭୋଜପୁରୀ, ମଧ୍ୟ-ମାଗଧୀରେ ମାଗଧୀ, ମୈଥିଳୀ, ବିହାରୀ ଓ ପୂର୍ବ-ମାଗଧୀରେ ଓଡ଼ିଆ, ବଙ୍ଗଳା ଓ ଆସାମୀୟ ଅନ୍ତର୍ଭୁକ୍ତ ।

ଓଡ଼ିଆ ଭାଷାର ବଂଶବୃକ୍ଷ ନିମ୍ନଲିଖିତ ଭାବରେ ଲେଖାଯାଇପାରେ—

- ଭାରତ-ଇରାନୀ
  - ଇରାନୀ
  - ପିଶାଚୀ
  - ଭାରତୀୟ ଆର୍ଯ୍ୟ
    - ପ୍ରାକୃତ
      - ଉଦୀଚ୍ୟ
      - ପ୍ରାଚ୍ୟ
      - ମଧ୍ୟଦେଶୀୟ
      - କୋଶଳୀୟ
        - ଅର୍ଦ୍ଧମାଗଧୀ
        - ମାଗଧୀ
          - ମାଗଧୀ ଅପଭ୍ରଂଶ
            - ବର୍ତ୍ତମାନର ପଶ୍ଚିମ-ମାଗଧୀ (ଭୋଜପୁରୀ ଗୋଷ୍ଠୀ)
            - ମଧ୍ୟ-ମାଗଧୀ (ବିହାରୀ ଗୋଷ୍ଠୀ)
            - ପୂର୍ବ-ମାଗଧୀ (ବଙ୍ଗଳା, ଓଡ଼ିଆ, ଆସାମୀୟ)
      - ଦାକ୍ଷିଣାତ୍ୟ
    - ସଂସ୍କୃତ

ଭାରତୀୟ ଆର୍ଯ୍ୟ ବା ବୈଦିକ ଭାଷା ସଂସ୍କୃତ ଓ ପ୍ରାକୃତ ଭେଦରେ ଦୁଇ ଭାଗରେ ବିଭକ୍ତ ହେଲା । ପ୍ରାକୃତରୁ ଅପଭ୍ରଂଶ ଜାତ ହେଲା । ଏହି ଅପଭ୍ରଂଶରୁ ବର୍ତ୍ତମାନର ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଭୋଜପୁରୀ, ମୈଥିଳୀ ପ୍ରଭୃତି ଭାଷାର ଉତ୍ପତ୍ତି ହେଲା ।

**(୨) ଉତ୍କଳରେ ଆର୍ଯ୍ୟ ବସତି**—ପୁରାଣ ଓ ପ୍ରତ୍ନତତ୍ତ୍ୱବିତ୍-ମାନଙ୍କ ମତରେ ଆର୍ଯ୍ୟମାନେ ପ୍ରଥମେ ମଧ୍ୟ-ଏସିଆରୁ ଉତ୍ତର-ପଶ୍ଚିମ ଦିଗର ସୀମାନ୍ତ ପଥରେ ଭାରତରେ ପ୍ରବେଶ କରିଥିଲେ ଏବଂ ସିନ୍ଧୁନଦୀ କୂଳେ କୂଳେ ବସତି ସ୍ଥାପନ କଲେ । କ୍ରମେ ଏମାନେ ପୂର୍ବ ଓ ଦକ୍ଷିଣକୁ ଗତି କଲେ । ଏମାନଙ୍କ ଭିତରୁ ପୂର୍ବକୁ ଅଗ୍ରସର ହେବା ଦଳଟି ଗଙ୍ଗା ଓ ଯମୁନା ନଦୀର ମଧ୍ୟସ୍ଥାନରେ ଓ ଏହି ନଦୀମାନଙ୍କର କୂଳେ କୂଳେ ବସତି ସ୍ଥାପନ କଲେ । ମଧ୍ୟଦେଶ ବା କାଶୀ-କୋଶଳ ଅଞ୍ଚଳରେ ବସତି ସ୍ଥାପନ କରିଥିବା ଆର୍ଯ୍ୟମାନେ ପୂର୍ବ ଓ ଦକ୍ଷିଣ ଦିଗକୁ ଗତି କରି ବିଭିନ୍ନ ସ୍ଥାନରେ ସ୍ଥାୟୀଭାବରେ ରହିଲେ । କୋଶଳର ଦକ୍ଷିଣ ଅଂଶରୁ ଆର୍ଯ୍ୟମାନେ ଉତ୍କଳକୁ ଆସିଥିବେ । ବହୁ ପ୍ରାଚୀନ କାଳରେ କୋଶଳ ସାମ୍ରାଜ୍ୟ ଉତ୍କଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ସାମ୍ରାଜ୍ୟର ଦକ୍ଷିଣାଂଶ ଦକ୍ଷିଣ କୋଶଳ ନାମରେ ପରିଚିତ ହେଉଥିଲା । ବର୍ତ୍ତମାନର ଓଡ଼ିଶାର ଉତ୍ତର-ପଶ୍ଚିମାଂଶ ଦକ୍ଷିଣ କୋଶଳ ନାମରେ ଅଭିହିତ ହେଉଥିଲା । ହରିବଂଶର ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ ଭାରତବର୍ଷର ପ୍ରଥମ ଆର୍ଯ୍ୟ ସମ୍ରାଟ ବୈବସ୍ୱତ ମନୁ ତାଙ୍କର ଦଶ ପୁତ୍ର ଓ ଏକମାତ୍ର କନ୍ୟା ଇଳାଙ୍କ ଭିତରେ ସାମ୍ରାଜ୍ୟକୁ ଭାଗ କରି ଦେଇଥିଲେ । ଇଳାଙ୍କ ଭାଗରେ ଦକ୍ଷିଣ କୋଶଳ ଓ ଗୋଦାବରୀ ପର୍ଯ୍ୟନ୍ତ ଦକ୍ଷିଣ ରାଜ୍ୟ ପଡ଼ିଲା । ଇଳାଙ୍କର ତିନି ପୁତ୍ର ହେଲେ ଏବଂ ସେମାନେ ଇଳାଙ୍କ ରାଜ୍ୟକୁ ତିନିଭାଗ କରି ନିଜ ଭିତରେ ବାଣ୍ଟି ନେଇ ରହିଲେ । ପୁରୂରବା ପାଇଲେ କାଶୀ-କୋଶଳ, ଗୟ ପାଇଲେ ଗୟା ପ୍ରଦେଶ (ବିହାର), ଉତ୍କଳ ପାଇଲେ ଉତ୍କଳ ପ୍ରଦେଶ, ବିନତାଶ୍ୱ ପାଇଲେ ଦକ୍ଷିଣ କୋଶଳ । ଏଥିରୁ ଜଣାଯାଉଛି ଯେ, କୋଶଳ ବାଟେ ହିଁ ଆର୍ଯ୍ୟ ସଭ୍ୟତା ଓଡ଼ିଶାରେ ପ୍ରବେଶ କରିଥିଲା । ପ୍ରଥମେ ବୌଦ୍ଧ ସଭ୍ୟତା ମଧ୍ୟ ଦକ୍ଷିଣ କୋଶଳ ବାଟେ ଉତ୍କଳରେ ପଶିଛି । ସମ୍ବଲପୁର, ବଲାଙ୍ଗିର, ସୋନପୁର, ବୌଦ୍ଧ ପ୍ରଭୃତି ଗଡ଼ଜାତ ବାଟେ ମହାନଦୀ କୂଳେ କୂଳେ ଅନେକ ବୌଦ୍ଧସ୍ତୂ

ଓଡ଼ିଶାକୁ ଆସିଛନ୍ତି । ସେମାନେ ମହାନଦୀ କୂଳରେ ବହୁ ବିହାର ନିର୍ମାଣ କରି ଥାଇଛନ୍ତି । ମହାନଦୀ କୂଳେ କୂଳେ ବହୁ ପ୍ରାଚୀନ ଦେବଦେବୀଙ୍କ ମନ୍ଦିରର ଅବସ୍ଥିତି ଏହାର ପ୍ରମାଣ । ବୈତରଣୀ, ବ୍ରାହ୍ମଣୀ, ଋଷିକୁଲ୍ୟା, ମହେନ୍ଦ୍ରତନୟା ପ୍ରଭୃତି ନଦୀକୂଳମାନଙ୍କରେ ମଧ୍ୟ ବହୁ ପ୍ରାଚୀନ କୀର୍ତ୍ତି ଦେଖାଯାଏ । ଦାରୁମୂର୍ତ୍ତି ଜଗନ୍ନାଥଙ୍କୁ ପ୍ରାଚୀନତମ ବୁଦ୍ଧଦେବତା ବୋଲି ସ୍ୱୀକାର କଲେ, ତାଙ୍କୁ ପ୍ରଥମେ ଇନ୍ଦ୍ରଦ୍ୟୁମ୍ନ ହିଁ ପ୍ରତିଷ୍ଠା କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ମଧ୍ୟ-ଭାରତରୁ ବାହାରି ମହାନଦୀ କୂଳେ କୂଳେ ଓଡ଼ିଶାକୁ ଆସିଥିଲେ । ଓଡ଼ିଶାର ପ୍ରସିଦ୍ଧ ତୀର୍ଥ ଯାଜପୁର ନାଭିଗୟା ରୂପେ ଓ ଏକାମ୍ର ବା ଭୁବନେଶ୍ୱର ଦକ୍ଷିଣ କାଶୀ ରୂପେ ପରିଚିତ ହୋଇଥିବା କଥାରୁ ଉତ୍ତର ଦିଗରୁ ଆର୍ଯ୍ୟସଭ୍ୟତା ଓଡ଼ିଶାରେ ପ୍ରବେଶ ଲାଭ କରିଥିବା ହିଁ ପ୍ରମାଣିତ ହେଉଅଛି । କାନ୍ୟକୁବ୍ଜରୁ ଦଶ ହଜାର ବ୍ରାହ୍ମଣଙ୍କୁ ଉତ୍କଳ ରାଜା ଯଯାତି ଆଣି ଉତ୍କଳରେ ବାସ କରାଇଥିବା ଜନଶ୍ରୁତି ଏହାର ଅନ୍ୟ ଏକ ପ୍ରମାଣ ।

ଓଡ଼ିଶାରେ କେଉଁ ଶତାବ୍ଦୀରେ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିଲେ ଏବଂ ଓଡ଼ିଆ ଭାଷା କେଉଁ ଶତାବ୍ଦୀରେ ରୂପଧାରଣ କଲା, ତାହା ନିର୍ଣ୍ଣୟ କରିବା ପାଇଁ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଉପାଦାନ ମିଳୁନାହିଁ । ଆର୍ଯ୍ୟମାନେ ଆସିବା ପୂର୍ବରୁ ଏ ଦେଶରେ ଅଧିବାସୀମାନଙ୍କର ଭାଷା ପ୍ରଚଳିତ ଥିଲା । ଏହି ଭାଷା ଦ୍ରାବିଡ଼ ଭାଷା ଗୋଷ୍ଠୀର ଅନ୍ତର୍ଭୁକ୍ତ ।

ଓଡ଼ିଶାରେ ଆର୍ଯ୍ୟ ସଭ୍ୟତା କେବେ ପ୍ରବେଶ କଲା, ତାହା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନ ପାରିଲେ ମଧ୍ୟ ରାମାୟଣ ଓ ମହାଭାରତ ରଚନା ବେଳକୁ ଯେ ଏ ଦେଶର ଅଧିବାସୀମାନେ ସଭ୍ୟ ଥିଲେ ଏବଂ ଏଠାରେ ଆର୍ଯ୍ୟବସତି ହୋଇ ସାରିଥିଲା, ଏଥିରେ ସନ୍ଦେହ ନାହିଁ । ମହାଭାରତ ବନପର୍ବର ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ଇନ୍ଦ୍ରଦ୍ୟୁମ୍ନ ଜଣେ ପରମ ଧାର୍ମିକ ବୈଷ୍ଣବ ରାଜା ଥିଲେ ଏବଂ ସେ ଏକ ସହସ୍ର ଅଶ୍ୱମେଧ ଯଜ୍ଞ କରିଥିଲେ । ସୁତରାଂ ବିଖ୍ୟାତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ତାଙ୍କର ସର୍ବପ୍ରାଚୀନ କୀର୍ତ୍ତି ଏବଂ ସେ ଜଗନ୍ନାଥଙ୍କ ପ୍ରତିଷ୍ଠାତା । ପରମ ପବିତ୍ର ପୁରୁଷୋତ୍ତମ କ୍ଷେତ୍ର ବା ପୁରୀ ମହାଭାରତ ଯୁଗରେ ମହାବେଦୀ ନାମରେ ଖ୍ୟାତ ଥିଲା । ଦ୍ୱାପର ଯୁଗରେ କଳିଙ୍ଗ ବା ଉତ୍କଳରେ ବହୁ ତୀର୍ଥକ୍ଷେତ୍ର ଥିଲା । ବିରଜା, ବୈତରଣୀ, ଏକାମ୍ର,

ମହାଦେବୀ ଓ ମହେନ୍ଦ୍ରଗିରି ଏମାନଙ୍କ ଭିତରେ ପ୍ରଧାନ । କଳିଙ୍ଗର ବହୁ ଅର୍ଥ ଥିବାରୁ ଏଠାର ରାଜା ଚିତ୍ରାଙ୍ଗଦଙ୍କ କନ୍ୟାକୁ କଳିଙ୍ଗ ରାଜଧାନୀ ରାଜପୁର-ଠାରେ ଦୁର୍ଯ୍ୟୋଧନ ବିବାହ କରିଥିଲେ ଏବଂ ଏଠାର ନାଗବଂଶୀ ରାଜକୁମାରୀଙ୍କୁ ଅର୍ଜ୍ଜୁନ ବିବାହ କରିଥିଲେ । ମହାଭାରତ ଯୁଦ୍ଧରେ କଳିଙ୍ଗରାଜ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୁଦ୍ଧ କରିଥିଲେ । ଉତ୍କଳ ଦେଶର କେତେକ ତୀର୍ଥ ଥିବାର ବହୁ ବର୍ଣ୍ଣନା ପୁରାଣମାନଙ୍କରେ ଅଛି । ପ୍ରାଚୀନ ପୁରାଣମାନଙ୍କ ଭିତରେ ନାରଦୀୟ ପୁରାଣ, ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣରେ ଉତ୍କଳର ଉଚ୍ଚକୋଟିର ସଭ୍ୟତାର ନିଦର୍ଶନ ମିଳେ । ବ୍ରହ୍ମପୁରାଣ ଅଷ୍ଟାଦଶ ପୁରାଣ ଭିତରେ ଏକ ପ୍ରାଚୀନ ପୁରାଣ । ଏଥିରୁ ଉତ୍କଳରେ ଅତି ଉଚ୍ଚକୋଟିର ସଭ୍ୟତା ଥିବା ଜଣାଯାଏ ।

ବୁଦ୍ଧଦେବଙ୍କ ସମସାମୟିକ କଳିଙ୍ଗ ରାଜଧାନୀ ସିଂହପୁରର ପ୍ରତିଷ୍ଠାତା ଓ କଳିଙ୍ଗ ରାଜା ସିଂହବାହୁଙ୍କ ପୁଅ ବିଜୟ ସିଂହଳକୁ ଯାଇ ସେଠାରେ ଖ୍ରୀଷ୍ଟପୂର୍ବ ୫୪୩ ଠାରୁ ୫୦୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ବିଜୟଙ୍କଠାରୁ ସିଂହଳରେ କଳିଙ୍ଗବାସୀମାନଙ୍କ ଦ୍ୱାରା ଆର୍ଯ୍ୟ ସଭ୍ୟତାର ବିସ୍ତାର ହୋଇଥିଲା ବୋଲି ସିଂହଳର ରାଜା ଯାହୁସମଲ୍ଲଙ୍କ ଶିଳାଲେଖରୁ ଜଣାଯାଏ । ବିଜୟଙ୍କ ପୁତ୍ର ସୁମିତ୍ର କଳିଙ୍ଗରୁ ଯାଇ ବିଜୟଙ୍କର ଉତ୍ତରାଧିକାରୀ ହୋଇଥିଲେ ।

ଅଶୋକଙ୍କ ସମୟରେ କଳିଙ୍ଗର ସାମରିକ ଅବସ୍ଥା ଉନ୍ନତ ନ ଥିଲେ ସେମାନେ ବହୁତ ଦେଶରକ୍ଷା କରିପାରି ନ ଥାନ୍ତେ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗ ରାଜା ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରି ଶିଳାଲେଖରୁ କଳିଙ୍ଗ ସୁସଭ୍ୟ ଥିବାର ପରିଚୟ ମଧ୍ୟ ମିଳେ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ଷଷ୍ଠ-ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ବୌଦ୍ଧ ଭିକ୍ଷୁ ଓ ପଣ୍ଡିତ ଓଡ଼ିଶାରେ ଥିଲେ । ଓଡ଼ିଶାରୁ ବହୁ ବୌଦ୍ଧ ପ୍ରଚାରକ ତିବ୍ବତ, ଚୀନ ପ୍ରଭୃତି ଦେଶକୁ ଯାଇ ସେଠାରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ବୋର୍ଣ୍ଣିଓ ଜାଭା, ସୁମାତ୍ରା ପ୍ରଭୃତି ଦେଶକୁ ଯାଇ ସେଠାରେ କଳିଙ୍ଗବାସୀ ବସତି ସ୍ଥାପନ କରିଥିଲେ । କଳିଙ୍ଗର ଶୈଳେନ୍ଦ୍ର ବଂଶ ସେଠାରେ ରାଜତ୍ୱ କରୁଥିଲେ । ସେସବୁରେ କଳିଙ୍ଗବାସୀମାନେ ମଧ୍ୟ ବସତି ସ୍ଥାପନ କରିଥିଲେ । ସେଥିରୁ ଓ ଜାଭାରେ କଳିଙ୍ଗ ଦେଶର ନାମ ଅନୁକରଣରେ ସେ ଦେଶମାନଙ୍କର କେତେକ ଅଞ୍ଚଳକୁ କଳିଙ୍ଗ ବୋଲି ମଧ୍ୟ ନାମକରଣ କରାଯାଇଛି । ମାଳୟ ଦେଶର

ରାଜଧାନୀ ସିଂହପୁର ନାମ କଳିଙ୍ଗ ରାଜଧାନୀ ସିଂହପୁର ନାମର ଅନୁକରଣରେ ହୋଇଛି ବୋଲି ସେ ଦେଶର ଇତିହାସରୁ ଜଣାଯାଏ । ଓଡ଼ିଶାର କଟକ ରାଜା ଇନ୍ଦ୍ରଭୂତି, ତାଙ୍କ ପୁତ୍ର ପଦ୍ମସମ୍ଭବ ଓ କନ୍ୟା ଲକ୍ଷ୍ମୀଙ୍କର ବୌଦ୍ଧଧର୍ମର ବଜ୍ରଯାନ ପ୍ରବର୍ତ୍ତନ କରିଥିଲେ ଏବଂ ଏମାନେ ତିବ୍ବତକୁ ଯାଇ ସେହି ଶାସ୍ତ୍ର ପ୍ରଚାର କରିଥିଲେ । ତିବ୍ବତ, ସିକିମ୍ ଓ ଅନ୍ୟାନ୍ୟ କେତେକ ବୌଦ୍ଧ ଅଞ୍ଚଳରେ ପଦ୍ମସମ୍ଭବଙ୍କୁ ରିମ୍ପୋଚି ବୋଲି କହନ୍ତି ଏବଂ ତାଙ୍କୁ ଦେବତା ବୋଲି ପୂଜା କରନ୍ତି । କେଶରୀ ବଂଶର ରାଜା ଶୁଭକର (ବା ଶୁଭାକରକେଶରୀ) ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ସମ୍ରାଟଙ୍କୁ 'ବୁଦ୍ଧାବତଂସକସୂତ୍ର' ଗ୍ରନ୍ଥଟି ଉପହାର ଦେଇଥିଲେ ।

ଏହା ଛଡ଼ା ଓଡ଼ିଶାରେ ବହୁ ଦେବଦେବୀଙ୍କ ମନ୍ଦିର ଥିଲା । ବହୁ ବୌଦ୍ଧ ଓ ଜୈନପୀଠ ମଧ୍ୟ ଥିଲା । ଏହା ସହିତ ଉତ୍କଳରେ ବହୁ ପ୍ରାଚୀନ ତୀର୍ଥକ୍ଷେତ୍ରର ଅବସ୍ଥିତି ଯୋଗ କରି ବିଚାର କଲେ ଜଣାଯିବ ଯେ ଉତ୍କଳ ଅତି ପ୍ରାଚୀନ କାଳରୁ ଏକ ସଭ୍ୟ ଦେଶ ଥିଲା ଏବଂ ସେଠାରେ ସଭ୍ୟତାର ଧାରା ଅବିଚ୍ଛିନ୍ନଭାବରେ ପ୍ରବାହିତ ହୋଇ ଆସୁଅଛି ।

ଉତ୍କଳରେ ଆଦିମବାସୀ ବା ଦ୍ରାବିଡ଼ ଜାତୀୟ ଲୋକଙ୍କ ଅବସ୍ଥିତି ଏହି ସଭ୍ୟତାର ଧାରାକୁ ପ୍ରତିହତ କରିପାରିନାହିଁ । ଆଦିବାସୀମାନେ ଏହି ସଭ୍ୟତା ଦ୍ୱାରା ବିଶେଷଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଆର୍ଯ୍ୟ ସଭ୍ୟତାକୁ ମଧ୍ୟ ପ୍ରଭାବିତ କରିଛନ୍ତି ।

ଆଦିବାସୀ ଶବରପୂଜିତ ନୀଳମାଧବ ଜଗନ୍ନାଥ ନାମରେ ଆର୍ଯ୍ୟମାନଙ୍କ ଦ୍ୱାରା ପୂଜିତ ହେଉଛନ୍ତି ଏବଂ ସେମାନଙ୍କର ବହୁ ଦେବଦେବୀଙ୍କୁ ଆର୍ଯ୍ୟମାନେ ପୂଜା କରୁଛନ୍ତି । ଆଦିବାସୀମାନେ ମଧ୍ୟ ସେହିପରି, ଧର୍ମ ପ୍ରଭୃତିରେ ଉନ୍ନତ ଅବସ୍ଥାର ଆର୍ଯ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

କଳିଙ୍ଗ ବା ଉତ୍କଳର ଉନ୍ନତ ଅବସ୍ଥା ଯୋଗୁଁ କଳିଙ୍ଗର ବଣିକମାନେ ପ୍ରାଚୀନ କାଳରେ ମଧ୍ୟ ବହୁ ଦେଶ ବିଦେଶରେ ଆଦର ଲାଭ କରୁଥିଲେ । ତଥାପି ପ୍ରାଚୀନ କାଳରେ ଏହି ସୁସଭ୍ୟ ଦେଶରେ କି ଭାଷା ପ୍ରଚଳିତ ଥିଲା ତାହାର ସନ୍ଧାନ ମିଳୁନାହିଁ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକ ସମ୍ରାଟର ଜଉଗଡ଼ଠାରେ ଓ ଭୁବନେଶ୍ୱର ନିକଟସ୍ଥ ଧଉଳୀ ପାହାଡ଼ରେ ଯେଉଁ ଦୁଇଟି ଶିଳାଲିପି ସ୍ଥାପନ କରାଇଛନ୍ତି, ତାହା ସଂସ୍କୃତରେ ନୁହେଁ । ପାଲି ଭାଷାରେ ଏହି ଅନୁଶାସନ ଖୋଦିତ ହୋଇଛି । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ମହାରାଜ ଖାରବେଳଙ୍କ ଉଦୟଗିରି ଶିଳାଲିପି ମଧ୍ୟ ପାଲି ଭାଷାରେ ଲିଖିତ । ଏହି ଲିପିଗୁଡ଼ିକର ଅକ୍ଷର ବ୍ରାହ୍ମୀ । ଏହାକୁ କେହି କେହି ପାଶ୍ଚାତ୍ୟ ପ୍ରାକୃତ ବୋଲି କହନ୍ତି; କିନ୍ତୁ ଏହା ପାଳି ବା ମାଗଧୀ-ପ୍ରାକୃତ ହେବା ହିଁ ବେଶୀ ସମ୍ଭବ । ଏହି ପାଳି ମାଗଧୀ-ପ୍ରାକୃତରୁ ଓଡ୍ର ଭାଷାର ସୃଷ୍ଟି ହେଲା । ଭରତଙ୍କ ନାଟ୍ୟଶାସ୍ତ୍ରରେ ଓଡ୍ର ବିଭାଷାର ଉଲ୍ଲେଖ ଅଛି । ପ୍ରାୟ ଦୁଇ ହଜାର ବର୍ଷ ତଳେ ଭରତ ମୁନି ଏହି ଛନ୍ଦଟି ଲେଖିଥିଲେ ।

ଶବରାଭୀର ଚଣ୍ଡାଳ ସଚରଦ୍ରାବିଡୋଡ୍ରଜାଃ
ହୀନା ବନେଚରାଣାଂ ବିଭାଷା ନାଟକେ ସ୍ମୃତା । (ଅ. ୧୭)

ଶବର, ଆଭୀର, ଚଣ୍ଡାଳ, ଦ୍ରାବିଡ଼, ଓଡ୍ର ପ୍ରଭୃତି ଲୋକମାନଙ୍କ ପାଇଁ ନାଟକରେ ସେହି ସେହି ଜାତିର ବିଭାଷା ବ୍ୟବହୃତ ହେଉଥିଲା । ଆର୍ଯ୍ୟ ଓ ଆଦିମବାସୀଙ୍କ ଭାଷାର ସଂଘର୍ଷ ମିଳନରେ ଆଦିମ ଭାଷାର ତତ୍ତ୍ୱ ପ୍ରଧାନ ଥାଇ ସୃଷ୍ଟ ଭାଷାକୁ ବିଭାଷା କୁହାଯାଏ ।

ଓଡ୍ର ବା ଓଡ୍ରଅମାନଙ୍କ ପାଇଁ ଓଡ୍ର ବିଭାଷା ବ୍ୟବହୃତ ହେଉଥିଲା । ଏଥିରୁ ଜଣାଯାଉଛି ଯେ, ଓଡ୍ର ବିଭାଷା ପ୍ରାୟ ଦୁଇ ହଜାର ବର୍ଷ ପୂର୍ବରୁ ମଧ୍ୟ ଥିଲା । ସେତେବେଳଠାରୁ ଆର୍ଯ୍ୟ ଓ ଆଦିବାସୀମାନଙ୍କ ଭିତରେ ସାମାଜିକ, ରାଜନୈତିକ, ଧାର୍ମିକ, ଆଧ୍ୟାତ୍ମିକ ପ୍ରଭୃତି କ୍ଷେତ୍ରରେ ଆଦାନ ପ୍ରଦାନର ଫଳ ସ୍ୱରୂପ ଏହି ଓଡ୍ର ଭାଷାର ସୃଷ୍ଟି ହୋଇଛି ।

ବୁଦ୍ଧଦେବ ୬୪ (ଚଉଷଠି) ପ୍ରକାର ଭାଷାର ଲିପି ଜାଣିଥିଲେ ବୋଲି ବୌଦ୍ଧଗ୍ରନ୍ଥ 'ଲଳିତବିସ୍ତର'ରେ ଲେଖାଅଛି । ଏହି ୬୪ ଲିପି ଭିତରେ ଓଡ୍ରି ଲିପିର ନାମ ଅଛି । ଏହି ଗ୍ରନ୍ଥରେ ଦେଶଭେଦ ଅନୁସାରେ ଭାଷାମାନଙ୍କର ତାଲିକା ଯେପରି ଦିଆଯାଇଛି, ସେଥିରୁ ବିଖ୍ୟାତ ଐତିହାସିକ ଦର୍ଶକ ଡାକ୍ତର ରାଜେନ୍ଦ୍ରଲାଲ ମିତ୍ର ସେହି ଗ୍ରନ୍ଥର ଅନୁବାଦର ମୁଖବନ୍ଧରେ ଅନୁମାନ କରିଛନ୍ତି ଯେ, ଏହି ଲିପି 'ଓଡ୍ର' ଲିପି ହେବା ହିଁ ସମ୍ଭବ । ଡାକ୍ତର ମିତ୍ରଙ୍କ ଅନୁସାରେ

( 'ଭଗ୍ନି' 'ଭଗ୍ନ' ବୋଲି ପାଠ ହୋଇଛି ) ବୁଦ୍ଧଦେବଙ୍କ ସମୟରୁ, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶହ ବର୍ଷ ପୂର୍ବରୁ ଓଡ଼ିଆ ଲିପିର ସୃଷ୍ଟି ହୋଇସାରିଥିଲା । ଜୈନ ଗ୍ରନ୍ଥ 'ନନ୍ଦୀସୂତ୍ର'ରେ ଉକ୍ତ ଲିପିର ଉଲ୍ଲେଖ ଅଛି । ନନ୍ଦୀସୂତ୍ର ପ୍ରାୟ ପନ୍ଦର ଶହ ବର୍ଷ ପୂର୍ବର ଲେଖା ।

ଏଥିରୁ ଜଣାଯାଉଛି ଯେ, ଦୁଇ ହଜାର ବର୍ଷ ପୂର୍ବେ ମଧ୍ୟ ଓଡ୍ର ଭାଷା ଓ ଓଡ୍ର ଲିପି ଥିଲା । କିନ୍ତୁ ସେତେବେଳର ଭାଷା ଓ ଲିପିର ନମୁନା ଏ ପର୍ଯ୍ୟନ୍ତ ମିଳିନାହିଁ ।

ଅଶୋକଙ୍କର ଓଡ଼ିଶା ଶିଳାଲିପି ଓ ଖାରବେଳଙ୍କ ଶିଳାଲିପିର ଭାଷା ଓଡ୍ର ଭାଷାର ପ୍ରାଚୀନ ରୂପ କି ନୁହେଁ, ତାହାର ବିସ୍ତୃତ ଆଲୋଚନା ଏ ପର୍ଯ୍ୟନ୍ତ ହୋଇନାହିଁ । ସେହିହେତୁ ଏହି ଲେଖମାନଙ୍କୁ, ବିଶେଷତଃ ଖାରବେଳଙ୍କ ଲେଖକୁ ପ୍ରାଚୀନ ଓଡ଼ିଆ ଭାଷାର ଲେଖ ଭିତରେ ପ୍ରାଚୀନତମ ବୋଲି କୁହାଯାଇ ପାରୁନାହିଁ ।

**(୮) ଅଶୋକ ଓ ଖାରବେଳ ଲିପିରେ ଓଡ଼ିଆ ଭାଷାର ସତ୍ତା**—ଅଶୋକଙ୍କ ଲିପି ଓ ଖାରବେଳଙ୍କ ଲିପି ପ୍ରାଚୀନ ଓଡ଼ିଆ ରଚନା ବୋଲି କୁହାଯାଇ ପାରୁ ନଥିଲେ ମଧ୍ୟ ଏଥିରେ ଓଡ଼ିଆ ଭାଷାର ସତ୍ତାର ଆଭାସ ମିଳୁଛି ।

## (କ) ଅଶୋକଙ୍କ ଅନୁଶାସନ—

ଅଶୋକଙ୍କର ତେରଟି ଅନୁଶାସନ ଓଡ଼ିଶାର ଧଉଳି ଓ ଜଉଗଡ଼ଠାରେ ମିଳୁଛି । ଭାରତର ଅନ୍ୟାନ୍ୟ ସ୍ଥାନରେ—(୧) ଶାହାବାଜଗିରି (ଭାରତର ଉତ୍ତର-ପଶ୍ଚିମ ପ୍ରଦେଶ, ବର୍ତ୍ତମାନର ପଶ୍ଚିମ ପାକିସ୍ଥାନରେ), (୨) ମାନସେହରା, (୩) କାଲସୀ (ଯୁକ୍ତପ୍ରଦେଶ), (୪) ଗିରନାର (ଗୁଜରାଟ), (୫) ଧଉଳି (ଓଡ଼ିଶା), (୬) ଜଉଗଡ଼ (ଓଡ଼ିଶା)ରେ ମିଳୁଛି । ବର୍ତ୍ତମାନ ସୋପାରା (ମହାରାଷ୍ଟ୍ର)ରେ ଏହି ଅନୁଶାସନର କେତେକ ଅଂଶ ମିଳୁଛି । ମୋଟ ଉପରେ ୧୪ (ଚଉଦ)ଟି ଅନୁଶାସନ ଦେଖାଯାଏ । ଓଡ଼ିଶାରେ ୧୧ଶ, ୧୨ଶ ଓ ୧୩ଶ ଅନୁଶାସନ ନାହିଁ । ଏହା ବଦଳରେ ଦୁଇଟି ନୂତନ ଅନୁଶାସନ ଅଛି ।

ତ୍ରୟୋଦଶ ଅନୁଶାସନରେ କଳିଙ୍ଗ ଯୁଦ୍ଧ ଓ ଅଶୋକଙ୍କର ମନସ୍ତାପ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ସେ ସମୟରେ ରାଜଭାଷା ପାଲି-ପ୍ରାକୃତର ରୂପ ଏହି "କଳିଙ୍ଗ ଅନୁଶାସନ" (୧୩ଶ ଅନୁଶାସନ) ଓ କଳିଙ୍ଗର ଦୁଇଟି ସ୍ୱତନ୍ତ୍ର ଅନୁଶାସନରୁ ମିଳେ ।

## ୧୩ଶ ଅନୁଶାସନ—କଳିଙ୍ଗ ଯୁଦ୍ଧବର୍ଣ୍ଣନା

ଅଠବଷାଭିସିତସା ଦେବାନଂ ପିୟସ ପିୟଦସିନେ ଲାଜିନେ କଲିଙ୍ଗ୍ୟା ବିଜିତ ।

ଦିୟଡମାତେ ପାନ ଶତ ସହସେ ସେ ତଫା ଅପବୁଢେ ଶତ ସହସ ମାତେ ତତ ହତେ ବହୁତା ବତକେ ବା ମଟେ ।

ତତା ପଛା ଅଧୁନା ଲଧେଷୁ କଲିଙ୍ଗେଷୁ ତିବେ ଧଂମବାୟେ ଧଂମକାମତା ଧଂମାନୁସଥି ଚ ଦେବାନାଂ ପିୟସା ।

ସେ ଅଥି ଅନୁସୟେ ଦେବାନଂ ପିୟସା ବିଜିନିତୁ କଲିଙ୍ଗ୍ୟାନି । ଅବିଜିତଂହି ବିଜିନ ମନେ ଏତତା ବଧଂ ବା ମଲନେ ବା ଅପବହେ ବା ଜନସା ।

ସେବାଢ ବେଦନ ଖୁ ମୁଂତେ ଗୁରୁମୁତେ ଚ ଦେବାନାଂ ପିୟସା ଯତ ବସତି ବଂଭନାସଭ୍ ବା ଶମନେ ବା ପାଶଂଡା ଗିହିଥା ବା ଯେସୁ ବିହିତା ଏସ ଅଗଭୁଟି ସୁସୁସା ମତାପିତୁ ସୁସୁସା ଗୁରୁସୁସା । ମିତସଂଥୁ ତସହାୟନାତିକେସୁ ଦାସଭଟକସି ସମ୍ୟା ପଟିପତି ଦିଢଭତିତା ।

ତେସଂ ତତା ହୋତି ଉପଘାତେ ବା ବଧେ ଅଭିଲତନଂ ବା ବିନିଖମନେ ଯେସଂ ବାପିସଂ ସୁବିହିତାନଂ ସିନେହେ ଅବିପହିନେ ଏତାନଂ ମିତ ସଂଥୁତ ସହାୟନାତିକ୍ୟ ବସନ ପାବୁନାତି । ତତସେପି ତାନମେବ ଉପଘାତେ ହୋତି । ପଟିଭାଗେ ଚ ଏଶ ସବ ମନୁ (ଶା) ନଂ ଗୁରୁମତେ - ବା ଦେବାନାଂ ପିୟସା ନଥି ଚ ସେ ଜନପଦେ ଯତାନଥି ଇମେ ନିକାୟା ଅନଂତା ଯୋନେସୁ ବଂଭନେ ଚ ଶମନେ ଚ ନଥି ଚ କୁବାପି ଜନପଦସି ଯତାନଥି ମନୁଶାନଂ ଏକତଲସି ପାସଂଡସି ନୋ ନାମ ପସାଦେ ।

ଯେ ଅବତକେ ଜନେ ତଦା କଲିଙ୍ଗେଷୁ ଲଧେଷୁ ହତେ ଚ ମଟେ ଚ ଅପବୁଢେ ଚ ତତାସତେ ଭାଗେ ବା ସହସ ଭଗେ ବା ଅଜ ଗୁରୁମତେ ଦେବାନାଂ ପିୟସା XXX (ଇତ୍ୟାଦି)

**ଓଡ଼ିଆ ଅନୁବାଦ**—ଦେବପ୍ରିୟ ପ୍ରିୟଦର୍ଶୀ ରାଜା ରାଜ୍ୟାଭିଷେକର ଅଷ୍ଟମ ବର୍ଷରେ କଳିଙ୍ଗକୁ ଜୟ କରିଥିଲେ । ଏହି ଯୁଦ୍ଧରେ ଦେଢ଼ ଲକ୍ଷ ଲୋକ ବନ୍ଦୀ ହୋଇଥିଲେ, ଏକ ଲକ୍ଷ ଆହତ ହୋଇଥିଲେ ଏବଂ ତାର ବହୁଗୁଣ ମରିଥିଲେ । ଏହାପରେ ବର୍ତ୍ତମାନ ବିଜିତ କଳିଙ୍ଗରେ ତୀବ୍ର ଧର୍ମ ପାଳନ, ଧର୍ମକର୍ମ, ଧର୍ମାନୁଶିଷ୍ଟି (ଧର୍ମ ଉପଦେଶ) ଅନୁଷ୍ଠିତ ହେଉଅଛି । ତାହାର (ଯୁଦ୍ଧର) ଅନୁଶୋଚନାରେ ଦେବପ୍ରିୟ ପ୍ରିୟଦର୍ଶୀ କଳିଙ୍ଗମାନଙ୍କୁ ଜୟ କରି ମଧ୍ୟ ବିଜିତକୁ ଅବିଜିତ ମନେ କରୁଛନ୍ତି । କାରଣ ଏଥିରେ ଜନମାନଙ୍କର ବଧ, ମରଣ, ଅପବାହ (ଦେଶାନ୍ତର) ଘଟିଅଛି । ଏହି ନରହତ୍ୟା ଯୋଗୁଁ ରାଜା ଘୋର ମନସ୍ତାପ ଭୋଗ କରୁଛନ୍ତି । ସେଠାରେ ବ୍ରାହ୍ମଣ, ଶ୍ରମଣ, ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ଏବଂ ଗୃହସ୍ଥମାନେ ଯେଉଁମାନେ କି ମୁଖ୍ୟ, ଭୃତ୍ୟଶୁଶ୍ରୂଷା, ମାତାପିତୃଶୁଶ୍ରୂଷା, ଗୁରୁଜନମାନଙ୍କର ଶୁଶ୍ରୂଷା, ମିତ୍ରବନ୍ଧୁ ସହାୟ, ଜ୍ଞାତି ଦାସ ଭୃତ୍ୟମାନଙ୍କୁ ସ୍ନେହ ସମାଦର ଦୃଢ଼ଭକ୍ତି ଆଚରଣ କରୁଥିବେ । ଏମାନଙ୍କର ବେଦନା (ଆହତ) ବା ମୃତ୍ୟୁରେ ମିତ୍ର ସହାୟ ଜ୍ଞାତିମାନେ (ସେମାନଙ୍କ ପ୍ରତି) ପ୍ରଗାଢ଼ ସ୍ନେହ ବଶରୁ ମର୍ମାନ୍ତିକ ବେଦନା ଅନୁଭବ କରୁଥିବେ । ଏସବୁ ସବୁ ମନୁଷ୍ୟଙ୍କର ହୋଇଥାଏ । ଦେବପ୍ରିୟ ଏହାକୁ ଗୁରୁତ୍ୱ ଦେଉଛନ୍ତି । ସ୍ୱ-ସାମ୍ରାଜ୍ୟରେ ଯେଉଁଠାରେ ନିକାୟ (ଧର୍ମସଂଘ ବା ପ୍ରତିନିଧି ସଭା) ଅଛନ୍ତି ସେମାନଙ୍କୁ ଆଜ୍ଞା ଦେଉଛନ୍ତି, ମୋର ସାମ୍ରାଜ୍ୟରେ ବ୍ରାହ୍ମଣ ହେଉ ବା ଶ୍ରମଣ ହେଉ, ସମସ୍ତ ଧର୍ମାବଲମ୍ବୀଙ୍କ ପ୍ରତି ଏକ ଭାବ (ସମଭାବ) ପ୍ରଦର୍ଶନ କରିବେ । ବିଜିତ କଳିଙ୍ଗରେ ଯେତେ ଲୋକ ହତ, ମୃତ, ଅପବାହ (ବନ୍ଦୀ ହୋଇ ସ୍ଥାନାନ୍ତରିତ) ହେଲେ, ତାହାର ଶତାଂଶ ବା ସହସ୍ରାଂଶ ମଧ୍ୟ ବର୍ତ୍ତମାନ ଘଟିଲେ ପ୍ରିୟଦର୍ଶୀ ଦାରୁଣ ବେଦନା ଅନୁଭବ କରିବେ । XXX

ଏହି ଅନୁଶାସନରେ ଥିବା କେତୋଟି ଶବ୍ଦର ପ୍ରତିଶବ୍ଦ ଏଠାରେ ଦିଆଗଲା ।

| ପାଲି | ସଂସ୍କୃତ | ଓଡ଼ିଆ |
|---|---|---|
| ଅଠ | ଅଷ୍ଟ | ଅଠ |
| ବସା | ବର୍ଷାଃ | ବର୍ଷ |
| ଅଭିସିତ | ଅଭିଷିକ୍ତ | ଅଭିଷିକ୍ତ |
| ଦେବାନଂ | ଦେବାନାଂ | ଦେବମାନଙ୍କର |
| ପିୟସ | ପ୍ରିୟସ୍ୟ | ପ୍ରିୟଙ୍କ |
| ପିୟଦସିନେ | ପ୍ରିୟଦର୍ଶିନଃ | ପ୍ରିୟଦର୍ଶୀ |
| ଲାଜିନେ | ରାଜ୍ଞୋ | ରାଜା |
| କଲିଂଗ୍ୟା | କଳିଙ୍ଗାଃ | କଳିଙ୍ଗକୁ |
| ବିଜିତ | ବିଜିତାଃ | ବିଜିତ |
| ମାତାପିତୁ | ମାତାପିତୃ | ମାତାପିତା |
| ସୁସୁସା | ଶୁଶ୍ରୂଷା | ଶୁଶ୍ରୂଷା |
| ମଲନେ | ମରଣେ | ମରଣେ |
| ବଂଭନା | ବ୍ରାହ୍ମଣାଃ | ବ୍ରାହ୍ମଣମାନେ |
| ଅନେ | ଅନ୍ୟେ | ଅନ୍ୟ |
| ପାଶଂଡ | ପାଷଣ୍ଡାଃ | ପାଷଣ୍ଡମାନେ |
| ଗୁରୁ | ଗୁରୁ | ଗୁରୁ |
| ସତେ | ଶତ | ଶତ |
| ସହସ | ସହସ୍ର | ସହସ୍ର |
| ମଟ | ମୃତ | ମୃତ |
| ସ୍ୱଗେ | ସ୍ୱର୍ଗୋ | ସ୍ୱର୍ଗ |
| ସିନେହେ | ସ୍ନେହଃ | ସ୍ନେହ, ସିନେହ |
| ମିତ | ମିତ୍ର | ମିତ୍ର |
| ହୋତି | ଭବତି | ହେଉଛି |
| ଅଜ | ଅଦ୍ୟ | ଆଜି |

## କଳିଙ୍ଗ ଅନୁଶାସନ

(୧) ଦେବାନଂ ପିୟସ ବଚନେନ ତୋସଲିୟଂ ମହାମାତା ନଗଲ ବିୟୋ ହାଲକବ

(୨) ବତବିୟ ଅଂକିଛି ଦଖାମି ହକଂ ତଂ ଇଛାମି କିଂତି କଂମନ ପଟି ବେଦୟେହ ହଂ

(୩) ଦୁବାଲତେ ଚ ଆଲଭେହ ହଂ ଏସଚ ମେ ମୋଖ୍ୟମତ ଦୁବାଲେ ଏତସି ଅଠସି ଅନୁ ତୁପେସୁ

(୪) ଅନୁସଥି ତୁପେଂହି ବହୁସୁ ପାନସହସେସୁ ଆୟତା ପନ(ୟଂ) ଗଚ୍ଛେମ ସୁମୁନିସାନଂ ସବେ

(୫) ମୁନିସେ ପଜାମମା ଇତ୍ୟାଦି ।

## ଅନୁବାଦ

(୧) ଦେବପ୍ରିୟ ପ୍ରିୟଦର୍ଶୀଙ୍କର ବଚନରେ ତୋଷଲର ମହାମାତ୍ୟ ନଗର ବ୍ୟବହାରକମାନଙ୍କୁ (୨) ବକ୍ତବ୍ୟ । ମୁଁ ଯାହା ଉତ୍ତମ ଦେଖେ ତାହା କିପରି ଉତ୍ତମ ପ୍ରକାରେ କର୍ମରେ ପରିଣତ ହେବ (୩) ତାହା ଇଚ୍ଛା କରେ । ଏହାର ମୁଖ୍ୟ ଉପାୟ ତୁମ୍ଭମାନଙ୍କୁ ଉପଦେଶ ଦେବା । (୪) କାରଣ ତୁମମାନଙ୍କ ହାତରେ ବହୁ ସହସ୍ର ପ୍ରାଣୀଙ୍କ ଭାର ଅର୍ପଣ କରିଛୁ । ସୁଜନମାନଙ୍କର-ପ୍ରଣୟ ଇଚ୍ଛା କରେ । ସମସ୍ତ (୫) ମନୁଷ୍ୟ ମୋର ସନ୍ତାନ···ଇତ୍ୟାଦି ।

| ପ୍ରାକୃତ | ସଂସ୍କୃତ | ଓଡ଼ିଆ |
|---|---|---|
| ନଗଲ | ନଗର | ନଗର |
| ବତବିୟ | ବକ୍ତବ୍ୟ | ବକ୍ତବ୍ୟ (ବକତବ୍ୟଂ) |
| ଦଖାମି | ପଶ୍ୟାମି | ଦେଖୁଛି |
| କିଛି | କିଞ୍ଚିତ୍ | କିଛି |
| ଇଛା | ଇଚ୍ଛା | ଇଚ୍ଛା |
| ମୁନିସ | ମନୁଷ୍ୟ | ମନୁଷ୍ୟ |
| ମୋଖ | ମୁଖ୍ୟ | ମୁଖ୍ୟ |

ପାଲି-ପ୍ରାକୃତ ବା ମାଗଧୀ-ପ୍ରାକୃତର ବୈଶିଷ୍ଟ୍ୟ ଲକ୍ଷଣଗୁଡ଼ିକ ଏହି ଅନୁଶାସନମାନଙ୍କରେ ପରିଲକ୍ଷିତ ହୁଏ । ପାଲି-ପ୍ରାକୃତର ଏହି ଲକ୍ଷଣଗୁଡ଼ିକ ଧୀରେ ଧୀରେ ଓଡ଼ିଆ ଭାଷାରେ ପ୍ରବେଶ ଲାଭ କରିଥିବାରୁ ଓଡ଼ିଆ ଭାଷା ମାଗଧୀ-ପ୍ରାକୃତରୁ ଜନ୍ମଲାଭ କରିଛି ବୋଲି କୁହାଯାଇଛି ।

ଏହି ଅନୁଶାସନଗୁଡ଼ିକ ଗଦ୍ୟରେ ଲିଖିତ ହୋଇଛି । ଶ୍ରେଷ୍ଠ ଶ୍ରେଷ୍ଠ ଚିନ୍ତାର ଭାବଗୁଡ଼ିକ ସୁନ୍ଦର ଭାବରେ ପ୍ରକାଶିତ ହୋଇଛି । ଭାଷା ସଂସ୍କୃତ-ବହୁଳ ନୁହେଁ । ଲେଖା ଅଳଙ୍କାର ଦ୍ୱାରା ଅଯଥା ଭାବରେ ଭାରାକ୍ରାନ୍ତ ହୋଇନାହିଁ ।

ଅଶୋକଙ୍କ ଅନୁଶାସନର ଭାଷା ଅପେକ୍ଷା ଖାରବେଳଙ୍କ ଅନୁଶାସନର ଭାଷା ବେଶୀ ସଂସ୍କୃତମୂଳକ ଓ ଅଳଙ୍କାରବହୁଳ ।

**ଅଶୋକଙ୍କ କାଳିଙ୍ଗୀ ଅନୁଶାସନର ଭାଷା**—ଅଶୋକଙ୍କ ଅନୁଶାସନଗୁଡ଼ିକର ଭାଷା ପାଲି । ଏହି ପାଲି ଭାଷାର ସ୍ୱରୂପ ଅନ୍ୟାନ୍ୟ ପ୍ରାକୃତ ଭାଷାର ଅନୁରୂପ ।

ଧଉଳିର ଅନୁଶାସନମାନଙ୍କରେ ଋକାର, ଐକାର, ଔକାର ଏବଂ ବିସର୍ଗ ନାହିଁ । ଋକାର ସ୍ଥାନରେ ଇକାର, ଐକାର ସ୍ଥାନରେ ଏକାର, ଔକାର ସ୍ଥାନରେ ଓକାର ହୋଇଛି ।

ବ୍ୟଞ୍ଜନବର୍ଣ୍ଣମାନଙ୍କ ଭିତରେ ଙ, ଣ ନାହିଁ ଏବଂ ଶ, ଷ, ସ ସ୍ଥାନରେ ସାଧାରଣ ଭାବରେ 'ସ'ର ବ୍ୟବହାର ହୋଇଛି । କେବଳ ଗୋଟିଏ ଶବ୍ଦ "ତୋସଲୟଂ"ରେ 'ଷ'ର ବ୍ୟବହାର ଦେଖାଯାଏ । 'ଳ', 'ଲ', 'ଯ', 'ୟ'ର ବ୍ୟବହାର ଅଛି । ଣ, ଙ, ଞର ବ୍ୟବହାର ନାହିଁ ।

ଯୁକ୍ତାକ୍ଷର ଭିତରେ ଷ୍ଟ, ତ୍ଥ, ସ୍ୱ, ଙ୍ଗ, ସ୍ତ, ଖ୍ୟ ପ୍ରଭୃତି ଦେଖାଯାଏ । ଯଥା—ସ୍ୱର୍ଗ, ସମ୍ପତ୍ତିଂ, ଅସ୍ତ୍ର, ମୋଖ୍ୟମତ, ଇଚ୍ଛା, ଅକସ୍ମାତେନ, ପଟିଞ୍ଚ ଇତ୍ୟାଦି । ଅନୁସ୍ୱାରର ବ୍ୟବହାର ଅଛି । ବିସର୍ଗ ଓ ଚନ୍ଦ୍ରବିନ୍ଦୁର ବ୍ୟବହାର ନାହିଁ । କେତେକ ସ୍ଥାନରେ ବର୍ଗର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାର ପ୍ରୟୋଗ କରି ଯୁକ୍ତାକ୍ଷର ଲୋପ ହୋଇଛି ।

ସଂଡ ( ଷଣ୍ଡ ), ଅକାଲଂଭେ ( ଅକାଲମ୍ଭେ ), ବଂଧା ( ବନ୍ଧ ), ଚଂଦ ( ଚନ୍ଦ୍ର ) ।

ଏହି ଅନୁଶାସନମାନଙ୍କରେ ଏହି କେତୋଟି ବିଶେଷତ୍ୱ ଦେଖାଯାଏ ।—

(୧) 'ୟ'ର ଲୋପ:—ସତ—ସତ୍ୟ, ଅନେ—ଅନ୍ୟ, ହିରଣ—ହିରଣ୍ୟ, ପୁଣା—ପୁଣ୍ୟ ।

(୨) '୍ର'ର ଲୋପ:—ପଜା—ପ୍ରଜା, ମିଗେ—ମୃଗ, ପାଣ—ପ୍ରାଣ, ଧୁବେ—ଧ୍ରୁବ, ସି—ଶ୍ରୀ, ସମ୍ପସାନ—ସମ୍ପ୍ରାପ୍ତି, ଛଳ—ଛିନ୍ନି, ଦିସୁ—ଦ୍ରିସୁ ।

(୩) ବକାର ଲୋପ:—ସର୍ଗ—ସ୍ୱର୍ଗ, ସାମୀ—ସ୍ୱାମୀ ।

(୪) ର ସ୍ଥାନରେ ଲ:—ଲଜା—ରଜା, ଲୁଖା—ରୁକ୍ଷାଃ ଶଖା, ସୁଲେ—ସୁରୁ, ଲୋପାପିତା—ରୋପିତାନି, କେଲଲ—କେରଳ, ଭାଲାମିତା—ଭାରତାନି, ଲୁପାଣି—ରୁପାଣି ।

(୫) ଦ ସ୍ଥାନରେ ଡ଼:—ଉଡ଼ପାନସୁ—ଉଦପାନସୁ ।

(୬) ' (ରେଫ)ର ଲୋପ:—ବସ—ବର୍ଷ, ସୁପଥାଏ—ସୁପାର୍ଥାୟ, ପବତ—ପର୍ବତ, ପନ—ପର୍ଣ୍ଣୀ, ସବତ—ସର୍ବତ, ଦସିନେ—ଦର୍ଶିନୋ, ଅଥା—ଅର୍ଥାୟ, ଧଂମ—ଧର୍ମ, ସବ—ସର୍ବ ।

(୭) ଔ ସ୍ଥାନରେ ଓ:—ଓସଧାନି—ଔଷଧାନି ।

(୮) କ୍ଷ ସ୍ଥାନରେ ଖ:—ଲୁଖା—ରୁକ୍ଷ, ଖୁଦକଂ—କ୍ଷୁଦ୍ରକଂ, ମୋଖାପେତ—ମୋକ୍ଷାପେତ ।

(୯) ଥ ସ୍ଥାନରେ ଠ:—ଅଠଂ—ଅର୍ଥଂ, କଲଠିୟଂ—କଲର୍ଥିକଂ, ଛଠାଦସ—ଛଥାଦାସ ।

(୧୦) ତ ସ୍ଥାନରେ ଟ:—ପିଟି—ପ୍ରତି, କଟେଟଂ—କୃତଂ, ବୟାପଟା—ବ୍ୟାପୃତା, ସୁକଟଂ—ସୁକୃତଂ, କଟଂ—କୃତଂ, କଟା—କୃତା ।

(୧୧) ସଂଯୁକ୍ତ ବ୍ୟଞ୍ଜନବର୍ଣ୍ଣର ସମୀକରଣ:—ଅପ—ଅଳ୍ପ, ଯୁଥ—ଯୁକ୍ତି, ସେସଥ—ଶ୍ରେଷ୍ଠ, ଖୁଦକ—କ୍ଷୁଦ୍ରକ, ଦସ—ଦାସ୍ତି, ତିକସା—ତିକ୍ଷା, ଥିତକା—ସ୍ଥିତକା, ତସି—ତସ୍ମି, ଅଟକଂଡଂ—ଅଟକାଣ୍ଡଂ, ନଗଂ—କଲ୍ପଂ, ସୁତାନି—ସ୍ଥାନାନି, ସଟିପଣ—ସ୍ତୁପତି ।

(୧୨) 'ଶ, ଷ, ସ' ସ୍ଥାନରେ 'ସ'ର ବ୍ୟବହାର:—ସି—ଶ୍ରୀ, ଦୋସ—ଦୋଷାନ୍, ବସ—ବର୍ଷ, ଦସିନେ—ଦର୍ଶନୀୟା, ଓସଧାନି—ଔଷଧାନି, ସମନେନୁ—ଶ୍ରମଣାଂଚ, ମୁନିସ—ମନୁଷ୍ୟ, ସତାନି—ଶତାନି, ମହେସୁ—ମହେଶସୁ ( ମାହେଶସୁ ), ସେଠଥ—ଶ୍ରେଷ୍ଠେ, ଅନୁସିତ—ଅନୁଶିଷ୍ଟ, ଅସୀନସ—ଅଶୀନସ୍ୟ ।

(୧୩) କାରକ:—ଅକାରାନ୍ତ ଶବ୍ଦର କର୍ତ୍ତୃକାରକରେ ଏକବଚନର 'ଏ' ବିଭକ୍ତି ପ୍ରୟୋଗ—ପାନେ—ପ୍ରାଣେ ।

(୧୪) ଅକାରାନ୍ତ ଶବ୍ଦର ଷଷ୍ଠୀ ବିଭକ୍ତି ଏକବଚନରେ 'ଅସ' ବିଭକ୍ତି ପ୍ରୟୋଗ—ଅସ—ସମାଜସ—ସମାଜସ୍ୟ, ପ୍ରିୟସ—ପ୍ରିୟସ୍ୟ ।

ଅସ—ଅସୀନସ—ଅଶୀନସ୍ୟ, ଇମସ—ଅସ୍ୟ, ଅଠସ—ଅର୍ଥସ୍ୟ, ଅସ—ଅସ୍ୟ ।

(୧୫) ଅକାରାନ୍ତ ଶବ୍ଦର ଅଧିକରଣ କାରକ ଏକବଚନରେ 'ଅସି' 'ଏ' ବିଭକ୍ତି ପ୍ରୟୋଗ—ଅସି—ବଜିତସି—ବଜିତେ, ସିଳସି—ଶୀଳେ । ଏ—କମେ—କର୍ମେ, ସେଠେ—ଶ୍ରେଷ୍ଠେ ।

ଏହି ସବୁ ବୈଶିଷ୍ଟ୍ୟ ସତ୍ତ୍ୱେ ନିମ୍ନଲିଖିତ କେତୋଟି 'ବ୍ୟତିକ୍ରମ' ମଧ୍ୟ ଦେଖାଯାଏ ।

ଗିରନାର ଅନୁଶାସନରେ ସ୍ତ, ଷ୍ଟ ଶବ୍ଦର ବ୍ୟବହାର ଅଛି । କିନ୍ତୁ ଧଉଳୀ ଓ ଜଉଗଡ଼ ଅନୁଶାସନରେ ଏହି ଶବ୍ଦଗୁଡ଼ିକ ନାହିଁ ।

ଅଶୋକଙ୍କ ଅନୁଶାସନମାନଙ୍କରେ:—ପଞ୍ଚ—ପଞ୍ଚ, ଅଗି—ଅଗ୍ନି, ଦିଘ—ଦୀର୍ଘ, ଏ ଭଳି ଶବ୍ଦର ବ୍ୟବହାର ଅଛି । 'ପଜ୍ଞା' ଶବ୍ଦର ବ୍ୟବହାର ମଧ୍ୟ ଅଛି । ଂ (ଅନୁସ୍ୱାର)ର ବ୍ୟବହାର ଅଛି । ର୍ (ରେଫ), ୍ର (ରକାର), ୃ (ଋକାର), ୍ୟ (ଯକାର), ଃ (ବିସର୍ଗ) ଓ ବ୍ୟଞ୍ଜନବର୍ଣ୍ଣର ବ୍ୟବହାର ନାହିଁ ।

(୧୬) 'ହ'ର ଲୋପ:—ଅବ୍ୟୟ ପଦର ଆରମ୍ଭରେ ହ ଥିଲେ ଏହା କେତେ ବେଳେ ଲୋପ ହୁଏ ।—ହେବଂ—ଏବଂ, ଏ; ହିଦ—ଇହ, ଏଠୁ ।

ଅଶୋକଙ୍କ ଅନୁଶାସନରୁ କେତେକ ଶବ୍ଦ ସହିତ ଓଡ଼ିଆ ଭାଷାର କେତେକ ଶବ୍ଦର ସାମ୍ୟ ଥିବାର ଦେଖାଯାଏ ।

| ପାଲି | ସଂସ୍କୃତ | ଓଡ଼ିଆ |
|---|---|---|
| ଅଜ | ବର୍ତ୍ତମାନ | ଆଜ |
| ଉଠାନସ | ଉତ୍ଥାନସ୍ୟ | ଉଠାଇବା |
| ଏଵ, ଇଥଂ | ଇଦଂ | ଏଇ, ଏହି |
| ଏକେ | ଏକଂ, ଏକେ | ଏକ, ଏକୁଟିଆ |
| ଓସଧାନି | ଔଷଧାନି | ଔଷଧ, ଓଷଧ |
| କିଛି | କିଞ୍ଚିତ | କିଛି |
| କଟ | କମ୍ପିତ | କମ୍ପିତ |
| କଟେଲ | କୁର୍ଯ୍ୟାତ୍ | କଟେଲ୍ |
| ଚଲ | ଚର | ଚର |
| ଧଂମ-ଚଲନ | (ଧର୍ମ) ଆଚରଣ | ଧର୍ମଚଳନ |
| ଜନ | ଜନ୍ମ, ଜିନି | ଜନ |
| ତଂବ | ତାମ୍ର | ତଂବା |
| ଥୁଭକା | ସ୍ତୂପକା | ଥୁଭ |
| ଦଖତୁ (ଦଖା) | ପଶ୍ୟନ୍ତୁ (ପଶ୍ୟ) | ଦେଖନ୍ତୁ (ଦେଖ୍) |
| ଦୁବେ | ଦ୍ୱୌ | ଦୁବେ, ଦୁଇ |
| ନଠ | ନଷ୍ଟାର | ନାଠ |
| ନା | ନଃ | ନା, ନାହିଁ |
| ନଲଟିସୁଂ | ନିରର୍ଥକଂ | ନଲଟା |
| ପଛା | ପଶ୍ଚାତ୍ | ପଛ, ପଛେ |
| ପନ | ପର୍ଣ୍ଣୀ | ପନ (ପଣବା) |
| ବଢ଼ି | ବର୍ଦ୍ଧିତ | ବଢ଼ି |
| ଭୁଟ | ଭୂତ | ଭୁଟା |
| ବଢ଼ିସ୍ୟୁ | ବୃଦ୍ଧିଃ | (ବଢ଼) ; ବଢ଼ିଏ |

| | | |
|---|---|---|
| ଚୁଡ଼ାନାଂ | ଚୁଡ଼ାନାଂ | ଚୁଡ଼ାମାନଙ୍କୁ |
| ମିତ | ମିତ୍ର | ମିତ |
| ମୁନିସ | ମନୁଷ୍ୟ | ମଣିଷ |
| ଯେ ଯତ | ଯେ ଯତ୍ର | ଯେ ଯବା, ଯତ୍ରି |
| ସତଂ | ସତ୍ୟଂ | ସତ |
| ସେ | ସଃ | ସେ, (ଭାଷା) |
| ଇଥୀ | ସ୍ତ୍ରୀ | ଝିଅ |
| ଇଧ୍ | ଇହ | ଇଠା, ଏଠା |
| ଥାନ | ସ୍ଥାନ | ଥାନ |
| ହେବଂ | ଏବଂ | ଏବଂ |
| ହୋସତ | ଭବତ | ହୋଇବୁ |
| ହୋତୁ | ଭବନ୍ତୁ | ହୋଉ |
| ଲଜା | ରାଜା | ରାଜା |
| ପୁଷ | ଦୃଷ୍ଟି | ପୁଷ |

ଅଶୋକଙ୍କ ଅନୁଶାସନରେ ବ୍ୟବହୃତ କେତେକ ଶବ୍ଦ ଅଳ୍ପ ପରିବର୍ତ୍ତିତ ଆକାରରେ ବର୍ତ୍ତମାନ ଓଡ଼ିଆ ଭାଷାରେ ପ୍ରଚଳିତ ଅଛି ।

| ଅ. ଅନୁ. | ସଂସ୍କୃତ | ଓଡ଼ିଆ |
|---|---|---|
| ସିରି | ଶ୍ରୀ | ଶ୍ରୀ, ସିରି |
| ଦଖତ | ପଶ୍ୟତ | ଦେଖନ୍ତୁ |
| ଏକେନ | ଏକ | ଏକେନ, କେନ |
| ତନ | ତିଶି | ତନି |
| ଦୁବେ | ଦ୍ୱୌ | ଦୁଇ (ଦୁବିକି) |
| ଷଡ୍ଢ | ଷଡ୍ଭାଗ | ଷଡେଇ |
| ଓସଧ | ଔଷଧ | ଓଷଧ |
| ଘୁତ | ଘୃତ | ଘୃତ |
| ଅଜ | ଅଦ୍ୟ | ଅଜ |

| | | |
|---|---|---|
| ସେ | ସେ: | ସେ, ତାହା |
| ହେବଂ | ଏବଂ | ଏବଂ |
| ବଂଭନ | ବ୍ରାହ୍ମଣ | ବ୍ରାହ୍ମଣ |
| ବଢ଼ି | ବୃଦ୍ଧି | ବଢ଼ି |
| ନାତି | ପୌତ୍ର | ନାତି |
| ପଣତ | ସ୍ତନସ୍ତାର | ପଣକାଠ |
| ବଡ଼ସେସୁ | ବୃଦ୍ଧାଃ | ବଡ଼ୁଏ (ବଡ଼ୁଆମାନେ) |
| ବୁଢ଼ା | ବୃଦ୍ଧାଃ | ବୁଢ଼ା |
| ହୋନ୍ତୁ | ଭବନ୍ତୁ | ହୋନ୍ତୁ |
| କଟେ | କୃତାନି | କଲେ |
| ହଥୀ | ହସ୍ତୀ | ହାତୀ, ହାଥୀ |
| ସଚଂ | ସତ୍ୟ | ସତ |
| ଉଠାନଣ | ଉତ୍ଥାନାୟ | ଉଠାଇବା |
| ସବ | ସର୍ବ | ସବା, ସବୁ |
| କଟ | କର୍ମିତ | କଂଟ, କର୍ମିତ |
| ନଲଠିସୁଂ | ନିରର୍ଥକଂ | ନଲଠା |
| ମିତ | ମିତ୍ର | ମିତ |
| ପୁନ | ପୁଣ୍ୟ | ପୁନଅ |
| ଏଭି | ଇଷ୍ଟଂ | ଏଭି, ଏଷ୍ଟି |
| ଧମଚଲନ | ଧର୍ମଚରଣ | ଧର୍ମଚଳନ, ଧର୍ମ ଆଚରଣ |

## (ଖ) ଖାରବେଳଙ୍କ ଲିପି : କାଳିଙ୍ଗୀ ପ୍ରାକୃତ

ଓଡ଼ିଶାରେ ମିଳିଥିବା ଅଶୋକଙ୍କ ଅନୁଶାସନମାନଙ୍କର ଭାଷାଠାରୁ ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦୀର କଳିଙ୍ଗ ସମ୍ରାଟ ଖାରବେଳଙ୍କର ଖଣ୍ଡଗିରି ଶିଳା ଅନୁଶାସନର ଭାଷା ସାମାନ୍ୟ ପୃଥକ୍ । ପ୍ରାକୃତ ଭାଷାର ଛନ୍ଦ ଖାରବେଳ-ଲିପିରେ ଦେଖାଯାଉଥିଲେ ମଧ୍ୟ ଏହା ଅଶୋକ-ଲିପିର ଭାଷାର ପରବର୍ତ୍ତୀ ବୋଲି ବୁଝାଯାଇ

ପାଇବ ନାହିଁ । ତାଙ୍କ ପ୍ରାକୃତ ଭାଷାର ରୂପ ଏହିପରି ଥିଲା ବୋଲି ମଧ୍ୟ କୁହାଯାଇପାରେ । ଏହାକୁ କାଳିଙ୍ଗୀ-ପ୍ରାକୃତ କହିବା ଠିକ୍ ହେବ । ଏଥିରେ ସାହିତ୍ୟିକ ଭଙ୍ଗୀ ବ୍ୟବହୃତ ହୋଇଥିବା ଦେଖାଯାଏ ।

ସାଧାରଣତଃ ଅଶୋକ ଲିପିର ଭାଷାର ରୂପ ସହିତ ଅନୁଲିପିତ ବିଷୟରେ କାଳିଙ୍ଗୀ-ପ୍ରାକୃତର ବୈଶିଷ୍ଟ୍ୟ ଦେଖାଯାଏ:—

(୧) ତାଳବ୍ୟ 'ଶ' ଓ ମୂର୍ଦ୍ଧନ୍ୟ 'ଷ' ପରିବର୍ତ୍ତେ ଦନ୍ତ୍ୟ 'ସ'ର ବ୍ୟବହାର:—ଶ—କସଠ (କଂଶଠ), ସିରି (ଶ୍ରୀ), ସାତକଣି (ଶାତକର୍ଣ୍ଣି), ଦସଂ (ଦଶଂ) । ଷ—ବସାନି (ବର୍ଷାଣି), ଅଭିସିତୋ (ଅଭିଷିକ୍ତ), ରାଜସି (ରାଜର୍ଷି), ଭୁସଣ (ଭୂଷଣ) ।

(୨) ଋକାର, ଌକାର, ଐକାର, ଔକାରର ବ୍ୟବହାର ନାହିଁ । ଅର୍ଥାତ୍ ଆ ଭିନ୍ନ ଅନ୍ୟ ଦୀର୍ଘ ସ୍ୱରର ବ୍ୟବହାର ନାହିଁ । ଦୀର୍ଘ ସ୍ୱର ପରିବର୍ତ୍ତେ ହ୍ରସ୍ୱ ସ୍ୱର ବ୍ୟବହୃତ ହୋଇଛି ।

(୩) ସ୍ୱରବର୍ଣ୍ଣ ଭିତରେ ଋ, ଌ, ଐ, ଔ, ଃ, ଁ ଏଗୁଡ଼ିକର ବ୍ୟବହାର ନାହିଁ । ଋ, ଌ, ଐ, ଔ ପରିବର୍ତ୍ତେ ଯଥାକ୍ରମେ ଇ, ଉ, ଏ, ଓ ବ୍ୟବହୃତ ହୋଇଛି । ଯଥା—ସିରି (ଶ୍ରୀ), ଧୁବ (ଧ୍ରୁବ), ଏରେଣ (ଐରେଣ), ଯୋବରଜଂ (ଯୌବରାଜ୍ୟଂ) ।

ଏହି ଲିପିରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ । କିନ୍ତୁ ଏଥିର ସଂଖ୍ୟା ଅଳ୍ପ । ଯଥା—ଦ୍ରୌଷୀ, ଘୃତ, ଦାନ୍ତ, ପଟୀତ୍ରାପସ୍ତର, ଦୃଢ଼ରେଖ, ଧନକ୍ରୂତେନ ।

(୪) ଯକାର ବ୍ୟବହାର ନାହିଁ । ସବ (ସର୍ବ), ବିଜା (ବିଦ୍ୟା), ତତିୟେ (ତୃତୀୟେ), ପଧମେ (ପ୍ରଥମେ), ସିରି (ଶ୍ରୀ), ପାସୁନାଠ (ପ୍ରାସ୍ତୋଠ), ନଚ (ନୃତ୍ୟ) ।

(୫) ଯୁକ୍ତାକ୍ଷର ବ୍ୟବହାର ନାହିଁ । ବର୍ଗର ପଞ୍ଚମ ବର୍ଣ୍ଣ ସହିତ ମିଶ୍ରଣରେ ବ୍ୟଞ୍ଜନବର୍ଣ୍ଣଠାରେ ଅନୁସ୍ୱାର ବ୍ୟବହାର କରି ଯୁକ୍ତାକ୍ଷରକୁ ଲୋପ କରାଯାଇଛି । ସଂବଚର (ସମ୍ବର), ସପୁଣ (ସମ୍ପୂର୍ଣ୍ଣ), ବଧମାନ (ବର୍ଦ୍ଧମାନ), ପ୍ରସଥ (ପ୍ରଶସ୍ତ), ଅଭିସିତୋ (ଅଭିଷିକ୍ତ), ସଂଘାରସ୍ତୁତ (ସଂସ୍କାରସ୍ତୁତ), କଳାଂଗ

(କଳିଙ୍ଗ), ଥଠାପଣଂ (ସ୍ଥାପନଂ), ଖଂକସ୍ଥଠ, (ଖଣ୍ଡମୃଷ୍ଟ), ଅପକ (ଅଣ୍ପକ), ନସିତେଶ (ନିସ୍ଥାନ), କସିତ (କ୍ଷିପ୍ତ), ଘଠକ (ସ୍ତମ୍ଭିକ) ।

(୬) କେତେକ ଯୁକ୍ତବର୍ଣ୍ଣର ଶେଷ ବର୍ଣ୍ଣ ରହି ପ୍ରଥମ ବର୍ଣ୍ଣର ଲୋପ ହୋଇଛି । କପ (କଳ୍ପ), ଅଠ (ଅଷ୍ଟ), ଅନୁପଡୋ (ଅନୁପ୍ରାପ୍ତ), ପକାର (ପ୍ରକାର), ଦୁଶୀ (କୁସ୍ତୀ) ।

(୭) କେତେକ ଯୁକ୍ତବର୍ଣ୍ଣର ଶେଷ ବର୍ଣ୍ଣ ଲୋପ ହୋଇଛି । ଅପକ (ଅର୍ପକ), ବଂହ୍ମଣାନଂ (ବ୍ରାହ୍ମଣେଭ୍ୟ), ପବତ (ପ୍ରବର୍ତ୍ତି) ।

(୮) ଯୁକ୍ତାକ୍ଷର ଭିତରେ ଛ୍ମ (ପଚ୍ଛିମ), ସ୍ତ (ଉସ୍ତବ) ପ୍ରଭୃତି ଅନ୍ୟ କେତେକ ଯୁକ୍ତାକ୍ଷର ଦେଖାଯାଏ ।

ଖାରବେଳଙ୍କ ଲିପିର କେତେକ ଶବ୍ଦ ଅଳ୍ପ ପରିବର୍ତ୍ତିତ ଆକାରରେ ଓ କେତେକ ଅପରିବର୍ତ୍ତିତ ଆକାରରେ ଓଡ଼ିଆ ଭାଷାରେ ପ୍ରଚଳିତ ଅଛି ।

| କାଳିଙ୍ଗୀ ପ୍ରାକୃତ | ସଂସ୍କୃତ | ଓଡ଼ିଆ |
|---|---|---|
| ସବ | ସର୍ବ | ସବା, ସବୁ |
| ସିରି | ଶ୍ରୀ | ସିରି, ଶ୍ରୀ |
| ପଂଦରସ | ପଞ୍ଚଦଶ | ପନ୍ଦର |
| ଠାପନ | ସ୍ଥାପନ | ଥାପନା, ସ୍ଥାପନ |
| ଉଠା (ଉସ୍ଥିତ) | ଉତ୍ଥାପସ୍ଥିତ | ଉଠା (ଉତ୍ଥାନ) |
| ପଛିମ | ପଶ୍ଚିମ | ପଚ୍ଛିମ, ପଶ୍ଚିମ |
| ରତନ | ରତ୍ନ | ରତନ |
| ବାଢା | ବର୍ଦ୍ଧନଃ | ବାଢିଆ |
| ଅଠ | ଅଷ୍ଟ | ଅଠ |
| ଘର | ଗୃହ | ଘର |
| ବଂହ୍ମଣ | ବ୍ରାହ୍ମଣ | ବାହ୍ମଣ |
| ପୁବ | ପୂର୍ବ | ପୁବ, ପୂର୍ବ |
| ତେରସ | ତ୍ରୟୋଦଶ | ତେର |
| ବାରସ | ଦ୍ୱାଦଶ | ବାର |

| | | |
|---|---|---|
| ଦଣ୍ଡ | ଷଣ୍ଢ | ଦଣ୍ଡ, ଷଣ୍ଢ |
| ପୃଥୀ | ପୃଥ୍ୱୀ | ଧାଗା |
| ଭଜ | ଭଞ୍ଜ | ଭଙ୍ଗ |
| ଥୁଭ | ସ୍ତୂପ | ଥୁଭ |
| ଥମ୍ଭ | ସ୍ତମ୍ଭ | ଖମ୍ବ |
| ଭିଖୁଦସନାଜ | ଭିକ୍ଷୁଦସମାଜ | ଭିକ୍ଷୁଦସମାଜ |
| ଅଧ (ସତକଂ) | ଅର୍ଦ୍ଧ (ଶତକଂ) | ଅଧ, ଅଧା (ଶହ) |

**ଦ୍ରାବିଡ଼ ପ୍ରଭାବ**—ଏହି ଲିପିରେ ଦ୍ରାବିଡ଼ ଉଚ୍ଚାରଣଗୁଡ଼ିକର କେତୋଟି ଶବ୍ଦ ଦେଖାଯାଏ । ଯଥା:—ପଧମ (ପ୍ରଥମ), ପଧ (ପଥ), ରଧ (ରଥ), ଗୋରଧଗିରି (ଗୋରଥଗିରି) । ଏଠାରେ 'ଥ' ସ୍ଥାନରେ 'ଧ'ର ବ୍ୟବହାର ହୋଇଛି । ଏହା ଦ୍ରାବିଡ଼ ଉଚ୍ଚାରଣ ।

କଳିଙ୍ଗ ସହିତ ମଗଧର ବହୁକାଳରୁ ରାଜନୈତିକ ଓ ସାମାଜିକ ସମ୍ପର୍କ ଥିବାରୁ କଳିଙ୍ଗରେ ପାଲି-ପ୍ରାକୃତର ପ୍ରଚଳନ ଥିଲା । ସିଂହଳ ସହିତ ଏହିପରି ସମ୍ପର୍କ ଥିବାରୁ ସିଂହଳରେ ବ୍ୟବହୃତ ହେଉଥିବା ପାଲି ଭାଷା ସହିତ କଳିଙ୍ଗ ନିକଟ ସମ୍ପର୍କରେ ଆସିଥିଲା । ଅଶୋକଙ୍କ ଅନୁଶାସନ ପାଲି ଭାଷାରେ ଲେଖା ହେବାରୁ ପାଲି ସହିତ ଓଡ଼ିଶାର ସମ୍ପର୍କ ଘନିଷ୍ଠ ହୋଇଯାଇଥିଲା । ଓଡ଼ିଶାର ପ୍ରାକୃତ ଭାଷା ସ୍ୱତନ୍ତ୍ର ପାଲି-ପ୍ରାକୃତର ପ୍ରଭାବରେ ଆସିଥିବା କି ଅନୁମାନ କରାଯାଏ । ଓଡ଼ିଆ ଭାଷାର ବ୍ୟାକରଣ ସହିତ ପ୍ରାକୃତ ଭାଷାର ବ୍ୟାକରଣ ତୁଳନା କଲେ ଓଡ଼ିଆ ଭାଷାର ବ୍ୟାକରଣରେ ଅନେକାଂଶରେ ପ୍ରାକୃତାନୁସାରିଣୀ ଥିବା କି ଦେଖାଯାଏ । ବୌଦ୍ଧଧର୍ମ ପ୍ରଚାରକମାନେ ମଧ୍ୟ ପାଲି ଭାଷା ମାଧ୍ୟମରେ ପ୍ରଚାର କରୁଥିବାରୁ ଓଡ଼ିଶାରେ ପାଲିର ପ୍ରସାର ବୃଦ୍ଧି ପାଇଥିଲା ।

ଖାରବେଳଙ୍କ ଲିପିର ଭାଷାକୁ ପାଲି ଭାଷା ବୋଲି କୁହାଯାଉଥିଲେ ମଧ୍ୟ ଏହାକୁ କାଳିଙ୍ଗ-ପ୍ରାକୃତ କହିବା କି ଠିକ୍ ହେବ । ଖାରବେଳଙ୍କ ସମୟରେ ମଥୁରା ସହିତ କଳିଙ୍ଗର ସମ୍ପର୍କ ଥିଲା । ସେ ମଥୁରାକୁ ଜୟ କରିଥିଲେ । ମଥୁରା ଶୌରସେନୀ-ପ୍ରାକୃତର କେନ୍ଦ୍ର ସ୍ଥଳ ଥିଲା । କଳିଙ୍ଗ-ପ୍ରାକୃତ ରାଜଭାଷା ରୂପେ ମଥୁରାରେ ଖାରବେଳ ଚଳାଇଥିଲେ କି ନାହିଁ ତାହା ନିର୍ଦ୍ଦିଷ୍ଟ ଭାବରେ

କହିବା ପାଇଁ କିଛି ପ୍ରମାଣ ମିଳୁନାହିଁ । ତେବେ ସାମରିକ ଶାସନ ପରିଚାଳନାର ସୌକର୍ଯ୍ୟ ପାଇଁ କଳିଙ୍ଗ-ପ୍ରାକୃତକୁ ବିଜିତ ଦେଶରେ ଖାରବେଳ ଚଳାଇଥିବା କିଛି ଅସମ୍ଭବ ନୁହେଁ । ଶୌରସେନୀ-ପ୍ରାକୃତ ସହିତ କଳିଙ୍ଗ-ପ୍ରାକୃତର ସମ୍ପର୍କ ଘନିଷ୍ଠ ହୋଇଥିଲା । ଦ୍ରାବିଡ଼ ରାଜ୍ୟ ସୀମାନ୍ତ ରାଜ୍ୟ ଥିବାରୁ ଦ୍ରାବିଡ଼ ଭାଷାର ପ୍ରଭାବ ମଧ୍ୟ ଏହା ଉପରେ ପଡ଼ିଛି ।

କଳିଙ୍ଗ-ପ୍ରାକୃତ ପାଲି-ପ୍ରାକୃତ ଓ ଶୌରସେନୀ-ପ୍ରାକୃତ ସହିତ ଘନିଷ୍ଠ ସମ୍ପର୍କରେ ଆସି ନିଜ କଳେବରକୁ ବୃଦ୍ଧି କରିଛି । ସଂସ୍କୃତର ପ୍ରଭାବକୁ ମଧ୍ୟ ଏଡ଼ାଇ ପାରିନାହିଁ । ପାଲି, ଶୌରସେନୀ, ସଂସ୍କୃତ ଓ ଦ୍ରାବିଡ଼ ଭାଷାର ବିଭବରୁ କିଛି କିଛି ଆତ୍ମସାତ୍ କରି କଳିଙ୍ଗର ପ୍ରାକୃତ ଭାଷା ସ୍ୱାତନ୍ତ୍ରିକ ରୂପ ଧାରଣ କରି ପାରିଛି । ଖାରବେଳଙ୍କ ଲିପିର ଭାଷା ହିଁ ଏହାର ପ୍ରମାଣ ।

**ଖାରବେଳଙ୍କ ଲିପିର ପାଠ** (ଡକ୍ଟର ବେଣୀମାଧବ ବଡୁଆଙ୍କ ପାଠରୁ)—୧ମ ଧାଡ଼ି—ନମୋ ଅରହଂତାନଂ ନମୋ ସବସିଧାନଂ ଏରେନ ମହାରାଜେନ ମହାମେଘବାହନେନ ଚେତରାଜ ବଂସ ବଧନେନ ପସଥ ସୁଭ ଲଖନେନ ଚତୁରଂତ ଲୁଣ ଗୁଣ ଉପେତେନ କଲିଙ୍ଗାଧିପତିନା ସିରି ଖାରବେଲେନ [।]

୨ୟ—ପଂଦରସ ବସାନି ସିରି କଡାର ସରୀରବତା କୀଡ଼ିତା କୁମାର କୀଡ଼ିକା [।] ତତୋ ଲେଖରୂପଗଣନା ବବହାର ବିଧି ବିସାରଦେନ ସବ ବିଜାବଦାତେନ ନବବସାନି ଯୋବରଜଂ ପସାସିତଂ [।] ସମ୍ପୁଣ ଚତୁବୀସତି ବସୋ ତଦାନି ବଧମାନସେସ ଯୋବନାଭିବିଜୟୋ ତତିୟେ

୩ୟ—କଲିଙ୍ଗ ରାଜବଂସେ ପୁରିସ ଯୁଗେ ମହାରାଜ ଅଭିସେଚନଂ ପାପୁନାତି [।] ଅଭିସିତମତୋ ଚ ପଧମେ ବସେ ବାତବିହତ ଗୋପୁର ପାକାର ନିବେସନଂ ପଟିସଂଖାରୟତି କଲିଂଗ ନଗରି [।] ଖିବୀର ସୀତଲତଡ଼ାଗପାଡ଼ିୟୋ ଚ ବଂଧାପୟତି [।] ସବୁୟାନ ପଟି ସଠାପନଂ

୪ର୍ଥ—ଚ କାରୟତି ପନତିସାହି ସତ ସହସେହି [।] ପକତିୟୋ ଚ ରଂଜୟତି [।] ଦୁତିୟେ ଚ ବସେ ଅଚିତୟିତା ସାତକଣିଂ ପଛିମ ଦିସଂ ହୟଗଜନରରଧ ବହୁଲଂ ଦଂଡ଼ଂ ପଠାପୟତି [।] କନଂବେନାଗତୟା ଚ ସେନାୟ ବିତାସେତି ଅସିକ ନଗରଂ [।] ତତିୟେ ପୁନ ବସେ

୫ମ—ଗାଂଧର୍ବ ବେଦବୁଧୋଽଂପ ନୃତଗୀତବାଦିତ୍ର ସନ୍ଦର୍ଶନାଭି ଉତ୍ସବ ସମାଜ ଚ କାରାପନାଭି ଚ କ୍ରୀଡ଼ାପୟତି ନଗରୀଂ [।] ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଧିବାସଂ ଅହତପୂର୍ବଂ କଲିଂଗ ପୂର୍ବରାଜାନଂ ଧର୍ମେନ ବା ନଚନା ବା ପଣ୍ୟାସ୍ରସୃଷ୍ଟ ପ୍ରଦାଭ ଧୂମକୂଟେନ [।] ସ୍ଥିତତପିଦ୍ଧେ ଚ ନିହିତ ଛତ୍ରଭୃଂଗାରେ

୬ଷ୍ଠ—ହୃତରତ୍ନ ସାପତେୟେ ସବ୍ରଠିକ ଭୋଜକେ ପାଦେ ବନ୍ଦାପୟତି [।] × × (ଇତ୍ୟାଦି)

୧୬ଶ—× × ଖେମରାଜସ ବଢରାଜସ ଭିକୁରାଜସ ଧର୍ମରାଜସ ପସଂତୋ ସୁନଂତୋ ଅନୁଭବଂତୋ କଲ୍ୟାଣାନି [।]

୧୭ଶ—ଗୁଣବିଶେଷକୁଶଳ ସବପାସଣ୍ଡପୂଜକୋ ସବଦେବାୟତନ ସଂକାରକାରକୋ ଅପତିହତଚକବାହନ ବଲୋ ଚକଧରୋ ଗୁତଚକୋ ପବତଚକୋ ରାଜସିବସକୁଲବିନିସିତୋ ମହାବିଜୟୋ ରାଜା ଖାରବେଳ ସିରି [।]

## ଓଡ଼ିଆ ଅନୁବାଦ

୧ମ ଧାଡ଼ି—ଅର୍ହତମାନଙ୍କୁ ନମସ୍କାର ସବୁ ସିଦ୍ଧମାନଙ୍କୁ ନମସ୍କାର ଆର୍ଯ୍ୟ (ଐର) ମହାରାଜ ମହା ମେଘବାହନ ଚେତରାଜବଂଶ ବର୍ଦ୍ଧନ ପ୍ରଶସ୍ତ ଶୁଭ ଲକ୍ଷଣ ଚତୁରନ୍ତ (ରକ୍ଷଣ) ଗୁଣୋପେତ କଳିଙ୍ଗାଧିପତି ଶ୍ରୀ ଖାରବେଳ ।

୨ୟ ଧାଡ଼ି—ପନ୍ଦର ବର୍ଷ ଶ୍ରୀ କଡ଼ାରଶରୀରବନ୍ତ କୁମାର ରୂପେ କ୍ରୀଡ଼ା କଲେ । ତାହାପରେ ଲେଖରୂପ ଗଣନା ବ୍ୟବହାର ବିଧି ବିଶାରଦ ସର୍ବବିଦ୍ୟାବଦାତ ଯୌବରାଜ ରୂପେ ନବବର୍ଷ ଶାସନ କଲେ । ସମ୍ପୂର୍ଣ୍ଣ ଚତୁର୍ବିଂଶତି ବର୍ଷ ଅପଗତ ହେବା ପରେ ସେ ବର୍ଦ୍ଧମାନ ଯୌବନାଭିଜୟୁ ।

୩ୟ—ତୃତୀୟ କଳିଙ୍ଗ ରାଜବଂଶ ପୁରୁଷ ଯୁଗରେ ମହାରାଜାଭିଷିକ୍ତ ହେଲେ । ଅଭିଷିକ୍ତ ହେବା ମାତ୍ର ପ୍ରଥମ ବର୍ଷରେ କଳିଙ୍ଗ ନଗରରେ ବାତବିହତ ଗୋପୁର ନିବେଶନର ପ୍ରତିସଂସ୍କାର କରିଥିଲେ । ଗମ୍ଭୀର

୪ର୍ଥ—ଶୀତଳ ତଡ଼ାଗ ପ୍ରଣାଳୀ ବନ୍ଧାଇଲେ (ନିର୍ମାଣ କଲେ) ସବୁ ଉଦ୍ୟାନର ପ୍ରତି ସଂସ୍ଥାପନ ପଞ୍ଚତ୍ରିଂଶତି ଶତ ସହସ୍ର ମୁଦ୍ରାରେ (ବ୍ୟୟରେ)

କଲେ। ସେ ପ୍ରଜାରଞ୍ଜନ କରିଥିଲେ। ଦ୍ୱିତୀୟ ବର୍ଷରେ ଅଚିନ୍ତିତରେ ପଶ୍ଚିମ ଦେଶକୁ ହସ୍ତି-ଗଜ-ନର-ରଥ ବହୁଳ ଦଣ୍ଡ ପଠାଇଲେ। ଅସୁର ନଗରକୁ କଳିଙ୍ଗାଗତ ସେନାଦ୍ୱାରା ଧ୍ୱଂସ କଲେ (ଆକ୍ରମଣ କଲେ)

ତୃତୀୟ—ତୃତୀୟ ବର୍ଷରେ ପୁଣି ଗନ୍ଧର୍ବ ବେଦ ବୁଧ ଦର୍ପ ଗୀତବାଦ୍ୟ ବାଦିତ୍ର ସନ୍ଦର୍ଶନ କରି (ପ୍ରଦର୍ଶନ କରାଇ) ଉତ୍ସବ ସମାଜ ମଧ୍ୟ କରାଇ ନଗରରେ କ୍ରୀଡ଼ା କରୁଥିଲେ। ସେହିପରି ଚତୁର୍ଥ ବର୍ଷରେ ବିଦ୍ୟାଧରାଧିବାସ ଅହିତପୂର୍ବରେ କଳିଙ୍ଗ ପୂର୍ବରାଜାମାନଙ୍କର ଧର୍ମ ଓ ନଗରରେ ସ୍ୱତନ୍ତ୍ର ଧର୍ମ ନିଷ୍ଠରେ ଶାସନ କରୁଥିଲେ। ଧ୍ୱଂସଦର୍ପିତ ଛତ୍ରିସ୍ତ-ଛତ୍ର-ଭିଙ୍ଗାର-ହୃତରତ୍ନ-ସ୍ଥାପିତ ସର୍ବ-ରାଷ୍ଟ୍ରିକ ଓ ଭୋଜକମାନେ ପାଦ ବନ୍ଦନା କରୁଥିଲେ। × ×

୧୬ଶ ଧାଡ଼ି—× × ସେ କ୍ଷେମରାଜ ବର୍ଦ୍ଧରାଜ ଭିକ୍ଷୁରାଜ ଧର୍ମରାଜ ଦେଖି ଶୁଣି ଅନୁଭବ କରି କଲ୍ୟାଣ ସମୂହ (କରୁଛନ୍ତି)।

୧୭ଶ ଧାଡ଼ି—ଗୁଣବିଶେଷକୁଶଳ ସର୍ବପାଷଣ୍ଡପୂଜକ ସର୍ବଦେବାୟତନ ସଂସ୍କାରକାରକ ଅପ୍ରତିହତ ଚକ୍ରବାହିନୀବଳ ଚକ୍ରଧର ଗୁପ୍ତଚକ୍ର ପ୍ରବର୍ତ୍ତିତଚକ୍ର ରାଜର୍ଷିବଂଶକୁଳ ବିନିସୃତ ମହାବିଜୟୀ ରାଜା ଖାରବେଳ ଶ୍ରୀ।

ଖାରବେଳଙ୍କ ଏହି ଶିଳା ଅନୁଶାସନରୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବେଳକୁ କଳିଙ୍ଗ ଧନ, ବଳ, ବିଦ୍ୟା ପ୍ରଭୃତିରେ ଅତି ଉନ୍ନତ ଥିବା ଜଣାଯାଏ। ଲେଖନ, ଗଣନା, ବ୍ୟବହାର, ବିଧି ପ୍ରଭୃତିର ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଥିଲା। ଶାସନ କ୍ଷେତ୍ରରେ କଠିନ ଶୃଙ୍ଖଳା ସହିତ ଦୟାର ସମ୍ମିଶ୍ରଣ ଥିଲା। ବ୍ରାହ୍ମଣ, ଶ୍ରମଣ, ବାଣିଜ୍ୟ ଭେଦ, ବିଦେଶାଗତ ଅତିଥି ପ୍ରଭୃତିଙ୍କୁ ସମ୍ମାନ କରାଯାଉଥିଲା। ରାଜକୋଷ ଧନଧାନ୍ୟରେ ପୂର୍ଣ୍ଣ ଥିଲା। ଉଦ୍‌ବୃତ୍ତ ଧନରେ ବିତରଣ ମଧ୍ୟ ହେଉଥିଲା। ପ୍ରଜାଙ୍କ କରଭାର ଲାଘବ କରିବା ସଙ୍ଗେ ସଙ୍ଗେ ରାଜା ସାମୟିକ ଭାବରେ କରଛାଡ଼ ମଧ୍ୟ କରୁଥିଲେ। ମଣିମୁକ୍ତା-ବୈଦୂର୍ଯ୍ୟଖଚିତ ସ୍ତମ୍ଭବିଶିଷ୍ଟ ବିଶାଳ ଅଟ୍ଟାଳିକା ନିର୍ମିତ ହେଉଥିଲା। ସୈନ୍ୟବାହିନୀ ଦିଗ୍‌ବିଜୟ ନିମନ୍ତେ ସର୍ବଦା ପ୍ରସ୍ତୁତ ରହୁଥିଲେ। ଲୋକମାନଙ୍କର ଆମୋଦପ୍ରମୋଦ ପାଇଁ ବିବିଧ ନାଟ୍ୟଗୀତ ବାଦ୍ୟାଦି ଅନୁଷ୍ଠିତ ହେଉଥିଲା। ସ୍ୱଦେଶରେ ଓ ବିଜିତ ଦେଶରେ ପ୍ରଜାରଞ୍ଜନ ଉଦ୍ଦେଶ୍ୟରେ ପାନ, ଭୋଜନ, ଦାନ ପ୍ରଭୃତି କରାଯାଉଥିଲା। ଜୈନ, ବୌଦ୍ଧ, ହିନ୍ଦୁ ଧର୍ମର

ସାଧୁସନ୍ନ୍ୟାସୀମାନଙ୍କୁ ସମଭାବରେ ସମ୍ମାନ କରୁଥିଲେ । ଏହି ଉନ୍ନତ ସଂସ୍କୃତିର ଧାରା ଖାରବେଳଙ୍କ ପୂର୍ବରୁ କଳିଙ୍ଗରେ ପ୍ରବାହିତ ହେଉଥିଲା । ଖାରବେଳଙ୍କ ପରେ ସାମୟିକ ଭାବରେ ଏହି ସ୍ରୋତର ବେଗ ମନ୍ଥର ଦେଖାଯାଇଥିଲେ ମଧ୍ୟ କେତେ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଉତ୍ତରୋତ୍ତର ବୃଦ୍ଧିଲାଭ କରିଛି । ଖାରବେଳଙ୍କ ପରେ ଓଡ଼ିଶା ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମର ଏକ ପ୍ରଧାନ କେନ୍ଦ୍ର ରୂପେ ପରିଗଣିତ ହୋଇଛି । ଗୁପ୍ତ ରାଜତ୍ୱରେ ଓଡ଼ିଶାରେ ଯାଗ, ଯଜ୍ଞ, ଦାନର ବହୁଳ ପ୍ରଚାର ହୋଇଛି । ହର୍ଷଙ୍କ ସମୟରେ ଏହି ଧର୍ମ ସମନ୍ୱୟ-ଭାବଧାରା ଅକ୍ଷୁର୍ଣ୍ଣ ରହିଥିଲା । ବୌଦ୍ଧଧର୍ମର ମହାଯାନ ମଧ୍ୟ ଏଠାରେ ଆଦୃତ ହୋଇଥିଲା । ବହୁ ବୌଦ୍ଧ ସାଧୁସନ୍ନ୍ୟାସୀ ଏଠାରେ ଗିରିଗୁମ୍ଫାମାନଙ୍କରେ ବାସକରି ଧାର୍ମିକ ଜୀବନ ଯାପନ କରୁଥିଲେ । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ବୌଦ୍ଧ ବଜ୍ରଯାନ ଏହି ଓଡ଼ିଶାରେ ଜନ୍ମଲାଭ କରି ଦେଶ ବିଦେଶରେ ପ୍ରସାର ଲାଭ କରିଥିଲା । ଏହି ସମୟ ଓ ଏହାର ପରବର୍ତ୍ତୀ ସମୟରେ ବଜ୍ରଯାନ ସିଦ୍ଧାଚାର୍ଯ୍ୟମାନଙ୍କର ପ୍ରାକୃତ ଭାଷାରେ ରଚିତ ଦୋହା, ଗାନ ପ୍ରଭୃତି ଓଡ଼ିଆ ଭାଷାର ପ୍ରାଚୀନ ରୂପର ଆକର ହୋଇ ରହିଛି । ବଜ୍ରଯାନ ଦର୍ଶନର ପ୍ରଭାବ ଓଡ଼ିଶାର ଲୋକଙ୍କ ଉପରେ ବିସ୍ତାର ଲାଭ କରିଛି । ଶୂନ୍ୟ ଭଜନ, ମନ୍ଦିର ଗାତ୍ରରେ ଚିତ୍ରିତହାର ମାନଦଣ୍ଡ ଅଶ୍ଳୀଳ ଚିତ୍ର, ବିଭିନ୍ନ ତାନ୍ତ୍ରିକ ମତ ପ୍ରଭୃତିର ଅବସ୍ଥିତି ଏହାର ନିଦର୍ଶନ । ଓଡ଼ିଶାର ବହୁମୂଲ୍ୟ ପ୍ରଶସ୍ତ ଓ ଉନ୍ନତ ସଂସ୍କୃତି ଗୁପ୍ତଯୁଗର ଓ ପର ସମୟର ତାମ୍ରଲିପି, ଏ ଦେଶର ଲୋକଙ୍କ ଦ୍ୱାରା ସଂସ୍କୃତରେ ଦର୍ଶନ, ସାହିତ୍ୟ ପ୍ରଭୃତି ବିଭିନ୍ନ ବିଷୟରେ ଉଚ୍ଚକୋଟିର ରଚନା, ବିରାଟ ମନ୍ଦିର ନିର୍ମାଣ ଶୈଳୀ, ସୂକ୍ଷ୍ମ ସୁନ୍ଦର ମୂର୍ତ୍ତିଖୋଦନ ପ୍ରଭୃତି ମଧ୍ୟ ଏହା ପ୍ରମାଣ କରୁଛି । ଏହି ବିଶାଳ, ଉନ୍ନତ ସଂସ୍କୃତିର ଅଧିକାରୀ ରୂପେ ଓଡ଼ିଶା ସହସ୍ରାଧିକ ବର୍ଷ ଗତିକରିଛି । ଓଡ଼ିଆ ଭାଷା ଓ ସାହିତ୍ୟରେ ଏହାର ପ୍ରଭାବ ପ୍ରତିଫଳିତ ହୋଇଛି । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ଗାନ ଓ ଦୋହା, ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଚଉତିଶମାଳି, ପ୍ରବଚନ, ସପ୍ତଶୀତିକା ପ୍ରଭୃତି ଏହାର ସାମାନ୍ୟ ସ୍ଫୁରଣ ମାତ୍ର ।

# ଦ୍ୱିତୀୟ ପରିଚ୍ଛେଦ

## ଓଡ଼ିଆ ସାହିତ୍ୟର କାଳ ବିଭାଗ

ଓଡ଼ିଆ ଭାଷା ୧୧ଶ ଶତାବ୍ଦୀର ବହୁପୂର୍ବରୁ ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରଥମ ଲିଖିତ ସାହିତ୍ୟ-ରଚନା ରୂପେ ମାଦଳାପାଞ୍ଜିର ପ୍ରାଥମିକ ଅଂଶକୁ ହିଁ ନିଆଯାଇପାରେ । ସୁତରାଂ ସାହିତ୍ୟର ଇତିହାସ ଚର୍ଚ୍ଚା ସକାଶେ ୧୧ଶ ଶତାବ୍ଦୀଠାରୁ ଧାରାବାହିକ ଆଲୋଚନା ହିଁ ସୁଯୁକ୍ତ ହେବ ।

ମାଦଳାପାଞ୍ଜିର ଆରମ୍ଭ ପରେ ୧୫ଶ ଶତାବ୍ଦୀରେ ସାରଳା ଦାସଙ୍କ ରଚନାର ବୈଶିଷ୍ଟ୍ୟ ପ୍ରଥମେ ସ୍ୱୀକାର୍ଯ୍ୟ । ତାଙ୍କ ପରେ ପଞ୍ଚସଖାଙ୍କ ସାହିତ୍ୟ ୧୬ଶ ଶତାବ୍ଦୀରେ ଉଚ୍ଚ ସ୍ଥାନ ଅଧିକାର କଲା । ପଞ୍ଚସଖାଙ୍କ ପରେ ଉପେନ୍ଦ୍ରଭଞ୍ଜ ୧୮ଶ ଶତାବ୍ଦୀରେ ସାହିତ୍ୟ-ସିଂହାସନ ଅଧିକାର କଲେ । ତତ୍ପରେ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଆଧୁନିକ ସାହିତ୍ୟର ଧାରାର ସୂତ୍ରପାତ ହେଲା ।

ସୁତରାଂ ବିଭିନ୍ନ ଯୁଗର ପ୍ରତିଭାବାନ୍, ପ୍ରଭାବଶାଳୀ, ପ୍ରତିନିଧିସ୍ଥାନୀୟ ଲେଖକମାନଙ୍କ ନାମ ଅନୁସାରେ ସାହିତ୍ୟର ଇତିହାସ ସମୟକୁ ନିମ୍ନଲିଖିତ ଭାବରେ ବିଭକ୍ତ କରାଯାଇପାରେ ।

୧ । ସାରଳା ଦାସ ଯୁଗ—(ସାରଳା-ପୂର୍ବ ଯୁଗ ସହିତ)—ଖ୍ରୀ ୧୧ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ।

୨ । ପଞ୍ଚସଖା ଯୁଗ—୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୮ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ।

୩ । ଉପେନ୍ଦ୍ର ଯୁଗ—୧୮ଶ ଶତାବ୍ଦୀ ଆରମ୍ଭଠାରୁ ୧୯ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଆରମ୍ଭ ପର୍ଯ୍ୟନ୍ତ ।

୪ । ଆଧୁନିକ ଯୁଗ—୧୯ଶ ଶତାବ୍ଦୀର ଶେଷାର୍ଦ୍ଧଠାରୁ ।

ଆଧୁନିକ ଯୁଗର ପ୍ରତିଭାବାନ୍ ଲେଖକମାନଙ୍କ ଭିତରେ ରାଧାନାଥ ରାୟ ଓ ଫକୀରମୋହନ ସେନାପତି ଅତି ଉଚ୍ଚ ଆସନ ଅଧିକାର କରିଛନ୍ତି । ଯୁଗର

ପ୍ରବୃତ୍ତିକୁ ମୁଖ୍ୟରୂପେ ଗ୍ରହଣ କଲେ, ଫକୀରମୋହନଙ୍କୁ ପ୍ରଥମ ଆଧୁନିକ ଲେଖକ ସ୍ୱରୂପ ଧରିବା ଠିକ୍ ହେବ । ତେଣୁ ଆଧୁନିକ ଯୁଗକୁ ଫକୀରମୋହନ ଯୁଗ କୁହାଯାଇପାରେ । କେହି କେହି ଏ ଯୁଗକୁ ସତ୍ୟବାଦୀ ଯୁଗ ବୋଲି ମଧ୍ୟ କହନ୍ତି ।

କାଳ ଓ ସାହିତ୍ୟିକ ପ୍ରବୃତ୍ତିର ପ୍ରାଧାନ୍ୟ ଅନୁସାରେ ନିମ୍ନଲିଖିତ ଭାବରେ ମଧ୍ୟ ଓଡ଼ିଆ ସାହିତ୍ୟକୁ ବିଭକ୍ତ କରାଯାଇ ପାରେ ।

୧ । ଆଦିଯୁଗ—ଉତ୍ପତ୍ତି ଯୁଗ ବା ସାରଳା ଦାସ ଯୁଗ—୧୧ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ।

୨ । ମଧ୍ୟଯୁଗ—୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୯ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ।

(କ) ମଧ୍ୟଯୁଗ—ଭକ୍ତିଯୁଗ ବା ଧାର୍ମିକ ଯୁଗ ବା ପଞ୍ଚସଖା ଯୁଗ—ଖ୍ରୀ ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ।

(ଖ) ଉତ୍ତର ମଧ୍ୟକାଳ—ରୀତିକାଳ ବା ଉପେନ୍ଦ୍ର ଭଞ୍ଜ ଯୁଗ—୧୮ଶ ଶତାବ୍ଦୀଠାରୁ ୧୯ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଆରମ୍ଭ ପର୍ଯ୍ୟନ୍ତ ।

୩ । ଆଧୁନିକ କାଳ ବା ସ୍ୱାତନ୍ତ୍ର୍ୟ କାଳ—୧୯ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧଠାରୁ ଆରମ୍ଭ ।

ଓଡ଼ିଆ ସାହିତ୍ୟ ଇତିହାସର ଯୁଗବିଭାଗ ଓଡ଼ିଶାର ରାଜନୈତିକ ଇତିହାସର ଯୁଗବିଭାଗ ଅନୁସାରେ ମଧ୍ୟ କରାଯାଇପାରେ ଏବଂ ଏହି ଯୁଗ ବିଭାଗକୁ ଅବଲମ୍ବନ କରି ସାହିତ୍ୟର ଇତିହାସ ଲେଖିବା ସହଜ ଓ ନିରାପଦ ।

(୧) ଗଙ୍ଗବଂଶ ଯୁଗ—ଖ୍ରୀ: ୧୦୪୨ ଠାରୁ ଖ୍ରୀ: ୧୪୩୫ । ଏ ଯୁଗରେ ମାଦଳାପାଞ୍ଜି, କେତେକ ଶିଳାଲିପି, କେତେକ ବ୍ରତକଥା, କଳସା ଚଉତିଶା ପ୍ରଭୃତି ଲେଖା ହୋଇଥିଲା । ଏହା ଓଡ଼ିଆ ସାହିତ୍ୟର ଇତିହାସର ଆଦିଯୁଗ ।

(୨) ସୂର୍ଯ୍ୟବଂଶ ଯୁଗ—ଖ୍ରୀ: ୧୪୩୫ ଠାରୁ ଖ୍ରୀ: ୧୫୬୮ । ଏହା ସାରଳା ଦାସ, ପଞ୍ଚସଖା ପ୍ରଭୃତି କବିମାନଙ୍କର ଯୁଗ ।

(୩) ମୋଗଲ ଯୁଗ—ଖ୍ରୀ: ୧୫୬୮ ଠାରୁ ଖ୍ରୀ: ୧୭୫୧ । ଏ ସମୟରେ ଓଡ଼ିଶାରେ ଖୋର୍ଦ୍ଧା ବଂଶ ରାଜତ୍ୱ କରୁଥିଲେ । ଏମାନେ ସ୍ୱାଧୀନ ଭାବରେ ଶାସନ କରୁଥିଲେ ମଧ୍ୟ ଦିଲ୍ଲୀ ସମ୍ରାଟଙ୍କ ଅଧୀନତାକୁ ନାମମାତ୍ର ସ୍ୱୀକାର କରିବାକୁ ପଡ଼ୁଥିଲା । ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ପ୍ରଭୃତି ଏ ଯୁଗର କବି ।

(୪) ମରହଟ୍ଟା ଯୁଗ—ଖ୍ରୀ: ୧୭୫୧ ଠାରୁ ଖ୍ରୀ: ୧୮୦୩ । ଅଭିମନ୍ୟୁ ସାମନ୍ତ ସିଂହାର, ଯଦୁମଣି ବଳଦେବ ରଥ, ଗୋପାଳକୃଷ୍ଣ, ବ୍ରଜନାଥ ବଡ଼ଜେନା ପ୍ରଭୃତି ଏ ଯୁଗର କବି ।

(୫) ବ୍ରିଟିଶ ଯୁଗ—ଖ୍ରୀ: ୧୮୦୩ ଠାରୁ ଆରମ୍ଭ । ଓଡ଼ିଆ ସାହିତ୍ୟର ଇତିହାସରେ ଏହାକୁ ସ୍ୱତନ୍ତ୍ର ଯୁଗ ବୋଲି କୁହାଯାଇପାରେ ।

# ତୃତୀୟ ପରିଚ୍ଛେଦ

## ଗଙ୍ଗବଂଶ-ଯୁଗ-ପୂର୍ବର ରଚନା

### (କ) ଲୋକଗୀତିକା, ଢଗ, ଡାକବଚନ, ମନ୍ତ୍ରାଦି—

ଓଡ଼ିଶାରେ ବହୁତ ଲୋକଗୀତିକା, ପ୍ରବଚନ, ଢଗଢମାଳି, ମନ୍ତ୍ର ପ୍ରଭୃତି ପ୍ରଚଳିତ ଅଛି । ଏଥିରୁ କେତେଗୁଡ଼ିଏ ଓଡ଼ିଆ ଭାଷାର ବିକାଶର ପ୍ରାଥମିକ ଯୁଗରେ ରଚିତ ହୋଇଥିବା ସମ୍ଭବପର । ଗଙ୍ଗବଂଶ ରାଜତ୍ୱ ବେଳକୁ ଯେ ଏଥିରୁ ଅନେକଗୁଡ଼ିଏ ପ୍ରଚଳିତ ଥିବ, ଏଥିରେ ସନ୍ଦେହ ନାହିଁ ।

'ଢଗ', 'ଡାକବଚନ' ପ୍ରଭୃତିର ଭାଷାର ଆଦିମ ସ୍ୱରୂପ କଣ ଥିଲା, ତାହା କହିହେବ ନାହିଁ । କାଳକ୍ରମେ ପରିବର୍ତ୍ତିତ ହୋଇ ଏହି ଭାଷା ମାର୍ଜିତ ଆକାର ଧାରଣ କରିଛି । ଅନୁଶ୍ରୁତିଲବ୍ଧ କେତେକ ନବ୍ୟ ସତ୍ୟ ଏଗୁଡ଼ିକରେ ପ୍ରକାଶିତ ହୋଇଥାଏ । ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନରେ ଏଗୁଡ଼ିକର ପ୍ରଭାବ ପରିଲକ୍ଷିତ ହୁଏ । ପାରିବାରିକ, ସାମାଜିକ, ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ମଧ୍ୟ ଢଗଢମାଳରେ ବହୁତ ତଥ୍ୟ ଦେଖାଯାଏ ।

ଏଭଳି ଗୀତିକା, ପ୍ରବଚନ, ଡାକବଚନ, ଢଗଢମାଳି ପ୍ରଭୃତି ଅନ୍ୟାନ୍ୟ ପ୍ରାଦେଶିକ ଭାଷାମାନଙ୍କରେ ମଧ୍ୟ ଦେଖାଯାଏ । 'ଡାକ' କିଏ, କେଉଁଠାର ଲୋକ ବା କେଉଁ ସମୟର ଲୋକ ଜାଣିବାର ଉପାୟ ନାହିଁ । ଜ୍ୟୋତିଷ, ବାଣିଜ୍ୟ, କୃଷି ପ୍ରଭୃତି ବିଷୟରେ ଡାକବଚନ ଥିବାର ଦେଖାଯାଏ । ଏସବୁକୁ ଡାକଭାଷିତ ବଚନ ମଧ୍ୟ କହନ୍ତି ।

ପକ୍ଷୀଗୀତ, ଢଗଢମାଳି ପ୍ରଭୃତି ଅଜ୍ଞାତ କବି ଓ ଲୋକମାନଙ୍କ ଦ୍ୱାରା ରଚିତ । ଏସବୁ ମୁଖରୁ ମୁଖ ହୋଇ ସମାଜରେ ଜୀବିତ ରହିଛି । ପୂର୍ବେ ନଗର ଅପେକ୍ଷା ପଲ୍ଲୀର ବା ଗ୍ରାମର ସଂଖ୍ୟା ବେଶୀ ଥିଲା । ଗ୍ରାମର ଜନସାଧାରଣ ସ୍ତ୍ରୀପୁରୁଷ, ବାଳକବାଳିକା, ବ୍ରାହ୍ମଣ ଅବ୍ରାହ୍ମଣ ନିର୍ବିଶେଷରେ ଏହା ବୋଲୁଥିଲେ ମଧ୍ୟ ଉଚ୍ଚଶିକ୍ଷିତଙ୍କ ନିକଟରେ ଏ ସବୁ ସେତେ ଆଦରର ସାମଗ୍ରୀ

ହୋଇ ପାରି ନଥିଲା । ସାହିତ୍ୟିକ ଅଳଙ୍କାର ଓ ଭାବଗାମ୍ଭୀର୍ଯ୍ୟରେ ଭୂଷିତ ହୋଇ ନଥିବାରୁ ଶିକ୍ଷିତମାନେ ଏଗୁଡ଼ିକୁ ସାହିତ୍ୟର ପର୍ଯ୍ୟାୟଭୁକ୍ତ କରୁ ନ ଥିଲେ । ବିଶେଷତଃ ସ୍ତ୍ରୀ ଓ ଶୂଦ୍ରାଦି ଜାତିର ଅଳ୍ପଶିକ୍ଷିତ ଲୋକଙ୍କ ମୁଖରୁ ଏହା ନିର୍ଗତ ହେଉଥିବାରୁ ତଥାକଥିତ ପଣ୍ଡିତସମାଜ ଏହାକୁ ବେଶୀ ଆଦର କରୁନଥିଲେ । କିନ୍ତୁ ସାଂସାରିକ ଜୀବନ ସଂଗ୍ରାମ ପଥରେ ଏହାର ବିଶେଷତ୍ୱ ଥିବା ଅନୁଭବ କରୁଥିଲେ । 'ମାଇକିନିଆ ଗୀତ' ବୋଲି କହି ତାଚ୍ଛଲ୍ୟ ପ୍ରଦର୍ଶନ କରୁଥିଲେ ମଧ୍ୟ ଏହାର ପ୍ରଭାବକୁ ଏଡ଼ି ପାରୁନଥିଲେ, କି ଅସ୍ୱୀକାର କରିପାରୁ ନଥିଲେ । 'ଜଣାଣ'ରେ ଶିକ୍ଷିତର ଚକ୍ଷୁରୁ ମଧ୍ୟ ଲୋତକ ନିର୍ଗତ ହେଉଥିଲା ଏବଂ ହୃଦୟକୁ ଉଦ୍‌ବେଳିତ କରିଦେଉଥିଲା । ଉପଦେଶ ଛଳରେ ସମୟୋଚିତ ଗୀତ, ପ୍ରବଚନ, ଢଗଢମାଳିର ପ୍ରୟୋଗ ସେ ଜୀବନ ଉପରେ ଅଶେଷ ପ୍ରଭାବ ବିସ୍ତାର କରି ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରୁଥିଲା ଏବଂ ଶାନ୍ତି ପ୍ରଦାନ କରୁଥିଲା ଏହା ସର୍ବସାଧାରଣ ଅନୁଭବ କରୁଥିଲେ ।

ଶିକ୍ଷିତ ସମାଜ ଏହି ପଲ୍ଲୀଗୀତ, ଢଗଢମାଳି ପ୍ରଭୃତିକୁ ସାହିତ୍ୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରୁ ନଥିଲେ ହେଁ ଏବଂ ଘୃଣା କରୁଥିଲେ ହେଁ ଏହା ଗ୍ରାମ୍ୟ ବା 'ଭଣ୍ଡ' ନୁହେଁ । ଗ୍ରାମରେ ମୁଖ୍ୟତଃ ଆଦୃତ ଥିବାରୁ ଏହାକୁ ଗ୍ରାମ୍ୟ, ଗ୍ରାମୀଣ, ଗାଉଁଲି ବା ପଲ୍ଲୀଗୀତାଦି ନାମରେ ଅଭିହିତ କରାଯାଇଥାଏ । ବର୍ତ୍ତମାନ 'ଲୋକ' ଶବ୍ଦଟି ସମୂହବାଚୀ ଜନସାଧାରଣଙ୍କୁ ବୁଝାଏ, ଗ୍ରାମୀଣ ଲୋକଙ୍କୁ ମଧ୍ୟ ବୁଝାଏ । ଏହି ଦୃଷ୍ଟିରୁ ଏହାକୁ ଲୋକଗୀତ ନାମରେ ପରିଚିତ କରାଯାଇପାରେ ।

ପୃଥିବୀର ପ୍ରାୟ ସବୁ ଭାଷାରେ ଅଳ୍ପାଧିକ ପରିମାଣରେ ଲୋକଗୀତ, ଲୋକକଥା, ଢଗଢମାଳି ପ୍ରଭୃତି ଦେଖାଯାଏ । କାଳକ୍ରମେ ସେଗୁଡ଼ିକ ସଙ୍କଳିତ ହୋଇ ପ୍ରକାଶିତ ହେଉଛି ଏବଂ ଏହାର ସଂଖ୍ୟା, କଳେବର, ଭାବଗାମ୍ଭୀର୍ଯ୍ୟ, ସରଳତା, ହୃଦୟସ୍ପର୍ଶିକାରିତା ପ୍ରଭୃତି ଗୁଣ ଅନୁପାତ ଅନୁସାରେ ଦେଶର ସଭ୍ୟତାର, ବିଶେଷତଃ ପ୍ରାଚୀନ ସଭ୍ୟତାର ପରିମାଣ ନିର୍ଣ୍ଣୀତ ହେଉଛି ।

ଭାରତର ଭିନ୍ନ ସ୍ଥାନରେ ବହୁତ ବହୁତ ପଲ୍ଲୀଗୀତାଦ ଦେଖାଯାଏ । ଓଡ଼ିଶାରେ ମଧ୍ୟ ଏହାର ସଂଖ୍ୟା ଯଥେଷ୍ଟ ଅଧିକ । ଏହି ସବୁ ଗୀତ ଭିତରେ ପ୍ରାଚୀନ ଭାରତର ସଂସ୍କୃତିର ଚିର ସର୍ବଜନୀନ ଅଥଚ ବଳିଷ୍ଠ ଭାବଲହରର ଧାରଣ କରି ପ୍ରକାଶ ଲାଭ କରିଛି । କେତେକ ସାମାନ୍ୟ ସାମାଜିକ ବିଶେଷତ୍ୱ ବା ପ୍ରଭେଦର ବୈଷମ୍ୟମାନତା ଦେଖାଯାଉଥିଲେ ମଧ୍ୟ ମୂଳତଃ ସବୁ ପ୍ରଦେଶର ପଲ୍ଲୀଗୀତାଦିର ମର୍ମ ପ୍ରାୟ ଏକ ପ୍ରକାରର ଥିବା ହିଁ ଦେଖାଯାଏ ।

ଶିଷ୍ଟ ସାହିତ୍ୟ ଓ ଲୋକ ସାହିତ୍ୟ (ବା ଗ୍ରାମ୍ୟ ସାହିତ୍ୟ) ଭିତରୁ ଲୋକ ସାହିତ୍ୟର ପ୍ରସାର ହିଁ ବେଶି । କି ଶିଷ୍ଟ କି ଅଶିଷ୍ଟ ସମସ୍ତଙ୍କ ଭିତରେ, ସବୁ ଶ୍ରେଣୀ ଭିତରେ ଏହାର ପ୍ରସାର ଦେଖାଯାଏ । ସ୍ତ୍ରୀ-ଲୋକଙ୍କ ମଧ୍ୟରେ, ସ୍ତ୍ରୀ-ପୁରୁଷଙ୍କର ଅନ୍ତରଙ୍ଗ ପ୍ରତିଛବି ଏହି କୁଢ଼ଗୁଡ଼ିକରେ ପ୍ରକାଶିତ ହୋଇଥିବାରୁ ଏଗୁଡ଼ିକର ଉପସ୍ଥାପନରେ ତନ୍ମୟତା ଓ ସହୃଦୟତା ପ୍ରତ୍ୟକ୍ଷ । 'ଲୋକ' ସୁଖଦୁଃଖ ସରଳତା ଭାବରେ, ଭାଷାରେ ଓ ଛନ୍ଦରେ ପ୍ରକାଶ ଲାଭ କରିଥିବାରୁ ଏହାର ବହୁଳ ପ୍ରସାର ଓ ଆଦର ସ୍ୱତଃସିଦ୍ଧ ।

ଏହି ଲୋକଗୀତାଦି କିଏ କେବେ ରଚନା କରିଛି ତାହା ଜାଣିବା ପାଇଁ କୌଣସି ବିଶେଷ ପ୍ରମାଣ ନାହିଁ । ପଲ୍ଲୀକବିତା ଓ ଗଳ୍ପ-ପ୍ରବାଦ-ପ୍ରବଚନାଦି ସ୍ୱତଃସ୍ଫୂର୍ତ୍ତ ବୋଲି ହିଁ ଏହାର ସରଳତା, ସାବଲୀଳତା, ରସମାଧୁର୍ଯ୍ୟ ସମସ୍ତଙ୍କ ମନକୁ ସ୍ପର୍ଶ କରିପାରୁଛି । ଅଜ୍ଞାତନାମା କବି ଘଟଣା ବା ମୁହୂର୍ତ୍ତର ପ୍ରଭାବରେ ଭାବାବେଗକୁ କବିତା ଆକାରରେ ପ୍ରକାଶିତ କରିଥାଏ । ଜାନ୍ତା, ହଳିଆଗୀତ, ସାଧାଗୀତ ପ୍ରଭୃତି ଅନେକ ପ୍ରକାର ଗୀତ ଏହିପରି ଭାବରେ ହିଁ ରଚିତ ହୋଇଥାଏ । ତେବେ କେତେକ କବିତା ସମସ୍ୟାନୁସାରେ ଏକାଧିକ ସ୍ଥାନରେ କିଛି ବର୍ଷ ବ୍ୟବହୃତ ହୋଇଥିବା ଦେଖାଯାଉଥିବାରୁ ଏଗୁଡ଼ିକ ସାଧୁଙ୍କର ସ୍ୱତଃସ୍ଫୂର୍ତ୍ତ କୃତି ନୁହେଁ । କେତେକ ପଦର ରଚୟିତାଙ୍କ ନାମ ଭଣିତାରୁ ମିଳେ । ଏମାନଙ୍କ ଭିତରୁ 'ଦନାଇ' ପ୍ରଭୃତି ଲୋକପ୍ରିୟ । 'ଡାକ' ବଚନ ପ୍ରଚଳନ ବହୁତ ସଂଖ୍ୟାରେ ଥିବା ଜଣାଯାଏ । କବି ବଳରାମ ଦାସ, ହରି ଦାସ, ଧନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ବ୍ରଜନାଥ ପ୍ରଭୃତିଙ୍କ କବିତାମାନଙ୍କରୁ କିଛି କିଛି ସମସ୍ୟାନୁସାରେ ମନେ ରଖି ଲୋକେ ବୋଲୁଥିବା ଦେଖାଯାଏ । ଏଗୁଡ଼ିକ ପ୍ରକୃତରେ 'ପଲ୍ଲୀଗୀତ'ର ଅନ୍ତର୍ଗତ ନୁହେଁ; କିନ୍ତୁ ଏଗୁଡ଼ିକର ବହୁଳ

ପ୍ରଚାର ଦେଖି ଏହି ପର୍ଯ୍ୟାୟରେ କେତୋ କେତେ ଅନ୍ତର୍ଭୁକ୍ତ କରିଛନ୍ତି । 'ପଲ୍ଲୀଗୀତ ସଞ୍ଚୟନ', 'ଉତ୍କଳ ଗାଉଁଲି ଗୀତ'—ଏ ଦୁଇଟି ଉପାଦେୟ ଗ୍ରନ୍ଥରେ ଏ ପ୍ରକାର ବହୁ ଗୀତ ସ୍ଥାନ ପାଇଛି । ପ୍ରକୃତରେ ଅଜ୍ଞାତନାମା କବିମାନଙ୍କର କୃତି ହିଁ 'ପଲ୍ଲୀଗୀତ' ସାହିତ୍ୟର ମୁଖ୍ୟ ଅଂଶ । ଉତ୍ତର ଓ ପଶ୍ଚିମ ଭାରତରେ 'ପୃଥ୍ୱୀରାଜ ରାସୋ' ଓ ଉତ୍କଳରେ ସାରଳା ଦାସଙ୍କ ମହାଭାରତର 'ଭରଣ' ଗୀତାଂଶଗୁଡ଼ିକ, ଜଗନ୍ନାଥ ଦାସଙ୍କ ଭାଗବତର ଅନେକ ଅଂଶ, ଅଚ୍ୟୁତାନନ୍ଦଙ୍କ 'ଫୁଲ ବଉଳବେଣୀ' ପ୍ରଭୃତି ଅନେକ କବିତା ଗ୍ରାମମାନଙ୍କରେ ବହୁ ଲୋକଙ୍କ ମୁଖରୁ ଶୁଣାଯାଏ । ଏଗୁଡ଼ିକୁ ପଲ୍ଲୀଗୀତ ଭିତରେ ନେଲେ ଓଡ଼ିଶାର ଅନ୍ୟାନ୍ୟ ବହୁ ଖ୍ୟାତନାମା କବିଙ୍କ କୃତିମାନଙ୍କୁ ମଧ୍ୟ 'ପଲ୍ଲୀଗୀତ' କହିବାକୁ ହେବ । ଉପେନ୍ଦ୍ର ଭଞ୍ଜ, ବଳରାମ ଦାସ, ଦୀନକୃଷ୍ଣ ଦାସ ପ୍ରଭୃତିଙ୍କ ବହୁ କାବ୍ୟର ଅଂଶ ଓ କବିତା ମଧ୍ୟ ଏଥିଭିତରେ ଥିବ । ତେଣୁ ଏପରି ବ୍ୟାପକ ଓ ପୂର୍ବାପରପ୍ରସାରୀ ସଂଜ୍ଞା ଅନାବଶ୍ୟକ ଓ ଅଯୁକ୍ତ ।

ସେହିପରି ଚଉତିଶମାନ, ଗୀତିକା, ପ୍ରବଚନ ପ୍ରଭୃତି ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇଛି ସେଥିରୁ କେତୋଟି ଜ୍ଞାତ ଓ ଅଜ୍ଞାତନାମା କବିଙ୍କ ଦ୍ୱାରା ରଚିତ । ଅପେକ୍ଷାକୃତ ଦୀର୍ଘ କବିତାଗୁଡ଼ିକରେ ଆଧୁନିକ ଆଶୁକବିଙ୍କର କାରିଗରି ମଧ୍ୟ ରହିଛି । ମୂଳକବିତାପରେ ରଚନାର ଶୈଳୀ, ଭାଷା ଅତି ଆଧୁନିକ । ଅତଏବ ସବୁ ଶ୍ରେଣୀର ଗୀତିକାର ଉଦାହରଣ ପାଇଁ ସେ ସବୁ ଲେଖା ଉପରେ ନିର୍ଭର କରିବା ଉଚିତ ମନେ ହେଉନାହିଁ । ଏ ସବୁ ସଙ୍କଳନକୁ ପଣ୍ଡିତଙ୍କୁ ଦେବା ହିଁ ଉଚିତ ଥିଲା । ତେବେ, ସଙ୍କଳନକର୍ତ୍ତାମାନଙ୍କର ପଲ୍ଲୀ-ଗୀତିକା ବା ଲୋକଗୀତର ସଂଜ୍ଞା ଅତି ବ୍ୟାପକ ଥିବାରୁ ଏହି ତ୍ରୁଟି ଅପରିହାର୍ଯ୍ୟ । ସନ୍ଦେହର ତାଡ଼ନାରେ ପଲ୍ଲୀଗୀତିକାର ଆଉ କେତେକ ସ୍ୱରୂପର ସମ୍ୟକ୍ ଆଲୋଚନା କରିବା ସମ୍ଭବ ନୁହେଁ । ଦନେଇ ଦାସଙ୍କ ଗହଳି, ଡାକବଚନ ଓ ଏହିପରି କେତେକ ଚଉତିଶମାନ, ପ୍ରବଚନ ପ୍ରଭୃତି ଅତି ଉପାଦେୟ ପଦ ପ୍ରତି ଯୁଗରେ ନବ ନବ କର୍ତ୍ତାମାନଙ୍କ ଦ୍ୱାରା ରଚିତ ହୋଇ ଦନାଇ ଦାସ ପ୍ରଭୃତିଙ୍କ ନାମରେ ପ୍ରଚଳିତ ହୋଇ ଆସୁଅଛି । ଏଗୁଡ଼ିକୁ ବାଛି ଚହ୍ଲାଇ ଦେବା ସମ୍ଭବ ନୁହେଁ । ବିଶେଷତଃ ପ୍ରାଚୀନ ରଚନା ଆଲୋଚନାରେ ଏ ସବୁର ସ୍ଥାନ ନିର୍ଣ୍ଣୟ କରିବା ସହଜ ନୁହେଁ ।

## (୯) ଗୀତିକା

କାହାଣୀ, ଦୋଳିଗୀତ, ଷାଠାଗୀତ ପ୍ରଭୃତି ପର୍ଯ୍ୟାୟର ଅପେକ୍ଷାକୃତ ଦୀର୍ଘ ଗୀତିକାମାନଙ୍କ ଭିତରୁ କେତୋଟିରେ ଉପମାର ସୁନ୍ଦର ସମାବେଶ ଦେଖିବାକୁ ମିଳୁଥିଲେ ସୁଦ୍ଧା ନିରାଡ଼ମ୍ବର, ଅଳଙ୍କାରଶୂନ୍ୟ, ସ୍ୱଭାବସୁନ୍ଦର ପଦାବଳୀର ସଂଖ୍ୟା ହିଁ ବେଶି ଥିବା ଦେଖାଯାଏ । ଶିଷ୍ଟ ସାହିତ୍ୟର ନିଗଡ଼ ବନ୍ଧନ, ଆଳଙ୍କାରିକ ପରିପାଟି, ଶବ୍ଦାଡ଼ମ୍ବର ପ୍ରଭୃତି ବିବିଧ ବିଧିବିଧାନ ଦ୍ୱାରା ଏହା ଶୃଙ୍ଖଳିତ ହୋଇନଥାଏ । ସ୍ୱଚ୍ଛନ୍ଦ ଗମନଭଙ୍ଗୀ ଓ ଶୃଙ୍ଖଳା ମଧ୍ୟ ବିଶେଷଭାବରେ ଦେଖାଯାଏ ନାହିଁ ।

ଲୋକଗୀତରେ ପୁରୁଷ ଓ ନାରୀ ଉଭୟ ସମ୍ପର୍କୀୟ କବିତା ଅଛି । ନାଟ-ଗୀତ, ଯୁଦ୍ଧଗୀତ, ଘନଗୀତ ପ୍ରଭୃତିରେ ପୁରୁଷ ଓ ସ୍ତ୍ରୀମାନଙ୍କର ଯୁଗ୍ମଗୀତ ଥାଏ । ପୁରୁଷମାନଙ୍କର ଗୀତ ସ୍ୱଭାବ ପ୍ରକୃତିର ଅନୁରୂପ—ଅପେକ୍ଷାକୃତ ଦୀର୍ଘ, କଠୋର, ଓଜଃପୂର୍ଣ୍ଣ । ସ୍ତ୍ରୀମାନଙ୍କର ଗୀତ ଅଭିମାନପୂର୍ଣ୍ଣ, ଅଧୈର୍ଯ୍ୟବ୍ୟଞ୍ଜକ ଓ ନିତାନ୍ତ କରୁଣ । ମନଫୁଲିଆ ଗୀତ ଗାଏ—ଏହା କେବଳ ପୁରୁଷ ପକ୍ଷରେ ବିଶେଷଭାବରେ ସମ୍ଭବ । ସ୍ତ୍ରୀମାନଙ୍କ ପକ୍ଷରେ 'କାନ୍ଦଣା' ହିଁ ପ୍ରଧାନ ଗୀତ । ପୁରୁଷମାନଙ୍କ ଗୀତରେ ଅବସରବିନୋଦନ ଓ ଶ୍ରମଲାଘବ ହୋଇଥାଏ । ବିଭିନ୍ନ ସମୟରେ ବିଭିନ୍ନ ଉତ୍ସବରେ ଆବଶ୍ୟକାନୁଯାୟୀ ଗୀତର ଅବତାରଣା ହୁଏ । ହୁଲ୍ଲାଦନା, ସାମ୍ବିକତା, କର୍ମଜ୍ୟୋତିପୂଜା ପ୍ରଭୃତି ପାଇଁ ମଧ୍ୟ ଗୀତ ବୋଲାଯାଇ ଥାଏ । ଏହି ସବୁ ଗୀତ ବିଭିନ୍ନ ସ୍ଥାନରେ ବିଭିନ୍ନ ଆକାର ଧାରଣ କରିଥାଏ । କେତେକ ଗୀତ କୌଣସି ଏକ ସ୍ଥାନରେ ଜନ୍ମଲାଭ କରି କ୍ରମେ ଲୋକମୁଖରେ ବିଭିନ୍ନ ସ୍ଥାନରେ ପହଞ୍ଚି ବିଭିନ୍ନ ରୂପ ଧାରଣ କରିଛି । ରୂପର ବିଭିନ୍ନତା ହେଲେ ଭାବର ରୂପ ପ୍ରାୟ ସମାନ ଥାଏ । ସ୍ଥାନ, ପାତ୍ର ଓ କାଳ ଅନୁସାରେ ଏହି ଗୀତମାନଙ୍କର ନାନା ରୂପ ମଧ୍ୟ ଦେଖାଯାଏ । ଲୋକମୁଖଦ୍ୱାରା ହିଁ ଏହାର ବହୁଳ ପ୍ରଚାର ହୋଇଛି । ଅଧିକାଂଶ ଲୋକଗୀତ ମୁକ୍ତକ ଗୀତ ।

କାର୍ଯ୍ୟ କରୁଥିବା ସମୟରେ ଯେଉଁ ସବୁ ଗୀତ ବୋଲାଯାଏ ସେଥିରୁ କେତେକ ନିରର୍ଥକ ମଧ୍ୟ । କେବଳ ଶ୍ରମକଷ୍ଟ ଲାଘବ, କାର୍ଯ୍ୟ ସମ୍ପାଦନ ପାଇଁ ସୂକ୍ଷ୍ମ ନିର୍ଦ୍ଦେଶ ଏହାର ମୁଖ୍ୟ ଲକ୍ଷ୍ୟ । ସ୍ଥଳବିଶେଷରେ ଉପଦେଶ ଓ ସମାଲୋଚନାର ଇଙ୍ଗିତ ମଧ୍ୟ ଦେଖାଯାଏ । ଧାନକଟା, ଗାଡ଼ିଚଲା, ଛାତପିଟା,

ଶବାଙ୍କୁଡ଼ିଆ, ନାଗାଚଲ୍ଲା ପ୍ରଭୃତି କାର୍ଯ୍ୟ ସମ୍ପୃକ୍ତ ଗୀତ ମଧ୍ୟ ବୋଲୁଥିବେ । ଏସବୁ ଗୀତ ଭିତରୁ କେତେକ ସରସ ଓ ଭାବପୂର୍ଣ୍ଣ । ନିରର୍ଥକ ପଦଯୋଜନା ସମ୍ବଳିତ ଗୀତର ସଂଖ୍ୟା ମଧ୍ୟ ଅଳ୍ପ ନୁହେଁ । ଉପରୋକ୍ତ ଶ୍ରେଣୀର କବିତାରେ ଭାବ ଅପେକ୍ଷା ସ୍ୱରର ପ୍ରାଧାନ୍ୟ ହିଁ ବେଶି । ଏଥିରେ ମଧ୍ୟ କାର୍ଯ୍ୟର ଓ କାଳର ଅବସ୍ଥା ଅନୁସାରେ ବେଳେ ବେଳେ ସ୍ୱରରେ ସମତା ରହେ ନାହିଁ ।

ଶିଶୁଗୀତରେ ସ୍ୱରଲୟ ବା ଭାବର ଆବଶ୍ୟକତା ନାହିଁ । ଅତଏବ କେତେକ ନିରର୍ଥକ ପଦଯୋଜନା ହିଁ ଦେଖାଯାଏ ।

ହୁମଗ୍ର ଭଇରେ ହୁଁ, ଚବଡ଼ି ଖାଇରେ ହୁଁ
ଧବଡ଼ି ଧାଡ଼ିରେ ହୁଁ, ପାଣି ଢାଳୁଅରେ ହୁଁ ।

ଏଥିରେ ସାଥୀ କେହେବାକୁ ସମ୍ବୋଧନ କରି କେତେକ ନିର୍ଦ୍ଦେଶ ଦିଆ ଯାଇଛି । ବାଟରେ ପାଣିଢାଳୁଅ ଥିବାରୁ ହୁସିଆରରେ ଧାଡ଼ିରେ 'ଧାଉଡ଼ିବାକୁ' ବା ଧାଉଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । 'ହୁଁ', 'ହୁମଗ୍ର' ପ୍ରଭୃତି କେତେକ ପଦ କେବଳ ପଦଯୋଜନା ପାଇଁ ବ୍ୟବହୃତ ହୋଇଛି, ଅର୍ଥ ନାହିଁ ।

କେତେକ ନୃତ୍ୟ ସମୟର ଗୀତ ମଧ୍ୟ ଦେଖାଯାଏ । ନୃତ୍ୟ ସହିତ ସମତା ରକ୍ଷି ନୃତ୍ୟର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ନୃତ୍ୟ ସଙ୍ଗରେ ଗୀତ ଓ ବାଦ୍ୟର ବ୍ୟବସ୍ଥା ହୋଇଥାଏ । ପାଇକ ଗୀତ ଉତ୍ତେଜନାବ୍ୟଞ୍ଜକ; ଏଥିରେ ନୃତ୍ୟର ବିଶେଷ ସମ୍ପର୍କ ନାହିଁ । ଦାଣ୍ଡକାଠିଆ ଗୀତରେ ନୃତ୍ୟର ମଧ୍ୟ କିଛି ଆବଶ୍ୟକତା ନାହିଁ । ଏହା କେବଳ ମନୋରଞ୍ଜନର ଏକ ଉପାୟ ମାତ୍ର । ଘୋଡ଼ାନାଚ, ନାଗାନୃତ୍ୟରେ ଗୀତର ଆବଶ୍ୟକତା ନଥାଏ ।

କେତେକ ଗୀତ ଗୋଷ୍ଠୀଦ୍ୱାରା ଓ କେତେକ ବ୍ୟକ୍ତିଦ୍ୱାରା ବୋଲାଯାଏ । କେତେକ ଗୀତ ପୁରୁ ଶାସୁଳଙ୍କଦ୍ୱାରା ବୋଲାଯାଏ । କାନ୍ଦଣା, ଡୋଳିଗୀତ, ଶରଡ଼ିଆ ଗୀତ, ନାଉର ଗୀତ ପ୍ରଭୃତି ଜଣେ ବ୍ୟକ୍ତି ଦ୍ୱାରା ବୋଲାଯାଏ । କେତେକ ଗୋଷ୍ଠୀ-ଖେଳ, ଓଷା, ନାଚ ପ୍ରଭୃତିରେ ଗୋଷ୍ଠୀଗୀତ ବୋଲାଯାଏ ।

ସାମାଜିକ, ଶିକ୍ଷାତ୍ମକ, ଧାର୍ମିକ ଏହି ଭାବ ଅନୁସାରେ ଲୋକଗୀତର ଶ୍ରେଣୀବିଭାଗ କରିଯାଇପାରେ ।

କାନ୍ଦଣା, ଦୋଳିଗୀତ, ଖେଳଗୀତ ପ୍ରଭୃତି ସାମାଜିକ ଗୀତ । ଚଗ-ଡ଼ମାଳି, ଡାକବଚନ ପ୍ରଭୃତି ଶିକ୍ଷାତ୍ମକ ବା ଉପଦେଶାତ୍ମକ । ପାଲା, ଘୋଡ଼ା-

ନାମ ଗୀତ, ଭଜନ ପଦ ଗୀତ, ଓଷା ପର୍ବପର୍ବାଣୀ ଗୀତ ଏ ସବୁ ଧାର୍ମିକ ବା ଧର୍ମାନୁଷ୍ଠାନ ସମ୍ପର୍କୀୟ ଗୀତ ।

**ଯୋଗୀଗୀତ**—ଓଡ଼ିଶାରେ ଯୋଗୀ ଜାତିର ଲୋକେ ଭିକ୍ଷା ବୁଲି ଯାଇ, କେନ୍ଦରା ବଜାଇ ଗୀତ ବୋଲନ୍ତି । ଏହା 'ଯୋଗୀଗୀତ' ନାମରେ ପରିଚିତ । ଜଣେ କିମ୍ବା ଦୁଇ ଜଣ ଏହି ଗୀତ ବୋଲନ୍ତି । ଦୁଇ ଜଣ ଥିଲେ ଜଣେ ଗାଏ, ଅନ୍ୟ ଜଣକ ପାଳି ଧରେ । ହିମାଳୟ ପାଦଦେଶର ଗଡ଼ବାଲ ରାଜ୍ୟର ରାଜା ଗୋବିନ୍ଦଚନ୍ଦ୍ର ଦ୍ୱାଦଶ ଶତାବ୍ଦୀରେ ଜୀବିତ ଥିବା ଜଣାଯାଏ । ସେ ଜଣେ ପ୍ରସିଦ୍ଧ ତାନ୍ତ୍ରିକ ବୌଦ୍ଧ । ତାଙ୍କର ଚରିତ ଭାରତର ବହୁ ଭାଷାରେ ପଦ୍ୟ ଆକାରରେ ରଚିତ ହୋଇଛି । ଓଡ଼ିଶାରେ ସହଜସାଧକମାନେ ଗୋବିନ୍ଦଚନ୍ଦ୍ରଙ୍କୁ ଜଣେ ସିଦ୍ଧଯୋଗୀ ରୂପେ ଗ୍ରହଣ କରି ସମ୍ମାନ ଦେଇଆସିଛନ୍ତି । ଯୋଗୀମାନେ ସାମ୍ପ୍ରଦାୟିକ ସ୍ୱଭାବରେ ଗୋବିନ୍ଦଚନ୍ଦ୍ର ଚରିତକୁ ଆଦର୍ଶ ରୂପେ ଗ୍ରହଣ କରି ପ୍ରଚାର କରନ୍ତି । କିନ୍ତୁ ଯୋଗୀମାନେ ବୌଦ୍ଧ ନୁହନ୍ତି; ଗୋବିନ୍ଦଚନ୍ଦ୍ର ବୌଦ୍ଧ ଥିବା ମଧ୍ୟ ସେମାନେ ସ୍ୱୀକାର କରନ୍ତି କି ନାହିଁ ସନ୍ଦେହ । ତେବେ ଜଣେ ପ୍ରଧାନ ସାଧକ ରୂପେ ତାଙ୍କୁ ଗ୍ରହଣ କରିଛନ୍ତି ଏବଂ ସେମାନେ ହିନ୍ଦୁ ହେଲେ ମଧ୍ୟ ଏହି ଚରିତ ପ୍ରଚାର କରିବାରେ କୁଣ୍ଠାବୋଧ କରନ୍ତି ନାହିଁ । ଏମାନଙ୍କ ପକ୍ଷରେ ଓ ସାଧାରଣ ହିନ୍ଦୁଙ୍କ ପକ୍ଷରେ ଗୋବିନ୍ଦଚନ୍ଦ୍ର ଜଣେ ପୂଜ୍ୟ ସିଦ୍ଧସାଧକ; ଜାଣତରେ ହେଉ ବା ଅଜାଣତରେ ହେଉ ହିନ୍ଦୁ ରୂପରେ ତାଙ୍କୁ ସମ୍ମାନ କରିବାକୁ ସେ କୁଣ୍ଠାବୋଧ କରୁନାହିଁ । ଯୋଗୀମାନଙ୍କ ଗୀତରେ କରୁଣ ରସର ଅବତାରଣା ଥିବାରୁ ମନକୁ ଶୋକାଭିଭୂତ ଓ କରୁଣାସିକ୍ତ କରି ପକାଏ ।

**ପାଟୁଆ ଯାତ୍ରାଗୀତ**—ଓଡ଼ିଶାର କେତେକ ସ୍ଥାନରେ ପାଟୁଆ ଯାତ୍ରା ପ୍ରଚଳିତ ଅଛି । ନିଆଁ ଉପରେ ବୁଲିବା, କଣ୍ଟା ଉପରେ ବୁଲିବା, ଗଛ ଡାଳରେ ପାଦକୁ ବାନ୍ଧି, ମୁଣ୍ଡ ତଳକୁ ନିଆଁ କରି ତା ଉପରକୁ ଝୁଲିବା ପ୍ରଭୃତି ଅତି କଠୋର ସାଧନା ପାଟୁଆ ସାଧକମାନେ କରନ୍ତି । ଏମାନଙ୍କର ଏ ସାଧନା ଦେଖି ଲୋକେ ପ୍ରଶଂସା ଓ ଭକ୍ତି କରନ୍ତି । କିନ୍ତୁ ଦୃଶ୍ୟଟି ଭୟାନକ ରସ ସୃଷ୍ଟି କରେ; ପ୍ରାଣକୁ ଆତଙ୍କରେ ଉଦ୍‌ବେଳିତ କରି ପକାଏ । ପାଟୁଆ

ଯାତ୍ରୀମାନେ ଗୀତ ଗାଆନ୍ତି । ଓଡ଼ିଶାର ପାଟୁଆ ଯାତ୍ରା ପରି ଭାରତର ବହୁ ସ୍ଥାନରେ ମଧ୍ୟ ଏପରି ଯାତ୍ରା ଅଛି । ହରପାର୍ବତୀ ଏହି ଉତ୍ସବର ପ୍ରଧାନ ଦେବତା । ପ୍ରଧାନ ଠାକୁରାଣୀ ପୀଠମାନଙ୍କରେ ଏହା ଦେଖାଯାଏ ।

**ଚୈତ୍ରପର୍ବ ଗୀତ**—ଓଡ଼ିଶାରେ କୋରାପୁଟ ଜିଲ୍ଲାରେ ଚୈତ୍ରପର୍ବ ଚୈତ୍ରମାସରେ ହୁଏ । ଆଦିବାସୀ ଅବିବାହିତ ଯୁବକ ଓ ଅବିବାହିତା ଯୁବତୀମାନେ ଦଳବଦ୍ଧ ଭାବରେ ସମଗ୍ର ମାସଟି ନୃତ୍ୟ ଗୀତରେ କଟାଇ ଥାଆନ୍ତି । ଦଳେ ଯୁବକ ଓ ଦଳେ ଯୁବତୀଙ୍କ ଭିତରେ ଗୀତରେ ବଚସା ହୁଏ । ଯୁବକମାନେ ଗୀତ ଗାଇ ଯେଉଁ ଭାବ ପ୍ରକାଶ କରନ୍ତି ତାକୁ ଯୁବତୀମାନେ ଗୀତରେ ଉତ୍ତର ଦିଅନ୍ତି । ଯୁବତୀମାନେ ମଧ୍ୟ ପ୍ରଶ୍ନ କରନ୍ତି ଏବଂ ଯୁବକମାନେ ଉତ୍ତର ଦିଅନ୍ତି । ଏପରି ସମସ୍ତ ଦିନ ଗୀତର ସ୍ରୋତ ଚାଲିଥାଏ । ଶେଷରେ ଏହି ପ୍ରତିଯୋଗିତା ବା 'ବଚସା'ରେ ଯେ ପରାସ୍ତ ହୁଏ ସେ ହାରମାନେ । ଯୁବତୀ ପରାସ୍ତ ହେଲେ ବିଜେତା ଯୁବକ ତାକୁ ବିବାହ କରିବା ଉଦ୍ଦେଶ୍ୟରେ ଦଳ ଭିତରୁ ଟାଣି ନେଇ ପଳାଇଯାଏ । ଅବିବାହିତ ଯୁବକମାନଙ୍କୁ ଧେଙ୍ଗଡ଼ା ଓ ଅବିବାହିତା ଯୁବତୀମାନଙ୍କୁ ଧେଙ୍ଗେଡ଼ି କୁହାଯାଏ । ଏ ଧେଙ୍ଗଡ଼ା-ଧେଙ୍ଗେଡ଼ି ଦଳଙ୍କ ବଚସା ପ୍ରକାଶ୍ୟ ଭାବରେ ହୁଏ । ଲୋକେ ଏଥିରେ ଆନନ୍ଦ ଉପଭୋଗ କରନ୍ତି ଏବଂ କବିତାର ପଦଯୋଜନା, ଛନ୍ଦ ଓ ଭାବ ଅନୁସାରେ ପ୍ରଶଂସା ମଧ୍ୟ କରନ୍ତି । ଆଦିବାସୀଙ୍କ ଛଡ଼ା ଅନ୍ୟ ଜାତିମାନଙ୍କ ଭିତରେ ଏହି ପ୍ରକାର ଗୀତ ବୋଲାଯାଉଥିବା ଦେଖାଯାଏ ନାହିଁ ।

**ଚଇତି ଘୋଡ଼ାନାଚ ଗୀତ**—ଚୈତ୍ରମାସରେ ବାସୁଲୀ (ବାସେଲୀ) ଠାକୁରାଣୀଙ୍କ ପୂଜା ହୁଏ । ଅଶ୍ୱମୁଖୀ ବାସୁଲୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଶ୍ୱନୃତ୍ୟ ବା ଘୋଡ଼ାନାଚ ହୁଏ । ନାଚ ସଙ୍ଗେ ସଙ୍ଗେ ଗୀତ ମଧ୍ୟ ବୋଲାହୁଏ । ଏହି ଗୀତ ଚଇତି ଘୋଡ଼ାନାଚ ଗୀତ ନାମରେ ପରିଚିତ । ଧୀବର, ଶୁଣ୍ଢି ପ୍ରଭୃତି କେତେକ ଜାତିର ଲୋକେ ଏହି ନାଚ କରନ୍ତି । ଧୀବର ଶ୍ରେଣୀରେ ବାସୁଲୀ ପୂଜାର ଆଦର ବେଶୀ । ଅନ୍ୟ ସମ୍ପ୍ରଦାୟର ଲୋକେ ମଧ୍ୟ ରୋଗ ଓ ଉତ୍ପାତ ଶାନ୍ତି ପାଇଁ ବାସୁଲୀ ପୂଜା କରାଇଥାଆନ୍ତି ।

**ଚକୁଳିଆପଣ୍ଡା ଗୀତ**—ଚକୁଳିଆପଣ୍ଡାମାନଙ୍କର ଗୀତ ଓଡ଼ିଶାର ସବୁ ଅଞ୍ଚଳରେ ଶୁଣାଯାଏ । ପୂର୍ଣ୍ଣିମା, ଅମାବାସ୍ୟା, ଏକାଦଶୀ,

ଡୁହଣି, ସମ୍ଭ୍ରାନ୍ତ ବ୍ରାହ୍ମଣ ପ୍ରଭୃତି ଘରମାନଙ୍କରେ ଚକୁଳିଆପଣ୍ଡାମାନେ ଦାଣ୍ଡରେ ଭିକ୍ଷା କରି ବୁଲନ୍ତି । ସେମାନେ ଗାଲପଟି ଛଡ଼ା ଧରିଥାଆନ୍ତି । ଏହା ପ୍ରାଚୀନ ସନ୍ଥାର ସ୍ମାରକ ଚିହ୍ନ । ଦାନର ମହିମା, ଧର୍ମ ମାର୍ଗର ମର୍ଯ୍ୟାଦା ବୁଝାଇବା ଉଦ୍ଦେଶ୍ୟରେ ସେମାନେ ବଡ଼ ମର୍ମସ୍ପର୍ଶୀ ଭାବରେ ଗୀତ ବୋଲନ୍ତି । ଏ ଗୀତକୁ ଗଦ୍ୟ ଭଳି ସେମାନେ ବୋଲିଯାଉଥିଲେ ମଧ୍ୟ ପଦ୍ୟର ପ୍ରଭାବ ଯଥେଷ୍ଟ ପରିମାଣରେ ଅନୁଭୂତ ହୁଏ । ପରଂପରାକ୍ରମେ ଚକୁଳିଆପଣ୍ଡାମାନେ ଗୀତ ମୁଖସ୍ଥ କରନ୍ତି ଏବଂ ଶହେ ଶହେ ବର୍ଷ ପୂର୍ବରୁ ଏହି ଗୀତ ରଚିତ ହୋଇଥିବା ଅନୁମାନ ହୁଏ । କାରଣ, ଚକୁଳିଆପଣ୍ଡା ଅନୁଷ୍ଠାନଟି ଅତି ପ୍ରାଚୀନ । ଚକୁଳିଆପଣ୍ଡାର ଭିକ୍ଷା ସହିତ ଏହି ଗୀତଗୁଡ଼ିକ ସମ୍ପୃକ୍ତଭାବରେ ଜଡ଼ିତ ।

ସୁଅବସ୍ଥିତି ଅର୍ଥାତ୍ ଉପଯୁକ୍ତ ପରିମାଣରେ ଭିକ୍ଷା ପାଇବା ପାଇଁ ଏହି ଗୀତଗୁଡ଼ିକୁ ଚକୁଳିଆପଣ୍ଡାମାନେ ବୋଲନ୍ତି । ଏଥିରୁ ଧର୍ମଶିକ୍ଷା ମଧ୍ୟ ଦତ୍ତ ହୁଏ । ପ୍ରାଚୀନ ପୌରାଣିକ ଘଟଣାର ସୂଚନା ଏହି ଗୀତମାନଙ୍କରେ ଥିବାରୁ ଶ୍ରୋତାର ଜ୍ଞାନର ବିକାଶ ମଧ୍ୟ କେତେକ ପରିମାଣରେ ହୋଇଥାଏ ।

ଦେଲେ ଦେବେ, ଭାଙ୍ଗିଲେ ଘୁଞ୍ଚିବେ,
ବୋଲୁଁଲେ କାହାକୁ କିଛି ନ ଦେଇ ଫେରାଇବେ ।
ଅହେ ଆପଣେ ! ଅହେ ଆପଣେ !
ଧର୍ମକୁ ହେମନ୍ତେ, ଲକ୍ଷ୍ମୀ ବଢ଼ିଲେ ବଢ଼ୁ,
ଅଧର୍ମକୁ ରାବଣର ବଂଶ ଗଲା ଛାଡ଼ି । ଅହେ ଆପଣେ !
ଦେଇଥିଲେ ପାଇ, ଭୁଞ୍ଜିଥିଲେ ଯାଇ,
ପଡ଼ିଆ ଭୂମିରେ ଗୋଧନ ଚରାଇ ଦେଇ ।
ଦାତା ଧନ, ଦେବତା ବ୍ରାହ୍ମଣ,
ଅଦାତା ଧନ, ଅଗ୍ନିରେ ଦହନ ।
ବଳି ଦାତା, କର୍ଣ୍ଣ ଦାତା, ଦାତା ଜୀମୂତବାହନ
ହରିଶ୍ଚନ୍ଦ୍ର, ଶିବି ଦାତା ମୋକ୍ଷଦାତା ଜନାର୍ଦ୍ଦନ ।
ଅହେ ଆପଣେ, କାହାର ସ୍ୱର୍ଗରେ ଥିବ,
ଅନ୍ନ ବ୍ରାହ୍ମଣଙ୍କୁ ଦାନ ଦେଉଁଥିବ ।
ଦାତାପଣ ବିଏ ପୁଅ ଦାଣ୍ଡେ ଯାଉ ଦେବ, ହେଲା ନକଳିବି ।

ଗଙ୍ଗାରେ ସ୍ନାନଦାନ, ଗୟାରେ ପିଣ୍ଡ ଦାନ,
ନୀଳାଚଳରେ ନୀଳାଦ୍ରି ଦରଶନ,
ସ୍ୱର୍ଗ୍ୟ ହେଲେ ପ୍ରାଣୀମାନେ କରନ୍ତି ଏମାନ ।

ତକୁଲିଅପଣ୍ଡା ଗୀତ ପରଂପରା ସ୍ୱରରେ ଚଳି ଆସୁଥିଲେ ମଧ୍ୟ କେତେକ ପ୍ରାଚୀନ ଓ ନୂତନ କବିଙ୍କର ଉପଦେଶାତ୍ମକ ପଦ ସେମାନେ ଉଦ୍ଧାର କରି ଥାଆନ୍ତି । ଜଗନ୍ନାଥ ଦାସଙ୍କ ଭାଗବତରୁ ମଧ୍ୟ ବହୁ ପଦ ବୋଲି ଥାଆନ୍ତି ।
ଯଥା:— ଧର୍ମ ଧାରଣା ଏ ଜଗତ, ଧର୍ମରେ ସୃଷ୍ଟି ଆଦ୍ୟନ୍ତ ।
ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି ।

ତକୁଲିଅପଣ୍ଡାମାନଙ୍କର ଗୀତରେ ବା ମାଗୁଣିରେ ଆକର୍ଷଣୀୟ ଶକ୍ତି ଥିବାର ଅନୁଭୂତ ହୁଏ । ସେମାନେ ବାସ୍ତବ ଚିତ୍ର ଅଙ୍କନ କରି ନିଜର ଦୁଃଖ ଜଣାଇବା ନିମନ୍ତେ କୌଶଳପୂର୍ଣ୍ଣ ଉକ୍ତିର ଅବତାରଣା କରିଥାଆନ୍ତି । ହାସ୍ୟରସପୂର୍ଣ୍ଣ କୌତୁକ ପଦରେ ସେମାନେ ଗାଇ ଥାଆନ୍ତି:—

ଅଭାଗ୍ୟ ବେଳକୁ ବିପରୀତ ବାଣୀ,
ଗୋଟିଏ ଗୁହାଳକୁ ମାଡ଼ିଆସେ ପାଣି ।
ଶାଶୁ ବୋହୂ ଦୁଇ ଜଣ ପକାଇଲେ ଛିଣ୍ଡି,
ଘୁଙ୍ଗୁ ମୂଷା ଭଣ୍ଡି ମାଇଲା କଣ୍ଢୁଣୀ ।
ଶାଶୁ ଧଇଲା ଚୂଟି, ବୋହୂ ପକାଇଲା କୁଟି,
ବ୍ରାହ୍ମଣକୁ ନ ମିଳିଲା ଗୁହାଳ ସମୁଠି ।
ଗୁହାଳରୁ ସମୁଠି ନ ମିଳିଲା, ତାନି ତାନି ନଦୀ ନେଉଛି ଗାଈ ।
ଏକ ଘର ବୁଢ଼ୀ ଅଟଇ କୃପଣ, ଖାଇଆ ତଡ଼ାରେ ନ ଦୋଳେ ଲୁଣ ।
ଶାଶୁ କାଣୀକି ବୋହୂ ଟେସି, ନଣନ୍ଦ ଆସିବେ ଫୁଲ,
ଠନକଣଥାକ ଦରଶି ଦରଶି ନ ପାଇଲେ ଦୂନା କୂଳ ।
ଶାଶୁକୁ ମାଇଲେ, ଅନେକ ତୋଡ଼ିଲେ,
ଟିଙ୍ଗିଣୀକୁ ଶୁଦ୍ଧ ମଲୁଷ ଖାଇଲେ ।
ଶିକାରେ ଟେଆ ବୋଇଲେ ପାଟିରେ ଥୋଇଲେ,
ଗୁହାଳ ଥୋଇ ପାଣି ବକୁଳି କଲେ ।
ଶାଶୁ ମାଗିଲାରୁ ମୁହଁ ମୋଡ଼ିଲେ ।

**ଶିଶୁଗୀତିକା**—ଲୋକମୁଖରେ ପ୍ରାଚୀନ କାଳର ବହୁ ଶିଶୁଗୀତ ଶୁଣିବାକୁ ମିଳେ । ଏଥିରେ ଶିଶୁବସ୍ତୁଶୋଭିତ ଭାବ, ଭାଷା ଓ ଚମତ୍କାରିତା ଦେଖାଯାଏ । ଗାମ୍ଭୀର୍ଯ୍ୟବର୍ଜିତ ଭାବକୁ ବୁଝାଇବାପାଇଁ ଅତି ସରଳ ଭାଷାରେ, ସରଳ ଛନ୍ଦରେ ଏଗୁଡ଼ିକ ରଚିତ । ପିଲମାନଙ୍କର କୌତୂହଳ ଉଦ୍ଦୀପନା ପାଇଁ କେତେକ ନିରର୍ଥକ ପଦ ମଧ୍ୟ ପ୍ରଥମରେ ଓ ଶେଷରେ ଯୁକ୍ତ କରାଯାଇଥାଏ । ପିଲମାନଙ୍କୁ ଜହ୍ନ ଦେଖାଇ ଖେଳାଇବାର ଗୀତ ଅତି ଜନପ୍ରିୟ । ଜହ୍ନ ତ ସମସ୍ତଙ୍କର ମାମୁଁ । ଶିଶୁଙ୍କର ମଧ୍ୟ ମାମୁଁ । ନିର୍ମଳ ଶରଦ ଚନ୍ଦ୍ର ବା ଜୋସ୍ନା ଜହ୍ନମାମୁଁଙ୍କୁ ଦେଖି କଲ୍ଲୁଇଅର ମନ ଖୁସି । ମା ଯଶୋଦା କହ୍ନାକୁ କହୁଛନ୍ତି, “କାହ୍ନୁ ଭଣଜାକୁ ପାଞ୍ଚକାହ୍ନ ଦେଇଯାଅ । ଗୋଟିଏ ଦେଲେ କାହ୍ନୁ ହସିବ, ଦୁଇଟି ଦେଲେ ଆନନ୍ଦରେ ପିଢ଼ା ମାଡ଼ି ବସିବ ।” କାହ୍ନୁକୁ ପାଞ୍ଚକାହ୍ନ ଦେବ୍ ମାମୁଖିବ ! ଶିଶୁମାନଙ୍କୁ କାହ୍ନୁ ପିନ୍ଧେଇବା ଏଠୁ ସବୁ ଦିନେ ଚଳୁଛି ।

ଆ ଆ ଜହ୍ନମାମୁଁ ଶରଦ ଶଶୀ, କାହ୍ନୁ ହାତରେ ମୋ ପଡ଼ରେ ଖସି ।
ଆ ଆ ଜହ୍ନମାମୁଁ ଅ ଆ ଇ, ପାଞ୍ଚକାହ୍ନଟିଏ ଦେଇ ଯାଅ ।
ଗୋଟିଏ ଦେଲେ କାହ୍ନୁ ମୋର ହସିବ, ଯୋଡ଼ିଏ ଦେଲେ ପିଢ଼ା ମାଡ଼ି ବସିବ ।

ଏହିପରି ବହୁ ଶିଶୁଗୀତ ଅଛି । ପିଲଙ୍କ ଖେଳଗୀତ, ଶୁଆ ବା ଶୋଇବା ଗୀତ, ପଢ଼ାଗୀତ ପ୍ରଭୃତିରେ ମନସ୍ତତ୍ତ୍ୱର କବିତ୍ୱପରର ଆଭାସ ମିଳେ । ଏଥିରେ କଳ୍ପନାର ବିଳାସ ଅଳ୍ପମାତ୍ରାରେ ପ୍ରକାଶ ପାଇଥିଲେ ମଧ୍ୟ ରଚନାଭଙ୍ଗୀର ମନୋହାରିତ୍ୱ କବିତାକୁ ସରସ କରିଛି । ସରଳ ଭାବ, ସରଳ ଭାଷା ଓ ଛନ୍ଦର ସ୍ୱାତନ୍ତ୍ର୍ୟ ହିଁ ଏଥିର ବିଶେଷତ୍ୱ । କେତୋଟି ଉଦାହରଣ ତଳେ ଦିଆଗଲା ।

୧ । ଖେଳ ଗୀତ—

ଚୁଲୁ ମୁଣ୍ଡି ଚୁକାଇ ମୁଣ୍ଡି, ଧାନ ଭରଣ ଗାଡ଼ିଥା ବସି,
ରୁ ଥା ମୁଁ ଯାଉଛି ଲୁଚି ।
ଆଳିଲି ମାଳିଲି ଝାଳିଲି ଠାଇ, ଗଣେଶ ମାଦଳ ବଜାଏ ହରି,
ରାଇରଙ୍ଗ ଚିରିକି ଫୁଲ, ରଜା ବୋଇଲେ ଏଇଟି ତୋଳ ।
ଇଚିଡ଼ି ମିଚିଡ଼ି, କାମୁଡ଼ି ଚିଡ଼ି, ପିଠେ ମାଇଲେ ଢୋଲ,
ଆଳୁ ଝଣ୍ଟି ଝଣ୍ଟି ପିତକା ପାଣି, ବୋଇଲେ, ଏ ଗୋଡ଼ ଖଣ୍ଡି ମୋର ।

୨ । ଜହ୍ନ ଧରିବା ଗୀତ—

କୂଳ ମୂଳ ବାଲିଗୋଡ଼ି, କାଖେ ନେଲି ଘଉଡ଼ି ।
ତାଳ ଗଛରେ ଉଇଁର ପୋକ, ମୁଁ କି ଜାଣେ ଦିଲ୍ଲୀ ଲୋକ ।
ହୁଁ କରୁଛ, ପିଠିରୁ ବାଛ, ରଙ୍ଗ ଦାଣ୍ଡିଆ ଗୁଛ,
ଭରତ ମାଇଲେ ଘୋଡ଼ା ବାହୁଣି, ପଡ଼ିଲେ ହନୁମନ୍ତ ।
(ପଲ୍ଲୀଗୀତ ସଞ୍ଚୟନ, ୨ୟ)

୩ । ଘର ଖେଳ ଗୀତ—

କଦଳୀ ଗଛର ଦାନ ବାହ୍ମାଙ୍ଗା, ବଣି କଲା ବସା,
ଅଃଷ ମାମୁ କାଣ୍ଡ ବାଉଁଶ ମାଇଁକି ନେଲା ମୁଣ୍ଡା;
ଖେଳେ ରେ, ଖେଳେ ରେ, ଖେଳେ ରେ ।

୪ । ଶୁଆଇବା ଗୀତ—

ଶୋଇ ପଡ଼ରେ ବାଇଆ ମୋର ଘଡ଼ି ଟିକିଏ ଶୋ-ଇ,
ଆସିବ ପରା କୋକ ମିଜାରେ, କୁଜଙ୍କି ଥିବ ନେ-ଇ ।
କୋକ ମିଜାରେ ରୁ ବାଡ଼ି ଦୁଅରେ ଆ-ଆ,
ଘା-ଦରେ ଜାଗିବ ପିଲା ତା କାନ ଦଣ୍ଡି ଖା-ଆ ।
କୋକ ମିଜାରେ ବାଡ଼ି ଦୁଆରୁ ଯାଆ ପଳା-ଇ,
ବାଇଆ ମୋର ଶୋଇ ପଡ଼ିଲା ଆଉ ଜାଗିବ ନା-ହିଁ ।

ଏହି ଗୀତରେ ସ୍ୱରଧ୍ୱନିର ଉଚ୍ଚାରଣ ଟିକିଏ ଦୀର୍ଘ ହୁଏ । ପିଲାର ମନରେ କୋକ (ବାଘ) ମିଜାର ଭୟ ସଞ୍ଚାର କରାଇ ତାକୁ ଚୁପ କରାଇବା ଓ ଭୟରେ ଶୋଇ ପଡ଼ିବା ପାଇଁ ତାକୁ ପ୍ରବର୍ତ୍ତାଇବା ଏହି ରଚନାର ଉଦ୍ଦେଶ୍ୟ । ଗୀତର ସ୍ୱର ମଧ୍ୟ ଶିଶୁ ଉପରେ ପ୍ରଭାବ ପକାଏ ଏବଂ ଫଳରେ ପିଲା ଶୋଇ ପଡ଼େ । ପିଲାଙ୍କର ଅତି ପ୍ରିୟ ଗୀତିକାମାନଙ୍କ ମଧ୍ୟରୁ ନିମ୍ନ କେତୋଟି ଗୀତ ଦିଆଗଲା—

୧ । ତାମଗୁଳାଭି ରେ ତାମଗୁଳାଭି, ଖୁଣ୍ଟ ପରବତେ ବୋବାଉଥାଇ ।
ଖୁଣ୍ଟ ପରବତେ କୁହୁକୁହୁଆ, ତଳେ ବହିଛନ୍ତି ଗଙ୍ଗ ଭେଣ୍ଡିଆ ।
ଚାରି ଘନ ପଣ ବହୁଦା ଘଣ, ସ୍ୱଗକନ୍ୟା ବୋଲ କରନ୍ତି ଗଣ ।
ନାହିଁ ଗାଈ ବଳ ପାଇଲୁ ବାତ, ବୋରୁ କେଉଠାରୁ କାକଳା-ଘାତ ।

ଅଣ୍ଟରେ ଶଙ୍ଖାଡ଼ ବାନ୍ଧୋଇ ଦିବା, କଇଁଚ କାକୁଡ଼ି ତୋଳି ଆଣିବା ।
କଇଁଚ କାକୁଡ଼ି ମୁଣ୍ଡିଟି ପିତା, ଛଅ ଭଉଣୀଙ୍କର ଛଅ ମୁକୁତା ।

୨ । ମେଘ ବରଷିଲା ଝପର ଝପର ମାଣ୍ଡିଆ ଧଇଲା ଗଜା,
କେଉଁ ଗାଈଜଟରେ ରହିଲେ ରଜା, ତେଲଙ୍ଗୀ ବାଇଦ ବଜା ।

୩ । ଦୁମୁ ଦୁମୁ ଦୁମୁ ଦୁମୁରେ ପାଣି, ଦୁମି ଗଲେ ଅଣ୍ଟି ନଦୀଏ ଧଣି ।
ପାଣି ଦୁମୁରଇ ଫୁଲଇ ବେଳ, ପଡ଼ଶାଙ୍କ ଆଗେ ଦେଖାଇ ଟେକ ।

## (୬) ଗଦ୍ୟ, ଗଦ୍ୟ-ପଦ୍ୟାତ୍ମକ ରଚନା

କେତୋଟି ଅତି ପ୍ରାଚୀନ ଓଡ଼ିଆ ଗୀତ ବର୍ତ୍ତମାନ ସୁଦ୍ଧା ପଶ୍ଚିମାଞ୍ଚଳରେ ଲୋକମୁଖରେ ପ୍ରଚଳିତ ଅଛି । ସେଗୁଡ଼ିକରେ ଥିବା ପଦମାନଙ୍କରେ ପ୍ରାଚୀନତାର ରୂପ ବର୍ତ୍ତମାନ ଅବିକାରରେ ଦେଖାଯାଉ ନ ଥିଲେ ମଧ୍ୟ ପ୍ରାଚୀନ କାଳରୁ ସେଗୁଡ଼ିକ ପ୍ରଚଳିତ ହୋଇ ଆସୁଥିବା ବୋଲି ଅନୁମାନ କରାଯାଇଛି । ସାରଳା ଦାସଙ୍କ ମହାଭାରତର ଭାଷା ଆଧୁନିକ ଭାଷାଠାରୁ ବେଶୀ ପୃଥକ୍ ନୁହେଁ । ପ୍ରାଚୀନତାର ରୂପ ରଚନାର କଳେବର ତୁଳନାରେ ଅଳ୍ପ ହିଁ ଦେଖାଯାଏ । ସାରଳାପୂର୍ବ ରଚନାଗୁଡ଼ିକ ମଧ୍ୟ ଭାଷାର ପୂର୍ଣ୍ଣତା ପ୍ରାପ୍ତ ହୋଇଛି । ଏପରି କେତେକ ଗଦ୍ୟ-ପଦ୍ୟାତ୍ମକ ରଚନା ଓ ଗଦ୍ୟରଚନା ମଧ୍ୟ ଦେଖାଯାଏ ।

**ଗୋବିନ୍ଦି ମୂଷା**—ପୋଷା ମୂଷାକୁ ଧରି ପିଲାମାନେ ଦାଣ୍ଡରେ ଖେଳାଇ ପଇସା ମାଗନ୍ତି । ପିଲାମାନଙ୍କର ମୂଷା ଖେଳ, ସାପ ଖେଳ ବହୁ ପ୍ରାଚୀନ କାଳରୁ ଏ ଦେଶରେ ପ୍ରଚଳିତ ଅଛି । ଓଡ଼ିଶାର ପିଲାମାନେ ମୂଷା ଖେଳରେ "ଗୋବିନ୍ଦ ମୂଷା" ଗୀତ ଓ ସାପ ଖେଳରେ "ପଦ୍ମତୋଳା" ପ୍ରଭୃତି ଗୀତ ବୋଲନ୍ତି । "ଗୋବିନ୍ଦ ମୂଷା" ରଚନାଟି ଗଦ୍ୟ ଓ ପଦ୍ୟ ମିଶ୍ରିତ । ଏ ଗୀତ ବୋଲିବାରେ ନାଟକତା ଅଛି, ସୁରୁଚି ଅଛି । ଦୁଇକୁ ଦଳବେଶରେ ନାଚ ଓ ଗୀତ କରି ପିଲାମାନେ ମୂଷାକୁ ସମ୍ବୋଧନ କରି ପଦ ବୋଲନ୍ତି । ଓଡ଼ିଆ ଘର ଝିଅ, ବୋହୂ ପ୍ରତିଦିନ ଯେପରି ଘରେ ଚଳନ୍ତି ସେପରି ସବୁହିଁ ବର୍ଣ୍ଣିତ ହୋଇଥାଏ । ପିଲା ମୂଷାର ଅଭିନୟକୁ ତାଳ ଖାଇଲା ଭଳି ଉପଯୁକ୍ତ ହାର୍ଦ୍ଦିକ ଶବ୍ଦରେ ଗୀତ ବୋଲେ—

"ଗୋବନ୍ଧ ମୂଷା, ଖୋବନ୍ଧ ମୂଷା, ଧାନ ଖୁନ୍ଦଲ ଖାଉ, ଓଳିଆ ଗଉଡ଼ରେ ରହୁ । ଖଣ୍ଡ ପଲଙ୍କ ଓଳିଆ କାଟି ବସା କରୁ । ମୂଷା, ଶଶା, ଜାହାର ପୋଷ୍ୟ ତୁ ଯୋଗୀ । ଈଶ୍ୱରଙ୍କ ବାହନ, ପାର୍ବତୀଙ୍କ ଦୂତ । ଏକା ଘରେ ସୁଖ ପାଞ୍ଚ ଭାଇ ଥାଆନ୍ତି । ଶାଳ ଭାଇ ଭଉଣୀ, ବଡ଼ଭାଇ ଦେଢ଼ଶୁର । ଦାଣ୍ଡ ମନ୍ଦିରେ ହୋଇଛୁ କୂଅ । ତୁ ଦେଖୁ ଭୁଆସୁଣୀ ହୋଇ । ହୁରିଆ, ଘଣ୍ଟୁଆ, ଗାଜା, ବଜାଗୁ—ଏମାନେ ନାହାନ୍ତି ଘରେ । ଜଳ ଜଳ ଧନ୍ଦା ବେଢ଼ଶାରେ ଖାଉଛନ୍ତି । ଶାଶୁ କହିଲା, ଅଲେ ବୋହୂ, ମାଠିଆରେ ନାହିଁ ପାଣି । ଦେଢ଼ଶୁରମାନେ ନାହାନ୍ତି ଘରେ । ଦାଣ୍ଡ ମନ୍ଦିରେ କୂଅ । ଧଳୁର ମାଠିଆ ପାଣି ଦେନଆ । ଧଳୁର ମାଠିଆ ପାଣି ଦେନଆ । ଶାଶୁ କହିଲା, ଅଲେ ବୋହୂ, ଦେଢ଼ଶୁରମାନେ ଆସିଲେଣି । ଗାଜା, ବଜାଗୁ, ଘଣ୍ଟୁଆ, ହୁରିଆ । ଦେଖ ଦେଖ କରି, ଅଧର ମାଠିଏ, ସେପରେ ମାଠିଏ । ଗୋଡ଼ୁ ଗାଣ୍ଡ ଦେଇ । ମୁଣ୍ଡରେ ଲୁଗା ନାହିଁ, ତଳୁ ଲୁଗାଣ୍ଠା ।"

ମୂଷାର ଅଭିନୟ ସହିତ ସାମଞ୍ଜସ୍ୟ ରକ୍ଷି ବଡ଼ ସୁନ୍ଦର ଭାବରେ ବସ୍ତୁଟି ନେଇ ବର୍ଣ୍ଣନା କରି ଯାଇଛି । ଏ ଶ୍ରେଣୀ ରଚନାଟି ପରମ୍ପରା ଭାବରେ ଜନଶ୍ରୁତି ତରଙ୍ଗରେ ରଚିତ ହୋଇଛି । ବୋଲିବା ଢଙ୍ଗରୁ ଏହା ସହଜ ରୂପେ ଅନୁମିତ ହୁଏ ।

ମୂଷା ଶାଳ ଭାଇବୋହୂର ଅଭିନୟ କରେ । ଦେଢ଼ଶୁରମାନେ ଘରେ ଥିଲେ ଭାଇବୋହୂ ସେମାନଙ୍କ ଆଗରେ କପର ଠିଆ ହେବ ? ସେମାନେ କାର୍ଯ୍ୟାନ୍ତରରେ ବାହାରି ଗଲେ ଶାଶୁ ପାଣି ପାଇଁ ତାକୁ ପଠାଇଛି । କୂଅଟି ପୁଣି ଦାଣ୍ଡ ମନ୍ଦିରେ । ଖାଲି ମାଠିଆ ଧରି ଶାଳବୋହୂ ପାଣି ଆଣିବାକୁ ଦାଣ୍ଡ କୂଅକୁ ଗଲା । ମାଠିଏ ମାଠିଏ କେତେ ମାଠିଆ ଆଣିଲା—ଆଗ ମାଠିଏ, ସେପରେ ମାଠିଏ, ଦେଖନ୍ତ ମାଠିଏ । ଏତିକି ବେଳେ ଦେଢ଼ଶୁରମାନେ ଆସି ଗଲାରୁ ଶାଶୁ ଶାଳବୋହୂକୁ ସାବଧାନ କରିଦେଲା । ସେ ଭୁଲି ଯାଇଲା ଦେବା ମୁଣ୍ଡରେ ଲୁଗା କାଢ଼ି । ଶାଶୁ ବାଆରେଇ କହିଲା, "ଗୋଡ଼ୁ ଗାଣ୍ଡ ଘର, ମୁଣ୍ଡରେ ଲୁଗା ନାହିଁ, ତଳୁ ଲୁଗାଣ୍ଠା ।" ଏହି ଉପସଂହାର ଚିତ୍ତାକର୍ଷକ ଓ ଭାବବ୍ୟଞ୍ଜକ । ଅତି ସରଳ ଭାଷାରେ ଓଡ଼ିଆ ଘରର ଶାଳବୋହୂ-ଦେଢ଼ଶୁରଙ୍କ ଚଳଣି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ।

କେଳାର ବାକ୍‌ପଟୁତା ଥାଏ । ଅତି ସରଳ ମାର୍ଜିତ ଭାଷାରେ ମନୋରମ ଶୈଳୀ ପ୍ରୟୋଗ କରି କବି ବିଷୟଟି ଉପସ୍ଥାପିତ କରେ । କଥାରେ ଯେଉଁସବୁ ଦ୍ୱିରୁକ୍ତି ଦେଖାଯାଏ ତାହା ଅବଶ୍ୟକର ନୁହେଁ । କଥନଭଙ୍ଗୀର ମାଧୁର୍ଯ୍ୟ ଏଥିରେ ବର୍ଣ୍ଣିତ ହୋଇଛି ।

## (ଗ) ଜାନଣା

ଜାନଣାଗୀତ, ଦୋଳିଗୀତ, ବାରମାସୀଗୀତ, ପୁଚିଖେଳଗୀତ, ଓପାଗୀତ ପ୍ରଭୃତି ଗୀତ ସ୍ତ୍ରୀମାନେ ଓ ବାଳିକାମାନେ ବୋଲନ୍ତି ।

"ଜାନଣା" ସାଧାରଣରେ ଛୋଟ ଛୋଟ କବିତା; ଅଧିକାଂଶ କରୁଣ-ରସାଶ୍ରିତ । ଏଥିର ଭାଷା ଓ ଭାବ ମଧ୍ୟ ସରଳ । "ଦୋଳିଗୀତ" ମଧ୍ୟ ଛୋଟ ଛୋଟ କବିତା । "ବାରମାସୀଗୀତ"ରେ ବର୍ଷର ପ୍ରତ୍ୟେକ ମାସର ଅନୁଭୂତି ବର୍ଣ୍ଣିତ ହୋଇ ରଚିତ ହୋଇଥାଏ । "ପୁଚିଖେଳଗୀତ" କେବଳ ଖେଳ ପାଇଁ ଆବଶ୍ୟକ ହୋଇଥିବାରୁ କବିତାର ରସ ଉପରେ ପ୍ରାଧାନ୍ୟ ନଥାଏ । ଅଧିକାଂଶ କବିତା ଛାନ୍ଦମାଳା ପରି ଛୋଟ । ଏଥିରେ ଅନେକ ନିରର୍ଥକ ପଦଯୋଜନା ଦେଖାଯାଏ ।

କବିତାର ଅବତାରଣା ପାଇଁ ବହୁ କବିତାରେ ପ୍ରଥମ ପଦରେ କେତେକ ସାର୍ଥକ ଓ ନିରର୍ଥକ ବାକ୍ୟର ବ୍ୟବହାର ଦେଖାଯାଏ । ରଚନା କରିବାରେ କଳ୍ପନାକୁ ସ୍ଫୁଟେଇ ଦେବା ପାଇଁ ଏହି ନିରର୍ଥକ ପଦଯୋଜନା ଆବଶ୍ୟକ ହୋଇଥାଏ । ନିରର୍ଥକ ପଦ ଓ ବାକ୍ୟଗୁଡ଼ିକ ରସାସ୍ୱାଦନରେ ବାଧା ସୃଷ୍ଟି ନକରି କବିତାର ସ୍ୱାଭାବିକ ସରଳ ଗତିକୁ ସାହାଯ୍ୟ କରୁଥିବା ଦେଖାଯାଏ । ଏହି ନିରର୍ଥକ ପଦଯୋଜନା ରସାସ୍ୱାଦନ ପାଇଁ ମନକୁ ପ୍ରସ୍ତୁତ କରି ରଖେ ।

ଛଡ଼ି ବଟେ କୁଅ କୂଳେ, ପାଣି ହେଉଛି ଢାଳେକୁ ଢାଳେ ଲୋ,
ଝିଅ ଯେ ପହରିଆ ବେଳେ, ମୋ ବୋଲୁ ଲୋ ।

ଏଠାରେ "ଛଡ଼ିବଟେ କୁଅ କୂଳେ" ବାକ୍ୟଟି ସମ୍ପୂର୍ଣ୍ଣ କବିତାଟିର ଭାବର ସମ୍ପର୍କ ଥିବା ଅନୁମିତ ହୁଏ ନାହିଁ । କିନ୍ତୁ କବିତାର ରଚନା ଏହାଦ୍ୱାରା ସରଳ ହୋଇଯାଇଛି ।

ଏହି "ଜାନଣା"ର ରଚନାରେ ଉଚ୍ଚ କୋଟୀର ସାହିତ୍ୟ ଛଟା ଥିବା ମଧ୍ୟ ଦେଖାଯାଏ । ପ୍ରାଣର ଗଭୀର ଭାବର ଆବେଗ ସମ୍ପୃକ୍ତ ତାଳ ରକ୍ଷା କରି

ଉପମାର ସମାବେଶ କେତେକ ସ୍ଥାନରେ ସୁଚାରୁ ସାଦୃଶ୍ୟ ସୃଷ୍ଟି କରିଛି । କି ଭାବ, କି ଭାଷା, କି ଅଳଙ୍କାର ସମ୍ଭାର, କି ଛନ୍ଦର ବ୍ୟାପକତା ସବୁ ଦିଗରୁ କବିତା ସୌନ୍ଦର୍ଯ୍ୟର ଭଣ୍ଡାର ହୋଇପଡ଼ିଛି ।

ମୀନ ଖେଳୁଥାଏ ଜଳ ଭିତରେ, ଲୋ ବୋଉ ।
ମୁହିଁ ଖେଳୁଥାଇ ତୋହର କୋଳରେ, ,,
ଧୀବର ଜାଲରେ ମୀନ ପଡ଼ିଲା, ,,
ଜଳକ୍ରୀଡ଼ା ତାର ସରିଗଲା, ,,

ଜଳ ଭିତରେ ଅବାଧରେ ମୀନ କ୍ରୀଡ଼ା କରୁଥିଲା । ଏବେ ଧୀବରର ଜାଲ ଭିତରେ ପଡ଼ି ସ୍ୱାଧୀନତା ହରେଇଛି । ଏଥିନରେ ତାର ଜଳକ୍ରୀଡ଼ା, ସ୍ୱାଧୀନ ଜୀବନ ଶେଷ ହେଲା; ପରାଧୀନ ହୋଇ କାଳ କାଟିବାକୁ ପଡ଼ିବ । ସଂସାରର ମାୟା ଜାଲରେ ପଡ଼ି ସ୍ୱାଧୀନତା ଗଲା ! ଏଥିପାଇଁ ଦାୟୀ କିଏ ? ପିତା ହିଁ ଏଥିପାଇଁ ଦାୟୀ ବୋଲି ଝିଅ ମାଆକୁ ଜଣାଉଛି । ଶିଶିର ପାଇ ପବନ ବଢ଼ଇ (?), ମାଆର ସ୍ନେହ ପାଇ ତା କୋଳରେ ଝିଅ ବଢ଼ଇ । ତୋହର (ମାଆର) କୋଳରୁ ଅନ୍ତର କରିବା ପାଇଁ, ସତେ ବାପା ଏପରି ମାୟା କଲେ କି ? ଗୋପୀମାନଙ୍କୁ ଠକିବା ପାଇଁ କୃଷ୍ଣ ମାୟା କରି ନିଜେ ଗୋପପୁର ଛାଡ଼ି ମଥୁରା ଗଲେ ପରି ବାପା ମାୟା କରି ମୋତେ ଶ୍ୱଶୁରଗୃହରୂପ ମଥୁରାକୁ ପଠାଇ ଦେଲେ କି ?

ପବନ ବଢ଼ଇ ଶିଶିର ପାଇ, ଲୋ ବୋଉ ।
ବଢୁଥାଇ ମୁହିଁ ତୋ ସ୍ନେହ ପାଇ, ,,
କୃଷ୍ଣ ମାୟା କଲେ ଗୋପୀଙ୍କ ପାଇଁ, ,,
ବାପା ମାୟା କଲେ ମୋହର ପାଇଁ, ,,

ସ୍ତ୍ରୀ ନୂଆବୋଉ (ଭାଉଜ)ଙ୍କୁ କହୁଛି—

ଉଆଁସ ନିଶିରେ ଚନ୍ଦ୍ର ଉଦିବ, ହେ ନୂଆବୋଉ ।
ସେଇଦିନ ତୁମ ମୁହଁ ଫୁଟିବ, ,,
ସୀତାଙ୍କ କପାଳ ଅଶୋକ ବନେ, ,,
ମୋର କପାଳ ତ ଯମଭୁବନେ, ,,

ପିନ୍ଧିଲ ମୁଦ୍ରିକା ଯୋଗୀ ନୁହନ୍ତୁ,      ଦେଖୁ ନୂଆବୋଉ ।
ସୁନା ମୁଦି ତାଙ୍କୁ ଦେଲି କାହିଁକି !      "
ଜଳ ବନ୍ଧନେ ତ ନଦୀ ଅଶୋଷ୍ୟ,      "
ଫଳ ବନ୍ଧନେ ତ ବୃକ୍ଷ ଅଶୋଷ୍ୟ ।      "
ଟଣା ପଣ କର୍ଣ୍ଣ ଦେଉର ମୁଁ ଥିବ,      "
ଗୁଡ଼କ ଯଉ ତ ବାଟ ଖୁଣ୍ଟିବି ।      "
ଦାଦା କହେଶୁ ଓଲସ୍ଥା କରିବେ,      "
ଖୋପପୁରେ ଆଣି ଝିଅ କରିବେ ।      "

ମାଆ ଉପରେ ଝିଅର ଗୁପ୍ତ ମଧ୍ୟ ବେଳେ ବେଳେ ପ୍ରକାଶ ପାଇଛି । ସାନଝିଅ ପ୍ରତି ବିଶେଷ ଶ୍ରଦ୍ଧା ଥିବାରୁ ହେତେ କଣ କହୁଛିଅଛୁ ମାଆ ପକ୍ଷୁ ବଦାସ୍ତ କରି ଦେଉଛ କି !

ପଛୁ ବାହାଘରେ ବାଜିବ ତୁଅ,      ସେମା ବୋଉ ।
ଅନ୍ଧୁ ଖାଉଛି ତୋ ବଡ଼ ଝିଅ ।      "
ତୋ ସାନ ଝିଅ ତ ଚମ୍ପା ଦେଶରା,      "
ତାକୁ ଦେଖି ମୋତେ ଦେଲୁ ପାସୋରି ।      "

ବାପାଙ୍କର ତୁଳନାରେ ଶଶୁରଙ୍କର ଟିକିଏ ଭଲ ଅବସ୍ଥାର ହୋଇଥିଲେ ଝିଅର ଅଭିମାନ କହୁଲେ ନ ସରେ । ସେଥିରେ ଯୁକ୍ତି ଗଣନା ଥିଲେ, ଦୁଃଖ କହୁଲେ ନ ସରେ । "ଯାହା ଘରେ ଶଙ୍ଖ ବଉଟି ନାହିଁ, ତାହା ଘରେ ବାପା, ନାହିଁକି ଭୁଣ୍ଡ ଅଣ୍ଟା କଲ ! ଯାହା ଘରେ ବଳା ପାହୁଡ଼ ନାହିଁ, ତାହା ଘରେ ଯୋଡ଼ ପିନ୍ଧିଲ ! ମୋତେ ବଦାସ୍ତ କରିଦେଲ ବୋହୂ ଟିକିଏ ଆଣି ତା ଉର୍ଦ୍ଧ ପାଇବ ବୋଲି ଏଥା କରିଥିଲ କି ?"

ଯାହା ଘରେ ନାହିଁ ଶଙ୍ଖ ବଉଟି, ତାହା ଘରେ କଲ ଭୁଣ୍ଡ ଅଣ୍ଟା ।
ଯାହା ଘରେ ନାହିଁ ବଳା ପାହୁଡ଼, ତାହା ଘରେ ଯାଇ ପିନ୍ଧିଲ ଯୋଡ଼ ।
ହତା କାଢ଼ି ନେଇ ଭୁଅ ଗଞ୍ଜିବ, ଝିଅ କାଢ଼ିନେବ ବୋହୂ ଆଣିବ ।
ଲେଉଟିଆ ଶାଗ ତେଲରେ ଭଜା, ଖାଇବ ତ ବୋହୂ ହାତ ପରଜା ।

ପୁଣି ସେ ଅଭିମାନ କରି କହୁଛି—

ମୋତେ ବା କାହିଁକି ଏପରି କଲ ? ମୁଁ ଘରେ ଥିଲେ ତୁମର ବା କଣ ସରିଯାଅନ୍ତା ? ମାଗନ୍ତା ଲୋକ, ଯୋଗୀ, ଭିକାରି ଯାହା ମାଗି ନେଉଥାନ୍ତେ ସେତିକି ମୁଁ ଖାଇଲେ କି ତୁମର ସମ୍ପତ୍ତି ସରି ଯାଅନ୍ତା, କି ତୁମର ଦୁଃଖ ବଢ଼ନ୍ତା ! ମାଆ କେତେ ଦୁଃଖ କରି ମୋତେ ପାଳିଥିଲେ । ଏବେ ସେ ଦୁଃଖକୁ ଭୁଲେଇଁ ଦେଲ, ମୋତେ କଂସେଇ ଖୁଣ୍ଟରେ ବାନ୍ଧିଦେଲ ।

ଶେଷେ ବାଛୁରୀକୁ ଭୁଲେଇଁ ଦେଲ, କଂସେଇ ଖୁଣ୍ଟରେ ନେଇ ବାନ୍ଧିଲ ।

## ନବବଧୂର କାନ୍ଦଣା

ଦୂବଗଛ କେବେ ଡାଳୁ ହୋଇବ ? ମୋ ରୁକ୍ମଣୀ ଆଈ ।
ଉଷୁନା ଧାନ କି ଗଜା ହୋଇବ ? ,,
ଅଲେଖା ପତ୍ର କି ଲେଖା ହୋଇବ ? ,,
ଅଚଳ ମେରୁଂ କି ଘୁରେ ଚଳିବ ? ,,
ପଚିଶ ସୁନ କି ମଟେଁ ଉଇଁବ ? ,,
ଫିଟିକରି କେବେ କର୍ପୂର ହେବ ? ,,
ଗୋଷ୍ପଦରେ ଅବ୍ଧି ଅଟିବ ସତେ ? ,,
ମଥୁରାରୁ ଆଉ କେ ନେବ ମୋତେ ? ,,
ଦୁର୍ଯ୍ୟୋଧନ ଧନ କାଟିବା ବେଳ, ,,
ବୃନ୍ଦାବନରେ କି ଖେଳିବ ଖେଳ । ,,
ଶିବ ଶିରେ ଚମ୍ପା ଚଢ଼ାଉଥିବ, ,,
ଭୁଲୁ ଶୁଭ କଥା ମନାଉଥିବ । ,,

(ପଲ୍ଲୀଗୀତ ସଞ୍ଚୟନ—୨ୟ)

ଏହି କାନ୍ଦଣାଟିରେ ପ୍ରଥମେ ଯାହା ସମ୍ଭବ ନୁହେଁ ତାହା ବର୍ଣ୍ଣନା କରିବା ଦ୍ୱାରା ନବବଧୂ ନିଜ ଉପସ୍ଥିତ ପରିସ୍ଥିତିର ସୁପରିବର୍ତ୍ତନର ଶଙ୍କା କୋଟିକେ ଭଙ୍ଗ କରୁଛି । ତା'ପର ଅନ୍ତେଟିରେ ରାମକୃଷ୍ଣ ମଥୁରା ଗଲେ । ଗୋପବାଳକ ଓ ବାଳିକାମାନଙ୍କ ସହିତ ସେମାନଙ୍କର ପୁନର୍ମିଳନର ଆଶା

ଦେଖିପାରୁ ନାହାନ୍ତି । ଏଥି ଯୋଗୁଁ ହୃଦୟ କନ୍ଦରରୁ ଅତି ମର୍ମସ୍ପର୍ଶୀ ସ୍ୱରୋଚ୍ଛ୍ୱାସ ନିର୍ଗତ ହୋଇଛି—

ଗୋପପୁରେ ଥାଇ ଆସିବ ସତେ ? ମୋ ଗନ୍ତୁଣୀ ଆଳ ।
ମଥୁରାରୁ ଆଉ କେ ନେବ ମୋତେ ? "

ଏତେ ଦୁଃଖ ଭିତରେ, ଏତେ ନୈରାଶ୍ୟ ଭିତରେ ଆତ୍ମୀୟର ଶୁଭ-କାମନା ଅତି ଉଚ୍ଚ ସଂସ୍କୃତିର ପରିଚାୟକ । ଚିତ୍ତଗତ ଅନ୍ଧକାରରେ ଶିବଙ୍କୁ ସନ୍ତୁଷ୍ଟ କରି ତାଙ୍କଠାରୁ ଏତିକି ବର ପ୍ରାର୍ଥନା,—ବନ୍ଧୁଙ୍କର ମଙ୍ଗଳ ହେଉ, ଆତ୍ମୀୟର ମଙ୍ଗଳ ହେଉ ।

ଶିବ ଶିରେ ଚମ୍ପା ଚଢ଼ାଉଥିବି,
ଭୁଞ୍ଜି ନୁହେ କଣ୍ଠ ମନାଉଥିବି ।

କନ୍ୟା ପିତୃଗୃହ-ଗୋପପୁରରେ ଅଛି । ଅକ୍ରୂର କଂସଙ୍କ ଆଜ୍ଞାରେ ଗୋପ-ପୁରକୁ ଆସି ରାମକୃଷ୍ଣଙ୍କୁ ମଥୁରାକୁ ନେଲା । ପିତାଙ୍କ ଅଙ୍କରେ ଭ୍ରାତା ଭଗିନୀକୁ ତାର ଶ୍ୱଶୁରାଳୟରେ, ଅର୍ଥାତ୍ ମଥୁରାପୁରରେ ଛାଡ଼ି ଦେଇ ଆସିଲା । କୃଷ୍ଣଙ୍କ ଏ ଅବସ୍ଥାର ମନୋଭାବ ନବବଧୂର ମନୋଭାବ ସହିତ ତୁଳନା କରି ସମ ପର୍ଯ୍ୟାୟଭୁକ୍ତ କରାଯାଇଛି । ଅତି କରୁଣ, ଅତି ମର୍ମସ୍ପର୍ଶୀ ଭାବରେ ନୂତନା ନିଜର ମନର ଦୁଃଖକୁ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସେ ଏଥି ଦୁଃଖର ଉପଶମ ଆଶା କରିପାରୁ ନାହିଁ । ତାକୁ ଏହା ଅସମ୍ଭବ ମନେ ହେଉଛି—ହଇତ ଦୁବ ଘାସ ପାଳୁ ହୋଇବ ! ଯମୁନା ଧାନ କି ଗଙ୍ଗା ହୋଇବ ?... ଇତ୍ୟାଦି । ଯେଉଁମାନେ ତାକୁ ଏହି ଅବସ୍ଥାରେ ପକାଇ ଦେଇଛନ୍ତି ସେମାନଙ୍କ ପ୍ରତି ତାର ତିଳେ ହେଲେ ଆକ୍ରୋଶ ନାହିଁ କି ସେ ଅଭିଶାପ ଦେଉନାହିଁ । ଅଭିଶାପ ପରିବର୍ତ୍ତେ ସେ ସେମାନଙ୍କର ମଙ୍ଗଳକାମନା କରୁଛି । ସ୍ନେହ-ପରିପୂରିତ ହୃଦୟର ଏ ନିଦର୍ଶନ ।

ଏହି କ୍ଷୁଦ୍ର ରଚନାଟିରୁ କବୟିତ୍ରୀର ଭୂପୃଷ୍ଠ ଜ୍ଞାନର ବ୍ୟାପକତା ପ୍ରକାଶ ପାଉଛି । ଦୂବଘାସ ପାଳୁ ନ ହେବା, ଯମୁନାଧାନ ଗଙ୍ଗା ନ ହେବା, ଅଚଳମେରୁ ଟଳିବା, ଶିଶିରର କର୍ପୂର ହେବା, ସାଗରସ୍ରୋତ ମର୍ତ୍ତ୍ୟ ଛାଡ଼ିବା—ଏସବୁ ସମ୍ଭବ ନୁହେଁ; ଗୋପପୁର, ମଥୁରା, ବୃନ୍ଦାବନ ଓ ତତ୍ସମ୍ପର୍କୀୟ ପ୍ରସିଦ୍ଧ

ଶିବଙ୍କ ତ୍ରିଶୂଳ ତଥା ତାଙ୍କ ମସ୍ତକରେ ଚଢ଼ାଇ ତାଙ୍କଠୁ ବର ମାଗିବା ପରଂପରା, ଏସବୁ ଜୀବନକୁ ଉପଯୁକ୍ତ ଭାବରେ ଏହି କ୍ଷୁଦ୍ର କବିତାଟିରେ କବି ସୁନ୍ଦର ଭାବରେ ବ୍ୟବହାର କରି ପାରିଛନ୍ତି ।

ସ୍ୱାମୀଘରକୁ ଯିବାବେଳେ ନବବିବାହିତା ଯୁବତୀମାନଙ୍କର କାନ୍ଦଣା ଭିତରେ ସମାଜର ବହୁ ସମସ୍ୟାର ଛାପ ଦେଖାଯାଏ । ବାଲ୍ୟକାଳରୁ ପିତା ମାତା, ଭ୍ରାତାଭଗିନୀମାନଙ୍କର ସ୍ନେହ ଓ ତତ୍ତ୍ୱାବଧାନରେ ଲାଳିତ-ପାଳିତ ହୋଇ ନବପରିଣୀତା ପିତାଗୃହକୁ କେବଳ ନିଜର ଗୃହ ବୋଲି ମନେ କରନ୍ତି । ସ୍ୱଗ୍ରାମ, ସ୍ୱକୁଟୁମ୍ବ ଓ ପିତୃକୁଳର ବନ୍ଧୁବାନ୍ଧବଙ୍କ ବେଷ୍ଟନୀ ଭିତରେ ସେ ବର୍ଦ୍ଧିତ ହୋଇଛନ୍ତି । ସ୍ୱଗ୍ରାମର ବାତାବରଣ, ସାଙ୍ଗସାଥୀ, ପୁଷ୍କରିଣୀ, ବଗିଚା, ଆକାଶ ପ୍ରଭୃତି ସହିତ ସେ ଘନିଷ୍ଠ ଭାବରେ ପରିଚିତ । ସ୍ୱଗ୍ରାମର ଓ ସ୍ୱଗୃହର ପ୍ରତ୍ୟେକ ପଦାର୍ଥ, ପ୍ରତ୍ୟେକ ଧୂଳିକଣା ତାର ଆଦରର ସାମଗ୍ରୀ । ବାଲ୍ୟକାଳରୁ ନିରବଚ୍ଛିନ୍ନ ଭାବରେ ଏହି ବାତାବରଣର ଘନିଷ୍ଠ ସାନ୍ନିଧ୍ୟ, ସହଯୋଗ, ସହାନୁଭୂତି ସେ ଉପଭୋଗ କରି ଆସିଛି । ବର୍ତ୍ତମାନ ଏହି ପ୍ରାଚୀନ, ଭୟଶୂନ୍ୟ, ସ୍ନେହପୂର୍ଣ୍ଣ ପରିବେଷ୍ଟନୀରୁ ବିଚ୍ଛିନ୍ନ ହୋଇ ଅଜ୍ଞାତ ସ୍ଥାନ, ଅଜ୍ଞାତ ବେଷ୍ଟନୀ ଓ ନୂତନ କୁଟୁମ୍ବ ଭିତରେ ନୂତନ ଜୀବନ ଯାପନ କରିବାକୁ ଯାଉଛି । ପିତୃଗୃହର ସ୍ୱାଧୀନତା, ଦାୟିତ୍ୱଶୂନ୍ୟତା ସେଠାରେ ମିଳିବା ସମ୍ଭବ ନୁହେଁ । କିନ୍ତୁ "ସ୍ୱ ଗୃହ", "ସ୍ୱ କୁଟୁମ୍ବ" ଓ ସ୍ୱକୀୟଭାବରେ ସେତେବେଳେ ବିଶିଷ୍ଟ ଅଧିକାର, ଦାୟିତ୍ୱ ଓ ସମ୍ମାନର ସେ ଅଧିକାରୀ ହେବାକୁ ଯାଉଛି । ବର୍ତ୍ତମାନର ଅବସ୍ଥାପରିବର୍ତ୍ତନକୁ ସେ ସ୍ୱାଗତ କରିପାରୁ ନାହିଁ । ଶ୍ୱଶୁର ବାତାବରଣ ତା ପକ୍ଷରେ ମଙ୍ଗଳ କି ଅମଙ୍ଗଳ ହେବ ଏହି ଚିନ୍ତା ତାର ମନକୁ ଆନ୍ଦୋଳିତ କରୁଛି । ମଙ୍ଗଳ ଅପେକ୍ଷା ଅମଙ୍ଗଳର ଚିନ୍ତା ହିଁ ତାକୁ ବ୍ୟାକୁଳ କରୁଛି । ଅଳ୍ପବୟସ୍କା, ଅନଭିଜ୍ଞ ଯୁବତୀ ଚିରପରିଚିତ ପ୍ରାଚୀନ ବେଷ୍ଟନୀରୁ ଛିନ୍ନ ହୋଇ ନୂତନ ବାତାବରଣରେ ଅକସ୍ମାତ ଅମଙ୍ଗଳ ତାର ଜୀବନକୁ ବିଷମୟ କରିଦେବ ବୋଲି ଆଶଙ୍କା କରୁଛି । ସାମାଜିକ ପାରଂପରିକ ଗତାନୁଗତ ମଧ୍ୟ ଏଥିପାଇଁ ଦାୟୀ । ନୂତନ ବଧୂ-ପ୍ରତି ଶାଶୁନଣନ୍ଦଙ୍କ ଗଞ୍ଜଣା, ନୂତନ କୁଟୁମ୍ବରେ ସ୍ୱାମୀଙ୍କର ବଧୂପକ୍ଷ ସମର୍ଥନରେ ଶାଳୀନତାଜନିତ ଅସାମର୍ଥ୍ୟ, ଶାଶୁନଣନ୍ଦଙ୍କ ପିତୃଗୃହକୁ ଲକ୍ଷ୍ୟ କରି କଟୁ ଓ ଭର୍ତ୍ସନାତ୍ମକ କଥା ପ୍ରୟୋଗ ଏହାର କାରଣ ।

ଦୂରଦେଶ, ଅପରିଚିତ ଦେଶୁଜନ, ପିତାମାତାଙ୍କୁ ଫେରି ଆସିବା ସମ୍ଭାବନାର ଦୁର୍ଲଭତା, ପିତୃପକ୍ଷୀୟମାନଙ୍କର ଛବି ଅସ୍ପଷ୍ଟ ମାନସପଟରେ ଅଦର୍ଶନଜନିତ ବ୍ୟଥା ନବପରିଣୀତାର ଅଶ୍ରୁକୁ ବର୍ଦ୍ଧିତ କରୁଛି । ସ୍ୱାମୀଗୃହର, ନୂତନ ଗ୍ରାମର ସାଧାରଣ ପାରିପାର୍ଶ୍ୱିକ ଅବସ୍ଥା ପିତୃଗୃହ ଓ ପିତୃଗ୍ରାମର ଏହି ଅବସ୍ଥାଠାରୁ ବିଶେଷ ଭାବରେ ପୃଥକ୍ ନ ହେଲେ ମଧ୍ୟ ନୂତନ ଗୃହରେ, ନୂତନ ବାତାବରଣରେ ଝିଅର ଏକାକୀତ୍ୱ ଓ ଅସହାୟତା ତାକୁ ଅଶ୍ରୁଜଳମଗ୍ନ କରିଦେଉଛି ।

ନବପରିଣୀତାର ସ୍ୱାମୀଗୃହକୁ ଯିବା ପୂର୍ବର ମନୋଭାବ 'କାନ୍ଦଣାରେ' ଯେଉଁ ରୂପ ନେଇଛି ତାହା ଅନ୍ୟ ରମଣୀଙ୍କ ହେଲେ ମଧ୍ୟ ପ୍ରାଣକୁ ଆକୁଳ କରିଦେଉଛି । ଏହି କବିତାଗୁଡ଼ିକ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ ।

ନବବଧୂର ଭବିଷ୍ୟତ୍‌ର ଆଶଙ୍କା ସମାଜର ଜଗତର ଦୁର୍ବଳତା ଦ୍ୱାରା ସମର୍ଥିତ ହୋଇଛି । ସେ ପିତୃଗୃହ ତ୍ୟାଗ କରିବା ପୂର୍ବରୁ ନିଜ ମନର ଆଶଙ୍କା ଅକପଟ ଭାବରେ ନନ୍ଦିଶ୍ରୀ ପଦରେ ବ୍ୟକ୍ତ କରୁଛି—

ଦୂର ଦେଶ ଦୂର ବାଟରେ ଯିବ, ମୋ ବୋଉ ଲୋ !
ଖଣ୍ଡ ଦେଶେ ମୁହିଁ କାହିଁ ପଶିବ ! „
ଆଖିରେ ତ ଲୁହ କାଲି ପଶିବ, „
ଧଡ଼ି ଧଡ଼ି କି ମୋ ଛାତି ଛିଡ଼ିବ । „
ମଥାକୁ ଶାଶୁଣୀ ଦେବଲି ଘଷି, „
ମାଲୁଣୀଏ ମୋତେ କହିବେ ଦେଇ ! „
ପଦ ପଦକୁ ମୋ ଧରିବେ କଣି, „
ମୋ ଗେଲବସର ଯିବଟି ଲାଗି । „
କବାଟ କୋଣକୁ କରିବ ଧାଇଁ, „
ଦୁଃଖ ଦେଖି କିଏ କରିବ ଅଶ୍ରୁ । „

(ପ. ଗୀ. ପ. ୨୯, ପରିବର୍ତ୍ତିତ ଖଣ୍ଡ)

ଏ ଦୁଃଖ ଯନ୍ତ୍ରଣା ପାଇଁ ମାତାପିତା କେବଳ ଦାୟୀ ବୋଲି ଝିଅ ସ୍ଥିର କରିଛି । ପିତା ଅପେକ୍ଷା ମାତାଠାରେ ଝିଅର ଅଳି ବେଶୀ । ସେଥିପାଇଁ ମାତାକୁ କେବଳ ଗାଳିର ପାତ୍ର କରିଛି । ମାତା କିଶ ସହିତ ମନରେ କିଛି ମନ୍ଦ ଭାବି ଏପରି କରିଥିବ କି ! ଏହି ସନ୍ଦେହ ମଧ୍ୟ ଝିଅ ପ୍ରକାଶ କରୁଛି; କିନ୍ତୁ ଯନ୍ତ୍ରଣାର ତାଡ଼ନାରେ

ତାର ଜୋଆଣ୍ଟି ପ୍ରଜ୍ଜ୍ୱଳିତ ହେଉଥିବାରୁ ପିଲା ସେ ଏଣୁ ଭକ୍ତିଶୂନ୍ୟ ଆକ୍ଷେପ କରୁଛି ! ଏ ଦୃଷ୍ଟରେ, ଗଙ୍ଗଣରେ ସତୀ ହେବା ପାଇଁ ବ୍ୟବସ୍ଥା କରିବା ପୂର୍ବରୁ ଝିଅକୁ କାନ୍ଦିକି ମାଆ ଭଣ୍ଟି ଚପି ମାଇ ନ ଦେଲି ବୋଲି ଦୁଃଖରେ କହୁଛି—

ବାଡ଼ି ଅଗଡ଼ି ଘେରି କଲୁଣି ଲଙ୍କି, ମୋ ବୋଉ କି ଲୋ !
ପିଲୁ ଦିନେ ଫୋଟି ନ ଦେଲୁ କାଟି । „

କନ୍ୟାକୁ ଶାଗ, କଳମ୍ବଲଣ୍ଟି, ଭଜପଙ୍କ ପ୍ରଭୃତିର ତଣ ଦିଅର ମନେ ପଡ଼ୁଛି । ଅକୁଳ ପ୍ରାଣରେ ନୂଆଁଖାଇକୁ କହୁଛି, "(ସ୍ୱାମୀ ଘରକୁ ଗଲେ) କିଏ ନେମାଦେଇ ବୋଲି ଡାକିବ ? କାହାକୁ ଧରି ରଜ କରିବ ? କାହା ପାଇଁ ଆଉ ତୁମେ ଜଳ ବୋହିବ ? ଲୁଖା ଭଜନ ଭଲ ଟଳାଡ଼ିବ ? ଭଙ୍ଗୀ ସଙ୍ଗୀମାନଙ୍କରେ କାହା ସଙ୍ଗେ ଦିନ କାଟିବ ? ଏବେ ଦୁର୍ଦ୍ଦିନ ପଡ଼ୁଛିଗଲା । ପିଲାଦିନୁ ଖେଳଘରର ହେବା ଏଣିକି ଗଲା । ଏବେ ଦିନ ଅପର ହେବ । ଶଶୁରଘରେ ଏ ଘର (ସ୍ୱାମୀଙ୍କ ଘର)ର ଗପକଲି । କାଆ କେଳିକାଙ୍କ କଥା ଶର ପର ପ୍ରାଣକୁ ବାଣ ବାଧା ଦେବ । କିନ୍ତୁ ନଣନ୍ଦୀ ବା କମିତି ସହିବ ? କିଏ ପଚାରିଲେ, କାହାକୁ ଭଣି ବା କହିବ ? ଘୂଳକୁ ବାଡ଼କୁ ଦେଖାଇ କେତେ ପ୍ରକାର, କେତେ ଭଙ୍ଗୀରେ ଭର୍ତ୍ସନା କରିବେ ଏବଂ କେତେ ଦଣ୍ଡ ଦେବେ, କେତେ ଅବସ୍ଥା କରିବେ ।"

ସଙ୍ଗେ ନ ଧରିଲେ ନ ନଈ ଖାଇ, ନୂଆଁ ଖିଆକ ଲୋ !
କିଏ ସେ ଡାକିବ, 'ଦେଖୁ ନେମାଦେଇ' । „
ପିଲା ଦିନୁଁ ହେଲୁ ଖେଳଘର, ମୋ ମାଆ କି ଲୋ !
ଏଣିକି ମୋ ଦିନ ହେବ ଅପର । „
ସମ୍ଭଳେ ଏହୁ ତ ସମ୍ପଲ ଘର, „
କାଆ କେଳିକାଙ୍କ କଥା ତ ଶର । „
ଘୂଳକୁ ବାଡ଼କୁ ଦେଖାଇ କଥା, „
କହିବେ କରିବେ କେତେ ଅବସ୍ଥା । „

ଝିଅ ପ୍ରାଣରେ ସ୍ୱାମୀଙ୍କ ନାଆ କନ୍ଦର୍ପ ସ୍ୱରରେ ଉଚ୍ଚାରଣ କରି ମାଆଙ୍କୁ ଜଣାଉଛି । ପାଣି ନିଦାଘନରେ ତ ବାପ ଦିଅଁ ପ୍ରଦେଶର । ସେ କିନ୍ତୁ ନ ବୁଝି ନ

ଶୁଣିଛି ଆଶି ତୁଙ୍ଗ ଜାତିର ଏକଲି ଅଯୋଗ୍ୟ ବରଟିଏ ବାଛୁଲେ ? ବାପା ଭୁଞ୍ଜି ହାତଧରିବାପାଇଁ ଏପରି କଲେ କି ?

ମୁଣ୍ଡିଆ ଉପରେ ବସି ନଡ଼ିଆ, ବୋଉ ଲୋ ମୋର ।
ମୋ କର୍ମରେ ଥିଲା ମୁଣ୍ଡବାଡ଼ିଆ । ”
ବାଡ଼ି ଅଢ଼େଇ ଘରି ବଳାଏ ଲଣ୍ଟି, ”
ସମସ୍ତେ ଚଟିଲେ ମୋହର ଚେଟି । ”
ବାଡ଼ି ଅଢ଼େଇ ଦେଲେ କଦଳୀ ପୁଆ, ”
ମୋତେ ଲୁଆ ଦେଲ ବାଳିଆ ଭୁଆ । ”
ବାପା ଦେଇଛନ୍ତି ଜାଦୁଅ କୋଳି, ”
କୁତ୍ତେଇବାକୁ ତ ପାନିଆ ନାହିଁ । ”
ଚନ୍ଦ୍ରନାଥ କୂଳ ବଡ଼ ଉଠାଣି, ”
କେମନ୍ତେ ଆଣିବୁ ଯୋଡ଼ାଏ ପାଣି । ”
କାଗଜ ପତର ଦାଗବାଲୁ, ”
ମୋତେ ପେଲିଦେଲ ପର ଘରକୁ । ”

ଏବେ ଅଳ୍ପ ଦେଢ଼ଶବର୍ଷ ହେଲା ଓଡ଼ିଶାରେ ନାରୀଶିକ୍ଷାର ଆରମ୍ଭ ହୋଇଛି । କିନ୍ତୁ ପୂର୍ବେ ଅତି ଅଳ୍ପ ସଂଖ୍ୟକ ବାଳିକା ସାକ୍ଷର ଥିଲେ । ବ୍ରାହ୍ମଣମାନଙ୍କ ଭିତରେ ଚାଟି ଲେଖିବା ଭଳି ଶିକ୍ଷା ମଧ୍ୟ ଅଳ୍ପ କେତେକଙ୍କର ଥିଲା । ବୋହୂ ଶାଶୁଘରକୁ ଯିବା ପରେ "ବୋହୂ" ହୋଇ ରହିବା ହିଁ ମର୍ଯ୍ୟାଦା ବୋଲି ବିବେଚିତ ହେଉଥିଲା ।

ସେ ଭୋରରୁ ସମସ୍ତଙ୍କ ଆଗରୁ ଶେଯରୁ ଉଠି ବାସି ଆବୋରା କରିବ, ବାସି ଥାଳି ବାସନ ମାଜିବ, ଘର ଓଳେଇବ, ଅଗଣା ପର୍ଛିବ ପୁଣି ସାଧୁଅ ପାଇଁ ନଣନ୍ଦ କି ଜାଆ କି ଶାଶୁ ପାଖରେ ପୋଖରୀକୁ ଯିବ । ପୋଖରୀରୁ ମାଠିଏ ପାଣି ଧରି ଆସିବ । ଏକାକୀ ରନ୍ଧା କରିବ, ଅନ୍ୟମାନେ ଏଥିରେ ଯୋଗ ଦେଲେ ସେମାନଙ୍କୁ ସାହାଯ୍ୟ କରିବ । ସମସ୍ତେ ଖାଇସାରିଲେ ଶାଶୁଙ୍କୁ ଖାଇବାକୁ ଦେବ, ତା ପରେ ନିଜେ ଖାଇବ । ଏଥି ଭିତରେ ଘରର ପିଲାମାନଙ୍କର ଯାବତୀୟ ଅଳି ତା ଉପରେ । ଖାଇସାରିବା ପରେ ଅଇଁଠା ବାସନ

ମାଡ଼ିବ । ଖସୁରବେଲେ ଶାଶୂ, ଶ୍ୱଶୁରଶାଶୁ, ଅଜାଶାଶୁ ପ୍ରଭୃତି ଗୁରୁଜନଙ୍କ ଗୋଡ଼ ମୋଡ଼ିବ । ପୁଣି ଧାନକୁଟାରେ ଯୋଗ ଦେବ । ସନ୍ଧ୍ୟା ପୂର୍ବରୁ ରନ୍ଧାବଢ଼ା ଶେଷ କରି ସକାଳ ପରି ବଢ଼ାବାଢ଼ି, ଅଇଁଠାଧୁଆ ପ୍ରଭୃତି କରିବ । ଶେଷରେ ଖାଇ ଶେଷରେ ଶୋଇବାକୁ ଯିବ । ପୁଣି ଶାଶୂ ପ୍ରଭୃତିଙ୍କ ଗୋଡ଼ ମୋଡ଼ିବ, ସ୍ୱାମୀଙ୍କ ଗୋଡ଼ ମୋଡ଼ିବ, ତା ପରେ ଯାଇ ଶୋଇବ । ଦିନଟି ଯାକରେ ପାଣି ପିଇବାକୁ ଟିକିଏ ଫାଙ୍କରେ ବସିଲେ ଖାଲି ଅଛି । ମୁଣ୍ଡ ନ ଟେକି ସବୁବେଳେ ମୁଣ୍ଡ ନୁଆଇଁ ପାଦ ଗଣି ଗଣି ଚାଲିବ । ପଣ୍ଡିତ ଟିକିଏ ଖସିଗଲେ ବିପଦ ! ଏପରି ଶହେ କଟକଣା ଭିତରେ ବୋହୂକୁ ସୁତରେ ଶୋଇବା ପର୍ଯ୍ୟନ୍ତ କର୍ମଜଞ୍ଜାଳ ଲାଗି ରହିଛି । ଯଦି କେତେବେଳେ ବାପଘର ଲୋକଙ୍କରୁ କେହି ଆସିଥାଏ, ତାହା ଆଗରେ ଦୁଃଖ କହିଲେ କି ବାପମାଙ୍କଠାକୁ ସମ୍ବାଦ ଦେଲେ ଆଉ ରକ୍ଷା ନାହିଁ; ଠେଲି ଦେବା, ଗାଳି ଦେବା ଓ ଗଳାଇଦେବା ତ ଦୂରର କଥା ।

ଧନୀ ଘରର ଝିଅ ଧନୀ ଶ୍ୱଶୁରଘରକୁ ଗଲେ ମାନସିକ ଦୁଃଖର କାରଣ ବା ଉପୁଜିପାରେ; କିନ୍ତୁ ପେଟ ଜଳିବାର ସମ୍ଭାବନା ନ ଥାଏ । ସାଧାରଣ ଭାବରେ ଯେ ପିତାମାତା, ଭାଇସାଥି, ଜନ୍ମରୁ ପରିଚିତ ବେଷ୍ଟନୀ ପ୍ରଭୃତିକୁ ଛାଡ଼ିକି ଯିବାଦ୍ୱାରା ମନରେ ଦୁଃଖ ଅନୁଭବ କରେ । କିନ୍ତୁ ମଧ୍ୟବିତ୍ତ ଓ ଗରିବ ଘରର ବୋହୂର ଦୁଃଖ ବେଶି । ଏମାନଙ୍କରେ ମାଇକିଆ ଶ୍ରେଣୀ ଘରର ଝିଅର ମାନସିକ ଅବସ୍ଥା ମନ୍ଦ ହେବାର ସେତେ ବେଶି କାରଣ ନଥାଏ । ସେ ଅଳ୍ପ କେତେ ଦିନ ମଧ୍ୟରେ ନୂତନ ବେଷ୍ଟନୀ ସହିତ ପରିଚିତ ହୋଇଯାଏ ଏବଂ ତାଙ୍କୁ ଦିନରାତି କୋଣରେ ରହିବାକୁ ପଡ଼େ ନାହିଁ । ଧନରେ ଲାଗିଯାଏ । ଦେଖ ବସି କେବଳ ଦେଉଳ ଘର ଖାଇବା ଶ୍ରେଣୀର ଲୋକଙ୍କ ଘର ବୋହୂର ଦୁଃଖ କହିଲେ ନ ସରେ । ଏ ଆଡ଼େ ପିନ୍ଧିବାକୁ ଲୁଗା ଖଣ୍ଡିଏ ନଥିବ, କି ଖାଇବାକୁ ଭାତ ମୁଠେ ମିଳୁନଥିବ; କିନ୍ତୁ ବାପଘରକୁ ଦେଖେଇଲା ଭଳି ଢଙ୍ଗ ରଖିବାକୁ ବାଧ୍ୟ ! ଏଠାରେ ହିଁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଅସହ୍ୟ । ଯେଉଁଠାରେ କନ୍ୟାକୁ ବଡ଼ ବାପ ଟଙ୍କା ନେଇଛି, ସେଠାରେ କନ୍ୟା ବୋହୂ ଅବସ୍ଥାରେ ଦୁଃଖରେ ଦିନ କାଟେ । ବାପ ଗରିବ, ସେ ଶଗଡ଼ଘରର ଝିଅ, ଏହି ଦୀନ ମନୋଭାବ ତାର ପ୍ରାଣକୁ ସର୍ବଦା ଆଘାତ କରୁଥାଏ ।

ବସିବା, ଉଠିବା, ଖାଇବା, କଥା କହିବା—ସବୁ କଥାରେ ଏହି ମନୋଭାବର ପ୍ରଭାବ ପ୍ରକଟିତ ହୁଏ । ମୁହଁରେ ହସ ଫୁଟିବା ସ୍ୱପ୍ନ ପରି ଜଣାପଡ଼େ ।

ଟେଲିବପଷ୍ଟିଆ ଝିଅ ପକ୍ଷରେ ଶାଶୁ ଶଶୁରଘର ସତେ ଯେପରି ଯନ୍ତ୍ରଣାର ଘର ! ସେ ଘରଦ୍ୱାରେ ଅତ୍ୟାଚାର ସହି ଦିନ କଟାଇ ନିଜ ଭାଗ୍ୟକୁ ଧିକ୍କାର କରେ । ସତେ ମରଣ ହୁଅନ୍ତା କି ! ଏଭଳି ଜନ୍ମ ବିଧାତା କାହିଁକି ଦେଲା ! ପେଟ ଜାଳାରେ ଅନ୍ତ ମୋଡ଼ି ହୋଇଯାଉଛି, ଦେହଟିକକୁ ଠିକଣା ନାହିଁ, ଏକ ବସ୍ତ୍ର, ଓଦାକନା ଦଣ୍ଡିକ ଦେହରେ ଗୁଡ଼ିଥାଉଛି, ଲୁଗା ମୁଣ୍ଡବାଳ ଫୁର୍‌ଫୁର୍ ହୋଇ ଉଡ଼ୁଛି ! କାହିଁକି ବା ବାପମା ମୋତେ ବିବାହ ଦେଲେ; ଜନମ ବେଳେ କାହିଁକି ତଣ୍ଟି ଚିପି ମାରି ନ ଦେଲେ ! —

ମୁହିଁ ପୋଡ଼ି ତୋର ଝିଅ ଜନମ, ଜନମ ଘରେ ନେ ନାହିଁ ମରଣ ।
ପାଲିଙ୍କି ବାଉଁଶ ମୁଠାରେ ଜଣ, ଏଡ଼କି ବେଳରେ ଯାଆନ୍ତି ମଣ ।
କାଂସବ ସବାଣି ଯାଆନ୍ତା ଫେରି, ମୋ ବାପା କହନ୍ତେ ଗୁମାନ କରି ।
ମୋ ବୋଉ କାନ୍ଦନ୍ତା ମୋ ନାମ ଧରି, ଏକା ଭାଇଟି ନେ ଯାଆନ୍ତା ହରି ।

'କାନ୍ଦଣା'ରେ ଓଡ଼ିଆ ସାମାଜିକ ଜୀବନର ଜୀବନ୍ତ ଚିତ୍ର ଦେଖାଯାଏ । ଗୋଟିଏ ଗୋଟିଏ କବିତା ଏତେ ସୁନ୍ଦର ଭାବରେ ରଚିତ ହୋଇଛି ଯେ, ପଢ଼ିଲାକ୍ଷଣି ଆଖି ଆଗରେ ଜୀବନ୍ତ ଚିତ୍ରଟିଏ ଖେଳିଯାଏ । ଏ ଗୀତମାନଙ୍କରେ କପଟତା, ଅସ୍ୱାଭାବିକତା ବା ଆଡ଼ମ୍ବର ଦେଖାଯାଏ ନାହିଁ । ହୃଦୟର ଅନ୍ତରତମ ପ୍ରଦେଶରୁ ଭାବଗୁଡ଼ିକ ପ୍ରକାଶ ପାଇଥିବାରୁ ଏ କବିତାଗୁଡ଼ିକ ମନ, ପ୍ରାଣକୁ କିଣି ନିଏ । ସରଳ, ଅକପଟ ଜୀବନର ସ୍ୱାଭାବିକ ଆବେଗ ଓ ସୂକ୍ଷ୍ମ ଅନୁଭୂତି ଏଥିରେ ପ୍ରକାଶ ପାଇଥିବାରୁ ସାମାଜିକ ଜୀବନ ଓ ସଂସାରର ପରିବେଶ ଏଥିରୁ ଯଥେଷ୍ଟ ପରିମାଣରେ ମିଳୁଛି । ଜାତିର ପରିଚୟ, ଜାତିର ଆତ୍ମାର ପରିଚୟ ଏଥିରେ ବହୁ ଅଂଶରେ ପ୍ରକାଶ ଲାଭ କରିଛି ।

କାନ୍ଦଣାଗୁଡ଼ିକ ସରଳ, ମର୍ମସ୍ପର୍ଶୀ ଓ ଆବେଗପୂର୍ଣ୍ଣ । ତାହାର ଆଉ କେତୋଟି ଉଦାହରଣ ଦିଆଗଲା:—

(୧) ପଣ୍ଡୁଲି ପାଲି ବୋଲି ଦେଲୁ ପଠେଇ
ଯାଙ୍କରେ ଯାଇଥିଲେ ସାନ କଟେଇ ନେ !

ଅଃ ବାଃଟଲୁ ବୋଲି ମୋ ନନା ଡ଼କିଲେ
'ଝିଅ ଯାଉଛୁ' ବୋଲି ମେଲଣି ଦେଲେଣି ଲୋ ।

ନନାଙ୍କ ମୁହଁକୁ ଯେ ଚାହିଁଲି ମୁହିଁ
ନନା ଝରଣି ଧରି ପାରନ୍ତି କାନ୍ଦି ଲୋ ।

ଶାଶୁରଙ୍କ ମାଳ ସେଠାରେ ଥିଲା
ନନାଙ୍କ ଆଖି ଲୁହ ପୋଛିଣ ଦେଲା ଲୋ ।

କାନ୍ଦିକି ବାପ୍ପ ମିତ୍ରେ ଯାଅ ଘରକୁ
ଝିଅ ଜନମ ସିନା ପର ଘରକୁ ଲୋ ।

( ଉତ୍କଳ ଗାଉଁଲି ଗୀତ )

(୨) ପାଟିକି ପାଟି ଲଗିଛି
ଝୁମ୍ପା କଣ୍ଠିମାଳ ବେକେ ପଡ଼ିଛି ଲୋ,
ମୋ ବୋଉ ମନେ ପଡ଼ୁଛି,
ମୋ ବୋଉ ମନେ ପଡ଼ୁଛି । ମୋ ଗ୍ରାମ ଦେଶ ।

(୩) ହସିଲେ ବୋଲନ୍ତି ଟୁଣ୍ଡି ଦାନ୍ତ ଦେଖଉଣି,
କାନ୍ଦିଲେ ବୋଲନ୍ତି ଖଣ୍ଡି କଏ ମଲଣି ।

ଉଠିଲେ ବୋଲନ୍ତି ଖୁମ୍ବ ଡେଙ୍ଗୁ ହୋଇଛୁ,
ଶୋଇଲେ ବୋଲନ୍ତି ଖଣ୍ଡି ଡିଙ୍କି ପଡ଼ିଛୁ ।

ନାଚିଲେ ବୋଲନ୍ତି ଖଣ୍ଡି ମାଟି ଗୋଡ଼ିଟା,
ବସିଲେ ବୋଲନ୍ତି ଚକା ପଥର ଏଟା ।

ସେତ କଂସାଏ ଲୋ ଖଣ୍ଡି ଦିଅନ୍ତି ବାଢ଼ି,
ବୋଲନ୍ତି ଦେଉଳ ପର ବସିଲା ମାଢ଼ି ।

ସେତ କଂସାଏ ଲୋ ଖଣ୍ଡି ଦଣେ ଅଧିକ,
ଭଲଣା ମାଲୁଣୀ ଖଣ୍ଡି ଟେଣୀକ ରଖ ।

( ଉତ୍କଳ ଗାଉଁଲି ଗୀତ )

## (୪) ଚଷାଗୀତ

ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଓ କ୍ଳାନ୍ତିଜନକ ଅବସ୍ଥାକୁ ଦୂର କରିବା ପାଇଁ କୃଷକ କୃଷିକ୍ଷେତ୍ରରେ କେତେ ପ୍ରକାର ଗୀତ ଗାୟନ କରିଥାଏ । ଏଗୁଡ଼ିକରେ କୃଷକର ସୁଖଦୁଃଖ ଚାଷ ଭଲ୍ ହେବାର ଫୁଟି ଉଠିଥାଏ ।

ଗୀତ ତ ଅଧଟାକୁ ହୋଇ ମୁଁ ଦେଲି ଭୁଲ
ବିଲକୁ ଯାଇ ଯାଇ ପହରେ ହେଲି ବେଳ ରେ ।
ଲଙ୍ଗଳ ଫାନ୍ଦ ଦେଇ ରେ ଧଣ୍ଡିରେ ଦେଲି ହାତ
ପଛକୁ ଅନାଇଲି ଆସୁ ତ ଅଛି ଭାତ ।
ଭାତ ତ ଆସୁଅଛି ରେ ତୋରାଣୀ କାହିଁ ଗାଣ୍ଡି
ଭଡ଼ାକୁ ଦେଲି ଦେଲି ରେ ଦେହେ ମୋ ଜଳ ଗଣ୍ଡି ।
( ଉତ୍କଳ ଗାଉଁଲି ଗୀତ )

ଚଷାଗୀତ ପରି ହଳିଆଗୀତ ମଧ୍ୟ ଲୋକପ୍ରିୟ—

ଦୂରକୁ ସୁନ୍ଦର ଲେ ପରବତ ମାଳ
ଗାଁଅକୁ ସୁନ୍ଦର ଲେ ନଡ଼ିଆ ଗୁଆ ଡାଳ,
ଘରକୁ ସୁନ୍ଦର ଲେ ଘରଣୀ ଯେବେ ନ ଥିବ ବାପଘରେ ଯେ ।

## (୫) ପଲ୍ଲୀଗଳ୍ପ

ପଲ୍ଲୀଗଳ୍ପ ବା ଗାଉଁଲି ଗପ ଓଡ଼ିଆ ସାହିତ୍ୟର ଏକ ପ୍ରଧାନ ସମ୍ପଦ । ଅନାଦି କାଳରୁ ପରମ୍ପରାକ୍ରମେ ଗଳ୍ପଗୁଡ଼ିକ ଲୋକମୁଖରେ ପ୍ରଚଳିତ ହୋଇ ଆସୁଅଛି ।

ଗ୍ରାମର ବୁଢ଼ା ଓ ବୁଢ଼ୀମାନେ ହିଁ ଏହି ଗଳ୍ପ କହନ୍ତି । ସନ୍ଧ୍ୟା ପରେ କିମ୍ବା ରାତ୍ରିଭୋଜନ ପରେ ସାଧାରଣତଃ ଏହି କଥାକୁହା ଆରମ୍ଭ ହୁଏ । ଶିଶୁମାନେ ଏହାର ମୁଖ୍ୟ ଶ୍ରୋତୃମଣ୍ଡଳୀ । କେତେକ ପରିବାରରେ ଶାଶୁଠାରୁ ବୋହୂ, ମାଆଠାରୁ ଝିଅ ପରମ୍ପରାକ୍ରମେ ଗଳ୍ପକଥନ ଚାଲି ଆସୁଛି । କଥକର ଉଦ୍ଭାବନୀ ବୁଦ୍ଧି ଓ ସୃଜନଶକ୍ତି ଏହି ପ୍ରାଚୀନ ଗଳ୍ପର ଆକାରକୁ ବଞ୍ଚାଇ ରଖିଛି । ଏହି ବୁଦ୍ଧି ଓ ସୃଜନଶକ୍ତିର ଆଧିକ୍ୟ ବା ନ୍ୟୂନତା ଅନୁସାରେ ଗଳ୍ପଗୁଡ଼ିକର ଆକାର, ପ୍ରକାର, ରସ ପ୍ରଭୃତିରେ ପ୍ରଭେଦ ଦେଖାଯାଏ । ଗଳ୍ପକଥନକୁ ବ୍ୟବସାୟ ରୂପେ କେହି କେହି ପୁରୁଷ ଗ୍ରହଣ କରି ଜୀବିକା ନିର୍ବାହ ମଧ୍ୟ କରନ୍ତି । ଏମାନଙ୍କର ଗଳ୍ପ ଲୌକିକ ଗଳ୍ପଠାରୁ ଉନ୍ନତର

ସାହିତ୍ୟିକ ଭାଷା ଓ ଭାବପୂର୍ଣ୍ଣ ହୋଇଥାଏ । ଏମାନଙ୍କୁ ଶାସ୍ତ୍ରୀୟ ଗଳ୍ପକଥକ କୁହାଯାଇ ପାରେ । ଏମାନଙ୍କର ଅଧିକାଂଶ ଗଳ୍ପ ପୁରାଣ ଓ ପ୍ରାଚୀନ ସଂସ୍କୃତ ଗଳ୍ପଗ୍ରନ୍ଥମାନଙ୍କରୁ ଗୃହୀତ ହୋଇଥାଏ । ଏହି ଗଳ୍ପଗୁଡ଼ିକ ସାହିତ୍ୟିକ ଅଳଙ୍କାର ଭୂଷିତ ରୂପ ଧାରଣ କରିଥାନ୍ତି । ଅଧିକାଂଶ କଥକ ମୁଖ୍ୟ କଥା ଉପରେ ନିର୍ଭର କରିଥାନ୍ତି । ଏମାନଙ୍କୁ ଗଳ୍ପସାହିତ୍ୟ ମଧ୍ୟ କୁହାଯାଏ । ଗଦ୍ୟ-ପଦ୍ୟ-ମିଶ୍ରିତ ଭାଷାରେ ସେମାନେ ଗଳ୍ପ କହନ୍ତି । ଶ୍ଳୋକ, ଛାନ୍ଦ, ଚଉଦମାଳ ପ୍ରଭୃତି ଶକ୍ତି ଗଳ୍ପକଥନକୁ ଚିତ୍ତାକର୍ଷକ କରନ୍ତି । ଦାସକାଠିଆ, ପାଲା ପ୍ରଭୃତି ମଧ୍ୟ ଏହି ଉଚ୍ଚତର ଗଳ୍ପକଥନ-ଶ୍ରେଣୀର ଅନ୍ତର୍ଭୁକ୍ତ । ଉଚ୍ଚତର ଗଳ୍ପକଥନରେ ବାଳ ବୃଦ୍ଧ ନିର୍ବିଶେଷରେ ସମସ୍ତେ ଶ୍ରୋତା । ଏହି ଉଚ୍ଚ ଉପାଦେୟ ଓ ମନୋଜ୍ଞପୂର୍ଣ୍ଣ ଶୈଳୀର ଗଳ୍ପକଥନ ଧାରାଟି କ୍ରମେ ଲୋପ ପାଉଛି ।

ଲୌକିକ ଗଳ୍ପ ବହୁ ପ୍ରକାର ଦେଖାଯାଏ । ମୋଟାମୋଟି ଭାବରେ ଏଗୁଡ଼ିକୁ ନିମ୍ନମତେ ବିଭକ୍ତ କରାଯାଇ ପାରେ—(୧) ଦେବତା, ଭୂତ, ପ୍ରେତ, ବେତାଳ, ଯକ୍ଷ, ଅପ୍ସରୀ ପ୍ରଭୃତି ଦୈବିକ ବିଷୟବସ୍ତୁର ଗଳ୍ପ । (୨) ଅଦ୍ଭୁତ, ଐନ୍ଦ୍ରଜାଲିକ, ତାନ୍ତ୍ରିକ ପ୍ରଭୃତି ଲୌକିକ କଥା ସମନ୍ୱିତ ଗଳ୍ପ । (୩) ରାଜା, ମନ୍ତ୍ରୀ, ସାଧବ, କୋଟୁଆଳ ସମ୍ପର୍କୀୟ ଗଳ୍ପ । (୪) ସାଧାରଣ ଜୀବନର ବିଭିନ୍ନ ଦିଗ ଉପରେ ନିର୍ଭର କରୁଥିବା ସାମାଜିକ କାହାଣୀ । ଏ ଭିତରୁ ଅଧିକାଂଶ ଉପଦେଶାତ୍ମକ; କେତୋଟି ବ୍ୟଙ୍ଗାତ୍ମକ ମଧ୍ୟ । ଦୈବୀ ବିଦ୍ୟାଦିର ଅଦ୍ଭୁତ କାର୍ଯ୍ୟପ୍ରଣାଳୀ ଓ ଫଳ ଅଧିକାଂଶ ଗଳ୍ପରେ ଦେଖିବାକୁ ମିଳେ; ସମସ୍ୟାର ସମାଧାନ ଏହାଦ୍ୱାରା ହିଁ ସମ୍ଭବ ହୋଇଥାଏ । ପଶୁ, ପକ୍ଷୀ, ଭୂତ, ପ୍ରେତ, ବେତାଳ ପ୍ରଭୃତି ମଧ୍ୟ କଥାବାର୍ତ୍ତା କରି 'ସମସ୍ୟା' ସମାଧାନରେ ସହଯୋଗ କରନ୍ତି ।

ପ୍ରେମକାହାଣୀ, ଅହେତୁକ ସନ୍ଦେହ, ସ୍ୱପ୍ନ, ଦୁରାବସ୍ଥା ପ୍ରଭୃତି ବିଷୟ-ବସ୍ତୁ ଉପରେ ନିର୍ଭର କରି ଗଳ୍ପ ରଚିତ ହୋଇଥାଏ । କେବେ କେବେ ସାମାଜିକ ଘଟଣା, ସଂସାର ପ୍ରଭୃତିର ବ୍ୟତିକ୍ରମକୁ ପ୍ରତିରୋଧ କରିବାରେ ଲୋକର ସେହି ଦୁଃଖକଷ୍ଟ ଓ ଅସୀମ ମାନସିକ ସାହସ ଆବଶ୍ୟକ ହୁଏ ତାହା ଦେଖାଇବା ନିମନ୍ତେ ବିଷୟବସ୍ତୁ ମଧ୍ୟ ନିର୍ବାଚିତ ହୋଇଥାଏ । କାଳିଦେଇଙ୍କୁ

ଗଳ୍ପରେ ନିଜ ପ୍ରଭୁଙ୍କ ରକ୍ଷା କରିବା ଉଦ୍ଦେଶ୍ୟରେ ସେଇ ଉଦାସୀନ୍ଙ୍କୁ ବଧାନ୍ତ କରିବା ପାଇଁ ଜିଦ୍ କଲା; ପିତାମାତାଙ୍କ ଗୁରୁଜନମାନେ ଏହି ଅନ୍ୟାୟ, ଅସ୍ୱାଭାବିକ ଓ ଧର୍ମବହିର୍ଭୂତ କାର୍ଯ୍ୟରେ ଅସହଯୋଗ କରିବା ହେଲେ ବାଧ୍ୟବାଧକତାରେ ପଡ଼ି ତାଙ୍କୁ ମାଳ ଦେଇ କାର୍ଯ୍ୟସିଦ୍ଧି ପାଇଁ ଅଗ୍ରସର ହେଲେ । ଏହାକୁ ସହ୍ୟ କରି ନ ପାରି ଉଦାସୀ କଳେବରଇଫୁଲ ପାଣିରେ ବୁଡ଼ି ମଲା । ଗଳ୍ପର କଥାବସ୍ତୁରେ ଅଲୌକିକ ସମ୍ବନ୍ଧ ସାହାଯ୍ୟ ନିଆଯାଇଥିଲେ ମଧ୍ୟ ଦୁଃଖର ମାନବକୁ ସୁନ୍ଦର ଜୀବନରେ ପରିଣତ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ହୁଏ । ସାହାଡ଼ାସୁନ୍ଦରୀ ଗଳ୍ପରେ ରାଜକୁମାର ମିତ୍ର ମନ୍ତ୍ରୀକୁମାରର ଈର୍ଷାକୁ ଗ୍ରହଣ କରି ଦେଇ ନିଜେ ତାଙ୍କୁ ବଧାନ୍ତ କଲା । ମନ୍ତ୍ରୀକୁମାର ଈର୍ଷାର ଅଦେକ୍ଷଣରେ ଅଶେଷ ଦୁଃଖ ସହ୍ୟ କରି ଶେଷକୁ ଜୀବନ ତ୍ୟାଗ କଲା । ରାଜପୁତ୍ର ମଧ୍ୟ ମଲା । ତତାଗ୍ନିରେ ଏପରି ହେବା ବେଳକୁ ମନ୍ତ୍ରୀପୁତ୍ରର ଚିତାରେ ସାହାଡ଼ା-କୁମାରୀ ସତୀ ହେଲା । ସାହାଡ଼ାକୁମାରୀର ଏହି ପତିପ୍ରେମଜନିତ ତ୍ୟାଗକୁ ମହାଦେବ ପାର୍ବତୀ ସମର୍ଥନ କରି ଏହାର ପୁରସ୍କାର ଦେବା ଉଦ୍ଦେଶ୍ୟରେ ମନ୍ତ୍ରୀପୁତ୍ର ଓ ସାହାଡ଼ାକୁମାରୀଙ୍କୁ ପୁନର୍ଜୀବନ ଦାନ କଲେ । କିନ୍ତୁ ଅନ୍ୟାୟକାରୀ ରାଜକୁମାରକୁ ବଞ୍ଚାଇଲେ ନାହିଁ । ମିତ୍ରଦ୍ରୋହୀକୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ଦେବଦେବୀଙ୍କ ଆବିର୍ଭାବ ହୋଇଥିଲା ।

ଗଳ୍ପଗୁଡ଼ିକର କଥନ-ଭଙ୍ଗୀ ଚିତ୍ତାକର୍ଷକ, କିନ୍ତୁ ବିଷୟବସ୍ତୁର ସ୍ୱଳ୍ପ କଳେବର କଲ୍ପନା-ବିଳାସର ବସ୍ତୁ ହେବା ପାଇଁ ଉପଯୁକ୍ତ ପରିମାଣରେ ହୋଇ ପାରିନାହିଁ । ଭାଷାର ସରଳତା, ବର୍ଣ୍ଣନାର ଚମତ୍କାରିତାରେ ସାଦୃଶ୍ୟକ ଅଲଙ୍କାରର ସ୍ୱଳ୍ପତା ବିଷୟବସ୍ତୁର ଗାମ୍ଭୀର୍ଯ୍ୟ ବୃଦ୍ଧି କରିବାରେ ଅପାରଗ । ପ୍ରକୃତିରେ ମନୋରଞ୍ଜନ ଉଦ୍ଦେଶ୍ୟରେ ଏହି ଗଳ୍ପଗୁଡ଼ିକ ନିର୍ମିତ ହୋଇଥିବାରୁ ଏଗୁଡ଼ିକ ଲଘୁ ସାହିତ୍ୟର ଅନ୍ତର୍ଭୁକ୍ତ ହେବା ଯୁକ୍ତିଯୁକ୍ତ ।

କଳେବରଇଫୁଲ ଗଳ୍ପଟି ପ୍ରାଚୀନ ଲୌକିକ ଗଳ୍ପର ଏକ ନମୁନା । "ଏକ ଦେଶରେ ଏକ ରଜା ଥିଲେ ସେ ରାଜାର ସାତ ପୁଅ, ଗୋଟିଏ ଝିଅ । ଝିଅ ନାଁ କଳେବରଇଫୁଲ ।" ଦିନେ ମଝିଆଁ ପୁଅ ବର୍ତ୍ତି ପାଣ୍ଡୁକୁଡ଼ାଇ ଗଛରୁ ଡାଲି ଚେଣ୍ଡେଇ ଫଳଟିଏ ଆଣି ଘରେ ରଖି ମା'କୁ କହିଲା, 'ଏ ଫଳଟି ଯେ ଖାଇବ, ତାକୁ ନିଶ୍ଚେ ମୁଁ ବାହା ହେବି ।' ଝିଅ ଘରେ ନ ଥିଲା ବେଳେ

କଳରେଇଫୁଲ୍ ଫଳଟି ଖାଇଦେଲେ । କର୍ଣ୍ଣ କରଣ ନଣ୍ଡ, ସେ ତା ପ୍ରତିଜ୍ଞା ରକ୍ଷା କରିବ । ଏମନ୍ତେ କହୁଛ ବୁଝେଇଲେ । କର୍ଣ୍ଣ ମାନିଲା ନାହିଁ । ବିଧାତାର ଆୟୋଜନ ହେଲା । ବେଦୀରେ ବର ବସିଲା । କଳରେଇଫୁଲ୍ ମନଦୁଃଖରେ ବାଡ଼ି ପୋଖରୀକି ଯାଇ କେବେ ପାଣିରେ ରହିଲା । ବାପା, ମାଆ, ଭାଇ, ଭାଉଜ ଶୁଣିଲେ ଡାକିଲେ । କାହା କଥା ଶୁଣିଲା ନାହିଁ, ଶେଷରେ ପାଣିରେ ବୁଡ଼ି ମଲା ।

କଳରେଇଫୁଲ୍ ପିତାଙ୍କର ଏକମାତ୍ର କନ୍ୟା । ସେଥିରେ ପୁଣି ସାତଟି ଭାଇ ପରେ କୋଳପୋଛା ଝିଅ । ସେ କେଳକିଏର ଝିଅ । ତା ଦେହ ଉପରେ ଧୂଳିକଣାଏ ପଡ଼ିଲେ ବାପମାଙ୍କ ଦେହରେ ପଥର ପଡ଼ିଲା ଭଳି ଲାଗେ । ଟିକିଏ ମନ ସାନ ହେଲେ, ମା କହନ୍ତି, 'ମୋ ସୁନା ଝିଅ ପରା ! କଣ ହେଲା କହ । ମନ ଖୋଜୁଥିଲେ କେଳାଇ ଆଣିବ । ସାତ ସମୁଦ୍ର ତେର ନଈ ପାରି ହୋଇ ହେଲେ ଖୋଜି ଆଣିବେ । ଭଲି ଥିଲେ, ଗଢ଼ାଇ ଦେବ ।...' ଏ ଝିଅ ପୁଣି ରୂପବତୀ, ଗୁଣବତୀ । ଏହା ପ୍ରତି ଶ୍ରୋତାଙ୍କର ସହାନୁଭୂତି ସ୍ୱତଃ ଜାତ ହେବାର କଥା । ନିଜର ଦୋଷ ନଥାଇ ଅକାରଣରେ ତା ପ୍ରତି ଅନ୍ୟାୟ କରୁଥିଲେ ଶ୍ରୋତାର ମନ ନିଶ୍ଚୟ ବିଦ୍ରୋହ କରିବ । ଅନ୍ଧ ଭାଇର ପ୍ରତିଜ୍ଞା ରକ୍ଷା କରିବା ପାଇଁ କଳରେଇଫୁଲ୍ ଭାଇକୁ ବିବାହ କରିବାକୁ ବାଧ୍ୟ ହେଉଛି । ତାର ସଂସ୍କାର, ତାର ସ୍ୱତନ୍ତ୍ରତା ଓ ସତୀ ଭାବ ତାର ମନରେ ବିଦ୍ରୋହର ଭାବ ଜାଗ୍ରତ କରୁଛି । ସେ ମୃତ୍ୟୁ ବରଣ କରିବ ପଛେ, ଭାଇକୁ ବିବାହ କରିବ ନାହିଁ, କୁଳରେ କଳଙ୍କ ଲଗାଇବ ନାହିଁ; କିନ୍ତୁ ସମାଜ ତାକୁ ସମର୍ଥନ କରିବା ପରିବର୍ତ୍ତେ ଭାଇ-ଭଉଣୀ ବିବାହ ଉତ୍ସବରେ ଯୋଗ ଦେଉଛି । ପିତାମାତାଙ୍କ ପୁତ୍ରଜନମାନେ ଏଥିରେ ସମ୍ମତି ଜଣାଇ ବିବାହ ଉତ୍ସବ ଆୟୋଜନ କରିଛନ୍ତି । ଅନ୍ଧଭାଇ ସଙ୍ଗେ ସେମାନେ ଅନ୍ଧକୁ ସମର୍ଥନ କରିଛନ୍ତି । କଳରେଇ-ଫୁଲ ତାର ମନକୁ ଦୃଢ଼ କରି ଆତ୍ମହତ୍ୟା କରିବ ପଛେ ଭାଇକୁ ବିବାହ କରିବ ନାହିଁ, ଏହା ସ୍ଥିର କରି ନେଉଛି । ସମାଜରେ ସେଇଁ କଳଙ୍କ ରଟିବ, ଚିରଜୀବନ-ସ୍ୱଜନ-ବହିଷ୍କୃତ ଭାର୍ଯ୍ୟାବସ୍ଥା ସେ ଅପମାନରେ ପଡ଼ିଯିବ ବୋଲି ଜାଣୁଛି । ପୋଖରୀ ଭିତରେ ପଶିବା ପରେ ଆଉ ଫେରୁ ନାହିଁ । ମାଆ ଗାଇ ଡାକୁଛନ୍ତି— ଅସ ଲୋ ଅସ ଲୋ କଳରେଇଫୁଲ, ବାହୁଡ଼ିକୁ ଘରା;

ବେଦୀର ବର ଯେ ବୁଡ଼ା ହୋଇଲା,

ବେଗ ଭଲେ ପାଣି ଅଣ୍ଟୁଏ ହେଲା
ନାହାକ ବ୍ରାହ୍ମଣ ବସି ରହିଲା । × × ।

କଲ୍‌ରେଇଫୁଲ୍ ଉତ୍ତର ଦେଲା, "ଅନେକ ହୋଇଥିଲା ମାଆ, ଏବେ ହେବ ତୁମେ ଶାନ୍ତ; ତୁମ ମୁହଁ ମୁହଁ କମିଶ ବୁହିବ, ଏଇ ପୋଖରୀରେ ବୁଡ଼ି ମରିବି ।" ପିତା, ଗ୍ରାମର ପ୍ରଭୃତିଙ୍କୁ ମଧ୍ୟ ଏହି ମର୍ମରେ ଉତ୍ତର ଦେଇ ନିଜର ପ୍ରତିଜ୍ଞା ଜଣାଇଲା । ଏହି ଦୀର୍ଘସ୍ୱପ୍ନଙ୍କର ସାଧକଙ୍କୁ ଦେବଶକ୍ତି ମଧ୍ୟ ସାହାଯ୍ୟ କଲା । ତେଲ, ହଳଦୀ ପାଣିରେ ପକାଇଦେବାରୁ ତାହା ଜଳ ହୋଇଗଲା । ଦାନ୍ତକାଠି ଦାନ୍ତ ହୋଇଗଲା । ଏହି ଜଳ ଉପରେ ବସି କଲରେଇଫୁଲ୍ ପୋଖରୀ ମଝିକି ଚାଲିଗଲା । ସେ ପୁଣି ପାଣିରେ ବୁଡ଼ି ଆତ୍ମହତ୍ୟା କଲା । ପରେ ସେ ନୀଳମଣି ସ୍ୱରୂପ ପୋଖରୀ ପାଣିରେ ପଡ଼ି ରହିଲା । ଜଣେ ଯୋଗୀ ଏହି ମଣିକୁ ନିଜ ଝୁଲିରେ ରଖିଲା । ଏଠାରେ ଅଲୌକିକ ଘଟଣାର ଅବତାରଣା ହୋଇଛି । କଲରେଇଫୁଲ୍ ପୋଖରୀ ପାଣିରେ ବୁଡ଼ି ମରିଥିଲେ ମଧ୍ୟ ତାର ଶରୀରଟି ନୀଳମଣି ରୂପେ ରହିଲା ଏବଂ କଲରେଇଫୁଲ ନିଶାର୍ଦ୍ଧରେ ଯୋଗୀର ନିଦ୍ରାବସ୍ଥାରେ ଝୁଲିରୁ ମନୁଷ୍ୟରୂପରେ ବାହାରି, ଘର ସଫାକରି, ପୁଣି ଝୁଲି ଭିତରେ ପଶି ମଣି ପାଲଟି ଯାଉଥିଲା । ପରେ ଯୋଗୀ ହାତଗୋଡ଼ରେ ଧରି ପକାଇବାରୁ ତାକୁ ଧର୍ମବାପ କଲା । ଏହା ପରେ ଯୋଗୀ ସହିତ ସେ ତାର ବାପଘରକୁ ଫେରିଗଲା । ହଜିଲା ଝିଅକୁ ପାଇ ସମସ୍ତେ ଆନନ୍ଦିତ ହୋଇଥିଲେ । ଗ୍ରାମର ପ୍ରତିଜ୍ଞା ଅପୂର୍ଣ୍ଣ ହୋଇ ରହିଲା । ମଲା ଝିଅ ବହୁ ଫେରି ଆସିଲା; କଲଙ୍କରୁ ସେ ନିଜେ ଓ କୁଟୁମ୍ବ ରକ୍ଷା ପାଇଲେ । ଏହି ଅଲୌକିକ କ୍ରିୟାର ଅବତାରଣା ହୋଇ ନ ଥିଲେ ଗଳ୍ପଟି ମିଳନାନ୍ତ ହୋଇ ପାରି ନ ଥାନ୍ତା କି ଅନ୍ୟାୟ କାର୍ଯ୍ୟରୁ ନିବୃତ୍ତିବା ସମ୍ଭବ ହୋଇ ନ ଥାନ୍ତା ।

ଏହି ଗଳ୍ପମାନଙ୍କରେ ଓଡ଼ିଶାର ସାମାଜିକ ଜୀବନର ଚିତ୍ର ଦେଖିବାକୁ ମିଳେ । ଗାଁ ପୋଖରୀରେ ବା ନଦୀରେ ଝିଅ ବୋହୂମାନେ ଦାନ୍ତ ଘଷିବା, ହଳଦୀ ଲଗାଇ ଗାଧୋଇବା, ବିବାହରେ ଦୂର ଗାଁକୁ ଛାଟି, ପାନ ଗାଁକୁ ଗୁଆ ପଠାଇ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିବା, ରଜାମାନେ ହାତବାଛି ଗୁମୁଣ୍ଡିଆ ପକେଇବା, ବିବାହ ବେଦୀକୁ ବିଭିନ୍ନ ପ୍ରକାର ମଣ୍ଡଣି କରିବା, ଯୋଗୀ ଗୀତ

ଗାଇ ଭଜନ ମାରିବା, ସାଧବ ପୁଅ ବୋଇତ ବଣିଜ କରିବା, ବୋଇତ ବଣିଜରୁ ଫେରିବା ପରେ ସାଧବପୁଅଙ୍କୁ କୁଳସୁନ୍ଦରୀ ସ୍ତ୍ରୀଲୋକମାନେ ନଦୀକୂଳରୁ ବନ୍ଦାଇ ଆଣିବା, ସ୍ୱାମୀର ମୃତ୍ୟୁରେ ସ୍ତ୍ରୀ ସତୀ ହେବା, ଶୂଳ, ମୁଣ୍ଡକାଟ, କଣା ଖୋଳେଇ ତଳେ କଣ୍ଟା ଉପରେ କଣ୍ଟା ଦେଇ ଲୁଣ ମଶେଇ ଦୋଷୀକୁ ସେ ଭିତରକୁ ପେଲି ଦେଇ ଖଣ୍ଡା ମୁହଁ ବନ୍ଦ କରିବା, ଦେଶାନ୍ତର ପ୍ରଭୃତି ବିକଦଣ୍ଡ, ରାଜାମାନେ ଉପକାରୀ ଓ ବଣିକ ପାତ୍ରମାନଙ୍କୁ ଭୂମି, ସୁବର୍ଣ୍ଣ କୁଣ୍ଡଳ, କଙ୍କଣ, ପାଟଯୋଡ଼ି ପ୍ରଭୃତି ଉପହାର ଦେବା; ଲୁଚିବା ଲୋକ କପାଳ୍ଟି-ମୁଣ୍ଡାମାଡ଼ି ପଡ଼ିଥିବା ସ୍ଥାନରେ ଶୋଇ ଅନଶନ କରିବା ପ୍ରଭୃତି ବହୁ ବିଷୟ ଦେଖାଯାଏ ।

ଅଧିକାଂଶ ଗଳ୍ପର ପାତ୍ରପାତ୍ରୀ ରାଜା, ମନ୍ତ୍ରୀ, ସାଧବ, କୋଟୁଆଳ ପ୍ରଭୃତି ଉଚ୍ଚବର୍ଗୀୟ ପରିବାରର ଲୋକ । ଏମାନଙ୍କ ଦାସଦାସୀ, ଘୋଡ଼ାଶାଳ ପରିଚାରୀ ପ୍ରଭୃତି ମଧ୍ୟ ଏଥିରେ ସ୍ଥାନ ପାଇଥାନ୍ତି । ରାଜାମାନେ ସବଳେ ବେଳେ ବଡ଼ ନିଷ୍ଠୁର ସ୍ୱଭାବରେ ଆଜ୍ଞା ଦିଅନ୍ତି । ଅଜଣାଅଜଣା ବନନ୍ତରେ ସ୍ତ୍ରୀମାନଙ୍କୁ ଛାଡ଼ିଦେବା, 'କାଲି ସକାଳୁ ଉତ୍ତର ନ ଦେଲେ ମୁଣ୍ଡକାଟ ହେବ', ଉପଯୁକ୍ତ ଉତ୍ତର ଦେଇ ନ ଥିବାରୁ ଶୂଳରେ ଚଢ଼ିବା ଇତ୍ୟାଦି ଦଣ୍ଡର ହୁକୁମ ହେଉଥିଲା । ଶୂଳି ସାଙ୍ଗକୁ ଗର୍ତ୍ତ ଖୋଳି ସେଥି ଭିତରକୁ ଦୋଷୀକୁ ପେଲି ଦେଇ ତଳେ କଣ୍ଟା ଉପରେ କଣ୍ଟା ଦେଇ ଲୁଣ ମଶାଇ ଖାଲ ପୋତିଦେବା ଦୃଷ୍ଟାନ୍ତ ହିଁ ଦେଖି । ବଡ଼ ଦୋଷୀକୁ ବଡ଼ ଦଣ୍ଡ, ଏହା ହିଁ ଉଦ୍ଦେଶ୍ୟ ।

ବୋଇତ ବାଣିଜ୍ୟ, ବୋଇତ ବନ୍ଧାଣ, ବିଦେଶରୁ ଫେରିଲା ପରେ ସାଧବ ବୋହୂମାନେ ସାଧବମାନଙ୍କୁ ବୋଇତଠାରୁ ସେମାନଙ୍କୁ ବନ୍ଦାଇ ଆଣିବା ସବୁ ଉତ୍କଳରେ ପ୍ରାଚୀନ କାଳରେ ଥିଲା । ସାଧବମାନଙ୍କର ଅକଳନ୍ତି ଧନସମ୍ପତ୍ତି ସେମାନଙ୍କର ଘରର ସୁବର୍ଣ୍ଣ କଳଶରୁ ଜଣାପଡୁଥିଲା । ଧନୀଙ୍କ ହିଁଟବୋକ୍ତ, ଗରିବ ହୋଇଗଲେ ଅଣ୍ଟରେ ସୂତା କାଟି, ଗୋବର ଗୋଟେଇ, ପେଜ ଭାତ ଖାଇ, ଚଳୁଥିଲା ଦିନ କାଳ କାଟୁଥିଲେ । ଏହା ଗରିବ ଲୋକଙ୍କର ସାଧାରଣ ଜୀବନ । ଅଶ୍ୱାସ୍ଥ୍ୟ ବୁଦ୍ଧିମାନେ ଉଚ୍ଚ ଧନ ଉପାର୍ଜ୍ଜନ କରିବା ରହ ମଧ୍ୟ ଥିଲେ ।

ଗଳ୍ପର ଆରମ୍ଭ କରିବାରେ ଶ୍ରୋତାମାନଙ୍କର ମନ ଆକର୍ଷିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରାଯାଏ । ଗଳ୍ପପ୍ରତି ଶ୍ରୋତାଙ୍କ ମନକୁ

ଆକର୍ଷଣ କରିବା ପାଇଁ କେତେକ ଅର୍ଥହୀନ ପଦର ଅବତାରଣା ମଧ୍ୟ ହୁଏ—

କଥାଟିଏ କହୁଁ, କଥାଟିଏ କହୁଁ । କି କଥା ? ବେଙ୍ଗ ଲଥା । କି ବେଙ୍ଗ ? ହୁଁଗୁ ବେଙ୍ଗ । କି ହୁଁଗୁ ? ବାଙ୍ଗିଣ ମୁଣ୍ଡ । କି ବାଙ୍ଗିଣ ? କୁନ୍ଦ ବାଇଗଣ । କି କୁନ୍ଦ ? ତାଳ ମୁନ୍ଦ । କି ତାଳ ? କଥାମାଳ । କି କଥା ? ରଜା ଝିଅ । କି ରଜା ? ଝଣ୍ଡି ରଜା । କି ଝଣ୍ଡି ? ଆମ୍ବ ଦଣ୍ଡି । କି ଆମ୍ବ ? ଦାନ୍ତୁରି ଆମ୍ବ । କି ଦାନ୍ତୁରି ? ବୁଢ଼ୀ ଦାନ୍ତୁରି........

ଏହି ଅର୍ଥହୀନ ପ୍ରସ୍ତାବନାର ପ୍ରତ୍ୟେକ ବାକ୍ୟ ପଦ୍ୟାତ୍ମକ; ଉପଧା ଓ ଶେଷ ଅକ୍ଷରର ମେଳ ଅଛି । ଅତି ଚମତ୍କାର ଭାବରେ ପଦ ପରେ ପଦର ଶୃଙ୍ଖଳା ରହିଛି; ମନେ ହେଉଛି, ଯେପରି ପଦର ଏକ ସୁନ୍ଦର ପୁଷ୍ପମାଳ ଗୁନ୍ଥା ହୋଇଛି ।

କଥକଙ୍କ କଳ୍ପନାଶକ୍ତି ଅନୁସାରେ ଅନ୍ୟ ପ୍ରକାର ଆରମ୍ଭ ମଧ୍ୟ ହୁଏ । ଏହା କଥାବସ୍ତୁର ସ୍ପଷ୍ଟ ସୂଚନା ଦେଇ ନ ଥିଲେ ମଧ୍ୟ ତାକୁ ଗ୍ରହଣ କରିବା ପାଇଁ ମନକୁ ପ୍ରସ୍ତୁତ କରୁଛି । ପଦ୍ୟାତ୍ମକ ବାକ୍ୟର ମାଳା କ୍ରମେ କଥାପ୍ରବାହ ସ୍ୱରୂପ ବୃଦ୍ଧି ପାଇ ମନକୁ ଚଳିତ୍ପଥ ଆକୃଷ୍ଟ କରୁଛି ଏବଂ ଉତ୍ସାହ ଏତେ ବୃଦ୍ଧି କରାଉଛି ଯେ, କଳ୍ପନାଜଗତରେ ମୂର୍ତ୍ତିମାନ ଜୀବନ୍ତକୁ ଦୃଶ୍ୟ କରି ହେଉନାହିଁ । ଏଥିରେ ହିଁ କଥକର ଏହି ପ୍ରକାର ପ୍ରସ୍ତାବନାର ସାର୍ଥକତା ରହିଛି ।

କଥାଟିଏ କହୁଁ, କଥାଟିଏ କହୁଁ ।
ତାମସୀ କାନ୍ଥରେ ତାମସୀ କାନ୍ଥ,
ଋଷି ପରବତେ ବୋହାଲି ଅଛି ।
ଋଷି ପର୍ବତ କେଡ଼େ ସୁନ୍ଦର,
ତହିଁରେ ବସିଛି ସାତକୋଟି ଘର ।
ସାତ ଘରେ ସାତ ଟିଅ ରହିଲେ,
ସାତ ହାତ ସୂଅ ଘର କରିଲେ ।
ସାନଟିଅ ନାଁ ଲବଙ୍ଗଲତା,
ମଝିଆଁ ଟିଅ ସେ ଗଜମୁକୁତା ।
ଲବଙ୍ଗଲତାକୁ ଗଜମୁକୁତା,
କହିଲା, ଭଉଣୀ କହ ଗୋ କଥା ।

ଘତ କହୁଛି କି ମିଛ କହୁଛି,
ଅଙ୍ଗେ ଲାଗିବା କଥା କହୁଛି । ଇତ୍ୟାଦି

ପ୍ରାରମ୍ଭ ପଦର ଗଳ୍ପର କଥାବସ୍ତୁର ଅବତାରଣା ମଧ୍ୟ ମନୋମୁଗ୍ଧକର । "ଏକ ଦେଶରେ ଏକ ରାଜା ଥାଆନ୍ତି ସେ ବେଶ ବଡ଼ ଅନ୍ୟାୟୀ....।" ଯେ, ଯିନା, ଯିମିତ ସିମିତ, କହୁଁ କହୁଁ, ଦେଖୁଁ ଦେଖୁଁ, କେଁ କେଁ, ଭେଁ ଭେଁ ଇତ୍ୟାଦି କେତେକ ଅବ୍ୟୟ ପଦର ଚମତ୍କାର ବ୍ୟବହାରଦ୍ୱାରା ଗଳ୍ପର ଭାଷା ଓ ଭଙ୍ଗୀକୁ ସରସ କରାଯାଏ । ଏସବୁ ଖାଣ୍ଟି ଓଡ଼ିଆରେ ବଳିଷ୍ଠ ଭଙ୍ଗୀପ୍ରୟୋଗ ।

କଥା ଭିତରେ ମଧ୍ୟ ସ୍ଥଳବିଶେଷରେ ସଙ୍ଗୀତ ରଖା ଯାଇ କେତେଗୁଡ଼ିଏ ଢଗଢମାଳ ବା ଛନ୍ଦର ପଦ ଗୀତ ହୋଇଥାଏ । ଏହାଦ୍ୱାରା ଗଳ୍ପକଥନରେ କଥକ ଓ ଶ୍ରୋତା ଉଭୟଙ୍କର କ୍ଳାନ୍ତି ଓ ଅନ୍ୟମନସ୍କତା ଦୂର ହୁଏ । ଗଳ୍ପ କଥନ ଭିତରେ ଶ୍ରୋତାମାନଙ୍କ ଭିତରୁ କେହି ଜଣେ ମଝିରେ ମଝିରେ ହୁଁ, ହୁଁ କରିବା ନିୟମ ଥାଏ । ଏହା ନ କଲେ ମନୁଷ୍ୟ କି ଶୁଣି ଭୂତ ଶୁଣୁଛି ବୋଲି କଥକ ଧାରଣା କରେ । ଏହା ଉଭୟ ପକ୍ଷରେ ମଙ୍ଗଳକର ଲାଗେ ।

୧ । ବଗଲିଆ କହିଲା, ଖଣ୍ଡ ଖାଏ ଅଁଠା କଣ୍ଟା,
ଆଜି ଶାନ୍ତିସୁନ୍ଦ ହେବ ଚକଣ୍ଠା ।
ଦେବ ମୋତେ ଯେବେ ଥାଳ ଦୁଇ,
ହେବେ ସବୁ କଥା କହିବି ଯାଇ ।
( ଶାନ୍ତାଜାସୁନ୍ଦର କଥା )

୨ । ଗୁମୁଣ୍ଡି ହୋଇଛି ମାଡ଼ି ଗୋ ବୋଲେ ହୁଁ ସେ,
ହୋଇଛି ବଡ଼ଦାଣ୍ଡ ଶିବ ଗୋ ବୋଲେ ହୁଁ ସେ ।
ଶାନ୍ତାଜାସୁନ୍ଦର ଲୁଣିଆ ବୋଲେ ହୁଁ ସେ । ଇତ୍ୟାଦି

୩ । (କ) ଆଗ ଦିଆ ଆସ ଗୋ କଳଚିଆଫୁଲ, ବଇଚେଲୁ ପଖ,
ବେକରେ ବର ସେ କୁତା ହୋଇଲା ।
ବେଙ୍ଗ ତଳେ ପାଣି ଅଣ୍ଟେ ହେଲା,
କଦଳୀପାଟରେ ଗୁଣ୍ଡି ପଡ଼ିଲା ।
ଫୁଲପକାଠୁଅ ଫିଙ୍ଗି ମାରିଲା,

ସେହିଲୁଗା ଯାକ ଉଡ଼ି ଖାଇଲା ।

(ଖ) ତୁମେ ଅଣ ହୋଇଥିଲ ସବୁ ବେଳେ,
ଏବେ ହେବ ଦେବଗୁରୁ ସେ ।
ଜନମ ମୂର୍ଖ ମୁଣ୍ଡି ଯାହା ଥିବ,
ଏହୁ ପାଣିରେ ବୁଡ଼ି ମରୁ ।
ଖୁଣ୍ଟୁରେ ଡଙ୍ଗା ବୁଡ଼ୁ ! ( କଳାବେଉଁଫୁଲ କଥା )

୪ । (କ) କାଠଘୋଡ଼ା ପାଣି ପି', କାଠଘୋଡ଼ା ପାଣି ପି' ।

(ଖ) ବାଇ ହୋଇଛ କି ବାତୁଳ ହେଲ, କାଠର ଘୋଡ଼ା କି ପାଣି ପିଏ

(ଗ) ଝୁଲରେ ଝୁଲରେ ଆମ ବାପାଙ୍କର ମାଳୀ ଆସିଅଛୁ,
ଦେବା କି ନ ଦେବା ଫୁଲ ?
ଦର୍ପେ ଲାଗୁ ତାଳ ମନ୍ଦେ ଲାଗୁ ତାଳ
ଆମେ ସାତ ଭଇ ଭଉଣୀଏ ଥାଉଁ, ମା' ପୋଡେ଼ ଘୋଡ଼ାଶାଳ ।
ଅଲେ ଲେ ଭଉଣୀ ନ ଦେବ ନ ଦେବ ଫୁଲ ।
( ଓଡ଼ିଆ କାହାଣୀ, ଡକ୍ଷକାଷପସ୍ଥା କଥା )

ପ୍ରତ୍ୟେକ ବାକ୍ୟ ସ୍ୱତନ୍ତ୍ର; କବିତା ପରି ବୋଲାଯାଉଛି ମଧ୍ୟ ଏହା ଗଦ୍ୟ । ମନ୍ତ୍ରୀପୁତ୍ରଙ୍କର ସ୍ତ୍ରୀ ଡୋଳଗ ବାଣିଆଙ୍କୁ ସ୍ୱାମୀ ଘରକୁ ପେଷିଲା ପରେ ତାଙ୍କୁ ଦେଖାଇବାର କଥା । କିନ୍ତୁ ସେ ନ ଆସିବାରୁ ମନ୍ତ୍ରୀପୁତ୍ର ନିଜ ଶ୍ୱଶୁରଙ୍କୁ ତାର କାରଣ ପଚାରିଲା । ବଡ଼ ଶ୍ୱଶୁର କହିଲେ, "ସାନ ବୋହୂକୁ ପଶୁ ଜର ହୋଇଛି, କିମିତ ଆସିବ ?" ଏହା ଶୁଣି ମନ୍ତ୍ରୀପୁତ୍ରର ଉତ୍କଣ୍ଠା ବୃଦ୍ଧି ପାଇଲା । ବଡ଼ ଶ୍ୱଶୁର ମଧ୍ୟ ସତ୍ୟ କଥାକୁ ଘୋଡ଼ାଇବା ପାଇଁ ବାହାଁରେଇ ଦେବାରେ ଲାଗିଛି । ପ୍ରକୃତରେ ସାହାଡ଼ାପୁଅଘରକୁ ରାଜକୁମାର ନେଇଯାଇଛନ୍ତି । ମନ୍ତ୍ରୀପୁତ୍ର ଓ ତାର ବଡ଼ ଶ୍ୱଶୁରଙ୍କ କଥୋପକଥନଟି ଉପଯୋଗୀ ହୋଇଛି । କଥା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ସାହାଯ୍ୟ କରିଛି । ମନ୍ତ୍ରୀପୁଅ ବଡ଼ବୋହୂକୁ କହୁଛି, ପେଟ ଜର ହୋଇଛି ତେବେ ପାଲିଙ୍କିରେ ଆଣ । ବୋହୂ କହିଲା, ପାଲିଙ୍କି ଭଙ୍ଗା ତ ନୁହେଁ । ମନ୍ତ୍ରୀପୁଅ କହିଲା, ତେବେ ଗାଡ଼ିରେ ଚଢ଼ାଇ ଆଣ । ବଡ଼ବୋହୂ କହିଲା, ଗାଡ଼ିଭଙ୍ଗା ନୁହେଁ ଇତ୍ୟାଦି । ଜାଣ, ଲାଜ, ଧମ୍ୟଂଶି ପ୍ରଭୃତି

ଉପାୟରେ ଅଣିବା ପାଇଁ ମନ୍ତ୍ରୀପୁଅ କହିଲା । ଏତେ ଉପାୟରେ ଅଶକ୍ତ ମନୁଷ୍ୟକୁ ଅଣିବାକୁ ହୁଏ । ଏହି ଲମ୍ବା ତାଲିକାର ବର୍ତ୍ତିକା ଯୋଗୁଁ ଗଳ୍ପଟିକ ଟ୍ରିକ୍ ଜନ୍ମେଇଥିବା ଭି ଅନୁମାନ ହୁଏ ।

ପ୍ରାୟ ସବୁ କଥା ନୀତିମୂଳକ—ଧର୍ମର ଜୟ, ପାପୀକୁ କଠୋର ଦଣ୍ଡ । ସାଂପ୍ରତିକ ଗଳ୍ପର ସ୍ୱାଭାବିକ ସ୍ତରରେ ପାପୀକୁ ଦଣ୍ଡ ମିଳିବାରେ ବିଳମ୍ବ ହୋଇ ଯିବାର ସମ୍ଭାବନା ଥିବାରୁ ଦେବଦେବୀମାନେ ବେଳ କାଳ ଜାଣି ଆବିର୍ଭୂତ ହୋଇ ଧର୍ମରକ୍ଷା କରିବା ଉଦ୍ଦେଶ୍ୟରେ ପାପୀକୁ ଦଣ୍ଡ ଦିଅନ୍ତି, ନିର୍ଦ୍ଦୋଷର ଦୁଃଖ ଦୂର କରନ୍ତି । ମନ୍ତ୍ରୀକୁମରର ସ୍ତ୍ରୀ ସାହାଡ଼ାସୁନ୍ଦରୀକୁ କୌଶଳକ୍ରମେ ରାଜକୁମାର ହରଣ କରି ନେଇ ନିଜ ପ୍ରାସାଦରେ ରଖିଲା । ମନ୍ତ୍ରୀପୁତ୍ର ନିଜ ସ୍ତ୍ରୀକୁ ଖୋଜିବାକୁ ଯାଇ ପ୍ରାଣ ହରାଇଲା । ତାର ଚିତାଗ୍ନିରେ ସାହାଡ଼ାକୁମାରୀ ଝାସ ଦେଇ ପ୍ରାଣ ତ୍ୟାଗ କଲା । ରାଜକୁମାର ସୁନ୍ଦରୀକୁ ଅନୁସରଣ କରି ଚିତାଗ୍ନିରେ ପଡ଼ି ପୋଡ଼ିମଲା । ଈଶ୍ୱରପାର୍ବତୀ ସାହାଡ଼ାକୁମାରୀ ଓ ମନ୍ତ୍ରୀକୁମାରକୁ ମନ୍ତ୍ରପାଣିରେ ବଞ୍ଚାଇ ଦେଲେ; କିନ୍ତୁ ପାପୀ, ମିତ୍ରଦ୍ରୋହୀ ରାଜକୁମାର ବଞ୍ଚିଲା ନାହିଁ । ଧର୍ମର ଜୟ ହେବା ଶୁଣି ଶ୍ରୋତାର ମନ ଉତ୍‌ଫୁଲ୍ଲ ହେଲା । ପାପୀକୁ ଉପଯୁକ୍ତ ଦଣ୍ଡ ମିଳିଥିବାରୁ ଅନ୍ୟାୟ ପ୍ରତି ତାର ଘୃଣା ଜାତ ହେବା ସ୍ୱାଭାବିକ । ଦେବଦେବୀମାନଙ୍କ ଶକ୍ତି ବା ଦୈବଶକ୍ତି ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ମଧ୍ୟ ଏଥିରେ ବୃଦ୍ଧି ପାଉଛି ।

ଲୌକିକ କଥାରେ ଅଲୌକିକ ଘଟଣାର ଅବତାରଣା ସମସ୍ୟାର ସମାଧାନ ପାଇଁ ବ୍ୟବହୃତ ହୋଇଥିବା ଦେଖାଯାଏ । ଦୟାର ଅବତାର ହର ପାର୍ବତୀ ପରର ଦୁଃଖରେ କାତର ହୋଇ ବିପଦରୁ ଉଦ୍ଧାର ପାଇବାର ବାଟ ବତେଇ ଦିଅନ୍ତି, ବର ଦିଅନ୍ତି, ମଲା ମନୁଷ୍ୟର ଭସ୍ମରେ ମନ୍ତ୍ରପାଣି ସିଞ୍ଚି ବଞ୍ଚାଇ ଦିଅନ୍ତି । ଏ ସୃଷ୍ଟି ଠିକ୍ ମୁହୂର୍ତ୍ତରେ ହୁଏ । ସମସ୍ୟାର ସାଧାରଣ ସମାଧାନର ପନ୍ଥା ଦେଖାଯାଉ ନ ଥିବା ଯୋଗୁଁ ମନ ଭିତରେ କଣ ହେବ, କଣ ହେବ ଭାବ ଜାତ ହୋଇ ପ୍ରାଣକୁ ଆକୁଳ କଲାବେଳେ ଉପଯୁକ୍ତ ସମୟରେ ଏମାନଙ୍କର ଆବିର୍ଭାବ ହୁଏ । କେତେକ ସ୍ଥାନରେ ଏମାନେ ନିଜେ କିଛି କାମ କରି ସମସ୍ୟାର ସମାଧାନ କରି ଦିଅନ୍ତି । କେତେକ ସ୍ଥାନରେ ଦୁହେଁ (ହରପାର୍ବତୀ) କଥୋପ-

କଥକ ଛଳରେ ତାହା ବତାଇ ଦିଅନ୍ତି ଏବଂ ଶ୍ରୋତାଙ୍କୁ ଶୁଣିବା ଲୋକ ତାହା ଧରି ସମସ୍ୟାର ସମାଧାନ କରେ । ଭୈରବ ଭୈରବୀ, ବେତାଳ ବେତାଳୀ, ଭୂତ ପ୍ରେତଙ୍କ ଅନ୍ତର୍ଭାବ ମଧ୍ୟ ଏହି ଶ୍ରେଣୀର ।

ଗଳ୍ପର ଶେଷ ବହୁପ୍ରକାରେ ହୋଇଥିବା ଦେଖାଯାଏ । କେତେକ ଗଳ୍ପରେ "ମୋ କଥାଟି ସରିଲା"ରେ ବନ୍ଦ ହୁଏ । ଅନ୍ୟ ଏକ ପ୍ରକାର— "ମୋ କଥା ଏତିକି" ବୋଲି କହିସାରି କଥକ ଶ୍ରୋତାଙ୍କୁ ତତ୍‌ସମ୍ବନ୍ଧୀୟ ସାରମର୍ମ ସଂକ୍ଷେପରେ କହିବା ବୋଲି ଦାବୀ କରେ । "ଏଥିରେ କଏ ଜିତିଲା ?" ଶ୍ରୋତା ପକ୍ଷେ ଏ ପ୍ରଶ୍ନରେ ଉତ୍ତର ଦିଏ ଏବଂ ଏଥିରେ ଶେଷ ହୁଏ । ମିଳନାନ୍ତ ଗଳ୍ପରେ କନ୍ୟା ନାୟକନାୟିକାଙ୍କର ସୁଖକଷ୍ଟ ପରେ ଗଳ୍ପର ପାତ୍ରପାତ୍ରୀ ସୁଖରେ ରହିବା ବର୍ଣ୍ଣନା କରି ଚଳିତ ଶେଷ କରିବା ମଧ୍ୟ କେତେକ ସ୍ଥଳରେ ଦେଖାଯାଏ । "ବରକନ୍ୟା ଆନନ୍ଦରେ ଘରଦ୍ୱାର କରି ରହିଲେ । ମୁଁ ଗଲିଥିଲି ମୋତେଭ କଥା ପଚାରି କହିଲେ ନାହିଁ କି ପାନ ଖଣ୍ଡେ ଦେଲେ ନାହିଁ । ମୋ କଥା ସରିଲା ।" ଏହି ଶେଷଟି ବହୁ ଗଳ୍ପରେ ଦେଖାଯାଏ । ଅନ୍ୟ ଏକ ପ୍ରକାର ଶେଷ—"ମୋ କାହାଣୀ ଏତିକି । ଫୁଲ ଫୁଟେ କେତେକି । ମୁଁ ତ ଅଟକୁ ଯାଇଥିଲି । ଗୁଆପାନ ଖାଇଥିଲି । ଅଇଲା ବେଳକୁ କିଛି ଦେଲେ ନାହିଁ ।"

କଥା ଶେଷରେ ପୁନର୍ବାର 'ବନ୍ଦନା' ମଧ୍ୟ ଥାଏ । ଯଥା—ସୁନାନାଲି ବିଲିକୁ ରଜାଙ୍କ ପୁଅ ଶିଖ ହେଲେ । କେତେ ପିଠା ବାଣ୍ଟିଲେ । ମୁଁ ଗଲି, ସେ ମୋତେ କଥା କହିଲେ ନାହିଁ । ମୋ କଥାଟି ସରିଲା—ଫୁଲ ଗଛଟି ମଲା । ହଇରେ ଫୁଲଗଛ, ତୁ କାହିଁକି ମଲୁ ? ମୋତେ କାଳିଗାଈ ଖାଇଲା । ହଇରେ କାଳିଗାଈ, ତୁ କାହିଁକି ଖାଇଲୁ ? ମୋତେ ଗଉଡ଼ ଜଗିଲା ନାହିଁ । ହଇରେ ଗଉଡ଼, ତୁ କାହିଁକି ଜଗିଲୁ ନାହିଁ ? ମୋତେ ବଡ଼ବୋହୂ ଖାଇବାକୁ ଦେଲା ନାହିଁ । ହଇରେ ବଡ଼ବୋହୂ, ତୁ କାହିଁକି ଖାଇବାକୁ ଦେଲୁନାହିଁ ? ସାନପୁଅ କାନ୍ଦିଲା । ହଇରେ ସାନପୁଅ, ତୁ କାହିଁକି କାନ୍ଦିଲୁ ? ମତେ ଧୂଳିଆ ଜନ୍ତା କାମୁଡ଼ିଲା । ହଇରେ ଧୂଳିଆଜନ୍ତା, ତୁ କାହିଁକି କାମୁଡ଼ିଲୁ ? ମୁଁ ଭୂଇଁରେ ଚଳେ ଚଳେ ଥାଏ, କଅଁଳ ମାଉଁସ ଦିଶଏ ପାଇଲେ ରକ୍ତ ପିଇ ଖାଏ । ଏହିପରି କହି କଥକ ଶିଶୁ ଶ୍ରୋତାଙ୍କ ବାହୁକୁ ଚିମୁଟିଦିଏ ।

ଓଡ଼ିଆ ସମାଜର ଅନ୍ୟାନ୍ୟ ବହୁ ଘଟଣାର, ପାରମ୍ପରିକ ଆଚାର ବ୍ୟବହାର ଏହି ଚାଳିଗୁଡ଼ିକରେ ଦେଖାଯାଏ । ସୁଦୂରକାଳରୁ କଥୋପକଥନର ଚିତ୍ତାକର୍ଷକ ଶୈଳୀ ପ୍ରଚଳିତ ଥିବା ଏଥିରୁ ଜଣାଯାଏ । ମହାକବି ସାରଳାଦାସ ତାଙ୍କର ମହାଭାରତର ବହୁ ଉପାଖ୍ୟାନରେ ଏହି ଶୈଳୀ ଅବଲମ୍ବନ କରିଥିବାରୁ ସେଗୁଡ଼ିକ ଲୋକଙ୍କ ମନକୁ ବେଶୀ ଭାବରେ ଆକର୍ଷଣ କରି ପାରିଛି ।

ପୃଥିବୀର ସବୁ ଦେଶରେ ଏଭଳି ପକ୍ଷୀଗଳ୍ପ ଅଛି ।

## (୭) ପ୍ରବାଦ-ପ୍ରବଚନ, ଢଗଢମାଳି ଓ ଧନ୍ଦା

ପ୍ରବାଦ-ପ୍ରବଚନ, ଢଗଢମାଳି ପ୍ରଭୃତି ଅନୁଭୂତି, ସଂସ୍କାର ଓ ସଂସ୍କୃତିରୁ ଜନ୍ମଲାଭ କରିଛି । ସହଜ ସରଳ ଭାଷାରେ ଜୀବନର ସ୍ୱରୂପ ଏଥିରେ ପ୍ରକାଶିତ ହୋଇଛି । ପ୍ରବାଦ-ପ୍ରବଚନର ଭାବ ଢଗଢମାଳିର ଭାବ ଅପେକ୍ଷା ଅଧିକ ଗମ୍ଭୀର । ସ୍ୱଦେଶୀୟ ଓଡ଼ିଆ ସମାଜର ଘଟଣା, ଆଚାର ବ୍ୟବହାର, ସ୍ୱଭାବ ଚରିତ୍ର ପ୍ରଭୃତି ଏଥିରେ ପ୍ରତିଫଳିତ ହୋଇଛି ଏବଂ ସମୁଦ୍ର ଯାତ୍ରା, ସଂସ୍କୃତି, ସଂସ୍କାର ପ୍ରଭୃତିର ଚିତ୍ର ମଧ୍ୟ ଏଥିରେ ପ୍ରକାଶ ପାଇଛି ।

ଢଗଢମାଳି ପ୍ରତି ଶିକ୍ଷିତ ସମାଜର ଘୃଣାକୁ ଲକ୍ଷ୍ୟ କରି ଗୋପାଳଚନ୍ଦ୍ର ପ୍ରହରାଜ କହିଛନ୍ତି—"ଦେଶର ଢଗଢମାଳିଗୁଡ଼ିକୁ ଯେଉଁମାନେ ଘୃଣାଚକ୍ଷୁରେ ଦେଖନ୍ତି, ସେମାନଙ୍କ ଭଲ ପଦ୍ୟ ରଖିଲ, ଇତର ଲୋକ ମୁହଁରୁ ଶୁଣିଲେ ବୋଲି କହିଣ ଶ୍ଳୋକଙ୍କୁ ବାହାର ପାଚେରୀ ପକାଇଲେ । ଢଗଢମାଳି ବହୁଶତ ବର୍ଷର ବହୁ ପୁରୁଷାନୁକ୍ରମେ ସଞ୍ଚିତ ମାନବ ପ୍ରକୃତି ଉପରେ ଟୀକା । ଗୋଟିଏ ଗୋଟିଏ ଢଗ ଭିତରେ ଖଣ୍ଡିଏ ଖଣ୍ଡିଏ ପୁସ୍ତକ ଲୁଚି ରହିଥାଏ; କେତେ ଶାସ୍ତ୍ରର ଉପଦେଶ ଗଣ୍ଠିଏ ମଧ୍ୟରେ ଛପି ଥାଏ, ସେଗୁଡ଼ିକ ନ ଦେଖି ଢଗଗୁଡ଼ିକ ଗ୍ରାମ୍ୟ ଲୋକଙ୍କର ବୁଢ଼ୀମାଆଠାରୁ ଶୁଣାଗଲା ବୋଲି ହସିକି ଉଡ଼େଇ ଦେବା କେଡ଼େ ଅନ୍ୟାୟ !"

( ଭାଷା ସାହିତ୍ୟ ପତ୍ରିକା—ଗଣ ବନ୍ଧୁ )

(୧) ଗୋଟିଏ ଗୋଟିଏ ଅନୁଭୂତି ଉପରେ ଗର୍ଭିତ କରି ପ୍ରବଚନ ଲେଖା ହୋଇଥିବା ପ୍ରମାଣ ବହୁତ ଦେଖାଯାଏ ।

(୨) ଗୋଟିଏ ଗୋଟିଏ ବିଶିଷ୍ଟ ଐତିହାସିକ ଘଟଣା କିମ୍ବା ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ରଚିତ ହୋଇଥିବା ପ୍ରବଚନ ମଧ୍ୟ ଅଛି ।

(୩) ସାମାଜିକ ସଂସ୍କାର ନିହିତ ଥିବା କେତେକ ପ୍ରବାଦ ଓ ପ୍ରବଚନ ମଧ୍ୟ ପ୍ରଚଳିତ ।

(୪) ପ୍ରାଚୀନ ଶାସ୍ତ୍ରାନୁରୂପ କେତେକ ପ୍ରବଚନ ଦେଖାଯାଏ ।

(୫) କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟରକ୍ଷା ପ୍ରଭୃତି ସମ୍ବନ୍ଧରେ ମଧ୍ୟ ପ୍ରବଚନ ଅଛି ।

ଏହି ବର୍ଗ ଏତିକିରେ ଶେଷ ନୁହେଁ,—ବହୁ ବିଷୟରେ ପ୍ରବାଦ ଓ ପ୍ରବଚନ ପ୍ରଭୃତି ଅଛି । ଏଗୁଡ଼ିକ ଦେଶ, ସମାଜ ଓ ସଂସ୍କୃତିର ମାନଦଣ୍ଡ ସ୍ୱରୂପ । ସମାଜର ଏକ ଚିତ୍ରରୂପେ ଏହି ପ୍ରବଚନାଦି-ରୂପକ ଦର୍ପଣରେ ପ୍ରତିଫଳିତ ହୋଇଛି । ସମାଜର ଯାବତୀୟ ଦୁଃଖସୁଖ, ଦୋଷଗୁଣ ଏଥିରେ ନିହିତ ରହିଛି । ଅନ୍ୟାୟ, ଅତ୍ୟାଚାର, ଅନୀତି, ଅଧର୍ମର ବିରୁଦ୍ଧରେ ଏହି ସମାଜ କଠୋର ସ୍ୱରରେ ସଂଗ୍ରାମ କରୁଥିବା ପ୍ରବଚନାଦିରୁ ପ୍ରମାଣ ମିଳୁଛି । ଦୃଢ଼, ନିର୍ମଳ, ସବଳ, ନିରଳସ ଓ ଅନୁଭୂତିସମ୍ପନ୍ନ ଉଚ୍ଚକୋଟିର ଜୀବନ ସୃଷ୍ଟି କରିବା ହିଁ ଏଗୁଡ଼ିକର ଲକ୍ଷ୍ୟ । ଦୁଇ ତୁକ ପଦରେ ଯେଉଁ ସବୁ ଭାବ ନିହିତ ରହିଥିବା ଦେଖାଯାଏ ତାହା ଲକ୍ଷ ଅନୁଭୂତିର ଫଳ; ଏହି ଦୁଇ ତୁକ ପଦରେ ଲକ୍ଷ ପଦବିଶିଷ୍ଟ ଗ୍ରନ୍ଥର ସାରମର୍ମ ପ୍ରାଣସ୍ପର୍ଶୀ ଭାଷାରେ ପ୍ରକାଶିତ ହୋଇଥିବା ମଧ୍ୟ ଦେଖାଯାଏ । ବାସ୍ତବତା ପ୍ରତି ଦୃଷ୍ଟି ରଖି ସଂସାରରେ ଚାଲିବା ପାଇଁ ଏ ଦେଶର ପ୍ରବଚନାଦିରେ ଯେଉଁ ନିର୍ଦ୍ଦେଶ ମିଳେ ତାହା ସମସ୍ତ ମାନବ ଜାତି ପାଇଁ ମଧ୍ୟ ପ୍ରଯୁଜ୍ୟ ।

## ଗଳ୍ପ ସୂଚନାତ୍ମକ ଢଗଢମାଳି—

ଢଗଢମାଳି, ପ୍ରବଚନ, ପ୍ରବାଦାଦି ଭିତରୁ କେତୋଟି ଗଳ୍ପର ସୂଚନା ମିଳେ । କେତେକ ଗଳ୍ପର ସାର ବିଷୟବସ୍ତୁ ପ୍ରବାଦରୂପେ ବହୁ କାଳରୁ

ପ୍ରଚଳିତ ଥିବାର ଦେଖାଯାଏ । ଏ ଭିତରୁ କେତୋଟି ପ୍ରାଚୀନ କାଳର ଐତିହାସିକ ଘଟଣାର ମଧ୍ୟ ସୂଚନା ଦିଏ ।

"ଦୁଅଁଙ୍କ ଦେରେ କିଏ ? ନା, ମୁଁ କଦଳୀ ଖାଇ ନାହିଁ ।" ଏହି ପ୍ରବାଦଟି ପ୍ରବଚନ ସ୍ଥଳରେ ବ୍ୟବହୃତ ହୋଇ ଆସୁଛି ଏବଂ ଏହା ଏକ ଗଳ୍ପର ସୂଚନା ଦେଉଛି ।

"ଅକାଳ ଯୋଗୀ ପଳାଳେ ? ନା, ପଥ ବଡ଼ ଦୂର ।" "ନଦୀ ତରଙ୍ଗ ? ନା ନାବିକ ଧୀର ।" ଏହି ପଦଗୁଡ଼ିକ ପ୍ରଶ୍ନ ଉତ୍ତର ଛଳରେ କୁହାଯାଉଛି । ରସିକା ନାରୀ ଓ ରସିକ ପୁରୁଷ ଭିତରେ ପ୍ରଶ୍ନ ଉତ୍ତର ଛଳରେ ଏହି କଥୋପ-କଥନଟି ଘଟିତ ହୋଇଛି । ଏଥିର କଥାରେ ଚମତ୍କାରିତା ଅଛି, ରଚନାରେ ଶୈଳୀ ଅଛି । ରସିକା ଓ ରସିକର ଗୁପ୍ତପ୍ରେମ ହିଁ ଏହି ଗଳ୍ପର ବିଷୟବସ୍ତୁ ।

ଐତିହାସିକ ପ୍ରବାଦମାନଙ୍କ ଭିତରେ କେତୋଟି ପ୍ରାଚୀନ କାଳର ପୌରାଣିକ ତଥ୍ୟକୁ ମଧ୍ୟ ଭିତ୍ତି କରି ରଚିତ ହୋଇଛି । (୧) ପୁରୀ ଜିଲ୍ଲାର ସତ୍ୟବାଦୀର ପ୍ରସିଦ୍ଧ ସାକ୍ଷୀଗୋପାଳ ଠାକୁରଙ୍କ ସମ୍ବନ୍ଧରେ ପୁରାଣମାନଙ୍କରେ ଲେଖା ଅଛି ଯେ ଥରେ ଜଣେ ବ୍ରାହ୍ମଣ ବୃନ୍ଦାବନ ଯାଇଥିଲେ । ଶ୍ରୀକୃଷ୍ଣ ତାଙ୍କର ଭକ୍ତିରେ ପ୍ରୀତ ହୋଇଥିଲେ । ବ୍ରାହ୍ମଣ ତାଙ୍କୁ ନିଜ ଦେଶକୁ ନେବା ପାଇଁ ପ୍ରାର୍ଥନା କରନ୍ତେ କୃଷ୍ଣ ସେଥିରେ ସମ୍ମତ ହେଲେ ଏବଂ ସେ ସମ୍ବନ୍ଧରେ କେତେକ ସର୍ତ୍ତ ରଖିଲେ । ବିପ୍ରଙ୍କ ପଛେ ପଛେ କୃଷ୍ଣ ଚାଲିବେ, ବିପ୍ର ପଛକୁ ଚାହିଁବେ ନାହିଁ, କୃଷ୍ଣଙ୍କ ପାଦର ଘାଗୁଡ଼ିମାଳର ଶବ୍ଦ ବିପ୍ରବର ଶୁଣୁଥିବେ ଏବଂ ତାହାଦ୍ୱାରା କୃଷ୍ଣ ବିପ୍ର ପଛରେ ଯାଉଥିବାର ପ୍ରମାଣ ମିଳିବ । କିଛି ଦୂର ଚାଲିବା ପରେ ବିପ୍ରଙ୍କ ମନରେ ସନ୍ଦେହ ହେଲା । ସେ ପଛକୁ ଚାହିଁଦେଲେ । ବିପ୍ର ସର୍ତ୍ତ ରକ୍ଷା କରି ନ ପାରିବାରୁ କୃଷ୍ଣ ସେହିଠାରେ ହିଁ ରହିଗଲେ । ସେହିଦିନ-ଠାରୁ ସତ୍ୟବାଦୀଠାରେ ସାକ୍ଷୀଗୋପାଳ ରୂପରେ ପୂଜା ପାଉଛନ୍ତି । (୨) କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟନାରାୟଣ ମନ୍ଦିରଟିକୁ ଗଙ୍ଗବଂଶ ରାଜା ନରସିଂହ ଦେବ ମନ୍ତ୍ରୀ ଶିବାଇ ସାନ୍ତରାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଇଥିଲେ । ଏହି କାର୍ଯ୍ୟରେ ବାର ଶହ ବଢ଼େଇ ବାର ବର୍ଷ କାଳ ଲାଗି ମଧ୍ୟ ଦେଉଳର ମୁଣ୍ଡି ମାରିପାରି ନଥିଲେ । ରାଜା ଏଥିରେ ବିରକ୍ତ ହୋଇ ଆଦେଶ ଦେଲେ ଯେ ବଢ଼େଇମାନେ ନିର୍ଦ୍ଦିଷ୍ଟ

ଦିନ ଭିତରେ ମୂର୍ତ୍ତି ମାଣ୍ଡି ନ ପାରିଲେ ସେମାନଙ୍କର ମୁଣ୍ଡକାଟ ହେବ । କିନ୍ତୁ ଦିନର ପୂର୍ବରାତ୍ରିରେ ପ୍ରଧାନ ବଢ଼େଇର ବାଳକ ପୁତ୍ର ମୂର୍ତ୍ତି ମାରିଦେବାରୁ ବଢ଼େଇମାନଙ୍କ ମନରେ ଭରସା ହେଲା । ଏକଥା ଶୁଣିଲେ ରାଜା ପ୍ରାଣଦଣ୍ଡ ଦେବାର ଆଶଙ୍କା କରି ସେମାନେ ପ୍ରଧାନ ବଢ଼େଇଙ୍କୁ "କାରଣ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ ?" ବୋଲି ପଚାରିଥିଲେ । ତାହା ଶୁଣି ବଢ଼େଇଙ୍କ ଜୀବନ ରକ୍ଷା ପାଇଁ ପ୍ରଧାନ ବଢ଼େଇ ନିଜ ପୁତ୍ରକୁ ହତ୍ୟା କରିବା ପାଇଁ ରାଜି ହେଲା । ପୁତ୍ର ଏ ସମ୍ବାଦ ଶୁଣି ନିଜେ ଦେଉଳ ଶିଖର ଉପରୁ ଡେଇଁପଡ଼ି ପ୍ରାଣ ହରାଇଲା । ସେହିଠାରେ ବର୍ତ୍ତମାନର ମନ୍ଦିରଟି ଅଛି ସେଠାରେ ଚନ୍ଦ୍ରଭାଗା ନାମରେ ପ୍ରକାଣ୍ଡ ଗଣ୍ଡଟିଏ ଥିଲା । ବଡ଼ ବଡ଼ ପଥର ପକେଇ ଗଣ୍ଡକୁ ପୋତିବା ବ୍ୟବସ୍ଥା କରି ଶିବେଇ ବହୁ ପଥର ଗଣ୍ଡ ମଧ୍ୟରେ ପକାଇଥିଲେ । ପଥରଗୁଡ଼ିକ ମଧ୍ୟରେ ପଡ଼ିଯାଉଥିବାରୁ ପୋତା ହେବାରେ ଡେରି ହେଲା । ଶିବେଇ ଏଥିରେ ଚିନ୍ତିତ ହୋଇ ପଡ଼ିଲେ । ତେବେ ସେ ନିକଟସ୍ଥ ରାମଚଣ୍ଡୀ ଠାକୁରାଣୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ । ସେଠାରେ ତାଙ୍କୁ ଭୋକ ହେଲା । ଠାକୁରାଣୀ ଜଣେ ବୁଢ଼ୀ ରୂପରେ ତାଙ୍କୁ ଦେଖା ଦେଇ ଥାଳରେ ତତଲା ଖିରି ଖାଇବାକୁ ଦେଲେ । ସାନ୍ତରା ଥାଳ ମଝିରୁ ଖିରି ଖାଇବାରୁ ହାତ ପୋଡ଼ିଗଲା । ବୁଢ଼ୀ ଏହା ଦେଖି କହିଲେ, "ଶିବେଇ ସାନ୍ତରା ଦେଉଳ ତୋଳିଲା ପରି କଲୁ ।" ଏଥିରେ ଶିବେଇଙ୍କର କୌତୂହଳ ଜନ୍ମିଲା । ବୁଢ଼ୀଙ୍କୁ ଏହାର ତାତ୍ପର୍ଯ୍ୟ ପଚାରିବାରୁ ସେ କହିଲେ, "ଗଣ୍ଡର କୂଳ ଆଡ଼ୁ ପଥର ନ ପକେଇ ମଝି ଗଣ୍ଡରେ ପକାଉଥିବାରୁ ଗଣ୍ଡ ପୋତାହୋଇ ପାରୁ ନାହିଁ ।" ଏହି କଥା ଶୁଣି ଶିବେଇ ତଟ ଆଡ଼ୁ ପଥର ପକେଇ ଗଣ୍ଡ ପୋତାଇଲେ ଏବଂ ତାହା ଉପରେ ଦେଉଳ ତୋଳାଇଲେ । (୩) ବଙ୍ଗ ନବାବଙ୍କ ସେନାପତି କଳାପାହାଡ଼ ଖ୍ରୀ: ୧୫୬୬ରେ ଓଡ଼ିଶା ଆକ୍ରମଣ କଲା । ସେତେବେଳକୁ ରାଜା ମୁକୁନ୍ଦଦେବ କଟକରେ ନ ଥିଲେ । କଳାପାହାଡ଼ କଟକରେ ପ୍ରବେଶ କରି ବାରବାଟୀ ଦୁର୍ଗ ଅଧିକାର କରିନେଲା । ଅତ୍ୟାଚାରରୁ ରକ୍ଷା କରିବା ପାଇଁ ମୁକୁନ୍ଦଦେବଙ୍କ ରାଣୀ ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ ଏବଂ ସୁବର୍ଣ୍ଣ ଥାଳରେ ହେଡ଼ା (କେହି କେହି ଖୁଦ ବୋଲି କହନ୍ତି) ପରଷି ଥିଲେ ।

(୧) ଆରେ ଅରେ ସ୍ଥିର ଥିବାରେ ଜଗନ୍ତ, ମୁଁ ତ ପଡ଼ିଛି ପଡ଼ିଛି ଥିବି,
ମୁଣ୍ଡି ମାଡ଼ିଥିବ ଟୁମୁକା ଉଠନ୍ତି, ଟୁମୁ ଟୁମୁ ହେଉଥିବ ।
ଆରେ ଅରେ ଗିରି ପଡ଼ିଲୁ ନ ବୁଝି, ବୁଝିବୁ ମୁଁ ଝୁଲୁଥିବି,
ଯେଉଁଦିନେ ଭୁଞ୍ଜ ପଇଡ଼ୁ ଛୁଞ୍ଚିବୁ, ସେଇଦିନେ ବଞ୍ଚିବି ।

(୨) ଶିବାଇ ସାନ୍ତ୍ରର ଦେଉଳ ତୋଳିବା ବ୍ୟାପ୍ତେ ।

(୩) ବାରଣ ବଢ଼େଇରେ ଦାଣ୍ଡୀ ନା ଦୁଆରେ ଦାଣ୍ଡୀ ।

(୪) ଅଇଲୁ କଳାପାହାଡ଼ ଭାଙ୍ଗିଲୁ ଲୁହାର ବାଡ଼
ପିଇଲୁ ମହାନଦୀ ପାଣି,
ସୁବର୍ଣ୍ଣ ଥାଳରେ ହେତା ପରଷିଲେ
ମୁକୁନ୍ଦଦେବଙ୍କ ରାଣୀ ।

—ଏହିପରି ଆଉ କେତେକ ପ୍ରବାଦ ମଧ୍ୟ ଅଛି ।

ଐତିହାସିକ ତଥ୍ୟମୂଳକ ପ୍ରବଚନବୃତ୍ତାନ୍ତକୁ କେତେକ ଗଙ୍ଗବଂଶ ରାଜତ୍ୱ ପୂର୍ବର ଘଟଣାକୁ ଲକ୍ଷ୍ୟ କରି ରଚିତ ହୋଇଛି । "ଗାଲ ମାଧବକିଏ" କହିଲେ ସୁରଣପୁରର ମହାରାଜା ଇନ୍ଦ୍ରଦ୍ୟୁମ୍ନ ପୁରୀର ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ତାଙ୍କ ପାଇଁ ନିର୍ମାଣ କରିଥିବା ମନ୍ଦିର ସମ୍ବନ୍ଧୀୟ କିମ୍ବଦନ୍ତୀର ସୂଚନା ଦେଉଛି । ଦେଉଳ ନିର୍ମାଣ କରିସାରି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାକୁ ଇନ୍ଦ୍ରଦ୍ୟୁମ୍ନ ସ୍ୱର୍ଗକୁ ଯାଇଥିଲେ । ସେତେବେଳେ ବ୍ରହ୍ମା ସନ୍ଧ୍ୟା ଉପାସନାରେ ବସିଥିବାରୁ ତାଙ୍କର ଦର୍ଶନ ମିଳିଲା ନାହିଁ । ବ୍ରହ୍ମାଙ୍କ ସନ୍ଧ୍ୟା ଉପାସନା ଶେଷ ହେଲା ବେଳକୁ ବହୁ ମାନୁଷବର୍ଷ ଗତ ହୋଇଗଲା । ଦେଉଳଟି ସମୁଦ୍ର ବାଲିରେ ପୋତି ହୋଇଗଲା । ଇନ୍ଦ୍ରଦ୍ୟୁମ୍ନ ସ୍ୱର୍ଗରେ ହିଁ ଅପେକ୍ଷା କରି ରହିଲେ । ଏ ଭିତରେ ଗାଲମାଧବ ନାମକ ଉତ୍କଳର ରାଜା ଦେଉଳକୁ ଉଦ୍ଧାର କରି ପ୍ରତିଷ୍ଠା କରିବା ପାଇଁ ଆୟୋଜନ କଲେ । ବ୍ରହ୍ମାଙ୍କ ସନ୍ଧ୍ୟା ଉପାସନା ଶେଷହେବା ପରେ ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ସଙ୍ଗରେ ଆଣି ଶ୍ରୀକ୍ଷେତ୍ରରେ ପ୍ରବେଶ କଲେ । ଗାଲମାଧବ ଦେଉଳର ଅଧିକାର ଦାବି କଲେ । ପରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର କୂର୍ମମାନଙ୍କ ସାକ୍ଷ୍ୟଦ୍ୱାରା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିବା ପ୍ରମାଣିତ ହେଲା । ଗାଲମାଧବ ଇନ୍ଦ୍ରଦ୍ୟୁମ୍ନଙ୍କ ନିମିତ୍ତ

ମନ୍ଦିରକୁ ବଣାକାରଙ୍କର ଜଳ ମନ୍ଦିର ବୋଲି କହୁଥିବା ଦାବୀକୁ ଜନସମାଜ ସ୍ୱୀକାର କରିନାହିଁ । ଫଳେ ନ ଗଢ଼ି ଅନ୍ୟର ଗଢ଼ା ପଦାର୍ଥକୁ ନିଜ ଗଢ଼ା ବୋଲି କେହି ଦାବୀ କଲେ ତାକୁ "ଶାଳମାଧବ" ଆଖ୍ୟା ଦେଇ ତା ପ୍ରତି ତାଚ୍ଛଲ୍ୟ ପ୍ରଦର୍ଶିତ କରାଯାଇଥାଏ । ସେହିପରି "କଟକ ଚଣ୍ଡୀ ବାରମୁଣ୍ଡିକ" ପ୍ରବାଦଟି ମଧ୍ୟ ଗଙ୍ଗବଂଶ ରାଜତ୍ୱ ପୂର୍ବର ରଚନା । ଗଙ୍ଗବଂଶ ରାଜତ୍ୱ ସମୟର ଓ ତା ପରେ ବିଭିନ୍ନ ସମୟରେ ଐତିହାସିକ ଘଟଣାକୁ ଲକ୍ଷ୍ୟ କରି ରଚିତ ହୋଇଥିବା ବହୁ ପ୍ରବାଦ ଦେଖାଯାଏ । 'ଶିବାଇ ସାନ୍ତ୍ରାର ଦେଉଳ ତୋଳିଲା ପଣ', 'ବାର ଶହ ବଢ଼େଇରେ ଦାଣ୍ଡୀ କି ପୁଅରେ ଦାଣ୍ଡୀ' ଇତ୍ୟାଦି ଗଙ୍ଗବଂଶ ରାଜତ୍ୱର ଘଟଣାକୁ ଲକ୍ଷ୍ୟ କରାଯାଇ ରଚିତ ହୋଇଛି । 'ଛାମୁଆ କହିଲା ଆଜ୍ଞା ଭେଟ ନାହିଁ', 'ଅଇଲା କଳା ପାହାଡ଼......' ଇତ୍ୟାଦି ପ୍ରବାଦ ଗଙ୍ଗବଂଶ-ପୂର୍ବ ପରି ରଚନା ହୋଇଥିଲେ ମଧ୍ୟ ବିଷୟର ସୁବିଧାର୍ଥେ ଆଲୋଚନା ଲକ୍ଷ୍ୟରେ ଏଠାରେ ଏଗୁଡ଼ିକର ଅଲୋଚନା କରାଗଲା ।

ପୌରାଣିକ ଗଳ୍ପମୂଳକ ପ୍ରବାଦ-ପ୍ରବଚନାଦି—

(୧) ଅକର୍ମା ବୋଇଲେ ଯାଏ, ଗର୍ଭୀରୁ ଲଙ୍କ ଛାଡ଼ି ପଳାଏ ।

(୨) ମହାଭାରତ ଓ ଭାଗବତ—

(କୁନ୍ତୀଙ୍କର) ଅର୍ଜୁନ ମଲେ ପାପ, କର୍ଣ୍ଣ ମଲେ ପାପ ।
ଗଙ୍ଗା ବୋଇଲେ ଥିବ, ଗାର୍ଗୀ ବୋଇଲେ ଯିବ ।
ଛଳ ନ ଜାଣିଲେ ଯଶୋଦା ରାଣୀ, ପୂତନା କୋଳେ ପୁଅ ଦେଲେ ଆଣି ।
ଶାଠିଏ ମହୁଣ ଘିଅ ହେବ ନା ରାଧା ନାଚିବ ।
ହିଁମିଁ ହେଳକୁ ମହାଭାରତ ।
ଦାତେ କର୍ଣ୍ଣ, ମାନେ ଦୁର୍ଯୋଧନ ।
ବନେ ଯାଇଥିଲ ଯନ୍ତ୍ରାଜ୍ଞୁ,
ଘରେ ଛନ୍ଦିଲିକି ବାହାରେ ମନ, କେମନ୍ତେ ମୁକ୍ତିବି ନନ୍ଦନାକୁ ।
ନରେ ବା କୁଞ୍ଜରେ ବା ଅଶ୍ୱତ୍ଥାମା ହତ ।
ଶିଖଣ୍ଡିକି ଦେଖିଲେ ଭୀଷ୍ମଙ୍କ ଦର୍ପ ହତ ।
ନାରଦ ମୁନି, ତିନି ଭୁବନର ବାରତା ଦେନି ।
ପଞ୍ଚସଖା ସୁଖ ଶୁଣି କରଗାଲାରେ କୃଷ୍ଣନାମ ପଢ଼ୁଛନ୍ତି । ଇତ୍ୟାଦି ।

(୬) ରାମାୟଣ—

ରାଇ ଦ୍ୱଂଶାରେ ଲଙ୍କାଗଡ଼ ଜୟ ।
ଅଃଟର ରାବଣ, ଆପଣା ଗୁଣେଁ ହରାଇଲୁ ବଡ଼ପଣ ।
ମାଇଲୁ ରାବଣ, ଆଣିଲୁ ସୀତା, ଏଥିପାଇଁକି ପୋଥି ଗାଉଛୁ ।
ରାମନବମୀ ଅଣସ୍ଥର ରାତି, ତା ଦେଖିଯାଏ କାହ୍ନାକାଟି ।
ରାବଣ ଦଶମୁଣ୍ଡଙ୍କ ଖାଇଲେକ୍ ଏକା ପେଟକୁ ଯାଏ ।
ରାବଣ ଯେବେ ସୀତା ନ ନଅନ୍ତା, ତେବେ କାହିଁକି ରାମାୟଣ ହୁଅନ୍ତା ?
ରାବଣର ଦୋଷେ ସିନ୍ଧୁ ବନ୍ଧନ ।
ଲଙ୍କାରେ ଘୁର ଶବଦ ।
କାଳନେମୀର ଲଙ୍କା ଭାଗ ।
ଲଙ୍କଠ ଲୋଚନ କେ କରିବ ଅଂକ, ଲଙ୍କଠେ ଥିଲକୁ ରାମ ଘରେ ବନ ।
ତେବେକ ପଶୁରି ପଙ୍କୁରି ଲଙ୍କାକୁ ଯାଉଛନ୍ତି ।
ପଥ ସଙ୍କୁର ସିତା ଦେଇ ଗିରୁ, ଆଉ ଅଯୋଧ୍ୟା ମନ ନ କରିବୁ ।
ଲଙ୍କାରେ ଯେ ସ୍ଥାନ ଦେଖ ବାସ୍ତୁରି ସ୍ଥାତ ।
ସେତେବେଳ ଲଙ୍କାଗଡ଼େ ଜାତ, ସମସ୍ତେ ଅସୁରଙ୍କ ସୁତ ।
ଯେନ ବାଣେ ହତୋ ବାଳି, ତେନ ବାଣେ ହତୋ ମମ ।
(ଅଶୁଦ୍ଧ ଶ୍ଳୋକାଂଶ) ଇତ୍ୟାଦି ।

ଏକାଠିକ ବସିକି ଅଡୁଆ—ଶ୍ରେଣୀ ବା ବର୍ଣ୍ଣ ବା କୁଳ ସହିତ ସମ୍ପର୍କ ଥିବା ପାରଂପରିକ ବ୍ୟବସାୟ, ସ୍ୱତନ୍ତ୍ର ଗ୍ରହଣ ଅନ୍ୟ ବ୍ୟବସାୟ, ସ୍ୱତନ୍ତ୍ର ଧରିଲେ ବହୁତ ଅସୁବିଧା ହୁଏ । କର୍ମୀର ହିତ ହୁଏ ନାହିଁ । ଏହା କେତେକ ଉକ୍ତିମାନଙ୍କରୁ ଜଣାଯାଏ । କୁଳ ବେଭାର ଓ ସ୍ୱତନ୍ତ୍ରକୁ ବେଶୀ ପ୍ରାଧାନ୍ୟ ଦିଆଯାଇଥିବା ହିଁ ଦେଖାଯାଏ ।

"ବ୍ରାହ୍ମଣ ଚାଷ, ବେଳରେ ନାଶ ।" ବ୍ରାହ୍ମଣ ଚାଷ କଲେ ସ୍ୱଭାରଣ ହୁଏ । କୁଳ ବେଭାର ଯଜନଯାଜନାଦି କରି ବ୍ରାହ୍ମଣମାନେ କଷ୍ଟ ବ୍ୟାକରାଇ କରନ୍ତି । ଭୂମି ଥିବା ବ୍ରାହ୍ମଣ ନିଜେ ଚାଷ ଉପରେ ବେଶି ନଜର ଦିଅନ୍ତି ନାହିଁ । ଭୃତ୍ୟ ବା ମୂଲିଆ ଉପରେ ବେଶି ନିର୍ଭର କରନ୍ତି । ଫଳରେ ଚାଷ ଭଲ ହୁଏ

ନାହିଁ । ଶେଷକୁ ଝିଅ ହିଁ ବେଶି ହୁଏ । ଜମିର ହିସ୍ସା ଶତ୍ରୁ ମଧ୍ୟ କମିଯାଏ । ବ୍ରାହ୍ମଣଙ୍କୁ ଭୂତ ଅଡ଼ୁଆ ଅଡୁଆ ଲାଗେ । ଏହି କାରଣରୁ ବ୍ରାହ୍ମଣଙ୍କୁ ଭୂତ "ଦେବକରେ ଫାଶ" ପ୍ରଯୁକ୍ତ ହୁଏ ।

ଜାତିଗତ ପ୍ରକୃତି—

ବ୍ରାହ୍ମଣମାନଙ୍କର ସାମାଜିକ ଜୀବନ, ସାଧାରଣ ଚରିତ୍ରର ବୈଶିଷ୍ଟ୍ୟ ଗୁଣ ଓ ଦୋଷାଦି ମଧ୍ୟ ଡଗଡ଼ମାଳିରୁ ଜଣାପଡ଼େ ।

ବ୍ରାହ୍ମଣଙ୍କ ଛତ୍ର, କପାଳେ ଛତ୍ର ।
ବ୍ରାହ୍ମଣ ଜାଣନ୍ତି ବାଦକୁ, ଶୁଣ୍ଡି ଜାଣନ୍ତି ମଦକୁ ।
ବ୍ରାହ୍ମଣ କୁଳର ପଇତା, ବେଶ୍ୟା କୁଳର ଧଇତା ।

ଏପରି ଅନ୍ୟାନ୍ୟ ଜାତିମାନଙ୍କ ସମ୍ବନ୍ଧରେ ମଧ୍ୟ ଡଗଡ଼ମାଳି ଥିବା ଦେଖାଯାଏ ।

ଆଗେ ମରେ ବଢ଼େଇ, ପଛ ମାରେ କମାର,
ଧଇତା ମାରେ କେଉଟୁଣୀ, ବଂଶ ମାରେ କୁମ୍ଭାର ।
ଯନ୍ତ୍ର ଦେଲେ ଜନ୍ମ ଭଜା, ଅନ୍ତ୍ର ଘଷିଲେ ଢୋଲ ବଜା ।
ଆମ୍ଭ ବଣିଆ ମାଛ ମନ୍ତ୍ରି, ଗଉଡ଼ିଆ ଭୁଣ୍ଡ ନାହାକ ପାତ୍ରି ।
ଏଥିରେ ଯତ ଦେଖତେ ମିଛ ଲେଖତେ !
ତନ୍ତ୍ର ଘାଟରେ ତେଲିଆ ମହାଦେବ ।
ଭଜା ଡୋଲା ।
ତନ୍ତି ଲୁଣ୍ଡିଙ୍କର ପଇଁଶିବା ନ୍ୟାୟ ।
ଯୋଗୀ ଘରେ ଡିଙ୍କି ।

ଲୋକ ବିଶ୍ୱାସ—

ଡଗଡ଼ମାଳି, ପ୍ରବଚନ ପ୍ରଭୃତିରେ ଏ ଦେଶର ଲୋକବିଶ୍ୱାସର କେତୋଟି ଉଦାହରଣ ମଧ୍ୟ ମିଳୁଛି । ଶହ ଶହ ବର୍ଷ ତଳେ ଯେଉଁ ପ୍ରଚାର ଥିଲା ବର୍ତ୍ତମାନ ସୁଦ୍ଧା ଏଥିରେ କିଛି ପରିବର୍ତ୍ତନ ଘଟିଥିବା ଜଣାଯାଏ ନାହିଁ । କେତୋଟି ଉଦାହରଣ ଏଠାରେ ଦିଆଗଲା ।

୧ । ଅଣ୍ଡିରୁ ବାଳୁଅର ଡାକ, ମଡ଼ା ଧାଙ୍ଗିଆକୁ ଡାକ ।

୨ । ଆଉ ଜନମରେ ଲୁହା ବେପାରଣୀ, ଏ ଜନମରେ ଫେଣ୍ଟୁ ।

୩ । ଓଳି ଭଳେ, ଠିଆ କୋଣ୍ଟବ ସନ୍ଧ୍ୟା କାଳେ ।

୪ । ଔଷଧ ପିଇ, ଗାଡ଼ିଆ ଘୁଣ୍ଟୁରେଇ ।

୫ । କୁଞ୍ଚ କୁଞ୍ଚୁଆ ମାଗୁର ଝୁଣ୍ଟିଆ, ତୁଆରେ ନଥାଇ ବାଳି,
ଏ ତିନିକି ପରଷେ ନ ପିବ ଥିବା ଯାଏ ତିନି କାଳି ।

୬ । ଛପନ କୋଟି ଜୀବଙ୍କୁ ଦାଆନ କୋଟି ଭଣ୍ଡାର ।

୭ । ଠାକଙ୍କ ଶୁଣୁ, ଦିଆଁଟି ସୁନ୍ଦର, ମୁଣ୍ଡିଁଟି ପଟୁ ।

୮ । ନ ଖାଇବୁ ବାବୁ ଭୂତେ ସନ୍ଧରେ କାକରୁ,
ଲକ୍ଷେ ଲକ୍ଷେ ଶଳା ଥାଇ ମାରିବେ ଟାକରୁ ।
ନ ଖାଇବୁ ବାବୁ ଭୂତେ କଳଙ୍କା ଘୁଆ
ଘୁଣୁଘ ପଣରେ ହେବୁ ମାଈଗି ଘୁଣ୍ଟିଆ ।
ନ ଖାଇବୁ ବାବୁ ଭୂତେ ଦୁମ ଭଳ ଦିଅ
କାଣି ଶୁଣି ବାଘ ହେବୁ ଜନକର ବୈଅ ।
ନ ଖାଇବୁ ବାବୁ ଭୂତେ ଘାଡ ଦହନ ମଣ୍ଡା
ଗୁହାଳ ଘରେରେ ତତେ କଣ୍ଟଦେବେ ହେଣ୍ଡା ।

୯ । ଫେଣ୍ଟୁ ବୋବାଏ ଖାଙ୍ଗାର ବାଡ଼ି, ଡା ଘରେ ପଶଇ ନଲ ଧୋକଡ଼ୀ ।

୧୦ । ଛଅ ନଅ ତେରୁ, ଦେଖେ ନ ପିବ ଘରୁ,
ଯେତେବେ ପିବ ଘରୁ, ତେବେ କଣାବ ଜରୁ ।

୧୧ । ଛଅ ମାସ୍ତ ଧନ ପୁତ୍ରୁଷ, ଯାଇଁ ବଳେ ତାଙ୍କ ପଦରଣ୍ଟା ।

## ପୟାର—

ପୟାରର ପଦ କରିଥିଲେ ଏହି ପ୍ରମାଦ ଘଟରେ ତାଳକୁ ତାଳ ମିଳାଇ ଚାଲିଲେ ସୁଖ ହୁଏ । କେତେକ ସ୍ଥଳ ଦୁଃଖ ଭିତରେ ରହି ପରିଣ୍ଡ ଧରି ମଧ ଚଳିବାକୁ ହେବ । ଧୈର୍ଯ୍ୟ ଧରି ବିପଦକୁ କଟାଇବାକୁ ହେବ ।

୧ । ଏଣ୍ଡ ଭୁଲୁଥିଲେ ତନ ଭୁଲୁଆଏ, ଭୁଲପଡ଼ୁଥାଏ ପଇ,
ପୟାର ଭିତରେ ପଦ କରିଥିଲେ, ପଥର ପଡ଼ିଲେ ଝଡ଼ ।

୨ । ଅଧେ ଆପଣା ଅଧେ ପର, ତେବେ କରିବୁ ଗାଁରେ ଘର ।
୩ । ଛିଣ୍ଡା ଚାଳ, ଘୋଡ଼ା ଶାଳ, ବୁଢ଼ା ବେହେନ୍ତାଳ, ଖଣ୍ଡି ବେତାଳ,
ଘରଣୀ ବେତାଳ, ଏହି ଘର ଯାଇ ଘୋର କାଳ ।
୪ । ଓଷା କଲେ ବେଳ ବୁଡ଼, ଘର କଲେ ଖଙ୍କେ ହାଡ଼ ।
୫ । ଅନ୍ତେଉରି ଉଜଣି ଏ ସଂସାର, ଶୂନ୍ୟ କାହାର ନିଅ କାହାର ।

ଆପଣା-ପର—

ସଂସାର ଭିତରେ ରହିବାକୁ ହେଲେ ଭଲ ମନ୍ଦ ବିଷୟକୁ ଦେଖି ଚଳିବାକୁ ହେବ । ଆପଣା-ପର ବିଷୟର କଳିବା ସମବେଦନା, ସହାନୁଭୂତି ଓ ସନ୍ତୋଷ ପରିପୁତ ପ୍ରଦର୍ଶନ କରିବା ଆଦର୍ଶ ପନ୍ଥା । କିନ୍ତୁ ପର, ପର; ଆପଣା, ଆପଣା । ଆପଣା-ପର ସମ୍ପର୍କରେ ଭଲ ମନ୍ଦ ଦେଖି ଚଳିବ । ନ ହେଲେ ବିପଦ, ଦୁଃଖ ଓ ନିରାଶା ଥୁଆ । ଆପଣା ଉପରେ ବିଶ୍ୱାସ ରଖିବ, ଆପଣାକୁ ରକ୍ଷା କରିବା ପାଇଁ ସକଳ ପ୍ରକାର ଚେଷ୍ଟା କରିବ । ଆପଣା ହସ୍ତରେ ନିର୍ମିତ ପଦାର୍ଥ ଉପରେ ବେଶୀ ନିର୍ଭର କରି ହେବ । ଆପଣା ଆଚାରବ୍ୟବହାର, କାର୍ଯ୍ୟକଳାପ ଭଲ ତ ସଂସାର ଭଲ ଦିଶିବ, ସମସ୍ତେ ଭଲ ଦିଶିବେ । ଆପଣା-ପର ସମ୍ପର୍କୀୟ ଏ ପଦଗୁଡ଼ିକ କେତେ ବାସ୍ତବ !

(୧) ଆପ କଥା କାହିଁ ମଥା । ଆନ କଥା ଲୋକ ବଥା । (୨) ଆପଣା ଘରର କୁକୁର ବାଘ । (୩) ଆପଣା ବୁଝିଲେ ଠାକୁର, ପର ବୁଝିଲେ କୁକୁର । (୪) ଆପଣା ହାତ ଜଗନ୍ନାଥ । (୫) ଆପଣା ଦୋଷରେ ଆପେ ମର । (୬) ଆପେ ନ ମଲେ ସ୍ୱର୍ଗ ନ ଦେଖନ୍ତି । (୭) ଆପେ ଥିଲି ବୁଝିଲି ସଂସାର ଅସାର । (୮) ଆପେ ଚଢ଼ିବୁ ଘୁଘୁ ଘୁଞ୍ଚ, ଛତା ଜୋତା ଅଧା ଘୁଞ୍ଚ, ମୂଲିଆ ଘୁଞ୍ଚ ଗଣରଗଣ । (୯) ଆପେ ବଞ୍ଚିଲେ ପୁତର ବଂଶ । (୧୦) ଆପେ ଭଲ ତ ଜଗତ ଭଲ ।

ଏ ମନ୍ଦ—

(୧) ପରହିଂସାକାରୀର ସ୍ୱଭାବ ଦେଖ । (୨) ପର ଧନ ଲୁଚିମୁହାଁ ପର । (୩) ପର ଘରେ ଖାଇ ମାରଣା ଲୁଚା, ନିଜ ମାଗି ଖାଇ ଖେଳିବା ପଣା । ବାଣୀ ଧୋବ ଲୁଗା ପିନ୍ଧଇ ଚଷା, ସାଧୁ ବାପୁଡ଼ାକୁ ଭୁକାଇ ଖସା ।

ଏ ହାତୁ ସେହାତୁ ଫସରଫସା । (୪) ପର ଲୁଟା ପିଠା ସାତଥର ଗିଳା ନାହିଁ । (୫) ପର ଧନରେ ଲୁହ ଝୁଲାଇ, ଟାକରା ମାରି ଦେବ ଛଡ଼ାଇ । (୬) ପର ଧନରେ ଲକ୍ଷ୍ମୀପତ୍ତର । (୭) ପର ଧନରେ ବନ୍ଧୁ ଅଇଁବା କାହିଁ । (୮) ପର ଭୂଷା କି କାଣ୍ଡେ ଶୃଙ୍ଖଳର ମୂଳ । (୯) ପର ଧନ ନ ପଶିଲେ ଘର ଘୁରେ ନାହିଁ । (୧୦) ପରଦାର ମହାଦୋଷ । (୧୧) ଘର ଦେଖ ପର, ବାହ୍ମଣ ଖାଏ ଦାନ ଛାପର । (୧୨) ପର ମୁଣ୍ଡରେ କଣ୍ଟାଅ ଭଙ୍ଗା । (୧୩) ଆପଣା ଗାଁରେ ରାଜା ତ ପର ଗାଁରେ କୁକୁର । (୧୪) ପର ପୁଅକୁ ପୁଅ କରି ଆଣି, ତାକୁ ନ ବୋଲିବ ବାଳକ । ଅନ୍ତୁଆ ମୂଳାକୁ ପିଅକ ପାଇଲେ, ତାକୁ ନ ବୋଲିବ ଶଳଷ । ଦେଖାଦାଣି କଂସାରେ ଶୁଣ୍ଡାଏ ପଡ଼ିଲେ, ତାକୁ ନ ବୋଲିବ ବେଳକ । ଟୁପୁଟୁପୁ ଧୋଇ ମେଘ ବରଷିଲେ, ତାକୁ ନ ବୋଲିବ ପାଳକ ।

ଏହିଭଳି ଲୋକଙ୍କୁ ବିଶ୍ୱାସ ନ କର—ଏମାନେ ଧୂର୍ତ୍ତ—

(୧) ଏ ଘର ମାଉସୀ, ସେ ଘର ପିଉସୀ । (୨) ଏମା ଜଗେଇଛା, ଦେଖା କରେଇଛା, ଡିଲୁଆ ଦେଖିଲେ, ଶୋଇ ପଡ଼େଇଛା । (୩) ଓଢ଼ଣା ପକେଇ ନାକ ସଫେଇ, ପଛି ଛୁଆଁଅଛି ଚଉପାଣିକି । (୪) ଉଠି ନ ପାରେ, ମାରେଇଛା । (୫) କୋଡ଼ରେ ଶୁଏ, କାନରେ କହେ, ତା କଥା କି ଅନ୍ୟଥା ହୁଏ । (୬) ଗୁଣ୍ଡୁଚିଗୁଣ୍ଡିଆ, ମାଗୁର ଲଣ୍ଡିଆ, ହାଥାରେ ନଥାଇ ବାଳ, ଏ ତିନିଙ୍କି ପରତେ ନ ଯିବ ଜନ୍ମିଥିବ ଯେତେ କାଳ । (୭) କାଣି ଘୋଡ଼ାର ଶିଙ୍ଗ ନାହିଁ, ଶିଙ୍ଗ ଥିଲେ ଘୋଡ଼ା ରହନ୍ତା ନାହିଁ । (୮) ତୁଳସୀ ବଣର ବାଘ । (୯) କଣ୍ଠିଡ଼ ବୈଷ୍ଣବ । (୧୦) ଅଡ଼ କମ୍ବଳ, ବଙ୍କା ଲୁଗୁ, ତାକୁ ଜାଣିବ ଠକଙ୍କ ଗୁରୁ ।

ଶ୍ଳୀଳ-ଅଶ୍ଳୀଳ ସନ୍ଦର—

ଅଳପ ଲୋକର ବଢ଼ନ୍ତି ଘନ୍ଟୁ, ଧଣ୍ଡ ପାପ ସ୍ୱାସ୍ଥ୍ୟ ଦେବନ୍ତି ନେଇ । ଅଲଜୁକକୁ ମରଣ ନାହିଁ, ଖଜୁରେ ବସିଛୁ ଗୋଡ଼ ଲମ୍ବାଇ । ଆପଣା ଗୁଏଁ କି ସୁନ୍ଦର ପଣ, ବାସନା ଥିଲେ ବାଳକେଇ ଗୁଣ । ଏଇ ମଳ ଚହଳୁ ବଳ, ଏଇ ମଳ ଚହଳୁ କାଳ । ଗାଡ଼ ଘୁଲି ଦେରେ ପଶି, ଘୁଡ ଘୁଳି ପିଣ୍ଡାରେ ବସି । ଠାଅ ଜାଣି ବସି, ଠାଆ ଜାଣି ଝୁସି । ଗାତର କଥା, କର୍ପୂରର ମଥା ।

ସ୍ନେହ—

ସାମାଜିକ ଜୀବନର ବହୁ ବିଷୟ ଉପରେ ଅନୁଭୂତିପ୍ରସୂତ ଢଗଢମାଳି, ପ୍ରବଚନାଦି ଅଛି । ଏହା ଏତେ ବ୍ୟାପକ ଯେ ଅଳ୍ପ କେତୋଟି ପ୍ରବଚନ ଶୁଣିଲେ ମଧ୍ୟ ଗୋଟିଏ ଗୋଟିଏ ବିଷୟରେ ଜୁଣ୍ଟିନାହିଁ ତଥ୍ୟ ମିଳେ । 'ସ୍ନେହ' ଭଳି ଏକ ସାମାନ୍ୟ ବିଷୟରେ କେତେ ଅନୁଭୂତିର ତଥ୍ୟ ମିଳେ ତାହା ନିମ୍ନ ଉଦାହରଣମାନଙ୍କରୁ ଜଣାପଡ଼ିବ ।

(୧) ସ୍ନେହକୁ ଅଣ୍ଟୁଆ ସୁନ୍ଦରୀ ଗୁଡ଼, ଦୁଃଖୀକ ଅଣ୍ଟୁଆ ଛେଳେ ଘୁଆଡ଼ । (୨) ସ୍ନେହକୁ ମାଡ଼ ନା ପଡ଼ାଗ ଯାଏ ? (୩) ସ୍ନେହକୁ ବାଧାଏ ମାଇଲେ ସାର । (୪) ସ୍ନେହର ଖଣ୍ଡ ମୁହଁ ଚାଣ୍ଡ । (୫) ସ୍ନେହ ସୁଣ୍ଠି ପାଇକ ପଣ । (୬) ସ୍ନେହ ଘର ନଡ଼ ଅନ୍ଧାର ନୁହେଁ । (୭) ସ୍ନେହକୁ ମାନ କରି ଖପରରେ ଖାଇବା କଥା । (୮) ସ୍ନେହକୁ ଅଣ୍ଟୁଆ ସୁନ୍ଦରୀ ପୁଅ, ଦାସୀକ ଅଣ୍ଟୁଆ ପୁଅ । ମାଳୀକ ଅଣ୍ଟୁଆ ଛେଳି ବଳଦ, ଦୁଃଖୀକ ଅଣ୍ଟୁଆ ଝିଅ । (୯) ସ୍ନେହ ପାଖରେ ଶଣ୍ଢି ଦେଲେ ସ୍ନେହ ହୁଏ ନାହିଁ । (୧୦) ସ୍ନେହ ପଳାଇଲାରୁ ବୁଦ୍ଧି ପଶେ । (୧୧) ସ୍ନେହ ଖାଇ ଶଣ୍ଢିକଟା । (୧୨) ସ୍ନେହ ମନ ଯାଇ ଶଣ୍ଢିଘରେ । (୧୩) ସ୍ନେହ ମା' ଦ୍ୱାର ଦେଇ କାନ୍ଦେ । (୧୪) ସ୍ନେହ ମୁହଁ କି ସବୁବେଳେ ଗୋଡ଼ା । (୧୫) ସ୍ନେହର ଏକ ମନ, ସ୍ନେହ ଗଲା ବେଳର ସହସ୍ରେ ମନ ।

ବ୍ୟଙ୍ଗ—

ଢଗଢମାଳି ପ୍ରଭୃତିରେ ହାସ୍ୟରସପୂର୍ଣ୍ଣ ବହୁ ଉଦାହରଣ ଦେଖାଯାଏ । ବ୍ୟଙ୍ଗାତ୍ମକ ଏହି ପଦଗୁଡ଼ିକର ମର୍ମ ନିରାଟ ସତ୍ୟ ଓ ଅନୁଭୂତି ଉପରେ ପ୍ରତିଷ୍ଠିତ ।

(୧) ଜାତି ଗଣି, ଜାତି ଜାଣି । (୨) କଏ ଘୋଡ଼ା ପାଲିଙ୍କିରେ ବସି ହୁକର ହୁକର । କିଏ ଖଣ୍ଡିଆ କାନ୍ଥରେ ବସି ହୁକର ହୁକର । (୩) ଅତି ଖଣ୍ଟୁଆ, ଗୁଆ ଖାଇ ପାନ ଖାଇ ଚୂନ ବଟୁଆ । (୪) କାହାଣେ କଉଡ଼ିକ ପଣିକ ବଣା । (୫) ଉଠି ନ ପାରେ, ବୋଲୁଛି, ହାମ୍ ଲଢ଼େଙ୍ଗା । (୬) ଅଣ୍ଟାରେ ନ ଥାଇ ଧନ, (ପିଲାର) ଘୋଡ଼ା ଚଢ଼ିବାକୁ ମନ । (୭) ଘାସ କାଟିଯାଇ ପଣ୍ଡିତା ପଣ ।

(୮) ବୃଦ୍ଧୀସୁଅ ଅକର୍ମା । (୯) ପରକୁଆ ପିଠ ଯାଉସି ଦେଖା । (୧୦) ଗୁଡ଼ିକ ଛଡ଼ା, ପାଣିକ ଢୋକା ।

ଆଉ କେତୋଟି—

(୧) ଅଳା, ଦଣ୍ଡବତ, ଜା, ଜଳିଫୁଲ ପରି ଅସୁନ୍ଦ ପାଆ, ପଡ଼ନ୍ତେ ଫୁଟି ପଳାଗଲେ ଯାଆ । (୨) ଝୁମ୍ପ କାକ', ଦନ୍ତ ପସରା, ଗୁଣ୍ଡୁ ଚୋଟି ଶଡ଼ାଣି ତ, ସମ୍ପୁଚୋଟି ମାର୍ଜାର ହୁନ୍ଦ୍ର ଭଜ ମୁଣ୍ଡରେ (ମସ୍ତକେ) । (୩) ଛଟେଇ ଛଡ଼ୁ, ପାଣି କରିଯିବେ କେଉଁଠି କୁ ମାରୁ । (୪) ଲେଉଟୁ ଛଟା, ପଡ଼ିଗଲୁ ଚୋଳକୁ ନାଲୁଣୀ ଜାଣି । (୫) ଉପରଠାରି, ଘରକା ଚୋଲା ଖଣ୍ଡୁ ପଟକ ପାଣି । (୬) ଭାମ ପଥରକୁ ଦୁଆଁ ଜାଣ, କଟକର ଠ ଷୋଳ ଧୂର୍ଦ୍ଧା ହାଲ । (୭) ଭୁଞ୍ଜାକୁ ସୁଁ ପାଁ, ଲୁଣ ଝଡ଼େ ଚକ୍ଷୁଦ ପାଉ । (୮) ଦଣ୍ଡବ, ଜଳାକାଣ୍ଡିକୁ ଜନ୍ମବ । (୯) ଢେଙ୍କୋଳି ଦ୍ୱନ୍ଦବ, କାଙ୍କୋଡ଼ ପରଶିବ, କେନ୍ଦୁଆ ଖାଇବ, ଏଥି ଜ ମୋ ଦେଖୁ ସହୁବ ? (୧୦) ହଳୁଆ ନନା, ଘର ପୋଡ଼ିଗଲା, ପଛକୁ ଅନା । (୧୧) କାଳିଆ ଲଡ଼ିବୁ ତ ! ପିଣ୍ଡରେ ଘଣ ଲାଗିଛୁ ? (୧୨) ଗଧ ବାଜପେଇ ହିଅ, ଅଶିତ, କେଳଣ, ଘର ଥୋଇଣ, ବେପାରେ ବାନ୍ଧିଛୁ ସୁଅ ।

## ସାଂସାରିକ ବନ୍ଧନର କେତେକ ସୂତ୍ର

ଝିଅ—ଝିଅ ସମ୍ବନ୍ଧରେ କେତୋଟି ଢଗ ଶୁଣାଯାଏ । ସମାଜରେ ଜ୍ୱାଇଁର ସ୍ଥାନ ଅତି ଉଚ୍ଚ । ଶ୍ୱଶୁର ଘରେ 'ଜ୍ୱାଇଁ'ଙ୍କୁ ସର୍ବୋଚ୍ଚ ଦୃଷ୍ଟି ଆକର୍ଷଣ କରାଯାଏ ଏବଂ ତାଙ୍କୁ ଯଥୋଚିତ ଆଦର ଅଭ୍ୟର୍ଥନା, ଚର୍ଚ୍ଚା କରି ତାର ମନକୁ ସନ୍ତୁଷ୍ଟ କରିବା ପାଇଁ ସବୁବେଳେ ଚେଷ୍ଟା ହୁଏ । 'ଦୁହିତା' ପ୍ରତି ଜାମାତା ସନ୍ତୁଷ୍ଟ ରହୁ, ଆଦର କରୁ (ଦେଖିପାରୁ ବା ସୁଖ ପାଉ) ଏଥିପ୍ରତି ଲକ୍ଷ୍ୟ । ଏ ଝିଅ ଜଞ୍ଜାଳ ଏତେ ବେଶୀ ଯେ ଝିଅର ମରଣ ହେଲେ 'ପଛକୁ ଭଲ' ବୋଲି ବୋଧ ହୁଏ । "ଝିଅ ଦୁଇ କୁଳକୁ ହିତା, ଦୁଇ କୁଳକୁ ପିତା ।" ଦୁଇ କୁଳକୁ ପିତା ହେଲେ ମଧ୍ୟ ହିତା । ଝିଅ ସନ୍ତାନ ଜନ୍ମ କରି ଦୁଇ କୁଳ—ପିତୃ କୁଳକୁ ଓ ଶ୍ୱଶୁରକୁଳକୁ ଉଦ୍ଧାର କରେ । ଝିଅ ସୃଷ୍ଟି ଏତେ ଆଦରର ସମ୍ପତ୍ତି ଯେ, ଝିଅକୁ ଜ୍ୱାଇଁ ନେବା, ଘନ ନେବା ସଙ୍ଗେ ସମାନ । ତେବେ ଝିଅ ଝିଅ,

ପୁଅ ସଙ୍ଗେ କେବେ ସମାନ ହୋଇ ପାରିବ ନାହିଁ । କୁଟୁମ୍ବକୁ ପୋଷିବା ପାଇଁ ଓ ପିତାର ଘର ବଜାୟ କରିବା ପାଇଁ ପୁଅ ଯେପରି ସମର୍ଥ ଓ ଅଗ୍ରସ୍ଥାନ, ଝିଅ ସେପରି ନୁହେଁ । ଝିଅ ତ ପର 'ଘରକୁ' ବା ପର ଘର ପାଇଁ ଉଦ୍ଦିଷ୍ଟ । ପର ଘରକୁ ଗଲେ ସେ ନୂତନ କୁଟୁମ୍ବ କକ୍ଷାରେ ବୁଡ଼ିଯାଏ । ବାପ ଘରକୁ ମନେ ପକାଇବା ପାଇଁ ବା ବେଳ କାହିଁ ? ସନ୍ଧ୍ୟା ପାଳି ପଡ଼େ କିଛି କାଳ ସ୍ୱାମୀ ଘରର ନଣନ୍ଦ, ଜାଆ, ଶାଶୂ ପ୍ରଭୃତିଙ୍କ ଅତ୍ୟାଚାର, କଠୋର ତାଳଣିର ବନ୍ଧନ ଏହି ନୂତନ ବୋହୂର ମନକୁ ଅସ୍ଥିର କରି ପକାଏ । ଶିକ୍ଷିତ, ସମ୍ଭ୍ରାନ୍ତ ଓ ଉଚ୍ଚ କୋଟିର ବ୍ୟକ୍ତି ପାଖରେ ବୋହୂ ଯିଏ ଝିଅ ସିଏ; ବୋହୂ ଆଦର ଅଭ୍ୟର୍ଥନା ଓ ଖେଳବଦଳରେ ବୁଡ଼ିଯାଏ । କାହାଣୀରେ ସେହି ଏହି ମିଳେ ତାହା ଶିକ୍ଷିତ ସମାଜ ଭିତରେ ବା ସଜ୍ଜନ କୁଟୁମ୍ବ ଭିତରେ ଦେଖାଯାଏ ନାହିଁ । 'ଝିଅକୁ ମାରି ବୋହୂକୁ ଶିଖାନ୍ତି' ପ୍ରବାଦଟି ଦୁର୍ଜନ କୁଟୁମ୍ବରେ ହିଁ ବେଶୀ ଦେଖାଯାଏ ।

ଝିଅ ଦେଇଥିବ ଯାହାକୁ, ନିଇଁ କହୁଥିବ ତାହାକୁ ।
ଝିଅକୁ ଯମ ନେଲେ ଯେ, ଜ୍ୱାଇଁ ନେଲେ ସେ ।
ଝିଅକୁ ଜ୍ୱାଇଁ ନେଲେ ଗଲା, ଯମ ନେଲେ ଗଲା ।
ଝିଅକୁ ପୁଅ କହିଲେ କି ଧନ ସରିବ ?
ଝିଅ ମରଣ, ପିତା ଦହଣ, ନମିଳେ ଗୁଣ,
ଅଶେଷ ଦୁଃଖ ପଥକୁ ଭଲ ଏ ।
ମରଦ ପୁଅର କଣ୍ଠି, ମାଇକିନା ଝିଅର ଗଣ୍ଠି ।

ଝିଅ ତ ଶ୍ୱଶୁରଘରେ ଅସନ୍ତୁଷ୍ଟ ରହେ, ପିତୃଗୃହକୁ ଯେତେ ଦେଲେ ମଧ୍ୟ ସନ୍ତୁଷ୍ଟ ହୁଏ ନାହିଁ ।

ଝିଅ ଝିଅଣୀ, ଦାବୀ କରାଯାଏ ମୁହଁ ଗୁହାଣି,
ନ ଦେଲେ କରନ୍ତି ବାଙ୍କ ଚୁହାଣି ।

ଝିଅ ଯୋଗୁଁ ଜ୍ୱାଇଁ ସମ୍ମାନ ଓ ଆଦରର ପାତ୍ର । ଝିଅ ମଲେ କୋଉଁ କାହାର ଗୋତ୍ର ? "ଝିଅ ଗିଅ" ପରେ ବନ୍ଧୁତ୍ୱ ଧନ ରହି ସମ୍ଭାଳି ହୁଏ ନାହିଁ । ସେଥିଯୋଗୁଁ "ଝାଡ଼କୁ ବ ଝାଡ଼" କରିଦେଲେ ଦାମ୍ପତ୍ତି ଗଲା, ଚନ୍ଦ୍ରା

ଯାଏ । ଦେଲେ ନାହିଁ, ନେଲେ ପାଏ । ଏହି ମନୋଭାବରୁ ଯୌତୁକର ଦାବି ବେଶୀ ହୁଏ । ଅଳ୍ପ କାଳ ପୂର୍ବେ ଜାତି ଭିତରେ କୁଳୀନର ଉଚ୍ଚ ସ୍ଥାନ ଯୋଗୁଁ କୁଳୀନ ଘରେ ଝିଅକୁ ବିବାହ ଦେଲେ ଜାତିପଣ ଦେବାକୁ ହେଉଥିଲା । ଯୌତୁକର ଭାର ଅସହନୀୟ ହୋଇ ପଡ଼ୁଥିଲା । କ୍ରମେ କୁଳୀନର ସ୍ଥାନ ଶିକ୍ଷିତ ଉପାଧି ଯୌବନରେ ମଣ୍ଡିତ ଯୁବକ ଅଧିକାର କରି ନେଇଛନ୍ତି । ଯୌତୁକ ପୂର୍ବ ପରି ବାଧ୍ୟବାଧକତାରେ ବନ୍ଧା ହୋଇ ରହିଛି; ସେଥିରୁ ନିସ୍ତାର ଲାଭ ହୋଇପାରି ନାହିଁ ।

ଭଲ ଭଣାଣି—

ଭଣାଣି କାହିଁ, ନା, ମା ପେଟରେ । ଖାଇ ନୁହେଁ ଉପାସି, ଖାଟ ନୁହେଁ ଦୁଃଖୀ । ଖାଇ ଭଗାରି ନ ଥିଲେ, ଯାଇ ଭଲ ଭଣାଣି । ଖାଇ ଭଣାଣିରେ ଘର କରି, ଜଣେ ଜଣେ ଅଛି ସତ ଧରି । ଖାଇକି ବାଣ, ମଣିଷକୁ କାଠ, ଘୋଡ଼ାକୁ ବାଗ, ଶୀତକୁ ମାଠ । ଖାଇ ସଙ୍ଗେ ସେ କରଇ କଳି, ଖଣ୍ଡିଆ ଲୋକ ତାହାକୁ ବୋଲି । ଭଲ ବୁଝାଇବ ନାଲିଗଡ଼ ଜମ୍ବୁ ।

ଭଉଣୀ ଘରେ ଭାଇ, ଶ୍ୱଶୁର ଘରେ ଜୋଇଁ, ପର ଅଇଁଠା ଖାଇ । ଏମାନଙ୍କ ଜୀବନ ବୃଥା; କାରଣ, ଏହା ଭଲ କଥା ଓ ଆତ୍ମସମ୍ମାନଜନକ କଥା ଅଟେ କିଛି ନାହିଁ । ସମାଜରେ ଘରଜୋଇଁ ହେବା ଏକ ନିକୃଷ୍ଟତମ ପନ୍ଥା ବୋଲି ଧରାଯାଏ; ପିତୃକୁଳର ଅସହାୟତା, ନିର୍ଧନତା, ଅକୁଳୀନତା ଏଥିରୁ ପ୍ରମାଣିତ ହୁଏ । ଏହି କାରଣରୁ ଜୋଇଁ ଜୋଇଁର ସମ୍ମାନଲାଭରୁ ବଞ୍ଚିତ ହୁଏ । ସ୍ୱଗୃହର ଆଦର ମଧ୍ୟ ସେ କ୍ୱଚିତ୍ ପାଏ । ଏହା ସ୍ତ୍ରୀ ପକ୍ଷରେ ବଡ଼ ଯନ୍ତ୍ରଣାଦାୟକ । ଘର ଜୋଇଁଆଟେ ବୋଲି ସ୍ୱାମୀକୁ କେହି କହିଦେଲେ ସ୍ତ୍ରୀର ହୃଦୟ କାଟି ହୋଇଯାଏ । ସେହିପରି ଭାଇ ଭଉଣୀ ଘରେ ଆଶ୍ରୟ ନେବା ସମାଜରେ ଘୃଣାର କଥା । ଏହି କାରଣରୁ ଭଉଣୀ ଶ୍ୱଶୁର ଘରେ ଯାଉଥିଲେ ମନମାରି ରହିଥାଏ । ଦେଖିଲେ ଶୁଣିଲେ ପଛେ କହି ଦେଲେ ଶୂଳ ମାରିଲା ଭଳି ଲାଗେ ।

ଶାଶୁ—ଶାଶୁ ବୋହୂଙ୍କର ଠକାଠକି କଳି, ଘରେ ଲାଗିଲା ପଲୁ ଢଳୁଳା । ଶାଶୁ ବୋହୂଙ୍କର ଠକାଠକି କଳି, କଣ୍ଠ କାଟନ୍ତି ଦ୍ୱାର; ସେ ଯାହାର ସେ ତାହାର, କହିଲା ଲୋକ ବାହାର । ଶାଶୁ ପୁତ୍ରକୁ ଘେନି ଚଳି, ବୋହୂଥାଏ

ବୋହୂ ପଡ଼ିଅ ଘର । ସବୁଠି ଏତେ ଧନ ହେବ, ବୋହୂ ବସିଥିବ ଖଟ ପଲଙ୍କେ, ପୁଅ କି କଥା କହିବ ? ସାଙ୍ଗକୁ ହେଲି ସତର, ଶାଶୁ ଥାଉ ଥାଉ ନଣନ୍ଦ ଗଞ୍ଜିଲୁ, ମଲକି ମୁହିଁ ଏଥର । ସାତ ବହୂଲକୁ ଚଉଦ ଚଢ଼ି, ଶାଶୁ ହୋଇଲେ କୁଆଁରି ସବୁରେଳି ।

ସ୍ତ୍ରୀ—ସ୍ତ୍ରୀଙ୍କ ଦଶା ପଥର ଚଉଳ, ପୁରୁଷର ଦଶା ପତର ଭଳେ । ସ୍ତ୍ରୀବୁଦ୍ଧି ନ ହୋଇବ ଅବଳା, ଜଣା ସୁଖରେ ନାହିଁ ଶୀତଳ୍ୟ ଶଳା । ସ୍ତ୍ରୀବୁଦ୍ଧି ନ ଥିବ ଘରରେ, ଦଣ୍ଡିବ ମାନିବା ପର୍ଯ୍ୟନ୍ତେ । ସ୍ତ୍ରୀଙ୍କର ତନ ଦଶା, ପୁରୁଷର ଷଣ ଦଶା । ସ୍ତ୍ରୀବୁଦ୍ଧି ଶାସ୍ତ୍ର ଶସନରେ ବହି'ସ ନ କରିବ । ମାଈଁ ଦେଖ ଧନ କାନ୍ଦେ, ମାମୁ ଦେଖ ଧନ କାନ୍ଦେ । ମାଇପି କଥା, ପାଣି ବାଉଳା, ଏହା ନ ଶୁଣିବ କାନେ; ଏହାକୁ ଯେବେ କାନେ ଶୁଣିଥିବ, ମନ ଦେଇଥିବ ଅନେ । ମା ହିଁ ଦେଖିଲେ ପଶିଲେ, ସେ ସାହା ଦୁଃଖ ମନାଇଲେ । ମା ପେଟ, କୁମ୍ଭାର ଭାଟି, ଏକ ସମାନ ।

ମାମୁ—ନାହିଁ ମାମୁଠୁ କଣା ମାମୁ ଭଲ । କଂସମାମୁ । ଶକୁନି ମାମୁ । ମାମୁ ଘରକୁ ଯେଉଁ ବାଟେ, ଯଜା ଘରକୁ ସେଇ ବାଟେ । ମାମୁ ଘରେ ଥାଇ ଘରଭଣଜା ଭଣ୍ଡାଏ ।

ଘରେ ମର୍ଯ୍ୟାଦା—ମାଆ ଆଗେ ଯେ ପୁଅକୁ ମାରେ ତାକୁ ଜାଣିବ ହୋପା; ଘର ଭିତରେ ଯେ ଧୁମ୍‌ଧାମ କରେ, ତାକୁ ଜାଣିବ ଅପା ।

ରାଜା—ରାଜା ଯୋଗା । ଅଦା, ପରଜା ହେଉଥିଲେ ବାହାରାଇ ଋଣ । ରାଜା କହିଲେ ହରଡ଼େ, ମନ୍ତ୍ରୀ କୁହନ୍ତି କୁଟ୍‌ଗୁଡ଼ ଗଜା ବରଡ଼େ । ଅଶାଣ୍ଡିଆ ରାଜାକୁ ପାଲିଆଣ୍ଟା ମନ୍ତ୍ରୀ । ରାଜା ଦୁଅ ଦେଖା । ରାଜାକୁ ଖଜା ଅପୂର୍ବ । ରାଜବୁଦ୍ଧି ଯମବୁଦ୍ଧି । ରାଜା ଦୁଲ୍ଲିଲା ବେଶ୍ୟା ଭଣିଲେ ବାଡ଼ ନାଶନ । ରାଜା ସଙ୍ଗେ ଶୁଆ ବଣିଜ । ରାଜା ଆଗେ ସତ କହିବ, ମାଇପ ଆଗେ ମିଛ କହିବ । ରାଜା ଘରେ ଦୁଇବ ପାଟ । ରାଜା ଘର ପିଅ, ପଣ୍ଡିତ ପୋଥି ନଥ । ଦୁଲ୍ଲି ହୋଇ ଯେବେ ନଥାଇ ବାପ, ଜଳଜାଗିଆ ଯେବେ ଝୁଏ ନଦେବ; ଫଣା କରି ଯେବେ କରିବ ଖେଳା, ନାହିଁ ଦେଖାଇ ବୁଝିବ ବେଳା । ରାଜା, ବର, ବାଘ ଏ ତିନିକି ଦେଖି ପାଇ । ରାଜାର ନଅଣ୍ଡ ପ୍ରଜାର ହାନି । ରାଜା କଏ ଜଣି,

ନେଲା ଜଣେ ଭକ୍ତି । ରଜା ହୋଇ ପରଜା ଭକ୍ଷେ, ଗୁରୁ ହୋଇ ଦେଖିକୁ ମନ୍ତ୍ରେ, ପୁରୋହିତ ହୋଇ ଯଜ୍ଞିକ ଦଣ୍ଡେ, ବାପ ହୋଇ ଶାଳକକୁ ଖଣ୍ଡେ, ଏ ଭଲ ନୋହେ । ଘଣ୍ଟା ମୃଦଙ୍ଗକୁ ଲଜ୍ଜା ଦାସୁକ, ବାଇଁ ଦାଶ ଡିହିଁ ନାଚୁଛି; ଅନୁଷ୍ଠା ଲୋକାଙ୍କୁ ନେକନେଇ ଯାଅ, ଘାଣ୍ଟା ଭଣ୍ଡା ଚାଖି ବୁଝିଛି । ସ୍ଥିତ ଚିନ୍ତୁ କାର୍ଯ୍ୟ, କର ସ୍ୱଜକାର୍ଯ୍ୟ ।

ନ୍ୟାସ୍ତ—ଲକ୍ଷ୍ମୀ ଦେବୀଙ୍କୁ ମୁଣ୍ଡ କାଟ । କଥାକେ ଦଣ୍ଡବାଟ, କଥାକେ ମୁଣ୍ଡ କାଟ । ଜଗା କର୍ପୂର ଏକ ଗନ୍ଧ, ଅନୁଷ୍ଠାନଶା ରାଜ୍ୟକୁ କର୍ଣ୍ଣ ଯାଇ । ଅନ୍ଧଦେଶରେ ସ୍ୱଳାପରେ ଭୁଜିବ ଭଣ୍ଡା, ମାଡ଼ିଛୋଡ଼ା ଚଢ଼ି ଯୋଜନ ଯିବା ବାଟ୍ଟା ।

ଧନ—ସଂସାର ସାରା ପାଇଁ ଅର୍ଥର ଆବଶ୍ୟକତା ରହିଛି । ଏହି ଅର୍ଥ ପୁଣି ଅନର୍ଥର ମୂଳ । ଧନ ଥିଲେ ଧର୍ମ ଅର୍ଜନ କରିବ । ଅଧର୍ମରେ ଧନ ଅର୍ଜିଲେ ସେ ଅର୍ଥ ସ୍ଥାୟୀ ହେବ ନାହିଁ, ହେଲେ ବା ହେଲେ ଭୋଗେଇ ଦିବ । ଧନର ଆବଶ୍ୟକତା ଅଛି ସତ୍ୟ, କିନ୍ତୁ ଏଥିରେ ଅନର୍ଥ ମଧ୍ୟ ଅଛି । ଧନର ମାହାତ୍ମ୍ୟ ଉଚ୍ଚେଇ ଦେବା କଥା ନୁହେଁ. ଏହାର ଉତ୍କର୍ଷ ସୂତ୍ର ବୁଝି ଦେଇ ଜାତିରଖି ଚାଲିଲେ ଜୀବନ ସୁଖମୟ ହେବ । ଏ ସମ୍ବନ୍ଧେ କେତୋଟି ସୁନ୍ଦର ପଦ ଦିଆଗଲା :

୧ । ଧନ ଅର୍ଜିଲେ ଧର୍ମ କର, ଧର୍ମେ ପ୍ରାପତ ନରହର । (ଭାଗବତ)
୨ । କଡ଼ାକେ ଚଣ, କଡ଼ାକେ ମଣ, କଡ଼ାକେ ଘର ଦୁଆର ଭଣ ।
୩ । ଅଧର୍ମ ବିତ୍ତ, ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ ।
୪ । ଏ ଅରିକୁ ମାରି, ଆନ ଅରିକୁ ଧାରି ।
୫ । ଅଳପ ଧନ ଚଞ୍ଚଳ ମନ ।
୬ । ଟଙ୍କା ମୁହଁ ବଙ୍କା ।
୭ । ବ୍ରାହ୍ମଣ ଧନ ବାଡ଼େଇକୁ, ସ୍ତ୍ରୀ ଧନ ମଦକୁ ।
୮ । ଆପଣା ଦମିଡ଼ି ପରକୁ ଦେଇ, ଶିବ-ଘଣ୍ଟାଳିକି ଲାଜନା ହୋଇ ।
୯ । ଖଣ୍ଡିଗଣ୍ଡିଆଭ ଦିଗୁଣ ସବେ, ଆଡ଼ିକାଡ଼ୁଆଁଣି ମାଗିଥା ମରେ ।
୧୦ । ଆଜି ଖୁଦ କାଜି, କାଲି ଉପୁଁଠା, ପରର ଧନକୁ ଧାଇଁ ଅଣ୍ଟା ।

୧୧ । ଆସ୍ୱ ଦେଖି ବାସ୍ନ, ଶରୀର ଦେଖି ଧର୍ମ ।

୧୨ । ଅଣେଲେ ମହିଷା, ଜଡ଼ ପଇଶା, ଆଉ ସନ୍ତୁତିକ ପଦାର୍ଥବଶା ।

୧୩ । ପରଧନରେ ଲକ୍ଷ୍ମୀପତିର ।

୧୪ । କେଶର ସୁନ୍ଦର, ବର ସୁନ୍ଦର, ବାପଂକୁ ସୁନ୍ଦର ମନୁଷ୍ୟ ।
ଦୂର ଦେଶକୁ ପଟଉ ସୁନ୍ଦର ସଙ୍ଗ ସୁନ୍ଦର କହନ୍ତି ।

କେତେକ ଅନ୍ୟ ପ୍ରଚଳିତ ଢଗଢମାଳ—

୧ । ଅଖାଇ କରନ୍ତୁ ଓଟା,
ଦେଖାଳିକ ଲୁହଳ ଓଳିବେ ଖୋଳନ୍ତୁ, ଦାନ୍ତ ଅଧୂ ଦାରସଶା ।

୨ । ଅମୂଆ ମାଠିଆ ପେଟ, ନ ମାପ ଜଣିଲି ଗାଧୁଆ ଘାଟ,
ଏବେ ନ ପାଇଲି ଭେଟ ।

୩ । ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ ।

୪ । କୁହାଳାହୁଆଇ ସିନା,
ଲୁହାଇ ଲୁହାଇ ପୁଟ ଦେଉ ଥିଲେ, ଲୁହା କି ହୋଇବ ସୁନା ।

୫ । କି କଥା କହୁଛୁ ମୋତେ,
ପର୍ବତର କାଳପତ୍ନୀ ତରଲୁ, ହାତେ ଭରିଆଇ ତୋତେ ।

୬ । ସୁଣ୍ଡି ଭଣ୍ଡିଥିଲି ଅଡ଼େଇଏ,
ପୁଅ ବାନ୍ଧା କଲି, ଝିଅ ବାନ୍ଧା କଲି, ଅଉ ରହିଗଲି ସଡ଼େଇଏ ।

୭ । ଦୋଳ୍ପା ଭୁଣ୍ଡି ଟାକୁ ଟାକୁ,
କାହିଁ ଅଣିଥିଲୁ ଆକୁଲିଟାକୁ, ଚୁଡ଼ା କୁଟି ଖାଇବାକୁ ।

୮ । ସୁଲି ଗାଉଥାଏ ଖରମକୁ, କଥା କହୁଥାଏ ଭରମକୁ,
ମରମ ଭିତରେ ଶାହୁ ଦେଉଥାଏ, ସାକ୍ଷୀ ଦେଉଥାଏ ଧରମକୁ ।

୯ । ସୁଜନ ପଢ଼ିବେ ଅଶୁଦ୍ଧ ହେଉ, ଦେଖ ହେଉ ବହଲାଆ,
ପଣ୍ଡିତ ପଢ଼ିବେ ସନ୍ଧିଆ ହେଉ, ଲୁଗା ହେଉ ତଣ୍ଡିଲାଆ ।

୧୦ । ଜର କଲା ଧାଁବକୁଟା ବେଳକୁ, ଛୁଡ଼ିଗଲା ଷୁଦପୁଟା ବେଳକୁ ।

୧୧ । ଠେକି ପଣ୍ଡୁର ବେକାରେ, ଭୁ କେଉଁ ମଣିପରେ ଲେଖାରେ ।

୧୨ । ଭିଜି ପେଟତଳେ ଗାଭ,
ଧରିଥିଲି ଦୂଜାଙ୍ଗଲିଆ ହାତ, ଟେକା-ପାଣି ଟେକା-ଲୁଭ ।

୧୩ । ଯୋବଧାଳକଆ ବେଶ କରନ୍ତି, ଗର୍ଭିଣୀ ଦେଖିଲେ ମାର ଗୋଡ଼ାନ୍ତି ।

୧୪ । ପରକୁ କପାଳେ ଝାସ୍ତୁ,
ପରପୁଅ ପରଦେଶୀଆ ବନ୍ଧୁ, କେବେ ନ ବାନ୍ଧୁନାଇଁ କାନ୍ଧୁ ।

୧୫ । ଢଗା ଛିଞ୍ଚିଣୀକ ଭୁଅ,
ଦେଲ ସୁନ୍ଦରକୁ କେତେ କଣ୍ଠାଇଲୁ, ପାଇଲୁନ ଯୋଗ୍ୟ ଦେହ ।

୧୬ । ଅଣ୍ଡାରି ହାତରେ ପଞ୍ଝୁ ଭୁଟି, ଯେଣିକ ବୋଇଲେ ତେଣିକ ଛୁଟି ।

୧୭ । ଘରୁ ଯାଇ ମଣ୍ଡପ ଥାଉ, ମଣ୍ଡପ ଗଲେ ନ ମିଳେ ଆଉ ।

୧୮ । ହଳିଆର ବେଦନା କୁଆ ନ ଜାଣେ, ଠୁକୁ ଠୁକୁ କରି ଠୁଣ୍ଟିରେ ହାଣେ ।

୧୯ । କ୍ଷୀରରେ ଧୋଇଲେ, ଖଣ୍ଡରେ ମୁଣ୍ଡିଲେ, ନିମ୍ବ କି ମଧୁର ହୋଇବ,
ସେପରି ପରଦାରେ ଭୁଣ୍ଟାକି ବନ୍ଧିଲେ, ପର କି ଆପଣା ହୋଇବ ?

୨୦ । ଚେଇଁ ଶୋଇବ ଯିଏ, ତାକୁ ଉଠାଇବ କିଏ ?

୨୧ । ଯା ନ ଖାଇଲି ଛିଅ, ତା କାନ୍ଧି ପଡ଼ରେ ଦିଅ ।

ଢଗ ଅପେକ୍ଷା ଢମାଳିରେ ସ୍ୱରର ଗାମ୍ଭୀର୍ଯ୍ୟ, ଭାଷା ଓ ରଚନାଶୈଳୀରେ ବୈଚିତ୍ର୍ୟ ଦେଖାଯାଏ । ଢଗଠାରୁ ଢମାଳିର ଆକାର ଦୀର୍ଘ । କ୍ଷୁଦ୍ର ଓ ଦୀର୍ଘ ଢମାଳି ମଧ୍ୟ ଦେଖାଯାଏ ।

କ୍ଷୁଦ୍ର — କି କହିବି କରମକୁ, ମନଯାଉଥାଏ ସରମକୁ ।
ମରମ ଭିତରେ ଯାତନା ହେଉଥାଏ, ସାକ୍ଷୀ ଦେଉଥାଏ ଧରମକୁ ।

ଦୀର୍ଘ—(୧) ଅଇଲ ବନ୍ଧୁ ଭଲ କଲ, ବସିବାକୁ ନାହିଁ ଠାଆ,
ଯେଉଁ ବାଟେ ବାଟେ ଅଇଲ ବନ୍ଧୁ, ସେହି ବାଟେ ବାଟେ ଯାଅ ।
ପାଣି ମୁନ୍ଦେ ଦାଅନ୍ତି ବନ୍ଧୁ ଦେବି ମାଠିଆ,
ନ ବସି ବେଗେ ଯାଅ ବନ୍ଧୁ କେତେ ହେବ ଠିଆ ।
ପାନ ଖଣ୍ଡିଏ ଦାଅନ୍ତି ବନ୍ଧୁ ନାହିଁ ପାନ ଗୁଆ,
ଖାଲି ବଟୁଆ ଶୁଙ୍ଘାକୁ ପଡ଼ିଛି ଡିବେ ଧୂଆଁ ।

(୨) ବୋବା ପଡ଼େ ଗାଈଁ ଗାଉଁରେ, ବୋବା ପଡ଼େ ଗାଈଁ ଗାଈଁ
ତୋହର ମନରେ ଦୁରନ୍ତ ନାହିଁ, ମିଛେ ବୋଲେ ନାହିଁ ନାହିଁ ।

ଉଳୁ ଓଳି ତଳେ ଝୁଲୁ ରେ, ଖଳ ଓଳି ତଳେ ଝୁଲୁ,
କାଟରେ ମାଟିଆ ପେଟରେ ଲୁଥା, ଉଡ଼ୁ ଦ୍‌ ମୁଣ୍ଡ ଘୁଲୁ ।
ନଈରେ ବାଳିଆ ମଲା, ନଈରେ ବାଳିଆ ମଲା,
କଣ୍ଡିଅଳେଇକ କୁମ୍ଭୀର ନେଲା, ଠିଆ ଜନ୍ତୁ ପଡ଼ିଥିଲା ।

ସମାଜ ଓ ବାସ୍ତବ ଜୀବନର ବସ୍ତୁ ଧାରା ଉପରେ ପ୍ରବଚନ, ଢଗ, ଢମାଳି ସୃଷ୍ଟି ଦେଖାଯାଏ । ଏଗୁଡ଼ିକ ଅତି ବାସ୍ତବ ଓ ଅନୁଭୂତିପ୍ରସୂତ ଥିବାରୁ ଜୀବନଯାତ୍ରାରେ ଅଭ୍ରାନ୍ତ ପଥପ୍ରଦର୍ଶକରୂପେ କାର୍ଯ୍ୟ କରି ଆସୁଛି । ଅନୁଭୂତି ଓ ଲକ୍ଷ୍ୟ ଉପରେ ନିର୍ଭର କରି ଗଠିତ ଏହି ପଦଗୁଡ଼ିକ ବିଭିନ୍ନ ପ୍ରକାର ଭାବ ପ୍ରକାଶ କରୁଥିବାରୁ ସଂସ୍କୃତିର ପ୍ରଗଳ୍ଭତା ଓ ବ୍ୟାପକତାର ପରିଚୟ ଦେଉଛି ।

## ଢଗଢମାଳିର ଛନ୍ଦ

ଢଗଢମାଳି ପ୍ରଭୃତିରେ ଗୁରୁ ଲଘୁ ଉଚ୍ଚାରଣରେ ନିର୍ଦ୍ଦିଷ୍ଟ ନିୟମ ଥିବା ଦେଖାଯାଏ ନାହିଁ । ଗୁରୁ ବା ବର୍ଣ୍ଣ ଉଚ୍ଚାରଣ ହିଁ ଅଧିକାଂଶ ସ୍ଥଳରେ ଦେଖାଯାଏ । ଗୁରୁ ସ୍ଥଳରେ ଲଘୁ ଓ ଲଘୁ ସ୍ଥଳରେ ଗୁରୁର ଉଚ୍ଚାରଣ ମଧ୍ୟ ଦେଖାଯାଏ । ପ୍ରାକୃତର ମଧ୍ୟ ପ୍ରାୟ ଏହି ସ୍ଥିତି । ମାତ୍ରାଛନ୍ଦର ବାହୁଲ୍ୟର ଅଭାବ ନାହିଁ କହିଲେ ଚଳେ । ଓଡ଼ିଆରେ ମାତ୍ରାଛନ୍ଦର ମଧ୍ୟ ବହୁଳ ପ୍ରଚୁର ନାହିଁ । ଏକାକ୍ଷରୀ, ଦୁଇ ଅକ୍ଷରୀ ଛନ୍ଦ ଓଡ଼ିଆ କବିତାରେ ନାହିଁ । ତ୍ର୍ୟକ୍ଷରଠାରୁ ସମଛନ୍ଦର ଢଗଢମାଳି ଓଡ଼ିଆରେ ଅଛି । ତ୍ର୍ୟକ୍ଷର, ଚତୁରକ୍ଷର, ପଞ୍ଚାକ୍ଷର, ଷଡ଼କ୍ଷର ପର୍ଯ୍ୟନ୍ତ ଛନ୍ଦ ଢଗଢମାଳି ପ୍ରଭୃତି ଛଡ଼ା କବିମାନଙ୍କର କବିତାରେ ଦେଖାଯାଏ ନାହିଁ । ଏହି କାରଣରୁ ତ୍ର୍ୟକ୍ଷରଠାରୁ ଷଡ଼କ୍ଷର ପର୍ଯ୍ୟନ୍ତ ଛନ୍ଦକୁ ପ୍ରାକୃତ ଛନ୍ଦମାନଙ୍କର ନାମ ଅନୁସାରେ ହିଁ ନାମକରଣ କରାଯାଉଛି । ସପ୍ତାକ୍ଷରଠାରୁ ସମଛନ୍ଦର ନାମ ଓଡ଼ିଆ କବିମାନଙ୍କର କବିତାରେ ଦେଖାଯାଏ । ଏସବୁ ଅକ୍ଷର ଛନ୍ଦ, ମାତ୍ରାଛନ୍ଦ ନୁହେଁ । ସପ୍ତାକ୍ଷରଠାରୁ ନାମବିଶିଷ୍ଟ ଛନ୍ଦ ମଧ୍ୟ ଢଗଢମାଳିରେ ଦେଖାଯାଏ । ଏହା ବ୍ୟତୀତ ଢଗଢମାଳିରେ ଅନେକ ସମଛନ୍ଦ ଦେଖାଯାଏ, ଯାହାର ନାମକରଣ ଏ ପର୍ଯ୍ୟନ୍ତ ହୋଇ ନାହିଁ ।

## ଢଗଣମାଳକର ଛନ୍ଦ

୩ ଅକ୍ଷର—(୧) ଦେଖ' ପାଳେ', ଦେଖ' ଚାଲେ' ।

ପ୍ରଥମ ଅକ୍ଷର ଓ ଶେଷ ଅକ୍ଷର ଉପରେ ଯତି ।

(୨) ଚୋଟକେ' ପି', ଦଣ୍ଡେ' କା' ।

ଦ୍ୱିତୀୟ ଓ ଶେଷ ଅକ୍ଷର ଉପରେ ଯତି । ଉପାନ୍ତ୍ୟ ସ୍ୱରର ମିଳନ ଅଛି ।

ପ୍ରାକୃତ ନାମ—ତାଳୀ । ଉଦାହରଣ—ଚୋକଚ୍ଛୋ ତଦ୍‌ବଚ୍ଛୋ ।
(ପ୍ରାକୃତ ପିଙ୍ଗଳ) ଦୁଇ ପାଦରେ ଏକ ପଦ ।

୪ ଅକ୍ଷର—(୧) ଆପ' କଥା', କାହେଁ' ମଥା' ।

୨ୟ, ୪ର୍ଥ ଅକ୍ଷର ଉପରେ ଯତି ।

(୨) ଯନ୍ତ୍ରି' ଯାଇ', ତନ୍ତ୍ରି' ଖାଇ' ।

(୩) ମନ୍ତ୍ରି' ଶୁଣି', ତନ୍ତ୍ରି' ଗୁଣି' ।

(୪) ପଳାନ୍ତି' ଦେଖ', ଭରନ୍ତି' ଦେଖ' ।

୩ୟ, ଶେଷ ଅକ୍ଷର ଉପରେ ଯତି ।

(୫) ପେଟ ପୋଷ, ନାହିଁ ଦୋଷ ।

ଉପାନ୍ତ୍ୟ ସ୍ୱରର ମିଳନ ଅଛି ।

ପ୍ରାକୃତ ଉଦାହରଣ—ଦେଉ ଦେଉ ଶମ୍ଭୁ ଦେଉ । ଚାରୁ ଶୀଶ ଚନ୍ଦ ଧାମ ।
(ପ୍ରା. ପିଙ୍ଗଳ) ଦୁଇ ପାଦରେ ଏକ ପଦ ।

୫ ଅକ୍ଷର—(୧) ଅଳପ' ଧନ', ଚପଳ' ମନ' ।

୩ୟ, ଶେଷ ଅକ୍ଷର ଉପରେ ଯତି ।

(୨) ଅଳ୍ପେ' ମତ୍ସ୍ୟା', କଳ୍ପେ' ପଢ଼ୁଆ' ।

୨ୟ, ଶେଷ ଅକ୍ଷର ଉପରେ ଯତି ।

(୩) ବ୍ରାହ୍ମଣ ଭତ', କପାଳେ ଦାଗ' ।

ଉପାନ୍ତ୍ୟ ସ୍ୱରର ମିଳନ ଅଛି ।

ପ୍ରାକୃତ ନାମ—ହଂସ । ଉଦାହରଣ—ସୋ ମିହ କନ୍ତା, ଦୂର ଦିଗନ୍ତା ।
(ପିଙ୍ଗଳ)

ସଂସ୍କୃତରେ ମଧ୍ୟ ପଞ୍ଚାକ୍ଷର ଛନ୍ଦ ଅଛି । "ଭୂତଳ ଦର୍ପ, ଭୂତସ୍ଥ ହର୍ଷ । କଲିତ ସତ୍ତ୍ୱ, ଭଜନ ତତ୍ତ୍ୱଂ ।" (ମୁକୁନ୍ଦ ମୁକ୍ତାବଳୀ, ଗ୍ରନ୍ଥାବଳୀ ପୃ-୨) ଦୁଇ ପାଦରେ ଏକ ପଦ ।

୬ ଅକ୍ଷର—(୧) ପେଟ ଖାଏ' ଭାତ', ପିଠି ସହେ' ମାଡ଼' ।
ଅର୍ଥ, ଶେଷ ଅକ୍ଷର ଉପରେ ଯତି ।
(୨) ଦେହ ଜାଣେ' ପାପ', ମା ଜାଣେ' ବାପ' ।
ଅର୍ଥ, ଶେଷ ଅକ୍ଷର ଉପରେ ଯତି ।
(୩) ଯାଉଛ' କାହାଣୀ', ମଇଁଷି', ସୁହାଗିଣୀ' ।
ମଧ୍ୟ, ଶେଷ ଅକ୍ଷର ଉପରେ ଯତି ।

ପ୍ରାକୃତ ନାମ—ମାଲଶ୍ରୀ । (ପ୍ରା. ଉ—ଯଥା ଅହିତ, ସର୍ବି ଭୁଣଗ୍ରୂ ।) ଦଶ ଲହୁ କନ୍ଦ, ସମାଲଇ ବନ୍ଧ । (ପିଙ୍ଗଳ) । ଓଡ଼ିଆ ଛନ୍ଦରେ ମଧ୍ୟ ଉପଧା ମିଳନ ଅଛି । ଦୁଇ ପାଦରେ ଏକ ପଦ ।

୭ ଅକ୍ଷର—ଯେତେଶ ଘଣ୍ଟା' ତେତେଶ ଘା', କର୍ମ ଦେଖ' ଭୁଲୁଆ' ।
ଅର୍ଥ, ଶେଷ ଅକ୍ଷର ଉପରେ ଯତି । ଦୁଇ ପାଦରେ ଏକ ପଦ ।

ସଂସ୍କୃତ ନାମ—କୁମାର ଲଳିତା । ଯଥା—ମୁରାରି ତନୁବଲ୍ଲୀ କୁମାର ଲଳିତା ସା । ତ୍ରିଲୋକ ନୟନାନାଂ ତତାନ ମୁଦମୁଚ୍ଚୈଃ ।
(ଛନ୍ଦୋ ମଞ୍ଜରୀ—ଗ୍ରନ୍ଥାବଳୀ, ଶ୍ୟା. ସୁ. ପୃ-୩)

ଭୂଶିଦାସଙ୍କ ବର୍ଣ୍ଣଶିକ୍ଷା ଚଉତିଶା ସପ୍ତାକ୍ଷର ଛନ୍ଦରେ ରଚିତ । ଏହାକୁ "ଭୂଶିଦାସ ଚଉତିଶା ଛନ୍ଦ", "କ-କ ଚଉତିଶା ଛନ୍ଦ" ବା "କ-କ ଦୋହା ଛନ୍ଦ" ମଧ୍ୟ କୁହାଯାଇ ପାରେ । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ବଙ୍ଗାଳ ସିଦ୍ଧ ସରହପାଦ "କ-କ ଦୋହା" ଲେଖିଥିଲେ । ଏହି ଦୋହା ହିଁ ଓଡ଼ିଆ ଚଉତିଶାର ମୂଳ । ଭୂଶିଦାସ ଚଉତିଶା ଅତି ପ୍ରାଚୀନ ରଚନା । ବର୍ଣ୍ଣଶିକ୍ଷା ବେଳେ ପିଲାମାନେ ଏହାକୁ କଣ୍ଠସ୍ଥ କରନ୍ତି ।

କ-କ' କାଳିନ୍ଦୀ ତୀରେ', ଖ-ଖ' ଖେଳନ୍ତି ଧୀରେ' ।
ଛ-ଛ' ଛଇଳ କାହ୍ନୁ', ଜ-ଜ' ଜଗଜୀବନୁ' ।
୨ୟ ଓ ଶେଷ ଅକ୍ଷର ଉପରେ ଯତି । ଦୁଇ ପାଦରେ ଏକ ପଦ ।

୮ ଅକ୍ଷର—(୧) ଆମ୍ଭର ଧନେ ଯଶେ, କଥା ନ କହେ ମଣିଷେ ।
ଏମ, ଶେଷ ଅକ୍ଷର ହ୍ରସ୍ୱରେ ପଡ଼େ ।
(୨) ଅପେ ମଲେ ସ୍ୱର୍ଗ ଯାଏ, ପର ମଲେ କାନ୍ଦୁଥାଏ ।
୪ର୍ଥ, ଶେଷ ଅକ୍ଷର ହ୍ରସ୍ୱରେ ପଡ଼େ ।
ଦୁଇପାଦ୍ର ସ୍ୱରର ମିଳନ ଅଛି ।
ନାମ—ସ୍ୱପ୍ନିଥାନ୍ତ, ଭୈରବୀ, ମୃଗାକ୍ଷୀ, କଳକଣ୍ଠୀ ।

୯ ଅକ୍ଷର—ଆପଣା ଦୋଷେ ଅପେ ମରି, ତାର ଦୋଷରେ ବ୍ରହ୍ମପୁରୀ ।
ନାମ—ଭୁଜଙ୍ଗ

୧୦ ଅକ୍ଷର—(୧) ଅଳପ ଅସ୍ତ୍ରୀ ବହୁତ ବାସ୍ତୀ, ବେଙ୍କଟ ପଣ୍ଡିତ ପଣ୍ଡିଏ ସେହି ।
(୨) ଯହିଁ ନ ଥିବ ରଜତ ମିଣା, ତହିଁ ନ ଥିବ ଗାଇପଡ଼ିଣା ।
(୩) ଯାଚ କଲ୍ୟାଣ ମାଗି ଏକି କି, ଏ ତ ନୂଆନ୍ତି କରି ଭଜନ ।
ନାମ—ମୃଗାକ୍ଷୀ

୧୧ ଅକ୍ଷର—(୧) ଆପଣା ଦୋଷରେ ମରଣ ଯାଉ,
କି କରିବେ ବ୍ରହ୍ମା ଶଙ୍କର ତାଉ ।
(୨) ନାଗର ନୁହେଁ କି ଯାଗର ନୁହେଁ,
ମାଆ ବୋଇଲା ଏ ଗୋଟର ନୁହେଁ ।
ନାମ—ଚନ୍ଦ୍ରକଳୀ

ଏହିପରି ଅନ୍ୟାନ୍ୟ ଛନ୍ଦମାନଙ୍କର ନାମ ବର୍ତ୍ତମାନ ପ୍ରଚଳିତ ଥିବା ନାମ ସହିତ ମେଳ କରି ଦିଆଯାଇପାରେ ।

ଛାତ୍ରମାନେ, ପଲ୍ଲୀଗୀତକାର ଏହି କେତେକ ସମ ଛନ୍ଦର ନାମକରଣ କରାଇ ଦିଅ ।

(୧) ଅସରା ଆସିବ ଯାଆନ୍ତା ଦିନ, ମୋ ଦୁଆରୁ କେହି ନ ଫେରିବ ।
(୨) ବାରମାସ ଯାକ ପରକୁ ଦେବି, ମୁଁ କାହାରିକି ଆଶା ନ କରିବି ।
(୩) ଅଇଲି ଏକା ଯିବି ଏକା, ସାଙ୍ଗରେ ନ ଯିବେ ବନ୍ଧୁ ଆତ୍ମୀୟ ।
(୪) ଆମ୍ଭର ବଣି, ଆମ୍ଭ ଘରଲେ ଟାକୁଆ ବଣି ।
(୫) ଆରେ ସଖି, ଆପଣା ମହତ ଆପେ ରଖି ।
(୬) ଆରେ ରେ, ସେବକେ ଦେଲକୁ ଦେ ।

(୭) ଆଗେ ମହୁଣା ଜନ୍ତ ଚଇତା, ଅଧି ସତୁସାଙ୍କ ଫଗୁରଫଗା ।

(୮) ଆଦର ନ ଥାଇ ଯେଉଁ ଭୋଜନ, ଲବଣ ନ ଥାଇ ଯେଉଁ ତିଅଣ,
ମାଳୀଣୀ ନ ଥାଇ ଯେଉଁ ସ୍ନାହାନ, ସବି ଟୋ ମନ୍ଦ ଏ ।

(୯) ଝଣ୍ଡ ଝଣ୍ଡୁ ଅବଳା, ଭତାର ନ ଦେଖୁରେ କଳା ।

(୧୦) ଅସଙ୍ଗ ସଙ୍ଗ ସଙ୍ଗିତା,
ଅସଙ୍ଗ ସଙ୍ଗେ ସଙ୍ଗ ହେଲେ କାଠର ଘଣ୍ଟ ଲମ୍ବିତା ।

(୧୧) ଅରୂପ ଶାକରେ ସ୍ୱରୂପ ମିଠା, ମନୁଷ୍ୟ ମିଠା ଶୋଷ,
ଦେବତା ଶାକରେ କାଳିଆ ମିଠା, ସବୁଠୁଁ ମିଠା କୋଷ ।

(୧୨) ତଳ ବରଡ଼ା ଝସୁଛି, ଉପର ବରଡ଼ା ହସୁଛି,
ମଝି ବରଡ଼ା ଥାଇ ବୋଲୁଛି ମୋ ଦିନକାଳ ଆସୁଛି । ଇତ୍ୟାଦି ।

## ଡାକ ବଚନ—(ପ୍ରବାଦ)

୧ । ଖଣ୍ଡ ମୁଠି ଅଣ୍ଡ ଦ ମୁଠି, କଅଁଳ ମଞ୍ଜିରେ ପୋତିବୁ କାଠି ।
ବାଲିରେ ଭରିବୁ ପାଣି ସମାନ, ପର୍ବତ ଶିଖରେ କରିବୁ ଧାନ ।
ଯେବେ ହୋଇବ ଡିହିରେ ଧାନ, ତେବେ କାଟିବୁ ଡାକର କାନ ।

୨ । ବଂଶ ଅଙ୍ଗୁଳ କରିବୁ କାଠ, ଡିହିରେ ଅଧା କରିବୁ ଲାଠ ।
ନ ପଡ଼ିବ ଆଙ୍ଗୁଳ ତେବେ ଦଣ୍ଡ, କି କରିବ ତୋର ପୋଆ ଖଣ୍ଡ ।

୩ । ଶିଙ୍ଗ ଖରୁ ଲାଙ୍ଗୁଡ଼ ମୋଟା, ଡାକ କହେ ପାଣେ ନ ଯାଅ ବେଟା ।

୪ । ପୂର୍ବ ମେଘ ଯହିଁ ପଶ୍ଚିମେ ପଶେ, ଶଣ ଗୋବରରେ ଅଂଶାଳ ବସେ,
ଡାକ ବୋଲେ ସୁତା ଅବଶ୍ୟେ ବରଷେ ।
ଯହିଁ ନ ଦିଶେ ଭୂଇଁ ପଡ଼ଶେ, ଉତ୍ତର ମେଘ ଦକ୍ଷିଣେ ଆସେ,
ଶଣ ଗୋବରରେ ଅଂଶାଳ ବସେ, ଡାକ ବୋଲେ ସୁତା ଅବଶ୍ୟେ ବରଷେ ।

୫ । ସୂର୍ଯ୍ୟେ ଅନ୍ତ୍ରବଳ ପଶ୍ଚିମେ ବେଢ଼ିଲ, ଡାକ ବୋଲେ ସୁତା ଅବଶ୍ୟେ ଧୋଇ ।

୬ । ସୂତେ ବରଷେ ଶଙ୍ଖ ଜାଣେ, ମାଘେ ବରଷେ ସୁନା ଖରଷେ ।
ତଥା ଭାଇ ଖଲିଖଲିଆ ହସେ ।

୭ । କର୍ଣ୍ଣ ପଡ଼ିବ ପୁଣ୍ୟ ସୂତ,
ଶିଣ୍ଡାରେ ବସି ଯେ ପଛରେ ଭୂତ, ତାର ଜାଣିବାକୁ ଖୁଣ୍ଟରେ ଅଣ୍ଣ ?

ମନ୍ତ୍ର—

୧ । ଦୃଷ୍ଟିଭେଦ ମନ୍ତ୍ର—

ଜମ୍ବୁ ଜମ୍ବୁ କପିକେଶନ ସୁମରଇ ତୋତେ
ଅଷ୍ଟକୋଟି ଦାଉତା ଅଣିଦେବୁ ମୋତେ ।
ହତେ ଚନ୍ଦ୍ରଙ୍କ ସ୍ୱଜା ଘରେ ବନ୍ଦୀ ଥିଲ,
ତୋତେ ସୁମରନ୍ତେ ବନ୍ଧନ ଫିଟିଲା ।
ଶ୍ରୀରାମଙ୍କ କାର୍ଯ୍ୟ କରି ଲଙ୍କାକୁ ଗଲୁ
ଅସୁର ମାରି ଲଙ୍କାରେ ଶୀତା ଠାବ କଲୁ ।
ମହାବୀର ହନୁମନ୍ତ ପବନର ସୁତ,
ବାନ୍ଧିଲୁ ଅଣି ସମୁଦ୍ର କୋଟି ଦେବତା ।
ପଳାଅ ପଳାଅ ରେ ଦେବତାମାନେ ।
ନ ପଳାଅ ବୋଲି କାହାର ଆଜ୍ଞା ?
ଲଙ୍କାପୋଡ଼ା ହନୁମନ୍ତର କୋଟି କୋଟି ଆଜ୍ଞା ।

୨ । ନୃସିଂହ ମନ୍ତ୍ର—

ଓଁ ପୂର୍ବ ଗଲି, ପଶ୍ଚିମ ଗଲି, ଉତ୍ତର ଗଲି, ଦକ୍ଷିଣ ଗଲି,
ଦେଖିଲେ ପଶି ଓଁକାର କଲି ।
ଦେଖିଲେ ମୋର କା' ମୋର ରଣରଣା ।
ପଶ୍ଚିମ ଦେଶେ ମଶାଣି କାନ୍ତ,
ଚଉଷଠି ଯୋଗିନୀଙ୍କି କଙ୍କାଳ କରି ବାନ୍ଧ ।
ବଳିଆର ନୃସିଂହ ଦାଢ଼ା ପଶିଲେ ମାଡ଼ି,
ଭୂତ ପ୍ରେତ ପଳାଇଲେ ପଞ୍ଚପଥ ଛାଡ଼ି ।
କୁବେର ପଳାଇଲେ ଧନ ଭଣ୍ଡାର ଛାଡ଼ି ।
ଇନ୍ଦ୍ର ପଳାଇଲେ ବୃଷଭ ପିଠିରେ ଚଢ଼ି ।
ପଳାଅ ପଳାଅ ରେ ଦେବତାମାନେ ।
କ ପଳାଅ ବୋଲି କାହାର ଆଜ୍ଞା ?
ଦାଢ଼ା ନୃସିଂହଙ୍କ କୋଟି କୋଟି ଆଜ୍ଞା ।

୩ । ଓଁ କୁଣି ପାଣି କୁଣିପାଣି ଯେ ପିଇବ ପାଣି, ଆପଣା ଦୃଷ୍ଟି, ପର ଦୃଷ୍ଟି, ଡାହାଣି ଦୃଷ୍ଟି, ଚଣ୍ଡୁଣି ଦୃଷ୍ଟି, ବଇଲଇ ଦୃଷ୍ଟି, କୁକୁର ଦୃଷ୍ଟି, ହାଡ଼ କଣ୍ଟା, ହାଡ଼ା କଣ୍ଟା, ଗୁଗୁ କଣ୍ଟା, ଖାଡ଼ି ବାଡ଼ କଣ୍ଟା, ମାଛ କଣ୍ଟା, ଗଛ କଣ୍ଟା, ସର୍ପ କଣ୍ଟା, ମହାଭାରତ ମୂଳରେ ମହାକଣ୍ଟା, ବାହାର ବାହାର, ହସାଇ ଖେଳାଇ ବାହାର, ଉଠାଇ ବସାଇ ବାହାର, ନ କନ୍ଦାଇ ବାହାର, ପୁଷ୍କରୁ ବାହାର, ଶିର ତାଳକୁ ବାହାର, ଶୂନ୍ୟ ମଣ୍ଡପକୁ ବାହାର, ହୃଦ୍‌କମଳକୁ ବାହାର, ନାଭିମଣ୍ଡଳକୁ ବାହାର, କାଳିଙ୍କ ଆଜ୍ଞାରେ ବାହାର, ନ ବାହାର ବୋଲି କାହାର ଆଜ୍ଞା, ଯଶୋଦେଇନା' ପରଶୁରାମୁଣୀର ଉଡ଼େଇନା' ଧୋବଣୀର ସିଦ୍ଧ ଗୁରୁଣୀର ଜଳଦେଇ ମାଳୁଣୀର କୋଟି କୋଟି ଆଜ୍ଞା ।

("ସିଦ୍ଧ ମନ୍ତ୍ର ଯନ୍ତ୍ର ଓ ତନ୍ତ୍ରମାଳା")

ଢଗଢମାଳି ପ୍ରବାଦ ପ୍ରବଚନାଦିକୁ ଲୋକସାହିତ୍ୟରୂପେ ଗ୍ରହଣ କରାଯାଏ । ଏହି ଲୋକସାହିତ୍ୟ ଭିତରେ ଓଡ଼ିଆର ରୂପ, ଗଠନ, ସୁଖଦୁଃଖ ପ୍ରଭୃତିର ଛାପ ନିହିତ ଅଛି । ଏଥିରେ କଥ୍ୟ ଓଡ଼ିଆ ଶବ୍ଦର ଯେଉଁ ଭଣ୍ଡାର ରହିଛି ତାହା ଅତି ମୂଲ୍ୟବାନ୍ । ଓଡ଼ିଆ ଭାଷାର ଓ ସଂସ୍କୃତିର ଇତିହାସ ଆଲୋଚନାବେଳେ ଏହାର ସ୍ଥାନ ଉଚ୍ଚ । ଖାଣ୍ଟି ଓଡ଼ିଆ ଶବ୍ଦ, ଭଙ୍ଗୀ, ପ୍ରୟୋଗ, ବନ୍ଧନୀ ଛନ୍ଦର ଆଦିମ ରୂପ ପ୍ରଭୃତି ଏଥିରେ ଦେଖିବାକୁ ମିଳେ ।

ଏହି ଢଗଢମାଳି, ପ୍ରବଚନ, ପ୍ରବାଦ, ବାଦଣା, ଗଳ୍ପ, ମନ୍ତ୍ର ପ୍ରଭୃତି ଲୋକଗୀତିକା ଓଡ଼ିଶାର ଭାଷା, ସଂସ୍କୃତି ଓ ସଭ୍ୟତାର ପ୍ରାଚୀନତା ପ୍ରମାଣ କରୁଛି । ଏଗୁଡ଼ିକ ଯେ ବହୁଶତ ବର୍ଷ ପରମ୍ପରାକ୍ରମେ ଲୋକମୁଖରେ ପ୍ରଚଳିତ ହୋଇ ଆସୁଅଛି, ଏଥିରେ ସନ୍ଦେହ ନାହିଁ । ଏଥିରେ ଓଡ଼ିଆ ଭାଷାର ଯେଉଁ ବଳିଷ୍ଠତା, ପୂର୍ଣ୍ଣତା, ଭାବପ୍ରକାଶାର୍ଥ ସାମର୍ଥ୍ୟ ପ୍ରକାଶ ପାଉଛି ତାହା ବିଦ୍ୟମାନ ନ ଥିଲେ ସାରଳା ଦାସ ଓଡ଼ିଆ ଭାଷାରେ ମହାଭାରତ ଭଳି ଏଡେ ସୁନ୍ଦର ପ୍ରକାଣ୍ଡ ମହାକାବ୍ୟ ରଚନା କରି ପାରି ନ ଥାନ୍ତେ । ସାରଳା ଦାସଙ୍କ ବିରାଟ ଗ୍ରନ୍ଥ ରଚନା ତାଙ୍କ ପୂର୍ବରୁ ଓଡ଼ିଆ ଭାଷାର ପୂର୍ଣ୍ଣ ପରିଣତ ରୂପ ଓ ବ୍ୟାପକ ଶବ୍ଦସମ୍ପଦର ସମ୍ଭାବନା ହିଁ ପ୍ରମାଣିତ କରୁଛି । ଲୋକଗୀତିକା, ପ୍ରବାଦ, ପ୍ରବଚନ, ଢଗଢମାଳି ପ୍ରଭୃତିର ଭାବସମ୍ପଦର ବିଭିନ୍ନତା, ବ୍ୟାପକତା ଓ

ଗାମ୍ଭୀର୍ଯ୍ୟ ଏବଂ ହୃଦୟସ୍ପର୍ଶୀ ଚମତ୍କାର ରଚନାଶୈଳୀ ଓଡ଼ିଶାରେ ଶାରଳାଦାସ ପୂର୍ବ ସମୟର ସମାଜର ଉନ୍ନତ ସଂସ୍କୃତି, ସଭ୍ୟତା ଓ ସ୍ୱଜାତିର ପ୍ରମାଣ ଦେଉଛି ।

ପଲ୍ଲୀଗୀତିକା, ଛଡ଼ାମାଳ ପ୍ରଭୃତିରେ ଏହି ସବୁ ବିଶେଷତ୍ୱ ଦେଖାଯାଏ—(୧) ଭାଷା ଅତି ସରଳ ଓ ସହଜ । (୨) ଭାବ ଅତି ମର୍ମସ୍ପର୍ଶୀ । (୩) ମନସ୍ତତ୍ତ୍ୱର ଚମତ୍କାର ବିଶ୍ଳେଷଣ । (୪) ହୃଦୟର ଅନ୍ତରତମ ପ୍ରଦେଶରୁ ଏଗୁଡ଼ିକର ସ୍ୱତଃସ୍ଫୂର୍ତ୍ତ ପ୍ରବାହିତ ହୋଇଥିବାରୁ ଏଥିରେ କପଟତା, ଜଟିଳତା ଓ ଅସ୍ୱାଭାବିକତାର ଅସ୍ତିତ୍ୱ ଦେଖାଯାଏ ନାହିଁ । (୫) ସାମାଜିକ ଜୀବନର ଓ ସଂସ୍କୃତିର ଜୀବନ୍ତ ଚିତ୍ର ଏଥିରେ ପ୍ରସ୍ଫୁଟିତ । ଜାତିର ଓ ସମାଜର ପ୍ରାଣ ଏଥିରେ ରହିଛି । (୬) ଛନ୍ଦର ସ୍ୱଚ୍ଛନ୍ଦତା ଓ ବୈଚିତ୍ର୍ୟ ରଚନାର ମାଧୁର୍ଯ୍ୟକୁ ଅନେକ ଗୁଣ ବଢ଼ିଛି । (୭) ଅଳ୍ପସଂଖ୍ୟକ ପଦରେ ଗୁଣିଗୁଣି ଗଭୀର ଜ୍ଞାନ, ତଥ୍ୟ ଓ ତତ୍ତ୍ୱ ନିହିତ ଅଛି ।

ଏହି ପଲ୍ଲୀ ସାହିତ୍ୟ ବା ଲୌକିକ ସାହିତ୍ୟ (Popular literature) ସାଧାରଣରେ ଜନସାହିତ୍ୟ ନାମରେ ହିଁ ପରିଚିତ । ଏଥିରେ ଜାତିର ଚିନ୍ତାଧାରା, ରୁଚି, ଜୀବନଗତି ପ୍ରଭୃତିର ଆଭାସ ମିଳିବା ସଙ୍ଗେ ସଙ୍ଗେ ଭାଷାର ମୌଳିକ ରୂପ ଓ ମୌଳିକ ଶବ୍ଦସମ୍ଭାରର ସ୍ପଷ୍ଟ ଓ ବଳିଷ୍ଠ ପରିଚୟ ପ୍ରଦାନ କରୁଥିବାରୁ ଏହାର ଗୁରୁତ୍ୱ ସର୍ବୋଚ୍ଚ ସ୍ତରମାନଙ୍କରେ ରହିଛି ।

## (ଖ) ବୌଦ୍ଧଚର୍ଯ୍ୟା ପଦ

### (୧) ଚର୍ଯ୍ୟାପଦର ପରିଚୟ—

ପ୍ରାଚୀନ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ତନ୍ତ୍ରମତସମନ୍ୱିତ କେତେଗୁଡ଼ିଏ ଗୀତିକା ଓ ଦୋହା ରଚନା କରିଥିଲେ । ସେଗୁଡ଼ିକ ଭାରତବର୍ଷରେ ମିଳୁ ନଥିଲା । ନେପାଳ, ଭୁଟାନ୍ ଓ ତିବ୍ବତ ଅଞ୍ଚଳରେ ବୌଦ୍ଧ-ବିହାରମାନଙ୍କରେ ସେଗୁଡ଼ିକ ଥିବା ପ୍ରାୟ ୫୦ ବର୍ଷ ତଳେ ଜଣାପଡ଼ିଲା । ନେପାଳର ରାଜାଙ୍କ ରାଜପ୍ରାସାଦର ପୁସ୍ତକାଗାରରେ ଏଥିରୁ କେତେକ ଅଛି । ପାଣ୍ଡୁଲିପି ଆକାରରେ ଏଗୁଡ଼ିକ ବିଭିନ୍ନ ବୌଦ୍ଧ-ବିହାରମାନଙ୍କରେ ରକ୍ଷିତ ହୋଇଛି । କେତୋଟି ଦୋହାର ମୂଳରୂପ ମିଳୁ ନାହିଁ; କେବଳ ତିବ୍ବତ ଭାଷାରେ ଅନୁବାଦ ମିଳୁଛି । କେତେକ

ହୁଏତ ଲେଖ ମଧ୍ୟ ଗାଇଥାଇଥିବ । ଏହି ଦୋହା ଓ ଗୀତିକାଗୁଡ଼ିକ ସଂସ୍କୃତ କିମ୍ବା ପ୍ରାକୃତରେ ଲିଖିତ ନୁହେଁ; ଭାରତର ପ୍ରାନ୍ତୀୟ ଭାଷାଗୋଷ୍ଠୀ ଭିତରୁ କୌଣସି ଏକ ଭାଷାରେ ରଚିତ । ଏହି ଭାଷା ବର୍ତ୍ତମାନ ପ୍ରଚଳିତ ଥିବା ପ୍ରାନ୍ତୀୟ ଭାଷାମାନଙ୍କ ସହିତ ସମ୍ପୂର୍ଣ୍ଣରୂପେ ମେଳ ହେଉ ନ ଥିବାରୁ ଏହାର ସ୍ପଷ୍ଟ ନାମ-କରଣ ହୋଇପାରୁନାହିଁ । ତେବେ ଏଥିରେ ପୂର୍ବଭାରତୀୟ ଭାଷାଗୋଷ୍ଠୀର ବହୁ ଶବ୍ଦ ଓ ବ୍ୟାକରଣଗତ ଶୈଳୀ ଦେଖାଯାଉଥିବାରୁ ଏହି ଗୋଷ୍ଠୀର ପ୍ରତ୍ୟେକ ଭାଷାଭାଷୀ ଲୋକେ ଏଗୁଡ଼ିକ ନିଜ ନିଜ ଭାଷାରେ ରଚିତ ହୋଇଛି ବୋଲି ଦାବୀ କରୁଛନ୍ତି । ସିଦ୍ଧାଚାର୍ଯ୍ୟମାନଙ୍କ ଭିତରେ କେତେ ଜଣ ଉତ୍କଳୀୟ ଥିବାରୁ ଏବଂ ସେମାନଙ୍କର ଭାଷା ଓଡ଼ିଆ ଭାଷା ସହିତ କେତେକ ମେଳ ହେଉଥିବାରୁ ସେମାନଙ୍କର ଦୋହା ଓ ଗାନଗୁଡ଼ିକ ପ୍ରାଚୀନ ଓଡ଼ିଆ ଭାଷାରେ ରଚିତ ହୋଇଥିବା ଦାବୀ ଯୁକ୍ତିଯୁକ୍ତ । ଏହି କାରଣରୁ ସିଦ୍ଧାଚାର୍ଯ୍ୟମାନଙ୍କର “ଭାଷାପ୍ରବନ୍ଧ”ର ବିଶେଷ ଆଲୋଚନା ଏଠାରେ କରାଗଲା ।

ନେପାଳରୁ ବଙ୍ଗର ସ୍ୱର୍ଗୀୟ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଖ୍ରୀ: ୧୯୧୭ରେ କେତେକ ପଦ ସଂଗ୍ରହ କରିଥିଲେ । ଏହି ପଦ ସହିତ କେତେକ ବୌଦ୍ଧ ଦୋହା ଯୋଗ କରି “ବୌଦ୍ଧଗାନ ଓ ଦୋହା” ନାମରେ ଏକ ଗ୍ରନ୍ଥ ଖ୍ରୀ: ୧୯୨୭ରେ ପ୍ରକାଶ କରିଥିଲେ । ସିଦ୍ଧାଚାର୍ଯ୍ୟମାନଙ୍କ ପଦଗୁଡ଼ିକ ‘ଚର୍ଯ୍ୟାପଦ’ ନାମରେ ପରିଚିତ । ଏହି ଚର୍ଯ୍ୟାପଦଗୁଡ଼ିକ ‘ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ’ ନାମକ ସଂଗ୍ରହ ଗ୍ରନ୍ଥରେ ଥିଲା । ଚର୍ଯ୍ୟ ଅର୍ଥାତ୍ ଆଚରଣୀୟ ବା ବିଧି । ଧର୍ମ ସମ୍ବନ୍ଧୀୟ ବିଧିନିଷେଧ ଏଥିର ପ୍ରତିପାଦ୍ୟ ବିଷୟବସ୍ତୁ ।

ଖ୍ରୀଷ୍ଟୀୟ ୭ମ ଓ ୮ମ ଶତାବ୍ଦୀଠାରୁ ୧୦ଶ ଶତାବ୍ଦୀ ଭିତରେ ଏହି ଗାନ ଓ ଦୋହାଗୁଡ଼ିକ ରଚିତ ହୋଇଥିବାର ଅନୁମାନ କରାଯାଏ । ଏହି ଦୃଷ୍ଟିରୁ ଏହି ରଚନାଗୁଡ଼ିକର ଭାଷାର ପ୍ରାଚୀନତା ଯଥେଷ୍ଟ ଗୁରୁତ୍ୱ ଲାଭ କରିଛି ।

ସଂସ୍କୃତ ଓ ପ୍ରାକୃତ ଛଡ଼ା ସେ ସମୟରେ ଉତ୍ତରଭାରତ କିମ୍ବା ପୂର୍ବ ଭାରତର କୌଣସି ପ୍ରାନ୍ତୀୟ ଭାଷାରେ ସ୍ପଷ୍ଟ, ଜର୍ବିଶୀଳ ଓ ସାର୍ଥକାୟ ରଚନା ଏ ପର୍ଯ୍ୟନ୍ତ ମିଳି ନ ଥିବାରୁ ଏବଂ ସିଦ୍ଧାଚାର୍ଯ୍ୟମାନଙ୍କ ରଚନାର ଭାଷା ସହିତ ସ୍ୱ ସ୍ୱ ଭାଷାର କେତେକ ସାମ୍ୟ ପରିଲକ୍ଷିତ ହେଉଥିବାରୁ ପ୍ରାନ୍ତୀୟ ଭାଷାବିତ୍‌ମାନେ

ଏଗୁଡ଼ିକୁ ସ୍ୱ ସ୍ୱ ଭାଷାର ପ୍ରାଚୀନ ରୂପର ପ୍ରମାଣ ବୋଲି ଦାବୀ କରୁଛନ୍ତି । ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ପ୍ରମୁଖ ବଙ୍ଗୀୟ ଗବେଷକମାନେ ଏଗୁଡ଼ିକ ପ୍ରାଚୀନ ବଙ୍ଗ ଭାଷାରେ ଲିଖିତ ହୋଇଛି ବୋଲି ଦାବୀ କରନ୍ତି । ସେହିପରି ହିନ୍ଦୀ, ମୈଥିଳୀ, ଓଡ଼ିଆ, ଅସମୀୟ ଭାଷାବିତ୍‌ମାନେ ଏଗୁଡ଼ିକ ସ୍ୱ ସ୍ୱ ଭାଷାର ରଚନା ବୋଲି ଦାବୀ କରୁଛନ୍ତି । ପୂର୍ବଭାରତୀୟ ଭାଷାମାନଙ୍କର ପ୍ରାଚୀନ ରୂପର ଚିହ୍ନ ଏହି ଚର୍ଯ୍ୟାପଦମାନଙ୍କରେ ମିଳୁଛି ।

ଖ୍ରୀ: ୧୮୯୭-୯୮ରେ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ନେପାଳରେ ('ଡାକାର୍ଣ୍ଣବ', 'ସୁଭାଷିତ ସଂଗ୍ରହ ଗ୍ରନ୍ଥ', 'ଦୋହାକୋଷ ପଞ୍ଜିକା' ଏହି ଚାରୋଟି ଗ୍ରନ୍ଥର ପାଣ୍ଡୁଲିପି ଦେଖିଥିଲେ । 'ଦୋହାକୋଷ ପଞ୍ଜିକା'ରେ କେତେ ଜଣ ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ଦୋହା ଥିଲା । ସରହପା (ସରୋରୁହ ବଜ୍ର), କାହ୍ନୁପା (କୃଷ୍ଣାଚାର୍ଯ୍ୟ, କାହ୍ନୁପାଦ) ପ୍ରଭୃତିଙ୍କର କେତେକ ଦୋହା ଏଥିରେ ଥିଲା । ସରହପାଙ୍କ 'ଦୋହାକୋଷ'ର ଏକ ସଂସ୍କୃତ ଟୀକା ଅଦ୍ୱୟବଜ୍ର ଲେଖିଛନ୍ତି ।

ପ୍ରସିଦ୍ଧ ବୌଦ୍ଧପଣ୍ଡିତ ବେଣ୍ଡଲ୍ 'ସୁଭାଷିତ ସଂଗ୍ରହ' ଗ୍ରନ୍ଥଟି ପ୍ରକାଶ କରିଥିଲେ । ସେ ଏହି ଦୋହାଗୁଡ଼ିକର ଭାଷା ଏକ ପ୍ରାଚୀନ ଅପଭ୍ରଂଶ ଭାଷା ବୋଲି ମତ ବ୍ୟକ୍ତ କରିଥିଲେ । ହରପ୍ରସାଦ ଶାସ୍ତ୍ରୀ ବୌଦ୍ଧଗାନ ଓ ଦୋହା ନାମକ ବଙ୍ଗଳା ଗ୍ରନ୍ଥର ମୁଖବନ୍ଧରେ ଲେଖିଛନ୍ତି, "ମୋର ବିଶ୍ୱାସ, ଯେଉଁମାନେ ଏହି ଭାଷା ଲେଖିଛନ୍ତି ସେମାନେ ବଙ୍ଗଳା ଓ ତନ୍ନିକଟବର୍ତ୍ତୀ ଦେଶର ଲୋକ । ଅନେକେ ଯେ ବଙ୍ଗାଳୀ ଥିଲେ, ତାହାର ପ୍ରମାଣ ମଧ୍ୟ ମିଳୁଛି । ଯଦିଓ ଅନେକଙ୍କର ଭାଷାରେ କେତେକ ବ୍ୟାକରଣଗତ ପ୍ରଭେଦ ଅଛି, ତଥାପି ସେ ସବୁ ବଙ୍ଗଳା ବୋଲି ବୋଧ ହେଉଅଛି ।" (ମୁଖବନ୍ଧ ପୃ-୬) ପଣ୍ଡିତ ଶାସ୍ତ୍ରୀ ଯେଉଁ ଯୁକ୍ତି ପ୍ରଦର୍ଶନ କରିଛନ୍ତି ତାହା ପୂର୍ବଭାରତୀୟ ସବୁ ଭାଷା ପ୍ରତି ପ୍ରଯୁଜ୍ୟ ହୋଇପାରେ । ଓଡ଼ିଆ ଭାଷାର ଦାବୀ ଏଥି ଭିତରେ ସର୍ବାଧିକ । ଏମାନଙ୍କ ଭିତରୁ କେତେକ ପ୍ରଧାନ ସିଦ୍ଧାଚାର୍ଯ୍ୟ ଉତ୍କଳୀୟ ଥିଲେ ।

'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ଗ୍ରନ୍ଥରେ ୨୩ ଜଣ ସିଦ୍ଧାଚାର୍ଯ୍ୟଙ୍କର ପଦ ମିଳୁଛି ।

| ସିଦ୍ଧାଚାର୍ଯ୍ୟ | ପଦସଂଖ୍ୟା | ସିଦ୍ଧାଚାର୍ଯ୍ୟ | ପଦସଂଖ୍ୟା |
|---|---|---|---|
| ଆର୍ଯ୍ୟଦେବ | | ଢେଣ୍ଢଣପାଦ | |

| ସିଦ୍ଧାଚାର୍ଯ୍ୟ | ପଦସଂଖ୍ୟା | ସିଦ୍ଧାଚାର୍ଯ୍ୟ | ପଦସଂଖ୍ୟା। |
|---|---|---|---|
| କଙ୍କଣପାଦ | ୧ | ଧାମପାଦ ବା ଗୁଣ୍ଡରୀପାଦ | ୧ |
| କମ୍ବଳାମ୍ବର | ୧ | ବିରୁବା (ବିରୁଆ) ପାଦ | ୧ |
| କାହ୍ନୁପାଦ (କୃଷ୍ଣାଚାର୍ଯ୍ୟ) | ୧୩ | ବୀଣାପାଦ | ୧ |
| କୁକ୍କୁରୀପାଦ | ୩ | ଭଦ୍ରପାଦ | ୧ |
| ଗୁଣ୍ଡରୀ ବା ଗୁଡ଼ୁରୀ ପାଦ | ୧ | ଭୁସୁକୁପାଦ | ୮ |
| ଚାଟିଲପାଦ | ୧ | ମହୀଧରପାଦ | ୧ |
| ଜୟନନ୍ଦୀ | ୧ | ଲୁଇପାଦ | ୨ |
| ଡୋମ୍ବୀପାଦ | ୧ | ଶବରପାଦ | ୨ |
| ଢେଣ୍ଢଣପାଦ | ୧ | ଶାନ୍ତିପାଦ (ଭୁସୁକୁପାଦ) | ୨ |
| ତନ୍ତ୍ରୀପାଦ | ୧ | ଶରହପାଦ (ରାହୁଲଭଦ୍ର) | ୪ |
| ତାଡ଼କପାଦ | ୧ | | |

ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ କାହ୍ନୁପାଦ, ଶବରପାଦ, ଢେଣ୍ଢ-ପାଦ, ରାଜା ଇନ୍ଦ୍ରଭୂତି, ବିରୂପ, ଜାଳନ୍ଧର, କମ୍ବଳ, ରାହୁଳଭଦ୍ର, ଶ୍ରୀଜ୍ଞାନ, ଅଭୟଙ୍କର ଗୁପ୍ତ, ଶାନ୍ତିଗୁପ୍ତ ପ୍ରଭୃତି ଓଡ଼ିୟାନ୍ ପୀଠବାସୀ ଥିଲେ। ସେମାନେ ପ୍ରକୃତ ଓଡ଼ିୟାନ ଦେଶ ବା ଓଡ଼ିଶା ଅଧିବାସୀ ଥିଲେ। ଅଥବା ଓଡ଼ିୟାନ ତନ୍ତ୍ରପୀଠମାନଙ୍କରେ ସିଦ୍ଧିଲାଭ କରି ଅନ୍ୟାନ୍ୟ ଦେଶକୁ ଯାଇଥିଲେ।

ପୁରୁଷୋତ୍ତମ ଯେଉଁଠାରେ ପୂଜିତ ଦେବତା ଜଗନ୍ନାଥଙ୍କୁ "ସର୍ବବୁଦ୍ଧମୟଂ ସିଦ୍ଧି-ବ୍ୟାପିନଂ ଗଗନୋପମମ୍" ରୂପେ ବୌଦ୍ଧ ବଜ୍ରଯାନପନ୍ଥୀ ସିଦ୍ଧମାନେ ମାନ୍ୟ କରୁଥିଲେ। ବଜ୍ରଯାନର ପ୍ରଧାନ ସ୍ଥାନ ଓଡ଼ିୟାନ ବା ଓଡ଼ିବିଶ ବା ଓଡ଼ିଶାର ଜଣେ ରାଜା ଇନ୍ଦ୍ରଭୂତି ଖ୍ରୀଷ୍ଟୀୟ ୭ମ-୮ମ ଶତାବ୍ଦୀର ଲୋକ। ସେ ଓଡ଼ିଶାରୁ ଯାଇ ନେପାଳ, ତିବ୍ବତ ପ୍ରଭୃତି ରାଜ୍ୟରେ ବଜ୍ରଯାନର ପ୍ରଚାର କରିଥିଲେ। ସେ କେତେଗୁଡ଼ିଏ କବିତା ଓ ଗ୍ରନ୍ଥ ରଚନା କରିଛନ୍ତି। ସେ "ଜ୍ଞାନସିଦ୍ଧି" ନାମକ ଗ୍ରନ୍ଥରେ "ଜଗନ୍ନାଥ"ଙ୍କୁ ବନ୍ଦନା କରିଛନ୍ତି:—

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନବରାର୍ଚ୍ଚିତଂ
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍।

# ବୌଦ୍ଧମତର କେତୋଟି ତତ୍ତ୍ୱ

ସୁଖ ଓ ଦୁଃଖକୁ ଭିତ୍ତି କରି ସଂସାରର ଯାବତୀୟ ପ୍ରାଣୀ ଜୀବନଯାପନ କରୁଛନ୍ତି । ସୁଖ ହିଁ ସମସ୍ତଙ୍କର କାମ୍ୟ; ସୁଖର ବିରୋଧୀ ଦୁଃଖକୁ କେହି ବରଣ କରିବାକୁ ଇଚ୍ଛୁକ ନୁହନ୍ତି । ସୁଖ-ବିରୋଧୀ ଦୁଃଖର ଅପାକରଣ କରି ସୁଖର ଅଧିକାରୀ ହେବା ପାଇଁ ସମସ୍ତେ ଚେଷ୍ଟା କରୁଛନ୍ତି । ଦୁଃଖ-ରହିତ ନିର୍ମଳ ଅନନ୍ତ ସୁଖପ୍ରାପ୍ତି ନିମିତ୍ତ ବିଭିନ୍ନ ଉପାୟ ଉଦ୍ଭାବନ କରିବାରେ ମାନବସମାଜ ଅନାଦିକାଳରୁ ଚେଷ୍ଟା କରି ଆସୁଅଛି । ଏହି ଦେଶରେ ବିଭିନ୍ନ ଚିନ୍ତାଧାରା ଦେଖା ଦେଇଛି । ବିଭିନ୍ନ ଦାର୍ଶନିକ ମତବାଦ ଏହି ଚିନ୍ତାଧାରାର ଫଳ ।

ବାସ୍ତବ ସୁଖ ଓ ଦୁଃଖ ପ୍ରାଣୀ ଭୋଗ କରୁଛି । ଏହି ପ୍ରାଣୀଟି କିଏ ? ପ୍ରାଣୀ ବା ଜୀବ ସୁଖପ୍ରାପ୍ତି, ଦୁଃଖର ଅବସାନ ଆଶା କରେ । ଏହି ଜୀବ କି ପଦାର୍ଥ ? କେବଳ ଶରୀର, ନା ଏହା ବ୍ୟତୀତ ଅନ୍ୟ କିଛି ଅଛି ? ଶରୀର ଓ ଆତ୍ମାର ବିଷୟ ଏଥିରୁ ଉଦ୍ଭବ ହୋଇଛି । ଏହି ଜୀବର ଆତ୍ମା ସହିତ ଦେହାନ୍ତରକୁ ଯାଉ ଏକ 'ଆତ୍ମା' ବ୍ୟତୀତ ସମ୍ପର୍କ ଅଛି କି ନାହିଁ ? ଏପରି ବହୁ ପ୍ରକାର ଚିନ୍ତାଧାରା କାଳକ୍ରମେ ମାନବ ସମାଜକୁ ଉଦ୍‌ବେଳିତ କରିଛି । ଏଥିରୁ ବିଭିନ୍ନ ଦାର୍ଶନିକ ମତବାଦର ସୃଷ୍ଟି ତର୍କବିତର୍କ ଓ ସିଦ୍ଧାନ୍ତ ଦେଖାଦେଇଛି । ଏହି ମତବାଦର ପ୍ରଭାବ ମାନବସମାଜ ଉପରେ ପଡ଼ିଛି ଏବଂ ସମାଜ ଏଦ୍ୱାରା ନିୟନ୍ତ୍ରିତ ହୋଇଛି ଓ ହେଉଛି ମଧ୍ୟ ।

ବୌଦ୍ଧଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଯେଉଁ ସବୁ ସତ୍ୟ ପ୍ରଚାର କରିଥିଲେ, ସେଗୁଡ଼ିକୁ ଏକତ୍ର କରି ପରବର୍ତ୍ତୀ ସମୟରେ ତାଙ୍କର ଶିଷ୍ୟ-ପ୍ରଶିଷ୍ୟାଦି ସୂତ୍ରଗ୍ରନ୍ଥ ରଚନା କଲେ । 'ଶୂନ୍ୟ' ଏକମାତ୍ର ସତ୍ୟ ତତ୍ତ୍ୱ; ଏହି ଶୂନ୍ୟର ସ୍ୱରୂପ ନିର୍ଣ୍ଣୟ କରି କୁହାଯାଇଛି—

ଶୂନ୍ୟମିତି ନ ବକ୍ତବ୍ୟମ୍ ଅଶୂନ୍ୟମିତି ବା ଭବେତ୍ ।
ଉଭୟଂ ନୋଭୟଂ ଚେତି ପ୍ରଜ୍ଞପ୍ତ୍ୟର୍ଥଂ ତୁ କଥ୍ୟତେ ॥

(ସର୍ବଦର୍ଶନ ସଂଗ୍ରହ)

"ଅସ୍ତି ନାସ୍ତି ଉଭୟ ଅନୁଭୟ ଇତି ଚତୁଷ୍କୋଟି ବିନିର୍ମୁକ୍ତଂ ଶୂନ୍ୟ ତତ୍ତ୍ୱମ୍ ।" ଅର୍ଥାତ୍ ଅଛି, ନାହିଁ, ଉଭୟ, ଅନୁଭୟ (ଉଭୟ ନୁହେଁ)—ଏହି

ସୁର ସର୍ବାବରଣମୁକ୍ତ ବସ୍ତୁ ହିଁ ଶୂନ୍ୟତତ୍ତ୍ୱ । ଶୂନ୍ୟ ସତ୍ୟ, ଅନ୍ୟ ସବୁ ମିଥ୍ୟା । ଶୂନ୍ୟରୁ ଜଗତର ଉତ୍ପତ୍ତି ଏବଂ ଶୂନ୍ୟରେ ଏହାର ଲୟ । ଜୀବ, ଜଗତ ଏ ସବୁ ସତ୍ୟ ନୁହନ୍ତି । ଜଡ଼ ଓ ଆତ୍ମା ନିତ୍ୟ ପଦାର୍ଥ ନୁହେଁ । ସମସ୍ତ ପଦାର୍ଥ ହିଁ କ୍ଷଣିକ, କ୍ଷଣକାଳସ୍ଥାୟୀ; ଆତ୍ମା ମଧ୍ୟ କ୍ଷଣିକ । ବୌଦ୍ଧମତରେ ଈଶ୍ୱରଙ୍କୁ ସ୍ୱୀକାର କରାଯାଇ ନାହିଁ ।

ବୌଦ୍ଧ ମତରେ ସଂସାର ଅନାଦି; କିନ୍ତୁ ଅନନ୍ତ ନୁହେଁ । ସାଧନାଦ୍ୱାରା ସଂସାରକୁ ଧ୍ୱଂସ କରାଯାଇପାରେ । ସଂସାର ବା ସାଂସାରିକ ବନ୍ଧନର ଧ୍ୱଂସ ହିଁ ନିର୍ବାଣ । ସଂସାର ବନ୍ଧନ ଦୁଃଖର କାରଣ । ଦୁଃଖର ଆତ୍ୟନ୍ତିକ ନିବୃତ୍ତି ହେଲେ ବାସ୍ତବ ସୁଖ ପ୍ରାପ୍ତି ହୁଏ । ଏହି ବାସ୍ତବ ନିର୍ମଳ ଦୁଃଖଶୂନ୍ୟ ସୁଖ ହିଁ ନିର୍ବାଣ । ଏହି ନିର୍ବାଣ ହିଁ ମନୁଷ୍ୟର ପରମ କାମ୍ୟ ପଦାର୍ଥ ।

ମୂଳତତ୍ତ୍ୱ ଉପରେ ନିର୍ଭର କରି ବୌଦ୍ଧ ସମ୍ପ୍ରଦାୟ ଭିତରେ କେତୋଟି ଶାଖା ସମ୍ପ୍ରଦାୟ ଉତ୍ପତ୍ତି ହୋଇଥିବାର ଦେଖାଯାଏ—ବୈଭାଷିକ, ସୌତ୍ରାନ୍ତିକ, ଯୋଗାଚାର ଓ ମାଧ୍ୟମିକ ବା ସର୍ବଶୂନ୍ୟବାଦ ଏପରି ମୋଟରେ ଚାରି ଭାଗରେ ବିଭକ୍ତ କରାହୋଇଥାଏ । ପ୍ରତ୍ୟକ୍ଷସିଦ୍ଧ, ସ୍ଥୂଳବାହ୍ୟ ପଦାର୍ଥର ଅସ୍ତିତ୍ୱ ବୈଭାଷିକମାନେ ସ୍ୱୀକାର କରନ୍ତି । ସୌତ୍ରାନ୍ତିକମାନେ ସ୍ଥୂଳବାହ୍ୟ ପଦାର୍ଥର ଅସ୍ତିତ୍ୱ ସ୍ୱୀକାର କରନ୍ତି; କିନ୍ତୁ ଏହି ପଦାର୍ଥ ପ୍ରତ୍ୟକ୍ଷସିଦ୍ଧ ନୁହନ୍ତି; ବୁଦ୍ଧି ବିଜ୍ଞାନରେ ଅନୁମେୟ । ଯୋଗାଚାର ସମ୍ପ୍ରଦାୟ ସ୍ଥୂଳବାହ୍ୟ ପଦାର୍ଥର ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ । ଏମାନଙ୍କ ମତରେ ବୁଦ୍ଧି ବିଜ୍ଞାନାଦିବଳରୁ ଅନ୍ୟ କୌଣସି ପଦାର୍ଥ ନାହିଁ । ମାଧ୍ୟମିକ ସମ୍ପ୍ରଦାୟ ସ୍ଥୂଳବାହ୍ୟ ପଦାର୍ଥ ବା ବୁଦ୍ଧି ବିଜ୍ଞାନ ଏପରି କିଛି ସ୍ୱୀକାର କରନ୍ତି ନାହିଁ । ଏମାନଙ୍କ ମତରେ ଶୂନ୍ୟ ହିଁ ପ୍ରକୃତ ସତ୍ୟ ବସ୍ତୁ ।

ବୌଦ୍ଧମାନେ କ୍ଷିତି, ଅପ୍, ତେଜଃ, ମରୁତ୍ ଓ ବ୍ୟୋମ—ଏହି ପାଞ୍ଚ ପଦାର୍ଥ ଭିତରୁ ପ୍ରଥମ ଚାରୋଟିକୁ ସ୍ୱୀକାର କରନ୍ତି । ବ୍ୟୋମର ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ,—ଅଭାବ ବସ୍ତୁ ହିଁ ବ୍ୟୋମ ।

ପାର୍ଥିବ, ଜଳୀୟ, ତୈଜସ ଓ ବାୟବୀୟ—ଏହି ଚାରି ପ୍ରକାର ପରମାଣୁର ସଂହତି ବା ମିଳନ ଦ୍ୱାରା ଚାରି ଭୂତ (ପୃଥ୍ୱୀ, ଜଳ, ତେଜଃ, ବାୟୁ)ର ସୃଷ୍ଟି ।

ଏହି ଶୂନ୍ୟ ଭୂତରୁ ଶରୀର, ଇନ୍ଦ୍ରିୟ, ବିଷୟ (ବା ଇନ୍ଦ୍ରିୟଗ୍ରାହ୍ୟ ବିଷୟବସ୍ତୁ)ର ଉତ୍ପତ୍ତି । ଏହାହିଁ ଦୃଶ୍ୟମାନ ବାହ୍ୟବସ୍ତୁ । ଏହା ବ୍ୟତୀତ ପାଞ୍ଚଟି ଆନ୍ତର ବା ଆଭ୍ୟନ୍ତରିକ ପଦାର୍ଥ ଅଛି; ଏହାକୁ ସ୍କନ୍ଧ କୁହାଯାଏ । ରୂପସ୍କନ୍ଧ, ବିଜ୍ଞାନସ୍କନ୍ଧ, ବେଦନାସ୍କନ୍ଧ, ସଂଜ୍ଞାସ୍କନ୍ଧ, ସଂସ୍କାରସ୍କନ୍ଧ—ଏହା ପଞ୍ଚସ୍କନ୍ଧ ନାମରେ ପରିଚିତ । ବିଜ୍ଞାନସ୍କନ୍ଧ ହେଉଛି ଚିତ୍ ଓ ଆତ୍ମା । ଏହି ପଞ୍ଚ ସ୍କନ୍ଧର ମିଳନଦ୍ୱାରା ସମସ୍ତ ଆନ୍ତର ବା ଆଭ୍ୟନ୍ତରିକ ବ୍ୟାପାର ସମ୍ପନ୍ନ ହୁଏ ।

## ଚର୍ଯ୍ୟାପଦମାନଙ୍କରେ ଦର୍ଶନାଦ ବିଚାର

ବୌଦ୍ଧ ମତରେ ଆତ୍ମା ପରମାତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଇ ନାହିଁ । ଏହି ସଂସାର ପରମାତ୍ମାଙ୍କ ସର୍ଜନା ଏହା ହିନ୍ଦୁଧର୍ମଶାସ୍ତ୍ର କହେ । ବୌଦ୍ଧମାନେ କହନ୍ତି—ଧର୍ମକାୟଙ୍କଠାରୁ ସଂସାରର ଯାବତୀୟ ଇନ୍ଦ୍ରିୟଗ୍ରାହ୍ୟ ବିଷୟର ଉତ୍ପତ୍ତି ହୁଏ । ଏହି ତଥତା, ଶୂନ୍ୟତା ଧର୍ମକାୟର ନାମାନ୍ତର । ଧର୍ମକାୟ ଜ୍ଞାନାଧିକ । ଏହାଠାରୁ ବୋଧିଚିତ୍ତ ଉତ୍ପତ୍ତିଲାଭ କରନ୍ତି । ବୋଧିଚିତ୍ତ ଧର୍ମକାୟରୁ ଉତ୍ପତ୍ତିଲାଭ କରି ପୁଣି ସେଥିରେ ଲୀନ ହୁଏ । ଅବିଦ୍ୟା ବା ମୋହ ହେତୁ ବୋଧିଚିତ୍ତ ବସ୍ତୁ ଜଗତକୁ ପ୍ରତ୍ୟକ୍ଷ କରେ; କିନ୍ତୁ ଅବିଦ୍ୟା ବା ମୋହରୁ ମୁକ୍ତ ହେଲେ ନିର୍ବାଣପ୍ରାପ୍ତ ହୁଏ । ଅର୍ଥାତ୍ ଧର୍ମକାୟରେ ଲୀନ ହୋଇଯାଏ । ହିନ୍ଦୁଦର୍ଶନ ମତରେ ଆତ୍ମା ମାୟାଜାଲରୁ ମୁକ୍ତ ହେଲେ ପରମାତ୍ମା ସ୍ୱରୂପକୁ ପ୍ରାପ୍ତ ହୁଏ; ଅର୍ଥାତ୍ ପରମାତ୍ମାରେ ଲୀନ ହୋଇଯାଏ ।

କର୍ମର ହେତୁରୁ ସଂସାରର ସୃଷ୍ଟି । କାର୍ଯ୍ୟ-କାରଣ ସମ୍ବନ୍ଧରେ ଯାବତୀୟ ସାଂସାରିକ ବ୍ୟାପାର ଆବଦ୍ଧ ହୋଇ ରହିଛି । ଏହି କର୍ମପରତନ୍ତ୍ରତା ହିଁ ମୋହ ବା ଅବିଦ୍ୟା ।

ଜନ୍ମଜନ୍ମାନ୍ତର କଳେବର ଧାରଣ କର୍ମସମଷ୍ଟିର ଫଳ । ପଞ୍ଚକର୍ମେନ୍ଦ୍ରିୟ ବା ପଞ୍ଚସ୍କନ୍ଧକୁ ଆଶ୍ରୟ କରି ଜନ୍ମାନ୍ତର ହୁଏ । କର୍ମବଶତା ବା ଅବିଦ୍ୟା ଯୋଗୁଁ ଦୁଃଖ ଭୋଗ କରିବାକୁ ପଡ଼େ । ଏହି ଦୁଃଖରୁ ମୁକ୍ତ ହେଲେ ନିର୍ବାଣ ଲାଭ ହୁଏ । ଦୁଃଖ, ଦୁଃଖର ଉତ୍ପତ୍ତି, ଦୁଃଖନିରୋଧ, ଦୁଃଖ ନିରୋଧର ଉପାୟ, ଏହି

ସ୍ୱର ଆଣି ଦେଲା ବୌଦ୍ଧମାନେ ମାନନ୍ତି । ଦୁଃଖନିରୋଧର ପ୍ରକୃଷ୍ଟ ଉପାୟ ହେଉଛି ନିର୍ବାଣଲାଭ । ବାସନା ନିବୃତ୍ତି ହିଁ ନିର୍ବାଣ । ସେଥି ବାସନା ବନ୍ଧନରୁ ମୁକ୍ତ ହେଲେ ନିର୍ବାଣପ୍ରାପ୍ତି ହୁଏ । ଦୁଃଖର ନିବୃତ୍ତି ହିଁ ନିର୍ବାଣ ହେବାରୁ ନିର୍ବାଣ ଦୁଃଖମୟ ଏବଂ ମହାସୁଖର ବାସସ୍ଥଳ । ନିର୍ବାଣ ସଚ୍ଚିଦାନନ୍ଦ ମହାସୁଖ ବା ସହଜାନନ୍ଦ ହିଁ ନିର୍ବାଣ । ଏହାର ରୂପ ଅଛି । ଏହାର ନାମ ନୈରାତ୍ମଦେବୀ, ଶୁଦ୍ଧାବଧୂତି । ତାଙ୍କୁ ମୋହଜାଲରୁ ମୁକ୍ତ କରିପାରିଲେ ସାଧକ ଏହି ନୈରାତ୍ମ-ଦେବୀଙ୍କୁ ଆଲିଙ୍ଗନ କରି ଶୂନ୍ୟତା ବା ଧର୍ମକାୟରେ ଲୀନ ହୋଇଯାଏ ।

ଏହି ନୈରାତ୍ମ ଇନ୍ଦ୍ରିୟଗ୍ରାହ୍ୟ ନୁହେଁ । ଏ ଦେହର ବାହାରେ ଅବସ୍ଥାନ କରେ । ଦେହ ନଗରର ବାହାରେ ଅବସ୍ଥାନ କରୁଥିବାରୁ ଏ ଅସ୍ପୃଶ୍ୟା ଏବଂ ଏହାର ନାମ ଡୋମ୍ବୀ, ଚଣ୍ଡାଳୀ, ଶବରୀ ପ୍ରଭୃତି । ନୈରାତ୍ମଦେବୀ ବା ଡୋମ୍ବୀର ଆବାସ ସ୍ଥାନ ଶରୀର ନଗରର ବାହାରରେ ବୋଲି ସିଦ୍ଧାନ୍ତ ହୋଇଥିଲେ ମଧ୍ୟ ସହଜାନନ୍ଦପନ୍ଥୀ ତାନ୍ତ୍ରିକମାନେ ଦେହର ଶିଖର ପ୍ରଦେଶ ବା ଉଷ୍ଣୀଷକମଳରେ ଏହାର ସ୍ଥାନ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ବୌଦ୍ଧଗାନ ଓ ଦୋହାମାନଙ୍କରେ ଏହି ସହଜାନନ୍ଦ ପନ୍ଥାର ବହୁ ତତ୍ତ୍ୱ ପ୍ରକଟିତ ହୋଇଛି । ସରହ ସିଦ୍ଧାଚାର୍ଯ୍ୟମାନଙ୍କ ଭିତରେ ଅତି ପ୍ରାଚୀନ ଥିବାରୁ ଏବଂ ସେ ଓଡ଼ିଶାବାସୀ ଥିବାରୁ ତାଙ୍କର ଦୋହା ଓ ଚର୍ଯ୍ୟାଗୀତର ବିଶେଷ ଆଲୋଚନାର ଆବଶ୍ୟକତା ରହିଛି ।

ସହଜ ଅର୍ଥରେ ସହଜାତ । ଜନ୍ମ ସଙ୍ଗେ ଯେଉଁ ଧର୍ମ, ବସ୍ତୁର ଉତ୍ପନ୍ନ ହୁଏ ତାହାର ସହଜ ସ୍ୱଧର୍ମ ମଧ୍ୟ ସହଜ । ଶ୍ୱାସନିରୋଧରୁ ସମାଧି, ସମାଧିରୁ ମହାସୁଖ ବା ସହଜାନନ୍ଦ ଲାଭ ।

ଅଳ୍ପ ବୁଦ୍ଧିସମ୍ପନ୍ନ ଲୋକେ ତନ୍ତ୍ରବାଦର ଓ ସାଧନପନ୍ଥାର ମହତ୍ତ୍ୱକୁ ଉପଲବ୍ଧି କରି ନ ପାରି ଏହି ସହଜାନନ୍ଦ ମହାସୁଖକୁ ଲାଭ କରିବା ପାଇଁ "ସ୍ୱକୀୟଂ ପରକୀୟଂ ବା ସର୍ବା ରମେତ୍ ସୁଖମ୍"ର କଦର୍ଥ କରି କାମଭୋଗରେ ଲିପ୍ତ ରହନ୍ତି । ଏହା ସ୍ଖଳନର ଶୀଘ୍ର ପଥ । ମୂଳ ଧର୍ମତତ୍ତ୍ୱର ପ୍ରକୃତ ନୁହେଁ ବା ସ୍ୱରୂପଦର୍ଶନ ନୁହେଁ । ଏହି ତତ୍ତ୍ୱ ସାଧକ ଓ ସାଧିକାଙ୍କ ଗୁରୁ ଭିତରେ ହିଁ ଆବଦ୍ଧ । ସଦ୍‌ଗୁରୁ ବିନା ଏହା ଭ୍ରଷ୍ଟାଚାରରେ ପରିଣତ ହେବା ସଙ୍ଗେ ସଙ୍ଗେ ସାଧକର

ପତନ ଅନିବାର୍ଯ୍ୟ । ସବୁ ସତ୍ତ୍ୱ ଉଦ୍ଦେଶ୍ୟର ବ୍ୟବହାର ଓ ଅସଦ୍‌ବ୍ୟବହାର ଦେଖାଯାଉଥିଲେ ମଧ୍ୟ ସତ୍ୟ ସତ୍ୟ ହୋଇ ହିଁ ରହୁଛି ଏବଂ ରହିବ ଏବଂ ଭୂତକୁ ମନୁଷ୍ୟ ବୋଲି କହିବା ଯାହା ଅଜ୍ଞର ଅପନ୍ଥାକୁ ପନ୍ଥା ବୋଲି କହିବା ତାହା ।

ପରବର୍ତ୍ତୀ ସମୟରେ ହିନ୍ଦୁ ଓ ବୌଦ୍ଧମାନଙ୍କ ଦର୍ଶନର କେତେକ ମିଶ୍ରଣ ହେବାରୁ ସହଜପନ୍ଥା ବା ସହଜିଆ ମାର୍ଗ ଉଦ୍ଭବ ହୋଇ ଭାରତର ବହୁ ସ୍ଥାନରେ ପ୍ରସାର ଲାଭ କରିଥିବା ଦେଖାଯାଏ । ଏହି ପନ୍ଥୀମାନଙ୍କର ସଂଖ୍ୟା ବେଶୀ ନୁହେଁ । ତନ୍ତ୍ରର କୁମାରୀ ପୂଜା, କିଶୋରୀ ପୂଜା, ସାଧକ-ଶକ୍ତି ପ୍ରଭୃତିରେ ବହୁ ସ୍ଥାନରେ ବ୍ୟଭିଚାରରେ ପରିଣତ ହୋଇଛି । ଏହା ପତନ ଛଡ଼ା ଅନ୍ୟ କିଛି ନୁହେଁ । ଏହି ପତନ ବା ସ୍ଖଳନର କେତୋଟି ଦୃଷ୍ଟାନ୍ତ ଉପରେ ନିର୍ଭର କରି କେହି କେହି ପଣ୍ଡିତ ଅତି କଠୋର ଓ ଅସଂଯତ ଭାଷାରେ ମୂଳତତ୍ତ୍ୱର କଟୁ ସମାଲୋଚନା କରିଛନ୍ତି । କେତେକ ସମାଲୋଚକଙ୍କର ଭ୍ରାନ୍ତ ସମାଲୋଚନାର ମହତ୍ତ୍ୱକୁ ମଧ୍ୟ ବହୁତ ତଳକୁ ଖସାଇ ଦେଇଛି ଏବଂ ଏମାନେ ଏହାଦ୍ୱାରା ପତିତ ସାଧକର ଗତିକୁ ହିଁ ଲାଭ କରିଛନ୍ତି । ଏମାନଙ୍କ ସମାଲୋଚନା ଶୈଳୀକୁ ଓଡ଼ିଶା ଦେଶର ସାଧାରଣ ସମାଲୋଚନା ଶୈଳୀ ବୋଲି ଧରିନେବା ଅନୁଚିତ ହେବ ।

ମହାସୁଖ ଓ କରୁଣା ଏ ଦୁଇଟି ଶୂନ୍ୟଠାରୁ ଅଭିନ୍ନ ବୋଲି ସହଜପନ୍ଥୀ-ମାନେ କହନ୍ତି । ମହାସୁଖ ପ୍ରାପ୍ତି ହିଁ ନିର୍ବାଣ ବା ଶୂନ୍ୟ । ଏହା ହିଁ ସହଜ ସାଧକର ଲକ୍ଷ୍ୟ । ଏହି ଶୂନ୍ୟ ଖ, ଆକାଶ, ଗଗନ ନାମରେ ମଧ୍ୟ ପରିଚିତ ହୋଇଛି ।

ମହାସୁଖ—

(୧) ଏତୁ କରିଅ ମହାସୁହ ପରିମାଣ ।
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ । ଲୁଇ ଚ: ଗୀ: ୧ ।

(୨) ବାମ ଦାହିଣ ଚାପୀ ମିଳି ମିଳି ମାଙ୍ଗା,
ବାଟତ ମିଲିଲ ମହାସୁହ ସାଙ୍ଗା । କମ୍ବଳାମ୍ବର ଚ: ଗୀ: ୮ ।

(୩) ଛଅ ଭଣ୍ଡାର ସୁଣ୍ଡଭ ମାଙ୍ଗେ,
ଚଲିଲ କାହ୍ନୁ ମହାସୁହ ସାଙ୍ଗେ । କାହ୍ନୁ ଚ: ଗୀ: ୧୩ ।

ତିନି ଭୁଅଣ ମଇ ବାହୁଅ ହେଲେ,
ହାଉଁ ସୁତେଲି ମହାସୁହ ଲୀଳେ । କାହ୍ନୁ, ଚ: ଗୀ: ୧୮ ।

(୪) ଗୁଞ୍ଜୁ ଗୁଞ୍ଜୁ ମାଆ ମୋହା ତପନ ଦୁଧୋଲୀ,
ମହାସୁହେ ବଳସନ୍ତୁ ସବରୋ ଲଇଆ ସୁଣ ମେହେଲୀ । ଶବରପାଦ ଚ: ଗୀ: ୫୦ ।

ଛଅ ଧାଇ ଖାଟ ପାଡ଼ିଲା,
ସବରେ ମହାସୁହେ ସେଜ ଛାଇଲା । ଶବରପାଦ ଚ:ଗୀ: ୨୮ ।

ଭୁସୁକୁ ମଣଇ ମଇଁ ବୁଝିଅ ମେଳେଁ,
ସହଜାନନ୍ଦ ମହାସୁହ ଲୀଳେଁ । ଭୁସୁକପାଦ ଚ: ଗୀ: ୨୭ ।

ହୋଣ ଚରୁଅ ମୋର କମ୍ପି ନ ଥାକଉ,
ନଅ ଘରବାରେ ମହାସୁହେ ଥାକଉ । ଭୁସୁକୁ ଚ: ଗୀ: ୪୯ ।

**କରୁଣା**—କରୁଣା ଶୂନ୍ୟଠାରୁ ଅଭିନ୍ନ—

(୧) ଉଶରଣ ଗୋଗା ଜିଗ୍ଧ ଅଠକ ମାସ୍ତ,
ନଅ ଦେହ କରୁଣା ଶୁନମେ ହେରି । କାହ୍ନୁ, ଚ: ପ: ୧୩ ।

(୨) ସୁଖ କରୁଣେର ଅଭିନଚାରେ କାଅବାକ ଚିଅ,
ବିଳସଇ ଦାରିକ ଗଅଣତ ପାରିମକୁଲେ । ଦାରିକା ଚ:ପ: ୩୪ ।

**କାୟା ତରୁବର**—ଶରୀରଟି ବୃକ୍ଷ ସଦୃଶ । ପଞ୍ଚେନ୍ଦ୍ରିୟ ବା ପଞ୍ଚ କର୍ମେନ୍ଦ୍ରିୟ ଏହାର ଶାଖାପ୍ରଶାଖା । ବିଷୟର ଆକର୍ଷଣରେ ଚିତ୍ତ ଚଞ୍ଚଳ ହୁଏ । ଏହା ଫଳରେ ଦୁଃଖ ଭୋଗ କରିବାକୁ ହୁଏ । ଚିତ୍ତଚଞ୍ଚଳତା ଦୂର ହେଲେ ମହାସୁଖ ଲାଭ ହୁଏ । ଯୋଗ-ଧ୍ୟାନ-ସମାଧିଦ୍ୱାରା ଦୁଃଖରୁ ନିବୃତ୍ତି ମିଳିପାରେ, କିନ୍ତୁ ଏହା କ୍ଷଣସ୍ଥାୟୀ । କାରଣ ସମାଧିଅବସ୍ଥା ଅସ୍ଥାୟୀ ମାତ୍ର । ସମାଧି ଅବସ୍ଥାରେ ଇନ୍ଦ୍ରିୟବୃତ୍ତି ନିରୋଧ ହେଉଥିଲେ ମଧ୍ୟ ସମାଧିଭଙ୍ଗ ପରେ ପୁନର୍ବାର ପାର୍ଥିବ ଜ୍ଞାନ ଜାଗ୍ରତ ହେଉଥିବାରୁ ମନୁଷ୍ୟ ପୁଣି ଦୁଃଖ ଭୋଗ କରେ । ଏହା ଲୁଇପାଦ ତାଙ୍କର "କାଆ ତରୁବର ପଞ୍ଚ ବିଡ଼ାଲ" ଚର୍ଯ୍ୟାପଦରେ ବ୍ୟକ୍ତ କରିଛନ୍ତି । (ଚ: ପ: ୧)

**ଭବନଦୀ**—ଭବନଦୀ ଗହନ ( ବା ଭୟାନକ ) ଗମ୍ଭୀର; ଏହା ବେଗେ ପ୍ରବାହିତ ହେଉଅଛି । ପ୍ରକୃତ ଦୋଷରୁ ଗମ୍ଭୀର ଓ ଗମ୍ଭୀର ହୋଇଛି । ମଝିରେ ଥଳ ନାହିଁ; କୂଳକୂଳ ପଙ୍କିଳ । ଏହା ଉତ୍ତୀର୍ଣ୍ଣ ହେବା କଷ୍ଟକର । ଏହି ଭୟଙ୍କର ପାରାବାର, ଦେବବତ ଭବନଦୀ ଉତ୍ତୀର୍ଣ୍ଣ ହେବାପାଇଁ ଧର୍ମହେତୁ ଆବଶ୍ୟକ । ଏହା କିପରି ନିର୍ମିତ ହେବ ? ମୋକ୍ଷ ତରୁକୁ ଫାଳକରି ପଟା (କାୟ-ବାକ୍ୟ-ଚିତ୍ତ ରୂପକ ପଟା) ଯୋଡ଼; ଜ୍ଞାନ ରୂପ ମଦସଦ୍ୱାରା ଲଗାଅ । ଅଦ୍ୱୟ ଜ୍ଞାନ ହିଁ କୁଠାର (ଟାଙ୍ଗିଆ) । ଏହାଦ୍ୱାରା ମୋକ୍ଷ-ତରୁ ଛିଣା ହେଲେ ନିର୍ବାଣ ଲାଭ ହେବ । ଚାଟିଲ ଏହି ଭାବରେ ଭବନଦୀ ଉତ୍ତୀର୍ଣ୍ଣ ପନ୍ଥା ବୁଝାଇଛନ୍ତି । (ଚ: ପ: ୫)

ଚିତ୍ତ ଅବିଦ୍ୟାମୋହିତ ଅବସ୍ଥାରେ ଥିଲେ ନିର୍ବାଣ ସମ୍ଭବ ନୁହେଁ । ଗୁରୁଙ୍କ ପ୍ରସାଦରୁ ଏହି ଅବିଦ୍ୟା ଦୂର ହୋଇ ଚିତ୍ତ ନିର୍ମଳ ହୁଏ । ଚିତ୍ତ ନିର୍ମଳ ହେଲେ ନିର୍ବାଣ ଲାଭ ହୁଏ । କାହ୍ନୁପାଦ ଏହି କଥା ଏକ ଚର୍ଯ୍ୟାପଦରେ ବୁଝାଇଛନ୍ତି । (ଚ: ପ: ୭)

କରୁଣା ନୌକାରେ ସୁବର୍ଣ୍ଣ ଭର୍ତ୍ତି ହୋଇଛି, ରୂପା ଥୋଇବା ପାଇଁ ସେଥିରେ ସ୍ଥାନ ନାହିଁ । ତଦ୍ରୂପ ନୌକାଟି କରୁଣାଦ୍ୱାରା ଗଠିତ । ଏଥିରେ ସୁବର୍ଣ୍ଣ ବା ସର୍ବଶୂନ୍ୟତା ପରିପୂର୍ଣ୍ଣ ହୋଇ ରହିଛି । ରୂପ-ବେଦନାଦି ପଞ୍ଚସ୍କନ୍ଧ-ଦ୍ୱାରା ଗଠିତ ବସ୍ତୁଜଗତର ସ୍ଥାନ ଏହି ନୌକାରେ ନାହିଁ । ଏହି ନୌକାକୁ ନିର୍ବାଣ ଲକ୍ଷ୍ୟରେ ଚଳାଅ । ଏହାଦ୍ୱାରା ଭ୍ରମର ପୁନର୍ଜନ୍ମ ଆଉ ଫେରି ଆସିବ ନାହିଁ । ଅର୍ଥାତ୍ ତୁମେ ଅମରତ୍ୱ ଲାଭ କରିବ । କମ୍ବଳାମ୍ବରପାଦ ଏକଚର୍ଯ୍ୟା ଗୀତରେ (ସୋଣେ ଭରିତୀ କରୁଣା ନାବୀ) ଏହି ତତ୍ତ୍ୱଟି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ଏ ନୌକାକୁ କିପରି ଚଳାଇବ ? ପ୍ରଥମେ ଆଶ୍ରୟ ଦୋଷରୂପ ଖୁଣ୍ଟିଗୁଡ଼ିକୁ ଉପାଡ଼ି ଦେଇ କାଛୁ (ପାଲ) ମେଲିଦିଅ । ସଦ୍‌ଗୁରୁଙ୍କୁ ପୁଛି ନୌକା ଚଳାଅ । ଚନ୍ଦ୍ରସୂର୍ଯ୍ୟକୁ ଛାଡ଼ି ମଝି ଧର (ବା ମାର୍ଗ ଧର) ଏହା ହିଁ ପରମାନନ୍ଦ ବା ନିର୍ବାଣ ପଥ ।

ଏହିପରି ବହୁ ଚର୍ଯ୍ୟାଗୀତରେ ଦାର୍ଶନିକ ମତବାଦ ପ୍ରତିପାଦିତ ହୋଇଛି ।

## ଚର୍ଯ୍ୟାପଦରେ ଯୋଗ—

"ଦୁଲି ଦୁହି ପିଟା ଧରଣ ନ ଯାଇ, ରୁଖେର ତେନ୍ତଲି କୁମ୍ଭୀରେ ଖାଅ ।" କୁକ୍କୁରୀପାଦ ଏହି ପଦାଂଶଟିରେ କହୁଛନ୍ତି, ଦୁଲୀ (ସ୍ତ୍ରୀ-କୂର୍ମ ବା କଚ୍ଛପୀ)କୁ ଦୁହିଁ ଖିର ପିଟା (ପୀଠ)ରେ ରଖି ହେବ ନାହିଁ । ଅର୍ଥାତ୍ ଏହା ଅସମ୍ଭବ ( ଆକାଶକୁସୁମବତ୍ ଅସମ୍ଭବ ) କଥା । ଦେହରୂପୀ ବୃକ୍ଷର ଫଳ ତେନ୍ତୁଳି ପକ୍ୱ ହଉ । ଏହାକୁ କୁମ୍ଭୀର ( କୁମ୍ଭକ ) ଖାଏ । ଅର୍ଥାତ୍ ଯେଉଁମାନେ ଅଜ୍ଞାନୀ ( ବାଲଯୋଗିନ୍ ପରି ) ସେମାନେ ମହାସୁଖବାସ ଉଷ୍ଣୀଷକମଳ (ସର୍ବଶୂନ୍ୟାଳୟ) ଦୋହନ କରି ବଜ୍ରମଣିରୂପ ପୀଠରେ ଧାରଣ କରିବା ଅସମ୍ଭବ । ଦ୍ୱୈତଭାବ ଦୂର ନ ହେଲେ ଦୁଲୀ ଦୋହନ କରି, ଅର୍ଥାତ୍ ବୋଧିଚିତ୍ତକୁ ନିର୍ବାଣ ପଥେ ଚାଳିତ କରି, ସହଜାନନ୍ଦ ଉପଭୋଗ କରିପାରିବ ନାହିଁ । ଦେହରୂପୀ ବୃକ୍ଷର ଶିଖରରେ ଉଷ୍ଣୀଷକମଳ ରହିଛି । ଏଥିରେ ମହାସୁଖର ଅଗଣା ରହିଛି । ଶୁଣ ଅବଧୂତୀ, ତୁମେ ମୋତେ ସେହି ସ୍ଥାନକୁ ନେଇଯାଅ । ସେଠାରେ ରେଚକ, ପୂରକ ବର୍ଜିତ କୁମ୍ଭକଦ୍ୱାରା ( ସ୍ଥିରଭାବରେ ବାୟୁ ବା ଶ୍ୱାସ ଧାରଣ କରି ଅର୍ଥାତ୍ ସମାଧି ଲାଭ କରି) ସହଜାନନ୍ଦ ଉପଭୋଗ କରିପାରିବ । "ନାଡ଼ି ଶକ୍ତି ଦିଢ଼ ଧରିଅ ଖଟେ, ଅନାହା ଡମରୁ ବାଜଇ ବୀର ନାଦେ ।" ଏହି ଗୀତଟିରେ କୃଷ୍ଣାଚାର୍ଯ୍ୟ ( କାହ୍ନୁପାଦ ) କହୁଛନ୍ତି, ଶୂନ୍ୟ ଉପରେ ଦୃଢ଼ଭାବରେ ନାଡ଼ି ଶକ୍ତିକୁ ଧରି ଅନାହା ( ଅନାହତ ) ଡମ୍ବରୁ ବୀର ନାଦରେ ବାଜୁଛି । ଏହି ଅବସ୍ଥାରେ ଦେହରୂପ ନୌକାକୁ ସମ୍ପୂର୍ଣ୍ଣରୂପେ ଅଧିକାର କଲେ ମହାସୁଖ ଲାଭ ହୁଏ । ଶରୀରର ଦ୍ୱାବିଂଶ ନାଡ଼ି ମଧ୍ୟରେ ପରମାନନ୍ଦରୂପ ଅବଧୂତିକା ନାଡ଼ି ହିଁ ପ୍ରଧାନ । ଅବଧୂତିକୁ ମହାସୁଖବାସ ( ସର୍ବଶୂନ୍ୟାଳୟ ) ଉଷ୍ଣୀଷକମଳରେ ଦୃଢ଼ରେ ଧାରଣ କରିବାକୁ ହେବ । ଏହାଦ୍ୱାରା ସହଜରେ ମହାସୁଖ ପ୍ରାପ୍ତି ହୁଏ ।

ସାଧନାଦ୍ୱାରା ମନକୁ ବାସନାଶୂନ୍ୟ କରି ମୁକ୍ତ ଅବସ୍ଥା ଲାଭ କଲେ ସହଜାନନ୍ଦ ଲାଭ ହୁଏ । ଚିତ୍ତଚେତନା ବିକଳ୍ପାଦି ଲୋପ ହେଲେ ଅହଂପର ଜ୍ଞାନ ଲୋପ ହେବ ଏବଂ ଫଳରେ ବନ୍ଧନମୁକ୍ତ ହୋଇ ଉଲଗ୍ନ ଅବସ୍ଥାରେ ସାଧକ ବିଚରଣ କରିପାରିବ । ସାଧନା ବିନା ପ୍ରକୃତ ତତ୍ତ୍ୱଚେତନା ହେବା ସମ୍ଭବ ନୁହେଁ । ଜଗତ ସ୍ୱପ୍ନ ତୁଲ୍ୟ ପ୍ରତିଭାତ ହେଲେ ଏହି ସାଧନା ସାର୍ଥକ ହେବ । ଚିତ୍ତବୃତ୍ତି

ନବେଦ୍ୟଦ୍ୱାର ଏକା ଗନ୍ତବ୍ୟ । ଏହାର ସାରମର୍ମ କାହ୍ନୁପା 'ଶୁଣ ବାହ ତଥତା ପହାରି' ଗୀତରେ ବ୍ୟକ୍ତ କରିଥିବା ଜଣାଯାଏ ।

## ଚର୍ଯ୍ୟାପଦରେ ତନ୍ତ୍ର ମତବାଦ—

ଚର୍ଯ୍ୟାଗୀତଗୁଡ଼ିକରେ ଅନ୍ୟାନ୍ୟ ତତ୍ତ୍ୱ ଭିତରେ ତନ୍ତ୍ର ମଧ୍ୟ ସ୍ଥାନ ପାଇଛି । ବିରୁଆପାଦ ତାଙ୍କର "ଏକ ସେ ଶୁଣ୍ଡିନି ଦୁଇ ଘରେ ସାନ୍ଧଅ । ଚୀଅଣ ବା କଲଅ ବାରୁଣୀ ବାନ୍ଧଅ ।" ଗୀତରେ କହିଛନ୍ତି, ଶୁଣ୍ଡିନୀ ବା ଅବଧୂତିକା (ଚଣ୍ଡାଲୀ, ଡୋମ୍ବୀ, ଶବରୀ) ଏକ । ସେ ଦୁଇଟି ଘର ବା ଭିତରେ ଦୁଇଟି ଲଳନା ନାଡ଼ି (ବାମ ନାସାପୁଟ ଚନ୍ଦ୍ରନାଡ଼ି) ଓ ରସନା ନାଡ଼ି (ଦକ୍ଷିଣ ନାସାପୁଟ ସୂର୍ଯ୍ୟ) ପ୍ରବେଶ କରାଏ । (ଏହି ସୋମ୍ଭୁ ଶୁଣ୍ଡିନୀ ବା ଅବଧୂତିକା 'ଘଣ୍ଟି' ରୂପରେ ପରିଚିତ) । ଅବଦ୍ୟା ବଳ ଭିତରୁ ବୋଧି କଳ୍ପନା ଛାଡ଼ିଦେବା (ଅର୍ଥାତ୍ ଅବଦ୍ୟା ବୋଧାଙ୍କ ବନ୍ଧନ କରି) ବାରୁଣୀ ମଦଦ୍ୱାରା ସୁଖ ଅନୁଭୂତି ସୋମ୍ଭୁ ସହଜାନନ୍ଦରେ ସ୍ଥିର କରି ବୋଧିଚିତ୍ତକୁ ବନ୍ଧନ କରି । ପଞ୍ଚସ୍କନ୍ଧ ଦୃଢ଼ କରି ଅଜର ଅମର ହୁଅ । ଦଶମ ଦ୍ୱାରରେ (ଦେହକୁ ନବମ-ଦ୍ୱାର ବୋଲି ପ୍ରାଚୀନ ହିନ୍ଦୁ ଶାସ୍ତ୍ରରେ କୁହାଯାଇଛି—"ନବଦ୍ୱାରେ ପୁରେ ଦେହୀ ହଂସ ଲୀଳାୟତେ ବହିଃ ।" ବୌଦ୍ଧ ମତରେ ଦେହର ଦଶ ଦ୍ୱାର । ଦଶମ ଦ୍ୱାରଟି ବୈରୋଚନ ଦ୍ୱାର) ପ୍ରମୋଦ ବା ସହଜାନନ୍ଦର ଚିହ୍ନ ବା ସଙ୍କେତ ଦେଖି ଗ୍ରାହକ (ଲଳନା ନାଡ଼ି-ଚନ୍ଦ୍ର ପ୍ରଶ୍ୱାସରେ ବା ଗ୍ରାହକ ସ୍ୱରରେ) ସେହି ପଥରେ ବାହି ଚାଲେ । ଚଉଷଠି ଘଡ଼ିରେ ଥିବା ବାରୁଣୀ ମଦରାଜିକୁ ଗ୍ରାହକ ପାନ କରନ୍ତି । ଏହାର ଅନୁସରଣ ନାହିଁ । ଅବଧୂତୀ ଘଟି । ତା'ର ନାଳ ସରୁ । ତଥି ସ୍ଥିର କରି ଚାଳ ।

ମତାନ୍ତରରେ—'ବାକଳ'କୁ 'ବାଳକ' ବୋଲି ଧରି ଅନ୍ୟ ରୂପ ଅର୍ଥ— ସେହି ବାଳଯୋଗି, ସହଜାନନ୍ଦରେ ସୁପ୍ରତିଷ୍ଠିତ ହୋଇ ବାରୁଣୀରୂପ ବୋଧି-ଚିତ୍ତକୁ ବନ୍ଧନ କର । ଅଜରାମରତ୍ୱ ପ୍ରାପ୍ତ ହେବ । ଦଶମଦ୍ୱାରେ ଅର୍ଥାତ୍ ନିର୍ବାଣ ପଥରେ ମହାସୁଖର ଚିହ୍ନ ଦେଖି ଗ୍ରାହକରୂପରେ ଯୁଗନଦ୍ଧ ବୋଧିଚିତ୍ତ ନିଜେ ଉପସ୍ଥିତ ହେଲେ । ଚଉଷଠିଘରେ ମହାସୁଖର ଉପକରଣ ପଡ଼ିଥିବା ଦେଖି

ତାଙ୍କୁ ଉପଦେଶ କଲେ । ଚିତ୍ତକୁ ସ୍ଥିର କରି ରଖିବା ପାଇଁ ବହୁବା ଉପଦେଶ ଦେଇଛନ୍ତି ।

ଏହିପରି ଗୁଣ୍ଡରୀପାଦଙ୍କ "ତିଅଡ୍ଡା ଚାପୀ ଜୋଇଣି ଦେ ଅଙ୍କବାଲୀ, କମଲକୁଳିଶ ଘାଣ୍ଟି କରହୁଁ ବିଆଲୀ ।" ଗୀତରେ ତନ୍ତ୍ରର ରହସ୍ୟ ମଧ୍ୟ ବର୍ଣ୍ଣିତ ଅଛି । ଭୁସୁକୁପାଦ "ଅଧରାତି ଭର କମଲ ବିକସଉ, ବତିସ ଜୋଇଣୀ ତସୁ ଅଙ୍ଗ ଉହ୍ଲସିଉ ।" ଗୀତରେ ଏହି ତନ୍ତ୍ରତତ୍ତ୍ୱ ହିଁ ବ୍ୟକ୍ତ କରିଛନ୍ତି । ଏହି ସାଧନାଦ୍ୱାରା ପ୍ରକୃତ (ଉପାୟ) ଓ ବିକୃତ (ପ୍ରଜ୍ଞା)ର ମିଳନରେ ସହଜାନନ୍ଦ ମହାସୁଖ ଲାଭ ହୁଏ । ଏହାହିଁ ଏଥିର ପ୍ରତିପାଦିତ ବିଷୟ ।

**ସହଜ ମତ**—ଚର୍ଯ୍ୟାଗୀତିମାନଙ୍କରେ ସହଜ ମତ ସମ୍ବନ୍ଧରେ ବହୁ ସ୍ଥାନରେ ଉଲ୍ଲେଖ ଥିବା ଦେଖାଯାଏ । କେତୋଟି ଏଠାରେ ଉଦ୍ଧାର କରାଗଲା ।

(୧) ସହଜେ ଥିର କରି ବାରୁଣୀ ସାନ୍ଧ । ଜେଁ ଅଜରାମର ହୋଇ ଦିଢ଼ କାନ୍ଧ । (ବିରୁବପାଦ) । ମଃ ବଙ୍ଗ । ଚ. ପ. ୨ ।

(୨) କାହ୍ନୁ ବିଲସଅ ଆସବମାତା । ସହଜ ନଲିନୀ ବନ ପଇସି ନିବିତା । (କାହ୍ନୁପାଦ) । ଚ. ପ. ୯ ।

(୩) ଡୋମ୍ବୀଏର ସଙ୍ଗେ ଜୋ ଜୋଇ ରତ୍ତୋ, ଖଣହ ଣ ଛାଡ଼ଅ ସହଜ ଉନ୍ମତ୍ତୋ । (କାହ୍ନୁ) । ଚ. ପ. ୧୯ ।

(୪) ଉମତ ଶବରୋ ପାଗଲ ଶବରୋ ମା କର ଗୁଲୀ ଗୁହାଡ଼ା ତୋହୋରି ଣିଅ ଘରିଣୀ ଣାମେ ସହଜ ସୁନ୍ଦରୀ । (ଶବରପାଦ) । ଚ. ପ. ୨୮ ।

(୫) ଜଇସ୍ମି ଗଅଣ ମାଝେଁ ଅଦଭୁଅଁ, ପେଖଇ ଭୁସୁକୁ ସହଜ ସରୂଅ । (ଭୁସୁକୁପାଦ) । ଚ. ପ. ୩୦ ।

(୬) ଅନୁଭବ ସହଜ ମା ଭୋଲରେ ଜୋଇ, ଚୌକୋଟି ବିମୁକା ଜଇସୋ ତଇସୋ ହୋଇ । (ତାଡ଼କାପାଦ) । ଚ. ପ. ୩୭ ।

(୭) ଅଦଭୂଅ ଭବମୋହାରେ ଦିସଇ ପର ଅପ୍ପଣା ।
ଏ ଜଗଜଲ ବିମ୍ବାକାରେ ସହଜେ ସୁଣ ଅପଣା ।
(ସରହପାଦ) । ଚ. ପ. ୩୯ ।

(୮) ତଥ ସଦ୍ଗୁରେ ଶୁଣ ସପୁନ୍ନା, କାହି କସ୍ୟୋଏଁ ନା ହୋଇ ବାପନ୍ନା ।
(କାହ୍ନୁ) । ଚ: ପ: ୪୨ ।

(୯) ସହଜ ମହାତରୁ ଫରିଅ ଏ ତେଲୋଏ, ଶୂନସନ୍ତବେ ତରୁ ଧାଣ
ମୁକା କୋଏ । (ଭୁସୁକ) । ଚ: ପ: ୪୩ ।

## ଚର୍ଯ୍ୟାପଦ ଆଲୋଚନା

ସରହପା ଓ ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନଙ୍କର ଲେଖାରେ ବହୁ ଓଡ଼ିଆ ଶବ୍ଦ ଥିବାର ଜଣାଯାଏ । ଅବଶ୍ୟ ସେତେବେଳେ ଶବ୍ଦ ଅଳ୍ପ ପରିବର୍ତ୍ତିତ ଆକାରରେ ରହିଛି । ସମୟାନୁକ୍ରମେ ଶବ୍ଦର ରୂପ ପରିବର୍ତ୍ତିତ ହେଉଥିବାର ପ୍ରମାଣ ମଧ୍ୟ ମିଳେ । ଓଡ଼ିଆ ଶବ୍ଦମାନଙ୍କର ମଧ୍ୟ ଏହିପରି ହୋଇଛି ଏବଂ ଏହା ମୂଳତଃ କୌଣସି ନିର୍ଦ୍ଦିଷ୍ଟ ନିୟମାନୁସାରେ ହୋଇଥିବା ଜଣାଯାଏ । ଭାଷାତତ୍ତ୍ୱ ବିତ୍ର ହୋଇଥିବା ଛନ୍ଦମାନଙ୍କରେ ଏହି ସବୁ ନିୟମକୁ ପୂର୍ଣ୍ଣ ଆକାରରେ ନିର୍ଦ୍ଦିଷ୍ଟ କରିବାର ଦେଖାଯାଇଅଛି । ସରହପାଙ୍କ ଦୋହା କୋଷ ଓ 'ଚର୍ଯ୍ୟା' ପଦାବଳୀର ଭାଷାର ଶୈଳୀ ଓ ଶବ୍ଦସମ୍ଭାରର ବହୁ ଅଂଶ ବର୍ତ୍ତମାନ ଦୁଆ ଓଡ଼ିଆ ଭାଷାର ପ୍ରାଣ ହୋଇଅଛି ।

ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ଚର୍ଯ୍ୟାପଦ ଏ ପର୍ଯ୍ୟନ୍ତ ମିଳନାହିଁ । ତିବ୍ବତ ଓ ନେପାଳରେ ପ୍ରାପ୍ତ ପଚାଶଟି ଚର୍ଯ୍ୟାପଦ ମିଳିଥିବା ଦେଖାଯାଏ । ଏଗୁଡ଼ିକ ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ କେତେକ ପ୍ରାଦେଶିକ ଭାଷାରେ ପ୍ରକାଶିତ ହେଲଣି । ଓଡ଼ିଆରେ ଏ ପର୍ଯ୍ୟନ୍ତ ଏଗୁଡ଼ିକ ପ୍ରକାଶ ପାଇ ନ ଥିବାରୁ ବଙ୍ଗଳା ଓ ହିନ୍ଦୀରେ ପ୍ରକାଶିତ ହୋଇଥିବା ସଂସ୍କରଣମାନଙ୍କରୁ ଉଦ୍ଧୃତାଂଶ-ଗୁଡ଼ିକ ଦିଆଯାଇଛି । ସରହପାଙ୍କ ଦୋହାଗୁଡ଼ିକ ସଂଗ୍ରହ କରି ଶ୍ରୀ ରାହୁଲ ସାଂକୃତ୍ୟାୟନ ଟୀକାଟିପ୍ପଣୀ ସହ ପ୍ରକାଶ କରିଛନ୍ତି । ମୂଳଭାଷାରେ ଲିଖିତ ଦୋହା ଭିତରୁ କେତେଗୁଡ଼ିଏ ମିଳୁ ନ ଥିବାରୁ ଭୋଟ ଭାଷାରେ ଅନୁବାଦିତ ହୋଇଥିବା ଅନୁବାଦ ଲେଖାରୁ ହିନ୍ଦୀରେ ଅନୁବାଦ କରି ସାଂକୃତ୍ୟାୟନ ପ୍ରକାଶ କରିଛନ୍ତି । ତାଙ୍କର ଏ ସଂଗ୍ରହ ଗ୍ରନ୍ଥଟି ବହୁ ଉପାଦେୟ ହୋଇଥିବାରୁ ଉଦ୍ଧୃତାଂଶ ଏଥିରୁ ଉଦ୍ଧୃତ ହୋଇଛି । ସରହପାଙ୍କ ଶୈଳୀ, ପଦଯୋଜନା ଓ ଭାବ ତାଙ୍କ ଲେଖାକୁ ଅମର କରିଛି ।

ଉଞ୍ଚ ଉଞ୍ଚ ପାବତ ତହିଁ ବସଇ ଶବରୀ ବାଲୀ ।
ମୋରଙ୍ଗୀ ପିଚ୍ଛି ପରହିଣ ଶବରୀ ଗୀବତ ଗୁଞ୍ଜରୀ ମାଲୀ ।
ଉମତ ଶବରୋ ପାଗଲ ଶବରୋ ମା କର ଗୁଲୀ ଗୁହାଡ଼ୀ ।
ତୋହୋରି ଣିଅ ଘରିଣୀ ସହଜ ସୁନ୍ଦରୀ । ଧ୍ରୁ ।
ଣାଣା ତରୁବର ମୌଲିଲରେ ଗଅଣତ ଲାଗେଲି ଡାଲୀ ।
ଏକେଲୀ ଶବରୀ ଏ ବଣ ହିଣ୍ଡଇ କର୍ଣ୍ଣକୁଣ୍ଡଳ ବଜ୍ରଧାରୀ ।
ତିଅ ଧାଉ ଖାଟ ପଡ଼ିଲା ଶବରେ ମହାସୁହେ ସେଜି ଛାଇଲୀ ।
ଶବରୋ ଭୁଜଙ୍ଗ ଣଇରାମଣି ଦାରୀ ପେହ୍ମ ରାତି ପୋହାଇଲୀ ।
ହିଅ ତାମ୍ବୋଲା ମହାସୁହେ କାପୁର ଖାଇ ।
ସୁନ ଣିରାମଣି କଣ୍ଠେ ଲଇଆ ମହାସୁହେ ରାତି ପୋହାଇ ।
ଗୁରୁବାକ ପୁଞ୍ଛଆ ବିନ୍ଧ ଣିଅ ମଣେ ବାଣେଂ ।
ଏକେ ଶରସନ୍ଧାନେଂ ବିନ୍ଧହ ବିନ୍ଧହ ପରମ ଣିବାଣେଂ ।
ଉମତ ଶବରୋ ଗରୁଆ ରୋଷେ ।
ଗିରିବର ସିହର ସନ୍ଧି ପଇସନ୍ତେ ଶବରୋ ଲୋଡ଼ିବ କଇସେ ।

ଉଞ୍ଚ ଉଞ୍ଚ ପର୍ବତ ଉପରେ ଶଅରି (ଶବରୀ) ବାଳିକା ବସିଛି । ଏହାର ମୁଣ୍ଡରେ ମୟୂର ପକ୍ଷୀ ଓ ବେକ (ଗ୍ରୀବା)ରେ ଗୁଞ୍ଜା (କାଇଁଚ) ମାଳ । ଏହାର ପ୍ରିୟ ଶବର ପ୍ରେମରେ ଉନ୍ମତ୍ତ ପାଗଳ । ହେ ଶବର, ତୁ ଗୋଳମାଳ ( ଗୁଞ୍ଜ-ଗୁହାଡ଼ି ) କର ନାହିଁ । ତୋର ଆପଣା ଘରଣୀ ସହଜ ସୁନ୍ଦରୀ ଅଛି । ନାନା ତରୁବର ମୌଳିଲ୍ଲ ( ଫୁଲିଲ ବା ବଢ଼ିଲ ), ଏହାର ଡାଳ ଗଗନକୁ ଲାଗି ରହିଛି । କର୍ଣ୍ଣରେ କୁଣ୍ଡଳ-ବଜ୍ର ଧାରିଣୀ ଏକାକିନୀ ଶବରୀ ଏହି ବନରେ ହେଣ୍ଡି ମାରୁଛି । ତେବେ ଶବର ଧାଇଁଯାଇ ଖଟ ଉପରେ ପଡ଼ିଲା । ମହାସୁଖ ଶଯ୍ୟା ବିଛାଇଲା । ଶବର ଭୁଜଙ୍ଗ ( ବା ବିଟ, ନାଗରମଣି ) ନୈରାତ୍ମ୍ୟ (ବା ଶୂନ୍ୟତା) ଦାରୀ (ବେଶ୍ୟା) ପେଖି ରାତି ପୁହାଇଲା । ହୃଦୟ (ରୂପୀ) ତାମ୍ବୁଲକୁ ମହାସୁଖ (ରୂପୀ) କର୍ପୂର (ମିଶାଇ) ଖାଇଲା । ଶୂନ୍ୟ ନୀରାତ୍ମମଣିକୁ କଣ୍ଠରେ ଲଇ (ଧରି) ମହାସୁଖରେ ରାତି ପୁହାଇଲା । ଗୁରୁ ବାକ୍ ( ବାକ୍ୟ ) ପୁଚ୍ଛା କର ( ବା ଗୁରୁବାକ୍ୟକୁ ଧନୁ କରି ବିନ୍ଧ ନିଜ ମନ-ବାଣ ) । ଏକର

ଶୂନ୍ୟସ୍ଥାନରେ ବସି, ଭଜି ପରମ ନିର୍ବାଣକୁ । ଉନ୍ମତ୍ତ ଶବର ଗୁରୁତର ଭାବରେ ମଜ୍ଜିଛି । ଗିରିବର ଶିଖର ସନ୍ଧି ଭିତରେ ପ୍ରବେଶ କରିଛି । ଦେଖି ଶବରକୁ କିପରି ଲୋଡ଼ିବ (ଖୋଜିବ) ?

ଏଥିରେ ଥିବା ଏହିସବୁ ଶବ୍ଦ ଓଡ଼ିଆ ଭାଷାରେ ଚଳୁଛି :—

ଉଞ୍ଚ, ବସଇ, ନାରୀ, ତୋହୋର ( ତୋହର ), ଘରିଣୀ ( ଘରଣୀ ), ଲଗିବା, ଏକେଲି, ଶୁଣ୍ଡି, ସେଜ, ଛାଇବା ( ଛାଉଇବା, ଆଚ୍ଛାଦିବା ), ଦାଣ୍ଡ, ଘର, ଯୋଡ଼ାଇଲି (ଯୋଡ଼ାଇବା), କୁଆ, ଖାଇ, ସୁନ (ଶୂନ୍ୟ), ନାଇ, ପଶିଛି, ବସି । ତେଣୁ ଏ କବିତାଟି ପାଠ କଲେ ଅଧିକାଂଶ ଖାଣ୍ଟି ଓଡ଼ିଆ ଭଳି ବୋଧ ହେବ ।

ସାନ୍ଧ୍ୟ (ସନ୍ଧ୍ୟା, ସନ୍ଧି) ଭାଷା ଉପରେ ଧ୍ୟାନ ନ ଦେଇ କବିତା ସ୍ୱରୂପ ଗ୍ରହଣ କଲେ ଲେଖାଟି ଅତି ମନୋରମ ହୋଇଥିବା ଜଣାଯିବ । ସତେକି ପ୍ରାକୃତିକ ଶୋଭା, ଶବର ଶବରୀଙ୍କ ଜୀବନ ବିହାର ଅତି ସୁନ୍ଦର ପଦରେ ବର୍ଣ୍ଣିତ ହୋଇଛି । ପ୍ରେମ ଉନ୍ମତ୍ତ ଶବର ଭୁଜଙ୍ଗ ବା ସାଧକ । ଶବରୀ ନୈରାତ୍ମ୍ୟ ଦେବୀ । ଏହି ସାଧକ ନୈରାତ୍ମ୍ୟରୂପୀ ଦେବୀଙ୍କ ସହିତ ରତି (ବା ସମଙ୍କିତ ଭାବ, ଯୌନ୍ୟଭାବ, ଲୀନଭାବ) ସୂତ୍ରରେ କାଳାତିପାତ କରୁଛି । ବୌଦ୍ଧ ମତରେ ସବୁ କ୍ଷଣିକ । ସଂସାରର ଯାବତୀୟ ପଦାର୍ଥ ଓ ସଂସାରରେ ନିତ୍ୟ ପଦାର୍ଥ ବା ବ୍ରହ୍ମ ବା ଆତ୍ମା ନାହିଁ । ଏସବୁ ଅନିତ୍ୟ ବା ଆତ୍ମାରହିତ ବା ନୈରାତ୍ମ୍ୟ ବା ଶୂନ୍ୟ । ଏହି ନୈରାତ୍ମ୍ୟ ବା ଶୂନ୍ୟ ହିଁ ରମଣୀ ଶବରୀ । ପ୍ରେମ ଉନ୍ମତ୍ତ ଶବର ବା ସାଧକ ଶୂନ୍ୟତତ୍ତ୍ୱ ସହିତ ମିଶିଯିବା ପାଇଁ ବା ସାକ୍ଷାତ କରିବା ପାଇଁ ସାଧନା କରୁଛି । ଶବର ଭୁଜଙ୍ଗ ଓ ଶବରୀ ଦାରା ଅର୍ଥାତ୍ ସାଧକ ଓ ସାଧନାର ମିଳନରେ ହିଁ ମହାସୁଖ । ଯୋଗୀ ଧ୍ୟାନମଗ୍ନ ହୋଇ ଏହି ମହାସୁଖକୁ ପାଉଛି ।

## ସିଦ୍ଧାଚାର୍ଯ୍ୟ ପରିଚୟ : ସରହପାଦ

ସିଦ୍ଧମାନଙ୍କ ଭିତରେ ସରହଙ୍କ ବହୁ ଦୋହା ଓ ଚର୍ଯ୍ୟାଗୀତ ଦେଖାଯାଏ । ବୌଦ୍ଧ ସିଦ୍ଧମାନଙ୍କର କୃତିଗୁଡ଼ିକର ବିଷୟବସ୍ତୁ, ଭାଷା ଓ କବିତ୍ୱ ସମ୍ବନ୍ଧରେ ଆଲୋଚନାର ପଥ ସୁଗମ କରିବା ପାଇଁ ସରହଙ୍କ ସମ୍ବନ୍ଧରେ ବିଶେଷ ଭାବରେ

ଆଲୋଚନା କରିଛନ୍ତି । ଓଡ଼ିଆ ଭାଷାର ଅସ୍ତିତ୍ୱ ଏଥିରୁ ପ୍ରମାଣିତ ହେଉଥିବାରୁ ଏହି ଆଲୋଚନାର ଗୁରୁତ୍ୱ ରହିଛି ।

ସରହପାଦ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଜୀବିତ ଥିବାର ପ୍ରମାଣ ମିଳେ । ପରମଗୁରୁ ଶାନ୍ତ-ରକ୍ଷିତ ସରହପାଦଙ୍କୁ ତିବ୍ବତରେ ଭେଟିଥିଲେ । ଶାନ୍ତରକ୍ଷିତ ତିବ୍ବତର ସମ୍ରାଟ ସ୍ରୋଙ୍ଗ୍ ଦେବେତନ୍ଙ୍କ ରାଜତ୍ୱ କାଳରେ ଅର୍ଥାତ୍ ଖ୍ରୀଷ୍ଟୀୟ ୭୫୫-୭୮୦ ଭିତରେ ସେଠାର ସର୍ବପ୍ରଥମ ମଠାଶ୍ରମ "ସମ୍ ୟେ"ରେ ଶରୀର ତ୍ୟାଗ କରିଥିଲେ ।

ସରହପାଦଙ୍କ ଶହେ ବର୍ଷ ପୂର୍ବରୁ ସମ୍ରାଟ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ମହାଯାନ ବୌଦ୍ଧ ମତର ଆଦର ବେଶି ଥିଲା । ନିଜେ ସମ୍ରାଟ ହର୍ଷ ଏହାର ସମର୍ଥକ ଥିଲେ ଏବଂ ଏହାର ବିଶେଷ ପ୍ରଚାର ନିମନ୍ତେ ଆଗ୍ରହୀ ଥିଲେ । ଭାରତର ବିଭିନ୍ନ ସ୍ଥାନରେ ସେ ସ୍ୱ ସାମ୍ରାଜ୍ୟ ଭିତରେ ବୌଦ୍ଧଧର୍ମ ଶିକ୍ଷାକେନ୍ଦ୍ର ସ୍ଥାପନ କରିଥିଲେ । ମଗଧ ଏ ଦିଗରେ ଅଗ୍ରଣୀ ଥିଲା । ବୌଦ୍ଧଭିକ୍ଷୁ ଓ ପଣ୍ଡିତମାନେ ବୌଦ୍ଧ ବିଦ୍ୟାପୀଠମାନଙ୍କରେ ଉଚ୍ଚଶିକ୍ଷା ଲାଭକରି ବିଦେଶକୁ ଯାଇ ବୌଦ୍ଧଧର୍ମର ପ୍ରଚାର କରିଥିଲେ । ଓଡ଼ିଶାରେ ହର୍ଷବର୍ଦ୍ଧନଙ୍କ ସମୟରେ ମହାଯାନ ଅନ୍ତର୍ଗତ ବଜ୍ରଯାନର ବହୁଳ ପ୍ରଚାର ଥିଲା । ହର୍ଷବର୍ଦ୍ଧନ ମହାଯାନ-ପନ୍ଥାକୁ ସର୍ବୋଚ୍ଚ ଗୌରବ ଦାନ କରିଥିବାରୁ ବଜ୍ରଯାନପନ୍ଥୀମାନେ ସ୍ୱ ମତରେ ଚାଲିବା ପାଇଁ ଉପଯୁକ୍ତ କ୍ଷେତ୍ର ଓ ଉତ୍ସାହ ପାଇଲେ । ତିବ୍ବତ ଓ ନେପାଳରେ ଏହାର ଆଦର ଦେଖାଯାଉଥିବାରୁ ଓଡ଼ିଶାରୁ ବଜ୍ରଯାନୀ ବହୁ ବୌଦ୍ଧ ସନ୍ନ୍ୟାସୀ ଏହି ସବୁ ଦେଶକୁ ଚାଲିଯାଇଥିଲେ ଏବଂ ସେଠାରେ ବହୁ ସମ୍ମାନ ଲାଭ କରିଥିଲେ । ହର୍ଷଙ୍କ ମୃତ୍ୟୁ ପରେ ତାଙ୍କ ବିଶାଳ ସାମ୍ରାଜ୍ୟ ଭାଙ୍ଗିପଡ଼ିଲା । ପଶ୍ଚିମରେ ରାଷ୍ଟ୍ରକୂଟ ଓ ପ୍ରତିହାର ରାଜବଂଶମାନଙ୍କର ଶାସନ ଓ ପୂର୍ବରେ ପାଳ ବଂଶର ଶାସନ ଭିତରେ ହର୍ଷଙ୍କ ସାମ୍ରାଜ୍ୟର ଅଧିକାଂଶ ମିଶିଯାଇଥିଲା । ଏଠାର ଶାସକମାନେ ବୌଦ୍ଧଧର୍ମବିଦ୍ୱେଷୀ ନ ଥିଲେ; କିନ୍ତୁ ଏହି ଧର୍ମର ପ୍ରଚାର ଦିଗରେ ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ । ହର୍ଷଙ୍କ ପୂର୍ବରୁ ଯେପରି ବ୍ରାହ୍ମଣ୍ୟ ଧର୍ମର ପ୍ରଚଳନ ଥିଲା ହର୍ଷଙ୍କ ପରେ ତାହା ସେହିପରି ରହିଲା । ଓଡ଼ିଶାରେ ବଜ୍ରଯାନ ଉତ୍ପତ୍ତି ଲାଭକରି ପ୍ରସାର ଲାଭ କରିଥିଲା । ଏହା

ମନ୍ତ୍ରଯାନ ବା ସହଜଯାନ ନାମରେ ମଧ୍ୟ ପରିଚିତ ଥିଲା । ବିଭିନ୍ନ ସ୍ଥାନରେ ବୌଦ୍ଧଭିକ୍ଷୁମାନଙ୍କ ପାଇଁ ଆଶ୍ରମ ଥିଲା । କେତେକ ଏମାନଙ୍କୁ ବୈଦିକ ଧର୍ମର ସନ୍ନ୍ୟାସୀମାନଙ୍କ ପରି ମାନ୍ୟ କରୁଥିଲେ । ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ବଜ୍ରଯାନର ବିଶେଷ ପ୍ରଭାବ ଥିଲା । ସମୁଦ୍ରକୂଳ ଓ ଅଣପାର୍ବତ୍ୟ ଅଞ୍ଚଳରେ ଏହାର ଆଦର ମଧ୍ୟ ଥିଲା । ଏହା ସତ୍ତ୍ୱେ ରାଜନ୍ୟ ସମର୍ଥନ ଅଭାବରୁ ଏହାର ତେଣୁ କ୍ରମେ ସଙ୍କୁଚିତ ହୋଇଗଲା । ଏହି ସଙ୍କଟ ଅବସ୍ଥା ସମୟରେ ଓଡ଼ିଶାରୁ ବହୁ ବୌଦ୍ଧ ସନ୍ନ୍ୟାସୀ ବିଦେଶକୁ ବାହାରିଯାଇଥିବା ମଧ୍ୟ ସମ୍ଭବ । ସରହପାଦ ଓ ଅନ୍ୟାନ୍ୟ ଓଡ଼ିଶୀ ବୌଦ୍ଧ ତାନ୍ତ୍ରିକମାନେ ବିଦେଶକୁ ଯାଇ ସୁଦୂରସ୍ଥ ବଙ୍ଗରେ ବୌଦ୍ଧମଣ୍ଡଳୀରେ ଅତି ଉଚ୍ଚ ଆସନ ଲାଭ କରିଥିଲେ ।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ପୂର୍ବାର୍ଦ୍ଧରେ ସହଜଯାନ ପନ୍ଥୀ ସରହପାଦ ସ୍ୱମତର ପ୍ରଚାର ପାଇଁ ଲୋକସାଧାରଣଙ୍କର ଭାଷାର ସାହାଯ୍ୟ ନେଇ ବହୁ ଦୋହା ଓ ଗାନ ରଚନା କରିଥିଲେ । ତାଙ୍କର ଭାଷା ସରଳ ଥିଲେ ମଧ୍ୟ ଲେଖାରେ ଗୂଢ଼ାର୍ଥ ଦେଖାଯାଏ । ସେ ସଂସ୍କୃତ ଭାଷାରେ ଅସାଧାରଣ ପଣ୍ଡିତ ଥିଲେ ମଧ୍ୟ ଜନଭାଷା ପ୍ରାକୃତକୁ ହିଁ ସ୍ୱରଚନା ପାଇଁ ଗ୍ରହଣ କରିଥିଲେ । ତାଙ୍କଦ୍ୱାରା ପ୍ରୟୋଗ ହୋଇଥିବା ଏ ଭାଷା ସେ ସମୟରେ ସିଦ୍ଧସାଧକମାନଙ୍କ ଭିତରେ ଅବୋଧ ନ ଥିଲା । କାରଣ ସରହଙ୍କ ପରି ବହୁ ବୌଦ୍ଧ ସାଧକ ଏହିପରି ଗୂଢ଼ାର୍ଥପୂର୍ଣ୍ଣ ପାଦ୍ୟରୂପରେ କବିତା ରଚନା କରିଥିଲେ ।

ଏହି ସମୟରେ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଭାରତବର୍ଷର ସବୁ ଅଞ୍ଚଳରେ ଦୃଢ଼ ପ୍ରଭାବ ବିସ୍ତାର କରିଥିଲା । ଶୈବଧର୍ମର ପ୍ରଭାବ ମଧ୍ୟ ଯଥେଷ୍ଟ ଥିଲା । ବୌଦ୍ଧ ମାଧ୍ୟମିକ ପନ୍ଥା ବା ଶୂନ୍ୟବାଦ ସହିତ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ମତବାଦର ସାମ୍ୟ ଥିବାରୁ ମାଧ୍ୟମିକ ପନ୍ଥା କ୍ରମେ ଅଦ୍ୱୈତବାଦ ଭିତରେ ଲୀନ ହୋଇଯିବାର ଉପକ୍ରମ ଏହି ସମୟରୁ ଆରମ୍ଭ ହୋଇ ସାରିଥିଲା । ବୌଦ୍ଧ ସାଧକମାନଙ୍କର ଯୋଗପନ୍ଥା ବା ଯୋଗଦର୍ଶନ ମଧ୍ୟ ହିନ୍ଦୁଧର୍ମର ଏହି ପର୍ଯ୍ୟାୟର ଦର୍ଶନଠାରୁ ବିଶେଷ ପୃଥକ୍ ନ ଥିଲା । ଯୋଗବାଶିଷ୍ଠ ରାମାୟଣରେ ଏହି ଯୋଗଧାରଣର ଯେଉଁ ସବୁ ତତ୍ତ୍ୱ ପ୍ରତିପାଦିତ ହୋଇଛି ତାହା ସହିତ ବୌଦ୍ଧ ଯୋଗସାଧନାର କେତେକ ମେଳ ଦେଖାଯାଏ ।

ଜଣେ ଟୀକାକାର ଲେଖିଛନ୍ତି ସେ ସରହପାଦ ପୂର୍ବ ଦେଶର କୌଣସି ଏକ ରାଜ୍ୟର ରାଜ୍ଞୀ ନାମକ ନଗରରେ ଜନ୍ମଗ୍ରହଣ କରିଥିଲେ । ଏହି ରାଜ୍ଞୀ ନଗରୀ ଆଧୁନିକ ରାଣୀପୁର (ଝରିଆଲ) । ଏହା ଓଡ଼ିଶାର ପଶ୍ଚିମାଞ୍ଚଳ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ । ଏହା ଏକ ପ୍ରାଚୀନ ଐତିହାସିକ ସ୍ଥାନ । ଏଠାରେ ଚୌଷଠି ଯୋଗିନୀ ମନ୍ଦିର ପ୍ରାଚୀନ କାଳର ଏକ ପ୍ରଧାନ ଉପପୀଠ । ଏହି ଅଞ୍ଚଳରେ ବହୁ ବୌଦ୍ଧ କୀର୍ତ୍ତି ଦେଖାଯାଏ । ନିକଟସ୍ଥ ବହୁ ପାହାଡ଼ରେ ପ୍ରାଚୀନ ଗୁମ୍ଫା ଗୃହମାନ ଅଛି । ପୂର୍ବେ ଏଠାରେ ବହୁ ବୌଦ୍ଧ ସନ୍ନ୍ୟାସୀ ବାସ କରୁଥିଲେ । ଏହି ଅଞ୍ଚଳରୁ କ୍ରମେ ଦକ୍ଷିଣ ଓ ପୂର୍ବକୁ ବୌଦ୍ଧ ଧର୍ମ ବ୍ୟାପିଥିବା ଅନୁମିତ ହୁଏ । ରାଣୀପୁର ବଜ୍ରଯାନର ଏକ ପ୍ରଧାନ କେନ୍ଦ୍ର ଥିଲା । ପ୍ରାଚୀନ କାଳର ଜାଳନ୍ଧର ବା ଯାଳନ୍ଧର ବା ସମ୍ବର (ଦୋଡ଼ାସମ୍ବର) ଏହି ସ୍ଥାନଠାରୁ ବେଶୀ ଦୂର ନୁହେଁ । କେହି କେହି ସମ୍ବଲପୁରକୁ ପ୍ରାଚୀନ କାଳର ଜାଳନ୍ଧର ବୋଲି କହନ୍ତି । ରାଜା ଇନ୍ଦ୍ରଭୂତି, ପଦ୍ମସମ୍ଭବ ଓ ଲକ୍ଷ୍ମୀଙ୍କର ଏହି ଯାଳନ୍ଧରର ଲୋକ । ବିଖ୍ୟାତ ସିଦ୍ଧାଚାର୍ଯ୍ୟ ଶାନ୍ତିଦେବ ଭୁସୁକୁ ବା ଶାନ୍ତିଦେବ ରାଉତ ଏହି ଜାଳନ୍ଧରରେ ଜନ୍ମଗ୍ରହଣ କରିଥିଲେ ।

ସରହ 'କ-ଖ ଦୋହାରେ' 'ଶ୍ରୀମହାନ୍ ବ୍ରାହ୍ମଣ' ବୋଲି ପରିଚିତ ହୋଇଛନ୍ତି । କବିତାଟିର ଶେଷକୁ "ଇତି କ-ଖ ଦୋହା ମହାଯୋଗେଶ୍ୱର ଶ୍ରୀମହାନ୍ ବ୍ରାହ୍ମଣ ସରହ ମୁଖୋକ୍ତ ସମାପ୍ତ ।" ବୋଲି ଲେଖାଅଛି । ଏହି ଦୋହାଟିର ଅନୁବାଦ କରିଛନ୍ତି "ଦକ୍ଷିଣକୋଶଳ ଦେଶଜନ୍ମା ସୂରୁ ମହାଯୋଗୀ ବୈରୋଚନ ବଜ୍ର ।" ଏଥିରୁ ସରହ ମହାନ୍ ବ୍ରାହ୍ମଣ ବୋଲି ପରିଚୟ ମିଳୁଥିଲେ ମଧ୍ୟ ସେ ବ୍ରାହ୍ମଣ ଜାତିକୁ ଲକ୍ଷ୍ୟ କରି ଲେଖିଥିଲା ପରି ଅନୁମାନ କରି ହେଉ ନାହିଁ । ମହାନ୍ ଜ୍ଞାନ ଓ ତତ୍ତ୍ୱଜ୍ଞ ଭାବରେ ମହାନ୍ ବ୍ରାହ୍ମଣ ଶବ୍ଦ ଏଠାରେ ବ୍ୟବହୃତ ହୋଇଛି । ତେବେ ସେ ପ୍ରଥମେ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିବା ମଧ୍ୟ ସମ୍ଭବ; ପରେ ବୌଦ୍ଧ ହୋଇଥିଲେ । ସେ 'ମହାଶବର ସରହ' ରୂପରେ ମଧ୍ୟ ପରିଚିତ ଥିଲେ । ମହାମୁଦ୍ରା ଉପଦେଶ ଦୋହାର ଶେଷରେ ମହାଶବର ସରହ ବୋଲି ଲେଖା ଅଛି । ସେତେବେଳକୁ ଓଡ଼ିଶାର ବ୍ରାହ୍ମଣ୍ୟ ଧର୍ମର ଯଥେଷ୍ଟ ପ୍ରଭାବ ଥିଲା । ଦେଶ ବିଦେଶରୁ ବହୁ ଧାର୍ମିକ ଓ ଜ୍ଞାନୀ

ବ୍ରାହ୍ମଣମାନଙ୍କୁ ଆଣି ଓଡ଼ିଆ ରାଜାମାନେ ଶାସନମାନ ବସାଇଥିଲେ । ବହୁ ଯାଗଯଜ୍ଞ ହୋଇଥିଲା । କେତେକ କେତେକ ରାଜା ଅଶ୍ୱମେଧ ଯଜ୍ଞ ମଧ୍ୟ କରିଥିଲେ । ବ୍ରାହ୍ମଣ୍ୟ ଧର୍ମ ଓ ବୌଦ୍ଧ ଧର୍ମର ସହାବସ୍ଥାନ ଏହି ସମୟର ଏକ ବିଶେଷତ୍ୱ । ବୈଦିକଧର୍ମୀମାନଙ୍କର ବୌଦ୍ଧ ଧର୍ମ ପ୍ରତି ଅନାଦର ଥିବା ଜଣାଯାଏ ନାହିଁ । ହିନ୍ଦୁ ଦେବଦେବୀ ଓ ବୌଦ୍ଧ ଦେବଦେବୀଙ୍କ ଆରାଧନା ଓ ଧର୍ମାଚରଣରେ ଉଦାର ମନୋଭାବର ପ୍ରମାଣ ମିଳେ । ସିଦ୍ଧାଚାର୍ଯ୍ୟମାନଙ୍କ ଭିତରୁ କେହି 'ଜଗନ୍ନାଥଙ୍କୁ' ପ୍ରଥମେ ବନ୍ଦନା କରି ଗ୍ରନ୍ଥ ରଚନା ଆରମ୍ଭ କରିଥିବା ବିଷୟରୁ ଏହା ସମର୍ଥିତ ହୋଇଥାଏ । ଓଡ଼ିଶାର ପ୍ରସିଦ୍ଧ "ବୌଦ୍ଧରୂପୀ" ଜଗନ୍ନାଥ ହିଁ ଏହି ବନ୍ଦନାର ଜଗନ୍ନାଥ । ଏହା ଏକ ଉଲ୍ଲେଖନୀୟ ପ୍ରସଙ୍ଗ ।

ସରହ ବାଲ୍ୟକାଳରୁ ସଂସ୍କୃତ ଶିକ୍ଷା କରିଥିଲେ । ବୈଦିକ ଧର୍ମଶାସ୍ତ୍ରରେ ପାଣ୍ଡିତ୍ୟ ଲାଭ କରି ସେ ବୌଦ୍ଧ ତନ୍ତ୍ରମାନଙ୍କର ଅନୁଶୀଳନ କରିଥିଲେ । କିନ୍ତୁ ଏହାଙ୍କ ପରିବାର ବୌଦ୍ଧ ଥିବା ଅନୁମିତ ହୁଏ ନାହିଁ । ଯୌବନାବସ୍ଥାରେ ବୌଦ୍ଧ ଧର୍ମର ନବତ୍ୱ ଶୁଶ୍ରୂଷା ଫଳରେ ସେହି ଧର୍ମ ପ୍ରତି ସେ ଆକୃଷ୍ଟ ହୋଇଥିଲେ । ବୌଦ୍ଧଧର୍ମ ଓ ବୌଦ୍ଧ ଧର୍ମଶାସ୍ତ୍ରର ବିସ୍ତୃତ ଚର୍ଚ୍ଚା ପାଇଁ ସେ ମଗଧର ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଯାଇଥିଲେ । ଏଠାରେ ସେ ଦୀକ୍ଷା ନେଇଥିବା ଅନୁମିତ ହୁଏ ।

ତାଙ୍କର ଭିକ୍ଷୁ ନାମ ରାହୁଲଭଦ୍ର ଥିଲା । ସରହପାଦ, ସରହପା, ସରୋଜ ବଜ୍ର, ସରୋରୁହ ନାମରେ ମଧ୍ୟ ସେ ପରିଚିତ ହୋଇଥିଲେ । ସେ ବଜ୍ରଯାନୀ ଥିବାରୁ ତାଙ୍କର ନାମ ସହିତ 'ବଜ୍ର' ଯୋଗ ହୋଇ "ସରୋଜବଜ୍ର" ହୋଇଥିଲା । ଶାନ୍ତରକ୍ଷିତଙ୍କ ଶିଷ୍ୟ ପ୍ରସିଦ୍ଧ ବୌଦ୍ଧ ପଣ୍ଡିତ ଓ ଭିକ୍ଷୁ ହରିଭଦ୍ର ତାଙ୍କର ସମସାମୟିକ ଓ ତାଙ୍କର ଗୁରୁ ଥିଲେ । ହରିଭଦ୍ର ମଗଧରାଜ ପାଳବଂଶୀୟ ଧର୍ମପାଳ (ଖ୍ରୀ ୭୭୦-୮୧୫)ଙ୍କ ସମସାମୟିକ ଥିଲେ । ରାଜା ଧର୍ମପାଳଙ୍କ ରାଜ ଦରବାରରେ ପ୍ରସିଦ୍ଧ ସିଦ୍ଧାଚାର୍ଯ୍ୟ ଲୁଇପାଦ ବା ଲୁଇପା କରଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ଲୁଇପା ସରହଙ୍କ ଶିଷ୍ୟ ଶବରିପାଙ୍କ ଶିଷ୍ୟ । ଲୁଇପା ଶବରିପାଙ୍କ ଉପଦେଶରେ ଭିକ୍ଷୁ ହୋଇଥିଲେ । ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ

ସରହପା ପ୍ରଥମ ହେଲେ ମଧ୍ୟ ସିଦ୍ଧାଚାର୍ଯ୍ୟ ପରମ୍ପରାରେ ଲୁଇପା ପ୍ରଥମ ବୋଲି ଗଣ୍ୟ ହୁଅନ୍ତି ।

ଭିକ୍ଷୁ ରାହୁଲଭଦ୍ର ( ସରହପାଦ ) କିଛି ସମୟ ନାଳନ୍ଦାରେ ଛାତ୍ର ହିସାବରେ ଥିଲେ । ପରେ ସେ ଅଧ୍ୟାପକ ମଧ୍ୟ ହୋଇଥିଲେ । ସେ ସଂସ୍କୃତ ଓ ପ୍ରାକୃତ ଭାଷାରେ ସୁନ୍ଦର କବିତା ଲେଖି ପାରୁଥିଲେ । ଓଡ଼ିଆର 'ଚଉତିଶା'ର ମୂଳ ସରହଙ୍କ ଦୋହାରେ ଦେଖାଯାଏ, "କ-କ୍ଷ ଦୋହା"ରେ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣମାନଙ୍କୁ ପ୍ରଥମରେ ରଖି ଗୋଟିଏ ପଦ ରଚିତ ହୋଇଛି । ଏହାକୁ "କ-କ୍ଷ ଚଉତିଶା" କହିଲେ ମଧ୍ୟ ଚଳେ । ମୂଳ ପଦଗୁଡ଼ିକର ହିନ୍ଦୀ ଭାଷାର ଅନୁବାଦ କେବଳ ମିଳୁଛି । ଏହି ଅନୁବାଦର ଅନୁବାଦରୁ କିଛି ଉଦ୍ଧାର କରାଗଲା—

କ—କା କୁଳଗି ମଧ୍ୟେ ଛିଡ଼...
ଖ—ଖା ଖ-ସମ ବନ୍ଧି ନିର୍ଲିପ୍ତ ଶୂନ୍ୟ...
ଗ—ଗା ଗମନ ଲକ୍ଷ୍ୟ କରି କରି ମୂଳ କରୁ...
ଘ—ଘା ଘନ ଦନ ଶ୍ରୀ ହେତୁକ ମୁଦ୍ରିତ...
ଙ—ଙ୍ଗ ନିଜ ସ୍ୱଭାବ ସ୍ୱଭାବରେ ଶୂନ୍ୟ...
× × ×
ହ—ହା ହେ ସ୍ୱାସ ନାନା ହୃଦୂରି...
କ୍ଷ—କ୍ଷା କ୍ଷରେ ବର୍ଣ୍ଣେ ଗିଷ୍କର...

( ସିଦ୍ଧ ସରହପାଦକୃତ 'ଦୋହା-କୋଷ' ରାହୁଲ ସାଂକୃତ୍ୟାୟନ )

ଓଡ଼ିଆର ଏପରି ରଚନା ଚଉତିଶା ସାହିତ୍ୟରେ ମିଳୁଛି । ଖ୍ରୀଷ୍ଟୀୟ ୭ମ, ୮ମ ଶତାବ୍ଦୀଠାରୁ ଏହି ଧାରା ଓଡ଼ିଶାରେ ପ୍ରଚଳିତ ଥିବା କଥା ଏଥିରୁ ପ୍ରମାଣିତ ହେଉଛି । ବତ୍ସାଦାସଙ୍କ "କ-କ କାଳିନ୍ଦୀ ଗାରେ" ଗୀତଟି ମଧ୍ୟ ଏହି ଶ୍ରେଣୀର । ବତ୍ସାଦାସଙ୍କ ଲେଖାରେ ତାଙ୍କ ସରହପାଙ୍କ କ-ଖ ଦୋହାର ଯେ ଅନୁକରଣ ଏଥିରେ ସନ୍ଦେହ ନାହିଁ ।

କ—କ କାଳିନ୍ଦୀ ଗାରେ ।
ଖ—ଖ ଖେଳନ୍ତି ଧୀରେ।

ଛ—ଛି ଛଉଳ କାନ୍ଦୁ...
ଝ—ଝି ଝୁଣ୍ଡାପିଣ୍ଡା
କ୍ଷ—କ୍ଷି କ୍ଷମା କରଅ। (ପ୍ରବନ୍ଧାବଳୀ—ଡା. ବ୍ରଜସୁନ୍ଦର)

ସେତେବେଳେ ନାଳନ୍ଦା ମହାବିହାର ପ୍ରଧାନ ସାଧନାକେନ୍ଦ୍ର ଥିଲା । ସେଠାରେ ଅବସ୍ଥାନ କାଳରେ ସରହ୍ମା ମହାଯାନୀ ଭିକ୍ଷୁମାନଙ୍କର ଆଚରଣଦ୍ୱାରା ପ୍ରଭାବିତ ହୋଇ ନ ଥିଲେ । ସେ ମହାଯାନୀ ଆଚରଣ ତ୍ୟାଗକରି ସ୍ୱତନ୍ତ୍ର ଭାବରେ ବଜ୍ରଯାନୀ ଜୀବନ ଯାପନ କଲେ । ସେ ନାଳନ୍ଦା ତ୍ୟାଗ କଲେ ଏବଂ ପ୍ରକାଶ୍ୟ ଭାବରେ ତାଙ୍କର ବଜ୍ରଯାନ ଜୀବନର ଉତ୍ତର ସାଧକ ସ୍ୱରୂପ ଗୋଟିଏ ଶର-କାର (ବାଣୁଆ, ଶବର) ବାଳିକାକୁ ନିଜ ପାଖରେ ରଖିଲେ । ସେ ନିଜେ ଶର-କାଣ୍ଡ ନିର୍ମାଣ କରୁଥିଲେ । ସେଥିପାଇଁ ସେ ଶରହ୍ମା ବା ସରହ୍ମା ନାମରେ ପରିଚିତ ହୋଇଥିଲେ । ସେ ଜଣେ ପ୍ରଧାନ ଭକ୍ତ ବା ଯୋଗୀ ଥିବାରୁ ନାମ ସହିତ 'ପାଦ' ଯୁକ୍ତ ହୋଇ "ସରହପାଦ" ବା "ସରହପା" ନାମରେ ଖ୍ୟାତ ହେଲେ । ନିଜେ ସରଳ ଜୀବନଯାପନ କରି ସେ ବଜ୍ରଯାନର ମହତ୍ତ୍ୱ ପ୍ରମାଣିତ କରିବାରୁ ବହୁ ଲୋକ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ଏବଂ କ୍ରମେ ତାଙ୍କର ଅନୁଗାମୀମାନଙ୍କର ସଂଖ୍ୟା ବୃଦ୍ଧି ପାଇଥିଲା । "ମହାମୁଦ୍ରା" ଶର-କାର କନ୍ୟାଙ୍କ ସହିତ ସେ ନାଳନ୍ଦା, ଶ୍ରୀପର୍ବତ ପ୍ରଭୃତି ବହୁ ବୌଦ୍ଧ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ସମୟରେ ସେ ବଜ୍ରଯାନର ବହୁଳ ପ୍ରଚାର କରି ପାରିଥିଲେ ।

ମନ୍ତ୍ରଯାନ ସରହପାଙ୍କ ପୂର୍ବରୁ ବୌଦ୍ଧମାନଙ୍କ ଭିତରେ ସାମାନ୍ୟ ଭାବରେ ପ୍ରଚଳିତ ଥିଲା । ସରହପାଙ୍କଦ୍ୱାରା ନୂତନ ତେଜରେ ବହୁ ଦେଶରେ ଏହା ପ୍ରସାର ଲାଭ କଲା । ଏହି କାରଣରୁ ମନ୍ତ୍ରଯାନ ବା ବଜ୍ରଯାନ ବା ସହଜଯାନର ସିଦ୍ଧାଚାର୍ଯ୍ୟମାନଙ୍କ ଭିତରେ ସରହପା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

ସେ ସଂସ୍କୃତ ଓ ପ୍ରାକୃତ (ବା ଅପଭ୍ରଂଶ)ରେ ସହଜ ତତ୍ତ୍ୱଗୁଡ଼ିକ ବ୍ୟକ୍ତ କରିଛନ୍ତି । ଉଭୟ ଭାଷାରେ ତାଙ୍କର ପାଣ୍ଡିତ୍ୟ ପ୍ରସ୍ଫୁଟିତ ହୋଇଛି । ରଚନାର ପଦାବଳୀ ରମଣୀୟ ହୋଇଥିବାରୁ ଜନମନ ରଞ୍ଜନ କରି ଆକର୍ଷଣ କରିପାରିଥିଲା ।

ଜନସାଧାରଣଙ୍କ ଅବଗତ ପାଇଁ ସେ ପ୍ରାକୃତ ଭାଷା ବା ଅପଭ୍ରଂଶ ଭାଷାର ମାଧ୍ୟମ ଗ୍ରହଣ କରିଥିଲେ । ଅତି ପରିଣତ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ସରହପାଙ୍କ ଗ୍ରନ୍ଥାବଳୀ

ସରହପାଦ ନିମ୍ନଲିଖିତ ଗ୍ରନ୍ଥଗୁଡ଼ିକ ଲେଖିଥିବା ଜଣାଯାଏ ।

ବୁଦ୍ଧ କପାଳତନ୍ତ୍ର ପଞ୍ଜିକା—ଅନୁବାଦକ ଗୟାଧର
ବୁଦ୍ଧ କପାଳସାଧନ—ଅନୁବାଦକ ଗୟାଧର
ବୁଦ୍ଧ କପାଳମଣ୍ଡଳବିଧି—ଅନୁବାଦକ ଗୟାଧର
ତ୍ରୈଲୋକ୍ୟ ବଶଙ୍କର ଲୋକେଶ୍ୱର ସାଧନ—ଅନୁବାଦକ ଅଭୟାଦକର
ତ୍ରୈଲୋକ୍ୟ ବଶଙ୍କରାବଲୋକିତେଶ୍ୱର ସାଧନ—ଅନୁବାଦକ ଅମୋଘବଜ୍ର
ଦୋହା—( ଦୋହାକୋଷ ବା ଦୋହାଗୀତି )

ତାଙ୍କର ଗ୍ରନ୍ଥଗୁଡ଼ିକ ସିଦ୍ଧଚର୍ଯ୍ୟା ଓ ବଜ୍ରଯାନ ଯୋଗର ସାଧକମାନଙ୍କ ପକ୍ଷରେ ଅତି ପ୍ରାମାଣିକ ଗ୍ରନ୍ଥ ବୋଲି ବିବେଚିତ ହୁଏ । ଏହା ବ୍ୟତୀତ ଅନେକ ଗୁଡ଼ିଏ ଚର୍ଯ୍ୟାରେ ତାଙ୍କର ନାମ ନ ଥିଲେ ମଧ୍ୟ ଲେଖାର ଭଙ୍ଗୀରୁ ସେଗୁଡ଼ିକ ସରହପାଦଙ୍କର ବୋଲି ଅନୁମିତ ହୁଏ ।

ସରହଙ୍କ ଦୋହାଗୁଡ଼ିକୁ ଭୋଟ ଭାଷାରେ ବଜ୍ରପାଣି, ବୈରୋଚନ, ରକ୍ଷିତ, କୃଷ୍ଣପଣ୍ଡିତ, ଶାନ୍ତି-ଭଦ୍ର, କମଳଶୀଳ, ଅମୋଘବଜ୍ର, ଗୟାଧର, ଅଭୟାକର, ରତ୍ନାକର ପ୍ରଭୃତି ସିଦ୍ଧ ପଣ୍ଡିତମାନେ ଅନୁବାଦ କରିଥିଲେ ।

ସରହଙ୍କ ପୂର୍ବରୁ ସଂସ୍କୃତ ଓ ପ୍ରାକୃତ ମିଶ୍ର ଭାଷାରେ ବହୁ ଖ୍ୟାତନାମା କବି ନିଜର କୃତି ଯୋଗୁଁ ଅମର ହୋଇ ରହିଥିଲେ । ଅଶ୍ୱଘୋଷ, କାଳିଦାସ, ଭାସ, ବାଣ ପ୍ରଭୃତି କବିମାନେ ଅମୃତ ପଦାବଳୀରେ ଅମର-ଛନ୍ଦ ସୃଷ୍ଟି କରିଯାଇଥିଲେ । ଭାମହ, ଦଣ୍ଡୀ ପ୍ରଭୃତି ଗଦ୍ୟରେ ମଧ୍ୟ ଉଚ୍ଚ-କୋଟିର ରଚନା ଲେଖିଯାଇଥିଲେ । ସରହ ସଂସ୍କୃତରେ ଅଦ୍ୱିତୀୟ ବିଦ୍ୱାନ୍ ଥିଲେ । ତାଙ୍କର ପ୍ରତିଭା ମଧ୍ୟ ଥିଲା । ସେ ଇଚ୍ଛା କରିଥିଲେ କେବଳ ସଂସ୍କୃତରେ ଗ୍ରନ୍ଥ, କାବ୍ୟ, କବିତା ଲେଖି ଥାଆନ୍ତେ । କିନ୍ତୁ ଜନସାଧାରଣଙ୍କ

ପାରି କେବଳ ସଂସ୍କୃତରେ ଲେଖିଥିଲେ ସମସ୍ତଙ୍କର ବୋଧଗମ୍ୟ ହେବ ନାହିଁ ବୋଲି ଜାଣି ସେ ପ୍ରାକୃତରେ ବହୁ ସୁନ୍ଦର କବିତା ଲେଖିଥିଲେ । ସେଗୁଡ଼ିକର ମୂଳ ବର୍ତ୍ତମାନ ମିଳୁ ନ ଥିବାରୁ ପଦାବଳୀର ସୌଷ୍ଠବ ମାଧୁର୍ଯ୍ୟ ଉପଭୋଗ କରି ହେଉ ନାହିଁ । ତେବେ ଅନୁବାଦର ମର୍ମରୁ କିଞ୍ଚିତ ଆଭାସ ମିଳୁଛି—

ଜଳଧର ସମୁଦ୍ରରୁ ପାଣି ନେଇ ଭୂମିକୁ ପ୍ଲାବିତ କରେ । ସଜ୍ଜନଙ୍କ ଅନନ୍ତ ଶୁଭ୍ର ଆକାଶ ସମାନ। ବୃଦ୍ଧିପାଏ ନା ହ୍ରାସ ହୁଏ ।

ପଙ୍କ ମଧ୍ୟରେ ସ୍ପର୍ଶ ନ କରେ ପଣ୍ଡିତ ସେଥିରେ ସ୍ପର୍ଶ କରେ । ଜଣେ ଆକାଶ (ଶୂନ୍ୟ)ର ଅମୃତ ପାନ କରେ, ଅନ୍ୟ ଜଣେ ଶୁଦ୍ଧ ବିଷୟରେ ପ୍ରେମୀ ହୁଏ ।

ଯେପରି ସମୁଦ୍ରର କ୍ଷାରଜଳ ଜଳଧରର ମୁଖକୁ ଯାଇ ମଧୁର ହୋଇଯାଏ, ସେହିପରି ସ୍ଥିରଚିତ୍ତ ପରମାର୍ଥ କରେ; ବଚନଯୁକ୍ତ ମନ୍ତ୍ର ଅମୃତ ହୋଇଯାଏ । (ଭର୍ତ୍ତୃହରି)

ଅକାର୍ଯ୍ୟରେ ଦୁଃଖ ନାହିଁ । ସନ୍ଧିରେ ସ୍ୱଦନା (ସଚ୍ଚିଦାନନ୍ଦ) ଅଛି ସେ କେବଳ ପୂର୍ଣ୍ଣ; ଯେପରି ବଜ୍ର ଶବ୍ଦ କଳ୍ପରେ ଶସ୍ୟ ପକ୍ୱ ହୋଇଯାଏ । ଉପମାଗୁଡ଼ିକ ଅତି ସୁନ୍ଦର ହୋଇଛି ।

ସରହପାଙ୍କ ସଂସ୍କୃତ ରଚନାରେ ଭାବପୂର୍ଣ୍ଣ ପଦାବଳୀର କେତୋଟି ଦୃଷ୍ଟାନ୍ତ ଦିଆଗଲା—

୧ । "ଯା ଯା ସଂସାର-ଚକ୍ର ବିରଚୟତି ମନଃ
ସନ୍ନିଯୋଗାତ୍ମହେତୋଃ
ତା ଧୀମତ୍ପ୍ରସାଦାତ୍ ଭଜତି ନିଜତ୍ୱଂ ସ୍ୱାମିନୋ ନସ୍ତ୍ୟପଞ୍ଚ ।
ତସ୍ୟ ପ୍ରତ୍ୟାତ୍ମବେଦ୍ୟଂ ସମୁଦ୍ଭବତି ସୁଖଂ କଳ୍ପନାଜାଳମୁକ୍ତଂ
କୁର୍ଯ୍ୟାଦସ୍ୟାଂଘ୍ରିଯୁଗ୍ମଂ ଶିରସି ସଜନସ୍ୟ
ସଦ୍‌ଗୁରୋଃ ସର୍ବକାଲମ୍ ।"

୨ । ଚିନ୍ତାଚିନ୍ତାପ୍ରବର୍ତ୍ତକୋ ଦଶଧୂରବୈରୀଧ
ନ ଦିଶ୍ୟତେ ଶୁଦ୍ଧିଭିଃ ।
ଗଗନବ୍ୟାପୀ ସଜଳଃ କଲ୍ପତରୁଙ୍କ କଥଂ ଲଭତେ ॥

୩ । ଯେନୈବ ବିଷଖଣ୍ଡେନ ମ୍ରିୟନ୍ତେ ସର୍ବଜନ୍ତବଃ ।
ତେନୈବ ବିଷ-ତତ୍ତ୍ୱଜ୍ଞୋ ବିଷେଣ ସ୍ଫୁଟୟେଦ୍ ବିଷଂ ।।

(ବୌଦ୍ଧଗାନ ଓ ଦୋହା)

## ସରହପାଦଙ୍କ କେତେକ ଅଭିମତ

ଧର୍ମ :—ସରହ ନିଜ ଦୋହାମାନଙ୍କ ଭିତରେ ବିଭିନ୍ନ ମତବାଦ ସମ୍ବନ୍ଧରେ ତାଙ୍କର ଅଭିମତ ବ୍ୟକ୍ତ କରିଛନ୍ତି ଏବଂ ଏ ସମସ୍ତ ମତବାଦକୁ ଖଣ୍ଡନ କରି ବୌଦ୍ଧ ସହଜଯାନ ବା ବଜ୍ରଯାନକୁ ସମର୍ଥନ କରିଛନ୍ତି । ସେ କେବଳ ଉପଦେଶ ଦେଇ କ୍ଷାନ୍ତ ହୋଇନାହାନ୍ତି, ନିଜେ ସେ ପଥର ପଥିକ ମଧ୍ୟ ହୋଇଛନ୍ତି । ସରହ ବଜ୍ରଯାନ ପରମ୍ପରାରେ ଜନ୍ମଗ୍ରହଣ କରିଥିବା ଏବଂ ଓଡ୍ର ରାଜା ପ୍ରସିଦ୍ଧ ବଜ୍ରଯାନୀ ଇନ୍ଦ୍ରଭୂତି ତାଙ୍କର ଶିଷ୍ୟ ଥିବା ହିଁ ଅନୁମିତ ହୁଏ । କାରଣ ସରହଙ୍କୁ ତିବ୍ବତରେ ପଦ୍ମସମ୍ଭବ ବା ରାହୁଲଭଦ୍ରରୂପେ ମାନ୍ୟ କରନ୍ତି । ପଦ୍ମସମ୍ଭବ, ସରୋରୁହ, ସରହ, ସରହା ପ୍ରଭୃତି ଏହି ମହାତ୍ମାଙ୍କର ବିଭିନ୍ନ ନାମ ମାତ୍ର । ରାଜା ଇନ୍ଦ୍ରଭୂତି ଜାହୋର (ବା ସାହୋର, ସମ୍ବଲ, ସମ୍ଭଲ) ବା ଆଧୁନିକ ସମ୍ବଳ (ବୁଢ଼ା ବା ବୃଦ୍ଧ ସମ୍ବଳ)ର ରାଜା । ବର୍ତ୍ତମାନ ମଧ୍ୟ ଓଡ଼ିଶାର ବହୁ ପ୍ରାଚୀନ ସ୍ଥାନରେ ବଜ୍ରକାଙ୍କ ବୁଦ୍ଧ ମୂର୍ତ୍ତିକୁ ବୁଢ଼ା, ବୁଢ଼ୀ, ବୁଢ଼ୀ-ଠାକୁରାଣୀ ନାମରେ ଲୋକମାନେ ପୂଜା କରୁଥିବାର ଦେଖାଯାଏ । ଇନ୍ଦ୍ରଭୂତିଙ୍କ ସମୟରେ ଛତିଶଗଡ଼ର ବିଶ୍ୱପୁରଠାରୁ ଆରମ୍ଭ କରି ମୂର୍ଦ୍ଧକୋଟି ପର୍ବତ ପର୍ଯ୍ୟନ୍ତ ସମସ୍ତ କଳିଙ୍ଗ ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ତନ୍ତ୍ରର ପ୍ରଭାବ ବଳବତ୍ତର ଥିଲା । ବୌଦ୍ଧ-ତନ୍ତ୍ରର ପ୍ରସାର ହିଁ ଏହାର ଏକ ପ୍ରଧାନ କାରଣ । ରାଜା ଇନ୍ଦ୍ରଭୂତି, ତାଙ୍କ ପୁତ୍ର ପଦ୍ମସମ୍ଭବ ଓ ଦୁହିତା ଲକ୍ଷ୍ମୀଙ୍କରା, ଏ ତିନିହେଁ ବଜ୍ରଯାନର ପ୍ରଧାନ ସାଧକ ଓ ପ୍ରଚାରକ ଥିଲେ । ସରହ ହିଁ ବଜ୍ରଯାନୀଙ୍କ ଭିତରେ ସର୍ବୋତ୍କୃଷ୍ଟ ସମ୍ମାନ ଲାଭ କରିଥିଲେ ।

ବିଭିନ୍ନ ମତବାଦର ମତ, ସାଧନପନ୍ଥା, ସାଧକ ଓ ଲକ୍ଷ୍ୟ ସମ୍ବନ୍ଧରେ ସେ ଏହିପରି ଭାବରେ ନିଜର ମନୋଭାବ ବ୍ୟକ୍ତ କରିଛନ୍ତି—

## ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ—

ଦୋହାକୋଷର ପ୍ରଥମ ଚାରୋଟି ଦୋହାରେ (ଡ଼: ପ୍ରାଂକୁଟ୍ୟା-ସ୍ୱାମୀଙ୍କ "ଦୋହାକୋଷ" ପୃ ୨-୪) ସେ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଏପରି ଲେଖିଛନ୍ତି—

ବମ୍ହଣେହି ମ ଜାଣନ୍ତହି ଭେଉ
ଏବଇଁ ପଢ଼ିଅଉ ଏ ଚଉବେଉ ।
ମଟ୍ଟି (ପାଣି) କୁଶ ଲଇ ପଢ଼ନ୍ତଂ
ଘରହିଁ ବଇସି ଅଗ୍ଗି ହୁଣନ୍ତଂ ।
କଜ୍ଜେ ବିରହିଅ ହୁଅବହ ହୋମେଂ
ଅକ୍ଖି ଉହାବିଅ କଡ୍ଡୁଏଁ ଧୂମେଂ ।
ଏକଦଣ୍ଡୀ ତିଦଣ୍ଡୀ ଭଅବଁ (।) ବେସେଂ
ବିଣୁଆ ହୋଇଅଇ ହଂସ ଉଏସେଂ ।
ମିଚ୍ଛେହିଂ ଜଗ ବାହିଅ ଭୁଲ୍ଲେଂ
ଧମ୍ମାଧମ୍ମ ଣ ଜାଣିଅ ତୁଲ୍ଲେଂ । ୧, ୨, ୩ ପଦ ।

ବ୍ରାହ୍ମଣ ଭେଦ ନ ଜାଣନ୍ତି । ଏ ଚାରି ବେଦ ପଢ଼ନ୍ତି । ମଟ୍ଟି, ପାଣି, କୁଶ ନେଇ ପଢ଼ନ୍ତି । ଘରେ ବସି ଅଗ୍ନି ଜାଳି ହୋମ କରନ୍ତି । ଏ ହୋମରେ କାର୍ଯ୍ୟ ସିଦ୍ଧି ହୁଏ ନାହିଁ । କଡ଼ା ଧୂଆଁରେ ଆଖି କେବଳ ଜଳାଏ । ଏକଦଣ୍ଡୀ, ତ୍ରିଦଣ୍ଡୀମାନେ ଭଗବାଂ ବେଶରେ ଜ୍ଞାନୀ ହୋଇ "ହଂସ" ବୋଲି ପଣ୍ଡିତଙ୍କୁ ଦେଇ ଉପଦେଶ ଦିଅନ୍ତି । ଏମାନେ ସମ୍ୟକ୍ ଧର୍ମାଧର୍ମ ଜାଣନ୍ତି ନାହିଁ ।

## ପାଶୁପତମାନଙ୍କ ସମ୍ବନ୍ଧରେ—

ଅଇରଏହିଂ ଉଦ୍ଧୂଳିଅ ଛାରେଂ
ସୀସସୁ ବାହିଅ ଏ ଜଡ଼ଭାରେଂ ।
ଘରହି ବଇସୀ ଦୀବା ଜାଲୀ
କୋଣହିଂ ବଇସୀ ଘଣ୍ଟା ଚାଲୀ ।

ଅକ୍ଷ ଶିବେଣୀ ଅଗ୍ଗଣ ବନ୍ଧୀ
କଣ୍ଣେହିଂ ଖୁସୁଖୁସାଇ ଜଣ ଧନ୍ଧୀ
ରଣ୍ଡୀମୁଣ୍ଡୀ ଅଣ୍ଣ ବେସେଂ ଦିକ୍‌ଖିଜ୍ଜଇ ଦକ୍ଷିଣା ଉଦ୍ଦେସେ । ୪-୫ ।

ପାଶୁପତ ବା ଶୈବ ସାଧୁ ଜଟା ଛାଡ଼ନ୍ତି (ବଢ଼ାନ୍ତି) । ଏ ଜଟାଗ୍ରର ବନ୍ଧନ କରି ଦୀପ (?) କରନ୍ତି, ଘରେ ବସି ଦୀପ ଜାଳନ୍ତି, କୋଣରେ ବସି ଘଣ୍ଟା ଚାଳନ୍ତି (ବା ବଜାନ୍ତି) । ଆଖି ଜବେଶି ଆସନ ବାନ୍ଧନ୍ତି, ମୂଢ଼ମାନଙ୍କ କାନରେ ଖୁସୁଖୁସ କରନ୍ତି (ମନ୍ତ୍ର ଦିଅନ୍ତି), ମଣ୍ଡିତ ଓ ଅନ୍ୟ ବେଶରେ ଦକ୍ଷିଣା ଉଦ୍ଦେଶ୍ୟରେ ଦେଖା ଯାଆନ୍ତି ।

## ଜୈନମାନଙ୍କ ସମ୍ବନ୍ଧରେ—

ଦୀହଣଖ ଜଇ ମଲିଣେଂ ବେସେଂ
ଣଗ୍ଗଲ ହୋଇ ଉପାଡ଼ିଅ କେସେଂ ।
ଖବଣେହିଂ ଜାଣ ବିଡ଼ମ୍ବିଅ ବେସେଂ
ଅପ୍‌ପଣ ବାହିଅ ମୋକ୍‌ଖ ଉବେସେଂ ।
ଜଇଣ ଗଗାହଅ ହୋଇ ମୁତ୍ତି
ତା ସୁଣହ ସିଆଲହ

ଲୋମୁପାଡ଼ଣେଂ ଅଡ୍ଥି ସିଦ୍ଧି ତା ଜୁବଇ ଣିଅମ୍ବହ ।
ପିଚ୍ଛି ଗହଣେ ଦିଟ୍ଠି ମୋକ୍‌ଖ (ତା ମୋରହ ଚମରହ)
ଉଞ୍ଛେ ବେଏ ଣେଂ ହୋଇ ଜାଣ ତା କରିହ ତୁରଙ୍ଗହ
ସରହ ଭଣଇ ଖବଣାଣ ମୋକ୍‌ଖ ମହୁ କିମ୍ପି ଣ ଭାବଇ ।

ଦୀର୍ଘନଖୀ ଯତ୍ନ ମଳିନ ବେଶ । ଲଙ୍ଗଳା ହୋଇ କେଶ ଉପାଡ଼ନ୍ତି । ଜ୍ଞାନ ବିଡ଼ମ୍ବିତ କ୍ଷପଣକ ବେଶରେ ଆତ୍ମା ଓ ବାହ୍ୟର ମୋକ୍ଷ ଉଦ୍ଦେଶ୍ୟରେ ଏପରି କରନ୍ତି । ଯଦି ନଗ୍ନ ପଣରେ ମୁକ୍ତି ହୁଏ ତେବେ ଶ୍ୱାନ (କୁକୁର) ଓ ଶିଆଳ ମଧ୍ୟ ମୁକ୍ତ । ଯଦି ଲୋମ ଉପାଡ଼ିଲେ ସିଦ୍ଧି ହୁଏ, ମୟୂର ପକ୍ଷୀ ଗ୍ରହଣ କଲେ ଯଦି ମୋକ୍ଷ ହୁଏ ତେବେ ମୟୂର ଓ ଚମରୀ ମଧ୍ୟ ମୁକ୍ତ । ଯଦି 'ଉଂଛ' ଖାଇବାଦ୍ୱାରା ଜ୍ଞାନ ହୁଏ, ତେବେ ହସ୍ତୀ ଓ ତୁରଙ୍ଗ ମଧ୍ୟ ଜ୍ଞାନୀ ।

## ବୌଦ୍ଧମାନଙ୍କ ସମ୍ବନ୍ଧରେ—

ବୌଦ୍ଧମାନଙ୍କ ସମ୍ବନ୍ଧରେ ମଧ୍ୟ ସେ ସମାଲୋଚନା କରିଛନ୍ତି । ସହଜ-ଯାନର କେତେକ ଦୃଷ୍ଟି ତତ୍ତ୍ୱ ସମ୍ବନ୍ଧରେ ସେ ଏପରି କହୁଛନ୍ତି—

କରୁଣା ସହିତ ଶୂନ୍ୟ:—କରୁଣାଯୁକ୍ତ ଶୂନ୍ୟ ହିଁ ଉତ୍ତମ ମାର୍ଗପ୍ରାପ୍ତିର ଏକମାତ୍ର ଉପାୟ । କରୁଣାରହିତ ହୋଇ ଶୂନ୍ୟରେ ଚିତ୍ତ ନିବେଶ କଲେ ମଧ୍ୟ ଉତ୍ତମ ମାର୍ଗ ପାଇବ ନାହିଁ ।

କରୁଣାରହିଅ ଜୋ ସୁଣ୍ଣହିଂ ଲଗ୍ଗା
ଣାହି ସୋ ପାବଇ ଉତ୍ତିମ ମାଗ୍ଗା ।
ଅହବା କରୁଣା କେବଲ ଭାବଅ
ସୋ ଜଂମନ୍ତରେ ମୋକ୍ଖ ପାବଅ ।
ଜଇ ପୁଣ ବେଣ୍ଣବି ଜୋଡ଼ଣ ସାକ୍ଖ
ଣାହି ଭବ ଣାଉ ଣିବ୍ବାଣ ଅଚ୍ଛଇ ।

ଅର୍ଥାତ୍—କରୁଣା ରହିତ ଯେ ଶୂନ୍ୟରେ ଲଗ୍
ନ ମିଳିବ ତାକୁ ଉତ୍ତମ ମାର୍ଗ ।

କେବଳ କରୁଣା ହେଲେ, ନ କେବଳ ସାଧନା ହେଲେ, ଜନ୍ମାନ୍ତରରେ ମଧ୍ୟ ମୋକ୍ଷ ପାଇବ ନାହିଁ । ଯଦି ଏ ଦୁଇଟି (କରୁଣା ଓ ସାଧନା) ଯୋଡ଼ି ନ ପାରିବ ତେବେ ଭବନା ରହିବ ନାହିଁ କି ନିର୍ବାଣ ରହିବ ନାହିଁ (ଅର୍ଥାତ୍ ପାଇବ ନାହିଁ) ।

ଚିତ୍ତ (ମନ) ଶୁଦ୍ଧି—ଚିତ୍ତର ନିର୍ମଳତା ଉପରେ ସରହପା ବେଶୀ ଜୋର ଦେଇଅଛନ୍ତି ।

ଘରହି ମ ଅଚ୍ଛୁ ମ ଜାହୁବଣେ, ଜହି ତହି ମଣ ପରିଆଣ
ସଅଲୁ ଣିରନ୍ତର ବୋହି ଠିଅ, କହିଂ ଭବ କହିଂ ଣିବ୍ବାଣ ।
ଣାହି ଘରେ ଣାହି ବଣେ ବୋହି ଠିଉ ଏହୁ ପରିଆଣହୁ ଭେଉ
ଣିମ୍ମଲ ଚିତ୍ତ ସହାବତା କରହୁ ଅବିକଲ ସେବୁ । (ଦୋହାକୋଷ)

ଘରେ ନ ରହ, ବଣକୁ ନ ଯାଅ, ସକଳ ସ୍ଥାନରେ ନିରନ୍ତର ବୋଧି (ପରମ ଜ୍ଞାନ) ରହିଛି । ତେବେ ପୁଣ କାହିଁ ଭବ, କାହିଁ ନିର୍ବାଣ । ବୋଧି

ପରେ ନାହିଁ କି ବନ୍ଧରେ ନାହିଁ, ଏହି ଭେଦକୁ ଉତ୍ତମ ରୂପେ ବୁଝ । ନିର୍ମଳ-ଚିତ୍ତ ହେବା ମୁଖ୍ୟ କଥା । ଏହାକୁ ନିରନ୍ତର ସେବନ କର ।

ଦେହ ଇନ୍ଦ୍ରିୟ ସମ୍ପଦର ପକ୍ଷପାତୀ ହେଲେ ମଧ୍ୟ ଏହାକୁ ଚରମ ସୀମା ପର୍ଯ୍ୟନ୍ତ ନେବାର ପକ୍ଷପାତୀ ନୁହନ୍ତି ।

ବିସଅସତ୍ତି ମ ବନ୍ଧ କରୁ, ଅରେ ବଢ଼ ସରହେଁ ବୁତ୍ତ
ମୀଣ ପଅଙ୍ଗମ କରି ଭମର, ପେକ୍ଖହୁ ହରିଣହ ଜୁତ୍ତ ।
(ଦୋ-କୋଷପାଠ ୭୨)

ବିଷୟାସକ୍ତ ବନ୍ଧନରେ ପଡ଼ ନାହିଁ । ଅରେ ମୂଢ଼ ! ମୀନ, ପତଙ୍ଗ, କରୀ (ହସ୍ତୀ), ଭ୍ରମର, ହରିଣ ଏମାନେ ବିଷୟାସକ୍ତ ହୋଇଁ ନଷ୍ଟ ଯାଆନ୍ତି ।

## ସହଜ ଜୀବନ ଭୋଗ, ବିଷୟାସକ୍ତି—

ସହଜାନନ୍ଦ ପ୍ରାପ୍ତି ହିଁ ପରମ କାମ୍ୟ । ଭୋଗ ଓ ବିଷୟାସକ୍ତ ବନ୍ଧନର କାରଣ ହେଲେ ମଧ୍ୟ ଏକାବେଳକେ ତ୍ୟାଜ୍ୟ ନୁହେଁ । ସହଜ ଜୀବନର ଉତ୍କର୍ଷ ପ୍ରତିପାଦନ ଉଦ୍ଦେଶ୍ୟରେ ସରହ କହୁଛନ୍ତି—

ଜନ୍ତ ଜଗ ପୂରଅ ସହଜାଣନ୍ଦେ
ଣାଚନ୍ତୁ ଗାଅନ୍ତୁ ବିଲସନ୍ତୁ ଚଙ୍ଗେ । ଦୋହାକୋଷ ।

ଜଗତ ସହଜାନନ୍ଦରେ ତୃପ୍ତ ହୋଇ ଥିବାକୁ ନାଚ, ଗାଅ, ବିଳାସ କର । କିନ୍ତୁ ଭୋଗ ଓ ବିଷୟାସକ୍ତିରେ ବୁଡ଼ି ନ ଯିବାକୁ ମଧ୍ୟ ସେ ଉପଦେଶ ଦେଉଛନ୍ତି ।

ବିସଅ ରମନ୍ତ ଣ ବିସଅହିଁ ଲିପ୍ପଇ
ଉଅଅ ହରନ୍ତ ଣ ପାଣୀ ଛୁପ୍ପଇ । ଦୋହାକୋଷ ।

ବିଷୟରେ ରମଣ ବା ଆସକ୍ତ କରି ମଧ୍ୟ ବିଷୟରେ ଲିପ୍ତ ନ ହୁଅ । କୂଅରୁ ପାଣି କାଢ଼ୁଥିଲେ ମଧ୍ୟ ପାଣି ନ ଛୁଅଁ ।

## ଯୋଗ ସମ୍ବନ୍ଧରେ—

ଯୋଗ ସମ୍ବନ୍ଧରେ ସରହ କହୁଛନ୍ତି ଯେ ଯୋଗରେ ମଧ୍ୟ ଭ୍ରମ ରହିଛି । ଲୋକେ ଯୋଗରେ ମୋହିତ ହୋଇଛନ୍ତି । ଅଜ୍ଞାନଙ୍କ ଯୋଗ ନିଷ୍ଫଳ ଏବଂ ଏହାକୁ ସେ କାଷ୍ଠଯୋଗ ନାମରେ ଅଭିହିତ କରିଛନ୍ତି ।

ଝାଣେଁ ମୋହିଅ ସଅଲବି ଲୋଅ,
ପବଣ ଧରିଅ ଅଚ୍ଛସି ମ ଛନ୍ଦହ ।
କଟ୍ଠ ଜୋଇ ଣାସଗ୍ଗ ମ ବନ୍ଧହ । ଦୋ: କୋ: ।

ଯୋଗରେ ସବୁ ଲୋକ ମୋହିତ । ପବନ ଧରି ନାସାଗ୍ରରେ ଦୃଷ୍ଟିକୁ ଲଗାଇଲେ ଯୋଗ ହୁଏ ନାହିଁ । ଏହା କାଷ୍ଠଯୋଗ । ଜ୍ଞାନ ବା ନିର୍ମ୍ମଳ ଚିତ୍ତର ଯୋଗ ହିଁ ଯୋଗ । ମନ, ଚିତ୍ତ, ବିଜ୍ଞାନ ବୌଦ୍ଧ ପରିଭାଷାରେ ଏକା ପଦାର୍ଥକୁ ବୁଝାଉଛି ।

ସ୍ୱୟଂ ସରହ ମହାଜ୍ଞାନୀ, ମହାଯୋଗୀ, ନିର୍ମ୍ମଳଚିତ୍ତ, ସହଜାନନ୍ଦ ସାଧକ । ସେ ସହଜ (ବା ନୈସର୍ଗିକ ବା ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା-ଯୋଗ ସମାଧି) ପନ୍ଥାର ପ୍ରଥମ ପଥ ପ୍ରଦର୍ଶକ ବା ପ୍ରଥମ ସିଦ୍ଧ ଥିଲେ । ଏହା ସତ୍ତ୍ୱେ ସେ ଏହି ମାର୍ଗରେ ଯେଉଁ ଭ୍ରମ ଦେଖାଯାଉଛି ତାହାକୁ କଠୋର ସ୍ୱରରେ ସମାଲୋଚନା ନ କରି ଛାଡ଼ି ନାହାନ୍ତି । ଭଣ୍ଡ ଯୋଗୀ, ଅଜ୍ଞାନ ଯୋଗୀଙ୍କ ଯୋଗକୁ ସେ "କାଷ୍ଠଯୋଗ" ବୋଲି କହିବାଦ୍ୱାରା ଏହା ପ୍ରତି ତାଙ୍କର ଘୃଣା ସ୍ପଷ୍ଟ ହିଁ ସ୍ପଷ୍ଟ ପ୍ରମାଣିତ ହୋଇଛି ।

ଚିତ୍ତବୃତ୍ତିଦ୍ୱାରା ହିଁ ସଂସାର ଓ ନିର୍ବାଣ ଏହି ଦୁଇଟି ଚିତ୍ତରୁ ହିଁ ଉତ୍ପନ୍ନ ହେଉଛି । ଚିତ୍ତ ହିଁ ସବୁର ବୀଜ । ସେ ଚିନ୍ତାମଣି ରୂପ, ଇଚ୍ଛାଫଳ (ଅଭୀଷ୍ଟ ଫଳ) ପ୍ରଦାନ କରେ ।

ଚିତ୍ତେକ୍କ ସଅଲ ବୀଅ ଭବ ଣିବ୍ବାଣ ଜଂସ ବିଫୁରନ୍ତି ।
ତଂ ଚିନ୍ତାମଣିରୂଅଂ ପଣମହ ଇଚ୍ଛାଫଲଂ ଦେଇ । ଦୋ: କୋ: ।

ଏହି ଚିତ୍ତ ବା ମନକୁ ମୁକ୍ତ ବା ଶୁଦ୍ଧ କରିବା ହିଁ କର୍ତ୍ତବ୍ୟ । ଲୋକ କର୍ମବନ୍ଧନରେ ପଡ଼ିଛି । କର୍ମରୁ ମୁକ୍ତ ହେବା ପରେ ମନ ମୁକ୍ତ ହୋଇଯାଏ ଏବଂ ଅବିଳମ୍ବେ ପରମ ନିର୍ବାଣପ୍ରାପ୍ତି ହେଉଛି ।

ବନ୍ଧସ୍ୟ କାରଣଂ କରେଣା କରେ ଷମୁକ୍ତକେଶ ହୋଇ ମଣ ମୁକ୍ତ
ନରେମୋକ୍ଷେଣ ଓଶୁଦ୍ଧଂ ପାବନ୍ତଃ ପରମ ନିର୍ବାଣ । ଦୋ: କୋ: ।

(ଶାଓ ତନ୍ତୁଦୋଷ କେ ଏକ୍‌କକାଂ ଥାଅ, ଅନ୍ଧାଧମେ କେ ମୋଗ୍ ଖାବ ।)
ତତେ ବସେ ବନ୍ଧଙ୍କ ମୁକ୍ତେ, ମୁକ୍ତଜଇ ଶୁଦ୍ଧ ସନ୍ଦେହୋ ।

ଦୃଷ୍ଟି—ଏକୁ ଶିଖ ମଣ ଗୁରଙ୍କ ସୁତଂଚଳ
ମେଳନ୍ତଂ ସ୍ୱାବଂଥାଅ ଯୋଗୀଶ୍ୱର ।

ଦୃଷ୍ଟି—ଚଞ୍ଚଂ ଚଳ କର ଲକ୍ଷଣ ଜାଇ
ଚଂଚଳ ମଣ ପବଣ ଥିର ହୋଇ ।

ମନ (ଚିତ୍ତ)କୁ ମୁକ୍ତ କରିବା କର୍ତ୍ତବ୍ୟ । ମନୁଷ୍ୟ କର୍ମଦ୍ୱାରା ବନ୍ଧନରେ ପଡ଼ୁଛି । ଏହି କର୍ମରୁ ମୁକ୍ତ ହେଲେ ମନ ମୁକ୍ତ ହେବ । ଏଥିରେ ନିର୍ବାଣ ହେବ, ସନ୍ଦେହ ନାହିଁ ।

ଏହି ମନ (ଚିତ୍ତ) ତୁରଙ୍ଗ ସମ ଚଞ୍ଚଳ । ଏହାକୁ ଏହାର ସ୍ୱଭାବ ରୂପରେ ଛାଡ଼ିଦେଲେ ଅର୍ଥାତ୍ କୌଣସି ପ୍ରତିବନ୍ଧକ ସୃଷ୍ଟି ନ କଲେ ମନ ଓ ପବନ ଆପେ ଆପେ ସ୍ଥିର (ବା ନିର୍ମଳ) ହୋଇଯିବ । ମନକୁ ବଳ ପ୍ରୟୋଗ-ଦ୍ୱାରା ଅସ୍ୱାଭାବିକ (ବା ଅସହଜ ଉପାୟରେ) ବନ୍ଧନ କରିବା ବିଧେୟ ନୁହେଁ, ଏହା ହିଁ ଏହି ଉକ୍ତିର ଉଦ୍ଦେଶ୍ୟ ।

## ଜଗତ ଶୁଦ୍ଧି—

ସହଜ-ଯୋଗ ମାର୍ଗର ପ୍ରଥମ ଓ ପ୍ରଧାନ ପ୍ରବର୍ତ୍ତକରୂପେ ସରହା ପୂଜା ପାଇ ଆସୁଅଛନ୍ତି । ତାଙ୍କ ମତରେ ଜଗତ ଦୁଃଖ-ସୁଖରେ ପରିପୂର୍ଣ୍ଣ, କେବଳ ଦୁଃଖରେ ନୁହେଁ କି ସୁଖରେ ନୁହେଁ । ଜଗତ ସ୍ୱଭାବରେ ଶୁଦ୍ଧ ବୋଲି ସେ କହିଛନ୍ତି ।

ଜଗ ଉପ୍‌ପାଅଣେ ଦୁକ୍ଖ ବନ୍ଧୁ ଉପ୍‌ପଣାଉ ତଣ୍ଟି ସୁହପାର ।

ଜଗତରେ ଉତ୍ପନ୍ନ (ଜନ୍ମ) ହେବା ପରେ ବନ୍ଧନ ଦୁଃଖ ଦେବେ ସେଥିରେ ସୁଖର ସାର ମଧ୍ୟ ଅଛି । ଏହି ଶୁଦ୍ଧ ଜଗତରେ ରହି ସିଦ୍ଧି ଛାଡ଼ି ସହଜ ସାଧନା କରିବା ହିଁ ପରମ କର୍ତ୍ତବ୍ୟ ।

ସ୍ୱପନେ ସମ୍ପଦ ବି ଦୁଃଖଇ ଜନ୍ମେ
ଚେତିଲେ ଗଲେ ଭୁଞ୍ଜଇ କହ୍ନେ ।
ତେସନି ସିଦ୍ଧି ସ୍ୱପ୍ନେ ଦେଖନ୍ତି ନ କାର୍ଯ୍ୟ
ପାପ-ପୁଣ୍ୟ ତାଙ୍କୁ ସାଧନ୍ତି ବାନ୍ଧ । ଦେ: ଭୋ: ଗୀତ ।

## ଜଗତ ସଚ୍ଚିଦାନନ୍ଦପୂର୍ଣ୍ଣ—

ଏହି ଜଗତ ସଚ୍ଚିଦାନନ୍ଦରେ ପୂର୍ଣ୍ଣ; ଅତଏବ ନାଚ, ଗାଅ, ସ୍ୱଚ୍ଛନ୍ଦରେ ବିଳାସ କର ।

ଗମ୍ୟାଗମ୍ୟ ଏ କାରଣ ମନେ ହିତଭ-ଶୋଧ
କଇ ଜଗ ପୂର୍ଣ୍ଣ ସଚ୍ଚିଦାନନ୍ଦେ ନାଚନ୍ତୁ ଗାଅନ୍ତୁ ବିଳସନ୍ତୁ ରଂଗେ ।
(ଦେ: ଭୋ: ଗୀ: ୧୩୬)

ଗମ୍ୟ ଅଗମ୍ୟ ନ ଜାଣି ମଣ୍ଡିତରୁ ଘଟେନ୍ତୁ । ଯଦି ଜଗତ ସଚ୍ଚିଦାନନ୍ଦରେ ପୂର୍ଣ୍ଣତ, ତେବେ ତହିଁ ନାଚ ଗାଅ ବିଳାସ କର ।

## ଭବ (ଜଗତ) ଆଳୟ—

'ଆଳୟ' ବା ଭବ ସମ୍ବନ୍ଧରେ ସରହ ବୌଦ୍ଧ ଅନୀଶ୍ୱରବାଦ (ବା ଅନାତ୍ମବାଦ) ସମ୍ବନ୍ଧ ଭାବ ହିଁ ବ୍ୟକ୍ତ କରିଛନ୍ତି । ଦ୍ୱିତୀୟଶତାବ୍ଦୀୟ ବସୁବନ୍ଧୁ "ଜଳୀ ତରଙ୍ଗ ନ୍ୟାୟେନ ନ ଉଦ୍ଭୂତାନ୍ତି" ବୋଲି ଯାହା କହିଛନ୍ତି ସେହି ଭାବ ହିଁ ସରହ ଗ୍ରହଣ କରିଥିଲେ । ବସୁବନ୍ଧୁଙ୍କ ଅନୁଜଙ୍କ ପ୍ରବର୍ତ୍ତିତ ଯୋଗାଚାର ଦର୍ଶନରେ ମଧ୍ୟ ଏହି ତତ୍ତ୍ୱ ହିଁ ବ୍ୟକ୍ତ ହୋଇଛି । ସମୁଦ୍ରର ବାରି ତରଙ୍ଗ ସଦା ତରଙ୍ଗିତ ହେଉଛି । ଏହା ଏହାର ଅନିତ୍ୟତାର ଦ୍ରବ୍ୟ ହେତୁ ଘଟୁଛି । ଏହା ପ୍ରବୃତ୍ତିର ଫଳ । ଏଥିରେ ମୂଳକର୍ତ୍ତା ଅପର ଶକ୍ତି ବା ଈଶ୍ୱର ନାହିଁ । ସଂସାର-ସମୁଦ୍ର ତରଙ୍ଗର ଗତି ସ୍ୱତନ୍ତ୍ର ବା ସ୍ୱୟଂଚାଳିତ । ସରହ ଏହି ସଂସାରକୁ ଚକ୍ରର ସହିତ ସମାନ କରି ଏହାର ଘୂରିବା ବୁଲିବା କିମ୍ବା ଚାଲିବା ସ୍ୱତନ୍ତ୍ର ବା ସ୍ୱୟଂଚାଳିତ ବୋଲି ବ୍ୟକ୍ତ କରିଛନ୍ତି ।

ଆଳୟ ତତ୍ତ୍ୱ ଜନମଇ ଦୃଶ୍ୟାଇ ଜଗ ଛାଡ଼ିଦ ।

## ପରମପଦ ମହାସୁଖ—

ସରହପାଙ୍କ ମତରେ ପରମପଦ ପରମ ମହାସୁଖ । ଏହା ଆଦି-ମଧ୍ୟ-ଅନ୍ତ-ରହିତ । ଏ ସଂସାର ନୁହେଁ କି ନିର୍ବାଣ ନୁହେଁ । ଏଠାରେ ଆପଣା ପରର ଭେଦ ନାହିଁ । ଆଗରେ ପଛରେ, ଦଶ ଦିଗରେ, ସେହିଁଆଡ଼େ ଦେଖ ସେହି । ପରମପଦ ବା ମହାସୁଖ ମନର ଏକ ବିଶେଷ ଅବସ୍ଥା । ଏହା ପ୍ରତ୍ୟକ୍ଷ, ପରୋକ୍ଷ ନୁହେଁ ।

ଯହିଁ ମଣ ମରଇ ପବଣ ହୋ ତହିଁ ଲୟ ଜାଇ
ଏହୁ ସୋ ପରମ ମହାସୁହ ସରହ କହଇ ବୁଝଇ ଜାଇ ।

ମନରୁ ସଂଶୟ, ଶଙ୍କା ବା ମଳିନତା ଦୂର ହୋଇଗଲେ ମନ ନିର୍ମଳ ହୋଇଯାଏ । ମନର ଚଞ୍ଚଳତା ଦୂର ହୋଇ ସ୍ଥିର ହୋଇଯାଏ । ଏହି ସ୍ଥିତିର ନାମ ହିଁ ମହାସୁଖ ।

ଜହିଁ ମନ ପବଣ ନ ସଞ୍ଚରଇ ରବିଶଶି ଣାହ ପବେଶ
ତହିଁ ବଢ଼ ବିଶାମ କରୁ ସରହେଁ କହିଅ ଉଏସ ।

ପୁଣି—ଆଇ ଣ ଅନ୍ତ ଣ ମଜ୍ଝ ତହିଁ ଣାହି ଭବ ଣାହି ଣିବ୍ବାଣ
ଏହୁ ସୋ ପରମ ମହାସୁହ ଣାହି ପର ଣାହି ଅପ୍ପାଣ ।
ଅଗ୍‌ଗେ ପିଛେଂ ଦସ ଦିସେଂ ଜଂ ଜଂ ଜୋଅମି ।

## ପରମପଦ ଶୂନ୍ୟ ନିରଞ୍ଜନ—

ପରମପଦକୁ ସରହ ଶୂନ୍ୟନିରଞ୍ଜନ ବୋଲି ମଧ୍ୟ କହିଛନ୍ତି—

ସୁଣ୍‌ଣ ଣିରଂଜଣ ପରମପଏ ସୁଇଣୋ ମାଅ ସହାବ
ଭାବହୁ ଚିତ୍ତ ସହାବତା ଣାଉ ଣାସିଜ୍ଜଇ ଜାବ ।

ଶୂନ୍ୟ ନିରଞ୍ଜନ ପରମପଦ । ଏହାର ସ୍ୱପ୍ନୋପମ ସ୍ୱଭାବ । ଚିତ୍ତ ସ୍ୱଭାବ ଚଞ୍ଚଳତା ଯାବତ୍ ନାଶ ନ ହୋଇଛି ତାବତ୍ ତାକୁ ଭାବନା କର ।

ଅକ୍‌ଖର ବଣ୍ଣେ ବିବଜ୍ଜିଅ ଣାହି ସୋ ବିନ୍ଦୁ ଣ ଚନ୍ଦ
ଏହୁ ସୋ ପରମ ମହାସୁହ ଣାହି ଫେଡ଼ିଅ ଣାହି ଚିତ ।

ଅକ୍ଷର ବର୍ଣ୍ଣ ବିବର୍ଜିତ, ଶବ୍ଦ ନୁହେଁ କି ଚିତ୍ତ (ନାଦ) ନୁହେଁ—ଏହା ହିଁ ମହାସୁଖ । ଏହା ତ୍ୟାଜ୍ୟ ନୁହେଁ କି ଗ୍ରାହ୍ୟ ନୁହେଁ ।

ସରହଙ୍କ ନିରଞ୍ଜନ ତତ୍ତ୍ୱ ଉପନିଷଦର "ନିରଞ୍ଜନଂ ପରମ ସାମ୍ୟ ମୁପୈତି..." ତତ୍ତ୍ୱ ସଙ୍ଗେ ସମାନ; କିନ୍ତୁ ସ୍ୱଭାବ ସମ୍ବନ୍ଧରେ ଉପନିଷଦ୍ ସହିତ ସେ ଏକମତ ନୁହନ୍ତି । ସେ ନିରଞ୍ଜନ ସ୍ୱପ୍ନୋପମ ସ୍ୱଭାବ ବୋଲି ବ୍ୟକ୍ତ କରିଛନ୍ତି ।

## ପରୋପକାର—

ସରହପା ତନ୍ତ୍ର କର୍ମଧର୍ମ ଭିତରେ ପରୋପକାରକୁ ଅତି ଉଚ୍ଚ ସ୍ଥାନ ଦେଇଛନ୍ତି । କରୁଣା ସହିତ ନୈରାତ୍ମ୍ୟ (ନୈରାତ୍ମ୍ୟଶୀ ଶୂନ୍ୟତା) ଭାବନା ନ ହେଲେ ଏଥିରେ ସିଦ୍ଧିଲାଭ ସମ୍ଭବ ନୁହେଁ । କରୁଣା—ନୈରାତ୍ମ୍ୟ, ଏହି ଯୋଡ଼ିକୁ ସେ ବେଶି ପ୍ରାଧାନ୍ୟ ଦେଇଛନ୍ତି । ସେହି ଅଦ୍ୱୟ ତତ୍ତ୍ୱଶୂନ୍ୟତାର ଅଭ୍ୟାସ ଉପରେ ଜୋର ଦେଉଥିଲେ; ଏବଂ ତାହାକୁ ନିଜେ ଅଭ୍ୟାସ କରୁଥିଲେ, ମଧ୍ୟ ଜଗତର ଯାବତୀୟ ପ୍ରାଣୀଙ୍କୁ ଅପାର କରୁଣା ଚକ୍ଷୁରେ ଦେଖୁଥିଲେ । ଦୁଃଖୀ, ଆର୍ତ୍ତ ପ୍ରାଣୀଙ୍କ ପ୍ରତି ଦୟା ଓ ସେବାକୁ ସେ ସମର୍ଥନ କରୁଥିଲେ । ଯୋଗୀମାନେ କେବଳ ଯୋଗ, ସମାଧି, ନୈରାତ୍ମ୍ୟସାଧନ ଉପରେ ଜୋର ଦେଇ କରୁଣା ବର୍ଜିତ ହୁଅନ୍ତି ସେମାନଙ୍କ ପ୍ରତି ସରହପା ବେଶି ସମ୍ମାନ ଦେଖାଇ ନାହାନ୍ତି ।

ଯୋ ଅତ୍ଥିଅଣ ଠୀଅଉ ସୋ ଜଇ ଜାଇ ଣିରାସ
ଖଣ୍ଡ ସରାବେଁ ଭିକ୍ଖବଲୁ ଚ୍ଛଡ୍ଡହୁ ଏ ଗିହବାସ ।
ପର ଉଆର ଣ କୀଅଉ ଅତ୍ଥିଅଣ ଦୀଅଉ ଦାଣ
ଏହୁ ସଂସାରେ କବଣ ଫଲୁ ବରୁ ଛଡ୍ଡହୁ ଅପ୍ପାଣ ।

( ଦୋ: କୋ: ଗୀ: )

(ଯାହା ପାଖୁ ବା ଠାରୁ) ଅର୍ଥୀଗଣ ଯଦି ନିରାଶ ହୋଇ ଫେରି ଗଲେ, ତେବେ ଏ ଗୃହବାସ ତ୍ୟାଗ କରି ସରା ଖଣ୍ଡିଏ (ସରାବ-ସରା, ମୃତ୍ତିକାପାତ୍ର ଖଣ୍ଡ) ଧରି ଭିକ୍ଷା କରିବା ବରଂ ଭଲ । ପର ଉପକାର ନ କରି, ଅର୍ଥୀଗଣଙ୍କୁ ଦାନ ନ ଦେଇ, ଏହି ସଂସାରରେ ରହିବା କି ଫଳ ? ବରଂ, ପ୍ରାଣତ୍ୟାଗ କରିବା ହିଁ ଭଲ ।

## ଆତ୍ମ-ପର ଭେଦର ତ୍ୟାଗ—

ସାଧକ ପକ୍ଷରେ ଆପଣା ଓ ପର ଭେଦ ରଖିବା କର୍ତ୍ତବ୍ୟ ନୁହେଁ ।

ଜାବ ଣ ଅପ୍ପଜ୍ଞ ପର ପଞ୍ଚଆଣିବି
ତାବ ନ ଦେହାଂନ୍ତର ପାବସି ।
ଏମଇ କହୁଁଓ ଗୁରୁ ଣ ସ୍ୱାମୀ,
ଅପ୍ପଜ୍ଞ ଅପ୍ପଣା ବୁଝନ୍ତୁଇ ତାବା । ଦୋଃ କୋ: ଗୀ: ।

ଯେତେବେଳ ପର୍ଯ୍ୟନ୍ତ ଆପଣା ଓ ପର ତ୍ୟାଗ କରି ନାହିଁ ସେତେବେଳ ପର୍ଯ୍ୟନ୍ତ ଦେହାନ୍ତର ପାଇବ ନାହିଁ । ଏହୁ କଥାକୁ ଭ୍ରାନ୍ତ ନ ହବ । ତେବେ ଯାଇ ନିଜେ ନିଜେ ବୁଝିବ ।

ଶରହ୍ମାଙ୍କ ଦୋହାକୋଷରୁ କେତୋଟି ପଦ ଏଠାରେ ଉଦ୍ଧାରି କରୁଗଲା ।

(୧) ସ୍ୱର—ଗୁର୍ଜ୍ଜରୀ

ଅପଣେ ରଚି ରଚି ଭବ ନିର୍ବାଣା ।
ମିଛେଂ ଲୋଅ ବନ୍ଧାବଇ ଅପଣା ।।
ଅମ୍ଭେ ଣ ଜାଣହୁଁ ଅଚିନ୍ତ୍ୟ ଜୋଇ ।
ଜାମ ମରଣ ଭ କଇସଣ ହୋଇ ।।
ଜଇସୋ ଜାମ ମରଣ ବି ତଇସୋ ।
ଜୀବନ୍ତେ ମଇଲେଂ ନାହି ବିଶେଷୋ ।।
ଜା ଏଥୁ ଜାମ ମରଣେ ବିଶଙ୍କା ।
ସୋ କରଉ ରସ-ରସାନେରେ କଂଖା ।।
ଜେ ସଚରାଚର ତିଅସ ଭମନ୍ତି ।
ତେ ଅଜରାମର କିମ୍ପି ନ ହୋନ୍ତି ।।
ଜାମେ କାମ କି କାମେ ଜାମ ।
ସରହ ଭଣଇ ଅଚିନ୍ତ୍ୟ ସୋ ଧାମ ।।

ଆପଣା ମନରେ ଭବ ଓ ନିର୍ବାଣକୁ ରଚନା କରି ଦେଖ ମିତ୍ରରେ ଲୋକେ ନିଜକୁ ଭବ ବନ୍ଧନରେ ପକାନ୍ତି । ଆମେ ଅଚିନ୍ତ୍ୟ ଯୋଗୀ, ଜନ୍ମ-ମରଣ କି ପ୍ରକାର ହୁଏ ଜାଣୁ ନା । ଜନ୍ମ ଯେପରି ମରଣ ସେପରି । ଜୀବନେ ଓ ମରଣେ କିଛି ବିଶେଷ ନାହିଁ । ଯେ ଜନ୍ମ ଓ ମରଣରେ ଆଶଙ୍କା କରୁଛି ସେ ରସ-ରସାୟନର ଆକାଂକ୍ଷା କରୁ । ଯେଉଁମାନେ ସଚରାଚର ତ୍ରିଦଶ (ଦେବଲୋକ)ରେ ଭ୍ରମଣ କରନ୍ତି ସେମାନେ କେବେ ଅଜରାମର ହୋଇ ନ ପାରନ୍ତି । ସରହ ଭଣନ୍ତି, କର୍ମରୁ ଜନ୍ମ କି ଜନ୍ମରୁ କର୍ମ, ଏହୁ ଧାମ ବା ସେହି ଅଚିନ୍ତ୍ୟ ।

(୨) ରାଗ—ଦେଶାଖ

ନାଦ ନ ବିନ୍ଦୁ ନ ରବି ନ ଶଶି ମଂଡ଼ଳ ।
ଚିଅରାଅ ସହାବେ ମୂକଲ ॥

ଉଜୁରେ ଉଜୁ ଛାଡ଼ି ମା ଲେହୁରେ ବଂକ ।
ନିଅହି ବୋହି ମା ଜାହୁ ରେ ଲଂକ ॥

ହାଥେରେ କାଙ୍କଣ ମା ଲେଉ ଦାପଣ ।
ଅପଣେ ଅପା ବୁଝତୁ ନିଅ ମଣ ॥

ପାର ଉଆରେ ସୋଇ ଗଜଇ ।
ଦୁଜ୍ଜଣ ସଙ୍ଗେ ଅବାସରି ଜାଇ ॥

ବାମ ଦାହିଣ ଯୋ ଖାଲ୍ ବିଖାଲ୍ ।
ସରହ ଭଣଇ ବାପା ଉଜୁ ବାଟ ଭାଇଲ୍ ॥

ଚିଅରାଜ ସ୍ୱଭାବ ସହଜାନନ୍ଦ ମହାସୁଖରେ ମୁକ୍ତ । ସେଠାରେ ନାଦ, ବିନ୍ଦୁ, ରବି, ଶଶିମଣ୍ଡଳ କିଛି ନାହିଁ । ପୂର୍ବ-ଯୋଗୀନ୍ଦ୍ର (ଗୁରୁ) ମାନଙ୍କ ପଥ ତ୍ୟାଗ କରି ବକ୍ର ପଥରେ ଗମନ ନ କର । (ବିନା ଗୁରୁ ସାହାଯ୍ୟରେ) ନିକଟ ନିକଟ (ନାବ) ବୋଲି ଲଙ୍କା (ଦୂରଦେଶ) ନ ଯାଅ । ହାତରେ ତ କଙ୍କଣ ଅଛି, ଦର୍ପଣ କିଅ ନାହିଁ । ନିଜେ ନିଜେ ଚୈତନ୍ୟକୁ ବୁଝିନିଅ । ପାର ଉଆରରେ ସେ ଗର୍ଜଇ । ଦୁର୍ଜନ ସଙ୍ଗେ ସେ ଅପସରି ଯାଏ । ବାମ ଓ ଦକ୍ଷିଣରେ ଯେଉଁ ଖାଲ ବିଖାଲ ଅଛି, ସରହ ଭଣନ୍ତି, ବାପା ! ଏହି ଋଜୁ ବାଟ ହିଁ ଭଲ ।

(ଙ) ରାଗ—ଭୈରବୀ

କାଅ ଣାବଡ଼ି ଖାଣ୍ଟି ମଣ କେଡ଼ୁଆଲ ।
ସଦଗୁରୁ ବଅଣେ ଧର ପତବାଲ ॥

ଚୀଅ ଥିର କରି ଧରହୁ ରେ ନାଈ ।
ଆନ ଉପାୟେ ପାର ଣ ଜାଈ ॥

ନୌବାହୀ ନୌକା ଟାଣଅ ଗୁଣେ ।
ମେଲି ମେଲ ସହଜେ ଜାଉ ଣ ଆଣେ ॥

ବାଟତ ଭଅ ଖାଣ୍ଟ ବି ବଲଆ ।
ଭବ ଉଲୋଳେଂ ସବ ବି ବୋଳିଆ ॥

କୁଲ ଲଈ ଖର ସୋନ୍ତେ ଉଜାଅ ।
ସରହ ଭଣୈ ଗଅଣେଂ ସମାଅ ॥

ଏହି କାୟା ହିଁ ନୌକା । ଏହି ନୌକାର କେଡ଼ୁଆଲ ମନ । ସଦ୍‌ଗୁରୁଙ୍କ ବଚନ ରୂପ ପତବାଲ ଧରି ଭବଜଳଧି ମଧ୍ୟରେ କାୟା-ନୌକାକୁ ବୋଧି ଚିତ୍ତକୁ ସ୍ଥିର କରି ରକ୍ଷା କର । ଏହା ବ୍ୟତୀତ ଅନ୍ୟ ଉପାୟରେ ଏହି ଭବଜଳଧି ପାର ନ ଯାଇ । କୁଣସ୍ୱାମୀ ନୌବାହକ ନୌକାକୁ ଟାଣେ । ସହଜାନନ୍ଦର ଉପାୟକୁ ଧରି ନୌକା ପରିତ୍ୟାଗ କରି ଏବଂ ମହାସୁଖ ଦ୍ୱୀପକୁ ଯାଅ । ବାଟରେ ଭୟ ଅଛି, ଝଣ୍ଟ (ଦସ୍ୟୁ) ମଧ୍ୟ ବଳବାନ୍ ଅଛି । ଭବ ତରଙ୍ଗରେ ସବୁ ଅସ୍ଥିର । ନଦୀର କୂଳ ଧରି ଖର ସ୍ରୋତରେ ଉଜାଣି ଯାଅ । ସରହ ଭଣେ ଏପରି କଲେ ଗଗନ ବା ଶୂନ୍ୟରେ ପ୍ରବେଶ କରିବ ।

ଏହି ଓଡ଼ିଆ ପଦଗୁଡ଼ିକ ଏଥିରେ ଅଛି । ଣାବଡ଼ି (ନାଉଡ଼ି), ଖାଣ୍ଟି ଝାଣ୍ଟ (ଝଣ୍ଟ), କେଡ଼ୁଆଲ, ଧର, ଥିର କରି, ନାଈ (ନଈ), ପାର, ନ ଯାଇ, ଟାଣ, ମେଲ୍ ବାଟ, ବଳୁଆ (ବଳୁଆ), ଲଈ (ନଈ), ଖର, ସୋନ୍ତେ (ସ୍ରୋତେ), ଭଣୈ (ଭଣେ, ଭଣେ) ଇତ୍ୟାଦି ।

## (୪) ରାଗ—ମାଳଶ୍ରୀ

ଦୁଲଭେଂ ଦେହା ବଢ଼ାଇଅ ଭଅ ମନ ତୋହରେ ବୋଲେ ।
ଗୁରୁଚରଣ ସମ୍ମାନେଂ ରେ ଆନନ୍ଦ ଭଇ ପୁଣ୍ଡ କଇସେ ॥

ଏକନ୍ତ ଭଜଇ ଗଅଣା ।
ବଜ୍ରରେ ଜାଣୁ ଛଲେହିଁ ପଡ଼ରୁ ସୁତେଜ ତୋହ୍ଲାରୁ ବଣାଶେ ॥

ଅତ୍ଲୁଅ ଭଜ ମୋହେ ରେ ଦାଗଇ ଘର ଅପ୍ରଣା ।
ଏ ଜଗ ଜନ ବନ୍ଧୁଆରେ ଶହରେଂ ଛୁଣ ଅପରା ॥

ଅମିଅ ଅଛନ୍ତେଂ ବିଷ ଭିଟେନୁଁ ରେ ଭଅ ପରିବଶ ଧରା ।
ଦରେ ପଟେଅନ ଚୁଁଦ୍ଵିରେନ୍ ରେ ଗାଇବ ମଇ ଦୁଠ କୁଣ୍ଡବାଁ ॥

ସବହୁ ଲଗନ୍ତ୍ର ଦରୁ ସୁଣ ଗୋପାଳୀ ଜ ମୋ ଦୁଠ ବନ୍ଦନେଂ ।
ଏ ତେବେ ଜଗ ଜାଣିଅ ଲେ ଅତ୍ତରଭୂ ମୁଛନ୍ତେ ॥

(ରାହୁଲ ସାଂକୃତ୍ୟାୟନ ସମ୍ପାଦିତ ହରକ୍ଷା ଦୋହାକୋଷାବଳୀ
ପୃ ୩୫୯—୩୬୦)

“ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚିତ” ନାମକ ସଙ୍କଳନ ଗ୍ରନ୍ଥରେ ଚଉରାଶୀସିଦ୍ଧ ଭକ୍ତଙ୍କ ଏଣ୍ଟ ଦବତାଟି ସୁନ୍ଦର ଦେଖାଉଛୁ ।

ଅପନେ ରଚି ରଚି ଭବ ନିର୍ବାଣା
ମିଛେ ଲୋଅ ବନ୍ଧାବଅ ଅପଣା । ଧ୍ରୁ ।

ଅମ୍ଭେ ନ ଜାଣହୁଁ ଅଚିନ୍ତ୍ୟ ଜୋଇ
ଜାମ ମରଣ ଭବ କଇସନ ହୋଇ । ଧ୍ରୁ ।

ଜଇସୋ ଜାମ ମରଣ ବି ତଇସୋ
ଜୀବନ୍ତେ ମଇଲେଁ ଣାହି ବିଶେଷୋ । ଧ୍ରୁ ।

ଜାଏଥୁ ଜାମ ମରଣ ବିସଙ୍କା
ସୋ କରଉ ରସ ରସାଣେରେ କଂଖା । ଧ୍ରୁ ।

ସେ ସଚରାଚର ତିଅଣ ଭମନ୍ତି
ତେ ଅଜରାମର କମପି ନ ହୋନ୍ତି ।
କାହେମ କାମ କି କାହେମ ଜାମ
ସରହ ଭଣଇ ଅଚିନ୍ତ ସୋ ଧାମ । ଧ୍ରୁ ।

## ଭୁସୁକୁପାଦ (ଶାନ୍ତିଦେବ, ରାଉତ)

ପଦକର୍ତ୍ତା ଭୁସୁକୁପାଦ ଶାନ୍ତିଦେବ, ଶାନ୍ତି ରାଉତ ନାମରେ ପରିଚିତ । ତାଙ୍କର ଗୁହ୍ୟ ସମାଜ 'ମହାଯୋଗତନ୍ତ୍ର ବଳି ବିଧି' ଗ୍ରନ୍ଥରୁ ଜଣାଯାଏ ସେ କାହ୍ନୋରର ଲୋକ । କାହ୍ନୋର ବା ଶାହ୍ନୋର ଓଡ଼ିଶାର ସମ୍ବଲପୁର-ବଲାଙ୍ଗୀର ଅଞ୍ଚଳ । କାହ୍ନୋର ରାଜ୍ୟର ରାଜା ମଞ୍ଜୁ ବର୍ମଙ୍କର ସେ ଜ୍ୟେଷ୍ଠ ପୁତ୍ର ଥିଲେ । ମଞ୍ଜୁ ବର୍ମ ଶାନ୍ତିଦେବଙ୍କୁ ଯୁବରାଜ କରିବାର ଇଚ୍ଛା କରିଥିଲେ; ଶାନ୍ତିଦେବ ଏଥିରେ ସମ୍ମତ ଥିଲେ । ଶାନ୍ତିଦେବଙ୍କ ମାତା ତାଙ୍କୁ ଉପଦେଶ ଦେଲେ, "ତୁମେ ଯୁବରାଜ ହେବ, ପରେ ରାଜା ହେବ, କିନ୍ତୁ ପାପରୁ ମୁକ୍ତି ପାଇବ ନାହିଁ ।" ଏଥିରେ ଶାନ୍ତିଦେବଙ୍କ ମନର ପରିବର୍ତ୍ତନ ହେଲା । ସେ ମାତାଙ୍କ ପରାମର୍ଶ ଅନୁସାରେ ବୌଦ୍ଧ ଭିକ୍ଷୁ ମଞ୍ଜୁଭଦ୍ରଙ୍କଠାରୁ ଉପଦେଶ ନେବା ପାଇଁ ଚାଲି ଗଲେ । କିମ୍ବଦନ୍ତୀ ଅଛି, ସେ ଧଳା ନୀଳା ସ୍ଥିର କରି ଗୋଟିଏ ସବୁଜ ବର୍ଣ୍ଣର ଘୋଡ଼ାରେ ଚଢ଼ି ଦେଶ ତ୍ୟାଗ କଲେ । ସେ ଏକନିଷ୍ଠ ହୋଇ ଅବିଚ୍ଛିନ୍ନ ଭାବରେ ଯାତ୍ରା କଲେ । ବହୁଦିନ ଘୋଡ଼ା ଉପରେ ରହିଲେ; ଆହାର ନିଦ୍ରା ଏକପ୍ରକାର ବନ୍ଦ ହୋଇଗଲା ।

ଥରେ ନିବିଡ଼ ବନ ମଧ୍ୟରେ ସେ ଗତି କରୁଥିଲେ ଦେଖିଲେ ଗୋଟିଏ ସୁନ୍ଦରୀ ବାଳିକା ତାଙ୍କର ଘୋଡ଼ାର ଲଗାମକୁ ଧଇଲେ ଏବଂ ତାଙ୍କୁ ଓହ୍ଲାଇବାକୁ କହିଲେ । ବାଳିକା ତାଙ୍କୁ ଭଲ ଜଳ ପିଇବାକୁ ଦେଲେ ଏବଂ କିଛି ମାଂସ ମଧ୍ୟ ଖାଇବାକୁ ଦେଲେ । ପରିଚୟରୁ ଜଣାଗଲା, ବାଳିକାଟି ମଞ୍ଜୁବଜ୍ର ସମାଧିଙ୍କ ଶିଷ୍ୟା । ଏହାଙ୍କ ସାହାଯ୍ୟରେ ଶାନ୍ତି ମଞ୍ଜୁବଜ୍ରଙ୍କ ଆଶ୍ରମକୁ ଗଲେ ଏବଂ ସେଠାରେ ଗୁରୁଙ୍କଠାରୁ ଉପଦେଶ ଲାଭ କଲେ । ସେ ଏଠାରେ ବାର ବର୍ଷ

ରହୁଥିଲେ ଏବଂ ଏଠାରେ ମଞ୍ଜୁଶ୍ରୀଙ୍କ ସମ୍ବନ୍ଧରେ ଜ୍ଞାନ ଲାଭ କରିଥିଲେ । ଗୁରୁଙ୍କ ଆଦେଶ ଅନୁସାରେ ସେ ମଧ୍ୟ ଦେଶକୁ ଆସିଲେ ଏବଂ ମଗଧର ରାଜାଙ୍କ ଅଧୀନରେ "ରାଉତ" ହେଲେ । ଏଠାରେ କିଛି ସମୟ ରହିବା ପରେ "ରାଉତ" ପଦୀଆ ଛାଡ଼ି ନାଳନ୍ଦା ଗଲେ । ସେଠାରେ ସଙ୍ଘାରାମରେ ରହି ସୂତ୍ର ବିଦ୍ୟାଧ୍ୟୟନ କଲେ । ଏଠାରେ ତାଙ୍କର ନାମ ହେଲା ଭୂସୁକୁ । କାରଣ—

"ଭୁଞ୍ଜାନୋଽପି ପ୍ରଭାସ୍ୱରଃ ସୁପ୍ତୋଽପି କୁଟୀଂ ଗତୋଽପି ତଦେବେତି
ଭୂସୁକୁ ସମାଧି ସମାପନ୍ନ ତ୍ୱାତ୍ ଭୁସୁକୁ ନାମ ଖ୍ୟାତଂ ସଙ୍ଘେଽପି ॥"

ଅର୍ଥାତ୍ ଭୋଜନ, ଶୟନ, କୁଟୀର ବାସ ସବୁ ସମୟରେ ତାଙ୍କର (ଭୂସୁକୁଙ୍କର) ବର୍ତ୍ତି ଉଜ୍ଜ୍ୱଳ ରହୁଥିଲା ।

ଶାନ୍ତିଦେବ ସଙ୍ଘାରାମରେ ଶାନ୍ତିରେ ଅଧ୍ୟୟନ କରୁଥିଲେ । ଏ ସମୟରେ ସଙ୍ଘାରାମର ଅଳ୍ପବୟସ୍କ ଛାତ୍ରମାନେ ତାଙ୍କୁ ମୂର୍ଖ ବୋଲି ସବୁ ତାଙ୍କ ପ୍ରତି ତାଚ୍ଛଲ୍ୟ ପ୍ରଦର୍ଶନ କରୁଥିଲେ । ଥରେ ଏହି ଛାତ୍ରମାନେ ଶାନ୍ତିଦେବଙ୍କୁ ପ୍ରକାଶ୍ୟ ସଭାରେ ମୂର୍ଖ ବୋଲି ପ୍ରମାଣିତ କରିବା ପାଇଁ ଉଦ୍ୟମ କଲେ । ପ୍ରତି ବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳ ଅଷ୍ଟମୀରେ ବିଶ୍ୱବିଦ୍ୟାଳୟରେ ସଭା ହୁଏ । ଛାତ୍ର ଓ ଶିକ୍ଷକମାନେ ବିଭିନ୍ନ ଗ୍ରନ୍ଥର ବ୍ୟାଖ୍ୟା କରି ଶୁଣାନ୍ତି । 'ଦୁଷ୍ଟ' ଛାତ୍ରମାନେ ଶାନ୍ତିପ୍ରିୟ ଶାନ୍ତିଦେବଙ୍କୁ ସଭାସ୍ଥଳକୁ ଟେକି ନେଇ ଗଲେ ଏବଂ କୌତୁକ ଦେଖିବା ପାଇଁ ତାଙ୍କୁ ଘେରି ରହିଲେ । ଶାନ୍ତିଦେବ ଗମ୍ଭୀର ସ୍ୱରରେ କହିଲେ, "କିମ୍ ଆର୍ଷଂ ପଠାମି ଅର୍ଥାର୍ଷଂ ବା ।" ଶୁଣିବା ମାତ୍ରେ ପଣ୍ଡିତମାନେ ସ୍ତବ୍ଧ ହୋଇଗଲେ । ସେମାନେ ଆର୍ଷ ଶୁଣିଛନ୍ତି ସିନା ଅର୍ଥାର୍ଷ ଶୁଣି ନ ଥିଲେ । ସେମାନଙ୍କର ଅନୁରୋଧ କ୍ରମେ ସେ ଅର୍ଥାର୍ଷ ଓ ମହାଯାନ ମତର ଗୂଢ଼ତତ୍ତ୍ୱଗୁଡ଼ିକ ସୁନ୍ଦର ଭାବରେ ବ୍ୟକ୍ତ କଲେ । ନିଜ "ବୋଧିଚର୍ଯ୍ୟାବତାର" ଗ୍ରନ୍ଥରୁ କିଛି ଅଂଶ ଆବୃତ୍ତି କରି ଶୁଣାଇଲେ । ଗ୍ରନ୍ଥର ସୁଲଳିତ ଭାଷା ଓ ଉଚ୍ଚକୋଟିର ଚର୍ଚ୍ଚା ଦେଖି ସମସ୍ତେ ମୁଗ୍ଧ ହୋଇ ଯାଇଥିଲେ ।

ଶାନ୍ତିଦେବ ପ୍ରଥମେ ମହାଯାନୀ ଥିଲେ, କିନ୍ତୁ ପରେ ବଜ୍ରଯାନୀ ହୋଇଲେ । ତାଙ୍କର ପଦରେ ବଜ୍ରଯାନର ସହଜାନନ୍ଦ ପ୍ରାପ୍ତିର ଉପାୟ ବର୍ଣ୍ଣିତ ଅଛି ।

ଶାନ୍ତିଦେବ ବୋଧିଚର୍ଯ୍ୟାବତାର, ଶ୍ରୀଗୁହ୍ୟସମାଜ ମହାଯୋଗତନ୍ତ୍ର ବଳିବିଧି, ସହଜଗୀତି ପ୍ରଭୃତି ଗ୍ରନ୍ଥ ଲେଖିଥିବା ଜଣାଯାଏ । ପ୍ରଥମଟି ମହାଯାନ ଏବଂ ଅନ୍ୟ ଦୁଇଟି ମନ୍ତ୍ରଯାନ ସମ୍ପର୍କୀୟ ଗ୍ରନ୍ଥ ।

ବୌଦ୍ଧ ତନ୍ତ୍ରକର୍ତ୍ତାମାନଙ୍କ ଭିତରେ ଏକାଧିକ ଶାନ୍ତିଦେବ ଥିବା ଜଣାଯାଏ । ଭୁସୁକୁ ବା ଶାନ୍ତିଦେବ ସମ୍ଭବତଃ ୮୪ ସିଦ୍ଧାଚାର୍ଯ୍ୟମାନଙ୍କ ଭିତରେ ସ୍ଥାନ ପାଇଛନ୍ତି । ଶାନ୍ତିଦେବ ଖ୍ରୀଷ୍ଟୀୟ ୬୪୮ ଠାରୁ ୮୧୬ ଭିତରେ ବିଦ୍ୟମାନ ଥିବା କେହି କେହି ଅନୁମାନ କରନ୍ତି ।

ଚର୍ଯ୍ୟାପଦମାନଙ୍କର ଭୁସୁକୁ ନିଜକୁ ଶାନ୍ତିଦେବ, ଭୁସୁକୁ, ରାଉତ ଏହି ନାମରେ ପରିଚିତ କରାଇଛନ୍ତି ।

ଭୁସୁକୁଙ୍କର କେତୋଟି ପଦର ନମୁନ—

(୧) ରାଗ—ମଲ୍ଲାରୀ

ବାଜଣାବ ପାଡ଼ୀ ପଉଆଁ ଖାଲେଁ ବାହିଉ ।
ଅଦଅ ବଙ୍ଗାଲେ କ୍ଳେଶ ଲୁଡ଼ିଉ ॥
ଆଜି ଭୁସୁ ବଙ୍ଗାଲୀ ଭଇଲୀ ।
ଣିଅ ଘରିଣୀ ଚଣ୍ଡାଲୀ ଲେଲୀ ॥
ଡହି ଜୋ ପଞ୍ଚପାଟଣ ଇଂଦିବିସଆ ଣଠା ।
ଣ ଜାନମି ଚିଅ ମୋର କହିଁ ଗଇ ପଇଠା ॥
ସୋନତରୁଅ ମୋର କିମ୍ପି ଣ ଥାକିଉ ।
ଣିଅ ପରିବାରେ ମହାସୁହେ ଥାକିଉ ॥
ଚଉକୋଡ଼ି ଭଣ୍ଡାର ମୋର ଲଇଆ ସେସ ।
ଜୀବନ୍ତେ ମଇଲେଁ ନାହିଁ ବିଶେଷ ॥

ଓଡ଼ିଆରେ ମର୍ମାନୁବାଦ—

ବଜ୍ରନାବ ପାଡ଼ି ପଦ୍ମ ଖାଲେ ବାହିଲି, ଅଦ୍ୱୟ ବଙ୍ଗାଳେ କ୍ଳେଶ ଲୁଟିଲି । ଆଜି, ହେ ଭୁସୁ, ବଙ୍ଗାଳୀ ହେଲି । ନିଜ ଗୃହିଣୀକୁ ଚଣ୍ଡାଳୀ କରି ନେଲି । ପଞ୍ଚପାଟଣ, ଇନ୍ଦ୍ରିୟ ବିଷୟାଦି ଦଗ୍ଧ କଲି । ମୋର ଚିତ୍ତ କାହିଁ ଯାଇ ପ୍ରବେଶ

ହେଲେ ତାହା ଜାଣେ ନାହିଁ । ଶୂନ୍ୟତା, ରୂପ ମୋର କିଛୁ ରହିଲା ନାହିଁ । ନିଜ ଘରଦ୍ୱାରରେ ଏବେ ମହାଶୂନ୍ୟରେ ଅଛି । ମୋର ଚଉଦକୋଟି ଭଣ୍ଡାର ଶେଷ ହୋଇଅଛି । ଜୀବନେ ମରଣେ ଆଉ ବିଶେଷ କିଛି ନାହିଁ ।

ବ୍ରହ୍ମାଣ୍ଡ ଖୋଲରେ ବଜ୍ରକୂପ ଶୂନ୍ୟ-ନାଦ ଘଡ଼ାଇ ବାହ୍ୟ ଅଦ୍ୱୟ-ଅକ୍ଷର ସୁଖ ଲାଭ କଲେ କେଉଁଣ ନିର୍ବାଣତ ହୁଏ । ଧ୍ୟାନ ପଞ୍ଚପାକ ଅବସ୍ଥାରେ ବା ସମାଧି ଲକ୍ଷରେ ସୁପ୍ରତିଷ୍ଠିତ ହେଲେ ଅଦ୍ୱୟ ଅଦ୍ୱୈତସୁଖ ଲାଭ ହୁଏ । ଏହି ଅବସ୍ଥାକୁ ପ୍ରାପ୍ତ ହେଲେ ନିଜ ଗୃହିଣୀ ଚଣ୍ଡାଳୀ ହେବ, ଅର୍ଥାତ୍ ଅପରିଶୁଦ୍ଧା ନିଜ ପ୍ରକୃତି ପ୍ରଜ୍ଞାର ପ୍ରକୃତ ରୂପ ଅସ୍ପୃଶ୍ୟ ଚଣ୍ଡାଳୀ ହେବ । ଏହି ହେତୁ ପଞ୍ଚପାଣ୍ଡବ ବା ପଞ୍ଚସ୍କନ୍ଧ ଓ ବିଷୟାଦି ଦହିଯାଇ (ଦଗ୍ଧ ହୋଇଯାଇ) ନଷ୍ଟ ହେବ । ଏ ଅବସ୍ଥାରେ ଅର୍ଥାତ୍ ନିର୍ବିକଳ୍ପ ଜ୍ଞାନ ଉଦୟ ହେଲେ କିଛି କେଉଁଠାରେ ପ୍ରକୃତ ତାହା ଜାଣି ପାରିବ ନାହିଁ । ଏ ଜ୍ଞାନ ଆଉ ରହିବ ନାହିଁ । ଶୂନ୍ୟତା ପ୍ରାପ୍ତି ବା ଭବ ନିର୍ବାଣ ପ୍ରାପ୍ତିର ପ୍ରତିବନ୍ଧକ ମୋର ଆଉ କିଛି ନାହିଁ । ଶୂନ୍ୟତା ବା ନିର୍ବାଣ ପ୍ରାପ୍ତି ଲାଭ କରି ମୁଁ ସେଠାରେ ମହାଶୂନ୍ୟରେ ନିମଗ୍ନ ହୋଇଅଛି । ମୋର ଚତୁର୍ବିଧ ବସ୍ତୁର (ସତ୍, ଅସତ୍, ସତ୍—ଅସତ୍, ନାସତ୍—ନ ଅସତ୍) ଶେଷ ହୋଇଯାଇଅଛି । ଏବେ ମୋର ଜୀବନେ କି ମରଣେ ଆଉ କିଛି ବିଶେଷତା (ଭିନ୍ନତା) ନାହିଁ ।

ସନ୍ଧ୍ୟା ଭାଷାରେ ରଚିତ ଏହି ପଦଟି ଉତ୍କୃଷ୍ଟ । ଭାଷା ମଧ୍ୟ ସରଳ । ଏହି ସବୁ ଶବ୍ଦ ଓଡ଼ିଆରେ ଚଳୁଛି । ପାଡ଼ି (ଡୋଲି), ଖୋଲ, ବାହି, ଆନ, ସହଜ, ମରିବେଲ (ମରିଲେ, ମରଣେ), ଦହ (ପୋଡ଼ି), ଘରିଣୀ (ଘରଣୀ), ମୋର ଇତ୍ୟାଦି ।

(୨) ଅନ୍ୟ ଏକ ପଦର କେତେକ ଅଂଶ—

କାହ୍ନରେ ଗିନି ମିଳ ଅଛୁ କଥ
ବେଢ଼ିଲ ହାକ ପଡ଼ଅ ଚୌଦିଶ ।
ଆପଣା ମାଂସେ ହରିଣା ବଇରୀ
ଖଣହ ନ ଛାଡ଼ଅ ଭୁସୁକୁ ଅହେରି ।

ମର୍ମାନୁବାଦ—କାହାରେ ଘେନ ମେଲ ଅଛୁ କଣ ?
ବେଢ଼ିଲି ଢାକ ଘୋଡ଼ଇ ଚଉଦିଶ ।
ଆପଣା ମାଂସେ ହରିଣ ବଇରି
ଖଣେହେଁ ନ ଛାଡ଼ଇ ଭୁସୁକୁ ଅହେରି ।

କାହାରେ, ଘେନ (ଘେନି, ଧରି), ମେଲ (ମେଲି), କଣ, ଢାକ (ଢାକ-ଢୋଲ), ବେଢ଼ିଲ, ଆପଣା, ମାଂସେ, ବଇରି, ଖଣହ (ଖଣେହେଁ) ପ୍ରଭୃତି କେତେକ ପଦ ପ୍ରାୟ ଅପରିବର୍ତ୍ତିତ ଆକାରରେ ଓଡ଼ିଆରେ ଚଳୁଛି । ଏଗୁଡ଼ିକ ଓଡ଼ିଆ ଶବ୍ଦ ।

ଅଚ୍ଛୁ—ଅଛୁ, ବେଢ଼ିଲ—ବେଢ଼ିଲି, ଛାଡ଼ଅ—ଛାଡ଼ଇ ଇତ୍ୟାଦି କିଛି ପଦଗୁଡ଼ିକ ଟିକିଏ ପରିବର୍ତ୍ତିତ ଆକାରରେ ଓଡ଼ିଆରେ ଅଛି । କିନ୍ତୁ ମୌଳିକ ଧାତୁ (ଯଥା—ଅଚ୍ଛ୍, ବେଢ଼୍, ଛାଡ଼ ଇତ୍ୟାଦି)ରେ କିଛି ଭିନ୍ନତା ନାହିଁ ।

## ଲୁଇପା

ଚର୍ଯ୍ୟାପଦକର୍ତ୍ତାମାନଙ୍କ ଭିତରେ ଲୁଇପାଙ୍କ ନାମ ଅଛି । ତାଙ୍କର କେତୋଟି ପଦ ମଧ୍ୟ ମିଳୁଛି । ଲୁଇଙ୍କ ସମ୍ବନ୍ଧରେ ହରପ୍ରସାଦ ଶାସ୍ତ୍ରୀ ଲେଖିଛନ୍ତି, ସେ ବଙ୍ଗଳାର ଲୋକ । ତିବ୍ବତର ବୌଦ୍ଧଗ୍ରନ୍ଥମାନଙ୍କରେ ସ୍ପଷ୍ଟରୂପେ ଏହା ଲେଖା ଅଛି । ଶାସ୍ତ୍ରୀ କହନ୍ତି—ଲୁଇ ବର୍ଦ୍ଧମାନର ବଙ୍ଗ ପ୍ରଦେଶାନ୍ତର୍ଗତ ରାଢ଼ ଦେଶର ଲୋକ । ବିଶ୍ୱକୋଷ (ବଙ୍ଗଳା) ପ୍ରଣେତା ନଗେନ୍ଦ୍ରନାଥ ବସୁଙ୍କ ମତରେ ମୟୂରଭଞ୍ଜ ରାଢ଼ର ଅତି ନିକଟବର୍ତ୍ତୀ ଏବଂ ଏଠାକୁ ଲୁହେଁ, ଓଡ଼ିଶାର ଲୋକମାନେ ମୟୂରଭଞ୍ଜ ହିଁ ରାଢ଼ ବୋଲି ଜାଣନ୍ତି । (Modern Buddhism and its Followers. P. CXI) ବସୁଙ୍କର ଦେଶ ନିର୍ଦ୍ଧାରଣ ଭ୍ରମପୂର୍ଣ୍ଣ; ମୟୂରଭଞ୍ଜ ରାଢ଼ ଦେଶ ନୁହେଁ । ପ୍ରକୃତ ପକ୍ଷେ, ଲୁଇ ଓଡ଼ିଶାର ଲୋକ ଓ ଉତ୍ତର-ଓଡ଼ିଶା ତାଙ୍କର କର୍ମକ୍ଷେତ୍ର ଥିଲା । ସେ ଏହି ଅଞ୍ଚଳରେ ବହୁ ଶିଷ୍ୟ କରିଥିଲେ ଏବଂ ତାଙ୍କୁ ତାଙ୍କ ସମ୍ପ୍ରଦାୟ ଭିତରେ ଆଦି ସିଦ୍ଧାଚାର୍ଯ୍ୟ ବୋଲି ଗ୍ରହଣ କରାଯାଏ । ଲୁଇପା ମତ୍ସ୍ୟେନ୍ଦ୍ର ନାମରେ ମଧ୍ୟ ପରିଚିତ ଥିବାର ଜଣାଯାଏ । ଲୁଇପା ବା ମତ୍ସ୍ୟେନ୍ଦ୍ରନାଥ ନାଥ-ସମ୍ପ୍ରଦାୟର ଆଦିନାଥ ରୂପେ ପୂଜା ପାଉଛନ୍ତି ।

ପଦକର୍ତ୍ତା ଦାରିକ ଲୁଇଙ୍କୁ ଗୁରୁରୂପେ ଗ୍ରହଣ କରିଥିଲେ । ତିବ୍ବତୀୟ ବୌଦ୍ଧ ପଣ୍ଡିତ ଦୀପଙ୍କର ଶ୍ରୀ ଜ୍ଞାନ ଲୁଇପାଙ୍କୁ ତାଙ୍କର (ଲୁଇଙ୍କର) ଏକ ଗ୍ରନ୍ଥ ରଚନାରେ ସାହାଯ୍ୟ କରିଥିଲେ । ଦୀପଙ୍କର ଖ୍ରୀ: ୧୦୩୮ରେ ବିକ୍ରମଶୀଳା ବିହାରରୁ ୫୮ ବର୍ଷ ବୟସରେ ତିବ୍ବତ ଯାତ୍ରା କରିଥିଲେ । ଏଥିରୁ ଅନୁମାନ ହୁଏ ଯେ ଲୁଇ ଦଶମ ଶତାବ୍ଦୀର ଶେଷ ଭାଗରେ ବା ଏକାଦଶ ଶତାବ୍ଦୀର ପ୍ରଥମ ଭାଗରେ ନିଜ ଧର୍ମମତ ପ୍ରଚାର କାର୍ଯ୍ୟ କରୁଥିଲେ । 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ମତରେ ଲୁଇ-ପାଦ ସର୍ବପ୍ରଥମ ସିଦ୍ଧାଚାର୍ଯ୍ୟ ବା ଆଦ୍ୟ ସିଦ୍ଧାଚାର୍ଯ୍ୟ ।

'କାଆ ତରୁବର ପଞ୍ଚ ବି ଡାଲ' ପଦରେ ଲୁଇ ଶରୀରକୁ ତରୁବର ରୂପରେ କଳ୍ପନା କରିଛନ୍ତି । "ଗ୍ରାହ୍ୟ ଗ୍ରାହକ ଗ୍ରହଣୋପଲକ୍ଷିତ" ପଞ୍ଚକ ବା ଡାଳ ଏହି ତରୁବରର ଅଂଶବିଶେଷ; ପଞ୍ଚ କର୍ମେନ୍ଦ୍ରିୟ ବା ପଞ୍ଚସ୍କନ୍ଧ ଏହି ଶରୀର ତରୁର ପାଞ୍ଚଟି ଶାଖା । (ରୂପାଦି ପଞ୍ଚସ୍କନ୍ଧ ଶରୀର ଉପାଦାନ) ସ୍ୱାଭାବିକ ଦୋଷ-ସମୂହଦ୍ୱାରା ଚଞ୍ଚଳତା ଉପସ୍ଥିତ ହୁଏ । ଅତଏବ ପ୍ରାକୃତ ମନ ବା ଚିତ୍ତକୁ ଦୃଢ଼ ରୂପରେ ଧରିବା ଉଚିତ । ଚିତ୍ତର ଚଞ୍ଚଳତା ଯୋଗୁଁ କାଳ (ବା ମୃତ୍ୟୁ) ଗ୍ରାସ କରୁଛି । ଚିତ୍ତ ଦୃଢ଼ କଲେ ଏହି ଚଞ୍ଚଳ ଦୂର ହେବ, ମୃତ୍ୟୁହାତ ବା କାଳଗ୍ରାସରୁ ମୁକ୍ତ ହେବ । ଏହା ଫଳରେ ମହାସୁଖ ଲାଭ ହେବ । (ଏହି ମହାସୁଖ ହିଁ ସହଜାନନ୍ଦ ମହାସୁଖ ।) ଗୁରୁଙ୍କୁ ପଚାରି ବୁଝ, ସକଳ ସମାଧି କାହିଁକି କରିବ ? (ଏଥିରେ) ସୁଖ ଦୁଃଖରେ ନିଶ୍ଚୟ ମରିବ ଏହି ଛନ୍ଦ (ବାସନା)ର ଓ ଇନ୍ଦ୍ରିୟ ପରିପାଟୀ (ବା ଇନ୍ଦ୍ରିୟ ତୃପ୍ତି)ର ଆଶା ତ୍ୟାଗ କଲେ ଶୂନ୍ୟତା ମାର୍ଗରେ ଅଗ୍ରସର ହୋଇ ତାର ପାଖକୁ (ପାର୍ଶ୍ୱକୁ) ଯାଇ ପାରିବ । ଲୁଇ କହୁଛନ୍ତି, ସେ ଧ୍ୟାନରେ ଦେଖିଛନ୍ତି ଏବଂ ଉଦ୍ୟାନରେ ବସି ଧମଣି ଚମଣି (ଉଚ୍ଛ୍ୱାସୀ ବା ରେଚକ ଓ ପୂରକ ଶ୍ୱାସ) ରୋଧ କରି ସମାଧି ଲକ୍ଷ କରିଛନ୍ତି । ଏହି ସମାଧି ହିଁ ଚିତ୍ତଶାନ୍ତି । ଚିତ୍ତଚଞ୍ଚଳ ଦୂର ହେଲେ ମୃତ୍ୟୁର ଭୟ ନ ଥାଏ, ଶୂନ୍ୟତା ବା ସହଜାନନ୍ଦ ମହାସୁଖ ପ୍ରାପ୍ତି ହୁଏ ।

ରାଗ—ପଟମଞ୍ଜରୀ

କାଆ ତରୁବର ପଞ୍ଚ ବି ଡାଲ
ଚଞ୍ଚଳ ଚୀଏ ପଇଠା କାଲ । ୧ ।

ଦିଢ଼ କରିଅ ମହାସୁହ ପରିମାଣ ।
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ । ଧ୍ରୁ ।
ସଅଲ ସମାହିଅ କାହି କରିଅଇ ।
ସୁଖ-ଦୁଖେତେଁ ନିଚିତ ମରିଅଇ । ଧ୍ରୁ ।
ଏଡ଼ି ଏଉ ଛାନ୍ଦକ ବାନ୍ଧ କରଣ କପାଟେର ଆସ ।
ସୁନୁ ପାଖ ଭିତି ଲେହୁରେ ପାସ । ଧ୍ରୁ ।
ଭଣଇ ଲୁଇ ଆମ୍ହେ ଝାଣେ ଦିଠା ।
ଧମଣ ଚମଣ ବେଣି ପିଣ୍ଡି ବଇଠା । ଧ୍ରୁ ।

ଓଡ଼ିଆରେ ମର୍ମାନୁବାଦ—

କାୟା ତରୁବରର ପାଞ୍ଚଟି ଡାଳ ।
ଚଞ୍ଚଳ ଚିତ୍ତରେ କାଳ ଆସି ପ୍ରବେଶ କଲା ।
ଦୃଢ଼ କରି ମହାସୁଖ ପରିମାଣ କର ।
ଲୁଇ ଭଣେ, ଗୁରୁ ପୁଚ୍ଛି ଜାଣ ।
ସକଳ ସମାଧି କାହିଁକି କରିବ ?
ସୁଖ ଦୁଃଖରେ ମରଣ ନିଶ୍ଚିତ ।
ଏଡ଼ି ଏହୁ ଛନ୍ଦକ-ବାନ୍ଧ କରଣକ (ଇନ୍ଦ୍ରିୟ)
ପରିପାଟୀ ଆଶା ।
ଶୂନ୍ୟପକ୍ଷ ଭିଡ଼ି କରି ନେଇ ପାଶ ।
ଭଣଇ ଲୁଇ, ଆମେ ଧ୍ୟାନ ଦେଖିଛୁ ।
ଧମଣ ଚମଣ ବେଣି ପିଣ୍ଡିରେ ବସିଛୁ ।

ଏହି ଗୀତିକାଟିରେ ଡାଳ, ଚୀଅ (ଚିଆ), ଚଞ୍ଚଳ, ପଇଠା (ପଇଠ), କରିଅ (କରି), ଭଣଇ, ଜାଣ, ପୁଚ୍ଛିଅ (ପୁଚ୍ଛି), କରିଅଇ (କରିବ), ମରିଅଇ (ମରିବ), ଏଡ଼ି, ଏଉ (ଏହୁ), ଆସ, ପାଖ, ପାସ, ପିଣ୍ଡି, ବେଣି (ବେନି) ପ୍ରଭୃତି କେତେକ ପଦ ଓଡ଼ିଆ ଭାଷାର ପଦ ସହିତ ମେଳ ଅଛି ।

ନିମ୍ନଲିଖିତ ପଦଗୁଡ଼ିକ ବନ୍ଧନୀ ଭିତରେ ଦିଆଯାଇଥିବା ପଦଗୁଡ଼ିକର ପ୍ରାଚୀନ ରୂପ । କାଅ—କାୟା, ଚୀଅ—ଚିତ୍ତ, ଚିଆ, ନିଚିତ—ନିଶ୍ଚିତ,

ଖାଡେ—ଖାଏନ, ଅନ୍ତେହି—ଆରମ୍ଭ, ଚପଲ—ଚଞ୍ଚଳ, ସୁଜ୍ଝ—ସୁଝ, ଦିଢ଼—ଦୃଢ଼ । ସୁନ୍ନ—ଶୂନ୍ୟ, ଶୂନ, ଶୁନ୍ନ, ସମାହିଅ—ସମାଧି ।

ନିମ୍ନଲିଖିତ କ୍ରିୟାପଦଗୁଡ଼ିକ ଅଳ୍ପ ପରିବର୍ତ୍ତିତ ଆକାରରେ ଚଳୁଛି । ପଇଠୋ—ପଇଠିଲ, କରିଅ—କରି, କରିଅଇ—କରିବଇ, ମରିଅଇ—ମରିବଇ, ଦେଖୁ—ଦେଖ ।

ଭଣଇ, ଏଡ଼ି, ଜାଣ, ପରମାଣ—ଏ କ୍ରିୟାପଦଗୁଡ଼ିକ ସେହି ରୂପ ଓ ଅର୍ଥରେ ଚଳୁଛି ।

ଏହ ପଦଟିର ଭାଷା ସରଳ । ଏଥିରେ ଦାର୍ଶନିକ ତତ୍ତ୍ୱ ବର୍ଣ୍ଣିତ ହୋଇଥିଲେ ମଧ୍ୟ ବୁଝିବାରେ କଷ୍ଟ ନାହିଁ ।

## କୃଷ୍ଣାଚାର୍ଯ୍ୟ

ପଦକର୍ତ୍ତା କୃଷ୍ଣାଚାର୍ଯ୍ୟ ବା କାହ୍ନୁପାଦ ଅନେକଗୁଡ଼ିଏ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କର ୫୭ଟି ଗ୍ରନ୍ଥ ଥିବାର ଜଣାଯାଏ । ଏହା ଭିତରେ "ଦୋହା-କୋଷ" ଓ "କାହ୍ନୁପାଦ ଗୀତିକା" ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ସେ ଓଡ଼ିଶାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ନିଜେ ଗ୍ରନ୍ଥ ରଚନା କରିବା ସହିତ ଅନେକଗୁଡ଼ିଏ ଗ୍ରନ୍ଥ ମଧ୍ୟ ଅନୁବାଦ କରିଛନ୍ତି । ମହାପଣ୍ଡିତ, ଉପାଧ୍ୟାୟ, ମହାସିଦ୍ଧାଚାର୍ଯ୍ୟ, ମଣ୍ଡଳାଚାର୍ଯ୍ୟ ପ୍ରଭୃତି ଉପାଧିରେ ସେ ଭୂଷିତ ଥିଲେ । ଏଗୁଡ଼ିକରୁ ବୌଦ୍ଧ ସମାଜରେ ତାଙ୍କର ବିଶେଷ ସମ୍ମାନ ଓ ପ୍ରତିପତ୍ତି ଥିବାର ଏବଂ ସେ ସମ୍ପ୍ରଦାୟର ଜଣେ ପ୍ରଧାନ ନେତା ଥିବାର ଜଣାଯାଇଛି । କାହ୍ନୁ, କାହ୍ନୁପାଦ, କୃଷ୍ଣ, କୃଷ୍ଣପାଦ, କୃଷ୍ଣାଚାର୍ଯ୍ୟ, କୃଷ୍ଣବଜ୍ର ପ୍ରଭୃତି ନାମରେ ମଧ୍ୟ ସେ ପରିଚିତ ଥିଲେ ।

କୃଷ୍ଣାଚାର୍ଯ୍ୟଙ୍କ ଦେଶ ସମ୍ବନ୍ଧରେ ହରପ୍ରସାଦ ଶାସ୍ତ୍ରୀ ବୌଦ୍ଧଗାନ ଓ ଦୋହାର ମୁଖବନ୍ଧ (ବଙ୍ଗଳା)ରେ ଲେଖିଛନ୍ତି ଯେ, ସେ ବଙ୍ଗଳାବାସୀ ଥିଲେ; କିନ୍ତୁ ତାଙ୍କର ଅନୁମାନ ଠିକ୍ ନୁହେଁ । ସେ କହନ୍ତି—"କିନ୍ତୁ ସେ କେଉଁ ଦେଶର ଲୋକ ସେହି ବିଷୟରେ ଗୋଳ ରହିଛି । ତେଙ୍ଗୁର୍ରେ (ତିବ୍ବତରେ ସ୍ୱୟଂ ବୁଦ୍ଧଙ୍କ ସମ୍ପର୍କୀୟ ଗ୍ରନ୍ଥଗୁଡ଼ିକୁ କାଙ୍ଗୁର ଓ ଅନ୍ୟ ବୌଦ୍ଧ ଗ୍ରନ୍ଥଗୁଡ଼ିକୁ

ତେଙ୍ଗୁର କୃଷ୍ଣାଯାଏ ।) ସବୁଠି ସ୍ଥାନରେ ତାହାଙ୍କୁ ଭାରତବାସୀ ବୋଲି ଲେଖା ହୋଇଛି । କେବଳ ଗୋଟିଏ ସ୍ଥାନରେ ଲେଖା—ସେ ବ୍ରାହ୍ମଣ, ହିନ୍ଦୁସ୍ଥାନରୁ ଆଗତ । ସେ ପୁଣି ତର୍କ୍କମାଳାର ମହାପଣ୍ଡିତ କୃଷ୍ଣ, ଗ୍ରନ୍ଥକାର ନୁହନ୍ତି । ସୁତରାଂ ତେଙ୍ଗୁର ଲେଖାରୁ ପଦକର୍ତ୍ତା କୃଷ୍ଣଙ୍କର ବାସସ୍ଥାନ ନିର୍ଣ୍ଣୟ ହୋଇ ପାରିବ ନାହିଁ ।” ପୁଣି ସେ ଲେଖିଛନ୍ତି—ତେଙ୍ଗୁରରୁ ଯେତେବେଳେ ତାଙ୍କର ଦେଶ ଠିକ୍ ହୋଇ ପାରିଲା ନାହିଁ, ସେତେବେଳେ ତାଙ୍କର ଭାଷା ବିଶେଷ ଭାବରେ ପରୀକ୍ଷା କରିବାକୁ ହେବ । ସେ ହିସାବ କରି ଦେଖାଇଛନ୍ତି ତାଙ୍କ ଗାନଗୁଡ଼ିକରେ ସର୍ବମୋଟ ୪୩୮ଟି ଶବ୍ଦ ଅଛି; ଏ ଭିତରେ ସଂସ୍କୃତ ଶବ୍ଦ ୬୮ଟି, ତାହା ମଧ୍ୟରେ ୪ଟି ବୌଦ୍ଧ ଶବ୍ଦ, ଯଥା—‘ଏବଂକାର’, ‘ତଥତା’, ‘ତଥାଗତ’ ଓ ‘ଦଶବଳ’; ଆଉ ତିନୋଟି କଥା ବଙ୍ଗଳାରେ ଚଳନ୍ତି ନାହିଁ, ଯଥା—ଭଣ, ସ ଓ ଭବ ପରିଚ୍ଛିନ୍ନା । ବାକି ୬୦ ଶବ୍ଦ ବର୍ତ୍ତମାନ ମଧ୍ୟ ବଙ୍ଗଳାରେ ଚଳୁଛି । ସେ ପୁଣି କହୁଛନ୍ତି, ୫୫ଟି ଶବ୍ଦ ଚଳନ୍ତି ବଙ୍ଗଳାରେ ଚଳେ, ଅନ୍ୟ କୌଣସି ନିକଟବର୍ତ୍ତୀ ଭାଷାରେ ଚଳେ ନାହିଁ ।

୧୮୬ଟି ଶବ୍ଦ ବଙ୍ଗଳା ପୁରୁଣା ପୋଥିରେ ଦେଖାଯାଏ ବୋଲି ସେ କହୁଛନ୍ତି ଏବଂ ବର୍ତ୍ତମାନର ବଙ୍ଗଳାରେ ଏହି ଶବ୍ଦରୁ ଉତ୍ପନ୍ନ ଶବ୍ଦ ଚଳୁଛି, ଯେପରି—ବୋବ୍ (ବୋବା), ବୋଲ (ବୁଲି), ଭଣ (ଖଲ), ଦେଖୁ (ଦେ), ମାଲୀ (ମାଳ) ଇତ୍ୟାଦି । ବଙ୍ଗଳା ଭିତରେ ଚଳିଆସିଥିବା ଶବ୍ଦଗୁଡ଼ିକ ବର୍ତ୍ତମାନର ପ୍ରଚଳିତ ବଙ୍ଗଳା ଶବ୍ଦ ବୋଲି ସେ ବ୍ୟକ୍ତ କରିଛନ୍ତି । ଆଉ ଏକ ସୂତ୍ର ସେ ଦେଖାଇଛନ୍ତି—ସଂସ୍କୃତରୁ ଉଦ୍ଭୂତ, ଅଥଚ ବଙ୍ଗଳାରେ ପ୍ରଚଳିତ ନାହିଁ, ଏପରି ୧୬ଟି ଶବ୍ଦ ଅଛି; ଏହା ଭିତରେ କେତୋଟି ଶବ୍ଦ, ଯଥା—ଅଇଠ, ତୈଇଲ, କଣ୍ଟେସ ଇତ୍ୟାଦି ପୁରୁଣା ବଙ୍ଗଳାରେ ପ୍ରଚଳିତ ଥିଲା; କିନ୍ତୁ ତାହାଠାରୁ ଉତ୍ପନ୍ନ କୌଣସି ଶବ୍ଦ ବର୍ତ୍ତମାନ ବଙ୍ଗଳାରେ ପ୍ରଚଳିତ ନାହିଁ, ବରଂ ନିକଟବର୍ତ୍ତୀ ଭାଷାରେ ପ୍ରଚଳିତ ଅଛି । ଏହିସବୁ ସୂତ୍ର ଉପରେ ନିର୍ଭର କରି ଶାସ୍ତ୍ରୀ ମତ ଦେଇଛନ୍ତି, “ଏହିସବୁ ଦେଖି ପଦକର୍ତ୍ତା କୃଷ୍ଣପାଦ ବା କାହ୍ନୁପାଦର ଭାଷା ବଙ୍ଗଳା ବୋଲି କହିବାରେ କୁଣ୍ଠିତ ହେବାର କାରଣ ଦେଖୁ ନାହିଁ ।” ଶାସ୍ତ୍ରୀ ସରହ, ଧର୍ମପାଦ, ଢେଣ୍ଢଣ, ଲୁଇ, ଭୁସୁକୁ ପ୍ରଭୃତିଙ୍କ ଗାନ ଓ ଦୋହାର

ଭାଷା ବଙ୍ଗଳା ବୋଲି କହୁଛନ୍ତି ଏବଂ ଉପଯୁକ୍ତ କାରଣ ନ ଦେଖାଇ ସେମାନଙ୍କ ଭିତରୁ ବହୁ ସିଦ୍ଧାଚାର୍ଯ୍ୟଙ୍କୁ ବଙ୍ଗବାସୀ ବୋଲି ଦାବୀ କରୁଛନ୍ତି । କିନ୍ତୁ ଏହା ଗ୍ରହଣୀୟ ନୁହେଁ ।

ମହାମହୋପାଧ୍ୟାୟ ଶାସ୍ତ୍ରୀ ସେହି ପ୍ରମାଣଗୁଡ଼ିକ ଦେଖାଇ କାହ୍ନୁପାଦଙ୍କ ଭାଷାକୁ ବଙ୍ଗଳା ଭାଷା ବୋଲି କହୁଛନ୍ତି, ସେ ସବୁ ଅଧିକ ଜୋରରେ ଓଡ଼ିଆ ପ୍ରତି ପ୍ରଯୁଜ୍ୟ । କୃଷ୍ଣାଚାର୍ଯ୍ୟ ଓଡ଼ିଶାବାସୀ ବ୍ରାହ୍ମଣ ବୋଲି ତେଙ୍ଗୁର ଗ୍ରନ୍ଥରେ ପ୍ରମାଣ ମିଳୁଥିବା ବେଳେ ତାଙ୍କୁ ଅସ୍ୱୀକାର କରାଯାଇ ନ ପାରେ । ଗାନ ଓ ଦୋହାର ଭାଷା ବଙ୍ଗଳା ଭାଷା ନୁହେଁ ବରଂ ବେଶୀ ଅଂଶରେ ଓଡ଼ିଆ । କାରଣ ଓଡ଼ିଆ ଭାଷାର ପ୍ରତ୍ୟୟ ଓ ଆକାର ପ୍ରକାର ଏଥିରେ ବଙ୍ଗ ଭାଷା ଅପେକ୍ଷା ବେଶୀ ଦେଖାଯାଉଛି ।

'ବୌଦ୍ଧ ଗାନ ଓ ଦୋହା' ଭିତରେ ପ୍ରାୟ ୫୦ଟି ଗାନ ଥିବାର ଜଣାଯାଏ, ସେଥିରୁ ୧୩ଟି କୃଷ୍ଣାଚାର୍ଯ୍ୟଙ୍କର । ଚର୍ଯ୍ୟାପଦ ରଚନାରେ ସେ କୃତହସ୍ତ ଥିବା ଏଥିରୁ ଜଣାଯାଉଛି ।

କୃଷ୍ଣାଚାର୍ଯ୍ୟ ୮୪ ସିଦ୍ଧଙ୍କ ଭିତରେ ସପ୍ତଦଶ ସ୍ଥାନୀୟ ଏବଂ ପଦକର୍ତ୍ତା ହିସାବରେ ଏହାଙ୍କର ସ୍ଥାନ ଅତି ଉଚ୍ଚ । ଜାଳନ୍ଧରୀ କୃଷ୍ଣାଚାର୍ଯ୍ୟଙ୍କ ଗୁରୁ ଥିବା ଜଣାଯାଏ ଏବଂ ଜାଳନ୍ଧରୀ ରାଜା ଗୋପୀଚନ୍ଦ୍ରଙ୍କ ସମସାମୟିକ । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ଏମାନେ ବିଦ୍ୟମାନ ଥିଲେ ବୋଲି କୁହାଯାଇପାରେ । କୃଷ୍ଣାଚାର୍ଯ୍ୟଙ୍କର ବଜ୍ର ପଞ୍ଜିକା ଯୋଗରତ୍ନମାଳାର ଏକ ପାଣ୍ଡୁଲିପିରେ ଖ୍ରୀ: ୧୧୯୯ ଲେଖା ଅଛି । ଏହି ପାଣ୍ଡୁଲିପିଟି ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପାଠାଗାରରେ ଥିବା ଜଣାଯାଏ । ଏଥିରୁ ଜଣାଯାଉଛି ଯେ ଦ୍ୱାଦଶ ଶତାବ୍ଦୀ ବେଳକୁ କୃଷ୍ଣାଚାର୍ଯ୍ୟଙ୍କ ଚର୍ଯ୍ୟାପଦଗୁଡ଼ିକ ଗ୍ରନ୍ଥାଗାରମାନଙ୍କରେ ସ୍ଥାନ ପାଇ ସାରିଥିଲା ।

କୃଷ୍ଣାଚାର୍ଯ୍ୟଙ୍କର ଚର୍ଯ୍ୟାପଦଗୁଡ଼ିକରେ ବହୁ ଓଡ଼ିଆ ଶବ୍ଦ ଦେଖାଯାଉଛି । ଏଥିରୁ କେତେକ ଉଦ୍ଧୃତ, ଦକ୍ଷିଣ-ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଚଳୁଛି ।

୧ । "ଅଲିଏ କାଲିଏ ବାଟ ଭୁଲେଇଲ" ଚର୍ଯ୍ୟାପଦରେ ବାଟ ଭୁଲେଇଲ (ଭୁଲିଲ), ତା ବେଢ଼ି, କନ୍ଧ (କାନ୍ଧ), ଜୋ, ଦିନ, ଭଣଇ ପ୍ରଭୃତି ପଦ ଓଡ଼ିଆ ।

୨ । "ଏବଂ-କାର ଦିଢ଼ ବାଖୋଡ଼ ମୋଡ଼ିଉ" । —ଭାଜଇ, ଦଶଦିସ, ଅକଲେସେ (ଅକ୍ଳେଶେ), ଦଶବଲ ।

୩ । "ନଗର ବାହ୍ୱାରିରେ ଡୋମ୍ବି ତୋହୋରି କୁଡ଼ିଆ" । —ନଗର, ବାହ୍ୱାରି, ଡୋମ୍ବି, ତୋହୋରି, କୁଡ଼ିଆ, ଜାହ (ଯାଅ), ଆଲୋ, ସାଙ୍ଗ, କରିବ, ଚୌଷଠି, ପାଖୁଡ଼ୀ, ଚଡ଼ି (ଚଢ଼ି), ନାଚଅ (ନାଚ), ବାପୁଡ଼ୀ, ହାଲୋ, ପୁଚ୍ଛମି, ଆଇସ, ଜାସ, କାହାରି, ନାବେ, ତନ୍ତି, ଛୁ, ଲୋ, ବେଚିଲି, ମୋଏ (ମୁଁ), ହାଡ଼, ମାଳୀ, ଲେମି (ନେମି), ପରାଣ, ଖାଅ, ମାରମି (ମାରିବି) ।

ଏପରି ଅନ୍ୟାନ୍ୟ ଚର୍ଯ୍ୟାପଦମାନଙ୍କରେ ମଧ୍ୟ ବହୁ ଓଡ଼ିଆ ଶବ୍ଦ ପ୍ରଚୁର ଦେଖାଯାଏ । ବାଜଣ୍ଟି, ଘଣ୍ଟ, ପଇଠ, ଟୁଲ, ଲବଏ, ଶାଶୁ, ନଣନ୍ଦ, ଶାଳୀ, ମାଆ, ଘରେ, ମାରିଆ (ମାରି), ଖେଳ, ନଷ୍ଟବଳ, ଚିଟା, ଅଠକ (ଆଠ), ଦିନ, ଭୁଇ, ଗାଭି (ଗାଭୀ), ବାହିଁ, ଟୁଲାଲି, ମାଦଳା, କଇତୁକ, ଅଶୁ, କାଣ୍ଡ, ଝଣ୍ଟ (ଝଟକେ), ସାଙ୍ଗି, ଗୁମ୍ଫ, ଛଦାକ୍ଷ, ମଇ (ମୁଇଁ), ଦୁକ୍ଖନ, ପୋଥି, ବୋଲି, କସ, ଯେ, ବୋକ (ବୋକା), କାଳ (ବଧିର), ଦୋହ (ଦୋହଇ), ଭଗ (ଭଙ୍ଗୀ), ଦୁଧ, ବାଢ଼ଇ (ବଢ଼ଇ) ଇତ୍ୟାଦି ।

କାହ୍ନୁପାଙ୍କ କେତୋଟି ପଦ ଆଧୁନିକ ଓଡ଼ିଆ ଅନୁବାଦ ସହ ଏଠାରେ ଦିଆଗଲା ।

୧ । ରାଗ—ଦେଶାଖ

ନଗର ବାହ୍ୱାରେ ରେ ଡୋମ୍ବି ତୋହୋରି କୁଡ଼ିଆ
ଛୋଇ ଛୋଇ ଜାଇ ସୋ ବ୍ରାହ୍ମଣ ନାଡ଼ିଆ ।
ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ
ନିଘିନ କାହ୍ନୁ କାପାଲି ଜୋଇ ଲାଂଗ
ଏକ ସୋ ପାଦୁମା ଚୌଷଠୀ ପାଖୁଡ଼ି
ତାହିଁ ଚଡ଼ି ନାଚଅ ଡୋମ୍ବୀ ବାପୁଡ଼ୀ ।

ଆଲୋ ଡୋମ୍ବି ତୋ ପୁଛମି ସଦ ଭାବେ
ଆଇସସି ଜାସି ଡୋମ୍ବି କାହାରି ନାବେଁ ।
ତାନ୍ତି ବିକଣଅ ଡୋମ୍ବି ଅବରନା ଚଙ୍ଗେଡ଼ା
ତୋହୋର ଅନ୍ତରେ ଛାଡ଼ି ନଡ଼ପେଡ଼ା ।
ତୁ ଲୋ ଡୋମ୍ବି ହାଉଁ କପାଲୀ
ତୋହୋର ଅନ୍ତରେ ମୋଏ ଘେଣିଲି ହାଡ଼େରି ମାଲୀ ।
ସରବର ଭାଞ୍ଜିଅ ଡୋମ୍ବି ଖାଅ ମୋଳାଣ ।
ମାରମି ଡୋମ୍ବି ଲେମି ପରାଣ ।

ଏହାର ମର୍ମାନୁବାଦ—

ନଗର ବାହାରରେ ଡୋମ୍ବି ତୋହର କୁଡ଼ିଆ
ବ୍ରାହ୍ମଣ ନେଡ଼ାଙ୍କୁ ତୁ ଯାଉ ଛୁଇଁ ଛୁଇଁ ।
ଡୋମ୍ବି ତୋର ସଙ୍ଗେ କରିବି ସଙ୍ଗ
କାହ୍ନୁ ସେ କାପାଳୀ ଯୋଗୀ ନିର୍ଘୃଣ ଉଲଙ୍ଗ !
ଏକ ଯେ ପଦ୍ମ, ତାର ଚୌଷଠୀ ପାଖୁଡ଼ା
ତହିଁରେ ଚଢ଼ି ନାଚେ ଡୋମ୍ବି ବାପୁଡ଼ୀ ।
ହଁ ଲୋ ଡୋମ୍ବି, ସଦ୍ଭାବରେ ପଚାରୁଛି
ଯିବା ଆସିବା କରୁ ତୁହି କାହାର ନୌକାରେ ?
ତନ୍ତୀ ଚଙ୍ଗେଡ଼ି ଆଦି ଡୋମ୍ବି ତ୍ୟାଗ କରି,
ନାଟ ପେଡ଼ା ମୁଁ ଛାଡ଼ି ତୋର ପାଇଁ ।
ତୁହି ଡୋମ୍ବି, ମୁହିଁ କାପାଳିକ ।
ତୁମ ଅନ୍ତରେ ନେଇଛି ମୁଁ ହାଡ଼ ମାଳ ।
ସରୋବର ଭାଙ୍ଗି ଡୋମ୍ବି ଖାଉ ତୁ ମୃଣାଳ ।
ମାରିବି ଡୋମ୍ବି ନେବି ତୋ ପରାଣ ।

୧ । ରାଗ—ପଟମଞ୍ଜରୀ

ଅଲିଏଁ କାଲିଏଁ ବାଟ ରୁନ୍ଧେଲା
ତା ଦେଖି କାହ୍ନୁ ବିମନ ଭଇଲା ।

କାହ୍ନୁ କହିଁ ଗଇ କରିବ ନିବାସ
ଜୋ ମନ ଗୋଅର ସୋ ଉଆସ ।
ତେ ତିନ ତେ ତିନ ତିନ ହୋ ଭିନ୍ନ
ଭଣଇ କାହ୍ନୁ ଭବ ପରିଚ୍ଛିନ୍ନ ।
ଜେ ଜେ ଆଇଲା ତେ ତେ ଗେଲା
ଅବଣା-ଗବଣେ କାହ୍ନୁ ବିମଣ ଭଇଲା ।
ହେରି ସେ କାହ୍ନି ନିଅଡ଼ି ଜିନଉର ବଟ୍ଟଇ
ଭଣଇ କାହ୍ନୁ ମୋହିଅହି ନ ପଇସଇ ।

ଓଡ଼ିଆ ଅନୁବାଦ—

ଆଳିଏଁ କାଳିଏଁ ବାଟ ରୁନ୍ଧିଲା
ତା ଦେଖି କାହ୍ନୁ ବିମନ ହୋଇଲା ।
କାହ୍ନୁ କାହିଁ ଯାଇ କରିବ ନିବାସ
ଯେ ମନ ଗୋଚର ସେ ଉଆସ (ଏବଂ ଉଦାସ)
ସେ ତିନ ସେ ତିନ ତିନ ହୋ ଭିନ୍ନ
ଭଣଇ କାହ୍ନୁ ଭବ ପରିଚ୍ଛିନ୍ନ ।
ଯେ ଯେ ଆଇଲେ ସେ ସେ ଗଲେ
ଗମନାଗମନେ କାହ୍ନୁ ବିମନ ହୋଇଲା ।
ହେରି ସେ କାହ୍ନୁ ନିକଟେ ଜିନପୁର ବର୍ତ୍ତଇ ।
ଭଣଇ କାହ୍ନୁ ମୋ ହୃଦେଁ ନ ପଶଇ ।
(କିମ୍ବା) ଭଣଇ କାହ୍ନୁ ମୋ ହୃଦରେ ନ ପଶଇ ।

କାହ୍ନୁପାଦଙ୍କ ଚର୍ଯ୍ୟାପଦମାନଙ୍କ ଭିତରେ ଉଚ୍ଚକୋଟିର ସାହିତ୍ୟିକ ସରସ ଓ ଲଳିତ ପଦଯୋଜନା ଅଛି । ଯଥା—

୧ । କାହ୍ନୁ ବିଲସଅ ଆସବ ମାତା
ସହଜ ନଳିନୀ ବନ ପଇସି ନିବିତା ।
ଜିମଜିମ କରିଣା କରିଣୀରେ ରିସଅ
ତିମ ତିମ ତଥତା ମଅଗଳ ବରିସଅ ।

ଏଥିରେ ଶେଷ ପଦରେ ଯମକ ଓ ଉପମା ମିଳନ ଅଛି ।

୨ । ଆଲି କାଲି ଘଣ୍ଟା ନେଉର ଚରଣେ
ରବି ଶଶି କୁଣ୍ଡଲ କିଉ ଆଭରଣେ ।
ରାଗ ଦେଷ ମୋହ ଲାଇଅ ଛାର
ପରମ ମୋଖ ଲବଏ ମୁତ୍ତିହାର ।

୩ । ପଞ୍ଚ ତଥାଗତ କିଅ କେହୁଆଲ
ବାହୁଅ କାଅ କାହ୍ନିଲ ମାଆଜାଲ ।
ଗନ୍ଧ ପରଶ ରସ ଜଇଁସୋ ତଇଁସୋ
ଣିଂଦ ବିହୁଣେ ସୁଇଁନା ଯଇସୋ ।

## ସିଦ୍ଧ ଗୁଣ୍ଡରୀପାଦ

ଗୁଣ୍ଡରୀପାଦ ମଧ୍ୟ ଓଡ଼ିଶାରୁ ଯାଇଥିବା କି ଅନୁମାନ ହୁଏ । ତାଙ୍କର ଲେଖାରେ ବହୁ ଓଡ଼ିଆ ଶବ୍ଦ ଥିବାର ଦେଖାଯାଏ ।

ରାଗ—ଅରୁ

ତିଅଡ୍ଡା ଚୁପୀ ଜୋଇନି ଦେ ଅଙ୍କ ବାଲୀ
କମଲ କୁଲିଶ ଘାଣ୍ଟ କରହୁ ବିଅଲୀ ।
ଜୋଇନି ତଇଁ ବିନୁ ଖନହିଁ ନ ଜୀବମି
ତୋ ମୁହଁ ଚୁମ୍ବି କମଲ ରସ ପିବମି ।

ଓଡ଼ିଆ ଅନୁବାଦ—

ତିଅଡ଼ା ଚୁପି ଯୋଗିନୀ ଦେ ଅଙ୍କପାଳି
କମଳ କୁଳିଶ ଘାଣ୍ଟ କରୁଁ ବିଅଳୀ ।
ଯୋଗିଣି ତୋ ବିନୁ କ୍ଷଣେ ନ ବଞ୍ଚେ
ତୋ ମୁହଁ ଚୁମ୍ବି କମଳ ରସ ପିବଇଁ ।

## ସିଦ୍ଧ କୁକୁରୀ (କୁକୁଆ) ପାଦ

କୁକୁରୀପାଦ ଓଡ଼ିଶାରୁ ଯାଇଥିବା ଅନୁମାନ କରାଯାଏ । ଏହାଙ୍କର ଲେଖା ପଢ଼ିଲେ ଅବିକଳ ଓଡ଼ିଆ ଲେଖା ବୋଲି ବୋଧହୁଏ ।

ରାଗ—ଗବଡ଼ା (ଗଉଡ଼ା)

ଏକ ସେ ଶୁଣ୍ଡିନି ଦୁଇ ଘରେ ସାନ୍ଧଅ
ଚୀଅଣ ବାକଲଅ ବାରୁଣୀ ବାନ୍ଧଅ ।
ସହଜେ ଥିର କରି ବାରୁଣୀ ସାନ୍ଧେ
ଜେଁ ଅଜରାମର ହୋଇ ଦିଢ଼ କାନ୍ଧ ।
ଦଶମୀ ଦୁଆରତ ଚିହ୍ନ ଦେଖିଅ
ଆଇଲ ଗରାହକ ଅପଣେ ବହିଆ ।
ଚଉଷଠୀ ଘଡ଼ିଏ ଦେଲ ପସାରା
ପଇଠେଲ ଗରାହକ ନାହିଁ ନିସାରା ।
ଏକ ସେ ଘଡ଼ୁଲୀ ସରୁଇ ନାଳ
ଭଣନ୍ତି ବିରୁଆ ଥିର କରି ଚାଲ ।

ଓଡ଼ିଆ ଅନୁବାଦ—

ଏକ ସେ ଶୁଣ୍ଡିନୀ ଦୁଇ ଘରେ ସାନ୍ଧଇ
ଚିକଣ ବକ୍‌କଳରେଁ ବାରୁଣୀ ବାନ୍ଧଇ ।
ସହଜେ ଥିର କରି ବାରୁଣୀ ସାନ୍ଧ
ଯେ ଅଜରାମର ହୋଇ ଦୃଢ଼ କାନ୍ଧ ।
ଦଶମୀ ଦୁଆରେ ତ ଚିହ୍ନ ଦେଖି
ଆଇଲା ଗରାହକ ଆପଣେ ବହି ।
ଚଉଷଠୀ ଘଡ଼ାରେ ଦେଲା ପସରା
ପଇଠିଲା (ପଶିଲା) ଗରାହକ ନାହିଁ ନିସାରା ।
ଏକ ସେ ଘଡ଼ୀ ସରୁଇ ନାଳ
ଭଣନ୍ତି ବିରୁଆ ଥିର କରି ଚାଲ ।

## (ଗ) ଅଦ୍ୱୟବଜ୍ର ବା ମୈତ୍ରୀଗୁପ୍ତ—

ସିଦ୍ଧାଚାର୍ଯ୍ୟମାନଙ୍କର ଗ୍ରନ୍ଥାବଳୀର ଟୀକାକାର ଓ ପଞ୍ଜିକାକାରମାନଙ୍କ ଭିତରେ ଅଦ୍ୱୟବଜ୍ର ଅଗ୍ରଗଣ୍ୟ । ସେ ସିଦ୍ଧମାନଙ୍କର ଗୂଢ଼ ଭାଷାକୁ ସରଳାର୍ଥ କରି

ସହଜବୋଧ କରୁଥାଆନ୍ତି । ଅଦ୍ୱୟବଜ୍ର ଶରହପାଙ୍କ ଦୋହାକୋଷର ପଞ୍ଜିକା ସଂସ୍କୃତରେ ଲେଖିଥିଲେ । ସେ ଏକାଦଶ ଶତାବ୍ଦୀର ପ୍ରଥମ ପାଦରେ ଜୀବିତ ଥିବାର କୈ ଅନୁମିତ ହୁଏ । ନେପାଳର ପଶ୍ଚିମ ତରାଇ ପ୍ରଦେଶ ଅନ୍ତର୍ଗତ ଝୌଲିହୁବା ଅଞ୍ଚଳର କପିଳବାସ୍ତୁ (ବା ବର୍ତ୍ତମାନର ତଲୌହ୍ୱାକୋଟ) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ବ୍ରାହ୍ମଣ ସନ୍ତାନ ଥିଲେ । ସଂସ୍କୃତ ସାହିତ୍ୟ, ଦର୍ଶନ, ବ୍ୟାକରଣ ପ୍ରଭୃତିରେ ଅଗାଧ ପାଣ୍ଡିତ୍ୟ ଲାଭ କରିବା ପରେ ସେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଭିକ୍ଷୁ ହୋଇଥିଲେ । ଦୀକ୍ଷା ପରେ ତାଙ୍କର ନାମ ହୋଇଥିଲା ମୈତ୍ରୀଗୁପ୍ତ । ସେ ଭାରତରେ ବହୁତ ସ୍ଥାନ ଭ୍ରମଣ କରି ବୌଦ୍ଧଧର୍ମର ପ୍ରଚାର କରିଥିଲେ । ସେ ଓଡ଼ିଶାକୁ ମଧ୍ୟ ଆସିଥିଲେ । ସିଦ୍ଧ ସରହପାଦଙ୍କ ଶିଷ୍ୟ ଶବରପାଦଙ୍କୁ ଦେଖିବା ପାଇଁ ମନଭଙ୍ଗ ଓ ଚିତ୍ତ-ବିଶ୍ରାମ ପର୍ବତର ଅନ୍ବେଷଣରେ ସେ ବିକ୍ରମଶୀଳା ବିହାରରୁ ବାହାରି ବାରେନ୍ଦ୍ର, ରାଢ଼, ଓଡ଼ିଶା, ଆନ୍ଧ୍ର ପ୍ରଭୃତି ଦେଶ ଭ୍ରମଣ କରିଥିଲେ । ବହୁ ଅନ୍ବେଷଣ ପରେ ସେ ଚିତ୍ତବିଶ୍ରାମ ପର୍ବତରେ ଉପସ୍ଥିତ ହୋଇ ଶବରପାଦଙ୍କୁ ଦର୍ଶନ କରିଥିଲେ । ଏହିଠାରେ ସେ ଘୋର ତପସ୍ୟା କରିଥିଲେ ଏବଂ ନିଜକୁ ଅଦ୍ୱୟବଜ୍ର ବୋଲି ପରିଚିତ କରାଇଥିଲେ । ଓଡ଼ିଶାକୁ ଆସି ସେ ବଜ୍ରଯାନ ସମ୍ପ୍ରଦାୟରେ ବିଶେଷ ଭାବରେ ଶିକ୍ଷାଲାଭ କରିଥିବା ମନେ ହୁଏ । ଶବରପାଦଙ୍କଠାରୁ ସେ ବଜ୍ରଯୋଗିନୀଙ୍କ ଉପାସନା ମଧ୍ୟ ଶିଖିଥିଲେ ।

ଅଦ୍ୱୟବଜ୍ରଙ୍କ "ଦୋହାକୋଷ"ର ସଂସ୍କୃତ ଟୀକାର ଆରମ୍ଭ—

ଟୀକାର ନାମ—"ସହଜାମ୍ନାୟ ପଞ୍ଜିକା"

ନମଃ ଶ୍ରୀ ବଜ୍ରସତ୍ତ୍ୱାୟ ।

ନମସ୍କୃତ୍ୟ ଜଗନ୍ନାଥାନ୍ ଗୁରୂନ୍ ସତ୍ତମାଦରାତ୍
ଲିଖ୍ୟତେ ଦୋହାକୋଷସ୍ୟ ସହଜାମ୍ନାୟ ପଞ୍ଜିକା ।

ବୁଦ୍ଧେହି ଣ ଜାଣନ୍ତି ହୁ ଭେଉ ।
ଏବଇ ପଡ଼ି-ଅଲ୍ଲ ଏ ତତ୍ତ୍ୱବେଷ । ଇତ୍ୟାଦି ।

## ସାନ୍ଧ୍ୟ ଭାଷା

ଚର୍ଯ୍ୟା ଓ ଦୋହାଗୁଡ଼ିକ ସାନ୍ଧ୍ୟ ଭାଷାରେ ଲିଖିତ । ତନ୍ତ୍ର ଓ ଯୋଗ ସମ୍ବନ୍ଧୀୟ ରଚନାବଳୀରେ ସାଧାରଣତଃ ଏହି ପ୍ରକାର ଭାଷା ବ୍ୟବହୃତ ହୋଇ ଥାଏ । ବୌଦ୍ଧ ଚର୍ଯ୍ୟାପଦାବଳୀର ସାନ୍ଧ୍ୟ ଭାଷା ହିନ୍ଦୁତନ୍ତ୍ର ଓ ଯୋଗର ସାନ୍ଧ୍ୟ ଭାଷା ଭିତରେ ବେଶୀ ପାର୍ଥକ୍ୟ ଦେଖାଯାଏ ନାହିଁ ।

ସମ୍—ପୂର୍ବକ ଧ୍ୟୈ+ଅ+ଆପ୍ (ସ୍ତ୍ରୀ)—ସନ୍ଧ୍ୟା ।

ସମ୍ୟକ୍ ଧ୍ୟାନପୂର୍ବକ ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରି ଯେଉଁ ଭାଷାର ଗୂଢ଼ାର୍ଥ ବା ପ୍ରଚ୍ଛନ୍ନାର୍ଥ ସ୍ଥିର କରିବାକୁ ହୁଏ ସେହି ଭାଷା ହିଁ ସାନ୍ଧ୍ୟ ଭାଷା ବା ସନ୍ଧ୍ୟା ଭାଷା । ସଂସ୍କୃତ ଟୀକାକାରମାନେ ମଧ୍ୟ ଏହି ଅର୍ଥରେ ସାନ୍ଧ୍ୟ ଭାଷାର ବ୍ୟବହାର କରିଛନ୍ତି । ଯଥାଃ—ବଜ୍ରଗୀତୀ—ଅବଧୂତ ଶବ୍ଦ ସନ୍ଧ୍ୟାୟାଂ—('ଦୁଲି ଦୁହିପିଟା ଧରଣ ନ ଯାଇ' ଇତ୍ୟାଦି ପଦ) ।

ବାଲ୍ଲୁଣୀଥ ସନ୍ଧ୍ୟାବଚନେନ ସବୃତ୍ତିବୋଧିଚିତ୍ତଂ ବୋଧୟନ୍ ।

( ଏକ ସେ ଶୁଣ୍ଡିନ ଦୁଇ ଘରେ ସାନ୍ଧଅ—ଟୀକା )

ଉପରୁ ଦେଖିଲେ ଏହି ପଦାବଳୀର ଅର୍ଥ ସରଳ ପରି ଜଣାଯାଏ । କିନ୍ତୁ ଏହାର ଗୂଢ଼ାର୍ଥ ଅନ୍ୟ ପ୍ରକାର ବିଷୟକୁ ନିର୍ଦ୍ଦେଶ କରେ ।

ସନ୍ଧ୍ୟା ଭାଷାର କେତେକ ଶବ୍ଦର ଗୂଢ଼ ଅର୍ଥ ଏପରି ବିଭିନ୍ନ ଯୋଗ ଓ ତନ୍ତ୍ର ଗ୍ରନ୍ଥମାନଙ୍କରେ ଦିଆଯାଇଛି—

“ରୁଦ୍ରଯାମଳ”ରେ ପୁଷ୍କର ତୀର୍ଥକୁ ରଜସ୍ୱଳା, କାଶୀକୁ ଚଣ୍ଡାଳୀ, ପ୍ରୟାଗକୁ ଚର୍ମକାରୀ, ମଥୁରାକୁ ରଜକୀ, ଅଯୋଧ୍ୟାକୁ ପୁକ୍କସୀ ବା ଶବରୀ ବୋଲି କୁହାଯାଇଛି ।

ରଜସ୍ୱଳା ପୁଷ୍କରଂ ତୀର୍ଥଂ ଚଣ୍ଡାଳୀ ତୁ ସ୍ୱୟଂ କାଶୀ,
ଚର୍ମକାରୀ ପ୍ରୟାଗସ୍ୟାତ୍ ରଜକୀ ମଥୁରା ମତା ।

ଉକ୍ତ ଚର୍ଯ୍ୟାପଦମାନଙ୍କରେ କେତେକ ଶବ୍ଦର ଅର୍ଥ ଏପରି ଦିଆଯାଇଛି—

ଅବଧୂତୀ = ଶୋଧିକା, ସୁଷୁମ୍ନା ।

ଏବଂକାର = ଶୂନ୍ୟତା, କରୁଣାଙ୍କିତ ମହାମୁଦ୍ରା ।

କମଳରସ = ଈଷ ସୁଖ ।

କରୁଣା = ଦୟା ।

କୁନ୍ଦୁରୁ = ଦୁଇ ଇନ୍ଦ୍ରିୟର ସମାପତ୍ତି, ମୈଥୁନ ।

ଗିରି = ପର୍ବତ, ଶିଖର ।

ଚଣ୍ଡାଳୀ—ଶକ୍ତି, ମହାମୁଦ୍ରା, ଧର୍ମମୁଦ୍ରା, ଜ୍ଞାନମୁଦ୍ରା ।

ଡମ୍ଫ = ଏହାର ବର୍ଣ୍ଣନା ଏହିପରି—

ମେରୁ ବାହ୍ୟ ପ୍ରଦେଶେ ଶଶି ମିହିର ଶିରେ ସବ୍ୟାପସବ୍ୟେ ନିଷଣ୍ଣେ ।
ମଧ୍ୟେ ନାଡ଼ୀ ସୁଷୁମ୍ନା ତ୍ରିତୟଗୁଣମୟୀ ଚନ୍ଦ୍ର ସୂର୍ଯ୍ୟାଗ୍ନିରୂପା ।
( ଷଟ୍‌ଚକ୍ର ନିରୂପଣ )

ତରୁଣୀ = ଯୁବତୀ, ମହାମୁଦ୍ରା ।

ନିରଞ୍ଜନ = ନିର୍ମଳ, ପଙ୍କଜକାୟ ।

ପଦ୍ମ = କମଳ, ଯୋନି ।

ବୁଦ୍ଧ = ଚନ୍ଦ୍ରସୂର୍ଯ୍ୟୋପରାଗେଣ ପ୍ରଜ୍ଞୋପାୟ ପ୍ରଭେଦତଃ
ସଂଲୀନଂ ଅଦ୍ଵୟଂ ଜ୍ଞାନଂ ବୁଦ୍ଧସିଦ୍ଧି ଉଚ୍ୟତେ । ( କୁଦ୍ଦାଳିପାଦ )

ବୋଧିଚିତ୍ତ = ବୋଧିମନ, ଶୁକ୍ର ।

ରବି = ରକ୍ତ, ପିଙ୍ଗଳା ।

ରସନା = ଜିହ୍ଵା, ପିଙ୍ଗଳା ।

ଲଲନା = ସ୍ତ୍ରୀ, ଇଡ଼ା ।

ଲଲନା ପ୍ରଜ୍ଞା ସ୍ୱଭାବେନ ରସନୋପାୟ ସଂସ୍ଥିତା ।
ଅବଧୂତୀ ମଧ୍ୟ ଦେଶେ ତୁ ଗ୍ରାହ୍ୟ ଗ୍ରାହକ ବର୍ଜିତା ।
( ହେ ବଜ୍ରତନ୍ତ୍ର )

ଲଲନା ରସନା ନାଡ଼ୀ ପ୍ରଜ୍ଞୋପାୟୌ ମେଳକଃ ।
ଆଧାରବଧୂତୀ ସ୍ଥାନେ ସମରସଂ ସଂସ୍ଥିତଃ । ( ବୌଦ୍ଧଗାନ )

ବଜ୍ର = ଶୂନ୍ୟତା ।

ଦୃଢ଼ଂ ସାରଂ ଅଶୌଶୀର୍ଯ୍ୟଂ ଅଚ୍ଛେଦ୍ୟାଭେଦ୍ୟ ଲକ୍ଷଣମ୍ ।
ଅଦାହି ଅବିନାଶୀ ଚ ଶୂନ୍ୟତା ବଜ୍ର ଉଚ୍ୟତେ ।
ଯୋଗ ରତ୍ନମାଳା ।

ବଜ୍ରଧର — କାୟବାକ୍ ଚିତ୍ତ, ସ୍ୱାମୀ, ଲିଙ୍ଗଶୂନ୍ୟ ।
ନମ୍ର ବଜ୍ରଧରକାୟ ଯୋଷିତୋ ବଜ୍ର ଯୋଷିତଃ ।

ବଜ୍ରଯାନ — ମନ୍ତ୍ରଯାନ ।

ଏହାର ଶାଖା ପ୍ରଶାଖା ନିମ୍ନପ୍ରକାର ଦର୍ଶାଯାଇଛି—

ବଜ୍ରଯାନ
- ନିମ୍ନ ମନ୍ତ୍ର
  - କ୍ରିୟା
  - ଚର୍ଯ୍ୟା
- ଉଚ୍ଚ ମନ୍ତ୍ର
  - ଯୋଗ
  - ଅନୁତ୍ତର ଯୋଗ

ବଜ୍ର = ସ୍ଫୁଟ, ଅନାହତ, ବଜ୍ରଧର ।
ବଜ୍ର ! ସ୍ଫୁଟସି ମନ୍ତ୍ରୋ ବର୍ଣ୍ଣୈ ପ୍ରକୃତଃ ସ୍ଫୁଟଃ ।
ପୁଂପ୍ରକୃତ୍ୟାତ୍ମକୋଽୟଂ ସ୍ତ୍ରୀଜନ୍ମନିଦଂ ଜଗତ୍ ।

ଶଶୀ — ଚନ୍ଦ୍ର, ଶୁକ୍ର, ଇଡ଼ା, ପିଙ୍ଗଳା, ବାମ ନାଡ଼ୀସ୍ଥିତ ।
ସମରସ — ଚିତ୍ତନିରୋଧ, ନୈର୍ଥିକ ।
ସୂର୍ଯ୍ୟ — ରକ୍ତ, ଈଙ୍ଗଳା, ଦକ୍ଷିଣ ନାଡ଼ୀସ୍ଥିତ ।
ହୁଂକାର — ବଜ୍ରଧର ।
( "ଦୋହାକୋଷ" ସୂଚୀ—ଡ଼ଃ ସାଂକୃତ୍ୟାୟନ )

## ଦୋହା ଓ ଚର୍ଯ୍ୟାପଦରେ କେତେକ ଓଡ଼ିଆ ଶବ୍ଦ—

ବୌଦ୍ଧ ଗାନ ଓ ଦୋହାବଳୀରେ ଯେଉଁ ସବୁ ଅପଭ୍ରଂଶ ଶବ୍ଦ ବ୍ୟବହୃତ ହୋଇଛି ସେଥିରୁ କେତେକ ଓଡ଼ିଆ ଶବ୍ଦ ଧରି ଦେଖାଯାଏ । ଏଥିରୁ କେତୋଟି ନିମ୍ନରେ ଦିଆଗଲା । ଖ୍ରୀଷ୍ଟୀୟ ସପ୍ତମ ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାରେ ଏହିସବୁ ଶବ୍ଦ ପ୍ରଚଳିତ ଥିବା ସମ୍ଭବ ।

| ଅପଭ୍ରଂଶ | ଓଡ଼ିଆ | ସଂସ୍କୃତ |
|---|---|---|
| ଅଗ୍ଗି | ଅଗି | ଅଗ୍ନି |
| ଅଚ୍ଛଇ | ଅଛଇ | ଅସ୍ତି |
| ଅଚ୍ଛନ୍ତି | ଅଛନ୍ତି | |
| ଅନ୍ଧାର | ଅନ୍ଧାର | ଅନ୍ଧକାରः |
| ଅଁଧାର | ଅଁଧାର | ଅନ୍ଧକାର |
| ଅପ୍ପଣ | ଆପଣ | ଆତ୍ମନଃ |
| ଅପୂର୍ବ | ଅପୂବ (ଅପୂର୍ବ) | ଅପୂର୍ବ |
| ଅମିଅରସ | ଅମିୟରସ | ଅମୃତରସ |
| ଅରେ | ଆରେ, ହୋ | ହୋ |
| ସୁତ୍ତି | ସୁତ | ସୁପ୍ତି |
| ଆଦଲି ଜାଇ | ଆଉଳି ଯାଅଇ | |
| ଆସି | ଆସ, ଆଶା | ଆଶା |
| ଇ | ଇ, ଈ | ଈ |
| ଉପାଡ଼ିଅ | ଉପାଡ଼ି | ଉତ୍ପାଟ୍ୟ |
| ଉବଜଇ | ଉପୁଜଇ | ଉତ୍ପଦ୍ୟତେ |
| ଏକାକାର | ଏକାକାର | ଏକାକାର |
| ଏକ୍କ | ଏକ | ଏକ |
| ଏକ୍କୁ ଘାଇ | ଏକ ଘାଇ | ଏକଃ ଘାତେନ |
| ଏତ୍ଥୁ | ଏଥୁ | ଅସ୍ମଂ |
| କଟ୍ଠ | କାଠ | କାଷ୍ଠ |
| କବଲି | କବଳି | କବଳିତ |
| କଣ୍ଣ | କଣ | |
| କଣ୍ଣୁହି | କଣ୍ଢାଇ, କଣ (ପ୍ରାଚୀନ) | କିଂ ସ୍ୱକେ |
| କଥ୍ଥି | କଥିଲି | କଥସୂତ |
| କଡ୍ଢି | କାଢ଼ି | କୃଷି |

| ଅପଭ୍ରଂଶ | ଓଡ଼ିଆ | ସଂସ୍କୃତ |
|---|---|---|
| କହିଁ | କାହିଁ | କଥ |
| କି | କି | କିମ୍ |
| କିମ୍ପି | କିମ୍ପା | କିମପି |
| ଖାଅନ୍ତି | ଖାଆନ୍ତି | ଖାଦନ୍ତି |
| ଖାଇ | ଖାଇ | ଖାଦିତ୍ୱା |
| ଖେତ୍ତ | ଖେତ | କ୍ଷେତ୍ର |
| ଗାଇବ | ଗାଇ | ଗୀତ୍ୱା |
| ଘର | ଘର | ଗୃହ |
| ଘରେ ଅଚ୍ଛଇ | ଘରେ ଅଛି | ଗୃହେ ସନ୍ତି |
| ଘରେ ଘରେ | ଘରେ ଘରେ | ଗୃହେ ଗୃହେ |
| ଘରହି | ଘରେ, ଘରହି (ପ୍ରାଚୀନ) | ଗୃହେ |
| ଚଉଠ | ଚଉଠ | ଚତୁର୍ଥ |
| ଚକ୍କ | ଚକ | ଚକ୍ର |
| ଚଉଦ | ଚଉଦ, ଚୌଦ | ଚତୁର୍ଦ୍ଦଶ |
| ଚନ୍ଦ | ଚନ୍ଦ | ଚନ୍ଦ୍ର |
| ଚୁରି | ଚାରି | ଚତ୍ୱାରି |
| ଚାହନ୍ତି | ଚାହାନ୍ତି | ଇଚ୍ଛନ୍ତି |
| ଚାହିଅ | ଚାହିଁ | ଦୃଷ୍ଟ୍ୱା |
| ଛନ୍ଦଇ | ଛନ୍ଦଇ | ଛନ୍ଦୟତି |
| ଜଗ | ଜଗତ | ଜଗତ୍ |
| ଜଣ | ଜଣ | ଜନ |
| ଜବ୍ବେ | ଯେବେ | ଯଦା |
| ଜଳଇ | ଜଳଇ | ଜଳତି |
| ଜଳେଣ୍ଡି ଜଳ | ଜଳେଇ ଜଳ | ଜଳେ ଜଳ |

| ଅପଭ୍ରଂଶ | ଓଡ଼ିଆ | ସଂସ୍କୃତ |
|---|---|---|
| ଜଣ୍ଢ | ଷଣ୍ଢ | ଷଣ୍ଡ |
| ଜାଇ | ଯାଇ | ଯାତି |
| ଜାଣଇ | ଜାଣେ | ଜାନାତି |
| ଜାଣି | ଜାଣି | ଜ୍ଞାତ୍ଵା |
| ଜେତଇ | ଯିମିତ | |
| | ଜେତେ, ଯେତେ | |
| ଠାଇ | ଠାଇ, ଥାଇ | ସ୍ଥାୟି |
| ତଣ୍ଡ | ତଣ୍ଡ | ତଟ |
| ତଣ | ତନ | ତନୁ |
| ତବେ | ତେବେ | ତଦା |
| ତୁଲେ | ତୁଳେ | ତୁଲ୍ୟେ |
| ତୁଷ | ତୁଠ | ତୁଷ୍ଟ |
| ଥବ୍ବର | ଥଡ଼ର | ସ୍ଥବିର |
| ଥକ୍କୁ | ଥାକ | ସ୍ତବ୍ଧ |
| ଦଲ୍ଲ | ଦେଲ୍ଲ | ଦତ୍ତ |
| ଥଳ | ଥଳ | ସ୍ଥଳ |
| ଦସ | ଦସ, ଦାଂଶ | ଦଂଶ |
| ଦକ୍ଖିଜ୍ଜଇ | ଦଖଇ, ଦେଖଇ | ଦୃଶ୍ୟତେ |
| ଦସ | ଦଶ | ଦଶା |
| ଦହା | ଦହ, ଦହା | ଦାହ |
| ଧାବଇ | ଦଉଇ | ଦୃଶ୍ୟନ୍ତେ |
| ଦେଇ | ଦେଇ | ଦଦାତି, ଦାତ |
| ଦେକ୍ଖଇ | ଦେଖଇ | ଦେଖାତ, ଦ୍ରଷ୍ଟେ |
| ଦେକ୍ଖା ଦରିସ | ଦେଖ ସରିସ | ଦେଖ ସଦୃଶ |
| ଦୋସ | ଦୋସ, ଦୋଷ | ଦୋଷ |

| ଅପଭ୍ରଂଶ | ଓଡ଼ିଆ | ସଂସ୍କୃତ |
|---|---|---|
| ଦୋଷେ | ଦୋଷେଁ, ଦୋଷେ | ଦୋଷେଣ |
| ପଚ୍ଛେ | ପଛେ | ପଶ୍ଚାତ୍ |
| ପଡ଼ଇ | ପଡ଼େ, ପଡ଼ଇ | ପତେତ୍ |
| ପଢ଼େ | ପଢ଼େ, ପଢ଼ଇ | ପଠେତ୍ |
| (ପର) ସ୍ୱବଇ | (ପର) ସ୍ୱବଇ | (ପର) ସ୍ୱବସ୍ଥ |
| ପାଣୀ | ପାଣି | ପାନୀୟ |
| ପାସ | ପାଶ | ପାର୍ଶ୍ୱ |
| ପିଅଉ | ପିଅ | ପିବ |
| ବଇସୀ | ବସି | ବସ୍ତ୍ୱା |
| ବକ୍ଖାଣ | ବଖାଣ | ବ୍ୟାଖ୍ୟାନ |
| ବଣ | ବଣ | ବନ |
| ବନ୍ଧ | ବନ୍ଧି, ବାନ୍ଧ | ବନ୍ଧନ |
| ବସ | ବଶ | ବଶତ୍ୱ, ବାସ |
| ବହୁଇ | ବହୁଇ | ବହୁତେ |
| ବାଜଇ | ବାଜଇ | ବାଦ୍ୟତେ |
| ବାହିର | ବାହାର | ବାହ୍ୟ |
| ବୁଜ୍ଝଇ | ବୁଝଇ | ବୁଝ |
| ଭଣଇ | ଭଣଇ | ଭଣତି |
| ସ୍ୱବଇ | ସ୍ୱବଇ | ସ୍ୱବସ୍ଥ |
| ଭିଜଇ | ଭିଜଇ | ଭିଦ୍ୟତେ |
| ଭିତ୍ତି | ଭିତ୍ତି | ବୃତ୍ତି |
| ମଜ୍ଝି | ମଝି, ମଝିଁ | ମଧ୍ୟ |
| ମଣ | ମଣ | ମନ୍ୟତାଂ |
| ମରଇ | ମରଇ | ମ୍ରିୟତେ |
| ମାରଇ | ମାରଇ | ମାରୟତି |

| ଅପଭ୍ରଂଶ | ଓଡ଼ିଆ | ସଂସ୍କୃତ |
|---|---|---|
| ମାସ୍ସ | ମାର | ମାରୟିତ୍ୱା |
| ମାଇବସୁ | ମାଇ ! ମା ! | ମାତଃ |
| ମିଚ୍ଛୈ | ମିଛେ, ମିଛ | ମିଥ୍ୟା |
| ମୋକ୍ଳଉ | ମୋକ୍ଳ | ମୋକ୍ଳିତ |
| ରକ୍ଖଇ | ରଖଇ | ରକ୍ଷତେ |
| ରମଇ | ରମଇ | ରମତେ |
| ରୁଅଣ | ରୁଆ, ରୁଆଣ | ରୂପଣ |
| ଲଜ୍ଜଇ | ଲାଜଇ | ଲଜ୍ଜତେ |
| ଲିପ୍ପଇ | ଲିପଇ | ଲିପ୍ୟତେ |
| ଲୋଟ୍ଟଇ | ଲୋଟଇ | |
| ଲୁଞ୍ଜଣା | ଲୁଞ୍ଚା | ଲୁଞ୍ଚାପିତ |
| ସଇ | ସଇଁ | ସ୍ୱୟଂ |
| ସଇଚ୍ଛ | ସଇଚ୍ଛା | ସ୍ୱେଚ୍ଛା |
| ସଞ୍ଚରଇ | ସଞ୍ଚରଇ | ସଞ୍ଚରତି |
| ସଉଣ | ସଉଣା | ସଗୁଣ |
| ସଣ୍ଢ | ସଢ଼, ସଣ୍ଢ | ଷଣ୍ଢ |
| ସିଆଳ | ସିଆଳ, ଶିଆଳ | ଶୃଗାଳ |
| ସିଙ୍ଗଇ | ସିଙ୍ଘଇ | ସିଙ୍ଘତି |
| ସିଞ୍ଚିଜାଇ | ସିଞ୍ଚି ହୋଇ | ସିଞ୍ଚିଂ ଯାତ |
| ସିର | ଶିର, ସିର | ଶିର |
| ସୁଣଇ | ଶୁଣେ | ଶୃଣୋତି |
| ସୁଣ୍ଡ | ଶୁଣ୍ଢ | ଶୁଣ୍ଡ |
| ସେ | ସେ | ସ |
| ସୋଷିଅ | ସୋଷି, ଶୋଷି | ଶୋଷିତ |
| ହୋଇ | ହୋଇ | ଭବତି |

ଆଉ କେତେକ ଶବ୍ଦ ନିମ୍ନରେ ଦିଆଗଲା—

ଅ — ଅଗ୍ଗି—ଅଗି, ଅକଟେକଟେ—ଅଟ୍ଟକେଶେ, ଅଛି—ଅଛଇ, ଅଟ—ଅଠ, ଅନ୍ଧାର, ଅନାଦ, ଅପଣା, ଅଛନ୍ତ, ଅମଣ—ଅମନ, ଅମିଅ—ଅମୃତ, ଅବର—ଆବର, ଅବଶ, ଅବସ—ଅବଶ୍ୟ, ଅବଧୂତିକା, ଅହାର—ଆହାର, ଅମ୍ହେ—ଅମେ।

ଆ — ଆଇଲ—ଆସିଲ, ଆଜି, ଆଣି—ଆଣି, ଆଣ୍ଟି, ଆଡେ, ଆଛନ୍ତେ—ଅଛନ୍ତି, ଆମ୍ହେ—ଆମେ, ଆଲେ।

ଉ = ଉଇ—ଉଇଁ, ଉଠ୍ଠ, ଉଜ୍ଜୁଆ, ଉଠି, ଉଡ଼ି, ଉପାଡ଼ି, ଉଲ୍ଲଲ—ଉପସ୍ଥିତ ହେବା, ଉବକ୍କଇ—ଉପୁଜଇ।

ଏ — ଏକ୍କ—ଏକ, ଏକେଲି, ଏଡ଼ି, ଏଥୁ, ଏବେ, ଏହ, ଏହୁ।

କ — କେ, କଡ଼ୁଅ—କଡ଼ା, କଦବା—କଦାଚିତ୍, କଣ୍ଠ—କାଣ୍ଡ, କର୍ମ—କର୍ମ, କର, କରେ, କରଇ, କହଇ, କହଣା, କହିଲା—କହିଲା, କାନ୍ଧ—କାନ୍ଧ, କାଡ଼, କାମଇ, କାନ୍ଦ, କାମ, କିସ, କି ରେ, କୁଡ଼ିଆ, କୁଣ୍ଡି, କେ, କୋ, କୋଠା।

ଏପରି ବହୁ ଓଡ଼ିଆ ଶବ୍ଦ (କେତେକ ପ୍ରାଚୀନ ରୂପରେ) ଅଛି।

ଓଡ଼ିଆ ଭାଷାରେ ବ୍ୟାକରଣରେ ମଧ୍ୟ ଚର୍ଯ୍ୟାପଦ ଓ ଦୋହାମାନଙ୍କର ପ୍ରଭାବ ପଡ଼ିଥିବା ପରି ଦେଖାଯାଏ। ଓଡ଼ିଆ ବ୍ୟାକରଣର କେତେକ ସୂତ୍ରର ମୂଳ ଏଥିରୁ ମିଳୁଛି।

## ଦୋହାକୋଷ ବ୍ୟାକରଣ

ସରହଙ୍କ ଦୋହାକୋଷ ଓ ଦୋହାର ଭାଷା ଆଲୋଚନା କଲେ ଏହି ବର୍ଣ୍ଣିତ ଲକ୍ଷଣଗୁଡ଼ିକ ଦେଖାଯିବ। ଏହା ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାପଦ ଓ ଦୋହାରେ ମଧ୍ୟ ଦେଖାଯାଏ।

### ବର୍ଣ୍ଣମାଳା

**ସ୍ୱର**—ଅ, ଆ, ଇ, ଈ, ଉ, ଊ, ଏ, ଓ।

**ବ୍ୟଞ୍ଜନ**—କ ବର୍ଗ, ଚ ବର୍ଗ, ଟ ବର୍ଗ, ତ ବର୍ଗ, ପ ବର୍ଗ।

ଯ ର ଲ ଶ ସ ହ।

## ଉଚ୍ଚାରଣ

(୧) ବର୍ଗୀୟ 'ଜ' ଓ ଅବର୍ଗୀୟ 'ଯ'ର ଉଚ୍ଚାରଣ 'ଜ' ପରି ।

(୨) ବର୍ଗୀୟ 'ବ' ଓ ଅବର୍ଗୀୟ 'ବ'ର ଉଚ୍ଚାରଣ ବର୍ଗୀୟ 'ବ' ପରି ।

(୩) ଦୀର୍ଘ ସ୍ଥାନରେ ହ୍ରସ୍ୱ ଓ ହ୍ରସ୍ୱ ସ୍ଥାନରେ ଦୀର୍ଘର ଉଚ୍ଚାରଣ କେତେକ ସ୍ଥାନରେ ଛନ୍ଦରକ୍ଷା ପାଇଁ ଦେଖାଯାଏ ।

ଏହିପରି ଲକ୍ଷଣ ଓଡ଼ିଆରେ ମଧ୍ୟ ଦେଖାଯାଏ ।

## ପରିବର୍ତ୍ତନ

ଲୋପ—

ଅ—ଅଂଶୁ—ଅଂଶୁ ।

ଆ—ଆହ୍ଲାଦ—ଅହ୍ଲାଦ ।

ଇ—ଇଚ୍ଛା—ସ୍ପୃହ ।

ଈ—ଈଶ୍ୱର—ଇଶ୍ୱର ।

ଉ—ଉଗତି—ଉଗା ।

ଏ—ଦେହୁ—ଦେହ ।

ଆଗମ—

କ—ନିଶ—ନିକ୍ଶ, ଏକ—ଏକ୍କା

ତ—ଛେଦ—ଛେଅ, ଛାଡ଼ନ୍ତୁ ।

ଡ—ଚିଥ—ଚିଥଡ଼ା ।

ଣ—କର୍ଣ୍ଣନ—କଷ୍ଟ, ନ—କଷ୍ଟଣ ।

ଅନ୍ୟ—ଅନ୍ୟେଣ ।

ବ—ଏବ—ଏବ୍ବ ।

ବିକାର—

ଅ—ଆ, ଅଗ୍ରର—ଆଗ୍ରର ।

ଅନ—ଆଣ, ଅନୁଭବ—ଅନୁଭବ ।

ଅ—ଅ, ଆଗମନ—ଅମଣ ।

ଅବ—ଓ, ଲବଣ—ଲୋଣ ।

ଅସ୍ୟ—ଏ, ଅସ୍ୟ'ସ୍ଥ—ଏସ୍ଥ ।

ଇସ୍ୟ—ଇଶ, ଯାସ୍ୟ—ଯଶ ।

ଋ—ରୁ, ଋକ୍ଷ—ରୁଷ ।

ଋ—ରି, ଦୃଷ୍ଟି—ଦିଷ୍ଟି ।

ଏସ୍ୟ—ଇସ୍ୟ, ବଲସ୍ୟ—ବଲସ୍ୱ ।

ଓ—ଅବ, କୋପ୍ଲ—କବଲୁ ।

ଓକାର—

ଓ, ଗୋ—ଗାଓ ।

କ—ଅ, ଶକଲ—ଶଅଲ ।

କୁ—ଓ, ଅଙ୍କୁଳ—ଅଙ୍ଓଲ ।

ଖ—ଘ, ଖ୍ୟ—ଖଅ ।

ଗ—ଅ, ଗଗନେ—ଗଅଣେ ।

ଘ—ହ, ସୁଙ୍ଘ—ସୁହ୍ନ ।

ତ—ଅ, ବଚନ—ବଅଣ ।

ଜ—ଅ, ବୀଜ—ବୀଅ ।

ଜ୍ଞ—ଜ, ଜ୍ଞାନ—ଜାଣ ।

ଟ—ଡ଼, କଟା—କଡ଼ା ।

ଭ—ଅ, ସୁରଭ—ସୁରଅ ।

ଢ—ଲ, ଆଷାଢ଼—ଅଷେଲି,
ରୂପଗୁ—କୁଦ୍ରଲ ।
ଡ—ଡ଼ି, ଗୁଡ—ଗଡ଼ି ।
ଣ—ଅନ, ଚକ୍ରୁ—ଚକ୍ରଅଣ ।
ତି—ତ, ଉକ୍ତ—ତଇ ।
ଥ—ଧ୍ୱ, କଥାନକ—କଧ୍ୱାଣ ।
ଥ୍ର—ଥ୍ରି, କଥ୍ର—କଥ୍ୱ ।
ଆଁ—ଲ୍ଲ, ମିଆଁ—ମିଲ୍ଲୁ ।
ଦ—ଥ, ଗାଦଡ଼—ଗାଥ ।
ଦ—ଓ, ଭେଦ—ଭେଓ ।
ଦ—ବ, ଖୁଦେଣୀ—ଖୁବେଣ ।
ଦ୍ଧ—ଅ, ଦୁଦ୍ଧ—ଦୁଅ,
ଚେଛଦ—ଚ୍ଛଅ ।
ଦ—ଶି, ଦଶି—ଦଶ ।
ଦୁ—ଲି, କାଦୁରି—କାଲି ।
ନ୍ୟ—ଅଣ, ଶୂନ୍ୟ—ଶୁଣ ।

ନା—ଣ୍ଟ, ବନା—ବଣ୍ଟ ।
ପ—ଫ, ପାଣି—ଫାଣି ।
ପ—ବ, ପାପ—ପାବ,
ଅପର—ଅବର ।
ପୁ—ପ୍ପ, ପୁଷ୍ପ—ପୁଛ ।
ଭ—ହ, ଭଦନ୍ତ—ହୋନ୍ତ ।
ବ—ଅ, ତରୁବର—ତରୁଅର ।
ଶ—ଖ, ଦଶ—ଦଖ ।
ଶ୍ରୀ—ସିରୀ ।
ଶ୍ୱ—ସ, ମହେଶ୍ୱର—ମହେସର ।
ଷ—ଖ, ବର୍ଷ—ବଖ, ଦୋଷ-ଦୋଖ
ସ—ଛ, ଅସ୍ତ୍ର—ଅଛ୍ର ।
ସ୍ଥ—ଥ, ସ୍ଥଳ—ଥଳ ।
ସ୍ତ—ତ୍ତ, ହସ୍ତ—ହତ୍ତ ।
ଷ୍ୟ—ଖର, ଭାଷ୍ୟ—ଭାଖର ।
ଇତ୍ୟାଦି

## ସଂଖ୍ୟା

ସିଦ୍ଧଙ୍କ ଲେଖାରେ ସଂଖ୍ୟା ଏହିପରି ରୂପରେ ଦିଆଯାଇଛି ।

ଏକ—ଏକ୍କ, ଏକ ।
ଦୁଇ—ଦୁଇଣି, ବେଣ୍ଣି, ବେଇ,
ଦୁଇ ।
ତିନି—ତିଣ୍ଣି ।
ଚାରି—ଚଉ, ଚଉଠ, ଚାରି ।

ପାଞ୍ଚ—ପଂଚ ।
ଦଶ—ଦହ ।
ଚୌଦ—ଚଉଦହ, ଚଉଦହ ।
ଶତେ—ସଅଇ ।

## ସମାସ

ସମାସର ଉଦାହରଣ :—

କର୍ମଧାରୟ—ଦୋଗ୍ରହାର ।

ତତ୍ପୁରୁଷ—ଜୋଗଣୀମାଝ (ଯୋଗିନୀ-ମାତୃ) ଜୋଇଣୀଶ୍ୱର ।

ଦ୍ୱନ୍ଦ୍ୱ—ଚନ୍ଦ୍ରବନ୍ଧୁ ।

ବହୁବ୍ରୀହି—ଅଭିନ୍ନେମଇ (ଅଭିନ୍ନ ମତ) ।

## ଲିଙ୍ଗ

ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, ନପୁଂସକ (କ୍ଲୀବ) ଲିଙ୍ଗ—ଏହି ତିନି ଲିଙ୍ଗ ପୂର୍ବରୁ ସଂସ୍କୃତ ବ୍ୟାକରଣରେ ବର୍ଣ୍ଣିତ ହୋଇଥିଲା । କ୍ରମେ ପ୍ରାକୃତ ଓ ଅପଭ୍ରଂଶରେ କ୍ଲୀବ ଲିଙ୍ଗର ଚିହ୍ନ ନିର୍ଦ୍ଦିଷ୍ଟ ଲୋପ ହୋଇଗଲା । ସରହ୍ପା ଓ ଅନ୍ୟାନ୍ୟ ସିଦ୍ଧାଚାର୍ଯ୍ୟମାନଙ୍କ ଗୀତମାନଙ୍କରେ କ୍ଲୀବ ଲିଙ୍ଗର ସ୍ୱତନ୍ତ୍ର ରୂପ ନାହିଁ, ପୁଂଲିଙ୍ଗ ପରି ଏହା ଚିହ୍ନିତ ହୋଇଥିଲା । ଏହି ଲେଖାମାନଙ୍କର ଏହିପରି ସ୍ଥଳରେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗର ଶବ୍ଦ ଦେଖାଯାଏ ।

## ପୁଂଲିଙ୍ଗ ଶବ୍ଦ

ଅକାରାନ୍ତ, ଇକାରାନ୍ତ, ଈକାରାନ୍ତ, ଉକାରାନ୍ତ ପୁଂଲିଙ୍ଗ ଶବ୍ଦ:—

ସବର, ସ୍ୱତ୍ୱ (ସ୍ୱାମୀ), ମୁଣି (ମୁନି), ଯୋଗୀ, ଦଣ୍ଡୀ, ଦୃଷ୍ଟୁ ।

## ସ୍ତ୍ରୀଲିଙ୍ଗ ଶବ୍ଦ

ଆକାରାନ୍ତ, ଇକାରାନ୍ତ, ଈକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦ:—

ଆକାରାନ୍ତ:—ଷଚ୍ଛା (ସ୍ପର୍ଦ୍ଧା), ସୁରଙ୍ଗା (ସୁରୁଙ୍ଗା) ।

ଇକାରାନ୍ତ:—ଜୋଇଣୀ (ଯୋଗିନୀ), ମାଇ (ମାଈ), ସଖି (ସଖୀ) ।

ସବରି, ଡୋମ୍ବି, ସିରି (ଶ୍ରୀ) ।

ଈକାରାନ୍ତ:—ନାଈ (ନଦୀ), କୁମାରୀ, ଡୋମ୍ବୀ, ସବରୀ ।

## ସର୍ବନାମ

ଉତ୍ତମ ପୁରୁଷ—ହାଁଉ, ଅମ୍ହେ, ଆମ୍ହେ ଇତ୍ୟାଦି ।

ମଧ୍ୟମ ପୁରୁଷ—ତୁ, ତୁଂଇ, ତୋ, ତୁମ୍ହେ, ତୁହ୍ମେ ଇତ୍ୟାଦି ।

ପ୍ରଥମ ପୁରୁଷ—ସେ, ତେ, ସୋ ଇତ୍ୟାଦି ।

ଅନ୍ୟାନ୍ୟ ସର୍ବନାମ ପଦ—

(୧) ଜ, ଜୋ, ଜା, ଜେ ଇତ୍ୟାଦି ।

(୨) ଯେ, ଯେହ୍ନେ, ଯୋ, ଯୋଇ, ଯୋଏ ଇତ୍ୟାଦି ।

(୩) ଏ, ଏହ୍ନେ, ଏହି, ଏତା, ଏଥୁ, ଏସୁ ଇତ୍ୟାଦି ।

କର୍ତ୍ତୃକାରକର କର୍ତ୍ତୃକାରକରେ—ହାଁଉ, ଅହ୍‌ମେ, ଆହ୍ମେ, ମଇ, ମେ, ମୋଏ । ତୁମ୍ହେ, ତୁହ୍ମେ । ସେ, ତେ, ସୋ (ବ. ବଚନ—ତେ) । ଜ, ଜୋ (ଜେ—ବ. ବଚନ) । ଯେଁ, ଯେହ୍ନେ, ଯୋଇ, ଯୋଏ । ଏ, ଏହୁ, ଏହୁ ।

ଦ୍ୱିତୀୟା—ମୋ, ତୋ, ତୋହ୍ମାରେ, ତା, ସୋ, ଜା, କାହୁ, ଜନ୍ନି, ସୋ ।
ତୃତୀୟା—ତୋଏ, ତୁଂଇ ।
ଚତୁର୍ଥୀ—ତୋରେଁ, ତୋହ୍ନିରେ ।
ଷଷ୍ଠୀ—ତୋହ୍ର, ତୋ, ତୋହ୍ମୋର ଇତ୍ୟାଦି ।

## ବିଭକ୍ତି

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମା— | ମୂର୍ତ୍ତି (ମୂର୍ତ୍ତ) | ମୂର୍ତ୍ତେ |
| | ଭୂଖ | ଭୂଖା |
| | ବାଲ୍ଲ | ବାଲେଁ |
| ଦ୍ୱିତୀୟା— | ଚନ୍ଦ୍ର କାହ୍ନି | |
| ତୃତୀୟା— | ଏ, ଏହୁ, ଏଁ, ବଳ୍‌ଦେଁ, ସନ୍ତାରେଁ, ଝଡ଼ଦେଇଁ, କଟ୍ଟେଣ | |
| ଚତୁର୍ଥୀ— | ଚନ୍ଦ୍ର କାହ୍ନି | |
| ପଞ୍ଚମୀ— | ଏଁ, ଲାଗି, ଥୁ, ହୁ ଦୋଷେଁ, ଭାଗିତ, ଆସ୍ୱେଶନ୍ତୁ, ଭବହିତ୍ୱାଣ୍ଡି । | |
| ଷଷ୍ଠୀ— | କେର, ତଣଅ, ନଢେକେର, କାନ୍ତୁତଣେ | ଏଆଣ, ଜଵଣାଣ । |

ସପ୍ତମୀ— ଏ, ଏଁ, ଏଣ୍ଟ, ଏହିଁ
ଦେହେ, ଚୋରେଁ, ମଧ୍ୟାହ୍ନେ,
ଜଳେନ୍ତ, ଭାଗେହିଁ ।

ସମ୍ବୋଧନ— ଅରେ, ରେ, ହେ,
ସୁନେ, ହେ ।

ପ୍ରଥମା ବିଭକ୍ତି ଏକବଚନର ଓଡ଼ିଆ ଗଦ୍ୟ ବିଭକ୍ତି ଚିହ୍ନ ନାହିଁ । ବହୁ-ବଚନରେ 'ନ୍ତି' ଚିହ୍ନରେ ନ୍ତି, ନ୍ତ ରୂପରେ ପ୍ରାଚୀନ ଓଡ଼ିଆରେ ବ୍ୟବହୃତ ହେଉଥିଲେ, ଯଥା—ମାନନ୍ତି, ମାନନ୍ତେ । 'ଏ' ଚିହ୍ନଟି ଓଡ଼ିଆର ଉଦ୍ଭାବନ ।

ଦ୍ୱିତୀୟା ବିଭକ୍ତିରେ ଓଡ଼ିଆରେ ମଧ୍ୟ ଚିହ୍ନ ଲୋପ ହେଉଥିବା ଦେଖା-ଯାଏ ।

ତୃତୀୟା ବିଭକ୍ତିର ଏ, ଏହିଁ, ଏଣ ଚିହ୍ନ ଓଡ଼ିଆର ଉଦ୍ଭାବନ । ଗଦ୍ୟ ରଚନାରେ ଏଗୁଡ଼ିକର ବିଶେଷ ପ୍ରୟୋଗ ଦେଖାଯାଏ ।

ଚତୁର୍ଥୀ ବିଭକ୍ତିର ଚିହ୍ନ ଲୋପ ଓଡ଼ିଆରେ ମଧ୍ୟ ଦେଖାଯାଏ ।

ପଞ୍ଚମୀର ଚିହ୍ନ 'ଏ' ଓଡ଼ିଆରେ ଚଳୁଛି । 'ଲଗି' ଓଡ଼ିଆରେ 'ଲାଗି'ରେ ପରିଣତ ହୋଇଛି ।

ଷଷ୍ଠୀ ବିଭକ୍ତିର କେତେକ ଚିହ୍ନ—କେର, ର—ଓଡ଼ିଆରେ ମଧ୍ୟ ବ୍ୟବହୃତ ହେଉଛି ।

ସପ୍ତମୀର ଏ, ଏଁ, ଏହିଁ ଚିହ୍ନ ଓଡ଼ିଆରେ ପ୍ରଚଳିତ ଅଛି । ସମ୍ବୋଧନ ଚିହ୍ନଗୁଡ଼ିକ ଓଡ଼ିଆରେ ଚଳୁଛି ।

## ଅବ୍ୟୟ

| | | |
|---|---|---|
| ଅଗ୍ରେ | ଏ (ହେ) | ଖନ୍ତୁ |
| ଅବେର | ଏହିଁ | ଜଇ (ଯଦି) |
| ଇ (ହି) | କମନେ (କୋମାନେ, କେମନ୍ତେ) | ଜତ |
| ଇଥ (ଇତ) | କଥ (କେଉଁ) | ଜଥାବଲ (ଯେବେ) |
| ଉଣ (ନ୍ୟୂନ) | କାହେଁ (କାହିଁକି) | ଜାଓ (ଯେବେ) |
| ଯଥା | ନ | |

ଣ (ନାହିଁ) ପଞ୍ଚେ ହୁ (ହୋ)
ଣାଓ (ନାହିଁ), ଣାହିଁ ପୁଣ, ପୁଣୁ
ତହୁଁ (ତେବେ) ବଣୁ (ଭିନ୍ନ)
ତବ୍‌ବେ (ତାହାହେଲେ) ମ (ନ, ନାହିଁ)
ତହିଁ (ତଥାପି) ମା (ନା)

## ଉପସର୍ଗ

ଅ (ଆ)—ଅଗଣ (ଆଗମନ)
ଅବ—ଅବତେଅଣ (ଅବରୋହଣ)
ଅବଭ (ଅଭି)—ଅବ୍ଭନ୍ତର
ଅଣୁ (ଅନୁ)—ଅଣୁମାଣ (ଅନୁମାନ)
ଆ—ଆଏସ (ଆଦେଶ)
ପଡ଼ି (ପ୍ରତି)—ପଡ଼ିବେଶୀ, ପ୍ରତିବେଶୀ
ସମ—ସମଗ୍ଗୁ
ଉଅ (ଉପ)—ଅଓପିନ୍ (ଉପରିଠ)
ଉଡ (ଉତ୍)—ଓଡ୍ଡି ।
ଉବ (ଉଦ)—ଉଦାହରଣ, ଉଦାହରଣ
ଣି (ନିଃ)—ଣିଚଳ (ନିଶ୍ଚଳ)
ଣି (ନି)—ଣିବେସି (ନିବେଶୀ)
ବି—ବିଅପ୍ପ (ବିକଳ୍ପ)
ସୁ—ସୁଗଡ଼ ।

## କ୍ରିୟା

ବର୍ତ୍ତମାନ—

୧ମ ପୁରୁଷ, ଏକବଚନ—ଅ, ଇ ପ୍ରତ୍ୟୟ ।

ଅ—ଜାଣ, ଜାଣ, ଜାଣଅ ।

ଇ—ଦେଇ, ଠାଇ, ଜାଣଇ, ଦେଖ୍‌ଖଇ, ଧାବଇ ।

ବହୁବଚନ—ପ୍ରଥମ ପୁ—ଇଂ, ନ୍ତି, ନ୍ତେ ପ୍ରତ୍ୟୟ—ହୋନ୍ତି, ରମନ୍ତେ ।

ମଧ୍ୟମ ପୁ—ସି ପ୍ରତ୍ୟୟ—ଜାଣସି, ପଢ଼ଅସିସି ।

ଉତ୍ତମ ପୁ—ଏକବଚନ ମି ପ୍ରତ୍ୟୟ—କହାମି, ଜାଣମି ।

ଅତୀତ—ଇଅଇ—ହୋଇ, ହୋଅଇ । ଇ—ଜୁଜ୍ଝଇ । ଇଅସି—ଦଇ
ଅସି, ଗମୀଅସି ।

ଅତୀତ—ଅ—କୁହୁଅ, ଘୁଅ, ଠବଅ । ଅନ୍ତି—ଠବଅନ୍ତି, ପାଅନ୍ତି, ବସିଅନ୍ତି ।
ଭଣ୍ଡଅନ୍ତି—ପଢ଼ିଅନ୍ତି । ଇନ୍ତି—ଗୁଣ୍ଠନ୍ତି, ଜାଣିନ୍ତି । ନ୍ତି—ଗଣ୍ଟି, ଠିନ୍ତି ।
ବର୍ତ୍ତମାନ ଓଡ଼ିଆରେ ଏ ପ୍ରତ୍ୟୟଗୁଡ଼ିକ ଲ, ଇଲ, ଇଲ ହୋଇଯାଇଛି ।

ଆଜ୍ଞା—ଉ—ପଢ଼ଉ । ଉ—ଦେବନ୍ତୁ, ବସନ୍ତୁ । ନ୍ତୁ—ମରନ୍ତୁ, ଯାଉନ୍ତୁ ।
ନ୍ତୁ—ଜାନ୍ତୁ । ନ୍ତୁ—ଅଛନ୍ତୁ ।

ଚର୍ଯ୍ୟାପଦ ଓ ଦୋହାମାନଙ୍କର ଭାଷାର ବ୍ୟାକରଣ ମୂଲ୍ୟାୟନରେ ପ୍ରାଚୀନ ଓ ଅଧୁନିକ ପ୍ରଚଳିତ ଓଡ଼ିଆ ଭାଷାର ବ୍ୟାକରଣ ସହିତ ମେଳ ହେଉଛି । ପଦସମ୍ଭାର, ପଦପ୍ରୟୋଗ ଆଦି ତୁଳନା ଦିଗରୁ ଦେଖିଲେ ଓଡ଼ିଆ ଭାଷା ସହିତ ଚର୍ଯ୍ୟାପଦ ଦୋହାର ଭାଷାର ଘନିଷ୍ଠତା ଅନେକାଂଶରେ ପ୍ରମାଣିତ ହେଉଛି । ଏହିସବୁ କାରଣରୁ ଚର୍ଯ୍ୟାପଦ ଓ ଦୋହାର ଭାଷାକୁ ପ୍ରାଚୀନ ଓଡ଼ିଆ ଭାଷାର ରୂପ ବୋଲି କହିବାକୁ ହେବ ।

ପରବର୍ତ୍ତୀ ସମୟରେ ସହଜଯାନୀ ଭାବ ଓଡ଼ିଶା ଓ ତତ୍ପାର୍ଶ୍ୱବର୍ତ୍ତୀ କେତେକ ଅଞ୍ଚଳରେ ପ୍ରସାର ଲାଭ କରିଛି । ବଜ୍ରଯାନ—ସହଜଯାନୀ ସମ୍ପ୍ରଦାୟର ସ୍ୱତନ୍ତ୍ର ବ୍ରାହ୍ମଣ୍ୟବାଦରେ ଦୃଷ୍ଟିକୋଣର ହେଉଥିଲେ ମଧ୍ୟ ଏହି ସମ୍ପ୍ରଦାୟର ସତ୍ତ୍ୱକୁ ପ୍ରକାଶ୍ୟରେ ସ୍ୱୀକାର କରାଯାଇ ନାହିଁ । ଏହି ବଜ୍ରଯାନ—ସହଜଯାନୀ ସମ୍ପ୍ରଦାୟ କତିପୟ ଅନ୍ୟ ସମ୍ପ୍ରଦାୟ ଭିତରେ ହିଁ ମିଶି ଯାଇଛି । ବୌଦ୍ଧଧର୍ମର ସତ୍ତ୍ୱକୁ ପ୍ରକାଶ୍ୟ ଭାବରେ ସ୍ୱୀକାର କରିବାକୁ କୁଣ୍ଠାବୋଧ ଜନ୍ୟ ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ରମାନଙ୍କର ସତ୍ତ୍ୱକୁ ହିଁ ଲକ୍ଷ୍ୟ କରାଯାଇଛି । ନାଥପନ୍ଥୀ, ଅଲେଖ ପନ୍ଥୀ, ଶୂନ୍ୟ ଭଜନକାରୀ ପ୍ରଭୃତି ବହୁ ପନ୍ଥୀ ଏହି ସହଜଯାନୀ ସମ୍ପ୍ରଦାୟଦ୍ୱାରା ପ୍ରଭାବିତ ହୋଇଥିବା ହିଁ ସମ୍ଭବ; ତେବେ ଏହି ସମ୍ପ୍ରଦାୟରୁ ଏଗୁଡ଼ିକର ଉଦ୍ଭବ ହୋଇଛି ବୋଲି କହିବା ଠିକ୍ ହେବ ନାହିଁ ।

## ଚର୍ଯ୍ୟାପଦରେ ଛାନ୍ଦର ରାଗ

ଚର୍ଯ୍ୟାପଦ ବା ଚର୍ଯ୍ୟାଗୀତିର ବନ୍ଧନ ଛାନ୍ଦକୁ ଭିନ୍ନ ଭିନ୍ନ ରାଗରେ ଚିହ୍ନିତ କରାଯାଇଛି । ବର୍ତ୍ତମାନ ଓଡ଼ିଆ ଛନ୍ଦରେ ଚଳୁଥିବା କେତେଗୋଟି ରାଗର ନାମ ସେଥିରେ ଦେଖିବାକୁ ମିଳେ; କିନ୍ତୁ ଓଡ଼ିଆ ରାଗ ସହିତ ଚର୍ଯ୍ୟାପଦର ରାଗର ଆକାର ପ୍ରକାର ଏକ ନୁହେଁ । ଦେଶାଖ (ଦେଶାକ୍ଷ), ପଟ୍ଟମଞ୍ଜରୀ (ପଟହମଞ୍ଜରୀ),

ଭୈରବୀ, କାମୋଦ, ବରାଡ଼ି, ଗୁମରୀ (ଗୁମଟକେଶୀ), ଗୁଞ୍ଜରୀ, ମାଳସୀ (ମାଳଶ୍ରୀ) ପ୍ରଭୃତି ରାଗ ଓଡ଼ିଆ ଛାନ୍ଦର ରାଗର ନାମ ସହିତ ବହୁ ପଦମାନଙ୍କରେ ମେଳ ହେଉଛନ୍ତି ।

ଚର୍ଯ୍ୟାପଦର ପ୍ରତ୍ୟେକ ଛନ୍ଦ ଭିତରେ ଅକ୍ଷର କି ମାତ୍ରାର ସମସଂଖ୍ୟା ବା ନିୟମ ଦେଖାଯାଏ ନାହିଁ । ଏକ ଛନ୍ଦ ଭିତରେ ପଦ ଭିତରେ ଥିବା ଅକ୍ଷର ବା ମାତ୍ରାର ସଂଖ୍ୟାରେ ଏକାଧିକ ସଂଖ୍ୟାର ପ୍ରଭେଦ ଦେଖାଯାଏ । ନିମ୍ନରେ ସେଥିସବୁ ଉଦାହରଣ ଦିଆଯାଉଛି ତାହା ଦେଖିଲେ ଏହାର ପ୍ରମାଣ ମିଳିବ । ଏହି 'ଅନିୟମ' ବା ବିଶୃଙ୍ଖଳର କାରଣ ନିର୍ଦ୍ଦେଶ କରିବା ସହଜ ନୁହେଁ । ଲେଖକ ବା କବିମାନେ ଅଭିଜ୍ଞ ସାଧକ ଓ ପଣ୍ଡିତ ଥିଲେ; ସେମାନେ ଜାଣି ଶୁଣି ଏପରି ଭ୍ରମ କରିଥିବେ ବୋଲି କହିବା ଠିକ୍ ହେବ ନାହିଁ । କେବଳ ବୋଲିବା ଢଙ୍ଗ ଅନୁସାରେ ଏପରି କରାଯାଇଥିବା ସମ୍ଭବ । ବାଣୀ ବୃନ୍ଦରେ ମଧ୍ୟ ଏପରି ବ୍ୟତିକ୍ରମ ଦେଖାଯାଏ ଏବଂ ଏହା ଲୟ ଓ ପାଠର ନିକଟ୍ୟକୁ ବର୍ଜନ କରିଥିବା ଭଳି ଜଣାପଡ଼େ ।

## ରାଗ, ଛାନ୍ଦ

ପଟମଞ୍ଜରୀ—(୧) କାଆ ତରୁବର ପଞ୍ଚବିଡ଼ାଲ
ଚଞ୍ଚଳ ଚୀଅ ପଇଠା କାଲ ।
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ( ଲୁଇ. ଚ. ଗୀ. ୧ )

(୨) କାହ୍ନେରେ ଘିଣି ମେଲି ଅଚ୍ଛହୁ କୀସ
ବେଢ଼ିଲ ହାକ ପଡ଼ଅ ଚୌଦୀସ ( ଭୁସୁକୁ )

(୩) ଆଲିଏଁ କାଲିଏଁ ବାଟ ରୁନ୍ଧେଲା
ତା ଦେଖି କାହ୍ନୁ ବିମନ ଭଇଲା ।
କାହ୍ନୁ କହିଁ ଗଇ କରିବ ନିବାସ
ଜୋ ମନଗୋଅର ସୋ ଉଆସ (କାହ୍ନୁପାଦ ଚ.ଗୀ. ୭)

(୪) ଏବଂକାର ଦଢ଼ ବାଖୋଡ଼ ମୋଡ଼ିଉ
ବିବିହ ବିଆପକ ବାନ୍ଧଣ ତୋଡ଼ିଉ (କାହ୍ନୁ ଚ.ଗୀ. ୯)

ଦେଶାଖ—

(୧) ନାଦ ନ ବିନ୍ଦୁ ନ ରବି ନ ଶଶିମଣ୍ଡଲ
ଚିଅରାଅ ସହାବେ ମୂକଲ । ×
ବାମ ଦକ୍ଷିଣ ଜୋ ଖାଲବିଖାଲା
ସରହ ଭଣେଇ ବାପା ଉଜୁ ବାଟ ଭାଇଲା (ସରହପାଦ)

(୨) ନଗର ବାହିରେ ଡୋମ୍ବି ତୋହୋରି କୁଡ଼ିଆ
ଛୋଇ ଛୋଇ ଯାଇ ସୋ ବାହ୍ମଣ ନାଡ଼ିଆ ।
( କାହ୍ନୁ ଚ. ଗୀ. ୧୦ )

ଦେବକ୍ରୀ— ସୋନେ ଭରିଥି କରୁଣା ନାବୀ,
ରୂପା ଥୋଇ ନାହିଁକ ଠାବୀ ( କମ୍ବଳାମ୍ବର ୮ )

ଗୁର୍ଜରୀ— ଜୀବନେ ଲହଣ ଯାନ୍ତୀର ବେଲେଁ ବାସ
ମୁଅନ୍ତେ ଚଇଁଲ ନାହେଁ ନ ଆସ ।
( ଗୁଣ୍ଡରିପାଦ ଚ. ପ. ୪ )

ଶବରୀ— (୧) ଦୁଲି ଦୁହି ପିଟା ଧରଣ ନ ଯାଇ
ରୁଖେର ତେନ୍ତଲି କୁମ୍ଭୀରେ ଖାଇ ।
ଆଙ୍ଗଣ ଘରପଣ ସୁନ ଭୋ ବିଆତୀ
କାନେଟ ଚୋରେ ନିଲ ଅଧରାତୀ ।
( କୁକ୍କୁରୀପାଦ ଚ. ଗୀ. ୨ )

(୨) ଏକ ସେ ଶୁଣ୍ଡିନି ଦୁଇ ଘରେ ସାନ୍ଧଅ
ଚୀଅଣ ବାକଲଅ ବାରୁଣୀ ବାନ୍ଧଅ ।
( ବିରୁଆ. ଚ. ପ. ୩ )

ଭୈରବୀ— କରୁଣା ପିହାଡ଼ି ଖେଲହୁଁ ନଅବଳ
ସଦଗୁରୁ ବୋହେଁ ଜିତେଲ ଭବବଳ ।
( କୃଷ୍ଣପାଦ ଚ. ପ. ୧୨ )

ରାଗ କାମୋଦ—ତିଶରଣ ଣାବୀ କିଅ ଅଠକମାରୀ
ଣିଅଦେହ କରୁଣା ଶୂନମେ ହେଲୀ । କୃଷ୍ଣପାଦ । ଚା:ପ: ୧୩ ।
ଧନାଶ୍ରୀ—ଗଙ୍ଗା ଜଉନା ମାଝେରେ ବହଇ ନାଇ
ତହିଁ ବୁଡ଼ିଲି ମାତଙ୍ଗୀ ପୋଇଆ ଲୀଳେ ପାର କରେଇ
( ଡୋମ୍ବିପା ଚା:ପ: ୧୪ )

## ସରହପାଦଙ୍କ ଗୀତମାନଙ୍କର ରାଗ

ରାଗ ଗୁଞ୍ଜରୀ :—୬ଷ୍ଠ-୭ମ ଶତାବ୍ଦୀର ସିଦ୍ଧାଚାର୍ଯ୍ୟ ସରହପାଦଙ୍କ ଚାରି-ଗୋଟି ଦୋହା କବିତା ବୌଦ୍ଧ ଗାନୀପଦ ଭିତରେ ଦେଖାଯାଏ । ଏଥିରେ ଗୁଞ୍ଜରୀ, ଦେଶାଖ, ଭୈରବୀ, ମାଳଶ୍ରୀ—ଏହି ଚାରୋଟି ରାଗର ଗୋଟିଏ ଗୋଟିଏ ଗୀତ ଅଛି । ଗୁଞ୍ଜରୀ ରାଗ ଦୁଇ ପାଦରେ ଏକ ପଦ । ପ୍ରତ୍ୟେକ ପାଦରେ ଅକ୍ଷର ସଂଖ୍ୟାର ସମତା ନାହିଁ, କେଉଁଠାରେ ବା'ର ତ କେଉଁଠାରେ ଏଗାର ।

ଅପଣେ ରଚି ରଚି ଭବନିବାଣା,
ମିଛେ ଲୋଅ ବନ୍ଧାବଇ ଅପଣା ।
ଅମ୍ହେ ନ ଜାଣହୁଁ ଅଚିନ୍ତ ଜୋଇ,
ଜାମ ମରଣ ଭ କଇସନ ହୋଇ ।
ଜାଏସ ଜାମ ଣ ତାଏସ ଜାମ
ସରହ ଭଣଇ ଅଚିନ୍ତ ସୋ ଧାମ ।

ପଦପାଦରେ ନିର୍ଦ୍ଦିଷ୍ଟ ନିୟମ ଦେଖାଯାଏ ନାହିଁ । ଶେଷ ଅକ୍ଷର ମିତ୍ର । ସ୍ୱରଧ୍ୱନି ମିଳନ ନିୟମିତ ହେବାରେ ନାହିଁ ।

ରାଗ ମାଳଶ୍ରୀ—ଦୁଇ ପାଦରେ ଏକ ପଦ । ଚଉଦେଇଶି ଅକ୍ଷରରେ ଏକ ପାଦ । ଶେଷ ଅକ୍ଷର ମିଳନ । ପାଦରେ ନିୟମ କି ଅକ୍ଷର ସଂଖ୍ୟାର ନିୟମ ଦେଖାଯାଉ ନାହିଁ ।

ସୁଇଣେଂହୋ ଅବିଦାରଅ ହିଅ ମନ ତୋହୋରେ ଦୋଷେ ।
ଗୁରୁବଅଣ ବିହାରେଂରେ ଥାକିବ ତଇ ଘୁଣ୍ଡ କଇସେ । × ×
ସରହ ଭଣନ୍ତି ବର ସୁଣ ଗୋହାଲୀ କି ମୋ ଦୁଠ ବଳନ୍ଦେ
ଏକେଲେ ଜଗ ନାଶିଅ ରେ ବିହରହୁ ସୁଚ୍ଛନ୍ଦେ ।

ରାଗ ଦେବକ୍ରୀ—ଦୁଇ ପାଦରେ ଏକ ପଦ । ପାଦକେ କେତେଠାରେ ୧୩, କେତେଠାରେ ୧୨, ୧୦ ଅକ୍ଷର ଅଛି । ଯତି ନିୟମ ନାହିଁ । ଶେଷ ଅକ୍ଷରର ମିଳନ ।

କାଅ ଣାବଡ଼ି ଖାଣ୍ଟି ମଣ କେଡ଼ୁଆଲ, ସଦ୍‌ଗୁରୁ ବଅଣେ ଧର ପତବାଲ ।
ଚୀଅ ଥିର କରି ଧରହୁ ରେ ନାଇ, ଆନ ଉପାଏ ପାର ଣ ଜାଇ ।
କୂଲ ଲଇ ଖର ସୋନ୍ତେଁ ଉଜାଅ, ସରହ ଭଣଇ ଗଅଣେଁ ସମାଅ ।

ରାଗ ଦେଶାଖ—ଦୁଇ ପାଦରେ ଏକ ପଦ । ପାଦକେ ୧୪, ୧୦, ୧୩, ୧୧, ୧୫ ଅକ୍ଷର ମଧ୍ୟ ଦେଖାଯାଏ । ଯତିର ନିୟମ ନାହିଁ । ଶେଷ ଅକ୍ଷରର ମିଳନ ।

ନାଦ ନ ବିନ୍ଦୁ ନ ରବି ନ ଶଶିମଣ୍ଡଲ, ଚିଅରାଅ ସହାବେ ମୂକଲ ।
ଉଜୁରେ ଉଜୁ ଛାଡ଼ି ମା ଲେହୁରେ ବଙ୍କ, ନିଅହି ବୋହି ମା ଜାହୁରେ ଲାଙ୍କ ।
ବାମ ଦାହିଣ ଜୋ ଖାଲ ବିଖଲା, ସରହ ଭଣଇ ବାପା ଉଜୁ ବାଟ ଭାଇଲା ।

## ଚର୍ଯ୍ୟାପଦଗୁଡ଼ିକରେ ନିମ୍ନଲିଖିତ ରାଗର ନାମୋଲ୍ଲେଖ ହୋଇଛି ।

| ରାଗ | | 'ଚର୍ଯ୍ୟାପଦ' ସଂଖ୍ୟା |
|---|---|---|
| ୧ । ପଟ୍ଟମଞ୍ଜରୀ | ... | ୧, ୬, ୭, ୯, ୧୧, ୧୭, ୨୦, ୨୯, ୩୧, ୩୩, ୩୬ |
| ୨ । ଗବଡ଼ା | ... | ୨, ୩ |
| ୩ । ଅରୁ | ... | ୪ |
| ୪ । ଗୁଞ୍ଜରୀ | ... | ୫ |
| ୫ । ଦେବକ୍ରୀ | ... | ୮ |
| ୬ । ଦେଶାଖ | ... | ୧୦, ୩୨ |

୭ । ଭୈରବୀ ... ୧୨, ୧୬, ୧୯, ୩୮

୮ । କାମୋଦ ... ୧୩, ୨୭, ୩୬, ୪୨

୯ । ରାମକ୍ରୀ ... ୧୫, ୫୦

୧୦ । ଚକ୍ରଢ଼ା ... ୧୮

୧୧ । ଧନଶ୍ରୀ ... ୧୪

୧୨ । ବଙ୍ଗଡ଼ୀ ... ୨୧, ୩୪

୧୩ । ବଡ଼ାରୀ ... ୨୩

୧୪ । ବଲ୍ଲିତି ... ୨୮

୧୫ । ମଲ୍ହାର ... ୩୦, ୩୫, ୪୪, ୪୫, ୪୯

୧୬ । ଗୁର୍ଜ୍ଜରୀ ... ୨୨, ୪୬

୧୭ । ମାଳଶ୍ରୀ ... ୩୯

୧୮ । ମାଳଶ୍ରୀ ବଙ୍ଗଳା ... ୪୦

୧୯ । କଣ୍ଠ ଗୁର୍ଜ୍ଜରୀ ... ୪୧

୨୦ । ବଙ୍ଗାଳ ... ୪୩

୨୧ । ଦେବଶ୍ରୀ ... ୪୭

# ଚତୁର୍ଥ ପରିଚ୍ଛେଦ

## ଗଙ୍ଗବଂଶଯୁଗ-ପୂର୍ବର ରଚନା—ଓଡ଼ିଆ ଅଭିଲେଖ

## ( ୭ମ ଶତାବ୍ଦୀଠାରୁ ୧୧ଶ ଶତାବ୍ଦୀ )

### (୧) ଦେବଳଦେବଙ୍କ ଶିଳାଲେଖ (୬ଷ୍ଠ-୭ମ ଶତାବ୍ଦୀ)

ହୁଏନ୍‌ସାଂ ଖ୍ରୀଷ୍ଟର ସପ୍ତମ ଶତାବ୍ଦୀରେ କର୍ଣ୍ଣସୁବର୍ଣ୍ଣ ବା ଦକ୍ଷିଣବଙ୍ଗର ବାଟେ ଓଡ଼ିଶାକୁ ଆସିଥିଲେ ଏବଂ ଏଠାରେ କିଛି ଦିନ ଅବସ୍ଥାନ କରି ଦକ୍ଷିଣ ଦେଶକୁ ଗମନ କରିଥିଲେ । ସେ ଓଡ଼ିଶା ଏକ ସମୃଦ୍ଧ ଦେଶ ଥିବା ଏବଂ ଏଠାରେ ବହୁ ଦେବମନ୍ଦିର ଓ ବିହାର ଥିବା ଲେଖିଛନ୍ତି । ଲୋକଙ୍କ ଭାଷା ସମ୍ବନ୍ଧରେ ସେ ଲେଖିଛନ୍ତି ଯେ ଏହା ମଧ୍ୟଭାରତ (ବା ମଧ୍ୟଦେଶ, ଅଯୋଧ୍ୟା ବା କୋଶଳ ଅଞ୍ଚଳ)ର ଭାଷାଠାରୁ ଭିନ୍ନ । ଲୋକେ ପରିଶ୍ରମୀ ଓ କଠୋର ପରିଶ୍ରମ କରି ବିଦ୍ୟାଭ୍ୟାସ କରନ୍ତି । ଏଥିରୁ ଅନୁମାନ ହେଉଛି ଯେ ଓଡ଼ିଶାର ଭାଷା (ବା ଓଡ଼ିଆ ଭାଷା) ସମସାମୟିକ ହିନ୍ଦୀ ଓ ବଙ୍ଗଳାଠାରୁ ସ୍ୱତନ୍ତ୍ର ଥିଲା । ଏ ପର୍ଯ୍ୟନ୍ତ ସେ ସମୟର ଓଡ଼ିଆ ଭାଷାର ସ୍ପଷ୍ଟ ଆଦର୍ଶ ମିଳି ନଥିବାରୁ ଏହାର ରୂପରେଖ ସମ୍ବନ୍ଧରେ କିଛି ଧାରଣା କରି ହେଉ ନଥିଲା । କେବଳ ଶୈଳୋଦ୍ଭବ ବଂଶର ମହାରାଜାଧିରାଜ ମାଧବ ବର୍ମା ୨ୟଙ୍କ ଖଣ୍ଡପଡ଼ା ତାମ୍ରଶାସନରେ ସେହି କେତେକ ପଂକ୍ତି ମିଳୁଛି ତାହା ପ୍ରଚଳିତ ଭାଷାର କ୍ଷୀଣ ଆଦର୍ଶ ବୋଲି କୁହାଯାଇ ପାରେ । ଦେବଳଦେବ ରାଜାଙ୍କର ଶିଳା ନୃସିଂହନାଥରେଲେଖା ହିଁ ମିଳିଥିବା ଓଡ଼ିଆ ଲିପିମାନଙ୍କ ଭିତରେ ସବୁପ୍ରାଚୀନ ।

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବୋଡ଼ାସମ୍ବର ଜମିଦାରଙ୍କର ପ୍ରସିଦ୍ଧ ନରସିଂହନାଥ ମନ୍ଦିରର କାନ୍ଥରେ ପାଣ୍ଡୁବଂଶର ରାଜକୁମାର ଦେବଳ-ଦେବଙ୍କର ଏକ ଲିପି ଅଛି । ଏହାର ପାଠ:—

ଓଁ ନମ ଶ୍ରୀ ନଗଧ ✕ ✕ ✕ ସ୍ୱସ୍ତି ଶ୍ରୀ ଉଦୟି ନାମ ସମ୍ବତ୍ସରେ ଚୈତ୍ର ପୂର୍ଣ୍ଣିମା ଶୁକ୍ଳ ପକ୍ଷେ ହସ୍ତା ନକ୍ଷତ୍ରେ ସଟଗାଣଗର ଛିତ ବସ୍ତ୍ରାନୁକ ଦେବ ରାଜାଙ୍କ ନୌସୁତ୍ର ଦେବଲଦେବସ୍ୱାକ ନରସିଂଘ ତୀର୍ଥେ ଗୋଣ୍ଡମାର୍ଦ୍ଦନ ପର୍ବତେ କରିଲା ନରସିଂଘ ନାଥ ସ୍ୱାମୀଙ୍କ ଶ୍ରୀଦେଉଳ ତୋଳାଇଲ୍ଲ ଅନେକ ✕ ✕ ✕ ଜନ୍ମଶାଳା ଗାଇ ସତେକ ଲୁଆସିଂଘାଗ୍ରାମ ଦଅଗୋଲ୍ଲ ✕✕✕

( Sambalpur District Gazetteer )

ଏହି ମନ୍ଦିର ଦ୍ୱାର ଉପରେ ଦାକ୍ଷିଣାତ୍ୟର ଅକ୍ଷର-ଗୁମ୍ଫାରେ ତଳ ସନ୍ଧୁଣ ଶବ କ୍ଷୁଣ୍ଣ ହୋଇଛି। ଏଥିରୁ ଅନୁମାନ ହେଉଛି ଯେ ଦେଉଳର ଦ୍ୱାର ଦେଖିଣି ଅକ୍ଷର ଗୁମ୍ଫାରେ ଶିଳାଲେଖନର ସମୟ ବା ଖ୍ରୀଷ୍ଟୀୟ ୬ଷ୍ଠ ଓ ୭ମ ଶତାବ୍ଦୀରେ ଏହି ଦ୍ୱାର ନିର୍ମିତ ହୋଇଛି। ମନ୍ଦିରର ନିର୍ମାତା ରାଜା ବସ୍ତ୍ରାନୁକ ଦେବ ରାଜାଙ୍କ ପୁତ୍ର ଦେବଳଦେବ ହିଁ କି ସେହି ୬ଷ୍ଠ-୭ମ ଶତାବ୍ଦୀର ଲୋକ ହେବା ଅନୁମାନ କରାଯାଇପାରେ। ଏ ଦୃଷ୍ଟିରୁ ଦେଖିଲେ ଏହି ଓଡ଼ିଆ ଲିପିଟି ଖ୍ରୀଷ୍ଟୀୟ ୬ଷ୍ଠ ଓ ୭ମ ଶତାବ୍ଦୀର ବୋଲିବାକୁ ହେବ ଏବଂ ଏହା ଓଡ଼ିଆ ଭାଷାର ସବୁ ପ୍ରାଚୀନ ଲେଖା। ଏହି ଲେଖାରୁ ଏହି ସମୟ ବେଳକୁ ଅର୍ଥାତ୍ ୬ଷ୍ଠ-୭ମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ପୂର୍ଣ୍ଣତା ଲଭି ଜଣା ଯାଉଥିବା ହିଁ ପ୍ରମାଣିତ ହେଉଛି।

ଲେଖାଟିରେ ଲିପିର ସମୟ ଅଛି—"ଉଦୟୀ ନାମ ସମ୍ବତ୍ସରେ।" ଏହାକୁ ହର୍ଷାବ୍ଦ ବୋଲି ଗ୍ରହଣ କଲେ ଖ୍ରୀ: ୬୧୦+୭୯ ବା ଖ୍ରୀ: ୬୮୯ ହେବ।

ଏହି ସମୟରେ ଓଡ଼ିଶାରେ ବୌଦ୍ଧ ବଜ୍ରଯାନର ଉତ୍ପତ୍ତି ହୋଇ ଭାରତର ଭିନ୍ନ ଅଞ୍ଚଳ ଓ ତିବ୍ବତରେ ପ୍ରଚାରଲାଭ କରିଥିଲା। ବଜ୍ରଯାନ ପ୍ରବର୍ତ୍ତକ ରାଜା ଇନ୍ଦ୍ରଭୂତି ଉଡ଼୍ଡୀୟାନ୍ ବା ଓଡ଼ିଶାର ଜହୋର ବା ସହୋର ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ। ବଡ଼ାସମ୍ବର ବା ବଡ଼ାସହୋର ହିଁ ଏହି ସ୍ଥାନ। ତିବ୍ବତୀୟ ଭାଷାରେ 'ସମ୍ବର' ହିଁ ସହୋର ହୋଇଛି। କେହି କେହି ସହୋରକୁ 'ସମ୍ବଲପୁର' ବୋଲି ମଧ୍ୟ ଅନୁମାନ କରନ୍ତି। କିନ୍ତୁ (ବଡ଼ା) 'ସମ୍ବର' ନାମ ହିଁ ଯୁକ୍ତିଯୁକ୍ତ ମନେ ହେଉଛି।

ଏହି ନୃସିଂହନାଥ ମନ୍ଦିର ନିକଟବର୍ତ୍ତୀ ବହୁ ସ୍ଥାନରେ ବୌଦ୍ଧ ବଜ୍ରଯାନର ପ୍ରଭାବ ପରିଲକ୍ଷିତ ହୁଏ। କେତେକଙ୍କ ମତରେ ଏହି ଅଞ୍ଚଳରେ

ବୌଦ୍ଧଧର୍ମର ତାନ୍ତ୍ରିକ ମତର ପ୍ରଭୂତ ପ୍ରବଳ ଥିଲା । ଏହି ଅଞ୍ଚଳଟି ପ୍ରାଚୀନ ଦକ୍ଷିଣ କୋଶଳ ଅନ୍ତର୍ଗତ । ଏହି ସ୍ଥାନରେ ପ୍ରସିଦ୍ଧ ବୌଦ୍ଧତାନ୍ତ୍ରିକ ନାଗାର୍ଜ୍ଜୁନ ବହୁବର୍ଷ ବାସ କରିଥିଲେ ଏବଂ ଏହିଠାରେ ତାଙ୍କର ନିର୍ବାଣ ହୋଇଥିବା କିମ୍ବଦନ୍ତୀ ଅଛି ।

## (୨) ମାଧବ ବର୍ମାଙ୍କ ତାମ୍ରଶାସନ

ଶୈଳୋଦ୍ଭବ ବଂଶର ରାଜାମାନଙ୍କର ଅନୁଶାସନମାନଙ୍କରେ ଅତି ଉତ୍କୃଷ୍ଟ ଧରଣର କବିତାଛନ୍ଦ ଦେଖାଯାଏ । ରାଜାମାନେ ଓ ଦାନଗ୍ରହୀତା ବ୍ରାହ୍ମଣମାନେ ସୁଶିକ୍ଷିତ ଓ ଧାର୍ମିକ ଥିବାର ଜଣାଯାଏ । ରାଜାମାନେ ଯଜ୍ଞ କରିଥିଲେ । କେହି କେହି ଅଶ୍ୱମେଧ ଯଜ୍ଞ ମଧ୍ୟ କରିଥିଲେ । ହର୍ଷବର୍ଦ୍ଧନଙ୍କ ରାଜତ୍ୱରେ ଭାରତରେ ବୌଦ୍ଧଧର୍ମର ପ୍ରଭାବ ବିଶେଷ ଭାବରେ ବିସ୍ତାର ଲାଭ କରିବାରୁ ଲୋକଙ୍କର ମନରେ ବ୍ରାହ୍ମଣ୍ୟଧର୍ମ ପ୍ରତି କ୍ରମେ ଅନାଦର ଭାବ ଦେଖା ଦେଇଥିଲା । ହର୍ଷବର୍ଦ୍ଧନ କୋଙ୍ଗୋଦକୁ ଜୟ କରିବା ପରେ କୋଙ୍ଗୋଦରେ ଏହି ଲକ୍ଷଣ ଦେଖାଦେଇଥିଲା । ଦେଶର ବିଭିନ୍ନ ସ୍ଥାନରେ ସଂଘାରାମ ସ୍ଥାପିତ ହୋଇଥିଲା ଏବଂ ଏହାକୁ କେନ୍ଦ୍ରକରି ବୌଦ୍ଧ ଭିକ୍ଷୁମାନେ ବୌଦ୍ଧଧର୍ମ ପ୍ରଚାର କରୁଥିଲେ । ବୌଦ୍ଧଧର୍ମର ପ୍ରସାରର ପ୍ରତିରୋଧ କରିବାପାଇଁ ଗୌଡ଼ର ମହାରାଜ ଶଶାଙ୍କ ପ୍ରାଣପଣ ଉଦ୍ୟମ କରିଥିଲେ । ବର୍ଦ୍ଧନ ସାମ୍ରାଜ୍ୟର କେତେକ ଅଂଶ ଶଶାଙ୍କ ଅଧିକାର କରିନେଇ ଏହି ଅଞ୍ଚଳମାନଙ୍କରେ ବ୍ରାହ୍ମଣ୍ୟଧର୍ମର ପୁନରୁତ୍ଥାନ ନିମନ୍ତେ ଯତ୍ନ କରିଥିଲେ । କୋଙ୍ଗୋଦମଣ୍ଡଳକୁ ମଧ୍ୟ ଶଶାଙ୍କ ଅଧିକାର କରି ନେଇଥିଲେ । କୋଙ୍ଗୋଦର ଶୈଳୋଦ୍ଭବ ରାଜାମାନେ ବୌଦ୍ଧଧର୍ମର ପକ୍ଷପାତୀ ନଥିଲେ । ସେମାନେ ଶୈବ ଥିଲେ ଏବଂ ନିଜ ରାଜ୍ୟ ଭିତରେ ବ୍ରାହ୍ମଣ୍ୟଧର୍ମ ପ୍ରତି ଲୋକଙ୍କ ଆଦର ପ୍ରତିଷ୍ଠା କରିବା ନିମନ୍ତେ ବହୁ ଯଜ୍ଞ, ଦାନ କରୁଥିଲେ । ବିଦେଶରୁ ବହୁ ବିଜ୍ଞ ଓ ଧର୍ମକର୍ମନିଷ୍ଠ ବ୍ରାହ୍ମଣଙ୍କୁ ଆଣି ଶାସନ ବସାଇଥିଲେ । ସେମାନଙ୍କ ସ୍ଥାୟୀ ବାସ ଯୋଗୁଁ ଦେଶରେ ସଂସ୍କୃତ ଓ ପ୍ରାକୃତ ଭାଷାର ବହୁ ଉନ୍ନତି ସାଧିତ ହୋଇଥିଲା । ପୂର୍ବରୁ ବୌଦ୍ଧରାଜା ଅଶୋକ ଓ ଜୈନରାଜା

ଖାରବେଳ ରାଜକାର୍ଯ୍ୟରେ ପ୍ରାକୃତ ବ୍ୟବହାର କରୁଥିଲେ ଏବଂ ଲିପି ଖୋଦିତ କରୁଥିଲେ । କୋଶଳର ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ରାଜାମାନେ ଅନୁଶାସନରେ ସଂସ୍କୃତ ଭାଷା ବ୍ୟବହାର କରୁଥିଲେ । କିନ୍ତୁ ଗ୍ରାମର ଜନସାଧାରଣଙ୍କ ବୋଧ ପାଇଁ ଭୂମିର ସୀମା ନିର୍ଦ୍ଦେଶ ସ୍ଥାନରେ ପ୍ରାକୃତ ବ୍ୟବହାର କରୁଥିଲେ ।

ମହାରାଜାଧିରାଜ ଧର୍ମରାଜଦେବ /ସୁଙ୍କ ନିଡ଼ିନାଗ୍ରାମ ତାମ୍ରଶାସନରେ ସୀମା ନିର୍ଦ୍ଦେଶ ସ୍ଥଳରେ ପ୍ରାକୃତ ପଦର ବ୍ୟବହାର ହୋଇଅଛି ।

(ନିଡ଼ିନା ତାମ୍ରଶାସନ—Epigraphica Indica Vol. XXI)

ପଶ୍ଚିମ ଦିଶନ୍ତୁ ଉକୁଟ ଅଙ୍କୁପୋପାଦ୍ର ଦଣରୁଇ ବାଲ୍ମିକ ବଲ୍ମିକ ବହେଲିଆ ।

ଉତ୍ତର ଦିଶନ୍ତୁ ଉକୁଟ ପାଣି ସାଗରର ମଣିବାଧୈବଣୀ
ଉତ୍ତର ଦିଶନ୍ତୁ ଦଦୈଳି
ପୂର୍ବେନ୍ତୁ ଅନ୍ତବନ୍ଧେଲବାଡ଼ି
ପୂର୍ବୋତ୍ତର କୋଣେନ୍ତୁ ସୋମଶିଡଗୁଳୁଟ
ପୂର୍ବଦକ୍ଷିଣନ୍ତୁ ଦେଶ··ମତ୍ତୁଳୁଟ
ପୂର୍ବ ଦିଶନ୍ତୁ ଟୋଳିଡ଼ି
ପୂର୍ବ ଦକ୍ଷିଣ କୋଣନ୍ତୁ ବାଦରୁକ୍ଷ ଉକୁଟ
ଦକ୍ଷିଣେନ୍ତୁ ଶପଦ୍ମିଲ ଗାଣ୍ଡି ଶ୍ରାବନ୍ତ (ସ) ଶୁଷ୍କର ଦ୍ୱିତୀୟର

ପୂର୍ବ, ଦକ୍ଷିଣ, ଉତ୍ତର, ଗାଡ଼ି (ଗାଡ଼ିଆ), ପାଣି, ଦଣ, ସ୍ୱଇ, ବାଡ଼ି, କଣ—ଏହିସବୁ ଶବ୍ଦ ପ୍ରାକୃତ ରୂପରେ ଏଠାରେ ସ୍ଥାନ ପାଇଛି । ବର୍ତ୍ତମାନ ଓଡ଼ିଆ ଭାଷାରେ ଏହି ଶବ୍ଦଗୁଡ଼ିକ ଚଳୁଛି ।

'ନ୍ତୁ' ପ୍ରତ୍ୟୟଟି ପ୍ରାକୃତରେ ସପ୍ତମୀ ବିଭକ୍ତିରେ ବ୍ୟବହୃତ ହୁଏ । ଏହି ଲିପିରେ ସପ୍ତମୀ ବିଭକ୍ତିର ପ୍ରତ୍ୟୟ ରୂପେ ବ୍ୟବହୃତ ହୋଇଛି । ପୂବ, ଉତର, ଏହି ଶବ୍ଦଗୁଡ଼ିକ ପୂର୍ବ ଓ ଉତ୍ତର ଶବ୍ଦର ପ୍ରାକୃତ ରୂପ । ରେଫ ଓ ଶବ୍ଦର ଦ୍ୱିତ୍ୱ ଲୋପ ହୋଇଛି ।

ଦଶ, ଦେଶ—ଶ, ଷ, ଉଭୟ ସ୍ଥଳେ'ତ ରହିଥିଲେ ମଧ୍ୟ ପ୍ରାକୃତ ନିୟମାନୁସାରେ 'ଶ' ସ୍ଥାନରେ 'ସ'ର ବ୍ୟବହାର ହୋଇଛି ।

ଦକ୍ଷିଣ—ଏଥି ଶବ୍ଦରେ ମୂର୍ଦ୍ଧନ୍ୟ ଷ ପରିବର୍ତ୍ତେ 'ଶ'ର ବ୍ୟବହାର ହୋଇଛି ।

(ଗ) ଶ୍ରୀପୁର, ବାଲ୍ଲଭ, ବଙ୍କପିଲ ପ୍ରଭୃତି ଶବ୍ଦରେ ପ୍ରାକୃତ ସ୍ୱତ-ବହୁଳ ମୂର୍ଦ୍ଧାଷର ବ୍ୟବହୃତ ହୋଇଛି ।

ଏଥିରୁ ଅନୁମାନ କରାଯାଇପାରେ ଯେ ଅନୁଶାସନର ଏହି ଅଂଶଟିକ ଓଡ଼ିଆଭାଷାରେ ଲେଖା ହୋଇଛି । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ଏହି ଅନୁଲେଖଟି ସେତେବେଳେ ପୃଥକ ଓଡ଼ିଆ ଭାଷା ରୂପ ଧାରଣ କରିସାରିଥିବା କି ପ୍ରମାଣ କରୁଛି ।

## (୩) ଗଣ୍ଡିବେଡ଼ା ଶିଳାଲିପି

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ଼ା ଗ୍ରାମରେ ଏକ ପ୍ରସ୍ତର ମୂର୍ତ୍ତିର ପାଦଦେଶରେ "ଦେବଦତ୍ତ (ସ୍ତ) ଭଗ (କ) ର କାରୁଣ ଅଛନ୍ତି ଦେଶ କୁମାର ସେଣ" ବୋଲି ଲେଖାଅଛି । ଅକ୍ଷରର ଆକାର ପ୍ରାଚୀନ ଓଡ଼ିଆ । ଖ୍ରୀ ଅ ୭ମ ଶତାବ୍ଦୀର ମୂର୍ତ୍ତି ହେବା କି ସମ୍ଭବ; କାରଣ, ଗୁପ୍ତଯୁଗ-ପର ଯୁଗର ଶୈଳୀ ଏଥିରେ ଦେଖାଯାଉଛି । ଅନୁମାନ ହେଉଛି, ଲେଖାଟି ମଧ୍ୟ ସେହି ସମୟର । ଦେବନାଗରୀ ଅକ୍ଷରରୁ ଓଡ଼ିଆ ଅକ୍ଷର ବାହାରୁଥିବା ଅବସ୍ଥାର ସମସ୍ତ ଏଥିରୁ ଜଣାପଡ଼ୁଛି । ଓଡ଼ିଶା ଇତିହାସ ଗବେଷଣା ପତ୍ରିକା (Orissa Historical Research Journal, Vol. II)ରେ ସେଇ ପାଠଟି ଦିଆଯାଇଛି ତାହା ଶୁଦ୍ଧ ବୋଲି ଧରିନେଲେ ସ୍ୱୀକାର କରିବାକୁ ହେବ ଯେ ଓଡ଼ିଆ ଭାଷାରେ ଲିଖିତ ପ୍ରାଚୀନ ଅନୁଲେଖମାନଙ୍କ ଭିତରେ ଏହା ଅନ୍ୟତମ । ଏହାର ପାଠ ସମ୍ବନ୍ଧରେ ସନ୍ଦେହ ହେଉଥିବାରୁ ବେଶି ଆଲୋଚନା କରାଗଲା ନାହିଁ ।

## (୪) ମଧୁକାମାର୍ଣ୍ଣବ ଦେବଙ୍କ ଲେଖ

( 1. Journal of the Andhra Research Society, Vol. VIII. 2. Journal of the Bihar and Orissa Research Society, Vol. VIII. P.3 )

ଚୋଡ଼ଗଙ୍ଗଙ୍କ ପୂର୍ବପୁରୁଷ କଳିଙ୍ଗର ମହାରାଜା ମଧୁକାମାର୍ଣ୍ଣବ ଦେବ ଗଙ୍ଗାବ୍ଦ ୫୨୬ରେ ଯେଉଁ ଦାନ ଶାସନ ଦେଇଥିଲେ ସେଥିରେ ଶାମା

ନିର୍ଦ୍ଦେଶ ଅଂଶରେ କେତେକ ବାକ୍ୟରେ ଓଡ଼ିଆ ଭାଷାର କେତେକ ପ୍ରଚଳିତ ଶବ୍ଦ ଅଛି । ଦାନ ଶାସନଟି ସଂସ୍କୃତରେ ରଚିତ । ଓଡ଼ିଆ ଅଂଶଟି ଓଡ଼ିଆ ଭାଷା ଅନଭିଜ୍ଞ ଲେଖକଦ୍ୱାରା ରଚିତ ହୋଇଥିବା ସମ୍ଭବ । ପ୍ରଚଳିତ ଶାସନ ବ୍ୟବହାରରେ ମଧ୍ୟ ଏହି ପ୍ରକାର ପ୍ରୟୋଗ ଥିବା ଅନୁମାନ କରାଯାଇ-ପାରେ । ସମସ୍ତ ଦାନପତ୍ରଟି ଦେବନାଗରୀ ଲିପିରେ ତାମ୍ରଫଳକ ଉପରେ ଖୋଦିତ ହୋଇଛି । ରଚକ କଳିଙ୍ଗନଗରର ନିବାସୀ ମାଧବଙ୍କ ପୁତ୍ର ମଧୁସୂଦନ । ଅକ୍ଷଶାଳୀ ଈଶାନଦ୍ୱାରା ଖୋଦିତ ।

ଏହି ବାକ୍ୟଗୁଡ଼ିକର ରୂପ—

"ବାଲ୍ମ୍ବ ସ୍ୱେପିତ ଶିଳୁ (ଳା) ଉନ୍ମୁଳି ଗ ତ । ବାଲ୍ମ୍ବ ଗ ତ ସ୍ୱେପିତ ଶିଳାଦ୍ୱସୁ ଉନ୍ମୁ (ନ୍ମୁ) ଳି । ଈଶାନ ଦଶାସ୍ତୁ ଶ୍ରୀଜଣ ବୃକ୍ଷ ବାଲ୍ମ୍ବ ଗର୍ତ୍ତ । ପଟଡ ତଳ ମାର୍ଗ । ସୁଏଁସା ଭୂମି । ମୂରସ୍ଥ ଶତଦ୍ୱସୁ ୨୦୦ । ଦୋଳି ମୂଡବେଣ୍ଣ ସୋତ୍ରି ଦୋଇରେ ବନସୁ ଏ(ହ)ତା ବିଂଶ୍ରସୁ ହଲେ । ଅ (ଥ) ପରିବର୍ତ୍ତି । XX ଦାନ ଦେଢ଼ଶତ ଭୂଷ୍ୟ ୧୫୦ । XX"

ଶୁଦ୍ଧପାଠ ଏହିପରି ହେବା ସମ୍ଭବ—

"ବାଲ୍ମ୍ବ ସ୍ୱେପିତ ଶିଳା ଉନ୍ମୁଳ ଗାତ । ବାଲ୍ମ୍ବ ଗାତ । ସ୍ୱେପିତ ଶିଳାଦ୍ୱୟ । ଉନ୍ମୁଳ । ଈଶାନ ଦଶାସ୍ତୁ । ଶ୍ରୀଜଣ ବୃକ୍ଷ । ବାଲ୍ମ୍ବ ଗର୍ତ୍ତ । ପଟଉତଳ ମାର୍ଗ । ଶପଶା ଭୂମି । ମୂରସ୍ଥ ଶତଦ୍ୱୟ ୨୦୦ । ଦୋଳି ମୂଡବେଣ୍ଣ ସୋତ୍ରିରେ ବନସୁ ଛତା ବିଂଶ୍ରସୁ ହଲେ । ଅପରିବର୍ତ୍ତି । XX ଦାନ (ତ୍ର) ଦେଢ଼ଶତ ଭୂଷ୍ୟ ୧୫୦ । XX"

ଏହି ଲିପିଟିର ଶୁଦ୍ଧ ରୂପ ନିମନ୍ତେ ପୁଣି ମାର୍ଜନା ଆବଶ୍ୟକ । ବର୍ଣ୍ଣଶୁଦ୍ଧି ପରେ ଯେଉଁ ରୂପ ଦେଖା ଯାଉଛି ସେଥିରେ ଓଡ଼ିଆ ଭାଷାର ଶବ୍ଦ ଥିବାର ଚିହ୍ନ ମିଳୁଛି । ଉନ୍ମୁଳ, ଗାତ, ଶ୍ରୀଜଣ, ଦୋଳି, ମୂଡବେଣ୍ଣ, ସୋତ୍ରି, ବନସୁ ଛତା, ବିଂଶ୍ରସୁ (କୋଡ଼ିଏ), ହଲେ, ଦେଢ଼—ଏହି ଶବ୍ଦଗୁଡ଼ିକ ଯେ ଖାଣ୍ଟି ଓଡ଼ିଆ ଏଥିରେ ସନ୍ଦେହ ନାହିଁ ।

ଏହି ଲିପିର ପୂର୍ବରୁ ଓଡ଼ିଆ ଅକ୍ଷର ରୂପର ଆଭାସ କଳିଙ୍ଗାଧିପତି ମାଧବବର୍ମାଙ୍କ ତାମ୍ରଶାସନରେ ମିଳିଛି । ଏହା ପରେ ମହାରାଜା ଅନନ୍ତବର୍ମା ବଜ୍ରହସ୍ତ (ଦ୍ୱିତୀୟ)ଙ୍କ ସମୟର ଦାନଶାସନରୁ ମଧ୍ୟ ଓଡ଼ିଆ ଅକ୍ଷର ରୂପରେଖର ଛାପ ମିଳୁଛି ।

ମଧୁସୂଦନଙ୍କ ଏହି ରଚନାର ଲିପିରେ ପ୍ରାଚୀନ ଓଡ଼ିଆ ଲିପିର ରୂପରେଖର ପ୍ରଭାବ ପଡ଼ିଛି । ସମ୍ଭବତଃ ମଧୁସୂଦନ ଓଡ଼ିଆ । ଖୋଦନକାରୀଙ୍କ ଭାଷା ମଧ୍ୟ ଓଡ଼ିଆ ।

## (୪) ଅନନ୍ତବର୍ମା ବଜ୍ରହସ୍ତଦେବଙ୍କ ସମୟର ଓଡ଼ିଆ ଲିପି (ଖ୍ରୀ: ୧୦୬୯)

ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ ପିତାମହ ମହାରାଜା ଅନନ୍ତ ବର୍ମା ବଜ୍ରହସ୍ତଦେବ କଳିଙ୍ଗର ଗଙ୍ଗବଂଶ ରାଜାମାନଙ୍କ ଭିତରେ ଜଣେ ପ୍ରଧାନ ରାଜା । ସେ ଦକ୍ଷିଣ କଳିଙ୍ଗର କଳିଙ୍ଗନଗର ବା ମୁଖଲିଙ୍ଗଠାରେ ଖ୍ରୀ: ୧୦୩୭ ଠାରୁ ଖ୍ରୀ: ୧୦୭୦ ପର୍ଯ୍ୟନ୍ତ ରାଜତ୍ୱ କରୁଥିବାର ଅନୁମାନ ହୁଏ । ତାଙ୍କ ରାଜତ୍ୱର ୩୨ ଅଙ୍କରେ ବା ଖ୍ରୀ: ୧୦୬୯ରେ କାୟସ୍ଥ କୁଳୋଦ୍ଭବ ସେନାପତି ମାଧୁସ୍ୱୀ (ମାଧୁମୀ)ଙ୍କ ଭାର୍ଯ୍ୟା ତୁଞ୍ଚମ ନାୟକାଣୀ ମୁଖଲିଙ୍ଗ ନଗରର ମଧୁକେଶ୍ୱର ମହାଦେବ ମନ୍ଦିରରେ ଅଖଣ୍ଡ ଦୀପ ଜଳିବାକୁ ୫୦ଟି ଗୋଷ୍ଠଣ (ମେଣ୍ଢା) ଦାନ କରିଥିଲେ । ମେଣ୍ଢା, ଛେଳି, ଗାଈ, ମଇଁଷିର ଘିଅ ଅଖଣ୍ଡଦୀପ ପାଇଁ ବ୍ୟବହୃତ ହେଉଥିଲା । ଏହି ଦାନ ଜଣାଇ ପ୍ରକାରେ ଦେବମନ୍ଦିରର ପରିଚାଳକଙ୍କ ଅଧିକାରରେ ବନ୍ଧୁପଣାଙ୍କ ଏହି ପଶୁ ରହୁଥିଲେ ।

ବଜ୍ରହସ୍ତ ଦେବଙ୍କ ସମୟର ତୁଞ୍ଚମ ନାୟକାଣୀଙ୍କ ଶିଳା ଅନୁଶାସନଟି ଓଡ଼ିଆ ଅକ୍ଷରରେ ଖୋଦିତ ହୋଇଛି । "ଓଁ ଶ୍ରୀ ମଦନନ୍ତବର୍ମ ବଜ୍ରହସ୍ତଦେବ ରାଜ୍ୟସ୍ୱରାଜ୍ୟ ସମ୍ବତ୍ସର ୩୨ ବର୍ତିଲ ବରେଲି (ବେଳେ) ସେନାପତି ମା (ଧୁ) ସ୍ୱମ୍ୟ ଭାର୍ଯ୍ୟା କାୟସ୍ଥକୁଳୋଦ୍ଭବ (ବ:) ଶ୍ରମଧର୍ମ ପର (ପା) ଲିଙ୍ଗ—

ବନକର୍ଧାନ (ଣା) ଗୁଣ୍ଡମନାୟୁକଳ (ଣି, ଣୀ) ଗୋଷ୍ଠୀ (ନ) ୦ ଅଖଣ୍ଡବର୍ତ୍ତିସ (କୁ) ମଧୁକେଶ୍ୱର ଦେବସ (କୁ) ବ (ଦେ) ଳ ।" (South Indian Inscriptionss, Vol. V. No. 1121)

ସଂଶୋଧନ ପରେ ପାଠ ଏପରି ହେବ—

"ଓଁ ଶ୍ରୀ ମଦନନ୍ତବର୍ମ୍ମ ବଜ୍ରହସ୍ତ ଦେବ ବିଜୟରାଜ୍ୟ ସମ୍ବତ୍ସରୁ ୩୯ ବର୍ତ୍ତିଲ ବଡ଼ଲି ସେନାପତି ମାଧବସ୍ୱସ୍ୟ ଶର୍ମା ଦାୟିକୁଳୋଦ୍ଭବୀ ସମସ୍ତଧର୍ମ୍ମ ପରିପାଳିନୀ ବନଜାଥାଣୀ ଗୁଣ୍ଡମ ନାୟୁକାଳ ଗୋଷ୍ଠୀ ୫୦ ଅଖଣ୍ଡବର୍ତ୍ତି (ପଦ) ଶ୍ରୀ ମଧୁକେଶ୍ୱର ଦେବସ ଦେଳ ।

ଏଠାରେ ବର୍ତ୍ତିଲ = ବର୍ତ୍ତିର, ବଡ଼ଲି = ବେଳେ, ନାୟୁକାଳ = ନାୟୁକାର (ନାୟୁକାଣୀର), ଅଖଣ୍ଡବର୍ତ୍ତିସ = ଅଖଣ୍ଡବର୍ତ୍ତିକୁ, ମଧୁକେଶ୍ୱର ଦେବସ = ମଧୁକେଶ୍ୱର ଦେବଙ୍କୁ, ଦେଳ = ଦେଲା । ତ, ର, ଲ ର ଅଭେଦ ସୂତ୍ର ପ୍ରଭାବରୁ ବର୍ତ୍ତିର ପରିବର୍ତ୍ତେ ବର୍ତ୍ତିଲ ହୋଇଛି । 'କୁ' ବଦଳେ ସ୍ଥାନରେ ପ୍ରାକୃତ 'ସ'ର ବ୍ୟବହାର ହୋଇଛି । 'ଦେଳ' ଶବ୍ଦଟି ଅନ୍ୟାନ୍ୟ ଲିପିମାନଙ୍କରେ ମଧ୍ୟ 'ଦେଲା' ଅର୍ଥରେ ବହୁ ସ୍ଥାନରେ ବ୍ୟବହୃତ ହୋଇଛି ।

'ମାଧବସ୍ୱସ୍ୟ' ପଦରେ ସଂସ୍କୃତ ଷଷ୍ଠୀ ବିଭକ୍ତି ଏକବଚନର ଚିହ୍ନ 'ସ୍ୟ' ବ୍ୟବହୃତ ହୋଇଛି । ଏହା ରଚନାର ଏକ ଢଙ୍ଗ ବୋଲି ଜଣାଯାଉଛି । ମୋଟ ଉପରେ ଲେଖାଟିର ଓଡ଼ିଆ ଭାଷାର ରୂପ ପ୍ରାକୃତାନୁସାରୀ ହୋଇଛି ।

ଗୁଣ୍ଡମନାୟିକାଣୀଙ୍କର ଏହି ଦାନପତ୍ରଟି ଓଡ଼ିଆ ଭାଷାର ସାହିତ୍ୟିକ ରୂପର ପ୍ରଥମାବସ୍ଥା ବା ପ୍ରାକୃତ-ଓଡ଼ିଆ ମିଶ୍ରିତ ରୂପର ଏକ ପ୍ରାଚୀନ ନିଦର୍ଶନ ବୋଲିବାକୁ ହେବ । ଏହା ପୂର୍ବରୁ ଅନ୍ୟ ଲେଖମାନଙ୍କରେ କେତୋଟି ଅସଂଲଗ୍ନ ପଦର ବ୍ୟବହାରରୁ ଓଡ଼ିଆ ଭାଷାର ତାତ୍କାଳିକ ରୂପ ନିର୍ଣ୍ଣୀତ ହୋଇଥିଲା । କିନ୍ତୁ ଏହି ଲେଖାରୁ ଓଡ଼ିଆ ଭାଷାର ସାହିତ୍ୟିକ ରୂପ ଅପେକ୍ଷାକୃତ ଉନ୍ନତ ସ୍ତରରେ ଉପସ୍ଥିତ ହୋଇଥିବା ଜଣାଯାଉଛି ।

## (୭) ବଜ୍ରହସ୍ତ ଦେବଙ୍କ ସମୟର ଲିପି (ଖ୍ରୀ: ୧୧୦୭)

କଳିଙ୍ଗ ରାଜା ଶ୍ୱେତଗଙ୍ଗ ଅନନ୍ତବର୍ମା ବଜ୍ରହସ୍ତ ଦେବଙ୍କର ରାଜତ୍ୱର ୩୮ ଅଙ୍କ ଅର୍ଥାତ୍ ଖ୍ରୀ: ୧୧୦୭ ଅକ୍ଟୋବର ୨୯ ବର୍ଷରେ ମୁଖଲିଙ୍ଗର ନୃସିଂହସ୍ୱାମୀ ମଠର କାନ୍ଥରେ ଏକ ଓଡ଼ିଆ ଦାନ ଶାସନ ଥିଲା । ବର୍ତ୍ତମାନ ସେହି ପଥର ଗୁଳ ଥାଇଥିବା ଏହାକାର ରିପୋର୍ଟରେ ପ୍ରକାଶ ପାଇଛି । ଲେଖାଟିର ପାଠରେ ବହୁତ ଭ୍ରମ ରହିଥିବା ଦେଖାଯାଏ । ସମ୍ଭବତଃ ଅକ୍ଷରଗୁଡ଼ିକ ପଢ଼ି ହୋଇପାରି ନଥିବାରୁ ଏପରି ଭ୍ରମ ଦେଖାଦେଇଛି । ପ୍ରକାଶିତ ପାଠ ଏହିପରି—

ଓଁ ସ୍ୱସ୍ତି (।) ସମରମୁଖାନେକ ଶତ୍ରୁଦର୍ପ ମ(ର୍ଦ୍ଦ)ନ ଭୁଜବଳ-ପରାକ୍ରମ ପରମମାହେଶ୍ୱର ପ(ର)ମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଗଙ୍ଗାନ୍ୱୟାମଲତିଳକ ଶ୍ରୀମଦନନ୍ତବର୍ମ୍ମ (ବ)ଜ୍ରହସ୍ତଦେବ ବିଜୟରାଜ୍ୟେ ୩୮ ସମ୍ବତ୍ସରଣ ବେଳେଲି ସୋଦାକୃଷ୍ଣପତ୍ର କବାଟୀ ବିଷୁଧାନୀ......ଟୀସୁ କା(ନ)ପଦ ପ୍ରମୁଖ୍ୟାନ୍ ଭୁଣ ଚଣ୍ଡ ନାୟକ × ମୁ ପ୍ର(ଲୀ)ଲଂ ଜବେମୟୁକ ବସ୍ତ୍ର ସମାନ୍ତେ ତନେ ଅତିକ୍ରତାରିକ ଏଦୋ । ( S. I. I. Vol. V. No. 1139 )

ଅନନ୍ତବର୍ମ୍ମ ଦେବଙ୍କର ବିରୁଦର ପୂର୍ଣ୍ଣ ବିବରଣ ଏଥିରେ ଦିଆଯାଇଛି । ଏଥିରେ ଦାନପତ୍ରର କେତୋଟି ଅଂଶ ବିଶେଷ ସ୍ଥାନ ପାଇଛି । "ଜାନପଦ ପ୍ରମୁଖାନ୍ ସମାହୂୟ ସମାଜ୍ଞାପୟତି" ଏହି ଅଂଶ ସଂସ୍କୃତ ଦାନପତ୍ରରେ ଦେଖାଯାଏ । ଏଠାରେ ଏହାର ଓଡ଼ିଆ ରୂପାନ୍ତର ମର୍ମ୍ମ ପ୍ରକାଶ ପାଇଛି । ଜାନପଦର ପ୍ରମୁଖମାନଙ୍କ ଉପସ୍ଥିତିରେ ସେମାନଙ୍କ ଜ୍ଞାତସାରରେ ଏହି ଦାନଟି ଦେବସ୍ଥାନକୁ ଦାନ ଦିଆଯାଇଛି ।

ସମ୍ବତ୍ସରଣ = ସମ୍ବତ୍ସର, ବେଳେଲି = ବେଳକୁ, ଦେଲେ । ଭୁଣ = ମାନେ ।

ଏଥିରେ ସମ୍ବତ୍ସରଣ, ବେଳେଲି, ଭୁଣ, ଚଣ୍ଡ, ଏଦୋ ପ୍ରଭୃତି କେତେକ ଓଡ଼ିଆ ଅପଭ୍ରଂଶ ପଦ ଥିବାରୁ ଏହି ଲିପିଟି ଓଡ଼ିଆ ଭାଷାରେ ଲିଖିତ ବୋଲି କୁହାଯାଇଛି ।

# ପଞ୍ଚମ ପରିଚ୍ଛେଦ

## ଓଡ଼ିଆ ସାହିତ୍ୟରେ ଗଙ୍ଗବଂଶ ଯୁଗ ବା ଆଦ୍ୟଯୁଗ
## ( ଖ୍ରୀ: ୧୦୪୬-୧୪୩୫ )

### ଗଙ୍ଗବଂଶ-ଯୁଗର ପରିଚୟ—

ଓଡ଼ିଶାରେ ଗଙ୍ଗବଂଶ ରାଜତ୍ୱର ପ୍ରତିଷ୍ଠାତା ମହାରାଜା ଚୋଡ଼ଗଙ୍ଗଦେବ ପ୍ରଣୀତ ମାଦଳାପାଞ୍ଜି ଲେଖାର ସୂତ୍ରପାତ କରିଥିବା କିମ୍ବଦନ୍ତୀରୁ ଜଣାଯାଏ । ଚୋଡ଼ଗଙ୍ଗଦେବଙ୍କ ଓଡ଼ିଶା ବିଜୟ ପରେ ଅର୍ଥାତ୍ ଖ୍ରୀ: ୧୧୧୨ ପରେ ଓ ତାଙ୍କ ରାଜତ୍ୱ ସମୟ ଖ୍ରୀ: ୧୦୭୭ ଠାରୁ ୧୧୪୭ ମଧ୍ୟରେ ମାଦଳାପାଞ୍ଜି ଲେଖା ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଅର୍ଥାତ୍ ଏକାଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଭାଷାରେ କୌଣସି ଗଦ୍ୟ ରଚନା ବା ଗ୍ରନ୍ଥ ଲେଖା ଏ ପର୍ଯ୍ୟନ୍ତ ମିଳିନାହିଁ । ସେ ସମୟରେ ହିନ୍ଦୀ ଓ ବଙ୍ଗଳା ଭାଷାରେ ସମ୍ପୂର୍ଣ୍ଣ ଗ୍ରନ୍ଥ ଲେଖା ଥିବା ମଧ୍ୟ ପ୍ରମାଣିତ ହୋଇନାହିଁ । ଦଶମ ଶତାବ୍ଦୀ ପୂର୍ବରୁ ଦୋହାଗାନ ଓ ଦୋହା, କେତେକ ଅପଭ୍ରଂଶ ଗ୍ରନ୍ଥ ବ୍ୟତୀତ ହିନ୍ଦୀ କିମ୍ବା ବଙ୍ଗଳା ବା ପୂର୍ବ-ଭାରତୀୟ କୌଣସି ଭାଷାରେ ଗ୍ରନ୍ଥ ରଚନା ଥିବା ଜଣାଯାଇ ନାହିଁ । ୧୦ମ ଶତାବ୍ଦୀରେ ଦେବସେନଙ୍କ ଶ୍ରାବକାଚାର ନାମକ ଜୈନ ଗ୍ରନ୍ଥରେ ଅପଭ୍ରଂଶର କେତେକ ଦୋହା (ଦୁହା) ଦେଖାଯାଏ ।

ଜୋ ଜିଣ ସାସଣ ଭାସିୟଉ ସୋ ମଇ କହିୟଉ ସାରୁ ।
ଜୋ ପାଲେଇ ସଇ ଭାଉ କରି ସୋ ତରି ପାବଇ ପାରୁ ।

—ଶ୍ରାବକାଚାର ।

୧୦ମ ଶତାବ୍ଦୀର କେତେକ ପ୍ରାଚୀନ ବୌଦ୍ଧ ଗ୍ରନ୍ଥରେ ଅପଭ୍ରଂଶ ଭାଷାର ଦୋହା ମଧ୍ୟ ଦେଖାଯାଏ ।

ପୂର୍ବତନ ପୂର୍ବ-ଭାରତୀୟ ଭାଷାମାନଙ୍କର ବିକାଶ ଏହି ଅପଭ୍ରଂଶ ଭାଷାରୁ ହୋଇଛି । ଏହି ଅପଭ୍ରଂଶ ଭାଷା ସହିତ ଓଡ଼ିଆ ଭାଷାର ଅନେକ ସାଦୃଶ୍ୟ ଅଛି ।

୧୦ମ ଶତାବ୍ଦୀ ଓ ତତ୍ପୂର୍ବବର୍ତ୍ତୀ ସମୟରେ ଏ ଅପଭ୍ରଂଶର ଦୋହା ଓ ଗାନ ପ୍ରଚଳିତ ଥିଲା ବେଳେ ଓଡ଼ିଆ ଭାଷାରେ କୌଣସି ରଚନା ଥିଲା କି ନାହିଁ, କହି ହେଉ ନାହିଁ । ତେବେ ଓଡ଼ିଆରେ କେତେକ ଚଉତିମାଳି, ଗୁଣିଆବେଉଡ଼ାମନ୍ତ୍ର, ବ୍ରତକଥା, ଲୋକଗୀତ ପ୍ରଭୃତି ଥିବା ଅନୁମାନ କରାଯାଇପାରେ ।

୧୧ଶ ଶତାବ୍ଦୀ ପରେ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ, ଅର୍ଥାତ୍, ସାରଳାଦାସଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ମାଦଳା ପାଞ୍ଜି ଓ ସାରଳାଦାସଙ୍କ ମହାଭାରତ ଛଡ଼ା ଅନ୍ୟ କୌଣସି ବିଶିଷ୍ଟ ଲେଖା ନାହିଁ । ଏସମୟଟି ଓଡ଼ିଶାର ଇତିହାସରେ ଏକ ଗୌରବମୟ ଯୁଗ ହେଲେ ମଧ୍ୟ, ଦେଶୀ ଭାଷାରେ ସାହିତ୍ୟ-ସୃଷ୍ଟି ସେତେ ଅଗ୍ରସର ହୋଇ ପାରି ନାହିଁ ।

ଚୋଡ଼ଗଙ୍ଗଙ୍କଠାରୁ କପିଳେନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶାରେ ସମର ପ୍ରସ୍ତବ ଶୂନ୍ୟ ନ ଥିଲା । ଚୋଡ଼ଗଙ୍ଗଦେବ ବଙ୍ଗଦେଶ ଜୟକରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଅନଙ୍ଗଭୀମଦେବ ମୁସଲମାନମାନଙ୍କର ଉତ୍କଳ ବକ୍ଷରେ ପ୍ରଥମ ଅଭିଯାନକୁ ଧ୍ୱଂସ କରିବା ପାଇଁ ଘୋର ସମର କରିଥିଲେ । ଲାଙ୍ଗୁଳା ନରସିଂହଦେବ ହୋଲବର୍ଗ, ବିଦର, ରାଢ଼, ବାରେନ୍ଦ୍ର ପ୍ରଭୃତି ରାଜ୍ୟ ଯୁଦ୍ଧରେ ଜୟ କରିଥିଲେ । ନରସିଂହଦେବଙ୍କ ପରେ ଗଙ୍ଗବଂଶର ରାଜାମାନେ ପୂର୍ବ ରାଜାମାନଙ୍କ ପରି ପରାକ୍ରମୀ ନ ଥିବାରୁ ଓଡ଼ିଶାରେ ଯୁଦ୍ଧ ବରାବର ଲାଗି ରହିଥିଲା । ମୋଟରେ କହିବାକୁ ଗଲେ, ଏଯୁଗର ଅଧିକାଂଶ ସମୟରେ ଲୋକଙ୍କ ଭିତରେ ଯୁଦ୍ଧମନୋଭାବ ଦେଖାଯାଉଥିବ । ଏ ଯୁଦ୍ଧମନୋଭାବ କୌଣସି ହେତୁ ଓଡ଼ିଆ ଗ୍ରନ୍ଥରେ ପ୍ରତିଫଳିତ ହୋଇଥିବାର ପ୍ରମାଣ ଏ ପର୍ଯ୍ୟନ୍ତ ମିଳି ନାହିଁ । ସାରଳାଦାସଙ୍କ ମହାଭାରତରେ ସ୍ଥାନେ ସ୍ଥାନେ ଯୁଦ୍ଧର ଯେଉଁ ବର୍ଣ୍ଣନା ଦେଖାଯାଏ ତାହା ଏ

ମନୋଭବର କାହ୍ନୁ ଅ.ଖ୍ୟ ମାଣ । ଏ ସମୟର ସମସାମୟିକ ଭାଷାରେ ସମର-ସାହିତ୍ୟ ଦେଖାଯାଏ । ବିଜୟପାଳ ରାସୋ, ହମ୍ମୀର ରାସୋ ପ୍ରଭୃତି ଅପଭ୍ରଂଶ କାବ୍ୟରେ ଓ ଖୁମାନ ରାସୋ, ପୃଥ୍ୱୀରାଜ ରାସୋ ପ୍ରଭୃତି ଚାରଣଗାଥାରେ ଯୁଦ୍ଧ-ମନୋଭାବ ପ୍ରତିଫଳିତ ହୋଇଅଛି । ସେ ସମୟରେ ହିନ୍ଦି-ଅପଭ୍ରଂଶ-ଭାଷୀ ରାଜାମାନଙ୍କରେ ବରାବର ଯୁଦ୍ଧ ଲାଗିଥିବାରୁ ଏହି ପରିସ୍ଥିତିର ପ୍ରଭାବ ଜାତୀୟ ଜୀବନରେ ଏ ସବୁ ରଚନାରେ ପ୍ରତିଫଳିତ ହୋଇଛି । ବଙ୍ଗ ଭାଷାରେ ଏ ସମୟରେ ବଳିଷ୍ଠ ଯୁଦ୍ଧ-ସାହିତ୍ୟ ଥିବାର ଦେଖାଯାଏ ନାହିଁ ।

ଗଙ୍ଗବଂଶର ରାଜାମାନଙ୍କ ଅମଳରେ ସଂସ୍କୃତର ଆଦର ବେଶୀ ଥିଲା । ଲୋକେ ସଂସ୍କୃତ ଲେଖାକୁ 'ଭାଷା' ଲେଖା ଅପେକ୍ଷା ବେଶୀ ସମ୍ମାନ ଦେଉଥିଲେ । 'ଭାଷା' ବା 'ପ୍ରାକୃତ'-ଲେଖା ଏକ ପ୍ରଦେଶରେ ଏବଂ ସଂସ୍କୃତ-ଲେଖା ସମସ୍ତ ଭାରତ ଖଣ୍ଡରେ ଚଳୁଥିବାରୁ ସଂସ୍କୃତ ପ୍ରତି ଶିକ୍ଷିତ ଲୋକଙ୍କର ଆଦର ହେବା ସ୍ୱାଭାବିକ । ତା' ଛଡ଼ା ସଂସ୍କୃତ ସାହିତ୍ୟ ପରି ଉଚ୍ଚକୋଟୀର ସାହିତ୍ୟ 'ଭାଷା'ରେ ସେ ସମୟରେ ନ ଥିଲା । ସଂସ୍କୃତର ଚର୍ଚ୍ଚା ମଧ୍ୟ ଦେଶରେ ବହୁଳ ଥିଲା । ଚୋଡ଼ଗଙ୍ଗଙ୍କ ସମୟରେ ସତ୍ୟାନନ୍ଦ 'ସୂର୍ଯ୍ୟସିଦ୍ଧାନ୍ତ' ସଂସ୍କୃତରେ ରଚନା କରିଥିଲେ । ଅନଙ୍ଗଭୀମଦେବ ଲୋକ-ଶିକ୍ଷାର ଉପଯୋଗୀ କରିବା ପାଇଁ ସଭାପଣ୍ଡିତମାନଙ୍କ ଦ୍ୱାରା ପୁରାଣ ଓ ଶାସ୍ତ୍ରମାନଙ୍କର ନୂତନ ସଂସ୍କରଣ କରାଇଥିଲେ । ଲାଙ୍ଗୁଲା ନରସିଂହଦେବଙ୍କ ସଭା-ପଣ୍ଡିତ ବିଦ୍ୟାଧର 'ଏକାବଳୀ' ନାମକ ଗୋଟିଏ ଉତ୍କୃଷ୍ଟ ଅଳଙ୍କାର ଗ୍ରନ୍ଥ ରଚନା କରିଥିଲେ । ଉତ୍କଳର ବିଖ୍ୟାତ କବି ଜୟଦେବଙ୍କ ସଂସ୍କୃତ ଭାଷାରେ ରଚିତ 'ଗୀତଗୋବିନ୍ଦ' ଓ କବିରାଜ ବିଶ୍ୱନାଥ ମହାପାତ୍ରଙ୍କର ପ୍ରସିଦ୍ଧ ଅଳଙ୍କାର ଗ୍ରନ୍ଥ 'ସାହିତ୍ୟଦର୍ପଣ' ଏ ଯୁଗର ସଂସ୍କୃତ ସାହିତ୍ୟରେ ଉଚ୍ଚକୋଟୀର ରଚନା । ଏହାଛଡ଼ା ଅନେକ କବି ପଣ୍ଡିତ ମଧ୍ୟ ସଂସ୍କୃତରେ ଗ୍ରନ୍ଥ ଲେଖିଥିଲେ ।

କାଳକ୍ରମେ ଲୋକଙ୍କ ଉପରୁ ସଂସ୍କୃତ ଭାଷାର ପ୍ରଭାବ କେତେକ ଅଂଶରେ କମିଯାଉଥିଲା । ଦେଶୀ 'ଭାଷା'ର ବିକାଶ ହିଁ ଏହାର ପ୍ରଧାନ

କାରଣ । ସାରଳାଦାସଙ୍କ ପରେ ଓଡ଼ିଶାରେ ସଂସ୍କୃତ ଗ୍ରନ୍ଥ ଲେଖା ବହୁ ପରିମାଣରେ ବଢ଼ି ଯାଇଥିଲା । ସଂସ୍କୃତ ଲେଖକଙ୍କ ସଂଖ୍ୟା ଓଡ଼ିଆ ଲେଖକଙ୍କ ସଂଖ୍ୟାଠାରୁ କମ୍ ହୋଇଗଲା ।

ଗଙ୍ଗବଂଶର ରାଜାମାନଙ୍କର 'ଦେଶୀଭାଷା' ପ୍ରତି ଆଦର ଥିଲା । 'ଦେଶୀଭାଷା' ପ୍ରତି ଆଦର ନ ଥିଲେ ଚୋଡ଼ଗଙ୍ଗଦେବ ମାଦଳାପାଞ୍ଜିକୁ 'ଦେଶୀଭାଷା'ରେ ଲେଖାଇ ନ ଥାନ୍ତେ । ଲାଙ୍ଗୁଳା ନରସିଂହଦେବ ମଧ୍ୟ ଓଡ଼ିଆ ଭାଷାରେ ଶିଳା ଲିପି ଲେଖାଇ ଅଛନ୍ତି ।

ଏ ଯୁଗରେ ଓଡ଼ିଶାରେ ତନ୍ତ୍ର ଓ ଯୋଗସାଧନର ପ୍ରଭାବ କମ୍ ନ ଥିଲା । ବୌଦ୍ଧଭିକ୍ଷୁ ଓ ବ୍ରାହ୍ମଣ ପଣ୍ଡିତମାନଙ୍କ ମଧ୍ୟରେ ବରାବର ବିବାଦ ଦେଖା ଦେଉଥିଲା । ଦେଶରେ ବୌଦ୍ଧମାନଙ୍କର ପ୍ରଭାବର ଅବଶେଷ ଥିବାରୁ ହିନ୍ଦୁ ସଂପ୍ରଦାୟମାନଙ୍କ ଭିତରେ କେତେକ ଅଂଶରେ ଏକତା ଥିଲା । ବୌଦ୍ଧ ଧର୍ମର ପ୍ରଭାବକୁ ଧ୍ୱଂସ କରିବା ପାଇଁ ତନ୍ତ୍ର ଓ ଯୋଗର ବହୁଳ ପ୍ରଚାର ହୋଇଥିଲା । ଚୋଡ଼ଗଙ୍ଗଦେବ ନିଜେ ପ୍ରଧାନ ତାନ୍ତ୍ରିକ ଥିଲେ ଏବଂ ତାଙ୍କ ନାମରେ ମନ୍ତ୍ର ଥିବାର ଦେଖାଯାଏ । କେତେ କେତେ ରାଜା ବୌଦ୍ଧମାନଙ୍କ ପ୍ରତି ଦ୍ୱେଷମୂଳକ ମନୋଭାବ ପୋଷଣ କରୁଥିବାରୁ ପ୍ରକାଶ୍ୟ ସଭାରେ ବୌଦ୍ଧଭିକ୍ଷୁମାନଙ୍କୁ ପରୀକ୍ଷା କରାଯାଇ ହେନା କାରଣରେ କଠୋର ଦଣ୍ଡ ଦିଆଯାଉଥିଲା । ମଦନ ମହାଦେବ ବା କାମାର୍ଣ୍ଣବଦେବଙ୍କ ଅମଳରେ (ଖ୍ରୀ: ୧୧୭୦-୧୧୯୮) ବ୍ରାହ୍ମଣ ଓ ବୌଦ୍ଧଙ୍କ ଭିତରେ ଥିବା ବିବାଦ ସଭାରେ ପରୀକ୍ଷା ହୋଇଥିବା ବିଷୟ ମାଦଳା ପାଞ୍ଜିରେ ଲେଖାଅଛି । କଥିତ ଅଛି ଯେ ବୌଦ୍ଧମାନେ ହାରିଯିବାରୁ ବହୁ ଭିକ୍ଷୁଙ୍କ ମୁଣ୍ଡକାଟ ହୋଇଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାରୁ ବୌଦ୍ଧ ପ୍ରଭାବ ଦୁର୍ବଳତର ଲୋପ ପାଇଥିଲା ଏବଂ ତନ୍ତ୍ର ଓ ଯୋଗର ପ୍ରଭାବ ବହୁପରିମାଣରେ ବୃଦ୍ଧି ପାଇଥିଲା ।

ଗଙ୍ଗବଂଶ ରାଜତ୍ୱର ଶେଷ ଭାଗରେ ଓ ସୂର୍ଯ୍ୟବଂଶ ରାଜତ୍ୱର ପ୍ରଥମ ଭାଗରେ ତନ୍ତ୍ର ଓ ଯୋଗର ପ୍ରଭାବ ଏ ସମୟର ଲେଖକମାନଙ୍କର ରଚନାରେ ଦେଖାଯାଏ । ସାରଳାଦାସ, ଚୈତନ୍ୟଦାସ, ପଞ୍ଚସଖା ପ୍ରଭୃତିଙ୍କ ଲେଖାରେ ଏହାର ଦୃଷ୍ଟାନ୍ତ ରହିଛି ।

ଗଙ୍ଗବଂଶର ରାଜାମାନଙ୍କ ଅମଳରେ କେରଳ, ତାମିଲ, ଅନ୍ଧ୍ର, ବଙ୍ଗ, ମିଥିଳା ଓ ଉତ୍ତର-ଭାରତରୁ ବହୁ ବରିଷ୍ଠ କବି, ସାହିତ୍ୟିକ, ଆଳଙ୍କାରିକ, କଳାବିତ୍ ଓଡ଼ିଶାକୁ ଆସୁଥିଲେ ଏବଂ ଓଡ଼ିଶାର ବହୁ ପଣ୍ଡିତ ଏ ଦେଶମାନଙ୍କୁ ଯାଉଥିଲେ । ସେଥିପାଇଁ ସଂସ୍କୃତର ବିକାଶ ହୋଇଥିଲା ।

## ମାଦଳାପାଞ୍ଜି

ମିଳୁଥିବା ଓଡ଼ିଆ ଲେଖାମାନଙ୍କ ଭିତରେ ମାଦଳାପାଞ୍ଜି ହିଁ ସବୁ-ପ୍ରାଚୀନ । ଏହି ଲେଖାର ରୂପରେଖ ସ୍ପଷ୍ଟ ଭାବରେ ଦେଖାଯାଉଛି । ମାଦଳାପାଞ୍ଜି ଗଦ୍ୟଲେଖା । ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷାମାନଙ୍କରେ ମାଦଳାପାଞ୍ଜି ଭଳି ପ୍ରାଚୀନ ଗଦ୍ୟ-ଇତିହାସ ଗ୍ରନ୍ଥ ଖୁବ୍ କମ୍ ଅଛି । କାଶ୍ମୀରର "ରାଜତରଙ୍ଗିଣୀ" ଓ ସିଂହଳର "ଧାତୁବଂଶ" (ଦାଠବଂଶ) ଭଳି ମାଦଳାପାଞ୍ଜି ଉପାଦେୟ । ଓଡ଼ିଶାର ଇତିହାସ, ରାଜନୀତି, ସମାଜନୀତି ଓ ସଂସ୍କୃତି ସମ୍ବନ୍ଧୀୟ ବହୁ ଉପାଦାନ ଏଥିରେ ଅଛି ।

### ପାଞ୍ଜି କିପରି ଲେଖା ହେଉଥିଲା—

ଓଡ଼ିଶାର ଓ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିରର ନୀତିରୀତି ଓ ରାଜା-ମାନଙ୍କର ରାଜତ୍ୱର ଇତିହାସ ଧାରାବାହିକ ଭାବେ ପାଞ୍ଜିରେ ଲେଖା ହୋଇଅଛି । ଉତ୍କଳର ପ୍ରତ୍ୟେକ ରାଜାଙ୍କର ରାଜତ୍ୱ ସମୟରେ ଘଟୁଥିବା ବିଶେଷ ଘଟଣା ତାଳପତ୍ରରେ ଲେଖା ହୋଇ ରହୁଥିଲା । ତାଳପତ୍ରଗୁଡ଼ିକ ବନ୍ଧାହୋଇ ମାଦଳା (ମର୍ଦ୍ଦଳ) ଆକାରରେ ରଖା ହେଉଥିବାରୁ ଏ ତାଳପତ୍ର ପୋଥିକୁ ମାଦଳାପାଞ୍ଜି ବୋଲି ଲୋକେ କହନ୍ତି । ବଡ଼ଦେଉଳ (ପୁରୀର ଶ୍ରୀଜଗନ୍ନାଥ ମନ୍ଦିର)ରେ ମାଦଳାପାଞ୍ଜି ଲେଖିବା ଗୋଟିଏ ସେବା । ଦେଉଳ କରଣ ମନ୍ଦିରର ଆୟବ୍ୟୟ ଲେଖନ୍ତି ଏବଂ ତଡ଼ାଉ କରଣ ଦେବଭୋଗର ବିବରଣୀ ଲେଖନ୍ତି । ଏ ପାଞ୍ଜିର ତିନୋଟି ନକଲ ଥିବାର ଜଣାଯାଏ । ଶ୍ରୀମନ୍ଦିରରେ, ଦେଉଳ କରଣଙ୍କ ଘରେ ଓ ତଡ଼ାଉ କରଣଙ୍କ ଘରେ ଏ ତିନିସ୍ଥାନରେ ନକଲ ଥାଏ । ପ୍ରଥମେ ତିନୋଟି ନକଲ ହିଁ ଥିବାର

ଜଣାଯାଏ । କାଳକ୍ରମେ ପାଞ୍ଜିଲେଖା ସ୍ୱଇଚ୍ଛା ଅନୁସାରେ ବିକୃତ ହୋଇଯାଉଥିବାରୁ ପାଞ୍ଜିର ଆଦ୍ୟ କେତେ ନକଲ ମଧ୍ୟ ଦେଖାଯାଏ । ପ୍ରଥମେ ପ୍ରଥମେ ପାଞ୍ଜିଲେଖା ସେବା ଜଣକର ଥିବାରୁ ପାଞ୍ଜିର ରୂପଟି ପ୍ରଥମାବସ୍ଥାରେ ଠିକ୍ ଥିଲା । କିନ୍ତୁ ପରେ ସେବାବ୍ୟକ୍ତି ଯୋଗୁଁ ଭିନ୍ନ ଭିନ୍ନ ଲେଖକ ନିଜ ରୁଚି ଅନୁସାରେ ଘଟଣାବଳୀ ପାଞ୍ଜିରେ ଲିପିବଦ୍ଧ କଲେ । ଏହାଦ୍ୱାରା ଗଙ୍ଗବଂଶର ନରପତିମାନଙ୍କରେ ଅନେକ ବୈଷମ୍ୟ ଓ ପରସ୍ପରବିରୋଧୀ ଲେଖା ଦେଖାଯାଏ । ବୈଷମ୍ୟ ଓ ଭ୍ରମ ଥିବା ସତ୍ତ୍ୱେ ଏହି ଲେଖାମାନଙ୍କରେ ବହୁତ ମେଳ ଅଛି ।

ମାଦଳାପାଞ୍ଜି ଚୋଡ଼ଗଙ୍ଗଙ୍କ ସମୟରୁ ଆରମ୍ଭ ହେଲା । ଖ୍ରୀ: ୧୦୭୭ (କନ୍ୟା ୨୪ ଦିନ ଶୁକ୍ଳ ଦଶମୀ ଦଶହରା)ରେ ଚୋଡ଼ଗଙ୍ଗ ଦେବ ସିଂହାସନରେ ଆରୋହଣ କରିଥିଲେ । ସେହି ବର୍ଷ ଦଶହରା ଦିନ ତାଙ୍କର ଅଭିଷେକ ଉତ୍ସବ ହୋଇଥିଲା । ଦଶହରା ଦିନ ମାଦଳାପାଞ୍ଜି ଚୋଡ଼ଗଙ୍ଗ ଦେବଙ୍କ ଆଦେଶ ଅନୁସାରେ ଆରମ୍ଭ ହୋଇଥିଲେ ମଧ୍ୟ ତାଙ୍କ ପୂର୍ବରୁ ବହୁ ରାଜାଙ୍କର ଚରିତ ଏ ପାଞ୍ଜିରେ ଲେଖାଥିବାର ଦେଖାଯାଏ । ଏ ସବୁ ଲେଖା ଚୋଡ଼ଗଙ୍ଗଦେବଙ୍କ ଆଦେଶ ଅନୁସାରେ ଲିଖିତ ହୋଇଥିଲା ।

ମାଦଳାପାଞ୍ଜିର ସୃଷ୍ଟିକର୍ତ୍ତା ମହାରାଜା ଶ୍ରୀ ଚୋଡ଼ଗଙ୍ଗଦେବ ଗଙ୍ଗବଂଶର ପ୍ରଥମ ନରପତି । ଏ ରାଜା ଦକ୍ଷିଣ କଳିଙ୍ଗରୁ ଆସି ଉତ୍କଳ ସିଂହାସନ ଅଧିକାର କରିଥିଲେ । ପାଞ୍ଜି ଅନୁସାରେ ଉତ୍କଳର କେଶରୀ ବଂଶର ଶେଷ ନୃପତି ସୁବର୍ଣ୍ଣକେଶରୀ (ସିଦ୍ଧେଶ୍ୱର କେଶରୀ ବା ଶୂନ୍ୟ କେଶରୀ) ଅତି ବଡ଼ ଅଧର୍ମ ଆଚରଣ କଲେ । "ବ୍ରାହ୍ମଣ ବାସୁଦେବ ରଥଙ୍କଠାରୁ ଟଙ୍କି ଉଚ୍ଛେଦ ନେଲ ପରେ ସେହି ଭୂମିକୁ ଅନ୍ୟ ଜଣେ ପଠାଣକୁ ଲେଖିଦେଲେ । ବ୍ରାହ୍ମଣ ଏକଥା ଜାଣିପାରି ରାଜାଙ୍କ ସମ୍ମୁଖରେ ଗୁହାରି କରିବାରୁ ସେ କହୁ ଜବାବ ନ କରି ଆଜ୍ଞା ଦେଲେ, 'ଭୂ ଦାସ୍ ପଠାଣ ଜାଣେ' ।" ବ୍ରାହ୍ମଣ ଏକଥା ଶୁଣି ଦୁର୍ଗତ ରାଗ ହୋଇ ଖୁଲିଗଲା ଏବଂ ଭୁବନେଶ୍ୱରଙ୍କଠାରେ ଗୁହାରି ପଡ଼ି

କେତେକ ଦିନ ପରେ ବର ପାଇଲେ । ମହାପ୍ରଭୁ ସ୍ୱପ୍ନାଦେଶ ଦେଲେ, "କେଶରୀ ବଂଶର ରାଜତ୍ୱ ଏଠାରୁ ଶେଷ ହେବ ଏବଂ ଚୋଡ଼ଗଙ୍ଗ ରାଜା ହେବ । ତୁ ଯାଇ ତାକୁ ଆଣି ଗାଦିରେ ବସାଇଦେ ।" ବ୍ରାହ୍ମଣ ବାସୁଦେବ ରଥ ଦକ୍ଷିଣ ଯାଇ ଦେଖିଲେ, ଚୋଡ଼ଗଙ୍ଗ କେତେକ ବାଳକଙ୍କ ସହିତ ଖେଳୁଛି; ଖେଳରେ ରାଜା ହୋଇଛି । ତା ପାଖକୁ ଅନ୍ୟ କାହାରି ଯିବା ନିଷେଧ । ବ୍ରାହ୍ମଣ ପିଲାମାନଙ୍କୁ କହିଲେ ଯେ ଓଡ଼ିଶାରୁ ଜଣେ ବ୍ରାହ୍ମଣ ଆସିଛନ୍ତି, ସେ ତୁମମାନଙ୍କ ରାଜାଙ୍କ ସହିତ ଦେଖା କରିବେ । ବାଳକ ଚୋଡ଼ଗଙ୍ଗ ଦେବଙ୍କୁ ଏ ସମ୍ବାଦ ଦେଲେ । ଏ ସମ୍ବାଦ ପାଇଲାରୁ ଚୋଡ଼ଗଙ୍ଗ ଦେବ ଖପରା ଖଣ୍ଡିକରେ ଅନ୍ୟ ଝେଣ୍ଟ୍ରା ଝପର ଦ୍ୱାରା ଲେଖିଦେଲେ, "ଅବକାଶ ନାହିଁ, ଫର୍ଦ୍ଦ ନେଇ ରହନ୍ତୁ ।" ଏହିପରି ପନ୍ଦର ଦିନ ଗତ ହେଲା ପରେ ସାକ୍ଷାତ ହେଲା । ବ୍ରାହ୍ମଣ ଭୁବନେଶ୍ୱରଙ୍କ ଆଜ୍ଞା ଜଣାଇଲେ । ଚୋଡ଼ଗଙ୍ଗ ଏ ପ୍ରସ୍ତାବ ଶୁଣି ସମ୍ମତି ପ୍ରକାଶ କଲା । ମା' କହିଲା, "ଯିବାବେଳେ ମୋ ସଙ୍ଗାତ ଝଡ଼େଇ ଧୋବଣୀ ସହିତ ସାକ୍ଷାତ କରି ଯିବୁ ।" ଚୋଡ଼ଗଙ୍ଗ ଝଡ଼େଇ ଧୋବଣୀ ପାଖକୁ ଗଲେ । ଦେଖିଲେ ସେ ଭାତ ରାନ୍ଧୁଛି; ପୁଣି ଗୋଟିଏ ଗୋଡ଼ ଚୁଲିରେ ଜାଳୁଛି । ଚୋଡ଼ଗଙ୍ଗ ଡାକିଲାରୁ ଗୋଡ଼ଟିକୁ ଚୁଲିରେ ଦେଇ କଥାବାର୍ତ୍ତା ହେଲା । ଚୋଡ଼ଗଙ୍ଗ କହିଲେ, "ମା' କହୁଛି ମାଉସୀ ସହିତ ଦେଖା ହୋଇ ଯିବାକୁ ।" ଝଡ଼େଇ ଧୋବଣୀ ପ୍ରଶ୍ନକଲା, "କାହିଁକି ?" ଚୋଡ଼ଗଙ୍ଗ ନାହିଁ କଲେ । ଧୋବଣୀ କହିଲା, "ବାଡ଼ିରେ ଯେଉଁ କଦଳୀ ଅଛି ଖା ।" ଚୋଡ଼ଗଙ୍ଗ ଦେବ କଦଳୀ ଖାଉଥିବା ବେଳେ ଧୋବଣୀ ଯାଇ ପଚାରିଲା, "କେତୋଟା ଖାଇଲୁ ?" ଚୋଡ଼ଗଙ୍ଗ ଉତ୍ତର ଦେଲେ, "ଅଠରଟା ।" ଧୋବଣୀ କହିଲା, "ଅସ୍ତୁ ସେତିକି ହେଉ । ତୋର ମନ୍ତ୍ର ସିଦ୍ଧ ହେଲା, ଯା ।" (ପ୍ରାଚୀନ ଉତ୍କଳ ପୃ ୨୯୭-୨୯୮) ।
ଚୋଡ଼ଗଙ୍ଗ ବାସୁଦେବଙ୍କ ସଙ୍ଗେ ଆସି ସୁବର୍ଣ୍ଣକେଶରୀଙ୍କୁ ପରାସ୍ତ କରି ଓଡ଼ିଶାର ରାଜା ହେଲେ । ଚୋଡ଼ଗଙ୍ଗ ଦେବ ଜଣେ ବଡ଼ ତାନ୍ତ୍ରିକ ଥିଲେ । ତାଙ୍କ ନାମରେ କେତେ ଗୁଣିଗାରେଡ଼ି ମନ୍ତ୍ର ଥିବାର ଦେଖାଯାଏ । ସେ ପରମ ମାହେଶ୍ୱର ଓ ପରମ ବୈଷ୍ଣବ ମଧ୍ୟ ଥିଲେ । ଚୋଡ଼ଗଙ୍ଗ ଅମିତ ପରାକ୍ରମୀ ଥିଲେ । ସେ ବାହୁବଳରେ ପଶ୍ଚିମରେ ଗଣ୍ଡବାଡା ରାଜ୍ୟ, ଉତ୍ତରରେ ଗଙ୍ଗାକୂଳସ୍ଥ ମନ୍ଦାର ରାଜ୍ୟ ଓ ଦକ୍ଷିଣରେ ଚୋଳରାଜ୍ୟର ଉତ୍ତର ସୀମା ଗୋଦାବରୀ

ନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ରାଜ୍ୟବିସ୍ତାର ଓ ଶାସନ ଶୃଙ୍ଖଳାରକ୍ଷା ସଙ୍ଗେ ସଙ୍ଗେ ସେ ବିଦ୍ୟାଚର୍ଚ୍ଚାରେ ବହୁତ ସମୟ ଅତିବାହିତ କରୁଥିଲେ । ତାଙ୍କ ଦରବାରରେ ବହୁ ଦେଶରୁ ପଣ୍ଡିତମାନେ ଆସି ବିଦ୍ୟାଚର୍ଚ୍ଚା କରୁଥିଲେ । ତାଙ୍କ ରାଜତ୍ୱରେ ସତାନନ୍ଦ ନାମକ ସୁନ୍ଦର ଜଣେ ପଣ୍ଡିତ "ସୂର୍ଯ୍ୟସିଦ୍ଧାନ୍ତ" ରଚନା କରିଥିଲେ ବୋଲି ଶୁଣାଯାଏ । ସୁଦୀର୍ଘ ୭୦ ବର୍ଷ ରାଜତ୍ୱ ପରେ ଖ୍ରୀ: ୧୧୪୭ରେ ତାଙ୍କର ପରଲୋକ ହୋଇଥିଲା ।

ଚୋଡ଼ଗଙ୍ଗଦେବଙ୍କ ପିତାଙ୍କ ନାମ ରାଜରାଜଦେବ ଓ ମାତାଙ୍କ ନାମ ରାଜସୁନ୍ଦରୀ । ରାଜସୁନ୍ଦରୀ ଚୋଳରାଜ୍ୟର ରାଜା ବୀରେନ୍ଦ୍ର ଚୋଳଙ୍କର କନ୍ୟା ଥିଲେ । ସାଧାରଣତଃ ସେ ଚୋଳଗଙ୍ଗ ଦେବ, ଚୋଡ଼ଗଙ୍ଗ ଦେବ, ଚୋଡ଼ଗଙ୍ଗ ଦେବ, ଗଙ୍ଗେଶ ଦେବ, ଅନନ୍ତବର୍ମା ପ୍ରଭୃତି ନାମରେ ମଧ୍ୟ ପରିଚିତ ଥିଲେ ।

ଚୋଡ଼ଗଙ୍ଗଦେବଙ୍କ ବିଦ୍ୟାଚର୍ଚ୍ଚା ସ୍ପୃହା ଓ ନିଜ ବଂଶାବଳୀ ଲିପିବଦ୍ଧ କରିବା ଆକାଂକ୍ଷାରୁ ମାଦଳାପାଞ୍ଜିର ଉତ୍ପତ୍ତି ହୋଇଛି । ୧୧ଶ ଶତାବ୍ଦୀର ଶେଷଭାଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମାଦଳାପାଞ୍ଜି ଲିଖିତ ହୋଇ ଆସୁଅଛି । ୧୫୬୮ ଖ୍ରୀଷ୍ଟାବ୍ଦରେ ବଙ୍ଗର ସୁଲତାନ ସୁଲେମାନଙ୍କ ସେନାପତି ଇଲ୍ହାବାଦ କଳାପାହାଡ଼ ପୁରୀର ଜଗନ୍ନାଥ ମନ୍ଦିର ଆକ୍ରମଣ କରି ବହୁ ଦେବଦେବୀ ମୂର୍ତ୍ତି ଧ୍ୱଂସ କରିଦେବା ସଙ୍ଗେ ସଙ୍ଗେ ମାଦଳାପାଞ୍ଜିକୁ ମଧ୍ୟ ଧ୍ୱଂସ କରି ଦେଇଥିଲେ ବୋଲି କେହି କେହି କହନ୍ତି । କିନ୍ତୁ ମାଦଳାପାଞ୍ଜି ଧ୍ୱଂସ ହେବାର କୌଣସି କାରଣ ନାହିଁ । ପାଞ୍ଜିର ନକଲ ଦେଉଳ କରଣ ଓ ତଢ଼ଉ କରଣଙ୍କ ପାଖରେ ମଧ୍ୟ ରହୁଥିବାରୁ ମନ୍ଦିରର ପାଞ୍ଜି ନଷ୍ଟ ହୋଇଯାଇଥିବା ସତ୍ତ୍ୱେ ଏ ଦୁଇଟି ନକଲ ଧ୍ୱଂସ ନ ହୋଇ ରହିଥିବା ସମ୍ଭବପର ।

ବିଭିନ୍ନ ଲେଖକଙ୍କର ରୁଚିପାର୍ଥକ୍ୟ ଓ ଅସାବଧାନତା ହିଁ ବିଭିନ୍ନ ପାଞ୍ଜିରେ ଥିବା ଅସାମଞ୍ଜସ୍ୟର ପ୍ରଧାନ କାରଣ । ଯେଉଁ ଲେଖକଙ୍କୁ ଯେଉଁ ଘଟଣାଟି ମନକୁ ପାଇଲା ସେ ସେହି ଘଟଣାଟିକୁ ଲେଖି ଅନ୍ୟ ଘଟଣାକୁ ଛାଡ଼ିଦେଇଥିବା ସମ୍ଭବ ।

## ମାଦଳାପାଞ୍ଜି ଓଡ଼ିଆ ଭାଷାର ପ୍ରଥମ ଲେଖା—

ବର୍ତ୍ତମାନ ସୁଦ୍ଧା ମିଳୁଥିବା ଲେଖମାନଙ୍କ ଭିତରେ ମାଦଳାପାଞ୍ଜିକୁ ଐତିହାସିକ ଦୃଷ୍ଟିରୁ ଓଡ଼ିଆ ଭାଷାର ପ୍ରଥମ ଲେଖା ବୋଲି କୁହାଯିବ କି ?

ଓଡ଼ିଆ ଭାଷାରେ ଅନେକ ଚଉତିଶମାଳା, ଗାଁଉଲିଗୀତ, ବ୍ରତକଥା, ପ୍ରାଚୀନ ଗଳ୍ପ ଅଛି ସେ ସବୁ ପ୍ରାଚୀନକାଳର ଲେଖା ହେଲେ ମଧ୍ୟ ସେଗୁଡ଼ିକର ଲେଖାର କାଳ ନିର୍ଦ୍ଦିଷ୍ଟରୂପେ ନିର୍ଦ୍ଧାରଣ କରି ହୋଇପାରିବ ନାହିଁ ।

ସାରଳାଦାସଙ୍କ ପୂର୍ବରୁ କେତେକ କବି ଥିଲେ, ଏ କଥା କହିବା ପାଇଁ ଯଥେଷ୍ଟ କାରଣ ଥିଲେ ମଧ୍ୟ ଏମାନଙ୍କର ନିର୍ଦ୍ଦିଷ୍ଟ କାଳ ଜଣାଯାଇନାହିଁ ।

ଗଙ୍ଗବଂଶର ନରସିଂହ ଦେବ ଭୁବନେଶ୍ୱରରେ ଏକ ଶିଳାଲିପି ଓଡ଼ିଆ ଅକ୍ଷରରେ ଲେଖାଇଛନ୍ତି । ଏ ଲିପିରେ ନରସିଂହଦେବଙ୍କୁ ବୀରନାରସିଂହ ଦେବ ବୋଲି ଲେଖାଅଛି । ଗଙ୍ଗବଂଶ ରାଜତ୍ୱ ସମୟର ଏ ଲେଖା । ଗଙ୍ଗବଂଶରେ ଚାରିଜଣ ନରସିଂହଦେବ ରାଜତ୍ୱ କରିଥିବାର ଜଣାଯାଏ । କେଉଁ ନରସିଂହଦେବଙ୍କ ରାଜତ୍ୱରେ ଏହି ଲେଖାଟି ଖୋଦିତ ହୋଇଥିଲା ତାହା କହି ହେବ ନାହିଁ । ତେବେ ନରସିଂହଦେବ ନାମଧାରୀ ରାଜାମାନେ ଚୋଡ଼ଗଙ୍ଗ-ଦେବଙ୍କ ପରବର୍ତ୍ତୀ ରାଜା ଥିବାରୁ ଏହି ଶିଳାଲିପିଟି ଚୋଡ଼ଗଙ୍ଗଦେବଙ୍କ ସମସାମୟିକ ଲେଖାର ପରବର୍ତ୍ତୀ । ଯଦି ମାଦଳାପାଞ୍ଜି ଚୋଡ଼ଗଙ୍ଗଦେବଙ୍କ ସମୟରୁ ଆରମ୍ଭ ହେଲା ବୋଲି ଧରାଯିବ, ତାହାହେଲେ ଏହି ଶିଳାଲିପିଟି ଚୋଡ଼ଗଙ୍ଗଙ୍କ ସମୟରେ ମାଦଳାପାଞ୍ଜିର ଯେଉଁ ଅଂଶଟି ଲେଖା ହୋଇଛି ତାର ପରବର୍ତ୍ତୀ ଧରିବାକୁ ହେବ ।

ମାଦଳାପାଞ୍ଜି ଚୋଡ଼ଗଙ୍ଗଙ୍କ ସମୟରୁ ଆରମ୍ଭ ହୋଇଛି ବୋଲି କହିବା ପାଇଁ ଏକମାତ୍ର କାରଣ ହେଉଛି ଜନଶ୍ରୁତି । ପରବର୍ତ୍ତୀ କୌଣସି ପ୍ରାଚୀନ ଅଭିଲେଖ କିମ୍ବା ଗ୍ରନ୍ଥରେ ଏହାର ଉଲ୍ଲେଖ ଥିବା ମଧ୍ୟ ଜଣାଯାଏ

ନାହିଁ । ତେବେ ଜନଶ୍ରୁତିକୁ ଏକାବେଳକେ ଅବିଶ୍ୱାସ କରିବାର ମଧ୍ୟ କୌଣସି କାରଣ ନାହିଁ ।

ମାଦଳାପାଞ୍ଜି ଚୋଡ଼ଗଙ୍ଗଦେବଙ୍କ ସମୟରୁ ଆରମ୍ଭ ହୋଇଛି ବୋଲି କହିବା ବିରୁଦ୍ଧରେ ପ୍ରଧାନ ଯୁକ୍ତି ହେଉଛି (୧) ମାଦଳାପାଞ୍ଜିରେ ଯେଉଁ ସବୁ ଐତିହାସିକ ଘଟଣା ବର୍ଣ୍ଣିତ ହୋଇଛି ସେଥିରୁ କେତେକ ଶିଳାଲିପି, ତାମ୍ରଶାସନ ଓ ଅନ୍ୟାନ୍ୟ ଐତିହାସିକ ଗ୍ରନ୍ଥ ସହିତ ଅମେଳ ହେଉଛି । ଅତଏବ, ଚୋଡ଼ଗଙ୍ଗଙ୍କ ସମୟରୁ ମାଦଳାପାଞ୍ଜି ଲେଖା ହୋଇଥିଲେ ଏହି ଦୋଷ ଦେଖାଯାଇ ନ ଥାନ୍ତା । (୨) ପାଞ୍ଜିର ଭାଷାରେ ପ୍ରାଚୀନତାର ଚିହ୍ନ ବେଶି ନାହିଁ ବୋଲି ମଧ୍ୟ ଯୁକ୍ତି କରାଯାଏ । ଏହି କାରଣରୁ କେହି କେହି ଅନୁମାନ କରନ୍ତି ଯେ ମାଦଳାପାଞ୍ଜି ଚୋଡ଼ଗଙ୍ଗଙ୍କ ସମୟରୁ ଆରମ୍ଭ ହୋଇନାହିଁ କି ତାର ପରବର୍ତ୍ତୀ କୌଣସି ସମୟ ପରେ ସୂର୍ଯ୍ୟବଂଶ ରାଜତ୍ୱରେ ମଧ୍ୟ ଲେଖା ହୋଇନାହିଁ । ଇଂରେଜମାନେ ଓଡ଼ିଶା ଦଖଲ କରିବାର ପ୍ରଥମାବସ୍ଥାରେ ସ୍ୱତ୍ୱସ୍ୱତ୍ୱ ପ୍ରମାଣ କରିବା ଉଦ୍ଦେଶ୍ୟରେ ପୁରୀର କେହି ରାଜା ଓ ସେଥିକାରୀ ସେବକ ଏହି ପାଞ୍ଜି ଲେଖାଇ ତାକୁ ପ୍ରାଚୀନ ପ୍ରମାଣରୂପେ ଉପସ୍ଥିତ କରାଇବା ପାଇଁ 'ଜନଶ୍ରୁତି'ର ସୃଷ୍ଟି କରିଥିଲେ । କିନ୍ତୁ ଏ ଯୁକ୍ତି ଓ ଅନୁମାନ ଠିକ୍ ନୁହେଁ ।

ପ୍ରଥମତଃ, ମାଦଳାପାଞ୍ଜି ବର୍ତ୍ତମାନ ସୁଦ୍ଧା ଶୁଦ୍ଧ ଭାବରେ ଓ ସାବଧାନତା ସହିତ ସଙ୍କଳିତ ହୋଇନାହିଁ । ଏ ପର୍ଯ୍ୟନ୍ତ ଯେତେକ ଅଂଶ ପ୍ରକାଶିତ ହୋଇଛି ତାହା ଯଥାଯଥ ଭାବରେ ସଙ୍କଳନ କରାଯାଇ ନାହିଁ । ପାଞ୍ଜି ଖଣ୍ଡ ଖଣ୍ଡ ତାଳପତ୍ରରେ ଲେଖା ହୋଇଥିବାରୁ ସେଗୁଡ଼ିକ ସଜାଇବାରେ ଯେଉଁ କ୍ରମ ରହିବାର କଥା ତାହା ହୋଇ ପାରି ନାହିଁ । ମୂଳପାଞ୍ଜିରୁ ନକଲ କରିବା ପାଇଁ ପ୍ରକାଶକ ଓ ସମ୍ପାଦକମାନେ ଯଥେଷ୍ଟ ପରିମାଣରେ ସାବଧାନତା ଅବଲମ୍ବନ କରି ପାରି ନାହାନ୍ତି । ପାଞ୍ଜିକୁ ଗୋପନରେ ରଖିବା ପାଇଁ ପାଞ୍ଜିମାଲିକମାନଙ୍କର ଅଯଥା ସତର୍କତା ମଧ୍ୟ ଶୁଦ୍ଧ-ସମ୍ପାଦନରେ ଏକ ଅନ୍ତରାୟ । 'ପ୍ରାଚୀ ସମିତି' ସମ୍ପାଦିତ 'ମାଦଳାପାଞ୍ଜି'ରେ କ୍ରମଭଙ୍ଗ ଓ ଅନ୍ୟାନ୍ୟ ବିଷୟରେ ଯେଉଁ ତ୍ରୁଟି ଦେଖାଯାଏ ତାହା ସମ୍ପାଦନରେ ଅସାବଧାନତାରୁ ହିଁ ହୋଇଛି ବୋଲି କୁହାଯାଇ ପାରେ ।

ଦ୍ୱିତୀୟତଃ, ପାଞ୍ଜିରେ ଯେଉଁସବୁ ଐତିହାସିକ ଘଟଣାର ଅମେଳ ଦେଖାଯାଏ ତାହା ଗୁରୁତର ନୁହେଁ । କାରଣ, ଭଲ ଭାବରେ ଜମ ରହି ପାଞ୍ଜି ସମ୍ପାଦିତ ହେଲେ ଏ ତ୍ରୁଟି ରହିବ ନାହିଁ । ପାଞ୍ଜିର ସେହି ଐତିହାସିକ ବିବରଣୀ ଅଛି ତାକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ:—(୧) କେଶରୀଗଣଙ୍କ ପୂର୍ବର ଇତିହାସ, (୨) କେଶରୀଗଣଙ୍କ ସମୟର ଇତିହାସ, (୩) ଗଙ୍ଗବଂଶର ଇତିହାସ, (୪) ଗଙ୍ଗବଂଶର ପରବର୍ତ୍ତୀ ସମୟର ଇତିହାସ ।

(୧) କେଶରୀଗଣଙ୍କ ପୂର୍ବର ଇତିହାସ ଲେଖାରେ ପ୍ରମାଦ ରହିବା ସମ୍ଭବ । କାରଣ ତାଙ୍କ ପୂର୍ବରୁ ଓଡ଼ିଶାରେ ଯେଉଁମାନେ ରାଜତ୍ୱ କରୁଥିଲେ ସେ ସମସ୍ତଙ୍କର ବିବରଣୀ ଜନଶ୍ରୁତିରୁ ହିଁ ସଂଗୃହୀତ ହୋଇଥିବ । କିନ୍ତୁ କେଶରୀଗଣଙ୍କ ରାଜତ୍ୱ ପୂର୍ବରୁ ତିନି ଚାରି ଶତାବ୍ଦୀର ରାଜାମାନଙ୍କ ଘଟଣା ଠିକ୍ ଭାବରେ ଲେଖାହୋଇପାରିଥିବ ବୋଲି ଭାବିବା ସ୍ୱାଭାବିକ । କେଶରୀଗଣଙ୍କ ପୂର୍ବରୁ ଯେଉଁମାନେ ଓଡ଼ିଶାରେ ରାଜତ୍ୱ କରୁଥିଲେ ସେମାନଙ୍କ ସମ୍ବନ୍ଧରେ ଅଦ୍ୟାପି ବିଶ୍ୱାସଯୋଗ୍ୟ କୌଣସି କ୍ରମିକ ଇତିହାସ ମିଳି ନ ଥିବାରୁ ପାଞ୍ଜି ବିବରଣୀ ଭ୍ରମପୂର୍ଣ୍ଣ ବୋଲି କହିବା ମଧ୍ୟ ଠିକ୍ ନୁହେଁ । (୨) କେଶରୀଗଣଙ୍କ ସମ୍ବନ୍ଧରେ ପାଞ୍ଜିରେ ଯାହା ଲେଖାଅଛି ସେଥିରେ ତ୍ରୁଟି ଥିବାର ଦେଖାଯାଉ ନାହିଁ । ଏପର୍ଯ୍ୟନ୍ତ କେଶରୀଗଣଙ୍କ ସମ୍ବନ୍ଧରେ ଅଭିଲେଖମାନଙ୍କର ଯେଉଁ ବିବରଣୀ ମିଳୁଛି ତାହା ସହିତ ପାଞ୍ଜିର ବିବରଣୀର ଗୁରୁତର ଅମେଳ ଥିବା କହାଯାଇ ନାହିଁ । (୩) ଗଙ୍ଗବଂଶର ପ୍ରଧାନ ପ୍ରଧାନ ଘଟଣାମାନଙ୍କର ବିବରଣୀ ପାଞ୍ଜିରେ ଠିକ୍ ଭାବରେ ବର୍ଣ୍ଣିତ ହୋଇଛି ଏବଂ ଏ ସମୟର ଯେଉଁ କେତୋଟି ତାମ୍ରଶାସନ ଓ ଶିଳାଲେଖ ମିଳିଛି ସେଗୁଡ଼ିକ ଯଥାଯଥ ଭାବରେ ପଠିତ ହୋଇ ନ ଥିବାରୁ ଐତିହାସିକମାନଙ୍କ ମତରେ ମଧ୍ୟ ବହୁତ ବିରୋଧ ଦେଖାଯାଏ । ଏପରି ସ୍ଥଳେ ପାଞ୍ଜିର ଏହି ସମୟର ଲେଖା ସହିତ ମିଳାଇବା ସମ୍ଭବ ନୁହେଁ । (୪) ଗଙ୍ଗବଂଶର ପରବର୍ତ୍ତୀ ଇତିହାସ ପ୍ରାୟ ଠିକ୍ ଭାବରେ ଲେଖା ହୋଇଛି । ପାଞ୍ଜିରେ ରାଜାମାନଙ୍କର ରାଜତ୍ୱକାଳ ନିର୍ଣ୍ଣୟରେ ତ୍ରୁଟି ଦେଖାଯାଏ । ଗଙ୍ଗବଂଶ ପୂର୍ବର ରାଜାମାନଙ୍କ ରାଜତ୍ୱକାଳ କଳନରେ ଯେଉଁ ଭୁଲ ଦେଖାଯାଏ ତାହା ଗୁରୁତର ଦୋଷ ନୁହେଁ । କିନ୍ତୁ ସମସାମୟିକ ଲେଖାରେ ଭ୍ରମ ରହିବା

ସମ୍ଭବ ନୁହେଁ । ପଞ୍ଜିରେ ଗଙ୍ଗବଂଶର ରାଜାମାନଙ୍କ ରାଜତ୍ୱ କାଳ ସମ୍ବନ୍ଧରେ ଯେଉଁ ନିର୍ଦ୍ଦେଶ ମିଳୁଛି ତାହା ପ୍ରକାଶକମାନଙ୍କ ସଙ୍କଳନ ତ୍ରୁଟିରୁ ସମ୍ଭବ ହୋଇଛି ବୋଲିବାକୁ ହେବ ।

ମାଦଳାପାଞ୍ଜିର ଭାଷା ଅତି ପ୍ରାଚୀନ ଓ ସରଳ । ଛୋଟ ଛୋଟ ବାକ୍ୟରେ ବିଷୟଗୁଡ଼ିକ ଲିଖିତ ହୋଇଛି । ଆରମ୍ଭ ସମୟର ଅର୍ଥାତ୍ ଏକାଦଶ ଶତାବ୍ଦୀର ମଧ୍ୟଭାଗ ସମୟର ଭାଷାର ସ୍ୱରୂପ ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଉଛି । ଏହି ଗଦ୍ୟର ଭାଷା ମାର୍ଜିତ । ସେ ସମୟକୁ ଭାଷା ବହୁତ ଉନ୍ନତି ଲାଭ କରି ନ ଥିଲେ ଏ ଭଳି ଭାଷାରେ ଗଦ୍ୟ ଲେଖିବା ସମ୍ଭବ ନୁହେଁ । ରଚନାରେ ସାହିତ୍ୟିକ ଛଟା ଦେଖାଯାଉନଥିଲେ ମଧ୍ୟ ସୃଷ୍ଟିଆରମ୍ଭ, ରକ୍ତବାହୁର ଆକ୍ରମଣ, ଯଯାତି ଓ କନ୍ଦେଳକସୁଙ୍କ କୀର୍ତ୍ତି, ଚୋଡ଼ଗଙ୍ଗଦେବଙ୍କ ସିଂହାସନ ପ୍ରାପ୍ତି, ବୌଦ୍ଧ-ବ୍ରାହ୍ମଣ ସଂଘର୍ଷ, ଜଗନ୍ନାଥ ମନ୍ଦିର ନିର୍ମାଣ ଓ ଅନଙ୍ଗଭୀମଙ୍କ ବିଜ୍ଞପ୍ତି, କୋଣାର୍କ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ ଶିବାଇସାନ୍ତ୍ରାଙ୍କ ଗଳ୍ପ ପ୍ରଭୃତି ବର୍ଣ୍ଣନା-ଗୁଡ଼ିକୁ ସାହିତ୍ୟିକ ରଚନା ବୋଲି କୁହାଯାଇ ପାରିବ ।

ଚୋଡ଼ଗଙ୍ଗଦେବଙ୍କଠାରୁ ତାଙ୍କ ହୁକୁମ ଅନୁସାରେ ମାଦଳାପାଞ୍ଜି ଲିଖିତ ହୋଇଥିଲେ ମଧ୍ୟ ସୃଷ୍ଟିର ଆରମ୍ଭଠାରୁ ଓଡ଼ିଶା ରାଜାମାନଙ୍କର ବଂଶର ପରିଚୟ ଏଥିରେ ଲିପିବଦ୍ଧ ହୋଇଛି । ଚୋଡ଼ଗଙ୍ଗଦେବ ଯେତେବେଳେ ତାକୁ ଆରମ୍ଭ କରାଇଥିଲେ, ତାଙ୍କ ସମୟରେ ତାଙ୍କ ରାଜତ୍ୱ ପୂର୍ବରୁ ଇତିହାସ ନିଶ୍ଚୟ ଲେଖା ହୋଇଥିବ । ସେଥିପାଇଁ ଚୋଡ଼ଗଙ୍ଗ ଓ ତାଙ୍କ ପୂର୍ବର ଇତିହାସର ଲେଖାକୁ ଏକାଦଶ ଶତାବ୍ଦୀର ପ୍ରଥମ ଭାଗର ଲେଖା ବୋଲି ଧରିବାକୁ ହେବ ।

ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ଯେଉଁ ନମୁନା ମାଦଳା-ପାଞ୍ଜିରେ ମିଳୁଛି, ତାହା ଖୁବ୍ ଉଚ୍ଚ ଧରଣର । ଅବଶ୍ୟ ପ୍ରଥମେ ଯେଉଁ ଭାଷା ଥିଲା, ସେହି ଭାଷା ଏବେ ପାଞ୍ଜିରେ ନ ଥାଇ ପାରେ; ଭିନ୍ନ ଭିନ୍ନ ଯୁଗର ନକଲକାରମାନେ ଏହାକୁ ହୁଏତ କିଛି ଅଦଳବଦଳ କରିଥାଇ ପାରନ୍ତି । କିନ୍ତୁ ତାହା ସତ୍ତ୍ୱେ ଅନେକ ପରିମାଣରେ ପ୍ରାଚୀନ ଭାଷା ରକ୍ଷିତ ହୋଇଛି ।

ପାଞ୍ଜିର ପ୍ରଥମାଂଶର ଭାଷାକୁ କେହି କେହି ଏକାଦଶ ଶତାବ୍ଦୀର ଭାଷା ବୋଲି କହିବା ପାଇଁ ନାରାଜ । ସେମାନଙ୍କ ଯୁକ୍ତି ହେଉଛି କଳାପାହାଡ଼

ଯେତେବେଳେ ହିନ୍ଦୁଧର୍ମ ଧ୍ୱଂସ କରିବାପାଇଁ ଜଗନ୍ନାଥ ମନ୍ଦିରକୁ ଆସିଥିଲା, ସେତେବେଳେ ମନ୍ଦିରର ଅନେକ ପଦାର୍ଥ ନଷ୍ଟ କରିଦେଇଥିଲା ଏବଂ ଏହି ନଷ୍ଟ ହୋଇଯାଇଥିବା ଦ୍ରବ୍ୟମାନଙ୍କ ଭିତରେ ମାଦଳାପାଞ୍ଜି ରହିଥିବା କିଛି ଆଶ୍ଚର୍ଯ୍ୟ ନୁହେଁ । ଯଦି ମାଦଳାପାଞ୍ଜି ନଷ୍ଟ ହୋଇଯାଇଥାଏ, ତାହାହେଲେ ଏହି ପାଞ୍ଜି ପୁନର୍ବାର ଲିଖିତ ହୋଇଥିବ । କଳାପାହାଡ଼ର ଧ୍ୱଂସଲୀଳା ପରେ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ପାଞ୍ଜିକୁ ଉଦ୍ଧାର କରି ପୁନର୍ବାର ଲିଖିତ ହୋଇଥିବ । ତାହାହେଲେ ପାଞ୍ଜିର ଭାଷା ଷୋଡ଼ଶ ଶତାବ୍ଦୀର ଭାଷା ହେବା ସମ୍ଭବପର । କିନ୍ତୁ ମନ୍ଦିରରେ ଯେଉଁ ପୋଥିଟି ଥିଲା, ତାହା ଯଦି କଳାପାହାଡ଼ଦ୍ୱାରା ନଷ୍ଟ ହୋଇ ଯାଇଥାଏ, ତାହାହେଲେ ମଧ୍ୟ ଅନ୍ୟ ଦୁଇ ସ୍ଥାନରେ ରହିଥିବା ପୋଥିରୁ ନକଲ କରାଯାଇଥିବ । ସେହିହେତୁ ପାଞ୍ଜିର ଭାଷାକୁ ଷୋଡ଼ଶ ଶତାବ୍ଦୀର ଭାଷା ବୋଲି କହିବା ପାଇଁ କୌଣସି କାରଣ ନାହିଁ ।

ମୁକୁନ୍ଦଦେବଙ୍କ ସମୟରେ ଲିଖିତ ମାଦଳାପାଞ୍ଜିରୁ ଯଯାତିକେଶରୀଙ୍କ ରାଜତ୍ୱର ବର୍ଣ୍ଣନା ନିମ୍ନରେ ଉଦ୍ଧାର କରାଗଲା । "ଏଠାରୁ କେଶରୀ ପାଟରାଜା ହୋଇଲେ । ଏ ରାଜା ବଡ଼ ଶୂରବନ୍ତ ମହାଦାନୀ । ୯ ମହାତ୍ମାଙ୍କ ୧୯ ଅଙ୍କ ସନ୍ନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନଙ୍କୁ ପଚାରିଲେ । ଓଡ଼ିଶା ଠାକୁର ପ୍ରଭୁ ଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସେ କାହିଁ ଛନ୍ତି । ସେମାନେ କହିଲେ—ମୁଗଲ୍ ଗୋଳ ହେଲାରୁ ହୋମନ୍ତ ମାଝି ଅଭିଳାରୁ ଅପାର ଧନ ହେଲା । ଶ୍ରୀ ପରମେଶ୍ୱରଙ୍କୁ ପାତାଳି କରି ପୁରୁଷୁରୁ ଅଟେ କେଉଁଠାରେ ଏକେ କରିଥିଲେ ଜ୍ଞାତବ୍ୟ ନାହିଁ । ଏହା ଶୁଣି ମହାରାଜା ସୁନପୁର ଗଲେ । ସେଠାରେ ବଡ଼ୁଆଙ୍କୁ ପଚାରିଲେ । ସେମାନେ କହିଲେ—ଅନ୍ତେ ଜ୍ଞାତବ୍ୟ ନୋହୁଁ । ଆମ୍ଭ ବାପଅଜା କହନ୍ତି ଧଅଁ ବର ଏହି । ଏଥିତଳେ ଠଅଁଙ୍କୁ ପୋତିଥିଲେ । ଏହା ଶୁଣି ରାଜା କଟୁରିଅ ବ୍ରାହ୍ମଣଙ୍କୁ ଆଣି ସେ ତଳ କଟାଇ ଖୋଳାଇଲେ । ପରମେଶ୍ୱରଙ୍କୁ ବାହାର କଲେ । ସେ ଦାରୁ ଶ୍ରୀ ମୂର୍ତ୍ତିମାନ ମାଟି ଖାଇ ଛନ୍ଦଭିନ୍ନ ହୋଇଛନ୍ତି । ଦଇତମାନଙ୍କୁ ଲୁଗା ଭୁଞ୍ଜାଇ ମୁଣାରେ ପୁରାଇ ମୁଦାଇଲେ । ଏ ଭିଆଣରୁ ଦଇତାପତିଙ୍କୁ ନୋଡ଼ାଇଲେ । ଦଇତାମାନେ ବାରବାଟିରେ ଥିଲେ ।

ପଣ୍ଡାମାନେ ରତନପୁର ସୀମାରେ ଥିଲେ । ଏମାନଙ୍କୁ ଅଣାଇ ତାମ୍ରପତ୍ର ପ୍ରମାଣେ ଦାନ୍ତ ଭେଦନ କରାଇ ପରମେଶ୍ୱରଙ୍କୁ ପ୍ରମୂର୍ତ୍ତି କରାଇଲେ । ଏ ଘଟଣା ବେଳେ ରାଜା ଅଧିକ ସେବକ ଜାତି ଭିତରେ କଲେ । ଗଜପତି ମହାରାଜା ବ୍ରାହ୍ମଣଙ୍କ ପାଞ୍ଚ ସେବା । ଏହାଙ୍କ ଗୋଟି ନମ୍ବର । ୫ ଜଣଙ୍କୁ ୧୦ ଜଣ । ପଣ୍ଡାମାନଙ୍କର ୧୧ ଜଣଙ୍କୁ ୬ ଜଣ । ଦଇତାମାନଙ୍କର ଭୁଲୁକ ଗୋଷ୍ଠ । ୮ ଜଣଙ୍କୁ ୮ ଜଣ । ପରିଛା ସାଏ ୨୪ ଜଣ । ଶ୍ରୀ ପୁରୁଷୋତ୍ତମେ ଶଙ୍ଖନାଭି ମଣ୍ଡଳେ ୩୮ ସ୍ଥାନ କରି ଘଟୋଳ ଗୋଷ୍ଠିଏ ତୋଳି ପ୍ରତିଷ୍ଠା କରି ପ୍ରମେଶ୍ୱରଙ୍କୁ ବିଜେ କରାଇଲେ ।”

(ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ)

ଏହି ଲେଖାରେ ଅନେକଗୁଡ଼ିଏ ପ୍ରାଚୀନ ବ୍ୟବହାର ଦେଖାଯାଏ । ହୋଇଲେକ୍, ଅଇଲେକ୍, କାତବ୍ୟ, ପ୍ରମେଶ୍ୱର ଇତ୍ୟାଦି ପଦ ପ୍ରାଚୀନ ଗ୍ରନ୍ଥ-ମାନଙ୍କରେ ବହୁତ ଦେଖିବାକୁ ମିଳେ । ଏହାଛଡ଼ା ଲେଖାର ଢଙ୍ଗ ମଧ୍ୟ ଭିନ୍ନ । “ଓଡ଼ିଶା ରାଜାର ବୃଦ୍ଧ ଦେଇ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସେ କାଢ଼ି ଛନ୍ତି ? ମୁଗଲ ପୋଲ ହୋଇଲେକ୍ ହୋମନ୍ତି ମାତ୍ର ଅଇଲେକ୍”, “ସେମାନେ କହିଲେ ଆମ୍ଭେ କାତବ୍ୟ ନୋହୁଁ” ଏପରି ଢଙ୍ଗର ଲେଖା ପରବର୍ତ୍ତୀ ଅନେକ ପ୍ରାଚୀନ ଗ୍ରନ୍ଥରେ ମଧ୍ୟ ଦେଖାଯାଏ ।

୧୧ଶ ଶତାବ୍ଦୀ ପରେ ମାଦଳାପାଞ୍ଜିରେ ଲେଖା ହୋଇଥିବା ଖବରଣୀ-ମାନଙ୍କର ଭାଷାର ଶୈଳୀ ପୂର୍ବଠାରୁ ବେଶି ପରିବର୍ତ୍ତିତ ହୋଇଥିବାର ଜଣାଯାଏ ନାହିଁ । ଶ୍ରୀ ମଦନ ମହାଦେବ (ରାଜରାଜ ୨ୟ) ଖ୍ରୀ: ୧୧୬୦ ଠାରୁ ଖ୍ରୀ: ୧୧୯୪ ପର୍ଯ୍ୟନ୍ତ ରାଜତ୍ୱ କରିଥିବା ଜଣାଯାଏ । ତାଙ୍କ ସମୟର ପାଞ୍ଜିର ଅଂଶ ଏଠାରେ ଦିଆଗଲା । “ମଦନ ମହାଦେବ ଭୋଗ କଲେ ୨୫ ବର୍ଷ । ଏ ରାଜା ସିଂହଳ ଦଣ୍ଡପାଟର ସମୁଦ୍ର ପର୍ଯ୍ୟନ୍ତ କଟକ କରିଥିଲେ । ଏ ଦେଶଙ୍କର ଦଣ୍ଡପାଟରେ ଅଛନ୍ତି । କାନ୍ତୁପଡ଼ା ଗଙ୍ଗେଶ୍ୱର ପର୍ବତ ଉପରେ ଶମ୍ଭୁ ସ୍ୱାମୀ ଲିଙ୍ଗ । ଏହାଙ୍କ ପଶ୍ଚିମରେ ଖାଅଲା ପର୍ବତ ପର୍ଯ୍ୟନ୍ତ ପର୍ବତ । ଏ ପାଶେ ମଣିକେଶ୍ୱର ପର୍ବତ ଯମୁନା ବାଙ୍କପଡ଼ା ପର୍ବତ । ପଚାଶ ଦଣ୍ଡପାଟେ ଆସ୍ୱାଗଡ଼ ପର୍ବତ ଧଉଳି ପର୍ବତ । ଏସବୁ ପର୍ବତ କନ୍ଦରମାନଙ୍କରେ ତପସ୍ୱୀ ଗୁମ୍ଫାମାନଙ୍କରେ ସିଦ୍ଧ ବନ୍ଧୁମାନେ ରହିଅଛନ୍ତି ।

ଏମାନେ ସର୍ବଜ୍ଞ । ଏଥିକି ରାଜା ବୋଇଲେ ବଉଦ୍ଧେ ନ ସର୍ବଜ୍ଞ । ଏଡ଼ ଜେନକରେ ଏ ପ୍ରକାର ରାଣୀ ବୋଇଲେ ବଉଧମାନେ ବଡ଼ ସର୍ବଜ୍ଞ । ବ୍ରାହ୍ମଣମାନେ ବଡ଼ । ଏଥିକୁ ରାଣୀ ବୋଇଲେ ବୌଦ୍ଧମାନଙ୍କୁ ବ୍ରାହ୍ମଣମାନଙ୍କୁ ପରୀକ୍ଷା କର । କେ ସର୍ବଜ୍ଞ ତାହାର ବଚନ ପ୍ରମାଣ । ଏଥିକୁ କେହି ନ ଜାଣନ୍ତି । ହାଣ୍ଡି ଭିତରେ ସର୍ପ ଗୋଟିଏ ପୂରାଇ ମୁହାଇ ବଉଦ୍ଧମାନଙ୍କୁ ବ୍ରାହ୍ମଣମାନଙ୍କୁ ରାଜା ହକାରି କରି ଆଣି ଆଗ ବଉଦ୍ଧମାନଙ୍କୁ ପଚାରିଲେ । ଏ ହାଣ୍ଡିରେ କି ଅଛି କହ । ଏଥିକୁ ବଉଦ୍ଧମାନେ କହିଲେ ମହାରାଜା ଏ ହାଣ୍ଡିରେ ସର୍ପ ଗୋଟିଏ ଅଛି । ଏହା ଶୁଣି ରାଜାଙ୍କୁ ରାଣୀ ଭୁଜ କରି କହିଲେ ରାଜା ହାରିଲେ । ଏଥିକୁ ରାଜା ଲଜ ପାଇଲେ । ବ୍ରାହ୍ମଣମାନଙ୍କୁ ପଚାରିଲେ । ବ୍ରାହ୍ମଣମାନେ ବିଚାରିଲେ ଏମାନେ ତ ସର୍ବଜ୍ଞ ଏହାଙ୍କ ବଚନ ତ ମିଛ ନୋହିବ ଆମ୍ଭେମାନେ କି କହିବା । ଏମନ୍ତ ବିଚାର କରି ବୋଇଲେ ମହାରାଜା ଏ ହାଣ୍ଡିରେ ଭସ୍ମ ପୂରାଏ ଅଛି । ଏମନ୍ତକୁ ରାଜା ହାଣ୍ଡି ଫୋଡ଼ାଇ ଦେଖିବା ବେଳକୁ ସର୍ପ ଜଳି ପାଉଁଶପୂରାଏ ଅଛି । ଏହା ଦେଖି ରାଜା ରାଣୀକି ବୋଇଲେ ଜୋଲୁଥିଲ ବଉଦ୍ଧେ ବଡ଼ ବୋଲି ଦେଖ ବ୍ରାହ୍ମଣମାନଙ୍କର ବଚନ । ଏମନ୍ତ ବୋଲି ରାଜା ବଉଧମାନଙ୍କର ମୁଣ୍ଡ ଛେଦିବାରୁ ବେଳକୁ ବଉଧମାନେ ରାଜାକୁ ଶାପ ଦେଇ ପର୍ବତ ଗୁମ୍ଫାମାନଙ୍କୁ ବାହାର ହୋଇ ଅରଣ୍ୟକୁ ଗଲେ । ଏ ରାଜା ପରମେଶ୍ୱରଙ୍କୁ ସେବା କରି ବ୍ରାହ୍ମଣମାନଙ୍କୁ ପରିପାଳନ କରି ରାଜ୍ୟ କଲେ ୨୫ ବର୍ଷ ।”

ଚୋଡ଼ଗଙ୍ଗଦେବଙ୍କ ସମୟର ପାଞ୍ଜି-ସ୍ୱଳ୍ପତାରୁ ମଦନମହାଦେବଙ୍କ ସମୟର ପାଞ୍ଜିର ଲେଖାରେ ବିଶେଷ କିଛି ପରିବର୍ତ୍ତନ ଦେଖାଯାଏ ନାହିଁ । ରାଜାଙ୍କ ରାଜତ୍ୱ କାଳ ଅନ୍ୟାନ୍ୟ ତାମ୍ରଶାସନରେ ବର୍ଣ୍ଣିତ କାଳ ସହିତ ମେଳ ହେଉଛି । ରାଜରାଜଙ୍କ ୧ମ ଅଙ୍କ ସମୟର ବିବରଣୀ ମଧ୍ୟ ତାମ୍ରଶାସନ ଓ ଶିଳାଲେଖମାନଙ୍କରେ ବିଶେଷ ଭାବରେ ଲକ୍ଷିତ ହୋଇନାହିଁ ।

୧୩ଶ ଶତାବ୍ଦୀର ମାଦଳାପାଞ୍ଜିର ରଚନା ମଧ୍ୟ ଦୁର୍ବଳ । ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣକର୍ତ୍ତା ଅନଙ୍ଗଭୀମଦେବଙ୍କ ସମୟର ପାଞ୍ଜିର ଲେଖାରେ ବିଶେଷ କିଛି ପାର୍ଥକ୍ୟ ଦେଖା ଯାଉନାହିଁ । ଅନଙ୍ଗଭୀମଦେବ ୧ମ ଖ୍ରୀ: ୧୧୯୪ ଠାରୁ

୧୧୯୮ ଓ ଅନଙ୍ଗଭୀମଦେବ ୨ୟ (ଅନିୟଙ୍କଭୀମ) ଖ୍ରୀ: ୧୨୧୧ ଠାରୁ ୧୨୩୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହା ଅନିୟଙ୍କଭୀମ (୨ୟ)ଙ୍କ ସମୟର ଲେଖା ।

"ଠାକୁରେ ଏମନ୍ତ ବୋଲିଛନ୍ତି ଯେ—ହେ ଉତ୍କଳ ମହାରାଜାମାନେ ଦେବତା ବ୍ରାହ୍ମଣଙ୍କ ବଳ ଭଣ୍ଡାରକୁ ରାଜପାଟ-ଦେଶକୁ ମଧ୍ୟ କରି ମୁଁ ଯେମନ୍ତ ପ୍ରକାରେ ଅଖଣ୍ଡ କରି ଦେଇଅଛି ଏଥିନି ତୁମ୍ଭେମାନେ ନ ଘୁଞ୍ଚି ବୋଲି ସେ ଦେଇଗଲେ ଅନ୍ତର କି ଗଙ୍ଗ ଅନନ୍ତ କାମ । ଦେବୁ ଏମନ୍ତ ନ ବୋଲିବ । ଏତ ଓଡ଼ିଶା ରାଜ୍ୟ ଯେ କେଶରୀରାଜାମାନଙ୍କୁ ଆଦି କରି ଗଙ୍ଗବଂଶେ ଆନ୍ଧ୍ର ଘାଟ ସରିକି ରାଜ୍ୟ ଥାଏ ହୋଇଥିଲା । ପୂର୍ବ ଦିଗେ ଅର୍କକ୍ଷେତ୍ର କୋଣମୋହ ତୀରଠାରୁ ପଶ୍ଚିମେ ଖେମକରର ଦଣ୍ଡପାଟ ସରିକି ଦକ୍ଷିଣେ ଥାଏ ହୋଇଥିଲା । ମନ୍ଦୋଦଧି ଉତ୍ତର ତୀରଠାରୁ କାଆଁସା ସରିକି ଦକ୍ଷିଣେ ଥାଏ ହୋଇଥିଲା । ଉତ୍ତରେ କାଆଁସାବାଆଁସାଠାରୁ ଦକ୍ଷିଣେ ଋଷିକୋଇଲି ନଦୀ ସରିକି । କତପୂଜା ୧୫ ଲକ୍ଷ ମାଢ଼େ ଏତ ଓଡ୍ରମଣ୍ଡଳ ହୋଇ ଥାଏ ହୋଇଥିଲା । ଏମନ୍ତ ରାଜ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦାରବିନ୍ଦ ପ୍ରସାଦେ ବ୍ରାହ୍ମଣମାନଙ୍କର ଆଶୀର୍ବାଦେ ଖଣ୍ଡାରେ ପଣି କରି ଭୂମିଆ ଯବନମାନଙ୍କୁ ଜୟ କରି ଥାଏ କଲୁ । ଉତ୍ତର ଦିଗେ କାଆଁସାବାଆଁସାଠାରୁ ଦନାଇ ବୁଢ଼ୀକିଣ୍ଡି ସରିକି । ଦକ୍ଷିଣ ଥାଏ କଲୁ ଋଷିକୋଇଲି ନଦୀଠାରୁ ରାଜମହେନ୍ଦ୍ର ଦଣ୍ଡପାଟ ସରିକି । ପଶ୍ଚିମେ ଥାଏ କଲୁ ଖେମନରର ଦଣ୍ଡପାଟଠାରୁ ବଉଦ ସୀମା ସୁନ୍ଦରପୁର ସରିକି । ଏ ତିନି ଦିଗକୁ ବଢ଼ାଇ ଥାଏ କଲୁ କତ ପୂଜା ୨୦ ଲକ୍ଷ ମାଢ଼ । ଆଏ ମୂଳ ପଦକୁ କତପୂଜା ୩୫ ଲକ୍ଷ ମାଢ଼ ଥାଏ ହୋଇଲାକୁ ଦେବତା ବ୍ରାହ୍ମଣମାନଙ୍କୁ ନାନା ଜଗୋଡ଼କୁ ବଳ ପୋଷିବାକୁ ରାଜନୀତିକି ଭଣ୍ଡାର ସରିବାକୁ ନାନା ଦଏକୁ ମଧ୍ୟ କରି ଅଖଣ୍ଡ କରି ଦେଲୁ । ହେ ମହାରାଜାମାନେ, ତୁମ୍ଭେମାନେ ଏହା ଅନ୍ୟଥା ନ କରିବ । କରିଲାର ତ ପାପ, ଶ୍ରୁତି ସ୍ମୃତି ବଚନମାନରେ କହୁଅଛି । ଏଥିକୁ ତୁମ୍ଭେମାନେ ଯେବେ ବଳାତ୍କାର କରି ନେଲେ ବଶରେ ହୋଇବ ତେବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣକୁ ଦ୍ରୋହ କଲରୁ ଯେ ପାପ ତାହା ହୋଇବ । ମୁଁ ଯାହା ଯେଉଁ ପ୍ରକାରେ ଅଖଣ୍ଡ କରି ଦେଇଅଛି, ଦେବତା ବ୍ରାହ୍ମଣଙ୍କୁ ହେଜ କରାଇ ସେ ପ୍ରକାରେ ପରିପାଳନ କରୁଥିବ । ପାଅନ୍ତମାନଙ୍କୁ ବନ୍ଧୁଡ଼ି ରାଜ ବରଜନ ମାହନ୍ତମାନଙ୍କୁ ଦଶମାସି ଟଙ୍କା

କରନ୍ତେ, ବାଣୁଆ ପାଇକମାନଙ୍କୁ ଦଶମାଟି ଭୂମି ସ୍ୱଟେ ଓଁହୁଣ କରନ୍ତେ, ନିଯୋଗ ସେବକମାନଙ୍କୁ ଆଉ ଦମସ୍ତ ସେବକମାନଙ୍କୁ ମଧ କରି ଭୂମିରେ ନିତ ପୂଜା ବର୍ତ୍ତନ ଦେଇ ପଣବାର ପୋଷୁଥିବ । ଭଣ୍ଡାର ସ୍ୱରବାକୁ ଯେଉଁ ପ୍ରକାରେ ରାଜ୍ୟକୁ ଦେଖିବାକୁ କହିଥାଇଲା ଅଛୁ ସେପ୍ରକାରେ ଭଣ୍ଡାର ସମ୍ଭୁଥିବ । (୧) ରାଜ୍ୟ ଯେଉଁ ପ୍ରକାର ବୁଦ୍ଧି ଇଲରେ ମାତ୍ର ମୂଲ କରି ପୂଜା ଲଗାଇଲା ଅଛୁ ସେହି ପ୍ରକାର ସ୍ତ୍ରି କଣ୍ଡି ଦେଖି କରି ଦେନ ପରକାଙ୍କୁ ପରିପାଳନ କରି ସୁଅବା ଭୋଗ କରି ସ୍ୱଦେଶ ସ୍ୱର୍ଗକୁ ଯିବ । ଶ୍ରୀ ମହାରାଜାମାନେ (୨) ଏ ସ୍ୱଚ୍ଛଠାକୁ ଧର୍ମିଷ୍ଠ ଦେଶ କାରଣ । ରାଜ୍ୟକୁ ଏମନ୍ତ ମୁଦଲି କରାଇ ପାଦମାନଙ୍କୁ ଏମନ୍ତ ଆଜ୍ଞା ଦେଲେ । ଭୂସ୍ୱାଂ ସ୍ୱରୂପମାନଙ୍କୁ ଭୂଇରେ କଲୁ କରି ରାଜ୍ୟ ଜିଣି ଅଣିଲୁ ତାହାରେ ଯେ ଭଣ୍ଡାର ଧନମାନ ଅଣା ହୋଇଲା ସୁନା ୪୦ ଲକ୍ଷ ମାତ୍ର ରତନ ମାନ ଅଣି ହୋଇଲା । ମୂଲ ପ୍ରମାଣେ ମାତ୍ର ୭ ଲକ୍ଷ ୮୮ ହଜାର । ରାଏ ଦୁଇ ପଦକୁ ମାତ୍ର ୫୭୮୮୦୦୦ ଲକ୍ଷ ଅଣି ହୋଇଥିଲୁ । ଏ ଆମ୍ଭର ଅର୍ଜିତ ପଦାର୍ଥ । ଏଥୁଁ ଅତେମ୍ଭେ ଶ୍ରୀକାଏ ପ୍ରମେଶ୍ୱରଙ୍କ ଅଙ୍ଗରେ ଲଗାଇବାକୁ ଏଥକୁ ଆମ୍ଭେମାନେ ଏମନ୍ତ କଲ୍ୟାଣ କରୁଅଛୁଁ । ଯଦାପି ରାଜା ଯେଉଁ ପାଟଳ ତୋଳାଇ ପରମେଶ୍ୱରଙ୍କୁ ସେବନ କରାଇ ଅଛନ୍ତି, ସେ ପାଟଳ ଉଣଗୋଟି ଅଟ ନବଇତମ ହୋଇଲା । ଏହା ଭିଣି ୧୦୦ ହାତ ଉଚ୍ଚେ ପ୍ରାସାଦ ଗୋଟିଏ ତୋଳାଇବା । ପରମେଶ୍ୱରଙ୍କ ଅସ୍ତ୍ରଲଗ ଭିତରେ ଦେବତାମାନଙ୍କର ଦେଉଳ ଶୋଟାମାନ ଥାନ କରି ତୋଳାଇବା । ଏଥକୁ ଶ୍ରୀକାଏ ସୁନା ଦବା । ପରମେଶ୍ୱରଙ୍କ ଉଡ଼ାଇମାନ ଖଟଣି ଯୋଗାଡ଼ମାନଙ୍କୁ ମଧ କରି ଶ୍ରୀକାଏ ସୁନା ଶ୍ରୀକାଏ ରତନ ଦବା । ଏମନ୍ତ ଆମ୍ଭେ କଲ୍ୟାଣ ଅଛୁଁ । ଏଥକୁ ପାଦମାନେ ଜିଜ୍ଞାସିଲେ ଦେଓ ଏମନ୍ତ ସେବେ କଲ୍ୟାଣ ହୋଇଅଛି ଏତେ ହୋଇ ତ ଦୟା ନାହିଁ ଏ କଥାକୁ ବଡ଼ ଦେଶ ଅବଧାନ ହେଉ । ଧର୍ମଶାସ୍ତ୍ର ତ୍ରୁଟି ଯେଉଁ, ଧର୍ମ କହୁଅଛେ 'ବଡ଼ ଦେଶ କରି । ଏତେ ଦେଉଳ ତୋଳାଉଅଛୁ ପ୍ରାସାଦ ଯେ ୧୦୦ ହାତ ଉଚ୍ଚ କରିବ ବୋଲି ବିସ୍ତର କରିବା ହୋଇଅଛି । ଶାସ୍ତ୍ର ଜିଭ୍ୟ ନୋହିଲ ଏ ଅନଗ ଦେଖ । ଏ ଅଦ୍ଭୁତ କାଲ ଲଭିବ । ଏଥୁ ଦଶ ହାତ ଗୁଣ୍ଡି କମ ହାତ ହୋଇ ପ୍ରାସାଦ ହୋଇଲେ ବଡ ଦେଶ ହୋଇବ । ଏଥକୁ ରଜାଏ ଆଜ୍ଞା ଦେଲେ

ବସ୍ତୁଗବାକୁ ବୁଝିଲେ ଦୋଷ ହେବ ପରୁ । ଏଥିକୁ ପାଣିମାନେ କହିଲେ ଯେତେ ବର୍ଣ୍ଣ ହେଉ ଭ ବାନ୍ଧିଲେ ସେ ପଚୁଷ୍ଟି ଅସାର ହୋଇବ । ଏଥିକୁ ଠାକୁରେ ଆଜ୍ଞା ଦେଲେ ହେଉ । ନଅ ହାତ ଉଚ୍ଚ ପ୍ରାସାଦ ହେଉ । ଏମନ୍ତକୁ ଶିଳ୍ପଶାସ୍ତ୍ରମାନ ଦେଖ । ଏତେ ପ୍ରାସାଦ ହେଲେ ବହୁ ଯୋଗ୍ୟ । ଏଥିକୁ କଣ୍ଠମିସ୍ତ୍ରୀମାନେ କହିଲେ ପ୍ରାସାଦ ସେ ଛତିଶି ପ୍ରକାରେ । ଏଥିକୁ କୋଣ୍ଡିଏ ପ୍ରକାରେ ପ୍ରାସାଦ ଶ୍ରେଷ୍ଠ । ଏଥି ଉତ୍ତାରୁ ଶ୍ରୀବତ୍ସ ଖଣ୍ଡଶାଳ ହୋଇ ପଠି ପ୍ରାହାତ ସେ ପ୍ରାସାଦ ଦୁଗର ବଡ଼ ହେଉ । ଏହା ଶୁଣି ରାଜା ଏ ଆଜ୍ଞା ଦେଲେ ଏହି ପ୍ରାସାଦ କରାଇବା × ×" ( ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ )

ଅନଙ୍ଗଭୀମ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ଜନଶ୍ରୁତି ଓଡ଼ିଶାରେ ଅଛି । ଏହି ରାଜାଙ୍କ ସମୟର କେତେକ ଐତିହାସିକ ଘଟଣା ଏଥିରେ ଲିପିବଦ୍ଧ ହୋଇଅଛି । ଏହି ରାଜା ଦେଶରେ ଭୂମିମାପ ଓ ଜମାବନ୍ଦୀ କରିଥିବା ଓ ବହୁ ଦେଶ ଜୟ କରିଥିବା ଜଣାଯାଏ । ଏହାଙ୍କ ସମୟରେ ଓଡ଼ିଶା ଖୁବ୍ ଉନ୍ନତ ଅବସ୍ଥାରେ ଥିଲା । ଏହାଙ୍କ ପୂର୍ବରୁ ଗଙ୍ଗବଂଶର ନଅ ପାଞ୍ଚ ରାଜା ହୋଇଥିବା ଯାହା ଲେଖାଅଛି ତାହା ଅନ୍ୟାନ୍ୟ ଲେଖାମାନଙ୍କ ସହ ମେଳ ହେଉଅଛି । ଯଥା—ଚୋଡ଼ଗଙ୍ଗ, କାମାର୍ଣ୍ଣବ, ରାଘବ, ରାଜରାଜ ୧ମ, ଅନଙ୍ଗଭୀମ ୧ମ, ରାଜରାଜ ୨ୟ ।

ଲାଙ୍ଗୁଳା ନରସିଂହ ଦେବଙ୍କ ସମୟର ମାଦଳାପାଞ୍ଜିର ଭାଷା ସେ ପ୍ରକୃତ ଉନ୍ନତ ଏଥିରେ କୌଣସି ସନ୍ଦେହ ନାହିଁ । ଏ ସମୟର ପାଞ୍ଜିରୁ କିଛି ଉଦ୍ଧାର କରାଗଲା । "ଏ ଉତ୍ତାରୁ ଲାଙ୍ଗୁଳା ନରସିଂହଦେବ ରାଜା ରାଜ୍ୟ କଲେ । ଏ ମହାରାଜାଙ୍କ ୨ୟ ଅଙ୍କେ କଣାରେଖ ଦେଉଳ ଶୁଭ ଦେଲେ । ଏ ଦେଉଳ ମେଲୁ ନଡ଼ର ଘଟଣା କଲେ । ଶିବାଇ ସାନ୍ତରା ମହାପାତ୍ରଙ୍କ ମୂଳେ ଦେଉଳ ତୋଳାଇବାକୁ କୋଇଲେ । ବାରବର୍ଷ ଦକ୍ଷିଣ ଭଣ୍ଡାଇ କଲେ । ଏ ସେତୁବନ୍ଧ ରାମେଶ୍ୱରଠାରୁ ଗଉଡ଼ ଦେଶ ଜିଣିଲେ । କଣେ ବୃଦ୍ଧ ଶିବାଇ ସାନ୍ତରାକୁ ବୋଇଲେ ବାବୁ ଠାକୁରାଣୀଙ୍କ ପ୍ରସାଦକୁ କିଛି ପାଇବ କି ? ଏ ବୋଇଲେ ହଁ । ସେଠାରୁ ସେ ଶିଶୁ ପତରରେ ଦେଲେ । ଏ ସେ ଶିଶୁ ମହିଁରୁ ହାତ ପୂରେଇ ତାଳିକ୍ଷେବଲକୁ ହାତ

ହୋଇଗଲା । ଏଥିପାଇଁ ସେ କ୍ରୁଦ୍ଧ କହିଲେ ଶିବାଇ ସାନ୍ତ୍ରାଙ୍କୁ ଦେଉଳ ତୋଳା ସରି ନାହିଁ । ସେ ବୋଇଲେ ଶିବାଇ ସାନ୍ତ୍ରାଙ୍କୁ କିପରି ଦେଉଳ ତୋଳାଗଲା କି ? ତହିଁକି ସେ କହିଲେ ପଥର ଖଣ୍ଡ ମଝିରୁ ପକାଇବାକୁ ହେବ ନିକୁଅଛୁ । ଏ ପଥର ଗୁରୁ ପାଖକୁ ପକାଇ ମୂଦିଲେ ଏ ଦେଉଳ ହୋଇବ । ଏହା ଶୁଣି ଶିବାଇ ସାନ୍ତ୍ରାଙ୍କୁ ଏହି ପ୍ରକାରେ ଗୁରୁ ପାଖକୁ ମୁଣ୍ଡ ଏକ ତାଳ କରି ଦେଉଳ କଲେ । ପଦ୍ମକେଶର ବୋଲି ଦେଉଳ କଲେ । ମୁଦେଇଲା କହିଲା । ଏ ରାଜାଙ୍କ ୨୨ ଅଙ୍କ ମକର ପଞ୍ଚମୀ ଶୁକ୍ଳପକ୍ଷ ବୁଧବାର ଦିନ ଦେଉଳ ପ୍ରତିଷ୍ଠା କଲେ ।" (ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ ୧୮୯ ପୃଷ୍ଠା)

## ଗଙ୍ଗବଂଶଯୁଗର କେତେକ ଓଡ଼ିଆ ଅଭିଲେଖ

ଗଙ୍ଗବଂଶ ରାଜତ୍ୱ ସମୟରେ ଓଡ଼ିଆ ଭାଷାରେ ଲିଖିତ କେତୋଟି ଅଭିଲେଖ ଦେଖିବାକୁ ମିଳେ । ଏଥିରୁ ଅଧିକାଂଶ ଶିଳାଲିପି ଏବଂ ଦକ୍ଷିଣ କଳିଙ୍ଗର ପ୍ରସିଦ୍ଧ ସିଂହାଚଳ ପର୍ବତ ଉପରେ ଥିବା ନୃସିଂହନାଥ ମନ୍ଦିର (ବର୍ତ୍ତମାନ ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ ବିଶାଖାପାଟଣା ଜିଲ୍ଲା), ଶ୍ରୀକାକୁଳ ନିକଟବର୍ତ୍ତୀ ଶ୍ରୀକୂର୍ମରେ ଅବସ୍ଥିତ ଶ୍ରୀକୂର୍ମନାଥ ମନ୍ଦିର, ମୁଖଲିଙ୍ଗ ଗ୍ରାମ (ଶ୍ରୀକାକୁଳ ଜିଲ୍ଲା, ଆନ୍ଧ୍ର ପ୍ରଦେଶ)ରେ ଥିବା ଶ୍ରୀ ମଧୁକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରଭୃତି ମନ୍ଦିରମାନଙ୍କରେ ଦେଖାଯାଇଛି ।

ଏହି ଲିପିଗୁଡ଼ିକ ଓଡ଼ିଆ ଅଜଣା ଲେଖକଙ୍କ ଦ୍ୱାରା ରଚିତ ଓ ଖୋଦିତ ହୋଇଥିବାରୁ ଓଡ଼ିଆ ଭାଷାର ଏକପ୍ରକାର ବିକୃତ ରୂପ ଏଗୁଡ଼ିକରେ ଦେଖାଯାଇଛି । ଏହା ସତ୍ତ୍ୱେ ଏଗୁଡ଼ିକ ସେହି ସମୟରୁ ଓଡ଼ିଆ ଭାଷାର ଗଦ୍ୟମାନଙ୍କ ସ୍ୱତନ୍ତ୍ରଭାବରେ ପ୍ରମାଣିତ କରୁଛି । ଏଗୁଡ଼ିକରେ କଳ୍ପନାର ବିଳାସ କିମ୍ବା ଭାଷାରେ ଅଳଂକାରିକ ଛଟା ନାହିଁ । ଓଡ଼ିଆ ଭାଷାର ଅସ୍ତିତ୍ୱ ପ୍ରମାଣ କରିବା ଓ ସାମାଜିକ ପରିବେଶର ସମ୍ପର୍କରେ ସୂଚନା ଦେଉଥିବା ଦୃଷ୍ଟିରୁ ଏଗୁଡ଼ିକର ଯଥେଷ୍ଟ ବିଶେଷତ୍ୱ ରହିଛି ।

## (୧) ଦ୍ୱିତୀୟ ନରସିଂହଦେବଙ୍କ ସମୟର ଓଡ଼ିଆ ଗଦ୍ୟ

### ( ଖ୍ରୀ: ୧୨୭୮–୧୩୦୬ )

ଉତ୍କଳ ରଜା ଗଙ୍ଗବଂଶର ଦ୍ୱିତୀୟ ନରସିଂହ ଦେବଙ୍କ ରେମୁଣା ତାମ୍ର ଶାସନରେ ଓଡ଼ିଆରେ କେତୋଟି ପଂକ୍ତି ଦେଖାଯାଏ । ସଂସ୍କୃତ ରଚନା ଭିତରେ ଏହି ଓଡ଼ିଆ ଅଂଶଟିର ଆବଶ୍ୟକତା ଥିଲା । ଦାନଗ୍ରାମର ସମସ୍ତ ପ୍ରଜା ଦାନର ମର୍ମ ସହଜରେ ବୁଝିବା ସମ୍ଭବ ହେବା ଉଦ୍ଦେଶ୍ୟରେ ଏପରି ଲେଖା ଯାଇଛି । ବର୍ତ୍ତମାନର କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦୁପାଟଣା ନିକଟସ୍ଥ ଏକ ଗ୍ରାମରେ କେତେ ବାଟି ଜମି ନରସିଂହଦେବ ଦକ୍ଷିଣ ଖାଡ଼ଖଣ୍ଡର ମଧ୍ୟ ଭୂଚଡ଼ା ଗ୍ରାମବାସୀ କୋମଟିମାଙ୍କ ଶ୍ରେଷ୍ଠୀଙ୍କ ପୌତ୍ର, ସୁରାଇ ଶ୍ରେଷ୍ଠୀଙ୍କ ପୁତ୍ର ନୋରି ଶ୍ରେଷ୍ଠୀଙ୍କୁ ଦାନ ଦେଇଥିଲେ । ଦାନ ଶାସନରେ ଏହି ବ୍ୟକ୍ତି ଓଡ଼ିଆ ଗଦ୍ୟରେ ଏହିପରି ଲେଖାଅଛି—

"ଦକ୍ଷିଣ ଖାଡ଼ଖଣ୍ଡ ମଧ୍ୟ ଭୂଚଡ଼ାଗ୍ରାମୀୟ କୋମଟି ମାଙ୍କ ଶ୍ରେଷ୍ଠୀଙ୍କ ପୁଏ ସୁରାଇ ସେଷ୍ଟି ପୁତେ ନୋରି ସେଷ୍ଟି ନାମା × × × ।"

ଏହି ଲିପିଟିରେ ଭୂଚଡ଼ାଗ୍ରାମୀୟ, ନାମା—ଏହି ସଂସ୍କୃତ ଶବ୍ଦର ବ୍ୟବହାର ଅଛି ଏବଂ ଅନ୍ୟ କେତେକ ସଂସ୍କୃତ ଶବ୍ଦ ଥିଲେ ମଧ୍ୟ ସେଗୁଡ଼ିକ ଓଡ଼ିଆରେ ଓଡ଼ିଆ ଶବ୍ଦ ସ୍ୱଭାବରେ ଚଳୁଛି । 'ପୁତ' ସ୍ଥାନରେ 'ପୁତେ', 'ନର' ସ୍ଥାନରେ 'ନୋର' ହୋଇଛି । 'ଶ୍ରେଷ୍ଠୀ' ଶବ୍ଦଟି ଅନ୍ୟ ଦୁଇ ସ୍ଥାନରେ ସେଷ୍ଟି ହୋଇଛି; ଏହି ଦୁଇସ୍ଥାନରେ ଶ ବଦଳରେ ସ ଓ ଦୀର୍ଘ ଈକାର ବଦଳରେ ହ୍ରସ୍ୱ ଇକାର ହୋଇଛି । ଏହା ସାଧାରଣ ବର୍ଣ୍ଣାଶୁଦ୍ଧି ।

## (୬) ଭୁପତି ସାହସମଲ୍ଲଙ୍କ ଓଡ଼ିଆ ଲେଖ
## ( ଖ୍ରୀ: ୧୩୩୦ )

ଶକାବ୍ଦ ୧୨୫୨ ବା ଖ୍ରୀ: ୧୩୩୦ରେ ଗଙ୍ଗ ରାଜା ନରସିଂହଦେବଙ୍କ ରାଜତ୍ୱର ୩ୟ ଅଙ୍କରେ ଭୁପତି ସାହସମଲ୍ଲ ଶ୍ରୀକୂର୍ମ (ବର୍ତ୍ତମାନ ଶ୍ରୀକାକୁଳ ଜିଲ୍ଲା ଅନ୍ତର୍ଗତ)ର ପ୍ରସିଦ୍ଧ ଶ୍ରୀକୂର୍ମନାଥ ମନ୍ଦିରରେ ଓଡ଼ିଆ ଭାଷାରେ ଗୋଟିଏ ଦାନ ଅନୁଶାସନ ଖୋଦିତ କରିଥିଲେ। ସେଥିରୁ ସେ ସମୟରେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ବା ଓଡ଼ିଆ-ତେଲୁଗୁ ମିଶ୍ରିତ ଅଞ୍ଚଳରେ ପ୍ରଚଳିତ ଥିବା ଓଡ଼ିଆ ଭାଷାର ଏକ ରୂପର ଧାରଣା କରିହେବ। ଲେଖାଟିରେ ତେଲୁଗୁ ଶବ୍ଦ ବହୁତ ବ୍ୟବହୃତ ହୋଇଥିବାରୁ ତାକୁ ଜଣେ ଲେଖକଙ୍କର ନିଜସ୍ୱ ଲେଖା ସ୍ୱରୂପ ଗ୍ରହଣ କରିବା ହିଁ ଠିକ୍ ହେବ। ଏହାକୁ ଓଡ଼ିଆ ଭାଷାର ସାହିତ୍ୟିକ ରୂପର ଏକ ନିଦର୍ଶନ ସ୍ୱରୂପ ଗ୍ରହଣ ନକରି ଓଡ଼ିଆ ଭାଷାର ଲିଙ୍ଗବିଭକ୍ତିର ପ୍ରମାଣସ୍ୱରୂପ ଗ୍ରହଣ କରିବା ଉଚିତ ହେବ। ଲେଖାଟିର ଲିପି ତେଲୁଗୁ।

"ପ୍ରତାପ ବୀର ନରନାରସିଂହ(ହ) ଦେବଙ୍କର ବିଜୟ ରାଜ୍ୟ ସମ୍ବତ୍ସ(ର) ୪ ଗ୍ରାନ୍ତ କର୍କଟକ ଶି (କ୍ଷୁ) ଶୁ ୭ ରବିବାରେ ସେବା ପଣ୍ଡିତ ନରସିଂହ (ହ) ଦାସୁ (ସ) ପଣ୍ଡ୍ୟା (ଣ୍ଡା)ଙ୍କର ଅଭି (ଧି) କାରେ । ଭୁପତି ସାହସମଲ୍ଲ ଦଣ୍ଡ ମଡ୍ୟା (ଣ୍ଡା) ନ (ଣ୍ଡ) ଦେବ (କା) ଭ ର (ତ୍ରି) ରେ (ଭୂ) ସେବେଙ୍ଗ (ସେବା) କେ (କୁ) ଭରୁ (ତ) ରା (ଆ) ଲି ୩ ॥ ଅପାଲୁ ଦେଡ଼ (ଦିଠା) ୧୦ ଗାଢ଼ୁଲୁ ଦିଠ (ଠା) ୨୨ ॥ ପସୁ ଅ ୧ ପାଣ୍ଡୁ (ଶୀ) କଣ୍ଟୁ ୧ ଏ ସେବ ଆଚନ୍ଦ୍ରାର୍କ (ର୍କେ) ଯ୍ୟାଲ (ସ୍ଥା) ହୋଇ ଭ (ତ) ନ୍ତି (କା) ବା କେ (କୁ) (ଚଳବାକୁ ବା ଭଣବାକୁ) ଶ୍ରୀଭଣ୍ଡାରକୁ ଧ (ଦେ) ଇ (ଲ) ଗଣ୍ଡୁଲୁ (ଗଣ୍ଡ) ମାଡ଼ିଲୁ (ମାଢ଼ ବା ମାଢ଼ି) ୪୦ ଏ ସେବ ଭଲି (ରି) ଭାଟେକି (କୁ) ଘ (ଥା) ନ ୨ ॥ କଂସା ବଣ୍ଟି (ବାସନ) ୪ ପାଣି ଲଢ଼ି (ଡ଼ାଲି) ବା କେ (କୁ) ପିତଳା (ଳ) ପାହିମା (ପ୍ରତମା) କଣ୍ଡୁରୁଆ (ଅଦଣ୍ଡରୁଆ) ଜଗ (ବେଣି) ଏ(କ) ୧ ॥ ଦିଣ୍ଡୁ ୨ ଭୂଜକବା ୨ ॥ ଅଖଣ୍ଡ ଦୀପ କେ (କୁ) ଗାଈ ୨୫ ଦେହି ଏ (କ) ୧ ॥ ଏ ସେବା (ବ) ଭୁ ମନ୍ଲ୍ଲ । ଅଧିକାରି (ର୍ଯ) ଈ (ଶ୍ରୀ) (ବେ) ଷ୍ଣ (ଷ୍ଣ) (ବ) କେ (କୁ) ଭରୁ (ଭି) ବୁଂଚୁ (ଲୁ) ୧ ॥ ଗାଉଁଲୁ ମାସି (ଶ) ୧୫ । ଦ

(ଦେ) ତୁ ମ (ବ) ପ୍ରକରଣ ଦେଁ (କୁ) ଖରୁ (ଡ) ଶୁଂଡ (ଗୁ) ୧ । ଗାଡ୍ୟାଲୁ ମାପିକ ୧୫ ॥ ସୁଃଜାପଡ଼ ପ୍ରକରଣ ଦେଁ (କୁ) ଖରୁ (ଡ) ଶୁଂଡ (ଗୁ) ୧ ॥ ଗାଡ୍ୟାଲୁ ମାପିକ ୨ ॥ ପ୍ରଦ (ବ) [ର] ଶକ୍ତର ଖରୁ (ଡ) ଘ ଘ (ଶୁ) ପ (ଘା) ଲୁ (ଲ) ସୁଭ କ ଶୁଂଲୁ (ଗୁ) ୧ [।] କାଲଙ୍ଗି ପ୍ରକରଣ ଦେଁ (କୁ) ଶାବ ।"

(South Indian Inscriptions, Vol. 5. No. 1213)

ଏହି ଲିପିଟି ଅସମ୍ପୂର୍ଣ୍ଣ ଥିବାପରି ଜଣାଯାଏ । ଅନେକରେ ପୂର୍ଣ୍ଣଚ୍ଛେଦ ବ୍ୟବହୃତ ହୋଇଛି । ଯଥା ॥ ।

ଲେଖାଟିରେ ତେଲୁଗୁଭାଷାର ପ୍ରଭାବ ଦୃଷ୍ଟ ଥିଲେ ମଧ୍ୟ ଓଡ଼ିଆ ଭାଷାର ବିଭକ୍ତି ଅବସ୍ଥା ରହିଛି । ନିମ୍ନଲିଖିତ ଓଡ଼ିଆ ବିଭକ୍ତି ଚିହ୍ନ ଦେଖାଯାଉଛି—

ପ୍ରଥମା:—ଏକବଚନରେ ଚିହ୍ନ ନାହିଁ । ବହୁବଚନରେ ତେଲୁଗୁ ଚିହ୍ନ 'ଲୁ' ବ୍ୟବହୃତ ହୋଇଛି, ଯଥା—ଗାଡ୍ୟାଲୁ, ମାଡ଼ିଲୁ, ଗଣ୍ଡିଲୁ ।

ଦ୍ୱିତୀୟା, ଚତୁର୍ଥୀ:—କ—ମାପିକ, ଭୁଞ୍ଜକ । କୁ—ଶ୍ରୀଭଣ୍ଡାରକୁ । ତେଲୁଗୁ ଚିହ୍ନ 'ଦେଁ' ବହୁସ୍ଥାନରେ ବ୍ୟବହୃତ ହୋଇଛି, ଯଥା:—

ଦେଉଂଳଗଦେଁ, ଭଣ୍ଡବାଡେଁ, ଛଡ଼ବାଡେଁ, ଅଙ୍ଗଣ୍ଡିପାଦଦେଁ, ପ୍ରକରଣଦେଁ ।

ପଞ୍ଚମୀ:—ରୁ—ଖେଣ୍ଡରୁ ।

ଷଷ୍ଠୀ:—ବିଭକ୍ତି ଚିହ୍ନ 'ର' 'ଙ୍କର'—ଦେବଙ୍କର, ଗଣ୍ଡ୍ୟାଙ୍କର ।

ସପ୍ତମୀ:—'ରେ' ଚିହ୍ନ—ଅଭିକାରେ, ଶୁକ୍ରବାରେ ।

ବର୍ଣ୍ଣାଶୁଦ୍ଧି ସଂଶୋଧନ ପରେ ଲିପିଟିର ପାଠ ଏହିପରି ହେବ—

ପ୍ରତାପ ଶ୍ରୀବୀରନରସିଂହ ଦେବଙ୍କର ବିଜୟ ରାଜ୍ୟ ସମ୍ବତ୍ସର ୮ ହାଙ୍କ କର୍କଟକ କୃଷ୍ଣ ୭ ରବିବାରେ ଖେଣ୍ଡପଣ୍ଡା ନରସିଂହଦାସ ପଣ୍ଡ୍ୟାଙ୍କର ଅଧିକାରେ । କୁମ୍ପିଶାଳୁସମାନ୍ତ ଦାଷ୍ଟ ମଢାନ୍ତ ବେଳା ହସ୍ତରେ ହେତୁରୁ ଖଡ଼ଥାଳି ୩ ॥ ଅପାଲୁ ପିଠା ୧୦ ଗାଡ଼ିଲୁ ପିଠା ୨୨ ଘସୁ ଅ ୧ (ଅଡ଼ା ୧) ପାଣି କଡୁ ୧ ଏ ହେଉ ଆଚନ୍ଦ୍ରାର୍କ ସ୍ଥାୟୀ ହୋଇ ଚଳିବାକୁ ଶ୍ରୀଭଣ୍ଡାରକୁ ଦେଲି ବଣ୍ଡିମାଡ଼ ୪୦ ଏ ହେଉ ଚଳିବାକୁ ଥାଳ ୨ । କଂସା ବାହନ ୪ ଯାଣି ଛଡ଼ାଇବାକୁ । ପିତଳ ପ୍ରତିମା ଅଙ୍ଗଣ୍ଡୁଖା ଙ୍କର ଏକ ୧ । ଦିଲ୍ଲା ୨ କଳସ୍ୟ ୨ । ଅଙ୍ଗଣ୍ଡି ଦାପଲୁ ଗାଈ ୨୫ ଦେବଟି ଏକ ୧ ॥ ଏ ହେଉକୁ ମନ୍ଦଳ (ମଙ୍ଗଳ) ॥

ଅଧିକାରୀ ଶ୍ରୀବୈଷ୍ଣବଙ୍କୁ ଭାତ କୁଂଚୁ ୧ ।। ଶାର୍ଯ୍ୟାଲୁ (ପିଠା) ମାସିକ ୧୫ । ବୈଷ୍ଣବ ପ୍ରକରଣଙ୍କୁ ଭାତ କୁଂଚୁ ୧ । ଶାର୍ଯ୍ୟାଲୁ ମାସିକ ୧୫ । ସ୍ଥାନାପତି ପ୍ରକରଣଙ୍କୁ ଭାତ କୁଂଚୁ ୧ ।। ଶାର୍ଯ୍ୟାଲୁ ମାସିକ ୨ ।। ପ୍ରକରଣଙ୍କର ଭାତ ପଶୁପାଳ ଦୁଇଙ୍କ କୁଂଚୁ ୧ କାଳିଙ୍ଗି ପ୍ରକରଣଙ୍କୁ ଭାଃ ବଃ ।

ଅପାଲୁ, ଶାର୍ଯ୍ୟାଲୁ—ଏ ଦୁଇଟି ପିଠାର ତେଲୁଗୁ ନାମ । ପୁପୁ = ପିଠା, ପପୁ = ପାପୁ = ଡାଲି, କୁଂଚୁ = ମାଣ । ଅଡ଼ା = ୧/୪ ମାଣ ।

କୁଂଚୁ, ଅଡ଼ା—ଏ ଦୁଇଟି ଦକ୍ଷିଣ-ଓଡ଼ିଶାର ମାପ । କଣ୍ଠମାଡ଼—ସୁବର୍ଣ୍ଣ-ମୁଦ୍ରା ବିଶେଷ । ପ୍ରକରଣ = କରଣ ବା ମୁନ୍ସୀ । ଶ୍ରୀବୈଷ୍ଣବ ଅଧିକାରୀ, ପ୍ରକରଣ, ସ୍ଥାନାପତି, ପଶୁପାଳ, କାଳିଙ୍ଗି ପ୍ରକରଣ ପ୍ରଭୃତି ମନ୍ଦିରର ସେବକବିଶେଷ ।

କଣ୍ଟୁ, କନ୍ଦ୍ୟ, ତେଣ୍ଟି—ଏଗୁଡ଼ିକ ତେଲୁଗୁ ଶବ୍ଦ ।
ଏହି ଲେଖାର ସମୟଟି ଆରମ୍ଭରେ ସଂସ୍କୃତ ଶ୍ଲୋକରେ ଦିଆଯାଇଛି—
"ଶାକାବ୍ଦେ ଶଶିନେତ୍ରବାଣଜଳଧେ ମୀନାର୍କେ ଭୃଗୁବେଥୌ ସପ୍ତମ୍ୟାଂ"
.. ... । ଅର୍ଥାତ୍ ଶକାବ୍ଦ ୧୨୫୨ ।

**(ଗ) ନରସିଂହଦେବଙ୍କ ଶିଳାଲିପି**—୧୪ଶ ଶତାବ୍ଦୀର ନରସିଂହଦେବ (ନରସିଂହଦେବ ୩ୟ ବା ବୀରନରସିଂହଦେବ)ଙ୍କ ସମୟରେ (ଖ୍ରୀ: ୧୩୨୮-୫୨) ତାଙ୍କର ଶିଳାଲିପିରେ ଯେଉଁ ଓଡ଼ିଆ ଭାଷା ବ୍ୟବହୃତ ହୋଇଛି ତାହା ସେ ସମୟର ପାଣ୍ଡିତ୍ୟ ଭାଷାଠାରୁ ଭିନ୍ନ ଏବଂ ସେହି ଭାଷା ଅନୁନ୍ନତ ଧରଣର । ଶିଳାଲିପିର ଲେଖା:—"ସ୍ୱସ୍ତି ଶ୍ରୀ ବୀରନରସିଂହ ଦେବଙ୍କ ପ୍ରବର୍ଦ୍ଧମାନେ ବିଜେ ରାଜେ ସମସ୍ତ ୧୧ ଶ୍ରାଙ୍କ କାର୍ତ୍ତିକ କୃଷ୍ଣ ୭ ରବିବାରେ ଶ୍ରୀଲକ୍ଷ୍ମୀକାନ୍ତ ବିଷୟ ସିଂହେଶ୍ୱର ମଠର ଦତ୍ତ ନରସିଂହଦେବଙ୍କର ଅଂଶ କାମାର୍ଥ ସ୍ତ୍ରୀବକେ ବାଟମଲ୍ଲ ବାରବାଟୀ ଭୂମି ଏକାଦଶ ଖୁଣ୍ଟ 'ଭୁଇଁ ଦେବା ଭୂମି ସମ ଧେ ତେତେକ ମହାମୁଖ ଦୁର୍ଗାଭଞ୍ଜ ଅଂଶୁଙ୍କେ ବସାଇଲ । ଏ ମାଡ଼ ଶିତଦେଢ଼ ୧୫° ଭୁବନେଶ୍ୱର ନାଏକଙ୍କର ଭଣ୍ଡ ଦେଉଳା ଏ ମାଡ଼ ଦେଶ ଧାନ୍ୟ ପୌଟୀ ଶୀରେଶ କପଡ଼ିକ ମହାମୁଖ । ଏ ଦୁଇ ଧାନ୍ୟ ଭୂମି ଦୁର୍ଗାଭଞ୍ଜେ ଭୁବନେଶ୍ୱର ନାଏକଙ୍କେ ଦେଇ ଅଙ୍କ କଲା । ଏ କଉଡ଼ି ଏ ଧାନ୍ୟ ଭୂମି ମୂଳ ଭଲଭୁର କରନ୍ତେ ମାଡ଼ ଶତେକ ଅଶୀ ୮° । ଉପରୁକ୍ତ ମୂଳ

ଶୀତ ପ୍ରାବୃଟ୍ଂ ଋତୁଚକ୍ରବତ୍ ସ୍ଥାପିତ ହୋଇଲା । ଏ ଉପବନ୍ଦବଣ୍ଡଙ୍କର ଦୁର୍ଲ୍ଲଭାଙ୍କ ଅନୁଗ୍ରହର ସ୍ୱର୍ଗ ଦୁର୍ଲଭାଙ୍କ ଆୟୁଷ୍ୟପୂର୍ଣ୍ଣି ଏକାଦଶୀ ବୋଲି ନିର୍ମିତ ହୋଇଲା । ଏ ବାପମନ୍ତ୍ରୀ ଭୂମି ବାରବାଟି ଫଳ ବୋଷା ଅଧୀ ଅ.ଶ୍ରେଣିକ କଲ୍ୟାଣ ଉପଭୋଗବଣ୍ଟା ସ୍ଥାପିଲା । ଦୁର୍ଲ୍ଲଭାଙ୍କେ ଆୟୁଷ୍ୟେ ପାଣି ଧୀଲ୍ଲା । ଏ ଶ୍ରୀବୀରନରସିଂହଦେବଙ୍କର ସାତ୍ତ୍ୱିକ କାମାର୍ଣ୍ଣବ ଏକାଦଶ ଭୂମି ଭୋଗ କରାଇବା । ଏ ଭକ୍ତି-ବୈଷ୍ଣବଦେବ ପାଣ୍ଡିବେଶ କାନ୍ତିବୋଧ ଏ ଉକ୍ତ ଦେଶେ ଜନ୍ମିଲା ହୋଇ ମହାମଣ୍ଡଳେ ପ୍ରଜା କରି ଅତିବଳ ହୋଇଲା । ଉପଶାନ୍ତି ଭୂଷା କେତେ କାଳ ଚନ୍ଦ୍ରସୂର୍ଯ୍ୟ ଭୁଞ୍ଜନ୍ତେ କାଳଙ୍କର ସଂସ୍ଥାବାକ । (ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ ପୃ. ୩-୪୫) ।

ଲିପିର ଏକ ଦ୍ୱାର ନଗର ଅନୁସାରେ ଦେଖିଲେ ନରସିଂହ ୩ୟଙ୍କ ସମୟରେ ଏହି ଶିଳାଲିପିଟି ରଚିତ ହୋଇଥିବାର ଜଣାଯାଏ । ଏହାର ଭାଷା ସେତେ ଉନ୍ନତ ଧରଣର ନୁହେଁ । ୧୫ଶ ଶତାବ୍ଦୀରେ ସାରଳା ଦାସ ଯେଉଁ ଭାଷାରେ ମହାଭାରତ ପରି ପ୍ରକାଣ୍ଡ କାବ୍ୟ ଲେଖି ଯାଇଛନ୍ତି ସେହି ଭାଷାର ରୂପ ଯେ ପ୍ରାୟ ଶହେ ଦେଢ଼ଶହ ବର୍ଷ ପୂର୍ବରୁ ଏପରି ଥିଲା, ଏହା କେବେହେଲେ ବିଶ୍ୱାସ ହୋଇ ନାହିଁ । ଏହି ଲିପିଟି ଜଣେ ଓଡ଼ିଆ ଭାଷାରେ ସ୍ୱଳ୍ପ ଜ୍ଞାନ ଥିବା କୌଣସି ଲୋକଦ୍ୱାରା ରଚିତ ହୋଇଥିଲା ଏବଂ ଖୋଳିବା ଲୋକ ମଧ୍ୟ ଅନଭିଜ୍ଞ ଥିବ ବୋଲି ଅନୁମାନ ହେଉଛି । ଅତଏବ ଏହି ଲିପିର ଭାଷାକୁ ନେଇ ସେହି ସମୟର ଓଡ଼ିଆ ଭାଷାର ସ୍ୱରୂପ ନିର୍ଣ୍ଣୟ କରିବା ଠିକ୍ ନୁହେଁ । ଶିଳାଲିପିମାନଙ୍କରେ ଏପରି ଅନେକ ଭୁଲ ଓ ଅଶୁଦ୍ଧ ଭାଷା ଦେଖାଯାଏ । ନରସିଂହ ଦେବଙ୍କ ଏହି ଶିଳାଲିପିର ଭାଷା ମଧ୍ୟ ସେହି ଦୋଷରେ ଦୂଷିତ ।

### (୪) ଭୂପାଳ ପଣ୍ଡିତରାୟଙ୍କ ଲେଖ ( ଖ୍ରୀ: ୧୩୭୨ )

ଭୂପତି ଭାନୁଦେବଙ୍କ ସମୟର ଶିଳାଲିପି ଶକାବ୍ଦ ୧୨୯୪ ବା ଖ୍ରୀ: ୧୩୭୨ ।

ସମୟ—"ଶ କ ଦେ-ବୃଦ୍ଧନନ୍ଦ ହ୍ୟମତୀ ପତ୍ରିକେତେ ଶୁକ୍ଳପକ୍ଷେ ନବମ୍ୟାଂ ସୋମବାରେ × × ।"

"ଶାକାବ୍ଦ ୧୨୯୪ ବର୍ଷ ଭାଦ୍ରପଦ ପୌର୍ନ (ର୍ଣ୍ଣ) ମୀ ସୋମବାରେ ଧନଞ୍ଜୟ ଗୋଣ୍ଡରାଜ ଗୋପାଳ ନାୟକଙ୍କର ପୁଅ ଭୂପାଳ ପଣ୍ଡିତ୍ୟସ୍ତ ଷ (ଷ୍ଟ) ପଣ୍ଡିଜ୍ଞି (ଙ୍କ) ଅସ୍ପୃଶ୍ୟେଶ୍ବେଶ୍ୟ (ସ୍ଥ) ର୍ଣ ସମ୍ଭାବାଳିତ୍ବୃଧର୍ଜ ( ବୃତ୍ୟାର୍ଥ ) ଶ୍ରୀ ନରସିଂଗ (ହ) ନା ଥ (ଥ) ଦେବରଙ୍କର ସ୍ବକ୍ଷୟପ୍ଟେ ପୂଜାବେଳା (ଳା) ଶମସ୍ତେ ମାଦୋଥ୍ରିବ ବର୍ଷୋଥିବା ସମସ୍ତେ ଧବଳ ଛଣ ଧଣବା ଅର୍ଥେ ଶ୍ରୀ ନର୍ସିଂଗୁ (ନରସିଂହ) ଦେବରଜ୍ଞର ଶ୍ରୀଭଣ୍ଡାରେ ପଦ୍ମନାଭ ଗଣ୍ଡମାଢ଼ ଧଣ ବେଦଇ ଜତ୍ୟ ପଞ୍ଚ ଦୁଇକୁଣ୍ଡା ଷ୍ଟଭନଭଂଧ (ନିବନ୍ଧ) ସମସ୍ୟାସ୍ତେ ପୀଠ (ପ୍ରତି ?) ବରଷ (ବର୍ଷ) ପଞ୍ଚ କର୍ତ୍ତି[ନ] ବୃତ୍ତି କରି ସପାଦ ତେଲୁଙ୍ଗାଂକୁ ନାୟକ ଯୋ (ପୁଅ) ଥମୁବନ୍ଧି ନାୟକଙ୍କୁ ଅଚନ୍ଦ୍ରା [ ର୍କ ] ଭଣ୍ଡ ଧ୍ଵ (ଦେ) ଲ୍ (ଲ) । ଧବଳ ତ (ଛ) ଣ ବୃତ୍ତି (ଠ) ବଜ (ଗ) ବେଧ (ଟେ) କଣି ଅଭଣ୍ଡରେ ଶସ୍ତ୍ରମାଟିକ ଦ (ଦେ) ଲ୍ଲେ (ଲେ) । ଲ୍ ବେ ନ ଶ ଢ ଲେ ଅଡ଼ା ଭୂତ ବଢ଼ୀ ଧଣବେ (ବେ) । ଏ ଧର୍ମକୁ ଶ୍ରୀ ବୈଷ୍ଣବ ରକ୍ଷ ।

ଶାମ୍ପ୍ରଣାପି କୃତୋ ଧର୍ମଃ ପାଳନୀୟୋ ମନୀଷିଭିଃ

ଶତ୍ରୁରେବହି ଶତ୍ରୁଃ ସ୍ୟାତ୍ ଧର୍ମଶତ୍ରୁ ନ କସ୍ୟ [ଶତ୍ରୁ] ଶ୍ରୀଶ୍ରୀଶ୍ରୀଶ୍ରୀ"

ଏହି ଲିପିଟିରେ ବର୍ଣ୍ଣାଳୀ ବା ବନାନ୍ ସ୍ୱତନ୍ତ୍ର ଦେବର (ଦେବ), ବରୁଷ ବା ବରଷ (ବର୍ଷ) ପ୍ରଭୃତି କେତୋଟି ଶବ୍ଦର ବ୍ୟବହାର ଅଛି । ବର୍ଣ୍ଣାଶୁଦ୍ଧିକୁ ଛାଡ଼ିଦେଲେ ଏହି ଅନୁଶାସନର ଭାଷା ସନ୍ଦର୍ଭଲେଖା ପାଇଁ ଉପଯୋଗୀ ହୋଇଛି ।

ଏହି ଲିପିଟି ତେଲୁଗୁ ଲିପିରେ ଲେଖା ହୋଇଛି । ଭାଷା ଓଡ଼ିଆ ।

## (୫) କେନ୍ଦୁଲି ତାମ୍ରଶାସନ (ଖ୍ରୀ: ୧୩୭୮-୧୪୦୫)

ଚତୁର୍ଥ ନରସିଂହଙ୍କ ତାମ୍ର ଶାସନରେ ସୀମାନିର୍ଦ୍ଦେଶ ଅଂଶରେ ବା ଶେଷାଂଶରେ କେତେକ ପଂକ୍ତି ଓଡ଼ିଆ ଲେଖା ଦେଖାଯାଏ । ସମଗ୍ର ଶାସନଟି ଦେବନାଗରୀ ଲିପିରେ ଲିଖିତ ।

"× × × ତୈଷମାଷି (ମାସ) ସୁକ୍ଲେ (ଶୁକ୍ଲ) ପକ୍ଷେ ଏୟୋଦଶ୍ୟାଂ [ତିଥୌ] ରବିବାରେ ବାରଣସୀ କଟକେ ବସ୍ମିକ୍ ଶୁଭ୍ରା ବେଦ୍ଧକ ସମସ୍ତେ

ଶ୍ରୀବତ୍ସଶେ ଭିତର ନବର ବନ୍ଧା ମଣ୍ଡପ ବାଜ୍ଜଂଆ ଏ ବିଜୟେ ସମସ୍ତେ ଦୁଆର ପଶ୍ଚିମ ଗଙ୍ଗେଶ୍ବର ଜେନା ଚୁଡ଼ାଙ୍ଗଲଙ୍କା ଲକ୍ଷ୍ମ ସନମିଶ୍ର ଶ୍ରଣ୍ଡ କ୍ରିଆ ଆଉ ଚଉରି ପଣ୍ଡିତ ମହାପାତ୍ର ନରେନ୍ଦ୍ର ଦେବ ଚକ୍ରବର୍ତ୍ତୀ ମହାପାତ୍ର ନରହରିଦାସ ପ୍ରହରାଜ ମହାପାତ୍ର ଶ୍ରୀପତି ମଙ୍ଗଳରାଜ ଗୋଚରେ ଥ (ଥ) ବଧାଣିଲ ନ୍ୟାଏ (ସ୍ତେ) ପୋର ଶ୍ରୀ ନରସିଂହ ସମଦେଶ୍ବର ମହାସେନାପତି ବଇଦା ମହାସେନାପତି ମୁଦୁଲିନ ମହାପାତ୍ର ନରହରିଦାସ ପ୍ରହରାଜ ଦଲଇ ଜାନଙ୍କୁ ଗ୍ରାମର ନାମ ବିଜୟେ ନରସିଂହପୁର ଚତୁଃସୀମାବାନ୍ଧ ଶାସନ କର ଦେଇଥା କଳାପୁର ଭିତର ଚତୁଃସୀମା ଜନର ଗ୍ରାମର ନାମ ବିଜୟେ ନରସିଂହପୁର ।"

( O. H. R. J. Vol. V )

## (୬) ଋଷିଦାସଙ୍କ ଲିପି (ଖ୍ରୀ: ୧୪୦୩)

ଶକାବ୍ଦ ୧୩୨୫ (ଖ୍ରୀ: ୧୪୦୩)ରେ 'କଳିଙ୍ଗ ବ୍ୟାପାରୀ' ଋଷି ଦାସ ଶ୍ରୀକୂର୍ମ ଦେବଙ୍କୁ ଶ୍ରୀ କୂର୍ମନାଥ ମନ୍ଦିରରେ ଯେଉଁ ଦାନ ଶିଳାଲିପି ଖୋଦିତ କରାଇଲ ଅଛନ୍ତି ତାହା ଶୁଦ୍ଧ ଓ ଅର୍ଦ୍ଧ ଶବ୍ଦ ମିଶ୍ରିତ ଓଡ଼ିଆ ଭାଷାରେ ଲିଖିତ । ଓଡ଼ିଆ ଓ ଶୁଦ୍ଧ ଉଭୟ ଭାଷାର ଶବ୍ଦର ବ୍ୟବହାର ହୋଇଛି । କ୍ରିୟାପଦଗୁଡ଼ିକ ଓଡ଼ିଆ କିମ୍ବା ସଂସ୍କୃତ ରୂପ ।

"ସ୍ୱସ୍ତି (ସ୍ତି) । ଗଣେଶାୟ ନମଃ ସମସ୍ତ ୧୪୨୭ ॥ ଶାକେ ॥ ୧୩୨୫ ॥ ସମସ୍ତେ । ସର୍ବଧାରିନାମ ସମ୍ବତ୍ସରେ ପଇଁଶୁର (ପୋଇଁତୁଲ) କଲେ ॥ ବୈଶାଖ ଉପାଧ୍ୟାୟଲୋ (ଙ୍କ) ସ (ପୁ) ଖ ॥ ବିଷ୍ଣୁଦାସ ଉପାଧ୍ୟାୟ ଲୋ (ଙ୍କ) ନାତି ॥ ଶ୍ରୀପୁରୁଷ ପାଧ୍ୟାୟଲୋ (ଙ୍କ) ପୁତ୍ର ॥ କଳିଙ୍ଗ ବ୍ୟାପାରୀ ଲକ୍ଷ୍ମୀଧର ପୁରଭାଣ୍ଡାଲୋ (ଙ୍କ) ଭାଇ ॥ ଋଷିଦାସ କୂର୍ମସେଠ ଆ (ଅ) ଖଣ୍ଡ ଦୀ (ଦୀ) ପ ଦଣ୍ଡ (ଲି) ଯୋଡ଼ା ବା (ବ) ଶିଳାସ୍ତି ଋଷିଦାସ ନାୟକ ॥ ଶ୍ରୀ କୁର୍ମନାଥ ( କୂର୍ମନାଥ ) [ଚ] ରଣ (ଣେ) ଶର [ଣ] ଶ୍ରୀ ନରସିଂହ ଚରଣ (ଣେ) ଶରଣେ ॥ ଶୁଭଂ ମସ୍ତୁ ॥ ବରଷ୍ଣା (ଣ୍ଠ) ଧି ଗୋପାଳ ଶ୍ରେଷ୍ଠ ପଣ୍ଡି ଦେଇ ଦ୍ଵିଜାଘ(ଦ୍ଵାଦଶଙ୍କର) ଗୋଚରେ ଦଲ (ଦେଲା) ଦେଲି ଶତା (ଶତ) ୧୦ ॥ ଦେଉଥିଲା (ଲା) ଉତ୍ତ୍ୟ ଦେବା (ଦେବା) ଘି (ଘିଅ) ଆଡ଼୍ (ଅଡ଼ା) ଲେଖଇ (ଲେଖେ, ଲେଖାରେ) ବର୍ଷକେ (ବର୍ଷକଇ, ବର୍ଷକୁ)

ଲୁଣପୁଟି ଦାଣମାଣ ଏହୁ ଲେଖ (ଲେଖାରେ) ପ୍ରତି ସୁଷ୍ଠ କୁ (କୁ) ମିଳାଅ ଦେବ [ଙ୍କୁ] ପ୍ରଣ (?) କଣିବା (କରିବା) ॥ ଏ [ଧ] ର୍ମ ଗ (ର) ଲୁପତ ଶ୍ରୀବୈଷ୍ଣବ ରକ୍ଷ ॥" [ଏଠାରେ ଅକ୍ଷର ଚଟି]

ଲିପିଶାସ୍ତ୍ର ନାୟକଙ୍କ ଏହି ଲେଖାଟିର ଶେଷାର୍ଦ୍ଧଟି ସମ୍ପୂର୍ଣ୍ଣ ଓଡ଼ିଆ । ଗୋଚରେ, ଲୁଣ, ଦାବା, ବର୍ଷକେ, ଲେଖକ, ଦେଉଅଙ୍କ (କୁ), ଏହୁ, ପ୍ରତି, ସୁଷ୍ଠ (ଶ୍ରାଦ୍ଧ, ବର୍ଷ), କଣିବା ପ୍ରଭୃତି ଶବ୍ଦଗୁଡ଼ିକ ଓଡ଼ିଆ ଭାଷାର ପ୍ରାଚୀନ ଲେଖାମାନଙ୍କରେ ମଧ୍ୟ ବ୍ୟବହୃତ ହୋଇଥିବା ଜଣାଯାଏ ।

ଶ୍ରୀକାକୁଲ ଓ ଶ୍ରୀକୂର୍ମର ନିକଟବର୍ତ୍ତୀ ଉର୍ଦ୍ଧାପି ଗ୍ରାମର ଗୋପାଳ ସେଇ ଓ ପଲ୍ଲ ସେଇଙ୍କ ନାମ ଏକଶତ ଟଙ୍କା (ବା ସୁବର୍ଣ୍ଣ ମୁଦ୍ରା) ଦେଇ ପ୍ରତିଦିନ ଠାକୁରଙ୍କଠାରେ ଅଖଣ୍ଡଦୀପ ନିମନ୍ତେ ଏକ ଅଡ଼ା ଘିଅର ବ୍ୟବସ୍ଥା କରିଥିଲେ । ଏ ଲେଖାରେ ବର୍ଷକୁ ୯୦ ମାଣ (ମାଣ = ୪ ଅଡ଼ା) ବା ଲୁଣପୁଟି ଦାଣମାଣ (୨୦ ମାଣ = ୧ ପୁଟି) ଘିଅର ବ୍ୟବସ୍ଥା ହୋଇଥିଲା । ପ୍ରତି ସୁଷ୍ଠ (ଶ୍ରାଦ୍ଧ ବା ବର୍ଷ) ଏହୁ ପରିମାଣରେ ଘିଅ ଦେବା ପାଇଁ ଏହି ଦାନରେ ସର୍ତ୍ତ ଥିଲା ।

ବର୍ଣ୍ଣାଶୁଦ୍ଧିବର୍ଜ୍ଜିତ ହେଲେ ଏହି ଭାଷା ସେ ରଚନା ପାଇଁ ଉପଯୁକ୍ତ ଏଥିରେ ସନ୍ଦେହ ନାହିଁ ।

## (୭) ଗଣ୍ଡଯାଦ୍ଧସମଲ୍ଲ ଅଭିଲେଖ (ଖ୍ରୀ: ୧୪୦୫)

### ( ୪ର୍ଥ ନରସିଂହଦେବଙ୍କର ୩୩ ଅଙ୍କର ଲିପି )

ବୀର ଶ୍ରୀ ନରସିଂହ ଦେବଙ୍କର ବିଜୟ ରାଜ୍ୟ ସମ୍ୱତ୍ସର (ସମ୍ବତ୍ସର) ୩୩ ଅଙ୍କ ଶାହ୍ମ ଚୈତ୍ର (ଚୈତ୍ର) ଶୁକ୍ଳ ପୌର୍ନମୀ (ପୌର୍ଣ୍ଣମୀ) ରବିବାରେ କଳିଙ୍ଗ ପରିକ୍ଷା ମହାପାତ୍ର ଗଙ୍ଗାଧର ଦାସ ପ୍ରଭୁରାଜଙ୍କର ଅଧିକାରେ ଏହାଙ୍କର ଶିଷ୍ୟ (ଷ୍ୟ) ଶ୍ରୀକୂର୍ମର ଭେଗପସାଣ କଳିଙ୍ଗ ମାଝି ଗଣ୍ଡପାଦ୍ଧସମଲ୍ଲଙ୍କର ପତ୍ନୀ ଭଟ୍ଟା ବେଷ୍ଣ (ବେଷ୍ଣ) ସେବତ (ଶ୍ୱେତ) ଲୁମର ଶ୍ରୀକୂର୍ମନାଥ ଦେବଙ୍କର ଅଭଙ୍ଗ ଦୂପେ ଧରିବାକୁ ଇ (ଏ) ଦେବର ଭଦ୍ରାପାତ୍ର ମୋଡୁ (ମାଆ) ପୁରପାଳକ (କୁ) ନିତ୍ୟ ଦେଇବେଲ ବସାବଣ (?) ଇ (ସ୍ତ) ରୁ (ତ) ୧ ମାଷି ପିଠା ୧୫ ବିଡ଼ିଅ: ୩୦ ବର୍ତ୍ତିନ ବସାକୁ (?) ଶଙ୍ଖମା [ତ୍ର] ଙ୍କେ (କୁ) ଲୁମ୍ପ ଦ (ଦେ) ଲ

ମାଣ ୧୦ ଏବେ (ବ୍ୟ) ବସ୍ଥା ଅଚନ୍ଦ୍ରାର୍କ ସ୍ଥାୟୀ କଣ୍ଣ (ଣ) ଶ୍ରୀକୂର୍ମନାଥ (ନାଥ) ଦେବଂ [ଙ୍କ] ର ଭଣ୍ଡାରକୁ ପଦୁଣିଧି ଧନ ଭଣ୍ଡାମାଢ଼ (ଢ଼) ୮ ଏ ଗୁଣ ଦିଠା ବଢ଼ିଆ ବର୍ତ୍ତିନ ହେଉର ବସ୍ତୁ (ଶ୍ଚ) ଅଚନ୍ଦ୍ରାର୍କ ସ୍ଥା [ୟୀ]

( S. I. I. Vol. 5. No. 1244 )

ଏହି ଲିପିର ଭାଷା ସନ୍ଦର୍ଭଲକ୍ଷଣୋପଯୋଗୀ ହୋଇଛି । ବଳ= ବେଳ । ବେବସ୍ଥା = ବ୍ୟବସ୍ଥା । ଶାଳ = ବର୍ତ୍ତିଙ୍କ, ଦାଣ୍ଡଆଣି । ବଣାଲୁ = ଓ୍ଵସ୍ମଲୁ (ତେଲୁଗୁ ଶବ୍ଦ) = ଜମିର (?) । "ଏ" ବଦଳରେ "ଇ"; ଯଥା:— ଇ ସ୍ଥେଶର । ବର୍ତ୍ତମାନ ମଧ୍ୟ ଏଭଳି ପ୍ରୟୋଗ କୌଣସି କୌଣସି ଅଞ୍ଚଳରେ ବିଶେଷତଃ ପୁରୀ ଜିଲ୍ଲାରେ ଦେଖାଯାଏ; ଯଥା:— ଇଥିପାଇଁ = ଏଥିପାଇଁ ।

## (୮) ଭାନୁଦେବଙ୍କ ସମୟର ଲିପି (ଖ୍ରୀ: ୧୪୨୦)

ଶ୍ରୀ ବୀରଧୀର ଶ୍ରୀ ବୀର ଭାନୁ ଦେବଙ୍କ ପ୍ରବର୍ଦ୍ଧମାନ ବିଜୟରାଜ୍ୟ ସମ୍ବତ୍ସର ୮ ଶ୍ରାହ୍ମ ମକରକୃଷ୍ଣ ୧୧ ଶନିବାରେ [ପୋ] ଟନୁ [ନ୍ନୁ] ଜଟକଳ୍ପ କଳାଙ୍ଗ ପଟ୍ଟସ ପାତ୍ର ଶ୍ରୀ ବୋଡ଼ିନାଥ (ଥ) ପଣ୍ଡାଙ୍କର ମାଇ (ଅଧିକାରେ) ସମସ୍ତ ବେହରଣ ଏତ୍ୟମାନେ ଶ୍ରୀ ନରସିଂହନାଥ (ଥ) ଦେବଙ୍କର ଶାନୁ (ନ) ଗଡ଼ଦାସୁର ନନ୍ଦୁବା କୃତ୍ତିକ ଦାଲ୍ଲ ଅର୍ଦ୍ଧସୁ ଥିଲା ଶାସନ । ଚନ୍ଦ୍ରନ ମୌଖାଣ ଉପାର୍ଜ୍ଜିନା (ଉପାର୍ଜ୍ଜନ କରିଥିବା) ବୃ (ବ୍ରୁ) ତ୍ତି ନନ୍ଦୁଭାପଣ ସମ୍ଭୁ (ଶ୍ଚ୍ଚ) ସ୍ତ ହୋଇ ଅର୍ଦ୍ଧିବା ଦ୍ୟାସ୍ତ୍ରେ ଏ ବୃ (ବ୍ରୁ) ତ୍ତି ଏହାରି (ର) ବଢ଼ୁ (ଢ଼) ଭାଗ ମାଢ଼ୁ ନନ୍ଦୁବା ଭଡ୍ରୁ (ବଢ଼ୁ, ବଢ଼) ଭ [ଣ୍ଡା] ଶ୍ରୀ କୋଡ଼ଭୋଳ ଦାନୁ (ନ) ଭାଇ (ଇ) ଶ୍ରୀ ଚନ୍ଦ୍ରଶାଳି ଏକନାଲ (ଲି) ନନ୍ଦୁବା ବୃ (ବ୍ରୁ) ତ୍ତି ଠାଣ ଭାଗ [ । ] ଚନ୍ଦ୍ରନ ମୌଖାଣି ଅର୍ଦ୍ଧିବା କ୍ୟାସ୍ତେ (ଯୋଗୁଁ) ଏହାକୁ ଅଧିକ ଭୋଗ ସଏ (ସେ) ନେ (ନେଇ) ଭରି ଏହାକୁ ଦୁଇ ଭାଗ [ । ] ଏ ପାଣ୍ଡି ଭୋଗକ (କ୍ତ) ସଜୁଷ (ସତ୍ତ୍ୱ) ଚନ୍ଦ୍ର (ଯେ) ଜା (ଯା) ହାଁର ଭୋଗ ସହୁଣଦ୍ଧ (ସେ ସେହି) ଖିଣି ଖାଏ (ଖାଇବେ) । ଏହାଙ୍କର ମୁଖଜପଣ ବୃ (ବ୍ରୁ) ତ୍ତି ଏ ଘଣ୍ଟର ମଧ୍ୟେ ଜେ (ଯେ) ଦଂଣ୍ଡି ହେଇ (ହେବ) ସେ (ସେ) ଚନ୍ଦ୍ରୁ (ଖଣ୍ଡୁ, ଖଣ୍ଡ) ବର୍ତ୍ତିନ ହୋଇ ଭରିବାକେ (କ) । ଜଳଖ୍ନ (ଜଗଲା) ତାଂବ୍ରା (ତାଂବ୍ର, ତାଂବା) ସ୍ତ [ଶା] [ଶ]

ନ ଏହାଙ୍କର ଦଶ (ସ) ଶୁକ [ଟ] ଦ୍ୟାନ୍ୟ ଲିଖନ ପା (ପ) ର୍ଣ୍ଣ ଶାକ ପର୍ଣ୍ଣ (ଗ୍ର) ତେପାଡ଼ ତେଣୋଧୁ ସତବାପା ସମ୍ପ୍ରୀତପଣ (ସମ୍ପ୍ରତପନ୍ନ) ହୋଲା (କଲ) ଦନ୍ତଇ (ଦର୍ଶ୍ରିସ୍ତୁ) ଏଥା (ଏ) ଘଞ ବେ (ବ୍ୟ) ବସ୍ଥାଏ ସବୁ ହୋଇ ଖଣ୍ଟିବାଏ [।] ଓଣ୍ଟୋ ଇ ସ ମନ୍ତ୍ର ବାନ୍ଧ ଭେହେପା ଏ ବେ (ବ୍ୟ) ବସ୍ଥାକୁ ଜେ (ଯେ) ବା ଅତଦମ କଲେ (କଲେ) ରାଜ [ବ] ର କୁ ଅପରାଧ (ଧୀ) ହୋଇ ତୋ (ତା) ହେ (ହା) ର ବୃ (ତ୍ତି) ଅଂଶ (ଶ) ତୋସ୍ତ୍ର (ଭୋଗଣ) ହୋଇ [।] ଏ ଅର୍ଥବନ୍ଧେ (ଅର୍ଥରେ) ବେ (ବ୍ର) ବରଣ ସାକ୍ଷି ଏ ପାଖ ଫାଣୀ (ଣ) କାରଙ୍କ ଶାସନ ମନ୍ତ୍ର (ମତ, ସମ୍ମତ) [।] ଇ (ଏ) ଦ୍ୟାସ୍ତୁକୁ ପୁମୀ ସାକ୍ଷି । ଶ୍ରୀଶ୍ରୀ

ବର୍ଣ୍ଣାଶୁଦ୍ଧି ଇତ୍ୟାଦ ପରେ ପାଠ ଏହିପରି ହେବ—

ଶ୍ରୀ ବୀରଧବଳ ଶ୍ରୀବୀର ଭାନୁଦେବସ୍ୟ ପ୍ରବର୍ତ୍ତମାନ ବିଜୟରାଜ୍ୟ ସମ୍ବତ୍ସର ୮ ଶ୍ରାବଣ ମକର କୃଷ୍ଣ ୧୧ ଗୁରୁବାରେ ଗୋବିନ୍ଦପୁର କଟକରୁ ଗଳାଙ୍ଗ ପତ୍ୱସ ପାଣ ଶ୍ରୀ ଗୋପିନାଥ ପଣ୍ଡାଙ୍କର ମାଜି ସମସ୍ତ ବେହେରଣ ସଦ୍ୟମାନେ ଶ୍ରୀ ନରସିଂହନାଥ ଦେବଙ୍କର ସାନ ସମ୍ପ୍ରଦାୟର ନଟୁଆ ବୃତ୍ତିକୁ କଲ ଦର୍ଶ୍ରସ୍ତୁଥିଲା ଶାସନ [।] ତନ୍ତ୍ରନ ମୌଖାଶ ଭୁପାଜିହ୍ନା ବୃତ୍ତି, ନଟୁଆ ପଣ ସମ୍ପ୍ରୁକ୍ତ ହୋଇ ଅର୍ଜ୍ଜିବାନ୍ୟାଦେସ୍ତୁ ଏ ବୃତ୍ତି ଏହାର ବଡ଼ ଭଇ ମାଡ଼ୁନଟୁବ, ବଜ୍ର ଭଣ୍ଡଶୀ ଶ୍ରୀ କୋଡ଼ୀ ସାଇ ସାନ ଭଣ୍ଡାରୀ ତଙ୍କସାଳ ଏ ଠକକ ଏ ନଟୁବା ବୃତ୍ତି ଚନାରଙ୍ଗ, ତନ୍ତ୍ରନ ମୌଖାଶ ଅଜିବାନ୍ୟାଦେସ୍ତୁ ଏହାକୁ ଅଧିକ ଖଟେଗ, ସେ ବେଗଣକଶ ଏହାକୁ ଦୁଝଖତ । ଏ ପାଖସ୍ତଗକୁ ସବୁ ସେ ଘାଟାର ଖଟେଗ ସେହୁ ସେହୁ ଙଟିବାଏ । ଏହାଙ୍କର ମୁଖରାପଣ ବୃତ୍ତି ଏ ପଞ୍ଚର ମଧ୍ୟ ବେଗ କାହିଁ [କ] ସେ ସେ ଖତ ବର୍ତ୍ତିନ ଭୋଗ କରିବାକେ । ଉଇକା ତାଂକୁ ଶାସନ ଏହାଙ୍କର ଦସସୁକ ଅନ୍ୟାନ୍ୟ ଲିଖନ ପତ୍ରମାନ ସବୁ ଶୋଧ୍ୟ ସତବାପା ସମ୍ପ୍ରତପନ୍ନ କଲ ଦର୍ଶ୍ରିସ୍ତୁ ଏଥା ପଞ । ବ୍ୟବସ୍ଥାଏ ସବୁ ହୋଇ ଖଟୁଚିବାଏ । ଓଣ୍ଟିର ସ୍ୱସ୍ତ୍ର ବାନ୍ଧ ଭୋଗପା ଏ ବେବସ୍ଥାକୁ ଯେ ବା ଅତଃକ୍ରମ କଲେ ରାଜବରକୁ ଅପରାଧୀ ହୋଇ, ତାହାର ବୃତ୍ତି ଅଂଶ ଭୋଗଣ ହୋଇ । ଏ

ଅର୍ଥ-ବନ୍ଧ ବେବରଣ ଶାସ୍ତି । ଏ ପାଞ୍ଚ ଏ ଅଂଶୀକାରଙ୍କର ସମ୍ମତ । ଏ ଧର୍ମସ୍ବକୁ ସ୍ବାମୀ ଶାସ୍ତି । ଶ୍ରୀଶ୍ରୀଶ୍ରୀ

ଅଭିଲେଖର ପୋଡ଼ନୁଷ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶର ବିଶାଖପାଟଣା ଜିଲ୍ଲାର ଟେକ୍କଳିପାଡ଼ମ୍ । ଗଙ୍ଗବଂଶ ରାଜତ୍ବରେ ଏହା ଓଡ଼ିଆ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା, ଏହା ଦକ୍ଷିଣ ଓଡ଼ିଆ ବା କଳିଙ୍ଗ ପଶ୍ଚିମଙ୍କର ରାଜଧାନୀ ଥିଲା ।

## (୯) ନିଶଙ୍କ ଭାନୁଦେବଙ୍କ ସମୟର ଲିପି (ଖ୍ରୀ: ୧୪୭୦)

### ( ଭାନୁଦେବଙ୍କ ରାଜତ୍ବର ୮ ଅଙ୍କ ବା ଖ୍ରୀ: ୧୪୭୦ର ଅନ୍ୟ ଏକ ଓଡ଼ିଆ ଲିପି )

ସିଂହାଚଳର ନୃସିଂହନାଥ ମନ୍ଦିରରେ ଅଛି । ଲିପି—

“ସ୍ବର ଶ୍ରୀ ଭାନୁଦେବରାଜାଙ୍କ ସମସ୍ତ । (୮) ଶ୍ରୀ [ବୀ] କଳଙ୍କଦେଶୁପାଟ୍ର ପଟ୍ଟସା ମହାପାତ୍ର ଭୁବନାନନ୍ଦ ସ(ସା)ନ୍ଧି ବିଷ [ୟୀ]ଙ୍କର ଅଧି[କାରେ] ଜନ୍ନଙ୍କ ପଟ୍ଟସା ମହାପ[ା]ତ୍ର ପରହାଗନନ୍ଦ ସନ୍ଧିବିଗ୍ରହ (ସାନ୍ଧିବିଗ୍ରହ)ଙ୍କର ଅଧିକାରେ ମାଜ ସମସ୍ତ ବେଜ୍ଝରଣ ବିଦ୍ୟମାନେ ଠାକୁରୁଙ୍କର ଅଗ୍ନିଜ୍ଞା (ଆଜ୍ଞା) ମତ୍ତ (ମତ, ଅନୁସାରେ) ଶ୍ରୀ ନରସିଂହନାଥ ଦେବଙ୍କର ଅମୃତ ମନୋହର [ଭ] ଗ୍ରାହକ ନିଶାଂକସ୍ବଶ୍ (ନିଶଙ୍କସ୍ବାମୀ) ବେଷ୍ଟନ ୧ ଲି ଅରସ ୪ ଓୁହୁଳ ୪ କୋଲିତ୍ରବତ୍ତ ୪ କେଉଟ [ଶୁ]ଲି ଲସବା ୧ ପଟ୍ଟବଣିସି (ପାଣିକଳସି) ୨ ପାଳକତ୍ରିଆ ୫ ଗୁଆ ୫ ବୋଣ୍ଡମାଣ (ଝଣ୍ଡାମାଳ) ୧ ଗନ୍ଧିପାଣି ୨ କର୍ପୂରମାଣ ଚନ୍ଦନ କଳସି ୧ ଭରୁଣି ଦୁଦୁ (ଦୁଧ) କୁଞ୍ଚା ୧ ଏତକ ଖନ୍ଦାମାଟେଷ (ଝଡା ଦେଲା) [।] ଏତକ ନିତ୍ୟ ପ୍ରସାଦକୁ ମଦ୍ୟେ (ମଦ୍ଧେ, ମଧ୍ୟ) ।”

ଏହି ଲେଖାରେ ତେଲୁଗୁ ଓ ତାମିଲ ଉଭୟ ଭାଷାର କେତେକ ଶବ୍ଦ ବ୍ୟବହୃତ ହୋଇଛି । ସ୍ଥାନୀୟ ରାଜକର୍ମଚାରୀ ଓ ଦେଉଳ କର୍ମକର୍ତ୍ତାମାନଙ୍କର ଭାଷା ମିଶ୍ରିତ ଥିବା ସମ୍ଭବ । କାରଣ ସିଂହାଚଳରେ ଓଡ଼ିଆ, ତେଲୁଗୁ,

ତାମିଲ ଓ କନାଡ଼ ପ୍ରଭାବିତ ବହୁ ଶବ୍ଦପ୍ରଯୁକ୍ତ ଥିଲେ । ଏହି ମିଶ୍ରଣ ଦୋଷ ସତ୍ତ୍ୱେ ଭାଷାର ମୂଳ ରୂପ ଓଡ଼ିଆ ।

ଅନ୍ଧକାରେ ମାଣିକ—ଅଧିକାର ଅନ୍ତର୍ଭୁକ୍ତ । ସମସ୍ତ ବେଦ୍ବରଣ ବନ୍ଦ୍ୟମାନେ—ଦାନ ଘୋଷଣାବେଳେ ଏହି କର୍ମସୂତ୍ରମାନଙ୍କର ଉପସ୍ଥିତ ଆବଶ୍ୟକ ହୁଏ । ସପ୍ତୁକରେ ଲିଖିତ ଦାନ ଶାସନମାନଙ୍କରେ ମଧ୍ୟ ଏହିପରି ଲେଖା ଦେଖାଯାଏ ।

ରାଜା ସ୍ୱନାମ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଏହି ବେଶର ନାମକୁ "ନିଶଙ୍କଭାନୁ ବେଶ" ବୋଲି ନାମକରଣ କରିଛନ୍ତି । ଏହାଙ୍କ ପୂର୍ବରୁ ମଧ୍ୟ "ନରସିଂହ ବେଶ"ର ବ୍ୟବସ୍ଥା ନରସିଂହଦେବଙ୍କ ଅମଳରେ ତାଙ୍କର ଦ୍ୱଶୀମାନେ କରିଥିଲେ ।

ଲିପିଟି ତେଲୁଗୁ ଅକ୍ଷରରେ ଲେଖା ହୋଇଛି ଏବଂ ସେତେବେଳେ ଅନ୍ଧ୍ରରେ ପ୍ରଚଳିତ ଥିବା ଅକ୍ଷର ବ୍ୟବହାର ହୋଇଛି । ଭାଷା ମିଶ୍ରିତ ଥିଲେ ମଧ୍ୟ ତାହାର ସ୍ୱତନ୍ତ୍ର ଯିବାର ନାହିଁ । ଦଶ ସ୍ଥାନରେ ପଢ଼ାଥିଲେ ଏହା ସେହି କର୍ଣ୍ଣୋତ ଓଡ଼ିଆରେ ରଚିତ ହୋଇ ଖୋଦିତ ହୋଇପାରିଥାଆନ୍ତା । ଏଥିରେ ସନ୍ଦେହ ନାହିଁ, କାରଣ ସେତେବେଳକୁ ଓଡ଼ିଆ ଲିପି ଓ ଭାଷା ରଚନା ଉପଯୋଗୀ ହୋଇ ସାରିଥିଲା । ୧୧ଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ପ୍ରଚଳିତ ଭାଷାଠାରୁ ଏହି ଭାଷା ଭିନ୍ନ ନୁହେଁ । ଓଡ଼ିଶାର ଦକ୍ଷିଣାଞ୍ଚଳରେ ଏହି ଭାଷାର ମୂଳରୂପ ପ୍ରଚଳିତ ଥିଲା । "ସମସ୍ତ ବେଦ୍ବରଣ ବନ୍ଦ୍ୟମାନେ, ସାକ୍ଷତନ୍ତ୍ରଙ୍କ ଅନ୍ଧକାରେ, ଅମୃତମଣୋହିକ ଲୁଅଭିଲ ନିଶଙ୍କଭାନୁ ବେଶ, ଏତେକ ବଡ଼ା, ଏତେକ ନତ୍ୟ ପ୍ରସାଦକୁ ମଣ୍ଡେ" ପ୍ରଭୃତି ବର୍ତ୍ତମାନ ସମୟରେ ମଧ୍ୟ ଭାଷାର ବିଶେଷ ଅମାର୍ଜିତ ରୂପ ବୋଲି ଭ୍ରମିତ ହେବ ନାହିଁ ।

## (୧୦) ନିଶଙ୍କ ଭାନୁଦେବଙ୍କ ସମୟର ନାରାୟଣ ଦେନାଙ୍କ ଦାନପତ୍ର (ଖ୍ରୀ: ୧୪୨୪)

ଶ୍ରୀକୂର୍ମନାଥ ମନ୍ଦିରରେ ଓଡ଼ିଆ ଭାଷା ଓ ତେଲୁଗୁ ଲିପିରେ ଗଙ୍ଗବଂଶ ରାଜା ୪ର୍ଥ ଭାନୁଦେବ (ନିଶଙ୍କ ଭାନୁଦେବ)ଙ୍କର ରାଜତ୍ୱର ୮ ଅଙ୍କରେ

ନାରାୟଣ ଜେନା ଦୁଇଟି ଅଖଣ୍ଡଦୀପ ପାଇଁ କଳିଙ୍ଗ ପଶ୍ଚିମା ପାଟ ପୁରୁଷୋତ୍ତମ ଜେନାଙ୍କର ଅଧିକାରେ ଠାକୁରଙ୍କର ଶ୍ରୀ ଭଣ୍ଡାରକୁ ୫୦ ଗଣ୍ଡମାଢ଼ ସୁନା ସ୍ଥାୟୀ ଭାବରେ ଦାନ କରିଥିଲେ । ଏହି ତଥ୍ୟଟି ମନ୍ଦିରର କାନ୍ଥରେ ଶିଳା ଉପରେ ଖୋଦିତ ହୋଇଛି । ଏହି ଲିପିର ପାଠ ଏହିପରି ଥିବା ପ୍ରକାଶ ପାଇଛି—

ଶ୍ରୀ ବୀର ଭାନୁଦେବଂକର ବିଜୟ ରାଜ୍ୟ ସମ୍ବତ୍ସର ୮ ସ୍ରା [ହି] ମେଷ (ଷ) ସୁ (ଶୁ)କ୍ଳ ୧୧ ଗୁରୁବାରେ ଶ୍ରୀ କୂର୍ମକ୍ଷେତ୍ର ପଶ୍ଚିମ କଳିଙ୍ଗ ପଶ୍ଚିମ ପାଟ ଶ୍ରୀ ପୁରୁଷୋତ୍ତମ ଜେନାଙ୍କର ଅଧିକାରେ ସମସ୍ତ ପଦାଢ଼ ବେହେରଣ କର୍ମମାନେ । ଶ୍ରୀ କୂର୍ମନାଥ ଦେବଙ୍କଇ (ଙ୍କୁ) ତୁଳସୀ,ଗ୍ରାମ ମାଳ (ମାଝି) ନାରାୟଣ ଜେନାଙ୍କର ଦତ (ତ୍ତ) ଅଖଣ୍ଡଦୀପ ଦୁଇକି ଗୋଟିକୁ ଘିଏକ (ଗଡ଼େ, ଗଡ଼େଏକ) । ଏ ରକ୍ଷିବା (ଆ)ଳ ଭାଗ ବରତନ କଇ(କୁ) ନିତ(ତ୍ୟ) ଦେଉଳ ଦେବା ଭାଗ ଭ(ର)ମାଣ ୧୬ ମଳିକଜାଇର ଦାଳକଇ (କୁ) ଭାଗବରତନ ଶସ୍ୟେ । ଦୁଇମାଣ ବୃତ୍ତି ଭାଗ ନାରାୟଣ ଜନିକୁ ଭାଗ ଦୁଇମାଣ ଦୁଇଟଙ୍କା । ଗା(ଏ) ଦୀପ ଜୋଳନ୍ତା ମେଇକାପ (ମେକାପ) କଇ (କୁ) ଭାଗ ମାଣେକ । ଗା [ଏ] ଭାଗ ଣ ୧୬ କଇ (କୁ) ଶ୍ରୀ କୂର୍ମନାଥ ଦେବଂକର ଭଣ୍ଡାର କଇ(କୁ) ପଦୁନିଧି ଭୂଷଣ ଦେଇ ସୁନା ଗଣ୍ଡ ପଞ୍ଚାଶ (ଶ) ମାଢ଼ (ଢ଼) ୫୦ ଏ ଦାଏ (ୟେ) ଯାବତ ଚନ୍ଦ୍ରାର୍କ ସ୍ଥା (ସ୍ଥା) ଭ (ୟୀ) ଦ [ତ୍ତ] ।

ଏହି ଲିପିରେ "କୁ" ସ୍ଥାନରେ "କଇ" ବ୍ୟବହୃତ ହୋଇଛି । ଏହା ଓଡ଼ିଶାର ପ୍ରାଚୀନ ପ୍ରୟୋଗ । ଜୋଳନ୍ତା ମେକାପ ମନ୍ଦିରର ସେବକ ବିଶେଷ । "ବେହେରଣ" ଅଧୁନିକ "ବେହେରା" ବା ପ୍ରଧାନ । "ପାଷ୍ଟାଢ଼" ଏକ ମନ୍ଦିରର ସେବକ ବିଶେଷ । ପଦୁନିଧି ଛାପ ଥିବା ସୁବର୍ଣ୍ଣ ମୁଦ୍ରାକୁ "ପଦୁନିଧି ଭୂଷଣ" ବୋଲି ଲୋକେ କୁହାଯାଇଛି ।

ଲିପିର ଭାଷା ବିଶେଷ ଉନ୍ନତ ଧରଣର ଓ ରଚନା ଉପଯୋଗୀ ହୋଇଛି ।

## ବଚ୍ଛା ଦାସ

ବଚ୍ଛାଦାସଙ୍କ "କଳଶା ଚଉତିଶା"ର ଆଦର ଅତ୍ୟନ୍ତ । ଏ "କଳଶା"ଟି ଏତେ ଲୋକପ୍ରିୟ ହୋଇଛି ଯେ ବଚ୍ଛାଦାସଙ୍କ ପରବର୍ତ୍ତୀ ଲେଖକମାନେ "କଳଶା ବାଣୀରେ ଗାଇବ" ବୋଲି ନିଜ ନିଜର ଛାନ୍ଦକାବ୍ୟମାନଙ୍କରେ ନିର୍ଦ୍ଦେଶ କରିଯାଇଅଛନ୍ତି । ଚଉତିଶାଟି ଅତି ଲୋକପ୍ରିୟ ଥିବା ହେତୁ ଏହା ବହୁସ୍ଥ ଭାବ ରୂପେ ଦୂଷିତ ହୋଇଛି । ମହାକବି ସାରଳାଦାସଙ୍କ ମହାଭାରତରେ କଳଶାର ଉଲ୍ଲେଖ ଅଛି ।

"ବେଦମନ୍ତ୍ର ସୁଗତେ ଯେ ଯେସ ପଢ଼ନ୍ତି କଳଶା,
ବଶିଷ୍ଠ ମାର୍କଣ୍ଡ ଆବର ଦୁର୍ବାସା ।"

ସାରଳାଦାସଙ୍କ ସମୟକୁ କଳଶା ଲୋକପ୍ରିୟ ହୋଇପାରିଥିବାରୁ ଓ ନିଜେ ସାରଳାଦାସ ତା'ର ଆଦର କରିଥିବାରୁ ଏହାର ଉଲ୍ଲେଖ ମହାଭାରତରେ ହୋଇଥିବା ସମ୍ଭବ ।

କଳଶାର ରଚୟିତା ବଚ୍ଛାଦାସ କେଉଁ ସମୟରେ ଜନ୍ମଗ୍ରହଣ କରିଥିଲେ ତାହା ଠିକ୍ ଭାବରେ କହିବା ସହଜ ନୁହେଁ । ସାରଳାଦାସ "କଳଶା"ର ଉଲ୍ଲେଖ କରିଥିବାରୁ ବଚ୍ଛାଦାସ ସାରଳାଦାସଙ୍କ ପୂର୍ବବର୍ତ୍ତୀ କବି ।

ଚଉତିଶାର ପ୍ରଥମ ଚରଣ 'କ'ରେ ଆରମ୍ଭ ହୁଏ ଏବଂ ତା' ପର ଚରଣଗୁଡ଼ିକ 'ଖ' 'ଗ'···'କ୍ଷ' ଅକ୍ଷରରେ ଯଥାକ୍ରମେ ଆରମ୍ଭ ହୁଏ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଏହି ୩୪ ଅକ୍ଷରରୁ ଗୋଟିଏ ଗୋଟିଏ ଅକ୍ଷରକୁ କ୍ରମାନ୍ୱୟରେ ଚରଣ ମୂଳରେ ରଖି କବିତା ରଚନା ହେଉଥିବାରୁ ଏହାର ନାମ ୩୪ଶା ବା ଚଉତିଶା ହେଲା । ଓଡ଼ିଆରେ ଅନେକ ଚଉତିଶା ଦେଖାଯାଏ । କେତେଗୁଡ଼ିଏ ଛପା ହୋଇଛି ଏବଂ ଅନେକଗୁଡ଼ିଏ ଅପ୍ରକାଶିତ ଭାବରେ ଅଛି । କବିତା ହିସାବରେ ଏହି ଚଉତିଶାଗୁଡ଼ିକ ଓଡ଼ିଆ ସାହିତ୍ୟରେ ଖୁବ୍ ଉଚ୍ଚ ଆସନ ଅଧିକାର କରିଛି ।

ଏହି ଚଉତିଶାମାନଙ୍କର ଗୀତ ଭିନ୍ନ ଭିନ୍ନ ପ୍ରକାର । କଳସା ଚଉତିଶାର ଗୀତ ନିର୍ଦ୍ଦେଶ କରାଯାଇ ନାହିଁ । ସେଥିପାଇଁ ପରବର୍ତ୍ତୀ ଯୁଗରେ ସେହିମାନେ ଏହି ପଦ୍ୟର ଅନୁକରଣରେ ଗୀତ ନିର୍ଣ୍ଣୟ କଲେ ସେମାନେ ଏହି ଗୀତକୁ 'କଳସା ଗୀତ' ବୋଲି ନାମ ଦେଲେ । କଳସା ଗୀତରେ ଅନେକ କବିତା ଓଡ଼ିଆରେ ଦେଖାଯାଏ ।

ହିମାଳୟଦୁହିତା ଗୌରୀ ଶିବଙ୍କୁ ବର ରୂପରେ ପାଇବା ପାଇଁ ବହୁତ ତପସ୍ୟା କଲେ । ଗୌରୀଙ୍କର ବିବାହଯୋଗ୍ୟ ବୟସ ହେବାରୁ ହିମାଳୟ ଶିବଙ୍କ ସହିତ ବିବାହ ସ୍ଥିର କଲେ । ଶିବ ଛଦ୍ମବେଶ ଧାରଣ କରି ଅତି ବୁଢ଼ା ରୂପରେ ସେଠାରେ ଉପସ୍ଥିତ ହେଲେ । ବିବାହ କରିଥି ବେଦୀ ଉପରକୁ ଯିବା ପୂର୍ବରୁ ଗୌରୀଙ୍କର, ତାଙ୍କ ସଖୀମାନଙ୍କର ଓ ତାଙ୍କ ମାତାଙ୍କ ମନ ଫିକା ପଡ଼ିଗଲା । ସେମାନେ କାନ୍ଦି କାନ୍ଦି ହିମାଳୟଙ୍କୁ ଦୋଷୀ କଲେ । ହିମାଳୟ ବହୁତ ବୁଝାଇବା ପରେ ବିବାହ ହେଲା ଏବଂ ଶିବ ଛଦ୍ମବେଶ ତ୍ୟାଗ କରି ନିଜର ସମ୍ମୋହନ ରୂପ ପ୍ରକାଶ କରିବାରୁ ସମସ୍ତେ ସନ୍ତୁଷ୍ଟ ହେଲେ । ଏହି ବିଷୟକୁ ନେଇ ବଚ୍ଛାଦାସ କଳସା ଚଉତିଶା ରଚନା କରିଅଛନ୍ତି ।

କଳସା ଚଉତିଶାରେ ଯେଉଁ ଭାବଗୁଡ଼ିକ ବ୍ୟକ୍ତ ହୋଇଛି, ତାହା ପ୍ରତ୍ୟେକ ହିନ୍ଦୁ ପରିବାରରେ ଦେଖାଯାଏ ।

ଗୌରୀ ବେଦୀକୁ ଯିବା ପୂର୍ବରୁ ନିଜର ସ୍ୱାମୀ ପତିଙ୍କର ରୂପଗୁଣକୁ ସ୍ମରଣ କରି ବସିଅଛନ୍ତି । ସେ କେବଳ କଳ୍ପନା କରୁଛନ୍ତି ମାତ୍ର; କାରଣ, ସେତେବେଳ ପର୍ଯ୍ୟନ୍ତ ସେ ବରକୁ ଦେଖି ନାହାନ୍ତି । ଏପରି ସମୟରେ ସଖୀମାନେ ଅସି ମନ ଦୁଃଖରେ କହିଲେ—

କହନ୍ତି କାମିନୀ ଶୁଣ ହେମନ୍ତ ଦୁଲଣୀ
କାହିଁ ବରେ ବରିଲ ତୁମର ଚିନ୍ତାମଣି ।

କୁଳମୂଳ ଗୋତ୍ର ଆଦି ନାହିଁ ଜାଣି ତାର
କନକ ବେଦୀରେ ବୁଢ଼ା ବସିଛି ମଥର ।

ଖୁଁ ଖୁଁ କାଶ ସାହାଦେଣ ଟେପିଲୁଅଛୁ ଧଇଁ
ଘନ ନିଃଶ୍ୱାସ ବୁଢ଼ାର ମାଥ ଲଗେ ଘୁରି ।

ଖଣ୍ଡିଏ ଯୋଗାଁର ସଙ୍ଗେ ବାନ୍ଧି ଖାନ ଚାର
ଖଣ୍ଡିଅ ବଲଦ ବୁଢ଼ା ବାହୁଛୁ ପାଟର ।

ତୋଡ଼ିହାତ ଶଣଫୁଲ ଚଳୁଛୁ ନିସ୍ୱନ
ଗଣ୍ଡସ୍ଥଳେ ଲଗାଇ ମୁସ୍ତୁଗ ଦରଶନ ।

ଜ୍ଞାନଶୂନ୍ୟ ହୋଇଲାଣି ବେଦନା ତା ମନ
ଗୁଣ ଲକ୍ଷଣ ବୁଢ଼ାର ନାହିଁ ତହିଁ ଗଣ ।

ଘର ଭାର କେବଣ ଦେଶରେ ଉଆଁ ନାହିଁ
ଘଟାଗାଣ୍ଡ ଝିଙ୍କୁ ଅଣି ଏମନ୍ତ କହାଇ ।

ଘଟ ଘଟ ହୋଇ ନାଳ ବହୁଛି ଗୁଣ୍ଡର
ଘନ କଣ୍ଠା ଲେଗୁଏକ ବାନ୍ଧିଛୁ ମୁଣ୍ଡର ।

ନ ଚାହୁଁଇ ମନୁଷ୍ୟ ଯେ ନ ଦେଖେ ନିସ୍ୱନ
ନିକଟେ ବୋବିଲେ ନ ଶୁଣେ ତା କେମନ୍ତ କର୍ଣ୍ଣ ।

ନଖ ମୁଖ ଚକ୍ଷୁ ସ୍ଥାନ ଯଶିଲୁ ଭିତର
ନୂଆ ଖଣିଖଣା ପ୍ରାଚେ ଦଶୁଛୁ ଉଦର ।

X X X

ଛିନ୍ନ ଅଙ୍ଗେ ଚୁଣ୍ଡା କନ୍ଥା ଲାଗିଛି ତାହାର
ଛିଦ୍ର ଯାଉଁଣି ଲେକ୍ରୁଏ ଟେପିଛୁ ଶରୀର ।

X X X

ସ୍ୱିଲି ହେଉ ଦ୍ୱିକି ହୋଇ ଘଞ୍ଚୁଛୁ ଟୁନାଇ
ଦ୍ୱିଅ ନ ନାଭୁଣି ପ୍ରାଚେ ଧରିବୁ ଯେ ଉଞ୍ଚ ।

ନିଷ୍ପେଷଣ କରେ କାଥା ନିକୃଷ୍ଟ ଦନ୍ତ
ନ ଅସଲ ବାଣୀ ତାର ବୁଝି ହୋଏ ଅନ୍ତ ।

ନଖ ଦାଢ଼ି ଲୁଚି ତାକୁ ନମିଲେ ଋଷ୍ୟାଣ
ନଣାକାରେ ସେ ଦେଖିଲେ ଭସ୍ମେ ଭରି ମନ ।

ଟଳ ଟଳ ହୋଇ ଟେକ ବନ୍ଧି ନ ପାରଇ
ଝାଙ୍କୁଆ ଗାଲ୍ ପାକୁଆ ଦାନ୍ତ ଅଣ୍ଟ ନାଡ଼ି ।

ଝକ ଝକ ହୋଇ ତା ଲାଗଇ ଦେହ ଚର୍ମ
ଝାଳର ନର୍ମାଣୀ ସେ ଅଟନ୍ତି ଅପାବନ । ଇତ୍ୟାଦି ।

ଏପରି ଦଦରା ବୁଢ଼ାକୁ ଦେଖି କେଉଁ କନ୍ୟାର ଧୈର୍ଯ୍ୟ ରହିବ ? ସଖୀଙ୍କଠାରୁ ଏହା ଶୁଣିବା ପରେ ସତ୍ୟାସତ୍ୟ ବୁଝିବା ନିମନ୍ତେ ଗୌରୀ ଅନ୍ତଃପୁରଦ୍ୱାରରେ ରହି ବରଙ୍କୁ ଦେଖିଲେ । ଶରୀର ଚର୍ମଗୁଡ଼ା ଲୋଳ ଥିବାର ଦେଖି କନ୍ୟା ଗୌରୀଙ୍କ ମନରେ ବଡ଼ ଖେଦ ଜାତ ହେଲା ଏବଂ ସେ ହାଣ୍ଡି ହାଣ୍ଡି ମୂର୍ଚ୍ଛିତା ହୋଇଗଲେ । ମା' ଏ ଖବର ପାଇ ଦୌଡ଼ି ଆସି ଝିଅକୁ କୋଳ କଲେ । ଝିଅ ସଚେତ ହେବା ପରେ ମା'କୁ ବହୁ ଦୁଃଖରେ କହିଲେ—

ପଇଣି କଥା କହୁଛି ଶୁଣ ମୋର ମାଏ
ଦନ୍ତେ ତୃଣ ଧରିଣ ଓଲଗଇ ପାଏ ।

ଦଗ୍ଧ ମୁହଁ ବୁଢ଼ାକୁ ଦେବେ ମୋତେ ଦେବୁ
ତୁରି ନୟନରେ ମୋର ମରଣ ଦେଖିବୁ ।

ଏହା ଶୁଣିବା ମାତ୍ରକେ ଦୁଃଖରେ ମା' ଝିଅକୁ ଧରି କାନ୍ଦିବାକୁ ଲାଗିଲେ ।

ଧଇଧଇ ହୋଇ ମାଏ ଝିଅ କୋଳାଇଲେ
ଧାଇ ମୁହୂର୍ତ୍ତମାନେ ଡହଳ ପାଇଲେ ।

ଏମାନଙ୍କର କୋଳାହଳ ଶୁଣି ରାଜା ହମାଳସ୍କୁ ପ୍ରବେଶ ହେଲେ ଏବଂ ପୁଣ୍ୟ କାଳରେ କନ୍ଦନ କରିବା ଶୁଭ ଲକ୍ଷଣ ନୁହେଁ ବୋଲି କହିଲେ । ରାଣୀ ରାଜାଙ୍କୁ ଧିକ୍କାର ଦେଇ କହିଲେ—

ମାଣିକ୍ୟ ରାଜ୍ୟର ମଧ୍ୟେ ରାଜାର କୁମର
ନିର୍ଲଜ୍ଜ ବୁଢ଼ାକୁ ସୁନ୍ଦରୀକି କଲ୍ ବର ।

ନୋହିଲେ ବୁଢ଼ିକୁ ମାଏ ଝିଅ ଦୁହେଁ ବୋଲାଇ
ନୋହିଲେ ମରନ୍ତୁ ହୃଦୟରେ ବିଷ ଖାଇ ।

ମଣି ମାଣିକ୍ୟ ମୁକୁତା ଗୁନ୍ଥା ନାହିଁ
ଯୋଡ଼ୁ ଯୋଡ଼ୁ ଜନକ ଯବଦ ରଜା ହୋଇ ।

ଯିଅର ଜନନୀ ଭୁଲୁ ଜବନ ଧୂଳର
ପାଳୁଅ ବୁଢ଼ାକୁ ଦେଲ ଯେଣ ଲେଉଡ଼ ବଛ ।

କେବଳ ଧନ ଲୋଭରେ ତ୍ରିପୁରମୋହିନୀ କନ୍ୟାକୁ 'ତକେଦ୍ର' ବୁଢ଼ା ହାତରେ ଦେବା ପ୍ରସଙ୍ଗ ସ୍ଥିର ହେଲେ କେଉଁ ଜନନୀର ହୃଦୟ ନ ଫାଟି ରହିବ !

ବିବାହ ଓ ମଧୁଶଯ୍ୟାର ବର୍ଣ୍ଣନା ବଡ଼ ସୁନ୍ଦର ହୋଇଛି । ଆମ ଦେଶରେ ଘରେ ଘରେ ଯେଉଁ ଦୃଶ୍ୟ ଦେଖାଯାଉଛି, ତାହାହିଁ ଏଥିରେ ବର୍ଣ୍ଣିତ ହୋଇଛି ।

ଏହି ଉପନ୍ୟାସଟି ପଢ଼ିବା ସଙ୍ଗେ ଆଖି ଆଗରେ ସମସ୍ତ ଦୃଶ୍ୟଟି ନାଚି ଉଠୁଛି । ଏପରି କହିବା ଯେ କୌଣସି ସାହିତ୍ୟରେ ବିରଳ ।

ଉପନ୍ୟାସଟିର ଭାଷା ବଡ଼ ସରଳ ହୋଇଛି ଏବଂ ଲୋକେ ଅଧିକାଂଶ ସମୟରେ ଯେଉଁ ଭାଷା ବ୍ୟବହାର କରୁଛନ୍ତି, ସେହିପରି ଭାଷାହିଁ ବ୍ୟବହୃତ ହୋଇଛି; ଯଥା:—'ହୁଁ ହୁଁ ଖାସ୍', 'ସାହାବେଶ', 'ଧନି', 'ତକେଦ୍ର', 'ଲୋସ୍ଏ', 'ହେଲକ', 'ଫୁର୍ତ୍ତି' ଇତ୍ୟାଦି ।

ଏହି କବିତାଟିରେ ହାସ୍ୟରସ ମଧ୍ୟ ବଡ଼ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଛି । ବୁଢ଼ାର ରୂପ-ବର୍ଣ୍ଣନା ଓ ବେଦୀ ଉପରେ ତାକୁ ବସାଇବା ସମୟରେ ଦୃଶ୍ୟର ବର୍ଣ୍ଣନା ପଢ଼ିଲେ ଯେ କୌଣସି ଲୋକ ନ ହସି ରହି ପାରିବ ନାହିଁ ।

# ନାରାୟଣାନନ୍ଦ ଅବଧୂତ ସ୍ୱାମୀ

"ରୁଦ୍ରସୁଧାନିଧି" ରଚୟିତା ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଶାରଳା ଦାସଙ୍କ ପୂର୍ବର ଲେଖକ । ସେ ଏକାମ୍ରକାନନର (ଭୁବନେଶ୍ୱର) ଜଣେ ପ୍ରସିଦ୍ଧ ଯୋଗୀ । ସେ ତପସ୍ୟା ବଳରେ ହରପାର୍ବତୀଙ୍କୁ ସନ୍ତୁଷ୍ଟ କରି ବର ପାଇଥିଲେ । ବେଦ, ଶାସ୍ତ୍ର, ବ୍ୟାକରଣ, ପୁରାଣ, ଗୀତା, ସ୍ମୃତି, ନାଟକ, ବୈଦ୍ୟଶାସ୍ତ୍ର, ଖଡ୍ଗ ବିଦ୍ୟା, କୁହୁକ ବିଦ୍ୟା ପ୍ରଭୃତିରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଯୁଦ୍ଧବିଦ୍ୟାରେ ମଧ୍ୟ ସେ ପାରଙ୍ଗମ ଥିଲେ । "ରୁଦ୍ରସୁଧାନିଧି" ତାଙ୍କର ଯୌବନାବସ୍ଥାର ଲେଖା ।

ଦିନେ କପିଳାସରେ ହର ପାର୍ବତୀଙ୍କ ପାଖରେ ବସିଥିଲେ, ସିଦ୍ଧ-ରୁଦ୍ରମାନେ ତାଙ୍କୁ ବେଢ଼ି ରହିଥିଲେ । ଏ ସିଦ୍ଧ ପୁରୁଷମାନଙ୍କୁ ଦେଖି ସେମାନଙ୍କର "ଅନ୍ତର୍ଗତ ଦୋଷ" ପରୀକ୍ଷା କରି ଜାଣିବା ପାଇଁ ହର ପାର୍ବତୀଙ୍କୁ ଅନୁରୋଧ କଲେ, "ତୁ ତ ମାୟାସ୍ୱରୂପୀ । X X ଏମାନଙ୍କର ବୋଧ ହୁଏ କି ବୁଦ୍ଧି ଅତି ନିର୍ମଳ ପରାଏ । ବୃତ୍ତିରୁ ସୃଷ୍ଟି ହୁଅଇ ନିକଟରେ ପକାଇ ତୁଳିଲେ କାଳିମା ନା ଜାଣୁରେ କେବଳ ଜାତ ପରମାଣିକା । ତୁ ଏବେ ଆମ୍ଭର ବଚନେ । ନିତ୍ୟାନିତ୍ୟ ଦର୍ଶନେ । ତ୍ରୈଲୋକ୍ୟ ମୋହନୀପରି କନ୍ୟାଏ ଜନ୍ମ କରନ୍ତୁ । ଏ ସିଦ୍ଧରୁଦ୍ରଗଣମାନଙ୍କର ଜ୍ଞାନବୃତ୍ତି ପରୀକ୍ଷିବାକୁ ସର୍ଜନେ ।" ହରଙ୍କ ଅନୁରୋଧ ଅନୁସାରେ ପାର୍ବତୀ ଅପୂର୍ବ ସୁନ୍ଦରୀ ଯୁବତୀ କନ୍ୟାଟିଏ ମନରୁ ସୃଷ୍ଟି କଲେ । ଏ କନ୍ୟାର ରୂପଲାବଣ୍ୟ ସବୁ ସିଦ୍ଧଙ୍କୁ ମୋହି ପାରିଲା ନାହିଁ । କିନ୍ତୁ ଏ ସିଦ୍ଧମାନଙ୍କ ଭିତରୁ ଅକ୍ଷୟବଟ ଚଇତନ୍ୟ ନାମକ ଏକ ସିଦ୍ଧ କନ୍ୟାକୁ ଦେଖି ମନକୁ ସମ୍ଭାଳି ପାରିଲେ ନାହିଁ । "ସେ ଏକା ପଡ଼ିଲା ମୋହ ଅନଙ୍ଗ ଧାଡ଼ିରେ ।" ତାଙ୍କର ଏ ଅବସ୍ଥା ଦେଖି ହର ସିଦ୍ଧଙ୍କୁ କହିଲେ—ତୋର ଯୋଗ ଭ୍ରଷ୍ଟ ହେଲା । "ଏବେ ଉତ୍ତମ ନରଦେହ କୋଳେ ଜନ୍ମ ହୋଇ । ଆସମୁଦ୍ରାନ୍ତ ପୃଥ୍ୱୀ ଭୋଗ କର ଯାଇ । ଯୋଗୀର ନାହିଁ ନିର୍ବିକଳ୍ପବୃତ୍ତି । କଳ୍ପନା କଲେ ନାଶ ହୋଇବ ସିଦ୍ଧି । ତୁ ଯାଇ ଜନ୍ମ ହେମନ୍ତ । ଭୋଗଭୂମିର ସ୍ୱାଦେ ଫଳ ହିଁ ଦେବନ୍ତି । ସେହି କନ୍ୟାକୁ ପାଇବୁ ତୁହି । ଶାପର ଅବଧି

ବସିବେ ଅନେକ ବେଶ୍ୟା ନାହିଁ । ସାଧୁସ ନାହିଁ ନାଶୁ ସାଧୁ ଯେବେ ପତନ ହୋଏ ନାହିଁ । କେ ଶାସ୍ତ୍ରୀଙ୍କ କେ ନୁହନ୍ତି ହୋଏ ।" ସେହିଙ୍କ ଆଜ୍ଞା ପ୍ରମାଣେ ଅଭିନବ ଚଇତନ୍ୟ, "ଶୀତ ସିନ୍ଧୁ ଫାଲ୍ଗୁଣେ, ମଇଲାଣ ଦେବଣେ, ଅମୃତବେଦାୟୁ ନବାର ଯାଣେ" ବସୁଧାମଣ୍ଡଳ ନାମକ କଟକର ରାଜା ଅନଙ୍ଗପଦ୍ମାକରଙ୍କ ଔରସରେ ପାଟମହଷୀ ଶଶିପ୍ରଭାଙ୍କ ଗର୍ଭରେ ଜନ୍ମଗ୍ରହଣ କଲେ । ମାନବଜନ୍ମ ପାଇ ପ୍ରାରବ୍ଧ କର୍ମ ଭୋଗ କରି ପରେ କୈବଲ୍ୟଧାମ ପାଇଲେ ।

ଅଭିନବ ଚଇତନ୍ୟଙ୍କ ଚରିତ ଏ ରୁଦ୍ରସୁଧାନିଧି ଛନ୍ଦରେ ବଡ଼ ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି । (ଗଦ୍ୟପଦ୍ୟାଦର୍ଶ—ପ୍ରାଚୀସମିତି)

ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଓଡ଼ିଆ ଗଦ୍ୟସାହିତ୍ୟରେ ଏକ ଅଭିନବ ଦୃଷ୍ଟାନ୍ତ ସୃଷ୍ଟି କରିଯାଇଅଛନ୍ତି । "ରୁଦ୍ରସୁଧାନିଧି"ରେ ପ୍ରକାଶିତ ଲେଖାର ଶୈଳୀ ଅତି ଚମତ୍କାର । ଗଦ୍ୟ ଓ ପଦ୍ୟର ସୁମଧୁର ସମନ୍ୱୟ ଏଥିରେ ସୁନ୍ଦର ଭାବରେ ପ୍ରକଟିତ ହୋଇଛି । ସ୍ରୋତସ୍ୱିନୀର ପ୍ରବାହ ସଦୃଶ ଏ ରଚନାର ଧାରା ଚାଲିଛି, ରସଭଙ୍ଗର ଅବକାଶ ନାହିଁ । ଥରେ ଆରମ୍ଭ କଲେ ଶେଷ ନକରି ରହି ହେବ ନାହିଁ । ଗଦ୍ୟ-ଛନ୍ଦରେ ମାଦକତା ସ୍ଫୂର୍ତ୍ତି ମାତ୍ରାରେ ରହିଅଛି । ପୂର୍ବେ "କଥା" ପଢ଼ିବାର ବା କହିବାର ଢଙ୍ଗ ଅଲଗା ଥିଲା । ସ୍ୱର-ଲୟ-ଲହରୀ ଲଗାଇ ଭୂତ-କଥା ଓ ଗଳ୍ପ ପଢ଼ା ଯାଉଥିଲା ଓ ଶୁଣାଯାଉଥିଲା । ବର୍ତ୍ତମାନ ସୁଦ୍ଧା ମଫସଲରେ ସ୍ଥାନେ ସ୍ଥାନେ ଏଭଳି ଢଙ୍ଗର ପଢ଼ା ଦେଖାଯାଏ । ପୁରାଣ ପାଠବେଳେ ଯେପରି ବହୁଲୋକ ସମବେତ ହୋଇ ଶୁଣନ୍ତି, ଭୂତକଥା କିମ୍ବା ଗଳ୍ପ ପାଠ ହେଉଥିବାବେଳେ ସେପରି ବହୁଲୋକ ସମବେତ ହୋଇ ଶୁଣନ୍ତି । ଲୋକଙ୍କ ମନୋରଞ୍ଜନ ନିମନ୍ତେ ଲେଖାରେ ଏ ଭଳି ଶୈଳୀ ପ୍ରୟୋଗ କରାଯାଇଥାଏ ।

ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କର ଭାଷାରେ ବହୁ ପ୍ରାଚୀନ ପ୍ରୟୋଗ ଦେଖାଯାଏ—

କେହୁଣ—"ସେ ଜାଆନ୍ତି ଅବା କେଉଁଣ ।"

କେହୁଣ—"କୈଳାସ ଜଙ୍ଘରେ ପାବଣାକ ପୁଚ୍ଛା କଲେ କେହୁଣ ।"

ଚଲେ—'ଶର୍ମ୍ମମୂଳେ ଆରମ୍ଭ ଚଲେ'
ଶୋଭନ୍ତେ—'ଜିବ ଅସ୍ତ୍ରାଭରଣ ଶୁଭେ ଶୋଭନ୍ତେ'
ପାଇଲନି—'କଷ୍ଟ କଷ୍ଟ ହୋଇ ପ୍ରାଣ ପାଇଲନି'
ଖଣ୍ଡିଲନି—'ଦାସ ପ୍ରାପ୍ତକ ହୋଇ ଉଷ୍ଣ କନ୍ଦର୍ପ ଖଣ୍ଡିଲାନି ପାଶ'
ହାଥ—'ନଗରେ ହାଥ ଭରି'
ଉପମାନନ୍ତି—'ଶା କେହୁଣ କେଳୁଣ ଉପମାନନ୍ତି କଲେ'
ଦୂହନ୍ତି—'ଦୁହନ୍ତି ସୁନ୍ଦ ବନ୍ଧୁର ନଗରେ ପଦାଇ ଭୂଲିଲେ ଜାଣିବା'

'ଚଉଲେକ' (ତ୍ରିଲୋକ), 'କଟଲ' (କଟୁଳ), 'ମନୁମଥ' (ମନ୍ମଥ), 'ଦଇରଯ' (ଧୈର୍ଯ୍ୟ), 'କଟସ୍ଥ' (କଣ୍ଠସ୍ଥ), 'ବାହୁକ୍ୟ' (ବାହୁଲ୍ୟ) ପ୍ରଭୃତି ସଂସ୍କୃତ ଶବ୍ଦର ପ୍ରାକୃତ-ବିକୃତ ରୂପ ଦେଖାଯାଏ ।

କାବ୍ୟ ଗ୍ରନ୍ଥରେ ନିରର୍ଥକ 'ତ', 'ନା' ଓ 'ଂ'ର ବ୍ୟବହାର ବଡ଼ କୌଶଳରେ କରାଯାଇଛି ।

ତ—"ତ ସେ ଚୈତନ୍ୟ ସ୍ୱରୂପୀ ଦୁର୍ଗା ଘରେ ଅର୍ଦ୍ଧାଂଗୀ ।"
"ତ ଏବେ ଭିତ ଶୁକାରେ । ରୁଦ୍ର କ୍ରୀଡ଼ା ବନରେ ।"
"ତ ସେ ମୂର୍ତ୍ତି ପଦାର୍ଥ ଦେଖିବାକୁ କନ୍ୟାର ଅପାଙ୍ଗ ସଙ୍କେତ ।"
"ତ ହୋଇ ହୋଇ ।"

ନା—"ଦୁହନ୍ତି ସୁନ୍ଦ ବନ୍ଧୁର ନଗରେ ପଦାଇ ଭୂଲିଲେ ଜାଣିନା ନା ତାହାର କେତେ ଲକ୍ଷ୍ମ ସମ୍ଭାଳିବା ।" "କାମବ୍ରହ୍ମା ପ୍ରସ୍ତବ ଦେଖି ଜାଣିନା ନା ଆଜ ।"

ଂ—ଲେଖାକୁ ପଦ୍ୟପାଠର ସ୍ୱର ଦେଇ ଅନୁନାସିକ-ବହୁଳ କରିବା ପାଇଁ ଅନେକ ସ୍ଥାନରେ ଅନୁସ୍ୱର ବ୍ୟବହୃତ ହୋଇଛି । ପଢ଼ିଲାବେଳେ ସାଧାରଣରେ ଏହି ଅନୁସ୍ୱର ପରେ ବିଶ୍ରାମ ନେବାକୁ ହୁଏ, ଯଥା—
"କାମଦେବ ତୋତେ ନିରନ୍ତରଂ ଆଶ୍ରେଂ କରିଂ ହୋଇଥାଇଂ ଯାହା । ମୋହର ଶୋଭ ଯେ ଭଙ୍ଗ କଲ୍ୟାଣ ପୂର୍ବେଂ । ତାହାର ସେ ଶକ୍ତି ବଳ ଅଦ୍ଭୁତିକ ଜାଣିବାକୁ ଏବେଂ । ତୁ ଏବେ ଆମ୍ଭର ବଚନେଂ । କହିଲୁନି ରୂପ ପ୍ରସନ୍ନେଂ କରି ।"

ଅନୁପ୍ରାସ, ଯମକ ପ୍ରଭୃତିର ବ୍ୟବହାରଦ୍ୱାରା ଗଦ୍ୟରେ ପଦ୍ୟ-ପାଠର ମାଧୁର୍ଯ୍ୟ ବଡ଼ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଛି, ଯଥା:—"ଶ୍ରୀକୃଷ୍ଣଚୈତନ୍ୟ । ଦତ୍ତ ପଦ୍ମାସନ । ନିଶ୍ଚଳ ନୟନ ।"

"ମନୋହର ଘୋର ଘନ ଭଙ୍ଗ କଲ୍ପନ ପୂର୍ବେ । ସେ ଶଙ୍କରଲି ଅଙ୍କୁରିଲା କାଳିମାମା ଏବେ ।" "ସକଳ ସ୍ଥିର ରଜ୍ଜୁ ସୃଷ୍ଟିର ଭୂଷଣୀଭୂତ ହୋଇଲା । ଜିମୂତମୂନବଂଶମାନଙ୍କୁ ହିଁ 'ଆଦର ମିଳିଲା । କ୍ରୀଡ଼ାରସ ନଦୀର ଲବଣୀବାରି ବୁଡ଼ାଇଲା '। ପରମ ଅଇଶ୍ୱର୍ଯ୍ୟମାନଙ୍କୁ କି ମୋହନ ଶର ଭେଦିଲା ।" "ଦଳପାଳମାନେ ଦେଖି ହୋଇଲେ ଜଡ଼ । ଅଜ୍ଞାତ ଜନମାନଙ୍କରେ ଲାଗିଲା ବଡ଼ ।"

ନାରାୟଣାନନ୍ଦଙ୍କ ପ୍ରତିଭା ତାଙ୍କ ଲେଖାର ପ୍ରତି ଛତ୍ରରେ ଫୁଟି ଉଠୁଛି । ଲେଖାର ଆରମ୍ଭ ଯେପରି ମନୋହର ଓ ମନୋମୁଗ୍ଧକର ସମସ୍ତ ଲେଖାଟି ସେପରି ଭଷାର ସାହିତ୍ୟିକ ଗୌରବରେ ପରିପୂର୍ଣ୍ଣ ।

କପିଳାସ ସ୍ୱର୍ଗରେ ଚନ୍ଦ୍ରଶେଖର ମହାଦେବ . ଦୂର ଶୈଳେନ୍ଦ୍ରପୁରୀ ପାର୍ବତୀଙ୍କ ସହିତ ବିଜେ କରିଅଛନ୍ତି ଏବଂ ଚତୁର୍ଦ୍ଦିଗରେ ସିଦ୍ଧବୃନ୍ଦ ଗଣ ବେଢ଼ି ରହିଛନ୍ତି । ଏ ଦୃଶ୍ୟକୁ ଅବଧୂତ ସ୍ୱାମୀ ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି—"ତେସ ଋପମା ନକ୍ଷତ୍ର ସମୂହର ମଧ୍ୟେ । ଶରତ ଶୁକ୍ଳ ମେଘର ଉର୍ଦ୍ଧ୍ୱେ । ଅନନ୍ତ ଇନ୍ଦ୍ରଙ୍କର ଘରେ । ଉନ୍ନତ ଦେବଶ୍ରେଣୀର ସଙ୍ଗେ । ସମ୍ପୂର୍ଣ୍ଣ କଳାପୂର୍ଣ୍ଣେ । ଚନ୍ଦ୍ରମା ଶୋଭା ପ୍ରାପକ ଶୋଭା ପାଉଅଛୁ ।"

ପାର୍ବତୀଙ୍କ ମାନବ-କନ୍ୟାର ରୂପ ବର୍ଣ୍ଣନା ମଧ୍ୟ ବଡ଼ ଚମତ୍କାର ହୋଇଅଛି । ଭଣିତି ବଡ଼ ଲାବଣ୍ୟ ହୋଇଛି ।"× × ଜଗତ ମୋହିଲା । ପୃଥ୍ୱୀ ମୋହିଲା । ପ୍ରାଣୀମାନଙ୍କର ଧର୍ଯ୍ୟ ଛଡ଼ିଲା । ଆ ଧନ୍ୟ ଧନ୍ୟ କି ଭୂମି ଗଢ଼ଅଛି । କି ବିଜୁଳିର କାନ୍ତି । କି ବ୍ରହ୍ମାଦି ଦେବଙ୍କୁ ମୋହିନୀ ଫାଶୀ । କି ବିଧି ଗଢ଼ିଲା ଲାବଣ୍ୟରାଶି । କି ଅନଙ୍ଗ ଅମିୟ ପୂର୍ଣ୍ଣ କଳସୀ । କି ଯୋଗିଜନ ମନମୀନ ବଡ଼ଶୀ । କି ବିବେକପ୍ରଦୀପ ଘୃତ ବତାଶୀ । କି ଈଶ୍ୱର ମୋହନ୍ତ ଭଗିତହାସୀ । କି ବ୍ରହ୍ମାଣ୍ଡ କୌତୁକ ନିର୍ମାଣ କରି । ଯା ଦେଖି କାମଦେବ ହିଁ ହୋଇଛି ଧଡ଼ସି । ଆ ବାକୁ ବଳ୍ୟାରେ । ବଦନ ଶରଦ ପୌର୍ଣ୍ଣମୀର ଚନ୍ଦ୍ର । ଦ୍ରହାସ

ନୟନ କି ଯୋଗିଜନମାନଙ୍କ ପାଉଅଛୁ ଯାଇ । ଜଳନ୍ତୁ ଉଠିବାକୁ ନୟନ ଗଙ୍ଗାଳୀ ତରଙ୍ଗ । ପ୍ରିୟସ୍ୱ ବପୁର ମୁଣ୍ଡ ମଧ୍ୟର ଚଞ୍ଚଳ କଟାକ୍ଷେ ଏକ କୋଟି କୋଟି କାମ ହୋଉଛୁ ସଙ୍ଗ । ନିର୍ବାଣ ମୁକ୍ତ ତେଜପାଶ ତାହା ମୁଖ କମଳ ଦେଖିଲେ । × × × ବିଧାତା ଜଡ଼ ସ୍ୱଭେ ଦେଖିଲେ କରୁଣ ପ୍ରସନ୍ନ । ମନ୍ମଥଶରଧାରଙ୍କ ଭେଦିବାକୁ ଅତେବ ପଞ୍ଚାସ୍ତ୍ର ବାଣ ଧନୁ । କଷ୍ଟ କଷ୍ଟ ହୋଇ ପ୍ରାଣ ପାଉଥିବ ତନୁ । ଶ୍ରେଷ୍ଠଣୀ ଏଣ ଶଙ୍ଖ ତନ୍ତ୍ର ତରଙ୍ଗ ପାଇଲା । ସ୍ମରଣ କରିବା ମାତ୍ରେକ ଗଗନେ କର୍ମିଳ ହୋଇ ଉଠିଲା । ଲୁଣ୍ଠ ଦରି ନ ପାଇ ଜନ୍ତୁ ମୁଖ କାଳକ । କଳଙ୍କ ବୋଲି ତା ଏବେ ବୋଲ ଅଳଗି । ପ୍ରଜାସୃଷ୍ଟି-କଳ୍ପଲତାର ଫଳ ପ୍ରକାଶ । ବାୟୁ ପ୍ରାପ୍ତକ ହୋଇ କନ୍ଦର୍ପ ଛଡ଼ିଥିଲୁକ ପାଶ । × × × । ଶ୍ରେଷ୍ଠଙ୍କୁ ତେଜ ପୂର୍ଣ୍ଣ ଭୂମିଗତ ସ୍ତ୍ରୀଅଙ୍ଗ ବଦଳ ହୋଇଥିଲେ, ଗିରିଦେଶକ ବସ୍ତୁ ବତୁଣ ପକାଇଲା ଭୂମଣ୍ଡଳ ତେଜଂ । କାବ୍ୟସ୍ୱରର ସତ୍ତ୍ୱେକେଶ ଲକ୍ଷ୍ମୀ କାଳଚକ୍ରକେ ଦେଶ ହୃଦୟ ଅଳକ୍ଷ୍ୟ ଭୃଙ୍ଗଂ । ସକଳ ତ୍ରିଗୁଣ-ରତ୍ନ ସୃଷ୍ଟି ନ ଭୂଷଣୀଭୂତ ହୋଇଲା । ଶିଷ୍ଟରତ୍ନମାନଙ୍କୁ ଶ୍ରୀପାଦର ସ୍ୱଗଲା । ବୀଣାରସ କଦମ୍ବ ଲବଣାବାରି ଲୁଡ଼ାଇଲା । ପରମ ଅଭିସାରୀମାନଙ୍କୁ କି ମୋହନ ଶର ଭେଦିଲା । ଦିଗପାଳମାନେ ଦେଖି ହୋଇଲେ ଜଡ଼ । ଅଜ୍ଞାତ ଜୀବମାନଙ୍କରେ ଲାଗିଲା ଝଡ଼ । × × ×”

ବାହ୍ୟ ବର୍ଣ୍ଣନା ଓ ଅଳଙ୍କାରରେ ପୀଡ଼ିତ ଅଭିନବ ଚମତ୍କାର ଅବସ୍ଥାର ଚିତ୍ରଣ ମଧ୍ୟ ଲକ୍ଷ୍ୟ ହୋଇଛି ।

ବର୍ଣ୍ଣନାବୈଚିତ୍ର୍ୟ, କଳ୍ପନାବିଳାସ, ପଦମାଧୁରୀ, ରଚନାକୌଶଳ ପ୍ରଭୃତି ଦୃଷ୍ଟିରୁ ଦେଖିଲେ 'ଭୂଷଣ ସୁଧାନିଧି' ଯେ ଶ୍ରେଷ୍ଠ ଏକ ଅଭିନବ ଗଦ୍ୟ ରଚନା, ଏଥିରେ ସନ୍ଦେହ ନାହିଁ ।

ପରବର୍ତ୍ତୀ ଯୁଗର ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ଓ ନନ୍ଦପୁର ବଳଦେବ ରଥଙ୍କ 'ହାସ୍ୟ କଲ୍ଲୋଳ' ଏହି ଶ୍ରେଣୀର ରଚନା ।

## ବ୍ରତକଥା

ଓଡ଼ିଶାରେ ବହୁତ ବ୍ରତକଥା ପ୍ରଚଳିତ ଅଛି । ଏଥିରୁ କେତୋଟି ସଂସ୍କୃତ ବ୍ରତକଥାର ଅନୁବାଦ । ଓଡ଼ିଆ ଭାଷାରେ ରଚିତ ବ୍ରତକଥାଗୁଡ଼ିକର ଭାଷା ମଧ୍ୟ ବିଭିନ୍ନ ନକଲକାରମାନଙ୍କ ହାତରେ ପରିବର୍ତ୍ତିତ ହୋଇ ହୋଇ ଭିନ୍ନ ରୂପ ଧାରଣ କରିଛି । ଏହିହେତୁ ଏହି କଥାମାନଙ୍କର ଭାଷାର ମୂଳ ରୂପ ଜାଣିବା ସହଜ ନୁହେଁ । ତେବେ କେତୋଟି ସ୍ଥଳରେ ଭାଷାର ପ୍ରାଚୀନତାର ନିଦର୍ଶନ ବର୍ତ୍ତମାନ ସୁଦ୍ଧା ରହିଛି ।

ସମାଜରେ ନୀତିପ୍ରଚାର, ଧର୍ମଭାବ-ଉଦ୍ରେକ ଓ ବିଭିନ୍ନ ଦେବଦେବୀ-ମାନଙ୍କ ପ୍ରତି ଭକ୍ତି ଉଦ୍ରେକ କରିବାହିଁ ବ୍ରତପ୍ରଚଳନର ଉଦ୍ଦେଶ୍ୟ । ପ୍ରତ୍ୟକ୍ଷ ସାମାଜିକ ଜୀବନର କେତେକ ବସ୍ତୁଧର୍ମୀ ବ୍ରତମାନଙ୍କର କଥାବସ୍ତୁ । ଦେବଦେବୀମାନଙ୍କ ପ୍ରତି ଭକ୍ତି ନ କଲେ ମନୁଷ୍ୟ କି ଦୁଃଖ ପାଏ, ଦୁଃଖ ଦୁର୍ଦ୍ଦଶାବେଳେ ଦେବଦେବୀମାନଙ୍କ ଶରଣାପନ୍ନ ହେଲେ ଭିନ୍ନ ଭିନ୍ନ ଦେବଦେବୀ କିପରି ରକ୍ଷା କରନ୍ତି, ଅଭକ୍ତି ଅନାସ୍ଥାର ଫଳେ ମନୁଷ୍ୟ କି ଦଣ୍ଡ ପାଏ, ଏହି ଭଳି ବିଷୟ ବ୍ରତକଥାମାନଙ୍କରେ ବର୍ଣ୍ଣିତ ଅଛି ।

ପ୍ରାଚୀନ ବ୍ରତକଥାରେ ଦୁଇ ପ୍ରକାର ଭାଷା ଦେଖାଯାଏ । ନାଗୁଳ-ଚଉଠୀ, ସୋମନାଥ ବ୍ରତ ପ୍ରଭୃତି କଥାର ଭାଷା ଗଦ୍ୟ ଏବଂ ଖୁଦୁରୁକୁଣୀ ଓଷା, ଜଣା ମଙ୍ଗଳବାର ଓଷା ପ୍ରଭୃତିର ଭାଷା ପଦ୍ୟ ।

ଇଲା, ଜିକି, ତ, ସେ, କି ପ୍ରଭୃତି ବାକ୍ୟାଳଙ୍କାର ଅବ୍ୟୟର ବହୁଳ ପ୍ରୟୋଗ ଦେଖାଯାଏ । ତୁମ୍ଭେ, ଆମ୍ଭେ ପ୍ରଭୃତି ସର୍ବନାମ ବଦଳରେ ତୁମେ, ଆମେ ପ୍ରଭୃତିର ବ୍ୟବହାର ଥାଏ । ସର୍ବନାମ ପଦ—'ତୁମେ', 'ଆମେ'ର ବହୁବଚନ ତୁମ୍ଭେମାନେ, ତୁମେମାନେ, ଆମ୍ଭେମାନେ, ଆମେମାନେ ସ୍ଥଳରେ 'ତୁମେ', 'ଆମେ'ର ବ୍ୟବହାର ଦେଖାଯାଏ । 'ସେଓ' ବଦଳରେ 'ସେ'ର ବ୍ୟବହାରହିଁ ବେଶି । 'ତୁଏ'ର ବ୍ୟବହାର ଆଦୌ ଦେଖାଯାଏ ନାହିଁ । 'ତୁଏ' ସ୍ଥାନରେ 'ହୋଅନ୍'ର ବ୍ୟବହାର ଦେଖାଯାଉଥିଲେ ମଧ୍ୟ ବ୍ୟବହାର ସ୍ଥାନର ସଂଖ୍ୟା ବେଶି ନୁହେଁ । ଯିବାକୁ ପରିବର୍ତ୍ତରେ ଗଲୁ, ଥିଲୁ, ଖାଇଲୁ;

ଦେଖିବାକୁ ପରବର୍ତ୍ତୀରେ ଦେଖିଲୁ, ଦେଖିଲୁଁ—ଏପରି ବ୍ୟବହାର ହୋଇଥାଏ ।

ଗଦ୍ୟରେ ବାକ୍ୟଗୁଡ଼ିକ ଛୋଟ ଛୋଟ । ଜଟିଳ ବାକ୍ୟରେ ଯେପରି, ଯେଉଁ, ଯେ, ଯାହା, ତାହା ପ୍ରଭୃତି ସର୍ବନାମ; 'କି' ଅବ୍ୟୟ ଏହି ଗଦ୍ୟରେ କ୍ୱଚିତ୍ ଦେଖାଯାଏ । ଯୌଗିକ ବାକ୍ୟର ଓ, ଏବଂ, କିନ୍ତୁ ପ୍ରଭୃତି କେତେକ ସଂଯୋଜକ ଅବ୍ୟୟର ବ୍ୟବହାର ପ୍ରାୟ ଦେଖାଯାଏ ନାହିଁ ।

କେତୋଟି ବ୍ରତକଥାର ଭାଷା ଗଦ୍ୟ-ପଦ୍ୟମୟ । ସେଥିରେ ଆଳଙ୍କାରିକ ଛଟା ବେଶୀ ପରିମାଣରେ ଥାଏ । ବିଶେଷଣର ବ୍ୟବହାର ବହୁତ ଥାଏ । ଅନୁପ୍ରାସ ଉପରେ ଲକ୍ଷ୍ୟ ବେଶି ଥାଏ । ସଂସ୍କୃତ ଶବ୍ଦର ବ୍ୟବହାର ବହୁତ ଦେଖାଯାଏ ।

ଏହି ବ୍ରତକଥାମାନଙ୍କ ମଧ୍ୟରୁ କେତୋଟି ଯେ ୧୫ଶ ଶତାବ୍ଦୀ ପୂର୍ବରୁ ରଚିତ, ଏଥିରେ କୌଣସି ସନ୍ଦେହ ନାହିଁ ।

ଭାଷା ଦୃଷ୍ଟିରୁ ଓ ଭାବ ଦୃଷ୍ଟିରୁ ଆଲୋଚନା କଲେ ସୋମନାଥ ବ୍ରତକଥା, ନାଗୁଲ ଚଉଠୀ ବ୍ରତକଥା, ଦାମୋଦର ଓଷା ପ୍ରଭୃତି ୧୩ଶ ବା ୧୪ଶ ଶତାବ୍ଦୀର ବୋଲି ଅନୁମାନ ହୁଏ । ଏ କଥାଗୁଡ଼ିକର ଭାଷା ବଡ଼ ସରଳ ଓ ସହଜ; ଲେଖନଭଙ୍ଗୀ ମଧ୍ୟ ସୁନ୍ଦର ।

"ଶୁଣ ହେ ନରମାନେ, ଶ୍ରୀ ନାଗୁଳ ଚୌଠୀ କଥା । ଏକ ଯେ ସାଧବ ଘର । ତାର ସାତ ବୋହୂ । ସାନ ବୋହୂଟିକି ଦେଖି ନ ପାରନ୍ତି । ଏ ରୂପେ କେତେହେକ ଦିନେ ଅତିକ୍ରମ ହେଲା । କାର୍ତ୍ତିକ ହେଲା । ପିତୃମାନ ଅମାବାସ୍ୟା ଛିଡ଼ିବାର ଶୁକ୍ଳପକ୍ଷେ ନାଗୁଳ ଚଉଠୀ ହେଲା । ଶାଶୂ ସକାଳୁ ଶ୍ରାଦ୍ଧ କଲା । ଶ୍ରାଦ୍ଧ କରି ଓଷା ଦ୍ରବ୍ୟ ସଜାଡ଼ିଲା । ଆଖୁଦଣ୍ଡା ଚଉଁରେ ଆଣିଲା । କଦଳୀ କାନ୍ଦି ଗଣ୍ଡରେ ଆଣିଲା । ନଡ଼ିଆ କାନ୍ଦି ଗଣ୍ଡରେ ଆଣିଲା । ଗୁଆ କାନ୍ଦି ଗଣ୍ଡରେ ଯେ ରୂପେ ଆଣିଲା । ଲିଆ ଭଜାଇଲା । ଗଜାମୁଆଁ କଲା । ଖିରି ରନ୍ଧାଇଲା । ଖିରି ନଡ଼ୁ କଲା । ଖିରି ଖଇ କଲା । ଛଅଗୁଡ଼ା କଲା । ଅଣ୍ଡୁ କାଟିଲା । କଦଳୀ ରନ୍ଧାଇଲା । ଖିରି ପିଣ୍ଡ କଲା । ଛେନା ପିଣ୍ଡ କଲା । ଗୁହାଳ ପିଣ୍ଡ କଲା । ଆଉ ସବୁଥିରୁ ଟିକିଏ ଟିକିଏ କାଢ଼ି ପିଣ୍ଡ କଲା । ଉଖୁଡ଼ା କଲା । ମଣ୍ଡିତ କୁଆଣୀ

'ତେଲପଣି ଅଳାଇତ ଅଦା ଜନ୍ତୁଆ ଏମାନ ପକାଇ ବିଚ୍ଛିଣ୍ଡ କଲା × × ।"

ନାଗୁଲ ଚଉଠୀ ବ୍ରତକଥାର ଆରମ୍ଭଟି ବଡ଼ ସୁନ୍ଦର ହୋଇଛି । ବାକ୍ୟଗୁଡ଼ିକ ଖୁବ୍ ଛୋଟ । ସବୁ ବ୍ୟକ୍ତ କରିବାରେ କୌଣସି ଅସୁବିଧା ନାହିଁ । ବର୍ଣ୍ଣନା ମଧ୍ୟ ମନୋମୁଗ୍ଧକର ।

ସୋମନାଥ ବ୍ରତକଥାର ଆରମ୍ଭ ମଧ୍ୟ ବଡ଼ ସୁନ୍ଦର । "ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି । ଶୁଣ ଦେବୀ ପାର୍ବତୀ । ମାଳବ ବୋଲି ଦେଶ । ତହିଁ ପାଟଳ ବୋଲି ନଗ୍ର । ତହିଁ ବତ୍ସ ବଜ୍ରମାଣିକ ବୋଲି ରଜା । ସେ ରଜା ମହାପ୍ରତାପୀ । ସେ ନଗରର ଅନେକ ମହିମା । ଘରେ ଘରେ ସୁବର୍ଣ୍ଣ କଳସ ବସାନ୍ତି । ଧବଳମୟେ ପୁର । ଅତି ସୁନ୍ଦର । ସୁବର୍ଣ୍ଣ କଳସ ଉପରେ ନେତ ପତାକା ଉଡ଼ନ୍ତି । ଚଉରାଶୀ ହାଟ ବସାନ୍ତି । ମେଡ଼, ମଣ୍ଡପ, ଅଟାଳି, ଦେଉଳ, କଟକ, କୂପ, ପୁଷ୍କରିଣୀ, ଅନେକାନେକ ବସାନ୍ତି । ହସ୍ତିଙ୍କର ଘଣ୍ଟାରବ, ଘୋଡ଼ାଙ୍କର ଷିହିଁଷିକ ରବ, ପାଦାନ୍ତ୍ରିକର ମୁଦଙ୍ଗରବ ଚତୁରଙ୍ଗ ଦଳ । ନବକୋଟି ଭଣ୍ଡାର । ଅନେକ ରଜାମାନେ ସେ ରଜାଙ୍କୁ ଭେଟନ୍ତି । ଏମନ୍ତ ସମୟେ ପ୍ରବେଶ । ଜାମ୍ବୁଡ଼ିମାନେ ସୋମନାଥ ଦେବଙ୍କୁ ସେବି ଥାଇଲେ । ସେତନ ସୋମନାଥ ଦେବଙ୍କ ବ୍ରତ । ସେ ଜାମ୍ବୁଡ଼ିମାନେ ସୋମନାଥ ଦେବଙ୍କୁ ସେବି ବାହୁଡ଼ି ଆଇଲେ । ତାଙ୍କ ପାଟଳ ନଗ୍ରେ ପ୍ରବେଶ ହେଲେ । ବତ୍ସ ବଜ୍ରମାଣିକ ରଜା ସିଂହଦ୍ୱାରେ ପ୍ରବେଶ ହେଲେ । ଦ୍ୱାରପାଳମାନଙ୍କୁ ବୋଇଲେ ତୁମେ ଯାଇଁ ରଜାଙ୍କୁ ଜଣାଅ । ବୋଲ ସୋମନାଥ ଦେବଙ୍କର ଯାତିଏ ଜାମ୍ବୁଡ଼ି ଆସିଛନ୍ତି । ସିଂହଦ୍ୱାରେ ଆସି ରହିଅଛନ୍ତି । × ×".

ଖୁଦୁରୁକୁଣୀ ଓଷା ଓଡ଼ିଶାରେ ଖୁବ୍ ପ୍ରସିଦ୍ଧି ଲାଭ କରିଛି । କେଉଁ କାଳରୁ ଏହାର ପ୍ରଚଳନ ହୋଇଛି ଏବଂ କେବେ ଯେ ଏହାର ଉତ୍ପତ୍ତି, ତାହା ନିରୂପଣ କରିବା ସହଜ ନୁହେଁ । ତେବେ ଏତିକି କୁହାଯାଇପାରେ ଯେ, ଯେତେବେଳେ ସହସ୍ର ସହସ୍ର ବାଣିଜ୍ୟ ତରୀ ସମୁଦ୍ର ବକ୍ଷରେ ଭାସମାନ ହେଉଥିଲା ସେତେବେଳେ ଏଥିରେ ବର୍ଣ୍ଣିତ କଥାବସ୍ତୁର ଆରମ୍ଭ ।

ସ୍ୱର୍ଗର ଅପ୍ସରା ତିଳୋତ୍ତମା ଦିନେ ଇନ୍ଦ୍ରଙ୍କୁ ଉପହାସ କଲେ । ଇନ୍ଦ୍ର ତିଳୋତ୍ତମାକୁ ଶାସ୍ତି ଦେବା ନିମନ୍ତେ ସ୍ଥିର କଲେ । ତିଳୋତ୍ତମାଙ୍କ ଜଣେ ସହଚରୀ ଇନ୍ଦ୍ରଙ୍କଠାରେ ପ୍ରାର୍ଥନା କଲେ ଯେ, ତାଙ୍କୁ (ତିଳୋତ୍ତମାକୁ) ଦଣ୍ଡ ଦେବାର ଆଜ୍ଞା ହେଉ । ଇନ୍ଦ୍ରଙ୍କ ଶାପ ଅନୁସାରେ ଅପ୍ସରା ମର୍ତ୍ତ୍ୟଧାମରେ ମାନବ ଦେହ ଧାରଣ କଲେ । ଶାପ ଥିଲା ଯେ, ଷୋଳବର୍ଷ ଯେଉଁ ଦିନ ସମ୍ପୂର୍ଣ୍ଣ ହେବ, ସେହି ଦିନ ତିଳୋତ୍ତମା ପୁନର୍ବାର ସ୍ୱର୍ଗକୁ ଫେରିଯିବେ । ସିଂହଳ ଦ୍ୱୀପ ନିକଟସ୍ଥ ଦ୍ୱୀପାନ୍ତରରେ ଧର୍ମଧ୍ୱଜ ବୋଲି ଜଣେ ରାଜା ଥିଲେ । ସେହି ଦେଶର ଲୋକେ ବୋଇତ ବାଣିଜ୍ୟ କରି ଅଜସ୍ର ଧନ ସମ୍ପତ୍ତି ଅର୍ଜନ କରୁଥିଲେ । ଏହି ନଗରରେ ଧନସୁବନ୍ତ ନାମକ ଜଣେ ସାଧବ ଥିଲା । ତାର ସାତ ପୁଅ ଓ ଗୋଟିଏ ଝିଅ । ଝିଅର ନାମ ତଅପୋଇ । ତଅପୋଇକୁ ପିତାମାତା ଓ ଭାଇମାନେ ବହୁ ଆଦରରେ ପାଳୁଥିଲେ । ଦିନେ ତଅପୋଇ ବାଉଁଶର ଘୁଙ୍ଗୁଡ଼ା ଧରି ପିଲାମାନଙ୍କ ସଙ୍ଗରେ ଖେଳୁଥିବାବେଳେ ସ୍ୱର୍ଗରେ ଥିବା ତା'ର ସହଚରୀ ବିଧବା-ବ୍ରାହ୍ମଣୀ ବେଶରେ ସେଠାରେ ଉପସ୍ଥିତ ହୋଇ ଉପହାସ କଲା ଏବଂ ଏତେ ବଡ଼ ଘରର ଝିଅ ବାଉଁଶ ଜୁଙ୍ଗେଇରେ ଖେଳୁଛି ବୋଲି ଆକ୍ଷେପ କଲା । ତାର ଅବସ୍ଥାକୁ ଦୃଷ୍ଟି ଦେଇ ସୁବର୍ଣ୍ଣ ଘୁଙ୍ଗୁଡ଼ାରେ ଖେଳିବା ଉଚିତ ବୋଲି ଛଳରେ କଥାବାର୍ତ୍ତା କଲା । କୋମଳମତି ବାଳିକା ବିଧବାର କଥାରେ ଭୁଲିଯାଇ ସୁବର୍ଣ୍ଣର ଜହ୍ନ ଗୋଟିଏ ଗଢ଼ାଇ ଦେବାପାଇଁ ବାପାଙ୍କଠାରେ ଜିଦ୍ କଲା । ବାପା ରାଜି ହୋଇ କାରିଗରକୁ ଡାକି ବରାଦ ଦେଲେ । ଜହ୍ନ ଅଧଗଢ଼ା ହେବା ପୂର୍ବରୁ ପିତାମାତା ହଠାତ୍ ମରିଗଲେ ଏବଂ ବୋଇତ ବାଣିଜ୍ୟର ଅବନତି ଘଟିଲା । ସାଧବପୁଅମାନେ ଘରର ଅବସ୍ଥା ବୁଝିପାରି ପୁନର୍ବାର ବୋଇତ ବାଣିଜ୍ୟ କରିବାକୁ ବାହାରିଗଲେ । ଘରେ ସେମାନଙ୍କର ସ୍ତ୍ରୀମାନଙ୍କୁ କହିଗଲେ ଯେ, ତଅପୋଇର ଯେପରି କିଛି ଅସୁବିଧା ନ ହୁଏ ।

"ତଅପୋଇକି ସେବାଥିବ, ଯେମନ୍ତେ ଏହୁ ନ ଝୁରିବ ।
ଭୋଜନ ଦେବ ବେଳ ଜାଣି, ହସି କହିବ ମଧୁବାଣୀ ।

ପ୍ରଭୁଙ୍କୁ କରାଇବ ସ୍ନାନ, ପିନ୍ଧାଇ ସୂକ୍ଷ୍ମ ବସନ ।
ଅମୃତ ଭୋଜନ କରାଇ, ପଲଙ୍କେ ଶୁଆଇବ ନେଇ ।
ଥୋକାଏ ବେଳ ଗଲେ ପୁଣି, ମୁଖ ପଖାଳି ବାସପାଣି ।
ସ୍ୱାଦୁ ପଦାର୍ଥ ଉପହାର, ନେଇଣ ଦେବ ତତପର ।
ବେଣୀ ବସନ ଉଗ୍ରାଇବ, ଦୋଳିରେ ନେଇ ପଶାଇବ ।
ଏମନ୍ତେ ସବୁ ନିତମାନ, ସେବିଣ ଥିବ ପ୍ରତିଦିନ ।”

ବୋହୂମାନେ କେତେଦିନ ଅଜ୍ଞାତରେ ଉଦେପୋଇଙ୍କୁ ସେବା କରିବା ପରେ ପୁନର୍ବାର ସେହି ବ୍ରାହ୍ମଣୀ ବିଧବାର ପ୍ରରୋଚନାରେ ନଣନ୍ଦକୁ ଛେଳି ଜଗାଇବାକୁ ବଣକୁ ପଠାଇଲେ ଏବଂ ନାନା ରକମର ଯନ୍ତ୍ରଣା ଦେବାକୁ ଲାଗିଲେ । ଉଦେପୋଇ ଅତ୍ୟନ୍ତ ଦୁଃଖରେ ଖାଇବାକୁ ପିଇବାକୁ ନପାଇ ଛେଳି ଚରାଇବାକୁ ଯାଏ । ଗାଁ ପିଲାମାନଙ୍କ ଆଗରେ ନିଜର ଅବସ୍ଥା ଦିକିପାଇଁ ଖୁବ୍ କାନ୍ଦୁଣୀ ଓଷା ହେଲା । ଥରେ ବଣରେ ମନ କଷ୍ଟରେ କାନ୍ଦୁଥିବା ସମୟରେ ତା'ର ଭାଇମାନେ ଦେଶକୁ ଫେରୁଥିବା ବେଳେ ତା'ର କାନ୍ଦ ଶୁଣି ତାକୁ ଆସିଲେ ଏବଂ ତାର ଦୁଃଖ କାହାଣୀ ଶୁଣିଲେ । ବୋହୂମାନେ ସେମାନଙ୍କୁ ବନ୍ଦାଇବାକୁ ଆସିବା ବେଳେ ଭାଇମାନଙ୍କ ପରାମର୍ଶରେ ଉଦେପୋଇ ସାନବୋହୂ ଛଡ଼ା ଅନ୍ୟ ସବୁ ବୋହୂଙ୍କର ନାକ କାଟିଦେଲେ । ବୋହୂମାନେ ଅପମାନ ପାଇ ନିଜ ନିଜ ବାପଘରକୁ ପଳାଇଲେ । ଉଦେପୋଇର ବିବାହ ବୟସ ହୋଇଯିବାରୁ ଭାଇମାନେ ତାକୁ ବିବାହ ଦେଲେ ଏବଂ ପୂର୍ବଶାପ ଅନୁସାରେ ତା'ର ଷୋଳବର୍ଷ ବୟସ ହୋଇଯିବାକ୍ଷଣି ଦେବସେନ ଆସି ରଥରେ ବସାଇ ସ୍ୱର୍ଗକୁ ନେଇଗଲେ । ଜଣେ ଶବରର ଶିବଙ୍କ ଆରାଧନା ପ୍ରସାଦରୁ ବୋହୂମାନେ ସେମାନଙ୍କର କଟା ହୋଇଥିବା ନାକକୁ ପୁନର୍ବାର ପାଇଲେ ଓ ସ୍ୱାମୀମାନଙ୍କ ସହ ସୁଖରେ ଜୀବନଯାପନ କଲେ ।

ଏହି କଥାରେ ଆମ ଦେଶର ଅନେକ ଆଚାର ବ୍ୟବହାରର ଚିତ୍ର ଦେଖିବାକୁ ମିଳେ । ଲୋକେ କିପରି ବୋଇତ ବାଣିଜ୍ୟ କରିବାକୁ

ଯାଉଥିଲେ, ଗଲାବେଳେ ଓ ଫେରିଲାବେଳେ ଜାହାଜ ବୋଇତ ବନ୍ଦାଣ ହେଉଥିଲା, ତାର ଚିତ୍ର ଏଠାରେ ମିଳେ । ଓଷା ଜାହାଜ ପୂଜାବାକୁ ହୁଏ, ତାର ଚିତ୍ର ମଧ୍ୟ ଏଥିରେ ଅଛି । ଜଣେ ସ୍ୱାମୀଙ୍କର ସବୁଦିନେ ପ୍ରମାଦସ୍ଥାନରେ ମନମେଳ ନ ଥାଏ, ଏହା ମଧ୍ୟ ଏଥିରେ ଦିଆଯାଇଛି । ବ୍ରାହ୍ମଣୀ ଛଳନାକରି ସାଧବବୋହୂମାନଙ୍କୁ କହୁଛି—

"ବଣାଇ ଡୋଳିର ଉପର, କଁପା ଏଥାକୁ ସେବା କର ।
ଏକୋଡ଼ିକ ମଣ୍ଡଅଛ ଭଲ, ଯାଇଛ ତୋ ମଣିବଟି ଶୂଳ ।
ସ୍ୱାମୀମାନଙ୍କୁ ଜାତ ନାହିଁ, ଅନେକ ଶାସ୍ତି ଦେବ ଏହି ।" ଇତ୍ୟାଦି ।

ଏହି ବ୍ରତକଥାମାନଙ୍କରେ ଓଡ଼ିଆ ଜାତିର ଅନେକ ଗୁଣ ଲକ୍ଷିତ ହୋଇଛି । ଓଡ଼ିଆ ଜାତିର ଆଚାର ବ୍ୟବହାର, ଦୁଃଖ ସୁଖ, ସବୁ ରକମର କଥା ଏଥିରେ ପରିସ୍ଫୁଟ ହୋଇଅଛି ।

ଅନେକଗୁଡ଼ିଏ ବ୍ରତକଥାରେ ସାଧବଙ୍କର ପ୍ରସଙ୍ଗ, ବୋଇତ ବାଣିଜ୍ୟ, ସମୁଦ୍ରକୂଳେ ପୂଜା ପ୍ରଭୃତି ବିଷୟ ଲକ୍ଷିତ ହୋଇଛି । ଏଥିରୁ ପ୍ରମାଣିତ ହେଉଛି ଖ୍ରୀଷ୍ଟପୂର୍ବ ଏକାଧିକ ବର୍ଷ ପୂର୍ବରୁ କଳିଙ୍ଗର ନୌବାଣିଜ୍ୟ ସମ୍ବନ୍ଧରେ ଯେଉଁ ଗୌରବ ଥିଲା, ତାହା ସେକାଳ ପର୍ଯ୍ୟନ୍ତ ମଧ୍ୟ ଲୋକ-ମୁଖରେ ରହିଥିଲା । ନୌବାଣିଜ୍ୟ ଯୋଗୁଁ ଏ ଦେଶରେ ଧନ ଦୌଲତ ଭରି ହୋଇ ରହିଥିଲା । ଲୋକେ କାହିଁ ସୁଦୂର ଯାଭା, ସୁମାତ୍ରା ଯାଇ ବାଣିଜ୍ୟ କରୁଥିଲେ । ଏହାର ନିଦର୍ଶନ ଆଜି ପର୍ଯ୍ୟନ୍ତ ସେ ଦେଶମାନଙ୍କରେ ମିଳୁଛି ।

# ଷଷ୍ଠ ପରିଚ୍ଛେଦ

## ସୂର୍ଯ୍ୟବଂଶ ଯୁଗ—ଖ୍ରୀ. ୧୪୩୫–୧୫୩୪

## (କ) କପିଳେନ୍ଦ୍ର ଯୁଗ, (ଖ) ପ୍ରତାପରୁଦ୍ର ଯୁଗ

**ସୂର୍ଯ୍ୟବଂଶ ଯୁଗର ସାମାନ୍ୟ ପରିଚୟ:**—ଦ୍ୱାଦଶ ଖ୍ରୀଷ୍ଟାବ୍ଦଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତବର୍ଷରେ ଅଦ୍ଭୁତ ଧାର୍ମିକ, ସାମାଜିକ ଓ ସାମ୍ପ୍ରଦାୟିକ ବିପ୍ଳବ ଦେଖା ଦେଇଛି । ହିନ୍ଦୁ ସମାଜରେ ଅଦ୍ୱୈତବାଦ ଓ ଦ୍ୱୈତବାଦର ବିବାଦ ଉତ୍କର୍ଷ ହେବା ଲାଗିଥିଲା । ଅଦ୍ୱୈତବାଦକୁ ପରାସ୍ତ କରିବାକୁ ବିଶିଷ୍ଟାଦ୍ୱୈତବାଦର ପ୍ରତିଷ୍ଠାତା ଶ୍ରୀ ସମ୍ପ୍ରଦାୟର ପ୍ରବର୍ତ୍ତକ ବୈଷ୍ଣବାଚାର୍ଯ୍ୟ ଶ୍ରୀ ରାମାନୁଜ ଓ ଦ୍ୱୈତବାଦର ଅନ୍ୟ ଏକ ପ୍ରଧାନ ଆଚାର୍ଯ୍ୟ ମାଧ୍ୱାଚାର୍ଯ୍ୟ ପ୍ରଭୃତି ବୈଷ୍ଣବଧର୍ମ ପ୍ରଚାରକମାନେ ବହୁ ଉଦ୍ୟମ କରିଥିଲେ । ଉତ୍କଳରେ ଏମାନଙ୍କର ପ୍ରଭାବ ବହୁ ପରିମାଣରେ ପଡ଼ିଥିଲା । ଶ୍ରୀ ସମ୍ପ୍ରଦାୟର ବୈଷ୍ଣବତତ୍ତ୍ୱ ରାଜବଂଶରେ ଆଦର ଲାଭ କରିଥିଲା । ଉତ୍କଳସାମ୍ରାଜ୍ୟାନ୍ତର୍ଗତ ପ୍ରସିଦ୍ଧ ସିଂହାଚଳର ନୃସିଂହନାଥ ମନ୍ଦିର, ଶ୍ରୀକୂର୍ମର କୂର୍ମନାଥ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ପ୍ରଭୃତି ପ୍ରସିଦ୍ଧ ପୀଠମାନଙ୍କରେ ଏହି ସମୟରେ ଶ୍ରୀସମ୍ପ୍ରଦାୟର ପ୍ରଭାବହିଁ ଏହାର ପ୍ରମାଣ । ପ୍ରସିଦ୍ଧ ଉତ୍କଳୀୟ ବୈଷ୍ଣବ କବି ଜୟଦେବ, ବୈଷ୍ଣବାଚାର୍ଯ୍ୟ, ରାମାନନ୍ଦ ଓ ଉତ୍କଳୀୟ ବୈଷ୍ଣବ କବି ରାୟ ରାମାନନ୍ଦ ପ୍ରଭୃତିଙ୍କ ପ୍ରଭାବ ଉତ୍କଳର ଚିନ୍ତାଧାରା ଓ ଧାର୍ମିକ ଜୀବନରେ ସୁସ୍ପଷ୍ଟ ଦେଖାଯାଉଛି ।

ଗଙ୍ଗବଂଶ ଯୁଗ ଭିତରେ ତିନି ପ୍ରଧାନ ବୈଷ୍ଣବ ସମ୍ପ୍ରଦାୟ ଭିତରୁ ଶ୍ରୀ ନିମ୍ବାର୍କାଚାର୍ଯ୍ୟ-ପ୍ରତିଷ୍ଠିତ ଦ୍ୱୈତାଦ୍ୱୈତବାଦ, ଶ୍ରୀ ରାମାନୁଜାଚାର୍ଯ୍ୟ-ପ୍ରତିଷ୍ଠିତ ବିଶିଷ୍ଟାଦ୍ୱୈତବାଦ, ମାଧ୍ୱାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ଦ୍ୱୈତବାଦ ଓଡ଼ିଶାରେ ସୁପ୍ରତିଷ୍ଠିତ ହୋଇଯାଇଥିଲା । ସୂର୍ଯ୍ୟବଂଶ ଯୁଗରେ ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କର ଶୁଦ୍ଧାଦ୍ୱୈତବାଦ ଓଡ଼ିଶାରେ ପ୍ରସାର ଲାଭ କରିଥିଲା । ପୂର୍ବଭାରତରେ ବୈଷ୍ଣବାଗ୍ରଣୀ ମହାପ୍ରଭୁ ଶ୍ରୀଚୈତନ୍ୟ ଦେବଙ୍କ ଦ୍ୱାରା ଓଡ଼ିଶାର ସର୍ବତ୍ର ନବ ବେଶରେ ବୈଷ୍ଣବ ପ୍ରଭାବ ପରିଲକ୍ଷିତ ହେଲା । ଗଙ୍ଗବଂଶ ଓ ସୂର୍ଯ୍ୟବଂଶର ରାଜାମାନେ ବୈଷ୍ଣବଧର୍ମ ଓ ବୈଷ୍ଣବ ଆଚାର୍ଯ୍ୟମାନଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ମାନ

ଦେଖାଉଥିଲେ ମଧ୍ୟ ଶୈବ, ଶାକ୍ତ ଓ ଅନ୍ୟାନ୍ୟ ମତବାଦ ପ୍ରତି ଅନାଦର ପ୍ରଦର୍ଶନ କରି ନଥିଲେ । ଏହାଦ୍ୱାରା ଉତ୍କଳରେ ସହଜ ଧର୍ମ ପ୍ରତି ଲୋକଙ୍କର ଆଦର ବଢ଼ିଥିଲା ଏବଂ ଫଳରେ ସବୁ ସମ୍ପ୍ରଦାୟର ପୀଠସ୍ଥଳୀ-ଗୁଡ଼ିକ ମତବାଦ ନିର୍ବିଶେଷରେ ଲୋକଙ୍କଦ୍ୱାରା ସମ୍ମାନିତ ହେଉଥିଲା । ଏହାର ସୁସ୍ପଷ୍ଟ ପ୍ରମାଣ ପୂର୍ବମଧ୍ୟଯୁଗର ଓଡ଼ିଆ ସାହିତ୍ୟରେ ଦେଖାଯାଏ । ସପ୍ତମ, ଅଷ୍ଟମ ଓ ନବମ ଶତାବ୍ଦୀ ଭିତରେ ବୌଦ୍ଧତନ୍ତ୍ରବାଦର ପ୍ରାବଲ୍ୟ ଓଡ଼ିଶାରେ ଦେଖାଯାଉଥିଲେ ବି ହିନ୍ଦୁତନ୍ତ୍ର ସାଧନାର ଧାରା ଲୋପ ପାଇ ନଥିଲା । ବୌଦ୍ଧତନ୍ତ୍ରର ପ୍ରଭାବରେ ହିନ୍ଦୁ ତାନ୍ତ୍ରିକମାନେ ବହୁ ଦେବୀ ଦେବ ଓ ଦେବଙ୍କ ଉପାସନା କରିବାକୁ ଲାଗିଲେ । କାଳକ୍ରମେ ଏହି ଦେବ-ଦେବୀମାନେ ହିନ୍ଦୁ ଦେବଦେବୀଙ୍କର ତାଲିକାଭୁକ୍ତ ହୋଇ ଯାଇଥିଲେ ଏବଂ ଏମାନେ ବୌଦ୍ଧସତ୍ତ୍ୱ ହରାଇଥିଲେ । ଏହା ଫଳରେ ବୌଦ୍ଧଧର୍ମର ସ୍ୱାତନ୍ତ୍ର୍ୟ ବହୁ ପରିମାଣରେ ଲୋପ ପାଇଥିଲା । ବୁଦ୍ଧଦେବଙ୍କୁ ଲୋକେ ଦଶାବତାର ଭିତରେ ସ୍ଥାନ ଦିଆ ଯାଇଥିବାରୁ ହିନ୍ଦୁ ତାନ୍ତ୍ରିକମାନେ ବୌଦ୍ଧତାନ୍ତ୍ରିକ ଦେବଦେବୀମାନଙ୍କୁ ଗ୍ରହଣ କରିବାରେ କୁଣ୍ଠାବୋଧ କରୁନଥିଲେ ।

ଏହି ଭୌମଯୁଗ ସମୟରେ ଓ ତା ପୂର୍ବରୁ ମଧ୍ୟ ହିନ୍ଦୁତନ୍ତ୍ରର ବହୁଳ ପ୍ରଚାର ଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ସମୟରେ ବିଶିଷ୍ଟ ତନ୍ତ୍ରପୀଠମାନଙ୍କର ଅବସ୍ଥିତି ହିଁ ଏହାର ପ୍ରମାଣ । ଓଡ଼ିଶାର ପଶ୍ଚିମାଞ୍ଚଳରେ ରାଣୀପୁର (ବଲାଙ୍ଗିର ଜିଲ୍ଲା, ଟିଟିଲାଗଡ଼ ନିକଟ)ର ଚୌଷଠୀ ଯୋଗିନୀ ମନ୍ଦିର, ଓଡ଼ିଶାର ପୂର୍ବାଞ୍ଚଳରେ ଭୁବନେଶ୍ୱର ନିକଟସ୍ଥ ହୀରାପୁର ଗ୍ରାମର ଚୌଷଠୀ ଯୋଗିନୀ ମନ୍ଦିର, ବାଣପୁର ଭଗବତୀ, ପୁରୀର ବିମଳା, ଝଙ୍କଡ଼ର ସାରଳା, ଯାଜପୁରର ବିରଜା ପ୍ରଭୃତି ଶତ ଶତ ତନ୍ତ୍ରପୀଠ ଓଡ଼ିଶାରେ ତନ୍ତ୍ରର ବହୁଳ ପ୍ରଚାର ଦିଗରେ ସାକ୍ଷ୍ୟ ଦେଉଛି । ଓଡ଼ିଶାର ତନ୍ତ୍ର ମଧ୍ୟ ବିଦେଶରେ ସମ୍ମାନଲାଭ କରିଛି । ଦୁର୍ଗାଙ୍କର ନାମାନ୍ତର ବହୁ ପାଷାଣ ଦେବୀ ମୂର୍ତ୍ତି ଓଡ଼ିଶାର ପ୍ରତ୍ୟେକ ପଲ୍ଲୀରେ ପୂଜିତ ହୋଇଆସୁଛନ୍ତି । ପାଷାଣ, କାଷ୍ଠ, ମୃତ୍ତିକା ଓ ଧାତୁର ବହୁ ମୂର୍ତ୍ତିର ପୀଠସ୍ଥଳର ବର୍ଦ୍ଧମାନତା ଦେବପୂଜା ଓ ତନ୍ତ୍ରସାଧନା ପ୍ରତି ଲୋକଙ୍କ ମନକୁ ଆକୃଷ୍ଟ କରି ଆସୁଛି ।

ଶାରଳାଦାସଙ୍କ ପୂର୍ବରୁ ଗଙ୍ଗବଂଶ ରାଜତ୍ୱରେ ମଧ୍ୟ ତନ୍ତ୍ରର ପ୍ରାଧାନ୍ୟ ହ୍ରାସ ପାଇନାହିଁ । ବିଷ୍ଣୁ, ଶିବ, ସୂର୍ଯ୍ୟ ପ୍ରଭୃତି ଦେବଦେବୀଙ୍କ ମନ୍ଦିର ସଙ୍ଗତ ଅନେକ ଦେବୀପୀଠ ଏହି ସମୟରେ ରାଜା ଓ ପ୍ରଜା ଉଭୟଙ୍କଠାରୁ ସମ୍ମାନ ଲାଭ କରିଛି । ନିଜେ ଚୋଡ଼ଗଙ୍ଗଦେବ ଜଣେ ପ୍ରଧାନ ଦେବୀଭକ୍ତ ଓ ତାନ୍ତ୍ରିକ ଥିବାରୁ ତାଙ୍କ ନାମରେ ଅନେକ ଶୁଣିପାରିଛି ମନ୍ତ୍ର ମଧ୍ୟ ପ୍ରଚଳିତ ହୋଇ-ପାରିଛି । ଶାରଳାଦାସଙ୍କ ବେଳକୁ ଏହି ତାନ୍ତ୍ରିକ-ପରଂପରାର ସ୍ରୋତ ଜାଗ୍ରତ ଥିଲା, ଏଥିରେ ସନ୍ଦେହ ନାହିଁ । ସିଦ୍ଧଶୀଳ ଶାରଳାଦାସ ଦେବୀ ସାରଳାଙ୍କ ବର ଲାଭକରି ଏତେ ବଡ଼ ବିରାଟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ ।

ବୈଷ୍ଣବ ମତର ପ୍ରଭାବ ସଙ୍ଗେ ସଙ୍ଗେ ବୌଦ୍ଧ ଓ ହିନ୍ଦୁ ତନ୍ତ୍ରମତର ପ୍ରଭାବ ଦେଶରେ ଜମ୍ ଉଠିଲା । ବଙ୍ଗ ଓ ଉତ୍କଳରେ ବହୁ ବୌଦ୍ଧ ସନ୍ନ୍ୟାସୀ ଏ ଘୃଣସଣ୍ଡ ବର୍ଣ୍ଣ ଭିତରେ ଥିବାର କଥା ମାଦଳାପାଞ୍ଜି ଓ ଅନ୍ୟାନ୍ୟ ଐତିହାସିକ ଲେଖାରୁ ଜଣାଯାଏ । ବୌଦ୍ଧଧର୍ମର ମହାଯାନ ପନ୍ଥାକୁ ଧ୍ୱଂସ କରିବା ପାଇଁ ତନ୍ତ୍ରମନ୍ତ୍ରର ବହୁଳ ପ୍ରଚାର ହୋଇଥିଲା । କପିଳେନ୍ଦ୍ରଦେବଙ୍କ ରାଜତ୍ୱରେ ଓ ତା'ପୂର୍ବରୁ ଓଡ଼ିଶାରେ ତନ୍ତ୍ରର ପ୍ରଭାବ ଥିବା ବିଷୟ ଶାରଳାଦାସଙ୍କ ଲେଖା-ମାନଙ୍କରୁ ଅନୁମାନ କରାଯାଏ ।

ବୌଦ୍ଧଧର୍ମର ପ୍ରଭାବକୁ ହ୍ରାସ କରିବା ପାଇଁ ବେଦ ବେଦାନ୍ତ ହିନ୍ଦୁଧର୍ମ ସମ୍ମତ ଶୂନ୍ୟବାଦର ପ୍ରଚାର ଓଡ଼ିଶାରେ କରିଥିଲେ । ପଶ୍ଚିମ, ମଧ୍ୟ ଓ ଉତ୍ତର-ଭାରତରେ ମୁସଲମାନ ସୂଫି ସମ୍ପ୍ରଦାୟର ଅନୁରୂପ ମତବାଦ ହିନ୍ଦୁଙ୍କ ଭିତରେ ପ୍ରଚାର କରିବାପାଇଁ ନାମଦେବ, କବୀର ପ୍ରଭୃତି କବି ଓ ଧର୍ମପ୍ରଚାରକମାନେ ଚେଷ୍ଟା କରିଥିଲେ । ଜାତିଧର୍ମନିର୍ବିଶେଷରେ ସବୁ-ଦେବତାଙ୍କ ମୂଳ ନିର୍ବିକାର ନିରାକାର ପରଂବ୍ରହ୍ମଙ୍କ ଆରାଧନା କରି ସାମ୍ପ୍ରଦାୟିକ, ସାମାଜିକ ଓ ବ୍ୟକ୍ତିଗତ ସଙ୍କୀର୍ଣ୍ଣତା ଦୂର କରିବାପାଇଁ ଏମାନେ ବହୁତ ଚେଷ୍ଟା କରିଥିଲେ । ଏମାନଙ୍କ ପ୍ରଭାବ ମଧ୍ୟ ଓଡ଼ିଶାରେ ପଡ଼ିଥିଲା । ଏ ଶ୍ରେଣୀର ଧର୍ମପ୍ରଚାରକମାନଙ୍କ ଭିତରୁ ଅନେକ ପୁରୀ କ୍ଷେତ୍ରକୁ ଆସି ଓଡ଼ିଶାରେ ପ୍ରଭାବ ବିସ୍ତାର କରିଯାଇଥିଲେ । ଶ୍ରୀ ଜଗନ୍ନାଥଙ୍କ ମୂଳତତ୍ତ୍ୱ ଏମାନଙ୍କ ମତବାଦକୁ

ବହୁତ ସାହାଯ୍ୟ କରିଥିଲା । ଶାରଳାଦାସଙ୍କ ଲେଖାରେ ଓଁକାର ନିରଞ୍ଜନଙ୍କ ଉଲ୍ଲେଖ ଏବଂ ପ୍ରଭାବକୁ ଦେଖାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଶାରଳାଦାସଙ୍କ ପରେ ପ୍ରତାପରୁଦ୍ର ଦେବଙ୍କ ସମୟର ପଞ୍ଚସଖାଙ୍କ ସାହିତ୍ୟରେ କେତେକ ସ୍ଥାନରେ ଶୂନ୍ୟ, ନିରାକାର, ଅଲେଖ, ନିରଞ୍ଜନ, ନିର୍ଗୁଣ ପ୍ରଭୃତି ବୌଦ୍ଧ ସ୍ପଷ୍ଟଭାବରେ ରୂପଧାରଣ କରିଛି ।

ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ରାଜତ୍ୱରେ ଓଡ଼ିଶାରେ ସମର ମନୋଭାବ ବହୁକାଳ ଲାଗି ରହିଥିଲା । ଏହି ପାଞ୍ଚଶହ ବର୍ଷ ମଧ୍ୟରେ ଓଡ଼ିଶା ଭିତରେ ଓ ଓଡ଼ିଶା ବାହାରେ ଓଡ଼ିଆମାନଙ୍କୁ ବହୁତ ଯୁଦ୍ଧ କରିବାକୁ ପଡ଼ିଥିଲା । ସମର ଅବସ୍ଥା ସାହିତ୍ୟର ବିକାଶ ପଥରେ ବିଶେଷ ସାହାଯ୍ୟକାରୀ ନୁହେଁ । ସେଥିପାଇଁ ଶାରଳାଦାସଙ୍କ ପୂର୍ବରୁ ଓ ତାଙ୍କ ଅମଳରେ (ଅବଶ୍ୟ ଶାରଳାଦାସଙ୍କୁ ଛାଡ଼ି) ଓଡ଼ିଆ ସାହିତ୍ୟର ଉନ୍ନତି ହୋଇ ପାରିନାହିଁ । ଶାରଳାଦାସଙ୍କ ଲେଖାରେ ଅବଶ୍ୟ ଯୁଦ୍ଧବର୍ଣ୍ଣନାମାନଙ୍କରୁ ଯୁଦ୍ଧ ମନୋବୃତ୍ତିର ପ୍ରଭାବ ଦେଖାଯାଏ ।

ଚୋଡ଼ଗଙ୍ଗଙ୍କଠାରୁ ପ୍ରତାପରୁଦ୍ର ଦେବଙ୍କ ପର୍ଯ୍ୟନ୍ତ ଏହି ପାଞ୍ଚଶହ ବର୍ଷ ଭିତରେ ଶାରଳାଦାସ ହିଁ ସର୍ବଶ୍ରେଷ୍ଠ ପ୍ରତିଭାବାନ୍ ଓଡ଼ିଆ କବି । ଶାରଳାଦାସଙ୍କ ପୂର୍ବରୁ ଓଡ଼ିଶାରେ ବହୁ କବି ସଂସ୍କୃତରେ ଗ୍ରନ୍ଥ ରଚନା କରି ଅମର ହୋଇଛନ୍ତି । କେତେକ ବିଖ୍ୟାତ କବି ଓ ଲେଖକଙ୍କ ପରିଚୟ ସଂକ୍ଷେପରେ ଏଠାରେ ଦିଆଗଲା ।

**ଗୋବର୍ଦ୍ଧନାଚାର୍ଯ୍ୟ**—କବି ଗୋବର୍ଦ୍ଧନାଚାର୍ଯ୍ୟଙ୍କ "ଆର୍ଯ୍ୟାସପ୍ତଶତୀ" ଏକ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ । ଏହି କବି ବଙ୍ଗଦେଶର ସେନବଂଶୀୟ ବିଖ୍ୟାତ ରାଜା ଲକ୍ଷ୍ମଣସେନଙ୍କ ସଭାପଣ୍ଡିତ ଥିଲେ ବୋଲି କେହି କେହି କହନ୍ତି । ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଲକ୍ଷ୍ମଣସେନ ତାଙ୍କୁ ସ୍ୱଦେଶକୁ ନେଇ ନିଜ ରାଜସଭାରେ ବିଶିଷ୍ଟ ସ୍ଥାନ ଦେଇଥିଲେ । ଗୋବର୍ଦ୍ଧନ ବିଖ୍ୟାତ କବି ଜୟଦେବଙ୍କର 'ଗୀତଗୋବିନ୍ଦ' କାବ୍ୟର "ଭାବ ପ୍ରକାଶିନୀ" ନାମକ ଟୀକା ଲେଖିଥିଲେ ଏବଂ ଏହା ଏହି କାବ୍ୟର ସର୍ବପ୍ରଥମ ଟୀକା ।

**ଉଦୟନାଚାର୍ଯ୍ୟ**—ଏ ଜଣେ ବିଖ୍ୟାତ କବି । ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଜନକଭ୍ରାତା । ଭୁବନେଶ୍ୱରର ବିଖ୍ୟାତ ମେଘେଶ୍ୱର ମନ୍ଦିର ଶିଳାଲିପି ଏହାଙ୍କ ଦ୍ୱାରା ରଚିତ । ଗଙ୍ଗବଂଶ ରାଜା ଚୋଡ଼ଗଙ୍ଗଙ୍କ ପୁତ୍ର ରାଜରାଜଦେବ (୧୨ଶ ଶତାବ୍ଦୀ)ଙ୍କ ଶାଳକ ରାଜା ସ୍ୱପ୍ନେଶ୍ୱରଦେବଙ୍କ ସଭାପଣ୍ଡିତ ଥିଲେ ।

**ଜୟଦେବ**—ଏ ବିଖ୍ୟାତ 'ଗୀତଗୋବିନ୍ଦ' କାବ୍ୟ ରଚନା କରିଥିଲେ । ପୁରୀଜିଲ୍ଲାର କେନ୍ଦୁଲି (କେନ୍ଦୁବିଲ୍ୱ) ଗ୍ରାମରେ ଏ ଜନ୍ମଗ୍ରହଣ କରିଥିଲେ ।

**ଭାସ୍କର**—୧୩ଶ ଶତାବ୍ଦୀରେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । କଟକ ଜିଲ୍ଲାର ବିଖ୍ୟାତ ସ୍ୱପ୍ନେଶ୍ୱର ମନ୍ଦିର ଶିଳାଲିପି ଏ ରଚନା କରିଥିଲେ । ଗଙ୍ଗବଂଶ ରାଜା ୨ୟ ଅନଙ୍ଗଭୀମଙ୍କର ସଭାପଣ୍ଡିତ ଥିଲେ ।

**ଉମାପତି**—ଗଙ୍ଗବଂଶ ରାଜା ଭାନୁଦେବ ୧ମଙ୍କ (୧୩ଶ ଶତାବ୍ଦୀ) ସମୟରେ ଜୀବିତ ଥିଲେ । ସେ କେତୋଟି ଉଚ୍ଚକୋଟୀର ରାଜପ୍ରଶସ୍ତି ଲେଖି ଯାଇଛନ୍ତି । ଭୁବନେଶ୍ୱରର ବିଖ୍ୟାତ ଅନନ୍ତ ବାସୁଦେବ ମନ୍ଦିରର ଚନ୍ଦ୍ରିକା-ଦେବୀ ଶିଳାଲିପି ଏହାଙ୍କ ଦ୍ୱାରା ରଚିତ । ଲିପିଟି ସଂସ୍କୃତରେ ଲେଖା ।

**କବିରାଜ ଶଙ୍ଖଧର**—ଏ ବିଖ୍ୟାତ ହାସ୍ୟାର୍ଣ୍ଣବ ବା ଲଟକମେଳକମ୍ ଗ୍ରନ୍ଥର ଲେଖକ । ସାହିତ୍ୟଦର୍ପଣର ଲେଖକ କବିରାଜ ବିଶ୍ୱନାଥ ମହାପାତ୍ର ଏହାଙ୍କ ହାସ୍ୟାର୍ଣ୍ଣବରୁ କେତେକ ପଦ ସ୍ୱଗ୍ରନ୍ଥରେ ଉଦାହରଣ ସ୍ଥଳରେ ଉଦ୍ଧାର କରିଛନ୍ତି ।

**ବିଦ୍ୟାଧର**—ବିଖ୍ୟାତ "ଏକାବଳୀ" ଅଳଙ୍କାର ଗ୍ରନ୍ଥ ପ୍ରଣେତା କବି ବିଦ୍ୟାଧର ଗଙ୍ଗବଂଶ ରାଜା ନରସିଂହଦେବ ୧ମଙ୍କ (୧୩ଶ ଶତାବ୍ଦୀ) ସଭାପଣ୍ଡିତ ଥିଲେ ।

**ନାରାୟଣ ଦାସ**—ଜୟଦେବଙ୍କ ଗୀତଗୋବିନ୍ଦ ଉପରେ 'ସର୍ବାଙ୍ଗ ସୁନ୍ଦରୀ' ନାମକ ଏକ ଟୀକା ଲେଖି ଖ୍ୟାତିଲାଭ କରିଥିଲେ । ଗଙ୍ଗବଂଶୀ ରାଜା ନରସିଂହଦେବ ୧ମଙ୍କ ସମସାମୟିକ ।

**ଚଣ୍ଡୀଦାସ**—ଏ ଗଙ୍ଗବଂଶୀ ରାଜା ନରସିଂହଦେବ ୩ୟ (୧୪ଶ ଶତାବ୍ଦୀ)ଙ୍କ ସମସାମୟିକ ଓ ସଭାପଣ୍ଡିତ । ବିଖ୍ୟାତ 'କାବ୍ୟପ୍ରକାଶ' ଗ୍ରନ୍ଥ ଉପରେ ସେ 'କାବ୍ୟପ୍ରକାଶ ଦୀପିକା' ନାମକ ଟୀକା ଲେଖି ଅମର ହୋଇଛନ୍ତି ।

**ଚନ୍ଦ୍ରଶେଖର ଦାଶ**—ଏ ଗଙ୍ଗବଂଶୀ ରାଜା ଭାନୁଦେବ ୩ୟ (୧୪ଶ ଶତାବ୍ଦୀ)ଙ୍କ ସଭାପଣ୍ଡିତ ଥିଲେ । 'ଶବ୍ଦାର୍ଣ୍ଣବ', 'ଧାତୁମାଳା' ନାମକ ଦୁଇଟି ଉଚ୍ଚକୋଟୀର ଗ୍ରନ୍ଥ ରଚନା କରିଛନ୍ତି । ଭାନୁଦେବ ତାଙ୍କୁ 'ସାନ୍ଧି ବିଗ୍ରହିକ ମହାପାତ୍ର' ଉପାଧିରେ ଭୂଷିତ କରିଥିଲେ ।

**କୃଷ୍ଣାନନ୍ଦ ଦାଶ**—ଗଙ୍ଗବଂଶୀ ରାଜା ନରସିଂହଦେବ ୪ର୍ଥ (୧୪ଶ ଶତାବ୍ଦୀ)ଙ୍କ ସଭାପଣ୍ଡିତ ଥିଲେ । ରାଜାଙ୍କ ଦ୍ୱାରା 'ସାନ୍ଧି ବିଗ୍ରହିକ ମହାପାତ୍ର' ଉପାଧିରେ ସେ ଭୂଷିତ ହୋଇଥିଲେ । 'ସହୃଦୟାନନ୍ଦ ମହାକାବ୍ୟ' ରଚନା କରି ସେ ବିଖ୍ୟାତ ହୋଇଛନ୍ତି ।

**ବିଶ୍ୱନାଥ କବିରାଜ**—ବିଖ୍ୟାତ ଆଳଙ୍କାରିକ ଓ କବି ବିଶ୍ୱନାଥ କବିରାଜ ଗଙ୍ଗବଂଶୀ ରାଜା ଭାନୁଦେବ (ଭାନୁଦେବ ୪ର୍ଥ, ୧୪-୧୫ଶ ଶତାବ୍ଦୀ)ଙ୍କ ସଭାପଣ୍ଡିତ ଥିଲେ । 'ସାହିତ୍ୟ ଦର୍ପଣ' ନାମକ ଅଳଙ୍କାର ଗ୍ରନ୍ଥ ଲେଖି ସେ ଅମର ହୋଇଛନ୍ତି । ଏ 'ଚନ୍ଦ୍ରକଳା ନାଟିକା' ନାମକ ଗୋଟିଏ ଉଚ୍ଚ ଧରଣର ନାଟିକା ରଚନା କରିଛନ୍ତି । ଭାନୁଦେବ ତାଙ୍କୁ 'ସାନ୍ଧି ବିଗ୍ରହିକ ମହାପାତ୍ର' ଉପାଧିରେ ଭୂଷିତ କରିଥିଲେ । ଭାନୁଦେବଙ୍କ ପିତା ନରସିଂହଦେବ (୪ର୍ଥ)ଙ୍କର ମଧ୍ୟ ସେ ସଭାପଣ୍ଡିତ ଥିଲେ । ଏ ରାଜାଙ୍କ ପ୍ରଶସ୍ତି "ନରସିଂହ ବିଜୟ କାବ୍ୟମ୍" ରଚନା କରିଥିଲେ । କୁବଳୟାଶ୍ୱଚରିତମ୍, ପ୍ରଭାବତୀ-ପରିଣୟମ୍, ରାଘବବିଳାସ ମହାକାବ୍ୟମ୍, କାବ୍ୟପ୍ରକାଶଦର୍ପଣମ୍—ଏହି କେତୋଟି ଗ୍ରନ୍ଥ ମଧ୍ୟ ଲେଖିଥିଲେ । 'ସାହିତ୍ୟଦର୍ପଣ' ଅଳଙ୍କାର ଗ୍ରନ୍ଥମାନଙ୍କ ଭିତରେ ଅତି ଉଚ୍ଚ ଧରଣର ଲେଖା । ଲେଖା ହେବାର ପାଞ୍ଚଶହ ବର୍ଷ ପରେ ମଧ୍ୟ ଏହି ଗ୍ରନ୍ଥଟି ଅଳଙ୍କାରଶାସ୍ତ୍ର ଜଗତରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିଅଛି ।

## (କ) କପିଳେନ୍ଦ୍ର ଯୁଗ :

### (୧) ଉତ୍କଳବ୍ୟାସ ଶାରଳା (ସାରଳା) ଦାସ

**ଶାରଳା ଦାସଙ୍କ ପୂର୍ବର ଓଡ଼ିଶା :**—ଶାରଳାଦାସଙ୍କ ପୂର୍ବରୁ ଭାରତରେ ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ଅଳ୍ପସଂଖ୍ୟକ ଭାଷାହିଁ ସାହିତ୍ୟ-ସମ୍ପଦରେ ସମୃଦ୍ଧ ଥିଲେ । ଗଦ୍ୟ ଅପେକ୍ଷା ପଦ୍ୟ ରଚନାର ଗୌରବ ଓ ଆଦର ଥିବାରୁ ଗଦ୍ୟରଚନ ଅପେକ୍ଷା ପଦ୍ୟରଚନାର ପରିମାଣ ବେଶି ଥିଲା । ଶିକ୍ଷିତ ସମ୍ପ୍ରଦାୟ ଭିତରେ ସଂସ୍କୃତର ବେଶି ଆଦର ଥିଲେ ମଧ୍ୟ 'ଦେଶୀ ଭାଷା'ରେ ରଚିତ ଗ୍ରନ୍ଥମାନଙ୍କ ପ୍ରତି ଅନାଦର କ୍ରମେ ଲୋପ ପାଉଥିଲା । ଲୋକସାଧାରଣଙ୍କ ପାଇଁ ଦେଶୀଭାଷାର ବ୍ୟବହାରର ଆବଶ୍ୟକତା ସମସ୍ତେ ଉପଲବ୍ଧି କରୁଥିଲେ । ଆନ୍ତର୍ଜାତିକ କ୍ଷେତ୍ରରେ ସଂସ୍କୃତ ପ୍ରଧାନ ମାଧ୍ୟମ ଥିବାରୁ ସଂସ୍କୃତ ରଚନା ସମଗ୍ର ଭାରତ ଓ ନିକଟବର୍ତ୍ତୀ ବହୁ ବିଦେଶୀ ରାଜ୍ୟରେ ସ୍ଥାନ ପାଉଥିଲା । ସ୍ଥାନ ନିର୍ବିଶେଷରେ ଉଚ୍ଚକୋଟିର ସଂସ୍କୃତ ରଚନା କାଶ୍ମୀରଠାରୁ ଆରମ୍ଭ କରି କୁମାରିକା ପର୍ଯ୍ୟନ୍ତ ସୁଧୀମଣ୍ଡଳୀରେ ଆଦୃତ ହେଉଥିଲା । 'ଦେଶୀଭାଷା'ର ପରିସର ଏହା ତୁଳନାରେ ସଙ୍କୀର୍ଣ୍ଣ ଥିବାରୁ ସେ କାଳରେ ବହୁ ଶକ୍ତ ବ୍ୟକ୍ତି ଦେଶୀଭାଷା ଅପେକ୍ଷା ସଂସ୍କୃତ ଭାଷାରୁ ରଚନା ନିମନ୍ତେ ବ୍ୟବହାର କରୁଥିଲେ । କିନ୍ତୁ କ୍ରମେ ଲୋକସାଧାରଣଙ୍କ ବୋଧ ନିମନ୍ତେ ଦେଶୀଭାଷାର ଆବଶ୍ୟକତା ଅଧିକ ଅନୁଭୂତ ହେବାରୁ ଦେଶୀ ଭାଷାର ଆଦର ବୃଦ୍ଧି ପାଇଲା । ଶାସକମାନେ ମଧ୍ୟ ଦେଶୀଭାଷାର ରଚନାକୁ ଆଦର କରିବାରୁ ଦେଶୀଭାଷାର କବିମାନେ ଉତ୍ସାହିତ ହେଲେ । ଉପଯୁକ୍ତ ପୃଷ୍ଠପୋଷକର ସମ୍ଭାବନା ରହିବାରୁ ଶକ୍ତିବ୍ୟକ୍ତିମାନେ ଦେଶୀଭାଷାରେ ରଚନା କରିବାକୁ ମଧ୍ୟ ଗୌରବ ମନେ କଲେ । ଅନାଦର, ଘୃଣା ଓ ହୀନ ମନୋବୃତ୍ତି କ୍ରମେ ଲୋପ ପାଇବାକୁ ଲାଗିଲା । ଏହାଦ୍ୱାରା ଦେଶୀଭାଷାରେ ରଚନା କରିବା ପାଇଁ ଉପଯୁକ୍ତ ବାୟୁମଣ୍ଡଳ ସୃଷ୍ଟି ହେଲା ।

ଶାରଳା ଦାସଙ୍କ ପୂର୍ବରୁ ଓ ତାଙ୍କ ସମୟରେ ଭାରତର କେତେକ ପ୍ରାଦେଶିକ ଭାଷାରେ ସୁବର୍ଣ୍ଣ-ସାହିତ୍ୟ-ସୃଷ୍ଟି ଆରମ୍ଭ ହୋଇସାରିଥିଲା । ରାଜନୈତିକ କାରଣ ଯୋଗୁଁ ଓଡ଼ିଶା ଉତ୍ତରରେ ବଙ୍ଗ, ପଶ୍ଚିମରେ ମରହଟ୍ଟା

ଓ କର୍ଣ୍ଣାଟ, ଦକ୍ଷିଣରେ ଅନ୍ଧ୍ର, କର୍ଣ୍ଣାଟ ଓ ତାମିଲ୍—ଏହି ସବୁ ଓ ଏହି ସ୍ଥାନୀୟ ଲେଖକଙ୍କ ଦ୍ୱାରା ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଦକ୍ଷତାପୂର୍ବକରେ ସମୃଦ୍ଧ ହୋଇଥିଲା । ଏହି ଦେଶମାନଙ୍କ ସହିତ ବିଭିନ୍ନ ପ୍ରକାର ସମ୍ବନ୍ଧ ମଧ୍ୟ ଓ ସାଂସ୍କୃତିକ ମିଳନ ଫଳରେ ଓଡ଼ିଶାରେ ମଧ୍ୟ ନୂତନ ଚିନ୍ତାଧାରା ଦେଖାଗଲା । ଗଙ୍ଗବଂଶ ରାଜତ୍ୱର ପ୍ରାୟ ସୁଦୀର୍ଘ ବର୍ଷ ଭିତରେ ଉତ୍ତର-ଭାରତ ଅପେକ୍ଷା ଦକ୍ଷିଣ-ଭାରତ ସହିତ ବେଶୀ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । ଦକ୍ଷିଣ-ଭାରତରୁ ବହୁ ବିଶିଷ୍ଟ କବି, ଦାର୍ଶନିକ ଓ ମତବାଦ-ପ୍ରଚାରକ ଓଡ଼ିଶାକୁ ଆସିଥିଲେ ଏବଂ ଓଡ଼ିଶାରୁ ମଧ୍ୟ ଏପରି ବହୁ ଜ୍ଞାନୀ ଲୋକ ସେଠାକୁ ଯାଉଥିଲେ । ଦକ୍ଷିଣ-ଭାରତରେ ସଂସ୍କୃତ ସହିତ ଦେଶୀଭାଷାର ଆଦର ସେ ସମୟରେ ସମଭାବରେ ଲାଭ କରିଥିବାରୁ ବିଶିଷ୍ଟ ଦକ୍ଷିଣ-ଭାରତୀୟ ଭାଷାମାନଙ୍କରେ ବହୁ ଗ୍ରନ୍ଥ ରଚିତ ହୋଇଥିଲା । ଓଡ଼ିଶାରେ ଏହି ଯୁଗରେ ବହୁ ସଂସ୍କୃତ ଗ୍ରନ୍ଥ ଓଡ଼ିଆ କବିମାନଙ୍କଦ୍ୱାରା ରଚିତ ହୋଇଥିଲା । କାବ୍ୟ, କବିତା, ନାଟକ, ଦର୍ଶନ ଓ ଧର୍ମଶାସ୍ତ୍ର ପ୍ରଭୃତି ବହୁ କ୍ଷେତ୍ରରେ ଉତ୍କଳୀୟ କବିମାନେ ଅତି ଉଚ୍ଚକୋଟୀର ରଚନା ସୃଷ୍ଟି କରି ଉତ୍କଳରେ ଓ ଉତ୍କଳ ବାହାରେ ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଅତି ସମ୍ମାନଲାଭ କରିଥିଲେ । ଏମାନଙ୍କ ଭିତରେ ଜୟଦେବ ଓ ବିଶ୍ୱନାଥ ମହାପାତ୍ର ଅତି ଉଚ୍ଚସ୍ଥାନ ଲାଭ କରିଥିଲେ ।

ଶାରଳା ଦାସ ସ୍ୱଦେଶର ଉଚ୍ଚ ସଂସ୍କୃତ-ସାହିତ୍ୟ-ସମ୍ପଦର ଉତ୍ତରାଧିକାରୀ ହୋଇଥିଲେ । ସେ ସ୍ୱତଃପ୍ରବୃତ୍ତ ଭାବେ ନୂତନ ସୃଷ୍ଟିର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଦେଶୀଭାଷାରେ ନୂତନ ଆଦର୍ଶ ରଖିଯିବା ପାଇଁ ମନ ବଳାଇଲେ । ଏହି ନୂତନ ପ୍ରେରଣାର ସମ୍ପାଦନାରେ ସେ ଅତି ଉଚ୍ଚକୋଟୀର ବିଷୟବସ୍ତୁକୁ ବ୍ୟବହାର କରିବା ପାଇଁ ଉଦ୍ୟତ ହୋଇଥିଲେ । 'ମହାଭାରତ' ଅପେକ୍ଷା ଅଧିକ ବେଶୀ ଆଦରଣୀୟ ବିଷୟବସ୍ତୁ କଣ ହୋଇପାରେ ? "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ" ଉକ୍ତିର ତତ୍ତ୍ୱରେ ପ୍ରଭାବିତ ହୋଇ ସେ ଅଭିନବ ମହାଭାରତ ରଚନା କରି ଉକ୍ତିର ସତ୍ୟତା ରକ୍ଷା କରିବା ପାଇଁ ସ୍ୱଗ୍ରନ୍ଥରେ 'ବିଶ୍ୱ' ବିଷୟ ସନ୍ନିବେଶିତ କରିଅଛନ୍ତି ଏବଂ ନୂତନ ଆଦର୍ଶ ସୃଷ୍ଟି କରି ଅମର ହୋଇଛନ୍ତି ।

ଶାରଳା ଦାସଙ୍କ ପୂର୍ବରୁ ସଂସ୍କୃତରେ ବିଭିନ୍ନ ବିଷୟରେ ଅତି ଉଚ୍ଚ-କୋଟୀର ଗ୍ରନ୍ଥ ଓଡ଼ିଶାରେ ରଚିତ ହୋଇଥିଲା । ଭାରତର ବିଭିନ୍ନ ଅଞ୍ଚଳର ବହୁ ବିଖ୍ୟାତ କବି, ଦାର୍ଶନିକ ଓ ଧର୍ମ ପ୍ରଚାରକ ଓଡ଼ିଶାକୁ ଆସି ସଂସ୍କୃତ କ୍ଷେତ୍ରର ବହୁ ଉନ୍ନତି ସାଧନ କରିଥିଲେ ଏବଂ ଓଡ଼ିଶାକୁ ସଂସ୍କୃତର ଏକ ପ୍ରଧାନ ପୀଠ ରୂପେ ବିବେଚନା କରୁଥିଲେ । ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାର ରଚନା ପ୍ରାନ୍ତୀୟ ଭାଷାର ରଚନା ଅପେକ୍ଷା ବେଶୀ ଆଦର ଓ ଗୌରବ ଲାଭ କରୁଥିଲା । ଶାରଳା ଦାସଙ୍କ ସମୟରେ ମଧ୍ୟ ଏହି ଅବସ୍ଥା ଥିବାରୁ ତାଙ୍କ ସମୟର ବହୁ ଓଡ଼ିଆ କବି ଓ ଲେଖକ ସଂସ୍କୃତରେ ଗ୍ରନ୍ଥ ରଚନା କରି ଅମର ଖ୍ୟାତି ଅର୍ଜନ କରିଥିଲେ । ସ୍ୱୟଂ କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବ ମଧ୍ୟ ସଂସ୍କୃତରେ ଗ୍ରନ୍ଥ ରଚନା କରିଥିଲେ ।

ଶାରଳା ଦାସ ପ୍ରାନ୍ତୀୟ ଭାଷାରେ ବିରାଟ ମହାଭାରତ ଗ୍ରନ୍ଥ ରଚନା କରି ପ୍ରାନ୍ତୀୟ ଭାଷା ଯେ ଉଚ୍ଚକୋଟୀର ଗ୍ରନ୍ଥ ରଚନା କରିବାପାଇଁ ଉପଯୁକ୍ତ ମାଧ୍ୟମ ଏହା ପ୍ରମାଣିତ କରିଦେଇଗଲେ । ତାଙ୍କର କୃତିତ୍ୱ ପରବର୍ତ୍ତୀ ସମୟରେ ବହୁ କୃତବିଦ୍ୟ ଓଡ଼ିଆ ଲେଖକଙ୍କୁ ସ୍ୱପ୍ରାନ୍ତୀୟ ଭାଷାରେ ଉଚ୍ଚ-କୋଟୀର ଗ୍ରନ୍ଥ ରଚନା କରିବାକୁ ପ୍ରେରଣା ଦେଇଥିଲା, ଏଥିରେ ସନ୍ଦେହ ନାହିଁ । ସଂସ୍କୃତ ଭାଷାରେ ରଚନା କରିବା ପ୍ରବୃତ୍ତି ପଅଁକୁ କିଛି ପରିମାଣରେ ବନ୍ଦ କରିଦେଇ ଓଡ଼ିଆ ଭାଷାରେ ରଚନା କରିବା ଦିଗରେ ଟାଣି ନେଲେ । ଏହାଙ୍କ ପରେ ଶତାଧିକ କବି ମାତୃଭାଷା ଓଡ଼ିଆରେ ଗ୍ରନ୍ଥ ରଚନା କରି ଯଶ ଲାଭ କରିଛନ୍ତି ।

ଶାରଳା ଦାସଙ୍କ ପୂର୍ବରୁ ଉତ୍କଳୀୟ ଭାଷାରେ ଆଦର୍ଶସ୍ଥାନୀୟ କୌଣସି ବିଶିଷ୍ଟ ରଚନା ନଥିଲା । ରଚନାମାନଙ୍କର ସଂଖ୍ୟାର ପରିମାଣ ମଧ୍ୟ ବେଶୀ ନଥିଲା । ଛୋଟ ଛୋଟ କବିତା ଓ ଗଦ୍ୟ ରଚନା ଛଡ଼ା ବଡ଼ ଗ୍ରନ୍ଥ ଥିବାର ଜଣାଯାଇ ନାହିଁ । ତେଣୁ ଆଦର୍ଶ ଅଭାବରେ ସେ ନିରୁତ୍ସାହିତ ହୋଇନାହାନ୍ତି, ବରଂ ଆଦର୍ଶ ସୃଷ୍ଟି କରିବାରେ ଦୃଢ଼ସଙ୍କଳ୍ପ ହୋଇଛନ୍ତି । ଆଦର୍ଶର ଅଭାବସତ୍ତ୍ୱେ ସେ ସ୍ୱ ଧୀରତା ଉପରେ ବିଶ୍ୱାସ ରଖି ଓ ପରଂପରାର ଅନୁକୂଳ ସୀମା

ଉପରେ ନିର୍ଭର କରି ସେ ନୂତନ ସୃଷ୍ଟିରେ ବ୍ରତୀ ହୋଇଛନ୍ତି ଏବଂ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ।

**ଶାରଳାଦାସଙ୍କ ସମୟର ରାଜନୈତିକ ଓଡ଼ିଶା**—ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ (କପିଳେଶ୍ୱର ଦେବ, ପ୍ରତାପ କପିଳେଶ୍ୱର ଦେବ)ଙ୍କ ରାଜତ୍ୱ ସମୟରେ (ଖ୍ରୀ: ୧୪୩୫-୬୭) ମହାଭାରତ ରଚନା କରିଥିଲେ । କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଓଡ଼ିଶାର ରାଜନୈତିକ ଅବସ୍ଥା ଅତି ଜଟିଳ ଥିଲା । ଦେଶରେ ଅଶାନ୍ତି ଲାଗି ରହିଥିଲା । କପିଳେନ୍ଦ୍ର ଦେବଙ୍କ ପୂର୍ବରୁ ଗଙ୍ଗବଂଶର ଶେଷ ରାଜାମାନେ ଦୁର୍ବଳ ଥିବାରୁ ସାମନ୍ତ ରାଜାମାନେ ଅଧୀନତା ସ୍ୱୀକାର କରିବାକୁ କୁଣ୍ଠାବୋଧ କରୁଥିଲେ । ସମସ୍ତ ଓ ସୁବିଧା ପାଇବା କ୍ଷଣି ସେମାନେ ନିଜର ସ୍ୱାତନ୍ତ୍ର୍ୟ ଘୋଷଣା କରି ଦେଉଥିଲେ । କପିଳେନ୍ଦ୍ର ଦେବ ସିଂହାସନ ଆରୋହଣ କରିବା ପରେ ସେ ଏହି ବିଦ୍ରୋହୀ ସାମନ୍ତ ରାଜାମାନଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ । ଦକ୍ଷିଣରେ ଖେମଣ୍ଡି ରାଜା ଓ ଅନ୍ୟାନ୍ୟ ସାମନ୍ତ ରାଜାମାନଙ୍କର ବିଦ୍ରୋହ ଦମନ କରିବା ନିମନ୍ତେ ଖ୍ରୀ: ୧୪୪୨ ରେ କପିଳେନ୍ଦ୍ର ଦେବ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଅଗ୍ରସର ହୋଇ ଥିଲେ ଏବଂ ଏ ରାଜାମାନଙ୍କୁ ପରାସ୍ତ କରି ଶାନ୍ତି ସ୍ଥାପନ କରିଥିଲେ । ସେହି ବର୍ଷ ପୁଣି ମହେନ୍ଦ୍ରଗିରିଠାରୁ ଅନ୍ଧ୍ରଦେଶର କୋଣ୍ଡାପାଲି ପର୍ଯ୍ୟନ୍ତ ଅଭିଯାନ କରିଥିଲେ । ଏ ଅଭିଯାନ ସମୟରେ କନକା, ଗୁଜଙ୍ଗ, ଅଙ୍କା ଓ ସେ ଅଞ୍ଚଳର ଅନ୍ୟାନ୍ୟ ସାମନ୍ତ ରାଜାମାନେ ବିଦ୍ରୋହୀ ହେବାରୁ କୋଣ୍ଡାପାଲିଠାରୁ ଫେରି ଆସି କପିଳେନ୍ଦ୍ର ଦେବ ଖ୍ରୀ: ୧୪୪୨ ରେ ସେମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ । ସେହି ସମୟରେ ବଙ୍ଗ ସୁଲତାନ ନାସିରୁଦ୍ଦିନ୍ ମହମ୍ମଦ ଶାହ ଏହି ଅଶାନ୍ତିର ସୁଯୋଗ ନେଇ ଓଡ଼ିଶାର ଉତ୍ତରାଞ୍ଚଳ ଆକ୍ରମଣ କରିଥିଲେ । ମାତ୍ର କପିଳେନ୍ଦ୍ର ଦେବ ତାଙ୍କୁ ଯୁଦ୍ଧରେ ପରାସ୍ତ କରି ବଙ୍ଗକୁ ତଡ଼ି ଦେଇଥିଲେ । ଖ୍ରୀ: ୧୪୫୮ ଠାରୁ ୧୪୬୩ ପର୍ଯ୍ୟନ୍ତ କପିଳେନ୍ଦ୍ର ଦେବଙ୍କ ଦାକ୍ଷିଣାତ୍ୟ ଅଭିଯାନ ସମୟ । ଏ ଅଭିଯାନରେ କେରଳ ରାଜ୍ୟ ପର୍ଯ୍ୟନ୍ତ କପିଳେନ୍ଦ୍ର ଦେବ ନିଜ ପ୍ରଭୁତ୍ୱ ବିସ୍ତାର କରିଥିଲେ । କପିଳେନ୍ଦ୍ରଦେବଙ୍କ ରାଜତ୍ୱରେ ବହୁ ଯୁଦ୍ଧ ହୋଇଥିଲା । ଦେଶରେ ଲୋକେ ଶାନ୍ତିରେ ଅତି ଅଳ୍ପ

ସମସ୍ତ କଟାଇ ପାରିଥିଲେ । ଏହାଙ୍କ ଶାସନରେ ଯୁଦ୍ଧର ସଂଖ୍ୟା ଅତି ବେଶି ହୋଇଥିଲେ ମଧ୍ୟ ଦେଶର ସାଧାରଣ ଶାନ୍ତି ପାଇଁ କପିଳେନ୍ଦ୍ର ବିଶେଷ ଯତ୍ନବାନ୍ ଥିଲେ । ପ୍ରଜାମାନଙ୍କୁ ସୁଶାସନରେ ରଖିବା ଓ ଆଦର୍ଶ ଶାସନବିଧାନ ପ୍ରଚଳନ କରିବା ନିମନ୍ତେ କପିଳେନ୍ଦ୍ର ଦେବ ସମସ୍ତ ସାମନ୍ତ ରାଜାମାନଙ୍କୁ ବରାବର ହୁକୁମ ଦେଉଥିଲେ । ଏହା ଫଳରେ ଦେଶର ଆର୍ଥିକ ଓ ରାଜନୈତିକ ଅବସ୍ଥାର ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ସାମାଜିକ ଓ ଧାର୍ମିକ ଉନ୍ନତି ମଧ୍ୟ ସମ୍ଭବ ହୋଇଥିଲା ।

**ଶାରଳା ଦାସଙ୍କ ଜୀବନୀ:**—କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳରେ ଶାରଳା ଦାସଙ୍କ ଅମର ଲେଖନୀରୁ ଓଡ଼ିଆଙ୍କର ଅମୂଲ୍ୟନିଧି ମହାଭାରତ ରଚିତ ହୋଇଥିଲା । ମହାବୀର ଦିଗ୍‌ବିଜୟୀ କପିଳେନ୍ଦ୍ର ଦେବ ଖ୍ରୀ: ୧୪୩୫ ଠାରୁ ଖ୍ରୀ: ୧୪୬୭ ପର୍ଯ୍ୟନ୍ତ ୩୦ ବର୍ଷ କାଳ ଉତ୍କଳ-ସିଂହାସନ ଅଳଙ୍କୃତ କରିଥିଲେ । ଶାରଳା ଦାସ ଏହାଙ୍କ ରାଜତ୍ୱରେ ମହାଭାରତ ଲେଖିଥିଲେ । କିନ୍ତୁ ଲେଖାର ନିର୍ଦ୍ଦିଷ୍ଟ ସମୟ ଜାଣିବାର କୌଣସି ଉପାୟ ନାହିଁ । ଏ ସମ୍ବନ୍ଧରେ କବି ନିଜେ କୌଣସି ସୂଚନା ଦେଇନାହାନ୍ତି । କେବଳ ଏତିକି ଲେଖିଛନ୍ତି:—

ପ୍ରଣିପତ୍ୟେ ଗଞ୍ଜଇ କପିଳେନ୍ଦ୍ର ନାମେ ରାଜା
ତେତିଶ କୋଟି ଦେବେ ଚରଣେ ଯାର ପୂଜା । (ଆଦି ପର୍ବ)

ଅନ୍ୟ ପାଠ—

(୧) କଳିମଳ ବିଧ୍ୱଂସିଣ କୋଟି ଦେବା ପୂଜା
ପ୍ରଣାମ ମାତ୍ରେ ଗଞ୍ଜଇ କପିଳେଶ ରାଜା । (ଆଦି ପର୍ବ)

(୨) କଳିକାଳ ଧ୍ୱଂସନକୁ ତେତିଶ କୋଟି ପୂଜା,
ପ୍ରଣମିତେ ଗଞ୍ଜଇ କପିଳେଶ୍ୱର ରାଜା ।

ଆଦ୍ୟପର୍ବର ଆରମ୍ଭ ଅଂଶରେ ଏହିପରି ଲେଖା ହୋଇଛି । ଅନୁମାନ ହେଉଛି, କବି ଉକ୍ତଲେଖା ଆରମ୍ଭ କଲାବେଳକୁ କପିଳେନ୍ଦ୍ର ଦେବ

ରାଜତ୍ୱ କରୁଥିଲେ । ସେତେବେଳକୁ ଶାରଳାଦାସଙ୍କର ବୟସ ମଧ୍ୟ ବେଶୀ ହୋଇନଥିଲା । କାରଣ ମଧ୍ୟପର୍ବ ଲେଖା ହେବା ସମୟରେ ସେ ଲେଖିଛନ୍ତି :—

ଶିଶୁ ବୁଦ୍ଧି ମୋହର ବୟସ ଅଳପରି । (ମଧ୍ୟପର୍ବ)

ଆଉ ମଧ୍ୟ ସେ ଗ୍ରନ୍ଥକୁ କେବେ ସମାପ୍ତ କରିଛନ୍ତି, ତାହା ଜାଣିବା ପାଇଁ କୌଣସି ଉପାଦାନ ମିଳୁ ନାହିଁ । କବିଙ୍କ ରଚନା ସମୟ ନିରୂପଣ କରିବାପାଇଁ ଯେଉଁ ଜଣେ ଦୁଇ ଜଣ ସମାଲୋଚକ ଚେଷ୍ଟା କରିଛନ୍ତି, ସେମାନଙ୍କ ଯୁକ୍ତି ସେତେ ଦୃଢ଼ ନୁହେଁ । ଯେଉଁଠାରେ ବଳବତ୍ତର ପ୍ରମାଣ ନାହିଁ, ସେଠାରେ ମନକୁ ଯାହା ଆସିଲା ତାହା କହିବା ଉଚିତ ନୁହେଁ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏ ପ୍ରସଙ୍ଗରେ ଯେଉଁ ଯୁକ୍ତି ଦେଖାଇଛନ୍ତି, ତାହା ଆଦୌ ସନ୍ତୋଷ-ଜନକ ହୋଇପାରି ନାହିଁ । ସେ କହନ୍ତି, "କପିଳେନ୍ଦ୍ର ଦେବ ଖ୍ରୀ: ୧୪୫୨ ଠାରୁ ଖ୍ରୀ: ୧୪୭୯ ପର୍ଯ୍ୟନ୍ତ" ଅର୍ଥାତ୍ ୨୭ ବର୍ଷ କାଳ ରାଜତ୍ୱ କରିଥିଲେ । ଏହି ରାଜତ୍ୱ ସମୟର କେଉଁ ଅଂଶରେ କବି ମହାଭାରତ ଆରମ୍ଭ କରିଥିଲେ, ତାହା ଜାଣିବା କଠିନ । ତଥାପି ଉଲ୍ଲିଖିତ ଉକ୍ତିର (ଅର୍ଥାତ୍ "ପ୍ରଣମିତେ ଗଉଡ଼ କପିଳେଶ୍ୱର ରାଜା") ସ୍ୱରୂପରୁ ପ୍ରତୀତ ହେଉଛି ସେ ଗ୍ରନ୍ଥ ଲେଖିଲା ବେଳକୁ ରାଜତ୍ୱର ପ୍ରାୟ ଅର୍ଦ୍ଧାଂଶ ଅତୀତ ହୋଇଥିଲା । ଏହି ଅନୁମାନ ଉପରେ ନିର୍ଭର କରି ଆମ୍ଭେମାନେ ଯଦି ମହାଭାରତ ରଚନା କାଳକୁ ଖ୍ରୀ: ୧୪୭୫ର ଆରମ୍ଭ କାଳ ଧରୁଁ, ତାହାହେଲେ ଜନ୍ମକାଳ ଅବଧାରଣ କରିବାପାଇଁ କେବଳ ତତ୍କାଳୀନ ବୟସ ନିରୂପଣ କରିପାରିଲେ ଯଥେଷ୍ଟ ହେବ । ଏହି ମହାଗ୍ରନ୍ଥର କୌଣସିଠାରେ ଯଦ୍ୟପି କବି ନିଜ ବୟସ ଉଲ୍ଲେଖ କରିନାହାନ୍ତି, ତଥାପି ସେଥିରୁ ତାଙ୍କ ଅବସ୍ଥାର ପରିଚୟ ମିଳେ । 'ଶାରଳା ଦାସକୁ ପ୍ରଭୁ ଶରଣମୁକ୍ତି ଦେବା' ଇତ୍ୟାଦି ପ୍ରକାର ଉକ୍ତି ଗ୍ରନ୍ଥର ସ୍ଥାନେ ସ୍ଥାନେ କବିଙ୍କ ମୁଖରୁ ଯେପରି ଘନଘନ ଉଚ୍ଚାରିତ ହୋଇଅଛି ସେଥିରୁ, ଏବଂ ତହିଁରୁ ଯେଉଁ ବ୍ୟାକୁଳ ଭାବ, ମୋକ୍ଷଲିପ୍ସା ଓ ଆତ୍ମଗ୍ଳାନି ପ୍ରଭୃତିର ପରିଚୟ ମିଳୁଅଛି, ତଦ୍ୱାରା ଅନୁମିତ ହୁଏ, ସେତେବେଳେ ତାଙ୍କୁ ଜରା ବା ବାର୍ଦ୍ଧକ୍ୟ ଆକ୍ରମଣ କରିଥିଲା । ଅବଶ୍ୟ ପାଞ୍ଚଶତବର୍ଷ ପୂର୍ବର ଜନସାଧାରଣଙ୍କର ଆୟୁ ବା

ଜୀବନକାଳକୁ ସ୍ମରଣ କରି ଦେଖିଲେ ଏହା ବୋଲି ଯାଇପାରେ, ସେତେବେଳେ ତାଙ୍କର ବୟସ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ । ତତ୍କାଳୀନ ବୟସ ସେତେ ବର୍ଷ ଧରିଲେ କବିଙ୍କର ଜନ୍ମ ଖ୍ରୀ: ୧୪୧୫ ର ନିକଟବର୍ତ୍ତୀ ହେଉଅଛି । ଅତଏବ ଅନ୍ୟ ପ୍ରମାଣ ପାଇବା ଯାଏ, ବର୍ତ୍ତମାନ ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ କବି ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ଆବିର୍ଭୂତ ହୋଇଥିଲେ ।”

( ସାରଳା ଚରିତ—ପୃ ୧୦-୧୧ )

ପଣ୍ଡିତ ନନ୍ଦେ ଅନୁମାନ କରନ୍ତି ଯେ—(୧) “ପ୍ରତାପିତେ ଗଜଇ କପିଳେଶ୍ୱର ରାଜା” ଏହି ଉକ୍ତିକୁ ଦେଖିଲେ ଜଣାପଡ଼େ, ମହାଭାରତ ଲେଖା ଆରମ୍ଭ ବେଳକୁ ରାଜା ଅର୍ଦ୍ଧେକ ସମୟ ରାଜତ୍ୱ କରିସାରିଥିବେ । ଅର୍ଥାତ୍, ଖ୍ରୀ: ୧୪୬୫ ବେଳକୁ ଲେଖା ଆରମ୍ଭ ହୋଇଥିଲା ।

(୨) କବିଙ୍କ “ସାରଳାଦାସଙ୍କୁ ଶୂଦ୍ରମୁନି ଦେବା” ଓ ଅନ୍ୟାନ୍ୟ ଉକ୍ତିରୁ ଜଣାପଡ଼ୁଛି, କବିଙ୍କୁ ସେତେବେଳକୁ ଜରା ବା ବାର୍ଦ୍ଧକ୍ୟ ଆକ୍ରମଣ କଲାଣି, ଅର୍ଥାତ୍ ସେତେବେଳକୁ ପ୍ରାୟ ୫୦ ବର୍ଷ ବୟସ ହୋଇଥିବ । ଏଥିରୁ ସେ ଅନୁମାନ କରନ୍ତି ଯେ ଲେଖା ସମୟ ଖ୍ରୀ: ୧୪୬୫ ଏବଂ ଲେଖା ବୟସ ସମୟକୁ ୫୦ ବର୍ଷ ହେଲେ ଜନ୍ମ ସମୟ ପ୍ରାୟ ୧୪୦୦ ଖ୍ରୀଷ୍ଟାବ୍ଦ । ଏହି ଯୁକ୍ତିରେ କୌଣସି ଯାଥାର୍ଥ୍ୟ ନାହିଁ । “ପ୍ରତାପିତେ ଗଜଇ କପିଳେଶ୍ୱର ରାଜା” ଏଥିରୁ କିପରି ଓ କାହିଁକି ସେ ଅର୍ଦ୍ଧେକ ରାଜତ୍ୱ ସମୟ ହିସାବ କରିଥିବେ ବୋଲି ଧରାଯିବ ? “ସାରଳାଦାସଙ୍କୁ ଶୂଦ୍ରମୁନି ଦେବା” ଓ ଏ ପ୍ରସଙ୍ଗର ଅନ୍ୟାନ୍ୟ ଉକ୍ତିମାନଙ୍କରୁ ବା କାହିଁକି ତାଙ୍କୁ ଜରା-ବାର୍ଦ୍ଧକ୍ୟ ଆକ୍ରମଣ କରିଥିଲା ବୋଲି ଧରାଯିବ ? ଯେଉଁମାନେ ଭକ୍ତ, ସେମାନେ ଅଳ୍ପ ବୟସରେ ମଧ୍ୟ ଏପରି ପ୍ରାର୍ଥନା କରିଥାନ୍ତି । ଅତଏବ ଏପରି ସିଦ୍ଧାନ୍ତରେ ଉପନୀତ ହେବାପାଇଁ କୌଣସି କାରଣ ନାହିଁ ।

ପଣ୍ଡିତ ଗୋପୀନାଥ ନନ୍ଦେ ଅନୁମାନ କରନ୍ତି ଯେ ଶାରଳା ଦାସ କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟ (ପଞ୍ଚତ୍ରିଂଶତ ବର୍ଷ)ର କୌଣସି ଭାଗରେ

(ଅନୁମାନିକ ଅଷ୍ଟମ ଶତକ ପ୍ରାରମ୍ଭରେ) ମହାଭାରତ ଗ୍ରନ୍ଥ ରଚନା ଆରମ୍ଭ କରିଥିଲେ । ଏପରି ଅନୁମାନ କରିବା ପାଇଁ ମଧ୍ୟ କୌଣସି କାରଣ ନାହିଁ ।

ଅତଏବ କବି କେଉଁ କାଳରେ ମହାଭାରତ ଲେଖା ଆରମ୍ଭ କରିଥିଲେ ଏବଂ କେଉଁ କାଳରେ ଜନ୍ମଗ୍ରହଣ କରିଥିଲେ ଏହା ନିର୍ଦ୍ଧାରଣ କରିବାପାଇଁ ଉପଯୁକ୍ତ ଉପାଦାନ ମିଳି ନଥିବାରୁ ଏ ସମ୍ବନ୍ଧରେ କିଛି କହି ହେଉନାହିଁ ।

**କବିଙ୍କ ଜନ୍ମସ୍ଥାନ** :— ଶାରଳାଦାସ ଶୂଦ୍ର ଏବଂ ତାଙ୍କର କୁଳସଂଜ୍ଞା 'ପରିଡ଼ା' ଥିଲା ବୋଲି କେତେକ କହନ୍ତି । ତାଙ୍କର ପିତା ଙ୍କରିଙ୍କ ନାମ ପଟେଶ୍ୱରାମ ଥିଲା । କବି ନିଜେ ଲେଖିଛନ୍ତି ଯେ ସେ କଣ୍ଟେଇପୁର ବା ଅଧୁନିକ ଝଙ୍କଡ଼ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଝଙ୍କଡ଼ ଗ୍ରାମଟି କଟକ ଜିଲ୍ଲାରେ କଟକଠାରୁ ପୂର୍ବକୁ ପ୍ରାୟ ୩୦ ମାଇଲ ଦୂରରେ ଅବସ୍ଥିତ ।

(କ) ଜମ୍ବୁଦ୍ୱୀପ ଭରତଖଣ୍ଡ ମଣ୍ଡଳ ଓଡ୍ରଖଣ୍ଡ,
ଭୁବନ ଶାଜନନ୍ତ୍ର ପୁରୁଷୋତ୍ତମ ମହୋଦଧି ତଟ ।
ଶ୍ୱେତବାହୁ ଗଳନ୍ଦୁଦର ଗିରି ମଧ୍ୟ ସ୍ଥାନେ,
ମହେନ୍ଦ୍ର ଚନ୍ଦ୍ରଭାଗା କୋଣାର୍କ ଈଶାନେ ।
ସେ ପୁର ବାସ ସଂସେରପୁର ବାସିନୀ,
ନିଶକାଗ୍ ଅଙ୍କରେ ଜନ୍ମିଲେ ମୁହିଁ ଜନମି । (ବିଲଙ୍କା ପଦ)

(ଖ) ଝଙ୍କଡ଼ ସାମ୍ନାକୁ ପୂର୍ବେ ବାଉଦ୍ୱାର ବୋଲି
ଶିଶୁକାଳ ଅଙ୍କରେ ମୁଁ ଜନ୍ମ ଜନମିଲି । (ବ. ପ.)

(ଗ) ଗଳନ୍ଦୁଦର ଗିରି ଉତ୍ତର ଦିଗ କୋଣେ
ସାରସ୍ୱତ ଭୂମି ଭରତଖଣ୍ଡ ଈଶାନ୍ୟେ ।
ଚନ୍ଦ୍ରଭାଗା ବୋଲି କରି ନଦୀ ଏକଟୋଟି
ଭୂଭ ମାତାଙ୍କ ପାଦୁକେଶ ମହୋଦଧି ଭେଟି ।
ସେ ନଦୀ ତୀରରେ ପଶ୍ଚିମ ସେ ପାଟଲି
କନକାବତୀ ନାମେ ପାଟଣା ପ୍ରକାଶଲି ।

ତା ଉତ୍ତରେ ଅନୁଜ ସରଳ ବୋଲି ଖ୍ୟାତେ
ସକଳେ ମାହେଶ୍ୱରୀ ସାରଳା ଭକ୍ତି ନାତେ । (ଆ. ପ.)

(ଗ) ଚନ୍ଦ୍ରଭାଗା ନଦୀ ଯେ ଉତ୍ତର ଭାଗେଣ
କନକେଶ୍ୱରପୁର ନାମେ ଅଟଇ ପାଟଣ । (ମ. ପ.)

ବିଲଙ୍କା ରାମାୟଣ ଲେଖିଲା ବେଳକୁ କବି ଝଙ୍କଡ଼ରେ କହୁଛନ୍ତି ସେ ସେ ଝଙ୍କଡ଼ ଗ୍ରାମରେ ଅବସ୍ଥାନ କରୁଥିଲେ ।

ଝଙ୍କଡ଼ ଗ୍ରାମରେ ମୋର ଅଟଇ ବସତି
ମୂର୍ଖଙ୍କ ଗୋଷ୍ଠୀରେ ସଦା ଗଲ୍ପ ଦିନରାତି ।

(ବିଲଙ୍କା ରାମାୟଣ । ଅରୁଣୋଦୟ ପ୍ରେସ, ପୃ-୨)

ଝଙ୍କଡ଼ ଗ୍ରାମଟି ଉତ୍କଳରେ ବହୁପୂର୍ବରୁ ଏକ ପ୍ରଧାନ ଶାକ୍ତପୀଠ ରୂପେ ପ୍ରାଧାନ୍ୟ ଲାଭ କରିଥିବାରୁ ତତ୍ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ସମୂହଭାବରେ ଝଙ୍କଡ଼ ନାମରେ ପରିଚିତ ହେଉଥିଲେ । ଏହି ଗ୍ରାମଟି ପୂର୍ବେ ସାରସ୍ୱତ ବୋଲି ମଧ୍ୟ ନାମିତ ହୋଇଥିଲା ବୋଲି କବି ଲେଖିଛନ୍ତି । ଏହି ଝଙ୍କଡ଼ ଅଞ୍ଚଳର ଭୌଗୋଳିକ ପରିସ୍ଥିତି କବି ଅନେକ ସ୍ଥଳରେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଝଙ୍କଡ଼ ନିକଟରେ ଯୋଉଁଏ ସ୍ରୋତ ନାଳ ଦେଖାଯାଏ, ସ୍ଥାନୀୟ ଲୋକେ ତାହାକୁ ଚନ୍ଦ୍ରଭାଗା ବୋଲି କହନ୍ତି ଏବଂ ରଥସପ୍ତମୀ ( ମାଘ ଶୁକ୍ଳ ସପ୍ତମୀ ଦିନ ) ବିଖ୍ୟାତ କୋଣାର୍କ ମନ୍ଦିର (ଅର୍କକ୍ଷେତ୍ର) ନିକଟସ୍ଥ ଚନ୍ଦ୍ରଭାଗା ନଦୀର ମୁହାଣରେ ଯେପରି ମହୋଦଧି ସ୍ନାନ ହୁଏ, ଏଠାରେ ମଧ୍ୟ ସେହିଦିନ ବହୁ ଲୋକ ସ୍ନାନ କରନ୍ତି । ଏହି ଚନ୍ଦ୍ରଭାଗା ନଦୀଟି ପୂର୍ବେ କଟକ ଜିଲ୍ଲାର ସମୁଦ୍ରରେ ବୁଢ଼ମାଡ଼ା (ମାଡ଼ା ମଠ ?) ନିକଟରେ ପଡ଼ୁଥିଲା । ଏହି ନଦୀକୂଳରେ ଝଙ୍କଡ଼ ନିକଟରେ କନକପୁର ଗ୍ରାମଟି ଅବସ୍ଥିତ ଏବଂ ଏଠାରେ ନଦୀର ଘାଟଟି ପର୍ଣ୍ଣୁଗ୍ରାମ ଘାଟ ନାମରେ ପରିଚିତ ଥିଲା ବୋଲି ଶାରଳା ଦାସ ଲେଖିଛନ୍ତି । ଏହି କନକପୁର ଗ୍ରାମ ପୂର୍ବେ "କନକାବତୀ ପାଟଣା" ନାମରେ ମଧ୍ୟ ପରିଚିତ ଥିବା ଶାରଳା ଦାସ କହନ୍ତି । ଝଙ୍କଡ଼ ସମୀପବର୍ତ୍ତୀ ଚନ୍ଦ୍ରଭାଗା ନଦୀର ପର୍ଣ୍ଣୁଗ୍ରାମ ଘାଟ ନିକଟସ୍ଥ କନକାବତୀ ( କନକପୁର ) ଗ୍ରାମର ଉତ୍ତରରେ ସରଳ ନାମକ

ଗ୍ରାମଟି ଅବସ୍ଥିତ ଥିଲା । ଏହା ଝଙ୍କଡ଼ ନାମରେ ମଧ୍ୟ ପରିଚିତ ଥିଲା । ଶାରଳା ଦେବୀ ଏହି ଗ୍ରାମରେ ଅଛନ୍ତି । ଏହି ସରଳ ଗ୍ରାମଟି ସାନ ସରଳ ନାମରେ ଦୁଇଟି ପରିଚିତ ହେଉଥିବାରୁ କବି ତାହାକୁ 'ଅନୁଜ ଦଣ୍ଡ' ବୋଲି କହିଛନ୍ତି । ଏହି ସାନ ସରଳା ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ । କନକପୁର ଓ ଝଙ୍କଡ଼ ଗ୍ରାମଦ୍ୱୟ ସେତେବେଳେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିବାରୁ କବି ନିଜ ଜନ୍ମସ୍ଥାନର ନାମ ଏହି ପ୍ରସିଦ୍ଧ ଗ୍ରାମଦ୍ୱୟର ନାମରେ ମଧ୍ୟ ତାହାକୁ ପରିଚିତ କରାଇ ଅଛନ୍ତି । କଟକ ଜିଲ୍ଲାର ଏହି ଅଞ୍ଚଳର ଉତ୍ତରକୁ ମହାନଦୀର ଏକ ଶାଖା ପ୍ରବାହିତ ହୋଇ ପୂର୍ବାଭିମୁଖୀ ହୋଇ ସମୁଦ୍ରରେ ପଡ଼ିଛି । ଏହି ଶାଖାଟି ଚିତ୍ରୋତ୍ପଳା ନାମରେ ପରିଚିତ । କବି ଏହି ମହାନଦୀ-ଚିତ୍ରୋତ୍ପଳା ନାମଟି ଉଲ୍ଲେଖ କରିଛନ୍ତି । ପ୍ରାଚୀନ ପୁରାଣମାନଙ୍କରେ ମହାନଦୀ-ଚିତ୍ରୋତ୍ପଳା ନାମରେହିଁ ଲିଖିତ ହୋଇଛି । ପୁରାଣର ବର୍ଣ୍ଣନାନୁସାରେ ଠିକ୍ ଥିବା ଜଣାଯାଏ । ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ ଶ୍ୱେତବାହ୍ନ ବା ବିରଜାକ୍ଷେତ୍ର (ଯାଜପୁର) ଓ ନୀଳସୁନ୍ଦର ପର୍ବତ (ପୁରୀ, ନୀଳାଚଳ) ଏ ଦୁଇ ସ୍ଥାନ ମଧ୍ୟରେ ଓ ମହେନ୍ଦ୍ର, ଚନ୍ଦ୍ରଭାଗା ( କୋଣାର୍କ ନିକଟସ୍ଥ ) ଓ କୋଣାର୍କର ଈଶାନରେ ଏହା ଅବସ୍ଥିତ ।

କବିଙ୍କ ପୈତୃକ ବୃତ୍ତି ପର୍ଣ୍ଣସମ ପରିଡ଼ା ଚାଷିଆ ବ୍ୟବସାୟ କରୁଥିଲେ ବୋଲି ଶୁଣାଯାଏ । ସେ କନକାବତୀ ପାଟଣାରୁ ପର୍ଣ୍ଣସମ ପାଟଣା ନାମ ଦେଇଥିଲେ ବୋଲି ଜଣାଯାଏ ।

ସାରଳା ଦାସ ଓ ଶାରଳା ଦାସ ଉଭୟ ପ୍ରକାରେ ନାମ ତାଳପତ୍ର ପୋଥିମାନଙ୍କରେ ଦେଖାଯାଏ । କେତେ ସ୍ଥାନରେ 'ଦାସ' ସଙ୍କ୍ଷେପରେ ବ୍ୟବହୃତ ହୋଇଛି ।

## ଝିଙ୍କୋଳରହିଁ ପ୍ରାଚୀନ "ଚେଳିତାଳି" :—

ବହୁ ପ୍ରାଚୀନ କାଳରେ ଝିଙ୍କୋଳ ଅଞ୍ଚଳଟି ବଡ଼ ସମୃଦ୍ଧିଶାଳୀ ଥିଲା । ମହାନଦୀ (ଚିତ୍ରୋତ୍ପଳା) ସେତେବେଳେ ନୌବାହ୍ୟା ଥିବାରୁ ବଡ଼ ବଡ଼ ଜଳ-ପୋତ ଯିବାଆସିବା କରୁଥିଲା । ଝିଙ୍କୋଳ ପୂର୍ବରୁ ଏକ ପ୍ରସିଦ୍ଧ ବନ୍ଦର ଥିବାରୁ

ଅନୁମାନ ହୁଏ । ପ୍ରାଚୀନ ଓଡ଼ିଶାରେ "ଚେଲିତାଲୋ" ନାମକ ଭୁବନ୍ଦର ଥିବା କଥା ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ଚୀନର ପ୍ରସିଦ୍ଧ ପରିବ୍ରାଜକ ହୁଏନସାଂ ତାଙ୍କର ଭ୍ରମଣ କାହାଣୀରେ ଲେଖିଛନ୍ତି । ଏହି ଚେଲିତାଲୋ 'ଛିତୋଲି'ର ନାମାନ୍ତର ମାତ୍ର । ଦେଶବିଦେଶର ବହୁ ବାଣିଜ୍ୟ ଏହି ବନ୍ଦର ବାଟେ ଚାଲୁଥିଲା । ଏହାର ଅନତି ଦୂରରେ ପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରି ଓ ଲଳିତଗିରି ଥିବାରୁ ପ୍ରାଚୀନ କାଳରେ ଦେଶବିଦେଶର ବହୁ ବୌଦ୍ଧଭିକ୍ଷୁ ଓ ତୀର୍ଥଯାତ୍ରୀ ଏହି ଅଞ୍ଚଳକୁ ଆସୁଥିଲେ ଏବଂ ଏହାଦ୍ୱାରା ବିଭିନ୍ନ ପ୍ରକାର ସଂସ୍କୃତିର ଆଦାନ ପ୍ରଦାନ ହେଉଥିଲା । ପୁଣି ସ୍ୱୟଂ ଶାରଳା ପୀଠ ଓଡ଼ିଶାରେ ଏକ ପ୍ରଧାନ ପୀଠ ଥିବାରୁ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ତାନ୍ତ୍ରିକ ଓ ତୀର୍ଥଯାତ୍ରୀ ଏଠାକୁ ଆସୁଥିଲେ । ବାଣିଜ୍ୟ, ତୀର୍ଥ ଯାତ୍ରୀ ଓ ବୌଦ୍ଧଭିକ୍ଷୁଙ୍କ ସମାଗମ, ପୀଠର ମହିମା ଏହି ଅଞ୍ଚଳକୁ ଏକ ଉଚ୍ଚ ଉନ୍ନତ ଅଞ୍ଚଳରେ ପରିଣତ କରିଥିଲା ।

ଅବଶ୍ୟ ଶାରଳା ଦାସଙ୍କ ସମୟକୁ ପ୍ରାଚୀନ ଗୌରବର ବହୁ ଅଂଶ ଛିତୋଲି (ଚେଲିତାଲୋ) ହରାଇ ସାରିଥିଲା । ବୌଦ୍ଧଧର୍ମର ପ୍ରଭାବ ସେତେବେଳକୁ ବହୁତ ହ୍ରାସ ପାଇଥିଲା । ରତ୍ନଗିରି ଓ ଲଳିତଗିରି ସେତେବେଳକୁ ବୌଦ୍ଧଧର୍ମର ପ୍ରଧାନ ପୀଠରୂପେ ଆଉ ନଥିଲା । କିନ୍ତୁ ବାଣିଜ୍ୟ ଓ ହିନ୍ଦୁ ତୀର୍ଥଯାତ୍ରୀ ସମାଗମ ଅକ୍ଷୁର୍ଣ୍ଣ ରହିଥିଲା । ଏହି ଉନ୍ନତ ଅଞ୍ଚଳର ବିବିଧ ସଂସ୍କୃତିର ମିଶ୍ରଣ ଶାରଳା ଦାସଙ୍କ ଉପରେ ପଡ଼ିଥିବାଟି ଅନୁମିତ ହୁଏ । ସ୍ୱ ରଚନାମାନଙ୍କରେ ସେ ବିଭିନ୍ନ ଧର୍ମମତ, ସଂସ୍କୃତି ଓ ପରଂପରାର ସେଥିଁ ସମୃଦ୍ଧ ଛାପ ଦେଇଛନ୍ତି ସେଥିରୁ ତାଙ୍କର ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ତାଙ୍କ ଉପରେ ପଡ଼ିଥିବାଟି ଅନୁମିତ ହୁଏ ।

ଶାରଳାଦାସଙ୍କ ବଂଶଧରମାନେ ଆଜି ପର୍ଯ୍ୟନ୍ତ ତେନ୍ତୁଳିଆପଡ଼ା, କନକପୁର ଓ ନିକଟବର୍ତ୍ତୀ ଗ୍ରାମରେ ଅଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ବର୍ତ୍ତମାନ ନିଜକୁ 'ପରିଜା' ବୋଲି ପରିଚିତ କରୁଅଛନ୍ତି ଏବଂ କରଣ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଅଛନ୍ତି । ଆଉ କେତେକ ପରିବାର 'ପଣ୍ଡା' ପଞ୍ଜି ରଖିଥିବାର ଜଣାଯାଏ । ଉଭୟ ଗୋଷ୍ଠୀ 'ପରିଜା' ଓ 'ପଣ୍ଡା' ଶାରଳାଙ୍କ ବଂଶଧରତ୍ୱ ଦାବି କରନ୍ତି ।

**କବିଙ୍କ ନାମ :**—ଶାରଳା ଦାସ ଚଣ୍ଡୀ ଶାରଳାଙ୍କ ବରପ୍ରସାଦରୁ କବି ହୋଇପାରିଥିଲେ ବୋଲି ସେ ନିଜେ ଲେଖିଛନ୍ତି । "ଶାରଳାଦାସ ବା ସାରଳାଦାସ" ନାମ ଚଣ୍ଡୀଙ୍କ ଅନୁଗ୍ରହ ପରେ ସେ ଧାରଣ କରିଥିଲେ । ତାଙ୍କ ପିତୃମାତୃଦତ୍ତ ନାମ ସିଦ୍ଧେଶ୍ୱର ଥିଲା ବୋଲି ଜ୍ଞାତ ଅଛି । କବି କୌଣସି କୌଣସି ସ୍ଥାନରେ ନିଜର ପୂର୍ବ ନାମର ଉଲ୍ଲେଖ କରିଥିବା ଜଣାଯାଏ । କବି ନିଜକୁ ଶାରଳା ଦେବୀଙ୍କର ଦାସ ବୋଲି ଲେଖିବାବେଳେ କେତେକ ସ୍ଥାନରେ ସିଦ୍ଧ ସାରଳାଦାସ ବୋଲି ଉଲ୍ଲେଖ କରିଅଛନ୍ତି ।

ଶ୍ରୀ ଅଗ୍ନି ଦେବତାଙ୍କ ଚରଣେ ସନ୍ତତ
ଶ୍ରୀ ସିଦ୍ଧ ଶାରଳାଦାସ କରେ ପ୍ରଣିପାତ ।

(ଚଣ୍ଡୀପୁରାଣ : ଅରୁଣୋଦୟ ପ୍ରେସ ସଂସ୍କରଣ—ପୃ ୬୨)

ଜୟ ଜୟ ଅପର୍ଣ୍ଣା ଗୋ ତୋହର ଚରଣ
ଶ୍ରୀ ସିଦ୍ଧ ସାରଳାଦାସ ମାଗଇ ଶରଣ ।

(ମ. ଭା. ସ୍ୱ. ୮୯ ଅ. ପ୍ରେସ)

ଶୂଦ୍ର ମୁନି ସିଦ୍ଧେଶ୍ୱର ଦାସ ବୋଲନ୍ତି ନାମ
ଏ କଥାରେ ମୋହର ଗଲା ମନ ଭ୍ରମ ।

(ଆ. ପ. ପୃ. ୧୫୨)

ରାମାୟଣ କୃତାନ୍ତକୁ ନିବନ୍ତିରେ ଦୋଷ
ରାମଙ୍କ ଶରଣ ନିତ୍ୟ ସିଦ୍ଧେଶ୍ୱର ଦାସ ।

(ବି. ରା. ପୃ. ୩୭)

**ବାଲ୍ୟଶିକ୍ଷା ଓ କବିତ୍ୱ ସ୍ଫୂର୍ତ୍ତି :**—ଶାରଳାଦାସଙ୍କ ବାଲ୍ୟଶିକ୍ଷା ଓ କବିତ୍ୱ ସ୍ଫୂର୍ତ୍ତି ସମ୍ବନ୍ଧରେ ଅନେକ ପ୍ରକାର କିମ୍ବଦନ୍ତୀ ରହିଅଛି । ଏତେ ବଡ଼ ପ୍ରକାଣ୍ଡ ଗ୍ରନ୍ଥ ମୌଳିକଭାବେ ରଚନା କରିବା ସାଧାରଣ ମନୁଷ୍ୟ ପକ୍ଷେ ଯେ ବହୁତ କଷ୍ଟକର ବ୍ୟାପାର, ଏଥିରେ କୌଣସି ସନ୍ଦେହ ନାହିଁ । ବିଶେଷତଃ କବି

ଯେଉଁ ସମୟରେ ଆବିର୍ଭୂତ ହୋଇଥିଲେ, ସେ ସମୟର ଅବସ୍ଥାକୁ ଆଲୋଚନା କଲେ ଏଥିରେ ବିସ୍ମିତ ହେବାପାଇଁ ବହୁତ କାରଣ ଅଛି । କୌଣସି ଦୈବୀଶକ୍ତିର ସାହାଯ୍ୟ ନ ପାଇଲେ ଏପରି ଦୁରୂହ କାର୍ଯ୍ୟ ସମ୍ପାଦନ କରିବା କିଛି ସହଜ ବ୍ୟାପାର ନୁହେଁ । ଜନଙ୍କ କବିଙ୍କ ସ୍ମୃତି ସମ୍ବନ୍ଧରେ ଦୈବୀଶକ୍ତିର ଅବତାରଣା ଶୁଣାଯାଏ । କେବଳ ଶାରଳା ଦାସ କାହିଁକି, ଭାରତର ଅନ୍ୟାନ୍ୟ ଅନେକ ପ୍ରାଚୀନ ବଡ଼ କବି ଓ ଲେଖକଙ୍କ ସମ୍ବନ୍ଧରେ ମଧ୍ୟ ଏପରି ଅନେକ କିମ୍ବଦନ୍ତୀ ଶୁଣାଯାଏ । ଶାରଳା ଦାସ ସ୍ୱୟଂ ଶକ୍ତିଙ୍କ ବରପୁତ୍ର ବୋଲି କଥିତ ଅଛି ।

ଏ ସମ୍ବନ୍ଧରେ ନିମ୍ନରେ କେତେ ଗୋଟି କିମ୍ବଦନ୍ତୀ ଉଲ୍ଲେଖ କରାଗଲା— “ଝଙ୍କଡ଼ ପ୍ରତିଷ୍ଠିତା ମହାମାୟା ସାରଳାଦେବୀଙ୍କ ପୀଠ ନିକଟରେ କୌଣସି ଏକ ଶୂଦ୍ରର ଘର ଥିଲା । ତାଙ୍କର ଅନେକଗୁଡ଼ିଏ ସନ୍ତାନ ଥିଲେ । ପିତା ପୁତ୍ରମାନଙ୍କ ସାହାଯ୍ୟରେ ମହାଆଗ୍ରହ ଉତ୍ସାହରେ ଚାଷ କରନ୍ତି । ସମସ୍ତ ସମୟରେ ପୁତ୍ରମାନଙ୍କୁ ବର୍ଣ୍ଣିତ ବିଷୟ ମନେ ଅଛି କି ନାହିଁ ପଚାରନ୍ତେ ସମସ୍ତେ କିଛି କିଛି କହନ୍ତି । କିନ୍ତୁ ସିଦ୍ଧେଶ୍ୱର ନାମଧେୟ କନିଷ୍ଠ ପୁତ୍ର କିଛି କହିପାରନ୍ତି ନାହିଁ । ତେଣୁ ପିତା ତାଙ୍କୁ ନାନା ଭର୍ତ୍ସନା କରନ୍ତି । ଏହି ହେତୁ ସିଦ୍ଧେଶ୍ୱର ଲଜ୍ଜିତ ହୋଇ ଜଗଦମ୍ବା ସାରଳାଦେବୀଙ୍କ ନିକଟରେ ଧରଣା ପଡ଼ିଲେ । କିଛି ଦିନ ପରେ ଦେବୀ ପ୍ରସନ୍ନ ହୋଇ ବର ଯାଚନ୍ତେ ସିଦ୍ଧେଶ୍ୱର ପ୍ରାର୍ଥନା କଲେ, ‘ମୁଁ ମହାଭାରତ ରଚନା କରିପାରିବି, ଏହି ବର ପ୍ରଦାନ କର ।’ ତାହାଠାରେ ଦେବୀ ସନ୍ତୁଷ୍ଟ ହୋଇ ଆଜ୍ଞା ଦେଲେ ଯେ, ‘ତୁ ଯେବେ ଲେଖନୀ ନେଇ କଳ୍ପବଟ ମୂଳରେ ବସ; ଯାହା ଉପରୁ ଶୁଣିବୁ, ଲେଖ ।’ ସିଦ୍ଧେଶ୍ୱର ତଦନୁସାରେ କଳ୍ପବଟ ମୂଳରେ ବସିଲେ ଏବଂ ଯାହା ଶୁଣୁଆସେ ତାହା ଲେଖୁଥାନ୍ତି । ଏହା ମହାଭାରତ ଅଟେ । ସିଦ୍ଧେଶ୍ୱର ସ୍ୱୟଂ ସାରଳା ଦେବୀଙ୍କର ଦାସ (ସେବକ) ନାମ ଧାରଣ କଲେ । ତେଣୁ ତାଙ୍କ ନାମ ସାରଳା ଦାସ ବୋଲି ଲୋକରେ ପ୍ରଚଳିତ ହେଲା ।”

( ପୁରୁଣ ପ୍ରକାଶିକା କମ୍ପାନୀଙ୍କ ମହାଭାରତ ମୁଖବନ୍ଧ ପୃ: ୧୮୧୮ )

ଅନ୍ୟ ଏକ କିମ୍ବଦନ୍ତୀ ଏହିପରି—"ଶାରଳା ଦାସ ପୂର୍ବପରି ଦିନେ ଗୋଟିଏ କ୍ଷେତରେ ହଳ କରୁଥିଲେ । ହଳକର୍ମରେ ଶ୍ରାନ୍ତି ବୋଧ ହେଉଥିବେଳେ ବଳଦ ଏବଂ ଗୋରୁ ଦୁଇଟିର ବିଶ୍ରାମ ନିମିତ୍ତ ପ୍ରିୟତମ ଚଣ୍ଡୀଙ୍କ ଗୀତ ଉଚ୍ଚସ୍ୱରରେ ଗାଇବାକୁ ଲାଗିଲେ । ସେଦିନ ଅତ୍ୟଧିକ ଶ୍ରାନ୍ତିବଶତଃ ଗୀତ ବୋଲୁ ବୋଲୁ ମଧ୍ୟେ ମଧ୍ୟେ ପଦେ ପଦେ ମନେ ପଡ଼ୁଥିଲା ନାହିଁ । ସେତେବେଳେ ସେ ଅଗତ୍ୟା ଗୀତଗାନରୁ ବିରତ ହୋଇ ଇଷ୍ଟଦେବଙ୍କଠାରେ ଧ୍ୟାନ ଲଗାଇଲେ । କଥିତ ଅଛି, ଏହି ଗୀତ ବନ୍ଦ କରନ୍ତେ ସେଠାରେ ଏକ ନାରୀମୂର୍ତ୍ତି ହଠାତ୍ ଆବିର୍ଭୂତ ହୋଇ ତାଙ୍କୁ ସମ୍ବୋଧନ କରି କହିଲେ—'ଗୀତ ବନ୍ଦ କଲୁ କାହିଁକି ? ବୋଲି ବୋଲ, ଅଧିକ ହେଉ । ତୋ ଗୀତ ମୋତେ ବଡ଼ ଭଲ ଲାଗେ । ମୋର ଇଚ୍ଛା ତୁ ଯେପରି ମହାଭାରତ ରଚନା କରିବୁ ।' ଏହା କହି ସେ ମୂର୍ତ୍ତି ଅନ୍ତର୍ହିତ ହେଲେ । ଦାସେ ବିସ୍ମିତ ହୋଇ ପୁନର୍ବାର ଗୀତ ଆରମ୍ଭ କରି ସଫଳକାମ ହେଲେ ।"

(ସାରଳାଚରିତ)

ପୂର୍ବୋକ୍ତ ଶ୍ୟାମସୁନ୍ଦର ରାଜଗୁରୁ ମହାକବି ଶାରଳାଦାସଙ୍କ କବିତ୍ୱପ୍ରାପ୍ତି ଓ ମହାଭାରତ ରଚନା ସମ୍ବନ୍ଧରେ ଏକ ପ୍ରାଚୀନ ତାଳପତ୍ର ପୋଥିରୁ ଅନୁକ୍ରମିକ କେତେକ ପଂକ୍ତି ଉଦ୍ଧାର କରିଅଛନ୍ତି । କିନ୍ତୁ ଏହାଠାରୁ ଅଧିକ ପ୍ରାଚୀନ ପୋଥିରେ ଏହି ବିଷୟ ନ ଥିବା ଉଲ୍ଲେଖ କରି ଏହାକୁ କୌଣସି ପରବର୍ତ୍ତୀ ଲେଖକର ପ୍ରକ୍ଷେପ ବୋଲି ମତ ବ୍ୟକ୍ତ କରିଛନ୍ତି । ବିଭିନ୍ନ ପୋଥିରେ ବିଭିନ୍ନ ପ୍ରକାର ପାଠ ଦେଖାଯାଉଥିବାରୁ ପ୍ରାଚୀନ ପୋଥିରେ ଲିପିବଦ୍ଧ ହୋଇଥିବା କିମ୍ବଦନ୍ତୀର ମୂଲ୍ୟବୋଧ ଦୃଷ୍ଟିରୁ ଏଠାରେ ଉଲ୍ଲେଖ କରାଗଲା । ଏହି ବିଷୟକ "ଗୋଟିଏ ମୁଦ୍ରାଙ୍କିତ ପୁସ୍ତକର ପ୍ରାରମ୍ଭରେ ଲେଖା ଅଛି" ବୋଲି ରାଜଗୁରୁ ଲେଖିଛନ୍ତି । (ପ୍ରବନ୍ଧାବଳୀ ପୃ ୫୩-୫୪)

"କୈଳାସବାସୀ ସେ (ଶାରଳା ଦାସ) ରୂପରେ ଅବତାର
ମୂର୍ଖ ହୋଇ ଜନ୍ମ ହେଲା ଶୂଦ୍ର ଘର ।
ସାରଳାମଣ୍ଡଳ ଦେଶେ କୃଷି କରୁଥାଇ
ଏକ ଦିନେ ପଦେ ସେ ଚଣ୍ଡିକାଙ୍କ ଗୀତ ଗାଇ ।

ଏଥିକୁ ଘୁଞ୍ଚିଲ ଆମ୍ଭେ (ଗୋପାଳ ଦେବୀ) ଦୁର୍ଭିକ୍ଷଙ୍କ ରୂପ
ଦେଖିଲକ ଗୀତ ପଦ ଜଣାଇ ତେବେ ସେପ ।
କହେ ହଳବାଡ଼ି ଧରଣି ଭୂମି ତଳି
ଶୁଣିକି ତମାଳ ଗୀତ ଗାଇବା ପଦେ କହି ।
ଏଡ଼େବଡ଼ ଅବସ୍ଥା ହୋଇଣ ଆମ୍ଭେ ଗଲୁଁ
ସେ କୁଟିକାର ପାଖେ ପ୍ରବେଶ ହୋଇଲୁଁ ।
ଘୁଲନ୍ତ୍ରୀ ଲଡ଼ବଡ଼ ଦେଖ ଚୂଡ଼ା ପୋଡ଼ି କଟି
ସେ ଭୂମିର ବୁଡ଼ା ନ ପାରିଲୁଁ ଛଡ଼ି ।
ଥିର ଥିର ହୋଇ ଭୂମିରେ ପଡ଼ିବାବେଳେ
କୁଟିକାର ଦେଖି ଧାଇଁଲା ତତ୍କାଳେ ।
ଦେବ କହେ ମୋତେ କୋଳାହଳ କରି
ସ୍ଥିର କରି ନେଇ ବସାଇଲା ଧରି ।
କାହିଁର ମାତା ତୁ ଗୋ କେଉଁଣ ଦେଶ ଥାଇ,
ଯଦି କେହି ନାହିଁ ଏକା ତ ଆଇଲୁ କାହିଁ ।
ମୁଁ ବୋଇଲି ଆରେ ବନ୍ଧୁବର୍ଗ ମୋର ନାହିଁ,
ତେଣୁ ଏକା ହୋଇ ଆଇଲି ଏଥେ ମୁହିଁ ।

ଯଷପୁର ଗାଁରେ ଅଛି ମୋର ବାପ,
ବଣା ହୋଇ ଅଛିଲି ନଜାଣି କେଉଁ ପାଶ ।

ମୁଁ ବୁଢ଼ା ମୋତେ ଟଙ୍କା ଦାନ କରି ଦିଅ,
ଆମ୍ଭର ଆଶ୍ରୁ ଦେଖି ଆପଣେ ବଞ୍ଚିଥାଅ ।

ମୁହିଁ ଦୁର୍ଭିକ୍ଷଙ୍କ ସେ ଦେହରେ ପୁଣି ନାହିଁ,
ଜଳ ଶବ୍ଦରେ ଲାଗିଲେ ବାଧା ସେ ବଳଇ ।

ଏ ନଦୀ ପାଣି ମରେ ଦିଅ ହେ କୁଟିକାର,
ହୃଦରେ ଯିବି ମୁଁ ମୋର ଯଷପୁର ।

ଶୁଣି ମହାକାଳ ହଳ ଛାଡ଼ିଦେଲା,
ମତେ ନେଇ ସେ ଜାଙ୍ଗରେ ବସାଇଲା ।

ବୁଢ (ବୁଢା ?) ଗଙ୍ଗା ଜଳେ ହୋଇଲା ପ୍ରବେଶ,
ଦେଖିଣ ତାହାର ଯେ ଛାଡ଼ିଲା ସାହସ ।
ମଦନ ବସୁରାଜ ପ୍ରଭାର ନଦାଇଲା,
କେମନ୍ତ କରି ଏଥି ପାଇବା ଥଳ କୂଳ ।
ଅମ୍ଭେ ବୋଇଲୁଁ ବାବୁରେ ବହନ ପାଣିକର,
କୂଳେତ ଥିବ ମୁଁ କୋଳିବ ହସ୍ତୁଭ ।
ଶୁଣୀକରି ଜଳରେ ପଶିଲା ଧାଇଁ,
ବାମ କାଖ ଉପରେ ମତେ ଯେ ବସାଇ ।
ଡାହାଣ କରେ ଯେ ଧରନ୍ତୁ ସ୍ୱଳବାଡ଼ି,
ସ୍ଥିର ସ୍ଥିର କରି ଚରଣ ଯେ ଛାଡ଼ି ।
ଚରଣ ବୁଡ଼ି ଜାନୁ ବୁଡ଼ିଲା ତାର କଟି,
କାଖ ଉପରୁ ପୁଣି ଅମ୍ଭଙ୍କୁ ଦେଲା ଟେକି ।
ସ୍କନ୍ଧ ଉପରେ ନେଇ ବସାଇଲା ତୁରିତେ,
ପୁଣି ସ୍କନ୍ଧକୁ ଜଳ ଟେକିଲା ଅପ୍ରମିତ । X X
ପୁଣି ମାଥାରେ ଜଳ ପ୍ରଶ୍ନକୁ ଲଗିଲା,
ମସ୍ତକ ଉପରେ ବେଗେ ନେଇ ବସାଇଲା ।
ଆମ୍ଭେ ଜାଣିଲୁଁ ତାର ହୃଦର ବେଦନା,
ବୋଇଲୁଁ ବାବୁ ଟୀଭ ପଦେ ଗାଢ଼ନା ।
ବଟବେ କହିଲା ମା ମୋ ମୂର୍ଖ ମୋର ମତି,
ବସନ୍ତଭାଗ (?) ପଦ କେମନ୍ତେ କରିବ ଛକତ ?
ଆମ୍ଭେ ବୋଇଲୁଁ ରେ ହୋଇଲା ତୋର ଜ୍ଞାନ,
ଶ୍ରୀ ମହାଭାରତ ଏବେ କର ତୁ ଲେଖନ ।"

ରାଜଗୁରୁ ଲେଖିଛନ୍ତି—"ଏହା ଶାରଳାଦେବୀ ବ୍ରାହ୍ମଣମାନଙ୍କୁ ସ୍ୱପ୍ନରେ କହୁଥିଲେ ବୋଲି ଲେଖାଅଛି ।" ଅନ୍ୟ ପ୍ରାଚୀନତର ପୋଥିରେ ଏହି ଅଂଶ ନଥିବାରୁ ରାଜଗୁରୁ ଅନୁମାନ କରନ୍ତି, "ସମ୍ଭବତଃ କୌଣସି ସାହିତ୍ୟଶଠ ଏହା ପରେ ମିଶାଇଅଛି । ଶାରଳାଦାସ ଲେଖିଥାନ୍ତୁ ବା ଅନ୍ୟ କେହି

ମିଶାଇଥାନ୍ତି, ଏହାଦ୍ୱାରା ଶାରଳାଦାସଙ୍କ 'ଛନ୍ଦ' ଚରଣମାଳାର ଅନୁକରଣ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଅଛି ।"

ଏହାପରେ 'ଗଙ୍ଗା' ନଦୀକୁ ବୁଝାଉଛି । ସାରଳା ଠାକୁରାଣୀ କୃଷିକାର ମହାକାଳର କୃଷିକର୍ମ ସମୟରେ ମଜଫୁଲଣିଆ ଭଗତମାନଙ୍କ ଗୀତରେ ସନ୍ତୁଷ୍ଟ ହୋଇଥିଲେ । ଭକ୍ତର ମନକୁ ପରୀକ୍ଷା କରିବାପାଇଁ ସେ ମାୟା ରୂପ ଧାରଣ କରିଥିଲେ । ଅଚଳ ବୃଷାକୁ ଧନାଦ୍ରିଧାରେ ନିଜ ମସ୍ତକରେ ବସାଇ ନଦୀଭିତରେ ପଶି ଯାଉଥିବାରେ ମହାକାଳ ଯେଉଁ ହୃଦୟବତ୍ତାର ପରିଚୟ ଦେଲେ ସେଥିରେ ଦେବୀ ସନ୍ତୁଷ୍ଟ ହୋଇ ତାଙ୍କୁ ମହାଭାରତ ରଚନା କରିବାପାଇଁ କବିତ୍ୱଶକ୍ତି ଦାନକଲେ । ଏହିଦିନୁଁ କୃଷିକାର ମୂର୍ଖ ମହାକାଳ ମହାକବି ଶାରଳା ହେଲେ । ସାରଳାଦେବୀଙ୍କ ବରପ୍ରସାଦରୁ କବିତ୍ୱଶକ୍ତି ଲାଭ କରିଥିବାରୁ ସେ ନିଜକୁ ଶାରଳା ଦାସ ବୋଲି ପରିଚୟ ଦେଇଛନ୍ତି । ଶାରଳାଦାସଙ୍କ ଜୀବନୀ ସମ୍ବନ୍ଧୀୟ ଏହି କିମ୍ବଦନ୍ତୀଟି ଦେବୀ ସାରଳାଙ୍କ ମହିମା କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ମହିମା ବଳରେ ମୂର୍ଖ ପଣ୍ଡିତ ହେବାର ଅଲୌକିକ ଓ ଅତି ଆଶ୍ଚର୍ଯ୍ୟ ତଥ୍ୟ ପ୍ରଦାନ କରୁଛି ।

ପ୍ରଥମ କିମ୍ବଦନ୍ତୀରେ ଶାରଳାଦାସଙ୍କର ପରଶୁରାମ ଛଡ଼ା ଅନ୍ୟ ଭାଇମାନେ ଥିବାର ଯେଉଁ ସୂଚନା ମିଳୁଛି, ସେ ବିଷୟରେ କବି ନିଜେ କିଛି ଲେଖି ନାହାନ୍ତି । କେବଳ ସେ 'ପର୍ଶୁରାମ'ଙ୍କର ଅନୁଜ ବୋଲି ପ୍ରକାଶ କରିଅଛନ୍ତି । ପିତାଙ୍କ ଦ୍ୱାରା ଉପେକ୍ଷିତ ହେବା ବିଷୟରେ ସେ କିଛି ଲେଖିନଥିଲେ ମଧ୍ୟ ସାରଳାଦେବୀଙ୍କ ବରରୁ ସେ ମହାଭାରତ ଲେଖିବା ପରେ 'ଜନ୍ମଦାତା' ପ୍ରସନ୍ନ ହୋଇ ତାଙ୍କୁ 'ଶୂଦ୍ରମୁନି ସାରଳା ଦାସ' ବୋଲି ନାମ ଦେଲେ ।

ଜନ୍ମଦାତା ପ୍ରସନ୍ନ ଯହୁଁ ମୋତେ ହେଲେ,
ଶୂଦ୍ରମୁନି ଶାରଳା ଦାସ ନାମ ଦେଲେ । ଆ. ପ.

କବି ନିଜର ଇଷ୍ଟଦେବୀଙ୍କୁ ନିଜର ମାତା ରୂପେ ଦେଖୁଥିଲେ ଏବଂ ତାଙ୍କର ପ୍ରସନ୍ନତା ଉପରେ ଏକାନ୍ତ ବିଶ୍ୱାସ ରଖିଥିଲେ । ଏପରି କି ସେ ନିଜକୁ ସାରଳାଦେବୀଙ୍କ ପୁତ୍ର ବୋଲି ମଧ୍ୟ ନିଜ ଗ୍ରନ୍ଥରେ ଲେଖିଛନ୍ତି ।

ଶୂଦ୍ର ମୁନି ସାରଳା ଅଟଇ ଚଣ୍ଡୀ ସୁତ । ସ. ପ. ।

ଝଙ୍କଡ଼ପୁର ବାସିନୀ ଯେ ସାରଳା ଦେବୀ,
ତାହାଙ୍କର କୁମର ମୁଁ ଶ୍ରୀସାରଳା ଦାସ । (ଚଣ୍ଡୀପୁରାଣ)

ସତ ଯେ ସାରଳାଙ୍କ ବରପ୍ରସାଦରୁ କବିତ୍ୱଶକ୍ତି ଲାଭ କରିଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ । ଶାରଳା ଦାସ ଯେଉଁ ସମୟରେ ଜୀବିତ ଥିଲେ ସେ ସମୟରେ ଦେଶର ଅବସ୍ଥା ଭିନ୍ନ ରୂପ ଥିଲା । ସେତେବେଳକୁ ଓଡ଼ିଆ ସାହିତ୍ୟ ସେତେ ଉନ୍ନତ ହୋଇ ନଥିଲା । ଯାହା କିଛି କାବ୍ୟ କବିତା ଥିଲା, ସେ ସବୁ ଛୋଟ ଛୋଟ ଆକାରରେ । କେବଳ ସେଗୁଡ଼ିକ ପଢ଼ି ପାଣ୍ଡିତ୍ୟ ଲାଭ କରିବା ଅସମ୍ଭବ । ସେ ସମୟରେ ପ୍ରାକୃତ ଭାଷାର ଆଦର ମଧ୍ୟ ଖୁବ୍ କମ୍ ଥିଲା । ସଂସ୍କୃତ ଭାଷାର ସ୍ଫୂର୍ତ୍ତି ସବୁଠାରେ ଚାଲୁଥିଲା । ଲୋକେ ସଂସ୍କୃତ ଛାଡ଼ି ପ୍ରାକୃତ ଭାଷା ପଢ଼ିବା ପାଇଁ ଘୃଣା ବୋଧ କରୁଥିଲେ । ସଂସ୍କୃତ ଶିକ୍ଷା କରିବା ସହଜ ବ୍ୟାପାର ନଥିଲା । ସିଦ୍ଧେଶ୍ୱର ଦାସ କିଛି ସଂସ୍କୃତ ଶିକ୍ଷା ଲାଭ କରିଥିଲେ ଏବଂ ପରେ ଦେବୀଙ୍କ ବର ପ୍ରସାଦରୁ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ । ସେ ଏତେ ବଡ଼ କବି ଥିଲେ ହେଁ ନିଜକୁ ସବୁବେଳେ ଗୌଣ ବୋଲି ବିବେଚନା କରୁଥିଲେ ଏବଂ ସେ ଯାହା ଲେଖୁଥିଲେ, ତାକୁ ନିଜର ପରମାରାଧ୍ୟ ଇଷ୍ଟଦେବୀଙ୍କ କୃପାରୁ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରୁଥିଲେ ।

ଶାରଳା ଦାସ ଶରଣ ପଶି ସେ ଚରଣେ
ମୂର୍ଖ ମୁହିଁ ଅପଣ୍ଡିତ ଶାସ୍ତ୍ରହିଁ ନ ଜାଣେ ।
ବୁଦ୍ଧି ଧ୍ୟାନ ଜ୍ଞାନ ଯୋଗ ଲକ୍ଷ୍ୟ କିଛି ନାହିଁ
ଗ୍ରନ୍ଥ ଭେଦିବାକୁ ଶକ୍ତି ମୋର ଅବା କାହିଁ ?

ଶ୍ରୀ ସାରଳା ଚଣ୍ଡୀଙ୍କର ସଦା ଅଟଇ ଦାସ
ଅଜ୍ଞରେ ମୁଁ ଶାସ୍ତ୍ର କିଛି କରିଛି ଅଭ୍ୟାସ ।
ସେ ଯାହା କରନ୍ତି ଆଜ୍ଞା ମୁଁ ତାହା ଲେଖଇ
ଅପଣ୍ଡିତ ମୂର୍ଖ ମୋର ଶାସ୍ତ୍ର ଜ୍ଞାନ ନାହିଁ । ବି. ପୁ. ।

ଅକୃତ୍ରିମ ଭକ୍ତି ମୁହିଁ କରୁଥିଲି ଅତି
କୃପା କରିବାକୁ ମା' ସାରଳା ଠାକୁରାଣୀ ।
ଏ ପଦ ରଚନେ ମୁଁ ନ କରେ ପ୍ରତିଜ୍ଞା
ଲେଖେଁ ସାରଳା ଦିଅନ୍ତି ମୋତେ ଯାହା ଆଜ୍ଞା ।
ଜନ୍ମରୁଁ ମୂର୍ଖ ମୁଁ ପଢ଼ି ନାହିଁ କଦା
ନ ଜାଣଇ ଜପ ମନ୍ତ୍ର କୁମ୍ଭକ ପ୍ରଦିକ୍ଷା ।
ଶିବ ମାତା ପ୍ରସାଦେ ଯାହା ମନେ ମୋର ସ୍ଫୁରେ
ଲେଖଇ ସେ ବସି ନଳ କଳ୍ପବଟ ମୂଳେ । ବ୍ରା. ପୁ. ।
ନ ପଢ଼ିଲି ଅକ୍ଷର ମୁଁ ନ ବୁଝେଁ ଶାସ୍ତ୍ରବାଦ
ପଣ୍ଡିତଙ୍କ ସଙ୍ଗେ ବସି ନ କଲି ସମ୍ବାଦ ।
ସାଧୁ ନ ବସିଲି ନ ବସିଲି ବିପ୍ର ଗୋଷ୍ଠୀ
ଶୀଘ୍ର ବୁଦ୍ଧି ମୋହର ବଚନ ଅଳପଟି । ମ. ପ. ।
ମୂର୍ଖ ଅପଣ୍ଡିତ ମୁଁ ନ ଜାଣଇ ସନ୍ଧି
ନ ଜାଣଇ ଅକ୍ଷର ସେ କିସ ଅଟା ବୁଦ୍ଧି । ଚଣ୍ଡୀପୁରାଣ ।
ନ ପାଇଲି ତପ ମନ୍ତ୍ର ନ ଗଲି ମୁଁ ତୀର୍ଥ
ନ ସାଧିଲି ଯୋଗ ସଙ୍ଗେ ନ ଶିଖିଲି ମନ୍ତ୍ର ।
ନ ପଢ଼ିଲି ଅକ୍ଷର ମୁଁ ନ ଜାଣଇ କିଛି
ଅନଅଭ୍ୟାସେ ମୋତେ ପ୍ରସନ୍ନ ହିଙ୍ଗୁଳାଣୀ । ଶୂ. ପ. ।
ଅଜ୍ଞାନୀ ଅକର୍ମ ମୂର୍ଖ ମୁହିଁଟି ଅଟଇ
ଶ୍ରୀ ସାରଳା ପ୍ରସନ୍ନରେ ଗ୍ରନ୍ଥ ମୁଁ ରଚଇ । ସ୍ୱ. ପ. ।

ଏପରି ଲେଖିବା ଦ୍ୱାରା ଶାରଳା ଦାସଙ୍କ ମହାନୁଭବତା ଓ ସୌଜନ୍ୟ ପ୍ରକାଶ ପାଇଛି ମାତ୍ର । ସେ ଶାସ୍ତ୍ର ପୁରାଣ ପଢ଼ିଥିଲେ ମଧ୍ୟ ନିଜକୁ ଅପଣ୍ଡିତ, ମୂର୍ଖ, ଅକର୍ମ, ଅଜ୍ଞାନୀ ବୋଲି ବ୍ୟକ୍ତ କରିଅଛନ୍ତି । ମହାକବି କାଳିଦାସ ମଧ୍ୟ ଏପରି ଦୈନ୍ୟଭାବରେ ଲେଖିଥିଲେ—"କ୍ୱ ସୂର୍ଯ୍ୟ ପ୍ରଭବୋ ବଂଶଃ କ୍ୱ ଚାଳ୍ପ ବିଷୟା ମତିଃ ।" ସେ ଦେବୀଙ୍କର ପରମ ଭକ୍ତ ଥିବାରୁ ତାଙ୍କର ସକଳ କର୍ମ, ସକଳ ପାଣ୍ଡିତ୍ୟ ଦେବୀଙ୍କର ପ୍ରସାଦରୁ ବୋଲି ଘୋଷଣା କରିଅଛନ୍ତି ।

ଶାରଳାଦାସ ସ୍ପଷ୍ଟ କରିଛନ୍ତି ଯେ, ସେ ଗ୍ରନ୍ଥଗୁଡ଼ିକୁ ଦେବୀଙ୍କ ଆଜ୍ଞାରୁ ଲେଖିଥିଲେ । ଶାରଳା ଚଣ୍ଡୀ ତାଙ୍କୁ ଗୋଟିଏ ଲେଖନ ଓ ତାଳପତ୍ର କେତେଭରଣ୍ଡ ଦେଇ ସଦା ଲେଖାଉଥିଲେ । ସ୍ୱପ୍ନରେ ଦେବୀ ତାଙ୍କୁ ପ୍ରସନ୍ନ ହୋଇ ଦର୍ଶନ ଦେଉଥିଲେ, ସକାଳୁ ଉଠି ସେସବୁ ଲିପିବଦ୍ଧ କରୁଥିଲେ । ଦେବୀଦତ୍ତ ଲେଖନୀଟି ଧରିଲେ କେବଳ ତାଙ୍କ ପଦ ସ୍ଫୁରୁଥିଲା ଏବଂ ସେ ଅନର୍ଗଳ ଲେଖିଯାଉଥିଲେ । ନାଳକାଳୁବଟ ମୂଳେ ବସି ଲେଖୁଥିବା ସେ ପ୍ରକାଶ କରିଛନ୍ତି । ଏହୁ ବଟ ଶାରଳାକ୍ଷେତ୍ରରେ ଥିବାଟି ଅନୁମାନ ହୁଏ । ନାଳକାଳୁ-ବଟମୂଳେ ବସି ଦେବୀଦତ୍ତ ଲେଖନ ଧରି ଦେବୀଙ୍କ ଶ୍ରୀମୁଖର ପ୍ରସନ୍ନ-ବାଣୀ ସେ ଲେଖିଯାଉଥିଲେ ଏବଂ ଏହା ବଳରେ ସେ ସବୁ 'ଅଦୃଷ୍ଟି' ବା 'ଦୃଷ୍ଟି' କରାଇଥିଲେ । ସେ ଦିବ୍ୟଦୃଷ୍ଟି ବଳରେ ସବୁ ଦେଖିପାରୁଥିଲେ ଏବଂ ସବୁ ଲେଖିଯାଉଥିଲେ ।

ଅଚେତ ବୁଧଜନେକ ମୋତେ ସେ ଯାହା କହଇ
ଅକ୍ଷର ଛନ୍ଦସ୍ତ ନ ଜାଣେ ତାହା ମୁଁ ଲେଖଇ । ଚ. ପୁ. ।

ଶାରଳା ପାଦରେ ମୁଁ ଭଜନସ୍ତୁତି ଖଟେ
ସେ ଯାହା କହଇ ବଦନରେ ସ୍ଫୁଟେ ।

ସେ ମହାମାୟା ସ୍ୱପ୍ନରେ ଯାହା ମୋତେ କହି
ମୁହିଁ ସେ କଥା ଗୋଟିକୁ ଅଭ୍ୟାସ କରଇ । ଚ. ପୁ. ।

ପ୍ରସନ୍ନ ହୋଇଣ ମୋତେ କହନ୍ତି ସେ ବାଣୀ
ମୁଁ ତାହା ଲେଖିପକାଏ ପତ୍ରରେ ଭଣି । ଚ. ପୁ. ।

ଦଶାଙ୍ଗୁଳରେ ଗ୍ରନ୍ଥ କହିବାକୁ ମୋତେ
ଲେଖନ ପତ୍ର ଆଣିଦେଲୁ କାମିସ୍ତେ ।

ତୁହି ଯାହା କହୁଦେଉ ମୁହିଁ ତା ଲେଖଇ
ସର୍ବଦା ଶାରଳାଦାସ ମୂର୍ଖ ଅଟଇ । ଆ. ପ. ।

ଅଜ୍ଞକୁ ବାଟେବାଏ ଶ୍ରୀ ଶାରଦା ପ୍ରସନ୍ନ
ସେ ଯାହା କହଇ ମୁଁ କରଇ ଲେଖନ ।

ପ୍ରସନ୍ନ ହେବେ ମୋତେ ଲେଖକ ଯୋଡ଼ିଏ
ତାହା ଦେଇ ଲେଖିଲେ ପୁଣ୍ୟ ମତେ ହୁଏ ।

ତେଣୁକରି ଲେଖନ କଲି ମୁହିଁ ଗ୍ରନ୍ଥ
ସମ୍ପୂର୍ଣ୍ଣ କରି ପଢ଼ିଲେ ହେବ ପୁଣ୍ୟ ଜାତ । ବ. ପ. ।

## ଜାତିସ୍ମରତ୍ୱ—

ସାରଳାଦେବୀଙ୍କ ପ୍ରସନ୍ନରୁ ସେ କେବଳ କବି ହୋଇ ନଥିଲେ, ଜାତିସ୍ମର ମଧ୍ୟ ହୋଇଥିଲେ । ସଂସାରରେ ଏପରି ଜାତିସ୍ମରମାନଙ୍କ ସଂଖ୍ୟା ନ୍ୟୂନ୍ କମ୍ । ତାଙ୍କର ପୂର୍ବଜନ୍ମ ତପସ୍ୟା ବଳରୁ ସେ ଏହି ଶକ୍ତି ଲାଭ କରିଥିଲେ । ଏହି ବିଷୟର ଉଲ୍ଲେଖ ମହାକବିଙ୍କର ଲେଖାରୁ ଅନେକ ସ୍ଥାନରେ ଦେଖାଯାଏ ।

କୈଳାସ ଦ୍ୱାରପାଳ ନାମ ମୋର ନନ୍ଦୀ
ଶାସ୍ତ୍ର ଅଟେମ ହର ଚନ୍ଦ୍ରଙ୍କ ବନ୍ଦୀ ।
ସେଥିପର ଉତ୍ତରେ ସେ ମୋତେ ଦେଇଲେ
ମାତାପିତାଙ୍କ ସଙ୍ଗ ବୋଲିଣ କହିଲେ ।
ତାହା ଶୁଣି ବୃଷଭଜ ଦେଲେ ମୋତେ ଶାପ
ତହିଁ ଦୋଷୀ ହୋଇଲି ମୁଁ ମନୁଷ୍ୟ ସ୍ୱରୂପ ।
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ
ଦ୍ୱିତୀୟ ଜନ୍ମରେ ମୁହିଁ ମହାକାଳ ଧ୍ୱଂସ ।
ତୃତୀୟ ଜନ୍ମରେ ମୁଁ ସାରଳା ଦାସ ଜଣ
ଏଣୁ କଳ୍ପେ ମୁହିଁ ମର୍ତ୍ତ୍ୟମଣ୍ଡଳେ ଜନ୍ମିବି ।
ସତ୍ୟ କଳ୍ପେ ପନ୍ଦର ଲକ୍ଷ କଥା ମୁଁ ଭଣିବି
କଳି କଳ୍ପେ ପାଠିଏ ଲକ୍ଷ କଥା ମୁଁ କହିବି ।
ଏତେ କଥା କହୁଥାଇ ଏ ମର୍ତ୍ତ୍ୟମଣ୍ଡଳ
ତେବେକ ଯାଇଁ ହୋଇବି ମୁଁ ଶିବ ଦ୍ୱାରପାଳ ।
ମୋର ଜାତି ନ ଜାଣେ ମୁଁ ଜାଣଇ ସେ ଏହା

× × ×

ପୂର୍ବ ଜନ୍ମରେ ସେ ଶିବଙ୍କର ଦ୍ୱାରପାଳ 'ନନ୍ଦୀ' ଥିଲେ । ବିଷ୍ଣୁଗଣଙ୍କର ଶାପରୁ ମର୍ତ୍ତ୍ୟରେ ମନୁଷ୍ୟ ଯୋନିରେ ଜନ୍ମଗ୍ରହଣ କଲେ । ପ୍ରଥମେ କାଳିଦାସ, ଦ୍ୱିତୀୟରେ ମହାକାଳ ଧ୍ୱଂସ, ତୃତୀୟରେ ଶାରଳା ଦାସ ରୂପରେ ଜନ୍ମ ହେଲେ । ଏହି ଜନ୍ମ ପରେ ପୁନଶ୍ଚ ଆଉ ଥରେ ମାତ୍ର ମର୍ତ୍ତ୍ୟରେ ଜନ୍ମଲାଭ କରି ପୁନର୍ବାର ସ୍ୱର୍ଗକୁ ଯାଇ ଶିବ ଶରୀର ଲାଭ କରିବେ । ପ୍ରତ୍ୟେକ ଜନ୍ମରେ ପନ୍ଦର ଲକ୍ଷ କଥା ସ୍ୱନି, ଗୁଣି ଜନ୍ମରେ ଷାଠିଏ ଲକ୍ଷ କଥା ଲେଖିବେ ବୋଲି ସେ ଉଲ୍ଲେଖ କରିଅଛନ୍ତି । କବିଙ୍କର ଏହି ପୂର୍ବ ଜନ୍ମ ପ୍ରସଙ୍ଗ ମହାଭାରତର ଅନ୍ୟାନ୍ୟ କେତେକ ସ୍ଥାନରେ ମଧ୍ୟ ବ୍ୟକ୍ତ କରିଅଛନ୍ତି ।

ଶିବ ଦ୍ୱାରପାଳ ଅଲ୍ପଶାପେକା କଳା
ମନୁଷ୍ୟ ଯୋନିରେ ଜାତ ପ୍ରଥମ ବାଣୀଦେବା । ମୂ. ପ. ।

ସଦାଶିବ ଦ୍ୱାରେ ଦ୍ୱାରପାଳ ଥିବି
କଶ୍ୟପ ଶାପେ ମୁଁ ମନୁଷ୍ୟ ଯୋନି ଏବେ । ବ. ପ. ।

କିନ୍ତୁ ଚଣ୍ଡୀପୁରାଣରେ ଏ ସମ୍ବନ୍ଧରେ ସେ ଯାହା ସବୁ ଲେଖିଛନ୍ତି ତାହା ମହାଭାରତର ପ୍ରସଙ୍ଗଠାରୁ କିଛିଏ ଭିନ୍ନ । ଚଣ୍ଡୀପୁରାଣରେ ସେ ଲେଖିଛନ୍ତି, ସିଦ୍ଧ ଦେହରେ ସେ ବ୍ରହ୍ମାଙ୍କ ପୁତ୍ର ମନୁ ଋଷି ଥିଲେ, ବିଷ୍ଣୁଙ୍କ ଶାପରୁ ମର୍ତ୍ତ୍ୟରେ ପ୍ରଥମେ କାଳିଦାସ ରୂପରେ, ଦ୍ୱିତୀୟରେ ମହାକାଳ ରୂପରେ ଓ ତୃତୀୟରେ ଶାରଳା ଦାସ ରୂପରେ ଜନ୍ମଗ୍ରହଣ କରିଥିଲେ । ଥରେ ମନୁ ମହର୍ଷି ବିଷ୍ଣୁଙ୍କ ଦର୍ଶନ କରିବା ପାଇଁ ବୈକୁଣ୍ଠକୁ ଯାଇଥିଲେ । ବିଷ୍ଣୁଙ୍କ ଦ୍ୱାରପାଳ ଜୟ ବିଜୟ ବିଷ୍ଣୁଙ୍କ ଆଜ୍ଞା ବିନା ତାଙ୍କୁ ନିଗ୍ରହ ହାତରେ ଠେଲିଦେଲେ । ମନୁ ଏଥିରେ କ୍ରୁଦ୍ଧ ହୋଇ ଜୟ ବିଜୟଙ୍କୁ ମର୍ତ୍ତ୍ୟରେ ଅସୁର ହୋଇ ଜନ୍ମ ହେବା ପାଇଁ ଶାପ ଦେଲେ । ତାଙ୍କର ମୋକ୍ଷ ପାଇଁ ଏହି ଉପାୟ ରହିଲା ଯେ, ସେମାନେ ବିଷ୍ଣୁଙ୍କ ବୈରୀ ହୋଇ ତାଙ୍କ ସହିତ ଯୁଦ୍ଧ କରି ତାଙ୍କ ଦ୍ୱାରା ନିହତ ହୋଇ ନିଜସ୍ଥାନ ପାଇବେ । ସେମାନେ ମର୍ତ୍ତ୍ୟରେ ହିରଣ୍ୟ-ହିରଣ୍ୟାକ୍ଷ, ରାବଣ-କୁମ୍ଭକର୍ଣ୍ଣ,

ଦନ୍ତବକ୍ର-ଶିଶୁପାଳରୂପେ ଜନ୍ମ ହୋଇ ମୋକ୍ଷଲାଭ କଲେ । ମନୁ ଜୟ ବିଜୟଙ୍କୁ ଶାପ ଦେବାରୁ ବିଷ୍ଣୁ କ୍ରୁଦ୍ଧ ହୋଇ ମନୁଙ୍କୁ ଶାପ ଦେଲେ ଯେ ସେ ମର୍ତ୍ତ୍ୟରେ ମନୁଷ୍ୟ ଯୋନିରେ ଜନ୍ମଲାଭ କରିବେ ଏବଂ ବିଷ୍ଣୁଲୀଳା ଗାୟନ କରି ମୋକ୍ଷଲାଭ କରିବେ ।

ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ
ସେ ଜନ୍ମରେ ବିଷ୍ଣୁଲୀଳା କଲି ମୁଁ ପ୍ରକାଶ ।
କାଳେ ସୁପ୍ରସନ୍ନ ମୋତେ ହୋଇଲେ ଅଜିସ
ବିଷ୍ଣୁ ଚରିତ ଯଥେକ ମତି ମୋର ବସ ।
ଦ୍ୱିତୀୟ ଜନ୍ମରେ ମହାକାଳି ନାମେ କବି
ଜଗୁଣ ବନ୍ଦନ ସୁପ୍ରସନ୍ନା ବାକ୍ୟଦେବୀ ।
ତୃତୀୟ ଜନ୍ମରେ ହେଲି ଶ୍ରୀ ହାରିଲା ଦାସ
ଶ୍ରୀ ବିଷ୍ଣୁଲୀଳାକୁ ମୁହେଁ କରିଲି ଅଭ୍ୟାସ ।
ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ
ତୃତୀୟେ ଲିଖନ କଲି ଶିଶୁ ଭାଗବତ । ଭ. ପୁ. ।

ଯଦି କବି ଦୁଇଟି ଗ୍ରନ୍ଥରେ କାହିଁକି ଦୁଇ ପ୍ରକାର ପ୍ରସଙ୍ଗର ଅବତାରଣା କଲେ ତାହା ସ୍ପଷ୍ଟ ଜଣାପଡ଼ୁ ନାହିଁ । ମହାଭାରତରେ ଶିବଙ୍କ ଦ୍ୱାରପାଳ ନନ୍ଦୀ ରୂପେ ଓ ଚଣ୍ଡୀପୁରାଣରେ ମନୁ ମହର୍ଷିରୂପରେ ସିଦ୍ଧ ଶରୀରରେ ଥିଲେ ବୋଲି ଲେଖିଥିବା ଯୋଗୁଁ ଏହାର ସତ୍ୟତା ସମ୍ବନ୍ଧରେ ସନ୍ଦେହ ଜାତ ହୁଏ । କବିଙ୍କ ସ୍ୱରଚିତ ଗ୍ରନ୍ଥମାନଙ୍କରେ ଏପରି ଭିନ୍ନତା (ବିଶେଷତଃ କବି ସ୍ୱୟଂ ନିଜର ଜୀବନ ସମ୍ବନ୍ଧରେ ଲେଖିଥିବା ସ୍ଥାନମାନଙ୍କରେ) ଦେଖାଯିବା ସାଧାରଣତଃ ନ ଘଟିବା କଥା । ମହାଭାରତରେ ଅନେକ ସ୍ଥଳରେ ଏ ବିଷୟ ଉଲ୍ଲେଖ ଥିବାରୁ ଏବଂ ଚଣ୍ଡୀପୁରାଣରେ ମଧ୍ୟ (ଭିନ୍ନ ଆକାରରେ ହେଉ ପଛକେ) ଲିଖିତ ଥିବାରୁ ଏହି ଅଂଶଗୁଡ଼ିକ ପ୍ରକ୍ଷିପ୍ତ ବୋଲି କହିବା ପାଇଁ କୌଣସି କାରଣ ନାହିଁ । ପୁଣି ଏହିପରି ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିବା ଉଦର କେବଳ ଶାରଳାଦାସ ଏକମାତ୍ର ଦୃଷ୍ଟାନ୍ତ ନୁହନ୍ତି, ତାଙ୍କ ପରେ ଅଚ୍ୟୁତାନନ୍ଦ ଦାସ,

ବଳରାମ ଦାସ, ପୀତାମ୍ବର ଦାସ ପ୍ରଭୃତି କବିମାନେ ମଧ୍ୟ ଏହିପରି ଲେଖିଛନ୍ତି । ଏହି ସମସ୍ୟାର ସମାଧାନ ସୁଷ୍ଠୁ ଭାବରେ ସମ୍ଭବପର ହେବ ଏହି ଗ୍ରନ୍ଥମାନଙ୍କର ଶୁଦ୍ଧ ସଂସ୍କରଣ ସମ୍ପାଦିତ ହେଲେ ।

କବିଙ୍କର ଜୀବନ ସମ୍ବନ୍ଧରେ ଆଉ ବିଶେଷ କିଛି ତଥ୍ୟ ମିଳୁ ନାହିଁ । ସେ ବିବାହ କରିଥିଲେ କି ନାହିଁ, କେଉଁ ବୟସରେ ଶୂଦ୍ରମୁନି ବୋଲି ପରିଚିତ ହୋଇଥିଲେ, କେବେ ଇହଧାମ ତ୍ୟାଗ କରିଥିଲେ ଇତ୍ୟାଦି ବିଷୟ ଜାଣିବା ପାଇଁ କୌଣସି ଉପାଦାନ ନାହିଁ ।

ତେନ୍ତୁଳିଖପଦା ଗ୍ରାମ ନିକଟରେ "ମୁନି ଗୋସାଇଁ ମଠ" ନାମରେ ଗୋଟିଏ ମଠ ଅଛି । ଲୋକେ କହନ୍ତି, ଏହି ମଠଟି ପୂର୍ବେ ଶାରଳାଦାସଙ୍କ ଆଶ୍ରମ ଥିଲା ଏବଂ ସେ ଶେଷଜୀବନ ଏଠାରେ କଟାଇଥିଲେ ।

## ଶାରଳା ଦାସଙ୍କ ମହାଭାରତ

**ଗ୍ରନ୍ଥର ଆକାର**—ଶାରଳା ଦାସଙ୍କ ମହାଭାରତ ୧୮ ଅଧ୍ୟାୟ ବୃହତ୍ତରେ ଲେଖା । ଶାରଳା ମହାଭାରତ ପଦର ଲକ୍ଷେ ହଜାର ସଂଖ୍ୟା ପୁଥିବାର ପାଣ୍ଡୁଲିପିମାନଙ୍କରେ କମ୍ ବେଶ୍ ଦେଖାଯାଏ । ଓଡ଼ିଆ ସାହିତ୍ୟରେ ଏତେ ବଡ଼ ଗ୍ରନ୍ଥ ମଧ୍ୟ ଖୁବ୍ କମ୍ ଅଛି ।

**ରଚନାରେ ମୌଳିକତା**—ଶାରଳା ଦାସ ବେଦବ୍ୟାସଙ୍କ ସଂସ୍କୃତ ମହାଭାରତକୁ ଅନୁବାଦ କରି ନାହାନ୍ତି । ମୂଳ ସଂସ୍କୃତ ମହାଭାରତକୁ କେବଳ ଦୃଷ୍ଟିରେ ଆଦର୍ଶ ରୂପେ ରଖି, ସ୍ୱ-କଳ୍ପନାର ଭିତ୍ତି ଉପରେ ପ୍ରଭୃତ ସ୍ୱାଧୀନତା ଗ୍ରହଣ କରି, ଶାରଳା ଦାସ ସ୍ୱ-କଳ୍ପିତ ମହାଭାରତ ଲେଖିଛନ୍ତି । ମୂଳ ମହାଭାରତର ବିଷୟବସ୍ତୁ ଓ ଘଟଣା-ବର୍ଣ୍ଣନା କ୍ରମକୁ ପୂର୍ଣ୍ଣ ଭାବରେ ଅନୁସରଣ ନକରି ନିଜର କଳ୍ପନା-ବିଳାସର ଗତି ଅନୁସାରେ ଗ୍ରନ୍ଥ ଲେଖି ଯାଇଛନ୍ତି । ମୂଳ ମହାଭାରତରେ ବର୍ଣ୍ଣିତ ବହିଃସ୍ଥ ଚରିତ୍ର ଓ ଘଟଣାମାନଙ୍କର ମୋଟାମୋଟି ଧାରଣା ଶାରଳା ଦାସଙ୍କ ମହାଭାରତ ପାଠରେ ମିଳିପାରେ । କୌରବ ଓ

ପାଣ୍ଡବମାନଙ୍କ ବିବାଦ ଓ ତାର ଶେଷ ପରିଣତି ଉଭୟ ଗ୍ରନ୍ଥରେ (ସାମାନ୍ୟ ପ୍ରଭେଦ ସହିତ) ପ୍ରାୟ ସମାନ ଭାବରେ ବର୍ଣ୍ଣିତ ହୋଇଛି କହିଲେ ଚଳେ ।

ଶାରଳା ଦାସ ମୂଳ ମହାଭାରତର ପର୍ବ ବିଭାଗକୁ କେବଳ ସଂଖ୍ୟା ଦୃଷ୍ଟିରୁ ଅନୁକରଣ କରିଅଛନ୍ତି । ମୂଳ ଭାରତରେ ୧୮ଟି ପର୍ବ ଅଛି; ଶାରଳା ଦାସଙ୍କ ମହାଭାରତରେ ମଧ୍ୟ ୧୮ଟି ପର୍ବ ଅଛି । କିନ୍ତୁ ସଂସ୍କୃତ ମହାଭାରତର ପର୍ବ-ନାମ ଓ ବିଷୟ କ୍ରମ ଶାରଳା ଦାସ ରକ୍ଷା କରିନାହାନ୍ତି ।

ମୂଳ ଭାରତର ପର୍ବ-ଅନୁକ୍ରମଣିକା:—

| | | |
|---|---|---|
| ୧ । ଆଦିପର୍ବ | ୭ । ଦ୍ରୋଣପର୍ବ | ୧୩ । ଅନୁଶାସନିକପର୍ବ |
| ୨ । ସଭାପର୍ବ | ୮ । କର୍ଣ୍ଣପର୍ବ | ୧୪ । ଆଶ୍ରମିକପର୍ବ |
| ୩ । ବନପର୍ବ | ୯ । ଶଲ୍ୟପର୍ବ | ୧୫ । ମହାପ୍ରସ୍ଥାନିକପର୍ବ |
| ୪ । ବିରାଟପର୍ବ | ୧୦ । ସୌପ୍ତିକପର୍ବ | ୧୬ । ଅଶ୍ୱମେଧପର୍ବ |
| ୫ । ଉଦ୍ୟୋଗପର୍ବ | ୧୧ । ସ୍ତ୍ରୀପର୍ବ | ୧୭ । ମୌଷଳପର୍ବ |
| ୬ । ଭୀଷ୍ମପର୍ବ | ୧୨ । ଶାନ୍ତିପର୍ବ | ୧୮ । ସ୍ୱର୍ଗାରୋହଣପର୍ବ |

ଶାରଳା ମହାଭାରତର ପର୍ବ-ଅନୁକ୍ରମଣିକା:—

| | | |
|---|---|---|
| ୧ । ଆଦିପର୍ବ | ୭ । ଭୀଷ୍ମପର୍ବ | ୧୩ । ନାସ୍ତପର୍ବ |
| ୨ । ମଧ୍ୟପର୍ବ | ୮ । ଦ୍ରୋଣପର୍ବ | ୧୪ । ଶାନ୍ତିପର୍ବ |
| ୩ । ସଭାପର୍ବ | ୯ । କର୍ଣ୍ଣପର୍ବ | ୧୫ । ଆଶ୍ରମିକପର୍ବ |
| ୪ । ବନପର୍ବ | ୧୦ । ଶଲ୍ୟପର୍ବ | ୧୬ । ଅଶ୍ୱମେଧପର୍ବ |
| ୫ । ବିରାଟପର୍ବ | ୧୧ । ଗଦାପର୍ବ | ୧୭ । ମୁଷଳୀପର୍ବ |
| ୬ । ଉଦ୍ୟୋଗପର୍ବ | ୧୨ । କାଇଁଶିକା ବା ଐଷିକପର୍ବ | ୧୮ । ସ୍ୱର୍ଗାରୋହଣପର୍ବ |

ସାରଳା ମହାଭାରତରେ ମୂଳଗ୍ରନ୍ଥର ପର୍ବମାନଙ୍କର ନାମକ୍ରମରେ ବ୍ୟତିକ୍ରମ କରାଯାଇଛି । ମୂଳଗ୍ରନ୍ଥର ସୌପ୍ତିକ ପର୍ବ, ଅନୁଶାସନିକ ପର୍ବ, ମହାପ୍ରସ୍ଥାନିକ ପର୍ବ ଓ ସ୍ତ୍ରୀ ପର୍ବର ନାମ ଶାରଳା ଦାସଙ୍କ ଗ୍ରନ୍ଥରେ ନାହିଁ । ମଧ୍ୟପର୍ବ, ଗଦାପର୍ବ, କାଇଁଶିକା ବା ଐଷିକ ପର୍ବ ନାମରେ ତିନୋଟି ନୂତନ

ଓ ପ୍ରଧାନ ପର୍ବ ଶାରଳାଦାସଙ୍କ ଗ୍ରନ୍ଥରେ ଅଛି । ମୂଳ ଗ୍ରନ୍ଥରେ ଗଦାପର୍ବ, ଶଲ୍ୟପର୍ବର ଏକ ଉପପର୍ବ । ମୂଳଗ୍ରନ୍ଥର ବିଷୟକ୍ରମ ସହିତ ଶାରଳା ମହାଭାରତର ବିଷୟକ୍ରମ ଅଭିନ୍ନ ନ ଥିବାରୁ ଉଭୟ ପର୍ବମାନଙ୍କର ଭିତ୍ତି ଓ ବିଷୟକ୍ରମରେ ଉଭୟ ଗ୍ରନ୍ଥରେ ବୈଷମ୍ୟ ରହିଛି ।

ଶାରଳାଦାସଙ୍କ ପର୍ବ ବିଭାଗ ମୂଳ ମହାଭାରତର ପର୍ବବିଭାଗ ସହିତ ଅମେଳ ରହିଥିବା ଯୋଗୁଁ ବିଷୟ ବର୍ଣ୍ଣନାରେ ମଧ୍ୟ ଅମେଳ ରହିବା ସ୍ୱାଭାବିକ ।

**ଆଦିପର୍ବ, ମଧ୍ୟପର୍ବ**—ମୂଳର ଆଦିପର୍ବକୁ ଶାରଳା ଦାସ ଏହି ଦୁଇ ପର୍ବରେ ବିଭକ୍ତ କରିଛନ୍ତି ।

**ସଭାପର୍ବ, ବନପର୍ବ, ବିରାଟପର୍ବ, ଉଦ୍‌ଯୋଗପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ**—ଏହି ସାତୋଟି ପର୍ବ ମୂଳଗ୍ରନ୍ଥର ପର୍ବମାନଙ୍କର ମୁଖ୍ୟ କଥାବସ୍ତୁ ଅବଲମ୍ବନ କରି ଲେଖାଯାଇଥିବାରୁ ମୁଖ୍ୟ ବିଷୟବସ୍ତୁରେ ମେଳ ଅଛି ।

**ଶଲ୍ୟପର୍ବ**—ମୂଳ ଶଲ୍ୟପର୍ବର ହ୍ରଦ ପ୍ରବେଶ ଉପପର୍ବ ଓ ଗଦା ଉପପର୍ବ ଶାରଳାଦାସଙ୍କ ଶଲ୍ୟପର୍ବରେ ନାହିଁ ।

**ଗଦାପର୍ବ**—ଶାରଳାଦାସ ମୂଳ ଶଲ୍ୟପର୍ବର ଶେଷ ଉପପର୍ବ ଗଦା ଉପପର୍ବକୁ 'ଗଦାପର୍ବ' ନାମ ଦେଇ ଏକ ସ୍ୱତନ୍ତ୍ର ପର୍ବ କରିଛନ୍ତି ।

**କାଇଁଶିକାପର୍ବ**—ମୂଳଗ୍ରନ୍ଥରେ ଶଲ୍ୟପର୍ବ ପରେ ସୌପ୍ତିକ ପର୍ବ । କିନ୍ତୁ ଶାରଳା ଦାସ ଏହି ପର୍ବ ବଦଳରେ କାଇଁଶିକାପର୍ବ ଲେଖିଛନ୍ତି । ଏହାକୁ ଐଷିକପର୍ବ ନାମ ମଧ୍ୟ ଦେଇଛନ୍ତି ।

**ସ୍ତ୍ରୀପର୍ବ**—ମୂଳପର୍ବ ଅନୁସାରେ ଠିକ୍ ଅଛି । ଏହି ପର୍ବକୁ ଶୋକପର୍ବ ବୋଲି ମଧ୍ୟ କୌଣସି କୌଣସି ପୋଥିରେ ଲେଖାଅଛି ।

**ଶାନ୍ତିପର୍ବ**—ମୂଳର ଶାନ୍ତିପର୍ବ ଓ ଅନୁଶାସନିକ ପର୍ବକୁ ଏକତ୍ର କରି ଶାରଳା ଦାସ ଶାନ୍ତିପର୍ବ ଲେଖିଛନ୍ତି ।

**ଅଶ୍ୱମେଧପର୍ବ**—ମୂଳରୁ ସମ୍ପୂର୍ଣ୍ଣ ମେଳ ଅଛି ।

**ଆଶ୍ରମବାସିକପର୍ବ, ମୌଷଳପର୍ବ**—ଏ ଦୁଇ ପର୍ବର ମୂଳ ସହିତ ମେଳ ଅଛି ।

**ସ୍ୱର୍ଗାରୋହଣପର୍ବ**—ମୂଳ ଗ୍ରନ୍ଥର ମହାପ୍ରସ୍ଥାନିକ ଓ ସ୍ୱର୍ଗାରୋହଣ ପର୍ବ ଦୁଇଟିକୁ ଏକାଠି କରି ଶାରଳା ଦାସ ସ୍ୱର୍ଗାରୋହଣ ପର୍ବ କରିଛନ୍ତି ।

## ପର୍ବ-ବିଷୟବସ୍ତୁର ଆଲୋଚନା

**ଆଦିପର୍ବ**—ଏହି ପର୍ବରେ ଅନୁକ୍ରମଣିକାଠାରୁ ପାଣ୍ଡବମାନଙ୍କର ରାଜ୍ୟପ୍ରାପ୍ତି ପର୍ଯ୍ୟନ୍ତ ବର୍ଣ୍ଣନା ଦିଆଯାଇଛି । ଦ୍ରୋଣ ଜନ୍ମ, କର୍ଣ୍ଣ ଜନ୍ମ ପ୍ରଭୃତି ବିଷୟ ମୂଳ ମହାଭାରତରୁ ବହୁତ ପୃଥକ୍ ହୋଇଛି । ଏହି ବର୍ଣ୍ଣନାମାନଙ୍କରେ କେତେକ ଅଦ୍ଭୁତ କଥାର ଛବି ଦିଆଯାଇଛି । ପୁରାଣମାନଙ୍କରେ ଅଦ୍ଭୁତ ଛବି ବହୁପରିମାଣରେ ଦେଖାଯାଏ । ଶାରଳା ଦାସ ତତ୍‌ପ୍ରଚଳିତ ପନ୍ଥା ଅବଲମ୍ବନ କରିଛନ୍ତି ।

**ମଧ୍ୟପର୍ବ**—ପାଣ୍ଡବମାନେ ହସ୍ତିନାକୁ ଫେରି ଆସିବାପରେ ଏହି ପର୍ବର ବିଷୟ ଆରମ୍ଭ ହୋଇଛି । ଅର୍ଜ୍ଜୁନଙ୍କ ଦ୍ୱାଦଶବର୍ଷ ବନ-ବାସର କାରଣ ସମ୍ବନ୍ଧରେ ଶାରଳା ଦାସ ଲେଖିଛନ୍ତି ଯେ, ବ୍ରାହ୍ମଣରୂପୀ ଅଗ୍ନିଦେବ ଶାପ ଦେବାର ଭୟ ପ୍ରଦର୍ଶନ କରିବାରୁ ଅର୍ଜ୍ଜୁନ ପୂର୍ବ ପ୍ରତିଶ୍ରୁତି ଭଙ୍ଗକରି ବିହାର ପ୍ରକୋଷ୍ଠକୁ ଯାଇ ଯୁଧିଷ୍ଠିରଙ୍କୁ ଡାକିଥିଲେ । ଅର୍ଜ୍ଜୁନ ବାରବର୍ଷ ବନବାସ ସମୟରେ ନାଗକନ୍ୟା ଉଲୂପି ଓ ମଣିପୁର ରାଜକନ୍ୟା ଚିତ୍ରାଙ୍ଗଦା ସହିତ ବିବାହ କରିଥିଲେ । ଚିତ୍ରାଙ୍ଗଦାଙ୍କୁ ବୈରାଗ୍ୟ ନୃପତିଙ୍କ କନ୍ୟା ବୋଲି ଶାରଳା ଦାସ ଲେଖିଅଛନ୍ତି । ଏ ସ୍ଥଳରେ ଏକାମ୍ରବନରେ ଅର୍ଜ୍ଜୁନଙ୍କର ବିହାର ବିଷୟ ଶାରଳା ଦାସ କହିଅଛନ୍ତି । ଅର୍ଜ୍ଜୁନ ବନବାସ

କରିବା ସମୟରେ ଅନେକ ତୀର୍ଥ ଭ୍ରମଣ କରିଥିଲେ । ଖାଣ୍ଡବ-ଦାହ କରିଥିଲେ । ଖାଣ୍ଡବ-ଦାହ ପରେ ଶତାନୀକ ନିଧନ, କୁମ୍ଭ ଓ ବଳାସୁରର ବଧ, ଗୋସିଂହ ବଧ ପ୍ରସଙ୍ଗ, ସୁଭଦ୍ରା ପରିଣୟ ଲେଖାଅଛି ।

ରୈବତକ ପର୍ବତରେ ସୁଭଦ୍ରାଙ୍କ ପ୍ରତି ଅର୍ଜୁନଙ୍କର ପ୍ରଗାଢ଼ ପ୍ରେମ ଜାତ ହେବାରୁ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ତାଙ୍କୁ ବଳପୂର୍ବକ ହରଣ କରି ବିବାହ କରିଥିଲେ । ଶାରଳା ଦାସ ସେହି କଥାକୁ ଭିନ୍ନ ପ୍ରକାର ଲେଖିଛନ୍ତି । ପ୍ରଥମେ ସୁଭଦ୍ରା ଅର୍ଜୁନଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ମାୟାଦେବୀଙ୍କ ବଶୀକରଣ ମନ୍ତ୍ର ସାହାଯ୍ୟରେ ଘଟୋତ୍କଚ ସୁଭଦ୍ରାଙ୍କୁ ନେଇ ଅର୍ଜୁନଙ୍କ ପାଖରେ ଉପସ୍ଥିତ କରାଇ ଥିଲେ । ଏହି ହରଣରେ ଯେଉଁ କାଳ୍ପନିକ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି, ତାହା ଲୋକ ସାଧାରଣଙ୍କର ମନକୁ ବିଶେଷ ଆକର୍ଷଣ କରି ପାରିଅଛି । 'ଅର୍ଜୁନ-ହନୁମାନ ଭେଟ, ସୁଗନ୍ଧିକା ହରଣ, ଚନ୍ଦ୍ରାବତୀ ହରଣ, କଳେବରୀ ହରଣ, ଶୋଭାବତୀ ହରଣ ମୂଳ ମହାଭାରତରେ ନାହିଁ । ଶାରଳା ଦାସ ଏହି ଚରିତ୍ରଗୁଡ଼ିକ ବଡ଼ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ଏବଂ ମଧ୍ୟପର୍ବର ଶେଷ ଭାଗରେ ରାମ କୃଷ୍ଣ ଦୁହେଁ ଶାନ୍ଦିପନିଙ୍କ ଗୃହରେ ବିଦ୍ୟାଶିକ୍ଷା କରିବା, କୃଷ୍ଣଙ୍କ ଗୁରୁ-ଦକ୍ଷିଣା ଇତ୍ୟାଦି ଚରିତ୍ର ଲେଖିଅଛନ୍ତି ।

**ସଭାପର୍ବ**—ରାଜସୂୟ ଯଜ୍ଞ, ଜରାସନ୍ଧ ବଧ, ପାଣ୍ଡବମାନଙ୍କର ଦିଗ୍ବିଜୟ, ଶିଶୁପାଳ ବଧ, ଦ୍ୟୂତକ୍ରୀଡ଼ା ପ୍ରଭୃତି ବିଷୟ ଏ ପର୍ବରେ ବର୍ଣ୍ଣିତ ହୋଇଅଛି । ଶାରଳା ଦାସ ଲେଖିଛନ୍ତି ଯେ ଜରାସନ୍ଧଙ୍କ କାରାଗାରରେ 'ବୃନ୍ଦ ଊଣା ଲକ୍ଷେ' ରାଜା ବନ୍ଦୀ ହୋଇ ଥିଲେ । ଭୀମ ଜରାସନ୍ଧକୁ ବଧ କରି ଏହି ରାଜାମାନଙ୍କୁ ମୁକ୍ତି ଦାନ କଲେ । ଭୀଷ୍ମ ଓ ଶାକୁନୀ ଭୂଞ୍ଚର 'ମାନୁଷବିସ୍ମୟ କରଣ୍ଡୋ' ଓ ଗର୍ଦ୍ଦଭ ସମ୍ବନ୍ଧରେ ଏଠାରେ ଏକଗୋଟି କାଳ୍ପନିକ ଗଳ୍ପର ଅବତାରଣା କରିଅଛନ୍ତି । "ଅସମୟରେ ଗଧ ପାଦ ଧରିବା" ପ୍ରବଚନ ଏହିଠାରୁ ଆରମ୍ଭ ହୋଇଛି । ଶାରଳା ମହାଭାରତରେ ପାଣ୍ଡବମାନଙ୍କର ଦିଗ୍ବିଜୟ ବୃତ୍ତାନ୍ତ ମୂଳଗ୍ରନ୍ଥରେ ଯେଉଁଠାରେ ଅଛି ସେଠାରେ ନଥାଇ ପରେ

ଅଛି । ପାଣ୍ଡବମାନେ ଚତୁର୍ଦ୍ଦିଗରେ ଭ୍ରମଣ କରି ଦୁର୍ଦ୍ଧର୍ଷ ରାଜାମାନଙ୍କୁ ପରାସ୍ତ କରିବା ବୃତ୍ତାନ୍ତ ବଡ଼ ଚମତ୍କାର ଭାବରେ ବର୍ଣ୍ଣନା କରିଅଛନ୍ତି । ମୂଳ ଗ୍ରନ୍ଥର ସ୍ଥାନର ନାମ ପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇଥିଲେ ମଧ୍ୟ ଶାରଳା ଦାସଙ୍କ ବର୍ଣ୍ଣନାରେ ବଳିଷ୍ଠ ଲେଖନୀର ପରିଚୟ ପ୍ରକାଶ ପାଇଛି । ମୂଳଗ୍ରନ୍ଥରେ ଦିଗ୍‌ବିଜୟ, ରାଜସୂୟ ଯଜ୍ଞ, ଅର୍ଘାହରଣ, ଶିଶୁପାଳବଧ ପ୍ରସଙ୍ଗ ସ୍ୱଳ୍ପ ସଂକ୍ଷେପରେ ଲେଖା ଅଛି । କିନ୍ତୁ ଶାରଳା ଦାସ ଏସବୁ ସ୍ଥଳରେ ଅନେକ କପୋଳକଳ୍ପିତ ପ୍ରସଙ୍ଗ ଯୁକ୍ତ କରି ଗ୍ରନ୍ଥକୁ ବଢ଼ାଇ ଅଛନ୍ତି । କାଳି ଧ୍ୱଂସର ଉପଲକ୍ଷରୂପେ ଭାର୍ଯ୍ୟା କରିବା, ବିରାଟ ରାଜାଙ୍କୁ ପାଣ୍ଡବ-ମାନେ ଦର୍ଶନ ନଦେବା, ବିରାଟ ରାଜାଙ୍କୁ ନିମନ୍ତ୍ରଣ କରି ନ ଥିବାରୁ ଭୀମ ଉପରେ ଶ୍ରୀକୃଷ୍ଣ ରାଗିଯାଇ ତାଙ୍କର ମସ୍ତକ ଛେଦନ କରିବା ପାଇଁ ଚକ୍ର ଉଠାଇବା, ମେରୁଶୂଳ ରୂପି ଚରିତ, ଦ୍ୱିଜପତ୍ନୀକା ଓ ଦ୍ରୌପଦୀଙ୍କ ସାପତ୍ନିକ ଦ୍ୱେଷ ହେତୁ ପରସ୍ପର କଳହ, ବିଭୀଷଣ ଓ ହନୁମାନ ସମ୍ମିଳନରେ ଉପସ୍ଥିତ ହେବା, ସୁଦନ୍ୟାସ ରାଜାଙ୍କ ଚରିତ୍ର, ନୃସିଂହ ଦୈତ୍ୟ-ବଧ ପ୍ରଭୃତି ବୃତ୍ତାନ୍ତ ମୂଳ ଭାରତରେ ନାହିଁ । ଅର୍ଘାହରଣ ସର୍ଗରେ କୃଷ୍ଣାର୍ଜ୍ଜୁନଙ୍କ ଜନ୍ମ ବିବରଣ, ଧନୁ ମୂଳରେ ଅର୍ଜ୍ଜୁନଙ୍କର ଧନୁ ଧାରଣ ପ୍ରଭୃତି ବିଷୟ ଶାରଳା ଦାସ ନିଜ କଳ୍ପନାରୁ ଜାତ କରିଅଛନ୍ତି । ରାଜସୂୟ ଯଜ୍ଞ ସମାପ୍ତ ହେବା ପରେ କୌରବମାନେ ସମୃଦ୍ଧିରାଶିକୁ ଦେଖିଆସି ଦ୍ୟୂତକ୍ରୀଡ଼ାର ଆୟୋଜନ କରିଥିଲେ । ବାହୁଡ଼ାବାଟରୁ ପାଣ୍ଡବମାନେ ନିମନ୍ତ୍ରିତ ହୋଇ ଆସି ଦ୍ୟୂତ-କ୍ରୀଡ଼ାରେ ସର୍ବସ୍ୱ ହରାଇଥିଲେ । ଦ୍ରୌପଦୀଙ୍କ ବସ୍ତ୍ରହରଣ ବୃତ୍ତାନ୍ତ ଶାରଳାଦାସ ବଡ଼ କରୁଣ ଭାବରେ ବର୍ଣ୍ଣନା କରିଅଛନ୍ତି । ନାଗାର୍ଜ୍ଜୁନ ସହିତ ଅର୍ଜ୍ଜୁନଙ୍କ ଯୁଦ୍ଧ ହୋଇଥିଲା ଏବଂ ଅର୍ଜ୍ଜୁନ ପରାସ୍ତ ହୋଇଥିଲେ ।

**ବନପର୍ବ:**—ପାଣ୍ଡବମାନଙ୍କର ବନବାସର ପ୍ରଥମାର୍ଦ୍ଧ ଭିତରେ ଚିତ୍ରସେନ ଗନ୍ଧର୍ବ ସହିତ କୌରବମାନଙ୍କର ଯୁଦ୍ଧ ହୋଇଥିଲା ଏବଂ ଚିତ୍ରସେନ ଦୁର୍ଯ୍ୟୋଧନଙ୍କୁ ପରାସ୍ତ କରି ବାନ୍ଧି ନେଇ ଯାଇଥିଲେ । ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କୁ ଚିତ୍ରସେନଙ୍କ ହସ୍ତରୁ ମୁକ୍ତ କରିଥିଲେ । ଏହି ପ୍ରସଙ୍ଗ ମୂଳ ଭାରତରେ ବନବାସ ଶେଷ ହେବା ଖୁବ୍ ଅଳ୍ପ ସମୟ ପୂର୍ବରୁ ଘଟିଥିଲା ବୋଲି

ନେଇଥାଅଛୁ । ପାଣ୍ଡବମାନେ ଅସୁର ବନରେ ଥିବା ସମୟରେ ଏକେଳ ଦ୍ରୌପଦୀଙ୍କୁ ଏକାକୀ ଦେଖି ଜୟଦ୍ରଥ ତାଙ୍କୁ ଅପହରଣ କଲେ । ଭୀମ ଦ୍ରୌପଦୀଙ୍କୁ ଉଦ୍ଧାର କରି ଜୟଦ୍ରଥଙ୍କୁ ବହୁତ ଅପମାନ ଦେଇଥିଲେ । ବନବାସର ଶେଷ ଭାଗରେ ଏହା ଘଟିଥିଲା ବୋଲି ବ୍ୟାସଦେବ ଲେଖିଛନ୍ତି । କିନ୍ତୁ ଶାରଳାଦାସ ବନବାସର ପ୍ରଥମାବସ୍ଥାରେ ଘଟିଥିଲା ବୋଲି କହିଅଛନ୍ତି । ନଳୋପାଖ୍ୟାନ ମୂଳ ଗ୍ରନ୍ଥରେ ଯେତେ ଉତ୍କୃଷ୍ଟ ସ୍ଥାନ ଲାଭ କରିଛି, ଶାରଳା ଦାସଙ୍କ ଭାରତରେ ତାହା ସେତେ ହୋଇ ନାହିଁ । ମୂଳ ଗ୍ରନ୍ଥରେ ଏହି ଚରିତ୍ର ବଡ଼ ସୁନ୍ଦର-ଭାବରେ ଲିଖିତ ହୋଇଛି । ପାଣ୍ଡବମାନଙ୍କର ତୀର୍ଥଭ୍ରମଣ ସମୟର ଯେଉଁସବୁ ବୃତ୍ତାନ୍ତ ମୂଳ ଭାରତରେ ଲିଖିତ ଅଛି, ସେ ଭିତରୁ ଅଧିକାଂଶ ଶାରଳା ଦାସ ତ୍ୟାଗ କରିଅଛନ୍ତି ।

**ବିରାଟପର୍ବ**:—ପାଣ୍ଡବମାନେ ବିରାଟ ନଗରରେ ଅଜ୍ଞାତବାସ କରିବା ପୂର୍ବରୁ ଶମୀବୃକ୍ଷର କୋଟରରେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ରଖିଦେଇ ବିରାଟ ନଗରକୁ ଗଲେ । ସେଠାରେ ସେମାନେ ଛଦ୍ମ ନାମ ଧାରଣ କରି ବିରାଟ ରାଜାଙ୍କ ସେବାରେ ନିଯୁକ୍ତ ହେଲେ । ଏହି ବିରାଟ ନଗରରେ ନକୁଳ ଶାପଗ୍ରସ୍ତ ଅଶ୍ୱକୁ ଉଦ୍ଧାର କରିଥିଲେ, ବୃହନ୍ନଳା ଶାରୀକୁ ସନ୍ତୁଷ୍ଟ କରିଥିଲେ । ଭୀମ ମଲ୍ଲମାନଙ୍କ ସହିତ ଯୁଦ୍ଧ କରି ଜୟଲାଭ କରିଥିଲେ ।

କୀଚକ ବଧ, ଉତ୍ତର ପରିଣୟ, ଦୁର୍ଯ୍ୟୋଧନଙ୍କ ବିରାଟଦେଶ ଆକ୍ରମଣ ପ୍ରଭୃତି ବିଷୟରେ ମଧ୍ୟ ଶାରଳା ଦାସ ଅନେକ ନୂତନତା ଦେଖାଇଅଛନ୍ତି । ଅଜ୍ଞାତବାସ ସମାପ୍ତ ହେବା ପରେ ଶମୀବୃକ୍ଷ ତଳେ ପାଣ୍ଡବମାନଙ୍କର ଅଭିଷେକ ହୋଇଥିଲା ଏବଂ ଯୁଧିଷ୍ଠିର ବିରାଟ ସିଂହାସନରେ ବସିଥିଲେ ।

**ଉଦ୍ୟୋଗ ପର୍ବ**—ପାଣ୍ଡବମାନଙ୍କର ଦାବୀ ପ୍ରାପ୍ତି ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ, ଦ୍ରୁପଦ, ବିରାଟ ରାଜା ପ୍ରଭୃତି ଏକତ୍ର ହୋଇ ଯୁଦ୍ଧର ମନ୍ତ୍ରଣା କଲେ । ଯୁଦ୍ଧର ଆୟୋଜନ କରିବା ପରେ ଏବଂ ସମର କ୍ଷେତ୍ରରେ ସୈନ୍ୟ ସମାବେଶ ହୋଇ ସାରିବା ପରେ ଧୌମ୍ୟ ପୁରୋହିତଙ୍କୁ ଯୁଧିଷ୍ଠିର ହସ୍ତିନାକୁ ଶାନ୍ତିଦୂତ ରୂପେ ପଠାଇଥିଲେ । ଯୁଦ୍ଧ ଆରମ୍ଭ ପୂର୍ବରୁ ଭୀମଙ୍କ ପୁତ୍ର ଦେବଳସେନକୁ

ଅଜେୟ ମନେ କରି ଶ୍ରୀକୃଷ୍ଣ ନିଜର ଚକ୍ରରେ ସଂହାର କଲେ । ତାଙ୍କର ଲୀଳାନୁସାରେ ଯୁଦ୍ଧ ଅଠର ଦିନ ହେବାର କଥା । କିନ୍ତୁ ଏହି ବେଲ୍ଲାଳସେନ ଯୁଦ୍ଧରେ ପ୍ରବୃତ୍ତ ହୁଅନ୍ତେ ତାହାହେଲେ ଅଠର ଦିନର ଲୀଳା ଏକା ମୁହୂର୍ତ୍ତରେ ଶେଷ ହୋଇଯିବାର ଆଶଙ୍କା କରି ଶ୍ରୀକୃଷ୍ଣ ଏହା କରିଥିଲେ । ପରେ ବେଲ୍ଲାଳସେନର ପ୍ରାର୍ଥନାନୁସାରେ ତାହାର ଛିନ୍ନ ମସ୍ତକକୁ ଦିବ୍ୟ ଚକ୍ଷୁ ଦାନ କରି ଗୋଟିଏ ସ୍ତମ୍ଭ ଉପରେ ରଖିଦେଲେ ଏବଂ ଏହି ମସ୍ତକ ମହାଭାରତ ଯୁଦ୍ଧ ଆମୂଳଚୂଳ ଦେଖି ପାରିଥିଲା । ଏହି ପ୍ରସଙ୍ଗଟି ମୂଳ ଭାରତରେ ନାହିଁ । ଶାରଳାଙ୍କ ଭାରତ ବୃତ୍ତାନ୍ତ ମୂଳରେ ନାହିଁ । ଏ ବୃତ୍ତାନ୍ତଟି ପାଠ କଲେ ମନରେ ଘୃଣା ଜାତ ହୁଏ । କେଉଁ ସେ ସ ଉଦ୍ଦେଶ୍ୟରେ ଏହାକୁ ବର୍ଣ୍ଣନା କଲେ ତାହା ଜଣାଯାଉ ନାହିଁ ।

**ଭୀଷ୍ମପର୍ବ**—ସଞ୍ଜୟ ବ୍ୟାସଦେବଙ୍କ ଦିବ୍ୟ ଚକ୍ଷୁ ବଳରେ ଯୁଦ୍ଧର ସବୁ ସମାଚାର ଅବଗତ ହୋଇ ଧୃତରାଷ୍ଟ୍ରଙ୍କୁ ବୁଝାଇଲେ । ସଞ୍ଜୟ ଭାରତବର୍ଷର ବିଭିନ୍ନ ଅଞ୍ଚଳର ବର୍ଣ୍ଣନା ଧୃତରାଷ୍ଟ୍ରଙ୍କୁ ଶୁଣାଇଲେ । ମୂଳ ମହାଭାରତରେ ଏହା ଅଛି । ଶାରଳା ଦାସ ଏଥିରୁ ଅନେକ ବିଷୟ ପରିତ୍ୟାଗ କରିଅଛନ୍ତି । ଏହି ପର୍ବରେ ଭୀଷ୍ମଙ୍କ ଖଡ୍ଗ ସଙ୍କଟ, ଅଶ୍ବତ୍ଥାମା ବିବାଦ, ନୃସିଂହାବତାର ପ୍ରସଙ୍ଗ, ପାଣ୍ଡବସେନା ନିଷ୍କ୍ରମଣ, କଳିଙ୍ଗସେନ ବୃତ୍ତାନ୍ତ, ହନୁମାନ ଅର୍ଜ୍ଜୁନଙ୍କ ରଥରେ ରହିବା ପ୍ରଭୃତି ଅନେକ ବିଷୟ ଶାରଳା ଦାସ ନିଜର କଳ୍ପନା ବଳରେ ରଚନା କରି ଏହି ପର୍ବରେ ସ୍ଥାନ ଦେଇଅଛନ୍ତି । ମୂଳଗ୍ରନ୍ଥର ଭଗବଦ୍‌ଗୀତାର ସମସ୍ତ ଅଂଶକୁ ଅଳ୍ପ କେତୋଟି ଧାଡ଼ିରେ ଶେଷ କରି ଦେଇଛନ୍ତି । ଏହି ଧାଡ଼ିଗୁଡ଼ିକ ଭଗବଦ୍‌ଗୀତାର ଶ୍ଳୋକମାନଙ୍କର ଯଥାଯଥ ଅନୁବାଦ ମଧ୍ୟ ନୁହେଁ । ଶାରଳା ଦାସ ଘଟଣା ବର୍ଣ୍ଣନାକୁ ଧର୍ମ ଉପଦେଶ ଅପେକ୍ଷା ବିଶେଷ ପ୍ରାଧାନ୍ୟ ଦେଉଥିବାରୁ ଏପରି କରିଛନ୍ତି ବୋଲି ଅନୁମାନ କରାଯାଏ । ଭୀଷ୍ମଙ୍କ ସହିତ ପାଣ୍ଡବମାନଙ୍କ ଯୁଦ୍ଧ ଦଶ ଦିନରେ ଶେଷ ହୋଇଛି । ଦଶମ ଦିନରେ ଭୀଷ୍ମ ଶରଶଯ୍ୟା ଗ୍ରହଣ କରିଥିଲେ । ବ୍ୟାସଦେବଙ୍କର ପ୍ରତ୍ୟେକ ଦିନର ବର୍ଣ୍ଣିତ ବିଷୟଠାରୁ ଶାରଳା ଦାସଙ୍କ ବର୍ଣ୍ଣିତ ବିଷୟ ଅନେକ ଭିନ୍ନ । ଏହି ପର୍ବର ମୂଳରେ ଅନେକ ବିଷୟ ଶାରଳା ଦାସ ଛାଡ଼ି ଦେଇଛନ୍ତି ଏବଂ ଅନେକ

ନୂତନ କଥା ମଧ୍ୟ ଯୋଗ କରି ଦେଇଛନ୍ତି । କେଉଁ ଦିନ କିପରି ଯୁଦ୍ଧ ହେଲା, କାହା ପରେ କିଏ ମଲା, କାହା ପରେ କିଏ ସେନାପତି ହେଲା, କିଏ କାହାକୁ ମାରିଲା, ଏସବୁ ବିଷୟରେ ସେ ଅନେକ ସ୍ଥାନରେ ମୂଳଠାରୁ ଭିନ୍ନ କରିଅଛନ୍ତି । ମୂଳଗ୍ରନ୍ଥରେ ଲେଖାଅଛି ଯେ ପ୍ରଥମ ଦିନ ଉତ୍ତର ଓ ତାଙ୍କ ଦୁଇ ପୁତ୍ର ନିହତ ହୋଇଥିଲେ । କିନ୍ତୁ ଶାରଳା ଦାସ ପ୍ରଥମ ଦିନ କେହି ମରିଥିବାର ଉଲ୍ଲେଖ କରିନାହାନ୍ତି । ଦ୍ୱିତୀୟ ଦିବସରେ ଶ୍ୱେତ ପାଣ୍ଡବ ସୈନ୍ୟଙ୍କର ସେନାପତି ହୋଇଥିବା ଶାରଳା ଦାସ ଲେଖିଛନ୍ତି । କିନ୍ତୁ ମୂଳ ଗ୍ରନ୍ଥରେ ଶ୍ୱେତ ପ୍ରଥମ ଦିନ ଯୁଦ୍ଧରେ ନିହତ ହୋଇଥିଲେ ବୋଲି ଲେଖାଅଛି । ପ୍ରଥମ ଦିନର ଯୁଦ୍ଧ ପରେ ଭୀଷ୍ମଙ୍କ ପରାକ୍ରମ ଦେଖି ଯୁଧିଷ୍ଠିର ଯୁଦ୍ଧରୁ ବିରତ ହେବା ପାଇଁ ଇଚ୍ଛା କରୁଥିବା କଥା କୃଷ୍ଣଙ୍କୁ କହୁଥିଲେ ବୋଲି ମୂଳ ଗ୍ରନ୍ଥରେ ଲେଖାଅଛି । ଶାରଳା ଦାସ କହିଛନ୍ତି ଯେ ଦ୍ୱିତୀୟ ଦିବସର ଯୁଦ୍ଧ ପରେ ଅର୍ଜୁନ କୃଷ୍ଣଙ୍କୁ ଏପରି କହୁଥିଲେ । ଭୀଷ୍ମଦେବଙ୍କ ଶରଶଯ୍ୟା ସମ୍ବନ୍ଧରେ ମଧ୍ୟ ଶାରଳା ଦାସ ଭିନ୍ନ ପ୍ରକାର ଲେଖିଅଛନ୍ତି । ନପୁଂସକ ଶିଖଣ୍ଡୀ ଭୀଷ୍ମଙ୍କ ସମ୍ମୁଖୀନ ହୋଇ ଶର ନିକ୍ଷେପ କରିବା ମାତ୍ରେକେ ଭୀଷ୍ମଦେବ କାମ ବିମୋହିତ ହେଲେ ଏବଂ ତାଙ୍କର ରେତ ସ୍ଖଳିତ ହେବାରୁ ସେ ନିସ୍ତେଜ ହୋଇପଡ଼ିଲେ । ମୂଳରେ ଲେଖାଅଛି ଯେ, ଶିଖଣ୍ଡୀ ନପୁଂସକ ଥିବାରୁ ସେ ଯେତେ ଶର ପେଶୁଥାନ୍ତି ତାର ପ୍ରତିଶର ମହାବୀର ଭୀଷ୍ମ ନ ପେଷି ସବୁ ସହ୍ୟ କରୁଥାନ୍ତି । ଏଥିରେ ତାଙ୍କର ବପୁ ଛିନ୍ନ ହୋଇଗଲା ।

**ଦ୍ରୋଣପର୍ବ**—ଭୀଷ୍ମ ଶରଶଯ୍ୟା କରିବା ପରେ ଦ୍ରୋଣାଚାର୍ଯ୍ୟ କୌରବମାନଙ୍କର ସେନାପତି ହେଲେ । ମୂଳରେ ଉକ୍ତ ଅଛି ଯେ, ସେ ଚାରିଦିନ ଯୁଦ୍ଧ କରିଥିଲେ ଏବଂ ତୃତୀୟ ଦିବସରେ ଯୁଦ୍ଧ କରୁଥିବା ସମୟରେ ତାହାଙ୍କ ଚକ୍ରବ୍ୟୂହ ଭେଦ କରିବାକୁ ଯାଇ ଅଭିମନ୍ୟୁ ନିହତ ହୋଇଥିଲେ । ଶାରଳା ଦାସ ଅଭିମନ୍ୟୁ-ବଧ ପ୍ରସଙ୍ଗରେ ଲେଖିଛନ୍ତି ଯେ, ସେହି ଦିନ ଅଭିମନ୍ୟୁଙ୍କର ଚତୁର୍ଦ୍ଦବର୍ଷ ବୟସ ପୂରିବ ସେ ଦିନ ସେ ନ ମଲେ କୃଷ୍ଣ ଓ ଅର୍ଜୁନଙ୍କୁ ସେ ବଧ କରିବ ବୋଲି ଶାପ ଥିଲା । ଦ୍ରୋଣପର୍ବର ତୃତୀୟ ଦିବସରେ ତାଙ୍କର ଚତୁର୍ଦ୍ଦବର୍ଷ ପୂରିବାର କଥା । ସେଦିନ ତାଙ୍କୁ ଯେ କୌଣସି ପ୍ରକାରେ ହେଉ

ସୂର୍ଯ୍ୟଙ୍କୁ ଘୋଡାଇବାକୁ ହେବ ବୋଲି ଶ୍ରୀକୃଷ୍ଣ ସ୍ଥିର କଲେ । ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ଥିଲେ ଅଭିମନ୍ୟୁଙ୍କୁ କେହି ପରାସ୍ତ କରିବା ଅସମ୍ଭବ ମନେକରି ଅର୍ଜୁନଙ୍କୁ ଦ୍ୱାରକାକୁ ନେଇଯିବା ପାଇଁ ବ୍ୟବସ୍ଥା କଲେ । ମ୍ଳେଚ୍ଛ ରାଜାଙ୍କ ସହିତ ଯୁଦ୍ଧ କରୁ କରୁ କପଟରେ ତାଙ୍କୁ ପାତାଳପୁରକୁ ନାଗ ପାଶରେ ନେଇଗଲେ । ସେଠାରେ ଅର୍ଜୁନ ପଡ଼ିରହିଥିବା ସମୟରେ ଅଭିମନ୍ୟୁଙ୍କୁ କୌରବରଥୀମାନେ ଏକତ୍ର ହୋଇ ଶରନିକ୍ଷେପ କଲେ ଏବଂ ଜୟଦ୍ରଥ ତାଙ୍କୁ ହତ୍ୟା କଲେ । ଅଭିମନ୍ୟୁଙ୍କର ଯୁଦ୍ଧ ଓ ତାଙ୍କର ବଧ ପ୍ରସଙ୍ଗ ବଡ଼ ସୁନ୍ଦର ଭାବରେ କବି ବର୍ଣ୍ଣନା କରିଅଛନ୍ତି ।

ପରଦିନ ଦ୍ରୋଣ ମହାପ୍ରତାପରେ ଯୁଦ୍ଧ କରି ପାଣ୍ଡବପକ୍ଷର ଅନେକ ବୀରଙ୍କୁ ହତ୍ୟା କଲେ ଏବଂ କପଟ କୌଶଳରେ ତାଙ୍କୁ ନିରସ୍ତ୍ର କରାଇ ବସିଥିବା ବେଳେ ଧୃଷ୍ଟଦ୍ୟୁମ୍ନ ତାଙ୍କୁ ବଧ କଲେ । ଏଠାରେ ଶାରଳାଦାସ ମୂଳ-ଗ୍ରନ୍ଥଠାରୁ ଟିକିଏ ଭାବରେ ପ୍ରଭେଦ ରଖି ନାହାନ୍ତି । ଦ୍ରୋଣଙ୍କ ପୁତ୍ର ଅଶ୍ୱତ୍ଥାମା ପିତୃହନ୍ତାଙ୍କୁ ବିନାଶ କରିବା ପାଇଁ ନାରାୟଣାସ୍ତ୍ର ପ୍ରୟୋଗ କଲେ । ସେହି ନାରାୟଣାସ୍ତ୍ରକୁ ଶ୍ରୀକୃଷ୍ଣ ଓ ଅର୍ଜୁନ ପ୍ରଶମିତ କଲେ । ଶ୍ରୀକୃଷ୍ଣ କପଟ ବେଶ ଧାରଣ କରି ଅଶ୍ୱତ୍ଥାମାଙ୍କଠାରୁ ତାଙ୍କର ପ୍ରଧାନ ଅସ୍ତ୍ରଗୁଡ଼ିକ ମାଗି ଆଣିଥିଲେ ବୋଲି ଶାରଳାଦାସ ଲେଖିଛନ୍ତି । କିନ୍ତୁ ମୂଳରେ ତାହା ନାହିଁ ।

**କର୍ଣ୍ଣପର୍ବ**—କର୍ଣ୍ଣପର୍ବର ପ୍ରଥମ ଦିବସରେ ଶଲ୍ୟଙ୍କୁ କର୍ଣ୍ଣ ନିଜର ରଥର ସାରଥୀ ରୂପେ ବରଣ କଲେ । ମୂଳଗ୍ରନ୍ଥର ଦ୍ୱିତୀୟ ଦିବସର ଘଟଣାଗୁଡ଼ିକୁ ଶାରଳାଦାସ ପ୍ରଥମ ଦିନର ଘଟଣା କରିଦେଇଛନ୍ତି । କର୍ଣ୍ଣଙ୍କ ରଥର ଧ୍ୱଜରେ ଶୋଭନ କାଳସର୍ପ ବସି ରହିଥିବା କଥା ଶାରଳାଦାସ ଯାହା ଲେଖିଛନ୍ତି, ତାହା ମୂଳରେ ନାହିଁ । ଦ୍ୱିତୀୟ ଦିବସରେ ଦୁଃଶାସନର ରକ୍ତ ଭୀମ ଓ ଦ୍ରୌପଦୀ ପାନ କରିଥିଲେ ଏବଂ ଦ୍ରୌପଦୀ କେଶବନ୍ଧନ କରିଥିଲେ ବୋଲି ଶାରଳାଦାସ ଲେଖିଛନ୍ତି, ମୂଳରେ ଏହା ନାହିଁ । ଅର୍ଜୁନ ଓ କର୍ଣ୍ଣଙ୍କ ମଧ୍ୟରେ ଯେଉଁ ଭୀଷଣ ଯୁଦ୍ଧ ହୋଇଥିଲା ତାହାକୁ ଶାରଳାଦାସ ବଡ଼ ଚମତ୍କାର ଭାବରେ ବର୍ଣ୍ଣନା କରିଅଛନ୍ତି । କର୍ଣ୍ଣଙ୍କ ଅମୃତକୁଣ୍ଡଳ ହରଣ ଓ ମୁଣ୍ଡଭେଦ ପ୍ରସଙ୍ଗ

ଶାରଳାଦାସ ଯେପରି ବର୍ଣ୍ଣନା କରିଅଛନ୍ତି ତାହା ମୂଳରେ ସେପରି ନାହିଁ । ମୂଳଗ୍ରନ୍ଥରେ କର୍ଣ୍ଣପର୍ବ ଦୁଇ ଦିନରେ ଶେଷ ହୋଇଛି । କିନ୍ତୁ ଶାରଳାଦାସ ତାକୁ ତିନି ଦିନ କରିଅଛନ୍ତି । କର୍ଣ୍ଣବଧ ପରେ ଅନ୍ୟାନ୍ୟ ଯୁଦ୍ଧ ଘଟଣା ୧୯ ଦିନ ଘଟିଥିବା ପରି ଜଣାଯାଏ । କିନ୍ତୁ ମୂଳରେ ଓ ଏତକ ଶାରଳାଦାସ ମଧ୍ୟ ୧୮ ଦିନ ଯୁଦ୍ଧ ହୋଇଥିଲା ବୋଲି ଲେଖିଅଛନ୍ତି । ଏପରି ସ୍ଥଳେ ଏ ଭ୍ରମ କିପରି ହେଲା ତାହା ବୁଝା ଯାଉନାହିଁ ।

**ଶଲ୍ୟପର୍ବ** — କର୍ଣ୍ଣଙ୍କ ବଧ ପରେ କୌରବପକ୍ଷରୁ ଶଲ୍ୟ ସେନାପତି ହେଲେ । ଏହି ପର୍ବରେ ଶକୁନି ନିଧନ ହୋଇଥିଲେ । ଶଲ୍ୟଙ୍କ ବଧ ପ୍ରସଙ୍ଗ ମୂଳରେ ଯେପରି ବର୍ଣ୍ଣିତ ଅଛି ଶାରଳାଦାସ ସେପରି କରିନାହାନ୍ତି । ପାଣ୍ଡବଙ୍କ ପକ୍ଷରୁ ସେ ଦିନର ସେନାପତିରୂପେ ଯୁଧିଷ୍ଠିର ନିଯୁକ୍ତ ହୋଇଥିଲେ । ଶଲ୍ୟ ଯୁଧିଷ୍ଠିରଙ୍କୁ ରଥରୁ ଟାଣି ଆଣି କୋଡ଼ିଏ ଚାପୁଡ଼ା ମାରିଲେ । ଏଥିରେ ଯୁଧିଷ୍ଠିର ରାଗିଯାଇ "ମାମୁ ଜଳିଲୁ, ମାମୁ ଜଳିଲୁ" ବୋଲି ଚିତ୍କାର କଲେ । ଯୁଧିଷ୍ଠିରଙ୍କ ଆଖିରୁ ନିଆଁ ବାହାରିଲା । ସେହି ନିଆଁରେ ଶଲ୍ୟ ଜଳିଗଲେ ।

ଯୁଧିଷ୍ଠିର ବୋଇଲେ ମାମୁ ଜଳିଲୁ ଜଳିଲୁ,
ଜଳୁ ଜଳୁ ବୋଲି ସର୍ବେ ଶଲ୍ୟ ଜଳିଗଲୁ ।

ଘଟଣାଟି ମୂଳରେ ଉକ୍ତ ହୋଇ ନ ଥିଲେ ମଧ୍ୟ ବଡ଼ ସୁନ୍ଦର ଭାବରେ ଶାରଳାଦାସ ବର୍ଣ୍ଣନା କରିଛନ୍ତି । ଶଲ୍ୟାଦି ବୀରମାନଙ୍କ ନିଧନ ପରେ ଦୁର୍ଯ୍ୟୋଧନ ରଣାଙ୍ଗନରେ ଏକାକୀ ହୋଇଯିବାରୁ ନିରୁପାୟ ହୋଇ ଅଶ୍ୱତ୍ଥାମା ହ୍ରଦୀର ଜାନୁଦଘ୍ନ ଜଳରେ ଲୁଚି ରହିଲେ ଏବଂ ରୂପ ନାଶର ହେବାରୁ ଉକ୍ତନଦୀ ସନ୍ତରଣ କରିଥିଲେ । ଦୁର୍ଯ୍ୟୋଧନଙ୍କର ଉକ୍ତନଦୀ ସନ୍ତରଣ ପ୍ରସଙ୍ଗଟି ବଡ଼ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଦୁର୍ଯ୍ୟୋଧନ ଲକ୍ଷ୍ମଣକୁମାରଙ୍କ ଶବକୁ ଧରି ଯେଉଁ ଶୋକ ପ୍ରକାଶ କରିଅଛନ୍ତି ତାହା ଯେ କୌଣସି ସାହିତ୍ୟରେ ଉଚ୍ଚସ୍ଥାନ ଅଧିକାର କରିବ ।

**ଗଦାପର୍ବ**—ବ୍ୟାସ-ସରୋବରରେ ଦୁର୍ଯ୍ୟୋଧନ ଲୁଚି ରହିଥିବା ଜାଣି-ପାରି ପାଣ୍ଡବମାନେ ସେଠାକୁ ଯାଇ ତାଙ୍କୁ ଯୁଦ୍ଧକୁ ଆହ୍ୱାନ କଲେ । ଦୁର୍ଯ୍ୟୋଧନଙ୍କ

ଉରୁଭଙ୍ଗ କରି ବ୍ୟାସ ସରୋବରରୁ ଭୀମ ବାହାରି ଆସୁଥିବା ସମୟରେ ଯୁଧିଷ୍ଠିର ତାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ । ନେଲବଳୀ ଚରିତ, ଭୀମଙ୍କ ସିଂହନାଦ-ପ୍ରାପ୍ତି ଚରିତ ପ୍ରଭୃତି ମୂଳ ଗ୍ରନ୍ଥରେ ନାହିଁ ।

**କାଇଁଶିକାପର୍ବ**—ଉରୁଭଙ୍ଗ ହୋଇଗଲା ପରେ ଦୁର୍ଯ୍ୟୋଧନ ବଡ଼ ମନସ୍ତାପରେ ରହିଲେ । ପରେ ଅଶ୍ୱତ୍ଥାମାଙ୍କୁ ସେନାପତି ରୂପେ ବରଣ କଲେ । ଅଶ୍ୱତ୍ଥାମା ପାଣ୍ଡବଙ୍କର ଅନୁପସ୍ଥିତିରେ ରାତି ସମୟରେ ପାଣ୍ଡବ ଶିବିରରେ ଅତର୍କିତ ଭାବରେ ପ୍ରବେଶ କରି ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡି, ପାଣ୍ଡବଙ୍କ ପଞ୍ଚପୁତ୍ର ଓ ଅନ୍ୟାନ୍ୟ ବୀରମାନଙ୍କୁ ହତ୍ୟା କଲେ । ଏହି ହତ୍ୟା ପରେ ଅଶ୍ୱତ୍ଥାମା ଭୀତ ହୋଇ ବନରେ ଲୁଚିଲେ ଏବଂ ସେଠାରୁ ପାଣ୍ଡବ, ଶ୍ରୀକୃଷ୍ଣ ପ୍ରଭୃତିଙ୍କୁ ନିହତ କରିବା ପାଇଁ କାଇଁଶିକା ଗଛରେ ବ୍ରହ୍ମଶର ତିଆରି କରି ପେସିଲେ । ଏହି ବ୍ରହ୍ମଶରକୁ ବଳିଦ୍ୱୀପ ଇନ୍ଧୁସର ଗର୍ଭସ୍ଥିତ ସନ୍ତାନକୁ ଶ୍ରୀକୃଷ୍ଣ ଦେଖାଇଦେଲେ । ପରେ ନିଜ ମହିମା ବଳରେ ସେ ମୃତ ସନ୍ତାନକୁ ଜୀବିତ କଲେ ।

**ସ୍ତ୍ରୀପର୍ବ**—ନିଜ ପୁତ୍ରମାନଙ୍କର ନିଧନ ସମ୍ବାଦ ସଞ୍ଜୟଙ୍କଠାରୁ ଧୃତରାଷ୍ଟ୍ର ଓ ଗାନ୍ଧାରୀ ଶୁଣି ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ତାଙ୍କର ପୁତ୍ରମାନଙ୍କର ନିଧନ ହୋଇଥିବାରୁ ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଲେ । ଯଦୁବଂଶକ୍ଷୟ ଓ ଶ୍ରୀକୃଷ୍ଣଙ୍କ ମହାପ୍ରସ୍ଥାନ ଏ ଶାପର ଫଳ । ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ସ୍ୱାଗତ ଜଣାଇବା ସମୟରେ ଭୀମଙ୍କୁ ଆଲିଙ୍ଗନ କରି ଚୂର୍ଣ୍ଣ କରିଦେବେ ବୋଲି ମନସ୍ଥ କରିଥିଲେ । ଶ୍ରୀକୃଷ୍ଣ ତାହା ଜାଣିପାରି ଗୋଟିଏ ଲୌହ ପ୍ରତିମୂର୍ତ୍ତିକୁ ତାଙ୍କ କୋଳରେ ଦେଲେ ଏବଂ ସେହି ଲୌହ-ଭୀମ ଚୂର୍ଣ୍ଣ ହେଲା । ଗାନ୍ଧାରୀ ଇଚ୍ଛା କରିଥିଲେ ଯେ ତାଙ୍କର ଅକ୍ଷିପଟ୍ଟଳି କାଢ଼ିଦେଇ ଭୀମଙ୍କୁ ଜାଳିଦେବେ । କିନ୍ତୁ ଅକ୍ଷିପଟ୍ଟଳି ଖୋଲିବା ସମୟରେ ତାଙ୍କର 'ସ୍ନେହ ସୁଦୃଷ୍ଟି' ଜାଳିଗଲା ।

**ଶାନ୍ତିପର୍ବ**—ମହାସମର ପରେ ପରମ ଧାର୍ମିକ ଯୁଧିଷ୍ଠିର ଅସଂଖ୍ୟ ଜ୍ଞାତିଙ୍କ ନିଧନରେ ଶୋକ ପ୍ରକାଶ କଲେ । ବୈରାଗ୍ୟବଶତଃ ରାଜତ୍ୱ ନେବେ

ନାହିଁ ବୋଲି ମହାଭାରତରେ ସେ କହିଲେ । ତାଙ୍କର ଭାଇମାନେ ଓ ଶ୍ରୀକୃଷ୍ଣ ବହୁତ ବୁଝାଇବା ପରେ ସେ ହସ୍ତିନାକୁ ଗଲେ । ଭୀଷ୍ମଦେବ ଉତ୍ତରାୟଣ ଅପେକ୍ଷାରେ ଜୀବନ ଧାରଣ କରିଥିଲେ । ଶ୍ରୀକୃଷ୍ଣଙ୍କ ଅନୁରୋଧ ମତେ ସେ ଯୁଧିଷ୍ଠିରଙ୍କୁ ରାଜଧର୍ମ, ଆପଦ୍ଧର୍ମ ଓ ମୋକ୍ଷଧର୍ମର ମୂଳନୀତିଗୁଡ଼ିକ ବର୍ଣ୍ଣନା କରିଥିଲେ । ଭୀଷ୍ମଦେବଙ୍କ ଉପଦେଶଗୁଡ଼ିକୁ ଖୁବ୍ ସଂକ୍ଷେପରେ ଲେଖିଛନ୍ତି । ରାଜଧର୍ମ, ବ୍ରାହ୍ମଣମନ୍ତ୍ର, ଅନ୍ନଦାନ ମାହାତ୍ମ୍ୟ ପ୍ରଭୃତି କେତେକ ବିଷୟ ଜଣାଇବାକୁ ଲେଖି ଯାଇଅଛନ୍ତି । ଭୀଷ୍ମଦେବ ଉତ୍ତରାୟଣରେ ଦେହତ୍ୟାଗ କରିବାରୁ ତାଙ୍କୁ ମହୋଦଧି ତଟରେ ଦାହନ କରାଗଲା ବୋଲି ଲେଖିଛନ୍ତି । ଦୁର୍ବାସାଙ୍କ ଶାପରେ ଯମଙ୍କୁ କୁଷ୍ଠରୋଗ ହେଲା । ସେ ଚନ୍ଦ୍ରଭାଗାଠାରେ ତପସ୍ୟା କରି ରୋଗରୁ ମୁକ୍ତିଲାଭ କରିଥିଲେ । ମୂଳରେ ଏସବୁ ନାହିଁ । ଶାରଳା ଦାସ ଅନ୍ୟାନ୍ୟ ପୁରାଣରୁ ଏହା ସଂଗ୍ରହ କରି ଲେଖି ଯାଇଛନ୍ତି ।

**ଅଶ୍ୱମେଧପର୍ବ**—ଯୁଧିଷ୍ଠିର ରାଜ୍ୟଭାର ଗ୍ରହଣ କଲା ପରେ ସର୍ବ-ପାପମୋଚନ ଉଦ୍ଦେଶ୍ୟରେ ଅଶ୍ୱମେଧ ଯଜ୍ଞ କଲେ । ଏହା ଛଡ଼ା ଶ୍ରୀକୃଷ୍ଣ ମଧ୍ୟ ଆଉ ଗୋଟିଏ ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି ଦାସେ ଲେଖିଛନ୍ତି ।

**ଆଶ୍ରମବାସିକପର୍ବ**—ମହାଭାରତ ଯୁଦ୍ଧ ପରେ ପାଣ୍ଡବମାନେ ହସ୍ତିନା ଅଧିକାର କରି ରାଜତ୍ୱ କଲେ । ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ପାଣ୍ଡବମାନେ ବହୁ ସେବା ଶୁଶ୍ରୂଷା କଲେ । ଧୃତରାଷ୍ଟ୍ରଙ୍କ ପରାମର୍ଶ ଅନୁସାରେ ଯୁଧିଷ୍ଠିର ରାଜ୍ୟ ଚଳାଇବାକୁ ଲାଗିଲେ । ଭୀମଙ୍କ କଟୂକ୍ତିରେ ଅସ୍ଥିର ହୋଇ ଧୃତରାଷ୍ଟ୍ର ଓ ଗାନ୍ଧାରୀ ବାନପ୍ରସ୍ଥାଶ୍ରମ ଅବଲମ୍ବନ କଲେ । ସେମାନଙ୍କ ସଙ୍ଗରେ ସଞ୍ଜୟ, ବିଦୁର ଓ କୁନ୍ତୀଦେବୀ ଗଲେ । କେତେ ସମୟ ବନରେ ରହିବା ପରେ ପାଣ୍ଡବମାନେ ବନକୁ ଯାଇ ସେମାନଙ୍କୁ ଦର୍ଶନ କଲେ । ବ୍ୟାସଦେବଙ୍କ କୃପାରୁ ପାଣ୍ଡବମାନେ ଓ ଧୃତରାଷ୍ଟ୍ର ପ୍ରଭୃତି ସେମାନଙ୍କର ମୃତ ଜ୍ଞାତିମାନଙ୍କୁ ଦେଖିଲେ ଏବଂ ସେମାନଙ୍କ ସହିତ ଏକ ରାତି କଟାଇଲେ । କିଛି ଦିନ ପରେ ବିଦୁର ହିମାଳୟକୁ ଚାଲିଗଲେ ଏବଂ ଧୃତରାଷ୍ଟ୍ର ପ୍ରଭୃତି ବନାଗ୍ନିରେ ଦଗ୍ଧ ହେଲେ ।

**ମୌଷଳପର୍ବ**—ଯଦୁବଂଶ ନିଧନ ଓ ଶ୍ରୀକୃଷ୍ଣଙ୍କ ମହାପ୍ରସ୍ଥାନ ଏହି ପର୍ବର ବର୍ଣ୍ଣିତ ବିଷୟ । ଶ୍ରୀକୃଷ୍ଣଙ୍କ ମହାପ୍ରସ୍ଥାନ ସମ୍ବନ୍ଧରେ ଦାସେ ଭିନ୍ନ ପ୍ରକାର

ବିବରଣ ଦେଇଛନ୍ତି । ଯଦୁବଂଶର ମୃତ୍ୟୁସମ୍ବାଦ ଉପସ୍ଥିତ ହେବାକ୍ଷଣି ଶ୍ରୀକୃଷ୍ଣ ଦେହତ୍ୟାଗ କରିବାକୁ ଇଚ୍ଛା କଲେ । ସେ ଶିଆଳିଲତା ତଳେ ଶୋଇଥିବା ସମୟରେ ଜରାଶବର ଶର ଫୋପିବାରୁ ତାଙ୍କର ପାଦର ଅଙ୍ଗୁଳି ବିଦ୍ଧ ହେଲା । ଶ୍ରୀକୃଷ୍ଣଙ୍କ ଏ ଦୁର୍ଗତି ଶୁଣିବା ମାତ୍ରେ ପଞ୍ଚପାଣ୍ଡବ ସେଠାରେ ଉପସ୍ଥିତ ହେଲେ ଏବଂ ଶ୍ରୀକୃଷ୍ଣଙ୍କୁ ସ୍ପର୍ଶ କରିବା କ୍ଷଣି ଅର୍ଜୁନଙ୍କ ବସ୍ତ୍ରନଳୀ କୃଷ୍ଣଙ୍କ ଦେହରେ ଲୀନ ହେଲା ଓ ଶ୍ରୀକୃଷ୍ଣ ଦେହତ୍ୟାଗ କଲେ । ତାଙ୍କ ମୃତ କଳେବରକୁ ସତ୍କାର କରାଗଲା । କଳିଯୁଗରେ ଶ୍ରୀକୃଷ୍ଣ କପରି ପୂଜା ପାଇବେ ସେ କଥା ଅର୍ଜୁନଙ୍କୁ କହିଥିଲେ । ଦେବତାମାନଙ୍କର ପୂର୍ବ ଚରିତ ଓ ଜାରାଶବର ପ୍ରଶଂସା ବଡ଼ ସୁନ୍ଦର ଭାବରେ ଶାରଳା ଦାସ ଲେଖିଛନ୍ତି । ଏସବୁ ମୂଳ ଗ୍ରନ୍ଥରେ ନାହିଁ ।

**ସ୍ୱର୍ଗାରୋହଣ ପର୍ବ**—ପାଣ୍ଡବମାନେ ଦ୍ରୌପଦୀଙ୍କ ସହ ସଂସାର-ବିରାଗୀ ହୋଇ ପରୀକ୍ଷିତଙ୍କୁ ସିଂହାସନରେ ବସାଇ ସ୍ୱର୍ଗାରୋହଣ ଉଦ୍ଦେଶ୍ୟରେ ହିମାଳୟକୁ ଯାତ୍ରା କଲେ । ଦାସେ ଲେଖିଛନ୍ତି ଯେ ବାଟରେ ପାଣ୍ଡବମାନେ ଯାଜପୁରକୁ ଗଲେ ଏବଂ ସେଠାରେ ଜୟପାଳଙ୍କ କନ୍ୟା ସିଂହାଣୀ ସହିତ ଯୁଧିଷ୍ଠିରଙ୍କର ବିବାହ ହୋଇଥିଲା । ସେଠାରେ ଯୁଧିଷ୍ଠିର ୭୩ (ତେସ୍ତରି) ବର୍ଷ ରହିଥିଲେ । ଯୁଧିଷ୍ଠିର କେବଳ ସ୍ୱର୍ଗାରୋହଣ କରିଥିଲେ । ଅନ୍ୟମାନେ ହିମାଳୟରେ ପ୍ରାଣତ୍ୟାଗ କରିଥିଲେ । ସ୍ୱର୍ଗାରୋହଣ ପ୍ରସଙ୍ଗରେ ଶାରଳାଦାସ ମୂଳକୁ ପ୍ରାୟ ଅନୁସରଣ କରିଛନ୍ତି । ( ଶ୍ରୀ ଭାରତଦର୍ପଣ )

## ବିଷୟବସ୍ତୁର ମୂଳ ସହିତ ତୁଳନା;—

**କ୍ରମ**—ଶାରଳାଦାସ ମୂଳ ସଂସ୍କୃତ ମହାଭାରତର ପର୍ବ-କଥାବସ୍ତୁ ବର୍ଣ୍ଣନାର କ୍ରମ ଯଥାଯଥ ଭାବରେ ରକ୍ଷା କରି ପାରିନାହାନ୍ତି । ନିଜ ଇଚ୍ଛାନୁସାରେ ଏପରି କରିଛନ୍ତି । କଥାବସ୍ତୁର ବିଶାଳତା ଯୋଗୁଁ କ୍ରମପର୍ଯ୍ୟାୟରେ ବ୍ୟତିକ୍ରମ ରହି ଅସଙ୍ଗତ ବୋଧ ହେଉଥିଲେ ମଧ୍ୟ ବିରକ୍ତିକର ବୋଧ ହେଉ ନାହିଁ ।

ଶାରଳାଦାସ ସଂସ୍କୃତ ମହାଭାରତକୁ ଅନୁସରଣ କରିନଥିବା ଅନେକ ସ୍ଥଳରେ ବ୍ୟକ୍ତ କରିଛନ୍ତି । ସଂସ୍କୃତ ମହାଭାରତ "ଅଗାଧ ସାଗର" ଥିବାରୁ ସେଥିରେ ବର୍ଣ୍ଣିତ ସବୁ ବିଷୟବସ୍ତୁକୁ ନିଜ ଛନ୍ଦରେ ଅତି ସଂକ୍ଷେପରେ ଲେଖିବାକୁ ଚେଷ୍ଟିଲେ ମଧ୍ୟ 'ଅପ୍ରମିତ' ହୋଇଯିବ, ଏହା ଜାଣିଣ ସେ "ଠିକ ଠିକ" କରି କହିଛନ୍ତି ।

"ଅଗାଧ ସାଗର ଏହୁ ଶ୍ରୀ ମହାଭାରତ
ସବୁ ସମ୍ପତି କହିଲେ ହୋଇବ ଅପ୍ରମିତ ।
ଏଣିକ ବର୍ଣ୍ଣ ଠିକ ଠିକ ଯେ ଭଣୁଛି,
ମୋ ହୃଦେ ମାଳା ପରମ ମାହେଶ୍ୱରୀ ।" (ଆଦିପର୍ବ)

[ ପ୍ରବନ୍ଧାବଳୀରୁ ଉଦ୍ଧୃତ ]

(୧) ଅର୍ଜୁନଙ୍କର ଦ୍ୱାଦଶ ବର୍ଷ ବନବାସ ପରେ ଖାଣ୍ଡବଦାହ ହୋଇଥିବା କଥା ମୂଳରେ ଆଦିପର୍ବର ପ୍ରଥମାର୍ଦ୍ଧରେ ଲେଖାଅଛି । କିନ୍ତୁ ମୂଳର ଅନ୍ୟପର୍ବର କେତେକ ଅଂଶକୁ ଅବଲମ୍ବନ କରି ଲେଖିଥିବା ମଧ୍ୟପର୍ବରେ ଶାରଳା ଦାସ ବନବାସ ଭିତରେ ବର୍ଣ୍ଣନା କରିଛନ୍ତି । (୨) ମୂଳ ମହାଭାରତରେ ଲେଖାଅଛି ଯେ ପାଣ୍ଡବମାନେ ଦ୍ୟୂତକ୍ରୀଡ଼ାରେ ସର୍ବସ୍ୱ ହରାଇବା ପରେ ଧୃତରାଷ୍ଟ୍ର ସେମାନଙ୍କୁ ସବୁ ସମ୍ପତ୍ତି ଫେରାଇ ଦେଲେ ଏବଂ ସେମାନେ ଫେରି ଯାଉଥିବା ବେଳେ ପୁନର୍ବାର ସେମାନଙ୍କୁ ଦୁର୍ଯ୍ୟୋଧନ ଡାକି ଖେଳିଥିଲେ । ଏଥିରେ ପୁନର୍ବାର ପାଣ୍ଡବମାନେ ହାରିଲେ । ଶାରଳାଦାସ ଲେଖିଛନ୍ତି ଯେ ପାଣ୍ଡବମାନଙ୍କୁ ଧୃତରାଷ୍ଟ୍ର ପ୍ରଥମ ଖେଳ ପରେ ସବୁ ସମ୍ପତ୍ତି ଫେରାଇଦେଲେ ଏବଂ ପାଣ୍ଡବମାନେ ବାରୁଣାବନ୍ତକୁ ଫେରିଗଲେ । ସେଠାରୁ ପୁଣି ଆସି ଦ୍ୱିତୀୟ ଥର ଖେଳିଲେ । (୩) ବନବାସ ସମୟରେ କୁନ୍ତୀଦେବୀ ପୁତ୍ରମାନଙ୍କ ସଙ୍ଗରେ ଥିଲେ ବୋଲି ଶାରଳାଦାସ ଲେଖିଛନ୍ତି । କିନ୍ତୁ ମୂଳରେ ଅଛି, କୁନ୍ତୀ ସେ ସମୟରେ ବିଦୁରଙ୍କ ଘରେ ଥିଲେ । ବନବାସ ସମୟରେ ପାଣ୍ଡବମାନଙ୍କ ତୀର୍ଥଭ୍ରମଣରେ ମଧ୍ୟ କେତେକ ପରିବର୍ତ୍ତନ ଦେଖାଯାଏ । (୪) ମହାଦେବଙ୍କ

ସଂସ୍କୃତ ଅର୍ଜୁନଙ୍କ ପୁତ୍ର ମୂଳ ମହାଭାରତରେ ବନପର୍ବରେ ଅଛି । କିନ୍ତୁ ଶାରଳା ଦାସ ଏହି ପ୍ରସଙ୍ଗକୁ ଆଦିପର୍ବରେ ଲେଖିଛନ୍ତି । (୫) ବନବାସର ଭୂତଅମାବାସ୍ୟାରେ ଜୟଦ୍ରଥ ହସ୍ତରୁ ଦ୍ରୌପଦୀଙ୍କୁ ଭୀମ ଉଦ୍ଧାର କରିଥିବା ପ୍ରସଙ୍ଗ ଶାରଳା ଦାସ ବର୍ଣ୍ଣନା କରିଛନ୍ତି । କିନ୍ତୁ ମୂଳଗ୍ରନ୍ଥରେ ଏହା ବନବାସର ଶେଷାର୍ଦ୍ଧରେ ଘଟିଥିଲା ବୋଲି ଲେଖାଅଛି । (୬) କୁରୁକ୍ଷେତ୍ର ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଦ୍ରୁପଦରାଜାଙ୍କ ପୁରୋହିତ ବାମଦେବଙ୍କୁ ଦୂତରୂପେ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କଠାକୁ ପଠାଇଥିଲେ ବୋଲି ମୂଳରେ ଅଛି । କିନ୍ତୁ ଶାରଳା ଦାସ କହିଛନ୍ତି ଯେ ଯୁଦ୍ଧକ୍ଷେତ୍ରରେ ସୈନ୍ୟ ସମାବେଶ ପରେ ଧୌମ୍ୟ ପୁରୋହିତଙ୍କୁ ଯୁଧିଷ୍ଠିର ଦୂତ ରୂପରେ ପଠାଇଥିଲେ । (୭) ମୂଳ ଗ୍ରନ୍ଥର ଉଦ୍‌ଯୋଗପର୍ବର ଅମ୍ବୋପାଖ୍ୟାନଟିକୁ ଶାରଳା ଦାସ ଆଦି ପର୍ବରେ ଲେଖିଛନ୍ତି । (୮) କୁରୁକ୍ଷେତ୍ର ଯୁଦ୍ଧର ବର୍ଣ୍ଣନାରେ ମୂଳଗ୍ରନ୍ଥର କ୍ରମ ରକ୍ଷା କରାଯାଇ ନ ଥିବା କଥା ପୂର୍ବରୁ ଆଲୋଚିତ ହୋଇଛି । (୯) ମୂଳ ଲେଖାରେ ଅଛି ଯେ ମହାସମର ସମୟରେ ବଳରାମ ତୀର୍ଥଯାତ୍ରା କରିଥିଲେ । କିନ୍ତୁ ଶାରଳା ଦାସ ଯୁଦ୍ଧବେଳେ ବଳରାମ ଉପସ୍ଥିତ ଥିବାର ଲେଖିଛନ୍ତି । ଶ୍ରୀକୃଷ୍ଣ ଯୁଦ୍ଧରେ ଅସ୍ତ୍ରଧାରଣ କରିବେ ନାହିଁ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କୃଷ୍ଣ ଏ ପ୍ରତିଶ୍ରୁତି ଭଙ୍ଗକରି ଅସ୍ତ୍ର ଧାରଣ କରିଛନ୍ତି ବୋଲି ଭୀଷ୍ମଙ୍କର ସନ୍ଦେହ ହେବାରୁ ଦୁର୍ଯ୍ୟୋଧନ ବଳରାମଙ୍କର ଶରଣାପନ୍ନ ହେଲେ, ଏହା ଶାରଳା ଦାସ ଲେଖିଛନ୍ତି । (୧୦) ଅଭିମନ୍ୟୁ ବଧ ଦିନ ସନ୍ଧ୍ୟା ପୂର୍ବରୁ ଅର୍ଜୁନ ଜୟଦ୍ରଥଙ୍କୁ ନିହତ କରିଥିଲେ । କିନ୍ତୁ ଶାରଳା ଦାସ ଲେଖିଛନ୍ତି ଯେ ଅର୍ଜୁନ ଜୟଦ୍ରଥଙ୍କୁ ପରଦିନ ବଧ କରିଥିଲେ । (୧୧) ମୂଳଗ୍ରନ୍ଥରେ କର୍ଣ୍ଣପର୍ବ ଦୁଇ ଦିନରେ ଶେଷ ହୋଇଛି । କିନ୍ତୁ ଶାରଳା ଦାସ ତିନି ଦିନରେ ଯୁଦ୍ଧ ଶେଷ କରିଛନ୍ତି । (୧୨) ମୂଳଗ୍ରନ୍ଥର ମୌଷଳ ପର୍ବରେ ଶାମ୍ବଙ୍କ ଲୌହ ମୂଷଳ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି । କିନ୍ତୁ ଶାରଳା ଦାସ ଏହାକୁ ଆଶ୍ରମବାସିକ ପର୍ବରେ ଦେଇଛନ୍ତି । ଉପରେ କେତୋଟି ଉଦାହରଣ କେବଳ ଦିଆଗଲା । ଏହାଛଡ଼ା ଶତ ଶତ ପ୍ରସଙ୍ଗରେ ମୂଳଠାରୁ ଭିନ୍ନ ବର୍ଣ୍ଣନା ଶାରଳା ଦାସ ଦେଇଛନ୍ତି ।

ମୂଳ କଥାବସ୍ତୁ ବର୍ଜନ:—ମୂଳ ମହାଭାରତର କେତେକ ବିଷୟ ଶାରଳା ଦାସ ଏକାବେଳକେ ପରିତ୍ୟାଗ କରିଛନ୍ତି । ଏଥିରୁ କେତୋଟି ଏଠା ଉପାଦେୟ ।

(୧) ଦ୍ୱାର ପ୍ରକୋଷ୍ଠରେ ଯୁଧିଷ୍ଠିର ଦ୍ରୌପଦୀଙ୍କ ସହିତ ଆଳାପ କରୁଥିବା ବେଳେ ଅର୍ଜ୍ଜୁନ ଗୃହ ପ୍ରତିଶ୍ରୁତି ଭଙ୍ଗ କରି ପ୍ରବେଶ କରିବାରୁ ଦ୍ୱାଦଶ ବର୍ଷ ବନବାସ କରିଥିଲେ । ଏହି ବନବାସ ବେଳେ ଭାରତର ବହୁ ତୀର୍ଥ-ସ୍ଥାନ ସେ ଭ୍ରମଣ କରିଥିଲେ । ଶାରଳା ଦାସ ଅନେକ ତୀର୍ଥର ବିଷୟ ଦେଇ ନାହାନ୍ତି (ବନ) । (୨) ପାଣ୍ଡବମାନେ ସେମାନଙ୍କର ବନବାସର ପ୍ରଥମ ଭାଗରେ ସୋଲଦୈତ୍ୟ ଓ କିର୍ମୀର ଦୈତ୍ୟଙ୍କୁ ବଧ କରିଥିଲେ । ଏହି ପ୍ରସଙ୍ଗଟି ଶାରଳା ମହାଭାରତରେ ନାହିଁ (ବନ) । (୩) ଭୀଷ୍ମପର୍ବର ଆରମ୍ଭରେ ସଞ୍ଜୟ ଭାରତର ବହୁ ଅଞ୍ଚଳର ବର୍ଣ୍ଣନା କରି ଧୃତରାଷ୍ଟ୍ରଙ୍କୁ ଶୁଣାଇଥିଲେ । ଶାରଳା ଦାସ ଏଥିରୁ ବହୁତ ଅଂଶ ତ୍ୟାଗ କରିଛନ୍ତି (ଭୀଷ୍ମ) । (୪) କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଭଗବତ୍ ଗୀତା ଶୁଣାଇଥିଲେ । ଶାରଳା ଦାସ ଗୀତାର ସାରକୁ ନିଜ ଇଚ୍ଛାନୁସାରେ ଅଳ୍ପ କେତେକ ଧାଡ଼ିରେ ଶେଷ କରି ଦେଇଛନ୍ତି । ସମଗ୍ର ଗୀତାଟିକୁ ଛାଡ଼ି ଦେଇଛନ୍ତି କହିଲେ ମଧ୍ୟ ଚଳେ (ଭୀଷ୍ମ) । (୫) ଅଭିମନ୍ୟୁଙ୍କ ମୃତ୍ୟୁପରେ ପଞ୍ଚପାଣ୍ଡବଙ୍କୁ ବ୍ୟାସଦେବ ସାନ୍ତ୍ୱନା ଦେବାପାଇଁ ୧୬ ଅଧ୍ୟାୟ ବ୍ୟାପୀ ଉପଦେଶ ବାକ୍ୟ ଶୁଣାଇଛନ୍ତି । ଏହାକୁ ଶାରଳା ଦାସ ଦେଇନାହାନ୍ତି (ଦ୍ରୋଣ) । (୬) ଦୁର୍ଯ୍ୟୋଧନଙ୍କ ଉରୁଭଙ୍ଗ ପ୍ରସଙ୍ଗରେ ମୂଳଗ୍ରନ୍ଥର ସାରସ୍ୱତୋପାଖ୍ୟାନ, ଗାନ୍ଧାରୀଙ୍କୁ ଶ୍ରୀକୃଷ୍ଣଙ୍କ ସାନ୍ତ୍ୱନା, ନନ୍ଦିଘୋଷ ରଥରେ ଅଗ୍ନି ଦାହ ପ୍ରଭୃତି କେତେକ ବିଷୟ ଶାରଳା ଦାସ ତ୍ୟାଗ କରିଛନ୍ତି (ଶଲ୍ୟ, ଗଦା) । (୭) ଅଶ୍ୱତ୍ଥାମା ଦୁର୍ଯ୍ୟୋଧନଙ୍କ ସେନାପତି ହେବାପରେ ପାଣ୍ଡବଙ୍କ ପଞ୍ଚପୁତ୍ରଙ୍କୁ ବଧ କଲେ । ଦ୍ରୌପଦୀଙ୍କୁ ସାନ୍ତ୍ୱନା ଦେବାପାଇଁ ଅଶ୍ୱତ୍ଥାମାଙ୍କ ମସ୍ତକରୁ ମଣି ଅଣା ହୋଇଥିଲା । ଶାରଳା ଦାସ ଏହା ଦେଇ ନାହାନ୍ତି (ସୌପ୍ତିକ, ଐଷୀକା) । (୮) କୁରୁକ୍ଷେତ୍ର ଯୁଦ୍ଧ ପରେ ଯୁଧିଷ୍ଠିର ଶୋକାଭିଭୂତ ହୋଇପଡ଼ିଲେ ଏବଂ ରାଜ୍ୟ ଶାସନଭାର ଗ୍ରହଣ କରିବାକୁ ଇଚ୍ଛା କଲେ ନାହିଁ । ମହାଭାରତରେ ଏହି ଅଂଶଟି ଏଠା ଉପାଦେୟ । ଶ୍ରୀକୃଷ୍ଣଙ୍କ

ପରାମର୍ଶ ନେଲେ ଶରଶଯ୍ୟାଶାୟୀ କୁରୁବୃଦ୍ଧ ଭୀଷ୍ମଦେବ ରାଜଧର୍ମ, ଆପଦ୍ଧର୍ମ ଓ ମୋକ୍ଷଧର୍ମ ସମ୍ବନ୍ଧରେ ଯୁଧିଷ୍ଠିରଙ୍କୁ ବହୁତ ଉପଦେଶ ଦେଇଛନ୍ତି । ଏହି ଅଂଶଟିକ ଗ୍ରନ୍ଥ ୩୦୦ (ତିନିଶହ) ଅଧ୍ୟାୟରେ ଲେଖାଅଛି । ଏଥିରେ ହିଂସାତ୍ମକ ଉପାଖ୍ୟାନ ଓ ଗୀତା ଅଛି । କବି ଏଥିରୁ ବହୁତ ତ୍ୟାଗ କରିଛନ୍ତି । ମୂଳର ଶାନ୍ତି ଓ ଅନୁଶାସନ ପର୍ବର ବହୁ ପ୍ରସଙ୍ଗ ସାରଳା ବାଦ ଦେଇ ଯାଇଛନ୍ତି ।

ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟଙ୍କ ଜନ୍ମ ପ୍ରସଙ୍ଗରେ କବି କହିଛନ୍ତି ଯେ ଶାନ୍ତନୁ ଯଜ୍ଞପ୍ରତିମାକୁ ଆଲିଙ୍ଗନ କରିବାରୁ ତାଙ୍କର ରେତ ସ୍ଖଳିତ ହେଲା ଏବଂ ସେଥିରୁ ଏ ଦୁଇଜଣ ଜନ୍ମଲାଭ କଲେ । ଏମାନେ ସ୍ତ୍ରୀଗର୍ଭସମ୍ଭୂତ ନୁହନ୍ତି ।

“ଗାନ୍ଧାରୀଙ୍କ ବର ନାହିଁ କି ଧୃତରାଷ୍ଟ୍ରଙ୍କ କନ୍ୟା ନାହିଁ”—ଏ ଉକ୍ତି ପ୍ରସଙ୍ଗରେ କବି କହିଛନ୍ତି ଯେ ବ୍ୟାସଙ୍କ ପରାମର୍ଶ ଅନୁସାରେ ଗାନ୍ଧାରୀ ପ୍ରଥମେ ଡାହାଳା ଗଛକୁ ବିବାହ କଲେ ଏବଂ ବିବାହ ପରେ ଗଛଟି କଟାଗଲା । ଏହାପରେ ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କର ବିବାହ ହେଲା । ଏହା ପୂର୍ବରୁ ଧୃତରାଷ୍ଟ୍ରଙ୍କ ସହିତ ବିବାହ କରିବାପାଇଁ ପ୍ରସ୍ତାବ ସ୍ଥିର ହେବା ମାତ୍ରେ କନ୍ୟାମାନଙ୍କର ମୃତ୍ୟୁ ହୋଇଯାଉଥିଲା ।

ଜତୁଗୃହ ଦାହ ପ୍ରସଙ୍ଗରେ କବି ଲେଖିଛନ୍ତି ଯେ ଯେଉଁ ଖନକାର ଜତୁଗୃହଠାରୁ ଗଙ୍ଗାଗର୍ଭ ପର୍ଯ୍ୟନ୍ତ ସିନ୍ଧିଗାତ ଖୋଳିଥିଲା ସେ କୃଷ୍ଣଙ୍କର ଦୂତୀ ସହ ଗୋପନ ପ୍ରଣୟରୁ ଜନ୍ମଲାଭ କରିଥିଲା ।

ଦୁର୍ଯ୍ୟୋଧନଙ୍କ ମାମୁଁ ଶକୁନି ଉପରେ ହିତାକାଙ୍କ୍ଷୀ ରୂପେ କପଟ ବ୍ୟବହାର କରି ଭିତରେ ପ୍ରତିଶୋଧ ନିମନ୍ତେ ତାଙ୍କ ବଂଶ ଧ୍ୱଂସ କରିବାପାଇଁ ସକଳ ପ୍ରକାର କୁପରାମର୍ଶ ଦେବା ପ୍ରସଙ୍ଗ କବି ଚିତ୍ରଣ କରିଛନ୍ତି ।

ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ସହିତ ଯୁଦ୍ଧ କରିବା ବେଳେ ଅର୍ଜୁନଙ୍କ ଅବସ୍ଥା ଅସମ୍ଭାଳ ହେବା ଦେଖି ତାଙ୍କୁ ରକ୍ଷା କରିବାପାଇଁ ହନୁମାନ ଗୋଇଠା ମାରି କର୍ଣ୍ଣଙ୍କ ରଥକୁ ପାତାଳ କରିଦେଲେ ।

ମହାଭାରତ ଯୁଦ୍ଧର ଅବସାନ ପରେ ଯୁଦ୍ଧକ୍ଷେତ୍ରରେ ପ୍ରବାହିତ ହେଉଥିବା ରକ୍ତନଦୀ ସମ୍ବରଣ ପ୍ରସଙ୍ଗ କଥା ଲେଖିଛନ୍ତି ।

ସ୍ୱର୍ଣ୍ଣରେଖାଠାରୁ ଯୁଦ୍ଧରୁ ଯୁଧିଷ୍ଠିର ସାଜପୁରର ହରିଶ୍ଚନ୍ଦ୍ରଙ୍କ ସିଂହାଣୀ (ସୋହାଣୀ) କନ୍ୟାଙ୍କୁ ବିବାହ କରିଥିବା କଥା ଲେଖିଛନ୍ତି ।

ଜଳକଳାରେ ଅର୍ଜ୍ଜୁନ ଜଳକୁ ବାନ୍ଧ ରଖିବା ପ୍ରସଙ୍ଗ ଶାରଳା ଦାସ ବର୍ଣ୍ଣନା କରିଛନ୍ତି ।

ଏପରି ବହୁ ପ୍ରସଙ୍ଗ କବି ସ୍ୱ କଳ୍ପନାଶକ୍ତି ସାହାଯ୍ୟରେ ରଚନା କରିଛନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ଅସଙ୍ଗତ ବୋଧ ହେଉଥିଲେ ମଧ୍ୟ ବର୍ଣ୍ଣନାର ସ୍ୱାଭାବିକ ସୌନ୍ଦର୍ଯ୍ୟ ଏହାକୁ ଘୋଡ଼ାଇ ପକାଇଛି କହିଲେ ଚଳେ ।

## ମୂଳପାଠରୁ ସଂପୂର୍ଣ୍ଣ ନୂତନ ବିଷୟବସ୍ତୁର ଯୋଗ:—

ନିମ୍ନଲିଖିତ କେତୋଟି ବିଷୟ ମୂଳ ସଂସ୍କୃତ ମହାଭାରତରେ ନାହିଁ । କିନ୍ତୁ ସେଗୁଡ଼ିକ ଶାରଳା ଦାସ ଅତି ନିପୁଣ ଭାବରେ ବର୍ଣ୍ଣନା କରିଛନ୍ତି:—

| | | | |
|---|---|---|---|
| ଅର୍ଜ୍ଜୁନ ହନୁମାନ ଭେଟ | (ମଧ୍ୟ) । | ନୃସିଂହାବତାର ପ୍ରସଙ୍ଗ | (ଭୀଷ୍ମ) |
| ସୁଚନ୍ଦ୍ରିକା ହରଣ | ,, | କଳଙ୍କିଦେଶ ପ୍ରସଙ୍ଗ | ,, |
| ଚନ୍ଦ୍ରାବତୀ ହରଣ | ,, | ଶ୍ୱେତକଳ୍ପକ ରାଜା ଚରିତ | ,, |
| କୁଣ୍ଡଳା ଦୈତ୍ୟ ବଧ | ,, | କାମଦେବ ରାଜା ଚରିତ | ,, |
| ନଳେନ୍ଦ୍ରୀ ହରଣ | ,, | ବେଲ୍ଲବଳୀ ଚରିତ | (ଗଦା) |
| କୌଶ୍ୱଦା ହରଣ | ,, | ଭୀମଙ୍କ ସିଂହନାଦ ପ୍ରାପ୍ତି ଭଣିତ | ,, |
| ମେଲୁଟିଲ ଋଷି ଚରିତ | (ସଭା) । | ଶାମ୍ବଙ୍କ ଶାପମୁକ୍ତ | (ଶାନ୍ତି) |
| ଯୁବନାଶ୍ୱ ରାଜାଙ୍କ ଚରିତ | ,, | ବଭ୍ରୁ କଲ୍ପହରଣ ଚରିତ | (ଅଶ୍ୱ) |
| ଧନୁନୁକରେ ଅବଧାରଣ | ,, | କଦମ୍ପୁର ଉପାଖ୍ୟାନ | ,, |
| ନୃସିଂହ ଦୈତ୍ୟ ବଧ | ,, | ଶ୍ରୀକୃଷ୍ଣଙ୍କ ଅଶ୍ୱମେଧ ଯଜ୍ଞ | ,, |
| ନାଗାର୍ଜ୍ଜୁନ-ଅର୍ଜ୍ଜୁନ ଯୁଦ୍ଧ | ,, | ନୀଳଗିରିରେ କୃଷ୍ଣଙ୍କ ପିଣ୍ଡପୂଜା | (ମୌଷଳ) |
| ଋଷ୍ୟଶୃଙ୍ଗ ଜନ୍ମ | ,, | | |

ଋଷିଶୃଙ୍ଗ ଗାନ୍ଧାରହରଣ (ବନ) । ଯୁଧିଷ୍ଠିର ଚରିତ (ସ୍ୱର୍ଗାରୋହଣ)
ବଳି-ବାମନ ଚରିତ (ଉଦ୍‌ଯୋଗ) । ଚଣ୍ଡିକାହରଣ ବୃତ୍ତାନ୍ତ „
ଦାବାନଳ ଚରିତ „ କଣ୍ଠିବାସ ଓ କୁଣ୍ଠିବାସଦୈତ୍ୟ—
ବେଣୁକରେଣ ଚରିତ „ ନିଧନ ବୃତ୍ତାନ୍ତ „
ଗରୁଡ଼ ବୃତ୍ତାନ୍ତ (ଉଦ୍‌ଯୋଗ) । ଅରଭୁଜ ଦୈତ୍ୟ ବଧ „
ସୀତାଙ୍କ ଚଉଡ଼ ଦେଖା (ସ୍ତ୍ରୀ) । ଯାଜପୁରରେ ପାଣ୍ଡବ ପ୍ରବେଶ „
ଅଶ୍ୱତ୍ଥାମା ବିବାଦ „ ।

ଏହାଛଡ଼ା ପ୍ରସଙ୍ଗକ୍ରମରେ ଶାରଳା ଦାସ ବହୁତ ନୂତନ ଉପାଖ୍ୟାନ ମଧ୍ୟ ଲେଖିଛନ୍ତି ।

**କପୋଳକଳ୍ପିତ ପ୍ରସଙ୍ଗର ଯୋଗ ବିଶେଷତ୍ୱ:**—ଶାରଳା ଦାସ ମୂଳର ବହୁ ପ୍ରସଙ୍ଗରେ କପୋଳକଳ୍ପିତ ବିଷୟ ଯୋଡ଼ି ଦେଇ ପ୍ରସଙ୍ଗର ବର୍ଣ୍ଣନା ବଢ଼ାଇ ଦେଇଛନ୍ତି । ଏହାଦ୍ୱାରା ମୂଳଠାରୁ ଅପେକ୍ଷା ଏହି ବିଷୟର ଚର୍ଚ୍ଚା ଅଧିକ ସୁନ୍ଦର ହୋଇଛି ।

ଅର୍ଜ୍ଜୁନଙ୍କ ବନବାସର କାରଣ ସ୍ୱରୂପ ସେ ଲେଖିଛନ୍ତି ଯେ, ସ୍ୱୟଂ ଅଗ୍ନିଦେବ ବ୍ରାହ୍ମଣ ରୂପରେ ଆସି ଅର୍ଜ୍ଜୁନଙ୍କୁ ରାଜଧର୍ମ ପାଳନରେ ପ୍ରରୋଚନା ଦେଇ ପ୍ରତିଜ୍ଞା ଭଙ୍ଗ କରାଇଥିଲେ । ଖାଣ୍ଡବଦାହ ବେଳେ ଅର୍ଜ୍ଜୁନଙ୍କୁ ଅଗ୍ନି ବହୁ ଅସ୍ତ୍ର ଦାନ କରିଥିଲେ । ଏହି ଅସ୍ତ୍ରମାନଙ୍କର ନାମକରଣ ବଡ଼ ସୁନ୍ଦର ହୋଇଛି । 'ସୁଭଦ୍ରା-ହରଣ' ପ୍ରସଙ୍ଗଟି ଶାରଳା ଦାସ ବହୁତ ବଢ଼ାଇ ଦେଇ କଥାବସ୍ତୁ ଅତି ସୁନ୍ଦର କରିଛନ୍ତି । ଜରାସନ୍ଧ ବଧ, ଶିଶୁପାଳ ବଧ, ରାଜସୂୟ ଯଜ୍ଞ ଓ ଦିଗ୍‌ବିଜୟ ପ୍ରଭୃତି ସଭାପର୍ବର ପ୍ରସଙ୍ଗକୁ ଶାରଳା ଦାସ ବହୁତ ବଢ଼ାଇ ଦେଇଛନ୍ତି ଏବଂ ମନୋମୁଗ୍ଧକର କରିଛନ୍ତି । ଋଷ୍ୟଶୃଙ୍ଗଙ୍କ ଜନ୍ମ ବିବରଣ ଓ ଧନୁ ମୁନିରେ ଅର୍ଜ୍ଜୁନଙ୍କ ଅସ୍ତ୍ରଧାରଣ ପ୍ରଭୃତି ବିଷୟ ସଭାପର୍ବରେ ଅର୍ଘାହରଣ ପ୍ରସଙ୍ଗ ସମସ୍ତରେ ଲେଖି ଶାରଳା ଦାସ ଉତ୍ତର ଶୋଭାବର୍ଦ୍ଧନ କରିଛନ୍ତି । ଦ୍ରୌପଦୀଙ୍କ ବସ୍ତ୍ରହରଣ ବୃତ୍ତାନ୍ତରେ ଶାରଳା ଦାସ ବହୁ କଥା ଯୋଗକରି ସୁନ୍ଦର ଦକ୍ଷଣ ଚରିତ୍ର ସୃଷ୍ଟି କରିଛନ୍ତି । ବିରାଟ ରାଜ୍ୟରେ ଜୀମୂତ ମଲ୍ଲ

ନିଧନ ପ୍ରସଙ୍ଗରେ ସ୍ୱାମୀଙ୍କର ଶାର୍ଦ୍ଦୂଳର ଧ୍ୱଂସଜନ୍ମ ଦୃଶ୍ୟକୁ ଯୋଗ କରି ଲେଖକ କି ବଡ଼ ସୁନ୍ଦର କରିଛନ୍ତି । ଏପରି ବହୁ ବିଷୟ କଥା ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ।

**ମୂଳ ବିଷୟବସ୍ତୁର ସଂକ୍ଷେପକରଣ:**—ମୂଳ ଗ୍ରନ୍ଥର କେତେକ ବିଷୟକୁ ଶାରଳା ଦାସ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି ।

ପାଣ୍ଡବମାନଙ୍କ ବନବାସ ସମୟରେ ସେମାନେ ଯେଉଁସବୁ ତୀର୍ଥଭ୍ରମଣ କରିଥିଲେ ତାର ଏକ ବିସ୍ତୃତ ବିବରଣୀ ମୂଳଗ୍ରନ୍ଥରେ ଅଛି । କିନ୍ତୁ ଶାରଳା ଦାସ ଏଥିରୁ ବହୁତ ତ୍ୟାଗ କରି ଯେଉଁ କେତୋଟି ଦେଇଛନ୍ତି, ତାକୁ ଅତି ସଂକ୍ଷେପ କରି ଦେଇଛନ୍ତି । ମହାଦେବଙ୍କ ସହିତ ଅର୍ଜ୍ଜୁନଙ୍କ ଯୁଦ୍ଧ, ନଳୋପାଖ୍ୟାନ, ଋଷ୍ୟଶୃଙ୍ଗ ଚରିତ ଅତି ସଂକ୍ଷେପରେ ବର୍ଣ୍ଣିତ ହୋଇଛି । ବିରାଟ ରାଜ୍ୟରେ ଥିବାବେଳେ ଗୋ-ହରଣ ସମ୍ପର୍କରେ ଯେଉଁ ଯୁଦ୍ଧ ହୋଇଥିଲା ତାକୁ ଶାରଳା ଦାସ ସଂକ୍ଷିପ୍ତ କରି ଦେଇଛନ୍ତି । ଭଗବତ୍ ଗୀତାକୁ କେତୋଟି ଧାଡ଼ିରେ ଶାରଳା ଦାସ ଶେଷ କରିଛନ୍ତି । ଅଶ୍ୱତ୍ଥାମା ପିତୃହନ୍ତା ପାଣ୍ଡବମାନଙ୍କୁ ବଧ କରିବା ନିମନ୍ତେ ନାରାୟଣାସ୍ତ୍ର ପ୍ରୟୋଗ କରିଥିଲେ । ମୂଳରେ ଏହି ବିଷୟର ବିସ୍ତୃତ ବର୍ଣ୍ଣନା ଅଛି । ଶାରଳା ଦାସ ଏହାକୁ ସଂକ୍ଷିପ୍ତ କରି ଦେଇଛନ୍ତି । ଶାନ୍ତି ପର୍ବରେ ଭୀଷ୍ମଦେବ ଯୁଧିଷ୍ଠିରଙ୍କୁ ଯେଉଁ ସବୁ ଉପଦେଶ ଦେଇଛନ୍ତି, ତାହା ମୂଳରେ ବହୁ ବିସ୍ତୃତ ଆକାରରେ ଅଛି । କିନ୍ତୁ ଶାରଳା ଦାସ ଏହିସବୁ ପ୍ରସଙ୍ଗ ଅତି ସଂକ୍ଷେପରେ ଲେଖିଯାଇଛନ୍ତି ।

**ଅସଂଗତି ଚିତ୍ରଣ:**—ଶାରଳା ଦାସଙ୍କ ମହାଭାରତରେ ବହୁ ସ୍ଥାନରେ ପ୍ରସଙ୍ଗ ଓ ପାତ୍ର ମର୍ଯ୍ୟାଦାହାନିକାରକ କେତେକ ଅସଙ୍ଗତ ଚିତ୍ରଣ ଦେଖାଯାଏ । ମୂଳଗ୍ରନ୍ଥର ଚରିତ୍ରଚିତ୍ରଣର ଗାମ୍ଭୀର୍ଯ୍ୟ ଶାରଳା ଦାସ ରକ୍ଷା କରି ପାରି ନଥିବାରୁ ଏହି ଦୋଷ ଅନେକ ସ୍ଥାନରେ ଦେଖାଯାଇଛି ।

ଜରାସନ୍ଧଙ୍କୁ ବଧ କରିବା ପ୍ରସଙ୍ଗରେ ଶ୍ରୀକୃଷ୍ଣ ଲତାକୁ ଦୁଇଫାଳ କରି ଭୀମଙ୍କୁ ସଙ୍କେତ ଦେବାରୁ ଭୀମ ଜରାସନ୍ଧଙ୍କୁ ଦୁଇଫାଳ କଲେ, ଏହା ସାରଳା ଦାସ ଲେଖିଛନ୍ତି । ଏହା ଅସଙ୍ଗତ ବୋଧ ହେଉଛି । କାରଣ ଏପରି କରିବା ଶ୍ରୀକୃଷ୍ଣଙ୍କ ପକ୍ଷରେ ଶୋଭନୀୟ ହୋଇ ନପାରେ । ପୁଣି ଘଟୋତ୍କଚଙ୍କୁ ଭୀମ ନିମନ୍ତ୍ରଣ କରି ନଥିବାରୁ ଶ୍ରୀକୃଷ୍ଣ ଭୀମଙ୍କ ଉପରେ ରାଗିଯାଇ ତାଙ୍କର ମସ୍ତକଚ୍ଛେଦନ କରିବାକୁ ଚକ୍ର ଉଠାଇଥିଲେ ବୋଲି ସଭାପର୍ବରେ ଦାସେ ଲେଖିଛନ୍ତି । ଏହା ମଧ୍ୟ ଅସଙ୍ଗତ ବୋଧ ହେଉଛି । କୀଚକବଧ ବର୍ଣ୍ଣନା ସ୍ଥାନରେ ଦ୍ରୌପଦୀ ପତିମାନଙ୍କୁ ଭର୍ତ୍ସନା କରିଛନ୍ତି । ସ୍ୱପତ୍ନୀର ସତୀତ୍ୱ ରକ୍ଷା କରିବା ପାଇଁ ସେମାନେ ଅସମର୍ଥ ହେଉଥିବାର ଅଭିଯୋଗ କରି ଦ୍ରୌପଦୀ ପାଣ୍ଡବମାନଙ୍କୁ ଧିକ୍କାର କରିଛନ୍ତି । ସେତେବେଳେ ତାଙ୍କ ମୁଖରେ କବି ଯେଉଁ ଭାଷା ଲେଖିଛନ୍ତି, ତାହା ଦ୍ରୌପଦୀଙ୍କ ଉପଯୁକ୍ତ ଭାଷା ହୋଇନାହିଁ । ଅଭିମନ୍ୟୁବଧ ପରେ ଅର୍ଜୁନ ଅନ୍ୟ ଯୁଧିଷ୍ଠିର ଷଡ଼ଯନ୍ତ୍ର କରି ଅଭିମନ୍ୟୁଙ୍କୁ ମାରି ଦେଇଛନ୍ତି ବୋଲି ଅଭିଯୋଗ କରି ଯେଉଁ ବାକ୍ୟ ବ୍ୟବହାର କରିଛନ୍ତି, ତାହା ତାଙ୍କ ଭଳି ବୀରଙ୍କ ପକ୍ଷରେ ଆଦୌ ଶୋଭନୀୟ ହୋଇନାହିଁ । ଆଜନ୍ମ ବ୍ରହ୍ମଚାରୀ ଭୀଷ୍ମଙ୍କ ସହିତ ନପୁଂସକ ଶିଖଣ୍ଡୀ ଯୁଦ୍ଧ କରିବା ପ୍ରସଙ୍ଗରେ ସାରଳା ଦାସ ଲେଖିଛନ୍ତି ଯେ, ଭୀଷ୍ମଙ୍କ ରେତ ସ୍ଖଳନ ହେବାରୁ ସେ ଦୁର୍ବଳ ହୋଇପଡ଼ିଲେ । କିନ୍ତୁ ମୂଳରେ ଭୀଷ୍ମ ନପୁଂସକ ସହିତ ଯୁଦ୍ଧ କରିବାକୁ ଇଚ୍ଛା କଲେ ନାହିଁ ଏବଂ ଶିଖଣ୍ଡୀର ବାଣପ୍ରହାର ଶରକ୍ଷେପରେ ତାଙ୍କର ମୃତ୍ୟୁ ହେଲା । ସାରଳାଦାସଙ୍କର କେତେକ ପ୍ରସଙ୍ଗରେ କାରଣ ଅବର୍ଣ୍ଣନ ବଡ଼ ଅସଙ୍ଗତ ବୋଧ ହେଉଛି । ଦ୍ରୋଣ ମାତୃହରଣ କରିଥିବାରୁ ସେହି ପାପର ଫଳସ୍ୱରୂପ ତାଙ୍କର ଶିରଚ୍ଛେଦ ହେଲା, ଏକଥା ସାରଳା ଦାସ ଲେଖିଛନ୍ତି । ମହାବୀର ତପୋବନ୍ତ ମହାଜ୍ଞାନୀ ଦ୍ରୋଣଙ୍କୁ ଏପରି ଦୂଷଣ କରିବା ସଙ୍ଗତ ହୋଇନାହିଁ । ଦୁର୍ଯ୍ୟୋଧନଙ୍କୁ ମାରିବାରେ ବିଳମ୍ବ ହେବାରୁ ଏକ ସାଧାରଣ ରମଣୀ ଭଳି କୁନ୍ତୀ ଭୀମଙ୍କୁ ଭର୍ତ୍ସନା କଲେ ଏବଂ ଭୀମ ମଧ୍ୟ ତାର ଉତ୍ତର ଦେଲେ । ସାରଳା ଦାସ ଏଠାରେ କୁନ୍ତୀ ଓ ଭୀମଙ୍କ କଥା ଅତି ନିମ୍ନସ୍ତରର କରି ଦେଇଛନ୍ତି । ବ୍ୟାସଦେବଙ୍କରୁ ଭୀମ ଫେରି ଆସୁଥିବାବେଳେ ଯୁଧିଷ୍ଠିର ତାଙ୍କ ପାଦ ଛୁଇଁ ପ୍ରଣାମ କରିବା ମଧ୍ୟ ଅସଙ୍ଗତ

ହୋଇଛି । ଅଶ୍ୱତ୍ଥାମା ବ୍ରହ୍ମଶର ପ୍ରୟୋଗ କରିବା ସମୟରେ ଶ୍ରୀକୃଷ୍ଣ ବାମନତା ଅବଲମ୍ବନ କରି ଉତ୍ତରାଙ୍କ ଗର୍ଭସ୍ଥିତ ସନ୍ତାନକୁ ଦେଖାଇ ଦେଇଥିବା ବିଷୟ ଦାସେ ଲେଖିଛନ୍ତି । କିନ୍ତୁ ଏହା ନିତାନ୍ତ ଅସଙ୍ଗତ ବୋଧ ହେଉଛି । ବିଶେଷତଃ, ସ୍ତ୍ରୀ ଚରିତ୍ର ଚିତ୍ରଣରେ ଶାରଳା ଦାସ ମୂଳ-ଗ୍ରନ୍ଥରେ ଥିବା ଚରିତ୍ରମାନଙ୍କର ସେହି ଗୌରବ ଓ ତାକୁ ଆଦୌ ରକ୍ଷା କରି ପାରି ନାହାନ୍ତି । ବହୁ ସ୍ଥାନରେ ଅସଙ୍ଗତ କଥାର ଅବତାରଣା କରି ଚରିତ୍ରମାନଙ୍କୁ ସାଧାରଣ କରିଛନ୍ତି । ଅବଶ୍ୟ ଜାଣିଶୁଣି ଶାରଳା ଦାସ ଏପରି କରିଛନ୍ତି ବୋଲି ମନେହୁଏ । କାରଣ ସେ ସ୍ୱ ଗ୍ରନ୍ଥରେ ଆଦର୍ଶ ଅପ୍ରାକୃତ ଚରିତ୍ର ଅପେକ୍ଷା ରକ୍ତମାଂସ ଶରୀରଧାରୀ ମନୁଷ୍ୟର ଚରିତ୍ରର ଚିତ୍ରଣ ପସନ୍ଦ କରିଥିବାର ପ୍ରମାଣ ତାଙ୍କ ଲେଖାରୁ ମିଳୁଛି ।

**ଚରିତ୍ର ଚିତ୍ରଣ**:—ଶାରଳା ଦାସ ଚରିତ୍ର ଚିତ୍ରଣରେ ଖୁବ୍ ଦକ୍ଷତା ପ୍ରଦର୍ଶନ କରିଛନ୍ତି । କେତେକ ଚରିତ୍ରଚିତ୍ରଣ ଭିତରେ "ଅତିମାନୁଷିକ" କ୍ଷମତା ଓ ଗୁଣମାନଙ୍କର ସମାବେଶ ସ୍ଥାନେ ସ୍ଥାନେ ଦେଖାଯାଉଥିବାରୁ ସାଧାରଣ ମନୁଷ୍ୟ ଦୃଷ୍ଟିରେ ସେମାନଙ୍କର ଆକାରପ୍ରକାର କ'ଣ ହେବ, ତାହା ଜାଣିବା ସହଜ ନୁହେଁ । ତେବେ ମୋଟ ଉପରେ ମହାଭାରତର ଆକାରପ୍ରାପ୍ତ ବ୍ୟକ୍ତିମାନଙ୍କର ଚିତ୍ରଗୁଡ଼ିକ ସ୍ପଷ୍ଟ ହୋଇଛି । ଶାରଳା ଦାସ ଯାହାକୁ ଯେପରି ଦେଖାଇବାକୁ ଇଚ୍ଛା କରିଛନ୍ତି, ତାକୁ ସେପରି ଦେଖାଇ ପାରିଛନ୍ତି । ଏ ଭଳି ଶକ୍ତି ଖୁବ୍ କମ୍ ଲେଖକଙ୍କର ଅଛି । ଏ ଦିଗରେ ଶାରଳାଦାସଙ୍କର ଶକ୍ତି ଅସାଧାରଣ ବୋଲିବାକୁ ହେବ । କେତେକଙ୍କଠାରେ 'ଅତିମାନୁଷିକ' ଶକ୍ତିର ବାହ୍ୟମାନତା ଛାଡ଼ିଦେଲେ ସାଧାରଣ ମନୁଷ୍ୟର ସୁଖ, ଦୁଃଖ, ସ୍ନେହ, ଈର୍ଷା, ଦ୍ୱେଷ ପ୍ରଭୃତି ପ୍ରବୃତ୍ତିର ବିକାଶ ଶାରଳାଦାସଙ୍କ ଚରିତ୍ରମାନଙ୍କରେ ଦେଖିବାକୁ ମିଳେ । ଶାରଳାଦାସଙ୍କ ଚରିତ୍ରମାନଙ୍କ ଲୀଳାଖେଳା ସାଧାରଣ ମନୁଷ୍ୟର ସଂସାରରେ । ଏ ଚରିତ୍ରମାନଙ୍କ ବିଷୟ ପାଠ କଲାବେଳେ ସେମାନଙ୍କର ସୁଖ ଦୁଃଖରେ ନିଜର ମନ ତନ୍ମୟ ହୋଇଯାଏ । ମନେହୁଏ, ସତେ ଯେପରି ସେମାନଙ୍କ ଭିତରେ ମିଶିମିଶି ଆମେ ଚଳୁଛୁ ।

ବ୍ୟାସଦେବଙ୍କ ମୂଳ ମହାଭାରତର ଚରିତ୍ରମାନଙ୍କଠାରୁ ଶାରଳା ଦାସଙ୍କ ଚରିତ୍ରମାନଙ୍କର ଆକାରପ୍ରକାର, ସ୍ୱଭାବ କେତେକ ଅଂଶରେ ଭିନ୍ନ ।

**ପାଣ୍ଡବ ଓ କୌରବ:**—ପାଣ୍ଡବ ଓ କୌରବମାନଙ୍କୁ ପରସ୍ପର ବିରୋଧୀ ରୂପେ ମହାଭାରତରେ ଚିତ୍ରିତ କରାଯାଇଅଛି । ମୂଳ ଅପେକ୍ଷା ଶାରଳା ଦାସଙ୍କ ମହାଭାରତରେ ଉଭୟଙ୍କ ମଧ୍ୟରେ ବିରୋଧଭାବ ଅଧିକ ଉତ୍କଟ ରୂପରେ ଫୁଟିଅଛି । ମୂଳରୁ ବେଶି ପରିମାଣରେ କୌରବମାନଙ୍କୁ ଶାରଳା ଦାସ ପାଣ୍ଡବମାନଙ୍କ ଅପେକ୍ଷା ନୀଚମନୋଭାବାପନ୍ନ, ସ୍ୱାର୍ଥପର, ହିଂସାପରାୟଣ, କଳହପ୍ରିୟ, ନିଷ୍ଠୁର ବୋଲି ଚିତ୍ରିତ କରିଛନ୍ତି । କୌରବ ଏବଂ ପାଣ୍ଡବମାନଙ୍କ ଭିତରେ ଯେତେ ଥର ଦ୍ୱନ୍ଦ୍ୱ ଲାଗିଛି, ସେଥିରେ ପ୍ରାୟ କୌରବମାନଙ୍କୁ ହିଁ ଦ୍ୱନ୍ଦ୍ୱର କାରଣ ବୋଲି ଶାରଳା ଦାସ କହିଛନ୍ତି । ଉଚ୍ଛୃଙ୍ଖଳତା ବର୍ବରତା କୌରବମାନଙ୍କ ଅଙ୍ଗଗତ ଥିବା କଥା ହିଁ ଶାରଳା ମହାଭାରତରୁ ଜଣାଯାଏ । ପାଣ୍ଡବମାନେ ସମୂହଭାବରେ ଧୀର, ସହନଶୀଳ, ସତ୍ୟପର ଓ ଶାନ୍ତ । କେବଳ ସେମାନଙ୍କର ବ୍ୟବହାର ନୁହେଁ । ଅବଶ୍ୟ ଭୀମଙ୍କର ଚରିତ୍ର ଟିକିଏ ଭିନ୍ନ ଧରଣର ହୋଇଛି । ପାଞ୍ଚ ଭାଇଙ୍କ ଭିତରେ ତାଙ୍କର ସ୍ୱଭାବ ଉଗ୍ର । ପାପ ଜଣା ହେବା ମାତ୍ରେ ବାହୁରେ ମାରିବା ନୀତିକୁ ସେ ପସନ୍ଦ କରୁଥିଲେ । କିନ୍ତୁ ଯୁଧିଷ୍ଠିର ଓ ଅନ୍ୟାନ୍ୟ ବୃଦ୍ଧଲୋକଙ୍କ ଉପଦେଶ ସେ ମାନି ଚଳୁଥିବା ହେତୁ ତାଙ୍କର ଉଗ୍ରତା ବହୁ ସ୍ଥଳରେ ପ୍ରକାଶ ପାଇଲା ମାତ୍ରେ ହିଁ ଶାନ୍ତ ହୋଇଯାଇଛି । ଭୀମଙ୍କ ଏ ସ୍ୱଭାବଦ୍ୱାରା ପାଣ୍ଡବମାନଙ୍କର ସମୂହ କାର୍ଯ୍ୟକଳାପ କିମ୍ବା ମାନସମ୍ମାନରେ ଦାଗ ଲାଗିବା ଭଳି କୌଣସି ବ୍ୟାପାର ଘଟି ନାହିଁ । ପାଣ୍ଡବମାନଙ୍କର ଚରିତ୍ର କୌରବମାନଙ୍କ ତୁଳନାରେ ସୁନ୍ଦର ଭାବରେ ଫୁଟି ଉଠିଛି । ଏହି ଅଂଶରେ ଉଭୟ ପକ୍ଷ ରକ୍ତମାଂସ ଶରୀର ଧାରଣ କରି ଉପସ୍ଥିତ ହୋଇ ଯାଇଥିଲା ପରି ଜଣାଯାଏ । ଶାରଳା ଦାସଙ୍କ ପାଣ୍ଡବ ଓ କୌରବମାନେ ଦେବତା ନୁହନ୍ତି । ସେମାନେ ଏ ସଂସାରର ରକ୍ତମାଂସରେ ଗଢ଼ା ମନୁଷ୍ୟ । ବ୍ୟାସଦେବଙ୍କ ପାଣ୍ଡବମାନେ ସାଧାରଣ ମାନବ ଅପେକ୍ଷା ବହୁତ ଉଚ୍ଚ ଶ୍ରେଣୀର, ଦେବତାଙ୍କ ପାଖରେ ସେମାନଙ୍କର ସ୍ଥାନ । ଶାରଳା ଦାସଙ୍କ

ପାଣ୍ଡବମାନେ ଏ ସଂସାରର ମନୁଷ୍ୟ ହୋଇଥିବାରୁ ସଂସାରର ମନୁଷ୍ୟମାନଙ୍କ ପରି ସେମାନଙ୍କର ଲୋଭ, ଦ୍ୱେଷ, ଆଶା ଓ ଆକାଂକ୍ଷା ପ୍ରଭୃତି ଅଛି ବୋଲି ସାଧାରଣ ଲୋକେ ସେମାନଙ୍କୁ ଏତେ ଶ୍ରଦ୍ଧା କରନ୍ତି ।

**ଯୁଧିଷ୍ଠିର:**—ଯୁଧିଷ୍ଠିରଙ୍କୁ ସତ୍ୟସନ୍ଧ, ଧୀର, ବିବେକୀ ଓ ପରିବାରର ଆଦର୍ଶ ନାୟକ ରୂପେ ଶାରଳା ଦାସ ଚିତ୍ରିତ କରିଅଛନ୍ତି । ଭାଇମାନେ ତାଙ୍କର ଅସମୀକ୍ଷ୍ୟକାରିତାକୁ କଠୋର ବାକ୍ୟବାଣ ଦଣ୍ଡ ଦେଖାଇ କଲେ, ରାଜ୍ୟ ହରାଇଲେ ଓ ସଙ୍କଟସ୍ଥଳରେ ନିଜ ସ୍ତ୍ରୀର ଲାଞ୍ଛନା ଦେଖି ନୀରବ ରହିବାକୁ ବାଧ୍ୟ ହେଲେ । ଯୁଧିଷ୍ଠିରଙ୍କ ବାକ୍ୟ ଭାଇମାନଙ୍କ ପ୍ରତି ରାଜ-ଆଦେଶ ଥିଲା । ଭୀମ କେବଳ କେବେକେ ଏ ଆଦେଶକୁ ଲଙ୍ଘନ କରିବାକୁ ଉଦ୍ୟତ ହେଉଥିଲେ ଏବଂ ବଡ଼ଭାଇଙ୍କର ଦୁର୍ବଳତାକୁ ଘୃଣା କରି ତାଙ୍କୁ ସମୟ ସମୟରେ ଭର୍ତ୍ସନା କରୁଥିଲେ ମଧ୍ୟ ଯୁଧିଷ୍ଠିର ସାନଭାଇ ପ୍ରତି ବରାବର ସଦୟ ଥିଲେ; ଶତଦୋଷ କ୍ଷମା କରୁଥିଲେ । ବିମାତାଙ୍କ ସନ୍ତାନ ନକୁଳ ଓ ସହଦେବଙ୍କ ମନରେ 'ବିମାତା ସନ୍ତାନ' ବୋଲି ସେପରି କଦାପି ଧାରଣା ଜାତ ନ ହୁଏ ସେଥିପାଇଁ ଯୁଧିଷ୍ଠିର ବରାବର ଲକ୍ଷ୍ୟ ରଖିଥିଲେ । ଏଥିରେ ମନରେ କୌଣସି ପ୍ରକାର କୃତ୍ରିମତା ରଖି ବାହାରକୁ 'ଭ୍ରାତୃପ୍ରେମ' ଦେଖାଉ ନଥିଲେ । ପତ୍ନୀରୂପରେ ଦ୍ରୌପଦୀଙ୍କ ପ୍ରତି ତାଙ୍କର ବ୍ୟବହାର ଭଲ ଥିଲା । କିନ୍ତୁ 'ମୂରୁକପଣିଆ' ଏଥିରେ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାରଳା ଦାସ ଯୁଧିଷ୍ଠିରଙ୍କୁ ସତ୍ୟନିଷ୍ଠ, ପରମଧାର୍ମିକ ଓ କ୍ଷମାଶୀଳ ମହାପୁରୁଷ ରୂପରେ ଚିତ୍ରଣ କରିଅଛନ୍ତି । ବ୍ୟାସଦେବ ଯୁଧିଷ୍ଠିରଙ୍କୁ ଯେଉଁ ଉଚ୍ଚ ସ୍ଥାନ ଦେଇଛନ୍ତି ଶାରଳା ଦାସ ତାଙ୍କୁ ସେତେ ଉଚ୍ଚରେ ରଖିପାରି ନଥିଲେ ମଧ୍ୟ ଜୀବନ୍ତ କରିଛନ୍ତି ।

**ଭୀମ:**—ଭୀମଙ୍କୁ ଶାରଳା ଦାସ ମହାପରାକ୍ରମଶାଳୀ, ଉଗ୍ରସ୍ୱଭାବସମ୍ପନ୍ନ, ପ୍ରତିଶୋଧପରାୟଣ ବ୍ୟକ୍ତି ରୂପରେ ଚିତ୍ରିତ କରିଛନ୍ତି । ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ତାଙ୍କୁ 'ହୁଣ୍ଡା, ଗୁଣ୍ଡା' ରୂପରେ ହିଁ ଚିତ୍ରିତ କରିଛନ୍ତି । ବହୁ ସ୍ଥଳରେ ତାଙ୍କର ହୁଣ୍ଡାମି, ଗୁଣ୍ଡାମି ପ୍ରକାଶ ପାଇଛି । ଭାଇମାନଙ୍କୁ ସେ ଏ ସ୍ୱଭାବରୁ ବହୁ ସମୟରେ ଉଦ୍ଧାର କରିଛନ୍ତି । କିନ୍ତୁ ଭାଇମାନେ ତାଙ୍କର ଏ 'ଦୁର୍ବଳତା'କୁ

କ୍ଷମା ଦେଇଛନ୍ତି । ଶାରଳା ଦାସ ଆରମ୍ଭରୁ ତାଙ୍କୁ ଦୁଷ୍ଟ ଓ ଗୁଣ୍ଡା ରୂପରେହିଁ ପରିଚୟ କରାଇବାକୁ ଚେଷ୍ଟା କରିଛନ୍ତି । ବନବାସ ସମୟରେ ଶାଳଗ୍ରାମଶିଳାକୁ ଜାଣି ଜାଣି ପଥର ପରି ଧୋଇ ତାକୁ ଗୋଡ଼ରେ ଘଷାଉ-ଥିବାବେଳେ ଶ୍ରୀକୃଷ୍ଣ ତାଙ୍କୁ ବାରଣ କରିବାରୁ 'ଶାଳଗ୍ରାମଶିଳା ତ ପଥର, ଗୋଡ଼ରେ ଘଷିଲେ ଦୋଷ କଣ' ବୋଲି ଭୀମ ଉତ୍ତର ଦେଇଥିଲେ । ଦ୍ରୌପଦୀ-ସ୍ୱୟମ୍ବର ବେଳେ ଦ୍ରୌପଦୀଙ୍କୁ ନିଜେ ବିବାହ କରିବେ ବୋଲି ଭୀମ ଭାବିଥିଲେ । ଦରକାର ପଡ଼ିଲେ ଭାଇମାନଙ୍କୁ ଯୁଦ୍ଧରେ ମାରି ଦ୍ରୌପଦୀଙ୍କୁ ହିଡ଼ିମ୍ବିକାର ପୁତ୍ରକୁ ନେଇସାରି ସେଠାରେ ବସିବେ ବୋଲି ମଧ୍ୟ ଭାବିଥିଲେ । ବହୁସ୍ଥଳରେ ଯୁଧିଷ୍ଠିର, ଅର୍ଜ୍ଜୁନ, ଶ୍ରୀକୃଷ୍ଣ ଓ ଦ୍ରୌପଦୀଙ୍କୁ, ଏପରି କି ନିଜ ମାତା କୁନ୍ତୀଙ୍କୁ ସେ ନାନାରୂପରେ ଭର୍ତ୍ସନା କରିଛନ୍ତି । ତାଙ୍କ ଉଗ୍ରସ୍ୱଭାବ ସେମାନଙ୍କୁ ଜଣା ଥିଲା ବୋଲି ସେମାନେ ତାଙ୍କୁ କ୍ଷମା ଦେଉଥିଲେ । କିନ୍ତୁ ଦୁଷ୍ଟାମି ସତ୍ତ୍ୱେ ସେ ଯେ ଭାଇମାନଙ୍କୁ, ଭଉଣୀଙ୍କୁ, ମାତାଙ୍କୁ ଓ ସ୍ୱଜନମାନଙ୍କୁ ସ୍ନେହ କରୁଥିଲେ ଏଥିରେ ସନ୍ଦେହ ନାହିଁ । କ୍ଷଣିକ ସ୍ଖଳନ ସତ୍ତ୍ୱେ ଯୁଧିଷ୍ଠିରଙ୍କ ବାକ୍ୟ ତାଙ୍କର ଶିରୋଧାର୍ଯ୍ୟ ଥିଲା । ଭାଇମାନଙ୍କ ପ୍ରତି ଅପମାନ ବା ନିନ୍ଦା ସେ କେବେ ସହ୍ୟ କରି ପାରୁ ନ ଥିଲେ । କୌରବମାନଙ୍କ ପ୍ରତି, ବିଶେଷତଃ ଦୁଃଶାସନଙ୍କ ପ୍ରତି ତାଙ୍କର ପୂର୍ଣ୍ଣ ଦ୍ୱେଷ ଥିଲା । ପଡ଼ିପଡ଼ିକେ ସେମାନଙ୍କ ସହିତ କଳହ କରିବାକୁ ସେ ଇଚ୍ଛା କରୁଥିଲେ । ପ୍ରତିଶୋଧ ନେବାପାଇଁ ତାଙ୍କ ପ୍ରାଣ ସବୁବେଳେ ବ୍ୟାକୁଳ ହେଉଥିଲା । କେବଳ ସ୍ୱଜନମାନଙ୍କର ଉପଦେଶ ତାଙ୍କୁ ଦବେଇ ରଖିଥିଲା । ଶତ୍ରୁ ସହିତ ବ୍ୟବହାରରେ ସେ ସନ୍ଧିନୀତି ଅବଲମ୍ବନ କରିବାର ଆଦୌ ପକ୍ଷପାତୀ ନ ଥିଲେ । କେବଳ ଶତ୍ରୁର ରକ୍ତହିଁ ତାଙ୍କର ଲକ୍ଷ୍ୟ ଥିଲା । ଶାରଳାଦାସଙ୍କ ଭୀମ ଉଚ୍ଚସ୍ତରର ବୀର ନୁହନ୍ତି । ବ୍ୟାସଦେବଙ୍କ ଭୀମ ଧୀର ଓ ଗମ୍ଭୀର ସ୍ୱଭାବସମ୍ପନ୍ନ । ଶାରଳା ଦାସ ନିଜ ମହାଭାରତରେ ବ୍ୟାସଦେବଙ୍କ ଭୀମଙ୍କୁ ଆକାର ଦେଇ ପାରି ନାହାନ୍ତି । ତାଙ୍କର ଭୀମ ସ୍ୱତନ୍ତ୍ର ବୀର, ସେ 'ଭୀମା'ଙ୍କ ଜନ୍ମ ଦେଇଛନ୍ତି ।

ଅର୍ଜ୍ଜୁନ:—ପଞ୍ଚପାଣ୍ଡବଙ୍କ ଭିତରେ ଅର୍ଜ୍ଜୁନଙ୍କୁ ହିଁ ଶାରଳା ଦାସ ମହାବୀରର ଯାବତୀୟ ଗୁଣରେ ଭୂଷିତ କରିଅଛନ୍ତି । ସମସ୍ତ ମହାଭାରତରେ

ଅର୍ଜୁନଙ୍କ ଚରିତ୍ରଟିକୁ ବଳିଷ୍ଠ ସ୍ୱରରେ ଫୁଟାଇବାକୁ ଶାରଳା ଦାସ ପ୍ରୟାସ କରି ସଫଳକାମ ହୋଇଛନ୍ତି । ଅର୍ଜୁନ ଯେପରି ବୀର ସେପରି ପ୍ରେମିକ ମଧ୍ୟ । ଶ୍ରୀକୃଷ୍ଣଙ୍କ ସଖା ରୂପରେ ତାଙ୍କର 'ବନ୍ଧୁତ୍ୱ' ମଧ୍ୟ କମ୍ ନୁହେଁ । ଶ୍ରୀକୃଷ୍ଣଙ୍କ ନିନ୍ଦା ସେ କେବେବି ସହ୍ୟ କରି ପାରୁ ନ ଥିଲେ । ନିଜ ଭାଇମାନଙ୍କ ମଧ୍ୟରୁ ଯଦି କେହି ଭ୍ରମବଶତଃ କୃଷ୍ଣଙ୍କ ନିନ୍ଦା କରୁଥିଲେ ତତ୍‌କ୍ଷଣାତ୍ ଏହାର ପ୍ରତିଶୋଧ ନେବାକୁ ସେ ଅଗ୍ରସର ହେଉଥିଲେ । ଶାରଳା ଦାସ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ପ୍ରକୃତ ସଖା ଓ କୌରବବଂଶ ଧ୍ୱଂସର ପ୍ରଧାନ କର୍ମୀ ସ୍ୱରୂପ ଚିତ୍ରଣ କରିବା କଥା ହିଁ ସ୍ପଷ୍ଟଭାବରେ ପ୍ରକାଶ କରିଛନ୍ତି । ବ୍ୟାସଦେବଙ୍କ ଅର୍ଜୁନ ଓ ଶାରଳାଦାସଙ୍କ ଅର୍ଜୁନ ଭିତରେ 'ଦେବତ୍ୱ'ରେ କିଛି ତାରତମ୍ୟ ଥିଲେ ମଧ୍ୟ ଅର୍ଜୁନ ସେ ଜଣେ ମହାବୀର ଓ ଆଦର୍ଶ ପୁରୁଷ ରୂପରେ ଶାରଳାଦାସଙ୍କ ଦ୍ୱାରା ଚିତ୍ରିତ ହୋଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କୁ ନର-ନାରାୟଣ ରୂପେ ଶାରଳା ଦାସ ପରିଚିତ କରାଇ ଅଛନ୍ତି ।

**ଦୁର୍ଯ୍ୟୋଧନ:**—କୌରବମାନଙ୍କ ଭିତରେ ଦୁର୍ଯ୍ୟୋଧନହିଁ ଏହି ଯୁଦ୍ଧର ମୂଳ କାରଣ । ଅନ୍ୟାନ୍ୟ ଭାଇମାନେ ଦୁଷ୍ଟ ପ୍ରକୃତିର ଲୋକ ହେଲେ ମଧ୍ୟ ସ୍ୱତନ୍ତ୍ରଭାବରେ ନିଜ ପ୍ରକୃତିକୁ କାର୍ଯ୍ୟକାରୀ କରିବାର ସୁବିଧା ସେମାନଙ୍କର ନ ଥିଲା । ଦୁର୍ଯ୍ୟୋଧନଙ୍କ ଆଦେଶରେ ଅନ୍ୟ ଭାଇମାନେ ଚାଲୁଥିଲେ । ନିଜ ସ୍ୱାର୍ଥର ବିରୋଧୀ ବୋଲି ପାଣ୍ଡବମାନଙ୍କୁ ଭାବି ସେମାନଙ୍କୁ ଯେ କୌଣସି ପ୍ରକାରେ ଲୋପ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ପ୍ରତିଦ୍ୱନ୍ଦ୍ୱୀକୁ ଶତ୍ରୁ ବୋଲି ହିଁ ସେ ଭାବୁଥିଲେ ଏବଂ ଶତ୍ରୁକୁ ଅପମାନ ଦେବାଠାରୁ ବଧ କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ସେ କରିବାକୁ କୁଣ୍ଠାବୋଧ କରୁ ନ ଥିଲେ । ଶାରଳାଦାସଙ୍କ ଦୁର୍ଯ୍ୟୋଧନ ମାନଗୋବିନ୍ଦ ନାମରେ ହିଁ ଖ୍ୟାତ । ତାଙ୍କର ଘରେ ସ୍ୱୟଂ ଲକ୍ଷ୍ମୀଦେବୀ ଅବସ୍ଥାନ କରୁଥିଲେ । କିନ୍ତୁ ତା' ସତ୍ତ୍ୱେ ପାଣ୍ଡବମାନଙ୍କୁ ବହୁତ ଅପମାନ ଓ ନିରର୍ଥକ କଷ୍ଟ ଦେବାପାଇଁ ଏବଂ ସେମାନଙ୍କୁ ବଧ କରିବାପାଇଁ ଯାବତୀୟ ନୀଚ ଓ କଦର୍ଯ୍ୟ ଉପାୟ ସେ ଅବଲମ୍ବନ କରିଛନ୍ତି । ଦୁର୍ଯ୍ୟୋଧନ ଉଚ୍ଚ ଶ୍ରେଣୀର ପ୍ରତିଦ୍ୱନ୍ଦ୍ୱୀ, ଶତ୍ରୁ ପ୍ରତି ଅତି କ୍ରୂର । କିନ୍ତୁ ଏହା ସତ୍ତ୍ୱେ ତାଙ୍କର ଅନ୍ତରରେ ସ୍ୱଜନଙ୍କ ପ୍ରତି

ସ୍ନେହଶୀଳ ଥିବା କଥା ଶାରଳା ଦାସ ପ୍ରକାଶ କରିଛନ୍ତି । ଯୁଦ୍ଧରେ ଭାଇମାନଙ୍କର, ସଖାମାନଙ୍କର ଓ ପୁତ୍ର ଲକ୍ଷ୍ମଣସେନର ନିଧନ ପରେ ଦୁର୍ଯୋଧନଙ୍କ କରୁଣ ରୋଦନ ଏହାର ପ୍ରମାଣ । ବ୍ୟାସଦେବଙ୍କ ଦୁର୍ଯୋଧନ ନାୟକଯୋଗ୍ୟ ନୁହନ୍ତି । ମୂଳ ଗ୍ରନ୍ଥରେ ଶାରଳାଦାସଙ୍କ ଦୁର୍ଯୋଧନ ଓ ବ୍ୟାସଦେବଙ୍କ ଦୁର୍ଯୋଧନ ଭିତରେ କିଛି ପ୍ରଭେଦ ନାହିଁ ।

**ଦୁଃଶାସନ:**—ଶାରଳାଦାସଙ୍କ ଦୁଃଶାସନ ସମସ୍ତଙ୍କ ପରି 'ଦୁଷ୍ଟ, କ୍ରୂର' ଭୀମଙ୍କର ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ ।

**କର୍ଣ୍ଣ:**—ଶାରଳାଦାସଙ୍କ ମହାଭାରତ ପାଠ କଲେ ବେଳେ ବେଳେ ମନେ ହୁଏ ଶାରଳା ଦାସ କର୍ଣ୍ଣଙ୍କୁ ନାୟକ କରିଛନ୍ତି କି ? ମହାଭାରତର ବହୁ ସ୍ଥାନରେ କର୍ଣ୍ଣଙ୍କର ଯଶସ୍ୱ ବର୍ଣ୍ଣିତ ଅଛି । ଅର୍ଜୁନଙ୍କ ଅପେକ୍ଷା କର୍ଣ୍ଣଙ୍କୁ ଶୌର୍ଯ୍ୟରେ, ବୀର୍ଯ୍ୟରେ, ବୁଦ୍ଧିରେ, ଦାନରେ, ମାନବତାରେ ଶାରଳା ଦାସ ବେଶି ସ୍ଥାନ ଦେଇଛନ୍ତି । କର୍ଣ୍ଣଙ୍କ ଚରିତ୍ର ବର୍ଣ୍ଣନା କଲାବେଳେ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ପ୍ରତି ମନ ସ୍ୱତଃ ଆକୃଷ୍ଟ ହୋଇଯାଏ । ଦ୍ରୌପଦୀଙ୍କ ସ୍ୱୟମ୍ବରରେ କର୍ଣ୍ଣ ଲକ୍ଷ୍ୟଭେଦ ପର୍ବରେ ଯଶସ୍ୱୀ ହୋଇଥିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ମାୟା ତାଙ୍କୁ ଯଶସ୍ୱୀ ରୂପେ ପରିଚିତ ନ କରାଇ ପରାସ୍ତ ହୋଇ ପରିଚିତ କରାଇଲା । ମହାବୀର କର୍ଣ୍ଣଙ୍କୁ ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ପରାମର୍ଶମତେ ଅଧର୍ମ ଉପାୟରେ ହିଁ ହତ୍ୟା କରାଗଲା । ନଚେତ୍ ସେ ପରାସ୍ତ ହେବାର ପାତ୍ର ନୁହନ୍ତି । କୁନ୍ତୀଙ୍କୁ ଅମୃତକୁଣ୍ଡଳ ଦାନ ଦେଇ ସେ ନିଜ ମୃତ୍ୟୁପଥ ପରିଷ୍କାର କରି ଦେଇଥିଲେ । ଅର୍ଜୁନ କର୍ଣ୍ଣଙ୍କର ପ୍ରତିଦ୍ୱନ୍ଦ୍ୱୀ । ଅର୍ଜୁନ ଓ ପାଣ୍ଡବମାନଙ୍କୁ ପରାସ୍ତ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ ଏଥିରେ ବହୁ ଅଂଶରେ ସାଫଲ୍ୟ ଲାଭ କରି ଆସିଥିଲେ; କିନ୍ତୁ ଶଲ୍ୟ ଓ କୃଷ୍ଣଙ୍କ ଷଡ଼ଯନ୍ତ୍ର ତାଙ୍କୁ ପ୍ରତି ପଦରେ ବାଧା ଦେଉଥିଲା । ଶାରଳାଦାସଙ୍କ କର୍ଣ୍ଣ ଏକ ଅସାଧାରଣ ଚରିତ୍ର ।

**ଶ୍ରୀକୃଷ୍ଣ:**—ଶାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ହୋଇ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଶେଷ ଭାବରେ ତାଙ୍କୁ କୌତୁକପ୍ରିୟ, ଚତୁର ରୂପରେ ପରିଚିତ କରାଯାଇଛି । ପାଣ୍ଡବମାନଙ୍କ ପ୍ରତି ସେ ଅତ୍ୟଧିକ ଭାବରେ ପକ୍ଷପାତୀ ଥିଲେ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ସଖାରୂପରେ ଶାରଳା

ମହାଭାରତରେ ବିଶେଷ ଭାବରେ ପରିଚିତ । ଶ୍ରୀକୃଷ୍ଣ କୌରବକୁଳ ଧ୍ୱଂସ ଦିଗରେ ବହୁ କୌଶଳ ଓ ଅଧର୍ମ ପରାମର୍ଶ ପାଣ୍ଡବମାନଙ୍କୁ ଦେଇଛନ୍ତି । ଯୁଦ୍ଧ କ୍ଷେତ୍ରରେ ଅଧର୍ମ ଓ ଅନ୍ୟାୟ ଉପାୟ ଅବଲମ୍ବନ କରିବାକୁ ପାଣ୍ଡବମାନଙ୍କୁ ବାରମ୍ବାର ପରାମର୍ଶ ଦେଇ ଅଛନ୍ତି । ସ୍ୱୟଂ ଭଗବାନଙ୍କ ପ୍ରତି ଏଭଳି ଦୋଷ ଆରୋପଣ ଶାରଳାଦାସଙ୍କ ପକ୍ଷେ ସମୀଚୀନ ହୋଇନାହିଁ ବୋଲି ମନେ ହୁଏ । ବ୍ୟାସଦେବଙ୍କ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଶାରଳାଦାସଙ୍କ ଶ୍ରୀକୃଷ୍ଣ ଅଳ୍ପ ଦେବସ୍ୱଭାବପନ୍ନ । ଶକୁନି କୌରବମାନଙ୍କର ମନ୍ତ୍ରୀ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କର ପରାମର୍ଶଦାତା । ଉଭୟଙ୍କୁ ପ୍ରତିଦ୍ୱନ୍ଦ୍ୱୀ ରୂପରେ କଳ୍ପନା କରି ଶାରଳା ଦାସ ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ଫୁଟାଇବାକୁ ଚେଷ୍ଟା କରିଥିଲେ ପରି ଜଣାଯାଏ । ତେବେ ଉଭୟଙ୍କ ଚରିତ୍ରରେ ଆକାଶ ପାତାଳ ପ୍ରଭେଦ ବିଦ୍ୟମାନ ଥିବା କଥା ଶାରଳାଦାସଙ୍କ ମହାଭାରତରୁ ଜଣାଯାଏ ।

**ଶକୁନି:**—ଶାରଳାଦାସଙ୍କ ଶକୁନି ଜଣେ ଅତି ଉତ୍କଟ ଧରଣର ପ୍ରତିହିଂସାପରାୟଣ ଲୋକ । ବନ୍ଧୁ ଭାବରେ, ହିତାକାଂକ୍ଷୀ ଭାବରେ ବିଶ୍ୱାସ ଜନ୍ମାଇ ଭିତରେ ଭିତରେ ଆଶ୍ରୟଦାତାର ଧ୍ୱଂସ ସାଧନ କରିବା କିଛି ସହଜ ବ୍ୟାପାର ନୁହେଁ । ଏଥିପାଇଁ ବୁଦ୍ଧି, ବିଦ୍ୟା ଓ କୌଶଳ ଦରକାର । ବିଶେଷତଃ ମନ୍ତ୍ରୀପଦବୀ ଭଳି ଦାୟିତ୍ୱପୂର୍ଣ୍ଣ ପଦବୀ ଲାଭ କରି, ବାହାରେ ହିତାକାଂକ୍ଷୀ ହୋଇ ଭିତରେ ଗଳା କାଟିବା ଢଙ୍ଗରେ ବରାବର ବହୁକାଳ ପର୍ଯ୍ୟନ୍ତ ଜୀବନଯାପନ କରିବା ଅତି କଷ୍ଟସାଧ୍ୟ ବିଷୟ । ଶକୁନି ଏହି ଧରଣର କି ଭୟଙ୍କର ପୁରୁଷ ତାହା ଶାରଳା ମହାଭାରତ ପାଠ କଲେ ଜଣାଯାଏ । ବ୍ୟାସଦେବଙ୍କ ଶକୁନି ଅପେକ୍ଷା ଶାରଳାଦାସଙ୍କ ଶକୁନି ଅତି ଭୀଷଣ ପ୍ରକୃତିର ଲୋକ ।

**ଗାନ୍ଧାରୀ ଓ ଧୃତରାଷ୍ଟ୍ର:**—ମୂଳ ମହାଭାରତରେ ଗାନ୍ଧାରୀ ଓ ଧୃତରାଷ୍ଟ୍ରଙ୍କୁ ଏକ ଆଦର୍ଶ ଦମ୍ପତି ରୂପରେ କଳ୍ପନା କରାଯାଇଅଛି । ଶତପୁତ୍ରବତୀ ଗାନ୍ଧାରୀଙ୍କୁ ମହାସୌଭାଗ୍ୟବତୀ ବୋଲି ବ୍ୟାସଦେବ ଲେଖିଛନ୍ତି । କିନ୍ତୁ ଶାରଳା ଦାସ ଏ ଦମ୍ପତିଙ୍କୁ ସେପରି ଭଲ ଆଖିରେ ଦେଖିନାହାନ୍ତି । ଯେଉଁ ଦୁର୍ଯ୍ୟୋଧନାଦି ଅସୁରସ୍ୱଭାବର ପୁତ୍ରମାନଙ୍କୁ ଜନ୍ମ ଦେଇଛନ୍ତି ସେ ବା କିପରି ଭଲ ହେବେ ? ଶାରଳା ଦାସ ଗାନ୍ଧାରୀଙ୍କ

ସନ୍ଦର୍ଭରେ ମୂଳରୁ ଏପରି ଭାବରେ ବର୍ଣ୍ଣନା କରିଛନ୍ତି ଯେ ଦୁର୍ଯ୍ୟୋଧନାଦି କୌରବମାନଙ୍କ ବିଷୟରେ ଲୋକମାନଙ୍କର ଧାରଣା ନିଶ୍ଚୟ ଖରାପ ହେବ । ଶତେକ ଆଠ ବର ନାଶ ହେବା ପରେ ସାହାଡ଼ା ଗଛ ସହିତ ଗାନ୍ଧାରୀଙ୍କ ବିବାହ ହୋଇଗଲା । ପରେ ଧୃତରାଷ୍ଟ୍ର ତାଙ୍କୁ ବିବାହ କଲେ । ସଂସ୍କୃତ ମହାଭାରତରେ ଏ ବିଷୟ ଲେଖାନାହିଁ । ତଥାପି ସେ ଗାନ୍ଧାରୀଙ୍କୁ ସ୍ନେହମୟୀ ମାତାରୂପରେ ଓ ପତିପରାୟଣା ଭାର୍ଯ୍ୟାରୂପରେ ଚିତ୍ରଣ କରିବାକୁ ଭୁଲି ନାହାନ୍ତି । ଧୃତରାଷ୍ଟ୍ରଙ୍କ ସମ୍ବନ୍ଧରେ ମଧ୍ୟ କବି ବିଶେଷ ଭିନ୍ନ ଭାବ ପୋଷଣ କରିବାର ପ୍ରମାଣ ମିଳେ ନାହିଁ । ଧୃତରାଷ୍ଟ୍ର ଜ୍ଞାନୀ ଓ ଧାର୍ମିକ । କୁଳାଚାର, ଦେଶାଚାର ଓ ସାମାଜିକ ଧର୍ମାଧର୍ମ ପ୍ରତି ଦୃଷ୍ଟି ରଖି ସେ ଚଳିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ପୁତ୍ରମାନେ ତାଙ୍କର ପରାମର୍ଶ ଗ୍ରହଣ କରିନାହାନ୍ତି । ପାଣ୍ଡବମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବା ପାଇଁ ଧୃତରାଷ୍ଟ୍ର ଯେଉଁ ପୁତ୍ରମାନଙ୍କୁ ପରାମର୍ଶ ଦେଉଥିଲେ ତାହା କେବଳ ଲୋକଦେଖା ଉପରେ । ଧର୍ମାଧର୍ମ ବିଚାର ସ୍ଥଳରେ ବାତ୍ସଲ୍ୟ ସ୍ନେହ ହିଁ ବିବେକ ଅପେକ୍ଷା ବେଶୀ ପ୍ରଭାବ ତାଙ୍କ ଉପରେ ପକାଇ ପାରୁଥିଲା । କୌରବ-ପାଣ୍ଡବ ବିବାଦରେ ସେ ନିରପେକ୍ଷ ରହିବାକୁ ଚେଷ୍ଟା କରି ଶେଷରେ ସ୍ୱ ପକ୍ଷକୁ ଝୁଙ୍କି ଯାଇଥିଲେ । ଭୀମଙ୍କୁ କୃତ୍ରିମରେ ଆଲିଙ୍ଗନ କରି ଚୂର୍ଣ୍ଣ କରିଦେବାପାଇଁ ସେ ଦୁରଭିସନ୍ଧି ପୋଷଣ କରିଥିଲେ । ଗାନ୍ଧାରୀ ମଧ୍ୟ ଭୀମଙ୍କ ଭଳି ପୁତ୍ରହନ୍ତା ପ୍ରତି ଉତ୍କଟ ପ୍ରତିଶୋଧ ନେବା ସଂକଳ୍ପ କରିଥିଲେ । ଶାରଳା ଦାସ ଏ ଦମ୍ପତିଙ୍କ ଚରିତ୍ରକୁ ବେଶି ଉଚ୍ଚ ସ୍ଥାନ ଦେଇ ପାରି ନାହାନ୍ତି । ତେବେ ସ୍ଥାନେ ସ୍ଥାନେ ସେମାନଙ୍କର ଉଦାରଭାବ ପରିଚୟ ଦେଇଛନ୍ତି । ଦ୍ରୌପଦୀ-ବସ୍ତ୍ରହରଣ, ପାଣ୍ଡବ ବନବାସ ପ୍ରଭୃତି ସ୍ଥଳରେ ଉପଦେଶ ଛଳରେ ପୁତ୍ରମାନଙ୍କୁ ଏ ଦମ୍ପତି ବହୁତ ଗାଳି ଦେଇଛନ୍ତି; କିନ୍ତୁ ସେସବୁ ଅଜ୍ଞାନପ୍ରେମଦ୍ୱାରା ଉଚ୍ଛ୍ୱସିତ ।

**ଗାନ୍ଧାରୀ**—ମୂଳ ମହାଭାରତରେ ଗାନ୍ଧାରୀ ଚରିତ୍ର ଯେପରି ଭାବରେ ଚିତ୍ରିତ ହୋଇଛି, ଶାରଳା ଦାସ ସେପରି କରି ନାହାନ୍ତି । ଗାନ୍ଧାରୀଙ୍କୁ ଶାରଳା ଦାସ ଉଗ୍ରସ୍ୱଭାବସମ୍ପନ୍ନା, ଅସନ୍ତୁଷ୍ଟା, ଚଞ୍ଚଳବୁଦ୍ଧିପରାୟଣା ସ୍ତ୍ରୀରୂପରେ ଚିତ୍ରଣ କରିଅଛନ୍ତି । ଶାଶୁଙ୍କ ପ୍ରତି ଗାନ୍ଧାରୀଙ୍କ ବ୍ୟବହାର ଅତି ଅସଙ୍ଗତ ଓ କଦର୍ଯ୍ୟ

କରନ୍ତି । ପାଣ୍ଡବମାନଙ୍କ ପ୍ରତି ତାଙ୍କର ମାତୃସ୍ନେହ ଥିବାର ପ୍ରମାଣ ଆଦୌ ଦେଇନାହାନ୍ତି । କବି ଗଙ୍ଗାଙ୍କୁ ଦେବୀ ସ୍ଥାନରେ ଦେଶୀରୂପରେ ବର୍ଣ୍ଣନା କରନ୍ତି । ସ୍ୱର୍ଗ ଭୁବନରେ, କି ମର୍ତ୍ତ୍ୟ ଭୁବନରେ, କି ନାଗ ଭୁବନରେ, କେଉଁଠାରେ ହେଲେ ଗଙ୍ଗାଙ୍କର ସ୍ଥାନ ଉଜ୍ଜ୍ୱଳ ଓ ଉଚ୍ଚ କରି ନାହାନ୍ତି । ବ୍ୟାସଦେବଙ୍କ ଗଙ୍ଗାଙ୍କଠାରୁ ଶାରଳାଦାସଙ୍କ ଗଙ୍ଗା ସୁନ୍ଦରୀ ନମ୍ରଚରିତ୍ରର ।

**ଦ୍ରୌପଦୀ:**—ଦ୍ରୌପଦୀଙ୍କ ଚରିତ୍ରଚିତ୍ରଣରେ ଶାରଳା ଦାସ ତାଙ୍କର ନାରୀ ଚରିତ୍ରଚିତ୍ରଣର ସାଧାରଣ ନିୟମ ପ୍ରବୃତ୍ତି ସ୍ୱରୂପରେ ଅବଲମ୍ବନ କରିଛନ୍ତି । ବ୍ୟାସଦେବଙ୍କ ଦ୍ରୌପଦୀ ଏକ ଅପୂର୍ବ ସର୍ଜନା, ସତୀତ୍ୱର ମୂର୍ତ୍ତିମନ୍ତ ଦେବୀ । ସ୍ୱର୍ଗୀୟରୂପରେ, ନାରୀରୂପରେ ଦ୍ରୌପଦୀଙ୍କର ସ୍ଥାନ ଅତୁଳନୀୟ । ଶାରଳାଦାସଙ୍କ ଦ୍ରୌପଦୀ ବ୍ୟାସଦେବଙ୍କର ଦ୍ରୌପଦୀଙ୍କ ଅପେକ୍ଷା ଟିକିଏ ନିମ୍ନସ୍ତରର । ସାଧାରଣ ମନୁଷ୍ୟ ରକ୍ତମାଂସର ଶରୀର ବହନ କରି ଦୁଃଖ କଷ୍ଟରେ ଯେପରି ବିଚଳିତ ହୋଇଥାଏ ଶାରଳାଦାସଙ୍କ ଦ୍ରୌପଦୀ ସେହିପରି ଜୀବନରେ ବହୁବାର ବିଚଳିତ ହୋଇ ପଡ଼ିଛନ୍ତି । ସ୍ୱୟମ୍ବର ପରେ କୁମ୍ଭାର-ଶାଳରେ ଶୟନ ବ୍ୟବସ୍ଥା ଦେଖି ସେ ଯେଉଁ ଦୁଃଖ ପ୍ରକାଶ କରିଛନ୍ତି ତାହା ସାଧାରଣ ନାରୀଙ୍କ ପକ୍ଷେ ସମ୍ଭବ । ବ୍ୟାସଦେବଙ୍କ ଦ୍ରୌପଦୀଙ୍କ ମୁହଁରୁ ଏପରି ଉକ୍ତି ପ୍ରକାଶ ପାଇ ଆସନ୍ତା ବୋଲି କଳ୍ପନା ହୁଏ ନାହିଁ । ପଞ୍ଚପତି ଥିବା ସତ୍ତ୍ୱେ କର୍ଣ୍ଣଙ୍କୁ ଦେଖିଲେ ତାଙ୍କ ପ୍ରତି ନିଜ ମନ ଧାବିତ ହେବା କଥା ଦ୍ରୌପଦୀଙ୍କ ମୁହଁରେ ଶାରଳା ଦାସ ବ୍ୟକ୍ତ କରାଇ ଅଛନ୍ତି । ଦ୍ରୌପଦୀ ଅବଶ୍ୟ ମନୁଷ୍ୟ । ମନୁଷ୍ୟ ଦେବତା ନୁହେଁ । କିନ୍ତୁ ଏ ମନୁଷ୍ୟ ଭିତରେ ଦେବତା ଅଛନ୍ତି ବୋଲି ମହାଭାରତ ପ୍ରକାଶ କରୁଛି । ଦ୍ରୌପଦୀଙ୍କ ଏ ଭଳି ଚରିତ୍ରଚିତ୍ରଣ ଏକାବେଳକେ ଅସଙ୍ଗତ ଓ ଅଯଥା ବୋଲି ମନେ ହୁଏ । ବହୁସ୍ଥାନରେ ଦ୍ରୌପଦୀଙ୍କୁ ଜଣେ ସାଧାରଣ ମହିଳା ରୂପରେ ହିଁ ଶାରଳା ଦାସ ବର୍ଣ୍ଣନା କରିଥିଲେ ।

କୁନ୍ତୀଙ୍କ ସମ୍ବନ୍ଧରେ ମଧ୍ୟ ଶାରଳା ଦାସ ଭଲ ଧାରଣାର ଚିତ୍ର ଦେଇ ପାରି ନାହାନ୍ତି ।

ତାଙ୍କ ଚରିତ୍ରଚିତ୍ରଣରେ ଜଡ଼ ଲୋକଶାସ୍ତ୍ରସମ୍ମତ ଗୁଣାବଳୀ ନେଇ ନୈତିକ ଶ୍ରେଣୀ କରିଛନ୍ତି । ଏହା ଆଦୌ ଦୋଷାବହ ନୁହେଁ । ଆଦିମ ପ୍ରକୃତିକୁ ନେଇ ମନୁଷ୍ୟ ଜନ୍ମ ହୋଇଛି, ସଂସାରରେ ଚଳୁଛି । କିନ୍ତୁ ତାହା ବୋଲି ଯେ ଏ ଗୁଣମାନଙ୍କ ଭିତରେ ତାରତମ୍ୟ ନାହିଁ, ଏହା କୁହାଯାଇ ନପାରେ । ଶାରଳା ଦାସ ତାଙ୍କ-ଚରିତ୍ର-ଚିତ୍ରଣରେ ନାୟକମାନଙ୍କର ନୈତିକ ପ୍ରକୃତିକୁ ଆଶ୍ରୟ କରି ଚରିତ୍ରକୁ ପ୍ରଭାବ ଦେବାକୁ ଚେଷ୍ଟା କରିଛନ୍ତି । ଆଦର୍ଶ ରୂପକୁ ଫୁଟାଇ ପାରି ନାହାନ୍ତି କହିଲେ ଚଳେ ।

**ଭାଷା**:—ଶାରଳାଦାସଙ୍କ ପୂର୍ବରୁ କୌଣସି ବଳିଷ୍ଠ ଓଡ଼ିଆ ଲେଖା ଥିବାର ଏ ପର୍ଯ୍ୟନ୍ତ ଜଣା ଯାଇନାହିଁ । ଶାରଳା ଦାସ ମହାଭାରତ ଭଳି ବୃହତ୍ ଗ୍ରନ୍ଥ ରଚନାରେ ଭାଷାର ଆଦର୍ଶ ସ୍ୱରୂପ କୌଣସି ସମସାମୟିକ ବା ପୂର୍ବବର୍ତ୍ତୀ ଲେଖାକୁ ନେବା ସୁଯୋଗ ମଧ୍ୟ ପାଇନାହାନ୍ତି । ସେ ସରଳ ଓ ହୃଦୟବନ୍ଧର ଭାଷାର ଆଦର୍ଶ ଦେଖାଇ ଯାଇଛନ୍ତି । ଏ ଭଳି ଭାଷାର ବ୍ୟବହାର ତାଙ୍କର ଅଲୌକିକ କ୍ଷମତାର ନିଦର୍ଶନ ।

ଶାରଳାଦାସଙ୍କ ଭାଷା ଯେପରି ସରଳ ସେପରି ଭାବବ୍ୟଞ୍ଜକ । ସ୍ଥାନେ ସ୍ଥାନେ ସେ ଅପ୍ରଚଳିତ ଅବୋଧ୍ୟ ଶବ୍ଦର ବ୍ୟବହାର ଦେଖାଇଥିଲେ ମଧ୍ୟ ସାଧାରଣତଃ ଭାଷା ମାର୍ଜିତ ଓ କ୍ଲିଷ୍ଟଶବ୍ଦବର୍ଜିତ । ଜଣଙ୍କର ଉକ୍ତିରୁ ବେଳର ଭାଷା ଅତି ସରଳ ଓ ସୁନ୍ଦର ହୋଇଛି—

ଶୁଣ ମହାରାଜା ମନୁ ଏ ଅଦ୍ଭୁତ ଚରିତ
ଦେବତାମାନେ ତୁଳିଲେ ଆଣି ସର୍ବଗ୍ରନ୍ଥ ।

ଏ ଅଦ୍ଭୁତ ସମସ୍ତ ଉପପୁରାଣକୁ ଆଣି
ତୁଳାଦଣ୍ଡେ ବସାଇଲେ ଏକ ପାଖେ ପୁଣି ।

ଅନ୍ୟ ପାଖରେ ଯେ ମହାଭାରତ ଥୋଇଲେ
ସମସ୍ତ ଶାସ୍ତ୍ର ହିଁ ମହାଗୁରୁ ସେ ହୋଇଲେ ।

ସବୁରି ଉର୍ଦ୍ଧ୍ୱେଁ ହୋଇଲେ ଯହୁଁ ମହା ଭାର
ଶ୍ରୀମହାଭାରତ ନାମ ଦେବଲୋକେ ସଞ୍ଚାର । ( ଆଦି )

ତାଙ୍କର ଅସାମାନ୍ୟ ଶକ୍ତି ବଳରେ ଶାରଳା ଦାସ ଏତେ ସରଳ ସହଜ ସୁନ୍ଦର ଭାଷାର ସୃଷ୍ଟି କରିଅଛନ୍ତି । ଭାଷାର ମାଧୁର୍ଯ୍ୟ ଏ ଗ୍ରନ୍ଥର ଲୋକପ୍ରିୟତାର ଏକ ପ୍ରଧାନ କାରଣ ।

ଶାରଳା ମହାଭାରତର ରଚନା ସମୟକୁ ଜନସାଧାରଣଙ୍କ ଭିତରେ ସଂସ୍କୃତ ଭାଷା ଅପେକ୍ଷା ପ୍ରାକୃତ ଭାଷାର ପ୍ରଚଳନ ହିଁ ବେଶୀ ଥିଲା । ସେ ସମୟରେ ଓଡ଼ିଆ ଭାଷାର ଶୈଶବାବସ୍ଥା ବୋଲିବାକୁ ହେବ । ଏହି ଶୈଶବାବସ୍ଥାରେ ଓଡ଼ିଆ ଭାଷା ପ୍ରାକୃତ ମତ ଅନୁସାରେ ଗଠିତ ହେଉଥିଲା । ଏହେତୁ ଶାରଳାଦାସଙ୍କ ଗ୍ରନ୍ଥରେ ପ୍ରାକୃତ ଶବ୍ଦର ପରିଚୟ ମିଳେ । କିନ୍ତୁ ସେ କେବଳ ପ୍ରାକୃତ ଶବ୍ଦକୁ ଅବଲମ୍ବନ କରି ଶବ୍ଦଭଣ୍ଡାର ଗଠନ କରିଅଛନ୍ତି ତାହା ନୁହେଁ, ସଂସ୍କୃତର ମତ ଅନୁସାରେ ମଧ୍ୟ ବହୁତ ଶବ୍ଦ ଗଠନ କରିଅଛନ୍ତି ।

୧ । ସଂସ୍କୃତ ମତ ଅନୁସାରେ ଗଠିତ ଶବ୍ଦାବଳୀ—

(କ) କୃଦନ୍ତପ୍ରତ୍ୟୟ ଯୋଗେ ପ୍ରଥମାରେ ଷଷ୍ଠୀ ବିଭକ୍ତି:—

ଦୁର୍ଲଭ କଥା କହିଲୁ ମା ଗୋ ଏମନ୍ତ ପ୍ରକାରେ
ଅସ୍ମର ଲଙ୍ଘିଲେ ଗୋ ନାଶ ଯିବ ସଂସାର । ( ଆ. ପ. )
( ଅସ୍ମର = ଅସ୍ମେ )
ତୋହର ଆଜ୍ଞା ନାଶ ଗଲେ ପାଣ୍ଡବେ କେମନ୍ତେ । ( ଆ. ପ. )
( ତୋହର = ତୁ )

(ଖ) ମଧ୍ୟମପୁରୁଷୀୟ କ୍ରିୟାପଦର ଅନ୍ତରେ 'ସି' ବା 'ଅସି':—

ଶୁଣସି ମହାଭୁଜା ହୋଇ ପରମ ଶାନ୍ତ । (ଆ. ପ.) (ଶୁଣସି = ଶୁଣ)
ତୁ ହୋ ଧନଞ୍ଜୟ ସତ୍ୟବଚନ କହସି । (ବ. ପ.) (କହସି = କହ)

୨ । ପ୍ରାକୃତ ମତ ଅନୁକରଣରେ ଗଠିତ ଶବ୍ଦାବଳୀ—

(କ) ଷଷ୍ଠୀ ପରିବର୍ତ୍ତେ ଚତୁର୍ଥୀ ବିଭକ୍ତିର ପ୍ରୟୋଗ:—

ତୋତେ ନ କହୁ ମୁଁ ଯିବା କେମନ୍ତେ
ତୋର ଅଙ୍ଗ ସିଦ୍ଧାର୍ଥ ମୋତେ । (ସ୍ୱ. ପ.) (ମୋତେ = ମୋର)

କୌରବ ବଂଶେ ତୁମ୍ଭ ମୋତେ ଯେ ସୁହୃଦ । (ଅ. ପ.)

(ମୋତେ = ମୋର)

(ଙ) ଅକାରାନ୍ତ ଶବ୍ଦରୁ ଉତ୍ତର 'ଏ' ବିଭକ୍ତି ପ୍ରତ୍ୟୟ ଯୋଗ—

ବହୁତ ବୁଝାଇ ଦେବ କହନ୍ତି ସଖାଏ । (ଭ. ପ.)

ଦୁର୍ବାସା ପ୍ରବେଶ ହେଲେ ଦ୍ୱାରିକାଏ । (ଶା. ପ.)

୩ । ଅନ୍ୟାନ୍ୟ କେତେକ ପ୍ରୟୋଗ:—

ତଳେ ଦିଆଯାଇଥିବା କେତୋଟି ପ୍ରୟୋଗ ସାଧାରଣତଃ ପ୍ରାଚୀନ ଲେଖାରେ ହିଁ ଦେଖାଯାଏ ।

(କ) ପ୍ରବେଶ ହେଲେ ମତ୍ସ୍ୟଙ୍କ ଦେଶକୁ । (ବି. ପ.) (ଦେଶକୁ = ଦେଶରେ)

ବଣା ହୋଇ ପଡ଼ିଲ ଭୂମିର ଉପରି । (ବ. ପ.)

(ଖ) ପୂର୍ବରେ ଏବଂ କ୍ରିୟା ପଦରୁ ଉତ୍ତର 'କ' ପ୍ରୟୋଗ:—

ଦ୍ୱାର-ରକ୍ଷାପାଳ କରିବାକ ଜାଣି

ତେଣୁ ଯୁଧିଷ୍ଠିର ଏକା ତୁମ୍ଭେ ହୋଇବାକ ସାକ୍ଷୀ । (ଅଶ୍ୱ. ପ.)

( କରିବାକ = କରିବ; ହୋଇବାକ = ହୋଇବ )

କହନ୍ତେକ ମାତଳିଙ୍କ ଶୁଣି ସୁନାଶୀର

ଐରାବତ ଗଜବର ବେଗେ ସଜ କର । (ମଧ୍ୟ. ପ.)

(କହନ୍ତେକ = କହନ୍ତେ)

(ଗ) ଶ୍ରୀ ଅମ୍ବୁଜାକ୍ଷନାଥ ଚରଣେ ମୋର ସେବା ।

ନନ୍ଦାସ୍ୱରତ କହନ୍ତି ପ୍ରସନ୍ନ ହୋଇବା । (ଆ. ପ.)

(ହୋଇବା = ହୁଅନ୍ତୁ)

ପଣ୍ଡିତ ଜନେ ମୋର ଦୋଷ ନ ଦେଖନ୍ତା । (ସ୍ୱ. ପ.)

(ଦେଖନ୍ତା = ଦେଖ ବା ଦେଖନ୍ତୁ)

(ଘ) ଅସମାପିକା କ୍ରିୟାର ସମାପିକା କ୍ରିୟା ରୂପରେ ବ୍ୟବହାର:—

ଯେତେ ବସ୍ତ୍ର ଲୁଣ୍ଠି ତେତେ ବସ୍ତ୍ର ସ୍ଥାନ କରି । (କରି = କରିବ)

ସେ ଦିନ ଇନ୍ଦ୍ରବାସେ ବସିଣ ଦିନ ସ୍ମରି । (ଆ. ପ.) (ସ୍ମରି = ସ୍ମରିବ)

(ଟ) ଦମ୍ଭ ବାହ୍ନିଣ ଦେବ ବାଇଲୁ ମୁଁ ଛୁଞ୍ଚି
ଏମନ୍ତ ବେଳେ ଦେବ ତମ୍ବୁରୁ ଶର ବାଜି । (ଆ. ପ.) (ବାଜି = ବାଜିଲା)

(ଠ) ଅତ୍ୟନ୍ତ ଭକ୍ତରେ ଭାଗୀବାସୀ ସେବାକର
କସ୍ତା କଲ୍ପାନ କନ୍ଥ ମାଝେ ଜଟା ଧରି । (ଆ. ପ.) (ମାଝେ = ମଧ୍ୟରେ)

(ଡ) ଦେବତା ବ୍ରାହ୍ମଣେ ହୋଇଛନ୍ତିକ ଭଗତ । (ଆ. ପ.)
(ହୋଇଛନ୍ତିକ = କରିଛନ୍ତିକ)

(ଢ) ଦୁର୍ଜ୍ଜନ ନିବାରଣ ସୁଜନ ରକ୍ଷନ୍ତା । (ରକ୍ଷନ୍ତା = ରକ୍ଷାକର୍ତ୍ତା)
ଶାପ ବୋଲନ୍ତେ ଓଷ୍ଠାପୁର ଦର୍ପହନ୍ତା । (ସ୍ୱ.ପ.) (ଦର୍ପହନ୍ତା = ଦର୍ପହାରୀ)

(ଣ) ଯୋଗାଡ଼ମାନ ଠାବେ ଠାବେ ଲୁହାଇଲେ । (ଆ.ପ.) (ମାଜନ୍ତ = ମାଜନ୍ତି)
ପଦ୍ମନାଭ ବୋଇଲେ ମୁଁ କରିଲୁ ଭୁଞ୍ଜନ୍ତ । (ଆ. ପ.) (ଭୁଞ୍ଜନ୍ତ = ଭୁଞ୍ଜନ୍ତି)

(ତ) ଆମ୍ଭ ତହୁଁ ଶୁଣ ରାଜ୍ୟ ସେ ଶାସ୍ତ୍ର ପ୍ରମାଣ । (ଆ. ପ.)
(ଆମ୍ଭତହୁଁ = ଆମ୍ଭଠାରୁ)

(ଥ) ପିତାବଧ ଦୋଷ ନଦେବ ସେ ମୁତୁ । (ମଧ୍ୟ.ପ.) (ମୁତୁ = ମୋତେ)

ଶାରଳା ଦାସ ମହାଭାରତରେ କେତେକ କ୍ଲିଷ୍ଟ ଶବ୍ଦର ବ୍ୟବହାର ମଧ୍ୟ କରି ଅଛନ୍ତି । ସକର୍ମ, ଦର୍ପୁର, ମଘବା, ପୁରୁହୂତ, ଅଶ୍ୱାଧାନ, ସ୍ୱଚନ୍ଦ୍ର, ସହସ୍ରଶାଖୀ, ଗୁଡ଼ିଚର, ମନୀଷା, ଅଶ୍ୱଥ ଇତ୍ୟାଦି ।

ତଦ୍ଭବ-ଶବ୍ଦସୃଷ୍ଟି—

ମୋହପାଶ—ମୁହାଁସ, ଦ୍ରୋହ—ଦୋରେହା, ମଦନ—ମସ୍ତାଣ, କନକ—କଣ୍ଟୁ, ସାଗର—ସାଏର, ଧ୍ୱଜଦଣ୍ଡ—ହିଙ୍ଗୋଳ ଇତ୍ୟାଦି ।

ମହାଭାରତରେ ବହୁ ବିଶୁଦ୍ଧ ଓଡ଼ିଆ ଶବ୍ଦର ବ୍ୟବହାର ଦେଖାଯାଏ । ଅଧାଡ଼ି, ଅଙ୍କୁରି, ଅପାସ, ଅଲଟା, ଉଦ୍ଭୁସ, ଆରବିଲ, ଉତବାଟ, ଉତ୍ତାହେଳ, ଉପଣ୍ଡ, ଚିପଣ୍ଡ, ପଖାଳ, ତଡ଼କ, ଝିଙ୍ଗୁଡ଼ି, ବାରଣ, ବଟଣ୍ଡ, ମେଘ, ଲଟ, ଶମ୍ବଳ, ହାଲହୋଳ, କୁହାହୋଳ, ଖୁରାଣୀ, ଖରୁସାଣି, ଖୁରୋଣି, ଖଡ଼ିଅଲ, କପ୍ତି, କଳସ, ଜନ୍ଧୁ, ଜକୁଣୀ, କେରଣ, କଳାଡ଼ି, ଗୁଆଣି, କାକୁଅଲ, ଗୁଡୁଚିଆ, ପୁଣ୍ଡରି, ଜଡ଼ପ, ପଞ୍ଚୁଶାଳ, ମୁଣ୍ଡକ, ଶୋଲଢ଼, ବିଂହଡ଼ା, ଘଙ୍କୋଡ,

ସୋରଡ଼ା, ଯୋଏଲ୍, ଶାକଠ, ଫରିନ୍ଦ୍ରା, ସୁଅଁଠ ଇତ୍ୟାଦି । ଏଥିରୁ କେତେକ ଶବ୍ଦର ଅର୍ଥ ମଧ୍ୟ ଜାଣିବା ସହଜ ନୁହେଁ ।

## ମାର୍ଜିତ ଶବ୍ଦର ବ୍ୟବହାର:—

ଶାରଳା ଦାସ ସରଳ ଭାଷାରେ ଗାଉଁଲି ଶବ୍ଦ ବ୍ୟବହାର କରି ଯେପରି ବର୍ଣ୍ଣନା କରି ପାରିଛନ୍ତି ମାର୍ଜିତ ଶବ୍ଦ ବ୍ୟବହାର କରି ମଧ୍ୟ ସେହିପରି ସୁନ୍ଦର ବର୍ଣ୍ଣନା କରି ପାରିଛନ୍ତି ।

(କ) ଭୀମ-ଦୁଃଶାସନ ଯୁଦ୍ଧବେଳେ ଦୁଃଶାସନ ଭୀମଙ୍କୁ କହୁଛନ୍ତି—

ଚନ୍ଦ୍ରକୁ ଦେଖି ରାହୁ ଯେସନ ତେଜ ନ ଧରେ
ଭୀମକୁ ଦେଖିଣ ଦୁଃଶା ହୁଏ ସେ ପ୍ରକାରେ ।
ଗିରିବର ପରକାରେ ଦଶଇ ଶରୀର
ଆରେ 'ରେ ପାଣ୍ଡବା ବୋଲି ଡାକେ ଦୁଃଶା ବୀର ।
ବୋଲଇ ଭାଇଙ୍କୁ ମୋର ମାଇଲୁ ରେ ରଣେ
ଜନସ୍ତ ବଧ କଲୁ ରେ କେବଣ କାରଣେ ।
ଏତେ ଦେବେ ପଡ଼ିଲୁ ରେ ଆସି ମୋ ସମ୍ମୁଖ
ତୁମ୍ଭ ମଲେ ତୁଟିବ ରେ ଭାଇଙ୍କର ଶୋକ ।
ତୋହର ମାଉ ଦେବଇ ସେ ଅଙ୍କ ବଣାବଳି
କେତେକ୍ଷ ରହିବ ଜୀବନ୍ତ ତୋହର ବଦନମାଳି । (କର୍ଣ୍ଣପର୍ବ)

ନାରୀରୂପ ବର୍ଣ୍ଣନାରେ କବି ଦକ୍ଷ ସଫଳ ହୋଇଛନ୍ତି । ବହୁ ସ୍ଥାନରେ ଶୃଙ୍ଗାର ସମ୍ଭୋଗର ବର୍ଣ୍ଣନାବାହୁଲ୍ୟ ନାହିଁ କହିଲେ ଚଳେ । ବର୍ଣ୍ଣନା ମଧ୍ୟ ଅନାଡ଼ମ୍ବର ଓ ଭାବପୂର୍ଣ୍ଣ । ସ୍ତ୍ରୀରୂପ ବର୍ଣ୍ଣନାରେ ସେ କେତେକ ସ୍ଥାନରେ ମାର୍ଜିତ ଶବ୍ଦ ବ୍ୟବହାର କରି ଅତି ଚମତ୍କାର ଚିତ୍ର ଫୁଟାଇଛନ୍ତି ।

(୧) ସେ ଧନୁ ଅଗ୍ରସ୍ଥ ନୟନ ତୀକ୍ଷ୍ଣ ବାଣେ
କଟାକ୍ଷେ ବିନ୍ଧିଲେ ପୁରୁଷେ ଟଳନ୍ତି ତତକ୍ଷଣେ ।
ସନ୍ଧ୍ୟାପି ପାଷାଣ ହୋଇବ ବଜ୍ର ଯୋଡ଼ି
ଅପାଙ୍ଗେ ବିନ୍ଧିଲେ ସେ ହେନ୍ତୁ ଯିବ ଫୁଟି ।
ହତ୍ୟା ଅପବାଦକୁ ଭୟ କରି ସେହୁ ବାଳୀ
ତେଣୁକରି ବଦନ ନ ଚାହେଁ ଦେଇ ତୋଳି । (ବ. ପ.)

(୨) କୁଞ୍ଚିତ କେଶ ଏହାର କେତେକ ମନୋହର
ବାହୁରନ୍ତି ସୁଗନ୍ଧ ପାଇ ମଧୁକର ।
ଉପାସିଲା ଚନ୍ଦ ପ୍ରାୟେ ଲଲାଟର ପାଟୀ
ବନ୍ଧୁଲି ତାକରୁ ବନ୍ଧୁ ପ୍ରାୟେ ଓଷ୍ଠ ଫୁଟି ।
ଭ୍ରୂଲତା କନ୍ଦର୍ପ ଧନୁ କଟାକ୍ଷ ତା ବାଣ
ହରିଣେକେ ନେବ ଯୁବାଜନଙ୍କର ପ୍ରାଣ ।
ସୁନ୍ଦର ରକ୍ତିମ ଗାମ କମଳାସୁ ତୋଳା
ପ୍ରେମାବଳୀ ରେଖାରେ ଏ ହାସ୍ୟରେ ଚପଳା ।
ଆରକ୍ତ ନୟନ କି ଦେ ଯଳ ଉତପଳ
କର୍ଣ୍ଣଭ ମାତେ ସୁନ୍ଦିରେ ଚକୋରେ ଧକଳ !
ସୁନ୍ଦାଙ୍କେ ବଦନସୁରେ ଦୂର ଥିବ ଶାନ୍ତି
କଳଙ୍କରେ ପୂର୍ଣ୍ଣମାରେ ବସିଅଛୁ ଦୃଷ୍ଟି । (ବନ)

## ଭୟାନକ ରସବ୍ୟଞ୍ଜକ ଶବ୍ଦର ବ୍ୟବହାର:—

ଯୁଦ୍ଧ ବର୍ଣ୍ଣନାରେ ଶାରଳା ଦାସ ଭୟାନକ ରସବ୍ୟଞ୍ଜକ ଶବ୍ଦ ପ୍ରୟୋଗ କରି ବର୍ଣ୍ଣନାକୁ ଅତି ଜୀବନ୍ତ କରିପାରିଛନ୍ତି । ରାମ-କୁମ୍ଭକର୍ଣ୍ଣ ଯୁଦ୍ଧର ବର୍ଣ୍ଣନା ପାଠ କଲେ ସମସ୍ତ ଚିତ୍ର ଆଖିଆଗରେ ଠିଆ ହୋଇଗଲା ଭଳି ଜଣାଯାଏ ।

ଉତ୍ତମ ସିଂହକୁ ଜିଣି ଦୁଇ ମହାବଳ
କ୍ରୋଧେ ପିଟାପିଟି ହେଲେ ଠିଆ ହୋଇ ତଳ ।
ଅଧରେ ଦଶନ ଚାପି ବେଢ଼େଇକାର ଭର
ଦୁହେଁ ଧସ୍ତାଧସ୍ତି ହୋଇ ହେଲେ ମସ୍ତମସ୍ତ !
ଦୁହେଁ ଦୁହିଁଙ୍କର ଚୁଣ୍ଡା ଧରନ୍ତି ଆନନ୍ଦେ
ଦୁଇ ଲକ୍ଷଣସୁ ପାଞ୍ଚ ପୁତେ ପଞ୍ଚ ଶୁଣ୍ଡ ।
ପୃଥ୍ୱୀ ଦୁଇ ଜଣ ଅଧି ମୁଣ୍ଡେ ମୁଣ୍ଡ ଲଢ଼ି
ଧସ୍ତାଧସ୍ତି ହୋଇ କରି ପାନ୍ତ ଗଡ଼ାଗଡ଼ି । X X

ପଦାଘାତେ ପଡ଼ିଗଲେ କର୍ଣ୍ଣ ତନୟର
ଦୁଇ ବୀର ଗଦା ଧରି କରନ୍ତି ସମର
ଛୁଟନ୍ତି ପଡ଼ନ୍ତି ପୁଣି ଉଠନ୍ତି ମଞ୍ଚରେ
ପୃଥ୍ୱୀ କମ୍ପେ ଦୁହିଙ୍କ ଗଦା ଆଘାତରେ । × ×
ଦୁଃଶାସନ ଶୂନ୍ୟ ହସ୍ତେ ଆସିଲା କୋଳଭିଡ଼ି
ପୁଣି ବଥା ଯୁଦ୍ଧରେ ହେଲେ ପିଟାପିଟି ।
ଛାତିକି ଛାତି ଲଗାଇ ଘୁଞ୍ଚିଯାନ୍ତି ପୁଣି
ହାତ ଧରାଧରି ହୋଇ ହୋନ୍ତି ଟଣାଟଣି ।
ଭୁଜକୁ ଭୁଜରେ ଛନ୍ଦି ମୁଷ୍ଟି ମୁଣ୍ଡ ପିଟି
ପୁଣି କେହୁ ପଡ଼ିଯାଇ ଉଠିଲେ ଯାଏ ଲେଉଟି । ×
ଭିଡ଼ାଭିଡ଼ି ପଡ଼ାପଡ଼ି ହୋଇ ଦେହ ବୀର
ଲୋମକୂପରୁ ରକତ ବହେ ଝର ଝର
କେହୁ କାହା ଜାନୁତଳେ ଘୃଷି ଦିଏ ମୁଣ୍ଡ
କେ କଟେ ବିଦାରି କରେ ଖଣ୍ଡ ଖଣ୍ଡ । × (କର୍ଣ୍ଣ)

**ଶବ୍ଦାଳଙ୍କାର:**—ଶାରଳାଦାସଙ୍କ ମହାଭାରତରେ ଶବ୍ଦାଳଙ୍କାରର ବ୍ୟବହାର ଦେଖାଯାଏ ନାହିଁ । ଏହା ସତ୍ତ୍ୱେ ତାଙ୍କର ବର୍ଣ୍ଣନା ଅନେକ ମାଧୁର୍ଯ୍ୟ ଯୋଗୁଁ ମନକୁ ମୁଗ୍ଧ କରିଦିଏ । କେତେକ ଉପମା ସେ ବଡ଼ ସୁନ୍ଦର ଭାବରେ ବ୍ୟବହାର କରିଛନ୍ତି ।

(କ) ମନ୍ଦର ମାତ୍ର ଯେସନ୍ତେ ବଳିଲ ଭ୍ରମନ୍ତି
ସେହିରୂପେ ଭୀମ ବହୁଦଳେ ଧରିଲ ଦୈତ୍ୟ । (ବ. ପ.)

(ଖ) ନାରଦ ବଚନ ଶୁଣି ଅସୁର କଲା କୋପ
ଯଷ୍ଟି ପ୍ରହାରରେ ଯେସନ୍ତେ ଗର୍ଜଇ କାଳସର୍ପ । (ଅଶ୍ୱ. ପର୍ବ)

(ଗ) କନ୍ଦର୍ପପୁର ବଳରାମ ହେଲେ ଏକ ଜନ,
ମେରୁ ମନ୍ଦର ପ୍ରାୟେ ସମରେ ଧରନ୍ତି । (ଅଶ୍ୱ. ପର୍ବ)

(ଘ) ଯେସନେ ବଡ଼ି ପାଣି ବାନ୍ଧିଲେ ରହଇ,
ସେହିରୂପେ ଅସୁରେ ରହିବେ ଦୂର ହୋଇ । (ଅଶ୍ୱ. ପର୍ବ)

(ଟ) ବୃକ୍ଷକୁ ଟିକିଲେ ଯେସା ପଡ଼େ ପକ୍ୱଫଳ,
ନାରାଚେ କବନ୍ଧ ଛୁଞ୍ଚି ପଡ଼େ ବହୁତ୍ତଳ । (ଦ୍ରୋ. ପ.)

(ଠ) ଯେହ୍ନେକ ପିଲ୍ଲମାନେ ଫିଙ୍ଗନ୍ତି ଢେଲା,
ସେ ରଥକୁ ଫିଙ୍ଗିଦେଲା ପବନର ବଳା । (ଦ୍ରୋ. ପ.)

(ଡ) ରଣାଣ ଶିରରେ ତାର ଲଗିଅଛି କଳା,
ଜଣଷ୍ଟ ପର୍ବତେ କି ବର୍ଷିଲା ମେଘମାଳା । (ବି. ପ.)

(ଢ) ବଣା ଭଙ୍ଗେ ପଶିଏ ପଲାନ୍ତି ଯେସନ୍ତ ଡରେ,
ସେ ରଙ୍ଗ ନ ପାରିଲେ ନନ୍ଦଘୋଷ ଛାମୁରେ । (ଦ୍ରୋ. ପ.)

**ନାମ ବ୍ୟୁତ୍ପତ୍ତି:**—ମହାଭାରତରେ ଶାରଳା ଦାସ ଅନେକ ନଗର, ନଦୀ ଓ ପ୍ରଧାନ ପୁରୁଷ ପ୍ରକୃତଙ୍କର ନାମର ବ୍ୟୁତ୍ପତ୍ତି ପ୍ରସଙ୍ଗକ୍ରମରେ ଦେଇଅଛନ୍ତି । ଏଥିରୁ କେତେଗୁଡ଼ିଏ ମୂଳ ସଂସ୍କୃତ ଗ୍ରନ୍ଥର ଅନୁରୂପ ହୋଇଛି । ଆଉ କେତେ ଏକାବେଳକେ ସ୍ୱତନ୍ତ୍ର ଆକାର ଧାରଣ କରିଛି ।

(୧) ସଂସ୍କୃତ ପୁରାଣ ଅନୁରୂପ କେତୋଟି ବ୍ୟୁତ୍ପତ୍ତି:—

(କ) ମହାଭାରତ—ଦେବତାମାନେ ଏ ଗ୍ରନ୍ଥର ମର୍ଯ୍ୟାଦା ଜାଣିବାପାଇଁ ତୁଳାଦଣ୍ଡର ଏକପାର୍ଶ୍ୱରେ ସବୁ ପୁରାଣ, ବେଦ, ଶାସ୍ତ୍ର ପ୍ରଭୃତିଙ୍କୁ ରଖିଲେ ଏବଂ ଅପର ପାର୍ଶ୍ୱରେ ଏ ଗ୍ରନ୍ଥକୁ ରଖିଲେ । ଓଜନରେ ଏ ଗ୍ରନ୍ଥଟି ବେଶି ହେବାରୁ ଏହାକୁ 'ମହାଭାରତ' ନାମ ଦେଲେ । ଶାରଳା ଦାସ 'ମହାଭାରତ'ର ନାମକରଣ ମୂଳ ଗ୍ରନ୍ଥର ଅନୁରୂପ ରଖିଛନ୍ତି ।

(ଖ) ଭାରତଖଣ୍ଡ—ଦୁଷ୍ମନ୍ତର ଭରତ ନାମେ ପୁତ୍ର ଜନ୍ମିଲା
ତେଣୁ ଜମ୍ବୁ ଭରତଖଣ୍ଡ ମେଦିନୀର ନାମ ହୋଇଲା । (ଆ. ପ.)

(ଗ) ଖାଣ୍ଡବ—ଖଣ୍ଡନ କରିଣ ସେଣୁ ଲଗାଇଲେ ବୃକ୍ଷ
ଖାଣ୍ଡବ ବନ ନାମ ହେଲାଟି ପ୍ରତ୍ୟକ୍ଷ । (ମ. ପ.)

(ଘ) ନାରାୟଣ—ନରର ଅଗ୍ରଜ ବୋଲି ନାମ ନାରାୟଣ । (ବ. ପ.)

(ଙ) ଜଳଦଣ୍ଡ—ଯୌଗିକେଁ ହୃତାରଣେ ପାର ଖଣ୍ଡ ତ୍ରି କାଳକୁ
ତେଣୁ ବୋଲାଇଲୁ ସୁ ନାମ ଜଳଦଣ୍ଡ । (ଅ. ପ.)

(ଚ) ଜନାର୍ଦ୍ଦନ—ଦୈତ୍ୟପାଳ ସଦାର୍ଦ୍ଦନେ ନାମ ଜନାର୍ଦ୍ଦନ (ବି. ପ.)

(ଛ) ବିରଜା—ତାହୁଁ ସଞ୍ଚାରେ ଜଗତ ହୋଇଲୁ ଯେଉଁ ସ୍ଥାନି

ଦେଖ ମୁକୁଳା ହୃଲଗ୍ନ ନାରଦ ଯେ ଋଷୀ

ବୋଲେ ତାହାଙ୍କୁ ମୁଁ ନ ଦେଖଇ ଶରୀ ମୋହିଁ ।

× × ×

ତେଣୁ ବିରଜା ନାମଟି ଦେଲେ ସ୍ଵଜନ । (ବି. ପ.)

(୨) କବିଙ୍କ କେତୋଟି ସ୍ଵତନ୍ତ୍ର ବ୍ୟୁତ୍ପତ୍ତି:—ନିମ୍ନଲିଖିତ ବ୍ୟୁତ୍ପତ୍ତିଗୁଡ଼ିକ ସ୍ଵତନ୍ତ୍ର ବୋଧ ହେଉଛି ।

(କ) ଓଡ଼ିଶା—ମହାରାଜା ଯଯାତି ନଅଟି ଦେଶକୁ ନଅଟି କନ୍ୟା ବିବାହ କଲେ । ଯଥା—

ଯଯାତିରୁ ପୃଥ୍ଵୀର ନବଖଣ୍ଡ କଲେ,
ନବଖଣ୍ଡ ମେଦିନୀ ନବ ପୁତ୍ରଙ୍କୁ ଦେଲେ ।
ରାଜାର ଜ୍ୟେଷ୍ଠ ପୁତ୍ର ନାମ ପୁରୁ ନୃପତି,
ଓଡ଼ିଶୀ ସୁନ୍ଦରୀ ତାର ଅଟଇ ଯୁବତି ।
ମାତାଙ୍କର ନାମ ଯେ ଓଡ଼ରାଷ୍ଟ୍ର ମଣ୍ଡଳେ,
ତେଣୁ ଓଡ଼ିଶାକୁ ଓଡ଼ରାଷ୍ଟ୍ର ଯେ ବୋଲାଇଲେ । (ଅ. ପ.)

(ଖ) କୋଣାର୍କ—ପୃଥ୍ଵୀର ଅଗ୍ନି କୋଣେ ଦୈତ୍ୟଙ୍କୁ ସେ ମାରି
କୋଣାର୍କ ତୀର୍ଥ କଲେ ନାମ ଅନୁସାରି । (ସ୍ଵ. ପ.)
ଅର୍କ ଦୈତ୍ୟଙ୍କୁ ମାରି ବସିଲେ ବରଣି
ଏ ହେତୁ କୋଣାର୍କ ନାମ ଏବେ ଅଛି । (ବି. ପ.)

(୩) କେତେକ ସ୍ଵକଳ୍ପିତ ବ୍ୟୁତ୍ପତ୍ତି:—

(କ) ପଣ୍ଡା—ପଣ୍ଡିତ ରାଜାଙ୍କୁ ଶାରଳା ଦାସ ପଣ୍ଡା ବୋଲି ଲେଖିଛନ୍ତି ।

ମୃତ୍ୟୁ ପିଣ୍ଡ ଜାଅନ୍ତେ ସୋମବଂଶ ରକ୍ଷା କଲେ
ପଣ୍ଡାରେ ତାହାର ପଣ୍ଡା ନାମ ଦେଲେ । (ଶାନ୍ତି. ପର୍ବ)

କିନ୍ତୁ ସଂସ୍କୃତ ମହାଭାରତରେ ଅଛି—ପଣ୍ଡାପୀଡଶା କୁଚେଲ ଜାତେଶ ଭବନ୍ତ୍ଵଂ ପଣ୍ଡିତାମେତ ।

(ଖ) କର୍ଣ୍ଣ—କର୍ଣ୍ଣବାଟେ ସେ ପୁତ୍ର ହୋଇଲେ ମୋର ଜାତ
କର୍ଣ୍ଣ ନାମ ଦେଲେ ତାର ଦେବ ସେ ଆଦିତ୍ୟ । (ଆ: ପ:)

ସଂସ୍କୃତ ମହାଭାରତରେ ବନପର୍ବରେ ଅଛି—

ଉତ୍କୃତ୍ତ୍ୱା କବଚଂ ଦିବ୍ୟ ମଙ୍ଗାତ୍ତୁ
ତଦୈବାସ୍ମୈ ପ୍ରଦଦୌ ବାସବାୟ
ତଥୋତ୍କୃତ୍ୟ ପ୍ରଦଦୌ କୁଣ୍ଡଳେ ତେ
କର୍ଣ୍ଣାତ୍ତୁ ତସ୍ମାତ୍ତୁ କର୍ମଣା ତେନ କର୍ଣ୍ଣଃ ।

ସଦ୍ୟୋଜାତ ମାତ୍ରେ କର୍ଣ୍ଣ ଜନ୍ମଗ୍ରହଣ କରିଥିଲେ । ତାଙ୍କର ସହଜ କୁଣ୍ଡଳ ଥିଲା ଏବଂ ସେ ତାକୁ କର୍ଣ୍ଣରୁ ବାହାର କରି ଇନ୍ଦ୍ରଙ୍କୁ ଦେଇଥିଲେ । ଏହି ହେତୁ ତାଙ୍କର ନାମ କର୍ଣ୍ଣ ହୋଇଥିଲା ।

(ଗ) ପାଣ୍ଡବ—ପାଣ୍ଡବାସୁରକୁ ଯହୁଁ ପାଣ୍ଡବେ ବଧିଲେ,
ତେଣୁ ସେ ପାଣ୍ଡବ ନାମ ପାଇଲେହେଁ କହିଲେ । (ଆ: ପ:)

ସଂସ୍କୃତରେ ପାଣ୍ଡୁଙ୍କ ପୁତ୍ର—ପାଣ୍ଡବ ।

(ଘ) ଯୁଧିଷ୍ଠିର—ମହା ବଳବନ୍ତ ଏବାସରେ ଛନ୍ତି ଧର୍ମ
ଏ ନ୍ୟାୟେ ଦେଲେ ଯୁଧିଷ୍ଠିର ନାମ । (ଆ: ପ:)

ସଂସ୍କୃତରେ—ଯୁଦ୍ଧରେ ସ୍ଥିର ଥିବାରୁ ଯୁଧିଷ୍ଠିର ନାମ ହେଲା ।

(ଙ) ନକୁଳ—ବନ ନଦୀକୂଳରେ କୁମର ଉପୁଜିଲା
ତେଣୁକରି ମହାତ୍ମା ନକୁଳ ନାମ ଦେଲା । (ଆ: ପ:)

ସଂସ୍କୃତରେ—କୁଳେ ନାସ୍ତି ସମୋରୂପେ ଯସ୍ୟୋଽସୌ ନକୁଳ ସ୍ମୃତଃ । (ବା:ପ:)

(ଚ) ଚନ୍ଦ୍ରଭାଗା—ଚନ୍ଦ୍ରଭାଗା ବାଲୁରେ ଅନେକ ଅଛି ଗୁଣ,
ନିତ୍ୟ କହିଲେ ଭୋଗିବେ ପଢ଼ିଲି ବ୍ରାହ୍ମଣ । (ଆ: ପ:)

ଏପରି କେତେକ ବ୍ୟୁତ୍ପତ୍ତି ମୂଳ ସଂସ୍କୃତ ଅମେଳ ହେଉଛି । ସ୍ଥଳ ବିଶେଷରେ ଅସଙ୍ଗତ ମଧ୍ୟ ବୋଧ ହେଉଛି ।

**କବିଙ୍କ ବିବିଧ ବିଦ୍ୟାରେ ପ୍ରବେଶ:—**

**ଜ୍ୟୋତିଷଶାସ୍ତ୍ରରେ ପ୍ରବେଶ**—ମହାଭାରତର ଅନେକ ସ୍ଥାନରେ ଶାରଳା ଦାସ ଜ୍ୟୋତିଷ ଜ୍ଞାନ ଦେଖାଇଛନ୍ତି । ମୂଳ ଗ୍ରନ୍ଥରେ

ସେଥିପାଇଁ ଜ୍ୟୋତିଷ ବିଷୟ ଉପଯୋଗରୁ ସାରଳା ଦାସ ସେଗୁଡ଼ିକର ଅନୁବାଦ କରି ନାହାନ୍ତି । ସେ ଯାହା ଲେଖିଛନ୍ତି ତାହା ମୂଳଗ୍ରନ୍ଥର ଅନୁରୂପ ନ ହେଲେ ମଧ୍ୟ ଅଯଥାର୍ଥ ହୋଇନାହିଁ ।

(କ) ବରୁଣଙ୍କ ଅଗ୍ରତେ ଜଳାଧି ମନ୍ତ୍ରୀ କହିଲା
ପ୍ରଥମେ ଅଶ୍ୱିନୀ ନକ୍ଷତ୍ର ଆଦ୍ୟ ଚଣ୍ଡ ପାଇଲା ।
ଧନରେ ଛତ୍ରପତି ହୋଇଲଟି ଶରେଧ ଭୂଞ୍ଜୁ
ପ୍ରଥମେ ଚଣ୍ଡ ଉତ୍ପନ୍ନଲା ତୋଳ ବରୁଣକୁ ।
ବରଷେ ଉତ୍ପନ୍ନଲା ପିତାକୁ ଶରେଧିକା
ବୃଷେ ଉତ୍ପନ୍ନଲେ ମାତାଙ୍କୁ ଲଗନ୍ତା ଶାସ୍ତ୍ରେ କହିଲା । (ମଧ୍ୟ)

(ଖ) ଭୂଭଦ୍ର ମଧ୍ୟେ ସେତେବ ଉପୁଜଇ ସନ୍ତତି
ସେ ପୁତ୍ର ନାଶ ଯାଏ ଜାତ ତତ୍‌କ୍ଷଣେନ୍ତି ।
ମଘା ନକ୍ଷତ୍ରର ଆଦ୍ୟ ଯେଉଁ ଦୁଇ ଦଣ୍ଡ
ଏଥେ ଜନମ ହେଲେ ବରଷେ ପାଇ ଦଣ୍ଡ । ଇତ୍ୟାଦି । (ବନ)

ଫଳିତ ଜ୍ୟୋତିଷ, ମୁହୂର୍ତ୍ତ (ଯାତ୍ରାଯୋଗ, ତିଥିବାର, ଲଗ୍ନ) ପ୍ରଭୃତି ବିଷୟ ବହୁସ୍ଥାନରେ ସାରଳା ଦାସ ମହାଭାରତରେ ଲେଖିଛନ୍ତି ।

**ବୈଦିକ କର୍ମକାଣ୍ଡର ପ୍ରବେଶ**:—ମହାଭାରତରେ ଜନ୍ମୋତ୍ସବ, ନାମକରଣ, ବିବାହୋତ୍ସବ, ଯଜ୍ଞଦାନାଦି ବହୁ ବିଷୟ ସ୍ଥଳ-ବିଶେଷରେ କହି ଲେଖିଛନ୍ତି । ସେଗୁଡ଼ିକ ବହୁ ଅଂଶରେ ବୈଦିକ କର୍ମକାଣ୍ଡର ଅନୁରୂପ ହୋଇଅଛି । ଏସବୁ ବିଷୟରେ ସେ ମୂଳଗ୍ରନ୍ଥର ଅନ୍ଧେ ଅନୁସରଣ କରି ନାହାନ୍ତି ।

**ଭୂତବିଦ୍ୟା**:—ସାରଳା ଦାସ ଭୂତବିଦ୍ୟାର କେତେକ ବିଷୟ ମହାଭାରତରେ ଲେଖିଛନ୍ତି । ଜଳୁକ ବିଦ୍ୟା ସାହାଯ୍ୟରେ ଅର୍ଜ୍ଜୁନ ସୁଭଦ୍ରାଙ୍କ ପ୍ରକୋଷ୍ଠରେ ପ୍ରବେଶ କରିଥିଲେ । ଦ୍ରୌପଦୀ ଏହି ବିଦ୍ୟା ସାହାଯ୍ୟରେ କୀଚକର ଅତ୍ୟାଚାର ଜଣାଇବାକୁ ରାତିରେ ଯୁଧିଷ୍ଠିରଙ୍କ ପାଖକୁ ଯାଇଥିଲେ ବୋଲି ସାରଳା ଦାସ ଲେଖିଛନ୍ତି । ମୂଳଗ୍ରନ୍ଥରେ ଏସବୁର ବର୍ଣ୍ଣନା ନାହିଁ । ହ୍ରଦପ୍ରବେଶ ପର୍ବରେ ଦୁର୍ଯ୍ୟୋଧନ-ହନୁମନ୍ତ ସମ୍ବାଦରେ ଭୂତବିଦ୍ୟା ବିଷୟ ବହୁଭାବରେ ବର୍ଣ୍ଣନା କରିଅଛନ୍ତି ।

**ଗାରୁଡ଼ ବିଦ୍ୟା:**—ଗାରୁଡ଼ବିଦ୍ୟାରେ ମଧ୍ୟ କବିଙ୍କର ଯଥେଷ୍ଟ ଜ୍ଞାନ ଥିବାର ପ୍ରମାଣ ତାଙ୍କ ମହାଭାରତରୁ ମିଳେ ।

**ଉତ୍କଳ ଦେଶର ବିବିଧ ବର୍ଣ୍ଣନା:**—ଶାରଳା ଦାସ ଉତ୍କଳର ବହୁ ପ୍ରାଚୀନ ତୀର୍ଥ ଓ ପ୍ରସିଦ୍ଧ ସ୍ଥାନମାନଙ୍କର ବିଷୟ ମହାଭାରତରେ ବର୍ଣ୍ଣନା କରିଛନ୍ତି । ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ସେ ଯେଉଁ କିମ୍ବଦନ୍ତୀ ଦେଇଛନ୍ତି ତାହା ଅଦ୍ୟାପି ଲୋକମୁଖରେ ପ୍ରଚଳିତ ଅଛି । ପରବର୍ତ୍ତୀ ଯୁଗରେ ରାମାୟଣ ଲେଖକ ଶ୍ରୀ ବଳରାମ ଦାସ ପ୍ରଭୃତି ଶାରଳାଦାସଙ୍କ ଦ୍ୱାରା ପ୍ରଚାରିତ କିମ୍ବଦନ୍ତୀକୁ ଆଶ୍ରୟ କରି କାବ୍ୟ କବିତା ଲେଖି ଯାଇଅଛନ୍ତି । କୋଣାର୍କ, ଯାଜପୁର, ଖିଦରପୁର, ବଙ୍କଡ଼, ଏକାମ୍ର ପ୍ରଭୃତି ବହୁତ ସ୍ଥାନର ବର୍ଣ୍ଣନା କରିଅଛନ୍ତି । ସୁବିଧା ପାଇବା ମାତ୍ରେ ସେ ଉତ୍କଳର ପ୍ରଧାନ ସ୍ଥାନମାନଙ୍କର ବର୍ଣ୍ଣନା ଦେବାରେ କୁଣ୍ଠାବୋଧ କରି ନାହାନ୍ତି । ପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥ ଦେବଙ୍କ ବର୍ଣ୍ଣନା ବହୁ ସ୍ଥାନରେ ଅଛି । ଶାରଳାଦାସଙ୍କ ଉତ୍କଳର ବହୁଳ ବର୍ଣ୍ଣନାରୁ ତାଙ୍କର ସ୍ୱଦେଶ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଥିବା ଜଣାଯାଏ ।

**ନୀତିବାକ୍ୟ:**—ଶାରଳାଦାସଙ୍କ ମହାଭାରତରେ ମୂଳ ସଂସ୍କୃତ ଗ୍ରନ୍ଥର ନୀତିବାକ୍ୟ-ବିନ୍ୟାସ ଦେଖାଯାଏ ନାହିଁ । ବ୍ୟାସଦେବଙ୍କ ମହାଭାରତ ନୀତିଶାସ୍ତ୍ରର ଏକ ଅପୂର୍ବ ପାରାବାର । କିନ୍ତୁ ଶାରଳା ଦାସ ତାଙ୍କ ଗ୍ରନ୍ଥରେ ସେତେ ନୀତିବାକ୍ୟ ଦେଇ ନାହାନ୍ତି । ତା ସତ୍ତ୍ୱେ ତାଙ୍କ ଗ୍ରନ୍ଥରେ ଯେଉଁସବୁ ନୀତିବାକ୍ୟ ଦେଖାଯାଏ ତାହା ଯେ ଅତି ହୃଦୟସ୍ପର୍ଶୀ ଓ ମନୋହର ହୋଇଛି, ଏଥିରେ ସନ୍ଦେହ ନାହିଁ । କେତୋଟି ଉଦାହରଣ ଦିଆଗଲା ।

ସତ୍‌ମାର୍ଗ—ବାବୁ, ବିଷ ଅମୃତ ଯେ ଜିହ୍ୱାଅଗ୍ରେ ଥାଇ
ସଦ୍‌ବୁଦ୍ଧି ଥାଇ କି ଅସତ୍ ମାର୍ଗେ ଯାଇ ।
ବାବୁ ଧର୍ମ ଅଂଶେ ଥିଲେ ହେ ମାନବଲୋକଙ୍କ
କଦାଚିତେ ପ୍ରାଣୀଙ୍କି ନ ପଡ଼ଇ ପରମାଦ । (ବି. ପ.)

ଧର୍ମଗତ-ରାଜ୍ୟଶାସନ—
ରାଜ୍ୟ କର ବାବୁ ଏବେ ଧର୍ମ ପ୍ରତିପାଳି
ଅଧର୍ମ କଲେ ସମ୍ଭବ ନାହିଁ ମହୀସ୍ଥଳୀ ।

ଏମନ୍ତ ପ୍ରଜା ପାଳିବୁ ଯୋଡ଼ିବେ ଯେ ନୃପମଣି,
ପ୍ରଜାଙ୍କ ସୁଖରେ ଦିନେ ରାଜା ହୁଏ ସୁଖୀ ।
ନ୍ୟାୟେ ପ୍ରଜାଙ୍କୁ ପାଳିଲେ ଇନ୍ଦ୍ର କରେ ବୃଷ୍ଟି
ରାଜାର ପାଳନେ ଦିନେ ରକ୍ଷା ହୁଏ ସୃଷ୍ଟି ।
ଦୋଷାଦୋଷ ବିଚାରିଣ ଦଣ୍ଡ ଦେଉଥିବୁ
ଦେଖି ତାହା ତୋଷ ହେବେ ପ୍ରଜାଏ ସବୁ ବାବୁ ।

(ଶାନ୍ତିପର୍ବ)

ନୀର ଅଧ୍ୟାୟ, ପ୍ରଜା ପାଳନ, ନ୍ୟାୟ ବିଚାର ପ୍ରଭୃତି ବିଷୟରେ ଭାରତୀୟ ପରମ୍ପରା-ସମର୍ଥିତ ବିଧିଗୁଡ଼ିକୁ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି । ପ୍ରଜାଙ୍କ ସୁଖହିଁ ପ୍ରଜାପାଳନର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଏହି ପ୍ରଜାପାଳନ ସୂକ୍ଷ୍ମ ଧର୍ମରେ ପ୍ରତିଷ୍ଠିତ ହେବା ଉଚିତ ବୋଲି ସେ କହିଛନ୍ତି । ଦଣ୍ଡନୀତିରେ ମଧ୍ୟ ପକ୍ଷପାତିତା ଓ ବଳୀ ବିଚାରକୁ ସେ ସ୍ଥାନ ଦେଇନାହାନ୍ତି । ଦୋଷାଦୋଷ ବିଚାର କରି ଦଣ୍ଡବିଧାନ କଲେ ପ୍ରଜାଏ ସନ୍ତୁଷ୍ଟ ରହିବେ । ଏହି ପ୍ରଜାରଞ୍ଜନ ହିଁ ଶାସନର ମୂଳ ଉଦ୍ଦେଶ୍ୟ । ଦେବତା, ବ୍ରାହ୍ମଣ, ପଣ୍ଡିତ ପ୍ରଭୃତିଙ୍କୁ ଭକ୍ତି କରିବା ପାଇଁ ସେ ଶତ୍ରୁଙ୍କ ମୁଖରେ କୁହାଇଛନ୍ତି । ଶବ୍ଦନିର୍ମଳ ଓ ଜ୍ଞାନବୃଦ୍ଧି ପାଇଁ ପଣ୍ଡିତମାନଙ୍କ ମୁଖରୁ ପୁରାଣ ଶୁଣିବାକୁ କହିଛନ୍ତି । ରାଜା ସବୁବେଳେ ନିଜକୁ ନିରାପଦ ମନେ କରିବା ଉଚିତ ନୁହେଁ । ପାରିଧିକୁ ଗଲେ ଏକାକୀ ନ ଯିବାପାଇଁ ସେ ରାଜାଙ୍କୁ ମନା କରିଛନ୍ତି । ରାଜ୍ୟଶାସନର ଅବସ୍ଥା ବୁଝିବା ପାଇଁ ଦୂତ ଚର ବା ଗୁପ୍ତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ପରଦ୍ରବ୍ୟ ବଳେ ହରଣ ନ କରିବ, ଶରଣାର୍ଥୀକୁ ଯତ୍ନମନ୍ତ୍ରେ ରକ୍ଷା କରିବ, କୃଷିଜୀବୀ ଲୋକଙ୍କଠାରୁ ଧନ ନ ଦଣ୍ଡିବ, ଗୋଚର ପାଇଁ ବହୁ ସ୍ଥାନ ଛାଡ଼ିବ, . ଏପରି ଅନେକ ବିଷୟରେ ଉପଦେଶ ଦେଇଛନ୍ତି । ଏହି ରାଜନୀତି ଯେ ଉଚ୍ଚକୋଟୀର ଏଥିରେ ସନ୍ଦେହ ନାହିଁ । ରାଜା ଗୁଣୀଗଣ ଓ କବିମାନଙ୍କୁ ପୂଜା କରୁଥିବା ନିମନ୍ତେ ଉପଦେଶ ମଧ୍ୟ ଦିଆଯାଇଛି ।

ଗୁଣୀଗଣ ଜାଣି ବାବୁ କରୁଥିବୁ ପୂଜା
କବିମାନଙ୍କୁ କୃପଣ ନ ହୋଇବୁ ରାଜା । (ଶାନ୍ତିପର୍ବ)

ଚକ୍ରବର୍ତ୍ତୀ ଦୁର୍ଯ୍ୟୋଧନ ଛପନକୋଟୀର ଶାସକ ଥିଲେ । ତାଙ୍କର ରାଜ୍ୟ-ଶାସନର ନମୁନା ଏହିପରି ଥିଲା—

(ବାଟିକେ ରାମଚନ୍ଦ୍ର ଯା ନେଉଥିଲେ କର
ତେତେକ କର ବାନ୍ଧିଲେ କୁରୁ ନୃପବର ।
ଗୋଚର ଗୋ-ବଣ୍ଡା ଛାଡ଼ି ଛଟିଆ ଯେ ଭୂମି
ତହିଁରୁ କର ଆଦାୟ କଲେ ଦେବ ସ୍ୱାମୀ ।
ଆନ ଜାତିଙ୍କର କର ଛାଡ଼ି ପରଜାଙ୍କୁ
ଭିଆଣ ନଳ ବନ୍ଧନ ଭଣ୍ଡାରୁ ଦେବାକୁ ।)
ଏ ଅଧି ଭିଆଣ କଲେ ଛତିଶ ମଣ୍ଡଳେ
ଦେବ ବ୍ରାହ୍ମଣଙ୍କୁ କର-ଛାଡ଼ ସର୍ବ କାଳେ ।
ନିଯୋଗ ଭୂମିକୁ ଛାଡ଼ି ଦେଲେ ଦେବଙ୍କୁ
ଯଯାତି ଯାକ୍ତି ପ୍ରମାଣେ ପାଳିଲେ ପ୍ରଜାଙ୍କୁ । (ଆଦିପର୍ବ)

ଉତ୍ତର ଭୂ-ରାଜସ୍ୱର ପରିମାଣ ମଧ୍ୟ କବି ନିର୍ଣ୍ଣୟ କରିଛନ୍ତି । ବଂଶ ଖାତରେ ଏକ ବାଟି, ପଚଶ ଗୁଣ୍ଠରେ ଏକ ମାଣ, ଦୋଳିଏ ମାଣରେ ଏକ ବାଟି, ଏକ ବାଟି ଉପରେ ଏକ ତଙ୍କା ଶସ୍ତା ଆଦାୟ କଲେ ରାଜାଙ୍କୁ ପ୍ରଜାମାନେ ଆଶୀର୍ବାଦ କରିବେ (ଶାନ୍ତିପର୍ବ) । ଏଥିରୁ ଜଣାଯାଉଛି ଶାରଳା ଦାସଙ୍କ ବହୁପୂର୍ବରୁ ଉତ୍କଳ ରାଜା ଯଯାତି ମାଦଳାପାଞ୍ଜି ଭିଆଣ କରିଥିଲେ ବୋଲି ଯେଉଁ ଜନଶ୍ରୁତି ପ୍ରଚଳିତ ଅଛି, ଶାରଳାଦାସଙ୍କ ସମୟରେ ମଧ୍ୟ ସେହି ଜନଶ୍ରୁତି କଥାମାନ ଥିବାରୁ ସେ ତାହାକୁ ଲିପିବଦ୍ଧ କରିଥିବା ଅନୁମାନ ହୁଏ । "ଯଯାତି ମାଦଳା"ରେ ପ୍ରଜାପାଳନ ସମ୍ବନ୍ଧରେ ନୀତି ନିର୍ଦ୍ଧାରିତ ହୋଇଥିବା କଥା ଏଥିରୁ ଜଣାଯାଏ ଏବଂ ଏହି ନୀତିକୁ ଭିତ୍ତି କରି ଉତ୍କଳର ରାଜାମାନେ ତାହାକୁ ଅନୁସରଣ କରୁଥିଲେ । ଦୁର୍ଯ୍ୟୋଧନଙ୍କ ବହୁପୂର୍ବର ରାଜା ସୁଶାସନପ୍ରିୟ ଯଯାତିଙ୍କ କଥାକୁ ଯେ କବି ଏଠାରେ ଲକ୍ଷ୍ୟ କରିଥିଲେ ମଧ୍ୟ ଏଠାରେ ଉତ୍କଳ ଯଯାତିଙ୍କ 'ଯାକ୍ତି'ର ସୂଚନା ମିଳୁଥିବା ଅନୁମାନ ହୁଏ ।

ବନ୍ଧୁରେ ଖଳ:—ଏକା ଗୁରୁଙ୍କେ ଅନେକ ବିଦ୍ୟା ଶିଖି ଥାନ୍ତି
ଏକା ମହୌଷଧି ଯେସନ୍ତେ ନାଶ କରେ ବ୍ୟାଧି ।
ଅପାରେ ସ୍ୱଜନ ଗଢେ଼ ନ ବର୍ତ୍ତିଲ ଶ୍ରେଣୀ
ଅପାର ଅନ୍ନ ଖାଇଲେ ନ ତୁଟଇ ଯୋଗୀ ।
ଅପାର ଭୁକ୍ତିରେ କାଷ୍ଠ ନାହିଁ ହୁଏ ଦାଉ
ଅପାର ମଣ୍ଡ ଯେଜନେ ତୁଟଇ ଅଙ୍କଣା ।
ଅପାର ତ୍ରିଷ ହରିଲେ ଅଂଶୁ ଖଣ୍ଡ ଯାଇ
ଅପାର ଧ୍ୱଂସରେ ଦେହ ପତନ ହୁଅଇ । ଇତ୍ୟାଦି । (ଆ.ପ.)

ଘର୍ଣ୍ଣା:—ଧୃତରାଷ୍ଟ୍ର ରାଜସିଂହାସନର ଦାବୀ ପରିତ୍ୟାଗ କରି କନିଷ୍ଠ ଭ୍ରାତା ପାଣ୍ଡୁଙ୍କୁ ରାଜା କଲେ । କାଳକ୍ରମେ ପାଣ୍ଡୁ ସ୍ୱର୍ଗାରୋହଣ ହୋନ୍ତେ ଯୁଧିଷ୍ଠିର ଲୋକପ୍ରିୟ ହେବାରୁ ଧୃତରାଷ୍ଟ୍ରଙ୍କ ମନ ବିରସ ହୋଇଗଲା ଏବଂ ସେ ତ୍ରିବେଣୀ ସଙ୍ଗମରେ ଝାସ ଦେଇ ଜୀବନ ଶେଷ କରିବାକୁ ଇଚ୍ଛା କରୁଥିବା ତଥ୍ୟ ଗାନ୍ଧାରୀଙ୍କୁ କହିଲେ । ବୁଦ୍ଧିମତୀ ସତୀ ଗାନ୍ଧାରୀ ସ୍ୱାମୀଙ୍କର ଏହି ଅସାର କଳ୍ପନାକୁ ନାପସନ୍ଦ କରି ସ୍ୱାମୀଙ୍କୁ କହୁଛନ୍ତି—

ଯାହା ସ୍ୱାମୀ ଅରଜନ୍ତି ତାହା ହୋଇବ ଭୁକ୍ତି
କେହୁ ଜନ ନଣ୍ଡନାହିଁ କର୍ମ୍ମି ପୁର ମଧି ।
ଗଣ୍ଡିଆ କୁବୁଜା କରେ ଅପାରତ ଚେଷ୍ଟା
ବଳବନ୍ତ ତାହାକୁ ବା କରେ ଗର୍ବ ମୋଟା ।
ସୁନ୍ଦର ଅବା ପଣ୍ଡିତ କେବଣ ପୁରୁଷ
ଜଣକେ ଜଗଇ ଦଶା ସେ ହରଷ ବିରସ ।
ଚେତନା ପୁରୁଷ ତାହା ନ ଚେତଇ ଶେଷେ
ସକଳ ଦ୍ୱନ୍ଦ୍ୱରେ ସେହୁ ଅଛି ଜଣେ ।
କୁତୂହଳେ ଯେଉଁଆଇ ନାନା ରୂପ ଧରି
ଛଣେ ଛଣେ ଯୋଗା କଳା ହୋଇ ଅବତରି ।
ଛଣେ ପିଙ୍ଗଳ ଛଣକେ ହୁଅଇ ସେ ଅନ୍ଧ
ନାନା ରୂପ ବର୍ଣ୍ଣିକୁ ସେ ଥାଇ ଭାରିସଙ୍ଘ ।

ଛୁଡ଼ ମାନ ଅଭିମାନ ନ କଳ ବେନ ସ୍ୱରୂପ
ଦୁଃଖ ସୁଖ ହୃଦରେ ସ୍ୱାମୀ ରହୁଥାଏ । ଇତ୍ୟାଦି ।

ପୁଣି—କେତେକଙ୍କ ଏମାନେ ଜାଣ ଅଟନ୍ତି ଯେ ବାଙ୍କ
ମନ ପ୍ରକୃତି କେବେହେଁ ନୁହଇ ସଳଖ ।

ଆତ୍ମ ନ ଦେଖି ଆପଣା ଶରୀର ବିକୃତି
ପରର ଛିଦ୍ର ଦେଖି କାତର ହୁଅନ୍ତି ।

ପରନିନ୍ଦା ପରହିଂସା ଛୁଡ଼ି ଧୂର୍ତ୍ତବୃତ୍ତି
ଅକାର୍ଯ୍ୟ ପ୍ରଚାର ଏ ଯେ ଅଟେ ମାଆ ପଟ ।

ଲୋଭ ମୋହ କାମ କ୍ରୋଧ ଅହଂକାର ହିଂସା
ଏହା ଦୂର କର ସ୍ୱାମୀ ନ କର ନଇଁଶା ।

ଅନେକ ଭାବେ ପ୍ରଶଂସା କହିଲେ ଶାସ୍ତ୍ରେ
ଶାନ୍ତ ଥିଲେ ନୋହିଲେ ଅଳ୍ପ ବନ୍ଧୁଥାଏ ।

ଅଟଳ ପ୍ରତିଜ୍ଞା:—ଦ୍ରୌପଦୀ ସୈରନ୍ଧ୍ରୀ ରୂପରେ ଛଦ୍ମ ବେଶରେ ବିରାଟଙ୍କ ପ୍ରାସାଦରେ ଥିଲା ବେଳେ କୀଚକର ପାପଦୃଷ୍ଟି ତାଙ୍କ ଉପରେ ପଡ଼ିଥିଲା । କୀଚକ ଜଣେ ଦାସୀକୁ ଦୂତ ରୂପେ ସୈରନ୍ଧ୍ରୀଙ୍କ ପାଖକୁ ପ୍ରେରଣ କରିବାରୁ ସୈରନ୍ଧ୍ରୀ ସଖୀଙ୍କୁ ତାଙ୍କର ପୂର୍ବ ପ୍ରତିଶ୍ରୁତି (ସତୀ) ବିଷୟ ସ୍ମରଣ କରାଇ ପ୍ରତିଜ୍ଞାବଦ୍ଧତା ଓ ଦୃଢ଼ଭାବର ପ୍ରକାଶରେ କହୁଛନ୍ତି—

ପଶ୍ଚିମେ ଉଦୟ ଯେବେ ହେବେ ଦିନକର
ରସାତଳେ ପଶିବ ଯେ ଯେବେ ମହୀଧର ।

ପର୍ବତ ଉପରେ ଯେବେ ଫୁଟିବ କମଳ
ଏହା ହେଲେ ମଧ୍ୟ ମୋର ବଚନ ଅଟଳ ।

ସତ-ସଙ୍ଗ:—ସତ, ସଙ୍ଗ ବିନା ପୃଥ୍ୱୀ ରହନ୍ତା ନାହିଁ ଏହା କବି ସୈରନ୍ଧ୍ରୀଙ୍କ ମୁଖରେ କୁହାଇଛନ୍ତି—

ଦ୍ରୌପଦୀ ବୋଇଲେ ଏହା ଶୁଣିଲ ସୁକଲେ
ସତ ସଙ୍ଗ ବିନା ପୃଥ୍ୱୀ ରହନ୍ତା କେମନ୍ତେ ।

ଚନ୍ଦ୍ର ହରଣ କଲେ ତାରା ମହାସତୀ
ବୃହସ୍ପତି ଶାପେ ଖଣ୍ଡ ଗଲେ ତାଙ୍କ ମୂର୍ତ୍ତି ।
ଇନ୍ଦ୍ର ହରଣ କଲେ ଗୌତମ ପତ୍ନୀ
ଋଷି ଶାପେ ସେହୁ ହେଲେ ସହସ୍ରେକ ଯୋନି ।
ସୀତାଙ୍କୁ ଘେନିଲେ ନେଇ ରାବଣ ମଲେ
ସୁଗ୍ରୀବ ଭାରିଯା ହରି ବାଳୀ ଭସ୍ମ ହେଲେ ।
ଶକୁନ୍ତଳା ହରନ୍ତେ ସେ ନାଗ ଶାନ୍ତନୁ
ଚରଣ ଘୃଷାଣେ ଯମ କାଟିଲେ ତା ତନୁ ।

ସ୍ୱାମୀ-ସେବକ ସମ୍ବନ୍ଧ:—ସ୍ୱାମୀସେବା ନକଲେ ଯେ ସେ ସେବକନ୍ତି ବର୍ତ୍ତି
ତପୋଧନ ତଣ୍ଡି ରାଜା ଜନକ ଅଗ୍ରତି ।
ସ୍ୱାମୀ ହେଲେ ସେବକଙ୍କୁ ଯେବେ ହୁଏ ରାଗୀ
ସମସ୍ତ ଅର୍ଜିଲେ ପୁଣ୍ୟ ନ ହୁଏ ସେ ଭାଗୀ ।

ସତ୍ୟରକ୍ଷା:—ବିରାଟ ରାଜାଙ୍କ ରାଣୀ ସୈରିନ୍ଧ୍ରୀଙ୍କୁ ସୂତେ ସେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ଜଣାଇ କହୁଛନ୍ତି—
ଅଟେ ପୁତ୍ରଦେଷ୍ଟା ସତ୍ୟକୁ ଲଙ୍ଘିଲେଟି ମନ୍ତ୍ର
ଶଶଧରର ସମସ୍ତେ ନ ବର୍ତ୍ତିବେ କେହୁ ।
ପୃଥିବୀ ମଧ୍ୟରେ ଯେବେ ହେବ ସତ୍ୟହାନି
ସବୁ ପ୍ରାଣୀ ବହିବେ କି ଥାଇ କି ମେଦିନୀ ।

ରାଜାଙ୍କ ଅବଧ୍ୟ:—ରାଜା ଅବଧ୍ୟ ହେଲେ ଜ ଅସହାୟ ଅବସ୍ଥା ଉପୁଜେ ତାହା ବିରାଟ-ରାଜରାଣୀ ସୈରିନ୍ଧ୍ରୀଙ୍କୁ କହୁଛନ୍ତି—
ଅତ୍ୟନ୍ତ ଅବଧ୍ୟ ଯେବେ କରିବେଟି ରାଜା
ତାହା ଆଗରେ କହୁବେ ଆଉ ଜନ ପ୍ରଜା ।

ଧର୍ମ ଲଙ୍ଘନରେ ହାନି:—ଜୀବନ ମୁକ୍ତ ପରେ ବିରାଟ ରାଜରାଣୀଙ୍କୁ ମହାପଣ୍ଡିତା ଦ୍ରୌପଦୀ ଶାସ୍ତ୍ରନୀ ଦେଇ ଅନିତ୍ୟ ସଂସାର ସମ୍ବନ୍ଧରେ କହୁଛନ୍ତି—
ଅନିତ୍ୟ ସଂସାର ମା ଗୋ ଶାସ୍ତ୍ରା ଏଣୁ ଅର୍ଜି
ଭୁଲି ଭଲ ମନ ହେଉ ତା ଅବଶ୍ୟ ଭୁକ୍ତି ।

ମା ଗୋ ସକଳ ପ୍ରାଣୀଙ୍କ ଭଲେ ଶୁଭକର୍ମ
ଶିଖ ଆମ୍ଭେ ବର୍ଣ୍ଣିତ ଶୁଣ ସ୍ୱାଦେ ଧର୍ମ ।
ଧର୍ମ ଲଙ୍ଘିବା ପାଇଁକି ଅଟେ ସେହି ପ୍ରାଣୀ
ଆମ୍ଭ ଧର୍ମ ଯାଏ ତାର ଶିଖ ଶୁଣ ସ୍ୱାଇଁ ।

ଏ ମାୟା ଓ ଅନିତ୍ୟ ସଂସାର ପାଇଁ ଶୋଚନା ନ କରିବା ଉଚିତ ।

ମା ଗୋ ମାୟା ସଂସାର ଏ ଦଇବ ରଚନା
ଜଳବିମ୍ବ ପ୍ରାୟେକ ଏମା ଛଣେ ଅଛି ଚିନ୍ତା ।
ଯେସନେ ବୃକ୍ଷତଳେ ବସି ପଥିକ ସମୂହେ
ଶରୀରକୁ ସୁସ୍ଥ କରି ଯାନ୍ତି ସେସ୍ଥାନରୁ ।
ସେ ପର୍ଯ୍ୟ ଅଟିଥିଲ ଗୋ ତୁମ୍ଭ ଶଙ୍କା ସେବ
ସନ୍ତୁରିଙ୍କ ମୃତ୍ୟୁ ଅଛି ଜାଣ ମୋ ସୁନର ।
ପର ଧନଜାତ ସେହି ଜନନୀ ସେ ମେଘନା
ଛଣ ମାତ୍ରକେ ସେ ଛାଡ଼େ ନ ସମ୍ଭାଳି ଗୁଣୀ ।
ଭ୍ରମିଆ ସୁତ ସନ୍ତତ ବନ୍ଧୁଙ୍କୁ ମାଗନ୍ତି
ମୋହର ମୋହର କରି ମରେ ଅଜ୍ଞାନୀଏ ।
ମାୟା ପାଶ ଲଗାଇଛି ଜଗତ ମୋହନ
ଚିରକାଳ ଏ ପିଣ୍ଡରେ ନ ରହେ ଜୀବନ ।
କେହୁ କାହାର ପିଅର ନେ କାହାର ପୁଅ
ଅଦଭୁତ ପାଶ ମା ଗୋ ଅଟେ ମାୟା ମୋହ ।
ମା ଗୋ ଜଗତ୍ପତି ଅଟେ ଏ ନାମ ସଂସାରେ
ଉପାରେ ମାୟା ଦୋଷ ନ ଲାଗଇ ଶିରେ ।
ଦୋଷ ନାଶ କରଏ ସେ ମହାବା ନାମରେ
କୃଷ୍ଣ ଅଂଶ ନାନା ଲୋକ ଦେହଥାଏ ଜନ୍ମେ ।

ସଂସମତୀର୍ଥ ସହିତ—ଏକା ଶୁଦ୍ଧକେ ଅନେକ ରଚିଆ ଶିଶି ଶାସ୍ତ୍ର
ଏକା ମହତ୍ତ୍ୱ ଯେସନ୍ତେ ଜାଣ କରେ ବ୍ୟାଖ୍ୟା ।

ଏହି ସ୍ଥଳରେ 'ଏକ'ର ପ୍ରଶଂସା କରାଯାଇଛି । କିନ୍ତୁ ତା ଅପାରତାର ଅର୍ଥାତ୍ ଅତ୍ୟନ୍ତରେ ଯେଉଁ ବିଷମୟ ଫଳ ହୁଏ ତାହା କବି ସୁନ୍ଦର 'ସର୍ବମତ୍ୟନ୍ତ ଗର୍ହିତଂ' ନୀତିଟି ସୁନ୍ଦର ଭାବରେ ପାଠକ ଆଗରେ ଦେଇଛନ୍ତି ।

ଅପାର ସୁନ୍ଦର ହେଲେ ନ ବଞ୍ଚଇ ବେଶୀ
ଅପାର ଅନ୍ନ ଖାଇଲେ ନ ଜୁଅଇ ଯୋଗୀ ।
ଅପାର ବୁଦ୍ଧିରେ ନାଶ ଯାଏଁ ହୁଏ ହାନି
ଅପାର ମଦ୍ୟ ସେବିଲେ ହୁଅଇ ଅଜ୍ଞାନ । ଇତ୍ୟାଦି (ଅ: ପ.)

ଅପାର ସ୍ତ୍ରୀ ଥିବଲେ ଆୟୁ କ୍ଷୟ ହୁଏ, ଅପାର ହିଂସାରେ ଦେହର ପତନ ହୁଏ, ଅପାର ଲୋଭରେ ଇନ୍ଦ୍ରିୟ ମତିର ନାହିଁ, ଅପାର ଦର୍ପ କଲେ ଲୋକ ଦେଶାନ୍ତର ହୁଏ ପ୍ରଭୃତି ବିଷୟ ମଧ୍ୟ କବି ଉଲ୍ଲେଖ କରିଛନ୍ତି । ସାଧାରଣତଃ ଗୃହସ୍ଥ ପକ୍ଷରେ ଏସବୁ ଯେପରି ଶିକ୍ଷଣୀୟ ଅନ୍ୟ ଯୋଗୀ ଓ ଜ୍ଞାନୀ ଲୋକଙ୍କର ମଧ୍ୟ ସେପରି ଶିକ୍ଷଣୀୟ । "ଭ୍ରମରଙ୍କ [illegible] ଗୁରୁ" ପ୍ରବାଦକୁ ଆଦର୍ଶରୂପେ ଗ୍ରହଣ କରି ଯେଉଁମାନେ ଏକାଧିକ ଗୁରୁ କରି ମନ୍ତ୍ର ନେଇଛନ୍ତି ସେମାନଙ୍କ କାର୍ଯ୍ୟକୁ ମଧ୍ୟ କବି ଯଥାର୍ଥ ଭାବରେ ଘୃଣା କରିଛନ୍ତି ।

**ନିନ୍ଦା**:—ଗୁରୁଜନ, ପୂଜ୍ୟବ୍ୟକ୍ତି, ଦେବତା, ବ୍ରାହ୍ମଣ, ଲକ୍ଷ୍ମୀ, ଗୋରୁ ଓ ସୂର୍ଯ୍ୟ ପ୍ରଭୃତିଙ୍କୁ କେବେ ନିନ୍ଦା କରିବା ନାହିଁ; ନିନ୍ଦିଲେ ଅମଙ୍ଗଳ ହୁଏ । ଏହାର ବିଷମୟ ଫଳ ଭୋଗ କରି ନିନ୍ଦୁକ ବହୁ କଷ୍ଟ ପାଏ ଏବଂ ପରକାଳଶେଷରେ ନର୍କରେ ମଧ୍ୟ ପଡ଼େ । 'ମହାଭାରତ' ଚରିତ ବା ଗ୍ରନ୍ଥକୁ ଯେଉଁମାନେ ନିନ୍ଦା କରନ୍ତି ସେମାନେ ନର୍କଗାମୀ ହୁଅନ୍ତି ବୋଲି କବି ବ୍ୟକ୍ତ କରିଛନ୍ତି । ଇହକାଳ ଓ ପରକାଳରେ ଏହି ଅବସ୍ଥାରେ ଏହି ନିନ୍ଦକମାନେ ରହନ୍ତି । ମହନ୍ତ ଜନଙ୍କୁ ନିନ୍ଦା କଲେ ଅପ୍ରମିତ ଦୋଷ ହୁଏ । ଲକ୍ଷ୍ମୀଙ୍କୁ ନିନ୍ଦିଲେ ଜନ୍ମେ ଜନ୍ମେ ଦରିଦ୍ର ହୋଇ ରହିବ । ଗୋରୁଙ୍କୁ ନିନ୍ଦିଲେ କୃଷିହାନି ହେବ । ଜୀବନର ଅତି ଆବଶ୍ୟକ ଦ୍ରବ୍ୟ ଖାଦ୍ୟ-ଧନ (ଲକ୍ଷ୍ମୀ), ଔଷଧ, ପିତାମାତା, ସୂର୍ଯ୍ୟ, ମେଘ ପ୍ରଭୃତିଙ୍କୁ ନିନ୍ଦା କରିବା ଅନୁଚିତ ବୋଲି କବି ବ୍ୟକ୍ତ କରିଛନ୍ତି । ନିନ୍ଦାକୁ ଅଧର୍ମ ଭିତରେ କବି ନେଇଛନ୍ତି ଏବଂ ଏହାର ଦଣ୍ଡବିଧାନରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଏଥିରେ ଯମଦଣ୍ଡର ଭୟ ଦେଖାଇ କହିଲେ ମଧ୍ୟ ଏହାତାକୁ

ଅନେକ ଲେଖକ ଓ ଆଧ୍ୟାତ୍ମିକ ସଂସ୍ଥାର ଲକ୍ଷ୍ୟ ବ୍ୟବସ୍ଥା କରିଥିଲେ । ସେମାନେକ ନିନ୍ଦାର ସହଜ ପରିଣତି ଅର୍ଥାତ୍ ଦୁର୍ଗତିରେ ପତିତ ହେବା କହୁଛନ୍ତି— ଗୋରୁ ନିନ୍ଦା କଲେ କୃଷିହାନି ହେବ ।

ଦେବଙ୍କୁ ନିନ୍ଦିଲେ ନର୍କେ ପଡ଼େ ହୋଇ କାଳ
ବ୍ରାହ୍ମଣ ନିନ୍ଦିଲେ ବଂଶ ହୁଅଇ ନିପାତ । XX
ମନ୍ତ୍ରକୁ ନିନ୍ଦା କଲେ ହୁଅଇ ପାମର
ଔଷଧ ନିନ୍ଦିଲେ ରୋଗ ହୁଅଇ ଅପାର ।

ଲକ୍ଷ୍ମୀ ନିନ୍ଦିଲେ ଦରିଦ୍ର ହୋଇ ଜନ୍ମେ ଜନ୍ମେ
ଭାରତ ନିନ୍ଦିଲେ ଜନ୍ମମୂର୍ଖ ସିନା ଜନ୍ମେ ।

ଗୋରୁ ନିନ୍ଦା କଲେ ହାନି ହୁଅଇଟି କୃଷି
ପୃଥ୍ୱୀ ନିନ୍ଦା କଲେ ଜନ ହୁଅଇ ନିରଂଶୀ । XX ଇତ୍ୟାଦି ।

ଦେବ, ବ୍ରାହ୍ମଣ, ଗୁରୁ, ପିତାମାତା, ବୈଦ୍ୟ; ଯୋଗୀ, ମନ୍ତ୍ର, ଔଷଧ, ଲକ୍ଷ୍ମୀ, ଭାରତ, ଗୋରୁ, ପୃଥ୍ୱୀ, ଶସ୍ତ୍ର, ମହାଜନ ପ୍ରଭୃତିଙ୍କୁ ସମ୍ମାନର ମାପକାଠି ସ୍ୱରୂପ ଧରାଯାଇପାରେ । ଉନ୍ନତ ସମାଜ ଓ ଉନ୍ନତ ସଂସ୍କୃତି କହିଲେ, ସାମାଜିକ ସଂଗଠନ, ସୁନିୟନ୍ତ୍ରଣ, ଶାସ୍ତ୍ରାନୁମୋଦିତ ଧର୍ମପାଳନ, ସ୍ୱଚ୍ଛ ନିର୍ମଳ ଚିନ୍ତା ଓ ସଦ୍‌ବ୍ୟବହାର ପ୍ରଭୃତିକୁ ବୁଝିବା ପାଇଁ ଶାରଳା ଦାସ ବହୁ ପ୍ରସଙ୍ଗରେ ସୂଚାଇ ଅଛନ୍ତି । ଭାରତର ଲୋକେ ସତ୍‌ମାର୍ଗରେ ଜୀବନଯାପନ କରନ୍ତୁ, ସତ୍ୟ ଓ ନ୍ୟାୟର ମର୍ଯ୍ୟାଦା ପ୍ରତିଷ୍ଠିତ ହେଉ, ଅଧର୍ମ ଲୋପ ପାଇ ଧର୍ମର ଶାସନ ପ୍ରଚଳିତ ହେଉ, ଏହା କବି ପ୍ରସଙ୍ଗରେ ବହୁ ସ୍ଥାନରେ ଦୃଷ୍ଟାନ୍ତ ଦେଇ ବୁଝାଇଅଛନ୍ତି । ଏହାହିଁ କବିଙ୍କ ଆଶା ଓ ପ୍ରାର୍ଥନା ।

ଅନ୍ୟାନ୍ୟ କେତୋଟି ଉଦାହରଣ—

ଯେପଣ ବୃକ୍ଷ ତଳରେ ଶୋଇଥିଲେ ଋଷି
ତାର ଗୁଣ ବୁଝିବାରେ କେଉଁ ଜନ ନାହିଁ । (ବି. ପ.)

ବାଛି ଖାଇ ଯାହାର ତାହାର କାର୍ଯ୍ୟକର
କାହିଁ ଉପକାର ଦୁଃଖେ ତ ନ ପାଶୋରି । (ବି. ପ.)

ପର୍ବତ ଭୁଟେ କି ନାଥେ ! ଝିଟକାରେ ମାଇଲେ ?
ସମୁଦ୍ର ପୋତ ହୁଏ କି ଧୂଳି ପକାଇଲେ ?
ମୂଗର ବଳେ କାହିଁ ହେ ସିଂହ ଜିଣି ହୁଏ ?
ଝୁଲା ଦ୍ୱାରା ପିଟିଲେ କି ଲୁହା ଭୁଟି ଯାଏ ?
ଭୂଜଙ୍ଗମ ବଳମାନ ଅସ୍ତମିତ ହେଲେ
ସେ କି ରକ୍ଷ ପାଇବ ବୈନତେୟ ଆସିଲେ ?
ବହୁ ପଶୁମାଣ ଗଜ ଏକତ୍ର ହୋଇଲେ
ଏକା କେଶରୀକି ଜିଣି ପାରିବେକି ଭଲେ ! (ବିରାଟ)

**ନୀତିକଥା:**—ମହାଭାରତ ଭିତରେ ପ୍ରସଙ୍ଗକ୍ରମରେ କଣ୍ଡ ଅନେକ ନୀତିକଥା କହୁଛନ୍ତି । ଭାବନାଭୁକ୍ତ କଥା (ଉ. ପ.), ଯୁଧିଷ୍ଠିରଙ୍କ କଥା (ଉ. ପ.), ଅଜଗର କଥା (ଉ. ପ.), ଶୂଳାମୁହାଁ କାଙ୍କ କଥା ପ୍ରଭୃତି ନୀତିକଥା ଓଡ଼ିଶାରେ ସୁପରିଚିତ ।

**ପ୍ରବଚନ:**—ଶାରଳାଦାସଙ୍କ ମହାଭାରତର କେତେଗୁଡ଼ିଏ ହାରତନ୍ତ୍ର ପ୍ରବଚନ ରୂପେ ଓଡ଼ିଶାରେ ପ୍ରଚଳିତ ଅଛି । ତନ୍ମଧ୍ୟରୁ ନିମ୍ନଲିଖିତ କେତୋଟି ପ୍ରଧାନ ।

୧ । ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ ।
୨ । ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ କି ଗାନ୍ଧାରୀଙ୍କ ବର ନାହିଁ ।
୩ । ଉର୍ବଶୀ କନ୍ୟା ।
୪ । ହିମିତି ଖେଳରୁ ମହାଭାରତ ।
୫ । କର୍ଣ୍ଣ ମଲେ ପାପ, ଅର୍ଜୁନ ମଲେ ପାପ ।

**ଗଙ୍ଗା ବୋଇଲେ ଥିବ, ଗାଙ୍ଗୀ ବୋଇଲେ ଯିବ:**—ଏହି ପ୍ରବାଦବାକ୍ୟଟି ଗଙ୍ଗା ଓ ଶାନ୍ତନୁଙ୍କ ଦାମ୍ପତ୍ୟ ଜୀବନରୁ ଗୃହୀତ ହୋଇଛି । ଗଙ୍ଗାଙ୍କୁ ବିବାହ କରି ଶାନ୍ତନୁ ଅଦୌ ଖୁସି ହୋଇ ନଥିଲେ । ଯେହେତୁ ଗଙ୍ଗା ଉଚ୍ଛୃଙ୍ଖଳା ଥିଲେ ଓ ସ୍ତ୍ରୀଧର୍ମ ପ୍ରତିପାଳନ କରିବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ । ବିବାହ ପରେ ସ୍ୱାମୀଙ୍କ ସହିତ ସେ ଏହି ଚୁକ୍ତି କରିଥିଲେ—

ଗଙ୍ଗା ବୋଲି ବୋଲୁଥିବୁ ତୁ ଅନୁଦିନରେ
ଗାଙ୍ଗୀ ବୋଇଲେ ନଥାଇ ମୁଁ ତୋ ସଙ୍ଗତେ । (ଆଦି)

ପତିଙ୍କ ସଙ୍ଗ ଅବୋଧୀ ଭକ୍ତି କରୁ ନ ଥିଲେ । ତାଙ୍କ ସ୍ୱଭାବରୁ ତାହା ପ୍ରମାଣିତ ହେଉଛି । ସ୍ତ୍ରୀର ଆନନ୍ଦବର୍ଦ୍ଧନ ପାଇଁ ସକଳପ୍ରକାର ଉଦ୍ୟମ ସ୍ୱାମୀ କରୁଥିବ, ଏଥିରେ ଟିକିଏ ବ୍ୟତିକ୍ରମ ଦେଖିଲେ ସ୍ତ୍ରୀ ସ୍ୱାମୀକୁ ତ୍ୟାଗ କରିବ, ଏହି ଅଶୋଭନୀୟ ଭାବଟି ଏହି ପ୍ରବଚନରେ ପ୍ରକାଶ ପାଉଛି ।

**ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ କି ଗାନ୍ଧାରୀକି ବର ନାହିଁ**:—ଧୃତରାଷ୍ଟ୍ର କନ୍ୟାକୁ ବିବାହ ହେବା ମାତ୍ରେ କନ୍ୟା ମରି ଯାଉଥିଲା । ଗାନ୍ଧାରୀ ଷଣ୍ଢାଁସୀ କନ୍ୟା ଥିବାରୁ ତାଙ୍କୁ ବର ମିଳୁ ନ ଥିଲା । ଏ ଦୁହିଙ୍କ ବିବାହ ଦୈବଯୋଗରୁ ସଂଘଟିତ ହୋଇଥିଲା । ଯେଉଁ ପୁରୁଷଙ୍କୁ କନ୍ୟା ମିଳୁ ନ ଥାଏ ଏବଂ ଯେଉଁ କନ୍ୟାକୁ ବର ମିଳୁ ନ ଥାଏ, ଏ ଦୁହିଙ୍କ ବିବାହ ହେଲେ ଏହି ପ୍ରବଚନଟି କୁହାଯାଇଥାଏ ।

ଏଣୁ କରନ୍ତେ ଅନେକ କନ୍ୟା ଯାହୁଁ ମଲେ
କନ୍ୟା ଆଉ କେହୁ ଧୃତରାଷ୍ଟ୍ରଙ୍କୁ ନ ଦେଲେ । X
ଷଣ୍ଢାଁସୀ କୁଣ୍ଡିକା ଦୁଷ୍ଟ ରାଶି ଯେ ଅସୁସ୍ଥ
ଏସନକ ଲକ୍ଷଣରେ ଜନ୍ମିଲା ଗାନ୍ଧାରୀ ।
ତାହାକୁ ବର ବଛିଲା ସେ ଗାନ୍ଧାର ରାଏ
ମାଳା ଦେଇ ବରିଲେ ସେ ନୃପ ଅନ୍ଧ ଯାଏ । X

ଶାହାଡ଼ା ବୃକ୍ଷ ସହିତ ପ୍ରଥମେ ଗାନ୍ଧାରୀଙ୍କୁ ବିବାହ କରାଇ ସକଳ ଗ୍ରହଦୋଷ ନିବାରଣ କରିବା ପରେ ଧୃତରାଷ୍ଟ୍ରଙ୍କ ସହିତ ଗାନ୍ଧାରୀଙ୍କର ବିବାହ ହୋଇଥିଲା ।

ବର ଅସୁର କୁଣ୍ଡିକା ଦୁଷ୍ଟ ଦୁଷ୍ଟ ରାଶି
ଗାନ୍ଧାରୀ ଜାତ ଅଶୁଭ ଆବର ଷଣ୍ଢାଁସୀ ।
ଧୃତରାଷ୍ଟ୍ରଙ୍କୁ ଅନେକ କନ୍ୟା ବରି ମଲେ
ଦ୍ୱାଦଶ ରାଜା ଗାନ୍ଧାରୀ ଯୋଗେ ମୃତ ହେଲେ ।
ଧୃତରାଷ୍ଟ୍ରକୁ କନ୍ୟା ନାହିଁ ଗାନ୍ଧାରୀକୁ ବର
ଷଣ୍ଢାଁସୀ ଅସୁସ୍ଥ ଏହି ସେ ବୁଦ୍ଧ ଅସୁର ।
ଦୁହିଙ୍କର ଏକ ଯୋଗେ କଟିଲା ପୀଡ଼ତ
ଧୃତରାଷ୍ଟ୍ର ଗାନ୍ଧାରୀର ହେଲା ଏକ ମତ । (ଆଦି)

**ହିଁମିଟି (ବା ହିଁମଣି) ଖେଳରୁ ମହାଭାରତ:**—କୌଣସି ସାମାନ୍ୟ କଥାରୁ ବୃହତ୍ ଗଣ୍ଡଗୋଳ ସୃଷ୍ଟି ହେଲେ ଏହି ପ୍ରବଚନଟି କୁହାଯାଇଥାଏ । କୌରବ ଓ ପାଣ୍ଡବମାନେ ବାଲ୍ୟକାଳରେ ଏକ ସ୍ଥାନରେ ରହି ବିଦ୍ୟାଶିକ୍ଷା କରୁଥିଲେ । ସମସ୍ତ ସମୟରେ ଖେଳୁଥିଲେ । ଥରେ କୌରବ ଓ ପାଣ୍ଡବଙ୍କ ଭିତରେ ହିଁମିଟି ଖେଳ ହୋଇଥିଲା ଏବଂ ସେଥିରେ ସେମାନଙ୍କ ଭିତରେ ମନୋମାଳିନ୍ୟ ଜାତ ହେଲା । ଏହି ଖେଳରେ ଯେଉଁ ବିଦ୍ୱେଷ ଓ ଈର୍ଷା ଜାତ ହୋଇଥିଲା, ତାହା ଯୋଗୁଁ ପରବର୍ତ୍ତୀ ସମୟରେ ଦୁଇ କୁଟୁମ୍ବ ମଧ୍ୟ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ମହାଭାରତର ସମସ୍ତ ଘଟଣା ଏହିଠାରୁ ଗଠିତ ହୋଇଥିଲା । ଶେଷରେ କୁରୁକ୍ଷେତ୍ର ଯୁଦ୍ଧ ବା ମହାଭାରତ ଯୁଦ୍ଧରେ ଶେଷ ହୋଇଥିଲା ।

**କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ:**—ପାଣ୍ଡବ ପାଞ୍ଚଭାଇ । କର୍ଣ୍ଣ କୁନ୍ତୀଙ୍କର ପୁତ୍ର ହୋଇଥିଲେ ମଧ୍ୟ ସେ ତାଙ୍କ ଦ୍ୱାରା ପୁତ୍ର ରୂପେ ଲାଳନପାଳନ କରି ନ ଥିଲେ । ଅର୍ଜୁନ ଓ କର୍ଣ୍ଣ ଉଭୟେ ବୀର ଓ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ । ଯୁଦ୍ଧରେ କର୍ଣ୍ଣ ଓ ଅର୍ଜୁନଙ୍କ ଭିତରୁ ଯେ ମଲେ ମଧ୍ୟ ପାଣ୍ଡବଙ୍କ ସଂଖ୍ୟାରୁ ଏକ କମିଯିବ । କିନ୍ତୁ କର୍ଣ୍ଣଙ୍କୁ ଦଳରୁ ପାଣ୍ଡବଙ୍କ ସଂଖ୍ୟା ଭିତରେ ଗଣାଯାଇ ନ ଥିବାରୁ ସାଧାରଣତଃ ପାଣ୍ଡବ ପାଞ୍ଚଭାଇ ବୋଲି କୁହାଯାଇଥାଏ । କର୍ଣ୍ଣ ବା ଅର୍ଜୁନ ମଲେ ମଧ୍ୟ ସେହି ପଞ୍ଚପାଣ୍ଡବଙ୍କୁ ସେହି ପଞ୍ଚପାଣ୍ଡବ ରହିବେ, ଏହାହିଁ ଏହାର ଭାବ । ଲାଭ ଓ କ୍ଷତି ଉଭୟ ସମାନ ହେଉଥିବା କଥାକୁ ଲକ୍ଷ୍ୟ କରି ଏହି ପ୍ରବାଦଟି କୁହାଯାଇଥାଏ ।

**ସାମାଜିକ ଚିତ୍ର:**—ଶାରଳା ଦାସ ସ୍ଥାନେ ସ୍ଥାନେ ଉତ୍କଳରେ ପ୍ରଚଳିତ ଥିବା ବହୁ ସାମାଜିକ ବିଧିବିଧାନର ବର୍ଣ୍ଣନା ଦେଇଛନ୍ତି । ଏ ସବୁ ବର୍ତ୍ତମାନ ସୁଦ୍ଧା ସମାଜରେ ଦେଖାଯାଏ । ବିବାହ, ଯାତ୍ରା, ଅଭ୍ୟର୍ଥନା, ବିଦାୟ ପ୍ରଭୃତି ବର୍ଣ୍ଣନାରୁ ଓଡ଼ିଆ ପରିବାରର ଖାଣ୍ଟି ଚିତ୍ର ଦେଖିବାକୁ ମିଳେ ।

**ଅତିଥି ସତ୍କାର:**—ଭୋଜନରେ ଅତିଥିମାନଙ୍କୁ କିପରି ସନ୍ତୁଷ୍ଟ କରାଯାଏ ତାହା ଶାରଳା ଦାସ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । କି ରାଜା, କି ପ୍ରଜା, ସବୁ ଶ୍ରେଣୀର ଲୋକଙ୍କ ପକ୍ଷରେ ଅତିଥି ସମୋଚିତ ସମ୍ମାନର ପାତ୍ର । ଦ୍ରୌପଦୀଙ୍କ ବିବାହବେଳେ ଅତିଥିମାନଙ୍କୁ କିପରି ରାଜା ଦ୍ରୁପଦ ଓ ତାଙ୍କର ପୁତ୍ରମାନେ ଚର୍ଚ୍ଚା କରିଥିଲେ । ରାଜା, ରାଜପୁତ୍ର, ସୂପକାର ପ୍ରଭୃତି ସମସ୍ତେ ଆନନ୍ଦରେ "ଯେଉଁ ଯେତେ ଭୁଞ୍ଜି" ସେତେ ଅନ୍ନ କଣ୍ଡୁଲରେ ପରଷୁଥିଲେ । ପିଠାପଣା, ତିଅଣ ପ୍ରଭୃତିର ବର୍ଣ୍ଣନା ମଧ୍ୟ କବି କେତେକ ସ୍ଥାନରେ ଦେଇଛନ୍ତି । ରାଜାମାନେ ଶଶା, ହରିଣ ପ୍ରଭୃତିର ମାଂସର ତରକାରି ଖାଉଥିଲେ । ଖାଜା, ମଧୁଚୁଡ଼ି, ସରପୁଳି, (ଦୁଧ, ଛେନା ଛଡ଼ା) ମାଛ, ମାଂସ, ଘୃତ, ରସ, ଭଜା, ଅମ୍ବିଳ, ନିରାମିଷ, ଶାକବଣ, କାଞ୍ଜି, ପିଠା, ଦୃତ, ମଧୁ, ରାଇପଣା ପ୍ରଭୃତି ବଣ୍ଟା ହେଉଥିଲା । ସୁବର୍ଣ୍ଣ ଝରିରେ ମୁଖ ଧୋଇ କରିବା ପାଇଁ ରାଜା ଦେଉଥିଲେ । ଏହାପରେ ଅତିଥିମାନେ ସୁବର୍ଣ୍ଣ ଖଡ଼ିକାରେ ଦାନ୍ତ ଖୁଣ୍ଟୁଥିଲେ ଏବଂ କର୍ପୂର ତାମ୍ବୁଳ ଭୁଞ୍ଜି ଆସନ ଉପରକୁ ଉଠୁଥିଲେ ।

ରାଜସୂୟ ଯଜ୍ଞ ଅନୁଷ୍ଠାନ ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବଙ୍କ ଗୃହକୁ ଯାଇଥିଲେ ଏବଂ ତାଙ୍କୁ ଦେଖି କୁନ୍ତୀ ଆନନ୍ଦରେ ଅଭ୍ୟର୍ଥନା କରିଥିଲେ । ସ୍ୱୟଂ ଦ୍ରୌପଦୀ ବିଭିନ୍ନ ବ୍ୟଞ୍ଜନ ପାକ କରିଥିଲେ ଏବଂ କୁନ୍ତୀ ପରଷି ଥିଲେ । ଆତ୍ମୀୟ ବନ୍ଧୁକୁ ଆସିଲେ ଏପରି ସ୍ୱାଭାବିକ ଭାବରେ ହିଁ ଚର୍ଚ୍ଚା ହୋଇଥାଏ ।

ଭିତର ପୁରକୁ କୁନ୍ତୀ ଦେଖି ଚଳିଗଲେ
ଗୋବିନ୍ଦ ଆସିଛନ୍ତି ବୋଲିଣ ବୋଇଲେ ।
ଶୁଣି ଯାଜ୍ଞସେନୀ ମନେ ଆନନ୍ଦ ହୋଇଣ
ଉତ୍ତରିଲେ ପାକ ସେହୁ କଲେକ ଯାତନ ।
କଲେ ସେ ନାନା ବର୍ଣ୍ଣରେ ବ୍ୟଞ୍ଜନ ଭିଆଣ
ପଞ୍ଚାମୃତରେ ପାୟସ କଲେକ ରନ୍ଧନ ।
ପଞ୍ଚ ବର୍ଣ୍ଣରେ ପିଷ୍ଟକ କଲେ ସେହୁ କ୍ଷଣ
ଭୋଜନ କରିବେ ବୋଲି ପ୍ରଭୁ ଜନାର୍ଦ୍ଦନ ।

ରନ୍ଧନ ଘରୁ ସାରଣ ଦ୍ରୁପଦ ଦୁଲଣୀ
ଆଣି ଜଣାଇଲେ ବେଗେ କୁନ୍ତୀ ଠାକୁରାଣୀ । × ×
ଶୁଖୁଆମାନ ଆଣି ପାଏ ସଜାଡ଼ିଣ ଥିଲେ
ସୁବର୍ଣ୍ଣ ଆଳୀରେ ଆଣି ଅନ୍ନ ପରଷିଲେ ।
ଦୋବା ଓଗଅର ଅନ୍ନ ବାସସୁଗନ୍ଧ ନେଇ
ନାନା ବ୍ୟଞ୍ଜନ ଖଅନ୍ତ ଆଣି କୁନ୍ତୀଦେଇ ।
ଖିରି ଖିରିସାମାନ ଯେ ପରଷନ୍ତି ଆଣି । ×
ପଞ୍ଚବର୍ଣ୍ଣ ପିଠା ପରଷନ୍ତି ଡୋଳଗ୍ରାଏ
ଆମ୍ବ, ଲେମ୍ବୁ, ଟଙ୍କରାଣି ତନ୍ତୁଁ ଆଣି ଦେ । × ×

ଭୋଜନ ପରେ କର୍ପୂର ଖଡ଼ିଆ ଦିଆ ହୋଇଥିଲା । ପରିବାରରେ ଏପରି ବ୍ୟବସ୍ଥାହିଁ ଥିଲା । ବୋହୂ ରନ୍ଧନ କରି ସଜାଡ଼ିବ, ଶାଶୁ ପରଷିବ, ଅଥଚ ଘରେ ଘରର ପୁରୁଷମାନଙ୍କ ଭିତରୁ ମୁରବୀମାନେ ଭୋଜନ ପଂକ୍ତିରେ ବସିବେ । ଏପରି ଠା ପିଢ଼ାର ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ଚଳି ଆସୁଛି । ଶାରଳାଦାସଙ୍କ ଉକ୍ତି ବଡ଼ କାବ୍ୟ ଓ ବାସ୍ତବ ହୋଇଛି ।

ବିବାହ:—ବିବାହରେ ସାଧାରଣତଃ କନ୍ୟାମାନଙ୍କର ମତାମତ ପ୍ରତି ପିତାମାତା ଓ ଅଭିଭାବକମାନେ ସେତେ ଦୃଷ୍ଟି ଦେଉନଥିଲେ । କୁଳ, ଶୀଳ, ମାନମର୍ଯ୍ୟାଦା ପ୍ରତି ଧ୍ୟାନ ରଖି ବରପାତ୍ର ପିତାମାତା ନିର୍ଦ୍ଦିଷ୍ଟ କରୁଥିଲେ । ଏହା ସାଧାରଣ ନିୟମ ଥିଲେ ହେଁ କେତେକ ଉଚ୍ଚପରିବାରରେ କନ୍ୟାର ମତ ଅନୁସାରେ ବିବାହ ନିର୍ଦ୍ଧାରିତ ହେଉଥିବା କଥା ବର୍ଣ୍ଣନା କରିଛନ୍ତି । ସ୍ୱୟଂବର ପ୍ରଥା ଏହାର ଏକ ଉଦାହରଣ । ପୁଣି କନ୍ୟା ବରର ଲକ୍ଷଣ ନିର୍ଦ୍ଦିଷ୍ଟ କରି ଦେଇ ଲକ୍ଷଣବିଶିଷ୍ଟ ବର ପାଇଁ ପିତା ଅନ୍ୱେଷଣ କରିବା ଅନ୍ୟ ଏକ ଉଦାହରଣ । ଭାନୁମତୀ ସ୍ୱୟଂବର ପ୍ରସଙ୍ଗରେ କବି ଲେଖିଛନ୍ତି ଯେ ଭାନୁମତୀ ଆଗରୁ ସ୍ଥିର କରିଦେଲେ ଯେ ଯାହାର ହସ୍ତରେ ଶଙ୍ଖଚକ୍ର ଥିବ ତାହାକୁ ସେ ବରିବେ । ସ୍ୱୟଂବର ସଭାରେ ଲକ୍ଷେ ରାଜାଙ୍କ ଭିତରୁ ଦୁର୍ଯ୍ୟୋଧନଙ୍କର ହିଁ ସେହି ଚିହ୍ନ ଥିଲା ଏବଂ ତାଙ୍କୁ ଭାନୁମତୀ ବରି ନିର୍ବାଚନ କଲେ । ପିତା ବିବାହ ପ୍ରସଙ୍ଗ ଉତ୍ଥାପନ କରିବାବେଳେ ମଧ୍ୟ ଭାନୁମତୀ କହିଥିଲେ, ଯେତେବେଳେ ତାଙ୍କର ଇଚ୍ଛା ହେବ ସେତେବେଳେ ସେ ବିବାହ କରିବେ ।

ମୋହର ଯେତେବେଳେ ଜାତ ହୋଇବଟି ଇଚ୍ଛା
ତୋହର ଅଙ୍ଗେ ଜନ୍ମିବ ପିତା ମନବାଞ୍ଛା ।

କନ୍ୟା ବିବାହ କରିବା ଇଚ୍ଛା ପ୍ରକାଶ କରିବାରୁ ପିତା ସ୍ୱୟଂବରର ଆୟୋଜନ କଲେ । ରାଜା, ମନ୍ତ୍ରୀ ଓ ଦେଶାଧିପମାନଙ୍କ ପରାମର୍ଶ ଅନୁସାରେ ଭାନୁମତୀଙ୍କର ଚନ୍ଦ୍ରପଞ୍ଚ ଆଳରେ ଥୋଇଲେ । ସେହି ଆଳରେ ଗୁଆ ଓ ଅକ୍ଷତ ରଖି ନିମନ୍ତ୍ରଣ ଚିଠାଓ ସହ ସମସ୍ତ କର୍ମଚାରୀମାନଙ୍କୁ ବିଭିନ୍ନ ଦେଶକୁ ପଠାଇ ରାଜାମାନଙ୍କୁ ନିମନ୍ତ୍ରଣ କଲେ । ରଥ, ବାର, ନକ୍ଷତ୍ର, କରଣ ଓ ଯୋଗ ପ୍ରଭୃତି ଦେଖି ଅନୁକୂଳ ହେଲା । ସ୍ୱୟଂବର ବିବାହ ତିଥି ସ୍ଥିର ହେଲା । ସ୍ୱୟଂବରକୁ ବହୁ ଦେଶର ନୃପତି ଆସିଲେ । ବର ନିର୍ବାଚନ ହେବା ପରେ ବିବାହର ଆୟୋଜନ ହେଲା । ବେଦୀରେ ଭାନୁମତୀ ସ୍ୱ ପିତାଙ୍କ କୋଳରେ ବସିଲେ ଏବଂ ଦୁର୍ଯ୍ୟୋଧନ ବ୍ୟାସଦେବ(କୁଳବୃଦ୍ଧ)ଙ୍କ କୋଳରେ ବସିଲେ । ନାମ, ଗୋତ୍ର, ଦେଶ, କାଳ ଉଚ୍ଚାରଣ କରି ରାଜପୁରୋହିତ ସୀକାର, ବରଣ ଓ ସ୍ୱସ୍ତିଶାନ୍ତି ପ୍ରଭୃତି ପାଠ ବରହସ୍ତରେ କନ୍ୟାଙ୍କୁ ଅର୍ପଣ କଲେ । ଦକ୍ଷିଣାବର୍ତ୍ତ ଶଙ୍ଖରେ ଜଳ ଢାଳି ଧରି କୁଶହସ୍ତ ହୋଇ ପିତା ଦୁହିତା ପ୍ରଦାନ କଲେ ଏବଂ ଦକ୍ଷିଣା ଦେଲେ । ଲକ୍ଷେ ଅଶ୍ୱ, ଲକ୍ଷେ ଶ୍ୱେତ ଗଜ, ଏକପଦ୍ମ ଗୋଧନ, ଏକପଦ୍ମ ଧେନୁ, ଲକ୍ଷେ ପରିବାରୀ, ଲକ୍ଷେ ସୁବର୍ଣ୍ଣ, ନୃତ୍ୟକାରୀ ଗଣିକା, ଲକ୍ଷ ସଙ୍ଖ୍ୟାରେ ଛତ୍ର, ଅଳଙ୍କାର, ହିରଣ୍ୟ, ପାଦଦଣ୍ଡ, ରଥ ପ୍ରଭୃତି ଯୌତୁକ ଦେଇ କନ୍ୟା ସମର୍ପଣ କଲେ । ଲଜାହୋମ ଶେଷ ହେବା ପରେ କନ୍ୟା ସମର୍ପଣ ହୋଇଥିଲା । ବରକନ୍ୟା ଦୁହେଁ ଘୃତପାରଣା କଲେ । ବିଧି ଅନୁସାରେ ସପ୍ତପଦୀ ଦର୍ଶନ କଲେ । ପୁର-ନାରୀମାନେ ବନ୍ଦାପନା କରି ହୁଳହୁଳି ଦେଲେ । ତତ୍ପରେ ଅଠଦିନ ବର ଶ୍ୱଶୁର ଘରେ ରହିଲେ । ଅଷ୍ଟମଙ୍ଗଳା ସାରି ବର କନ୍ୟାକୁ ନେଇ ସ୍ୱଗୃହକୁ ଗଲେ ।

ଏହି ବିବାହ ଯଦି ରାଜପରିବାରର ହୋଇଥିଲେ ମଧ୍ୟ ଆଡ଼ମ୍ବରରେ ତାରତମ୍ୟକୁ ଛାଡ଼ିଦେଲେ ସାଧାରଣରେ ସବୁ ପରିବାରରେ ଏହିସବୁ ରୀତି ପ୍ରଚଳିତ ଅଛି । ଶାରଳାଦାସଙ୍କ ଏହି ବିବାହ ପଦ୍ଧତିରୁ ତାଙ୍କ ସମୟରେ ମଧ୍ୟ ଏହି ସବୁ 'ବେଦୀ-କର୍ମ' ପ୍ରଚଳିତ ଥିବାର ଜଣାଯାଏ ।

ବର ନିର୍ବାଚନରେ କନ୍ୟାର ସ୍ୱାଧୀନତା ଥିବା ଏଥିରୁ ପ୍ରମାଣିତ ହେଉଥିଲେ ମଧ୍ୟ ଏହା ସର୍ବତ୍ର ଦେଖାଯାଉଥିଲା ବୋଲି କୁହାଯାଇ ପାରିବ ନାହିଁ । କନ୍ୟାର ଇଚ୍ଛା ପ୍ରତି ପିତାଙ୍କର ସହାନୁଭୂତି ହିଁ ପ୍ରଧାନ ଲକ୍ଷ୍ୟ ବସ୍ତୁ ।

ବ୍ରାହ୍ମଣଙ୍କ ରୂପ ବର୍ଣ୍ଣନା:—ପଞ୍ଚପାଣ୍ଡବ ଦ୍ରୌପଦୀ ସ୍ୱୟମ୍ବର ସଭାକୁ ଛଦ୍ମବେଶ ପରିଧାନ କରି ଯାଉଥିଲେ । ଏହି ବେଶ ସେମାନଙ୍କ ପକ୍ଷେ ଅବସ୍ଥା ଦୃଷ୍ଟିରୁ ସହଜ ଥିଲା । ସେମାନେ ସେତେବେଳେ ଯେଉଁ ଦୁରବସ୍ଥା ଭୋଗ କରୁଥିଲେ ସେଥିରେ ସଙ୍କୋଚିତ ହେବାର ସମ୍ଭାବନା ନ ଥିଲା । ଅଜ୍ଞାତ ସମୟ ମଧ୍ୟରେ 'ବ୍ରାହ୍ମଣବେଶ ହିଁ' ସେମାନଙ୍କ ପରି ଭଦ୍ରଜନଙ୍କ ପକ୍ଷରେ ସମସ୍ତୋପଯୋଗୀ ହୋଇଥିଲା । କବି ଏମାନଙ୍କୁ ଯେଉଁ ବେଶ କରାଇଛନ୍ତି ତାହା ଉତ୍କଳର ପାରମ୍ପରିକ 'ବୈଦିକ ବ୍ରାହ୍ମଣ' ବେଶ, ବର୍ତ୍ତମାନ ପୁଣି ସେହି 'ଶୁକ୍ଳ' ବେଶ ବୋଲି ଧରାଯାଏ ।

ବ୍ରାହ୍ମଣ ରୂପ ଧଇଲେ ତହୁଁ ପଞ୍ଚ ବୀରେ
ଟିକିଳି କରି ବସନ ପିନ୍ଧିଲେ କଟିରେ ।

ନବଗୁଣେ ଶୋଭା କଣ୍ଠରେ ଲମ୍ବିଣି
କାଖରେ ଜାକିଲେ ମଡ଼ୁଡୋଖି ବାନ୍ଧିକରି ।

ବ୍ରାହ୍ମଣ ଲକ୍ଷଣ ଯେତା ଶ୍ରୀବତ୍ସର ଚିହ୍ନ
ମୁଖେ ବେଦକାନ୍ତି ଯୋତି ସ୍ୱରୂପ ବ୍ରାହ୍ମଣ ।

କକ୍ଷେ ତାଳପତ୍ର ଛତା ହସ୍ତରେ ଗୋଷ୍ଠଣୀ
ସମସ୍ତଙ୍କ ବାହୁ ଭଲେ ତାମ୍ରବର୍ଣ୍ଣ ଦଣ୍ଡୀ ।

ଗୋପନ ହୋଇଲା ଅଗ୍ନି ଶରୀରେ ବୃଣ ନଡ଼ି
ଅଣ୍ଟାରେ ବାନ୍ଧି ଅଛନ୍ତି ମେଖଳା ଦଉଡ଼ି ।

ଗଣ୍ଡୂ ପୀଡ଼ା ତମ୍ବାପାଣି କରେ ଜପାମାଳି
କଣ୍ଠରେ ରୁଦ୍ରାକ୍ଷମାଳା ପଡ଼ିଛି କେବଳ ।

ବ୍ରାହ୍ମଣ ସଭାରେ ବିଜେ କଲେ ପଞ୍ଚ ବୀରେ
ପ୍ରତ୍ୟକ୍ଷେ କି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ସ୍ୱର୍ଗ ଭୂରେ । ଇତ୍ୟାଦି ।

ବ୍ରାହ୍ମଣ ସମାଜରେ ପଞ୍ଜିକା ଦେଖିବା ପ୍ରଣାଳୀ ଆଜି ଆଦରେ ରହିଛି ଯାଉଥିଲା ଯାହା ନଜର ହେଉଛି । ଏଠାରେ ହିଁ କବିର ବର୍ଣ୍ଣନାଶୈଳୀର ସାର୍ଥକତା । ଶାରଳା ଦାସ ବହୁ ସ୍ଥଳରେ ଏପରି ଜ୍ୟୋତିଷ ତଥ୍ୟ ପ୍ରଦାନ କରି ସ୍ୱ ଲେଖନୀକୁ ଧନ୍ୟ କରିଛନ୍ତି ।

ଶକୁନ :—ଶାରଳାଙ୍କ ସଂସ୍କୃତିସମ୍ମତ ଶକୁନଶାସ୍ତ୍ରର ପ୍ରୟୋଗ ବହୁ ବିଶେଷ ଭାବରେ କରିଛନ୍ତି । ପ୍ରତ୍ୟେକ ଶୁଭ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହି ଶକୁନର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ । ଶୁଭ ଶକୁନ ଦେଖାଗଲେ ସୁଖର ସୂଚନା ଜାଣିପାରି ଲୋକେ ଆନନ୍ଦିତ ହୁଅନ୍ତି ଏବଂ କାର୍ଯ୍ୟସିଦ୍ଧି ନିଶ୍ଚୟ ହେବ ବୋଲି ଭାବନ୍ତି । ଅଶୁଭ ଶକୁନ ବିପଦର ଆଭାସ ଦେଇ ମନକୁ ବିଚଳିତ କରାଇଥାଏ ଏବଂ ବହୁ ସମୟରେ ଲୋକେ କାର୍ଯ୍ୟୋଦ୍ୟମ ମଧ୍ୟ ବନ୍ଦ କରିଦିଅନ୍ତି । କବି ଗ୍ରନ୍ଥର ବିଭିନ୍ନ ସ୍ଥଳରେ ଏହି ଶକୁନର ବର୍ଣ୍ଣନା ଦେଇଛନ୍ତି ଏବଂ ଏହାର ପ୍ରଭାବ ମଧ୍ୟ ବର୍ଣ୍ଣନା କରିଛନ୍ତି । ଉଦାହରଣ ସ୍ୱରୂପ ଏଠାରେ ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ ପାଣ୍ଡବମାନଙ୍କ ପକ୍ଷରେ ଶୁଭ ଶକୁନ ଦେଖା ଯାଇଥିଲା ଏବଂ ପାଣ୍ଡବ ପକ୍ଷ ମଧ୍ୟ ଜୟର ଆଶା ଦେଖି ଆନନ୍ଦିତ ହୋଇଥିଲେ ।

ଏମନ୍ତ କାଳେ ଦକ୍ଷିଣ ଦିଗେ ହସ୍ତୀ ଛିଙ୍କି
ଶୁଭେ ବାଦ୍ୟ ତାକେ ଦଧି ମଙ୍ଗଳ ଘଣ୍ଟିକ ।
ବାମରେ ଶୋଭନ୍ତି ଅଗ୍ନିଙ୍କୁ ନୋହେଣ କଲେ ସ୍ଥିତ
ଈଶାନେ ହୃଦୟୁ ହୋଇଲେ ମହାଲକ୍ଷ୍ମୀ ମୂର୍ତ୍ତି ।
ଗ୍ରୀବା ନାମରେ ବନ୍ଦୀତ ଏକ ଗୋପାଳୁଣୀ
ସମ୍ମୁଖେ ଡାକିଲା ଆସି ଦଧିଖଣ୍ଡ ବେନି ।
ଯମୁନା ନଦୀ ମଧ୍ୟରୁ ଚେଙ୍ଗ ମାଛ ଏକ
ସମ୍ମୁଖରେ ପଡ଼ିଲା ଯାଇ ଦେଖିଲେ ପ୍ରତ୍ୟକ୍ଷ ।
ଶଙ୍ଖଚିଲ ଡାକ ଦିଏ ଦକ୍ଷିଣ ମୁରତ
ଉଦଉଦଳିଆ ପକ୍ଷୀ ରମ୍ଭା ବୃକ୍ଷେ ସ୍ଥିତ ।
ସଙ୍ଗ ଅନୁକୂଳ ବାୟୁ ଆସେ ହୃଏ ବୃଷ୍ଟି
ଅଦଭୂତେ ଅକାଶରୁ ହୋଇଲା ପୁଷ୍ପବୃଷ୍ଟି ।

ଶରୀର ତନ୍ତ୍ର :—ଶାରଳା ଦାସ ଶରୀର ତତ୍ତ୍ୱ ସମ୍ବନ୍ଧରେ ବହୁତ ବହୁସ୍ଥାନରେ ଉଲ୍ଲେଖ କରିଛନ୍ତି । ଶରୀର ତତ୍ତ୍ୱର ବିସ୍ତୃତ ବିବରଣ ଏଥିରେ ନଥିଲେ ମଧ୍ୟ ସ୍ଥୂଳଭାବରେ ପରଂପରାସମ୍ମତ ତଥ୍ୟ ଶୁଣାଇଛନ୍ତି । ଶାରଳାଦାସଙ୍କ ବହୁ ପୂର୍ବରୁ ଓଡ଼ିଶାରେ ଏହାର ବହୁଳ ଚର୍ଚ୍ଚା ଓ ସାଧନା ଥିଲା । ବୈଦିକ ଓ ବୌଦ୍ଧ ସାଧକମାନେ ଶରୀର ତତ୍ତ୍ୱ ସମ୍ବନ୍ଧରେ ସ୍ୱ ସ୍ୱ ମତାନୁମୋଦିତ ପନ୍ଥାରେ ଜ୍ଞାନଲାଭ କରି ସାଧନରେ ପ୍ରବୃତ୍ତ ହେଉଥିଲେ । ଏଥିରେ ଗୁରୁଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ବିନା ଗୁରୁରେ ଏ ସାଧନା ସହଜ ନୁହେଁ । ଚିତ୍ତବୃତ୍ତିନିରୋଧ ହିଁ ଏହି ସାଧନାର ପରମ ଲକ୍ଷ୍ୟ । ଏହାକୁ ଯୋଗସାଧନ ମଧ୍ୟ କୁହାଯାଏ । ଯୋଗରେ ସମାଧି ଅବସ୍ଥା ଆସିଗଲେ ଯୋଗୀ ବ୍ରହ୍ମଙ୍କ ସହିତ ଏକତ୍ୱର ସୁଖ ଆସ୍ୱାଦନ କରେ ଏବଂ ଏଥିରେ ପରମ ଆନନ୍ଦ ଲାଭ କରେ । ଏହାକୁ ବ୍ରହ୍ମତ୍ୱପ୍ରାପ୍ତି ବୋଲି ମଧ୍ୟ କେହି କେହି ସାଧକ କହନ୍ତି । ଶରୀର ସାଧନକୁ ସହଜ ସାଧନ ମଧ୍ୟ କୁହାଯାଏ । ଏହି ସାଧନରେ ସିଦ୍ଧିଲାଭ କଲେ ସାଧକ ମନକୁ ସ୍ୱ ଅଧୀନରେ ରଖେ ଏବଂ ଏହାଦ୍ୱାରା ଚିତ୍ତ ନିର୍ମଳ ହୁଏ । ଚିତ୍ତ ନିର୍ମଳ ହେଲେ ସାଧକ ନିଜ ଧାମରେ ମଧ୍ୟ ପରିଚିତ ହୁଏ । ପିଣ୍ଡାଣ୍ଡରେ ସାଧକ ସର୍ବ ସମତ୍ୱ ଦର୍ଶନ କରେ ଏବଂ ଏହା ହିଁ ଜୀବନର ଚରମ ଲକ୍ଷ୍ୟ ।

ସାଧନର ପ୍ରଣାଳୀ ସମ୍ବନ୍ଧରେ ଶାରଳାଦାସଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ଅଳ୍ପ କେହି ଲେଖିଥିବା ଜଣା ଯାଉନାହିଁ । ଏହାଙ୍କ ପରେ ବହୁ କବି ଏ ବିଷୟରେ ଗ୍ରନ୍ଥ ରଚନା କରିଛନ୍ତି ଏବଂ ଚର୍ଚ୍ଚା କରିଛନ୍ତି । ତେଣୁ ଶାରଳାଦାସ ହିଁ ଏ ବିଷୟରେ ସର୍ବପ୍ରଥମ ବୋଲି ମନେ ହୁଏ ।

ପାଞ୍ଚ ମନ, ପଚିଶ ପ୍ରକୃତି ଏ କାୟା-ପୁରକୁ ଭୁଆରେ ଭ୍ରମରେ ପକାନ୍ତି । ମନ ଓ ପ୍ରକୃତି ଆୟତ୍ତ ନ ହେଲେ ଚିତ୍ତ-ନିର୍ମଳ ସମ୍ଭବ ନୁହେଁ ଏବଂ ଚିତ୍ତ ନିର୍ମଳ ନ ହେଲେ ବ୍ରହ୍ମସାକ୍ଷାତ ବା ବ୍ରହ୍ମଜ୍ଞାନ ଅସମ୍ଭବ । ଅତଏବ ପାଞ୍ଚ ମନ, ପଚିଶ ପ୍ରକୃତିକୁ ଆୟତ୍ତ କରିବା ହିଁ ସାଧନର ଲକ୍ଷ୍ୟ । ଏହି କାୟା-ପୁର ଭିତରେ ବାସ୍ତରୀ ନାଡ଼ି, ଚୌଷଠୀ ହେଳୁ ଅବସ୍ଥିତ । ଏହି ନାଡ଼ିମାନଙ୍କ ମଧ୍ୟରେ ଈଳା, ପିଙ୍ଗଳା ଓ ସୁଷୁମ୍ନା ହିଁ ପ୍ରଧାନ । ଏହି ତିନି ପ୍ରଧାନ ନାଡ଼ିର ଉଚ୍ଚାଟନର ଛିଦ୍ର ( ବା ତଡ଼ ସ୍ଥାନ ) । ଏଥିରେ

ନବ ନାଡ଼ି ବନ୍ଧା । ଏହି ନବ ନାଡ଼ିରୁ ତିସ୍ତ୍ରିଶ କୋଟି ନାଡ଼ି ଜାତ । ଏଥିରୁ ଚଉରାଶୀଟି ପ୍ରଧାନ । ଏଗୁଡ଼ିକର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସମ୍ୟକ୍ ଜ୍ଞାନଲାଭ କରି ପବନ ନିରୋଧ କରିବାପାଇଁ ଯୋଗ ସାଧନା । ତାହାର ପନ୍ଥା ମଧ୍ୟ ଗୁରୁ ବିନା ଅସମ୍ଭବ । ବିଭିନ୍ନ ଗୁରୁ ବିଭିନ୍ନ ପ୍ରକାର ସାଧନମାର୍ଗ ଅବଲମ୍ବନ କରୁଥିବା ହେତୁରୁ ତତ୍ତ୍ୱ ବର୍ଣ୍ଣନରେ ମଧ୍ୟ ବିଭିନ୍ନତା ଦେଖାଯାଏ । ଏହା ସାଧକ ପକ୍ଷରେ ସହଜବୋଧ୍ୟ, ଅନ୍ୟ ପକ୍ଷରେ ଅଗମ୍ୟ ।

ଅଶେଷ ତାତ ପାଞ୍ଚ ମନ ପଚିଶ ପ୍ରକୃତି
ଏ କାୟା ଧରିଲୁ ବୃଥା ଭ୍ରମରେ ପଡ଼ିଲୁ ।
ବାଅସ୍ତରି ନାଡ଼ି ପୁଣି ଚୌରଶୀ ହେଲୁ
ପବନର ଭେଟାଭେଟି ସନ୍ଧାନର ତତ୍ତ୍ୱ ।
ଇଅଁଳା ପିଅଁଳା ପୁଣି ମଧ୍ୟେ ସୁଷୁମ୍ନା
ଉଚାଟରି ଛିଦ୍ର ଏହି ନବ ନାଡ଼ି ଜଣା ।
ଏଥିରୁ ଜାତ ନାଡ଼ି ଯେ ତିସ୍ତ୍ରିଶ କୋଟି
ପୁଣି ଏହା ସାର ନାଡ଼ି ଅଟେ ଚୌରାଶୀଟି ।
ରସନା ନିଶ୍ୱାସ ଦୁହେଁ ଏକଇ ଯେ ବାଟ
ଯୋଗର ଧାରଣାକୁ ଟେକିଲ ଶ୍ରୀକଣ୍ଠ ।
ଇଅଁଳା ଏକାଳେ ହେଲୁ ଚନ୍ଦ୍ର ମେଳେ ଜଣା
ଅଗସ୍ତି ସୂର୍ଯ୍ୟକୁ ନିନମଣ ଯେ ପିଅଁଳା । × × । (ବ. ପ.)

ଇଡ଼ାକୁ ଇଅଁଳା, ପିଙ୍ଗଳାକୁ ପିଅଁଳା, ସୁଷୁମ୍ନାକୁ ଝିଷୁମ୍ନା ବୋଲି ଦାସ ଲେଖିଛନ୍ତି । ଓଡ଼ିଶାରେ ଏହି ସହଜ-ସାଧନର ଶେଷପନ୍ଥୀଙ୍କୁ ଭିନ୍ନ କଥ ଓ ସାଧକ ବିଭିନ୍ନ ନାମ ଦେଇଥିବା ଦେଖାଯାଏ । ଶ୍ରୀକଣ୍ଠ, କାର୍ତ୍ତିକପାଟଣୀ, ଗୋଲକଦାଣ୍ଡ ପ୍ରଭୃତି ଏମାନଙ୍କ ଭିତରେ ସୁପରିଚିତ ।

କବି ଏହି ସହଜ ସାଧନର ପନ୍ଥା ମଧ୍ୟ ବର୍ଣ୍ଣନା କରିଛନ୍ତି । ସାଙ୍କେତିକ ସନ୍ଧ୍ୟାଭାଷାରେ ଏହାର ବର୍ଣ୍ଣନା ଦିଆଯାଇଥିବାରୁ ଏହା ସାଧାରଣ-ବୋଧଗମ୍ୟ ନୁହେଁ ।

ଅଧୋବଦନ ହୋଇଣି ବନ ସୁଖ ଯାଚି
ଚନ୍ଦ୍ରମୁଖୀ ଅବାଙ୍ମୁଖ ମୁଦ୍ରା ରଚନ୍ତି ।
ଠାଣ ଲମ୍ବ କରି କାହେଁ ଚନ୍ଦ୍ରମଣ୍ଡଳ ରଙ୍କ
ଶ୍ରୀକଣ୍ଠ ସବନେ ହୃଦେ ଚନ୍ଦ୍ରର ଉଦୟ ।
ଛିନ୍ନ ତପନ ଧାପନ ବାସୁ ସ୍ୱାହା ବ୍ରହ୍ମା
ଏତେକ ଛନ୍ଦ ଅଭିନ୍ନ ଅଷ୍ଟଭୁଜ ଅମ୍ବା ।
ଏତେ ଯୋଗ ଦେଖ ଯେବେ ବନ୍ଦେ ବିପ୍ରଜାତ
ତେତେବେଳେ ଜାଣ ସେ ପଞ୍ଚଭୂତ ତତ୍ତ୍ୱ । ଇତ୍ୟାଦି (ବ.ଗ.)

**ଦେଶର ନାମ:**—କବି ମହାଭାରତରେ ବିଭିନ୍ନ ପ୍ରସଙ୍ଗରେ ବହୁ ଦେଶର ନାମ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ଭିତରୁ କେତେକ କାଳ୍ପନିକ ମନେହୁଏ । କେବଳ ପୂରଣଶୈଳୀ ରକ୍ଷା କରିବା ପାଇଁ ଏପରି କରିଥିବା ମନେହୁଏ । ଭୌଗୋଳିକ ଓ ଐତିହାସିକ ତତ୍ତ୍ୱର ସନ୍ଧାନ କରିବା ଭଳି ଉଦ୍ଦେଶ୍ୟ ଉପାଦାନ ଏଥିରେ ନାହିଁ କି ମଧ୍ୟ କବିଙ୍କ ସମସାମୟିକ ଐତିହାସିକ ବର୍ଣ୍ଣିତ ଘଟଣାର ସ୍ମାରକ ସ୍ୱରୂପ କେତୋଟି ରାଜ୍ୟର ନାମ ଦେଇଥିବା ଅନୁଭବ ମନେହୁଏ ।

କଳିଙ୍ଗ ଉତ୍କଳ ଦେଶ ତୈଲଙ୍ଗ ଅବର
ଭୁଜଙ୍ଗ ତୁରଙ୍ଗ ବଙ୍ଗ ଦେଶ ବଜ୍ରପୁର ।
ଚୀର ଦେଶ ଘାର ଦେଶ ମହାଚୂଣ ଦେଶ
ହିମୁଦ୍ର ତ୍ରି ବ୍ରଜକଣ୍ଟକ ମନ୍ଧାର ପଦେଶ ।
କାମାକ୍ଷୀ କାଞ୍ଚୀ ଦେଶ ଡାହାଳ ବେଳାଳ
କୌଶିକ ଗୌଡ଼ ଦେଶ ନେପାଳ ଭୂପାଳ ।
ମାଳବ ଦେଶ କୁଶର ଦେଶ ମହେଣ୍ଡ
ମଗଧ ଦେଶ କର୍ଣ୍ଣାଟ ଦେଶ ମହାରାଷ୍ଟ୍ର ।
ମତ୍ସ୍ୟ ଦେଶ କାଶୀ ଦେଶ ରାଷ୍ଟ୍ର କୁରୁରାଷ୍ଟ୍ର
କାଶ୍ମୀର ସେ କାନ୍ୟକୁବ୍ଜ କର୍ପୂର ସୌରାଷ୍ଟ୍ର ।
ଗଜ ଅନଳ ଆବର୍ତ୍ତ ସୁକାନ୍ତ ଉତ୍କଳ
ମଦ୍ରାତି ଗାନ୍ଧାର ଦେଶ ପାଞ୍ଚାଳ କୋଶଳ ।

ଶ୍ୱେତମଣ୍ଡଳ ଯେ ମେଘମଣ୍ଡଳ ପୁଷ୍କଳ
ମଧୁମଣ୍ଡଳ ମଳୟମଣ୍ଡଳ ଯେ ମଙ୍ଗଳ ।
ସ୍ଥାପିଥିଲେ ଯେ ଛତିଶ ମଣ୍ଡଳେ ତଡ଼ଣ
ବରଷ ପାଇ ଆସିଲେ ଏସବୁ ନୃପତ ।

ସୋମରାଷ୍ଟ୍ର ମହାରାଷ୍ଟ୍ର ରାଷ୍ଟ୍ର କୁରୁରାଷ୍ଟ୍ର
କଟକ ରାଷ୍ଟ୍ର ଭୈରବ ରାଷ୍ଟ୍ର ଭଦ୍ର ରାଷ୍ଟ୍ର ।
ଦଣ୍ଡରାଷ୍ଟ୍ର ବନ୍ଧୁରାଷ୍ଟ୍ର ଦେଶ ଗୁଜରାଷ୍ଟ୍ର
କଳତରଙ୍ଗ ରାଷ୍ଟ୍ର ଯେ ନାଳ ଅଙ୍ଗରାଷ୍ଟ୍ର ।

ସୌରାଷ୍ଟ୍ରକୁ ଦେଖଣ ମେଦେନ୍ଦ୍ର ବାର ରାଷ୍ଟ୍ର
ଚଣ୍ଡପୁର ନଗର ଯେ କଣ୍ଟ ବିନ୍ଧ୍ୟପୁର
ପୁଟକମ୍ବୁ ନଗର ଯେ କଙ୍କାଳ ନଗର ।
କନକାଳ ନଗର ଯେ ମେଖଳ ନଗର
ସୁନ୍ଦର କୋଶଳ ଯେ ଭୈରବ କୋଶଳ
ମଧ୍ୟ କୋଶଳ ଆଉର ଉତ୍ତର କୋଶଳ
କଳିଙ୍ଗଙ୍କ କୋଶଳ ଯେ ଦାକ୍ଷିଣ କୋଶଳ । ଇତ୍ୟାଦି ।

ଅନ୍ୟ ସ୍ଥାନରେ ଏପରି କେତେକ ରାଜ୍ୟର ନାମୋଲ୍ଲେଖ କରିଛନ୍ତି—

କଳିଙ୍ଗ ଉତ୍କଳ ବଙ୍ଗ ତୈଲଙ୍ଗ ଆଉର
ଚୂଡ଼ଙ୍ଗ ହୁଡ଼ଙ୍ଗ ଅଙ୍ଗ ଦେଶ ନୃପବର ।
ଛତ୍ର ଦେଶ ବାର ଦେଶ କେରଳକଟ ଦେଶ
ମୋଟ ଭୋଟ କର୍ଣ୍ଣାଟ ଏ ଦେଶଙ୍କୁ ବିଶେଷ ।

ମହାର ଦେଶ ଡାହାଳ ଦେଶ କାକପାଣି
ଖୀର ଦେଶ ପଦ୍ମ ଦେଶ ମାଳବ ଏ ପୁଣି ।

କାଶ୍ମୀର କାନ୍ୟକୁବ୍ଜ ଦେଶ ଯେ ଆଉର
ବାରିପତି କୁମାରକ କାଞ୍ଚି ମଣ୍ଡଳ । ଇତ୍ୟାଦି ।

ଅନ୍ୟ ସ୍ଥାନରେ ପାଣ୍ଡବମାନଙ୍କୁ ଦୁର୍ଯ୍ୟୋଧନଙ୍କ ଚରମାନେ ଅନ୍ୱେଷଣ କରିଥିବା ପ୍ରସଙ୍ଗରେ କବି କେତେକ ଦେଶର ନାମ ଓ ସେମାନଙ୍କର ଭୌଗୋଳିକ ଅବସ୍ଥିତି ସମ୍ବନ୍ଧରେ କିଛି ଲେଖିଛନ୍ତି ।

କଳିଙ୍ଗ ମଗଧ ଆଉ ବେଳା ଗୁଜରାଟ
ମଥୁରା ଚିତ୍ର ବାଟସ୍ଥ ଆବର ମର୍ଦ୍ଦଟ ।
କନାଉଜ ଭଦ୍ରୋବିର ପୁଣି ଚନ୍ଦ୍ରଗିରି
କାଞ୍ଚି ଚନ୍ଦ୍ରପୁର ଆଉ ଉତ୍କଳ କାବେରୀ ।
ଭୋଜମଣ୍ଡଳ କୋଶଳମଣ୍ଡଳ ମହିକା
ପାଣ୍ଡବନଗର କୃଷ୍ଣାବେଣୀ ଉଡ୍ଡିକା । X X
ଲାଟ ମ୍ଲେଚ୍ଛଙ୍କ ଅବନ୍ତୀ ଆବର କାମାକ୍ଷୀ
ତରତର କୁଣ୍ଡାବେଢ଼ ପୁଣି ମଙ୍ଗଳାକ୍ଷୀ । X
ଗୁଳସାଦେବପୁର ସେ ପୁଣି ଭୁଚଣ୍ଡ
ଜମ୍ବୁଗଣ୍ଡ ଉଡ଼ୁଗଣ୍ଡ ସର୍ଣ୍ଣ ମାରଣ୍ଡ । X
ଶାକାପୁର ବେଣ୍ଣୀପୁର ଦୁଆଁ ମହାରାଷ୍ଟ୍ର
ସିନ୍ଧୁ ମଦାର ମର୍ଦ୍ଦଟ ପୁଣି ସୌରାଷ୍ଟ୍ର । (ବି. ପ.)

ପୁଣି—ଭାନୁମତୀ ସ୍ୱୟମ୍ବରକୁ ଏହି ଦେଶମାନଙ୍କର ରାଜାମାନେ ଆସିଥିଲେ—

ଚିର ଦେଶ ଖାର ଦେଶ ମହାଚୀଣ ଦେଶ
କିମ୍ପୁରୁଷ ଶ୍ରୀ ଶ୍ୱେତଗଣ୍ଟ ମହାର ନରେଶ ।
ମାଳବ ଦେଶ କୁନ୍ତଳ ଦେଶ ମରହଟ୍ଟ
ମଗଧ ଦେଶ କର୍ଣ୍ଣାଟ ଦେଶ ମହାରାଷ୍ଟ୍ର ।
କାଞ୍ଚିନଗର ଉଦୟପୁର ଯେ ନଗର
ବଡ଼ାମ୍ବା ନଗର ଆଉ ବିଜୟନଗର ।
କୁଣ୍ଡିନଗର ମହେନ୍ଦ୍ରନଗର ଆବର
ଗଲ ଅନେକ ଦେଶ ଯେ ପୃଥିବୀ ମହାର ! (ଆ. ପ.)

ତୀର୍ଥସ୍ଥାନମାନଙ୍କର କେତେକ ନାମ କବି ଦେଇଛନ୍ତି—

ଗଙ୍ଗା ଯମୁନା ଗୋଦାବରୀ ଆଉ କୃଷ୍ଣବେଣୀ
ସ୍ୱର୍ଗଗଙ୍ଗା ନାସିକା କେଦାର ବୈତରଣୀ ।
ସୁମଙ୍ଗା ବେଦମନ୍ତ୍ର ଯେ ପ୍ରାଚୀ ଚନ୍ଦ୍ରଭାଗା
ଭାଗୀରଥୀ ସରସ୍ୱତୀ ପୁଣି ବୋଧ୍ୟଗଙ୍ଗା ।
ମହାନଦୀ ଗୋମତୀ ଫଲ୍‌ଗୁ ପୁଣି ବିଶାଳକ୍ଷେତ୍ରା,
କାବେରୀ ମଣିକର୍ଣ୍ଣିକା ମାଣ ମାନସୁଦ୍ରା ।
ଶ୍ରୀ ସରସ୍ୱତୀ ସଙ୍ଗମ ଅବାଳା ବାଣ୍ଡିଳା
କାମାକ୍ଷୀ କାଳିନ୍ଦୀ ମହାତିକ୍ତ ଋଷିମାଳା ।
କାଶୀ କୌଶିକୀ ଅଳକା ଅବର ଗୋମନ୍ତ
ତଳାଶୀ ତେଲଭଦ୍ରା ଯେ ନର୍ମ୍ମଦା ରେବତୀ ।

ଏଥିରେ ଭାରତର ବହୁ ଗିର ପ୍ରସିଦ୍ଧ ନଦୀ ଅଛି; ଯଥା:—ଗଙ୍ଗା, ଗୋଦାବରୀ, କୃଷ୍ଣବେଣୀ (କୃଷ୍ଣା), ବୈତରଣୀ, ଭାଗୀରଥୀ, ଫଲ୍‌ଗୁ, କାବେରୀ, ସରସ୍ୱତୀ, ଗୋମତୀ, ନର୍ମଦା, ରେବତୀ । ଓଡ଼ିଶାର ବୈତରଣୀ, ପ୍ରାଚୀ, ଚନ୍ଦ୍ରଭାଗା, ମହାନଦୀ, ତଳାଶୀ, ତେଲଧାନ୍ଦୁଲା ପ୍ରଭୃତି କେତେକ ପ୍ରସିଦ୍ଧ ନଦୀର ନାମ ମଧ୍ୟ ଉଲ୍ଲେଖ କରିଛନ୍ତି ।

କବି ତୁଳସୀପୁର, ଭୁବନେଶ୍ୱର, ଜମ୍ବୁଦ୍ୱୀପ, ଧଡ଼ଦ୍ୱୀପ ଓ ସ୍ୱର୍ଣ୍ଣମାରକଣ୍ଡ ପ୍ରଭୃତି ଦେଶ ପୂର୍ବ ନଗର ଏବଂ ଶାଖାପୁର, ଶ୍ରେଣୀପୁର, ଭୁଦା, ମହାଦ୍ୱୀପ, ସିନ୍ଧୁ, ମହାର, ମର୍ଦ୍ଦଟ ଓ ଯାଉବାଙ୍କ ପ୍ରଭୃତି ଉତ୍ତର ନଗର ଦେଶ ବୋଲି କହିଛନ୍ତି ।

ଦକ୍ଷିଣ ଭାରତର କାଞ୍ଚୀ, ଉଦୟଗିରି, ଚନ୍ଦ୍ରଗିରି, କାବେରୀ, ଚୌରମଣ୍ଡଳ, ମଣିକାମଣ୍ଡଳ, ପାଣ୍ଡୁନଗର, କୃଷ୍ଣବେଣୀ ଓ କୁଣ୍ଡାବେଢ଼ ପ୍ରଭୃତି ଦେଶର ନାମ କବି ଉଲ୍ଲେଖ କରିଛନ୍ତି । କିନ୍ତୁ ଏମଧ୍ୟରେ ଭ୍ରାନ୍ତି ରହିଛି । 'କାବେରୀ', କୃଷ୍ଣବେଣୀ (କୃଷ୍ଣା) ନଦୀ ନାମରେ ହିଁ ପ୍ରସିଦ୍ଧ । କାଞ୍ଚୀ, ଉଦୟଗିରି, ଚନ୍ଦ୍ରଗିରି, କୁଣ୍ଡାବେଢ଼ (କୋଣ୍ଡାଭିଡ଼ୁ ଦୁର୍ଗ), ପାଣ୍ଡୁନଗର (ପାଣ୍ଡ୍ୟ ରାଜ୍ୟ) ତତ୍କାଳୀନ

କର୍ଣ୍ଣାଟ ସାମ୍ରାଜ୍ୟରେ ଥିଲା । ଉତ୍କଳ ସମ୍ରାଟ କପିଳେନ୍ଦ୍ର ଦେବ କର୍ଣ୍ଣାଟ ସାମ୍ରାଜ୍ୟର ଉଦୟଗିରି, ଉଦେଗିରି, କୋଣ୍ଡାବିଡୁ ପ୍ରଭୃତି ଜୟ କରି ଗୋଦାବରୀଠାରୁ ଦକ୍ଷିଣକୁ କାବେରୀ ନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ବେଳକୁ ମଧ୍ୟ ଏହି ସାମ୍ରାଜ୍ୟର ସୀମା ସଙ୍କୁଚିତ ହୋଇନଥିଲା । ପ୍ରତାପରୁଦ୍ରଙ୍କ ରାଜତ୍ୱରେ କର୍ଣ୍ଣାଟ ସମ୍ରାଟ କୃଷ୍ଣଦେବରାୟ ଏହିସବୁ ରାଜ୍ୟ ଛଡ଼ାଇ ନେଲେ; ଉତ୍କଳ ସାମ୍ରାଜ୍ୟର ସୀମା ଗୋଦାବରୀ ନଦୀ ପର୍ଯ୍ୟନ୍ତ ଉତ୍ତରକୁ ହଟି ଆସିଲା । କର୍ଣ୍ଣାଟ ସମ୍ରାଜ୍ୟର ରାଜଧାନୀ ବିଜୟନଗରର ନାମ ବି ଉଲ୍ଲେଖ କରିଛନ୍ତି ।

ଶାରଳା ଦାସ ପଶ୍ଚିମ ଓ ଉତ୍ତର ଭାରତର କୌଣସି ରାଜ୍ୟର ନାମ ଉଲ୍ଲେଖ କରିଛନ୍ତି ସେଥିରେ ବେଶି ବ୍ୟତିକ୍ରମ ନାହିଁ । କେତେକ ଚକ୍ରବର୍ତ୍ତୀ ଓ ପଟ୍ଟରାଣୀ ରାଜ୍ୟର ନାମ ମଧ୍ୟ ସେ ଦେଇନାହାନ୍ତି । ଭୌଗୋଳିକ ଅବସ୍ଥିତି ଓ ନାମରେ କେତେକ ବ୍ୟତିକ୍ରମ ଦେଖାଯାଉଥିବାରୁ କବିଙ୍କର ବିଦେଶ ଭ୍ରମଣ ବା ତୀର୍ଥଭ୍ରମଣ ନଥିଲା ବୋଲି ସନ୍ଦେହ କରାଯାଇପାରେ । ସେହି ସମୟରେ ଓଡ଼ିଶାର ବହୁ ଲୋକ ସାମ୍ରାଜ୍ୟର ଦକ୍ଷିଣ ଅଂଶକୁ ଯାଇ ଯୁଦ୍ଧ ଓ ରାଜକାର୍ଯ୍ୟରେ ସମୟ ଅତିବାହିତ କରୁଥିଲେ । ସେହି ଅଞ୍ଚଳରୁ ମଧ୍ୟ ବହୁ ଲୋକ ଓଡ଼ିଶାକୁ ଆସୁଥିଲେ । ଦେଶରେ ଲୋକମୁଖରେ ଓଡ଼ିଶାର ସାମରିକ ବିଜୟ କାହାଣୀ ଶୁଣିବା ସୌଭାଗ୍ୟ ଶାରଳା ଦାସଙ୍କର ହୋଇଥିବ । ଦେଶ ଦେଖିବା ସମ୍ଭବ ହୋଇ ନ ପାରିଥିବାରୁ ଭୌଗୋଳିକ ଅବସ୍ଥିତି ସମ୍ବନ୍ଧରେ ସ୍ପଷ୍ଟ ଧାରଣା ନ ହେବା ସ୍ୱାଭାବିକ । ବିଶେଷତଃ ସେ ସମୟର ଯାତାୟାତର ଅନୁନ୍ନତ ଅବସ୍ଥା ଦୃଷ୍ଟିରେ ଏବଂ ଭୌଗୋଳିକ ଅବସ୍ଥିତି ନିର୍ଣ୍ଣୟ କରିବା ଶାସ୍ତ୍ର ଓ ଶିକ୍ଷାବିତ୍‌ଙ୍କ ସଂଖ୍ୟାର ସ୍ୱଳ୍ପତା ଯୋଗୁଁ ଏପରି ଭ୍ରାନ୍ତି ଜନ୍ମିବା ସ୍ୱାଭାବିକ । ସେତେବେଳେ କେବଳ କେତେକ ପ୍ରସିଦ୍ଧ ତୀର୍ଥ ଓ ରାଜ୍ୟର ନାମ ହିଁ ଲୋକସମାଜରେ ପ୍ରଚଳିତ ଥିଲା ଏବଂ ଏଗୁଡ଼ିକର ଦିଗ ଓ ଅବସ୍ଥିତି ଲୋକେ ଜାଣିଥିଲେ ।

ତତ୍କାଳୀନ ଓଡ଼ିଶା ସାମ୍ରାଜ୍ୟ ଭିତରେ ଏବଂ ଦକ୍ଷିଣ କଳିଙ୍ଗରେ ଥିବା ବହୁ ଅଞ୍ଚଳ ସମ୍ବନ୍ଧରେ କବିଙ୍କର ସ୍ୱଚ୍ଛଜ୍ଞାନ ଥିବା ହିଁ ଅନୁମିତ ହୁଏ ।

କୂର୍ମ ପର୍ବତ ବୋଲିଣ ଏକ ଗିରିବରେ
ସୁରନଦୀ ବୋଲି ନଦୀ କହେ ଏକଧାରେ ।
ତାହାର ପଶ୍ଚିମ ଭାଗେ ନରେଷ୍ଠ ଅରଣ୍ୟ
ଜଗମଣ୍ଡଳ ବୋଲିଣ ନାମ.ତାର ହୋଇ । × ×

'କୂର୍ମ ପର୍ବତ' ଶ୍ରୀକାକୁଳ ନିକଟସ୍ଥ ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ଶ୍ରୀକୂର୍ମକୁ ବୁଝାଉଛି । ଏହାକୁ ପ୍ରାଚୀନ ଶିଳାଲିପିମାନଙ୍କରେ "କୂର୍ମକୋଟି" ବୋଲି ମଧ୍ୟ ଲେଖାଅଛି । ବର୍ତ୍ତମାନ ପର୍ବତ ଅଦୃଶ୍ୟ ହୋଇଛି । ପୁରୀର 'ନୀଳାଚଳ' ପରି ଏଠି କୂର୍ମ ପର୍ବତ ମଧ୍ୟ ଏବେ ଆଉ ନାହିଁ । ଏହାର ଏକ ଧାରରେ ସୁରନଦୀ ବହୁଥିବାର ଲେଖିଛନ୍ତି କିନ୍ତୁ ଏହାର ନାମ ସୁରନଦୀ ନୁହେଁ । ଏହାପରି ମହେନ୍ଦ୍ର, ଦକ୍ଷିଣକୋଶଳ, ବଡ଼ାମ୍ବା ପ୍ରଭୃତି ସମ୍ବନ୍ଧରେ ସ୍ପଷ୍ଟ ଧାରଣା ହେବା ମଧ୍ୟ ସମ୍ଭବ ନୁହେଁ । କବିଙ୍କର ବୈତରଣୀ ଓ ନୀଳାଚଳ ମଧ୍ୟରେ ଥିବା କେତେକ ସ୍ଥାନର ଜ୍ଞାନ ଥିବା ଜଣାଯାଏ । ଚନ୍ଦ୍ରଭାଗା, କୋଣାର୍କ, ନୀଳାଚଳ, ଯାଜପୁର ଓ କନକପୁର ପ୍ରଭୃତି ସ୍ଥାନର ଉଲ୍ଲେଖ ସେ ବହୁବାର କରିଛନ୍ତି ।

**ବର୍ଣ୍ଣନାଚାତୁରୀ**—ବର୍ଣ୍ଣନାଶୈଳୀ ଦିଗରୁ ଦେଖିଲେ ମହାଭାରତର ଆଦ୍ୟ, ମଧ୍ୟ, ସଭା, ବନ, ବିରାଟ, ଉଦ୍‌ଯୋଗ ଓ ଯୁଦ୍ଧପର୍ବମାନଙ୍କରେ କବି ଅତି ଉଚ୍ଚ ସୀମାରେ ପହଞ୍ଚିଛନ୍ତି । ମୂଳ ମହାଭାରତରେ ମଧ୍ୟ ଏହି ପର୍ବମାନଙ୍କରେ ସୁନ୍ଦର ସୁନ୍ଦର ବିଷୟର ବୈଚିତ୍ର୍ୟପୂର୍ଣ୍ଣ ବର୍ଣ୍ଣନା ରହିଛି । ମୂଳର ଶେଷ ପର୍ବମାନଙ୍କରେ ଦାର୍ଶନିକ ଓ ଅନ୍ୟାନ୍ୟ ବହୁ ଗୂଢ଼ତତ୍ତ୍ୱ ବର୍ଣ୍ଣିତ ହୋଇଛି, କିନ୍ତୁ ଶାରଳା ଦାସ ଏହିସବୁ ବିଷୟରେ ବେଶି କୃତିତ୍ୱ ଦେଖାଇ ପାରିନାହାନ୍ତି ।

ସ୍ୱୟଂବର, ବିବାହ, ହରଣ ଓ ଯୁଦ୍ଧବର୍ଣ୍ଣନା ପ୍ରଭୃତି କେତେକ ସ୍ଥାନରେ କବି ଅଧିକ ପଟୁତା ଦେଖାଇଛନ୍ତି । କବିଙ୍କର ଏହି ଚରିତ୍ରସୃଷ୍ଟି ଓଡ଼ିଶାରେ ବହୁ ଆଦର ଲାଭ କରିଛି । ସରଳ, ସ୍ୱାଭାବିକ ଓ ସାବଲୀଳ ଭାଷାରେ ମନୋରଞ୍ଜକ, ବିସ୍ମୟୋତ୍ପାଦକ ଚରିତ୍ର ଓ ଘଟଣା ବର୍ଣ୍ଣନାଦ୍ୱାରା ହିଁ ଏହା ସମ୍ଭବ ହୋଇଛି ।

**ରୂପବର୍ଣ୍ଣନା**—ବୈତରଣୀ ନଦୀକୂଳସ୍ଥ ଶୋଣିତପୁରର ରାଜା ବାଣାସୁରଙ୍କ କନ୍ୟା "ଊଷା ହରଣ" ପ୍ରସଙ୍ଗରେ ଊଷାର ରୂପ ଅତି ସୁନ୍ଦର ପଦାବଳୀରେ ବର୍ଣ୍ଣନା କରିଛନ୍ତି । ନୟନଯୁଗଳ ନୀଳୋତ୍ପଳ, ନାସା ତିଳପୁଷ୍ପ, ଦନ୍ତ ଗଜମୋତି, ଅଧର ବନ୍ଧୁଲିବର୍ଣ୍ଣ, ପାଦତଳ ରକ୍ତକୁମୁଦର ରଙ୍ଗ, ରାଜହଂସର ଗମନ, କୋକିଳର ବଚନ—ଏହିପରି 'ସମାନ' କରିଛନ୍ତି । ଅଳଙ୍କାରାଦିରେ ଶରୀରଶୋଭା ବର୍ଦ୍ଧିତ ହୋଇଛି । କର୍ଣ୍ଣରେ ସୁବର୍ଣ୍ଣର ମୁକ୍ତାଯୁକ୍ତ ଝୁମ୍ପ, କଣ୍ଠରେ ମୁକ୍ତାର ହାର । ନାନା ରତ୍ନଖଚିତ ବାହୁଟି ବାହୁରେ ଶୋଭା ପାଉଛି । ପାଦର ନୂପୁର ଝୁମୁଝୁମୁ ବାଜୁଛି । ସୂର୍ଯ୍ୟଜ୍ୟୋତିସମ ପ୍ରଭା ବିସ୍ତାର କରୁଥିବା ରତ୍ନମୁଦ୍ରିକା ଅଙ୍ଗୁଳିର ଶୋଭାବର୍ଦ୍ଧନ କରୁଛି । ବାଳୀ 'ଦେବାଙ୍ଗ' ବସନ ପରିଧାନ କରିଥିଲେ ଏବଂ କେଶକୁ ସୁନ୍ଦରଭାବରେ ଶ୍ୟାମଳ ନାନା ପୁଷ୍ପରେ ମଣ୍ଡିତ କରିଥିଲେ ।

ଏହି ଚିତ୍ର ବର୍ତ୍ତମାନ ଦକ୍ଷିଣ ଓଡ଼ିଶାର ବହୁ ପରିବାରରେ ଦେଖାଯାଏ । ରାଜକୁମାରୀ ବୋଲି ଊଷା ହାର, ମାଳା, ମୋତି, ମାଣିକ୍ୟ ଓ ସୁବର୍ଣ୍ଣର ଅଳଙ୍କାର ପିନ୍ଧିଥିଲେ । ନିର୍ଦ୍ଧନ ଗୃହସ୍ଥର କନ୍ୟା ସ୍ୱଳ୍ପମୂଲ୍ୟର ଅଳଙ୍କାରରେ ବିଭୂଷିତ ହେଉଛନ୍ତି । କିନ୍ତୁ ଅଳଙ୍କାର, ବେଶଭୂଷା, ପୁଷ୍ପସଜ୍ଜା, ବସ୍ତ୍ରପରିଧାନ ପ୍ରଭୃତି ବିଷୟ ଏକ ପ୍ରକାରର, ଏଥିରେ ସନ୍ଦେହ ନାହିଁ ।

ଶାରଳା ଦାସଙ୍କ ବହୁ ପୂର୍ବରୁ, ଶତଶତ ବର୍ଷ ପୂର୍ବର ବହୁଜନାଦୃତ, ବିସ୍ମୟୋଦ୍ଦୀପକ ସୂକ୍ଷ୍ମକଳାଭଣ୍ଡାର ଭୁବନେଶ୍ୱରମନ୍ଦିରରାଜିମାନଙ୍କରେ ଯେଉଁ ରମଣୀୟ ଚିତ୍ର ଭଙ୍ଗୀରେ ଶିଳ୍ପୀମାନେ ଫୁଟାଇ ଅଛନ୍ତି ତାହାଠାରୁ ଏ ଚିତ୍ର ଭିନ୍ନ ନୁହେଁ । ଏ ବେଶଭୂଷା, ଅଳଙ୍କାର, ଠାଣି, ସୁକ୍ତକେଶୀ ଓଡ଼ିଶାର ପରଂପରା; ଏହାକୁ ହିଁ ଶାରଳା ଦାସ ସ୍ୱ ରଚନାରେ ମୂର୍ତ୍ତିଦାନ କରିଛନ୍ତି । ଅଳଙ୍କାର, ବସନ, ପୁଷ୍ପ ପ୍ରଭୃତିର ଆକାରପ୍ରକାରରେ ବସ୍ତୁପଣାଙ୍କ ବହୁନ୍ଦତା ଛନ୍ଦିତ ସଂସ୍କୃତିର ପରିଚୟସୂଚକ ।

ନୟନ ନୀଳ ଉତ୍ପଳ ନାସା ତିଳ ଫୁଲ
ଦନ୍ତ ଗଜମୋତି ସମ ବନ୍ଧୁଲି ଅଧର ।
ରକତ କୁମୁଦ ଜିଣି ପାଦତଳ ରଙ୍ଗ
ରାଜହଂସଗମନୀ ଦେହ ଅତି ଶୋଭା ଅଙ୍ଗ ।

କୋକିଳ ଶବଦ ବାଳା ସ୍ୱରେ ମୃଦୁବାଣୀ
ଅପାଙ୍ଗ ଦୃଷ୍ଟିରେ କାମଦେବ ପାରେ ଜିଣି ।

କର୍ଣ୍ଣରେ ତା ହେମପୁଷ୍ପ ଶୁଭ୍ର ଶୁକ ଗଣ୍ଡେ
ତୁଣ୍ଡରେ ମୁକୁତା ଜ୍ୟୋତି ମଦ ଦର୍ପ ଖଣ୍ଡେ ।

କଣ୍ଠତଟେ ଶୋଭଇ ମୁକୁତାର ଝୁପ
ବାହୁରେ ବାହୁଟି ତଡ଼ି ନାନା ରତ୍ନଦୀପ ।

ପଦ୍ମରେ ନୂପୁର ତାର ବାଜେ ଝମଝମ
ଅଙ୍ଗୁଳିରେ ମୁଦ୍ରିକା ତା ସୂର୍ଯ୍ୟଜ୍ୟୋତିସମ ।

ଦେବାଙ୍ଗ ବସନ ପରିଧାନ କରି ଥାଳି
ନାନା କୁସୁମ ବେଣୀ କେଶ ତା ଶ୍ୟାମଳି । × × (ମ. ପ.)

ଦୈହିକ ସୁଷମାର ପ୍ରଭାବ ଜୀବନ ଉପରେ କମ୍ ନୁହେଁ । ତାହାର ଅପୂର୍ବ ରୂପଲାବଣ୍ୟ ସହସ୍ର ପ୍ରାଣରେ ଆନନ୍ଦ ଦାନ କରି ଲକ୍ଷ ଉତ୍ସବ ସୃଷ୍ଟି କରେ । ପରମ ଶୋଭାବତୀ ଲାବଣ୍ୟପ୍ରତିମା ରାଜକୁମାରୀ ଦ୍ରୌପଦୀଙ୍କ କମନୀୟ ଭ୍ରୂଲତା କନ୍ଦର୍ପର ଧନୁ ଓ କଟାକ୍ଷ ବାଣ ସଦୃଶ । ମନେ ହେଉଛି, ସତେ ଯେପରି ଧନୁଶରେ ଯୁବାଜନଙ୍କର ପ୍ରାଣ ନେବ । ଅରକ୍ତ ନୟନ ନଳିନୀ ସରି ଦେଖାଯାଉଛି; ସେ କଟାକ୍ଷରେ ଚାହିଁଲେ ସକଳେ ଢଳି ପଡ଼ିବେ କି ? ଟିକିଏ ବଙ୍କ ନୟନରେ ଚାହିଁଲେ ହୃଦୟ ଫାଟିଯିବ । କାଳେ ଦର୍ଶକର ହୃଦୟ ଫାଟିଯିବ ଏବଂ ପୃଥିବୀର ଲୋକେ ଏପରି ଭାବରେ ବିନାଶ ହେବେ, ଏହି ଆଶଙ୍କାରେ ଏହି ଲାବଣ୍ୟପ୍ରତିମା "ଜନନ୍ତେତ୍ର ପୃଥିବୀରେ ରଖିଅଛି ଦୃଷ୍ଟି ।" ପୁଣି ଏ ଯଦି ଟିକିଏ ଯକ୍ଷକୁ ଚାହିଁବ, ତାହାହେଲେ ଅନେକ ପୁରୁଷହତ୍ୟା ଲାଗିବ ତାହାକୁ, ଏପରି କଲେ ନରକ ପାପରେ ଭାଗୀ ହେବ ବୋଲି ସେ 'ମାନିନୀ' ହୋଇ ରହିଲା । ଏଥିରେ ବା ଆଶ୍ଚର୍ଯ୍ୟ କଣ ? ଏ ମନୋଭାବ ତାଙ୍କର ଯୋଗ୍ୟ ହୋଇଛି । କାରଣ, ଏ ଜଗତମୋହିନୀ ଦେବକାର୍ଯ୍ୟ ପାଇଁ ଜନ୍ମଗ୍ରହଣ କରିଛି । କବିଙ୍କ ଭାଷାରେ ସ୍ୱୟଂବର ସଭାବର୍ତ୍ତୀ ଦ୍ରୌପଦୀ ଏହିପରି ଦେଖାଯାଉଛନ୍ତି ।

ଦେଖିଲା ସେ କଦ୍ରେଖ ପଶିଛନ୍ତି ଦ୍ରୁତ
ଦେଖିଲେ ଯାଜ୍ଞସେନୀର ମୁଖ ରୂପ ଚାନ୍ଦ ।
କୁଞ୍ଚିତ କେଶ ଏହାର କେଡେ ମନୋହର
ଜହରନ୍ତି ପୁଷ୍ପଗଣ ଯାଇ ମଧୁକର ।
ନାସାଗିରି ଯଥ ଭ୍ରାନ୍ତ ଲଲାଟର ପାର୍ଶ୍ୱୀ
ବନ୍ଧୁଲି ଡାଳିମ୍ବ କମ୍ବୁ ଗ୍ରୀବ ଓଷ୍ଠ ପଂକ୍ତି ।
ଭ୍ରୂଲତା କନ୍ଦର୍ପ ଧନୁ କଟାକ୍ଷ ତା ବାଣ
ଜଗିଥିଲେ ଦେବ ସୁରାଜନଙ୍କର ପ୍ରାଣ ।
ସୁନ୍ଦର ରକ୍ତିମ ବାମ ଗମନରୁ ଦୋଲା,
ପ୍ରେମାବନ୍ତି ରେଖାରେ ଏ ସାକ୍ଷାତେ ଚପଳା ।
ଆରକ୍ତ ନଖର କି ଏ ନୀଳ ଉତ୍ପଳ
କଣ୍ଠର ମାଝେ ଶୁଣିଲେ ଉଲିବେ ସକଳ ।
ସୁନ୍ଦରୀରେ ଏହି ନମ୍ରକେ ଦୁଇ ଗିବ ପଂକ୍ତି
ଜନକ୍ଷେତ୍ର ସୁଖସାରେ ରହିଥାନ୍ତୁ ତୃପ୍ତି ।
କଣ୍ଠତ ମାଝ ଏ ଯେବେ ଶୁଣିବ ସମ୍ମୁଖରୁ
ଅନେକ ପୁଷ୍ପଯୁକ୍ତତା ମିଳିବ ଏହାକୁ ।
ତ୍ରିଶ୍ୱ ରକ୍ତମଣି ଏହୁ ସୁଜନ ଜାମିନୀ
ଯାହାକୁ ସେ ଭସ୍ମ କରି ହୋଇଲା ମାନିନୀ ।
ସଦ୍ୟାପି ପାଷାଣ ଲଜ୍ଜା ବକ୍ର ହୋଇଥିବ
ଅପାଙ୍ଗେ ଶୁଣିଲେ ସେହି ଦ୍ରୁତ ପଂକ୍ତି ଦିବ ।
ଦେବକାର୍ଯ୍ୟେ ନନମ ଏ ଜଗତମୋହିନୀ
ସୃଷ୍ଟି ତପୋଧନଙ୍କ ତପସ୍ୟା ଭଙ୍ଗିନୀ ।
ନାହାକୁ ତା ପଦାମ୍ବୁଜ ନୋହେ ଜଳ ପଂକ୍ତି
ଧନକେ କଳଲୋ ଝଡ଼ି ପଡ଼େ ଭୂମି ତଳ ।
ଅଙ୍ଗୁଷ୍ଠ ଶୋଭା କନକ ପଦକୁ ଏ କଣି
ଶୀତଳ ପବନ କି ମଳୟାନଳ ମଣି ।

ଏହି ନାସିକାରୁ ଯେତେ ବାହୁଡ଼ ପବନ
ଜନ୍ମ ପାହାଡ଼ାରେ ଲାଗି ହୋଇବ ତପନ ।
ତାମ୍ବୁଳ ଚର୍ବନେ ରଙ୍ଗ ଅଧରେ ସ୍ଫୁରନ୍ତି
ବାଲାଦିତ୍ୟ କି କୁସୁମ ଫୁଲ ଅଛି ଫୁଟି ।
ଶାରଦା ଚନ୍ଦ୍ର ବଦନା ବୋଲନ୍ତେ ତ ଭଲ
ସ୍ୱଚ୍ଛ ତେଜ ଲାଗି ସେହି କଳଙ୍କ ବହିଲା ।
ନାରୀଙ୍କ ବଦନକି ଏହାକୁ ନିର୍ମେଣି
କେଶୁଜଣି ପଦ୍ମାନ୍ତର କୋଟିଏ ସୂର୍ଯ୍ୟ ଶଶି । × ×

ଇତ୍ୟାଦି ।

ଏହି ବର୍ଣ୍ଣନାରେ କବି ଅତି ସୁନ୍ଦର ଉପମାଗୁଡ଼ିଏ ଦେଇଛନ୍ତି । ସରଳ ଓ ଅଳଙ୍କାରଯୁକ୍ତ ପଦାବଳୀରେ ସାବଲୀଳ ଭାବରେ ବର୍ଣ୍ଣନା କରିଛନ୍ତି ।

ଏହିପରି ବହୁ ସୌନ୍ଦର୍ଯ୍ୟପୂର୍ଣ୍ଣ ଅପୂର୍ବ ଚିତ୍ର ଶାରଳା ଦାସ ଦେଇଛନ୍ତି । ଏଗୁଡ଼ିକ ଶାରଳା ଦାସଙ୍କ ମାନବସୃଷ୍ଟିକୁ ଜୀବନ୍ତ କରି ଦେଇଛି । ସେଥିର ସରସତା ଓ ବର୍ଣ୍ଣନାର ସୂକ୍ଷ୍ମତା ରୂପସୃଷ୍ଟିକୁ ଅଧିକ ସୌନ୍ଦର୍ଯ୍ୟଦାନ କରିଛି ।

ଓଡ଼ିଶାର ଅନ୍ୟ ମହାକବିଙ୍କର ଏହି କମନୀୟ ଶୈଳୀ ପରବର୍ତ୍ତୀ କାଳରେ ବହୁ କବି ଅନୁକରଣ କରିଛନ୍ତି । ଦେଶୀୟ ଭାଷାରେ ଆଦର୍ଶସ୍ୱରୂପ ଗ୍ରହଣ କରିବା ପାଇଁ ଶାରଳାଦାସଙ୍କ ଜୋଡ଼ି ମିଳି ନାହିଁ । ଏ ଦିଗରେ ଅଳଙ୍କାରରେ ସେ ଯେଉଁ ନୂତନ ରୂପସୃଷ୍ଟି କରିଛନ୍ତି ତାହା ଅମର ହୋଇ ରହିଥିବ । ଏହାହିଁ ତାଙ୍କର ଏକ ବିଶିଷ୍ଟ ଦାନ ।

ଶାରଳା ଦାସ ସ୍ୱଭାବରେ କଳ୍ପନାର ବିଳାସକୁ ହିଁ ପ୍ରଧାନ ଅଙ୍ଗ ସ୍ୱରୂପ ଗ୍ରହଣ କରିଛନ୍ତି । ଏହି ବିଳାସ ଯୋଗୁଁ କବି ବହୁ କାଳ୍ପନିକ ଚରିତ୍ର ଓ ଘଟଣା ସୃଷ୍ଟି କରିପାରିଛନ୍ତି । ବର୍ଣ୍ଣନାଚାତୁରୀ ତାଙ୍କର ଏକ ପ୍ରଧାନ ଉପାୟ । ଏହାଦ୍ୱାରା ସେ ଚରିତ୍ର ଓ ଘଟଣାମାନଙ୍କୁ ଅତି ମନୋମୁଗ୍ଧକର କରି ପାରିଛନ୍ତି । ଚରିତ ବର୍ଣ୍ଣନାରେ ଦେଶମାନଙ୍କର ନାମ, ବଂଶାବଳୀ, ଦର୍ଶଣୀ, ପୂର୍ବଜନ୍ମବୃତ୍ତାନ୍ତ ପ୍ରଭୃତିରେ କଳ୍ପନାର ଖେଳା ଅତି ଉପରକୁ ଉଠି

ସଂଭଳନ୍ତି; ଜଗତାଜଗତ, ସ୍ଥାବରଜଙ୍ଗମାତ୍ମକ କୌଣସି ବସ୍ତୁର କିଛି ନାହାନ୍ତି । ଏଥିରେ ସ୍ଥାନେ ସ୍ଥାନେ ମାନସିକ ବିଶ୍ଳେଷଣ ଅତି ଚମତ୍କାର ହୋଇଥିବାରୁ କବିଙ୍କ ଚରିତ୍ରଗୁଡ଼ିକ ଜୀବନ୍ତ ହୋଇପାରିଛି ।

**ଦାର୍ଶନିକ ତତ୍ତ୍ୱ, ସ୍ୱତନ୍ତ୍ର**—କବି ଚରିତ ବର୍ଣ୍ଣନା ପ୍ରତି ବେଶୀ ଦୃଷ୍ଟି ରଖିଥିଲେ । ସେଥିପାଇଁ ଦାର୍ଶନିକ ତତ୍ତ୍ୱର ବିସ୍ତୃତ କିମ୍ବା ଗମ୍ଭୀର ଚର୍ଚ୍ଚା ସମ୍ବଳିତ ଶୂଦ୍ର ଦାସଙ୍କ ଗ୍ରନ୍ଥରେ ବେଶୀ ନାହିଁ । ବ୍ୟାସଦେବଙ୍କ ଭଗବଦ୍-ଗୀତା ଓ ଅନ୍ୟାନ୍ୟ ଗୀତାମାନଙ୍କର ମୂଳତତ୍ତ୍ୱ ଏବଂ କେତେକ ଧର୍ମର ନିଜର ମନକୁ ଯାହା ଆସିଲା ତାହା ଲେଖିଦେଇ ଶାରଳା ଦାସ କର୍ତ୍ତବ୍ୟ ଶେଷ କରିଛନ୍ତି । କେତେକ ମଧ୍ୟ ଏକାବେଳକେ ପରିତ୍ୟାଗ କରିଛନ୍ତି ।

କବିଙ୍କର ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ ଗ୍ରନ୍ଥରେ ମଧ୍ୟ ଏହି ବିଶିଷ୍ଟତା ଅଛି ।

**ଶାରଳା ଦାସଙ୍କ ଧର୍ମ**—ଶାରଳା ଦାସ ନିଜକୁ 'ଶାରଳା ଶୂଦ୍ର' କହୁଥିବାରୁ ଏବଂ ଶାରଳା ଠାକୁରାଣୀଙ୍କ ପ୍ରସାଦରୁ ଗ୍ରନ୍ଥଗୁଡ଼ିକ ରଚିତ ବୋଲି କହୁଥିବାରୁ ସେ ଜଣେ ଶାକ୍ତ ଓ ତାନ୍ତ୍ରିକ ସାଧନା ବଳରେ ଦେବୀଙ୍କୁ ସନ୍ତୁଷ୍ଟ କରିପାରିଥିଲେ ବୋଲି ଅନୁମିତ ହୁଏ । ସେ ଶାକ୍ତ ହେଲେ ମଧ୍ୟ ଶିବ ଦେବଦେବଙ୍କୁ ସମ୍ମାନରେ ଦେଖିଛନ୍ତି ଏବଂ ଜଗନ୍ନାଥଙ୍କୁ ସ୍ୱୟଂ ପରଂବ୍ରହ୍ମ ଓ ଅବତାରୀ ରୂପରେ ଦେଖିଛନ୍ତି । ଶିବ, ଗଣେଶ, ବିଷ୍ଣୁ ଓ ସୂର୍ଯ୍ୟ ପ୍ରଭୃତି ପଞ୍ଚ-ଦେବତାମଣ୍ଡଳୀର ଅନ୍ୟ ସୁରଗଣଙ୍କୁ ମଧ୍ୟ ଅତି ସମ୍ମାନ ଦେଖାଇଛନ୍ତି ।

ଜଗନ୍ନାଥଙ୍କୁ ଅଣାକାର (ନିରାକାର), ନିର୍ଗୁଣ ଓ ପରଂବ୍ରହ୍ମ ରୂପେ ପ୍ରତିପାଦନ କରି ଏହି ବ୍ରହ୍ମଙ୍କୁ ପାଇବାକୁ ହେଲେ କୁଣ୍ଡଳିନୀର ସାହାଯ୍ୟ ନେବା ଆବଶ୍ୟକ; କୁଣ୍ଡଳିନୀ ଜାଗ୍ରତ ହେଲେ ସହସ୍ରାରପଥରେ ବ୍ରହ୍ମଦର୍ଶନ ବା ବ୍ରହ୍ମରେ ଲୀନ ସମ୍ଭବ ବୋଲି ସିଦ୍ଧସାଧକମାନେ କହନ୍ତି । ଯୋଗବେଦାନ୍ତଜ୍ଞମା ସ୍ୱଳ୍ପକ ସାଧକମାନେ ସାଧନାସିଦ୍ଧ ହୁଅନ୍ତି । କୁଣ୍ଡଳିନୀ ଶକ୍ତି ନବଦ୍ୱାରବିଶିଷ୍ଟ ଏହି ପିଣ୍ଡ ବ୍ରହ୍ମାଣ୍ଡର ଆଦ୍ୟାଶକ୍ତି । ଏହି ଚାଳନା ବା ସାଧନା ହିଁ ସାଧକର ପରମ ଲକ୍ଷ୍ୟ । ପବନ ସାଧନା ବା ସହଜ ସାଧନାଦ୍ୱାରା ତତ୍ତ୍ୱସିଦ୍ଧିଲାଭ ଓ ବ୍ରହ୍ମରେ

ନିଷ୍ଠ ସମ୍ଭବ ଥିବାରୁ ଶାରଳା ଦାସ ଏହାର ଉଲ୍ଲେଖ ବହୁ ସ୍ଥଳରେ କରିଛନ୍ତି । ଅଣ୍ଡୁଆମାନଙ୍କ ତପସ୍ୟା ବର୍ଣ୍ଣନା ପ୍ରସଙ୍ଗରେ ସେ ଏହି ପବନ ସାଧନାର ମାର୍ଗ ସଂକ୍ଷେପରେ କହିଛନ୍ତି ।

ପବନକୁ ମୂଳାଧାର ଚେତନଇ ଜାଣି
କୁଣ୍ଡଳିନୀ ଶକ୍ତିକୁ ଚାଳିତ କର ଆଣି ।
ବ୍ୟାଘ୍ରାଙ୍କୁଳି ଗଙ୍ଗା ବୋଲି ଅଛି ଏକ ଶୋଷା
ନିଦ୍ରା ଆଳସ୍ୟ ଆବର ନାହିଁ ଖୁଧା ତୃଷା ।
ଯମୁନା ନାଳଦ୍ୱାର ଊର୍ଦ୍ଧ୍ୱରେ ବାଟ
କାଳ ଅନଳ ଭେଟିଲେ ପାଟଣ ଶ୍ରୀହାଟ ।
ଛନ୍ଦଣ ପକାଇଲେ ସେ ବାଆସୁର ମୁଦ୍ରା
ଅପାର ଦରୁଣ ଭଲ ଲାଗି ମହାନିଦ୍ରା ।
ନିଦ୍ରା ପୁରୁଷ ଅଟଇ ତହିଁକି ସେ କାଳ
ବିନାଶ କରିବ ସିନା ଏ ସକଳ ।
ପବନକୁ ଉଠାଇଣ ନବଦ୍ୱାର ବାଟେ
ତାହାକୁ ବନ୍ଧନ କରି ଶୋଷିବ ଏ ଘଟେ ।
ନବଦ୍ୱାର ମଧ୍ୟେ ବସିଛି ମହାତ୍ମା
ଦେଖି ନ ଦେଖଇ ଶୂନ୍ୟ ଶବଦ ଗରିମା ।
ତାହାକୁ ରୋପଣ କରି ଘଣ୍ଟିକାର ମୂଳେ
ତହିଁ ସେ ଅମୃତ ପାନ କରେ ସଦାକାଳେ ।
ଶୋଷକ ପୁରୁଷ ଯାଏ ଲଙ୍ଘିଣ କାଳକୁ
ଅମାପ୍ସ ରୂପେ ଉଛୁଣ ସୁହିଁଲ ଶୂନ୍ୟକୁ । ଇତ୍ୟାଦି ।

ଏହି ତତ୍ତ୍ୱକୁ ପରବର୍ତ୍ତୀ ବହୁ ଓଡ଼ିଆ କବି ଓ ସାଧକ ବର୍ଣ୍ଣନା କରିଛନ୍ତି । ଶାରଳା ଦାସ ଏହି ତତ୍ତ୍ୱର ସୂଚନା ମାତ୍ର ଦେଇଛନ୍ତି ।

ଶାରଳା ଦାସ ଜଗନ୍ନାଥଙ୍କ ବିଭିନ୍ନ ସ୍ୱରୂପର ପ୍ରକାଶ କରିଛନ୍ତି । ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ତ୍ରିମୂର୍ତ୍ତି ବୋଲି କହିଛନ୍ତି—ବଳଭଦ୍ର ଶିବ,

ସୁଭଦ୍ରା ବ୍ରହ୍ମା ଓ ଜଗନ୍ନାଥ ବିଷ୍ଣୁ । ଜଗନ୍ନାଥଙ୍କ ବୁଦ୍ଧ ହେବାର୍ ମଧ୍ୟ ବର୍ଣ୍ଣନା କରିଛନ୍ତି । ଜଗନ୍ନାଥ ପୁଣି ବୌଦ୍ଧରୂପରେ ପ୍ରକାଶିତ ହୋଇଥିବା ମଧ୍ୟ କହିଛନ୍ତି ।

(୧) ପୀତ କୁଙ୍କୁମ ବରନ ସେହୁ ବ୍ରହ୍ମାମୂର୍ତ୍ତି
ତାହାଶେଷେ ଶ୍ୱେତଳ ବର୍ଣ୍ଣ ମହାଦେବ ହୋଇଣ ।
ରୂପରେ ତ ନାରାୟଣ ବର୍ଣ୍ଣ ଅଟେ କଳା
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତିନିଦେବ ମେଳା ।
ବଳଭଦ୍ର ସୁଭଦ୍ରା ଏ କୃଷ୍ଣ ତିନିରୂପ
ବିଷ୍ଣୁ ରୂପରେ ହେଲେ ଏକନ୍ତ ସ୍ୱରୂପ ।

(୨) ବନ୍ଦଇ ଶ୍ରୀ ଜଗନ୍ନାଥ ବଇକୁଣ୍ଠବାସୀ
ବୌଦ୍ଧରୂପେ ନୀଳଗିରି ଶିଖେ ଅଛ ବସି । (ମ. ପୁ.)

(୩) ମହୋଦଧି ତଟେ ବଡ଼ ଦେଉଳରେ ବସି
ଦାସମାନଙ୍କ ଦୁଃଖ ଦେଉଅଛ ଧ୍ୱଂସି ।
ବୌଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର । (ତି. ପୁ.)

ଏହି ଏପରି ବହୁସ୍ଥାନରେ ଜଗନ୍ନାଥଙ୍କୁ ବୌଦ୍ଧାବତାର ବୋଲି କହିଛନ୍ତି ।

ଜୟଦେବଙ୍କ ଦଶାବତାର ସ୍ତୋତ୍ର ଭାରତର ସବୁ ଅଞ୍ଚଳରେ ଓ ବିଶେଷଭାବରେ ଓଡ଼ିଶାରେ ବଡ଼ ଲୋକପ୍ରିୟ । ଏହି ଦଶାବତାର ସ୍ତୋତ୍ରରେ ବୁଦ୍ଧ ବିଷ୍ଣୁଙ୍କ ଦଶାବତାର ଭିତରେ ସ୍ଥାନ ପାଇଥିବାରୁ କୃଷ୍ଣାବତାର ପରେ ବୁଦ୍ଧଙ୍କୁ ଗଣନା କରାଯାଇଛି । ଓଡ଼ିଶାରେ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି କେଉଁ କାଳରୁ ଲୋକଙ୍କ ଭିତରେ କିଏ ପ୍ରଥମେ ପ୍ରଚଳନ କଲା ତାହା କହିବାପାଇଁ ସ୍ପଷ୍ଟ ପ୍ରମାଣ ମିଳୁ ନଥିଲେ ମଧ୍ୟ ଜୟଦେବଙ୍କ ବହୁ ପୂର୍ବରୁ ଖ୍ରୀଷ୍ଟୀୟ ୭ମ-୮ମ ଶତାବ୍ଦୀରେ ଓଡ଼ିଶାର ସୁପ୍ରସିଦ୍ଧ ବୌଦ୍ଧ ସିଦ୍ଧାଚାର୍ଯ୍ୟ ଇନ୍ଦ୍ରଭୂତିଙ୍କ

ଲେଖାରେ ପ୍ରଜାରୂପରେ ଏହାର ସୂଚନା ମିଳୁଛି । ଇନ୍ଦ୍ରଭୂତି ସ୍ୱ ଜ୍ଞାନସିଦ୍ଧିରେ ପ୍ରଥମେ ଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି—

'ପ୍ରଣପତ୍ୟ ଜଗନ୍ନାଥଂ'…ସେ ଏଠାରେ ବୁଦ୍ଧଙ୍କୁ ଜଗନ୍ନାଥ ବୋଲି ଅଭିହିତ କରିଛନ୍ତି ଏବଂ ଏହି ଭାବ ସେହି ସମୟରେ ଉତ୍କଳରେ ପ୍ରଚଳିତ ଥିବାଟି ସମ୍ଭବ ।

ଶାରଳାଦାସଙ୍କ ପୂର୍ବରୁ ଓ ପରେ ମଧ୍ୟ ବହୁ କବି ଜଗନ୍ନାଥଙ୍କୁ ବୁଦ୍ଧରୂପରେ କଳ୍ପନା କରିଛନ୍ତି । ଶାରଳାଦାସଙ୍କ ପୂର୍ବରୁ କୌଣସି ଓଡ଼ିଆ କବି ଜଗନ୍ନାଥଙ୍କୁ ବୁଦ୍ଧାବତାର ବୋଲି ଲେଖିଥିବା ଜଣା ଯାଇନାହିଁ । ଅତଏବ ଅନ୍ୟାନ୍ୟ ବହୁ ବିଷୟ ପରି, ଏହି ବିଷୟରେ ମଧ୍ୟ ଶାରଳା ଦାସ ସର୍ବପ୍ରଥମେ ଲେଖିଛନ୍ତି । ଶାରଳା ଦାସେ ଓଡ଼ିଶା ଓ ଓଡ଼ିଶା ବାହାରେ ପ୍ରଚଳିତ ଧାରଣାକୁ ହିଁ ବ୍ୟକ୍ତ କରିଛନ୍ତି । ବହୁ ସଂସ୍କୃତ ଲେଖକ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ଦଶାବତାର ଭିତରେ ସ୍ଥାନ ଦେଇଛନ୍ତି ଏବଂ ତାହାଙ୍କୁ ନବମ ଅବତାର ରୂପେ ବର୍ଣ୍ଣନା କରିଛନ୍ତି । ଏମାନଙ୍କ ଭିତରେ ଜୟଦେବ ଜଣେ ପ୍ରଧାନ କବି । ସେ ପ୍ରସିଦ୍ଧ ଗୀତଗୋବିନ୍ଦ କାବ୍ୟରେ ଦଶାବତାର ସ୍ତୋତ୍ରରେ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ବର୍ଣ୍ଣନା କରିଛନ୍ତି । ଓଡ଼ିଶାରେ ଶାରଳାଦାସଙ୍କ ପୂର୍ବରୁ ନିର୍ମିତ କେତେକ ପ୍ରାଚୀନ ପ୍ରସ୍ତର ମନ୍ଦିରରେ ଦଶାବତାର ମୂର୍ତ୍ତି ଭିତରେ ବୁଦ୍ଧଦେବ ସ୍ଥାନ ପାଇଛନ୍ତି । କାକଟପୁର (ପୁରୀ ଜିଲ୍ଲା)ରେ ସୋମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରକ୍ଷିତ ଏକ ଭଗ୍ନ ମନ୍ଦିରର ଏକ ପ୍ରସ୍ତର ପୀଠରେ ବୁଦ୍ଧଦେବ ସ୍ଥାନ ପାଇଥିବା ଦଶାବତାର ମୂର୍ତ୍ତିର ଚିତ୍ର ଖୋଦିତ ହୋଇଛି । ଏହି ମନ୍ଦିରଟି ଶୈଳୋଦ୍ଭବ ଯୁଗର ବା ୮ମ-୯ମ ଶତାବ୍ଦୀର ବୋଲି କେହି କେହି ଅନୁମାନ କରନ୍ତି । ପୁରୀର ଜଗନ୍ନାଥ ମନ୍ଦିର ଶାରଳାଦାସଙ୍କ ପୂର୍ବରୁ ଗଙ୍ଗବଂଶ ରାଜତ୍ୱରେ ନିର୍ମିତ ହୋଇଥିଲା । ଏହି ମନ୍ଦିରର ଗାତ୍ରରେ ଦଶାବତାର ଚିତ୍ର ଖୋଦିତ ହୋଇଛି । କିନ୍ତୁ ଏଥିରେ ବୁଦ୍ଧଦେବଙ୍କ ସ୍ଥାନରେ ଜଗନ୍ନାଥଙ୍କ ମୂର୍ତ୍ତି ଅଛି । ଏଥିରୁ ଅନୁମିତ ହେଉଛି ଶାରଳାଦାସଙ୍କ ପୂର୍ବରୁ ଜଗନ୍ନାଥଙ୍କୁ ବୁଦ୍ଧରୂପରେ କଳ୍ପନା କରିବା ପରମ୍ପରା ପ୍ରତିଷ୍ଠିତ ହୋଇ-ସାରିଥିଲା । ପଶ୍ଚିମ-ଓଡ଼ିଶାରେ ବଲାଙ୍ଗିର ଜିଲ୍ଲାର ସଇଁତଳା ଗ୍ରାମରେ ୮ମ

ଶତାବ୍ଦୀର ଦଶାବତାର ମୂର୍ତ୍ତି ମିଳିଛି । ଏଥିରେ ବଳରାମଙ୍କ ପରେ ବୁଦ୍ଧ ଅଛନ୍ତି । ଯାଜପୁରରେ ଦଶାବତାର ମୂର୍ତ୍ତି ଅଛି । ଗୟା ମ୍ୟୁଜିଅମରେ ଦଶାବତାର ମୂର୍ତ୍ତି ଅଛି । ସେଠାରେ ମଧ୍ୟ ଜଗନ୍ନାଥଙ୍କ ରୂପ ବୌଦ୍ଧ ଅବତାର ସ୍ଥାନ ଅଧିକାର କରିଛି ।

ଜଗନ୍ନାଥଙ୍କ ଅବତାର ଓ ବିଷ୍ଣୁଙ୍କର ମତ୍ସ୍ୟାଦି ଅବତାର ପୁରୁଷୋତ୍ତମ କ୍ଷେତ୍ରରେ ହୋଇଥିଲା ବୋଲି ଏହି କ୍ଷେତ୍ର ଦଶାବତାର କ୍ଷେତ୍ର ନାମରେ ପରିଚିତ ଥିବା ସ୍କନ୍ଦପୁରାଣାନ୍ତର୍ଗତ ଉତ୍କଳଖଣ୍ଡରୁ ଜଣାଯାଏ । "ଏହି କ୍ଷେତ୍ରଟି ସୃଷ୍ଟି, ସ୍ଥିତି, ପାଳନର ମୂଳାସ୍ପଦ; ଭଗବାନ ଏହି ସ୍ଥାନରେ ନାନା ମୂର୍ତ୍ତିରେ ଅବତୀର୍ଣ୍ଣ ହୋଇ କାର୍ଯ୍ୟବଶତଃ ଅନ୍ୟତ୍ର ଗମନ କରନ୍ତି ଏବଂ ସ୍ୱଥିଗ ସମୂହରେ କର୍ତ୍ତବ୍ୟାର୍ଥେ ସମ୍ପାଦନପୂର୍ବକ ପୁନର୍ବାର ଏହି ସ୍ଥାନରେ ହିଁ ଅବସ୍ଥିତ ରହନ୍ତି ।..." (ଉ. ଖ. ୫୫ ଅ.) ଶାରଳା ଦାସ ଓ ପରବର୍ତ୍ତୀ ବହୁ ଓଡ଼ିଆ କବି ଜଗନ୍ନାଥଙ୍କୁ ଏହିପରି ଭାବରେ ମଧ୍ୟ ଦେଖିଛନ୍ତି ।

ଶାରଳା ଦାସ ଜଗନ୍ନାଥଙ୍କୁ କୃଷ୍ଣ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କୃଷ୍ଣଙ୍କର ଦେହାବସାନ ପରେ ତାଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ପୁରୁଷୋତ୍ତମରେ ଜଗନ୍ନାଥ ରୂପରେ ପୂଜା ପାଉଥିବା ବିସ୍ତୃତାକାରରେ ମହାଭାରତରେ ବର୍ଣ୍ଣନା କରିଛନ୍ତି । ଏହା ସଂସ୍କୃତ ପୁରାଣମାନଙ୍କର ଚରିତଠାରୁ ସ୍ୱତନ୍ତ୍ର; ଏପରି କଳ୍ପନା ଏହି ପୁରାଣମାନଙ୍କରେ ନାହିଁ ।

ଜଗନ୍ନାଥଙ୍କୁ ତାନ୍ତ୍ରିକ ଭାବରେ ଶାରଳା ଦାସ ଅଣାକାର ବସ୍ତୁ ବୋଲି କହିଛନ୍ତି । ପରବର୍ତ୍ତୀ ବହୁ ଓଡ଼ିଆ କବି ଏହି ଶୂନ୍ୟକୁ ଅବଲମ୍ବନ କରିଛନ୍ତି ।

ଅପୂର୍ବ ସିଂହାସନକୁ ପଟାନ୍ତର ନାହିଁ ।
ଅଣାକାର ବସ୍ତୁ ଯହିଁ ବିଜେ କରିଛନ୍ତି ।
ପ୍ରତ୍ୟକ୍ଷେ ନିରଞ୍ଜନ ରୂପ ଯେ ନିରାକାର । (ମ. ପ.)

ପାଠଭେଦ:—ଶାରଳାଦାସଙ୍କ ମହାଭାରତର କେତେକ ସଂସ୍କରଣରେ ବହୁତ ପାଠଭେଦ ଥିବାର ଦେଖାଯାଏ ।

ଯଯାତିରୁ ପୃଥ୍ୱୀ ନବଖଣ୍ଡ କଲେ
ନବଙ୍କୁ ମେଦିନୀ ନବପୁତ୍ରଙ୍କୁ ଦେଲେ ।

ସବାରୁ ଜ୍ୟେଷ୍ଠପୁତ୍ର ନାମ ପୁରୁ ନୃପତି
ଓଡ୍ରଣୀ ସୁନ୍ଦରୀ ତାର ଅଟଇ ସନ୍ତତି ।

ମାତାଙ୍କର ନାମ ସେ ଓଡ୍ରବନ୍ଧୁ ମଣ୍ଡଳେ
ତେଣୁ ଓଡ୍ରଣୀକୁ ଓଡ୍ରବନ୍ଧୁ ସେ ବୋଲାଇଲେ । (ଆ. ପ.)

ଅନ୍ୟ ପକ୍ଷରେ ଏହି ଅଂଶଟି କେତେକ ପାଣ୍ଡୁଲିପିରେ ଏହିଭଳି ଦେଖାଯାଏ । ଅନ୍ୟ କେତେକ ପାଣ୍ଡୁଲିପିରେ ଏହାର ସାରାଂଶ ସମାନ ଥିଲେ ମଧ୍ୟ ଅନ୍ୟାନ୍ୟ ବିଷୟରେ ବହୁତ ପ୍ରଭେଦ ଦେଖାଯାଏ । ଅନ୍ୟ ଏକ ପାଣ୍ଡୁଲିପିରେ ଏପରି ଅଛି—

ଏମନ୍ତେ ନବ କନ୍ୟାଙ୍କୁ କଲେ ସେ ପ୍ରଦାନ
ନବ ପୁତ୍ର ଜାତ ହେଲେ ଯଯାତି ସମାନ ।

ଯଯାତିଙ୍କ ପୃଥ୍ୱୀକି ସେ ନବ ଖଣ୍ଡ କଲେ
ନବଙ୍କୁ ପୃଥ୍ୱୀ ନବ ଭାଗେ ବାଣ୍ଟି ଦେଲେ ।

ତାଙ୍କ ଜ୍ୟେଷ୍ଠପୁତ୍ର ଅଟେ ପ୍ରବୀର ନୃପତି
ଓଡ୍ରଣୀ ରାଣୀର ଏହି ପୁତ୍ର ଗୋଟି ନାଥ ।

ମାତାଙ୍କର ନାମ ଓଡ୍ରବନ୍ଧୁ ସେ ମଣ୍ଡଳେ
ଭାରତଖଣ୍ଡ ଓଡ୍ରଶା ତହୁଁ ଖଞ୍ଜାଇଲେ ।

ଏ ପୁତ୍ରର ରାଜ୍ୟ ସେ ପ୍ରବୀର ନୃପତି
ତାର ରାଷ୍ଟ୍ର ହୋଇଲା ଓଡ୍ର ରାଷ୍ଟ୍ରପତି । × ×

ଚନ୍ଦ୍ରଙ୍କ ପୁତ୍ର ବୁଧ, ବୁଧଙ୍କ ପୁତ୍ର ପୁରୁରବା, ତାଙ୍କ ପୁତ୍ର ଆୟୁ, ତାଙ୍କ ପୁତ୍ର ନହୁଷ, ତାଙ୍କ ପୁତ୍ର ଯଯାତି । ଯଯାତି ନବଗୋଟି କନ୍ୟା ବିବାହ କରିଥିଲେ । ଏଥିରୁ ଏକ କନ୍ୟା ହେଉଛନ୍ତି ଓଡ୍ର ରାଷ୍ଟ୍ରର ରାଜାଙ୍କ ଦୁହିତା । ଏହି ଓଡ୍ରଆଣୀ କେମାଙ୍କ ଗର୍ଭରେ ଯଯାତିଙ୍କର ଜ୍ୟେଷ୍ଠପୁତ୍ର ପ୍ରବୀରଙ୍କ ଜନ୍ମ ।

ସୁବାର ଓଡ୍ର ରାଷ୍ଟ୍ରର ରାଜାଙ୍କର ରାଜ୍ୟ ଯାଉଥିଲା । କିନ୍ତୁ ପ୍ରଥମ ଉଦ୍ଧୃତାଂଶରେ ସୁବାରଙ୍କ ସ୍ଥାନରେ ଧୁନ୍ଧୁଙ୍କର ନାମ ଅଛି ।

(୨) ନକୁଳଙ୍କ ଦିଗ୍‌ବିଜୟ ପ୍ରସଙ୍ଗରେ ସଭାପର୍ବରେ କବି ମତ୍ସ୍ୟେନ୍ଦ୍ରନାଥ ଓ ଗୋରେଖ (ଗୋରକ୍ଷନାଥ)ଙ୍କ ନାମ ଦେଇଛନ୍ତି ।

(କ) ଦର୍ଶନ କଲା ସେ ମତ୍ସ୍ୟେନ୍ଦ୍ରନାଥ ଦୂତ
ଦେଖିଲା ପରମଯୋଗୀ ଗୋରେଖ ଅବଧୂତ ।

(ଖ) ଦର୍ଶନ ପାଇଲେ ସେହୁ ମହାଇନ୍ଦ୍ର ଯୋଗୀ
ଭେଟିଲେ ମହାଯୋଗୀ ଗୋରେକ୍ଷ ଅବଧୂତା ।

ଏହି ଦୁଇଟି ପାଠଭେଦକୁ ବିଶଦ୍‌ବୋଧରେ ବହୁତ ବ୍ୟାଘାତ ଘଟୁଛି । ପ୍ରଥମ ପାଠଟି ଶୁଦ୍ଧ ଥିବା ଜଣାଯାଉଛି । ମହାଭାରତ ସମୟକୁ ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ଅସ୍ତିତ୍ୱ ନ ଥିଲା । ତଥାପି କବି ଏଭଳି ଅନେକ ପ୍ରସଙ୍ଗ ସ୍ୱଗ୍ରନ୍ଥରେ ଦେଇଥିବାରୁ ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥ ପାଠଟି ଶୁଦ୍ଧ ହେବା ସମ୍ଭବ । ଦ୍ୱିତୀୟ ପାଠର ଅର୍ଥ ବୋଧ ହେଉନାହିଁ ।

ଶାରଳା ଦାସ ପୁରୁଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚରିତ ବନପର୍ବରେ ଓ ମୂଷଲୀ ପର୍ବରେ ଲେଖିଛନ୍ତି । ଏହି ବିଷୟ ବର୍ଣ୍ଣନାରେ କେତେକ ପ୍ରଭେଦ ତାଙ୍କ ନିଜ ଲେଖା ଭିତରେ ଦେଖାଯାଏ । ଏକ ସ୍ଥାନରେ ଲେଖିଛନ୍ତି ଯେ, ଗାଲମାଧବ ସ୍ୱର୍ଗାରର ରାଜା; କିନ୍ତୁ ମୂଷଲୀ ପର୍ବରେ ଲେଖିଛନ୍ତି ଯେ, ସେ କାଞ୍ଚନପୁରର ରାଜା । ଇନ୍ଦ୍ରଦ୍ୟୁମ୍ନଙ୍କୁ ସୂର୍ଯ୍ୟ ବଂଶର ରାଜା ମଧୁକେଶରଙ୍କ ପୁତ୍ର ବୋଲି ମୂଷଲୀ ପର୍ବରେ ଲେଖିଛନ୍ତି । କିନ୍ତୁ ବନପର୍ବରେ ଏହାଙ୍କୁ ଶାକଳଦ୍ୱୀପର ରାଜା ସୋମବଂଶୀ ଗାଲମାଧବଙ୍କ ପୁତ୍ର ବୋଲି ଲେଖିଛନ୍ତି । ନୀଳଗିରି ଓ ନୀଳକନ୍ଦର ପର୍ବତର ବିବରଣରେ ମଧ୍ୟ ବହୁତ ପ୍ରଭେଦ ରହିଛି ।

ଏକ ବିଷୟକୁ ଉଭୟ ବର୍ଣ୍ଣନା ସ୍ଥାନରେ ଭିନ୍ନ ଭିନ୍ନ ରୂପ ହେତୁ ଯାଇଥିବାରୁ ଅନୁମାନ ହେଉଛି ଯେ ପରବର୍ତ୍ତୀ ସମୟରେ କୌଣସି ଲେଖକ ଏହାକୁ ଅଂଶ ଏହି ଗ୍ରନ୍ଥ ଭିତରେ ଯୋଗ କରି ଦେଇଛି । ବିଭିନ୍ନ ସ୍ଥାନରେ ପାଠଭେଦରେ ବିଷୟଗତ ପ୍ରଭେଦ ଦେଖାଯାଉଥିବାରୁ ଅନ୍ୟ ଲେଖକର ଲେଖନୀ ଏଥିରେ ମିଶ୍ରିତ ହୋଇଥିବ ବୋଲି ଅନୁମାନ କରିବା ଅସଙ୍ଗତ ହେବ ନାହିଁ । ହୁଏତ କେହି ଲେଖକ ନିଜକୁ ଶାରଳା ଦାସ ବୋଲି ଲେଖି କେତେକ ସ୍ଥଳରେ ମୂଳ କବିଙ୍କର ଗ୍ରନ୍ଥ ଭିତରେ କେତେକ ଅଂଶ ଯୋଗକରି ଦେଇଥିବେ । ଜଗନ୍ନାଥ ଭକ୍ତର ଭର୍ତ୍ତାଙ୍କୁ ଏହା ହିଁ ଅନୁମିତ ହେଉଛି ।

ସାରଳା ମହାଭାରତର ମୁଦ୍ରିତ ସଂସ୍କରଣମାନଙ୍କରେ ଚଉଦ ଅକ୍ଷର ଥାଇ ପ୍ରତ୍ୟେକ ଚରଣ ଛପା ହୋଇଛି । ଦୁଇ ଚରଣରେ ଏକ ପଦ । ଯତିପାତର ନିୟମ ଅନୁସୃତ ହୋଇନାହିଁ । ଓଡ଼ିଆରେ ୧୪ ଅକ୍ଷର ବୃତ୍ତ, ରାଗ ମଙ୍ଗଳରେ ଦୁଇ ଚରଣରେ ଏକ ପଦ, ପ୍ରତ୍ୟେକ ଚରଣରେ ୧୪ ଅକ୍ଷର ଏବଂ ଅଷ୍ଟମ ଶେଷାକ୍ଷର ଉପରେ ଯତି, ଶେଷାକ୍ଷର ମିଳନ । ୧୪ ଅକ୍ଷର ବୃତ୍ତର ଅନ୍ୟ ଏକ ରାଗ କଳସାରେ ପ୍ରତ୍ୟେକ ପଦରେ ଦୁଇ ଚରଣ, ପ୍ରତ୍ୟେକ ଚରଣରେ ୧୪ ଅକ୍ଷର ଓ ପ୍ରତ୍ୟେକ ଚରଣରେ ଅଷ୍ଟମ ଓ ଶେଷାକ୍ଷର ଉପରେ ଯତିପାତ ହୁଏ । ସୁତରାଂ ପାଠରେ ୧୪ ଅକ୍ଷର ବୃତ୍ତି ସୁଖଦାୟକ ଓ ପାଠ ମନୋମୁଗ୍ଧକର ହୁଏ । ସୁତରାଂ ପାଠକମାନେ ଯତିପାତରେ ନିୟମ ନ ରଖି ନିଜ ସୁବିଧା ଅନୁସାରେ ଭିନ୍ନ ପ୍ରକାର ବୋଲନ୍ତି । ଏହି ପ୍ରକାର ପାଠ ଶ୍ରୋତାମାନଙ୍କ ମନରେ ଭକ୍ତି ଜନ୍ମାଏ ନାହିଁ । ପାଠକ ମଧ୍ୟ ତୃପ୍ତିବୋଧ କରେ ନାହିଁ । ମଙ୍ଗଳ ରାଗ ହିଁ ଅଧିକାଂଶ ଓଡ଼ିଆ ପୁରାଣରେ ବ୍ୟବହୃତ ହୋଇଛି ।

ଶାରଳାଦାସଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଆଉ କୌଣସି କବିଙ୍କର ଏତେ ବଡ଼ କାବ୍ୟ ମଙ୍ଗଳ ବୃତ୍ତରେ ଲେଖା ହୋଇ ନ ଥିଲା । ଶାରଳା ଦାସ ଓଡ଼ିଶାରେ ସର୍ବପ୍ରଥମେ ବିରାଟ ମହାକାବ୍ୟ ରଚନାରେ ଏହି ମଙ୍ଗଳ ରାଗକୁ ବ୍ୟବହାର କରି ତାକୁ ବିଶିଷ୍ଟ ଗୌରବ ପ୍ରଦାନ କରିଛନ୍ତି ଏବଂ

ପରବର୍ତ୍ତୀ ଯୁଗର ବହୁ ଓଡ଼ିଆ କବି ଶାରଳାଦାସଙ୍କ ଦ୍ୱାରା ବ୍ୟବହୃତ ଏବଂ ଗୌରବପ୍ରାପ୍ତ ଏହି ଛନ୍ଦକୁ ସ୍ୱ ସ୍ୱ ପୁରାଣ ରଚନାରେ ବ୍ୟବହାର କରିଛନ୍ତି । ଶାରଳାଦାସଙ୍କ ମହାଭାରତର ଲୋକପ୍ରିୟତା ବହୁତାଂଶରେ ଏହି ଛନ୍ଦର ସାବଲୀଳ ଗତିଦ୍ୱାରା ହୋଇପାରିଛି । ପୁରାଣ ରଚନା ଓ ପାଠ ଉଭୟ ଦୃଷ୍ଟିରୁ ଏହି ଛନ୍ଦଟି ସହଜ, ସରଳ, ସୁଖପାଠ୍ୟ, ଶ୍ରୁତିମଧୁର, ପାଠରେ ମାଦକତା ଉତ୍ପାଦନକ୍ଷମ ଥିବାରୁ ଏହାର ବହୁଳ ବ୍ୟବହାର ପରବର୍ତ୍ତୀ ସମୟରେ ହୋଇଥିଲା ।

ଶାରଳା ମହାଭାରତର ତାଳପତ୍ର ପୋଥିମାନଙ୍କରେ ଚରଣମାନଙ୍କ ବିଭିନ୍ନ ସଂଖ୍ୟକ ଅକ୍ଷର ଥିବା ଦେଖାଯାଏ । ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବର କେତେକ ପ୍ରାଚୀନ ପୋଥିରେ ଥିବା ଏହିପରି କେତୋଟି ଚରଣର ଉଦାହରଣ ଦିଆଗଲା ।

ଜୟ ଶ୍ରୀ ଦଧିବାମନ ଦେବରାଜ (୧୨)
ଦର୍ଶନେ ପାପଲ ପ୍ରସନ୍ନେ ହିତ କାର୍ଯ୍ୟ । (୧୩)
ଜମ୍ବୁଦ୍ୱୀପ ଭରତଖଣ୍ଡ ଓଡ୍ର ରାଷ୍ଟ୍ର ଲଗାଇନ (୧୫)
ଚନ୍ଦ୍ରଭାଗା ନଦୀ ତଟେ ଧବ୍ୟ ସ୍ଥାନେ । (୧୨)
ପଶ୍ଚିମ ପାଟଣା କନକାଇ ନଗ୍ର (୧୩)
କଳିଯୁଗ ଭୂରି ଲକ୍ଷ ବତିଶ ସହସ୍ର ଶ୍ଳୋକ । (୧୬)
ପାଳନ ଜନ ତାରିଣୀ ସାରଳା ଚଣ୍ଡୀ ନାମ (୧୫)
ଝଙ୍କଡ଼ପୁର ବାସୀ ଯୋଗେଶ ଆଦ୍ୟ ବ୍ରହ୍ମ । (୧୪)
ନବଘନ ବସ୍ତ୍ର କୁଣ୍ଡଳ ବେଶ ଧୂପ ଦୀପ (୧୪)
ଏମାନ ଦେଇ ସେ ଗୀତ ଦଣ୍ଡ ପ୍ରଣମିତ । (୧୪)
ହୋଇଲେ ପଣ୍ଡିତ ମହାନୃପ । (୧୦)

( ପ୍ରବନ୍ଧାବଳୀ ୭ ଶ୍ୟାମସୁନ୍ଦର ରାଜଗୁରୁ । ପୃ ୫୧ )

ପୁଣି କୌଣସି କୌଣସିଠାରେ ପଦର ଦୁଇ ଚରଣରେ ସମାନ ସଂଖ୍ୟକ ଅକ୍ଷର ମଧ୍ୟ ଦେଖାଯାଉଛି ।

କୁହୁଡ଼ି ଜବସ୍ତ ଘନ ସୁଗନ୍ଧ ଭୂତର (୧୪)
କୁସୁମ ବନରେ ବିହରନ୍ତି ମଧୁକର । (୧୪)
କୁମ୍ଭୀରେ ଘଡ଼ୁଣି ଗର୍ଜଇ ଠିକ ଫାଟି (୧୩)
ସଦାର ଝମଟନ୍ତି ଡାଳକୁ ବଳ ଦୃଷ୍ଟି । (୧୩) (ପ୍ରବନ୍ଧାବଳୀ)

**କବିଙ୍କ ଭାଷାର କ୍ରମବିକାଶ**—ଭାଷା ଦୃଷ୍ଟିରୁ ଦେଖିଲେ ମୂଳରୁ ଶେଷ ପର୍ଯ୍ୟନ୍ତ ପରିବର୍ତ୍ତନ ଦେଖାଯାଏ ନାହିଁ । ଲେଖାର ଭଙ୍ଗୀ ସମସ୍ତଭାବରେ ଉତ୍ତର ସବୁ ସ୍ଥାନରେ ବିଦ୍ୟମାନ ରହିଛି । ମହାଭାରତର ପ୍ରକାଶକମାନେ ବହୁତ ପରିବର୍ତ୍ତନ କରି ଦେଇଥିବାରୁ ଏବଂ ତାଳପତ୍ର ପୋଥି-ମାନଙ୍କରେ ମଧ୍ୟ ବିଭିନ୍ନ ପ୍ରକାର ପାଠ ଦେଖାଯାଉଥିବାରୁ କ୍ରମାଗତ ରୂପାନ୍ତର ନିର୍ଦ୍ଦିଷ୍ଟ ରୂପରେ ସ୍ଥିର କରିବା ସମ୍ଭବ ହୋଇପାରୁ ନାହିଁ ।

ଶାରଳାଦାସଙ୍କ ମହାଭାରତକୁ ମୂଳ ମହାଭାରତ ସହିତ ମିଳାଇ ଦେଖିଲେ ଏହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ବୋଲି ଜଣାଯିବ, ଏଥିରେ ସନ୍ଦେହ ନାହିଁ । ସଂସ୍କୃତ ମହାଭାରତର ବହୁ ଉପାଦେୟ ପ୍ରସଙ୍ଗ ସେ ତ୍ୟାଗ କରିଥିବାରୁ ଏବଂ ବହୁ ଅପ୍ରାସଙ୍ଗିକ ବିଷୟର ଅବତାରଣା କରିଥିବାରୁ ମନେହୁଏ କବି ସଂସ୍କୃତ ମହାଭାରତ ପାଠ ନ କରି କେବଳ ବିଦ୍ୱାନ ସଂସ୍କୃତ ପଣ୍ଡିତମାନଙ୍କଠାରୁ ମୂଳ ମହାଭାରତର ବିଷୟ ଶ୍ରବଣ କରିଥିବେ ଏବଂ ପରମ୍ପରା ଜନିତ ଶ୍ରୁତ ମହାଭାରତ କଥାପ୍ରସଙ୍ଗକୁ ସ୍ୱ ଉଦ୍ଦାମ କଳ୍ପନାଶକ୍ତିରେ ସୃଜନା କରି ମହାଭାରତ ଲେଖିଯାଇଛନ୍ତି । ଦୈବୀଶକ୍ତି ଏହି ସାହିତ୍ୟସୃଷ୍ଟିର କାରଣ ବୋଲି କବି ନିଜେ ପ୍ରକାଶ କରିଛନ୍ତି । ପ୍ରଚଳିତ ସାମାଜିକ ଅବସ୍ଥାକୁ ସେ ଅତି ବିଚକ୍ଷଣ ଭାବରେ ଦୃଷ୍ଟି ଦେଇ ସାମାଜିକ ଶଠତା, ଦୋଷ ଦୁର୍ବଳତା ପ୍ରଭୃତିକୁ ଅତି ସୁନ୍ଦର, ସରଳ, ସ୍ୱାଭାବିକ ଭାବରେ ରୂପ ଦେଇ ରଚନାଗୁଡ଼ିକୁ ହୃଦ୍ୟ ଓ ମଧୁର କରିପାରିଛନ୍ତି ।

**ଉପସଂହାର**—ଶାରଳା ଦାସଙ୍କ ପୂର୍ବରୁ ଅର୍ଥାତ୍ ୧୫ଶ ଶତାବ୍ଦୀ ପୂର୍ବରୁ ଉତ୍କଳ, ବଙ୍ଗ, ମଗଧ କିମ୍ବା ପ୍ରାଚୀନ ଭାରତର କୌଣସି ଭାଷାରେ ଏତେ ବଡ଼ ମୌଳିକ ଗ୍ରନ୍ଥ ଏପରି ସୁନ୍ଦରଭାବରେ ଲେଖା ହୋଇନାହିଁ ।

ଶାରଳାଦାସଙ୍କ ମହାଭାରତ କେବଳ ଓଡ଼ିଶାର ନୁହେଁ, ସମସ୍ତ ଭାରତର ଏକ ସମ୍ପତ୍ତି, ଏହାର ଗୌରବ ଅତୁଳନୀୟ ଓ ଏହି ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶାରଳାଦାସଙ୍କ ବିଚିତ୍ର ରାମାୟଣ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣର ରଚନାଶୈଳୀ ତାଙ୍କର ଗ୍ରନ୍ଥକୁ ଅମର କରି ରଖିଛି । ପରବର୍ତ୍ତୀ ଯୁଗରେ ବହୁ ଉଲ୍ଲେଖନୀୟ କବି ଶାରଳାଦାସଙ୍କ ବର୍ଣ୍ଣିତ ବିଭିନ୍ନ ଆଖ୍ୟାୟିକାମାନଙ୍କୁ ଆଶ୍ରୟ କରି କାବ୍ୟ ଓ କବିତା ଲେଖିଯାଇଅଛନ୍ତି । ଶାରଳାଦାସଙ୍କ ବର୍ଣ୍ଣିତ ସୁଭଦ୍ରା ହରଣ, ରୁକ୍ମିଣୀ ହରଣ ପ୍ରଭୃତି "ହରଣ" ଆଖ୍ୟାୟିକା ବହୁଳ ଭାବରେ ପ୍ରଚଳିତ ହୋଇଥିବା ଦେଖାଯାଏ । ଉପେନ୍ଦ୍ରଭଞ୍ଜଙ୍କ "ସୁବର୍ଣ୍ଣରେଖା", ଶିଶୁ ଶଙ୍କରଙ୍କ "ଉଷାଭିଳାଷ" ଶାରଳାଦାସଙ୍କ ଆଖ୍ୟାୟିକାମାନଙ୍କର ଅବଲମ୍ବନରେ ଲିଖିତ । ଶାରଳାଦାସଙ୍କ ପରବର୍ତ୍ତୀ କବି ବଙ୍ଗଳାର କାଶୀ ଦାସଙ୍କ 'ମହାଭାରତ'ର କେତେକ ଆଖ୍ୟାୟିକାର ଅଂଶ ଓ ବସ୍ତୁସଂସ୍ଥାପନା ଶାରଳାଦାସଙ୍କ ମହାଭାରତ ସହିତ ମେଳ ଥିବାର ମଧ୍ୟ ଦେଖାଯାଏ ।

ବଙ୍ଗ ମହାଭାରତ ପ୍ରଣେତା କାଶୀରାମ ଦାସ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ( ଖ୍ରୀ: ୧୫୪୯ରେ ) ଜନ୍ମଗ୍ରହଣ କରିଥିବାର ଜଣାଯାଏ । ଶାରଳାଦାସଙ୍କ ପରି କାଶୀରାମ ଦାସ ମଧ୍ୟ ତାଙ୍କ ରଚନାରେ ମୂଳ ସଂସ୍କୃତ ରାମାୟଣକୁ ଅନୁସରଣ କରିନାହାନ୍ତି । ଶାରଳାଦାସଙ୍କ ମହାଭାରତର ଜନପ୍ରିୟତା ଏତେ ବେଶି ହୋଇଥିଲା ଯେ କବି କାଶୀରାମଙ୍କ ଉପରେ ମଧ୍ୟ ତାର ପ୍ରଭାବ ପଡ଼ିଥିଲା । କାଶୀରାମ ମେଦିନୀପୁରର ରାଜାଙ୍କ ଅନୁଗ୍ରହ ଲାଭକରି ତାଙ୍କର ପୃଷ୍ଠପୋଷକତାରେ ଗ୍ରନ୍ଥ ରଚନା କରିଥିଲେ । ସେତେବେଳକୁ ମେଦିନୀପୁର ଓଡ଼ିଶା ସାମ୍ରାଜ୍ୟର ଏକ ଅଂଶ ଥିଲା । କାଶୀରାମ ତାଙ୍କ ଗ୍ରନ୍ଥରେ ନୀଳାଚଳନାଥ ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି ।

କହେ କାଶୀ ଦାସ ପ୍ରଭୁ ନୀଳଶୈଳାରୂଢ଼
ଦକ୍ଷିଣେ ଅନୁଜା ରଜ ସମ୍ମୁଖେ ଗରୁଡ଼ ।

କାଶୀ ଦାସ ଶାରଳାଦାସଙ୍କ ମହାଭାରତର କେତେକ କଥା ଓ ଚରିତ ଗ୍ରହଣ କରି ତାକୁ ନିଜ ଗ୍ରନ୍ଥରେ ଭିନ୍ନଭାବରେ ରୂପ ଦେଇଥିବା ଜଣାଯାଏ ।

ଶାରଳା ଦାସ ଅନେକ ଭାଗବତ ଓ ହରିବଂଶ ପ୍ରଭୃତି ପୁରାଣମାନଙ୍କରୁ କେତେକ ଉପାଖ୍ୟାନ ଗ୍ରହଣ କରିଛନ୍ତି । ଶକୁନ୍ତଳା ଚରିତ, ଦ୍ରୁପଦ ପଞ୍ଚବଧୂ, ନଳଦମୟନ୍ତୀ ଉପାଖ୍ୟାନକୁ ଗ୍ରହଣ କରିଛନ୍ତି ।

**ଚଣ୍ଡୀପୁରାଣ**—ଚଣ୍ଡୀପୁରାଣରେ ମହିଷାସୁର-ବଧ ଚରିତ ବର୍ଣ୍ଣିତ ହୋଇଛି । ସଂସ୍କୃତ ଚଣ୍ଡୀପୁରାଣର ମୂଳ ବିଷୟବସ୍ତୁକୁ ଅବଲମ୍ବନ କରି କବି ଏହି ପୁରାଣଟି ଲେଖିଛନ୍ତି । ମୂଳଗ୍ରନ୍ଥର ଏହା ଅନୁବାଦ ନୁହେଁ । ଏହି ପୁରାଣରେ ଚଣ୍ଡୀଙ୍କର ମହିମା ବର୍ଣ୍ଣନା ହିଁ ପ୍ରଧାନ ବିଷୟ ।

ଶାରଳା ଦାସ ମହାଭାରତରେ ଶାରଳା ଚଣ୍ଡୀଙ୍କୁ ନିଜର ଇଷ୍ଟଦେବୀ ବୋଲି ଲେଖିଛନ୍ତି ଏବଂ ତାଙ୍କର ଆଶୀର୍ବାଦ ଓ ଆଜ୍ଞାରୁ ସେହି ଗ୍ରନ୍ଥଟି ଲେଖା ହୋଇଥିବା ମଧ୍ୟ କହିଛନ୍ତି । ଶାରଳା ଠାକୁରାଣୀ ତାଙ୍କୁ ଯାହା କହୁଥାନ୍ତି, ତାହା ସେ ଲେଖନ୍ତି, ଏହା ମଧ୍ୟ କବି ଲେଖିଛନ୍ତି । ଶାରଳା ଚଣ୍ଡୀଙ୍କର ସ୍ତୁତି ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଲେଖିଛନ୍ତି । ଚଣ୍ଡୀଭକ୍ତ ଶାରଳାଦାସଙ୍କ ପକ୍ଷେ ଚଣ୍ଡୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବା ସ୍ୱାଭାବିକ ।

ମହାଭାରତ ପରି ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣରେ ଚରିତବର୍ଣ୍ଣନା ହିଁ ପ୍ରଧାନ ଥିବାରୁ ତତ୍ତ୍ୱ ପ୍ରତିପାଦନ ପ୍ରତି କବି ସେତେ ଦୃଷ୍ଟି ଦେଇ ନାହାନ୍ତି । ମହାଭାରତ ଭଳି ଅଲୌକିକତାର ପ୍ରାଧାନ୍ୟ ଏ ଦୁଇଟି ଗ୍ରନ୍ଥରେ ମଧ୍ୟ ରହିଛି ।

**ବିଲଙ୍କା ରାମାୟଣ**—ଶାରଳା ଦାସ ଗ୍ରନ୍ଥର ଆରମ୍ଭରେ ଲେଖିଛନ୍ତି ଯେ ବିଲଙ୍କା ରାମାୟଣରେ ସୀତାଙ୍କର ମହିମାବର୍ଣ୍ଣନା ହିଁ ପ୍ରଧାନ । ଦଶଶିର ରାବଣକୁ ବଧ କରିବା ପରେ ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାକୁ ଫେରି ଅଯୋଧ୍ୟାର ରାଜା ହେଲେ । ଏ ସମୟରେ ବିଲଙ୍କାର ରାଜା ସହସ୍ରଶିର ରାବଣ ସ୍ୱର୍ଗର ଦେବତାମାନଙ୍କୁ ପରାଜିତ କରି ସେମାନଙ୍କୁ ବହୁ କଷ୍ଟ ଦେଲା । ସେ କଷ୍ଟ ସହି ନପାରି ଦେବତାମାନେ ରାମଙ୍କ ଦ୍ୱାରା ବିଲଙ୍କାର ରାବଣକୁ ମରାଇବାର ସ୍ଥିର କରି ହଳ ଓ ମୁଷଳକୁ ଅଯୋଧ୍ୟାକୁ ପଠାଇଲେ । ହଳ ସୀତାଙ୍କ କଣ୍ଠରେ ଓ ମୁଷଳ ରାମଙ୍କ କଣ୍ଠରେ ବସିଲେ । ରାଜ୍ୟାଭିଷେକ ସଭାରେ

ଶାରଳାଦାସଙ୍କ ମହାଭାରତ କେବଳ ଓଡ଼ିଶାର ନୁହେଁ, ସମସ୍ତ ଭାରତର ଏକ ଶ୍ରେଷ୍ଠ, ଆଦରଣୀୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶାରଳାଦାସଙ୍କ ଚରିତ୍ରାଙ୍କନ, କଳ୍ପନାବିଳାସ ଓ ମନୋମୁଗ୍ଧକର ରଚନାଶୈଳୀ ତାଙ୍କର ଗ୍ରନ୍ଥକୁ ଅମର କରି ରଖିଛି । ପରବର୍ତ୍ତୀ ଯୁଗରେ ବହୁ ଭକ୍ତିକାଳୀନ କବି ଶାରଳାଦାସଙ୍କ ବର୍ଣ୍ଣିତ ବିଭିନ୍ନ ଉପାଖ୍ୟାନମାନଙ୍କୁ ଆଶ୍ରୟ କରି କାବ୍ୟ ଓ କବିତା ଲେଖିଯାଇଅଛନ୍ତି । ଶାରଳାଦାସଙ୍କ ବର୍ଣ୍ଣିତ ସୁଭଦ୍ରା ହରଣ, ରୁକ୍ମିଣୀ ହରଣ ପ୍ରଭୃତି "ହରଣ" ଆଖ୍ୟାୟିକା ବହୁଳ ଭାବରେ ପ୍ରଚଳିତ ହୋଇଥିବା ଦେଖାଯାଏ । ଉପେନ୍ଦ୍ରଭଞ୍ଜଙ୍କ "ସୁବର୍ଣ୍ଣରେଖା", ଶିଶୁଶଙ୍କରଙ୍କ "ଶଶିସେଣା" ଶାରଳାଦାସଙ୍କ ଉପାଖ୍ୟାନମାନଙ୍କ ଅବଲମ୍ବନରେ ଲିଖିତ । ଶାରଳାଦାସଙ୍କ ପରବର୍ତ୍ତୀ କବି ବଙ୍ଗଳାର କାଶୀ ଦାସଙ୍କ 'ମହାଭାରତ'ର କେତେକ ଆଖ୍ୟାୟିକାର ଅଂଶ ଓ ବିଷୟସଂସ୍ଥାପନା ଶାରଳାଦାସଙ୍କ ମହାଭାରତ ସହିତ ମେଳ ଖାଉଥିବାର ମଧ୍ୟ ଦେଖାଯାଏ ।

ବଙ୍ଗ ମହାଭାରତ ପ୍ରଣେତା କାଶୀରାମ ଦାସ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ( ଖ୍ରୀ: ୧୫୫୦ରେ ) ଜନ୍ମଗ୍ରହଣ କରିଥିବାର ଜଣାଯାଏ । ଶାରଳାଦାସଙ୍କ ପରି କାଶୀରାମ ଦାସ ମଧ୍ୟ ତାଙ୍କ ରଚନାରେ ମୂଳ ସଂସ୍କୃତ ରାମାୟଣକୁ ଅନୁସରଣ କରିନାହାନ୍ତି । ଶାରଳାଦାସଙ୍କ ମହାଭାରତର ଜନପ୍ରିୟତା ଏତେ ବେଶୀ ହୋଇଥିଲା ଯେ କବି କାଶୀରାମଙ୍କ ଉପରେ ମଧ୍ୟ ତାର ପ୍ରଭାବ ପଡ଼ିଥିଲା । କାଶୀରାମ ମେଦିନୀପୁରର ରାଜାଙ୍କ ଅନୁଗ୍ରହ ଲାଭକରି ତାଙ୍କର ପୃଷ୍ଠପୋଷକତାରେ ଗ୍ରନ୍ଥ ରଚନା କରିଥିଲେ । ସେତେବେଳକୁ ମେଦିନୀପୁର ଓଡ଼ିଶା ସାମ୍ରାଜ୍ୟର ଏକ ଅଂଶ ଥିଲା । କାଶୀରାମ ତାଙ୍କ ଗ୍ରନ୍ଥରେ ନୀଳାଚଳନାଥ ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି ।

କହେ କାଶୀ ଦାସ ପ୍ରଭୁ ନୀଳଶୈଳାରୂଢ଼
ଦକ୍ଷିଣେ ଅନୁଜାଗ୍ରଜ ସନ୍ମୁଖେ ଗରୁଡ଼ ।

କାଶୀ ଦାସ ଶାରଳାଦାସଙ୍କ ମହାଭାରତର କେତେକ କଥା ଓ ଚରିତ୍ର ଗ୍ରହଣ କରି ତାକୁ ନିଜ ଗ୍ରନ୍ଥରେ ସ୍ୱଭାବରେ ରୂପ ଦେଇଥିବା ଜଣାଯାଏ ।

ଶାରଳା ଦାସ ଏଥିରେ ଭାଗବତ ଓ ହରିବଂଶ ପ୍ରଭୃତି ପୁରାଣମାନଙ୍କରୁ ଅନେକାନେକ ଉପାଖ୍ୟାନ ଗ୍ରହଣ କରିଛନ୍ତି । ଶକୁନ୍ତଳା ଚରିତ୍ର, ଋଚୀ ପରୀକ୍ଷା, ନଳଦମୟନ୍ତୀ ଉପାଖ୍ୟାନକୁ ଗ୍ରହଣ କରିଛନ୍ତି ।

**ଚଣ୍ଡୀପୁରାଣ**—ଚଣ୍ଡୀପୁରାଣରେ ମହିଷାସୁର-ନିଧନ କାହାଣୀ ବର୍ଣ୍ଣିତ ହୋଇଛି । ସଂସ୍କୃତ ଚଣ୍ଡୀପୁରାଣର ମୂଳ ବିଷୟବସ୍ତୁକୁ ଅବଲମ୍ବନ କରି କବି ଏହି ପୁରାଣଟି ଲେଖିଛନ୍ତି । ମୂଳଗ୍ରନ୍ଥର ଏହା ଅନୁବାଦ ନୁହେଁ । ଏହି ପୁରାଣରେ ଚଣ୍ଡୀଙ୍କର ମହିମା ବର୍ଣ୍ଣନା ହିଁ ପ୍ରଧାନ ବିଷୟ ।

ଶାରଳା ଦାସ ମହାଭାରତରେ ସାରଳା ଚଣ୍ଡୀଙ୍କୁ ନିଜର ଇଷ୍ଟଦେବୀ ବୋଲି ଲେଖିଛନ୍ତି ଏବଂ ତାଙ୍କର ଆଶୀର୍ବାଦ ଓ ଆଜ୍ଞାରୁ ସେହି ଗ୍ରନ୍ଥଟି ଲେଖା ହୋଇଥିବା ମଧ୍ୟ କହିଛନ୍ତି । ସାରଳା ଠାକୁରାଣୀ ତାଙ୍କୁ ଯାହା କହୁଥିଲେ, ତାହା ସେ ଲେଖନ୍ତି, ଏହା ମଧ୍ୟ କବି ଲେଖିଛନ୍ତି । ସାରଳା ଚଣ୍ଡୀଙ୍କର ସ୍ତୁତି ଗ୍ରନ୍ଥର ଶତାଧିକ ସ୍ଥାନରେ ଲେଖିଛନ୍ତି । ଚଣ୍ଡୀଭକ୍ତ ଶାରଳାଦାସଙ୍କ ପକ୍ଷେ ଚଣ୍ଡୀଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବା ସ୍ୱାଭାବିକ ।

ମହାଭାରତ ପରି ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣରେ ଘଟଣାବର୍ଣ୍ଣନା ହିଁ ପ୍ରଧାନ ଥିବାରୁ ତତ୍ତ୍ୱ ପ୍ରତିପାଦନ ପ୍ରତି କବି ସେତେ ଦୃଷ୍ଟି ଦେଇ ନାହାନ୍ତି । ମହାଭାରତ ଭଳି ଅଲୌକିକତାର ପ୍ରାଧାନ୍ୟ ଏ ଦୁଇଟି ଗ୍ରନ୍ଥରେ ମଧ୍ୟ ରହିଛି ।

**ବିଲଙ୍କାରାମାୟଣ**—ଶାରଳା ଦାସ ଗ୍ରନ୍ଥର ଆରମ୍ଭରେ ଲେଖିଛନ୍ତି ଯେ ବିଲଙ୍କାରାମାୟଣରେ ସୀତାଙ୍କର ମହିମାବର୍ଣ୍ଣନା ହିଁ ପ୍ରଧାନ । ଦଶଶିର ରାବଣକୁ ନିଧନ କରିବା ପରେ ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାକୁ ଫେରି ଅଯୋଧ୍ୟାର ରାଜା ହେଲେ । ଏ ସମୟରେ ବିଲଙ୍କାର ରାଜା ସହସ୍ରଶିର ରାବଣ ସ୍ୱର୍ଗର ଦେବତାମାନଙ୍କୁ ପରାଜିତ କରି ସେମାନଙ୍କୁ ବହୁ କଷ୍ଟ ଦେଲା । ସେ କଷ୍ଟ ସହି ନପାରି ଦେବତାମାନେ ରାମଙ୍କ ଦ୍ୱାରା ବିଲଙ୍କାର ରାବଣକୁ ମରାଇବାର ସ୍ଥିର କରି ଛଳ ଓ କୁବଳକୁ ଅଯୋଧ୍ୟାକୁ ପଠାଇଲେ । ଛଳ ସୀତାଙ୍କ କଣ୍ଠରେ ଓ କୁବଳ ରାମଙ୍କ କଣ୍ଠରେ ବସିଲେ । ରାଜ୍ୟାଭିଷେକ ସଭାରେ

ଲଙ୍କାର ଦଶଶିର ରାବଣର ବଧ ହୃଦୟରେ ତର୍କ ହେଲା । ରାମ ନିଜ ବାହୁ-ବଳରେ ରାବଣକୁ ମାରିଥିବା କଥା ସୀତା ସ୍ୱୀକାର କଲେ ନାହିଁ । ସହସ୍ରଶିର ରାବଣକୁ ଯଦି ରାମ ମାରିପାରିବେ ତାହାହେଲେ ସେ ଲଙ୍କାର ରାବଣକୁ ମାରିଛନ୍ତି ବୋଲି ପ୍ରମାଣିତ ହେବ, ଏକଥା ସୀତା ରାମଙ୍କୁ କହିଲେ । ରାମ ସହସ୍ରଶିର ରାବଣକୁ ମାରିବାକୁ ବିଲଙ୍କାକୁ ଯାଇ ସେଠାରେ ଯୁଦ୍ଧ ଶୁରୁ କଲେ । କିନ୍ତୁ ବିଲଙ୍କାର ରାବଣକୁ ମାରି ପାରିଲେ ନାହିଁ । ପରେ ହନୁମାନଙ୍କ ଦ୍ୱାରା ଖବର ପଠାଇବାରୁ ଲକ୍ଷ୍ମଣ ସହ ସୀତା ବିଲଙ୍କାକୁ ଆସିଲେ । କାତ୍ୟାୟନୀଙ୍କ ବରପ୍ରସାଦରୁ ସୀତା ପରମ ରମଣୀୟ ରୂପ ଧାରଣ କରି ପୁଷ୍ପଧନୁ ପଞ୍ଚଶର ହସ୍ତରେ ଧରି ଯୁଦ୍ଧରେ ଅବତୀର୍ଣ୍ଣା ହେଲେ । ସୀତା ପଞ୍ଚଶର ନିକ୍ଷେପ କରିବା ଯାଏଁ ବିଲଙ୍କାଧିପ ଅଚେତନ ହୋଇପଡ଼ିଲା ।

ଅପୂର୍ବ ମୂରତି ଧରିଲେକ ହରିଦେବୀ
ଅସୁର ଆଗରେ ଠିଆ ହେଲେ ଦେବୀ ଯାଇ ।
ଯହୁଁ ଗର୍ଜନକୁ ଶୁଣି ହେଲକ ଅସୁର
ମହା କୋପେ ଦୈତ୍ୟ କଲା ଥରହର ।
ନବ ମନ୍ମଥ ସଖୀ ହେଲେକ ଦେଖାଇ
ବେଢ଼ିଲ ପଞ୍ଚଶର ଦୁଇଁଭୁଜରେ ପୁରାଇ ।
X X X
କନ୍ଦର୍ପର ପଞ୍ଚଶର ଅଙ୍ଗରେ ବାଜିଲା
ବେଢୁଥିଲ ଦୈତ୍ୟ ତନୁ ଅବଶ ହୋଇଲା ।

ଏପରି ମଦନବାଣ ଅବସ୍ଥାପନ୍ନ ହୋଇ ଅସୁର ସୀତାଙ୍କୁ ନିଜ ଭାର୍ଯ୍ୟା ହେବା ପାଇଁ କହିଲା । ସୀତା ଛଳନା କରି କହିଲେ, "ଆଗେ ତୁ ରାମଙ୍କୁ ବଧ କର !" ଅସୁର ତହୁଁ ରାମଙ୍କ ରଥ ପାଖକୁ ଯାଇ ଯୁଦ୍ଧ କଲା । ପୂର୍ବରୁ ହତଚେତନ ହୋଇଥିବାରୁ ଅସୁର ରାମଙ୍କ ଶରରେ ନିଧନ ହେଲା ।

ବିଲଙ୍କା ରାମାୟଣର କଥା ସରଳ । ମହାଭାରତର ଆଖ୍ୟାୟିକାମାନଙ୍କ ପରି ଏଥିରେ କଳ୍ପନାର ବିଳାସ ଅଧିକ ନ ଥିଲେ ମଧ୍ୟ ବର୍ଣ୍ଣିତ ବିଷୟକୁ କବି

ମନୋରମ କରିପାରିଛନ୍ତି । ଦୃଶ୍ୟବର୍ଣ୍ଣନାଗୁଡ଼ିକ ଚମତ୍କାର ହୋଇଛି । ଅତିଦେବକ, ହୃଦିଲେକ, ପନ୍ତ୍ରେଲକ, ଧାମନ୍ତ୍ର ପ୍ରଭୃତି ପ୍ରୟୋଗ ଏ ଗ୍ରନ୍ଥରେ ଦେଖାଯାଏ ।

'ବିଲଙ୍କା ରାମାୟଣ'ରେ ଠାକୁରାଣୀ ସୀତାଙ୍କର ମହିମା ରାମଙ୍କ ମହିମା ଅପେକ୍ଷା ବଡ଼ ବୋଲି ପ୍ରତିପାଦିତ ହୋଇଥିଲେ ମଧ୍ୟ ଏହା କବିଙ୍କ ଅଭିପ୍ରାୟ ଥିବା ଅନୁମିତ ହୁଏ ନାହିଁ । କାରଣ, 'ଖଳ ଓ ଦୁର୍ବଳ'ଙ୍କୁ ସୃଷ୍ଟି କରି ସେ ବୁଦ୍ଧିକୌଶଳରେ ଦେବତାମାନେ ମନ୍ତ୍ରୀଙ୍କୁ ପଠାଇ ସୀତା ଓ ରାମଙ୍କ କଣ୍ଠରେ ବସାଇବାରୁ ରାମ ଓ ସୀତାଙ୍କ ମଧ୍ୟରେ ଦଶଶିର ରାବଣର ନିଧନ ବିଷୟରେ ଅଶୋଭନୀୟ ମତାନ୍ତର ହୋଇଥିଲା । ସ୍ୱାଭାବିକ ଅବସ୍ଥାରେ ଏପରି ଅଶୋଭନୀୟ ମତାନ୍ତର ସମ୍ଭବ ନୁହେଁ, ଏହା କବି ଅନୁଭବ କରିଥିଲେ । ସତୀ ସାଧ୍ୱୀ ସୀତାଙ୍କ ପକ୍ଷରେ ଏପରି ମତାନ୍ତରରେ ଅବତୀର୍ଣ୍ଣ ହେବା ଆଦୌ ସମ୍ଭବ ନୁହେଁ କି ଶୋଭନୀୟ ନୁହେଁ । କେବଳ ଦୁର୍ଦ୍ଧର୍ଷ ସହସ୍ରଶିର ରାବଣର ନିଧନ ଲକ୍ଷ୍ୟରେ ଦେବତାମାନେ କୂଟ କରି ଏପରି ପୃଷ୍ଠଭୂମି ରଚନା କରିଥିଲେ । ସତୀ ସୀତା 'ନବ ଗର୍ଜନ' ଦେଖାଇ ଦେବାରୁ ମହା ପରାକ୍ରମୀ ରାକ୍ଷସ ସ୍ତମ୍ଭୀଭୂତ ହୋଇ ପଡ଼ିଲା । ଫଳରେ ରାମଙ୍କ ପ୍ରତି ସେ ଅସ୍ତ୍ର ମୁକ୍ତ କରିପାରିଲା ନାହିଁ । ସୀତାଙ୍କ 'ନବ ଗର୍ଜନ' ଦର୍ଶନ ହିଁ ସହସ୍ରଶିରର କାଳ ହେଲା । ସୁତରାଂ ଏହା ଏକ କୌଶଳରୂପରେ ଧରାଯାଇଛି । ସୀତାଙ୍କ କୌଶଳ ଯୋଗୁଁ ଅସୁରର ନିଧନ ସାଧିତ ହୋଇଥିବାରୁ ଏହି ଗ୍ରନ୍ଥରେ ସୀତାଙ୍କ ଉତ୍କୃଷ୍ଟତର ମହିମା ଦେଖାଯାଇଛି । ଖଳ ଓ ଦୁର୍ବଳର ଆବିର୍ଭାବ ଏହି ଅସ୍ୱାଭାବିକ ପରିସ୍ଥିତି ପାଇଁ ଦାୟୀ । ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ଦେବତାମାନଙ୍କର ଏହି କୂଟ ରଚନା ଦ୍ୱାରା ଅତ୍ୟାଚାରୀ ରାକ୍ଷସର ନିଧନ ସମ୍ପାଦିତ ହୋଇଥିବାରୁ ରାମ ସୀତାଙ୍କ ମତାନ୍ତରର ଅସ୍ୱାଭାବିକତା ସ୍ପଷ୍ଟ ହୋଇଛି ।

## (୬) କପିଳେନ୍ଦ୍ର ଯୁଗର କେତୋଟି ଗଦ୍ୟ ଲେଖ

କପିଳେନ୍ଦ୍ରଦେବଙ୍କ ସମୟକୁ ବା କପିଳେନ୍ଦ୍ର ଯୁଗରେ ଓଡ଼ିଆ ଭାଷାର ରୂପ ପୂର୍ଣ୍ଣାଙ୍ଗ ଲାଭ କରିପାରିଥିବାରୁ ଶାରଳା ଦାସ ମହାଭାରତ ଭଳି ବିରାଟ ମହାକାବ୍ୟ ରଚନା କରିପାରିଥିଲେ ।

ଏହି ଯୁଗର ପଦ୍ୟରଚନା ଛଡ଼ା କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ ଗଦ୍ୟ ରଚନା ମଧ୍ୟ ମିଳେ । ପ୍ରତାପ କପିଳେନ୍ଦ୍ର, ପ୍ରତାପ ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ଦେବଙ୍କର ସମସାମୟିକ ଗଦ୍ୟରଚନାରୁ ସେ ସମୟର ଗଦ୍ୟଲେଖାର ସ୍ପଷ୍ଟ ଛନ୍ଦ ଧରଣର ରଚନା-ଉପଯୋଗୀ ସୋଉସାରିଥିବା ଜଣାଯାଏ ।

## କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ଅଭିଲେଖ

କପିଳେନ୍ଦ୍ରଦେବ ସୂର୍ଯ୍ୟବଂଶୀ ନରପତି ଥିଲେ । ସେ ନିଜେ ମଧ୍ୟ ପଣ୍ଡିତ ଓ କବି ଥିଲେ । ସଂସ୍କୃତରେ ସେ "ପରଶୁରାମ ବିଜୟ" ନାମକ ଏକ ନାଟକ ରଚନା କରିଥିଲେ । ଦାକ୍ଷିଣାତ୍ୟର ଦେବରକୋଣ୍ଡାଠାରେ ବାହମନୀର ସୁଲତାନଙ୍କୁ ଖ୍ରୀ: ୧୪୫୮ରେ କପିଳେନ୍ଦ୍ରଦେବ ପରାସ୍ତ କରିଥିଲେ । ଏହି ପ୍ରସିଦ୍ଧ ଘଟଣାକୁ ଅବଲମ୍ବନ କରି ଏହାର ସ୍ମାରକ ସ୍ୱରୂପ ଏହି ନାଟକଟି ରଚିତ ହୋଇଛି । ଦେବରକୋଣ୍ଡା ଯୁଦ୍ଧବିଜୟ ପରେ କପିଳେନ୍ଦ୍ରଦେବଙ୍କ ଶାସନାଧୀନ ଓଡ୍ର ପ୍ରକୃତ ଦାକ୍ଷିଣାତ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ପାରିଥିଲା । ସେ ସମୟରେ ତାହାଙ୍କ ସାମ୍ରାଜ୍ୟର ବିସ୍ତୃତି ସହିତ ତୁଳନା କରିବାପାଇଁ ଅନ୍ୟ କୌଣସି ସାମ୍ରାଜ୍ୟ ଭାରତ ଭିତରେ ନଥିଲା । ଉତ୍ତରରେ ଗଙ୍ଗା ନଦୀ, ପୂର୍ବରେ ମହୋଦଧି, ପଶ୍ଚିମରେ ଦକ୍ଷିଣ କୋଶଳର ପଶ୍ଚିମ ସୀମା, ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ଏହାଙ୍କ ସାମ୍ରାଜ୍ୟ ବିସ୍ତାରିତ ହୋଇଥିଲା । ସ୍ୱ ବାହୁବଳରେ ସେ ଏତେ ବିରାଟ ସାମ୍ରାଜ୍ୟ ସ୍ଥାପନ କରିପାରିଥିବାରୁ ତାଙ୍କୁ ତ୍ରେତାଯୁଗର ପରଶୁରାମଙ୍କ ସହିତ ତୁଳନା କରାଯାଇ ସେହି ନାମରେ ତାଙ୍କୁ ନାମିତ କରାଯାଇଛି । ପରଶୁରାମ ସମସ୍ତ କ୍ଷତ୍ରିୟ ନରପତିଙ୍କୁ ପରାସ୍ତ କରିଥିଲେ; କପିଳେନ୍ଦ୍ର ମଧ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସମସ୍ତ ନରପତିଙ୍କୁ ପରାସ୍ତ କରିଥିଲେ । ଏହି କାରଣରୁ ସେ ଏ ଯୁଗର ପରଶୁରାମ । ଏହି ସଂସ୍କୃତ ନାଟକଟି ପୁରୀ ଜଗନ୍ନାଥ ମନ୍ଦିର ଭିତରେ ଜଗନ୍ନାଥଙ୍କ ଯାତ୍ରା ମହୋତ୍ସବ ସମୟରେ ସ୍ୱୟଂ କପିଳେନ୍ଦ୍ରଦେବଙ୍କ ଉପସ୍ଥିତିରେ ଅଭିନୀତ ହୋଇଥିଲା । ଏହି ପ୍ରକାର ସାହିତ୍ୟ ଓ ସଂସ୍କୃତିର ପ୍ରକାଶ୍ୟ ପୃଷ୍ଠପୋଷକତା ଦ୍ୱାରା ସେ ସମୟର ବହୁ କବି ଓ ଲେଖକ ଉତ୍ସାହିତ ହୋଇଥିଲେ ।

କପିଳେନ୍ଦ୍ରଦେବ ସ୍ୱ ରାଜ୍ୟଶାସନ ଓ ଅନ୍ୟାନ୍ୟ ବିଷୟରେ କେତୋଟି ତଥ୍ୟ ଉତ୍କୀର୍ଣ୍ଣଲେଖ ମନ୍ଦିରମାନଙ୍କରେ ଖୋଦିତ କରାଇ ଯାଇଅଛନ୍ତି ।

ଏହି ଲିପିଗୁଡ଼ିକର ଭାଷା ଅତି ଉନ୍ନତ ଧରଣର ନୁହେଁ; ରଚନା-ପରିପାଟୀ ମଧ୍ୟ ଉନ୍ନତ ନୁହେଁ । ତେବେ ଉନ୍ନତ ଧରଣର ଲେଖା ପାଇଁ ଏହି ଭାଷା ଉପଯୋଗୀ ।

**(୧) ଖ୍ରୀ: ୧୪୬୧ର ଶିଳାଲିପି**—ଏହି ଲିପିଟି ଓଡ଼ିଆ ଅକ୍ଷରରେ ପୁରୀ ଜଗନ୍ନାଥ ମନ୍ଦିର ଭିତରେ କାନ୍ଥର ପଥର ଉପରେ ଖୋଳାହୋଇଛି ।

"ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କ ବିଜେ ସମସ୍ତେ ସମସ୍ତ ୧୯ ଅଙ୍କ ଶ୍ରାହି ମେଷ ଅମାବାସ୍ୟା ରବିବାରେ ମଲ୍ଲିକା ପରଶାଦକୁ ବିଜେକରି ବାହୁଡ଼ି କଟକାଇ ଶ୍ରୀପୁରୁଷୋତ୍ତମ କଟକେ ବୀର ମହଣାଙ୍କ ବିଜେ ସମସ୍ତେ ଶ୍ରୀଚରଣ ଅଗ୍ରତେ ଦୋଠାଳ ସାମନ୍ତସ୍ୱ ସଭାସ୍ଥା ରାଜୁ ଦେଶମାନ ନରେନ୍ଦ୍ର, ଜଣାଇ ଶ୍ରୁତ କରାଇଲାକୁ ଆଜ୍ଞା ହୋଇଲା [।] ଶ୍ରୀପୁରୁଷୋତ୍ତମର ସୁଣ୍ଣବନ୍ଧ-ଗୋପ ଖାଡ଼ି ଦେଲୁ [।] ଏଥକୁ ଯେ ଲଂଘଇ ସେ ଶ୍ରୀଜଗନ୍ନାଥଙ୍କୁ ଦ୍ରୋହ କରଇ [।] ଏ ମୁଦଲି କେଳାଇ ବୃତ୍ତିଆ କଟ୍ଟଇଲା ॥"

## (୨) ଅନ୍ୟ ଏକ ଲିପି ( ନୃସିଂହନାଥ ମନ୍ଦିର, ସିଂହାଚଳ )

ଖ୍ରୀ: ୧୪୫୧ର ଏକ ଲିପି:—"ଶ୍ରୀ ବୀରଶ୍ରୀ ଗଜପତି ଗଉଡ଼େଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ରାଜ୍ୟେ ସମସ୍ତ ୧୮ ଶ୍ରାହି ବହୁ ମୁକୁଳ ୩ ବୁଧବାରେ ବାଣରାଶୀ କଟକ ମଲ୍ଲିନାଥ ମହାପାତ୍ରଙ୍କ ପୁତ୍ର କଳିଙ୍ଗ-ଦଣ୍ଡପାଟ ପରୀକ୍ଷା ମହାପାତ୍ର ଶ୍ରୀ ବୀର ଶ୍ରୀ ସାମନ୍ତଙ୍କ ଅଧିକାରେ ଦେବେଶ୍ୱରଙ୍କ ଭକ୍ତମାନେ ଏହାଙ୍କ ଦାନ । ଦାନର ଅର୍ଥେ ମାଦ ପୁଜେ ନାଥଙ୍କର ଏ ଉପହାରରେ ଭୋଗ ହୋଇବ ଏ ଭୋଗକୁ ନାନା ଘଟା ଏଥବ ଘଡ଼ଅ [XX] କୋ ତୋ ଧ ୭ ପୁଣି ୨ ଅରଣା ୪ ପଞ୍ଚ ୧ XX କର୍ପୂରକାନ୍ତି

× × ଆଏ ପିଠାରୋକି ୧୧ ପଲା × × ୨ × × ଗୁଅ: ୫ ଏତେ ଦଣ୍ଡ × × ପଣ୍ଡାଙ୍କ × × × ହୋଇବେ । ଏ ଦେଶକୁ ଥଅଣି ପ୍ରମାଣେ ପ୍ରମେଶ୍ୱରଙ୍କର ସେବକୁ ହୋଇବେ । ଏହା ଜେ ହରଇ ଶ୍ରୀନରସିଂହ ନାଥଙ୍କ ଦୋସେ × ହୋ କରଇ । ଏ ଧ୍ରମକୁ ନରସିଂହନାଥ ଦେବ ରଖ । ଶ୍ରୀଶ୍ରୀଶ୍ରୀ”

ଅଶୁଦ୍ଧି ସଂଶୋଧନ ପରେ ଏହାର ରୂପ ଏହିପରି ହେବ—

“ଶ୍ରୀ ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ପ୍ରତାପ କପିଳେଶ୍ୱରଦେବ ମହାରାଜାଙ୍କର ବିଜେ ରାଜ୍ୟ ସମସ୍ତ ୧୮ ଶ୍ରାହି ବିଛା ଶୁକ୍ଳ ୩ ବୁଧବାରେ କାଞ୍ଚେରୀ କଟକ ମଲ୍ଲିନାଥ ମହାପାତ୍ରଙ୍କ ପୁଅ କଳିଙ୍ଗ ଦଣ୍ଡପାଟ ପରୀକ୍ଷା ମହାପାତ୍ର ଶ୍ରୀ ବୀର ଶ୍ରୀ ରାଘମଲ୍ଲଙ୍କ ଅଧିକାରେ ବେତେଲ୍ଲରଣ ଅଦ୍ୟମାନେ ଏହାଙ୍କ ଦଣ୍ଡ । ଶ୍ରବଣର ଅର୍ଦ୍ଧରେ ମାଠରୁକା (ନୃସିଂହ) ନାଥଙ୍କର ଏ ଅବସରରେ ସେବା ହୋଇବ । ଏ ସେବକୁ ନାନା ପିଠା ଏଥକୁ ସରୁଇ କୁ ଦେଇ ୪ ପୁଜା ୨ ଅଣ୍ଡା ୪ ପଂକ୍ତି ୧ × × କର୍ପୁର କାଚ୍ଚ × × ଗ ଆଏ ପିଠି ରୋକି ୧୧ ପଲା × × ୨ × × ଗୁଅ ୫ ଏତେ ଦଣ୍ଡ । × × ପଣ୍ଡାଙ୍କ × × × ହୋଇବ । ଏ ଦେଶକୁ (ଉଡ଼ଦେଶ୍ୟକୁ) ଭୂଅଣ ପ୍ରମାଣେ ପରମେଶ୍ୱରଙ୍କର ସେବକୁ ହୋଇବ । ଏହା ଜେ (ଯେ) ହରଇ ଶ୍ରୀନରସିଂହନାଥଙ୍କ ଦୋଷି ଦ୍ରୋହି କରଇ । ଏ ଧର୍ମକୁ ନରସିଂହନାଥ ଦେବ ରଖ । ଶ୍ରୀଶ୍ରୀଶ୍ରୀ ।”

(୩) ଖ୍ରୀ: ୧୪୬୨ର ପୁରୀ ଜଗନ୍ନାଥ ମନ୍ଦିରର ଅନ୍ୟ ଏକ ଶିଳାଲିପି—
ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କ ବିଜେ ସମସ୍ତ ୩୮ ଅଙ୍କ ଶ୍ରାହି କକଡ଼ା ୧୩ ଦିନ ଗୁରୁବାରେ ଶ୍ରୀ ପୁରୁଷୋତ୍ତମ କଟକେ ଦକ୍ଷିଣଦ୍ୱାରେ ନାଜଦାମଣ୍ଡପେ ବିଜେ ସମସ୍ତେ ଅବଧାନ ଆଜ୍ଞା ହୋଇଲା ମୁଦଲେ ଶ୍ରୀଜଗନ୍ନାଥ ମୋହର ବାହ୍ୟ ଅଭ୍ୟନ୍ତର ଜାଣୁ ମୋହର ଯେତେ ରତ୍ନ ପଦାର୍ଥ ଅଛି ସେ ତୋହର ଏହା ଯୈ ଆଉ ଅନ ଧନ ହେତେ ଅଛୁ ମୁଞି ବ୍ରାହ୍ମଣ ହାତରେ ଯେତେ ଦେଇପାରେ ତାହା ଦେବ ଏ ଭୁମିଷ୍ଠ ଓ ନାହାକୁ 'ଅନୁଗ୍ରହ କରିଅ ମୋହର ସେ କେବେ ନୁହେଁ ।”

(୪) କପିଳେନ୍ଦ୍ର ଦେବଙ୍କ ସମୟର ଓଡ଼ିଶା ସାମ୍ରାଜ୍ୟର ଦକ୍ଷିଣାଂଶର କେତୋଟି ଓଡ଼ିଆ ଲିପି ।

ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲ୍ଲାର ପ୍ରସିଦ୍ଧ ସିଂହାଚଳମ୍ର ଶ୍ରୀ ନୃସିଂହନାଥ ମନ୍ଦିରରେ ଠାକୁର ସେବା ସମ୍ପର୍କୀୟ ଏକ କ୍ଷୁଦ୍ର ଲିପିଟି ଅଛି । ଏଥିରେ ରାଜତ୍ୱର ଅଙ୍କ ନଥିବାରୁ ସମୟ ଜଣାପଡ଼ୁ ନାହିଁ ।

"ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ପ୍ରତାପ କପିଳେଶ୍ୱର ଦେବ ମାହାରାଜାଙ୍କର ବିଜେ ରାଜ୍ୟେ ସମସ୍ତ ଶ୍ରାବ୍ଦ ଜଜଣ୍ଡା ସଂକ୍ରାନ୍ତି ସୁ ୬ ସୋମବାରେ ଶ୍ରୀ ନଅର [ଆ] ଦେଶ ଦେଉଳ ଅଧିକାର ପରିଛା କୃଷ୍ଣଦାସ ବେହେରାଙ୍କ ଅଧିକାରେ ସେବକ ପଣ୍ଡା ରଘୁଦାସ ଅଙ୍ଗେଶ୍ୱରୀ ବେହେରାଙ୍କ [ଗୋଚରେ] ପଞ୍ଚ ପରିକରଣ ଶ୍ରୀନାୟକ ୬ ଛତାଣଅର ଧର୍ମ [।] × × ×"

ଶୁଦ୍ଧପାଠ ଏହିପରି ହେବ—

"ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ରାଜ୍ୟେ ସମସ୍ତ ଶ୍ରାବ୍ଦ ଜଜଣ୍ଡା ସଂକ୍ରାନ୍ତି ଶୁଦ୍ଧ ୬ ସୋମବାରେ ଶ୍ରୀ କଟକ ଅଂଦେଶ [।] ଦେଉଳ ଅଧିକାରୀ ପରିଛା କୃଷ୍ଣଦାସ ବେହେରାଙ୍କ ଅଧିକାରେ ସେବକ ପଣ୍ଡା ରଘୁଦାସ ଅଙ୍ଗେଶ୍ୱରୀ ବେହେରାଙ୍କ ଗୋଚରେ ପଞ୍ଚ ପରିକରଣ ଶ୍ରୀନାୟକ ୬ ଛତାଣଅର ଧର୍ମ । × × ×"

## (ଖ) ପୁରୁଷୋତ୍ତମ ଯୁଗ : କେତୋଟି ଗଦ୍ୟ ଅଭିଲେଖ

ମହାରାଜା ପ୍ରତାପ କପିଳେନ୍ଦ୍ର (କପିଳେଶ୍ୱର) ଦେବଙ୍କ ପୁଅ ମହାରାଜା ପୁରୁଷୋତ୍ତମ ଦେବ ଶିକ୍ଷିତ ଗୁଣୀ ବିଦ୍ୱାନ୍ ଓ ବଦାନ୍ୟଶ୍ରେଷ୍ଠ ଥିଲେ । ସେ ସଂସ୍କୃତରେ ଅଭିନବ ଗୀତଗୋବିନ୍ଦମ୍, ଅଭିନବ ବେଣୀସଂହାରମ୍, ଦଶଗ୍ରୀବ ବଧ, ଜାନକୀ ପ୍ରମୋଦ, ଆନନ୍ଦବିଲାସ, ମୁକ୍ତି ଚିନ୍ତାମଣି, ନାମ ମାଳିକା, ଗୋପାଳାର୍ଚ୍ଚନ ପଦ୍ଧତି, ଭୁବନେଶ୍ୱରୀ ପୂଜାପଦ୍ଧତି, କୁବଳୟାଶ୍ୱଚରିତମ୍ ପ୍ରଭୃତି ଗ୍ରନ୍ଥ ରଚନା କରିଥିଲେ । ଅଭିନବ ଗୀତଗୋବିନ୍ଦ ବହୁଳ ପ୍ରସିଦ୍ଧି ଲାଭ କରିଥିଲା ।

ପୁରୁଷୋତ୍ତମ ଦେବ ଓଡ଼ିଆରେ କୌଣସି ଗ୍ରନ୍ଥ ରଚନା କରିଥିବା ଜଣାଯାଏ ନାହିଁ । ତାଙ୍କ ଅମଳରେ ତାଙ୍କର ଆଦେଶରେ କେତୋଟି ଓଡ଼ିଆ ଶିଳାଶାସନ ଦେଖାଯାଏ । ଏହିଗୁଡ଼ିକ ହେଉଛି ସମୟର ଓଡ଼ିଆ ଗଦ୍ୟ ରଚନାର ଉତ୍କୃଷ୍ଟ ଉଦାହରଣ କହିହେବ। ମଧ୍ୟ ଗଦ୍ୟ ସ୍ୱତନ୍ତ୍ର ରୂପର କିଛି ଆଭାସ ଏଥିରୁ ମିଳୁଛି । କପିଳେନ୍ଦ୍ର ଦେବଙ୍କ ସମୟର ଲିପିଗୁଡ଼ିକର ଭାଷାଠାରୁ ବେଶି ମାର୍ଜିତ ନୁହେଁ ।

## ଅଭିଲେଖ:—

(୧) ପୁରୁଷୋତ୍ତମଦେବଙ୍କ ରାଜତ୍ୱର ୨ ଅଙ୍କ ( ଖ୍ରୀ. ୧୪୬୫-୬୬ ) ବା ରାଜତ୍ୱର ପ୍ରଥମ ବର୍ଷର ପୁରୀ ଜଗନ୍ନାଥ ମନ୍ଦିରରେ ଥିବା ଲିପି:—

"ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ ମହାରାଜାଙ୍କ ସମସ୍ତ ୨ ଶ୍ରାହି ମେଷ ଶୁ ୧୨ ବୁଧବାରେ ଶ୍ରୀ ପୁରୁଷୋତ୍ତମ କଟକେ ବିଜେ ସମସ୍ତେ ପୁରୁଷୋତ୍ତମ ଦେବ ମହାରାଜାଙ୍କର ଏତ ଦକ୍ଷିଣ ଦିଗ ଦଣ୍ଡପାଟେ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କର ପୁରାଣମାନ ଦେଶମାନର ଦକ୍ଷିଣ ଦିଗ ଅବଦାନ ସେବକଙ୍କର ଦେଶମାନର ପ୍ରମେଶ୍ୱରଙ୍କ ଭୋଗ ଦେଶମାନ ଅବଦାନ ପ୍ରମେଶ୍ୱରଙ୍କୁ ନିଦ୍ରାନ୍ତ ସେବକ-ମାନଙ୍କୁ ଅବଦାନ ସେବକମାନଙ୍କୁ ଛାଡ଼ିଲୁ ଏ ପୁରୁଷୋତ୍ତମ ଦେବ ମହାରାଜାଙ୍କ ଭୋଗକୁ ଅନୁରୋଧ କଲେ ମାଧବଭଲ୍ଲଭାମ ଧାନ ଭ ୫୦୦ ଜଉଡ଼ୀ ବା ୨୦୦୦ ବାମଳପୁର ଗ୍ରାମ ଏ ଭୋଗକୁ ହୋଇଲା ଅରବ ଦେ ଦାଣ୍ଡ ସୁରକ୍ଷା ମହାଦେବଙ୍କ ଭୋଗକୁ ଦକ୍ଷିଣ ଦିଗ ଦଣ୍ଡପାଟେ ବାଁଣ୍ଟ [illegible] ଗୋପପୁର ଗ୍ରାମ ଦେଲୁ ଏ ଅବଦାନମାନ ଏ ଭୋଗ ଦେଶ ଜେ ହରଇ ସେ ଜଗନ୍ନାଥଙ୍କ ଦ୍ରୋହ କରଇ ।"

(୨) ପୁରୁଷୋତ୍ତମଦେବଙ୍କ ୩ ଅଙ୍କ (ଖ୍ରୀ. ୧୪୬୬-୬୭)ର ଜଗନ୍ନାଥ ମନ୍ଦିରରେ ଥିବା ଲିପି:—

"ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ ମହାରାଜାଙ୍କ ପ୍ରବର୍ଦ୍ଧମାନ ବିଜେ ରାଜ୍ୟ ସମସ୍ତ

୩ ଅଙ୍କ ଶ୍ରାହ୍ମ ମଗୁସିର ଲୁ ସପ୍ତୋଦଶି ଭୂମିବାରେ ଶ୍ରୀ ପୁରୁଷୋତ୍ତମ କଟକେ ଥାଇଁ ବୋଇଲ୍ ଦକ୍ଷିଣ ଦଗର ଦଣ୍ଡପାଥି ଓଡ଼ାର ଅଚେଷ୍ଟ ବ୍ରାହ୍ମଣଙ୍କୁ ଛାଡ଼ିଲୁ ଦଣ୍ଡଶୋଗପଥ ହେରଣ୍ଡ ଛାଡ଼ିଲୁ ଏହା ଯେ ହରଇ ସେ ହଇଲା ଦୋଷ ପାଇ ।”

(୩) କପିଳେନ୍ଦ୍ରଦେବଙ୍କର ୪ ଅଙ୍କ ବା ଖ୍ରୀ: ୧୪୩୭ର ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଲିପି:—

“ଶ୍ରୀ ବୀର କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ରାଜ୍ୟ ସମସ୍ତ ୪ ମିଥୁନ କୃଷ୍ଣ ମଙ୍ଗଳବାରେ କୃତବାସ କଟକେ ଭିତର××× ରାଏଗୁରୁ ବାସୁ ମହାପାତ୍ର ଭୁବନେଶ୍ୱର ମହାପାତ୍ର ଏ ଦୁଇହେ ଅଧି××× ଦୁଇଙ୍କ ଗୋଚରେ ଆଜ୍ଞା ବୋଲ୍ଲାଣ ହୋଇଲେ ଅନୁର ଓଡ଼ିଶାର××× ଶୁଣ ସବୁହେ ରାଜାଙ୍କୁ ହିତେ ବୃତ୍ତି ଯେ ଆପଣାର ସଦାଗୁରେ ଥିବେ××× ଲି×ରାଜ୍ୟ ବାହାର କରି ତାହାର ସର୍ବସ୍ୱ××”

ଅଶୁଦ୍ଧି ସଂଶୋଧନ ଓ ଅସ୍ପଷ୍ଟ-ବର୍ଣ୍ଣ-ପୂରଣ ପରେ ପାଠ ଏହିପରି ହେବ ।

“ଶ୍ରୀ ବୀର କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ରାଜ୍ୟ ସମସ୍ତ ୪ (ଅଙ୍କ) ମିଥୁନ କୃଷ୍ଣ ମଙ୍ଗଳବାରେ କୃତବାସ କଟକେ ଭିତରେ (ପୂର୍ବ ଅବଧାରଣେ) ରାଏଗୁରୁ ବାସୁ ମହାପାତ୍ର ଭୁବନେଶ୍ୱର ମହାପାତ୍ର ଏ ଦୁଇହେଁ ଅଧି (ଲିଖାଇଲେ ଏ) ଦୁଇଙ୍କର ଗୋଚରେ ଆଜ୍ଞା ବୋଲିଣ ହୋଇଲେ (ଯେ) ଅନୁର ଓଡ଼ିଶାର (ସେତେ ରଜା) ଶୁଣ, ସବୁହେ ରାଜାଙ୍କର ହିତେବୃତ୍ତି ଯେ ଆପଣା ସଦାଚୂରେ ଥିବେ (ଅସତ୍‌ମାର୍ଗ ନ ରହିବେ) (ରାଜାଙ୍କ ଅହିତ) (କ)ଲେ ରାଜ୍ୟ ବାହାର କରି ତାହାର ସର୍ବସ୍ୱ ହରିବ ।”

(୪) ଭୁବନେଶ୍ୱରର ଗୋପେଶ୍ୱର ମଠ ଲିପି (ଖ୍ରୀ: ୧୪୮୭):— ଭୁବନେଶ୍ୱରରୁ ପ୍ରାପ୍ତ ତାମ୍ର ଫଳକର ଭାଷା ଶୁଦ୍ଧ ନୁହେଁ, କାରଣ ଏହା କଣେ ଓଡ଼ିଆ ଅନଭିଜ୍ଞ ବ୍ୟକ୍ତିଦ୍ୱାରା ରଚିତ ଓ ଖୋଦିତ କରଣ ବ୍ୟକ୍ତିଙ୍କ ଦ୍ୱାରା

ଶୋଧିତ କରିଥିଲୁ । ବିହାର-ଓଡ଼ିଶା ଐତିହାସିକ ଅନୁସନ୍ଧାନ ସମିତି (Bihar and Orissa Historical Society)ଙ୍କ ତ୍ରୈମାସିକ ପତ୍ରିକାରେ ଶାର୍ ଏଡ଼୍‌ୱାର୍ଡ଼ ଗେଇଟ୍ ସାହେବ ଏହି ଲିପିଟି ପ୍ରକାଶିତ କରିଥିଲେ । ଲିପିଟି ସାଧାରଣତଃ ପୋଡ଼େଶ୍ୱର ଭଟ୍ଟ ଲିପି ନାମରେ ସୁପରିଚିତ । ଗେଇଟ୍‌ଙ୍କ ପାଠ—

“ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ଶ୍ରୀ ପୁରୁଷୋତ୍ତମଦେବ ମହାରାଜାଙ୍କ *ପୋଡ଼େଶ୍ୱର ଭଟ୍ଟଙ୍କୁ ଦାନ ଶାସନ ପଟ୍ଟା । ୨୫ ଅଙ୍କ ମେଷ ଦି ୧୦ ନ ଅ । ସୋମବାରେ ଗ୍ରହଣ କାଳେ ଗଙ୍ଗା ଗର୍ଭେ ପୁରୁଷୋତ୍ତମପୁର ଶାସନ ଭୂମି ତେରଶତ ଅଷ୍ଟୋତ୍ତର ବା ୧୪୦୮ଟି ଦାନ ଦେଲୁଂ । ଇ ଭୂମି ଯାବତ ଚନ୍ଦ୍ରାର୍କେ ପୁତ୍ର ପୌତ୍ରାଦି ପୁରୁଷାନୁକ୍ରମେ ଭୋଗ କରୁଥିବ ଜଳାଗମ ନିକ୍ଷେପ ସହିତ ଭୂମି ଦେଲୁଂ ।”

କିନ୍ତୁ ତାମ୍ରଫଳକ ସହିତ ମିଳାଇ ଦେଖିଲେ ଏହି ପାଠରେ କେତେକ ଭ୍ରମ ଥିବାର ଜଣାଯାଏ । ତାମ୍ରଫଳକର ପ୍ରତିଲିପିରୁ ଲେଖକ ଏହି ପାଠ ଉଦ୍ଧାର କରିଛୁ—

“ଶ୍ରୀ ଜୟ ଦୁର୍ଗାୟୈ ନମଃ । ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ଶ୍ରୀ ପୁରୁଷୋତ୍ତମ ଦେବ ମହାରାଜାଙ୍କର । ପୋଡ଼େଶ୍ୱର ଭଟ୍ଟଙ୍କୁ ଦାନଶାସନ ପଟ୍ଟା । ୨୫ ଅଙ୍କ ମେଷ ଦି ୧୦ ଅଂ ସୋମବାର ଗ୍ରହଣ କାଳେ ଗଙ୍ଗା ଗର୍ଭେ ପୁରୁଷୋତ୍ତମପୁର ଶାସନ ଭୂମୀ ତେରଶତ ଅଷ୍ଟୋତ୍ତର ବା ୧୪୦୮ଟି ଦାନ ଦେଲୁ ଏ ଭୂମୀ ଯାବଚନ୍ଦ୍ରାର୍କେ ପୁତ୍ରପୌତ୍ରାଦି ପୁରୁଷାନୁକ୍ରମେ ଭୋଗ କରୁଥିବ ଜଳାଗମ ନିକ୍ଷେପ ସହିତ ଭୂମି ଦେଲୁଁ । ଯାବଚ୍ଚନ୍ଦ୍ରଶ୍ଚ ସୂର୍ଯ୍ୟଶ୍ଚ ଯାବତ୍ତିଷ୍ଠତ ମେଦିନୀ ତାବଦସ୍ମା ମହାକ୍ଷ୍ମୋଂଯା ଶାସ୍ତ୍ରାୟୁକ୍ତା ଭବିଷ୍ୟତି ॥ ସ୍ୱଦତ୍ତାଂ ପରଦତ୍ତାଂ ବା ବ୍ରହ୍ମବୃତ୍ତିଂ ହରେତୁ ଯଃ ଷଷ୍ଟିବର୍ଷ ସହସ୍ରାଣି ବିଷ୍ଠାୟାଂ ଜାୟତେ କ୍ରିମିଃ ॥”

ଶ୍ରୀ ମଦନଗୋପାଳ ଶରଣଂ ମମ । [ ଏଠାରେ ଖଣ୍ଡକ ଓ ରାଜାଙ୍କ ଶଙ୍ଖ, ଚକ୍ର, ଗଦାର ଚିହ୍ନ— ]

ଏହି ଦାନଶାସନଟିରେ ବର୍ଣ୍ଣାଶୁଦ୍ଧି ରହିଥିଲେ ମଧ୍ୟ ଅର୍ଥବୋଧରେ ଅସୁବିଧା ହେଉ ନାହିଁ ।

(୫) ପୁରୁଷୋତ୍ତମ ଦେବଙ୍କ ଅ ୩୪ ଙ୍କ (ଖ୍ରୀ: ୧୪୮୩)ର ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ବେଢ଼ାରେ ଥିବା ଲିପି:—

“ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ପ୍ରତାପ ପୁରୁଷୋତ୍ତମ ଦେବ ମହାରାଜାଙ୍କର ବିଜେ ରାଜ୍ୟରେ ସମସ୍ତ ୩୪ ଙ୍କ ଶ୍ରୀ ଶ୍ରୀ ଭୁବନେଶ୍ୱର ବଡ଼ଦେଉଳେ ଜଳାଶୟ ମାହାତ୍ମ୍ୟ ଯେ ବନ୍ଦୀ ପଢ଼ୁଥିଲା ତାହାକୁ ଏଥି ଭୁବନେଶ୍ୱର ଲିଙ୍ଗ ପାରି କଲା ॥ ୦ ॥” ( ନେଲେଙ୍କ ପାଠ ) ।

କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମ ଦେବଙ୍କ ସମୟର ଏହି ଅଭିଲେଖମାନଙ୍କରେ ନିମ୍ନଲିଖିତ କେତୋଟି ବିଶେଷତ୍ୱ ଲକ୍ଷ୍ୟ କରାଯାଉଛି ।

(୧) ପୂର୍ଣ୍ଣବାକ୍ୟ ରଚନା ପ୍ରତି ଆଗ୍ରହ । ଏହି ବାକ୍ୟରେ ଓ, ଏବଂ ପ୍ରଭୃତି ଅବ୍ୟୟର ବ୍ୟବହାର ଦେଖାଯାଏ ନାହିଁ । କରି, କରିକୁ, କରାଇଲାକୁ ପ୍ରଭୃତି ଅସମାପିକା କିମ୍ବା ପଦର ବ୍ୟବହାର ଦ୍ୱାରା ବାକ୍ୟ ଅପେକ୍ଷାକୃତ ଦୀର୍ଘ ହୋଇଛି ।

(୨) ସପ୍ତମୀ ବିଭକ୍ତିର ଚିହ୍ନ ‘ରେ’ ପରିବର୍ତ୍ତେ ‘ଏ’ର ବ୍ୟବହାର ବେଶି ହୋଇଥିବାରୁ ଉଚ୍ଚାରଣ କେତେକାଂଶରେ ପଦ୍ୟାତ୍ମକ ହୋଇଯାଇଛି; ଯଥା:—କଟକେ, ଅଧିକେ, ରଜବାଟେ, ସମସ୍ତେ ଇତ୍ୟାଦି ।

(୩) କ୍ରିୟାପଦ ଲିଖିବ ସ୍ଥାନରେ ଲେଖଇ, କରିବ ସ୍ଥାନରେ କରଇ, ଖୁଣିବ ସ୍ଥାନରେ ଖୁଣଇ ଇତ୍ୟାଦିର ବ୍ୟବହାର ।

(୪) କ୍ରିୟାପଦ ହେଲା ସ୍ଥାନରେ ହୋଇଲା, ହେବ ସ୍ଥାନରେ ହୋଇବ ଇତ୍ୟାଦିର ବ୍ୟବହାର ।

(୫) ବିସର୍ଗ ଚିହ୍ନର ବହୁଳ ବ୍ୟବହାର ନାହିଁ ।

(୬) ଆଲଙ୍କାରିକ ଅନୁପ୍ରାସର ବହୁଳ ବ୍ୟବହାର ।

**ଭଇନିଙ୍କ ଚକଡ଼ା ପୁସ୍ତକ**—ପୁରୁଷୋତ୍ତମଦେବଙ୍କ ରାଜତ୍ୱ ସମୟରେ ତାଙ୍କ ପାଣି ମନ୍ତ୍ରୀ ଗୁରୁଦାସ ଭଇନିଙ୍କ ଆଦେଶ ମତେ ଶଙ୍କର ଭଇନି ପୁରୁଷୋତ୍ତମଦେବଙ୍କ ରାଜତ୍ୱର କେତେକ ଘଟଣା ଓଡ଼ିଆଭାଷାରେ ଗଦ୍ୟରେ ଲେଖିଥିଲେ । ପରେ ଗୁରୁଦାସଙ୍କ ପୁଅ ଓ ନାତି ପ୍ରତାପରୁଦ୍ର-ଦେବଙ୍କ ବିଷୟ ଗଦ୍ୟରେ ଲେଖିଥିଲେ । ଏପରି ଭାବରେ ପୁରୁଷୋତ୍ତମ ଦେବ ଓ ତାଙ୍କ ପୁଅ ପ୍ରତାପରୁଦ୍ରଦେବଙ୍କ ସମସାମୟିକ କେତେକ ଘଟଣାର ବିବରଣ ଏହି ଚକଡ଼ାରେ ସ୍ଥାନ ପାଇଛି ।

ଭଇନିଙ୍କ ଚକଡ଼ାଟି ପୁରୁଷୋତ୍ତମଦେବଙ୍କ ରାଜତ୍ୱ ଭିତରେ କିମ୍ବା ଅବ୍ୟବହିତ ପରେ ଲେଖା ହୋଇଥିବା ସମ୍ଭବ । ଚକଡ଼ାର ଆଦ୍ୟରେ ଲେଖାଅଛି, "ଗୁରୁଦାସ ଭଇନିଙ୍କ ଚକଡ଼ା ପୋସ୍ତକ । ଅଙ୍କାଳୁ ଲିଖିତଂ ଶଙ୍କର ଭଇନି ।" ଗୁରୁଦାସ ଭଇନିଙ୍କ ପୂର୍ବନାମ ହରିକେଶବ । ହରିକେଶବ ଦାସ ପୁରୁଷୋତ୍ତମ-ଦେବଙ୍କ ଅତି ବିଶ୍ୱସ୍ତ ଥିଲେ । ରାଜତ୍ୱର ୭ମ ଅଙ୍କ ଖ୍ରୀ: ୧୪୬୯ରେ ପୁରୁଷୋତ୍ତମ ଦେବ ହରିକେଶବଙ୍କୁ ଗୁରୁଦାସ ଭଇନି ପଦ ଦେଲେ । ଚକଡ଼ାରେ ଏ ବିଷୟରେ ଲେଖାଅଛି, "ସେହିଦିନ ସୁଏଠାରୁ ଜାମାତା ହରିକେଶବଦାସଙ୍କୁ ନାମ କରାଇଲେ । ଶ୍ରୀ ମହାପ୍ରଭୁଙ୍କଠାରୁ ହାତୀ ଜାମାତାଙ୍କୁ ସମ୍ପଣ ସୁନ୍ଦର ପଦ ଦିଆଇଲେ । ଗୁରୁଦାସ ଭଇନି ବୋଲି ପଦ ଆଜ୍ଞା ହେଲା ।" ଚକଡ଼ାର ନାମ ଆରମ୍ଭରୁ "ଗୁରୁଦାସ ଭଇନିଙ୍କ ଚକଡ଼ା" ବୋଲି ଲେଖାଥିବାରୁ ଏବଂ ଗ୍ରନ୍ଥ ଭିତରେ ଆରମ୍ଭରୁ ମଧ୍ୟ "ହରିକେଶବ ଦାସ" ନାମ ନଥାଇ "ଗୁରୁଦାସ ଭଇନି" ନାମର ବ୍ୟବହାର ଥିବାରୁ ଏହି ଲେଖାଟିରେ ଶଙ୍କର ଭଇନିଙ୍କ ଅଂଶଟି ହରିକେଶବଙ୍କ ଭଇନି ପଦବୀ ପ୍ରାପ୍ତି ପରେ ଲେଖାହୋଇଛି ବୋଲି ବୁଝାଯିବ । ଏହାପରେ ଗୁରୁଦାସଙ୍କ ପୁଅ ଚନ୍ଦ୍ରକୂଳ ପ୍ରତାପରୁଦ୍ରଙ୍କ ବିଷୟ ଲେଖିଥିଲେ । ଅତଏବ ଶଙ୍କର ଭଇନିଙ୍କ ଅଂଶଟି ଖ୍ରୀ: ୧୪୬୯ ପରେ ଲିଖିତ ହୋଇଛି ।

"ଶ୍ରୀ ଗଣେଶାୟ ନମଃ । ଅବିଘ୍ନ ମସ୍ତୁ । ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ପୁର । ୩,୦ ହାତର ମଧ୍ୟ × ହରିବଂଶି × × ଗୁରୁଦାସ ଭଇନିଙ୍କ ଚକଡ଼ା ପୋସ୍ତକ । × ଅଙ୍କାଳୁ ଲିଖିତଂ ଶଙ୍କର ଭଇନି । ଶ୍ରୀ ବୀର ଶ୍ରୀ ଗଜପତି × × ଗୌଡ଼େଶ୍ୱର

ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ବୀରବର ପ୍ରତାପ ଶ୍ରୀ କପିଳେନ୍ଦ୍ର-ଦେବଙ୍କ × × × ଆବାହନ ହୋଇଲେ । ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ବୀରାଧିବୀର ଶ୍ରୀପୁରୁଷୋତ୍ତମ ଦେବ ଶ୍ରୀପୁରୁଷୋତ୍ତମ ନଅରଠାରେ ଦଣ୍ଡଛତ୍ର ଧରିଲେ । ମେଷ ଶୁକ୍ଳ ଦ୍ୱାଦଶୀ ଉତ୍ତର ସ୍ରବତ ନକ୍ଷତ୍ର ବେଳ ତଗଧ ଦଣ୍ଡଠାରେ ଅମୃତ ଯୋଗରେ ପରମେଶ୍ୱରଙ୍କଠାରୁ ଆଜ୍ଞା ଅଣାଇ ଦୁଇ ଅଙ୍କ କଟାଇଲେ ।”

ଗୁରୁଦାସ ତଇଳଙ୍କର ଚକଡ଼ାଟି ପ୍ରଥମେ ପୁରୁଷୋତ୍ତମଦେବଙ୍କର ମନ୍ତ୍ରୀ ଗୁରୁଦାସ ତଇଳଙ୍କ ଅଙ୍କରୁ ଯାଜର ତଇଳ ଲେଖିଥିଲେ । ଯାଜର ତଇଳ ପ୍ରତାପରୁଦ୍ରଙ୍କ ଜନ୍ମ ପୂର୍ବର କେତେକ ଘଟଣା ଲେଖିଛନ୍ତି । ପ୍ରତାପରୁଦ୍ରଙ୍କ ଜନ୍ମପରେ ଗୁରୁଦାସଙ୍କ ପୁତ୍ର ଚନ୍ଦ୍ରକୁଳ ତଇଳ ଚକଡ଼ା ଲେଖିଲେ । ପ୍ରତାପରୁଦ୍ରଙ୍କ ସିଂହାସନାରୋହଣ, ଚୈତନ୍ୟଦେବଙ୍କ ପୁରୀକୁ ଆଗମନ, ପ୍ରତାପରୁଦ୍ର-ବିରଚିତ ‘ସମ୍ବାଦ’ର ଉଲ୍ଲେଖ କରି ଚନ୍ଦ୍ରକୁଳ ତଇଳ ଚକଡ଼ା ଶେଷ ହୋଇଛି । ତା ପରେ ଚନ୍ଦ୍ରକୁଳ ତଇଳଙ୍କ ପୁତ୍ର ମଙ୍ଗଳଶ୍ରବଣ ତଇଳ ଲେଖିଛନ୍ତି ।

ପୁରୁଷୋତ୍ତମଦେବଙ୍କ ସିଂହାସନାରୋହଣଠାରୁ ଆରମ୍ଭ ହୋଇ ପ୍ରତାପରୁଦ୍ରଙ୍କ ରାଜତ୍ୱର କେତେକାଳ ପର୍ଯ୍ୟନ୍ତ କେତେକ ଘଟଣା ଏହି ଚକଡ଼ାରେ ଅଛି । ଏହି ଚକଡ଼ାକୁ “ଗୁରୁଦାସ ତଇଳଙ୍କ ଚକଡ଼ା ପୋଥିକ” ନ କହି “ତଇଳଙ୍କ ଚକଡ଼ା ପୋଥିକ” କହିଲେ ମଧ୍ୟ ଚଳିବ । କିନ୍ତୁ ଗୁରୁଦାସ ଏହି ଚକଡ଼ାଟିକୁ ଆରମ୍ଭ କରିଥିବାରୁ ତାଙ୍କ ନାମରେ ଏହି ଲେଖାଟି ପରିଚିତ ହୋଇଛି । ଚକଡ଼ାକୁ ଲେଖକମାନଙ୍କ ନାମ ଅନୁସାରେ ମଧ୍ୟ ବିଭାଗ କରି “ଯାଜର ତଇଳଙ୍କ ଚକଡ଼ା”, “ଚନ୍ଦ୍ରକୁଳ ତଇଳଙ୍କ ଚକଡ଼ା”, “ମଙ୍ଗଳ ଶ୍ରବଣ ତଇଳଙ୍କ ଚକଡ଼ା”—ଏପରି ମଧ୍ୟ କୁହାଯାଇପାରେ ।

ପୁରୁଷୋତ୍ତମ ଦେବ ଓ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଯେଉଁସବୁ ଶାସନ ବ୍ରାହ୍ମଣମାନଙ୍କୁ ଦାନ ଦେଇଥିଲେ ସେହି ଶାସନଦାନର ବିବରଣ ମୁଖ୍ୟ ଭାବରେ ଏହି ଚକଡ଼ାରେ ଦିଆଯାଇଛି । ପ୍ରସଙ୍ଗକ୍ରମେ ଅନ୍ୟାନ୍ୟ କେତେକ ବିଶିଷ୍ଟ ଘଟଣା ସଂକ୍ଷେପରେ ଲେଖାହୋଇଛି ।

ଫକୀର ଚରଣଙ୍କ ଲିଖିତ ଟୀକା ଅଂଶଟିର ଆରମ୍ଭ ଅଂଶରେ ଏକ ତାଳପତ୍ର ପୋଥିରେ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀରବର ପ୍ରତାପ ଶ୍ରୀ କପିଳେନ୍ଦ୍ର ଦେବଙ୍କ × × × ଆବାହନ ହୋଇଲେ ।" ଲେଖାଅଛି । କିନ୍ତୁ ୧ ୬୯ରେ ପ୍ରକାଶିତ ଏକ ପୁସ୍ତିକାରେ ନଷ୍ଟ ହୋଇଯାଇଥିବା ଅଂଶ ଏପରି ଭାବରେ ଲେଖାଅଛି—"... କପିଳେନ୍ଦ୍ର ଦେବ ଏକତ୍ରିଂଶ ଅ ୪୧ ଙ୍କ ମେଷ ଜଣି ପୁରୁଷୋତ୍ତମ କ୍ଷେତ୍ର ନଅରଠାରେ ଅବାହନ ହୋଇଲେ ।...କପିଳେନ୍ଦ୍ର ଦେବ ଦକ୍ଷିଣ ଭାରତର କୃଷ୍ଣାନଦୀ କୂଳରେ ପ୍ରାଣତ୍ୟାଗ କରିଥିବା କେତେକ ପ୍ରମାଣ ମିଳେ । ଏଥିରୁ ଜଣାଯାଉଛି ଯେ ଫକୀର ଚରଣଙ୍କ ଲେଖାରେ ଭ୍ରମ ଅଛି । କିନ୍ତୁ ପ୍ରକୃତ କଣ ସେ ଲେଖିଥିଲେ ତାହା ଜଣା ନ ଗଲେ ଏ ବିଷୟରେ ନିଶ୍ଚିତଭାବରେ କିଛି କହିହେବ ନାହିଁ ।

ପରବର୍ତ୍ତୀ ସମୟରେ "ପୁରୁଷୋତ୍ତମ କ୍ଷେତ୍ର ନଅରଠାରେ" ଯେଉଁ ଯୋଡ଼ାଥିବା ମଧ୍ୟ ସମ୍ଭବ । ଏହିପରି ଭ୍ରମ ଅନ୍ୟ ଏକ ସ୍ଥାନରେ ମଧ୍ୟ ଥିବା ଦେଖାଯାଏ । ପୁରୁଷୋତ୍ତମ ଦେବଙ୍କ ପ୍ରସଙ୍ଗ ବର୍ଣ୍ଣନା ସ୍ଥଳରେ ତେଲଙ୍ଗା ମୁକୁନ୍ଦଦେବଙ୍କର ନାମ ଉଲ୍ଲେଖ ଅଛି । ଏହା ପରବର୍ତ୍ତୀ ସମୟରେ ଅନ୍ୟ ଯେଉଁ ଯୋଡ଼ିଥିବ । ଏହିପରି 'ନମ୍ବର' ଶବ୍ଦର ବ୍ୟବହାର ମଧ୍ୟ ଏକ ସ୍ଥାନରେ ଦେଖାଯାଏ । ଏହା ମଧ୍ୟ ପରବର୍ତ୍ତୀ ସମୟରେ ଜମିର ଚିହ୍ନଟ ପାଇଁ ସେହି ଗ୍ରାମର ଯେଉଁ ଇଂରେଜ ରାଜତ୍ୱ ଅମଳରେ ଏହି ଗ୍ରନ୍ଥ ପାଠ କରିବା ସମୟରେ ଯୋଡ଼ି ଦେଇଥିବ । ମୂଳ ବିଷୟକୁ ବିବାଦସ୍ଥଳରେ ପ୍ରମାଣ ସ୍ୱରୂପ ବ୍ୟବହାର କରିବା ପାଇଁ ସାମୟିକ ଯୋଡ଼ାଯୋଡ଼ିର ଆବଶ୍ୟକତା ଉପଲବ୍ଧି କରି ସ୍ଥାନୀୟ ଯେଉଁ ଦାସ କିମ୍ବା ଅନୁସନ୍ଧିତ୍ସୁ ଏପରି କରିଥିବା ସମ୍ଭବ । ଏହାଦ୍ୱାରା ମୂଳ ରଚନାର ପ୍ରାମାଣିକତାରେ ସନ୍ଦେହର ଅବକାଶ ରହୁନାହିଁ । ଫକୀର ଚରଣଙ୍କ ଟୀକାଗୁଡ଼ାରୁ ଏହିସବୁ ବିଷୟ ଜଣାପଡ଼େ ।

(୧) କପିଳେନ୍ଦ୍ରଦେବ ୪୧ ଅଙ୍କ ବା ୩୪ ବର୍ଷ ରାଜତ୍ୱ କରିଥିଲେ ।

(୨) କପିଳେନ୍ଦ୍ରଙ୍କ ପରେ ତାଙ୍କ ପୁଅ ପୁରୁଷୋତ୍ତମ ଦେବ ପୁରୁଷୋତ୍ତମ କ୍ଷେତ୍ର ନବରତ୍ନରେ ଦଣ୍ଡଛତ୍ର ଧରିଥିଲେ (ରାଜାରୂପେ ଅଭିଷିକ୍ତ ହେଲେ) ।

(୩) ପୁରୁଷୋତ୍ତମ ଦେବ ପୂର୍ବର ପାତ୍ରମନ୍ତ୍ରୀମାନଙ୍କୁ ପରିବର୍ତ୍ତନ ନକରି ସେ ଯେଉଁ ପଦରେ ଥିଲେ ସେ ସେହି ପଦରେ ରହିବା ପାଇଁ ଆଦେଶ ଦେଇଥିଲେ ।

(୪) ୨ୟ ଅଙ୍କ ବା ରାଜତ୍ୱର ପ୍ରଥମ ବର୍ଷ, ୩ ଅଙ୍କ ବା ରାଜତ୍ୱର ଦ୍ୱିତୀୟ ବର୍ଷରେ ସାମ୍ରାଜ୍ୟର ଉତ୍ତରାଞ୍ଚଳରେ ଥିଲେ । ସେ ଯୁଗରେ ଥିବା ଲେଖାଅଛି ।

(୫) ୪ ଓ ୫ ଅଙ୍କରେ ପୁରୁଷୋତ୍ତମ ଦେବ ପୁରୀ ଓ ରାଜଧାନୀ କଟକରେ ଥିଲେ । ୫ ଅଙ୍କରେ ମହାନଦୀର ଉତ୍ତରକୂଳରେ ପ୍ରସନ୍ନ ପୁରୁଷୋତ୍ତମପୁର ପ୍ରଭୃତି ଶାସନ ବସାଇଲେ ।

(୬) ଏହି ପ୍ରସନ୍ନପୁରୁଷୋତ୍ତମପୁର ଶାସନ ବସାଇବା ବେଳକୁ ଅର୍ଥାତ୍ ୫ ରାଜତ୍ୱର ୪ର୍ଥ ବର୍ଷ ବେଳକୁ ପୁରୁଷୋତ୍ତମଦେବଙ୍କର ଏକାଧିକ ରାଣୀ ଥିଲେ । ସେମାନେ ନିଜ ନାମରେ ନିଜ ଅଧିକାର କରି ଶାସନମାନ ବସାଇଲେ—

(୧) ପାଟମହାଦେଈ—ପାଟପୁର, (୨) ଶ୍ରୀମୁଖା ମହାଦେଈ—ସିଂହମାପୁର, (୩) ପଦ୍ମଦେଈ—ପଦ୍ମପୁର, (୪) ରେବନା ଦେଈ—ରେବୁମାପୁର, (୫) ମୋହନା ଦେଈ—ମୋହନାପୁର, (୬) ଶ୍ରୀ ଧଳା ଦେଈ—ଧଳମାପୁର, (୭) ଖଗ ଦେଈ—ଖଗପୁର, (୮) ପଦ୍ମାଖମାଦେଈ—ପଦ୍ମାଖମାପୁର, (୯) କୁମ୍ଭାଦେଈ—କୁମ୍ଭାପୁର । ଏ ପୁଟେଶ୍ୱର ମହାଦେବଙ୍କ ପାଇଁ ନୂତନ ମନ୍ଦିର ନିର୍ମାଣ କଲେ । ଷୋଳ ଶାସନ ଭିତରୁ ରାଜାଙ୍କ ନିଜସ୍ୱ ୩, ରାଣୀମାନଙ୍କର ୯, ପାଣିଗ୍ରାହୀ ଶାସନ ୪ ।

(୭) ପୁରୁଷୋତ୍ତମଦେବଙ୍କ ରାଜତ୍ୱ ଭିତରେ ମହାବାରୁଣୀ ଯୋଗ ପଡ଼ିଥିଲା ଏବଂ ସେ ଗଙ୍ଗାସ୍ନାନ କରିବାକୁ ଯାଇଥିଲେ । ତୁଳାପୁରୁଷ ଦାନ ଓ

ଶାସନ ବସାଇବା ପାଇଁ ଗଙ୍ଗାରେ ସଂକଳ୍ପ କରିଥିଲେ । ଗଙ୍ଗାପୁର ଶାସନ ବସାଇଲେ; କିନ୍ତୁ ଭୁନାପୁରୁଷୋତ୍ତମପୁର ଶାସନ ବସାଇବା ପାଇଁ ସ୍ଥିର ହୋଇଥିଲା, ପରେ ବସିଲା ।

(୮) କାଞ୍ଚି ପଦ୍ମିନୀ ରାଜକନ୍ୟାଙ୍କୁ ବିବାହ କରିବା ପାଇଁ ପୁରୁଷୋତ୍ତମ ଦେବ ପ୍ରସ୍ତାବ ପଠାଇଲେ । କାଞ୍ଚି ରାଜା ଅସମ୍ମତ ହେବାରୁ ପୁରୁଷୋତ୍ତମ କାଞ୍ଚି ଅବରୋଧ କଲେ । ଯୁଦ୍ଧରେ ଜୟ କରି ରାଜକନ୍ୟାଙ୍କୁ ଆଣିଲେ । ପୁଣି ରଥଯାତ୍ରାରେ ଛେରା ପହଁରା ସମୟରେ ମନ୍ତ୍ରୀ ଏ କନ୍ୟାକୁ ରାଜାଙ୍କୁ ସମର୍ପଣ କରିବା ବୃତ୍ତାନ୍ତ ।

(୯) କାଞ୍ଚିରୁ ନୃସିଂହ ମୂର୍ତ୍ତିଙ୍କୁ ଆଣି ଶାସନରେ ବସାଇଲେ । ଏ ସନ୍ନିକଟରେ ରାଜା ଏକୋଇଶ ଦିନ ନିରାହାର ରହିଥିଲେ ।

(୧୦) ଶାସନର ବ୍ରାହ୍ମଣମାନଙ୍କ ପରସ୍ପର କଳହ ଓ ଦାବି ସମ୍ପର୍କରେ ରାଜାଙ୍କ ଅସ୍ୱସ୍ତି । ଷୋଳ ଶାସନ ବସାଇବା ଓ ଶାସନର ବ୍ରାହ୍ମଣମାନଙ୍କ ସମ୍ମାନ ଅକ୍ଷୁଣ୍ଣ କରିବାରେ ରାଜା ଅନେକ ଉପଦେଶ କରୁଥିଲେ ।

(୧୧) ପୁରୁଷୋତ୍ତମଦେବଙ୍କର ଶେଷ ପର୍ଯ୍ୟନ୍ତ ପୁତ୍ର ସନ୍ତାନ ନ ଥିବାରୁ ଷୋଳଶାସନ ବ୍ରାହ୍ମଣ ଆଶୀର୍ବାଦ କଲେ ଏବଂ ସେମାନଙ୍କ ନିର୍ଦ୍ଦେଶକ୍ରମେ ପରମହଂସନାଥ ମହାଦେବଙ୍କୁ ସେବା କରିବାରୁ ପାଟରାଣୀଙ୍କ ଗର୍ଭରୁ ପୁତ୍ର ସନ୍ତାନ ଲାଭ ହେଲା । ରୁଦ୍ରଦେବଙ୍କ ବରପ୍ରସାଦରୁ ଜନ୍ମ ହୋଇଥିବାରୁ ସିଂହ ଅକ୍ଷର କରି ପୁତ୍ରଙ୍କ ନାମ ହେଲା ରୁଦ୍ରଦେବ ।

ପ୍ରତାପରୁଦ୍ରଦେବଙ୍କ ଜନ୍ମ ପର୍ଯ୍ୟନ୍ତ ଶୁଦ୍ଧଦାସ ଦଳେଇଙ୍କ ଚକଡ଼ା ଲେଖା ହୋଇଛି । ଏହା ପରେ ଶୁଦ୍ଧଦାସଙ୍କ ପୁତ୍ର ଚନ୍ଦ୍ରକୁଳ ଦଳାଇ ଚକଡ଼ା ଲେଖିଛନ୍ତି । ଗ୍ରନ୍ଥରେ ଲେଖାଅଛି—"ଶ୍ରୀଗୁରୁ ଚରଣ ଲକ୍ଷିତଂ ସମ୍ପୂର୍ଣ୍ଣଂ । : : । ଶ୍ରୀ ଶୁଦ୍ଧଦାସ ଦଳେଇଙ୍କ ପୁତ୍ର ଚନ୍ଦ୍ରକୁଳ ଦଳେଇ ଲକ୍ଷିତଂ ।"

ଚନ୍ଦ୍ରକୁଳ ଦଳାଇ ରୁଦ୍ରଦେବଙ୍କ ଜନ୍ମଠାରୁ ବୃତ୍ତାନ୍ତ ଆରମ୍ଭ କରିଛନ୍ତି । ପ୍ରଥମ ଦୁଇ ଘର ଧାଡ଼ିରେ ରୁଦ୍ରଦେବଙ୍କ ଜନ୍ମ ବୃତ୍ତାନ୍ତ, ପୁରୁଷୋତ୍ତମ ଦେବଙ୍କ ଅବସାନ ଓ ରୁଦ୍ରଦେବଙ୍କ ରାଜ୍ୟାଭିଷେକ ପ୍ରସଙ୍ଗ ଲେଖିଛନ୍ତି ।

ପ୍ରତାପରୁଦ୍ରଙ୍କ ବିଷୟରେ ଦଶ ପନ୍ଦର ଧାଡ଼ି ପାଠ ଚନ୍ଦ୍ରକୁଳ ଲେଖିଥିଲେ । ଏହାଙ୍କ ଲେଖାରୁ ବିଶେଷ ବିବରଣୀ ମିଳୁନାହିଁ । କେବଳ ଠାବରେ କିଛି କିଛି ଲେଖିଛନ୍ତି ।

(୧) ବ୍ରାହ୍ମଣମାନଙ୍କ ଆଶୀର୍ବାଦରୁ ରୁଦ୍ରଦେବଙ୍କ ଜନ୍ମ । ରୁଦ୍ର ନାମର ତାତ୍ପର୍ଯ୍ୟ ।

(୨) ପ୍ରତାପରୁଦ୍ରଙ୍କ ରାଜ୍ୟାଭିଷେକ ( ଖ୍ରୀ: ୧୪୯୭ ) ସମୟରେ ଗୋପୀନାଥ ପ୍ରହରାଜ ପୁରୁଷୋତ୍ତମଦେବଙ୍କ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଦଣ୍ଡଛତ୍ର ଧରିଲେ ।

(୩) ଓଡ଼ିଶାକୁ ଚୈତନ୍ୟଦେବଙ୍କ ଆଗମନ ଓ ରାଜା ପ୍ରତାପରୁଦ୍ର ପୁରୀଠାରେ ତାଙ୍କୁ ଦର୍ଶନ କରି ତାଙ୍କ ସହିତ ଆଳାପ କଲେ ।

(୪) ବଳରାମଦାସଙ୍କ ସହିତ ରାଜାଙ୍କର ସମ୍ଭାଷଣ ।

ଅନୁମାନ ହେଉଛି, ସୋଳଶାସନ ସମ୍ପର୍କରେ ଚକଡ଼ା ଆରମ୍ଭ ହୋଇଥିଲା ଏବଂ ଚନ୍ଦ୍ରକୁଳଙ୍କ ଗୋଚରରେ ପ୍ରତାପରୁଦ୍ରଙ୍କ ଅମଳରେ ଶାସନମାନଙ୍କ ସମ୍ବନ୍ଧରେ ଅଳ୍ପ ଗୋଟିଏ ଦୁଇଟି ଘଟଣା ଘଟିଥିବାରୁ ତାକୁ ବର୍ଣ୍ଣନା କରିଦେଇ ଚନ୍ଦ୍ରକୁଳ ନିଜ ଲେଖା ସମ୍ପୂର୍ଣ୍ଣ କଲେ । ଚନ୍ଦ୍ରକୁଳଙ୍କ ମୃତ୍ୟୁ ମଧ୍ୟ ଏହି ଲେଖା ସମ୍ପୂର୍ଣ୍ଣ ହେବାର କାରଣ ହୋଇପାରେ । ରୁଦ୍ରଦେବ ଖ୍ରୀ: ୧୪୮୦-୮୧ରେ ଜନ୍ମ ହୋଇଥିବା ଜଣାଯାଏ, କାରଣ ପୁରୁଷୋତ୍ତମଙ୍କ ମୃତ୍ୟୁ (ଖ୍ରୀ: ୧୪୯୭) ବେଳକୁ ରୁଦ୍ରଦେବଙ୍କୁ ୧୭ ବର୍ଷ ବୟସ ହୋଇଥିବା ରୁଦ୍ରଙ୍କ ସମସାମୟିକ ରାଜକବି ଜୀବଦେବାଚାର୍ଯ୍ୟ ସ୍ୱରଚିତ 'ଭକ୍ତିଭାଗବତ ମହାକାବ୍ୟ'ରେ ଲେଖିଛନ୍ତି ।

ଏହାପରେ ଚନ୍ଦ୍ରକୁଳଙ୍କ ପୁଅ ମଙ୍ଗଳଶ୍ରବଣ ଚଇନୀ ଚକଡ଼ା ଲେଖିଲେ । ମଙ୍ଗଳଶ୍ରବଣ ଚଇନୀ ପ୍ରତାପରୁଦ୍ରଙ୍କ ସମସାମୟିକ ଓ ଜଣେ ରାଜକର୍ମଚାରୀ । ସେ ସୋଳଶାସନ ସମ୍ପର୍କୀୟ ବହୁ ବ୍ୟାପାରରେ ସଂପୃକ୍ତ ଥିବାରୁ ପ୍ରତାପରୁଦ୍ରଦେବଙ୍କ ସମୟର ବହୁ ଘଟଣା ବର୍ଣ୍ଣନା କରିଛନ୍ତି । ପୁରୁଷୋତ୍ତମଦେବଙ୍କ କୃତ୍ୟ କନକଶେଯ ଦାନ ପ୍ରସଙ୍ଗଟି ମଧ୍ୟ ସେ ଲେଖି-

ଥିବା ଅନୁମାନ ହୁଏ । କାରଣ, ତାଙ୍କ ଲେଖା ଭିତରେ ଏହି ଅଂଶଟିକ ଅଛି ଏବଂ ଲେଖାର ଆରମ୍ଭର ଢଙ୍ଗରୁ ସେ ଲେଖିଥିବା ହିଁ ଅନୁମାନ ହୁଏ । "ଶ୍ରୀ ମହାରାଜ ପୁରୁଷୋତ୍ତମଦେବଙ୍କ କୃତ୍ୟରେ ଶ୍ରୀ ପାଟ ମହାଦେଈ ପାଟପୁରଶାସନ ଭିତରେ ଜମାଶାସନ ଚଉବନ ୫୪ ଘରରେ ବସାଇଲେ । ସେଠାରେ ପୁଷ୍କରିଣୀ ଖୋଳାଇଲେ । ଶ୍ରୀ ମହାରାଜଙ୍କ ପ୍ରଥମ ଅଙ୍କକୃତ୍ୟ ଲେଖନ ଆଜିରୁ ଜଳକ୍ଷେତ୍ର ବାଡେଜଶାସନ ଓ ପୁଷ୍କରିଣୀ କୃତ୍ୟ ଲେଖିବ । ପାଠ ମନ୍ତ୍ରୀ ଶ୍ରୀମୁଖରେ ଜଣାଇଲେ…" ପୁରୁଷୋତ୍ତମ ଦେବ ଜଳକ୍ଷେତ୍ର ଓ ବାଡେଜ ଶାସନ ପ୍ରଭୃତି ବ୍ୟବସ୍ଥା କରିପାରି ନ ଥିଲେ । ପ୍ରତାପରୁଦ୍ରଦେବଙ୍କ ଅମଳରେ ଏସବୁ ହୋଇଥିବା ସମ୍ଭବ ବୋଲି ମନେହୁଏ ।

ମଙ୍ଗଳ ତ୍ରିବେଦୀ ତଇନ ପ୍ରତାପରୁଦ୍ରଙ୍କ ଅମଳରେ ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନ ପରେ ( ସମ୍ଭବତଃ ଖ୍ରୀ: ୧୫୦୯ ପରେ ) ଗ୍ରନ୍ଥାରମ୍ଭ କରିଛନ୍ତି । କାଶୀରୁ "ସନ୍ନ୍ୟାସୀ ଗୋସାଇଁ" ତୋଳଣସ୍ଥାନ ଭିତରେ ନୃସିଂହ-ନାଥଙ୍କଠାରେ ପ୍ରବେଶ ହେବା ବିଷୟ ଉଲ୍ଲେଖ କରି ସେ ଚକଡ଼ା ଆରମ୍ଭ କରିଛନ୍ତି । ପୁରୁଷୋତ୍ତମଦେବଙ୍କ ସୋଳ ଶାସନ ଓ ପରବର୍ତ୍ତୀ ଶାସନମାନଙ୍କର ବ୍ରାହ୍ମଣଙ୍କ ସନମାନନା ମଙ୍ଗଳତ୍ରିବେଦୀ ଅର୍ଥିରୁ କରିଥିବା ପ୍ରସଙ୍ଗ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

ପ୍ରତାପରୁଦ୍ରଙ୍କ ସମ୍ପର୍କରେ ସେ ନିମ୍ନଲିଖିତ ବିଷୟ ଲେଖିଛନ୍ତି—

(୧) ରାଜାଙ୍କ ଆଜ୍ଞାରୁ କେତେକ ଜଳକ୍ଷେତ୍ର ଓ ବାଡେଜ ଶାସନ ବସିଛି ।

(୨) କେତେକ ସେବାକାରୀ—ଭଣ୍ଡାରୀ, ଧୋବା, ବଢ଼ୁଇଆ, କମାର, ବଢ଼ାଇ—ଗ୍ରାମ ଦାନ ପାଇଥିଲେ ।

(୩) ଏବେ ଚତୁର୍ଦ୍ଧାରେ ରାଜା ପୁରୁଷୋତ୍ତମ ଦେବ ନଅରଠାରେ ଥିଲେ । ମଙ୍ଗଳତ୍ରିବେଦୀଙ୍କୁ ସେଠାକୁ ଡକାଇ ତାଙ୍କଠାରୁ ପ୍ରତିଦିନ ଭାଗବତ ଶୁଣୁଥିଲେ । ରାଜା ଏହିହେତୁ ତାଙ୍କୁ "ପୁରାଣିକ ପଣ୍ଡା" ବୋଲି ପଦବୀ ଦେଇଥିଲେ ।

ଏହି ଚକଡ଼ାରେ ସେ ସମୟର ବ୍ରାହ୍ମଣମାନଙ୍କର ଆଚାରବ୍ୟବହାର, ବ୍ରାହ୍ମଣଶାସନମାନଙ୍କର ସମ୍ମାନନା (ମର୍ଯ୍ୟାଦା), ରାଜାମାନଙ୍କର ଉଦାରମନ ସୁଲ୍‌ତାନଶିର କେତେକ ସୂଚନା ମିଳୁଛି । ବ୍ରାହ୍ମଣମାନଙ୍କ ପ୍ରତି ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ରଦେବଙ୍କର ଭକ୍ତି ଥିଲା । ବ୍ରାହ୍ମଣମାନଙ୍କ କଲ୍ୟାଣରୁ ପ୍ରତାପରୁଦ୍ରଙ୍କ ଜନ୍ମ ହୋଇଥିବା ପ୍ରସଙ୍ଗ ଏହାର ପ୍ରମାଣ । ସେବାକାରୀମାନଙ୍କ ପ୍ରତି ମଧ୍ୟ ରାଜାଙ୍କର ଶ୍ରଦ୍ଧା ଥିଲା । ସେମାନଙ୍କ ଭିତରୁ କେତେକ ଯୋଦ୍ଧା, କର୍ଣ୍ଣାଗ ପ୍ରଭୃତିଙ୍କୁ ଇନାମ ଗ୍ରାମ ଦେଇଥିଲେ । ରାଜା ନୂତନ ଦାନଶାସନ ବସାଇବାବେଳେ ରାଣୀମାନଙ୍କୁ, ସେବାକାରୀମାନଙ୍କୁ ଓ ରାଜକର୍ମଚାରୀମାନଙ୍କୁ ମଧ୍ୟ ରାଜାଙ୍କ ସର୍ତ୍ତରେ ଶାସନ ଦାନ କରିବାକୁ ଅନୁମତି ଦେଉଥିଲେ । ସନମାନଙ୍କର ଶୃଙ୍ଖଳାବୋଧ ଉଦ୍‌ବୃତ୍ତିରେ କନ୍ଦଳର କାରଣ ହେବା ଆଶଙ୍କା କରି ଏହାର କ୍ରମ ମଧ୍ୟ ରାଜା ଓ ରାଜକର୍ମଚାରୀମାନେ ନିର୍ଣ୍ଣୟ କରିଦେଉଥିଲେ । ବ୍ରାହ୍ମଣମାନଙ୍କୁ ଭୂରିଭୋଜନ ଦେଇ ସନ୍ତୁଷ୍ଟ କରିବା ଚିରାଚରିତ ପନ୍ଥା ଏହି ରାଜାମାନେ ତ୍ୟାଗ କରି ନଥିଲେ । ପୁରୁଷୋତ୍ତମ-ଦେବଙ୍କ ପ୍ରତିଦିନର କୃତ୍ୟ ଏହିପରି ବର୍ଣ୍ଣିତ ହୋଇଛି । ଦେବାର୍ଚ୍ଚନା କୃତ୍ୟ, ଶୌଚସ୍ନାନ, ସନ୍ଧ୍ୟାତର୍ପଣ, ପୂଜା ସାରି ଅସ୍ତ୍ରଶସ୍ତ୍ର ଦର୍ଶନ, ଜଅର ମଣ୍ଡପ ବିହରଣ, ପୁରାଣଶ୍ରବଣ । ମଧ୍ୟାହ୍ନେ ଗୀତଗୋବିନ୍ଦ, ଶ୍ରୀଭାଗବତ ଦଶମସ୍କନ୍ଧ, ବକତା ଗୁରୁଦାସ ଟୀକା । ଶ୍ରବଣ ଉତ୍ତାରୁ ବ୍ରାହ୍ମଣମାନଙ୍କୁ ନମସ୍କାର ।

ସେ ସମୟରେ ଦେବତାମାନେ ପ୍ରସନ୍ନ ଥିବା ବିଷୟ ଏକାଧିକବାର ବର୍ଣ୍ଣିତ ହୋଇଛି । କାଞ୍ଚି ବିଜୟବେଳେ ଜଗନ୍ନାଥଙ୍କ ପ୍ରସାଦ, ଲକ୍ଷ୍ମୀନୃସିଂହ-ଠାକୁରଙ୍କ ପ୍ରତିଷ୍ଠା ସମୟର ପ୍ରସାଦ, କାଶୀର ସନ୍ନ୍ୟାସୀଙ୍କ ଶାଳଗ୍ରାମ ଓ ଶାସନର ଲକ୍ଷ୍ମୀନୃସିଂହଙ୍କ କରାଣୀ ପ୍ରଭୃତି ଏହାର ପ୍ରମାଣ । ନୈଷ୍ଠିକ ବ୍ରାହ୍ମଣମାନଙ୍କର ମଧ୍ୟ କେତେକ ଚରିଣୀ ଥିବା ଲିଖିତ ହୋଇଛି । ଶ୍ରୀପ୍ରସନ୍ନ ପୁରୁଷୋତ୍ତମପୁର ପୂର୍ବସ୍ଥିତି ଦକ୍ଷିଣପାର୍ଶ୍ୱ ଟୋଲ୍ଲିରମଣ୍ଡି ସାହିର ମହାଜନ ବାମଦେବ ପାଣିଙ୍କ ମୁଣ୍ଡ ଜଟାଧର ପଣ୍ଡିତଙ୍କ କବାଟବନ୍ଦରେ ବାଜନିବାରୁ ସେ ସ୍ୱରରେ କହିଲେ “ସୋଡ଼ଶା” । କହିବା ମାତ୍ରେ କବାଟ ଖୋଲିଗଲା । ପୁଣି ତାଙ୍କ କଥାରେ

ଲଭିଲେ । ପଣ୍ଡିତଙ୍କର କୁରଅନ ଶକ୍ତି ଶିଳଦେଇ ଅତ୍ୟାଚାରରୁ ରକ୍ଷା ପାଇବା କୃତ୍ରିମ ଥାଇ ଏକ କାହାଣୀ ।

ଅପୁତ୍ରକ ବ୍ୟକ୍ତିର ଧନସମ୍ପତ୍ତି ରାଜା ବାଜ୍ୟାପ୍ତି କରିବା ପ୍ରଥା ଥିବା କଥାକୁ ବାମଦେବ ପାଣିଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ରାଜାଙ୍କ ଆଦେଶରୁ ଜଣାଯାଏ । କିନ୍ତୁ ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବାରୁ ଏ ଆଦେଶ ରହିତ ହୋଇଥିଲା । ରାଜାମାନେ ନିଜେ ଦାନ କରିଥିବା ଶାସନ ଓ ଅନ୍ୟାନ୍ୟ ଦାନକୁ ପୁନର୍ବାର କର ଓ ମାଗଣ ପ୍ରଭୃତି କୌଣସି ଧନ ଗ୍ରହଣ କରୁନଥିଲେ ।

ବଙ୍ଗଦେଶରୁ ଆଗତ ବିଦ୍ୱାନମାନେ ବିଦ୍ୟା ପରୀକ୍ଷା ପାଇଁ ଆହୂତ ହେଉଥିଲେ ଏବଂ ଏହାର ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଅନ୍ନ ଗ୍ରହଣ କରୁନଥିଲେ । କାଶୀ ସନ୍ନ୍ୟାସୀ ବ୍ରହ୍ମଶୋଧନରେ ପ୍ରବେଶ ହେବା ପରେ ବିଦ୍ୟା ପରୀକ୍ଷାର ଦାବୀ କରିଥିଲେ । ନିଜେ ଧାର୍ମିକ ଥିବାରୁ ସେ କହିଲେ, "ଯେ ଭଗବତ୍ ବିଷୟ କହିବ ତାହା ଗୃହରେ ଭିକ୍ଷା କରିବୁ ।" ମଙ୍ଗଳଶ୍ରବଣ ତରଙ୍ଗ ହନ୍ତୋପାଧିନନକ ସ୍ୱତେ ବିଷୟ କହିବାରୁ ସେ ତାଙ୍କ ଘରେ ଭିକ୍ଷା ଗ୍ରହଣ କରିଥିଲେ ।

ବାମଦେବ ପାଣିଙ୍କ ପୁତ୍ର କାହ୍ନୁପାଣି ମାତାଗର୍ଭରେ ଥିବା ବେଳେ ବେଦପାଠ କରିବା, କାଶୀ ସନ୍ନ୍ୟାସୀ ମହାନଦୀରେ ଗ୍ରୀଳ ପକାଇ ପାରି ହେବା ପ୍ରଭୃତି ଅଲୌକିକ କାହାଣୀର ମଧ୍ୟ ପ୍ରଚଳନ ଥିଲା ।

ଡକବାରେ ପୁରୁଷୋତ୍ତମଦେବଙ୍କ ରାଜତ୍ୱର ପ୍ରଥମ ଶାଉଣି ଅଙ୍କର କେତେକ ବିଷୟ ବର୍ଣ୍ଣିତ ଅଛି । ଅନ୍ୟ ସବୁ ଗ୍ରନ୍ଥରେ ପୁରୁଷୋତ୍ତମଦେବଙ୍କର କି ପ୍ରତାପରୁଦ୍ରଦେବଙ୍କ ଅଙ୍କର ଉଲ୍ଲେଖ ନାହିଁ ।

ପରବର୍ତ୍ତୀ ସମୟର ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ ଓ ରାମଚନ୍ଦ୍ର ଦେବଙ୍କ ସମୟରେ ନୃସିଂହ ମହାପାତ୍ରଙ୍କ ପୂଜା ବ୍ୟବସ୍ଥାର ଉଲ୍ଲେଖ ଶେଷ ପାଞ୍ଚ ଛଅ ଧାଡ଼ିରେ ଥିବାରୁ ଏହା ପରବର୍ତ୍ତୀ ସମୟରେ କେହି ଯୋଡ଼ିଛନ୍ତି ।

ଏହି ଅଭିଲେଖରୁ ପୁରୁଷୋତ୍ତମଦେବଙ୍କର ଜୀବନର କେତେକ କଥା ଜଣାପଡ଼େ । ସେ ମେଷ ଶୁକ୍ଳ ଦ୍ୱାଦଶୀ ଭିତର ଶ୍ରବଣ ନକ୍ଷତ୍ର ବେଳ ଚାରିଦଣ୍ଡଠାରେ ଅମୃତ ଯୋଗରେ ପୁରୁଷୋତ୍ତମ କଟକଠାରେ ଦଣ୍ଡଛତ୍ର ଧରିଥିଲେ । ପରମେଶ୍ୱର (ଶ୍ରୀଜଗନ୍ନାଥ ଦେବଙ୍କଠାରୁ) ଆଜ୍ଞା ଶୁଣାଇ ଦୂତଙ୍କ ଜଣାଇଥିଲେ । ସେ ପାତ୍ରମନ୍ତ୍ରୀମାନଙ୍କୁ "ଯେ ଯେଉଁ ଅଧିକାରରେ ଅଛ ସେ ସେ ଅଧିକାରରେ ରହ" ବୋଲି ଆଜ୍ଞା ଦେଇଥିଲେ । ଏଥିରୁ ଜଣାଯାଉଛି ଯେ, ପୁରୁଷୋତ୍ତମଦେବ ସହଜରେ ସିଂହାସନ ପାଇନାହାନ୍ତି । ଏଥିପାଇଁ ତାଙ୍କୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିବ ଏବଂ ରାଜକର୍ମଚାରୀମାନଙ୍କ ଭିତରୁ କେହି କେହି ହୁଏତ ତାଙ୍କ ବିରୁଦ୍ଧରେ ଥିବେ । କିନ୍ତୁ ସିଂହାସନ ପାଇ ସାରିବା ପରେ ପ୍ରତିଶୋଧ ବଦଳରେ କ୍ଷମା ଆଚରିବା ପୁରୁଷୋତ୍ତମଦେବଙ୍କ ଚରିତ୍ରର ମହତ୍ତ୍ୱ ପ୍ରକାଶ ପାଉଛି । ସେ ଶତ୍ରୁମାନଙ୍କ (ଦୁଷ୍ଟଶତ୍ରୁ ଦ୍ୱନ୍ଦ୍ୱ କି ବାହାର ଶତ୍ରୁ ଦ୍ୱନ୍ଦ୍ୱ) ସେ ଅନ୍ତର୍ବେଦୀ ଅସ୍ତ୍ର କରି ନଥିବା କଥା ସୂଚିତ ହେଉଛି । ଏହା ଦ୍ୱାରା ରାଜ୍ୟକୁ ଅନ୍ତର୍ବିଦ୍ରୋହରୁ ରକ୍ଷା କରି ଶାସନ ପ୍ରତିଷ୍ଠିତ କରିବାରେ ପୁରୁଷୋତ୍ତମ ସମର୍ଥ ହୋଇଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ପାତ୍ରମାନଙ୍କୁ ଆଜ୍ଞା କଲେ, "ଆମ୍ଭେ ପୂର୍ବଜନ୍ମରେ କଳ୍ପିତ କରିଅଛୁ ଏତେ କଥା । ରାଜା ହୋଇବୁ ବୋଲି କଳ୍ପିତ କରିଥିଲୁ । ଶ୍ରୀଦେବଙ୍କ ଆଜ୍ଞାରୁ ରାଜା ହୋଇଲୁଁ । ଆଉ ବାକି ତିନି ଗୋଟି କଥା···ଛତିଶ ଗ୍ରାମ ଦାନ ଶାସନ ବସାଇବା । ପଦ୍ମ ପଥର କଟାଇବା । ଲକ୍ଷେ (?) ବ୍ରାହ୍ମଣ ଖୁଆଇବା । ଏ ରୂପେ ଏ ସବୁ କଥା କଳ୍ପିତ ହୋଇଥିଲା ।" ତାଙ୍କ ଆଜ୍ଞାରୁ ତାଙ୍କର ପାତ୍ରମନ୍ତ୍ରୀମାନେ ଷୋଳଟି ଶାସନ ବସାଇଥିଲେ—ଜଗନ୍ନାଥ ୩, ରାଣୀମାନଙ୍କ ଦ୍ୱାରା ୯, ପାତ୍ରିଗ୍ରାମ ଶାସନ ୪, ଏପରି ମୋଟରେ ଷୋଳଟି ଶାସନ ।

ପୁରୁଷୋତ୍ତମ ଦେବ ବଡ଼ ବୈଷ୍ଣବପ୍ରିୟ ଥିଲେ । ଅଭିଲେଖରେ ସେତେଟି ଶାସନରୁ ଏହାର ପ୍ରମାଣ ମିଳେ । ସେ ମଧ୍ୟ ବଡ଼ ଧର୍ମଭୀରୁ ଥିଲେ । ଅନେକ ଦେବୋତ୍ତର ଦାନ କରିବାର ଜଣାଥିଲେ । ଦାନ, ଦେବତା ବ୍ରାହ୍ମଣଙ୍କଠାରେ ଭକ୍ତି, ଯେଉଁ ସେଇ ଅପମାନର ପ୍ରତିଶୋଧ ନେବାରେ ମଧ୍ୟ ସେ ପଶ୍ଚାତ୍ପଦ ହୋଇନଥିଲେ । କାଞ୍ଚୀରାଜାଙ୍କୁ ପରାସ୍ତ କରି ପଦ୍ମାବତୀଙ୍କୁ ବିବାହ କରିଥିଲେ ।

ଏଙ୍କର ରଚନାର ଉଦ୍ଧୃତାଂଶରେ କେତେଗୁଡ଼ିଏ ଘଟଣା ଗଳ୍ପଢଙ୍ଗରେ ଦିଆଯାଇଛି । ଭାଷା ମଧ୍ୟ ସରଳ ହୋଇଛି । କେବଳ ଘଟଣାର ସଂକ୍ଷିପ୍ତ ବର୍ଣ୍ଣନା ନାହିଁ । ଉପଦେଶ ଥିବାରୁ ସାହିତ୍ୟିକ ଦୃଷ୍ଟିରୁ ଏଥିରେ ବେଶି ନାହିଁ ।

"ଶ୍ରୀମହାପ୍ରଭୁ ଜାଣିଲେ ଶ୍ରୀପୁରୁଷୋତ୍ତମଦେବଙ୍କ ମନରେ ସ୍ଫୁରଣ ହେଲା ଅବା କିମ୍ବା କଳିତ କଥା । ଶ୍ରୀଲକ୍ଷ୍ମୀନୃସିଂହନାଥଙ୍କୁ ଭାନ୍ଥି ନଡ଼ରେ ଆଣି ଶ୍ରୀସନରେ ବିଜେ କରାଇବା । ଏମନ୍ତ ବୋଲି ବସୁରେଲେ । ପାତ୍ରମନ୍ତ୍ରୀ ପୁରୁଷାଙ୍କ ଉଭଶଂ ଆଜ୍ଞା ଦେଲେ । XXX । ଶ୍ରୀମୁଖ ଚଳାଅ । ପଦ୍ମ୍ନା ସ୍ତ୍ରୀ ଦେବ । ଏମନ୍ତ ବୋଲି ଶ୍ରୀମୁଖ ଚଳାଇଲେ । ଶ୍ରୀମୁଖ ଶୁଣି କାଞ୍ଚିରାଜା ଅବଜ୍ଞା କଲା । ତୁଚ୍ଛ ଅଣି ଅବଜ୍ଞା କଲା ବୋଲି କହିଲେ । ଶ୍ରୀ ମହାପ୍ରଭୁଙ୍କ ମନରେ ବହୁତ କ୍ରୋଧ ହେଲା । ଏଠାରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନଅରକୁ ବିଜେକଲେ । ଠାକୁରଙ୍କ ସମ୍ମୁଖୁ ଯାଇ ଦରଶନ କରି ବହୁତ ପ୍ରାର୍ଥନା କରିବା ସମୟରେ ତଳଓଛ ଶ୍ରୀ ମହାପ୍ରଭୁ ଶ୍ରୀ ଜାହାଣ ଭୁଜ ଧରି......ଲି ଅଛି । ଶ୍ରୀ ମହାପ୍ରଭୁ ଆଜ୍ଞା ଦେଲେ ମାଗ । ତଳଓଛ କହିଲା "ମୁଁ କି ମାଗିବି, ତୁମେ ମାଗ ।" ମହାପ୍ରଭୁ କହିଲେ ଆମ୍ଭେ ଯାହା ମାଗିଲୁ ତୁ ଦେ । ତଳଓଛ କହିଲା କି ମୁଁ ଦେଲି । ରାଜା ନଅରଠାରୁ ବିଜେ କଲେ । ତଳଓଛ ଶ୍ରୀମୁଖ ଶୁଣି ପ୍ରାର୍ଥନା କଲା ରାଜା କି ମାଗିଲେ ମୋତେ ଗୋଚର ନାହିଁ । ମୁଁ ତୋ ଭୁଜ ଆଶ୍ରୟରେ ଜନ୍ମିଲି ହଲି । ଏହାକୁ ମୋତେ ଆଜ୍ଞା ହେଉ । ଶ୍ରୀମହାପ୍ରଭୁ ଶ୍ରୀମୁଖରେ ଆଜ୍ଞା ହୋଇଲା । କାଞ୍ଚିନଗ୍ର ଜାକୁ ଅଜେୟ ହୋଇଅଛି । ଜୟେ କରିବାକୁ ମାଗିଲୁ । ଏବେ ରାହୁତକୁ କହ ଆମ୍ଭେ ଅଗେ ଯାଉଅଛୁ । ତୁ ପଛେ ଯା । ଆରଦିନ ପ୍ରାତଃକାଳରୁ ତଳଓଛ ଯାଇଁ ନଅରଠାରେ ମହାପ୍ରଭୁଙ୍କ ଶ୍ରୀମୁଖର କହିଲା । ତଳଓଛଠାରୁ ଶୁଣିଲାରୁ ମହାପ୍ରଭୁ କାଞ୍ଚି ଦକ୍ଷିଣ ବିଜେ କଲେ । ଯୁଦ୍ଧ କରି ରାଜ୍ୟ ଜୟ କଲେ । ପଦ୍ମ୍ନା ସ୍ତ୍ରୀକି ହାଥ କଲେ ।......ମନ୍ତ୍ରୀକି ଆଜ୍ଞା କଲେ ଆମ୍ଭେ କାଞ୍ଚିନଗ୍ର ରାଜାକୁ ମଗାଇ ପଠିଥିଲୁ ସମୟରେ ପଦ୍ମ୍ନା ସ୍ତ୍ରୀକି ନ ଦେଲା । ଆମ୍ଭେ କଳିତ କରିଅଛୁଁ । ପଦ୍ମ୍ନାକି ଆଣି ହାଡ଼ିକି ଦେଉଁ । ଏମନ୍ତ ହାଡ଼ିକି ଦିଅ । ମନ୍ତ୍ରୀ ତ୍ରିକି ଜମା କରାଇଲା । ଆଜ୍ଞା ପ୍ରମାଣେ । ମନେ ବସୁରିଲା କି

ଏହାର ପଶ୍ଚ ପ୍ରିୟଙ୍କ ସ୍ୱାତ୍ତ୍ୱିକ ଦେବ । ଏମନ୍ତ ବଚନ ବସୁଥିଲା । ଶ୍ରୀ ଗୁଣ୍ଡିଚା ଯାତକୁ ଶ୍ରୀମହାପ୍ରଭୁ ରଥ ବେଶ୍ୟାପହରା କଣ୍ଡେବ । ସେହି ଦିନ ଦେଖ । ଏମନ୍ତ ବୋଲି ଘୋଷଣା କରି ରହିଲା ।······ଶ୍ରୀ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ନଅରଠାରୁ ଶ୍ରୀଗୁଣ୍ଡିଚା ଯାତକୁ ପ୍ରବେଶ ହୋଇଲେ । ଶ୍ରୀଗୁଣ୍ଡିଚା ଯାତ ଦିନ ବେଶ୍ୟାପହରା କରାଇବେଲେ ମନ୍ତ୍ରୀ ଶ୍ରୀମୁଖରେ ପଦ୍ମ ପ୍ରିୟଙ୍କ ଦେଖ ଥିଲା । ଶ୍ରୀମହାପ୍ରଭୁ ଅଜ୍ଞାକଲେ । ଆମ୍ଭେ ସ୍ୱାତ୍ତ୍ୱିକ ବଅ ବୋଲି କହିଲୁଁ । ତୁ କ ଦେଖ ରହିଥିଲୁ । ମନ୍ତ୍ରୀ ଶ୍ରୀମୁଖରେ ଜଣାଇଲେ । ଯଥଂ ସ୍ୱାତ୍ତ୍ୱିକ ଯୋଗ୍ୟ ସେ ସ୍ୱାତ୍ତ୍ୱିକ ଦିଲି । ଶ୍ରୀ ମହାପ୍ରଭୁ ଶୁଣି ମନ୍ତ୍ରୀକି ବହୁତ ପ୍ରଶଂସା କଲେ । ପଦ୍ମ ପ୍ରିୟଙ୍କ ଶ୍ରୀମୁଖରେ ଦିଲେଂ । ×× ଶ୍ରୀମୁଖରେ ନିତ୍ୟ ତହିଁର ସେବାର ଭଣ୍ଡ । ××"

**ଅନ୍ୟ ଏକ କାହାଣୀ**—"···ଶ୍ରୀପୁରୁଷୋତ୍ତମପୁର ପୂର୍ବଖଣ୍ଡି ଦକ୍ଷିଣ ପାର୍ଶ୍ୱ ତୋଡ଼ରମଲ୍ଲ ପାଟ୍ଟର ମହାଜନ ବାମଦେବ ପାଣି ଭ୍ରାତୃ ପାଶ ଗଦାଧର ପଣ୍ଡିତଙ୍କର ପୂଜକଙ୍କର କଳହ ହୋଇଲା । କଳହ ଦୃଢ଼ହାତ ହୋଇଂ ପଛୁ ବାହାର ହେଲେ ବାମଦେବ ପାଣିଙ୍କ ଶିର ଜବାଟ ଦଣ୍ଡରେ ବାଜିବା ମାତ୍ରେକ ବୋଇଲେ ପୋଡ଼ିଯାଉ । କହିବା ମାତ୍ରେକ ଜଳିଗଲା । ତାଙ୍କ ପ୍ରିୟ କହିଲା ନ ଭଣ୍ଡି କଲା । ପର ଏବେ କିଆ ଯାଉଅଛୁ । ତାହା ଶୁଣି ବୋଇଲେ······ସ୍ତ୍ରୀ ପର ଜଳାଇବାକୁ କର୍ଣ୍ଣ ବାନ୍ଧୁଁ ବନ୍ଧାକଲା ଲାଗବ । ; ଏହିରୂପେ ଲିଖନ ।·····" ପାଣିଙ୍କ ସମ୍ମୁଖରେ ଚଉଦା ଅନ୍ୟ ଏକ ଗଳ୍ପ ଲେଖିଛନ୍ତି । "ଶ୍ରୀ ମହାପ୍ରଭୁଙ୍କ ଶ୍ରୀମୁଖରେ ଗଦାଧର ପଣ୍ଡିତ ଜଣାଇଲା । ବାସୁଦେବ ପାଣି ସିନ୍ଦୁରୀ ପାଡି, ଛୁରିଅଦା ଶଙ୍ଖ ଦେଉନ୍ତି । ଶ୍ରୀ ମହାପ୍ରଭୁ ଆଜ୍ଞା କଲେ । ଏ ବ୍ରାହ୍ମଣ କି କହୁଅଛୁ । ପୁରୁଷୋତ୍ତମ ଚଉକ କହିଲେ ଏ ପ୍ରମାଣ । ଶ୍ରୀ ମହାପ୍ରଭୁଙ୍କର ଆଜ୍ଞା ହୋଇଲା । ବ୍ରାହ୍ମଣକୁ ହୋଳାରେ କରି ସକଳରେ ଶୁଦ୍ଧ ଦେଉ ଅଥ । ଆଜ୍ଞା ମାତ୍ରେକ ପାଳିଙ୍କ ଚଉକିଆ ଦେଉ ଗଦାଧର ପଣ୍ଡିତ ଗଲା । ପ୍ରବେଶ ହୋଇ ପରେ ପଣି କରି ହେଲେ ଥିଲେ ତେମନ୍ତ କରି ଅଣିଲେ । ପଣ୍ଡିତଙ୍କ ବଢ଼େଣୀ ବାଢ଼ କହିଲା ଏ ଦୁଃଖ ପାଇ । ଏହା ବିଚାରି କଲି । ବାଟରେ ଦେଉ ଯାଅନ୍ତେ ଗଦାଧର ପଣ୍ଡିତ ବୋଇଲେ । ପାଣିଏ ଏବେ କି ବିଚାର । ପାଣିଏ ବୋଇଲେ ଶ୍ରୀ ମହାପ୍ରଭୁ

ଯାହା ଛୁଟିବ । ଗୁରୁ ବସୁର । ପଣ୍ଡିତ କହୁଲ ତୁଣ୍ଡ ଏତେ ମୁଣ୍ଡ ଭାଙ୍ଗିବ । ଏମନ୍ତ ଶୁଣି ବାମଦେବ ପାଣି ଛୁରିଅଳା ଶଙ୍ଖ ଗ୍ରାସ କଲା । ଶ୍ରୀ ମହାପ୍ରଭୁଙ୍କ ଛାମୁରେ ନେଇ ପ୍ରବେଶ କଲେ । ମହାପ୍ରଭୁ ଆଜ୍ଞା ଦେଲେ । ଓହାରୁ କାଢ଼ । ଦେଖିଲେ ସିନ୍ଦୁରିଆ ପାଟ ଦେଖ ଅଛି । ଛୁରିଅଳା ଶଙ୍ଖ ମୁଣ୍ଡେ ନାହିଁ । ବୋଇଲେ ବ୍ରାହ୍ମଣ ମିଛ କହୁଛୁ । ଏହା ମୁଣ୍ଡେ ଛୁରିଅଳା ଶଙ୍ଖ ନାହିଁ । ଏ ବ୍ରାହ୍ମଣ ମିଥ୍ୟା ଇଂ ଅଛନ୍ତି । ତେଣୁ ଶ୍ରୀ ପରମେଶ୍ୱରଙ୍କୁ ଦୂଲଣ ଟଙ୍କା ଦେଉ । ସେହି ସମୟରେ ବାମଦେବ ପାଣି ଛାମୁରେ ଜଣାଇଲା । ଏ ମୋ କାର୍ଯ୍ୟ ମିଛ ଛାମୁରେ ଜଣାଇଲି । ଏବେ ଏହା ନାମ ଦାଗ ହେଉ । ଶ୍ରୀମୁଖରେ ଆଜ୍ଞା ହୋଇଲା ଉତ୍ତମ । ସେହି ଦିନୁ ନାମ ହୋଇଲା ନାରଦ ଜଟାଧର ପଣ୍ଡିତ ।” ( ପଣ୍ଡିତେ ପାଣିଙ୍କର ଶାଳକ ) ।

**ଅଣକିଆ ଆଦିକନ୍ଦ ମିଶ୍ର କାହାଣୀ**—ଏଥରେ ବ୍ରାହ୍ମଣ ସେବକ ହୋଇଥିଲା । ଆଦିକନ୍ଦ ମିଶ୍ର ନାମକ ଜଣେ ବ୍ରାହ୍ମଣ ସେ ବ୍ରାହ୍ମଣ ସେବକଙ୍କୁ ଯାଉଥିଲା । ବ୍ୟଞ୍ଜନ ପରଷିବା ବେଳେ "ମାଳିସାହି ମହାଜନ ଆଦିକନ୍ଦ ମିଶ୍ର ବୋଇଲେ କି ବ୍ୟଞ୍ଜନ ହେଉଅଛି । ପିଲମାନେ କହିଲେ ମୁଗ ହେଉଅଛି" । ମିଶ୍ରେ କହିଲେ ଆମ୍ଭଠାରେ ଅଣକେ ଦିଅ । ତାହା ଶୁଣି ଅନ୍ୟ ମହାଜନମାନେ ପରିହାସ କିଆ କଲେ । ଏହି ଦିନଠାରୁ ପ୍ରତ୍ୟ ବ୍ରାହ୍ମଣ ଦେଖିଲେ ପରିହାସେ କଲେ । ବ୍ରାହ୍ମଣ ସହି ନପାରି ଶ୍ରୀ ମହାପ୍ରଭୁଙ୍କ ଛାମୁରେ ଜଣାଇଲା । ମୋତେ କିଆ ପରିହାସରେ ଏ ଶାସନ ମହାଜନମାନେ ରଖି ଦେଉ ନାହାନ୍ତି । ଶ୍ରୀ ମହାପ୍ରଭୁ ଆଜ୍ଞାଦେଲେ ବ୍ରାହ୍ମଣକୁ ପରିହାସ ନକରିବ । ଜାଣିବା ବ୍ରାହ୍ମଣ ଜ୍ଞାନ ଥିଲା ବ୍ରାହ୍ମଣ ବ୍ରାହ୍ମଣେ ପରିହାସ ନକଲେ । ଅଜ୍ଞାନ ବାଳକେ ଅଣକିଆ ବୋଲି କିଆ ପରିହାସ କଲେ । ପୁନର୍ବାର ଛାମୁରେ ଜଣାଇଲା । ସେବେ ବାଳକେ କିଆରେ ରହି ଦେଉ ନାହାନ୍ତି । ଆଜ୍ଞା ହୋଇଲା ବାଳକଙ୍କୁ ଖଜା କଦଳୀ ମୁଆଁ ଦେଇ ନିବର୍ତ୍ତ କର । ବ୍ରାହ୍ମଣକୁ ନ ଚଲାଇବେ । ଏହି ମାଫିକେ ବାଳକଙ୍କୁ ଦେଲେ । ବାଳକେ ତୁଣ୍ଡେ ନ କହିଲେ । ବ୍ରାହ୍ମଣଙ୍କୁ ଦେଖିଲେ ଯୋଡ଼ ହସ୍ତ ଅଙ୍ଗୁଳିରେ ମଣ୍ଡଳାଗୋଟି ଲେଖି ଖାଇ ଗୋଟିଏ ଦଅନ୍ତି । ତାହା ଦେଖି ବ୍ରାହ୍ମଣ ବହୁତ ବ୍ୟସ୍ତ ହେଲା । ପୁନର୍ବି ଶ୍ରୀ ମହାପ୍ରଭୁଙ୍କ

ସ୍ତମ୍ଭରେ ଜଣାଇଲା । ସେଠାରେ ବାଳକେ ଲୁଣ୍ଠେ ନକସ୍ଥ ମୋତେ ଦେଖି ଘୋଟେଇ ନେଉଅଛନ୍ତି । ଏହା ଶୁଣି ଶ୍ରୀ ମହାପ୍ରଭୁ ହସିଲେ । କିଛି ଆଜ୍ଞା ନ କଲେ । ବ୍ରାହ୍ମଣେ ଲେଉଟି ଆସି ଦ୍ୱାରରେ ରହିଲା । ମନରେ ଅଦ୍ଭୁତ ବୋଧ କରୁଥାଇ । ଶାସନ ଦାଣ୍ଡ ନଦର୍କ ଦେଖି ଶ୍ରୀ ମହାପ୍ରଭୁ ପାତ୍ରିଆ କରଣଙ୍କୁ ଆଜ୍ଞା କଲେ ଦାଣ୍ଡେ ପଥର ବସାଅ । ଆଜ୍ଞା ପାଇଂ ଷଷ୍ଠି ମ ଖଣ୍ଡି ପୁରର ପୁରକଣ୍ଠି ଶ୍ରୀନୃସିଂହ ଦଣ୍ଡାଯାଏ ବସାଇଥିଲେ । ବାଳକେ ଉଦର୍ତ୍ତ ଲୋହ ବ୍ରାହ୍ମଣଙ୍କୁ ଘୋଟେଇ ନେଉଁ ଥିଲେ । ଷତ୍ରନପାଣ ଦାଣ୍ଡେ ପଥରରେ ମୁଣ୍ଡ ମାରି ହତ୍ୟା ହେଲା । ଶ୍ରୀ ମହାପ୍ରଭୁଂଙ୍କୁ ଏ ବିଷୟ ଜଣାଇଲେ । ମହାପ୍ରଭୁ ଆଜ୍ଞା ଦେଲେ । ଦାଣ୍ଡ ନ ବସାଅ । ଶ୍ରୀ ଗୁରୁଦାସ ଡଇନ ଲିଖିତଂ ସମ୍ପୂର୍ଣ୍ଣଂ ।”
( ଏହା ପରେ “ଶ୍ରୀ ଗୁରୁଦାସ ଡଇନଂଙ୍କ ସୁତ ଚନ୍ଦ୍ରଭୁଜ ଡଇନ ଲିଖିତଂ ।” )

ପକର ଡଇନଂଙ୍କ ଲେଖାଟି ଐତିହାସିକ ଦୃଷ୍ଟିରୁ ଯେପରି ଗୁରୁତ୍ୱପୂର୍ଣ୍ଣ, ସାମାଜିକ ସ୍ଥିତିନଥ ଓ ସାଧାରଣ ଜୀବନର କେତୋଟି କୋମଳ ଅଂଶର ବିବରଣୀ ରୂପରେ ମଧ୍ୟ ସେପରି ଉପାଦେୟ ।

ଏହି ଲେଖାଟିର ଭାଷା ଅତି ମାର୍ଜିତ । ଶାରଳା ଦାସଙ୍କ ମହାଭାରତରେ ଉଚ୍ଚକୋଟୀର ଭାଷାର ବ୍ୟବହାର ଦେଖାଯାଏ । ସେ ସମୟକୁ ଓଡ଼ିଆ ଭାଷା ଅତି ଉଚ୍ଚଧରଣର ହୋଇ ସାରିଲାଣି । ଏହି ଚକଡ଼ା ଶାରଳା ଦାସଙ୍କ ସମୟରେ ବା ଅବ୍ୟବହିତ ପରେ ଲିଖିତ ହୋଇଛି । ଏଥିର ଭାଷା ଯେ କୌଣସି ରଚନା ଲେଖିବା ପକ୍ଷେ ଉପଯୋଗୀ ହୋଇ ପାରିଛି । ଓଡ଼ିଆ ଭାଷାର ଉନ୍ନତ ଅବସ୍ଥାର ଏହା ଏକ ନମୁନା ।

ଏହି ଲେଖାଟିରେ “ଦେଲା” ସ୍ଥାନରେ “ଦିଲା”, “ନେଲା” ସ୍ଥାନରେ “ନିଲା” ର ବ୍ୟବହାର ଦେଖାଯାଏ । ଭୂତକାଳର ଅନ୍ୟାନ୍ୟ କ୍ରିୟାମାନଙ୍କର ପରିବର୍ତ୍ତନ ଦେଖାଯାଉ ନାହିଁ । “କହିଲେ” ପରିବର୍ତ୍ତେ “ବୋଇଲେ” ଶବ୍ଦର ବ୍ୟବହାର ଅଧିକ ଦେଖାଯାଏ । “କରୁଅଛି” ସ୍ଥାନରେ “କରୁଥାଇ” ଦେଖାଯାଏ । “ଦିଲ-ମାନେ” “ଦେବାଲୋକମାନେ” ବଦଳରେ ବ୍ୟବହୃତ ହୋଇଛି ।

କ୍ରିୟାବୋଧକ ପଦେ ପଦେ, ବିଶେଷ୍ୟ ପରିବର୍ତ୍ତେ ବ୍ୟବହୃତ ହୋଇଛି । ନିଷେଧାର୍ଥକ ଅବ୍ୟୟ 'ନ' କ୍ରିୟାର ପୂର୍ବରେ ବସି ଥିବାର ପ୍ରୟୋଗ ଦେଖି ଅଛୁ; ଯଥା—ନକଲେ, ନ ଧରିଲେ, ନ ଚଲାଇବେ ଇତ୍ୟାଦି । ବାକ୍ୟରେ କ୍ରିୟାର ଶେଷରେ ସ୍ୱାର୍ଥରେ ଅନୁସ୍ୱାରର ବ୍ୟବହାର ବେଶି ଦେଖାଯାଏ । କେବଳ ଲେଖାଟିକୁ ଅନୁନାସିକ ସ୍ୱରର ଲହରୀ ଦେବାପାଇଁ ଏପରି କରାଯାଇଛି । ପ୍ରାଚୀନ ଗଦ୍ୟଲେଖାମାନଙ୍କର ଏହା ଏକ ଲକ୍ଷଣ । ସପ୍ତମୀ ବିଭକ୍ତିର ଚିହ୍ନ 'ରେ' ସ୍ଥାନରେ 'ଏ'ର ବ୍ୟବହାର ବିଶେଷ ସ୍ଥଳରେ ପଦ୍ୟରେ ଦେଖାଯାଇଥାଏ । ରଚନାର ଭଙ୍ଗୀକୁ ଅପେକ୍ଷାକୃତ କୋମଳ କରିବାପାଇଁ ଏପରି କରାଯାଇଥାଏ । ଏଠାରେ ମୁଣ୍ଡେ, ଭୁଣ୍ଡେ, ଗୋଡ଼େ ଇତ୍ୟାଦିର ପ୍ରୟୋଗ ଏହି ଉଦ୍ଦେଶ୍ୟରେ ହୋଇଛି ।

ଲେଖାର ବାକ୍ୟଗୁଡ଼ିକ ଛୋଟ ଛୋଟ । ଅସମାପିକା କ୍ରିୟାର ପ୍ରୟୋଗରେ ଛୋଟ ଛୋଟ ଯୌଗିକ ବାକ୍ୟ ହୋଇଥିବା ମଧ୍ୟ ଦେଖାଯାଏ । ଧ୍ୱନ୍ୟାତ୍ମକର ବହୁଳ ପ୍ରୟୋଗ ଯୋଗୁଁ ରଚନାଟି ମନୋମୁଗ୍ଧକର ଓ ଚିତ୍ତସ୍ପର୍ଶୀ ହୋଇପାରିଛି ।

ତେମନ୍ତ, ଯାଅନ୍ତେ, ମାଗିଲେ ପ୍ରଭୃତିର ପ୍ରୟୋଗ ମଧ୍ୟ ଦେଖାଯାଏ । ଖଜଣା, ଜମା, ମାଫିକେ, ଜମା ପ୍ରଭୃତି ବୈଦେଶିକ ଶବ୍ଦର ପ୍ରୟୋଗ ମଧ୍ୟ ଅଛି । ସେତେବେଳକୁ ଏସବୁ ଯାବନିକ ଶବ୍ଦ ଓଡ଼ିଶାରେ ପ୍ରଚଳିତ ହୋଇ ଯାଇଥିଲା । ଦଲ, ନଲ ପରି ଅନ୍ୟ କେତେକ ଅଣ-ଓଡ଼ିଆ ପ୍ରୟୋଗ ମଧ୍ୟ ଅଛି । ଏହି ପଦମାନଙ୍କର ପ୍ରୟୋଗ ସେ ସମୟର ବହୁ ଲେଖାରେ ମିଳେ । ସେ ସମୟକୁ ଓଡ଼ିଶାରେ ଏହିସବୁ ଶବ୍ଦ ରାଜପୁରୁଷ ଓ ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସୁଥିଲା । ଉତ୍ତର ଓ ଦକ୍ଷିଣରେ ଅହିନ୍ଦୁ ମୁସଲମାନ ଶକ୍ତି ସହିତ ସମ୍ପର୍କ ଓ ସଂଘର୍ଷରେ ଆସିବାର ଅବକାଶ ଓଡ଼ିଶାବାସୀଙ୍କୁ ମିଳିଥିଲା । ଏହା ଫଳରେ ଏହିସବୁ ଶବ୍ଦ ଓଡ଼ିଶାରେ ପ୍ରଚଳନ ଲାଭ କରିଥିଲା ।

ଚକଡ଼ାରେ "ତୋଡ଼ରମଲ୍ଲ" ଶବ୍ଦର ବ୍ୟବହାର ଦେଖାଯାଉଥିବାରୁ ଏହାର ପ୍ରାଚୀନତା ସମ୍ବନ୍ଧରେ କେତେ ସମାଲୋଚକ ସନ୍ଦେହ ପ୍ରକାଶ କରିଛନ୍ତି । କିନ୍ତୁ "ତୋଡ଼ରମଲ୍ଲ" ଶବ୍ଦଟି ପ୍ରତାପରୁଦ୍ରଙ୍କ ସମୟରୁ ଓ ତା ପୂର୍ବରୁ ଓଡ଼ିଶା ଓ ଓଡ଼ିଶା ବାହାରେ ଚଳି ଆସୁଥିବାର ପ୍ରମାଣ ମିଳୁଛି । ସ୍ୱୟଂ ପ୍ରତାପରୁଦ୍ର-ଦେବ ନିଜକୁ "ତ୍ରିଭୁବନେଶ୍ୱର ତୋଡ଼ରମଲ୍ଲ" ବୋଲି ପରିଚିତ କରାଉଥିବା ବେଲ୍‌ଚେରଲ ତାମ୍ରଶାସନରୁ ଜଣାଯାଏ । (Journal of Andhra Historical Society, Part II. Epigraphica Indica, Part XVIII) ସେଥିରେ ଅଛି—"ସମସ୍ତପର୍ଣ୍ଣାଧିରାଜୋ ରାଜେନ୍ଦ୍ର ପରମେଶ୍ୱରଃ । ଶ୍ରୀ ମହାରାଜାଧିରାଜେନ୍ଦ୍ର ପଞ୍ଚଗୌଡ଼ାଧିନାୟକଃ । ତନ୍ତ୍ରୀ ଗଜକେଦାରେଶ୍ୱ-ମାନଗୋବନ୍ଦଲସ୍ଥିନଃ । ବନ୍ଦ୍ୟାନୁଜଃ ପଞ୍ଚନାଂଗ-ତ୍ରୈଲମଣ୍ଡଳ ନାୟକଃ । ତ୍ରିଭୁବନ ତୋଡ଼ରମଲ୍ଲ ରଣବନ୍ଦୀକାରଃ ପ୍ରତାପ ବୀରବରଃ ଶ୍ରୀ ବେଙ୍କଟ ଗଜପତିଃ ପ୍ରତାପରୁଦ୍ରଃ ପ୍ରତାପମାର୍ତ୍ତଣ୍ଡଃ ।..." ଓଡ଼ିଶା ସାମ୍ରାଜ୍ୟର ଦାକ୍ଷିଣାତ୍ୟ ଅଂଶରେ ବହୁ ଅଭିଲେଖରେ ସୂର୍ଯ୍ୟବଂଶୀ କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ରଙ୍କ ବହୁ ପ୍ରକାର ଉପାଧି ଦେଖାଯାଏ । ତ୍ରିଭୁବନ ତୋଡ଼ରମଲ୍ଲ, ଗଜକେଦାର, ମାନଗୋବନ୍ଦଲସ୍ଥିତ, ପଞ୍ଚଗୌଡ଼ାଧି-ନାୟକ, ଶ୍ରୀ ବେଙ୍କଟ ଗଜପତି (ଗଜପତି) ପ୍ରଭୃତି ଉପାଧି ପ୍ରତାପରୁଦ୍ରଙ୍କର ଥିଲା । (୨) ମହାକବି ବଳରାମ ଦାସ "ଜଗମୋହନ ରାମାୟଣ"ରେ 'ତୋଡ଼ର' ଶବ୍ଦର ବ୍ୟବହାର କରିଥିବା ଦେଖାଯାଏ । ଚକ୍ରବର୍ତ୍ତୀ ବୀରମାନେ ନିଜସ୍ୱ ଶୌର୍ଯ୍ୟର ସ୍ମାରକସ୍ୱରୂପ ବାମଗୋଡ଼ରେ ଏହାକୁ ପିନ୍ଧୁଥିଲେ । ତୋଡ଼ର ଏକ ଅଳଙ୍କାର ବିଶେଷ ।

ଧାତାର କଟକେ ସେ ଅଛନ୍ତି ବୀରବର
ବାମଗୋଡ଼େ ଗୋଡ଼େଇ ସେ ଅନର୍ଘେ ତୋଡ଼ର ।
( ଅରଣ୍ୟକାଣ୍ଡ । ପୃ ୬ । ଗୋ. ର. ଅ. ସ. । )

ଚକଡ଼ାର କୌଣସି ପ୍ରତିଲିପିରେ 'ନଂବର' ଲେଖାଥିବା ଦେଖି ଏହାକୁ ଇଂରେଜ ରାଜତ୍ୱ ଭିତର ଲେଖା ବୋଲି ସନ୍ଦେହ କରାଯିବା ସମ୍ଭବ । କୌଣସି ନକଲ୍‌କାରୀ ହୁଏତ ପାଠକ ବୋଧ ମାଫିକ ଚକଡ଼ା ବର୍ଣ୍ଣିତ ଗ୍ରାମମାନଙ୍କ ଭିତରୁ

କୌଣସି ଗ୍ରାମର ଅଧିବାସୀ ହୋଇଥିବେ ଏବଂ ବର୍ଣ୍ଣିତ ଭୂମିର ସମସ୍ତକୁ ଚିହ୍ନାଇବା ଉଦ୍ଦେଶ୍ୟରେ ଏପରି ଲିଖିଥିବେ । ଏହା ମୂଳ ଲେଖାର ସମସ୍ତକୁ ବର୍ଣ୍ଣିତ କରୁନାହିଁ । ଅତଏବ ଏ ସନ୍ଦେହର କାରଣ ନାହିଁ ।

ତମ୍ବାର ନକଲରେ "ଲଟିଙ୍ଗ" ଶବ୍ଦ ଥିବାରୁ ତମ୍ବାର ଲେଖକଙ୍କୁ ସନ୍ଦିହିତ ହୋଇ କହିବାର ମଧ୍ୟ କିଛି କାରଣ ନାହିଁ । ନକଲକାରମାନେ ମଧ୍ୟ ଏପରି ଲେଖିଥିବା ସମ୍ଭବ । ପୁଣି ଏଥିରେ ଦିଆ ଯାଇଥିବା ବହୁ କାହାଣୀ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଶୁଣାଯାଏ ବୋଲି ସୂତ୍ର କରି ଏହାର ପ୍ରାଚୀନତାକୁ ସନ୍ଦେହ କରିବା ଠିକ୍ ନୁହେଁ । ଏହା ଏକାବେଳକେ ଦୁର୍ବଳ ସୂତ୍ର; ଏହି ମାପକାଠିରେ ଦେଖିଲେ ବହୁ ଐତିହାସିକ ତଥ୍ୟ ମଧ୍ୟ କପୋଳକଳ୍ପିତ ବୋଲି କହିହେବ । ପୁଣି ଶାସନ ବାକ୍ୟରେ 'ଖଣ୍ଡି'ର ବ୍ୟବହାର ସୂର୍ଯ୍ୟବଂଶୀ ରାଜାମାନଙ୍କ ଅମଳରେ ପ୍ରଚଳିତ ଥିବା ଅନୁମାନ ମଧ୍ୟ ଠିକ୍ ନୁହେଁ । ଓଡ଼ିଶାରେ ହଜାର ହଜାର ବର୍ଷ ପୂର୍ବେ ରାଜାମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶାସନ ବସାଇଛନ୍ତି । ସେମାନଙ୍କ ଭିତରୁ ଅନେକଙ୍କର ସନ୍ଧି ବର୍ତ୍ତମାନ ମିଳୁନାହିଁ; ଅନେକ ଗ୍ରାମର ବହୁ ପରିବର୍ତ୍ତନ ହୋଇଯାଇଛି । ଅପେକ୍ଷାକୃତ ଅର୍ବାଚୀନ ଶାସନମାନଙ୍କରେ 'ଖଣ୍ଡି' ବ୍ୟବହାର ଅସ୍ତ୍ର ଚାହୁଁଥିବା ସମ୍ଭବ । 'ଟଙ୍କା'ର ବ୍ୟବହାର ପ୍ରତାପରୁଦ୍ରଙ୍କ ବହୁ ପୂର୍ବରୁ ପ୍ରଚଳିତ ଥିଲା । ପୁରୁଷୋତ୍ତମଦେବଙ୍କ ରାଜତ୍ୱର ୩ ଅଙ୍କ ବା ଖ୍ରୀ: ୧୪୬୭-୬୮ର ସିଂହାଚଳ ମନ୍ଦିରରେ ଥିବା ଓଡ଼ିଆ ଲିପିରେ "ଦୁଗୁବାଳ ଟଙ୍କା" ଦାନ ଦିଆ ହୋଇଥିବା ଲେଖାଅଛି । ( S. I. I. Vol. VI, No. 1160 )

'ବଇଜନଙ୍କ ତମ୍ବା' ପୁସ୍ତକଟି ଓଡ଼ିଆ ଗଦ୍ୟ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଶିଷ୍ଟ ଭାବରେ ସମସ୍ତ ଜଣାଯାଇଥିବା ଓଡ଼ିଆ ଗଦ୍ୟ ଲେଖାମାନଙ୍କ ଭିତରେ ଏହା ପ୍ରାଚୀନତମ ନହେଲେ ହୁଏ । ଗ୍ରନ୍ଥଟିର କଳେବର ସେତେ ଦୀର୍ଘ ହୋଇ ନ ଥିଲେ ମଧ୍ୟ ଗଦ୍ୟରଚନା ହିସାବରେ ଏହା ଦୃଷ୍ଟାଙ୍ଗ ଲାଭ କରିଛି । ବିବିଧ ଆଖ୍ୟାୟିକା, ଘଟଣାବଳୀର ଚମତ୍କାର

ବର୍ଣ୍ଣନା, ମନୋମୁଗ୍ଧକାରୀ କଥୋପକଥନ, ରସଯୁକ୍ତ ପଦାବଳୀ ଓ ଶବ୍ଦ ଚୟନ ତାହାର ରଚନାଶୈଳୀକୁ ଜୀବନ୍ତ କରି ରଖିଛି ।

ମାଦଳାପାଞ୍ଜିର ଅନୁରୂପ କେତେକ ବଂଶୀୟ ସମୟର କେତୋଟି ନିର୍ଦ୍ଦିଷ୍ଟ ବିଷୟ ଓ ଘଟଣାର ବର୍ଣ୍ଣନା ଏଥିରେ ସନ୍ନିବେଶିତ ହୋଇଥିବାରୁ ପଞ୍ଜିକା ହିସାବରେ ଏହାର ସ୍ଥାନ ଦ୍ୱିତୀୟ । ମାଦଳାପାଞ୍ଜି ବହୁ ପରେ ଲେଖା ଏବଂ ଏଥିର କାଳର ଅବଧି ମଧ୍ୟ ବେଶୀ । ତାହା ତୁଳନାରେ ଅଳ୍ପ କେତେ ବର୍ଷର କେତେକ ନିର୍ଦ୍ଦିଷ୍ଟ ଘଟଣା କେବଳ ବର୍ଣ୍ଣିତ ହୋଇଛି ।

ପୂର୍ବରୁ ସନ ତାରିଖ ଥିବା ଛୋଟ ଛୋଟ ଗଦ୍ୟଲେଖା ମିଳୁଥିଲା । ସେଗୁଡ଼ିକ ଭିତରୁ କାହାକୁ ସାହିତ୍ୟିକ ରଚନା ଭିତରେ ନେବା ସମ୍ଭବ ନୁହେଁ । ତେବେ ଭାଷା ଓ ରଚନାଶୈଳୀ ଦିଗରୁ ଦେଖିଲେ ସେଗୁଡ଼ିକ ଉନ୍ନତର ରଚନା ଉପଯୋଗୀ ।

## ଅର୍ଜୁନ ଦାସ

ଏ କବି ନିଜକୁ ସ୍ୱଗ୍ରନ୍ଥ 'କଳ୍ପଲତା'ରେ ଅର୍ଜୁନ ଦାସ, ଅର୍ଜୁନ ଦାସ, ଶିଶୁ ଅର୍ଜୁନ ଦାସ ବୋଲି ଲେଖିଛନ୍ତି । ଅଧିକାଂଶ ଛାନ୍ଦର (୨ୟ, ୩ୟ, ୫ମ, ୭ମ ଓ ୮ମ ଛାନ୍ଦରେ) ଭଣିତା ଅଂଶରେ ଶିଶୁ ଅର୍ଜୁନ ଦାସ ଅଛି ।

ଶିଶୁ ଅର୍ଜୁନ ଦାସ, ଶିଶୁ ଅର୍ଜୁନ ଦାସ, ଅର୍ଜୁନ ଦାସ ଏକ ହିଁ କବିଙ୍କ ନାମ । 'ରାମବିଭା' କାବ୍ୟର ରଚୟିତା ଅର୍ଜୁନ ଦାସ ଓ 'କଳ୍ପଲତା'ର କବି ଅର୍ଜୁନ ଦାସ ଏକ; ଦୁଇଜଣ କବି ବୋଲି କହିବା ପାଇଁ କୌଣସି ଯୁକ୍ତି ନାହିଁ । ରାମବିଭାରେ କବି ନିଜକୁ ଶିଶୁ ଅର୍ଜୁନ ବୋଲି ମଧ୍ୟ କହିଛନ୍ତି ।

ଶ୍ରୀରମଣ ଅବକାଶ ଦର୍ଶନ କରି
ଶିଶୁ ଅରଜୁନ କବି ଅଛଇ ଯୋଡ଼ି । (୫ମ ଛା. ରା. ବି.)

**ଲେଖାର ସମୟ:**—ରାମଚନ୍ଦ୍ର କାବ୍ୟ ପରେ କଳ୍ପଲତା ଲେଖା ହୋଇଛି । କାରଣ, କଳ୍ପଲତାର ନବମ ଛାନ୍ଦର ବେଶକୁ "ସଖୀ—ମୁକୁଟ, ରାମଚନ୍ଦ୍ର ପ୍ରଥମ ଛାନ୍ଦ ବାଣୀରେ ଜାଣବ" ବୋଲି ନିର୍ଦ୍ଦେଶ ଥିବାରୁ ଏହି କାବ୍ୟଟି ରାମଚନ୍ଦ୍ର ପରେ ଲିଖିତ ହୋଇଛି । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ କିମ୍ବା ପୂର୍ବରେ ସ୍ନାନଯାତ୍ରା ସମୟରେ ଗ୍ରନ୍ଥ ଆରମ୍ଭ କରିଥିବା ଅନୁମିତ ହୁଏ ।

ଶୁଣ ହେ ରସିକ ଜନ, ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ।

ଜ୍ୟେଷ୍ଠା ନକ୍ଷତ୍ର ସେବାକାଳେ, ଝମକ ବାଜେ ସିନ୍ଧୁକୂଳେ । (୧ମ ଛା: ।୧।)

ସ୍ନାନ ମଣ୍ଡପରେ ବସେ, ହରି ଶବଦ ଗୋଳବାଜେ × × । (୧ମ ଛା:)

ଅଷ୍ଟମ ଛାନ୍ଦ ଶେଷ ବେଳକୁ ଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଯାଇ ଠାକୁରମାନେ ଗୁଣ୍ଡିଚା ବାଡ଼ିରେ ବିଜେ ହୋଇ ସାରଲେଣି । 'ବଳଶ୍ରୀର ପରିବେଶ' 'ରହୁଣ ନବ ଦିବସ'କୁ ଗୁଣ୍ଡିଚା ମଣ୍ଡପରେ ପ୍ରଭୁମାନଙ୍କର ଅବସ୍ଥାନର ସୂଚନା ମିଳୁଛି । ଅଷ୍ଟମ ଛାନ୍ଦ ଏହି ରଥଯାତ୍ରା ଭିତରେ ଶେଷ ହୋଇଥିବା ଅନୁମିତ ହୁଏ ।

ନୀଳଗିରି ଜଗନ୍ନାଥ    ଶଙ୍ଖଚକ୍ର ପଦ୍ମହସ୍ତ
ରଥ ବିଜୟକୁ ଅନା, ଶୁଣ ହୋ ମନା ହେ । × ×

ବଳଶ୍ରୀ ପରିବେଶ,    ରହୁଣ ନବ ଦିବସ
ଶିଶୁ ଅଜ୍ଞାନ ଦାସ, ମନେ ଉଲ୍ଲାସ ହେ । (୮ମ ଛାନ୍ଦ)

ଏକାଦଶ ଛାନ୍ଦ ଲେଖାର ସମୟ ଗୁଣ୍ଡିଚା ପରେ ପରବର୍ତ୍ତୀ ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଚନ୍ଦନଯାତ୍ରା ସମୟ ବୋଲି ମନେ ହୁଏ । କବି ଏ ସମୟର—

ବୈଶାଖ ଶୁକଳା ତିଥି    ତୃତୀୟା ବୋଲି ବିଖ୍ୟାତି
ନୀଳଗିରି ନୃପବର ଦେବଙ୍କୁ ସେବନ । (୧୧ଶ ଛା:)

ଦ୍ୱାଦଶ ଛାନ୍ଦ ଦେଖନ୍ତୁ ପୁଣି ଗ୍ରୀଷ୍ମର ଯାତ୍ରାର ସମୟ—

ଶୁଣ ହେ ରସିକ ଜନମାନେ ଦକ୍ଷିଣ ଜଳଧି କୂଳେ
ଜ୍ୟେଷ୍ଠର ସାଲଗିରି କବଟୁ ଗ୍ରୀଷ୍ମକୁ ବଳୟ କଲେ । (୧୨ଶ ଛାନ୍ଦ)

ଏଥିରୁ ଅନୁମିତ ହେଉଛି ଜ୍ୟେଷ୍ଠ ପୌର୍ଣ୍ଣମୀଠାରୁ ପରବର୍ତ୍ତୀ ଗ୍ରୀଷ୍ମ ବା ଆଷାଢ଼ ମାସ ସରିକି ଏହି ଭେଟନାପତିର୍ କବି ୧ମ ଠାରୁ ୧୨ଶ ଛାନ୍ଦ ଶେଷ ପର୍ଯ୍ୟନ୍ତ ଲେଖା ଶେଷ କରିଥିଲେ । ଶେଷ ବା ତ୍ରୟୋଦଶ ଛାନ୍ଦଟି ପରବର୍ତ୍ତୀ ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ଶେଷ କରିଥିଲେ ।

ଶୁଣ ମନୁ ବଚନେ ରୁ ହୋ ଜ୍ୟେଷ୍ଠ ପଞ୍ଚୁର୍ଣ୍ଣିମୀ
ବାହୁଡ଼ିଶ ବର୍ଷରେ ବ୍ରାହ୍ମଣ ବନ୍ଦି ସ୍ୱାମୀ । (୧୩ଶ ଛାନ୍ଦ)

ଏଥିରୁ ଜଣାଯାଉଛି କବି ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ଆରମ୍ଭ କରିଥିଲେ ଏବଂ ଦୁଇବର୍ଷ ସମ୍ପୂର୍ଣ୍ଣ ହେବା ପରେ ପୁଣି ସେହି ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ଗ୍ରନ୍ଥ-ଲେଖା ଶେଷ କରିଥିଲେ । ଗ୍ରନ୍ଥଲେଖାର ସମୟ ସମ୍ପୂର୍ଣ୍ଣ ଦୁଇବର୍ଷ ।

ପ୍ରଥମ ଛାନ୍ଦ ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ଆରମ୍ଭ ହେଲା । ଗ୍ରୀଷ୍ମ ବେଳକୁ, ଅର୍ଥାତ୍ ପଚିଶି-ତିରିଶିଦିନ ଭିତରେ ୮ଟି ଛାନ୍ଦ ଶେଷ ହୋଇ ଯାଇଥିଲା । ନବମ, ଦଶମ ଓ ଏକାଦଶ ଛାନ୍ଦ ବୈଶାଖ ମାସ ଶୁକ୍ଳ ତୃତୀୟା ବେଳକୁ, ଅର୍ଥାତ୍ ୮ମ ଛାନ୍ଦ ଲେଖା ଶେଷ ହେବା ପରେ ପ୍ରାୟ ଦଶମାସ ସମୟ ଭିତରେ ଏହି ତିନୋଟି ଛାନ୍ଦ ରଚିତ ହୋଇଥିଲା । ଦ୍ୱାଦଶ ଛାନ୍ଦଟି ପ୍ରାୟ ଦୁଇମାସ ସମୟ ( ଚନ୍ଦନଯାତ୍ରା ଠାରୁ ରଥଯାତ୍ରା ) ଭିତରେ ଲିଖିତ ହୋଇଛି । ତାହାର ଏଗାର ମାସ ପରେ ଅର୍ଥାତ୍ ସ୍ନାନପୂର୍ଣ୍ଣିମୀ ଦିନ ଶେଷ ଛାନ୍ଦ ଶେଷ ହୋଇଥିଲା ।

'କଳ୍ପଲତା'ରେ ନିମ୍ନଲିଖିତ ଛାନ୍ଦଗୁଡ଼ିକର ନାମରେ ଅନ୍ୟ ଗ୍ରନ୍ଥମାନଙ୍କର ଛାନ୍ଦର ରାଗର ଉଲ୍ଲେଖ କରାଯାଇଛି । 'ରାଗ', 'ବାଣୀ' ଏ ଦୁଇଟିଯାକ ପଦ ରାଗ ସ୍ଥାନରେ ବ୍ୟବହୃତ ହୋଇଛି ।

ସପ୍ତମ ଛନ୍ଦ—କମ୍ବୁ ଦାମୋଦର ବାଣୀରେ ଗାଇବ ।

ଅଷ୍ଟମ ଛନ୍ଦ—ବିଯୋଗୀ ସମଜାଇ ଏହି ବାଣୀରେ ଗାଇବ ।

ନବମ ଛନ୍ଦ—ଚକ୍ରଙ୍ଗା, ରାମଦାସ ପ୍ରଥମ ଛନ୍ଦ ବାଣୀରେ ଗାଇବ ।

ଦଶମ ଛନ୍ଦ—ରାମଚନ୍ଦ୍ର ବଣରେ ଯିଏ ବାଣୀରେ ଗାଇବ ।

ଏକାଦଶ ଛନ୍ଦ—ଧାଣ—ବେଣୀ; ସପନଦେଖିଆ ବାଣୀରେ ଗାଇବ ।

ଦ୍ୱାଦଶ ଛନ୍ଦ—ଶିବର ଜନନୀ ନିଜ ମନ୍ଦିର ମିଳିଲେ, ଏ ବାଣୀରେ ଗାଇବ ।

ତ୍ରୟୋଦଶ ଛନ୍ଦ—ଦଶରଥ ରାଜେ ଘରେ ମିଳିଲେ ଏହି ବାଣୀରେ ଗାଇବ ।

ଏଥିରୁ ନବମ ଛନ୍ଦର ରାଗ ନିର୍ଦ୍ଦେଶରୁ ରାମଦାସ ଛନ୍ଦର ଉଲ୍ଲେଖ ମିଳୁଛି; ଅନ୍ୟ ଛନ୍ଦମାନଙ୍କର ନିର୍ଦ୍ଦେଶରୁ ମୂଳ ରଚନାର ନାମ କିମ୍ବା କବିଙ୍କର କୌଣସି ପରିଚୟ ମିଳୁନାହିଁ । ଏହି ମୂଳ ରଚନାମାନଙ୍କ ପରେ 'କଳ୍ପଲତା' ରଚିତ ହୋଇଥିବା ଜଣାଯାଉଛି ।

**ବିଷୟବସ୍ତୁ**—କବି ପ୍ରଥମେ ଶ୍ରୀକ୍ଷେତ୍ର ବା ପୁରୀରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ମହୋତ୍ସବ ଅବସରରେ ପ୍ରଭୁ ଜଗନ୍ନାଥଙ୍କୁ ନମସ୍କାର କରି ମହୋତ୍ସବର ବର୍ଣ୍ଣନା କରିଛନ୍ତି । ସ୍ନାନ ପରେ ସ୍ୱର୍ଗରୁ ବ୍ରହ୍ମାଦି ଦେବତାମାନେ ପ୍ରଭୁଙ୍କ ପାଦପଦ୍ମ-ତଳରେ ସ୍ନାନ କରିବାକୁ ଆସିଥିଲେ । ଗନ୍ଧର୍ବ ଓ ଅପ୍ସରାମାନେ ଗୀତ ଓ ନୃତ୍ୟ କରୁଥିଲେ । ଏହିପରି ସମୟରେ ଚନ୍ଦ୍ରରଥ ଗନ୍ଧର୍ବ ତିଲୋତ୍ତମାଙ୍କ ସହିତ ଆସିଥିଲେ । ସେଠାରେ ସୁରେଖା ନାମରେ ଏକ ଅପ୍ସରା ଓ ବସନ୍ତ ନାମରେ ଜଣେ ଗନ୍ଧର୍ବ ତିଲୋତ୍ତମାଙ୍କୁ ଦେଖି ହସିବାରୁ ତିଲୋତ୍ତମା ମନରେ ଦୁଃଖ କଲେ । ତିଲୋତ୍ତମାଙ୍କ ସଖୀ କଳାନିଧି ସୁରେଖା-ବସନ୍ତଙ୍କ ଗୁପ୍ତକଥା କହିଲେ । ଏ ଦୁହିଁଙ୍କ ଭିତରେ ପ୍ରଗାଢ଼ ପ୍ରେମ ଜାତ ହେଲା । ଏହି ପ୍ରେମବନ୍ଧନ ପରେ ସୁରେଖା ପ୍ରତିଜ୍ଞା କରିଥିଲେ ଯେ କେବେହେଁ ବସନ୍ତଙ୍କୁ ସେ ତ୍ୟାଗ କରିବେ ନାହିଁ; ଦୁହିଁଙ୍କ ଭିତରେ କେବେହେଲେ ବିଚ୍ଛେଦ ଘଟିବ ନାହିଁ । ଏଣେ ବସନ୍ତଙ୍କ ସହିତ ସୁରେଖା ପଲଙ୍କରେ ବସି ଆମୋଦପ୍ରମୋଦ କରୁଥିବା

ବେଳେ ଇନ୍ଦ୍ରଙ୍କଠାରୁ ନୃତ୍ୟ କରିବା ପାଇଁ ସୁରେଖାଙ୍କୁ ଡାକରା ଆସିଲା । ସୁରେଖା ବସନ୍ତକଠାରୁ ବିଦାୟ ନେଇ କହିଲା, "ତୁମେ ଦେବସଭା ନିକଟକୁ ଯିବ ନାହିଁ । ତୁମକୁ ଦେଖିଲେ ମୋର ନୃତ୍ୟରେ ମନ ରହିବ ନାହିଁ । ନୃତ୍ୟରେ ଅନ୍ୟମନସ୍କ ହେଲେ ଇନ୍ଦ୍ର ଶାପ ଦେବେ ।" ସୁରେଖା ଦେବ-ସଭାରେ ଇନ୍ଦ୍ରଙ୍କ ସମ୍ମୁଖରେ ନୃତ୍ୟ କଲା । ନୃତ୍ୟର ଦୃଶ୍ୟ ବସନ୍ତକ ମାନସପଟରେ ଦେଖି ଅସ୍ଥିର ହେଲା । ସେ ନୃତ୍ୟସ୍ଥଳକୁ ଯିବାରୁ ତାକୁ ସୁରେଖା ଦେଖିଲା । ସେହି କ୍ଷଣରୁ ତାର ନୃତ୍ୟରେ ଭ୍ରମ ହେଲା । ଇନ୍ଦ୍ର କୋପ କରି ତାକୁ ଶାପ ଦେଲେ । ତାର ପ୍ରେମିକ ମହାଳ ଦେଶର ରାଜାଙ୍କ କୁମର ଅମରଶିଖର ହୋଇ ଜନ୍ମ ହେବ; ସୁରେଖା କର୍ଣ୍ଣାଟ ଦେଶର ରାଜାଙ୍କ ଦୁହିତା ହୋଇ ଜନ୍ମଲାଭ କରିବ; ଏମାନେ ପୁଣି ଜାତିସ୍ମର ହେବେ ଏବଂ ଅନ୍ୟ କାହାକୁ ବିଭା ହେବେ ନାହିଁ । ପରେ ଦୁହେଁ ଏକ ହେବେ । ସୁରେଖାର କଳ୍ପଲତା ନାମ ଓ ବସନ୍ତକର ଅମରଶିଖର ନାମ ହେବ । ଏହି କଥା ଚକୋଡ଼ମାର ସଖୀ ଚକୋରାକ୍ଷିମାକୁ ବର୍ଣ୍ଣନା କଲା ।

ଶାପ ପାଇ ସୁରେଖା ଓ ବସନ୍ତକ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ । କୁମାରୀ କଳ୍ପଲତା କୃଷ୍ଣକୁନ୍ତଳା ନପାତାରରେ ବାଲୁକା ଲିଙ୍ଗ କରି ପୂଜା କରେ । ଥରେ ସେଠାରେ ଜଣେ ଜଙ୍ଗମଙ୍କୁ ଦେଖି ତାଙ୍କ ସହିତ କଥା-ବାର୍ତ୍ତାରୁ ମହାଳ ଦେଶର ରାଜକୁମାର "ଅବଳା ଅବତାର କାମ" ଅମର-ଶିଖରଙ୍କ ଅବସ୍ଥିତି ଜାଣିପାରି କଳ୍ପଲତା ଗୋଟିଏ ଚିତ୍ରପଟ ଜଙ୍ଗମଙ୍କ ହାତରେ ଦେଲା । ଅମରଶିଖରଙ୍କୁ ଗୁପ୍ତରେ ଦେଖିବା ପାଇଁ ଜଙ୍ଗମ ମହାଳ ଦେଶକୁ ଗଲା । ଚୈତ୍ରମାସ ଶେଷ ହେବା ପୂର୍ବରୁ ସନ୍ଦେଶ ଆଣିବା ପାଇଁ କଳ୍ପଲତା ଜଙ୍ଗମଙ୍କୁ କହି କରାଇଥିଲା । ଜଙ୍ଗମଠାରୁ ରାଜକୁମାରର ବର୍ଣ୍ଣନା ପାଇବା ଦିନରୁ ରାଜକନ୍ୟା ବିରହରେ ବ୍ୟଥିତ ହେବାକୁ ଲାଗିଲା । (୧ମ ଛାନ୍ଦ)

ଅମରଶିଖରଙ୍କୁ ବିବାହ-ଉପଯୋଗୀ ବୟସ ପ୍ରାପ୍ତେ ପିତା ତାଙ୍କର ବିବାହ ସମ୍ବନ୍ଧ ଉଦ୍ୟୋଗୀ ହେଲେ । ଅମରଶିଖରଙ୍କୁ ଜଣାଇବାରୁ ସେ ଜାତିସ୍ମର ବଳରେ ପୂର୍ବଜନ୍ମ ବୃତ୍ତାନ୍ତ ନିଜ ବନ୍ଧୁଙ୍କୁ କହି କଳ୍ପଲତାଙ୍କୁ

ଜପଣ୍ଡ ଦେଇ ପାରିବେ ତାହାର ଉପାୟ କରିବାକୁ ଅନୁରୋଧ କଲେ । ରାଜକୁମାର ବନ୍ଧୁଙ୍କ ସହ ବେଦଦର୍ଶୀଗିରିକୁ ଯାଇ ସର୍ବଜ୍ଞ ପରମେଶ୍ୱରଙ୍କୁ ଭେଟିଲେ । ସେଠାରେ କର୍ଣ୍ଣାଟ ଦେଶର ଜଙ୍ଗମ ମଧ୍ୟ 'ଗ୍ରୀଳ' ମାତ୍ର ବସି ଉପସ୍ଥିତ ଥିଲେ । ଜଙ୍ଗମଙ୍କଠାରୁ କଳ୍ପଲତାପ୍ରସଙ୍ଗ ସର୍ବଜ୍ଞ ଶୁଣିଥିଲେ । ଜଙ୍ଗମଙ୍କଠାରୁ ଜେମାଙ୍କ ପ୍ରେରିତ ଚିତ୍ରପଟ ଦେଖି ରାଜକୁମାର ମୋହିତ ହୋଇଗଲେ । ସେହି ଚିତ୍ରପଟରେ ଇନ୍ଦ୍ରସଭାରେ ସୁରେଖାର ନୃତ୍ୟ ଓ ଶାପ ବୃତ୍ତାନ୍ତ ଅଙ୍କିତ ହୋଇଥିଲା । ତାଙ୍କର ବିବାହ-ସମ୍ବନ୍ଧ ଜେମାଙ୍କୁ ଜଣାଇବା ପାଇଁ ଜଙ୍ଗମଙ୍କୁ କହିଲେ । କିନ୍ତୁ ସେହିଦିନ ଅଶିକ ବୈଶାଖ ଶେଷ ହେବାକୁ ଆଉ ମାତ୍ର ଏକଦିନ ବାକି ଥିଲା । ସର୍ବଜ୍ଞ (ସ୍ୱ ଗୁରୁ) ଗୋରଖଙ୍କ ପ୍ରସାଦରୁ ଏହି ଅସାଧ୍ୟ ସାଧନ କରିପାରିବା ସମ୍ଭବ ହେଲା । କୁମାରଙ୍କୁ ସେ ମୃତସଞ୍ଜୀବନୀ ମନ୍ତ୍ର ଶିଖାଇ, ଶିରରେ କର୍ପୂର ତିଳକ ଦେଲେ । ଯେତେବେଳେ ଯାହା ଲୋଡ଼ିବ ସେତେବେଳେ ତାହା ପାଇବ ବୋଲି କହିଲେ । ଏହାପରେ ରାଜକୁମାର ଜଙ୍ଗମଙ୍କ ସହ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ । (୨ୟ, ୩ୟ ଛାନ୍ଦ) ।

ରାଜକୁମାରୀ ବିରହରେ କ୍ଷୀଣ ଅବସ୍ଥା ଧାରଣ କରିବାରୁ ପିତାମାତା ତାଙ୍କୁ ଶୀଘ୍ର ବିବାହ ଦେବା ଆୟୋଜନ କଲେ । ଗୌଡ଼ମଣ୍ଡଳର ରାଜକୁମାର ଅବନୀତିଳକଙ୍କୁ ବର ସ୍ଥିରକରି ବିବାହ ଆୟୋଜନ କଲେ । ବିବାହର ପୂର୍ବଦିନ ସନ୍ଧ୍ୟାବେଳରେ ବରଯାତ୍ରୀ ପ୍ରବେଶ ହେଲେ । (୪ର୍ଥ ଛାନ୍ଦ) । କନ୍ୟାଙ୍କ ମାତା କନ୍ୟାଙ୍କୁ ବିବାହ କଥା କହିବାରୁ କନ୍ୟା ମନଦୁଃଖରେ ବିବାହ-ପୂର୍ବ ରାତିରେ ବିଷ ଖାଇ ପ୍ରାଣତ୍ୟାଗ କଲେ । (୫ମ ଛାନ୍ଦ) ।

କନ୍ୟାର ବିବାହ ଦିନ ସକାଳୁ ବିବାହର ସବୁ ଆୟୋଜନ ହେଲା । ଦାସୀମାନେ କଳ୍ପଲତାକୁ ଭୂଷଣ କରିବା ପାଇଁ ଗଲାବେଳକୁ ଦେଖିଲେ ସେ ତାର ପିଣ୍ଡରେ ପ୍ରାଣ ନାହିଁ । ନଗରରେ ଶୋକର ଛାୟା ଖେଳିଗଲା । କଳ୍ପଲତାର ଶବସଂସ୍କାର ପାଇଁ ମହାସମାରୋହରେ ଚନ୍ଦନବନ ନିକଟସ୍ଥ ଶ୍ମଶାନକୁ ନିଆଗଲା । (୬ଷ୍ଠ ଛାନ୍ଦ) । ଜଙ୍ଗମଙ୍କ ସଙ୍ଗରେ ଅମରସିଂହର ଓ ତାର ସଖା ବେଳଙ୍କ ମୁଖରୁ ଶ୍ମଶାନରେ କନ୍ୟାର ଶବ ପଡ଼ିଥିବା ଶୁଣି ସେଠାରେ

ଉପସ୍ଥିତ ହେଲେ । ଜଣମଙ୍କ ପ୍ରସ୍ତାବ ଅନୁସାରେ କନ୍ୟା ନେଇ ଫେରିଲେ । ଇନ୍ଦ୍ରସେନୀ ଅମରଶିଖରଙ୍କୁ ବିବାହ ଦେବା ପାଇଁ ରାଜା ସମ୍ମତ ହେବାରୁ ଯୋଗୀବର ମୃତସଞ୍ଜୀବନୀ ପ୍ରୟୋଗ କରି ଅମରଶିଖର କନ୍ୟାକୁ ବଞ୍ଚାଇ ଦେଲେ । ସୁନ୍ଦର ବର ଅବନୀମଣ୍ଡଳକୁ ସ୍ୱଦେଶକୁ ଫେରାଇଲେ । (୭ମ ଛାନ୍ଦ) । କଳ୍ପଲତା ମହାସମାରୋହରେ ନଗରକୁ ଫେରିଗଲେ । ଏଣୁ ଏକ କଳ୍ପଲତା ଜଣମଙ୍କୁ ଦେଇଥିବା କଣ୍ଠ (ଚୈତ୍ର ପୂର୍ଣ୍ଣିମୀ) ସୁରିଗଲା । କଳ୍ପଲତା ସହିତ ଅମରଶିଖରର ବିବାହ ଯଥାବିଧି ସମ୍ପାଦିତ ହେଲା ।

( ୮ମ, ୯ମ, ୧୦ମ ଛାନ୍ଦ )

କଳ୍ପଲତା ଓ ଅମରଶିଖର ଗ୍ରୀଷ୍ମଋତୁରେ ତାପ ଏଡ଼ାଇବା ପାଇଁ ଜଳକ୍ରୀଡ଼ାରେ ମାତିଲେ । ଏହି ସମୟରେ ନାଗକାମିନୀମାନେ ପୁଷ୍କରିଣୀ ଭିତରେ ରାଜକୁମାରଙ୍କୁ ଲୁଚାଇ ରଖିଲେ । କଳ୍ପଲତା ପତିଙ୍କୁ ହରାଇ ସତୀ ହେବା ପାଇଁ ସ୍ଥିର କଲେ । କାଳେ ନାଗକନ୍ୟାମାନେ କୁମାରଙ୍କୁ ଚୋରାଇ ନେଇଥିବେ ଏହି ଆଶଙ୍କାରେ ଅଠଦିନ ଅପେକ୍ଷା କରିବା ପାଇଁ କଳ୍ପଲତାଙ୍କୁ ସମସ୍ତେ ଅନୁରୋଧ କରିବାରୁ ସେ କୁଶାସନ କରି ସେପରି ଅପେକ୍ଷା କଲେ । (୧୧ଶ ଛାନ୍ଦ) । କଳ୍ପଲତାଙ୍କ ପିତା ଓ ଶ୍ୱଶୁରଙ୍କ ନଗରରେ ଏ ଦାରୁଣ ଦୁଃଖ ସମ୍ବାଦ ଲୋକଙ୍କୁ ଶୋକାକୁଳ କରିଦେଲା । କଳ୍ପଲତାର ସଖୀ ମଧ୍ୟ ତାଙ୍କ ସହିତ ମରିବା ସ୍ଥିର କରିବାରୁ ତାଙ୍କ ସ୍ୱାମୀ ମଧ୍ୟ ଦେହତ୍ୟାଗ କରିବା ସ୍ଥିର କଲେ । ଅଷ୍ଟମ ଦିବସ ଉପସ୍ଥିତ ହେବାରୁ ଚିତାଗ୍ନି ପ୍ରସ୍ତୁତ ହେଲା । ମଦନମଞ୍ଜରୀର ଦୁଇ ଜଣ ସଖୀ, ମଦନମଞ୍ଜରୀ ଓ କଳ୍ପଲତା ଚିତା ଉପରକୁ ଯିବା ପୂର୍ବରୁ ସ୍ନାନ କରିବା ଉଦ୍ଦେଶ୍ୟରେ ପୁଷ୍କରିଣୀ ଭିତରକୁ ଗଲେ । ସେମାନେ ପାଣି ଭିତରେ ପଶି ବୁଡ଼ିବାକ୍ଷଣି କୁମର ପାଣିରୁ ଉଠି ଆସି ପହୁଞ୍ଚିଲେ । ସେ କହୁଥିଲେ, ତାଙ୍କର ପୂର୍ବର ତୃଷ୍ଣା ଶେଷ ହୋଇନାହିଁ । କଳ୍ପଲତାର କିଛି ହେବା ଶଙ୍କାରୁ ଜାଣି ସେ ହାର ମାନିଲେ । ଲୋକେ କୁମରଙ୍କୁ ଦେଖି ଚକିତ ଓ ଆନନ୍ଦିତ ହେଲେ । କଳ୍ପଲତା ଓ ତାଙ୍କର ସଖୀମାନେ ପୁଷ୍କରିଣୀରୁ ଉଠି ଆସି ସ୍ୱପୁରକୁ ଗଲେ ।

"ନାଗୁଣୀ ଯେ କୁମରକୁ ହରି ନେଇଥିଲେ,
କୁମାରୀ ସକଳ ଶୁଣି ଛାଡ଼ିଦେଇ ଗଲେ ।"

କବି ଅର୍ଜ୍ଜୁନ ଦାସ ନିଜକୁ 'ରସିକ ସୋଦର' ବୋଲି ମଧ୍ୟ ପରିଚୟ ଦେଇଅଛନ୍ତି । ସେ କାବ୍ୟରସ ସୃଷ୍ଟିକରି ରସିକଜନମାନଙ୍କର ମନକୁ ଉଲ୍ଲାସ ଆନନ୍ଦ ଦାନ କରିଥିବାରୁ ତାଙ୍କର ଏହି ଦାବୀ ଯୁକ୍ତିଯୁକ୍ତ ।

ଏଥି ଅନନ୍ତରେ ଶୁଣ ଅପୂରୁବ ରସ
ରସିକ ସୋଦର ବୋଲେ ଅର୍ଜୁନ ଦାସ । ୨୫ । (ଶେଷ ଛାନ୍ଦ)

କଳ୍ପନାଭାବରେ ରସିକବନ୍ଧୁ ଶ୍ରୀ ଅର୍ଜ୍ଜୁନ ଦାସ କେତେଗୁଡ଼ିଏ ସୁନ୍ଦର ଛବି ଅଙ୍କନ କରିଅଛନ୍ତି ।

(୧) ମଦନମଞ୍ଜରୀର ଆଗ       ଯିବେ ତୋର ଅନୁରାଗ
ଯେବେକାନ୍ତ ହୋଇଣ ତାକୁ କହିବ ବସି,
ରୁ ତାହା କେମନ୍ତେ ଜାଣି       ପଡ଼ୁ ଆନ୍ଦେ ଲୁଚ ଶୁଣି
ଆଖି ବୁଲି ଦୃଷ୍ଟି ଆ.ଶେଷ ଛାଡ଼ିଲୁ ହସି ।
ଲଟକ ମୁଣ୍ଡି କଷ୍ଟେ ତୋତେ
ଆଲିଙ୍ଗନ କରି ଭୁଜ ବାନ୍ଧିଲୁ ମୋତେ । ୨୪ । (୧୧ଶ ଛାଃ)

(୨) ଅପଣେ ମଦନମଞ୍ଜରୀ       ଆସି ହସ୍ତ ହୋଇ
ବେନି ପାଦୁକରେ ଶେଷ ସୀମନ୍ତିନୀ ଦୁଇ । ୩୨ ।
ମଣିରେ କନକଲତା ମୁକୁତ କରେଥିବା
ଚନ୍ଦ୍ର ଭଳି ଅଧର କି ରଞ୍ଜନ ହସାସ । ୩୩ । (ଶେଷ ଛାନ୍ଦ)

(୩) ଜିଣି ରାଜା କୁମାର       ବଳଦ୍ୱାର ଭୁଜ ଧରି
ତୋହା ଯୋଡ଼ଶ୍ୱ କୁନ୍ଦଳ ହୋଇଲେ ଭିଡ଼ି,
ହେଙ୍କ ଯତ୍ନ ପଣବାସ       ଆଲିଙ୍ଗ ସୁନ୍ଦର ଧରି
କୁମୁଦ (କମଳ) ବନେଶ ଯେତେକ୍ଷ ଆଦିତ୍ୟ ଦେଖି
ରଥ ଶଙ୍କ କାମ କି କେତେଲ
ହସ୍ତୀମାନେ ରଥୀକର ପଡ଼ିଲେ ଜଳେ । ୯ ।

ଭୁଜଙ୍ଗ କମଳ ଦଳ   ମଧୁପଗଣ ବନ୍ଧନ
ମତ୍ତ ମଧୁପାନେ ମତ୍ତ ଭୁଜଙ୍ଗ ଭଲେ
କୁମାରୀ-ମୁଖ-କମଳ   ମଧୁରସ ପରିମଳ
କଳପଲ୍ଲତା ବନ୍ଧନ ବେଢ଼ି ଉଡ଼ିଲେ,
ଅବାରେ କୁରଙ୍ଗୀ ଲୋଚନା,
କୁସୁମ କୁସୁମ ଶର ଝଳୁର ଦେନ । ୧୦ ।

କରନ୍ତି ବେଶ ନାନାବେଳ   କୁମର ସଙ୍କେତ ଦାଲୀ
ଭୃଙ୍ଗପାନ୍ତେ ମୁକୁଳିତ କଦେବ ଶୋଭା
ବସ୍ତ୍ରାଗରୁ ଅଳକାବଳ   ଚଞ୍ଚଳ ସଜଳ କୁଳ
ଉଜଳ ଫଂଡିକାଳ ବେଶ ବଦାନ ଶୋଭା;
ପରିମଳ ଫେଡ଼ନ୍ତି ପିନ୍ଧି
ସବୁ ମନ୍ଦାରେଣ ଉଡ଼ି ପଣତ ବାନ୍ଧ । ୧୧ ।

ଭୃଙ୍ଗଣ ଧାନ୍ତେ କୁମାରୀ   ମଣିମା ଡାକନ୍ତି ନାରୀ
ଅଧର ଦଂଶେକ ଯେତେଲେ ବକୁଳ କାନ୍ତି
କୁଳରେ ଯେତେକ ଦାସୀ   ଅନଙ୍ଗେଣ ଉଦ୍ଧ ନାସ୍ତି
ଦେହ କମ୍ପି ପାଦୁକ୍ୟରେ ବିକାର ହୋନ୍ତି
ଏପନକ ସମସ୍ତ ଦେବେ
କପଟେ ନାଗ କୁମାରୀ ବୋଲନ୍ତି କଲେ । ୧୨ । (୧୧ଶ ଛାନ୍ଦ)

(୪) ନୃତ୍ୟକାରୀ ସୁରେଖାର ନୃତ୍ୟକାଳୀନ ଶୋଭାକୁ ବର୍ଣ୍ଣନା କରୁଛି—

ବିଷ୍ଣୁରଥ କିସ କରନ୍ତି, ଯା ଦେଖିଲେ ଜନ୍ମେ ମଦନ,
ସ୍ୱେଦବିନ୍ଦୁ ଥିବ ସୁନ୍ଦର ମୁଖେ, ନୃତ୍ୟ ବେଳେ କରୁଥିବ କୌତୁକେ ॥
ମୁଦିତେ କିଳନ୍ତେ ଲୋଭାଇ, ମୋହିତ ଜମ୍ପି ମନ ଥାଇ,
ଯିଏ ଉଚ କୁଞ୍ଚିତ ଅଳ, ମଦନ ସ୍ୱର୍ଣ୍ଣର ମନ୍ଦର ॥

ମଥୁରକ ତାର ଘୂଳିବା ଠାଣି, ଦେଖିଲେ ସୃଷ୍ଟି ହୋଏ ହାଣି,
ଅଳପ ହୁସିବାର ଛନ୍ଦ, ଦଶନ ବିଜୁଳୀର କାନ୍ତି ॥

ବାଙ୍କେ ବାଙ୍କେ ଝୁଣ୍ଟିବା ତାର, କେ ଅଛି ନୋହିବ କାତର,
ତାହାକୁ କପାଂ ଭକ୍ତିଲ, ମରିବା ଡରେଣ ରହିଲ ॥ (୧ମ ଛାନ୍ଦ)

(୫) ନାୟିକା ଶୋଭା ବର୍ଣ୍ଣନାରେ କେତେକ ଅଳଙ୍କାରର ପ୍ରୟୋଗ ହୋଇ ନଥିଲେ ମଧ୍ୟ ବଡ଼ ଚିତ୍ତାକର୍ଷକ ହୋଇଛି । ବର୍ଣ୍ଣନାଟି ସଂକ୍ଷିପ୍ତ ହେଲେ ମଧ୍ୟ ରସ ଉଦ୍ଦୀପନରେ ବ୍ୟାଘାତ ଘଟାଇ ନାହିଁ । ଉତ୍କଟ ଆଡ଼ମ୍ବରହୀନ ବର୍ଣ୍ଣନାର ଅଭାବ ଯୋଗୁଁ ଏଥିକି ସ୍ୱଭାବଚିତ୍ରର ଦେଖାଯାଉଛି ।

ଜଗତମୋହନା ଶିରୋମଣୀ ଏକ ସୁଲକ୍ଷଣୀ ବାମା
ସକଳ ଗୁଣେ ଗୁଣେନ୍ଦ୍ର ଆନ ଦେଇ ନାହିଁ ଉପମା ।
କୁମାର ପୂର୍ଣ୍ଣିମୀ ଶଶଧର ପ୍ରସନ୍ନ ବଦନ କାନ୍ତି
କୁରଙ୍ଗୀନୟନ କଟାକ୍ଷକୁ ସୁଷମା ଏକ ଭ୍ରାନ୍ତି ।
ସୁଗନ୍ଧି ମଧୁର କୁନ୍ତଳେ ଭ୍ରମିତା ମଧୁପ ପନ୍ତି
କପୋଳ ମଦନଫଳ ଗୋ ସେ କସ୍ତୁରୀ ତିଳେକ କାନ୍ତି ।
ସୁନାସା କୁଟିଳ କଟାକ୍ଷ ନଳା ମନସିଜର ଦ୍ରୋଣନାଳା
ସୁରଙ୍ଗ ଅଧର ବନ୍ଧୁଲିଫୁଲ କୌମୁଦୀ ଦନ୍ତ ସୁରୁଚି ।
କହିଲ ବେନେ ମୃଦୁ-ସଙ୍ଗିତ ମଧୁର ପିକର ବାଣୀ
କନକ କଳସ କମଣ୍ଡଳୁ ଜିଣିଲ ମଧୁପ ଶ୍ରେଣୀ ।
ଗଜାପଲିତା ଶାଖାଲ୍ଲୁକ-ଦେଳ-ମଧ୍ୟ କେଶସ୍ଥଠାଣି
ନିତମ୍ବ ମଦନ ସିଂହାସନ ତ୍ରିଭୁବନସାର ଜଙ୍ଘୁଣୀ ।
ଗମନ ମତ୍ତବାରଣ ଚରଣ ସ୍ଥଳକମଳ
କନକ କଦଳୀ ଜାନୁ ଦେଖ ବାଢ଼େ ବାଳେଣୀ ସରଳ । (୩ୟ ଛାନ୍ଦ)

(୬) ଭବାନନ୍ଦଙ୍କର କନ୍ୟା ମଦନମଞ୍ଜରୀର ବେଶ ମଧ୍ୟ ଦୁଇପଦରେ କବି ବର୍ଣ୍ଣନା କରିଛନ୍ତି:—

ମଦନମନ୍ତ୍ରିକୁ ସ୍ନାନ କରି ଏଣୁ ମତ,
ଶ୍ରୀଅଙ୍ଗ ପୋଛିଣ ଦିବ୍ୟ ଦୁକୂଳ ପିନ୍ଧାନ୍ତି ।
ଝଟଣୀର ବାସ୍ପେ ଶୁଖାଇଲେ ସୁରୁ କେଶ,
ମଙ୍ଗଳ ଗୀତ ବାମେନା ଗାଆନ୍ତି ଦୁଇପାଶ ହେ ।
ସୁଗନ୍ଧ ଔଷଧ ଫୁଟିଲେ କବେଶ୍ୟା ଟୋପିଲେ
ଜଟକଣି ଚାମରର ଶରଣ ପଶିଲେ ହେ ।
ମଣ୍ଡିଲେ ମୁକୁତା ଜାଲି କବେସ୍ଥଳ ବେଢ଼ି
ବଦନଚନ୍ଦ୍ରକୁ କି ଘେରି ତାରକା ବେଢ଼ି ହେ ।
ମୁକୁତା ସୀମନ୍ତି ଚଢା ମଣିମସ୍ତ ରାଗ
ଅଧର ପାଇଲା କମ୍ପ କେଳେ ଶୋଭ ନାଗ ହେ ।
ଶୃତ୍ୟସୁର ତାଙ୍କ ତପନ ତସ୍ୱାହ
ମୁନିଜନ ମଦନ୍ମୁଖ ପାଶଧ୍ୱର ପାଶ ହେ ।
ତିଳଫୁଲ ନାସାରେ ଲୁଲିଲି ଗଜମୋତି
ସୁଧାକର ଭିତରେ କି ସୁରଙ୍ଗର ଜ୍ୟୋତି ହେ ।
ବଢ଼ୋଇଲେ କସ୍ତୁରୀ ଚିତା ମନୋହର ଦଶି
ସମ୍ପୂର୍ଣ୍ଣ ଶଶୀପଇ ଶେଷେ ପଞ୍ଚମୀ ଶଶି ହେ ।
ମକରାକୃତି ଅବତଂସ ଗନ୍ଧୀବର ଫୁଲ
କଅଁଳି ହୋଇଲା ଦୁଇ କସ୍ତୁନର ତୁଳ ହେ ।
କମ୍ବୁକଣ୍ଠେ କୁବଳୟା ଫଳ କଣ୍ଠିମାଳ
ଶୋଭିତ ଯେ ନୀଳବାସ ଘେରି ଗଙ୍ଗାଜଳ ହେ ।
ଝଡ ଘନ କଠିନ କୋମଳ ପନ ସ୍ତନ
ସୁର ଦିଶ ମୁନିଜନ ବନ୍ଦୀ ହୋଇବେ ମନ ହେ ।
କମଳ ମୃଣାଳ ଭରେ କଙ୍କଣ ବଗରେ
ଦାଶିତର ବନ୍ଦସୁନ୍ଦର ଧନଦର ଗନ୍ତେ ହେ ।
କଟୀରେ ମେଖଳୀ ନାକରେ ଚନ୍ଦ୍ରକାନ୍ତ ମଣି
କାମଦେବ ଅଭ୍ୟନ୍ତର ସିଂହାସନ ପେଣ ହେ ।
ଶ୍ରୀ ପାଦରେ ନେପୁର ପାଶୁଡ଼ି ଭଲେ କଷ
ସୁବେଶୀ ସାଜିଲେ ଦୁଇ ସଖୀଙ୍କି ତତ୍ପର ହେ । (୯ମ ଛାନ୍ଦ)

(୭) ଅଳ୍ପ ପଦରେ ମକରନ୍ଦ ବନର ଶୋଭାକୁ କବି ମନୋରମ ଭାବରେ ଚିତ୍ରଣ କରିଅଛନ୍ତି ।

ଶୁଣ ନରପୁଙ୍ଗବ ରସିକ ଜନ, ମଣ୍ଡାଳ ଦେଶେ ମକରନ୍ଦ ବନ ।
ମଧୁରଜନ୍ତି ବୋଲି ନାମ ମଧୁମା, ଯହିଁରେ କ୍ରୀଡ଼ା କରନ୍ତି ସୁରବାମା ।
ନୃପେଲିଶ ପାରିଜାତକ କୁସୁମ, ଜନ୍ମିଲା କୁଙ୍କୁମ ଗନ୍ଧ ଉତ୍ତମେ ।
ଏହି ନନ୍ଦନତୁଲେ ମକରନ୍ଦ ବନ, ପିଢ଼ିବନ୍ଧୁ ଦେନି ବସନ୍ତ ମଦନ ।
ମନ୍ଦ ମନ୍ଦ ଶୀତ ବହନ୍ତେ ପବନ, ବିବିଧ ଫୁଲରେ ସୁବାସ ସେନ ।
କୋକିଳକୁଳ କୋଳାହଳ ଧୁନି, ଯହିଁ ସେ ଜନ ମୁଗ୍ଧବନ୍ତି ମୁନି ।
( ୨ୟ ଛାନ୍ଦ )

(୮) ନୃତ୍ୟରୀତି—ନୃତ୍ୟକାରର ବେଶ ଓ ନୃତ୍ୟାରମ୍ଭ ପୂର୍ବରୁ ଔଚିତ୍ୟ ବିଷୟ କବି ଅଳ୍ପ ପଦରେ ସୁନ୍ଦର ଭାବରେ ବ୍ୟକ୍ତ କରିଅଛନ୍ତି । ଉପଯୁକ୍ତ ବେଶ ଭୂଷଣ ହୋଇ, ମୁଖରେ ସୁବାସ ଖାଇ, ନୃତ୍ୟଭୂମିରେ ନର୍ତ୍ତକୀ ପ୍ରବେଶ ହୁଏ । ପ୍ରଥମେ ସଙ୍ଗୀତ ବାଦ୍ୟଗୁଡ଼ିକୁ ଛୁଇଁ ପ୍ରଣାମ କରି ସଭାସଦ୍‌ମାନଙ୍କୁ ଓଳଗି ହୁଏ ।

କଣ୍ଠରେ କୁସୁମ ମାଳୀ, କର୍ପୂର ଚନ୍ଦନ ଚାମଲୀ
ଦକ୍ଷିଣ ଦେବାଙ୍କ ବାସ, କୁସୁମେ ଶୋଭିତ ଚାରୁ କେଶ ।
ମୁକୁତା କାନ୍ଥିଆଁ ଲଇ, କର୍ପୂର ନାଗବଲ୍ଲୀ ଖାଇ
ମୁଖରୁ ବାହାର ହୋଇଲା, ସଙ୍ଗୀତ ପାଙ୍ଗଣ ମିଳିଲା ।
ବାଜନ୍ତ ମର୍ଦ୍ଦଳ ଘାତ, ରଞ୍ଜିତ ମୂଳୀଙ୍କ ଚରିତ
ଚରଣେ ଲାଗନ୍ତି, ନୃତ୍ୟରେ ପଶିପାରି ପଣ ।
ଶୁଣିଣ ସୁରେଖା ଧାଇଁଲା, ମର୍ଦ୍ଦଳ ବାଦରେ ହୋଇଲା ।
ସଙ୍ଗୀତ ବାଦ୍ୟକୁ ଛୁଇଁ, ସଭାକୁ ଓଳଗି ମେଲଇ । (୮ମ ଛ

କବି ଋତୁ ଭେଦରେ ବସନ୍ତ ଓ ଗ୍ରୀଷ୍ମର ବର୍ଣ୍ଣନା ଅତି ସଂକ୍ଷେପରେ କରିଅଛନ୍ତି ।

ବିରହ ବିଚ୍ଛେଦର ବର୍ଣ୍ଣନା କରିବା ପାଇଁ କବି ଉପଯୁକ୍ତ କ୍ଷେତ୍ର ସୃଷ୍ଟି କରିପାରି ନାହାନ୍ତି । କାରଣ ବିଷୟବସ୍ତୁର ଗଠନରେ ବିରାମ ଲଗି ନଥିବାରୁ

ସେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଯେଉଁ ସାମାନ୍ୟ ବର୍ଣ୍ଣନା କରିଛନ୍ତି ତାହା ବିଚ୍ଛିନ୍ନ ହେବାରୁ ବର୍ଣ୍ଣିତ ହୋଇନାହିଁ ।

ନାୟକ ଓ ନାୟିକା ରାଜପରିବାରର ଥିବାରୁ ରାଜାମାନଙ୍କ ମଠ, ବିବାହ, ବିବାହ ନିମନ୍ତ୍ରଣ, ପାଲଟଣା, ଦେଖାଙ୍କ, ଆନନ୍ଦରେ ହାଟଜୁର ପ୍ରଭୃତି ବିଷୟ ବର୍ଣ୍ଣନା କରିଛନ୍ତି । ବିଶେଷ ଅଳଂକାର ମଧ୍ୟ ରାଜପରିବାରର । ରାଜପରିବାରର ଦାସମାନଙ୍କର ନାମ ସେ ବହୁ ସ୍ଥାନରେ ଉଲ୍ଲେଖ କରିଛନ୍ତି ।

ପୁଷ୍କରିଣୀ, ଉପବନ, ବନ ପ୍ରଭୃତି ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ଅତି ବିସ୍ତୃତ ନହେଲେ ମଧ୍ୟ ଭାବର କଳେବର ଅନୁପାତରେ ନ୍ୟୁନ ହୋଇ ନାହିଁ,—କବିତାର ମାଧୁର୍ଯ୍ୟ ଏଥିରେ ପ୍ରସ୍ଫୁଟିତ ହୋଇଛି ।

## ରାଜନବରର କେତେକ ଚିତ୍ରାବଳୀ—

(୧) ଚଉପଟ ବାଜିବା ଖେଳ—

ଇନ୍ଦ୍ର ଗୋବିନ୍ଦ ପାଟ...ଶ୍ରବଣ ରତ୍ନ ଜନ୍ତ୍ରୀ
ସୁରଙ୍ଗ ପାଟ ଡୋରରେ ବାନ୍ଧି ଚନ୍ଦନେ ମୁଦ୍ରା ପାନ୍ତ୍ରି ।

(୨) କେତେକ ବିଶିଷ୍ଟ ଅର୍ଥରେ ବ୍ୟବହୃତ ଶବ୍ଦ:—ଠାକୁର—ରାଜା, ଟୀକା—ବିବାହ, ପାଟବଂଶୀ—ଉଚ୍ଚବଂଶୀ, ଗୁମ୍ଫ—ରାଜା, ଗୁମ୍ଫରେ—ରାଜାଙ୍କ ଠାରେ, ଅଙ୍କ—ଆଦେଶ, ସ୍ୱାର୍ଥସିଦ୍ଧି—ସ୍ୱାର୍ଥଭକ୍ତି, ରାଜେ—ରାଜା, ଅବକାଶ, ବଡ଼ ଅବକାଶ—ଶୀତଳ ମନୋହର ପ୍ରଭୃତି । ମନଶାନ୍ତି—ଭୋଜନ, ପଲ୍ଲଙ୍କ—ନିଦ୍ରା, ବିଜୟ—ବିଜେ, ବସିବା, ଉପସ୍ଥିତ, ପ୍ରସ୍ଥାନ ପ୍ରଭୃତି । ଶ୍ରୀଅଙ୍ଗ—ରାଜାଙ୍କ ଶରୀର, ଅପସ୍ମୃତି—ଶଯ୍ୟାତ୍ୟାଗ ଇତ୍ୟାଦି ।

(୩) କେତେକ ବ୍ୟବହାର:—ପାଣିଦ୍ୱାର ବାଟେ ନିମନ୍ତ୍ରିତ ବ୍ୟକ୍ତି ପ୍ରବେଶ ହେବା । ପଶ୍ଚିମଦ୍ୱାର ବାଟେ ନବରଙ୍ଗ ଶବ ବାହାର କରିବା । ଅଭିଷିକ୍ତ ହେଲାକୁ ରାଜା ନିଜ ସିଂହାସନରେ ବସାଇବା । ରାଜବାଟରେ ହାଟଜୁର କରିବା ଓ ରାଜକୋଷରୁ ଯାହାର ଯାହା ଯାଇଛି ତାହା ପୂରଣ କରିବା । ବରକୁ କନକ ସ୍ନାନ କରାଇବା । ନିଉଛାଳି ପକାଇ ରାଜାଙ୍କୁ ଦର୍ଶନ କରିବା । ଚନ୍ଦ୍ରଶାଳାପୁରି—ନଅରର ଅଂଶବିଶେଷ ।

ଶବ୍ଦ ବ୍ୟବହାରରେ ବିଶେଷତ୍ୱ:—'କଳ୍ପଲତା'ରେ ଅନୁଲ୍ଲିଖିତ କେତେଗୋଟି ବିଶେଷତ୍ୱ ଶବ୍ଦର ଆକାରରେ ଦେଖାଯାଏ । ସମ୍ବନ୍ଧରେ ମଧ୍ୟ ଏହିପରି ବିଶେଷତ୍ୱ କେତେକାଂଶରେ ଦେଖାଯାଏ ।

(୧) ଶବ୍ଦର ଆଦ୍ୟରେ ବା ମଧ୍ୟରେ ଥିବା 'ଉ' ସ୍ୱର ସ୍ଥାନରେ 'ଓ':—
ପୁସ୍ତକା—ପୋସ୍ତକା, ଖୁଣି—ଖୋଣି, ପାଲୁଡ଼ି—ପାଲୋଡ଼ି, ଦୁଏ—ଦୋଏ ।

(୨) ଦ୍ୱିବର୍ଣ୍ଣ—ଶବ୍ଦର ମଧ୍ୟମ ବର୍ଣ୍ଣର ବା ଶେଷ ବର୍ଣ୍ଣର ସ୍ୱର 'ଅ' ବା ଇ ସ୍ଥାନରେ 'ଏ':—
(ଅ) କଣ୍ଟକ—କଣ୍ଟେକ, ମାଧବ—ମାଧେବ, ମାଳବ—ମାଳେବ ।
(ଇ) କାମିନୀ—କାମେଣୀ, ସୁନ୍ଦରି—ସୁନ୍ଦେରି, କବରି—କବେରି ।

(୩) ଅକାର ସ୍ଥାନରେ ଓକାର:—ମଣ୍ଡପ—ମଣ୍ଡୋପ ।

(୪) ଏ ସ୍ଥାନରେ ଯେ:—ଏତେ—ଯେତେ, ଏକ—ଯେକ, ଏବେ—ଯେବେ ।

(୫) ଏକାର ସ୍ଥାନରେ ଯେ:—ଆଦେ—ଅଦ୍ୟେ, ପାଦେ—ପାଦ୍ୟେ, ଯାଏ—ଯାୟେ ।

(୬) ଋକାର ଯୁକ୍ତବର୍ଣ୍ଣର ଋକାରର ସ୍ଥାନ ପରିବର୍ତ୍ତନ:—
ଦର୍ଶନ—ଦ୍ରୁଶନ, ଧୂମ୍ର—ଧ୍ରୁମ ।

(୭) ଷ ସ୍ଥାନରେ ଖ:—ବରଷନ୍ତି—ବରଖନ୍ତି ।

(୮) କ୍ଷ ସ୍ଥାନରେ ଷ:—କାଙ୍କ୍ଷୀ—କାଙ୍ଷୀ, ଅପକ୍ଷଯ (ଅପ୍ୟକ୍ଷ)—ଅପଷଯ, ବରିକ୍ଷଣ—ବରିଷଣ । (କ୍ଷ ର ବ୍ୟବହାର ମଧ୍ୟ ଅଛି) ।

(୯) ତ ସ୍ଥାନରେ ଥ:—ଭରତ—ଭରଥ, ଘାତ—ଘାଥ, ଭ୍ରାତା—ଭ୍ରାଥା ।

(୧୦) ମ ସ୍ଥାନରେ ବ:—ନରମଣି—ନରବଣି ।
ବ ସ୍ଥାନରେ ମ:—ଜାଣିବା—ଜାଣିମା ।

(୧୧) ସମାପିକା କ୍ରିୟାରେ ସ୍ୱାର୍ଥରେ କ ପ୍ରୟୋଗ:—ପଢ଼ିଲକ(ପଢ଼ିଲା), ଦେଲକ (ଦେଲା), ଶୋଭିଲକ (ଶୋଭିଲା) ।

(୧୨) ବହୁବଚନରେ ନ୍ତୁ ପ୍ରତ୍ୟୟ :—ବାଦ୍ୟନ୍ତୁ, ଗାଇକନ୍ତୁ, ଛାଏନ୍ତୁ, ବାଉକନ୍ତୁ ।

(୧୩) ଝିସ ଝିସ, ଢେମଳ, ବାଦ୍ୟନ୍ତୁ ପ୍ରଭୃତି ପ୍ରାଚୀନ ପ୍ରୟୋଗ ।

(୧୪) 'ଘ'କାର ସ୍ଥାନରେ 'ଧ'କାର :—ଦ୍ୟବସ୍ଥା—ବେବସ୍ଥା, ବ୍ୟଞ୍ଜନ—ବେଞ୍ଜନ ।

(୧୫) ଶବ୍ଦ ଅନ୍ତସ୍ଥିତ 'ଷ' ସ୍ଥାନରେ 'ଖ' :—ବକ୍ଷ—ବକ୍ଷ୍ୟ, ବଳକ୍ଷ ।

(୧୬) କେତେକ ଶବ୍ଦ ମଧ୍ୟରେ ଯୁକ୍ତ ଅକ୍ଷର :—ସ୍ନାନ—ସ୍ତ୍ରାହ୍ନାନ (ସ୍ନାହ୍ନାନ), ଅମାତ୍ୟ—ଅମାଦାତ୍ୟ, ଶାପ—ଶାପ୍ୟ ।

(୧୭) ଦୂତ—ଦ୍ରୁତ, ନୃପତି—ନୃର୍ପତି ।

(୧୮) ଅନୁଜ୍ଞା ଦ୍ୱିତୀୟ ପୁରୁଷରେ ସି ପ୍ରତ୍ୟୟ :—ଯାସି, ଦେଖୁସି ।

(୧୯) କ୍ରିୟା ପଦରେ (ଶିକନ୍ତୁ) ବନ୍ତୁ ପ୍ରୟୋଗ :—କହ୍ବନ୍ତୁ, ଖ୍ୟାବନ୍ତୁ ।

କବିଙ୍କ ନାୟକ ଓ ନାୟିକା ପୂର୍ବ ଜନ୍ମରେ ସ୍ୱର୍ଗର ଗନ୍ଧର୍ବ ଓ ଅପ୍ସରା ଥିଲେ । ଇନ୍ଦ୍ରଙ୍କ ଶାପ ଫଳରୁ ମର୍ତ୍ତ୍ୟରେ ଜନ୍ମଲାଭ କଲେ । କିଛିକାଳ ମର୍ତ୍ତ୍ୟରେ ଲୀଳା କରି ଶାପରୁ ମୁକ୍ତ ହୋଇ ପୁଣି ସ୍ୱର୍ଗକୁ ଫେରିଗଲେ । ଏଥିରେ ନାୟକ ଓ ନାୟିକାଙ୍କ ଜନ୍ମ ଓ ଯୌବନାବସ୍ଥାର ଉଲ୍ଲେଖ ଅଛି । ବାଲ୍ୟଲୀଳାର ବର୍ଣ୍ଣନା ନାହିଁ । ଚିତ୍ରପଟ ମାଧ୍ୟମରେ ନାୟକ ଓ ନାୟିକା ଉଭୟେ ଉଭୟ ପ୍ରତି ଆକୃଷ୍ଟ ହେଲେ । ଦୁହେଁ ସ୍ୱର୍ଗର ଲୋକ ହୋଇଥିବାରୁ କାତରତା ହୋଇଥିବା ତ ଅନୁଚିତ ନୁହେଁ, କାରଣ ସ୍ୱର୍ଗରେ ଇନ୍ଦ୍ର ଏମାନଙ୍କର ଶାପମୋଚନର ଉପାୟ କହିଲା ବେଳେ ଏମାନେ ମର୍ତ୍ତ୍ୟରେ କେଉଁଠାରେ ଓ କି କି ନାମ ଧାରଣ କରିବେ ତାହା ମଧ୍ୟ କହିଦେଇଥିଲେ । ଏହି କାରଣରୁ ଦୁହେଁ ଦୁହିଙ୍କ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ ହୋଇଥିବାରୁ ପ୍ରେମ କାହାଣୀର କ୍ରମବିକାଶର ଗତି ମନ୍ଥର ଦେଖାଯାଏ ଏବଂ ପ୍ରେମର ବିଭିନ୍ନ ସ୍ତରର 'ଚେଷ୍ଟାଚରିତ'ରେ ସମ୍ୟକ୍ ପ୍ରକାଶ ମଧ୍ୟ ଘଟି ପାରି ନାହିଁ । ପ୍ରେମିକ ପ୍ରେମିକାଙ୍କ ଉଦ୍ଦାତ୍ତ ଗଭୀରତାର ସ୍ପର୍ଶରେ ଅତି ପ୍ରକୃତ ମଧୁମୟ ଧାରାଟି ଦିବା ଦୃଶ୍ୟ କଥ ଅଙ୍କନ କରିପାରି ନାହାନ୍ତି ।

କାଳ୍ପନିକ କାବ୍ୟ ହିସାବରେ 'କଳ୍ପଲତା'ର ବିଶିଷ୍ଟ ସ୍ଥାନ ରହିଛି । ପୂର୍ବରୁ କାଳ୍ପନିକ କାବ୍ୟର ସଂଖ୍ୟା କେତେ ଥିଲା ତାହା ଜାଣିବା ସମ୍ଭବ ନାହିଁ; କାରଣ ବହୁ ଗ୍ରନ୍ଥ ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ ରହିଛି । ପ୍ରକାଶିତ ଓ ଅପ୍ରକାଶିତ ଗ୍ରନ୍ଥମାନଙ୍କ ଭିତରେ 'କଳ୍ପଲତା' କାଳ୍ପନିକ କାବ୍ୟ ଭିତରେ ଏକ ପ୍ରଧାନ କାବ୍ୟ । ଅର୍ଜୁନ ଦାସଙ୍କ 'କଳ୍ପଲତା' ଓ ନରସିଂହ ସେଣଙ୍କ 'ପରିମଳା' ପ୍ରାଚୀନତମ କାଳ୍ପନିକ କାବ୍ୟ; ଏ ଦୁହିଁଙ୍କ ମଧ୍ୟରେ 'କଳ୍ପଲତା' ପ୍ରାଚୀନତର ବୋଲି ମନେ ହୁଏ । କାବ୍ୟ ହିସାବରେ 'କଳ୍ପଲତା' ଅପେକ୍ଷା 'ପରିମଳା' ହିଁ ଶ୍ରେଷ୍ଠତର ।

'କଳ୍ପଲତା'ର କଥାବସ୍ତୁର ପରିକଳ୍ପନା ଏ ଧରଣର ପରବର୍ତ୍ତୀ କାବ୍ୟମାନଙ୍କରେ ମଧ୍ୟ ଦେଖାଯାଏ । 'ପରିମଳା' କାବ୍ୟର କଥାବସ୍ତୁର ପରିକଳ୍ପନା ମଧ୍ୟ 'କଳ୍ପଲତା' ସଦୃଶ । କିନ୍ତୁ ପରିମଳା କାବ୍ୟରେ ଏହା ଶୋଭନ ଭାବରେ ବସ୍ତୁ ସଜାଡ଼ି ସର୍ବାଙ୍ଗସୁନ୍ଦର ହୋଇଛି ଏବଂ ଏକ ମନୋଜ୍ଞ କାବ୍ୟକଳନା ସୃଷ୍ଟି କରିଛି ।

## ରାମ-ବିଭା

ଅର୍ଜୁନ ଦାସଙ୍କ "ରାମବିଭା" ଗୋଟିଏ ଜନପ୍ରିୟ କାବ୍ୟ । ଏଥିରେ ବିଶ୍ୱାମିତ୍ରଙ୍କ ଜନ୍ମବୃତ୍ତାନ୍ତରୁ ଆରମ୍ଭକରି ତାଡ଼କାବଧ, ଅହଲ୍ୟାଶାପମୋଚନ, ବାଳିସୁଗ୍ରୀବ ଓ ହନୁମାନଙ୍କର ଜନ୍ମବୃତ୍ତାନ୍ତ, ସୀତାପରିଣୟ, ପରଶୁରାମ-ଦର୍ପଭଙ୍ଗ ବର୍ଣ୍ଣିତ ହୋଇଛି । କାବ୍ୟଟି ଦ୍ୱାଦଶ ଛାନ୍ଦରେ ବିଭକ୍ତ ରାଗ-ରାଗିଣୀରେ ଲିଖିତ ।

ଅର୍ଜୁନ ଦାସ ଶ୍ରୀରାମଚନ୍ଦ୍ରଙ୍କୁ ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥଙ୍କଠାରୁ ଅଭିନ୍ନ ମନେ କରି ତାଙ୍କର ଚରିତ ବର୍ଣ୍ଣନା କରିଛନ୍ତି । ରାମଚନ୍ଦ୍ରଙ୍କ ଦୈନନ୍ଦିନ ଗତି ବର୍ଣ୍ଣନା କଲାବେଳେ କବି ବଡ଼ଦେଉଳର ନୀତିକାନ୍ତିକ ବଡ଼ ସୁନ୍ଦର ଭାବରେ ମିଶାଇଛନ୍ତି । ରାମଚନ୍ଦ୍ରଙ୍କ ଆଗମନ-ଅବକାଶ ଓ ଜଗନ୍ନାଥ ମନ୍ଦିରର ଆଗମନ-ଅବକାଶ ଏକ ପ୍ରକାରର । ମିଥିଳାପୁରକୁ

ଦଶରଥଙ୍କ ଶାସନର ବର୍ଣ୍ଣନା ଓଡ଼ିଆ ରାଜାଙ୍କ ଶାସନର ବର୍ଣ୍ଣନା ପରି ହୋଇଛି । ୯ ଦୃଶ୍ୟଟି ଓଡ଼ିଆ ଦେଶରେ ଅଭିନୀତ ହେଉଥିଲା ପରି ଜଣାଯାଏ—

ବୋଲନ୍ତି ସେ ମହାଦ୍ୟୁତି          ପାଦ ସେବ୍ୟକଣେ ବସି
ବଶିଷ୍ଠ ଦୂତଙ୍କୁ ଧନ ବସନ ଦେଲେ,
ଭରତ ମାତୁଳ ପାଇଁ          ଯତ୍ନ ପରବାରେ ଥାଇ
ସେ ସାହାରେ ଖତ ବରତନ ସେ ନେଲେ;
ବସୁଦେଶ ମାତ୍ରେଳୁ ବେନି,
ବଶିଷ୍ଠେ ଆପଣେ ଦେଲେ ଦୂଅନୁକୂଳ । ୧ ।

ରାତ୍ରେ ଅବକାଶ ହୋଇ          ଅମଳାତ୍ୟଗଣ ଯାଇ
ଯତ୍ନରେ ସେବେ ବଇଠାଇ କରିବା,
ଦେଖାଇଲ କି ଅନୁକୂଳ          ଧନ ଜନ ସବୁ ବଳ
ମନ କି ରଞ୍ଜନ ବେଗ ହୋଇଣ ଥିବା;
ଦେଖିବାକୁ ଶ୍ରୀରାମ ମୁଖ,
ତେବେ ସେ ଗୁଡ଼ିବ ଆମ୍ଭ ସକଳ ଦୁଃଖ । ୨ ।

ହସ୍ତୀମାନ ତ ଲକ୍ଷ          ଛତ୍ର ଘଣ୍ଟା ମୁଦ ଦେଇ
ବେଢ଼େରେ ଶୃଙ୍ଖଳିଅଙ୍କର ଦ୍ୱାରେ ଦେଲେ,
ଦଣ୍ଡପାଟ ମୁକୁଲ ବାଟ          ଘଣ୍ଟଧ୍ୱନି ନବରେ ଘାଟ
ସେ ସାହାରେ ଶଳ ହୋଇ ଆସ ବୋଇଲେ;
ଲୋକେ କଟନାଇ କାଟିଲେ,
ଘରଘର ନାଚୁଣୀ ଲୋକ ବଟୁଆ କାଟିଲେ । ୩ ।

ସେ ସାହାରେ ଶାଢ଼ିଘର          ନାନା ଜାତି ବେଶବାଡ଼
ସାହାଣେ ସେ ଶଳ କଲେ ଗ୍ରାମଗ୍ରାମମାନେ,
ଯମଳ କମଳ ପୂଜା          ଯୋଗାଏ ଲୋକ ଲୋକଙ୍କ
ଝିଅଇ ଦେଖନ୍ତେ ତାହା ଭିତର ଜନେ;

### ଜନକରାଜ ସ୍ତୁତି

### ଶ୍ରୀରାମଙ୍କୁ ଦେଖିବା ସକଳ ଲୋକ । ୪ । (୧ମ ଛାନ୍ଦ)

କୌଶଲ୍ୟାଙ୍କଠାରୁ ବିଦାୟ ନେଇ ଯିବାଠାରେ ଶ୍ରୀରାମଙ୍କ (ଜଗନ୍ନାଥଙ୍କ) ଆସିବାର ଓ ବେଶର ବର୍ଣ୍ଣନା ସୁନ୍ଦର ହୋଇଛି ।

ରାମ ମୂରତି ନୂପୁର ଦେଖିଣ ବହୁଜନ୍ମା
ଆନନ୍ଦ ଜଳଧି ତୀରେ ମନ ମଜ୍ଜାଇଲା ହେ ।
ଗୋପାଳବଲ୍ଲଭ ଶାଣ୍ଡ ଜାଳତିଶ୍ୱ ପଦ୍ମ
ଅରବିନ୍ଦ ଶାର ଉତ୍ତାଳ କିଚି ହୋଇଲା ହେ ।
ଭାଲସ୍ଥଳ ମହେଶାଙ୍କୁ କୋଥାରେ ବଢାଇଲେ
ସୁବେଶ ହୋଇବେ ବୋଲି ଆପେ ବଢ଼ାଇଲେ ହେ ।
ଦୁଶି ଶମଦାନ୍ତ ଘେନି ଆନନ୍ଦ ଭାବ
ଟଙ୍କିଲେ ଶ୍ରୀଅଙ୍ଗେ ସୁରଙ୍ଗ ନେତ ଛନ୍ଦ ହେ ।
ଶିରେଣ ଶିରୀ ବାପଡ଼ା ଉପରେ ଫୁଲ ଚୂଳ
ଲଲାଟେ ଲମ୍ବାଇଣ ଗନ୍ଥିଲେ ଫୁଲମାଳ ହେ ।
ମଣିମଣ୍ଡିତ କମନୀୟ କନକର ଭାଳ
ହେରନ୍ତୁ ମୁନିଜନ ମନ ଭରେ ଅନୁରାଗ ହେ ।
ଅବତଂସ କର୍ଣ୍ଣରୁ କମଳ ଫୁଲ ଦେବ
ଗରବ କରନ୍ତି ଦେବ ନୟନକୁ ଘେନ ହେ ।
ମକରର କରଣ କୁଣ୍ଡଳ ଦୁଇ ଗଣ୍ଡେ
ଶ୍ରିଶୁ ଜବ ପୃଷ୍ଠକୁ କର କରେ ମଣ୍ଡେ ହେ ।
ଶ୍ରୀବତ୍ସ ପଦକ ଦଶ ଅବତାର ଲୀଳା
ଉଳ୍ଳ ଉଳ୍ଳ ପଶି ଭଲି ଜମନାସ୍ତ କଲ ହେ ।

( ୧ମ ଛାନ୍ଦ—୮୦-୯୭ )

ଅର୍ଜୁନ ଦାସଙ୍କ ଏ କାବ୍ୟରେ କେତେକ ଶବ୍ଦର ପ୍ରାଚୀନ ରୂପ ଦେଖାଯାଏ ।

ପେଣ୍ଡ—ଧୃଶି ଶମଧାଡ଼ ପେଣ୍ଡ ଆନ କରି ବାନ୍ଧ । (୧ମ ଛା-୪)

ଅଂସ୍ରେ—ମଟୋଣ୍ଡ ଛୁଆଇ ଜନକ ଭୂତେସ୍ରେ ।
ଶୁଣିଲେ ଶ୍ରୀରାମ ସନ୍ଧିଧନୁ ଅଂସ୍ରେ । (୭-୧)

କରଡ଼ି—ଘରଘର ଭ୍ରମରି ଭାତ କରଡ଼ି ଭାତ । (୫ମ ଛା-୪୭)

ଶୁଣ୍ଠି—କଟ୍ଟେ ଯମଜାଙ୍କ ଘଡ଼ୀ ଶୁଣ୍ଠି ଖାଡ଼ । (୫ମ ଛା-୪୯)

ଦ୍ୱୋଣ—ଅଣିଆଣେ ଦୋଛି ଜନ୍ଦୁ ଦ୍ୱୋଣ ପଥର । (୫ମ ଛା-୫୮)

ଫକାବନ୍ଦ—ଗନ୍ଧଭମ ଫୁଲ ଫକାବନ୍ଦ ପଦ୍ମରେ । (୫ମ ଛା-୭୩)

ନାଡ଼ନ୍ତ—ସଜଲ ଖୁକାମାଳନ୍ତ କରେ ନପାଢ଼ । (୫ମ ଛା-୭୭)

ଧୋସ୍ରେକ—କୁମ୍ଭାର ନ ଶୁଣ ଏ ଅଂଟଭ
ଉପରେ ଶିବଧନୁ ଧୋସ୍ରେକ । (୭ମ ଛା-୮)

ସ୍ୱର୍ଗକର୍ଣ୍ଣ—ବୋଲେ ପର୍ଶୁରାମ ସ୍ୱର୍ଗକର୍ଣ୍ଣ ବାନ୍ଧ । (୧୨ଶ ଛା-୧୧୪)

ଖଣ୍ଡବନ୍ତ, ଧଗମାଳନ୍ତ, ରଶିମାଳନ୍ତ ପ୍ରଭୃତି ପ୍ରାଚୀନ ରୂପ ମଧ୍ୟ ଅଛି ।

ସେହିଭଳି ଦେଣ୍ଡୁ (ମେଘ), ଢୋଲନ୍ତୁ (ଝୁଲାନ୍ତୁ), ଜାଠି (ଉନ୍ମିତ୍ ଲଣ୍ଡ), ଧୂଆଁ ଧୋଇଁ (ଧୂଆଁ ଧକ୍କା), ଘାଟନ୍ତୁ (ଘୁଙ୍ଗନ୍ତୁ), ଅପାଚ (ଅପବାଦ—କଳଙ୍କପଣ), ଦଳଝ (ଦଳୁଆ—ସ୍ୱାମୀ), ଅଂସେ (ଅଂଶେ) ପ୍ରଭୃତି ଶବ୍ଦର ବ୍ୟବହାର ମଧ୍ୟ ଦେଖାଯାଏ ।

ଅର୍ଜୁନ ଦାସଙ୍କ "ରାମବିଭା"ରେ ଯେଉଁସବୁ ବିଷୟରେ ବର୍ଣ୍ଣିତ ଅଛି ସେଥିରୁ କେତେକ ଶାରଳା ଦାସଙ୍କ ମହାଭାରତରେ ଦିଆଯାଇଥିବା ବର୍ଣ୍ଣନାର ଅନୁରୂପ । "ରାମବିଭା"ରେ ବାଳୀ-ସୁଗ୍ରୀବ ଓ ହନୁମାନର ଜନ୍ମ-ବୃତ୍ତାନ୍ତ ଶାରଳା ଦାସ ମହାଭାରତରେ ଦେଇଥିବା ବୃତ୍ତାନ୍ତ ସହିତ ମେଳ ଦେଖାଯାଉଛି ।

ଗୌତମ ଋଷି ପ୍ରତିଦିନ ତପକୁ ଯିବାବେଳେ ମୃତସଞ୍ଜୀବନୀ ମନ୍ତ୍ର ଦ୍ୱାରା ଅହଲ୍ୟାଙ୍କ ଜୀବନ ନେଇ ଯାଆନ୍ତି । ମୃତା ପ୍ରତିମାକୁ କୁଟୀର ଦ୍ୱାରରେ ଜଗାଇ ବସାଇ ଥାଆନ୍ତି । ଦିନେ ଗୌତମ ତପରୁ ଫେରି ଆସି

ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସମୟରେ ଅହଲ୍ୟାଙ୍କୁ ଆଦିତ୍ୟ ଦେଖି ମୋହିତ ହେଲେ । ପଦ୍ମକର ଓ ପୁରନ୍ଦର ଏ ଦୁହେଁ ଗୌତମଙ୍କ ଆଶ୍ରମରେ ଅତର୍କିତଭାବରେ ପଶି ଅହଲ୍ୟାଙ୍କ ସତୀତ୍ୱ ନଷ୍ଟ କଲେ । ଏ ଦୁହିଙ୍କ ଔରସରୁ ଅହଲ୍ୟାଙ୍କ ଗର୍ଭରେ ବାଳୀ ଓ ସୁଗ୍ରୀବ ଜନ୍ମଗ୍ରହଣ କଲେ । କାଳକ୍ରମେ ଦୁହିତାଠାରୁ ଏ ଦୁଇପୁତ୍ରଙ୍କର ଜନ୍ମର କାରଣ ଅବଗତ ହୋଇ ଗୌତମ କୋପରେ ଏ ଦୁହିଙ୍କୁ ନେଇ ସମୁଦ୍ରରେ ଭସାଇ ଦେଇ କହିଲେ—

ମୋହର ହୋଇଥିଲେ ଔରସ ହୋଅ ମନୁଷ୍ୟ,
ନୋହିଲେ ବାନର ହୋଇ ବନସ୍ତେ ପଶ । (୪ମ ଗ୍ରନ୍ଥ—୪୭)

ଏ ପ୍ରକାର ଦୁହେଁ ବାନର ହେଲେ । ହନୁମନ୍ତର ଜନ୍ମବୃତ୍ତାନ୍ତରେ କବି କହିଛନ୍ତି ଯେ ଅଞ୍ଜନା ଗୌତମଙ୍କଠାରୁ ଶାପ ପାଇବା ପରେ ନିଜ ଦୁହିତା ଉପରେ ରାଗି ତାଙ୍କୁ ଶାପ ଦେଲେ । ଏ ଶାପ ବଳରେ ପ୍ରଭଞ୍ଜନୀ ଅନ୍ଧ ହେଲେ । ସେ ବନସ୍ତରେ ପଡ଼ି ରହିଥିବା ବେଳେ ଦିନେ ଶିବପାର୍ବତୀ ବାନର-ବାନରୀ ରୂପରେ ରତିକ୍ରୀଡ଼ା କରୁ କରୁ ରେତ ସ୍ଖଳିତ ହେଲା । ସେହି ରେତ ପବନରେ ଉଡ଼ି ଯାଇ ପ୍ରଭଞ୍ଜନୀର ହାତରେ ପଡ଼ିଲା । ପ୍ରଭଞ୍ଜନୀ (ଅଞ୍ଜନା) ତାକୁ ଭକ୍ଷଣ କରିବାରୁ ଗର୍ଭସଞ୍ଚାର ହେଲା । ଏ ଗର୍ଭରୁ ହନୁମାନ ଜନ୍ମ ହେଲା । ସମୀର ରେତ ବୋହି ଆଣିଥିବାରୁ ସେ ହନୁମାନଙ୍କର ତାତ ହେଲା ।

ସମୀର ହେଲାକ ତାତ
ସେ ତାର ହୋଇଲା ନାତି । (ପୁ ୭—ସ୍ତ୍ର ୨୭)

ଅର୍ଜୁନ ଦାସ ଶାରଳାଦାସଙ୍କ ଏ 'ଗଳ୍ପ'କୁ ଅବଲମ୍ବନ କରି ବାଳୀ, ସୁଗ୍ରୀବ ଓ ହନୁମନ୍ତଙ୍କର ଜନ୍ମବୃତ୍ତାନ୍ତ ଲେଖିଥିବାରୁ ତାଙ୍କୁ ଶାରଳା-ଦାସଙ୍କ ପର ସମୟର କବି ବୋଲି କହିବାକୁ ହେବ । ତାଙ୍କର ଭାଷା ମଧ୍ୟ ପ୍ରାଚୀନ ଧରଣର । ବେଢ଼ି, କରଷି, ଶ୍ରେଣି, ହୋଅ, ପଦାବନ୍ତ, ଔତ୍ସୁକ, ଦର୍ଶକର୍ଣ୍ଣ, ମାନନ୍ତି ପ୍ରଭୃତି ପ୍ରାଚୀନ ଶବ୍ଦର ପ୍ରୟୋଗ ଦେଖାଯାଏ । ଧନଞ୍ଜୟ ଭଞ୍ଜ "ଶ୍ରୀରାମ-ବିଳାସ" କାବ୍ୟର ୧ମ ଛାନ୍ଦକୁ "ମନୋହି ଭଣ୍ଥାଇ

ଜନକନନ୍ଦିନେ" ରାମବିଭା ୭ମ ଛାନ୍ଦ ବାଣୀରେ ଗାଇବାକୁ ଲେଖିଛନ୍ତି । ନରସିଂହ ସେଣ, ଦେବଦୁର୍ଲଭ ଦାସ, କାର୍ତ୍ତିକ ଦାସ "ରାମବିଭା"ର ଛାନ୍ଦବାଣୀର ନିର୍ଦ୍ଦେଶ ଦେଇ ଯାଇଛନ୍ତି । ଏମାନେ ଧନଞ୍ଜୟ ଭଞ୍ଜ (ଖ୍ରୀ: ୧୬୫୫–୧୭୦୧)ଙ୍କର ପୂର୍ବବର୍ତ୍ତୀ କବି । ଅତଏବ ଅର୍ଜୁନ ଦାସ ନରସିଂହ ସେଣ, ଦେବଦୁର୍ଲଭ, ଧନଞ୍ଜୟ ପ୍ରଭୃତିଙ୍କ ପୂର୍ବବର୍ତ୍ତୀ କବି । ଅର୍ଜୁନଙ୍କର କାବ୍ୟର ପ୍ରଭାବ ଏମାନଙ୍କ ଉପରେ ପଡ଼ିଥିବାରୁ ଓ କାବ୍ୟଟି ମଧ୍ୟ ଯଥେଷ୍ଟ ଲୋକପ୍ରିୟ ହୋଇପାରିଥିବାରୁ ଏମାନେ ନିଜ ନିଜ କାବ୍ୟ–ମାନଙ୍କରେ ଏହାର ବାଣୀ ଲେଖିଥିବା ସ୍ୱାଭାବିକ ।

'ରାମବିଭା'ର ଛାନ୍ଦ 'ବାଣୀ'ମାନଙ୍କର ନିର୍ଦ୍ଦେଶ ନିମ୍ନଲିଖିତ ଗ୍ରନ୍ଥମାନଙ୍କରେ ମିଳେ ।

(୧) ପ୍ରତାପ ରାୟ—ଶଶିସେଣା—୪ର୍ଥ ଛାନ୍ଦ—ରାମବିଭାର "ମାର୍କଣ୍ଡ ଋଷି କହେ ବାଣୀରେ ଗାଇବ ।"

(୨) କାର୍ତ୍ତିକ ଦାସ—ରୁକ୍ମିଣୀବିଭା—୮ମ ଛାନ୍ଦ—"ମାର୍କଣ୍ଡ ଋଷି କହେ—ରାମବିଭା ୭ମ ଛାନ୍ଦ—ଏ ବାଣୀରେ ଗାଇବ ।"

(୩) ନରସିଂହ ସେଣ—ପରିମଳା—୫ମ ଛାନ୍ଦ—ରାମବିଭା ୩ୟ ଛାନ୍ଦ ବାଣୀ ।

(୪) ଧନଞ୍ଜୟ ଭଞ୍ଜ—ଶ୍ରୀରାମ ବିଳାସ—୧୩ଶ ଛାନ୍ଦ—"ମହୋଦଧି ଉଥିଲା ଜନକନନ୍ଦିନେ—ରାମବିଭା ୫ମ ଛାନ୍ଦରେ ଗାଇବ ।"

(୫) ଉପେନ୍ଦ୍ର ଭଞ୍ଜ—ଲାବଣ୍ୟବତୀ—୧ମ ଛାନ୍ଦ "ରାମବିଭା ୧ମ ଛାନ୍ଦ ବାଣୀ ୩୮ଶ ଛାନ୍ଦ—ମହୋଦଧି ଉଥିଲା ଜନକନନ୍ଦିନେ ବାଣୀରେ ।"

"ରାମବିଭା" ପ୍ରାଚୀନ କାଳରେ ଲୋକପ୍ରିୟ କାବ୍ୟ ହେଲେ ମଧ୍ୟ ରାମ-ଚରିତ-କାବ୍ୟମାନଙ୍କ ଭିତରେ ଧନଞ୍ଜୟ ଭଞ୍ଜଙ୍କ "ଶ୍ରୀରାମ ବିଳାସ", ବିଶ୍ୱନାଥ ଖୁଣ୍ଟିଆଙ୍କ "ବିଚିତ୍ର ରାମାୟଣ", ଉପେନ୍ଦ୍ର ଭଞ୍ଜଙ୍କ "ବୈଦେହୀଶ ବିଳାସ", କେଶବ ପଟ୍ଟନାୟକଙ୍କ "ନୃତ୍ୟ ରାମାୟଣ" ପ୍ରଭୃତି ନୁହେଁ ।

# ଶିଶୁଶଙ୍କର ଦାସ

ଶିଶୁଶଙ୍କର ଦାସଙ୍କ "ଉଷାଭିଳାଷ" କାବ୍ୟଟି କେଉଁ ସମୟରେ ରଚିତ ହୋଇଥିଲା, ତାହା ନିଶ୍ଚିତ ଭାବରେ କହିବା ପାଇଁ କୌଣସି ପ୍ରମାଣ ନାହିଁ । ତେବେ, ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ଏହି ବହିର କେତେକ ଛାନ୍ଦର ନିର୍ଦ୍ଦେଶ ଦିଆଯାଇଛି ।

କବି କାର୍ତ୍ତିକ ଦାସଙ୍କ ରୁକ୍ମିଣୀବିଭା ଗ୍ରନ୍ଥର ୯ମ ଛାନ୍ଦରେ ଲେଖିଅଛନ୍ତି—"ଦେଶ ମଙ୍ଗଳ, ଉଷା ୨ୟ ଛାନ୍ଦ ବାଣୀରେ ଗାଇବ ।" କବି ଚନ୍ଦ୍ରକାନ୍ତ ଦାସଙ୍କ ଶଶିରେଖା ଗ୍ରନ୍ଥର ୨୨ଶ ଛାନ୍ଦରେ ଲେଖିଅଛନ୍ତି, "ଉଷା ପଙ୍କଜବଦନ ନୃପଲେ ବାଣୀରେ ଗାଇବ" । କବି ପ୍ରତାପରାୟ ଦାସଙ୍କ ଶଶିସେଣା ଗ୍ରନ୍ଥର ୩ୟ ଛାନ୍ଦରେ ଲେଖିଅଛନ୍ତି, "ଉଷା ୨ୟ ଛାନ୍ଦ ବାଣୀରେ ଗାଇବ" । କବି ଲୋକନାଥ ଦାସଙ୍କ ଚନ୍ଦ୍ରକଳା କାବ୍ୟର ୨ୟ ଛାନ୍ଦରେ ଲେଖିଛନ୍ତି, "ଉଷା ୨ୟ ଛାନ୍ଦ ବାଣୀରେ ଗାଇବ" । କବି ରଘୁନାଥ ଦାସଙ୍କ ଲୀଳାବତୀ କାବ୍ୟର ୯ମ ଛାନ୍ଦରେ ଲେଖିଅଛନ୍ତି—ସ୍ୱବଳୁ ନିକଟେ ଯେ ଭକତଜନବନ୍ଧୁ—ଉଷା ୭ମ ଛାନ୍ଦ ବାଣୀରେ ଗାଇବ ଏବଂ ଭକ୍ତ କବି ଧନଞ୍ଜୟ ଭଞ୍ଜ ମଧ୍ୟ ତାଙ୍କ ରତ୍ନମଞ୍ଜରୀ କାବ୍ୟରେ ୧୫ଶ ଛାନ୍ଦର ଉଷାଭିଳାଷର ପୂର୍ବୋକ୍ତ ପଦଟି ଉଲ୍ଲେଖ କରି ତାହାର ବାଣୀ ନିର୍ଦ୍ଦେଶ କରି ଅଛନ୍ତି । ଏହି ସବୁ ପ୍ରାଚୀନ ଲେଖାରୁ ସ୍ପଷ୍ଟ ଭାବରେ ଏତିକି ଜଣାଯାଏ ଯେ, ଆମ୍ଭମାନଙ୍କର ବର୍ଣ୍ଣିତ କବି ଶିଶୁଶଙ୍କର ଉଲ୍ଲିଖିତ କବିମାନଙ୍କ ପୂର୍ବବର୍ତ୍ତୀ । ( "ଉଷାଭିଳାଷ" ପ୍ରାଚୀ ସମିତି ସଂସ୍କରଣ ମୁଖବନ୍ଧ । ପୃ: ୧ )

କବି କାର୍ତ୍ତିକ, ପ୍ରତାପରାୟ, ଚନ୍ଦ୍ରକାନ୍ତଙ୍କ ସମୟ ଠିକ୍ ଭାବରେ ଏପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇ ପାରିନାହିଁ । ଲୋକନାଥ ୧୬ଶ ଶତାବ୍ଦୀର ଶେଷ ଭାଗର କବି । ରଘୁନାଥ ହରିଚନ୍ଦନ ଖ୍ରୀ: ୧୬୫୫ ଠାରୁ ଖ୍ରୀ: ୧୬୭୨ ପର୍ଯ୍ୟନ୍ତ ବାଣପୁରର ରାଜା ଥିଲେ । ରଘୁନାଥ ଖ୍ରୀ: ୧୬୫୨ରେ କିମ୍ବା ତା ପୂର୍ବରୁ ଏ ଗ୍ରନ୍ଥ ରଚନା କରିଥିଲେ । ଧନଞ୍ଜୟ ଭଞ୍ଜ ଖ୍ରୀ: ୧୬୩୦ ରେ ଜନ୍ମ ହୋଇଥିଲେ ଏବଂ

୧୬୫୫ରେ ଦ୍ୱିମୁଖରାଜ ସିଂହାସନ ଆରୋହଣ କରିଥିଲେ । ରାଜା ଥିବାବେଳେ କିମ୍ବା ତା ପୂର୍ବରୁ ଲୀଳାବତୀ ରଚିତ ହୋଇଥିବ । ୧୭ଶ ଶତାବ୍ଦୀର ମଧ୍ୟଭାଗର ବହୁ ପୂର୍ବରୁ ଯେ 'ଊଷାଭିଳାଷ' ଲେଖା ହୋଇଥିଲା, ସେଥିରେ ସନ୍ଦେହ ନାହିଁ । ରଘୁନାଥ, ଧନଞ୍ଜୟ, ପ୍ରତାପ, ଲୋକନାଥ ଭଳି ବଡ଼ ବଡ଼ କବିମାନେ ଯେ ଏହି ଗ୍ରନ୍ଥର କେତେକ ପ୍ରଧାନ ବାଣୀ ନିର୍ଦ୍ଦେଶ କରିଛନ୍ତି, ଏହା ହିଁ ଏ ଗ୍ରନ୍ଥର ଲୋକପ୍ରିୟତାର ନିଦର୍ଶନ । ରଘୁନାଥ, ଧନଞ୍ଜୟ, ଲୋକନାଥଙ୍କ ଲେଖା ପୂର୍ବରୁ ବା ୧୭ଶ ଶତାବ୍ଦୀର ମଧ୍ୟଭାଗର ପୂର୍ବରୁ 'ଊଷାଭିଳାଷ' ରଚିତ ହୋଇଥିଲା ବୋଲି କହିବା ଛଡ଼ା ରଚନା କାଳ ନିର୍ଣ୍ଣୟ କରିବା ପାଇଁ ଅନ୍ୟ କୌଣସି ପ୍ରମାଣ ମିଳୁନାହିଁ ।

ଶିଶୁଶଙ୍କରଙ୍କ କାବ୍ୟଟି ବାଣାସୁରନନ୍ଦିନୀ ଊଷା ଓ ପ୍ରଦ୍ୟୁମ୍ନନନ୍ଦନ ଅନିରୁଦ୍ଧର ପ୍ରଣୟ କାହାଣୀ ଅବଲମ୍ବନରେ ଲିଖିତ । ଊଷାପରିଣୟ ଆଖ୍ୟାନ ଭାଗବତର ୧୦ମ ସ୍କନ୍ଧରେ ଓ ହରିବଂଶରେ ଦେଖିବାକୁ ମିଳେ । ଶାରଳା ଦାସ ତାଙ୍କର ମହାଭାରତର ମଧ୍ୟପର୍ବରେ ଊଷାହରଣ ପ୍ରସଙ୍ଗ ବର୍ଣ୍ଣନା କରିଅଛନ୍ତି । ଶିଶୁଶଙ୍କର ଶାରଳାଦାସଙ୍କ ଊଷାହରଣ ଉପାଖ୍ୟାନକୁ ମୂଳସୂତ୍ର ରୂପେ ଗ୍ରହଣ କରି କାବ୍ୟଟି ଲେଖିଥିଲେ ପରି ଜଣାଯାଏ ।

ଶାରଳା ଦାସ ଲେଖିଛନ୍ତି, ପରମ ରୂପବତୀ ଊଷା ଥରେ ସଖୀମାନଙ୍କ ସହିତ ପ୍ରମୋଦ ବନରେ ଭ୍ରମଣ କରୁଥିବା ସମୟରେ କାମୋଦ୍ଦୀପକ ପ୍ରକୃତିବର୍ଣ୍ଣରୁ ତାଙ୍କର ଦେହକୁ ଅନଙ୍ଗଶର ବିଦ୍ଧ କଲା । ସେ ଅବଶ ହୋଇପଡ଼ିଲେ । କ୍ରମେ ପୀଡ଼ା ଅଧିକରୁ ଅଧିକ ହେଲା । ରାତିରେ ଶୋଇଥିବା ବେଳେ ସେ ସ୍ୱପ୍ନ ଦେଖିଲେ ଯେ, ଜଣେ ସୁନ୍ଦର ଯୁବକ ତାଙ୍କୁ ଆଲିଙ୍ଗନ କରୁଛି ଏବଂ ତାଙ୍କ ସହିତ ବିହାର କରୁଛି । ହଠାତ୍ ନିଦ୍ରା ଭାଙ୍ଗିଯିବାରୁ ସ୍ୱପ୍ନ ମଧ୍ୟ ଭାଙ୍ଗିଗଲା । କିନ୍ତୁ ସ୍ୱପ୍ନର ଯୁବକର ସ୍ପର୍ଶରେ ଊଷା ଏତେ ତନ୍ମୟ ଥିଲେ ଯେ ତାକୁ ସେ ସ୍ୱପ୍ନ ବୋଲି ନୁହେଁ ସତ୍ୟ ବୋଲି ଭାବୁଥିଲେ । ସ୍ୱପ୍ନ ଭଙ୍ଗ ପରେ ନାଗରର ଅନ୍ତର୍ଦ୍ଧାନ ତାଙ୍କୁ ବହୁତ କ୍ଲେଶ ଦେଲା ଏବଂ ସେ ଅଧୀର ହୋଇ କାନ୍ଦିଲେ । ଊଷାଙ୍କ ପ୍ରିୟ ସଖୀ ଚିତ୍ରଲେଖା ଊଷାଙ୍କଠାରୁ ସବୁ ଘଟଣା

କୁମ୍ଭିପାଣ୍ଡ ସ୍ୱପ୍ନରେ ଦେଖିଥିବା ପୁରୁଷର ନାମଧାମ ଠିକଣା କରିବାପାଇଁ ଅନେକ ଚିତ୍ରପଟ ଦେଖାଇଥିଲେ । ପ୍ରଦ୍ୟୁମ୍ନକୁମର ଅନିରୁଦ୍ଧର ଚିତ୍ରପଟ ଦେଖି ତାଙ୍କୁ ହିଁ ନାୟକରୂପେ ଠିକ୍ କରି ତାଙ୍କୁ ଆଣିବାକୁ ସଖୀ ନିଜର ମାୟାବଳରେ ଦ୍ୱାରକାରେ ପ୍ରବେଶ ହେଲେ । ଅନିରୁଦ୍ଧ ମଧ୍ୟ ଉଷାର ସ୍ୱପ୍ନ ରୂପରେ ମୋହିତ ହୋଇ କାମବାଣରେ ଆହତ ହୋଇଥିଲେ ଏବଂ ଉଷା ପରି ଦୁଃଖ ଭୋଗ କରୁଥିଲେ । ଚିତ୍ରରେଖା କୁହୁକ ମନ୍ତ୍ରବଳରେ ଅନିରୁଦ୍ଧଙ୍କୁ ଆଣି ଉଷାର ଶୟନ କକ୍ଷରେ ଉପସ୍ଥିତ କରାଇଲେ । ଉଷା ଓ ଅନିରୁଦ୍ଧ ପରସ୍ପର ପ୍ରତି ଆକୃଷ୍ଟ ହୋଇ ନାୟକ ନାୟିକା ଭାବରେ ବାକ୍ୟାଳାପ କରିବାକୁ ଲାଗିଲେ । ଦିନେ ଦୁହେଁ ବସି ପଶା ଖେଳୁଥିବା ସମୟରେ ପ୍ରହରୀମାନେ କୌଣସି ପୁରୁଷର ଉପସ୍ଥିତି ଜାଣିପାରି ବାଣାସୁରଙ୍କୁ ଖବର ଦେଲେ । ବାଣାସୁର କ୍ରୋଧରେ ଅନିରୁଦ୍ଧଙ୍କୁ ଆକ୍ରମଣ କଲେ ଏବଂ ଦୁହିଁଙ୍କ ଭିତରେ ଯୁଦ୍ଧ ହେଲା । ଅନିରୁଦ୍ଧ ବାଣଙ୍କ ଅସ୍ତ୍ରରେ ମୂର୍ଚ୍ଛା ଗଲେ । ମହର୍ଷି ନାରଦ ଏହା ଜାଣିପାରି ଶ୍ରୀକୃଷ୍ଣ ଓ ବଳରାମଙ୍କ ପାଖକୁ ଯାଇ ସମସ୍ତ ଘଟଣା କହିଲେ । କୃଷ୍ଣ, ବଳରାମ ନିଜର ସୈନ୍ୟ ଧରି ବାଣାସୁରଙ୍କ ରାଜଧାନୀ ଶୋଣିତପୁରରେ ପ୍ରବେଶ ହେଲେ । ବାଣ ଓ ଯଦୁବଂଶ ଭିତରେ ଯୁଦ୍ଧ ହେଲା । ବାଣଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱୟଂ ହର ଉପସ୍ଥିତ ହେଲେ । ବାଣ ପରାଜିତ ହେଲେ ଏବଂ ଅନିରୁଦ୍ଧ ସହିତ ଉଷାକୁ ବାହା କରିଦେଲେ ।

ମୂଳ ବିଷୟରେ ଶିଶୁଶଙ୍କର କିଛି ଅଦଳ ବଦଳ କରି ନାହାନ୍ତି । କେବଳ କେତେକ ଆନୁଷଙ୍ଗିକ ବିଷୟକୁ ସ୍ପଷ୍ଟ କରିଛନ୍ତି । ହରଙ୍କ ବରପ୍ରସାଦରୁ ବାଣାସୁରଙ୍କ ସହସ୍ର ବାହୁ ହେବା ବିଷୟ ଶାରଳା ଦାସ ଲେଖିଛନ୍ତି । ଶଙ୍କର ମଧ୍ୟ ତାହା ହିଁ କହିଅଛନ୍ତି ।

ବଳିସୁତ ଧୂର୍ଜଟୀଙ୍କୁ ଯାଚି ବର
ସ୍ତୁତିରେ ତୁଷ୍ଟେ ଅମର ଯେ ସହସ୍ରେ ତା କର । (ଶା. ମ.—ମଧ୍ୟପର୍ବ)
ତାହାର ତପେ ତୋଷ ଉମାଶିବ
ଆଜ୍ଞା ଦେଲେ ତାକୁ ଦେବାଧିଦେବ
ଯାବତ ରବି ଶଶୀ ମହୀ ଥିବ
ସହସ୍ରେ ଭୁଜ ତୋହର ହୋଇବ (ଉ. ଅ.)

ଶାରଳା ଦାସ ବାଣାସୁରଙ୍କୁ ଦେବିକରଣୀ ଦେଶସ୍ଥ ଶୋଣିତପୁରର ରାଜା ବୋଲି ଲେଖିଛନ୍ତି । କିନ୍ତୁ ଶଙ୍କର ଶୋଣିତପୁରର ନାମ ଉଲ୍ଲେଖ କରିଥିଲେହେଁ ଦେବିକରଣୀ ଦେଶରେ ସେ ନଗର ଥିବାର ଲେଖି ନାହାନ୍ତି । ଶାରଳା ଦାସ ଊଷାର ସଖୀର ନାମ ଚିତ୍ରରେଖା ଦେଇଛନ୍ତି । ଶଙ୍କର ସଖୀର ନାମ ଚିତ୍ରଲେଖା ରଖିଛନ୍ତି । ବାଣାସୁରଙ୍କୁ ସାହାଯ୍ୟ କରିବାକୁ ହର ଆସିଥିଲେ ଏବଂ ହରିହର ଯୁଦ୍ଧ ବ୍ରହ୍ମାଙ୍କ ମଧ୍ୟସ୍ଥିତାରେ ବନ୍ଦ ହୋଇଥିଲା ବୋଲି ଶଙ୍କର ଲେଖିଛନ୍ତି । କିନ୍ତୁ ଶାରଳା ଦାସ କହୁଛନ୍ତି ଯେ, କେବଳ ହରଙ୍କ ପ୍ରାର୍ଥନାରେ ଯୁଦ୍ଧ ବନ୍ଦ ହୋଇଥିଲା । ଏହାଛଡ଼ା ବିଷୟବସ୍ତୁର ଅନ୍ୟ କୌଣସି ପରିବର୍ତ୍ତନ କିଛି ଦେଖାଯାଏ ନାହିଁ ।

ଏହି କାବ୍ୟରେ ଶୃଙ୍ଗାର ରସ ହିଁ ପ୍ରଧାନ ରସ । ସ୍ୱପ୍ନଭଙ୍ଗ ପରେ ନାୟିକାର ବିଳାପରେ ଯେଉଁ କରୁଣ ରସର ଭାବ ପ୍ରକାଶ ପାଇଛି, ତାହା ସୁନ୍ଦର ହୋଇଛି । ହରିହର ଯୁଦ୍ଧ, ବାଣ ଓ ଯଦୁବଂଶ ଯୁଦ୍ଧରେ ବୀର ରସ ପ୍ରକାଶ ପାଇଛି । କିନ୍ତୁ ଏସବୁ ସ୍ଥଳରେ କଳ୍ପନାର ବିକାଶ କିମ୍ବା ଭାବର ଗମ୍ଭୀରତା ବିଶେଷଭାବରେ ପ୍ରକାଶିତ ହୋଇନାହିଁ ।

ବାଣନନ୍ଦିନୀ ଊଷାର ଯୌବନ ବର୍ଣ୍ଣନା ଶଙ୍କର ବଡ଼ ଦକ୍ଷତା ସହକାରେ କରିଅଛନ୍ତି—

ସୁହାଗନ-ମନଚୂର ନନ୍ଦନ ସମୀର
ସୁବୃତ୍ତ ହୃଦୟ ଚନ୍ଦ୍ରମଣି ନିଶାକର ।

ଶରଦ ସମ୍ପୂର୍ଣ୍ଣ ଅକଳଙ୍କ ହରିଣାଙ୍କ
ଲପନ ଲାବଣ୍ୟ ଲକ୍ଷ୍ମୀ ସୁହିଣ ଆତଙ୍କ ।

ସ୍ମିତ ଛବ ସୁହିଣ ଶୈବାଳ ଶମ୍ଭୁଁ ହର
ଅହ୍ଲାଦ ଗୁଣ ତେଣୁ ବଦନେ ନିଶାକର ।

ନିର୍ମଳ ସ୍ୱଚ୍ଛ ବଦନେ ମଦନ ଦର୍ପଣ
କଳଙ୍କ ବହେ ତାର ସୁଜନ ଲାବଣ୍ୟ ।

ସୁହସ୍ତ ନାଚିବା ସ୍ଫୁଟେ ଲୁଚିଲ ଗଜମୋତି
ସୁଧା ବନ୍ଧୁ ଦେଖ କି ପୌର୍ଣ୍ଣମୀ ଜଣାପଡ଼ି ।
ଭାଲକୁ ଦର୍ଶଇବାକୁ ଲେଖେ ହେମଗିରି
ଯହିଁ ସେ କୁଚକୁ ସୁନ୍ଦେଁ ହେଠ ମାଥ କରି ।
କୁଟୀଳ କୁନ୍ତଳ କି କୋମଳ ଭୁଜଙ୍ଗିନୀ
ଦାନ ରଥ-ଧ୍ୱଜେ ନୀଳ ପତାକା ବେଣୀ । ଇତ୍ୟାଦି । (୮ମ ଛାନ୍ଦ)

ଏଥିରେ ଯେଉଁ ଉପମା ସବୁ ଦିଆଯାଇଛି ତାହା ଅତି ସୁନ୍ଦର ହୋଇଛି । କବି ନାୟିକାର ବର୍ଣ୍ଣନା ଶେଷ କରିବାକୁ ଅସାମର୍ଥ୍ୟ ପ୍ରକାଶ କରି ଦୁଇଟି ସୁନ୍ଦର ପଦରେ ସାରମର୍ମ ଦେଇଅଛନ୍ତି—

ବଦନ କହିବି ଯାହା ଗୀତ କର୍ମ ଦେଖ
ସେହାନ୍ତୁଁ କୋଟିଏ ଗୁଣ ଅଧିକ କାମିନୀ । (୮ମ ଛାନ୍ଦ)

ସ୍ତ୍ରୀ ସେ କେବଳ ରୂପରେ ମଣ୍ଡିତା ଥିଲେ ଏହା ନୁହେଁ, ଗୁଣେ ପଣ୍ଡିତା ମଧ୍ୟ ଥିଲେ ।

ନୃତ୍ୟ ଗୀତ ବାଦ୍ୟ କାବ୍ୟ ରସରେ କୁଶଳା
ବିବିଧ କଳାର ଦେଶ ନଅଇ ସେ ବାଳା । (୮ମ ଛାନ୍ଦ)

ପୂର୍ବକାଳରେ କୁମାରୀମାନେ ବିବିଧ ଶିକ୍ଷା ଲାଭ କରୁଥିଲେ, ଏହା ଏଥିରୁ ଜଣାଯାଏ । କେବଳ ଶଙ୍କର ନୁହନ୍ତି, ତାଙ୍କର ପରବର୍ତ୍ତୀ ଅନେକ କବି ନିଜର କାବ୍ୟରେ ନାୟିକା ଓ ପରିଚାରିକାମାନଙ୍କୁ ବିବିଧ ବିଦ୍ୟାରେ ପାରଦର୍ଶିତା ଲାଭ କରିଥିବା କଥା ଲେଖିଯାଇଛନ୍ତି । ସେ ଯୁଗରେ ନାରୀ-ଶିକ୍ଷାର ପ୍ରସାର ନଥିଲେ ଏମାନେ ବା ଏପରି ଲେଖିଥାଆନ୍ତେ କାହିଁକି ? ପରନ୍ତୁ ବିଦ୍ୟୋତ୍ତମାଙ୍କ ବିଷୟ ଦେଇ ପ୍ରାଚୀନ କବିମାନେ କାବ୍ୟ ଲେଖି ନାହାନ୍ତି । ରାଜକୁମାରୀ ଛଡ଼ା ଆଉ କେହି ଏମାନଙ୍କ କାବ୍ୟରେ ନାୟିକା ହୋଇ ପାରି ନାହିଁ । ସମାଜର ଜନସାଧାରଣଙ୍କ ଭିତରେ ସ୍ତ୍ରୀ-ଶିକ୍ଷାର ପ୍ରଚଳନ ଥିଲା କି ନ ଥିଲା, ତାହା ଜାଣିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲେ ମଧ୍ୟ ରାଜ-ପରିବାରରେ ଶିକ୍ଷାର ପ୍ରସାର ଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । ରାଜ ପରିବାରର ନାରୀମାନେ ଦ୍ୟୂତକ୍ରୀଡ଼ା ମଧ୍ୟ କରୁଥିଲେ ।

ବୋଲାନ୍ତ ଯୁଗକୁ ନାୟିକା ସ୍ୱରଙ୍କ ଉତ୍ତରାର୍ଦ୍ଧରେ ମାତ୍ର ପଦର ବୋଲାନ୍ତ ଜଣକା ଏକପ୍ରକାର ସ୍ୱର ଯୁଗ୍ମ ପ୍ରଚଳିତ ଥିଲା । ଶକୁନ୍ତଳା-ଦୁଷ୍ମନ୍ତ ପ୍ରସଙ୍ଗ ଏହାର ପ୍ରମାଣ । ଅବଶ୍ୟ ବୋଲାନ୍ତ-ଯୁଗ୍ମ ରୂପର ଶାସ୍ତ୍ରୀୟ ବୋଲାନ୍ତ ପରେ ବୋଲି କୁହା ଯାଉଥିଲା । କିନ୍ତୁ ଶଙ୍କର ଓ ଅନ୍ୟାନ୍ୟ ଓଡ଼ିଆ କବିମାନେ ଶାସ୍ତ୍ରୀୟ ବୋଲାନ୍ତ ପରେ ମଧ୍ୟ ବୋଲାନ୍ତ ପ୍ରସଙ୍ଗ ଲେଖି ଯାଇଛନ୍ତି ।

ଉଷାର ସ୍ୱପ୍ନଭଙ୍ଗ ପରେ ତାର ଅବସ୍ଥାକୁ ବର୍ଣ୍ଣନା କରି ଶଙ୍କର ଯେଉଁ ଛାନ୍ଦ ଲେଖିଛନ୍ତି ସେହି ଛାନ୍ଦକୁ ଉପେନ୍ଦ୍ର ଭଞ୍ଜ, ପଦ୍ମନାଭ ନରେନ୍ଦ୍ର ପ୍ରଭୃତି କବିମାନେ ଅନୁକରଣ କରିଥିଲେ ପରି ଜଣାପଡ଼େ ।

ପଲଙ୍କ ତେଜିଣ ଉଠିଲେ ସୁନ୍ଦରୀ ସପନ ସଙ୍କେତ ପାଇଣ
ଅହା ! ପ୍ରାଣନାଥ କେଉଣେ ଗଲୁ ବୋଲି ଉଚ୍ଚସ୍ୱରେ କରେ କାରୁଣ
ଦଇବ ! ଦେଖାଇ ନେଇ ଭୁରିନେଲୁ
ଶିଶୁ ସୁକୁମାରୀ କିଛି ନ ଜାଣଇ କିପାଇଁ ମୋତେ ଏହା କଲୁ ?

( ଉଷା ପ.—୫ମ ଛାନ୍ଦ )

ଚେତ ଚଳନ୍ତେ ଉଠିଲେ ଶଶୀନାଥେ ପାଶେ ନାହିଁ ଦଇବ ତରୁଣ
ମାରି ଦୁଇଦ ହାତ ନାଥ ନାଥ ବୋଲି ଅତି ଉଚ୍ଚେ କଲେ କାରୁଣ୍ୟ
ଚୋଟେ ଅଧୀରେ, ଚେତନା ହତ ହେଲେ ଶଧରେ ।
ଦେଶ ଦେଇଥାଇ ଦଇବ ଜିଣାଇ କର ଭରି କୁଚ ଘନରେ ।

( ଲାବଣ୍ୟବତୀ—୧୬ଶ ଛାନ୍ଦ )

ଚେତ ସଜନୀ ତେଜଣ ଶୟନ ଦୃଷ୍ଟି
ଦେଖିଲେ ପଲଙ୍କେ ଦୂରା ସ୍ୱଚ୍ଛନ୍ଦ ନାହିଁ,

ହୃଦପୁରେ କର ମାରି କରେ କାରୁଣ୍ୟ
ବୋଲଇ ଦଇବ ଗୁରୁ ଏଡ଼େ ଦାରୁଣ ।

( ପଦ୍ମନାଭ ନରେନ୍ଦ୍ର—ଶଶିରେଖା—୧୧ଶ ଛାନ୍ଦ )

ଏହି (୫ମ) ଛାନ୍ଦରେ ନାୟିକାର ମନର ଭାବ କବି ସଙ୍କେତରେ ସୁନ୍ଦର ଭାବରେ ପ୍ରକାଶ କରିପାରିଛନ୍ତି । ଏଥିରୁ କବିଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କ୍ଷମତା ସ୍ପଷ୍ଟଭାବରେ ଜଣାଯାଉଛି ।

ଶଙ୍କରଙ୍କର ଏହି କାବ୍ୟରେ ଅନେକ ପ୍ରାଚୀନ ପଦ ଦେଖାଯାଏ । ଶମ୍ବଳ (ଶରୀର), କରଛୁ, ଦେହନ, ଯାଥ୍ୱା, ଅରେଣୀ, ଘଟା, ନିସ୍ତାଣ ଇତ୍ୟାଦି ।

ଋତୁ ବର୍ଣ୍ଣନା ଓ ଅନ୍ୟାନ୍ୟ ଦୃଶ୍ୟ ଅଙ୍କନରେ କବି ଦକ୍ଷତା ଦେଖାଇ ପାରିଛନ୍ତି ।

ପରବର୍ତ୍ତୀ କାଳର ଧନଞ୍ଜୟ, ଉପେନ୍ଦ୍ର, ଲୋକନାଥଙ୍କ ପରି ଶିଶୁଶଙ୍କର ଦାସ ସ୍ୱକାବ୍ୟରେ କଳ୍ପନା ବିଳାସକୁ ସମ୍ୟକ୍ ଭାବରେ ଖେଳାଇ ପାରି ନାହାନ୍ତି । "କାନ୍ତ କୋଇଲି"ଟି ଶଙ୍କର ଦାସଙ୍କର ରଚନା ଥିବା ଜଣାଯାଏ ।

## ମାର୍କଣ୍ଡ ଦାସ

ମାର୍କଣ୍ଡ ଦାସଙ୍କ "କେଶବ କୋଇଲି" ଓଡ଼ିଶାର ସବୁ ଅଞ୍ଚଳରେ ଏକ ଆଦରଣୀୟ କବିତା । ପୂର୍ବେ ବିଦ୍ୟାଳୟମାନଙ୍କରେ ଅକ୍ଷର ଶିକ୍ଷା ଶେଷ ହେବା ପରେ ଶିଶୁମାନେ ଏ କବିତାଟିକୁ ମୁଖସ୍ଥ କରୁଥିଲେ ।

କଂସ ଶିଶୁ ଶ୍ରୀକୃଷ୍ଣଙ୍କୁ ବଧ କରିବାପାଇଁ ବହୁ ଉପାୟ କଲା; କିନ୍ତୁ ବିଫଳ ହେଲା । ଶେଷରେ ନିଜ ରାଜଧାନୀ ମଥୁରାକୁ କୃଷ୍ଣ ଓ ବଳରାମଙ୍କୁ ଡାକି ଆଣି ଉତ୍ସବ ଦେଖାଇବା ଛଳରେ ବଧ କରିବା ସ୍ଥିର କଲା । କୃଷ୍ଣ ବଳରାମଙ୍କୁ ଡାକି ଆଣିବାପାଇଁ ଅକ୍ରୂରଙ୍କୁ ଗୋପକୁ ପଠାଇଲା । ରାମକୃଷ୍ଣ ଦୁହେଁ ମଥୁରାକୁ ଯିବା ପରେ କଂସର ମୃତ୍ୟୁ ହେବାରୁ ସେଠାରେ ରହିଲେ । ଏହା ପରେ କୃଷ୍ଣ ବଳରାମ ମଥୁରାରୁ ଗୋପକୁ ଫେରି ନ ଆସିବାରୁ ଯଶୋଦା ଅଧୀର ହୋଇ ପଡ଼ିଛନ୍ତି । ଯଶୋଦାଙ୍କ ମର୍ମଭେଦୀ ବିଳାପ ଏ କ୍ଷୁଦ୍ର କବିତାର ବିଷୟବସ୍ତୁ । ବାତ୍ସଲ୍ୟ ରସର ଏହା ଏକ ଉତ୍କୃଷ୍ଟ କୃତି ।

ଏ 'କୋଇଲି'ଟି ପଢ଼ିବା ବେଳେ ଆଖିରୁ ଲୁହ ଗଡ଼ିପଡ଼େ । ନିଜ ଶିଶୁର ବସିବା, ଉଠିବା, ଖାଇବା, ବୁଲିବା ପ୍ରଭୃତି ବହୁ କଥା ମନେ ପକାଇ ଯଶୋଦା ଯେପରି ଭାବରେ ବାହୁନି କାନ୍ଦୁଛନ୍ତି, ତାହା ଶୁଣିଲେ ହୃଦୟ ତରଳିଯାଏ । ବୃଦ୍ଧାବସ୍ଥା ଉପସ୍ଥିତ ହୋଇଥିବା ଯୋଗୁଁ ଆଉ 'ଫଳବାର' ଆଶା ନାହିଁ ଏବଂ ଏ ଅବସ୍ଥାରେ ଏକମାତ୍ର ପୁଅ—ନନ୍ଦନର ପିଲାଙ୍କୁ ଛାଡ଼ି ଯଶୋଦା ମା' ହୋଇ, କିପରି ଦେହ ଧରି ରହିବେ ? ପୁତ୍ରବିରହ ତାଙ୍କୁ କାତର କରି ଦେଉଥିବାରୁ ସେ ପୁଅର ସବୁ କଥା, ହାବଭାବ ମନେ ପକାଇ କାନ୍ଦୁଛନ୍ତି ।

ମାର୍କଣ୍ଡ ଦାସଙ୍କ କେଶବ କୋଇଲି ଓଡ଼ିଆ 'କୋଇଲି' ସାହିତ୍ୟ କ୍ଷେତ୍ରରେ ଉଚ୍ଚ ସ୍ଥାନ ଅଧିକାର କରିଛି । ବଳରାମ ଦାସଙ୍କ 'ବାରମାସୀ କୋଇଲି', ଶଙ୍କର ଦାସଙ୍କ 'କାନ୍ତ କୋଇଲି', କାହ୍ନୁଅଙ୍କ 'ଜନନୀହୃଦୟ କୋଇଲି' 'କେଶବ କୋଇଲି' ଭଳି ମଧ୍ୟ ସର୍ବଜନାଦୃତ ନୁହନ୍ତି ।

'କୋଇଲି' କ ଠାରୁ କ୍ଷ ପର୍ଯ୍ୟନ୍ତ 'ଚଉତିଶା' ଢଙ୍ଗରେ ଲେଖା । ଭାଷା ଅତି ସରଳ ।

ଷୋଡ଼ଶ ଶତାବ୍ଦୀର ଭକ୍ତକବି ଜଗନ୍ନାଥ ଦାସ ଏ 'କୋଇଲି'ର ନୂତନ ବ୍ୟାଖ୍ୟା ଦେଇଛନ୍ତି ।

କ ଠାରୁ କ୍ଷ ପର୍ଯ୍ୟନ୍ତ ଅକ୍ଷରକୁ କ୍ରମାନୁସାରେ କବିତାର ପ୍ରତ୍ୟେକ ଚରଣର ଆଦ୍ୟରେ ରଖି ଓଡ଼ିଆରେ ସବୁ କୋଇଲି ଓ ଚଉତିଶା ଲିଖିତ । ଓଡ଼ିଆରେ 'କୋଇଲି' ସାହିତ୍ୟ ଅପେକ୍ଷା 'ଚଉତିଶା' ସାହିତ୍ୟ ବେଶି ସମୃଦ୍ଧିଶାଳୀ । ପ୍ରାଚୀନ ଅନ୍ୟ ସାହିତ୍ୟରେ ଏ ଢଙ୍ଗର ଅକ୍ଷର କ୍ରମ ରଖି କବିତା ରଚିତ ହୋଇଥିବାର ଜଣାଯାଏ ନାହିଁ । ଚଣ୍ଡୀ ଦାସ ପଞ୍ଚଦଶ ଶତାବ୍ଦୀରେ ବଙ୍ଗଳାଭାଷାରେ କ ଠାରୁ କ୍ଷ ପର୍ଯ୍ୟନ୍ତ ଅକ୍ଷର କ୍ରମ ରଖି ଚଉତିଶାଟିଏ ସୁନ୍ଦର କବିତା ଲେଖିଥିଲେ । ପରବର୍ତ୍ତୀ ଯୁଗରେ ଉପେନ୍ଦ୍ରଭଞ୍ଜ, ବଳଦେବ ପ୍ରଭୃତି ବହୁ କବି ଏପରି ଲେଖିଛନ୍ତି । କବିସୂର୍ଯ୍ୟ ବଳଦେବ ରଥ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଓ 'ଲୀଳାକର ଚମ୍ପୂ' ନାମରେ ଏହି ଧରଣର ଅକ୍ଷର କ୍ରମରେ ଦୁଇଟି ବିଚିତ୍ର କାବ୍ୟଗ୍ରନ୍ଥ ରଚନା କରି ଅମର ହୋଇଛନ୍ତି ।

ଏହି କ୍ଷୁଦ୍ର କେତୋଟି ଛାନ୍ଦରେ କବି ବାତ୍ସଲ୍ୟ-କରୁଣ ରସର ବଡ଼ ସୁନ୍ଦର ଚିତ୍ର ଅଙ୍କନ କରି ପାରିଛନ୍ତି । ଓଡ଼ିଆ ଘରର ସାମାଜିକ ଚିତ୍ର, ଆଚାର ବ୍ୟବହାର, ସୁଖଦୁଃଖ ଏଥିରେ ବଡ଼ ଚମତ୍କାର ଭାବରେ ଫୁଟି ଉଠିଛି । ଷଷ୍ଠୀର ପାନ, ନୟନରେ କଜ୍ଜ୍ୱଳ ଦେବା, କଟୀରେ ମେଖଳା ପିନ୍ଧାଇବା, ନାସାରେ ମୁକୁତା, ଦେହରେ କୁଙ୍କୁମ ଲେପନ ପ୍ରଭୃତି ଓଡ଼ିଆ ଘରର ଚିତ୍ର । ଖଡ଼ିରେ ପିଲା ଗୁଡ଼ ମାଗିବା ଓ ମା' ବାପ "ଆ ଆ ଚନ୍ଦମାମୁଁ" ବୋଲି ଗାଇ ଖେଳାଇବା ଚିତ୍ର ଏବେ ମଧ୍ୟ ଦେଖାଯାଏ ।

ଏହି ଅଳ୍ପସଂଖ୍ୟକ ପଦରେ କବି ମାତାଙ୍କର ହୃଦୟର ଭାବରାଜି ଓ ମାନସିକ ଅବସ୍ଥାର ବିଶ୍ଳେଷଣ ବଡ଼ ଚମତ୍କାର ଭାବରେ କରିଛନ୍ତି । ପୁଅ ଯେତେବେଳେ ଘର ଛାଡ଼ି ଯାଇଛି ଏବଂ ଆଉ ଫେରି ନାହିଁ, ସେତେବେଳେ ବାପଙ୍କ ଘର ଦର ଭଲ ଲାଗୁନାହିଁ, ଘର ଘଟଣ ଦିଶୁନାହିଁ ।

ବୋଇଲୁ ଲୋ, ଘରେ ମୋର ନ ମଣନ୍ତି ନନ୍ଦ,
ଘଟଣ ନ ଦିଶେ ପୁରେ ନଥିବେ ଗୋବିନ୍ଦ ଲୋ । ୪ ।

ଯଶୋଦା ଭାବୁଛନ୍ତି—ପୂର୍ବେ ପୁଅକୁ ଛାଟେ ମାରିଥିଲି, ସେଥିପାଇଁ ରାଗିଯାଇ ପୁଅ କଣ ସତେ ଆଉ ଫେରିଲା ନାହିଁ ?

ବୋଇଲି ଲୋ ! ଛାଟେକ ମୁଁ ମାରିଲି ପ୍ରଭୁତେ,
ଛାଡ଼ି ଅବା ଗଲେ କୃଷ୍ଣ ସେହି ସରାଗତେ ଲୋ । ୭ ।

ଖଟରେ ପୁଅ ଶୁଅନ୍ତୁ ଉଠି ଗୁଡ଼ ମାଗିବା କଥା ମନେ ପକାଇ ମା' ବାହୁନୁଛନ୍ତି ।

ବୋଇଲି ଲୋ, ଯଶୋଦାଲେ ଦିଶଇ ମାତର ଗୃହ,
ନିଦ୍ରୁ ଉଠେଇଣ ତାଙ୍କୁ ଗୁଡ଼ଖଣ୍ଡି ଦିଅ ଲୋ । ୧୦ । ଇତ୍ୟାଦି ।

**ଜଗନ୍ନାଥ ଦାସଙ୍କ ଟୀକା**—କେଶବ କୋଇଲିକୁ ସାଧାରଣ ଭାବରେ ଉପରେ ଉପରେ ପଢ଼ିଲେ କେବଳ ପୁତ୍ରବିରହକାତର ଯଶୋଦାଙ୍କ ବିଳାପ ହିଁ ଜଣାପଡ଼େ । କିନ୍ତୁ ଏ ଆବରଣ ଭିତରେ ଆଉ ଅନ୍ୟ ପ୍ରକାର ଗୂଢ଼ତତ୍ତ୍ୱ ଥିବା କଥା ଷୋଡ଼ଶ ଶତାବ୍ଦୀର ଭକ୍ତକବି ଜଗନ୍ନାଥ ଦାସ

ତାଙ୍କର 'ଅର୍ଥ କୋଇଲି'ରେ ପ୍ରକାଶ କରିଅଛନ୍ତି । ଅର୍ଥ କୋଇଲି କେଶବ କୋଇଲିର ଟୀକା ଗ୍ରନ୍ଥ । 'ଖ' ପଂକ୍ତିଗୁଡ଼ିକ ମୂଳର ଶ୍ଳୋକ ବଦତାଳିକୁ ଜଗନ୍ନାଥ ଦାସ ଦୁଇଶତାଧିକ ପଂକ୍ତିରେ ବଡ଼ ସୁନ୍ଦର ଭାବରେ ବୁଝାଇ ଅଛନ୍ତି ।

ଅର୍ଜୁନ ଭଗବାନଙ୍କୁ ପଚାରୁଛନ୍ତି—"କେଶବ କୋଇଲି, ନାଥ, କାହାକୁ ଯେ କହି", ଏହାର ଉତ୍ତରରେ କୃଷ୍ଣ କହୁଛନ୍ତି—"କୋଇଲି ହେଲା ଜୀବ । ଏହି ଜୀବ ପରମାତ୍ମା ସ୍ୱରୂପ । ଜୀବ ଆତପ ଅଟିଥିଲା, ଅଦେଶ ତଳେ ଥିଲା । ଅଳ୍ପ ବାହୁଡ଼ି ଅଇଲା ନାହିଁ । ପୁଣି ବା ଜୀବ ବା ଏଠାରେ ପରମାତ୍ମା ବାହୁଡ଼ି କଥାପିବାକୁ ମଥୁରା ସ୍ୱରୂପ ପିଣ୍ଡ ପଡ଼ି ରହିଲା । ପିଣ୍ଡରେ ଜୀବ ଥାଇ ମହାସୁଖ ପାଉଥାଏ । ପୁଣି ଏ ଜୀବ ପିଣ୍ଡରୁ ଅନ୍ତର ହୋଇ ଅନାଶ ସ୍ଥଳୀଯାଏ । ସେହିହେତୁ ଷଡ଼ରସ ତଣ୍ଡ୍ରୀରି ଅର୍ଥ ହେଲା ଇତ୍ୟାଦି ।" ଜୀବ, ପରମ, ପିଣ୍ଡ, ପିଣ୍ଡରେ ଜୀବର ଲୀଳା, ଜୀବାତ୍ମା ପରମାତ୍ମାର ବିଚ୍ଛେଦରେ ବିରହ-ବେଦନା ପ୍ରଭୃତି ଦର୍ଶନଶାସ୍ତ୍ରସମ୍ମତ ବ୍ୟାଖ୍ୟା ଏହି କ୍ଷୁଦ୍ର କଲେବରବିଶିଷ୍ଟ କୋଇଲି କବିତାର ଟୀକାରେ ଜଗନ୍ନାଥ ଦାସ ଦେଇଛନ୍ତି ।

ମାର୍କଣ୍ଡ ଦାସ ପଞ୍ଚସଖା ଯୁଗର ପୂର୍ବବର୍ତ୍ତୀ କବି । ଏ ପଞ୍ଚସଖାଙ୍କ ପୂର୍ବରୁ ଓଡ଼ିଶାରେ ଧର୍ମଚର୍ଚ୍ଚା ଓ ସାଧାରଣ ସାହିତ୍ୟଚର୍ଚ୍ଚାର ପ୍ରବାହ ସ୍ଫୂର୍ତ୍ତିମାନରେ ପ୍ରବାହିତ ହେଉଥିଲା । ଲୋକେ ଜନବର୍ଣ୍ଣିକୁ ଅତି ଆଦର କରୁଥିଲେ । ରୂପକ ଛଳରେ ନିଗୂଢ଼ ଧର୍ମତତ୍ତ୍ୱମାନ ସେ ସମୟରେ ବହୁ କବିଲେକ ପ୍ରକାଶ କରିବାକୁ ସୁଖ ପାଉଥିଲେ । ଲୌକିକ ଉଦାହରଣ ସାହାଯ୍ୟରେ ଅତି ଜଟିଳ ଦାର୍ଶନିକ ବିଷୟକୁ ଅତି ସରଳ ଭାବରେ ବୁଝାଇବା ପାଇଁ ଏ ସମୟର ପଣ୍ଡିତଙ୍କ ବହୁ କବି ଉଦ୍ୟମ କରିଛନ୍ତି । ଏ ଗୁଣପ୍ରବାହ ମାର୍କଣ୍ଡ ଦାସଙ୍କ ଉପରେ ପ୍ରଭାବ ବିସ୍ତାର କରିଛି ।

ନଇଲେ, ଦୋକେ, ସ୍ୱାଇ, ବାଇ, ବୋଇ, ଖାଇବାର ସୁଅ, ପଞ୍ଚଣ, ବଡ଼ାଏ, ରୁଟେଇ ପ୍ରଭୃତି ଖାଣ୍ଟି ଓଡ଼ିଆ ପଦ କବି ବ୍ୟବହାର କରିଛନ୍ତି ।

**ଛନ୍ଦ ଓ ଯତିପାତ**—'କେଶବ କୋଇଲି'ରେ ଦୁଇ ଚରଣରେ ଏକ ପଦ ହୋଇଛି । ଅନ୍ତ୍ୟରେ ଓ ଶେଷରେ 'କୋଇଲି' ସଂପୃକ୍ତ ହୋଇଛି ।

'କୋଇଲି' ଶବ୍ଦକୁ ଛାଡ଼ି ପ୍ରଥମ ଚରଣରେ ଦଶଟି ଅକ୍ଷର ଓ ଦ୍ୱିତୀୟ ଚରଣରେ ବାରଗୋଟି ଅକ୍ଷର ଅଛି । ପ୍ରଥମ ଚରଣର ଆରମ୍ଭ 'କୋଇଲି' ଶବ୍ଦକୁ ଛାଡ଼ିଦେଇ ପଦର ଆରମ୍ଭ ଧରିବାକୁ ହେବ, କାରଣ ଏହି ଦଶାକ୍ଷରୀ ଧାଡ଼ିଟିର ଆଦ୍ୟ ବର୍ଣ୍ଣ ଓ ଦ୍ୱିତୀୟ ଧାଡ଼ିର ଆଦ୍ୟ ବର୍ଣ୍ଣ ସମବର୍ଣ୍ଣ—ପ୍ରତ୍ୟେକ ପଦରେ ଆଦ୍ୟାନୁପ୍ରାସ ଓ ପ୍ରାନ୍ତ୍ୟାନୁପ୍ରାସ ରହିଛି । କେଉଁ କେଉଁ ପ୍ରଥମ ଧାଡ଼ିର ଆରମ୍ଭରେ 'କୋଇଲି' ସ୍ଥାନରେ, 'କୋକିଳ ଲୋ' ବୋଲି ମଧ୍ୟ ଲାଗି ଥାଆନ୍ତି । ଶେଷ ଧାଡ଼ିରେ 'ଲୋ କୋଇଲି' ରହିଥାଏ । 'କୋଇଲି ଲୋ' ମିଶାଇ ଗାଉଥିବା ବେଳେ ପ୍ରଥମ ଧାଡ଼ିଟି ଚଉଦ ଅକ୍ଷରୀ ହୋଇଯାଏ । ଶେଷ ଧାଡ଼ିଟି ଚଉଦ ଅକ୍ଷରୀ । ଗାଇଲା ବେଳେ ଉଭୟ ଧାଡ଼ି ଚଉଦ ଅକ୍ଷରୀ ଭଳି ବୋଲି ହେଉଥିବାରୁ ଏହି କବିତାଟିର ଗତି ମଞ୍ଜୁଳ ବୋଲି କୁହାଯାଏ । ଏଥିରେ ପ୍ରତ୍ୟେକ ଚରଣର ଅଷ୍ଟମ ଓ ଶେଷାକ୍ଷରରେ ଯତିପାତ ।

ସବୁ ଚଉତିଶା ଓ କୋଇଲି ପରି ଏଥିରେ ଆଦ୍ୟ ଅକ୍ଷର ଙ, ଞ, ଣ ସ୍ଥାନରେ 'ନ'ର ବ୍ୟବହାର ହୋଇଛି । କାରଣ ଏହିସବୁ ଅକ୍ଷର ଆଦ୍ୟରେ ଥାଇ ପଦ ନାହିଁ ।

ଚଉତିରିଶଟି ପଦ ମଧ୍ୟରୁ ଶେଷ ପଦଟି କବିଙ୍କ ପ୍ରାର୍ଥନା ସମ୍ପର୍କୀୟ । ଅନ୍ୟ ସବୁ ପଦରେ କବି ମାର୍କଣ୍ଡ କୃଷ୍ଣବଳରାମ ମଥୁରା ଯିବା ଓ ବାହୁଡ଼ି ନ ଆସିବାରୁ ଘର ଓ ଗ୍ରାମର ଦୁରବସ୍ଥା, ପିତା ଓ ମାତାଙ୍କ ଖେଦ, କୃଷ୍ଣଙ୍କ ଶିଶୁଲୀଳା, କୃଷ୍ଣବଳରାମଙ୍କ ରୂପ ଓ ବେଶ ବର୍ଣ୍ଣନା, କୃଷ୍ଣଭଗବାନଙ୍କ ସୂଚନା ପ୍ରଭୃତି ବିଷୟ ଅତି ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି ।

ଚରିତ ପ୍ରସଙ୍ଗ ବର୍ଣ୍ଣନାରେ ଦେବକୀଙ୍କ ଗର୍ଭରୁ କୃଷ୍ଣଙ୍କ ଜନ୍ମ, କୃଷ୍ଣଙ୍କୁ ଯଶୋଦା ଗର୍ଭଧାରିଣୀ ମାତା ରୂପେ ପ୍ରତିପାଳନ, କୃଷ୍ଣବଳରାମଙ୍କ ଯମୁନାତଟରେ ଗାଈ ଚରାଇବା, ଗୋପୀମାନଙ୍କର କୃଷ୍ଣଙ୍କ ପ୍ରତି ଶ୍ରଦ୍ଧା, କଂସ କୃଷ୍ଣଙ୍କୁ ମାରିବା ପାଇଁ କରିଥିବା କପଟ ଚକ୍ରାନ୍ତ, ଇନ୍ଦ୍ର ପ୍ରବଳ ବୃଷ୍ଟି କରିବା ପ୍ରସଙ୍ଗ, ଯମଳା ଅର୍ଜ୍ଜୁନ ବୃକ୍ଷରେ କୃଷ୍ଣଙ୍କୁ ମାତା ବନ୍ଧନ କରିବାରୁ ନଳକୁବର ଓ

ମଣିଗ୍ରୀବ ଦୁହିଙ୍କର ଶାପମୋଚନ ପ୍ରସଙ୍ଗର ସୂଚନା, କୃଷ୍ଣବଳରାମଙ୍କ କଂସର ଆଦେଶରେ ଅକ୍ରୂର ମଥୁରାକୁ ରଥରେ ବସାଇ ନେବା ପ୍ରସଙ୍ଗ ବିଭିନ୍ନ ପଦମାନଙ୍କରେ ସୂଚିତ ହୋଇଛି । ଭାଗବତବର୍ଣ୍ଣିତ ଏସବୁଠାରୁ ବହିର୍ଭୂତ କୌଣସି ବିଷୟ କବି ଅବତାରଣା କରି ନାହାନ୍ତି ।

କୃଷ୍ଣ ଦେବକୀଙ୍କ ଗର୍ଭରୁ ଜନ୍ମିତ ହୋଇଥିବା ଯଶୋଦା ଜାଣିଥିଲେ—

କୋଇଲି ଲୋ, ଧନ୍ୟ ସେହୁ ଦେବକୀ ନାରୀ<br>
ଧର୍ମ ଥିଲା ପୁଣ୍ୟ ସେଗୋଟି ହୋଇଲା ତାହାର ଲୋ କୋଇଲି । ୧୯ ।

ପୁଣି କୃଷ୍ଣ ଦେବକୀଙ୍କ ଗର୍ଭରୁ ଜାତ ହୋଇଥିବାରୁ ସେ ସ୍ୱ ପିତା ବସୁଦେବଙ୍କ ପୁରକୁ ଚାଲିଯାଇଥିବା ଆଶଙ୍କା (?) ମଧ୍ୟ ଯଶୋଦା କରୁଛନ୍ତି ।

କୋଇଲି ଲୋ, ଚାଲିବାକୁ ମୋର ନାହିଁ ଋଣ<br>
ଚାଲିବାର ଫଳ ଗଲୁ ବସୁଦେବ ପାଶ ଲୋ କୋଇଲି । ୨୨ ।

କୃଷ୍ଣ ସ୍ୱୟଂ ଭଗବାନ ଏକଥା ଯଶୋଦା ଜାଣି ପାରିଥିଲେ ଏବଂ ସେଥି କାରଣରୁ କବି ମାତା ମୁଖରେ ତାଙ୍କୁ ମାଧବ, ପରମ ପୁରୁଷ, ମଧୁସୂଦନ, କେଶବ, ଗୋବିନ୍ଦ, ହରି, ଦାମୋଦର, ନାରାୟଣ, ବନମାଳୀ, ଜଗତଜୀବନ, ପ୍ରଭୁ—ବୋଲି ସମ୍ବୋଧନ କରାଇଛନ୍ତି । ଥରେ କୃଷ୍ଣ ହାଇମାରିବା ବେଳେ ତାଙ୍କ ହୃଦୟରେ ଅଶେଷ ବ୍ରହ୍ମାଣ୍ଡ ଦେଖିଥିବା କବି ଲେଖିଛନ୍ତି ।

ଗୋପବାଳୀମାନଙ୍କର କୃଷ୍ଣଙ୍କ ପ୍ରତି ଶୃଙ୍ଗାର ସୂଚନା କବି ଯଶୋଦାଙ୍କ ମୁଖରେ ଶୁଣାଇ ଅଛନ୍ତି । ଏଥିରୁ ଜଣାଯାଉଛି କବି ଗୋପକୃଷ୍ଣଙ୍କ ଗୋପୀଙ୍କ ସହ ଲୀଳାର ସୂଚନାଟି ଦେଇ ଏହାର ପ୍ରାଧାନ୍ୟ ସ୍ୱୀକାର କରିଛନ୍ତି ।

କୋଇଲି ଲୋ, ଚଳୁଥାଇ କଟୀର ମେଖଳୀ<br>
ଚକିତ ହୋଇବେ ଶୁଣି ଗୋପପୁର ବାଳୀ ଲୋ କୋଇଲି । ୭ ।

ଚଉରାଶିଟି ପଦ ମଧ୍ୟରୁ କେବଳ ଏଣ୍ଟୁ କୋଡ଼ିଏ ପଦରେ ଜଣ ଗୋପୀଙ୍କ ପ୍ରସଙ୍ଗର ସୂଚନା ଦେଇଥିବାରୁ କେବଳ ଗୋପୀଙ୍କ ସହିତ କୃଷ୍ଣଙ୍କ ଲୀଳା ବର୍ଣ୍ଣନା ଛଡ଼ା ବାଳକୃଷ୍ଣ ଓ ମଥୁରାକୃଷ୍ଣ ଲୀଳାକୁ ମଧ୍ୟ ସେ ଉଚିତ ପ୍ରାଧାନ୍ୟ ଦେଇଛନ୍ତି । କୃଷ୍ଣଙ୍କ ଜନ୍ମଠାରୁ ମଥୁରା ଯିବା ପର୍ଯ୍ୟନ୍ତ ପ୍ରାୟ ସବୁ ମୁଖ୍ୟ ଘଟଣାର ସଂକ୍ଷିପ୍ତ ଉଲ୍ଲେଖ ସେ ଚମତ୍କାର ଭାବରେ କରିଯାଇଛନ୍ତି । ଶୋକାତୁରା ଜନନୀ ପକ୍ଷରେ ଶିଶୁପୁତ୍ରର କୌତୁକ କାର୍ଯ୍ୟାବଳୀ ମନେ ପକାଇ କରୁଣ କ୍ରନ୍ଦନ କରିବା ସ୍ୱାଭାବିକ । ତେଣୁ ଅନ୍ୟାନ୍ୟ ପ୍ରସଙ୍ଗର ଅବତାରଣା ବା ସୂଚନା ଚଉରାଶିର କଳ୍ପିତ କ୍ଷୁଦ୍ର କଳେବର ମଧ୍ୟରେ ଦେବା କବିଙ୍କ ପକ୍ଷରେ ସମ୍ଭବ ନଥିଲା ।

ଶିଶୁପୁତ୍ର କୃଷ୍ଣ ବଳରାମଙ୍କୁ ଯଶୋଦା ଓ ନନ୍ଦ ବଡ଼ ସ୍ନେହରେ ଲାଳନପାଳନ କରୁଥିଲେ । କୃଷ୍ଣ ଏକମାତ୍ର ପୁତ୍ର ହୋଇଥିବାରୁ ଯଶୋଦା ତାଙ୍କର ସମସ୍ତ ସ୍ନେହ ତାଙ୍କ ଉପରେ ଢାଳି ଦେଇଥିଲେ । ଶିଶୁପୁତ୍ର ମାତାଙ୍କ କୋଳରେ ଟହ ଟହ ହୋଇ ହସୁଥାଆନ୍ତି । ଝୁଲିବା ବେଳେ ଟଳ ଟଳ ଟଳ ହେଉଥାଆନ୍ତି । ମାତା ଡାକିଲେ ଶିଶୁପୁତ୍ର ଡାକରନ୍ତି ଶୁଆ ପରି ମଧୁର କଣ୍ଠରେ ବତାଇବା ପଦଗୁଡ଼ିକ କହୁଥାଆନ୍ତି । ସନ୍ଧ୍ୟାକାଳରେ କୃଷ୍ଣଚନ୍ଦ୍ର (ଚନ୍ଦ୍ର ମାମୁଁ)ଙ୍କୁ ଦେଖାନ୍ତି । କୃଷ୍ଣଙ୍କ ପିତା ନନ୍ଦ ନୟନ ଟେକି (ଉପରକୁ ଚାହିଁ) ଚନ୍ଦ୍ରଙ୍କ ଆଡ଼େ ହାତ ବଢ଼ାଇ "ଆ ଆ" ବୋଲି କହି କୃଷ୍ଣଙ୍କୁ ବୋଧ କରୁଥାଆନ୍ତି । ମାତା ସୁନ୍ଦର ନୟନରେ କଜ୍ଜଳ ଦେଇ ନାସାରେ ମଣିମୁକ୍ତା ଫଳ ପିନ୍ଧାଇ ଦେଉଥାଆନ୍ତି । କଟୀରେ ମେଖଳା ଝଳୁଥାଏ । କଜ୍ଜଳ ଦେବାରୁ ଆଖି ଢଳ ଢଳ ହୋଇ ଦିଶୁଥାଏ । ନାସାର ମଣିମୁକ୍ତା ଫଳ ଝଳୁଥାଏ । ଶିଶୁର ଦେହରେ ମା' କୁଙ୍କୁମ ଲେପି ଦିଅନ୍ତି । ସ୍ତନ ଝରି ମା' ଶିଶୁକୁ କ୍ଷୀରପାନ କରାନ୍ତି । ବଡ଼ ଭାଇ ବଳରାମ ସାନ ଭାଇକୁ ଖେଳାଉଥାଆନ୍ତି । ବସ୍ତ୍ର, ଧନ, ରତ୍ନ ଅଳଙ୍କାର ମାତା ପୁତ୍ରମାନଙ୍କୁ ପିନ୍ଧାଇ ଦେଲେ ସେମାନଙ୍କ ଅଙ୍ଗକୁ ସେଗୁଡ଼ିକ କେତେ ସୁନ୍ଦର ମାନେ ! କୃଷ୍ଣଙ୍କୁ ମା' ଖଣ୍ଡ ମିଶାଇ କ୍ଷୀର ପିଆଇ ଦିଅନ୍ତି । କୃଷ୍ଣ ବଳରାମ ଗାଈ ଚରାଇବାକୁ ବଣକୁ ଯାଆନ୍ତି । ଏବେ ଆଉ କିଏ ଗାଈ ଚରାଇବ ।

କୃଷ୍ଣଙ୍କ ବାଲ୍ୟ ଜୀବନର କେତେକ ବର୍ଣ୍ଣିତ ଘଟଣା ଏହିସବୁ ପଦରୁ ସୂଚିତ ହେଉଛି—

(୧) କେଶବ ହେ ମଥୁରାକୁ ଗଲ । ୧ ।

(୨) ଛକୁଥାଇ କଟୀରୁ ମେଖଳୀ,
ଜଗତ ଦେଖାଇଲେ ଶୁଣି ଗୋପପୁର ବାଳୀ । ୬ ।

(୩) ତୃଣେକ ମୁଁ ମାଇଲି ପୁରୁଷେ । ୭ ।

(୪) ଅନେକ ଖୁଂପିଲା ସୃଷ୍ଟି କଂସ,
ଅଣହେଲା କରୁଣ ଆପଣେ ଗଲା ନାଶ । ୧୫ ।

(୫) ଦଉଡ଼ିରେ ବାନ୍ଧିଲ ପୁତ୍ରଙ୍କୁ,
ଦାମୋଦର ଘୁଷେ ଗଲେ ମଥୁରା ପୁରକୁ । ୧୮ ।

(୬) ଧନ୍ୟ ଦେଖନ୍ତୁ ଦଇତାରି ନାମ,
ଧର୍ମ ଥିଲା ପୁଣ ବୋଲି ହୋଇଲ ତାହାର । ୧୯ ।

(୭) ଫଳଦାର ଫଳ ଗଲା ବସୁଦେବ ପାଶ । ୨୨ ।

(୮) ଗାତ ଧନ ଇନ୍ଦ୍ର ବୃଷ୍ଟି କଲା,
ଶ୍ରୀପତି ବରଷ ପୂର୍ଣ୍ଣ ମନ୍ଦର ଧଇଲ । ୩୨ ।

(୯) ଖାଇ ହେ ମାଉସି ପୂତ ରୁଣ୍ଡି,
ହୃଦରେ ଦେଖିଲା ତାର ଅଶେଷ ବ୍ରହ୍ମାଣ୍ଡ । ୩୩ ।

କୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି ଯଶୋଦା ଜାଣି ପାରିଥିଲେ । ଏହା ଏହିସବୁ ପଦରୁ ଜଣାଯାଉଛି—

ଗୋବିନ୍ଦ (୪), ହରି (୧୦), ଦାମୋଦର (୧୮), ନାରାୟଣ (୨୦, ୨୮), ମାଧୋଇ (୨୧), ବନମାଳୀ (୨୩), ମାଧବ, ମଧୁସୂଦନ (୨୫), ଜଗତଜୀବନ ପ୍ରଭୁ (୨୬), ପରମ ପୁରୁଷ (୨୧) ।

କୃଷ୍ଣଙ୍କୁ 'ପରମ ପୁରୁଷ' ଓ 'ଜଗତଜୀବନ ପ୍ରଭୁ' ବୋଲି ଜାଣି ମଧ୍ୟ ପୁତ୍ରସ୍ନେହ-ଆଧିକ୍ୟ ଯୋଗୁଁ ଯଶୋଦା ପୁତ୍ର ପାଇଁ ବିଳାପ କରିଛନ୍ତି ।

ପରମ ପୁରୁଷ ସେ ମାଧୋଇ
ପଣତ ମୁଁ ଢାଙ୍କିଥିଲି କୃଷ୍ଣ ମୁଖ ସୁନ୍ଦି । ୨୧ ।
ଜଗତଜୀବନ ପ୍ରଭୁ ସେତ୍ତାଏ ବଇଲେ । ୨୨ ।

ଏହାର ପ୍ରତ୍ୟକ୍ଷ ପ୍ରମାଣ ଯଶୋଦା ପାଇଥିଲେ ।

ଥରେ ପୁତ୍ର ହାଇ ମାରିବା ବେଳେ ମାତାଙ୍କୁ ତାଙ୍କ ହୃଦୟରେ ଅଶେଷ ବ୍ରହ୍ମାଣ୍ଡ ଦିଶିଥିଲା ।

ହାଇ ଯେ ମାରିଲେ ପୁତ୍ର କୃଷ୍ଣ,
ହୃଦରେ ଦିଶିଲା ତାର ଅଶେଷ ବ୍ରହ୍ମାଣ୍ଡ । ୩୩ ।

କୃଷ୍ଣ ବସୁଦେବଙ୍କ ପୁତ୍ର ବୋଲି ଯଶୋଦା ଜାଣିଥିଲେ । ଏଣୁ କାରଣରୁ ସେ ଆଶଙ୍କା କରୁଥିଲେ ଯେ କୃଷ୍ଣ ପୋଷ୍ୟ ମାତାପିତାଙ୍କୁ ତ୍ୟାଗକରି ଜନ୍ମଦାତ୍ରୀ ମାତାପିତାଙ୍କଠାକୁ ଚାଲିଯିବେ କି ଏବଂ ସେ ଫେରିବେ ନାହିଁକି ?

ବୋଇଲି ରେ, ଧନ୍ୟ ସେହୁ ଦଇବକୀ ଦାସୀ,
ଧର୍ମ୍ମେ ଥିଲା ପୁତ୍ର କୋଟି ହୋଇଲା ତାହାର । ୧୯ ।
ବୋଇଲି ରେ, ଫଳବାକୁ ନାହିଁ ମୋର ଅଂଶ
ପାଳିବାର ଫଳ ଗଲା ବସୁଦେବ ପାଶ । ୨୨ ।

ବୋଇଲି, ଖାଇବାର ପୁଅ, ପହଣ, ଗୁଡ଼ହେଳ, ସେତ୍ତାଏ, ଛଇଣି, ତାରଣି ପ୍ରଭୃତି ପଦରେ ଓଡ଼ିଆ ଶବ୍ଦ ବ୍ୟବହାର କରି କବି ଜାତିକୁ ପରିଚିତ କରିଛନ୍ତି । 'ଫଗଡ଼ା' ଶବ୍ଦଟି 'ଫୁ' ପଦରେ ବ୍ୟବହୃତ ହୋଇଥିବା ଦେଖାଯାଏ । ଏହା ଏକ ବୈଦେଶିକ ଶବ୍ଦ; କବିଙ୍କ ସମୟକୁ ଏହା ପ୍ରଚଳିତ ହୋଇ ସାରିଥିବାରୁ ସେ ଏହାକୁ ବ୍ୟବହାର କରିଥିବା ଧି ଅନୁମିତ ହୁଏ ।

କବି ଛନ୍ଦବନ୍ଧରେ ସାମାନ୍ୟ ସ୍ଥାନରେ ଯମକ ରକ୍ଷା କରିଥିବାରୁ ଛନ୍ଦ ପଦକୁ ସୁନ୍ଦର କରିପାରିଛନ୍ତି ।

ଚକ୍ଷି ଚକ୍ଷୁ ହସୁଥାନ୍ତି ବୋଇଲେ ।
ଟଳ ଟଳ ହେଉଥାନ୍ତି ଫୁଲିବାର ବେଳେ । ୧୧ ।

ଢଳ ଢଳ ନୟନେ ଝଞ୍ଜୁଳ । ୧୪ ।
ଝୁରି ଝୁରି ଲୁହ ନ ରହିଲା । ୯ ।

ପ୍ରତ୍ୟେକ ପଦରେ ଆଦ୍ୟାନୁପ୍ରାସ ଓ ଅନ୍ତ୍ୟାନୁପ୍ରାସ ସହିତ ଅନୁପ୍ରାସରେ ରହିଥିବାରୁ 'କୋଇଲି'ଟି ସୁଖପାଠ୍ୟ ହୋଇଛି ।

ଗଲା ପୁଅ ବାହୁଡ଼ି ନଆଇଲା (୧), ଖାଇବା ବେଳେ (୧), ଗାଈଗୋଠର ପୁଅ (୨), ଗଲା ପୁଅ ବାହୁଡ଼ି ନଆଇଲା (୩), ଘର ମୋର ନ ଶୋଭୁ ନନ୍ଦ (୪), ଙ୍କ ଦେହ ପାଷାଣେ ଗଢ଼ିଲା (୫), ଚନ୍ଦ୍ରଆନ୍ତ କଟୀର ମେଖଳୀ (୬), ଛୁଇଁବ ମୁଁ ମାଇଲ ଦୁଃଖରେ (୭), ଯାଆ ବୋଲି ଭଣ୍ଡି ଦେଲା ବହାଇ ରଥର (୮), ଝୁରି ଝୁରି ଲୁହ ନ ରହିଲା (୯), ଟହ ଟହ ହସୁଥାନ୍ତି ଗୋପାଳ, ଟଳ ଟଳ ହେଉଥାନ୍ତି ଝୁଲିବାର ବେଳେ (୧୧), ଠକ ଭଣ୍ଡି ଗଲେ କୃଷ୍ଣ ନଇଲେ ବେଢ଼ାଏ (୧୨), ଢଳ ଢଳ ନୟନେ ଝଞ୍ଜୁଳ, ଢଳର ନାହାର ମଣି ମୁକୁତାର ହାର (୧୪), ଅନ ଖାଇଁ ଷୀର ପାନ ଦେଲା, ଅବର ବାଳକୁ ଘୃଣି ଦେଖି ନ ପାରିଲା (୧୬) ପ୍ରଭୃତି ପଦ କବିଙ୍କର କବିତା ଲେଖିବା ଶକ୍ତିର ପରିଚୟ ଦିଏ ।

କବି ଭାଗବତ ଓ ପୁରାଣମାନଙ୍କରୁ ବହୁ ପ୍ରସଙ୍ଗର ସୂଚନା ଦେଇଥିବାରୁ ତାଙ୍କର ପୁରାଣମାନଙ୍କରେ ଯଥେଷ୍ଟ ଜ୍ଞାନ ଥିବାର ପ୍ରମାଣ ମିଳୁଛି ।

କବି ବର୍ଗୀୟ 'ବ' ଓ ଅବର୍ଗୀୟ 'ବ' ଭିତରେ ଥିବା ପାର୍ଥକ୍ୟ ଜାଣିଥିବା ବି ପ୍ରମାଣିତ ହେଉଛି । କାରଣ ସେ ଏ ଦୁଇଟି ବର୍ଣ୍ଣର ପଦମାନଙ୍କରେ ଉଭୟ ବର୍ଣ୍ଣର ଉଚ୍ଚାରଣର ବିଭିନ୍ନତା ରକ୍ଷା କରିଛନ୍ତି । ଏଥିରୁ ତାଙ୍କର ବ୍ୟାକରଣ ଜ୍ଞାନର ସୂଚନା ମଧ୍ୟ ମିଳେ ।

ବର୍ଗୀୟ 'ବ'—ବହୁତ ଶହିଲୁ ତାଙ୍କ ଆଳି ।
ବହିଲା ଶରଧା ଭାଙ୍ଗି ଗଲେ ବନମାଳୀ ।

ଅବର୍ଗୀୟ 'ବ'—ବୃନ୍ଦାବନ ନ ଶୋଭଇ ମୋର,
ବସ୍ତ୍ର କାଏ ଚଳାଇବ ଯମୁନାର ତୀର ।

ସପ୍ତମୀ ବିଭକ୍ତିଠାରେ ଷଷ୍ଠୀ ବାକ୍ୟ—"ରାଧା ବୋଲି ଭକ୍ତି ଦେଇ ବସାଇ ରଥର ।" ଏଠାରେ 'ରଥରେ' ସ୍ଥାନରେ 'ରଥର' ହୋଇଛି । ଓଡ଼ିଆ କବିତାରେ ବିଭକ୍ତିମାନଙ୍କର ଯଥାଯଥ ପ୍ରୟୋଗ ଦେଖାଯାଉନଥିଲେ ମଧ୍ୟ କବି ଏଠାରେ ଏକ ସ୍ୱଳ୍ପ ପ୍ରଚଳିତ ରୂପର ବ୍ୟବହାର କରିଛନ୍ତି । ଏପରି ବ୍ୟବହାର ବାଲେଶ୍ୱର ଜିଲ୍ଲାରେ ଦେଖାଯାଏ ।

ତତ୍ସମ, ତଦ୍ଭବ ଓ ଦେଶଜ ଶବ୍ଦର ସୁନ୍ଦର ପ୍ରୟୋଗ ଥିବାରୁ କବିଙ୍କ ପାଣ୍ଡିତ୍ୟର ସୂଚନା ଏହି କ୍ଷୁଦ୍ର କବିତାରୁ ମଧ୍ୟ ମିଳୁଛି ।

**କବି ମାର୍କଣ୍ଡ ଓ କେଶବ କୋଇଲିର ସମୟ—** ଓଡ଼ିଆ ସାହିତ୍ୟରେ "କୋଇଲି"ର ସଂଖ୍ୟା କମ୍ ନୁହେଁ । ଏଗୁଡ଼ିକ ଭିତରେ କେତୋଟି ଉଚ୍ଚ ଧରଣର କବିତା ଅଛି । 'କେଶବ କୋଇଲି' ଓଡ଼ିଆ କୋଇଲି ସାହିତ୍ୟ ଭିତରେ ସର୍ବପ୍ରଥମ ବୋଲି କହିବା ପାଇଁ ନିର୍ଦ୍ଦିଷ୍ଟ ପ୍ରମାଣ ମିଳୁ ନଥିଲେ ମଧ୍ୟ ଏହା ଏକ ପ୍ରାଚୀନ କବିତା ଥିବା ସ୍ପଷ୍ଟ । କାରଣ, ଷୋଡ଼ଶ ଶତାବ୍ଦୀର ଓଡ଼ିଆ ଭାଗବତକର୍ତ୍ତା ଅତିବଡ଼ୀ ଜଗନ୍ନାଥ ଦାସ ଏହି କୋଇଲି ଉପରେ ଏକ ଟୀକା କରିଥିବାରୁ ମାର୍କଣ୍ଡ ଦାସ ଜଗନ୍ନାଥଦାସଙ୍କ ପୂର୍ବର କିମ୍ବା ସମସାମୟିକ ଲୋକ ହେବା ସମ୍ଭବ । ତେବେ ମାର୍କଣ୍ଡଙ୍କୁ ମହାଭାରତକର୍ତ୍ତା ଶାରଳାଦାସଙ୍କ ସମସ୍ତର କିମ୍ବା ତାଙ୍କ ପୂର୍ବର କବି ବୋଲି କହିବା ପାଇଁ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ଷୋଡ଼ଶ ଶତାବ୍ଦୀ ପୂର୍ବର କବି ବୋଲି ମାର୍କଣ୍ଡଙ୍କୁ କୁହାଯାଇ ପାରିବ, କାରଣ ତାଙ୍କର କୋଇଲିଟି ଲୋକପ୍ରିୟ ହୋଇ ପାରି ନଥିଲେ ଜଗନ୍ନାଥ ଦାସ ଟୀକା କରିବା ପାଇଁ ମନ ବଳାଇ ନଥାନ୍ତେ । 'କେଶବ କୋଇଲି' ଓଡ଼ିଶାର ସବୁଠି ବିଦ୍ୟାଳୟମାନଙ୍କରେ ଶିଶୁମାନଙ୍କର ପାଠ୍ୟ ରୂପେ ପ୍ରାଚୀନ କାଳରୁ ଚାଲି ଆସୁଥିବାରୁ ଏହାର ପ୍ରାଚୀନତା ସୂଚିତ ହେଉଛି । କିନ୍ତୁ ଏହି କାରଣରୁ ଏହା ସବୁଠାରୁ ପ୍ରାଚୀନ କବିତା ବୋଲି କହିବା ପାଇଁ ଯୁକ୍ତିଯୁକ୍ତ କାରଣ ନାହିଁ । ରାଜକୃଷ୍ଣଦାସଙ୍କ ଗୁଣସାଗର, ଭୃଗୁଦାସଙ୍କ "କ-କ କାଳିନ୍ଦୀ କୂଳେ, ଖ-ଖ ଖେଳନ୍ତି ଧୀରେ" ଚଉତିଶା ମଧ୍ୟ 'କେଶବ କୋଇଲି' ପରି ସବୁଠି ପଢ଼ା ହେଉଥିଲା ।

'କେଶବ କୋଇଲି'କୁ ଓଡ଼ିଶାର ସର୍ବ ପ୍ରଥମ କୋଇଲି କବିତା ବୋଲି ମଧ୍ୟ କୁହାଯାଇ ପାରୁନାହିଁ । କାରଣ, ବହୁ କୋଇଲିର କବିମାନଙ୍କ ସମୟ

ସମ୍ବନ୍ଧରେ କିଛି ଜଣାଯାଇନାହିଁ । କେବଳ ଷୋଡ଼ଶ ଶତାବ୍ଦୀର ଜଗନ୍ନାଥ ଦାସଙ୍କ ସମୟରେ ଅଥବା ତାହା ପୂର୍ବରୁ ଏହା ରଚିତ ହୋଇଥିବା ନିର୍ଦ୍ଦିଷ୍ଟ ଭାବରେ ଜଣା ପଡ଼ୁଛି । ଏଥିରୁ ଏହା ସିଦ୍ଧାନ୍ତ କରାଯାଇପାରେ ଯେ ନିର୍ଦ୍ଦିଷ୍ଟ ରଚନା ସମୟ ମିଳୁଥିବା ପ୍ରାଚୀନ କୋଇଲି କବିତାମାନଙ୍କ ଭିତରେ 'କେଶବ କୋଇଲି' ସର୍ବପ୍ରାଚୀନ । କବିଙ୍କ ଜୀବନୀ ସମ୍ବନ୍ଧରେ ଏପର୍ଯ୍ୟନ୍ତ କିଛି ଉପାଦାନ ମିଳିନାହିଁ । କବି ଜାତିରେ ବ୍ରାହ୍ମଣ ଥିଲେ ଏବଂ ତାଙ୍କର ସଂଜ୍ଞା 'ଦାସ' ଥିଲା ବୋଲି ଶୁଣାଯାଏ ।

**କୋଇଲି କବିତା ଓ କେଶବ କୋଇଲିର ନାମକରଣ**—ସଂସ୍କୃତ ସାହିତ୍ୟରେ ବହୁ କାଳରୁ 'ଦୂତ' କବିତା ପ୍ରଚଳିତ ଅଛି । ମେଘଦୂତ, ହଂସଦୂତ, କୋକିଳଦୂତ ସାହିତ୍ୟ ସଂସ୍କୃତ ଭଣ୍ଡାରରେ ଅତି ସମୃଦ୍ଧିଶାଳୀ । କାଳିଦାସଙ୍କ ମେଘଦୂତ ଓ ରୂପ ଗୋସ୍ୱାମୀଙ୍କ ହଂସଦୂତ ବିଖ୍ୟାତ ରଚନା । ମେଘକୁ, ହଂସକୁ, କୋକିଳକୁ ଦୂତ କରି ନିଜର ଅବସ୍ଥା ବ୍ୟକ୍ତ କରି ତାହାକୁ ଶୁଣାଇ, ଏହିସବୁ ଅବସ୍ଥାର ବାର୍ତ୍ତା ସ୍ୱରୂପ ନେଇ ଅନ୍ୟକୁ (ବିଶେଷତଃ ପ୍ରିୟ ଅଥବା ପ୍ରିୟା ନିକଟକୁ) ଦେବା ନିମିତ୍ତ ନିର୍ଦ୍ଦେଶ ଥାଏ । ବିରହକାତର ଦୁଃଖବାଣୀ ବାର୍ତ୍ତାବହ ଦ୍ୱାରା ପ୍ରିୟଜନଙ୍କୁ ଜଣାଇଲେ ହୃଦୟର ଦୁଃଖ ବହୁ ପରିମାଣରେ ଲାଘବ ହୋଇଯାଏ । ଏହା ସ୍ୱାଭାବିକ କଥା । ଏହି ପନ୍ଥାକୁ ଅବଲମ୍ବନ କରି ନିଜର ଦୁଃଖ ଅନ୍ୟକୁ ଜଣାଇ ହୃଦୟଭାର ଲାଘବ କରିବା ନିମନ୍ତେ ଯଶୋଦା 'କୋଇଲି'କୁ ସମ୍ବୋଧନ କରି ତାଙ୍କର ଦୁଃଖ ବ୍ୟକ୍ତ କରୁଛନ୍ତି । 'କୋଇଲି'କୁ ସେ ଦୂତ କରି କୃଷ୍ଣଙ୍କପାଖକୁ ପଠାଇବା କଥା କବିତାରୁ ଜଣାପଡୁନାହିଁ ।

କୃଷ୍ଣଙ୍କ ସମ୍ପର୍କରେ 'କୋଇଲି'ଟି ରଚିତ ହୋଇଥିବାରୁ କବି ଏହାକୁ 'କେଶବ କୋଇଲି' ବୋଲି ନାମ ଦେଇଛନ୍ତି । ବିଶେଷତଃ 'କେଶବ' ଶବ୍ଦର ଆରମ୍ଭରେ କୋଇଲି କବିତାର ଆଦ୍ୟପଦ 'କ' ଥିବାରୁ ଏହି 'କେଶବ' ନାମଟି କବି ନିର୍ବାଚନ କରିଥିଲା ପରି ଜଣାଯାଏ ।

ମାତା ଯଶୋଦା ପୁତ୍ରର ମଥୁରାପୁରକୁ ଗମନ ଓ ତାଙ୍କର ପ୍ରତ୍ୟାଗମନର ସମ୍ଭାବନା ନଥିବା ଆଶଙ୍କା କରି ମନର ଉତ୍କଟ ଦୁଃଖ ବ୍ୟକ୍ତ କରୁଛନ୍ତି । ପୁତ୍ରର ଗୁଣଗ୍ରାମ ବାହୁନେଇ ମାତା ଶୋକ କରୁଛନ୍ତି । ମାତାଙ୍କର ଶୋକ ହିଁ କବିତାଟିର ମୁଖ୍ୟ ସ୍ୱର । ପ୍ରଥମେ ପୁତ୍ର ମଥୁରା ଯିବାର ବ୍ୟକ୍ତ କରିଦେଇ ମାତାଙ୍କର ହୃଦୟର ଭାବରାଜିକୁ କ୍ରମରେ ବ୍ୟକ୍ତ କରିଛନ୍ତି । କୃଷ୍ଣଙ୍କ ଶିଶୁଲୀଳା, ପିତା ନନ୍ଦଙ୍କ ମାନସିକ ଦୁରବସ୍ଥା, ବସୁଦେବ-ଦେବକୀଙ୍କ ପ୍ରସଙ୍ଗ ପ୍ରଭୃତି କବିତାଟିରେ ପ୍ରକାଶ ପାଇଥିଲେ ମଧ୍ୟ ଯଶୋଦାଙ୍କ ମୂର୍ତ୍ତି ବାତ୍ସଲ୍ୟକରୁଣା ଏହାଦ୍ୱାରା ପ୍ରସଙ୍ଗରେ ସ୍ପଷ୍ଟ ହୋଇ ଉଠିଛି । କୃଷ୍ଣବଳରାମଙ୍କ ବାଲ୍ୟଲୀଳା ସମ୍ପର୍କୀୟ କେତୋଟି ପଦ ଦେଇ କବିତାଟି ସମ୍ପୂର୍ଣ୍ଣ କରି ଦେଇଥିଲେ ମଧ୍ୟ କବିତାଟି ଛୋଟ ଧରଣର ହୋଇପାରି ଥାଆନ୍ତା । ଅନ୍ୟାନ୍ୟ ଚଉତିଶାଗୁଡ଼ିକ କୌଣସି ସ୍ୱରର ଗାମ୍ଭୀର୍ଯ୍ୟକୁ ସ୍ପର୍ଶ କରୁନାହିଁ, ପଦପୂରକ ହୋଇ ରହିଅଛି ।

## କବି ଦାମୋଦର

କବି ଦାମୋଦରଙ୍କ 'ରସକୋଇଲି ଚଉତିଶା' ଓଡ଼ିଆ ଚଉତିଶା ସାହିତ୍ୟରେ ଏକ ଲୋକପ୍ରିୟ ଚଉତିଶା । ରସକୋଇଲି ବା ରସକୁଲା ଗୀତଟି ମଧ୍ୟ ଓଡ଼ିଶାରେ ଅତି ଲୋକପ୍ରିୟ ଥିଲା । କବି ଏହି ଲୋକପ୍ରିୟ ଗୀତରେ ଚଉତିଶାଟି ରଚନା କରିଥିବାରୁ ତାହାର ନାମ ରସକୋଇଲି ଚଉତିଶା ଦେଇଛନ୍ତି ।

ରାଧାକୃଷ୍ଣଙ୍କ ବିରହ, ମିଳନ, ବିହାର ଏହି ଚଉତିଶାର ବର୍ଣ୍ଣିତ ବିଷୟ । ନନ୍ଦସୁତ ଗଜମୂଳେ 'କଳା କଳେବର ରଙ୍ଗା ଅଧର' କହ୍ନାଇଙ୍କୁ ଦେଖିବା ହେତୁ ଓ ତାଙ୍କର ମୁରଲୀନାଦ ଶୁଣିବା ହେତୁ ରାଧା 'ଦାହିଆ ହରିଣୀ' ପ୍ରାୟ ହୋଇ ସଖୀକୁ ଡାକି କହୁଛନ୍ତି—

କବେଦନ ମୋର ଦେନ ଲୋ
କହେଁ ପ୍ରାଣବନ୍ଧୁ ଦେଇ ମୋତେ ରଖ
ଅଙ୍କେ ତୋର ଅଦ୍ଭୁତ ଲୋ ।

'ବୈମିଣୀଙ୍କ' 'ଦୂତୀ' ସେଠାରୁ ଯାଇ 'ଶୀତଳାରେ' 'କୁଞ୍ଜ ବନରେ' ପ୍ରବେଶ ହୋଇ ରାଧାଙ୍କ ସନ୍ଦେଶ କୃଷ୍ଣଙ୍କୁ କହିଲା । କୃଷ୍ଣ ସନ୍ତୋଷ ଜଣାଇବାକୁ ରାଧାଙ୍କୁ ସେ ସନ୍ଦେଶ ଦେଲା । ରାଧା ଆନନ୍ଦରେ ବିହ୍ୱଳ ହୋଇ ବେଶଭୂଷାରେ ସଜ ହେଲେ । ପରେ କୃଷ୍ଣଙ୍କ ସହିତ ମିଳନ ହେଲା ।

କବି ଏ ବିଷୟକୁ ବଡ଼ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି । ଚଉତିଶାର ପ୍ରତ୍ୟେକ ଛନ୍ଦରେ କବିତ୍ୱର ଶକ୍ତି ପ୍ରକାଶ ପାଇଛି । ଭାବ, ଭାଷା ଓ ପ୍ରକାଶଭଙ୍ଗୀ ଅତି ଉଚ୍ଚଧରଣର ହୋଇଛି । ଏହି କାରଣରୁ ଏହି ଚଉତିଶାର ଆଦର ବହୁତ ।

୧ । ନୟନେ ତା' ରୂପ ଦେଖିଲା ରାଧା, ନପାରିଲା କହି ବଚନେ ବାଧା
ନଳିନୀକି ମୋହେ ମଦନଶର, ନ ଦେଖି ଦେଖିଲି କଳାଶ୍ରୀମୁଖ ଯେ
ନିବେଦନ ମୋର ଦେଖ ଗୋ,
ନଚେଁ ପ୍ରାଣବନ୍ଧୁ ଦେଇ ମୋତେ ଭିକ
ଆଜନ୍ମୁଁ ତୋର ଅଧୀନ ଗୋ । [୫]

୨ । ନନ୍ଦନନ୍ଦ ଜଣି ପୀତବସନ, ଦାମିନୀ ଜଳଦ ମେଘେ ସେଘନ
ଜଡ଼ିତ ବେନି ଅଧରର ଛନ୍ଦେ, ଯୋଗୀନ୍ଦ୍ରବୃନ୍ଦ ଦେଖି ଯୋଗ ଛାଡ଼େ ଯେ
ନଇଁ ଗୋଷ୍ଠ ଜଗବନ୍ଧୁ ହେ,
ନୂଆଁ ଯୌବନ କେତେକ ମାତଇ
ଦେଇ ରଖ କୃପାସିନ୍ଧୁ ହେ । ୮ ।

୩ । ନୟନକୁ ନିଦ୍ରା ନ ଲାଗେ ତାର, ନିରନ୍ତରେ ନାମ ଜପଇ ତାର
ନ ରୁଚଇ ଅନ୍ନ ନ ମାଣ୍ଡେ ନିଦ୍ରା, ନଳିନୀ ପତ୍ରରେ ତନୁ ବେଢ଼ ଯେ
ନ ଜାଣଇ ତୋ ନ ଭଲେ ହେ,
ନଚେଁ ଉପେକ୍ଷା ଦୋଷକୁ ପାଇବୁ
ନାରୀଶିରୋମଣି ମଲେ ହେ । ୧୦ ।

ଏ ଚଉତିଶାଟିରେ କେବଳ ଖୁସି (ଖୁସି), ନଟେଁ (ନିଚ୍ଚେ), ଥଣ୍ଡ (ଥାଁ), ଖିନଶ୍ଚ (ଶୀଘ୍ର), ପୋଇ (ପୁଅ), ଦୂତାଇ (ଦୂତ) ପ୍ରଭୃତି ଶବ୍ଦ ବ୍ୟବହାର କରିଛନ୍ତି ।

ଖୁସି—କନ୍ଧଇ ଖୁସି ସଖୀ ଦୂତିକାକୁ ।୧।
ନଟେଁ—ନଟେଁ ପ୍ରାଣବନ୍ଧୁ ଦେଇ ମୋତେ ଭଣ ।୭।
ଥଣ୍ଡ—ନଟେଁ ଉପେକ୍ଷ୍ୟା ଦୋଷିକୁ ପାଉଛୁ ।୧୦।
ଖିନଶ୍ଚ—ଖିନଶ୍ଚେ ଦୂତ ତତ୍କ୍ଷଣେ ଚଳିଲା ।୯।
ପୋଇ—ଟିକ ନୋକ୍ତ ଅନ୍ୟେ ବାଳୁକ ପୋଇ ।୧୨।
ଦୂତାଇ—ଟିକ କଥା କ କେ କହୁଁ ଦୂତାଇ ଯେ ।୧୨।

କଳଶା ଚଉତିଶା ଭଳି ଏ ଚଉତିଶାଟି ଅତି ପ୍ରାଚୀନ । କିନ୍ତୁ ଏହାର ସମୟ ନିର୍ଣ୍ଣୟ କରିବା ପାଇଁ କୌଣସି ଉପାଦାନ ମିଳି ନାହିଁ । ପରବର୍ତ୍ତୀ ଯୁଗର କବିମାନେ ରସକୁଲ୍ୟା ଚଉତିଶା ଢଙ୍ଗରେ ବହୁତ ଚଉତିଶା ଲେଖିଥିବାର ଜଣାଯାଏ । ପରବର୍ତ୍ତୀ ବହୁ କବି କାବ୍ୟମାନଙ୍କରେ "ରସକୁଲ୍ୟା ବାଣୀରେ ଗାଇବ" ବୋଲି ନିର୍ଦ୍ଦେଶ ମଧ୍ୟ କରିଛନ୍ତି ।

## ଧରଣୀଧର ମିଶ୍ର

ଧରଣୀଧରଙ୍କର ଗୀତଗୋବିନ୍ଦର ଅନୁବାଦ ଉତ୍କଳ ଦେଶରେ ବହୁ ଆଦର ଲାଭ କରିଛି । ଜୟଦେବଙ୍କ ଗୀତଗୋବିନ୍ଦରେ ଲଳିତ-ପଦାବଳୀ ଅନୁବାଦ ପାଇଁ ସହଜ ବିଷୟବସ୍ତୁ ନୁହେଁ । ଜୟଦେବଙ୍କର ଓଡ଼ିଶାରେ ଜନ୍ମ । ଓଡ଼ିଶାରେ ତାଙ୍କର କବିପ୍ରତିଷ୍ଠା ଓ ବୈଦଗ୍ଧ୍ୟର ବିକାଶ । ଏକାଦଶ ଶତାବ୍ଦୀର ଗଙ୍ଗବଂଶୀୟ ଉତ୍କଳ-ଚକ୍ରବର୍ତ୍ତୀ ଚୋଳଗଙ୍ଗଦେବଙ୍କ ସମୟରେ କବି-ଚକ୍ରବର୍ତ୍ତୀ ଜୟଦେବଙ୍କ ଆବିର୍ଭାବ । ଗୀତଗୋବିନ୍ଦ ଉତ୍କଳ ଦେଶରେ ଏକ ଅଭିନବ ଜାଗରଣ ଧର୍ମଜଗତରେ ଓ କାବ୍ୟଜଗତରେ ଆଣିଥିଲା । ନିମ୍ବାର୍କ ସମ୍ପ୍ରଦାୟର ମତବାଦ ଏ ଗ୍ରନ୍ଥରେ ପୂର୍ଣ୍ଣଭାବରେ ପ୍ରକାଶ ଲାଭ କରିଛି । ଧରଣୀଧରଙ୍କ ଟୀକା ସାମ୍ପ୍ରଦାୟିକ ପ୍ରଚ୍ଛଦ ତଳେ ବ୍ୟାଖ୍ୟା କରିଥିଲେ ମଧ୍ୟ ସାହିତ୍ୟ କ୍ଷେତ୍ରରେ ଗୌରବର ପରମ୍ପରା ବୃଦ୍ଧି ଭାବରେ ଗୀତଗୋବିନ୍ଦ ଗ୍ରନ୍ଥ ବ୍ୟାଖ୍ୟାନ କରିଛି, ଏଥିରେ ସନ୍ଦେହ ନାହିଁ ।

ଧରଣୀଧର କେବେ କେଉଁଠାରେ ଜନ୍ମଗ୍ରହଣ କରିଥିଲେ, ତାହା ଜାଣିବାର ଉପାୟ ନାହିଁ । ଗୀତଗୋବିନ୍ଦର ପ୍ରଥମ ସର୍ଗର ଅନୁବାଦ "ମନୋଜ୍ଞ ଉଆସ କନକ ସ୍ତମ୍ଭେ" ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ କରିଛନ୍ତି । ଏ ବାଣୀଟି ଅର୍ଜୁନ ଦାସଙ୍କ ରାମବିଭା କାବ୍ୟର ସପ୍ତମ ଛାନ୍ଦର ପ୍ରଥମ ପଦ । ପଦଟି ହେଉଛି—

ମନୋଜ୍ଞ ଉଆସ କନକ ସ୍ତମ୍ଭେ । ଭୂଷିତେ ରାମ ସନ୍ନିଧିକୁ ଅଚମ୍ଭେ ।
ହୋଇଲେ ଉତ୍ତରକୁ ଯିବା ରାମ । ଧନ୍ୟ ଋଷିଙ୍କର ଏହୁ ଆଶ୍ରମ ।

ଏହାର ରାଗ କେଦାର । ଅର୍ଜୁନ ଦାସ ଘୁମୁସରର ରାଜା ଓ କବି ଧନଞ୍ଜୟ ଭଞ୍ଜଙ୍କ ପୂର୍ବବର୍ତ୍ତୀ ଏବଂ ଶାରଳାଦାସଙ୍କ ପରବର୍ତ୍ତୀ କବି । ଶାରଳା ଦାସ ପଞ୍ଚଦଶ ଶତାବ୍ଦୀର କବି । ଧନଞ୍ଜୟ ଭଞ୍ଜ ଖ୍ରୀ: ୧୬୫୬ ଠାରୁ ୧୭୦୧ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅତଏବ ଅର୍ଜୁନ ଦାସ ପଞ୍ଚଦଶ ଶତାବ୍ଦୀ ଓ ସପ୍ତଦଶ ଶତାବ୍ଦୀ ଭିତରର କବି । ଧରଣୀଧର ଅର୍ଜୁନ ଦାସଙ୍କ ପରବର୍ତ୍ତୀ କବି । ଏହାଛଡ଼ା ଆଉ ବେଶି କିଛି ଜଣା ଯାଉନାହିଁ ।

ଖ୍ରୀ: ୧୭୧୭ରେ ଲିଖିତ ଧରଣୀଧରଙ୍କ ଟୀକାଯୁକ୍ତ ଗୀତଗୋବିନ୍ଦ ଏକ ତାଳପତ୍ର ପୋଥିରେ ଟୀକାକାର 'ଧରଣୀଧର ମିଶ୍ର' ବୋଲି ଲେଖାଅଛି । ଧରଣୀଧର ଗୀତଗୋବିନ୍ଦର ଯେଉଁ ଅର୍ଥ କରି ଯାଇଛନ୍ତି, ତାହାର ଟୀକା ନ-ଅକ୍ଷରୀ ବୃତ୍ତିରେ ଉଦ୍ଧବ ନାମରେ ଆଉ ଜଣେ କରିଛନ୍ତି । ଉଦ୍ଧବ କମାର-କୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଗୁରୁ ଜଗନ୍ନାଥ ମିଶ୍ର ସ୍ୱପ୍ନରେ ଆଦେଶ ଦେବାରୁ ସେ ଧରଣୀଧରଙ୍କ ଅନୁବାଦକୁ ଟୀକା କଲେ । ଏହି ଜଗନ୍ନାଥ ମିଶ୍ର ଭାଗବତର ଟୀକା କରିଥିବା କଥା ଉଦ୍ଧବ ଲେଖିଛନ୍ତି ।

ଧରଣୀଧରଙ୍କ ଅନୁବାଦ ଅତି ସରଳ ଓ ମଧୁର ପଦାବଳୀଯୁକ୍ତ ହୋଇଛି । ଉଦ୍ଧବଙ୍କ ଟୀକା ମଧ୍ୟ କିଛି କମ୍ ନୁହେଁ । ଗୀତଗୋବିନ୍ଦରୁ କେତୋଟି ପଦ ଏଠାରେ ଉଦ୍ଧାର କରାଗଲା ।

(୧) ଶ୍ରିତକମଳାକୁଚମଣ୍ଡଳ ଧୃତକୁଣ୍ଡଳ କଳିତଲଳିତ ବନମାଳ
ଜୟ ଜୟଦେବ ହରେ ।

ଧରଣୀଧରଙ୍କ ଅନୁବାଦ—

କମଳାକୁଚମଣ୍ଡଳ ଆଶ୍ରୟ ଯାହାର
ମନୋହର ବନମାଳା ଶୋଭିତ ହୃଦର ।

ହରିବଂଶୀଙ୍କ ଅର୍ଥ—

କମଳା କୁଚ ଯେ ମଣ୍ଡଳ । ଆଶ୍ରିତ ମଦନ ଗୋପାଳ ।
କଳିତ ଲଳିତ ହୃଦର । ବନମାଳ ଯେ ଲମ୍ବେ ଭର ।
ମକରାକୃତି ଯେ କୁଣ୍ଡଳ । ଅତି ଶୋଭିତ ଗଣ୍ଡ ସ୍ଥଳ ।
ହେ ଦେବ ହରେ ଜୟ ଜୟ । ଭକ୍ତଙ୍କୁ ତୋର ଅନୁଗ୍ରହ ।
ଜଳଦ ଅଳକ କଦାଚି । ସେଣୁ ରୁ ହରେ ନାମ ଧରୁ ।

(୨) ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ
କେଳିଚଳନ୍ମଣିକୁଣ୍ଡଳମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ
ହରିରିହ ମୁଗ୍ଧବଧୂନିକରେ ବିଳାସିନି ବିଳସତି କେଳିପରେ ।

ଧରଣୀଧରଙ୍କ ଅନୁବାଦ—

ନୀଳକଳେବର ହରି, ଶୋଭେ ଚନ୍ଦନ
କଟୀତଟେ ପୀତ ପଟ ଯେ ପରିଧାନ ।
ମଣ୍ଡିତ ଗଣ୍ଡଯୁଗଳ, ମଣିକୁଣ୍ଡଳ
ଲୀଳାଏ ଚଳନ୍ତେ ଶୋଭେ ମୁଖମଣ୍ଡଳ ।
ବିଳାସିନୀ ନାନା ରଙ୍ଗେ, କରନ୍ତି କେଳି
ବଇଭା ସୁନ୍ଦରେ ବେଶ, ଶ୍ରୀବନମାଳୀ ।

ଏ ଦୁଇଟି ଭାଷାରେ ଉତ୍ତମ ଅନୁବାଦର ଦୃଷ୍ଟାନ୍ତ ।

(୩) ଅଂଶାନ୍ତରେ ତ କୁଳାଙ୍ଗୁଳିବର୍ଣ୍ଣପାତ
ସଞ୍ଜାତ ପାତକ ଭବ ପ୍ରକ୍ଷାଳନ ଶ୍ରୀ
ବୃନ୍ଦାବନାନ୍ତରମଦାପଦ୍ମବଂଶକାଳେ
ବିନ୍ଦୁସ୍ୱରବଦନ ଚନ୍ଦନବନ୍ଦୁ ଭଦ୍ରଃ ।
( ୭ସ । ଉତ୍ପଳ )

ଧରଣୀଧର—

ଏଥି ଅନନ୍ତରେ ଶୁଣ ରାଧା,   ସଖୀ ବୋଲି ଗୋବିନ୍ଦର ଘାଣ,
ଏକାନ୍ତ ହୋଇ ସେ   ଯେବେ ଅରଣ୍ୟରେ ଶଣିଅନ୍ଧାରେ
କାନ୍ଦିଲା ରାଧା ସେ ସୁନ୍ଦରୀ ।

ତରବରରେ ଆକୁଳ ଭାବ   ତନୁ ଯୁଗଳ ମଦନ ଜ୍ୱର
କପୋଳ ତଳେ ପଦ୍ମକର   ଦେଇ ସେ ବସିଅଛୁ
ଏତ ଶୋକଭିତରେ ସେ ସୁନ୍ଦରୀ !

ଆଉ ଏକ ଶ୍ଲୋକ—

(୪) ପ୍ରହରତି ଶରଅର କମ୍ପ୍ରେ ବହ୍ନିତ ଜଳଦେ ତ ମାଧବ ଶସ୍ୟ
ବାରୟତି କବାଧ ବଳାଘଂ ସା ପରିତାପଂ ତକାରେବ୍ରେଜିଃ ।
କଥୃତ ସମେକ୍ଷ୍ୟପି ଦୃଶଙ୍କ ନ ସର୍ଦ୍ଦୀ ବନଂ
ମମ କଫଳମିଦମକଳମତି ରୂପରୋଦନଂ
ଯାମି ଦେହ କମିହ ଶରଣଂ ସଖୀଜନବଚନବଞ୍ଚିତା ।

ଧରଣୀଧର—

ଏମନ୍ତ ସମସ୍ତରେ ତହିଁ, ଉଦେ ହୋଇଲା ରଜନୀଆଇଁ
ଅନ୍ଧକାର ପଥ ନିରୋଧିଲା ଯହିଁ ତଥି ଦୋଷରେ
କଳଙ୍କ ବନ୍ଧ ସେ ଚନ୍ଦ୍ରମା।
ତାର ପାପ୍ତିକରଣ ଅଗ୍ନ ସେ । ବୃନ୍ଦାବନେ ସୁରଙ୍ଗ ପ୍ରକାଶେ
ଦୁନନ୍ଦରେ ନାହିଁ ବଦନମଣ୍ଡଳକୁ ନାଏ ଚନ୍ଦନ ବନ୍ଧୁ ପ୍ରକାଶେ ସେ ଚନ୍ଦ୍ରମା ।

ଧରଣୀଧରଙ୍କ ଗୀତଗୋବିନ୍ଦର ଅନୁବାଦ ବଡ଼ ସୁନ୍ଦର ହୋଇଛି । ପ୍ରାଚୀନ ସାହିତ୍ୟରେ ଏହାର ସ୍ଥାନ ଉଚ୍ଚ । ଜୟଦେବଙ୍କ ଭାବକୁ ଭଲ ଭାବରେ ସେ ଅନୁବାଦରେ ଫୁଟାଇ ପାରିଛନ୍ତି । ଧରଣୀଧରଙ୍କ ଅନୁବାଦ ବୋଧହୁଏ ଓଡ଼ିଆରେ ଗୀତଗୋବିନ୍ଦ-ଅନୁବାଦ-ଗ୍ରନ୍ଥମାନଙ୍କ ଭିତରେ ପ୍ରାଚୀନତମ ।

ଭୂଧରଙ୍କ ଗୁରୁ ଏହି ଜଗନ୍ନାଥ ମିଶ୍ର 'ରସକଳ୍ପଦ୍ରୁମ' ନାମକ ସଂସ୍କୃତ ଅଳଙ୍କାର ଗ୍ରନ୍ଥର ଲେଖକ ବୋଲି ମନେ ହୁଏ । ସେ ଏହି ଗ୍ରନ୍ଥରେ ଭାଗବତରୁ ବହୁ ଶ୍ଲୋକ ଉଦାହରଣ ସ୍ୱରୂପ ଦେଇଛନ୍ତି । ଭାଗବତର ଟୀକା କରିଥିବା କଥା ଭୂଧର ଯାହା କହିଛନ୍ତି ତାହା ଏହି ଗ୍ରନ୍ଥ କିମ୍ବା ଅନ୍ୟ ଏକ ସ୍ୱତନ୍ତ୍ର ଗ୍ରନ୍ଥ ମଧ୍ୟ ହୋଇପାରେ । ଜଗନ୍ନାଥ ମିଶ୍ର 'ରସକଳ୍ପଦ୍ରୁମ'ରେ ଗଜପତି (ନାଗରାଜ) କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଙ୍କଠାରୁ ଆରମ୍ଭ କରି ଖୋର୍ଦ୍ଧା ରାଜା ହରେକୃଷ୍ଣଦେବଙ୍କ ପର୍ଯ୍ୟନ୍ତ ବହୁ ରାଜାଙ୍କର ନାମ ଉଲ୍ଲେଖ କରିଛନ୍ତି । ହରେକୃଷ୍ଣଦେବଙ୍କ ରାଜତ୍ୱ ସମୟ (ଖ୍ରୀ: ୧୭୧୫–୧୭୨୧)ରେ ଏହି ଗ୍ରନ୍ଥଟି ରଚିତ ହୋଇଥିବାର ଅନୁମାନ କରାଯାଏ । ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜଗନ୍ନାଥଙ୍କ ଶିଷ୍ୟ ଭୂଧର ସ୍ୱପ୍ନରେ ଗୁରୁଙ୍କ ଆଦେଶକ୍ରମେ ଧରଣୀଧରଙ୍କ ଟୀକା-ଅନୁବାଦ ଅବଲମ୍ବନରେ ଟୀକା କରି ପଦ୍ୟ ଲେଖିଛନ୍ତି । ଅତଏବ ଧରଣୀଧର ଜଗନ୍ନାଥଙ୍କ ସମସାମୟିକ କିମ୍ବା ପୂର୍ବବର୍ତ୍ତୀ ହେବା ସମ୍ଭବ । ଧରଣୀଧର ମିଶ୍ରଙ୍କ ଟୀକା ଉପାଦେୟ ବୋଲି ପଣ୍ଡିତ ଜଗନ୍ନାଥ ମିଶ୍ର ସ୍ୱୀକାର କରିଥିବାରୁ ଗ୍ରନ୍ଥର ଗୌରବ ବର୍ଦ୍ଧିତ ହୋଇଛି । ଏହି ଗୌରବ ଲାଭ ପାଇଁ ଅନେକ ସମୟ ଲାଗିଥିବା ସମ୍ଭବ । ଅତଏବ ଧରଣୀଧର ଅଷ୍ଟାଦଶ ଶତାବ୍ଦୀ ପୂର୍ବର କବି ଥିଲେ, ଏହା ନିଶ୍ଚିତ ରୂପରେ ଜଣାପଡ଼ୁଛି । ଏହା ଏକ ପ୍ରାଚୀନ, ଅତି ଆଦରଣୀୟ ଗ୍ରନ୍ଥ ହୋଇଥିବାରୁ ଏବଂ ରାଜା ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ରଙ୍କ ସମୟରେ ଗୀତଗୋବିନ୍ଦର ବହୁଳ ପ୍ରଚାର ହୋଇଥିବାରୁ ମନେହୁଏ ଧରଣୀଧର ଏହି ସମୟରେ ଅନୁବାଦ କରିଥିବେ । ଏହା ଅବଶ୍ୟ ଅର୍ଜ୍ଜୁନ ଦାସଙ୍କ ପରେ । ଅନୁମାନ ଉପରେ ନିର୍ଭର କରି ଏତଦ୍ଦୂର ସିଦ୍ଧାନ୍ତ କରାଯାଇଛି । ସ୍ପଷ୍ଟ ନିର୍ଦ୍ଦିଷ୍ଟ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଅନୁମାନକୁ ହିଁ ଏଠାରେ ଗ୍ରହଣ କରିବା ଶ୍ରେୟ ।

# ସପ୍ତମ ପରିଚ୍ଛେଦ

## ସୂର୍ଯ୍ୟବଂଶ ଯୁଗ—(ଖ) ପ୍ରତାପରୁଦ୍ର ବା ପଞ୍ଚସଖା ଯୁଗ

### ଯୁଗ ପରିଚୟ:—

ଗଙ୍ଗବଂଶ-ରାଜତ୍ୱରେ ଉତ୍କଳର ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ରାଜନୀତି, ସାହିତ୍ୟ, କଳା ବିଶେଷତଃ ଶିଳ୍ପକଳା, ଧର୍ମ ପ୍ରଭୃତି କ୍ଷେତ୍ରରେ ଅତି ଉଚ୍ଚ କୋଟୀର ଉନ୍ନତି ସାଧିତ ହୋଇଥିଲା । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟବିସ୍ତାର, ଉତ୍କଳ-ଆନ୍ଧ୍ର-କର୍ଣ୍ଣାଟ-ଦ୍ରାବିଡ଼ ସଂସ୍କୃତିର ଶୋଭନ ମିଶ୍ରଣ, ବିରାଟକାୟ ଜଗନ୍ନାଥ ମନ୍ଦିର ନିର୍ମାଣ, କୋଣାର୍କ ସଦୃଶ ବିଶ୍ୱବିଖ୍ୟାତ ଶିଳ୍ପକଳା ସୃଷ୍ଟି, ଭକ୍ତିବିଗଳିତ ଜନମନୋରଞ୍ଜନକାରୀ 'ଗୀତଗୋବିନ୍ଦ' କାବ୍ୟ ଓ ଅଲୌକିକ ପାଣ୍ଡିତ୍ୟଭଣ୍ଡାର 'ସାହିତ୍ୟଦର୍ପଣ'ର ରଚନା, ରାମାନୁଜ-ଜୟଦେବ-ମଧ୍ୱ-ନରହରିତୀର୍ଥ ପ୍ରଭୃତି ଦାର୍ଶନିକ ମତ ପ୍ରବର୍ତ୍ତକମାନଙ୍କର ଓଡ଼ିଶାକୁ ଶୁଭାଗମନ ଓ ଅବସ୍ଥିତି ଏହାର ଜ୍ୱଳନ୍ତ ନିଦର୍ଶନ । ଏହି ଯୁଗର ଓଡ଼ିଆ ଭାଷାରେ ବିଶିଷ୍ଟ ରଚନା ମିଳି ନଥିଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଲୋକସାଧାରଣ ଓ ଶାସକମଣ୍ଡଳୀ ବିଶେଷ ଆଗ୍ରହ ଦେଖାଇଥିବା ସ୍ପଷ୍ଟ । ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଓଡ଼ିଶା ବହୁ ଖ୍ୟାତି ଅର୍ଜନ କରିଥିଲା ।

ସୂର୍ଯ୍ୟବଂଶ-ରାଜତ୍ୱରେ ଜାତୀୟତାର ଅଭାବନୀୟଭାବେ ବୃଦ୍ଧି ପାଇଥିଲା । ଓଡ଼ିଶା ରାଜ୍ୟର ସୀମା ଗଙ୍ଗାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଫଳତଃ ଉତ୍କଳୀୟ ଲୋକଙ୍କ ମଧ୍ୟରେ ଐକ୍ୟଚେତନା ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । ସଂସ୍କୃତ ଓ ଓଡ଼ିଆରେ ବହୁ କବି ଅନେକ ଉତ୍କୃଷ୍ଟ କାବ୍ୟ ରଚନା କରିଥିଲେ । ବହୁ ଧର୍ମ-ପ୍ରଚାରକ ଧର୍ମ-ପ୍ରଚାରକୁ ଲକ୍ଷ୍ୟ ରଖି ସାହିତ୍ୟ ସୃଷ୍ଟିରେ ସାହାଯ୍ୟ କରିଥିଲେ ।

**ଦର୍ଶନ ଓ ଧର୍ମଚର୍ଚ୍ଚାର ପରମ୍ପରା**—ପ୍ରତାପରୁଦ୍ରଙ୍କ ପୂର୍ବରୁ ଓଡ଼ିଶାରେ ଧର୍ମ ଓ ଦର୍ଶନର ବହୁଳ ଚର୍ଚ୍ଚା ହୋଇଥିଲା । ଏକାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗଙ୍କ ସମୟରେ ବିଶିଷ୍ଟାଦ୍ୱୈତବାଦର ପ୍ରତିଷ୍ଠାତା ମହାତ୍ମା ରାମାନୁଜ ପୁରୀକୁ ଆସି ତାଙ୍କ ମତ ପ୍ରଚାର କରି ଯାଇଥିଲେ । ନିମ୍ବାର୍କ ସମ୍ପ୍ରଦାୟର ଜୟଦେବ ଗୋସ୍ୱାମୀଙ୍କ 'ଗୀତଗୋବିନ୍ଦ' ଚୋଡ଼ଗଙ୍ଗ-ଦେବ ଓ ତାଙ୍କ ପୁତ୍ରମାନଙ୍କ ରାଜତ୍ୱ କାଳରେ ଲେଖା ହୋଇଥିଲା ଏବଂ ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାରରେ ଏ ଗ୍ରନ୍ଥ ବହୁତ ସାହାଯ୍ୟ କରିଛି । ଏ ସମୟରେ ମିଥିଳାର ବିଶିଷ୍ଟ କବି ବିଦ୍ୟାପତି ଓଡ଼ିଶାକୁ ଆସିଥିବାର ଜଣାଯାଏ । ଚଣ୍ଡୀଦାସଙ୍କ ବ୍ରଜବୁଲିରେ ଓ ବଙ୍ଗଳାରେ ଲିଖିତ ପଦାବଳୀ ଓଡ଼ିଶାରେ ଏ ସମୟରେ ପ୍ରଚାର ଲାଭ କରିଥିଲା । ପୁଣି, ଚୈତନ୍ୟ ଦେବଙ୍କ ପୁରୀ ଅବସ୍ଥାନ ସମୟରେ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଚଣ୍ଡୀଦାସ ଓ ବିଦ୍ୟାପତିଙ୍କ ପଦାବଳୀର ବହୁତ ଚର୍ଚ୍ଚା ହୋଇଥିଲା ।

ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗରେ ରାମାନନ୍ଦସ୍ୱାମୀ ନିଜ ପ୍ରତିଷ୍ଠିତ ରାମାନନ୍ଦୀ ସମ୍ପ୍ରଦାୟର ପ୍ରଚାର ପାଇଁ ପୁରୀକୁ ଆସି ତତ୍ତ୍ୱ ପ୍ରଚାର କରି ଯାଇଥିଲେ । ପଞ୍ଚଦଶ ଶତାବ୍ଦୀର ପ୍ରଥମ ଭାଗରେ ମହାତ୍ମା କବୀର ପୁରୀକୁ ଆସି ରାମନାମ ପ୍ରଚାର କରି ସର୍ବଧର୍ମସମନ୍ୱୟ ନୀତି ପ୍ରଚାର କରିଥିଲେ । ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ଗୋସ୍ୱାମୀ ତୁଳସୀଦାସ ପୁରୀକୁ ଆସିଥିଲେ ଏବଂ ରାମନାମ ପ୍ରଚାର କରିଥିଲେ । ଏହି ଶତାବ୍ଦୀରେ ବାବା ଗୁରୁ ନାନକ ଶିଖଧର୍ମ ପ୍ରଚାର କରିବାକୁ ପୁରୀକୁ ଆଗମନ କରିଥିଲେ । ଏହି ଶତାବ୍ଦୀର

ପଞ୍ଜାବରେ ଗୁରୁ ନାନକଙ୍କ ପୁତ୍ର ଉଦାସୀ ସମ୍ପ୍ରଦାୟର ପ୍ରତିଷ୍ଠାତା ଶ୍ରୀଚନ୍ଦ୍ର, ଶୁଦ୍ଧାଦ୍ୱୈତବାଦର ପ୍ରତିଷ୍ଠାତା ବଲ୍ଲଭସ୍ୱାମୀ ପୁରୀକୁ ଆସି ନିଜ ନିଜର ମତବାଦ ପ୍ରଚାର କରି ଯାଇଥିଲେ । ଏହି ଶତାବ୍ଦୀରେ, ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ ସମୟରେ, ଚୈତନ୍ୟଦେବଙ୍କ ପୁରୀରେ ଅବସ୍ଥାନ ଯୋଗୁଁ ଜଗନ୍ନାଥ ଓ ବ୍ରଜପତ୍ନୀ ବୈଷ୍ଣବଧର୍ମର ବହୁଳ ପ୍ରଚାର ହୋଇଥିଲା ।

ଓଡ଼ିଶାରେ ବୈଷ୍ଣବ ଧର୍ମ ସହିତ ଶୈବ, ଶାକ୍ତ, ସୌର, ଗାଣପତ୍ୟ ପ୍ରଭୃତି ଧର୍ମର ଆଦର ଓ ପ୍ରତିଷ୍ଠା ମଧ୍ୟ ଥିଲା । ସିଂହାଚଳର ନୃସିଂହନାଥ, ଶ୍ରୀକୂର୍ମର ଶ୍ରୀକୂର୍ମନାଥ, ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର କଳିଙ୍ଗରେ ପ୍ରଧାନ ବୈଷ୍ଣବପୀଠ ରୂପେ ବହୁ ପ୍ରାଚୀନ କାଳରୁ ବିବେଚିତ ହୋଇ ଆସୁଅଛି । ଗୋଦାବରୀତଟସ୍ଥ ଧବଳେଶ୍ୱର ମନ୍ଦିର, ମୁଖଲିଙ୍ଗର ଶତାଧିକ ଶିବ ମନ୍ଦିର, ମହେନ୍ଦ୍ରଗିରି ଶିଖରସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର, ଭୁବନେଶ୍ୱରସ୍ଥ ଶତାଧିକ ଶିବ ମନ୍ଦିର, କଳିଙ୍ଗ ସାମ୍ରାଜ୍ୟର ପ୍ରଧାନ ଶିବପୀଠ ରୂପେ ସମ୍ମାନ ଲାଭ କରିଥିଲା । କଟକ ଜିଲ୍ଲାର ବିରଜା, ସାରଳା, ଚର୍ଚ୍ଚିକା, ପୁରୀ ଜିଲ୍ଲାର ବିମଳା, ଭଗବତୀ, ଗଞ୍ଜାମ ଜିଲ୍ଲାର ତାରାତାରିଣୀ, ବାଗ୍‌ଦେବୀ ପ୍ରଭୃତି ପ୍ରଧାନ ଶାକ୍ତପୀଠ ରୂପେ ପରିଗଣିତ ହେଉଥିଲା । ଏହିପରି ବିଭିନ୍ନ ମତବାଦର ବହୁ ପ୍ରାଚୀନ ପୀଠ ଓ ତୀର୍ଥ ଓଡ଼ିଶା ସାମ୍ରାଜ୍ୟରେ ଥିବାରୁ ଧର୍ମରେ ସମନ୍ୱୟ ବା ସର୍ବଧର୍ମ-ସମନ୍ୱୟଭାବ ଦେଶରେ ବ୍ୟାପିଥିଲା । ଏହାଦ୍ୱାରା ଦେଶରେ ଧର୍ମ ଓ ଦର୍ଶନର ଚର୍ଚ୍ଚା, ସବୁ ମତବାଦ ପ୍ରତି ଶ୍ରଦ୍ଧାବିଶିଷ୍ଟ ହେବା ସଙ୍ଗେ ସଙ୍ଗେ ସଂସ୍କୃତିର ବହୁମୁଖୀ ବିକାଶ ସାଧିତ ହୋଇଥିଲା ।

ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ପ୍ରାୟ ସବୁ ଧର୍ମପ୍ରଚାରକ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ପୁରୀକୁ ଆସିଥିଲେ । ଏମାନଙ୍କ ଭିତରୁ କେତେ ଜଣ ବର୍ଷାଧିକ କାଳ ପୁରୀରେ ରହି ଧର୍ମପ୍ରଚାର କରିଥିଲେ । ପୁରୀକୁ ଆସିବା ଓ ଯିବା ବାଟରେ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ସେମାନେ ପ୍ରଚାର କରି ଯାଉଥିଲେ । ଗଙ୍ଗବଂଶରାଜତ୍ୱର ବହୁ ପୂର୍ବରୁ, ଗଙ୍ଗବଂଶର ରାଜତ୍ୱରେ ଓ ସୂର୍ଯ୍ୟବଂଶ ରାଜତ୍ୱ ସମୟରେ ଓଡ଼ିଶାରେ ସାହିତ୍ୟ ଓ ଧର୍ମଚର୍ଚ୍ଚାର ପରଂପରା ଅକ୍ଷୁଣ୍ଣ ଭାବରେ ରହିଥିଲା । ସମ୍ପ୍ରଦାୟ-ପ୍ରବର୍ତ୍ତକମାନଙ୍କର ପ୍ରଚାର ଏହି ଚର୍ଚ୍ଚା ଓ ଅନୁଷ୍ଠାନକୁ ବହୁ ଗୁଣରେ ବର୍ଦ୍ଧିତ କରିଥିଲା ।

**ଉତ୍କଳରେ ବୈଷ୍ଣବ ଧର୍ମପ୍ରବାହ**—ଉତ୍କଳରେ ବୈଷ୍ଣବ ଧର୍ମର ପ୍ରଚାର ବହୁ ପ୍ରାଚୀନ କାଳରୁ ଅଛି । ମହାଭାରତର ବନପର୍ବରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରାଚୀନତମ ମାନବ ରୂପରେ ପରିଚିତ କରାଇ ଦିଆଯାଇଛି । ସତ୍ୟଯୁଗରେ ସେ ସହସ୍ର ଅଶ୍ୱମେଧ ଯଜ୍ଞ କରିସାରି ଅସଂଖ୍ୟ ଗୋଦାନ କରିଥିଲେ ଏବଂ ଗାଈମାନଙ୍କ ଖୁରରେ ଖୋଳିହୋଇ ଏକ ପୁଷ୍କରିଣୀ ହୋଇ-ଯାଇଥିଲା । ଏହି ପୁଷ୍କରିଣୀର ନାମ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ । ଏହି ପୁଷ୍କରିଣୀରେ ବାସ କରୁଥିବା କଚ୍ଛପଗୁଡ଼ିକ ପାଣ୍ଡବମାନଙ୍କ ସମ୍ମୁଖରେ ପୃଥିବୀର ସର୍ବପ୍ରାଚୀନ ଜୀବ ବୋଲି ବେଦବ୍ୟାସ ବନପର୍ବରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରେ ଲେଖିଯାଇ ଅଛନ୍ତି । ଏଥିରୁ ଜଣାଯାଉଛି ପୁରାଣପ୍ରସିଦ୍ଧ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୁଷୋତ୍ତମ କ୍ଷେତ୍ରର ଚତୁର୍ଦ୍ଧା ମୂର୍ତ୍ତି ଅତି ପ୍ରାଚୀନ । ଏହାଙ୍କ ପୂର୍ବରୁ ବିଷ୍ଣୁ ନୀଳମାଧବ ରୂପରେ ଏଠାରେ ପୂଜା ପାଉଥିଲେ । ସୃଷ୍ଟି ପ୍ରଳୟକାଳରେ ସ୍ୱୟଂ ଭଗବାନ ବାଳକୃଷ୍ଣ ରୂପରେ ପୁରୁଷୋତ୍ତମ କ୍ଷେତ୍ରର କଳ୍ପବଟ ମୂଳରେ ବଟପତ୍ରରେ ଶୟାନ ହେଉଥିଲେ । ପୁରାଣବର୍ଣ୍ଣିତ କଥାସବୁର ଚର୍ଚ୍ଚାରୁ ଉତ୍କଳରେ ବିଷ୍ଣୁଙ୍କ ଆରାଧନା ଅତି ପ୍ରାଚୀନ କାଳରୁ ଥିବାର ଜଣାଯାଏ । ବ୍ରହ୍ମପୁରାଣ, ବୃହନ୍ନାରଦୀୟ ପୁରାଣ ପ୍ରଭୃତି ପ୍ରାଚୀନ ପୁରାଣମାନଙ୍କରେ ପୁରୁଷୋତ୍ତମ କ୍ଷେତ୍ରରେ ପୁରୁଷୋତ୍ତମ ବିଷ୍ଣୁଙ୍କର ଆରାଧନାର ବିବରଣୀ ଥିବାରୁ ଉତ୍କଳରେ ବୈଷ୍ଣବ ଆରାଧନାର ପ୍ରଚଳନ ଅତି ପ୍ରାଚୀନ କାଳରେ ମଧ୍ୟ ଥିଲା ବୋଲି କହିବାକୁ ହେବ ।

କଳିଙ୍ଗ ବା ଉତ୍କଳର ବିଭିନ୍ନ ସ୍ଥାନରେ ଅତି ପ୍ରାଚୀନ ବୈଷ୍ଣବ କ୍ଷେତ୍ର ଅଛି । ପୁରୀର ଗୁଣ୍ଡିଚାମନ୍ଦିର ନିକଟରେ ଥିବା ନୃସିଂହନାଥ, ସମ୍ବଲପୁର ଜିଲ୍ଲାର ବଡ଼ାଲ ନରସିଂହନାଥ, ବାଲେଶ୍ୱର ଜିଲ୍ଲାର କ୍ଷୀରଚୋରା ଗୋପୀନାଥ, ମହେନ୍ଦ୍ରଗିରିର ପର୍ଶୁରାମ, ପୁରୀ ଜିଲ୍ଲାର ମାଧବ, ଖଣ୍ଡପଡ଼ା ନିକଟସ୍ଥ କଣ୍ଟିଲୋର ନୀଳମାଧବ, ନୟାଗଡ଼ ଓଡ଼ଗାଁର ରଘୁନାଥ, ଯାଜପୁରର ବରାହନାଥ, ଭୁବନେଶ୍ୱରର ଅନନ୍ତବାସୁଦେବ, ସିଂହାଚଳର ନୃସିଂହନାଥ, ଶ୍ରୀକୂର୍ମର ଶ୍ରୀକୂର୍ମନାଥ ପ୍ରଭୃତି ବୈଷ୍ଣବ ଦେବତାମାନଙ୍କର ଆରାଧନା ବହୁ ପ୍ରାଚୀନ କାଳରୁ ଚାଲି ଆସିଛି ।

ଐତିହାସିକ ଦୃଷ୍ଟିକୋଣରୁ ଆଲୋଚନା କଲେ ମଧ୍ୟ ଉତ୍କଳରେ ଅତି ପ୍ରାଚୀନ କାଳରୁ ବୈଷ୍ଣବ ଧର୍ମର ପ୍ରଚଳନ ଥିବାର ଜଣାଯାଏ । ମହାଭାରତର କୃଷ୍ଣଙ୍କ ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନଙ୍କ ଅବସ୍ଥିତି ସ୍ୱୀକାର କଲେ ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ କୃଷ୍ଣ ଆରାଧନା ବହୁକାଳରୁ ଥିବା ବୁଝାଯିବ । ପରବର୍ତ୍ତୀ ସମୟରେ ମହାଭାରତ ଅପେକ୍ଷା ଅର୍ବାଚୀନ ପୁରାଣମାନଙ୍କରେ ଜଗନ୍ନାଥଙ୍କୁ ବାସୁଦେବ ବୋଲି ବୁଝାଯାଇଛି । ଏହି ବାସୁଦେବଙ୍କ ଆରାଧନା ହେଲେ ରାଧା କିମ୍ବା ରୁକ୍ମିଣୀ, ଲକ୍ଷ୍ମୀ, ସତ୍ୟଭାମା ପ୍ରଭୃତିଙ୍କର କୌଣସି ସମ୍ପର୍କ ଦେଖାଯାଉ ନାହିଁ । ପରବର୍ତ୍ତୀ ଯୁଗରେ ବାସୁଦେବ କୃଷ୍ଣଙ୍କ ସହିତ ଅଷ୍ଟପଟ୍ଟମହିଷୀଙ୍କୁ ଆରାଧନା କରାଯିବା ଦେଖାଗଲା । ପୁଣି ଏହାର ବହୁ ପରେ କୃଷ୍ଣଙ୍କ ସହିତ ରାଧାଙ୍କ ଆରାଧନା ପ୍ରବର୍ତ୍ତିତ ହେଲା । ଉତ୍କଳରେ ଅନନ୍ତବାସୁଦେବ, କୃଷ୍ଣବାସୁଦେବ, ବଳଭଦ୍ର-ସୁଭଦ୍ରା-ଜଗନ୍ନାଥ ଆରାଧନା ହିଁ ପ୍ରାଚୀନ । ପୁରୀର ଜଗନ୍ନାଥ ମନ୍ଦିର ଭିତରେ ବଟକୃଷ୍ଣ, ହରିହରଦେବ, ଅନନ୍ତବାସୁଦେବ ପ୍ରଭୃତି କୃଷ୍ଣମନ୍ଦିରମାନଙ୍କ ଭିତରେ କେବଳ କୃଷ୍ଣଙ୍କର ପ୍ରତିମୂର୍ତ୍ତି ହିଁ ଅଛି । ସିଂହାସନମାନଙ୍କରେ କୃଷ୍ଣଙ୍କ ସହିତ ରାଧାଙ୍କର ସ୍ଥାନ ନାହିଁ । ପୁଣି ଏଠାରେ କୌଣସି ଅତି ପ୍ରାଚୀନ ମନ୍ଦିରରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ପୂଜା ପାଉଥିବାର ଦେଖାଯାଏ ନାହିଁ । ବର୍ତ୍ତମାନ ପୁରୀ ବଡ଼ଦେଉଳରେ ଜଗନ୍ନାଥଙ୍କ ସହ ଲକ୍ଷ୍ମୀଙ୍କ ଆରାଧନା ହିଁ ପ୍ରଧାନ । ଏଠାରେ ରାଧାଙ୍କର ପ୍ରାଧାନ୍ୟ ନାହିଁ । ସ୍କନ୍ଦପୁରାଣର ଉତ୍କଳଖଣ୍ଡରେ ଜଗନ୍ନାଥଙ୍କୁ କୃଷ୍ଣବାସୁଦେବ ବୋଲି ବୁଝାଯାଇଛି । କିନ୍ତୁ ରାଧାଙ୍କ ସଙ୍ଗେ ସେଥି ଭାବରେ ନାହିଁ । ବ୍ରହ୍ମପୁରାଣ, ପଦ୍ମପୁରାଣ, ବୃହତ୍ ନାରଦୀୟ ପୁରାଣ ପ୍ରଭୃତିରେ ମଧ୍ୟ ଜଗନ୍ନାଥ ପ୍ରସଙ୍ଗରେ ରାଧାଙ୍କ ଉଲ୍ଲେଖ ନାହିଁ ।

ଷଷ୍ଠ ଶତାବ୍ଦୀର କଳିଙ୍ଗ ରାଜା ପ୍ରଭଞ୍ଜନ ବର୍ମା 'ପରମ ଭାଗବତ' ଥିଲେ । ଷଷ୍ଠ-ସପ୍ତମ ଶତାବ୍ଦୀର ଶୈଳୋଦ୍ଭବ ବଂଶର ରାଜା ମଧ୍ୟମରାଜଙ୍କ ଏକ ତାମ୍ର ଶାସନରେ ହରିଙ୍କ ବାମନ ଅବତାରର ଉଲ୍ଲେଖ ଅଛି । କରବଂଶୀୟ କେତେକ ରାଜାଙ୍କ ତାମ୍ରଶାସନରେ ବିଷ୍ଣୁଙ୍କ ଆୟୁଧ ଶଙ୍ଖର ଚିହ୍ନ ଅଛି । ଏହି ବଂଶର ଜଣେ ବିଶିଷ୍ଟ ଶାସନକର୍ତ୍ତ୍ରୀ ଓ ମହାରାଜ୍ଞୀ ତ୍ରିଭୁବନ ମହାଦେବୀ ନିଜକୁ

'ପରମ ବୈଷ୍ଣବ' ବୋଲି ପରିଚିତ କରାଇଛନ୍ତି । ବିଦ୍ୟାଧର ଭଞ୍ଜଙ୍କ ପ୍ରପୌତ୍ର, ଶୀଲାଭଞ୍ଜଙ୍କ ପୁତ୍ର ରାଣକ ଶ୍ରୀଶତ୍ରୁଭଞ୍ଜଦେବ ନିଜକୁ 'ପରମ ବୈଷ୍ଣବୋମାତା-ପିତୃପାଦାନୁଧ୍ୟାତୋ' ବୋଲି ନିଜ ତାମ୍ରଶାସନରେ କହିଛନ୍ତି । ଯଯାତି (୧୦ମ ଶତାବ୍ଦୀ) ଜଗନ୍ନାଥଙ୍କୁ ପୁନର୍ବାର ଉଦ୍ଧାର କରି ନୂତନ ଭାବରେ ପ୍ରତିଷ୍ଠା କରିଥିଲେ ବୋଲି ମାଦଳା ପାଞ୍ଜିରେ ଲେଖାଅଛି । ୧୧ଶ ଶତାବ୍ଦୀରେ ଯଯାତିଙ୍କ ସମୟରେ ଶଙ୍କରାଚାର୍ଯ୍ୟ ପୁରୀକୁ ଆସି ଜଗନ୍ନାଥଙ୍କ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଚୋଡ଼ଗଙ୍ଗ ଦେବ ଏକାଦଶ ଶତାବ୍ଦୀରେ ଜଗନ୍ନାଥଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିବା କଥା ତାମ୍ରଶାସନରୁ ମିଳୁଛି । ସେହି ସମୟରେ ରାମାନୁଜ ଓଡ଼ିଶାକୁ ଆସି ବିଶିଷ୍ଟାଦ୍ୱୈତ ମତର ବହୁଳ ପ୍ରଚାର କରିଥିଲେ । ରାଧାବଲ୍ଲଭ ସମ୍ପ୍ରଦାୟର ଭେଦାଭେଦବାଦୀ ବୈଷ୍ଣବ ଜୟଦେବଙ୍କ ଗୀତଗୋବିନ୍ଦରେ ରାଧା ଓ କୃଷ୍ଣଙ୍କର ଲୀଳା ଉତ୍କଳରେ ଖ୍ୟାତିଲାଭ କରିଛି । ତ୍ରୟୋଦଶ ଶତାବ୍ଦୀରେ ଦ୍ୱୈତବାଦୀ ମଧ୍ୱାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ଗଙ୍ଗରାଜ୍ୟର ମନ୍ତ୍ରୀ ସନ୍ନ୍ୟାସୀ ନରହରି ତୀର୍ଥ କଳିଙ୍ଗ ବା ଉତ୍କଳରେ ଦ୍ୱୈତମାର୍ଗର ଧାରାକୁ ବର୍ଦ୍ଧିତ କରିଥିଲେ । ପରବର୍ତ୍ତୀ ସମୟରେ ଅବିଚ୍ଛିନ୍ନ ଭାବରେ ବୈଷ୍ଣବ ଚିନ୍ତାଧାରା ଉତ୍କଳରେ ପ୍ରବାହିତ ହୋଇଛି ।

ରାଜ୍ୟର ଶାସକମାନେ ଧର୍ମ ଓ ବିଦ୍ୟାର ପୃଷ୍ଠପୋଷକ ଥିବାରୁ ଓଡ଼ିଶାରେ ବହୁ କବି ଓ ପଣ୍ଡିତ ଉଚ୍ଚକୋଟୀର ବିବିଧ ଧର୍ମମତବାଦସମ୍ମତ ଦାର୍ଶନିକ ଗ୍ରନ୍ଥ, କାବ୍ୟ, ନାଟକ, କବିତା ରଚନା କରିଥିଲେ । କେତେ ରାଜାମାନେ ମଧ୍ୟ ଏହି କ୍ଷେତ୍ରରେ ଗ୍ରନ୍ଥ ରଚନା କରି ସୁନାମ ଅର୍ଜନ କରିଥିଲେ ।

ସୂର୍ଯ୍ୟବଂଶ ରାଜତ୍ୱରେ ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନ ହେବାରୁ ଓଡ଼ିଶାରେ ସୂର୍ଯ୍ୟବଂଶର ପ୍ରଥମ ରାଜା କପିଳେନ୍ଦ୍ର, ତାଙ୍କ ପୁତ୍ର ପୁରୁଷୋତ୍ତମ ଓ ନାତି ପ୍ରତାପରୁଦ୍ରଙ୍କ ଅମଳରେ ଭକ୍ତିର ଧାରା ପ୍ରବାହିତ ହୋଇଥିଲା । ଓଡ଼ିଶାରେ ଏହି ରାଜାମାନଙ୍କ ଦ୍ୱାରା ବହୁ ବିଷ୍ଣୁମନ୍ଦିର ପ୍ରତିଷ୍ଠା, ବିବିଧ ବିଷ୍ଣୁମନ୍ଦିରର ସଂସ୍କାର, ଦେବତାମାନଙ୍କ ସେବାପୂଜା ପ୍ରଭୃତିର ବ୍ୟବସ୍ଥା ଏହାର ପ୍ରମାଣ । ସ୍ୱୟଂ କପିଳେନ୍ଦ୍ରଦେବ ଓଡ଼ିଶା ସାମ୍ରାଜ୍ୟକୁ ଶ୍ରୀ ଜଗନ୍ନାଥଙ୍କୁ

ସମର୍ପଣ କରି ଦେଉଥିଲେ । ପୁରୁଷୋତ୍ତମ ଦେବଙ୍କ ଶାସନକାଳ ଭିତରେ ଜୟଦେବ ଓ ଗୀତଗୋବିନ୍ଦ ପ୍ରବଳ ସ୍ଥାନ ଲାଭ କରିଥିଲା । ସେ ମଧ୍ୟ ଅନେକ ବିଷ୍ଣୁମନ୍ଦିର ପ୍ରତିଷ୍ଠା କରିଥିଲେ । ନିଜେ ବିଷ୍ଣୁଲୀଳା ସମ୍ପର୍କରେ ସଂସ୍କୃତରେ କେତେକ ଗ୍ରନ୍ଥ ରଚନା କରି ଖ୍ୟାତିଲାଭ କରିଥିଲେ । ତାଙ୍କର ପୃଷ୍ଠପୋଷକତାରେ ଓଡ଼ିଶାର ବହୁ କବି ଭକ୍ତ ଓ ବୈଷ୍ଣବ ତତ୍ତ୍ୱ ସମ୍ବନ୍ଧରେ ଉଚ୍ଚ ଧରଣର ଗ୍ରନ୍ଥ ଲେଖିଥିଲେ । ଏମାନଙ୍କ ଭିତରେ କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟ, ଜଗନ୍ନାଥ ରାୟ, ଦିବାକର ମିଶ୍ର, କବୀନ୍ଦ୍ର, ମାର୍କଣ୍ଡେୟ ଲକ୍ଷ୍ମୀଧର ଅନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ସ୍ୱ ଗ୍ରନ୍ଥ ଯୋଗୁଁ ସମ୍ମାନ ଲାଭ କରିଥିଲେ । ଏମାନଙ୍କ ଭିତରୁ ଜୀବଦେବାଚାର୍ଯ୍ୟ ପ୍ରତାପରୁଦ୍ର ଦେବଙ୍କର ମଧ୍ୟ ସମସାମୟିକ ଥିଲେ ।

ସୂର୍ଯ୍ୟବଂଶ ରାଜାମାନଙ୍କ ଅମଳରେ ରାଜପୁରୁଷ ବିଶେଷ ବହୁ ଲୋକ ଭକ୍ତି ସମ୍ପର୍କରେ ଗ୍ରନ୍ଥ ରଚନା କରିଥିବାରୁ ଦେଶରେ ରାଜା ଓ ରାଜପୁରୁଷଙ୍କ ଆଦର୍ଶ ସ୍ଥାପିତ ହୋଇଥିଲା । ଲୋକେ ସବୁ ସମ୍ପ୍ରଦାୟ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଦେଶରେ ବିଦ୍ୟାଚର୍ଚ୍ଚାର ବହୁଳ ପ୍ରସାର ଥିବାରୁ ଅନ୍ଧବିଶ୍ୱାସ ଦ୍ୱାରା ପ୍ରଭାବିତ ହେଉନଥିଲେ । ଏ ଦେଶର ବହୁ କବି ଓ ପଣ୍ଡିତ ବିଭିନ୍ନ ବିଷୟରେ ଉଚ୍ଚ ଶ୍ରେଣୀର ଗ୍ରନ୍ଥ ରଚନା କରିଥିବା ଏହାର ପ୍ରମାଣ ।

ପ୍ରତାପରୁଦ୍ରଦେବ ଖ୍ରୀ: ୧୪୯୭-୯୮ରେ ସିଂହାସନାରୋହଣ କଲେ । ସେତେବେଳକୁ ତାଙ୍କର ବୟସ ସତର ହୋଇଥିଲା । ସେ ସିଂହାସନରେ ବସିବା ଅବ୍ୟବହିତ ପରେ ଯୁଦ୍ଧରେ ଲିପ୍ତ ରହିଲେ । ସେ ଯୁଦ୍ଧକାର୍ଯ୍ୟରେ ସାରା ଜୀବନ ଅତିବାହିତ କରିଥିଲେ । ଗଙ୍ଗାଠାରୁ କୃଷ୍ଣା ପର୍ଯ୍ୟନ୍ତ ବିସ୍ତୃତ ବିରାଟ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସେ ବହୁବାର ଯାଇଥିଲେ । ଏଥିରେ ତାଙ୍କର ବହୁ ସମୟ ଅତିବାହିତ ହେଉଥିଲେ ମଧ୍ୟ ବିଦ୍ୟାଚର୍ଚ୍ଚା, ଧର୍ମାଚରଣ ପ୍ରଭୃତି ଶାନ୍ତିକାର୍ଯ୍ୟରେ ସେ ଅବହେଳା କରୁନଥିଲେ । ସ୍ୱୟଂ ସେ ଅଦ୍ୱୈତବାଦୀ ଥିଲେ ମଧ୍ୟ କୃଷ୍ଣବାସୁଦେବ ଭକ୍ତି ପ୍ରଚାର କରିବାରେ ଦ୍ୱିଧା ବୋଧ କରୁନଥିଲେ । ଜୀବଦେବ ପ୍ରତାପରୁଦ୍ରଦେବଙ୍କ ୧୭ ଅଙ୍କରେ ବା ଖ୍ରୀ: ୧୫୧୦ରେ ସଂସ୍କୃତ ଗ୍ରନ୍ଥ ଭକ୍ତିଭାଗବତ ମହାକାବ୍ୟ ଗୋପାବନ୍ଧ ପୁରରେ ସମାପ୍ତ

କରିଥିଲେ । କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ ପ୍ରମୁଖ ପଣ୍ଡିତଗଣ ଓ ପ୍ରତାପରୁଦ୍ରଙ୍କ ସଭାର ଭୂଷଣ ହୋଇଥିଲେ । ଜୀବଦେବ ରାଜାଙ୍କ ସଭାଗୁରୁ ଥିଲେ । ଭାଗବତର ଦଶମସ୍କନ୍ଧର ଚରିତକୁ ଅବଲମ୍ବନ କରି ସେ ୩୨ ସର୍ଗ ବିଶିଷ୍ଟ ଏହି ମହାକାବ୍ୟଟି ରଚନା କରିଥିଲେ । ଜୀବାଚାର୍ଯ୍ୟଙ୍କ ପୁତ୍ର ଦିବାକର କବିଚନ୍ଦ୍ର ରାୟ କୃଷ୍ଣଲୀଳା ବର୍ଣ୍ଣନ 'ଅଭିନବ ଗୀତଗୋବିନ୍ଦ', 'ଭାରତାମୃତ ମହାକାବ୍ୟମ୍' ରଚନା କରିଥିଲେ । ଏହି କାବ୍ୟଟି ପୁରୁଷୋତ୍ତମ ଦେବଙ୍କ ନାମରେ ଭଣିତ ହୋଇଥିବା ଅନୁମାନ କରାଯାଏ । କବୀନ୍ଦ୍ର ମାର୍କଣ୍ଡେୟ ସଂସ୍କୃତରେ 'କଂସବଧ ମହାକାବ୍ୟ' ରଚନା କରିଥିଲେ ।

ରାମାନନ୍ଦ ରାୟ ଶ୍ରୀ ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନ ପୂର୍ବରୁ ବିଖ୍ୟାତ 'ଶ୍ରୀ ଜଗନ୍ନାଥବଲ୍ଲଭ ନାଟକ' ସଂସ୍କୃତରେ ରଚନା କରି ଯଶ ଅର୍ଜିଥିଲେ । ଏହି ନାଟକର ଅପର ନାମ 'ରାମାନନ୍ଦ ସଙ୍ଗୀତ ନାଟକମ୍' । ନାଟକଟି ପାଞ୍ଚଟି ଅଙ୍କରେ ବିଭକ୍ତ—ପୂର୍ବରାଗ, ଭାବପରୀକ୍ଷା, ଭାବପ୍ରକାଶ, ଶ୍ରୀ ରାଧାଭିସାର, ଶ୍ରୀ ରାଧାସଙ୍ଗମ । ଶ୍ରୀକୃଷ୍ଣ ଓ ଶ୍ରୀମତୀ ରାଧାଙ୍କ ପ୍ରେମ ପ୍ରସଙ୍ଗ ହିଁ ଏହାର ବିଷୟବସ୍ତୁ । ନାଟକଟି ରାଜା ପ୍ରତାପରୁଦ୍ରଙ୍କ ଆଦେଶରେ ପୁରୀରେ ଖ୍ରୀ: ୧୫୦୯ରେ ଅଭିନୀତ ହୋଇଥିଲା । ନାଟକଟି ଜୟଦେବଙ୍କ ଗୀତଗୋବିନ୍ଦ ତୁଲ୍ୟ ଲଳିତ ପଦାବଳୀରେ ରଚିତ । ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସିବା ପରେ ରାୟ ରାମାନନ୍ଦଙ୍କ ସହିତ ଖ୍ରୀ: ୧୫୧୦ରେ ଆଲାପ କରି ରାଧାକୃଷ୍ଣ-ପ୍ରେମତତ୍ତ୍ୱ ଓ ଭକ୍ତିମାର୍ଗର ବ୍ୟାଖ୍ୟାନ ଶୁଣି ପରମ ସନ୍ତୋଷ ଲାଭ କରିଥିଲେ । ରାୟ ରାମାନନ୍ଦ ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ବେଣ୍ଟପୁର ଗ୍ରାମରେ କରଣକୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଭବାନନ୍ଦ ରାୟ ଜଣେ ପଣ୍ଡିତ ଓ ପରମ ବୈଷ୍ଣବ ଥିଲେ । ରାମାନନ୍ଦ ତାଙ୍କର ଜ୍ୟେଷ୍ଠପୁତ୍ର । ଅନ୍ୟ ଭାଇମାନେ ଗୋପୀନାଥ ପଟ୍ଟନାୟକ, କଳାନିଧି ପଟ୍ଟନାୟକ, ସୁଧାନିଧି ପଟ୍ଟନାୟକ, ବାଣୀନାଥ ପଟ୍ଟନାୟକ । ଭାଇମାନଙ୍କ ଭିତରୁ କେତେକ ଜଣ ଉଚ୍ଚ ରାଜକର୍ମଚାରୀ ଥିଲେ । ପରେ ରାମାନନ୍ଦ ଓଡ଼ିଶା ସାମ୍ରାଜ୍ୟର ଦକ୍ଷିଣାଞ୍ଚଳର ରାଜଧାନୀ ଗୋଦାବରୀ ତୀରସ୍ଥ ବିଖ୍ୟାତ ରାଜମହେନ୍ଦ୍ରୀରେ ରାଜ୍ୟପାଳ ରୂପେ ନିଯୁକ୍ତ ଥିଲେ । ରାୟଙ୍କ

ଷୁଭ୍ରାଭାଷ୍ୟ ଶ୍ରଇ ଶିଖି ମହାନ୍ତି ଓ ତାଙ୍କ (ଶିଖିଙ୍କ) ଭଗିନୀ ମାଧବୀ ଦେବୀ ମଧ୍ୟ ପରମ ବୈଷ୍ଣବ ଓ କବି ଥିଲେ । ମାଧବୀ ଦେବୀ 'ଶ୍ରୀ ପୁରୁଷୋତ୍ତମଦେବ ନାଟକମ୍' ନାମକ ସଂସ୍କୃତ ନାଟକ ଲେଖି ସୁଖ୍ୟାତି ଲାଭ କରିଥିଲେ । ( Sanskrit Manuscripts; Orissa Museum ).

ଓଡ଼ିଶାରେ ଗଙ୍ଗବଂଶ ରାଜତ୍ୱ ସମୟରେ ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବ ଦ୍ୱୈତାଦ୍ୱୈତ ସିଦ୍ଧାନ୍ତ ପ୍ରବର୍ତ୍ତକ ଶ୍ରୀ ନିମ୍ବାର୍କାଚାର୍ଯ୍ୟଙ୍କ ପରମ୍ପରାର ଜଣେ ପ୍ରଧାନ ବୈଷ୍ଣବ ମହାକବି ଜୟଦେବ 'ଗୀତଗୋବିନ୍ଦ' ରଚନା କରି ଓଡ଼ିଶାରେ ରାଧାକୃଷ୍ଣ ପ୍ରେମତତ୍ତ୍ୱର ପ୍ରଚାର କରିଥିଲେ । ସେ କାଳରୁ ଓଡ଼ିଶାର ବହୁ ସ୍ଥାନରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିର ଆରାଧନା ପାଇଁ ବହୁ ମଠ-ମନ୍ଦିର ପ୍ରତିଷ୍ଠିତ ହୋଇଛି । ସୂର୍ଯ୍ୟବଂଶ ରାଜତ୍ୱରେ ଜୟଦେବଙ୍କ ପ୍ରାୟ ଅଢ଼େଇ ଶହ ବା ତିନି ଶହ ବର୍ଷ ପରେ ରାଜା ପୁରୁଷୋତ୍ତମଦେବ ସଂସ୍କୃତରେ 'ଅଭିନବ ଗୀତଗୋବିନ୍ଦ' ରଚନା କରି ଏହାର ଆଦର ବୃଦ୍ଧି କରିଥିଲେ । ସେ ସ୍ୱକୃତ 'ଅଭିନବ ବେଣୀସଂହାର'ରେ ରାଧାକୃଷ୍ଣଯୁଗଳଙ୍କୁ ବନ୍ଦନା କରିଛନ୍ତି ।

ସ୍ୱୟଂ ଜଗନ୍ନାଥ ରାଧାକୃଷ୍ଣ ଯୁଗଳମୂର୍ତ୍ତି ବୋଲି ବ୍ୟାଖ୍ୟା କରି ଓଡ଼ିଶାର ବହୁ କବି ଓ ଦାର୍ଶନିକ ଲେଖିଛନ୍ତି । ଏହି କାରଣରୁ ରାଧାକୃଷ୍ଣପ୍ରେମ-ପନ୍ଥୀଙ୍କ ପକ୍ଷରେ ଜଗନ୍ନାଥ କ୍ଷେତ୍ରର ଆଦର ବହୁ ଦିନରୁ ରହି ଆସିଛି । ସ୍ୱୟଂ ଚୈତନ୍ୟଦେବ ଏହି ତତ୍ତ୍ୱରେ ମୁଗ୍ଧ ଥିଲେ ଏବଂ ଏହି କାରଣରୁ ଜଗନ୍ନାଥ କ୍ଷେତ୍ର ତାଙ୍କ ପକ୍ଷରେ ଅତି ପ୍ରିୟସ୍ଥାନ ଥିଲା । ପ୍ରତାପରୁଦ୍ରଙ୍କ ପୃଷ୍ଠପୋଷକତା ଓ ଭକ୍ତି, ରାୟ ରାମାନନ୍ଦଙ୍କ ଭକ୍ତି ଓ ବୈଷ୍ଣବତତ୍ତ୍ୱରେ ପାଣ୍ଡିତ୍ୟ ରାଧାକୃଷ୍ଣ-ପ୍ରେମତତ୍ତ୍ୱ ପ୍ରଚାରରେ ଓଡ଼ିଶାରେ ଉପଯୁକ୍ତ କ୍ଷେତ୍ର ପାଇଥିଲା । ଶ୍ରୀଚୈତନ୍ୟ-ଦେବ, ତାଙ୍କର ସଖା ଓ ଶିଷ୍ୟମାନେ ଏହାର ବହୁଳ ପ୍ରଚାରରେ ସାହାଯ୍ୟ କରିଥିଲେ । ଓଡ଼ିଶାରେ ରାଧାକୃଷ୍ଣ ଭକ୍ତିର ପ୍ରବାହ ବଳବତ୍ତ ହୋଇଥିଲା । ଶ୍ରୀଚୈତନ୍ୟଙ୍କ ସମସାମୟିକ ଓ ପରବର୍ତ୍ତୀ ସମୟର ଓଡ଼ିଆ ବୈଷ୍ଣବ ସାହିତ୍ୟ ଏହି ପ୍ରବାହର ଫଳ ।

**ଜଗନ୍ନାଥ, ବୁଦ୍ଧ ଓ ଶୂନ୍ୟପୁରୁଷ**—ହିନ୍ଦୁଙ୍କ ଭିତରେ ବହୁ ସମ୍ପ୍ରଦାୟ ଥିବାରୁ ସମୟ ସମୟରେ ସାମ୍ପ୍ରଦାୟିକ ବିରୋଧଭାବ ଦେଖା ଯାଉଥିଲା । ଦାର୍ଶନିକ ମତବାଦମାନଙ୍କ ଉପରେ ଏହାର ପ୍ରଭାବ ମଧ୍ୟ କମ୍ ନ ଥିଲା । ଏକେଶ୍ୱରବାଦ ସ୍ୱୀକାର କଲେ ଏସବୁ ମତବିରୋଧର ଅବସାନ ଘଟିବା ସମ୍ଭବ ହେବ ବୋଲି କେହି କେହି ଧର୍ମଗୁରୁ ଶୂନ୍ୟ ବା ନିର୍ଗୁଣ ବ୍ରହ୍ମଙ୍କ ଉପାସନା ପ୍ରଚାର କରିଛନ୍ତି । ପ୍ରାଚୀନ କାଳରେ ବହୁ ପ୍ରଚାରକ ଏହି ମତବାଦ ପ୍ରଚାର କରି ଯାଇଥିଲେ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ଗୁରୁ ନାନକ, ମହାତ୍ମା କବିର ପ୍ରଭୃତି ଏହାର ବହୁଳ ପ୍ରଚାର କରିବା ପାଇଁ ଚେଷ୍ଟା କରିଥିଲେ । ଉତ୍ତର-ଭାରତରେ ମୁସଲମାନମାନଙ୍କ ରାଜତ୍ୱରେ ହିନ୍ଦୁ ଓ ମୁସଲମାନ ଧର୍ମ ଭିତରେ ବିରୋଧଭାବ ଦେଖାଯାଇଥିଲା । କେହି କେହି ମୁସଲମାନ ଶାସକ ମୁସଲମାନ ଧର୍ମର ପ୍ରଚାର କରିବା ପାଇଁ ଉଗ୍ର ପନ୍ଥା ମଧ୍ୟ ଅବଲମ୍ବନ କରୁଥିଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ହିନ୍ଦୁମାନଙ୍କ ଭିତରେ ସଂଗଠନସ୍ପୃହା ବେଳେ ବେଳେ ଜାଗ୍ରତ ହୋଇଥିଲା । ସେଇ କାଳ ଦେଖି ଗୁରୁ ନାନକ, ଗୋରକ୍ଷନାଥ, ମତ୍ସ୍ୟେନ୍ଦ୍ରନାଥ ଓ ଶ୍ରୀଚନ୍ଦ୍ର ପ୍ରଭୃତି ହିନ୍ଦୁମାନଙ୍କୁ ଏକତାପାଶରେ ଆବଦ୍ଧ କରିବା ପାଇଁ ବହୁ ଚେଷ୍ଟା କରିଥିଲେ । ଏମାନଙ୍କ ଭିତରୁ ଅଧିକାଂଶ ପ୍ରଚାରକ ହିନ୍ଦୁ ଧର୍ମ ଭିତରେ ସାମ୍ପ୍ରଦାୟିକ ଥିବା ମତବିରୋଧକୁ ଲୋପ କରି ତାହା ସଙ୍ଗେ ସଙ୍ଗେ ସଂଗଠନ କରିବାର ପକ୍ଷପାତୀ ଥିଲେ । ବ୍ରହ୍ମଙ୍କ ରୂପରେଖ, ଲୀଳାଖେଳା ନେଇ ଯେଉଁସବୁ ବିବାଦ ସୃଷ୍ଟି ହୋଇଛି, ବ୍ରହ୍ମଙ୍କୁ ଶୂନ୍ୟ ଓ ନିରାକାର ବୋଲି ସ୍ୱୀକାର କଲେ ଏସବୁ ଦୂର ହେବା ବହୁ ଅଂଶରେ ସମ୍ଭବପର । ତା ଛଡ଼ା ଦର୍ଶନଶାସ୍ତ୍ରରେ ମଧ୍ୟ ଏ ମତର ସମର୍ଥନକାରୀ ବହୁ ପ୍ରମାଣ ଅଛି । ଏ ମତବାଦ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀର ବହୁ କବିଙ୍କ ଲେଖାରେ ପ୍ରତିଷ୍ଠିତ ହୋଇଛି । ଚୈତନ୍ୟ ଦାସ, ଶ୍ରୀହରି, ଅଚ୍ୟୁତାନନ୍ଦ ପ୍ରଭୃତିଙ୍କ ଲେଖାରୁ ଏହାର ପ୍ରମାଣ ମିଳେ ।

ପଞ୍ଚସଖା କବିମାନେ ନିରାକାର ବ୍ରହ୍ମଙ୍କୁ ଜଗନ୍ନାଥଙ୍କଠାରୁ ଅଭିନ୍ନ ବୋଲି ପ୍ରତିପାଦନ କରିଛନ୍ତି । ବୌଦ୍ଧ ମହାଯାନପନ୍ଥୀମାନେ ମଧ୍ୟ ବ୍ରହ୍ମଙ୍କୁ ଶୂନ୍ୟପୁରୁଷ ରୂପରେ କଳ୍ପନା କରିଛନ୍ତି । ଜଗନ୍ନାଥଙ୍କ ଅନାଦିଷ୍ଟ ଆକାର,

ଜଗନ୍ନାଥ କ୍ଷେତ୍ରରେ ଜାତିନିର୍ବିଶେଷ ଭାବ, ଗୀତାର 'ପୁରୁଷୋତ୍ତମ'ଙ୍କ ସହିତ ଜଗନ୍ନାଥଙ୍କ ଅଭିନ୍ନତ୍ୱ, ଗୀତଗୋବିନ୍ଦ ଲେଖକ ଜୟଦେବ ଓ ଓଡ଼ିଆ ମହାଭାରତ ଲେଖକ ଶାରଳା ଦାସଙ୍କର ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଗ୍ରହଣ, ଏହିସବୁ ସହିତ ବୌଦ୍ଧ ନିରାକାର ଶୂନ୍ୟପୁରୁଷ ଓ ନିରାକାର ପୁରୁଷୋତ୍ତମ ବା ଜଗନ୍ନାଥ ଅଭିନ୍ନ ଥିବା ଭାବ ଓଡ଼ିଆ କବିମାନଙ୍କ ମନରେ ଜାଗ୍ରତ କରାଇଛି ।

ଷୋଡ଼ଶ ଶତାବ୍ଦୀ ବେଳକୁ ଭାରତବର୍ଷରେ ବୌଦ୍ଧଧର୍ମର ସ୍ୱତନ୍ତ୍ର ଅସ୍ତିତ୍ୱ ନ ଥିଲା କହିଲେ ଚଳେ । ବୌଦ୍ଧଧର୍ମର ପ୍ରଚାରକମାନେ ଏହାର ବହୁ ପୂର୍ବରୁ ହିନ୍ଦୁ ଧର୍ମକୁ ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରି ସାରିଥିଲେ । ଏହି ସମ୍ପ୍ରଦାୟ ଭିତରୁ ଅଧିକାଂଶ ଲୋକ ହିନ୍ଦୁ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ-ଥିବାରୁ ହିନ୍ଦୁ ଓ ବୌଦ୍ଧ ଦର୍ଶନ ବା ଧର୍ମ ଉପାସନାରେ ଅଧିକ କିଛି ପ୍ରଭେଦ ଦେଖାଯାଉ ନ ଥିଲା । ବୁଦ୍ଧଦେବ ଓ ଅନ୍ୟାନ୍ୟ ଅନେକ ବୌଦ୍ଧ ଦେବତା ବୈଦିକ ଓ ପୌରାଣିକ ଦେବତାମାନଙ୍କ ଭିତରେ ପରିଗଣିତ ହୋଇ ସାରିଥିଲେ । ବୌଦ୍ଧଧର୍ମ କେବଳ ଏକ ଦର୍ଶନ ରୂପରେ କେତେବେଳକୁ ଭାରତରେ ରହିଥିଲା ।

ଜଗନ୍ନାଥଙ୍କୁ ନୂତନ ଭାବରେ ଦେଖିବା ପାଇଁ ଜୟଦେବ ଓ ଶାରଳା ଦାସ ପ୍ରଭୃତି ଓଡ଼ିଶାର କବିମାନେ ଯେଉଁ ବାଟ ଦେଖାଇଥିଲେ ତାହା ଅଚ୍ୟୁତାନନ୍ଦାଦି କବିମାନେ ବିସ୍ତୃତ ଭାବରେ ପ୍ରଚାର କରିଥିଲେ । ଏହା ପୂର୍ବ ପୁରାଣମାନଙ୍କଠାରୁ ବହୁ ଅଂଶରେ ସ୍ୱତନ୍ତ୍ର । ନିରାକାର ଜଗନ୍ନାଥ ବୁଦ୍ଧ ବୋଲି ପ୍ରତିପାଦିତ ହେବା ପରେ ତାଙ୍କୁ ନିରାକାର ଶୂନ୍ୟପୁରୁଷ ରୂପରେ କଳ୍ପନା କରିବା ସ୍ୱାଭାବିକ ।

"ସଂଯୁକ୍ତ ନିକାୟ"ରେ ବୁଦ୍ଧଦେବ କହିଛନ୍ତି ଯେ ଜଗତ ଅସ୍ଥାଶୂନ୍ୟତା ଅନାତ୍ମ, ଶରୀର ପଞ୍ଚଇନ୍ଦ୍ରିୟ ଅନାତ୍ମ, ମନ (ଇନ୍ଦ୍ରିୟଜ ଅନୁଭୂତିର ବିଜ୍ଞାନାତ୍ମକ ଚିନ୍ତା ଓ ଚୈତନ୍ୟର ଆଧାର) ମଧ୍ୟ ଅନାତ୍ମ । ଜଗତ, ଶରୀର ଓ ମନ ସବୁ ଅନାତ୍ମ । ସର୍ବ ଜଗତ ଅନାତ୍ମ । ସୃଷ୍ଟି ଏହିସବୁ ଅନିତ୍ୟ । ଏହି

ଅନିତ୍ୟ ଓ ଅନାତ୍ମ ପୁନର୍ଜନ୍ମରହିତ ମୁକ୍ତିହିଁ ମାନବର କାମ୍ୟ । ଏହି ମୁକ୍ତିହିଁ ନିର୍ବାଣ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ପ୍ରସିଦ୍ଧ ବୌଦ୍ଧ କବି ଅଶ୍ୱଘୋଷ 'ନିର୍ବାଣ'ର ଅର୍ଥ ଲେଖିଛନ୍ତି ଯେ ତୈଳ ନଷ୍ଟ ହୋଇଗଲେ ଦୀପଶିଖା ଆପେ ଆପେ ନିର୍ବାପିତ ବା ନିର୍ବାଣପ୍ରାପ୍ତ ହୋଇଯାଏ—ଏହି ଦୀପଶିଖା ପୃଥିବୀ, କି ଅନ୍ତରୀକ୍ଷ, କି ଅନ୍ୟ କୌଣସି ଦିଗକୁ ଯାଏ ନାହିଁ । ତୈଳକ୍ଷୟରୁ ଦୀପ ନିର୍ବାଣପ୍ରାପ୍ତ ହେବା ପରି ମନୁଷ୍ୟ ନିର୍ବାଣପ୍ରାପ୍ତ ହେଲେ ସେ ପୃଥିବୀ, କି ଅନ୍ତରୀକ୍ଷ, କି କୌଣସି ଦିଗକୁ ଗମନ କରେ ନାହିଁ,—କ୍ଳେଶକ୍ଷୟ ହେତୁଁ ତାହାର ଚିତ୍ତପ୍ରଦୀପ ନିର୍ବାପିତ ହୁଏ ଏବଂ ସେ ଶାନ୍ତି ଲାଭ କରେ । "କ୍ଳେଶକ୍ଷୟାତ୍ କେବଳଂ ଏତି ଶାନ୍ତିମ୍" (ସୌନ୍ଦରାନନ୍ଦ କାବ୍ୟ) । ବୌଦ୍ଧ ମତରେ "ସର୍ବଂ ଅନିତ୍ୟଂ, ସର୍ବଂ ଅନାତ୍ମମ୍, ନିର୍ବାଣଂ ଶାନ୍ତମ୍ ।" ମହାଯାନ ଦର୍ଶନ ମତରେ ବୁଦ୍ଧି ହିଁ କ୍ଳେଶ । କିନ୍ତୁ ମାଧ୍ୟମିକ ଦର୍ଶନ ପ୍ରବର୍ତ୍ତକ ନାଗାର୍ଜ୍ଜୁନ କହିଛନ୍ତି ଯେ ନିର୍ବାଣ ଲାଭ ହେଲେ ଚିତ୍ତର ଯେଉଁ ଅବସ୍ଥା ହୁଏ, ତାହା ଶୂନ୍ୟ ଏବଂ ଏହି ନିର୍ବାଣ ପ୍ରକୃତର ଅହୀନ, ଅପ୍ରାପ୍ୟ, ଅଚ୍ଛେଦ୍ୟ, ଅଶାଶ୍ୱତ, ଅନିରୁଦ୍ଧ ଓ ଅନୁତ୍ପନ୍ନ ।

ଅପ୍ରହୀଣମ୍ ଅସଂପ୍ରାପ୍ତମ୍ ଅନୁଚ୍ଛିନ୍ନମ୍ ଅଶାଶ୍ୱତମ୍
ଅନିରୁଦ୍ଧମ୍ ଅନୁତ୍ପନ୍ନମ୍ ଏତ ନିର୍ବାଣ ମୁଚ୍ୟତେ ।

ଏହି ନିର୍ବାଣର ଅବସ୍ଥା, ରୂପରେଖ ନିର୍ଣ୍ଣୟ କରିବା କଷ୍ଟକର, କଳ୍ପନା-ତୀତ ଓ ବାକ୍ୟାତୀତ ବୋଲି ଏହାକୁ ଶୂନ୍ୟ ବୋଲି କୁହାଯାଇଛି । କିନ୍ତୁ ଏହାର ଅସ୍ତିତ୍ୱ ଅଛି । "ମହାଯାନ ସୂତ୍ରାଲଙ୍କାର"ରେ ଏପରି ଭୂମିକା ଦିଆଯାଇଛି—

ନ ସନ୍ ନାସନ୍ ନ ତଥା ନାନ୍ୟଥା
ନ ଜାୟତେ ବ୍ୟେତି ନ ଚାବହୀୟତେ ।
ନ ବର୍ଦ୍ଧତେ ନାପି ବିଶୁଦ୍ଧ୍ୟତେ ପୁନର୍-
ବିଶୁଦ୍ଧ୍ୟତେ ତତ୍ ପରମାର୍ଥ ଲକ୍ଷଣମ୍ ।

"ଯାହା ସତ୍ୟ ନୁହେଁ କି ଅସତ୍ୟ ନୁହେଁ, 'ସତ୍ୟ ନୁହେଁ', ନୁହେଁ, କି 'ଅସତ୍ୟ ନୁହେଁ', ନୁହେଁ, ଯାହା ଜନ୍ମ ହୁଏ ନାହିଁ କି ନଷ୍ଟ ହୁଏ ନାହିଁ, ଯାହାର ବୃଦ୍ଧି କି ହ୍ରାସ ହୁଏ ନାହିଁ, ଯାହା ଶୁଦ୍ଧ ନୁହେଁ କି ଅଶୁଦ୍ଧ ନୁହେଁ ।" ଏହି ପରମାର୍ଥ ଲକ୍ଷଣ ବା ଅଗମ୍ୟ ଅବସ୍ଥା ହିଁ ଶୂନ୍ୟ ।

ମହାଯାନ ମତରେ ବୁଦ୍ଧ ନିର୍ବାଣପ୍ରାପ୍ତ ହୋଇଁ ଶୂନ୍ୟ । ଏହି ବୁଦ୍ଧ (ବା ଶୂନ୍ୟଙ୍କର) ଅନିର୍ଦ୍ଦିଷ୍ଟ ଆକାର, ସ୍ୱରୂପ, ଗୁଣ ନ ଥିବାରୁ ଏ ନିରାକାର, ନିର୍ଗୁଣ ନାମରେ ମଧ୍ୟ ପରିଚିତ ।

ବୌଦ୍ଧମାନଙ୍କର ବଜ୍ରଯାନ ଶାଖାର ଦର୍ଶନ ଅନୁସାରେ ଶୂନ୍ୟର ଅନ୍ୟ ନାମ ବଜ୍ର ।

"ଦୃଢ଼ମ୍ ସାରମ୍ ଅସୌ ଶୌର୍ଯ୍ୟମ୍ ଅଚ୍ଛେଦ୍ୟାଭେଦ୍ୟ ଲକ୍ଷଣମ୍
ଅଦାହି ଅବିନାଶୀ ଚ ଶୂନ୍ୟତା ବଜ୍ରମୁଚ୍ୟତେ ॥"

"ଦୃଢ଼ ସାରବାନ ଶୌର୍ଯ୍ୟଶାଳୀ ଅଚ୍ଛେଦ୍ୟ ଅଭେଦ୍ୟ ଅଦାହ୍ୟ ଅବିନାଶୀ ଲକ୍ଷଣାନ୍ୱିତ ଶୂନ୍ୟତାକୁ ବଜ୍ର କୁହାଯାଏ ।" ଏହି ମତରେ ଦେବତାର ପୂଜାରେ କୌଣସି ସ୍ଥାନ ନାହିଁ, ଏହି ପ୍ରତିମା ଶୂନ୍ୟତାର ହିଁ ପ୍ରତୀକ ।

ଶୂନ୍ୟଙ୍କର ଶୂନ୍ୟତାର ଶେଷ ନାହିଁ; ରୂପ ନାହିଁ, ସେ ସର୍ବବ୍ୟାପୀ । ସେ ଅଲକ୍ଷ୍ୟ ବା ଅଲେଖ, ନିରଞ୍ଜନ । ଏହି ଶୂନ୍ୟ, ଅଲେଖ, ନିରଞ୍ଜନ, ନିରାକାର, ନିର୍ଗୁଣ ପୁରୁଷଙ୍କୁ ସୃଷ୍ଟି ଜ୍ୟୋତିର୍ମୟ, କଲ୍ୟାଣମୟ, ଚଞ୍ଚଳ, ସକ୍ରିୟ ପୁରୁଷ ରୂପରେ ମଧ୍ୟ ବୌଦ୍ଧମାନେ କଳ୍ପନା କରିଛନ୍ତି । ନିଷ୍କ୍ରିୟ ନିର୍ଗୁଣ ଅବସ୍ଥା ହିଁ ମହାଶୂନ୍ୟ ।

ବୌଦ୍ଧଧର୍ମର ଶୂନ୍ୟବାଦ ଭାରତବର୍ଷରେ ନୂତନ ନୁହେଁ । ବୌଦ୍ଧଶୂନ୍ୟବାଦ (ବିଜ୍ଞାନାତ୍ମବାଦ)ର ଆଭାସ ଉପନିଷଦରେ ମଧ୍ୟ ଦେଖାଯାଏ । 'ଅସଦ୍ ବା ଇଦମଗ୍ର ଆସୀତ୍' ବାକ୍ୟରୁ ଶୂନ୍ୟବାଦର ସୂଚନା ଦେଖାଯାଏ । ବୃହଦାରଣ୍ୟକ ଉପନିଷଦରେ "ନୈବେହ କିଂଚନାଗ୍ର ଆସୀତ୍

ନୃଷ୍ଣ ତୈନିବେଦନମାତ୍ମତମୋଷୀତ୍ ।" ( ୨ୟ ବ୍ରାହ୍ମଣ, ୧ମ କା. ) । କଠୋପନିଷଦରେ ଓ ଛାନ୍ଦୋଗ୍ୟ ଉପନିଷଦରେ ବିଜ୍ଞାନାତ୍ମବାଦର ପ୍ରମାଣ-ସୂଚକ ବାକ୍ୟ ଦେଖାଯାଏ ।

"ଯସ୍ୟାମତଂ ତସ୍ୟ ମତଂ ମତଂ ଯସ୍ୟ ନ ବେଦ ସଃ ।"
"ଅବିଜ୍ଞାତଂ ବିଜାନତାଂ ବିଜ୍ଞାତମବିଜାନତାମ୍ ।" ( କେନ ଉପ: )
"ଅସ୍ଥୂଲମନଣ୍ୱମ୍ ।" ( ବୃହଦାରଣ୍ୟକ ଉପ: )
"ନାନ୍ତଃ ପ୍ରଜ୍ଞମ୍ ।" ( ମାଣ୍ଡୁକ୍ୟ ଉପ: )
"ଅଶବ୍ଦଂ ଅସ୍ପର୍ଶଂ ଅରୂପଂ ଅବ୍ୟୟଂ ।" ( କେନ ଉପ: )
"ନିଷ୍କଳଂ ନିଷ୍କ୍ରିୟଂ ଶାନ୍ତଂ ନିରବଦ୍ୟଂ ନିରଞ୍ଜନମ୍ ।"
( ଶ୍ୱେତାଶ୍ୱତର ଉପ: )

ଶୂନ୍ୟବାଦକୁ ଶଙ୍କରାଚାର୍ଯ୍ୟ ଖଣ୍ଡନ କରିଅଛନ୍ତି । ସେ ବ୍ରହ୍ମସୂତ୍ରର "ସମୁଦାୟ ଉଭୟହେତୁକେଽପି ତଦପ୍ରାପ୍ତିଃ", "ଅନୁସ୍ମୃତେଶ୍ଚ", "ନାସତୋ ଦୃଷ୍ଟତ୍ୱାତ୍", "ନାଭାବ ଉପଲବ୍ଧେଃ", "କ୍ଷଣିକତ୍ୱାଚ୍ଚ", "ବୈଧର୍ମ୍ୟାଚ୍ଚ ନ ସ୍ୱପ୍ନାଦିବତ୍", "ସର୍ବଥାନୁପପତ୍ତେଶ୍ଚ" ଇତ୍ୟାଦି ବାକ୍ୟ ଉଦ୍ଧାର କରି ତାର ବ୍ୟାଖ୍ୟାରେ ଶୂନ୍ୟବାଦକୁ ନିରାକରଣ କରିଛନ୍ତି । କିନ୍ତୁ ଶଙ୍କରଙ୍କ ମାୟାବାଦ 'ଜଗତ ମିଥ୍ୟା' ଏହି ତଥ୍ୟ ଉପରେ ପ୍ରତିଷ୍ଠିତ ଥିବାରୁ ପରବର୍ତ୍ତୀ ସମୟରେ ଅଦ୍ୱୈତବାଦ-ବିରୋଧୀମାନେ ତାଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି ମଧ୍ୟ କଟାକ୍ଷ କରିଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ମହାଯାନ ଶୂନ୍ୟବାଦ ଓ ଶଙ୍କର ମାୟାବାଦ ଉଭୟେ ଶ୍ରୁତିବାକ୍ୟ ଉପରେ ପ୍ରତିଷ୍ଠିତ ଥିବାରୁ ଉଭୟଙ୍କ ମୂଳରେ ଏପରି ସାମ୍ୟ ଦେଖାଦେବା ସ୍ୱାଭାବିକ । ଶଙ୍କରଙ୍କ ମାୟାବାଦ ଓ ବୌଦ୍ଧଙ୍କ ଶୂନ୍ୟବାଦ ଭିତରେ ପ୍ରଭେଦ ଅଛି ।

ବୈଦିକ ମତରେ ଅନାତ୍ମ ବସ୍ତୁର ଅଦର୍ଶନ ହିଁ ବ୍ରହ୍ମୋପାସନା । ବ୍ରହ୍ମ ହିଁ ସତ୍ୟ ଓ ଆତ୍ମସ୍ୱରୂପ । ତଦ୍‌ବ୍ୟତୀତ ଅନ୍ୟ ସବୁ ଅସତ୍ୟ ଓ ଅନାତ୍ମ । ଏହି ବ୍ରହ୍ମ ଅକ୍ଷର, ଅନିର୍ଦ୍ଦେଶ୍ୟ ଓ ଅବ୍ୟକ୍ତ । ଏହି ବ୍ରହ୍ମର ଆକାର ନିରୂପିତ ହୋଇ ପାରୁ ନ ଥିବାରୁ ଏବଂ ସେ ଅଚିନ୍ତ୍ୟ ଥିବାରୁ ସେ ଶୂନ୍ୟ ବା ଶୂନ୍ୟକଳ୍ପ ବସ୍ତୁ

ରୂପରେ ବିଦ୍ୟମାନ । ସେହି ଶୂନ୍ୟ ହେଲେ ମଧ୍ୟ ସର୍ବଗତ, ସର୍ବବ୍ୟାପୀ । ଏହି ସର୍ବମୟ, ସର୍ବରୂପ; ଏହି ସର୍ବଗତ, ସର୍ବବ୍ୟାପୀ, ନିରାକାର, ନିର୍ଗୁଣ ବ୍ରହ୍ମ ହିଁ ପୁରୁଷୋତ୍ତମ । ଏହି ପୁରୁଷୋତ୍ତମ ହିଁ ଜଗନ୍ନାଥ । ଭଗବଦ୍ ଗୀତାରେ ପୁରୁଷୋତ୍ତମଙ୍କୁ ପରିଚିତ କରିବା ପାଇଁ ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ, ଧ୍ରୁବ—ଏହି ଆଦି ବିଶେଷଣର ବ୍ୟବହାର ହୋଇଛି । ଏହି ପୁରୁଷୋତ୍ତମ ଜଗନ୍ନାଥଙ୍କ ଉପାସନା କରିବାକୁ ହେଲେ ସର୍ବ ଇନ୍ଦ୍ରିୟର ନିରୋଧ କର୍ତ୍ତବ୍ୟ ।

"ଯଦା ପଞ୍ଚାବତିଷ୍ଠନ୍ତେ ଜ୍ଞାନାନି ମନସା ସହ
ବୁଦ୍ଧିଶ୍ଚ ନ ବିଚେଷ୍ଟତେ ତାମାହୁଃ ପରମାଂ ଗତିଂ ।" ( କଠ ଉପ: )

"ଯେତେବେଳେ ମନୁଷ୍ୟର ପଞ୍ଚଭୂତାତ୍ମକ ଦେହ ଅଥବା ପଞ୍ଚଜ୍ଞାନେନ୍ଦ୍ରିୟ ମନ ଅନ୍ତଃକରଣ ବୁଦ୍ଧି ସହିତ ନିଶ୍ଚେଷ୍ଟ ହୁଏ, ତାହାକୁ ପରମାଗତି କୁହାଯାଏ ।" ଏହି ପରମାଗତି ହିଁ ବ୍ରହ୍ମୋପାସନାର ପରିଣତି । ଅଦ୍ୱୈତବାଦୀମାନେ ଏହିଭଳି ଉପାସନାର ପକ୍ଷପାତୀ । କିନ୍ତୁ ଦ୍ୱୈତବାଦୀ-ମାନଙ୍କ ଭିତରୁ କେହି କେହି ଏହାର ବିରୋଧ କରନ୍ତି । ଶୈବ ବିଶିଷ୍ଟାଦ୍ୱୈତବାଦୀ ଶ୍ରୀକଣ୍ଠାଚାର୍ଯ୍ୟ ବ୍ରହ୍ମ (ବା ଶିବ)ଙ୍କୁ ସଗୁଣ ଓ ସବିଶେଷ ବୋଲି ପ୍ରତିପାଦନ କରିଅଛନ୍ତି । ଭେଦାଭେଦବାଦୀ ଭାସ୍କରାଚାର୍ଯ୍ୟଙ୍କ ମତରେ ବ୍ରହ୍ମ ସଗୁଣ ଓ ନିରାକାର । ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କଙ୍କ ମତରେ ବ୍ରହ୍ମ ସଗୁଣ ଓ ନିର୍ଗୁଣ । ବିଶିଷ୍ଟାଦ୍ୱୈତବାଦୀ ରାମାନୁଜଙ୍କ ମତରେ ବ୍ରହ୍ମ ସବିଶେଷ ଓ ସଗୁଣ । ସ୍ୱତନ୍ତ୍ରାସ୍ୱତନ୍ତ୍ରବାଦୀ ମାଧ୍ୱାଚାର୍ଯ୍ୟଙ୍କ ମତରେ ମଧ୍ୟ ବ୍ରହ୍ମ ସବିଶେଷ ଓ ସଗୁଣ । ଶୁଦ୍ଧାଦ୍ୱୈତବାଦୀ ବଲ୍ଲଭାଚାର୍ଯ୍ୟଙ୍କ ମତରେ ବ୍ରହ୍ମ ସାକାର ଓ ନିର୍ଗୁଣ ।

ଓଡ଼ିଶାର ବହୁ ଭକ୍ତ ଓ କବି ବ୍ରହ୍ମଙ୍କୁ ସାକାର ଓ ନିରାକାର, ସଗୁଣ ଓ ନିର୍ଗୁଣ, ନିର୍ବିଶେଷ ଓ ସବିଶେଷ ପ୍ରଭୃତି ସବୁ ବିଶେଷଣରେ ପରିଚିତ କରାଇଛନ୍ତି । ଅଚ୍ୟୁତାନନ୍ଦାଦି ଭକ୍ତମାନେ ନିରାକାର (ଶୂନ୍ୟ) ବ୍ରହ୍ମଙ୍କୁ ଉପାସନା କରିଛନ୍ତି ଏବଂ ଉପାସନାରେ ସର୍ବେନ୍ଦ୍ରିୟର ନିରୋଧକୁ ମୂଳ ଆସନ ଦେଇଛନ୍ତି । ଜଗନ୍ନାଥଙ୍କ ଆକାର ମଧ୍ୟ ଶ୍ରୁତିପ୍ରତିପାଦିତ ନିରାକାର, ଅଚିନ୍ତ୍ୟ,

ଅଚଳ, ଧ୍ରୁବ, ଅକ୍ଷର, କୂଟସ୍ଥ, ସର୍ବବ୍ୟାପୀ ବ୍ରହ୍ମଙ୍କ ସ୍ୱରୂପଗତ ଥିବାରୁ ଜଗନ୍ନାଥଙ୍କୁ ବ୍ରହ୍ମ, ପୁରୁଷୋତ୍ତମ, ଶୂନ୍ୟ, ନିରାକାର, ନିରଞ୍ଜନ, ଅଲକ୍ଷ ପ୍ରଭୃତି ସଂଜ୍ଞା ପ୍ରଦାନ କରିଛନ୍ତି ।

ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ
ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍ ନ ବିଭେତି କଦାଚନ ।

ଏହି ଅବାଙ୍ମନସଗୋଚର ବ୍ରହ୍ମ ହିଁ ଜଗନ୍ନାଥ । ମହାପ୍ରଳୟ କାଳରେ ପ୍ରଳୟପୟୋଧିଜଳରେ ସ୍ୱୟଂ ଭଗବାନ ଶିଶୁ ବଟପତ୍ରରେ ଶୟନ କରି ଥାଆନ୍ତି ବୋଲି ସମସ୍ତ ଧର୍ମଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ଅଛି ଏବଂ ଏହି ଶିଶୁ ହିଁ ଶୂନ୍ୟ । ଜଗନ୍ନାଥ କ୍ଷେତ୍ର ମାହାତ୍ମ୍ୟ ଅନୁସାରେ ମହାପ୍ରଳୟ କାଳର ଶେଷରେ କଳ୍ପବଟ ପ୍ରଳୟଜଳରେ ବୁଡ଼ି ନ ଥିଲା ଏବଂ ସ୍ୱୟଂ ଶିଶୁ କୃଷ୍ଣ ରୂପରେ ବଟପତ୍ର ଉପରେ ଶୟନ କରି ପ୍ରଳୟ ଜଳରେ ଭାସୁଥିଲେ । ଏହି ବଟକୃଷ୍ଣ ହିଁ ଶୂନ୍ୟ । ଏହି ବଟକୃଷ୍ଣ ଜଗନ୍ନାଥ । ସେହିହେତୁ ମଧ୍ୟ ଓଡ଼ିଆ କବି ଓ ଭକ୍ତମାନେ ଜଗନ୍ନାଥଙ୍କୁ ଶୂନ୍ୟ ବା ନିରାକାର ପରଂବ୍ରହ୍ମ ବୋଲି ସ୍ୱୀକାର କରିଥିବା ସମ୍ଭବ । ବୁଦ୍ଧ ନିରାକାର ଶୂନ୍ୟ ଥିବାରୁ ଜଗନ୍ନାଥଙ୍କୁ ମଧ୍ୟ ବୁଦ୍ଧ ରୂପରେ ଏମାନେ ଦେଖିଛନ୍ତି ।

ବୌଦ୍ଧ ମତରେ ଶୂନ୍ୟ ସ୍ୱଭାବାତ୍ମା ମନୁଷ୍ୟ ଶୂନ୍ୟରେ ଲୀନ ହୁଏ ବା ନିର୍ବାଣପ୍ରାପ୍ତ ହୁଏ । ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟଙ୍କ ମତରେ ନିର୍ଗୁଣ ବ୍ରହ୍ମଙ୍କୁ ଉପାସନା କଲେ ଜୀବ ସହଜରେ ମୋକ୍ଷପ୍ରାପ୍ତ ହୁଏ ।

ନିରଞ୍ଜନ ବା ନିର୍ଗୁଣ ବ୍ରହ୍ମ ନିଷ୍କ୍ରିୟ ଅବସ୍ଥାରେ ଥାଆନ୍ତି । ସେ ସଗୁଣ ଅବସ୍ଥାରେ ସଂସାର ରଚନା କରିଛନ୍ତି । ବୌଦ୍ଧ ଶୂନ୍ୟପୁରୁଷ ଓ ବୈଦିକ ନିର୍ଗୁଣ ବ୍ରହ୍ମ ନିଷ୍କ୍ରିୟ । କିନ୍ତୁ ଓଡ଼ିଆ କବିମାନେ ବୌଦ୍ଧ ଶୂନ୍ୟପୁରୁଷ ଓ ବୈଦିକ ନିର୍ଗୁଣ ବ୍ରହ୍ମ ଅଲେଖ ଓ ଏମାନେ ସକ୍ରିୟ ବୋଲି କହିଛନ୍ତି । ସକ୍ରିୟ ବ୍ରହ୍ମ ବା ସକ୍ରିୟ ନିରଞ୍ଜନଙ୍କଠାରୁ ଏହି ସଂସାରର ଉତ୍ପତ୍ତି ହୋଇଥିବା କଥାକୁ ଓଡ଼ିଆ କବିମାନେ ସ୍ପଷ୍ଟଭାବରେ ସ୍ୱୀକାର କରିଛନ୍ତି ।

ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ସଗୁଣ, ନିର୍ଗୁଣ, ଜ୍ୟୋତିରୂପ, ସନାତନ, ସାକାର, ନିରାକାର, ତେଜରୂପ ବୋଲି ମଧ୍ୟ ବ୍ରହ୍ମବୈବର୍ତ୍ତ ପୁରାଣରେ ଲେଖାଅଛି—

ଶ୍ରୀକୃଷ୍ଣ ଚରଣାମ୍ଭୋଜେ ବିଶେଷ ଶରଣଂ ଗତୌ
ସଗୁଣଂ ନିର୍ଗୁଣଂ ବ୍ରହ୍ମ ଜ୍ୟୋତିରୂପଂ ସନାତନମ୍
ସାକାରଂ ଚ ନିରାକାରଂ ତେଜୋରୂପଂ ନମାମ୍ୟହମ୍ ।
( କୃଷ୍ଣଜନ୍ମ ଖଣ୍ଡ । ୫ମ )

ଶୂନ୍ୟ ପ୍ରକୃତିହିଁ ବ୍ରହ୍ମ ଏହା ବ୍ରହ୍ମପୁରାଣରେ ଲେଖାଅଛି—

ଅକାରୋଦ୍ଭୂତକାଶନ୍ତୁ ଆକାଶ ବ୍ୟାପ୍ତାତଶ୍ଚ ସ୍ଥିତ
ଆକାଶସ୍ୟ ଗୁଣଃ ଶବ୍ଦଃ ନିଶବ୍ଦଃ ବ୍ରହ୍ମ ଉଚ୍ୟତେ ।

ପଞ୍ଚଦଶ ଶତାବ୍ଦୀରେ ଶାରଳା ଦାସ ଜଗନ୍ନାଥଙ୍କୁ କୃଷ୍ଣ ବୋଲି ପ୍ରଥମ ଓଡ଼ିଆ ମହାଭାରତରେ ଲେଖି ପ୍ରଚାର କରିଛନ୍ତି । ଦ୍ୱାରକା କୃଷ୍ଣଙ୍କ ଅବସାନ ପରେ ପୂର୍ବ ମହୋଦଧି ତଟରେ ପୁରୁଷୋତ୍ତମ କ୍ଷେତ୍ରରେ କୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡଙ୍କ ସଂସ୍ଥାପନେ ଶାରଳା ଦାସ ବର୍ଣ୍ଣନା କରିଛନ୍ତି । ଏହି ତଥ୍ୟ ଅନ୍ୟ କୌଣସି ପୁରାଣ ଲେଖକ ବା କବି ତାଙ୍କ ପୂର୍ବରୁ ଲେଖିଥିବା ଜଣାଯାଏ ନାହିଁ । କିନ୍ତୁ ଏସ୍ଥାନରେ କୃଷ୍ଣଙ୍କ ସହିତ ରାଧାଙ୍କର ସ୍ଥାନ ଥିବା ଉଲ୍ଲେଖ କରି ନାହାନ୍ତି । ସେ ପୁଣି ଜଗନ୍ନାଥଙ୍କୁ ବୁଦ୍ଧ ବୋଲି ସ୍ତୁତି କରିଛନ୍ତି ଏବଂ ଏହି ବୁଦ୍ଧଙ୍କୁ ନିରାକାର ନିରଞ୍ଜନ ବୋଲି ମଧ୍ୟ କହିଛନ୍ତି ।

ବଉଦ୍ଧ ରୂପେ ନୀଳ କନ୍ଦରେ ଛନ୍ତି ବସି । (ମ: ପ:)
ବଉଦ୍ଧ ରୂପେ ବିଜେସ୍ୱେ ଛନ୍ତି ଜଗନ୍ନାଥେ । (ମ: ପ:)
ଅପୂର୍ବ ସିଂହାସନକୁ ପଟାନ୍ତର ନାହିଁ
ନିରାକାର ବସ୍ତୁ ବିଜେ କରିଛନ୍ତି ସହିଁ । (ମ: ପ:)
ପ୍ରତ୍ୟକ୍ଷେ ସେ ନିରଞ୍ଜନ ବୁଦ୍ଧ ନିରାକାର । (ମ: ପ:)

ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଆ କବିମାନେ ଶାରଳା ଦାସଙ୍କଠାରୁ ଏହି ସୂତ୍ର ଗ୍ରହଣ କରି ଜଗନ୍ନାଥଙ୍କୁ ବୁଦ୍ଧଙ୍କ ସହିତ ଅଭିନ୍ନ କରିଛନ୍ତି ଏବଂ

ଜଗନ୍ନାଥଙ୍କୁ କୃଷ୍ଣ ବୋଲି ମଧ୍ୟ କହିଛନ୍ତି । କିନ୍ତୁ ଜଗନ୍ନାଥଙ୍କୁ ଏକାବେଳକେ 'ମାନବୀ କୃଷ୍ଣ' ବା ଜଗନ୍ନାଥ କରି ନାହାନ୍ତି । ଜଗନ୍ନାଥ ସ୍ୱୟଂ ବ୍ରହ୍ମ ଏବଂ ତାଙ୍କଠାରୁ ବିଷ୍ଣୁଙ୍କର ଦଶ ଅବତାର ଉତ୍ପନ୍ନ ହୋଇ ପୁଣି ସେହି ଜଗନ୍ନାଥଙ୍କ ଅଙ୍ଗରେ ଲୀନ ହୁଅନ୍ତି ବୋଲି ଲେଖିଛନ୍ତି । ସେଣୁ ଏହି ଜଗନ୍ନାଥ ବା ବ୍ରହ୍ମଙ୍କୁ ଶୂନ୍ୟମୂର୍ତ୍ତି, ନିରାକାର ଓ ନିରଞ୍ଜନ ବୋଲି କୁହାଯାଇଛି । ନିତ୍ୟ ପରମବ୍ରହ୍ମ ଏହି ନୀଳାଚଳରେ ଜଗନ୍ନାଥ ରୂପରେ ନିତ୍ୟ ବିହାର କରୁଛନ୍ତି । ଏହି ନିତ୍ୟ ଜଗନ୍ନାଥ ହିଁ ନିତ୍ୟ କୃଷ୍ଣ ବା ଗୋଲୋକ କୃଷ୍ଣ । ନୀଳାଚଳ ହିଁ ନିତ୍ୟ ଗୋଲୋକ । ଏହି ନିତ୍ୟ ଗୋଲୋକରେ ନିତ୍ୟ କୃଷ୍ଣ ନିତ୍ୟ ରାଧାଙ୍କ ସହିତ ଏକାଙ୍ଗ ହୋଇ ଜଗନ୍ନାଥ ରୂପରେ ଅବସ୍ଥାନ କରୁଛନ୍ତି । ଏହି ନିତ୍ୟ ଗୋଲୋକର ଲୀଳାସ୍ଥାନକୁ 'ମାନବୀ' କୃଷ୍ଣର ପ୍ରବେଶ ପାଇଁ ମଧ୍ୟ ଅନୁମତି ଓ ସାଧନା ଆବଶ୍ୟକ । ପୂର୍ବରୁ ସଂସ୍କୃତ ପୁରାଣମାନଙ୍କରେ ଏହି ପ୍ରକାର ଜଗନ୍ନାଥଙ୍କ ସମ୍ପର୍କରେ ଲେଖା ନାହିଁ । ଓଡ଼ିଆ ଭକ୍ତକବିମାନେ ଜଗନ୍ନାଥଙ୍କୁ କେନ୍ଦ୍ର କରି ନିତ୍ୟ ଗୋଲୋକ ଲୀଳାର କଳ୍ପନା ସୃଷ୍ଟି କରିବା ଦ୍ୱାରା ଏକ ଅଭିନବ ଭକ୍ତିପନ୍ଥା ଓ ଚିନ୍ତାଧାରା ପ୍ରବର୍ତ୍ତନ କରିଛନ୍ତି । ଏହା ହିଁ ଓଡ଼ିଆ ବୈଷ୍ଣବ ଧର୍ମ ବା ଜଗନ୍ନାଥ ଧର୍ମର ମୂଳତତ୍ତ୍ୱ ।

ପଞ୍ଚସଖାଙ୍କ କବିମାନେ ପୁରାଣକର୍ତ୍ତାମାନଙ୍କ ପନ୍ଥାକୁ ଏକାବେଳକେ ତ୍ୟାଗ କରି ନାହାନ୍ତି । ସେମାନେ ନୂତନ ଭାବ ଦେବାରେ ମଧ୍ୟ ସ୍ୱୀୟ ସ୍ୱାତନ୍ତ୍ର୍ୟ ଦେଖାଇଛନ୍ତି ।

ବ୍ରହ୍ମବୈବର୍ତ୍ତ ପୁରାଣରେ କୃଷ୍ଣ ଓ ରାଧାଙ୍କ ଲୀଳା ରହସ୍ୟ ବର୍ଣ୍ଣିତ ଅଛି । ଅଚ୍ୟୁତାନନ୍ଦାଦି କବିମାନଙ୍କ ଉପରେ ଏହି ପୁରାଣର ମଧ୍ୟ କେତେକ ପ୍ରଭାବ ପଡ଼ିଥିବା ସମ୍ଭବ । ଦିବାକର ଦାସ ଜଗନ୍ନାଥଚରିତାମୃତରେ ଏହି ପୁରାଣରୁ ମଧ୍ୟ କେତେକ ପଂକ୍ତି ଉଦ୍ଧାର କରିଛନ୍ତି । କୃଷ୍ଣଙ୍କୁ ସଗୁଣ, ନିର୍ଗୁଣ, ଜ୍ୟୋତିରୂପ, ସନାତନ, ସାକାର, ନିରାକାର ତେଜୋରୂପ ବୋଲି ମଧ୍ୟ ଏହି ପୁରାଣରେ ଲେଖାଅଛି ।

ଶ୍ରୀକୃଷ୍ଣ ଚରଣାମ୍ଭୋଜେ ବନ୍ଦେଽହଂ ଶରଣଂ ସଦା
ସଗୁଣଂ ନିର୍ଗୁଣଂ ବ୍ରହ୍ମ ଜ୍ୟୋତିରୂପଂ ସନାତନମ୍
ସାକାରଂ ଚ ନିରାକାରଂ ତେଜୋରୂପଂ ନମାମ୍ୟହମ୍ ।
(କୃଷ୍ଣୋପନିଷତ୍ । ୫ମ ଅ)

ବ୍ରହ୍ମସୂତ୍ରରେ ମଧ୍ୟ ଶୂନ୍ୟ ସ୍ୱରୂପଙ୍କର ଉଲ୍ଲେଖ ଅଛି—

ଆକାଶେ ହ୍ୟବକାଶଶ୍ଚ ଆକାଶ ବ୍ୟାପ୍ତିତଶ୍ଚ ଯତ୍
ଆକାଶସ୍ୟ ଗୁଣଃ ଶବ୍ଦଃ ନିଃଶବ୍ଦଃ ବ୍ରହ୍ମ ଉଚ୍ୟତେ ।

ଆକାଶର ଗୁଣ ଶବ୍ଦ ଏବଂ ବ୍ରହ୍ମଗୁଣ-ରହିତ ନିଃଶବ୍ଦ ଶୂନ୍ୟ ସ୍ୱରୂପ । ବ୍ରହ୍ମ ବା ଜଗନ୍ନାଥ ସାକାର ଓ ନିରାକାର ମଧ୍ୟ । ଗୁରୁଭକ୍ତି ଗୀତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି—

ଶୁଣ ଅର୍ଜୁନ ଗୋପପୁର ଭଗବତ କଥା
ସଗୁଣ ନିର୍ଗୁଣ ଦୁଇ ସେବଣ ବ୍ୟବସ୍ଥା ।
ଦୁଇ ସେ ଡେଣାରେ ପକ୍ଷୀ ଉଡ଼ିକରି ଯାଇ
ଦୁଇ ସେ ଚକ୍ଷୁରେ ସେହି ସଂସାର ଦେଖଇ ।
ଏକ ସେ ନଷ୍ଟିଲେ କାଣ ଦୁଇ ଥିଲେ ଅନ୍ଧ
ଏଣୁକରି ନିର୍ଗୁଣ ସଗୁଣ ପାଶେ ବନ୍ଧ । (ଗୁ. ଭ. ୨ୟ)

ବେଦାନ୍ତସାର ଗୁପ୍ତଗୀତାରେ ବଳରାମ ଦାସ ନୀଳଗିରିକୁ ନିତ୍ୟ ଗୋଲକଧାମ ସ୍ୱରୂପ କଳ୍ପନା କରିଛନ୍ତି ଏବଂ ଏଠାରେ ନିରାକାର ଜଗନ୍ନାଥ ନିତ୍ୟ ରାଧା ଓ ନିତ୍ୟ କୃଷ୍ଣଙ୍କ ଏକାଙ୍ଗ ସ୍ୱରୂପ ସ୍ୱୀକାର କରୁଛନ୍ତି । ସ୍ୱୟଂକୃଷ୍ଣାଦି ଅବତାର ଓ ଗୋପମଥୁରା ସେଠି ଏହି ନିତ୍ୟରୁ ଉତ୍ପନ୍ନ ।

ଏ ନୀଳଗିରି ନିତ୍ୟ ଗ୍ରାମ । ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ ।
ଏ ନୀଳଗିରି ନିତ୍ୟ ଦୁଇ । ଅଛନ୍ତି ଅଭେଦ ଅଟଇ ।
ଗୋପ ମଥୁରା ଦ୍ୱାରକା । ଶ୍ରୀକୃଷ୍ଣ ଅଯୋଧ୍ୟାର ପତି ।
ଏମାନେ ନିତ୍ୟସ୍ଥିତି ଜାତ । ଅଭ୍ରାନ୍ତ ନ କର ହେ ପାର୍ଥ ।

ଏ ସର୍ବ ନିତ୍ୟରୁ ଭିନ୍ନ । ଶ୍ରୀକୃଷ୍ଣ କ୍ରୀଡ଼ାରସ ସ୍ଥାନ ।
ତୁ ଏହା ସଂଶୟ ନ କର । ନିତ୍ୟରେ ଯେମନ୍ତ ବିହାର ।
ସେହି ରୂପରେ ନିତ୍ୟକାଳ । ଶ୍ରୀ ନୀଳଗିରିରେ ବିହାର । (୭ମ ଅ)

ଏବଂ—ହିନ ଯେ ପତଙ୍ଗ ଅଙ୍ଗେ ପାଳୁଅଛି ଶୋଭା
ନିତ୍ୟ ଯେ କିଶୋରୀ ରାଧା ତାଙ୍କ ଅଙ୍ଗେ ଥାଇ । (୧୮ଶ ଅ)

ପୁଣି, ଜଗନ୍ନାଥ ଦାସ ଲେଖିଛନ୍ତି—

ଶୁଣ ହେ ସୁଜନ ଜନେ ଶ୍ରୀକୃଷ୍ଣ ଲୀଳା ଆଖ୍ୟାନେ
ନିତ୍ୟସ୍ଥାନେ ନିତ୍ୟ ଚେଷ୍ଟା ଖେଳନ୍ତି ହରି
କୋଟି ବ୍ରହ୍ମ ନ ଜାଣନ୍ତି ଅନନ୍ତ ଶେଷ ମୁରତି
ଯେ ପ୍ରଭୁ ବିନେ ଏ ନିତ୍ୟ ନୀଳଗିରି ।
ସେହି ଭୂମି ଏ ରଙ୍ଗସ୍ଥଳୀ । ଅନ୍ତବନେ କେଳି ଗୋପୀ ଶେଷ ମଣ୍ଡଳୀ ॥

ଅଶେଷ ବ୍ରହ୍ମାଣ୍ଡ ସାର ଅନନ୍ତ ଶିର ଉପର
ଗୋଲାତ୍ର ଅବ୍ୟକ୍ତ ନିତ୍ୟସ୍ଥାନ ଗୋଲୋକ
ରାଧାକୃଷ୍ଣ ପ୍ରେମରସ କିଶୋର କିଶୋରୀ ବେଶ
ଚଉଷଠୀ ବନେ କରନ୍ତି ରମଣ ରସ ।
ମୁକୁନ୍ଦ ମୁଖ ଅଧର ପାନ । ନବ ବଧୂଙ୍କରେ ଅଛି ଚୁମ୍ବ ଯେସନ ।
(ବୈଶାଖ ଚଉପଦୀ)

ଏଥି ନିତ୍ୟଗୋଲୋକ ନୀଳାଚଳର ଲୀଳା ମାଧୁର୍ଯ୍ୟଲୀଳା ବୋଲି ଦିବାକର ଦାସ କହିଛନ୍ତି । କିନ୍ତୁ ପଦପଦାନ୍ତରେ ଐଶ୍ୱର୍ଯ୍ୟଭାବ ଦେଖାଯାଉଥିବାରୁ ଏଥିରେ ପ୍ରଭୁଙ୍କର ଆସକ୍ତି ନାହିଁ, କେବଳ ଭକ୍ତମାନେ ସେପରି କରନ୍ତି ବୋଲି ଲେଖିଛନ୍ତି—

ବୃନ୍ଦାବନଟି ସେ ଐଶ୍ୱର୍ଯ୍ୟ । ପୁରୁଷୋତ୍ତମଟି ମାଧୁର୍ଯ୍ୟ ॥
କେବଳ ପଦାର୍ଥ ବେଳେ । ଐଶ୍ୱର୍ଯ୍ୟ ଭୋଗ ଦେଖି ମିଳେ ॥
ତାଙ୍କର ତେବେ ବାଞ୍ଛା ନାହିଁ । ଭକ୍ତେ ଦିଅନ୍ତି ଭକ୍ତି ପାଇଁ । (ଜ: ଚ:)

ଏହି ଶତଂଗୋଳକର କେଉଁ ସ୍ଥାନରେ କଏ କି ବେଶରେ ଅଛି ସେ କଥାସବୁ 'ଚଉଷଠିକୋଠ'ରେ ଯଶୋବନ୍ତ ଦାସ ଅଦ୍ଭୁତ ଭାବରେ ବର୍ଣ୍ଣନା କରିଛନ୍ତି ।

ଅଚ୍ୟୁତାନନ୍ଦାଦି କବିମାନେ ଶତଂଗୋଳକରହସ୍ୟ ନିର୍ବାଣମୁକ୍ତି ପାଇବା ପାଇଁ ଜ୍ଞାନ ଓ ଭକ୍ତି ଉଭୟର ମିଶ୍ରଣରେ ଉପାୟ ନିର୍ଦ୍ଦେଶ କରି ଯାଇଛନ୍ତି । ଶରୀର ସାଧନକୁ ହଠଯୋଗ ଓ ରାଜଯୋଗ ଉପରେ ପ୍ରତିଷ୍ଠିତ କରିଛନ୍ତି । ଏହି ଯୋଗ ସମ୍ବନ୍ଧରେ ସଂସ୍କୃତ ଓ ପ୍ରାକୃତ ଗ୍ରନ୍ଥମାନଙ୍କରେ ବହୁ ଗ୍ରନ୍ଥ ଲେଖା ହୋଇଥିବାରୁ ଏବଂ ଗୁରୁଙ୍କ କୃପାରୁ ଅନୁଭୂତି ଉପରେ ଶରୀର ଯୋଗର ସଫଳତା ନିର୍ଭର କରୁଥିବାରୁ ଓଡ଼ିଆ କବିମାନଙ୍କ ଲେଖାରେ ମଧ୍ୟ ଭାବର ବିଭିନ୍ନତା ଦେଖାଯାଏ ।

ପଞ୍ଚସଖା ଯୋଗୀ ହେଲେ ମଧ୍ୟ ଭକ୍ତ । ଭଗବତ୍ ପ୍ରାପ୍ତି ନିମିତ୍ତ ଯୋଗ ସାଧନ କରିବା ସଙ୍ଗେ ସଙ୍ଗେ ନବଧା ଭକ୍ତିର ଆବଶ୍ୟକତା ମଧ୍ୟ ସେମାନେ ଉପଲବ୍ଧି କରିଥିଲେ । ସେଥିହେତୁରୁ ସେମାନେ ଉଭୟ ଯୋଗ—ଜ୍ଞାନଯୋଗ ଓ ଭକ୍ତିଯୋଗର ସମ୍ମିଶ୍ରଣରେ, ଅର୍ଥାତ୍ ଜ୍ଞାନମିଶ୍ରା ଭକ୍ତିଯୋଗର ସ୍ୱ ସ୍ୱ ପନ୍ଥା ନିର୍ଦ୍ଦେଶ କରିଥିଲେ ।

ପଞ୍ଚସଖା ସିଦ୍ଧସାଧକ ଥିବାରୁ ସେମାନେ କେତେକ ଅଲୌକିକ କ୍ଷମତାର ଅଧିକାରୀ ହୋଇଥିଲେ । ଏହି ଘଟଣା ଦେଖି ଲୋକେ ନିଶ୍ଚୟ ଆଶ୍ଚର୍ଯ୍ୟ ବୋଧ କରିଥିବେ ଏବଂ ସେମାନଙ୍କ ପ୍ରତି ଆକୃଷ୍ଟ ହୋଇଥିବେ । ଜଗନ୍ନାଥଙ୍କୁ ବୁଦ୍ଧ, ଶୂନ୍ୟ, ନିରାକାର, ନିରଞ୍ଜନ ପ୍ରଭୃତି ଆଖ୍ୟାରେ ଭୂଷିତ କରି ସେମାନେ ଗୁପ୍ତଲେଖା ଦ୍ୱାରା ପ୍ରଚାର କରୁଥିବାରୁ ଲୋକଙ୍କ କୌତୂହଳ ଦୃଷ୍ଟି ସେମାନଙ୍କ ଉପରେ ପଡ଼ିଥିଲା । ସ୍ୱୟଂ ଓଡ଼ିଶାର ରାଜା ପ୍ରତାପରୁଦ୍ର-ଦେବ ମଧ୍ୟ ରାଜଧାନୀ କଟକ ନଗରରୁ ଯାଇ ପୁରୀରେ ସମୟେ ସମୟେ ଅବସ୍ଥାନ କରୁଥିବା ବେଳେ ପଞ୍ଚସଖାଙ୍କ ଏହି ଅଦ୍ଭୁତ ଅଲୌକିକ କ୍ରିୟାକଳାପର ବିବରଣୀ ଶୁଣି ସତ୍ୟାସତ୍ୟ ପରୀକ୍ଷା କରିବା ନିମିତ୍ତ ମନ

ଚଳାଉଥିଲେ । ଏହା ହିଁ ରାଜାଙ୍କ ଦ୍ୱାରା ପଞ୍ଚସଖାଙ୍କର ଦଣ୍ଡିବାର ସମ୍ଭାବ୍ୟ ପ୍ରଧାନ କାରଣ ।

କିନ୍ତୁ ଏବେ ପଞ୍ଚସଖା ଗ୍ରନ୍ଥମାନଙ୍କରେ କିମ୍ବା ସେମାନଙ୍କ ସମ୍ବନ୍ଧରେ ଲେଖାଥିବା ଅନ୍ୟ ଗ୍ରନ୍ଥମାନଙ୍କରେ ସେମାନେ ସେମାନଙ୍କ ରାଜା କିମ୍ବା ଅନ୍ୟ କେହି ବୌଦ୍ଧ ବା ପ୍ରଚ୍ଛନ୍ନ ବୌଦ୍ଧ ଥିଲେ ବୋଲି ଅଭିଯୋଗ ହୋଇଥିବାର ପ୍ରମାଣ ମିଳେ ନାହିଁ । କାରଣ, ପ୍ରଥମତଃ, ସ୍ୱକୃତଗ୍ରନ୍ଥମାନଙ୍କରେ ସିଦ୍ଧସାଧକମାନଙ୍କର ଅଲୌକିକ ଶକ୍ତିର ପରିଚୟ ବହୁବାରଣୀ ବର୍ଣ୍ଣିତ ଦେଖାଯାଏ । ଦ୍ୱିତୀୟତଃ, ପ୍ରକୃତ ହିନ୍ଦୁମାନେ ବୁଦ୍ଧଙ୍କୁ ନବମ ଅବତାର ରୂପରେ ଗ୍ରହଣ କରି ପାରିଲେନି । ତୃତୀୟତଃ, ପଞ୍ଚସଖାଦି କବି ଓ ସାଧକମାନେ ବୌଦ୍ଧଧର୍ମର କୌଣସି ପନ୍ଥା ବା ନିର୍ଦ୍ଦେଶକୁ ଗ୍ରହଣ କରି ନାହାନ୍ତି । ଚତୁର୍ଥତଃ, ସେମାନେ ଚିରାଚରିତ ଶାସ୍ତ୍ରସମ୍ମତ ପନ୍ଥାକୁ ହିଁ ଅବଲମ୍ବନ କରିଥିଲେ ।

ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ଭକ୍ତିଧାରାର ବିଶେଷ ପ୍ରଭାବ ଦେଖାଦେଇଥିଲା । ଶୁଦ୍ଧାଦ୍ୱୈତବାଦର ପ୍ରତିଷ୍ଠାତା ପରମ ବୈଷ୍ଣବ ବଲ୍ଲଭାଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦୀ ପନ୍ଥାର ରାଧାବଲ୍ଲଭ ସମ୍ପ୍ରଦାୟର ପ୍ରତିଷ୍ଠାତା ହିତହରିବଂଶ ଗୋସ୍ୱାମୀ, ପ୍ରସିଦ୍ଧ ବୈଷ୍ଣବଧର୍ମ ପ୍ରଚାରକ ସାଧକ ମହାପ୍ରଭୁ ଶ୍ରୀଚୈତନ୍ୟଦେବ ପ୍ରଭୃତି ସେହି ସମୟରେ ବା ତାହାର ଅବ୍ୟବହିତ ପୂର୍ବରୁ ଓଡ଼ିଶାକୁ ଆସି ପୁରୀରେ ବହୁ ସମୟ ଅତିବାହିତ କରିଥିଲେ ଏବଂ ସ୍ୱ ମତ ପ୍ରଚାରପାଇଁ ପୁରୀଧାମରେ କେନ୍ଦ୍ର ମଧ୍ୟ ସ୍ଥାପନ କରିଥିଲେ । ଏମାନେ ଓଡ଼ିଶାକୁ ଆସିବା ପୂର୍ବରୁ ମହାତ୍ମା ରାମାନୁଜଙ୍କ ବିଶିଷ୍ଟାଦ୍ୱୈତବାଦର ବହୁ ପ୍ରଚାର ଉତ୍କଳରେ ହୋଇ ସାରିଥିଲା ଏବଂ ପୁରୀରେ ଏକ ପ୍ରଧାନ ପୀଠ ମଧ୍ୟ ସ୍ଥାପିତ ହୋଇ ସାରିଥିଲା । ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କଙ୍କ ମତର ମଧ୍ୟ ବହୁଳ ପ୍ରଚାର ଥିଲା; ଜୟଦେବଙ୍କ ଗୀତଗୋବିନ୍ଦ ଓ ରାୟ ରାମାନନ୍ଦଙ୍କ ଗୀତଗୋବିନ୍ଦ ପ୍ରତିପାଦିତ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ବୈଷ୍ଣବମତର ବ୍ୟାଖ୍ୟା ଏହାର ପ୍ରମାଣ । ମାଧ୍ୱ ସମ୍ପ୍ରଦାୟର କେତୋଟି ସ୍ଥାନ ମଧ୍ୟ ପୁରୀରେ ଥିଲା । ବଲ୍ଲଭାଚାର୍ଯ୍ୟ, ଚୈତନ୍ୟଦେବ ପ୍ରଭୃତି ଓଡ଼ିଶାକୁ ଆସିବା ପୂର୍ବରୁ ଓଡ଼ିଶା, ବିଶେଷରେ ପୁରୀ,

ବୈଷ୍ଣବ ଧର୍ମ ଚର୍ଚ୍ଚା ଓ ସାଧନାର ଏକ ପ୍ରଧାନ ପୀଠ ଥିଲା । ଏମାନେ ଓଡ଼ିଶାକୁ ଆସିବା ପୂର୍ବରୁ ଜଗନ୍ନାଥଦାସାଦି କବି ଓ ବୈଷ୍ଣବମାନେ ଭକ୍ତି-ମାର୍ଗର ବହୁତ ଚର୍ଚ୍ଚା କରିଥିଲେ । ଚୈତନ୍ୟଙ୍କ ସହିତ ଦେଖାହେବା ପୂର୍ବରୁ ଜଗନ୍ନାଥ ଦାସ ଭାଗବତର ଓଡ଼ିଆ ଅନୁବାଦ ଆରମ୍ଭ କରି ସାରିଥିଲେ । ବଳରାମ ଦାସ ସେ ସମୟକୁ ରାମାୟଣ ଲେଖା ଶେଷ କରି ସାରିଥିଲେ । ଭାରତର ଅନ୍ୟାନ୍ୟ ପ୍ରଦେଶରୁ ଧର୍ମପ୍ରଚାରକମାନେ ଓଡ଼ିଶାକୁ ଆସି ଓଡ଼ିଶାରେ ପ୍ରବାହିତ ହେଉଥିବା ଭକ୍ତିସ୍ରୋତକୁ ବହୁତ ଶକ୍ତିଶାଳୀ କରିଦେଇଥିଲେ ।

ଏ ଯୁଗର କବିମାନଙ୍କ ଭିତରେ ପଞ୍ଚସଖା (ଚୈତନ୍ୟଙ୍କ ପଞ୍ଚସଖା— ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ) ଙ୍କର ଜଗନ୍ନାଥ, ବଳରାମ ଓ ଅଚ୍ୟୁତାନନ୍ଦ ଶ୍ରେଷ୍ଠ । ଚୈତନ୍ୟଦେବଙ୍କ ପ୍ରଭାବ ପଞ୍ଚସଖାଙ୍କ ଉପରେ ବିଶେଷ ଭାବରେ ପଡ଼ିଥିଲା । ଶ୍ରୀ ଚୈତନ୍ୟଦେବ ଓଡ଼ିଶାକୁ (ଖ୍ରୀ: ୧୫୦୫ରେ ମତାନ୍ତରରେ ୧୫୧୦) ଆସିଥିଲେ । ସେ ସମୟ ସମୟରେ ଅନ୍ୟାନ୍ୟ ତୀର୍ଥ ଭ୍ରମଣ ଉଦ୍ଦେଶ୍ୟରେ ବିଦେଶକୁ ଯାଉଥିଲେ ମଧ୍ୟ ତାଙ୍କର ତିରୋଧାନ ପର୍ଯ୍ୟନ୍ତ (ଖ୍ରୀ: ୧୫୨୯ ମତାନ୍ତରରେ ୧୫୩୩) ପ୍ରାୟ ପଚିଶ ବର୍ଷକାଳ ପୁରୀରେ ରହିଥିଲେ । ପଞ୍ଚସଖା ପୁରୀରେ ବହୁ ସମୟରେ ରହୁଥିବାରୁ ଶ୍ରୀ ଚୈତନ୍ୟଦେବଙ୍କ ସାନ୍ନିଧ୍ୟ ବରାବର ଲାଭ କରୁଥିଲେ ଏବଂ ବରାବର ଧର୍ମଚର୍ଚ୍ଚା କରୁଥିଲେ । ଶ୍ରୀଚୈତନ୍ୟ-ଦେବଙ୍କ ମତବାଦ ବୋଲି ତାଙ୍କର ପ୍ରଧାନ ଶିଷ୍ୟ ଓ ବ୍ୟାଖ୍ୟାକାର ସନାତନ ଗୋସ୍ୱାମୀ ତାଙ୍କ ଭ୍ରାତା ରୂପ ଓ ସ୍ୱରୂପ ଜୀବ ଗୋସ୍ୱାମୀମାନେ ଯେଉଁ ମତବାଦ ପ୍ରଚାର କରି ଯାଇଛନ୍ତି ତାହା ସେ ସମ୍ପୂର୍ଣ୍ଣ ଠିକ୍ ନୁହେଁ, ଏହା ସେ ସମୟର ଓଡ଼ିଶାର ବହୁ ଲେଖାରୁ ଜଣାଯାଏ । ଜ୍ଞାନ ଓ ଭକ୍ତି ଏହି ଉଭୟ ପନ୍ଥାର ସମନ୍ୱୟରେ ଜଗନ୍ନାଥଙ୍କୁ ମୂଳକରି ବୈଷ୍ଣବ ଧର୍ମର ପ୍ରଚାର ଓଡ଼ିଆ କବିମାନେ କରିଛନ୍ତି । ଓଡ଼ିଶାର କେତେ କବି ଏ ସମୟରେ 'ବ୍ରଜବୁଲି'ରେ ବହୁ 'ପଦ୍ୟ' ରଚନା କରି ଯାଇଛନ୍ତି । ରାୟ ରାମାନନ୍ଦ, ବଳରାମ ଦାସ ପ୍ରଭୃତି ରାଧାକୃଷ୍ଣ ଲୀଳା ସମ୍ବନ୍ଧରେ ବହୁତ ପଦ୍ୟ 'ବ୍ରଜବୁଲି'ରେ ରଚନା କରିଛନ୍ତି ।

ମହାରାଜା କପିଳେନ୍ଦ୍ରଙ୍କ ରାଜତ୍ୱ ଆରମ୍ଭଠାରୁ ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ ଶେଷ ପର୍ଯ୍ୟନ୍ତ ପ୍ରାୟ ଏକଶହ ବର୍ଷ ଭିତରେ ଓଡ଼ିଶା ଭିତରେ ଓ ବାହାରେ ବହୁ ଯୁଦ୍ଧ ହୋଇଥିଲା । କପିଳେନ୍ଦ୍ରଙ୍କ ଦିଗ୍‌ବିଜୟ, ପୁରୁଷୋତ୍ତମ ଦେବଙ୍କ କାଞ୍ଚି (ଖ୍ରୀ: ୧୪୭୪) ବିଜୟ, ବିଜୟନଗରର ଅଧିପତି କୃଷ୍ଣଦେବ-ରାୟଙ୍କ (ଖ୍ରୀ: ୧୫୧୧) ଓ ଗୋଲକୁଣ୍ଡା ନବାବ କୁତବଶାହଙ୍କ ହସ୍ତରେ ପ୍ରତାପରୁଦ୍ରଙ୍କ ପରାଜୟ ସୂର୍ଯ୍ୟବଂଶ ଯୁଗର ରାଜନୈତିକ ଇତିହାସର ପ୍ରଧାନ ଘଟଣା । ପୁରୁଷୋତ୍ତମଦେବଙ୍କ ଭାଇମାନଙ୍କର ବିଦ୍ରୋହ ଓ ପ୍ରତାପରୁଦ୍ର-ଦେବଙ୍କ ସମୟରେ ଶିମୁଣ୍ଡି ରାଜାଙ୍କ ବିଦ୍ରୋହ ଓଡ଼ିଶାକୁ ଅନେକାଂଶରେ ହୀନବଳ କରିଦେଇଥିଲା । ଏତେ ଯୁଦ୍ଧ ଓ ଅଶାନ୍ତି ଭିତରେ ମଧ୍ୟ ଓଡ଼ିଶାର ସାହିତ୍ୟ ଓ ଧର୍ମଚର୍ଚ୍ଚାର ଧାରା ଶୁଷ୍କ ହୋଇ ନ ଯାଇ ସଜୀବ ରହିଥିଲା । ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାର ରାଜନୀତି-କ୍ଷେତ୍ରରେ ଅବନତି ଆରମ୍ଭ ହୋଇଯାଇଥିଲେ ମଧ୍ୟ ସେହି ସମୟରେ ଓଡ଼ିଆ ସାହିତ୍ୟ ଅତି ଉଜ୍ଜ୍ୱଳ ରୂପ ଧାରଣ କରିଥିଲା । ସାଂସାରିକଜଞ୍ଜାଳତ୍ୟାଗୀ, ସାଧକ ଓ ସମାଜହିତାକାଂକ୍ଷୀ ଧର୍ମପ୍ରଚାରକମାନେ ଲେଖନୀ ଧାରଣ କରିଥିବାରୁ ଲେଖା ଉପରେ ତାହାର ପ୍ରଭାବ ବେଶି ପଡ଼ିନାହିଁ ।

## କେତେକ ଦାର୍ଶନିକ ତତ୍ତ୍ୱ

ଓଡ଼ିଶାରେ ବ୍ରହ୍ମ ନିରୂପଣ ସମ୍ବନ୍ଧରେ ବହୁ ଗ୍ରନ୍ଥ ଦେଖାଯାଏ । ଏଥିରୁ ଅଧିକାଂଶ ତତ୍ତ୍ୱଗ୍ରନ୍ଥ ସ୍ୱରୂପ ଗୃହୀତ ହେବା ଯୋଗ୍ୟ । କାରଣ, ସାହିତ୍ୟିକ ରୂପ ଏଥିରେ ଦେଖାଯାଏ ନାହିଁ । ଅଳ୍ପ କେତୋଟି ଗ୍ରନ୍ଥରେ ତତ୍ତ୍ୱବର୍ଣ୍ଣନା ସଙ୍ଗେ ଅନ୍ୟ ପ୍ରସଙ୍ଗ ସାହିତ୍ୟିକ ଛାଞ୍ଚରେ ସନ୍ନିବେଶିତ ହୋଇଥିବାରୁ 'ସାହିତ୍ୟ' ସ୍ୱରୂପ ଏଗୁଡ଼ିକ ଗୃହୀତ ହୋଇଥାଏ ।

ଓଡ଼ିଆ କବିମାନେ ବ୍ରହ୍ମଙ୍କୁ ବିଭିନ୍ନ ପ୍ରକାର ରୂପରେ ଗ୍ରହଣ କରିଥିବାରୁ ବ୍ରହ୍ମଙ୍କ ରୂପରେଖ ପ୍ରଭୃତି ସମ୍ବନ୍ଧରେ ସୂଚନାରେ କିଛି କୁହାଯିବା ଆବଶ୍ୟକ । ବହୁ ଓଡ଼ିଆ କବି ବ୍ରହ୍ମଲୀଳା ବର୍ଣ୍ଣନା କରି ଅନେକ ଗ୍ରନ୍ଥମାନ ସୃଷ୍ଟି କରିଯାଇ-ଥିବାରୁ ଏହି ଗ୍ରନ୍ଥମାନଙ୍କର ସମ୍ୟକ୍ ବୋଧ ଉଦ୍ଦେଶ୍ୟରେ ବ୍ରହ୍ମତତ୍ତ୍ୱ,

ବ୍ରହ୍ମୋପାସନା ତତ୍ତ୍ୱ, ସୃଷ୍ଟିତତ୍ତ୍ୱ ପ୍ରଭୃତି ବିଷୟରେ ସଂକ୍ଷେପରେ କିଛି କୁହାଗଲା ।

ବସ୍ତୁତ ବୈଷ୍ଣବମତବାଦସମ୍ବଳିତ ଓଡ଼ିଆ ଗ୍ରନ୍ଥ ସୂର୍ଯ୍ୟବଂଶ ଯୁଗରେ ଅଧିକାଂଶ ଭାବରେ ଦେଖାଦେଇଥିଲା । ଏହି ଯୁଗର ତତ୍ତ୍ୱଗୁଡ଼ିକ ଓ ଲେଖକ-ମାନଙ୍କର ପ୍ରଭାବ ପରବର୍ତ୍ତୀ ସମୟରେ ବହୁ କବିଙ୍କ ଉପରେ ପଡ଼ିଥିବାରୁ ଏହି ତତ୍ତ୍ୱଗୁଡ଼ିକର ସଂକ୍ଷିପ୍ତ ସୂଚନା ଏଠାରେ ସନ୍ନିବେଶ କରାଗଲା ।

**(୧) ବ୍ରହ୍ମ ନିରୂପଣ : ବ୍ରହ୍ମ ଉପାସନା—ସବିଶେଷ ନିର୍ବିଶେଷ ବ୍ରହ୍ମ :**—ପ୍ରସ୍ଥାନତ୍ରୟ (ଉପନିଷଦ, ବ୍ରହ୍ମସୂତ୍ର, ଭଗବଦ୍ଗୀତା) ପ୍ରଭୃତି ଗ୍ରନ୍ଥରେ ବ୍ରହ୍ମଙ୍କର ସବିଶେଷତ୍ୱ ଓ ନିର୍ବିଶେଷତ୍ୱ ସମ୍ବନ୍ଧରେ ବହୁ ବାକ୍ୟ ଦେଖାଯାଏ । ଯେଉଁ ବସ୍ତୁର ଶକ୍ତି, ଗୁଣ, ରୂପାଦି ଥାଏ ତାହା ସବିଶେଷ । ବ୍ରହ୍ମଙ୍କର ଶକ୍ତି ଥିବାରୁ ବ୍ରହ୍ମ ସବିଶେଷ । ଏହି ଶକ୍ତି କ୍ରିୟାଶୀଳ ଥିବାରୁ ଏହି କ୍ରିୟାରୁ ଗୁଣ ଉଦ୍ଭବ ହୋଇଛି । ଅତଏବ ବ୍ରହ୍ମଙ୍କର ରୂପ ମଧ୍ୟ ଅଛି—ସେ ସଗୁଣ । ଶକ୍ତି, ଗୁଣ ପ୍ରଭୃତି ବ୍ରହ୍ମଙ୍କର ସବିଶେଷତ୍ୱର ପରିଚାୟକ । ଏହି ବ୍ରହ୍ମ ସକଳ ତତ୍ତ୍ୱର ନିୟନ୍ତା ଥିବାରୁ ତାଙ୍କର ନିୟାମକ ଶକ୍ତିର ପରିଚୟ ମିଳୁଛି, ଏହି କାରଣରୁ ସେ ସବିଶେଷ ।

ସବିଶେଷ ବ୍ରହ୍ମଙ୍କ ସମ୍ବନ୍ଧରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବହୁତ ବାକ୍ୟ (ଭଗବଦ୍ଗୀତାରେ) କହିଛନ୍ତି । "ମୁଁ ସକଳ ଯଜ୍ଞର ଭୋକ୍ତା, ଫଳଦାତା ଓ ପ୍ରଭୁ (୯।୨୪) । ପ୍ରକୃତିବଶରୁ ପରାଧୀନ ଭୂତସକଳଙ୍କୁ ଅହଂ ସ୍ୱପ୍ରକୃତି (ମାୟା) ସାହାଯ୍ୟରେ ବାରମ୍ବାର ସର୍ଜନା କରେ (୯।୮) । ହେ ଅର୍ଜ୍ଜୁନ ! ଈଶ୍ୱର ପ୍ରାଣୀମାନଙ୍କର ହୃଦୟରେ ଅବସ୍ଥାନ କରି ସେମାନଙ୍କୁ ନିଜ ମାୟାଦ୍ୱାରା ଯନ୍ତ୍ରାରୂଢ଼ ପୁତୁଳା ପରି ଭ୍ରମଣ କରାଉଛନ୍ତି (୧୮।୬୧) । ହେ ଅର୍ଜ୍ଜୁନ ! ...ମୁହିଁ ଗତି, ଭର୍ତ୍ତା, ପ୍ରଭୁ, ସାକ୍ଷୀ, ନିବାସ, ଶରଣ, ସୁହୃତ୍ । ମୁହିଁ ସୃଷ୍ଟିକର୍ତ୍ତା, ସ୍ଥିତିକର୍ତ୍ତା, ମୁହିଁ ଅବିନାଶୀ ବୀଜ ( ୯।୧୭-୧୮ ) । ମୁଁ ସକଳର ଉତ୍ପତ୍ତିର ସ୍ଥାନ, ମୋଠାରୁ ସକଳ ପ୍ରବର୍ତ୍ତିତ ହୋଇଛି । ଏହା ଜାଣି ପଣ୍ଡିତମାନେ ପ୍ରୀତିଯୁକ୍ତ ହୋଇ ମୋତେ ଭଜନା କରନ୍ତି (୧୦।୮) ।"

(୨) ନିର୍ଗୁଣ ବ୍ରହ୍ମ :—ବ୍ରହ୍ମଙ୍କୁ ଶ୍ରୁତିରେ ସଗୁଣ, ସଗୁଣ-ନିର୍ଗୁଣ, ନିର୍ଗୁଣ ବୋଲି ବହୁ ସ୍ଥାନରେ ଲେଖାଅଛି । ବୃହଦାରଣ୍ୟକ ଉପନିଷଦ କହନ୍ତି—ବ୍ରହ୍ମ ସ୍ଥୂଳ ନୁହନ୍ତି, ଅଣୁ ନୁହନ୍ତି, ହ୍ରସ୍ୱ ନୁହନ୍ତି, ଦୀର୍ଘ ନୁହନ୍ତି, ଲୋହିତ ନୁହନ୍ତି । ତାଙ୍କଠାରେ ସ୍ନେହ ନାହିଁ, ଛାୟା ନାହିଁ, ତମ ନାହିଁ, ବାୟୁ ନାହିଁ, ଆକାଶ ନାହିଁ, ସଙ୍ଗ ନାହିଁ, ରସ ନାହିଁ, ଗନ୍ଧ ନାହିଁ; ତାଙ୍କର ଚକ୍ଷୁ ନାହିଁ, କର୍ଣ୍ଣ ନାହିଁ, ବାକ୍ୟ ନାହିଁ, ମନ ନାହିଁ, ତେଜ ନାହିଁ, ପ୍ରାଣ ନାହିଁ, ମୁଖ ନାହିଁ, ମାତ୍ରା (ଅଂଶ) ନାହିଁ, ଅନ୍ତର ନାହିଁ, ବାହ୍ୟ ନାହିଁ; ସେ କିଛି ଭୋଜନ କରନ୍ତି ନାହିଁ, ତାହାଙ୍କୁ କେହି ଭୋଜନ କରେ ନାହିଁ । (ସେ ଅବିନାଶୀ) ।

କଠୋପନିଷଦରେ ଏପରି ବ୍ରହ୍ମଙ୍କୁ ବର୍ଣ୍ଣନା କରାଯାଇଛି । (ବ୍ରହ୍ମଙ୍କର) ଶବ୍ଦ ନାହିଁ, ସ୍ପର୍ଶ ନାହିଁ, ରୂପ ନାହିଁ, ବାସ୍ନା ନାହିଁ, ପୁଣି ରସ ନାହିଁ । ସେ ନିତ୍ୟ ଓ ଗନ୍ଧରହିତ । ସେ ଅନାଦି, ଅନନ୍ତ, ମହତ୍ତତ୍ତ୍ୱଠାରୁ ମଧ୍ୟ ଶ୍ରେଷ୍ଠ, ଧ୍ରୁବ (ନିଶ୍ଚଳ) ଅଟନ୍ତି, ଏହି ଆତ୍ମତତ୍ତ୍ୱକୁ ଜାଣି ପୁରୁଷ ମୃତ୍ୟୁମୁଖରୁ ଉଦ୍ଧାର ଲାଭ କରେ । (୧, ୩, ୧୫)

ଶ୍ରୁତିରେ ବ୍ରହ୍ମଙ୍କୁ ସବିଶେଷ ଓ ନିର୍ବିଶେଷ ବୋଲି ଏହି ଉଭୟଙ୍କୁ ଏକ ସଙ୍ଗରେ ବର୍ଣ୍ଣନା କରାଯାଇଛି । ପୁଣି ବ୍ରହ୍ମଙ୍କୁ ସଗୁଣ ଓ ନିର୍ଗୁଣ ବୋଲି ମଧ୍ୟ କୁହାଯାଇଛି ।

ଏହିସବୁ ପରସ୍ପରବିରୁଦ୍ଧ ବାକ୍ୟ ଶ୍ରୁତିରେ ବ୍ୟକ୍ତ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ଅର୍ଥହୀନ ଓ ଅପ୍ରାମାଣିକ ଭାବିବା ଠିକ୍ ନୁହେଁ । ଏହି ବିଷୟର ସାମଞ୍ଜସ୍ୟ ହେଉଛି—ବ୍ରହ୍ମଠାରେ ଅପ୍ରାକୃତ ଗୁଣ ଅଛି; କିନ୍ତୁ ପ୍ରାକୃତ ଗୁଣ ନାହିଁ । ବ୍ରହ୍ମଙ୍କର ମାୟାରୁ ଉଦ୍ଭୂତ ଅର୍ଥାତ୍ (ଜଡ଼ ପ୍ରାକୃତ) ରସ ନାହିଁ, ଗନ୍ଧ ନାହିଁ, ସ୍ପର୍ଶ ନାହିଁ ଇତ୍ୟାଦି । କିନ୍ତୁ ବ୍ରହ୍ମଙ୍କର ଚିତ୍‌ଶକ୍ତିରୁ ଉତ୍ପନ୍ନ (ଅର୍ଥାତ୍ ଚିନ୍ମୟ ବା ଅପ୍ରାକୃତ) ରସ, ଗନ୍ଧ, ସ୍ପର୍ଶ ପ୍ରଭୃତି ଅଛି ।

'ପଦ୍ମପୁରାଣ'ରେ ଏହାର ସମାଧାନ ଏପରି ଭାବରେ ହୋଇଛି । ଶାସ୍ତ୍ରରେ ଜଗଦୀଶ୍ୱରଙ୍କୁ ଯାହା ନିର୍ଗୁଣ ବୋଲି କୁହାଯାଇଛି, ତାହାର ତାତ୍ପର୍ଯ୍ୟ ଏହା ଯେ, ତାହା ହେୟ ପ୍ରାକୃତ (ମାୟା-ଉଦ୍ଭୂତ) ବା ଗୁଣଶୂନ୍ୟକୁ ।

ଯୋଽସୌ ନିର୍ଗୁଣ ଇତ୍ୟୁକ୍ତଃ ଶାସ୍ତ୍ରେଷୁ ଜଗଦୀଶ୍ୱରଃ
ପ୍ରାକୃତୈ ର୍ହେୟୈ ସଂଯୁକ୍ତୈ ର୍ଗୁଣୈର୍ହୀନତ୍ୱ ମୁଚ୍ୟତେ ।

ବିଷ୍ଣୁପୁରାଣରେ ମଧ୍ୟ ଅନୁରୂପ ବାକ୍ୟ ଅଛି—

ଜ୍ଞାନଶକ୍ତିବଲୈଶ୍ୱର୍ଯ୍ୟ ବୀର୍ଯ୍ୟତେଜାଂସ୍ୟ ଶେଷତଃ
ଭଗବଚ୍ଛବ୍ଦବାଚ୍ୟାନି ବିନା ହେୟୈର୍ଗୁଣାଦିଭିଃ ।

ବ୍ରହ୍ମଙ୍କଠାରେ ହେୟ ପ୍ରାକୃତଗୁଣ ନାହିଁ, କିନ୍ତୁ ଭଗବତ୍ ଶବ୍ଦବାଚ୍ୟ ଏହିସବୁ ଗୁଣ—ଜ୍ଞାନ, ଶକ୍ତି, ବଳ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ତେଜ ତାଙ୍କଠାରେ ଅଛି ।

ଏଥିରୁ ଜଣାଯାଉଛି ପ୍ରାକୃତଗୁଣ ବିଷୟରେ ବ୍ରହ୍ମ ନିର୍ଗୁଣ, ଏବଂ ଅପ୍ରାକୃତଗୁଣ ବିଷୟରେ ବ୍ରହ୍ମ ସଗୁଣ ।

**(୨) ନିର୍ଗୁଣ ଉପାସନା ଓ ସଗୁଣ ଉପାସନା:**—ଜ୍ଞାନୀମାନେ ବ୍ରହ୍ମସ୍ୱରୂପର ମୀମାଂସା କରି ବ୍ରହ୍ମଙ୍କୁ ନିର୍ଗୁଣ ବୋଲି ନିର୍ଦ୍ଧାରଣ କରିବା ପୂର୍ବରୁ ଲୋକେ ବ୍ରହ୍ମଙ୍କୁ ଜଗତ୍ସ୍ରଷ୍ଟା, ଜଗତନିୟାମକ, ଜଗତର ସଂହାରକର୍ତ୍ତା, ସର୍ବଶକ୍ତିମାନ୍, ସର୍ବବ୍ୟାପୀ ରୂପେ ନାନା ଭାବରେ ଓ ରୂପରେ କଳ୍ପନା କରି ବ୍ରହ୍ମଙ୍କୁ ଉପାସନା କରୁଥିଲେ । ଶ୍ରଦ୍ଧା ବା ଭକ୍ତି ହିଁ ଏହି ଉପାସନାର ମୂଳ । ଭଗବାନ ଭଗବଦ୍ଗୀତାରେ କହୁଛନ୍ତି—

ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାଽନ୍ୟେଭ୍ୟ ଉପାସତେ
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ । (୧୩ଶ । ୨୫)

ପୁଣି କେତେ କେତେ ଏପ୍ରକାର ଉପାସନାମାନ ଜାଣି ନଥିବାରୁ ଅନ୍ୟଙ୍କଠାରୁ ଶ୍ରବଣ କରି ଉପାସନା କରନ୍ତି । ସେମାନେ ମଧ୍ୟ ଶ୍ରଦ୍ଧାଯୁକ୍ତ ହୋଇ ଶୁଣିବା କଥା ଅନୁସାରେ ଉପାସନା କରନ୍ତି ବୋଲି ମୃତ୍ୟୁକୁ ଅତିକ୍ରମ କରି ଯାଆନ୍ତି (ବା ସଂସାରରୁ ତରି ଯାଆନ୍ତି) ।

ଅବଶ୍ୟ ଏହା ଉତ୍ତମ, ମଧ୍ୟମ ଓ ଅଧମ ଶ୍ରେଣୀର ଅଧିକାରୀଙ୍କ ପ୍ରତି କୁହାଯାଇ ନାହିଁ; ଅଧମତର ଲୋକଙ୍କ ପ୍ରତି ହିଁ କୁହାଯାଉଛି । କିନ୍ତୁ କର୍ମଯୋଗୀ-ମାନଙ୍କ ଭିତରେ ଶ୍ରଦ୍ଧାବାନ୍ ହିଁ ଶ୍ରେଷ୍ଠ ବୋଲି ଭଗବାନ୍ କହିଛନ୍ତି ।

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ । (ଭ: ଗୀ:)
ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।
(ଗୀ—୪୬ । ୪୭)

"ହେ ଅର୍ଜୁନ, ମୋ ମତରେ ଚିତ୍ତଜ୍ଞାନୀ ଯୋଗୀ ତପସ୍ୱୀ (ତପଶ୍ୟାକାରୀ) ମାନଙ୍କ ଅପେକ୍ଷା ଶ୍ରେଷ୍ଠ, (ଶାସ୍ତ୍ର) ଜ୍ଞାନୀମାନଙ୍କ ଅପେକ୍ଷା ମଧ୍ୟ ଶ୍ରେଷ୍ଠ, କର୍ମଯୋଗୀ (କର୍ମାନୁଷ୍ଠାନକାରୀ)ମାନଙ୍କ ଅପେକ୍ଷା ଶ୍ରେଷ୍ଠ । ସେହିହେତୁ ତୁମ୍ଭେ ଯୋଗୀ ହୁଅ । ସମସ୍ତ ଯୋଗୀଙ୍କ ମଧ୍ୟରେ ପୁଣି ଯେଉଁ ବ୍ୟକ୍ତି ଶ୍ରଦ୍ଧାଯୁକ୍ତ ହୋଇ, ମୋଠାରେ ଆସକ୍ତ ହୋଇ ଭଜନା କରେ ସେ ବ୍ୟକ୍ତି ମୋ ମତରେ ଶ୍ରେଷ୍ଠ ଯୋଗୀ ଅଟେ ।"

ତପସ୍ୱୀ ଜ୍ଞାନୀ ଓ କର୍ମୀମାନଙ୍କ ଅପେକ୍ଷା ଶ୍ରେଷ୍ଠ । କଠିନ ତପସ୍ୟା, ବହୁ ଅଧ୍ୟବସାୟ ବହୁଗ୍ରନ୍ଥାଧ୍ୟୟନ-ଶାସ୍ତ୍ରଜ୍ଞାନ, ଯାଗାଦି କ୍ଳେଶସାଧ୍ୟ କର୍ମ ଅପେକ୍ଷା ଶମଦମାଦି ସାଧନ ଦ୍ୱାରା ଅଭ୍ୟାସ କରିବା ଯୋଗ ଶ୍ରେଷ୍ଠ । ଏହା ବୁଝାଇ ଭଗବାନ ଅର୍ଜୁନଙ୍କୁ ଯୋଗୀ ହେବାକୁ ଉପଦେଶ ଦେଇ ଭକ୍ତିକୁ ସର୍ବଶ୍ରେଷ୍ଠ ବୋଲି ବୁଝାଇଲେ । "ଯେ ଶ୍ରଦ୍ଧାଯୁକ୍ତ ହୋଇ ଆମ୍ଭଠାରେ ଆସକ୍ତ ହୋଇ ଆମ୍ଭର ଉପାସନା କରନ୍ତି ସେ ଶ୍ରେଷ୍ଠତମ ଯୋଗୀ ଅଟନ୍ତି ।" କାରଣ, ଯୋଗସାଧନର ପ୍ରଧାନ ଲକ୍ଷ୍ୟ ମୋକ୍ଷ ବା ମୁକ୍ତି । କଠିନ ଯୋଗସାଧନ ଶ୍ରଦ୍ଧାଯୁକ୍ତ ହେଲେ ସହଜରେ ଫଳପ୍ରାପ୍ତି ହୁଏ । ମାତ୍ର ଭକ୍ତିରେ ଏ ସାଧନ ସହଜରେ ଫଳପ୍ରଦ ହୁଏ ନାହିଁ । ଜନ୍ମଜନ୍ମାନ୍ତରରେ ଅଷ୍ଟାଙ୍ଗଯୋଗସାଧନଦ୍ୱାରା ଈଶ୍ୱର ସାକ୍ଷାତ୍କାର ହେଲେ ମୁକ୍ତିଲାଭ ହୁଏ । କିନ୍ତୁ ଏହି ସାଧନାର ଫଳ (ମୁକ୍ତି) ଭକ୍ତିବଳରେ ଅଳ୍ପ ଆୟାସରେ ଅଳ୍ପକାଳ ମଧ୍ୟରେ ମିଳେ ।

ନିରାକାର ନିର୍ଗୁଣ ବ୍ରହ୍ମଙ୍କ ସ୍ୱରୂପ ନିର୍ଣ୍ଣୟ କରି ଉପାସନା କରିବା ସହଜ ନୁହେଁ । "ଅଚିନ୍ତ୍ୟାଃ ଖଲୁ ଯେ ଭାବାଃ ନ ତାଂସ୍ତର୍କେଣ ଯୋଜୟେତ୍ ।" ଯେଉଁ ପଦାର୍ଥ ଅଚିନ୍ତ୍ୟ ଓ ଇନ୍ଦ୍ରିୟାତୀତ, ତର୍କଦ୍ୱାରା ତାହାର ସ୍ୱରୂପ ନିର୍ଣ୍ଣୟ

କଦାପି ସମ୍ଭବ ନାହିଁ । ସାଧାରଣ ମନୁଷ୍ୟ ପକ୍ଷରେ ନିର୍ଗୁଣ ନିରାକାର ବ୍ରହ୍ମଙ୍କୁ ଜାଣିବା ସହଜ ନୁହେଁ । ସେ ଜ୍ଞାନ ବା ଅଜ୍ଞାନ ସମସ୍ତଙ୍କ ପକ୍ଷରେ ଶ୍ରଦ୍ଧା ବା ଭକ୍ତିଦ୍ୱାରା ଶିକ୍ଷାବସ୍ଥା ସହଜରେ ପ୍ରାପ୍ତି ସମ୍ଭବ । ଉପାସ୍ୟ ବ୍ରହ୍ମ ଅବ୍ୟକ୍ତ ହେଲେହିଁ ସଗୁଣ ସାକାର ରୂପରେ ମଧ୍ୟ ବର୍ଣ୍ଣିତ ହୋଇଛନ୍ତି । ବ୍ରହ୍ମ ପ୍ରାଣଶରୀର, ସତ୍ୟ ସଙ୍କଳ୍ପ, ସର୍ବଗନ୍ଧ, ସର୍ବରସ, ସର୍ବକର୍ମ ବୋଲି ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣିତ ହୋଇଛି । ବ୍ରହ୍ମଙ୍କର ଏହି ସ୍ୱରୂପ ମନର ଗୋଚର ସମସ୍ତ ଗୁଣଦ୍ୱାରା ଯୁକ୍ତ ହୋଇଥିବାରୁ ସ୍ୱରୂପ କଳ୍ପନା ସହଜସାଧ୍ୟ । ଭଗବାନ ଅବ୍ୟକ୍ତ-ଚିନ୍ତାର କ୍ଲେଶ ସମ୍ବନ୍ଧରେ କହୁଛନ୍ତି—

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ । ଭ. ଗୀ. । (୧୨।୫)

"ଏହି ଅବ୍ୟକ୍ତରେ ଆସକ୍ତଚିତ୍ତ ବ୍ୟକ୍ତିଙ୍କର କ୍ଲେଶ ଅଧିକତର ହୁଏ । କାରଣ ଦେହାଭିମାନ (ଦେହ-ଇନ୍ଦ୍ରିୟଧାରୀ) ମାନଙ୍କଦ୍ୱାରା ଅବ୍ୟକ୍ତ ବିଷୟକ ମନୋବୃତ୍ତି ଦୁଃଖରେ (କଷ୍ଟରେ) ପ୍ରାପ୍ତ ହୁଏ ।"

ମନୁଷ୍ୟର ମନ ଭକ୍ତି ଏବଂ ଉପାସ୍ୟ ବସ୍ତୁ ଉପରେ ପ୍ରେମ ସ୍ଥାପନ କରେ । ଇନ୍ଦ୍ରିୟାତୀତ, ଅବ୍ୟକ୍ତ, ଅନନ୍ତ, ନିରାକାର, ନିର୍ଗୁଣ ଏକମେବା-ଦ୍ୱିତୀୟମ୍ ବ୍ରହ୍ମଙ୍କ ସ୍ୱରୂପକୁ ଉପାସନା ସମ୍ଭବ ନୁହେଁ । ଦେହସାଧ୍ୟ ବସ୍ତୁ ନିର୍ଗୁଣ ବ୍ରହ୍ମ ସମ୍ବନ୍ଧିତ ସାଧନା ଦ୍ୱାରା ଏକାକାର ହେବା ସହଜସାଧ୍ୟ ନୁହେଁ । ଏହି ଅବସ୍ଥା, ଅର୍ଥାତ୍ ଉପାସ୍ୟ ଓ ଉପାସକ, ଜ୍ଞାତା ଓ ଜ୍ଞେୟଙ୍କ ଅଭେଦତ୍ୱ ଅବସ୍ଥା ପାଇଁ ମନର ଯେଉଁ ଯୋଗ୍ୟତା ଆବଶ୍ୟକ ତାହା ନିର୍ଗୁଣ ବ୍ରହ୍ମ ଉପାସନା ଦ୍ୱାରା ସହଜଲଭ୍ୟ ନୁହେଁ ।

ଅବ୍ୟକ୍ତ ନିର୍ଗୁଣ ବ୍ରହ୍ମ ସ୍ୱରୂପ ଅପେକ୍ଷା ବ୍ୟକ୍ତ ସଗୁଣ ବ୍ରହ୍ମ ସ୍ୱରୂପ ସାଧାରଣ ଉପାସକ ପକ୍ଷରେ ସହଜ, ଏଥିପାଇଁ ହିଁ ପ୍ରତ୍ୟକ୍ଷ ମାର୍ଗ କୁହାଯାଏ । ଏହି ପ୍ରତ୍ୟକ୍ଷ ମାର୍ଗ ହିଁ ଭକ୍ତିମାର୍ଗ । ସାକାର ଶରୀରଧାରୀ ବ୍ରହ୍ମ, ସଗୁଣ ବ୍ରହ୍ମ, ସଗୁଣ ଉପାସନା ପାଇଁ ପ୍ରଶସ୍ତ ।

ପୁଣି କର୍ମକାଣ୍ଡଦ୍ୱାରା ଈଶ୍ୱରପ୍ରାପ୍ତି ମଧ୍ୟ ସହଜ ନୁହେଁ । ଏଥିରେ ବହୁପ୍ରକାର ଆଡ଼ମ୍ବର, ଆତ୍ମସଂଯମ, ଯୋଗକ୍ରିୟା ପ୍ରଭୃତି କରିବାକୁ ହୁଏ । ଏହା ସର୍ବସାଧାରଣଙ୍କ ପକ୍ଷରେ ସହଜସାଧ୍ୟ ନୁହେଁ । କିନ୍ତୁ ସବୁ ଜୀବରେ ଈଶ୍ୱରାନୁସକ୍ତି (ଆତ୍ମା) ଅଛି ଏବଂ ସମସ୍ତେ ଈଶ୍ୱରଙ୍କୁ ଲାଭ କରିପାରନ୍ତି । ଏହା କେବଳ ଈଶ୍ୱରଙ୍କଠାରେ ପରମ ଅନୁରକ୍ତିଦ୍ୱାରା ଅର୍ଥାତ୍ ଭକ୍ତିଦ୍ୱାରା ସହଜଲଭ୍ୟ ।

(୨) ଭକ୍ତି : ପରାଭକ୍ତି—ଶାଣ୍ଡିଲ୍ୟ ଭକ୍ତିସୂତ୍ରରେ ଭକ୍ତିର ଏହି ସଂଜ୍ଞା ଦିଆଯାଇଛି—"ସାପରାନୁରକ୍ତିରୀଶ୍ୱରେ" ( ୧ମ ଅ: ୨ୟ ସୂ: ) ଈଶ୍ୱରଙ୍କଠାରେ ଅନୁରକ୍ତି ( ଅନୁରାଗ, ଆସକ୍ତି, ପ୍ରେମ ) ହିଁ ପରାଭକ୍ତି । ଅତ୍ୟାସକ୍ତି ହିଁ ଅନୁରକ୍ତି ବା ରାଗ । ଭକ୍ତି ସରଳ ମାର୍ଗ । ଏଥିରେ ବହୁ ଶାସ୍ତ୍ରଜ୍ଞାନ, ଯୋଗସାଧନ, ତପକର୍ମ ପ୍ରଭୃତି କଠୋର ଆବଶ୍ୟକ ହୁଏ ନାହିଁ ।

କାରଣ, "ତତ୍ସଂସ୍ଥସ୍ୟାମୃତତ୍ୱୋପଦେଶାତ୍" ( ଶା: ସୂ: ୧ମ ଅ: ୩ୟ ସୂ: ) ତତ୍ (ବ୍ରହ୍ମ) ସଂସ୍ଥ ହିଁ ଭକ୍ତ । ଏହାଙ୍କୁ ଅମୃତତ୍ୱ ବା ମୋକ୍ଷ ବା ବ୍ରହ୍ମପଦ ସହଜରେ ଉପଲବ୍ଧ ହୁଏ । ଏହା ପରମ ଶାସ୍ତ୍ରକାରମାନଙ୍କର ଉପଦେଶ ।

ସୁଖ, ଦୁଃଖ, ଲାଭାଲାଭ, ଜୟାଜୟ, ମାନାପମାନ ପ୍ରଭୃତିରୁ ରହିତ ହୋଇ ଏବଂ ଏହା ଫଳରେ ସର୍ବଭୂତରେ ନିର୍ବୈର ଓ ସମମତିସମ୍ପନ୍ନ ହୋଇ ନିର୍ଗୁଣ ନିରଞ୍ଜନଙ୍କୁ ଧ୍ୟାନ କରିବା ଦ୍ୱାରା ମଧ୍ୟ ଈଶ୍ୱରଭକ୍ତି ହୁଏ । ଏହାକୁ ଜ୍ଞାନମିଶ୍ରା ଭକ୍ତି କୁହାଯାଏ । କିନ୍ତୁ ଏଥିରେ ବ୍ରହ୍ମାନନ୍ଦ ବ୍ୟତୀତ ଅନ୍ୟ ସବୁ ରସ ଆସ୍ୱାଦିତ ହୋଇପାରେ ନାହିଁ । ସାକାର ସଗୁଣ ଉପାସନାରେ ସବୁ ରସ ଆସ୍ୱାଦିତ ହୁଏ । ଏହେତୁରୁ ସାକାର ଉପାସନାର ଭକ୍ତି ପରାଭକ୍ତି, ନିର୍ଗୁଣ ନିରାକାର ଉପାସନାର ଭକ୍ତି ପରାଭକ୍ତି ନୁହେଁ ।

ସାକାର ବ୍ରହ୍ମଙ୍କଠାରେ ଅନୁରକ୍ତି ବା ରାଗ ପ୍ରାକୃତ ବା ମାୟା ଗୁଣର ବିରୋଧୀ ଏବଂ ଏହା ଭଗବତ୍ ଭଜନ ଓ ସେବାଦିର ଅନୁକୂଳ ଅଟେ । ଭଗବାନଙ୍କଠାରେ ଅନୁରକ୍ତି ସ୍ଥାପନ କରି ଏକାନ୍ତ ଶରଣାଗତ ହେବା ହିଁ ପରାଭକ୍ତି ।

ଈଶ୍ୱରଜ୍ଞାନ କେବଳ ଭକ୍ତି, ଏହା ବୁଝାଯାଇ ନ ପାରେ ବୋଲି ଶାଣ୍ଡିଲ୍ୟ ସୂତ୍ର ସ୍ପଷ୍ଟ କହୁଛନ୍ତି—"ଜ୍ଞାନମିତି ଚେନ୍ନଦ୍ୱିଷତୋଽପି ଜ୍ଞାନସ୍ୟ ତଦସଂସ୍ଥିତେଃ" (୧ମ ଅ: ସୂ: ୪) ଈଶ୍ୱର ଜ୍ଞାନ ହିଁ ଭକ୍ତି ନୁହେଁ । ବ୍ରହ୍ମଜ୍ଞାନୀ ଓ ବ୍ରହ୍ମପ୍ରେମୀ ମଧ୍ୟରେ ପାର୍ଥକ୍ୟ ଅଛି । ବ୍ରହ୍ମଜ୍ଞାନୀଙ୍କ ଭକ୍ତି ପ୍ରେମଭକ୍ତି ନୁହେଁ । କାରଣ ପରାଭକ୍ତି ବା ଦାର୍ଢ୍ୟଭକ୍ତି ବା ପ୍ରେମଭକ୍ତି ଉଦୟ ହେଲେ ଏହାଦ୍ୱାରା ଜ୍ଞାନର ଉଦୟ ହୁଏ । "ଦ୍ୱେଷ୍ୟୋପଲକ୍ଷ୍ୟାତ୍" ଭକ୍ତିଦ୍ୱାରା ଜ୍ଞାନର ଉଦୟ ହୁଏ ।

ଦ୍ୱେଷର ପ୍ରତିପକ୍ଷୀୟ ରାଗ ( ବା ଭକ୍ତି ବା ପରାଭକ୍ତି ) ଅର୍ଥାତ୍ ଦ୍ୱେଷବିରୋଧୀ ହିଁ ରାଗ । ଦ୍ୱେଷବିରୋଧିତ୍ୱରୁ ରାଗ ବା ଅନୁରାଗ । ଏହି ଅନୁରାଗ ନାମ ହିଁ ରସ ବା ଭକ୍ତି । ମାୟା ବଶତଃ ପ୍ରଭୃତି ଦ୍ୱେଷଭାବ ଜାତ ହେଲେ ଭଗବାନ୍‌ଙ୍କ ବିଷୟରେ ଅନୁରାଗ ଜନ୍ମେ । ଏହି ଅନୁରାଗ ହେତୁ ମାୟାପ୍ରସୂତ ଦ୍ୱେଷଭାବ ମଧ୍ୟ ଲୁପ୍ତ ହୋଇ ଶାନ୍ତ ବା ସମଭାବ ଉତ୍ପନ୍ନ ହୁଏ । ଏଥିରେ ଅନୁରାଗ ନିର୍ମଳ ହୋଇ ପ୍ରକୃତ ଭକ୍ତି ହୁଏ ।

ଭକ୍ତିରୁ ଅନୁରାଗ ରସ ଓ ଅନୁରାଗ ରସ (ଭକ୍ତିରସ)ରୁ ବ୍ରହ୍ମାନନ୍ଦ ମିଳେ ବୋଲି ତୈତ୍ତିରୀୟ ଉପନିଷଦ କହନ୍ତି । "ରସଂ ହ୍ୟେବାୟଂ ଲବ୍ଧ୍ୱାଽନନ୍ଦୀ ଭବତି (ବଲ୍ଲୀ ୨, ୭ମ ଅନୁବାକ) ।" ଏହି ରସକୁ ପାଇ ସ୍ୱରୂପ ଆନନ୍ଦୀ ହୋଇଯାଏ ।

ସାଂସାରିକ ଜୀବନରେ କୁଟୁମ୍ବରେ ପିତା, ମାତା, ପୁତ୍ର, ପରିବାର, ସନ୍ତାନଙ୍କ ଯେପରି ସ୍ନେହ ଓ ଭକ୍ତି ଜନ୍ମିଥାଏ, ସେହିପରି ଈଶ୍ୱରଙ୍କଠାରେ ସମ୍ବନ୍ଧ ସ୍ଥାପନ କରି ଏକାନ୍ତ ଶରଣାଗତ ହୋଇପାରିଲେ ପରାଭକ୍ତି ହୁଏ । ଏହି କାରଣରୁ ପରାଭକ୍ତିଦ୍ୱାରା ମୋକ୍ଷ ସହଜଲଭ୍ୟ ହୁଏ ।

**(ଗ) ବ୍ରହ୍ମଙ୍କ ଅଚିନ୍ତ୍ୟ ଶକ୍ତି**—ବ୍ରହ୍ମଙ୍କର ଅଚିନ୍ତ୍ୟ ଶକ୍ତି ସମ୍ପର୍କରେ ଶାସ୍ତ୍ରମାନଙ୍କରେ ବହୁ ପ୍ରମାଣ ଅଛି । ଶକ୍ତୟଃ ସର୍ବଭାବାନାମଚିନ୍ତ୍ୟ ଜ୍ଞାନଗୋଚରାଃ (ବିଷ୍ଣୁ ପୁ.—୧।୩।୨) । ଶ୍ରୀଧର ସ୍ୱାମୀ ଏହି ଶ୍ଲୋକର ଟୀକାରେ 'ଅଚିନ୍ତ୍ୟ' ପଦର ଏପରି ଟୀକା କରିଛନ୍ତି—"ଅଚିନ୍ତ୍ୟ ତର୍କାସହ

ସ୍ୟଲକ୍ଷଣମ୍ ।" ଯେଉଁ ବିଷୟରେ ତର୍କ ଚଳାଏ ନାହିଁ, ଅର୍ଥାତ୍ ଯାହା ତର୍କଦ୍ୱାରା ନିର୍ଣ୍ଣିତ ହୋଇ ପାରେ ନାହିଁ ତାହାହିଁ ଅଚିନ୍ତ୍ୟ । ଦୁର୍ଘଟ ମଧ୍ୟ ଅଚିନ୍ତ୍ୟ । "ଦୁର୍ଘଟଘଟକତ୍ୱଂ ହି ଅଚିନ୍ତ୍ୟତ୍ୱମ୍ ।" (ଭଗବତ ସନ୍ଦର୍ଭ) । ଶ୍ରୁତିରେ ବ୍ରହ୍ମଙ୍କର ଅଚିନ୍ତ୍ୟ ଶକ୍ତି ସମ୍ପର୍କରେ ଲେଖାଥିବା କେତୋଟି ପ୍ରମାଣ ବାକ୍ୟ—

"ସ୍ୱତନ୍ତ୍ର ଶକ୍ତିଃ ପ୍ରଭୁତ୍ୱଃ ପ୍ରଭୁଣଃ ନତ୍ୱନ୍ୟସ୍ୟ ଶକ୍ତିସ୍ତାଦୃଶୀ
ଶ୍ରୂୟତେ ।"

"ଏହି ଅଜାତ ସ୍ୱଭୂତ ବ୍ରହ୍ମଙ୍କର ସ୍ୱତନ୍ତ୍ର ( ଅଚିନ୍ତ୍ୟ ) ଶକ୍ତି ଅଛି, ଅନ୍ୟ କାହାର ଏହି ଶକ୍ତି ନାହିଁ ।"

ଆତ୍ମନି ଚ ଏବଂ ବିଚିତ୍ରାଶ୍ଚ ହି । ( ବ୍ରହ୍ମସୂତ୍ର ୨ । ୧ ।୨୮ )

କୈବଲ୍ୟୋପନିଷଦରେ—"ଅପାଣିପାଦୋଽହମଚିନ୍ତ୍ୟ ଶକ୍ତିଃ" (୧।୨୧) । ମୁଁ (ବ୍ରହ୍ମ) ଅପାଣିପାଦ ଏବଂ ଅଚିନ୍ତ୍ୟଶକ୍ତିସମ୍ପନ୍ନ ।

(୪) ବ୍ରହ୍ମଙ୍କ ଐଶ୍ୱର୍ଯ୍ୟ ଓ ଭଗବତ୍ତା—ବ୍ରହ୍ମ ଅଚିନ୍ତ୍ୟଶକ୍ତି-ସମ୍ପନ୍ନ । ଏହେତୁ ସେ ଯାହା ଇଚ୍ଛା ତାହା କରିପାରନ୍ତି । ସେହି କାରଣରୁ ସେ ଈଶ୍ୱର ।

ଈଶ୍ୱରଙ୍କ ଭାବ ହିଁ ଈଶ୍ୱରତ୍ୱ ବା ଐଶ୍ୱର୍ଯ୍ୟ । ଭଗ ଶବ୍ଦ ଐଶ୍ୱର୍ଯ୍ୟବାଚକ । ଯେ ଐଶ୍ୱର୍ଯ୍ୟବାନ୍ ସେ ଭଗବାନ । ଏହାକୁ ସ୍ମୃତି ଏହିପରି ମଧ୍ୟ ବିଷ୍ଣୁପୁରାଣ କହିଛନ୍ତି—

ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ବୀର୍ଯ୍ୟସ୍ୟ ଯଶସଃ ଶ୍ରିୟଃ
ଜ୍ଞାନବୈରାଗ୍ୟୟୋଶ୍ଚୈବ ଷଣ୍ଣାଂ ଭଗ ଇତୀରଣା । ( ୬।୫।୭୪ )

ସମଗ୍ରଐଶ୍ୱର୍ଯ୍ୟ, ସମଗ୍ରବୀର୍ଯ୍ୟ, ସମଗ୍ରଯଶ, ସମଗ୍ରଶ୍ରୀ, ସମଗ୍ରଜ୍ଞାନ, ସମଗ୍ର-ବୈରାଗ୍ୟ—ଏହି ଛଅଗୋଟିର ସମଷ୍ଟିର ନାମହିଁ ଭଗ । (ଇରଣା—ସଂଜ୍ଞା) । ସଂକ୍ଷେପରେ ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ, ବୈରାଗ୍ୟ—ଏହି ୬ଟି ସମଷ୍ଟିର ନାମ ହିଁ ଭଗ । ଏଠାରେ ଐଶ୍ୱର୍ଯ୍ୟ ଓ ବୀର୍ଯ୍ୟ ପ୍ରଭାବ ମଣି-ମନ୍ତ୍ରାଦିର ପ୍ରଭାବ ପରି । ଯଶ=ବିଖ୍ୟାତ ସଦ୍‌ଗୁଣାଦି, ଶ୍ରୀ=ସର୍ବପ୍ରକାର ସମ୍ପତ୍ତି,

ଜ୍ଞାନ = ସର୍ବଜ୍ଞତ୍ୱ, ବୈରାଗ୍ୟ = ସକଳ ସାଂସାରିକ ବସ୍ତୁ ସମ୍ବନ୍ଧରେ ଅନାସକ୍ତି । ଶକ୍ତିମତ୍ତାଦିର ପ୍ରକୃତ ଅଚିନ୍ତ୍ୟ, ସେହିପରି ଐଶ୍ୱର୍ଯ୍ୟ ଓ ବୀର୍ଯ୍ୟ ମଧ୍ୟ ଏଠାରେ ଅଚିନ୍ତ୍ୟ ଐଶ୍ୱର୍ଯ୍ୟ ଓ ଅଚିନ୍ତ୍ୟ ବୀର୍ଯ୍ୟ ।

ଏହିପରି 'ଭଗବାନ' ଶବ୍ଦର 'ଭଗ' ର ଦୁଇଟି ଅକ୍ଷରର ଅର୍ଥ ହୁଏ । ଶ୍ରୀ ବିଷ୍ଣୁପୁରାଣ 'ବ' ଅକ୍ଷରର ଏପରି ଅର୍ଥ କରିଛନ୍ତି—

ବସନ୍ତି ତତ୍ର ଭୂତାନି ଭୂତାତ୍ମନ୍ୟଖିଳାତ୍ମନି
ସ ଚ ଭୂତେଷ୍ୱଶେଷେଷୁ ବ-କାରାର୍ଥସ୍ତତୋଽବ୍ୟୟଃ । (ବି. ପୁ. ୬।୫)

ଭୂତାତ୍ମରୂପ, ଅଖିଳାତ୍ମରୂପ, ସେହି ବ୍ରହ୍ମରେ ସକଳ ସୃଷ୍ଟି ଅବସ୍ଥାନ କରେ ଏବଂ ସେ ମଧ୍ୟ ସର୍ବଭୂତରେ ଅବସ୍ଥାନ କରନ୍ତି । ଏହାହିଁ ବ-କାରର ଅର୍ଥ । ସେହିହେତୁ ବ-କାରାର୍ଥ ଅବ୍ୟୟ ।

ଏଥିରୁ ଜଣାଯାଉଛି, ଷଡ଼୍‌ବିଧ ଐଶ୍ୱର୍ଯ୍ୟଯୁକ୍ତ ପରମେଶ୍ୱର ହିଁ ଭଗବାନ । ଭଗବାନଙ୍କର ଏହି ଐଶ୍ୱର୍ଯ୍ୟ ଅନନ୍ତ ।

ଏହି ଷଡ଼୍‌ବିଧ ଐଶ୍ୱର୍ଯ୍ୟ ଭଗବାନଙ୍କର ଚିଚ୍ଛକ୍ତି ବିଳାସ । "ଷଡ଼୍‌ବିଧ ଐଶ୍ୱର୍ଯ୍ୟ ପ୍ରଭୁର ଚିଚ୍ଛକ୍ତିବିଳାସ ।" (ଚୈ. ଚ. ୨।୬)

**(ଖ) ବାସୁଦେବ ହିଁ ପରଂବ୍ରହ୍ମ**—ବିଷ୍ଣୁପୁରାଣ ମତରେ ଷଡ଼ୈଶ୍ୱର୍ଯ୍ୟସମ୍ପନ୍ନ ଭଗବାନ ହିଁ ପରଂବ୍ରହ୍ମ । ଏହି ପରଂବ୍ରହ୍ମ ବାସୁଦେବଙ୍କୁ ହିଁ ବୁଝାଏ ।

ସର୍ବାଣି ତତ୍ର ଭୂତାନି ବସନ୍ତି ପରମାତ୍ମନି
ଭୂତେଷୁ ଚ ସ ସର୍ବାତ୍ମା ବାସୁଦେବସ୍ତତଃ ସ୍ମୃତଃ । (ବି. ପୁ. ୬।୫)

ସେହି ପରମାତ୍ମାଙ୍କଠାରେ ସକଳ ସୃଷ୍ଟବସ୍ତୁ ଅବସ୍ଥାନ କରନ୍ତି ଏବଂ ସେହି ସର୍ବାତ୍ମା ମଧ୍ୟ ସର୍ବଭୂତ (ସକଳ ସୃଷ୍ଟବସ୍ତୁ)ରେ ଅବସ୍ଥାନ କରନ୍ତି । ସେହିହେତୁ ପରମାତ୍ମାଙ୍କୁ ବାସୁଦେବ ବୋଲାଯାଏ ।

ମୋକ୍ଷ ଧର୍ମରେ — "ବସନାଦ୍ୟୋତନାଚ୍ଚୈବ ବାସୁଦେବ ସ୍ତତୋବିଦୁଃ" (ମହାଭାରତ) । ବସନ ଯୋଗୁଁ ଅର୍ଥାତ୍ ସର୍ବଭୂତ ତାଙ୍କଠାରେ ଅବସ୍ଥିତ ଏବଂ ସେ ସର୍ବଭୂତରେ ଅବସ୍ଥିତ, ଏଥିଯୋଗୁଁ, ପୁଣି ଦ୍ୟୋତନ-ଯୋଗୁଁ ଅର୍ଥାତ୍ ସେ ଜ୍ୟୋତିର୍ମୟ ବୋଲି ତାହାଙ୍କୁ ବାସୁଦେବ ବୋଲାଯାଏ ।

'ବସନ' ଓ 'ବାସନ' ଶବ୍ଦରୁ 'ବାସୁ' ଶବ୍ଦ 'ସାଧୁ' ଶବ୍ଦ ଭଳି ସାଧିତ ହୁଏ । ଦ୍ୟୋତନ ବା ଦ୍ୟୁତି ବା ଜ୍ୟୋତି ଅଛି ବୋଲି 'ଦେବ' । ଏ ବାସୁ ଓ ଦେବ ମଧ୍ୟ । କର୍ମଧାରୟ ସମାସ ଅନୁସାରେ 'ବାସୁଦେବ' ଶବ୍ଦ ନିଷ୍ପନ୍ନ ହୋଇଛି ।

'ଅନନ୍ତବାସୁଦେବ' ପଦର ବ୍ୟାଖ୍ୟା ବିଷ୍ଣୁପୁରାଣରେ ମଧ୍ୟ ଅଛି—

ଭୂତେଷୁ ବସତେ ସୋଽନ୍ତର୍ବସନ୍ତ୍ୟତ୍ର ଚ ତାନି ଯତ୍
ଧାତା ବିଧାତା ଜଗତାଂ ବାସୁଦେବସ୍ତତଃ ପ୍ରଭୁଃ । (ବି. ପୁ. ୬।୫)

ଯେ ସର୍ବଭୂତର ଅନ୍ତରରେ ବାସ କରନ୍ତି ଏବଂ ଯାହାଙ୍କଠାରେ ସର୍ବଭୂତ ବାସ କରେ ଏବଂ ଯେ ସକଳ ଜଗତର ଧାତା ଓ ବିଧାତା ସେହି ପ୍ରଭୁ ହିଁ ବାସୁଦେବ ନାମରେ ଅଭିହିତ । ଏଠାରେ ବାସୁ = ସର୍ବଭୂତରେ ସ୍ଥିତ, ଦେବ = ଧାତାବିଧାତା । ବିଷ୍ଣୁପୁରାଣ ପୁଣି କହନ୍ତି—

ଏବମେଷ ମହାଶବ୍ଦୋ ଭଗବାନିତି ସତ୍ତମ
ପରମବ୍ରହ୍ମ-ଭୂତସ୍ୟ ବାସୁଦେବସ୍ୟ ନାନ୍ୟଗଃ । (୬।୫)

ପରମବ୍ରହ୍ମଭୂତ ବାସୁଦେବଙ୍କଠାରେ ହିଁ 'ଭଗବାନ୍' ଏହି ମହାଶବ୍ଦ ପ୍ରୟୋଗ ହୋଇପାରେ, ଅନ୍ୟ କାହାର ପକ୍ଷରେ ନୁହେଁ ।

ବୃହଦ୍ବ୍ରହ୍ମ ଉପନିଷଦରେ—

ସର୍ବଭୂତାଧିବାସଶ୍ଚ ଯଦ୍ଭୂତେଷୁ ବସତ୍ୟପି
ସର୍ବାନୁଗ୍ରାହକତ୍ୱେନ ତଦସ୍ମ୍ୟହଂ ବାସୁଦେବଃ ।

ସର୍ବଭୂତରେ ସେ ବାସ କରୁଛନ୍ତି, ସର୍ବଭୂତ ତାଙ୍କଠାରେ ବାସ କରୁଛନ୍ତି । ଏଥିପାଇଁ 'ବାସୁ' ଏବଂ ସକଳଙ୍କ ପ୍ରତି ଅନୁଗ୍ରହକତ୍ୱ ଯୋଗୁଁ

'ଦେବ' । ଏହିହେତୁ 'କୃଷ୍ଣ' 'ବାସୁଦେବ' ନାମରେ ଖ୍ୟାତ । ଏହି ବାସୁଦେବ ହିଁ ବ୍ରହ୍ମ, ବସ୍ତୁ ।

ବୃହସ୍ପତିରେ—ବସ୍ତୁରେବ ଜ୍ୟୋତିଃ, ବସ୍ତୁରେବ ବ୍ରହ୍ମ, ବସ୍ତୁରେବ ଆତ୍ମା, ବସ୍ତୁରେବ ବଲଂ, ବସ୍ତୁରେବ ଆନନ୍ଦଃ । (୧।୩।୪୦)

ବସ୍ତୁ ହିଁ ଜ୍ୟୋତି, ବସ୍ତୁ ହିଁ ବ୍ରହ୍ମ, ବସ୍ତୁ ହିଁ ଆତ୍ମା, ବସ୍ତୁ ହିଁ ବଳ, ବସ୍ତୁ ହିଁ ଆନନ୍ଦ ।

ବ୍ରହ୍ମର 'ଭଗ' ବା ଐଶ୍ୱର୍ଯ୍ୟ ବ୍ରହ୍ମଠାରୁ ଅଭିନ୍ନ । ଅତଏବ ଐଶ୍ୱର୍ଯ୍ୟ-ବାନ୍ ବା ଭଗ-ବାନ ହିଁ ବ୍ରହ୍ମ ।

**(୬) ଗୀତାର ପୁରୁଷୋତ୍ତମ ହିଁ ଜଗନ୍ନାଥ**—ପୁରୀ ବା ଶ୍ରୀକ୍ଷେତ୍ରର ଅନ୍ୟ ନାମ ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କ ଅନ୍ୟ ନାମ ପୁରୁଷୋତ୍ତମ । ବେଦାନ୍ତ, ଉପନିଷଦ ଓ ଭଗବଦ୍‌ଗୀତାରେ ଯେଉଁ ପୁରୁଷୋତ୍ତମଙ୍କ କଥା କୁହାଯାଇଛି ସେହି ପୁରୁଷୋତ୍ତମ ହିଁ ଜଗନ୍ନାଥ । ଭଗବଦ୍‌ଗୀତାର "ପୁରୁଷୋତ୍ତମ ଯୋଗ" ୧୫ଶ ଅଧ୍ୟାୟରେ ଭଗବାନ ସ୍ୱୟଂ କହୁଛନ୍ତି—

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ । ଇତ୍ୟାଦି । (୧୬-୧୮)

ଏହି ସଂସାରରେ କ୍ଷର ଓ ଅକ୍ଷର ଏ ଦୁଇଟି ପୁରୁଷ ଖ୍ୟାତ । ବିନାଶଶୀଳ ହିଁ କ୍ଷର, କୂଟସ୍ଥ ଅର୍ଥାତ୍ ଚେତନରୂପ ଜୀବାତ୍ମାଙ୍କୁ ଅକ୍ଷର ବୋଲାଯାଏ । ଏହି ଦୁଇଟି (କ୍ଷର ଓ ଅକ୍ଷର)ଠାରୁ ଅନ୍ୟ ଯେ ଉତ୍ତମ ପୁରୁଷ ସେ କେବଳ ପରମାତ୍ମା ଏବଂ ସେ ଈଶ୍ୱର, ଅବ୍ୟୟ ଆଉ ତ୍ରିଲୋକରେ ଅନୁସ୍ଥିତ ହୋଇ ତାହାକୁ ଧାରଣ କରିଅଛନ୍ତି । ମୁଁ କ୍ଷର ଓ ଅକ୍ଷରଠାରୁ ଉତ୍କୃଷ୍ଟ । ଏହିହେତୁ ଲୋକସମୂହରେ ଏବଂ ବେଦରେ ମୁଁ ପୁରୁଷୋତ୍ତମ ବୋଲି ବିଖ୍ୟାତ । ଯେଉଁ ସାଧକମାନେ ମୋତେ ପୁରୁଷୋତ୍ତମ ବୋଲି ଅବଗତ ହୁଅନ୍ତି, ସେହି ସର୍ବଜ୍ଞ ସାଧକ ମୋତେ ସବୁ ପ୍ରକାରେ ଭଜନ କରନ୍ତି ।

## ଶ୍ରୁତିରେ ମଧ୍ୟ ଅଛି—

(୧) ଈଶାବତାରଂ ପୁରୁଷୋତ୍ତମସ୍ୟ ଜ୍ଞାନାଦ୍ୱିନଧାନ୍ତ୍ରନକସ୍ୟ ବିଷ୍ଣୋ ।

(୨) କ୍ଷରସ୍ୟୈକଃ ପୁରୁଷୋତ୍ତମଃ ସ୍ମୃତଃ ।

(୩) ଟେଟିକିଅପିଚ କାର୍ଶିକ୍ଷୁ ଭଗବାନ ପୁରୁଷୋତ୍ତମଃ
ଅନନ୍ତଶ୍ରୀ ମହାଯୋଗୀ ସତ୍ୟାବତ୍ୟାପସ୍ୱିଶନ୍ୟଃ ।

**ଭାଗବତରେ ଅଛି**—"ଏତେଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ" । ବୈଷ୍ଣବମାନଙ୍କ ମତରେ, ଶ୍ରୀକୃଷ୍ଣ ହିଁ ପୁରୁଷୋତ୍ତମ ବୋଲି କହୁଥିବାରୁ କୃଷ୍ଣ ହିଁ ପୁରୁଷୋତ୍ତମ ଏବଂ ଅନ୍ୟ ଅବତାରଗଣ ଏହାଙ୍କର ଅଂଶ ମାତ୍ର । କୃଷ୍ଣ ଓ ଜଗନ୍ନାଥଙ୍କ ଭିତରେ ଅଭେଦ ପ୍ରତିପାଦନ ଏହି କାରଣରୁ ହିଁ ହୋଇଛି ।

କିନ୍ତୁ ଉତ୍କଳର ପଞ୍ଚସଖାଦି ବୈଷ୍ଣବମାନେ ଜଗନ୍ନାଥ ଓ ପୁରୁଷୋତ୍ତମ ଅଭେଦ ବୋଲି କହନ୍ତି । ଏହି କାରଣରୁ ଜଗନ୍ନାଥ ବା ପୁରୁଷୋତ୍ତମ ପୂର୍ଣ୍ଣ ଭଗବାନ, ଏହାଙ୍କଠାରୁ ରାମକୃଷ୍ଣାଦି ଅବତାରମାନେ ପୃଥିବୀରେ ଜନ୍ମ ହୁଅନ୍ତି ଏବଂ ସ୍ୱ ସ୍ୱ ଲୀଳାର ଅନ୍ତରେ ଏହାଙ୍କ ଶରୀରରେ ପୁଣି ଲୀନ ହୋଇଯାଆନ୍ତି । ଦିବାକର ଦାଶ "ଜଗନ୍ନାଥଚରିତାମୃତ"ରେ ଲେଖିଛନ୍ତି—

ସେହୁ ଗୋଲୋକ ମର୍ତ୍ତ୍ୟସ୍ଥଳ । ଯେହୁଁ କି ଶିର ନୀଳାଚଳ ।
କୋଟିଏ ସୂର୍ଯ୍ୟ ଯେବେ ଥାଇ । ଏଥିରେ ଲୀଳା ନ ସରଇ ।
ଶ୍ରୀ ଜଗନ୍ନାଥେ ଷୋଳକଳା । ଏଥୁ କଳାଏ କୃଷ୍ଣ ହେଲା ।
କଳାକେ ଷୋଳକଳା ହୋଇ । ଦେଖ ଜନ୍ମିଲେ ଗୋପେ ଯାଇ ।

ପୁରୁଷୋତ୍ତମ ବା ବ୍ରହ୍ମଙ୍କୁ ପରିଚିତ କରାଇବାପାଇଁ ସାତୋଟି ବିଶେଷଣର ପ୍ରୟୋଗ କରାଯାଇଛି । ସେ ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବବ୍ୟାପୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ, ଧ୍ରୁବ । ଏହି ଅବ୍ୟକ୍ତ ବା ନିର୍ଗୁଣ ବ୍ରହ୍ମଙ୍କଠାରେ ଆସକ୍ତଚିତ୍ତ ଲୋକମାନଙ୍କର ସାକାର ଉପାସନା ତୁଳନାରେ ଅଧିକତର କ୍ଲେଶ ହୁଏ, କାରଣ ଦେହୀମାନେ ଅବ୍ୟକ୍ତ ବିଷୟରେ କିଞ୍ଚା ଦୁଃଖରେ ପ୍ରାପ୍ତ ହୁଅନ୍ତି । କିନ୍ତୁ ନିର୍ଗୁଣ ନିରାକାର ଉପାସନା ଅଧିକତର କ୍ଲେଶଦାୟକ ହେଲେ ମଧ୍ୟ ଜ୍ଞାନ ତତ୍ତ୍ୱଦର୍ଶୀମାନଙ୍କ ପକ୍ଷରେ ଏହା ଶ୍ରେୟସ୍କର ।

**(୨) ପରଂବ୍ରହ୍ମଙ୍କ ଆବିର୍ଭାବ (ଅବତାର) ଓ ତିରୋଭାବ**—ପରଂବ୍ରହ୍ମ ପ୍ରାକୃତ ଜୀବର ପ୍ରାକୃତ ସ୍ୱଭାବ ବା ଇନ୍ଦ୍ରିୟର ବଶବର୍ତ୍ତୀ ନୁହନ୍ତି । ସେ ସଚରାଚର ବ୍ରହ୍ମାଣ୍ଡରେ ସର୍ବଦା ସର୍ବତ୍ର 'ବର୍ତ୍ତମାନ' ରହିଥାଆନ୍ତି । ଏଣୁ ଦେଖିଲେ ସେ ଅପ୍ରାକୃତ ବସ୍ତୁ ଓ ପ୍ରାକୃତ ଶରୀରେନ୍ଦ୍ରିୟର ଅଗୋଚର । କିନ୍ତୁ ଅବସ୍ଥା ବିଶେଷରେ ଏହି ଅପ୍ରାକୃତ ବସ୍ତୁ ପରଂବ୍ରହ୍ମ ପ୍ରାକୃତ ଜୀବର ପ୍ରାକୃତ ଇନ୍ଦ୍ରିୟର ମଧ୍ୟ ଗୋଚରୀଭୂତ ହୁଅନ୍ତି । ସେ ସ୍ୱ ଶକ୍ତି ବଳରେ ନିଜକୁ ପ୍ରକାଶ କରନ୍ତି । ଏହି ଅବସ୍ଥାରେ ପ୍ରାକୃତ ଜୀବ ତାଙ୍କୁ ଦେଖିବାକୁ ସମର୍ଥ ହୁଏ । ଏହି ଅବସ୍ଥାକୁ ପରଂବ୍ରହ୍ମଙ୍କର ଆବିର୍ଭାବ ବା ଅବତାରଗ୍ରହଣ ବୋଲିଯାଏ ।

ଏହି ଅବତାରଗ୍ରହଣ ବା ଆବିର୍ଭାବ ଚିରସ୍ଥାୟୀ ନୁହେଁ । ବିଶେଷ ବିଶେଷ ଅବସ୍ଥା ଦୃଷ୍ଟିରେ ପରଂବ୍ରହ୍ମ ଅବତାର ଗ୍ରହଣ କରି ସ୍ୱ ଅଭିଳାଷ ବା କାର୍ଯ୍ୟ ସମାପନ ପରେ ପୁଣି ଏହି ବ୍ୟକ୍ତ ରୂପକୁ ତ୍ୟାଗ କରି ଅବ୍ୟକ୍ତ ହୋଇଯାଆନ୍ତି । ପ୍ରାକୃତ ରୂପର ଅବସାନ ହିଁ ତିରୋଭାବ ।

"ଯେଉଁ ଯେଉଁ ସମୟରେ ଧର୍ମର ହାନି ଓ ଅଧର୍ମର ଆଧିକ୍ୟ ହୁଏ ସେହି ସେହି ସମୟରେ ମୁଁ ଦେହଧାରଣ କରେ", ଏହା ସ୍ୱୟଂ କୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି ।

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ ୭ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । (୮।୪ଥ। ଭ.ଗୀ.)

ପରଂବ୍ରହ୍ମଙ୍କ ଅବତାରଗ୍ରହଣ ସ୍ୱ ଶକ୍ତିବଳରୁ ହୁଏ । ପରଂବ୍ରହ୍ମ ଅଜ, ଅବିନଶ୍ୱର ଆତ୍ମା ଓ ସର୍ବଭୂତର ଈଶ୍ୱର ହେଲେ ମଧ୍ୟ ସେ ସ୍ୱ ପ୍ରକୃତିକୁ ଆଶ୍ରୟ କରି ସ୍ୱୀୟ ମାୟାଦ୍ୱାରା ଅବତୀର୍ଣ୍ଣ ହୁଅନ୍ତି । ଶ୍ରୀକୃଷ୍ଣ କହିଛନ୍ତି—

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା । (ଭ.ଗୀ. । ୪ର୍ଥ ଅ. ୬)

ପରଂବ୍ରହ୍ମଙ୍କର ସ୍ୱୀୟ ମାୟାକୁ ଯୋଗମାୟା କୁହାଯାଏ । ଅର୍ଥାତ୍, ପରଂବ୍ରହ୍ମଙ୍କର ଆତ୍ମପ୍ରକାଶିକା ଶକ୍ତି ଯୋଗମାୟା ।

**ବ୍ରହ୍ମଙ୍କ ଆତ୍ମପ୍ରକାଶରେ ବିଭିନ୍ନତା**—ପରଂବ୍ରହ୍ମ ଏକ ଓ ଅଦ୍ୱିତୀୟ ହେଲେ ମଧ୍ୟ ଏହାଙ୍କର ଆତ୍ମପ୍ରକାଶ ବିଭିନ୍ନ ପ୍ରକାରେ ହୋଇଥାଏ । ସ୍ୱୀୟ ଅଚିନ୍ତ୍ୟଶକ୍ତି ପ୍ରଭାବରେ ପରଂବ୍ରହ୍ମ ସ୍ୱ ଇଚ୍ଛାନୁସାରେ ଆତ୍ମପ୍ରକାଶ କରିଥାଆନ୍ତି ବା ଅବତାର ଗ୍ରହଣ କରିଥାଆନ୍ତି ।

ଶଙ୍କରାଚାର୍ଯ୍ୟ ବ୍ରହ୍ମସୂତ୍ର ଭାଷ୍ୟରେ ଶ୍ରୁତିରୁ ଏହି ବାକ୍ୟଟି ଉଦ୍ଧାର କରିଛନ୍ତି—"ସ ଏକଧା ଭବତି, ତ୍ରିଧା ଭବତି ।" ୨।୨।୪।୨ର ଟୀକା । "ସେ ବ୍ରହ୍ମ ଏକ ପ୍ରକାର ହୁଅନ୍ତି, ତ୍ରିଧା (ବା ବହୁ) ପ୍ରକାର ହୁଅନ୍ତି ।" ଏଥିରୁ ପରମାତ୍ମାଙ୍କର ଅନେକ ରୂପରେ ଅବସ୍ଥାନ ସୂଚିତ ହେଉଅଛି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି ।

ରାମାନୁଜାଚାର୍ଯ୍ୟ ବ୍ରହ୍ମସୂତ୍ରର 'ଶ୍ରୀଭାଷ୍ୟ'ରେ ଶ୍ରୁତିରୁ ଏକ ବାକ୍ୟ ଉଦ୍ଧାର କରିଅଛନ୍ତି—"ଅଜାୟମାନୋ ବହୁଧା ବିଜାୟତେ ।"—ଅଜ ବା ଜନ୍ମରହିତ ଏହି ବ୍ରହ୍ମ ବା ପରମାତ୍ମା ବହୁ ପ୍ରକାରେ ଆବିର୍ଭୂତ ହୋଇଥାଆନ୍ତି ।

ମାଧ୍ୱାଚାର୍ଯ୍ୟ ଚତୁର୍ବେଦଶିଖା ଶ୍ରୁତିରୁ ତାଙ୍କର "ଶ୍ରୀକୃଷ୍ଣସନ୍ଦର୍ଭ" ଗ୍ରନ୍ଥରେ ଏହି ବାକ୍ୟଟି ଉଦ୍ଧାର କରିଛନ୍ତି—"ବାସୁଦେବଃ ସଙ୍କର୍ଷଣଃ ପ୍ରଦ୍ୟୁମ୍ନୋଽନିରୁଦ୍ଧୋଽହଂ ମତ୍ସ୍ୟ କୂର୍ମୋ ବରାହୋ ନରସିଂହୋ ବାମନୋ ରାମୋ ରାମୋରାମଃ କୃଷ୍ଣୋ ବୁଦ୍ଧଃ କଳ୍କିରହଂ ଶତଧାହଂ ସହସ୍ରଧାହମିତୋଽ-ହମନନ୍ତୋଽହଂ ନୈବୈତେ ଜାୟନ୍ତେ ନୈତେ ମ୍ରିୟନ୍ତେ ନୈଷାମଜ୍ଞାନବନ୍ଧୋ ନ ମୁକ୍ତିଃ ସର୍ବ ଏବ ହ୍ୟେତେ ପୂର୍ଣ୍ଣା ଅଜରା ଅମୃତାଃ ପରମାଃ ପରମାନନ୍ଦାଃ ।" "ମୁ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ; ମୁଁ ମତ୍ସ୍ୟ, କୂର୍ମ, ବରାହ, ବାମନ, ନରସିଂହ, ପରଶୁରାମ, ରାମ, ବଳରାମ, କୃଷ୍ଣ, ବୁଦ୍ଧ, କଳ୍କି; ମୁଁ ଶତପ୍ରକାର, ସହସ୍ର ପ୍ରକାର ଆବିର୍ଭୂତ ହୁଏ । ମୁଁ ଅନନ୍ତ, ମୋର ଜନ୍ମ ନାହିଁ,

ମରଣ ନାହିଁ । ଏହି ମୋର ସ୍ୱରୂପମାନଙ୍କର (ଅବତାରମାନଙ୍କର) ଅଙ୍ଗନରେ ବନ୍ଧନ ନାହିଁ, ମୁକ୍ତି ନାହିଁ; ଏମାନେ ସବୁ ପୂର୍ଣ୍ଣ, ଅଜର, ଅମୃତ, ପରମ, ପରମାନନ୍ଦ ।" (ଶ୍ରୀ: ସୂ-୯ମ ଅନୁଚ୍ଛେଦ)

ଶ୍ରୀମଦ୍‌ଭାଗବତରେ ପରଂବ୍ରହ୍ମଙ୍କ ଅସଂଖ୍ୟ ଅବତାର ସମ୍ବନ୍ଧରେ ଏହି ଶ୍ଳୋକଟି ଦେଖାଯାଏ ।

ଅବତାରା ହ୍ୟସଂଖ୍ୟେୟା ହରେଃ ସତ୍ତ୍ୱନିଧେର୍ଦ୍ୱିଜାଃ
ଯଥା ବିଦାସିନଃ କୁଲ୍ୟାଃ ସରସଃ ସ୍ୟୁଃ ସହସ୍ରଶଃ । (୧।୩।୨୬)

ସତ୍ତ୍ୱନିଧି ଅର୍ଥାତ୍ ଶୁଦ୍ଧସତ୍ତ୍ୱାତ୍ମିକା ଶକ୍ତିର ନିଧି ପରମାତ୍ମା ହରିଙ୍କର ଅସଂଖ୍ୟ ଅବତାର । ଯେପରି ଶୋଷଶୂନ୍ୟ ପୁଷ୍କରିଣୀରୁ ସହସ୍ର ସହସ୍ର ନର୍ଦ୍ଦମା ବହିର୍ଗତ ହୁଏ, ସେହିପରି ସତ୍ତ୍ୱପୂର୍ଣ୍ଣ ହରିଙ୍କଠାରୁ ଅସଂଖ୍ୟ ଅବତାର ପ୍ରକଟିତ ହୁଅନ୍ତି ।

ସବୁ ଅବତାର ପୂର୍ଣ୍ଣ, ଅଜର, ଅମୃତ, ପରମ, ପରମାନନ୍ଦସ୍ୱରୂପ ହେଲେ ମଧ୍ୟ ଏହି ଅବତାରମାନଙ୍କରେ ପାର୍ଥକ୍ୟ ଦେଖାଯାଏ ।

**(୮) ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍**—ଅଚିନ୍ତ୍ୟଭେଦାଭେଦବାଦୀ-ମାନଙ୍କ ମତରେ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଅଂଶରୁ ଯେଉଁସବୁ ଅବତାର ବା ଭଗବତ୍‌ସ୍ୱରୂପଙ୍କର ଆବିର୍ଭାବ ହୋଇଅଛି ସେମାନଙ୍କଠାରେ ଶ୍ରୀକୃଷ୍ଣଙ୍କର ଆଂଶିକ ବିକାଶ ହୋଇଥିବାରୁ ସେମାନେ ମଧ୍ୟ ଭଗବାନ୍ । କିନ୍ତୁ ସେମାନଙ୍କର ଭଗବତ୍ତା ଅନ୍ୟନିରପେକ୍ଷ ନୁହେଁ, କାରଣ ସେମାନଙ୍କର ଏହି ବିଭୂତି ଶ୍ରୀକୃଷ୍ଣଙ୍କର ବିଭୂତିରୁ ଉତ୍ପନ୍ନ ହୋଇଛି । ଶ୍ରୀକୃଷ୍ଣଙ୍କଠାରେ ପରଂବ୍ରହ୍ମଙ୍କ ସର୍ବଶକ୍ତିର ପୂର୍ଣ୍ଣ ବିକାଶ ହୋଇଥିବାରୁ ତାଙ୍କର ଭଗବତ୍ତା ଅନ୍ୟନିରପେକ୍ଷ । ଅତଏବ ସେ ସ୍ୱୟଂ ଭଗବାନ୍ । 'ଭାଗବତ'ରେ କୃଷ୍ଣଙ୍କୁ ସ୍ୱୟଂ ଭଗବାନ୍ ବୋଲି ହିଁ ପ୍ରତିପାଦିତ କରାଯାଇଛି । "କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍ ।" (ଭାଗ ୧ସ୍କ-୩ଅ । ୨୮)

ଗୋପାଳତାପିନୀ ଶ୍ରୁତିରେ କୃଷ୍ଣଙ୍କୁ ପରମ ଦୈବତ ବୋଲି ଅଭିହିତ କରାଯାଇଅଛି । "ଶ୍ରୀକୃଷ୍ଣୋ ବୈ ପରମ ଦୈବତମ୍ ।" (୧।୧)

ଲଘୁ ଭାଗବତାମୃତରେ ଗୋସ୍ୱାମୀଙ୍କ ଶ୍ରୀକୃଷ୍ଣଙ୍କୁ ସ୍ୱୟଂରୂପ ବୋଲି ମଧ୍ୟ କହିଛନ୍ତି । କାରଣ ତାଙ୍କର ରୂପ ଅନନ୍ୟାପେକ୍ଷୀ ଥିବାରୁ ସେ ସ୍ୱୟଂସ୍ୱରୂପ । "ଅନନ୍ୟାପେକ୍ଷି ଯଦ୍ରୂପଂ ସ୍ୱୟଂରୂପଃ ସ ଉଚ୍ୟତେ ।" ( ୧।୧୦ )

ଶ୍ରୀମଦ୍ ଭାଗବତରେ ଭଗବାନଙ୍କ ଅବତାରମାନଙ୍କ ଭିତରେ କୃଷ୍ଣଙ୍କ ନାମ ଅଛି, କିନ୍ତୁ ସେ ସ୍ୱୟଂ ଭଗବାନ ବୋଲି କଥିତ ହୋଇଛନ୍ତି—

ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ
ଇନ୍ଦ୍ରାରି ବ୍ୟାକୁଳଂ ଲୋକଂ ମୃଡୟନ୍ତି ଯୁଗେ ଯୁଗେ ।
( ଭା. ୧ମ ସ୍କ. ୩ଅ । ୨୮ )

"ଏ (ଅବତାର)ମାନଙ୍କ ମଧ୍ୟରେ କେହି କେହି ବା ପୁରୁଷଙ୍କର ଅଂଶ, କେହି କେହି ବା ତାଙ୍କର କଳା ( ବା ବିଭୂତି ), କିନ୍ତୁ କୃଷ୍ଣ ସ୍ୱୟଂ ଭଗବାନ । କରାଳ ଦୈତ୍ୟମାନଙ୍କ ଦ୍ୱାରା ପ୍ରପୀଡ଼ିତ ହେଲେ ଭଗବାନ ଯୁଗେ ଯୁଗେ ଏରୂପକୁ ଅବତାର ଗ୍ରହଣ କରନ୍ତି ।"

ଭଗବାନ ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ହେଲେ ମଧ୍ୟ ଉପଯୋଗ ଅନୁସାରେ ଭଗବାନ ତାଙ୍କର ଜ୍ଞାନ, କ୍ରିୟା ଓ ଶକ୍ତିର ପ୍ରକାଶ କରିଥାଆନ୍ତି । କୁମାର, ନାରଦାଦି ଅବତାରରେ ଉପଯୋଗ ଅନୁସାରେ ଅଂଶକଳା-ଆବେଶ, ପୃଥୁଆଦି ଅବତାରରେ ଶକ୍ତି-ଆବେଶ, କିନ୍ତୁ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ।

ବୈଷ୍ଣବାଚାର୍ଯ୍ୟ ଜୀବଗୋସ୍ୱାମୀଙ୍କ ମତରେ ( ଲଘୁଭାଗବତାମୃତ )— "କେଚିତ୍ତୁ ସ୍ୱସ୍ୱମେବାଂଶାଃ ସାକ୍ଷାଦଂଶତ୍ୱେନ ଦ୍ୱିଧାଃ । କେଚଦଂଶା ସ୍ୱସ୍ୱାଦଂଶାଃ । କେଚିତ୍ କଳା ବିଭୂତୟଃ ।" କେତେକ ଭଗବାନଙ୍କର ସ୍ୱରୂପର ଅଂଶ, କେହି ବା ସ୍ୱରୂପର ଅଂଶର ଅଂଶ, କେହି ବା ଆବେଶ ।

ଜୀବଗୋସ୍ୱାମୀଙ୍କ ମତରେ ଭଗବାନ ସ୍ୱ ଜ୍ଞାନଶକ୍ତି ଆଦି କଳାଦ୍ୱାରା ଯେଉଁଠାରେ (ଅବତାରରେ) ଆବିଷ୍ଟ ସେଠାରେ ସେମାନେ (ଅବତାରମାନେ) ସ୍ୱରୂପତଃ ଜୀବତତ୍ତ୍ୱ, ଈଶ୍ୱରତତ୍ତ୍ୱ ନୁହନ୍ତି ।

"ଜ୍ଞାନଶକ୍ତ୍ୟାଦିକଳୟା ଯତ୍ରାବିଷ୍ଟୋ ଜନାର୍ଦ୍ଦନଃ
ତ ଆବେଶା ନିଗଦ୍ୟନ୍ତେ ଜୀବା ଏବ ମହତ୍ତମାଃ ।"
( ଲଘୁଭାଗବତାମୃତ । ୧।୧୮ )

ଜନାର୍ଦ୍ଦନ ସ୍ୱ ଜ୍ଞାନଶକ୍ତ୍ୟାଦିର କଳା (ବା ଅଂଶ) ଦ୍ୱାରା ଯେଉଁ ଜୀବରେ ଆବିଷ୍ଟ ହୁଅନ୍ତି ସେହି ମହତ୍ତ (ବା ମହତ୍ତର) ଜୀବକୁ ଆବେଶ କୁହାଯାଏ । ଏହା ଜୀବତତ୍ତ୍ୱ ସମ୍ପର୍କୀୟ । ଭଗବତ୍ତତ୍ତ୍ୱ ସହିତ ସମ୍ପର୍କ ନାହିଁ ।

ମତ୍ସ୍ୟକୂର୍ମ୍ମାଦି ଅବତାର—ଭଗବାନଙ୍କର ସ୍ୱ ଅଂଶ ବା ସ୍ୱାଂଶ, ଯେଉଁ ଅବତାରମାନେ ଅଂଶର ଅଂଶ ସେମାନେ ମଧ୍ୟ ସ୍ୱାଂଶ ଅଟନ୍ତି ।

ଏମାନେ ସମସ୍ତେ ପରଂବ୍ରହ୍ମଙ୍କ ପ୍ରକାଶ । କିନ୍ତୁ ଭାଗବତର ଚୈତନ୍ୟପନ୍ଥୀ ବୈଷ୍ଣବ 'ଟୀକାକାର'ମାନଙ୍କ ମତରେ ଶ୍ରୀକୃଷ୍ଣ ପୂର୍ଣ୍ଣ ପରଂବ୍ରହ୍ମ ଭଗବାନ ଏବଂ ଏହି ଅବତାରମାନେ ତାଙ୍କର (ଶ୍ରୀକୃଷ୍ଣଙ୍କର) ଅଂଶ ମାତ୍ର ।

ଯେଉଁ ଉଦ୍ଦେଶ୍ୟରେ ଭଗବାନ ଅବତାର ଗ୍ରହଣ କରନ୍ତି ସେହି ଉଦ୍ଦେଶ୍ୟ ସାଧନ ପାଇଁ ଯେତିକି ଜ୍ଞାନ-କ୍ରିୟା-ଶକ୍ତି ଆଦିର ପ୍ରକାଶ ଦରକାର ସେତିକି କେବଳ ସେ ସ୍ୱାଂଶ ଅବତାରରେ ପ୍ରକାଶ ପାଇଥାଏ । ଭିନ୍ନ ଭିନ୍ନ ଅବତାରରେ ଆବଶ୍ୟକ ଅନୁସାରେ ଜ୍ଞାନ-କ୍ରିୟା-ଶକ୍ତ୍ୟାଦିର ପ୍ରକାଶ ହେଉଥିବାରୁ ଭଗବାନଙ୍କ ସ୍ୱରୂପ ପ୍ରକାଶରେ ବହୁଳତା ପରିଲକ୍ଷିତ ହେଉଛି । ମତ୍ସ୍ୟାଦି ଅବତାରରେ ଭଗବାନଙ୍କର ପୂର୍ଣ୍ଣଶକ୍ତିର ଅଭିବ୍ୟକ୍ତ ହୋଇନଥିବାରୁ ସେଠାରେ ଶକ୍ତିର ଆଂଶିକ ପ୍ରକାଶ କେବଳ ଘଟିଛି । ଏଠାରେ ଭଗବାନଙ୍କର ପୂର୍ଣ୍ଣତମ ଶକ୍ତିର ପ୍ରକାଶ ହୋଇନଥିବାରୁ ଏମାନଙ୍କର ସ୍ୱରୂପ ବା ଆକୃତିରେ ପ୍ରଭେଦ ଦେଖାଯାଉଛି । ଏହା ପୂର୍ଣ୍ଣତମ ଶକ୍ତିସମ୍ପନ୍ନ ଭଗବାନଙ୍କର ସ୍ୱରୂପଠାରୁ ଭିନ୍ନ ପ୍ରକାର । କିନ୍ତୁ ଏହା ସତ୍ତ୍ୱେ, ଏହି ସ୍ୱରୂପ ପ୍ରକାଶ, ଭଗବାନଙ୍କର ଏହି ଶକ୍ତିର ପ୍ରକାଶ ଅନୁସାରେ, ଅବତାରମାନଙ୍କର ଜ୍ଞାନ-କାର୍ଯ୍ୟ-ଶକ୍ତି ଆଦିର ପ୍ରକାଶ ଓ ବିକାଶରେ ମଧ୍ୟ ପ୍ରଭେଦ ବା ବୈଷମ୍ୟ ଦେଖାଯାଏ ।

ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ଏବଂ ସେ ଅବତାରୀ । ଏହି ସମ୍ବନ୍ଧରେ ନିମ୍ନଲିଖିତ କେତେକ ପ୍ରମାଣ ଉଦ୍ଧୃତ ହୁଏ—

ଗୋପାଳ ପୂର୍ବତାପିନୀ ଶ୍ରୁତି କହନ୍ତି—"ଏକୋଽପି ସନ୍ ବହୁଧା ଯୋ ଽବଭାତି" (୧-୨) । ଏକା ହିଁ ମୂର୍ତ୍ତି ବହୁ ପ୍ରକାର ପ୍ରକାଶିତ ହୁଅନ୍ତି । ଏହି ଏକ ମୂର୍ତ୍ତି ଭଗବାନ ହିଁ ଶ୍ରୀକୃଷ୍ଣ ବୋଲି କେତେକ ବୈଷ୍ଣବପଣ୍ଡିତମାନଙ୍କର ମତ ।

ଶ୍ରୀମଦ୍‌ଭାଗବତରେ ଶ୍ରୀକୃଷ୍ଣଙ୍କୁ ଅକ୍ରୂର "ବହୁମୂର୍ତ୍ତ୍ୟେକ ମୂର୍ତ୍ତିକମ୍" ବୋଲି ମଧ୍ୟ ପ୍ରାର୍ଥନା କରିଛନ୍ତି ।

ଏକେ ତ୍ୱାଽଖିଳ କର୍ମାଣି ସନ୍ନ୍ୟସ୍ୟୋପଶମଂ ଗତାଃ
ଜ୍ଞାନିନୋ ଜ୍ଞାନଯଜ୍ଞେନ ଯଜନ୍ତି ଜ୍ଞାନବିଗ୍ରହମ୍ ।
ଅନ୍ୟେ ଚ ସଂସ୍କୃତାତ୍ମାନୋ ବିଧିନାଭିହିତେନ ତେ
ଯଜନ୍ତି ତ୍ୱନ୍ମୟାସ୍ତ୍ୱାଂ ବୈ ବହୁମୂର୍ତ୍ତ୍ୟେକ ମୂର୍ତ୍ତିକମ୍ ।

(୧୦ମ ସ୍କ: । ୪୦ ଅ: ୬-୭)

ହେ ଶ୍ରୀକୃଷ୍ଣ ! ଯେଉଁମାନେ ଅଖିଳକର୍ମ ପରିତ୍ୟାଗ କରି ଉପଶମ ପ୍ରାପ୍ତ ହୋଇଛନ୍ତି, ସେହି ଜ୍ଞାନୀମାନେ ଜ୍ଞାନଯଜ୍ଞ ଦ୍ୱାରା ଜ୍ଞାନବିଗ୍ରହ (ବା ଚିଦ୍‌ଘନ ମୂର୍ତ୍ତି) ପୂଜା କରନ୍ତି, ଅନ୍ୟାନ୍ୟ ସେହି ସଂସ୍କୃତାତ୍ମାମାନେ (ଅର୍ଥାତ୍ ଭକ୍ତି ପନ୍ଥାରେ ଦୀକ୍ଷିତ ଲୋକେ) ତୁମଦ୍ୱାରା ଅଭିହିତ ବିଧିବିଧାନ ମାର୍ଗ ଅନୁସରଣ କରି "ବହୁମୂର୍ତ୍ତ୍ୟେକ ମୂର୍ତ୍ତିକମ୍" ତୁମଙ୍କୁ ହିଁ ଆରାଧନା କରିଥାଆନ୍ତି ।

ଶ୍ରୀଧରସ୍ୱାମୀ "ବହୁମୂର୍ତ୍ତ୍ୟେକମୂର୍ତ୍ତିକମ୍"ର ବ୍ୟାଖ୍ୟା କରି କହୁଛନ୍ତି, "ବାସୁଦେବ-ସଙ୍କର୍ଷଣ-ପ୍ରଦ୍ୟୁମ୍ନ-ଅନିରୁଦ୍ଧ ଭେଦେନ ବହୁମୂର୍ତ୍ତିଂ ନାରାୟଣ-ସ୍ୱରୂପେଣ ଏକମୂର୍ତ୍ତିକଞ୍ଚ ତ୍ୱାମେବ ଯଜନ୍ତି ।" ବାସୁଦେବ-ସଙ୍କର୍ଷଣ-ପ୍ରଦ୍ୟୁମ୍ନ-ଅନିରୁଦ୍ଧ (ଚତୁର୍ବ୍ୟୂହ) ଆଦି ଭେଦରେ ବହୁମୂର୍ତ୍ତି ରୂପରେ ଏବଂ ନାରାୟଣ ସ୍ୱରୂପରେ ଏକମୂର୍ତ୍ତି ରୂପେ ତୁମକୁ ହିଁ ଆରାଧନା କରନ୍ତି ।

ଏହି ସ୍ତବରେ ଅକ୍ରୂର ଭଗବାନଙ୍କୁ ନାରାୟଣ, ମତ୍ସ୍ୟ, କୂର୍ମ, ହୟଶୀର୍ଷ, ମଧୁକୈଟଭ, ମନ୍ଦରଧାରୀ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ

(ଋଦ୍ଧଦର୍ଶୀ), ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ, ବୁଦ୍ଧ, କଳ୍କି ବୋଲି ପ୍ରାର୍ଥନା କରନ୍ତି । ଅର୍ଥାତ୍ ଶ୍ରୀକୃଷ୍ଣ ସ୍ୱୟଂ ନାରାୟଣଙ୍କଠାରୁ ଅଭିନ୍ନ ଏବଂ ଅନ୍ୟାନ୍ୟ ଅବତାରଠାରୁ ମଧ୍ୟ ଅଭିନ୍ନ ।

ଏହି ସୂତ୍ରର ବ୍ୟାଖ୍ୟାରେ ଅଚିନ୍ତ୍ୟଭେଦାଭେଦବାଦୀମାନେ 'ନାରାୟଣ' ଅର୍ଥରେ ଶ୍ରୀକୃଷ୍ଣଙ୍କୁ ମୂଳନାରାୟଣ ରୂପରେ ଗ୍ରହଣ କରିଛନ୍ତି । ଏକ ବହିଁ ଶ୍ରୀକୃଷ୍ଣଙ୍କ ମତ୍ସ୍ୟାଦି, ବାସୁଦେବାଦି, ନାରାୟଣ (ପରମ ବ୍ୟୋମାଧିପ ମହା ନାରାୟଣ) ପ୍ରଭୃତି ଏକ ଏକ ମୂର୍ତ୍ତି ଏବଂ ଏମାନେ ସମସ୍ତେ ଶ୍ରୀକୃଷ୍ଣଙ୍କ ଭିତରେ ଅବସ୍ଥିତ, ଅତଏବ ଶ୍ରୀକୃଷ୍ଣଙ୍କର "ବହୁମୂର୍ତ୍ତ୍ୟେକମୂର୍ତ୍ତିତ୍ୱ" ପ୍ରତିପାଦିତ ହେଲା । "ବୈଷ୍ଣବ ତୋଷଣୀ" ଟୀକାକାର ଏହିପରି ସ୍ତବରେ ଏହାର ସମର୍ଥନ କରିଛନ୍ତି—"ବହବୋ ବାସୁଦେବାଦୟୋ ମତ୍ସ୍ୟାଦୟଶ୍ଚ ମୂର୍ତ୍ତୟୋ ଯସ୍ୟ ଏକା ପରମ ବ୍ୟୋମାଧିପ—ମହାନାରାୟଣ ରୂପା ମୂର୍ତ୍ତିର୍ଯସ୍ୟ ତସ୍ୟ ତସ୍ୟ ।" "ବାସୁଦେବାଦି, ମତ୍ସ୍ୟାଦି ମୂର୍ତ୍ତି ଯାହାର ଏକ ଏକ ମୂର୍ତ୍ତି, ପରମବ୍ୟୋମାଧିପ ମହାନାରାୟଣ ଯାହାର ଏକ ମୂର୍ତ୍ତି"—ଏଥିରୁ ଗୌଡ଼ୀୟ ବୈଷ୍ଣବପନ୍ଥୀ ସିଦ୍ଧାନ୍ତ କରିଛନ୍ତି ଯେ ବାସୁଦେବାଦି, ମତ୍ସ୍ୟାଦି ଓ ପରମବ୍ୟୋମାଧିପ ମହାନାରାୟଣ ଶ୍ରୀକୃଷ୍ଣଙ୍କର ଏକ ଏକ ରୂପ ଏବଂ ସେମାନେ ଶ୍ରୀକୃଷ୍ଣଙ୍କ ବପୁଷ (ରୂପ)ରେ ହିଁ ଅବସ୍ଥାନ କରୁଅଛନ୍ତି ।

ଚତୁର୍ଭୁଜ ନାରାୟଣ ଯେ ଶ୍ରୀକୃଷ୍ଣଙ୍କର ଅଂଶ ତାହା 'ଭାଗବତ'ରେ ବ୍ରହ୍ମାକର୍ତ୍ତୃକ ଶ୍ରୀକୃଷ୍ଣସ୍ତବରୁ ଜଣାଯାଏ—

ନାରାୟଣସ୍ତ୍ୱଂ ନ ହି ସର୍ବଦେହିନାମାତ୍ମାସ୍ୟଧୀଶାଖିଳ ଲୋକସାକ୍ଷୀ
ନାରାୟଣୋଽଙ୍ଗଂ ନର ଭୂଜଳାୟନାତ୍ ତଚ୍ଚାପି ସତ୍ୟଂ ନ ତବୈବ ମାୟା ।

( ଭା: ୧୦ମ ସ୍କ । ୧୪ ଅ । ୧୪ )

"ତୁମେ କଣ ନାରାୟଣ ନୁହଁ ? ତୁମେ ସମସ୍ତ ଦେହୀମାନଙ୍କର ଆତ୍ମା । ହେ ଅଧୀଶ ! ତୁମେ ସକଳ ବ୍ରହ୍ମାଣ୍ଡର ସାକ୍ଷୀ । ତୁମେ ଜୀବର ହୃଦୟ ଓ ଜଳ ଯାହାର ଅୟନ ସେହି ନାରାୟଣ—ଅଙ୍ଗ (ବା ନାରାୟଣ ତୁମର ଅଙ୍ଗ) । ଏହା ସତ୍ୟ, ମାୟା ନୁହେଁ । ଶ୍ରୀଧର ସ୍ୱାମୀ "ନାରମୟ୍ନ ଯେ ଜାନାତି

ତ୍ୱମେବ ନାରାୟଣଃ" ବୋଲି ବ୍ୟାଖ୍ୟା କରିଛନ୍ତି । ନାର—ଜଳସମୂହ, ଅୟନ—ଦର୍ଶନ । "ଯୋ ନାରାୟଣଃ ପ୍ରସିଦ୍ଧଃ ସୋଽପି ତବୈବାଙ୍ଗ ମୂର୍ତ୍ତିଃ ।" ପ୍ରସିଦ୍ଧ ଯେଉଁ ନାରାୟଣ ସେ ମଧ୍ୟ ତୁମର ଅଙ୍ଗ—ମୂର୍ତ୍ତିବିଶେଷ ।

**ସ୍ୱୟଂ ଶ୍ରୀକୃଷ୍ଣଙ୍କ ପ୍ରକାଶ ଓ ବିଳାସ ରୂପ**—କୃଷ୍ଣ ଭଗବାନ ଦୁଇରୂପରେ ନିଜକୁ ପ୍ରକାଶ କରନ୍ତି ବୋଲି ଅଚିନ୍ତ୍ୟ-ଭେଦାଭେଦବାଦୀ ବୈଷ୍ଣବଙ୍କର ମତ ।

ଦୁଇରୂପେ ହୟ ଭଗବାନେର ପ୍ରକାଶ
ଏକେ ତ ପ୍ରକାଶ ହୟ ଆରେ ତ ବିଳାସ ।
(ଚୈତନ୍ୟଚରିତାମୃତ । ୧-୧-୪୫)

ଭଗବାନଙ୍କର 'ପ୍ରକାଶ'କୁ 'ପ୍ରକାଶ' ଓ 'ବିଳାସ' ଏ ଦୁଇ ପ୍ରକାର ଭାବରେ ବୁଝାଯାଏ ।

**'ପ୍ରକାଶ'**—କୃଷ୍ଣଙ୍କର ଆତ୍ମପ୍ରକଟ ନାନା ଭାବରେ ହୋଇଛି । ସେ ନିଜକୁ 'ଅଂଶ' ରୂପରେ ପ୍ରକଟ କରିଛନ୍ତି ଏବଂ ନିଜେ ସ୍ୱୟଂରୂପରେ ମଧ୍ୟ ଏକ ବା ଏକାଧିକ ରୂପ ଧରି ପ୍ରକଟିତ ହୋଇଛନ୍ତି । ରାସଲୀଳା ବେଳେ ଭଗବାନ କୃଷ୍ଣ ଏକ ସମୟରେ ବହୁ କୃଷ୍ଣ ରୂପରେ ପ୍ରକଟିତ ହୋଇ ଗୋପୀମାନଙ୍କ ସହିତ କେଳି ରଚନା କରନ୍ତି । ଏହି 'କୃଷ୍ଣ'ମାନଙ୍କ ଭିତରେ କିଛି ପ୍ରଭେଦ ନାହିଁ । ପୁଣି 'ଷୋଳ ସହସ୍ର' ଗୋପବାଳାଙ୍କୁ ବିବାହ କରିବା ବେଳେ ଷୋଳ ସହସ୍ର 'କୃଷ୍ଣ' ରୂପରେ କୃଷ୍ଣ ଭଗବାନ ପ୍ରକଟିତ ହୋଇଥିଲେ । ଏହି 'କୃଷ୍ଣ'ମାନେ କୃଷ୍ଣଙ୍କଠାରୁ ଅଭିନ୍ନ । ଭାଗବତରେ ବ୍ୟାସଦେବ କହିଛନ୍ତି—

ଚିତ୍ରଂ ବତୈତଦେକେନ ବପୁଷା ଯୁଗପତ୍ ପୃଥକ୍
ଗୃହେଷୁ ଦ୍ୱ୍ୟଷ୍ଟସାହସ୍ରଂ ସ୍ତ୍ରିୟ ଏକ ଉଦାବହତ୍ । (୧୦ମ ସ୍କ । ୬୯ଅ । ୨)

"ଶ୍ରୀକୃଷ୍ଣ ଏକ ଦେହରେ ଏକାକୀ ଏକ ସମୟରେ ପୃଥକ୍ ଗୃହରେ ଷୋଡ଼ଶ ସହସ୍ର ସ୍ତ୍ରୀଙ୍କର ପାଣିଗ୍ରହଣ କରିଥିଲେ । ଏହା ଅତି ଆଶ୍ଚର୍ଯ୍ୟର ବିଷୟ !" (ନାରଦଙ୍କ ବାକ୍ୟ)

'ଲଘୁଭାଗବତାମୃତ' ଓ 'ଚୈତନ୍ୟଚରିତାମୃତ' ମତରେ ଭଗବାନ କୃଷ୍ଣଙ୍କର ଏହି ଆତ୍ମପ୍ରକଟନକୁ 'ପ୍ରକାଶ' ବୋଲି କୁହାଯାଇଛି ।

ଅନେକତ୍ର ପ୍ରକଟତା ରୂପସ୍ୟୈକସ୍ୟ ଯୈକଦା
ସର୍ବଥା ତତ୍ସ୍ୱରୂପୈବ ସ ପ୍ରକାଶ ଇତୀର୍ଯ୍ୟତେ । ଲ: ଭା: ୧।୨୧

"ସମ୍ୟକ୍‌ରୂପେ ଏକରୂପ ଥାଇ (ଆକାର, ଗୁଣ ଓ ଲୀଳାରେ) ଏକ ସମୟରେ ଏକ ସମସ୍ତରେ (ଯୁଗପତ୍) ଅନେକ ସ୍ଥାନରେ ଯେଉଁ ଆତ୍ମପ୍ରକଟନ (ବା ଆବିର୍ଭାବ) ତାହାକୁ 'ପ୍ରକାଶ' ବୋଲିଯାଏ ।"

**ବିଳାସ**—ଭଗବାନ ଏକ ବିଗ୍ରହ ଥାଇ ଆକାରରେ ଭିନ୍ନ ରୂପରେ ପ୍ରକାଶିତ ହେଲେ ତାହାକୁ 'ବିଳାସ' ବୋଲି ବୃନ୍ଦାବନର ଗୋସ୍ୱାମୀ ନିର୍ଣ୍ଣୟ କରିଛନ୍ତି ।

ଗୋସ୍ୱାମୀ ଲଘୁଭାଗବତାମୃତ ଗ୍ରନ୍ଥରେ 'ବିଳାସ'ର ଲକ୍ଷଣ ଏପରି ଲେଖିଛନ୍ତି—

ସ୍ୱରୂପମନ୍ୟାକାରଂ ଯତ୍ତସ୍ୟ ଭାତି ବିଳାସତଃ
ପ୍ରାୟେଣାତ୍ମସମଂ ଶକ୍ତ୍ୟା ସ ବିଳାସୋ ନିଗଦ୍ୟତେ । ଲ: ଭା: ୧।୧୫

ସ୍ୱରୂପରୁ ଭିନ୍ନ ଅନ୍ୟ ଆକାରରେ ଏବଂ ସ୍ୱଶକ୍ତିର ପ୍ରାୟ ସମାନ (ଅର୍ଥାତ୍ କିଞ୍ଚିତ୍ ନ୍ୟୂନ) ଶକ୍ତି ଧାରଣ କରି ଭଗବାନଙ୍କର ଆବିର୍ଭାବକୁ ବିଳାସ ବୋଲିଯାଏ । 'ପ୍ରାୟେଣ' ଶବ୍ଦଦ୍ୱାରା କିଞ୍ଚିତ୍ ନ୍ୟୂନ ଶକ୍ତିସମ୍ପନ୍ନ ଥିବା ସୂଚିତ ହେଉଛି ।

ଏକଇ ବିଗ୍ରହ କିନ୍ତୁ ଆକାରେ ହୟ ଆନ
ଅନେକ ପ୍ରକାଶ ହୟ ବିଳାସ ତାର୍ ନାମ । ଚୈ: ଚ: ୧।୧।୪୬

ଆକାର, ଗୁଣ ଓ ଲୀଳାରେ ଭଗବାନ କୃଷ୍ଣଙ୍କଠାରୁ ଏହି ବିଳାସ ରୂପ କିଞ୍ଚିତ୍ ନ୍ୟୂନ । ବାସୁଦେବାଦି ଓ ପରବ୍ୟୋମାଧିପ ନାରାୟଣ ଭଗବାନ କୃଷ୍ଣଙ୍କର ବିଳାସ ରୂପ ।

ହୋଇଛନ୍ତି ବଳଦେବ, ପରବ୍ୟୋମେ ନାରାୟଣ
ହୋଇଛନ୍ତି ବାସୁଦେବ ପ୍ରଦ୍ୟୁମ୍ନାଦି ସଙ୍କର୍ଷଣ । ଚୈ: ଚ: ୧।୫।୩୪

ବଳଦେବ, ବାସୁଦେବାଦି ଚତୁର୍ବ୍ୟୁହ ପରବ୍ୟୋମର ନାରାୟଣ କୃଷ୍ଣଙ୍କର ବିଳାସ ରୂପ ।

ଅବତାରମାନେ ପରଂବ୍ରହ୍ମଙ୍କର ଅଂଶ ଏବଂ ସେମାନଙ୍କର ଶକ୍ତି ପରଂବ୍ରହ୍ମଙ୍କର ଶକ୍ତିର ଅଂଶ ହେଲେ ମଧ୍ୟ ଏମାନେ ପରଂବ୍ରହ୍ମଙ୍କ ପରି ପୂର୍ଣ୍ଣ । ଏମାନେ ସମସ୍ତେ ପରଂବ୍ରହ୍ମଙ୍କ ପରି ପୂର୍ଣ୍ଣ, ଅଜର, ଅମୃତ, ପରମ, ପରମାନନ୍ଦ । "ସର୍ବ ଏବ ହ୍ୟେତେ ପୂର୍ଣ୍ଣା ଅଜରା ଅମୃତାଃ ପରମାଃ ପରମାନନ୍ଦାଃ" । 'ପୂର୍ଣ୍ଣ' ଅର୍ଥରେ "ସର୍ବଗ, ଅନନ୍ତ, ବିଭୁ" ବୁଝିବାକୁ ହେବ । ଅତଏବ ଏହି ଯୁକ୍ତି ଅନୁସାରେ ସମସ୍ତେ (ଭଗବତ୍‌ସ୍ୱରୂପ ବା ଅବତାର) ପରଂବ୍ରହ୍ମଙ୍କର ଅଂଶ ହେଲେ ମଧ୍ୟ ପରଂବ୍ରହ୍ମ ପରି ସର୍ବଗ, ଅନନ୍ତ, ବିଭୁ ।

ତେବେ ଏକ ସମୟରେ ଏକାଧିକ 'ଅନନ୍ତ' ବସ୍ତୁଙ୍କର ଅବସ୍ଥିତି କପରି ସମ୍ଭବ ହେବ ? ଏହାର ଉତ୍ତରରେ କୁହାଯିବ, ଏମାନେ ଭଗବାନଙ୍କ ଠାରୁ ସ୍ୱତନ୍ତ୍ର ନୁହନ୍ତି । ଅତଏବ ଏମାନଙ୍କ ଅବସ୍ଥିତି ଏମାନଙ୍କୁ ଭଗବାନଙ୍କ ଠାରୁ ଭିନ୍ନ କରୁଥିବା ପ୍ରତୀୟମାନ ହେଲେ ମଧ୍ୟ ଏମାନେ ପ୍ରକୃତରେ ଭିନ୍ନ ନୁହନ୍ତି ।

**(୪) ଭଗବାନଙ୍କ ଧାମ ବା ପରମ ଧାମ**—ଭଗବାନଙ୍କ ଲୀଳା ନିବାସ ନିତ୍ୟ ବୈକୁଣ୍ଠ; ଏହାକୁ ବିଭିନ୍ନ ମନୀଷୀ ସ୍ୱ ମତବାଦ ଅନୁସାରେ ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି । ସ୍ୱୟଂ ବ୍ରହ୍ମ ବୈକୁଣ୍ଠ, ଗୋଲକ, ବୃନ୍ଦାବନ, ମଥୁରା, ଦ୍ୱାରକା, ପରମପଦ, ପରମପ୍ରକାଶ, ପରମଜ୍ୟୋତି ପ୍ରଭୃତି ଏହି ପରମଧାମ ବୋଲି ପ୍ରତିପାଦିତ ହୋଇଛି ।

ସ୍ୱୟଂ ଶ୍ରୀକୃଷ୍ଣ ଏହି ପରମ ଧାମର ଏହିପରି ବର୍ଣ୍ଣନା ଦେଇଛନ୍ତି—

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ଭ. ଗୀ. ୮।୨୧

(ସେହି) ଅବ୍ୟକ୍ତ ହିଁ ଅକ୍ଷର ବୋଲି (ବେଦରେ) କୁହାଯାଇଛି ଏବଂ ତାହାକୁ (ଜୀବର) ପରମଗତି ବୋଲି କହନ୍ତି । ଯାହାକୁ ପ୍ରାପ୍ତ ହେଲେ, ଆଉ ସଂସାରକୁ ପୁନରାଗମନ କରିବାକୁ ହୁଏ ନାହିଁ, ତାହା ଆମ୍ଭର ପରମ (ଉତ୍କୃଷ୍ଟ) ଧାମ ଅଟେ । ସ୍ୱାମୀ 'ଧାମ' ଶବ୍ଦର ଅର୍ଥକୁ 'ପ୍ରକାଶ' ବୋଲି, କେହି କେହି 'ସ୍ଥାନ' ବୋଲି ବୁଝାଇଛନ୍ତି ।

ଏହି ପରମ ଧାମକୁ ସ୍ୱୟଂ ଭଗବାନ ବୋଲି କେହି କେହି ଟୀକା କରନ୍ତି । ରାମାନୁଜାଚାର୍ଯ୍ୟଙ୍କ ମତରେ—"ପରମ୍ ଏବଂଭୂତଂ ସ୍ୱରୂପେଣାବସ୍ଥିତମ୍ । ଅଚେତନ ପ୍ରକୃତିଃ ଏକଂ ନିୟମନ ସ୍ଥାନମ୍, ତତ୍ ସଂସୃଷ୍ଟରୂପା ଜୀବ ପ୍ରକୃତିଃ ଦ୍ୱିତୀୟଃ ନିୟମନମ୍ । ଅଚିତ୍‌ସଂସର୍ଗବିୟୁକ୍ତଂ ସ୍ୱରୂପେଣାବସ୍ଥିତଂ ମୁକ୍ତସ୍ୱରୂପଂ ପରମଂ ନିୟମନ ସ୍ଥାନମ୍ ଇତ୍ୟର୍ଥ । ତତ୍ ଚ ଅପୁନରାବୃତ୍ତିରୂପମ୍ ।" ଏହି ପ୍ରକାର ସ୍ୱରୂପରେ ସ୍ଥିତ ଅବ୍ୟକ୍ତଙ୍କୁ ଯେଉଁ ସ୍ୱରୂପ ପ୍ରାପ୍ତ ହୁଏ ସେ ଆଉ ଫେରି ଆସେ ନାହିଁ; ତାହା ମୋର ପରମ ଧାମ ଅର୍ଥାତ୍ ପରମ ନିୟମନ ସ୍ଥାନ । ତିନୋଟି ନିୟମନ ସ୍ଥାନ, ଯଥା—(୧) ଅଚେତନ ପ୍ରକୃତି ପ୍ରଥମ ନିୟମନସ୍ଥାନ, (୨) ତାହା ସଂସୃଷ୍ଟ ଯୁକ୍ତ ଜୀବରୂପ ପ୍ରକୃତି ଦ୍ୱିତୀୟ ନିୟମନ ସ୍ଥାନ ପୁଣି (୩) ଅଚିତ୍ ସଂସର୍ଗ-ରହିତ ସ୍ୱରୂପରେ ଅବସ୍ଥିତ ମୁକ୍ତସ୍ୱରୂପ ପରମ ନିୟମନ ସ୍ଥାନ । ଏହି ପରମ ନିୟମନ ସ୍ଥାନକୁ ଗଲେ ଆଉ ଫେରିବାକୁ ହୁଏ ନାହିଁ ।

ଭଗବଦ୍‌ଗୀତାରେ ୧୫ଶ ଅଧ୍ୟାୟରେ ପୁଣି ଏହି ପରମ ଧାମ ସମ୍ବନ୍ଧରେ କୃଷ୍ଣ ଅର୍ଜ୍ଜୁନଙ୍କୁ କହୁଛନ୍ତି—

ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ
ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । (୧୫ ଅ । ୬)

"ଯାହା ପ୍ରାପ୍ତ ହୋଇ ଯୋଗୀମାନେ ଆଉ ଫେରିଆସନ୍ତି ନାହିଁ ତାହା ହିଁ ମୋର ପରମ ଧାମ । ଏହାକୁ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ପ୍ରକାଶିତ କରି ପାରନ୍ତି ନାହିଁ ।" ପରମପଦ ବା ପରମଧାମ ଚୈତନ୍ୟମୟ ହେବାରୁ ତାଙ୍କୁ ଜଡ଼ ପଦାର୍ଥ

ପ୍ରକାଶ କରିପାରୁନାହିଁ । ପରମପଦ, ପରମଧାମ ଓ ପରଂବ୍ରହ୍ମ ଏକହିଁ ପଦାର୍ଥ । ଏଠାରେ ଶ୍ରୀରାମାନୁଜାଚାର୍ଯ୍ୟ ଏହି 'ଧାମ'ର ଅର୍ଥ ବ୍ରହ୍ମଙ୍କର 'ତେଜଃଧ' ବୋଲି କହୁଛନ୍ତି, ନାରାୟଣାଥର୍ବଶୀର ଉପନିଷଦରେ ପରମଧାମକୁ ବୈକୁଣ୍ଠ ଭୁବନ ବୋଲି କୁହାଯାଇଛି । "ଓଁ ନମୋନାରାୟଣାୟେତି ମନ୍ତ୍ରୋପାସକୋ ବୈକୁଣ୍ଠଭୁବନଂ ଗମିଷ୍ୟତି ।" (୪)

ଋଗ୍‌ବେଦରେ ଏହାକୁ କୃଷ୍ଣ ବୋଲି କୁହାଯାଇଛି । "ତାଂ ବା ବାସ୍ତୂନ୍ୟୁଶ୍ମସି ଗମଧ୍ୟେ ଯତ୍ରଗାବୋଭୂରିଶୃଙ୍ଗାଃ । ଅତ୍ରାହଃ ଅବାହ ତଦୁରୁଗାୟସ୍ୟ ବୃଷ୍ଣଃ ପରମଂ ପଦମବଭାତି ଭୂରି"—(ଋ: ବେ: ୧।୧୫୪।୬) । ଏହି ବାକ୍ୟର ବ୍ୟାଖ୍ୟାରେ ଜୀବଗୋସ୍ୱାମୀ ପରମପଦକୁ ଗୋଲକ ବୋଲି ବୁଝାଇଛନ୍ତି ।

ପୁଣି "ତଦ୍ ବିଷ୍ଣୋ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ" ମନ୍ତ୍ରରେ ବସ୍ତୁ ପରମପଦ ବୋଲି କୁହାଯାଇଛି । "ବନେ ବୃନ୍ଦାବନେ କ୍ରୀଡ଼ନ୍ ଗୋପଗୋପୀସୁରୈଃ ସହ" । ୭ । (କୃଷ୍ଣୋପନିଷଦ୍) ବୃନ୍ଦାବନ ବନରେ ଗୋପ, ଗୋପୀ, ସୁରଗଣଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ କ୍ରୀଡ଼ା କରୁଥିବା ଏହି ବାକ୍ୟରୁ ଜଣାଯାଉଛି । ବୃନ୍ଦାବନ ଧାମ ଭଗବାନଙ୍କର ଧାମ ଥିବା ଏଥିରୁ ସୂଚିତ ହେଉଛି ।

ପୁଣି ଗୋକୁଳ ଧାମର ନାମ ମଧ୍ୟ ଏହି ଉପନିଷଦରୁ ମିଳୁଛି । "ଗୋକୁଳଂ ବନବୈକୁଣ୍ଠମ୍, ତାପସାସ୍ତତ୍ର ତେ ଦ୍ରୁମାଃ" । ୯ ।

ଗୋପାଳୋତ୍ତର ତାପିନୀ ଉପନିଷଦରେ ମଥୁରା (ମଧୁରା) ପୁରୀ ଭଗବାନ କୃଷ୍ଣଙ୍କର ଧାମ ଥିବା କଥା କୁହାଯାଇଛି । ବୃନ୍ଦାବନ ପ୍ରଭୃତି ଦ୍ୱାଦଶ ବନଦ୍ୱାରା ଏହି ଧାମ ବା ପୁରୀ ବେଷ୍ଟିତ ହୋଇ ରକ୍ଷିତ ହୋଇଛି । ତଦ୍ଦ୍ୱାରା ରକ୍ଷିତ ଏହି ପୁରୀ ଗୋପାଳପୁରୀ ନାମରେ ମଧ୍ୟ ଅଭିହିତ ହୋଇଛି । ଏହି ଦ୍ୱାଦଶ ବନ ଏହି ଧାମକୁ ବେଷ୍ଟନ କରିଥିବା ଉଲ୍ଲେଖ ଅଛି—ବୃହଦ୍ବନ, ମଧୁବନ, ତାଳବନ, କାମ୍ୟବନ (କାମବନ), ବହୁଳବନ, କୁମୁଦବନ, ଖଦିରବନ, ଭଦ୍ରବନ, ଭାଣ୍ଡୀରବନ, ଶ୍ରୀବନ, ଲୋହବନ, ବୃନ୍ଦାବନ ।

"ବନେଷ୍ୱେତ ଉଦିତା ସ୍ଥ ବୈ ମଥୁରା ତସ୍ମାଦ୍ ଗୋପାଳ ଭୂଷା ସ୍ଥ ଭବତ । ବୃହଦ୍ ବୃହଦ୍ବନଂ ମଧୋର୍ମଧୁବନଂ ତାଳସ୍ତାଳବନଂ କାମ୍ୟ କାମ୍ୟବନଂ ବହୁଳା ବହୁଳବନଂ କୁମୁଦ୍ କୁମୁଦବନଂ ଖଦିରଃ ଖଦିରବନଂ ଭଦ୍ରୋ ଭଦ୍ରବନଂ ଭାଣ୍ଡୀର ଇତି ଭାଣ୍ଡୀରବନଂ ଶ୍ରୀବନଂ ଲୋହବନଂ ବୃନ୍ଦାୟା ବୃନ୍ଦାବନମେତୈରାବୃତା ଭୂଷା ଭବତ" । ୧୨ ।

ଦ୍ୱାରକା ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ଏକ ଧାମ ।

**(୧୦) ଭଗବଦ୍ ଧାମ : ବୃନ୍ଦାବନର ରାସଲୀଳା—** ବୈକୁଣ୍ଠ ଧାମର ବର୍ଣ୍ଣନା ବହୁସ୍ଥଳେ ପୁରାଣ ଓ ଧର୍ମଗ୍ରନ୍ଥମାନଙ୍କରେ ବହୁ ତଥ୍ୟ ମିଳେ । ଜୀବ ଗୋସ୍ୱାମୀ 'ଶ୍ରୀକୃଷ୍ଣ ସନ୍ଦର୍ଭ'ରେ 'ସ୍କାନ୍ଦ ଆଗମ'ରୁ କେତୋଟି ଏହି ସମ୍ପର୍କୀୟ ଶ୍ଳୋକ ଉଦ୍ଧାର କରିଛନ୍ତି । ବୈକୁଣ୍ଠାଦି ଭଗବତ୍ ଧାମମାନଙ୍କର ଊର୍ଦ୍ଧ୍ୱ-ଅଧଃ ସ୍ଥିତ ଦେଶରେ ବର୍ଣ୍ଣିତ ହୋଇଛି । ଏହି ବୈକୁଣ୍ଠପୁରୀ ନାନା କଳ୍ପବୃକ୍ଷାକୀର୍ଣ୍ଣ । ଅଧଃରେ ମୁକୁନ୍ଦ, ଊର୍ଦ୍ଧ୍ୱରେ ଦ୍ୱାରକା । ଅନିରୁଦ୍ଧ, ପ୍ରଦ୍ୟୁମ୍ନ, ସଙ୍କର୍ଷଣ, ବାସୁଦେବ ପ୍ରଭୃତିଙ୍କ ସ୍ଥାନ ମଧ୍ୟ ଏଥିରେ ନିର୍ଦ୍ଦେଶିତ ହୋଇଛି । ନିତ୍ୟ ବୈକୁଣ୍ଠର ବର୍ଣ୍ଣନା ଓଡ଼ିଆ କବିମାନଙ୍କର ଲେଖାରେ ମିଳେ ।

ଭଗବାନଙ୍କ ଧାମ 'ବୃନ୍ଦାବନ' ସମ୍ବନ୍ଧରେ ମଧ୍ୟ ବହୁ ବର୍ଣ୍ଣନା ଦେଖାଯାଏ । ବହୁ ଓଡ଼ିଆ କବି ବୃନ୍ଦାବନ ଧାମର ବର୍ଣ୍ଣନା ସରସ ପଦାବଳୀରେ ଦେଇଛନ୍ତି ।

ବୃନ୍ଦାବନର ରାସଲୀଳାକୁ ବୈଷ୍ଣବମାନେ ନିତ୍ୟବୈକୁଣ୍ଠ ଲୀଳା ବୋଲି ବିଶ୍ୱାସ କରନ୍ତି ।

ବହୁ ଓଡ଼ିଆ କବି ପୁରୁଷୋତ୍ତମ ଧାମକୁ ଭଗବାନଙ୍କ ଧାମ ନିର୍ଦ୍ଦେଶ କରି ଏଠାରେ ଭଗବାନଙ୍କର ଲୀଳା ନିତ୍ୟବୈକୁଣ୍ଠ ଲୀଳା ବୋଲି ପ୍ରତିପାଦନ କରିଛନ୍ତି ।

ଭଗବତ୍ ଧାମ ବୃନ୍ଦାବନରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ସହିତ ରାସଲୀଳାର ଗୂଢ଼ତତ୍ତ୍ୱ ଶ୍ରଦ୍ଧା ବୈଷ୍ଣବମାନେ ବିଶ୍ୱାସ କରନ୍ତି । ଶିବ

ପାର୍ବତୀଙ୍କୁ ବୃନ୍ଦାବନର ରାସର ଗୂଢ଼ତତ୍ତ୍ୱ ସମ୍ବନ୍ଧରେ 'ସ୍ୱଶୋଲ୍ଲାସ ତନ୍ତ୍ର'ରେ କହୁଛନ୍ତି—

ଶରୀରେ ଦେହିନାଂ ଯଥା ସ୍ଥୂଳଂ ସୂକ୍ଷ୍ମଂ ଚ କାରଣମ୍
ତଥୈବାନ୍ୟତ୍ ଦେହଂ ଜ୍ଞେୟଂ ଭାବଦେହଂ ପ୍ରକୀର୍ତ୍ତିତମ୍ ।

କୃପାଲଭ୍ୟମିଦଂ ଦେହଂ ସଜ୍ଜନଂ ଜନ୍ମ ଜନ୍ମନ
ଅଥବା ସାଧନାଲଭ୍ୟଂ କଦାପି ବା ମହେଶ୍ୱର ।

ନ ସଗୁଣଂ ନିର୍ଗୁଣଂ ବା ଦେହମିଦଂ ପରାତ୍ମକମ୍
କୁତ୍ରାପି ନହି ଦ୍ରଷ୍ଟବ୍ୟଂ ଲୋକେ ବୃନ୍ଦାବନଂ ବିନା ।

ସଙ୍ଗତଂ ସହ କୃଷ୍ଣେନ ଗୋପୀନାଂ ଚରିତଂ ଚ ଯତ୍
ତତ୍ କାମାଦକାମାଦ୍ୱା ଭାବଦେହେନ ତଦ୍ଭୁକ୍ତମ୍ ।

( ସ୍ୱଶୋଲ୍ଲାସ ତନ୍ତ୍ର )

ଶରୀରରେ ସ୍ଥୂଳ, ସୂକ୍ଷ୍ମ, କାରଣ ଭେଦରେ ଯେପରି ଦେହ ବର୍ଣ୍ଣିତ ହୋଇଥାଏ ସେହିପରି ଅନ୍ୟ ଏକ ଦେହ 'ଭାବଦେହ' ମଧ୍ୟ ଏହି ଶରୀରରେ ଅଛି । ଏହି ଭାବଦେହ କୃପାଲବ୍ଧ । ଏହା ଜନ୍ମଜନ୍ମାନ୍ତରେ ସଜ୍ଜନରେ ମଧ୍ୟ ଲବ୍ଧ ହୁଏ । ଅଥବା, ହେ ମହେଶ୍ୱର ! କେବେ କେବେ ଏହି ଭାବଦେହ ସାଧନାଲବ୍ଧ ମଧ୍ୟ ହୁଏ । ଏହି ଭାବଦେହ ସଗୁଣ ନୁହେଁ କି ନିର୍ଗୁଣ ନୁହେଁ, ଏହା ପରମାତ୍ମକ । ବୃନ୍ଦାବନ ବିନା ଲୋକରେ ଅନ୍ୟ କୌଣସିଠାରେ ଏହା ଦେଖାଯାଏ ନାହିଁ । କୃଷ୍ଣଙ୍କ ସହ ଗୋପୀମାନଙ୍କର ସଙ୍ଗତ ବା ମିଳନର ଯେଉଁ ଚରିତ ତାହା କାମଜ ନୁହେଁ କି ଅକାମ ମଧ୍ୟ ନଥିଲା,—ଏହା ଭାବଦେହରେ ରଚିତ ହୋଇଥିଲା ।

ଗୋପୀମାନଙ୍କ ସହ ଶ୍ରୀକୃଷ୍ଣଙ୍କ ରମଣ ପ୍ରାକୃତ ଶାରୀରିକ ନଥିଲା । ଏହା କେବଳ ଭାବଦେହର ରମଣ, ଏଥିରେ ଇନ୍ଦ୍ରିୟ ଲାଳସା ନଥିଲା । ଏହା ଧ୍ୟେୟ; ଏହା ହିଁ ଶିବ ପାର୍ବତୀଙ୍କୁ କହୁଛନ୍ତି ।

**ଗୋପୀପ୍ରେମ**—ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କ ସହିତ ପ୍ରେମଲୀଳା କାମ ନାମରେ ପରିଚିତ ହୋଇଥିଲେ ମଧ୍ୟ ପ୍ରକୃତରେ ଏହା କାମ ନୁହେଁ,

ଶୁଦ୍ଧ ପ୍ରେମ ବୋଲି ବୈଷ୍ଣବମାନେ କହନ୍ତି । 'ଗୌତମୀୟ ତନ୍ତ୍ର'ରେ କୁହାଯାଇଛି ଏହା ପ୍ରକୃତରେ କାମ ନୁହେଁ—

ପ୍ରେମୈବ ଗୋପରାମାଣାଂ କାମ ଇତ୍ୟଗମତ୍ ପ୍ରଥାମ୍
ଇତ୍ୟୁଦ୍ଧବାଦୟୋଽପ୍ୟେତେ ବାଞ୍ଛନ୍ତି ଭଗବତ୍ପ୍ରିୟାଃ ।
( ଗୌତମୀୟ ତନ୍ତ୍ର )

କୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ପ୍ରେମ କାମ-ଗନ୍ଧଶୂନ୍ୟ । କାରଣ, ସେମାନେ କୃଷ୍ଣଗତପ୍ରାଣା ଏବଂ କୃଷ୍ଣଙ୍କୁ ଭଗବାନ ବୋଲି ବୁଝି ତାଙ୍କର ସୁଖବର୍ଦ୍ଧନ କରିବା ପାଇଁ ନିଜର ଅଙ୍ଗକୁ ମଧ୍ୟ ସମର୍ପଣ କରିବାରେ କୁଣ୍ଠାବୋଧ କରିନାହାନ୍ତି । ନିଜ ଇନ୍ଦ୍ରିୟସୁଖ ଗୋପୀମାନଙ୍କର ବାଞ୍ଛା ନଥିଲା । ନିଜ ଇନ୍ଦ୍ରିୟସୁଖେଚ୍ଛାର ଅଭିଳାଷ ଥିଲେ ଏହା କାମ ନାମରେ ପରିଚିତ ହୁଅନ୍ତା । ଏହାର ଶୂନ୍ୟତା ଯୋଗୁଁ ଏହି ପ୍ରେମ ଶୁଦ୍ଧ ପ୍ରେମ ବା ଶୁଦ୍ଧ ଅନୁରାଗ ।

ନିଜେନ୍ଦ୍ରିୟ ସୁଖହେତୁ କାମରେ ତାତ୍ପର୍ଯ୍ୟ
କୃଷ୍ଣସୁଖେର ତାତ୍ପର୍ଯ୍ୟ ଗୋପୀଭାବ ବର୍ଯ୍ୟ ।
ନିଜେନ୍ଦ୍ରିୟ ସୁଖବାଞ୍ଛା ନାହି ଗୋପୀକାର
କୃଷ୍ଣସୁଖ ହେତୁ କରେ ସଙ୍ଗମ ବିହାର ।
ଆତ୍ମସୁଖ-ଦୁଃଖ ଗୋପୀ ନା କରେ ବିଚାର
କୃଷ୍ଣସୁଖ ହେତୁ କରେ ସବ ବ୍ୟବହାର ।
କୃଷ୍ଣ ବିନା ଆର ସବ କରି ପରିତ୍ୟାଗ
କୃଷ୍ଣସୁଖ ହେତୁ କରେ ଶୁଦ୍ଧ ଅନୁରାଗ ।
( ଶ୍ରୀଚୈତନ୍ୟଚରିତାମୃତ )

ଭଗବଦ୍‌ଗୀତାରେ ସ୍ୱୟଂ ଭଗବାନ କୃଷ୍ଣ ଆତ୍ମଜ୍ଞ ଭକ୍ତ ସମ୍ବନ୍ଧରେ କହୁଛନ୍ତି—

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି । (୬ଷ୍ଠ ଅ । ୩୦)

ଯେଉଁ ବ୍ୟକ୍ତି ମୋତେ ସର୍ବପ୍ରାଣୀ ମଧ୍ୟରେ ଓ ସର୍ବପ୍ରାଣୀଙ୍କୁ ମୋ ମଧ୍ୟରେ ଦେଖନ୍ତି ମୁଁ ତାଙ୍କୁ ଅଦୃଶ୍ୟ ହୁଏ ନାହିଁ କି ସେ ମୋତେ ଅଦୃଶ୍ୟ ହୁଅନ୍ତି ନାହିଁ ।

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ । ( ୯ଅ । ୧୪ )

ସେହିମାନେ ( ମୋର ଭକ୍ତମାନେ ) ସବୁବେଳେ ଏକାନ୍ତଚିତ୍ତରେ (ସ୍ତୋତ୍ର ମନ୍ତ୍ରାଦି ଓ ଆମ୍ଭର ନାମ) କୀର୍ତ୍ତନ କରନ୍ତି । ଏମାନଙ୍କ ଭିତରୁ କେହି କେହି ଦୃଢ଼ ନିଷ୍ଠାରେ ଇନ୍ଦ୍ରିୟମାନଙ୍କୁ ସଂଯମ କରି ଭକ୍ତିଯୁକ୍ତ ଚିତ୍ତରେ ଆମ୍ଭଙ୍କୁ ଉପାସନା କରନ୍ତି । ଆଉ କେହି ବା (ଆମ୍ଭଙ୍କୁ ପରିଖାରେ ଉପାସ୍ୟ ମଣି) ଭକ୍ତିରେ ଆରାଧନା କରନ୍ତି ।

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ । (୧୦ଅ । ୮)

ଆମ୍ଭେ ସମସ୍ତ ଜଗତର କାରଣ ଓ ଆମ୍ଭଠାରୁ ସମସ୍ତ ଉତ୍ପନ୍ନ ହୁଅନ୍ତି, ଏହା ଜାଣି ପଣ୍ଡିତମାନେ ଆମ୍ଭଙ୍କୁ ପ୍ରୀତିଯୁକ୍ତ ହୋଇ ସେବା କରନ୍ତି (ବା ଭଜନ କରନ୍ତି) ।

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ । (୧୦।୯)

(ସେହି ଭକ୍ତମାନେ) ଆମ୍ଭଠାରେ ଚିତ୍ତ ଓ ପ୍ରାଣ ଅର୍ପଣ କରନ୍ତି, ପରସ୍ପରରେ (ଅନ୍ୟୋନ୍ୟରେ) ଆମ୍ଭ କଥା ବୁଝାନ୍ତି, କୀର୍ତ୍ତନ କରନ୍ତି । ଏହାଦ୍ୱାରା ସେମାନେ ସର୍ବଦା ସନ୍ତୋଷପ୍ରାପ୍ତ ହୁଅନ୍ତି, ପୁଣି ଶାନ୍ତିସୁଖ ଅନୁଭବ କରନ୍ତି ।

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ । (୧୦ । ୧୦)

ସେହି ସର୍ବଦା ଭକ୍ତିଭାବଯୁକ୍ତ ଭଜନକାରୀମାନଙ୍କୁ ଆମ୍ଭେ ବୁଦ୍ଧିଯୋଗ (ବା ତତ୍ତ୍ୱଜ୍ଞାନର ଉପାୟ) ପ୍ରଦାନ କରୁ । ଏହି ବୁଦ୍ଧିଯୋଗଦ୍ୱାରା ସେମାନଙ୍କ ବୁଦ୍ଧି ନିର୍ମଳ ହୋଇ ସେମାନେ ଆମ୍ଭଙ୍କୁ ପ୍ରାପ୍ତ ହୁଅନ୍ତି ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ । (୧୮ଅ । ୬୫)

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । (୧୮।୬୬)

"ହେ ଅର୍ଜୁନ, ତୁମ୍ଭେ ଆମ୍ଭଠାରେ ମନ୍ମନା ବା ମଚ୍ଚିତ୍ତ ହୁଅ (ଅର୍ଥାତ୍ ଆମ୍ଭଠାରେ ମନୋନିବେଶ କର ବା ନିବିଷ୍ଟଚିତ୍ତ ହୁଅ), ମଦ୍ଭକ୍ତ (ବା ଭଜନଶୀଳ) ହୁଅ, ମଦ୍ୟାଜୀ ହୁଅ, ଆମ୍ଭ ଉଦ୍ଦେଶ୍ୟରେ ଯଜନଶୀଳ ହୁଅ (ଅର୍ଥାତ୍ ଯାଗାଦି ଅନୁଷ୍ଠାନ କର), ଆମ୍ଭଙ୍କୁ ନମସ୍କାର କର । ଏହା ସତ୍ୟ । ଆମ୍ଭେ ପ୍ରତିଜ୍ଞା କରି କହୁଛୁ ଏହି ଆଚରଣ ବା ସୁନିଷ୍ଠା ଦ୍ୱାରା (ତୁମ୍ଭେ ମୋର ପ୍ରସାଦରୁ ଲାଭ କରିଥିବା ଜ୍ଞାନଦ୍ୱାରା) ତୁମ୍ଭେ ଆମ୍ଭଙ୍କୁ ନିଶ୍ଚୟ ପ୍ରାପ୍ତ ହେବ । କାରଣ, ତୁମ୍ଭେ ଆମ୍ଭର ପ୍ରିୟ ଅଟ ।"

"ତୁମ୍ଭେ ସକଳ ପ୍ରକାର ଧର୍ମପରିତ୍ୟାଗ କରି ଏକମାତ୍ର ଆମ୍ଭଠାରେ ଶରଣ ପଶ । ତୁମ୍ଭଙ୍କୁ ଆମ୍ଭେ ସର୍ବପାପରୁ ମୁକ୍ତ କରିବୁ, ତୁମ୍ଭେ ଶୋକ କର ନାହିଁ ।"

## (୧୧) ଜଗନ୍ନାଥ ଆରାଧନା ଶ୍ରୀକ୍ଷେତ୍ରରେ ସର୍ବଧର୍ମ ସମନ୍ୱୟ ତତ୍ତ୍ୱ

ଦାରୁମୟବ୍ରହ୍ମ—ପୁରୁଷୋତ୍ତମଙ୍କ ଶ୍ରୀକ୍ଷେତ୍ରରେ ଅବସ୍ଥିତ ପରମଗୁହ୍ୟ ପ୍ରସଙ୍ଗ ବୋଲି 'ସ୍କନ୍ଦପୁରାଣ'ର 'ଉତ୍କଳ ଖଣ୍ଡ'ରେ କଥିତ ହୋଇଛି । 'ବ୍ରହ୍ମପୁରାଣ'ରେ ମଧ୍ୟ ଏହାକୁ ପରମ ଗୁହ୍ୟକ୍ଷେତ୍ର ବୋଲି କୁହାଯାଇଛି । ଶ୍ରୀକ୍ଷେତ୍ରରେ ଭଗବାନଙ୍କ ଦାରୁରୂପ ଶରୀର କପଟ ରୂପ ମାତ୍ର । ଧାର୍ମିକଜନମାନଙ୍କୁ

ଅନୁଗ୍ରହ କରିବା ପାଇଁ ଭଗବାନ ଏହି ବ୍ୟାଜ ଶରୀର ଧାରଣ କରିଛନ୍ତି ଏବଂ ଗୋପନସ୍ୱରୂପେ ଅବସ୍ଥାନ କରୁଥିବା ଏହି ଦାରୁମୂର୍ତ୍ତି ହିଁ ଅବ୍ୟକ୍ତ ଆନନ୍ଦ ପ୍ରଦାନ କରୁଛନ୍ତି । ଏହି କାରଣରୁ ବେଦାନ୍ତରେ ଦାରୁମୟ ବ୍ରହ୍ମ ବୋଲି କଥିତ ହୋଇଛନ୍ତି ।

ଦ୍ରଷ୍ଟବ୍ୟଂ ଗୋପିତଂ ସ୍ଥାନଂ ତବ ମୂର୍ତ୍ତି ସୁଦୁର୍ଲଭମ୍
ସୁରାସୁରାଣାଂ ଦୁର୍ଜ୍ଞେୟଂ ମାୟୟାଚ୍ଛାଦିତଂ ମମ । (ସ୍କ: ପୁ: । ଉ: ଖ: ୬ଷ୍ଠ ଅ:)
ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ
ଆସ୍ତେ ଗୁହ୍ୟଂ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶନଂ । (ବ୍ରହ୍ମପୁରାଣ ୪୨ ଅ:)
ବେଦ୍ୟନ୍ତ ଯଦାସ୍ ବ୍ରହ୍ମାଣ ଦଦାତି ସୁଖମବ୍ୟୟଂ
ତସ୍ମାତ୍ତ ଦାରୁମୟଂ ବ୍ରହ୍ମ ବେଦାନ୍ତେଷୁପଗୀୟତେ । (ସ୍କ:ପୁ: । ଉ:ଖ: ୪ର୍ଥ ଅ:)
ଜମ୍ବୁଦ୍ୱୀପେ କର୍ମଭୂମୌ ନୀଳ ସ୍ଥାନ ଇଦଂ ସ୍ମୃତମ୍
ଅନ୍ୟୈର୍ବାଞ୍ଛିତଦୁର୍ଲଭ୍ୟଂ ବ୍ରହ୍ମାଣ୍ଡପ୍ରକାଶୋ'ସ୍ୟ ସର୍ବତଃ । (ଭୂ: ଖ: ୧୬ ଅ:)

ଏହି ଦାରୁରୂପୀ ଭଗବାନଙ୍କ ସମ୍ମୁଖରେ ତର୍କ କରିବା ଅନୁଚିତ । ଭକ୍ତ ଯେ ଯେଉଁ ଭାବରେ ଦର୍ଶନ କରେ ତାକୁ ସେ ସେହି ଭାବରେ ଦେଖାଦିଅନ୍ତି ଏବଂ ଚତୁର୍ବର୍ଗ ଫଳ ଦାନ କରନ୍ତି ।

ପ୍ରଚ୍ଛନ୍ନବପୁରେ ତସ୍ୟୈ ତସ୍ମିନ୍ନାସ୍ୟେ ବସୁବସ୍ତେହି
ଧର୍ମଶାସ୍ତ୍ର ପ୍ରମାଣେନ ଯାଦୃକ୍ଦୃଷ୍ଟିଃ ସ ଏବ ସଃ ।
ଚତୁର୍ବର୍ଗପ୍ରଦୋ ଦେବୋ ଯେ ଯଥା ତଂ ଭଜନ୍ତ୍ୟୁହ । (ଉ: ଖ: ୨୩ ଅ:)

ଏହି ଶ୍ରୀକ୍ଷେତ୍ରରେ ନୀଳମାଧବଙ୍କୁ ଶବରମାନେ ପୂଜା କରୁଥିଲେ । ଏହି ନୀଳମାଧବ ହିଁ ବସ୍ତୁ । ଶ୍ରୀକ୍ଷେତ୍ରରୁ ନୀଳମାଧବଙ୍କ ଅନ୍ତର୍ଦ୍ଧାନ ପରେ ସେ କୃଷ୍ଣ ରୂପରେ ଏଠାରେ ପ୍ରକାଶ ପାଇଲେ । ଏହିଠାରେ ଦାରୁରୂପୀ କୃଷ୍ଣ-ବଳରାମ ସୁଭଦ୍ରା ଓ ସୁଦର୍ଶନ ଚକ୍ର ଅବସ୍ଥାନ କରୁଛନ୍ତି । ଅତଏବ ଏହି ଦାରୁରୂପୀ ଭଗବାନ ଜଗନ୍ନାଥ ହିଁ କୃଷ୍ଣ ।

ରାମଂ କୃଷ୍ଣଂ ସୁଭଦ୍ରାଞ୍ଚ ବାସୁଦେବଂ ସୁଦର୍ଶନମ୍
ଯେଽଶ୍ୱାପବସ୍ତୁ କେଶପାତ ସଂସାରେ ଭୂତସଙ୍କୁଳମ୍ । (ଉ: ଖ: ୧୯ ଅ:)
ବଟସ୍ୟ ଦର୍ଶନଂ ଚୈବ ମୂର୍ତ୍ତିଂ ତସ୍ୟ ଚ ଯେ ଦ୍ୱିଜାଃ
ଦର୍ଶନଂ ବଳଦେବସ୍ୟ କୃଷ୍ଣସ୍ୟ ଚ ବିଶେଷତଃ । (ବ୍ରହ୍ମପୁରାଣ ୪୭ ଅ:)

ବଳଭଦ୍ର, ସୁଭଦ୍ରା, କୃଷ୍ଣ ଓ ସୁଦର୍ଶନ ଏହି ଚାରି ମୂର୍ତ୍ତି ଏକ ଭଗବାନ ବିଷ୍ଣୁଙ୍କ ରୂପ । ବଳରାମ ଓ କୃଷ୍ଣଙ୍କ ଭିତରେ କିଛି ପ୍ରଭେଦ ନାହିଁ; ସୁଭଦ୍ରା ଲକ୍ଷ୍ମୀସ୍ୱରୂପା, ଅତଏବ କୃଷ୍ଣଙ୍କ ଶକ୍ତିସ୍ୱରୂପା । ଭଗବାନ ପୁଂ ନାମରେ ବିଷ୍ଣୁ ଓ ସ୍ତ୍ରୀ ନାମରେ ଲକ୍ଷ୍ମୀ ରୂପରେ ପରିଚିତ; ସୁଦର୍ଶନ ଭଗବାନ ବିଷ୍ଣୁଙ୍କ ଆୟୁଧ, ଆୟୁଧକୁ ସ୍ତମ୍ଭରେ ଧରି ବିଷ୍ଣୁ ସେବନ କରିଛନ୍ତି ।

ସୁଭଦ୍ରା ଚାରୁବଦନା ବରବର୍ଣ୍ଣ-ବପୁଧାରିଣୀ । (ଉ: ଖ: ୧୦ ଅ:)
ଲକ୍ଷ୍ମୀଃ ପ୍ରକୃତିରୂପେଣ ସର୍ବଚୈତନ୍ୟରୂପିଣୀ × (ଉ: ଖ: ୧୧ ଅ:)
ନ ଭେଦସ୍ତତ୍ତ୍ୱତୋ ଦ୍ୱୟୋଃ କୃଷ୍ଣସ୍ୟ ବଳସ୍ୟ ଚ । × (ଉ: ଖ: ୧୩ ଅ:)
ପୁଂନାମ୍ନା ଭଗବାନ୍ ବିଷ୍ଣୁଃ ସ୍ତ୍ରୀନାମ୍ନା କମଳାଳୟା । × (ଉ: ଖ: ୧୪ ଅ:)
ସୁଦର୍ଶନନ୍ତୁ ଯଚ୍ଚକ୍ରଂ ସଦା ବିଷ୍ଣୁ-କରେ ସ୍ଥିତମ୍ । (ଉ: ଖ: ୧୯ ଅ:)

ଏହି ଚତୁର୍ଦ୍ଧାମୂର୍ତ୍ତିହିଁ ଚତୁର୍ବ୍ୟୂହ—ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ । ଏକ ଦାରୁବ୍ରହ୍ମରୁ ଚାରି ମୂର୍ତ୍ତି ହୋଇଥିବାରୁ ଏମାନଙ୍କୁ (ପାଞ୍ଚରାତ୍ର ବିଧାନ ଅନୁସାରେ) ପୁରୁଷୋତ୍ତମଙ୍କ ଚତୁର୍ବ୍ୟୂହ ବୋଲି କଳ୍ପନା କରାଯାଇଛି; ସୁଭଦ୍ରା ଓ ସୁଦର୍ଶନଙ୍କ ବଦଳରେ ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ସ୍ଥାନ ପାଇଛନ୍ତି । ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତ୍ତମଙ୍କୁ ଏହି ସ୍ୱରୂପରେ ମଧ୍ୟ ପୂଜା କରିଥିବା ବ୍ରହ୍ମପୁରାଣରୁ ଜଣାଯାଏ ।

ପାଞ୍ଚରାତ୍ର ବିଧାନେନ ସଂପୂଜ୍ୟ ପୁରୁଷୋତ୍ତମମ୍ । (ବ୍ର: ପୁ: ୪୮ ଅ:)
ବାସୁଦେବ ନମସ୍ତେଽସ୍ତୁ ନମସ୍ତେ ମୋକ୍ଷକାରଣ ।...
ସଙ୍କର୍ଷଣ ନମସ୍ତେଽସ୍ତୁ ତ୍ରାହି ମାଂ ଧରଣୀଧର ।
ନମସ୍ତେ ହେମଗର୍ଭାଭ ନମସ୍ତେ ମକରଧ୍ୱଜ ।
ଅନିରୁଦ୍ଧ ନମସ୍ତେଽସ୍ତୁ ତ୍ରାହି ମାଂ ବରଦୋ ଭବ । (ବ୍ର: ପୁ: ୪୯ ଅ:)

**ବ୍ରହ୍ମା, ବିଷ୍ଣୁ ଓ ଶିବ**—ଓଡ଼ିଆ କବିମାନେ ଜଗନ୍ନାଥଙ୍କୁ ବହୁ ଦିଗରୁ ଦେଖିଛନ୍ତି । ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ରରେ ବଳରାମ, କୃଷ୍ଣ ଓ ସୁଭଦ୍ରା ଶିବ, ବିଷ୍ଣୁ ଓ ବ୍ରହ୍ମା ରୂପରେ ବିରାଜମାନ କରିଛନ୍ତି ବୋଲି ପ୍ରଥମ ଓଡ଼ିଆ ମହାକବି ଶାରଳା ଦାସ ଲେଖିଛନ୍ତି ।

ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା
ଶ୍ରୀ ପୁରୁଷୋତ୍ତମେ ବିଜେ ହରି ହର ବ୍ରହ୍ମା । (ମହାଭାରତ)

ବ୍ରହ୍ମା ଶାପରେ ସୁଭଦ୍ରା ରୂପ ଧାରଣ କରିଛନ୍ତି ବୋଲି ମଧ୍ୟ ସେ କହିଛନ୍ତି ।

ପଞ୍ଚସଖାର ଯଶୋବନ୍ତ ଦାସ 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ଯୋଗମାୟାଙ୍କ ଶାପରୁ ବ୍ରହ୍ମା ପୁରୁଷୋତ୍ତମରେ ସୁଭଦ୍ରା ରୂପେ ବିଷ୍ଣୁ ଓ ଶିବଙ୍କ ସହିତ ରହିଲେ; ବିଷ୍ଣୁ ଜଗନ୍ନାଥ, ଶିବ ବଳଭଦ୍ର । ବିଷ୍ଣୁ କହୁଛନ୍ତି—

ରୁଦ୍ର ରୁଦ୍ର ବଳଭଦ୍ର ରୂପ, ଅଛନ୍ତି ଅନନ୍ତ ସ୍ୱରୂପ ।
ଆମ୍ଭେ ଶ୍ରୀ ଜଗନ୍ନାଥ ଦେହ, ବ୍ରହ୍ମା ସୁଭଦ୍ରା ହୋଇ ରହି ।
( ପ୍ରେ. ଭ. ବ୍ର. ଗୀ. )

ଶିଖର ଦାସ ଲେଖିଛନ୍ତି ଯେ ଦ୍ୱାପରଯୁଗରେ ଗୋପରେ ଗୋପାଳମାନଙ୍କର ଗୋଧନକୁ ବ୍ରହ୍ମା ଚୋରାଇ ନେବାରୁ କୃଷ୍ଣ ବ୍ରହ୍ମାଙ୍କୁ ଶାପ ଦେଲେ । ଏହି ଶାପବଳରୁ ବ୍ରହ୍ମା କଳିଯୁଗରେ ପୁରୁଷୋତ୍ତମରେ କୃଷ୍ଣ ଓ ବଳରାମ ସଙ୍ଗେ ସୁଭଦ୍ରା ରୂପରେ ପୂଜା ପାଇଲେ । କୃଷ୍ଣ ବ୍ରହ୍ମାଙ୍କୁ ଶାପ ଦେଇ କହିଲେ—

ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ
ଏ ମୋର ଶାପ୍ୟ ତ ମେଣ୍ଟିବ ନାହିଁ ।
ରୂପେତ ପୂଜା ପାଇବୁ ଭାଇ ସଙ୍ଗତେ
ନ ଛାଡ଼ିବେ ବୋଲି ବୋଲିବେ ସୁଭଦ୍ରେ । (ନୀଳସୁନ୍ଦର ଗୀତା)

**ଶିବ, ବିଷ୍ଣୁ ଓ ଦୁର୍ଗା**—ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଶିବ, ବିଷ୍ଣୁ ଓ ଦୁର୍ଗା ରୂପରେ ମଧ୍ୟ କଳ୍ପନା କରାଯାଇଛି । ସୁଭଦ୍ରା ଶିବରୂପୀ ବଳଭଦ୍ରଙ୍କର ଶକ୍ତି ।

ସଦାନନ୍ଦପଦର୍ଦେବୋ ଜଗନ୍ନାଥୋ ଜନାର୍ଦ୍ଦନଃ
ଅନ୍ନପୂର୍ଣ୍ଣା ସୁଭଦ୍ରାଖ୍ୟା ଭୈରବୀ ନାମ ମୁକ୍ତିଦେତ୍ରୁ । ଉତ୍କଳଖଣ୍ଡ ।

ହରିହର—ପୁରୁଷୋତ୍ତମ କ୍ଷେତ୍ରରେ ହରିହର ପୂଜାର ପ୍ରାଧାନ୍ୟକୁ ବ୍ରହ୍ମପୁରାଣ ଉଲ୍ଲେଖ କରିଅଛନ୍ତି । ପ୍ରଥମେ ଶ୍ରୀକ୍ଷେତ୍ର ବୈଷ୍ଣବକ୍ଷେତ୍ର ଥିଲା । ଏଣୁ କାରଣରୁ ଶୈବମାନଙ୍କର ଆଶଙ୍କା ଦୂର କରିବାପାଇଁ ମାର୍କଣ୍ଡେଶ୍ୱରଙ୍କ ପୂଜା ବିଧାନ ହେଲା । ଫଳରେ ହରିହର ପୂଜା ପ୍ରଚଳିତ ହୋଇ ସାମ୍ପ୍ରଦାୟିକ ଐକ୍ୟ ପ୍ରତିଷ୍ଠିତ ହେଲା ।

ଶୈବ ଭାଗବତାନାଞ୍ଚ ବାଦାର୍ଥ ଦ୍ୱନ୍ଦ୍ୱଶୋଧନମ୍
ଅସ୍ମିନ୍ କ୍ଷେତ୍ରବରେ ପୁଣ୍ୟେ ନିର୍ମିତେ ପୁରୁଷୋତ୍ତମେ ।

ଶିବସ୍ୟାୟତନଂ ଦେବ କରିଷ୍ୟେ ପରମଂ ମହତ୍
ପ୍ରତିଷ୍ଠେୟ୍ୟ ତଥା ତତ୍ର ତବ ସ୍ଥାନେ ଚ ଶଙ୍କରମ୍ ।

ତତୋ ଜ୍ଞାସ୍ୟନ୍ତି ଲୋକେଽସ୍ମିନ୍ନେକମୂର୍ତ୍ତି ହରୀଶ୍ୱରୌ
ପ୍ରସୀଦାତ ଜଗନ୍ନାଥଃ ସମ୍ପୂର୍ଣ୍ଣଂ ମନ୍ତ୍ରାମୂଢ଼ । (ବ୍ରହ୍ମପୁରାଣ । ୫୭ଅ)

ବିମଳାଙ୍କ ଅବସ୍ଥିତି ଯୋଗୁଁ ଏହା ଏକ ପ୍ରଧାନ ଶକ୍ତିପୀଠ ରୂପେ ମଧ୍ୟ ବିବେଚିତ ହୋଇ ଆସୁଅଛି ।

ଯୁଗେ ଯୁଗେ ପୁରୁଷୋତ୍ତମ କ୍ଷେତ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା ପ୍ରଭୃତି ପୂଜା ପାଇ ଆସୁଥିବାରୁ ବୈଷ୍ଣବ, ଶୈବ, ଶାକ୍ତ ସମ୍ପ୍ରଦାୟ ନିର୍ବିଶେଷରେ ଭକ୍ତମାନେ ଏହାକୁ ଏକ ପ୍ରଧାନ ପୀଠ ବୋଲି ଗଣି ଆସୁଛନ୍ତି । ଜ୍ୟେଷ୍ଠମାସ ପୂର୍ଣ୍ଣିମା ଦିନ ସ୍ନାନପର୍ବରେ ଜଗନ୍ନାଥ ଗଣେଶ ବେଶ ପରିଧାନ କରି ଗାଣପତ୍ୟମାନଙ୍କର ମଧ୍ୟ ଆନନ୍ଦବର୍ଦ୍ଧନ କରନ୍ତି । ସୌରମାନେ ସୁଦର୍ଶନଙ୍କୁ ସ୍ୱୟଂ ସୂର୍ଯ୍ୟରୂପେ ପୂଜା କରୁଥିବାରୁ ସୌରମାନେ ଏହାକୁ ସେମାନଙ୍କର ଏକ ପ୍ରଧାନ ପୀଠ ବୋଲି ଗଣନା କରନ୍ତି । ପୂଜା ଓ ଆରାଧନାରେ ସର୍ବ ସମ୍ପ୍ରଦାୟ ସମନ୍ୱୟ ପନ୍ଥା ଏଠାରେ ପରିଲକ୍ଷିତ ହେଉଥିବାରୁ ଏ କ୍ଷେତ୍ର ସର୍ବ ସମ୍ପ୍ରଦାୟ ପକ୍ଷରେ ପବିତ୍ର ବୋଲି ବିବେଚିତ ହେଉଛି ।

ଜଗନ୍ନାଥ ନିରାକାର ବ୍ରହ୍ମ, ସ୍ୱୟଂ ପୁରୁଷୋତ୍ତମ, ଅବତାରୀ ଓ ଶ୍ରୀକ୍ଷେତ୍ର ନିତ୍ୟ–ବୈକୁଣ୍ଠ ବୋଲି ଓଡ଼ିଆ କବିମାନେ ବହୁତ ଲେଖିଅଛନ୍ତି । ଜଗନ୍ନାଥ-ତତ୍ତ୍ୱକୁ ବହୁ ଦିଗରୁ ଆଲୋଚନା କରି କବିମାନେ ଏକ ସୁଷ୍ଠୁ ରୂପ ଅର୍ପଣ କରିଅଛନ୍ତି ।

ଜଗନ୍ନାଥ ନିତ୍ୟ ରାଧା ଓ ନିତ୍ୟ କୃଷ୍ଣଙ୍କ ଏକାଙ୍ଗ ମୂର୍ତ୍ତି, ଜଗନ୍ନାଥଧାମ ନିତ୍ୟ ଗୋଲକ ବୃନ୍ଦାବନ ତତ୍ତ୍ୱ ପ୍ରତିପାଦନ କରି ଓଡ଼ିଶାର ସାଧକ କବି ଜଗନ୍ନାଥଙ୍କୁ ସର୍ବମତବାଦ-ସମନ୍ୱୟମୂଳକ ରୂପରେ ଚିତ୍ରଣ କରିଅଛନ୍ତି । ଏହି ତତ୍ତ୍ୱର ସ୍ୱରୂପ ପ୍ରକାଶକୁ ବହୁ ଭକ୍ତ ଓ କବି ଅନୁପ୍ରାଣିତ ହୋଇ ଅତି ସୁନ୍ଦର ରଚନା ସୃଷ୍ଟି କରି ଓଡ଼ିଆ ଭାଷାର ପୁଷ୍ଟିସାଧନ କରିଅଛନ୍ତି ।

# ଅଷ୍ଟମ ପରିଚ୍ଛେଦ

## ସୂର୍ଯ୍ୟବଂଶ ଯୁଗ—(ଖ) ପ୍ରତାପରୁଦ୍ର ବା ପଞ୍ଚସଖା ଯୁଗ

## (୧) ବଳରାମ ଦାସ

**ଜୀବନୀ**—ପ୍ରତାପରୁଦ୍ରୀୟ ଯୁଗର ବଳରାମ ଦାସ ଚୈତନ୍ୟଦେବଙ୍କ ଉତ୍କଳୀୟ ପାର୍ଷଦମାନଙ୍କ ଭିତରୁ ଜଣେ । ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ଚୈତନ୍ୟଙ୍କ ପଞ୍ଚସଖା ନାମରେ ଓଡ଼ିଶାରେ ପରିଚିତ । କେତେକ ଗ୍ରନ୍ଥରେ ତାଙ୍କୁ (ବଳରାମ ଦାସଙ୍କୁ) ମତ୍ତ ବଳରାମ ବୋଲି କୁହାଯାଇଥିଲେ ମଧ୍ୟ ମତ୍ତ ବଳରାମଙ୍କଠାରୁ ସେ ଭିନ୍ନ । ମତ୍ତ ବଳରାମ ଜଣେ ବଙ୍ଗୀୟ ବୈଷ୍ଣବ ବୋଲି ଜଣାଯାଏ । ମତ୍ତ ବଳରାମ ବଳରାମ ଦାସଙ୍କ ସମସାମୟିକ ଓ ଉଭୟେ ଚୈତନ୍ୟଦେବଙ୍କ ଭକ୍ତ ।

ବଳରାମ ଦାସଙ୍କ ପ୍ରତି ବଙ୍ଗୀୟ ବୈଷ୍ଣବମାନଙ୍କର ବେଶି ସମ୍ମାନ ଥିବାର ଜଣାଯାଏ । ବଙ୍ଗୀୟ ବୈଷ୍ଣବ ଭକ୍ତ ଓ କବି ଦେବକୀନନ୍ଦନ ଦାସ ବଳରାମଙ୍କ ସମ୍ବନ୍ଧରେ ଲେଖିଛନ୍ତି—

ବନ୍ଦ ଉତ୍କଳିୟା ବଳରାମ ଦାସ ମହାଶୟ
ଜଗନ୍ନାଥ ବଳରାମ ଯାର ବଂଶ ହୟ ।

ଦାସେ ଗୋପାଳଗୁରୁ ଥିବାରୁ ତାଙ୍କୁ ଲକ୍ଷ୍ୟ କରି "ଜଗନ୍ନାଥ ବଳରାମ ଯାର ବଂଶ ହୟ" ଲେଖିଥିବା ଅନୁମାନ କରାଯାଇପାରେ ।

ମହାକବି ଉତ୍କଳ-ବାଲ୍ମୀକି ଶୂଦ୍ରମୁନି ବଳରାମ ଦାସ ଶୂଦ୍ରକୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୋମନାଥ ମହାପାତ୍ର, ମାତାଙ୍କ ନାମ ସମୁଦ୍ରାଦେବୀ ବା ମାଣ୍ଡାଦେବୀ ।

ମୁହିଁ ହୀନ ପାପୀ ବଳେଣ୍ଡ ଶୂଦ୍ର ଯୋନି । (ଲଙ୍କାକାଣ୍ଡ, ରାମାୟଣ)
ତୁ ସୋମନାଥ ଶୂଦ୍ର ସୁତ, ତୁ କହୁ ବେଦାନ୍ତ ଚରିତ । (ଗୁପ୍ତଗୀତା)

ନିଜର ବଂଶ ପରିଚୟ ସମ୍ବନ୍ଧରେ କବି ଲେଖିଛନ୍ତି—

ସୋମନାଥ ମହାପାତ୍ର ବୋଲେ ହୋଇଲି ସମ୍ଭୂତ
ଯାହୁଁ ପିତା ମୋର ବିଷ୍ଣୁରେ ଭକତ ।
ତେଣୁ ଜଗନ୍ନାଥ ଦୟା ମୋତେ କଲେ
ରାମାୟଣ ଗ୍ରନ୍ଥ ମୋ ମୁଖେ ବଖାଣିଲେ । (ଲ. କା. ରାମାୟଣ)

ପୁଣି—ମହାମନ୍ତ୍ରୀବର ସୋମନାଥ ମହାପାତ୍ର
ବଳରାମ ଦାସ ମୁଁ ଯେ ତାହାଙ୍କର ପୁତ୍ର । (ଲଙ୍କାକାଣ୍ଡ)

ପୁଣି—ମହାପାତ୍ର ସୋମନାଥ ତନୟେ, ବଳରାମ ଦାସ ଗୀତାରେ କହେ ।
(ଭଗବଦ୍‌ଗୀତା)

ପିତା ସୋମନାଥଙ୍କୁ 'ମହାମନ୍ତ୍ରୀବର' ରୂପ ବୋଲି ପରିଚିତ କରାଇ-ଥିବାରୁ ଅନୁମାନ କରାଯାଏ, ସୋମନାଥ ଓଡ଼ିଶା ରାଜାଙ୍କର କୌଣସି ସମୟରେ ମନ୍ତ୍ରୀ ଥିଲେ । ଏହି ବଳରାମ ଦାସଙ୍କ ବ୍ରହ୍ମ ଗୁପ୍ତଗୀତାରୁ ସୋମନାଥ ପ୍ରତାପରୁଦ୍ରଙ୍କ ମନ୍ତ୍ରୀ ଥିବାର ଜଣାଯାଏ ।

ପ୍ରତାପରୁଦ୍ର ନାମେ ହେବ ରାଜ୍ୟ, କହିଲି ତୋତେ ଏ କଳି ସମସ୍ତ ।
ସୋମନାଥ ନାମେ ପାତ୍ର ତାହାର, ଅନୁସୂତ ହେବ ତାହାର ଘର ।
ଯମୁନା ନାମେ ଭାର୍ଯ୍ୟା ତାହାର, ଅନନ୍ତ ହେବ ତାର କୁମର ।
( ୬।୪୫ । ବ୍ରହ୍ମ ଗୁ. ଗୀ. )

ବଳରାମଙ୍କ ନିବାସ ସ୍ଥାନ ପୁରୀ ଥିଲା ବୋଲି "ଦାର୍ଢ୍ୟତାଭକ୍ତି"ରେ "ବଳରାମ ଦାସ" ପ୍ରସଙ୍ଗରେ କବି ରାମଦାସ ଲେଖିଛନ୍ତି—

ଭକତଜନ ମଧ୍ୟେ ଯାତ, ମହିମା ଅପାରୁ ଅପାର ।
ନାମ ତା ବଳରାମ ଦାସ, ମହନ୍ତ ସୋମନାଥ ଶିଷ୍ୟ ।
ପୁରୁଷୋତ୍ତମେ ତାର ଘର, କୁଟୁମ୍ବ ସେବକ ନିରନ୍ତର ।
ଉତ୍ତମ କୁଳେ ଅଣ୍ଡେ ଜାତ, ନାଥ ଭୁଲାଇ ଭକ୍ତି କର ।

ଏମନ୍ତେ ଦଣ୍ଡ ଆଠ ଗଲ, ଶୋଚନା ନଯାଇ ତା ମନ ।
ନିରତେ ସୁବିଚାର ଧ୍ୟାୟି ଆନନ୍ଦେ ମତ୍ତ ହୋଇଥାଇ । (୧୪ଶ: ଅ:)

ଦାସେ ଭିକ୍ଷାକରି ଚଳୁଥିବା ଜଣାଯାଏ ନାହିଁ । ସେ ଜଣେ ମନ୍ତ୍ରୀଙ୍କର ପୁତ୍ର ଥିଲେ ବୋଲି ଜଗମୋହନ ଓ ସେ ନିଜେ ଲେଖିଛନ୍ତି ।

**ସମୟ**—ବଳରାମ ଦାସ କେଉଁ ସମୟଠାରୁ କେଉଁ ସମୟ ପର୍ଯ୍ୟନ୍ତ ଜୀବିତ ଥିଲେ, ତାହା ଠିକ୍‌ରୂପେ କହିବା ପାଇଁ ବିଶେଷ କିଛି ଉପାଦାନ ମିଳୁନାହିଁ । ଶ୍ରୀଚୈତନ୍ୟଦେବ, ପ୍ରତାପରୁଦ୍ର ଦେବ ଓ ଜଗନ୍ନାଥ ଦାସଙ୍କ ସମସାମୟିକ ଅଚ୍ୟୁତାନନ୍ଦଙ୍କ 'ଛଦଶ କାହାଣୀ'ରୁ ବଳରାମ ଦାସ ଖ୍ରୀ: ୧୪୮୪ରେ ଜନ୍ମଲାଭ କରିଥିବା ଜଣାଯାଏ ।

"ବେଦାନ୍ତସାର ଗୁପ୍ତଗୀତା" ପ୍ରତାପରୁଦ୍ରଙ୍କର ୧୭ଶ ଅଙ୍କରେ ବା ଖ୍ରୀ: ୧୫୦୯-୧୦ରେ ଲିଖିତ ହୋଇଥିବାର ଅନୁମାନ କରାଯାଏ । ସେହି ବର୍ଷ ପୁରୀ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ରାଜା ଓ ବ୍ରାହ୍ମଣମାନଙ୍କୁ ବଳରାମ ଦାସ ବେଦାନ୍ତତତ୍ତ୍ୱ ଶୁଣାଇଥିଲେ । ସେତେବେଳକୁ ଦାସଙ୍କୁ ୨୫-୨୬ ବର୍ଷ ବୟସ ହୋଇଥିଲା । ରାମାୟଣ ଲେଖା ଏହାପରେ ୩୧ ବର୍ଷ ବୟସ ସମୟରେ ଅର୍ଥାତ୍ ଖ୍ରୀ: ୧୫୧୬-୧୭ରେ ଶେଷ ହୋଇଥିଲା ।

ରୁଦ୍ର ଅଂଶରେ ଗଜପତି, ପ୍ରତାପରୁଦ୍ର ଦେବ ନୃପତି ।
ତାହାର ସପ୍ତଦଶ ଅଙ୍କ, ମକରମାସ ଶୁକ୍ଳପକ୍ଷେ । ( ବେ: ସା: ଗୁ: ଗୀ: )

ସେତେବେଳକୁ ପ୍ରତାପରୁଦ୍ର ଦେବ ଚୈତନ୍ୟଦେବଙ୍କୁ ଗୁରୁ ବୋଲି ମାନି ସାରିଥିଲେ ।

ଚୈତନ୍ୟ ଗୁରୁ ଯେ ମୋହର, ପରମ ଗୁରୁ ଗୁରୁଙ୍କ ମୋର । ( ୩୬ଶ )

## ମୁକ୍ତିମଣ୍ଡପରେ ପରୀକ୍ଷା—

ଜଟିଳ ବେଦାନ୍ତତତ୍ତ୍ୱକୁ ସହଜଭାବରେ ଶୂଦ୍ର ବଳରାମ ଦାସ ବ୍ରାହ୍ମଣ ପଣ୍ଡିତମାନଙ୍କୁ ସ୍ୱୟଂ ଉତ୍କଳାଧିପତି ପ୍ରତାପରୁଦ୍ରଙ୍କ ସମ୍ମୁଖରେ, ତାହା ପୂର୍ଣ୍ଣ

ମୁକ୍ତିମଣ୍ଡପରେ ବ୍ୟାଖ୍ୟା କରିବା ଦାସଙ୍କ ଜୀବନର ଏକ ପ୍ରଧାନ ଘଟଣା । ଏହି ପ୍ରସଙ୍ଗ "ବେଦାନ୍ତସାର ଗୁପ୍ତଗୀତା"ରେ ପ୍ରକାଶ ପାଇଛି । ମହାରାଜା ପ୍ରତାପରୁଦ୍ର ଗଜପତିଙ୍କର ୧୭ (ସତର) ଅଙ୍କ ଅର୍ଥାତ୍ ଖ୍ରୀ: ୧୫୦୯-୧୦ରେ ମକର ମାସ ଶୁକ୍ଳପକ୍ଷ ଏକାଦଶୀ ଗୁରୁବାର ଦିନ ମୁକ୍ତିମଣ୍ଡପରେ ବଇଷ୍ଣ ବ୍ରାହ୍ମଣ ପଣ୍ଡିତମାନଙ୍କର ସଭା ବସିଥିଲା । ପଣ୍ଡିତପ୍ରବର ପୁରନ୍ଦର ପୁରୋହିତ ବିଦ୍ୟାବାଗୀଶ ବଳଭଦ୍ର ରାଜଗୁରୁଙ୍କୁ ପ୍ରଣବର ଜନ୍ମ ସମ୍ବନ୍ଧରେ ପଚାରିଲେ । ରାଜଗୁରୁ ହସି ହସି ଉତ୍ତର ଦେଲେ—"ପ୍ରଣବ ନିର୍ବାଣରୁ ଜନ୍ମ ହେଲା ।" ଏହି ଉତ୍ତରରେ ପୁରୋହିତ ସନ୍ତୁଷ୍ଟ ନ ହୋଇ କହିଲେ, "ଅର୍ଦ୍ଧମାତ୍ରାରେ ଭେଦ ହୋଇ, ପ୍ରଣବ ବିସ୍ତରିଲା ଯାଇ ।" ପୁରୋହିତଙ୍କ ଉତ୍ତରରେ ରାଜଗୁରୁ କଳକୋଳ ଆରମ୍ଭ କଲେ । ସଭାରେ ଗଣ୍ଡଗୋଳ ଆରମ୍ଭ ହେଲା । ବଳରାମ ଦାସ ବ୍ରାହ୍ମଣ ବେଶରେ ସେଠାରେ ଉପସ୍ଥିତ ଥିଲେ । ବିପ୍ରମାନଙ୍କୁ କହିଲେ—

ଚଣ୍ଡୀରେ ମାର୍କଣ୍ଡ ଋଷି, ଅର୍ଦ୍ଧମାତ୍ରାକୁ ଯେ କହେଛି ।
ଗୀତାରେ ଅର୍ଦ୍ଧମାତ୍ରା ହୋଇ, କହିଛନ୍ତି ଯେ ନିତ୍ୟ ଶଙ୍କର ।
ଓଁକାର ବର୍ତ୍ତୁଳେ ନ ମିଶଇ, ଏମନ୍ତେ ବେଦାନ୍ତ ବୋଲଇ ।
(ବେ: ସା: ଗୁ: ଗୀ)

ବ୍ରାହ୍ମଣମାନେ ବଳରାମ ଦାସଙ୍କର ଏହି ଉତ୍ତର ଶୁଣି କ୍ରୋଧ ପ୍ରକାଶ କଲେ ଓ ତାଙ୍କୁ ଅନେକ ଭର୍ତ୍ସନା କଲେ ।

ତା ଶୁଣି ବିପ୍ରେ କଲେ ଭଣ୍ଡ, ବହୁତ ଦେଲେ ମୋତେ ଗାଳି ।
ତୁ ସୋମନାଥ ଶୂଦ୍ର ସୁତ, ତୁ କହୁ ବେଦାନ୍ତ ଚରିତ ।
ତୁ ଶୁଦ୍ଧ ମୂଢ଼ ହୀନ ଜନ, ତୁ କହୁ ବେଦାନ୍ତ ବିଧାନ । (ବେ:ସା:ଗୁ:ଗୀ:)

ନାନା ପ୍ରକାର ଉପହାସ କରିବା ପରେ ବ୍ରାହ୍ମଣମାନେ ରାଜାଙ୍କଠାରେ ଦାସଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ପ୍ରତାପରୁଦ୍ର ଦାସଙ୍କ ଉପରେ ରାଗିଲେ ଏବଂ ତାଙ୍କୁ ଅନେକ ଗାଳି ଦେଲେ । ବ୍ରାହ୍ମଣମାନେ ମଧ୍ୟ ଉପହାସ କଲେ । ବଳରାମ ଦାସ କ୍ରୋଧରେ ଅଧୀର ହୋଇ ରାଜାଙ୍କୁ କହିଲେ—

ଶୁଣ ନୃପତି ଶିରୋମଣି, ହାସ କରୁଛୁ କିମ୍ପା ପୁଣି ?
ମୁଁ କିମ୍ପା କହିବି ବେଦାନ୍ତ, ରାଜନ ଶୁଣ ଏହୁ ତତ୍ତ୍ୱ ।
ଯା ଶିରେ ମୋ କର ଲାଗିବ, ତା ମୁଖୁଁ ବେଦାନ୍ତ କହିବ ।
କାଲି ପ୍ରଭାତେ ଦେଖ ରାଜା, ବେଦ-ବେଦାନ୍ତ-ଶାସ୍ତ୍ର ଚର୍ଚ୍ଚା ।
(ବେ: ସା: ଗୁ: ଗୀ:)

ଦାସଙ୍କଠାରୁ ରାଜା ଏହା ଶୁଣି ଜଗନ୍ନାଥ ମନ୍ଦିର ବେଢ଼ା ଭିତରେ କୋଇଲି ବୈକୁଣ୍ଠରେ ତାଙ୍କୁ ବନ୍ଦୀ କରି ରଖିଲେ । ବଳରାମ ଦାସ ବନ୍ଦୀ ଅବସ୍ଥାରେ ରହି ଜଗନ୍ନାଥଙ୍କୁ ତାଙ୍କର ମାନ ରଖିବା ପାଇଁ ବହୁତ ପ୍ରାର୍ଥନା କଲେ । ଭକ୍ତବତ୍ସଳ ଜଗନ୍ନାଥ ବଳରାମ ଦାସଙ୍କ ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି ଆଜ୍ଞା ଦେଇ କହିଲେ । ପରଦିନ ପ୍ରଭାତ ସମୟରେ ରାଜା ଓ ବ୍ରାହ୍ମଣମାନେ ମନ୍ଦିରକୁ ଆସିଲେ । ପରୀକ୍ଷା ନିମନ୍ତେ ବ୍ରାହ୍ମଣମାନେ ହରିଦାସ ନାମକ ଜଣେ ମୂର୍ଖକୁ ସାଙ୍ଗରେ ଆଣିଥିଲେ ।

ଏମନ୍ତ ବୋଲି ଦ୍ୱିଜଗଣେ । ଆଣିଲେ ଏକ ମୂର୍ଖ ଜଣେ ।
ନାଶେଧ ବର୍ଣ୍ଣ, ମୂର୍ଖ, ଜଡ଼ । ବାତୁଳ, ଅଜ୍ଞାନ ସେ ମୂଢ଼ । (ବେ:ସା:ଗୁ:ଗୀ:)

ବଳରାମ ଦାସ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରି ହରିଦାସ ମୁଣ୍ଡରେ ହାତଦେଇ କହିଲେ—

"ବୋଇଲି ହରିଦାସ ଶୁଣ । ବେଦାନ୍ତ ଶାସ୍ତ୍ର ବୁଝାଇଣ ।
ରାଜାଙ୍କୁ କହ ଜ୍ଞାନ କାଣ୍ଡ । ଛାଡ଼ି ଏମାନଙ୍କର କପଟ ।"

ହରିଦାସ ବଳରାମ ଦାସଙ୍କ ଆଜ୍ଞା ପ୍ରମାଣେ ବେଦାନ୍ତ କହିବାକୁ ଆରମ୍ଭ କଲେ । ରାଜା ଓ ବିପ୍ରମାନେ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଦାସଙ୍କ ମହିମାରେ ମୁଗ୍ଧ ହୋଇ ଜନେ ବେଦାନ୍ତ କହିବା ପାଇଁ ପ୍ରାର୍ଥନା କଲେ । ସେମାନଙ୍କ ପ୍ରାର୍ଥନାକୁ ରକ୍ଷା କରି ରାଜା ଓ ବିପ୍ରମାନଙ୍କୁ ମୁକ୍ତିମଣ୍ଡପଠାରେ ବଳରାମ ଦାସ ବେଦାନ୍ତ ସମ୍ବନ୍ଧରେ ଯାହା ଯାହା କହି ଯାଇଥିଲେ, ସେସବୁ "ବେଦାନ୍ତସାର ଗୁପ୍ତଗୀତା"ରେ ଲିପିବଦ୍ଧ ହୋଇ ରହିଛି । ବଳରାମଙ୍କଠାରୁ ପ୍ରତାପରୁଦ୍ର ବେଦାନ୍ତ ଶୁଣି ପରମ ପ୍ରୀତ ହୋଇଥିଲେ । ପ୍ରଥମେ ଚୈତନ୍ୟ ଦେବଙ୍କୁ ଗୁରୁ ବୋଲି ମାନି ନେଇଥିଲେ ବୋଲି ବଳରାମଙ୍କୁ ପରମ ଗୁରୁ

ରୂପେ ମାନିଥିଲେ । ଚୈତନ୍ୟ ଦେବଙ୍କ ଉତ୍କଳ ଆଗମନ ପରେ ବଳରାମ ଦାସ ପ୍ରତାପରୁଦ୍ରଙ୍କୁ ବେଦାନ୍ତ ସମ୍ବନ୍ଧରେ ଶିକ୍ଷା ଦେଇଥିବା 'ବେଦାନ୍ତସାର ଗୁପ୍ତଗୀତା'ର କାହାଣୀରୁ ଜଣାଯାଉଛି ।

**ବଳରାମଙ୍କ ଲଙ୍କା ଦର୍ଶନ**—ବଳରାମ ଦାସଙ୍କ ମନରେ ରାବଣ ଓ ସ୍ୱର୍ଣ୍ଣପୁରୀ ଲଙ୍କା ଦେଖିବାର ପ୍ରବଳ ଇଚ୍ଛା ଥାଏ ଏବଂ ଏଥି ନିମନ୍ତେ ସେ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଥାନ୍ତି । ଜଗନ୍ନାଥ ଭକ୍ତର ମନୋବାଞ୍ଛା ଜାଣିପାରି ବଳରାମଙ୍କୁ ଥରେ ଲଙ୍କା ଦେଖାଇବାକୁ ମନସ୍ଥ କଲେ ।

ଜଗନ୍ନାଥ ଦିନେ ଲଙ୍କାପୁରକୁ ବିଜେ କରିବା ପାଇଁ ମନସ୍ଥ କଲେ ଏବଂ ବଳରାମଙ୍କୁ କହିଲେ, "ତୁମ୍ଭେ ସୁଦର୍ଶନଙ୍କୁ ହସ୍ତରେ ଧରି ମୋ ପଛେ ପଛେ ଚାଲ, ଲଙ୍କା ଦର୍ଶନ କରିବ ।" ଧୂପ, ଦୀପ, ଆଳତି ସରିବା ପରେ ପ୍ରଭୁ ଲଙ୍କାକୁ ବିଜେ କଲେ ଓ ବଳରାମ ତାଙ୍କ ପଛରେ ଗଲେ । ଫେରି ଆସିବା ବେଳକୁ ରାତି ଶେଷ ପ୍ରାୟ । ବଳରାମ ଲଙ୍କା ଦେଖିବା ପରେ ପ୍ରଭୁଙ୍କ ମହିମା ଗାନ କରିବାରେ ଏତେ ମଗ୍ନ ହୋଇଗଲେ ଯେ, ସୁଦର୍ଶନଙ୍କୁ ମନ୍ଦିରରେ ରଖିବାକୁ ଏକାବେଳକେ ଭୁଲିଗଲେ । ସକାଳୁ ମନ୍ଦିରରେ ସୁଦର୍ଶନଙ୍କୁ ସେବକମାନେ ନ ଦେଖି ରାଜା ପ୍ରତାପରୁଦ୍ର ଦେବଙ୍କ ଆଗରେ କହିଲେ ଏବଂ ମନ୍ଦିରରେ ଘୋର ବିଶୃଙ୍ଖଳା ଉପସ୍ଥିତ ହେଲା । ବଳରାମ ଦାସ ଏ କଥା ଜାଣିପାରି ନିଜ ପାଖରେ ଚକ୍ର ଥିବା ପ୍ରକାଶ କଲେ । ରାଜା ଏହା ଶୁଣି ଅତି କ୍ରୁଦ୍ଧ ହେଲେ ଏବଂ ବଳରାମଙ୍କୁ ଭର୍ତ୍ସନା କଲେ । ବଳରାମ ଚକ୍ର କିପରି ତାଙ୍କ ନିକଟରେ ଥିଲା, ତାର ଆନୁପୂର୍ବିକ ବର୍ଣ୍ଣନା କଲେ । ମହାରାଜା ଓ ଅନ୍ୟ ଲୋକମାନେ ସମସ୍ତ ବିବରଣ ଶୁଣି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ବଳରାମ ଦାସ ଏ ଘଟଣାଟିକୁ ତାଙ୍କର 'ବଟ ଅବକାଶ'ରେ ସୁନ୍ଦର ରୂପରେ ବର୍ଣ୍ଣନା କରିଅଛନ୍ତି । ବିଶେଷତଃ ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ବୋଲି ଗ୍ରନ୍ଥରେ କିମ୍ବଦନ୍ତୀ ଅଛି । 'ବଟ ଅବକାଶ'ର ବର୍ଣ୍ଣିତ ବିଷୟ ନିମ୍ନରେ ପ୍ରଦତ୍ତମାନ ହୁଏ ।

**ବାଲିରଥ**—ଥରେ ପୁରୀର ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଉପରକୁ ବଳରାମ ଦାସ ଚଢ଼ିବାକୁ ଚେଷ୍ଟା କରିବାରୁ ରାଜାଙ୍କର ସେବକମାନେ ରାଜାଙ୍କର ଅନୁମତିରେ ବଳରାମଙ୍କୁ ଧକ୍କାଦେଇ ଦେଲେ ଏବଂ ମାରପିଟ ମଧ୍ୟ କରିଥିଲେ । ଯାହାରେ ଉପସ୍ଥିତ ଥିବା ଲୋକମାନେ ଉପହାସ କଲେ । ଦାସେ ଅପମାନିତ ହୋଇ ରଥରୁ ଓହ୍ଲାଇ ଆସି ବାଙ୍କି ମୁହାଣଠାରେ ବାଲିରେ ରଥ କରି ଜଗନ୍ନାଥଙ୍କୁ ଅଶେଷ ପ୍ରାର୍ଥନା କରିଥିଲେ । ସେହି ପ୍ରାର୍ଥନା ସକଳ କବିଙ୍କ 'ଭକ୍ତ ସମୁଦ୍ର'ରେ ଲିପିବଦ୍ଧ ହୋଇ ରହିଅଛି । ଦାସଙ୍କ ଅପମାନରେ ସ୍ୱୟଂ ଜଗନ୍ନାଥ ବିଚଳିତ ହୋଇପଡ଼ିଥିଲେ ଏବଂ ତାର ପ୍ରତିକାର ସ୍ୱରୂପ ଭକ୍ତର ବାଲୁକା ରଥରେ ବିଜେ ହେଲେ । ଏ ଆଡ଼େ ନନ୍ଦିଘୋଷ ରଥ ଚଳିଲା ନାହିଁ । ରାଜାଦି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେହିଦିନ ରାଜା ପ୍ରତାପରୁଦ୍ରଙ୍କୁ ସ୍ୱପ୍ନରେ ପ୍ରଭୁ ଜଗନ୍ନାଥ କହିଲେ ଯେ, ତାଙ୍କ ଭକ୍ତ ବଳରାମଙ୍କୁ ଅପମାନ ଦେଇଥିବାରୁ ରାଜାଙ୍କ ରଥରେ ନ ବସି ସେ ବଳରାମ ଦାସଙ୍କ ବାଲିରଥରେ ବସିଅଛନ୍ତି । ବଳରାମ ଦାସଙ୍କଠାରେ କ୍ଷମାଭିକ୍ଷା କରିବା ପାଇଁ ମଧ୍ୟ ପ୍ରଭୁ ଆଜ୍ଞା ଦେଇଥିଲେ । ପ୍ରତାପରୁଦ୍ର ବଳରାମଙ୍କୁ କ୍ଷମାଭିକ୍ଷା କରିବାରୁ ପରଦିନ ରଥ ଚଳିଲା । ବଳରାମ ଦାସଙ୍କ 'ଭକ୍ତସମୁଦ୍ର' ନାମକ କବିତା ଓ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତିରସାମୃତ'ରୁ ଏହି ପ୍ରସଙ୍ଗଟି ଜଣାଯାଏ ।

**ବ୍ରହ୍ମବିଦ୍ୟା ପରୀକ୍ଷା**—ବଳରାମ ଦାସ ଭଗବଦ୍‌ଗୀତାର ଅର୍ଥ ପଦ୍ୟରେ ଲେଖିବା ପୂର୍ବରେ ଏକ କାହାଣୀ ଗୀତାର ଶେଷଭାଗରେ ଗୀତା-ଅବକାଶ ନାମକ ଅଧ୍ୟାୟରେ କବି ନିଜେ ବର୍ଣ୍ଣନା କରିଛନ୍ତି ।

ଥରେ ଜ୍ୟେଷ୍ଠ ମାସ ଦ୍ୱିତୀୟା ସୋମବାରେ ଦାସେ ପ୍ରଭାତରୁ ସ୍ନାନାଦି କାର୍ଯ୍ୟ ଶେଷ କରି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବଡ଼ଦେଉଳ (ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ)କୁ ଯାଇଥିଲେ । ସେ ଦିନ ମହାରାଜା ପ୍ରତାପରୁଦ୍ରଦେବ ଠାକୁରମାନଙ୍କୁ ଦର୍ଶନ କରିବା ପାଇଁ ମଧ୍ୟ ଯାଇଥିଲେ । ଠାକୁର ଦର୍ଶନ ସମୟରେ ଠାକୁରମାନଙ୍କୁ ରାଜା ଦର୍ଶନ କରିବା ସତ ଅନୁଯାୟୀ ଦେଉଳ ଶୋଧ ହେଲା, ଅର୍ଥାତ୍ କେବଳ ସେବକମାନଙ୍କ ଛଡ଼ା ଅନ୍ୟ ସମସ୍ତଙ୍କୁ ଦେଉଳ ଭିତରୁ ବାହାର କରି ଦିଆଗଲା । ରାଜା ମୁକ୍ତିମଣ୍ଡପରେ

ସେତନ ବ୍ରାହ୍ମଣମାନଙ୍କ ସଭାରେ ବ୍ରହ୍ମବିଦ୍ୟା ଶୁଣିବା ପାଇଁ ବ୍ୟବସ୍ଥା ହୋଇଥିଲା । ସେଠାରେ ଶୂଦ୍ରମାନଙ୍କ ପ୍ରବେଶ ନିଷେଧ ଥିଲା । ଦାସେ ବ୍ରହ୍ମବିଦ୍ୟା ଶୁଣି ପାପ ଦୂର କରିବା ପାଇଁ ଅଗ୍ରସର ହେଲେ ଏବଂ ବିପ୍ରବେଶ ଧାରଣ କରି ସଭାରେ ବସିଲେ । '...ନୃସିଂହ' ନାମକ ଜଣେ 'ବ୍ରହ୍ମବେତ୍ତା' ପଣ୍ଡିତ ଅଷ୍ଟାଦଶ ଅଧ୍ୟାୟବିଶିଷ୍ଟ ସମଗ୍ର ଭଗବଦ୍‌ଗୀତାଟି ପାଠକରି ବୁଝାଇଲେ । ରାଜା ଏଥିରେ ସନ୍ତୋଷ ଲାଭ କଲେ । ଦାସେ ଛଦ୍ମବେଶରେ ସଭାରେ ବସିଥିବା ବ୍ରାହ୍ମଣମାନେ ଜାଣିପାରିଲେ ଏବଂ

ବ୍ରାହ୍ମଣମାନେ ଦେଖିଣ କଲେକ କଷ୍ଟାଳ
ହୋଇଲେ ବ୍ରହ୍ମବିଦ୍ୟା ଶୁଣିଲୁ ଭୁଲୁର ।
ଭଗବାନ ସାକ୍ଷୀ ପୂର୍ବେ ଅର୍ଜୁନଙ୍କୁ କହି
ସେ ଗୀତା ଶୁଣିଲୁ ଶୂଦ୍ର ମୁଖ ହୋଇ ।
ଶ୍ୱାନ ହୋଇ ଚରୁଅନ୍ନ ଭୁଞ୍ଜିଲୁ ପାମର
ଠାକୁରଙ୍କୁ ଜଣାଇବା ବେଗେ ଆଜ୍ଞା ଧର ।

ଦାସେ ଶୂଦ୍ର ଥିବାରୁ ସେ ବ୍ରହ୍ମବିଦ୍ୟା ଶୁଣିବା ପାଇଁ ଅଧିକାରୀ ନୁହନ୍ତି ବୋଲି କହି ନଗରବନ୍ଦୀରେ ଦେଉଳ ଭିତରେ ରଖିଦେଲେ ଏବଂ ରାଜାଙ୍କଠାରେ ଆପତ୍ତି କଲେ । ସନ୍ଧ୍ୟାବେଳେ ରାଜା ପୁଣି ଦେଉଳକୁ ଆସିବାରୁ ବଟମୂଳେ ବ୍ରାହ୍ମଣମାନେ ତାଙ୍କୁ ଜଣାଇଲେ—

ଅବଧାନ ମହାରୁଦ୍ର ମହିମା ଦେଖ ଦେବ
ବ୍ରହ୍ମ କ୍ଷତ୍ରି ବୈଶ୍ୟ ଶୂଦ୍ର ଭୁଣ ଜାତି ଦୁର୍ଲଭ ।
ବ୍ରହ୍ମକର୍ମ ଛାଡ଼ି ଯେବେ କ୍ଷତ୍ରି କର୍ମ କରି
ତାହାକୁ ଉଚିତ ଦଣ୍ଡ ଦେବାର ବରୁଣ ।
ଶୂଦ୍ର ହୋଇ ଯେବେ କରେ ବ୍ରହ୍ମ କର୍ମ ସଙ୍ଗ
ତାହାକୁ ଉଚିତ ଦଣ୍ଡ ସେ ହୁଅଇ ଅଙ୍ଗ ।

ବ୍ରାହ୍ମଣମାନଙ୍କ ସଭାରେ କେବଳ ବ୍ରାହ୍ମଣ ଉପସ୍ଥିତ ରହିବେ ଏହା ଉଚିତ ହେଲେ ମଧ ବ୍ରହ୍ମବିଦ୍ୟାରେ ବ୍ରାହ୍ମଣେତର ଲୋକଙ୍କର ଅଧିକାର ନାହିଁ ଏହା ଈର୍ଷାଜନକ ଯୁକ୍ତି ଛଡ଼ା ଅନ୍ୟ କିଛି ନୁହେଁ ।

ରାଜା ଆପତ୍ତି ଶୁଣି ଦାସଙ୍କୁ ଡକାଇ ଏଣି ପଚାରିଲେ—"ବ୍ରହ୍ମବିଦ୍ୟା ଶୁଣିବାର କ ଗ୍ରନ୍ଥର ବିଷୟ ?" ଦାସେ ଉତ୍ତର କଲେ—"ମହାଗୀତା ଭକ୍ତମାନଙ୍କୁ ଧର୍ମଶିକ୍ଷା ଦେଉଛି । ଏହା କେବଳ ବ୍ରାହ୍ମଣଙ୍କ ବିଦ୍ୟା ନୁହେଁ । ଭକ୍ତଙ୍କୁ କିଛି ଅଗୋଚର ନାହିଁ ।" ସେ ପୁଣି କହିଲେ—

ଏ ଯେତେ ବ୍ରହ୍ମବିଦ୍ୟାକୁ ଲିଖି ଗୋପ୍ୟ କରି
କାଲି ଦେବାର୍ଚ୍ଚନ ବେଳେ କହିବ ବାହୁଡ଼ି ।

ରାଜା ଏଥିରେ ସନ୍ତୁଷ୍ଟ ହେଲେ । ସେ ଦିନ ରାତି ଦାସେ ଜଗନ୍ନାଥଙ୍କୁ ଧ୍ୟାନ କରି ନିଜର ଦୁଃଖର ଜଣାଇଲେ । ଅଦ୍ଭୁତ ପ୍ରକାର ରୂପରେ ଦାସଙ୍କୁ ସ୍ୱପ୍ନରେ ଜଗନ୍ନାଥ ମଙ୍ଗଳା ଓ ବିମଳାଙ୍କ ସଙ୍ଗରେ ଧରି ଦେଖାଦେଲେ ଏବଂ ପ୍ରାକୃତରେ ଗୀତାକୁ ରଚନା କରିବା ପାଇଁ କହିଲେ ।

ଛନ୍ଦରେ ବଳାଅ ଗୀତା ଗୀତ କରି ଗୁହ୍ୟ
ହୃଦୟେ ବସି କହି ମୁଁ କହୁ ସେ ଦେବାଇ ।

ଦାସଙ୍କୁ ଦେଉଳଦ୍ୱାରେ ଛାଡ଼ିଦେଇ ପ୍ରଭୁ ଅନ୍ତର୍ଦ୍ଧାନ ହେଲେ । ବଳରାମ ଦାସ ଦେହୁଳିଶୀ ଲେଖା ଆରମ୍ଭ କଲେ ଏବଂ ରାତି ପାହୁଲାବେଳକୁ ଗୀତାର୍ଥ ଶେଷ ହୋଇଗଲା ।

ପ୍ରାତଃକାଳରେ ରାଜା ସୂର୍ଯ୍ୟୋଦୟ ସମୟରେ ଦେଉଳରେ ଠାକୁରଙ୍କ ଦେବାର୍ଚ୍ଚନ ଦର୍ଶନ ପାଇଁ ଆସି ଦାସଙ୍କୁ ଡକାଇଲେ ଏବଂ ବ୍ରହ୍ମବିଦ୍ୟା ବା ଗୀତାର୍ଥ କହିବା ପାଇଁ ବାହୁଡ଼ା ବାନ୍ଧି ବୋଲି ପଚାରିଲେ । ଦାସେ କହିଲେ—

ମୁଁ କୋଇଲି ଦେବ ଏ ତ ଜଗନ୍ନାଥ ଘର
କେମନ୍ତ ବାହୁଡ଼ି ମୋ ସେ ପଶିବ ଭିତର ।

ରାଜା ଦାସଙ୍କୁ କହିବା ପାଇଁ ଅନୁମତି ଦେବାରୁ ଦାସେ ଗୀତାର୍ଥ ଛନ୍ଦରି ପାଠ କଲେ । ରାଜା ଓ ବ୍ରାହ୍ମଣମାନେ ଏହା ଶୁଣି ଆନନ୍ଦିତ ହେଲେ ।

ତତକ୍ଷଣେ ଗୀତା ଟେକି ଧରିଲ ବିପ୍ରର
ବ୍ରାହ୍ମଣେ ସେ ଗୀତା ଶୁଣି ଚମତ୍କାର କଲ ।
ସମ୍ପୂର୍ଣ୍ଣ ହୋଇଲ ଗୀତା ଶୁଣିଲେ ନୃପତି
ବ୍ରାହ୍ମଣମାନେ ତ ଶୁଣି ହୋଇଲେ ଲଜ୍ଜିତ ।

ବ୍ରାହ୍ମଣମାନେ ପାଣ୍ଡିତ୍ୟର ପ୍ରଶଂସା କରି ଉଦାର ମନୋଭାବ ପ୍ରଦର୍ଶନ କରିଛନ୍ତି । ସେ ସମୟରେ ବହୁ ଗଣ୍ୟମାନ୍ୟ ଅବ୍ରାହ୍ମଣ ଗୀତାଦି ଧର୍ମଗ୍ରନ୍ଥ ଅଧ୍ୟୟନ କରୁଥିଲେ ଏବଂ ବ୍ୟାଖ୍ୟା ମଧ୍ୟ କରୁଥିଲେ । ରାୟ ରାମାନନ୍ଦ ପ୍ରଭୃତି ଅବ୍ରାହ୍ମଣ ରାଜକର୍ମଚାରୀମାନେ ଧର୍ମଶାସ୍ତ୍ର ଅଧ୍ୟୟନ କରି ପାଣ୍ଡିତ୍ୟପୂର୍ଣ୍ଣ ବ୍ୟାଖ୍ୟାନ ଶୁଣାଉଥିଲେ ଏବଂ ବ୍ରାହ୍ମଣ ଓ ଅବ୍ରାହ୍ମଣ ସମସ୍ତେ ସେମାନଙ୍କୁ ମାନ୍ୟ କରୁଥିଲେ । ଧର୍ମଶାସ୍ତ୍ରାଦି ପ୍ରାମାଣିକ ଗ୍ରନ୍ଥ ଉପରେ ପ୍ରତିଷ୍ଠିତ ବ୍ୟାଖ୍ୟାକୁ ସମସ୍ତେ ଜାତି-ବର୍ଣ୍ଣ-ନିର୍ବିଶେଷରେ ଆଦର କରୁଥିଲେ । ବଳରାମଦାସାଦି କେତେକଣ ଶାସ୍ତ୍ରାଦିର ପ୍ରମାଣ ଉପରେ ନିର୍ଭରକରି ମତ ବ୍ୟକ୍ତ କରୁନଥିବା ସନ୍ଦେହ କରି ରାଜା ଓ ବ୍ରାହ୍ମଣ ପଣ୍ଡିତମାନେ କଟାକ୍ଷପାତ କରୁଥିଲେ । ପ୍ରକୃତ ପାଣ୍ଡିତ୍ୟ ଓ ସାଧନାର ପ୍ରମାଣ ମିଳିବା ସଙ୍ଗେ ସଙ୍ଗେ ତାଙ୍କର ପ୍ରଶଂସା ମଧ୍ୟ କରୁଥିଲେ ।

ବଳରାମଦାସାଦି ଭକ୍ତମାନେ ଜନସାଧାରଣଙ୍କ ଶିକ୍ଷାପାଇଁ ପ୍ରାକୃତ ଭାଷାରେ ବ୍ରହ୍ମବିଦ୍ୟା ବିଷୟକ ଗ୍ରନ୍ଥ ରଚନା କରି ସମାଜର ବହୁ ଉପକାର ସାଧନ କରିଅଛନ୍ତି । ଭକ୍ତବତ୍ସଳ ଜଗନ୍ନାଥ ଭକ୍ତର ମାନରକ୍ଷା କରିବା ପାଇଁ ବାରଂବାର କାର୍ଯ୍ୟକାରୀ ହୋଇଛନ୍ତି । ଭକ୍ତଙ୍କର ବିଶ୍ୱାସ ଯେ ଏଥିର ମୂଳ ଏବଂ ରଚନାର ପ୍ରେରଣା ଉତ୍ସ, ଏଥିରେ ସନ୍ଦେହ ନାହିଁ ।

କବି ସେତେବେଳକୁ 'ଶୂଦ୍ରମୁନି' ନାମରେ ପରିଚିତ ହୋଇ ସାରିଥିବା ଏହି ତଥ୍ୟରୁ ଜଣାଯାଏ ।

ଭଗବାନ ସାକ୍ଷୀ ପୂର୍ବେ ଆଦିତ୍ୟଙ୍କୁ କହି
ସେ ଗୀତା ଶୁଣିଲୁ ଶୂଦ୍ରମୁନି ହୋଇ ।
(ଭଗବଦ୍‌ଗୀତା ଗୀତା-ଅବକାଶ)

ବଳରାମ ଦାସଙ୍କ ବାଲ୍ୟଜୀବନ ସମ୍ବନ୍ଧରେ କୌଣସି ତଥ୍ୟ ମିଳୁନାହିଁ ।

**ଶିକ୍ଷା**—ବଳରାମ ମନ୍ତ୍ରୀଙ୍କର ପୁତ୍ର ଥିବାରୁ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇଥିଲେ । ସେହି ସମୟରେ ସବୁ ଦେଉଳ ଓ ଶାସ୍ତ୍ରାଗାରରେ ଲୋକେ ବେଦ, ବେଦାନ୍ତ, ଗୀତା, ଭାଗବତ ପ୍ରଭୃତି ପାଠ କରୁଥିଲେ । ସବୁ କାଳରେ ଜ୍ଞାନୀ, ସାଧକ, ଭକ୍ତ ଥିଲେ । ସମାଜରେ କେତେକ ଧର୍ମପ୍ରାଣଙ୍କ ଛଡ଼ା ଅନ୍ୟ ସମସ୍ତେ ଏମାନଙ୍କୁ ଆଦର କରୁଥିଲେ । ଏ ସମୟରେ ଶକ୍ତିଉପାସନା ବା ଧ୍ୟାନ-ଯୋଗ ଉପରେ ଲୋକଙ୍କର ବେଶି ଆଗ୍ରହ ଥିଲା । ଯୋଗସିଦ୍ଧମାନେ ହଠଯୋଗ ବଳରେ ଜନମନକୁ ଆକର୍ଷଣ କରିପାରୁଥିଲେ । ଜ୍ଞାନମିଶ୍ରିତ ଭକ୍ତିର ଆଦର ମଧ୍ୟ ବେଶି ଥିଲା । ବଳରାମ ଉଚ୍ଚଶିକ୍ଷା ଲାଭ କରିବା ସଙ୍ଗେ ସଙ୍ଗେ ବେଦ ବେଦାନ୍ତାଦି ଶାସ୍ତ୍ର ମଧ୍ୟ ଅଧ୍ୟୟନ କରୁଥିଲେ ।

ବଳରାମ ଅଳ୍ପ ବୟସରେ ବେଦବେଦାନ୍ତ, ପୁରାଣ, ଗୀତା ପ୍ରଭୃତି ଅଧ୍ୟୟନ କରିଥିବା ହିଁ ଅନୁମିତ ହୁଏ । କାରଣ, ତାଙ୍କର ଯୁବାବସ୍ଥାରେ ସେ ରାମାୟଣ ଗ୍ରନ୍ଥ ରଚନା କରିବା ଆରମ୍ଭ କରି ସାରିଥିଲେ ଏବଂ ବତିଶି ବର୍ଷ ବୟସ ସମୟ ସେ ଜଗମୋହନ ରାମାୟଣର ଉତ୍ତରକାଣ୍ଡ ଲେଖି ସାରିଥିଲେ । ତାଙ୍କ ପୂର୍ବରୁ ଶୂଦ୍ରମୁନି ସାରଳାଦାସ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଲେଖି ଯେଉଁ ଅକ୍ଷୟ କୀର୍ତ୍ତି ରଖିଯାଇଥିଲେ ତାହାଦ୍ୱାରା ବଳରାମ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଓଡ଼ିଆରେ ସେତେବେଳକୁ ସାରଳା ଦାସଙ୍କ ଏହି ତିନୋଟି ପୁରାଣ ଛଡ଼ା ଅନ୍ୟ ପୁରାଣ ରଚିତ ହୋଇ-ଥିଲା କି ନାହିଁ ତାହା ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ରାମାୟଣ ଆଉ କେହି ରଚନା କରିଥିବା ମଧ୍ୟ ଜଣାଯାଇ ନାହିଁ । ସାରଳା ଦାସଙ୍କ ପଦାଙ୍କ ଅନୁସରଣ କରି ସେ ରାମାୟଣ ରଚନା ଆରମ୍ଭ କରିଥିଲେ ଏବଂ ସାରଳା ଦାସଙ୍କ ସବୁ ଶୈଳୀ ସ୍ୱ ଗ୍ରନ୍ଥରେ ପ୍ରୟୋଗ କରିଥିଲେ । ପୁରାଣପାଠ ବା ବାର୍ତ୍ତାକଥନ ଚରିତ ପାଠରେ ଚତୁର୍ଦ୍ଦଶାକ୍ଷର ମଙ୍ଗଳ ପ୍ରକୃତି ସହଜ ଓ ଜନକଣ୍ଠପ୍ରିୟ ଥିବାରୁ ସାରଳାଦାସଙ୍କ ଆଦର୍ଶକୁ ଅନୁସରଣ କରି ବଳରାମ ସେହି ଛନ୍ଦରେ ରାମାୟଣ ଲେଖିଛନ୍ତି ।

ବଳରାମଙ୍କ ସମୟରେ ପୁରୀ ଜ୍ଞାନଚର୍ଚ୍ଚା, ସାଧନା ଓ ପୂଜାର୍ଚ୍ଚନାର ଏକ ପ୍ରଧାନ କେନ୍ଦ୍ର ଥିଲା । ପୁରୀ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପର

ପଣ୍ଡିତମାନେ ବେଦାନ୍ତଚର୍ଚ୍ଚାକୁ ପୁଷ୍ଟି ଯୋଗାଉଥିଲେ ଏବଂ ରାଜା ମଧ୍ୟ ଏଥିରେ ଯଥୋଚିତ ଗୁରୁତ୍ୱ ଦେଉଥିଲେ । ଏଣୁ ଭାରତରୁ ଦେଶ ବିଦେଶରୁ ବହୁ ପଣ୍ଡିତ ଓ ଦାର୍ଶନିକ ପୁରୀକୁ ଆସି ନିଜ ନିଜର ପାଣ୍ଡିତ୍ୟ ଓ ସାଧନାର ପରିଚୟ ଦେଉଥିଲେ । ଦକ୍ଷିଣଦେଶୀ ପଣ୍ଡିତମାନେ ପୁରୀକୁ ଏକ ପ୍ରଧାନ ପରୀକ୍ଷା-କେନ୍ଦ୍ର ରୂପେ ଗ୍ରହଣ କରିଥିଲେ । ଏହାଦ୍ୱାରା ବେଦାନ୍ତଚର୍ଚ୍ଚାର ଆଦର ଉତ୍ତରୋତ୍ତର ବୃଦ୍ଧି ପାଉଥିଲା; ଦେଶ ବିଦେଶରେ ଓଡ଼ିଶାର ସମ୍ମାନ ବୃଦ୍ଧି ପାଉଥିଲା । ସଂସ୍କୃତ ଭାଷାରେ ସ୍ୱମତ ପ୍ରକାଶ କରିବାରେ ବିଶେଷ ପାରଦର୍ଶୀ ଥାଇ ମଧ୍ୟ କିଛି ବ୍ୟକ୍ତିମାନେ ସ୍ୱ ମାତୃଭାଷାରେ ଉଚ୍ଚକୋଟିର ତତ୍ତ୍ୱ ବ୍ୟାଖ୍ୟା କରିପାରୁଥିଲେ । ବଳରାମ, ଜଗନ୍ନାଥ ପ୍ରଭୃତି ଏହି ଶ୍ରେଣୀର ବୋଲି ମନେ ହୁଏ, କାରଣ ଏମାନେ ଉଲ୍ଲେଖଯୋଗ୍ୟ ସଂସ୍କୃତ ଗ୍ରନ୍ଥ ରଚନା କରିଥିବା ଜଣାଯାଏ ନାହିଁ । କିନ୍ତୁ ସଂସ୍କୃତ ଭାଷାରେ ଏମାନଙ୍କର ବିଶେଷ ପ୍ରବେଶ ଥିବା ଏମାନଙ୍କର ବେଦବେଦାନ୍ତାଦି ଗ୍ରନ୍ଥଚର୍ଚ୍ଚାରୁ ପ୍ରମାଣିତ ହୁଏ । ବହୁ ଜନ ଉପକାରାର୍ଥେ ମାତୃଭାଷା ମାଧ୍ୟମରେ ବହୁ ପଣ୍ଡିତ ଓ ସାଧକ ଗ୍ରନ୍ଥ ରଚନା କରୁଥିଲେ । ଏଥିରୁ ଏମାନଙ୍କର ସ୍ୱଦେଶ ପ୍ରତି ପ୍ରଗାଢ଼ ମମତା ଥିବା ପ୍ରକାଶ ପାଉଛି । ଏମାନେ ଓଡ଼ିଆ ଭାଷା ଓ ସାହିତ୍ୟ ସୌଧର ଦୃଢ଼ ଭିତ୍ତି ସ୍ଥାପନ କରି ଦେଇଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବଳରାମ ଦାସ ବେଦବେଦାନ୍ତାଦିର ଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଯୋଗସାଧନା ମଧ୍ୟ କରିଥିଲେ । ଯୋଗସାଧନାରେ ସେ କାହାକୁ ଗୁରୁ କରିଥିଲେ ତା ଆଜି ଜଣାଯାଇ ନାହିଁ । ତେବେ ସାଧନାରେ ସେ ସିଦ୍ଧିଲାଭ କରିଥିବା ବହୁ ପ୍ରସଙ୍ଗରୁ ଜଣାପଡ଼େ ।

**ଜନ୍ମସ୍ଥାନ : ବାସସ୍ଥାନ** :—ପୁରୀ ତାଙ୍କର ଜନ୍ମସ୍ଥାନ ଥିବା ଜଣାଯାଇ ନାହିଁ । ତେବେ ସେ ବହୁ ସମୟ ପୁରୀରେ ବାସ କରୁଥିବା ଜଣାଯାଏ । କେହି କେହି କହନ୍ତି, ତାଙ୍କର ଜନ୍ମସ୍ଥାନ ଯାଜପୁର । ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତରେ ତାଙ୍କ ଜନ୍ମସ୍ଥାନ ଯାଜପୁର ନିକଟବର୍ତ୍ତୀ ଚନ୍ଦ୍ରପୁର ଥିବା ଲେଖାଅଛି । ପୁରୀରେ ଶ୍ରୀଜଗନ୍ନାଥଙ୍କ ଆସ୍ଥାନ ଥିବାରୁ ଏହି ପୁଣ୍ୟକ୍ଷେତ୍ରରେ

ବାସ କରି ଇହଲୀଳା ଶେଷ କଲେ ପରମପଦ ପ୍ରାପ୍ତହୁଏ ବୋଲି ବହୁ ସାଧକ ଓ ଭକ୍ତଙ୍କର ଧାରଣା । ବଳରାମ ଏହି ଉଦ୍ଦେଶ୍ୟରେ ଏହି କ୍ଷେତ୍ରରେ ବାସ କରିଥିବା ହିଁ ଜଣାପଡ଼େ । ଜ୍ଞାନକ୍ଷେତ୍ର ଶ୍ରୀକ୍ଷେତ୍ର ମଧ୍ୟ ତାଙ୍କ ପକ୍ଷେ ଅନ୍ୟ ଏକ ଆକର୍ଷଣ ଥିଲା ।

ପୁରୀରେ ବଳରାମ ସମୁଦ୍ରକୂଳ ବାସ କରୁଥିବା 'ଦାର୍ଢ୍ୟତାଭକ୍ତିରସାମୃତ'ରୁ ଜଣାଯାଉଥିଲେ ମଧ୍ୟ ସେ ସାଧକଜୀବନରେ ଏକାନ୍ତ ରହୁଥିବା ହିଁ ଅନୁମାନ କରାଯାଏ । ବର୍ତ୍ତମାନ ପୁରୀ ସମୁଦ୍ରକୂଳରେ ସାକ୍ଷିମୁହାଣ ନିକଟରେ (ବର୍ତ୍ତମାନ ରେଳଷ୍ଟେସନ ଓ କଲେଜ ମଧ୍ୟରେ) ସେହି ଜଗତ ମଠ ଦେଖାଯାଏ ସେଠାରେ ଘଣ୍ଟା ଘରେ ବଳରାମ ବାସ କରୁଥିଲେ ଏବଂ ସେହି ମଠ ତାଙ୍କର ସାଧନାପୀଠ ଥିଲା । ବର୍ତ୍ତମାନ ପୁରୀ ଏହି ମଠଟି ଗୋପାଳବଲ୍ଲଭ ଶୁଦ୍ରଗୋସାଇଁ ବଳରାମ ଦାସଙ୍କ ଏକ ପ୍ରଧାନ ପୀଠରୂପେ ପରିଚିତ ।

**ଚୈତନ୍ୟଙ୍କ ସହିତ ସଂପର୍କ**—ବଳରାମ ପୁରୀରେ ଅବସ୍ଥାନ କରୁଥିବା ସମୟରେ ଚୈତନ୍ୟଦେବଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ନିଜେ ଭକ୍ତ ଓ ସାଧକ ଥିବାରୁ ଚୈତନ୍ୟଙ୍କ ଭକ୍ତିଜୀବନଦ୍ୱାରା ବିଶେଷଭାବରେ ପ୍ରଭାବିତ ହୋଇଥିଲେ । ଚୈତନ୍ୟଦେବଙ୍କୁ ସେ ସ୍ୱୟଂ କୃଷ୍ଣଙ୍କ ଅବତାର ବୋଲି ଗ୍ରହଣ କରି ମାନ୍ୟ କରୁଥିଲେ । ଖ୍ରୀ: ୧୫୦୫ରେ ଚୈତନ୍ୟଦେବ ସର୍ବପ୍ରଥମେ ପୁରୀକୁ ଆଗମନ କରିଥିବା ଅନୁମିତ ହୁଏ । କେହି କେହି ଖ୍ରୀ: ୧୫୦୯-୧୦ରେ ଚୈତନ୍ୟଦେବ ଓଡ଼ିଶାକୁ ସର୍ବପ୍ରଥମେ ଆସିଥିବା କହନ୍ତି । ସେତେବେଳକୁ ଉଭୟଙ୍କର ଯୌବନାବସ୍ଥା । ଚୈତନ୍ୟଙ୍କ ବୟସ ପ୍ରାୟ ପଚିଶ । ଦାସଙ୍କ ବୟସ ମଧ୍ୟ ପ୍ରାୟ ସେତିକି ।

ପ୍ରଭୁ ଜଗନ୍ନାଥଙ୍କର ଭକ୍ତ ବଳରାମ ଦାସଙ୍କ ପ୍ରତି ଅପାର କରୁଣା ଥିବା ବିଷୟ ବଳରାମ ସ୍ୱଜୀବନର କେତେକ ବିଶେଷ ଘଟଣାରୁ ପ୍ରମାଣିତ କରିଛନ୍ତି । ବୈଷ୍ଣବତତ୍ତ୍ୱ ଓ ବିଷ୍ଣୁଙ୍କ ମହିମା ପ୍ରତିପାଦନ କରି ସେ ବହୁ ଗ୍ରନ୍ଥ ଲେଖିଛନ୍ତି । ଓଡ଼ିଶାର ପ୍ରଭୁ ଜଗନ୍ନାଥ ହିଁ ସ୍ୱୟଂ ଜଗତବୈକୁଣ୍ଠବାସୀ ବିଷ୍ଣୁ ବୋଲି ପ୍ରତିପାଦନ କରି ତାଙ୍କର ମହିମା ଗ୍ରନ୍ଥମାନଙ୍କରେ ବହୁ ସ୍ଥାନରେ ପ୍ରକାଶ କରିଛନ୍ତି । ଗୁପ୍ତଗୀତା, ଭାବସମୁଦ୍ର, ବଟ ଅବକାଶ ପ୍ରଭୃତି

ଜଗନ୍ନାଥଙ୍କ ମହିମା ପ୍ରକାଶକ ଗ୍ରନ୍ଥ । ସ୍ୱମାତ୍ରଣ ଗ୍ରନ୍ଥଟି ମଧ୍ୟ ଜଗନ୍ନାଥଙ୍କ କୃପାରୁ ଓ ପ୍ରତ୍ୟକ୍ଷ ସାହାଯ୍ୟରୁ ଲେଖା ହୋଇଥିବା କଥା ନିଜେ ବ୍ୟକ୍ତ କରିଛନ୍ତି ।

ଏହିପରିକା ଅନ୍ୟାନ୍ୟ ଗୁରୁ ସଖାଙ୍କ ସହିତ ତାଙ୍କର ସମ୍ପର୍କ ସମ୍ବନ୍ଧରେ ବିଶେଷ କିଛି ପ୍ରମାଣ ମିଳୁ ନଥିଲେ ମଧ୍ୟ ଜଗନ୍ନାଥ ଦାସଙ୍କ ସହିତ ତାଙ୍କର ଅତ୍ୟନ୍ତ ଘନିଷ୍ଠ ସମ୍ପର୍କ ଥିବା ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' ଗ୍ରନ୍ଥରୁ ଜଣାପଡ଼େ ।

## ବଳରାମ ଦାସ-ଜଗନ୍ନାଥ ଦାସ ବନ୍ଧୁତ୍ୱ—

ଚୈତନ୍ୟଦେବ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍‌ଭାଗବତର ବ୍ୟାଖ୍ୟାନ ଶୁଣିବା ପରେ ସନ୍ତୁଷ୍ଟ ହୋଇ ତାଙ୍କୁ 'ଅତିବଡ଼' ପଦବୀ ଦେଇଥିଲେ । ଜଗନ୍ନାଥ ଦାସ ରାଧାଙ୍କ ଅଂଶରୁ ଜାତ, ନିଜେ ଚୈତନ୍ୟଦେବ ଶ୍ରୀକୃଷ୍ଣଙ୍କ ଅଂଶରୁ ଜାତ, ଏବଂ ଜଗନ୍ନାଥ ମୂର୍ତ୍ତି ରାଧା-କୃଷ୍ଣ-ମିଳନ ମୂର୍ତ୍ତି ବୋଲି ଦାସେ ବୁଝାଇଥିବାରୁ ଦାସଙ୍କ ପ୍ରତି ଚୈତନ୍ୟଦେବଙ୍କର ଶ୍ରଦ୍ଧା ବହୁ ଗୁଣରେ ବର୍ଦ୍ଧିତ ହୋଇଥିଲା । ଚୈତନ୍ୟଙ୍କ ପ୍ରଦତ୍ତ ପଦବୀକୁ ମାନ୍ୟ କରି ଲୋକେ ପ୍ରକାଶରେ ଦାସଙ୍କୁ 'ଅତିବଡ଼' ବୋଲି ଡାକିବାରୁ ଦାସଙ୍କର ଖ୍ୟାତି ମଧ୍ୟ ବୃଦ୍ଧି ପାଇଥିଲା । ତାଙ୍କୁ ଦେଖିବା ଓ ତାଙ୍କ ଠାରୁ ଧର୍ମତତ୍ତ୍ୱବ୍ୟାଖ୍ୟା ଶୁଣିବାପାଇଁ ବହୁ ଲୋକଙ୍କର ଭିଡ଼ ଜାତ ହୋଇଥିଲା । ବଳରାମ ଦାସ ଚୈତନ୍ୟଙ୍କ ସମ୍ମୁଖରେ ରହୁଥିଲେ । ଚୈତନ୍ୟଦେବଙ୍କ ସହିତ ଜଗନ୍ନାଥ ଦାସଙ୍କ ପ୍ରଥମ ଭେଟ ଓ ଦାସଙ୍କ 'ଅତିବଡ଼' ପଦବୀପ୍ରାପ୍ତି ମଧ୍ୟରେ ଅନ୍ତତଃ କେତେକ ବର୍ଷର ବ୍ୟବଧାନ ରହିଥିବା ଅନୁମିତ ହୁଏ । ଏ ବ୍ୟବଧାନ ଭିତରେ ବଳରାମ ଦାସ ଚୈତନ୍ୟଗୋଷ୍ଠୀ ଭିତରେ ଅନ୍ତର୍ଭୁକ୍ତ ହୋଇ ସାରିଥିଲେ ଏବଂ ଦୀକ୍ଷା ମଧ୍ୟ ନେଇ ସାରିଥିଲେ । ଦାସେ ଗୁପ୍ତ ବୈଷ୍ଣବ ଥିଲେ ବୋଲି ଜନଶ୍ରୁତି ଅଛି । ଚୈତନ୍ୟଙ୍କର ଦାସଙ୍କ ପ୍ରତି ଶ୍ରଦ୍ଧା ଓ ମାନ୍ୟ ଦେଖି ଅତିବଡ଼ଙ୍କ ସମ୍ବନ୍ଧରେ ନିଜେ କିଛି ଜାଣିବାପାଇଁ ବଳରାମଙ୍କର ମନ ବଳିଥିଲା । ଯାହାଙ୍କୁ ସ୍ୱୟଂ ଚୈତନ୍ୟଦେବ 'ଅତିବଡ଼' ବୋଲି ଡାକୁଛନ୍ତି ଏବଂ ସେ ରାଧାଙ୍କ ଅଂଶରୁ ସମ୍ଭୂତ ବୋଲି ନିଜେ ସ୍ୱୀକୃତି ପ୍ରକାଶ କରି ଚୈତନ୍ୟଙ୍କ ସମ୍ମୁଖରେ

ବ୍ୟକ୍ତ କରିଛନ୍ତି ତାଙ୍କ ସନ୍ଧ୍ୟା ପରିଶ୍ରମରେ ଅଳାପ କରିବା ଓ କିଛୁ ତତ୍ତ୍ୱ-ବ୍ୟାଖ୍ୟାନ ଶୁଣିବା ଶ୍ରୀମାନ୍‌ଙ୍କଠାରୁ ଜଣେ ଓ ଚୈତନ୍ୟଙ୍କର ଇଚ୍ଛା ହୋଇଥିବା ପ୍ରକଟିତ ।

ଶ୍ରୀ ଅତିବଡ଼ି ଜଗନ୍ନାଥ, ସ୍ୱାମୀଙ୍କି ବୋଲନ୍ତି ଜଗତ ।

ଏହାଙ୍କ ସ୍ଥାନ ପୁଣ୍ୟ ହେବ, ପ୍ରମୁଖେ ମୋତେ ଅଜ୍ଞା ହେବ । (ଜ:ଚ: ୨୪ଶ ଅ:)

ବଳରାମ ଦାସ ପ୍ରଥମେ ବଡ଼ଦେଉଳକୁ ଯିବା ସମୟରେ ବଇ-କୁଣ୍ଠେଶ୍ୱରଠାରେ ଜଗନ୍ନାଥ ଦାସଙ୍କୁ ଭେଟିଥିଲେ ।

ଏବେ ଦର୍ଶନେ ସ୍ୱାମୀ ଯାନ୍ତି, ହରି ଦାସେ ସଙ୍ଗେ ଅଛନ୍ତି ।

ସିଂହଦ୍ୱାରେ ପ୍ରବେଶ ହେଲେ, ବଳରାମ ଦାସେ ଭେଟିଲେ ।

ବଳରାମ ଦାସଙ୍କ ଗୁଣ, ସେକାଳେ ସମସ୍ତ ବଖାଣ ।

ବଳରାମ ଦାସେ ଛୁଇଁଲେ, ସ୍ୱାମୀଙ୍କି ଦଣ୍ଡବତ କଲେ ।

ଦେଖି ସନ୍ତୋଷ ସ୍ୱାମୀ ହୋଇ, ଉତ୍ତମରେ କଲ୍ୟାଣ ଦେଇ । (ଜ:ଚ: ୨୪ଅ:)

ଏହାପରେ ସେ ଏବେ ବଇକୁଣ୍ଠେଶ୍ୱରଙ୍କଠାରେ ଦୀକ୍ଷାଂଶରୁ ଜାତ ଅତି-ବଡ଼ି ଜଗନ୍ନାଥ ଦାସଙ୍କୁ ପ୍ରେମଭକ୍ତିରେ ଓ ଜଗନ୍ନାଥଙ୍କୁ ସନ୍ନିଧିରେ ପରୀକ୍ଷା ଥିଲେ । ଅତିବଡ଼ିଙ୍କ ଉଦାରରେ ବଳରାମଙ୍କ ସନ୍ତୋଷ ଜାତ ହେଲା । ସେ ପ୍ରଥମ ଅତିବଡ଼ିଙ୍କୁ ଦେଉଳରେ ଭେଟି ମାନ୍ୟ କରୁଥିଲେ । କ୍ରମେ ଦୁହିଙ୍କ ଭିତରେ ବନ୍ଧୁତା ପ୍ରଗାଢ଼ ହୋଇଥିଲା ।

ସେ ବନ୍ଧୁ ବଳରାମ ଦାସେ, ସ୍ନେହ କଲେ ସ୍ୱାମିଙ୍କ ପାଶେ ।

ଜଗନ୍ନାଥ ଦାସଙ୍କଠାରୁ ତତ୍ତ୍ୱବ୍ୟାଖ୍ୟା ଶୁଣି ବଳରାମ 'ହରେ ରାମ କୃଷ୍ଣ' ଭଜନ କଲେ ।

“ଶୁଣି ଆନନ୍ଦ ଚିତ୍ତ ହେଲେ ।
ହରେ ରାମ କୃଷ୍ଣ ଗାଇଲେ ।”

ସ୍ୱାମୀ ରାଧା ଅଂଶରେ ଜନ୍ମ ହୋଇଥିବା ଯୋଗୁଁ ସେ (ଅତିବଡ଼ି) ସଖୀପଣକୁ ଯୋଗ୍ୟ ବୋଲି ଭାବିଲେ ଏବଂ ସେହି ଦିନଠାରୁ ବଳରାମ ଅତିବଡ଼ିଙ୍କୁ 'ସଖି, ସଖି' ବୋଲି ଡାକିଲେ ।

ଜାଣିଲେ ରାଧା ଅଂଶେ ଜନ୍ମ, ସଖିପଣକୁ ଏ ଭଜନ ।

ସଖି, ସଖି ବୋଲି ବଚନ, ଗୁରୁ ଡାକନ୍ତି ପ୍ରତିଦିନ । (ଜ:ଚ: ୨୪ଶ ଅ:)

ଗୋପାଳଗୁରୁ ବା ଗୋପାଳ ଗୋସାଇଁ ବଳରାମ ଦାସଙ୍କ ସମ୍ବନ୍ଧରେ ଦିବାକର ଦାସ ଲେଖିଛନ୍ତି, ଜଗନ୍ନାଥ ଦାସଙ୍କ ସହିତ ତାଙ୍କର ସାକ୍ଷାତ ସମ୍ବନ୍ଧ ସ୍ଥାପିତ ହେବା ପୂର୍ବରୁ ବଳରାମ ଦାସଙ୍କ ମାହାତ୍ମ୍ୟ ପ୍ରସାରିତ ହୋଇ ସାରିଥିଲା। ବଳରାମ ପ୍ରଥମେ ସ୍ୱାମୀ ଜଗନ୍ନାଥ ଦାସଙ୍କୁ ଦଣ୍ଡବତ କରିଥିଲେ ଏବଂ ତାଙ୍କୁ ସ୍ୱାମୀ ଉଲ୍ଲେଖ କରିଥିଲେ। ଏଥିରୁ ବୟସରେ ସ୍ୱାମୀ ବଡ଼ ଥିବେ ବୋଲି ମଧ୍ୟ ଅନୁମାନ କରାଯାଇପାରିବ। ଜଗନ୍ନାଥ ଦାସ ଜାତିରେ ବ୍ରାହ୍ମଣ, ପୁଣି ସନ୍ନ୍ୟାସୀ। ଏ ଦୃଷ୍ଟିରୁ ଦେଖିଲେ ସେ ବୟୋଜ୍ୟେଷ୍ଠ ନହେଲେ ମଧ୍ୟ ବଳରାମଙ୍କ ପ୍ରଣାମଯୋଗ୍ୟ। ବଳରାମ ଦାସ ଗୃହସ୍ଥ-ବୈଷ୍ଣବ ଥିଲେ ଏବଂ ଏହି ଅବସ୍ଥାରେ ସେ ଗୋପାଳମାନଙ୍କର ଗୁରୁ ହୋଇଥିଲେ; ସେ ସନ୍ନ୍ୟାସୀ ହୋଇଥିବାର ପ୍ରମାଣ ନାହିଁ। ଏହି କାରଣରୁ ଅନୁମିତ ହୁଏ, ଦାସେ ବୟସରେ ଜଗନ୍ନାଥ ଦାସଙ୍କଠାରୁ ବଡ଼ ହେଲେ ମଧ୍ୟ ଜଗନ୍ନାଥ ଜାତିରେ ବ୍ରାହ୍ମଣ ଏବଂ ସନ୍ନ୍ୟାସୀ ଥିବାରୁ ମାନ୍ୟ ଧର୍ମ ଦୃଷ୍ଟିରୁ ଜଗନ୍ନାଥ ଦାସଙ୍କୁ ଦଣ୍ଡବତ କରିଥିଲେ। ଅନ୍ୟଥା ଯଦି କେବେ ବଳରାମ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥାଆନ୍ତେ ତେବେ ସେ କଦାପି ଜଗନ୍ନାଥ ଦାସଙ୍କୁ ଦଣ୍ଡବତ କରିନଥାନ୍ତେ।

ଦୀକ୍ଷା ସମ୍ବନ୍ଧରେ ଦିବାକର ଦାସେ ଲେଖିଛନ୍ତି ଯେ ଶ୍ରୀଚୈତନ୍ୟଦେବଙ୍କ ଆଦେଶରେ ମଧ୍ୟ ବଳରାମ ଦାସ ଜଗନ୍ନାଥଙ୍କୁ ମନ୍ତ୍ର ଦେଲେ।

ଏ ରୂପେ ଜଗନ୍ନାଥ ଦାସେ, କହିଲେ ଶ୍ରୀଚୈତନ୍ୟ ପାଶେ,
ହେ ଦେବ ଭକତଉଦ୍ଧାର, ଶ୍ରୀ ଭକ୍ତିମନ୍ତ୍ର ଆଜ୍ଞା କର।
ଶୁଣି ସ୍ୱରୂପ ପ୍ରଭୁ ହେଲେ, ମନ୍ତ୍ରେ ବଳରାମେ ସୁମରିଲେ।
ଏହାଙ୍କୁ ମନ୍ତ୍ର ଦୀକ୍ଷା ଦିଅ, ସମାଧି କାତ୍ତ୍ୱିକ କରାଅ। X X
ସେହୁଁଟି ମନ୍ତ୍ର ବଳରାମ, ବୈଷ୍ଣବମାନଙ୍କ ଉତ୍ତମ।
ଅଶନ ଶୟନ ଭୋଜନ, ଭ୍ରମଣ ସ୍ନାନ ଜଳପାନ।
ରାତି ଦିବସ ନ ଜାଣନ୍ତି, ନାମରେ ମତ୍ତ ହୋଇଥାନ୍ତି।
ଆହ୍ଲାଦ କରି ନାମାମୃତ, ଆନନ୍ଦେ ପ୍ରେମ ପୁଲକିତ। (୬ଷ୍ଠ ଅ: ଜ: ଚ:)

ଏଥିରୁ ଜଣାଯାଉଛି ଯେ ବଳରାମ ଯଦି ଜଗନ୍ନାଥ ଦାସଙ୍କୁ ମନ୍ତ୍ର ଦେଇ ଥାନ୍ତେ ତାହାହେଲେ ସେ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଭେଟ ହେବାବେଳେ ଶିଷ୍ୟ ଜଗନ୍ନାଥଙ୍କୁ ଦଣ୍ଡବତ କରି ନ ଥାଆନ୍ତେ, କି ଶିଷ୍ୟ ଗୁରୁଙ୍କୁ କଲ୍ୟାଣ କରିନଥାନ୍ତେ । ଏଥିରୁ ସ୍ପଷ୍ଟ ହେଉଛି, ମତ୍ତ ବଳରାମ ଓ ଗୋପାଳଗୁରୁ ବଳରାମ ଦାସ ଏକା ବ୍ୟକ୍ତି ନୁହନ୍ତି ।

ଦିବାକର ଦାସ ଯେଉଁ ବଳରାମ ଦାସ ଜଗନ୍ନାଥ ଦାସଙ୍କୁ ଭେଟିଥିବା ଲେଖିଛନ୍ତି ଏହି ବ୍ୟକ୍ତି ଦ୍ୱିତୀୟ ବଳରାମ ଦାସ ହେବା ମଧ୍ୟ ଅସମ୍ଭବ ନୁହେଁ । ଏହି ଦ୍ୱିତୀୟ ବଳରାମ ଦାସ ଗୋପାଳଗୁରୁ ବଳରାମଙ୍କ ଅସମ୍ପୂର୍ଣ୍ଣ ଗୁପ୍ତଗୀତାକୁ ସମ୍ପୂର୍ଣ୍ଣ କରିଥିଲେ । କାରଣ, ଏହି ଦ୍ୱିତୀୟ ବଳରାମ ଦାସ ରାଜା ତେଲିଙ୍ଗା ମୁକୁନ୍ଦଦେବଙ୍କ ଦ୍ୱିତୀୟ ଅଙ୍କ ବା ଖ୍ରୀ: ୧୫୫୯ରେ ଜନ୍ମଗ୍ରହଣ କରିଥିବା ଗୁପ୍ତଗୀତାରେ ଲେଖିଛନ୍ତି । ସେତେବେଳକୁ ଜଗନ୍ନାଥ ଦାସଙ୍କ ତିରୋଧାନ ହୋଇଯାଇଥିଲା ।

ଯେ ବଳରାମ ଦାସ ଗୋପ୍ୟ କଲି, ଅଧ୍ୟାୟେ କହିଣ ଜବନ ଯାଇ ।
ସେ ଦ୍ୱିତୀ ମୁକୁନ୍ଦଦେବ ଦ୍ୱି ଅଙ୍କେ, ବଳରାମ ଦାସ କହଣେ ଲେଖେ । (ଗୁ:ଗୀ:)

**ଜାତିସ୍ମର**—ବଳରାମ ଦାସ ରାମାୟଣରେ ପୂର୍ବଜନ୍ମ ପ୍ରସଙ୍ଗ ବର୍ଣ୍ଣନା କରି କହିଛନ୍ତି ଯେ ତ୍ରେତାଯୁଗରେ ରାମଙ୍କ ଅବତାର ସମୟରେ ସେ ଦଣ୍ଡି ଧରି ସମସ୍ତ ରାମାୟଣର ଘଟଣା ଦେଖିଥିଲେ । ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାରେ ସେ କଳିଯୁଗରେ ଜନ୍ମଲାଭ କରି ପୂର୍ବଜନ୍ମ ପ୍ରସଙ୍ଗ ସ୍ମରଣ କରି ଭଗବାନଙ୍କୁ ଭକ୍ତି କଲେ । ସେ ଶୂଦ୍ରମୁନି ରୂପରେ ଜନ୍ମଗ୍ରହଣ କରିଥିଲେ ଏବଂ ଭଗବାନଙ୍କର ପ୍ରସାଦରୁ ଶାରଦାଦେବୀ ଦୟା କରିବାରୁ ତାଙ୍କ ମୁଖରୁ ରାମାୟଣ ଛନ୍ଦ ଉଧୁଣିଲା ।

ମୁହିଁ ବଳରାମ ଦାସ ରାମାୟଣ ଅବତାରେ ଥିଲି
ଦଣ୍ଡି ଧରିଣ ମୁଁ ସମସ୍ତ ଦେଖିଲି ।
ମତେ ଆଜ୍ଞା ଦେଲେ ମର୍ତ୍ତ୍ୟପୁରକୁ ଯିବୁ
କଳିଯୁଗେ ଶୂଦ୍ରମୁନି ହୋଇଣ ଜନମିବୁ ।

ଜନ୍ମହୁଁ ବର୍ଣ୍ଣିକଥା ସୁମରନ୍ତୁ ଭକ୍ତ
ଶ୍ରୀ ଜଗନ୍ନାଥ ପ୍ରଭୁ ଯେ ମୋହର ଗୋସାଇଁ । (ଲ: କା:)

ଜନ୍ମଜନ୍ମାନ୍ତରେ ଶ୍ରୀରାମ ସୁମରଇ
ହରିସେବକ ଜନ୍ମିଲି ଏ ମର୍ତ୍ତ୍ୟ ଭୂଇଁ ।

ମନ ମାୟା ଦୋଷେ ଜନନୀର ଗର୍ଭେ
ଜନ୍ମ ହୋଇଣ ମୁଁ ଜାଣିଲି ମହାତ୍ମ୍ୟ ।

ଏହାର ପ୍ରସାଦେ ଯେ ଶାରଦା ଦୟା କଲା
ରାମାୟଣ ଗ୍ରନ୍ଥ ମୋ ମୁଖରୁ ଉଚ୍ଚରିଲା । (ଭ: କା:)

ବଳରାମଙ୍କ ଶେଷ ଜୀବନ ସମ୍ବନ୍ଧରେ ବିଶେଷ କିଛି ତଥ୍ୟାଦି ମିଳୁନାହିଁ ।

ତାଙ୍କ ଜୀବନର ଯେତେଗୁଡ଼ିଏ ଘଟଣା ଜଣାଯାଇଛି ସେଥିରୁ ଅଧିକାଂଶର ନିର୍ଦ୍ଦିଷ୍ଟ ସମୟ ଜଣାଯାଇ ନଥିବାରୁ ଜୀବନୀରେ କାଳକ୍ରମ ରକ୍ଷା କରିବାରେ ଅସୁବିଧା ହେଉଅଛି । ଅଧିକାଂଶ ଗ୍ରନ୍ଥର ରଚନାକାଳର ଦଶା ମଧ୍ୟ ଏହିପରି ।

## ଗ୍ରନ୍ଥ ପରିଚୟ

ଭକ୍ତ ବଳରାମ ଯେଉଁ ଅମୂଲ୍ୟ ରତ୍ନରାଜି ଉତ୍କଳଦେଶକୁ ଦାନ କରି ଯାଇଛନ୍ତି, ଧରିତ୍ରୀରେ ଉତ୍କଳର ନାମ ରହିଥିବା ପର୍ଯ୍ୟନ୍ତ ତାହା ଅକ୍ଷୁଣ୍ଣ ହୋଇ ରହିଥିବ । ସରଳ ଭାଷାରେ ଜଟିଳ ଧର୍ମସମସ୍ୟାର ସୂକ୍ଷ୍ମ ତତ୍ତ୍ୱର ବିବରଣ ପଞ୍ଚସଖାଙ୍କର ଗୋଟିଏ ବୈଶିଷ୍ଟ୍ୟ । ବଳରାମଙ୍କଠାରୁ ଏ ସମ୍ବନ୍ଧରେ ଅନ୍ୟ ସଖାମାନେ ପ୍ରେରଣା ପାଇଥିଲେ ବୋଲି ମନେ ହୁଏ ।

ଭକ୍ତ ଅତିବଡ଼ ଜଗନ୍ନାଥ ଦାସ ଯେପରି ଭାଗବତ ଲେଖି ଅମରତ୍ୱ ଲାଭ କରିଛନ୍ତି, ବଳରାମ ସେପରି ରାମାୟଣ ଲେଖି ଅମର ହୋଇ ରହିଅଛନ୍ତି । ଓଡ଼ିଶାରେ ଏପରି ଜନପଦ ନାହିଁ, ଯେଉଁଠାରେ କି ଶାରଳା ଦାସଙ୍କ ମହାଭାରତ, ଜଗନ୍ନାଥଙ୍କ ଭାଗବତ ଓ ବଳରାମଙ୍କ ଜଗମୋହନ ରାମାୟଣ ନାହିଁ ।

ଓଡ଼ିଆ ଜାତିର ଧର୍ମଜୀବନକୁ ଏହି ଗ୍ରନ୍ଥରାଜି ବଞ୍ଚାଇ ରଖିଛି । ଏହି ମହାଗ୍ରନ୍ଥର ରଚନାଶୈଳୀ ଅତ୍ୟନ୍ତ ଧରଣର । ସେଥିରୁ କେତେକ ଦର୍ଶନ ଓ ଯୋଗ ସମ୍ବନ୍ଧରେ ଲିଖିତ ।

**ଗୁପ୍ତଗୀତା**—ଗୁପ୍ତଗୀତା ଅଠଟି ଛୋଟ ଛୋଟ ଅଧ୍ୟାୟରେ ଲିଖିତ । ଜ୍ଞାନଯୋଗର ବିଷୟ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ସମ୍ବାଦ ଛଳରେ ବର୍ଣ୍ଣିତ ହୋଇଛି । ଜ୍ଞାନ, ଜ୍ଞାନର ଅବସ୍ଥା, ତ୍ରିବେଣୀ କୂଟ ସ୍ଥାନ, ଶବ୍ଦନାଦ, ଅନାହତ, କାର୍ତ୍ତିକମଣ୍ଡଳ, ଗୋଲ୍ହାଟ, ବଙ୍କନାଳ, ଶିଶୁମା (ସୁଷୁମ୍ନା), ଓଙ୍କାରଙ୍କ ସ୍ଥାନ, ମହାଶୂନ୍ୟର ରୂପ, ବ୍ରହ୍ମର ସ୍ୱରୂପ ପ୍ରଭୃତି ଅନେକ ବିଷୟ ସଂକ୍ଷିପ୍ତଭାବରେ ବୁଝାଇ ଦିଆଯାଇଅଛି । ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା, ସୁଦର୍ଶନଙ୍କ ଅର୍ଥ ସମ୍ବନ୍ଧରେ ବଳରାମ ଲେଖିଛନ୍ତି :—

ବଳଭଦ୍ର ଯେ ନାମ ହୋଇ, ରୂପ ଯେ ସୁଭଦ୍ରା ଅଟଇ ।
ଯଜୁର୍ବେଦ ଶ୍ରୀ ଜଗନ୍ନାଥ, ଅଥର୍ବ ସୁଦର୍ଶନ ସାର୍ଥ ।
ନାସିକା ସୁଦର୍ଶନ ବନ୍ଧୁ, ଅଧର ସୁଭଦ୍ରା ଅଟଇ ।
ନୟନ ଜଗନ୍ନାଥ ଜାଣ, ବଳଭଦ୍ରଟି ଯେ ଶ୍ରବଣ । (୭ମ ଅ.)

ଦେହର ଯେଉଁ କେନ୍ଦ୍ରମାନେ ବୋଲି ଅର୍ଜୁନ ପଚାରିବାରୁ ଶ୍ରୀକୃଷ୍ଣ କହୁଅଛନ୍ତି ଯେ, ପାଦ—ଯାଜପୁର, କଟି—କଟକ, ପେଟ—ଖଣ୍ଡଗିରି, ନାଭି—ଭୁବନେଶ୍ୱର, ଡାହାଣଭୁଜ—ହଟକେଶ୍ୱର, ବାମଭୁଜ—ଚନ୍ଦ୍ରଭାଗା, ମୁଖ—ସିଂହଦ୍ୱାର, ଛାତି—ବାଇଶିପାହାଚ ।

ଉତ୍କଳର ବିଭିନ୍ନ ସ୍ଥାନ, ଦେବଦେଉଳ ଓ ଚତୁର୍ଦ୍ଧାମୂର୍ତ୍ତି ମନୁଷ୍ୟର ଶରୀର ଭିତରେ ଅବସ୍ଥିତ ବୋଲି ବଳରାମ ଦାସ ବ୍ୟକ୍ତ କରିଅଛନ୍ତି । ଏହାର ଭାଷା ସରଳ ଓ ସୁବୋଧ । ଏଥିରୁ କବିଙ୍କ ସ୍ୱଦେଶପ୍ରେମିକତା ସ୍ପଷ୍ଟ ହେଉଅଛି ।

**ଅମରକୋଷ ଗୀତା**—ସୃଷ୍ଟିର ଉତ୍ପତ୍ତି, ପିଣ୍ଡବ୍ରହ୍ମାଣ୍ଡ କଥା, ପଞ୍ଚଭୂତ ଆଦି ଜନ୍ମ, ଚିତ୍ତଭେଦ, ଭକ୍ତିଭେଦ, ନାଦ-ଚରମ କଥା, ଜ୍ଞାନର

ତକ୍ଷକନ କଥା, ଅର୍ଜ୍ଜୁନଙ୍କ ପୁତ୍ରଜନ୍ମ ବୃତ୍ତାନ୍ତ, କଳିଯୁଗରେ ପଞ୍ଚପାଣ୍ଡବଙ୍କ ଅବସ୍ଥା ପ୍ରଭୃତି ବିଷୟ ଦଶଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । କଳିଯୁଗରେ ପଞ୍ଚପାଣ୍ଡବଙ୍କ ପୁରୀରେ ଗୁପ୍ତ ଅବସ୍ଥାନ ସମ୍ବନ୍ଧରେ ବଳରାମ ଲେଖିଛନ୍ତି—

ଇନ୍ଦ୍ରଦ୍ୟୁମ୍ନ ସେ ଅଟଇ, ଅର୍ଜ୍ଜୁନ ତହିଁରେ ଅଛଇ ।
ନରେନ୍ଦ୍ର ଶୋଭେ ଜଳେ ସ୍ନାନ, ତହିଁରେ ଅଛି ଭୀମସେନ ।
ମାର୍କଣ୍ଡ ସାହାକୁ କହି, ଧର୍ମନନ୍ଦନ ଅଛି ରହି ।
କାଳି ମୁହାଣ ତୀର୍ଥସାର, ତହିଁରେ ଅଶ୍ୱିନୀକୁମର ।
ଶ୍ୱେତଗଙ୍ଗାରେ ସହଦେବ, ବେଢ଼ିଣ ଅଛନ୍ତି ମାଧବ ।
ଏ ରୂପେ ହେବେ ଛନ୍ନ ରହି, ଶୁଣ ହେ ସତା ମନ ଦେଇ । (୯ମ ଅ:)

ଏ ଗ୍ରନ୍ଥର ଭାଷା ସରଳ ଓ ସୁବୋଧ ।

**ବେଦାନ୍ତସାର ଗୁପ୍ତଗୀତା**—ମୁକ୍ତିମଣ୍ଡପଠାରେ ପ୍ରତାପରୁଦ୍ର ଓ ବ୍ରାହ୍ମଣମାନଙ୍କୁ ବଳରାମ ଦାସ ବେଦାନ୍ତ ସମ୍ବନ୍ଧରେ ଯେଉଁ ସବୁ କଥା ବୁଝାଇଥିଲେ, ତାହା ଏହି ଗ୍ରନ୍ଥରେ ଲେଖାଅଛି । ଏହାଙ୍କର ମୃତ୍ୟୁ ପରେ ଆଉ ଜଣେ ବଳରାମଦାସ ଛତିଶ ଗୁପ୍ତଗୀତା ଲେଖିଛନ୍ତି । ଏହି ଗୁପ୍ତଗୀତାର ପ୍ରଥମ ଅଧ୍ୟାୟଟି ନିଜେ ପ୍ରଥମ ବଳରାମ ଦାସ ଲେଖିଥିଲେ । ଗ୍ରନ୍ଥଟି ୩୨ଟି ଅଧ୍ୟାୟରେ ବିଭକ୍ତ । ବେଦାନ୍ତସମର୍ଥିତ ଜ୍ଞାନମିଶ୍ରା ଭକ୍ତିଯୋଗ ସମ୍ବନ୍ଧରେ ଅନେକ ତତ୍ତ୍ୱ ବହିଟିରେ ଲିଖିତ ହୋଇଛି । ମନୁଷ୍ୟ ନିଜ ଆତ୍ମାକୁ ଚିହ୍ନି ପାରିଲେ ଭଗବାନଙ୍କୁ ଲାଭ କରିବ ଏବଂ ଏହା ଲାଭ କରିବାକୁ ହେଲେ ଯୋଗ ଆବଶ୍ୟକ, ଏହା ହିଁ ଏହି ଗ୍ରନ୍ଥର ପ୍ରତିପାଦିତ ବିଷୟ ।

ଏହି ଭାବରେ ଭେଦ ସାର, ଆତ୍ମାରେ ଦେଖ ମୋତେ ଯାର ।
ପରମ ଜ୍ଞାନ ପାର୍ଥ ଏହି, ଏହାକୁ ଆତ୍ମଜ୍ଞାନ କହି । (୩ୟ ଅଧ୍ୟାୟ)

ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଏଥିରେ ଯେଉଁ ଉପଦେଶ ଦେଇଅଛନ୍ତି, ତାହା ସକଳ ଧର୍ମର ମୂଳଭିତ୍ତି ବୋଲି ମନେ ହେବ । ସହଜିଆ ଧର୍ମପନ୍ଥୀମାନଙ୍କ ଭକ୍ତିଯୋଗ ବୈଷ୍ଣବପନ୍ଥୀମାନଙ୍କ ଭକ୍ତିଯୋଗଠାରୁ ଭିନ୍ନ ପ୍ରକାର । ବଳରାମ ଦାସ

ଭକ୍ତିଯୋଗ ସମ୍ବନ୍ଧରେ କହିଛନ୍ତି, ଯେ ବ୍ୟକ୍ତି ନିଜ ଶରୀର ଭିତରେ ଭଗବାନଙ୍କୁ ଦେଖନ୍ତି ସେ ଭକ୍ତ; ତାଙ୍କର ଜନ୍ମ-ବନ୍ଧନ ନାହିଁ । ପିଣ୍ଡରେ ବ୍ରହ୍ମାଣ୍ଡର ଅବସ୍ଥିତି ଜାଣି ଏହି ପିଣ୍ଡରେ ବ୍ରହ୍ମଙ୍କୁ ଦେଖିବା ହିଁ ଆତ୍ମଜ୍ଞାନ । ଏହି ଆତ୍ମଜ୍ଞାନ ପରମ ସୁଖ ।

**ବଟ ଅବକାଶ**—ବହିଟିରେ ଲଙ୍କା ଦର୍ଶନ ବର୍ଣ୍ଣନା ସଙ୍ଗେ ଜଗନ୍ନାଥଙ୍କର ଅବକାଶ ବର୍ଣ୍ଣନା ବଡ଼ ସୁନ୍ଦର ଭାବରେ ହୋଇଅଛି । ଅବକାଶବେଳେ ଉପର ସ୍ୱର୍ଗର ତେତିଶି କୋଟି ଦେବତା, ଇନ୍ଦ୍ର, ଚନ୍ଦ୍ର, ବ୍ରହ୍ମା, ଶିବ, ଦେବ, ଦେବୀ, ଲକ୍ଷ୍ମୀ, ସରସ୍ୱତୀ ପ୍ରଭୃତି ସମସ୍ତେ ଆସି ଯେ ସାହାଯ୍ୟ କର୍ମ କରନ୍ତି ଏବଂ ଜଗତ୍ପାଳନକର୍ତ୍ତା ଉପର ସମସ୍ତଙ୍କର ପ୍ରୀତି ଶ୍ରଦ୍ଧା ପ୍ରକାଶ କରନ୍ତି, ତାର ବର୍ଣ୍ଣନା ବଡ଼ ହୃଦୟଗ୍ରାହୀ ହୋଇଅଛି ।

**ବ୍ରହ୍ମାଣ୍ଡ ଭୂଗୋଳ**—ବଳରାମ ଦାସ ଅତିବଡ଼ ଜଗନ୍ନାଥଦାସଙ୍କ ଠାରୁ ପ୍ରଥମେ ଭକ୍ତିତତ୍ତ୍ୱ ଓ ଭାଗବତର ବ୍ୟାଖ୍ୟା ଶୁଣୁଥିଲେ । ଦୁହିଙ୍କ ଭିତରେ ପ୍ରଗାଢ଼ ବନ୍ଧୁତ୍ୱ ଥିବାରୁ ସେ ଅତିବଡ଼ଙ୍କଠାରୁ ତାଙ୍କ ପ୍ରଣୀତ ଭାଗବତର ବହୁ ପଦର ବ୍ୟାଖ୍ୟା ଶୁଣିଥିଲେ । ପୁଣି ସେ ଜଣେ ସାଧକ ଓ ତତ୍ତ୍ୱବିତ୍ ଥିବାରୁ ଜଗନ୍ନାଥ ଦାସଙ୍କ ଭାଗବତର ମର୍ମ ବୁଝିବାରେ କଷ୍ଟ ବୋଧ କରୁନଥିଲେ । ଯେଉଁ ଟୀକା ବଳରାମ ଦାସ କରିଛନ୍ତି ତାହା ଅତିବଡ଼ଙ୍କ ଭାଗବତରେ ବସ୍ତୁତତ୍ତ୍ୱରୂପରେ ନାହିଁ । ବଳରାମ ଭାଗବତ ପଦମାନଙ୍କର ଟୀକାରୁ 'ବ୍ରହ୍ମାଣ୍ଡ ଭୂଗୋଳ' ବୋଲି ନାମକରଣ କରିଥିବାରୁ ଭାଗବତ ତତ୍ତ୍ୱକୁ 'ବ୍ରହ୍ମାଣ୍ଡ' ସହିତ ଏକ ବୋଲି ଧରି ନେଇ ତତ୍ତ୍ୱକୁ ବିସ୍ତାର କରିଛନ୍ତି । ଯୋଗର ବର୍ଣ୍ଣନା ବିଷୟ ସହିତ ଭାଗବତର ବର୍ଣ୍ଣିତ ତତ୍ତ୍ୱର ଅର୍ଥ ସାମଞ୍ଜସ୍ୟ ରକ୍ଷା କରି ସୁନ୍ଦର ଭାବରେ ଲେଖିଛନ୍ତି ।

ଭଗବାନ ଜଗନ୍ନାଥ ବା ଶ୍ରୀକୃଷ୍ଣ ଓ ଅର୍ଜୁନ ସମ୍ବାଦରେ ଏହି ଗ୍ରନ୍ଥଟି ଲିଖିତ ହୋଇଛି । ଶ୍ରୀମଦ୍ ଭଗବଦ୍‌ଗୀତାର ସାରତତ୍ତ୍ୱଗୁଡ଼ିକୁ କୃଷ୍ଣ-ଅର୍ଜୁନ ସମ୍ବାଦରେ ବ୍ୟାସଦେବ ବ୍ୟକ୍ତ କରିଛନ୍ତି । କବି ସେହି ଧାରା ଅନୁସରଣ କରିଛନ୍ତି । ୮ଟି ଛୋଟ ଛୋଟ ଅଧ୍ୟାୟରେ ଗ୍ରନ୍ଥଟି ସମାପ୍ତ ହୋଇଛି । ପ୍ରତ୍ୟେକ ଛାନ୍ଦର ଶେଷରେ କବି ନିଜ ନାମରେ ଭଣିତା କରିଛନ୍ତି । ଅଧିକାଂଶ

ଅଧ୍ୟାୟର ଆରମ୍ଭରେ ଜଗନ୍ନାଥ ଦାସଙ୍କ ଭାଗବତରୁ ପଦ ଉଦ୍ଧାର କରି ଅର୍ଜ୍ଜୁନ କୃଷ୍ଣଙ୍କୁ ଏହାର ଅର୍ଥ ବୁଝାଇବା ପାଇଁ ପ୍ରାର୍ଥନା କରୁଛନ୍ତି ଏବଂ କୃଷ୍ଣ ଉତ୍ତର ଦେଉଛନ୍ତି । ପୁସ୍ତକ ବା 'ନଅଅକ୍ଷର ବା 'ଭାଗବତ' ବୁଝିବାରେ ରହିଛି ଲୁଚିତ ।

'ବ୍ରହ୍ମାଣ୍ଡ ଭୂଗୋଳ'ର ବିଷୟ ପୂର୍ବେ ଅର୍ଜ୍ଜୁନଙ୍କୁ କୃଷ୍ଣ କହିଥିବା କଥା ବ୍ୟକ୍ତ କରିଛନ୍ତି ଏବଂ ସେହି ବିଷୟ ଲେଖିବାକୁ ତାଙ୍କୁ ଦିବ୍ୟଜ୍ଞାନ ଦେବା ନିମନ୍ତେ ଜଗନ୍ନାଥ (ଭକ୍ତବତ୍ସଳ ଗୋପୀନାଥ)ଙ୍କୁ ପ୍ରାର୍ଥନା କରିଛନ୍ତି ।

ତେଣୁ ଶରଣ ଘନଶ୍ୟାମ । ଦଅ ହେ ପ୍ରଭୁ ଦିବ୍ୟଜ୍ଞାନ ।
ବ୍ରହ୍ମାଣ୍ଡ ଭୂଗୋଳେ ଆପଣ । ପାର୍ଥେ କହିଲେ ଯେଉଁ ଜ୍ଞାନ ।
ତାହା ମୁଁ କରିବି ଲେଖନ । ଏଥି ମୋହର ମନଧ୍ୟାନ ।
ପୂରଣ କର ଚକ୍ରଧର । ପ୍ରଣାମ ଶତସହସ୍ର ବାର । (୧ମ ଅ:)

ଅର୍ଜ୍ଜୁନ କୃଷ୍ଣଙ୍କୁ କେମନ୍ତେ ସେ ମୁକ୍ତିଲଭି କରିବେ ତାହା ତାଙ୍କୁ କହିବା ପ୍ରାର୍ଥନା କରୁଛନ୍ତି । କୃଷ୍ଣଙ୍କ ବକ୍ତବ୍ୟ ହିଁ ବ୍ରହ୍ମାଣ୍ଡ ଭୂଗୋଳ । ତାହା ହିଁ ଭାଗବତ ଧର୍ମର ଅର୍ଥ ।

ଶ୍ରୀକୃଷ୍ଣ ଗୋବିନ୍ଦ ଗୋପାଳ । କହ ହେ ବ୍ରହ୍ମାଣ୍ଡ ଭୂଗୋଳ ।
ଏ ଭାଗବତ ଧର୍ମ ଅର୍ଥ । ଦୟା କର ହେ ଗୋପୀନାଥ ।

କୃଷ୍ଣ 'ଭାଗବତ ଭେଦ' କହିବା ଆରମ୍ଭ କରି ଭାଗବତ-ରହସ୍ୟ ବର୍ଣ୍ଣନା କଲେ । ସୃଷ୍ଟିର ଆଦ୍ୟରୁ ସଂସାର, ଚନ୍ଦ୍ର ଦିବାକର, ଦଶ ଭରଣା, ଭୁବନ ମେଦିନୀ, ପବନ, ଶୂନ୍ୟରେ ତାରାଗଣ, ଦେବାସୁରନର, ସପ୍ତାବ୍ଧିଗ୍ରହ, ଜଳସ୍ଥଳାନିଳ, ଗଗନମଣ୍ଡଳ, ବଇକୁଣ୍ଠକୁବେର, ତେଜ ନୀର, ବ୍ରହ୍ମାଣ୍ଡ ଶିବ, ବେଦାଦି ସ୍ତବ,—ଏସବୁ କିଛି ନଥିଲା । ଭଗବାନଙ୍କ ରୂପ ଶୂନ୍ୟ ଥିଲା । ଏହିପରି କୋଟି କଳ୍ପ ଗଲା । ନିଜେ ବ୍ରହ୍ମରୂପ ହୋଇ ବ୍ରହ୍ମାଣ୍ଡକୁ ନିଜ ଗର୍ଭରେ ରଖିଲେ । ଏହାପରେ ଭଗବାନଙ୍କର ଚକ୍ଷୁରେ ଦୟା ହେଲା । ସୃଷ୍ଟି କରିବା

ପାଇଁ ତାଙ୍କର ବାଞ୍ଛା ହେଲା ଏବଂ ତାଙ୍କର ଅଙ୍ଗରୁ ବିନ୍ଦୁ ଖସିଗଲା । ସେହି ବିନ୍ଦୁ ଶୂନ୍ୟ ଭଗ୍ନ ହେଲା ଏବଂ ତ୍ରିବିନ୍ଦୁରୂପ ହୋଇଗଲା । ଏ ତ୍ରିବିନ୍ଦୁରୁ ତ୍ରିଦେବ—ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଜାତ ହେଲେ । ଏହି ତ୍ରିମୂର୍ତ୍ତିଙ୍କଠାରୁ ରାମ ନାମର ଉତ୍ପତ୍ତି ହେଲା ଏବଂ ନାମରୁ ଭାଗବତ ହେଲା । ଏହି କାରଣରୁ ଭାଗବତ ତ୍ରିଗୁଣ ହୋଇଗଲା । ( ୧ମ ଅ: )

ଏହି ଭାଗବତ ଯେପରି ଏକାଦଶ ହେଲା ତାହା କହିବା ପାଇଁ ଅର୍ଜୁନ ପ୍ରଶ୍ନ କରିବାରୁ କୃଷ୍ଣ କହୁଛନ୍ତି, ମାତାପିତାଙ୍କ ରଜବୀର୍ଯ୍ୟ ମିଶ୍ରିତ ହେବାରୁ ମହାତେଜ ଜାତ ହେଲା । ଏହି ମହାତେଜ ରଜବୀର୍ଯ୍ୟକୁ ପୁଷ୍ଟ କଲା । ଯେଉଁ ଭାଗବତ ହେଲା । ରଜବୀର୍ଯ୍ୟରୁ ଏକାଦଶ ଇନ୍ଦ୍ରିୟଙ୍କ ଜନ୍ମ । ଭାଗବତ ଏକ ଏବଂ ସ୍କନ୍ଧ ଏକାଦଶର ଏହା ହିଁ ଅର୍ଥ କରି ଭାଗବତ ହିଁ ବ୍ରହ୍ମ ଏବଂ ଏହି ଏକାଦଶ ଓ ବ୍ରହ୍ମ ଅଭେଦ ଥିବା କୃଷ୍ଣ କହିଛନ୍ତି ।" ( ୨ୟ ଅ: )

ବେଦ, ଗୀତା, ସ୍ମୃତି, ଶାସ୍ତ୍ରର ଅର୍ଥ ପ୍ରସଙ୍ଗରେ କୃଷ୍ଣ କହୁଛନ୍ତି ଯେ, ମହାଶୂନ୍ୟ ପ୍ରଣବ (ଓଁ)—ଏକାକ୍ଷର ହେଲା । ଏହି ଏକାକ୍ଷର ବା ଓଁକାରରୁ ନାମ, ନାମରୁ ବେଦ ଓ ଶାସ୍ତ୍ରାଦି ଜାତ ହେଲା । ଶାସ୍ତ୍ରହିଁ ଦେହ । ନାମ ଦେହରେ ବସେ । ଯେ ଦେହସ୍ଥ ନାମକୁ ନ ଭଜୁଥାଏ, ତାକୁ କେବେହେଲେ ମୁକ୍ତି ନାହିଁ । ( ୩ୟ ଅ: )

ଭାଗବତର ଚତୁଃସମ୍ପ୍ରଦାୟର ଅର୍ଥ କରି କୃଷ୍ଣ କହୁଛନ୍ତି, ଶୂନ୍ୟରୁ ବିନ୍ଦୁ ହୋଇ ଚତୁଃପ୍ରକାରେ ହେଲା । ଏ ବିନ୍ଦୁ ମାତାଉଦରେ ମିଶ୍ରିତ ହେବାରୁ ଭାଗବତ ହେଲା ।

ଭବରୁ ଯାହା ସେ ସମ୍ଭୂତ । ଏଣୁ ହିଁ ନାମ ଭାଗବତ । ( ୪ମ ଅ: )

ଭାଗବତର ଦ୍ୱାଦଶ ସ୍କନ୍ଧର ପଦ-ଅର୍ଥ ଏହିପରି ଦେହରେ କୃଷ୍ଣ ବୁଝାଇଛନ୍ତି :— ପ୍ରଥମ ସ୍କନ୍ଧ—ତାଳୁ, ଦ୍ୱିତୀୟ—ଲଲାଟ, ତୃତୀୟ—କର୍ଣ୍ଣ, ଚତୁର୍ଥ—ଚକ୍ଷୁ, ପଞ୍ଚମ—ନାସା, ଷଷ୍ଠ—ମୁଖ, ସପ୍ତମ—କଣ୍ଠ, ଅଷ୍ଟମ—

ହୃଦ, ନବମ—ନାସା, ଦଶମ—ପଞ୍ଚପ୍ରାଣ, ଏକାଦଶ—ଇନ୍ଦ୍ରିୟ, ଦ୍ୱାଦଶ—ଦାମ୍ଭୁପୁଷ । ( ୬ଷ୍ଠ ଅ: )

ଏହାପରେ ଭାଗବତର ପ୍ରଥମ ଶ୍ଳୋକର ଅର୍ଥ ଏପରି କରିଛନ୍ତି—

"ନିଗମ କଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକାଃ ଭୁବିଭାବୁକାଃ ।"

ମହାଶୂନ୍ୟ ହିଁ ନିଗମ; ବେଦ ଏହାକୁ ନ ଗମି ପାରିବାରୁ ଏହା ନିଗମ ହେଲା । ନିରାକାର ହିଁ ରୂପ ହୋଇ କଳ୍ପବୃକ୍ଷ ହେଲେ । ଏହି କଳ୍ପବୃକ୍ଷରୁ ଉଶବନ୍ତୁ ଫଳିଲା । ଏହି ବୀଜରୁ ଫଳ ଫଳିଲା । ଶିଖରୁଧାର ହିଁ (ସୁଷୁମ୍ନା) ଶୁକ; ତନ୍ମୁ ଏହି ଭାବେ ଝରି ଗାଳ ସ୍ନେହିତ ଯୁକ୍ତ ହୋଇ ମାତ୍ରାରଜରେ ସଂଯୁକ୍ତ ହେଲା । ଏ ବୀଜ ଭଜକୁ ପିଇବାରୁ ଭାଗବତ ହେଲା । ଭାବରେ ଜନ ନିଶିବାରୁ ଦେହ ପାଇଲା । ଜୀବ ହିଁ ଭାଗବତ । ଏହାକୁ ସାଧୁ ସୁଜନଜନମାନେ ସଦା ପାନ କରି ଭବସାଗରୁ ପାରି ହୁଅ ।

ନିଗମ କଳ୍ପତରୁ ଅର୍ଥ । ଫେଡ଼ି କହେ ହେ ଜଗନ୍ନାଥ ।
ନିଗମ ବୋଲି ଯେ ବେଦନ୍ତି । କହିଁ ତାହାର ନାହିଁ ଅନ୍ତି । X X
ନିଗମ ବୋଲି ଯାହା କହି । ମହାଶୂନ୍ୟଟି ସେ ଅଟଇ ।
ବେଦ ଯହିଁକି ନ ଗମିଲା । ତେଣୁ ନିଗମ ନାମ ହେଲା । ଇତ୍ୟାଦି
( ୭ମ ଅ: )

ଅଷ୍ଟମ ଅଧ୍ୟାୟରେ ଜଗନ୍ନାଥ ଦାସଙ୍କର ଭାଗବତରୁ ପ୍ରଥମ ପଦ ଉଦ୍ଧାର କରି ଅର୍ଥ ନ ପ୍ରଶ୍ନ କରୁଛନ୍ତି—

"ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ।"

୮ମ, ୯ମ, ୧୦ମ ଅଧ୍ୟାୟରେ ଏହାର ଅର୍ଥ ଦିଆଯାଇଛି ।

ଅନାଦି ରୂପ ଭଗବାନଙ୍କଠାରୁ ସୃଷ୍ଟି ଜନ୍ମ ନୁହେଁ । ଅନାଦି ସ୍ୱୟମ୍ଭୁ ମଧ୍ୟ କୁହାଯାଏ । ଶ ଅକ୍ଷରରେ ଯୁଗଳ-ବିହାର ଅଛି । 'ସ'ରେ 'ମ' ବିହାର କରୁଅଛି ।

"ନମଇଁ ନୃସିଂହ ଚରଣ"ର ଏକ ଏକ ଅକ୍ଷରର ଅର୍ଥ—

ନ—ନମସ୍କାର ରୂପ, ମ—ମହାପୁରୁଷ ରୂପ, ଇ—ଈଶ୍ୱର, ନ—ଅର୍ଦ୍ଧମାତ୍ରା, ସି—ରୁ ସୂକ୍ଷ୍ମ ଜାତ, ହ—ରୁ ଜଗତ ଉତ୍ପନ୍ନ, ଚ—ରୁ ଚରାଚର ହେଲା, ର—ଶରୀରରେ ରହିଲା, ଣ—ମହାଶୂନ୍ୟ । ଏହି ମହାଶୂନ୍ୟରେ ଶରୀର ପୁଣି ଲୀନ ହେବ ।

"ଅନାଦି ପରମ କାରଣ"ର ଅର୍ଥ—

ଅନାଦି—ଅର୍ଦ୍ଧମାତ୍ରା ବା ପ୍ରକୃତି ସ୍ୱଭାବ । ପ୍ରଳୟରେ 'ପରମ'ର ମ ରହି ସବୁ କାରଣ କରୁଛନ୍ତି । ଯିଏ ଭାବରେ ଥିଲା; ସେ ପରମ କାରଣ ହେଲା ।

ଏହିପରି ଅତିବଡ଼ି ଭାଗବତରୁ ଶତାଧିକ ପଦ ବାଛି ଅଧ୍ୟାୟମାନଙ୍କରେ ଅର୍ଥ କରିଛନ୍ତି । ଉଦ୍ଧୃତ ହୋଇଥିବା କେତୋଟି ଭାଗବତ ପଦ ଏଠାରେ ଦିଆଗଲା—

ଲୀଳା ବିଧୃତ କଳେବର । ବେଦ ମାନବେ ଅଗୋଚର । ୧୧ଶ ଅ: ।
କରୁଣା କଟାକ୍ଷ ପ୍ରକାଶେ । ଭକତଜନ ଦୁଃଖ ନାଶେ । ୧୨ଶ ଅ: ।
ସେ ହରି ଚରଣେ ପ୍ରକାଶ । ଶ୍ରୀ ଭାଗବତ ଏକାଦଶ । ୧୩ଶ ଅ: ।
ସାଧୁ ସଙ୍ଗମେ ଗଙ୍ଗା ତୀରେ । ଶୁକଚରଣ ଧରି କରେ ।
ଆନନ୍ଦେ ଅଶ୍ରୁପାତ କଲା । ମୁନିଙ୍କ ଚରଣେ ନମିଲା । ୧୪ଶ ଅ: ।
ଦେବଙ୍କ ବାକ୍ୟକୁ ମୁରାରି । ମର୍ତ୍ତ୍ୟେ ମନୁଷ୍ୟ ରୂପ ଧରି ।
ଦୁର୍ଜନ ଗଣ ନାଶ କଲେ । ଅବନୀଭାର ଉଶ୍ୱାସିଲେ । ୧୫ଶ ଅ: । ଇତ୍ୟାଦି

"କରୁଣା କଟାକ୍ଷ ପ୍ରକାଶେ । ଭକତଜନ ଦୁଃଖ ନାଶେ ।"

ଏହି ପଦର ଅର୍ଥ କରି ବଳରାମ ଦାସ କହୁଛନ୍ତି—ସାଂସାରୀ ଜୀବ, ପ୍ରଳୟ କାଳରେ ଯେ ଦୁଃଖ ପାଉଥାଏ । ପିଣ୍ଡରୁ ଜୀବ ବେଗେ ଛାଡ଼ିଗଲେ, ସେହି ଦୁଃଖସବୁ ଜୀବର ହୁଏ । ଜୀବ ବନ୍ଧଦୁଃଖ ପାଇବାରୁ ପ୍ରଭୁଙ୍କର କରୁଣା ହୁଏ । ଜୀବ ଓ ପରମ ହେବା ମିଶିଯାଆନ୍ତି—ଭକତଜନଙ୍କର ଦୁଃଖ ନାଶ ହୁଏ । (୧୨ଶ ଅ:)

ସାଧୁସଙ୍ଗମେ ଗଙ୍ଗାତଟରେ । ଶୁକଚରଣ ଧରି କଟରେ ।
ଅନନ୍ତେ ଅନ୍ତ୍ରାପ୍ତ ଜଳ । ମୁନିଙ୍କ ଚରଣେ କମ୍ପିଲ ।

ଡାହାଣ କାୟାର ବାମକୁ ଗଙ୍ଗା କହନ୍ତି । ଏହାର ନାମ ମଧ୍ୟ ସୁଷୁମ୍ନା । ମନପବନକୁ ଚରଣ କହନ୍ତି । ମନପବନକୁ ଏକ କରି ସୁଷୁମ୍ନା ଘାଟରେ ଟେକିଲେ । ଶୁକ ଚରଣକୁ ଧଇଲା ଅର୍ଥାତ୍ ପଶ୍ଚିମ ଦୃଷ୍ଟି ପୂର୍ବେ ହେଲା । ଶୂନ୍ୟରେ ଦୃଷ୍ଟି ରହିବାରୁ ନିଜକୁ ଅନ୍ତ୍ରାପ୍ତ ହେଲା । (୧୪ଶ ଅ:)

ଦେବଙ୍କ ବାକ୍ୟରେ ମୁରାରି । ମର୍ତ୍ତ୍ୟେ ମନୁଷ୍ୟ ରୂପ ଧରି ।
ଦୁର୍ଜ୍ଜନଗଣ ନାଶ କଲେ । ଅବନୀ ଭାର ହରାଇଲେ । (୧୫ଶ ଅ:)

ଅବନୀ ସେ ଦେହ । ଦୁଷ୍ଟଗଣ ନାଶ କଲେ ଅର୍ଥାତ୍ ପ୍ରକୃତ ବଶୀ ହେଲେ, ଆତ୍ମା ନିଜ ପୁରକୁ ଯାଏ; ଜୀବ ଓ ପରମ ଶୂନ୍ୟକୁ ଚାଲିଯାଆନ୍ତି ।

ଭୀମକୁ କଳ୍ପତରୁ ଦେଇ । ଜତୁର ଘରେ ଅଗ୍ନି ଦାହି ।
ଏ ଆଦି ଯେତେ ଦର୍ପମାନ । ପାଣ୍ଡବେ କଲା ଦୁର୍ଯ୍ୟୋଧନ ।
ହଇତେ ପଞ୍ଚଙ୍କୁ ଦେନ । ନାଶିଲେ ସେ କୃଷ୍ଣଘନ ।

ଭୀମ ସେ ପବନ, ଜତୁଘର ସେ ଦେହ, କଳ୍ପତରୁ ସେ ସ୍ତ୍ରୀ ବା କାମ । ଦୁର୍ଯ୍ୟୋଧନ ସେ ମନ । ପଞ୍ଚପାଣ୍ଡବ ସେ ପଞ୍ଚଭୂତ । ମନ ସେ ଦୁର୍ଯ୍ୟୋଧନ ସେ କାମ ଅଗ୍ନିରେ ଜାଳିଦେଲା । ପଞ୍ଚଭୂତ ପରମାତ୍ମା ହସ୍ତଗତ ଦୃଷ୍ଟ ମନର ଚେଷ୍ଟା ସେ କୃଷ୍ଣଘନ ତାକୁ ନାଶ କଲେ । ପାପକୁ ନାଶ କରି ଶୁଦ୍ଧବୁଦ୍ଧିରେ ଚଳିଯାଆନ୍ତି । (୧୬ଶ ଅ:)

ଏପରି କେତେକ ପୌରାଣିକ ବିଷୟକୁ ସେ ଶରୀରଭେଦରେ ବୁଝାଇଛନ୍ତି । ଟୀକାରେ ପାଣ୍ଡିତ୍ୟ ଓ ସାଧନାର ଅଭିଜ୍ଞତା ଥିବା ସହଜରେ ଜଣାପଡ଼େ ।

ଏହିପ୍ରକାର ଶରୀରଭେଦ ଟୀକା କେତେକ ଅତିବଡ଼ ଜଗନ୍ନାଥ ଦାସ ମାର୍କଣ୍ଡ ଦାସଙ୍କ "କେଶବ କୋଇଲି"ରେ କରିଛନ୍ତି । ସମସାମୟିକ ଶ୍ରୀଧର ଦାସ 'ମଧୁରଚନ୍ଦ୍ରିକା' ନାମକ କ୍ଷୁଦ୍ର ଗ୍ରନ୍ଥରେ ମଧ୍ୟ ସଂକ୍ଷେପରେ ଏହିପ୍ରକାର ଟୀକା ଦେଇଛନ୍ତି ।

'ବ୍ରହ୍ମାଣ୍ଡ ଭୂଗୋଳ' ଜଗନ୍ନାଥ ଦାସଙ୍କ ଭାଗବତ ରଚନା ହେବାପରେ ଲେଖା ହୋଇଛି । ଜଣେ ସମସାମୟିକ କବିଙ୍କର ଲେଖାର ତାନ୍ତ୍ରିକ ଟୀକା କରି ସ୍ୱତନ୍ତ୍ର ଗ୍ରନ୍ଥ ଲେଖିବା ଦୃଷ୍ଟାନ୍ତ ଖୁବ୍ ଅଳ୍ପ ମିଳେ । ଜଗନ୍ନାଥ ଦାସ ଓ ବଳରାମ ଦାସ ଏ କ୍ଷେତ୍ରରେ ଅଗ୍ରଣୀ ।

ବ୍ରହ୍ମାଣ୍ଡ ଭୂଗୋଳର ଭାଷା ସରଳ ଓ ସହଜବୋଧ୍ୟ । ତାନ୍ତ୍ରିକ ବ୍ୟାଖ୍ୟା କରିଥିଲେ ମଧ୍ୟ କବି ତାତ୍ପର୍ଯ୍ୟକୁ ଯଥାସାଧ୍ୟ ସରଳ କରିଛନ୍ତି । ଅଳଙ୍କାରସଂଯୋଗ ଗ୍ରନ୍ଥଲେଖାରେ ବହୁ ପାଠାନ୍ତର ସୃଷ୍ଟି କରିଥିବାରୁ କେତେକ ସ୍ଥଳ ଅବୋଧ୍ୟ ଜଣାଯାଏ ।

ତତ୍ତ୍ୱ ବିଶ୍ଳେଷଣ ଦୃଷ୍ଟିରୁ ଦେଖିଲେ ବ୍ରହ୍ମାଣ୍ଡ ଭୂଗୋଳ ଏକ 'ଶାସ୍ତ୍ର' ଗ୍ରନ୍ଥ ରୂପେ ଏକ ସ୍ଥାନ ଅଧିକାର କରିବ । ଏଥିରେ କବିତ୍ୱ-ପ୍ରତିଭା ବିଶେଷଭାବରେ ପ୍ରକାଶ ପାଇନାହିଁ ।

ଏହି ଗ୍ରନ୍ଥ ସାଧନତତ୍ତ୍ୱ ପ୍ରଭୃତି ପରବର୍ତ୍ତୀ ସମୟରେ ବହୁ ଭକ୍ତ ଓ ସାଧକଙ୍କୁ ଉଦ୍ବୁଦ୍ଧ କରିଛି । ଓଡ଼ିଆ ସାହିତ୍ୟ ଭଣ୍ଡାରରେ ସିଦ୍ଧସାଧକଙ୍କର ଶରୀରଭେଦ ସମ୍ପର୍କୀୟ ଗ୍ରନ୍ଥର ସଂଖ୍ୟା ନ୍ୟୂନ ନୁହେଁ, ଓଡ଼ିଶାର ଧାର୍ମିକ ଜୀବନରେ ଏହାର ସ୍ଥାନ ମଧ୍ୟ ଅଳ୍ପ ନୁହଁ । ପଞ୍ଚସଖା ସାହିତ୍ୟ-ଭଣ୍ଡାରରେ ଏପ୍ରକାର ଗ୍ରନ୍ଥମାନଙ୍କର ପ୍ରଭାବ ସବିଶେଷ ପରିଲକ୍ଷିତ ହୁଏ ।

**ଦେବତା ପରିକ୍ରମା**—ଜଗନ୍ନାଥ ମନ୍ଦିରର ଚତୁଃପାର୍ଶ୍ୱରେ ଓ ଭିତରେ ଥିବା ସମସ୍ତ ଦେବଦେବୀ ଓ ମହାପ୍ରଭୁଙ୍କର ନିତ୍ୟକର୍ମ ସବୁ ଏହି କ୍ଷୁଦ୍ର ପୁସ୍ତିକାଟିରେ ବର୍ଣ୍ଣିତ ହୋଇଅଛି ।

**ସପ୍ତାଙ୍ଗ ଯୋଗସାର ଟୀକା**—ମଣ୍ଡିକା ଶିଷ୍ୟ ଭାବରେ ଗୁରୁ ଗୋରେଖଙ୍କୁ ଯୋଗ ସମ୍ବନ୍ଧରେ ଅନେକ ପ୍ରଶ୍ନ ପଚାରୁଛନ୍ତି ଏବଂ ଗୋରେଖ ଉତ୍ତର ଛଳରେ ସପ୍ତାଙ୍ଗ ଯୋଗର ଗୂଢ଼ ବିଷୟକୁ ସରଳ କରି ବୁଝାଇ ଦେଉଅଛନ୍ତି । ସପ୍ତାଙ୍ଗ ଯୋଗର ତତ୍ତ୍ୱ ଏହି ବହିଟିରେ ବୁଝାଇ ଦିଆଯାଇଛି ।

**ଭାବ ସମୁଦ୍ର**—ବଳରାମ ଦାସଙ୍କ 'ଭାବ ସମୁଦ୍ର' ଭକ୍ତମାନଙ୍କର ଗୋଟିଏ ଅମୂଲ୍ୟ ଗ୍ରନ୍ଥ । ଭକ୍ତିପ୍ରେମୀ ବଳରାମ ଦାସଙ୍କ ଲାଞ୍ଛିତ, ଅପମାନିତ ହୃଦୟକନ୍ଦରରୁ ସେଥିରେ କରୁଣ ସତେଜ ଭାବମନ୍ଦାକିନୀର ଧାରା ପ୍ରବାହିତ ହୋଇଛି, ତାହା ସମସ୍ତ ଭକ୍ତସମାଜକୁ ପ୍ଲାବିତ କରିଛି । ପରମ ଭକ୍ତ ନ ହେଲେ, ପରମ ସାଧକ ନ ହେଲେ 'ଭାବ ସମୁଦ୍ର'ର ପରିପ୍ଳୁତ ଭାବରାଶି ହୃଦୟରେ ଜାଗରୂକ ହେବା ଅସମ୍ଭବ । ବଳରାମ ଦାସଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ 'ଭାବ ସମୁଦ୍ର' ଗୋଟିଏ ଅତି ଉତ୍କୃଷ୍ଟ ଗ୍ରନ୍ଥ । ଭକ୍ତ ଯେତେବେଳେ ପ୍ରଭୁଙ୍କୁ ନିଜର କରିନିଏ, ସେତେବେଳେ ନିଜକୁ ପ୍ରଭୁଙ୍କ ସଙ୍ଗେ ଏକ କରିନିଏ । ଯେତେବେଳେ ସେ ଆଉ ପ୍ରଭୁଙ୍କୁ ନିଜଠାରୁ ଭିନ୍ନ ବୋଲି ଭାବିପାରେ ନାହିଁ । ସେତେବେଳେ ସେ ପ୍ରଭୁଙ୍କ ପାଖରେ ଅଳି କରେ, ଭକ୍ତି କରେ, ତିରସ୍କାର କରେ ଏବଂ ଏଥିରେ ପରମାନନ୍ଦ ଉପଭୋଗ କରେ । ଭକ୍ତବତ୍ସଳ ପରମେଶ୍ୱର ମଧ୍ୟ ଏଥିରେ ପ୍ରୀତ ହୁଅନ୍ତି ଏବଂ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ଭକ୍ତପ୍ରବର ବଳରାମ ପ୍ରତାପରୁଦ୍ରଙ୍କ ଦ୍ୱାରା ଅପମାନିତ ହୋଇଥିଲେ । ଅନ୍ତର୍ଯାମୀ ଜଗନ୍ନାଥ ଭକ୍ତର ଅପମାନକୁ ମୋଚନ କରିଥିଲେ । ଅପମାନ ମୋଚନର ବିଷୟ ହିଁ 'ଭାବ ସମୁଦ୍ର'ରେ ପ୍ରକାଶ ପାଇଛି । ଭକ୍ତ ହୃଦୟର ଆବେଗ ଏହି କ୍ଷୁଦ୍ର ଗ୍ରନ୍ଥର ପ୍ରତି ଛନ୍ଦରେ ଫୁଟି ଉଠିଛି । ଅପମାନିତ, ଲାଞ୍ଛିତ ଭକ୍ତର ନିଜ ପ୍ରଭୁଠାରେ କି କରୁଣ ଅଭିମାନପୂର୍ଣ୍ଣ ପ୍ରାର୍ଥନା !

"ହରି ହେ ! ତୋତେ ଅନ୍ତେ କରି ଯେତେଣେ ରହିଲି,
ତୋତେ ଅନ୍ତ୍ରେ କରି ଫଳ ପାଇଲି
ହରି ତୁ ବିଶ୍ୱାସଘାତକତା କଲୁ ।

ହରି ହୋ ! ନୃପତି ହାତେ ବନ୍ଧାଇଲୁ ମୋତେ,
ବଳିଆ ଦାସ ନଦାଇ ପରତେ !

ହରି ହୋ ! ତୋତେ ଆଶ୍ରେ କରି ଧରିଣ ଥିଲି,
ଏତେ ଦିନେ ଏବେ ଶାନ୍ତି ପାଇଲି !

ହରି ତୁ ଏଡ଼େ କର୍ମ କଣା କଲୁ,
ଦୋଷ ମୋ ଥିଲେ ବାରେ କ ସହିଲୁ ।"

ଉକ୍ତ ଅଭିମାନରେ ଭକ୍ତଙ୍କ ଯେଉଁ ଉଦ୍‌ଗାର କରେ, ତାହା ଏକ ହୃଦୟଦ୍ରାବକ ।

(୧) "ଶୁଣ ହୋ ! ସୋମବଂଶେ ରାଜା ଯେ ଦୁର୍ଯ୍ୟୋଧନ,
ତାହାର ସ୍ୱାମୀ ନ ଭୁଞ୍ଜିଲୁ ଅନ୍ନ ।
ନାଥ ତୁ ବିଦୁର ଘରକୁ ଯାଉ,
କେଉଁ ଗୁଣେ ଯେ ଭୁଞ୍ଜୁ ମହାବାହୁ ।
ଶୁଣ ହୋ ! ତୋହର ଜାତି ଅଟଇ ଏମନ୍ତ,
ବଳରାମ ଦାସ କୋହେ ତେମନ୍ତ ।"

(୨) "ଶୁଣ ହୋ ! ଇନ୍ଦ୍ରଜାଲ ମାୟା କରୁ କି ମତେ,
ଏ ମାୟା କଲେ କି ତାରିବ ତୋତେ ?
ନାଥ ମୁଁ ତୋ ତତ୍ତ୍ୱ କର୍ଣ୍ଣେ ଜାଣ,
ମୋତେ ଦେଖାଇଲ କେଉଁ ଯେ ଠାଣ ।
ଶୁଣ ହୋ ! ତୋ ମାୟାକୁ ନ ଡରେ ମୁହିଁ,
ଦାସ ବଳିଆ ତୋ ବୋଇଲ ନଥାଇ ।
ଶୁଣ ହୋ ! ଷଣ୍ଢ ପୁଷ୍କର ଯାବକୁ ଚାଲୁ,
ଲୁଚି ହୋଇ ପଞ୍ଚତଳେ ରହିଲୁ ।"

(୩) "ନାଥ ତୁ ଅନନ୍ତ ଯେ ପଡ଼ିଆଶା,
ହସ୍ତରେ ବେତ ଯୋଡ଼ା ଭୁମ୍ଭେ ଧର ।
ଶୁଣ ହୋ ! ତୋତେ କହୁଚେ ଜ ମୋ ଦୁଃଖ ଯିବ,
ବଳ ଦାସ ତୋ ମୁଖ ନ ଚାହିଁବ ।"

'ଭବ ସମୁଦ୍ର' ଯେ 'ବଟ ଅବକାଶ' ସବୁ ଲିଖିତ ହୋଇଛି, ତାହା ନିମ୍ନଲିଖିତ ପଂକ୍ତିଗୁଡ଼ିକରୁ ଜଣାପଡ଼ୁଛି—

ଶୁଣ ହୋ ! ସମୁଦ୍ର ପିଠିରେ ବସେ ଲଙ୍କାନ୍ତ,
ସଙ୍ଗେ ଥାଇ ଶଙ୍ଖ ଜଳ ମଜ୍ଜନ୍ତି ।

ନାଥ ମୁଁ ଖାଇ ପଡ଼ିଲି ସିନ୍ଧୁର,
ହସ୍ତ ହେଯ ଅସ୍ତ ବୋଲିଲା ସଧୀର ।
ତୋହର ବୋଲିଲେ ନ ବୁଡ଼େ ପଥର,
ଦାସ୍ୟ ବଳିଆକୁ ରଖ ଏଠାର ।

**ଶ୍ରୀ ଭଗବଦ୍‌ଗୀତା ଅର୍ଥ**—ବଳରାମ ଦାସ ଶ୍ରୀମଦ୍ ଭଗବଦ୍-ଗୀତାର ଅର୍ଥ ଓଡ଼ିଆ ପଦ୍ୟରେ କରିଛନ୍ତି । ଏହି ଗ୍ରନ୍ଥଟିର ନାମ ମଧ୍ୟ ଶ୍ରୀ ଭଗବଦ୍‌ଗୀତା ରଖିଛନ୍ତି । ମୂଳଗୀତାରେ ଅଷ୍ଟାଦଶ ଅଧ୍ୟାୟ ଅଛି । କବି ମଧ୍ୟ ଅଷ୍ଟାଦଶ ସଂଖ୍ୟକ ଅଧ୍ୟାୟ କରିଛନ୍ତି । ପ୍ରତ୍ୟେକ ଅଧ୍ୟାୟ ମୂଳ ଅଧ୍ୟାୟର ବିଷୟକୁ ଅବଲମ୍ବନ କରି ଲେଖାଯାଇଛି ।

କବି ଅଧ୍ୟାୟମାନଙ୍କର ନାମକରଣରେ ସ୍ୱାତନ୍ତ୍ର୍ୟ ଅବଲମ୍ବନ କରିଛନ୍ତି । କ୍ରମ ଠିକ୍ ରହିଥିଲେ ମଧ୍ୟ ନାମରେ ବିଭିନ୍ନତା ରକ୍ଷା କରିଛନ୍ତି । ୩ୟ ଅଧ୍ୟାୟ କର୍ମଯୋଗକୁ ଅଧ୍ୟାତ୍ମ୍ୟଯୋଗ, ୪ର୍ଥ ଜ୍ଞାନଯୋଗକୁ ସନ୍ନ୍ୟାସଯୋଗ, ୫ମ କର୍ମସନ୍ନ୍ୟାସ ଯୋଗକୁ ଯୋଗଗର୍ଭ, ୬ଷ୍ଠ ଧ୍ୟାନଯୋଗକୁ ଆତ୍ମସଂଯମ, ୭ମ ଜ୍ଞାନ-ବିଜ୍ଞାନଯୋଗକୁ ଜ୍ଞାନଯୋଗ—ଏପରି ବହୁ ଅଧ୍ୟାୟର ସ୍ୱତନ୍ତ୍ର ନାମକରଣ କରିଛନ୍ତି, କିନ୍ତୁ ବିଷୟବସ୍ତୁରେ ପ୍ରଭେଦ ରହିନାହିଁ । ନାମକରଣ ବିଷୟାନୁଯାୟୀ ହୋଇଛି ।

‘ଭଣ୍ଡା’ରେ ସଂସ୍କୃତ ଗୀତାରେ ଅଧ୍ୟାୟର ଯେଉଁ ନାମ ଦିଆଯାଇଛି କବି ତାକୁ ରକ୍ଷା ନକରି ନିଜେ ଦେଇଥିବା ନାମକୁ ଲେଖିଛନ୍ତି ।

କବି ବିଭିନ୍ନ ରାଗରେ ଗୀତାର୍ଥ କରିଛନ୍ତି । କବି ଏହି କେତୋଟି ବାଣୀର ନାମ ଉଲ୍ଲେଖ କରିଛନ୍ତି—ଭାରତ ବୋଲି ବାଣୀ (୧ମ ଅ:), ବୋଲି ବାଣୀ (୩ୟ), ଦଶ ବୋଲି, କଳସୀଟା ବାଣୀ (୪ର୍ଥ), ତାଣ୍ଡବ ବାଣୀ (୫ମ), କଳସାବାଣୀ (୬ଷ୍ଠ), ଭେଣ୍ଡାବାଣୀ (୧୪ଶ) । ଅନ୍ୟାନ୍ୟ ଅଧ୍ୟାୟମାନଙ୍କରେ ଏହି ବାଣୀଗୁଡ଼ିକୁ ବ୍ୟବହାର କରାଯାଇଛି । ଏଥିରୁ କଳସା ବାଣୀ ବଳ୍ଲା ଦାସଙ୍କ ଖ୍ୟାତ କଳସା ଚଉତିଶାର ସୂଚନା ଦେଉଛି । ଭାରତ ବୋଲି, କଳସୀଟା

ବାଣୀ, ତାଣ୍ଡବ ବାଣୀ, ବୋଲି ବାଣୀ କେଉଁ କବିତା ବା ଛନ୍ଦକୁ ଲକ୍ଷ୍ୟ କରୁଛି ଜଣାପଡ଼ୁନାହିଁ ।

ଗୀତାର ଗ୍ରନ୍ଥପ୍ରବେଶ ଓ ମାହାତ୍ମ୍ୟକୁ କବି ସ୍ୱତନ୍ତ୍ର ଖଣ୍ଡରେ ଉପସ୍ଥାପନ କରିଛନ୍ତି । ପ୍ରଥମ ଅଧ୍ୟାୟର ପ୍ରଥମ କେତେକ ପଦରେ ଗୀତା ସୃଷ୍ଟିର କାରଣ ବର୍ଣ୍ଣନା କରିଛନ୍ତି ଏବଂ ଶେଷ ଅଧ୍ୟାୟ ପରେ ମାହାତ୍ମ୍ୟ ସ୍ଥାନରେ 'ଅବକାଶ' ନାମକରଣ କରି ସେଥିରେ କବିଙ୍କ ଗୀତା-ସୃଷ୍ଟି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି ।

ପ୍ରତ୍ୟେକ ଅଧ୍ୟାୟର ଆରମ୍ଭରେ ଦ୍ୱିପାଦବିଶିଷ୍ଟ ପୀଢ଼ବନ୍ଧ (ପୀଢ଼ବନ୍ଧ) ଲେଖି ଏହାପରେ ଗୀତବନ୍ଧ ଲେଖିଛନ୍ତି । ଗୀତବନ୍ଧରେ ଅଧ୍ୟାୟର ଅବଶିଷ୍ଟ ଅଂଶ ରହିଛି । ସେ ପୀଢ଼ବନ୍ଧ, ଗୀତବନ୍ଧର ବ୍ୟବହାର କରିବାରେ ଓଡ଼ିଆ କବିମାନଙ୍କ ମଧ୍ୟରେ ସର୍ବପ୍ରଥମ ବୋଲି ମନେହୁଏ ।

ସ୍ୱୟଂ ଜଗନ୍ନାଥ ବଳରାମ ଦାସଙ୍କୁ ଗୀତାର୍ଥ କହିଥିବା ପ୍ରସଙ୍ଗକୁ ଦୃଢ଼ୀଭୂତ କରିବା ପାଇଁ ଗ୍ରନ୍ଥରେ କବି ଏକାଧିକବାର ସ୍ୱୀକାର କରିଛନ୍ତି ।

## ଦାଣ୍ଡି ରାମାୟଣ

ବଳରାମ ଦାସ "ବିପ୍ରଙ୍କ ମୁଖରୁ" ଶାସ୍ତ୍ର ପୁରାଣ ଶୁଣି ରାମାୟଣ ଲେଖିବାର ସଂକଳ୍ପ କଲେ । ଜଗନ୍ନାଥଙ୍କ ଆଜ୍ଞାରୁ ସେ ଗ୍ରନ୍ଥଲେଖା ଆରମ୍ଭ କଲେ ।

ଶାସ୍ତ୍ର ପୁରାଣ ଶୁଣିଲି ମୁହିଁ ବିପ୍ର ମୁଖେ,
ତେଣୁ ସେବାକରେ ତୋ ଚରଣେ ଆସ୍ପୃହେଶ । × ×

ଶୁଣି-ସୁପ୍ରସନ୍ନ ମୋତେ ହେଲେ ଜଗନ୍ନାଥ,
ହୃଦରେ ପ୍ରସନ୍ନ ହେଲେ ଶଙ୍ଖଚକ୍ରହସ୍ତ ।

ଶ୍ରୀ ଜଗନ୍ନାଥଙ୍କ ଆଜ୍ଞା ଶିରରେ ମୁଁ ଧରି,
ଗ୍ରନ୍ଥ ବଖାଣିବା ଇଚ୍ଛା ଅତି ଅଳ୍ପ କରି । (ଆଦିକାଣ୍ଡ)

ରାମାୟଣ ଲେଖିବା ବେଳକୁ କବିଙ୍କୁ ମୋଟେ ବାଇଶି ବର୍ଷ ବୟସ ହୋଇଥିଲା ।

ଜନମରୁ ମୂର୍ଖ ମୁଁ ଯେ ଅଳପ ବୟସ
ଶଙ୍କ ନଲଭେଲକୁ ବୟସ ତରେଶ । (ଉତ୍ତରକାଣ୍ଡ)

ରାମାୟଣ ରଚନା ବେଳକୁ ଚୈତନ୍ୟ ଦେବଙ୍କ ସହିତ ବଳରାମଙ୍କର ଦେଖା ହୋଇ ନଥିବା ଅନୁମିତ ହୁଏ ।

## ବାଲ୍ମୀକି ରାମାୟଣ ସହିତ ତୁଳନା

(କ) ଆରମ୍ଭରେ ପ୍ରଭେଦ—ଗ୍ରନ୍ଥାରମ୍ଭରେ ଜଗନ୍ନାଥଙ୍କୁ ବନ୍ଦନା କରିବା ପରେ କବି ରାମନାମର ମହିମା କୀର୍ତ୍ତନ କରିଛନ୍ତି । ତାରକ ରାମନାମ ସ୍ୱୟଂ ଶଙ୍କରଙ୍କୁ ପାପରୁ ମୁକ୍ତ କରିଥିଲା । ଶଙ୍କର ଦକ୍ଷଙ୍କ ମହାଯଜ୍ଞ ଧ୍ୱଂସ କରି-ଦେବାରୁ ଶଙ୍କରଙ୍କୁ ପାପ ଲାଗିଲା । ତା'ଫଳରେ ଶଙ୍କରଙ୍କ ଶରୀର ଦିନକୁଦିନ କ୍ଷୀଣ ହେବାକୁ ଲାଗିଲା । ବ୍ରହ୍ମାଙ୍କ ପରାମର୍ଶରେ ପ୍ରତିଦିନ ଶୁଦ୍ଧମନ୍ତ୍ର ହୋଇ ଶଙ୍କର ତାରକ ରାମନାମ ଜପ କରିବାରୁ କିଛିଦିନ ପରେ ତାଙ୍କର ଦେହ ଶୀତଳ, ସୁନ୍ଦର ହୋଇଗଲା । ପାର୍ବତୀଙ୍କୁ ଶଙ୍କର ରାମାବତାରର କାରଣ ଓ ଚରିତ କହିଲେ । ବିଶ୍ରବାସୁତ ଦଶାନନର ଜନ୍ମ, ଦେବତା ଓ ମାନବମାନଙ୍କ ପ୍ରତି ତାର ଘୋର ଅତ୍ୟାଚାର କଥା ପ୍ରଥମେ ବଳରାମ ଦାସ ଶଙ୍କରଙ୍କ ମୁଖରେ ବର୍ଣ୍ଣନା କଲେ । ରାବଣ ସ୍ୱର୍ଗର ଦେବତାମାନଙ୍କୁ ଓ ମର୍ତ୍ତ୍ୟର ବହୁ ରାଜାଙ୍କୁ ନିଜ ପାଦତଳେ ଲୋଟାଇଲେ । ଏବେ କୁଶଧ୍ୱଜ ରାଜାଙ୍କର ଦୁହିତା ବେଦମତୀ ବିଷ୍ଣୁଙ୍କୁ ବରରୂପେ ପାଇବା ଉଦ୍ଦେଶ୍ୟରେ ତପ କରୁଥିବା ବେଳେ ରାବଣ ତପସ୍ଥଳରେ ଉପସ୍ଥିତ ହେଲେ ଏବଂ କାମରେ ମତ୍ତ ହୋଇ ତାଙ୍କୁ ଧରିଲେ । ବେଦମତୀଙ୍କ ତପସ୍ୟା ଭଙ୍ଗ ହେବାରୁ ବେଦମତୀ ମହା କୋପ କଲେ ଏବଂ ଦେହ ବ୍ରହ୍ମଅଗ୍ନି ଜାତ କଲେ । ବ୍ରହ୍ମଅଗ୍ନିକୁ ଦେଖି ରାବଣ ଭୟ ପାଇଲେ । ବେଦମତୀ କୋପରେ ଶାପ ଦେଲେ—

ବୋଇଲା ବିଷ୍ଣୁଙ୍କୁ ମୁଁ ଯେ ବରିଅଛୁ ମନେ
ମୋହର ଜନମକେ ତୋତେ ମାରିବୁ ସେ ରଣେ । (ଆଦିକାଣ୍ଡ)

ବେଦବତୀ ନିଜ ଅଙ୍ଗକୁ "ଅପବିତ୍ରା" ମଣି ଅଗ୍ନିରେ ଝାସ ଦେଲେ ଓ ପରେ ସୀତା ରୂପରେ ଅବତୀର୍ଣ୍ଣା ହେଲେ । ତା ପରେ ଦେବତାମାନଙ୍କ ସ୍ତୁତିରେ ସ୍ୱୟଂ ବିଷ୍ଣୁ ରାମ ଅବତାର ଧାରଣ କରି ରାବଣକୁ ନିଧନ କଲେ ।

ବଳରାମ ଦାସଙ୍କ ରାମାୟଣର ଆରମ୍ଭ ମୂଳ ରାମାୟଣଠାରୁ ଭିନ୍ନ । ବାଲ୍ମୀକି ମହର୍ଷିଙ୍କର ରାମାୟଣରେ ଉକ୍ତ ଆରମ୍ଭର ଅନ୍ୟରୂପ ବିବରଣୀ ଦେଖାଯାଏ । ଥରେ ନାରଦଙ୍କୁ ମହର୍ଷି ବାଲ୍ମୀକି ପଚାରିଲେ, "ମର୍ତ୍ତ୍ୟଲୋକରେ ଏବେ କିଏ ସଦାଚାରୀ ବଡ଼ ବୀର, ଜିତେନ୍ଦ୍ରିୟ, ସତ୍ୟପ୍ରିୟ, ଗୁଣଧାରୀ, ସଚ୍ଚରିତ୍ର, କ୍ରୋଧଶୂନ୍ୟ, ସୁପଣ୍ଡିତ, ସଂଯମକ ?" ନାରଦ କହିଲେ, "ବର୍ତ୍ତମାନ ଜଣେ କେବଳ ସେଭଳି ମହାପୁରୁଷ ଜୀବିତ ଅଛନ୍ତି । ସେ ହେଉଛନ୍ତି, ଇକ୍ଷ୍ୱାକୁ ବଂଶର ବୀରଚୂଡ଼ାମଣି ରାମଚନ୍ଦ୍ର ।" ଏହା କହିବା ପରେ ନାରଦ ସମସ୍ତ ରାମାୟଣର ସାରକଥା ବାଲ୍ମୀକିଙ୍କୁ କହିଲେ । ନାରଦଙ୍କଠାରୁ ବିଦାୟ ନେଇ ବାଲ୍ମୀକି ତମସାତୀରକୁ ଗଲେ । ଏହି ତମସାତୀରରେ ନିଷାଦକର୍ତ୍ତୃକ କ୍ରୌଞ୍ଚବଧ ଦର୍ଶନ, ନିଷାଦ ପ୍ରତି ମୁନିଙ୍କର ଅଭିଶାପ, ମୁନିଙ୍କ ମୁଖରୁ ଶ୍ଳୋକନିଃସରଣ ପ୍ରଭୃତି ବୃତ୍ତାନ୍ତ ମୂଳର ଦ୍ୱିତୀୟ ସର୍ଗରେ ବର୍ଣ୍ଣିତ । ପ୍ରଜାପତି ବାଲ୍ମୀକିଙ୍କ ମୁଖରୁ ଏ ଶ୍ଳୋକ ଶୁଣି ରାମ ଚରିତକୁ ଏହି ଶ୍ଳୋକ-ବନ୍ଧରେ ଲେଖିବା ପାଇଁ ଅନୁରୋଧ କରିବାରୁ ଋଷି ବାଲ୍ମୀକି ରାମାୟଣ ରଚନା କଲେ । ଏହି ରାମାୟଣକୁ ଲବକୁଶ ଗାଇ ଋଷି ଆଶ୍ରମର ତପସ୍ୱୀମାନଙ୍କୁ ଶୁଣାଇଲେ ଏବଂ ପରେ ଅଯୋଧ୍ୟାରାଜ୍ୟରେ ଏ ଦୁହେଁ ଗାଇ ଗାଇ ବୁଲୁଥିବା ବେଳେ ରାମଙ୍କର ଦୃଷ୍ଟି ପଡ଼ିଲା । ରାମ ତାଙ୍କର ଭ୍ରାତାଗଣ ଓ ଅମାତ୍ୟମାନଙ୍କୁ ରାଜସଭାରେ ସମସ୍ତ ରାମାୟଣ ଗାନକରି ଲବକୁଶ ଦୁହେଁ ଶୁଣାଇଥିଲେ । ମୂଳର ଏ ପ୍ରସଙ୍ଗ ବଳରାମ ଦାସଙ୍କର ରାମାୟଣରେ ନାହିଁ ।

(ଖ) ଦାସଙ୍କ ରାମାୟଣରେ ନିମ୍ନଲିଖିତ ବିଶେଷତ୍ୱ ଦେଖାଯାଏ—

(୧) ମୂଳର କାଣ୍ଡସଂଖ୍ୟା ଓ କାଣ୍ଡନାମ-ଅନୁକ୍ରମଣିକା ବଳରାମ ଦାସ ଠିକ୍ ରଖିଛନ୍ତି ।

(୨) ମୂଳରୁ ପ୍ରତ୍ୟେକ କାଣ୍ଡର ସାରକଥାକୁ ଅବଲମ୍ବନ କରି ଦାସେ ଗ୍ରନ୍ଥ ଲେଖିଛନ୍ତି ।

(୩) ମୂଳର ବହୁତ କଥା ତ୍ୟାଗ କରି ନିଜର କପୋଳକଳ୍ପିତ ବହୁତ ବିଷୟ ଦାସେ ଲେଖିଛନ୍ତି ।

(୪) ମୂଳରାମାୟଣରେ ସାରକଥାର ଅସ୍ଥିକଙ୍କାଳ ସମ୍ମତ ଦାସଙ୍କ ରାମାୟଣରେ ସାରକଥାର କିଛି ସାଦୃଶ୍ୟ ଥିବା ବ୍ୟତୀତ ମୂଳଗ୍ରନ୍ଥର ଅନ୍ୟ କୌଣସି ପ୍ରକୃତିର ବଳିଷ୍ଠ ପ୍ରମାଣ ଏଥିରେ ନାହିଁ ।

(ଗ) ମୂଳଗ୍ରନ୍ଥର ଗାମ୍ଭୀର୍ଯ୍ୟ, ସୂକ୍ଷ୍ମ ଓ ବଳିଷ୍ଠ ଚରିତ୍ରଚିତ୍ରଣ ଏଥିରେ ନାହିଁ ।

(ଘ) ବାଲ୍ମୀକି ରାମାୟଣ ପୁରାଣ ହେଲେ ମଧ୍ୟ ଏହା ଏକ ଉତ୍କୃଷ୍ଟ କାବ୍ୟ । ଦାସଙ୍କ ରାମାୟଣ ଏ ସ୍ତରକୁ ଯାଇପାରି ନାହିଁ । କିନ୍ତୁ ସ୍ଥାନବିଶେଷରେ ଦାସ କବିଙ୍କର କଳ୍ପନାଶକ୍ତି ପ୍ରକାଶ ପାଇ କବିତାମାଧୁରୀ ସୃଷ୍ଟି କରିପାରିଛି ।

ବାଲ୍ମୀକି-ରାମାୟଣ ଓ ବଳରାମ-ରାମାୟଣ ଭିତରେ ଏପରି ବହୁ ପ୍ରଭେଦ ଥିବା ଯୋଗୁଁ ବଳରାମ-ରାମାୟଣକୁ ଏକ ସ୍ୱତନ୍ତ୍ର ଗ୍ରନ୍ଥ ବୋଲି କହିବା ଉଚିତ ହେବ ।

ବଳରାମ ଦାସଙ୍କ ରାମାୟଣରେ ପ୍ରଚଳିତ ବାସ୍ତବ ବିଷୟର ବହୁ ବର୍ଣ୍ଣନା ଓ ଆଲୋଚନା ଥିବାରୁ ଏହା ବହୁ ଲୋକପ୍ରିୟ ହୋଇପାରିଛି । ଜନସାଧାରଣ ଏହାକୁ ଶ୍ରଦ୍ଧାର ସହିତ ପାଠ କରନ୍ତି । ଗଣିତ ଓ ଚରିତ, ନୀତି ଧର୍ମ ପ୍ରଭୃତି ସେମାନଙ୍କର ଦୈନନ୍ଦିନର ପରିଚିତ ଆଳାପର ପ୍ରସଙ୍ଗ ହୋଇଥିବାରୁ ଏହାକୁ ବାରମ୍ବାର ପାଠ କରି ଆନନ୍ଦ ଓ ଶାନ୍ତି ଉପଭୋଗ କରନ୍ତି ।

ଏହି କାରଣରୁ ବଳରାମ-ରାମାୟଣର ବିବିଧ କଥାବସ୍ତୁକୁ ବହୁଳାଂଶରେ ଅନୁସରଣ କରି ଉପେନ୍ଦ୍ରଭଞ୍ଜ ବୈଦେହୀଶବିଳାସ, ବିଶ୍ୱନାଥ ଖୁଣ୍ଟିଆ ବିଚିତ୍ର ରାମାୟଣ ରଚନା କରିଛନ୍ତି । ଅନ୍ୟାନ୍ୟ ବହୁ କବି ଏହି ଛନ୍ଦ ଅନୁସରଣ କରି 'ରାମଲୀଳା' ଗ୍ରନ୍ଥମାନ ରଚନା କରିଛନ୍ତି । ପରବର୍ତ୍ତୀ ଯୁଗର ଅଧିକାଂଶ ଓଡ଼ିଆ ରାମଚରିତ କାବ୍ୟର କଥାବସ୍ତୁ ପାଇଁ ଜଗମୋହନ ରାମାୟଣ କଥାବସ୍ତୁଭଣ୍ଡାର ହୋଇପଡ଼ିଛି ।

ତ୍ୟାଗ ପ୍ରସଙ୍ଗ—ଦାଶେ ମୂଳର କେତେକ ବିଷୟ ତ୍ୟାଗ ମଧ୍ୟ କରିଛନ୍ତି । ବିଶ୍ୱାମିତ୍ର ନିଜ ଆଶ୍ରମକୁ ରାମ ଲକ୍ଷ୍ମଣଙ୍କୁ ନେଉଥିବା ବେଳେ ବାଟରେ କାମଦହନ (କାମାଶ୍ରମ) ବନ, ସରଯୂ ନଦୀର ଉତ୍ପତ୍ତି, ବିଶ୍ୱାମିତ୍ରଙ୍କ ଉତ୍ଥାନ, ତାଡ଼କାର ଅତ୍ୟାଚାର ପ୍ରଭୃତି ମୂଳ ବିଷୟରୁ ଦାଶେ କେତେକ ତ୍ୟାଗ କରିଛନ୍ତି । ଯାହା ବା ବର୍ଣ୍ଣନା କରିଛନ୍ତି, ସେଥିରେ କ୍ରମ ମଧ୍ୟ ରକ୍ଷା କରି ନାହାନ୍ତି । ରାମାବତାର ସମୟରେ ଦେବତାମାନେ କପି ବା ଭାଲୁରୂପରେ କେତେବେଳେ ମର୍ତ୍ତ୍ୟରେ ଜନ୍ମ ହେବେ, ତାହା ମୂଳରେ ଯେପରି ଲେଖାଅଛି ବଳରାମ ଦାସ ସେପରି ଲେଖି ନାହାନ୍ତି । ଏଥିରୁ କେତେକ ପରିବର୍ତ୍ତନ କରିଛନ୍ତି ଏବଂ ସମରକ୍ଷା କରିନାହାନ୍ତି । ପ୍ରସଙ୍ଗକ୍ରମରେ ଏହିମାନ ବିଷୟ ଭିନ୍ନ ସ୍ଥାନରେ ଦେଇଛନ୍ତି । ଯଜ୍ଞଭାଗ ଚରିତ ଓ କୃପାଦେବୀଙ୍କ ଚରିତ ମଧ୍ୟ କ୍ରମରେ ଓଲଟପାଲଟ କରିଛନ୍ତି ।

ନୂତନ ବିଷୟ ସଂଯୋଜନା—ଜଗମୋହନ ରାମାୟଣରେ ବାଲ୍ମୀକି ରାମାୟଣରେ ନଥିବା ବହୁ ବିଷୟ ଦିଆଯାଇଛି । ସେଥିରୁ କେତୋଟି ଉଦାହରଣ ସ୍ୱରୂପ ଉଲ୍ଲେଖ କରୁଛନ୍ତି ।

ଆଦିକାଣ୍ଡରେ—ଜରତା ପ୍ରସଙ୍ଗରେ ଜରତାର ନାମ ଓ ଋଷ୍ୟଶୃଙ୍ଗଙ୍କୁ ଲୋଭେଇ ଆଣିବାପାଇଁ ଜରତାର ନାନାବିଧ କୌଶଳ, ଏହି ପ୍ରସଙ୍ଗରେ ଅନ୍ୟାନ୍ୟ ବର୍ଣ୍ଣନା ; ଦଶରଥଙ୍କ କନ୍ୟାଙ୍କ ସହିତ ଋଷ୍ୟଶୃଙ୍ଗଙ୍କ ବିବାହ (ପ୍ରସଙ୍ଗଟି ଅଗ୍ନିପୁରାଣରେ ଦେଖାଯାଏ), ଭରଦ୍ୱାଜ ଉପାଖ୍ୟାନ ଇତ୍ୟାଦି ।

ଅଯୋଧ୍ୟାକାଣ୍ଡରେ—ମନ୍ଥରାର ପୂର୍ବଜନ୍ମ ପ୍ରସଙ୍ଗ ।

କିଷ୍କିନ୍ଧ୍ୟାକାଣ୍ଡରେ—ସ୍ୱାଳାବନ୍ତୀ ଭ୍ରମଣ, ବାନରସେନାଙ୍କ ସମାବେଶ ପ୍ରସଙ୍ଗରେ ଉଦାର, ବଧାଇ, ବାନରୀ ପ୍ରଭୃତିର ନାମକରଣ, ଚଉପଚାଳ, କୁଚୁକୁଟୀର ବଧ ଲୀଳା ।

ସୁନ୍ଦରକାଣ୍ଡରେ—ହନୁମାନଙ୍କ ଲଙ୍କା ପ୍ରବେଶ ପ୍ରସଙ୍ଗରେ ହନୁମାନଙ୍କ ମାୟାରୂପ ଧାରଣ, ରାମ-ଲକ୍ଷ୍ମଣ ସମ୍ବାଦରେ ଜଳଯନ୍ତ୍ରରେ ବ୍ରାହ୍ମଣଙ୍କ ଅବସ୍ଥା, ଚୂଡ଼ାମଣି ମୁଦ୍ରା ଉପାଖ୍ୟାନ, ରାମଙ୍କ ରାମେଶ୍ୱର ଲିଙ୍ଗଙ୍କ ପୂଜା ।

ଯୁଦ୍ଧକାଣ୍ଡ—ରାମଚାଳର ଉତ୍ପତ୍ତି, ଗନ୍ଧମାର୍ଦନ ପର୍ବତ ଆନୟନ ପ୍ରସଙ୍ଗରେ ହନୁ-ଭରତ ସଂବାଦ (ଏହି ପ୍ରସଙ୍ଗଟି ମହାନାଟକରେ ମିଳେ)। ଶତସ୍କନ୍ଧ ଉପାଖ୍ୟାନ (ମାର୍କଣ୍ଡ ପୁରାଣରେ ସପ୍ତଶତୀ-ଚାମୁଣ୍ଡେଶ୍ୱରୀ—ଦ୍ରମୀ ଉପାଖ୍ୟାନର ଅନୁରୂପ)।

ଉତ୍ତରକାଣ୍ଡ—ଶମ୍ବୁକା ଚରିତ, ଉର୍ବଶୀ-ମିତ୍ରାବରୁଣ ଉପାଖ୍ୟାନ, ଯଯାତି ଉପାଖ୍ୟାନ। ସୀତା-ତ୍ୟାଗ ସମ୍ପର୍କରେ କାରଣ ନିର୍ଦ୍ଦେଶ ଓ ତାଙ୍କ ଅଭିଶାପ ପ୍ରସଙ୍ଗ।

ଦାସେ ଜଗନ୍ନାଥଙ୍କର ଓ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ କ୍ଷେତ୍ରର ବର୍ଣ୍ଣନା ଦେଇଛନ୍ତି। ମୂଳରେ ଏଗୁଡ଼ିକ ନାହିଁ। ଏହା ବ୍ୟତୀତ କଥୋପକଥନ, ବର୍ଣ୍ଣନା ପ୍ରଭୃତି କ୍ଷେତ୍ରରେ ବହୁ ସ୍ଥଳରେ କବି ସ୍ୱାତନ୍ତ୍ର୍ୟ ଦେଖାଇ ଅନେକ ରମଣୀୟ ଚିତ୍ର ସୃଷ୍ଟି କରିଛନ୍ତି। ଏଥିରୁ କେତୋଟି ପ୍ରସଙ୍ଗ ଅନ୍ୟାନ୍ୟ ପୁରାଣମାନଙ୍କରେ ମିଳେ। ପ୍ରଚଳିତ କିମ୍ବଦନ୍ତୀରୁ ଆଶ୍ରୟ କରି କବି କେତେକ ଚିତ୍ର ମଧ୍ୟ ସୃଷ୍ଟି କରିଛନ୍ତି। ଏଗୁଡ଼ିକ ଅସଙ୍ଗତ ବା ଅପ୍ରାସଙ୍ଗିକ ମଧ୍ୟ ହୋଇନାହିଁ।

ଗଙ୍ଗା ସମୁଦ୍ରଗାମୀ ହେବା ପ୍ରସଙ୍ଗରେ ବ୍ରହ୍ମପୁତ୍ର ନଦୀର ଉତ୍ପତ୍ତି ବର୍ଣ୍ଣନା ମୂଳରେ ନାହିଁ। ଏହି ଗଙ୍ଗାବତରଣ ପ୍ରସଙ୍ଗକୁ ଦାସେ କେତେକ ସ୍ଥାନରେ ବୃଦ୍ଧି କରିଛନ୍ତି। ଗଙ୍ଗାକୁ ଐରାବତ ହସ୍ତୀ ରମଣ ପ୍ରାର୍ଥନା କରିବା ପରେ ନିଜେ ଗଙ୍ଗା ସ୍ରୋତରେ ଭାସିଯାଇ ଏକ ସ୍ଥାନର କୂଳରେ ଲାଗିଲେ। ଏହି ସ୍ଥାନର ନାମ ହସ୍ତିନାପୁର ହେଲା। ଏହି ବିଷୟ ମୂଳରେ ନାହିଁ, ପଦ୍ମପୁରାଣର ସୃଷ୍ଟିଖଣ୍ଡାନ୍ତର୍ଗତ ଏହି ଚରିତ ଦାସେ ଏଠାରେ ଦେଇଛନ୍ତି। ଗଙ୍ଗାଙ୍କ ସଙ୍ଗେ ଯମୁନା ପ୍ରୟାଗରେ ଅବସ୍ଥାନ କରୁଥିବା ସମୟରେ ସପ୍ତଋଷିଙ୍କ ତାଙ୍କୁ କାଶୀକ୍ଷେତ୍ର ଓ ତନ୍ମଧ୍ୟର ପ୍ରଭୃତି ପବିତ୍ର ସ୍ଥାନର ମାହାତ୍ମ୍ୟ ବର୍ଣ୍ଣନା କରିଥିବା ଦାସେ ଲେଖିଛନ୍ତି; କିନ୍ତୁ ଏସବୁ ମୂଳରେ ନାହିଁ।

ଲବକୁଶଙ୍କ ସମ୍ବନ୍ଧରେ ସ୍ୱାତନ୍ତ୍ର୍ୟ—ବାଲ୍ମୀକି ରାମାୟଣର ବିଭିନ୍ନ ପାଠରେ ଲବକୁଶ ଓ ତାଙ୍କ ଜନ୍ମ ବଳରାମ ଦାସ ବହୁ ସ୍ଥାନରେ ରଖା

କରିନାହାନ୍ତି । ଏହି ବ୍ୟତିକ୍ରମ ଦ୍ୱାରା କବି ସ୍ୱତନ୍ତ୍ରତାକୁ ବଳିଦାନ କରିନାହାନ୍ତି । ଏଥିରୁ କେତୋଟି ଏଠାରେ ଉଲ୍ଲେଖ କରାଗଲା—

(୧) ରାମବନବାସ, ଚିତ୍ରକୂଟ ଯାତ୍ରା, ଦଶରଥଙ୍କ ମୃତ୍ୟୁ ଓ ଭରତଙ୍କ ରାମଙ୍କୁ ଫେରାଇ ଆଣିବା ପାଇଁ ବନକୁ ଗମନ, ଭରତଙ୍କୁ ରାମଙ୍କ ପାଦୁକା ଦାନ, ରାମଙ୍କ ଚିତ୍ରକୂଟ ତ୍ୟାଗ ପ୍ରଭୃତି ପ୍ରସଙ୍ଗ ବାଲ୍ମୀକି ରାମାୟଣର ଅଯୋଧ୍ୟାକାଣ୍ଡର ବିଷୟବସ୍ତୁ । ଦାସେ ରାମଙ୍କ ଚିତ୍ରକୂଟ ତ୍ୟାଗ ପ୍ରସଙ୍ଗ ଆରଣ୍ୟକ କାଣ୍ଡରେ ଦେଇଛନ୍ତି ।

(୨) ମୂଳ ଆରଣ୍ୟକ କାଣ୍ଡର ପ୍ରଧାନ ବିଷୟବସ୍ତୁ—ରାମାଦିଙ୍କ ଦଣ୍ଡକାରଣ୍ୟ ପ୍ରବେଶ, ବିରାଧ ବଧ, ଶୂର୍ପଣଖା ପ୍ରସଙ୍ଗ, ଖରଦୂଷଣ ବଧ, ସୀତାହରଣ, ରାମଙ୍କ ଶୋକ ଓ ସୀତା-ଅନ୍ୱେଷଣ । ଦାସେ ରାମଙ୍କ ଚିତ୍ରକୂଟ ତ୍ୟାଗଠାରୁ ଆରଣ୍ୟକ କାଣ୍ଡ ଆରମ୍ଭ କରିଛନ୍ତି ।

(୩) ହନୁମାନଙ୍କ ସମୁଦ୍ର ଲଙ୍ଘନ ମୂଳ ରାମାୟଣରେ କିଷ୍କିନ୍ଧ୍ୟାକାଣ୍ଡର ବିଷୟବସ୍ତୁ । ଦାସେ ଏହାକୁ ସୁନ୍ଦରାକାଣ୍ଡରେ ଦେଇଛନ୍ତି ।

(୪) ଲଙ୍କାରୁ ହନୁମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ମୂଳ ରାମାୟଣରେ ସୁନ୍ଦରାକାଣ୍ଡ ଶେଷ ହୋଇଛି । ଦାସେ ରାମଙ୍କ ସୁବେଳପର୍ବତକୁ ଯାତ୍ରା କରିବା ପର୍ଯ୍ୟନ୍ତ ଏହି କାଣ୍ଡରେ ବର୍ଣ୍ଣନା କରିଛନ୍ତି । ବାଲ୍ମୀକି ରାମାୟଣର ଯୁଦ୍ଧକାଣ୍ଡର ବହୁ ପ୍ରସଙ୍ଗ ଦାସେ ସୁନ୍ଦରାକାଣ୍ଡରେ ଦେଇଛନ୍ତି ।

ବିଷୟ-ସଂସ୍ଥାପନ କ୍ରମରେ ଏହିସବୁ ବ୍ୟତିକ୍ରମ ରାମାୟଣ ପ୍ରସଙ୍ଗର କୌଣସି ହାନି ଘଟାଇ ନାହିଁ କିମ୍ବା ସମଗ୍ର ରାମାୟଣ କଥାବସ୍ତୁ ପ୍ରବାହରେ କୌଣସି ବାଧା ସୃଷ୍ଟି କରି ନାହିଁ । ଏହି ବ୍ୟତିକ୍ରମ ପାଇଁ କାରଣ ନଥିଲେହେଁ କବି ସ୍ୱ ଇଚ୍ଛାରେ ଏହା କରିଛନ୍ତି । ସ୍ୱାତନ୍ତ୍ର୍ୟରକ୍ଷା ଇଚ୍ଛା ଓ ମୂଳ ରାମାୟଣରେ ସମ୍ୟକ୍ ଜ୍ଞାନର ଅଭାବ ମଧ୍ୟ ଏହାର କାରଣ ହୋଇପାରେ ।

**ରାମାୟଣର ନାମକରଣ**—ବଳରାମ ଦାସଙ୍କ ରାମାୟଣଟି ଜଗମୋହନ ରାମାୟଣ ବା ଦାଣ୍ଡି ରାମାୟଣ ରୂପେ ପରିଚିତ । କବି ସ୍ୱକୃତ

ରାମାୟଣର ନାମ ଜଗମୋହନ ରାମାୟଣ ବୋଲି ଗ୍ରନ୍ଥର ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି । ପୁରୁଷୋତ୍ତମ କ୍ଷେତ୍ରବାସୀ ସ୍ୱୟଂ ଜଗନ୍ନାଥ ଏହି ଗ୍ରନ୍ଥର କର୍ତ୍ତା ବୋଲି ବଳରାମ ଦାସ କହିଛନ୍ତି । କବିଙ୍କ ବକ୍ତବ୍ୟ ଅନୁସାରେ 'ଜଗମୋହନ' ଜଗନ୍ନାଥଙ୍କର ଅନ୍ୟ ଏକ ନାମ ଥିବାରୁ ଏବଂ ନିଜେ ଜଗନ୍ନାଥ ବା ଜଗମୋହନ ଏହାର କର୍ତ୍ତା ଥିବାରୁ ଗ୍ରନ୍ଥର ନାମ କବିଙ୍କ ଅନୁସାରେ "ଜଗମୋହନ ରାମାୟଣ" ହୋଇଛି । ଏହା ତାଙ୍କର ଜଗନ୍ନାଥଙ୍କପାଖରେ ଥିବା ପ୍ରଗାଢ଼ ଭକ୍ତିର ନିଦର୍ଶନ ।

ଜଗମୋହନ ରୂପର ଦର୍ଶନେ ନିସ୍ତାରି
ଅପାର ମହିମା ସ୍ୱାମୀ ନୀଳଗିରି ହରି ।
ସେହି ଜଗନ୍ନାଥ ସ୍ୱାମୀ କରି ମୋତେ ରକ୍ଷା
ରାମାୟଣ ଚରିତ କହି ତ ମୋର ଇଚ୍ଛା ।
ବାଲ୍ମୀକି ମୁନି ଯାହା କଲେ ପରକାଶ
ପାର୍ବତୀ ଆଗେ କହିଲେ ଯାହା କୈଳାସ ।
ମୁଁ ତାହା ଭଣିବି ଦେବ ତୋହର ପ୍ରସନ୍ନେ
କରି ଅନୁଗ୍ରହ ମୋତେ ଶ୍ରୀବତ୍ସଲକ୍ଷଣେ ।
ଶ୍ରୀ ଜଗମୋହନ ଏହି ରାମାୟଣ ଗ୍ରନ୍ଥ
ଏଥିର କର୍ତ୍ତା ଯେ ନୀଳଗିରି ଜଗନ୍ନାଥ ।
ସେ ପ୍ରଭୁ ମୋହର ହୃଦେ ବସି କହୁଆନ୍ତି
ଆପଣାର ଚରିତ ଆପଣେ ବଖାଣନ୍ତି ।
ଇନ୍ଦୁର ହାତରୁଁ କି ଉଦକ ସ୍ରୋତ ଅଛି
ମୋର ମୁଖୁଁ ରାମାୟଣ ଛନ୍ଦ ବେଭେଦେ ହୋଇ । (ଉ: କା:)

ଏ ଗ୍ରନ୍ଥର ପ୍ରକୃତ କବି ସ୍ୱୟଂ ଜଗମୋହନ ଜଗନ୍ନାଥ ବୋଲି କହି କବି ଲେଖକବର୍ଗଙ୍କୁ ନିଜ ନାମକୁ ଯୋଡ଼ିଲେ ବୋଲି ମଧ୍ୟ କହିଛନ୍ତି । (ଉ: କା:)

କବି ଏ ଗ୍ରନ୍ଥକୁ 'ମହାନାଟକ' ବୋଲି ମଧ୍ୟ କହିଛନ୍ତି । ସଂସ୍କୃତରେ ହନୁମାନକୃତ 'ମହାନାଟକ' ରାମଚରିତକୁ ଆଶ୍ରୟ କରି ରଚିତ । କବିଙ୍କ ଗ୍ରନ୍ଥ

ମଧ୍ୟ ଦେଇ ରାମଚରିତକୁ ଅଙ୍କନ କରି କଳ୍ପିତ ହୋଇଥିବାରୁ କେତେକ 'ମହାନାଟକ' ନାମକୁ ଗ୍ରହଣ କରି ଏହି ନାମରେ ନାମିତ କରିଛନ୍ତି । କିନ୍ତୁ 'ଜଗମୋହନ' ନାମଟି ହିଁ ପ୍ରସିଦ୍ଧି ଲାଭ କରିଛି ଏବଂ ଏ ରାମାୟଣ 'ଜଗମୋହନ ରାମାୟଣ' ନାମରେ ପରିଚିତ ହୋଇଛି ।

ତେଣୁ ସେ ମହାନାଟକ ହୋଇଲା ଏହା ନାମ
ଶ୍ରୀରାମ ଚରିତ ଏ ଗ୍ରନ୍ଥ ଅନୁପମ । (ଲଂ: କା: )

ରାମାୟଣ ଲକ୍ଷେ ପଦରେ ସମ୍ପୂର୍ଣ୍ଣ ହୋଇଥିବା କଥା କହନ୍ତି ।

ଶ୍ରୀ ଜଗନ୍ନାଥ ଚରଣ ମୁଣ୍ଡେ ଧରି ।
ରାମାୟଣ ସାତ କାଣ୍ଡ ଲକ୍ଷେ ପଦ ହୋଇ ।। (ଉ: କା:)

**ଜଗମୋହନ ରାମାୟଣ ଓ ସମସାମୟିକ ସମାଜର ପ୍ରଭାବ**—ବାଲ୍ମୀକି ରାମାୟଣ ସଂସ୍କୃତ ସାହିତ୍ୟରେ ଆଦିକାବ୍ୟ ରୂପେ ପରିଚିତ । ରାମଚନ୍ଦ୍ର ତ୍ରେତାଯୁଗରେ ଅବତୀର୍ଣ୍ଣ ହୋଇଥିଲେ ହେଁ ତାଙ୍କର ଚରିତ ସମ୍ବଳିତ ରାମାୟଣଟି ପ୍ରାୟ ଦୁଇ ହଜାରରୁ ବେଶି ବର୍ଷ ପୂର୍ବେ ରଚିତ ହୋଇଥିଲା ବୋଲି କେହି କେହି ପଣ୍ଡିତ ଅନୁମାନ କରିଛନ୍ତି । ଏହା ଠିକ୍ ହେଉ ବା ନ ହେଉ, ବାଲ୍ମୀକି ରାମାୟଣ ଓ ଜଗମୋହନ ରାମାୟଣର ରଚନା-କାଳ ମଧ୍ୟରେ ସହସ୍ର ସହସ୍ର ବର୍ଷର ବ୍ୟବଧାନ ରହିଛି । ବାଲ୍ମୀକି ରାମାୟଣରେ ତତ୍କାଳୀନ ସମାଜର ଚିତ୍ର ପ୍ରତିଫଳିତ ହୋଇଛି । ସମାଜର ପ୍ରଭାବ କବିଙ୍କ ଉପରେ ପଡ଼ିଥିବା ହିଁ ଅନୁମାନ କରାଯାଏ । ବାଲ୍ମୀକିସୃଷ୍ଟ ସମାଜରୁ ପ୍ରାଚୀନ ଯୁଗର ଆର୍ଯ୍ୟସମାଜର ଚିତ୍ର ସ୍ୱରୂପ ଗ୍ରହଣ କରାଯାଏ । ଏଥିରେ ଅନେକ ଲୌକିକ ଓ ଅଲୌକିକ ଘଟଣା ଓ ଚିନ୍ତା ସ୍ଥାନ ପାଇଥିଲେ ମଧ୍ୟ ଚରିତ୍ର-ଗୁଡ଼ିକ ଆଦର୍ଶସ୍ଥାନୀୟ ଚରିତ ରୂପେ ଚିତ୍ରିତ ହୋଇଥାଏ । ଆଦର୍ଶ ପିତା, ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ଭାର୍ଯ୍ୟା, ଆଦର୍ଶ ରାଜ୍ୟ ଓ ରାଜତ୍ୱ, ଆଦର୍ଶ ପ୍ରଭୁ ଓ ଭକ୍ତ ପ୍ରଭୃତି ବହୁ ଆଦର୍ଶ ଚିତ୍ର ଅଙ୍କିତ ହୋଇଛି । ସେହି ଆଦର୍ଶ-ଚରିତ୍ରଗୁଡ଼ିକ ବର୍ତ୍ତମାନ ମଧ୍ୟ ଭାରତୀୟ ସଂସ୍କୃତିର ମୂଳପିଣ୍ଡରୂପେ ବିବେଚିତ ହେଉଛି ।

ଜଗନ୍ମୋହନ ରାମାୟଣରେ ବଳରାମ ଦାସ ମଧ୍ୟ ସମସାମୟିକ ସମାଜର ପ୍ରଭାବରୁ ମୁକ୍ତ ହୋଇ ପାରି ନାହାନ୍ତି । ରାମଚନ୍ଦ୍ରକାଳୀନ ସମାଜର ଚିତ୍ର ଅଙ୍କନ କରିବାକୁ ଯାଇ ସେ ବହୁଳାଂଶରେ ସ୍ୱ ସମସାମୟିକ ଯୁଗ ଓ ସ୍ୱଦେଶ-ସମାଜର ଚିତ୍ରକୁ ଅଙ୍କନ କରିଛନ୍ତି ମାତ୍ର । ସ୍ୱକାଳର ଚିତ୍ରକୁ ପ୍ରାଚୀନ କାଳର ଚିତ୍ରରୂପେ ଉପସ୍ଥାପିତ କରିଛନ୍ତି । ଏହାଦ୍ୱାରା କବିଙ୍କର ଲେଖନୀ ସାର୍ଥକ ହୋଇଛି । ଓଡ଼ିଆ ଜାତିର ପ୍ରାଣର ଚିତ୍ର ସ୍ୱକାବ୍ୟରେ ବଳରାମ ଦେଇଛନ୍ତି । ଏହି କାରଣରୁ ଗ୍ରନ୍ଥଟି ଓଡ଼ିଶାର ଜନସମାଜ ଭିତରେ ଏତେ ଆଦର ଲାଭ କରିଛି; ଲୋକେ ମୂଳ ବାଲ୍ମୀକି ରାମାୟଣକୁ ମନେ ପକାଇ ନାହାନ୍ତି । ଏହି କାରଣରୁ ମଧ୍ୟ ପରବର୍ତ୍ତୀ କାଳରେ ଜଗମୋହନ ରାମାୟଣ କବିସମ୍ରାଟ ପଣ୍ଡିତଶିରୋମଣି ଉପେନ୍ଦ୍ର ଭଞ୍ଜ ଓ ଅନ୍ୟାନ୍ୟ ବହୁ କବିଙ୍କ ଉପରେ ପ୍ରଭାବ ବିସ୍ତାର କରିଛି । ଏହି ରାମାୟଣଟି ରାମ-ଚରିତ କାବ୍ୟମାନଙ୍କର ବାଟସ୍ୱବସ୍ତୁ-ଆକର ହୋଇ ପଡ଼ିଛି । ଓଡ଼ିଆ ସାମାଜିକ ବିକାଶରେ ଜଗମୋହନ ରାମାୟଣ ବହୁ ସାହାଯ୍ୟ କରିଛି, ଜାତୀୟ ଜୀବନ ବିକାଶର ଅମର ଉତ୍ସ ରୂପେ ପ୍ରଭାବ ବିସ୍ତାର କରିଛି ।

## ଗ୍ରନ୍ଥରେ ସାମାଜିକ ଚିତ୍ର

**ଅଯୋଧ୍ୟା ନଗରୀ**—ଅଯୋଧ୍ୟା ନଗରର ଚନ୍ଦ୍ରମଲ ତା'ର ଶୋଭାକୁ ବର୍ଦ୍ଧନ କରିଛି । ରାଜାଙ୍କ ମନ୍ଦିର ଅପୂର୍ବ ଦିବ୍ୟକାନ୍ତି ପ୍ରକାଶ କରୁଛି; ମେଡ଼ା, ମଣ୍ଡପ, ଅଟ୍ଟାଳି, ନଗରରେ ସୃଷ୍ଟି ହୋଇଛି । ଅତି ମୂଲ୍ୟବାନ୍ ଓ ଦୁର୍ଲ୍ଲଭ ଚନ୍ଦନ ଓ ଅଗୁରୁ କାଠର ଚୂଆ ଓ କେଶରୀରେ ଏହି ଗୃହଗୁଡ଼ିକ ନିର୍ମିତ ହୋଇଛି । ଦୁର୍ଲ୍ଲଭ ତେଜପତ୍ରରେ ଉପର ଛାଉଣି ହୋଇଛି । ମୁକ୍ତାର ଝର, ନାନା ରତ୍ନଜଡ଼ିତ କବାଟ ସ୍ତମ୍ଭ ଓ ପଟ୍ଟ, ମର୍କତର କଳଶ ଓ ନେତର ଶଗଳ, ଚପଳତାର ଚନ୍ଦ୍ରାତପ ଏମାନଙ୍କ ଶୋଭାକୁ ବୃଦ୍ଧି କରୁଛି । ପୂର୍ବେ ଆମ ଦେଶରେ ରାଜାମାନେ ସ୍ୱ ନଗରର ଗୃହକୁ କେଉଁଥିରେ ଛପର କରୁଥିଲେ ଜଣାଯାଇ ନଥିଲେ ମଧ୍ୟ ବହୁମୂଲ୍ୟ ପଦାର୍ଥରେ ଏହା ସମ୍ପାଦନ କରିବା ସମ୍ଭାବ୍ୟ ତଥ୍ୟ ବୋଲି ବିବେଚିତ ହେଉଥିଲା । ଗୃହନିର୍ମାଣରେ ବହୁମୂଲ୍ୟ ଚନ୍ଦନ କାଠର ବ୍ୟବହାର ଏହି କାରଣରୁ ହେଉଥିଲା । ନଗରରେ ଅଷ୍ଟାଦଶ ଫାଟକ ବାସ

ବସୁଥିବା ଓ (ପ୍ରତ୍ୟେକ ପାଟକ ପାଇଁ) ଭିନ୍ନ ଭିନ୍ନ ସାହି ଥିବା କଥା ଲେଖିଛନ୍ତି । ବର୍ତ୍ତମାନ ସମୟରେ ସମାଜରେ ଛତିଶ ପାଟକ ଥିବା ସାଧାରଣ ଭାବରେ କୁହାଯାଏ । ଏଥିରୁ ଅନ୍ତ୍ୟଜ ନଗର ବାହାରେ ରହୁଥିବା ହିଁ ଅନୁମିତ ହୁଏ । ସହରରେ ଅନେକ କୂପ, ବାପୀ, ପୁଷ୍କରିଣୀ ଅଛି । ଏହି ଦିବ୍ୟପୁରର ଲୋକେ ସ୍ୱର୍ଗର ଲୋକଙ୍କ ପରି ଦେଖାଯାଉଛନ୍ତି । ବଳରାମ ଦାସଙ୍କ ଭାଷା ଏହିପରି—

ଅଯୋଧ୍ୟା ନାମେ ନଗ୍ର ସରଯୂ ନଦୀ ତଟେ
ପବିତ୍ର ନଦୀ ସେ ଜାଣ ରାଜ୍ୟର ନିକଟେ ।
ନଗ୍ର ପରିମଳ ଭୂମି ଅଠଅନ୍ତ କୋଶେ
ନ ଜାଣି ପଟାନ୍ତର ସରବ ଗଣିନ୍ତେ ।
ରାଜାର ମନ୍ଦିରର ଅପୂର୍ବ ଦିବ୍ୟ କାନ୍ତି
ନେତ୍ର ଥାଇ ମଣ୍ଡପ ସେ ଅଟ୍ଟାଳି ଜଗତି ।
ଚନ୍ଦନ ଅଗୁରୁ କାଠ ଧୂପ ଧୂମ ଶ୍ରେଣୀ
ଲେପନ କରିଛନ୍ତି ଉପରେ ଛୁଇଁଣୀ ।
ମୁକୁତାର ଝରା ଓଳି ନାନା ରତ୍ନ ଜଡ଼ି
କାଚର ପୁତ୍ତଳି ସେ ବଇଶ ବସ୍ତ୍ରେ ଯୋଡ଼ି ।
ମର୍କତର କଳସ ସେ ନେତର ଉଜ୍ଜ୍ୱଳ
ଚନ୍ଦ୍ରାତପ ତେଜ ଯିବା ଆଦିତ୍ୟ ପ୍ରବାଳ ।
ସାମନ୍ତମାନଙ୍କ ଗୃହ ସେ ଦିବ୍ୟପୁରୀ
ଘରେ ଘରେ ପଦ୍ମିନୀ ନାଗରକୁମାରୀ ।
ଅଷ୍ଟାଦଶ ପାଟକ ସେ ଭିନ୍ନ ଭିନ୍ନ ପାଳି
କୂପ ବାପୀ ସରୋବର ଅନେକ ଅଛଇ ।
ସ୍ୱର୍ଗଲୋକ ପ୍ରାୟେ ଦେଖାଯାନ୍ତି ନଗରବାସେ । (ଅ: ରା:)

ମୁନି ବିଶ୍ୱାମିତ୍ର ଅଯୋଧ୍ୟାକୁ ଆସିବା ସମୟରେ—

ଏମନ୍ତ ଚିନ୍ତି ମୁନି ଅଯୋଧ୍ୟା ପ୍ରବେଶ
ଶତଚନ୍ଦ୍ର ଜିଣିଛି ବା ବାଗ୍ଜିଲ ଦେଶ ।

ଅସ୍ତ୍ରରେକୁ ଜର୍ଜର କଲେଣି ପକ୍ଷ ପକ୍ଷ
ଛିନ୍ନ ଭିନ୍ନ ତନୁମାନ ଯେ ହେଉଛନ୍ତି ।
ଦେବଦେବୀ ସ୍ଥାନେ ଯେ ଯଜ୍ଞ କରନ୍ତାଷ୍ଟ
ଶ୍ୱେତ ବସନ ପିନ୍ଧି ଧବଳରୂପ ଧରି ।
X X
ନଗ୍ରୀ ସବୁରେ ବୃକ୍ଷ ଜଳୁ ନ ଦେଖନ୍ତି
ଘଣ୍ଟ ନାଲୁ ଉଡ଼ି ଦୁଧ ବସ୍ତୁତ ହୁଅନ୍ତି ।
ଅଶ୍ୱ ଗଜ ପଦାତି ଉଜ୍ଜ୍ୱଳ ମୁନି ଯାନ୍ତି
ହାଟ ଘାଟ ପଥରୁ ନେଇ କରନ୍ତି ଉତ୍ସବେ । (ଅଯୋଧ୍ୟାକାଣ୍ଡ)

ଅଯୋଧ୍ୟା ନଗରରେ ରାଜା, ସାମନ୍ତ ଓ ଅଷ୍ଟାଦଶ ପାଟକ ବାସ କରୁଛନ୍ତି । ରାଜାଙ୍କ ନଗରରେ ମେଢ଼, ମଣ୍ଡପ, ଜଗତି ଅଛି । ସାମନ୍ତମାନଙ୍କର ଦ୍ୱାର ମଧ୍ୟ ନାନାଦ ବସ୍ତୁରେ ପୂର୍ଣ୍ଣ ରହିଛି । ଅଷ୍ଟାଦଶ ପାଟକ ଅର୍ଥାତ୍ ଛତିଶ ପାଟକରୁ ଅନେକ ଲୋକ ନଗରରେ ବାସ କରୁଛନ୍ତି । ଏଥିରୁ ଜଣାଯାଉଛି ଯେ ଉପରଶ୍ରେଣୀର ଲୋକ ଯାକେ ହିଁ ନଗର ଭିତରେ ବାସ କରୁଛନ୍ତି । ଅତଏବ ଜଳାଶୟର ଅବସ୍ଥିତି ନଗରର ଦୃଢ଼-ସୌନ୍ଦର୍ଯ୍ୟର ପରିଚାୟକ । ବର୍ଣ୍ଣନାଟି ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ନାନା ଦ୍ରବ୍ୟବିଶିଷ୍ଟ ସମୃଦ୍ଧିଶାଳୀ ନଗରର ଏକ ଚିତ୍ର ଏଥିରୁ ମିଳୁଛି । ବାଲ୍ମୀକି ରାମାୟଣରେ ଅଯୋଧ୍ୟା ମଧ୍ୟ ଶୋଭାମୟୀ ।

ଅଯୋଧ୍ୟା ନଗରୀ ଅଶ୍ୱ-ଗଜ-ପଦାତିରେ ଉଜ୍ଜ୍ୱଳ ଥିବା ଏବଂ ହାଟ-ଘାଟ-ପଥରୁ ଅପାର୍ଯ୍ୟ ଥିବା ଦାସେ ଲେଖିଛନ୍ତି । ଲୋକମାନେ ଶ୍ୱେତ ବସନ ଓ ଧବଳ ରୂପ ଧାରଣ କରିଥିବାରୁ ପ୍ରଜାମାନେ ସମୃଦ୍ଧିଶାଳୀ ଥିବା ହିଁ ସୂଚିତ ହେଉଛି ।

**ନୌକାଯାତ୍ରା**—ଋଷ୍ୟଶୃଙ୍ଗଙ୍କୁ ଜରତୀ ବେଶ୍ୟା ନୌକାରେ ବସାଇଦେବା ଘଟଣାଟି କବି ସୁନ୍ଦର କରିଛନ୍ତି । ବନବାସୀ ଋଷିଙ୍କ ଚିତ୍ତ-ବିକ୍ଷୋଭ ନ କରାଇବା ପାଇଁ ଜରତୀ ତାଙ୍କୁ ସ୍ୱ ବେଶ୍ୟା ଭବନରେ ରଖିଥିଲା । ନୌକା ଭିତରେ କୃତ୍ରିମ ଉପବନ ନିର୍ମିତ ହୋଇଥିଲା ।

ସେ ନାବରୁ କୂଳରେ ସେ ଅନ୍ତୁ ଜଗଜନ
ତଥିର ଭିତରେ ପ୍ରବେଶିଲେ ତପୋଧନ ।

ନାନା ବୃକ୍ଷ ଫଳ ସେ ତୋଳନ୍ତି ଦୂରୁ ପାଇ
ଦେଖି ହର୍ଷ କୈକେୟୀ-ସୁତ ତପୋଧିଁ ।

ଏଥିର ତାଙ୍କୁ ସୁସ୍ୱାଦୁ ସୁପକ୍ୱ ସେ ଫଳ
କେ ଅଛଇ କହ ଧରି କେ ଫୁଟିଛି ଡାଳ । (ଅଯୋଧ୍ୟାକାଣ୍ଡ)

**ନଦୀପାରିର ଉପାୟ**—ଭରତ ରାମଙ୍କୁ ଫେରାଇ ଆଣିବା ପାଇଁ ବହୁଲୋକଙ୍କ ସଙ୍ଗରେ ଧରି ଚିତ୍ରକୂଟର ଭରଦ୍ୱାଜ ଋଷିଙ୍କ ଆଶ୍ରମକୁ ଗଲାବେଳେ ଯମୁନା ନଦୀ ପାରହେବା ଚମତ୍କାର ବର୍ଣ୍ଣନ ହୋଇଛି । ଭେଳା ବାନ୍ଧି ଭରତ, ମନ୍ତ୍ରୀମାନେ ଓ ଆଉ ପାରହେଲେ । ପହଁରି ଜାଣିବା ଲୋକେ ପହଁରି ପାରହେଲେ । ଗୁଣ୍ଡ ଶବର ଏକ କୋଡ଼ି ପାଞ୍ଚ କୁଳକୁଳ କଲା ପୋତ ଦଉଡ଼ି ବାନ୍ଧିଲେ ଏବଂ ଏହା ସାହାଯ୍ୟରେ ବହୁ ଲୋକ ପାରହେଲେ ।

**ଗର୍ଭବାସ-ଶିଶୁଜନ୍ମ**—କୌଶଲ୍ୟାଦି ରାଣୀମାନେ ଗର୍ଭବତୀ ହେବାରୁ ସେମାନେ ପୂର୍ବାଙ୍କର ଲକ୍ଷଣ ତ୍ୟାଗକଲେ । ସେମାନଙ୍କ ଆହାର ଆଉ ରୁଚିଲା ନାହିଁ, ମୁଣ୍ଡ ଘୂରିବାକୁ ଲାଗିଲା, ମନ ହୃଷ୍ଟ ହେଲା, ପ୍ରକୃତି ଆନ ଆନ ହେଲା । ପରଘରର ଅନ୍ନକୁ ସେମାନଙ୍କର ମନ ବଳିଲା । ଦୁଇମାସ ପ୍ରବେଶ ହୁଅନ୍ତେ ଅଳସ ଆବୋରିଲା, ଶୀତଳ ମଳୟ ପବନକୁ ସେମାନେ ଲୋଡ଼ିଲେ । ଯାହା ଖାଆନ୍ତି ତାହା ଉଦ୍‌ଗାରି ପକାନ୍ତି । ଶେଯନଠାରୁ କେତେ ଉଠି ପାରନ୍ତି ନାହିଁ । ଅପୂର୍ବ ପଦାର୍ଥକୁ ସେମାନେ ଇଚ୍ଛା କରନ୍ତି ଏବଂ ରାଜା ତାହା ଆଣି ଯୋଗାନ୍ତି । ଏହିପରି ମାସର ବୃଦ୍ଧି ସଙ୍ଗେ ସଙ୍ଗେ ବିଭିନ୍ନ ଲକ୍ଷଣ ଦେଖାଯାଉଥିଲା । ଷଷ୍ଠମାସରେ ଗର୍ଭର ଶିଶୁମାନେ ଜୀବ ପାଇ ଚଳିଲେ । ପିତା ଦଶରଥ ପେଟରେ ଚିହ୍ନ ଚଳୁଥିବା ଲକ୍ଷ୍ୟକରି ଆନନ୍ଦିତ ହୁଅନ୍ତି । ଅଷ୍ଟମାସ ପୂର୍ଣ୍ଣହେବାରୁ ପିତା ଜ୍ୟୋତିଷମାନଙ୍କୁ ଡକାଇ କେବେ ଶିଶୁ ଜନ୍ମ ହେବେ ତାହା ସ୍ଥିର କଲେ । ଅଷ୍ଟମାସ ବନ୍ଦାପନା ଉତ୍ସବ ନିମନ୍ତେ ବନ୍ଧୁମାନଙ୍କୁ ରାଜା ନିମନ୍ତ୍ରଣ କଲେ । ବହୁ ବନ୍ଧୁଙ୍କ ସମାଗମ ହେଲା ।

ମନ୍ତ୍ରୀମାନେ ସେମାନଙ୍କୁ ଉପଯୁକ୍ତ ଚର୍ଚ୍ଚା କଲେ । ସେ ଯେତେ ଲୋଡ଼ିଲେ ତାହାର ଦ୍ୱିଗୁଣ ଦେଲେ । ନଗରର ସ୍ଥାନେ ସ୍ଥାନେ ମଣ୍ଡପ ପ୍ରସ୍ତୁତ ହେଲା । ନଗରର ନରନାରୀମାନେ ଉତ୍ସବେଶ ହେଲେ । ରାଜମାର୍ଗ ପରିଷ୍କୃତ ହୋଇ ଚନ୍ଦନସିକ୍ତା ହେଲା । ପୂର୍ଣ୍ଣକୁମ୍ଭ ସ୍ଥାପନ କରି ପତାକା ଉଡ଼ାଇଲେ । ରାଜଭବନରେ ରତ୍ନବେଦୀ ନିର୍ମିତ ହୋଇ ଚନ୍ଦ୍ରାତପ ଝାଲି ଚୁଣ ବାନ୍ଧିଲେ । ନେତର ପାଟ ମଣ୍ଡି ମୁକୁତା ଲମ୍ବାଇଲେ, ଚନ୍ଦନ କାଷ୍ଠରେ ଶୁଆମଣ୍ଡପ ବନାଇଲେ । ବୃକ୍ଷ ଉପରରେ ଶ୍ୱେତଚମରମାନ ଲଗାଇଲେ । ଚଣ୍ଡାତପ ଗୁଡ଼ୁଆ ଉପରେ ଆଚ୍ଛିଲେ । ଦର୍ପଣ ପତ୍ର ଯନ୍ତ୍ର କରି ଲମ୍ବାଇ ଉପରେ ଚିନବାସ ଦେଇ ତୋରଣମାନ ଗୁଣପାଖରେ ବନ୍ଧାଇଲେ । ରାଜା, ଋଷି, ବିପ୍ର ପ୍ରଭୃତି ବନ୍ଧୁମାନଙ୍କୁ ଦେଖି ନାରୀମାନେ ହୁଳହୁଳି ଦେଉଥିଲେ । ଦୂତ ଆସି ଆସି ସମସ୍ତଙ୍କୁ ନିମନ୍ତ୍ରଣ କରୁଥିଲେ । ଦ୍ୱାର ମୁହୂର୍ତ୍ତମାନେ ନବରୁ ବାହାର ହୋଇ ହଳଦୀ, କୁଙ୍କୁମ, ଚନ୍ଦନ ନେଇ ରାଜା, ଋଷି, ବିପ୍ରମାନଙ୍କୁ ଲେପିଲେ ।

ରାଣୀ ମହାଦେବୀ ସେ ନଗର ନରନାରୀ
କୌତୁକେ ହଳଦୀ ପରେ ମଣ୍ଡଣ ହେଲେ କରି ।

ଏପରି ପରିବେଶରେ ଅଷ୍ଟମାସ ବନ୍ଦାପନା ହେଲା । ରାଣୀମାନେ ଶ୍ରୀଫଳ-ତଣ୍ଡୁଳ ଧରି ଦେବୀ ଉପରକୁ ଆସିଲେ । ବିପ୍ରମାନେ ବେଦଧ୍ୱନି କଲେ, ଜ୍ୟୋତିଷମାନେ ମଙ୍ଗଳପାଠ କଲେ । ରାଣୀମାନେ ପୂର୍ବମୁଖ ହୋଇ ବେଦୀରେ ବସିଲେ । ଚଉଦିଗେ ବନ୍ଧୁଡ଼ି କହୁଥିବାରୁ ରାଣୀମାନେ ଲାଜ ଲାଜ ହେଲେ ।

ଚଉଦିଗେ କଳଇ ବନ୍ଧୁଡ଼ି ଦାସମାଳା
ଲୋକ ଦେଖି ଲାଜ ଲାଜ ହୁଅନ୍ତି ଅବଳା ।
ହରଷେ ନାରୀଏ ଲାଜ ସମ୍ଭରଣ କଲେ
ଅଳପ ହସିଣ ଶିର ଉହାଡ଼େ ବସିଲେ ।

ଦଶମାସ ସମ୍ପୂର୍ଣ୍ଣ ହେବାରୁ ଗର୍ଭିଣୀମାନଙ୍କର ଗର୍ଭବେଦନା, ଶୂଳ, ଗର୍ଭିଣୀର କ୍ରନ୍ଦନ, ପ୍ରସବ ପ୍ରଭୃତି ବିଷୟର ବର୍ଣ୍ଣନାଟି ତଥ୍ୟ କରି ଶୋଭାଇଛନ୍ତି ।

ପୁତ୍ରଜନ୍ମ ପରେ ନଗରର ଆନନ୍ଦମୁଖର ଅତି ସୁନ୍ଦର ରୂପରେ ବର୍ଣ୍ଣନା କରି ସମାଜର ସୁନ୍ଦର ଚିତ୍ରଟିଏ ଦେଇଛନ୍ତି । ନଗର, ହାଟ, ଜୁଆ, ଦାନ ଦକ୍ଷିଣାର ଚିତ୍ରମାଧ୍ୟମରେ ସମାଜର ଛବି ପ୍ରତିବିମ୍ବିତ ହୋଇଛି । ସାଧୁସନ୍ଥ, ଜ୍ୟୋତିଷୀ ସମସ୍ତେ ଯେ ଯାହା ବୃତ୍ତିରେ ଆନନ୍ଦ ଲାଭ କରିଛନ୍ତି । ବହୁ ସମ୍ପତ୍ତି ଜୁଆ ଓ ନଷ୍ଟ ହୋଇଥିଲେ ମଧ୍ୟ କେହି ଅସନ୍ତୋଷ ପ୍ରକାଶ କରି ନାହାନ୍ତି । ସମସ୍ତେ ଆନନ୍ଦରେ ଭୋଳ । ଏହାହିଁ ଜାତୀୟ ଉତ୍ସବରେ ଜନସାଧାରଣଙ୍କର ଧାର୍ମିକ ସହାନୁଭୂତି ।

ନଗରକୁ ଲୁଣ୍ଠା କରି ଦେଲେ ଦ୍ରବ୍ୟ ଗଣ୍ଠି
ଦେଖିଣ ଆନନ୍ଦ ହେଲେ ଅଯୋଧ୍ୟାର ଠାଇଁ । X
ଥୋଣ୍ଟ ଘଣ୍ଟିଆମାନେ ବୁଲନ୍ତି କନ୍ଦ କନ୍ଦ । X
ହାଟ ଜୁଆ ବାଟ ଜୁଆ ହୋଇଲା ନଗ୍ରଟ
ସାଧୁ ଓ ସୁଜନମାନେ କିଳିଲେ କବାଟ ।
ପିଢ଼ାବାଟେ ଲୁଚିଣ ଯେ ପଶିଲେ ଜୁଆରିଆ
ନାନା ଦ୍ରବ୍ୟମାନ ଗଣ୍ଠି ନେଲେକ ହୁଣିଆ ।
ମଣ୍ଡିଥିଲା ବେଶକୁ ଯେ ଜୁଆ କରି ନେଲେ
ଧୋବାଲୁଗାମାନଙ୍କୁ ବପନ ଲୁଟିଲେ ।
ଶୁଣିଥିବ ସବେ ଯେ ଶ୍ରୀରାମ ଜନ୍ମହୋଇ
ଅଗଣିତ ଧନରାଜ ଯାଏ ଜୁଆ ହୋଇ ।
ସମସ୍ତେହିଁ ଖୁଣ୍ଟାଏ ନଗର ନରନାରୀ
ଦ୍ରବ୍ୟ ନେବାରେ ଶଙ୍କା ନାହିଁ ଯେ କାହାରି । (ଆଦିକାଣ୍ଡ)

ଏଥିରେ ଗର୍ଭାବସ୍ଥାର ଆରମ୍ଭଠାରୁ ଶିଶୁଜନ୍ମ ପର୍ଯ୍ୟନ୍ତ ରାଜ ପରିବାରର ଯେଉଁ ଏକ ପ୍ରଥା ରହିଛି ତାହା କିଛି ଆକାରରେ ଓଡ଼ିଶାର ସବୁ ପରିବାରରେ ଦେଖାଯାଏ । ଗର୍ଭବତୀର ଦୋହଦ, ବେଦନା, ପ୍ରସବକାଳୀନ ମାନସିକ ଓ ଦୈହିକ ଅବସ୍ଥା ଏବଂ କାର୍ଯ୍ୟ, ପ୍ରସବାନ୍ତେ ଆନନ୍ଦ କଲ୍ଲୋଳର ପ୍ଲାବନ ପ୍ରଭୃତିର ସୂକ୍ଷ୍ମାତିସୂକ୍ଷ୍ମ ବିଷୟଗୁଡ଼ିକ କବି ବର୍ଣ୍ଣନାରେ ଦେଇଛନ୍ତି ।

ଏଥିରୁ ପାଠକ ମନରେ ହସଗ୍ର ସୃଷ୍ଟି ନକରି ଆନନ୍ଦ ପ୍ରଦାନ କରନ୍ତି ।

ଶିଶୁମାନଙ୍କର ନାମକରଣ, ଚୂଡ଼ାକରଣ, ବ୍ରତୋପନୟନ ପ୍ରଭୃତି ପ୍ରାଚୀନ ଆର୍ଯ୍ୟପଦ୍ଧତି ଅନୁସାରେ ହୋଇଥିବା ଜଣାଯାଏ । ବର୍ଣ୍ଣନା ବିସ୍ତୃତ ଓ ତଥ୍ୟପୂର୍ଣ୍ଣ ହୋଇଥିଲେ ମଧ୍ୟ ଅଶୋଭନୀୟ ଓ ବିରକ୍ତିକର ହୋଇନାହିଁ ।

**ଶିଶୁଲୀଳା**—ଶ୍ରୀରାମାଦି ଭ୍ରାତାମାନଙ୍କର ଶିଶୁଲୀଳା ଅତି କୌତୁକପ୍ରଦ ଓ ଆକର୍ଷକ ହୋଇଅଛି । ଶିଶୁମାନଙ୍କ ଚେତେଇବା, ହସିବା, କାନ୍ଦିବା, ଗୁଲୁଚି ହେବା, କାନ୍ଥକୁ ଧରି ଠିଆହେବା, ଚାଲିବା ପ୍ରଭୃତି ବିଷୟ କବି ଅତି ନିପୁଣ ଭାବରେ ବର୍ଣ୍ଣନା କରିଛନ୍ତି । ମାତା ଓ ପିତା ପୁତ୍ରମାନଙ୍କ ଲୀଳା ଦେଖି ଅପାର ଆନନ୍ଦ ଉପଭୋଗ କରୁଥିବା ବିଷୟ ମଧ୍ୟ ଲେଖିଛନ୍ତି । ପିତା ଅପେକ୍ଷା ମାତା ହିଁ ଶିଶୁର ବସ୍ତ୍ର ସମ୍ବନ୍ଧରେ ବେଶି ଧ୍ୟାନ ରଖିଥିବା ବିଷୟ ଦଶରଥ କୌଶଲ୍ୟାଦି ରାଣୀମାନଙ୍କୁ ଶିଶୁମାନଙ୍କ ପୁଣି ବସ୍ତ୍ର ସମ୍ବନ୍ଧରେ ପଚାରୁଥିବା ପ୍ରସଙ୍ଗରେ କବି ଦେଖାଇ ଦେଇଛନ୍ତି ।

ଏଥୁ ଅନ୍ତେ ନବମାସ ପର୍ଯ୍ୟନ୍ତେଣ ଯୋଏ
ଉତ୍ତାନଶାୟୀ ସୁଡ଼ିଶ ଅଣି ହୋଇ ଶୋଏ ।
ଉଗୁଳି ହୋଇ ମାରନ୍ତି ଯୋଏ ଗୁଳୁଚୂଟା
ଦେଖନ୍ତି ସେ ହେଳାରସ ମନେ ଯାହା ଇଚ୍ଛା ।
ଦଶମାସ ପର୍ଯ୍ୟନ୍ତେ ସେ ଉଠିଣ ବସନ୍ତି
ବରଷକେ ଭୂଇଁ ଦେଖି ମାଡ଼ିଣ ସେଥି ଯାଆନ୍ତି ।
କାନ୍ଥ ଧରି ଯୋଏ ଉଭା ହୁଅନ୍ତି ପଡ଼ନ୍ତି
ଉଠନ୍ତେ ହସନ୍ତି ଯୋଏ ଖସନ୍ତେ ରୋଦନ୍ତି ।
ଧାଈଙ୍କର କର ଧରି ପୃଥ୍ୱୀରେ ଚାଲନ୍ତି
ପୁତ୍ରଙ୍କର କଳା କରି ତରଳେଣ ନୋଆନ୍ତି ।
ବ୍ୟାପନଶ ହେମକାନ୍ତି ଅତି ଶୋଭା ପାଇ
ଦେଖିଣ ପୁରଜନମାନେ ହେଉଛନ୍ତି ମୋହି ।

କହିଲେ ଯେ ପାଟପୁତା ଶୋଭୁଛି ବାହୁଡ଼ି
ଖେଳନ୍ତି ସୁନ୍ଦର ବାଳ୍ୟ ଦ୍ୱନ୍ଦ୍ୱ ଦ୍ୱନ୍ଦ୍ୱ କରି ।
ଦେଖଣ ହିଁ ଏକେ ଯୋଏ ପାଳିବସ୍ତୁ ଥିଧ
ମୁଖ ବୁଝ କୁହନ୍ତି ଦେଖ ପରମ ଆନନ୍ଦ ।
ନିତାଙ୍କୁ ଦେଖିଣ ଯୋଏ ଲୁଳ ଲୁଳ ହୋଇ
ଧାଈଙ୍କ କୋଳେ ପଶନ୍ତି ଏତ ସ୍ନେହ ବନ୍ଧ ।
ଦଶରଥ ଡାକ ଦ୍ୟନ୍ତି ଅଇ ଆସ ବାବୁ
ମୋହର ଏ ସଂସାର ଭ୍ରମର ଯିବା ଯାଉ ।

× ×

ଭରତ ଶତ୍ରୁଘ୍ନ ଯେ ଲକ୍ଷ୍ମଣ ଶମ୍ଭୁଜନ
ଦେଢ଼ିଣ ବର୍ଷିଅଛନ୍ତି ମହାଦେଇ ମାନ ।
ଧାଈଙ୍କର କୋଳରେ ଅଛନ୍ତି ଚାରି ଯୋଏ
ନୃପତି ବୁଲନ୍ତି ଯେ ବସ୍ତ୍ର କେତେ ହୋଇ ।
କଉଶଲ୍ୟା କୋଳେ ଦୁଗ ବକ୍ରତ ଯେ ଗୁରୁ
ଅଢ଼ାଇ ବରଷ ଯେ ପଞ୍ଚମ ବର୍ଷଯାଏ । (ଆଦିକାଣ୍ଡ)

କୌଶଲ୍ୟା ପାଟରାଣୀ ହେବାରୁ ସ୍ୱାମୀ ତାଙ୍କୁ ପ୍ରଶ୍ନ କରିବା ଓ ସେ ଉତ୍ତର ଦେବା ବୈଦିକ ମର୍ଯ୍ୟାଦାନୁସାରେ ଲିଖିତ ହୋଇଛି । ଶୈଶବର ଚିତ୍ରଟିଏ ଅଙ୍କନ କରି କବି ବାସ୍ତବ ପର୍ଯ୍ୟବେକ୍ଷଣ ଶକ୍ତିର ଅଧିକାରୀ ହୋଇଥିବା ପରିଚୟ ଦେଇଛନ୍ତି । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ ସମ୍ୟକ୍ ଚିତ୍ରିତ ହୋଇଛି ।

ପ୍ରାୟ ବାରବର୍ଷ ପର୍ଯ୍ୟନ୍ତ ରାମ କୌଶଲ୍ୟାଙ୍କ କୋଳରେ ହିଁ ଲାଳିତ ହୋଇଥିଲେ । ରାମ ବିଶ୍ୱାମିତ୍ରଙ୍କ ସଙ୍ଗରେ ବନକୁ ଯିବା ପରେ ସୀତା-ସ୍ୱୟମ୍ବରର ସମ୍ବାଦ ଶୁଣିବା ପରେ ମଧ୍ୟ ମାତା ଏ କଥାରେ ବିଶ୍ୱାସ ପାଉନାହାନ୍ତି; ପୁଅର ବାଳଲୀଳା ସ୍ମରଣ କରୁଛନ୍ତି ।

ବାରବର୍ଷ ହେଲା ଶୋଇଲଇଁ କୋଳେ ଲଇଁ
ସେବେ କନ୍ଥା ଅଳକେ ଶୁଅଇ ଯିଠି ଦେଇ ।

ତକ୍ଷଣେ ଚାଅଁ ଲ ଜାଣେ ମାତା ବୋଲିକରି
କୋଳ କଲେ ଶୋଧ ନିଦ୍ରାଭାବେ ଗଳା ଧରି ।

ଜେତେବେଳେ ନିଦ୍ରା ଯେ ମାତୃକ ଦେଖ ପଶି
କେମନ୍ତେ ଧନ ହରଲି ମୋତେ ହେ ନ ଦେଖି । (ଅ: କା:)

ଏହି ବାଳଲୀଳା ବର୍ଣ୍ଣନାରେ କବି ବାତ୍ସଲ୍ୟ ରସର ଜୀବନ୍ତ ଚିତ୍ରଟିଏ ସର୍ଜନା କରିଛନ୍ତି; ପାଠ କଲାବେଳେ ମନେ ହେଉଛି ସତେ ଯେପରି ମା’ କୁ ଧରି ଶିଶୁଟିଏ ଶୟନ କରିଛି । ରାମାଦି ଭ୍ରାତାମାନଙ୍କର ମଧ୍ୟ ସ୍ତନ୍ୟପାୟୀ ଅବସ୍ଥାଠାରୁ ବୃଦ୍ଧି ପର୍ଯ୍ୟନ୍ତ ଚିତ୍ରମାନ ଏହି ଶ୍ରେଣୀର । ଏଥିରେ କବିଙ୍କ ଲେଖନୀ ସାର୍ଥକ ହୋଇଛି ।

**ବରଯାତ୍ରୀଙ୍କ ଗମନ**—ଦଶରଥ ରାମଙ୍କ ବିବାହ ଉଦ୍ଦେଶ୍ୟରେ ବରଯାତ୍ରୀ ନେବା ପ୍ରସଙ୍ଗରେ କବି ଯାହାର ବର୍ଣ୍ଣନା ଦେଇଛନ୍ତି ତାହା ତାଙ୍କ ନିଜ ସମୟର ଚିତ୍ର ବୋଲି ମନେହୁଏ । ସୂର୍ଯ୍ୟବଂଶ ଯୁଗରେ କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ବହୁ ଯୁଦ୍ଧଯାତ୍ରା କରିଥିଲେ ଏବଂ ସ୍ୱ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ପାଇଁ ମଧ୍ୟ ବାହାରୁଥିଲେ । କବିଙ୍କ ରାଜ-ଯାତ୍ରା ପ୍ରତ୍ୟକ୍ଷ ଜ୍ଞାନ ଉପରେ ପ୍ରତିଷ୍ଠିତ ହୋଇଥିବା ଅନୁମିତ ହୁଏ; କାରଣ ସେ ଖଣ୍ଡିଏ ଏପରି ପୁଙ୍ଖାନୁପୁଙ୍ଖ ତଥ୍ୟ ଦେଇ ଚିତ୍ରଟିକୁ ଜୀବନ୍ତ କରିପାରିଛନ୍ତି । କବି ପୁରୁଷୋତ୍ତମଙ୍କ ଶାସନକାଳରେ ଅଳ୍ପବୟସ୍କ ଥିଲେ, ତେଣୁ ପୁରୁଷୋତ୍ତମଙ୍କ ଯାତ୍ରା ଦେଖିବା ଓ ମନେ ରଖିବା ଭଳି ଅବସ୍ଥା ନଥିଲା । ପ୍ରତାପରୁଦ୍ରଙ୍କ ସମୟର ଯାତ୍ରା ହିଁ ସେ ସମ୍ୟକ୍ ଲକ୍ଷ୍ୟ କରିଥିବେ ଏବଂ ତାହାକୁ କାବ୍ୟରେ ଲିପିବଦ୍ଧ କରିଛନ୍ତି । ବିଶେଷତଃ ସେ ଦଶରଥଙ୍କ ଯାତ୍ରାରେ ରାଜାଙ୍କ ସନ୍ଦର୍ଭରେ ‘ସାହି’, ‘କେଦାର’, ‘ତୋଡ଼ର’, ‘ମଲ୍ଲ’ ପ୍ରଭୃତି ପଦର ବ୍ୟବହାର କରିଥିବାରୁ କବି ସେଗୁଡ଼ିକ ପ୍ରତାପରୁଦ୍ରଙ୍କ ବିରୁଦରୁ ଆହରଣ କରିଥିବା ସମ୍ଭବ । ଏହିସବୁ ପଦ ପ୍ରତାପରୁଦ୍ରଙ୍କ ବେଲକୋଣ୍ଡ ଅନୁଶାସନରେ ମିଳୁଛି । ଏହି ଚିତ୍ରଟି ଓଡ଼ିଶା ରାଜାଙ୍କ ଯାତ୍ରାର ଚିତ୍ର । ଭାରତର ଯେ କୌଣସି ରାଜାଙ୍କ ଯାତ୍ରା ମଧ୍ୟ ଅଳ୍ପବହୁତ ଏହିପରି ।

**ନାଗରୀ ଦେବା ବିଧି**—ଯାହାର ନାଗରୀ ଦେବା ବିଧି କବି ଚିତ୍ର କରିଛନ୍ତି। ରାଜା ସୁମିତ୍ରଙ୍କୁ ଶଙ୍ଖ ଦେବାରୁ ସୁମିତ୍ର ଚମକିଆକୁ ଡାକିଲେ। ଚମକିଆ ଓଟଗୋଳକୁ ଯାଇ ଓଟରେ ଚଢ଼ି ଆସିଲା।

ଦନ୍ତୁରି ସିଂହାସନ ବାହାରେ କଲା ସଜ
ପଲାଣ କରିଣ ସେ ଚମକ ବଳି ଭୁଜ।

ନିବେଳି ସେ ଚମକ ବାନ୍ଧିଲା ଆଣ୍ଠୁକର
ଉପରେ ଚଢ଼ିଣ ଦୁର୍ଗାମାଧବ ସୁନ୍ଦର।

ସେ ସିଂହଦ୍ୱାରେ ଓଟକୁ ବସାଇଲା। ଦୁଇ ହାତରେ ବନ୍ଧୁଳ ଭଳକୁ ପାଦ ଥୋଇଲା, ଉଷାର ଚମକରେ ପିଟିଲା।

କ ଜାଣି ଆଷାଢ଼ ମାସେ ମେଘ କି ଗରଜେ
ଶବଦ ଛନ୍ଦେଣ ସେ ନାନାଦି ବାଦ୍ୟ ବାଜେ। (ଆଦିକାଣ୍ଡ)

ଏହି ବାଜଣା ବାଜିବା ପରେ ସୁମନ୍ତାଦି ରାଜକର୍ମଚାରୀ ଓ ସେବକମାନେ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ ମିଥିଳା ଯିବା ଆୟୋଜନ କଲେ।

ରାଜା ଦଶରଥ ମନୋରଥ ନାମକ ଅଶ୍ୱରେ ଆରୋହଣ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ବାହୁଆଳ ଅଶ୍ୱକୁ ସଜାଇଲେ। ଅଶ୍ୱର କାନ୍ତି ସର୍ବଶ୍ୱେତ, ଖୁବ୍ ମୋଟା। ଏହା ଉପରେ ରତ୍ନମୟ ଜାଗର ପଲ୍ୟାଣ ଦିଆହେଲା। ଦୁଇପଟା ପଟ୍ଟଡ଼ୋରି ପାଟରେ ଭିଡ଼ା ହେଲା। ବେକରେ ରତ୍ନମୟ ହାର ବନ୍ଧା ହେଲା। ବକ୍ଷସ୍ଥଳରେ ସୁବର୍ଣ୍ଣ ଚାମର ଲମ୍ବିଲା। ଗଣ୍ଡସ୍ଥଳ 'ଗଙ୍ଗା ଯାଟପଟନୀ'ରେ ମଣ୍ଡିତ ହେଲା। ନାଗ ଉପରେ ରତ୍ନର ଟୁଲଣି ଥିଲା। ପରେ ପଣ୍ଡୁରିତ ପାଟୁଡ଼ି ରକ୍ତ ବସ୍ତ୍ରା ହେଲା, ଠାବେ ଠାବେ ମୁକ୍ତା ପୁଞ୍ଜପୁଞ୍ଜ ଲାଗିଛି, ପିଠିଆଳି ଗଙ୍ଗାଯମୁନା ଚାମର ପଡ଼ିଛି, ଗଳା ପର୍ଯ୍ୟନ୍ତ ବଳ ଘଣ୍ଟି-ଯାଇଛି, ଦୁଇପାର୍ଶ୍ୱର ଦୁଇଟା ଶ୍ୱେତଚାମର, 'ଖରକେଦାର' ପଣ୍ଡି ପଟା ଶୋଭା ପାଉଛି। କର୍ଣ୍ଣମୂଳରେ ଯାଣ୍ଡିଳର ଫୁଲ ସୁନା ବସିଛି। ଖୁରୁ ପଣ୍ଡି-ଘାଗୁଡ଼ି, ନୂପୁର ଝମଝମ ବାଜୁଛି, ଇତ୍ୟାଦି।

ସୁମନ୍ତ୍ର ଆଗରେ ସୁଣୀହଂସ ସୁରକୁ ନେଇ ଚାଲିଲେ । ତାଙ୍କ ପଛରେ ପାଟହସ୍ତୀ ଚାଲୁଥିଲା । ବୀର କାହାଳୀ ବାଜୁଥିଲା । ଘଣ୍ଟକାର ପାଇକମାନେ ଗହଣରେ ଧାପ ଦେଉଥିଲେ । ଘଣ୍ଟିକାର, ଧାନୁକିମାନଙ୍କ ଶୋଭାଯାତ୍ରାର ବର୍ଣ୍ଣନା ଭଲ କରିଛନ୍ତି ।

ଘଣ୍ଟିକାର ପାଇକେ ଗହଣେ ଧାପ ଦ୍ୟନ୍ତି
ଖଣ୍ଡା ଚୁଲାଇଣ ସେ ଯନ୍ତ୍ରାଳି ତୁଳନ୍ତି ।
ବୀର ତାଳ ତାଳଣ ନେଇ ଚକ୍ର ମାରି ଧାଇଁ
ଶୁଭ୍ରିଁ ପଟାକୁ ନେଇ ଧରିଣ ଅଛଇ ।
ଫଳାଖଣ୍ଡା ଧରି ନେଇ ଯନ୍ତ୍ରାଳି ଅଟେ ଭ୍ରତି
କେବଣ ପାଇକ ହିଁଙ୍କିଲି ସେ ଖଣ୍ଡାମୁଠି ।
ଧାନୁକୀ ଧାପ ଦ୍ୟନ୍ତି କୋଦଣ୍ଡେ କାଣ୍ଡ ଦେଇ
ଅରେ ଅରେ ଜନ୍ମ କେ ଆଗକୁ ଯାନ୍ତି ଧାଇଁ । (ଆଦିକାଣ୍ଡ)

ରାଜା ଦଶରଥଙ୍କ ବେଶ ଚମତ୍କାର ହୋଇଛି । ରାଜା ସାଜବେଶରେ ସଜ୍ଜିତ ହୋଇଛନ୍ତି । ଧଳା ଦେହାଙ୍ଗ (ପାଟଖାଲୁଆ) ବସନ ଗୋଡ଼ା ଚନ୍ଦ୍ରା ପିନ୍ଧିଛନ୍ତି, ଶିରରେ "ଗାତ୍ରକେଦାର" ଠେକା ପିନ୍ଧିଛନ୍ତି । ସପ୍ତଶାଖା ରତ୍ନମୟ ମୁକୁଟ ଶିରରେ ଶୋଭା ପାଉଛି । କର୍ଣ୍ଣରେ କୁଣ୍ଡଳ, ଗଳାରେ ରତ୍ନମାଳ, ବକ୍ଷସ୍ଥଳରେ ମଣିମୟ ପଦକ, ବାହୁରେ ରତ୍ନର ତାଡ଼, କେୟୁର ବାହୁଟି, ଅଙ୍ଗୁଳିରେ ମଣିର ମୁଦ୍ରିକା, କଟିରେ ମୁକୁତାହାର କଟିମେଖଳା, ପଦୁରେ ନୂପୁର, ବାହୁରେ "ତୋଡ଼ର" ।

ପଦୁରେ ନୂପୁର ସେ ସେ ବାହୁରେ ତୋଡ଼ର
ସଜ ହେଲେ ଦଶରଥ ଅଯୋଧ୍ୟାର ମଲ୍ଲ ।

ବଶିଷ୍ଠ ମଙ୍ଗଳ ଆଳତି ଦେବା ପରେ ରାଜା ବ୍ରାହ୍ମଣମାନଙ୍କୁ ନମସ୍କାର କରି ଯାତ୍ରା ଆରମ୍ଭ କଲେ । ମଙ୍ଗଳଯାତ୍ରାର ସବୁ ଏଥିରୁ ସୂଚିତ ହେଉଛି । ରାଜାମାନଙ୍କ ଯାତ୍ରା ଆରମ୍ଭରେ ମଙ୍ଗଳାଚରଣ ବିଧି, ରାଜା ଦଶରଥ ମିଥିଳାକୁ ଯିବା ଯାତ୍ରାରମ୍ଭର ବର୍ଣ୍ଣନାକୁ ରାଜାମାନଙ୍କ ଯାତ୍ରାରମ୍ଭ ରୀତି ସମ୍ବନ୍ଧରେ ଏକ ଚିତ୍ର ଭଳି ଦେଇଛନ୍ତି ।

କଣିଟେଣ୍ଡ ଟେଖ ଦେଖିଲେ ନେଇ ମଙ୍ଗଳ ଆରତି
ଗୋରୋଚନା ଚନ୍ଦନର ବିନ୍ଦୁ ରଚିବନ୍ଦୁ ଚିତ୍ର ।

ଦୂର୍ବାଦଳ ଅଙ୍କୁର ଶିରରେ ଦିଅ ଧରି
ବ୍ରାହ୍ମଣମାନଙ୍କୁ ପୂଜା ନମସ୍କାର କରି ।

ଯା'ଙ୍କ ଶୁଭ ମଙ୍ଗଳକୁ ଦେଖି ମାଗି ଅଛୁ ।
ସୁବର୍ଣ୍ଣ କୁମ୍ଭରେ ଶ୍ରୀଫଳ ଯେ ସ୍ଥାପିଅଛୁ ।

ଶ୍ୱେତ ପାରୁବତ ବଂଶ ଷଣ୍ଢ ଦ୍ୱିଜମାନେ
ମଙ୍ଗଳ ଅର୍ଥରେ ଥୋଇଛନ୍ତି ସ୍ଥାନେ ସ୍ଥାନେ ।

ବେଦଜ୍ଞେ ମିଳି ବେଦାଧ୍ୟୟନ କରନ୍ତି
'ସହସ୍ର ଶୀର୍ଷା' ନାମ୍ନିକ ମଙ୍ଗଳ ପଢ଼ନ୍ତି ।

ଷଟ୍‌ପଦ ଅଧି ଶ୍ଲୋକେ ଶିବ ଶୀଘ୍ର ପୋଥି
ମଙ୍ଗଳ ଅଷ୍ଟକ ଯେ ପଢ଼ନ୍ତି ପାଠକୋଟି ।

ସୁବିବନ୍ତ ନାଚଏ ଧରନ୍ତି ଶୁକଧ୍ୱନି
କାଂସ୍ୟର ତୂରିଲ ସ୍ୱରେ ବାମଧାଡ଼େ ଜଳ । (ଅ.ଦପବ)

ବାଦ୍ୟ—ବାଦ୍ୟବାଜଣା ସନ୍ଦର୍ଭରେ କବି ଏହି ବାଦ୍ୟଯନ୍ତ୍ରଗୁଡ଼ିକର ନାମ ଉଲ୍ଲେଖ କରିଛନ୍ତି—ଢୋଲ, ଦମା, ଝମକ, ବଇଁଶୀ, ମର୍ଦ୍ଦଳ, ତାଳ, କଂସାଳ, କାହାଳ, ମୃଦଙ୍ଗ, ଝଞ୍ଜାଳ, ପିଟଘଣ୍ଟ, ପଞ୍ଚଶବ୍ଦ, କାହାଳୀ ଇତ୍ୟାଦି ।

ଶୋଭାଯାତ୍ରା ବେଳର ଘୋଡ଼ା, ହାତୀ, ବାଦକମାନଙ୍କର ଧୂଳି, ଖେଳ, କୌତୁକ ପ୍ରଭୃତି ବଡ଼ ସୁନ୍ଦର ହୋଇଛି । ଏଥିରେ ଆଦର୍ଶର କଥା ସ୍ଥାନେ ସ୍ଥାନେ ଉପମାରେ ସୂଚିତ ହୋଇଥିଲେ ମଧ୍ୟ ଏହା ଏକ ବାସ୍ତବ ଚିତ୍ର । କବି ସମସାମୟିକ ବୀରବର ଚକ୍ରବର୍ତ୍ତୀ ରାଜା ପ୍ରତାପରୁଦ୍ରଙ୍କ ଯାତ୍ରାର ଚିତ୍ର ହିଁ ଦେଇଛନ୍ତି ବୋଲି ମନେ ହେଉଥିବାରୁ ଏଥିରୁ ଓଡ଼ିଶା ସାମ୍ରାଜ୍ୟର ବିଶାଳ ଶକ୍ତିର ପରିଚୟ ମିଳୁଥିବା ଅନୁମାନ କରାଯାଇପାରେ । ଦଶରଥଙ୍କ ଏହି ଯାତ୍ରାର ବର୍ଣ୍ଣନା ଅତି ରମଣୀୟ ଓ ଉତ୍ସାହୋଦ୍ଦୀପକ ହୋଇଛି ।

ହସ୍ତୀ, ଅଶ୍ୱ ଯୁଦ୍ଧର ବର୍ଣ୍ଣନା ମଧ୍ୟ ଉଚ୍ଚକୋଟୀର ହୋଇଛି । ହସ୍ତୀ ଓ ଘୋଡ଼ାଙ୍କ ଯୁଝିବା ସମୟରେ କେତେକ କୌତୁକପ୍ରଦ ଘଟଣା କବି ମନୋମୁଗ୍ଧକର ଭାବରେ ଚିତ୍ରଣ କରିଛନ୍ତି ।

ଯୁଦ୍ଧାଗ୍ରେ ପଶନ୍ତି ରାଜାର ରଣ ମନ୍ତ୍ରୀ
ଘଣ୍ଟୁଆର ପଞ୍ଚାଶ ଶୁଣ୍ଢରେ ଟେକନ୍ତି ।
ଶୁଣ୍ଢାକୁ କାଟିଣ କେହୁ ତୁଳଇ ଖାଇଲା
ଘୁଞ୍ଚାକ ଲମ୍ବାଇ ଘୋଡ଼ା କେହୁ ଦାନ୍ତେ ପେଲ ।
ଖଣ୍ଡି ଧୂଆଇଣ କେହୁ ଟୋକଣ ରହନ୍ତି
କେବଣ ଶୁଆରେ ଘୋଡ଼ା ଶବଦେ ଧୂଆନ୍ତି ।
ଭରକ ଗୁଣରେ କେହୁ ଚଢ଼ାନ୍ତି କମାଣ
ତାକୁ ଘୋଡ଼ା ଉଡ଼ାନ୍ତି ହସ୍ତୀ ଉଦରେଣ ।
କେଉଁଠାରେ ହସ୍ତୀଏ ପଳାନ୍ତି ଘୋଡ଼ା ଦେଖି
କେଉଁଠାରେ ଘୋଡ଼ାମାନେ ହସ୍ତୀଙ୍କି ଉପେକ୍ଷି ।
କେବଣ ଘୋଡ଼ା ଧାଅଇ ଦେଇ ପାଦ ତୋଳି
କେବଣ ଯୁଝନ୍ତ ହସ୍ତୀ ତିପେ ଧଇ ବୋଲି ।
ନାନା କଳ୍ପନାରେ ଯେ ଚଳଇ ସଇନ
ଦେଖିଣ ଆନନ୍ଦେ ଯେ ହସନ୍ତି ନୃପମଣି ।

ଏହି ପ୍ରକାରରେ ଯୋଗୀ, ତପସ୍ୱୀ, ଖଣ୍ଡିଆ, ପଟ୍ଟିଆସୀ, ଟେଙ୍କା, ଲମ୍ବହତା, ଷାଣ୍ଢୁଆ, ବାଣ୍ଟୁଆ, ବେକାଠୁଆ, ବଣିକାର, ନଟ, ଭଟ, ଗନ୍ଧତନ୍ତ ପ୍ରଭୃତି ବହୁପ୍ରକାର ଲୋକ, ରାଜସେବକ, କଳାକାର, ବ୍ୟବସାୟୀ ଥିଲେ । ଚରିତ୍ର ଚିତ୍ରଣ କରିବା ପାଇଁ କବି ବାସ୍ତବତାର ସୂକ୍ଷ୍ମ ସହଜ ପଦ୍ଧତିର ଉଲ୍ଲେଖ ମଧ୍ୟ କରିଛନ୍ତି ।

ଖଣ୍ଡିଆ ପଟ୍ଟିଆସୀ ଯେ ଟେଙ୍କା ଲମ୍ବହତା
ପାଞ୍ଚ ସାତ ମିଳିକରି ଯାନ୍ତି ହୋଇ କଥା ।

**ପତ୍ରଲିଖନ ପ୍ରଣାଳୀ**—ଶିବଧନୁ ଭଙ୍ଗ ପରେ ରାଜା ଜନକଙ୍କ ପୁରୋହିତ ଶତାନନ୍ଦଙ୍କ ହାତରେ ଶ୍ରୀରାମଙ୍କ ପିତା ରାଜା ଦଶରଥଙ୍କଠାକୁ ଯେଉଁ ପତ୍ରଟି ଦେଇଥିଲେ ତାହା ଶତାନନ୍ଦ ଦଶରଥଙ୍କୁ ଦେଲେ । ପୁତ୍ରର ଲେଖା ମିଳିଥିବାରୁ ପିତା ପ୍ରଥମେ ଲେଖାଟିକୁ ହୃଦରେ ଲଗାଇ ପୁରୋହିତ ଓ ମନ୍ତ୍ରୀବର ବଶିଷ୍ଠଙ୍କୁ ପାଠ କରିବା ପାଇଁ ଦେଲେ । ବଶିଷ୍ଠ ପତ୍ରଟି ହସ୍ତରେ ଧରି 'ଶ୍ରୀରାମଙ୍କ ଶ୍ରୀହସ୍ତ ଅକ୍ଷର' ଚିହ୍ନିଲେ । 'ଚନ୍ଦନ ମୁଦ' ଫେଡ଼ିଲେ ଏବଂ 'ଏକଶ୍ରମ'କରି ଲେଖାକୁ ସଜାଡ଼ି ଧରିଲେ । ପ୍ରଥମେ ନିଜେ ମନେ ମନେ ପତ୍ରଟି ପଢ଼ିଲେ । ସୁସମ୍ବାଦ ପାଠରେ ଅପାର ଆନନ୍ଦ ଲାଭ କଲେ । ପରେ ରାଜା ଓ ସଭାସଦ୍‌ବର୍ଗଙ୍କୁ ଜଣାଇଲେ । ଲେଖାକୁ ବାନ୍ଧି ମୁଦ ଦେବା ପ୍ରଥା ପ୍ରଚଳିତ ଥିବା ଏଥିରୁ ଜଣାଯାଉଛି ।

ବ୍ରହ୍ମାଙ୍କର ପୁତ୍ର ଯେ ଲେଖ କରେ ଧରି
ଶ୍ରୀହସ୍ତ ଅକ୍ଷର ସେ ଚିହ୍ନିଲେ ତପସ୍ୱୀ ।
ଚନ୍ଦନର ମୁଦ ଗୋଟି ଫକାଇଲେ ଫେଡ଼ି
ଏକଶ୍ରମ କରି ଲେଖା ଧରିଲେ ସଜାଡ଼ି । (ଆଦିକାଣ୍ଡ)

ଲେଖାର ଆରମ୍ଭ, ଜମିତ୍ରି ସ୍ଥାନ, ସମ୍ବୋଧନ, ଶେଷ ପ୍ରଭୃତିର ପ୍ରଣାଳୀ କବି ବର୍ଣ୍ଣନା କରି ନାହାନ୍ତି ।

**ପ୍ରସାଧନ**—ବିବାହ ପୂର୍ବରୁ କନ୍ୟାର ବେଶଭୂଷା କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏଥିରୁ ଓଡ଼ିଶାର କବିଙ୍କ ସମସାମୟିକ ଧନିକ ସମ୍ପ୍ରଦାୟର ବେଶଭୂଷାର ଏକ ରୂପ ମିଳୁଛି । ସୀତାଙ୍କର ବେଶଭୂଷାର ବାସ୍ତବ ଚିତ୍ରଟି ଅତୀବ ରମଣୀୟ ହୋଇଛି । ଆଦିକାଣ୍ଡରେ କବି ଏହାର ଏକ ଦୀର୍ଘ ବର୍ଣ୍ଣନା ଦେଇଛନ୍ତି । ଦଶରଥ ରାଜା ସୀତାଙ୍କୁ ଦେଖିବା ପାଇଁ ଅନୁରୋଧ କରିବାରୁ କନ୍ୟା-ଦେଖା ପର୍ବରେ ସୀତାଙ୍କୁ ରାଣୀମାନେ ଦାସୀଙ୍କ ସାହାଯ୍ୟରେ ସୁବେଶ କରାଇଲେ ।

ସୀତାଙ୍କୁ ସୁରମ୍ୟ ମଣ୍ଡପରେ ରାଣୀମାନେ ସୁବର୍ଣ୍ଣ ପିଢ଼ାରେ ବସାଇଲେ । ବନିତାମାନେ ତାଙ୍କୁ ବେଢ଼ି ରହିଛନ୍ତି । ପବିତ୍ର ଜଳରେ ପୂଜନ ଦ୍ରବ୍ୟ ଭରି

ଶତେକ ସୁବର୍ଣ୍ଣ କୁମ୍ଭ ଆଣି ଥୋଇଲେ । ସୀତାଙ୍କ ଶିରରେ ସୁଗନ୍ଧ ତେଲ ଦେଲେ । ଶ୍ରୀଅଙ୍ଗରେ ସୁବାସ ତେଲ ଘଷିଲେ । ଚାଳ ଅଁଳାକୁ ଦେଇ ଚନ୍ଦ୍ରକଣ କଲେ । ଅଗୁରୁ, ଗନ୍ଧ ମୃଗମଦ କସ୍ତୁରୀ ମିଶାଇ କେଶରେ ଲଗାଇଲେ । ଶୀତଳ ଢାଳି ତଇଳ ଧାରକୁ ନେଉଟେଲେ । ସରୁ କାପଡ଼ରେ ଶ୍ରୀଅଙ୍ଗ ପୋଛିଲେ । ନାନା ସୁଗନ୍ଧ ଦ୍ରବ୍ୟ ଲେପିଲେ । ସର୍ବାଙ୍ଗ ଶରୀରରେ ତାକୁ ମାର୍ଜନା କରାଇଲେ । ତୀର୍ଥଜଳରେ ପୁଣି କେଶକୁ ସମ୍ମାର୍ଜନା କଲେ । ଚିକଣ ବାସରେ ପୁଣି ମଥାକୁ ପୋଛିଲେ । ସୁରଙ୍ଗ ଦୁକୂଳ ସଙ୍ଗରେ ଝଲ୍ଲରୀ ଭରି ପୁଣି ସୀତାଙ୍କ ଅଙ୍ଗରେ ବୋଳିଲେ । ସୁବାସ ଜଳରେ ତାଙ୍କ ଅଙ୍ଗକୁ ଧୋଇଲେ, ବସ୍ତ୍ରରେ ଶ୍ରୀଅଙ୍ଗକୁ ସବୁ ମାଆ (ଜନକଙ୍କ ରାଣୀମାନେ) ପୋଛିଲେ ।

ଶୁଦ୍ଧ ସୁବର୍ଣ୍ଣ ବେସ ବେଶୀଶିଳ ଯେ ଜାଣି
ତା କର୍ଣ୍ଣେ ଦେହସ୍ତ ଶୁଦ୍ଧେଣ ବସିଲ ତରୁଣୀ ।

କଙ୍କଣା ଧରି କେଶ ଶୁଖାଇଲେ । କେଶ ଶୋଧିବା ପରେ ସୀତାଙ୍କୁ ବେଶ କରାଇଲେ । ହେମତରୁଣୀ ଦେଖି କେଶକୁ ଚିରିଲେ । ଭିତର ଉପର ସଳଖିଲେ । ଆଗରେ ନାନାବିଧ ପୁଷ୍ପ କଞ୍ଚିଲେ । ଚମ୍ପା, ବକୁଳ, କେତକୀ, ଶ୍ୱେତ ଗୋଟି ମଲ୍ଲୀ, ଗୋଡ଼ା ନାଗେଶ୍ୱର, ମରୁଆ, କୁରୁବେଳି ପ୍ରଭୃତି ପୁଷ୍ପକୁ ନେଇ ଗୁନ୍ଥା ହୋଇଥିବା କେତକୀମାଳାକୁ ଶିରୋପରି କଲେ । ତା ଉପରେ କର୍ପୂର କସ୍ତୁରୀ ଦେଲେ । କେଶ 'ଜୋଡ଼ିଳି' ବନ୍ଧ ପୁଷ୍ପ ଖୋସିଲେ । ଜବସ୍ତ ଅଡ଼ ଘନ କର ଖୋସିଲେ । ଉପରେ କେତକୀ ପାଙ୍କୁଡ଼ା କେଶ କେଶ ଦେଲେ । ପଛକୁ ଓହ୍ଳାଇ ଖୋସା ଦେଖାଇଲେ । ଗୋଟିଏ ନାଗଫେଣି ଭ୍ରମର ସମରେ ଝୁଲାଇଲେ । ଖୋସା ପାଖରେ ମୁକ୍ତା-ଜାଲି ବେଢ଼ାଇଲେ । ଦିବ୍ୟ ବସନଟିଏ ଆଣିଲେ ।

ଦିବ୍ୟ ବସନେକ ତହିଁ ଆଣିଲେ ବସ୍ତ୍ରଣ
ଶ୍ୱେତ ପୀତ ରଙ୍ଗ ଯେ ପଟିଳ ସରୁ ଶାଢ଼ୀ ।
ତାହା ମଣ୍ଡଳକୁ ଜଣି ମୁକୁତା ଯେ ପନ୍ତି
ପାଟ ଅଞ୍ଚଲ ଖଞ୍ଜିଣି ଦିବ୍ୟ ଶୋଭମୋଡ଼ ।

ଏଣ ବସ୍ତ୍ରକୁ କାଢ଼ିଣ ଯେ ପିନ୍ଧାଇଲେ ନେଇ
ରତ୍ନଦ୍ୱୀପରୁ ଲକ୍ଷ୍ମୀ ଅଇଲେ ଓହ୍ଲାଇ ।

ଦେବୀ ପାଟର କନ୍ଥାରେ ମାଣ୍ଡି ବସିଲେ । ଜଗନ୍ନାଥଙ୍କ ଆଭରଣ ଆଣିଲେ । କାନରେ ମୁକ୍ତା ନେଣ କାପ, କାନର ଶିଖରରେ ବେଣୀଫାଳ, ନାସିକାଗ୍ରରେ ବସଣୀ, ଏଣ୍ଟରେ ଓଷ୍ଠଲାଗି ଗଜଗଜମୁକ୍ତା ଲମ୍ବିଲେ । କଣ୍ଠରେ ହୀରାମଣି ଖଞ୍ଜାହାର ମୋହନମାଳା ଦେଲେ । ତାହା ତଳକୁ ଦୋଳଗି ସୁନାସୁତା । ଏହା ପାଖକୁ ନୀଳମଣି ହାର ଦେଲେ । ବହୁଧାର ଗଜମୋତି ମାଳା ମଧ୍ୟ ଦେଲେ । ଗୋଟିକିଆ ଗୁଣା, ମୁକ୍ତା କଣ୍ଠମାଳା ଦେଲେ । ହୃଦରେ ରତ୍ନମସ୍ତ ପଦକ ଥିବା ମୁକ୍ତାମାଳା ଦେଲେ । ବାହୁରେ ତୋଡ଼ର, ଦୁଇଭୁଜ ମଧ୍ୟରେ ରତ୍ନବନ୍ଧ ନାଲି ପାଟସୂତାରେ ଗୁଡ଼ି ପିନ୍ଧାଇଲେ । ଭୁଜରେ କଙ୍କଣ, ଶିବରେ ଶିକୁଳି, ଦୁଇ ରତ୍ନଚୁଡ଼ି, ଅଙ୍ଗୁଳିରେ ମୁଦ୍ରିକା ଦେଲେ । ଦଶ ଆଙ୍ଗୁଠିକୁ ଦଶ ଅବତାର ଚିହ୍ନ ଲଗି ଏହି ମୁଦ୍ରିକା ନିର୍ମିତ ହୋଇଥିଲା । କଟୀରେ କଟିମେଖଳା ଦେଲେ, ଅଣ୍ଟାରେ ଓଡ଼ିଆଣୀ ଦେଲେ । ଏହା ତାଳରେ ଗଜମୋତି ହାର ଲମ୍ବାଇ ଦେଲେ । ପଦ୍ମରରେ ନୂପୁର ଦେଲେ । ପାଦ ଅଙ୍ଗୁଠିରେ ମୁଦ୍ରିକା ଦେଲେ ।

ଶିରରେ ସିନ୍ଦୂରଫୋଟା ଦେଲେ । ତା ଉପରେ ମୋହନମାଳ ଦେଲେ । ମାଳତି ମିଶିଶ୍ୱ ବେଣୀ ଲଲାଟକୁ ଲମ୍ବାଇ । ଆଖିରେ କଜ୍ଜଳ ଦେଲେ, କପାଳରେ ଚନ୍ଦନ ଲେପ, ଭୃକୁଟି ମଧ୍ୟରେ ସିନ୍ଦୂରବିନ୍ଦୁ ଦେଲେ । ଚରଣରେ ଅଳତା ଦେଲେ । ଶ୍ରୀଅଙ୍ଗରେ ଚତୁଃସମ ସିଞ୍ଚାଇ ପରିଲେ; ଅଳକା ମଣ୍ଡିଲେ । ହଳଦି ପାଟଟିଏ ଆଣି ଆବରଣ କଲେ । ହସ୍ତରେ ଶ୍ରୀଫଳଟିଏ ଦେଲେ । ପୀତାଙ୍କ ହୃଷ୍ଟତାଣ୍ଡ କୃଷ୍ଣଧ୍ୱଜ କୋଳକରି ଧରି ନେଇ ଦଣ୍ଡ ଭିତରେ ଜନକଙ୍କ କୋଳରେ ଦେଲେ ।

ଦେଖିକରି ଚମତ୍କାର ଲାଗିଲା ସବୁଙ୍କୁ
ଚନ୍ଦ୍ରମା ଖସିଣ କି ପଡ଼ିଲା ଆସି କ୍ଷିତି ।

କବି ବହୁଳ ଅଳଙ୍କାରମାନଙ୍କର ଲେଖିଥିବା ସ୍ୱଚ୍ଛ ନଳା ମୋଟ ନାସିକାର ସ୍ଥାନ ଦେଇଥିବାରୁ ଅଳଙ୍କାରଗୁଡ଼ିକର ଆକାର ସମ୍ବନ୍ଧରେ ମଧ୍ୟ ଧାରଣା କରି ହେଉଛି ।

ବହୁଳ ଅଳଙ୍କାରମଣ୍ଡିତ ଏହି ସୁନ୍ଦର ତରୁଣୀ କୋଣାର୍କ ଓ ଭୁବନେଶ୍ୱର ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଥିବା ଅତି ରମଣୀୟ ମୂର୍ତ୍ତିର ଠିକ ସହିତ ତୁଳନୀୟ । ଓଡ଼ିଶାର ପରଂପରାରେ ଗଙ୍ଗବଂଶର ଯୁଗ ପରି ସୂର୍ଯ୍ୟବଂଶ ଯୁଗରେ କମନୀୟ ପ୍ରସ୍ତର ମୂର୍ତ୍ତି ଗଠିତ ହୋଇଥିବା ଦେଖାଯାଏ ନାହିଁ । ବଳରାମ ଦାସଙ୍କ ଏହି ତରୁଣୀ ଏକ ହେଲେ ମଧ୍ୟ ଏହି ଅଭାବ ପୂରଣ କରୁଛି । ଗଙ୍ଗବଂଶ ଯୁଗର ଲକ୍ଷଣ-ଚିତ୍ର ସହିତ ଏହି ଲେଖନ-ଚିତ୍ର ତୁଳନୀୟ ।

କବି ଦଶ ଅଙ୍ଗୁଳିରେ ଦଶ ମୁଦ୍ରିକା ପ୍ରସଙ୍ଗରେ ମୁଦ୍ରିକାଗୁଡ଼ିକରେ ଦଶାବତାର ଚିହ୍ନ ଥିବା ଲେଖିଛନ୍ତି । ରାମଙ୍କ ସମୟକୁ ରାମ ସପ୍ତମ ଅବତାର । ତାଙ୍କ ପରେ ଅନ୍ୟ ତିନି ଅବତାର ହେଲେ । କବିଙ୍କର ଏହି ଉକ୍ତିରୁ ଅନୁମିତ ହୁଏ କବି ସ୍ୱ ସମୟର ଆଚରଣର ଚିତ୍ର ଦେଇଛନ୍ତି । ଏହି ପ୍ରସାଧନ ଚିତ୍ରରୁ ଉତ୍କଳୀୟ ସଂସ୍କୃତିର ପରିଚୟ ମିଳୁଛି ।

ବିବାହ, ଅଶ୍ୱମେଧ ଯଜ୍ଞ, ବହୁଳ ଯୁଦ୍ଧ ପ୍ରଭୃତିର ବର୍ଣ୍ଣନାରେ କବି ଅତି ସୂକ୍ଷ୍ମ ବିଷୟକୁ ବ୍ୟବହାର କରି ଅତି ବିଶଦ କରିଥିଲେ ମଧ୍ୟ ଘଟନାକୁ ମନୋରଞ୍ଜକ କରି ପାରିଛନ୍ତି ।

**ସ୍ୱାମୀ-ସ୍ତ୍ରୀ ଜୀବନ : ସ୍ତ୍ରୀଙ୍କ ମହିମା**—କବି ସ୍ତ୍ରୀଙ୍କ ସମ୍ବନ୍ଧରେ ପରସ୍ପରବିରୋଧୀ ବହୁ ମନ୍ତବ୍ୟ ପ୍ରକାଶ କରିଛନ୍ତି । ଦ୍ରବ୍ୟସ୍ତୁତି ରାବଣଙ୍କୁ ସ୍ତ୍ରୀଙ୍କ ସମ୍ବନ୍ଧରେ କହୁଛି—ସଂସାରରେ ସ୍ତ୍ରୀଙ୍କୁ ବିଶ୍ୱାସ ଦେବ ନାହିଁ; କିନ୍ତୁ ପରେ ସେ ସ୍ତ୍ରୀମାନଙ୍କର ଯେଉଁ ପ୍ରଶଂସା ବା ମହିମା ବଖାଣିଛନ୍ତି ସେଥିରୁ ସମାଜରେ ଓ ବ୍ୟକ୍ତିଗତ ଜୀବନରେ ସ୍ତ୍ରୀର ସ୍ଥାନ ଅତି ଉଚ୍ଚ ଓ ଅପରିହାର୍ଯ୍ୟ ଥିବା ଦେଖାଇଛନ୍ତି । ସ୍ତ୍ରୀ ପୁରୁଷର ଅର୍ଦ୍ଧାଙ୍ଗୀ । ସ୍ତ୍ରୀ ପୁରୁଷର ବଡ଼ପଣ । ସ୍ତ୍ରୀ ପୁରୁଷର ଶୋଭାବର୍ଦ୍ଧନକାରୀ, ଇତ୍ୟାଦି ।

ସ୍ତ୍ରିଙ୍କି ବିଶ୍ୱାସ କେବେ ନ କରିବ ସହାରେ
ସ୍ତ୍ରୀୟ ଯିନା ସୁନ୍ଦରୀ ଅଛନ୍ତି ବେଶ୍ୟରେ ।
ସ୍ତ୍ରୀୟ କୁଟୁମ୍ବ ସ୍ତ୍ରୀୟ ସେ ଅଛଇ ସାଧବୀ
ସ୍ତ୍ରୀୟ ସେ ପୁରୁଷଙ୍କର ଅଛଇ ବାନ୍ଧବ ।

ସ୍ତ୍ରୀ ହିଁ ପୁରୁଷର ଧର୍ମ, କର୍ମ । ଏଥିହେତୁ ସ୍ତ୍ରୀକୁ ବିଧାତା ଆଗ ଜନ୍ମ କଲ । ସୂର୍ଯ୍ୟବଂଶ ସ୍ତ୍ରୀର ବଂଶ ଏବଂ ସେମାନଙ୍କର ସ୍ତ୍ରୀ ସକାଶୁଁ ଗୌରବ ପ୍ରକଟିତ ହୋଇଛି । ବ୍ରହ୍ମା, ବିଷ୍ଣୁ, ଶିବ ଏହାର ପ୍ରମାଣ ।

ଗାୟତ୍ରୀକି ଦୁହେଁ ଧରି ଅଛି ପିତାମହ
ତେଣୁ ଯିନା ପଦ୍ମଜ ଅଛନ୍ତି ତାର ଦେହ ।
ବିଷ୍ଣୁ ପୁଣି ଲକ୍ଷ୍ମୀଙ୍କୁ ସେ କୋଳରେ ବସାଇ
ଲକ୍ଷ୍ମୀନାରାୟଣ ସେ ବୋଲାଇ ଜଗୁସାଇଁ ।
ଈଶ୍ୱରଙ୍କ ଅର୍ଦ୍ଧଅଙ୍ଗ ଅଛଇ ପାର୍ବତୀ
ଅର୍ଦ୍ଧନାରୀଶ୍ୱର ବୋଲାଇଲେ ପଶୁପତି । ଇତ୍ୟାଦି । (ସୂ: ବା:)

ସ୍ତ୍ରୀର ମୋହକୁ ଦେବତାମାନେ ମଧ୍ୟ ମୁକ୍ତ ନୁହନ୍ତି । ବିଷ୍ଣୁ ଊର୍ଦ୍ଧ୍ୱରେତା ବିହ୍ୱଳ ହୋଇ କାମାତୁର ହୋଇଛନ୍ତି । ଏଣୁ ସ୍ତ୍ରୀ ନାମକ ଅମୂଲ୍ୟ ପଦାର୍ଥକୁ ବ୍ରହ୍ମା ସମୁଦ୍ରଙ୍କଠାରୁ ସବୁ ସାର ଏକାଠି କରି ଗଠନ କରିଛନ୍ତି ।

ସମୁଦ୍ରଙ୍କଠାରୁ ବ୍ରହ୍ମା ଆଣି ସାରମାନ
ସ୍ତ୍ରୀୟ ବୋଲି ପଦାର୍ଥେକ କଲେକ ସୃଜନ ।

ସ୍ତ୍ରୀର ବିଭିନ୍ନ ପ୍ରାଧାନ୍ୟ ଅନୁସାରେ ନାମ ପରିଚିତ ହେଉଛି । ବ୍ରହ୍ମା ସ୍ତ୍ରୀକୁ ଏତ ଯତ୍ନରେ ଅମୂଲ୍ୟ ପ୍ରତିମା କରି ସୃଷ୍ଟି କରି ତାର ଗୁଣ-କାର୍ଯ୍ୟ ଅନୁସାରେ ନାମକରଣ କଲେ । ପୁରୁଷକୁ ମଦନେ ମୋହୁଥିବାରୁ ପ୍ରମଦା, ଅତିଭାବ ଥିବାରୁ ବାମା, ସୁବାକ୍ୟ ମୋହୁଥିବାରୁ ସୁଭଗା, ସ୍ନେହହେତୁ ବଲ୍ଲଭା, କୁଟୁମ୍ବ ତାଠାରୁ ଉତ୍ପତ୍ତି ହେଉଥିବାରୁ କୁଟୁମ୍ବ, ଅଙ୍ଗଶୋଭା ଯୋଗୁଁ ଅଙ୍ଗନା, ଲାସ୍ୟ ଦେଖଉଥିବାରୁ ଶୌଭିନୀ, ଯା ଯୋଗୁଁ ପୁରୁଷ ଗୃହଧର୍ମ କରି ପାରୁଥିବାରୁ

ଧର୍ମପତ୍ନୀ, ବଳ ନଥିବାରୁ ଅବଳା ନାମ ହୋଇଛି । ଏସବୁ ଭିତରେ ଅଧିକାଂଶ କବିଙ୍କ କପୋଳକଳ୍ପିତ ବ୍ୟୁତ୍ପତ୍ତି । ଏଣୁ ସ୍ତ୍ରୀ ଅବୋଧ ହେଲେ ମଧ୍ୟ ଲୋକାଙ୍କରେ ଦଣ୍ଡ ।

ସ୍ତ୍ରୀ ଯେ ଅବୋଧ ଜାଣ ଅଟଇ ସହଜେ
ସ୍ତ୍ରୀବଧେ ଯେ ବଡ଼ ନାହିଁ ଜାଣ ଲୋକାସୁରେ ।

କବି ସ୍ତ୍ରୀଜାତିର ମହିମା ଗାନ କରିବା ସଙ୍ଗେ ସଙ୍ଗେ ନିନ୍ଦା କରିଅଛନ୍ତି । ଉତ୍ତରକାଣ୍ଡରେ ସୀତାନିର୍ବାସନ ପରେ ଲକ୍ଷ୍ମଣ ସ୍ତ୍ରୀଜାତିକୁ ତାଚ୍ଛଲ୍ୟ କରି ବହୁ ବାକ୍ୟ କହିବାରୁ ରାମ ପ୍ରବୋଧ ନାଦିଲେ ।

ଚକ୍ରବାକ ପକ୍ଷୀ ନିଜ ସ୍ତ୍ରୀସଙ୍ଗେ ରତିରଙ୍ଗରେ ମାତିଥିବା ବେଳେ ରାମଚନ୍ଦ୍ର ସୀତାଙ୍କ ଅନ୍ୱେଷଣରେ ଭ୍ରମଣ କରୁକରୁ ସେଠାରେ ପହଞ୍ଚିଲେ । ପକ୍ଷୀ ଦାମ୍ପତ୍ୟସୁଖ ଭୋଗ କରୁଥିବା ବେଳେ ରାମଚନ୍ଦ୍ର ତାକୁ ସୀତାଙ୍କ ସମ୍ବାଦ ପଚାରିବାରୁ ତାର ଧ୍ୟାନ ଭଙ୍ଗ ହୋଇଗଲା । ଏଥିରେ ଚକ୍ରବାକ କ୍ରୁଦ୍ଧ ହୋଇ ରାମଚନ୍ଦ୍ରଙ୍କୁ ଭର୍ତ୍ସନା କରି କେତେକ ବାକ୍ୟ କହିଥିଲା, ତାହା ଉପଦେଶ ସ୍ୱରୂପ ଗୃହୀତ ହୋଇଛି । ବିଶେଷ, ଯଥା ଏମାନଙ୍କର ସୁଲକ୍ଷଣୀ ସମ୍ବନ୍ଧରେ କେତେକ ତଥ୍ୟ କବି ଚକ୍ରବାକ ମୁଖରେ ପ୍ରକାଶ କରିଛନ୍ତି ।

ଯତି ହୋଇ ଗୃହ ଓ ଦେଶ ତ୍ୟାଗକରି, କନ୍ଦମୂଳ ଖାଇ, ବକଳ ପିନ୍ଧି ସ୍ତ୍ରୀ ଗମଣ ସ୍ତ୍ରୀ ଧ୍ୟାନ ଦେବା ନିନ୍ଦନୀୟ କଥା । ଯତି ହୋଇ ଧନୁଶର ଧରିବା ନିଷେଧ । ସ୍ତ୍ରୀ ରତିବାଦ ଇଚ୍ଛା କରିବା କିମ୍ବା ମନୁଷ୍ୟ, ପଶୁପକ୍ଷୀ ଯେକୌଣସି ଗୃହସ୍ଥର ରତିକ୍ରୀଡ଼ା ଭଙ୍ଗ କରିବା ମହାପାପ । ଏହା ପୂର୍ବମାନଙ୍କର ବାକ୍ୟ । ଅନ୍ତ, ଅଧର୍ମ କଥା ଶୁଣିଲେ ଧର୍ମହାନି ହୁଏ । ନାରୀର ଉଲଗ୍ନ ଅବସ୍ଥା ଦେଖିବା ପାପ । ରଜୋବତୀ ନାରୀ ସ୍ପର୍ଶ ଅସ୍ପୃଶ୍ୟ ହେଲେ ନରକଗତି । ପଶୁ-ଜନ୍ତୁମାନଙ୍କ ରମଣ ଦର୍ଶନ କରିବା ଅନୁଚିତ । ରତି ଓ ବୃଦ୍ଧିଯୁବତୀର ଉଲଗ୍ନ ଅବସ୍ଥା ଦେଖିବା ପାପ । ଉଲଗ୍ନ ଯୁବତୀକୁ ଦେଖିବା ମଧ୍ୟ ପାପ ।

ପ୍ରାଣୀର ଦଣ୍ଡ ସମସ୍ତ ଦେଖିବା ନିଷେଧ । ଏଣୁ ସମସ୍ତରେ ପାପୀକୁ ଦେଖିଲେ ତାର ପାପର ଷଷ୍ଠାଂଶରେ ଦର୍ଶକ ଭାଗୀ ହୁଏ । ଦୈବଯୋଗରେ ଅଧି

ଆଗରେ ଏହି ଦୃଶ୍ୟ ପଡ଼ିଗଲେ ପାପୀକୁ ତାରିବାପାଇଁ ଚେଷ୍ଟା କରନ୍ତ, ନଚେତ୍ ପାପ । ତତ୍‌କାଳୀନ ଏ ସନ୍ଦର୍ଭଦେଶରୁ କେତେକ ସାମାଜିକ ଷଡ଼ଯନ୍ତ୍ରମାନ ଜାଣି ମିଳୁଛି ।

ସତୀଦାହ ପ୍ରଥାର ବିବରଣ ଉତ୍ତରକାଣ୍ଡରେ କୌଶଲ୍ୟାଙ୍କ ସ୍ୱାମୀଙ୍କ ଜଳନ୍ତା ଅଗ୍ନିରେ ଝାସଦେବା ଓ ଏ ସମ୍ପର୍କରେ ବାଧ୍ୟବାଧକ ପ୍ରବୃତ୍ତିର ବର୍ଣ୍ଣନାରୁ ମିଳେ । କବିଙ୍କ ସମୟରେ ମଧ୍ୟ ଏହି ପ୍ରାଚୀନ ପ୍ରଥାଟି କେତେକ ପରିମାଣରେ ପ୍ରଚଳିତ ଥିଲା ।

ସ୍ୱର୍ଗର ଅପ୍ସରା ରମ୍ଭାଙ୍କୁ ରାବଣ କଳାଙ୍ଗାରରେ ଭ୍ରମଣ କରିବାକୁ ଯାଉଥିବା ଦେଖିବାରୁ ରମ୍ଭା ଉପରେ ରାବଣଙ୍କୁ ବହୁ ମିନତି କଲେ । ରାବଣର ସେ ପୁତ୍ରବଧୂ ଥିବାରୁ ତାଙ୍କୁ ଉପଗତ କରିବା ଅଧର୍ମ ବୋଲି କହିଲେ । ଅପ୍ସରାମାନଙ୍କ ପତିବ୍ରତା ନଥିବା ରାବଣ ବ୍ୟକ୍ତ କରିଥିଲେ ଏବଂ ରଜନୀ ରମ୍ଭା ବହୁ ଲୋକଙ୍କୁ ବିଭିନ୍ନ ସମୟରେ ପତିରୂପେ ବରଣ କରିଥିବା କହିଲେ । ଏହି ପ୍ରସଙ୍ଗରେ ଅପ୍ସରାମାନଙ୍କ ସ୍ୱାଧୀନତା ସମ୍ପର୍କରେ ରମ୍ଭା-ରାବଣ ସମ୍ବାଦରେ ଦୁର୍ନୀତିମାନଙ୍କର ଏକ ଛବି ଦେଖାଯାଏ । ରାବଣ କହୁଛନ୍ତି—"ତୁମେ ସୁନ୍ଦରୀ, କାହାର ସ୍ତ୍ରୀ ନୁହଁ । ସେ ଧନ ଦିଏ ତାହାର ପାଶରେ ରହ ।" ରମ୍ଭା ଉତ୍ତର ଦେଉଛନ୍ତି—"ଇନ୍ଦ୍ରଦେବ ଅମରର ଅଧିପତି । ସେ ସେତେବେଳେ ଯାହାଙ୍କୁ ପ୍ରସନ୍ନ ହୋଇ ସମର୍ପଣ କରନ୍ତି ସେ ଚଣ୍ଡାଳ ହେଲେ ମଧ୍ୟ ଆମର ସ୍ୱାମୀ ହୁଏ ।" ରମ୍ଭା ମଧ୍ୟ ଏହି ବ୍ୟବସ୍ଥାକୁ ଘୃଣା କରୁଛନ୍ତି ଏବଂ ବିଧିବଶରୁ ଏହା ଅପ୍ସରାମାନଙ୍କୁ କରିବାକୁ ପଡ଼ୁଛି ବୋଲି କହୁଛନ୍ତି ।

ଅଛୁ ଅପ୍ସରା ଅଟନ୍ତୁ ଜାତ ଛାଡ଼ିସିନ୍ଧୁ
ନାରୀଙ୍କ ସୃଜିଲା ଅଟଇ ଅନ୍ତୁ ବନ୍ଧୁ ।
ତାହାର କର୍ମେ ସେ ହେଲୁ ତୈଲୋକ୍ୟର ସିଦ୍ଧ
ଅମର ଦୋଷେ ଅଟନ୍ତୁ ହୋଇଲୁ ନଟବାଳ ।
ଯାହା ସେ ବିଧାତା ସୃଷ୍ଟି ଅଛଇ କର୍ମଣି
ଭଞ୍ଜନ ଭୂତଳ ଜଣି ହୋଇଲୁ ଏହା ପୁଣି । (ଉତ୍ତରକାଣ୍ଡ)

ଲଙ୍କା ସମାଜର ଏକ ଅଂଶର ଏହି ଚିତ୍ର ବଡ଼ କରୁଣ ହୋଇଛି । ସାମାଜିକ ଜୀବନ ପ୍ରତି ଏହା ଏକ କଠୋର ଆଘାତ । ସ୍ୱର୍ଗର ଇନ୍ଦ୍ର ଓ ନନ୍ଦପୁରର ରାଜାମାନେ ଏହି ପ୍ରକାର ଦୁର୍ନୈତିକ କାର୍ଯ୍ୟରେ ବ୍ୟଭିଚାର କରିବା ଉଦାହରଣ ଯଥେଷ୍ଟ ମିଳିଥାଏ । ସ୍ୱର୍ଗର ଅପ୍ସରା ଓ ମର୍ତ୍ତ୍ୟର ନରକା ଦୁର୍ନୈତିକ କାରଣରୁ ବହୁ ଯୋଗୀଋଷିଙ୍କୁ ମଧ୍ୟ ମୋହ କରି ନରକପଥକୁ ଟାଣି ନେଇଛନ୍ତି । କବି ବହୁ ସ୍ଥାନରେ ଏହି ବ୍ୟଭିଚାରର ଉଦାହରଣ ଦେଇଛନ୍ତି । ରାବଣ ମୁଖରେ ଏହି କନ୍ଦର୍ପ ଦ୍ୱନ୍ଦ୍ୱର କଠୋର ନିନ୍ଦା କରିଛନ୍ତି । ନଟୀ ଅପେକ୍ଷା ସତୀସାଧ୍ୱୀର ମର୍ଯ୍ୟାଦା ରାବଣ ମୁଖରେ ପ୍ରଶଂସିତ ହୋଇଛି । ରାବଣ ରମ୍ଭାଙ୍କୁ କହୁଛନ୍ତି—

ମନ୍ମଥଙ୍କ ବନ୍ଧନ ଯେ ନାହିଁ ନାହିଁ ଜାଣୁ
ସତୀ ନାରୀଙ୍କର ଜଣମାନଙ୍କୁ ଅନ୍ତରୁ । (ଉତ୍ତରକାଣ୍ଡ)

ସତୀ ହେଉ, ନଟୀ ହେଉ, ବଳାତ୍କାରରେ ରମଣ କଲେ ପୁରୁଷକୁ ପାପର ଭାଗୀ ହେବାକୁ ହୁଏ । ନଳକୁବେରର ସ୍ତ୍ରୀ ରମ୍ଭାଙ୍କୁ ବଳାତ୍କାରରେ ରାବଣ ହରଣ କରିବାରୁ ନଳକୁବେର କୋପରେ ରାବଣକୁ ଶାପ ଦେଲେ ।

ପରସ୍ତ୍ରୀ ହରଣେ ଦଶମୁଣ୍ଡ ନାଶ ଯିବୁ
ଜୀବନ ଧରି ତୁ ଆଉ ରହେ ନ ପାରିବୁ । (ଉ: କା:)

ଏହି ଶାପ ହିଁ ରାବଣର ମୃତ୍ୟୁର କାରଣ, 'ସୀତା ହରଣ ରାବଣ ମରଣ' ସତ୍ୟ ହେଲା ।

ରାମ ବନବାସ ଯିବା ପୂର୍ବରୁ କୌଶଲ୍ୟା ସୀତାଙ୍କୁ 'ସ୍ୱାମୀ', 'ସତୀସାଧ୍ୱୀ' ସମ୍ବନ୍ଧରେ ଯେଉଁ ଉପଦେଶ ଦେଇଛନ୍ତି ଅଳ୍ପ ପଦରେ କବି ତାହା ବର୍ଣ୍ଣନା କରିଥିଲେ ମଧ୍ୟ ସେଥିରୁ ସାମାଜିକ, ନୈତିକ ଦୃଷ୍ଟିକୋଣର ସ୍ପଷ୍ଟ ଚିତ୍ର ମିଳୁଛି । କୌଶଲ୍ୟାଙ୍କ ମୁଖରେ ପତିସାଧ୍ୱୀ ସ୍ତ୍ରୀର କର୍ତ୍ତବ୍ୟ ଏଥିରେ ବୁଝାଯାଇଛି (ଅରଣ୍ୟକାଣ୍ଡ) । ଅପୂର୍ବ ପଦାର୍ଥ ଦେଖିଲେ ସ୍ୱାମୀଙ୍କୁ ମାଗିବ ନାହିଁ । ଯେଉଁ ଦିନ ଯେଉଁ ଆହାର ପାଇବ ସେଥିରୁ ପରିଜନ ପାଇଁ କିଛି ସଞ୍ଚୟ କରି ରଖିବ । ତାହା ନ ପାଇଲେ ଦିନରେ ବ୍ୟବହାରରେ ଆଣିବ ।

ତପସ୍ୱୀ ହୋଇ ସ୍ୱାମୀଙ୍କୁ ସେବା କରିବ, କେବେ ବିମୁଖ ହେବ ନାହିଁ । ବାସ୍ତୁ ଯେପରି ଭଲ ରହିବ ସେପରି କରିବ ।

ସ୍ୱାମୀଙ୍କୁ ତପସ୍ୱୀ ହୋଇ ସେବା କରିବ, ତାଙ୍କ ପ୍ରତି ବିମୁଖ ହେବ ନାହିଁ ।

ରାମ ସୀତାଙ୍କର ସ୍ୱାମୀ, ସୀତା ରାମଙ୍କର ଏକମାତ୍ର ଗୃହିଣୀ । ରାମ ସୀତାଙ୍କ ଜୀବନର ଅଧିକାରୀ, ସୀତା ରାମଙ୍କ ଜୀବନ ।

ସ୍ୱାମୀ-ସ୍ତ୍ରୀଙ୍କ ସାମାଜିକ ଓ ନୈତିକ ବନ୍ଧନ ଯେ ଅଚ୍ଛେଦ୍ୟ ଏହା ସ୍ପଷ୍ଟ ହୋଇଛି । ଉଭୟଙ୍କର ଜୀବନ ଏକ ବୋଲି କହିବାଦ୍ୱାରା ଉଭୟଙ୍କର ନିବିଡ଼ ପ୍ରୀତିପୂର୍ଣ୍ଣ ସମ୍ପର୍କର ସୂଚନା ମିଳୁଛି ।

ସ୍ୱାମୀ-ସ୍ତ୍ରୀର ଜୀବନ ଏକ, ଏହା ସ୍ୱୟଂ ଶ୍ରୀରାମଚନ୍ଦ୍ର ମଧ୍ୟ ବନପକ୍ଷୀକୁ (କିଷ୍କିନ୍ଧ୍ୟା କାଣ୍ଡ) କହୁଛନ୍ତି । ସ୍ୱାମୀ ସ୍ତ୍ରୀର ଭିନ୍ନତ୍ୱ ବିବେଚନ କରିବା ବିଷୟରେ ବନର ଆଶଙ୍କା ଦୂର କରିବା ପାଇଁ ଶ୍ରୀରାମ କହୁଛନ୍ତି, ସ୍ୱାମୀ ଓ ଗୃହିଣୀ ଏକ କାୟା, କେବଳ ଦୁଇ ମୂର୍ତ୍ତି ଧାରଣ କରିଛନ୍ତି ମାତ୍ର । ଏ ବନ୍ଧନ ଅଚ୍ଛେଦ୍ୟ, ଯୁଗେ ଯୁଗେ ସେମାନେ ଦମ୍ପତି ଓ ଦେବତା ରୂପରେ ରହନ୍ତି । ଆର୍ଯ୍ୟ ଧର୍ମର ଏ ମହନୀୟ ଧାରଣା ଯୁଗଯୁଗ ଧରି ହିନ୍ଦୁ ସମାଜକୁ କଠୋର ବନ୍ଧନ ଭିତରେ ରଖି ସୁଶୃଙ୍ଖଳ କରିଛି । ଏହି ଆଦର୍ଶ ହିଁ ହିନ୍ଦୁ ସାମାଜିକ ଜୀବନର ମୂଳଭିତ୍ତି ।

**ଗୃହସ୍ଥାଶ୍ରମର ଆଦର୍ଶ**—ରାମାୟଣରେ ଗୃହସ୍ଥାଶ୍ରମର ଆଦର୍ଶ-ରକ୍ଷା ମୁଖ୍ୟ ଲକ୍ଷ୍ୟ ଥିବା ସ୍ପଷ୍ଟ ।

କବି ଭ୍ରାତା, ଭଗିନୀ, ପିତା-ପୁତ୍ର, ମାତା-ପୁତ୍ର, ସ୍ୱାମୀ-ସେବକ, ରାଜା-ପ୍ରଜା ପ୍ରଭୃତି ବହୁ ବିଷୟରେ ସାଧାରଣର ବିବରଣ ଦେଇଅଛନ୍ତି । ଏହା ଆଦର୍ଶସ୍ଥାନୀୟ ବୋଲି ବିବେଚିତ ହେଲେ ମଧ୍ୟ ସାମାଜିକ ବ୍ୟବହାରରେ ଏହାର ସ୍ଥାନ ଦୃଢ଼ ଥିବା ହିଁ ପରିଚୟ ଦେଉଛି । ପ୍ରେମ-ଶାନ୍ତି, ସଂଯମ ଓ ମାନ୍ୟ ଉପରେ ନିର୍ଭର କରୁଥିବା କବି ବହୁ ସ୍ଥାନରେ ବ୍ୟକ୍ତ କରିଛନ୍ତି । ତ୍ୟାଗ ହିଁ ଭ୍ରାତୃତ୍ୱର ମୂଳଭିତ୍ତି । ଭ୍ରାତୃତ୍ୱ ବା ଗୃହସ୍ଥାଶ୍ରମ ସମାଜର ମୂଳଭିତ୍ତି ।

ଶୀଳତା ଜ୍ଞାନ ବହୁ ପରିମାଣରେ ଲୋକାଚାରର ଉପରେ ନିର୍ଭର । ତେବେ ଜ୍ଞାନ ପଥରେ ଅଜ୍ଞାନ-ପ୍ରସୂତ ଲୋକାଚାରର ସମର୍ଥନୀୟ ନୁହେଁ । ଅଜ୍ଞାନପ୍ରସୂତ ଲୋକାଚାରର ହିଁ ମିଥ୍ୟା ଲୋକାପବାଦର ମୂଳ । ଏହାକୁ ଜ୍ଞାନ ପରିତ୍ୟାଗ କରିବା ବାଞ୍ଛନୀୟ; ଏହା ରାମଙ୍କ ସୀତା-ତ୍ୟାଗ ପ୍ରସଙ୍ଗରେ ଅମାତ୍ୟାଦି ବହୁ ଶିଷ୍ଟ ବ୍ୟକ୍ତି ରାମଙ୍କୁ କହୁଛନ୍ତି ଏବଂ ରାମ ମଧ୍ୟ ତାହା ସ୍ୱୀକାର କରୁଛନ୍ତି ।

ଲୋକ ଲୋକଙ୍କର ବୋଲକୁ ମୁହିଁ ଶଙ୍କ କଲି
ବେଦ ବିଧି କଥାକୁ ମୁଁ ସେ ପ୍ରତୀତ ନ ଗଲି । (ଭ: ଗୀ:)

ରାମଙ୍କ ପ୍ରତି ଭରତ କିଛି କୁଟ କହିନାହାନ୍ତି । ଏହା କୌଶଲ୍ୟାଙ୍କୁ ସେ କହୁଥିଲେ ଏବଂ ବହୁ ଶପଥ ନିଅମ କଲେ । ଯେଉଁସବୁ ପାପକାର୍ଯ୍ୟ କଲେ ପାପ ହୁଏ ସେ ସବୁ ତାଙ୍କ (ଭରତଙ୍କ) ଉପରେ ଲାଗୁ ହେଉ ବୋଲି ମଧ୍ୟ କହୁଥିଲେ । ଏଥି ପାପକାର୍ଯ୍ୟର ଏକ ତାଲିକା ଭରତ ଦେଇଛନ୍ତି । ନୈତିକ, ସାମାଜିକ ଜୀବନରେ ଏଗୁଡ଼ିକର ମୂଲ୍ୟ କମ୍ ନୁହେଁ । ପୁଣି, ହିନ୍ଦୁ ସମାଜର ଏହା ଏକ ମାପକାଠି ।

ରାଜାପକ୍ଷରେ ପର ରାଜ୍ୟର ଅପହରଣ, ପ୍ରଜା ପାଳନରେ ଅମନସ୍କତା, ଦେହକ ତୋଳାଇ ଟଙ୍କା ବ୍ୟବସ୍ଥା ନ କରିବା, ସ୍ତ୍ରୀ ବୋଲି ଯୁଦ୍ଧକ୍ଷେତ୍ରରେ ଅମୁକ୍ତତା, ବସ୍ତ୍ର ଅପହରଣ, ଶୂଦ୍ରର ବ୍ରାହ୍ମଣର ମନ୍ତ୍ରଧ୍ୱଂସ, ବୈଶ୍ୟର ବାଣିଜ୍ୟଗତ ସମ୍ପଦରେ ଅଜ୍ଞତା, ବ୍ରାହ୍ମଣର ଗୋରସ ବିକ୍ରୀ, ବେଦାନ୍ତୀ ବ୍ରାହ୍ମଣର ଅନାଚାର ଏଗୁଡ଼ିକ ପାପ ।

ଗର୍ଭବାସ ସ୍ତ୍ରୀ, ବସ୍ତ୍ରୋକୋଷ୍ଠ ଯୁବତୀ, ପରସ୍ତ୍ରୀଙ୍କୁ ହରଣ କରିବା ପାପ । ପର୍ବଦିନରେ ସ୍ତ୍ରୀଗମନ ପାପ ।

ଅନ୍ୟର ଭୂମିରୁ ଗଛ କାଟିବା, ଗୋଦଣ୍ଡା ଛାଡ଼ି କୃଷି କରିବା ପାପ ।

ସାକ୍ଷ୍ୟରେ ମିଛ କହିବା ଓ ବନ୍ଧୁର ପକ୍ଷ ଧରିବା ପାପ । ମିଛ କଥା କହି ଯୁଦ୍ଧ କରିବା ମଧ୍ୟ ପାପ ।

ଶରଣ ରକ୍ଷା କରିବାରେ ପରାଙ୍ମୁଖତା, ବନ୍ଧୁଭାର୍ଯ୍ୟାର ଅପହରଣ ପ୍ରଭୃତି ପାପ ।

ପୁତ୍ରର ପିତାମାତାଙ୍କ କଥା ଅମାନ୍ୟ, ପିତାଙ୍କର ସୁକୃତରେ ସ୍ପୃହା ଅଭାବ, ସ୍ୱାମୀପ୍ରତି ସ୍ତ୍ରୀର ଶ୍ରଦ୍ଧାହୀନତା ମଧ୍ୟ ପାପ ।

କୃଷିଯଜ୍ଞ, ଦୁର୍ଭିକ୍ଷରେ ଧାନ ବଣ୍ଟି ନ କରିବା, ଦାନଧର୍ମ ନ କରିବା ପାପ ।

ମିଥ୍ୟା କହିବା, ପ୍ରକୃତିପୁଞ୍ଜ ପ୍ରତିପାଳନରେ କପଟତା, ବିଦେଶୀ ପ୍ରାଣୀଙ୍କୁ ଅପଯଶ ଦେବା ପାପ ।

ଦେବତା-ବ୍ରାହ୍ମଣରେ ଭକ୍ତିର ଅଭାବ ମଧ୍ୟ ପାପ ।

ଦାନ, ଭୋଜନ, ବନ୍ଧାଇ, ନିଜ ପ୍ରତି, ପ୍ରକୃତିପୁଞ୍ଜ ପ୍ରତି, ସ୍ୱଜନ ପ୍ରତି, ସମାଜ ପ୍ରତି ବ୍ୟବହାରର ଯେଉଁ ମାନଦଣ୍ଡ କବି ଦେଇଛନ୍ତି ତାହା ହିନ୍ଦୁ ସଂସ୍କୃତିର ପରିଚୟ ଦିଏ । ଏହା ପ୍ରାଚୀନ ଆର୍ଯ୍ୟ ସମାଜର ଉନ୍ନତ ବ୍ୟବସ୍ଥା । କବି ଅତି ସୁନ୍ଦର ଭାବରେ ଭଗବଦ୍ଗୀତା-ପ୍ରସୂତ ଏହି ସତ୍ୟୋପଦେଶାତ୍ମକ ଗଳ୍ପ-ଗୁଡ଼ିକୁ ସୂକ୍ଷ୍ମ ଲୋକଚରିତ୍ରକୁ ଶ୍ରଦ୍ଧାଯୁକ୍ତ କରିବା ପାଇଁ ଲେଖା ରଚିଛନ୍ତି । ଏହି ନୈତିକ ଆଦର୍ଶ ହିଁ ସମାଜର ନୈତିକ ବାହ୍ୟ ଅଳଂକାର ଓ ଅନ୍ତଃସ୍ପୃହା ।

ରାଜନୀତି—ଦଶରଥ, ଜନକ, ରାବଣ ପ୍ରଭୃତି ରାଜାମାନଙ୍କ ରାଜତ୍ୱର ବହୁ ଚିତ୍ର ବଳରାମ ଦାସ ଦେଇଛନ୍ତି । ଆଦର୍ଶ ରାଜନୀତିର ରୂପ ବିଶ୍ୱାମିତ୍ର-ଦଶରଥ ସମ୍ବାଦ (ଆଦିକାଣ୍ଡ)ରୁ ମିଳୁଛି ।

ରାଜା ଶାସନରେ ପ୍ରଜାମାନଙ୍କୁ ପୁତ୍ରରୂପେ ପାଳିବେ । ଦେଶରେ ସମ୍ପୂର୍ଣ୍ଣ ଶସ୍ୟ ଉତ୍ପାଦନ ଓ ସମୟାନୁସାରେ ବୃଷ୍ଟିପାତ ଏହାର ନିଦର୍ଶନ ।

ରାଜାର ଦଣ୍ଡ, ସୈନ୍ୟସାମନ୍ତ, ଭଣ୍ଡାର, ଗୁପ୍ତଚର, ପ୍ରଧାନମନ୍ତ୍ରୀ ସମ୍ପଦନ ପ୍ରଭୃତି ଶାସନର ଅଙ୍ଗବିଶେଷ । ଏଗୁଡ଼ିକର ସମ୍ୟକ୍ ଦୃଢ଼ୀକରଣ ଓ ରକ୍ଷଣ ସୁଶାସନର ପରିଚାୟକ ।

ରାଜ୍ୟର କାନ୍ଥ 'ଅତି ଦୀର୍ଘ ଅଗମ୍ୟ' ହେବ । ଗଡ଼ଦ୍ୱାରର କବାଟ ଲୁହାରେ ନିର୍ମିତ ହେବ ଏବଂ ଏଥିରେ ଅନର୍ଗଳ ତ୍ରିଶୂଳୀ କାଟ ରହିବ, ପ୍ରତ୍ୟେକ କବାଟରେ ଦୁଇ ଦୁଇ କଳଶୀ ରହିବ । ଗଡ଼ ପାଚେରୀ ଭିତରେ

ସୈନ୍ୟ ହାରିଗଲେ ପଳାଇଯିବାକୁ 'ଗୁପ୍ତଦ୍ୱାର' ରହିବ । ଦ୍ୱାର ଉପରେ 'ତାମ୍ରକୋଳ ପଥର' ରହିବ । କଳଶୀ ପାଖରେ ଭିତରେ ଅଚଳ ପଥର ରହିବ । ଦେହଦ୍ୱାରକୁ ରକ୍ଷା କରିବା ପାଇଁ ଆଗରେ ଯୁଦ୍ଧଭୂମି ରହିବ । ବହି ଯୁଦ୍ଧ କରିବାକୁ ଉଚ୍ଚ ସ୍ଥାନ ରହିବ । ଗଡ଼ର ଚାରିପଟେ ଓ ଭିତରେ ଗାଡ଼ ଓ ଖଣ୍ଡା ରହିବ । ଉପରେ ଗଡ଼ଦ୍ୱାରରେ ପଣା ଦଣ୍ଡା ହେବ । ଗଡ଼ ଭିତରେ ପାଣି, ଖାଦ୍ୟଦ୍ରବ୍ୟ, ଫଳମୂଳ, ତେଲ, ଲୁଣ, ଔଷଧ ପ୍ରଭୃତି ସଞ୍ଚିତ ହୋଇ ରହିବ । ଗଡ଼ର କଥା ଗୁପ୍ତ ରହିବ । ପରସୈନ୍ୟଙ୍କୁ ଗଡ଼ ଭିତରେ ପଶିବ ନାହିଁ । ଚରମାନଙ୍କୁ 'ଗୁପ୍ତପ୍ରଶ୍ନ' କଥା ପଚାରି ବୁଝିବ । ଗଡ଼ରକ୍ଷା ପାଇଁ ଦେବତା ପୂଜିବ । ଗଡ଼ ଭିତରେ ହାଟ ବସିବ । ବାଣ, ଖଡ୍ଗ, ଖଣ୍ଡା, ଭଲ୍ଲ, ଦଣ୍ଡ ପ୍ରଭୃତି ବହୁବିଧ ଅସ୍ତ୍ରଶସ୍ତ୍ର ସଞ୍ଚି ରଖିବ । ସମର୍ଥ ପଦାତି, ରଥ, ଗଜ, ଅଶ୍ୱ, ସୈନ୍ୟ, ମାହୁନ୍ତ ପ୍ରଭୃତି ଚତୁରଙ୍ଗ ବଳ ଓ ସହକାରୀ ରଖିବ । ଯୁଦ୍ଧକୌଶଳ, ଖଣ୍ଡାଚାଳନ ପ୍ରଭୃତି ଶିକ୍ଷା ଦେବ, ଶତ୍ରୁ ଆକ୍ରମଣ କଲେ ଗଡ଼ରେ ଯୁଦ୍ଧ କରି ହାରିବ, ଶତ୍ରୁକୁ ପରସୀମା ପର୍ଯ୍ୟନ୍ତ ଗୋଡ଼ାଇ ନେବ । ଯୁଦ୍ଧରେ ଯୁଦ୍ଧ କରିଥିବା ଜୟୀ ଯୋଦ୍ଧାମାନଙ୍କୁ 'ପ୍ରସାଦ ଦେବ' ।

ଯୁଦ୍ଧରେ ଅନ୍ୟାୟ କାର୍ଯ୍ୟ କରିବ ନାହିଁ; ଯଥା—ପଳାଇଲା ଶତ୍ରୁକୁ 'ପିଠିପଟେ' ମାରିବ ନାହିଁ ।

ବିଜୟୀ ରାଜା ବିଜିତ ରାଜ୍ୟରେ, ଧାଡ଼ି ଉପରେ ଶାସନ ଧାଡ଼ି ଦେବ, ଶତ୍ରୁର ଦେଶ ସମ୍ପଦ ଲୁଟାଇ ଦେବନାହିଁ । ଶତ୍ରୁର ରାଜ୍ୟ ଆଣି ନିଜେ ଶାସନରେ ରଖିବ ନାହିଁ, ତାହାହେଲେ ଶତ୍ରୁର ମନରେ ଭୟ ଜାତ ହେବ ନାହିଁ । ନିଜେ ରାଜା ଅନ୍ତଃଶାଳରେ ରହି ସାଧନା କରିବ ଇତ୍ୟାଦି ।

ବଶିଷ୍ଠ ଦଶରଥଙ୍କୁ ପ୍ରଶ୍ନ କରି ଏହି ସବୁ ତଥ୍ୟ ଜାଣିବାକୁ ଚାହିଁଥିଲେ । ରାଜା ଦଶରଥ ସୁଶାସନର ଆଶ୍ୱାସ ଦେବାକୁ ତାଙ୍କର ଏସବୁ ବ୍ୟବସ୍ଥା ଅଯୋଧ୍ୟାରେ ଥିବା ସୂଚିତ ହେଉଛି । ଏହା ଯେ କୌଣସି ଦେଶର ରାଜା ପକ୍ଷରେ ପ୍ରଯୁଜ୍ୟ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଓଡ଼ିଶାରେ କେତେକ ସମୟରେ ଅସଂଖ୍ୟ ଦୁର୍ଗ ବିଦ୍ୟମାନ ଥିଲା । ଗଡ ଅଞ୍ଚଳଟାରୁ ଏହା ଶାସନ କରିଥିବା ଅସମ୍ଭବ ନୁହେଁ । ସୂର୍ଯ୍ୟବଂଶ ରାଜତ୍ୱରେ ଗଙ୍ଗାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ଏହି ବିଶାଳ ଭୂମିଖଣ୍ଡ ଉତ୍କଳ ସାମ୍ରାଜ୍ୟ ଭିତରେ ଥିଲା । ଏହି ରାଜତ୍ୱରେ ଅସଂଖ୍ୟ ଯୁଦ୍ଧ ବିଭିନ୍ନ ସ୍ଥାନରେ ହୋଇଥିଲା ।

ବଶିଷ୍ଠଙ୍କୁ ବିଦାୟ ଦେବା ସମୟରେ ରାମଚନ୍ଦ୍ର ରାଜନୀତି ସମ୍ବନ୍ଧରେ ଯେଉଁ ଉପଦେଶ ଦେଇଥିଲେ ତାହା ମଧ୍ୟ ବାସ୍ତବ । ବିଷ୍ଣୁ, ଶିବ, ଦେବୀ, ସୂର୍ଯ୍ୟ ପ୍ରଭୃତି ଦେବତାମାନଙ୍କୁ ମତ ଅନୁସାରେ ପୂଜା କରିବ । ସପ୍ତମୀ ଦିନ ଅନ୍ନ ଗ୍ରହଣ କରିବ ନାହିଁ । ଗ୍ରହଣ ଦିନରେ ମୈଥୁନ କରିବ ନାହିଁ । ସନ୍ଧ୍ୟାନ୍ତରେ ରାତ୍ରିଭୋଜନ ନିଷେଧ । ଶୁକ୍ରବାରରେ ଦଧିଅନ୍ନରେ ଗୃହ ଶାନ୍ତି କରିବ, ସୋମବାରରେ ଦକ୍ଷିଣା ଦାନ ଦେବ । ପ୍ରତିଦିନ ବ୍ରାହ୍ମଣମାନଙ୍କୁ ଭୂରି ଭୋଜନରେ ସନ୍ତୁଷ୍ଟ କରିବ । ପୁଣ୍ୟକାଳମାନଙ୍କରେ ଦାନ କରିବ । ରାଜା ନବରତ୍ନ ମୁଦ୍ରି ଅଙ୍ଗୁଠିରେ ପିନ୍ଧିବେ । ରାଜା ଅମାତ୍ୟମାନଙ୍କ ମନ ଯୋଗ ବ୍ୟବହାର କରିବେ । ପ୍ରଜାପାଳନ କରିବେ । ନଗରରେ କେହି ମ୍ଳେଚ୍ଛ ନ ହେବେ, ଶୁଚିମନ୍ତ ହୋଇ ସମସ୍ତେ ରହିବେ । ଯେ ଯାହାର ଜାତିରେ ଥାଇ ନିଜ କର୍ମ କରିବେ । ରାଜା ନିତ୍ୟ ହସ୍ତୀ ଘୋଡ଼ା ଦେଖି ପରୀକ୍ଷା କରିବେ । ବୈଦ୍ୟମାନେ ରୋଗକୁ ଚିହ୍ନି ଚିକିତ୍ସା କରିବେ । ଖଦିମାନେ ରଣେ ହେଲେ ସନ୍ଧାନ (ଶରସନ୍ଧାନ)କୁ ଛାଡ଼ିବେ ନାହିଁ । ଚରମାନଙ୍କୁ ପେଷି ପରଦେଶର ବାରତା ବୁଝିବେ ।

ବନିତାର ଲୋକଙ୍କଠାରେ ଦୟା କରିଥିବ । ବିଶ୍ୱାସୀଜନମାନଙ୍କୁ ମାୟା ନ କରିବ । ହୋମ ବ୍ରତ ପ୍ରଭୃତି କରିବ । ଦେବତା ବ୍ରାହ୍ମଣଠାରେ ଭକ୍ତି କରିଥିବ, ଇତ୍ୟାଦି ।

ରାମଙ୍କର ଏହି ଉପଦେଶ ଅଲୌକିକ ବା ଅବାସ୍ତବ ନୁହେଁ । ନିଜଙ୍କ ସମୟରେ ଏଭଳି ରାଜନୀତି ପ୍ରଚଳିତ ଥିବା ମଧ୍ୟ ସମ୍ଭବ । ଭାରତ ଓ ଉତ୍କଳର ଇତିହାସରେ ଏହିପରି ଆଦର୍ଶ ନରପତି ଓ ଆଦର୍ଶ ଶାସନର ବହୁ ଉଦାହରଣ ଅଛି ।

ସତ୍ୟ ଦେବତା ଆରାଧନା, ବର୍ଣ୍ଣାନୁସାରେ ବୃତ୍ତି ସମ୍ପାଦନ, ଦେବତା-ବ୍ରାହ୍ମଣଙ୍କଠାରେ ଭକ୍ତି, ଦାନ-ଦକ୍ଷିଣା, ଯଜ୍ଞ-ହୋମ ପ୍ରଭୃତିର ବ୍ୟବସ୍ଥା ସୂଚିତ ହୋଇଥିବାରୁ କବି ସେବଦାସ୍ୟସମନ୍ୱୟ, ସାଂପ୍ରଦାୟିକ ବର୍ଣ୍ଣାଶ୍ରମ ଧର୍ମର ପକ୍ଷପାତୀ ଥିବା ସେ ସୂଚିତ ହେଉଛି ଏବଂ ତାହା ସେ ପ୍ରଚାର କରି ସଫଳକାମ ହୋଇଛନ୍ତି । କବିଙ୍କ ରାମାୟଣ ଓଡ଼ିଶାରେ ପ୍ରାୟ ସ୍ୱୀକୃତ ଧର୍ମ ହୋଇ ରାଜା, ଜମିଦାର, ପ୍ରଜା ସମସ୍ତଙ୍କୁ ଶିକ୍ଷା ଦେଇ ଆସିଅଛି । ଧର୍ମଗ୍ରନ୍ଥ, ଶିକ୍ଷାଗ୍ରନ୍ଥ, ସରସ ବସ୍ତୁତତ୍ତ୍ୱଗ୍ରନ୍ଥ ହିସାବରେ ଦାଣ୍ଡୀ ରାମାୟଣ ଗୃହୀତ ହୋଇଥିବାରୁ ତାହାର ଏହି ପ୍ରଭାବ ସମ୍ଭବ ।

ପ୍ରତ୍ୟକ୍ଷ ରାମରାଜ୍ୟର ବିବରଣ ମଧ୍ୟ ବହୁ ସ୍ଥାନରେ ରାମାୟଣରେ ଅଛି । ସତ୍ୟଧର୍ମ, ସଦ୍‌ଜ୍ଞାନ ଓ ବିବେକ ଉପରେ ପ୍ରତିଷ୍ଠିତ ଏହି ରାଜ୍ୟଗତ ସୁଖଶାନ୍ତି ସମୃଦ୍ଧିର କାରଣ ହେବ ଏଥିରେ ସନ୍ଦେହ ନାହିଁ ।

**ରାମରାଜ୍ୟ**—ହିନ୍ଦୁମାନଙ୍କ ପରଂପରାଗତ ଧାରଣା ଯେ ରାମରାଜ୍ୟ ହିଁ ଆଦର୍ଶ ରାଜ୍ୟ । ଏ ରାଜତ୍ୱର ରୂପରେଖ ବାଲ୍ମୀକିଙ୍କ ରାମାୟଣରେ ମିଳୁଥିଲେ ମଧ୍ୟ ଦାଣ୍ଡୀରୁ ବିଶିଷ୍ଟ ସତ୍ ଆଚାର ବ୍ୟବହାର, କ୍ରିୟାକଳାପର ବ୍ୟାପକ ପ୍ରଚାର ହିଁ ଏହି ରାଜ୍ୟତନ୍ତ୍ରର ମେରୁଦଣ୍ଡ । ଏଥିରେ ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି,—ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣରେ ବୃଷ୍ଟି ହୁଏ; ବସୁଧା ଶସ୍ୟଶାଳିନୀ ହୁଏ; ପ୍ରକୃତିର ଚିରଦିନରୁ ଯଥାଯଥ ପାଳିତ ହୁଏ । ଲୋକେ ସୁଖୀ, ନିରାମୟ ହୁଅନ୍ତି । ସମସ୍ତେ ମଙ୍ଗଳ ଦେଖନ୍ତି । କେହି ଦୁଃଖୀ ନୁହନ୍ତି । ଧନ-ଜନ-ଗୋପ-ଲକ୍ଷ୍ମୀ ବୃଦ୍ଧି ହୁଏ, ଲୋକେ ଦୀର୍ଘ ଜୀବନ ଯାପନ କରି ଧାର୍ମିକ ହୁଅନ୍ତି । ଏପରି ବହୁ ସତ୍ ଲକ୍ଷଣ ଦେଖାଯାଏ ।

କବି ବଳରାମ ଦାସ ରାମରାଜ୍ୟର ସୁନ୍ଦର ପରିଚୟ ତାଙ୍କ ଗ୍ରନ୍ଥରେ ଦେଇଛନ୍ତି । ପୂର୍ଣ୍ଣାଙ୍କ ସୂର୍ଯ୍ୟବଂଶ କୁଳରେ ଜନ୍ମଗ୍ରହଣ କରିବା ମାତ୍ରେ ତାଙ୍କର ପ୍ରଭାବ ରାଜ୍ୟରେ ମୂର୍ତ୍ତିମନ୍ତ ହୋଇ ଉଠିଥିଲା । ଅଯୋଧ୍ୟାଦେଶଗ୍ରାମ ସଫଳ ହେଲା, ନିର୍ଧନେ ଧନବନ୍ତ ହେଲେ, ଅପୁତ୍ରେ ପୁତ୍ର ପାଇଲେ । ସମସ୍ତେ ନିରୋଗୀ, ନିର୍ଦୋଷୀ ହେଲେ । ବେଦକାଳ ଜାଣି ମୂର୍ଖେ ପଣ୍ଡିତ

ହେଉଥିଲେ । ଅଦାତବ୍ୟ ଲୋକମାନେ ମହାଦାତା ହେଉଥିଲେ; ନାରୀମାନେ ପତିବ୍ରତା ଓ ପୁରୁଷମାନେ ସୁଶୀଳ ହେଉଥିଲେ । ଯେ ଶାଖା ବୃକ୍ଷରେ ଫଳମାନେ ଫଳିଲେ—ସବୁଦିନୁ ଲାଗି ଉନ୍ନ ପାଚିଲେ । ପ୍ରଜାମାନେ ମନୋଭିଳାଷୀ ଭଳି ବୃଷ୍ଟି କରୁଥିଲେ । ନଦୀ ସରୋବରରେ ପୂର୍ଣ୍ଣ ଜଳ ରହୁଥିଲେ ନାହିଁ । ଗାଈମାନେ ବହୁତ କ୍ଷୀର ଦେଉଥିଲେ ।

ଅବକାଶରେ କବି ଏ ଯେଉଁ ଚିତ୍ର ଦେଖାଉଛନ୍ତି ତାହା ଆଦର୍ଶ ହେଲେ ମଧ୍ୟ ରକ୍ଷଣଶୀଳ ନୈତିକ ଦୃଷ୍ଟି ଏହା ସେତେବେଳରେ ବାସ୍ତବ ଥିଲା ବୋଲି ମୁଁ ବିଶ୍ୱାସ କରେ ।

ରାମଙ୍କ ଆଦର୍ଶ ରାଜ୍ୟଶାସନର ଚିତ୍ର ଦେଶବାସୀ ଲୋକ କହନ୍ତି । ରାଜା 'ସତ୍ୟରେ ଆଚରନ୍ତି' ହେଉଥିବାରୁ ସକଳ ପ୍ରଜା 'ଧନେ ଗରିଷ୍ଠ' ହୋଇଥିଲେ । ଅଯୋଧ୍ୟାରାଜ୍ୟ ସୀମାରେ ରୋଗ ପଶୁନଥିଲା । ରାମଙ୍କ ସୀମାରେ ମୃତ୍ୟୁ ମଧ୍ୟ ପଶୁନଥିଲା । ସେଠାରେ ପାପୀ କେହି ନଥିଲେ । ପୁରୁଷମାନେ କାମଦେବ, ସ୍ତ୍ରୀମାନେ ରତି, ବୃଦ୍ଧମାନେ ଯୌବନ ପ୍ରାପ୍ତ ଶୋଭା ପାଉଥିଲେ । ଲକ୍ଷ୍ମୀ ସ୍ଥିରପାଦରେ ରହୁଥିଲେ; ସତ୍ୟ ତ୍ୟାଗ କରୁ ନଥିଲେ । ଅଯୋଧ୍ୟା ନଗ୍ର କିରଣରେ ଶୋଭା ପାଉଥିଲା । ରାମଙ୍କ ପୁରରେ ଜୟଶଙ୍ଖଧ୍ୱନି ଶୁଭୁଥିଲା । ବନ୍ଧୁମାନେ ଯତ୍ନ ପୁତ୍ରକଳ କଥା ମାତ୍ର ଆଡ଼ିତ ଶୁଣନ୍ତି । ଲୋକେ ତୃପ୍ତି ଲାଭ ପାଉଥିଲେ ଏବଂ ସେମାନଙ୍କର ଅଚଳାଚଳ ଲକ୍ଷ୍ମୀ ଥିଲା । (ଲ: କା:)

**ଆଚରଣଶୀଳତା**—ରାମଚନ୍ଦ୍ର ଓ ତାଙ୍କ ତିନି ଭାଇଙ୍କର ଭିନ୍ନ ଭିନ୍ନ ନଗର ଥିଲା । ସୀତା ଓ ତାଙ୍କ ତିନି ଭଉଣୀ ଦିନବେଳେ ଏକାଠାରେ ରହୁଥିଲେ; ରାତି ହେଲେ ସ୍ୱାମୀଙ୍କ ନିକଟକୁ ଯାଉଥିଲେ ।

ବିବାହବେଳରେ ଯେଉଁ ବୃଦ୍ଧା ନାରୀମାନେ ସୀତା ଓ ତାଙ୍କ ଭଉଣୀମାନଙ୍କ ସହିତ ଜନକପୁରରୁ ଆସିଥିଲେ ସେମାନେ ସୀତା ଓ ରାମଙ୍କଦ୍ୱାରା ଶ୍ରଦ୍ଧାରେ ସତ୍କୃତା ହୋଇଥିଲେ ଏବଂ ସୀତାଙ୍କ ସେବାରେ ସ୍ଥାୟୀଭାବରେ ରହୁଥିଲେ ।

ଜ୍ୟେଷ୍ଠଭ୍ରାତା ରାଜା ରାମଚନ୍ଦ୍ର କନିଷ୍ଠ ଭ୍ରାତାମାନଙ୍କୁ ବହୁ ଧନରତ୍ନ ଉପହାର ଦେଇଥିଲେ । ଭରତମୁଖେ ଚତୁରଙ୍ଗବଳ, ଶତ୍ରୁଘ୍ନମୁଖେ ଭଣ୍ଡାର ଓ ଲକ୍ଷ୍ମଣଙ୍କ ମୁଖେ ଅନ୍ତଃପୁର ରଖିଲେ । ଭ୍ରାତାମାନଙ୍କ ହିତରେ ଦାୟିତ୍ୱ ଓ ପଦାଧିକାର ବଣ୍ଟନ ସୁଖଶାନ୍ତିର ପନ୍ଥା ।

ଗୁରୁଜନମାନେ ଦଣ୍ଡାୟମାନ ହୋଇଥିଲା ବେଳେ କନିଷ୍ଠମାନେ ବସିବା ଅନୁଚିତ । ବସିବାଠାରୁ ଉଠି ଠିଆ ହେବାକୁ ହୁଏ, ନମସ୍କାର କରିବାକୁ ହୁଏ । ଗୁରୁଜନମାନେ କଲ୍ୟାଣ କରନ୍ତି ।

ଏମନ ସମୟେ ଯାଇ ବାଲ୍ମୀକି ମୁନି
ଦେଖିଣ ଉଠୁ ଛିଡ଼ିଲେ କନକ ଦୁଲଣୀ ।
ନମସ୍କାର କରି ଦେବୀ ହୋଇଲେକ ଛିଡ଼ା
ସବୁ ସୁଲକ୍ଷଣୀ ସେ ଦିଶଇ ମହାଶୋଭା । (ଉ: କା:)

ମାତା ପିତା ନିଜର ସନ୍ତାନମାନଙ୍କ ପାଇଁ ସବୁ ସହିବା ଉଚିତ । ରାମଚନ୍ଦ୍ର ସୀତାଙ୍କୁ ପୁତ୍ରମାନଙ୍କ ସହିତ ଆଶ୍ରମରୁ ଫେରାଇ ଆଣିବାକୁ ବାଲ୍ମୀକିଙ୍କୁ ଅନୁରୋଧ କରି କହୁଛନ୍ତି—

ସେ ସୀତ ବୋଲିବ ଭର୍ତ୍ସି ନ କରିବା ଛଳ
ଯାହାର ଗର୍ଭରୁ ଜାତ ଏ ବେନି କୁମର ।
ଅନେକ ଦୋଷ ଥିଲେ ସେ ସହିବା ଉଚିତ
ଯାଅ ଯା ଜାନକୀ ବେନି ଅଣ ତପୋବନୁ । (ଉ: କା:)

ଗୁରୁଜନମାନେ ପାଦରେ ଚାଲି ଯାଉଥିବା ବେଳେ କନିଷ୍ଠମାନେ ଯାନରେ ବସିବା ଉଚିତ ନୁହେଁ । ସୀତାଙ୍କୁ ଫେରାଇ ନେବା ବେଳେ ରଥରେ ବସିବା ପାଇଁ ଭରତ ଅନୁରୋଧ କରିବାରୁ ସୀତା କହୁଛନ୍ତି—

ବାଲ୍ମୀକି ମୁନି ଅଛନ୍ତି ମୋ ଧର୍ମପିତା
ଆବର ଅଛନ୍ତି ଦେଖ ବୃଦ୍ଧଜନଦେବତା ।
ସେ ପାଦେ ଯିବେ କେମନ୍ତେ ଚଢ଼ିବି ମୁଁ ଯାନ
କପାଇଁ କରୁଛ ବୁଦ୍ଧି ନ କରୁ ଏମନ । (ଉ: କା:)

ଏହିପରି ଅସଂଖ୍ୟ ବିଷୟରେ ଶୀଳତାର ପ୍ରଧାନ କରି ଦେଖାଇଛନ୍ତି । ଏଥିରୁ ତାଙ୍କର ସାମାଜିକ ମର୍ଯ୍ୟାଦାର ପ୍ରତ୍ୟକ୍ଷ ବ୍ୟାପକ ଜ୍ଞାନ ଥିବା ସହଜେ ଅନୁମେୟ ।

**କବିଙ୍କ ସମାଜ ସମ୍ପର୍କୀୟ ଦୃଷ୍ଟିଭଙ୍ଗୀ**—ବଳରାମ ଦାସ ହିନ୍ଦୁ ସମାଜର ଚତୁର୍ବର୍ଣ୍ଣ ସମ୍ବନ୍ଧରେ ବହୁ ବିଷୟ ଲେଖିଛନ୍ତି । ସେ ପ୍ରାଚୀନ ବର୍ଣ୍ଣ-ବ୍ୟବସ୍ଥାର ସମର୍ଥକରୂପେ ବର୍ତ୍ତୁଛନ୍ତି ।

ବ୍ରାହ୍ମଣମାନେ ସମାଜରେ ମୁନିଋଷିଙ୍କ ପରିକୁ ସମ୍ମାନର ଅତି-ଅଧିକାର ପାଉଥିଲେ । ବ୍ରାହ୍ମଣମାନେ ସ୍ୱକର୍ତ୍ତବ୍ୟ ପାଳନରେ ଓ ସ୍ୱଧର୍ମରେ ରହିବା ପାଇଁ ରାଜାମାନେ ବହୁ ଦାନ ଦେଉଥିଲେ ଏବଂ ଶାସନ ପ୍ରତିଷ୍ଠା କରୁଥିଲେ । ପ୍ରତ୍ୟେକ ମଙ୍ଗଳ କାର୍ଯ୍ୟରେ ଦେବତାଙ୍କ ପରେ ବ୍ରାହ୍ମଣ ପୂଜା ପାଉଥିଲେ । ବେଦାଧ୍ୟୟନ, ଆଶୀର୍ବାଦ ପ୍ରଭୃତି କାମ ସେମାନେ କରୁଥିଲେ । ମିଥିଳାପୁରରୁ ରାଜା ଦଶରଥ ଫେରିବାବେଳେ ବ୍ରାହ୍ମଣମାନଙ୍କ ପ୍ରତି ତାଙ୍କର ସସମ୍ମାନ ବ୍ୟବହାର ଓ ଆଶୀର୍ବାଦ ଭିକ୍ଷା, ବ୍ରାହ୍ମଣମାନଙ୍କର ବେଦପାଠ ଓ ମଙ୍ଗଳସୂଚକ ଶ୍ଳୋକପାଠ ସ୍ଥାପନ ପ୍ରଭୃତି ଦଶରଥଙ୍କ ବ୍ରାହ୍ମଣଭକ୍ତି ଓ ବ୍ରାହ୍ମଣଙ୍କର ସ୍ୱଧର୍ମପାଳନର ସୂଚନା ଦେଉଛି ।

ବ୍ରାହ୍ମଣ ଅବଧ୍ୟ ଓ ବଧ କଲେ ବ୍ରହ୍ମହତ୍ୟା ଦୋଷର ଘୋଷଣା ବହୁ ସ୍ଥାନରେ ସୂଚିତ ହୋଇଛି । ବ୍ରାହ୍ମଣ ଅବଧ୍ୟ ଥିବା ରାମଚନ୍ଦ୍ର-ପରଶୁରାମ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି; କିନ୍ତୁ ବ୍ରାହ୍ମଣ ସ୍ୱବୃତ୍ତି ତ୍ୟାଗ କରି ଅନ୍ୟବୃତ୍ତି ଅବଲମ୍ବନ କଲେ ବଧ୍ୟ, ଏହା ସ୍ପଷ୍ଟଭାବରେ କୁହାଯାଇଛି ।

କଳିଯୁଗରେ ବ୍ରାହ୍ମଣମାନଙ୍କର ଅଧଃପତନ ପଡ଼ିବା ଭବିଷ୍ୟଦ୍‌ବାଣୀ-ସ୍ୱରୂପ କୁହାଯାଇଛି । କଳିଯୁଗରେ ଦରିଦ୍ର ଓ ବହୁକୁଟୁମ୍ବୀ ହେବା ବ୍ରାହ୍ମଣ ପକ୍ଷରେ ପୂର୍ବକୃତ ପାପର ଫଳ ବୋଲି ବିବେଚିତ ହେଉଥିଲା ।

(ସୁନ୍ଦର—ବଶିଷ୍ଠ-ରାମ ସମ୍ବାଦ)

ବ୍ରାହ୍ମଣମାନଙ୍କର ସେବା ରାଜାଙ୍କର କାମ୍ୟ ଥିବା ରାଜା ଦଶରଥଙ୍କ ବ୍ରାହ୍ମଣମାନଙ୍କୁ ବର ମାଗିବା ବିଷୟରୁ ଜଣାଯାଉଛି । ସ୍ୱଧର୍ମନିଷ୍ଠ ଭକ୍ତ ବ୍ରାହ୍ମଣ

ନିରପେକ୍ଷ ବିଚାରକ, ସତ୍ପରାମର୍ଶଦାତା, ଶୁଭାକାଂକ୍ଷୀ ଓ ନିର୍ଭୀକ ସମାଲୋଚକ କୁହାଇଥାଏ । ଏହି କାରଣରୁ ରାଜା ବ୍ରାହ୍ମଣମାନଙ୍କୁ ତାଙ୍କର ସେବକ ହେବାପାଇଁ ବର ମାଗିଥିଲେ ।

କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କୁ ସ୍ୱ ସ୍ୱ କର୍ମରେ ନିରତ ରହିବା ନିର୍ଦ୍ଦେଶ ବାଲ୍ମୀକି ରାମାୟଣରେ ଅଛି । କ୍ଷତ୍ରିୟ ସ୍ୱଧର୍ମ ପାଳନ ନ କଲେ ରାଜ୍ୟ ଛାରଖାର ହୋଇଯାଏ, ପୃଥିବୀରେ ଅରାଜକତା ବ୍ୟାପିଯାଇ ବହୁବିଧ ଦୁଃଖ ସୃଷ୍ଟି କରେ, ଦୁଷ୍ଟଙ୍କ ଦ୍ୱାରା ପ୍ରଜାମାନେ, ସାଧୁମାନେ ପ୍ରପୀଡ଼ିତ ହୁଅନ୍ତି । ବୈଶ୍ୟମାନେ ସ୍ୱକୁଳୋଚିତ ଧର୍ମ ବାଣିଜ୍ୟକୁ ଯେପରି ଅତୁଟ କରି ରଖିବେ ସେ ଦିଗରେ ଦୃଷ୍ଟି ଦେବାପାଇଁ ଦଶରଥଙ୍କୁ ବଶିଷ୍ଠ ଉପଦେଶ ଦେଇଥିଲେ ।

ଉତ୍ତରକାଣ୍ଡର ଶୂଦ୍ର ତପସ୍ୱୀ ଯୋଗୁଁ ଦେଶରେ ବିଭ୍ରାଟ ଘଟିଥିବା ପ୍ରସଙ୍ଗଟି ଶୂଦ୍ରମାନେ ତପସ୍ୟା କରିବା ନିଷେଧ ଥିବା ସୂଚନା ଦେଉଛି ।

କଳିଯୁଗରେ ନୃପତି, ବହୁବୃତ୍ତ୍ରୀ, ବହୁଳ ଗୋଷ୍ଠୀର ମାଲିକ, ବ୍ରାହ୍ମଣ, ଅଶ୍ୱପ ସମୃଦ୍ଧ ଜନ୍ମ ପୂର୍ବଜନ୍ମ ପାପର ଫଳ । କଳିଯୁଗରେ ରାଜା, ବ୍ରାହ୍ମଣ, ଅଶ୍ୱପ, ବହୁଭୃତ୍ତ୍ରୀ, ବହୁ ଗୋ-ସ୍ୱାମୀ ଅଜାତ ଅନାସ୍ଥାରେ ଲିପ୍ତ ହେବେ; ସ୍ୱ ସ୍ୱ କର୍ତ୍ତବ୍ୟ ପାଳନ ନ କରି ଅନର୍ଥପରାୟଣ ହେବେ । କବି କଳିଯୁଗରେ କାହିଁକି ଏପରି ଏହି ଶ୍ରେଣୀର ଲୋକମାନଙ୍କର ଅଧଃପତନ ଘଟିବ ତାହା ବର୍ଣ୍ଣନା କରିଛନ୍ତି । ଏହା ପ୍ରତ୍ୟକ୍ଷ ଅଭିଜ୍ଞତାର ଉପରେ ନିର୍ଭର କରି ଲେଖା ହୋଇଥିବା ସମ୍ଭବ । ଅତି ଉଚ୍ଚ ଶ୍ଳାଘାଜନକ, ସୁବ୍ୟବସ୍ଥାର ଆଧାର ସେ କଳିଯୁଗରେ କଳଙ୍କମୟ ହୋଇଛି ଏହା କବି ଦର୍ଶାଇଛନ୍ତି ।

## ବର୍ଣ୍ଣନାଚାତୁରୀ

**ରୂପବର୍ଣ୍ଣନା**—କବିଙ୍କ ରୂପବର୍ଣ୍ଣନା ଅତି ସରଳ । ଅତି ଅଳ୍ପ ସ୍ଥଳରେ ଉପମା ଓ ରୂପକର ବ୍ୟବହାର କରିଛନ୍ତି ।

ଚରିତ୍ରମାନଙ୍କର ବେଶଭୂଷା ଓଡ଼ିଶୀ । ବହୁ ଚରିତ୍ର ରାଜବଂଶୋଦ୍ଭବ ଥିବାରୁ ଅଳଙ୍କାରାଦି ବେଶଭୂଷା ରାଜବଂଶୋପଯୋଗୀ ହୋଇଛି । ରାମ-

ଲକ୍ଷ୍ମଣାଦି ରାଜପୁତ୍ର, ସୀତାଦି ରାଜକନ୍ୟା, ଭରତାଦି ରାଜାମାନଙ୍କର ବେଶ ସେମାନଙ୍କର ପଦାଧିକାର ଉପଯୋଗୀ ହୋଇଛି; ସେମାନଙ୍କ ଅଳଙ୍କାର ବହୁମୂଲ୍ୟ ମଣିମାଣିକ୍ୟାଦିରେ ଗଠିତ, ବସ୍ତ୍ର ମଧ୍ୟ ପାଟ ପୀତାମ୍ବର । ଅଳଙ୍କାର-ବହୁଳତା ବେଶବିନ୍ୟାସର ଚିରାଚରିତ ଧାରା ଥିଲା । ଓଡ଼ିଶାର ପ୍ରସିଦ୍ଧ ଭୁବନେଶ୍ୱର, କୋଣାର୍କାଦି ବିଭିନ୍ନ ସ୍ଥାନର ମନ୍ଦିରଗାତ୍ରରେ ଥିବା ପ୍ରସ୍ତରମୂର୍ତ୍ତିର ଶରୀର ସୁନ୍ଦର ସୂକ୍ଷ୍ମ ଅଳଙ୍କାର ଏହାର ନିଦର୍ଶନ । ବେଶବିନ୍ୟାସରେ କବି ଏହି ଧାରାକୁ ରକ୍ଷା କରିଛନ୍ତି ।

ଗୁଣ ଅନୁସାରେ ରୂପକୁ ସୁନ୍ଦର କିମ୍ବା କୁତ୍ସିତ କରି କବି ଚିତ୍ରଣ କରିଥିବା ଦେଖାଯାଏ । ମନ୍ଥରା, ଶୂର୍ପଣଖା, ତାଡ଼କା ପ୍ରଭୃତି ଚରିତ୍ର କୁତ୍ସିତ ରୂପ ପାଇଛନ୍ତି, ରାମସୀତାଦି ଦିବ୍ୟ ରୂପ ପାଇଛନ୍ତି ।

କୁଳାଚାର ବେଶଭୂଷାର ବିବରଣୀ ମଧ୍ୟ କବି ଦେଇଛନ୍ତି । ବ୍ରାହ୍ମଣ, ଋଷି ପ୍ରଭୃତିଙ୍କ ବେଶଭୂଷାଦି ବର୍ଣ୍ଣନାରେ କବି ଏହି ପନ୍ଥା ଅବଲମ୍ବନ କରିଛନ୍ତି ।

ଗୁହ ଶବର ଓ ତାଙ୍କ ପ୍ରଜାମାନଙ୍କ ରୂପ ଓ ବେଶଭୂଷାଦି ସେମାନଙ୍କର ଜାତି ଓ ମାଟିର ଅନୁରୂପ ହୋଇଛି । ବନବାସୀମାନଙ୍କର ଚିତ୍ର ବନଭୂମି-ସୁଲଭ ହୋଇଛି । ବନବାସ କରିବା ପରେ ବନବାସର ଉପଯୁକ୍ତ ବେଶଭୂଷା ରାମ, ଲକ୍ଷ୍ମଣ ଓ ସୀତା ଗ୍ରହଣ କରିଛନ୍ତି ଏବଂ ତଦନୁରୂପ ଜୀବନ ମଧ୍ୟ ଯାପନ କରିଛନ୍ତି ।

ନାରୀ ରୂପ ବର୍ଣ୍ଣନାରେ କବି ବସ୍ତ୍ର ଅଳଙ୍କାରରେ ସେମାନଙ୍କୁ ମଣ୍ଡିତ କରିଛନ୍ତି । ରାମ ରାଜା ହେବାପରେ ସୀତାଙ୍କ ପାଇଁ ଯେଉଁ ଅଳଙ୍କାର ସମ୍ଭାର ଗଠନ କରିଥିଲେ ତାହାର ତାଲିକାରୁ ଓଡ଼ିଶାରେ ପ୍ରଚଳିତ ଅଳଙ୍କାର-ମାନଙ୍କର ଏକ ସ୍ପଷ୍ଟ ଧାରଣା ହୁଏ ।

**ପ୍ରକୃତି ଚିତ୍ରଣ**—ବଳରାମ ଦାସ ପ୍ରକୃତିଚିତ୍ରଣରେ କଳ୍ପନାର ବିଳାସକୁ ଅଧିକ ସ୍ଥାନ ଦେଇନାହାନ୍ତି, ବାସ୍ତବ ପ୍ରାକୃତିକ ଚିତ୍ର ଅଙ୍କନ

କରିଛନ୍ତି । ଶତାଧିକ ପ୍ରାକୃତିକ ବସ୍ତୁ ଏଥିରେ ସ୍ଥାନ ପାଇଛି । ବନ, ଉପବନ, ନଦୀ, ସରୋବର, ସାଗର, ସନ୍ଧ୍ୟା, ପ୍ରଭାତ, ବସନ୍ତାଦି ଋତୁ ପ୍ରଭୃତିର ବର୍ଣ୍ଣନାରୁ କବିଙ୍କ ପ୍ରକୃତି-ପର୍ଯ୍ୟବେକ୍ଷଣ ଦକ୍ଷତା ଥିବା ସ୍ପଷ୍ଟ ହେଉଛି ।

ଏହି ପ୍ରକୃତ ବର୍ଣ୍ଣନ ଲକ୍ଷ୍ୟକଲେ ସେ ଅନୁଭବୀ ହୋଇ ପାରିଥିବାର ଜଣାଯାଉଛି । ବୃକ୍ଷ, ପୁଷ୍ପ, ଫଳ, ନଦୀ, ସରୋବର ପ୍ରଭୃତିର ବର୍ଣ୍ଣନାରେ ବାସ୍ତବ ରହିଛି । ପ୍ରାକୃତିକ ବର୍ଣ୍ଣନାରେ ଶତାଧିକ ବୃକ୍ଷ, ପୁଷ୍ପ, ଫଳ ପ୍ରଭୃତିର ନାମକରଣ କରି ଏ ବିଷୟରେ ତାଙ୍କର ଜ୍ଞାନର ପରିସର ବିସ୍ତୃତ ଥିବାର ପରିଚୟ ଦେଇଛନ୍ତି ।

ପ୍ରକୃତି ଜଡ଼ ହେଲେ ମଧ୍ୟ ସ୍ଥଳବିଶେଷରେ ତାକୁ ଜୀବନ୍ତ ଓ ମାନବର ଧର୍ମରେ ଭୂଷିତ କରି କବି ମାନବ ହୃଦୟର ଛାୟାକୁ ପ୍ରକୃତି-ମୁଖଦର୍ପଣରେ ପ୍ରତିବିମ୍ବିତ କରିଅଛନ୍ତି ।

କବି ପ୍ରକୃତିକୁ ଉପମା ଓ ରୂପକର ଆକର ରୂପେ ବ୍ୟବହାର କରି ତାହାକୁ ମନୋରମ କରିବାରେ ସମର୍ଥ ହୋଇଛନ୍ତି ।

ଚିତ୍ରକୂଟ ବନରେ ରାମ, ଲକ୍ଷ୍ମଣ ଓ ସୀତା ଭ୍ରମଣ କରୁଥିବା ପ୍ରସଙ୍ଗରେ କବି ଚିତ୍ରକୂଟ ପର୍ବତର ବନକୁ ଏକ ଉପବନ ସଙ୍ଗେ ତୁଳନା କରିଛନ୍ତି । ବନଟିକୁ ନନ୍ଦନକାନନ ସହିତ ତୁଳନା କରିଛନ୍ତି । ମଲ୍ଲୀ, ମାଳତୀ, ମନ୍ଦାର, ଟଗର, ବକୁଳ, କରୁଣା, କେତକୀ, ଜାଈ, ଯୂଈ, ଚମ୍ପା, ନାଗେଶ୍ୱର, ଭଣ୍ଟ, ରଙ୍ଗଣୀ, ଲୁଣିଅଳା, ସେବତୀ, ଅଁଳା, କୁମୁଦ, କୁନ୍ଦଲତା, ଦମନ, କନିଅର, ପୁନାଗ, ରଙ୍ଗଲତା, କଦମ୍ବ, ମଲୁଅ, କୁରୁବେଲ, କରବୀର, ଧାତୁକ, ବନ୍ଧୁଳି, ନାଲିକର୍ଣ୍ଣି, ନୀଳଭୃଙ୍ଗରାଜର ନାମ ଦେଇ ଏହି ପରିସରରେ ପୁଷ୍ପମଣ୍ଡିତ ତରୁଶୋଭାର ଚିତ୍ର ଦେଇଛନ୍ତି ।

ଫୁଲ ଫଳରେ ଶୋଭା ବହୁଛନ୍ତି ତରୁ । (ଅ: କା:)

କବି ବହୁ ବୃକ୍ଷର ନାମ ମଧ୍ୟ ଦେଇଛନ୍ତି । ଟେଣ୍ଟ, କେଳିଠ, କଇଥ, କେନ୍ଦୁ, ନାରଙ୍ଗ, ଲେମ୍ବୁ, ଜାମ୍ବୁ, କଣ୍ଟିକି, ଖଜୁଆ, ଆମ୍ବ, ପଣସ, କଦଳୀ,

ଆମ୍ର, ଏଲାଇଚ, ବର ପ୍ରଭୃତି ବୃକ୍ଷ ପର୍ବତକୁ ଘେରି ରହିଛନ୍ତି । ଚନ୍ଦନ, ରକ୍ତଚନ୍ଦନ, କର୍ଣ୍ଣିକାର, ପୁଷ୍ପିତ ପ୍ରଭୃତିରେ ଘନ ଶୋଭା ପାଉଛି । କାଉଁଶ ବଣର ମଧ୍ୟ ଅଭାବ ନାହିଁ କି ମଶାର ଅଭାବ ନାହିଁ ।

ଏ ଅଦ୍ରି କୂଟରେ ଶୋଭୁ ପାଉଛି ଯେ ବଣ
କାଉଁଶ ବଣ ଭିତରେ ମଶା ଭଣ ଭଣ । (ସୂ: ବା:)

ମନ୍ଦାକିନୀ ନଦୀ ଝରଝର ହୋଇ ବହିଯାଉଛି । ହଂସ କାରଣ୍ଡବ ଜଳରେ କେଳି କରୁଛନ୍ତି । ଶୁକ୍ଳ ପକ୍ଷୀ ନଦୀ ତଟରେ ମିଳି ଖେଳୁଛନ୍ତି । ଘାଟରେ 'ଶୁକଙ୍କ' ମିଳି ଗାଉଛନ୍ତି । ଭ୍ରମରମାନେ ଫୁଲ ଉପରେ ଉଡୁଛନ୍ତି । କପୋତ-କପୋତୀ ନଦୀକୂଳରେ ଚରୁଛନ୍ତି । ପାଣିକୁଆ କାଦବଗାଇ ଯୋଡ଼ା ଯୋଡ଼ା ହୋଇ ବେଢୁଛନ୍ତି । ବଣତଡ଼ି, କଳାଙ୍ଗୀ, ଟିଟିଭି ପ୍ରଭୃତି ଜଳରେ ବୁଡ଼ି ବୁଡ଼ି କ୍ରୀଡ଼ା କରୁଛନ୍ତି । ଶତାଧିକ ପଶୁପକ୍ଷୀ ମଧ୍ୟ ବିହାର କରୁଛନ୍ତି ।

ପ୍ରକୃତିଦେବୀ ମାନବ ହୃଦୟର ଶାନ୍ତ କୌତୁକପ୍ରିୟ ମନୋବୃତ୍ତିର ଛବିକୁ ଧାରଣ କରନ୍ତି । ଦମ୍ପତୀ ବନବିହାରରେ ଉନ୍ମୁକ୍ତ ହୋଇ ଅନନ୍ତ ଚିତ୍ତରେ ସହାନୁଭୂତିଶୀଳ ପ୍ରକୃତିଦେବୀଙ୍କ କୋଳରେ କ୍ରୀଡ଼ା କରୁଛନ୍ତି । ପ୍ରକୃତିଦେବୀ ଏମାନଙ୍କ ବିହାରରେ ଆନନ୍ଦ ଉପଭୋଗ କରି ଅଭିନନ୍ଦନ ଜଣାଉଛି ।

(ରାମ) କହିଦେଖ କପାଳରେ ଟିକା ଦେଲେ ଦେଖ
ଚନ୍ଦ୍ରମା ଉପରେ କି ଅରୁଣ ଶୋଭା ପାଇ ।
ଏମନକ ଶ୍ୟାମସ୍ତୁରେ ବନ୍ଧୁଲି ପତନ
କୁହୁଁ ଯଜ ସ୍ୱଡ଼ି ପଡ଼ନ୍ତୁ ଯେ ଅନୁକ୍ଷଣ ।
ରାମ ସୀତାଙ୍କ ଉପରେ ଫୁଲ କେ ପଡ଼ଇ
ଦେଖି ମଇଥିଲୀ କେଶକର ସେ ଯୋଡ଼ଇ ।

ସୀତା ଏହାର କାରଣ ପଚାରିବାରୁ ରାମ ଉତ୍ତର ଦେଉଛନ୍ତି—

ଦେଖ ସତି ତୋହର ମୋହର ଯେ କେଳି କଲୁ
ଆନନ୍ଦେ ବୃକ୍ଷ ଅଞ୍ଜଳି ଦିଅନ୍ତି ଏ ଭଳୁ ।

ଏହି ପ୍ରକୃତିଦେବୀ ପୁଣି ରାବଣଦ୍ୱାରା ସୀତାହରଣ ହେବାପରେ ଦୁଃଖକାତର ରାମଚନ୍ଦ୍ରଙ୍କ ସୁନ୍ଦର ସଙ୍ଗିନୀ । ସେହିଠି ରାମଚନ୍ଦ୍ରଙ୍କ ଅନ୍ତରର ବେଦନାର ଅପାର ସମ୍ଭାର, ଶତ୍ରୁପରି ଦୁଃଖୀ ହୋଇଛନ୍ତି । ତାଙ୍କ ହୃଦୟକୁ ବେଦନା ଭଲପରି ଜଣାଯାଉଛି । ପ୍ରକୃତିଦେବୀ ତାଙ୍କପ୍ରତି ସହାନୁଭୂତିଶୀଳା ନହୋଇ ପ୍ରତିକୂଳ ମନୋଭାବ ବ୍ୟକ୍ତ କରୁଛି । ସୀତାଙ୍କୁ ହରଣ କରିନେବା ପରେ ରାମଚନ୍ଦ୍ର ସ୍ୱ କୁଟୀରକୁ ଫେରିଆସି ଶୋକ ପ୍ରକାଶ କରୁଛନ୍ତି ଏବଂ ପଞ୍ଚବଟୀ ଓ ପଞ୍ଚବଟୀବନକୁ ଦୋଷ ଦେଉଛନ୍ତି । ପର୍ବତ, ଲତା, ପୁଷ୍ପ ଓ ବୃକ୍ଷମାନଙ୍କୁ ସମ୍ବୋଧନ କରି ସେମାନେ ସୀତାଙ୍କୁ ରକ୍ଷା କରିପାରି ନଥିବାରୁ ସେମାନଙ୍କୁ ଦୋଷ ଦେଉଛନ୍ତି—

ପଥରେ ଗୋଟିକ ଛାଡ଼ିଲେ ରଘୁନାଥ
ତୋତେ ଅନ୍ୱେଷଣ ମୁଁ ହୋଇଲି ଅନାଥ ।
ହେ ପଞ୍ଚବଟୀ ବନ ତୁ ଏହା ମୋତେ କଲୁ
ଦେହିଁକୁଣ୍ଡ କଷ୍ଟ ମୋତେ ଦୁଃଖ ତ ବଢ଼ିଲୁ । × ×
ଅହେ ବୃକ୍ଷମାନେ ତୁମ୍ଭେ ସମସ୍ତେ ହେ ଦେଖ
ଜାନକୀ ଜନ ହାତେ ହୋଇଲି ଅରକ୍ଷ । × ×
ରକ୍ଷି ନପାରିଲ ସେ ମହନ୍ତ ଜନ ହୋଇ
ଅନାଥ ହୋଇଣ ଏବେ ଯାଉଅଛି ମୁହିଁ । (ଅରଣ୍ୟକାଣ୍ଡ)

ବସନ୍ତ ଋତୁରେ ପମ୍ପା ସରୋବର କୂଳେ ରାମଚନ୍ଦ୍ର ବିଶ୍ରାମ ନେଉଥିଲେ । ସରୋବରଟି ବସନ୍ତଋତୁ ଯୋଗୁଁ ଅତ୍ୟନ୍ତ ଶୋଭା ଧାରଣ କରିଛି । ଏକେ ତ ବସନ୍ତ ଋତୁ, ସେଥିରେ ପୁଣି ଶୀତଳ ଜଳପୂର୍ଣ୍ଣ ତରୁଛାୟାମଣ୍ଡିତ ସରୋବର ତହିଁକେ ବିରହୀ ମନପ୍ରାଣକୁ ଆକୁଳିତ କରିବ । ରାମଚନ୍ଦ୍ର ବସନ୍ତ ପବନର ସ୍ପର୍ଶରେ କାମଶରରେ ବିଦ୍ଧ ହେଲେ । ପ୍ରକୃତିଦେବୀ ରାମଚନ୍ଦ୍ରଙ୍କ ଉପରେ ପ୍ରଭାବ ବିସ୍ତାରିକରି ତାଙ୍କର ମାନସିକ ଓ ଶାରୀରିକ ଅବସ୍ଥାର ଅନୁରୂପ ଭାବନା ସୃଷ୍ଟି କରିଛି ।

ସର୍ବଦା ଛି ହେ ବନରେ ବିହରି ବସନ୍ତ
ଶ୍ରୀରାମଙ୍କୁ ଯାତିଲ ସେ କନ୍ଦର୍ପ ଜ୍ୱର ତ । (ଅରଣ୍ୟକାଣ୍ଡ)

ପ୍ରକୃତିବର୍ଣ୍ଣନାକୁ କବି ପ୍ରତ୍ୟକ୍ଷ ଅନୁଭବମୂଳକ କରିଛନ୍ତି । ପୁରାଣରେ ପ୍ରକୃତିବର୍ଣ୍ଣନରେ କାବ୍ୟ-ଛଟା ଆଶା ନ କରିବା ହିଁ ଉଚିତ, କାରଣ ପୁରାଣକାର ଘଟଣାର ବିବରଣ ଦେବାରେ ହିଁ ପ୍ରଧାନତଃ ମନକୁ ନିବିଷ୍ଟ ରଖିଥାଆନ୍ତି ।

ଋତୁବର୍ଣ୍ଣନାରେ କବି ବାସ୍ତବ ଦୃଶ୍ୟକୁ ଚିତ୍ରଣ କରିଛନ୍ତି । ପମ୍ପା ସରୋବରରେ ବସନ୍ତ, ମାଲ୍ୟବନ୍ତ ପର୍ବତରେ ବର୍ଷା ଓ ଶରତ ବର୍ଣ୍ଣନାରେ ଏହା ସ୍ପଷ୍ଟ ହୋଇଛି ।

ବସନ୍ତ ଋତୁରେ କବି ନାନା ପୁଷ୍ପ ଫୁଟାଇଛନ୍ତି, ଭ୍ରମରଗୁଞ୍ଜନ ସବୁବେଳେ ଶୁଣାଯାଉଛି । ବସନ୍ତ ପବନ ଧୀରେ ଧୀରେ ବହି ବିରହୀ ପ୍ରାଣକୁ ଆକୁଳ କରୁଛି ।

ବର୍ଷା ଋତୁରେ ମାଲ୍ୟବନ୍ତ ପର୍ବତ ଉପରେ ଜଳଧର ଆକାଶରେ ଜୃମ୍ଭ କରୁଛି । ଘଡ଼ଘଡ଼ି କରି ବିଜୁଳି ମାରୁଛି । ହାତୀଶୁଣ୍ଢ ପରି ରୂପ ଧାରଣ କରି ମେଘ ଗର୍ଜ୍ଜନ କରୁଛି । ବର୍ଷାତ ଶବ୍ଦ କରି ଚଡ଼କ ମାରୁଛି । ପୂର୍ବଦିଗର ମେଘ ପଶ୍ଚିମ ଦିଗକୁ ଯାତ୍ରା କରୁଛି ।

ଦକ୍ଷିଣ ମେଘର ଯେ ସମୁଦ୍ର ପାଣି ତୋଳି
ଉତ୍ତର ଦିଗକୁ ଖଂସେ ଜଳ ଦେଇ ଚଳି ।
ଇନ୍ଦ୍ରଧନୁ ଉଠି ଅଛଇ ଯେ ଘନଘନ
ଅନୁମାନେ ଆଶ୍ଚର୍ଯ୍ୟ ଦିଶଇ ରଙ୍ଗବର୍ଣ୍ଣ ।
ଦବଦେହ ମଣ୍ଡଳାକାର ରୁଷିଲେ କୁହୁକ
ପ୍ରଚଣ୍ଡ ପବନ ଯେ ବହଇ ସାଙ୍ଗ ସାଙ୍ଗ । x x
ନିର୍ମଳ ଗଗନେ ଯେ ଘନେକ ମେଘ ଉଠି
ସୂର୍ଯ୍ୟ ହିଁ ତଜିଣ ଯେ ଶୂନ୍ୟରେ ଆଚ୍ଛାଦନ । x x
ବୃକ୍ଷମାନେ ପଲ୍ଲବନ୍ତି ଜଳେ ନନ୍ଦ ଲତା
ମୟୂର ଚଢ଼ାଇ ଯେ ମଦନେ ଉନମତ୍ତ । x x

ଏ ଦୁଃସହ ବର୍ଷା କାଳରେ ବିରହୀ ଶ୍ରୀରାମଚନ୍ଦ୍ରଙ୍କ ମନରେ ପ୍ରିୟାର ଶୂନ୍ୟ ସ୍ଥାନ ପାଇ ପ୍ରାଣକୁ ଆକୁଳ କରୁଛି ।

ଦେଖ ସଖି ଜାନକୀ ଯେ କେଉଁଣ କଥା ଗଲୁ
ମୋର କପାଳରେ ସିନା ପ୍ରମାଦ କଷ୍ଟ ଦେଲୁ । (କି: କା:)

**ରାମସୀତାଙ୍କ ବନବିହାର**—ବନରେ ରାମ-ସୀତାଙ୍କ କେଳି ପ୍ରସଙ୍ଗ ଅଯୋଧ୍ୟା କାଣ୍ଡରେ କବି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ଏହି ଦୀର୍ଘ ପ୍ରସଙ୍ଗରେ ରାମ-ସୀତାଙ୍କ କେଳି କଳ୍ପନା ଓ କୌତୁକପ୍ରଦ ହୋଇଛି । ବନର ବିବିଧ ଲତା, ବୃକ୍ଷ, ପୁଷ୍ପ, ପଶୁ, ପକ୍ଷୀ ପ୍ରଭୃତିଙ୍କ ନାମ ଦେଇଛନ୍ତି । ଏଥିରୁ କବିଙ୍କ ପ୍ରକୃତି-ପର୍ଯ୍ୟବେକ୍ଷଣର ଗଭୀରତା ପ୍ରକାଶିତ ହୋଇଛି ।

ରାମ-ସୀତାଙ୍କ କେଳି ସୁବିପୁଳିତ ହୋଇଛି ଏବଂ ପାଠକର ଚକ୍ଷୁ ସମ୍ମୁଖରେ ତାହା ସୁନ୍ଦରଭାବରେ ଦେଖାଯାଉଛି । ଏଥିରୁ ଗୋଟିଏ ଚିତ୍ର କବିଙ୍କ ଭାଷାରେ—

ଡହୁଁ ଦେଖ ହାତ ଧରାଧରି ହୋଇ ଯାନ୍ତି
ଛୁଡ଼ି ଖୋଇ ରାମ ଯାଇଁ ବଦନ ଲୁଚାନ୍ତି ।
ଫୁଲ ଲତା ତଳେ ରାମ ବସିଲେକ ଯାଇଁ
ଛପିଣ ଗଛ ଉପରେ ରାମ ଲୁଷ୍ଟ ହୋଇ ।
ସୀତାଦେବୀ ଦେଖି ନାସାରେ ଯେ ହସ୍ତ ଦେଲେ
ଦେଖିଲି ଦେଖିଲି ବୋଲି ସୀତା ଯେ ବୋଇଲେ ।
ଶୁଣିଣ ଶ୍ରୀରଘୁନାଥ ଅଇଲେ ଓହ୍ଲାଇ
ବେତକୁଞ୍ଜ ଦ୍ୱାରରେ ରହିଲେ ଲୁଚି ଦେଇ ।

ଏହିପରି ଭାବରେ ବାପଙ୍କ ବଣ ଭିତରେ ରାମ ପଶି ଲୁଚି ରହିଲେ, ସୀତା ସେଠାକୁ ଯାଇ ଠାବ କରିବାରୁ ଦୁହେଁ ହସାହସି ହୋଇ କରତାଳି ଦେଲେ, ପୁଣି ଦୁହେଁ ଫୁଲ ତୋଳି ଫୁଲ ମଣ୍ଡନ ହେଲେ । ଯାଉଥିବାକୁ ଦେଖି ପାଣ୍ଡୁ ଧରିବା ପାଇଁ ସୀତା ଗୋଡ଼ାଇଲେ । ଯାଇ ଛାଡ଼ିଲେ; ଧରି ନ ପାରିବାରୁ

ରାମ ସୀତାଙ୍କୁ ହାସ୍ୟରେ 'ଧରି ପାରିଲି ନାହିଁ' ବୋଲି କହି ହସିଲେ । ସୀତା କହିଲେ, "ମୁଁ ପକ୍ଷୀ ହୋଇ ଉଡ଼ି ପାରୁଥିଲେ ନିଶ୍ଚୟ ଧରି ଆସନ୍ତି ।" ରଘୁନାଥ ଏହା ଶୁଣି ହସିଲେ । ଏହିପରି ବହୁ କୌତୁକ ରସ ବର୍ଣ୍ଣନା କରି କବି ହାସ୍ୟରସ ସୃଷ୍ଟି କରିବା ସଙ୍ଗେ ସଙ୍ଗେ କବିତ୍ୱଶକ୍ତିର ପରିଚୟ ମଧ୍ୟ ଦେଇଛନ୍ତି । ଏହି ବର୍ଣ୍ଣନା ସରଳ, ଭାବ-ସମ୍ବଳିତ, ଅଳଙ୍କାର-ବର୍ଜିତ ହେଲେ ମଧ୍ୟ ମନୋମୁଗ୍ଧକର ହୋଇଛି ।

ବନବାସରେ ସମସ୍ତରେ ପବନ ବହିବାରୁ ବୃକ୍ଷଙ୍କ ଉପରେ ବୃକ୍ଷରୁ ପୁଷ୍ପ ଝଡ଼ି ପଡ଼ିଲା । ସୀତା ଏହା ଦେଖି କରଯୋଡ଼ି ରାମଙ୍କୁ କାରଣ ପଚାରିଲେ । ରାମ ସହାସ୍ୟ ବଦନରେ ଉତ୍ତର ଦେଲେ—

ଶୁଣ ସତୀ ତୋହର ମୋହର ଯେ କେଳି କଲୁ
ଅନେକେ ପୁଷ୍ପ ଅଞ୍ଜଳି ଦଅନ୍ତି ଏ ତରୁ ।

**ଖାଦ୍ୟ**—ଭରଦ୍ୱାଜ ଆଶ୍ରମରେ ଭରତଙ୍କୁ ଋଷିମାନେ ଯେଉଁ ଅଭ୍ୟର୍ଥନା କରିଥିଲେ ସେଥିରେ ଖାଦ୍ୟର ପରିପାଟୀ ଉଲ୍ଲେଖିତ ହୋଇଥିଲେ ମଧ୍ୟ ତାହା ଉଣା ଅଧିକରେ ଓଡ଼ିଶାରେ ସମସ୍ତଙ୍କ ଘରେ ଚଳେ । ଏହା ଲୋକରେ କାହାକୁ ଖାଦ୍ୟର ଭଗ ମାନ । ଋଷି ମାନଙ୍କରେ ବହୁ ସୁନ୍ଦର ଓ ସ୍ତ୍ରୀଙ୍କୁ ସର୍ଜ୍ଜନା କରି ଅଭ୍ୟର୍ଥନାରେ ଲଗାଇଥିଲେ । ମାତ୍ର ବ୍ରାହ୍ମଣମାନେ ପୋଷେଇ କରି ପରଶିଥିଲେ । ଏଥିରୁ ବ୍ରାହ୍ମଣମାନେ ଭୋଜନରେ ପୋଷେଇ କରିବା ଓ ପରଶିବା କାର୍ଯ୍ୟ କରୁଥିବା ପ୍ରଥା ପ୍ରଚଳିତ ଥିବା ଜଣାଯାଉଛି । ଦହି, ଦୁଧ, ଅଦା, ଲୁଣ ଦେଇ କରମ୍ଭ, ଅମୃତ ବହୁ ପ୍ରକାର ରନ୍ଧନ କଲେ । ବେସର, ଜିରା, ମରିଚ ଦେଇ କଡ଼ଥା, ଦୁଧ, ଛେନା ପ୍ରଭୃତି ବହୁ ମିଷ୍ଟାନ୍ନ ଘୃତପାକରେ କଲେ । ମାଛ ମାଂସର ଝୋଳ, ଦହି ରନ୍ଧଣ, ଖୀରି, ଖିରିସା, ଶାକର ପରଶିଲେ । ପଣା, ପଇଡ଼ ବେଳ ପାଣି ଦେଲେ ।

ଦାଣ୍ଡି, ଚକୁଳି, ଆରିସା, ଛେନାପୁରି, କାକରା, ଛେନାଲଡୁ, ମାଲପୁଆ, ପୁରି, ଖଜାମଣ୍ଡା ପିଠା ଥାଳରେ ଆଣି ଦେଲେ । ଗଜା, କଦଳୀ, ଖଣ୍ଡଗୋଜା, କଣିକା, କୋରା, ରସଗୋଲା, ଅମୃତରସାବଳୀ, ମଣ୍ଡା, ନାଗମାଳ,

ଅମୃତପାଣି କଦଳୀ ଦେଲେ । ସୁଧା ବଦଳରେ ନାନା ଖାଦ୍ୟଜାତ ଆଣି ଦେଲେ । ପଣତିଆ ମଣ୍ଡା, ଲବଣୀ, ପାଣି, ପଣା, ଫେଣା, ଖୁଦୁମୁଆଁ ପ୍ରଭୃତି ଖାଇ ଖାଇ ଲୋକେ ଚାଟ ହୋଇଗଲେ ।

ଏହିପରି ବହୁ ଦ୍ରବ୍ୟ ପରଷିଲେ । "ନାସ୍ତି କରନ୍ତେ ବଳାଇ ପାତେ ପକାନ୍ତି ।" ଖାଇବା ଲୋକଙ୍କ ଏକ ଦୃଶ୍ୟ—

କଲ୍ୟାଣ ବଙ୍ଗାଳ ବୁଣିଅଛି ସେ କଂସାରେ
ପରଷନ୍ତି ସଙ୍ଗେ ସଙ୍ଗେ ଭଜା ତରକାରେ ।
ଯେ ଯାହା ଇଚ୍ଛା କରନ୍ତି ସେ ତାହା ପାଆନ୍ତି
ଲୋଭୀ ପେଟ ଲୋକେ ସେ ଲୋଭେଣ ଖାଉଥାନ୍ତି ।

ଶୁଣ୍ଡି ସ୍ୱାଇଁଙ୍କ ପରଜ ଓ ଯୋଦ୍ଧାଙ୍କ ବାଜୁଆଳ ମାଦକଦ୍ରବ୍ୟ ଖାଇ ମତୁଆଳ ହେଲେ ।

ମାହୁନ୍ତ ଯାଇ ଘୋଡ଼ାର ପିଠିରେ ଯେ ବସି
ହାତୀ ପିଠିରେ ସେ ବାଜୁଆଳ ବସେ ଆସି ।
ଆନନ୍ଦ ହୋଇଣ ସେ ଡାକନ୍ତି ସୁଖ ପାଇ
ଅଯୋଧ୍ୟା ନଗ୍ରକୁ ଅଛି ଅନ୍ୟ କେବା କାହିଁ । (ଅଯୋଧ୍ୟାକାଣ୍ଡ)

ଅଭ୍ୟର୍ଥନାଠାରୁ ହେଉଛନ୍ତି ଶେଷରେ ଯାନ, ବନ୍ଧୁଆ, ଅତର, ଚନ୍ଦନ ଦେଇ ବିଦାୟ ପର୍ଯ୍ୟନ୍ତ ସବୁ ସ୍ତର ନିଜ ବର୍ଣ୍ଣନା କରି ଓଡ଼ିଶାର ଏହି ପ୍ରାଚୀନ ପରମ୍ପରାର ଏକ ସୁନ୍ଦର ଚିତ୍ର ଦେଇଛନ୍ତି । ଖାଦ୍ୟର ବହୁମୂଲ୍ୟତା ଓ ସଂଖ୍ୟାର ବହୁଳତା, ବିଭିନ୍ନତା ଏବଂ ଲୋକୋତ୍ତୀର୍ଣ୍ଣ ସ୍ୱାଦୁତା ଓ ଅର୍ଜିତ ପ୍ରଚୁରତାର ପରିଚୟ ଦେଉଛି । ଏହି ଖାଦ୍ୟ ବର୍ତ୍ତମାନ କିୟଦଂଶରେ ପୁରୀ ଜଗନ୍ନାଥ ମନ୍ଦିରରେ ଚଳୁଥିବା ଦେଖାଯାଏ ।

ଯୁଦ୍ଧ—ଉତ୍ତରକାଣ୍ଡରେ ଦେବାସୁର ଯୁଦ୍ଧ ଲେଖିବା ସ୍ଥଳରେ କବି ଭୟାନକ ରସ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ରାବଣ ସ୍ୱର୍ଗପୁରକୁ ଧାଇଁ ଦେବା ପରେ ଦେବ ଓ ଅସୁରମାନଙ୍କ ବଳ ସମ୍ମୁଖସମରରେ ଅବତୀର୍ଣ୍ଣ ହେଲେ । ଅସୁର ସେନା ସ୍ୱର୍ଗରେ ମହାବିପ୍ଳବ ସୃଷ୍ଟି କଲେ,

ଯଜ୍ଞ ଧ୍ୱଂସ କଲେ, ଶୁଦ୍ଧ ପଦାର୍ଥ ଦୂର କଲେ, ମେଣ୍ଢା ମଣ୍ଡପ ଦେଉଳମାନଙ୍କୁ ଭାଙ୍ଗିଲେ । ଯେ ସବୁ ବେଦରେ ପଢ଼ିଲେ ତାଙ୍କୁ ଧରି ମାରିଲେ । ଅସୁରସୈନ୍ୟ ସ୍ୱର୍ଗରେ ନାନା ଅସ୍ତ୍ର ଧରି ଅନର୍ଗଳ ଗର୍ଜନ କରି ଭୀଷଣ କୋଳାହଳ ସୃଷ୍ଟି କଲେ ।

ଏମନ୍ତ ସମସ୍ତେ ମିଳିଲେ ଦେବ ଇନ୍ଦ୍ର
ଦେବ ଦାନବଙ୍କର ହୋଇ ବାଜିଲା ଯୁଦ୍ଧ ।
ମାର ମାର ବୋଲି ଇନ୍ଦ୍ର ଧାଇଁଲେକ ରୋଷେ
ଦେଖିଣ ଦଇତ ବଳ ପଳାଇଲେ ବେଗେ ।
କୋପେଣ ପରସନ୍ତେ ଭାଙ୍ଗି ପଳାଇଲେ ପୁଣି
ରଥ ଧୁଆଁଇଣ ସେ ଧାଇଁଲା ବଜ୍ରପାଣି ।
ସୁରଗଣଙ୍କ ମୁଖେ ଦଇତେ ପଡ଼ିଲେ
ଦେଖିଣ ବଜ୍ରଧରଣ ତାହାଙ୍କୁ ମାଇଲେ ।
ଜମ୍ଭ ଯୁଦ୍ଧ ଆରମ୍ଭିଲେ ନମୁଚିଗଣ ।
ଝଡ଼ିଲେ ଶର ନାରାଚ ପେଷିଲେ ଘନଘନ ।
ରଣଗୋଳ ଧନ୍ଦୋଳ ବାଜିଲା ଦୁଇ ଦଳ
ପାଶ୍ୱେ ନ ଜାଣନ୍ତି ସେ ସମର ମହାଗୋଳ ।
ଖଣ୍ଡ ଖଣ୍ଡ କରେ ଯେ ଶୁଭିଲା ଘୋର ନାଦ
ହିକଟାଳ ବେଢ଼ାଇଣ ବାଜନ୍ତି ରଣ ବାଦ୍ୟ ।
ଦେବେ ଦାନବେ ହୋଇଲେ ମିଶାମିଶି
ଧାଇଁ ଧରାଧରି ମରାମରି ଘଷାଦନ୍ତି ।
ଶସ୍ତ୍ରେ ଶସ୍ତ୍ର ବାଜିଣ ଝୁଅଇ ସବଜାଳ,
ପଡ଼ୁଛି ଦେହକୁ ବାହାରଇ ଘର୍ମଝାଳ ।
ଏକକୁ ଆରେକ କେହି ନ ଚିହ୍ନନ୍ତି ପାଶ୍ୱେ
ଏମନ୍ତେ ତୋଳନ୍ତି ଯେ ଶଙ୍ଖ ଘଣ୍ଟ ଘାଏ ।
ରକତ ସମୁଦ୍ର ଯେ ବହିଲା ସୁରପୁରେ
ମହା କୁଣ୍ଡଲୁଣ୍ଡ ଯେ ପଡ଼ିଲେ ଜଳସ୍ରୋତେ ।

ତେଜ ତଳକୁ ଅନେକ ବଳ ଚାପି ମଲେ
ରଥ ଗଜ ଅଶ୍ୱ ସେ ଅନେକ ଖଣ୍ଡିଗଲେ । (ଲ: କା:)

ଗୋଳନ୍ଦାଜର ଛବିଟି ଜୀବନ୍ତ ହୋଇଛି । ଶତ୍ରୁକୁ ଫାଶି ଘେରି ନ ଯୁଦ୍ଧ କରିବା କୌଶଳ ଏଥିରେ ସୂଚିତ ହୋଇଛି । ଘୋର ସମର ସମୟରେ ରଣବାଦ୍ୟ ବାଜୁଥିବା ପ୍ରସଙ୍ଗରୁ ସୈନ୍ୟମାନଙ୍କୁ ଉତ୍ସାହିତ କରିବାପାଇଁ ଏହି ବ୍ୟବସ୍ଥା ହୋଇଥିବା ଜଣାଯାଏ । ସନ୍ଧ୍ୟା ସମୟରେ ଯୁଦ୍ଧପଣ 'ମିଶାମିଶି' ଅବସ୍ଥାରେ ଯୁଦ୍ଧର ଗତି ଓ ଅବସ୍ଥା କବି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଉଭୟ ପକ୍ଷ ସମକକ୍ଷରେ ବଳିଷ୍ଠ ଥିବା ସ୍ଥଳରେ ହିଁ ଏହି ଶ୍ରେଣୀର ଯୁଦ୍ଧ ସମ୍ଭବ ।

କବି ରାମାୟଣର ବହୁ ସ୍ଥାନରେ ଯୁଦ୍ଧର ବହୁ ଚିତ୍ର ଦେଇଛନ୍ତି । ରାମ-ରାବଣ ଯୁଦ୍ଧ ପ୍ରସଙ୍ଗରେ ଲଙ୍କାରେ ଉଭୟ ପକ୍ଷ ସୈନ୍ୟସମାବେଶର ପରିପାଟୀ, ଲଙ୍କାଗଡ଼ର ରକ୍ଷା ବ୍ୟବସ୍ଥାର ସୂକ୍ଷ୍ମ ବର୍ଣ୍ଣନା, ଉଭୟ ପକ୍ଷର ଯୁଦ୍ଧକୌଶଳ କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ଯୁଦ୍ଧରେ ବ୍ୟବହୃତ ହେଉଥିବା ବହୁ ଅସ୍ତ୍ରଶସ୍ତ୍ରର ନାମ ଓ ବ୍ୟବହାର ଉକ୍ତ ବହୁ ସ୍ଥଳରେ ଦିଆଯାଇଛି ।

ଦ୍ୱନ୍ଦ୍ୱସମର, ଗୋଳଯୁଦ୍ଧ, ମଲ୍ଲଯୁଦ୍ଧ, ମାୟାଯୁଦ୍ଧ, ଜାଲିଯୁଦ୍ଧ, ରଥଯୁଦ୍ଧ ପ୍ରଭୃତି ବହୁପ୍ରକାର ଯୁଦ୍ଧର ବର୍ଣ୍ଣନା ବଳରାମ ଦାସ ଦେଇଛନ୍ତି । ଏଥିରେ ସେ ଭୟାନକ ରସସୃଷ୍ଟି କରିପାରିଛନ୍ତି ।

ଏହି ଯୁଦ୍ଧରେ ଅସୁରସେନା ଭାଙ୍ଗି ପଳାଇବାରୁ ରାବଣର ପୁତ୍ର ମେଘନାଦ ସେମାନଙ୍କୁ ଏକାଠି ପୁନର୍ବାର ଯୁଦ୍ଧ କରିବା ପାଇଁ ଉତ୍ସାହିତ କଲେ—

ସୈନ୍ୟଙ୍କୁ ବୋଇଲେ, ରେ ମୋର ପଛେ ଥାଅ
ନିଶ୍ଚିନ୍ତ ହୋଇଣ ସଙ୍ଗ୍ରାମକୁ ନ ପଳାଅ ।
ଲଙ୍କାଗଡ଼ ଭୂମିର ଅଟଇ କେତେ ଦୂର
ଘରେ ଯାଇ ନ ପାରିବ ଖାଦେ ଖୁରେ ଘର । (ଲ: କା:)

ପରନ୍ତୁ ଯୁଦ୍ଧ ଦେଖିଲେ ଶତ୍ରୁ ହାତରେ ମରଣ ସୁନିଶ୍ଚିତ; କାରଣ ସ୍ୱଦେଶ ବହୁ ଦୂରରେ ଥିବାରୁ ନିରାପଦରେ ଫେରିଯିବା ସମ୍ଭବ ନୁହେଁ । ଏହି ବାସ୍ତବ କାରଣଟି ସମର-କୌଶଳ ଅନ୍ତର୍ଭୁକ୍ତ; ସେନାପତି ସମୟ ଓ ସ୍ଥାନର ଅବସ୍ଥା ଅନୁସାରେ ସୈନ୍ୟମାନଙ୍କୁ ବିବିଧ ଉପାୟରେ ସଙ୍ଗଠନ କରନ୍ତି । ମେଘନାଦ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି । ପଦାତିକ ଶ୍ରେଣୀବଦ୍ଧ ସୈନ୍ୟ ପୁଣି ସେନାପତିଙ୍କ ନେତୃତ୍ୱରେ ଅଟଳ ହୋଇଛନ୍ତି ।

**ଅସ୍ତ୍ରଶସ୍ତ୍ରମାନଙ୍କର ନାମ**—ବଳରାମ ଦାସ ଗ୍ରନ୍ଥର ବିଭିନ୍ନ ସ୍ଥଳରେ ବହୁ ଅସ୍ତ୍ରଶସ୍ତ୍ରମାନଙ୍କର ନାମ ଦେଇଛନ୍ତି । ଏମାନଙ୍କ ଭିତରୁ ବ୍ରହ୍ମାସ୍ତ୍ର, ପାଶୁପତାସ୍ତ୍ର, ନାରାୟଣାସ୍ତ୍ର ପ୍ରଧାନ । ଶସ୍ତ୍ରବିଦ୍ୟାରେ ଜୟା ଓ ବିଜୟା ଏ ଦୁଇ ମନ୍ତ୍ର ସାର । ଏହି ମନ୍ତ୍ରରେ ଅଭିମନ୍ତ୍ରିତ କରି ଶର ପେଶିଲେ ଅବ୍ୟର୍ଥ ହୁଏ ।

ବ୍ରହ୍ମାଙ୍କର ବ୍ରହ୍ମାସ୍ତ୍ର, ବିଷ୍ଣୁଙ୍କର ନାରାୟଣାସ୍ତ୍ର, ଶିବଙ୍କ ପାଶୁପତାସ୍ତ୍ର । ଆଉ କେତେକ ବାଣର ନାମ ଦେଇଛନ୍ତି; ଯଥା:—ଶୂଳ, ଗରୁଡ଼, ପନ୍ନଗ, କାଳପାଶ, ଶମନ, ମୋହନ, ସୋମକାନ୍ତ, ସୂର୍ଯ୍ୟକାନ୍ତ, ନାଗବନ୍ଧନ, ଶୋଷଣ, ସୂର୍ଯ୍ୟଖଣ୍ଡ, ଖାଣ୍ଡଣୀ, କାଳାନଳ, ଚକ୍ର, ବଜ୍ରମୁନା, ପତ୍ରଧାର, ଚନ୍ଦ୍ରଶାଳା, ତ୍ରିଶୂଳ, କୁନ୍ତ, ଯଷ୍ଟି, ତୋମର, ମନଭେଦୀ ଇତ୍ୟାଦି । ଗଦା—କୌମୋଦକୀ ଗଦା, କାଳଦଣ୍ଡ, ଦୈତ୍ୟମୋଦକ ଗଦା, ଅକସ୍ମ ଗଦା । ପାଶ—ବ୍ରହ୍ମପାଶ, କାଳପାଶ, ନାଗପାଶ, ଜଳପାଶ ।

**ଗୁହକଙ୍କ ଅନୁଚର ସଜ୍ଜା ସାଜ**—ଗୁହକ (ଗୁହକ) ନାମର ଗଙ୍ଗାନଦୀ କୂଳ ନିକଟସ୍ଥ ଶୃଙ୍ଗବେରପୁରର ରାଜା । ସେ ନିଜର ସୈନ୍ୟସାମନ୍ତଙ୍କୁ ଧରି ଜାତୀୟ ବେଶରେ ଶ୍ରୀରାମଙ୍କୁ ଦର୍ଶନ କଲେ । ଗୁହକ ଓ ତାଙ୍କର ଅନୁଚରମାନଙ୍କ ଜାତୀୟ ବେଶଭୂଷଣ ବର୍ଣ୍ଣନା କବି ଚମତ୍କାର ଭାବରେ କରିଛନ୍ତି ଏବଂ ଏହାକୁ ଜୀବନ୍ତ କରିବାରେ ସମର୍ଥ ହୋଇଛନ୍ତି ।

ଏମାନଙ୍କର ବେଶ 'ବିଚିତ୍ର' । କାହା କର୍ଣ୍ଣରେ ତାଡ଼, ଶଙ୍ଖ ଖଣ୍ଡି ବନ୍ଧାଥି, ଲଲାଟରେ ଗୁଞ୍ଜାମାଳ ବନ୍ଧା । କେହି ବାହାରେ ଜଟା ବାନ୍ଧିଛନ୍ତି ତ

କେହୁ ମୁଣ୍ଡରେ ଟୋପା ପାଗଡ଼ି । କାହା କଣ୍ଠରେ ମନ୍ଦାର ଫୁଲ୍ ଶୋଭାପାଉଛି । କିଏ ବା ଶୁଖାକଖ କାଶିକଣ୍ଢ଼ି ମାଳମାଳ କରି କଟିରେ ବାନ୍ଧିଛି । ଆଉ କାହା ଅଙ୍ଗରେ ଘଣ୍ଟମାଳ ଧ୍ୱନ କରୁଛି । କାହାର ଚରଣରେ ପାଉଁଜି ବନ୍ଧା ହୋଇ ଶବ୍ଦ କରୁଛି । କାହାର କେଶ ଖାଙ୍କର, ଆଖି ଉମାଡ଼ିଆ ହୋଇଥିବାରୁ ଭୟଙ୍କର ଦେଖାଯାଉଛନ୍ତି । କାହାର ନଖ ଅନ୍ୟର ଦେହରେ ଲାଗୁଛି । କଳ୍ପୁର, ରଙ୍ଗମାଟି, ଇଟାମାଟିରେ ଦେହକୁ ରଙ୍ଗେଇଛନ୍ତି । ଘିଅ ତେଲ ସରସର ହୋଇ କାହା ମୁଣ୍ଡରେ ଲାଗିଛି । କାହାର କାନ୍ଧାର ଝୁଡ଼ା ଝୁଲା ଯାଉଛନ୍ତି ।

କେହୁ ଲଣ୍ଠା ଚୂଡ଼ିଆଳ ହୋଇଥାଏ ଯାଏ
ହାତଭଙ୍ଗା ଡାଳକୁ ଯେ ଝୁଲିଣ ଦୋଳାଏ ।
ଧାମଣା ନାଠର କେହୁ କରିଣ କୋଦଣ୍ଡ
ଗୋଖୁରମ ତୂଣୀ ଯେ ନାହାଳ ବେକ ଦଣ୍ଡ ।
ଏକ କରେ କୁଠାର କେ ଧନୁ କରେ ବେନ
କେ କରେ ବେନ ଅଙ୍କୁଶ ଲୁଣ୍ଠି ଡାଳ ବେନ ।
ମୁଷଳ ମୁଦ୍‌ଗର ଶର ଯାଠିକ ପ୍ରହାର
ପିଜଳ ନିଶାଣ କେହୁ କୁକୁଡ଼ିକୁ ଧରି ।
ଅସ୍ଥାଘ ମେଖଳା କେହୁ ହିଁକିଣି ବନ୍ଧନ୍ତି
ତୁଣୀରକୁ କାଣ୍ଡେକ ବାଢ଼ିଣ ପକାନ୍ତି ।
କାଶିତିଣ ଜଗଇ କେ ବାଟେ ଯାଉ ଯାଉ
ମାରମାର ବୋଲି କେ ଯୁଦ୍ଧନ୍ତି ଧାଉଁ ଧାଉଁ । (ଅଯୋଧ୍ୟାକାଣ୍ଡ)

ବନବାସୀର କେଶ ପ୍ରସାଧନ, ବେଶ, ଅଳଙ୍କାର, ଖଣ୍ଡା, ଯୁଦ୍ଧବେଶ, ଯାହା ବା ଶୋଭାଯାତ୍ରାର ଗଣ୍ଡ ସମ୍ମୁଖରେ ବଡ଼ ସୁନ୍ଦର ବର୍ଣ୍ଣନାଟିଏ ଦେଇଛନ୍ତି । ଏପରି ଏତେ ଜୀବନ୍ତ ହୋଇଛି ଯେ ମନେ ହେଉଛି ଆଜେ ସେପରି ଶୋଭାଯାତ୍ରାଟି ଆମ ଆଖି ଆଗରେ ଝୁଲୁଯାଉଛି ।

ବନବାସୀ ସମ୍ପ୍ରଦାୟ ନାଗରିକଙ୍କ ପଦ୍ଧତି ତୁଳନାରେ ଧନ, ସମ୍ପତ୍ତି, ପ୍ରସାଧନ ସରଞ୍ଜାମ ପ୍ରଭୃତି ବେଶି ଅନୁନ୍ନତ ଥିବାରୁ ସେମାନଙ୍କୁ 'ମ୍ଲେଚ୍ଛ' ଓ 'ଅପଗତ' ବେଶଧାରୀ ବୋଲି କହି ଲେଖିଥିବା ସମ୍ଭବ । ଗୋଷ୍ଠଧର୍ମୀର ଭୂଷ ଓ ନାହାଳ ଏବଂ ମାଂସକୁ ଖଣ୍ଡ ଖଣ୍ଡ କରି ପୋଡ଼ି ଖାଉଥିବା ଯୋଗୁଁ ଏମାନଙ୍କୁ 'ମ୍ଲେଚ୍ଛ' କହୁଥିବା ମଧ୍ୟ ସମ୍ଭବ । ଏହିମାନେ ହିଁ ଶ୍ରୀରାମଙ୍କର ଅତି ପ୍ରିୟପାତ୍ର ହୋଇ ପାରିଥିଲେ । ଗୁହକ ଓ ତାଙ୍କ ଅନୁଚରମାନଙ୍କର ସରଳ ପ୍ରାକୃତିକ ଜୀବନ ଓ ନିଷ୍କପଟ ହୃଦୟର ଜୀବନ୍ତ ବର୍ଣ୍ଣନା କରି କବି ଏହାକୁ ଆଦର୍ଶ ରୂପରେ ଅତି ଉଚ୍ଚ ସ୍ଥାନ ଦେଇଥିବା ମନେ ହୁଏ । ରାମ ରାଜା ହେବା ପରେ ଅଶ୍ୱମେଧଯଜ୍ଞ ସମୟରେ ଗୁହକଙ୍କୁ ଅତି ସମ୍ମାନଜନକ ସ୍ଥାନ ଅର୍ପଣ କରିଥିଲେ । ଏହି ସରଳ ବନବାସୀଙ୍କ ପ୍ରତି କବି ସହାନୁଭୂତିଶୀଳ ଥିବା ଏଥିରୁ ସୂଚିତ ହେଉଛି ।

**ନୀତିବାକ୍ୟ**—ବଳରାମ ରାମାୟଣରେ ସହସ୍ରାଧିକ ନୀତିବାକ୍ୟ ଦେଇଛନ୍ତି । ସେଗୁଡ଼ିକ ହୃଦୟସ୍ପର୍ଶୀ ଓ ବାସ୍ତବମୂଳକ ହୋଇଛି । ମାନବ ଜୀବନର ବହୁ ଅନୁଭବ ସମ୍ପର୍କରେ କବିଙ୍କ ଅଭିଜ୍ଞତା ଥିବାରୁ ନୀତିବାକ୍ୟଗୁଡ଼ିକ ସମାଜର ବାସ୍ତବ ରୂପକୁ ସ୍ପର୍ଶ କରିଛି ।

(୧) ଦୁଷ୍ଟ ଲୋକଙ୍କୁ ଉପକାର କଲେ ପାଇ ହାଣି । (ଯୁ: କା:)

(୨) ତମ୍ବାର କଳଙ୍କ ଯାଏ ଅମ୍ଳିକାରେ ଧାଇ
ମନ୍ଦ ଲୋକକୁ ହିଁ ତ କେବେହେଁ ଭଲ ନୋହି !
ଶତ୍ରୁ ଲୋକଙ୍କୁ ଯେ ଦେବ ନ କରିବ ମାୟା
ମାୟା ପାଇ ସେ କରିବ ତାର ନିଜ କାୟା ।
ଖଳ ଲୋକଙ୍କୁ ପାଞ୍ଚମି କରି ହୁଅନ୍ତି ତାଣି
ଭୟ ଦେଖାଇଲେ ସେ କହନ୍ତି ମଧୁବାଣୀ । (ଯୁ: କା:)

(୩) ସରଳା ବୃକ୍ଷ ରହିଲେ କଣ୍ଟ ରଖୁ ନାହିଁ
ଅକଣ୍ଟକ ରାଜ୍ୟ ସେ କରନ୍ତି ରଘୁନାର୍ଥେ । (ଲ: କା:)

(୪) କାହିଁ କାହିଁ ବୋଲନ୍ତି ଯେ ତହିଁ କେହୁ ନାହିଁ
ଦେବତାଏ ତରନ୍ତି ଯେ ସେ ନରକୁ ସୁହିଁ । (ଲ: କା:)

(୫) ଭଲ ଲୋକଙ୍କର ବୋଲକୁ ମୁଁ ଯତ କଲି
ଦେଖିଲି କଥାକୁ ମୁଁ ସେ ପ୍ରତୀତ ନଗଲି । (ଭୃ: କା:)
(୬) ଅତି ଦଧି ମନ୍ଥନ କଲେ କାଳକୂଟ ଜାତ । (ଭୃ: କା:)
(୭) ମୂର୍ଖ ଲୋକଙ୍କର ବେଷ୍ଟନ ଅଟଇ ଏମନ
ଘଣ୍ଟ ଛଥାମାନ କର୍ପା ସତ୍ତ୍ୱ ଭଦ୍ରନାନ । (ଭୃ: କା:)

## ଚରିତ୍ରଚିତ୍ରଣ

ରାମାୟଣରେ 'ସୀତାହରଣ ରାବଣମରଣ' ଘଟଣାବସ୍ତୁଟି ପ୍ରଧାନ ଏହାକୁ ପୁରାଣଟି ଦୁଃଖର କାହାଣୀ ହୋଇଛି । ମହାଭାରତ ମଧ୍ୟ ଦୁଃଖର କାହାଣୀ । ମହାଭାରତରେ ପଞ୍ଚପାଣ୍ଡବଙ୍କ ଦୁଃଖମୟ ଜୀବନ ଓ ରାମାୟଣରେ ରାମଙ୍କ ଦୁଃଖମୟ ଜୀବନ ମୁଖ୍ୟ ବିଷୟରୂପେ ବର୍ଣ୍ଣିତ ହୋଇଛି । ଦ୍ରୌପଦୀ ଓ ସୀତାଙ୍କ ପବିତ୍ର ତ୍ୟାଗମୟ ଜୀବନ ବିଷୟ ପାଠକର ମନୋଯୋଗ ଅଧିକାର କରିଛି । ନାରୀ ପ୍ରତି ଅପମାନ ଉଭୟ ପୁରାଣରେ ଅତ୍ୟାଚାରୀ ଓ ଦୁଷ୍ଟର ନିଧନର କାରଣ ହୋଇଛି । ଅଧର୍ମକୁ ଧ୍ୱଂସ କରି ଧର୍ମର ପ୍ରତିଷ୍ଠା ଏହି ପୁରାଣରେ ହୋଇଛି ।

ରାମାୟଣରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ବିଭୀଷଣ, ରାବଣ ପ୍ରଭୃତି ମୁଖ୍ୟ ପାତ୍ରପାତ୍ରୀ । ରାମଙ୍କ ଉପଯୁକ୍ତ ପ୍ରତିପକ୍ଷରୂପେ ରାବଣକୁ ଚିତ୍ରଣ କରିବା ପାଇଁ କବି ପ୍ରୟାସ କରିଛନ୍ତି । ରାମ ସାଧୁ, ରାବଣ ଦୁର୍ଜ୍ଜନ । ରାମ ରାଜ୍ୟହରା, ସୈନ୍ୟବଳହୀନ, ନିର୍ବାସିତ, ବନବାସୀ; କିନ୍ତୁ, ରାବଣ ସ୍ୱର୍ଣ୍ଣପୁରୀ ରାଜ୍ୟ, ଅଗଣ୍ୟ ସୈନ୍ୟ ଓ ମାୟାବଳର ଅଧିକାରୀ । ଉଭୟେ ମହାବଳଶାଳୀ ହେଲେ ମଧ୍ୟ ପରିସ୍ଥିତି ରାବଣର ବିପକ୍ଷରେ ରହିଥିଲା । କେବଳ ରାବଣର ପାପ ଓ ରାମଙ୍କ ଧର୍ମବଳ ରାବଣର ପରାଜୟ ଓ ନିଧନର କାରଣ ହୋଇଛି ।

ରାମାୟଣରେ ବିଧିନିର୍ଦ୍ଦେଶ ମୂଳରୁ ଶେଷ ପର୍ଯ୍ୟନ୍ତ ରହିଛି । ରାବଣର ଅତ୍ୟାଚାରରୁ ପୃଥିବୀକୁ ରକ୍ଷା କରିବା ନିମନ୍ତେ ଦେବତାମାନେ ବିଷ୍ଣୁଙ୍କୁ ରାମ ରୂପେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବାକୁ ପ୍ରାର୍ଥନା କରିଥିଲେ । 'ସୀତାହରଣ ରାବଣମରଣ' ମଧ୍ୟ ବିଧିନିର୍ଦ୍ଦେଶିତ ଥିଲା । ଅନ୍ତ୍ୟରେ ବିଧି କାର୍ଯ୍ୟ କରି ଦୁଷ୍ଟ

ନିବାରଣରେ ସହାୟକ ହେଉଥିଲେ ମଧ୍ୟ ରାମଙ୍କୁ ବ୍ୟକ୍ତିଗତ ଚେଷ୍ଟା କରିବାକୁ ପଡ଼ୁଛି; ସେ ଅନେକ ପରିଶ୍ରମ କରିଛନ୍ତି ଏବଂ ଅଶେଷ ଦୁଃଖ ସହ୍ୟ କରିଛନ୍ତି ।

ରାମ ବିଷ୍ଣୁଙ୍କ ଅବତାର ରୂପେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ କୃଷ୍ଣଙ୍କ ଭଳି ସ୍ୱ ସତ୍ତା ଅନୁଭବ କରିନାହାନ୍ତି । କୃଷ୍ଣ ବହୁ ଦୁଷ୍ଟଙ୍କ ନିଧନ ଅନାୟାସରେ ସମ୍ପନ୍ନ କରିପାରିଛନ୍ତି ଏବଂ ନିଜକୁ ବିଷ୍ଣୁ ବୋଲି ପରିଚୟ ଦେଇଛନ୍ତି । ରାମଙ୍କୁ ଅନ୍ୟମାନେ ବିଷ୍ଣୁ ବୋଲି ବାରଂବାର ସୂଚାଇ ଦେଉଥିଲେ ସ୍ୱୟଂ ରାମ ନିଜକୁ ବିଷ୍ଣୁ ବୋଲି ସ୍ୱୀକାର କରିନାହାନ୍ତି । ସେ ସାଧାରଣ ମନୁଷ୍ୟ ସ୍ୱଭାବରେ ଲୀଳା କରିଛନ୍ତି । ତାଙ୍କର ମହନୀୟ ଚରିତ ମାନବର ଯୁଗେ ଯୁଗେ ଆଦର୍ଶ ହୋଇ ରହିଛି ।

ବଳରାମ ଦାସ ରାମାୟଣରେ ଏହି ବିଷୟକୁ ରୂପ ଦେବାରେ ବହୁ ଅଂଶରେ କୃତକାର୍ଯ୍ୟ ହୋଇଛନ୍ତି । ବାଲ୍ମୀକିଙ୍କ ରାମ ଗାମ୍ଭୀର୍ଯ୍ୟ, ମର୍ଯ୍ୟାଦା, ଔଚିତ୍ୟଜ୍ଞାନ ପ୍ରଭୃତି ସଦ୍‌ଗୁଣାବଳୀର ଜୀବନ୍ତ ମୂର୍ତ୍ତି । ବଳରାମ ଦାସଙ୍କ ରାମ ଏହି ସ୍ତରକୁ ଉନ୍ନୀତ ହୋଇପାରି ନାହାନ୍ତି । ମାନବ ପ୍ରକୃତିର ଦୁର୍ବଳତା ତାଙ୍କୁ ବେଳେବେଳେ ତଳକୁ ଟାଣି ନେଇଛି ।

ସୀତା, କୌଶଲ୍ୟା, ଲକ୍ଷ୍ମଣ ପ୍ରଭୃତିଙ୍କ ଚରିତ୍ରଚିତ୍ରଣରେ ବାଲ୍ମୀକି ଯେଉଁ ଉଚ୍ଚସ୍ତରର ଚିତ୍ର ସୃଷ୍ଟି କରିଛନ୍ତି ଦାସେ ସେତେ ଉଚ୍ଚକୁ ଉଠିପାରି ନାହାନ୍ତି ।

ଦାସଙ୍କ ଚରିତ୍ରଚିତ୍ରଣରେ ସାଧାରଣ ମାନବର ସୁଖ-ଦୁଃଖ, ଭାବ-ଅଭାବ, ଦୋଷ-ଗୁଣ ସବୁ ସାଧାରଣ ସ୍ତରର କିମ୍ବା ତାହାଠାରୁ କିଛି ଉଚ୍ଚ ଶ୍ରେଣୀର ହୋଇଛି । ଚରିତ୍ରଚିତ୍ରଣରେ ଉଚ୍ଚ ଆଦର୍ଶ ସ୍ତରରେ ଯଦ୍ୟପି ଦାସଙ୍କ କଳ୍ପନାଶକ୍ତି ବିଚରଣ କରିପାରି ନାହିଁ । ଏହା ସତ୍ତ୍ୱେ ସେ ଯେଉଁ ମୂର୍ତ୍ତିଗୁଡ଼ିକ ଚିତ୍ରଣ କରିଛନ୍ତି ସେଗୁଡ଼ିକ ଯେ ଜୀବନ୍ତ ହୋଇଛି, ଏଥିରେ ସନ୍ଦେହ ନାହିଁ ।

ରାମ—ଦୁଷ୍ଟ ନିବାରଣ ତଥା ସଜ୍ଜନଙ୍କର ପାଳନ କରିବା ନିମନ୍ତେ ମର୍ତ୍ତ୍ୟରେ ବିଷ୍ଣୁଙ୍କ ଅବତାର ରୂପେ ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ । ସେ

ହେଲେ ତାହା ଜାଣି ନଥିଲେ ମଧ୍ୟ ବିଷ୍ଣୁଙ୍କ ଶକ୍ତି ତାଙ୍କଠାରେ ଥିଲା । ସେହି ଜନ୍ମ ହେବାକ୍ଷଣି ଜନ୍ମଭୂମିର ମୁଖ ଉଜ୍ଜ୍ୱଳ ହୋଇଗଲା, ସବୁ କ୍ଷେତ୍ରରେ ସର୍ବୋଦୟ ଦେଖାଗଲା । ସାରଳା ରାମଙ୍କ ବାଲ୍ୟଜୀବନରେ ମଧ୍ୟ ବାଲ୍ୟସୁଲଭ ଚପଳତାକୁ ସ୍ପଷ୍ଟଭାବରେ ଦେଖାଇ ନାହାନ୍ତି; ବରଂ ତାର ଗାମ୍ଭୀର୍ଯ୍ୟ ରକ୍ଷା ପାଇଁ ସେ ମୂଳରୁ ଚେଷ୍ଟା କରିଛନ୍ତି ।

ରାମଙ୍କ ଯୁବରାଜାଭିଷେକ ଓ ବନବାସ ପ୍ରସଙ୍ଗରେ ମଧ୍ୟ ରାମଙ୍କ ଚରିତ୍ରକୁ ଟିକିଏ ନୁଆଁଣିଆ କରିଦେଇଛନ୍ତି । ବାଲ୍ମୀକିଙ୍କ ରାମଙ୍କ ଗାମ୍ଭୀର୍ଯ୍ୟ, ଦୃଢ଼ତା ତ୍ୟାଗର ଆଦର୍ଶ ଓ ଉଦ୍ଦୀପନ ଦାସଙ୍କ ରାମଙ୍କଠାରେ ପୂର୍ଣ୍ଣଭାବରେ ଦେଖାଯାଏ ନାହିଁ । ରାମ ନିଜ ପାଇଁ ମଧ୍ୟ ବ୍ୟାକୁଳ ହୋଇଛନ୍ତି । ବାଲ୍ମୀକିଙ୍କ ରାମ ରଘୁକୁଳର ମାନରକ୍ଷା, ପିତାଙ୍କ ସତ୍ୟରକ୍ଷା ପାଇଁ ନିଜେ ଅଶେଷ ଦୁଃଖ ସ୍ୱତଃପ୍ରବୃତ୍ତ ହୋଇ ବରଣ କରିଛନ୍ତି । ନିଜେ ଧୈର୍ଯ୍ୟର ପ୍ରତିମୂର୍ତ୍ତି ରୂପେ ଦଣ୍ଡାୟମାନ ହୋଇ ତ୍ୟାଗପୂତ ନିର୍ମଳ ଜୀବନର ପରିଚୟ ଦେଇଛନ୍ତି ।

ସୀତାଙ୍କୁ ରାବଣ ହରଣ କରି ନେଲା ପରେ ରାମଙ୍କ ଚିତ୍ତବିଭ୍ରମ ଓ ଲକ୍ଷ୍ମଣଙ୍କ ପ୍ରତି କଠୋର ଉକ୍ତି ଦାସଙ୍କ ରାମାୟଣରେ ଦେଖାଯାଏ । ଏହା ରାମଙ୍କ ମହନୀୟ ଚରିତ୍ରର ଅନୁରୂପ ହୋଇନାହିଁ ।

ଗର୍ଭବତୀ ସୀତାଙ୍କୁ ତ୍ୟାଗ କରି ବନବାସ କରାଇବା ପ୍ରସଙ୍ଗ ରାମ-ଚରିତ୍ରର ଏକ କଳଙ୍କ । ସେ ଲୋକାପବାଦକୁ ଅଯଥା ଗୁରୁତ୍ୱ ଦେଇ ଅଜ୍ଞ ଲୋକମାନଙ୍କର ଏବଂ ସାମ୍ରାଜ୍ୟ ସନ୍ତୁଷ୍ଟ କରିବାପାଇଁ ସେ ଏହା କଲେ ସେମାନଙ୍କର ମଧ୍ୟ ବିଶ୍ୱାସଭାଜନ ହୋଇଥିଲେ । ଏହି ପ୍ରସଙ୍ଗରେ ରାମଙ୍କ ଚରିତ୍ର ମଧ୍ୟ ଟିକିଏ ମଳିନ ହୋଇଯାଇଛି । ବାଲ୍ମୀକି ଆଶ୍ରମରୁ ସୀତା ଫେରି ଆସିବା ପରେ ପ୍ରଥମ ଦର୍ଶନରେ ରାମଚନ୍ଦ୍ରଙ୍କ ମନରେ କାମ ବାସନାର ଉଦ୍ରେକ ହୋଇଥିବା ଦାସେ ଲେଖିଛନ୍ତି । ସେହି ପରିସ୍ଥିତିରେ ରାମଚନ୍ଦ୍ର ରାଜା ହେଲେ ମଧ୍ୟ ସୀତାଙ୍କ ପତି । ବିନା ଦୋଷରେ ଗର୍ଭବତୀ ନିଷ୍କଳଙ୍କା ସ୍ତ୍ରୀକୁ ନିଃସହାୟ ଅବସ୍ଥାରେ ବନକୁ ପ୍ରେରଣ କରିଥିବାରୁ ରାମ ନିଜକୁ ଦୋଷୀ ବୋଲି

ମନେନ କରୁଥିଲେ । ବହୁକାଳ ପରେ ସୀତା ଫେରି ଆସିଥିବାରୁ ରାମ ନିଜେ ନିଜ ଦୋଷର ଧକ୍କାକୁ ହୃଦୟରେ ଅନୁଭବ କରି ଅନୁତାପଜର୍ଜରିତ ହୋଇଥିବେ । ସ୍ତ୍ରୀ ସହିତ ମିଳନର ଆନନ୍ଦ ମଧ୍ୟ ତାଙ୍କ ହୃଦୟକୁ ଆନ୍ଦୋଳିତ କରିଥିବ । ଏହି ହର୍ଷ-ବିଷାଦ ଅବସ୍ଥାରେ କାମର ଭାବନାର ସ୍ଥାନ ନାହିଁ ।

ରାମ-ଅବତାରର ଉଦ୍ଦେଶ୍ୟ ରାବଣ ବଧରେ ପୂର୍ଣ୍ଣ ହୋଇଗଲା । ଏହିଠାରେ ହିଁ ରାମ-ଅବତାରର ଶେଷ । ଏହାପରେ ରାମରାଜ୍ୟର ପରିଚୟ ରାମଙ୍କ ଜୀବନର ଅବଶିଷ୍ଟ ଅଂଶରେ ମିଳେ ।

ବାଲ୍ମୀକି ରାମଙ୍କୁ ଆଦର୍ଶ ରାଜା-ଶାସକ ରୂପରେ ଚିତ୍ରଣ କରିଛନ୍ତି । ବଳରାମ ଦାସ ଏହି ମାର୍ଗକୁ ଅନୁସରଣ କରିଛନ୍ତି ଏବଂ ରାମରାଜ୍ୟର ଆଦର୍ଶ ଛବି ଫୁଟାଇ ପାରିଛନ୍ତି ।

**ଭରତ**—ଭରତ ରାମାୟଣର ଅନ୍ୟ ଏକ ତ୍ୟାଗମୂର୍ତ୍ତି । ସ୍ୱ ଗର୍ଭ-ଧାରିଣୀଙ୍କ ଅନ୍ୟାୟ ଆଚରଣ ଯୋଗୁଁ ରାମ ଓ ସୀତା ବହୁ ଦୁଃଖ ଭୋଗ କଲେ; ରାମ, ଲକ୍ଷ୍ମଣ ଓ ସୀତା ବନବାସ ଗଲେ; ପିତା ଏମାନଙ୍କ ବିରହରେ ପ୍ରାଣତ୍ୟାଗ କଲେ । ଭରତ ନ୍ୟାୟବନ୍ତ । ମାତାଙ୍କ କାର୍ଯ୍ୟକୁ ସେ ସମର୍ଥନ କରି ନାହାନ୍ତି । ପିତାଙ୍କ ମୃତ୍ୟୁ ପରେ ରାମଚନ୍ଦ୍ରଙ୍କୁ ସିଂହାସନର ପ୍ରକୃତ ଅଧିକାରୀ ମନେ ନ କରି ରାମଙ୍କ ପାଦୁକାକୁ ସିଂହାସନରେ ରଖି ରାମରାଜାଙ୍କ ପ୍ରତିନିଧି ସ୍ୱରୂପ ସେ ରାଜ୍ୟଶାସନ କରୁଥିଲେ । ଏ ଭଳି ଆଦର୍ଶ ଚରିତ୍ରଙ୍କ ଦୃଷ୍ଟାନ୍ତ ସଂସାରରେ ବିରଳ ।

**ଲକ୍ଷ୍ମଣ**—ରାମାୟଣରେ ଲକ୍ଷ୍ମଣଙ୍କ ଚରିତ୍ର ମଧ୍ୟ ଆଦର୍ଶସ୍ଥାନୀୟ । ଆଦର୍ଶ ଭ୍ରାତା ରୂପରେ ରାମଙ୍କର ସବୁପ୍ରକାର ଦୁଃଖରେ ସେ ସ୍ୱେଚ୍ଛାପ୍ରବୃତ୍ତ ହୋଇ ସାଥୀ ହୋଇଛନ୍ତି । ରାମଙ୍କ ବନବାସରେ ତାଙ୍କର ଯିବା ଆବଶ୍ୟକ ନଥିଲା, କିନ୍ତୁ ସେ ଶ୍ରୀରାମଙ୍କୁ ଅତି ସୁଖ ପାଉଥିବାରୁ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କ ସହିତ ବନକୁ ଗଲେ । ଚଉଦବର୍ଷ କାଳ ସେ କେବେ ଶୋଇନାହାନ୍ତି; ଅହରହ ରାମଙ୍କ ଭ୍ରାତା, ସେବକ ଓ ପ୍ରହରୀ ରୂପରେ ନିଜକୁ ନିୟୋଜିତ

ଚଳୁଛନ୍ତି । ରାମଙ୍କୁ ବହୁସ୍ଥଳରେ ସମୟୋପଯୋଗୀ ସଦୁପଦେଶ ଦେଇ ନିର୍ଭିକ, ନିରପେକ୍ଷ, ଜ୍ଞାନୀ ଓ ଉପଦେଷ୍ଟା ରୂପରେ ସେ ପରିଚିତ ହୋଇଛନ୍ତି । ରାମ ଓ ସୀତା ଉଭୟେ ତାଙ୍କୁ ପୂର୍ଣ୍ଣାଶ୍ରି ହୋଇ ବନରେ ଘରଦ୍ୱାର କରୁଥିଲେ ମଧ୍ୟ ସେ ରାମସୀତାଙ୍କୁ ତ୍ୟାଗ କରି ନାହାନ୍ତି; ନିଜର କର୍ତ୍ତବ୍ୟ ପାଳନରେ ମଧ୍ୟ ଅବହେଳା କରି ନାହାନ୍ତି । ଲକ୍ଷ୍ମଣ ରାମଙ୍କ ଆଜ୍ଞାପାଳନରେ ସର୍ବଦା ତତ୍ପର ରହି ତାଙ୍କର ପ୍ରକୃତ ଭ୍ରାତା ଓ ଭୃତ୍ୟର କାର୍ଯ୍ୟ କରିଛନ୍ତି । ଚଉଦବର୍ଷ ବନବାସ ଭିତରେ ସେ ମାତୃସ୍ଥାନୀୟା ସୀତାଙ୍କ ପୂର୍ଣ୍ଣ ରୂପ ଦେଖି ନାହାନ୍ତି; ସୀତାଙ୍କ ପାଦଯୁଗଳରେ କେବଳ ତାଙ୍କର ଦୃଷ୍ଟିକୁ ନିବଦ୍ଧ ରଖୁଥିଲେ ।

ସୀତାଙ୍କୁ ବନରେ ତ୍ୟାଗ କରିବା ପାଇଁ ଲକ୍ଷ୍ମଣଙ୍କୁ ରାମ ଆଦେଶ ଦେଇଥିଲେ । ଏହି କାର୍ଯ୍ୟଟି ଅତି ଅନ୍ୟାୟ ଓ ଅପ୍ରୀତିକର ହୋଇଥିଲେ ମଧ୍ୟ ଭ୍ରାତାଙ୍କ ଆଜ୍ଞା ପାଳନ କରିବାକୁ ସେ ପଶ୍ଚାଦ୍‌ପଦ ହୋଇ ନଥିଲେ । କୈକେୟୀଙ୍କୁ ଦଶରଥଙ୍କ ବରଦାନ ଫଳରେ ଯେଉଁ ବିଭ୍ରାଟ ସୃଷ୍ଟି ହେଲା ତାକୁ ବଳରାମ ଦାସଙ୍କ ଲକ୍ଷ୍ମଣ ଅନ୍ୟାୟ ଓ ଧର୍ମୀୟ ନୁହେଁ ବୋଲି ସ୍ପଷ୍ଟ ଭାବରେ ମତ ବ୍ୟକ୍ତ କରିଛନ୍ତି । କେବଳ ରାମଙ୍କ ପ୍ରବୋଧବାକ୍ୟ ହିଁ ତାଙ୍କୁ ସାନ୍ତ୍ୱନା ଦେଇଛି ।

ରାବଣ ସହିତ ଯୁଦ୍ଧରେ ଲକ୍ଷ୍ମଣ ଅତୁଳ ପରାକ୍ରମର ପରିଚୟ ଦେଇଛନ୍ତି । ତାଙ୍କ ଅମିତ ବିକ୍ରମ ଯୋଗୁଁ ଶତ୍ରୁର ବହୁଶକ୍ତି କ୍ଷୟ ହୋଇଛି; ରାମଙ୍କୁ ଜୟୀ କରିବାରେ ଏହା ବହୁତ ସାହାଯ୍ୟ କରିଛି ।

ଲକ୍ଷ୍ମଣ ତ୍ୟାଗର ମୂର୍ତ୍ତି । ସେ ମାନବ ସମାଜର ଚିରଦିନ ଆଦର୍ଶ ହୋଇ ରହିବେ ।

**ରାବଣ**—ରାବଣ ରାକ୍ଷସ କୁଳରେ ଜନ୍ମ ହେଲେ ମଧ୍ୟ ବୈଦିକ କ୍ରିୟାଦିରେ ତାଙ୍କର ବିଶ୍ୱାସ ଥିଲା । ସେ ପ୍ରତିଦିନ ପୂଜାହୋମାଦି କରୁଥିଲେ । ଶିବଦୁର୍ଗାଦିଙ୍କଠାରେ ତାଙ୍କର ଭକ୍ତି ଥିଲା, କିନ୍ତୁ ସ୍ୱ ବାହୁବଳରେ ଗର୍ବିତ

ହୋଇ ତ୍ରିଭୁବନର ଚକ୍ରବର୍ତ୍ତୀ ହୋଇଥିବା ପାଇଁ ବହୁ ରାଜାଙ୍କୁ ପରାସ୍ତ କରିଥିଲେ ଏବଂ ଇନ୍ଦ୍ରାଦି ଦେବତାମାନଙ୍କୁ ସ୍ୱ ସେବାରେ ନିଯୁକ୍ତ କରିଥିଲେ । ମଦାନ୍ଧ ହୋଇ ସେ ବହୁ ଅସହାୟ ସ୍ତ୍ରୀପୁରୁଷଙ୍କ ଉପରେ ଅତ୍ୟାଚାର କରିଥିଲେ । ଏକାଧିକ ପତିବ୍ରତା ରମଣୀଙ୍କୁ ବଳାତ୍କାରରେ ହରଣ କରି ସେମାନଙ୍କ ସତୀତ୍ୱ ନଷ୍ଟ କରିଥିଲେ । ତାଙ୍କର ଅତ୍ୟାଚାରରେ ତ୍ରିପୁରର ଲୋକଙ୍କୁ ଦୁଃଖରେ ଜୀବନଯାପନ କରିବାକୁ ପଡ଼ୁଥିଲା । ଇନ୍ଦ୍ରାଦି ଦେବତାମାନେ ମଧ୍ୟ ସର୍ବଦା ରାବଣ ଭୟରେ ଭୀତ ହୋଇ ପଡ଼ୁଥିଲେ ।

ରାବଣଙ୍କ ନିଧନ ନ ହେଲେ ତ୍ରିପୁରରେ ଶାନ୍ତି, ସତ୍ୟ, ନ୍ୟାୟ, ସଦାଚାରର ପ୍ରତିଷ୍ଠା ଅସମ୍ଭବ ମନେ ହେଉଥିଲା । ଦେବତାମାନେ ରାବଣଙ୍କ ନିଧନ ପାଇଁ ବିଷ୍ଣୁଙ୍କୁ ରାମ ଅବତାର ରୂପେ ଜନ୍ମଗ୍ରହଣ କରିବାପାଇଁ ପ୍ରାର୍ଥନା କରିଥିଲେ । ବିଷ୍ଣୁ ରାମରୂପରେ ଓ ଲକ୍ଷ୍ମୀ ସୀତାରୂପରେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିଥିଲେ । ସୀତାହରଣରେ ରାବଣଙ୍କ ମରଣ ବୀଜର ବିଧାନ ଥିଲା । ସୀତାହରଣ କରିବାରୁ ରାବଣଙ୍କର ମୃତ୍ୟୁ ହୋଇଥିଲା; ଫଳରେ ତ୍ରିପୁରରେ ଶାନ୍ତି ଫେରିଆସିଲା । ଲୋକେ ଆଶ୍ୱସ୍ତ ହୋଇଥିଲେ, ଦେବତାମାନଙ୍କ ମନରୁ ଭୟ ଦୂର ହୋଇଥିଲା ।

ରାବଣ ଅତ୍ୟାଚାରୀ ହେଲେ ମଧ୍ୟ ସ୍ୱଦେଶର ଓ ଜାତିର ଗୌରବ ପାଇଁ ସବୁବେଳେ ଚେଷ୍ଟିତ ଥିଲେ । ତାଙ୍କ ସମୟରେ ଲଙ୍କା ସ୍ୱର୍ଣ୍ଣପୁରରେ ପରିଣତ ହୋଇଥିଲା । ଇନ୍ଦ୍ର, କୁବେର ଓ ବରୁଣ ପ୍ରଭୃତି ତାଙ୍କର ସେବକ ରୂପେ ରହିଥିବାରୁ ସ୍ୱଦେଶରେ ଅର୍ଥର ଅନାଟନ ନଥିଲା । ସ୍ୱୟଂ ମୟ ସ୍ଥପତି କଳାସୃଷ୍ଟି ନଗରୀ ନିର୍ମାଣ କରିଥିଲେ । ରାବଣୋଦ୍ୟମରେ ରାକ୍ଷସକୁଳ ଜାତିର ଗୌରବ ପୂର୍ଣ୍ଣମାତ୍ରାରେ ଉପଭୋଗ କରିଥିଲେ । ନିଜେ ରାଜା ମଧ୍ୟ ଉଚ୍ଚ ଶିକ୍ଷିତ ଓ ଦାନୀ ଥିଲେ ।

ରାକ୍ଷସ ହେଲେ ମଧ୍ୟ ରାବଣଙ୍କର କୁଟୁମ୍ବରେ, ଅମାତ୍ୟ ଓ ସେବକମାନଙ୍କ ମଧ୍ୟରେ ତଥା ଲଙ୍କାପୁରର ଜନସାଧାରଣଙ୍କ ମଧ୍ୟରେ ବହୁ ଶିକ୍ଷିତ ଓ ଜ୍ଞାନୀ ବ୍ୟକ୍ତି ଥିଲେ । ରାବଣ ମଦାନ୍ଧ ଥିବାରୁ ସେମାନଙ୍କ ସତୁପଦେଶ ସେ ଆଦୌ ଗ୍ରହଣ

କରୁନଥିଲେ, ବିଶେଷତଃ ସୀତାହରଣ ସମ୍ପର୍କରେ ସେମାନଙ୍କର ସଦୁପଦେଶକୁ ଏକାବେଳକେ ଅଗ୍ରାହ୍ୟ କରିଥିଲେ । ବିଧିର ନିର୍ଦ୍ଦେଶାନୁସାରେ ଏହି ଦୁର୍ବୁଦ୍ଧି ତାଙ୍କର ନାଶ ହୋଇଥିଲା କହିଲେ ଚଳେ । ଏହା ହୋଇନଥିଲେ ସୀତାହରଣ ସମ୍ଭବ ହୋଇପାରି ନ ଥାଆନ୍ତା କି ଦେବକାର୍ଯ୍ୟ ସାଧିତ ହୋଇପାରି ନଥାନ୍ତା ।

ରାବଣ ଶାସକ ହିସାବରେ ସ୍ୱଦେଶରେ ସମ୍ମାନ ଅର୍ଜନ କରିଥିଲେ । ରାଜସଭାରେ ରାଜ୍ୟର ସବୁ ବିଷୟ ଆଲୋଚିତ ହେଉଥିଲା ଏବଂ ରାବଣ ସ୍ୱ ଇଚ୍ଛାନୁସାରେ ଉପଦେଶ ଗ୍ରହଣ କରୁଥିଲେ ।

ରାବଣଙ୍କ ପୁତ୍ରସ୍ନେହ ଅତି ଗଭୀର ଥିଲା । ପୁତ୍ରମାନଙ୍କ ମୃତ୍ୟୁରେ ତାଙ୍କର ଶୋକ ଏହାର ପ୍ରମାଣ ।

ରାବଣ ସଦ୍‌ଗୁଣ ଆଦି ବିଷୟରେ ବିରଳ ଥିବାରୁ ସେ ଶତ୍ରୁଙ୍କ ଉପଯୁକ୍ତ ପ୍ରତିପକ୍ଷ ହୋଇ ଦଣ୍ଡାସ୍ପଦ ହୋଇପାରିଥିଲେ । ତାଧୁନ ରାମଙ୍କର ଉପଯୁକ୍ତ ପ୍ରତିନାୟକ ରୂପେ ରାବଣକୁ କବି ଚିତ୍ରିତ କରିଛନ୍ତି ।

ବଳରାମ ଦାସ ରାବଣଙ୍କୁ ଶିକ୍ଷିତ, ନୈତିକ ରୂପେ ଚିତ୍ରଣ କରି ତାଙ୍କର ଅଭ୍ୟନ୍ତରର ମର୍ମନ୍ତୁଦ କାହାଣୀ ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ରାବଣଙ୍କ ପ୍ରତି ଉପଯୁକ୍ତ ଘୃଣାଭାବ ଜାଗ୍ରତ ହୋଇଛି ।

ବଳରାମ ଦାସ ବାଲ୍ମୀକିଙ୍କ ରାବଣର ଅନୁକରଣରେ ସ୍ୱ-ରାବଣକୁ ଗଠନ କରିଥିଲେ ମଧ୍ୟ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିପାରିଛନ୍ତି ।

କୌଶଲ୍ୟା, ହନୁମାନ ଓ ବିଭୀଷଣ ପ୍ରଭୃତିଙ୍କ ଚରିତ୍ର-ଚିତ୍ରଣ ମୂଳ-ରାମାୟଣର ଗ୍ରନ୍ଥରେ ହୋଇଥିଲେ ମଧ୍ୟ ମୂଳ ଆଦର୍ଶର ଶିକ୍ଷାଉପଦେଶକୁ ସେ ପରିହରି ପାରିନାହାନ୍ତି ।

**ସୀତା**—ସୀତା ରାମାୟଣର ଅନ୍ୟ ଏକ ବିଶିଷ୍ଟ ଚରିତ୍ର । ରାବଣ ବଧ ପାଇଁ ରାମାବତାର ହୋଇଥିବାରୁ ରାବଣବଧର କାରଣରୂପେ ସୀତା ଜନ୍ମଗ୍ରହଣ କରିଛନ୍ତି । 'ସୀତାହରଣ ରାବଣମରଣ' ରାମାୟଣର ବା ରାମାବତାରର ମୁଖ୍ୟ ବିଷୟ ଥିବାରୁ ସୀତାଙ୍କ ହରଣ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ବନବାସ, ମାୟାମୃଗ, ଶୂର୍ପଣଖା ପ୍ରଭୃତି ଘଟଣାତ୍ମକ ବିଷୟର ସୃଷ୍ଟି ହୋଇଛି ।

ସୀତା-ରାମଙ୍କ ଦୁଃଖଦାୟିନୀ ହିଁ ରାମାୟଣରେ ମୁଖ୍ୟ ବିଷୟ । ସୀତା ସତୀ ଓ ଆଦର୍ଶ ସ୍ତ୍ରୀ ସ୍ୱରୂପ ଜଗତରେ ପୂଜା ପାଉଛନ୍ତି ।

ରାଜକନ୍ୟା ଓ ରାଜବଧୂ ହୋଇ ମଧ୍ୟ ସେ ପତିବ୍ରତା ଧର୍ମ ପାଳନରେ ଅଶେଷ ଦୁଃଖ ସହ୍ୟ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ବନବାସ ବେଳେ ପତିଙ୍କ ଦୁଃଖରେ ସମଭାଗୀ ହେବା ଏବଂ ସହଧର୍ମିଣୀରୂପେ ସେବା କରିବା ନିମନ୍ତେ ସୀତା ସ୍ୱତଃପ୍ରବୃତ୍ତ ହୋଇ ରାମଙ୍କ ସହିତ ବନବାସ କରିଛନ୍ତି । ବନରେ ରାମ ଓ ରାମଙ୍କ ସେବା ଛଡ଼ା ତାଙ୍କ ମନକୁ ଅନ୍ୟ କୌଣସି ଚିନ୍ତା ଆକ୍ରମଣ କରିନାହିଁ । ବିଧିବଶରୁ ହେମମୃଗର ଲୋଭ ତାଙ୍କୁ ସାମୟିକ ବିଭ୍ରାନ୍ତିରେ ପକାଇଦେଇ 'ସୀତାହରଣ'ର ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ଯଦି ଏହି ପରିବେଶଟି ସୃଷ୍ଟି ହୋଇନଥାନ୍ତା ତେବେ ରାମଚରିତର ଗତି ଅନ୍ୟ ପ୍ରକାର ହୋଇଥାଆନ୍ତା । ରାବଣବଧ ପାଇଁ ମାର୍ଗପ୍ରସ୍ତୁତ ଦେବତାମାନେ ଆଗରୁ କରିସାରିଛନ୍ତି । ବିଧିବିଧାନକୁ ଅନ୍ୟଥା କରିବା ଶକ୍ତି ରାମ କିମ୍ବା ସୀତାଙ୍କର ନଥିଲା । କାରଣ, ରାମ ନିଜେ ସେ ବସ୍ତୁ ବୋଲି ଜାଣିନଥିଲେ । ହେମମୃଗ ପ୍ରସଙ୍ଗରେ ସୀତାଙ୍କର ଅସନ୍ତୁଷ୍ଟ ବସ୍ତୁର ଲୋଭ ତାଙ୍କର କ୍ଷଣିକ ବିବେକଶୂନ୍ୟତାର ପରିଚୟ ଦେଉଛି ଏବଂ ଏହି କାରଣରୁ ତାଙ୍କୁ ଅଧିକ କ୍ଲେଶ ଭୋଗ କରିବାକୁ ହୋଇଛି ।

ହେମମୃଗ ପ୍ରସଙ୍ଗରେ ଲକ୍ଷ୍ମଣ ପ୍ରତି ସୀତାଙ୍କର କଟୁବାକ୍ୟ ତାଙ୍କ ମହନୀୟ ଚରିତର ଏକ କଳଙ୍କ, ଏହା କ୍ଷଣିକ ସ୍ଖଳନ ମାତ୍ର ।

ଲଙ୍କାରେ ଅଶୋକବନରେ ରାବଣର ନିର୍ଯ୍ୟାତନା ସେ ଅକୁଣ୍ଠିତ ଚିତ୍ତରେ ରାମଗତପ୍ରାଣା ହୋଇ ସହ୍ୟ କରିଛନ୍ତି ।

ରାବଣନିଧନ ପରେ ସୀତାଙ୍କ ଅଗ୍ନିପରୀକ୍ଷା ତାଙ୍କର ଉଜ୍ଜ୍ୱଳ ଚରିତ୍ରର ଏକ ଅଲୌକିକ ମାନଦଣ୍ଡ । ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ, ମର୍ଯ୍ୟାଦାଜ୍ଞାନ, ପାତିବ୍ରତ୍ୟ ତାଙ୍କୁ ଅଗ୍ନିପରୀକ୍ଷା ଦେବାପାଇଁ ପ୍ରସ୍ତୁତ କରାଇଥିଲା । ଏହା ଦେବୀ ଲକ୍ଷ୍ମୀଙ୍କର ପରୀକ୍ଷା ହେଲେ ମଧ୍ୟ ଏହାର ପ୍ରଭାବ ସାଧାରଣ ଜୀବନରେ ଲୋକଚକ୍ଷୁରେ ଅତ୍ୟଧିକ । ଏହି ପରୀକ୍ଷା ମାନବପକ୍ଷେ ଅସମ୍ଭବ ହେଲେ ମଧ୍ୟ ପତିବ୍ରତା ନାରୀର ଆଦର୍ଶ ହୋଇ ରହିଛି ।

ଅଯୋଧ୍ୟାକୁ ଫେରିବା ପରେ ସୀତା ରାଣୀ ହୋଇ ମଧ୍ୟ ଆଦର୍ଶ ଗୃହିଣୀ ସ୍ୱରୂପ ରହିଥିଲେ । ସ୍ୱାମୀ, ଶାଶୁ, ସ୍ୱଜନ, ପରିଜନ ସମସ୍ତଙ୍କ ପ୍ରତି ଯଥୋଚିତ ବ୍ୟବହାର ଦେଖାଇଥିଲେ ।

ଅପଯଶ ଲୋକାପବାଦକୁ ଭୟ କରି ରାମ ସୀତାଙ୍କୁ ନିଷ୍ଠୁର ଭାବରେ ବନରେ ନିର୍ବାସନ କରାଇଥିଲେ ମଧ୍ୟ ସତୀ ସାଧ୍ୱୀ ପତ୍ନୀଙ୍କର ସ୍ୱାମୀଙ୍କ ପ୍ରତି କ୍ରୋଧ ନଥିଲା । ଅଯୋଧ୍ୟାକୁ ଫେରିଆସିଲେ ସକଳ ଦୁଃଖର ଅବସାନ ହେବ, ସେ ସୁଖରେ ରହିବେ, ଏହା କଥା କରାଇ ଦେଲାନାହିଁ । ସେ କରୁଣ ଭାବରେ ମର୍ଯ୍ୟାଦାମୟୀ ଇକ୍ଷ୍ୱାକୁଙ୍କ ଭୂଗର୍ଭରେ ଲୀନ ହୋଇ ଯାଇଥିଲେ ।

ରାମାୟଣରେ ସୀତାଙ୍କ ଚରିତ ସର୍ବାପେକ୍ଷା କରୁଣ । ଦେବୀ ହୋଇ ମାନବ ରୂପରେ ସେ ଅଶେଷ ଦୁଃଖ ନିର୍ଯାତନା ଅକାତରରେ ସହ୍ୟ କରିଛନ୍ତି, ତାଙ୍କର ତ୍ୟାଗ ଅତୁଳନୀୟ ଓ ଆଦର୍ଶସ୍ଥାନୀୟ ।

**ମନ୍ଥରା** —ରାମାୟଣରେ ମନ୍ଥରାର ଭୂମିକା ଅତି ପ୍ରଧାନ । ମନ୍ଥରା ନଥିଲେ ରାମଙ୍କ ବନବାସ ସମ୍ଭବ ହୋଇନଥାଆନ୍ତା କି ରାବଣବଧ ହୋଇନଥାନ୍ତା; ରାମାବତାରର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହୋଇପାରି ନଥାନ୍ତା ।

ମନ୍ଥରାକୁ ବାଲ୍ମୀକି କୈକେୟୀଙ୍କର ଜଣେ ଅପ୍ରିୟ ଓ କଷ୍ଟାଶୀ ସେବିକା ରୂପେ ବର୍ଣ୍ଣନା କରିଛନ୍ତି । ସେ ସେଇଁ ଅପ୍ରୀତିକର କାର୍ଯ୍ୟ କରିଛି ତା'ର ଉପଯୁକ୍ତ ହେବାଭଳି ଓ ଏକାରଣେ କାର୍ଯ୍ୟର ଉଚିତ ପ୍ରତିଫଳିତ ହେଲାଭଳି ଶରୀରର ଆକାର ସେ ପାଇଛି । ବାଲ୍ମୀକି ତାକୁ କୁବ୍‌ଜା କରିଛନ୍ତି । କୈକେୟୀଙ୍କ ପ୍ରତି କୁବ୍‌ଜା ମନ୍ଥରାର ଅତ୍ୟଧିକ ସ୍ନେହବଶରୁ ରାମ ରାଜା ହେଲେ କୈକେୟୀ ସପତ୍ନୀର ଅନୁଗ୍ରହ ଉପରେ ନିର୍ଭର କରିବେ, ତାଙ୍କ ପୁତ୍ର ଭରତ କୋଣ୍ଠ ହୋଇନଥିବାରୁ ରାଜା ହେବା କେବେ ସମ୍ଭବ ନୁହେଁ, ଏହି ଚିନ୍ତା ମନ୍ଥରାର ମନକୁ ଅସ୍ଥିର କରି ପକାଇଛି । ସେ ଶାନ୍ତଶୀଳା କୈକେୟୀଙ୍କ ମନରେ ସ୍ୱାର୍ଥପରତାର ଭାବଙ୍କ ଖେଳାଇ ଦେଇ ଅଂହଙ୍କାରଶୂନ୍ୟ କରାଇଦେଇଛି, ଫଳରେ ଦଶରଥଙ୍କ ସତ୍ୟରକ୍ଷା ପାଇଁ ରାମଙ୍କୁ ବନବାସ କରିବାକୁ ପଡ଼ିଛି ।

ବଳରାମ ଦାସ ମନ୍ଥରାର କାର୍ଯ୍ୟକଳାପ ପାଇଁ ତାକୁ ଦାୟୀ କରି-ନାହାନ୍ତି । ଦେବତାମାନେ ସ୍ତୁତି କରି ସ୍ୱର୍ଗରୁ ଖଳ ଓ ଚପଳକୁ ଅଯୋଧ୍ୟାକୁ

ଚେପିଲେ । ଖଳ କୈକେୟୀଙ୍କ ଦେହରେ ଓ ଦୁର୍ବଳ ଦଶରଥଙ୍କ ଦେହରେ ପଶିଲେ । ଦେବତାମାନଙ୍କ ରାବଣବଧ ଯୋଜନାର ଏକ ସାଧନ ସ୍ୱରୂପ ସ୍ୱର୍ଗର ସୁରଙ୍ଗୀ ମର୍ତ୍ତ୍ୟରେ ମନ୍ଥରା ରୂପ ଧାରଣ କରିଥିଲେ । ଦେବତାମାନଙ୍କ ନିର୍ଦ୍ଦେଶ ଓ କର୍ମତତ୍ପରତା ଯୋଗୁଁ ଏହି ଦୁର୍ଘଟଣାଟି ଘଟିବା ସମ୍ଭବ ହୋଇଛି । ମିଥିଳାରୁ ପୁତ୍ର ଓ ପୁତ୍ରବଧୂମାନଙ୍କୁ ସଙ୍ଗରେ ଧରି ଫେରିବା ପରେ ଦଶରଥ ରାମଙ୍କୁ ଯୁବରାଜ-ଅଭିଷେକ କରିବା ସ୍ଥିର କଲେ । ଦେବତାମାନଙ୍କ ଆଶଙ୍କା ହେଲା ରାମଚନ୍ଦ୍ର ରାଜା ହେଲେ ସେମାନଙ୍କ ଦୁଃଖର ଆଉ ଅବସାନ ହେବ ନାହିଁ ।

ନୃପତି ହୋଇଲେ ତ ରାବଣ ସେ ନ ମରିବ
ସୁରଗଣଙ୍କର ଆଉ କଷ୍ଟ ନ ସରିବ ।
ବନବାସ ନଗଲେ କାର୍ଯ୍ୟ ନ ହୋଇବ ସିଦ୍ଧ
ସୀତା ହରନେଲେ ରାବଣର ମୃତ୍ୟୁଭେଦ ।

ଏହି କାରଣରୁ ସ୍ୱର୍ଗର ସୁରଙ୍ଗୀ ମନ୍ଥରା ରୂପରେ, ଖଳ କୈକେୟୀ ରୂପରେ, ଦୁର୍ବଳ ଦଶରଥ ରୂପରେ ସ୍ୱ ସ୍ୱ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରି ଦେବତାମାନଙ୍କ ଉପକାର କରିଛନ୍ତି, ରାମାବତାର ସଫଳ ହୋଇଛି ।

ଦୈବର କାର୍ଯ୍ୟପ୍ରଣାଳୀ ଅପ୍ରତ୍ୟକ୍ଷ ରହିବାରୁ ଲୋକଚକ୍ଷୁରେ କୈକେୟୀ, ଦଶରଥ ଓ ମନ୍ଥରା କଦର୍ଯ୍ୟ ଦେଖାଯାଇଛନ୍ତି । ସମାଜରେ ମନ୍ଥରା ଅତି କଦର୍ଯ୍ୟ ନାରୀ, ଘରଭଙ୍ଗେଇ ରୂପରେ ପରିଚିତ ହୋଇଛନ୍ତି । କୈକେୟୀ ଅତି ସ୍ୱାର୍ଥପର, ଦଶରଥ ଅତି ଦୁର୍ବଳମନା ରୂପରେ ଦେଖା ଦେଇଛନ୍ତି ।

କିନ୍ତୁ କୁବ୍ଜା ରୂପର ଟୀକା ମଧ୍ୟ ଇନ୍ଦ୍ରଙ୍କ ମୁଖରେ ଶୁଣାଇଛନ୍ତି—

ଗୋସାଇଁ ସୁରଙ୍ଗୀକି ପେଷିଲ ଅଗୋଚର
ସେଥ ତହିଁ ଅଛଇ ସେ ମନ୍ଥରା ରୂପ ଧରି ।
ରାମଙ୍କର ରାଜ୍ୟସୁଖ ହରିବାର ହେତୁ
କୁବୁଜ କୁତ୍ସିତ ରୂପ ଧରି କୁଣ୍ଟକଲୁ ।
ଜନମ ହୋଇ ଯହୁଁ ଅଛଇ ତ ତହିଁ
ସ୍ୱଧାତା ବୋଲିଲେ ହେଲା ତାହାର ଦୋଷ ନାହିଁ ।

ଆମ୍ଭର ନିମନ୍ତେ ସେ ଯେ କଷ୍ଟ ଭୋଗ କଲା
ସେହି ଦଶଅ ଯେ ତାହାଙ୍କୁ ଅଜ୍ଞ୍ନ୍ୟା ବହୁଳ ! (ଅଯୋଧ୍ୟାକାଣ୍ଡ)

ଦେବତାମାନେ ମନ୍ଥରାରୂପୀ ସୁରସ୍ତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ମଧ୍ୟ ଲୋକସମାଜରେ ସେ ଘୃଣାର ପାତ୍ର ଏବଂ ସେହି ଦୋଷପଣ ହିଁ ଯୁଗେ ଯୁଗେ ଘରେ ଘରେ ପରିଚିତ ହୋଇ ଆସୁଅଛନ୍ତି ।

ମନ୍ଥରାର କଦର୍ଯ୍ୟ କାର୍ଯ୍ୟର ଅନୁରୂପ ରୂପ ସେ ପାଇଛି, ତାହାର କଦର୍ଯ୍ୟ ରୂପରେ ତା'ର କଦର୍ଯ୍ୟ ପ୍ରକୃତି ପ୍ରତିଫଳିତ ହୋଇଛି । ରୂପ ଓ କାର୍ଯ୍ୟ କଦର୍ଯ୍ୟ ଥିବା ବର୍ଣ୍ଣନା କରି ତାହା ପ୍ରତି ଘୃଣାଭାବ ଜାଗ୍ରତ କରାଇବା ହିଁ କବିଙ୍କ ଉଦ୍ଦେଶ୍ୟ । ମନ୍ଥରା ନଥିଲେ ରାମାୟଣ ନାହିଁ, ଏହି ପ୍ରାଧାନ୍ୟ ଦୃଷ୍ଟିରୁ ମନ୍ଥରାର ରୂପଗୁଣ ସହିତ ଅନ୍ୟ କେତେକ କଥା ବର୍ଣ୍ଣନା କରି ସମ୍ପୂର୍ଣ୍ଣ ଚରିତ୍ରଟିଏ ଦେଇଛନ୍ତି । ନିଜର ସ୍ୱାର୍ଥ କିଛି ନଥିଲେ ମଧ୍ୟ ସୁଖ ପାଉଥିବା ବ୍ୟକ୍ତିର ମଙ୍ଗଳ କାମନାରେ ସେ ଅଦ୍ଭୁତ କାଣ୍ଡ ଘଟାଇପାରିଛି, ଏହା ତାହାର କଳା କାର୍ଯ୍ୟ ଭିତରେ ଏକ ଧଳା ଚିହ୍ନ ।

ଘରରୁ ବାହାର ହୋଇ ନଗର ଘୁରିପଟ ମନ୍ଥରା ବୁଲି ଯାଉଥିଲା, ଭୁଣ୍ଡରେ ତାର ପାନ, ମଥାରେ ଫୁଲଖୋସା । ଲୋକଙ୍କୁ ଦେଖି ସେ ମୁରୁକି ହସା ଦେଉଥିଲା ।

ତୁଣ୍ଡେ ତାର ପାନ ଯେ ମଥାରେ ଫୁଲ ଖୋସା
ଲୋକଙ୍କୁ ଦେଖିଣ ସେ ଦିଅଇ ମୁରୁକିହସା ।
ଗାଲରେ ହଳଦୀ ଚୂନ ନୟନେ କଜ୍ଜ୍ୱଳ
ନାକ ଉଆଁସି ସେ କୁଜା ହସେ ଖିଲଖିଲ ।
ଶାଢ଼ୀର ଅଞ୍ଚଳ ତାର ଭୂମିରେ ଲୋଟଇ
ଫଟଫଟ ହୋଇ ଭୂମିରେ ଯାଉଁଥାଇ ।

ବେଳେ ବେଳେ ସେ ଦାନ୍ତ ବାହାଲଢ଼ା ମାରେ, ତା'ର କଳା ରୁଷୁଣ୍ଡି ଯାଏ । ଯିବାବେଳେ ଲୋକଙ୍କ ପାଖକୁ ହାତବୋଡ଼ି ଯାଏ । ଭ୍ରଷ୍ଟାଚାର ବଚନ କହେ, ଗୀତ ଗାଇ ଦୁଳଦୁଳି ଦିଏ, ପ୍ରତ୍ୟେକ ଘରେ ପଶେ ।

ରାମାଦି ଭ୍ରାତାମାନେ ବିବାହ ପରେ କନ୍ୟାମାନଙ୍କୁ ଧରି ମିଥିଳାରୁ ଫେରି ଅଯୋଧ୍ୟା ନଗରରେ ପ୍ରବେଶ ହେବାବେଳେ ରାମଚନ୍ଦ୍ର, ମନ୍ଥରାର ଏ ବିକଟ ବେଶ ଓ ଉଚ୍ଛୃଙ୍ଖଳ କାର୍ଯ୍ୟକଳାପ ଦେଖି କ୍ରୋଧରେ ତାକୁ ଗୋଇଠାଟିଏ ମାରିଥିଲେ । ସେତେବେଳେ ମନ୍ଥରା ରାମଙ୍କୁ କହିଥିଲା—

କୋପେ ମନ୍ଥରା ବୋଇଲା ମାଇଲୁ ତୁ ମୋତେ
ଏହାର ଯେ ଫଳ ଅନ୍ତଦିନେ ଦେବି ତୋତେ ।

ଏହି କଥା ମନ୍ଥରାର ମନରେ ଥାଏ । ରାମଙ୍କୁ ଯୁବରାଜ ବୋଲି ଦଶରଥ ଘୋଷଣା କରିବାବେଳେ ମନ୍ଥରା ଏହାର ପ୍ରତିଶୋଧ ନେଲା । ଏହା ମଧ୍ୟ ମନ୍ଥରାର କୁକାର୍ଯ୍ୟର ଏକ କାରଣ ଥିବା କବି ଦର୍ଶାଇଛନ୍ତି । ମନ୍ଥରାର ପ୍ରତିଶୋଧମୂଳକ ମନୋଭାବ ସହିତ କୈକେୟୀଙ୍କ ପ୍ରତି ତା'ର ସ୍ନେହଯୁକ୍ତ ହୋଇ ଏତେ ବଡ଼ କାଣ୍ଡ ଘଟାଇବାରେ ସମର୍ଥ ହେଲା ।

## ଅନ୍ୟାନ୍ୟ

**ଦେଶ-ସ୍ଥାନ ନିର୍ଦ୍ଦେଶ**—କବି ବହୁ ଦେଶ ଓ ନଗରର ନାମକରଣ କରିଛନ୍ତି । ଏମାନଙ୍କର ଭୌଗୋଳିକ ଅବସ୍ଥିତି ସମ୍ବନ୍ଧରେ ବିଶଦ ବିବରଣୀ ଦିଆଯାଇ ନଥିଲେ ମଧ୍ୟ ଅଯୋଧ୍ୟା, ମିଥିଳା, ଦଣ୍ଡକାରଣ୍ୟ, ଲଙ୍କା ପ୍ରଭୃତି ସ୍ଥାନର ଏଣ ପ୍ରକୃତ ସମ୍ପର୍କରେ ସ୍ପଷ୍ଟ ନିର୍ଭୁଲ ତଥ୍ୟ ଦେଇଥିବା ଜଣାଯାଏ । ଦୂରତା ସମ୍ପର୍କରେ ଯେଉଁସବୁ ବିବରଣୀ ମିଳୁଛି ତାହା ଉପରେ ନିର୍ଭର କରିହେବ ନାହିଁ । କେଉଁ କେଉଁ ସ୍ଥାନରେ ଦିନ ହିସାବରେ ବାଟର ଦୂରତ୍ୱ ଦେଇଛନ୍ତି । ଅଯୋଧ୍ୟାଠାରୁ ମିଥିଳା ନଗରୀ ପର୍ଯ୍ୟନ୍ତ ନଅ ଦିନର ବାଟ । ସୁଲୋଚନ ନଗର ମିଥିଳାଠାରୁ ପାଞ୍ଚ କୋଶ ଦୂର । ସୁଲୋଚନ ନଗରର ରାଜା କୁଶଧ୍ୱଜ ସୈନ୍ୟସାମନ୍ତ ଧରି ସଭାକୁ ବାହାରି ସନ୍ଧ୍ୟାରେ ମିଥିଳାରେ ପ୍ରବେଶ ହେଲେ । ବହୁସ୍ଥଳରେ କବି କାଳଗଣନା ପ୍ରୟୋଗ କରି ପହର ଦଣ୍ଡ ଏ ସମ୍ପର୍କରେ ବ୍ୟବହାର କରିଛନ୍ତି । କେତେ ବିବିଧ ରାଜ୍ୟର ନାମ ଉଲ୍ଲେଖ କରିଥିଲେ ମଧ୍ୟ ତାହାର ସଂଖ୍ୟା ବହୁତ ନୁହେଁ ।

**ଉତ୍କଳର ବିଭିନ୍ନ ସ୍ଥାନ ବର୍ଣ୍ଣନା**—ବଳରାମ ଦାସ ରାମାୟଣରେ ଉତ୍କଳର ବହୁ ପୁଣ୍ୟକ୍ଷେତ୍ର, ନଦୀ, ଦେବତା ପ୍ରଭୃତିଙ୍କର ବର୍ଣ୍ଣନା ଦେଇ

ତାଙ୍କର ଦେଶାତ୍ମବୋଧର ପରିଚୟ ଦେଇଛନ୍ତି । ସେ ଉତ୍କଳବାସୀ ଥିବାରୁ ସ୍ୱତନ୍ତ୍ର ରାମାୟଣରେ ପ୍ରଦେଶର କୀର୍ତ୍ତି ପରିଚୟ ଦେଖାଇବା ସମୀଚୀନ ମନେକରିଛନ୍ତି ।

ଶ୍ରୀ ଜଗନ୍ନାଥ କ୍ଷେତ୍ରର ଓ ଶ୍ରୀ ଜଗନ୍ନାଥଙ୍କର ବର୍ଣ୍ଣନା ଏକାଧିକ ସ୍ଥାନରେ କରିଛନ୍ତି । ଭୌଗୋଳିକ ଅବସ୍ଥିତିର ପରିଚୟ ମଧ୍ୟ ଦେଇଛନ୍ତି ।

ଅରଣ୍ୟକ କାଣ୍ଡରେ ରାମ, ଲକ୍ଷ୍ମଣ ଓ ସୀତା ଦଣ୍ଡକାରଣ୍ୟରେ ପ୍ରବେଶ ପୂର୍ବରୁ ନର୍ମ୍ମଦା ନଦୀକୂଳର ବନରେ କିଛିଦିନ ଅବସ୍ଥାନ କଲେ । ଏହାପରେ ସ୍ୱର୍ଣ୍ଣଭଦ୍ରା ନଦୀରେ ସ୍ନାନକଲେ । ଏହାପରେ ସୂର୍ଯ୍ୟର ତୀର୍ଥ (ଅର୍କ ତୀର୍ଥ, କୋଣାର୍କ)ରେ ପ୍ରବେଶ ହୋଇ ଚନ୍ଦ୍ରଭାଗାରେ ସ୍ନାନ କଲେ । ଏଠାରୁ ଦକ୍ଷିଣମୁଖି ହୋଇଯାଇ ବାଟରେ ରାମରୁଦ୍ରାକ୍ଷବଟ, ଚନ୍ଦ୍ରଭାଗା ସଙ୍ଗମସ୍ଥଳ (ସମୁଦ୍ର ତୀରରେ) କୁଳଇଚଣ୍ଡୀଙ୍କ ରାମଚଣ୍ଡୀ ନାମକରଣ, ବେଲେଶ୍ୱର ମହାଦେବ, ପାତାଳଚଣ୍ଡୀ, ଏକାମ୍ରବନ (ଦକ୍ଷିଣ କାଶୀ, ଭୁବନେଶ୍ୱର), ବିନ୍ଦୁସାଗର, ତପୋଭୂମା (ମହାକଣା), ବାଲୁକେଶ୍ୱର ମହାଦେବ, ବ୍ରହ୍ମେଶ୍ୱର ମହାଦେବ, ପୁଣ୍ୟଶିଳା, ନୀଳଗିରି, ସିଦ୍ଧେଶ୍ୱର ମହାଦେବ (ବୈଜନାଥ), ଋଷିକୁଲ୍ୟା, ଋଷିକୁଲ୍ୟା କୂଳରେ ଅସ୍ତେଶ୍ୱର ମହାଦେବ, କୁଳଇଚଣ୍ଡୀ (ରାମଚଣ୍ଡୀ), ଭଲ୍ଲୁକେଶ୍ୱର ମହାଦେବ, ରାମେଶ୍ୱର ମହାଦେବ ପ୍ରଭୃତିଙ୍କୁ ପୂଜା କରିଥିଲେ । ଓଡ଼ିଶାରେ ସେ ମାସାଧିକ କାଳ ଅବସ୍ଥାନ କରିଥିବା କଥା କହିଛନ୍ତି । ଓଡ଼ିଶାର ବହୁ ସ୍ଥାନ ରାମ, ସୀତା ଓ ଲକ୍ଷ୍ମଣଙ୍କ ପଦରଜ ପଡ଼ି ପବିତ୍ର ହୋଇଛି ଏବଂ ଏହାର ସ୍ମାରକ ସ୍ୱରୂପ ରାମପୂଜିତ, ରାମ ପ୍ରତିଷ୍ଠିତ ବହୁ ଦେବଦେବୀ ବର୍ତ୍ତମାନ ପୂଜା ଦେଖାଯାଉଛନ୍ତି ।

ଯାଜପୁରର ବିରଜାଙ୍କ ମାହାତ୍ମ୍ୟ ଓ ଏହି କ୍ଷେତ୍ରର ମହିମା ଏକାଧିକ ସ୍ଥାନରେ କବି ବ୍ୟକ୍ତ କରିଛନ୍ତି ।

ନୀଳଗିରିନାଥ ଜଗନ୍ନାଥଙ୍କୁ ସର୍ବଦେବତାର ମୂଳ ବୋଲି କହିଛନ୍ତି । ରାମ ଅର୍କକ୍ଷେତ୍ର, ଏକାମ୍ରକ୍ଷେତ୍ର, ନୀଳଗିରିରେ ଜଗନ୍ନାଥଙ୍କୁ ଦର୍ଶନ କରିଥିବା କଥାରୁ କବି ରାମଙ୍କଠାରୁ ଏମାନେ ପ୍ରାଚୀନ ବୋଲି ଦେଖାଇଛନ୍ତି ।

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଥିବା କଥା ବର୍ଣ୍ଣନା କରିଛନ୍ତି । ରାମ ନିଜେ ଜଗନ୍ନାଥ ହେବାର କଥା ଜାଣିପାରିଥିବା କଥା କହିଛନ୍ତି ।

ଚିତ୍ରୋତ୍ପଳା (ମହାନଦୀ ଓ ଏହାର ଶାଖା), ଚନ୍ଦ୍ରଭାଗା (କୋଣାର୍କ ନିକଟସ୍ଥ), ଋଷିକୁଲ୍ୟା, ବୈତରଣୀ ପ୍ରଭୃତି ପୁଣ୍ୟତୋୟା ନଦୀମାନଙ୍କ କୂଳେ କୂଳେ ବିବିଧ ଧର୍ମପୀଠର ଅବସ୍ଥିତି ବର୍ଣ୍ଣନା କରି ଏଗୁଡ଼ିକ ସ୍ଥାନମାନଙ୍କୁ ପୁଣ୍ୟସ୍ଥାନରୂପେ ବିବେଚିତ ହୋଇଥିବା କଥା ପ୍ରକାଶ କରିଛନ୍ତି ।

## କେତେକ ନାମର ଉତ୍ପତ୍ତି ପ୍ରସଙ୍ଗ

**ଶତ୍ରୁଘ୍ନଙ୍କ ଅନ୍ତ୍ରଲପେଟ**—ହରଧନୁ ଭଙ୍ଗ କରିବାକୁ ଶତ୍ରୁଘ୍ନ ମିଥିଳାପୁରକୁ ଯାଇଥିଲେ । ସେ ଅହଙ୍କାରରେ ଧନୁକୁ ଧରିବା ପାଇଁ ଚେଷ୍ଟାକଲେ । ହୁଁ କାର ଶବ୍ଦକରି ଧନୁକୁ ଓଟାରି ଆଣିବା ମାତ୍ରେ ସମ୍ଭାଳି-ନପାରି ଶବ୍ଦରେ ପଡ଼ିଗଲେ । ତାଙ୍କର ପେଟ ଓହ୍ଳାଇ ପଡ଼ିଲା, ଭୂମି ଲାଗିଗଲା ।

"ତେଣୁ ସେ ଅନ୍ତ୍ରଲପେଟ ହୋଇଲେ ଶତ୍ରୁଘ୍ନ ।" (ଆ.କାଣ୍ଡ)

**ଲବକୁଶ ନାମ**—ଉତ୍ତରକାଣ୍ଡରେ କବି କହିଛନ୍ତି ଯେ ଲବକୁଶଙ୍କ ନାମକରଣ ସମୟରେ ସୀତା ବାଲ୍ମୀକିଙ୍କୁ କହିଲେ ଯେ ସେ ଗର୍ଭବତୀ ହେବା ସମୟରେ କୁଶଳରେ ସୁତ ଜନ୍ମ ହେଲେ, କୁଶ ନାମ ଦେବ ବୋଲି ତାଙ୍କୁ ରାମ କହିଥିଲେ । ଏହି କାରଣରୁ ଜ୍ୟେଷ୍ଠର ନାମ କୁଶ ହେଲା । କନିଷ୍ଠର ଜନ୍ମ ସମୟରେ ବାଲ୍ମୀକି ଲବେ ଚିନ୍ତା କରିଥିବାରୁ ତାଙ୍କର ନାମ ଲବ ହେଲା ।

ଏପରି ଶରଯୂ, ଦୁଦ୍ରିନାପୁର, ଜଳଧିର ପ୍ରଭୃତି ବହୁ ନାମର ଉତ୍ପତ୍ତି ସମ୍ବନ୍ଧରେ କବି ନୂତନ ଓ କୌତୂହଳପୂର୍ଣ୍ଣ ବିବରଣମାନ ଦେଇଛନ୍ତି ।

## କେତେକ ଭାଷାଗତ ବୈଶିଷ୍ଟ୍ୟ

**(କ) ବିଭକ୍ତି ପ୍ରୟୋଗ**—ଗ୍ରନ୍ଥରେ କବି କେତେକ ବିଶିଷ୍ଟ ପ୍ରୟୋଗ କରିଛନ୍ତି । (୧) କବି ପ୍ରଥମା ବିଭକ୍ତି ବହୁବଚନରେ 'ଏ' ପ୍ରୟୋଗ କରିଛନ୍ତି; ଯଥା—ଦେବତାଏ, ଜଣାଏ, ପ୍ରଜାଏ ।

ଥିବର କଥାଏ ଗୃହ୍ୱ ଶୁଣସି ରାଜନ ! (ଉ. କା.)

(୨) ଦ୍ୱିତୀୟା ବହୁବଚନରେ 'ନ୍ତ' ପ୍ରୟୋଗ କରିଛନ୍ତି; ଯଥା—ଆମ୍ଭନ୍ତ, ପୁଅନ୍ତ, ତାହାନ୍ତ, ପରଜାନ୍ତ, ଦେବତାନ୍ତ ।

ଆମ୍ଭନ୍ତ ଅପୂର୍ବ ବେଶ ଯେ ହୋଇଲ ଗୋସାଇଁ । (ଉ: କା:)
ପରଜାନ୍ତ ପାଳିବୁ ତ ଏତ ଯତ୍ନ କରି । (ଉ: କା:)
ଦେବତାନ୍ତ ଧରିଣ ମୁଁ ଯୁଝେ ଯୁଗେ ଏବ । (ଉ: କା:)

(୩) ଦ୍ୱିତୀୟା ଓ ଚତୁର୍ଥୀ ଏକବଚନରେ 'କଇ' ପ୍ରୟୋଗ କରିଛନ୍ତି; ଯଥା—ଲକ୍ଷ୍ମୀକଇ, ଅମ୍ଭକଇ, ମଥିକଇଁ ଇତ୍ୟାଦି ।

(ଖ) **କ୍ରିୟା**—କ୍ରିୟାରେ କେତେକ ବୈଶିଷ୍ଟ୍ୟ ପ୍ରୟୋଗ କରିଛନ୍ତି ।

(୧) କ୍ରିୟାରେ ନିମିତ୍ତାର୍ଥରେ 'ତେ' ପ୍ରୟୋଗ କରିଛନ୍ତି; ଯଥା—ଛାଡ଼ିତେ, କରିତେ ଇତ୍ୟାଦି ।

ରାମ ଲକ୍ଷ୍ମଣ ଛାଡ଼ିତେ ତା ମନ ନଗଲା । (ଅ: ରା:)

'ତ' ପ୍ରୟୋଗ ମଧ୍ୟ ଦେଖାଯାଏ; ଯଥା—କରିତ, କହିତ ଇତ୍ୟାଦି ।

ରାମାୟଣ ଚରିତ କହିତ ହେମାବ୍ର ଇଚ୍ଛା । (ଉ: କା:)

(ଗ) **ଅନ୍ୟାନ୍ୟ ପ୍ରୟୋଗ**—(୧) ତୁମର୍ଥ ଅର୍ଥରେ କ୍ରିୟାରେ 'କ', 'ସି' ର ପ୍ରୟୋଗ; ଯଥା—କରିବାକ, ଶୁଣିସି ଇତ୍ୟାଦି ।

କ—ହେଲେ ଜଗମୋହନ କରିବାକ ମୋତେ ଇଚ୍ଛା । (ଉ: କା:)
ଲେଉଟନ୍ତେ ଅବଶ୍ୟ ପାଇବ ଜଳଫଳ । (ଉ: କା:)
ସି—ଅବର କଥାଏ ଶୁଣ ଶୁଣିସି ସୁଜନ । (ଉ: କା:)
ଅଙ୍କୁରିଲ ବୋଲନ୍ତି ଜନ୍ୟା ଶୁଣିସି ପିଅର । (ଉ: କା:)

(୨) ଜିସ ଜିସ—ଯେଉଁ ଯେଉଁ ସ୍ଥାନରେ ଜିସ ଜିସ—

ଜିସ ଜିସ ଆଜ୍ଞା ଦେବୁ ତାହା ମୁଁ କରିବ । (ଉ: କା:)

(୩) ନୃପତ୍ୟ—ଦଶପାଞ୍ଚ ହେଲେ ସୂର୍ଯ୍ୟବଂଶ ବେଶ ନୃପତ୍ୟ । (ଅ: ରା:)

ବଳରାମ ଦାସ ଗ୍ରନ୍ଥମାନଙ୍କରେ ବହୁ ପ୍ରାଚୀନ ଓଡ଼ିଆ ଶବ୍ଦ ବ୍ୟବହାର କରିଛନ୍ତି; ଯଥା—ଷଣ୍ଡ, ଲୁହସି, କହ୍ନନଦା, ପାଇବାଉ, ବଡ଼େହିଁ, କହଣା, ଘଣଘାଇ । ଏହି ପ୍ରକାର ପ୍ରାଚୀନ ଶବ୍ଦ ଅନ୍ୟାନ୍ୟ କବିମାନଙ୍କର ଲେଖାରେ ମଧ୍ୟ ଦେଖାଯାଏ ।

## ବୃତ୍ତ

(କ) ବୃତ୍ତରେ ଅକ୍ଷର ନିୟମ :—ବଳରାମ ଦାସଙ୍କ ରାମାୟଣର ଛନ୍ଦ ବା ରାଗ—ମଙ୍ଗଳ; ଦୁଇ ପାଦରେ ଏକ ପଦ; ପ୍ରତ୍ୟେକ ପଦରେ ୧୪ (ଚଉଦ)ଟି ଅକ୍ଷର । ସାଧାରଣତଃ ୮ ଓ ୧୪ ଅକ୍ଷର ଉପରେ ଯତିପାତ ।

ଏହି ରାମାୟଣଟି ମଙ୍ଗଳ ରାଗରେ ରଚିତ ହୋଇଥିଲେ ମଧ୍ୟ କେତେକ ପ୍ରାଚୀନ ତାଳପତ୍ର ପୋଥିରେ କେତେକ ପଦ ସମାନ ଅକ୍ଷରବିଶିଷ୍ଟ ନଥିବା ଦେଖାଯାଏ । ଗାୟକକଣ୍ଠରେ ପାଠ କରିବା ଭଙ୍ଗୀ ଅନୁସାରେ ପାଠର ସୁବିଧାନୁଯାୟୀ ଏପରି ବ୍ୟତିକ୍ରମ ହୋଇଥିବା ସମ୍ଭବ । ମଙ୍ଗଳ ରାଗର ଯତିପାତ ଉପରେ ବିଶେଷ ଦୃଷ୍ଟି ରହୁନଥିବାପରି ଦେଖାଯାଏ । ଏହା ପାଠଭଙ୍ଗୀର ଫଳ । ୧୨ ଠାରୁ ୧୭ ପର୍ଯ୍ୟନ୍ତ ଅକ୍ଷର ଥିବା କେତେକ ପାଦ 'ପ୍ରବନ୍ଧାବଳୀ'ରେ ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ପ୍ରାଚୀନ ତାଳପତ୍ର ପୋଥିରୁ ଉଦ୍ଧାର କରିଛନ୍ତି ।

ନୋହିଲେ ଏ ଶଙ୍କ ଲୁହନ ସମ୍ପୂର୍ତ୍ତି । (୧୨)
ତେଣୁ ସେ ମୋର ବ୍ୟାକୁଳ ହୁଅଇ ମନ ॥ (୧୩)
ଚଉଦ ଭୁବନେ ତୁ ଗୋ ଇଚ୍ଛାପୁରେ ଥାଉ । (୧୪)
ସମ୍ପିକ ତୋ ମନ ଚର୍ଚ୍ଚିକ ତୁ ଥାଇ ॥ (୧୨)
ଏ ପଦବାଣ୍ଡି ସେ ସତା-ଜନ୍ମ ସମ୍ପୂର୍ତ୍ତି । (୧୩)
ଜଗନ୍ମୋହନ ରାମାୟଣ ଅଟଇ ଏହାର ନାମ ॥ (୧୭)

ଏପରି ଛନ୍ଦରେ ବ୍ୟତିକ୍ରମ ଶାରଳାଦାସଙ୍କ ମହାଭାରତରେ ମଧ୍ୟ ଦେଖାଯାଏ । ଶାରଳାଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ଏକ ପ୍ରକାର ଭଙ୍ଗୀରେ ପୁରାଣପଣ୍ଡାମାନେ ପାଠ କରିଆନ୍ତି । ଶାରଳାଦାସଙ୍କ ମହାଭାରତ ପୁରାଣ ପାଠରେ ଯେଉଁ ଭଙ୍ଗୀ ସୃଷ୍ଟି କରି ଜନମନକୁ ମୁଗ୍ଧ କରିପାରିଥିଲା ବଳରାମ ଦାସ ସେହି ଭଙ୍ଗୀକୁ ରକ୍ଷା କରିବା ଉଦ୍ଦେଶ୍ୟରେ ତାହାର ଅନୁକରଣ କରିଛନ୍ତି । ଓଡ଼ିଶାର ମଙ୍ଗଳ ରାଗରେ ଲିଖିତ ପୁରାଣର

ସଂଖ୍ୟା ବେଶି । ଏହି କାରଣରୁ ଏଥିଯୋଗୁ ମୂଳ-ପାଠ ବେଳେ ପାଠକମାନେ ଭକ୍ତି ଅନୁସାରେ ପଦପାତ କରିଥାଆନ୍ତି ।

(ଖ) **ଉପଧା ମିଳନ:**—ବଳରାମ ଦାସଙ୍କ ରାମାୟଣ ଗ୍ରନ୍ଥରେ ଉପଧା ମିଳନକୁ ମୁଖ୍ୟସ୍ଥାନରେ ଗ୍ରହଣ କରିନଥିଲେ ମଧ୍ୟ କେତେକ ସ୍ଥାନରେ ଏହାର ଦୃଷ୍ଟାନ୍ତ ଦେଖାଯାଏ ।

କେ ବୋଲଇ କାହାର ତନୟ ଏ ଦେନ
ହରି ହର ଅଇଲେକି ମନୁଷ୍ୟ ଦେହ ଘେନ ।
ନୃପତିଗଣେ ଦେଖି ମନେ ଅନୁକୂଳ
ମଧ୍ୟନ ମେଳରେ କି ପ୍ରବେଶ ସିଂହ କୁଆ ।
କନକଗିରିର ପାଶେ ଅଛନ୍ତି ସ୍ଥିର ହୋଇ
ଚନ୍ଦ୍ର ସୂର୍ଯ୍ୟ କି ପୃଥ୍ବୀ ଶୁଭ ଯୋଗ । ଇତ୍ୟାଦି । X

ପୁଣି—ପାଟସୂତା ସଙ୍ଗେ ନେଇ ମିଶାଇଲି ପଟ
ଦେବତା ବ୍ରାହ୍ମଣ ମୁଁ ସମ କଲି ନଷ୍ଟ ।
ଲବଙ୍ଗ କର୍ପୂର କଲି ଏକ ସମ
ଚନ୍ଦନକାଠ ସଙ୍ଗକୁ କଲି ଫଟିକ ସଙ୍ଗେ ସମ ।
କାଚ ହେମସଙ୍ଗ କଲଇଁ ଏକ ସରି
ଗଜଗଜ ସାଙ୍ଗରେ ମୁକ୍ତା ସମ କରି ।
ପାନ ପାଲଟାଇ ଅଣ୍ଡପଟ୍ଟ ଅଣାଇ
ଗୋଷ୍ଠଙ୍କ ସଙ୍ଗେ ନେଇ ପୁତୁଳିକା ଗଢ଼ଇ । ଇତ୍ୟାଦି ।

ଆଧୁନିକ ଯୁଗରେ ବହୁ କବି ଉପଧାମିଳନ ରକ୍ଷାକରି କବିତା ଲେଖି ଯଶସ୍ୱୀ ହୋଇଛନ୍ତି । ଉପଧାମିଳନ ସମ୍ବନ୍ଧରେ ପ୍ରାଚୀନ କବି ବଳରାମ ଯେ ଅଭିଜ୍ଞ ଥିଲେ ତାହା ଏଥିରୁ ଜଣାଯାଉଛି । ଦାସେ ଏଥିରେ ଅଗ୍ରଗାମୀ ।

(ଗ) **ଦାଣ୍ଡିବୃତ୍ତ:**—ଦାସଙ୍କ ରାମାୟଣ ଛନ୍ଦକୁ ଦାଣ୍ଡିବୃତ୍ତ ବୋଲି କେହି କେହି କହନ୍ତି ଏବଂ ସେହି କାରଣରୁ ଏହାକୁ ଦାଣ୍ଡି ରାମାୟଣ ବୋଲି ମଧ୍ୟ କୁହାଯାଏ । ପଣ୍ଡିତ ଗୋବିନ୍ଦ ରଥ ଏ ରାମାୟଣକୁ ଦାଣ୍ଡିବୃତ୍ତରେ

ପ୍ରକାଶ କଲାବେଳେ ଆଦିକାଣ୍ଡର ମୁଖବନ୍ଧରେ ( ଖ୍ରୀ: ୧୯୧୬ ରେ ) ଲେଖିଛନ୍ତି—"ବଳରାମ ଦାସ ଦଣ୍ଡି ମାତ୍ର ବୃତ୍ତ ନ କରି ଅକ୍ଷରମ ପରିଶ୍ରମ ଦ୍ୱାରା ଏକ ଦାଣ୍ଡିରେ ଲେଖିଥିବାରୁ 'ଦାଣ୍ଡିରାମାୟଣ' ବୋଲି ଏହାର ନାମକରଣ କରିଅଛନ୍ତି ।" ଦାଣ୍ଡି (ଦଣ୍ଡକ) ବୃତ୍ତ ଆଦ୍ୟନ୍ତ ଢଙ୍ଗରେ ଏ ଗ୍ରନ୍ଥଟି ଲେଖା ହୋଇଥିବାରୁ ଏହାର ନାମ ଦାଣ୍ଡିରାମାୟଣ ବୋଲି ମଧ୍ୟ କେହି କେହି କହନ୍ତି । ଦାଣ୍ଡିବୃତ୍ତରେ ଶାରଳା ଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ରାମାୟଣ ଲେଖା । ଏଥିରେ ପ୍ରତ୍ୟେକ ଧାଡ଼ିରେ ଚଉଦ ଅକ୍ଷର ରହିବା ନିୟମକୁ ଗ୍ରହଣ କରାଯାଇ ଥିଲେ ମଧ୍ୟ ସ୍ଥଳ ଅନୁଯାୟୀ ଏଥିର ବ୍ୟତିକ୍ରମ ଦେଖାଯାଏ । ମହାଭାରତ କିମ୍ବା ରାମାୟଣ ଦାଣ୍ଡିବୃତ୍ତରେ ପଢ଼ିଲାବେଳେ ବଡ଼ ଭଲ ଲାଗେ । ଏ ବୃତ୍ତ ପୁରାଣପାଠର ଏକ ବିଶିଷ୍ଟ ଶୈଳୀ ବୋଲିବାକୁ ହେବ । ମୁଦ୍ରିତ ବହି ସଂସ୍କରଣରେ ଏ ବୃତ୍ତକୁ ଅସ୍ପୃଷ୍ଟ ନ ରଖି ପ୍ରକାଶକଗୋଷ୍ଠୀମାନେ ନିଜ ଇଚ୍ଛାନୁସାରେ ୧୪-ଅକ୍ଷର ନିୟମକୁ ବଳବତ୍ତର ରଖିବାକୁ ଯାଇ ଛନ୍ଦକୁ ବିକଳାଙ୍ଗ କରିଛନ୍ତି ବୋଲି ମନେ ହୁଏ । ଦାଣ୍ଡିବୃତ୍ତର ଚମତ୍କାରିତା ହେଉଛି, ସେ ବୃତ୍ତର ମାଧୁର୍ଯ୍ୟ ରକ୍ଷା କରି ଗ୍ରନ୍ଥପାଠ ଆରମ୍ଭ କଲେ ଶେଷ ନ କରି ରହି ହୁଏ ନାହିଁ ।

## ଉପସଂହାର

'ମାଧ୍ୱୀ' ବଳରାମ ଦାସ:—ଜଗମୋହନ ରାମାୟଣର ବଳରାମ ଦାସ ମହାପାତ୍ର ସୋମନାଥ ଦାସଙ୍କ ପୁତ୍ର ରୂପେ ସ୍ୱକୀୟ ପରିଚୟ । ସେ ବହୁ ସ୍ଥାନରେ ନିଜକୁ ଶୂଦ୍ର ବୋଲି ପରିଚିତ କରାଇଛନ୍ତି । ବଳରାମ ଦାସ ନାମଧାରୀ ଜଣେ କେହି କବି ଭଣିତା ଶେଷରେ "କବି ବଳରାମ ଦାସ ପଶିଲା ଶରଣ" ବୋଲି ଆଦିକାଣ୍ଡ ଶେଷରେ ଦୁଇ ପଦ ଯୋଡ଼ି ଦେଇଛନ୍ତି । ଏହା କଟକର କାତ୍ୟାୟନୀ ପୁସ୍ତକାଳୟ ପ୍ରକାଶିତ ରାମାୟଣରେ ଦେଖାଯାଏ ।

"ଅନୁଭକ୍ତି ଅଧିକ ଏ ଅଟେ ସୁଧାରସ
ଗୀତରେ ଭଣିଲେ କବି ବଳରାମ ଦାସ ।

ନୀଳଗିରି ଜଗନ୍ନାଥ ଶ୍ରୀପଦ୍ମ ଚରଣ
ବିପ୍ର ବଳରାମ ଦାସ ପଶିଲା ଶରଣ ।”

(ଅଧ୍ୟା: ଡା: ନିତ୍ୟାନନ୍ଦ ସୁ ପ୍ରକାଶଙ୍କ ସଂସ୍କରଣ)

ପ୍ରଥମ ବଳରାମଦାସ ଭକ୍ତ କବି । ଦ୍ୱିତୀୟ ‘ବିପ୍ର’ ବଳରାମ ଦାସ ମାହାତ୍ମ୍ୟପରେ ଅବତୀର୍ଣ୍ଣ ହୋଇ ଉତ୍ତର କବିତ୍ୱ ଦାବି କରିଛନ୍ତି । ଏଥିପର କେତେକ ପ୍ରକ୍ଷିପ୍ତ ଅଂଶଦ୍ୱାରା ଆଲୋଚନାର ଗତି ସରଳ ଓ ସ୍ପଷ୍ଟ ହୋଇପାରୁନାହିଁ ।

କବିଙ୍କ ତନ୍ମୟତା :—ରାମାୟଣ ଗ୍ରନ୍ଥ ରଚନା ସମୟରେ କବି ସବୁ କାର୍ଯ୍ୟ ତ୍ୟାଗ କରି ରଚନାରେ ତନ୍ମୟ ଥିଲେ ।

ସାତକାଣ୍ଡ ରାମାୟଣ ଗ୍ରନ୍ଥ ତ ମୋର ମନ
ନୀଳଗିରିନାଥ ମୋତେ ହୋଇବା ପ୍ରସନ୍ନ ।
ତେଣୁକରି ମୁହିଁ ସେ ଛାଡ଼ିଲି ସବୁ କାର୍ଯ୍ୟ
ବଳରାମ ଦାସ ମୁଁ ତୋହର ଦେବରାଜ । (ସୁ: କା:)

ଏହି ତନ୍ମୟତା ଯୋଗୁଁ କବି ରାମାୟଣର ପ୍ରତ୍ୟେକ ଘଟଣା ସହିତ ନିଜକୁ ମିଶାଇ ଦେଇଛନ୍ତି ଏବଂ ନିଜେ ପ୍ରତ୍ୟକ୍ଷଦର୍ଶୀ ଥିବା ପରି ତାଙ୍କୁ ପ୍ରତୀୟମାନ ହୋଇଛି । ରାମଙ୍କର ଅଯୋଧ୍ୟାରେ ଅଭିଷେକ ସମୟରେ ସୀତା, ରାମ ବା ଲକ୍ଷ୍ମୀନାରାୟଣ ବନ୍ଦାପନା ବର୍ଣ୍ଣନା ପ୍ରସଙ୍ଗରେ କବି ସେଠାରେ ନିଜେ ଥିଲେ ବୋଲି କହିଛନ୍ତି । ଅବଶ୍ୟ, ନୀଳଗିରି (ପୁରୀ)ରେ ରଥଯାତ୍ରା ସମାପନ ସମୟରେ ଲକ୍ଷ୍ମୀ-ନାରାୟଣ ଭେଟକୁ ପ୍ରକାରାନ୍ତରେ ଲକ୍ଷ୍ୟକରି କବି ଏହା ବ୍ୟକ୍ତ କରିଥିବାର ଅନୁମିତ ହୁଏ ।

ଅଯୋଧ୍ୟାରେ ଅଭିଷେକ ଶ୍ରୀରାମ ଯେମନ୍ତ
ତେସନ ନୀଳଗିରିରେ ଲକ୍ଷ୍ମୀ ଜଗନ୍ନାଥ ।
ମୁହିଁ ବଳରାମ ଦାସ ସେଠାବେଳେ ଥିଲି
ଲକ୍ଷ୍ମୀନାରାୟଣ ବନ୍ଦାପନାକୁ ଦେଖିଲି ।
ତେଣୁକରି ମୋହର ସକଳ ପାପ ଗଲା
ରାମାୟଣ ଗ୍ରନ୍ଥ ମୋର ମୁଖୁ ଉଚ୍ଚାରିଲା । (ସୁ: କା:)

ଲକ୍ଷ୍ମୀନାରାୟଣ ବନ୍ଦାପନା ଦର୍ଶନ ପରେ ସେ ପାପମୁକ୍ତ ହେଲେ; ଫଳରେ ରାମାୟଣ ଗ୍ରନ୍ଥ ତାଙ୍କ ମୁଖରୁ ସ୍ଫୁରିଗଲା । ଜଗତ ହିତେ ସେ ଏହି ଗ୍ରନ୍ଥକୁ ରଚନା କରିଥିଲେ ।

ଜଗତ ହିତେ ସୁନ୍ଦରାକୁ ସ୍ଫୂର୍ତ୍ତି କର
ଶ୍ରୀରାମଚନ୍ଦ୍ର ଚରିତ କହିଲି ସୁନ୍ଦର ।

ଏହି ବକ୍ତବ୍ୟର ସମର୍ଥନ କବିଙ୍କ 'ବଡ଼ ଅବକାଶ' ଗ୍ରନ୍ଥରେ ଦୃଷ୍ଟିଗୋଚର ହୁଏ ।

'ପୁରାଣ' ଲେଖକ ବଳରାମ ଦାସ 'ପୁରାଣ'ର ଅର୍ଥ ସୁନ୍ଦର କାଣ୍ଡର ପାରମ୍ଭରେ ବ୍ୟକ୍ତ କରିବା ପ୍ରସଙ୍ଗରେ କହିଛନ୍ତି ଯେ ବାଲ୍ମୀକି ମୁନି ସଂସାର ହିତ ପାଇଁ ବ୍ରହ୍ମାଦିଷ୍ଟ ମୂଳ ରାମଚରିତକୁ ବର୍ଣ୍ଣିତ ଆକାରରେ ଲେଖିଥିଲେ । ମୁନିଙ୍କ ମୁଖରୁ ରାମାୟଣ ଜାତ ହେବାରୁ ଏହା ପୁରାଣ ନାମରେ ଖ୍ୟାତ ହେଲା, କାରଣ ଯାହା ସୁଜ୍ଞ ମୁନିମାନେ ବଖାଣ କରନ୍ତି ତାହାହିଁ ପୁରାଣ ।

ଶ୍ରୀରାମଚରିତ ଯେ ପ୍ରସଙ୍ଗେ ବ୍ରହ୍ମା କହି
ସଂସାରେ ହିତେ ବର୍ଣ୍ଣିଲ ଜଳ୍ପି ତାହା ରହି ।
ଯେଣୁ ତୋର ମୁଖେ ହେଲା ଏ କଥା ପ୍ରଚୁର
ତେଣୁ ପୁରାଣ ବୋଲିଣ ନାମ ଦେଲେ ତାର ।
ବଖାଣି କରନ୍ତି ଯାହା ସୁଜ୍ଞ ମୁନି ଜନ
ତାହାକୁ ପୁରାଣ ମଧ୍ୟେ କହନ୍ତି ଲକ୍ଷଣ । (ସୁ: କା:)

ପୁରାଣର ଅର୍ଥ ସମ୍ବନ୍ଧରେ କବି ଯେଉଁ ଧାରଣା ଦେଇଛନ୍ତି, ମନେ ହୁଏ, ସେହି ଧାରଣା ଶାରଳା ଦାସଙ୍କର ମଧ୍ୟ ଥିଲା; ଉଭୟେ ପୁରାଣ ଲେଖିଥିବାରୁ ଏହି କାରଣରୁ 'ଶୂଦ୍ର ମୁନି' ରୂପରେ ପରିଚିତ ହୋଇଥିବେ ।

କବି ବଳରାମ ଦାସ ମୂଳ ସଂସ୍କୃତ ରାମାୟଣକୁ 'ସୁଜନ ମୁଖରୁ' ଶୁଣି ଶ୍ରଦ୍ଧା ଭକ୍ତି ଶ୍ଳୋକାଏ ପଦକୁ ଚଉଦରେ ଚଉଳିଥିଲେ । ପୁଣି ଏହାକୁ ଅନ୍ତରରେ ବାରମ୍ବାର ଘୋଷିଲେ । ମୂଳ ବାଲ୍ମୀକି ରାମାୟଣ ଓ ଜଗମୋହନ ରାମାୟଣ ଭିତରେ ବର୍ତ୍ତମାନ ଥିବା ପ୍ରଭେଦର ଏହା ପ୍ରଧାନ କାରଣ ବୋଲି ମନେ ହୁଏ ।

ବଖାଣ କରନ୍ତି ଯାହା ପୁଣ୍ୟ ମୁନିଜନ
ତାହାକୁ ସୁଗଣ ମଧ୍ୟେ କରନ୍ତି କଥନ ।
ଏହା'ମୁଁ ସୁଜନ ମୁଖୁଁ ଶୁଣି ଶ୍ରଦ୍ଧା ଭକ୍ତି
ଶ୍ଳୋକାଏକ ପଦକୁ ଚଉଦରେ ଚଉଳିଲି । (ସୁ. କା.)

ବଳରାମ ଦାସ ରାମାୟଣରେ ଯେଉଁ ସଂସାର ସୃଷ୍ଟି କରିଛନ୍ତି ତାହାର ରୂପରେଖ ବାଲ୍ମୀକି ରାମାୟଣରୁ ଉଦ୍ଧୃତ ହୋଇଥିଲେ ମଧ୍ୟ ରୂପରେ ଅଙ୍ଗ-ସୌଷ୍ଠବ ଓ ପ୍ରାଣ ସେ ନିଜେ କଳ୍ପନାଶକ୍ତି ବଳରେ ଦେଇଛନ୍ତି । ମାନବିକ ଜୀବନର ସୁଖଦୁଃଖ, ଆଶା ଆକାଙ୍କ୍ଷା, ରାଗ ଦ୍ୱେଷକୁ ପ୍ରତିଫଳିତ ସଂସାରକୁ ଲକ୍ଷ୍ୟ କରି ନିଜ ସଂସାରରେ ପ୍ରୟୋଗ କରିଛନ୍ତି । କବି ଯୁଦ୍ଧକାଣ୍ଡର ଆରମ୍ଭରେ ବାଲ୍ମୀକି ମୁନିଙ୍କୁ ପ୍ରାର୍ଥନା କରି ମୁନିଙ୍କ ରାମାୟଣ ସମ୍ବନ୍ଧରେ କହିଛନ୍ତି ଯେ ମୁନି ସଂସାର-ତିମିର ନାଶିବାରେ ସୂର୍ଯ୍ୟ ସଦୃଶ ଏବଂ ତାଙ୍କର ରାମାୟଣ ଯୋଗୁଁ 'ତ୍ରୈଲୋକ୍ୟ' ରକ୍ଷା ପାଇଲା । ଯଦି ବାଲ୍ମୀକି ରାମାୟଣ କହି ନ ଥାଆନ୍ତେ ତାହାହେଲେ ସଂସାର ଘୋର ମହାର୍ଣ୍ଣବରେ ବୁଡ଼ିଯାଇ ଥାଆନ୍ତା ।

ମୁନି ଯେବେ ନ କହନ୍ତି ଶ୍ରୀରାମର ବାଣୀ
ସଂସାର ବୁଡ଼ନ୍ତା ଘୋର ମହାର୍ଣ୍ଣବ ପାଣି ।

ମୁନି 'ସଂସାର କଥା' ଜାଣି ଥିବାରୁ 'ଜମ୍ବୁଦ୍ୱୀପର ସଂସାର କଥା' ବଖାଣି ଥିଲେ । ବଳରାମ ଦାସଙ୍କ ପକ୍ଷେ ମଧ୍ୟ ବକ୍ତବ୍ୟାଂଶର ଏହା ପ୍ରଯୁଜ୍ୟ ।

ଶ୍ରୀ ଦେବ ମହାମୁନି ସଂସାର କଥା ଜାଣୁ
ସଂସାର କଥା ଶୁଣ ଜମ୍ବୁଦ୍ୱୀପ ବଖାଣୁ ।

ଭକ୍ତି ଓ ଜ୍ଞାନ ସ୍ଫୂର୍ତ୍ତି:—ବଳରାମ ଦାସଙ୍କ ଲେଖାମାନଙ୍କରେ ସର୍ବୋତ୍କୃଷ୍ଟଭାବରେ କାବ୍ୟପ୍ରତିଭା ପ୍ରକାଶ ପାଇନଥିଲେ ମଧ୍ୟ ବର୍ଣ୍ଣନାରେ ସୁସ୍ପଷ୍ଟତା ଅଛି । ତତ୍ତ୍ୱଦର୍ଶନରେ ଆତ୍ମବିଶ୍ୱାସକୁ ମୂଳାଧାରରେ ଆଶ୍ରୟ କରି ଦାସେ ବହୁ ସ୍ଥଳରେ ବାସ୍ତବ ଚିତ୍ର ଅଙ୍କନ କରି ସରସ ଓ ଜୀବନ୍ତ କରିପାରିଛନ୍ତି । ଦାର୍ଶନିକତତ୍ତ୍ୱ ବିଶ୍ଳେଷଣ, ପୌରାଣିକ ଚରିତ ଓ ଚରିତ୍ର ବର୍ଣ୍ଣନା, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନ ପ୍ରଭୃତି ବହୁ ବିଷୟରେ କବି କୃତିତ୍ୱ ଦେଖାଇ ପାରିଛନ୍ତି ।

ଭାଷାର ସରଳତା ଓ ଅଳଙ୍କାରର ପ୍ରୟୋଗ ଦାସଙ୍କ ଲେଖାର ଏକ ବିଶେଷତ୍ୱ । ବିବିଧ ବିଷୟ, ତତ୍ତ୍ୱ ପ୍ରଭୃତିର ପ୍ରକାଶରେ ଓଡ଼ିଆ ଭାଷା ଯେ ସମର୍ଥ ଏହା ଦାସେ ପ୍ରମାଣିତ କରିଛନ୍ତି ।

ଓଡ଼ିଆ ସାହିତ୍ୟର ଇତିହାସରେ ଶାରଳା ଦାସଙ୍କ ପରେ ବଳରାମ ଦାସ ଦ୍ୱିତୀୟ ପ୍ରଧାନ ଲେଖକ ରୂପରେ ପରିଚିତ ।

ଜଗତ ଜନ ଜୀବନର ଲକ୍ଷ୍ୟାଦର୍ଶନ, ଭକ୍ତିରସ, ମାର୍ଗର ବେଦାନ୍ତତତ୍ତ୍ୱ ବ୍ୟାଖ୍ୟାନ, ଭଗବଦ୍‌ଗୀତା ଓ ସାଧନା ସମ୍ବନ୍ଧରେ ସ୍ୱକୀୟତାରେ ପରୀକ୍ଷା କରି ବୈଷ୍ଣବ ଧର୍ମ ଓ ଅଲୌକିକ ଘଟଣା ପ୍ରସଙ୍ଗରେ ଲିପିବଦ୍ଧ କରିଛନ୍ତି । ଏହାର ବିଶେଷତ୍ୱ ଅନ୍ୟ କବିଙ୍କଠାରେ ଦୃଷ୍ଟିରୁ ଦେଖାଯାଏ । ସେ ସାମାଜିକ ଐତିହାସିକ ଘଟଣା ବର୍ଣ୍ଣନାରେ ମଧ୍ୟ ଓଡ଼ିଶାରେ ପ୍ରଥମ ବୋଲି ମନେହୁଏ ।

ଗୁପ୍ତଗୀତା, ଅମରକୋଷ ଟୀକା, ବେଦାନ୍ତସାର ଗୁପ୍ତଗୀତା, ଭଗବଦ୍‌ଗୀତା, ବ୍ରହ୍ମାଣ୍ଡ ଭୂଗୋଳ, ସପ୍ତାଙ୍ଗ ଯୋଗସାର ଟୀକା ପ୍ରଭୃତି ଗ୍ରନ୍ଥଗୁଡ଼ିକ ତତ୍ତ୍ୱମୂଳକ ଶାସ୍ତ୍ର, ଏଗୁଡ଼ିକରେ ଭାଷାର ସରଳତା ବ୍ୟତୀତ ସାହିତ୍ୟିକ ଚମତ୍କାରିତା ନାହିଁ ।

ସ୍ତୁତି, ଚଉତିଶାମାନଙ୍କ ମଧ୍ୟରୁ ଲକ୍ଷ୍ମୀପୁରାଣ ଓ ବଟଅବକାଶ ଅପେକ୍ଷାକୃତ ଉଚ୍ଚକୋଟୀର କୃତି ରୂପେ ପରିଚିତ ହେବା ଯୋଗ୍ୟ ।

ଜଗମୋହନ ରାମାୟଣ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ରତ୍ନ ।

ତୁଳସୀ ଦାସ ହିନ୍ଦୀରେ ବଳରାମ ଦାସଙ୍କର ପ୍ରାୟ ପଚାଶ କି ଷାଠିଏ ବର୍ଷ ଆଗରୁ ରାମ-ଚରିତ ମାନସ ରଚନା କରିଥିଲେ । ବଳରାମ ଦାସଙ୍କ ରାମାୟଣ ଅପେକ୍ଷା ତୁଳସୀ ଦାସଙ୍କ ରାମାୟଣ ଅଳ୍ପ ଉଚ୍ଚକୋଟୀର ଲେଖା । ବଙ୍ଗର ରାମାୟଣ ଲେଖକ କୃତ୍ତିବାସ ବଳରାମଙ୍କର ପ୍ରାୟ ସମସାମୟିକ । କୃତ୍ତିବାସ ଓ ବଳରାମଙ୍କ ଉଭୟର ରଚନାଶୈଳୀ ପ୍ରାୟ ଏକପ୍ରକାର ଥିବା ଦେଖାଯାଏ ।

## (୨) ଭକ୍ତଶ୍ରେଷ୍ଠ ଅତିବଡ଼ି ଜଗନ୍ନାଥ ଦାସ ଗୋସ୍ୱାମୀ

ଓଡ଼ିଆ ସାହିତ୍ୟରେ ଭକ୍ତକବି ଜଗନ୍ନାଥ ଦାସଙ୍କ ସ୍ଥାନ ଅତି ଉଚ୍ଚ । ତାଙ୍କର ଓଡ଼ିଆ ଭାଗବତ ପାଞ୍ଚ ଶତ ବର୍ଷ ହେଲା ଓଡ଼ିଆ ସାହିତ୍ୟର ମେରୁଦଣ୍ଡକୁ ରକ୍ଷା କରିଛି ଏବଂ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଜୀବନଲତାକୁ ଶୀତଳ ଜଳସେଚନ ଦ୍ୱାରା ପଲ୍ଲବିତ କରି ରଖିଛି । ଓଡ଼ିଆ ଜାତି ପକ୍ଷରେ ଜଗନ୍ନାଥ ଦାସ ଜାତିର ଜଣେ ନିର୍ମାତା ।

ଏହି ମହାପୁରୁଷଙ୍କ ଜୀବନୀ ସମ୍ବନ୍ଧରେ ତାଙ୍କ ନିଜ ଗ୍ରନ୍ଥମାନଙ୍କରୁ କୌଣସି କିଛି ଉପାଦାନ ମିଳୁନାହିଁ । କେବଳ ବଙ୍ଗୀୟ ବୈଷ୍ଣବ ଗ୍ରନ୍ଥ, ଦିବାକର ଦାସଙ୍କ ଜଗନ୍ନାଥଚରିତାମୃତ, ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ ଓ ଅନ୍ୟ କେତେକ ଓଡ଼ିଆ ଗ୍ରନ୍ଥରେ ତାଙ୍କ ସମ୍ବନ୍ଧରେ ବହୁତ ତଥ୍ୟ ମିଳେ । ଦିବାକର ଦାସଙ୍କ "ଜଗନ୍ନାଥଚରିତାମୃତ" ଜଗନ୍ନାଥ ଦାସଙ୍କ ଜୀବନ ସମ୍ବନ୍ଧରେ ଗୋଟିଏ ପ୍ରଧାନ ଗ୍ରନ୍ଥ; ଅତିବଡ଼ୀ ସମ୍ପ୍ରଦାୟ ଦ୍ୱାରା ଏହା ଏକ ପ୍ରାମାଣିକ ଗ୍ରନ୍ଥରୂପେ ସ୍ୱୀକୃତ ହୋଇଥାଏ ।

**ଜୀବନୀ**—ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱରେ ମହାକବି ଭକ୍ତ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖାଯାଇଥିଲା । ରାଜା ପୁରୁଷୋତ୍ତମଦେବଙ୍କ ରାଜତ୍ୱ କାଳରେ କବି ଜନ୍ମଲାଭ କରିଥିଲେ । ପୁରୀଜିଲ୍ଲା ଅନ୍ତର୍ଗତ, ପୁରୀ କ୍ଷେତ୍ରଠାରୁ ଅଳ୍ପ ଦୂରରେ ଅବସ୍ଥିତ, [illegible]

କପିଳେଶ୍ୱରପୁର ଶାସନରେ ଏକ ବ୍ରାହ୍ମଣ ପରିବାରରେ ପଦ୍ମାବତୀଙ୍କ ଗର୍ଭରେ ତାଙ୍କର ଜନ୍ମ । ତାଙ୍କର ପିତା ଭଗବାନ ଦାସ ପୁରାଣପଣ୍ଡା ଶାସନର ଜଣେ ବିଦ୍ୱାନ୍ ବ୍ରାହ୍ମଣ । ପୁରୁଷାନୁକ୍ରମେ ଦାସବଂଶ ପୁରାଣପାଠକ ଥିବାରୁ ଭଗବାନଙ୍କ ପୂର୍ବପୁରୁଷମାନେ ଓଡ଼ିଶା ରାଜାଙ୍କଦ୍ୱାରା ପୁରାଣପଣ୍ଡା ଉପାଧିରେ ଭୂଷିତ ହୋଇଥିଲେ । ଭଗବାନ ଦାସ ସେହି ଉପାଧିର ଉତ୍ତରାଧିକାରୀ ହୋଇ ଉପାଧିର ଉପଯୁକ୍ତ ପାତ୍ର ହେବା ଉଦ୍ଦେଶ୍ୟରେ ନିଜକୁ ଗଠନ କରିବା ସଙ୍ଗେ ସଙ୍ଗେ ପୁତ୍ରକୁ ମଧ୍ୟ ସେହି ପଥରେ ନେଇଥିଲେ । ଶାସନ ଗାଁଟି ପୁରୁଷୋତ୍ତମ କ୍ଷେତ୍ରର ନିକଟରେ ଥିବାରୁ ଉକ୍ତ ଧର୍ମଶିକ୍ଷା ପାଇଁ ଏକ ପ୍ରଧାନ କେନ୍ଦ୍ର ଥିଲା । ଭଗବାନ ଉଚ୍ଚଶିକ୍ଷିତ ପଣ୍ଡିତ ଥିବା ତାଙ୍କର ପୁତ୍ରକୁ ବାଲ୍ୟକାଳରୁ ସଂସ୍କୃତ ଶିକ୍ଷା ଦେବା ବସ୍ତୁରୁ ପ୍ରମାଣିତ ହେଉଛି ।

ଜଗନ୍ନାଥ ଦାସ ଖ୍ରୀ: ୧୪୮୬-୮୭ରେ ଜନ୍ମଗ୍ରହଣ କରିଥିବା ଅନୁମିତ ହୁଏ । ଶ୍ରୀଚୈତନ୍ୟ ଓଡ଼ିଶାକୁ ସର୍ବପ୍ରଥମେ ଖ୍ରୀ: ୧୫୦୯ରେ (ମତାନ୍ତରେ ୧୫୧୦) ଆଗମନ କରିଥିଲେ । ସେହି ସମୟରେ ପୁରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ବଟଗଣେଶଙ୍କ ସମ୍ମୁଖରେ ଜଗନ୍ନାଥ ଦାସ ଭାଗବତ ପାଠ କରି ଉତ୍ତମରୂପେ ବ୍ୟାଖ୍ୟା କରୁଥିବା ବେଳେ ଚୈତନ୍ୟଦେବ ତାଙ୍କୁ ଦେଖି ସନ୍ତୋଷଲାଭ କରିଥିଲେ । ସେତେବେଳକୁ ଜଗନ୍ନାଥ ଦାସଙ୍କ ବୟସ ୧୮ (ଅଠର) । ଅତଏବ ତାଙ୍କର ଜନ୍ମ ଖ୍ରୀ ୧୪୮୬-୮୭ରେ ହୋଇଥିଲା ବୋଲି ଅନୁମାନ କରିବାଟି ଠିକ୍ । ମହାତ୍ମା ଅଚ୍ୟୁତାନନ୍ଦଙ୍କ 'ଉଦୟକାହାଣୀ'ରୁ ଏହି ବର୍ଷ ସେ ଜନ୍ମଗ୍ରହଣ କରିଥିବା ସମର୍ଥିତ ହେଉଛି । ସ୍ୱର୍ଗୀୟ ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ "ଅତିବଡ଼ ଜଗନ୍ନାଥ ଦାସ ଗୋସ୍ୱାମୀ" ଗ୍ରନ୍ଥରେ ଜଗନ୍ନାଥ ଦାସ ଖ୍ରୀ: ୧୪୯୦ରେ ଜନ୍ମଗ୍ରହଣ କରିଥିଲେ ବୋଲି ଲେଖିଛନ୍ତି । ଦିବାକର ଦାସ କୃତ 'ଜଗନ୍ନାଥଚରିତାମୃତ' ଗ୍ରନ୍ଥରେ କହିଛନ୍ତି ଯେ ଜଗନ୍ନାଥ ଦାସଙ୍କ ସହିତ ଚୈତନ୍ୟଙ୍କ ପ୍ରଥମ ଭେଟ ବେଳକୁ ଜଗନ୍ନାଥଙ୍କୁ ୧୮ (ଅଠର) ବର୍ଷ ବୟସ ହୋଇଥିଲା ।

ଅଷ୍ଟାଦଶ ବୟସ ବେଳେ । ଶ୍ରୀଚୈତନ୍ୟ ଭେଟ ହେଲେ । (୨୪ ଅ । ଜ.ଚ.)

ଜଗନ୍ନାଥ ଦାସ ତାଙ୍କର କୌଣସି ଲେଖାରେ ମଧ୍ୟ 'ଜଗନ୍ନାଥ' ନାମକୁ ରକ୍ଷା କରିଥିଲେ, କାରଣ ପ୍ରଭୁ ଜଗନ୍ନାଥଙ୍କ ନାମଟି ସ୍ୱୟଂ ତାଙ୍କ ପିତା ତାଙ୍କ କର୍ଣ୍ଣରେ ଦାନ କରିଥିବାରୁ ସେହି ପବିତ୍ର ନାମକୁ ସେ ବ୍ୟାବହାରିକ ଅନ୍ୟ ଘଷାମଜା ଗ୍ରହଣ କରିଥିବା ଜଣାଯାଏ ନାହିଁ । ପ୍ରକୃତରେ ସେ ପ୍ରଭୁ ଜଗନ୍ନାଥଙ୍କ ସେବକ ଥିବାରୁ ଲେଖାରେ କେବଳ 'ଦାସ' ଶବ୍ଦଟି ବ୍ୟାବହାରିକ ବୈଷ୍ଣବସୂଚକ 'ଦାସ' ଶବ୍ଦ ଗ୍ରହଣ କରିଥିଲେ । 'ଜଗନ୍ନାଥ ଦାସ' ନାମ ଏହି କାରଣରୁ ହୋଇଥିଲା । ଭକ୍ତ ଦିବାକର ଦାସ ମଧ୍ୟ ଏହା ସମର୍ଥନ କରନ୍ତି ।

ଜଗନ୍ନାଥଙ୍କ ଦାସ ହେଇ । ସେ ନାମ ଦାସ ପଦ ଦେଇ । (ଜ.ଚ., ୨୪ଶ ଅ.)

ବାଲ୍ୟକାଳରୁ ସେ ଧର୍ମପରାୟଣ ଥିବାର ସୂଚନା ମିଳୁଥିଲା । ଶିଶୁ-ମାନଙ୍କ ସହିତ କ୍ରୀଡ଼ା କରିବା ସମୟରେ ମଧ୍ୟ ସେ 'ହରେରାମକୃଷ୍ଣ' ନାମ ଉଚ୍ଚାରଣ କରୁଥିବା ଦେଖାଯାଉଥିଲା । ଏହା ତାଙ୍କର ପିତୃ-ଅଙ୍ଗର ପ୍ରମାଣ ବୋଲି ଭକ୍ତମାନେ କହନ୍ତି ।

ଶ୍ରୀଜଗନ୍ନାଥ ଦାସ ସ୍ୱୟଂ ଶ୍ରୀରାଧାଙ୍କ ଭାବରୁ ଓ ଶ୍ରୀଚୈତନ୍ୟଦେବ ଶ୍ରୀକୃଷ୍ଣଙ୍କ ଭାବରୁ ଜନ୍ମଲାଭ କରିଥିବା ଜଗନ୍ନାଥ ଦାସଙ୍କ ଜୀବନୀ ଓ ବାଣୀର ବ୍ୟାଖ୍ୟାକାରକ ଭକ୍ତ ଦିବାକର ଦାସ ସ୍ୱକୃତ "ଜଗନ୍ନାଥଚରିତାମୃତ" ଗ୍ରନ୍ଥରେ ଲେଖିଛନ୍ତି । ଏହି ଗ୍ରନ୍ଥରେ ଜଗନ୍ନାଥ ଦାସଙ୍କ ସମ୍ବନ୍ଧରେ ବହୁ ତଥ୍ୟ ଓ କାହାଣୀ ଜଗନ୍ନାଥ ଦାସଙ୍କ ଭକ୍ତ ଓ ସମ୍ପ୍ରଦାୟଭୁକ୍ତ ବୈଷ୍ଣବ ଭକ୍ତ ଦିବାକର ଦାସ ଲେଖିଛନ୍ତି । ଏହି କାରଣରୁ ଜଗନ୍ନାଥ ଦାସ ଚୈତନ୍ୟଙ୍କର ପ୍ରଶାନ୍ତ ଶୃଙ୍ଗାର ସାଥ ହୋଇଥିବା ଦିବାକର ଦାସ ବ୍ୟକ୍ତ କରିଛନ୍ତି । ସେ କହନ୍ତି, ନିତ୍ୟବୈକୁଣ୍ଠରେ ଶ୍ରୀରାଧାକୃଷ୍ଣ ଏକେନ୍ଦ୍ରିୟରେ ଏକାତ୍ମସ୍ୱରୂପରେ ଅବସ୍ଥାନ କରୁଛନ୍ତି ଏବଂ କୋଟି ଯୁଗରେ ମଧ୍ୟ ଭିନ୍ନ ନୁହନ୍ତି । ଥରେ ଦୁହେଁ ଏକ ଆସନରେ ଥିବା ସମୟରେ ଶ୍ରୀକୃଷ୍ଣ ପ୍ରେମରେ ରାଧାଙ୍କ ମୁଖକୁ ଚୁମ୍ବିଲେ । ରାଧାଙ୍କ ମୁଖ ତାଙ୍କୁ ଅମୃତପ୍ରାୟ ବୋଧ ହେଲା ଏବଂ ସେ ଅତ୍ୟନ୍ତ ସୁଖ ପାଇ ମଧୁର ହାସ ପ୍ରକାଶ କଲେ । ରାଧା ମଧ୍ୟ ହସିଲେ । ଉଭୟଙ୍କ ମଧୁର ହାସରୁ ଅମୃତ ଦ୍ରବିଲା । କୃଷ୍ଣଙ୍କ ମଧୁରହାସ-ଅମୃତରୁ ଶ୍ରୀଚୈତନ୍ୟ ଓ ରାଧାଙ୍କ ମଧୁରହାସ ଅମୃତରୁ ଶ୍ରୀଜଗନ୍ନାଥ ଦାସ ଜନ୍ମଗ୍ରହଣ କଲେ । ପୁରୁଷୋତ୍ତମ

ଦେଖି ତ ଏହି ନିତ୍ୟବୈକୁଣ୍ଠ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣଙ୍କ ଏକାତ୍ମାବତାର ମୂର୍ତ୍ତି । ଏହି ନିତ୍ୟବୈକୁଣ୍ଠର ଅଧିପତି ନିତ୍ୟକୃଷ୍ଣ ବା ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାରେ ଏ ଦୁହେଁ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ । କାଳେ କାଳେ ଏମାନେ ନାନା ଅବତାର ଗ୍ରହଣକରି ମଙ୍ଗଳସୁଖ ଦାନ କରନ୍ତି ଏବଂ ଲୀଳାଅନ୍ତେ ପୁଣି ନିତ୍ୟକୃଷ୍ଣଙ୍କ ଅଙ୍ଗରେ ଲୀନ ହୁଅନ୍ତି । ବର୍ତ୍ତମାନ କଳିଯୁଗରେ ଧର୍ମ ବଳିଅର ହେବାରୁ ପ୍ରାଣୀମାନେ ପାପାସକ୍ତ, ଦୁରାଚାର ହୋଇ ଦୁଃଖକ୍ଳେଶ ଭୋଗୁଛନ୍ତି । ଏମାନଙ୍କୁ ଉଦ୍ଧାର କରିବାପାଇଁ ଦେବତାମାନେ ପ୍ରାର୍ଥନା କରିବାରୁ ନିତ୍ୟଠାକୁରଙ୍କ ଆଜ୍ଞାରେ ଚୈତନ୍ୟ ଓ ଜଗନ୍ନାଥ ଦାସ ମର୍ତ୍ତ୍ୟଧାମରେ ଅବତୀର୍ଣ୍ଣ ହେଲେ । ହରିନାମ କୀର୍ତ୍ତନଦ୍ୱାରା ମନୁଷ୍ୟ ନିସ୍ତାରଣ ଏହାଙ୍କ ପ୍ରଧାନ କର୍ମ । ଚୈତନ୍ୟ ଦେବ ଗୌଡ଼ଦେଶର ନଦୀଆ ନଗରରେ ଓ ଜଗନ୍ନାଥ ଦାସ ଉତ୍କଳରେ ଅବତୀର୍ଣ୍ଣ ହେଲେ । ଉଭୟେ ମଧୁର ହରିନାମ କୀର୍ତ୍ତନରେ ଜନମାନଙ୍କୁ ସଂସାର ଦୁଃଖରୁ ତ୍ରାଣ କଲେ । ନିତ୍ୟପ୍ରଭୁଙ୍କ ଆଜ୍ଞାରୁ ନିତ୍ୟରାଧା ଜଗନ୍ନାଥ ଦାସ ରୂପରେ ପଦ୍ମାବତୀଙ୍କ ଗର୍ଭରେ ଆବିର୍ଭୂତ ହେଲେ । ଏହି ସମୟରୁ ସମସ୍ତଙ୍କର ମନ ଆନନ୍ଦିତ ହେଲା । ଉପଯୁକ୍ତ କାଳ ଉପସ୍ଥିତ ହେବାରୁ ଭାଦ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ "ମଧ୍ୟାହ୍ନ କାଳରେ, ବୁଧ, ଅନୁରାଧା, ବୃଷ୍ଟି, ମାହେନ୍ଦ୍ର ଗୁରୁଙ୍କ ବେଳାରେ" ଜଗନ୍ନାଥ ଜନ୍ମଗ୍ରହଣ କଲେ । ତାଙ୍କର "ଶୁଦ୍ଧସୁବର୍ଣ୍ଣକାନ୍ତି ବର୍ଣ୍ଣ" ଦେଖି ସମସ୍ତଙ୍କର ମନ ଉତ୍ଫୁଲ୍ଲ ହେଲା । ଦିବାକର ଦାସଙ୍କର ଏହି ବିବରଣୀ ପ୍ରଚଳିତ ଜନ୍ମପତ୍ରୀ ସହିତ ମିଳି ଯାଉଛି ।

ଜନ୍ମପରେ ପିତାମାତା ହୃଷ୍ଟଚିତ୍ତରେ ଜାତକର୍ମ ସଂସ୍କାର ଯାବତୀୟ ଶାସ୍ତ୍ରବିଧାନ ସମ୍ପନ୍ନ କଲେ । ନାମକରଣ ଦିନ ପଣ୍ଡିତମାନେ ଦାଶଙ୍କ ଗୃହଠାରେ ଉପସ୍ଥିତ ହୋଇ 'ଜଗନ୍ନାଥ' ବୋଲି ନାମ ଦେଲେ ।

**ବାଲ୍ୟଜୀବନ**—ଶିଶୁ ଜଗନ୍ନାଥ ଦିନକୁଦିନ ତେଜସ୍ୱୀ ହୋଇ ବର୍ଦ୍ଧିତ ହେବାକୁ ଲାଗିଲେ । ଚତୁର୍ଥ ବର୍ଷରେ ଚୂଡ଼ାକର୍ମାଦି ଶେଷ ହେଲା । ଏହାପରେ ବିଦ୍ୟାପଠନ ଆରମ୍ଭ ହେଲା । ଯଥାକାଳରେ ବାଳକର ବ୍ରତୋପନୟନ ହେଲା ।

ଏହା ପରେ ବାଳକ ଜଗନ୍ନାଥଙ୍କର ଉଚ୍ଚଶିକ୍ଷା ଆରମ୍ଭ ହେଲା । ବ୍ରତୋପନୟନଠାରୁ ଅଷ୍ଟାଦଶ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ଦଶବର୍ଷ ଭିତରେ ଜଗନ୍ନାଥ ଉପଯୁକ୍ତ ଉଚ୍ଚଶିକ୍ଷା ଆୟତ୍ତ କରିପାରିଥିଲେ । ସେ ମେଧାବୀ ଛାତ୍ର ଥିବାରୁ ଅଳ୍ପ କାଳ ଭିତରେ ବେଦ ବେଦାଙ୍ଗ ପ୍ରଭୃତିରେ ପାରଙ୍ଗମ ହୋଇପାରିଥିଲେ । 'ଅଲଙ୍କାରଶାସ୍ତ୍ର'ରେ ସେ ଏଥିସବୁ ଛନ୍ଦ 'ସାଧ' କରିଥିଲେ । ସେ କୃଷ୍ଣଚନ୍ଦ୍ରରେ ଏକାନ୍ତ ଓ ପ୍ରେମଭକ୍ତିବାଦ ହୋଇ ବିଦ୍ୟାଶିକ୍ଷା କରୁଥିଲେ ।

ଦ୍ୱାଦଶ ବର୍ଷ ଉପନୀତ ହେବାରୁ ପାରଂପରିକ କୌଳିକ ପ୍ରଥାନୁଯାୟୀ ଜଗନ୍ନାଥଙ୍କୁ ବିବାହ କରିଦେବା ପ୍ରସ୍ତାବ ପିତା କଲେ; କିନ୍ତୁ ଜଗନ୍ନାଥ ଏଥିରେ ସମ୍ମତ ହେଲେ ନାହିଁ । ଫଳରେ ବିବାହ ପ୍ରସ୍ତାବ ଅପୂର୍ଣ୍ଣ ରହିଲା ।

**ଉଚ୍ଚଶିକ୍ଷା ଓ ଭାଗବତ ରଚନା**—ଏହା ପରେ ଜଗନ୍ନାଥ ଉଚ୍ଚ ବିଦ୍ୟାଶିକ୍ଷାରେ ସମ୍ପୂର୍ଣ୍ଣରୂପେ ମନ ନିବେଶ କଲେ । ବେଦବେଦାଙ୍ଗ ପ୍ରଭୃତି ପାଠ କଲେ । ଯଜୁର୍ବେଦ ଓ ସାମବେଦକୁ ସେ କଣ୍ଠସ୍ଥ କରିଦେଲେ; କଲାପ ଓ ବର୍ଦ୍ଧମାନ ଏହି ଦୁଇଟି ବ୍ୟାକରଣକୁ ଜିହ୍ୱାଗ୍ରରେ ରଖିଲେ । ମହାଭାରତ, ରାମାୟଣ ଓ ଅନ୍ୟାନ୍ୟ ପୁରାଣମାନଙ୍କର ଅଧ୍ୟୟନ ଶେଷକରି ଭାଗବତରେ ମନ ଦେଲେ । ଦ୍ୱାଦଶସ୍କନ୍ଧ ଭାଗବତ ଟୀକାଟିପ୍ପଣୀ ସହିତରେ ଅଧ୍ୟୟନ କଲେ ଏବଂ ଅଠରବର୍ଷ ବୟସ ସମୟକୁ ଜଗନ୍ନାଥ ଏ ସବୁ ଶେଷକରି ଦେଇଥିଲେ । ପୁଣ୍ୟ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ା ମଧ୍ୟରେ, ନାଟ ମନ୍ଦିରର ଦକ୍ଷିଣରେ ଅବସ୍ଥିତ ପ୍ରସିଦ୍ଧ ବଟଗଣେଶଙ୍କ ସମ୍ମୁଖରେ ଜଗନ୍ନାଥ ଦାସ ପ୍ରତିଦିନ ଭାଗବତ ପାଠ ଓ ଚର୍ଚ୍ଚା କରୁଥିଲେ । ଭାଗବତକୁ ପାଠ କଲାବେଳେ ସ୍ୱୟଂ ଗଣେଶ ତାଙ୍କୁ କହୁ ଦେଉଥିବା ଦିବାକର ଦାସ ଲେଖିଛନ୍ତି । (ଜ. ଚ. ୧ମ. ଅ.)

ଅଷ୍ଟାଦଶ ବର୍ଷ ବୟସ ବା ଖ୍ରୀ: ୧୫୦୮ ବେଳକୁ ଜଗନ୍ନାଥ ଦାସ ସଂସ୍କୃତ ଶ୍ରୀମଦ୍ ଭାଗବତର ଓଡ଼ିଆ ଅନୁବାଦ ଆରମ୍ଭ କରିଦେଇଥିବା ଅନୁମିତ ହୁଏ । ଶ୍ରୀଜଗନ୍ନାଥ ମନ୍ଦିରରେ ସେ ଭାଗବତ ପାଠ କଲାବେଳେ ବହୁ ଧର୍ମପ୍ରାଣ ଲୋକ ଶୁଣୁଥିଲେ । ଦାସଙ୍କର ଭାଗବତର ସରଳ ବ୍ୟାଖ୍ୟା ସମସ୍ତଙ୍କୁ ମୁଗ୍ଧ କରୁଥିଲା । ସେ ସ୍ୱ ଅନୁବାଦକୁ ମଧ୍ୟ ଶୁଣାଉଥିଲେ ।

ସେତେବେଳକୁ ଜଗନ୍ନାଥ ଦାସଙ୍କର ଖ୍ୟାତି ଉତ୍କଳର ପଲ୍ଲୀପଲ୍ଲୀରେ ପ୍ରଚାର ଲାଭ କରିଥିଲା । ବହୁ ଲୋକ ତାଙ୍କ ଭାଗବତର ଅନୁବାଦ ପାଠକରି ଆନନ୍ଦ ଲାଭ କରୁଥିଲେ ।

**ଶ୍ରୀଚୈତନ୍ୟ-ଜଗନ୍ନାଥଦାସଙ୍କ ପ୍ରଥମ ଭେଟ—**

ଶ୍ରୀଚୈତନ୍ୟଦେବ ବଙ୍ଗଦେଶରୁ ଖ୍ରୀ. ୧୫୦୯ (ମତାନ୍ତରରେ ଖ୍ରୀ. ୧୫୧୦)ରେ ଓଡ଼ିଶାକୁ ତୀର୍ଥ କରିବାପାଇଁ ଆସିଥିଲେ । ଏହା ତାଙ୍କର ସର୍ବପ୍ରଥମ ଓଡ଼ିଶା ଦର୍ଶନ । ତାଙ୍କ ସଙ୍ଗରେ ବଂଗଦେଶର ତାଙ୍କର ପ୍ରଧାନ ପ୍ରଧାନ ସଖା ଓ ଭକ୍ତମାନେ ମଧ୍ୟ ଥିଲେ । ଯାଜପୁର ଶ୍ରୀଚୈତନ୍ୟଦେବଙ୍କର ପୂର୍ବପୁରୁଷ-ମାନଙ୍କର ଜନ୍ମସ୍ଥାନ ଥିଲା । ପିତାମହ ଉପେନ୍ଦ୍ର ମିଶ୍ର ଯାଜପୁରରୁ ଯାଇ ଶ୍ରୀହଟ୍ଟରେ ବସତି ସ୍ଥାପନ କରିଥିଲେ । ସେଠାରୁ ମିଶ୍ର ପରିବାର ନଦୀଆ ନବଦ୍ୱୀପକୁ ଉଠିଯାଇଥିଲେ । ଚୈତନ୍ୟଙ୍କ ପିତା ଜଗନ୍ନାଥ ମିଶ୍ର । ପାଞ୍ଚବର୍ଷରୁ ଚୈତନ୍ୟଙ୍କ ନାମ ଥିଲା ବିଶ୍ୱମ୍ଭର । ଏହି ପ୍ରଥିତ କ୍ଷେତ୍ର ଦର୍ଶନ କରିସାରିବା ପରେ ସେ ସପରିଷଦ ପୁରୀ (ଶ୍ରୀକ୍ଷେତ୍ର)ରେ ଉପସ୍ଥିତ ହୋଇଥିଲେ । ପୁରୀରେ ଜଗନ୍ନାଥ ମନ୍ଦିରର ଦକ୍ଷିଣରେ ସମୁଦ୍ର କୂଳରେ ଥିବା କାଶୀ ମିଶ୍ରଙ୍କ ବଗିଚା ଘରେ ଅବସ୍ଥାନ କରୁଥିଲେ । କାଶୀ ମିଶ୍ର ସେତେବେଳେ ଓଡ଼ିଶା ରାଜା ପ୍ରତାପରୁଦ୍ରଙ୍କ ଜଣେ ଉଚ୍ଚ କର୍ମଚାରୀ ଥିଲେ । ସେତେବେଳେ ଜଗନ୍ନାଥ ମନ୍ଦିରର ଦକ୍ଷିଣକୁ ବାସ୍ତୁ ମନ୍ଦିର ନିକଟରେ ଏକ ରାଜପ୍ରାସାଦ ଥିଲା । ବର୍ତ୍ତମାନ ତାହାର ଭଗ୍ନାବଶେଷ ମଧ୍ୟ ଦେଖାଯାଏ । ରାଜାମାନେ ପୁରୀ ଆସିଲେ ଏହି ପ୍ରାସାଦରେ ଅବସ୍ଥାନ କରୁଥିଲେ । ରାଜପ୍ରାସାଦର ଚତୁର୍ଦ୍ଦିଗରେ ଭିନ୍ନ ସମ୍ପ୍ରଦାୟର ବହୁ ମଠ ମନ୍ଦିର ବିଦ୍ୟମାନ ଥିଲା; ବର୍ତ୍ତମାନ ମଧ୍ୟ ଅଛି । କାଶୀ ମିଶ୍ରଙ୍କ ବଗିଚା ବର୍ତ୍ତମାନ ରାଧାକାନ୍ତ ମଠ ନାମରେ ପରିଚିତ ଏବଂ ଅଚିନ୍ତ୍ୟ ଭେଦାଭେଦବାଦୀ ଚୈତନ୍ୟପନ୍ଥୀଙ୍କର ଏକ ପ୍ରଧାନ କେନ୍ଦ୍ର ରୂପରେ ପରିଚିତ । ଚୈତନ୍ୟଦେବ ଅନ୍ତର୍ଦ୍ଧାନ ପର୍ଯ୍ୟନ୍ତ ବହୁ କାଳ ଏଠାରେ ଅବସ୍ଥାନ କରିଥିବାରୁ ମନ୍ଦିରଟି ଏକ ପ୍ରଧାନ ପୁଣ୍ୟପୀଠ ରୂପେ ପରିଚିତ ହୋଇ ଆସୁଅଛି ।

ଶ୍ରୀଚୈତନ୍ୟ ପ୍ରଭୃତି ସଖା ଓ ଭକ୍ତମାନଙ୍କ ସଙ୍ଗରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସକାଶେ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଉଥିଲେ । ତେବେ ସେ ମନ୍ଦିର

ସେଥିପାଇଁ ପରିକ୍ରମା କରିବା ସମୟରେ ବଲ୍ଲଭଗଣଙ୍କଠାରେ ଉପସ୍ଥିତ ହେଲେ । ସେତେବେଳକୁ ଜଗନ୍ନାଥ ଦାସ ଶ୍ରୀମଦ୍‌ଭାଗବତର ଦ୍ୱାଦଶସ୍କନ୍ଧ ମୂଳ ସଂସ୍କୃତରୁ କେତେକ ଅଂଶ ଓଡ଼ିଆ ଭାଷାରେ ବୁଝାଉଥାଆନ୍ତି । ଶ୍ରୀକୃଷ୍ଣ-ସ୍ତୁତିର ଭକ୍ତିର ସମ୍ପର୍କୀୟ ଏହି ଶ୍ଳୋକଟି ସେ ସରଳ ବ୍ୟାଖ୍ୟା ସହିତ ଅତି ସରଳ ସ୍ୱରରେ ତନ୍ମୟ ହୋଇ ବୁଝାଉଥିବାବେଳେ ଶ୍ରୀଚୈତନ୍ୟଦେବ ମନ୍ତ୍ରମୁଗ୍ଧ ପରି ତାହା ଶୁଣିଲେ ।

ଶ୍ରେୟଃ ସ୍ରୁତି ଭକ୍ତି ମୁଦସ୍ୟତେ ବିଭୋ
କ୍ଲିଶ୍ୟନ୍ତି ଯେ କେବଳ ବୋଧ ଲବ୍ଧୟେ
ତାଷାମସୌ କ୍ଲେଶଳ ଏବ ଶିଷ୍ୟତେ
ନାନ୍ୟଦ୍ ଯଥା ସ୍ଥୂଳତୁଷାବଘାତିନଃ ॥

ଦାସେ ଶ୍ଳୋକର ଅର୍ଥ କରି ବୁଝାଇଥିଲେ, "ହେ ପ୍ରଭୁ, ଯେ ତୁମ୍ଭର ସଦ୍ଭକ୍ତିକୁ ଆଶ୍ରୟ ନ କରି ବେଦବଚନକୁ ଆଦର କରେ ଏବଂ ସଂସାରକର୍ମକୁ ଆଶ୍ରୟ କରି ରହେ, ତାଙ୍କର କ୍ଲେଶ ହିଁ ମୂଳ, ସେ କେବେ ଫଳ ଲାଭ କରିପାରନ୍ତି ନାହିଁ । ତଣ୍ଡୁଳ ପାଇବା ପାଇଁ ତୁଷକୁ କୁଟିଲେ ଶ୍ରମ କେବଳ ସାର ହେବ; କିନ୍ତୁ ତଣ୍ଡୁଳ ମିଳିବ ନାହିଁ ।" ଶ୍ରୀଚୈତନ୍ୟ ଏହି ବ୍ୟାଖ୍ୟା ଶୁଣି ଅତି ଆନନ୍ଦିତ ହେଲେ ଏବଂ ଦାସଙ୍କୁ ପ୍ରେମରେ ଆଲିଙ୍ଗନ କଲେ । ଉଭୟଙ୍କର ଦଶା କହୁନ୍ତି, ଦୁହେଁ ପ୍ରେମତରଙ୍ଗରେ ଅଢ଼ାଇଦିନ ପର୍ଯ୍ୟନ୍ତ ରହିଥିଲେ ।

ଅଢ଼ାଇ ଦିବସ ପର୍ଯ୍ୟନ୍ତ, ହେଜ ରହିଲେ ପ୍ରେମ ଶବ୍ଦ । (ଜ.ଚ. ୨ୟ ଅ.)

ଏହା ପରେ ପ୍ରେମ ଛାଡ଼ି ଧୀର ହୋଇ ଚୈତନ୍ୟ ଦେବ ଦାସଙ୍କୁ କଲ୍ୟାଣ କଲେ ।

**ଚୈତନ୍ୟ-ଜଗନ୍ନାଥ ଦାସଙ୍କ ସିଦ୍ଧାଙ୍ଗ:**—ଶ୍ରୀଚୈତନ୍ୟ ପ୍ରତିଦିନ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବା ପରେ ବଲ୍ଲଭଗଣଙ୍କ ସମ୍ମୁଖରେ କିଛି ସମୟ ରହି ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟା ଶୁଣି ଆନନ୍ଦ ଲାଭ କରୁଥିଲେ । ଦାସଙ୍କୁ ଚୈତନ୍ୟ ଦେବ ଅତ୍ୟନ୍ତ ଶ୍ରଦ୍ଧା କରି ସଖାମାନଙ୍କ ସମ୍ମୁଖରେ ତାଙ୍କର ପ୍ରଶଂସା କରୁଥିଲେ । କ୍ରମେ ଦୁହିଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଉଥିଲା । ଚୈତନ୍ୟ ଦେବ ସ୍ୱୟଂ କୃଷ୍ଣ, ଜଗନ୍ନାଥ ଦାସ ସ୍ୱୟଂ ରାଧା

ଏବଂ ଜଗନ୍ନାଥମୂର୍ତ୍ତି ରାଧାକୃଷ୍ଣ ମିଳିତ ତନୁ ଥିବାରୁ ଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ମଧ୍ୟରେ ଏହି ଘନିଷ୍ଠ ସମ୍ପର୍କ ସ୍ୱାଭାବିକ ବୋଲି ନିଜେ ଜଗନ୍ନାଥ ଦାସ ମଧ୍ୟ ବୁଝାଇଥିଲେ ।

**ଦୀକ୍ଷା ଗ୍ରହଣ:**—ଚୈତନ୍ୟ ଦେବ ଜଗନ୍ନାଥ ଦାସଙ୍କୁ ବେଶୀ ଶ୍ରଦ୍ଧା କରିବାରୁ ବଙ୍ଗଦେଶାଗତ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ କେତେ ଜଣ ଅସନ୍ତୁଷ୍ଟ ହୋଇଥିବା ଦିବାକର ଦାଶ ଲେଖିଛନ୍ତି । ସେମାନେ ଚୈତନ୍ୟ ଦେବଙ୍କୁ କହିଲେ ଯେ ଜଗନ୍ନାଥ ଦାସ "ଅଉପଦେଶିଆ" ଥିବାରୁ ତାଙ୍କ ଅଙ୍ଗକୁ ଚୈତନ୍ୟ ସ୍ପର୍ଶ କରିବା ଉଚିତ ହୋଇନାହିଁ । ଚୈତନ୍ୟ ଏହା ଶୁଣି ବ୍ୟଥିତ ହୋଇଥିଲେ ଏବଂ ଏହି ପ୍ରକାର ଧାରଣା ନ କରିବାକୁ ଏହି ଶିଷ୍ୟମାନଙ୍କୁ କହିଥିଲେ ।

ଜଗନ୍ନାଥ ଦାସ ଚୈତନ୍ୟଙ୍କ ଏହି ଶିଷ୍ୟମାନଙ୍କ ସମାଲୋଚନାର ସମ୍ବାଦ ପାଇଲେ । ତେଣେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନକରି ସେବାପୂଜାଦି ଜନ୍ୟ ଖଟଶିଖକୁ ଦେଖି ଦୁଇହାତରେ ଦୁଇଟି ଅବଢ଼ା (ମହାପ୍ରସାଦ କୁଡ଼ୁଆ ବା ଛୋଟ ହାଣ୍ଡି) ଧରି ଚୈତନ୍ୟ ଦେବଙ୍କ ଅବସ୍ଥାନ କାଶୀ ମିଶ୍ରଙ୍କ ବଗିଚା ମଠରେ (ବା ଟୋଟା ଗୋପୀନାଥ ମଠରେ ?) ପହଞ୍ଚିଲେ । ସେତେବେଳକୁ ଚୈତନ୍ୟ ସମୁଦ୍ରରେ ସ୍ନାନ କରିସାରି ମଠକୁ ଫେରିଥିଲେ । ଦାସେ ଦୁଇହାତ ଯୋଡ଼ି ଚୈତନ୍ୟଙ୍କୁ ଦଣ୍ଡବତ କଲେ । ଚୈତନ୍ୟ ଆଶ୍ଳେଷଦେଲେ, "ଅସ ହେ ଦାସେ ଭକ୍ତମୂର୍ତ୍ତି" (ଜ. ଚ. ୨୪) । ଦାସେ ନମ୍ର ସ୍ୱରରେ କରପଦ୍ମ ଯୋଡ଼ି କହିଲେ, "ପ୍ରଭୁ ମୋର ଉପଦେଶ ନାହିଁ (ଅର୍ଥାତ୍ ମନ୍ତ୍ରଦୀକ୍ଷା ନେଇନାହିଁ) । ଅତଏବ ଏଥିର ସମ୍ବୋଧନର ପାତ୍ର ମୁଁ ନୁହେଁ । ଲୋକ ଯେତେ ବ୍ରତ, ଦାନ, ତପ, ଯଜ୍ଞ, ଶ୍ରାଦ୍ଧ, ଦେବାର୍ଚ୍ଚନ ପ୍ରଭୃତି କଲେ ମଧ୍ୟ ମନ୍ତ୍ର-ଉପଦେଶ ହୋଇନଥିଲେ ଏହା ନିଷ୍ଫଳ ହୁଏ ।" ଏପରି କହିସାରି ଗୁରୁ, ଶିଷ୍ୟ, ମନ୍ତ୍ର ଏମାନଙ୍କର ଉଦେଶପଦ୍ଧ ଓ ପ୍ରଣାଳୀ ସମ୍ବନ୍ଧରେ ଅନେକ କଥା ବ୍ୟକ୍ତ କରିଥିଲେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ପ୍ରଭୃତି ନାନା ଜାତି, ଯତି, ସନ୍ନ୍ୟାସୀ, ବହାତ୍ମଜା ଶୂଦ୍ର । ସ୍ତ୍ରୀ—ଯେ କୌଣସି ଲୋକ ହୋଇଥାଉ ଯେ ଦ୍ୱାଦଶ ପ୍ରେମ (ଭକ୍ତି) ଜାଣେ ତାହାହେଲେ ତାହାଠାରୁ ଦୀକ୍ଷା ନେବ । ଏଥିରୁ କଶୋଷ କଶୋର-

ଯୁଗଳ-ପ୍ରେମ ସ୍ୱରୂପ ଯେ କାରଣ ସେ ପ୍ରେମାଙ୍କ ଭକ୍ତ; ବୈଷ୍ଣବମାନଙ୍କ ମଧ୍ୟରେ ଏହି ଭକ୍ତ ଧନ୍ୟ ଏବଂ ଗୁରୁପଦକୁ ସ୍ୱରୂପ । ଏହାଙ୍କଠାରୁ ରାମାଦ ମନ୍ତ୍ରରାଜ (ହରେ ରାମ ହରେ ରାମ ରାମ ରାମ ହରେ ହରେ । ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ) ନେବା ଉଚିତ । ଏହାପରେ ତାଙ୍କୁ 'ଭକ୍ତମନ୍ତ୍ର' ଅଙ୍ଗ ଲଗାଇବା ପାଇଁ ଦାସେ ଚୈତନ୍ୟଦେବଙ୍କୁ ପ୍ରାର୍ଥନା କଲେ । ଚୈତନ୍ୟ ଆନନ୍ଦିତ ହୋଇ ମତ୍ତ ବଳରାମଦାସଙ୍କୁ ତାଙ୍କ ଦାସଙ୍କୁ ଦୀକ୍ଷାଦେବା ନିମନ୍ତେ ଆଦେଶ ଦେଲେ । ମତ୍ତ ବଳରାମ ଗୋସ୍ୱାମୀ ହୃଦୟାନନ୍ଦ ପଣ୍ଡିତଙ୍କ ଶିଷ୍ୟ, ହୃଦୟାନନ୍ଦଙ୍କ ଗୁରୁ ଗୌରୀ ଦାସ ପଣ୍ଡିତ, ଗୌରୀ ଦାସଙ୍କ ଗୁରୁ ଶ୍ରୀଚୈତନ୍ୟ । (ଭକ୍ତ୍ୟଙ୍ଗ ପ୍ର ମଣି—୧୯) ମତ୍ତ ବଳରାମ ଦାସ ଓଡ଼ିଶାରେ ଚୈତନ୍ୟଦେବଙ୍କ ପଞ୍ଚସଖାଙ୍କ ଭିତରେ ବୟୋଜ୍ୟେଷ୍ଠ, ବଳରାମଦାସ ଶୂଦ୍ର । ସେତେବେଳକୁ ପଞ୍ଚସଖାମଣ୍ଡଳୀ ସୃଷ୍ଟି ହୋଇନଥିଲା । ମତ୍ତ ବଳରାମ ଦାସ ଚୈତନ୍ୟଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇସାରିଥିଲେ । ସେ ସବୁବେଳେ ନାମକୀର୍ତ୍ତନ କରି ଢଳାଢ଼ପାତ କରୁଥିଲେ । ନାମାମୃତ ପାନ କରିବାବେଳେ ଆନନ୍ଦରେ ତାଙ୍କର ରୋମ ପୁଲକିତ ହୋଇଯାଉଥିଲା । ମତ୍ତ ବଳରାମ ସିଂହାସନରେ ସ୍ଥିତି କରି ଜଗନ୍ନାଥ ଦାସଙ୍କୁ ମନ୍ତ୍ରରାଜ ଦୀକ୍ଷା ଦେଲେ । କପାଳରେ ହରିପାଦାକୃତି କରି ଚିତା ଏବଂ ନାସା ଉର୍ଦ୍ଧ୍ୱରୁ ହରିମନ୍ଦିର ଚିତା ଦେଲେ । ତାଳୁରେ ମୁଦ୍ରା ଏ ବସାଇଲେ । କଣ୍ଠର ଡାହାଣରେ ମତ୍ସ୍ୟ ମୁଦ୍ରା ଦେଲେ । ହୃଦରେ ପଦ୍ମାକାର ତିଳକ, ବେନି ବାହୁରେ ଶଙ୍ଖ ଚକ୍ର ଅଙ୍କୁଶର ଚିତା, ନାଭି ଓ କଟିର ଦକ୍ଷିଣରେ ଶ୍ରୀବତ୍ସ ଚିହ୍ନ ଦେଲେ । ଗଳାରେ ତୁଳସୀ-ଧାଡ଼ି ଫୁଲମାଳ ଦେଲେ । ଅନେକ ସ୍ତୁତି, ବାକ୍ୟବନ୍ଧ ଦୃଢ଼ିତ କରି ଗୁରୁ ଶିଷ୍ୟଙ୍କୁ ଡୋର କୌପୀନ ପିନ୍ଧାଇଲେ । ଋଷି, ଛନ୍ଦ, ଅଙ୍ଗନ୍ୟାସ, କରନ୍ୟାସ କରି ଧ୍ୟାନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶକୁ ଧ୍ୟାନକଲେ । ଶ୍ରୀଚୈତନ୍ୟଦେବଙ୍କ ଅନୁମତରେ, ବୈଷ୍ଣବମଣ୍ଡଳ ମଧ୍ୟରେ ନାମ ଉପଦେଶ ଦେଲେ । ସ୍ତୁଶୀ ରାମାଦ (ହରେ ରାମାଦ) ମନ୍ତ୍ର, ପ୍ରେମ ତୋଷଣୀ ମନ୍ତ୍ର, ରାଧାକୃଷ୍ଣ ପ୍ରେମ ଭାବରେ ଯୁଗଳଗାୟତ୍ରୀ ମନ୍ତ୍ର, ଠାକୁରଠାକୁରାଣୀ ମନ୍ତ୍ର, ଶ୍ରୀଜଗନ୍ନାଥ ପଞ୍ଚନାମ କହିଲେ । (ଭ. ଚ. ୨ୟ ଅ.) ।

ଏହି ସନ୍ନ୍ୟାସ ଦୀକ୍ଷା ଗ୍ରହଣ ପରେ ଜଗନ୍ନାଥ ଦାସଙ୍କ ନାମ ସ୍ୱାମୀ ଜଗନ୍ନାଥ ଦାସ ହୋଇଥିବା ମୁଁ ଅନୁମାନ କରୁଅଛି । ସେ ରାଧାଙ୍କ ଅଂଶରୁ ଜନ୍ମ ହୋଇଥିବାରୁ ଏବଂ ରାଧାଭାବରେ ସବୁବେଳେ ତନ୍ମୟ ରହୁଥିବାରୁ ତାଙ୍କୁ ବୈଷ୍ଣବମାନେ 'ସ୍ୱାମୀ' ପରିବର୍ତ୍ତେ 'ସ୍ୱାମିନୀ' ବୋଲି ଶ୍ରଦ୍ଧାରେ ଡାକୁଥିଲେ । ଏହି କାରଣରୁ ଜଗନ୍ନାଥଚରିତାମୃତ ଲେଖକ ଅଠରବଡ଼ ସମ୍ପ୍ରଦାୟର ବୈଷ୍ଣବ ଦିବାକର ଦାସ ଗ୍ରନ୍ଥର ବହୁ ସ୍ଥାନରେ ଜଗନ୍ନାଥ ଦାସଙ୍କୁ 'ସ୍ୱାମିନୀ' ବୋଲି ପରିଚିତ କରାଇଅଛନ୍ତି ।

**ଚୈତନ୍ୟ 'ପରିବ୍ରାଜକ' 'ଅତିବଡ଼ି' ଜଗନ୍ନାଥଃ**—ଦୀକ୍ଷା-ଗ୍ରହଣ ପରେ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟ ଦେବଙ୍କ ପାଖରେ ରହୁଥିଲେ । ପ୍ରାତଃକାଳରେ ଚୈତନ୍ୟଙ୍କ ଶଯ୍ୟାତ୍ୟାଗଠାରୁ ଆରମ୍ଭକରି ରାତିରେ ଶୟନ ପର୍ଯ୍ୟନ୍ତ ତାଙ୍କର ସବୁ ସେବା ଦାସେ କରୁଥିଲେ । ଚୈତନ୍ୟଙ୍କୁ କୃଷ୍ଣଙ୍କ ଅଂଶରୁ ଜାତ ବୋଲି ସବି ରାଧାଂଶରୁ ଜାତ ଦାସେ ତାଙ୍କର ସେବାରେ ନିଜକୁ ନିଯୁକ୍ତ କରିଥିଲେ । ପ୍ରଭାତରୁ ଉଠି ଦନ୍ତକାଠ ଦେଇ ମୁଖ ଧୌତ କରୁଥିଲେ । ଚୈତନ୍ୟଙ୍କ ଶଯ୍ୟାକୁ ମାର୍ଜନ କରୁଥିଲେ । ତାଙ୍କର ଦନ୍ତଧାବନ, ସ୍ନାନମାର୍ଜନ, ବସ୍ତ୍ରପରିଧାନ ପ୍ରଭୃତି ଦାସେ ସ୍ୱହସ୍ତରେ କରୁଥିଲେ । ପ୍ରଭୁ ଜଗନ୍ନାଥଙ୍କ ଦର୍ଶନବେଳେ ଚୈତନ୍ୟଙ୍କ ସଙ୍ଗେ ଦାସେ ମଧ୍ୟ ରହୁଥିଲେ । ଚୈତନ୍ୟଙ୍କ ଚରଣଧୌତ, ନିର୍ମାଲ୍ୟସେବା, ପ୍ରସାଦସେବା ପ୍ରଭୃତି ନିଜେ ଦାସେ କରୁଥିଲେ । ଚୈତନ୍ୟ ଦେବଙ୍କୁ ହାତ ଧୋଇବାପାଇଁ ଜଳ ମଧ୍ୟ ସେ ଦେଉଥିଲେ । ଦାସେ ଚୈତନ୍ୟଙ୍କ ଅଙ୍ଗରେ ଚନ୍ଦନ ଲେପନକରି ଚାମର ଧରି ବସିଥିଲେ । ଶୟନ ସମୟରେ ଚୈତନ୍ୟଙ୍କ ପାଦସେବା ମଧ୍ୟ ଦାସେ କରୁଥିଲେ । ଏହାପରେ ଉଚ୍ଚସ୍ୱରରେ ହରେରାମକୃଷ୍ଣ କୀର୍ତ୍ତନ କରି ଦାସେ କାଳହରଣ କରୁଥିଲେ । ଏହି ଭାବରେ ସର୍ବଦା ଦାସେ ଚୈତନ୍ୟଙ୍କ ସେବାରେ ତନ୍ମୟ ଥିଲେ । ଏଥିରେ ଚୈତନ୍ୟ ଅତ୍ୟନ୍ତ ପ୍ରୀତ ହୋଇ ଏ ସ୍ନେହଶୀଳ ସେବାର କାରଣ ଜାଣିବା ଉଦ୍ଦେଶ୍ୟରେ ଦାସଙ୍କୁ ତାଙ୍କର ଦୁର୍ବିପାକ ପ୍ରସଙ୍ଗ ପ୍ରଶ୍ନ କଲେ । ନିତ୍ୟବୈକୁଣ୍ଠବାସୀ ନିତ୍ୟକୃଷ୍ଣ ଓ ନିତ୍ୟରାଧା ଏକାନ୍ତ ଭାବ ବେଳେ ପରସ୍ପରକୁ ଦେଖି ଦୁହେଁ ହସିବାରୁ କୃଷ୍ଣଙ୍କ ହାସରୁ

ଚୈତନ୍ୟ ଓ ରାଧାଙ୍କ ହାସରୁ ଜଗନ୍ନାଥ ଦାସ ଜନ୍ମ ହୋଇଥିବା ଏବଂ ଚୈତନ୍ୟ-କୃଷ୍ଣଙ୍କ ଆଦେଶରେ ମର୍ତ୍ତ୍ୟଧାମରେ ପୂର୍ବେ ଅବତୀର୍ଣ୍ଣ ହେବା ପ୍ରସଙ୍ଗ ଦାସେ ବର୍ଣ୍ଣନା କରିଥିଲେ । ଚୈତନ୍ୟଙ୍କର ସ୍ୱ ପୂର୍ବ ସିଦ୍ଧାନ୍ତ ଗଢ଼ ଅନେକ ଠାନରେ ଜାଣିବାରୁ ସେ ଦାସଙ୍କ ହୃଦୟର ସତ୍ୟତା ଉପଲବ୍ଧି କଲେ ଏବଂ ଦାସଙ୍କୁ ବହୁ ପ୍ରଶଂସା କଲେ । ଚୈତନ୍ୟ ଦେବ ସ୍ୱ ଅଙ୍ଗରୁ ପାଟ୍ଟଶାଢ଼ି କଷାବସନ କାଢ଼ି ଦାସଙ୍କ ମସ୍ତକରେ ବାନ୍ଧିଦେଲେ ଏବଂ 'ଅତିବଡ଼' ବୋଲି କୋଇଲେ । ଦାସଙ୍କୁ ଚୈତନ୍ୟ ଦେବ କହିଲେ, "ଆଜି ମୋ ଆନନ୍ଦର ଦୁର୍ଲ୍ଲଭ ଚରିତ କହିଲ । ଯେଉଁ କଥା ଯୋଗୀନ୍ଦ୍ରମାନଙ୍କୁ ଅଗମ୍ୟ ତାହା ତୁମ୍ଭେ କହିଲ । ପୂର୍ବ ସିଦ୍ଧାନ୍ତ ପ୍ରସଙ୍ଗ ସତ୍ୟ । ତୁମ୍ଭର ଏହା ସ୍ମରଣ ହେବା ପ୍ରସ୍ତବକ । ଏହା ଅତି ବଡ଼ କଥା ।" "ଅତି ବଡ଼ କଥା କହିଲ । ତେଣୁ ଅତିବଡ଼ ହୋଇଲ ।" ଅତିବଡ଼ ପଦବୀର ସାର୍ଥକତା ସ୍ୱୟଂ ଶ୍ରୀଚୈତନ୍ୟ ହିଁ ସ୍ୱ ମୁଖରେ ବ୍ୟକ୍ତ କରିଛନ୍ତି । ( ଜ. ଚ. ୩ୟ ଅ. )

ଏହି ସେବାକୁ ଲକ୍ଷ୍ୟକରି ବୋଧହୁଏ ଭକ୍ତଗ୍ରନ୍ଥମଣିରେ ଜଗନ୍ନାଥ ଦାସଙ୍କୁ 'ମହାନ୍' ଏବଂ ଶ୍ରୀଚୈତନ୍ୟଙ୍କ ପରିସ୍ପୃହକ ବୋଲି ଲେଖିଛନ୍ତି ।

"ମହାନପି ଜଗନ୍ନାଥ ଦାସସ୍ତତ୍ର ପରିସ୍ପୃହକଃ ।"

( ୧୯ ଉଲ୍ଲାସ—ଭକ୍ତଗ୍ରନ୍ଥମଣି )

ପ୍ରଥମେ ଶ୍ରୀଚୈତନ୍ୟ ଦାସଙ୍କୁ ଶ୍ରଦ୍ଧାରେ ଅତିବଡ଼ ବୋଲି ଡାକନ୍ତି । ଚୈତନ୍ୟ ଏପରି ଡାକିବାରୁ ଅନ୍ୟମାନେ ଭକ୍ତିରେ ଦାସଙ୍କୁ ଅତିବଡ଼ ବୋଲି ଡାକିଲେ । କ୍ରମେ ଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ଭିତରେ ଥିବା ଘନିଷ୍ଠତା ବୃଦ୍ଧି ପାଇଲା । ଦାସଙ୍କ ପ୍ରତି ଲୋକଙ୍କର ଶ୍ରଦ୍ଧା ଓ ଭକ୍ତି ମଧ୍ୟ ବର୍ଦ୍ଧିତ ହେବାକୁ ଲାଗିଲା ।

ଶ୍ରୀଚୈତନ୍ୟ ଦେବ ଜଗନ୍ନାଥ ଦାସଙ୍କୁ 'ଅତିବଡ଼' ବୋଲି ଡାକିବାରୁ ଚୈତନ୍ୟଙ୍କ ବଙ୍ଗୀୟ ଶିଷ୍ୟମାନଙ୍କ ଭିତରୁ କେତେଜଣ ଦୁଃଖିତ ହୋଇଥିବା ଏବଂ ସେହି କାରଣରୁ ପୁରୁଷୋତ୍ତମ କ୍ଷେତ୍ର ତ୍ୟାଗକରି ବୃନ୍ଦାବନରେ ବାସ କରିବା ବିଷୟ ଦିବାକର ଦାସ ସ୍ୱ ଗ୍ରନ୍ଥରେ ଲେଖିଛନ୍ତି । ଜଗନ୍ନାଥ ଦାସଙ୍କ

ସମ୍ଭବତ ବିଶେଷ ଘନିଷ୍ଠତା ଲଭି ତାଙ୍କୁ ଅପେକ୍ଷାକୃତ ଅଧିକ ଆଦର ଦେଖାଇ ଥିବାରୁ ଏବଂ 'ଅତିବଡ଼' ପଦବୀ ଦାନ କରିଥିବାରୁ ଏହି ବୈଷ୍ଣବମାନେ ଶ୍ରୀଚୈତନ୍ୟଙ୍କୁ ଏହି ସମ୍ପର୍କରେ ସେମାନଙ୍କର ମନୋଭାବ ଜଣାଇଥିଲେ । ସେମାନେ କହିଥିଲେ, "ଉତ୍କଳୀୟ ବ୍ରାହ୍ମଣ ଆସିଲା, ତାହାଙ୍କୁ ଅତିବଡ଼ ବୋଲ । ସବୁ ବୈଷ୍ଣବେ ହେଲୁ ସାନ, ତାହାଙ୍କ ଅତିବଡ଼ ନାମ ।" ସେମାନଙ୍କୁ ଚୈତନ୍ୟ କହିଲେ, "ଏ କ୍ଷେତ୍ରର ଟେକା, ପଥର, ଝିଙ୍କାରି, କାଠ, ବାଲି ପ୍ରଭୃତି କ୍ଷୁଦ୍ର ପଦାର୍ଥ ମଧ୍ୟ ଅନ୍ୟ ଦେଶ ପକ୍ଷରେ ଦେବତା । ମନୁଷ୍ୟ କଥା ବା କେତେ ? ଏହିହେତୁ ଦାସଙ୍କୁ ଅତିବଡ଼ ବୋଲି ଡାକିବା ଠିକ୍ ହୋଇଛି ।" ମହାପ୍ରଭୁ ଚୈତନ୍ୟଙ୍କ ଉତ୍ତର ଶୁଣି ଏ ବୈଷ୍ଣବମାନେ ଦୁଃଖିତ ହେଲେ ଏବଂ ଏଠାରେ ଆଉ ରହିବା ଉଚିତ ନୁହେଁ ବୋଲି ମନରେ ସ୍ଥିରକରି ପୁରୁଷୋତ୍ତମ ତ୍ୟାଗକଲେ । ନବଦ୍ୱୀପ ଯିବା ସେମାନଙ୍କର ଲକ୍ଷ୍ୟ ଥିଲା । ବାଟରେ ଯାଜପୁରରେ କିଛିଦିନ ରହିଲେ । ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟ ଅନ୍ୟ ବୈଷ୍ଣବଙ୍କ ସହିତ ଅବସ୍ଥାନ କଲେ । କିଛିଦିନ ପରେ ଚୈତନ୍ୟଙ୍କ ମନରେ ଦୟା ହେଲା । ସେମାନଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ଆଣିବା ପାଇଁ ସେ ହରିଦାସଙ୍କୁ ଯାଜପୁର ପ୍ରେରଣ କଲେ । ହରିଦାସ ଚୈତନ୍ୟଙ୍କଠାରୁ ଲିଖିତ ବାର୍ତ୍ତା ମଧ୍ୟ ସଙ୍ଗରେ ନେଇଥିଲେ । ଯାଜପୁରରେ ବୈଷ୍ଣବମାନଙ୍କୁ ଭେଟି ଚୈତନ୍ୟଙ୍କ ମନୋଭାବ ବ୍ୟକ୍ତ କରିଥିଲେ । ବୈଷ୍ଣବମାନେ ପ୍ରସିଦ୍ଧ ବିରଜାନାଥ ମନ୍ଦିରରେ ଏକ ସଭା କରି ଏହାର ଆଲୋଚନା କଲେ । ଜଗଦାନନ୍ଦ ଚକ୍ରବର୍ତ୍ତୀ ଶ୍ରୀଚୈତନ୍ୟଙ୍କ ବାର୍ତ୍ତା ସଭାରେ ପାଠକଲେ । ଚୈତନ୍ୟ ଦେବ ଏକ ଶ୍ଳୋକ ଏହି ମର୍ମରେ ଲେଖିଥିଲେ—

ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦା ହରିଃ ।

"ତୃଣ ପ୍ରାୟେକ ନୀଚ ହେବ, ତରୁ ପ୍ରାୟେ ସର୍ବ ସହିବ ।
ମାନ୍ୟରେ ଆନନ୍ଦ ହୋଇବ, ଅମାନ୍ୟେ ଦୁଃଖ ନ କରିବ ।
ତେବେ ବୈଷ୍ଣବ ସିଦ୍ଧି ହୋଇ, ନୋହିଲେ ଭକ୍ତି ନାଶ ଯାଇ ।"

ବଙ୍ଗର କଣସ୍ୱାର ବୈଷ୍ଣବମାନେ ସୁରଦାସଙ୍କୁ କହିଲେ, "ଯଦି ପ୍ରଭୁଙ୍କର ଆଗଠାରେ ତୁମ୍ଭେ ଅଛ ତେବେ ସେ ଜଣେ ଆସି ଏଠାରୁ ଆମ୍ଭମାନଙ୍କୁ ନେଇ ଯାଆନ୍ତୁ ।" ସୁରଦାସ ଯାଜନଗରୁ ଫେରିଆସି ଚୈତନ୍ୟଙ୍କୁ ସବୁକଥା ଜଣାଇଲେ । ଚୈତନ୍ୟ ନଦିଆ ଯିବା ସ୍ଥିରକଲେ । ଜଗନ୍ନାଥ ଦାସଙ୍କୁ ସଙ୍ଗରେ ଯିବା ପାଇଁ କହିବାରୁ ଦାସେ କହିଲେ, "ମୋ ସକାଶୁ ଏତେ କଷଣ । ମୁଁ ଗଲେ ଅନନ୍ଦିତ ହେବେ ନାହିଁ, ଫଳରେ ଆପଣଙ୍କ ଉଦ୍ଦେଶ୍ୟ ପଣ୍ଡ ହେବ ।" ଚୈତନ୍ୟଦେବ କହିଲେ, "ତୁମ ସହିତ ସେଠି ବୈଷ୍ଣବ-ମାନଙ୍କର ମେଳ କରାଇଦେବ । ସେମାନଙ୍କର ମନରୁ ଦୁଃଖ ଦୂର ହୋଇଗଲେ ସଦ୍‌ଭାବ ଜାତ ହେବ ।" ଦାସେ ଏଥିରେ ରାଜି ହେବାରୁ ଚୈତନ୍ୟ ଛଅ ବୈଷ୍ଣବ ଓ ଦାସଙ୍କୁ ଧରି ଯାଜନଗର ଗଲେ । ସେଠାରେ ଛଅ ଦିନ ଅବସ୍ଥାନ କଲେ । ବୈଷ୍ଣବମାନେ ଆନନ୍ଦିତ ହେଲେ । ଚୈତନ୍ୟଦେବ ସେଠାରେ ମଧ୍ୟ ଦାସଙ୍କୁ ଅତିବଡ଼ ବୋଲି ଡାକୁଥିବାରୁ ବୈଷ୍ଣବମାନେ ପୁଣି ମନରେ ଦୁଃଖକଲେ ଏବଂ ଶ୍ରୀକ୍ଷେତ୍ରକୁ ଫେରିଯିବାକୁ ଅମଙ୍ଗ ହେଲେ । ଚୈତନ୍ୟ ଦେବ ଶ୍ରୀକ୍ଷେତ୍ରକୁ ଫେରି ଆସିଲେ ଏବଂ ବୈଷ୍ଣବମାନେ ବଣ-ବନ୍ଧୁପୁରକୁ ବାହାରିଗଲେ ।

ଏହାର ଏକବର୍ଷ ପରେ ଏହି ବୈଷ୍ଣବମାନେ ଚୈତନ୍ୟଙ୍କ ଦର୍ଶନ ପାଇଁ ଲାଳାୟିତ ହୋଇ ମାଧବଦାସଙ୍କ ହସ୍ତରେ ପତ୍ର ପ୍ରେରଣକଲେ । ସେମାନେ ଲେଖିଥିଲେ—

"କ୍ଷେତ୍ର ଦେବତା ଦରଶନ, ତୀର୍ଥମାନଙ୍କୁ ସେ ଗମନ ।
ଯେବେ ପ୍ରଭୁଙ୍କ ଅଙ୍ଗୀକାର, ତେବେ ଗମିବୁ କ୍ଷେତ୍ରବର ।"

ଚୈତନ୍ୟ ଦେବ ଏଥିରେ ରାଜି ହେଲେ ନାହିଁ । ସେ ଶ୍ରୀକ୍ଷେତ୍ର ତ୍ୟାଗ କରି ତୀର୍ଥଭ୍ରମଣ କରିବାକୁ ସ୍ୱୀକାର କଲେ ନାହିଁ । ସେ ଉତ୍ତରରେ ଏକ ଶ୍ଳୋକ ଏହି ମର୍ମରେ ଲେଖିଥିଲେ—"ମୁଁ କାଶୀପୁର, ମଧୁପୁର, ଗୋପନଗର, ବୃନ୍ଦାବନ, ଦ୍ୱାରକା, ଗଙ୍ଗାସଙ୍ଗମ, ଅଯୋଧ୍ୟା, ବଦ୍ରିକା ଦେଖିଛି । ଏଥିରେ ପୂର୍ବେ ଲୁବ୍ଧ ଥିଲି; ପୁଣି ଅନ୍ତରେ ତାହା ଛାଡ଼ିଲି । ସକଳ ତୀର୍ଥକ୍ଷେତ୍ର ଛାଡ଼ି ନୀଳକନ୍ଦରରେ ଜଗନ୍ନାଥ ବିଜେ କରି ଜଗତଙ୍କୁ ମୋହିଲେ । ତେଣୁ ମୁଁ

ତାଙ୍କୁ ଅନ୍ୱେଷଣ କରନ୍ତୁ । ଏ ଅଙ୍ଗ ଥିବା ପର୍ଯ୍ୟନ୍ତ ଏହି କ୍ଷେତ୍ରକୁ କଦାପି ଛାଡ଼ିବ ନାହିଁ ।" ଏ ଉତ୍ତର ମାଧବଦାସ ବୈଷ୍ଣବମାନଙ୍କୁ ଦେଲେ । ନିରାଶ ହୋଇ ବୈଷ୍ଣବମାନେ ଶ୍ରୀକ୍ଷେତ୍ରରୁ ଚୈତନ୍ୟଙ୍କୁ ଫେରାଇ ଆଣିବା ଆଶା ତ୍ୟାଗକଲେ । (ଜ. ଚ. ମଧ୍ୟ ଖ.) ଚୈତନ୍ୟ ଦେବ ଶ୍ରୀ ଜଗନ୍ନାଥ ଦାସଙ୍କୁ ଅଧିକ ମାନ୍ୟ କରିବାରୁ ଏହି ସଂଘର୍ଷ ହୋଇଥିବା ଦିବାକର ଦାସ ଲେଖିଛନ୍ତି । ସନାତନ-ରୂପାଦି ବୈଷ୍ଣବମାନେ ବୃନ୍ଦାବନ ଠାରୁ ଅଧିକ ଠାବ ଦେବାରୁ ଏହା ମୁଖ୍ୟ କାରଣ ବୋଲି ଦିବାକର ପ୍ରତିପାଦନ କରିଛନ୍ତି । ସଂସ୍କୃତ ଗ୍ରନ୍ଥ-ମାନଙ୍କରେ ସେହିସବୁ ତଥ୍ୟ ମିଳୁଛି ସେସବୁ ଭିତରେ ମଧ୍ୟ ବହୁତ ଅମେଳ ଦେଖାଯାଏ । ଚୈତନ୍ୟ ଦେବ ସମ୍ବନ୍ଧ, ସତ୍ତ୍ୱ; ତାଙ୍କୁ ଯେ ଯେପରି ଭାବରେ ଯେପରି ଦେଖିଛି ସେପରି ଲେଖିଛି । ବିଶେଷତଃ ଦିବାକରଙ୍କ ପରି ଚୈତନ୍ୟଙ୍କ ପରବର୍ତ୍ତୀ ଲେଖକମାନେ ଜନଶ୍ରୁତି ଉପରେ ମଧ୍ୟ ନିର୍ଭର କରିଥିବେ । ପୁଣି ସ୍ୱ ଗୁରୁଙ୍କ ମହିମା ପ୍ରତିପାଦନରେ ବହୁ ଅଲୌକିକ ଓ ସ୍ୱକୀର୍ତ୍ତି-ପ୍ରତିପାଦକ ଘଟଣାର ଅବତାରଣା କରିବା ପ୍ରବୃତ୍ତିରେ ଏକ ସ୍ୱାଭାବିକ ସରଣୀ ହୋଇଥାଏ । କିନ୍ତୁ ଏଥିରେ ସତ୍ୟର ଅପଳାପ ହୋଇଛି ବୋଲି କହିବା ମୋତେ ସଙ୍ଗତ ନୁହେଁ, କାରଣ ସମସାମୟିକ ଘଟଣାବଳୀରେ ମଧ୍ୟ ବିଭିନ୍ନତା ଲକ୍ଷ୍ୟ କରାଯାଇଥାଏ । ଦିବାକର ଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ତିରୋଧାନର ବହୁବର୍ଷ ପରେ ଜନ୍ମଗ୍ରହଣ କରିଥିବା ଅନୁମାନ କରାଯାଏ । ସ୍ୱ ସମ୍ପ୍ରଦାୟ ଭିତରେ ପ୍ରଚଳିତ ଥିବା ପ୍ରବାଦ ଓ କିମ୍ବଦନ୍ତୀ ଉପରେ ନିର୍ଭର କରି ସେ ଜୀବନୀ ଲେଖିଥିବା ସ୍ପଷ୍ଟ ଜଣାଯାଉଛି ।

ଚୈତନ୍ୟ ଦେବ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିଲାବେଳେ ବହୁ ବୈଷ୍ଣବ ତାଙ୍କଠାରୁ ପ୍ରେମ-ଭକ୍ତି-ଧର୍ମତତ୍ତ୍ୱ ସମ୍ବନ୍ଧେ ବ୍ୟାଖ୍ୟାନ ଶୁଣି ଧନ୍ୟ ହେଉଥିଲେ । ଜଗନ୍ନାଥ ଦାସ ଚୈତନ୍ୟଙ୍କ ସେବାରେ ବହୁକାଳ ରହୁଥିବାରୁ ସେସବୁ ବ୍ୟାଖ୍ୟାନ ଶୁଣିବା ସୌଭାଗ୍ୟ ତାଙ୍କର ହୋଇଥିଲା । ପରବର୍ତ୍ତୀ ସମୟରେ ଦାସଙ୍କଠାରୁ ବହୁ ବୈଷ୍ଣବ ଓ ଶିଷ୍ୟ ପ୍ରେମଭକ୍ତି ସମ୍ବନ୍ଧରେ ବ୍ୟାଖ୍ୟାନ ଶୁଣିଥିବେ । ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର, ନିମାଇ ସନ୍ନ୍ୟାସ, "ସ୍ୱକୀୟା-ପରକୀୟା ସାଧନ" ପ୍ରଭୃତି ବିଷୟରେ ସେ ଯେଉଁ ତତ୍ତ୍ୱ ପ୍ରକାଶ

କରିଛନ୍ତି ବୋଲି ଦିବାକର ସ୍ଵଗ୍ରନ୍ଥରେ ଲେଖିଛନ୍ତି । ସେଥିରେ ପୂର୍ବେ ଚୈତନ୍ୟ ବାଖ୍ୟା କରିଥିବା ମତ ଅଦ୍ଭୁତ ସମନ୍ଵୟ ରକ୍ଷିତ ହୋଇଥିବା ଛନ୍ଦକାର ସ୍ପଷ୍ଟ ସ୍ଵୀକାର କରିଛନ୍ତି ।

ଶ୍ରୀକ୍ଷେତ୍ର ପୁରୁଷୋତ୍ତମରେ ଶ୍ରୀଚୈତନ୍ୟ ଚତୁର୍ବିଂଶ ବର୍ଷ ଅତିବାହିତ କରିଥିଲେ । ଏହା ଭିତରୁ କେବଳ ଛଅବର୍ଷ ପର୍ଯ୍ୟଟନ କରିଥିଲେ । ଚୈତନ୍ୟଦେବଙ୍କ ଅଦ୍ଭୁତ ପ୍ରତାପରୁଦ୍ରଙ୍କ ପରିଚୟ ହେବା ପରେ ପ୍ରତାପରୁଦ୍ର ଚୈତନ୍ୟଙ୍କୁ ବହୁ ମାନ୍ୟ କରୁଥିଲେ । ମହାପ୍ରଭୁଙ୍କୁ ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ଵରେ ବକୁଳମଠରେ ରହିବା ପାଇଁ ପ୍ରତାପରୁଦ୍ର ବ୍ୟବସ୍ଥା କରିଦେଇଥିଲେ । ଠାକୁର ହରିଦାସ ମଧ୍ୟ ଏହି ମଠରେ ଅବସ୍ଥାନ କରୁଥିଲେ । ସେତେବେଳକୁ ଏହି ମଠଟି ମୁଣ୍ଡିଆ ମଠ ନାମରେ ପରିଚିତ ଥିଲା । ପରେ ବକୁଳ ମଠ ନାମରେ ଖ୍ୟାତ ହେଲା । ସ୍ଵୟଂ ଶ୍ରୀଚୈତନ୍ୟ ବକୁଳ ଦାନ୍ତକାଠିଟିଏ ଦନ୍ତଧାବନ ପରେ ମଠ ପ୍ରାଙ୍ଗଣରେ ପୋତି ଦେଇଥିଲେ । ସେହି ଦାନ୍ତକାଠି ଗଛ ହେଲା । ବର୍ତ୍ତମାନ ସେଠି ବୃକ୍ଷଟି ଦେଖାଯାଉଛି ତାହା ଚୈତନ୍ୟ-ରୋପିତ ବୃକ୍ଷ ବୋଲି କୁହାଯାଉଛି ଏବଂ ଏହି ପରଂପରା ସ୍ମୃତି ଜାଗ୍ରତ କରୁଛି । କିନ୍ତୁ କବି ଈଶ୍ଵର ଦାସ ପ୍ରଣୀତ ଓଡ଼ିଆ ଭାଷାରେ ସୁଦୀର୍ଘ ଗ୍ରନ୍ଥ (ନଅ ଅକ୍ଷରୀ ବୃତ୍ତ)ରେ ରଚିତ "ଶ୍ରୀଚୈତନ୍ୟ ଭାଗବତ" ନାମକ ବୃହତ୍ ଗ୍ରନ୍ଥରେ ଏହି ବକୁଳବୃକ୍ଷ ସମ୍ପର୍କରେ ଅନ୍ୟପ୍ରକାର ଲେଖିଛନ୍ତି । ଚୈତନ୍ୟଦେବ ଅତର ବହୁଦିନବ୍ୟାପୀ ଅଷ୍ଟପ୍ରହର କୀର୍ତ୍ତନ କରାଇଥିଲେ । ଶେଷଦିନ ବକୁଳ-ମଠରେ କୀର୍ତ୍ତନ ଶେଷ ହୋଇଥିଲା । ଏହାର ସ୍ମାରକ ସ୍ଵରୂପ ଚୈତନ୍ୟଦେବ ବକୁଳ ମଞ୍ଜିଟିଏ ମଠ ପ୍ରାଙ୍ଗଣରେ ପୋତି ଦେଇଥିଲେ । ସେହି ମଞ୍ଜିରୁ ବକୁଳବୃକ୍ଷ ହେଲା । ଏହି ବୃକ୍ଷର ନାମ ଅନୁସାରେ ମଠର ନାମ ବକୁଳମଠ ହେଲା । ଏହି ମଠଟି କାଶୀ ମିଶ୍ରଙ୍କ ବଗିଚାର ପୂର୍ବ ଭାଗରେ ଅବସ୍ଥିତ ।

ଚୈତନ୍ୟଦେବ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିବାବେଳେ ଛଅବର୍ଷ କାଳ (ଖ୍ରୀ. ଅ. ୧୬ ଶ.) ଜଗନ୍ନାଥ ଦାସ ବାଲ୍ୟରୁ ତାଙ୍କ ପାଖରେ ରହି ପରିଜନ ରୂପରେ ସେବାକରି ନିଜକୁ ଧନ୍ୟ ମନେ କରୁଥିଲେ ଏବଂ ଚୈତନ୍ୟଙ୍କ ଆନନ୍ଦ ବର୍ଦ୍ଧନ କରୁଥିଲେ । ଶ୍ରୀକ୍ଷେତ୍ରରେ ସମ୍ଭବତଃ ଖ୍ରୀ: ୧୫୧୯-୩୦ରେ

ଚୈତନ୍ୟଙ୍କ ପ୍ରତ୍ୟାଖ୍ୟାନ ହୋଇଥିଲା । ଏହାପରେ ଜଗନ୍ନାଥ ଦାସ ନିଜକୁ ପ୍ରଭୁ ଜଗନ୍ନାଥଙ୍କ ସେବାରେ ନିୟୋଜିତ କରିଥିଲେ ।

କିନ୍ତୁ ସନାତନରୂପାଦି ବୈଷ୍ଣବ ଗୋସ୍ୱାମୀମାନଙ୍କ ପ୍ରତି ଚୈତନ୍ୟଦେବଙ୍କ ଶ୍ରଦ୍ଧା କିମ୍ବା ଚୈତନ୍ୟଙ୍କ ପ୍ରତି ଏମାନଙ୍କର ଶ୍ରଦ୍ଧା ଓ ଭକ୍ତି କୌଣସି ସମୟରେ ହ୍ରାସ ପାଇଥିବା ଜଣାଯାଏ ନାହିଁ । ଅବଶ୍ୟ ଚୈତନ୍ୟଦେବଙ୍କ ପୁରୀ ଅବସ୍ଥାନ କାଳ ମଧ୍ୟରେ, ଅର୍ଥାତ୍ ପ୍ରାୟ ଅଠରବର୍ଷ ଭିତରେ, ଏହି ବୈଷ୍ଣବଗୋସ୍ୱାମୀମାନେ ବହୁ ସମୟ ଶ୍ରୀକ୍ଷେତ୍ରରେ ରହୁନଥିଲେ । ଏହାର କାରଣ, ସ୍ୱୟଂ ଚୈତନ୍ୟଦେବଙ୍କ ନିର୍ଦ୍ଦେଶରେ ଏମାନେ ବୃନ୍ଦାବନର ପୁନରୁଦ୍ଧାର ପାଇଁ ଲାଗିଥିଲେ । ଓଡ଼ିଶାର ପଞ୍ଚସଖାମାନଙ୍କର ଓ ଅନ୍ୟାନ୍ୟ ଓଡ଼ିଆ ଲେଖକମାନଙ୍କ ଗ୍ରନ୍ଥମାନଙ୍କରେ ପଞ୍ଚସଖାଙ୍କ ସମ୍ବନ୍ଧରେ ଯେଉଁପରି ତଥ୍ୟ ମିଳେ ସମସାମୟିକ ବଙ୍ଗୀୟ ବୈଷ୍ଣବଗ୍ରନ୍ଥ କିମ୍ବା ଶ୍ରୀଚୈତନ୍ୟ ଭାଗବତ, ଶ୍ରୀଚୈତନ୍ୟଚରିତାମୃତ, ଶ୍ରୀଚୈତନ୍ୟ ମଙ୍ଗଳ ପ୍ରଭୃତି ଗ୍ରନ୍ଥମାନଙ୍କରେ ଏହି ସବୁ ତଥ୍ୟ ସ୍ଥାନ ପାଇ ନଥିବାରୁ ଓଡ଼ିଆଙ୍କର ଯାହା ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ସେ ସବୁ ମିଥ୍ୟା ନୁହେଁ ବୋଲି ଅନୁମାନ କରିବା ପାଇଁ ଯଥେଷ୍ଟ କାରଣ ରହିଛି । କେବଳ ଘଟଣାର ସୂକ୍ଷ୍ମ ବର୍ଣ୍ଣନା ସମ୍ବନ୍ଧରେ ମତଭେଦର ଅବକାଶ ଥାଇପାରେ, କିନ୍ତୁ ଉଭୟଙ୍କର ଗୁରୁ ଭକ୍ତି, ଧର୍ମ ଓ ପ୍ରାକ୍ତନ ବିବରଣୀକୁ ଅବିଶ୍ୱାସ କରିବାପାଇଁ କାରଣ ନାହିଁ ।

**ଜଗନ୍ନାଥଙ୍କ ଦାସ ଜଗନ୍ନାଥ ଦାସ**—ଦୀକ୍ଷା ନେବାପରେ ଜଗନ୍ନାଥ ଦାସ କେବଳ 'ଧାର୍ମିକ' ଜୀବନଯାପନ କଲେ । ଗୁରୁ ଆଜ୍ଞା ପାଳନ କରିବାରେ ସେ ସବୁବେଳେ ତତ୍ପର ଥିଲେ । ମନ୍ତ୍ରଜପ ଭଜନକରି ସେ ଦିନ କଟାଉଥିଲେ । ବେଦପୁରାଣର ବଚନକୁ ସେ ଆଦରରେ ପାଳନ କରୁଥିଲେ । ବେଦୋକ୍ତ ଧର୍ମମାର୍ଗ ଆଚରଣ କରୁଥିଲେ । ସେ ବାହ୍ୟକୁ ନିତ୍ୟକର୍ମ କରୁଥିଲେ, କିନ୍ତୁ ଭିତରେ ରାଗମାର୍ଗ ଚିନ୍ତା କରୁଥିଲେ । ଗୁରୁପ୍ରସାଦ ମହାମନ୍ତ୍ର କୀର୍ତ୍ତନ କଲାବେଳେ ତାଙ୍କର ଓଷ୍ଠ ଧୀରେ ଧୀରେ କମ୍ପୁଥିଲା । ସେ ପ୍ରେମରେ ଜରଜର ହୋଇଯାଉଥିବାରୁ ତାଙ୍କର ବାହ୍ୟ ପ୍ରକାଶ ସ୍ତବ୍ଧ ଜଣାପଡୁଥିଲା,

ଉନ୍ମାଦ ଲୀଳାପରି ପଦକ୍ଷେପ କରୁଥିଲେ । କିନ୍ତୁ ଅଳ୍ପକ୍ଷଣ ପରେ ସେ ପୁଣି ଶାନ୍ତ ହୋଇଯାଉଥିଲେ ଏବଂ ହରେକୃଷ୍ଣ ନାମ ଉଚ୍ଚାରଣ କରୁଥିଲେ ।

ସେ ବଡ଼ଦେଉଳ ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ବଟଗଣେଶ ମନ୍ଦିର ନିକଟସ୍ଥ କଳ୍ପବଟ ତଳେ ସବୁବେଳେ ପଡ଼ିରହୁଥିଲେ ଏବଂ ସେଠାରୁ ଦେଉଳର ଜଗମୋହନକୁ ଯିବାଆସିବା କରୁଥିଲେ । ପ୍ରଭାତରୁ ଦ୍ୱିପ୍ରହର ଧୂପ ପର୍ଯ୍ୟନ୍ତ ଏହିପରି ଭାବରେ ରହୁଥିଲେ । ବେଳେବେଳେ ତାଙ୍କର ସଂଜ୍ଞା ଲୋପ ହୋଇଯାଉଥିଲା । ଚେତା ହେଲେ ସେ 'ହା ହା ଜଗନ୍ନାଥ' ବୋଲି ଡାକୁଥିଲେ । ସେ ସବୁବେଳେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଧ୍ୟାନ ଓ ନିର୍ମାଲ୍ୟ ସେବନ ଏବଂ ଜଗନ୍ନାଥଙ୍କ ଗୁଣ ସ୍ତୁତି, ମୁଖରେ 'ଜଗନ୍ନାଥ' ବୋଲି ଆନନ୍ଦଲାଭ କରୁଥିଲେ । ପ୍ରଭୁ ଜଗନ୍ନାଥଙ୍କର ଶ୍ରୀଅଙ୍ଗ-ତୁଳସୀ ଆଘ୍ରାଣକରି, ଶ୍ରୀଅଙ୍ଗ-ଛଡ଼ା ଚନ୍ଦନ ଦେହରେ ଘଷି, ଶ୍ରୀଅଙ୍ଗ-ଲାଗି ଧଣ୍ଡା ଗଳାରେ ଲଗାଇ ଠାକୁରଙ୍କ ସବୁ ସେବାରେ, ସବୁ ଯାତ୍ରା ମହୋତ୍ସବରେ ଆଗୁଆ ହେଉଥିଲେ । ଜଗନ୍ନାଥ ଠାକୁରଙ୍କ ଦିନ ଧୂପ, ପାଞ୍ଚ ଅବକାଶରେ ସବୁ ବିଧିକୁ ସେ ଦେଖୁଥିଲେ । ଧୂପଦୀପ ଦେଖି ତାଙ୍କ ଶରୀରରେ ରୋମାଞ୍ଚ ଜାତ ହେଉଥିଲା । ଧୂପ, ମଙ୍ଗଳ ଆଳତି, ଅବକାଶ ଆଦି ସବୁ ସେବାବେଳେ ସେ ଉପସ୍ଥିତ ରହୁଥିଲେ । ଏସବୁ କାର୍ଯ୍ୟରେ ସେବକମାନଙ୍କ ସହିତ ସହଯୋଗ କରି ଆନନ୍ଦ ଉପଭୋଗ କରୁଥିଲେ । ଦେଉଳରେ ଲୋକେ ଥିବା ପର୍ଯ୍ୟନ୍ତ ଅର୍ଥାତ୍ ବଡ଼ସିଂହାର ବେଶଶେଷ ପର୍ଯ୍ୟନ୍ତ ଗୋସ୍ୱାମୀ ବଡ଼ଦେଉଳ ଭିତରେ ରହୁଥିଲେ । ଏହାପରେ ମଠକୁ ଯାଇ ବିଶ୍ରାମ ନେଉଥିଲେ । ସେ ସମ୍ପୂର୍ଣ୍ଣ-ରୂପେ ନିଜକୁ ଶ୍ରୀଜଗନ୍ନାଥଙ୍କଠାରେ ବଳୀ କରିଦେଇଥିଲେ, ପ୍ରଭୁ ଜଗନ୍ନାଥଙ୍କ ଛଡ଼ା ତାଙ୍କର ଅନ୍ୟ ଚିନ୍ତା ନଥିଲା । ଶୋଇବାବେଳେ ମଧ୍ୟ କୃଷ୍ଣଙ୍କ ଚରଣ ଧ୍ୟାନକରି ଶୟନ କରୁଥିଲେ । ସେ ଭକ୍ତିରେ ନାନାଉପାୟ କରି ବସ୍ତ୍ର, ଶଯ୍ୟା, ସ୍ୱାସ୍ଥ୍ୟ, ନିଦ୍ରା, ଭୋଜନ, ସ୍ନାନ, ବେଶ ସବୁ ଜଗନ୍ନାଥଙ୍କୁ ଅର୍ପଣ କରିଦେଇ ଶାନ୍ତିରେ ଜୀବନଯାପନ କରୁଥିଲେ । ବ୍ରାହ୍ମଣକୁଳର ଯାବତୀୟ କର୍ମ, ସ୍ନାନ, ଜପ, ହୋମ, ସନ୍ଧ୍ୟା ଦେବତାପୂଜନ, ବୈଶ୍ୱଦେବାଦି ପୂଜା ପ୍ରଭୃତି ତ୍ୟାଗ କଲେ । ଯତିମାନଙ୍କର ଧର୍ମକୁ ମଧ୍ୟ

ଆଦର କଲେ ନାହିଁ । ସେ "ଜାଣି ସବକର୍ମ ତେଜିଲେ । ଏହା ଜଗନ୍ନାଥେ ଭଜିଲେ ।" ( ଜ. ଚ. ୧୦ମ ଅ. )

ସେ ପୂର୍ବେ ଯେଉଁ ସନ୍ଧ୍ୟାଦି ଅନୁଷ୍ଠାନ କରୁଥିଲେ ତାହା ଭକ୍ତି ବଳରେ ତ୍ୟାଗ କଲେ । ସେ ବନ୍ଧୁକୁଟୁମ୍ବ, ମିତ୍ର, ଅତିଥି ସମସ୍ତଙ୍କ ସଙ୍ଗକୁ ଗ୍ରାହ୍ୟ ଦୂରରେ ରଖିଲେ । ଅଷ୍ଟାଙ୍ଗ ଯୋଗରେ ମୁକ୍ତି ଅଛି କିନ୍ତୁ ଭକ୍ତି ନ ଥିବାରୁ ତାକୁ ମଧ୍ୟ ତ୍ୟାଗକଲେ ।

ସତ୍ୟରେ ଜପଯଜ୍ଞ, ତ୍ରେତାରେ ଦାନ, ଦ୍ୱାପରରେ ପାଦସେବନ ଓ କଳିରେ ନାମକୀର୍ତ୍ତନ ସାର ଥିବାରୁ ସେ ନାମକୀର୍ତ୍ତନରେ ମନ ଦେଲେ । ସତ୍ୟରେ ଅବଧୂତ ବେଶ, ତ୍ରେତାରେ ସନ୍ନ୍ୟାସ ବେଶ, ଦ୍ୱାପରରେ ବ୍ରହ୍ମଚର୍ଯ୍ୟ ବେଶ ଓ କଳିରେ ବୈରାଗୀ ବେଶ ଉପଯୁକ୍ତ ଥିବାରୁ ସେ ସବୁ ବେଶଧର୍ମ ତ୍ୟାଗକରି ଡୋରି କୌପୀନ ପରିଧାନ କଲେ ।

ସେ ସବୁଦିନ ପ୍ରଭାତରୁ ଉଠି ନିତ୍ୟକର୍ମମାନ ସାରି କଣ୍ଠରେ ମାଳା, କପାଳରେ ଶ୍ରୀଚନ୍ଦନର ଚିତା, ଦେହ ବାହୁରେ ଶଙ୍ଖଚକ୍ର ଚିହ୍ନ ଏପରି ତିଳକ କରୁଥିଲେ । ତା'ପରେ ପାହାନ୍ତି ଅବକାଶ ବେଳେ ବଡ଼ଦେଉଳ ଭିତରେ ପଶନ୍ତି । ଜଗନ୍ନାଥଙ୍କ ଆଗରେ ଖଟଣି ସେବାରେ ରହୁଥିଲେ । ଗନ୍ଧ ଧୂପ, ପାଞ୍ଚ ଅବକାଶରେ ଜଗନ୍ନାଥ ପାଖରେ ରହି ଆନନ୍ଦ ଉପଭୋଗ କରୁଥିଲେ । ଦେଉଳରେ ବାହାରି ବଡ଼ସିଂହଦ୍ୱାର ପର୍ଯ୍ୟନ୍ତ ସ୍ୱାମୀ ରହୁଥିଲେ । ପ୍ରଭୁ ପଙ୍କ୍ତିରେ ବସିଲେ ହେବାପରେ ସ୍ୱାମୀ ଅବଢ଼ା (ମହାପ୍ରସାଦ) ଧରି ଆଶ୍ରମକୁ ଫେରୁଥିଲେ । ପାଞ୍ଚସାତ ଗୁଣ୍ଡା ମହାପ୍ରସାଦ ସେବନକରି ସେ ରାତି ଉଜାଗର ରହୁଥିଲେ ଏବଂ ସବୁବେଳେ ମନ୍ତ୍ରରାଜ (ହରେ ରାମ କୃଷ୍ଣ ଷୋଡ଼ଶାକ୍ଷର ମନ୍ତ୍ର) ଜପ କରୁଥିଲେ । (ଜ. ଚ. ୧୦ମ ଅ.)

ଭକ୍ତ ଜଗନ୍ନାଥ ଦାସ ଭଗବତ୍ ପ୍ରେମରେ ଆତ୍ମହରା ହୋଇଥିଲେ । ନିଜକୁ ସଂପୂର୍ଣ୍ଣରୂପେ ଭୁଲିଯାଇ ପ୍ରଭୁଙ୍କ ପଦରେ କାୟ-ମନ-ବାକ୍ୟରେ ଆତ୍ମ-ସମର୍ପଣ କରି ଦେଇଥିଲେ । ଏହେ ପରମ ପଣ୍ଡିତ, ବିଦ୍ୱାନ୍‌ଙ୍କ ପରମଭକ୍ତ ।

ନିଜେ ତାଙ୍କ ଜୀବନରେ ଯେ ସେହି ମହତ୍ତ୍ୱ ଆଦର୍ଶ ଦେଖାଇ ଯାଇଛନ୍ତି ତାହା ଅତି ଦୁର୍ଲଭ ।

"ଯେ ମୂର୍ତ୍ତି ଅଟନ୍ତି ଚୈତନ୍ୟ, ଦିବ୍ୟ ଶରୀର ବର୍ଣ୍ଣ ଗୌର ।
ଶୁଭ୍ରଙ୍କ ଅଙ୍ଗରେ ଉଦ୍ଧୂର, ପ୍ରେମ ସ୍ୱଭାବେ ଜର ଜର ।
ବେଦ ପୁରାଣ ବେଦ ବାଣୀ, ଆଦ୍ୟରେ ପାଳନ୍ତି ତା ପୁଣି ।
କହନ୍ତି ବେଦର ବଚନ, ଯେ ଧର୍ମ ମାର୍ଗ ଆଚରଣ ।
ବାହ୍ୟ ନିତ୍ୟକର୍ମ କରନ୍ତି, ଭିତରେ ଗୁପ୍ତ ମାର୍ଗ ତନ୍ତି ।
ଶ୍ରୀହରି ନାମ ଶୁଣିବାରେ, ଓଷ୍ଠ କମ୍ପଇ ଧୀରେ ଧୀରେ ।
ପ୍ରେମରେ ଜର ଜର ଦେଖୁ, ପ୍ରଳାପ ପ୍ରାୟେ ବାକ୍ୟ ତେଣୁ ।
ଉନ୍ମାଦ ଲଭିଲ ସର୍ବସ୍ୱ, ସ୍ଖଳନ୍ତେ ପାଦଗତି ଶୋଭେ ।
କ୍ଷଣକେ ହୋନ୍ତି ଶାନ୍ତଚିତ୍ତ, ଉଚ୍ଚେ ଡାକନ୍ତି ଜଗନ୍ନାଥ ।
ବହି ତଳେ ଲଣ ପଡ଼ିଅନ୍ତି, ଜଗମୋହନରେ ରହନ୍ତି ।
ଦ୍ୱାରରୁ ହିଣ୍ଡି ଧୂପରେ, ଗଡ଼ନ୍ତି ଆନ୍ତି ପ୍ରେମଭରେ ।
ଯେବେ ସେ ଚେତନା ଲଭନ୍ତି, ଆହା ଜଗନ୍ନାଥ ବୋଲନ୍ତି ।
ଭୂମି ଟାଙ୍କିଲୁ ଥାଇ ଦେହ, କଣ୍ଠ ଗଦ୍‌ଗଦ ଶୁଭଇ ।
ରାଧାକୃଷ୍ଣ ଯୁଗଳ ମୂର୍ତ୍ତି, ତାଙ୍କୁ କ୍ଷଣେ ନ ଛାଡ଼ନ୍ତି ।
ଭରନ୍ତି ନିର୍ମାଲ୍ୟ ଭୋଜନ, ଜଗନ୍ନାଥଙ୍କ ଦରଶନ ।
ଜଗନ୍ନାଥ ନାମ ଶୁଣନ୍ତି, ମୁଖେ ଜଗନ୍ନାଥ ବୋଲନ୍ତି ।
ଶୁଙ୍ଘନ୍ତି ଶ୍ରୀଅଙ୍ଗ ତୁଳସୀ, ଛିଡ଼ା ଚନ୍ଦନ ଅଙ୍ଗେ ଘଷି ।
ଶ୍ରୀଅଙ୍ଗ ଧଣ୍ଡା ଅଙ୍ଗେ ଦେଇ, ସେବାକୁ ଆନ୍ତି ଆଶ ହୋଇ ।
ଯେତେକ ଯାତ୍ରା ମହୋତ୍ସବ, ତହିଁକି ହୋଇଅଛୁ ଆଗ ।
ତ୍ରିଧୂପ ପଞ୍ଚ ଅବକାଶ, ସେବା କରନ୍ତି ପ୍ରଭୁପାଶ ।" (୧୦ମ ଅ.ଜ.ଚ.)

ଏହିପ୍ରକାରରେ ଯେଉଁ ବେଳରେ ଯେଉଁ ସେବା ତାହା ଭକ୍ତଭଗବଦ୍‌-ତତ୍ତ୍ୱରେ ଦର୍ଶନ କରୁଥିଲେ । ଜଗନ୍ନାଥ, ଜଗନ୍ନାଥ ଛଡ଼ା ଅନ୍ୟ କିଛି ଜାଣୁ ନଥିଲେ । ଯଥା ସାଧ୍ୱୀ ପତ୍ନୀ ସ୍ୱାମୀକି ସେବାକଲା ପରି ଜଗନ୍ନାଥଦେବଙ୍କୁ ସେ ସେବା କରୁଥିଲେ ।

"ଶୁଣ ଉଦ୍ଧବ କହୁଅଛି, ଶ୍ରୀଜଗନ୍ନାଥଙ୍କ ପଞ୍ଚୁର ।
ଯେମନ୍ତେ ଜନକ ଦୁଲଣୀ, ରାମଙ୍କୁ ଅନ୍ୟକୁ ନ ଜାଣି ।
ଯେମନ୍ତେ ପଦ୍ମଦୁହିତା, ନିତ୍ୟ ଭଜନ୍ତି ପଞ୍ଚନଥା ।
ଯେମନ୍ତେ ରାଧା ବୃନ୍ଦାବନ, ହୃଦେ ଭଜ ନନ୍ଦନନ୍ଦନ ।
ଯେମନ୍ତେ ଗୋପୀଙ୍କ ଚନ୍ଦନ, କୃଷ୍ଣଙ୍କୁ ଆନକୁ ନ ଜାଣି ।
ତେମନ୍ତ ଦାସେ ଜଗନ୍ନାଥେ, ହୃଦେ ଭାବନ୍ତି ଜଗନ୍ନାଥେ ।" (ଜ. ଚ.)

ପ୍ରତିଦିନ ବଡ଼ସିଂହାର ପର୍ଯ୍ୟନ୍ତ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ଲାଗି ରାତିରେ ଦାସେ ମଠକୁ ଫେରୁଥିଲେ । ରାତି ଜାଗର ରହି ମନ୍ତ୍ରକୁ ଜପ କରୁଥିଲେ ।

## ଦାସଙ୍କର ଅଲୌକିକତା

**(୧) ଦେବକନ୍ୟାଙ୍କ ସେବା—ଦାସଙ୍କଠାରେ ସ୍ତ୍ରୀଭାବ ପ୍ରକଟନ:**—କଥିତ ଅଛି ରାତି ସମୟରେ ଦାସଙ୍କର ସେବା କରିବା ନିମିତ୍ତ ଦୁଇଜଣ ଦେବକନ୍ୟା ପ୍ରତିଦିନ ମଠକୁ ଆସନ୍ତି । ଏ ସମ୍ବନ୍ଧରେ ସେଠି କାହାଣୀ ଶୁଣାଯାଏ, ସେଥିରୁ ଦାସଙ୍କର କି ଅଲୌକିକ ଶକ୍ତି ଥିଲା ତାହା ଜଣାପଡ଼େ । ଥରେ ରାଜା ପ୍ରତାପରୁଦ୍ର, ଜଗନ୍ନାଥ ଦାସଙ୍କର ବୈଶିଷ୍ଟ୍ୟ ଓ ସ୍ୱଭାବ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସେବକମାନଙ୍କୁ ଡାକି ଆଜ୍ଞା ଦେଲେ, "କେତେକ ସ୍ୱାମୀଙ୍କ ସମ୍ବନ୍ଧରେ ବହୁତ ଅଦ୍ଭୁତ କଥା ଶୁଣାଯାଏ । ଏହି ସ୍ୱାମୀଙ୍କ ସ୍ତ୍ରୀଲକ୍ଷଣ ଦୃଶ୍ୟ । ତୁମ୍ଭେମାନେ ରାତି ଦାସଙ୍କ ମଠକୁ ଯାଇ ତାଙ୍କର କର୍ମସବୁ ଦେଖ ।" ଜଗନ୍ନାଥ ଦାସ ଜଗନ୍ନାଥଙ୍କ ମନ୍ଦିରରୁ ଫେରିବା ସମୟରେ ସେବକମାନେ ତାଙ୍କ ପଛେ ପଛେ ତାଙ୍କ ମଠକୁ ଗଲେ । ଦାସେ ମଠରେ ପ୍ରବେଶ ହୋଇ ଅବଢ଼ା ଥୋଇଦେଲା ବେଳିକି ଦୁଇଜଣ ପରମା ରୂପବତୀ ସୁନ୍ଦରୀ ଆସି ତାଙ୍କ ଚରଣକୁ ଜଳରେ ଧୋଇଦେଇ ଆସନରେ ବସାଇଲେ । ମନ୍ଦିରରୁ ଆଣିଥିବା ଅବଢ଼ା ଦାସଙ୍କୁ ଭୋଜନ କରିବାକୁ ଦେଲେ ଏବଂ ଦୁହେଁ ବିଞ୍ଚଣା ନେଇ ତାଙ୍କୁ ବିଞ୍ଚିବାକୁ ଲାଗିଲେ । ଭୋଜନାନ୍ତେ ଆଚମନ କରାଇଦେଇ ପାଳଙ୍କ ଧୋଇ ଶୁଆଇଲେ । କନ୍ୟାମାନେ ଶେଷଅନ୍ନ ଭୋଜନ କଲେ । ଏହାପରେ ସ୍ୱାମୀଙ୍କ ଜପ ପାଇଁ ଆସନ ତିଆରି କଲେ; ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଛବିମାନ

ଓ ଚନ୍ଦନ ତାଙ୍କ ଦେହରେ ଲିପି କରାଇ ତାଙ୍କୁ ବସାଇଦେଲେ । ସ୍ୱାମୀ ମନ୍ତ୍ରରାଜ ଜପିବା ପାଇଁ ଆସନରେ ବସିଲେ । ଏ ଦୁଇ ଯୁବତୀଙ୍କ ନାମ ସୁମେଧା ଓ ମେଧା । ସେମାନେ ପ୍ରତିଦିନ ସ୍ୱାମୀଙ୍କର ସେବା କରନ୍ତି । ସେବକମାନେ ସ୍ୱାମୀଙ୍କ ପାଖରେ ଏହି ରୂପବନ୍ତ ଯୁବତୀମାନଙ୍କୁ ଦେଖି ସ୍ୱାମୀ ଅସଚ୍ଚରିତ୍ର ଲୋକ ଓ ବ୍ୟଭିଚାର କରୁଥିବାରୁ ଶାସ୍ତିଦେବା ପାଇଁ ରାଜାଙ୍କ ପାଖରେ ଯାଇଁ ଜଣାଇଲେ । ରାଜା ସେବକମାନଙ୍କ କଥା ଶୁଣି "ସ୍ୱୟଂ ଚୈତନ୍ୟ ଦେବ ଯାହାଙ୍କୁ ଅତିବଡ଼ ପଦବୀ ଦେଇଛନ୍ତି ତାଙ୍କୁ ମୁଁ ତୁମ କଥାରେ ଦଣ୍ଡ ଦେଇ ନ ପାରେ । ମୁଁ ନିଜେ ସ୍ୱଚକ୍ଷୁରେ ନ ଦେଖିଲେ କିଛି କରିବି ନାହିଁ ।" ପରଦିନ ଅର୍ଦ୍ଧରାତ୍ର ସମୟରେ ରାଜା ନିଜେ ତାଙ୍କ ମଠରେ ଲୁଚି ରହିଲେ । ସେ ମଧ୍ୟ ଏହି ଯୁବତୀମାନଙ୍କ ଆଗମନ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସିଦ୍ଧପୁରୁଷ ଜଗନ୍ନାଥ ଦାସ ରାଜାଙ୍କ ଆଗମନର ଉଦ୍ଦେଶ୍ୟ ଜାଣିପାରି ଏପରି ଆଜ୍ଞା ଦେଲେ, "ମୁଁ ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ଦାସୀ, ସେଥିହେତୁ ମୁଁ ସ୍ତ୍ରୀସ୍ୱଭାବପନ୍ନ । ମୋର ସେବା ସ୍ତ୍ରୀ ବିନା ଆଉ କିଏ କରିବ ? ତୁମ୍ଭର ମନରେ ସନ୍ଦେହ ହେଲେ ଏହି କନ୍ୟା ଦୁହିଁଙ୍କୁ ଧରାଇ ଦେଉଅଛି ।" ଅତିବଡ଼ଙ୍କ କଥା ଶୁଣି ରାଜା କନ୍ୟା ଦୁହିଁଙ୍କୁ ଧରିବା ପାଇଁ ଆଦେଶ ଦେଲେ, କିନ୍ତୁ କନ୍ୟା ଦୁହେଁ ବିଜୁଳିପରି କ୍ଷଣକାଳ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଗଲେ । ରାଜା ସ୍ତମ୍ଭିଭୂତ ହୋଇଗଲେ ଏବଂ ଜଗନ୍ନାଥ ଦାସଙ୍କୁ ବହୁ ସ୍ତୁତି କଲେ । ସ୍ୱାମୀ କହିଲେ— "ପୂର୍ବେ ପୁରୁଷଅଙ୍ଗ ଥିଲି; ପ୍ରେମ ଭାବରେ ସ୍ତ୍ରୀ ହେଲି ।" ଏହି କାରଣରୁ ସ୍ୱାମୀ ମାସକରେ ସତେଇଶି ଦିନ ପୁରୁଷ ଓ ତିନି ଦିନ ସ୍ତ୍ରୀ ହେଉଥିବା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ଦାସଙ୍କର ସ୍ତ୍ରୀଭାବ ପ୍ରକଟନ ସମ୍ବନ୍ଧରେ 'ଭକ୍ତ୍ୟଗ୍ରମଣି' ନାମକ ପୁସ୍ତକରେ ବର୍ଣ୍ଣିତ ଅଛି ଯେ ରାଜା ପ୍ରତାପରୁଦ୍ର ଦେବଙ୍କ ପଟ୍ଟମହିଷୀ ଗୌରୀ ଦେବୀଙ୍କ ଦୀକ୍ଷା ଗ୍ରହଣ ପାଇଁ ଚୈତନ୍ୟ ଦେବଙ୍କୁ ରାଜା ଜଣାଇଲେ । ରାଣୀଙ୍କୁ ଦୀକ୍ଷା ଦେବାପାଇଁ ଜଣେ ସ୍ତ୍ରୀଗୁରୁ ଆବଶ୍ୟକ ମନେକରି ଚୈତନ୍ୟଦେବ ଅତିବଡ଼ଙ୍କୁ ଦୀକ୍ଷା ଦେବାପାଇଁ କହିଲେ । ନିଜେ ପୁରୁଷ ଥିବାରୁ ଅତିବଡ଼ କହିଲେ, "ମୁଁ ପୁରୁଷ, କିପରି ଦୀକ୍ଷା ଦେବି ?" ଏହା ଶୁଣି ଚୈତନ୍ୟ ଦେବ

କହିଲେ, "ତୁମ୍ଭେ ସ୍ତ୍ରୀଲିଙ୍ଗ ଧାରଣ କର ।" ତତ୍‌କ୍ଷଣାତ୍ ଜଗନ୍ନାଥ ଦାସଙ୍କ ଅଙ୍ଗରେ ସ୍ତ୍ରୀ ଚିହ୍ନ ଦୃଶ୍ୟ ହେଲା । ରାଜା ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସାର୍ବଭୌମଙ୍କୁ ଏହା କହିଲେ । ସାର୍ବଭୌମ ଜଗନ୍ନାଥ ଦାସଙ୍କ ସିଦ୍ଧ ଅଙ୍ଗ ପ୍ରସଙ୍ଗ ବର୍ଣ୍ଣନା କରି ଦାସଙ୍କର ପ୍ରଶଂସା କଲେ । ଏହାପରେ ରାଜା ପଞ୍ଚମନ୍ତ୍ରୀଙ୍କୁ ଦୀକ୍ଷା ଗ୍ରହଣ କରାଇଲେ । ବର୍ତ୍ତମାନ ଯେଉଁଠାରେ ବଡ଼ ଓଡ଼ିଆ ମଠ ଅଛି ତାହା ଜଗନ୍ନାଥ ଦାସଙ୍କ ପୀଠ ବୋଲି ଖ୍ୟାତ । ଏହା ପ୍ରତାପରୁଦ୍ରଙ୍କ ରାଣୀ ଗୌରୀଦେବୀଙ୍କ ନଅର ଥିଲା । ରାଣୀ ମନ୍ତ୍ରଶିଷ୍ୟା ହୋଇଗଲା ପରେ ସ୍ୱାମୀ ଜଗନ୍ନାଥ ଦାସ ଏହି ନଅରରେ ଅବସ୍ଥାନ କରୁଥିଲେ ।

**(୬) ମହାପ୍ରଭୁ ଜଗନ୍ନାଥଙ୍କ ଚନ୍ଦନଲାଗି:**—ଅତଃପର ଜଗନ୍ନାଥଙ୍କ ଅଲୌକିକତା ସମ୍ବନ୍ଧରେ ଅନ୍ୟ ଗୋଟିଏ ଘଟଣାର ବର୍ଣ୍ଣନା ଦେଉଅଛୁ । ଥରେ ବୋଇତ ବ୍ୟବସାୟୀ କାଶୀରାମ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଥିଲେ । ସେ ମହାପ୍ରଭୁଙ୍କ ଦର୍ଶନ କରିସାରିବା ପରେ ରାଜା ପ୍ରତାପରୁଦ୍ରଙ୍କ ଦର୍ଶନ କରି ଉପହାର ଚନ୍ଦନ ବା ଶ୍ରୀଖଣ୍ଡ ଚନ୍ଦନ ଟେକାଟିଏ ମହାପ୍ରଭୁଙ୍କ ସେବା ନିମନ୍ତେ ରାଜାଙ୍କୁ ଭେଟି ଦେଲେ । ଏହି ଚନ୍ଦନ ଦଶସ୍ତକାର ସୁବର୍ଣ୍ଣ ଖର୍ଚ୍ଚାରେ ନିର୍ମିତ ହୋଇଥିଲା । ଚନ୍ଦନ, କର୍ପୂର, କସ୍ତୁରୀ ଓ ଅନ୍ୟାନ୍ୟ ବାସଦ୍ରବ୍ୟ ମିଶି ଫଳାହୋଇ ପ୍ରସ୍ତୁତ ହୋଇଥିଲା । ଦଶକୋଶ ପର୍ଯ୍ୟନ୍ତ ଏହାର ବାସ ମହକି ଯାଉଥିଲା । ପିତ୍ତ ଫୁଟିଥିବ, ସେଥିରେ ଟୋପାଏ ଏଥିରୁ ଏକ ତୋଳା ଲଗାଇ ଦେଲେ ସୁଦ୍ଧା ଶୀତଳ ହୋଇଯିବ । ଏଭଳି ଅମୂଲ୍ୟ ଶ୍ରୀଖଣ୍ଡ ଚନ୍ଦନ ପାଇବା ପରେ ରାଜା ନିଜ ନଅରରେ ରଖିଲେ । ଉକ୍ତ ଚନ୍ଦନକୁ ରାଜା ମାଖୁଥିଲେ । ସେଠାରେ ସ୍ୱାମୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିକରିଦେବା ପାଇଁ ଦେଲେ । ଦାସେ ଚନ୍ଦନଟିକ ନିଜ ମଠକୁ ନେଇଯାଇ ଚନ୍ଦନ ଘୋରି, ବାହୁରେ ଲେପିଦେଲେ । ଏ କଥା ରାଜାଙ୍କ କାନକୁ ଯିବାରୁ ରାଜା ବିରକ୍ତ ହୋଇ ସ୍ୱାମୀଙ୍କୁ କୈଫିୟତ ମାଗିଲେ । ସ୍ୱାମୀ କହିଲେ ସେ ଜଗନ୍ନାଥଙ୍କ ଅଙ୍ଗରେ ଚନ୍ଦନ ଲେପି ଦେଇଛନ୍ତି । ରାଜା ପରୀକ୍ଷା କରି ଦେଖିଲେ, ସେହି ଚନ୍ଦନ

ସ୍ୱାମୀ ଜାନୁରେ ଯଦିପି ଦେଇଥିଲେ ତାହା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଅଛି । ରାଜା ସନ୍ତୁଷ୍ଟ ହୋଇ ସ୍ୱାମୀଙ୍କ ଚରଣରେ ବନ୍ଦନ କଲେ । ଏହାପରଠାରୁ ଦାସ ଅତିବଡ଼ଙ୍କର ମହିମା ବ୍ୟାପିବାକୁ ଲାଗିଲା । କି ସ୍ତ୍ରୀ କି ପୁରୁଷ ସମସ୍ତେ ଭେଦଭାବ ଭୁଲି ତାଙ୍କଠାରୁ ଉପଦେଶ ଶ୍ରବଣ କରିବାକୁ ଲାଗିଲେ ।

**(ଗ) ଅଷ୍ଟଭୁଜ ଜଗନ୍ନାଥ ଦାସ:**—ଶ୍ରୀମତ୍ ଜୀବଗୋସ୍ୱାମୀକୃତ “ଜଗନ୍ନାଥଚରିତାମୃତସିନ୍ଧୁ” ନାମକ ସଂସ୍କୃତ ଗ୍ରନ୍ଥରେ ଲିଖିତ ଅଛି, ଥରେ ରାଜା ପ୍ରତାପରୁଦ୍ରଦେବ ମନ୍ଦିରକୁ ଯାଉଥିବା ସମୟରେ ବଟମୂଳରେ ଜଗନ୍ନାଥଦାସଙ୍କୁ ଭାଗବତ ପାଠ କରୁଥିବାର ଦେଖି ଶବ୍ଦ ମୁଗ୍ଧ ହୋଇ ଯାଉଥିଲେ । ଦାସଙ୍କ ଚରଣ ତଳେ ପ୍ରଣିପାତ କଲାବେଳେ ତାଙ୍କର ଭାବାବେଶ ହୋଇଥିଲା ଏବଂ ଜଗନ୍ନାଥ ଦାସ ଅଷ୍ଟଭୁଜ ହୋଇ ଥିବାର ରାଜା ଦେଖିଥିଲେ । ଚାରୋଟି ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଦୁଇଟି ହସ୍ତରେ ଧନୁଶର ଓ ଅନ୍ୟ ଦୁଇଟି ହସ୍ତରେ ବଂଶୀ ଧରି ଦାସେ ଶ୍ରୀକୃଷ୍ଣ ରୂପ ଧାରଣ କରିଅଛନ୍ତି; ଏହି ମୂର୍ତ୍ତି ଦର୍ଶନ କରି ରାଜା ନିଜକୁ କୃତାର୍ଥ ମଣିଥିଲେ ।

**ଅଲୌକିକ ପାଣ୍ଡିତ୍ୟ:**—ବ୍ରହ୍ମାନନ୍ଦଙ୍କ ପରାଜୟ—ଥରେ ବ୍ରହ୍ମାନନ୍ଦ ନାମରେ ଜଣେ ଦିଗ୍ବିଜୟୀ ପଣ୍ଡିତ ଏକଶତ ଶିଷ୍ୟଙ୍କୁ ଧରି ଛତ୍ରିଏ ବିଜୟ ପତାକା ଉଡ଼ାଇ ଉଡ଼ାଇ ପୁରୀରେ ଉପସ୍ଥିତ ହେଲେ । ବ୍ରହ୍ମାନନ୍ଦ ମହାନ୍ ପଣ୍ଡିତ । ସେ ରାଜାଙ୍କୁ ପୃଚ୍ଛା କରିଲେ ଯେ ତାଙ୍କୁ ବ୍ରହ୍ମବିଦ୍ୟା ପଢ଼ାଇବ । ସେ ସମୟରେ ଶ୍ରୀକ୍ଷେତ୍ରରେ ଯେତେ ପଣ୍ଡିତ ଥିଲେ ସମସ୍ତେ ବ୍ରହ୍ମାନନ୍ଦଙ୍କର ପାଣ୍ଡିତ୍ୟରେ ଭୀତ ହୋଇ ତର୍କ କରିବା ନିମନ୍ତେ ଆସିଲେ ନାହିଁ । ପଣ୍ଡିତ ସାତଦିନ ଯାଏ ଅପେକ୍ଷା କରି ଶେଷରେ ଚତୁର୍ଦ୍ୱାରେ ପତାକା ଉଡ଼ାଇ ପ୍ରସ୍ଥାନ କରିବାକୁ ବସିଅଛନ୍ତି, ଏପରି ସମୟରେ ଜଗନ୍ନାଥ ଦାସ ତାଙ୍କ ନିକଟରେ ଉପସ୍ଥିତ ହୋଇ ମୁକ୍ତିତର୍କ କରିବାକୁ ଲାଗିଲେ । ପ୍ରଥମେ ପଣ୍ଡିତ ଦାସଙ୍କୁ ପଚାରିଲେ, “ବ୍ରହ୍ମ କେତେ ପ୍ରକାର ?” ଏହାର ଉତ୍ତରରେ ସ୍ୱାମୀ ଅଦ୍ୱୈତବାଦ ଖଣ୍ଡନ କରି ଅଚିନ୍ତ୍ୟଭେଦାଭେଦବାଦ ପ୍ରତିପାଦନ

କଲେ । ଚୁଦ୍ଧାନନ୍ଦ ଦାସଙ୍କର ମୃତ୍ୟୁରେ ପରମ ତୃପ୍ତି ଲାଭକଲେ ଏବଂ ନିଜର ଚେତାଖାଙ୍କୁ ଖଣ୍ଡି ପକାଇ ସ୍ୱାମୀଙ୍କ ଶିରରେ ଗୋଟିଏ ଦଣ୍ଡା ପଡ଼ନ୍ତ ବାଡ଼େଇଦେଲେ ।

**ଭାଗବତ ରଚନା:**—ଅତଏବ ଜଗନ୍ନାଥ ଦାସ ଭାଗବତ ରଚନା କରିବା କାରଣ ସମ୍ବନ୍ଧରେ “ଦାର୍ଢ୍ୟତାଭକ୍ତି-ରସାମୃତ”ରେ ଭକ୍ତ ବୈଷ୍ଣବ ଶ୍ରୀରାମ ଦାସ ଏକ କାହାଣୀ “ଜଗନ୍ନାଥ ଦାସ” ଅଧ୍ୟାୟରେ ଦେଇଛନ୍ତି—କିନ୍ତୁ ପଶ୍ଚାଣକି ଉତ୍କଳବାସୀ ‘ପ୍ରାକୃତଭାଷା’ରେ ଭାଗବତ ରୂପରେ ଲେଖି ଅମର ହୋଇଛନ୍ତି । ଦୋର୍ଣ୍ଣାଗଡ଼ା ସାରଳେଶ୍ୱର ଦେବଙ୍କ ବସୁଲିଙ୍ଗୀ ଅଞ୍ଚଳରେ ଖ୍ରୀ: ୧୨୭୯ରେ ଛନ୍ଦ କି ସମ୍ପୂର୍ଣ୍ଣ କରିଛନ୍ତି । ଜଗନ୍ନାଥ ଦାସଙ୍କ ତିରୋଧାନର ପ୍ରାୟ ଦୁଇଶହ ବର୍ଷ ପରେ ଏହି କାହାଣୀଟି ଲିପିବଦ୍ଧ ହୋଇଥିଲେ ମଧ୍ୟ ଏହା ପ୍ରଚଳିତ କିମ୍ବଦନ୍ତୀ ଉପରେ ନିର୍ଭରକରି ଲେଖା ହୋଇଥିବା ଅନୁମିତ ହୁଏ ।

ପୁରୁଷୋତ୍ତମ କ୍ଷେତ୍ରବାସୀ ବିପ୍ର ଜଗନ୍ନାଥ ଦାସ ଜଣେ ସୁଲକ୍ଷଣ ପଣ୍ଡିତ, ସୁଜାଣ, ଚତୁର, ବିବେକ, ଶାନ୍ତସ୍ୱଭାବ, ଧୀରଚିତ୍ତ, ଧାର୍ମିକବୁଦ୍ଧି, ଉଦାରଶୀଳ, ସଦାନନ୍ଦମୟ ଲୋକ । ସକଳ ଶାସ୍ତ୍ରରେ ସେ ‘ଦକ୍ଷ’; ସୃଷ୍ଟି ପାପପୁଣ୍ୟ କଥା ଜାଣିଥିଲେ । ସେ ଏ ଘୋର ସଂସାରରୁ ତରିବା ନିମନ୍ତେ ସର୍ବଦା ଚିନ୍ତା କରୁଥିଲେ । ସେ ସ୍ଥିରକଲେ ଯେ ଭକ୍ତି ବିନା ଏହି ଅପାର ସଂସାର ପାରହେବା ସମ୍ଭବ ନୁହେଁ । ସେ ପ୍ରତିଦିନ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ମନୋନିବେଶ କରି ଏ ଜୀବ ଉଦ୍ଧାର ନିମନ୍ତେ ଉପାୟ କହିବାକୁ ପ୍ରାର୍ଥନା କରୁଥିଲେ । ତେବେ ପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ତାଙ୍କୁ (ଦାସଙ୍କୁ) ଦୀକ୍ଷା ଦେଇ ସକଳ ଶାସ୍ତ୍ର ମଧ୍ୟରେ ସାର ଭାଗବତ ମହାପୁରାଣକୁ ପ୍ରାକୃତଭାଷାରେ ଗୀତ କରିବା ପାଇଁ ଆଜ୍ଞାକଲେ । ଏହାଦ୍ୱାରା ଦାସେ ନିଜେ ଭବସିନ୍ଧୁ ପାରି ହେବେ ଏବଂ ଅନେକ ପ୍ରାଣୀଙ୍କୁ ମଧ୍ୟ ତାରିବେ, ଏହା ମଧ୍ୟ ପ୍ରଭୁ ଆଜ୍ଞାକଲେ । ଏହି ସୁକାର୍ଯ୍ୟଟିକୁ ଅନୁକୂଳ କରିବା ପାଇଁ ମଧ୍ୟ ଆଦେଶ ଦେଲେ । ଦାସେ ସ୍ୱପ୍ନରେ ପ୍ରଭୁଙ୍କୁ କହିଲେ, ସେ ନରମନ୍ଦ ଜନ୍ମ, ଯେଉଁ ଗ୍ରନ୍ଥ ମୁନିମାନଙ୍କୁ ଅଗୋଚର, ସେ ଗ୍ରନ୍ଥର ବା ସେ କିପରି ଗୀତ ରଚନା କରିବେ ? ପ୍ରଭୁ ଦାସଙ୍କ ବାଣୀ ଶୁଣାଇ-କରି କହିଲେ, “ତୁମ୍ଭେ ବହୁ ଚିନ୍ତା କର ନାହିଁ ! ମୁଁ ଅଛି, ତୁମ୍ଭେ ଗୀତ କର ।

ତୁମ୍ଭର ଦ୍ୱାରପଦ୍ମରେ ବସିଥିବ, ମୁଁ ଯାହା କହିଦେଉଥିବ ତୁମ୍ଭେ ତାହା ସବୁ ଦେଖି ଲେଖ ।” ପ୍ରଭୁ ଅନ୍ତର୍ଦ୍ଧାନ ହେଲେ । ଦାସେ ସ୍ୱପ୍ନରୁ ଉଠି ପ୍ରଭୁଙ୍କ ଆଦେଶକୁ କାର୍ଯ୍ୟରେ ପରିଣତ କରିବାକୁ ତତ୍‌କ୍ଷଣାତ୍ ଅନୁକୂଳ କଲେ । ଶୁକ୍ଳପକ୍ଷରେ ଲେଖନୀପତ୍ର ଧରି ପ୍ରଭୁଙ୍କ ପାଦପଦ୍ମରେ ବସି ଜଗଦୀଶ ମନ୍ଦିରଭିତରେ ଦାସେ କଠିନରୁ କଠିନ ସଂସ୍କୃତମୟ ଶ୍ରୀମଦ୍‌ଭାଗବତ ପୁରାଣକୁ ପ୍ରାକୃତ ଛନ୍ଦରେ ଗୀତ କଲେ ।

ପ୍ରତି ଗୀତ ରଚିତ ହେବା ପରେ ପରେ ଦାସେ ଲୋକଙ୍କୁ ଶୁଣାଇ ମୁଗ୍ଧ କରୁଥିଲେ । ଦାସଙ୍କର ସୁନ୍ଦର ମଧୁର କୋମଳ ପଦାବଳୀ ସାଧୁମାନଙ୍କର ଶ୍ରବଣମଙ୍ଗଳ ହେଉଥିଲା । ସେ ପ୍ରାଣୀମାନଙ୍କର କଲୁଷ ନାଶନ ପାଇଁ ସର୍ବଠାରେ ଭାଗବତ ଗାନ କରୁଥିଲେ । ଏହା ଶୁଣି ଲୋକେ ଅତି ଆନନ୍ଦ ଲାଭ କରୁଥିଲେ । ସ୍ତ୍ରୀପୁରୁଷ, ବାଳବୃଦ୍ଧ ନିର୍ବିଶେଷରେ ସମସ୍ତେ ଏହି ଗୀତକୁ ଓ ଗୀତକର୍ତ୍ତା ଦାସଙ୍କୁ ଶ୍ଳାଘା କଲେ । ତାଙ୍କପ୍ରତି ଲୋକଙ୍କର ଏତେ ବିଶ୍ୱାସ ଓ ଶ୍ରଦ୍ଧା ହୋଇଥିଲା ଯେ ବଡ଼ଲୋକଙ୍କ ଅନ୍ତଃପୁରର ମହିଳାମାନେ ମଧ୍ୟ ତାଙ୍କୁ ନିମନ୍ତ୍ରଣ କରୁଥିଲେ ଏବଂ ତାଙ୍କ ଚତୁଃପଟେ ମଣ୍ଡଳାକାରରେ ବସି ଶ୍ରୀକୃଷ୍ଣଙ୍କ ବାଳଲୀଳା ଶୁଣାଇ ପବିତ୍ର କରିବା ପାଇଁ ଅନୁରୋଧ କରୁଥିଲେ । ଦାସଙ୍କଠାରୁ ଏହି ଦୁର୍ଲ୍ଲଭ ପ୍ରସଙ୍ଗ ଶୁଣି ସେମାନେ ଅପାର ଆନନ୍ଦ ଲାଭ କରୁଥିଲେ । କ୍ରମେ ବହୁ ମହିଳା ତାଙ୍କ ଶ୍ରୀମୁଖରୁ ତାଙ୍କ ଭାଗବତ ଶୁଣିବାକୁ ଲାଗିଲେ । ଭକ୍ତବର ଜଗନ୍ନାଥ ଦାସ ଏହିପରି ଭାଗବତ ଗାୟନ କରୁଥିଲେ । (ଦା. ଭ. ଉ. ୧୫ ଅ.)

ପୁରୁଷୋତ୍ତମ କ୍ଷେତ୍ରର ବଡ଼ଦେଉଳ ଭିତରବେଢ଼ା ମଧ୍ୟରେ ଥିବା ବଟଗଣେଶଙ୍କ ମଣ୍ଡପରେ ମଧ୍ୟ ଦାସେ ସ୍ୱକୃତ ଭାଗବତର ପଦ ଓ ମୂଳ ସଂସ୍କୃତ ଭାଗବତର ଶ୍ଳୋକଗୁଡ଼ିକୁ ଟୀକାଟିପ୍ପଣୀ ସହ ବୁଝାଉଥିଲେ । ଓଡ଼ିଆ ଭାଗବତର ମଧୁର ସରଳ ପଦାବଳୀ ଲୋକଙ୍କ ମନକୁ କିଣି ନେଇଥିଲା । ଭାଗବତ ଯୋଗୁଁ ଜଗନ୍ନାଥ ଦାସେ ଅତି ଲୋକପ୍ରିୟ ହୋଇଥିଲେ ।

**ଭାଗବତ ପାଠର ଲୋକପ୍ରିୟତା ଯୋଗୁଁ ଦାସଙ୍କ ଉପରେ ବିପତ୍ତି:**—ଲୋକପ୍ରିୟତା ଓ ପ୍ରେମଭକ୍ତି ଯୋଗୁଁ ଦାସଙ୍କୁ

ବଳଦେବଙ୍କ ତାଡ଼ନା ସହ୍ୟ କରିବାକୁ ପଡ଼ିଥିଲା । ବଳଦେବଙ୍କ କୁପରାମର୍ଶ ଶୁଣି ଏହି ସମ୍ପର୍କରେ ରାଜା ପ୍ରତାପରୁଦ୍ର ଦେବ ଦାସଙ୍କଠାରୁ ପରୀକ୍ଷା ଦାବୀ ମଧ୍ୟ କରିଥିଲେ । ଦାସଙ୍କର ସ୍ତ୍ରୀରୂପ ଧାରଣ ପ୍ରସଙ୍ଗ ଦିବ୍ୟଦାସ ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି ।

ଲୋକମାନେ ଦାସଙ୍କ ପ୍ରତି ଈର୍ଷାପରବଶ ହୋଇ ରାଜା ପ୍ରତାପରୁଦ୍ରଙ୍କ-ପାଖରେ ଗୁହାରି କଲେ,—ତାଙ୍କ ପୁଣ୍ୟକ୍ଷେତ୍ରରେ ବ୍ରାହ୍ମଣ ଜଗନ୍ନାଥ ଦାସ "ଅନେକ ସ୍ତ୍ରୀଙ୍କୁ ନାଶ କଲେ ।" ପୁଣି ସେମାନେ କହିଲେ, "ମୁଦ୍ରା, ତିଳକ, ମାଳା ଧରି, କପଟେ ବ୍ରହ୍ମଚାରୀ ହୋଇଛି, କାଳରେ ପୁସ୍ତକ ଘାଳି ଜଗନ୍ନାଥ ଦାସ ପ୍ରଭୁପାଦେ ଭୁଲାଉଛନ୍ତି ।" "ସେଠାରେ ବୋଲିଲା ନାରୀଗଣ, ସେ ଜନ୍ମ ତାହାରି ଅନ୍ଧ । ତହିଁ ବସିଣ କରେ ଗୀତ, ତୁଳସୀ ମୁଣ୍ଡ ତାର ହସ୍ତ । ଅର୍ଥ କହନ୍ତି ନାନା ମତେ, ସ୍ତ୍ରୀଙ୍କି ମୋହିବା ନିମନ୍ତେ ।" ଏ ବଡ଼ ଅପକର୍ମ ବୋଲି ସେମାନେ ପ୍ରତିପାଦନ କଲେ । ସେତିକି ନୁହେଁ, ସେମାନେ ପୁଣି କହିଲେ, "ଦାସଙ୍କ ଗୀତ ସେହିତ ନାରୀ ଶୁଣନ୍ତି ତେଣୁ ତାଙ୍କଠାରୁ ଛାଡ଼ି ପାରନ୍ତି ନାହିଁ; ତାଙ୍କୁ ସେପରି ସେବା କରନ୍ତି, ପତିଙ୍କୁ ମଧ୍ୟ ସେପରି ସେବା କରନ୍ତି ନାହିଁ ।" ଏହା ଶୁଣି ରାଜା କୋପ କଲେ । ଏହାର ସତ୍ୟତା ପରୀକ୍ଷା କରିବା ପାଇଁ ଦାସଙ୍କୁ ଦରବାରକୁ ଆଣିଲେ । ପୁରୁଷଙ୍କ ଛାଡ଼ି ସ୍ତ୍ରୀମାନଙ୍କ ମଧ୍ୟରେ ଗୀତ ଗାଇ ଜୀବିକାର୍ଜନ ସ୍ତ୍ରୀମାନଙ୍କ ମେଳରେ ରହିବା ଅନୁଚିତ ବୋଲି ରାଜା ଦାସଙ୍କୁ କହିଲେ ଏବଂ ଏହାର କାରଣ ପଚାରିଲେ । ଲୋକମାନଙ୍କ କଥା ନ ଶୁଣିବା ପାଇଁ ଦାସେ ରାଜାଙ୍କୁ କହିଲେ । ସବୁ ଜାତିର ଲୋକଙ୍କୁ ସ୍ତ୍ରୀ-ପୁରୁଷ-ବାଳ-ବୃଦ୍ଧ ନିର୍ବିଶେଷରେ ସେ ତାଙ୍କର ଗୀତ ଶୁଣିବାକୁ ଇଚ୍ଛା କଲେ ତାଙ୍କୁ ଶ୍ରଦ୍ଧାରେ ଶୁଣାନ୍ତି ଏବଂ ତାର ପାଟରେ ବସନ୍ତି । ବିଶେଷରେ, ସେ ବ୍ରହ୍ମସ୍ୱରୂପ ଥିବାର "ପୁରୁଷେ ପୁରୁଷ ବୋଲିଛି । ସ୍ତ୍ରୀ ସିନା ପରଙ୍କ ଶକ୍ତି ହେଉ ।" ଏହି କାରଣରୁ ସେ କାହାକୁ ଭୟ କରନ୍ତି ନାହିଁ ବୋଲି ମଧ୍ୟ ଦାସେ ରାଜାଙ୍କୁ କହିଲେ । ଯଦି ଦାସେ ତାଙ୍କର ସ୍ତ୍ରୀରୂପ ଦେଖାଇ ପାରିବେ ତାହାହେଲେ ସେ ଦଣ୍ଡରୁ ରକ୍ଷା ପାଇବେ, ଏହା ରାଜା ଦମ୍ଭରେ କହିଲେ ଏବଂ ଦାସଙ୍କୁ ବନ୍ଦୀଘରେ ନେଇ ରଖାଇଦେଲେ ।

ଦାସେ ବନ୍ଦୀଶାଳାରେ ରହି ଜଗନ୍ନାଥଙ୍କୁ କାତର ପ୍ରାର୍ଥନା କଲେ—

"ପ୍ରତାପରୁଦ୍ର ର ଦଣ୍ଡରୁ, ରକ୍ଷା କର ମହାପ୍ରଭୁ ।
ଲଙ୍କାସମୁଦ୍ର ପାର କଲ, ମୁଁ ହେବେ ଶରଣ ତୁମ୍ଭର ।
କରୁଣା କର ପ୍ରଭୁ ମୋତେ, କୀରତି ରହୁ ଏ ଜଗତେ ।
ଏ ଯେ ପୁରୁଷ ରୂପ ଥାଉ, ସ୍ତ୍ରୀ ସ୍ୱରୂପ ମୋର ହେଉ ।
ଦେଖି ନୃପତି ମନୁ ଭଳି, ଖଳଙ୍କ ମୁହେଁ ଲାଗୁ କାଳି ।"

ପ୍ରଭୁ ଭକ୍ତର କାତର ପ୍ରାର୍ଥନା ଶୁଣି ରାତିରେ ତାଙ୍କୁ ସ୍ତ୍ରୀ ରୂପ ଦେଲେ । ପ୍ରାତଃକାଳରେ ରାଜା ଦାସଙ୍କର ସ୍ତ୍ରୀ ରୂପ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସଭାସ୍ଥଳରେ ସମସ୍ତଙ୍କୁ ଦାସେ ମାୟା ବଳରେ ନାରୀ ରୂପ ଦେଖାଇଲେ । ରାଜା ଓ ସଭାସଦ୍‌ବର୍ଗ ଦାସେ ପ୍ରଭୁ ଜଗନ୍ନାଥଙ୍କର ଦାସ ବୋଲି ପ୍ରଶଂସା କଲେ । ରାଜା ତାଙ୍କୁ "ବ୍ରହ୍ମର୍ଷି" ବୋଲି ସମ୍ବୋଧନ କଲେ ।

( ଦା. ଭ. ର. ୬୫ ଅ. )

କବି ଦିବାକର ଦାଶ ଜଗନ୍ନାଥଚରିତାମୃତରେ ଦାସଙ୍କ ନାରୀତ୍ୱ ପ୍ରକଟନ ପ୍ରସଙ୍ଗରେ ଯେଉଁ କାହାଣୀଟି ଦେଇଛନ୍ତି ତାହା ଏହାଠାରୁ ଭିନ୍ନ । ଭାଗବତପାଠ ସମ୍ପର୍କରେ ଏହି ଘଟଣା ଘଟିଥିବା ରାମ ଦାସ ବର୍ଣ୍ଣନା କରୁଛନ୍ତି, କିନ୍ତୁ ଦେବକନ୍ୟାମାନେ ଦାସଙ୍କୁ ସେବା କରୁଥିବା ସମ୍ପର୍କରେ ଏହା ଘଟିଥିବା କହନ୍ତି । ବନ୍ଦୀଶାଳାରେ ଦାସେ ପଡ଼ିଥିବା ରାମ ଦାସ କହୁଛନ୍ତି, କିନ୍ତୁ ଦିବାକର ଦାଶଙ୍କ ବର୍ଣ୍ଣନାରେ ଏହା ନାହିଁ ।

**ପ୍ରତାପରୁଦ୍ରଙ୍କର ଦାସଙ୍କ ପ୍ରତି ଶ୍ରଦ୍ଧା:—ସାତଲହରୀ ମଠ-ପ୍ରତିଷ୍ଠା—**ସ୍ୱୟଂ ଚୈତନ୍ୟଦେବଙ୍କ ଦ୍ୱାରା ଆଦୃତ ହେବାରୁ ପରମବୈଷ୍ଣବ ରାଜା ପ୍ରତାପରୁଦ୍ର ମଧ୍ୟ ଜଗନ୍ନାଥଙ୍କୁ ବେଶୀ ସମ୍ମାନ ଦେଖାଉଥିଲେ । ଚୈତନ୍ୟଦେବଙ୍କ ନିର୍ଦ୍ଦେଶାନୁସାରେ ପ୍ରତାପରୁଦ୍ର ଦାସଙ୍କଠାରୁ ଜଗନ୍ନାଥ ମୂର୍ତ୍ତିର ଉପରି ବ୍ରଜଭାବ ଅର୍ଥାତ୍ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଉପଲବ୍ଧି ହେବ ତାହା

ବୁଝିଥିଲେ । ପ୍ରତାପରୁଦ୍ର ଦେବ ପରମ ସନ୍ତୋଷ ଲାଭକରି ନିଜ ପଞ୍ଚମନ୍ତ୍ରୀଙ୍କ ସାମୟିକ ଅବସ୍ଥାନ ପାଇଁ ସ୍ୱୀୟ ବଡ଼ଦେଉଳର ପଶ୍ଚିମରେ ଯେଉଁ ଉଆସ ତିଆରି ହୋଇଥିଲା ସେଥିରେ ଦାସଙ୍କୁ ରହିବା ପାଇଁ ପ୍ରାର୍ଥନା କରିଥିଲେ । ଦାସେ ରାଜାଙ୍କ ଅନୁରୋଧ ରକ୍ଷାକରି କିଛିକାଳ ସେଠାରେ ଅବସ୍ଥାନ କରିଥିଲେ । ବର୍ତ୍ତମାନ ସେହି ସ୍ଥାନ ଓଡ଼ିଆ ମଠ ନାମରେ ପରିଚିତ । କିନ୍ତୁ ଏହି ସ୍ଥାନଟି ଜନାକୀର୍ଣ୍ଣ ଥିବାରୁ ତାଙ୍କର ଧ୍ୟାନ ଓ ଦେବକାର୍ଯ୍ୟରେ ବ୍ୟାଘାତ ପଡ଼ିଲା । ଏହିହେତୁ ନିର୍ଜ୍ଜନ ସ୍ଥାନ ଦେଖି ସମୁଦ୍ର କୂଳରେ ଏକ ମଠ ତିଆରି କରି ସେଠାରେ ରହିଲେ । ସେ ମଠର ନାମ ସାତଲହରୀ ମଠ । କଥିତ ଅଛି, ସମୁଦ୍ର ଲହରୀର ଗର୍ଜ୍ଜନରେ ଦାସଙ୍କର ଭଜନ ଧ୍ୟାନ ଇତ୍ୟାଦିରେ ଅସୁବିଧା ଘଟିବାରୁ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ । ପ୍ରଭୁଙ୍କ ଆଦେଶ-କ୍ରମେ ସମୁଦ୍ର ସାତଲହରୀ ପଛକୁ ଘୁଞ୍ଚିଯାଇଥିଲା । ସେହେତୁ ଏହି ମଠଟିର ନାମ ସାତଲହରୀ ମଠ ବୋଲି ପରିଚିତ ହେଲା ।

**ସ୍ୱାମୀଙ୍କଠାରୁ ରାଜାଙ୍କର ଭକ୍ତିତତ୍ତ୍ୱ ଶ୍ରବଣ :**—ଜଗନ୍ନାଥ ଦାସଙ୍କୁ ଦୈବକନ୍ୟାମାନେ ସେବା କରିବା ପ୍ରସଙ୍ଗର ସନ୍ତୋଷଜନକ ସମାଧାନ ପରେ ରାଜା ପ୍ରତାପରୁଦ୍ରଙ୍କର ଦାସଙ୍କ ପ୍ରତି ଭକ୍ତି ବୃଦ୍ଧି ପାଇଲା । ଦିନେ ସେ ବଡ଼ଦେଉଳର ଜଗମୋହନରେ ଉପସ୍ଥିତ ହୋଇ ବିନମ୍ର ସହକାରେ ଦାସଙ୍କୁ ପଚାରିଲେ, "ଭକ୍ତି କଣ ? କେଉଁ ମନ୍ତ୍ରରେ ଭକ୍ତ ଜାତ ? ଶ୍ରୀଜଗନ୍ନାଥ ମୂର୍ତ୍ତି ସହ ମେଶାଇ ରାଧାକୃଷ୍ଣଙ୍କ ପ୍ରେମମୟ ମୂର୍ତ୍ତିରେ କେଉଁଠାରେ ଅଛି ବୁଝାଇ କହନ୍ତୁ ।" ସ୍ୱାମୀ ଏପରି ବୁଝାଇଲେ,—"ଆଦ୍ୟରେ ତ୍ରିକୋଣ କରିବ, ପରେ ତାକୁ ଷଟ୍‌କୋଣ କରିବ । ତହିଁରୁ ଅଷ୍ଟଦଳ, ବତିଶ ଦଳ, ଚଉଷଠି ଦଳ, ଶତ ଦଳ, ସହସ୍ର ଦଳ କରିବ । ବଡ଼ଦେଉଳ ସହସ୍ର ଦଳ । ଏହି ସହସ୍ର ଦଳ ପଦ୍ମ ଉପରେ ପ୍ରଭୁ ଜଗନ୍ନାଥ ବିହାର କରୁଛନ୍ତି । ବେଢ଼ା ଶତଦଳ, ଏହାହିଁ ପଦ୍ମାବରଣ । ଜଗମୋହନ ଷୋଳ ଦଳ । ଜନାଶ୍ୱାଟ ବତିଶି ଦଳ । ମଝି ବେଢ଼ା ଚଉଷଠି ଦଳ । ସିଂହାସନ ଷଟ୍‌କୋଣ । ଏହି ସିଂହାସନ-ଷଟ୍‌କୋଣ ରାଧାଙ୍କ ହୃଦୟ ମଧ୍ୟରେ ଅଛି ।

ଏହି ସହସ୍ରଦଳ ପଦ୍ମ ଉପରେ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଜଗନ୍ନାଥ ରୂପରେ ବିହାର କରୁଛନ୍ତି । କଳିଯୁଗର ଶିରୋମଣି କୃଷ୍ଣଭଜନ ।" ଇତ୍ୟାଦି ।

( ଜଗନ୍ନାଥଚରିତାମୃତ ୧୨ଶ. ଅ. )

**ଗୋସ୍ୱାମୀଙ୍କ ସହିତ ବଳରାମ ଦାସଙ୍କ ଭେଟ:**—ଥରେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସ୍ୱାମୀ ସ୍ୱଶିଷ୍ୟ ହରି ଦାସଙ୍କ ସଙ୍ଗରେ ବଡ଼ଦେଉଳକୁ ଯିବାବେଳେ ସିଂହଦ୍ୱାରଠାରେ "ଜଗମୋହନ ରାମାୟଣର ରଚୟିତା ମହାକବି ଗୋପାଳ-କୁଳଗୁରୁ ବଳରାମ ଦାସ ତାଙ୍କୁ ଭେଟିଲେ । ବଳରାମ ସ୍ୱାମୀଙ୍କୁ ଦଣ୍ଡ ପ୍ରଣାମ କରିବାରୁ ସ୍ୱାମୀ ତାଙ୍କୁ କଲ୍ୟାଣ କଲେ । ସ୍ୱାମୀଙ୍କୁ ଦେଖି ବଳରାମ ବହୁତ ମାନ୍ୟ କଲେ ଏବଂ ତାଙ୍କଠାରୁ କିଛି ତଥ୍ୟ ଜାଣିବା ଇଚ୍ଛାକଲେ । ପ୍ରତିଦିନ ସ୍ୱାମୀଙ୍କୁ ଦାସେ ଦର୍ଶନ କରୁଥିଲେ । ଅନ୍ୟ ଏକ ଦିନ ସ୍ୱାମୀ ବଟଗଣେଶଙ୍କଠାରେ ଥିବାବେଳେ ବଳରାମ ସେଠାରେ ଉପସ୍ଥିତ ହେଲେ, ସଙ୍ଗରେ ତାଙ୍କର ଗୋପାଳ ଗୋସ୍ୱାମୀ ମଧ୍ୟ ଥିଲେ ।

ସ୍ୱାମୀ ରାଧାଂଶ ସମ୍ଭୂତ ଥିବାରୁ ସେ ଅତିବଡ଼ ପଦ ଚୈତନ୍ୟଙ୍କଠାରୁ ଲାଭ କରିଥିବା ସେ ଶୁଣିଥିଲେ । ଏହି ପଦବୀ ଉପଯୁକ୍ତ ଲୋକଙ୍କୁ ପ୍ରଦତ୍ତ ହୋଇଥିବା ତାଙ୍କର ଧାରଣା ହେଲା । ଏଭଳି ମହାତ୍ମାଙ୍କଠାରୁ କିଛି ତତ୍ତ୍ୱ ବ୍ୟାଖ୍ୟାନ ଶୁଣିବାକୁ ତାଙ୍କର ଇଚ୍ଛା ହେଲା । ସେ ବଟମୂଳରେ ବସି ସ୍ୱାମୀଙ୍କୁ ପ୍ରଶ୍ନକଲେ, "ନୀଳାଚଳ ବୈକୁଣ୍ଠ ଓ ପୁରୁଷୋତ୍ତମ କିପରି ଏକ ?" ସ୍ୱାମୀ ଏହି ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ଏହି ଦୁଇ ସ୍ଥଳ ଅଭିନ୍ନ ଥିବା ପ୍ରତିପାଦନ କରିଥିଲେ । ଜଗନ୍ନାଥମୂର୍ତ୍ତିତତ୍ତ୍ୱ, ଦେହତତ୍ତ୍ୱ, ମୂର୍ତ୍ତିରେ ମନ୍ତ୍ର ଭେଦାଣି ପ୍ରଭୃତି ବିଷୟ ସେ ବୁଝାଇଥିଲେ । ଏହା ପରେ ସେ 'ହରେ ରାମ କୃଷ୍ଣ' ମନ୍ତ୍ରକୁ ଉଚ୍ଚାରଣ କରିଥିଲେ । ଜଗନ୍ନାଥ ଦାସେ ରାଧାଙ୍କ ଅଂଶରୁ ଜାତ ହୋଇଥିବାରୁ ସେ ସଖୀପଣକୁ ଭଜନ ବୋଲି ଗୋପାଳ ଗୋସ୍ୱାମୀ ଓ ଗୋପାଳଗୁରୁ ବଳରାମ ଦାସ ଜାଣିଥିଲେ । ଏହି କାରଣରୁ ବଳରାମ ଦାସ ଜଗନ୍ନାଥ ଦାସଙ୍କୁ ଅତି ସ୍ନେହରେ ସଖି, ସଖି ବୋଲି ଡାକିଲେ । ଏହାପରେ ଉଭୟଙ୍କ ଭିତରେ ଘନିଷ୍ଠତା ଗାଢ଼ତର ହୋଇଥିଲା ।

( ଜ. ଚ. ୨୯ଶ. ଅ. )

ଏହି ପ୍ରସଙ୍ଗରୁ ସ୍ପଷ୍ଟ ହେଉଛି ଚୈତନ୍ୟଙ୍କ ଆଦେଶରେ ଯେଉଁ "ମତ୍ତ ବଳରାମ ଦାସ" ଜଗନ୍ନାଥ ଦାସଙ୍କୁ ଦୀକ୍ଷା ଦେଇଥିବା କଥା ଦିବାକର ଦାସ ବର୍ଣ୍ଣନା କରିଛନ୍ତି, ସେ ମତ୍ତ ବଳରାମ ଦାସ ଗୋପାଳଗୁରୁ ବଳରାମ ଦାସ ନୁହନ୍ତି । କାରଣ, ଏହି ସେ ସ୍ୱାମୀଙ୍କର ଦୀକ୍ଷାଗୁରୁ ହୋଇଥାଆନ୍ତେ, ତାହାହେଲେ ଶିଷ୍ୟଙ୍କୁ ଗୁରୁ ତେବେ ପ୍ରଣାମ କରି ନଥାନ୍ତେ । ପରବର୍ତ୍ତୀ ସମୟର ଚୈତନ୍ୟ ଜଣେ ଭକ୍ତ ଗୋପାଳଗୁରୁ ବଳରାମ ଦାସଙ୍କୁ ମତ୍ତ ବଳରାମ ଦାସ ବୋଲି ମଧ୍ୟ ଲେଖିଥିବା ଜଣାଯାଏ । ଦିବାକରଙ୍କ ବର୍ଣ୍ଣନା ଅନୁସାରେ ଗୋପାଳଗୁରୁ ବଳରାମ ଜଗନ୍ନାଥ ଦାସଙ୍କ ଦୀକ୍ଷାଗୁରୁ ହୋଇଥିବା ଜଣାପଡୁଛି ।

## ଗୋସ୍ୱାମୀଙ୍କ ତିରୋଧାନ : ପ୍ରଥମ ଅଧିକାରୀ ମନୋନୟନ:—

ସ୍ୱାମୀ ଜଗନ୍ନାଥ ଦାସଙ୍କ ପୂର୍ବରୁ ଜଗନ୍ନାଥ ପ୍ରଭୁଙ୍କୁ ରାଧାକୃଷ୍ଣ ମିଳନ ମୂର୍ତ୍ତି ବୋଲି ବେଶି ଲୋକେ ଜାଣିନଥିଲେ । ସେ ଏହି ତତ୍ତ୍ୱକୁ ପ୍ରଚାର କରିଥିଲେ । ଭାଗବତର ଅନୁବାଦ କରି ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଭକ୍ତିଭାବ ମଧ୍ୟ ପ୍ରଚାର କରାଇଥିଲେ । ସମସ୍ତ ଜୀବନଟି ଶ୍ରୀକ୍ଷେତ୍ରରେ ରହି ପ୍ରଭୁ ଜଗନ୍ନାଥଙ୍କ ସେବାରେ କଟାଇଥିଲେ । ପ୍ରେମଭକ୍ତି ପ୍ରତିଷ୍ଠିତ ତାଙ୍କର ସାଧନା ତାଙ୍କୁ ମର୍ତ୍ତ୍ୟବୈକୁଣ୍ଠ ଏହି ଶ୍ରୀକ୍ଷେତ୍ରରେ ସମୂଳ ଅଙ୍ଗ ଜଗନ୍ନାଥଙ୍କ ଅଙ୍ଗରେ ଲୀନ କରାଇ ଦେଇଥିଲା ।

ଅଷ୍ଟାଦଶ ବର୍ଷ ବୟସ ହେଲେ ଚୈତନ୍ୟଙ୍କ ସହିତ ତାଙ୍କର ଭେଟ ହୋଇଥିଲା । ଏହାପରେ ସେ ଭକ୍ତିମାର୍ଗକୁ ଅଗ୍ରସ୍ଥାନ ଦେଇ ନୂତନ ତତ୍ତ୍ୱ ପ୍ରଚାର କରିଥିଲେ । ଚୈତନ୍ୟଙ୍କ ପାଖରେ ଛଅବର୍ଷ ଅବସ୍ଥାନ ରହି ତାଙ୍କର ସେବା କରିଥିଲେ । ଏହି ଚବିଶ ବର୍ଷ ପରେ ଛତିଶ ବର୍ଷ ସେ ସ୍ୱ ସାଧନାରେ ରତ ଥିଲେ । ଷାଠିଏ ବର୍ଷ ବୟସରେ ତାଙ୍କର ସ୍ୱର୍ଗାରୋହଣ ହୋଇଥିଲା । ଖ୍ରୀ: ୧୪୮୭ରେ ଜନ୍ମଗ୍ରହଣ କରିଥିଲେ ଏବଂ ଖ୍ରୀ: ୧୫୪୭ରେ ମାଘ (ମକର) ମାସ ଶୁକ୍ଳ ସପ୍ତମୀ (ଜଳ ସପ୍ତମୀ) ଦିନ ଶ୍ରୀକ୍ଷେତ୍ରରେ ସାତଲହରୀ ମଠଠାରେ

ପ୍ରଭୁ ଜଗନ୍ନାଥଙ୍କ ଧ୍ୟାନକରି ବଡ଼ଦେଉଳର ନୀଳଚକ୍ରକୁ ଦର୍ଶନକରି ପ୍ରାଣତ୍ୟାଗ କରିଥିଲେ ।

ତିରୋଧାନ ଦିନ ପ୍ରଭାତ ପରେ ସ୍ୱାମୀ ପ୍ରାତଃକାଳରୁ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରିଲେ । ସମୁଦ୍ରକୂଳରେ ତାଙ୍କର ଜପ ସ୍ଥାନରେ ବସିଲେ । ଏହି ସ୍ଥାନର ଚତୁଃସୀମା ଲକ୍ଷ୍ୟକରି ଦେଖନ୍ତୁ—ପୂର୍ବକୁ ଶ୍ରୀଚୈତନ୍ୟ ମଣ୍ଡଳୀ (ରାଧାକାନ୍ତ ମଠ, ବକୁଳମଠ ଅଞ୍ଚଳ), ପଶ୍ଚିମକୁ ଲୋକେଶ୍ୱର ପୁଷ୍ପ (ଲୋକନାଥ ମନ୍ଦିର), ଦକ୍ଷିଣକୁ ସାଗର, ଉତ୍ତରକୁ ଯଜ୍ଞେଶ୍ୱର ମନ୍ଦିର । ଏହା ସାତଲହରୀ ମଠ ନାମରେ ପରିଚିତ ହୋଇଛି । ଜପରେ ସ୍ୱାମୀ ବସି ଶିଷ୍ୟମାନଙ୍କୁ ଡାକି କହିଲେ—

"ଯୁଗଳ ପ୍ରେମକୁ ଖୋଜୁଥିବ,
ଏ ସୁଖ କେବେ ନ ଛାଡ଼ିବ ।"

ଏହାପରେ ପାଦରୁ କାଷ୍ଠ ପାଦୁକା ନେଇ ଶିଷ୍ୟମାନଙ୍କୁ ଏହାକୁ ପୂଜା କରିବାକୁ କହିଲେ ଏବଂ "ଏ ପାଦ ପୂଜା ଯେ କରିବ ପୀଠେ ଅଧିକାରୀ ହୋଇବ" ବୋଲି କହିଲେ । ଏହା ଶୁଣି ତାଙ୍କ ଶିଷ୍ୟ ହରି ଦାସ କାଷ୍ଠ ପାଦୁକାକୁ ନେଇ ପୂଜା କଲେ । ଶିଷ୍ୟମାନେ ଏହା ସ୍ୱୀକାର କରିବାରୁ ହରିଦାସ ଅତିବଡ଼ ଜଗନ୍ନାଥ ଦାସଙ୍କ ଅନ୍ତେ ପୀଠର ପ୍ରଥମ ଅଧିକାରୀ ହେଲେ । ଆଜି ପର୍ଯ୍ୟନ୍ତ ଅତିବଡ଼ ପୀଠ—ବଡ଼ ଓଡ଼ିଆମଠର ମହନ୍ତ ନାମ ପରବର୍ତ୍ତୀରେ ଅଧିକାରୀ ନାମ ବ୍ୟବହାର କରନ୍ତି । ଏଣେ ସ୍ୱାମୀ ତିରୋଧାନର ଅବ୍ୟବହିତ ପୂର୍ବରୁ ଏହା ଅନୁମୋଦନ କରିଥିଲେ ।

ଏହାପରେ ସ୍ୱାମୀ ପ୍ରଭୁ ଜଗନ୍ନାଥଙ୍କ ଅନ୍ତରରେ ତନ୍ମୟ ହେଲେ । କପୋଳରେ ଚନ୍ଦନର ଟିକା ଲଗାଇଲେ, ହୃଦୟରେ ତୁଳସୀ କଣ୍ଠୀ, ଲଲାଟରେ ଦଶୁଣା ବଢ଼ାଇଲେ । କୌପୀନ ପେନ୍ଧା କରି ଅଙ୍ଗରେ ଶଙ୍ଖଚକ୍ର ଚିହ୍ନ ଦେଲେ । ଏହାପରେ କୁଶାସନରେ ବସିଲେ । ସମସ୍ତ ବଡ଼ଦେଉଳକୁ ଦେଖିଲେ ଏବଂ ନୀଳଚକ୍ର ଉପରେ ଦୃଷ୍ଟି ରଖିଲେ । ରାଧାକୃଷ୍ଣ ଯୁଗଳ ମନ୍ତ୍ର

ଜଣି ମନଙ୍କୁ ଧ୍ୟାନରେ ପ୍ରବେଶ କଲେ । ପ୍ରାଣାନ୍ତ ସମୟକୁ ଅପେକ୍ଷା କରି ଚଇକୁ ଛେଦି ଦେହ ତ୍ୟାଗ କଲେ ।

ଅଧରାତ୍ରେ ମାୟା ତନୁକୁ ଲୁଚାଇଥିଲେ । ଦୁହେଁ ବ୍ରହ୍ମ ଅଙ୍ଗ ମିଶିଲେ ।
ଗୋପନେ ଜଣା ଦେଇ ଥୋଇ । କର୍ମ ଦେହେଁ ବାହାର ହୋଇ ।
ଲେଖେ ଛନ୍ଦ ସଙ୍ଗେ ଗୋଡ଼ାଇ । ସେ ପଥେ ଦଣ୍ଡବତ ହୋଇ ।
ଦ୍ୱାସ୍ତେ ସେ ସିଂହଦ୍ୱାରେ ଥିଲେ । ଦ୍ୱାର ଶ୍ରୀରୁ ଅଲଗା ହେଲେ ।
ବାଇଶି ପାବଚ୍ଛରେ ଯାଇଲେ । ଦେବନ୍ତରୁ ପଶିବାରେ ।
ଜଗମୋହନେ ହେଲେ ଯାଇଁ । ବୈଷ୍ଣବେ ଦେଖିଲେ ସେଠାଇଁ ।
ହେଲେ କଳାଶୃଙ୍ଗେ ଦ୍ୱାରେ । ସେବକେ ଦେଖିଲେ ସେଠାରେ ।
ତହୁଁ ଭିତରକୁ ସେ ଗଲେ । ସିଂହାସନ ପାଶେ ମିଳିଲେ ।
ବନ୍ଦିଲେ ଶେଷନ ଚରଣେ । ହସେ ନ ହସେ ମେଘମାନେ ।
ଯେହ୍ନରୂପେ ସ୍ୱାମୀଙ୍କ ଗଲେ । ଜଗନ୍ନାଥ ଅଙ୍ଗେ ମିଶିଲେ ।

ଦୃଷ୍ଟି— ସେ ମାୟା ଦେହ ମୃତପିଣ୍ଡ । ସବେ ଦେଖନ୍ତି ଏକ ଖଣ୍ଡ ।
ଫୁଟିଲା ପଦ୍ମ ପ୍ରାୟ ହୋଇ । ସେ ମୃତପିଣ୍ଡ ବସ୍ତ୍ରଜାଇ ।
ଧ୍ୟାନମାର୍ଗ ତତ୍ତ୍ୱ ନିର୍ମଳ । ଜଳେ ଶୋଭିତ କଳ୍ପମାଳ ।
ଦେଖିଣ ସର୍ବେ ହାହାକାର । ଧ୍ୱନି ଶୁଭିଲା କ୍ଷେତ୍ରବର ।
ସର୍ବେ ବୋଲନ୍ତି ସେଥ ମଧ୍ୟେ । ସ୍ୱାମୀଙ୍କ ଗମନ ଏ ପଥେ ।
ଦେଖିଲେ ଶୂନ୍ୟ ନିର୍ମଳ । ସ୍ୱାମୀ ଲଭିଲେ ମୂର୍ତ୍ତିକାଳ ।
କେ ବୋଲେ ଦେଖା ସିଂହଦ୍ୱାର । କେ ବୋଲେ ଜଗମୋହନର ।
କେ ବୋଲେ ଦେଉଳରେ ଥିଲେ । କେ ଶୁଣି ଚମତ୍କାର ହେଲେ ।
ଏ ଖବେ ଶୁଣିଣ ଜଗତ । ଆଶ୍ଚର୍ଯ୍ୟ ମଣିଲେ ବହୁତ ।

( ଜ. ଚ. ୨୯ଶ. ଅ. )

ତାଙ୍କର ମୃତ୍ୟୁ ଶରୀର ବଡ଼ଦେଉଳଠାରେ ଶ୍ରୀ ଜଗନ୍ନାଥଙ୍କ ଅଙ୍ଗରେ ଲୀନ ହେଲା ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ଏ ସମ୍ପର୍କରେ ପ୍ରବାଦର କହନ୍ତି ଯେ ସ୍ୱାମୀଙ୍କ ମୃତ୍ୟୁ ଶରୀର ବଡ଼ଦେଉଳ ଭିତରେ ପଶିବାବେଳେ ବିଭିନ୍ନ ସ୍ଥାନରେ ଲୋକେ ତାଙ୍କୁ ଦେଖି ତାଙ୍କୁ ମର ଶରୀର ଭ୍ରମୀ ବୋଲି ଯଥାସ୍ଥିତ ମାନ୍ୟ କରିଥିଲେ । ଅତଏବ ତାଙ୍କର ତିରୋଧାନ ବାର୍ତ୍ତା ଶେଷରେ ଶ୍ରୁତ ହେବାରୁ ଲୋକେ ହଠାତ୍ ବିଶ୍ୱାସ କରିପାରିଲେ ନାହିଁ; କାରଣ, ତାଙ୍କୁ ସେହିଦିନରେ ବିଭିନ୍ନ ଲୋକେ ବିଭିନ୍ନ ସ୍ଥାନରେ ଏହି ମୂର୍ତ୍ତିରେ ଦେଖିଥିବା ବର୍ଣ୍ଣନା କଲେ । ମହାପୁରୁଷମାନଙ୍କର ମୃତ୍ୟୁ ନାହିଁ; ମର ଶରୀର ତ୍ୟାଗ କରିଥିଲେ ମଧ୍ୟ ସେମାନେ ଅମର ।

**ଜଗନ୍ନାଥ ଦାସଙ୍କ ଶିଷ୍ୟବର୍ଗ**—କାଶୀର ଦିଗ୍‌ବିଜୟୀ ପଣ୍ଡିତ ସନ୍ନ୍ୟାସୀ ବ୍ରହ୍ମାନନ୍ଦଙ୍କୁ ଅତିବଡ଼ି ଜଗନ୍ନାଥ ଦାସ ପରାଜୟ କରିବା ପରେ 'ଅତିବଡ଼ି'ର ଖ୍ୟାତି ବହୁତ ବୃଦ୍ଧି ପାଇଥିଲା । ଶତ ଶତ ଲୋକ ପ୍ରତିଦିନ ତାଙ୍କଠାରୁ ଭକ୍ତିତତ୍ତ୍ୱ ବ୍ୟାଖ୍ୟାନ ଶୁଣିବା ପାଇଁ ତାଙ୍କଠାରୁ ଆସୁଥିଲେ । ବହୁ ଲୋକ ତାଙ୍କଠାରୁ ଦୀକ୍ଷା ମଧ୍ୟ ନେଇଥିଲେ । ଜଗନ୍ନାଥଚରିତାମୃତରୁ ଜଣାଯାଏ ଯେ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଷୋଳ ଜଣ ପ୍ରଧାନ । ରାମଚନ୍ଦ୍ର, ଗୋପୀନାଥ ଦାସ, ହରି ଦାସ, ନନ୍ଦନ ଆଗୁଆଁ, ବାସିଆ ମହାପାତ୍ର, ଗୌରି ପାଟଯୋଶୀ, ଗୋପାଳ ଦାସ, ଆଖଣ୍ଡଳ ମେକାପ, ଜନାର୍ଦ୍ଦନ ପଣ୍ଡା, କୃଷ୍ଣ ଦାସ, ବନମାଳି ଦାସ, ଗୋବର୍ଦ୍ଧନ ଦାସ, ଦାମୁ ଖୁଣ୍ଟିଆ, ଜଗନ୍ନାଥ ଦାସ (ସାନ), ମଧୁସୂଦନ ଦାସ । ଅତିବଡ଼ି ଜଗନ୍ନାଥ ଦାସ ନିଜେ ରାଧାଙ୍କ ଅଂଶରୁ ଜାତ ହୋଇଥିବାରୁ ଶିଷ୍ୟବୈକୁଣ୍ଠ ଓ ଗୋପଲୀଳାରେ ନିତ୍ୟରାଧାକୃଷ୍ଣ ଓ ଗୋପ ରାଧାକୃଷ୍ଣଙ୍କ ପ୍ରଧାନ ସଖୀରୂପରେ ଏମାନେ ନିଜର ସ୍ଥାନ ଗ୍ରହଣ କରିଥିଲେ । ଏମାନେ ନିଜକୁ ରାଧାଙ୍କ ପ୍ରଧାନ ସଖୀ ବୋଲି କଳ୍ପନା କରି ସେବା କରୁଥିଲେ । ସ୍ୱାମୀ (ସ୍ୱାମିନୀ)ଙ୍କ ଶେଷ ସମୟ ପର୍ଯ୍ୟନ୍ତ ଏହି ଶିଷ୍ୟମାନେ ସର୍ବଦା ତାଙ୍କ ନିକଟରେ ରହୁଥିଲେ ଏବଂ ତାଙ୍କଠାରୁ ଅମୃତତତ୍ତ୍ୱ ବଚନ ଶୁଣି ଆନନ୍ଦଲାଭ କରୁଥିଲେ ।

ଅତଏବ ଜଗନ୍ନାଥ ଦାସ ଏହା ଅନ୍ୟ ବନ୍ଧୁମାନଙ୍କୁ ଭଗବାନଙ୍କ ନାମସଂକୀର୍ତ୍ତନ ଓ ଶାସ୍ତ୍ରଚର୍ଚ୍ଚା ଅଭ୍ୟାସ କରୁଥିଲେ । ନିଜେ ନିଜେ ପଢ଼ି ବୁଝି ତାଙ୍କୁ କେବଳ ନିଜ ଭିତରେ ଆବଦ୍ଧ ରଖି ନଥିଲେ; ଯାହା ପଢ଼ୁଥିଲେ, ଯାହା ବୁଝୁଥିଲେ ତାହା ଜନସାଧାରଣ ଲୋକଙ୍କୁ ବୁଝାଉଥିଲେ । ସେଥିପାଇଁ, ସେ ତାଙ୍କ ସମସାମୟିକମାନଙ୍କ ଭିତରେ ଛିଡ଼ା ଭଗବାନ ପାଇଁ ମଧ୍ୟ ଅନେକ ଲୋକପ୍ରିୟ ପଦାର୍ଥ ଗଢ଼ିଦେଇ ଯାଇଛନ୍ତି । ତାଙ୍କର ଭାଗବତ ପ୍ରତ୍ୟେକ ଓଡ଼ିଆର ସମ୍ପଦ । ଭାଗବତ ବିନା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ରହିଲେ କେହିଲେ କଳ୍ପନାର ନଥାନ୍ତା । ଜଗନ୍ନାଥଙ୍କ ଭାଗବତ ଓଡ଼ିଆ ଜାତିଟାକୁ ବଞ୍ଚାଇ ରଖିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ରଚନାବଳୀ:**—ଜଗନ୍ନାଥ ଦାସ ଅନେକଗୁଡ଼ିଏ ଗ୍ରନ୍ଥ ରଚନା କରିଥିବାର ଜଣାଯାଏ । ସଂସ୍କୃତରେ (୧) କୃଷ୍ଣଭକ୍ତି କଳ୍ପଲତା, (୨) କୃଷ୍ଣଭକ୍ତି କଳ୍ପଲତା ଫଳ, (୩) ଜଗନ୍ନାଥସ୍ତୁତିମାଳା, (୪) ଉପାସନା ଶତକ, (୫) ପ୍ରେମସୁଧାନିଧି, (୬) ନିତ୍ୟାଚାର, (୭) ଦୀକ୍ଷାସମ୍ବନ୍ଧଗୋପାସନା ଗ୍ରନ୍ଥ, (୮) ଘନାଦ୍ରି ଶତକ*, (୯) ଜଗନ୍ନାଥରହସ୍ୟାମୃତ ଦରଣୀ । ଏଥିମଧ୍ୟରୁ ବହୁ ଗ୍ରନ୍ଥ ଲୁପ୍ତପ୍ରାୟ ।

ଓଡ଼ିଆରେ ଭାଗବତ, ଦଶା ସମ୍ବାଦ, ଦଣ୍ଡକେଳି, ବୋଲେ ହୁଁ ଗୀତ, ଗୁପ୍ତ ଭାଗବତ, ଦାରୁବ୍ରହ୍ମ ଗୀତା, ଗଜସ୍ତୁତି, ଅର୍ଥ କୋଇଲି, ମୃଗୁଣୀ ସ୍ତୁତି, ତୁଳାଭିଣା, ଇନ୍ଦ୍ରଦ୍ୟୁମ୍ନ ଭୁବଣ, ପାଷଣ୍ଡ ଦଳନ, ମନ୍ତ୍ରାକ୍ଷର, ମନଶିକ୍ଷା ପ୍ରଭୃତି ଲେଖିଛନ୍ତି । ଏଥିରୁ କେତେକ ରଚନା ଦୃଷ୍ଟାନ୍ତ ।

## ଭାଗବତ

**ମୂଳର ଆକ୍ଷରିକ ଅନୁବାଦ ନୁହେଁ:-**
ଭାଗବତ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେ
ଶ୍ଳୋକ-ଭାବକୁ ଗ୍ରହଣ କରି ଜଗନ୍ନାଥ ଦାସ ନିଜର ବ
ଯାଇଛନ୍ତି । ତଳେ ସ୍ଥଳରେ ମୂଳ ଶ୍ଳୋକ ଓ ଦାସଙ୍କ ପଦ ଭଙ୍ଗୀ
ଓ ଭାବପ୍ରକାଶରେ ପ୍ରଭେଦ ଦେଖାଯାଏ ।

ମୂଳ ଗ୍ରନ୍ଥର ଶ୍ଳୋକର ଭାବକୁ ଗ୍ରହଣ କରି ତାକୁ ବୁଝାଇ ନିଜ ଟୀକା ସମ୍ମତ କରିବାପାଇଁ ସେ ବହୁ ଶ୍ରମ କରିଛନ୍ତି । ମୂଳ ଗ୍ରନ୍ଥର ପ୍ରଥମ ସ୍କନ୍ଧର ପ୍ରଥମ ଶ୍ଳୋକ—

ଜନ୍ମାଦ୍ୟସ୍ୟ ଯତୋଽନ୍ୱୟାଦିତରତଶ୍ଚାର୍ଥେଷ୍ୱଭିଜ୍ଞଃ ସ୍ୱରାଟ୍ ।
ତେନେ ବ୍ରହ୍ମ ହୃଦା ଯ ଆଦି କବୟେ ମୁହ୍ୟନ୍ତି ଯତ୍ ସୂରୟଃ ।

ତେଜୋବାରିମୃଦାଂ ଯଥା ବିନିମୟୋ ଯତ୍ର ତ୍ରିସର୍ଗୋଽମୃଷା ।
ଧାମ୍ନା ସ୍ୱେନ ସଦା ନିରସ୍ତ କୁହକଂ ସତ୍ୟଂ ପରଂ ଧୀମହି ।   (୧ମ ସ୍କନ୍ଧ)

ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ।
ଯା ବିନୁ ଆଦି ମଧ୍ୟ ଅନ୍ତ, ବସ୍ତୁରେ ନଦିଶେ ଜଗତ ।
ଇନ୍ଦ୍ରିୟ ଅର୍ଥ ଯେ ଜାଣଇ, ସ୍ୱତେଜେ ନିତ୍ୟ ପ୍ରକାଶଇ ।
ଅନାଦି ମନେ ବେଦସାର, ବ୍ରହ୍ମାରେ ଯେ କଲା ବିସ୍ତାର ।
ଯାହାର ରୂପ ହୁଡ଼େ ଚିତ୍ତ, ବେଦ ସ୍ତୁତି ନ ଜାଣନ୍ତି ।
ମୃତ୍ତିକା ବିକାର ଯେମନ୍ତ, ଜଳରେ ଦୃଶଇ କଳିତ ।
ଜଳେ ଉପଳ ବୁଦ୍ଧି କରି, ମୃଗତୃଷ୍ଣାରେ ସେହି ବାରି ।
ରୂପ ଅରୂପ ତ୍ରିଗୁଣ ଭିନ୍ନ, ଯାହା ଶୋଭରେ ଅନୁମାନ ।
ସ୍ୱଭାବେ ନୋହିବ ସେ ଯେମନ୍ତ, ଏ ସାଂଖ୍ୟ ଯୋଗୀଙ୍କର ମତ ।
ଆତ୍ମା ପ୍ରକାଶେ ସଦା ଥାଇ, ନିରସ୍ତ କୁହକ ବୋଲଇ ।
ସତ୍ୟ ପରମାନନ୍ଦ ହରି, ଯା ସ୍ୱଭାବ ଭାବ ସତ୍ୟ କରି ।
ଏମନ୍ତ ସତ୍ୟ ରୂପ ଯାର, ତା ପାଦେ ମୋର ନମସ୍କାର ।
ତାଙ୍କ ଚରଣେ ନିତ୍ୟ ଧ୍ୟାନ, କରି ତରନ୍ତି ସାଧୁଜନ ।
ସେ କୃଷ୍ଣପାଦ ହୃଦେ ଧରି, ପ୍ରବନ୍ଧେ ଗୀତ ନାଦ କରି ।
ଅଶେଷ ଜନଙ୍କର ହିତ, କହଇ ଦାସ ଜଗନ୍ନାଥ ।

ମୂଳ ଶ୍ଳୋକରେ "ସାଂଖ୍ୟ" ଶବ୍ଦର ଉଲ୍ଲେଖ ନଥିଲେ ମଧ୍ୟ ଦାସେ ଏ ମତକୁ ଅନୁବାଦରେ ଖଣ୍ଡନ କରି ଲେଖିଛନ୍ତି ।

## ଦାସଙ୍କ ଭାଗବତରେ ନିମ୍ନଲିଖିତ ବିଶେଷତ୍ୱ ଦେଖାଯାଏ:—

(୧) ଶ୍ଳୋକସଂଖ୍ୟା ସମାନ ନୁହେଁ—ମୂଳଗ୍ରନ୍ଥର ଶ୍ଳୋକସଂଖ୍ୟା ସହିତ ଏହାର ଶ୍ଳୋକସଂଖ୍ୟା ସମାନ ନୁହେଁ ।

(୨) ଅଧ୍ୟାୟ ସଂଖ୍ୟା ସମାନ ନୁହେଁ—ସ୍କନ୍ଧମାନଙ୍କରେ ଅଧ୍ୟାୟ-ସଂଖ୍ୟାରେ ମଧ୍ୟ ପ୍ରଭେଦ ଦେଖାଯାଏ । ଦଶମସ୍କନ୍ଧ (ମୂଳ)ର ଅଧ୍ୟାୟସଂଖ୍ୟା ଅପେକ୍ଷା ଦାସଙ୍କ ଦଶମସ୍କନ୍ଧର ଅଧ୍ୟାୟସଂଖ୍ୟା ବେଶି । ମୂଳ ଭାଗବତର ଦ୍ୱାଦଶ ସ୍କନ୍ଧ ଭିତରେ ୩୩୫ (ତିନିଶହ ପଞ୍ଚତିରିଶ) ଅଧ୍ୟାୟ ଥିବାର ଜଣାଯାଏ । ଏହା ସ୍ଥଳରେ ଦାସଙ୍କ ଭାଗବତରେ ଏହି ସ୍କନ୍ଧର ଶେଷ ପର୍ଯ୍ୟନ୍ତ ୩୪୨ଟି ଅଧ୍ୟାୟ ହୋଇଛି ।

ତିନିଶତ ପଞ୍ଚତିରିଶ, ସ୍କନ୍ଧ ସଂଖ୍ୟାରେ ବିଶେଷ ।
ତିନିଶତ ବୟାଳିଶେଣ, ବାରସ୍କନ୍ଧ ହୁଏ ସମ୍ପୂର୍ଣ୍ଣ । (୧୨ଶ ସ୍କନ୍ଧ)

(୩) ତତ୍ତ୍ୱ ପ୍ରତିପାଦନରେ ସ୍ୱାତନ୍ତ୍ର୍ୟ—ଅବଶ୍ୟ ଦ୍ୱାଦଶ ସ୍କନ୍ଧଟି ଜଗନ୍ନାଥ ଦାସଙ୍କ ଅନୁବାଦ ନୁହେଁ, ମହାଦେବ ଦାସଙ୍କ ଅନୁବାଦ । ଜଗନ୍ନାଥ ଦାସ ମୂଳ ସଂସ୍କୃତ ଭାଗବତର ଅବିକଳ ଅନୁବାଦ କରିନାହାନ୍ତି । ସଂସ୍କୃତ ଭାଗବତ ଉପରେ ଶ୍ରୀଧର ସ୍ୱାମୀ ଯେଉଁ ପ୍ରସିଦ୍ଧ ଟୀକା ଲେଖିଥିଲେ ତାହା ଉପରେ ନିର୍ଭର କରି ଭାଗବତକୁ ଲେଖିଛନ୍ତି । ଶ୍ରୀଧର ସ୍ୱାମୀଙ୍କ ଟୀକା ଅଚିନ୍ତ୍ୟ-ଭେଦାଭେଦବାଦକୁ ଅନୁସରଣ କରି ହୋଇ ନଥିବାରୁ 'ଭାଗବତ'ରେ ଜଗନ୍ନାଥ ଦାସ ଯେଉଁ ସବୁ ତତ୍ତ୍ୱ ପ୍ରତିପାଦନ କରିଛନ୍ତି ତାହା 'ଗୌଡ଼ୀୟବୈଷ୍ଣବ'-ମାନଙ୍କ ମତ ଦ୍ୱାରା ସମର୍ଥିତ ହେଉନାହିଁ । ଶ୍ରୀଧର ସ୍ୱାମୀଙ୍କ ଲିଖିତ ଟୀକା ଅନୁସରଣ କରି ଭାଗବତ ଲେଖିବା କଥା ଦ୍ୱାଦଶ ସ୍କନ୍ଧ ଅନୁବାଦ କରିବା ସମୟରେ ମହାଦେବ ଦାସ ପ୍ରକାଶ କରିଛନ୍ତି ।

ଶ୍ରୀଧର ନାମେ ଦ୍ୱିଜବର । କଳିଯୁଗରେ ଜନ୍ମ ତାର ।
ଶ୍ରୀଭାଗବତ ଯେ ପୁରାଣ । ଅଷ୍ଟାଦଶ ସହସ୍ର ଶ୍ଳୋକେଣ ।
ତା ଟୀକା ଚଉବିଂଶ ସହସ୍ର । କରିଲା ଶ୍ରୀଧର ପ୍ରକାଶ ।
ଦ୍ୱିଜକୁଳେ ଜନମ ହୋଇ । ଜଗନ୍ନାଥ ନାମ ଯେ ବହି ।
ପ୍ରାକୃତବଚନେ ଭାଗବତ । କହିଲେ ସଜ୍ଜନ ହିତ ।

ପ୍ରସିଦ୍ଧ ବୈଷ୍ଣବିକ ଶ୍ରୀଧର ସ୍ୱାମୀଙ୍କ ଟୀକା ଉପରେ ନିର୍ଭର କରି ଗ୍ରନ୍ଥ ଲେଖିଥିବାରୁ 'ଗୌଡ଼ୀୟ' ଅଚିନ୍ତ୍ୟଭେଦାଭେଦବାଦ ପ୍ରତିପାଦକ ସମସ୍ତ ତତ୍ତ୍ୱ ଏଥିରୁ ମିଳିବା ସମ୍ଭବ ନୁହେଁ ।

ଅନ୍ୟାନ୍ୟ ଗ୍ରନ୍ଥରେ ମଧ୍ୟ ଦାସେ ଜଗତକୁ ମିଥ୍ୟା ଓ ବ୍ରହ୍ମକୁ ସତ୍ୟ ବୋଲି ପ୍ରତିପାଦନ କରି ଶଙ୍କରାଚାର୍ଯ୍ୟପ୍ରବର୍ତ୍ତିତ ମାୟାବାଦକୁ ସମର୍ଥନ କରିଅଛନ୍ତି ଏବଂ ସେହିହେତୁରୁ ଭାଗବତରେ ମଧ୍ୟ ମାୟାବାଦର ଅନୁକୂଳ କେତେକ ବ୍ୟାଖ୍ୟା ଦେଇଅଛନ୍ତି । ସ୍ୱୟଂ ଚୈତନ୍ୟଦେବ ଦାକ୍ଷିଣାତ୍ୟରେ ମାଧ୍ୱାଚାର୍ଯ୍ୟଙ୍କ ଶିଷ୍ୟମାନଙ୍କୁ ଭକ୍ତିତତ୍ତ୍ୱ ସମ୍ବନ୍ଧରେ ପ୍ରଶ୍ନ କରିବାରୁ ସେମାନେ ଚୈତନ୍ୟଙ୍କୁ ମାୟାବାଦୀ ସନ୍ନ୍ୟାସୀ ବୋଲି ଆଶଙ୍କା କରି ଅନୁରୋପନ କରିଥିଲେ ।

ଦାସଙ୍କ ଭାଗବତରେ ରାଗାନୁଗା ଭକ୍ତିର ସ୍ପଷ୍ଟ ପରିଚୟ ମିଳେ ନାହିଁ; ଏଥିରେ ଜ୍ଞାନମିଶ୍ରା ଭକ୍ତିର ପ୍ରାଧାନ୍ୟ ଅଧିକ ଜଣାଯାଏ ।

ଅଚିନ୍ତ୍ୟଭେଦାଭେଦବାଦୀ ଗୌଡ଼ୀୟ ବୈଷ୍ଣବମାନେ ଦଶମ ସ୍କନ୍ଧରେ କେତେକ ଶ୍ଳୋକରେ ରାଧାଙ୍କୁ ଲକ୍ଷ୍ୟ କରାଯାଇଛି ବୋଲି କହନ୍ତି ।

"ବଧ୍ୱାଃ ପଦୈଃ ସୁପୃକ୍ତାନି ବିଲୋକ୍ୟାର୍ତ୍ତାଃ ସମବ୍ରୁବନ୍ ।" (୧୦ମ। ୩୦।୨୦) ଏଥି "ବଧ୍ୱାଃ" ଶବ୍ଦର ଟୀକାରେ ସନାତନ ଗୋସ୍ୱାମୀ ଓ ବିଶ୍ୱନାଥ ଚକ୍ରବର୍ତ୍ତୀ "ବଧୂ" ଶବ୍ଦ "ରାଧା"ଙ୍କୁ ବୁଝାଉଛି ବୋଲି କହୁଛନ୍ତି । ଭାଗବତରେ ରାଧାକୃଷ୍ଣ ଲୀଳାର ଭିତ୍ତି ଏହିଠାରେ "ଗୌଡ଼ୀୟ" ବୈଷ୍ଣବମାନେ ସ୍ଥାପନ କରନ୍ତି । କିନ୍ତୁ ଜଗନ୍ନାଥ ଦାସ ଏହିଠାରେ "ବଧୂ" ଅର୍ଥରେ "ବୃନ୍ଦା"କୁ ବୁଝାଇଛନ୍ତି ।

(୪) ମୂଳଗ୍ରନ୍ଥର ବିଷୟଠାରୁ ପ୍ରଭେଦ—(କ) ମୂଳରେ ନଥିବା କେତେକ ବିଷୟ ଦାସେ ନିଜ ଗ୍ରନ୍ଥରେ ଦେଇଅଛନ୍ତି । କେତୋଟି ଉଦାହରଣ ଦିଆଗଲା—(୧) ମଥୁରାରୁ କୃଷ୍ଣ ଫେରିବାବେଳେ ଆଗରୁ ସୁଦାମଙ୍କୁ ପଠାଇ ତାଙ୍କର ପ୍ରତ୍ୟାଗମନର ବାର୍ତ୍ତା ଗୋପରେ ଜଣାଇ ଦେଇଥିଲେ । କିନ୍ତୁ ମୂଳ ଗ୍ରନ୍ଥରେ ଏହା ନାହିଁ । (୨) କଂସଙ୍କ ଦ୍ୱାରଦେଶରେ ଯେଉଁସବୁ ମଲ୍ଲଯୋଦ୍ଧାମାନେ ଥିଲେ ସେମାନଙ୍କ ତାଲିକା ମୂଳ ଅପେକ୍ଷା ଦାସେ ଦୀର୍ଘ କରି

ମୂଳରେ ନଥିବା କେତେକ ନୂଆ କଥା ଦେଇଛନ୍ତି । (୩) ସଂସ୍କୃତରେ ନଥିବା କେତେକ ନୂତନ କଥା ଦାସେ ଯୋଗ କରିଛନ୍ତି—"ମହାରୁ ପଡ଼ୁ ମାମୁଁ ମଣ୍ଡ । ମୋତେ ଦେଖା ଦଇବ ରଙ୍ଗିଲ ।।" ରେ ଦାସେ ଯେଉଁ ଭାବ ପ୍ରକାଶ କରିଛନ୍ତି ତାହା ମୂଳ ସଂସ୍କୃତ ଅମେଳ ହେଉଥିବାର ଦେଖାଯାଏ । (୪) ଅକ୍ରୂର ଗୋପବାଳକମାନଙ୍କ ମେଳରୁ ଭଗବାନଙ୍କ ମାୟାବଳରୁ ବଳରାମ ଓ କୃଷ୍ଣଙ୍କୁ ଚିହ୍ନିପାରିଲେ ନାହିଁ, ସମସ୍ତେ ଏକା ଭଳି ଦିଶିଲେ । ଭଗବାନ କୃଷ୍ଣ ଭକ୍ତଙ୍କୁ ଦୟା କରି ଏହି ମାୟାପଟଳ ଉନ୍ମୋଚନ କରିଦେଲେ ।

(୫) ମୂଳର କେତେକ ବିଷୟ ମଧ୍ୟ ଦାସେ ତ୍ୟାଗ କରିଛନ୍ତି । ନନ୍ଦ ଓ ଅକ୍ରୂର ଭିତରେ କଥୋପକଥନ ମୂଳରେ ଅଛି, କିନ୍ତୁ ଦାସେ ତାହା ଲେଖିନାହାନ୍ତି ।

**ଦାସଙ୍କ ଭାଗବତ ସଂପୂର୍ଣ୍ଣ ନୁହେଁ:**—ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ 'ଭାଗବତ' ଦ୍ୱାଦଶ ସ୍କନ୍ଧରେ ସମାପ୍ତ ହୋଇ ରଚିତ ହୋଇଥିବା ସାଧାରଣ ଧାରଣା । କିନ୍ତୁ ସେ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ମୋଟରେ ୩୨୯ (ତ୍ରିଶତ ଉନତ୍ରିଂଶ)ଟି ଅଧ୍ୟାୟ ଲେଖିଥିବାର ଜଣାଯାଏ । ତା ପରେ ମହାଦେବ ଦାସ ଦ୍ୱାଦଶ ସ୍କନ୍ଧ ଓ ଏକାଦଶ ସ୍କନ୍ଧ ଶେଷ ଲେଖିଛନ୍ତି ।

ଜଗନ୍ନାଥ ଦାସଙ୍କ ରୀତି । ନାମ ତା ଶିଶୁ ଭାଗବତ ।
ତ୍ରିନବତି ଉନତ୍ରିଂଶ । ଏକାଦଶ ଯାଏ ପ୍ରକାଶ ।
ଅଧ୍ୟା ନାଟମଣ୍ଡପେ କହନ୍ତେ । ଶ୍ରୀଭାଗବତ ଗୀତ ଛନ୍ଦ ।
ଗାଇଲେ ଶୁଣିଲେ ଶ୍ରବଣେ । ମୁକ୍ତି ଲଭନ୍ତି ତତକ୍ଷଣେ ।
ଯେତେକ ସେ ସେ ପାପ ପାତକ । ତେତେକ ସେ ଅନନ୍ତ ହୋଇବ ।
ଏଣୁ ବଶ୍ୟ ବୋଲିବା ଅର୍ଥେ । ଦ୍ୱାଦଶ ସ୍କନ୍ଧ ଶ୍ଳୋକ ପଦେଏ ।
ବତ୍ରିଶପାଲୁ ଶୁଣି ମନେ । ତହିଁରୁ କରିଲି ଲେଖନେ ।
ଏଣୁ ସେ ଗୀତରେ ବଶୁନ୍ତ । ଜଗନ୍ନାଥ ନାମ ପ୍ରସିଦ୍ଧ ।
ତେଣୁ ତାଙ୍କ ନାମ ବଖାଣ । ସେ ଯେ ମହନ୍ତ ମହାଜନ ।
ହେ ବନ୍ଧୁ ଜାଣି କୃଷ୍ଣ ବଶ । ପୂରଣ ଗୀତରେ ପ୍ରକାଶ ।

ଜଗତ ଉଦ୍ଧାର ନିମନ୍ତେ । ରଚିଲେ ଶ୍ରୀ ଭାଗବତେ ।
ତେଣୁ ତାଙ୍କ ଚରଣେ ମନ । ପୂଜନେ ତୋଷ ମୋ ନ ଯେନ ।
ଅଗ୍ରେ ମୋ ସାଧୁଙ୍କ ଚରଣ । ଶରଣ ମହାଦେବ ଧ୍ୟାନ ।
(୧୨ଶ ସ୍କନ୍ଧ, ୧୩ଶ)

ଏହି ମହାଦେବ ଅନ୍ୟ କେତେକ ପୁରାଣ ମଧ୍ୟ ଲେଖିଛନ୍ତି ।

**ସରଳ ମନୋହର ଅନୁବାଦ:**—ଦାସଙ୍କ ଭାଗବତର ଅନୁବାଦ ଅତି ମନୋରମ । ସଂସ୍କୃତ ଶ୍ଳୋକର ଅନୁବାଦ ଏତେ ଚମତ୍କାର ଭାବରେ ଅତି ସରଳ ସହଜ ଦେଶୀୟ ଭାଷାରେ ଅତି ଅଳ୍ପ ଓଡ଼ିଆ ଲେଖକ କରି-ପାରିଛନ୍ତି । କେତୋଟି ଶ୍ଳୋକର ଅନୁବାଦ ନିମ୍ନରେ ଦିଆଗଲା ।

୧ । ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକାଃ ଭୁବିଭାବୁକାଃ ॥
(୧ମ ସ୍କନ୍ଧ-୧ମ ଅ.-୩ୟ ଶ୍ଳୋକ)

ସୁଜନ ବେଦ ହୋଇ ବୃକ୍ଷ, ଫଳ ଫଳିଲେ ଅଗ୍ରଶଖେ ।
କେତେଦିନେଁ ହେଲେ ପାଚି ଗଲେ, ବୃନ୍ତୁ ପଡ଼ିଲେ ବାସୁବଳେ ।
ଶୁକ ଥାଇଁଲେ ତାହା ଦେଖି, ପକ୍ଷୀଙ୍କ ସଙ୍ଗତ ଉପେକ୍ଷି ।
ତୋଳେ ଥଣ୍ଟରେ ଛିଦ୍ର କଲା, ଭିତରେ ସୁରସ ଦେଖିଲା ।
ତହୁଁ ବକଳା ବୀଜ ସାର, ନ ଅବା ଦେବା ପଞ୍ଚାନ୍ତର ।
ଅମୃତ ଅଟେ ସ୍ୱାଦୁପଣେ, ପୂଜନେ ପିବ ଅନୁକ୍ଷଣେ ।
ଅନେକେ କଲ ସୁଧା ପାନ, ସେମନେ ପାଇବ ଦିବ୍ୟ ଜ୍ଞାନ ।
ଏ ରସ ଶୁକ ବେଦ ମୂଳ, ନିଗମ ବୃକ୍ଷର ଏ ଫଳ !
ପିଅ ଜୀବନ ଅନ୍ତ ଯାଏ, ସେବେ ବଞ୍ଚିବ ମାୟା ମୋହେ ।

୨ । ଓଁ ନମୋ ଭଗବତେ ତୁଭ୍ୟଂ ବାସୁଦେବାୟ ଧୀମହି
ପ୍ରଦ୍ୟୁମ୍ନାୟାନିରୁଦ୍ଧାୟ ନମଃ ସଙ୍କର୍ଷଣାୟ ଚ ।
ଇତି ମୂର୍ତ୍ତ୍ୟଭିଧାନେନ ମନ୍ତ୍ରମୂର୍ତ୍ତିମମୂର୍ତ୍ତିକମ୍
ଯଜତେ ଯଜ୍ଞ ପୁରୁଷଂ ସ ସମ୍ୟଗ୍ ଦର୍ଶନ ପୁମାନ୍ ।
( ୧ମ ସ୍କ- ୫ମ ଅ, ୩୭।୩୮ )

ଅରୂପ ବ୍ରହ୍ମ ମନେ ସ୍ମରି, ଯେ ଉଚ୍ଚେ ତାଙ୍କ ନାମ ଧରି ।
ଶ୍ରୀ ବାସୁଦେବ ଯେ ପ୍ରଦ୍ୟୁମ୍ନ, ସେ ଅନିରୁଦ୍ଧ ସଙ୍କର୍ଷଣ ।
ମନ୍ତ୍ର ଆକାର ମୂର୍ତ୍ତି କରି, ପୂଜା କରନ୍ତି ହୃଦେ ଧରି ।
ସେ ନ ପଡ଼ନ୍ତି ମାୟା ମୋହେ, ଅନ୍ତେ ପଶନ୍ତି କୃଷ୍ଣ ଦେହେ ।

୩ । ଲଳିତଗତି ବିଳାସ ବଲ୍ଗୁହାସ
ପ୍ରଣୟ ନିରୀକ୍ଷଣ କଳ୍ପିତୋରୁମାନାଃ ।
କୃତମନୁ କୃତବତ୍ୟ ଉନ୍ମଦାନ୍ଧାଃ
ପ୍ରକୃତି ମଗନ୍ କିଲ ଯସ୍ୟ ଗୋପବଧ୍ୱଃ ।
( ୧ମ ସ୍କ. ୯ମ ଅ. ୪୦ ଶ୍ଳୋକ )

ଗୋପ ନଗରେ ବୃନ୍ଦାବନେ, ବ୍ରତ ଆଚରେ ଗୋପୀଜନେ ।
ଲଳିତଗତି ସୁବିଳାସ, ମଦନାଙ୍କ ଦୃଷ୍ଟି ମନ୍ଦ ହାସ ।
ତାହାର କୃତ୍ୟ ଅନୁସରି, ଉନ୍ମାଦେ ତା ଭାବ ଆଚରି ।
ଯାହାର ସଙ୍ଗେ ମାନ କରି, ଭବସାଗରୁ ଗଲେ ତରି ।
ସେ କୃଷ୍ଣ ଚରଣ କମଳେ, ମୋ ମନ ରହୁ ସୁନିଶ୍ଚଳେ ।

**ଭାଗବତର ଲୋକପ୍ରିୟତାର କାରଣ:—**(କ) ଦାସଙ୍କ ଭାଗବତ ପାଠ କଲାବେଳେ ଭାଷାର ସରଳତା ଓ ମନୋହାରିତା ମନରେ ଅପାର ଆନନ୍ଦ ଜାତ କରାଏ । ଅତି କଠିନ ଦାର୍ଶନିକ ତତ୍ତ୍ୱଗୁଡ଼ିକ ସେ ଯେପରି ମନେ ରଖିବା ଭଳି ଭାଷା ପ୍ରୟୋଗ କରି ସରଳ ଭାବରେ ବୁଝାଇ ଅଛନ୍ତି ଭାରତବର୍ଷର ଅନ୍ୟାନ୍ୟ ପ୍ରାଦେଶିକ ଭାଷାମାନଙ୍କରେ ଏଭଳି ଅନୁବାଦ ବିରଳ କହିଲେ ଚଳେ ।

ଜଗନ୍ନାଥ ଦାସଙ୍କ ଭାଗବତ ଭାରତବର୍ଷର ବହୁ ଲୋକପ୍ରିୟ ଗ୍ରନ୍ଥମାନଙ୍କ ଭିତରେ ଅନ୍ୟତମ । ଏହାର ପାଠକ ସଂଖ୍ୟା ଯେ କୌଣସି ଭାରତୀୟ ଲୋକପ୍ରିୟ ଗ୍ରନ୍ଥଠାରୁ କମ୍ ନୁହେଁ । ପ୍ରତିବର୍ଷ ପ୍ରାୟ ସହସ୍ର ସହସ୍ର ସଂଖ୍ୟାରେ ଏ ଗ୍ରନ୍ଥର ମୁଦ୍ରଣ ହୋଇ ପ୍ରଚାର ହେଉଛି ।

ଭାଷା ସରଳ ଓ ହୃଦ୍ୟ ଏବଂ ଲେଖନଭଙ୍ଗୀ ଚମତ୍କାର ଥିବାରୁ ଓଡ଼ିଶାର ଜ ସ୍ତ୍ରୀ ଜ ପୁରୁଷ, ବହୁ ଲୋକ ଦାସଙ୍କ ଭାଗବତରୁ ପଦେ ଅଧେ ମନେ ରଖି ବ୍ୟବହାର କରନ୍ତି । ଗଡ଼ଜାତ ଓ ଉତ୍ତରମାଳ ପର ଦାସଙ୍କ ଭାଗବତର ବହୁ ପଦ କଥାବାର୍ତ୍ତାରେ ବ୍ୟବହାର କରନ୍ତି । ଜଗନ୍ନାଥ ଦାସଙ୍କ ଭାଗବତ ଭଳି ଅନ୍ୟ କୌଣସି ଓଡ଼ିଆ ଗ୍ରନ୍ଥ ଏତେ ଲୋକପ୍ରିୟ ନୁହେଁ । ଏହି ଗ୍ରନ୍ଥକୁ ଓଡ଼ିଶାରେ ଲୋକେ ଏତେ ଆଦର କରନ୍ତି ଯେ ଏହାର ନାମରେ ଅନେକ ଗ୍ରାମରେ "ଭାଗବତ ଘର" ବା "ଭାଗବତ ଟୁଙ୍ଗୀ" ଅଛି । ସେଠାରେ ଗ୍ରାମର ଅତିଥି ଅଭ୍ୟାଗତ ରହିବାର ହୁଏ । ପୁରାଣ ପାଠ ହୁଏ । ଗ୍ରାମର ଯାବତୀୟ ବିଷୟର ତର୍କ ଓ ମୀମାଂସା ଏଠାରେ ହୁଏ । ଭାଗବତ ଘର ଅତି ପବିତ୍ର ସ୍ଥାନ ରୂପରେ ଗଣ୍ୟ । ଭାଗବତକୁ ଛୁଇଁ ଲୋକେ ପ୍ରମାଣ କରନ୍ତି । ଦୈବୀ ଦୁର୍ଘଟଣା ହେଲେ ବା ମହାମାରୀ ହେଲେ ଭାଗବତଙ୍କ ବିଶେଷ ପୂଜା ହୁଏ ।

**ଅମୃତ ପଦାବଳୀ:**—ଦାସଙ୍କ ଭାଗବତରୁ କେତୋଟି ଜନପ୍ରିୟ ପଦ ନିମ୍ନରେ ଦିଆଗଲା—

(୧) କପଟ ଧର୍ମ ଏଥି ନାହିଁ, ସ୍ୱଭେ ଶାସ୍ତ୍ର ଯେ ବୋଲଇ ।
(୨) ସକଳ ଶାସ୍ତ୍ର ଗ୍ରନ୍ଥ ମଥି, ବେଦେ ପୁରାଣେ ଯେତେ ଅଛି ।
(୩) ଏ କଳିଯୁଗେ ପତିତ ପ୍ରାଣୀ, ଅଳ୍ପ ଆୟୁଷ ଅଭିମାନୀ ।
(୪) ସୁତ ଭେଦର ଅଭିମାନୀ, ସକଳ ଧର୍ମ ଅଜ୍ଞେ ଜାଣି ।
(୫) ଅନନ୍ତ ରୂପେ ଥାଇ ହରି, ବାହ୍ୟ ଅନ୍ତରେ କର୍ମ କରି ।
(୬) ସର୍ବ ଶରୀର ଭୂତେ ଚିନ୍ତି, ତୋହରି ଚରଣେ ରହୁ ମତି ।
(୭) ସକଳ ଦେବଙ୍କ ନାରାୟଣ, ସେହି ଅନାଦି କାରଣ ।
(୮) ତ୍ରିଗୁଣ ରଜ୍ଜୁ କରେ ଧରି, ସୂତ୍ରୀ ନଚାଏ ନରହରି ।
(୯) ମାନ ଅପମାନ ଯେ ଫଳଇ କର୍ମ ବଳେ
ଏହା ଜାଣି ପ୍ରାଣୀ ଚିତ୍ତେ ନ ଘେନେ ଦୁଃଖେ ।
(୧୦) ଆପଣା ଅର୍ଜିତ କର୍ମ ଆପଣେ ଭୁଞ୍ଜଇ
ବିଧାତା ବଚନେ କର୍ମ ଅନ୍ୟଥା ନୁହଇ ।

(୧୧) ସୃଷ୍ଟି ଭିତରେ ପ୍ରାଣୀଙ୍କର, ଜଗତେ ନାହିଁ ଅନ୍ୟ ପର ।
(୧୨) ଜୀବ ଅଜ୍ଞାନବଶ ଦେହ, ଦୁଃଖକୁ ମଣେ ମହାସୁଖ ।
(୧୩) ଅମୃତ ସ୍ୱରୂପ ବଚନ, କହି ତୋଷିବ ପ୍ରାଣୀମନ ।
(୧୪) ସକଳ ଜୀବେ ସମ ବୁଦ୍ଧି, ଧର୍ମ ଭାବେ ଏ ପ୍ରସିଦ୍ଧି ।
(୧୫) କେତେବେଳେ ନୁହେଁ ଜ୍ଞାନ ଭ୍ରମ, ସେ ପ୍ରାଣୀ ନାରାୟଣ ସମ ।
(୧୬) ସଂସାର ମଧ୍ୟେ ଯେତେ ଜନ, ସମସ୍ତ ତୁଲେ ଭଗବାନ ।
(୧୭) ଏ ମାୟା ଜଗତ ମୋହନ, କେବଳ ନିଜ ଆତ୍ମା ଦେହ ।
(୧୮) ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହଁ ସୁଖେ ପ୍ରୟୋଜନ ।
(୧୯) ସୁଖ ତେଜନ୍ତୁ ଦାସୀ ଦାସ, ଏ ସବୁ କଳ୍ପନା ପ୍ରକାଶ ।
(୨୦) ତୃଷ୍ଣା ସନ୍ତୋଷେ ପୂର୍ଣ୍ଣ କରି, ସର୍ବେ ଶାନ୍ତି ଦେହ ଧରି ।
(୨୧) ସାଧୁ ସଙ୍ଗତେ ସଦା ରତେ, କୃଷ୍ଣଙ୍କ ଦୟା ହୃଦଗତେ ।
(୨୨) ସତ୍ୟ କହିବ ନିତ୍ୟ ତୁଣ୍ଡେ, କେତେବେଳେ ନଥିବ ପାଷଣ୍ଡେ ।
(୨୩) ଧନ ଅର୍ଜ୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି ।
(୨୪) ଯାହାକୁ ମାରି ସୁଖେ ଖେଳେ, ସେ ତାକୁ ହିଂସେ ଅନ୍ତକାଳେ ।
(୨୫) ସକଳ ଜୀବେ ନରହରି, ବସଇ ଆତ୍ମା ରୂପ ଧରି ।
(୨୬) ମନ କରିଲେ ଯେଉଁ ଫଳେ, ଫଳିବ ସେରେ ତାହା ବଳେ ।

ବର୍ତ୍ତମାନ ସୁଦ୍ଧା ମିଳିଥିବା ପ୍ରମାଣମାନଙ୍କରୁ ଦେଖାଯାଏ ଯେ ଜଗନ୍ନାଥ ଦାସ ଓଡ଼ିଶାର ତୃତୀୟ ପୁରାଣ ଲେଖକ; ପ୍ରଥମ ମହାଭାରତକର୍ତ୍ତା ଶାରଳା ଦାସ, ଦ୍ୱିତୀୟ ଜଗମୋହନ ରାମାୟଣକର୍ତ୍ତା ବଳରାମ ଦାସ ।

**ଅର୍ଥ କୋଇଲି**—ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି'ର ବ୍ୟାଖ୍ୟା ଏହି କ୍ଷୁଦ୍ର ପୁସ୍ତିକାଟିରେ ଜଗନ୍ନାଥ ଦାସ କରିଛନ୍ତି ।

"କୋଇଲି କେଶବ ଯେ ମଥୁରାକୁ ଗଲା
ତାହା ବୋଲି ଗଲା ପୁଣ ବାହୁଡ଼ି ନଇଲା ଲୋ ।" (୧ମ ପଦ)

ଜଗନ୍ନାଥ ଦାସଙ୍କ ବ୍ୟାଖ୍ୟା—

ଅର୍ଜ୍ଜୁନ ଉବାଚ
ଅର୍ଜ୍ଜୁନ ବୋଇଲେ ଶ୍ରୀକୃଷ୍ଣ ଶୁଣ ମହାବାହୁ
ସୃଷ୍ଟି କି କଥାଏ ପ୍ରଭୁ ମୋତେ ଆଜ୍ଞା ଦେଉ ।

କେଶବ କୋଇଲି ନାଥ କାହ୍ନାଙ୍କୁ ଯେ କହି ।
ଏହା ମୋତେ ଶ୍ରୀହରି ପ୍ରସନ୍ନେ ଦେବ କହି ।
ଭଗବାନୁବାଚ
ପାର୍ଥର ବଚନେ ଯେ ବୋଲନ୍ତି ଭଗବାନ
ହୃଷ୍ଟମନ ହୋଇ ଏ ପାର୍ଥ ପଚାରିଲୁ ପୁଣି ।
କୋଇଲି ବୋଲିଣ ପାର୍ଥ ଜାଣିଲୁଟି କହି
ସେହି କଥ ମୁଁ ହି ଜାଣ ସଂଶୟ ଅଛଇ ।
ଆପେ ଅଶ୍ୱିଣୀ ଜବ ଅଂଶେ ଚଳାଇଲି
ସେହି ପୁଣି ଭୋଗି ଅବା ଶାନ୍ତି ନ ଲଭିଲି ।
ଏହି ପୁଣି ଚୋଟି ସନ୍ଧି ଶାନ୍ତିକି ନଲିଲି
ମସ୍ତ ପ୍ରକୃତି ଚିହ୍ନ ପଡ଼ିଣ ରହିଲି ।

ଏ ପୁସ୍ତକଟିରେ କେଶବ କୋଇଲିର ୩୪ଟି ପଦର ବ୍ୟାଖ୍ୟା ଦାସେ କରିଛନ୍ତି । 'ଭୂଷା' ଗ୍ରନ୍ଥର ପଦ୍ୟ-ଟୀକା ଜଗନ୍ନାଥ ଦାସଙ୍କ ପୂର୍ବରୁ ଅନ୍ୟ କେହି କରିଥିବାର ଜଣାଯାଇନାହିଁ । ଓଡ଼ିଆ ଗ୍ରନ୍ଥର ଓଡ଼ିଆ ଟୀକା ହିସାବରେ 'ଅର୍ଥ କୋଇଲି' ପ୍ରଥମ ଗ୍ରନ୍ଥ ଏବଂ ଜଗନ୍ନାଥ ଦାସ ପ୍ରଥମ ଟୀକାକାର ।

**ତୁଳାଭିଣା:**—ଶିବ ପାର୍ବତୀଙ୍କ ଆଗରେ ଯେଉଁ ଗୂଢ଼ ଜ୍ଞାନ ପ୍ରକାଶ କରିଥିଲେ ତାହା ଏହି କ୍ଷୁଦ୍ର ପୁସ୍ତିକାଟିର ବିଷୟ । ତୁଳାକୁ ଭିଣିଲେ ତୁଳା ପରିଷ୍କାର, ହାଲୁକା ଓ କାର୍ଯ୍ୟୋପଯୋଗୀ ହୁଏ । ତତ୍ତ୍ୱରୂପୀ ତୁଳାକୁ ଏ ଗ୍ରନ୍ଥରେ 'ଭିଣା' ହୋଇଥିବାରୁ ଏହାର ନାମ 'ତୁଳାଭିଣା' ହେଲା ।

ଶୁଣ ଦେବୀ ହୈମବତୀ ଜେମା, ତୋତେ କହିବା ତୁଳାଭିଣା ।
ତୁଳାକୁ ଭିଣନ୍ତି ଯେସନ, ସେହିପରି କହିବା ବଖାଣ । (୧ମ ଅ.)

ଜଗତର ଉତ୍ପତ୍ତି ସମ୍ବନ୍ଧରେ ଶିବା ପଚାରିବାରୁ ଶିବ କହୁଛନ୍ତି:—

'ମହାଶୂନ୍ୟ ଯେ ଜ୍ୟୋତି ରୂପ, ଜ୍ୟୋତିରୁ ଜାତ ସ୍ଥୂଳ ରୂପ ।
ସ୍ଥୂଳରୁ ଅର୍ଦ୍ଧମାତ୍ରା ଭଲ, ମାତ୍ରାରୁ ଓଁକାରୁ କଲ୍ପିଲ ।
ଓଁକାର ବ୍ରହ୍ମ ଏ ଜଗତ, ଶୁଣ ପାର୍ବତୀ ଦେବୀ ଚିତ୍ତ ।
ଅଣାକାର ଯେ ଜ୍ୟୋତି ରୂପ, ସେଠାରେ ନାହିଁ ରୂପରେଖ ।

ଧୂମ୍ର ବର୍ଣ୍ଣର ପ୍ରାପ୍ତ ଦରଶ, ଅନ୍ଧକାରଟି ସେ ପ୍ରକାଶେ ।
ବ୍ରହ୍ମାଣ୍ଡ ଅନ୍ଧକାର ହୋଇ, କେଶାଗ୍ର ରୂପରେ ଅଛି ରହି ।
ସେଠାରୁ ଓଁକାର ଜନ୍ମିଲା, ଓଁକାରୁ ଅକାର ସେ ହେଲା ।
ଅକାରୁ ହୋଇଲା ମକାର, ମକାରୁ ଜନ୍ମିଲା ଉକାର ।
ଅନ୍ଧକାରଟି ଶୁଦ୍ଧ ହେଲା, ଓକାରୁ ବ୍ରହ୍ମ ପ୍ରକାଶିଲା ।
ଏମନ୍ତେ ହୋଇଲା ଦିବସ, ଦିବସୁଁ ଜଗତ ପ୍ରକାଶ ।'

ଏହାକୁ ଯୁକ୍ତି ଗଦ୍ୟରେ ଟୀକା କରି ବୁଝାଉଅଛନ୍ତି—"ଶୁଣ ପାର୍ବତି, ଅହଂକାର ଯେ କୃଷ୍ଣ ବର୍ଣ୍ଣ, କେଶାଗ୍ର ବର୍ଣ୍ଣ, ଧୂମ୍ର ଯେ ଅନ୍ଧକାର ହୋଇ ଥିଲା । ସେ ବିନ୍ଦୁକୁ ଓଁକାର କହି ଓ ଶୂନ୍ୟରୂପ କହି । ସେ ଓଁକାର ଶବଦୁଁ ଅକାର ଶବଦ ହେଲା । ଉକାର ଯେ ଶକ୍ତି, ସେ ଅର୍ଦ୍ଧମାତ୍ରା, ସେ ମକାର ଶବ୍ଦ ହେଲା । ଏରୂପେ ଅନ୍ଧକାର ଯାଇ ଦିବସ ହୋଇଲା ।" ତା'ପରେ ମନ୍ତ୍ରତନ୍ତ୍ର, ନାମତତ୍ତ୍ୱ, ରାମ, କୃଷ୍ଣ, ରାଧା ପ୍ରଭୃତି ନାମତତ୍ତ୍ୱ, ଭାଗବତ, ମହାଭାରତ, ରାମାୟଣ, ହରିବଂଶ ପ୍ରଭୃତି ବେଦ, ବ୍ରହ୍ମଜ୍ଞାନ, ଶରୀରତତ୍ତ୍ୱ ପ୍ରଭୃତି ବହୁତ ବିଷୟ ଏହି କ୍ଷୁଦ୍ର ପୁସ୍ତିକାଟିରେ ଜଗନ୍ନାଥ ଦାସ ଲେଖିଅଛନ୍ତି ।

ଭାଗବତରେ ୧୨ଶ ସ୍କନ୍ଧର ଭେଦ ଏହିପରି କହୁଛନ୍ତି—

ମହାଶୂନ୍ୟରୁ ଶୂନ୍ୟ ଜାତ, ଶୂନ୍ୟରୁ ପ୍ରଣବ ଉଦ୍ଭୂତ ।
ପ୍ରଣବ ପବନକୁ କହି, ପବନୁ ଜଳ ଉପୁଜଇ ।
ଜଳ ପବନୁ ଜାତ ହେଲା, ସଂସାରେ ଖେଳ ଲଗାଇଲା ।
ଜଳ ପବନ, ଜ୍ଞାନ କହି, ଦେହରେ କହୁଣି ବୁଝାଇ ।
ପରମ ପୁରୁଷଟି ସେହି, ଶୁକ ବୋଲନ୍ତି ତାକୁ କହି ।
ଜୀବଟି ପଣ୍ଡିତ ହେଲା, ସକଳ ଜ୍ଞାନଟି ପୁଚ୍ଛିଲା ।
ଜୀବ ପରମକୁ ପୁଚ୍ଛଇ, କହେ ପରମ ଜ୍ଞାନ କହି ।
ପରମ ନାରଦଟି ଜାଣ, ଜୀବ ବସୁଦେବ ପ୍ରମାଣ ।
ଜନ୍ମ ମୁକତି ଯାତ୍ରା କହି, ପରମ ପୁରୁଷଟି ସେହି ।
କିମ୍ପି ଲୁଚାହିଁ ହେଲା ଜୀବ, ଏ ଜୀବ ପରମଙ୍କ ଭାବ ।

ପରମ କୃଷ୍ଣ ବୋଲି ଯାହିଁ, ଜାଣନ୍ତି ଭକତ ପ୍ରମାଣ ।
ସବୁ ଭୁଞ୍ଜନ୍ତି ଜୀବ ହୋଇ, ପରମ ଅବଧୂତ ଦେହ ।
ଶୁକ୍ଳ ସ୍ୱରୂପଟି ପରମ, ସନକାଦିଙ୍କି ଜୀବ ଜାଣ ।
ପିଙ୍ଗଳା ଜୀବ ଆତ୍ମା କହି, ପରମ ଧନଞ୍ଜ ବୋଲନ୍ତି ।
ଏ ଚାରି ଯୁଗ ପଦ ଅର୍ଥ, ଜୀବ ପରମ ଜାଣ ତତ୍ତ୍ୱ ।
ଏହୁ ପରମ ସଂଠାରେ, ଦୂର ଅଜ୍ଞାନ ସମ୍ପଦରେ ।
ସଂସାର ସବୁ ମିଥ୍ୟା ଜାଣ, ପରମ ସତ୍ୟଟି ପ୍ରମାଣ ।
ଜଳ ପବନ ଏ ଶରୀର, ହରିଙ୍କି ଜଗତ ଈଶ୍ୱର ।
ଯେତେକ ଶାସ୍ତ୍ର ଏ ପଢ଼ିବା, ସକଳ ବାକ୍ୟରେ ଗଣିବା । (୭ମ ଅ:)

ରାମାୟଣ ଭେଦ—

ରାମ ଅକ୍ଷର ଦେହ କହି, ରାମଚନ୍ଦ୍ରଟି ଅଟେ ଦେହୀ ।
ଲକ୍ଷ୍ମଣ ପରମ ସ୍ୱରୂପ, ସୀତା ଯେ ସତ୍ୟଟି ପ୍ରକାଶ ।
ଦୂତଟି ସୁଗ୍ରୀବକୁ କହି, ଦେବତାଗଣଟି ଶୂନ୍ୟ ହୋଇ ।
ଏ ପଞ୍ଚ ବେଦପାଠ ସୂତ୍ର, ପଞ୍ଚ ମନଟି ଏ ପ୍ରମାଣ ।
ପଚିଶ ପ୍ରକୃତି ଏ ହୋଇ, ପଚିଶ ସୂତ୍ରପଥ ଶେଷ ।
ରାଗଟି ରାବଣ ଅସୁର, ଇନ୍ଦ୍ରିଟି ଇନ୍ଦ୍ରଜିତ ବୀର ।
ଭୁକ୍ତି କୁମ୍ଭକର୍ଣ୍ଣ ଜାଣ, ପାପଜ୍ଞାଟି ସୂର୍ପଣଖା ।
କ୍ଷୁଧା ତୃଷ୍ଣା ଯେ ଦେହ ହୋଇ, ଶୁକ ସାରଣ ମନ୍ତ୍ରୀ ସେହି ।
ଏତେକ ରାବଣର ସୈନ୍ୟ, ଶୁଣ ପାର୍ବତୀ ହୋଇ ମନ ।
ପବନ ହନୁମାନ କହି, ଲଙ୍କାର ଶରୀରକୁ ଦହି ।
ଜାମ୍ବୁବ ସୁଷେଣ ଯେ ମନ୍ତ୍ରୀ, ତହିଁ ଚୈତନ୍ୟ ଯେ ଅଟନ୍ତି ।
ପ୍ରଳୟ କାଳ ସତ୍ତ୍ୱ ହେଲ, ସାଗରେ ଚୈତନ୍ୟ ବୁଡ଼ିଲ ।
ରାଗ ତମରେ ଶତ ବୃତ୍ତି, ଲଙ୍କା ଶରୀରେ ଗଲ ପୋଡ଼ି ।
ରାମ ରାବଣ ଯୁଦ୍ଧ କଲେ, ତ୍ରିକୂଟଠାରେ ଲୟ ହେଲେ ।
ପ୍ରଳୟ କାଳର ଏ କଥା, ଶୁଣି ପାର୍ବତୀ ହେଲେ ଚେତା ।

ମହାଭାରତ ଭେଦ—

ମନକୁ କହି ଦୁର୍ଯ୍ୟୋଧନ, ପାପ ପ୍ରକୃତି ତାର ସୈନ୍ୟ ।
ସତ ସେ ଯୁଧିଷ୍ଠି ବୋଲାଇ, ଶୂନ୍ୟ ସୈନ୍ୟଙ୍କି ତାର କହି ।
ପ୍ରଳୟ କାଳ ଉର୍ଦ୍ଧ୍ୱେ ଥିଏ, ତ୍ରିକୂଟଠାବେ ତଳେ ଯନ୍ତ୍ର ।
ପ୍ରଳୟକାଳ ଅର୍ଦ୍ଧ ହେଲା, ରାତରେ ସତ ବୁଡ଼ିଗଲା ।
କଣ୍ଠ ପଣିକା ସେହୁ ଯୁଗ, ଶୂନ୍ୟ ପ୍ରକୃତି ଏହି ପ୍ରମାଣ ।
ପ୍ରକୃତି ଦୁଇ ଦଳେ ସୈନ୍ୟ, କୋପେ କରନ୍ତି ଘୋର ରଣ ।
କାମ ପକ୍ଷତେ ରାଜା ଥାଇ, କୋପେ ଯୁଝନ୍ତି ପଶୁଥାଇ ।
ତମ ପକ୍ଷତେ କ୍ରୋଧ ପୁଣ, ଯୁଝନ୍ତେ ପୃଥ୍ୱୀ କମ୍ପମାନ ।
ଜୀବ ପରମ ସୁଖ ଭରେ, ପ୍ରଳୟ ଅଗ୍ନି କରିଥିଲେ ।
ସୁବୁଦ୍ଧି କୁବୁଦ୍ଧି ଯୁଝନ୍ତି, ପ୍ରଳୟ ଅଗ୍ନି କରିଥାନ୍ତି ।
ଶୋକ ଶାନ୍ତି ଯୁଦ୍ଧ କରି, ମାରନ୍ତି ନାନା ଶସ୍ତ୍ର ଧରି ।
ରାଜ ଗୁଣରେ ରାଜ ମିଶି, ଯୁଦ୍ଧ କରନ୍ତି କରେ ପଶି ।
ଜୀବ ଆତ୍ମାଟି ସେ ଅର୍ଜୁନ, ଓଁକାର ଅଣ୍ଡା ଗୁରୁ ଦ୍ରୋଣ ।
ଅର୍ଜୁନ ଶରୀ ସେ ଶ୍ରୀହରି, ସେହୁ ପାଣ୍ଡବଙ୍କୁ ମନ ଦେଇ ।
ପରମ ଧ୍ୱନି ଶଙ୍ଖ ଜାଣି, କୋପେ ଯୁଝଇ ଘନ ଘନ ।
ଗୁପ୍ତ ଶବଦ ଗଦା ଜାଣ, ଅର୍ଦ୍ଧ ମାତ୍ରାଟି ଏହି ପ୍ରମାଣ ।
ତା ଠାରୁ କାଳଚକ୍ର ଜାତ, ସମ୍ପ୍ରେ ଯୁଝନ୍ତି ନପାର ।
ବ୍ୟାସ ସେ ସବୁରି କାରଣ, ତଷ୍ଟୁ ବୋଲଣ ତା ବଖାଣ ।
ଦୁର୍ଯ୍ୟୋଧନଙ୍କି ମନ ଜାଣ, ଜନ୍ମରେ ଲୁଚଇ ପ୍ରମାଣ ।
ପବନ ଭୀମ ବୋଲାଇଲା, ଶବଦେ ଗଦା ବୁଲାଇଲା ।
ଜନ୍ମରେ ଯାଇ ଲୁଚିଥିଲା, ଗଦା ବାଜନ୍ତେ ଚୂର୍ଣ୍ଣ ହେଲା ।
ଏ ଦୁହେଁ ତ୍ରିକୂଟ ସନ୍ଧିରେ, ଯୁଦ୍ଧ କରନ୍ତି କୋପଭରେ ।
ହାରିଲା ଦୁର୍ଯ୍ୟୋଧନ ରାଜା, ଜିଣିଲେ ଧର୍ମର ତନୁଜା ।
ବ୍ରହ୍ମରେ ବ୍ରହ୍ମ ଲୀନ ହୋଇ, ଭାରତ ଯୁଦ୍ଧ ଶୁଣ ଏହି ।

ଗଦ୍ୟରେ ସୂତ୍ରୀ ଏହି କଥାକୁ ବୁଝାଇଛନ୍ତି—"ସତ ଗୁଣଟି ଯୁଧିଷ୍ଠିର, ତମ ଗୁଣଟି ଭୀମ, ରଜ ଗୁଣଟି ଅର୍ଜ୍ଜୁନ, ସୁବୁଦ୍ଧି ସହଦେବ, ଉଦାସୀ ଗୁଣଟି ନକୁଳ, କାଅଟି ଶରୀର, ପଦ୍ମଟି କୃଷ୍ଣ, ସ୍ୱମ ଶବଦଟି ଚକ୍ର, ମନଟି ଦୁର୍ଯ୍ୟୋଧନ, କୁବୁଦ୍ଧିଟି ଶକୁନି, ପ୍ରକୃତିଗଣ ଅନେକଶତ ସୈନ୍ୟ, ଦ୍ରୋଣଗୁରୁଟି ଅଶ୍ୱତ୍ଥାମା, ଏହି ଉପରେ ଯେଉଁ ବନ୍ଧ, ସେ ଶାସ୍ତ୍ର, କ୍ରୋଧଟି ଦୁଃଶାସନ, ଅହଂକାରଟି କୃପାଚାର୍ଯ୍ୟ, ସ୍ମୃତିଟି କର୍ଣ୍ଣ, ତୃଷ୍ଣା ଚୈତନ୍ୟ ଜୟଦ୍ରଥ, ଭୂତଗ୍ରାମଟି ଓଁକାର, ଯୁ ଅକ୍ଷରଟି ଶତ୍ରୁଘ୍ନ, ଅର୍ଦ୍ଧମାତ୍ରାଟି ଧୃତରାଷ୍ଟ୍ର।" (୮ମ ଅ.)

**ଜଗନ୍ନାଥ ଦାସଙ୍କ ଗଦ୍ୟ:**—ଜଗନ୍ନାଥ ଦାସ 'ତୁଳାଭିଣା'ରେ ମୂଳଶ୍ଲୋକପରେ ନିଜ ପଦକୁ ବ୍ୟାଖ୍ୟା କରିବା ପାଇଁ ଗଦ୍ୟ ବ୍ୟବହାର କରିଛନ୍ତି। ଏହି ବହିଟିର ଦଶ ବା ତେର ସ୍ଥାନରେ ଗଦ୍ୟ ଅଛି। ଏ ଗଦ୍ୟଲେଖା ପୁସ୍ତକର ପ୍ରାୟ ଏକଚତୁର୍ଥାଂଶ ହେବ।

ବର୍ତ୍ତମାନ ମିଳିଥିବା ଗଦ୍ୟ ରଚନାଗୁଡ଼ିକ ଭିତରେ ଜଗନ୍ନାଥ ଦାସଙ୍କ ତୁଳାଭିଣାର ଗଦ୍ୟ ଲେଖା ଅନ୍ୟତମ ପ୍ରାଚୀନ ଲେଖା। ନିର୍ଦ୍ଦିଷ୍ଟ କାଳ ଜଣାଯାଉଥିବା ଗଦ୍ୟ ରଚନା ଭିତରେ ଏହା 'ଚଇନୀଙ୍କ ଚକଡ଼ା' ପରେ ଦ୍ୱିତୀୟ ପ୍ରାଚୀନ ଗଦ୍ୟ ରଚନା। ଏ ଦୁଇ ଗ୍ରନ୍ଥ ପୂର୍ବରୁ ରଚିତ ଓଡ଼ିଆ ଗଦ୍ୟ ଗ୍ରନ୍ଥ ମିଳୁଥିଲେ ହେଁ ସେଗୁଡ଼ିକର ସମୟ ନିର୍ଦ୍ଦିଷ୍ଟ ଭାବରେ ଜଣା ପଡ଼ୁନାହିଁ।

ଗଦ୍ୟାଂଶ ଭିତରେ 'ହୁଏ' ସ୍ଥାନରେ 'ହୋଏ', 'କିଏ' ସ୍ଥାନରେ 'କେ', 'ଶବଦରୁ' ସ୍ଥାନରେ 'ଶବଦୁଁ' ପ୍ରଭୃତି ପ୍ରାଚୀନ ପ୍ରୟୋଗ ଦେଖାଯାଏ। 'ଦିଶେ' ସ୍ଥାନରେ 'ଦିଶଇ', 'ଡାକୁଥାଏ' ସ୍ଥାନରେ 'ଡାକଇ' ଏପରି କ୍ରିୟାର ବ୍ୟବହାର ଦେଖାଯାଏ। ବାକ୍ୟଗୁଡ଼ିକ ଛୋଟ ଛୋଟ, ଜଟିଳ ବାକ୍ୟର ବ୍ୟବହାର ନାହିଁ କହିଲେ ଚଳେ। ଭାଷା ସରଳ, ମାର୍ଜିତ ଓ ଅଳଙ୍କାରଶୂନ୍ୟ।

**ଗଦ୍ୟାଂଶର ଭାଷା ଓ ଲେଖା-ଢଙ୍ଗର ଉଦାହରଣ:**—

(କ) "ଶୁଣ ଗୋ ପାର୍ବତୀ, ଗୋଟକା ଭିତରେ ଚନ୍ଦ୍ର ପ୍ରକାଶଇ, ଏହି ସେ ଜନ୍ତୁ ନଳମଣି ରୂପ। ଜଳ ସ୍ୱରୂପ ହୋଇ ରହୁଥାଇ। ବଦଣ୍ଡ ଫଳ ପ୍ରାପ୍ତ

ହୋଇ ଅବ୍ୟକ୍ତ ବର୍ତ୍ତି ଦଶାଇ । ଶୂନ୍ୟ ପ୍ରାପ୍ତ ହୋଇଲା । ସେ ଫୋଟକା ଭିତରେ ଥାଇ ରାମ ନାମ ଡାକୁଥାଇ । ଶୂନ୍ୟ ଶବଦରେ ମନ ଦେଉଥାଇ । ସେଠାରୁ କାୟା ବଢ଼ିଲା, ସେ ଯେଉଁ ବ୍ରହ୍ମରୂପ ଥିଲା ସେ ଜ୍ୟୋତି ହେଲା । ବ୍ରହ୍ମରୂପ ହୋଇଲା । ଓଁକାର ଆକାର ଠୁଳ ହେଲା । ସେ ବ୍ରହ୍ମରୁ ଅର୍ଦ୍ଧମାତ୍ରା କଲା । ସେ ଫୋଟକା ଭିତରେ ପଶିଲା । ତେଣୁ ସେ ବ୍ରହ୍ମ ଦେହ ପାଳ ହେଲା । ରାମ ବୋଲି ଓଁକାର ଶବଦ ହୋଇଲା ।" ( ୬୪ ଅ. )

**ମହାଭାରତ:**—ଚଉତିଶ ରାଗରେ ନବାକ୍ଷରୀ ବୃତ୍ତ ବା ଭାଗବତ ବୃତ୍ତରେ ଜଗନ୍ନାଥ ଦାସ ମହାଭାରତ ଚରିତକୁ ସଂକ୍ଷେପରେ ଲେଖିଛନ୍ତି । ଏ ଗ୍ରନ୍ଥଟି ଦାସଙ୍କ ଭାଗବତ ପରି ବହୁଜନ-ପରିଚିତ ନହେଲେ ମଧ୍ୟ ଭାଷାର ମାଧୁର୍ଯ୍ୟ ଓ ପ୍ରକୃତିର ସୌନ୍ଦର୍ଯ୍ୟରେ ଭାଗବତଠାରୁ କୌଣସି ପ୍ରକାରେ ନ୍ୟୂନ ନୁହେଁ । ଶାରଳା ଦାସ ନିଜ ମହାଭାରତରେ ଯେଉଁ ଢଙ୍ଗରେ ଧ୍ୱଂସ-ବର୍ଣ୍ଣନା କରିଛନ୍ତି ଜଗନ୍ନାଥ ଦାସ ତାକୁ ବହୁ ଅଂଶରେ ଅନୁକରଣ କରିଅଛନ୍ତି । ପଦ୍ମଗନ୍ଧା ନିରୂପଣ, ବ୍ୟାସଜନ୍ମ, ସୃଷ୍ଟି ପ୍ରକରଣ, ମହାଭାରତ ନାମକରଣ, ଗଙ୍ଗାଚରିତ, ରୁକ୍ମିଣୀ ମେଳ, କୁରୁପାଣ୍ଡବ ବିବାଦର ଜନ୍ମବର୍ଣ୍ଣନ ଓ ତା'ର ପରିଣତି ପ୍ରଭୃତି ପ୍ରାୟ ସବୁ ପ୍ରସଙ୍ଗ ଶାରଳା ଦାସଙ୍କ ମହାଭାରତ ଆଦର୍ଶରେ ଜଗନ୍ନାଥ ଦାସ ଲେଖିଯାଇଛନ୍ତି । ଏ ଗ୍ରନ୍ଥଟି ଶାରଳା ଦାସଙ୍କ ମହାଭାରତର ନବାକ୍ଷରୀ ବୃତ୍ତରେ ସଂକ୍ଷିପ୍ତ ସାର-ସଂଗ୍ରହ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ଦାରୁବ୍ରହ୍ମ ଗୀତା:**—ପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥ ଦେବଙ୍କ ଚରିତ ନବାକ୍ଷରୀ ବୃତ୍ତରେ ତେରଟି ଅଧ୍ୟାୟରେ ଲିଖିତ । ଭାଷା ସରଳ ।

**ଦାସଙ୍କ ଲେଖାର ବିଶେଷତ୍ୱ:**—ଜଗନ୍ନାଥଙ୍କ ଲେଖା ସରଳ ଓ ସ୍ପଷ୍ଟ ଥିବାରୁ ପରବର୍ତ୍ତୀ ଯୁଗର ବହୁ କବି ତାଙ୍କର ଭାଷାକୁ ଅନୁକରଣ କରିଛନ୍ତି । ବର୍ତ୍ତମାନ ଯୁଗର ଶୁଦ୍ଧ ସରଳ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ସ୍ୱରୂପ ଭାଗବତକୁହିଁ ପ୍ରଥମ ନିଦର୍ଶନ ରୂପେ ଧରାଯାଏ । ଦାସଙ୍କ ଭାଗବତରେ ଯେଉଁ ନବାକ୍ଷରୀ ବୃତ୍ତ ବ୍ୟବହାର କରାହୁଏ ତାହା ଏତେ ଲୋକପ୍ରିୟ ଯେ ଏହି ବୃତ୍ତକୁ (ଗୁଜ୍ଜରୀ) ଲୋକେ

ସାଧାରଣତଃ ଭାଗବତ ବୃତ୍ତି ବୋଲି ପ୍ରକାଶ କରିଥାଆନ୍ତି । ପରବର୍ତ୍ତୀ କାଳର ବହୁ କବି ସୂକ୍ଷ୍ମ ରାଗର ନାମ ଉଲ୍ଲେଖ ନକରି 'ଭାଗବତବୃତ୍ତି'ରେ ବୋଲି ରାଗର ନାମକରଣ କରିଛନ୍ତି ।

ଜଗନ୍ନାଥ ଦାସଙ୍କ ଲେଖା ଛନ୍ଦରେ ଅର୍ଥ କୋଇଲି, ତୁଳାଭିଣା ଉଲ୍ଲେଖନୀୟ ଅଟେ । ଏଥିର ଭାଷା ସହଜ ଓ ସରଳ, କିନ୍ତୁ ସାହିତ୍ୟିକ ବର୍ଣ୍ଣନାବୈଚିତ୍ର୍ୟ ଏଥିରେ ନାହିଁ ।

ଭାଗବତ, ମହାଭାରତ, ଦାରୁବ୍ରହ୍ମ ଗୀତାରେ 'ଭକ୍ତି' ବର୍ଣ୍ଣିତ ହୋଇଛି ଏବଂ ବହୁଳ ସ୍ଥଳରେ ବହୁ ତତ୍ତ୍ୱ ଅଙ୍କିତ ହୋଇଯାଇଛି । ଭାଗବତ ତତ୍ତ୍ୱ-ପ୍ରଧାନ ଓ ମୂଳତଃ ଅନୁବାଦ ଗ୍ରନ୍ଥ ଥିବାରୁ ଏଥିରେ କବିତ୍ୱଶକ୍ତି ବିଶେଷ ଭାବରେ ପ୍ରସ୍ଫୁଟିତ ହୋଇପାରି ନାହିଁ । ଅଳ୍ପସଂଖ୍ୟକ ଶବ୍ଦ ବ୍ୟବହାର କରି ଦୀର୍ଘ ସ୍ୱଳ୍ପ ପଦ ରଚନା କରିବାରେ ଜଗନ୍ନାଥ ଦାସ ଅଦ୍ୱିତୀୟ ଏବଂ ଓଡ଼ିଶାରେ ସର୍ବପ୍ରଥମ ବଳିଷ୍ଠ ପଥପ୍ରଦର୍ଶକ । ତାଙ୍କର ସହସ୍ରାଧିକ ପଦ, ଢଗଢମାଳି ପରି ଲୋକମୁଖରେ ପ୍ରଚଳିତ ଅଛି ।

ଜଗନ୍ନାଥ ଦାସ ସୂକ୍ଷ୍ମ ରାଗ ବା ନବାକ୍ଷରୀ ବୃତ୍ତକୁ ତାଙ୍କର ଲେଖାର ମାଧ୍ୟମ ରୂପେ ବ୍ୟବହାର କରି ଅଭୂତପୂର୍ବ ସାଫଲ୍ୟ ଲାଭ କରିଛନ୍ତି । ଓଡ଼ିଶାରେ ଏହି ରାଗ ଭାଗବତ ବୃତ୍ତି ନାମରେ ପରିଚିତ ହେବା ଓ ପରବର୍ତ୍ତୀ ବହୁ କବି ଏହାକୁ ବହୁଳଭାବରେ ବ୍ୟବହାର କରିଥିବା ଏହାର ପ୍ରମାଣ ।

ପୁରାଣ ଅନୁବାଦକ ଭାବରେ ଜଗନ୍ନାଥ ଦାସ ଓଡ଼ିଶାରେ ସର୍ବପ୍ରଥମ । ଜଗନ୍ନାଥ ଦାସ ବହୁ ସ୍ଥଳରେ ମୂଳ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ କରିନଥିଲେ ମଧ୍ୟ ଏହା ମୁଖ୍ୟଭାବରେ ଅନୁବାଦ ଗ୍ରନ୍ଥ ବୋଲି ଧରାଯିବ । ଶାରଳା ଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ରାମାୟଣ ଅନୁବାଦ ଗ୍ରନ୍ଥ ନୁହେଁ ।

## (ଗ) ଯଶୋବନ୍ତ ଦାସ

ଯଶୋବନ୍ତ ଦାସ ଚୈତନ୍ୟ ଦେବଙ୍କ ପଞ୍ଚସଖାଙ୍କ ଭିତରୁ ଜଣେ । ଅନ୍ୟ ଭକ୍ତମାନଙ୍କ ଭଳି ସେ ମଧ୍ୟ କବି ଥିଲେ । ଯଶୋବନ୍ତ ଦାସ ଶିବସ୍ୱରୋଦୟ, ପ୍ରେମଭକ୍ତିବ୍ରହ୍ମଗୀତା, ଗୋବିନ୍ଦଚନ୍ଦ୍ରଗୀତା, ଷଷ୍ଠୀଶି ଅଙ୍କ, ହେତୁଉଦୟ ଭାଗବତ, ଶୂନ୍ୟ ସଂହିତା ଦେବଦୋଷି ଗ୍ରନ୍ଥ ରଚନା କରିଛନ୍ତି । ଏତଦ୍ଭିନ୍ନ ଅନେକ ଭଜନ, ମାଳିକା ଓ ପଦ୍ୟ ମଧ୍ୟ ରଚନା କରିଥିବା ଜଣାଯାଏ । ଯଶୋବନ୍ତଙ୍କ ରଚନାମାନଙ୍କ ଭିତରୁ ଅଧିକାଂଶ ମୁଦ୍ରିତ ହୋଇନାହିଁ ।

**ବଂଶ ଓ ଜନ୍ମ ସମୟ:**—ଯଶୋବନ୍ତ ଦାସ ଚୈତନ୍ୟ ଦେବଙ୍କ ସମସାମୟିକ । ଜନ୍ମ ସମୟ ନେଇ ପରସ୍ପରବିରୋଧୀ ତଥ୍ୟ ଉପାଦାନ ଦେଖାଯାଉଥିବାରୁ କେଉଁ କାଳରେ ସେ ଜନ୍ମଗ୍ରହଣ କରିଥିଲେ ତାହା ଠିକ୍ ଭାବରେ ନିର୍ଦ୍ଧାରିତ ହୋଇ ପାରୁନାହିଁ । ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ'ରେ ଲେଖାଅଛି ସେ ଜଗନ୍ନାଥ ଦାସ ଓ ଯଶୋବନ୍ତ ଦାସ ଏକା ବର୍ଷରେ ଜନ୍ମଗ୍ରହଣ କରିଥିଲେ । ବଳରାମ ଦାସ, ଯଶୋବନ୍ତ ଦାସ ଓ ଜଗନ୍ନାଥ ଦାସଙ୍କ ଠାରୁ ଚାରିବର୍ଷ ବଡ଼ । 'ଉଦୟ କାହାଣୀ' ଅନୁସାରେ ଖ୍ରୀ: ୧୪୮୭ରେ ଯଶୋବନ୍ତଙ୍କ ଜନ୍ମ ।

କଟକ ଜିଲ୍ଲା ଅନ୍ତର୍ଗତ ଜଟେଶ୍ୱରପୁର 'ନନ୍ଦିଘୋଷ' ଅଡ଼ଙ୍ଗ ଗ୍ରାମରେ ଯଶୋବନ୍ତ ଦାସ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଜଗୁ ମଲ୍ଲିକ ଓ ମାତାଙ୍କ ନାମ ରେଖାଦେବୀ । ଦାସେ ମହାନାୟକ ବା କ୍ଷତ୍ରିୟ ଥିଲେ ବୋଲି କେହି କେହି କହନ୍ତି । ବାରବର୍ଷ ବୟସରୁ ଦାସେ ସଂସାର ପ୍ରତି ଉଦାସୀନ ଭାବ ପ୍ରକାଶ କରିଥିଲେ ଓ ବହୁବର୍ଷ ତୀର୍ଥ ପର୍ଯ୍ୟଟନରେ ଅତିବାହିତ କରିଥିଲେ । ଓଡ଼ିଶାରେ ଚୈତନ୍ୟ ଦେବଙ୍କ ଅବସ୍ଥାନ ସମୟରେ ଦାସେ ଚୈତନ୍ୟ ଦେବଙ୍କ ସମ୍ପର୍କରେ ଆସିଥିଲେ । ପୁରୀରେ ସେ ଦୀକ୍ଷା ନେଇଥିଲେ ।

ଦୀକ୍ଷା ନେବା ପରେ ସେ ନିଜ ଜନ୍ମସ୍ଥାନ ଅଡ଼ଙ୍ଗକୁ ଫେରି ଆସିଥିଲେ । ଅଡ଼ଙ୍ଗ କିଲ୍ଲାର ସେତେବେଳର ଜମିଦାର ରଘୁରାମଙ୍କ ଭଗିନୀ ଅନ୍ନଦା ଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ରଘୁରାମ ଦାସଙ୍କ ପାଇଁ ଅଡ଼ଙ୍ଗରେ ଗୋଟିଏ ସୁନ୍ଦର ମଠ ନିର୍ମାଣ କରି ମଠର ପରିଚାଳନା ନିମନ୍ତେ ବହୁ ସମ୍ପତ୍ତି ଦେଇଥିଲେ । ଏ ମଠ ବର୍ତ୍ତମାନ ପୁରୀ ଯଶୋବନ୍ତ ଦାସଙ୍କ ଉତ୍ତରାଧିକାରୀ-ମାନଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଅଛି ।

ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଯଶୋବନ୍ତ ଦାସଙ୍କର ୭୫୦ ଶିଷ୍ୟ ଥିଲେ ବୋଲି ଶୁଣାଯାଏ ।

କେବେ ଯଶୋବନ୍ତ ଦାସ ଇହଧାମ ତ୍ୟାଗକଲେ ତାହା ନିର୍ଦ୍ଦିଷ୍ଟ ଭାବରେ ଜାଣିବା ପାଇଁ କିଛି ଉପାଦାନ ମିଳୁନାହିଁ । ସେ ମାଘମାସ ଶୁକ୍ଳ ଷଷ୍ଠୀ ଦିନ ପରଲୋକପ୍ରାପ୍ତ ହୋଇଥିଲେ ବୋଲି ଶୁଣାଯାଏ । ତାଙ୍କର ତିରୋଧାନ ଦିନ ଅଡ଼ଙ୍ଗରେ ଗୋଟିଏ ମେଳା ହୁଏ । ବହୁ ଲୋକ ଏଥିରେ ଯୋଗ ଦିଅନ୍ତି ।

ଯଶୋବନ୍ତଙ୍କ ଜୀବନୀ ସମ୍ବନ୍ଧରେ ବହୁତ କିମ୍ବଦନ୍ତୀ ଶୁଣାଯାଏ । ସେଥିରୁ କେତୋଟି ପ୍ରାଚୀ ସମିତି ପ୍ରକାଶିତ 'ଶିବସ୍ୱରୋଦୟ'ର ମୁଖବନ୍ଧରେ ଲିପିବଦ୍ଧ ହୋଇଅଛି । ସେଥିରୁ ଦୁଇଟି ଏଠାରେ ଦିଆଗଲା ।

(କ) "ଜନଶ୍ରୁତିରୁ ଜଣାଯାଏ ଯେ, ପୁରୀର ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କ ସହିତ ଆମ୍ଭମାନଙ୍କ ପଞ୍ଚସଖାଙ୍କର ଏକାଧିକବାର ସାକ୍ଷାତ୍କାର ହୋଇଥିଲା । ଏକଦା ଯଶୋବନ୍ତ କେତେକ ଶିଷ୍ୟଙ୍କ ସହିତ ପୁରୀ ଅଭିମୁଖରେ ଯାତ୍ରା କରୁଥିଲେ । ପଥ ମଧ୍ୟରେ ଏକ ବ୍ରହ୍ମରାକ୍ଷସ ସହିତ ସେମାନଙ୍କର ଭେଟ ହେଲା । ବ୍ରହ୍ମରାକ୍ଷସ ତାହାର ପୈଶାଚିକ ଲୀଳା ସାଧନରେ ବ୍ୟାପୃତ ହୁଅନ୍ତେ ଆମ୍ଭମାନଙ୍କର ସାଧକ କବି ଯଶୋବନ୍ତ ଅସାଧାରଣ ଯୋଗ ପ୍ରଭାବରେ ଆଶାବାଡ଼ିର ସଙ୍କେତରେ ତାହାକୁ ପଥ ଦେଖାଇ ଆଗେ ଆଗେ ଚାଲିବାକୁ ଆଦେଶ କଲେ । ଅଦ୍ଭୁତର ବିଷୟ, ରାଜଶକ୍ତି ଆଉ କୌଣସି ଅତ୍ୟାଚାରର

ଉପକ୍ରମ ନଜର ଆଦେଶାନୁସାରେ ଶାନ୍ତ ଶିଷ୍ଟ ଭାବରେ ଅଗ୍ରଗାମୀ ହେବାକୁ ଲାଗିଲା । ବୃଦ୍ଧବୃଷଭର ଆଗ୍ରହବାର ଅବଲୋକ ହୋଇ ଜନସାଧାରଣ ବୃଦ୍ଧ ପରିଚର୍ଯ୍ୟାସହକାରେ ଉଚ୍ଚସ୍ବରେ ଚଳାଇବାକୁ ଲାଗିଲେ । ଅଳ୍ପକାଳ ମଧ୍ୟରେ ଏ ସମ୍ବାଦ ଜନମୁଖରେ ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା ଏବଂ ରାଜା ପ୍ରତାପରୁଦ୍ରଙ୍କର କର୍ଣ୍ଣଗୋଚର ହେଲା । ରାଜା ଯଶୋଚନ୍ଦ୍ରଙ୍କର ଅଗାଧ ଯୋଗ ପ୍ରଭାବ ଏବଂ ଅପାର ମହିମାରେ ଦ୍ରବୀଭୂତ ବିସ୍ମିତ ଓ ମୁଗ୍ଧ ହୋଇ ତାଙ୍କର ଅଭ୍ୟର୍ଥନା ପାଇଁ ଅଗ୍ରସର ହେଲେ । ପର୍ଯ୍ୟନ୍ତ ଆସି ଦେଖିଲେ ଯେ, ପ୍ରକୃତରେ ବୃଦ୍ଧବୃଷଭଟି ଅନୁଗତ ଶିଷ୍ୟ ଗୁରୁର ଆଦେଶ ପାଳନ କଲାପରି ଯଶୋଚନ୍ଦ୍ରଙ୍କର ଆଦେଶ ମାନି ଆଗେ ଆଗେ ଆସୁଅଛି । ଅଭ୍ୟର୍ଥନାର ଶେଷରେ ଯଶୋଚନ୍ଦ୍ରଙ୍କ ଅନୁରୋଧକ୍ରମେ ରାଜା ଉକ୍ତ ବୃଷଭଟିକୁ ଜଗନ୍ନାଥଙ୍କ ସୃଷ୍ଟିରୁ ବାହାର ରକ୍ଷଣାବେକ୍ଷଣ ଭାର ପ୍ରଦାନ କଲେ । ସେହିଦିନଠାରୁ ସେହି ବୃଷଭଟି ସେଠାରେ ବାବନାଭୁତ ନାମ ଧାରଣ କରି ପୂଜା ପାଇ ଆସୁଅଛି ।"

(ଖ) "ଅନ୍ୟ ଏକ କିମ୍ବଦନ୍ତୀରୁ ପ୍ରକାଶ ପାଏ ଯେ, ଯଶୋଚନ୍ଦ୍ର ରଦ୍ରଗ୍ରାମଙ୍କ ଅଧୀନରେ ଦେଉଳ କାଳି ଗ୍ରାମ କଟୁଆଳ ଜାଗିରି ଉପଭୋଗ କରୁଥିଲେ । ସେହି ସମୟରେ ଥରେ ଦେଶରେ ଶସ୍ୟହାନି ଘଟି ଭୀଷଣ ଦୁର୍ଭିକ୍ଷର ସୂତ୍ରପାତ ହେଲା । ଏକଦା ତାଙ୍କର ସ୍ତ୍ରୀ ପାୟସାନ୍ନ ଭୋଜନ କରିବାର ଅଭିଳାଷ ପ୍ରକାଶ କରନ୍ତେ, ଯଶୋଚନ୍ଦ୍ର ଗ୍ରାମବାସୀ ଜନୈକ କୃଷକର ଧାନ କିଆରୀରେ ପଶି ଧାନ ଚୋରି କଲେ । ପାଚିଲା ଧାନ ଛିଣ୍ଡାଇଲା ବେଳେ ସେ ଶୁଣିଲେ ଯେ—ପ୍ରତ୍ୟେକ ଧାନଶିଁଷା ପତେ ଯେପରି 'ରାମ ରାମ' ଶବ୍ଦ କରୁଅଛି । ପ୍ରକୃତରେ ସେହି ଶବ୍ଦରେ ଜାଗ୍ରତ ହୋଇ କୃଷକ ଯଶୋଚନ୍ଦ୍ରଙ୍କୁ ଚୋରରୂପେ ଧରିଲା ଏବଂ ବିଚାର ନିମିତ୍ତ ରାଜାଙ୍କ ନିକଟକୁ ନେଇଗଲା । ରାଜା ଆନୁପୂର୍ବିକ ସକଳ ବୃତ୍ତାନ୍ତ ଶ୍ରବଣ କରି ଯଶୋଚନ୍ଦ୍ରଙ୍କୁ ଦୋଷୀ ବୋଲି ଗ୍ରହଣ କଲେ ଏବଂ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଦୋଷାନୁରୂପ ଦଣ୍ଡବିଧାନ ମଧ୍ୟ କଲେ ।"

**ଗୋବିନ୍ଦଚନ୍ଦ୍ର:**—ଏ ଛନ୍ଦରେ ବଙ୍ଗଦେଶର ରାଜା ଗୋବିନ୍ଦଚନ୍ଦ୍ର କିପରି ସଂସାର ତ୍ୟାଗକରି ହାଡ଼ିପାଙ୍କଠାରୁ ଦୀକ୍ଷା ନେଇ ସିଦ୍ଧେଶ୍ୱର ଓ ଅମର ହୋଇଥିଲେ ତାହା ବର୍ଣ୍ଣିତ ହୋଇଅଛି । ମାତା ମୁକ୍ତାଦେବୀଙ୍କ ଉପଦେଶ-ମତେ ଗୋବିନ୍ଦଚନ୍ଦ୍ର ମହାଯୋଗୀ ହାଡ଼ିପାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ହାଡ଼ିପା ସେତେବେଳକୁ ଗୁରୁ ଶାପବଶରୁ ରାଜନଗରରେ ମେହେନ୍ତରର କାମ କରୁଥିଲେ । ସାଧନ ପାଇଁ ହାଡ଼ିପା ଶିଷ୍ୟଙ୍କୁ ବହୁ ଦେଶ ବୁଲାଇଥିଲେ । ଗୋବିନ୍ଦଚନ୍ଦ୍ରଙ୍କୁ ବହୁ କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା । ଗୁରୁଙ୍କ ପ୍ରଦତ୍ତ ମନଯାନ-ବଳର ସାହାଯ୍ୟରେ ଗୋବିନ୍ଦଚନ୍ଦ୍ର ସପ୍ତଦ୍ୱୀପ, ସ୍ୱର୍ଗ, ମର୍ତ୍ତ୍ୟ ଭ୍ରମଣ କରିଥିଲେ । ଆକାଶରେ ଗୋରେଖନାଥ ଓ ଚନ୍ଦ୍ରପାଙ୍କ ଶକ୍ତି-ପରୀକ୍ଷା ଦେଖିଥିଲେ; ଏ ଦୁହିଁଙ୍କ ଆଶୀର୍ବାଦ ମଧ୍ୟ ଲାଭ କରିଥିଲେ । ଚବିଶ ବର୍ଷ ଦେଶ ଭ୍ରମଣ ଓ ଉତ୍କଟ ସାଧନ ପରେ ସିଦ୍ଧେଶ୍ୱର ହୋଇ ସ୍ୱଦେଶକୁ ଫେରି ମାତାଙ୍କୁ ଦର୍ଶନ କଲେ । ପରେ କଦଳୀପାଟ ଯାଇ ଗୁରୁଙ୍କୁ ଦର୍ଶନ କଲେ । ଭୋଗ ତ୍ୟାଗ କରି ଜିତେନ୍ଦ୍ରିୟ ହୋଇ ଯୋଗାଭ୍ୟାସ କରି ରାଜା ଗୋବିନ୍ଦଚନ୍ଦ୍ର କିପରି ସିଦ୍ଧେଶ୍ୱର ଓ ଅମର ହୋଇଥିଲେ ତାହାହିଁ ଏ ଛନ୍ଦରେ ସଦାଶିବଦାସ ବର୍ଣ୍ଣନା କରିଛନ୍ତି । ଲାଉତୁମ୍ବା ଧରି ଯୋଗୀ ବେଶରେ ଘରଦ୍ୱାରେ ଭିକ୍ଷାର ଦୃଶ୍ୟ ଏଥିରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ହାଡ଼ିପାଙ୍କ ଗୁରୁ କାହ୍ନୁପା ଓ ଗୋବିନ୍ଦଚନ୍ଦ୍ରଙ୍କ ମାତା ମୁକ୍ତାଦେବୀଙ୍କ ଗୁରୁ ଗୋରେଖନାଥ ବୋଲି ସଦାଶିବ ଲେଖିଛନ୍ତି ।

ହାଡ଼ିପା ମୁକ୍ତାଦେଈଙ୍କୁ କହୁଛନ୍ତି—

"ତୋ ଗୁରୁ ଗୋରେଖନାଥ ମୋ ଗୁରୁ କାହ୍ନୁପା
ଦେହାରେ ଗୁଦସ୍ଥା କଲେ ଅନ୍ତେ ସର୍ବ ଶାଖା ।"

ହୋଇଲନ୍ତ, କୈଳୁଁ, ପାଇଲନ୍ତ (ପଇଲନ୍ତ), କେଉଁଶି, ଯାଚଲୁଁ, ଘଡ଼ପଡ଼, କନ୍ଦର୍ପକା, ଯୋଡ଼ିଲବ, ଦାଢ଼ିସି ପ୍ରଭୃତି ପ୍ରାଚୀନ ଶବ୍ଦ ପ୍ରୟୋଗ ଏ ଛନ୍ଦରେ ଦେଖାଯାଏ । ଛନ୍ଦର ଭାଷା ସରଳ । ଯୋଗୀମାନେ ଏ ଛନ୍ଦକୁ ଖୁବ୍ ଆଦର କରନ୍ତି; ବାଟରେ ଗୋବିନ୍ଦଚନ୍ଦ୍ର ଗୀତ ଗାଇ ଭିକ୍ଷା କରନ୍ତି ।

**ଶିବସ୍ୱରୋଦୟ:**—ସଂସ୍କୃତର 'ସ୍ୱରୋଦୟ ଲେଶ' ନାମକ ଗ୍ରନ୍ଥର ମୂଳ ବିଷୟକୁ ଅବଲମ୍ବନ କରି ଯଶୋବନ୍ତ ଦାସ 'ଶିବସ୍ୱରୋଦୟ' ଲେଖିଥିବା ଜଣାଯାଏ । ଯୋଗସାଧନ ପ୍ରଣାଳୀ ଏ ଗ୍ରନ୍ଥର ପ୍ରତିପାଦିତ ବିଷୟ । ସ୍ୱରଜ୍ଞାନ ସମ୍ପର୍କ ସ୍ପଷ୍ଟରେ ସରଳ ଭାଷାରେ ଏଥିରେ ବର୍ଣ୍ଣିତ ହୋଇଛି ।

**ପ୍ରେମଭକ୍ତି ବ୍ରହ୍ମଗୀତା:**—ପ୍ରେମଭକ୍ତି ବ୍ରହ୍ମଗୀତାରେ ଯଶୋବନ୍ତ ଜ୍ଞାନମିଶ୍ରା ଭକ୍ତିଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ସୃଷ୍ଟିତତ୍ତ୍ୱ, ଶୂନ୍ୟରେ ଭଗବାନଙ୍କ ଅବସ୍ଥିତି, ଯୋଗମାୟାର ଜନ୍ମ, ସୃଷ୍ଟିକ୍ରିୟା, ରାଧାକୃଷ୍ଣଙ୍କ ନିତ୍ୟଲୀଳା ଓ ନିତ୍ୟବିହାର ବର୍ଣ୍ଣନା, ପିଣ୍ଡବ୍ରହ୍ମାଣ୍ଡର ଜନକ ଓ ବ୍ରହ୍ମର ଅବସ୍ଥିତି, ଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତିଙ୍କ ତତ୍ତ୍ୱ ବ୍ୟାଖ୍ୟା ପ୍ରଭୃତି ବିଷୟ ଏହି ଗ୍ରନ୍ଥରେ ପାଞ୍ଚଟି ଛୋଟ ଛୋଟ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଗ୍ରନ୍ଥଟିର ଭାଷା ସରଳ । ନବାକ୍ଷରୀ ଛନ୍ଦରେ ଲେଖା ।

ଯଶୋବନ୍ତ ଦାସ ଜ୍ଞାନମିଶ୍ରା ଭକ୍ତିଯୋଗର ଉପାସକ । ଯୋଗସାଧନ ଓ ଈଶ୍ୱରଭକ୍ତି କୌଣସି ଜାତିର ଏକଚାଟିଆ ଅଧିକାର ନୁହେଁ, ଏହା ଦାସେ ସ୍ପଷ୍ଟଭାବରେ କହିଛନ୍ତି । ଯଶୋବନ୍ତଙ୍କର ବହୁ ଲେଖା ଥିବାର ଜଣାଯାଏ; କିନ୍ତୁ ଅଧିକାଂଶ ଅପ୍ରକାଶିତ ଅବସ୍ଥାରେ ରହିଥିବାରୁ ପୂର୍ଣ୍ଣାଙ୍ଗ ଆଲୋଚନା ସମ୍ଭବ ହୋଇନାହିଁ ।

## (୪) ଅଚ୍ୟୁତାନନ୍ଦ ଦାସ

ପଞ୍ଚସଖାଙ୍କ ମଧ୍ୟରୁ ଅଚ୍ୟୁତାନନ୍ଦ ଦାସ ଦ୍ୱାପର ଯୁଗର କୃଷ୍ଣଙ୍କ ସଖା ସୁଦାମଙ୍କ ଅବତାର ଥିବା ଅଚ୍ୟୁତାନନ୍ଦଙ୍କ କେତେକ ଗ୍ରନ୍ଥରେ ଅଛି ଏବଂ ଏହାହିଁ ତାଙ୍କ ଶିଷ୍ୟସମ୍ପ୍ରଦାୟର ବିଶ୍ୱାସ ।

ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ'ର ବିବରଣ ଅନୁସାରେ ପଞ୍ଚସଖାଙ୍କ ଭିତରେ ଅଚ୍ୟୁତାନନ୍ଦ ହିଁ ବୟୋକନିଷ୍ଠ । ତାଙ୍କର ଜୀବନୀ ସମ୍ବନ୍ଧରେ ତାଙ୍କ ନିଜ ଗ୍ରନ୍ଥମାନଙ୍କରେ ପରବର୍ତ୍ତୀ ଅଚ୍ୟୁତାନନ୍ଦମାନେ ବହୁ ଅଂଶ ପ୍ରକ୍ଷେପ କରିଥିବାରୁ ଏଥିରେ ବହୁ ପରସ୍ପର ବିରୋଧୀ ବିଷୟ ଦେଖାଯାଏ । ପରବର୍ତ୍ତୀ

କାଳରେ ଅଚ୍ୟୁତାନନ୍ଦ ନାମଧାରୀ ଅନ୍ୟ କେତେ ଜଣ ଗୁରୁଙ୍କର ଓ କବିଙ୍କ ରଚନାର କେତେକ ଅଂଶ ଏହି ଅଚ୍ୟୁତାନନ୍ଦଙ୍କ ରଚନା ସହିତ ମିଶ୍ରିତ ହୋଇ ଯାଇଥିବାରୁ ଏହାଙ୍କ ସମ୍ବନ୍ଧରେ ପ୍ରକୃତ ତଥ୍ୟ ମିଳିବା କଷ୍ଟକର ହୋଇପଡ଼ିଛି । ପ୍ରକ୍ଷିପ୍ତ ଅଂଶର ବହୁଳତା ଯୋଗୁଁ ଅଚ୍ୟୁତାନନ୍ଦଙ୍କ ଅନେକ କୃତି ମଧ୍ୟ ଦୁର୍ବୋଧ ବୋଧ ହେଉଛି ।

**ଜନ୍ମସ୍ଥାନ:**—କଟକ ଜିଲ୍ଲାରେ ଚିତ୍ରୋତ୍ପଳା (ମହାନଦୀ) କୂଳବର୍ତ୍ତୀ ପ୍ରସିଦ୍ଧ ନେମ୍ବାଳ (ନେମାଳ, ନେମ୍ବାଳୋ) ଗ୍ରାମର ପ୍ରାୟ ଏକମାଇଲ୍ ଦୂରରେ ଥିବା ତିଳକଣା ଗ୍ରାମରେ ଅଚ୍ୟୁତାନନ୍ଦ ଜନ୍ମଗ୍ରହଣ କରିଥିଲେ ।

ତିଳକଣାରେ ମୁଁ ଜନମ ଲଭିଲି କେହି ନ ଚିହ୍ନିଲେ ମୋତେ ।
ଅଗଣି ତ ବୋଲି ମାତା ଡାକୁଛନ୍ତି ଅନ୍ନ ନ ମିଳଇ ଘରେ ।
( ଶୂନ୍ୟସଂହିତା—୧୭ ଅ. )

ଅଚ୍ୟୁତ ନାମ ଯେ ଅଟଇ ମୋହର ମୋହଠାରୁ ଦୂରୀ ନାହିଁ ।
ଚିତ୍ରୋତ୍ପଳା ନଦୀ କୂଳରେ ଯେ ଗ୍ରାମ ନେମ୍ବାଳୋ ଅଟଇ । (ଗୁରୁଭକ୍ତିଗୀତା)

'ବର୍ଣ୍ଣଟୀକା' ନାମକ କ୍ଷୁଦ୍ର ପଦ୍ୟ ଗ୍ରନ୍ଥରେ ଅଚ୍ୟୁତାନନ୍ଦଙ୍କ ଜନ୍ମସ୍ଥାନ ତ୍ରିପୁର ଗ୍ରାମ ବୋଲି ଉଲ୍ଲିଖିତ ଅଛି; କିନ୍ତୁ ଏହି ତ୍ରିପୁର ଗ୍ରାମ କୂପକ ଖବରେ ଲେଖା ହୋଇଛି । ପୁରୀ ଜଗନ୍ନାଥ ମନ୍ଦିରର ବାଇଶି ପାହାଚ ଦେଶରେ ଏହି ଗ୍ରାମର ଅବସ୍ଥିତ ଥିବା କଥା ବର୍ଣ୍ଣିଷ୍ଣୁ କରି କହୁଛନ୍ତି । ପ୍ରକୃତ ଗ୍ରାମର ନାମ ସହିତ ଏହାର କୌଣସି ସମ୍ପର୍କ ନ ଥିବା ମୁଁ ଅନୁମାନ ହୁଏ ।

ଶୁଣ ବାବୁ ତୁମେ ବିପ୍ର କୁମର,
ମୋର ଜନ୍ମସ୍ଥାନ ଅଟେ ତ୍ରିପୁର ।

ନିତ୍ୟ ନୀଳାଚଳ ପୂର୍ବ ଦ୍ୱାରରେ,
ପ୍ରଭୁ ଶୋଭିତ ଅଛନ୍ତି ନାମରେ ।

ସେଠାରେ ବଂଶ ଯାବନ୍ତ ଉତ୍ପନ୍ନ,
ତ୍ରିପୁର ଗ୍ରାମ ସୀମା ସନ୍ନିଧାନ । ( ବର୍ଣ୍ଣଟୀକା )

**ଅଚ୍ୟୁତାନନ୍ଦଙ୍କ ଜନ୍ମକାଳ :**—ଅଚ୍ୟୁତାନନ୍ଦ ଦାସଙ୍କ ନାମରେ ପ୍ରଚଳିତ ହୋଇଥିବା 'ଉପଦେଷ୍ଟା ଜାହ୍ନାଣୀ' ନାମକ କ୍ଷୁଦ୍ର ପଦ୍ୟ ଗ୍ରନ୍ଥରେ ପଞ୍ଚସଖାଙ୍କ ଜନ୍ମ ସମ୍ବନ୍ଧରେ ଏହିପରି ସଙ୍କେତରେ ପ୍ରଦତ୍ତ ହୋଇଛି ।

(୧) ପଦ୍ମବିନ୍ଦୁ ରୂପ କନକ ଅଙ୍କ,
ଅଷ୍ଟ ହି ଯୁଗଳ ବଢ଼ି ଶ୍ରବଣ ।
ଡାହାଣ ଅଙ୍କକୁ ଗୁଣିବୁ ସେତେ,
ବାମ ଅଙ୍କ ଯୋଡ଼ି ମିଶାଅ ସେତେ ।
ଏମନ୍ତ ଯାକ ହୋଇବ ଶକର,
ଶୁଣ ରାମଚନ୍ଦ୍ର ଏଥି ଉତ୍ତର ।
ସାତ ଭୁଜ ଅଗ୍ନି ମଣି ମିଶରେ,
ଭୁଜ (ଯୁଗ) ଶକ ବେଦ ଓଁ ଦକ୍ଷରେ ।
ଏହି ଅଙ୍କେ ମୁହିଁ ଜନମ ହେଲି,
ଅଚ୍ୟୁତ ନାମର ନାମ ପାଇଲି ।

(୨) ଊଣ ଶତରୁ ଅଷ୍ଟ ଯୁଗ ସେତେ,
ଏମନ୍ତ ଶିଶୁ ଜନମିବୁ ସେତେ ।
ତାର ସଙ୍ଗେ ସେତେ ଭୁଜ ମିଶିଲ,
ଜଗନ୍ନାଥ ଦାସ ଉପଦେଷ୍ଟା ହେଲ ।

(୩) ସେହି ଅଙ୍କେ ଯଶୋବନ୍ତଙ୍କ ଜାତ,
ବଳରାମ ଦ୍ୱିଜ ପୂର୍ବେ ଉଦିତ ।

ଅଚ୍ୟୁତାନନ୍ଦଙ୍କ ଜନ୍ମକାଳ ସମ୍ପର୍କରେ 'ଭୁଜ ଶକ' ବୋଲି ଯାହା ଲେଖାଯାଇଛି ତାହା 'ଭୁଜ' ନହୋଇ 'ଯୁଗ' ହେବା ସମ୍ଭବ; ଏହା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ଅଙ୍କ ବୋଲି ବୁଝିବାକୁ ହେବ । ପୁରୁଷୋତ୍ତମ ଦେବଙ୍କ ଏକୋଇଶି ଅଙ୍କରେ ଅର୍ଥାତ୍ ଖ୍ରୀ: ୧୪୮୨ ରେ ଅଚ୍ୟୁତାନନ୍ଦ ଜନ୍ମଗ୍ରହଣ କରିଥିଲେ । ୭+୨ (ଭୁଜ)+୩(ଅଗ୍ନି ଅର୍ଥାତ୍ ବହ୍ନି)+୧୨ (ମଣି)+୧୨ (ମିଶ ବା ଆଦିତ୍ୟ) = ୩୬ । ଏହି ୩୬ର ଡାହାଣ ଅଙ୍କ ୬କୁ ବାମ ଅଙ୍କ ୩ ରେ ଗୁଣିଲେ ୧୮ ହେଲା । ଏହା ସହିତ ବାମ ଅଙ୍କ ୩ ମିଶାଇଲେ ୨୧ ହେଲା । ପୁରୁଷୋତ୍ତମ

ଦେବଙ୍କ ରାଜତ୍ୱ (ଖ୍ରୀ: ୧୪୬୭-୧୪୯୭)ର ୨୧ ଅଙ୍କ ଅର୍ଥାତ୍ ରାଜତ୍ୱର ସତରବର୍ଷ ପରେ ଖ୍ରୀ: ୧୪୮୨ରେ ତାଙ୍କ ଜନ୍ମ ।

( ଓଡ଼ିଶାର ରାଜାମାନଙ୍କ ଅଙ୍କ ଗଣନା ନିୟମ:—ନୂତନ ରାଜାଙ୍କର ପ୍ରଥମ ବର୍ଷଟି ପୂର୍ବ ରାଜାଙ୍କ ରାଜତ୍ୱ ଭିତରେ ଗଣାଯାଉଥିବାରୁ ଏହି ବର୍ଷଟି ଦ୍ୱିତୀୟ ଅଙ୍କ ହୋଇ ଧରାଯାଏ । ୬ ଏବଂ ୬ ଶେଷରେ ରହିଥିବା ସବୁ ଅଙ୍କ ତ୍ୟାଗ ହୁଏ, ୦ (ଶୂନ) ଯୁକ୍ତ ଅଙ୍କ ମଧ୍ୟ ତ୍ୟାଗ ହୁଏ; କିନ୍ତୁ ୧୦ (ଦଶ) ଅଙ୍କଟି ରଖାଯାଏ । )

ଅନ୍ୟମାନଙ୍କ ଜନ୍ମକାଳର ଅଙ୍କକୁ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ଅଙ୍କ ହୋଇ ଗଣନା କରିବାକୁ ହେବ । ଏଠାରେ ଉଭୟେ ପୁରୁଷୋତ୍ତମ ଦେବ ଓ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବଙ୍କ ସମସାମୟିକ । ଏଠାରେ ସମସ୍ତେ ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟରେ ଜନ୍ମଲାଭ କରିନଥିବା ସ୍ୱତଃସିଦ୍ଧ ।

ଶିଶୁ ଅନନ୍ତ:—୩ + ୧୭ + ୨(ଷଷ୍ଠ) + ୩(ପୂର) = ୨୫ । ପୁରୁଷୋତ୍ତମ ଦେବଙ୍କ ୨୫ ଅଙ୍କ ଅର୍ଥାତ୍ ଖ୍ରୀ: ୧୪୮୬ରେ ଶିଶୁ ଅନନ୍ତଙ୍କ ଜନ୍ମ ।

ଏହି ୨୫ ସଙ୍ଗେ ଦୁଇ ଅର୍ଥାତ୍ ୨ ମିଶିଲେ ୨୭ ହେଲା । ୨୭ ଅଙ୍କ ଅର୍ଥାତ୍ ଖ୍ରୀ: ୧୪୮୭ରେ ଜଗନ୍ନାଥ ଦାସ ଓ ଯଶୋବନ୍ତଙ୍କ ଜନ୍ମ ।

ବଳରାମ ଦାସ ଏହା ପୂର୍ବରୁ ୨୭ ଅଙ୍କ ପୂର୍ବରୁ ୨୩ ଅଙ୍କ ବା ଖ୍ରୀ: ୧୪୮୪ରେ ଜନ୍ମଲାଭ କରିଥିଲେ ।

'ଉଦବସ୍ତ୍ର କାହାଣୀ'ର ଏହି ଜନ୍ମକାଳ ବିବରଣୀରୁ ପଞ୍ଚସଖାଙ୍କ ଭିତରେ ଅଚ୍ୟୁତାନନ୍ଦ ବୟୋଜ୍ୟେଷ୍ଠ (ଖ୍ରୀ: ୧୪୮୨); ତାଙ୍କ ପରେ ବଳରାମ (ଖ୍ରୀ: ୧୪୮୪); ତାଙ୍କ ପରେ ଶିଶୁ ଅନନ୍ତ (ଖ୍ରୀ: ୧୪୮୬) ଓ ତାଙ୍କ ପରେ ଜଗନ୍ନାଥ ଓ ଯଶୋବନ୍ତ (ଖ୍ରୀ: ୧୪୮୭) ।

ଅଚ୍ୟୁତାନନ୍ଦ ଜାତିରେ ଶୂଦ୍ର ଥିବା କଥା ତାଙ୍କ ନାମରେ ଲିଖିତ ଥିବା ଉକ୍ତିରୁ ମିଳେ ।

ଶୂଦ୍ର କୁଳରେ ମୁଁ ହୋଇବି ଜାତ,
ନାମ ହୋଇବ ମୋ ଦାସ ଅଚ୍ୟୁତ । (ହରିବଂଶ : ପାତାଳଖଣ୍ଡ)

ଶୂଦ୍ର ମଧ୍ୟରେ ଗଣନା ମୁହିଁ ତ ଅଟଇ,
ଦୀକ୍ଷା ଗୋଟି ପାଇଅଛୁ ଗୋପକୁଳେ ଥାଇ । (ଶୂ. ସ. ୭ମ ଅ.)

‘ଶୂନ୍ୟସଂହିତା’ର କୌଣସି ସନ୍ଦର୍ଭରେ ସେ ଜାତିରେ କରଣ ଓ ତାଙ୍କର ‘ଖୁଣ୍ଟିଆ’ ପଦବୀ ଥିବା ଜଣାଯାଏ । ସେ ଯଶୋବନ୍ତ ଦାସଙ୍କ ଶାଳକ, ଅଡ଼ଙ୍ଗର ରାଜା ଇନ୍ଦ୍ରଦ୍ୟୁମ୍ନ ଦେବଙ୍କ କନ୍ୟାଙ୍କୁ ବିବାହ କରିଥିବା କାରଣରୁ ସେ ଜାତିରେ କ୍ଷତ୍ରିୟ ଥିବା ଅନୁମାନ କରାଯାଇପାରେ । ‘ଅବ୍ରାହ୍ମଣ’ ବୋଲି ବୁଝାଇବା ପାଇଁ କବି ନିଜକୁ ଶୂଦ୍ର ବୋଲି ପରିଚୟ ଦେଇଛନ୍ତି । ଏମାନେ କ୍ଷତ୍ରିୟ-ଖଣ୍ଡିଆ ଥିଲେ ମଧ୍ୟ ସେହି ସମୟରେ ବ୍ୟାପକ ଅର୍ଥରେ ଶୂଦ୍ର ବୋଲି ନିଜକୁ ପରିଚିତ କରାଉଥିଲେ ।

ଜନ୍ମ :—ତାଙ୍କ ପିତାମହଙ୍କ ନାମ ଗୋପୀନାଥ ଖୁଣ୍ଟିଆ, ପିତାଙ୍କ ନାମ ଦୀନବନ୍ଧୁ ଖୁଣ୍ଟିଆ ଓ ମାତାଙ୍କ ନାମ ପଦ୍ମାବତୀ । ଦୀନବନ୍ଧୁଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଦୁଃଖରେ ସମୟ ଅତିବାହିତ କରୁଥିଲେ । ଏ ଦୁଃଖ ଅପେକ୍ଷା ଆଉ ଗୋଟିଏ ଦୁଃଖ ତାଙ୍କୁ ବ୍ୟାକୁଳ କରୁଥିଲା । ତାଙ୍କର ପୁତ୍ର-ସନ୍ତାନ ନ ଥିବାରୁ ସେ ଓ ତାଙ୍କ ପତ୍ନୀ ମନ ଦୁଃଖରେ ରହୁଥିଲେ । ଶ୍ରୀଜଗନ୍ନାଥଙ୍କୁ ଏହି ଦୁଃଖ ଜଣାଇବା ପାଇଁ ଦୀନବନ୍ଧୁ ଖୁଣ୍ଟିଆ ଓ ତାଙ୍କ ସ୍ତ୍ରୀ ଥରେ ପୁରୀକୁ ଯାଇଥିଲେ । ଜଗନ୍ନାଥ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଆଦେଶ ଦେଲେ, "କାଲି ପ୍ରଭାତେ ଗରୁଡ଼ ପଛରୁ ମୁହିଁ ରହିଥିବି । ସେଠାରେ ତୋତେ ଯେଉଁ ପୁଅ ଖେଳୁଥିବାର ଦିଶିବ ସେ ତୋର ପୁଅ ରୂପରେ ଜନ୍ମଗ୍ରହଣ କରିବ" । ଖୁଣ୍ଟିଆ ମହାପ୍ରଭୁଙ୍କ ଆଦେଶ ଅନୁସାରେ ପରଦିନ ପ୍ରଭାତେ ବଡ଼ଦେଉଳକୁ ଗଲେ । ଗରୁଡ଼ଙ୍କ ପଛରେ ରହି ଠାକୁରଙ୍କୁ ଦର୍ଶନ କରିବାବେଳେ ଦେଖିଲେ, ଗୋଟିଏ ସୁନ୍ଦର ବାଳକ ମହାପ୍ରଭୁଙ୍କ ପାଖରେ ଖେଳୁଛି । ଖୁଣ୍ଟିଆ ସେ ବାଳକକୁ ଦେଖିବାକ୍ଷଣି ବାଳକଟି ଅଦୃଶ୍ୟ ହୋଇଗଲା । ଖୁଣ୍ଟିଆ ବର ପାଇ ଘରକୁ ଫେରିଲେ । ସେହିଦିନର ଦଶମାସ ଦଶଦିନ ପରେ ପଦ୍ମାବତୀଙ୍କ ଗର୍ଭରୁ ଅଚ୍ୟୁତାନନ୍ଦ ଜନ୍ମଗ୍ରହଣ କରି ଖୁଣ୍ଟିଆ ଦମ୍ପତିଙ୍କୁ ଅପୁତ୍ରିକ ଦୋଷରୁ ମୁକ୍ତ କଲେ । ମାଘ ଶୁକ୍ଳ ଏକାଦଶୀ ଦିନ ଅଚ୍ୟୁତାନନ୍ଦଙ୍କ ଜନ୍ମ ହୋଇଥିଲା । ଅଚ୍ୟୁତାନନ୍ଦ ପିତାମାତାଙ୍କର ଏକମାତ୍ର ପୁତ୍ରସନ୍ତାନ ଥିବାରୁ ତାଙ୍କୁ ପିତାମାତା

ନିର୍ଦ୍ଦିଷ୍ଟ ନାମ ଦେଇନଥିଲେ । ତାଙ୍କୁ କିଏ କେତେ ପ୍ରକାର ନାମରେ ଡାକୁଥିଲେ । ମାତା ତାଙ୍କୁ ଅଗଣି ବୋଲି ଡାକୁଥିଲେ । ଦୀକ୍ଷା ପରେ ଅଚ୍ୟୁତାନନ୍ଦ ଦାସ ନାମ ହେଲା ।

**ବାଲ୍ୟଜୀବନ:**—ଅଚ୍ୟୁତାନନ୍ଦଙ୍କ ପଞ୍ଚମ ବର୍ଷରେ ଖଡ଼ିଆ ବିଦ୍ୟାରମ୍ଭ କରାଇଥିଲେ । ବିଦ୍ୟାଶିକ୍ଷାରେ ଭଲ ଭାବରେ ମନ ନ ଦେବାରୁ ଦୀନବନ୍ଧୁ ସବୁବେଳେ ପୁଅକୁ ଗାଳି ଦେଉଥିଲେ । ବନ୍ଧୁବାନ୍ଧବ ମଧ୍ୟ ଏଥିପାଇଁ ଅଚ୍ୟୁତା-ନନ୍ଦଙ୍କୁ ଉପହାସ କରୁଥିଲେ । ଶିକ୍ଷାପ୍ରତି ଏ ଅବହେଳା ଦେଖି ଅନ୍ୟମାନେ ଉପହାସ କରୁଥିଲେ ମାତା ସେ ଏକମାତ୍ର ପୁତ୍ର ଥିବାରୁ ପଦ୍ମାବତୀ ପୁଅକୁ କିଛି କହୁ ନଥିଲେ, ବରଂ ତାଙ୍କୁ ଆଶ୍ୱାସନା ଦେଉଥିଲେ ଏବଂ ଅଧିକ ସ୍ନେହ କରୁଥିଲେ ।

**ମନ୍ତ୍ରଗ୍ରହଣ:**—ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଅଚ୍ୟୁତାନନ୍ଦଙ୍କ ମନରେ ଉଦାସ ଭାବ ଦେଖାଦେଲା । କିଛି କାଳ ପରେ ଦୀନବନ୍ଧୁ ପୁତ୍ର ଓ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁରୀକୁ ଗଲେ । ସେତେବେଳେ ପୁରୀକୁ ଚୈତନ୍ୟଦେବ ଆସିଥିଲେ । ଏଣେ ବଡ଼ଦାଣ୍ଡରେ ଚୈତନ୍ୟଦେବ ଉପସ୍ଥିତ ଥିବାବେଳେ ଦୀନବନ୍ଧୁ ପୁଅକୁ ଧରି ଚୈତନ୍ୟଙ୍କୁ ଦର୍ଶନ କରିବାକୁ ଗଲେ । ଅଚ୍ୟୁତାନନ୍ଦ ଚୈତନ୍ୟଦେବଙ୍କ ପାଦ ତଳେ ପଡ଼ି ଚରଣ ସ୍ପର୍ଶ କଲେ । ଚରଣ ସ୍ପର୍ଶ କରିବାକ୍ଷଣି ତାଙ୍କ ଅଙ୍ଗରେ ଅମିତ ତେଜ ପ୍ରବେଶ କଲା ଏବଂ ଅଜ୍ଞାନ-ତମିସ୍ର ଧ୍ୱଂସ ହୋଇ ଜ୍ଞାନ-ଆଲୋକ ପ୍ରକାଶିତ ହେଲା । ଅଚ୍ୟୁତାନନ୍ଦଙ୍କୁ ଦୀକ୍ଷାଦାନ କରିବା ପାଇଁ ଚୈତନ୍ୟଦେବ ସନାତନ ଗୋସାଇଁଙ୍କୁ ଆଦେଶ ଦେଲେ । ସନାତନ ଅଚ୍ୟୁତାନନ୍ଦଙ୍କୁ ବଡ଼ଦେଉଳ (ଶ୍ରୀ ଜଗନ୍ନାଥ ମନ୍ଦିର) ଭିତରକୁ ନେଇଯାଇ ଦକ୍ଷିଣ ପାର୍ଶ୍ୱ ବଟମୂଳେ କର୍ଣ୍ଣରେ ଉପଦେଶ ଦେଲେ । ଏହା ଖ୍ରୀ: ୧୫୦୯-୧୦ କିମ୍ବା ଏହା ପରର ଘଟଣା ।

ଶ୍ରୀ ଚୈତନ୍ୟଦେବଙ୍କ ସହିତ ତାଙ୍କର ପ୍ରଥମ ଭେଟ ସମୟକୁ କବିଙ୍କୁ ମାତ୍ର ଅଠ ବର୍ଷ ବୟସ ହୋଇଥିବା ଶୂନ୍ୟସଂହିତାର କୌଣସି ସଂସ୍କରଣରୁ

ଜଣାଯାଏ; କିନ୍ତୁ ଏହା ଠିକ୍ ନୁହେଁ । ଶ୍ରୀ ଚୈତନ୍ୟଦେବ ସର୍ବପ୍ରଥମେ ଓଡ଼ିଶାକୁ ବା ପୁରୀକୁ ଖ୍ରୀ: ୧୫୦୯-୧୦ରେ ଆସିଥିବା ଜଣାଯାଏ । ସେତେବେଳକୁ ଏହାଙ୍କୁ ବୟସ ସାତ ୭।୮ ବର୍ଷ ହୋଇଥାଏ ତାହାହେଲେ ଏହାଙ୍କ ଜନ୍ମ ସମ୍ବତ୍ସର ଖ୍ରୀ: ୧୫୦୨-୩ ବୋଲି ଧରାଯିବ; କିନ୍ତୁ ମତ 'ଶବ୍ଦବ୍ରହ୍ମ ସଂହିତା' ଉକ୍ତି ପ୍ରତାପରୁଦ୍ରଦେବଙ୍କ ରାଜତ୍ୱର ୨୫ ଅଙ୍କରେ ଅର୍ଥାତ୍ ଖ୍ରୀ: ୧୫୨୧-୨୨ରେ ରଚନା କରିଥିଲେ ।

ଶ୍ରୀ ପୁରୁଷୋତ୍ତମ ନୃପ ତନୁଜ, ପ୍ରତାପରୁଦ୍ରଦେବ ମହାରାଜ । X
ସେ ମହାରାଜାଙ୍କ ପଞ୍ଚବିଂଶ ଅଙ୍କେ, ଶବଦ ବ୍ରହ୍ମ ମୁଁ କଲି ଜାଣେଁ ।

ଏହି ସମୟକୁ ତାଙ୍କୁ ତେର କି ଚଉଦ ବର୍ଷ ବୟସ ହୋଇଥିବ, ଯୌବନାବସ୍ଥାରେ ମଧ୍ୟ ସେ ପଦାର୍ପଣ କରି ନଥିଲେ ।

ସମସ୍ତେ ଶିଶୁ ପୁଅଙ୍କର ସଙ୍ଗେ, ଧନ ବହିଲି କଥା ତେଜ ରଙ୍ଗେ ।
ଉପଦ୍ରବେର ମୁଁ ପଢ଼ିଲି ପାଠ, ଯୋଗାଏ ଜାଣିଲି କବାଟ ବାଟ ।

ଏଥିରୁ ଅନୁମିତ ହେଉଛି, ଏହି ଗ୍ରନ୍ଥଟି ଲେଖିବା ବେଳକୁ ତାଙ୍କର ବାଲ୍ୟାବସ୍ଥା ପାର ହୋଇ ଯୁବାବସ୍ଥା ଉପସ୍ଥିତ ହୋଇଥିଲା । ଏହି କାରଣରୁ ଚୈତନ୍ୟଦେବଙ୍କ ସହିତ ପ୍ରଥମ ଭେଟ ବେଳକୁ ଏହାଙ୍କୁ ସାତ ଆଠ ବର୍ଷ ହୋଇଥିଲା ବୋଲି ଯାହା ଲେଖାଅଛି ତାହା ପ୍ରାମାଣିକ ନୁହେଁ । ତାଙ୍କର ଜନ୍ମବର୍ଷ ତାଙ୍କ ସୂଚି ଅନୁସାରେ ନିର୍ଣ୍ଣୟ କରିବା ପାଠଭେଦ ଓ ଶୁଦ୍ଧପାଠ ଅଭାବରୁ ଭ୍ରମଶୂନ୍ୟ ନହେଲେ ମଧ୍ୟ ଗଣନାନୁସାରେ ତାଙ୍କର ଖ୍ରୀ: ୧୪୮୨ରେ ଜନ୍ମ ହୋଇଥିଲା ବୋଲି କୁହାଯାଇପାରେ । ଏହି ଦୃଷ୍ଟିରୁ ଚୈତନ୍ୟଦେବଙ୍କ ସହିତ ପ୍ରଥମ ଭେଟ ବେଳକୁ ଏହାଙ୍କୁ ୨୭-୨୮ ବର୍ଷ ବୟସ ହୋଇଥିବା ଅନୁମାନ କରାଯାଇପାରେ । ଅଜ୍ଞାନ ଅବସ୍ଥା ହିଁ ବାଳୁତ ଅବସ୍ଥା । ଚୈତନ୍ୟଙ୍କ ସହିତ ସାକ୍ଷାତ ପରେ ଅଚ୍ୟୁତାନନ୍ଦଙ୍କର ଜ୍ଞାନ ଉଦୟ ହୋଇଥିଲା ଏବଂ ଏହାର ପୂର୍ବ ଅବସ୍ଥା ତାଙ୍କର ଅଜ୍ଞାନ ବା ବାଳୁତ ଅବସ୍ଥା ବୋଲି ସୂଚିତ ହୋଇଛି ।

**ଜ୍ଞାନ ଉଦୟ :**—ମନ୍ତ୍ରଗ୍ରହଣ କରିବା ପରେ ପିତାମାତାଙ୍କ ପାଖରେ ଅଚ୍ୟୁତାନନ୍ଦ ତିଳକଣାକୁ ଫେରି ଆସିଲେ । ମନ୍ତ୍ରଗ୍ରହଣ ଦିନଠାରୁ ତାଙ୍କର ମନରେ ଘୋର ପରିବର୍ତ୍ତନ ଦେଖାଗଲା । ତିଳକଣାର ପଶ୍ଚିମ ମୁଣ୍ଡରେ ବଟଗଛ ମୂଳରେ ବସି ଅତି ଭକ୍ତି ସହକାରେ ଜଗନ୍ନାଥଙ୍କୁ ଧ୍ୟାନ କରୁଥିଲେ । ବୈଶାଖ ଶୁକ୍ଳ ଏକାଦଶୀ ଦିନ ସେ ସ୍ୱପ୍ନରେ ଦେଖିଲେ ଯେ, ପଶ୍ଚିମ ବଟ-ମୂଳରେ ପାଞ୍ଚଜଣ ପିଲାଙ୍କ ସାଙ୍ଗରେ ସେ ବସି ଗଳ୍ପ କରୁଥିବା ସମୟରେ ଜଣେ ଗୌରକାନ୍ତି ଅତି ଅପୂର୍ବ ମୂର୍ତ୍ତିମନ୍ତ ପୁରୁଷ ସେଠାକୁ ଆସିଲେ ଏବଂ ବଟମୂଳରେ ବସିଲେ । ସେହି ପୁରୁଷ ଅଚ୍ୟୁତାନନ୍ଦଙ୍କୁ ଦେଖି ପଚାରିଲେ, "ତୁମ୍ଭର ମାତା ପିତାଙ୍କ ନାମ କ'ଣ ? ତୁମ୍ଭେ ଯାଇ ତୁମ୍ଭର ପିତାଙ୍କୁ ଏଠାକୁ ନେଇଆସ ।" ଦିବ୍ୟପୁରୁଷଙ୍କ ଆଦେଶ ଅନୁସାରେ ଅଚ୍ୟୁତାନନ୍ଦ ପିତାଙ୍କୁ ଡାକି ଆଣିଲେ । ଦୀନବନ୍ଧୁଙ୍କୁ ଦେଖି ଦିବ୍ୟପୁରୁଷ କହିଲେ, "ମୁଁ ଚୈତନ୍ୟ ଦେବ । ଅନୁଗ୍ରହରେ ଏଠାକୁ ମୁଁ ଆସିଛି । ତୁମ୍ଭର ପୁଅକୁ ଦେଖି ମୋର ଶ୍ରଦ୍ଧା ବଳିଲା । ତାକୁ ହରିନାମ ଦୀକ୍ଷା ଦେବି । ଏ ବାଳକ ମୋର ।" ଗୌରଚନ୍ଦ୍ର (ଚୈତନ୍ୟଦେବ)ଙ୍କ ଏ ଆଦେଶରେ ଦୀନବନ୍ଧୁ ଆନନ୍ଦିତ ହେଲେ । ଅଚ୍ୟୁତାନନ୍ଦଙ୍କୁ ଗୌରଚନ୍ଦ୍ର ମନ୍ତ୍ର-ଉପଦେଶ ଦେଇ ଷଡ଼ଭୁଜ ମୂର୍ତ୍ତି ଦର୍ଶନ କରାଇଲେ । ଏ ସ୍ୱପ୍ନ ପରେ ଅଚ୍ୟୁତାନନ୍ଦଙ୍କ ମନ ବେଶି ଉଦ୍‌ବିଗ୍ନ ହେଲା । ଏ ସ୍ୱପ୍ନକୁ ସେ ସତ୍ୟ ବୋଲି ମଣିଲେ । ସେହିଦିନଠାରୁ ତାଙ୍କର ଜ୍ଞାନ ସ୍ଫୁରିଲା । ସେ ବେଦବେଦାନ୍ତ, ତନ୍ତ୍ରମନ୍ତ୍ର ପ୍ରଭୃତି ଶାସ୍ତ୍ରରେ ପାରଙ୍ଗମ ହେଲେ ଏବଂ ତାଙ୍କର କବିତାଶକ୍ତି ଉଦୟ ହେଲା । ଗୌରଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ସେ ପୁରୀକୁ ଗଲେ ।

**ଡୋର କୌପୀନ ଗ୍ରହଣ:**—ଅଚ୍ୟୁତାନନ୍ଦ ପୁରୀରେ ବହୁ ବର୍ଷ ଅବସ୍ଥାନ କରି ଚୈତନ୍ୟଦେବଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରିଥିଲେ ଏବଂ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସଙ୍କ ସଙ୍ଗରେ ମିଳାମିଶା ଜୀବନଯାପନ କରିଥିଲେ । ଅଚ୍ୟୁତାନନ୍ଦ ଚୈତନ୍ୟଦେବଙ୍କୁ ବଡ଼-ଦାଣ୍ଡରେ ସଂକୀର୍ତ୍ତନ ବେଳେ ଦେଖିଲେ । ଚୈତନ୍ୟଦେବ ଅଚ୍ୟୁତଙ୍କୁ ଦେଖି ଆନନ୍ଦିତ ହୋଇ ତାଙ୍କୁ କୋଳ କରନ୍ତାଳ ଦେଲେ ଏବଂ ସଂକୀର୍ତ୍ତନ କରି

ସମାଜରେ ରାସଲୀଳା ରଚନା କରିବା ପାଇଁ ଆଦେଶ ଦେଲେ । ସ୍ୱୟଂ ଚୈତନ୍ୟଦେବ ତାଳ, ଲୟ, ମୂର୍ଚ୍ଛନା ଓ ବିଭିନ୍ନ ରାଗରାଗିଣୀ ତାଙ୍କୁ ଶିଖାଇଲେ, ତା ପରେ ମନ୍ତ୍ର ଉପଦେଶ ଦେଇ ଡୋର କୌପୀନ ଗ୍ରହଣ କରିବାକୁ ଆଜ୍ଞା ଦେଲେ । ପ୍ରଭୁପାଦ ଶ୍ରୀ ସନାତନ ଗୋସାଇଁ ହିଁ ଡୋର କୌପୀନ ଦେଇଥିବା ଜଣାଯାଏ ।

**ତୀର୍ଥ ଭ୍ରମଣ:**—ଡୋର କୌପୀନ ନେବାପରେ ଶ୍ରୀ ଅଚ୍ୟୁତାନନ୍ଦ ଗୋସ୍ୱାମୀ ଚୈତନ୍ୟଚନ୍ଦ୍ରଙ୍କ ସେବାରେ କିଛି ସମୟ ଅତିବାହିତ କଲେ । ତତ୍ପରେ ସେ ନିଜ ଶିଷ୍ୟମାନଙ୍କୁ ସଙ୍ଗରେ ନେଇ ତୀର୍ଥାଟନରେ ବାହାରିଲେ । ଅଚ୍ୟୁତାନନ୍ଦ ରାମେଶ୍ୱର, ବୈକୁଣ୍ଠ, ଦ୍ୱାରକା, ଅଯୋଧ୍ୟା, କାଶୀ, ମଥୁରା, ବୃନ୍ଦାବନ, ପ୍ରୟାଗ ପ୍ରଭୃତି ତୀର୍ଥ ଦର୍ଶନ କରିଥିଲେ ଏବଂ ଗଙ୍ଗା, ଗୌତମୀ ପ୍ରଭୃତି ପୁଣ୍ୟ ନଦୀରେ ସ୍ନାନ କରିଥିଲେ । ପ୍ରାୟ ଦୁଇ ବର୍ଷ ତୀର୍ଥାଟନରେ ଅତିବାହିତ କରି ଅଚ୍ୟୁତାନନ୍ଦ ଶିଷ୍ୟମାନଙ୍କ ସହ ରଥଯାତ୍ରା ସମୟରେ ପୁରୀକୁ ଫେରି ରଥରେ ଠାକୁରମାନଙ୍କୁ ଦର୍ଶନ କଲେ ।

**ଗୁରୁ:**—ଅଚ୍ୟୁତାନନ୍ଦଙ୍କ ଗୁରୁ ବିଷୟରେ ତାଙ୍କ ରଚିତ ଥିବା ବିଭିନ୍ନ ଗ୍ରନ୍ଥରେ ବିଭିନ୍ନ ପ୍ରକାର ଅଛି । "ଶୂନ୍ୟସଂହିତା"ର ଉପକ୍ରମରେ ଲେଖାଅଛି ଯେ, ଚୈତନ୍ୟଦେବଙ୍କ ଆଦେଶାନୁସାରେ ଗୋସ୍ୱାମୀ ସନାତନ ତାଙ୍କୁ ମନ୍ତ୍ର ଦେଲେ; କିନ୍ତୁ ଗୁରୁଭକ୍ତିଗୀତାରେ ଦୁଇ ସ୍ଥାନରେ ଦୁଇ ପ୍ରକାର ବିବରଣୀ ଅଛି । ଏକ ସ୍ଥାନରେ କୁହାଯାଇଛି ଯେ ନନ୍ଦକିଶୋରଙ୍କ ଶିଷ୍ୟ ଶ୍ରୀଚରଣ ଗୋସାଇଁ ତାଙ୍କର ଗୁରୁ; ଅନ୍ୟ ସ୍ଥାନରେ କୁହାଯାଇଛି ଯେ ନନ୍ଦକିଶୋରଙ୍କ ଶିଷ୍ୟ ସନାତନ ଦାସ ତାଙ୍କୁ ଦୀକ୍ଷା ଦେଇଥିଲେ ।

ଚିତ୍ତ ସନାତନ ସ୍ୱାମୀଙ୍କୁ ପୃଚ୍ଛିଣ ଆଜ୍ଞା ଦେଲେ ଶଚୀ ସୁତ
ଅଚ୍ୟୁତାନନ୍ଦଙ୍କୁ ମନ୍ତ୍ର ଉପଦେଶ କର ବେଗ ତୁରିତ । (ଶୂ. ସଂ. ୫)
ନନ୍ଦକିଶୋରଙ୍କ ଶିଷ୍ୟ ଶ୍ରୀଚରଣ ଗୋସାଇଁ
ଶ୍ରୀଚରଣ ଗୋସାଇଁ ଶିଷ୍ୟ ଅଚ୍ୟୁତ ମୁହିଁ । (ଗୁ. ଭ. ଗୀ. ୫୦)

ପୁଣି ଅନ୍ୟ ସ୍ଥାନରେ—

ନବକିଶୋର କର୍ଣ୍ଣମୂଳେ, ରାମକୃଷ୍ଣ ସେ ଗୁରୁ ଦେଲେ ।
ସନାତନ ସେ ଦାସବୃନ୍ଦି, ନବକିଶୋର ଦେଲେ କଣ୍ଠି ।
ମୁଁ ଏବେ ଅଚ୍ୟୁତ ସେ ଦେଖ, ସନାତନ ସେ କୃପା ହୋଇ ।
(ଗୁ. ଭ. ଗୀ. ୧ମ ଅ.)

ଗୁରୁଭକ୍ତି-ଗୀତାରେ ଏ ଦୁଇ ପ୍ରକାର ଗୁରୁ ପରମ୍ପରା ଅନ୍ୱେଷଣ କଲେ ଜଣାଯାଉଛି ଶୂନ୍ୟସଂହିତାର ବେବରଣୀତି ପଞ୍ଚସଖା ଅଚ୍ୟୁତାନନ୍ଦଙ୍କର । ଗୁରୁଭକ୍ତି-ଗୀତାର ୧ମ ଅଧ୍ୟାୟର ନବକିଶୋରଙ୍କ ଶିଷ୍ୟ ସନାତନ ଦାସ ଗୋସାଇଁଙ୍କଠାରୁ ସେହି ଅଚ୍ୟୁତାନନ୍ଦ ମନ୍ତ୍ର ନେଲେ ସେ ପଞ୍ଚସଖା ଅଚ୍ୟୁତାନନ୍ଦଙ୍କଠାରୁ ଭିନ୍ନ ।

ଗୁରୁଭକ୍ତି-ଗୀତାର ୮୦ ଅଧ୍ୟାୟରେ ରାମକୃଷ୍ଣଙ୍କ ଶିଷ୍ୟ ନବକିଶୋର, ନବକିଶୋରଙ୍କ ଶିଷ୍ୟ ଶ୍ରୀଚରଣ ଗୋସାଇଁଙ୍କ ଶିଷ୍ୟ ଅଚ୍ୟୁତାନନ୍ଦ ବୋଲି ଲେଖା ଥିବାରୁ ଏ ଅଚ୍ୟୁତାନନ୍ଦ ୧ମ ଅଧ୍ୟାୟର ଅଚ୍ୟୁତାନନ୍ଦଙ୍କଠାରୁ ଭିନ୍ନ ।

ଗୁରୁଭକ୍ତି-ଗୀତାର ଲେଖକ ଅଚ୍ୟୁତାନନ୍ଦଙ୍କ ପରମଗୁରୁ ଏକା ଏବଂ ଏ ଦୁଇଜଣଙ୍କ ଗୁରୁମାନେ ଭିନ୍ନଭିନ୍ନ । ଏମାନେ ପଞ୍ଚସଖା ଅଚ୍ୟୁତାନନ୍ଦଙ୍କଠାରୁ ଭିନ୍ନ । ଏଣୁ ସନାତନଙ୍କ ଘର ଢୋଲୀ ଗ୍ରାମରେ । ସେଠାରେ ତାଙ୍କର ସମାଧି ଥିଲା ଏବଂ ଅଚ୍ୟୁତଙ୍କ ଛଡ଼ା ତାଙ୍କର ଆଉ ଅନ୍ୟ ଶିଷ୍ୟ ନ ଥିଲେ ବୋଲି ଗୁରୁଭକ୍ତି-ଗୀତାରେ ଯାହା ଲେଖାଅଛି ତାହା ଦ୍ୱିତୀୟ ଅଚ୍ୟୁତାନନ୍ଦଙ୍କୁ ବୁଝାଉଛି ।

ଢୋଲୀ ଗ୍ରାମେ ତାଙ୍କ ବାସ ବୈରାଗ୍ୟ ସେ ଦେଖି
ଏକ ଶିଷ୍ୟ ମୁହିଁ ତାଙ୍କ ଅନ୍ୟ ଶିଷ୍ୟ ନାହିଁ । (ଗୁ. ଭ. ଗୀ. ୮ମ)

**ସମ୍ପ୍ରଦାୟ**:—ଗୁରୁଭକ୍ତି-ଗୀତା ଓ ଉଦୟ-କାହାଣୀରୁ ଜଣାଯାଏ, ଜଗନ୍ନାଥ ଦାସଙ୍କର (ନିଜ ପ୍ରତିଷ୍ଠିତ) 'ଅତିବଡ଼ି' ସମ୍ପ୍ରଦାୟ, ନାସା ଅଗ୍ରରେ ତିଳକ, ଭ୍ରୂମଧ୍ୟର ଚିତା ନାସା ଅଗ୍ରରୁ କେଶ ପର୍ଯ୍ୟନ୍ତ । ଶିଶୁ ଅନନ୍ତଙ୍କ ରାମାନନ୍ଦ ସମ୍ପ୍ରଦାୟ—ଊର୍ଦ୍ଧ୍ୱ ପୁଣ୍ଡ୍ରକ ତିଳକ । ଯଶୋବନ୍ତ

ଦାସଙ୍କର ବସ୍ତ୍ର ଧଳା (ବା ଶୁଦ୍ଧ, ବା ବଳ୍କଳବସ୍ତ୍ର) ସମ୍ପ୍ରଦାୟ—ନାସା ଅର୍ଦ୍ଧରେ ତିଳକ ବଇଠି, କପାଳରେ ଦ୍ୱାଦଶମଣ୍ଡଳ, ଅଚ୍ୟୁତାନନ୍ଦଙ୍କ ସମାଜର ସମ୍ପ୍ରଦାୟ—ନାସା ଅଗ୍ରଠାରୁ କେଶ ପର୍ଯ୍ୟନ୍ତ ଦ୍ୱାଦଶମଣ୍ଡଳ ତିଳକ ।

**ମନ୍ତ୍ର:**—'ହୃଦୟ କାହ୍ନାଣୀ'ରେ ଲେଖାଅଛି ଅଚ୍ୟୁତଂକର ମନ୍ତ୍ରରାଜ ମନ୍ତ୍ର, ହେମଷୋଡ଼ଶୀ ନାମ । ଯଶୋବନ୍ତଙ୍କର ଶ୍ୟାମ ମନ୍ତ୍ର ଭଜନ, ନାମ—ପ୍ରେମପଞ୍ଚାକ୍ଷର । ଶିଶୁ ଅନନ୍ତଙ୍କର ଗୋପାଳ ମନ୍ତ୍ର । ବଳରାମଙ୍କର କୃଷ୍ଣ ମନ୍ତ୍ର । ଜଗନ୍ନାଥଙ୍କର ରାଧା ମନ୍ତ୍ର । ପଞ୍ଚସଖା ପଞ୍ଚମନ୍ତ୍ର ଓ ଚୌରାଶୀ ଯନ୍ତ୍ର ମନ୍ତ୍ର ମଧ୍ୟ ଜାଣିଥିଲେ ।

**ସମାଧି:**—'ହୃଦୟ କାହ୍ନାଣୀ'ରେ ଧ୍ୟାନ ଓ ସମାଧି ସମ୍ବନ୍ଧରେ ଲେଖା ଅଛି ଯେ ବଳରାମଙ୍କର ଅଜପା ମନ୍ତ୍ର ଜପ, ସମାଧି ଯୋଗ । ଶିଶୁ ଅନନ୍ତଙ୍କର ଏକାକ୍ଷର ମନ୍ତ୍ର ଜପ, ଧ୍ୟାନ ସମାଧି । ଯଶୋବନ୍ତଙ୍କର ଅବଧା ମନ୍ତ୍ର ଜପ, ସମ ସମାଧି । ଜଗନ୍ନାଥଙ୍କର ଓଁକାର ମନ୍ତ୍ର ଭଜନ, ଜ୍ଞାନ ସମାଧି । ଅଚ୍ୟୁତାନନ୍ଦଙ୍କର ଶୂନ୍ୟମନ୍ତ୍ର ଜପ, ଶୂନ୍ୟ ସମାଧି । ପଞ୍ଚସଖା ସବୁ ମନ୍ତ୍ର ଓ ସମାଧି ଜାଣିଥିଲେ ମଧ୍ୟ ଗୋଟିଏ ଲେଖାଏଁ ଜପ ଓ ସମାଧିକୁ ବାଛି ନେଇଥିଲେ ।

**ଭଜନ:**—ଅଚ୍ୟୁତାନନ୍ଦ "ହରେ ରାମ କୃଷ୍ଣ" ଭଜନକୁ ପ୍ରଚାର କରିଥିବା 'ହୃଦୟ କାହ୍ନାଣୀ'ରେ ଲେଖାଅଛି । ଅନ୍ୟାନ୍ୟ ଗୁରୁ ସଖା ମଧ୍ୟ ଏହି ନାମକୁ ପ୍ରଚାର କରିଥିଲେ । ପ୍ରଥମେ ଅଚ୍ୟୁତାନନ୍ଦଙ୍କ ଗୁରୁ ସନାତନଙ୍କର "ହରେ କୃଷ୍ଣ" ଭଜନ ଥିଲା । ବଳରାମ ଓ ଜଗନ୍ନାଥ ଦାସଙ୍କର ମଧ୍ୟ ପ୍ରଥମେ ସେହି "ହରେ କୃଷ୍ଣ" ଭଜନ ପ୍ରଚାର ଥିଲା, କିନ୍ତୁ ପରେ ପଞ୍ଚସଖାଙ୍କ ଭିତରେ ନାମ ଭଜନ ସମ୍ବନ୍ଧରେ କଷ୍ଟ ବିଚାର ହେଲା । ମନରେ ସଂଶୟ ହେବାରୁ ଶ୍ରୀଚୈତନ୍ୟ ସଭା ଡକାଇଲେ । ସନାତନ, ପଞ୍ଚସଖା, ବାଉରି ଦାସ, ଲୋକନାଥ, ବାଉଳି ଦାସ, ନଗର ଭକ୍ତମାନଙ୍କୁ, ଜନରାଜ, ସ୍ୱାମୀମାନଙ୍କୁ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ ଏବଂ ପ୍ରାୟ ତିନି ହଜାର ଲୋକଙ୍କୁ ଏ ସଭାକୁ ଡାକିଥିଲେ । ବହୁ ବିଚାର ପରେ ସମସ୍ତେ "ହରେ ରାମ" ନାମ ସାଧ୍ୟ

ଭଜନରୂପେ ସ୍ଥିର କଲେ । ଏହି ଦିନଠାରୁ ପଞ୍ଚସଖା "ହରେ ରାମ" ଆଦ୍ୟ ଓ "ହରେ କୃଷ୍ଣ" ପଦ କରି "ହରେ ରାମ ହରେ ରାମ, ରାମ ରାମ ହରେ ହରେ; ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ ।" ମନ୍ତ୍ରକୁ ଭଜନମନ୍ତ୍ର ରୂପେ ଗ୍ରହଣ କଲେ । ଉତ୍କଳ ଦେଶରେ ଲୋକେ ପଞ୍ଚସଖାଙ୍କ ପଥ ଅନୁସରଣ କରି "ହରେ ରାମ" ଭଜନ କଲେ; କିନ୍ତୁ ଗୌଡ଼ୀୟ ବୈଷ୍ଣବମାନେ "ହରେ କୃଷ୍ଣ" ଭଜନ କଲେ । ନୀଳାଚଳରେ ଚତୁର୍ଦ୍ଧାମୂର୍ତ୍ତିରେ ହରେ ରାମକୃଷ୍ଣ ହେବାର ଦେଖାଯାଉଥିବାରୁ ଏ ନାମଟି ଉତ୍କଳରେ ଶ୍ରେଷ୍ଠ ବୋଲି ପଞ୍ଚସଖାଙ୍କ ମତ ଥିବା ଅଚ୍ୟୁତାନନ୍ଦ 'ଉଦୟକାହାଣୀ'ରେ ଲେଖିଛନ୍ତି । ଏହା ଚୈତନ୍ୟଦେବଙ୍କ ତିରୋଭାବ ଅର୍ଥାତ୍ ଖ୍ରୀ: ୧୫୩୩ ପୂର୍ବର ଘଟଣା ।

## ଯୁଗେ ଯୁଗେ ଅଚ୍ୟୁତାନନ୍ଦ ଶ୍ରୀକୃଷ୍ଣଙ୍କ ସଖା:—

ଅଚ୍ୟୁତାନନ୍ଦ 'ଶୂନ୍ୟସଂହିତା'ରେ ଲେଖିଛନ୍ତି ଯେ ବ୍ରହ୍ମାଣ୍ଡପତି ଶ୍ରୀ ଚୈତନ୍ୟ ଦେବ ନିତ୍ୟାନନ୍ଦଙ୍କ ସଙ୍ଗେ ମର୍ତ୍ତ୍ୟରେ ନବଦ୍ୱୀପରେ ଅବତୀର୍ଣ୍ଣ ହେଲେ । ଏହାଙ୍କ ସଙ୍ଗେ ପଞ୍ଚ ମହାଜନ—ରୂପ, ସନାତନ, ଜୀବ ଗୋସାଇଁ, ଗୋପାଳ ଭଟ୍ଟ, ରଘୁନାଥ ଦାସ ମଧ୍ୟ ଅବତୀର୍ଣ୍ଣ ହେଲେ । ଏମାନଙ୍କ ସଙ୍ଗରେ ଶ୍ରୀକୃଷ୍ଣ ଅଚ୍ୟୁତାନନ୍ଦଙ୍କୁ ମଧ୍ୟ ଅବତୀର୍ଣ୍ଣ କରାଇଲେ ।

ଶ୍ରୀଚୈତନ୍ୟ ଗୋସାଇଁ ଯେ ବ୍ରହ୍ମାଣ୍ଡର ପତି
ନିତ୍ୟାନନ୍ଦ ସଙ୍ଗେ ଘେନି ଜନ୍ମ ହେଲେ କ୍ଷିତି ।
ତାହାଙ୍କ ସଙ୍ଗତେ ମୋତେ ଜନମ ଯେ କଲେ
ବୈରାଗ୍ୟ ବେଶରେ ପୃଥ୍ୱୀ ଭ୍ରମଣ ସେ କଲେ । (୧ମ ଅ. ଶୂ. ସଂ.)

ଶ୍ରୀଚୈତନ୍ୟ ବହୁ ସ୍ଥାନ ଭ୍ରମଣ କରି ସଖାମାନଙ୍କ ସଙ୍ଗରେ ନୀଳାଚଳରେ ପ୍ରବେଶ ହେଲେ । ଏଠାରେ ଅଚ୍ୟୁତାନନ୍ଦଙ୍କୁ ଦେଶୀ ଓଡ଼ିଶାରେ ଗ୍ରନ୍ଥ ରଚନା କରିବାକୁ ଓ ଗୋପାଳକୁଳ ଉଦ୍ଧାର କରିବାକୁ ଆଦେଶ ଦେଲେ ।

ସଙ୍ଗେ ଯୋଗ ବଳେ ପ୍ରଭୁ ସଖାବୃନ୍ଦ ଯେତେ
ଶ୍ରୀମୁଖରେ ଆଜ୍ଞାଦେଲେ ପୂଜିଣ ସେସ ମୋତେ ।
ଓଡ଼ିଶା ଦେଶରେ ତୁମ୍ଭେ ଶାସ୍ତ୍ରକୁ ରଚିବ
ଗୋପାଳକୁଳକୁ ତାରି ଆପଣେ ତରିବ ।

କିନ୍ତୁ ଏହି ଅଙ୍ଗକୁ ଲୋପ କରି ଶୂଦ୍ର କୁଳରେ ଜନ୍ମ ହେବ ବୋଲି ପୂର୍ବରୁ ଚୈତନ୍ୟ ଦେବ ବା ଶ୍ରୀକୃଷ୍ଣ ସେ ନଦେଇ ଅବତୀର୍ଣ୍ଣ ହେବା ପୂର୍ବରୁ କହିଥିଲେ । ପୂର୍ବ ଅଙ୍ଗର ଏହି ଆଦେଶ ସ୍ମରଣ କରି ଅଚ୍ୟୁତାନନ୍ଦ ଶୂଦ୍ର କୁଳରେ ଜନ୍ମ ହେଲେ । ଭଗବାନଙ୍କ ଆଦେଶ ହେଲା ଯେ ଅଚ୍ୟୁତାନନ୍ଦ ମର୍ତ୍ତ୍ୟରେ ବ୍ରହ୍ମଗୋପାଳ ବେଶ ଧରି ଦକ୍ଷିଣ ହସ୍ତରେ ସଙ୍କେତବାଡ଼ ଧାରଣ କରିବେ ।

ଏ ଅଙ୍ଗକୁ ଲୋପ କରି ଶୂଦ୍ର କୁଳେ ଜାତ
ଶୁଣ ସେ ଗରୁଡ଼ ବେଦରେ ପାଅ ହେ ଅଚ୍ୟୁତ ।
ଶ୍ରୀମୁଖରୁ ଆଜ୍ଞା ପାଇ ଚରଣରେ ଥିଲି
ପୂର୍ବ-ଦେହରୁ ଲଭି ଶୂଦ୍ର କୁଳେ ଜନ୍ମ ହେଲି ।
ବ୍ରହ୍ମ ସେ ଗୋପାଳ ବେଶ ଧରିବ ସେ ଶୁଦ୍ଧେ
ପଇତା ଗୋଟିଏ ଥିବ ଦକ୍ଷିଣ ସେ କନ୍ଧେ ।
ଶଙ୍ଖକୁ ଉତ୍ତର ଦେଇଁ ନିତ୍ୟ ଲୀଳା କରି
ଏମନ୍ତେ ଦାନ ବସ୍ତ୍ର ଆଜ୍ଞା ଦେଲେ ହରି । (୧ମ ଅ. ଶୂ. ସଂ.)

ଅଚ୍ୟୁତାନନ୍ଦଙ୍କ ପୂର୍ବ ନାମ ସିନ୍ଧୁଗ୍ରାନନ୍ଦ ଥିଲା ଏବଂ ଏହି ନାମ ଗୁପ୍ତ ହୋଇ ସେ ଅଚ୍ୟୁତାନନ୍ଦ ନାମରେ ପରିଚିତ ହେଲେ ।

ସିନ୍ଧୁଗ୍ରାନନ୍ଦ ମୋ ନାମ ଗୁପତ ହୋଇଲା
ଦାନ ପାମରୁ ଅଚ୍ୟୁତ ନାମ ହେଲା । (୧୨ ଅ.)

ଏହାପରେ ତାଙ୍କୁ ପଦପଦାବଳୀ ସବୁ ଦର୍ଶାଇଥିବା ସେ କହୁଛନ୍ତି ।

ପଦପଦାବଳୀ ନାମ ଦର୍ଶିଲେ ଆସି
ହରି ନାମେ ମୋର ମନ ଦେଲୁ ଦିବା ନିଶି । (୧ମ ଅ. ଶୂ. ସଂ.)

ବାଲ୍ୟ ବୟସରେ ତାଙ୍କର ମାତାପିତା ବହୁ ଶ୍ରୀଭା ନାମ ଦେଇଥିବେ ଏବଂ ସେଥିମଧ୍ୟରୁ ସିନ୍ଧୁଗ୍ରାନନ୍ଦ ଏକ ହେବା ସମ୍ଭବ । ଅଥବା, ପୂର୍ବଜନ୍ମରେ ସେ ସିନ୍ଧୁଗ୍ରାନନ୍ଦ ଥିଲେ, ସେହି ଅଙ୍ଗ ଲୋପ ହେବା ପରେ ଏହି ଜନ୍ମରେ ସେ ଅଚ୍ୟୁତାନନ୍ଦ ନାମରେ ପରିଚିତ ହେଲେ ।

ଗୋପରେ ସୁଦାମ ଓ ଦ୍ୱାଦଶ ଗୋପାଳ ଶ୍ରୀକୃଷ୍ଣଙ୍କ ସଙ୍ଗେ ରାସ ରଚନାରେ ଅଂଶ ଗ୍ରହଣ କରିଥିଲେ । ଏବେ ମଧ୍ୟ ସେମାନେ ଅବତୀର୍ଣ୍ଣ ହେଲେ । ଅଚ୍ୟୁତାନନ୍ଦ ଏହି ଦ୍ୱାଦଶ ଗୋପାଳଙ୍କୁ ଶିଷ୍ୟରୂପେ ଗ୍ରହଣ କରି କହୁଥିଲେ, ଖୋଳ କରତାଳ ଘେନି ଘରେ କୃଷ୍ଣ ମହାମନ୍ତ୍ର ନିରବଧି ଗୋଟେ କୃଷ୍ଣଲୀଳା କରିବ । ଏମାନଙ୍କୁ ଉପଦେଶ ଦେବା ପାଇଁ ଗୁରୁ ଅଚ୍ୟୁତାନନ୍ଦ ଶୂନ୍ୟସଂହିତାଦି ଗ୍ରନ୍ଥ ରଚନା କରିଥିଲେ ।

ଅଚ୍ୟୁତାନନ୍ଦଙ୍କୁ ପଦରଚନାରେ ସ୍ୱୟଂ ଭଗବାନ କୃପା କରିଥିଲେ । ସେ ନିଜେ ଲେଖିଛନ୍ତି—

ଶ୍ରୀକୃଷ୍ଣ କହୁ ହୋଇଲେ ସଙ୍ଗେ ଆହୁ
ଶ୍ରୀକୃଷ୍ଣ ସ୍ତୁତିମ ଗୀତ କରଣ ସେ ଗାନ୍ଧି ।
ନୋହିଲ୍ଲ ଠାବରେ କହୁ ଦେଉଥାନ୍ତି ହରି
ପାମର ଅଚ୍ୟୁତ ଦାସ ତେଣୁ ବୋଲେ ହରି । (୪ର୍ଥ ଅ: ଶୂ: ସ:)

କବି ନୀଳାଚଳରେ ଅବସ୍ଥାନ କରିବା ବେଳେ ନିତ୍ୟ ଶ୍ରୀଜଗନ୍ନାଥ ଦର୍ଶନ କରିବା ପାଇଁ ଯାଉଥିଲେ । ସେଠାରେ ମଧ୍ୟ କବିତା ଲେଖୁଥିଲେ । ପ୍ରଭୁ ଜଗନ୍ନାଥ ଯାହା ତାଙ୍କୁ କହନ୍ତି ତାହା ସେ ବ୍ୟକ୍ତ କରୁଥିବା କଥା ଲେଖିଛନ୍ତି ।

ଅଚ୍ୟୁତ ଦାସ ବଟ ମୂଳରେ ନିବାସ,
ବଟପତ୍ରିଅଙ୍କୁ ନାଟ୍ୟ କରୁଥାଇ ଆଣି ।
ସେ ଯାହା କହନ୍ତି ତାହା କହୁଥାଇ ବସି,
କହିବା ତା ଲକ୍ଷ୍ୟ କରି ଶୁଣ ଲୋପ ଶିଖି । (୬ମ ଅ: ଶୂ: ସ:)

ଶ୍ରୀକୃଷ୍ଣ ଅନ୍ତର କରେଣ୍ଣ ବସାଇ,
ଜ୍ଞାନ ଉପଦେଶ ସଅନ୍ତି କହି । (୯ମ ଅ:)

ଗୋପାଳକୁଳ ପ୍ରଚାର କରିଥିବାରୁ କବିଙ୍କ ନାମ ଅଚ୍ୟୁତାନନ୍ଦ ହୋଇଥିବା କଥା କହନ୍ତି ।

ଶୁଣି ଦ୍ୱିଜବାଳେ ହୃଟି ଯବ ଖଣ ବୋଲି
ଅନନ୍ତ ବାଳ ଗୋପାଳ ନାମ ତେଣୁ କଲ ।
ଅନନ୍ତ କୁଳ ତାର ଅଚ୍ୟୁତ ନାମ ତେଣୁ
ଅନାଦି ନାରାୟଣ କୃପା ହୋଇଲା ଯେଣୁ ।
ଅନ୍ତ ନାମ ଅଚ୍ୟୁତ ଅନନ୍ତ ବାଳ ବୋଲି
ଗୋପାଳକୁଳକୁ ତେଣୁ ଉଦ୍ଧାର ଯେ କଲି । (୬୨ ଅ. ଶୂ. ସଂ.)

**ଅଚ୍ୟୁତାନନ୍ଦଙ୍କଦ୍ୱାରା ବୀରସିଂହାଦି ତାନ୍ତ୍ରିକମାନେ ନିରାକାରପନ୍ଥୀ ହେଲେ:**—ପ୍ରସିଦ୍ଧ ତାନ୍ତ୍ରିକ ବୀରସିଂହ, ଗୋବିନ୍ଦଦାସ, ବାଲ୍ମିକ, କପିଳ, ବାଳକୀ ଦାସ ପ୍ରଭୃତିଙ୍କ ବିଷୟ ଶୂନ୍ୟସଂହିତାରେ ଅଚ୍ୟୁତାନନ୍ଦ ଅଳ୍ପ ପଦରେ ବର୍ଣ୍ଣନା କରି ସେମାନେ ପୂର୍ବ ଖାତାକୂଳରେ ବନରେ ଆଶ୍ରମ କରି ନିବାସ କରୁଥିଲେ ଏବଂ ସେ କାଳେ ସେମାନଙ୍କର ସମସାମୟିକ ଥିବା କହିଛନ୍ତି । ‘ଓଡ଼ିଶା ଦେଶ’ରେ (ଅର୍ଥାତ୍ ଖୋର୍ଦ୍ଧା ଓ ପୁରୀ ଅଞ୍ଚଳରେ) ‘ପାଞ୍ଚକୋଶ’ ବା ‘ପଞ୍ଚକୋଶୀ’ ମଧ୍ୟରେ (ଅର୍ଥାତ୍ ପୁରୀ ନିକଟବର୍ତ୍ତୀ ପାଞ୍ଚ କୋଶ ପରମିତ ଅଞ୍ଚଳ, ବର୍ତ୍ତମାନର ବହୁ ବ୍ରାହ୍ମଣଶାସନ-ଅଧ୍ୟୁଷିତ ଅଞ୍ଚଳ) ଅନନ୍ତପୁର ଶାସନର ଦ୍ୱିଜବର ଶର୍ମାଙ୍କ ବାଳୁତ କୁମର ମାଧବ ବାଳକ ଅବସ୍ଥାରେ (ବାରବର୍ଷ ବୟସ) ସମୟରେ ଗୃହତ୍ୟାଗ କରି ପୂର୍ବ ଖାତାକୂଳରେ ଅବସ୍ଥିତ ଦଣ୍ଡକାରଣ୍ୟ ଭିତରେ ବୀରସିଂହାଦି ଋଷି-ତପସ୍ୱୀମାନଙ୍କର ଆଶ୍ରମ ନିକଟରେ ପହଞ୍ଚିଲା । ସେଠାରେ ଜଣେ ମୁନିଙ୍କର ସେବା କରୁଥିବାବେଳେ ବୀରସିଂହାଦି ମନଯାନରେ ପୃଥ୍ୱୀ ପ୍ରଦକ୍ଷିଣ କରୁଥିବା ଶୁଣି ସେ ମହାବିଦ୍ୟା ଗୋପନରେ ଶିକ୍ଷା କଲା । ଫଳେ ‘ମୁନି-ବୃକ୍ଷ’ ତାଙ୍କ ଉପରେ ପଡ଼ିବାରୁ ବାଳୁତ ମାଧବ ମନ୍ତ୍ର ବଳରେ ଗୁରୁଙ୍କ ଦେହକୁ ଜଳାପୋଡ଼ା କଲା । ମୁନି-ଗୁରୁଙ୍କ ଅବସ୍ଥା କରୁଣା ହେବାରୁ ସବୁ ତପସ୍ୱୀ ଶାନ୍ତିବାରି ସେଚନ କଲେ ଏବଂ ମୁନିଙ୍କ ପ୍ରାଣରକ୍ଷା ହେଲା ଏଥିରେ ମୁନିମାନେ ବିଚଳିତ ହୋଇ ଘୋର କଳିର ଆଗମନ ଆଶଙ୍କା କଲେ ଏବଂ ମନଯାନ ବିଦ୍ୟା ଆଉ କାର୍ଯ୍ୟକାରୀ ନହେବ ବୋଲି ଅଭିଶାପ ଦେଲେ । ସେହିଦିନଠାରୁ ମନଯାନ ଚଳିବା ବନ୍ଦ ହେଲା । ବହୁ ଋଷି ଅଚଳ ହୋଇ ପଡ଼ିରହିଲେ ।

ଏହି ମନ୍ତ୍ରଶକ୍ତି ସାଧନାରେ ବହୁ ଯୋଗୀନ୍ଦ୍ର, ନାରୀନ୍ଦ୍ର, ତାନ୍ତ୍ରିକ ରତ ଥିଲେ । ଋଷିତପିମାନଙ୍କ ଶାପ ଫଳରେ ଦେବମାନେ ନିରାକାର ମନ୍ତ୍ର ଗ୍ରହଣ କରିଥିଲେ । ପଞ୍ଚସଖା ଏହି ପ୍ରାଚୀନକାଳୀନ ଋଷି-ଆଶ୍ରମ-ବନକୁ ଯାଇ ଏହି ସାଧକ ଋଷୀତପୀମାନଙ୍କୁ ନିରାକାର ମନ୍ତ୍ରରେ ଦୀକ୍ଷିତ କରିଥିଲେ । ଏହି କଥାକୁ ଅଚ୍ୟୁତାନନ୍ଦ ଲେଖିଛନ୍ତି । ଏହି ପ୍ରସଙ୍ଗରେ ଆଶ୍ରମ-ବନରେ ଏକ ସଭା ହୋଇଥିଲା । ବାରସିଂହାଦି ଋଷିମାନଙ୍କୁ ପଞ୍ଚସଖା ନିରାକାର ପ୍ରଭୁ ଜଗନ୍ନାଥ ବାଣୀ ଶୁଣିଥିବା ପ୍ରକାଶ କଲେ । ପୂର୍ବେ ଦ୍ୱାପରରେ ଶ୍ରୀକୃଷ୍ଣ ଓ ଅଷ୍ଟ-ପାଟମହିଷୀମାନଙ୍କ ସହ ସୁଦାମାରୂପୀ ଅଚ୍ୟୁତାନନ୍ଦ ଗୋଲକକୁ ଯାଇ ନିତ୍ୟରାସ ଦର୍ଶନ କରିଥିବା ଏବଂ ସେଠାରେ କୃଷ୍ଣମାତା ତାଙ୍କୁ ନିରାକାର ମନ୍ତ୍ର ଓ ଭଜନ ଉପଦେଶ ଦାନ କରିଥିବା ବର୍ଣ୍ଣନା କଲେ । ଏଥିରେ ଋଷିତପୀମାନେ ସନ୍ତୁଷ୍ଟ ହୋଇ ନିରାକାର ମନ୍ତ୍ରକୁ ଗ୍ରହଣ କଲେ ଏବଂ 'ହରି ହରି' ଶବ୍ଦ କଲେ । ଏହି ହରି ଶବ୍ଦଦ୍ୱାରା ଅଚଳ ଋଷିମାନେ ସଚଳ ହେଲେ ଏବଂ ସମସ୍ତଙ୍କ ମନରେ ଆନନ୍ଦ ଜାତ ହେଲା ।

ଅମଳାନ ବସ୍ତୁ ସେ ସୁବର୍ଣ୍ଣ ନିଷେପିଲେ
ଶୂନ୍ୟ ମନ୍ତ୍ରେ ନିରାକାର ମନ୍ତ୍ର ଉଚ୍ଚାରିଲେ ।
ଉଠିଲା ହରି ଶବଦ ପୂରିଲା ବ୍ରହ୍ମାଣ୍ଡ
ଅଚଳେ ଚଳିଲେ ମନ ଦଣ୍ଡିକି ପ୍ରଚଣ୍ଡ !
ଆନନ୍ଦ ପୁଲକ ସେ ହୋଇଣ ସବ ଋଷି
ଅମ୍ଭେ ସେ ଅଙ୍କୁ ବାନ୍ଧୁ ନିରାକାର ପୋଥି । (୧୦ମ ଅ.)

**ପୁରୀରେ ପରୀକ୍ଷା**:—ଅଚ୍ୟୁତାନନ୍ଦ ବହୁବର୍ଷ ପୁରୀରେ ରହିଥିଲେ ଏବଂ ଜ୍ଞାନାର୍ଜ୍ଜନ ଓ ସାଧନ, ଭଜନରେ କାଳ ଅତିବାହିତ କରିଥିଲେ । ସେ ବେଦବେଦାନ୍ତ ପାଠ କରି ନିରାକାର ଉପାସନାକୁ ମୁକ୍ତକଣ୍ଠରେ ପ୍ରଚାର କରିଥିଲେ । ତାଙ୍କର ଶାସ୍ତ୍ର ବ୍ୟାଖ୍ୟା ଶୁଣି ଶ୍ରୀକ୍ଷେତ୍ର (ପୁରୀ)ର ଜଗନ୍ନାଥମନ୍ଦିର ଭିତରେ ଥିବା ମୁକ୍ତିମଣ୍ଡପର ବ୍ରାହ୍ମଣ ପଣ୍ଡିତମାନେ ବିଚଳିତ ହୋଇପଡ଼ି-ଥିଲେ । ବିଶେଷତଃ ନିରାକାର ମନ୍ତ୍ର, ଯନ୍ତ୍ର, ସାଧନା ପ୍ରଭୃତି ପୁରାଣ ଓ

ଉପନିଷଦରେ ସମ୍ମତ ନଥିବାରୁ ଏହା ଅବୈଦିକ କଳ୍ପନା ବୋଲି ପଣ୍ଡିତମାନଙ୍କୁ ପ୍ରତୀୟମାନ ହେଉଥିଲା ।

ଅଚ୍ୟୁତାନନ୍ଦ 'ଶୂଦ୍ର' ଥାଇ ଶାସ୍ତ୍ରାର୍ଥ କରୁଥିବା ହେତୁ ସେମାନଙ୍କୁ ଅସଙ୍ଗତ ବୋଧ ହେଲା । ଅଚ୍ୟୁତାନନ୍ଦଙ୍କୁ ପରୀକ୍ଷା କରିବା ପାଇଁ ସେମାନେ ମହାରାଜା ପ୍ରତାପରୁଦ୍ରଦେବଙ୍କୁ ଅନୁରୋଧ କଲେ । ପ୍ରତାପରୁଦ୍ରଦେବ ଅଚ୍ୟୁତାନନ୍ଦଙ୍କୁ ପ୍ରକାଶ୍ୟ ସଭାରେ ପରୀକ୍ଷା କରିଥିଲେ । ଅଚ୍ୟୁତାନନ୍ଦଙ୍କୁ ନିରାକାର ଭଜନର ତତ୍ତ୍ୱ ସମ୍ମୁଖରେ ପ୍ରଶ୍ନ ହେବାରୁ ସେ ସୁନ୍ଦର ଭାବରେ ବୁଝାଇଥିଲେ । ନିରାକାର ଧ୍ୟାନରେ ମଧ୍ୟ କପରି ସମାଧି ଲାଭ ହୁଏ ତାହା ମଧ୍ୟ ବୁଝାଇଥିଲେ । ଏ ଯୋଗସାଧନାର ସତ୍ୟାସତ୍ୟ ବୁଝିବାପାଇଁ ରାଜାଙ୍କ ଆଦେଶ-ମତେ ପୁରୀର ସମୁଦ୍ର କୂଳରେ ଥିବା କାଙ୍କୀ ମୁହାଣର ଶୂନ୍ୟ ଗୁମ୍ଫାରେ ଅଚ୍ୟୁତାନନ୍ଦ ଏହାର ପରୀକ୍ଷା ଦେଇଥିଲେ । ନିରାକାର ଧ୍ୟାନରେ ଅଚ୍ୟୁତାନନ୍ଦ ସମାଧି ଲାଭ କରିଥିଲେ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ରାଜା ତାଙ୍କ ପ୍ରତି ବେଶି ଭକ୍ତି ଓ ଆଦର ଦେଖାଇଥିଲେ । କାଙ୍କୀ ମୁହାଣରେ ନିବାସ ପ୍ରତିଷ୍ଠା କରିବା ପାଇଁ ରାଜା ଅନୁମତି ଦେଇଥିଲେ । ବ୍ରାହ୍ମଣମାନେ ଏଥିରେ କିଛି କହିପାରିଲେ ନାହିଁ । 'ଶୂନ୍ୟସଂହିତା'ରେ ଏହା ବର୍ଣ୍ଣିତ ଅଛି ।

**ଗୋପାଳଙ୍କୁ ଦୀକ୍ଷାଦାନ** :—ଅଚ୍ୟୁତାନନ୍ଦଙ୍କ ଗୌରବ ଓ ପ୍ରତିପତ୍ତି ସେହିଦିନଠାରୁ କ୍ରମେ ବୃଦ୍ଧି ପାଇଲା । ତାଙ୍କର ଶିଷ୍ୟଗୋଷ୍ଠୀ ମଧ୍ୟ ବର୍ଦ୍ଧିତ ହେଲା । ସେ ଦ୍ୱାପରଯୁଗରେ ଗୋପାଳ କୁଳରେ ଜନ୍ମଗ୍ରହଣ କରି-ଥିବାରୁ ଏ ଜନ୍ମରେ ଗୋପାଳମାନଙ୍କୁ ତାରିବା ପାଇଁ ସେମାନଙ୍କୁ ମନ୍ତ୍ର ଉପଦେଶ ଦେଲେ ବୋଲି କଥା କହନ୍ତି । ଗୋପାଳମାନଙ୍କୁ ଶିଷ୍ୟ କରିଥିବାରୁ ସେ ସାଧାରଣରେ ଗୋପାଳଗୁରୁ ନାମରେ ପରିଚିତ ହୋଇଥିଲେ । ଉତ୍କଳର ବହୁ ସ୍ଥାନରେ ଗୋପାଳମାନେ ତାଙ୍କର ଶିଷ୍ୟ ହୋଇଥିଲେ ।

ପୁରୀ ଅବସ୍ଥାନ କାଳରେ ନିଜ ଧର୍ମମତ ପ୍ରଚାର କରିବା ପାଇଁ ଅଚ୍ୟୁତା-ନନ୍ଦ ଉତ୍କଳର ବିଭିନ୍ନ ସ୍ଥାନ ବୁଲିଥିଲେ ଏବଂ ବିଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା

କରିଥିଲେ । କଟକ ଜିଲ୍ଲା କେନ୍ଦ୍ରାଳ ମଠ ଅଚ୍ୟୁତାନନ୍ଦଙ୍କ ଅନ୍ୟତମ ପ୍ରଧାନ ପୀଠ । ଶୁଣ୍ଢ ବାଲୀମୁଣ୍ଡାଣ ନିକଟସ୍ଥ ମଠ ସର୍ବପ୍ରଧାନ ପୀଠ ।

**ରମାବତୀଙ୍କ ସହିତ ବିବାହ:**—ଏବେ ତରଣ ଗୋପାଳ ଶିଷ୍ୟ, ରାମ, ଗୋପାଳ ଓ ଭରତ ଏହି ଶିଷ୍ୟମାନଙ୍କୁ ସଙ୍ଗରେ ନେଇ ଅଚ୍ୟୁତାନନ୍ଦ ତୀର୍ଥ ଭ୍ରମଣରେ ବାହାରିଲେ । ଅନ୍ତଙ୍ଗ ରାଜ୍ୟର ନନ୍ଦିଗ୍ରାମରେ ଯଶୋବନ୍ତ ଦାସଙ୍କୁ ଦେଖିବାପାଇଁ ଅଚ୍ୟୁତାନନ୍ଦ ଗଲେ । ଯଶୋବନ୍ତଙ୍କ ଅନୁରୋଧରେ ସେଠାରେ ଦିନରାତି ରାସ କୀର୍ତ୍ତନ ହୋଇଥିଲା । ଯଶୋବନ୍ତଙ୍କ ଶାଳକ ଅନ୍ତଙ୍ଗର ରାଜା ରଘୁରାମ ତାଙ୍କ ନନ୍ଦିଗ୍ରାମ ମଠକୁ ଆସି ଏ ରାସ କୀର୍ତ୍ତନ ଶୁଣିଥିଲେ । ଅଚ୍ୟୁତାନନ୍ଦ ଓ ତାଙ୍କର ଶିଷ୍ୟମାନଙ୍କର କୀର୍ତ୍ତନରେ ରାଜା ଖୁସି ହୋଇ ସାତଦିନ କୀର୍ତ୍ତନ କରିବାକୁ ଅନୁରୋଧ କଲେ । ସେ ସାତଦିନଯାକ ଅତି ଜାକଜମକରେ କୀର୍ତ୍ତନ ହେଲା । କୀର୍ତ୍ତନ ଶେଷ ହେବା ପରେ ଅଚ୍ୟୁତାନନ୍ଦଙ୍କୁ ବିଦାୟ କରିବାପାଇଁ ରଘୁରାମ ନିଜେ ଆସି ପହଞ୍ଚିଲେ, ସାଙ୍ଗରେ ବହୁ ଧନଦ୍ରବ୍ୟ ଆଣିଥିଲେ । ଅଚ୍ୟୁତାନନ୍ଦଙ୍କ ପାଦଭେଟି ପାଇଁ ପ୍ରସ୍ତୁତ ହେଉଥିବାବେଳେ ରଘୁରାମଙ୍କ ଝିଅ ରମା ବାପାଙ୍କୁ କହିଲେ, "ମୁଁ ଏତେ ଦିନ ହେଲା ଅଜ୍ଞାନରେ ଥିଲି । ଅଚ୍ୟୁତାନନ୍ଦଙ୍କ ନାମକୀର୍ତ୍ତନରେ ମୋର ଅଜ୍ଞାନ ଲୋପ ହେଲା । ତେଣୁ ମୁଁ ତାଙ୍କ ଚରଣରେ ଦାସୀ ହୋଇ ରହିବି । ତାଙ୍କୁ ମୁଁ ନିଶ୍ଚୟ ବିବାହ କରିବି । ଅନ୍ୟଥା ଘଟ ହେଲେ, ମୁଁ ମଲି ।" ରଘୁରାମ ବହୁତ ବୁଝାଇ ଏ ସଙ୍କଳ୍ପ ତ୍ୟାଗ କରିବାକୁ ରମାଙ୍କୁ କହିଲେ; ରମାଙ୍କ ମା ରାଧାପ୍ରିୟା ରାଣୀ ଝିଅ ସପକ୍ଷରେ ରହିବାକୁ ବାଧ୍ୟ ହୋଇ ଝିଅ କଥାରେ ରାଜି ହେଲେ । ପରେ ସେ ଅଚ୍ୟୁତାନନ୍ଦଙ୍କଠାରୁ ଯାଇ ଝିଅର ସଙ୍କଳ୍ପ ନିବେଦନ କଲେ । ଏ ପ୍ରସ୍ତାବ ଶୁଣି ଅଚ୍ୟୁତାନନ୍ଦ 'କିଛିଏ ବିଚଳିତ ହୋଇ ମନେ ମନେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କଲେ । ଶ୍ରୀକୃଷ୍ଣ ଆଦେଶ ଦେବାରୁ ଅଚ୍ୟୁତାନନ୍ଦ ନିଜର ସମ୍ମତି ଜଣାଇଲେ । ରମାଙ୍କ ସହିତ ବିବାହ କରିବାପାଇଁ ସମ୍ମତି ପ୍ରଦାନ କରି, ତରଣ ଶିଷ୍ୟଙ୍କୁ ଧରି ପାଇକପୁର ବାଟେ ପୁନର୍ବାର ବହୁ ଦେଶ ଭ୍ରମଣ କରି 'ହରେ ରାମ କୃଷ୍ଣ' କୀର୍ତ୍ତନ ପ୍ରଚାର କଲେ । କେତେ ଦିନ ପରେ ଅଚ୍ୟୁତାନନ୍ଦ ଫେରି ଆସି କେନ୍ଦ୍ରାଳରେ ଅବସ୍ଥାନ କଲେ ।

ତୀର୍ଥାଟନରୁ ଫେରିବା ପରେ ଅଚ୍ୟୁତାନନ୍ଦ ପୁଣି ତ୍ରିପୁରା ରତ୍ନାକର ରାଜା ଜୟଧରଙ୍କ କନ୍ୟା ଚମ୍ପାବତୀଙ୍କୁ ବିବାହ କଲେ । ନେମାଳରେ ନିଜର ସ୍ୱତନ୍ତ୍ର ନିଳୟ ନିର୍ମାଣ କରି ସେଠାରେ ସ୍ୱଚ୍ଛନ୍ଦ ଅବସ୍ଥାନ କଲେ ।

ଅଚ୍ୟୁତାନନ୍ଦ ଅଳ୍ପ ବୟସରେ ପୁରୀରେ ଡୋର କୌପୀନ ନେଇ ସନ୍ନ୍ୟାସୀ ହୋଇଥିଲେ । ପରେ ଦେଶାଟନରେ ପଡ଼ି ବାଧ୍ୟ ହୋଇ ଗୃହସ୍ଥ ହେଲେ । ବିବାହ କରିବା ବେଳକୁ ଅଚ୍ୟୁତାନନ୍ଦ ଯୌବନାବସ୍ଥା ଅତିକ୍ରମ କରିନଥିବେ ବୋଲି ଅନୁମାନ କରାଯାଇପାରେ ।

ଚମ୍ପାବତୀଙ୍କ ଗର୍ଭରୁ ବ୍ରଜ (ଅନ୍ୟ ନାମ ଗଦାଧର) ନାମରେ ଏକ ପୁତ୍ର ଜନ୍ମଗ୍ରହଣ କରିଥିଲେ ।

**ରଣପୁରରେ ଅବସ୍ଥାନ : ହରିବଂଶ ରଚନା :**—ନେମାଳରେ ବହୁକାଳ ରହିବାପରେ ଅଚ୍ୟୁତାନନ୍ଦଙ୍କର ଅନ୍ନସଂସ୍ଥାନ ସମସ୍ୟା ଉପୁଜିଥିଲା । ରାଜକନ୍ୟାଙ୍କୁ ବିବାହ କରିବାପରେ ସ୍ୱଚ୍ଛନ୍ଦରେ ଚଳିବା ପାଇଁ ତାଙ୍କୁ ବିଶେଷ ଶ୍ରମ ସ୍ୱୀକାର କରିବାକୁ ପଡ଼ୁଥିବ । ତେବେ ଉଦାସୀକୁ ବରିଥିବାରୁ ରାଜକୁମାରୀ ପିତାଙ୍କର ସହାନୁଭୂତି ମଧ୍ୟ ହରାଇଥିବା ସମ୍ଭବ କିମ୍ବା ଭ୍ରାତୃମାନଙ୍କ ଠାରୁ ଉପଯୋଗୀ ସାହାଯ୍ୟ ପାଇବା ଅଚ୍ୟୁତଙ୍କ ପକ୍ଷରେ ସମ୍ଭବ ହୋଇନଥିବ । ଡୋର-କୌପୀନଧାରୀ ଉଦାସୀ ସନ୍ନ୍ୟାସୀ ବୁଢ଼ା କାଳରେ ଏବଂ ଆର୍ଥିକ ଓ ମାନସିକ ଦୁରବସ୍ଥାରେ ପଡ଼ି ଓ ସାମାଜିକ ନିର୍ଯାତନା ଭୋଗକରି ସମୟ ଅତିବାହିତ କରିଥିବା ମଧ୍ୟ ଚିନ୍ତା କରାଯାଇପାରେ । ସେହି ଦୁଃଖ ଅନେକ ଜଙ୍ଗଳରେ ମଧ୍ୟ ବହୁକାଳ ଅତିବାହିତ କରିଥିଲେ । ତାଙ୍କର ଉଚ୍ଚ ଧାର୍ମିକ ଜୀବନ ଓ ସାଧନାରେ ମୁଗ୍ଧ ହୋଇ ବଦାନ୍ୟଶ୍ରେଷ୍ଠ ରଣପୁରର ରାଜା ଶତ୍ରୁଘ୍ନ ନରେନ୍ଦ୍ର ତାଙ୍କୁ ସ୍ୱରାଜ୍ୟକୁ ନେଇ ଯାଇଥିଲେ । ରଣପୁରରେ ପ୍ରସିଦ୍ଧ ମଣିନାଗ ପର୍ବତର ଏକ ଗୋପନ କନ୍ଦରରେ ଅବସ୍ଥିତ ମହିସ୍ଥାନ (ମହିପଣ୍ଡ ଗ୍ରାମ, ମହିଖଣ୍ଡ ଗ୍ରାମ)ରେ ତାଙ୍କୁ ରହିବା ସ୍ଥାନ ଦେଲେ ଏବଂ ଭରଣପୋଷଣ ପାଇଁ ବ୍ୟବସ୍ଥା କରିଦେଲେ ।

ରଣପୁର ମଧ୍ୟ ଗ୍ରାମେ ବାସ କରିଅଛି
ପଦ୍ମନାଭ ନରେନ୍ଦ୍ର ପୋଷନ୍ତି ଅନ୍ନବସ୍ତ୍ର ଦେଇ । (ବ୍ର. ବ. ୭ମ ଖଣ୍ଡ)

ପୁଣି, ରଣପୁର ସୀମା ମଝି ଦେବ ଖଣ୍ଡ ଗ୍ରାମରେ
ମୋହର ଘର ଅଟଇ ତହିଁର ମଧ୍ୟରେ । (ବ୍ର. ବ. ୭ମ ଖଣ୍ଡ)

ପୁଣି, ରଣପୁର ମଝି ମୁଁ ଆଦେଣ୍ଡବଲେ (?) ବସିବାସ ଆଇ
ପଦ୍ମନାଭ ନରେନ୍ଦ୍ର ମୋତେ ଅନ୍ନ ଦେଇ ପୋଷଇ । (ଗୋ.ଓ.ଲ.)

'ଗୋପାଳଙ୍କ ଓଗାଳ ଓ ଲକ୍ଷ୍ମୀ'ର ଉଦ୍ଧୃତାଂଶଟିରେ ସ୍ଥିତି ଥିବା ଅନୁମିତ ହୁଏ । ଗ୍ରାମର ନାମଟି ସ୍ପଷ୍ଟ ଭାବରେ ଜଣାପଡ଼ୁ ନାହିଁ; ମଝିଗ୍ରାମ, ମଝିଖଣ୍ଡ ଗ୍ରାମ, ମଝିଗଣ୍ଡ ଗ୍ରାମ ଏଥିରୁ କେଉଁଟି ଗୋଟିଏ ହେବା ସମ୍ଭବ ।

ପଦ୍ମନାଭ ନରେନ୍ଦ୍ରଙ୍କ ଆଶ୍ରୟରେ ରହୁଥିଲା ବେଳେ ଅଚ୍ୟୁତାନନ୍ଦ ସ୍ୱ 'ଗୁରୁଗିରି' ଭାଗ ଜଣାଇଥିଲେ । ପୁରୁରୂପେ ଗୋପାଳକୁଳ ତାଙ୍କୁ ଗ୍ରହଣ କରିଥିଲା ଏବଂ ସେ 'ଗୋପାଳଗୁରୁ' ଓ 'ମହନ୍ତ' ପଦବୀ ବ୍ୟବହାର କରୁଥିଲେ ।

ସବୁ ଗୋପାଳମାନଙ୍କୁ ନାମ ଦୀକ୍ଷା ଦଏ
ଶ୍ରୀକୃଷ୍ଣ ପାଦପଦ୍ମରେ ଚିତ୍ତ ମୋର ଥାଏ ।
ତେଣୁ ଗୋପାଳକୁଳରେ ବୋଲଇ ମହନ୍ତ
ଦୟା କରନ୍ତି ସନ୍ତୁ କମଳାର କାନ୍ତ । (ବ୍ର. ବ. ୭ମ ଖଣ୍ଡ)

ରଣପୁରରେ ବାସ କରୁଥିଲା ବେଳେ କବିଙ୍କର ବୃଦ୍ଧାବସ୍ଥା ଉପସ୍ଥିତ ହୋଇଯାଇଥିଲା । ସେ ଏହି ବୃଦ୍ଧାବସ୍ଥାରେ ମଧ୍ୟ ଲେଖନଚାଳନା କରୁଥିଲେ ଏବଂ ତାଙ୍କର ସ୍ମୃତି ମଧ୍ୟ ବାଲ୍ୟସ୍ମୃତି ପରି ନିର୍ମଳ ଥିଲା । ଏହା 'ଗୋପାଳଙ୍କ ଓଗାଳ ଓ ଲକ୍ଷ୍ମୀ' ଗୀତରେ ସୂଚିତ ହୋଇଛି:—

"ମୁଁ ବାଳୁତପଣ କିଛି ଜାଣ ନାହିଁ ମୋର ।"
"ବୁଢ଼ା ହେ ବୃଦ୍ଧ ମୁହିଁ ବାଳୁତ ସେ ଦେଶ ।"

**ଶେଷ ଜୀବନ:**—ବଇଦୂରରେ ସାତଖଣ୍ଡିଆ ହରିବଂଶ ଶେଷ କରିଥିବା ମହାକବି ଲେଖୁଛନ୍ତି । ଏହି ଗ୍ରନ୍ଥ ଶେଷ ହେବାପରେ ନିଜଙ୍କ ଜନ୍ମସ୍ଥାନ ନେମାଳକୁ ଫେରି ଆସିଥିଲେ । ଏହି ନେମାଳରେ ସାଧନ-ଭଜନରେ କାଳ ଅତିବାହିତ କରୁଥିଲେ । ଅତି ବୃଦ୍ଧ ବୟସରେ ମହାତ୍ମାଙ୍କ ମୃତ୍ୟୁ ହୋଇଥିବା ଅନୁମିତ ହୁଏ ।

**ଜାତିସ୍ମର:**—ଅଚ୍ୟୁତାନନ୍ଦ ଦ୍ୱାପରଯୁଗରେ ଶ୍ରୀକୃଷ୍ଣଙ୍କ ସଖା ଥିବା ବିଷୟ ବର୍ଣ୍ଣନାରୁ ସେ ଜାତିସ୍ମର ଥିବା ଜଣାଯାଉଛି । ଶୂନ୍ୟସଂହିତାର ବହୁ ସ୍ଥାନରେ ଏହି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି ।

ପୂର୍ବେ ଜନ୍ମ ଥିଲୁ ଆମ୍ଭ କୃଷ୍ଣ ସଙ୍ଗ ହେତୁ
ମୁଁ ଗଲି ପରମପଦ ଛାଡ଼ିଦେଲୁ ଦେହୁ । (ଶୂ. ସଂ. ୧ମ ଅଧ୍ୟାୟ)

ପୁଣି ଅନ୍ୟ ସ୍ଥାନରେ ସ୍ୱୟଂ ଶ୍ରୀକୃଷ୍ଣ ଏହା କହୁଅଛନ୍ତି ବୋଲି କବି ଲେଖିଛନ୍ତି ।

ଶ୍ରୀକୃଷ୍ଣ ଜନ୍ମ ହୋଇଲେ ସଙ୍ଗେ ସଙ୍ଗେ ଆସି
ଶ୍ରୀକୃଷ୍ଣ ମହିମା ଗୀତ କରନ୍ତ ସେ ଗାଇ ।
ନୀଳାଚଳ ଠାବରେ କହୁ ଦେଉଥାନ୍ତି ହରି
ସାମନ୍ତ ଅଚ୍ୟୁତ ଦାସ ତୋତେ ହୋଇଲେ ମୁହିଁ । (ଶୂ. ସଂ. ୪ର୍ଥ ଅ.)

ଶ୍ରୀକୃଷ୍ଣ କବିଙ୍କୁ ଯାହା କହୁଥିଲେ ତାହା ସେ କହୁଥିଲେ ଓ ଲେଖୁଥିଲେ । କବି ନୀଳାଚଳରେ ଜଗନ୍ନାଥମନ୍ଦିର ଭିତରେ କଳ୍ପବଟମୂଳେ ବସୁଥିବା ସମୟରେ ଶ୍ରୀଜଗନ୍ନାଥ ବା ଶ୍ରୀକୃଷ୍ଣ ତାଙ୍କୁ ପ୍ରସନ୍ନ ହେଉଥିଲେ ।

ଅଚ୍ୟୁତ ଦାସର ବଟମୂଳରେ ନିବାସ
ବଟବୃକ୍ଷଙ୍କୁ ନିତ୍ୟ କରୁଥାଇ ଆଶ ।
ସେ ଯାହା କହନ୍ତି ତାହା କହୁଥାଇ ବସି
କହିବା ତା ଲକ୍ଷ୍ୟକରି ଶୁଣ ଗୋପ ଶିଷି । (୫ମ ଅ. ଶୂ. ସଂ.)

**ଶ୍ରୀକୃଷ୍ଣଙ୍କ କୃପାରୁ କବିତାଶକ୍ତିର ଉଦୟ:**—ଶ୍ରୀକୃଷ୍ଣଙ୍କ କୃପାରୁ ଅଚ୍ୟୁତାନନ୍ଦ କବିତାରଚନା-ଶକ୍ତି ପାଇଥିବା ସେ ନିଜେ କହିଛନ୍ତି ।

ପୂର୍ବ କହେଲୁ ରୂପ ଆମ୍ଭ କୃଷ୍ଣ ସଙ୍ଗ ହେଲୁ,
ସ୍ମରିଲୁ ପରମପଦ କହିଦେଲୁ ତେଣୁ । ×
ତାର ପ୍ରାପ୍ତ ହୋଇଲେ ସେ ମୁକ୍ତି ଲେଖିଲୁ
ଅନ୍ତର୍ଯାମୀ ନାଥ ଆଜ୍ଞେ ସେଣୁ ପାଇଥିଲୁ । (୨୩ ଅ. ଶୂ. ସ)

ଶ୍ରୀହରିଙ୍କି ଧ୍ୟାଇ, ମନରେ ମନାଇ, ଅନୁଶାସ୍ତି ତୃଷ୍ଣା ହୋଇ ।
ସହୁପାଦେ ଚାହିଁ, ଥିବାର ନିଶ୍ଚୟ, ପଦ ତହିଁ ମୁକ୍ତି ଥାଇ ।
ସେ ଯାହା କହନ୍ତି, ମୁଁ ତାହା ଲିଖଇ, ସେ ଜାଣେ ଏଥି ବିଚାର ।
ପାଦପଦ୍ମେ ଚାହିଁ, ଭଣଇ ଅଚ୍ୟୁତ, ଚିତ୍ତ ମୋର ନିରାଧାର । (୧୯ ଅ. ଶୂ. ସ.)

**ତାଙ୍କ ପାଣ୍ଡିତ୍ୟ**—ଅଚ୍ୟୁତାନନ୍ଦ ଜଣେ ତତ୍ତ୍ୱଦର୍ଶୀ ଦାର୍ଶନିକ ଓ ପଣ୍ଡିତ ଥିଲେ । ଉକ୍ତବସ୍ତୁରୁ ତାଙ୍କର ସଂସ୍କୃତରେ ପାଣ୍ଡିତ୍ୟ ଥିବାର ମଧ୍ୟ ଅନୁମାନ କରାଯାଏ । ନିରାକାର ବ୍ରହ୍ମ ଓ ତାଙ୍କର ଭଜନ ପ୍ରଣାଳୀକୁ ଦାର୍ଶନିକ ଭିତ୍ତିରେ ବୁଝାଇବା ପାଇଁ ସେ ଯେଉଁ ଚେଷ୍ଟା କରିଛନ୍ତି ସେଥିରୁ ତାଙ୍କର ଶାସ୍ତ୍ର ଅଧ୍ୟୟନର ପ୍ରମାଣ ମିଳୁଛି । ବେଦବେଦାନ୍ତ, ଉପନିଷଦ ଓ ପୁରାଣମାନଙ୍କର ପ୍ରମାଣ ତାଙ୍କ ଗ୍ରନ୍ଥରେ ଉଦ୍ଧୃତ ହୋଇନଥିଲେ ମଧ୍ୟ ସେ ନିଜେ ଏଥିରେ ପ୍ରତିପାଦିତ ବିଷୟର ତତ୍ତ୍ୱ ସମ୍ୟକ୍ ହୃଦୟଙ୍ଗମ କରିଥିବା ଜଣାଯାଏ । ଗାୟତ୍ରୀ ମନ୍ତ୍ରର ବ୍ୟାଖ୍ୟା, ମହାମନ୍ତ୍ର ଓ ମନ୍ତ୍ରବୀଜର ବ୍ୟାଖ୍ୟାରେ ସେ ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି । ଭଜନ-ସାଧନ ସମ୍ବନ୍ଧରେ ତାଙ୍କର ଅନୁଭୂତ ଥିବାରୁ ସେ ଯେଉଁ ଭାବରେ ସାଧନ ପ୍ରଣାଳୀକୁ ବୁଝାଇ ଏକ ସରଣୀ ସୃଷ୍ଟି କରିଛନ୍ତି ତାହା ତାଙ୍କର ପ୍ରଗାଢ଼ ଆତ୍ମବିଶ୍ୱାସର ପ୍ରମାଣ ଦେଉଛି । ସ୍ୱ-ଅଧ୍ୟବସାୟ ଓ ଗୁରୁ-ଉପଦେଶ ଦ୍ୱାରା ତାଙ୍କର ଜ୍ଞାନଭଣ୍ଡାର ପରିପୁଷ୍ଟ ହୋଇଥିଲା । ରାୟ ରାମାନନ୍ଦ, ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ ପ୍ରଭୃତି ବହୁ ଶାସ୍ତ୍ରରୁ ପ୍ରମାଣ ଉଦ୍ଧାର କରି ଯେପରି ଭାବରେ ରାଧାକୃଷ୍ଣ ତତ୍ତ୍ୱକୁ ବୁଝାଇଛନ୍ତି ଅଚ୍ୟୁତାନନ୍ଦ ସେପରି କରିନଥିଲେ ମଧ୍ୟ ମୁଖ୍ୟ ବିଷୟର ପ୍ରତିପାଦନରେ ତାଙ୍କର ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ଜ୍ଞାନର ପରିଚୟ ମିଳୁଛି ।

ପଞ୍ଚସଖାଙ୍କ ଆବିର୍ଭାବ ସମ୍ବନ୍ଧରେ ଅଚ୍ୟୁତାନନ୍ଦ ଏପରି ଭାବରେ 'ଶୂନ୍ୟସଂହିତା'ରେ ଲେଖିଛନ୍ତି—ଅଧମ ଉଦ୍ଧାରଣ ନିମନ୍ତେ ପଣାକାରଙ୍କ ଏକ ଅଂଶରୁ ଶ୍ରୀଚୈତନ୍ୟ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହେଲେ ଏବଂ ପଣାକାରଙ୍କ ଆଜ୍ଞାରୁ

ପଞ୍ଚସଖା କୃଷ୍ଣରୂପୀ ଚୈତନ୍ୟଙ୍କ ସହ ଜନ୍ମଗ୍ରହଣ କରିଥିଲେ । ଶ୍ରୀଚୈତନ୍ୟଙ୍କ 'ହରେ' ନାମ ମହାମନ୍ତ୍ର ପ୍ରଚାର ଯୋଗୁଁ ସୂତ୍ର, ଶୀଳ, ଉଜାଗ ଚମତ୍କୃତ ହୋଇଥିଲେ । ନାମ ପ୍ରକଟ ହେବାରୁ ଅନ୍ତର ଧାରା ପ୍ରବାହିତ ହେଲା ଏବଂ ଭକ୍ତମାନେ ଉଦବୁଦ୍ଧ ହେଲେ । ପଞ୍ଚସଖା ସହାରେ ଉଦୟ ହୋଇ ବହୁ ବିଦ୍ୟା ଅର୍ଜନ କଲେ । ମନ୍ତ୍ର, ମୂର୍ତ୍ତି, ତନ୍ତ୍ର, ସୂତ୍ର ପ୍ରଭୃତ ସେମାନଙ୍କୁ ଭଟିଲା । ସେ ମୂର୍ତ୍ତି ଦେଖି ମନ୍ତ୍ର ସୂତ୍ରରେ ଧ୍ୟାନ କଲେ। ସମାଧି ଲଭି ସ୍ତବ, ତାହା ମଧ୍ୟ ସେମାନେ ଜାଣିଲେ । ଭକ୍ତି ନାମର ସାପଦାତ୍ମିକା ରୀତି ପ୍ରଭୃତି ମଧ୍ୟ ଶିକ୍ଷା କଲେ । ଯନ୍ତ୍ର, ମନ୍ତ୍ର, ଧ୍ୟାନ, ମହାମନ୍ତ୍ର, ମନ୍ତ୍ରବୀଜ, ପ୍ରଣାମ, ବାମଗଜ, ମନ୍ତ୍ରମୂର୍ତ୍ତି ପ୍ରଭୃତି ଅଧ୍ୟାତ୍ମ ବିଷୟରେ ସେମାନଙ୍କର ଜ୍ଞାନ ହେଲା । ତାରଣ, ମାରଣ, କାଳୋନ୍ମୁଖ, ଯୋଗାତ୍ମକ, ବେଦାନ୍ତ, ସିଦ୍ଧାନ୍ତ, ମନ୍ତ୍ର ବ୍ୟାଖ୍ୟା, ଆଗମ, ନିଗମ ଶାସ୍ତ୍ରାଦି ଅନେକ ବିଷୟରେ ଗଭୀର ଜ୍ଞାନ ପଞ୍ଚସଖାଙ୍କ ଆୟତ୍ତ ହେଲା ଏବଂ ଏହି ସବୁ ଶାସ୍ତ୍ରରେ ବର୍ଣ୍ଣିତ ଧ୍ୟାନରେ ମହାମନ୍ତ୍ରର ଉଦ୍ଧାର କରିଥିଲେ ।

( ୧୦ମ ଅ. ଶୂ. ସଂ. )

**ଶୂନ୍ୟ ଭଜନରେ ସିଦ୍ଧିଲାଭ:**—ଏହି ଶୂନ୍ୟ ଭଜନ କରି ସିଦ୍ଧି ଲାଭ କରିଥିବା କଥା ବ୍ୟକ୍ତ କରିଛନ୍ତି ।

ଟୁଟହେଉଛି ସେ ମୁକ୍ତି ପାଇଲା, ନିରାକାର ଭଜି ଭକ୍ତି କଲା । (୭ମ ଅ. ଶୂ. ସଂ.)

ଅଚ୍ୟୁତାନନ୍ଦଙ୍କ ମହିମା ଲୋକମୁଖରେ ପ୍ରଚାରିତ ହେବା ପରେ ରାଜା ପ୍ରତାପରୁଦ୍ର ଦେବଙ୍କ ଶତ୍ରୁମାନେ ତାଙ୍କୁ ଘଗୁଥିବେ କୁଟିଳ ଷଡ଼ଯନ୍ତ୍ରରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା । ସାଧକ ଉପଦ୍ରବ ସ୍ୱରୂପ ବାଞ୍ଛାମୁଦ୍ରାଣ (ସ୍ୱର୍ଣ୍ଣ ସମୁଦ୍ରଗରେ ତଦର୍ଥେ ନିକଟସ୍ଥ ସ୍ଥାନରେ ନିଜର ସ୍ଥାପନ କରିବା ପାଇଁ ରାଜାଙ୍କ ଆଦେଶ ପ୍ରାପ୍ତ ହୋଇଥିଲେ ।

ଶୁଣ ଅନୁ ବାଣୀ ଅଚ୍ୟୁତ ଦାସ, ତାଙ୍କ ମୁଖାରେ କର ସା ଜିବାଧ ।
ଅଚ୍ୟୁତ ଦାସ ଚ୍ୟୁତ ନୋହେ ହେତୁ, ନିରାକାର ଶୂନ୍ୟ ଭଜନ ହେତୁ ।

( ଶୂ. ସଂ. ୮ମ ଅ. )

**ଭକ୍ତିହୀନ ପାଣ୍ଡିତ୍ୟର ବିରୋଧ:**—ଅଚ୍ୟୁତାନନ୍ଦ କାବ୍ୟ ଶାସ୍ତ୍ରର ପାଠରେ ବିରୋଧୀ ଥିଲେ ବୋଲି ଧାରଣା ହେବା ସ୍ୱାଭାବିକ । ସେ ନିଜେ ବୃକ୍ଷ,

ସହଜ, ସରଳ ସ୍ୱରରେ ନିର୍ଗୁଣର ଭଜନର ସାଧକ ଥିବାରୁ ଜନ୍ମଶୂନ୍ୟ ଶାସ୍ତ୍ର ପାଠରେ ଓ ପାଣ୍ଡିତ୍ୟରେ ମନ ନ ଦେବା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇଥିବା ଉତ୍ସାହିତ କରନ୍ତି । ବହୁ ଭକ୍ତ ଏପରି କହିଥିବା ପ୍ରମାଣ ମିଳେ । ଅଜ୍ଞାନତା ଦୂର କରିବା ପାଇଁ ଶାସ୍ତ୍ରଜ୍ଞାନର ଆବଶ୍ୟକ ହୁଏ । ସଦ୍‌ଗୁରୁ ଥିଲେ ନିର୍ଗୁଣର ଭଜନ ଜ୍ଞାନ ଶାସ୍ତ୍ରପାଠ ବିନା ମଧ୍ୟ ସମ୍ଭବ ହୁଏ । ଅତଏବ ବୃଥା ଶାସ୍ତ୍ରପାଠରେ ସମସ୍ତ ବୟସ କଟାଇବା ଅନୁଚିତ ବୋଲି ସେ କହିଛନ୍ତି । ସଦ୍‌ଗୁରୁର ସେବାପୂଜା, ସଦ୍‌ଗୁରୁଙ୍କଠାରେ ଏକାନ୍ତ ଶରଣାଗତି ଭକ୍ତିମାର୍ଗର ପ୍ରଧାନ ଅବଲମ୍ବନ ବୋଲି ବୁଝାଇବା ଏପରି ଭକ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିବା ଜଣାଯାଏ ।

ଏମନ୍ତେ ଶ୍ରେଷ୍ଠ ମନ୍ତ୍ର ଗୋଟି ଯାଚିବା ସେ ଜନେ
ପଢ଼ିଲେ ସେ ମନ୍ତ୍ର ସେବ ନିର୍ଗୁଣର ଗୁଣେ ।
ଭାଗବତ ପୁରାଣ ସେ ନାହିଁ ସଙ୍କୀର୍ତ୍ତନ
ସନ୍ଧି ସେ ଶବଦ ବାକ୍ୟ ଅ.ଈ ଯେତେକ ମାନ ।
ଏଥିରେ ଏମାନେ କେହ୍ନେ ନପାରନ୍ତି ପଶି
ଗୁରୁଶିଷ୍ୟ ଭକ୍ତିସୁଧା ପ୍ରେମ ସୁଧା ରାଶି ।
ଏ ଭେଦ ଜାଣିଲେ ଶାସ୍ତ୍ର ପଢ଼ିବା ନପଡ଼ୁ
ପାଇବ ପରମ ଗତି ଭକ୍ତ ଶ୍ରେଣୀ ବଢ଼ୁ । (ଜମ ଅ. ଶୂ. ସ.)

**କବି ତାନ୍ତ୍ରିକ ମତର ବିରୋଧୀ**:—ଅଚ୍ୟୁତାନନ୍ଦ ନାଥାନ୍ତିକ, ଯୋଗାନ୍ତ, ତାନ୍ତ୍ରିକ ଉତ୍କଟ ବିଦ୍ୟାକୁ ପସନ୍ଦ କରି ନାହାନ୍ତି । କେବଳ ନାମ-ବ୍ରହ୍ମଙ୍କୁ ଭଜନା କଲେ ନିର୍ମଳ ଶକ୍ତି ପ୍ରାପ୍ତ ହୋଇପାରେ—ଏହା ଅଚ୍ୟୁତାନନ୍ଦ ବହୁ ସ୍ଥାନରେ ଉଦାହରଣରେ ବ୍ୟକ୍ତ କରିଛନ୍ତି । ତାଙ୍କର ଶିଷ୍ୟଙ୍କଠାରେ ପରୀକ୍ଷା ଏହାର ଏକ ଜ୍ୱଳନ୍ତ ପ୍ରମାଣ । ଅଚ୍ୟୁତାନନ୍ଦଙ୍କ ସମୟରେ ଗୋରଖନାଥଙ୍କ ବିଦ୍ୟା, ନାରସିଂହଙ୍କ ଆଜ୍ଞା, ମଲ୍ଲିକାନାଥଙ୍କ ଯୋଗ, ବାଉଳାଙ୍କ ପ୍ରତାପ, ଲୋହ ଦାସ ଓ କପିଳଙ୍କ ମନ୍ତ୍ର ପ୍ରଭୃତିର ପ୍ରଭାବ ଥିବାର ଅନୁମିତ ହୁଏ । ସେମାନେ ମଧ୍ୟ ମନ୍ତ୍ର, ତନ୍ତ୍ର ଦ୍ୱାରା ଅଲୌକିକ ଘଟଣା ସୃଷ୍ଟି କରି ପାରୁଥିଲେ । ଏହି ଶକ୍ତିର ଅପବ୍ୟବହାର ମଧ୍ୟ ହେଉଥିଲା । ଏହା ଶିଷ୍ୟ ମାଧୁଆର ଗୁରୁଙ୍କୁ ପୋଡ଼ିବା ଘଟଣାରୁ ସ୍ପଷ୍ଟ ହେଉଛି । ଗୁରୁଙ୍କ ଉପରେ ରାଗିଯାଇ ଶିଷ୍ୟ ବାଳକ ମାଧୁଆ ଗୋରଖନାଥଙ୍କ ବିଦ୍ୟା ଓ ମନ୍ତ୍ରତନ୍ତ୍ର ବଳରେ ଗୁରୁଙ୍କୁ ପୋଡ଼ିବା ପାଇଁ

ଉଦ୍ୟମ କରିଥିଲେ । ମୁନିମାନେ ଗୁରୁଙ୍କୁ ରକ୍ଷା କରିଥିଲେ ଏବଂ ଏହି ଘଟଣାରେ ବିଚଳିତ ହୋଇ ମୁନିମାନେ ମନ୍ତ୍ରତନ୍ତ୍ରର ଶକ୍ତି ଲୋପ ହେବା ଉଦ୍ଦେଶ୍ୟରେ ଶାପ ଦେଇଥିଲେ । ମନ୍ତ୍ରତନ୍ତ୍ର-ଶକ୍ତି ଅପେକ୍ଷା ଭକ୍ତି-ଶକ୍ତି ଶ୍ରେଷ୍ଠ, ଏହା ହିଁ ଅଚ୍ୟୁତାନନ୍ଦଙ୍କ ମୁଖ୍ୟ ପ୍ରତିପାଦ୍ୟ ବିଷୟ । ମୁନିମାନେ ଏପରି ଶାପ ଦେଇଥିଲେ ଯେ କଳିକାଳରେ—

ମନ୍ତ୍ର ଥାଉ ମୂର୍ତ୍ତି ହେଉ ବଳ ଏଥୁଁ ଯିବ । (୯ମ ଅ. ଶୂ. ସ.)

ଏହି ଶାପ ଦେବାରୁ ମନ୍ତ୍ରସାଧକମାନଙ୍କର ମନସ୍କାମ ଆଉ ଫଳିଲା ନାହିଁ, ଯେ ଯେଉଁଠାରେ ଥିଲେ ସେଠାରେ ଅଚଳ ହୋଇ ରହିଲେ ।

ମନ୍ତ୍ରିତ ବଚନ ଯେ ଯାଆନ୍ତା ତାହୁ ଜାଣି
ଲିଖନ କରିବ ବେନ୍ତୁ ଏଡ଼େ ସବୁ ବାଣୀ ।
ସେହି ଦିନୁଁ ମନସ୍କାମ ନୋହେବ ନଡ଼କିଲା
ଯେ ଯେମନ୍ତେ ଥିଲେ ସେ ଥକିତ ରହିଲେ ।
କେତେ ହେଲେ ପାଷାଣ କେ ହେଲେ ବାଲୁକୁଟ
କେ ହେଲେ ମୃତ୍ତିକା ସମ କେ ହେଲେ ଥକିତ । (୯ମ ଅ. ଶୂ ସ.)

ବାରହିଂହାଡ଼ ମନସ୍କାମମାନେ ପଞ୍ଚସଖାଙ୍କଠାରୁ ଭକ୍ତିତତ୍ତ୍ୱର ଶ୍ରେଷ୍ଠତ୍ୱ ବୁଝିଥିଲେ ଏବଂ ପଞ୍ଚସଖା ଭକ୍ତିସୂତ୍ରରେ ନିର୍ଦ୍ଧାରିତ ମନ୍ତ୍ର ପ୍ରଚାର କରିବା ପାଇଁ ବ୍ରହ୍ମାଙ୍କଦ୍ୱାରା ଆଦେଶ ପାଇଥିଲେ ବୋଲି ଘୋଷଣା କରି ଅନେକ ଅଚ୍ୟୁତାନନ୍ଦ ବୃଦ୍ଧମାତାଙ୍କଠାରୁ ନିସ୍ତାର ଭଜନ ମନ୍ତ୍ର ଉପଦେଶ ପାଇଥିବା ସେମାନଙ୍କୁ କହିଥିଲେ । ସେମାନେ ଏହି ଘୋଷଣାକୁ ଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ବ୍ୟକ୍ତ କରିଛନ୍ତି ।

**ନିରାକାର ମନ୍ତ୍ରର ନିଜସ୍ୱ ଟୀକା :**—ଅଚ୍ୟୁତାନନ୍ଦ ନିରାକାର ମନ୍ତ୍ରର ଆଧ୍ୟାତ୍ମିକ ଅର୍ଥ ବିଶଦ ଭାବରେ ପ୍ରକାଶ କରିଛନ୍ତି । ଏହା ତାଙ୍କ ନିଜସ୍ୱ ଟୀକା । ଶୂନ୍ୟ ବାକ୍ୟକୁ ନିସ୍ତାର ପାଇ ।

**ଶିଷ୍ୟବର୍ଗ :**—କବି ତାଙ୍କର ବହୁତ ଶିଷ୍ୟମାନଙ୍କର ନାମ ଶୂନ୍ୟ-ସଂହିତାରେ ପ୍ରକାଶ କରିଛନ୍ତି । ଶିଷ୍ୟମାନଙ୍କ ଭିତରେ ବନ୍ଧୁ ମହାନ୍ତି ଜଣେ । ଏହାଙ୍କ ଚରିତ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ' ଗ୍ରନ୍ଥରେ ବର୍ଣ୍ଣିତ ଅଛି । ସେ ଜଣେ ପ୍ରଧାନ କବିତ୍ୱାସକ୍ତ ଥିଲେ । ସେ ଅଚ୍ୟୁତାନନ୍ଦଙ୍କ ସମସାମୟିକ

ଥିବା ଏହି ରାମଦାସଙ୍କ ଉକ୍ତିରୁ ଜଣାଯାଏ । ବନ୍ଧୁ ମହାନ୍ତି ରାଜା ପ୍ରତାପରୁଦ୍ରଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ରାମଦାସ ଲେଖିଛନ୍ତି ।

**ସ୍ୱଦେଶ ପ୍ରୀତି:**—ଅଚ୍ୟୁତାନନ୍ଦଙ୍କ ଲେଖାରେ ସ୍ୱ ଜନ୍ମଭୂମି ଉତ୍କଳ ପ୍ରତି ପ୍ରୀତି ବିଶେଷଭାବରେ ଦେଖାଯାଏ । ବାଦସିଂହ, ବୋଦ୍ଧଦାସ, ଗୋରଖନାଥ ପ୍ରଭୃତି ଓଡ଼ିଶାର ପ୍ରାଚୀ ନଦୀକୂଳରେ ବାସ କରୁଥିଲେ ବୋଲି ଅଚ୍ୟୁତାନନ୍ଦ ଲେଖିବାଦ୍ୱାରା ଏଥିରେ ତାଙ୍କର ସୁଗାଢ଼ ଦେଶପ୍ରେମ ପ୍ରକାଶ ପାଉଛି । ଅବଶ୍ୟ ସେମାନେ ଉତ୍କଳରେ ଜନ୍ମଗ୍ରହଣ କରିଥିଲେ ବୋଲି ସେ ଲେଖି ନାହାନ୍ତି, ଲେଖିଥିଲେ ସତ୍ୟର ଅପଲାପ ହୋଇଥାନ୍ତା ।

କଳିଯୁଗରେ ଶ୍ରୀକୃଷ୍ଣଙ୍କ ଯଦୁବଂଶ ନୀଳାଚଳରେ ଦାରୁବ୍ରହ୍ମ ଜଗନ୍ନାଥଙ୍କ ସେବକଶ୍ରେଣୀ ରୂପେ ଜନ୍ମଗ୍ରହଣ କରିଛନ୍ତି ଏବଂ ଶ୍ରୀକୃଷ୍ଣଙ୍କ ପଞ୍ଚସଖା ଉତ୍କଳରେ ଅଚ୍ୟୁତାଦି ପଞ୍ଚସଖା ରୂପେ ଅବତୀର୍ଣ୍ଣ ହୋଇଛନ୍ତି, ଏପରି କହିବାଦ୍ୱାରା କବି ଜଗନ୍ନାଥ ଓ ଓଡ଼ିଶାର ମହିମା ବୃଦ୍ଧି କରିଛନ୍ତି ଏଥିରେ ସନ୍ଦେହ ନାହିଁ ।

ନୀଳାଚଳକୁ ମର୍ତ୍ତ୍ୟବୈକୁଣ୍ଠ ଓ ଦାରୁବ୍ରହ୍ମଙ୍କ ଅବତାର ଶରୀରସ୍ଥ ବୋଲି ପ୍ରଚାର କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ପତିତପାବନ ବାନାର ମାହାତ୍ମ୍ୟ ବୃଦ୍ଧି କରିଛନ୍ତି । ସ୍ୱଦେଶ ଠାକୁରଙ୍କୁ ଏପରି ମାନ୍ୟ କରି ପଞ୍ଚସଖା ଜଗନ୍ନାଥ ଧର୍ମ୍ୟଧର୍ମର ଗୌରବ ବୃଦ୍ଧି କରିଛନ୍ତି ।

ମାତୃଭାଷାରେ କବିତା, ପୁରାଣାଦି ରଚନା କରି ଅଚ୍ୟୁତାନନ୍ଦାଦି ପଞ୍ଚସଖା ଜନସାଧାରଣଙ୍କ ସମ୍ମୁଖରେ ଜ୍ଞାନର ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି । ପୂର୍ବରୁ କବି ଓଡ଼ିଆ ସଂସ୍କୃତରେ ଅନେକ ଅମୂଲ୍ୟ ଗ୍ରନ୍ଥ ଲେଖିଥିଲେ ସୁଦ୍ଧା ଲୋକସାଧାରଣଙ୍କ ପକ୍ଷେ ସେସବୁ ବୋଧଗମ୍ୟ ହେଉ ନଥିଲା । ଶାରଳାଦାସଙ୍କ ପରେ ପଞ୍ଚସଖା ନାନାଦି ଭାଷାରେ ଗ୍ରନ୍ଥ ରଚନା କରି ଜନ୍ମଭୂମି ଓ ଜନ-ସମାଜର ଅନୁଷ୍ଠ ପଥ ପରିଷ୍କାର କରିଦେଇଥିଲେ ।

'ହରେ ରାମ କୃଷ୍ଣ' ମହାମନ୍ତ୍ର ପ୍ରଚାର କରିବା ସମ୍ପର୍କରେ ଅଚ୍ୟୁତାନନ୍ଦଙ୍କ ପ୍ରଶଂସନୀୟ କାର୍ଯ୍ୟକଳାପ ଉତ୍କଳର ଜନସାଧାରଣ ଓ ଭକ୍ତଙ୍କ ପକ୍ଷରେ ଗୌରବର ବିଷୟ ହୋଇପଡ଼ିଛି ।

ଅଚ୍ୟୁତାନନ୍ଦାଦି ପଞ୍ଚସଖା ସ୍ୱଦେଶପ୍ରେମୀ ହେଲେ ମଧ୍ୟ ମୁଖ୍ୟଭାବରେ ମାନବପ୍ରେମୀ ଥିଲେ । ଶୂନ୍ୟ ପୁରୁଷ ଭଜନ, ମନ୍ତ୍ରତନ୍ତ୍ର ବ୍ୟବହାରରେ ସେମାନେ ଜନସମାଜର ନିମ୍ନଶ୍ରେଣୀ—ପତିତ ଅନ୍ତ୍ୟଜଙ୍କ ପ୍ରତି ଯେଉଁ ପ୍ରଗାଢ଼ ମମତା ଦେଖାଇଛନ୍ତି ତାହା ସେମାନଙ୍କର ଉଦାର ଦୃଷ୍ଟିକୋଣର ପରିଚାୟକ । ଉଚ୍ଚ ନୀଚ ଭେଦଭାବ ଦୂର କରି ଅନାଦୃତମାନଙ୍କୁ ମାନ ଦେବାରେ ଓ ସେମାନଙ୍କର ମୁକ୍ତିପଥ ପରିଷ୍କାର କରିବାରେ ଅଚ୍ୟୁତାନନ୍ଦ ଓ ତାଙ୍କର ସଖାମାନେ ନିର୍ମଳ ମାନବିକତାର ପରିଚୟ ପ୍ରଦାନ କରିଛନ୍ତି ।

**ଓଡ଼ିଶାରେ ସିଦ୍ଧସାଧକମାନଙ୍କ ଆଶ୍ରମ:**—ଅଚ୍ୟୁତାନନ୍ଦଙ୍କ ସମୟରେ 'ଦଣ୍ଡକ-ଅରଣ୍ୟ' ରୂପେ ପ୍ରାଚୀ ନଦୀକୂଳରେ ଅର୍ଥାତ୍ ବର୍ତ୍ତମାନର ପୁରୀ ଜିଲ୍ଲାର କାକଟପୁର, ଅମ୍ବରଙ୍ଗ, କୋଣାର୍କ ପ୍ରଭୃତି ଅଞ୍ଚଳରେ ବହୁ ଯତି, ଋଷି, ସନ୍ନ୍ୟାସୀ ଗୁମ୍ଫା ଓ ପର୍ଣ୍ଣକୁଟୀର କରି ବାସ କରୁଥିଲେ । ଏହିମାନେ ନାନା ମନ୍ଦିରରେ ମଠସ୍ଥାନରେ ଦୁର୍ଦ୍ଦାନ୍ତ ଭ୍ରମଣ କରୁଥିଲେ । ପର୍ଣ୍ଣାହାରୀ ଓ ପବନାହାରୀ ମଧ୍ୟ ଏମାନଙ୍କ ଭିତରେ ଥିଲେ ।

ଏମାନଙ୍କ ଭିତରୁ କେହି କେହି ବୌଦ୍ଧ ବିଧିରେ ସାଧନା କରି ଯୋଗାରୂଢ଼ ହୋଇଥିଲେ । ମଲ୍ଲିକାନାଥ ଗୁରୁଙ୍କ ଆଜ୍ଞାରେ ଯୋଗ ସାଧନା କରୁଥିଲେ । ଭଗବାନଙ୍କ ପୁଣି ନାରସିଂହ 'ଧାଇ ଅଗ୍ନି ସାଧନ୍ତି' । ବାଲୁଙ୍କୀ ଦାସ, ଲୋକନ୍ଦ ଦାସ ମଧ୍ୟ ଏଠାରେ ମଠ କରିଥିଲେ । ଏମାନେ—

ଇନ୍ଦ୍ରାଏ ସାଧନ୍ତି ଋଷି ଶଏ ଅଷ୍ଟ ଷଷ୍ଠି
ଶ୍ରୀଗୁରୁଙ୍କ ନିଯୋଗ ଯେ ଅଟନ୍ତି ପ୍ରସାଦନେ । (୧୦ମ ଅ. ଶୂ. ସ.)
ଏମାନେ ଯୋଗାରୂଢ଼ ସାଧନ୍ତି ଏ ବୃକ୍ଷତଳ ମୂଳ
କେବଳ ଭକ୍ଷନ୍ତି ମୂଳ ବୃକ୍ଷର ବକଳ ।
ଏ ହେତୁ ଋଷି ଅଗ୍ରେ କେ ରହିଲେ କେ ଯେଣେ
ବନ ଯେ ଦୁର୍ଗମ ଲତା ବୁଲୁଥାନ୍ତି ବନେ ।
କେହୁ ଫଳମୂଳ ଖାନ୍ତି କେହୁ ଖାନ୍ତି ଜଳ
କେହୁ ଖାନ୍ତି ପବମାନ କେ ରହିଲେ ନିର୍ଜନ ।

ଏମାନେ ଉନମାନ ଏଠାରେ ରହି ନିରଞ୍ଜନ ଶ୍ରୀକୃଷ୍ଣଙ୍କୁ ଅନୁସରୁଥିଲେ ।

“ନିରଞ୍ଜନ ଶ୍ରୀକୃଷ୍ଣଙ୍କୁ ନିତ୍ୟ ଅନୁସରୁ ।” ( ୧୦ମ ଅ. ଶୂ. ସ. )

ଏମାନେ ଶ୍ରୀକୃଷ୍ଣଙ୍କ ‘ନିରଞ୍ଜନ’ ରୂପକୁ ଉପାସନା କରୁଥିଲେ ମଧ୍ୟ ମନ୍ତ୍ରଶକ୍ତିର ବ୍ୟବହାର କରୁଥିଲେ । ଏହାର ଅସଦ୍‌ବ୍ୟବହାର ଦେଖିବାକୁ ଏଣୁ ମନଶ୍ଚାନ-ମନ୍ତ୍ରଶକ୍ତି ଲୋପ ପାଇଲା । ଏହି ତପସ୍ୱୀମାନେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରସ୍ତାବିତ ମହାମନ୍ତ୍ରକୁ ଅଚ୍ୟୁତାନନ୍ଦଙ୍କ ପ୍ରବର୍ତ୍ତନାରେ ଗ୍ରହଣ କରିଥିବା ସେ ପ୍ରକାଶ କରିଛନ୍ତି । ( ୧୦ମ ଅ. ଶୂ. ସ. )

**ସାମାଜିକ ବିପ୍ଳବ:**—ଅଚ୍ୟୁତାନନ୍ଦ ସମସାମୟିକ ସାମାଜିକ ଅବସ୍ଥାର କେତେକ ଚିତ୍ର ନିଜ ଗ୍ରନ୍ଥମାନଙ୍କରେ ଦେଇଛନ୍ତି ।

ସେ ସମୟରେ ବ୍ରାହ୍ମଣମାନେ ବେଦାନ୍ତଚର୍ଚ୍ଚାର ଆଦର କରୁଥିଲେ ମଧ୍ୟ ପରମ୍ପରାପ୍ରଚଳିତ ବିଧିବିଧାନକୁ ତ୍ୟାଗ କରିବାକୁ ପ୍ରସ୍ତୁତ ନଥିଲେ । ଶୂଦ୍ରମାନେ ବେଦବେଦାନ୍ତଚର୍ଚ୍ଚା, ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଓ ଜପ ପ୍ରଭୃତି କରିବା ନିଷେଧ ବୋଲି ସଂହିତାମାନଙ୍କରେ ବ୍ୟବସ୍ଥା ଥିବାରୁ ପ୍ରାଚୀନପନ୍ଥୀମାନେ ଏହା ସମର୍ଥନ କରୁନଥିଲେ । ଭଜନ, ଧର୍ମସାଧନ ପ୍ରଭୃତିରେ ବାଧାନିଷେଧ ନ ଥିବାରୁ ଯେ ଯେଉଁ ପନ୍ଥା ଧରିଲା ସେଥିରେ ପ୍ରାଚୀନପନ୍ଥୀ ବ୍ରାହ୍ମଣମାନେ କିଛି ଆପତ୍ତି ଉଠାଉନଥିଲେ । ରାମାନୁଜ ସ୍ୱାମୀ ଓ ଚୈତନ୍ୟଦେବଙ୍କର ସର୍ବସାଧାରଣଙ୍କ ଭିତରେ ମହାମନ୍ତ୍ର ପ୍ରଚାର ପ୍ରାଚୀନପନ୍ଥୀମାନଙ୍କୁ ଏକ ବିପ୍ଳବ ବୋଲି ଦେଖାଯାଉଥିଲା । ଚୈତନ୍ୟଦେବ ଜାତି-ପନ୍ଥା-ନିର୍ବିଶେଷରେ ମନ୍ତ୍ର ଦାନର ବ୍ୟବସ୍ଥା କରିଥିବାରୁ ବହୁ ପ୍ରାଚୀନପନ୍ଥୀ ତାଙ୍କର ମତବାଦକୁ ଗ୍ରହଣ କରିନଥିଲେ । କାରଣ, ଏହାଦ୍ୱାରା ପାରମ୍ପରିକ ସାମାଜିକ ଶୃଙ୍ଖଳା ଶିଥିଳ ହୋଇଯିବ ବୋଲି ଏମାନେ ଭାବୁଥିଲେ । ସୁତରାଂ ମୁକ୍ତିମଣ୍ଡପର ବ୍ରାହ୍ମଣ ଜନ୍ମା ରାଜା ପ୍ରତାପରୁଦ୍ର ଏଥିରୁ ବହିର୍ଭୂତ ନଥିଲେ । ପଞ୍ଚସଖା, ବିଶେଷତଃ ଅଚ୍ୟୁତାନନ୍ଦ ଗାୟତ୍ରୀ, ମହାମନ୍ତ୍ର, ମନ୍ତ୍ରବୀଜ, ନିର୍ଗୁଣବ୍ରହ୍ମ ପ୍ରଭୃତି ସମ୍ବନ୍ଧରେ ଯେଉଁ ବ୍ୟାଖ୍ୟା କରୁଥିଲେ, ତାହା ନୂତନ ବୋଧ ହେଉଥିଲା । ପୁଣି ସେ ଜାତିରେ ଶୂଦ୍ର ଥିବାରୁ ଏହିପରି ମନ୍ତ୍ର ଓ ବେଦବେଦାନ୍ତ-ଉପନିଷଦ ପ୍ରଭୃତି

ପାଠ କରିବା ଓ ବ୍ୟାଖ୍ୟା କରିବା ଅଧିକାର ନାହିଁ ବୋଲି ସେମାନେ ଭାବୁଥିଲେ ସ୍ମୃତିଶାସ୍ତ୍ର ବଳରେ ଭାଗବତଗୀତାର ଚର୍ଚ୍ଚା, ବେଦବେଦାନ୍ତ ଚର୍ଚ୍ଚା ପ୍ରଭୃତିର ନିଷେଧକୁ ଅଚ୍ୟୁତାନନ୍ଦ ସ୍ୱୀକାର କରୁନଥିଲେ । ସେ ସ୍ପର୍ଦ୍ଧାରେ ଏପରି କରିପାରନ୍ତି; ଜନସାଧାରଣଙ୍କ କଲ୍ୟାଣ ଓ ନୀଚ ପତିତ ଜନଙ୍କ ଉଦ୍ଧାର ତାଙ୍କର କାମନା ଥିଲା । ତାଙ୍କର ଦୃଢ଼ତା ଓ ଆତ୍ମବିଶ୍ୱାସ ଏହି 'ନୀଚ' 'ପତିତ'ମାନଙ୍କ ପ୍ରାଣରେ ମଧ୍ୟ ସଞ୍ଚାର କରାଇଥିଲା ଏବଂ ସମ୍ମାନବୋଧ ଜଗାଇଥିଲା ଏହି ଦୃଢ଼ ଅଗ୍ରଗାମୀ ପଦକ୍ଷେପ ଯୋଗୁଁ ଓଡ଼ିଶାରେ ବିଦ୍ୟା, ଧର୍ମ ଓ ଆଚାର-ବ୍ୟବହାର ପ୍ରକୃତିରେ ଉଦାରତା ବୃଦ୍ଧି ପାଇଥିଲା ।

ପଣ୍ଡିତମାନେ ତାଙ୍କର ଚର୍ଚ୍ଚାକୁ ଆଦର କରୁନଥିବା ଶୂନ୍ୟସ୍ୱଭାବରେ ତାଙ୍କ କଥନରୁ ଜଣାଯାଏ । ପଣ୍ଡିତ, ଦାମ୍ଭିକ, ଲମ୍ପଟୀ, କପଟୀ ପ୍ରଭୃତିଙ୍କୁ ଅଣାକାରତତ୍ତ୍ୱ, ମନ୍ତ୍ରମନ୍ତ୍ର, ବ୍ୟାଖ୍ୟା, ଅକ୍ଷରର ମୂଳତତ୍ତ୍ୱ, ରାଧାକୃଷ୍ଣ ତତ୍ତ୍ୱ ପ୍ରଭୃତି ନକହିବା ପାଇଁ ଶିଷ୍ୟମାନଙ୍କୁ ଅଚ୍ୟୁତାନନ୍ଦ ନିର୍ଦ୍ଦେଶ ଦେଇଛନ୍ତି । ଏଗୁଡ଼ିକୁ ଗୁପ୍ତ ରଖିବା ପାଇଁ ତାଙ୍କର ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ଅଛି । ଅଥଚ ଉପସ୍ଥାପ ଅବସ୍ଥାରେ ସେ ଏପରି ନିଷେଧ ଭାଙ୍ଗିଥିବା ଜଣାଯାଏ । ଏହି ନିଷେଧପ୍ରଥା ପ୍ରବର୍ତ୍ତନ କରିବା ଫଳରେ କାଳକ୍ରମେ ତାଙ୍କର 'ବ୍ରହ୍ମବିଦ୍ୟା' ଓ 'ବାଣୀ' ମଧ୍ୟ ସମାଜରେ ଅଳ୍ପସଂଖ୍ୟକ ଲୋକଙ୍କ ଭିତରେ ଆବଦ୍ଧ ରହିଲା । ସ୍ମୃତିଶାସ୍ତ୍ରର ନିଷେଧରେ ଯେଉଁ ଅନ୍ୟାୟ, ଅସାମ୍ୟ ସୃଷ୍ଟି ହୋଇଥିଲା ଅଚ୍ୟୁତାନନ୍ଦଙ୍କ ଏହି ନିଷେଧପ୍ରୟୋଗ ଫଳରେ ତାହାର ପୁନରାବୃତ୍ତି ହେଲା । ସେ ଗୋଷ୍ଠୀ ସୃଷ୍ଟି କରିବାରେ ସମର୍ଥ ହୋଇ ପାରିଲେ ସତ୍ୟ, କିନ୍ତୁ ଏହାଦ୍ୱାରା ତାଙ୍କର ଉଦାର ମନୋଭାବର ବ୍ୟାପ୍ତି ସୀମିତ ହୋଇଗଲା ।

କହିବା ଗୁରୁଙ୍କୁ ଯେତେ ଗୁପତେ ରଖିବ
ହୃଦ ଘଟ ଅନ୍ତ ପାଳ ଆପଣେ ଭଜିବ ।
ଦାମ୍ଭିକ ଲମ୍ପଟୀ ଲୋକ କପଟୀର ଆଗେ
ଯେବେ ନ କହିବ ଏହି ବ୍ରହ୍ମବିଦ୍ୟା ଭାବେ ।
ପଣ୍ଡିତ ଲୋକଙ୍କୁ ଏହା କେବେ ନ କହିବ
ପଣ୍ଡିତାଇ ଅର୍ଥମାନ ତା ଆଗେ କହିବ ।

ଗୀତା ତନ୍ତ୍ର ବ୍ରହ୍ମଜ୍ଞାନ ଅଟଇ ଗୁପତ
ପଣ୍ଡିତ ନ ବୁଝନ୍ତି ଏହା ବୁଝନ୍ତି ଅନ୍ୟ ମତ ।
ଶବ୍ଦ ଅର୍ଥ ଜାଣେ ସେହୁ ନ ଜାଣେ ଭକତ
ତେଣୁ ଗୁପ୍ତକରି ତାକୁ ଜଣା ନ ଦେଲନ୍ତି ।
ବାଳବନ୍ଧ୍ୟା ଦମ୍ଭ ଗର୍ବ ଦୁଷ୍ଟଆଦି ଦେଖେ
ମୁଁ ତାର ଓଁ ତାର ବୋଲୁ ପ୍ରେମଭକ୍ତି ନୁହେଁ ।
ଏଣୁକରି ପଣ୍ଡିତଙ୍କୁ ଦେଲେ ନ କହିବ
କହିଲେ ଶାପ ପାଇବ ଭ୍ରଷ୍ଟ ନଷ୍ଟ ହେବ । ( ଶୂ. ସ. ୧ମ ଅ. )

ସୁଜ୍ଞାନୀ ପଣ୍ଡିତମାନଙ୍କୁ କହିବାରେ ତାଙ୍କର ଆପତ୍ତି ନଥିଲା । ଏହି ଶିଥିଳତା 'ଶାପ'ର ଭୟରୁ ମୁକ୍ତ ନଥିବାରୁ ବର୍ତ୍ତମାନ ସୁଦ୍ଧା ତାଙ୍କର ସମ୍ପ୍ରଦାୟର ବହୁ ଶିଷ୍ୟ ତାଙ୍କର ବାଣୀକୁ ଗୁପ୍ତରେ ରଖିବାକୁ ଚେଷ୍ଟା କରୁଛନ୍ତି ଏବଂ ଏମାନଙ୍କ ଭିତରୁ କେହି କେହି ଏହାର ସୁବିଧା ନେଇ ନିଜେ ଅଚ୍ୟୁତାନନ୍ଦ ନାମ ଅସ୍ୱାଭାବିକ ଭାବରେ ତାଙ୍କ ବାଣୀର କଦର୍ଥ କରି ତାଙ୍କ ମହିମାକୁ କ୍ଷୁଣ୍ଣ କରୁଛନ୍ତି । ପରବର୍ତ୍ତୀ ସମୟରେ ଏହି କଥନନିଷେଧ ଅଜ୍ଞମାନଙ୍କର ସ୍ୱାର୍ଥସିଦ୍ଧି ପାଇଁ ଏକ ଉପାୟ ହେଲା ।

ଅଚ୍ୟୁତାନନ୍ଦଙ୍କ ସାମାଜିକ ବିପ୍ଳବ ତାଙ୍କର ଗୋପାଳଙ୍କୁ ଯଜ୍ଞୋପବୀତ ଧାରଣ କରିବା ନିମନ୍ତେ ଦେଇଥିବା ନିର୍ଦ୍ଦେଶରୁ ସ୍ପଷ୍ଟ ପ୍ରତୀତ ହୁଏ ।

ବ୍ରହ୍ମ ଯେ ଗୋପାଳ ବେଣୀ ଧରିବ ସେ ସୂତ୍ରେ
ପଇତା ଗୋଟିଏ ଥିବ ଦକ୍ଷିଣ ସେ କରେ । ( ଶୂ. ସ. ୧ମ ଅ. )

## ଗ୍ରନ୍ଥ ପରିଚୟ

**ଶବ୍ଦବ୍ରହ୍ମ ସଂହିତା ବା ଗୁପ୍ତଗୀତା:**—ଏହି କ୍ଷୁଦ୍ର ଗ୍ରନ୍ଥଟି କବିଙ୍କର ପ୍ରଥମ ରଚନା ଥିବା ଅନୁମିତ ହୁଏ । ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱର ୨୫ (ପଚିଶ) ଅଙ୍କ ବା ଖ୍ରୀ: ୧୫୧୬ରେ ଏହି ଗ୍ରନ୍ଥଟି ରଚିତ ହୋଇଥିବା ଜଣାଯାଏ ।

ସୂର୍ଯ୍ୟବଂଶରେ ମହାପଣ୍ଡିତ, କପିଳସୁତ ନୃପତିକୁମର ।
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜ, ପ୍ରତାପରୁଦ୍ର ଦେବ ମହାରାଜ ।
ରବିତଳେ ଯାର କୀର୍ତ୍ତି ଉପମା, ସପତଦ୍ୱୀପ ପୃଥ୍ୱୀ ଯାର ସୀମା ।
ବେଦଜ୍ଞ ଦ୍ୱିଜ କରନ୍ତି ତାହାର, ଜପ ତପ ଜ୍ଞାନ ଯଜ୍ଞ ବାହାର ।
ବଳ ଅତୁଳିତ ଗୁଣ ସମ୍ପନ୍ନ, ଅଧର୍ମ କୃତାନ୍ତ ଜନ ଆଶ୍ରିତ ।
ସେ ମହାରାଜାଙ୍କ ପଟ୍ଟଣ ଅଙ୍କେ, ଶବ୍ଦବ୍ରହ୍ମ ମୁଁ କଲି ଜଣଙ୍କେ ।

ଶ୍ଳୋକ ଶ୍ଳୋକ ସୃଷ୍ଟିର ଅଧ୍ୟାୟରେ କବି ଜ୍ଞାନଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଏହି ଗ୍ରନ୍ଥ ଲେଖାହେଲା ବେଳକୁ କବିଙ୍କର ଯୌବନାବସ୍ଥା ହୋଇଥିବାର ସୂଚନା ମିଳୁଛି ।

ସମବୟ ଶିଶୁ ପୁଅଙ୍କର ସଙ୍ଗେ, ଦିନ ବଞ୍ଚିଲି କଥା ଖେଳ ରଙ୍ଗେ ।
ତଦନ୍ତରେ ମୁଁ ପଢ଼ିଲି ପାଠ, ଥୋକାଏ ଜାଣିଲି ବିଦ୍ୟାର ବାଟ ।

( ୧ମ ଅ. )

ଏ କ୍ଷୁଦ୍ର ଗ୍ରନ୍ଥଟିରେ ଜ୍ଞାନଯୋଗର ସାରତତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କବି ନିଜର ବାଲ୍ୟାବସ୍ଥା ଓ ଯୌବନାବସ୍ଥା, ଓଡ଼ିଶାର ସୂର୍ଯ୍ୟବଂଶ ରାଜାଙ୍କ ବଂଶାବଳୀ ଓ ସେମାନଙ୍କର ପବିତ୍ର କୀର୍ତ୍ତିର ସଂକ୍ଷିପ୍ତ ସୂଚନା ଦେଇଛନ୍ତି । ରଚନା ସମୟ ନିର୍ଦ୍ଦିଷ୍ଟ ଭାବରେ ଲେଖାଥିବା କବିଙ୍କ ଗ୍ରନ୍ଥମାନଙ୍କ ଭିତରେ ଏହା ଅନ୍ୟତମ ଏବଂ ପ୍ରଥମ ଗ୍ରନ୍ଥ ମଧ୍ୟ ।

ଗ୍ରନ୍ଥର ଭାଷା ଅତି ସରଳ । ଏହା ତାଙ୍କର ଅଳ୍ପବୟସ ସମୟର ଲେଖା ହେଲେ ମଧ୍ୟ ଏହାର ଭାଷା ଓ ରଚନାଶୈଳୀର ସରଳତା ପରବର୍ତ୍ତୀ ସବୁ ଗ୍ରନ୍ଥରେ ଦେଖାଯାଏ ।

**ଦଶପଟଳ ମାଳିକା**:—ପୂର୍ବେ ଶ୍ରୀକୃଷ୍ଣ ରୁକ୍ମିଣୀ ଦେବୀଙ୍କ କଥା କହୁଥିଲେ ତାହା ଅଚ୍ୟୁତାନନ୍ଦ ତାଙ୍କ ଶିଷ୍ୟ ରାମଚନ୍ଦ୍ରଙ୍କୁ କହୁଛନ୍ତି । ପ୍ରଥମ ପଟଳରେ କବି ଏହାର ଅବତାରଣା କରିଛନ୍ତି—

“ଦିନେ ବଣ୍ଠାଶ୍ରୀ ରାମଦାସ ଗଲେ, ଅଚ୍ୟୁତାନନ୍ଦଙ୍କ ପଦେ ପଡ଼ିଲେ ।”

ଏଥିରୁ ସ୍ପଷ୍ଟଭାବରେ ଜଣାପଡ଼ୁଛି ଯେ ଏହା 'ପଞ୍ଚସଖା'ଙ୍କ ଭିତରର ଅଚ୍ୟୁତାନନ୍ଦଙ୍କର ଲେଖା ନୁହେଁ । ତାଙ୍କ ପରେ ଅନ୍ୟ କେହି ଅଚ୍ୟୁତାନନ୍ଦ ଏ

ଗ୍ରନ୍ଥରେ କେତେକ ଅଂଶ ପୂରାଇ ଦେଇଛନ୍ତି ବା ପଞ୍ଚସଖାର ଅଚ୍ୟୁତାନନ୍ଦଙ୍କ ଲେଖା ବୋଲି କୁହାଯାଇଛି ।

'ଦଶପଟଳ' ଗ୍ରନ୍ଥକର୍ତ୍ତା ଅଚ୍ୟୁତାନନ୍ଦ ଲେଖିଛନ୍ତି ଯେ, ପଞ୍ଚସଖା ଯୁଗେ ଯୁଗେ ଭଗବାନଙ୍କ ଅବତାର ବେଳେ ତାଙ୍କ ସଙ୍ଗରେ ଅବତୀର୍ଣ୍ଣ ହୋଇଥାନ୍ତି । ସତ୍ୟ ଯୁଗରେ ନୃସିଂହଙ୍କ ପଞ୍ଚସଖା ହୋଇଥିଲେ । ତ୍ରେତା ଯୁଗରେ ନଳ, ନୀଳ, ସୁଷେଣ, ଜାମ୍ବବ, ହନୁମାନ ରୂପରେ ଜନ୍ମଗ୍ରହଣ କରିଥିଲେ ଓ ରାମଚନ୍ଦ୍ରଙ୍କ ପଞ୍ଚସଖା ହୋଇଥିଲେ । ଦ୍ୱାପର ଯୁଗରେ ଦାମ, ସୁଦାମ, ସୁବଳ, ବାହୁ, ସୁବାହୁ ରୂପରେ ଜନ୍ମଗ୍ରହଣ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ପଞ୍ଚସଖା ହୋଇଥିଲେ । କଳିଯୁଗରେ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ରୂପରେ ଜନ୍ମଗ୍ରହଣ କରିଥିଲେ ଏବଂ ଚୈତନ୍ୟଙ୍କ ପଞ୍ଚସଖା ହୋଇଥିଲେ । ଏମାନେ ପୁଣି ତାଙ୍କ ଆଜ୍ଞାରୁ କଳଙ୍କି (କଲ୍କି) ଅବତାର ବେଳେ ପୁନର୍ବାର ଜନ୍ମ ହେବେ ।

କଳିରେ କଳଙ୍କି ରୂପ ଧରିବେ, ତେଣୁ ସେ ରୂପକୁ କରିଛୁ ଲିଖେ ।
ପଞ୍ଚସଖାଙ୍କୁ ସଙ୍ଗରେ ନେଇ, ନୀଳଗିରି ଶିରେ ବିଜୟ ସ୍ୱାମୀ ।
ହେତୁଟାରୁ ପଞ୍ଚେ ଆଜ୍ଞା ପାଇଣ, ଜନମ ହୋଇବୁ ଦେଖ ବାହୁଣ ।

କଳଙ୍କିଙ୍କ ଅବତାରକାଳ ସମ୍ବନ୍ଧରେ ଅଚ୍ୟୁତାନନ୍ଦ କହୁଛନ୍ତି—

ଏକୋଇଶ ଶତ ଛଡ଼ ଚଳାଏ, ଦେଖ ଯିବ କଳିଯୁଗ କଟଏ ।
କପୁଥା ଝର ଝଡ଼ ନ ପାଣିବ, ମୋତେ ଆଭଙ୍କରେ ସ୍ତୁତି କରିବ ।
ତେବେହିଁ କଳଙ୍କି ରୂପ ହୋଇବୁ, ଏକାମ୍ର ସ୍ଥାନରେ ବ୍ୟୂହ ବାନ୍ଧିବୁ ।
ଯୋଗୁଡ଼ା ଦୋଷରେ ଲିଖେ କରନ୍ତି, ଏହିରୂପେ କଳିଯୁଗ ହୁଁ ଶେଷ ।
ବାଳି ସିଂହଦ୍ୱାରେ ଯାଇଁ ଦୋହାଇଁ, ଆପଣେ ଅଗ୍ନି ପରଶିବୁ ସହୁ ।
ସୁବର୍ଣ୍ଣ ସିନ୍ଧୁ ଭୂପାଣି ଧନ, ମାଡ଼ି ବସିବ ସପ୍ତ ଦେଶ ପୁଣ ।
ମ୍ଳେଚ୍ଛରୂପ ଧରିଥିବେ ମୋ ଭକ୍ତ, ଶୁଣି ଚୁଙ୍କ ଶୀ ହେତୁ ରଖ ଚିତ୍ତ ।
ମୋର ଭକ୍ତମାନେ ଥିବେ ଗୁପତେ, ଅଗାଧ ସନ୍ଧି ନପାଇବୁ ବାଟେ ।
ପଞ୍ଚସଖାଙ୍କୁ ଅଜ୍ଞା ଦେବ ମୁହିଁ, ଜନ୍ମ ହୁଅ ଯା ଦାସ ଦେହ ବହି । (ଶାସ୍ତ୍ର. ପ.)

ସୂର୍ଯ୍ୟବଂଶୀୟ ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପରେ ଯଦୁବଂଶୀୟ ନରକେଶରୀ ଦେବଙ୍କ ରାଜତ୍ୱର ଶେଷଭାଗ ପର୍ଯ୍ୟନ୍ତ ଓଡ଼ିଶାରେ ବିଦେଶୀମାନଙ୍କର ଅତ୍ୟାଚାର ଖୁବ୍ ବେଶି ଥିଲା । ସ୍ୱୟଂ ବଡ଼ଦେଉଳ ଉପରେ ବିଧର୍ମୀ ଓ ଅର୍ଥପିପାସୁ-ମାନଙ୍କର ଲୋଲୁପ ଦୃଷ୍ଟି ବରାବର ପଡ଼ିଲା । ବଡ଼ଦେଉଳ ଉପରେ ବାରମ୍ବାର ଆକ୍ରମଣ ହେଉଥିବାରୁ ଠାକୁରମାନଙ୍କୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଲୁଚେଇ ରଖାଯାଉଥିଲା । ରାଜା ପ୍ରଜା ସମସ୍ତେ ମିଳିମିଶି ଜଗନ୍ନାଥ ଦେବଙ୍କୁ ଅତ୍ୟାଚାରରୁ ରକ୍ଷା କରିବା ଚେଷ୍ଟା କରିଥିଲେ । ଠାକୁରମାନଙ୍କୁ ରକ୍ଷା କରିବାକୁ ଅନେକ 'ବୈଷ୍ଣବ' ଯୁଦ୍ଧ କରିବାପାଇଁ ମଧ୍ୟ କୁଣ୍ଠାବୋଧ କରୁନଥିଲେ । ବହିଃଶତ୍ରୁର ଆକ୍ରମଣ ଓ ଗୃହବିବାଦ ସବୁବେଳେ ଲାଗି ରହୁଥିବାରୁ ଏ ଅଢ଼େଇଶହ ବର୍ଷ ଭିତରେ ଜଗନ୍ନାଥଙ୍କ ଭକ୍ତମାନେ 'ଗୁପ୍ତ' ଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଛଦ୍ମବେଶ ଧାରଣ କରି ରହୁଥିଲେ । ଆବଶ୍ୟକ ଅନୁସାରେ ଖୋର୍ଦ୍ଧା ରାଜାଙ୍କ ଡାକ ପାଇବାକ୍ଷଣି ଯୁଦ୍ଧରେ ଯୋଗ ଦେଉଥିଲେ । କାରଣ, ଖୋର୍ଦ୍ଧା ରାଜା ଉତ୍କଳର ରାଜାରୂପେ ଓଡ଼ିଆ ଲୋକଙ୍କ ଦ୍ୱାରା ସମ୍ମାନିତ ହେଉଥିଲେ । 'ଦଶପଟଳ'ରେ ଏ ସବୁ ଯୁଦ୍ଧକାହାଣୀର ସୂଚନା ଦିଆଯାଇଛି । ଏଥିରେ ଦିଆଯାଇଥିବା ନାମଚୂଳିକା ସହିତ ଓଡ଼ିଶାର ରାଜବଂଶର (ଯଦୁବଂଶର) ରାଜା, ପାଟମନ୍ତ୍ରୀ, ଶତ୍ରୁ ପ୍ରଭୃତିଙ୍କ ନାମ ଓ ଯୁଦ୍ଧସ୍ଥାନମାନଙ୍କୁ ମିଳାଇ ଦେଖିଲେ ଏସବୁ ସତ୍ୟ ଜଣାପଡ଼ିବ । ନରକେଶରୀ ଖ୍ରୀ: ୧୬୪୭ରେ ରାଜା ହୋଇଥିଲେ । ଏହାଙ୍କ ଅମଳରେ ପାରଳାଖେମୁଣ୍ଡିର ରାଜା ଶ୍ରୀ ଜଗନ୍ନାଥ ନାରାୟଣ ଦେବ ନରକେଶରୀଙ୍କୁ ପରାସ୍ତ କରି ଓଡ଼ିଶା ଦଖଲ କଲେ । ନରକେଶରୀ ମହାଜ୍ଞାନୀ ଶାକ୍ତମାନଙ୍କ ସାହାଯ୍ୟରେ ପାରଳାଖେମୁଣ୍ଡି ରାଜାଙ୍କୁ ପରାସ୍ତ କରି ପୁନର୍ବାର ରାଜ୍ୟ ପାଇଲେ । ରାଜତ୍ୱର ଶେଷଭାଗରେ ଏ ନିଜ ପୁଅମାନଙ୍କୁ ମାରିପକାଇବାରୁ ମହାଜ୍ଞାନୀ ଶାକ୍ତ ହୁଳାରାମ ପଣ୍ଡିତ ତାଙ୍କୁ ବନ୍ଦୀକରି କାଠକଟରେ ରଖିଲେ । ପରେ ପୁଣି ସେ ବୈଷ୍ଣବ ହୋଇ ରାଜ୍ୟ ଶାସନ କଲେ । 'ଦଶପଟଳ'ର ବର୍ଣ୍ଣନା ଅନୁସାରେ କଳ୍କି ଅବତାର ନରକେଶରୀ ଦେବଙ୍କଠାରୁ ଶେଷ ହେଲା । ଏ ରାଜାଙ୍କ ରାଜତ୍ୱରେ ପ୍ରଜାମାନେ ଆନନ୍ଦରେ ରହିବେ ବୋଲି ଲେଖାଅଛି ।

ଚୈତନ୍ୟଙ୍କ ପଞ୍ଚସଖାର ଅଚ୍ୟୁତାନନ୍ଦଙ୍କ ଜନ୍ମ ସମୟ ପଞ୍ଚଦଶ ଶତାବ୍ଦୀର ଶେଷଆଡ଼କୁ ହୋଇଥିଲା, ଏହା ନିଶ୍ଚିତ । ଏପରି ସ୍ଥଳେ ନରକେଶରୀ ଦେବଙ୍କ

ସମୟର ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ବା ପ୍ରାୟ ଅବଶେଷ ବର୍ଷ ପରର ସଂଖ୍ୟା ଏହି ଗ୍ରନ୍ଥରେ ବର୍ତ୍ତିତ ହୋଇଥିବାରୁ ସ୍ପଷ୍ଟ ଜଣାଯାଉଛି ଯେ ଏହି ଗ୍ରନ୍ଥଟି ପଞ୍ଚସଖା ଅଚ୍ୟୁତାନନ୍ଦ ଲେଖି ନାହାନ୍ତି । ଅନ୍ୟ କେହି ଅଚ୍ୟୁତା-ନନ୍ଦ ଲେଖିଛନ୍ତି ।

ଏ ଗ୍ରନ୍ଥର ଅଚ୍ୟୁତାନନ୍ଦ ନିଜକୁ ଶୂଦ୍ର ବୋଲି ହିଁ ପରିଚୟ ଦେଇଛନ୍ତି । ପଞ୍ଚସଖାର ଅଚ୍ୟୁତାନନ୍ଦ ମଧ୍ୟ ଶୂଦ୍ର ଥିବା ଏଥିରୁ ସୂଚିତ ହେଉଛି ।

"ଶୂଦ୍ର କୁଳରେ ମୁଁ ହୋଇବି ଜାତ,
ନାମ ହୋଇବ ମୋ ଦାସ ଅଚ୍ୟୁତ ।"

ଦଶପଟଳରେ 'ଗୁପ୍ତ' ଭାବରେ ଠାଉରେ ଐତିହାସିକ ତଥ୍ୟଗୁଡ଼ିକ ଲେଖା ହୋଇଥିବାରୁ ସେସବୁ ସହଜରେ ବୁଝିବା ସମ୍ଭବ ନୁହେଁ ।

ଖୋର୍ଦ୍ଧା ରାଜା ବୀରକିଶୋର (ବୀରକେଶରୀ)ଦେବଙ୍କ ସମୟରେ ଓଡ଼ିଶାର ଅବସ୍ଥାକୁ କବି ଏପରି ଲେଖିଛନ୍ତି:—

(କ) କଳି ଯେତେକ ବଳିଆର ହେବେ, ଖଡ୍ଗୁଆ ଜାତି ସବୁ ଲୁଚିଯିବେ ।
ରାଜା ବନରେ ପଶିଥିବେ ସତ୍ୟ, ଶ୍ରୀବତ୍ସ ବୀରକେଶରୀଙ୍କ କଥା ।
ନଥିବ କେହି ରାଜାନ୍ତମାନ, ଦୁଃଖ ପାଉଥିବେ ଧର୍ମ ହୋଇଣ ।
ଅଶ୍ୱନକେ ବୋଲି କଥାଏ ହେବ, ଶୁଣ ଭୁବନେଶୀ ଏ ଅଙ୍କ ପ୍ରଭୁ ।
ଅଣହିଂଶକୁ ଦୃଷ୍ଟି ଦେଇଥାଅ, ଶୂନ୍ୟ ଭିତରକୁ ଚଳାଇ ଯାଅ ।
ସେଠାରେ ଶୂନ୍ୟ ଯେବେ ବଳ ହେବ, କଣ୍ଠରୁ ଜାଣି ସଫଳ ହୋଇବ ।

(ଦଶ ପ: )

ବୀରକେଶରୀଦେବଙ୍କ ଅ ୨୯ ଙ୍କରେ (ଖ୍ରୀ: ୧୭୬୭ରେ) ମୁସଲମାନ ଶାସକ ଭତଲୁଁ ପୁରୀ ଓ ଅନ୍ୟାନ୍ୟ ସ୍ଥାନରେ ବହୁ ଦେବମୂର୍ତ୍ତି ଧ୍ୱଂସ କରିଥିଲେ । ଏହା ଏଠାରେ ସୂଚିତ ହୋଇଛି ।

(ଖ) ଶ୍ରୀବତ୍ସ କେଶରୀ ଭୂପେ ସମ୍ଭୁତ, ଭୁବନେଶୀ ଶୁଣିଲି ମହାଗୁପତ ।
କପିଶାସନେ ଯାଇ ଆରମ୍ଭିବେ, ଶ୍ରୀବତ୍ସ ସେଠାରେ ଅଚ୍ଛୁକ ହେବେ ।
ପଞ୍ଚସଙ୍ଖାରେ ସେହି ଅଣୁସାର, ନଦେହ ବହୁ ଆତ୍ମେ ହେବୁ ବାହାର ।
ଛଅ ଚୌକାଇରୁ କେଶରୀ ପିଠେ, ଖୋଲ ଲଗିବ ସେ ଅଣହିଂଶରେ ।

ଯାଉକେଶରୀଦେବଙ୍କ ରାଜ୍ୟପ୍ରାପ୍ତିରେ ଅଚ୍ୟୁତାନନ୍ଦ ପ୍ରଭୃତିଙ୍କ ସାହାଯ୍ୟ ଏଥିରେ ସୂଚିତ ହୋଇଛି । ଏ ଗ୍ରନ୍ଥରେ ଐତିହାସିକ ଘଟଣାର କ୍ରମ ଠିକ୍ ଭାବରେ ରକ୍ଷାଯାଇ ନ ଥିବାରୁ ବିଷୟ ବୁଝିବା ସହଜ ହେଉନାହିଁ । ସ୍ଥାନେ ସ୍ଥାନେ ଏକ ବିଷୟ ଦୁଇ ତିନିଥର ବିଭିନ୍ନ ସ୍ଥଳରେ ଉଲ୍ଲେଖ ହୋଇଥିବାରୁ ଜଟିଳତା ବହୁତ ବଢ଼ିଯାଇଛି । ଉଦାହରଣ —

ମୋର ଅଣତି'ଶ ଅଙ୍କ ହେବ, କଟକୁ ମଲ୍ଲିକା ବାହୁଡ଼ି ଯିବ । (୮ମ ପ:)

(ଗ) ତାଙ୍କର ହେଉ ସମୟେ ଭୂକମ୍ପ ଶୀ, କଟକୁ ବାହୁ ଯିବଟି ପୁଣି ।
(୯ମ ପ:)

(ଘ) ଗଙ୍ଗବଂଶର ମୁକୁନ୍ଦଦେବ ଓ ତାଙ୍କ ପୁତ୍ର ଦିବ୍ୟସିଂହ ଦେବଙ୍କ ସମୟରେ ବହୁତ ଦୁର୍ଘଟଣା ଦେଖା ଦେଇଥିଲା । ମୁକୁନ୍ଦଙ୍କର ରାଜତ୍ୱର ଖ୍ରୀ: ୧୫୬୮ରେ ଯବନ ତଡ଼ଦେଇଲେ ଆକାଶ ଉପରୁ ରକ୍ତ ବର୍ଷାଯାଇ-ଥିଲା ବୋଲି ମାଦଳାପାଞ୍ଜିରେ ଲେଖାଅଛି । ସେହିବର୍ଷ ଚୈତ୍ରମାସରେ ଭୂମି-କମ୍ପ ହୋଇଥିଲା । ଦିବ୍ୟସିଂହଙ୍କ ରାଜତ୍ୱରେ ବଡ଼ ବତାସ ଓ ବଢ଼ି ହୋଇ ଦେଶର ବହୁତ କ୍ଷତି ହୋଇଥିଲା ।

**ଗରୁଡ଼ ଗୀତା**:—ଏଥିରେ ଅଚ୍ୟୁତାନନ୍ଦ ନିଜ ସମ୍ବନ୍ଧରେ କହିଛନ୍ତି ଯେ ସେ ନେମାଳ ଗ୍ରାମରେ ବାସ କରୁଛନ୍ତି । ଏହିଠାରେ ସେ 'ଗରୁଡ଼ ଗୀତା' ରଚନା କରିଥିଲେ ।

ଅଚ୍ୟୁତ ନାମ ଯେ ଅଟଇ ମୋହର ମୋହଠାରୁ ଦୁଃଖୀ ନାହିଁ
ଚିତ୍ରୋତ୍ପଳା ନଦୀ କୂଳରେ ଯେ ଗ୍ରାମ ନେମାଳୋ ଅଟଇ ।
ଏହିଠାରେ ବାସ କରୁଅଛୁ ମୁହିଁ ଉଦ୍ଧବଙ୍କ ସାଥେ ଘେନି
ଯେବେ ମୋଠାରେ ଦୟା ହୋଇବ ତେବେ କରିବି ବଖାଣ ।
କଳିତା ଯୁକ୍ତିକୁ ଅଥା ବୁଝାଇଲି ଏଣିକେ ରାମାଦେବ ଥାଇ
ଗୁପତ ବଚନ ସାହା କହୁଅଛି ଦାବୁ କର୍ଣ୍ଣିରୁ ଶୁଣାଇ ।

ତୋର ପଞ୍ଚସଖା ମଧ୍ୟରେ ମୁଁ ଲେଖା ଶୂନ୍ୟ ସମ୍ପତ୍ତି ମୁହିଁ
ମୋହ ଅଶ୍ରୟଙ୍କୁ ନିସ୍ତାର ନ କଲୁଣି କୃପା କଟାକ୍ଷେ ନ ଚାହିଁ ।

( ୧୨ ଅ. )

କଳିର ଆଗତ ସମୟରେ ଦେଶର ଅବସ୍ଥା ଓ ଲୋକଙ୍କ ଅବସ୍ଥା ବର୍ଣ୍ଣନା ପ୍ରସଙ୍ଗରେ ଅଚ୍ୟୁତାନନ୍ଦ ତେଲେଙ୍ଗା ମୁକୁନ୍ଦଦେବ (ଖ୍ରୀ: ୧୫୫୯-୬୮) ନାମ ଉଲ୍ଲେଖ କରି ସେ ବାରବାଟୀ ଦୁର୍ଗ ନିର୍ମାଣ କରିଥିଲେ ବୋଲି କହିଛନ୍ତି ।

ତେଲେଙ୍ଗା ମୁକୁନ୍ଦ ବୋଲି ଏକ ରାଜା, ଜନ୍ମିବ ଦେଶରେ ହୋଇବ ।
ବାରବାଟୀ କଳ୍ପ ସେହୁ ତୋଳାଇବ, କଟକ ସେ ରଖି ଯିବ ।

ତେଲେଙ୍ଗା ମୁକୁନ୍ଦଦେବ ତାଙ୍କ ରାଜତ୍ୱର ୧୦ ଅଙ୍କ ଅର୍ଥାତ୍ ଖ୍ରୀ: ୧୫୬୬ ରେ 'ଗଙ୍ଗା କଟକାଇ' କରିଥିବା ମାଦଳା ପାଞ୍ଜିରେ ଲେଖାଅଛି । ତାହା ହେଲେ ଖ୍ରୀ: ୧୫୬୬ ପୂର୍ବରୁ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ହୋଇନଥିଲା । ଭବିଷ୍ୟତକାଳରେ ବହୁ ସ୍ଥାନର ବଂଶାବଳୀ ଦିଆହୋଇ ଥିଲେ ମଧ୍ୟ ତେଲେଙ୍ଗା ମୁକୁନ୍ଦଦେବଙ୍କ ନାମ ଛଡ଼ା ଅନ୍ୟ କୌଣସି ଓଡ଼ିଶା ରାଜାଙ୍କ ନାମ ଦିଆହୋଇ ନଥିବାରୁ ଅନୁମାନ ହୁଏ ଯେ ତେଲେଙ୍ଗା ମୁକୁନ୍ଦଦେବଙ୍କ ସମୟରେ ସେ ଜୀବିତ ଥିଲେ । କିନ୍ତୁ ଏହାକୁ ସେ ଭବିଷ୍ୟତ୍‌ବାଣୀ ରୂପରେ ଲେଖିଥିବାରୁ ଜଣାଯାଉଛି ଏହି ଅଂଶଟି ପ୍ରକ୍ଷିପ୍ତ । ଭବିଷ୍ୟତକାଳରେ ଭକ୍ତରେ ସ୍ଥାପନ ହେବାକୁ ହେବ ବୋଲି କୁହାଯାଇଛି । ତେଲେଙ୍ଗା ମୁକୁନ୍ଦଦେବଙ୍କ ପରେ ଭୋଇବଂଶ (ବା ଯଦୁବଂଶ)ର ରାମଚନ୍ଦ୍ରଦେବଙ୍କ ରାଜତ୍ୱ (ଖ୍ରୀ: ୧୫୬୮-୧୬୦୭)ର ୪ ଅଙ୍କରେ ଅର୍ଥାତ୍ ଖ୍ରୀ: ୧୫୭୦ରେ ଓଡ଼ିଶାରେ ଭୀଷଣ ଦୁର୍ଭିକ୍ଷ ପଡ଼ିବାରୁ "ବଣାଶାଏ କାହାଣ ଧାନ ଭରଣ ହୋଇଲା ।" ବତାସ ହେବାରୁ ପୁରୀର ଜଗଦେଉଳର ନୀଳଚକ୍ର ମଧ୍ୟ ଭାଙ୍ଗି ଯାଇଥିଲା । ବତାସ ଓ ଦୁର୍ଭିକ୍ଷର କରୁଣ ଦୃଶ୍ୟକୁ କବି ଅନେକ ପଦରେ ବର୍ଣ୍ଣନା କରି ଜୀବନ୍ତ ଚିତ୍ରଟିଏ ସୃଷ୍ଟି କରି ପାରିଛନ୍ତି ।

## ଶୂନ୍ୟସଂହିତା

ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥମାନଙ୍କ ଭିତରେ ଶୂନ୍ୟସଂହିତା ଏକ ପ୍ରଧାନ ଗ୍ରନ୍ଥ । ମୂଳଗ୍ରନ୍ଥଟିରେ ୨୯ (ଅଣତିରିଶି)ଟି ଅଧ୍ୟାୟ ଥିବା ଦେଖାଯାଏ ।

ଏଥିର ଅନ୍ୟ କେତେ ଅଚ୍ୟୁତାନନ୍ଦ ଦାସ ନାମକ କବି 'ଗ୍ରନ୍ଥାରମ୍ଭ' ନାମରେ ଆଉ କୋଡ଼ିଏ ଅଧ୍ୟାୟ ଗ୍ରନ୍ଥର ଆରମ୍ଭରେ ଯୋଡ଼ି ଦେଇଛନ୍ତି । ଏହି ଗ୍ରନ୍ଥାରମ୍ଭରେ ପଞ୍ଚସଖା ଅନ୍ତର୍ଗତ ଅଚ୍ୟୁତାନନ୍ଦ ଗୋସାଇଁଙ୍କ ସମ୍ବନ୍ଧରେ ବହୁତ କଥା ଲେଖାଅଛି ।

ଗୁରୁଶିଷ୍ୟ-ସମ୍ବାଦ ରୂପରେ ଗ୍ରନ୍ଥଟି ଲିଖିତ ହୋଇଛି । ଅଚ୍ୟୁତାନନ୍ଦ ଗୋସାଇଁଙ୍କ ପଞ୍ଚ ଶିଷ୍ୟ—ମୁକୁନ୍ଦ, ହୁଦାନ, ପବନ, ରାମ ଓ ଧର୍ମ—ଗୁରୁଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ କରିବାରୁ ଗୁରୁ ସେଥିର ଉତ୍ତର ଦେଇଥିଲେ ତାହା ଗ୍ରନ୍ଥରେ ବର୍ଣ୍ଣିତ ଅଛି ।

**ପାଠାନ୍ତର:**—ମୁଦ୍ରିତ ପୁସ୍ତକମାନଙ୍କରେ ବିଭିନ୍ନ ସଂସ୍କରଣରେ ବହୁ ପାଠାନ୍ତର ଦୃଷ୍ଟିଗୋଚର ହୁଏ । ଏପରିକି ଅଧ୍ୟାୟସଂଖ୍ୟା ମଧ୍ୟ ସବୁ ବହିରେ ସମାନ ନାହିଁ । ଏକ ସଂସ୍କରଣରେ ଏକତ୍ରିଶଟି ଅଧ୍ୟାୟ ଅଛି (ଶ୍ରୀ ନାରାୟଣଚନ୍ଦ୍ର ଦାସଙ୍କ ପ୍ରକାଶିତ) । ଅନ୍ୟ ଏକ ସଂସ୍କରଣରେ (ଶ୍ରୀ ରତ୍ନାକର ଗର୍ଗବଟୁଙ୍କ 'ଗ୍ରନ୍ଥାରମ୍ଭ' ବ୍ୟତୀତ ଅଣତିରିଶିଟି ଅଧ୍ୟାୟ ଅଛି । ତାଙ୍କ ପ୍ରକାଶିତ ବହିର ନାମ 'ବୃହତ୍ ଶୂନ୍ୟସଂହିତା' ରଖାଯାଇଛି । ଦ୍ୱାବିଂଶ ଅଧ୍ୟାୟ ପରେ 'ତ୍ରିତୟ ଖଣ୍ଡ' ଆରମ୍ଭ ହୋଇ ପୁଣି ଗ୍ରନ୍ଥାରମ୍ଭ ପରି ପ୍ରାର୍ଥନା ପ୍ରଭୃତି ଲେଖାଅଛି । ଗର୍ଗବଟୁଙ୍କ ବହିରେ ଏହା ନାହିଁ । ଗର୍ଗବଟୁଙ୍କ ବହିର 'ଗ୍ରନ୍ଥାରମ୍ଭ' ଦାସଙ୍କ ବହିର ପ୍ରଥମ ଅଧ୍ୟାୟ ରୂପରେ ଦିଆଯାଇଛି । ଏହି ପ୍ରଥମ ଅଧ୍ୟାୟ ପାଠ ମଧ୍ୟ ବିଭିନ୍ନ ବହିରେ ଠିକ୍ ନାହିଁ । ଅଧ୍ୟାୟମାନଙ୍କର ପାଠରେ ମେଳ ଦେଖାଯାଏ ନାହିଁ ।

ଗର୍ଗବଟୁଙ୍କ ବହିର ଆରମ୍ଭରେ ଅଛି—

ଏମନ୍ତ କେତେ ଯୁଗ ଅନ୍ତରେ ବସୁଧା ଜଳେ ରସର
ବ୍ରହ୍ମାଣ୍ଡ ଉତ୍ପତ୍ତି ହୋଇଣ ସେ ଶିତ ଯୁଟେ ଯେମନ୍ତ ପ୍ରକାର ।

ଦାସଙ୍କ ପ୍ରକାଶିତ ବହିର ଆରମ୍ଭରେ ଅଛି—

ଜୟ ଜୟ ହରି ଦେବ ଚକ୍ରଧାରୀ ମୁରାରୀ ମୁକୁନ୍ଦ ନାରାୟଣ
ଶ୍ରୀମଧୁସୂଦନ ଭକ୍ତପ୍ରାଣଧନ ଆଦ୍ୟ ପ୍ରଭୁ ଜନାର୍ଦ୍ଦନ ।

ସୃଷ୍ଟି ଦାସଙ୍କ ପ୍ରକାଶିତ ବହିରେ ଏହି ଛାନ୍ଦର ଆଦ୍ୟରେ 'ଗୁଣସାଗର ସୂତ୍ର' ବୋଲି ଲେଖାଅଛି । 'ଅଣାକାର ବ୍ରହ୍ମସଂହିତା' (ଶ୍ରୀମୋହନଚରଣ ଦାସଙ୍କ ସଂସ୍କରଣ) ପ୍ରଥମ ଛାନ୍ଦର ଆରମ୍ଭରେ ମଧ୍ୟ 'ଗୁଣସାଗର ସୂତ୍ର' ଲେଖାଅଛି । ଅଚ୍ୟୁତାନନ୍ଦଙ୍କ ପରବର୍ତ୍ତୀ କାଳରେ ପ୍ରାୟ ଦେଢ଼ଶହ କି ଦୁଇଶହ ବର୍ଷ ପରେ 'ଗୁଣସାଗର' ଦୀନକୃଷ୍ଣ ଦାସଙ୍କଦ୍ୱାରା ରଚିତ ହୋଇଥିଲା । ଏହି ଛାନ୍ଦର ସୂତ୍ର ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥରେ ରହିବା ଅସମ୍ଭବ । ଏହା ପ୍ରକ୍ଷିପ୍ତ ଅଂଶ ।

**ଶୂନ୍ୟସଂହିତାର ବିଷୟବସ୍ତୁ : (୧) ନାମ:**—ବେଦ ସ୍ମୃତି ପୁରାଣ ସନ୍ଥମାନେ ନାମର ତତ୍ତ୍ୱ ଜାଣନ୍ତି । ନାମ ବିନା ଜୀବର ତାରଣ ନାହିଁ । ନାମକୁ ଭଜିଲେ ଜୀବନ୍ମୁକ୍ତ ମିଳେ, ନାମକୁ ଚିହ୍ନିଲେ ଏ ସଂସାରର ମହାଘୋର ଯାତନା ଜଞ୍ଜାଳରୁ ମୁକ୍ତି ମିଳେ ଏବଂ ଜୀବ ପରମରେ ମିଶିଯାଏ । ନାମ ଥିବା ପର୍ଯ୍ୟନ୍ତ କାୟା ଥାଏ, ନାମ ଗଲେ କାୟା ବା ରୂପକୁ କେହି ପଚାରନ୍ତି ନାହିଁ ।

ନାମକୁ ଚିହ୍ନିଲେ ଜୀବ ପରମେ ମିଶଇ
ଘୋରବେଳା ପ୍ରାଣେ ଭବସିନ୍ଧୁରେ ଖସଇ । × ×
ନାମ ଗଲେ ରୂପ କେହି ନ ପୁଚ୍ଛିବେ ଆଉ
ନାମକୁ ଜପନ୍ତି ଏଣେତେଣେ କାୟା ଥାଉଁ । (୧ମ ଅ.)

**(୨) ଗୁରୁ:**—ସଂସାର ଜଞ୍ଜାଳରୁ ମୁକ୍ତି ପାଇବାକୁ ହେଲେ ସଦ୍‌ଗୁରୁ ସେବା ଆବଶ୍ୟକ । ବନ୍ୟା ପାଣିରେ ବନ୍ଧ ପଡ଼ିଲେ ଯେପରି ସ୍ରୋତର ବେଗ ହ୍ରାସ ପାଏ ସେହିପରି ସଦ୍‌ଗୁରୁ ସେବାରେ ସଂସାର ଜଞ୍ଜାଳ ଖସି ଲାଘବ ହୁଏ ଏବଂ ସକଳ ଦ୍ୱନ୍ଦ୍ୱର ସମାଧାନ ହୁଏ ।

ସଦ୍‌ଗୁରୁ ସେବା କଲେ ଫିଟିଯାଏ ଦ୍ୱନ୍ଦ୍ୱ । (୧ମ ଅ.)

**(୩) ମହାମନ୍ତ୍ର ଭଜନ : ଅଣସାଧନାର ଶ୍ରେଷ୍ଠତ୍ୱ :**— ମହାମନ୍ତ୍ର ଭଜିଲେ ପାପ କ୍ଷୟ ହୁଏ । ମନ୍ତ୍ର ବା ନାମକୁ ନଜାଣି ଭଜନା କଲେ ନିଷ୍ଫଳ ହୁଏ; କାରଣ ଅବୀଜକୁ କ୍ଷେତରେ ବୁଣିଲେ ଶସ୍ୟ କିପରି ଉପୁଜିବ ?

ସକଳକୁ ଚିହ୍ନିଲେ ଯିବା ଉତ୍ତମୁ ତ ପାଇ
ଅବନୀ ଭୂମିରେ ଶଙ୍କା ହୃଦୁଜବ ନାହିଁ । (୧ମ ଅ.)

ମନ୍ତ୍ରମାନଙ୍କ ଭିତରେ ନିରାକାର ବା ଅକ୍ଷରର ମନ୍ତ୍ର ଶ୍ରେଷ୍ଠ । ଅଣାକାର ମନ୍ତ୍ର ଭଜନରେ କ୍ଲେଶ ନାହିଁ; ଅଳ୍ପ କଷ୍ଟରେ ଶ୍ରୀକୃଷ୍ଣଙ୍କ ଭକ୍ତି ମିଳେ; କିନ୍ତୁ ଯୋଗମାର୍ଗରେ ବହୁକାଳ ପରେ ଓ ବହୁ କ୍ଲେଶ ପରେ ସିଦ୍ଧିଲାଭ ହୁଏ, ଏଥିରେ କାୟାନାଶର ସମ୍ଭାବନା ଥିବାରୁ ଫଳପ୍ରାପ୍ତି ନ ହେବା ଆଶଙ୍କା ମଧ୍ୟ ରହିଛି ।

ଅକ୍ଷରଠାରୁ ସେତେକ ଭଜନ ଅଗାଡ଼ି ଅଛଇ ଜାଣ
ଯୋଗମାର୍ଗ ପଥ ଯେମନ୍ତ ବୁଝିନ୍ତୁ ସେମନ୍ତ ଅଛଇ ପୁଣ ।
ଅନେକ କାଳେ ଯୋଗ ସିଦ୍ଧ ହୁଅଇ ଜୀବ ପ୍ରକାଶଇ ଅଧି
କାୟା ଗଲେ ଆତ୍ମା ବ୍ୟର୍ଥ ହୁଅଇ ଯୋଗକରଣକୁ ଜାଣି ।
ଅକ୍ଷରାଧନରେ ଅଳ୍ପକ ଭିତରେ ଶ୍ରୀକୃଷ୍ଣ ଭକତ ପାଇ
ଇହଲୋକ ଭକ୍ତି ନିର୍ମଳ ଆୟୁର ଅନ୍ତେ ବୈକୁଣ୍ଠ ଲଭଇ । (୧୧ଶ ଅ.)

ଇହଲୋକ ଭକ୍ତି, ନିର୍ମଳ ଆୟୁର ଓ ମରଣାନ୍ତେ ସ୍ୱର୍ଗପ୍ରାପ୍ତି ଅକ୍ଷରାଧନରେ ଅବଶ୍ୟ ସମ୍ଭବ ।

**(୪) କର୍ମ : ଅକର୍ମ (ବା ନିଷ୍କାମ):**—ଅକ୍ଷରର ଭଜନରେ ବେଦବେଦାନ୍ତ ପାଠର ଆବଶ୍ୟକତା ନାହିଁ । ଶିଷ୍ୟମାନଙ୍କୁ ଗୁରୁ ବେଦ ପଢ଼ାଇ ବ୍ରହ୍ମଭେଦ କହନ୍ତି; କିନ୍ତୁ ଶିଷ୍ୟର ମନ ବ୍ରହ୍ମତତ୍ତ୍ୱକୁ ଭେଦ କରିପାରେନାହିଁ, ଫଳରେ ତାର ମନ କର୍ମରେ ଆସକ୍ତ ହୁଏ । କର୍ମଯୋଗୁଁ ପ୍ରାଣୀ ବାରମ୍ବାର ସଂସାରରେ ଜନ୍ମଜନ୍ମ କରି କ୍ଲେଶ ଭୋଗ କରେ । ଅତଏବ ଏହି 'ଭବଭ୍ରମ' କର୍ମକୁ ତ୍ୟାଗ କରି ସଦ୍‌ଗୁରୁଙ୍କଠାରୁ ଅକ୍ଷରର ଭଜନ କରିବା ଆବଶ୍ୟକ । ଅକର୍ମ ବା କର୍ମରହିତ ହେଲେ ଭକ୍ତି ଉଦୟ ହୁଏ ଏବଂ ଏହାର ଫଳରେ ଭଗବାନ ବାସୁଦେବଙ୍କର ପ୍ରୀତି ଅବଶ୍ୟ ପ୍ରାପ୍ତି ହୁଏ ।

ସଂସାରେ କର୍ମ ମୂଳଟି ଅଛଇ ଏଥି ନାହିଁ ଭକ୍ତି ଲେଶ
କର୍ମରେ ପ୍ରାଣୀ ଅଭ୍ୟାସ ହୁଅନ୍ତି ଉତ୍ପତ୍ତି ପ୍ରଳୟ ଦେଶ । X X

ଏମନ୍ତ କର୍ମ ଅଟଇ ଜଡ଼ଭ୍ରମ ପରତେ ତାଙ୍କୁ କହିବୁ
ଅକର୍ମ ନିଶ୍ଚୟ ବାସୁଦେବ ପ୍ରୀତି ଅନୁବ୍ରତେ ମହିଁଥିବୁ ।
( ୧୯ଶ ଅ. )

ଯୋଗସାଧନକୁ ଅଚ୍ୟୁତାନନ୍ଦ ବୈଷ୍ଣବର ଯୋଗ କହୁଥିଲେ ମଧ୍ୟ ଅଣାକାର ଯୋଗ ସାଧନରେ ସିଦ୍ଧିଲାଭ ସହଜ ଥିବା ପ୍ରମାଣିତ କରିଛନ୍ତି । ଏ ଯୋଗରେ ସହଜରେ ସେ ସମାଧି ଲାଭ କରି ପାରୁଥିଲେ ।

**(ଖ) ମହାମନ୍ତ୍ରର ଅର୍ଥ:**—ଶୂନ୍ୟସଂହିତାରେ କେତୋଟି ମନ୍ତ୍ରର ଅର୍ଥ ଦିଆଯାଇଛି; ଏହା ଭକ୍ତଙ୍କ ଛଡ଼ା ସାଧାରଣ ଲୋକ ପକ୍ଷରେ ଭେଦ କରିବା ସହଜ ନୁହେଁ । ଷୋଳ ନାମ, ବତିଶ ଅକ୍ଷର ବିଶିଷ୍ଟ 'ହରେ ରାମ କୃଷ୍ଣ' ମନ୍ତ୍ରକୁ ଯେ ମହାମନ୍ତ୍ର ରୂପେ ଉଲ୍ଲେଖ କରି ଏଥିରେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ମନ୍ତ୍ରଗୁଡ଼ିକ ଦେଖାଇଛନ୍ତି ।

ହରେ ରାମ ହରେ ରାମ ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ହରେ ଅଷ୍ଟ ନାମ କୃଷ୍ଣ ନାମ ଚାରି
ରାମ ନାମ ଚାରି ଯୋଡ଼ି ଷୋଳ ନାମ ଧରି । ( ୧ମ ଅ. )

ଏହି ମହାମନ୍ତ୍ର ଭିତରେ କୃଷ୍ଣ ଯେ—ଜଗନ୍ନାଥ ସେ, ଏହା ଅଚ୍ୟୁତାନନ୍ଦ ବ୍ୟକ୍ତ କରିଛନ୍ତି ।

ମହାମନ୍ତ୍ରେ କୃଷ୍ଣ ଯେତୁ ଜଗନ୍ନାଥ ଦେହୁ ।
ଦ୍ୱିତୀୟେ କୃଷ୍ଣଙ୍କୁ କାମ ଦାମ ବୋଲି କହୁ । ( ୧ମ ଅ. )

ଅଚ୍ୟୁତାନନ୍ଦ ଏହି ମହାମନ୍ତ୍ରରେ ଥିବା ପଦଗୁଡ଼ିକୁ ଏପରି ଭାବରେ ଅର୍ଥ କରିଛନ୍ତି—'ହରେ' ଆଠ ନାମ:—୧ମ—ବଳଭଦ୍ର, ୨ୟ—ହଳୀ, ୩ୟ—ନନ୍ଦ, ୪ର୍ଥ—ସାଧୁ, ୫ମ—ଶ୍ୟାମ, ୬ଷ୍ଠ—ଦାମ, ୭ମ—ଧର୍ମ, ୮ମ ଉଦ୍ଧବ । 'କୃଷ୍ଣ' ଚାରି ନାମ:—୧ମ—ଜଗନ୍ନାଥ, ୨ୟ—କାମ, ୩ୟ—ଦାନ, ୪ର୍ଥ—ଲୀଳା କୃଷ୍ଣ । ରାମଙ୍କ ଚାରି ନାମ:—୧ମ—ସୁଭଦ୍ରା, ୨ୟ—ରମା, ଶ୍ରୀ, ୩ୟ—ଚନ୍ଦ୍ର, ୪ର୍ଥ—ମଧୁ । ଏହାର ବିଶ୍ଳେଷଣ ମଧ୍ୟ କରିଛନ୍ତି ।

ଏ ଭେଦକୁ ନଜାଣି ମାଳି ଧରି ଅଯୁଷ୍ମା ଜପ କରନ୍ତି ମଧ୍ୟ କିଛି ଫଳ ମିଳେ ନାହିଁ ।

ଏ ଭେଦ ନଜାଣି ନାମ ଭଜିବା ନିଷ୍ଫଳ
ଦାମ୍ଭିକ ଗୁରୁବରେ ଯିବା କଳିଯୁଗ ମାଳ । (୧ମ ଅ.)

ଏକାକ୍ଷର ବ୍ରହ୍ମ ବା ଓଁକାର ବ୍ରହ୍ମ ଅଲେଖ । ସେ ଅନାମ, ବ୍ରହ୍ମ, ମହାଶୂନ୍ୟ, ଅଣାକାର, ଜ୍ୟୋତିର୍ବ୍ରହ୍ମ ।

ଏକାକ୍ଷର ବ୍ରହ୍ମ ଏହି ଜ୍ୟୋତିର୍ବ୍ରହ୍ମ ରୂପ
ଏଥିରେ ଅଲେଖନ୍ତ ସେ ଅଲେଖ ସ୍ୱରୂପ ।
ଅନାମ ସେ ବ୍ରହ୍ମ ମହାଶୂନ୍ୟ ଅଣାକାର
ଶବ୍ଦ ଶୁଣ ତହିଁ ଦ୍ୱାଦଶ ପ୍ରକାର । (୧ମ ଅ.)

**(୬) ଆତ୍ମ ପରିଚୟ :**—ଏହି ମଣ୍ଡଳରେ ଆତ୍ମାକୁ ଚିହ୍ନିଲେ ମୁକତ ମିଳିବ, ନଚେତ୍ ଅଶେଷ ଗର୍ଭଭୃତ ସନ୍ତୁ ନିସ୍ତାର ନିବ ।

ଏବେ ସେ କହୁବା ପଞ୍ଚ ଆତ୍ମାଙ୍କୁ ଶତ
ଆତ୍ମାକୁ ଚିହ୍ନିଲେ ଯିବା ବୈକୁଣ୍ଠ ମୁକତ ।
ଆତ୍ମାକୁ ନଚିହ୍ନି ଗର୍ଭ ଭୁଞ୍ଜନ୍ତି ଅନେକ
ପୁରାଣ ଶାସ୍ତ୍ରର ବାକ୍ୟ ପଢ଼ିବା ବିଫଳ । (୧ମ ଅ.)

**(୭) ସୃଷ୍ଟି-ଉତ୍ପତ୍ତି : ମହାମନ୍ତ୍ରରେ ଭେଦାଣ :**—ସୃଷ୍ଟି ଉତ୍ପତ୍ତିରେ ଷୋଳ ନାମ ବତିଶ ଅକ୍ଷର ବର୍ଣ୍ଣିତ ମହାମନ୍ତ୍ର—ଏଥିରେ ବୀଜମନ୍ତ୍ରକୁ ଭେଦାଇ ଅଚ୍ୟୁତାନନ୍ଦ କହୁଛନ୍ତି ଯେ ଅଚ୍ୟୁତଙ୍କ ନାଭିରୁ କମଳ ଜାତ ହେଲା, ସେଥିରେ ବ୍ରହ୍ମା ଜାତ ହେଲେ । ଏହି କାରଣରୁ ହରିନାମ ଜଗତରେ ମୁକ୍ତି ହେଲା । ଜଳ ଉପରେ ସ୍ଥଳ ଉଠାଇବା ପାଇଁ ଦେବ କର୍ଣ୍ଣମୂଳରୁ ମେଧା ମେଦ ନାମକ ଦୁଇଟି ଦୈତ୍ୟଙ୍କୁ ଜାତ କଲେ । ଏହାପରେ ପୃଥିବୀର ଉତ୍ପତ୍ତି ହେଲା । ପୃଥ୍ୱୀ ଟଳମଳ ହେବାରୁ ଅଷ୍ଟ ଦିଗରେ ଅଷ୍ଟଗିରି ପୋତିଲେ । ଏହି ଅଷ୍ଟଗିରିମାନେ ମହାମନ୍ତ୍ରର ଅଷ୍ଟ ପଦ । ଅଚ୍ୟୁତ ପୃଥ୍ୱୀ ଶୂନ୍ୟ ଅଣାକାରଙ୍କୁ ଜନ୍ମ କଲେ । ହରି ଓଁକାର ରୂପରେ ତହିଁରେ ବିଜୟ କରିଥାନ୍ତି । ବ୍ରହ୍ମାଙ୍କ ମୁଖର

ମଧ୍ୟରେ ରହିବାକୁ ପୃଥିବୀ ପୁଣି ଟଳମଳ ହେଲା । ଏହାକୁ ସ୍ଥିର କରିବା ପାଇଁ ରାମକୃଷ୍ଣ-ରୂପୀ ପୁଣି ନାମ ଜାତ କଲେ । ଓଁକାର ଆଦ୍ୟ ମାତ୍ର ସୁଦର୍ଶନ, ବିଷ୍ଣୁ ବ୍ରହ୍ମା ଏହି ରୂପରେ ଅଚ୍ୟୁତ ପ୍ରଣବ ରୂପରେ ବିଜେ କଲେ । ଏହାପରେ ପୁଣି ବେଦ ସୃଷ୍ଟି କରି ବ୍ରହ୍ମାଙ୍କୁ ଏହା ଅନୁସାରେ ସୃଷ୍ଟି ସର୍ଜନା କରିବା ପାଇଁ ନିର୍ଦ୍ଦେଶ ଦେଲେ । ଷୋଳ ନାମ, ବତିଶ ଅକ୍ଷର ରୂପକ ମହାମନ୍ତ୍ର ବ୍ରହ୍ମାଙ୍କୁ ଅଚ୍ୟୁତ କହିଦେଲେ । ଏହି ମନ୍ତ୍ରର ହରେ ଅକ୍ଷରମାନଙ୍କୁ ବୃକ୍ଷ ପର୍ବତ, ପୁଣି ରାମନାମଙ୍କୁ କୀଟ, ପୁଣି କୃଷ୍ଣନାମଙ୍କୁ ଜଳଜନ୍ତୁମାନଙ୍କର ଉତ୍ପତ୍ତି ହେଲା । (୨ୟ ଅ:)

ଭଗବାନ ନାମସ୍ମରଣ ମହତ୍ତ୍ୱ ଦାଶି କରିବା ପାଇଁ ସତ୍ୟାଦି ଚାରି ଯୁଗରେ ଅବତାର ଗ୍ରହଣ କରିଛନ୍ତି । କଳିଯୁଗରେ ଚୈତନ୍ୟ ରୂପରେ ନାମସ୍ମରଣ ଅବତାର ହେଲେ ଏବଂ ପ୍ରଥମ ଉଚ୍ଚାରଣ ନିମନ୍ତେ ମହାମନ୍ତ୍ର ସଂସାରରେ ଉତ୍ପତ୍ତି କଲେ ।

ଚୈତନ୍ୟ ସ୍ୱରୂପେ ପୁଣି ହୋଇଲେ ପ୍ରକାଶ
କଳି ତମ ବିନାଶନେ ସହିଁ ଶ୍ରୀନିବାସ ।
ମହାମନ୍ତ୍ର ସଂସାରରେ ଉତ୍ପତ୍ତି ଯେ କଲେ
ପ୍ରଥମ ଉଚ୍ଚାର କରି ଭୂଳ ଲଗାଇଲେ । (୨ୟ ଅ:)

(୮) ପଞ୍ଚତତ୍ତ୍ୱ—ଅଚ୍ୟୁତାନନ୍ଦ କେତେକ ତତ୍ତ୍ୱକୁ ଏପରି ଭାବରେ ଲେଖିଛନ୍ତି—

ପଞ୍ଚତତ୍ତ୍ୱ—ପଞ୍ଚବୀଜ—କ୍ଳୀଁ ଶ୍ରୀଁ କ୍ଲୀଁ ଧ୍ରୀଁ ସ୍ମୀଁ ।

ଏହି ପଞ୍ଚବୀଜରେ ବଳଭଦ୍ର, ସୁଭଦ୍ରା, ମୂରଲୀ, ଚନ୍ଦ୍ରାବଳୀ, ଲକ୍ଷ୍ମୀ, ପୃଥିବୀ, ରମା, ସୁଦର୍ଶନ, ରସାନନ୍ଦ ଶ୍ରୀକୃଷ୍ଣ, ତନ୍ତ୍ର, ଧର୍ମ, ସିଂହାସନ ପ୍ରଭୃତିଙ୍କୁ ନିର୍ଦ୍ଦେଶ କରିଛନ୍ତି । କ୍ଲୀଁ ବୀଜଟି ଶୁଦ୍ଧଭକ୍ତିର ସୀମା; କିଶୋର ବୟସରେ ସେ କୃଷ୍ଣ ଜଗନ୍ନାଥ ।

ନାମ ବୀଜର ସେ ଏକୁ ଅଟେକ ମହିମା
କ୍ଲୀଁ ବୀଜ ବୋଲିଣ ସେହୁ ଶୁଦ୍ଧ ଭକ୍ତି ସୀମା ।
କିଶୋର ବୟସରେ କୃଷ୍ଣ ଜଗନ୍ନାଥ ସେହୁ
ରସାନନ୍ଦ ସ୍ୱରୂପେ ସେ ଅଟେ ଭାବଗ୍ରାହୀ । (୩ୟ ଅ:)

**(୪) ମହାମନ୍ତ୍ର, ମନ୍ତ୍ରରାଜ ଓ ଜଗନ୍ନାଥ:**—ମନ୍ତ୍ରରାଜର ଶ୍ରୀକୃଷ୍ଣ ହିଁ ନୀଳାଚଳର ଜଗନ୍ନାଥ । ମହାମନ୍ତ୍ରର ଧ୍ୟାନଆତ୍ମା ସ୍ୱୟଂ ଶ୍ରୀକୃଷ୍ଣ ହିଁ ନୀଳାଚଳର ଜଗନ୍ନାଥ ।

ନୀଳାଚଳେ ଜଗନ୍ନାଥ ମହାମନ୍ତ୍ରେ ଧନ
ଧ୍ୟାନ ଆତ୍ମା ହେଉଛି ମନ୍ତ୍ରରାଜରେ ଯେଉଁ ଜନ୍ମ । (ଶୂନ୍ୟ ସଂ)

'ଗୋପୀଜନ ବଲ୍ଲଭାୟ ନମଃ'—ଏହି ଦଶାକ୍ଷର ମନ୍ତ୍ରରାଜର ଅର୍ଥ ମଧ୍ୟ ଅଚ୍ୟୁତାନନ୍ଦ କରିଛନ୍ତି ଏବଂ ଏହାଙ୍କୁ ନୀଳାଚଳର ଚତୁର୍ଦ୍ଧା ମୂର୍ତ୍ତିରେ ଦେଖାଇଛନ୍ତି ।

ଏହି ମନ୍ତ୍ରରାଜକୁ ଚୈତନ୍ୟଦେବ ପ୍ରଚାର କରିଥିଲେ । ମହାମନ୍ତ୍ର ଓ ମନ୍ତ୍ରରାଜର ରୂପ ହେଉଛନ୍ତି ନୀଳାଚଳର ଦାରୁମୂର୍ତ୍ତି ।

ଶ୍ରୀଚୈତନ୍ୟ ପ୍ରଭୁ ଆସେ ଜଗତ ଠାକୁର
ମନେ ଜମନ୍ତ୍ରିଣ ମନ୍ତ୍ର କଲେ ସେ ପ୍ରଚାର ।
ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ
ମହାମନ୍ତ୍ର ମନ୍ତ୍ରରାଜ ରୂପ ଦାରୁବ୍ରହ୍ମ ।
ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ତେଜ ସିଂହାସନ ପରେ
ବିଜେ କରିଣ ଛନ୍ତି ଚତୁର୍ଦ୍ଧା ରୂପରେ । (ଶୂନ୍ୟ ସଂ)

ଏହି ରୂପକୁ ଚୈତନ୍ୟଦେବ ଚିହ୍ନିଥିଲେ ଏବଂ କଳାରେ କଳା ମିଶିଗଲା, ବାରି ହେଲା ନାହିଁ ।

ଚିହ୍ନିଲେ ଚୈତନ୍ୟ ସେ ବ୍ରହ୍ମାଣ୍ଡ କର୍ତ୍ତା ହରି
କଳାରେ କଳା ମିଶିଲା ନୋହିଲା ସେ ବାରି । (ଶୂନ୍ୟ ସଂ)

ମହାବିଷ୍ଣୁ ବା ନିତ୍ୟକୃଷ୍ଣ ହିଁ ଜଗନ୍ନାଥ; ଶ୍ରୀଚୈତନ୍ୟ ଶ୍ରୀକୃଷ୍ଣ ଅବତାର ବା କଳା ଅଂଶ । ଏହି କାରଣରୁ କଳାରେ କଳା ମିଶିଗଲା, ଅର୍ଥାତ୍ ଶ୍ରୀଚୈତନ୍ୟ ଯେଉଁ ବ୍ରହ୍ମଙ୍କଠାରୁ ଆସିଥିଲେ ସେହି ବ୍ରହ୍ମରେ ଲୀନ ହେଲେ । ଚୈତନ୍ୟଦେବ ଜଗନ୍ନାଥଙ୍କ ଅଙ୍ଗରେ ଲୀନ ହୋଇ ସଂସାରରୁ ଅନ୍ତର୍ଦ୍ଧାନ ହୋଇଥିବା ପ୍ରବାଦକୁ ଏହା ସମର୍ଥନ କରୁଥିବା ସ୍ପଷ୍ଟ ହେଉଛି ।

**(୧୦) ଜ୍ୟୋତିର୍ବ୍ରହ୍ମ : ଏକାକ୍ଷର ବ୍ରହ୍ମ : ମହାମନ୍ତ୍ର—**
ସେହି ଜ୍ୟୋତିର୍ବ୍ରହ୍ମ ସେ ଏକାକ୍ଷରବ୍ରହ୍ମ ଓଁ ନାମ । ଏହା ମଧ୍ୟ 'ହରେ ରାମ କୃଷ୍ଣ' ମହାମନ୍ତ୍ରର ତତ୍ତ୍ୱ । ଜ୍ୟୋତିର୍ବ୍ରହ୍ମଙ୍କ ଜ୍ୟୋତିମଣ୍ଡଳ ମଧ୍ୟରେ ରାଧାକୃଷ୍ଣ ଲୀଳା କରୁଛନ୍ତି । ରାଧାକୃଷ୍ଣ ଯୁଗଳ ଲୀଳାରେ ମଗ୍ନ । ସେଠାରେ ଅଦ୍ଭୁତ ରୂପ ଜ୍ୟୋତିରୂପରେ ପ୍ରକାଶ ହେଉଛନ୍ତି । ଶ୍ରୀକୃଷ୍ଣ ମୁରଲୀ ବଜାଉଛନ୍ତି । ଗୋପୀମାନେ ଗୀତ ଗାଇ ସେବା କରୁଛନ୍ତି । ରମା, ପ୍ରେମା, ଶ୍ୟାମଳା, ଶଶାଙ୍କା ଆଦି ସଖୀମାନେ ସେବାରେ ଅଛନ୍ତି । ମୁରଲୀର ସପ୍ତରନ୍ଧ୍ରରେ ସପ୍ତସ୍ୱର ବାହାରୁଛି । ହରେ ରାମ କୃଷ୍ଣ ମହାମନ୍ତ୍ର ଏହିଠାରୁ ଜାତ ହୋଇଛି । (ଶୂ ଅ.)

ଏହି ବ୍ରହ୍ମହିଁ ଏକାକ୍ଷର ସ୍ୱୟଂ ନିରଞ୍ଜନ । ସେ ହ-ରୂପୀ ଜଗନ୍ନାଥ; ଦାରୁବ୍ରହ୍ମ ରୂପରେ ପ୍ରକଟ ହୋଇଛନ୍ତି । 'ହରେ' ପଦରେ 'ହ' ଜଗନ୍ନାଥ ବା କୃଷ୍ଣ, 'ର' ରାଧା; ଦୁହେଁ ନିତ୍ୟରେ ଏକାଙ୍ଗ ହୋଇ ବିହାର କରୁଛନ୍ତି । ପୁଣି 'ହ'କାର ରାଧା, 'ର'କାର କୃଷ୍ଣ ବୋଲି ମଧ୍ୟ ଅଚ୍ୟୁତାନନ୍ଦ ବୁଝାଇଛନ୍ତି । ( ଶୂ ଅ. )

ନିତ୍ୟ ରାଧାକୃଷ୍ଣ ଲୀଳାରେ ଗୋପୀମାନେ ନିତ୍ୟ ସେବକାରୂପେ ଯୁଗଳ ମୂର୍ତ୍ତିଙ୍କ ସେବାରେ ଅଛନ୍ତି । ଗୋପୀମାନଙ୍କର ପ୍ରେମ ଅତୁଳନୀୟ ଓ ସର୍ବୋତ୍କୃଷ୍ଟ ଥିବାରୁ 'ଗୋପୀଜନବଲ୍ଲଭସ୍ୟ' ମନ୍ତ୍ରରେ 'ଗୋପୀ' ନାମ ସ୍ଥାନ ପାଇଛି । ଏହି ଗୋପୀ ନାମର ମହିମା ଅଚ୍ୟୁତାନନ୍ଦ କୀର୍ତ୍ତନ କରିଛନ୍ତି । 'ହରେ ରାମ କୃଷ୍ଣ' ମନ୍ତ୍ରର ବୀଜ ରମା ସେ, ଗୋପୀ ସେ; ରମା ବା ଲକ୍ଷ୍ମୀଙ୍କର ଅନ୍ୟ ନାମ ଗୋପୀ । ଗୋପୀ ହେଉଛି ଜଗତର ଯାବତୀୟ ଉତ୍କୃଷ୍ଟ ସାରଦ୍ରବ୍ୟ । ଗୋପୀ, ରୁକ୍ମିଣୀ, ରମା, ପ୍ରେମା, ସାବିତ୍ରୀ ପ୍ରଭୃତି ସବୁ ନାମକୁ ଠାବ କରି ଶ୍ରୀହରି ସେଥିମଧ୍ୟରୁ ଗୋପୀ ନାମକୁ ବାଛିଲେ; ସ୍ତ୍ରୀ, ପତ୍ନୀ ନାମକୁ ଏକାଠି କରି ଏହି ନାମ ସହିତ ତୁଳିବାରୁ 'ଗୋପୀ' ନାମର କଣିକାକୁ ମଧ୍ୟ ସମାନ ହେଲେନାହିଁ । ତେଣୁ ଗୋପୀ ନାମ ସାର ହେଲା ।

ଏହି ଜ୍ୟୋତିର୍ମଣ୍ଡଳ ଭିତରେ ଚତୁର୍ବେଦ ମଧ୍ୟ ପ୍ରବେଶ କରିପାରନ୍ତି ନାହିଁ । ସେଠାକୁ ଯିବାକୁ ଗାୟତ୍ରୀ ପାରନ୍ତି; ଗାୟତ୍ରୀ ନାଦ ରୂପରେ ସେ ଦ୍ୱାରକୁ ଆବୋରି ରହିଛନ୍ତି । କାଳାନଳ ଜ୍ୟୋତି ଶରୀର ଏହି ବେଦମାତା ଗାୟତ୍ରୀ ପଥକୁ ନିରୋଧ କରୁଛନ୍ତି । ଏହି ଗାୟତ୍ରୀଙ୍କ କୃପା ହେଲେ ପ୍ରଣବ ବା 'ଓଁ'କାର ପ୍ରବେଶ ମିଳେ; ଅଜ୍ଞାନତା ରୂପକ ଅନ୍ଧକାର ଲୋପ ହୁଏ । ଅତଏବ ଅଜପା

ଗାୟତ୍ରୀ ମନ୍ତ୍ରକୁ ଜପିବା ଆବଶ୍ୟକ । କାରଣ ଗାୟତ୍ରୀ ମନ୍ତ୍ରକୁ ବେଦମାତା ଗାୟତ୍ରୀର ବନ୍ଦନ ପୂର୍ବରୁ ବେଦପାଠ ନିଷେଧ କରିଛନ୍ତି । 'ଓଁ'କାର ରୂପୀ ଶବ୍ଦବ୍ରହ୍ମଙ୍କୁ ଭଜନ କରିବା ଆବଶ୍ୟକ । (ଶାସ୍ତ୍ର ଅ.)

**(୧୧) ପିଣ୍ଡବ୍ରହ୍ମାଣ୍ଡ : ପିଣ୍ଡରେ ରାଧା-କୃଷ୍ଣଙ୍କ ନିତ୍ୟଲୀଳା:**—ଯେଉଁ ସମୟରେ ଜଳ ସ୍ଥଳ ନଥିଲା ସେତେବେଳେ ବ୍ରହ୍ମ ବା ନିତ୍ୟଶ୍ରୀକୃଷ୍ଣ ପିଣ୍ଡକୁ ଅବଲମ୍ବ କଲେ । ରାଧା ନାମ ଶ୍ରବଣରେ ଶୁଣିବାରୁ କୃଷ୍ଣଙ୍କର ପ୍ରୀତି ବୃଦ୍ଧି ପାଇଲା ଏବଂ ଭାବରେ ରତିରସରେ ମଜ୍ଜିବାରୁ ବୀର୍ଯ୍ୟ ସ୍ଖଳିଲା । ରଜ ଓ ବୀଜ ମିଶି ଏକାଠି ହେଲେ ଏବଂ ଏଥିରୁ ଅଣ୍ଡ ପ୍ରକାଶିତ ହେଲା । ଏହି ଅଣ୍ଡ ହିଁ, ମାସ ଅନୁସାରେ କ୍ରମେ ବର୍ଦ୍ଧିତ ହୋଇ ଶରୀର ରୂପ ଧାରଣ କଲା । ଏଥିରେ ଜୀବ, ଈଶ୍ୱର, କାଳ, ମାୟା, ବ୍ରହ୍ମର ବାସ ସ୍ଥାପିତ ରହିଲା ।

ଜୀବ ଦେହ ବା ପିଣ୍ଡକୁ ପାଇ ସଂସାର ମାୟାରେ ମଜ୍ଜିଗଲେ ।

ଏହି ପିଣ୍ଡରେ ବ୍ରହ୍ମାଣ୍ଡର ଅବସ୍ଥିତି । ଯେପରି ବାହୁ, ହୃଦୟ, ନାଭି, ଉଦର, ମୁଖ, କଣ୍ଠ—ଏହି ସାତ ସ୍ଥାନ ସପ୍ତତଳ (ଅତଳ, ବିତଳ, ସୁତଳାଦି) ବର୍ଣ୍ଣିତ ମର୍ତ୍ତ୍ୟପୁର । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ପ୍ରଭୃତିକ ସାତପୁର । ଏପରି ଏକୋଇଶପୁର ଏହି ଦେହ ଭିତରେ ଅଛି । ତାଳୁକା ହେଉଛି ବ୍ରହ୍ମସ୍ଥାନ ।

**(୧୨) ଜ୍ୟୋତିର୍ମଣ୍ଡଳ ବା ନିତ୍ୟରାସ ମଣ୍ଡଳ:**—କବି ଏପରି ଭାବରେ ପିଣ୍ଡବ୍ରହ୍ମାଣ୍ଡ ସାର (ବା ସମାନ) କହିଛନ୍ତି ।

ଏକୋଇଶପୁର ପିଣ୍ଡ ବ୍ରହ୍ମାଣ୍ଡ ଯେ ସାରି
ଜ୍ୟୋତିର୍ମଣ୍ଡଳର ମଧ୍ୟେ ବିଜେ ନରହରି । (ଶାସ୍ତ୍ର ଅ.)

ଏକାକ୍ଷର ବ୍ରହ୍ମର ସ୍ୱରୂପାଏ ଯେ, ସହସ୍ରଦଳ ପଦ୍ମର ସ୍ୱରୂପାକୃତି ସେ । ଏହା ଜ୍ୟୋତିର୍ମଣ୍ଡଳ ଭିତରେ ଅବସ୍ଥିତ । ସେହି ପଦ୍ମ ପ୍ରକାଶିତ ହେଲେ ନେତ୍ରପଦ୍ମ ପ୍ରକାଶିତ ହୁଏ । ଏହି ପଦ୍ମ ଭିତରେ ଶ୍ରୀ ରାଧାକୃଷ୍ଣଙ୍କର ନିତ୍ୟରାସ ଲୀଳା ଚାଲିଛି । ଦ୍ୱାଦଶ ପବନ, ଷୋଡ଼ଶ ଗୋପୀ ଏହି ରାସମଣ୍ଡଳକୁ ବେଢ଼ି ନୃତ୍ୟ କରୁଛନ୍ତି । କବି 'ହରେ ରାମ କୃଷ୍ଣ' ମନ୍ତ୍ରର ଏ, ଆଁ, ର-କାରକୁ ଜାହ୍ନବୀ, ଯମୁନା, ବଳରାମ, ବଂଶୀବଟର ଅର୍ଥ କରିଛନ୍ତି ।

ଏହି ଜ୍ୟୋତିର୍ମଣ୍ଡଳ ଉପରେ ଶବ୍ଦବ୍ରହ୍ମଙ୍କ ଅବସ୍ଥିତି । ଏହି ଶବ୍ଦବ୍ରହ୍ମଙ୍କୁ ସୁର, ମୁନି, ଋଷି ପ୍ରଭୃତି ଧ୍ୟାନ କରୁଛନ୍ତି । ସେଠାରୁ ଆଗମ, ନିଗମ ପ୍ରଭୃତି ତନ୍ତ୍ର, ଆସନ, ଜନକ, ମନ୍ତ୍ର, ନ୍ୟାସ, ଛନ୍ଦ ପ୍ରଭୃତିର ପ୍ରବେଶ ନାହିଁ; ମହାଶୂନ୍ୟର ଦ୍ୱାର ଏମାନଙ୍କ ପାଇଁ ବନ୍ଦ । ସାଧକମାନେ ଅନେକ ପ୍ରକାରରେ ଶବ୍ଦବ୍ରହ୍ମଙ୍କୁ ଭଜନ କରନ୍ତି, କେହି ଅପ୍ରମାଣ ବୁଝନ୍ତି, ସମସ୍ତେ ଫଳଲାଭ କରନ୍ତି ।

ସବେଁ ଶବ୍ଦବ୍ରହ୍ମଙ୍କୁ ସେ କରିଥାନ୍ତି ଧ୍ୟାନ
ସବୁ ମୂଳମନ୍ତ୍ର ତନ୍ତ୍ର ଆଗମ ନିଗମ ।
ଆସନ ଜନକ ମନ୍ତ୍ର ନ୍ୟାସାଦି ଯେ ଛନ୍ଦ
ଏମାନେ ସେଠାରେ ନାହିଁ ଶୂନ୍ୟେ ଅଛି ବନ୍ଦ ।
ଅନେକ ପ୍ରକାରେ ତାଙ୍କୁ ଭଜନେ ଲଭନ୍ତି
ଅପ୍ରମାଣ ବୋଲିଣ ସବୁ ଘଟଣା ବୁଝନ୍ତି । (ଶୂନ୍ୟ ସଂ:)

ସହସ୍ରାର ପଦ୍ମ ଭିତରେ ନିତ୍ୟ-ରାଧାକୃଷ୍ଣଙ୍କର ରାସଲୀଳା ଲାଗି ରହିଛି । ପ୍ରଭୁ ଦୁଷ୍ଟମାନଙ୍କୁ ଦମନ କରିବା ପାଇଁ ମର୍ତ୍ତ୍ୟରେ ଅବତାର ଗ୍ରହଣ କରନ୍ତି । କଂସାଦି ଅସୁରମାନଙ୍କୁ ମାରିବା ପାଇଁ ମର୍ତ୍ତ୍ୟରେ କୃଷ୍ଣରୂପେ ଅବତାର ଗ୍ରହଣ କରିଥିଲେ । ସୁଷୁମ୍ନାର ତଳ ଉପରେ ଅନେକ ଅନ୍ତରରେ ନିତ୍ୟ-ବୃନ୍ଦାବନ । ଏହାର ଭୂମିର ଆୟତନ ଚୌରାଶି ସହସ୍ର କୋଶ । ଏଠାରେ ରାଧାକୃଷ୍ଣ ଲୀଳା କରୁଛନ୍ତି; ଦେଖାଯାଉନାହାନ୍ତି । ଏ ଲୀଳା ଅନାଦି କାଳ ପର୍ଯ୍ୟନ୍ତ ଲାଗି ରହିଛି, ରହିଥିବ । କୋଟି ଯୁଗ ଗଲେ ମଧ୍ୟ ଏହାର ଅବସାନ ହେବନାହିଁ ।

ସୁଷୁମ୍ନାର ତଳ ପରେ ଅନେକ ଅନ୍ତରେ
ଅଛନ୍ତି ରାଧାସେ ମହି ଅନାମ ଅକ୍ଷରେ ।
ଚୌରାଶି ସହସ୍ର କୋଶ ଭୂମି ଆୟତନ
ସେ ଭୂମିରେ ଲୀଳା କରୁଛନ୍ତି ଦେବ ଜନ ।
ଗୋପିକାମଣ୍ଡଳ ପରେ ଫିରନ୍ତି ହରଷରେ
ଦିଶନ୍ତି ଯେ ନ ଦିଶନ୍ତି ଭକ୍ତ ନୟନରେ ।
କୋଟି ଯୁଗ ଗଲେ ତାଙ୍କ ନ ଟଳଇ ଲୀଳା
ନୟନେ ନଦେଖ ମୁହିଁ ଭକ୍ତେ ଭକ୍ତ ଗଲା । (ଅର୍ଥ ଟୀ:)

ମନ୍ତ୍ରୀ ! ବୃନ୍ଦାବନର ରାଧା, ଗୋପୀ, ଗୋପବାଳକମାନଙ୍କ ସହ ଶ୍ରୀକୃଷ୍ଣ ଲୀଳା କରୁଥିବା ଭୂମିର ଅଙ୍କନ ଚୌରାଶି କୋଶ । ଏକାକ୍ଷର ଓଁ ଅଷ୍ଟଦଳ ଉପରେ କଦମ୍ବ ମୂଳରେ କୃଷ୍ଣ ବିଜେ କରିଅଛନ୍ତି । ବୃନ୍ଦାବନୀ ରାଧାଙ୍କ ଅଷ୍ଟନାୟିକା ଲକ୍ଷଣ ମଧ୍ୟ ଏଠାରେ ବାନ୍ଧନ୍ତୁ ।

ସେପରି ଲୀଳା କଲେ ଏକାକ୍ଷର ଅଷ୍ଟଦଳେ
ବନରେ କରଣ ଆଜ୍ଞା କଦମ୍ବର ତଳେ ।
ଯମୁନା ପୁଲିନ ବନ କାଳିନ୍ଦୀର ହ୍ରଦ
ଅଷ୍ଟଦଳ ମଧ୍ୟେ ଦେଖ କଦମ୍ବର ମଧ୍ୟ ।
ଓଁକାର ପାଖୁଡ଼ା ଏହି ବୃନ୍ଦାବନୀ ସ୍ଥାନ
ଏହି ଦଳେ ବ୍ୟୋମାକୃତି ସାଧନ ॥ ଇତ୍ୟାଦି । (୪ର୍ଥ ଅ:)

ସପ୍ତପଞ୍ଚାତ୍ମକ ତତ୍ତ୍ୱ ଜାଣି ଅନ୍ତରେ ଭଜନ କଲେ ଶ୍ରୀକୃଷ୍ଣପ୍ରାପ୍ତି ସୁନିଶ୍ଚିତ । ଏହି ତତ୍ତ୍ୱବେତ୍ତା ହିଁ ପ୍ରକୃତ ବୈଷ୍ଣବ । ଏହି ତତ୍ତ୍ୱ ନ ଜାଣି ମାଳା ଜପିଲେ ଫଳଲାଭ ସମ୍ଭବ ନୁହେଁ । ନିର୍ମଳ ଭକ୍ତିରେ କୃଷ୍ଣପ୍ରାପ୍ତି ସୁନିଶ୍ଚିତ । ଏହାକୁ କବି ଏପରିଭାବରେ ବୁଝାଇଛନ୍ତି ।

ପଞ୍ଚଭୂତ, ପଞ୍ଚବାୟୁ, ପଞ୍ଚଆତ୍ମା, ମନ
ପଞ୍ଚଦାନ, ପଞ୍ଚତତ୍ତ୍ୱ, ପଞ୍ଚମାତ୍ରା ପୂର୍ଣ୍ଣ ।

ଏହି ସପ୍ତମାତ୍ରାକୁ ଚିହ୍ନି ମନ୍ତ୍ରରାଜ ଜପ କଲେ କୃଷ୍ଣପ୍ରାପ୍ତି ଧ୍ରୁବ । ବିଶ୍ୱାସ ହିଁ କୃଷ୍ଣପ୍ରାପ୍ତିର ମୂଳ ।

ଏ ତତ୍ତ୍ୱ ଚିହ୍ନିଲେ ଯିବା ଭଜନ ପୂଜନ
ଏ ଭେଦ ନଜାଣି ଗଲେ ଲମ୍ବାନ୍ତି ସେ ମାଳ ।
ଜପସ୍ଥାନେ ମନ ଥୋଇ ମୁଖେ ବୋଲେ ହରି
ଏମନ୍ତ ଭଜନମାଳା ଭକ୍ତେ ପ୍ରଶଂସା କରି ।
ଏମନ୍ତ ଭଜନେ କୃଷ୍ଣ ନୁହନ୍ତି ସେ ଦୃଶ୍ୟ
ସେତେବେ ଅନ୍ତର୍ଗତ ତାର ନାହିଁ ସେ ବିଶ୍ୱାସ ।
ପୁଣି, ଲମ୍ବସୂତ୍ର ଧାରଣ ସେ ନିଶ୍ଚଳ ଆସନେ
କରିଣ ଜପିବ ମନ୍ତ୍ର ପଞ୍ଚଆତ୍ମା ଧ୍ୟାନେ ।

ଶ୍ରୀଗୁରୁ ଚରଣେ ଚିତ୍ତ ନିବେଶିତ ହେଉ
ମନର ନିଷ୍ଠାରୁ ଭକ୍ତି ପ୍ରକାଶିବ ତେଉ । (୪ର୍ଥ ଅ.)

**(୧୩) ଶୂନ୍ୟପୁରୁଷ : ଘଟରେ ଶୂନ୍ୟପୁରୁଷ**—ଶୂନ୍ୟପୁରୁଷ ସବଘଟରେ ଅଛନ୍ତି । ସେ ସବୁ ମାୟାମୋହ-ବନ୍ଧନରେ ରହିବା ସଙ୍ଗେ ସଙ୍ଗେ ଏଥିରୁ ଅଲଗା ହୋଇ ମଧ୍ୟ ରହୁଛନ୍ତି । ଶୂନ୍ୟପୁରୁଷ ଘଟରେ ଥିବାବେଳେ ତାଙ୍କୁ ଦେହ-ଦୁର୍ଗ ଭିତରେ ଏକାଦଶ ଇନ୍ଦ୍ରିୟ, କାମ, କ୍ରୋଧ, ମୋହ ଘୁଲୁରି କରି ରହିଛନ୍ତି । ଶୂନ୍ୟପୁରୁଷ ରାଜ୍ୟ ଭୋଗ କରୁଛନ୍ତି । ଏ ସବୁଠାରୁ ଅଲଗା ରହି ଶୂନ୍ୟପୁରୁଷ ଶୂନ୍ୟ ଉପରେ ଲୀଳା କରୁଛନ୍ତି । ତାଙ୍କୁ ଏହି ପ୍ରହରୀମାନେ ସ୍ପର୍ଶ କରିପାରନ୍ତି ନାହିଁ । ଏହି ଶୂନ୍ୟପୁରୁଷ ହିଁ ନିରାକାର । ଦ୍ୱାତ୍ରିଂଶ ଅକ୍ଷର (ହରେ ରାମ କୃଷ୍ଣ ମହାମନ୍ତ୍ର) ଭଜନକରି ନିରାକାରଙ୍କୁ ଧ୍ୟାନକଲେ ପରମ ଗତି ଲଭ ହୁଏ । ଶରୀରରେ ପରମାତ୍ମାଙ୍କ ଜୀବାତ୍ମା ରୂପେ ଅବସ୍ଥିତିକୁ ଏଠାରେ ଲକ୍ଷ୍ୟ କରାଯାଇଛି ।

ମନୁଷ୍ୟର ନାସିକା ଦ୍ୱାରରେ ବାରଅଙ୍ଗୁଳ ପ୍ରମାଣେ ହଂସ ଗମନ କରେ । ଏହି ହଂସ ବା ବାୟୁ ଶ୍ୱାସପ୍ରଶ୍ୱାସ ରୂପ ଧରେ । ନିରାକାର ପୁରୁଷଙ୍କର ସ୍ୱରୂପ ଚକ୍ଷୁ ଦ୍ୱାରରେ ଦେଖାଯାଏ । ଏହାହିଁ ତାଙ୍କର ଅଲେଖ ରୂପ । ଏହି ନିରାକାର ଅଲେଖରୂପ ସମସ୍ତ ଜଗତକୁ ଦେଖୁଛନ୍ତି; କିନ୍ତୁ ତାଙ୍କୁ ମୂଢ଼ ଅଜ୍ଞାନମାନେ ଦେଖି ପାରୁନାହାନ୍ତି ।

ପୁଣି ମନୁଷ୍ୟ ଦେହ ଶୂନ୍ୟ । ଜଗତ ଶୂନ୍ୟ ଉପରେ ଉଦୟ । ମନୁଷ୍ୟର ପିଣ୍ଡରୁ ଜୀବାତ୍ମା ଗଲେ ସେ ପରମାତ୍ମାରେ ମିଶିଯାଏ । ଅର୍ଥାତ୍ ଶୂନ୍ୟପୁରୁଷ ଶୂନ୍ୟକୁ ଗମନ କରେ, ଏହାହିଁ ଏହାର ଭାବ । ଯୋଗବଳରେ ଶୂନ୍ୟପୁରୁଷଙ୍କୁ ପାଇବାର ଉପାୟ ମଧ୍ୟ ଅଚ୍ୟୁତାନନ୍ଦ କହିଛନ୍ତି ।

ଊର୍ଦ୍ଧ୍ୱେ କର ଯୋଡ଼ି କର ଭ୍ରୂ ଲକ୍ଷ୍ୟ, ଊର୍ଦ୍ଧ୍ୱମୁଖ କରି କର ଭ୍ରୂ ଲକ୍ଷ୍ୟ ।
ଊର୍ଦ୍ଧ୍ୱମୁଖ କରି ତତାକୁ ଧାରି, ତ୍ରିକୂଟ ସନ୍ଧି ଅଲେଖକୁ ହେରି ।
ନିରାକାର ମନ୍ତ୍ର କଣ୍ଠତଳରେ, ବୋଲିବାକୁ ସ୍ୱର ଊର୍ଦ୍ଧ୍ୱମୁଖରେ ।

ଦ୍ୱାବିଂଶ ଅକ୍ଷର ଉଚ୍ଚାର କର, ନିଶ୍ଚଳ ମନକୁ ତହିଁ ଧର ।
ସେମନରେ ବାନ୍ଧୁ ଦେଖିବ ଭାବ, ଅତେଜ ଜନ୍ମେ ନିର୍ମଳ ମାଣିକ ।
(୭ମ ଅ.)

ଏହିପରି ଧ୍ୟାନକଲେ ଚତୁର୍ଦ୍ଦିଗରେ ଦିବ୍ୟଜ୍ୟୋତି ଦେଖାଯିବା ମନସ୍କାମ ପୂର୍ଣ୍ଣ ହେବ । ଏ ସହଜ (ସରଳ) ସାଧନର ଏକ ପନ୍ଥା । ଏହି ସାଧନାରେ ସିଦ୍ଧିଲାଭ କଲେ 'ଶୂନ୍ୟପୁରୁଷ' ସାଧକର ଅଙ୍ଗରେ ପ୍ରକାଶିତ ହେବେ ।

ଶୂନ୍ୟପୁରୁଷ ସମ୍ବନ୍ଧରେ ଏହି କେତୋଟି ପଦ ଉଦ୍ଧାରଦେଲୁ—

ଭଲ ଦେଖିଲୁ ପୁଣ୍ୟକ ସ୍ଥଳ,
ଶୂନ୍ୟପୁରୁଷ ଶୂନ୍ୟ ପରେ ବନ୍ଦୀ ।
ଶୂନ୍ୟପୁରୁଷ ଉଦାସରେ ରହେ,
ଶୂନ୍ୟପୁରୁଷ ସବୁ ମାୟା ବହେ ।
ଶୂନ୍ୟପୁରୁଷ ଦର୍ଶାନ୍ତି ଅଙ୍ଗ,
ଶୂନ୍ୟପୁରୁଷ ସର୍ବ ଘଟରେ ରଙ୍ଗ ।
ଶୂନ୍ୟପୁରୁଷ କଲେ କପଟ,
ଶୂନ୍ୟପୁରୁଷ ଭାଙ୍ଗେ ଛିଦ୍ର କୂଟ ।
× × ×
ଶୂନ୍ୟମନ୍ତ୍ର ଶୂନ୍ୟପୁରୁଷ ଧର,
ଦଣ୍ଡୁଆଳ ଶୁଣା ହୋଇଣ ଦୂର ।
ଶୂନ୍ୟପୁରୁଷ ଅଟେ ଦଣ୍ଡିହୋଏ,
ସର୍ବ ଦୋଷେ ବାଧା ନ ଯାଇ ଥାଏ ।
ଶୂନ୍ୟପୁରୁଷଙ୍କୁ କେତେ ଭଗାରି,
ମାରତେ ଭଲ୍ଲା ଅଟଇ ତାହାରି ।
ଶୂନ୍ୟପୁରୁଷ ଦେଢ଼ିଛୁ ଦେହାରେ,
ଶତ ଖଣ୍ଡ ଦଶ୍ମା ଖମା ଘାସରେ ।
ଏକ ଦଣ୍ଡ ଭଗ୍ନ ଦେଢ଼ି ଅଛନ୍ତି,
ଖାମ ଦୋଷ ନୋହୁ ଦ୍ୱାର ଜଗନ୍ତି ।

ଦ୍ୱାଦଶ ଦଳାଇ ପଦ୍ମନାଭଙ୍କ,
ପଚାଶ ବ୍ରହ୍ମାଣ୍ଡ ପଞ୍ଚ ମନ ତ ।
ପିଣ୍ଡ ଭିତରେ ପଞ୍ଚାଶ ଅକ୍ଷର,
ବାୟୁର ନାଡ଼ୀ ଯେ ପିଣ୍ଡ ପାଶର ।
ପିଣ୍ଡ ସ୍ୱରୂପାଦେଶ ଏମାନେ ଦ୍ୱାସ,
ଶୂନ୍ୟସ୍ୱରୂପଙ୍କୁ ଆତ୍ମା ଅଟେବାର ।
ଶୂନ୍ୟସ୍ୱରୂପର ଏତେକ ତେଜ,
ଶୂନ୍ୟ ବ୍ରହ୍ମାଣ୍ଡ ଐଶ୍ୱର୍ଯ୍ୟ କରଇ ରାଜ୍ୟ ।
ଶୂନ୍ୟସ୍ୱରୂପ ଅଳେଖ ରୂପ,
ଲୀଳା କରୁଛି ଶୂନ୍ୟ ପରେ ଭୂପ ।
ନ ଛୁଅନ୍ତି ତାଙ୍କୁ ପଚାଶ ଜନ,
ଅଳେଖେ ରୂପ ଭରେ ଭିନ୍ନାଭିନ୍ନ ।
ଶୂନ୍ୟ ପରେ ଶୂନ୍ୟସ୍ୱରୂପ ରହେ,
ଶୂନ୍ୟ ଭଜନ ନିରାକାର ଧ୍ୟାଏ । × ×
ଏ ଦେହକୁ ଭାବୁ ପରତେ ନ ଯା,
ନିରାକାର ଭଜି ପରତେ ଯା ଯା । (୭ମ ଅ:)

ଜୀବାତ୍ମା ଓ ପରମାତ୍ମା ସମ୍ପର୍କରେ ବେଦାନ୍ତସମ୍ମତ ବ୍ୟାଖ୍ୟା ଅଚ୍ୟୁତାନନ୍ଦ କରିଛନ୍ତି । [ 'ମାଣ୍ଡବେ' ଶବ୍ଦ ବ୍ୟବହାର ଉତ୍ତର ଓଡ଼ିଶାର ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ଦେଖାଯାଏ । କବି ଓଡ଼ିଶାର ଉତ୍ତର ଅଞ୍ଚଳରେ ଅବସ୍ଥାନ କରୁଥିବା ବେଳେ ଏହା ଲେଖିଥିବା ସମ୍ଭବ । ଏ କବି, କି ନକଲି କବି, ବା ପ୍ରକ୍ଷେପକର୍ତ୍ତା ଏପରି ଲେଖିଛନ୍ତି ତାହା କହିହେବନାହିଁ । ]

(୧୯) ଗୋପଲୀଳା ଦ୍ୱାରକାଲୀଳା ଅପେକ୍ଷା ଶ୍ରେଷ୍ଠ : **ନିତ୍ୟରାସ ପ୍ରସଙ୍ଗ**:—ଶ୍ରୀକୃଷ୍ଣଙ୍କ ଦ୍ୱାରକାଲୀଳା ଅପେକ୍ଷା ଗୋପଲୀଳା ଶ୍ରେଷ୍ଠ । ଏହା କବି (୧ମ ଅଧ୍ୟାୟରେ) ବର୍ଣ୍ଣନା କରିଛନ୍ତି । ଦ୍ୱାରକାର ଅଷ୍ଟପାଟମହିଷୀଙ୍କୁ ଶ୍ରୀକୃଷ୍ଣ ଗରୁଡ଼ ପିଠିରେ ବସାଇ ନିତ୍ୟବୈକୁଣ୍ଠଧାମର ନିତ୍ୟରାଧା ଓ ନିତ୍ୟ-କୃଷ୍ଣଙ୍କର ନିତ୍ୟଲୀଳା ଦେଖାଇବା ପାଇଁ ନେଇଯାଇଥିଲେ । ସ୍ୱୟଂ ଶ୍ରୀକୃଷ୍ଣ ରାଧା ଓ ଗୋପୀଙ୍କ ଭକ୍ତି ଅଷ୍ଟପାଟମହିଷୀମାନଙ୍କ ଭକ୍ତିଠାରୁ ବଡ଼ ବୋଲି ବ୍ୟକ୍ତ କରିଛନ୍ତି । ରାଜସିକ ସେବାରେ ଦ୍ୱାରକାର ଅଷ୍ଟମହିଷୀମାନେ କୃଷ୍ଣଙ୍କ ମନକୁ

ସ୍ମରଣ କରୁଥିବେ; ଏମାନେ ପୂର୍ଣ୍ଣ କୃଷ୍ଣଙ୍କର ବିବାହିତା ପତ୍ନୀ । ଏହି ପ୍ରେମ ସ୍ୱକୀୟା ଓ ଐଶ୍ୱର୍ଯ୍ୟମୟୀ । ଗୋପୀ ଓ ରାଧାଙ୍କ ପ୍ରେମ ପରକୀୟା; ଏହା ହିଁ ଶୁଦ୍ଧ-ଭକ୍ତି । ପରକୀୟାଭକ୍ତି ଐଶ୍ୱର୍ଯ୍ୟଭକ୍ତି ଅପେକ୍ଷା ଶ୍ରେଷ୍ଠ, ଏହାହିଁ ପ୍ରତିପାଦିତ କରନ୍ତି ।

ଏଥିରେ ସାମାଜିକ ସମ୍ମାନ ଓ ଅମାନୀକୁ ମାନ ଦେବା ନୀତିର ଅବତାରଣା ହୋଇଛି । ଗୋପୀମାନେ ଅଧମ ଗଉଡୁଣୀ, ଅଷ୍ଟପାଟମହାଦେବୀମାନେ ରାଜରାଣୀ, କ୍ଷତ୍ରିୟ ବଂଶଜା, ଉଚ୍ଚକୁଳ ସମ୍ଭୂତା । ଶ୍ରୀକୃଷ୍ଣ ଏହି 'ଅଧମ' ଜାତୀୟ ଲୋକଙ୍କ ଶୁଦ୍ଧ ପ୍ରେମକୁ ଉଚ୍ଚକୁଳସମ୍ଭୂତା ସ୍ତ୍ରୀମାନଙ୍କ ପ୍ରେମ ଅପେକ୍ଷା ଉଚ୍ଚ ସ୍ଥାନ ଦେଉଛନ୍ତି ଏବଂ ଗୋପୀମାନେ ଅଷ୍ଟମହାଦେବୀମାନଙ୍କ ଅପେକ୍ଷା ଅଧିକ ସମ୍ମାନ ଲାଭ କରିଛନ୍ତି । ଅବଶ୍ୟ, ଏଥିରେ କବି ପୂର୍ବ ବୈଷ୍ଣବାଚାର୍ଯ୍ୟମାନଙ୍କ ପନ୍ଥା ଅନୁସରଣ କରିଛନ୍ତି ।

ମଥୁରାରେ ଅଷ୍ଟମହାଦେବୀ ରୁକ୍ମିଣୀ-ସତ୍ୟଭାମାଦି ଶ୍ରୀକୃଷ୍ଣଙ୍କ ସେବାରେ ବ୍ରତୀ ରହୁଥିଲେ ମଧ୍ୟ ଶ୍ରୀକୃଷ୍ଣଙ୍କ ମନରେ ଆନନ୍ଦ ଦେଖାଯାଉ ନଥିଲା । ସେ ବେଳେବେଳେ ଉଦାସ ଦେଖାଯାଉଥିଲେ । ତାଙ୍କର ଅଙ୍ଗ ମଧ୍ୟ ଦିନୁଦିନ କ୍ଷୀଣ ଦେଖାଗଲା । ଏହାର କାରଣ ପଚାରିବାରୁ ଶ୍ରୀକୃଷ୍ଣ କହିଲେ ଯେ ଗୋପ-ପୁରର ଗୋପକନ୍ୟାମାନଙ୍କୁ ଛାଡ଼ି ଆସିବା ଦିନଠାରୁ ତାଙ୍କର ସୁଖଲୀଳା ବନ୍ଦ ହୋଇଗଲା । ସେଠାରେ ସେ କ୍ଷଣେ ସୁଦ୍ଧା ବିରତ ନହୋଇ ରାଧାଙ୍କ ସଙ୍ଗେ ରାସକ୍ରୀଡ଼ା କରୁଥିଲେ । ନବଧା ଭକ୍ତିରେ ଗୋପୀମାନେ ତାଙ୍କର ସେବା କରୁଥିଲେ । ମଥୁରାରେ ତାଙ୍କୁ ଐଶ୍ୱର୍ଯ୍ୟମୟ ସେବା ମିଳୁଥିଲେ ମଧ୍ୟ ଏଥିରେ ତାଙ୍କର ମନ ସନ୍ତୁଷ୍ଟ ନୁହେଁ । ରାଧାଙ୍କର ଦିବ୍ୟ ଶୋଭା ଓ ମହିମା ଶ୍ରୀକୃଷ୍ଣ ବର୍ଣ୍ଣନା କରିଥିଲେ । ନିତ୍ୟ-ଗୋଲୋକରେ ନିତ୍ୟରାଧାଙ୍କ ସହିତ ନିତ୍ୟକୃଷ୍ଣଙ୍କର ଲୀଳା ଅପୂର୍ବ ବୋଲି କହି ଶ୍ରୀକୃଷ୍ଣ ନବଧାଭକ୍ତିର ପ୍ରାଧାନ୍ୟ ପ୍ରକଟିତ କଲେ ।

ଭୁଲେନ୍ତୁ ରାଜସିକ ସିନା ସେବା ଭକ୍ତି ଜାଣ,
ନବଧା ଭକ୍ତିରେ ମଗ୍ନ ଗୋପକନ୍ୟାଗଣ । (୯ମ ଅ:)

ଅଷ୍ଟପାଟମହାଦେବୀଙ୍କର କୌତୂହଳ ଜନ୍ମିଲା । ସେମାନଙ୍କୁ ପ୍ରତ୍ୟକ୍ଷ ପ୍ରମାଣ ଦେଖାଇ ଦେବା ପାଇଁ ଶ୍ରୀକୃଷ୍ଣ ଅଷ୍ଟପାଟମହାଦେବୀ, ରୁକ୍ମିଣୀ ଓ ଦେବତଗଣ ସଖାଙ୍କୁ ଧରି ଗରୁଡ଼ ପିଠିରେ ବସି ଗୋଲୋକଧାମକୁ ଛୁଟିଗଲେ । ଶତେ ଯୁଗ ପଥ ଅତିକ୍ରମ କରିବା ପରେ ଗୋଲୋକ ଧାମର ପୂର୍ବଦ୍ୱାର ଦୂରରେ ପ୍ରେମ-ସ୍ୱଃ

ସ୍ଥାନ ଦେଖିଲେ । ଏଠାରେ "କୋଟିସୂର୍ଯ୍ୟକିରଣ କାନ୍ତି ତେଜସ୍ୱିନୀ" କନ୍ୟା-ମାନେ ରାଧା-କୃଷ୍ଣଙ୍କ ସେବା କରୁଛନ୍ତି । ଏଠାରେ ଚତୁର୍ଭୁଜ କୃଷ୍ଣଙ୍କର ଲୀଳା । ବୃନ୍ଦାବନର ଦ୍ୱିଭୁଜ କୃଷ୍ଣଙ୍କ ଲୀଳାଠାରୁ ଏ ଶ୍ରେଷ୍ଠ । ଏଠାରେ ମାନବ-କୃଷ୍ଣଙ୍କର ଉପପତ୍ନୀ ନାହିଁ । ଏହାପରେ ଦ୍ୱିତୀୟ ଦ୍ୱାର ପରେ ଚତୁର୍ଭୁଜ କୃଷ୍ଣଚନ୍ଦ୍ରଙ୍କର ଲୀଳା ଦେଖିଲେ । ତୃତୀୟ ଦ୍ୱାରରେ ମଧ୍ୟ ଏହାଠାରୁ ଉତ୍କୃଷ୍ଟ ଲୀଳା ଦେଖିଲେ । ଏଠାରେ ଏକ ପୁରରେ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ଲୀଳା କରୁଥିବା ଦେଖି ଜନେ ମାନବୀ ସତ୍ୟଭାମା ମୂର୍ଚ୍ଛା ଗଲେ । ଚତୁର୍ଥ ଦ୍ୱାର ନିକଟ ହେବାରୁ ରାଧା-ଲୀଳାସ୍ଥଳ ଦୂରରୁ ଦର୍ଶନ କରିବାମାତ୍ରେ ମାନବୀ କୃଷ୍ଣଙ୍କ ସହିତ ସମସ୍ତେ ମୂର୍ଚ୍ଛା ହୋଇଗଲେ । ପ୍ରଥମେ କୃଷ୍ଣ ଚେତା ପାଇ ଅନ୍ୟମାନଙ୍କୁ ଚେତା କଲେ । ଅଷ୍ଟପାଟମହିଷୀଙ୍କ ସହିତ ରୁକ୍ମିଣୀ ମଧ୍ୟ ଥିଲେ । ସତ୍ୟଭାମା ଫେରିଯିବା ପାଇଁ ଅନୁରୋଧ କରି କହିଲେ । ଅଷ୍ଟପାଟମହିଷୀମାନେ ଏହି ରାଧା-କୃଷ୍ଣ ଲୀଳା ଦେଖିବା ପାଇଁ ପ୍ରକୃତରେ ଯୋଗ୍ୟ ନୁହନ୍ତି, ଏହା ଦେଖାଇ ଶ୍ରୀକୃଷ୍ଣ ସେମାନଙ୍କର ଗର୍ବ ଭଞ୍ଜନ କରିବା ପାଇଁ ଏଭଳି ଦୃଶ୍ୟ ସୃଷ୍ଟି କରିଥିଲେ । କୃଷ୍ଣ ସଂସାରମଧ୍ୟ ସମସ୍ତ ଜଗତକୁ ବ୍ୟାପି ରହିଛନ୍ତି । ଏହା ମଧ୍ୟ ପ୍ରତିପାଦିତ ହୋଇଛି, ରାଜର୍ଷିକ ଭକ୍ତି ଅପେକ୍ଷା ଗୋପୀଙ୍କ ପ୍ରେମଭକ୍ତି ବଡ଼ ।

ସତ୍ୟଭାମା କହୁଛନ୍ତି—

ଆସନ୍ତୁ ନ ଭଜନ୍ତ ସଖୀ ଗୋପୀମଣ୍ଡଳକୁ
ପ୍ରେମ ରାଧା ଦେଖି ପ୍ରାଣ ଅଜ୍ଞାନ ଭାବକୁ ।
ଯଦାକାଳେ କୃଷ୍ଣଚନ୍ଦ୍ର ଗରବ ଭଞ୍ଜନ
ଆମ୍ଭଙ୍କୁ ଶିକ୍ଷିଲେ ପ୍ରଭୁ କେମନ୍ତ କାରଣ ।
ଏଥେ କୃଷ୍ଣଚନ୍ଦ୍ର ଆଗେ କାହିଁ ଥିଲେ କ୍ଷଣ
ଛାଡ଼ିଦେଲେ କୃଷ୍ଣଚନ୍ଦ୍ର ସଂସାର ପାଳେଣ ।

ତୁଳନାରେ ରାଜର୍ଷିକ ଭକ୍ତି ଅପେକ୍ଷା ରାଧାଭକ୍ତି ଉଚ୍ଚ ହେଲା

ମନ ନିକଟରେ ତୁଳ କରିବା ନା ସଖୁ
ତୁଳନେ ସମାନ କୋଟେ ଗୁଣେ ବଢ଼ିଲେ ଭକ୍ତ ।
ଜାଣିଲେ ଏ ରାଜର୍ଷିକ ଅଷ୍ଟପାଟରାଣୀ
ରାଜର୍ଷିକ ଭକତଙ୍କୁ ରାଧାଭକ୍ତି ବେଶି । (୧ମ ଅ.)

ଏହି ପାଣ୍ଡବଂଶୀମାନଙ୍କ ଭକ୍ତି ଅପେକ୍ଷା ତୁଳସୀଙ୍କ ଭକ୍ତି ଗୁରୁ ଥିବା ବର୍ଣ୍ଣ ବ୍ୟକ୍ତ କରିଛନ୍ତି । ସେ ନିଜେ ଶ୍ରୀକୃଷ୍ଣଙ୍କ ସଖା (ସୁଦାମ) ଥିବାରୁ ସେହି ମନ୍ତ୍ର ନିତ୍ୟରାସ ଦେଖିବାକୁ ଭଜନ କଲେ । ଗରୁଡ଼ ଅଷ୍ଟସଖୀଙ୍କ ଦ୍ୱାର ପାଶରେ ଜଗି ରହିଲେ । ମାନବୀକୃଷ୍ଣ ତୁଳସୀ ଓ ସୁଦାମଙ୍କୁ ଧରି ନିତ୍ୟରାସ ସ୍ଥଳରେ ନିତ୍ୟରାଧାଙ୍କୁ ଦେଖିବାକୁ ଗଲେ । ତେବେ ସୁଦାମଙ୍କୁ ଦେଖି ଦ୍ୱାରପାଳିକା ତୁଙ୍ଗମାତା ତାଙ୍କୁ ଦ୍ୱାତ୍ରିଂଶ ଅକ୍ଷର ଉପଦେଶ ଦେଲେ ଏବଂ "ଅଂହି ଅହିକ ଓଁ" ମନ୍ତ୍ର ଜପିବାକୁ କହିଲେ । ତେଣୁ ସମସ୍ତେ ବାହୁଡ଼ି ଆସିଲେ ।

ଏହି ତଥ୍ୟଟି ହରିବଂଶରେ ନାହିଁ; ବ୍ରହ୍ମବୈବର୍ତ୍ତପୁରାଣରେ ଥିବା ଦେଖାଯାଏ । ଏହାକୁ ଅବଲମ୍ବନ କରି ପରବର୍ତ୍ତୀ ଯୁଗରେ ଦେବଦୁର୍ଲ୍ଲଭ ଦାସ 'ରହସ୍ୟ ମଞ୍ଜରୀ' ରଚନା କରିଥିଲେ । ନିତ୍ୟରାସର ବିବରଣୀ ଦୀନକୃଷ୍ଣ ଦାସଙ୍କ ରଚିତ 'ରସବିନୋଦ'ରେ ମଧ୍ୟ ଦେଖାଯାଏ ।

ଉତ୍କଳୀୟ ପ୍ରାଚୀନ ବୈଷ୍ଣବକବିମାନଙ୍କ ଭିତରୁ ଅଚ୍ୟୁତାନନ୍ଦ ପ୍ରଭୃତି ନୀଳାଚଳକୁ ନିତ୍ୟଗୋଲକ ଓ ଜଗନ୍ନାଥଙ୍କୁ ନିତ୍ୟରାଧା ଓ ନିତ୍ୟକୃଷ୍ଣଙ୍କ ମିଳିତ ତନୁ ବୋଲି ପ୍ରତିପାଦନ କରି ନୀଳାଚଳ ଧାମର ମାହାତ୍ମ୍ୟ ବୃଦ୍ଧି କରିଛନ୍ତି । ଏହି କାରଣରୁ ପଞ୍ଚସଖାଙ୍କ ବହୁ ଶିଷ୍ୟ ନୀଳାଚଳ ଛଡ଼ା ଅନ୍ୟ ତୀର୍ଥକୁ ଯାଇ ନାହାନ୍ତି । ସ୍ୱୟଂ ଚୈତନ୍ୟଦେବ ମଧ୍ୟ ଏହି ଧାରଣା ପୋଷି ବହୁ ବର୍ଷ ପୁରୀରେ ଅବସ୍ଥାନ କରିଥିଲେ ଏବଂ ଶେଷକୁ ଅନ୍ୟ କୌଣସି ତୀର୍ଥକୁ ଗମନ କରି ନଥିବା ଦିବାକର ଦାସ 'ଜଗନ୍ନାଥଚରିତାମୃତ'ରେ ବ୍ୟକ୍ତ କରିଛନ୍ତି । ବୃନ୍ଦାବନ ମାନବୀ ଦ୍ୱିଭୁଜ କୃଷ୍ଣ-ରାଧାଙ୍କ ଲୀଳା ସ୍ଥାନ; କିନ୍ତୁ ନୀଳାଚଳ ନିତ୍ୟରାଧା-ନିତ୍ୟକୃଷ୍ଣଙ୍କ ଲୀଳାସ୍ଥଳ ଥିବା ଏମାନେ ପ୍ରତିପାଦନ କରିଛନ୍ତି ଏବଂ ଧ୍ୟାନ ଧାରଣା ସହିତ ମନ୍ତ୍ରବୀଜ ଓ ମହାମନ୍ତ୍ର ଜପ କଲେ ନିତ୍ୟକୃଷ୍ଣ ନିରାକାରରୂପୀ ନୀଳାଚଳାଧିପତି ଜଗନ୍ନାଥଙ୍କୁ ପ୍ରାପ୍ତ ହେବା ସୁନିଶ୍ଚିତ, ଏହା ପ୍ରତିପାଦିତ କରିଛନ୍ତି ।

ନିତ୍ୟଗୋଲକର ବର୍ଣ୍ଣନା କବି ଏପରି ଭାବରେ କରିଛନ୍ତି—

ପ୍ରବେଶିଣ ଏକ ପୁର ଛନ୍ଦା ଅଛି ତହିଁ
ରହସ୍ୟ ନିମନ୍ତେ ପ୍ରେମ ରାଧାକୃଷ୍ଣ ତହିଁ ।

ଶତେ ଚନ୍ଦ୍ର ଉଦେଶୁ ସେଠାରେ ହୋଇଅଛି
ତବା ଲଖି ନାହିଁ ତହିଁ ବାରିବାକୁ କହି ।
ମୁରଲୀ ଅଧରେ ଧରି ଅଛନ୍ତି ହସ୍ତରେ
ଶ୍ୱେତ ପୀତ ଲୋହିତ କୁଙ୍କୁମ କଳାପରେ ।
ଅଷ୍ଟ ସଖୀ ଶ୍ରୀ ପାଶେ ବେଢ଼ିଣ ଅଛନ୍ତି
ଷୋଳସହସ୍ର ଗୋପକନ୍ୟା ସ୍ୱାହା ଦେଇନ୍ତି ।
ତାଳ ମାନ ଗାୟନ କରନ୍ତି କନ୍ୟାମାନେ
ସ୍ୱାହାସେ ନମନ୍ତି ଛନ୍ତି ଗୋପକନ୍ୟାଗଣେ ।
ତବା ଲଖି ନାହିଁ ତହିଁ ଏବେ ନାରାୟଣ
ସଦାନନ୍ଦ ରୂପ ତହିଁ ଭଜନ୍ତି ସୁଜ୍ଞ । (୪ମ ଅ.)

ଏହି ନିତ୍ୟକୃଷ୍ଣ ହିଁ ସତ୍ ଚିତ୍ ଆନନ୍ଦ ବ୍ରହ୍ମ । ଏହି ନିତ୍ୟ ନୀଳାଚଳ ଦିବ୍ୟ ଚକ୍ଷୁ ମଧ୍ୟରେ ଦେଖିଥିବା ଶ୍ରୀକୃଷ୍ଣ ଭକ୍ତମାନଙ୍କୁ ଦୃଶ୍ୟ ହୁଅନ୍ତି ।

ଶୁଣିଣ ଶ୍ରୀକୃଷ୍ଣଚନ୍ଦ୍ର ହସିଣ କହନ୍ତି
ଦିବ୍ୟ ଚକ୍ଷୁ ମଧ୍ୟେ ରାଧା ବାସ କରିଛନ୍ତି ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ପର୍ଯ୍ୟନ୍ତେ
ପୁରିଛନ୍ତି ରାଧାକୃଷ୍ଣ ସବୁଙ୍କର ଦେହେ । (୪ମ ଅ.)

**(୧୬) ଦ୍ୱାରକାରେ ଯଦୁବଂଶ ଧ୍ୱଂସ ପରେ ନୀଳାଚଳରେ ଶ୍ରୀକୃଷ୍ଣଙ୍କ ସଗୋପନ ଆବିର୍ଭାବ:**—ଦ୍ୱାରକାରେ ଯଦୁବଂଶ ଧ୍ୱଂସର ଅଳ୍ପ ଦିନ ପୂର୍ବରୁ ଶ୍ରୀକୃଷ୍ଣ ତାଙ୍କର ବଂଶ ଅର୍ଥାତ୍ ଯଦୁବଂଶର ଲୋକଙ୍କୁ କଳିରେ ନୀଳାଚଳ ଧାମରେ ଜନ୍ମଗ୍ରହଣ କରିବାକୁ ଆଦେଶ ଦେଇଥିବା ଅଚ୍ୟୁତାନନ୍ଦ (୨୩ଶ ଅଧ୍ୟାୟରେ) ଲେଖିଛନ୍ତି । କୃଷ୍ଣ ମଧ୍ୟ ଦାରୁରୂପରେ ନୀଳାଚଳରେ ଆବିର୍ଭୂତ ହେବେ, ଏହା ମଧ୍ୟ କହିଛନ୍ତି ।

ମୁହିଁ ଆଗେ ଯାଇ କଳି ଯୁଗେ ରହି ଦାରୁ ରୂପେ ପୂଜା ହେବି
କୈବଲ୍ୟ ପଦବୀ ନରଜନ୍ମରେ ଜୀବ କରି ଶେଷ ଲଭିବି ।
(୨୩ଶ ଅ.)

**ସଂକ୍ଷେପରେ ଶୂନ୍ୟସଂହିତାର ବିଷୟବସ୍ତୁ :**—ନାମ ପିଣ୍ଡର କାରଣ । ଏହାକୁ ଭକ୍ତକେ ଶବ୍ଦମୂର୍ତ୍ତି ମିଳେ ! ନାମ ଯୋଗୁଁ ଜୀବାତ୍ମାର ଅବସ୍ଥିତି । ନାମ ଭଳେ ରୂପକୁ କେହି ବୁଝିବେ ନାହିଁ । ଶିଷ୍ୟଙ୍କୁ ଉପଦେଶ ଦେଇ ପିଣ୍ଡକୁ ଜାଗ୍ରତ କରେ । ଜନ୍ମରୁ ଜୀବକୁ ମାୟାମୋହରୁ ତ୍ରାଣ କରେ । ଗୁରୁ ଯେଉଁ ମହାମନ୍ତ୍ର ଦାନ କରନ୍ତି ତାହା ନୀଳାଚଳର ଚତୁର୍ଦ୍ଧାମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ) ଭିତରେ ଲୁଚାଇ ହୋଇ ରହିଛି । 'ହରେ ରାମ କୃଷ୍ଣ' ମହାମନ୍ତ୍ରରେ ନୀଳାଚଳର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବୁଝିବାକୁ ହେବ । ପଞ୍ଚଭୂତ, ପଞ୍ଚଆତ୍ମା, ପଞ୍ଚବାଣ ପ୍ରଭୃତି ସମ୍ମୋହନାତ୍ମକ ତତ୍ତ୍ୱକୁ ଉତ୍ତମରୂପେ ହୃଦୟଙ୍ଗମ କରି ଏହାକୁ ଚିହ୍ନିଲେ ମୁକ୍ତି ନିଶ୍ଚୟ; ଆଉ କୌଣସି ତୀର୍ଥବ୍ରତର ଆବଶ୍ୟକତା ନାହିଁ । ଅଷ୍ଟାଙ୍ଗଯୋଗ ସାଧନାରେ ପରମପଦ ଲାଭ ହେବ । ଅଣାକାର ଭଜନ ଅପେକ୍ଷା ଅଧିକ ଶ୍ରେଷ୍ଠ ଭଜନ କିଛି ନାହିଁ । ମହାମନ୍ତ୍ର ଭିତରେ ସୃଷ୍ଟିର ରହସ୍ୟ ତତ୍ତ୍ୱ ରହିଅଛି । ହରି ନିଜ ନାଭିରୁ କମଳ ଜାତ କଲେ; ଏହି କମଳରୁ ବ୍ରହ୍ମା ଜାତ ହେଲେ । ବ୍ରହ୍ମା ସୃଷ୍ଟି ରଚନା କଲେ । ସୃଷ୍ଟି ପରେ ହରି ନିଜେ ଶୂନ୍ୟ ଅଣାକାର ରୂପରେ ଜନ୍ମହେଲେ । ପରେ ପୁଣି ବୁଦ୍ଧ ଅବତାର ହୋଇ କଳିରେ ଚୈତନ୍ୟ ରୂପରେ ହରି ଅବତୀର୍ଣ୍ଣ ହେଲେ । ଚୈତନ୍ୟ କଳିର ତମ ବିନାଶ କରିବା ପାଇଁ 'ହରେ ରାମ କୃଷ୍ଣ'—ଏହି ମହାମନ୍ତ୍ର (ଷୋଳ ନାମ—ବତିଶ ଅକ୍ଷର) ସଂସାରରେ ପ୍ରଚାର କଲେ । ଅଷ୍ଟାଙ୍ଗ ଯୋଗରେ ଅଜପା ଜପା ମନ୍ତ୍ର—ପରି-ଇଳ-ଶଶି-ବହ୍ନି । ଏହାର ଅର୍ଥ—(ପରି-ବାୟୁ; ଇଳ-ନାଭି; ଶଶି-ମୁଣ୍ଡ; ବହ୍ନି-ଅଗ୍ନି) । ଏମାନଙ୍କୁ ଜପକଲେ ନିଶ୍ଚୟ ସିଦ୍ଧିଲାଭ ହେବ । ପ୍ରଣବ, ଗାୟତ୍ରୀ, ମନ୍ତ୍ରରାଜ ପ୍ରଭୃତି ଚତୁର୍ଦ୍ଧା ମୂର୍ତ୍ତିରେ ବିଦ୍ୟମାନ ଏବଂ ଜଗନ୍ନାଥ ନିଜେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରଂବ୍ରହ୍ମ, ଏହା ଜାଣି ଅଷ୍ଟାଙ୍ଗ ଯୋଗରେ ବସି ଅଜପା ଜପିଲେ ଏ ଭବଦୁଃଖରୁ ତରି ଯାଇ ପାରିବ ।

ବ୍ରହ୍ମତତ୍ତ୍ୱ, ଆହାର ନିୟମ, ଯୋଗ ସାଧନାର ନିୟମ, ସପ୍ତପତାଳିକା ତତ୍ତ୍ୱ, ଗୁରୁ ଶିଷ୍ୟ ସମ୍ପର୍କ, ରାଧାକୃଷ୍ଣ ରାସ ତତ୍ତ୍ୱ, ଚୈତନ୍ୟ ଅବତାର, ପଞ୍ଚସଖା ଆବିର୍ଭାବ, ପଞ୍ଚସଖାଙ୍କ ଶିଷ୍ୟମାନଙ୍କର ଓ ଅନ୍ୟାନ୍ୟ ସିଦ୍ଧ ସାଧକମାନଙ୍କର ଆଶ୍ରମ ପରିଚୟ, କଳିଯୁଗର ଲକ୍ଷଣ, ନାମବ୍ରହ୍ମତତ୍ତ୍ୱ ପ୍ରଭୃତି ବିଷୟ

ବେଦେଶ୍ୱରରେ ବର୍ଣ୍ଣିତ ହୋଇଛି । ଶୂନ୍ୟସଂହିତାରେ ଶୂନ୍ୟଭଜନ ବା ନିରାକାର ଭଜନର ପ୍ରାଧାନ୍ୟ ପ୍ରତିପାଦିତ ହୋଇଛି ।

**ପ୍ରକାଶଭଙ୍ଗୀ**:—ଯୋଗଶାସ୍ତ୍ର ଓ ମନ୍ତ୍ରବେଦର ଗୂଢ଼ ତତ୍ତ୍ୱ ପ୍ରକାଶ କରିବାରେ ଅଚ୍ୟୁତାନନ୍ଦ ଏ ଗ୍ରନ୍ଥରେ ବହୁ ସ୍ଥଳମାନଙ୍କରେ କୃତକାର୍ଯ୍ୟ ହୋଇଛନ୍ତି । ସ୍ଥାନେ ସ୍ଥାନେ ଠାର ବା ସାଙ୍କେତିକ ବ୍ୟବହାର କରି ବକ୍ତବ୍ୟର ସାରାଂଶକୁ ଲେଖିଛନ୍ତି । ଏହି ଠାରର ବ୍ୟାଖ୍ୟା ମଧ୍ୟ ଲେଖା ଭିତରେ ହିଁ ଅଛି । ଏଣୁ ଠାର ମନେ ରଖିବା ପାଇଁ ସୁବିଧା ହେଉଥିବାରୁ ଓଡ଼ିଶାର ଯୋଗ-ସାଧନପ୍ରିୟ ଲୋକମାନେ ଏହି ଠାରଗୁଡ଼ିକୁ କେତୋଟି ମୁଖସ୍ଥ କରିଥାନ୍ତି । ଠାରଗୁଡ଼ିକର ରୂପ ଏହିପରି—

(୧) ସୂକ୍ଷ୍ମ ବାଟେ ଗାଈ ଦୁଇ ଅନ୍ଧାର ଯେ ଖାଇ
ମୁଣ୍ଡବାଟେ ନେଇ ପୁଣ ଅନ୍ଧାରେ ବଳଇ । (୩୭ ଅ:)
(୨) ବାର ଖୁଣ୍ଟ ଯୋଗରେ ପଳାଇବ ଗାଈ
ଶଙ୍ଖିନୀର ଶୃଙ୍ଖଳ ଯେ ଲୋଡ଼ିଲେ ନପାଇ । (୩୭ ଅ:)
ଗାଈ—ମନ; ଶୃଙ୍ଖଳ—ଶରୀର ।
(୩) ଶୁକ୍ଳକୁ ଲଙ୍ଘିଣ ଜାଣ ପଶ୍ଚିମକୁ ଅଶେଷ
ଓଲଟି ପଡ଼ଇ ପୁଣ ପୁଣ ପୂର୍ବ-ଦେଶେ । (୧୦ମ ଅ: ଶୁ: ସ:)
(୪) ଯୋଗମାୟା ରୂପୀ କୁଣ୍ଡଳୀକୁ ବାନ୍ଧି ତ୍ରିବେଣୀ ଘାଟେ ରହିଛି
ଦ୍ୱାଦଶ ଯୋଜନ ତାହାର ଗମନ ସୂକ୍ଷ୍ମ ବାଟରେ ଚଳୁଛି ।

(୨୮ଶ ଅ: ଇତ୍ୟାଦି)

**ସଂସ୍କୃତ ଓ ପ୍ରାକୃତ ସମସ୍ୟା**:—ଅଚ୍ୟୁତାନନ୍ଦଙ୍କ ସମୟରେ ବ୍ରାହ୍ମଣ ପଣ୍ଡିତମାନେ ଶୂଦ୍ର ପଣ୍ଡିତମାନଙ୍କୁ ଉପହାସ କରୁଥିଲେ ଏବଂ ସଂସ୍କୃତ ଭାଷା ଛଡ଼ା ପ୍ରାକୃତ ଭାଷାକୁ ଆଦର କରୁନଥିଲେ ବୋଲି ଅଚ୍ୟୁତାନନ୍ଦ ବହୁ ସ୍ଥାନରେ ଲେଖିଅଛନ୍ତି । ସଂସ୍କୃତ ଓ ପ୍ରାକୃତ ବା ଦେଶୀଭାଷା ସମନ୍ଧରେ ଥିବା ତାଙ୍କର ମନ୍ତବ୍ୟକୁ ତାଙ୍କର ଦେଶୀଭାଷା ପ୍ରତି ବିଶେଷ ଆଦରର ପ୍ରମାଣ ବୋଲିବାକୁ ହେବ । ପାଣ୍ଡିତ୍ୟାଭିମାନ ଛାଡ଼ି ପରଂବ୍ରହ୍ମଙ୍କୁ ଭଜନ କରିବା ଓ ତାଙ୍କ ଗୁଣ କୀର୍ତ୍ତନ କରିବା କର୍ତ୍ତବ୍ୟ, ଏହି ଉପଦେଶ ସେ ଦେଇଥିଲେ ।

ଅନେକ ଯେ ଶାସ୍ତ୍ର ବେଦାର୍ଥ ପଠନ କରନ୍ତ,
ପଣ୍ଡିତ ପଣରେ କେବେ ତରିଣ ନ ଥିବ ।
ସଭାରେ ତକ୍ଷଣ ଯେ ପଣ୍ଡିତପଣେ ଆଣି,
ଶ୍ରୀକୃଷ୍ଣ ଚରଣ ବନ୍ଦୁଁ ସୁଖସ୍ଥ ବ୍ୟବସ୍ଥା ।
ଉନ୍ମାଦେ ପଢ଼ ତହିଁ ଗୁଣ ତାରତମ,
ପଣ୍ଡିତ ବୋଲାନ୍ତି ଜନ ନ ଦଣ୍ଡିବ ଯମ ।
କେବଳ ଶ୍ରୀକୃଷ୍ଣ ବିନା ଗତମୁକ୍ତି ନାହିଁ,
ଶ୍ରୀକୃଷ୍ଣ ନାମକୁ ଯେ ପଣ୍ଡିତ ଯମ କାହିଁ ।
ସଂସ୍କୃତ ପ୍ରାକୃତ ଯେ ଦୂର ସମସ୍ତ,
କେବଳ ଗୋବିନ୍ଦ ନାମ ଅମୃତ ମାଧୁର୍ଯ୍ୟ । (୪ମ ଅ:)

**ପ୍ରକ୍ଷିପ୍ତ ଅଂଶ:**—ଶୂନ୍ୟସଂହିତା ଭିତରେ କେତେକ ପ୍ରକ୍ଷିପ୍ତ ଅଂଶ ଅଛି । ଏଥିଯୋଗୁଁ ଅଚ୍ୟୁତାନନ୍ଦଙ୍କ ଜୀବନୀ ସମ୍ବନ୍ଧରେ ବହୁ ପରସ୍ପରବିରୋଧୀ ତଥ୍ୟ ଏ ଗ୍ରନ୍ଥରେ ଥିବା ଦେଖାଯାଏ । ଏହା ଐତିହାସିକ ତଥ୍ୟ ଆଲୋଚନାକୁ ଏହା ଦୁଷ୍ଟ କରୁଅଛି । କେତୋଟି ଉଦାହରଣ ଏଠାରେ ପ୍ରଦତ୍ତ ହେଲା ।

(୧) ଶ୍ରୀଚୈତନ୍ୟ ଗୋସାଇଁ ଯେ ବ୍ରହ୍ମାଣ୍ଡର ପତି,
ନିତ୍ୟାନନ୍ଦ ସଙ୍ଗେ ଯେଉଁ ଜନ୍ମ ହେଲେ କ୍ଷିତି ।
ତାଙ୍କର ସଙ୍ଗରେ ମୋହର ଜନମ ଯେ କଲେ,
ବୈରାଗ୍ୟ ବେଶରେ ପୃଥ୍ୱୀ ଭ୍ରମଣ ଯେ କଲେ ।
ଭ୍ରମି ନୀଳାଚଳକୁ ସେ କଲେକ ଗମନ,
ସଙ୍କେତ ଦେଖିଣ ହେଲେ ଯେ ପଞ୍ଚ ମହାଜନ ।
ରୂପ ସନାତନ ସଙ୍ଗେ ଶ୍ରୀ ଜୀବଗୋସାଇଁ,
ଗୋପାଳ ଯେ ଭଟ୍ଟ ରଘୁନାଥ ଦାସ ତହିଁ । (୧ମ ଅ:)

ଖ୍ରୀ: ୧୫୦୫ (ମତାନ୍ତରେ ୧୫୧୦)ରେ ଚୈତନ୍ୟଦେବ ଓଡ଼ିଶାକୁ ପ୍ରଥମେ ଆସିଥିଲେ । ଶ୍ରୀ ଜୀବଗୋସ୍ୱାମୀ ଏହାର ବହୁ ବର୍ଷ ପରେ (୧୫୩୩)ରେ ଜନ୍ମଗ୍ରହଣ କରିଥିବା ଜଣାଯାଏ । ଜୀବ ଗୋସ୍ୱାମୀଙ୍କ ଜନ୍ମ ବର୍ଷ ଚୈତନ୍ୟଙ୍କ ତିରୋଧାନ ହୋଇଥିଲା । ଜୀବଗୋସ୍ୱାମୀ ଚୈତନ୍ୟଙ୍କ ସ୍ଥାନରେ ଓଡ଼ିଶା ଆସିଥିବା

ଅସମ୍ଭବ । ନିଜ ସମସାମୟିକ ଓ ନିଜେ ସମ୍ପୃକ୍ତ ଥିବା ବିଷୟ ଲିପିବଦ୍ଧ କରିବାରେ ଅଚ୍ୟୁତାନନ୍ଦ ଭୁଲ କରିବା ସମ୍ଭବ ନୁହେଁ । ତେଣୁ ଅନ୍ୟ କେହି ଏ ଅଂଶଗୁଡ଼ିକ ମିଶାଇ ଦେଇଥିବା ସ୍ପଷ୍ଟ ଜଣାଯାଏ ।

(୨) ଶୂନ୍ୟସଂହିତାରେ ଏଥି କେତେକ ଐତିହାସିକ ପୁରୁଷଙ୍କ ନାମ ଉଲ୍ଲେଖ ଅଛି—

(୧) ଚୈତନ୍ୟଦେବ, (୨) ପ୍ରତାପରୁଦ୍ରଦେବ, (୩) ବୀରସିଂହ, ଗୋବିନ୍ଦଦାସ, ବାହୁଲ ଭ୍ରମର, (୪) ରାମଚନ୍ଦ୍ରଦେବ (ଖୋର୍ଦ୍ଧାରାଜା), (୫) ଓଡ଼ିଶାରେ ଯବନ ରାଜତ୍ୱ, (୬) ମୋଗଲ ରାଜତ୍ୱ, (୭) କଳିଯୁଗ ଶେଷାବ୍ଦ, (୮) ମରହଟ୍ଟା ରାଜତ୍ୱ ଶେଷ ପ୍ରଭୃତି ।

ଚୈତନ୍ୟଙ୍କ ସମସାମୟିକ ଓ ପଞ୍ଚସଖା—ଜ୍ୟୋତିର୍ବିଦ୍ ଅଚ୍ୟୁତାନନ୍ଦ ଷୋଡ଼ଶ ଶତାବ୍ଦୀର ପ୍ରଥମ ଏବଂ ସେ ସପ୍ତଦଶ ଶତାବ୍ଦୀର ଶେଷ ପାଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ଭବିଷ୍ୟତ୍ ବାଣୀ ରୂପରେ ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ଘଟିଥିବା କେତେକ ଘଟଣା ଏଥି ଗ୍ରନ୍ଥରେ ବର୍ଣ୍ଣିତ ହୋଇଥିବା ଦେଖାଯାଏ ।

ପ୍ରାୟ ଦୁଇଶହ ବର୍ଷ ଭିତରେ ଘଟିଥିବା କେତେକ ଐତିହାସିକ ଘଟଣା ଏଥିରେ ଦିଆଯାଇଥିବାରୁ ଏଥିରୁ ବହୁ ଅଂଶ ପ୍ରକ୍ଷିପ୍ତ ଥିବା ସ୍ପଷ୍ଟ ।

(କ) ରାମ ସେ ଯୋଗ ସାଧିବାକୁ ଯିବ,
କାରଣ ବେଳକୁ ଆସି ମିଳିବ ।
କାମ ରାମ ଶ୍ୟାମ ତୋର ନନ୍ଦନ,
ନାମ ଶ୍ରୀପ୍ରସାଦ ଦେବଙ୍କି ଧ୍ୟାନ ।
ଗଜପତି ରାମଚନ୍ଦ୍ର ଦେବର,
ତେର ତେର ତିନି ଅଙ୍କ ଭିତର ।
ଜନ୍ମ ଲଭିବ ନାମ ସେ ଗୋପାଳ,
ତତ୍ପରୁ ଧାଇଁଥିବ ସଦାକାଳ ।

(ଶୂନ୍ୟସଂହିତା ୩୬ଶ ଅ:)

ଖୋର୍ଦ୍ଧାରାଜା ଗଜପତି ରାମଚନ୍ଦ୍ରଦେବ (୧ମ) ଖ୍ରୀ: ୧୫୬୮—୧୬୦୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର 'ଦେଉ ତେର ଅଙ୍କ' ଅର୍ଥାତ୍ ୧୯ ଅଙ୍କ ବା ଖ୍ରୀ: ୧୫୯୧ର ଘଟଣା ଏଠାରେ ଲିପିବଦ୍ଧ ହୋଇଛି ।

(ଖ) ଯବନ ବଳେକ ଓଡ଼ିଶା ଦେଶ,
ଏମନ୍ତେ କେତେ ଦିନ ବଞ୍ଚି ଯିବ ।
ମରହଟ୍ଟା ପୁଣ ବସିବେ ମାଡ଼ି,
ଯବନ ଯିବେ ଓଡ଼ିଶାକୁ ଛାଡ଼ି ।
(ଶୂ: ପ: ୩୯ଶ ଅ:)

ଓଡ଼ିଶାରେ ଯବନ ବା ମୁସଲମାନ ରାଜତ୍ୱ ଖ୍ରୀ: ୧୫୬୮ ଠାରୁ ଆରମ୍ଭ ହୋଇଥିଲା ଏବଂ ଖ୍ରୀ: ୧୭୫୦ ପରେ ଶେଷ ହୋଇଥିଲା । ଏହାପରେ ମରହଟ୍ଟା ରାଜତ୍ୱ ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ପାଦର ଐତିହାସିକ ତଥ୍ୟ ଏଥିରେ ବର୍ଣ୍ଣିତ ହୋଇଛି ।

(ଗ) ବାଲୁ ଦିନ ତମ ଅଚ୍ଛିନ୍ନ ହେବ,
ଏମନ୍ତେ କେତେ ଦିନ ବଞ୍ଚିଯିବ ।
ଧୂର ସହସ୍ର ନବଶତ ପୂରି,
ଖଣ୍ଡଳୁରେ ସେ ଯିବ ଅପସରି ।
(୩୯ଶ ଅ:)

ଏହା ଖ୍ରୀ: ୧୮୦୩ ବା ଓଡ଼ିଶାରେ ମରହଟ୍ଟା ରାଜତ୍ୱର ଅବସାନ ଓ ଇଂରେଜ ରାଜତ୍ୱର ଅଭ୍ୟୁଦୟର ସମୟ । ଏଥିରୁ ଜଣାଯାଉଛି ଯେ ପ୍ରାୟ ଦୁଇଶହ ବର୍ଷର ଘଟଣା ଏଥିରେ ଲେଖାଯାଇଛି ।

ଏଥିରୁ ଜଣାଯାଉଛି ଏକାଧିକ ଲୋକ ବିଭିନ୍ନ ସମୟରେ ଏହି ଦୁଇଶହ ବର୍ଷ ଭିତରେ ବହୁ ଅଂଶ ପ୍ରକ୍ଷିପ୍ତ କରିଛନ୍ତି ।

(୩) ଶୂନ୍ୟସଂହିତାର କେତେକ ସଂସ୍କରଣରେ ଦୁଇଟି ଭାଗ ଅଛି । ପ୍ରଥମ ଭାଗରେ ଊନବିଂଶ (୧୯) ଅଧ୍ୟାୟ ଅଛି । ଦ୍ୱିତୀୟ ଭାଗରେ ବିଂଶ

ଅଧ୍ୟାୟଠାରୁ ଏକଚତ୍ୱାରିଂଶ (୪୧ଶ) ଅଧ୍ୟାୟ ଅଛି । ଏହି ଏକଚତ୍ୱାରିଂଶ ଅଧ୍ୟାୟରେ ଗ୍ରନ୍ଥ ଶେଷ ହୋଇଥିବା ଏହି ସଂସ୍କରଣରୁ ଜଣାଯାଏ । (ଅଗ୍ର ଭଣ୍ଡାର, କଟକ ସଂସ୍କରଣ)

ଦ୍ୱିତୀୟ ଖଣ୍ଡରେ ପ୍ରଥମ ଅଚ୍ୟୁତାନନ୍ଦଙ୍କ ପରବର୍ତ୍ତୀ ସମୟର ଐତିହାସିକ ଘଟଣା ବର୍ଣ୍ଣିତ ଥିବାରୁ ଏହି ଖଣ୍ଡର ବହୁ ଅଂଶ ପ୍ରକ୍ଷିପ୍ତ ଥିବା ସ୍ପଷ୍ଟ ।

(୪) ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡରେ ବହୁ ବିଷୟ ବାରଂବାର ବର୍ଣ୍ଣିତ ହୋଇଛି । ଦ୍ୱିତୀୟ ଖଣ୍ଡରେ ପ୍ରଥମ ଖଣ୍ଡର ବହୁ ବିଷୟ ପୁନର୍ବାର ବର୍ଣ୍ଣିତ ହୋଇଛି ଏବଂ ଏଥିର ଅଧ୍ୟାୟମାନଙ୍କରେ ମଧ୍ୟ ପୂର୍ବ ଅଧ୍ୟାୟମାନଙ୍କର ବହୁ ପଦ ବାରଂବାର ଦିଆଯାଇଛି ।

ପ୍ରଥମ ଖଣ୍ଡରେ ମଧ୍ୟ ଯୋଗସାଧନ ପ୍ରଣାଳୀ, ଗୁରୁଙ୍କ ଶିଷ୍ୟଙ୍କ ବନ୍ଦନା, ମନ୍ତ୍ରାଦି କାହାକୁ କହିବ ନ କହିବ, କଳିରେ କି କି ଘଟଣା ଘଟିବ ପ୍ରଭୃତି ବିଷୟ ବାରମ୍ବାର ଭିନ୍ନ ଅଧ୍ୟାୟମାନଙ୍କରେ ବର୍ଣ୍ଣିତ ହୋଇଛି । ଏହାଦ୍ୱାରା ଗ୍ରନ୍ଥର କଳେବର ଅଯଥା ବର୍ଦ୍ଧିତ ହୋଇଛି, ପାଠକର ମନରେ ବିରକ୍ତି ଜନ୍ମୁଛି ଏବଂ ପ୍ରତିପାଦିତ ବିଷୟ ହୃଦୟଙ୍ଗମ କରିବାରେ ଜଟିଳତା ଜନ୍ମୁଛି । ପ୍ରକ୍ଷିପ୍ତ ଅଂଶର ବହୁଳତା ହିଁ ଏହାର କାରଣ ।

**ପଦାବଳୀ** :—ଶୂନ୍ୟସଂହିତାରେ ବହୁ ପଦାବଳୀ ରହିଛି । ସେଗୁଡ଼ିକରୁ କେତୋଟି ଏଠାରେ ଉଦ୍ଧାର କରୁଅଛୁ । କେନ୍ଦୁଝରରେ, ବିଶେଷତଃ ମହିମାର ପନ୍ଥାର ଶିଷ୍ୟମାନେ ଏଗୁଡ଼ିକ ମୁଖସ୍ଥ କରିଥାଆନ୍ତି । ନିରାକାରତତ୍ତ୍ୱ ଭକ୍ତି ଶ୍ରୀକୃଷ୍ଣ ପ୍ରଭୃତି ବିଷୟରେ କବିଙ୍କ ଏହି ପଦଗୁଡ଼ିକ ପ୍ରମାଣନିଷ୍ଠା ସ୍ୱରୂପ ।

(୧) ଅସ୍ଥା ହଟିଲି ଅପଦେଶ ଭରଭ, ଅଙ୍ଗରେ ଆଉ ପ୍ରୟୋଜନ ନାହିଁ ।

(୧୧ଶ ଅ:)

କିଏ କାହାରି ମିଥ୍ୟା ଦେହ ସଂସାର, ଅପେ ଭରିଲେ ଅଛି ତେଜ କାହାର ।

(୮ମ ଅ:)

ସ୍ୱପକୁ ଆପେ ଚିହ୍ନିଲେ ହେବ ଦାଶ, କାଳେ କାଳେ ଅଜାମର ହୋଇଛ ।

(୮ମ ଅ:)

(୨) ଦେଖନ୍ତୁ ତ ଅଜ୍ଞ ଜେମାନ୍କୁ ନାହିଁ, କେତେବେଳେ ଆଉ ଦୃଶ ଯାଏ କାହିଁ ?
କହନ୍ତୁ ଦମ୍ଭ ହେଇନ୍ତୁ ବାହାରି, ପାଷାଣ ଗାର ଦେଖନ୍ତୁ ନୟଧାର ।
କାହିଁ ଶବ ଯେମନ୍ତେ ଲୁଟଇ, ପୁଣି କେତେବେଳେ ପାଏ ଅବା କାହିଁ !
(୧୧ଶ ଅ.)

(୩) ଗଙ୍ଗାଜଳ ଛାଡ଼ି କୂପ ଜଳରେ, ସୁବର୍ଣ୍ଣ ଛାଡ଼ି କି ତମ୍ବାକୁ ଧରେ ।
(୧୧ଶ ଅ.)

(୪) ନରକେ ଯେ ନସ୍ୟକାରକୁ ଯିବେ, ନର୍ମଳ ସୁଧା ଭକତଙ୍କ ପାଏ ।
(୧୧ଶ ଅ.)

(୫) ଦେଖିଲ ଦୁଲାହି ଦେବତା ଅସୁରା ସେହୁଠାରେ ରାମ ନାମ
ସଭାରେ ଯୋଗୀନ୍ଦ୍ର ସମସ୍ତ ଠାବକୁ ଦୃଷ୍ଟି ଅଗୋଚର ପୁଣ । (୧୨ଶ ଅ.)
(୬) ବ୍ରହ୍ମାଣ୍ଡ ଖଣ୍ଡ ତାହାଙ୍କୁ ବୋଲନ୍ତି ସ୍ୱୟଂ ବ୍ରହ୍ମ ଛନ୍ତି ଯହିଁ
(୭) ଖଣ୍ଡ ଲୁଟିଗଲେ ବ୍ରହ୍ମାଣ୍ଡ ନାଶିବ ଏ କାୟା ହୋଇବ ମଣ୍ଡ । (୧୨ଶ ଅ.)
(୮) × ନିର୍ମୁକ୍ତି ପବନ ମସ୍ତକେ ବହୁଣ ସମୁଦ୍ର ରୁ ନାଶଗଲୁ ! (୧୨ଶ ଅ.)
(୯) ସମାଧି ହେତୁ ଲକ୍ଷ୍ମୀ ଦୟା ନାହିଁ ଦେବାକୁ ନଥାଇ ଶକ୍ତି
ଶ୍ରୀକୃଷ୍ଣ ମହିମା ସମସ୍ତ କରିଣ ଦଶ ଛଡ଼ ନାଶ ଜାତ । (୧୬ଶ ଅ.)
(୧୦) ଶ୍ରୀକୃଷ୍ଣଲୀଳା ମହିମାଟି ହେଲା ଟିକ ପାଞ୍ଚ ତଥ୍ୟ କଲା । (୨୫ଶ ଅ.)
(୧୧) ଖୁଣ୍ଟ ଦେଖ ମୁଣ୍ଡି ସମୁଦ୍ରକୁ ବାହୁଁ ଗଣେ ସମୁଦ୍ର ବାଲି । (୨୫ଶ ଅ.)
(୧୨) ଯେ ଦେଖିଞ୍ଜବରେ କୁମ୍ଭସ୍ତ କରେ ନିରେଖ-ନିରଖି ଦୁଃଖ
ତେଣୁ ମନ୍ତ୍ରେ ଯେ ପରମ ନାହାନେ ନାମ ସ୍ନେହ କାହିଁ ପ୍ରାପ୍ତି । (୨୮ଶ ଅ.)
(୧୩) ଶୁଣ ରାମଦାସ ହେଉଛି ଉପଦେଶ ସତ୍ୟର ମୂଳଟି ନାମ
ନାମକୁ ଭଜିଲେ ନାହିଁ କାଳ ଭୟ ନ ଦଣ୍ଡିବ ଆଉ ଯମ । (୨୯ଶ ଅ.)
(୧୪) କର୍ମ ଚଳାଇଲେ ନାହିଁ ମୋ ଚଳିବ ତେଣୁ କହୁଥାଉ ଏହୁ
କେବେତ ଏକକୁ କେତେ କେଉଁ ବସ୍ତୁର ବହୁବର୍ଣ୍ଣ ଡାକୁ କାହିଁ ।
(୨୯ଶ ଅ.)

(୧୫) ଶ୍ରୀହରି ମହିମା ଯେ ଏକାକାର, ତାହାରେ ଭଜିଲେ ଭବସିନ୍ଧୁ ପାର । ×
କର୍ମକଲବଳ ସେହୁ ଅଟଇ, ତଣ୍ଡ କରଏ କର୍ମନାଶ ଦେଇ । ×
ନାମରେ ଅବଶ ଭଜନେ ପ୍ରବାସ, ଭଜନ ଦେଲେ ସୁଖ ସନ୍ତୋଷ ।

ସ୍ୱପନରେ ଶବଦ ଉଚ୍ଛିଷ୍ଟ ହେଲା, ପ୍ରତ୍ୟେକେ ଶ୍ରୀମୁଖ ତାହା ଖାଇଲା ।
ଅଦୃଶ୍ୟ ଅଚ୍ୟୁତ ଅନନ୍ତ ମୂର୍ତ୍ତି, ରୂପରେଖ ନାହିଁ ଏକ ଭଣନ୍ତି ।
ସେଠାରୁ ବାହୁଡ଼ିଲେ ଦେଖେ ସେ ଦେଶେ, ତହୁଁ ଭୂଜିଲେ ଦ୍ୱାପରେ ପ୍ରକାଶେ ।
(୩୫ଶ ଅ:)

(୧୬) ଅଣାକାର ଭଜନ ଏ ଶୂନ୍ୟ ନିରାକାର
ଶୁଣିଲେ ଦୁରିତ ନାଶ ଗୁଣିଲେ ଭବ ପାର । (୪ମ ଅ:)

(୧୭) ଚଣ୍ଡୀପୁରା ଚିହ୍ନାଇ ସୁଅଁ ର ଦ୍ୱାରେ ଦେଲା
କପଟିରେ ନ କପାଇ ନ କାହିଲା ମୂଳ ।
ଅକାଞ୍ଚନ ହେବ ଭାଜନ ନୋହିଲା ସେ ଜଣା
କପଟି ନଥିଲ ତାହାର ହେଲା ଦେଖ ବଣା । (୫ମ ଅ:)

(୧୮) ପାଇଥିଲୁ ଯେବେ ଲୁହା କପଟି, ଚିହ୍ନିଲ ପାଇଲେ ଲୁହା ଛାଡ଼ନ୍ତି ।
ରୂପା ପାଇଲେ ପିତଳେ କି କାମ, କାଞ୍ଚନ ପାଇଲେ ରୂପା ତେଜନ୍ତି ।
କାଞ୍ଚନ ପାଇଲେ ସବୁ ଅଛଇ, କପଟିରେ କହ ତଥି ରହାଇ ।
ପଣ୍ଡିଆ ଛାଡ଼ିଆ ଦୂରରେ ମତ, ମନ ନିକଟରେ ଭୁଲ ହୋ ଶଠ । (୮ମ ଅ:)

(୧୯) କହୁ ସୁଣ କାହିଲେ ପ୍ରକାଶ ହୋଇ, ଦୀପ ଘୃତ ଦେଲେ ସେହିଁ ଜଳଇ ।
ଲିଭିଲେ ଜଳଇକ ଦୀପ ବାତ୍ତୁ, ଉପୁଜି ଲାଗି ପଶନ୍ତୁ ଛାଡ଼ିବୁ ।
ଲିଭିଯାଉ ପଛେ ଅଗ୍ନି ଜାଳି, ଜାଳି ତମିସ୍ର ନାଶ ଉଜାଳି ।
ଏଥେ କୃଷ୍ଣଚନ୍ଦ୍ର ଅତି କାନ୍ଦିଥିଲେ ପୁଣ
ଶୁଣିଦେଲେ କୃଷ୍ଣଚନ୍ଦ୍ର ପସାରିଣା କଣ । (୯ମ ଅ:)

**ଶୂନ୍ୟସଂହିତା ପ୍ରାମାଣିକ ଗ୍ରନ୍ଥ : ଅଚ୍ୟୁତାନନ୍ଦ ନାସ୍ତିକ ନୁହନ୍ତି:**—'ଶୂନ୍ୟସଂହିତା' ଶୂନ୍ୟଭକ୍ତିଧର୍ମୀମାନଙ୍କର ଏକ ପ୍ରାମାଣିକ ଗ୍ରନ୍ଥରୂପେ ସ୍ଥାନ ଲାଭ କରିଛି । ଶୂନ୍ୟ ଓ ଶୂନ୍ୟପୁରୁଷ ସମ୍ବନ୍ଧରେ ଶାରଳା ଦାସ ସ୍ୱ ମହାଭାରତରେ ଉଲ୍ଲେଖ କରିଥିଲେ ମଧ୍ୟ ଶୂନ୍ୟ ପ୍ରସଙ୍ଗକୁ ଏକ ନିର୍ଦ୍ଦିଷ୍ଟ ରୂପ ଓ ଗୁରୁତ୍ୱ ପ୍ରଦାନ କରିନଥିଲେ । ଶୂନ୍ୟ, ଶୂନ୍ୟପୁରୁଷ, ଶୂନ୍ୟରୁ ସୃଷ୍ଟିର ଉତ୍ପତ୍ତି, ଶୂନ୍ୟଭଜନ, ଶୂନ୍ୟମନ୍ତ୍ର ପ୍ରଭୃତି ତତ୍ତ୍ୱଗୁଡ଼ିକୁ ନିର୍ଦ୍ଦିଷ୍ଟ ରୂପରେଖ ଦେଇ ବାସ୍ତବିକରେ ଅଚ୍ୟୁତାନନ୍ଦ ଏହି ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ଶୂନ୍ୟପୁରୁଷ ହିଁ ବ୍ରହ୍ମ ଓ ଶ୍ରୀକୃଷ୍ଣ ହିଁ ବ୍ରହ୍ମ ବୋଲି ପ୍ରତିପାଦିତ

କରି ଅଚ୍ୟୁତାନନ୍ଦ ଏକ ସ୍ୱତନ୍ତ୍ର ଚିନ୍ତାଧାରା ସୃଷ୍ଟି କରିଛନ୍ତି । ଶୂନ୍ୟସ୍ୱରୂପ ସହିତ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ଅଭେଦ ପ୍ରତିପାଦିତ କରି ବୈଷ୍ଣବତତ୍ତ୍ୱର ସମନ୍ୱୟକରଣ ମଧ୍ୟ ସାଧନ କରିଛନ୍ତି । ଶୂନ୍ୟସ୍ୱରୂପ ସଗୁଣ ଓ ନିର୍ଗୁଣ ବୋଲି ପ୍ରତିପାଦିତ କରି ଭଜନ, ସାଧନ ଓ ନବଧା ଭକ୍ତିରେ ସେବା କରିବା ପାଇଁ ପ୍ରଶସ୍ତ କରିଛନ୍ତି । ଶୁଦ୍ଧ ନିର୍ମଳ ଭକ୍ତିର ଉତ୍କର୍ଷ ପ୍ରଦର୍ଶନ କରି ଅଚ୍ୟୁତାନନ୍ଦ ନିଜେ ବୈଷ୍ଣବ ଓ ଶ୍ରୀକୃଷ୍ଣ-ରାଧା-ଭକ୍ତ ଥିବା ପ୍ରକାଶ କରିଛନ୍ତି । କାଳେ ଶୂନ୍ୟ-ଭଜନ ଯୋଗୁଁ ଲୋକେ ତାଙ୍କୁ ଅବୈଷ୍ଣବୀ ନାସ୍ତିକ ବୋଲି କହିବେ ଏହି ଆଶଙ୍କାରେ ସେ ଭକ୍ତିମାର୍ଗ ଓ ବୈଷ୍ଣବପନ୍ଥାର ବିଶେଷ ଉଲ୍ଲେଖ କରିଛନ୍ତି ।

**ସାଧନପନ୍ଥାରେ ଉଦାର ଦୃଷ୍ଟିକୋଣ:**—ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସୂର୍ଯ୍ୟ, ଅମ୍ବିକା ପ୍ରଭୃତି ଦେବଦେବୀଙ୍କ ସୃଷ୍ଟିକର୍ତ୍ତା ରୂପେ ସେ ଅଲେଖ ବ୍ରହ୍ମଙ୍କୁ ପ୍ରତିପାଦିତ କରିଥିବାରୁ ତାଙ୍କ ଭଜନ ଓ ସାଧନରେ ସଙ୍କୀର୍ଣ୍ଣତା ନଥିବା ସ୍ପଷ୍ଟ ହେଉଛି । ଅଲେଖ ସୃଷ୍ଟି ଅନନ୍ତ ଅନାଦି ନିରାକାର ନିରଞ୍ଜନ ଥିବାରୁ ଅଲେଖ ଭଜନରେ କ୍ଷୁଦ୍ର ସାମ୍ପ୍ରଦାୟିକତାର ସ୍ଥାନ ନରହିବା ସ୍ୱାଭାବିକ । ଏହି ଗ୍ରନ୍ଥରେ ଭଜନ ସାଧନରେ ଏହି ଉଦାର ମନୋବୃତ୍ତି ସ୍ପଷ୍ଟଭାବରେ ପ୍ରତିପାଦିତ ହୋଇଛି ।

**ଭାଷା:**—ଶୂନ୍ୟସଂହିତାରେ ବ୍ରହ୍ମତତ୍ତ୍ୱ ଓ ଯୋଗତତ୍ତ୍ୱ ପରି କଠିନ ତତ୍ତ୍ୱ ଓ ଷଟ୍‌ଚକ୍ରଭେଦ ବିଷୟକୁ ଅଚ୍ୟୁତାନନ୍ଦ ଅତି ସରଳ ଭାଷାରେ ବୁଝାଇବାକୁ ଚେଷ୍ଟା କରିଛନ୍ତି । ଯୋଗାନୁଭୂତିବହିର୍ଭୂତ ଲୋକେ ଏହାକୁ ସହଜରେ ବୁଝିବା ସମ୍ଭବ ନୁହେଁ, ଏହା ଅଚ୍ୟୁତାନନ୍ଦ ଜାଣିଥିଲେ; ସମ୍ୟକ୍ ହୃଦୟଙ୍ଗମ ନ କରି, ଭକ୍ତ ସାଧନାରେ ତାଙ୍କ ପ୍ରଦର୍ଶିତ ମାର୍ଗରେ ଗତି କରିବା ଭୟଙ୍କର, ସେ ଏହା ଜାଣିଥିଲେ; ଏହି କାରଣରୁ ଅତ୍ୟନ୍ତ ଶ୍ରଦ୍ଧାଯୁକ୍ତ ଓ ଅନୁସନ୍ଧିତ୍ସୁମାନଙ୍କ ପାଇଁ ଠାରେ ବା ସାଙ୍କେତ୍ୟଭାଷାରେ କେତେକ ବିଷୟ ବର୍ଣ୍ଣନା କରିଛନ୍ତି । ସାଙ୍କେତ୍ୟଭାଷା ପ୍ରୟୋଗ ହୋଇଥିବା ଯୋଗୁଁ କେତେକ ସ୍ଥାନ ଅସ୍ପଷ୍ଟ ରହିଯାଇଛି ଏବଂ ସହଜରେ ବୋଧଗମ୍ୟ ହେଉନାହିଁ ।

**କବିଙ୍କ ଶ୍ରେଷ୍ଠ ଗ୍ରନ୍ଥ:**—କବି ନିଜେ ଶୂନ୍ୟସଂହିତାକୁ ତାଙ୍କର ଶ୍ରେଷ୍ଠ ଗ୍ରନ୍ଥ ବୋଲି ବ୍ୟକ୍ତ କରିଛନ୍ତି । ଏଥିରେ ସେହି ନିରାକାରବ୍ରହ୍ମ ପ୍ରକାଶିତ

ହୋଇଛି ତାହାକୁ ଅଚ୍ୟୁତାନନ୍ଦ ଶତ୍ରୁ ମନ୍ତ୍ର ଭାବରେ ଗୁପ୍ତ କରି ରଖିଥିଲେ ଏବଂ ଜନସମୂହ ଭକ୍ତଙ୍କ ନିମନ୍ତେ ସେ 'ଶୂନ୍ୟସଂହିତା'ଟି କାହ୍ନ ରଚିଥିଲେ । ଏହି ଗ୍ରନ୍ଥର ତତ୍ତ୍ୱକୁ ହୃଦୟଙ୍ଗମ କରିବା ସେତେ ସହଜ ନୁହେଁ, ଏହା ମଧ୍ୟ ସେ ସୂଚେଇଛନ୍ତି; ଜନସମୂହ ଶିଷ୍ୟଙ୍କ ଭିତରୁ ଯେ ଏହି ତତ୍ତ୍ୱକୁ ଚିହ୍ନିପାରିବ ସେ କେବଳ ସେମାନଙ୍କ ଭିତରେ ତାଙ୍କର ପ୍ରକୃତ ଭକ୍ତ ଏବଂ ସେମାନଙ୍କ ମଧ୍ୟରେ ଜଣେ ହୋଇ ଗଣ୍ୟ ହେବ । ବସ୍ତୁ ତତ୍ତ୍ୱ ଏଥିରେ ବ୍ୟକ୍ତ ହୋଇଥିବାରୁ ସାଧାରଣ ଲୋକ ପକ୍ଷରେ ଏଗୁଡ଼ିକ ବୁଝିପାରିବା ସମ୍ଭବ ନୁହେଁ । ବିଶେଷତଃ ଯୋଗସମ୍ବନ୍ଧୀୟ ବିଷୟଗୁଡ଼ିକୁ ବିନା ସାଧନାରେ ଆୟତ୍ତ କରିବା ସମ୍ଭବ ନୁହେଁ । ଆତ୍ମବିଶ୍ୱାସୀ, ଜ୍ଞାନୀ ସାଧକ ପକ୍ଷରେ ଏହାର ସାରତତ୍ତ୍ୱ ହୃଦୟଙ୍ଗମ କରିବା ସହଜ ।

ସବୁ ମନ୍ତ୍ରରେ ମୁଁ ଗୁପତ କରିଛି, ନିରାକାର ମନ୍ତ୍ର ଗୋଟି
ଜନସମୂ ଭକ୍ତପାଇଁ ମୁଁ ରଚିଛି, ଶୂନ୍ୟସଂହିତା ବାହୁଟି ।
ଏକ ବୃକ୍ଷ ଚିହ୍ନି ପଞ୍ଚାମ୍ନିକ ଜ୍ଞାନୀ ସନ୍ଥ ପଞ୍ଚାମ୍ନିକ ଜାଣେ
ସେହି ମୋ ଭକତ ଏ ତତ୍ତ୍ୱ ଚିହ୍ନିବ ଜନସମୂହେ ସେହୁ ଜଣେ ।

(୧୩ଶ ଅ:)

**ଶୂନ୍ୟସଂହିତାରେ କବିଙ୍କ ସ୍ୱସ୍ଥାନ ବର୍ଣ୍ଣନ:**—ଶୂନ୍ୟ ସଂହିତାରେ କବି ନିଜ ସ୍ଥାନ ନେମାଳ ଗ୍ରାମ ଥିବା ଲେଖିଛନ୍ତି । ଚିତ୍ରୋତ୍ପଳା (ବା ମହାନଦୀ)ର ଉତ୍ତର କୂଳରେ ପଦ୍ମବନ ଅନ୍ତର୍ଗତ ନେମାଳ ଗ୍ରାମ ଅବସ୍ଥିତ ଥିବା କଥା ଲେଖିଛନ୍ତି । 'ଛଟାଙ୍ଗୀ' ନେମ୍ବାଳ ନିକଟସ୍ଥ ଏକ ଉପନଦୀ ବା ଶାଖାନଦୀ ହେବା ସମ୍ଭବ । ଭକ୍ତମାନଙ୍କୁ ସଙ୍ଗରେ ଧରି ଏଠାରେ ଆଶ୍ରମ ନିର୍ମାଣ କରି ରହୁଥିଲେ । ନେମ୍ବାଳ ବା ନେମାଳ ହିଁ ତାଙ୍କର ମୁଖ୍ୟ ଆଶ୍ରମ । କବି ସେଠାରେ ଓଁ ସ୍ୱରରେ ବହୁ ସମୟ ରହୁଥିଲେ ।

(କ) ଅମ୍ଭ ନିଜ ସ୍ଥାନ ଦିବ୍ୟ ଶୋଭାବନ
ଛଟାଙ୍ଗୀ କୂଳରେ ସାଜି,
ନେମାଳ ଗ୍ରାମ ଚିତ୍ରୋତ୍ପଳା ଉତ୍ତରେ
ପଦ୍ମବନ ନାମେ ଭୂଇଁ । (୨୩ଶ ଅ:)

(ଖ) ଶୂନ୍ୟରେ କୃଷ୍ଣର ନେତ୍ରୁଲେ ମୋର,
ଅଗ୍ରମ ଅଙ୍କେ ଚଢେଇଥିଲା ଡର ।
ଭକତମାନଙ୍କୁ ସଙ୍ଗେ ଘେନିଲି,
ଏଠାରେ ଆଜ୍ଞା କରି ମୁଁ ରହିଲି । (୩୨ଶ ଅ.)

ଅଚ୍ୟୁତାନନ୍ଦ ଗୁପ୍ତ କନ୍ଦାଳରେ ପଡ଼ିଥିବା ଶୂନ୍ୟସଂହିତାରୁ ଜଣାଯାଏ । ତାଙ୍କୁ ଭବସାଗରରୁ ପାରି କରିବା ପାଇଁ ଭକ୍ତମାନଙ୍କୁ କହିଛନ୍ତି ।

ପାମର ଅଚ୍ୟୁତ ସଂସାର ଭିତ୍ରେ,
ବସ୍ତୁରେ ଆଉ କରି ଅଗ୍ରସ୍ତେ ।
ଦାସ ଅଧିକାର କରଇ ସଂସାର,
ଏଣୁ ମୋ ଚିତ୍ତ ହୁଅଇ କାତର ।
ଭକ୍ତମାନେ ମିଳି ମୋତେ ଉଦ୍ଧର,
ପାରି କର ଏହୁ ଭବସାଗର । (୩୫ଶ ଅ.)

**ଗୁରୁଭକ୍ତି ଗୀତା** :—ଓଁକାର ତତ୍ତ୍ୱ, ଅକ୍ଷର ଭେଦ, ମନ୍ତ୍ରତତ୍ତ୍ୱ, ଦୀକ୍ଷା ପ୍ରବାଦ ଓ ଅଚ୍ୟୁତାନନ୍ଦଙ୍କ ଆବିର୍ଭାବ ତତ୍ତ୍ୱ ଏହି ଗ୍ରନ୍ଥରେ ବର୍ଣ୍ଣିତ ଅଛି । ବିଭିନ୍ନ ମନ୍ତ୍ରଭେଦ କଥନରେ ଅଚ୍ୟୁତାନନ୍ଦ ସ୍ୱ ଟୀକାରେ ସ୍ୱତନ୍ତ୍ର ରକ୍ଷା କରିଅଛନ୍ତି । 'ହରେ ରାମ କୃଷ୍ଣ' ମନ୍ତ୍ରର ଭେଦ ଓ ଏକାକ୍ଷର ମନ୍ତ୍ରଭେଦ ତାଙ୍କ ନିଜ ଶିଷ୍ୟମଣ୍ଡଳୀ ପାଇଁ ନିର୍ଦ୍ଦିଷ୍ଟ । ମନ୍ତ୍ରଗ୍ରହଣ ଓ ନିତ୍ୟକର୍ମପଦ୍ଧତି ମଧ୍ୟ 'ଗୋପାଳମାନଙ୍କ' ଉଦ୍ଦେଶ୍ୟରେ ଲିଖିତ । ଅଚ୍ୟୁତାନନ୍ଦ ଶିଷ୍ୟମଣ୍ଡଳୀର ବ୍ୟବହାର ନିମନ୍ତେ ଏହା ଲେଖି ଯାଇଥିବାରୁ ଅନ୍ୟାନ୍ୟ ସମ୍ପ୍ରଦାୟମାନଙ୍କ ବିଧିବିଧାନଠାରୁ ଏହା କିଛିଏ ପୃଥକ୍ ଥିବା ସ୍ୱାଭାବିକ ।

'ଗୁରୁଭକ୍ତି ଗୀତା'ରେ ଅନେକ ପ୍ରକ୍ଷିପ୍ତ ଅଂଶ ଅଛି । ସେଥିରୁ କେତୋଟି ନିମ୍ନରେ ଦିଆଗଲା—

(୧) କବିଙ୍କ ଗୁରୁ ପରମ୍ପରା—

ଏ ନାମ ଚୈତନ୍ୟ ଠାକୁର, ସାରଙ୍ଗ ଗୋସାଇଁ କର୍ଣ୍ଣରେ ।
ଶ୍ୟାମ ଗୋସାଇଁ କର୍ଣ୍ଣମୂଳେ, ସାରଙ୍ଗ ଗୋସାଇଁ କହିଲେ ।

ରାମକୃଷ୍ଣ ସେ ଗୋସାଇଁ ରେ, ଶ୍ୟାମ ଗୋସାଇଁ କୃପାକରେ ।
ନବକିଶୋର କର୍ଣ୍ଣମୂଳେ, ରାମକୃଷ୍ଣ ସେ ଗୁରୁ ହେଲେ ।
ସନାତନ ସେ ଦାସକୁ ହିଁ, ନବକିଶୋର ଦେଲେ କହି ।
ମୁଁ ଅଟେ ଅଚ୍ୟୁତ ଯେ ଦେଖ, ସନାତନ ସେ କୃପା ହୋଇ ।
ଅଚ୍ୟୁତାନନ୍ଦ ମୁହିଁ ପୁଣ, କହିଲି ସେ ରାମ କର୍ତ୍ତୃଣ ।
ରାମ କହିଲେ ମୁକୁନ୍ଦରେ, ରାଧାଶ ଗୋପାଳ କର୍ଣ୍ଣରେ । (୨ୟ ଗ୍ରନ୍ଥ)

୩୦ଶ ଛନ୍ଦରେ ମଧ୍ୟ ଏ ବିଷୟ ଦିଆହୋଇଛି ।

(୨) ଐତିହାସିକ ସମୟର ଭ୍ରମ—

ପ୍ରତାପ ନୃପତି ପାଦ ପୂଜାର ଧାରଣ,
ପ୍ରତାପଠାରୁ ମୁକୁନ୍ଦରେ କହୁ ପୁଣ ।
ମୁକୁନ୍ଦଠାରୁ ରାଜ୍ୟ ଭଲର ବିସ୍ତାର,
ମଧ୍ୟକୁ ତୈଲଙ୍ଗ ପାଣି ନକଣ୍ଠି ଦେହେର ।
ତଦ୍ୟ ଗୋପୀନାଥ ଜାଣେ ଅଭିନ୍ନର ଗୋଳ,
ନାମକୁ ନଟନ୍ତି ସେହି ନାମେନ୍ଦ୍ର ଧକଳ ।

ଗଜପତି 'ପ୍ରତାପରୁଦ୍ର'ଙ୍କ (ଖ୍ରୀ: ୧୪୯୭—୧୫୩୨) ଠାରୁ ଖୋର୍ଦ୍ଧାବଂଶର ଗୋପୀନାଥ ଦେବ (ଖ୍ରୀ: ୧୭୨୫—୧୭୩୨) ପର୍ଯ୍ୟନ୍ତ ଏଥିରେ କେତେକ ଐତିହାସିକ ଘଟଣାର ସୂଚନା ମିଳୁଛି । ଏଥିରୁ ଜଣାଯାଉଛି ଯେ କବି ଗୋପୀନାଥ-ଦେବଙ୍କ ପର୍ଯ୍ୟନ୍ତ ଜୀବିତ ଥିଲେ । କିନ୍ତୁ ପଞ୍ଚସଖାର ଅଚ୍ୟୁତାନନ୍ଦ ପ୍ରାୟ ୨୦୦ ବର୍ଷରୁ ଅଧିକ ବଞ୍ଚିଥିବା ଅସମ୍ଭବ । ଖୋର୍ଦ୍ଧାବଂଶ ରାଜାଙ୍କ ସମୟରେ ଜୀବିତ ଥିବା ଆଉ ଜଣେ 'ଅଚ୍ୟୁତାନନ୍ଦ' ଏ ଅଂଶତକ ଯୋଡ଼ି ଦେଇଛନ୍ତି । ଉପରେ ଦିଆଯାଇଥିବା ଗୁରୁ ପରଂପରା ମଧ୍ୟ ତାଙ୍କର ହୋଇଥିବ । ଦଶମ ପଟଳରେ ବୀରକେଶରୀଦେବ (ଖ୍ରୀ: ୧୭୪୩—୧୭୮୦)ଙ୍କର ନାମର ଉଲ୍ଲେଖ ଅଛି । ଗୁରୁଭକ୍ତିଗୀତାରେ ତେଲଙ୍ଗା ମୁକୁନ୍ଦଦେବ (ଖ୍ରୀ: ୧୫୫୯—୧୫୬୮)ଙ୍କ ନାମର ଉଲ୍ଲେଖ ଅଛି । ପଞ୍ଚସଖାର ଅଚ୍ୟୁତାନନ୍ଦ ତେଲଙ୍ଗା ମୁକୁନ୍ଦଦେବଙ୍କ ବେଳକୁ ଜୀବିତ ଥିବା ଅସମ୍ଭବ ନୁହେଁ । ଗୁରୁଭକ୍ତିଗୀତା ଓ ଦଶମପଟଳରେ ଯେଉଁ ପ୍ରକ୍ଷିପ୍ତ ଅଂଶ ଅଛି ତାହା ଖୋର୍ଦ୍ଧାବଂଶ ସମୟରେ ଜୀବିତ ଥିବା 'ଅଚ୍ୟୁତାନନ୍ଦ' ଲେଖିଥିବା ସମ୍ଭବ । ଏହି ୨ୟ ଅଚ୍ୟୁତାନନ୍ଦ ବର୍ଣ୍ଣଟୀକା,

ଅବତାର ମାଳିକା ପ୍ରଭୃତିରେ ୧ମ ଅଚ୍ୟୁତାନନ୍ଦଙ୍କର ବଂଶଧରମାନଙ୍କର ତାଲିକା ଦେଇଛନ୍ତି ବୋଲି ମନେହୁଏ ।

(ଗ) ଶୁଣୁ ବଚନ, ଏମନ୍ତ ବେଳ, ଶିଷ୍ୟାକୁ ଗୁରୁ କହେ ।
ଖାରଙ୍ଗ ଗ୍ରାମ୍ୟ, କଣ୍ଟୁଣା କଲେ, ଦାନ ଅଚ୍ୟୁତ କହେ ।
ସମୁଦ୍ର ତଟେ, କଟକ ଥାନ, ଝୁଲଡ଼ା ମୁଣ୍ଡେ ବାସ ।
ସେ ପରିବାର, ମୂର୍ତ୍ତି ଅଟଇ, ଶୂଦ୍ର ଅଚ୍ୟୁତ ଦାସ । (୧୧ଶ ଗ୍ରୁ:)

(ଘ) ପଞ୍ଚସଖାଙ୍କ ସମ୍ପ୍ରଦାୟ ବଖାଣ—
ଅନନ୍ତ ଶିଷ୍ୟ ସେ ରାମାନନ୍ଦ ବଇଷ୍ଣବ
ଯଶୋବନ୍ତ ଦାସ ମାଧ୍ୱାଚାର୍ଯ୍ୟ ବୈଷ୍ଣବ ।
ବଳରାମଦାସ ବିଷ୍ଣୁ ଶ୍ୟାମ (ସ୍ୱାମୀ) ଦାସ ହୋଇ
ନାମାନନ୍ଦ ବୈଷ୍ଣବ ଅଚ୍ୟୁତ ଅଟଇ । (୩୨ଶ ଗ୍ରୁ:)

ଉପର୍ଯ୍ୟୁକ୍ତ ପ୍ରସିଦ୍ଧ ଅଂଶ ସଦୃଶ ଅନ୍ୟ ଅନେକ ଅଂଶ ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥମାନଙ୍କରେ ଦେଖାଯାଏ । ଏଥିରୁ କେତେକ ଅଂଶ ପରେ ଅନ୍ୟ ହାତରେ ମୂଳ ଗ୍ରନ୍ଥରେ ମିଶିଯାଇଛି ଯେ ଏଗୁଡ଼ିକୁ ସନ୍ଦେହରେ ବାଦ ଦିଆଯାଏ ନାହିଁ । ଅନ୍ୟ କେତେକ ଅଂଶ ପଢ଼ିଲେ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶ ଯୁଗର ଅଚ୍ୟୁତାନନ୍ଦ ଲେଖିଛନ୍ତି ବୋଲି ମନରେ ଧାରଣା ହୋଇଯାଏ ।

ଗୁରୁଭକ୍ତିଗୀତାର ଭାଷା ସରଳ । କହୁଛେକ, ଲକ୍ଷଣ ପ୍ରଭୃତି କେତେକ ପ୍ରାଚୀନ ପ୍ରୟୋଗ ଦେଖାଯାଏ ।

**ହରିବଂଶ:**—ଅଚ୍ୟୁତ ଦାସଙ୍କ ହରିବଂଶ ସାଧାରଣତଃ 'ସାତଖଣ୍ଡିଆ ହରିବଂଶ' ନାମରେ ଓଡ଼ିଶାରେ ପରିଚିତ । ମୂଳ ହରିବଂଶର ଘଟଣାକୁ ଅଚ୍ୟୁତ ସମ୍ପୂର୍ଣ୍ଣରୂପରେ ଅନୁସରଣ କରିନାହାନ୍ତି । ମୂଳ ହରିବଂଶକୁ ମଧ୍ୟ ଅନୁବାଦ କରିନାହାନ୍ତି । ତାଙ୍କର ଭାଷା ସରଳ ହେବାରୁ ଲୋକଙ୍କ ଭିତରେ ଏହାର ଆଦର ବେଶୀ ଦେଖାଯାଏ । ରଣପୁରର ରାଜା ପଦ୍ମ ନରେନ୍ଦ୍ରଙ୍କ ସମୟରେ ଅଚ୍ୟୁତ ଦାସ ରଣପୁରର ସୀମା ନଟିଣ୍ଡି ଗ୍ରାମରେ ବାସ କରୁଥିଲେ । ସେହିକାଳରେ ହରିବଂଶ ଲେଖା ଶେଷ ହୋଇଥିଲା । ପଦ୍ମ ନରେନ୍ଦ୍ରଙ୍କ ଆଶ୍ରୟରେ ରହି କବି ଏ ଗ୍ରନ୍ଥକୁ ଲେଖିଥିବା ସ୍ପଷ୍ଟରୂପରେ ଉଲ୍ଲେଖ କରିଅଛନ୍ତି ।

ଅଚ୍ୟୁତ ଦାସଙ୍କ ଶୂଦ୍ର କୁଳରେ ଜନ୍ମ । ସେ ଗୋପାଳମାନଙ୍କୁ ଦୀକ୍ଷା ଦେଉଥିଲେ ଏବଂ ଗୋପାଳମାନେ ତାଙ୍କୁ ମହନ୍ତ ବୋଲି ଡାକୁଥିଲେ । ହରିବଂଶରେ କବି ଲେଖିଛନ୍ତି—

ରଣପୁର ମଧ୍ୟ ଗ୍ରାମେ ବାସ କରିଥାଇଁ
ଯଦୁନରେନ୍ଦ୍ର ପୋଷନ୍ତି ଅନ୍ନ ବସ୍ତ୍ର ଦେଇ ।
ଶୂଦ୍ର ମଧ୍ୟରେ ଗଣନା ମୁହିଁ ତ ଅଟଇ
ଦୀକ୍ଷା ଗୋଟି ପାଇଅଛୁ ଗୋପକୁଳେ ଆଇ ।
ସବୁ ଗୋପାଳମାନଙ୍କୁ ନାମ ଦୀକ୍ଷା ଦିଏ
ଶ୍ରୀକୃଷ୍ଣ ପାଦପଦ୍ମରେ ଚିତ୍ତ ମୋର ଥାଏ ।
ତେଣୁ ଗୋପାଳକୁଳରେ ବୋଲାଇ ମହନ୍ତ
ଦୟା କରିଛନ୍ତି ମତେ କମଳାର କାନ୍ତ ।
ଗୋପୀନାଥ ଚରଣକୁ ସଦା ମୋର ଆଶ
ଅଚ୍ୟୁତ ଦାସ କବିଙ୍କୁ ରଙ୍ଗ ପୀତବାସ । X (୭ମ ଖ: ଶେଷାଂଶ)

ପୁଣି, ରଣପୁର ସୀମା ମଧ୍ୟେ ସେ ଖଣ୍ଡ ଗ୍ରାମରେ
ମୋହର ଘର ଅଟଇ କଣ୍ଟିର ମଧ୍ୟରେ । (୭ମ ଖ: ପ୍ରଥମାଂଶ)

**ଗୋପାଳଙ୍କ ଓଗାଳ ଓ ଲଉଡ଼ି ଖେଳ**:—ଗୋପାଳ କୁମର ସୁଦାମାଙ୍କ ପ୍ରଶ୍ନ (ଓଗାଳ) ଓ ଶ୍ରୀ ଦାମଙ୍କ ଉତ୍ତର (ଢ଼ିଅର) ଛଳରେ ଏ କ୍ଷୁଦ୍ର ଛାନ୍ଦଟି ଲେଖା ହୋଇଛି । ଏହି ବହିରେ କବି ନିଜ ସମ୍ବନ୍ଧରେ ଲେଖିଛନ୍ତି—

ରଣପୁର ମଧ୍ୟ ଗ୍ରାମେ ବାସ କରିଥାଇ
ଯଦୁନାଥ ନରେନ୍ଦ୍ର ମୋତେ ଅନ୍ନ ଦେଇ ପୋଷଇ ।

କବି ରଣପୁରରେ ବାସ କରୁଥିବା ସମୟରେ ଏ ଛାନ୍ଦଟି ଲେଖିଥିବା ସ୍ପଷ୍ଟ ଜଣାଯାଉଛି ।

ଗୋପର ରାଜା ନନ୍ଦଙ୍କ ଘରେ ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷରେ ବହୁ ଗୋପାଳ ସମବେତ ହୋଇଥିଲେ । ଦାମ, ସୁଦାମ, ବାସୁ, ସୁବାହୁଙ୍କ ସଙ୍ଗରେ କୃଷ୍ଣ ଲଉଡ଼ି ଖେଳୁଥିଲେ ପ୍ରଥମେ କୃଷ୍ଣଙ୍କୁ ବନ୍ଦନା କରି ତା'ପରେ ଛଗୋଟି ଗୀତରେ କୃଷ୍ଣଙ୍କ ଜନ୍ମ ଓ ରାଧାଙ୍କ ସହିତ ମିଳନ, ଇନ୍ଦ୍ରପୂଜାର ରହସ୍ୟ ଲେଖା ହୋଇଛି । ଏଣ ଗୀତଟିରୁ ଓଗାଳ ଓ ଢ଼ିଅର ବାହାରିଛି । ଦୋଳଯାତ୍ରା

ତନ ସୁଦାମ ପ୍ରଶ୍ନ କରୁଛନ୍ତି ଓ ଦାମ ଉତ୍ତର ଦେଉଛନ୍ତି । ଗୋପଜନର ଉଷୁଣ୍ଡି, ପଲକ, ବେତ, ବଂଶୀ, ଲଉଡ଼ି, ଖିରର ଟୋପଣି, ଶିଙ୍ଗା, ସିଙ୍ଗା ପ୍ରଭୃତି ବିଷୟ, ମାଈ ରାଧା ଓ ଲଳିତା କୃଷ୍ଣଙ୍କ ପ୍ରେମର ରହସ୍ୟ, ଚନ୍ଦ୍ରସେନାଙ୍କ କଳଙ୍କ ମୋଚନର କାରଣ, ପୂର୍ବ ଜନ୍ମରେ ରାଧା ଓ ଚନ୍ଦ୍ରସେନାଙ୍କ ନାମ, କୃଷ୍ଣ ନନ୍ଦୀଘରେ ଜନ୍ମ ନେବାର କାରଣ, ନନ୍ଦ-ଯଶୋଦାଙ୍କ ପୂର୍ବ ଚରିତ, ବୃନ୍ଦାବନ ଲୀଳାତତ୍ତ୍ୱ ପ୍ରଭୃତି ବିଷୟ ଏଥି ପଦଗୁଡ଼ିକରେ ବର୍ଣ୍ଣିତ ହୋଇଛି । ଏ ଭିତରେ ଅନେକଗୁଡ଼ିଏ ବିଷୟ ବଡ଼ ସୁନ୍ଦରଭାବରେ କୁହାଯାଇଛି । ଭାଷା ଅତି ସରଳ ।

(୧) ସୁଦାମ ପଚାରୁଛନ୍ତି—(ଓଗାଲ) ଜହ୍ନମାମୁଁ ତତ୍ତ୍ୱ—

ଜହ୍ନମାମୁଁ ବୋଲି ନନ୍ଦ କୃଷ୍ଣଙ୍କୁ ଦେଖାଇ
ଗଉଡ଼ର ମାମୁଁ ଜହ୍ନ କେଉଁପରି ହୋଇ ।

ଦାମଙ୍କ ଉତ୍ତର—ଜହ୍ନମାମୁଁ ବୋଲି ଲୋକେ ଯହିଁ ଡାକନ୍ତି,
ଲକ୍ଷ୍ମୀଦେବୀ ଜଗତର ଜନନୀ ଅଟନ୍ତି ।
ଚନ୍ଦ୍ର ଲକ୍ଷ୍ମୀ ଦୁହିଙ୍କଣ ସମୁଦ୍ରରୁ ଜାତ,
ଚନ୍ଦ୍ର ତାଙ୍କର ଅଟନ୍ତି ସହୋଦର ଭ୍ରାତ ।
ଚନ୍ଦ୍ର ଭ୍ରାତ ଭଗ୍ନୀ ଲକ୍ଷ୍ମୀ ଜଗତମାତା ହୋଇଲେ,
ତେଣୁ ମାମୁଁ ବୋଲି ଚନ୍ଦ୍ରେ ଜଗତେ ଡାକିଲେ ।

(୨) ଶିଙ୍ଘିଭେଦ—

ଓଗାଲ—କାହିଁ ଅଛନ୍ତି ହୋ ଦାମୁ କାହିଁ ଉତପତ୍ତି,
କେଉଁଷ ଦେବତା ପୂଜା କର ନିତ୍ୟପ୍ରତି ।
କେଉଁ ଗର୍ଭ ଭୁଲି ତୁମ୍ଭେ କର ହୋ ସ୍ନାହାନ,
କେଉଁ ଅକ୍ଷରରେ ତୁମ ଗୋପାଳଙ୍କ ନାମ ।

ଉତ୍ତର—ଅଗ୍ନିରୁ ଜନ୍ମ ଅଟୁ ପବନର ସାଥ,
ଅଟ୍ଟା ଠାକୁରଙ୍କୁ ପୂଜା କରୁ ନିତ୍ୟପ୍ରତି ।
ଋଗବେର୍ଦମାନ ଭରି କରୁ ହୋ ସ୍ନାହାନ,
ଅଣଟି ଅକ୍ଷରେ ଗୋପାଳଙ୍କ ନାମ ।

ନିବୃତ୍ତି ଦେହକର ବାହ୍ୟଲକ୍ଷଣ ଗୀତ—

"ରେ ରେ ରେ ରାହାକୁ ରହା ଦେଇ, ବାହାକୁ ବାହା ଦେଇ, ସେହି ଗୋଡ଼ ସେଇଠି ଥିବ, ସେହି ମୁଣ୍ଡ ସେଇଠି ଥିବ, ଅଣ୍ଟା ଭାଙ୍ଗିଲା, ଗ୍ରୀବ ଫୁଲିଲା, ଆଖିରୁ ମୋର ଲୁହ ଗଳିଗଳି ହେଉଛି, ସ୍ୱଧାକୃଷ୍ଣ ନିତ୍ୟ କେଳିକଦମ୍ବମୂଳେ ରହେ ।" "ରେ ରେ ରେ ଲାଗିଲି ପେଖାଳେ, ଲାଗିଲି ଗ୍ରୀଷ ବେଗୁଣେ, ଓଲଟ ପାଲଟ, କଣ୍ଠ କୋଳାପ, ନାଡ଼ି ବାଜିଲା ଶୂନ୍ୟ କପାଳ, ରେ ରେ ରେ ଦୁଷିର ଗ୍ରୀଷଏ, ପାଟଏ, ହଜୁଏ, ତାଳିଏ, ସନ୍ତୋଳି ଭଇ ଶିକା ।"

**ବର୍ଣ୍ଣଟୀକା ପୁରାଣ:**—ଏଥିରେ ଅଚ୍ୟୁତାନନ୍ଦ ଜାତିକି ନିଜକୁ ଶୂଦ୍ର ବୋଲି ପରିଚୟ ଦେଲେ ଓ ତାଙ୍କର ଜନ୍ମ, ଦୀକ୍ଷା, ବିବାହ, ବଂଶବୃକ୍ଷ ପ୍ରଭୃତି ବିଷୟ ସଂକ୍ଷେପରେ ବର୍ଣ୍ଣିତ ହୋଇଛି ।

**ଅନନ୍ତ ଯୋଗ:**—ଏହି ବହିଟିରେ କବି ଲେଖିଛନ୍ତି—

'ମୁଁ ଥିବି ମଣିନାଗଙ୍କୁ ଗୋଳଜେ ଅନ୍ତର ।'—

ଉତ୍କଳର ମଣିନାଗ ପର୍ବତଟି ଏଥିରେ ସୂଚିତ ହୋଇଛି ।

**ପଦ୍ମଟୀକା:**—ଏହି ନାମରେ କବି ଏକ ଗ୍ରନ୍ଥ ଲେଖିଥିବା ଶୂନ୍ୟସଂହିତାରୁ ଜଣାଯାଏ ।

ଆଉ ଭକତ ସେତେ ମୋର ଅଛନ୍ତି ବାଛିବା ପଦ୍ମଟୀକାରେ,
ଠିକେ ପଞ୍ଚାଶତ ରୂପେ କହିଣ ହେଉଛନ୍ତି ସେ ମନରେ । (୧୯ଶ ଅ.)

**ଗୁପ୍ତଗୀତା ବା ଶବ୍ଦବ୍ରହ୍ମ ସଂହିତା:**—ଅଚ୍ୟୁତାନନ୍ଦଙ୍କ ଗୁପ୍ତଗୀତା ବା ଶବ୍ଦବ୍ରହ୍ମସଂହିତା ଗ୍ରନ୍ଥଟି ପ୍ରତାପରୁଦ୍ରଙ୍କ ରାଜତ୍ୱର ଅ ୨୬ ଙ୍କ ବା ଖ୍ରୀ: ୧୫୧୬ରେ ଲେଖା ହୋଇଛି । ଏହି ଗ୍ରନ୍ଥଟିର ଲେଖାର ଭଙ୍ଗୀ ଅନ୍ୟ ଗ୍ରନ୍ଥମାନଙ୍କଠାରୁ ଭିନ୍ନ । ଏଥିରେ ଗୁରୁଶିଷ୍ୟ ସମ୍ବାଦ ନାହିଁ । ଶୂନ୍ୟସଂହିତା, ଅଣାକାର ବ୍ରହ୍ମସଂହିତା, ବ୍ରହ୍ମଶାଳିକା ପ୍ରଭୃତି ଗ୍ରନ୍ଥରେ ଶିଷ୍ୟ ରାମଚନ୍ଦ୍ର—ଠାରୁ ଅଚ୍ୟୁତାନନ୍ଦଙ୍କ ପ୍ରଶ୍ନ-ଉତ୍ତର ରହିଛି । ଏହି 'ଗୁରୁ-ଶିଷ୍ୟ ସମ୍ବାଦ'ର ଲେଖାଶୈଳୀରୁ ଅନୁମାନ ହେଉଛି, ସେହି ସମ୍ବାଦକୁ ଅନ୍ୟ କେହି ଜଣେ ଅଚ୍ୟୁତ ଗ୍ରନ୍ଥ ଆକାରରେ ପ୍ରକାଶ କରିଛନ୍ତି ।

# ଅଚ୍ୟୁତାନନ୍ଦ ଭଣିତା

ଏକାଧିକ ରଚନା ଅଚ୍ୟୁତାନନ୍ଦଙ୍କ ନାମରେ ପ୍ରଚଳିତ ଥିବା ଜଣାଯାଉଛି । ଏଥିରୁ କେତୋଟି ମୂଳ କବି ପଞ୍ଚସଖା ଅନ୍ୟତମ ଅଚ୍ୟୁତାନନ୍ଦଙ୍କର ନୁହେଁ । ପରବର୍ତ୍ତୀ ସମୟରେ ତାଙ୍କ ସମ୍ପ୍ରଦାୟର କେହି କେହି ସ୍ୱରଚନା-ମାନଙ୍କର ପ୍ରାମାଣିକତା ବୃଦ୍ଧି କରିବା ନିମନ୍ତେ ମୂଳ ଅଚ୍ୟୁତାନନ୍ଦଙ୍କ ନାମରେ ଭଣିତା କରିଛନ୍ତି ।

ଭଣିତାର କେତୋଟି ଉଦାହରଣ —

(କ) ରାମଚନ୍ଦ୍ର ଦାସ ଜନସ୍ତୁ ଦେଖିଣ ଶ୍ରୀକୃଷ୍ଣ ପାଦରେ ଧ୍ୟାନ ।
ପାମର ଅଚ୍ୟୁତ ପଦ୍ମପାଦେ ରହି କହଇ ଶ୍ରୀକୃଷ୍ଣ ନାମ ।
( ୩ । ଅଣାକାର ସଂହିତା )

(ଖ) କହୁଦେବା ରାମ ଏଥିର କୃତାନ୍ତ ଶ୍ରୀଗୁରୁ ଭକ୍ତାର ଧନ
ଶୁଣି ରାମଦାସ ଗୁରୁପାଦେ ଘେନି ଦର୍ଶି କୃଷ୍ଣାନ୍ତ ମନ । (୨୫ ଅ. ଶ.ସ.)

(ଗ) ରାମର ବଚନ ଦେଖିଣ ଅଚ୍ୟୁତ ବୋଲନ୍ତି ଗୁରୁଙ୍କରେ ବାକ୍ୟ । (୧୦ ଅ. ଶ.ସ.)

(ଘ) ଶ୍ରୀଗୁରୁ ଚରଣେ ଦଣ୍ଡବତ କରି ପଚାରଇ ରାମଦାସ । (୧୪ ଅ. ଶ.ସ.)

(ଙ) ବୋଲନ୍ତି ଶ୍ରୀଗୁରୁ ଶୁଣ ଭକ୍ତିଯୁକ୍ତ ଅଣାକାର ଭଜନ । (୧୪୩ ଅ. ଶ.ସ.)

(ଚ) ତପୋପ୍ରିୟା ତତ୍ତ୍ୱବାଦୀ । କହେ ଅଚ୍ୟୁତ ବ୍ରଜବାସୀ ।
ମୋ ନାମ ଅଟଇ ଅଚ୍ୟୁତ । ଘୁଞ୍ଚନେ ଏବେଣ କର ମତ ।
ଏ ଗ୍ରନ୍ଥ ଶ୍ରବଣେ ପଠନେ । ନିତ୍ୟ ଅଭ୍ୟାସ ଦୃଢ଼ମନେ ।
ବ୍ରହ୍ମଜ୍ଞାନକୁ ଦିବ ଚାହିଁ । କହଇ ପାମର ଅଚ୍ୟୁତ ।
(୬ଷ୍ଠ କଳ୍ପ-ବ୍ରହ୍ମଗୀତିକା)

(ଛ) କହନ୍ତି ଅଚ୍ୟୁତ ରାମଙ୍କୁ । ଭୂଷଣ୍ଡ କହେ ଅଚ୍ୟୁତଙ୍କୁ ।
ଏଣୁ ଯୁଗଯୁଗେ ରସ । କହେ ଅଚ୍ୟୁତ ଭୂଜ ଦାସ । (୭ମ କଳ୍ପ-ବ୍ର.ଗୀ.)

(ଜ) ରାମଙ୍କୁ ପାଖରେ ବସାଇ । କହନ୍ତି ଅଚ୍ୟୁତ ବୁଝାଇ ।
ଯୁଗରେ ଗୁପତ କରିବ । ପ୍ରକାଶ କଲେ ଦୋଷ ହେବ ।
କହେ ଅଚ୍ୟୁତାନନ୍ଦ ଦାସ । ଏ ସାର ବ୍ରହ୍ମ ଉପଦେଶ ।
(୮ମ କଳ୍ପ-ବ୍ର. ଗୀ.)

(ଙ) କହନ୍ତି ନେମାଳ ଅଚ୍ୟୁତ । ହେ ରାମଚନ୍ଦ୍ର ଶିଷ୍ୟ ସତ ।
ପୂଜନେ ଗୁପତ କରିବ । କହୁଅଛନ୍ତି ବାସୁଦେବ ।
ସେଠ ଆନନ୍ଦଜନ ସାଧୁ ଜନ । ତା ପାଖେ ଅଚ୍ୟୁତ ଭକତର । (୧୧ କଳ୍ପ-ବୃ.ଶା.)

(ଚ) କହନ୍ତି ଅଚ୍ୟୁତ ଦାସ ହେ । ଶୁଣ ହେ ରାମଚନ୍ଦ୍ର ଶିଷ୍ୟ ।
ଏ ଗୁପ୍ତ ନ କହନ ବାହି । ସେତେ କହିଲୁ ମାୟା ନାହିଁ ।
ମୋତେ ଶିଖାଇଛନ୍ତି ହରି । ତେଣୁ ଏ ଜ୍ଞାନ କହେ ସ୍ମରି ।
ଗୁପତ ଗୁପତ ଗୁପତ । କହିଲେ ଦାସ ଅଚ୍ୟୁତ । (୧୬ କଳ୍ପ-ବୃ. ଶା.)

(ଛ) ଅଚ୍ୟୁତ ରାମଙ୍କୁ କହନ୍ତି । ଏ କଳିଯୁଗେ ଏ ଗୁପତ । ×
ହେ ଗୁରୁ କହନ୍ତେ ବୁଝାଇ । କହେ ଅଚ୍ୟୁତାନନ୍ଦ ଭାଇ ।
(୧୩ କଳ୍ପ-ବୃ. ଶା.)

(ଜ) ଶ୍ରୀପ୍ରଭୁଙ୍କ ଭୃତ୍ୟ ଅଚ୍ୟୁତ ଦାସ, ରାମଦାସ ସେ ତାଙ୍କର ଶିଷ୍ୟ ।
ତାଙ୍କ ଚରିତ ଶୁଣ ଦ୍ୱିଜଗଣ, ଅଟେ ପରମ ଗୁପତ ଆଖ୍ୟାନ ।
ଏବେ ବୈଷ୍ଣବ ରାମଦାସ ଗଲେ, ଅଚ୍ୟୁତାନନ୍ଦଙ୍କ ପାଦେ ପଡ଼ିଲେ ।
(୧୪ ଯା. ଦ. ସ.)

ଏହିପରି ବହୁ ଲେଖା ଅଚ୍ୟୁତାନନ୍ଦଙ୍କ ଭଣିତାଯୁକ୍ତ ଗ୍ରନ୍ଥମାନଙ୍କରେ ମିଳୁଛି । ଏଥିରୁ ଅନୁମିତ ହେଉଛି, ନେମାଳର ଅଚ୍ୟୁତାନନ୍ଦ ମୂଳ ଏବଂ ଏ ପଞ୍ଚସଖା-ଅନ୍ତର୍ଭୁକ୍ତ । ଅଚ୍ୟୁତାନନ୍ଦ ଗୋସାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ ଶାଖାର ବହୁ ପୀଠାଧିକାରୀ ଅଚ୍ୟୁତାନନ୍ଦ ନାମ ଧାରଣ କରିଛନ୍ତି । ଏମାନଙ୍କ ଭିତରୁ କେହି କେହି କବିତା ଅଂଶ ଲେଖି ଗ୍ରନ୍ଥମାନଙ୍କ ଭିତରେ ପ୍ରକ୍ଷେପ କରିଛନ୍ତି । ଏକାଧିକ ଅଚ୍ୟୁତାନନ୍ଦଙ୍କ ପ୍ରକ୍ଷିପ୍ତ ଅଂଶ ସ୍ଥାନ ପାଇଛି ।

ପ୍ରକ୍ଷିପ୍ତ ଅଂଶଗୁଡ଼ିକ ବିଷୟ ଭିନ୍ନଥିବା ଜଣାଯାଏ । ସୃଷ୍ଟିତତ୍ତ୍ୱ, ଆଗତଭବିଷ୍ୟ, ସହଜସାଧନ, ମୂଳ ଅଚ୍ୟୁତାନନ୍ଦଙ୍କ ଜୀବନର ଅଂଶବିଶେଷ ପ୍ରଭୃତି ଏଥିରେ ଦେଖାଯାଏ ।

ପ୍ରକ୍ଷିପ୍ତ ଅଂଶଗୁଡ଼ିକ ଯୋଗୁଁ ମୂଳ ଅଚ୍ୟୁତାନନ୍ଦଙ୍କ ମୌଳିକ ଲେଖାର ରୂପ ନଷ୍ଟ ହୋଇଛି ଏବଂ ବହୁ ଅଂଶରେ ଅବୋଧ୍ୟ ହୋଇପଡ଼ିଛି ।

ପରସ୍ପରବିରୋଧୀ ତଥ୍ୟ ଏବଂ ପ୍ରକ୍ଷିପ୍ତ ଅଂଶଗୁଡ଼ିକରୁ ଦେଖାଯାଏ, ଏକାଧିକ ଅଚ୍ୟୁତାନନ୍ଦ ଭିନ୍ନ କାଳରେ ଏଗୁଡ଼ିକ ଲେଖିଥିବାରୁ ଏହା ସମ୍ଭବ ହୋଇଛି । ଏକ ଗ୍ରନ୍ଥରେ ବହୁସ୍ଥାନରେ ପରସ୍ପରବିରୋଧୀ ତଥ୍ୟ ଏହି କାରଣରୁ ମଧ୍ୟ ଦେଖାଯାଏ ।

ପରବର୍ତ୍ତୀ ଅଚ୍ୟୁତାନନ୍ଦମାନେ ମୂଳ ଅଚ୍ୟୁତାନନ୍ଦଙ୍କ ଶିଷ୍ୟପରଂପରାଭୁକ୍ତ ଥିବାରୁ ଏବଂ ସେହି ଅଚ୍ୟୁତାନନ୍ଦଙ୍କ ପ୍ରତିପାଦିତ ତତ୍ତ୍ୱ ତଥ୍ୟ ମୂଳତଃ ଅଭେଦ ଥିବାରୁ ସାଧାରଣ ଲୋକେ ଏହି ଏକାଧିକ ଅଚ୍ୟୁତାନନ୍ଦଙ୍କ ଲେଖାଗୁଡ଼ିକୁ ମୂଳ ଅଚ୍ୟୁତାନନ୍ଦଙ୍କ ଲେଖା ବୋଲି ଧରି ନଅନ୍ତି ଏବଂ ଅସଙ୍ଗତ ବିରୋଧାଭାସିକ ଉକ୍ତିକୁ ଅନାଗତଭବିଷ୍ୟବାଣୀ ରୂପେ ଗ୍ରହଣ କରିଥାଆନ୍ତି ।

ପଞ୍ଚସଖାର ଅଚ୍ୟୁତାନନ୍ଦ ଶାଖାର ମୂଳ ଏବଂ ପ୍ରତିଷ୍ଠାବାନ୍ ସାଧକ ଥିବାରୁ ପରବର୍ତ୍ତୀ ଅଚ୍ୟୁତାନନ୍ଦମାନେ ତାଙ୍କ ନାମରେ ନିଜର ଲେଖାକୁ ଚଳାଇ ନେଇଛନ୍ତି । ଏମାନେ ବହୁ ଅଂଶରେ କୃତକାର୍ଯ୍ୟ ହୋଇଛନ୍ତି ବୋଲିବାକୁ ହେବ, କାରଣ ସାଧାରଣରେ ବହୁ ଲୋକ ବହୁ ଜଣ ଅଚ୍ୟୁତାନନ୍ଦଙ୍କ ଅସ୍ତିତ୍ୱ ସ୍ୱୀକାର ନକରି ମୂଳ କବିଙ୍କ ମୂଳ ଲେଖା ସ୍ୱରୂପ ଏହି ଗ୍ରନ୍ଥଗୁଡ଼ିକୁ ଗ୍ରହଣ କରିଥାଆନ୍ତି ।

ମୂଳ ଅଚ୍ୟୁତାନନ୍ଦ ନିଜକୁ ନେମାଳବାସୀ ଅଚ୍ୟୁତ, ବ୍ରଜଅଂଶୀ ଅଚ୍ୟୁତ ବା ବ୍ରଜ ଅଚ୍ୟୁତ ବୋଲି ମଧ୍ୟ ଭଣିତାମାନଙ୍କରେ ପରିଚିତ କରାଇଛନ୍ତି ।

ପ୍ରକ୍ଷିପ୍ତ ଅଂଶ ଅଧ୍ୟୁଷିତ ଏହି ଗ୍ରନ୍ଥମାନଙ୍କରୁ ନେମାଳ-ଅଚ୍ୟୁତ ବା ପଞ୍ଚସଖା ଅଚ୍ୟୁତଙ୍କ ମୂଳ ଲେଖାର ରୂପ ଓ ପ୍ରାଣ ଜାଣିବା ସମ୍ଭବ ହେଉନାହିଁ । କାରଣ, ଅଶୁଦ୍ଧ ପାଠ, ପାଠଭେଦ, ପ୍ରକ୍ଷିପ୍ତ ଅଂଶ ପ୍ରଭୃତି ଏହାର ସମାଧାନ ପଥରେ ଅନ୍ତରାୟ ହୋଇ ଦଣ୍ଡାୟମାନ ହେଉଛି ।

ମୂଳ ଅଚ୍ୟୁତାନନ୍ଦଙ୍କ ବହୁ ଗ୍ରନ୍ଥ ଅପ୍ରକାଶିତ ଥିବା ଜଣାଯାଏ ।

## (ଝ) ଶିଶୁ ଅନନ୍ତ ଦାସ

ପଞ୍ଚସଖାର ଅନ୍ୟତମ ସଖା ଶିଶୁ ଅନନ୍ତ ଦାସ ଅର୍ଥତାରେଣୀ, ପ୍ରଶ୍ନୋତ୍ତର, ଓଁକାର ଶବଦ, ଭକ୍ତିମୁକ୍ତିଦାୟକ ଗୀତା ପ୍ରଭୃତି କେତୋଟି କ୍ଷୁଦ୍ର ଗ୍ରନ୍ଥ ଲେଖିଥିବା ଜଣାଯାଏ । ତାଙ୍କର ଗ୍ରନ୍ଥଗୁଡ଼ିକ ମୁଦ୍ରିତ ହୋଇ

ନଥିବାରୁ ସେଗୁଡ଼ିକ ସମ୍ବନ୍ଧରେ କିଛି ଜାଣିବାର ସୁବିଧା ହୋଇନାହିଁ । ଭୁବନେଶ୍ୱରସ୍ଥ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ (Orissa State Museum) ଗ୍ରନ୍ଥାଗାରରେ ଯେଉଁଟି ତାଳପତ୍ର ପାଣ୍ଡୁଲିପି ଥିବା ଶିଶୁ ଅର୍ଜୁନ ଦାସଙ୍କ କଳ୍ପଲତା କାବ୍ୟର ମୁଖବନ୍ଧର ବର୍ଣ୍ଣିତ ଐତିହାସିକ ଓ ଗବେଷକ ଶ୍ରୀ କେଦାରନାଥ ମହାପାତ୍ର ପ୍ରକାଶ କରିଛନ୍ତି । ଶିଶୁ ଅନନ୍ତଙ୍କ ଭଣିତା ଏହି ଗ୍ରନ୍ଥମାନଙ୍କରେ ଥିବା ସେଥିରୁ ଜଣାଯାଏ ।

ଶ୍ରୀ ଶେଷ ଅନନ୍ତ ବ୍ରହ୍ମାଣ୍ଡ ହେଲେ ଉଦତ
ଶରଣାଗତ ଅନାଥଙ୍କ ତରିବେ ମାଗଇ ଶିଶୁ ଅନନ୍ତ । (ଅର୍ଥତାରେଣୀ)

ସେ ଭ ଜନ୍ମ କଥା ଯେ ଅନନ୍ତ ଶିଶୁ କହୁ
ବଚ୍ଚିର ବୁଝିଲେ ଏଥି କିଛି ଧନ୍ଦା ନାହିଁ । (ପ୍ରଶ୍ନୋତ୍ତର)

ବନ୍ଧୁ ଅଛନ୍ତୁ ହୋଇଲା ଅଶେଷ ! ଶିଶୁ ଅନନ୍ତ ସେହୁଠାରୁ ଅଂଶ !
(ଅଣାକାର ଶବଦ)

କହଇ ଶିଶୁ ଅନନ୍ତ ଯନ୍ତ୍ରିରେ ବାଣୀ,
ଦ୍ୱାଦଶ ପଟଳ ଶେଷ କର ଚକପାଣି । (ଭକ୍ତମୁକ୍ତାଦାୟକ ଗୀତା)

ଶିଶୁ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ୨୫ ଅଙ୍କରେ ଅର୍ଥାତ୍ ଖ୍ରୀ: ୧୪୮୨ରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦଙ୍କ 'ଉଦୟକାହାଣୀ'ରୁ ଜଣାଯାଏ ।

ଶିଶୁ ଅନନ୍ତ 'ଶିଶୁ' ସମ୍ପ୍ରଦାୟର ପ୍ରତିଷ୍ଠାତା । ପରବର୍ତ୍ତୀ କାଳରେ "ଶିଶୁ" ଗୋଷ୍ଠୀର କବିମାନେ 'ଶିଶୁ' ଉପାଧି ଧାରଣ କରିଥିବା ଜଣାଯାଏ; ଶିଶୁ ଅର୍ଜୁନ ଦାସ (ରାମବିଭା, କଳ୍ପଲତା), ଶିଶୁ ବନମାଳି ଦାସ (ରାସ), ଶିଶୁ ଶଙ୍କର ଦାସ (ଉଷାଭିଳାଷ), ଶିଶୁ ପ୍ରତାପରାୟ (ଶଶିସେଣା), ଶିଶୁ ଦୟାନିଧି ଦାସ (ଅଶ୍ୱମେଧ ପର୍ବ) ।

## (୨) ପଞ୍ଚସଖା

'ପଞ୍ଚସଖା' ନାମଟି ଅଚ୍ୟୁତାନନ୍ଦଙ୍କ ନାମରେ ଭଣିତା ହୋଇଥିବା ଗ୍ରନ୍ଥମାନଙ୍କରେ ବହୁସ୍ଥାନରେ ଦେଖାଯାଏ । ଜଗନ୍ନାଥଦାସଙ୍କ ଅନ୍ୟ

ସଖାମାନଙ୍କ ଗ୍ରନ୍ଥରେ ଏହାର ଉଲ୍ଲେଖ ନାହିଁ । ଜଗନ୍ନାଥ ଦାସଙ୍କ ସ୍ୱକୃତ ଗ୍ରନ୍ଥ ଜଗନ୍ନାଥଚରିତାମୃତରେ ମଧ୍ୟ ଏହା ଲେଖା ନାହିଁ । ତେବେ ଜଗନ୍ନାଥ-ଚରିତାମୃତରେ ଦିବାକର ଦାସ ଲେଖିଛନ୍ତି ଯେ, ବଳରାମ ଦାସ ଜଗନ୍ନାଥ ଦାସଙ୍କୁ ସ୍ନେହରେ 'ସଖୀ' ବୋଲି ଡାକୁଥିଲେ । ଗୋପାଳକୃଷ୍ଣ, ବଳରାମ ଦାସ ଅତିବଡ଼ି ଜଗନ୍ନାଥ ଦାସଙ୍କୁ ରାଧାଙ୍କ ଅଂଶରେ ଜନ୍ମ ହୋଇଥିବାରୁ ସେ ସର୍ବୋପରିଙ୍କୁ ଯୋଗ୍ୟ, ଏହି ଧାରଣା କରି ଅତିବଡ଼ିଙ୍କୁ 'ସଖୀ' ସମ୍ବୋଧନ କରୁଥିଲେ

ଜାଣିଲେ ରାଧା ଅଂଶେ ଜନ୍ମ, ସର୍ବୋପରେଣୁ ଏ ସୁଜନ ।
ସଖି ସଖି ବୋଲି ବଚନ, ବୋଲୁ ତାହାନ୍ତ ପ୍ରଭୁଜନ । (୨୪ଶ ଅ. ଜ.ଚ.)

ଏହି 'ସଖୀ' ସମ୍ବୋଧନରୁ ଉକ୍ତ ଅଚ୍ୟୁତାନନ୍ଦ ଓ ତାଙ୍କ ଭକ୍ତମାନେ ଗ୍ରହଣ କରିଥିବା ପରି ଜଣାଯାଏ ନାହିଁ; କାରଣ ଜଗନ୍ନାଥାଦି ପଞ୍ଚ ମହାଜନଙ୍କୁ ଯୁଗେ ଯୁଗେ ବିଷ୍ଣୁଙ୍କ ବିଭିନ୍ନ ଅବତାରରେ ତାଙ୍କ ପଞ୍ଚସଖାଙ୍କର ଅବତାର ବୋଲି ନିର୍ଦ୍ଦେଶ କରିଛନ୍ତି । ଜଗନ୍ନାଥ ଦାସ ରାଧାଙ୍କ ଅବତାର ବୋଲି ସେମାନେ ସ୍ୱୀକାର କରି ନାହାନ୍ତି । ଦଶପଟଳରେ ଲେଖାଅଛି ଯେ, ତ୍ରେତା ଯୁଗରେ ରାମଚନ୍ଦ୍ରଙ୍କ ପଞ୍ଚସଖା—ନଳ, ନୀଳ, ସୁଷେଣ, ଜାମ୍ବବ ଓ ହନୁମାନ; ଦ୍ୱାପର ଯୁଗରେ କୃଷ୍ଣଙ୍କର ପଞ୍ଚସଖା—ଦାମ, ସୁଦାମ, ସୁବଳ, ବାହୁ, ସୁବାହୁ ରୂପେ ଅବତୀର୍ଣ୍ଣ ହୋଇଥିଲେ । ଏହି କାରଣରୁ ଏମାନେ ଅଚ୍ୟୁତାନନ୍ଦ-ରଚିତ ସାହିତ୍ୟରେ 'ପଞ୍ଚସଖା' ନାମରେ ଖ୍ୟାତ । କୃଷ୍ଣଙ୍କ ଅବତାର ଶ୍ରୀଚୈତନ୍ୟଙ୍କ ଓଡ଼ିଶୀ ପଞ୍ଚସଖା ରୂପେ ଏମାନେ ଚୈତନ୍ୟଙ୍କ ସହି ପୃଥିବୀରେ ଅବତୀର୍ଣ୍ଣ ହୋଇଥିବା ଏହି ଗ୍ରନ୍ଥମାନଙ୍କରେ ଉଲ୍ଲେଖ ଅଛି । ପରେ ଅନ୍ୟମାନେ ଏହି 'ପଞ୍ଚସଖା' ନାମ ବ୍ୟବହାର କରିଛନ୍ତି ।

ଅଚ୍ୟୁତାନନ୍ଦ ଶୂନ୍ୟସଂହିତାର ବହୁ ସ୍ଥାନରେ 'ପଞ୍ଚସଖା' ପଦ ବ୍ୟବହାର କରିଛନ୍ତି । ଏହି ପଞ୍ଚସଖା ପୂର୍ବେ ଯୁଗେ ଶ୍ରୀକୃଷ୍ଣଙ୍କର ପଞ୍ଚସଖା ଥିଲେ ଏବଂ ତାଙ୍କର ବିବିଧ ଲୀଳାରେ ସଂଯୁକ୍ତ ଥିଲେ । ଦ୍ୱାପର ଯୁଗରେ ଗୋପରେ ପଞ୍ଚସଖାଙ୍କ ନାମ ଥିଲା—କଳିରେ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳରେ ସେମାନେ ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ

ଅନନ୍ତ ଦାସ ନାମ ଧାରଣ କରି ଜନ୍ମଗ୍ରହଣ କରିଥିଲେ । ହରିନାମ ସଙ୍କୀର୍ତ୍ତନ କରି ପାପାତ୍ମା ଜନମାନଙ୍କୁ ମୁକ୍ତି ଦେବାପାଇଁ କୃଷ୍ଣ ଚୈତନ୍ୟରୂପରେ ଜନ୍ମଗ୍ରହଣ କରିଥିଲେ । ସେମାନଙ୍କ ସଙ୍ଗେ ରହି ଲୀଳାରେ ଅଂଶ ଗ୍ରହଣ କରିବା ପାଇଁ ଏହି ପଞ୍ଚସଖା ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ।

(୧) ପଞ୍ଚସଖାର ସମସ୍ତଙ୍କୁ ରାଜା ପ୍ରତାପରୁଦ୍ର ଦେବ ପରୀକ୍ଷା କରିଥିବା କଥା ଉଲ୍ଲେଖ କରିଛନ୍ତି ।

ଏମନ୍ତ ପ୍ରକାରେ ପଞ୍ଚଜଣଙ୍କୁ,
ପରୀକ୍ଷା କଲା ସେ ଆମ୍ଭମାନଙ୍କୁ । (୮ମ ଅ. ଶୂନ୍ୟସଂହିତା)

(୨) ନିତ୍ୟଗୋଲୋକରେ ସୁଦାମ (କଳିଯୁଗର ଅଚ୍ୟୁତାନନ୍ଦ) କୃଷ୍ଣଙ୍କ ସହିତ ନିତ୍ୟରାସ ଦେଖିଥିଲେ । ଏହି ପ୍ରସଙ୍ଗରେ କୃଷ୍ଣ କହୁଛନ୍ତି—

ତୁମ୍ଭ ଅମ୍ଭ ସଙ୍ଗ ବାଲ୍ୟ ଅନ୍ତର ନୋହିବ
କଳିଯୁଗ ଚରିତ ରୂପକୁ ସେ ଦେଖିବ ।
ପ୍ରତାପରୁଦ୍ର ନୃପତି ରାଜନ ହୋଇବେ
ପଞ୍ଚସଖା ପ୍ରଭୁଙ୍କୁ ପରତେ ଜ୍ଞାନ ଦେବେ । (୯ମ ଅ. ଶୂ. ସଂ.)
ତୁମ୍ଭ ସହିତଙ୍କୁ ମୋ ଜନ୍ମେ ଜନ୍ମେ ଆଶ
ତୁମ୍ଭ ପାଇଁ ଅବତାର ଲୀଳା ପ୍ରକାଶ । (୯ମ ଅ. ଶୂ. ସଂ.)

(୩) ଶ୍ରୀଚୈତନ୍ୟଦେବଙ୍କ ଅବତାର ଓ ହରିନାମ ପ୍ରଚାର ପ୍ରସଙ୍ଗରେ କବି ଲେଖିଛନ୍ତି—

ଆଜ୍ଞା ପାଇ ଅନାଦି ହୋଇଲେ ଅବତୀର୍ଣ୍ଣ
ଏକ ଅଂଶ କଳା ତେଜ ହୋଇଲେ ଜନମ ।
ନାମ ଶ୍ରୀଚୈତନ୍ୟ ପ୍ରଭୁ ଅଧମ ଉଦ୍ଧାର
ପ୍ରକଟ କରିଲେ ନାମ କଳିଯୁଗେ ସାର ।
ହରିର ନାମ ମହିମାକୁ ପ୍ରକଟ କରିଲେ
ମୂଢ଼ ଜନ ଅଜ୍ଞାନ ସମସ୍ତେ ଉଦ୍ଧରିଲେ ।
ପ୍ରକଟ ହୋଇଲୁ ନାମ ହୃଦେ ହେଲେ ଭକ୍ତି
ଅନ୍ତେ ପଞ୍ଚସଖା ଅନ୍ତ ସମାଜେ ଉଦିତ । (୧୦ମ ଅ. ଶୂ. ସଂ.)

(୪) ମାଧୁର୍ଯ୍ୟ ତାଙ୍କ ଗୁରୁଙ୍କ ମନ୍ତ୍ର ବଳରେ ବୋଲ୍ତବା ବାଳରେ ପ୍ରାଚୀ-ନୂଳର ମୁନିମାନଙ୍କ ଶାପରେ ମକଦ୍ଧାନ ଆଣ୍ଡ ଡାକଲ୍ ଗାର୍ତ୍ତି । କାମାନ୍ତ, ଭୋଗାନ୍ତ ପ୍ରଭୃତି ବଦ୍ଧ୍ୟାକୁ ତ୍ୟାଗ କରି ନିର୍ମଳ ସ୍ୱରରେ ଶୂନ୍ୟଭଜନ କରିବା ପାଇଁ ବାରିସିଂହ, ବୈଦ୍ୟନାଥାଦି ଦ୍ୱିତୀୟଗୀତନ୍ୟାସୀମାନଙ୍କୁ ଅଚ୍ୟୁତାନନ୍ଦାଦି ପଞ୍ଚସଖା ପ୍ରବର୍ତ୍ତାଇଥିଲେ । ଅଚ୍ୟୁତାନନ୍ଦ ଏହି ଶୂନ୍ୟସ୍ୱରୂପ ଭଜନ କହନ୍ତୁ ଗୋଲକ ଦର୍ଶନ ହେଲେ ବ୍ରହ୍ମାମାନେ ତାଙ୍କୁ ବନ୍ଧୁଥିବା ପ୍ରକାଶ କରିବାକୁ ଏମାନେ ହେଉଥିଲେ ଅଙ୍ଗୀକାର କରିଲେ । ଏହି ପ୍ରସଙ୍ଗରେ ପଞ୍ଚସଖାର ଉଲ୍ଲେଖ ଅଛି ଯେ ପଞ୍ଚସଖା ଭଗବାନଙ୍କର ଆତ୍ମସ୍ୱରୂପ ଏବଂ ଏମାନଙ୍କ ପୂର୍ବରେ ସେହି ସ୍ୱରୂପ ସ୍ୱରୂପ ଅବତାର ଗ୍ରହଣ କରୁଛନ୍ତି । ଭଗବାନ କହୁଛନ୍ତି—

ତୁମ୍ଭେ ମୋର ପଞ୍ଚ ଆତ୍ମା ଅଟ ପଞ୍ଚ ପ୍ରାଣ
ଅବତାର ହେଲି ଯେତେ ତୁମ୍ଭପାଇଁ ପୁଣ ।
ଗାଅ ଅଚ୍ୟୁତ ଅନନ୍ତ ଯଶୋବନ୍ତ ଦାସ
ବଳରାମ ଜଗନ୍ନାଥ କର ଯା ପ୍ରକାଶ । ଇତ୍ୟାଦି । (୧୦ମ ଅ. ଶୂ. ସ.)

(୫) କଳିକି (କଳ୍କି) ହେଲେକୁ ନାମ ପ୍ରଚାର କରିବା ପାଇଁ ପଞ୍ଚସଖାଙ୍କୁ ଭଗବାନ ଆଗେ ପଠାଇ ଦେଲେ ଏବଂ ମର୍ତ୍ତ୍ୟରେ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ଆଦେଶ ଦେଲେ । ଏହି ପ୍ରସଙ୍ଗରେ କବି ଭଗବାନଙ୍କ ମୁଖରେ କହୁଛନ୍ତି—

ତୁମ୍ଭେ ପାଞ୍ଚଜଣ ଆଗେ ହୁଅ ଅବତାର
ନାମ ତତ୍ତ୍ୱ ଦେଇ ଯୋଗେ ଭକ୍ତଙ୍କୁ ତାର ।
ହରିନାମ ମହାମନ୍ତ୍ର ଉପଦେଶ ଦେଇ
ପଢ଼ିବ କଳିର ଯୋଗେ ଭକ୍ତଙ୍କୁ ତହିଁ । (୧୧ଶ ଅ. ଶୂ. ସ.)

ଏପରି ବହୁ ସ୍ଥାନରେ 'ପଞ୍ଚସଖା'ର ଉଲ୍ଲେଖ ଅଛି । ଅଚ୍ୟୁତାନନ୍ଦ ପଞ୍ଚସଖା ନାମ ବ୍ୟବହାର କରିଛନ୍ତି ଏବଂ ଏଥିଦ୍ୱାରା ଅନ୍ୟ ସଖାମାନଙ୍କର ମହିମା ପ୍ରଚାର କରିବାରେ ସାହାଯ୍ୟ କରିଛନ୍ତି । ନିରାକାର ଧ୍ୟାନ, ନିରାକାର ଭଜନ, ନିରାକାର ମନ୍ତ୍ର ଜପ ପ୍ରଭୃତିରେ 'ହରେ ରାମ କୃଷ୍ଣ' ମହାମନ୍ତ୍ର ଥିବାରୁ

ଚୈତନ୍ୟଦେବଙ୍କ ପ୍ରସ୍ତୁତ, ଜଗନ୍ନାଥ ଦାସଙ୍କ ଦ୍ୱାଦଶସ୍କନ୍ଧ ବ୍ୟାଖ୍ୟା ପ୍ରଭୃତି ପୋଥିର ଏଥି ପ୍ରସଙ୍ଗର ସାମଞ୍ଜସ୍ୟ ରହିଛି ।

**ପରୀକ୍ଷାଙ୍କ ସ୍ଥାନ:**—ପଞ୍ଚସଖା ବା ପ୍ରତାପରୁଦ୍ରୀୟ ଯୁଗରେ ବହୁ ଭକ୍ତ ଓ ସାଧକଙ୍କ ଉଦୟ ହୋଇଥିବାରୁ ଏହି ଭକ୍ତ ଓ ସାଧକମାନଙ୍କ ଜୀବନରେ ବହୁ ଅଲୌକିକ ଘଟଣା ଦେଖାଯାଏ । ସ୍ୱୟଂ ପ୍ରତାପରୁଦ୍ରଦେବ ଭକ୍ତ, ସାଧକ ଓ କବିମାନଙ୍କୁ ଆଦର କରୁଥିବାରୁ ସେମାନଙ୍କ ନୈତିକ ଜୀବନଯାପନ ପ୍ରତି ବେଶୀ ଦୃଷ୍ଟି ଦେଉଥିଲେ । ବେଳେ ବେଳେ ଏମାନଙ୍କ ଭିତରୁ କାହାର କାହାର ପଦସ୍ଖଳନ ହେଉଥିବା ଅଭିଯୋଗ ଶୁଣାଯାଉଥିଲା । ଏଗୁଡ଼ିକ ପ୍ରମାଣିତ ହେବା ପରେ ରାଜା ଦଣ୍ଡବିଧାନ ମଧ୍ୟ କରୁଥିଲେ । ଧର୍ମକୁ ଧ୍ୱଜାରୂପେ ବ୍ୟବହାର କରି କାହାରିକୁ ଅସତ୍‌ମାର୍ଗରେ ପ୍ରବର୍ତ୍ତାଇବା ବା ଧର୍ମର ସୁବିଧା ନେଇ ନିଜର ଅସତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଏକ ଅପରାଧରୂପେ ଗଣ୍ୟ ହେଉଥିଲା । ଏପ୍ରକାର ବ୍ୟଭିଚାର ବା ଭଣ୍ଡାମିର ଅଭିଯୋଗ ସେହି ସମୟରେ ହେଉଥିଲା ଏବଂ ଏଥିପ୍ରତି ରାଜାଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା । ଏହା ଦିବାକର ଦାସଙ୍କ ଜଗନ୍ନାଥଚରିତାମୃତ ଗ୍ରନ୍ଥରୁ ଜଣାଯାଏ । ଜଗନ୍ନାଥ ଦାସ ବାହ୍ୟକୁ ଡୋର କୌପୀନ ଧାରଣ କରି ଭିତରେ ବ୍ୟଭିଚାରରେ ଲିପ୍ତ ଥିବା ଅଭିଯୋଗ ରାଜାଙ୍କଠାରେ ହୋଇଥିଲା । ରାଜା ତଥା ପ୍ରମାଣରେ ଜଣେ ସାଧୁଙ୍କୁ ଦଣ୍ଡ ଦେବା ଇଚ୍ଛା ନକରି ଆଗେ ତାହାର ତଦନ୍ତ କରିବାକୁ ସ୍ଥିର କରିଥିଲେ । କେହି କେହି ସାଧୁ କଳୁଷିତ ଜୀବନ ଯାପନ କରୁଥିବାରୁ ରାଜାଙ୍କ ମନରେ ମଧ୍ୟ ଜଗନ୍ନାଥ ଦାସଙ୍କ ପରି ମହାନ୍ ସାଧକଙ୍କ ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଅବକାଶ ଲାଭ ହୋଇଥିବ । ଦାର୍ଢ୍ୟତାଭକ୍ତିରସାମୃତ ଗ୍ରନ୍ଥରେ ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତି ରାଜାଙ୍କଦ୍ୱାରା କାରାଦଣ୍ଡ ପାଇଥିବା ବର୍ଣ୍ଣିତ ଅଛି । ଅବଶ୍ୟ ଏମାନଙ୍କୁ ସ୍ୱୟଂ ଜଗନ୍ନାଥ ନିର୍ଦ୍ଦୋଷ ବୋଲି ସ୍ୱପ୍ନରେ ରାଜାଙ୍କୁ କହି ମୁକ୍ତ କରିଛନ୍ତି । ଅଚ୍ୟୁତାନନ୍ଦଙ୍କ ସାଧନାର ଅଲୌକିକତା ପରୀକ୍ଷା ମଧ୍ୟ ରାଜାଙ୍କଦ୍ୱାରା ହୋଇଥିବା ଅନ୍ୟ ଏକ ଦୃଷ୍ଟାନ୍ତ ।

ସେହି ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ବିଦ୍ୟାଚର୍ଚ୍ଚାର ଏକ ପ୍ରଧାନ ପୀଠ ଥିଲା । ଏହି ମଣ୍ଡପରେ କେବଳ ଶ୍ରୋତ୍ରିୟ ବ୍ରାହ୍ମଣମାନେ

ସତ୍ୟ ଥିବାରୁ ଶୂଦ୍ର ମାନଙ୍କର ଶାସ୍ତ୍ର ଆଲୋଚନାରେ ଯୋଗ ଦେବାର ସୁବିଧା ନଥିଲା । ଏହି ପରଂପରା ସମାଜର ସମ-ଅଭ୍ୟୁଦୟ କ୍ଷେତ୍ରରେ ବ୍ୟାଘାତ ଘଟାଇଥିବା ଏ ସମୟର ପଞ୍ଚସଖାଙ୍କ ସମ୍ପର୍କୀୟ ଗ୍ରନ୍ଥମାନଙ୍କରୁ ଜଣାଯାଏ । ଶୂଦ୍ର ମାନେ ବେଦ, ବେଦାନ୍ତାଦି ଶାସ୍ତ୍ର ଆଲୋଚନା କଲେ ପଣ୍ଡିତାଭିମାନୀ ବ୍ରାହ୍ମଣ ସଭ୍ୟମାନେ ଏମାନଙ୍କୁ ଉପହାସ କରୁଥିଲେ । କିନ୍ତୁ ମୂଢ଼ ଭଣ୍ଡପର ପ୍ରକୃତ ତତ୍ତ୍ୱବିତ୍ ବ୍ରାହ୍ମଣ ପଣ୍ଡିତମାନେ ଏମାନଙ୍କୁ ଆଦର ଓ ସମ୍ମାନ କରୁଥିବା ମଧ୍ୟ ଜଣାଯାଏ । ବଳରାମ, ଅଚ୍ୟୁତାନନ୍ଦ ପ୍ରଭୃତିଙ୍କ ଜୀବନରେ ଏପରି ଘଟଣା ଦେଖାଯାଇଥିଲା ।

ଶାରଳା ଦାସ ନିର୍ଗୁଣ ବ୍ରହ୍ମଙ୍କ ସମ୍ବନ୍ଧରେ ଲେଖିଥିଲେ ମଧ୍ୟ ସେଥିରେ ତତ୍ତ୍ୱ ବ୍ୟାଖ୍ୟାନ ନାହିଁ । ପଞ୍ଚସଖାଙ୍କ ସମୟରେ ବହୁ ଶୂଦ୍ର ଶାସ୍ତ୍ରସମ୍ମତ ବ୍ୟାଖ୍ୟା କରି ଦାର୍ଶନିକ ତତ୍ତ୍ୱ ବୁଝାଉଥିଲେ; ପୁଣି, ସେମାନେ ସାଧନା ଓ ଭକ୍ତିବଳରେ ଜଗନ୍ନାଥଙ୍କୁ ବଶ କରିଥିବା ପ୍ରମାଣ ଦେଉଥିବାରୁ ଲୋକଙ୍କ ଭିତରେ ଏହା ଏକ ସାମାଜିକ ଓ ଧାର୍ମିକ ବିପ୍ଳବ ପରି ଦେଖାଯାଇଥିଲା । ଭାରତର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ଏହିପରି ବିପ୍ଳବ ଦେଖାଦେଇଥିଲା । ବହୁ ଅବ୍ରାହ୍ମଣ ସାଧୁ-ସନ୍ଥ ଓ ଦାର୍ଶନିକ ଶ୍ରୀକ୍ଷେତ୍ରକୁ ଆସି ଲୋକଙ୍କୁ ପ୍ରଭାବିତ କରିଥିଲେ । ଓଡ଼ିଶାର ଏହି ଅବ୍ରାହ୍ମଣ ଦାର୍ଶନିକମାନେ ସିଦ୍ଧି ଲାଭ କରିଥିବାରୁ ଲୋକେ ସେମାନଙ୍କଦ୍ୱାରା ପ୍ରଭାବିତ ହେଉଥିଲେ । ବଡ଼ ବ୍ରାହ୍ମଣମାନେ ଏମାନଙ୍କୁ ସମ୍ମାନ କରୁଥିବାରୁ ଜନସାଧାରଣଙ୍କ ଭିତରେ ଏମାନଙ୍କ ପ୍ରଭାବ ବୃଦ୍ଧି ପାଇଥିଲା । ବିଶେଷତଃ ରାଜାଙ୍କଦ୍ୱାରା ସାଧକଙ୍କର ସାଧନା ପରୀକ୍ଷିତ ହୋଇ ସମ୍ମାନ ଲାଭ କରିବା ପରେ ଲୋକେ ଏମାନଙ୍କୁ ବେଶି ଆଦର ଓ ଭକ୍ତି କରୁଥିଲେ ଏବଂ ଏମାନଙ୍କର ଗ୍ରନ୍ଥଗୁଡ଼ିକୁ ମଧ୍ୟ ଆଦର କରୁଥିଲେ ।

ଗୂଢ଼ ଦାର୍ଶନିକ ତତ୍ତ୍ୱକୁ ସହଜ, ସରଳ ଓ ସାଧାରଣଙ୍କ ବୋଧଗମ୍ୟ ଭାଷାରେ ପଦ୍ୟ ମାଧ୍ୟମରେ ପ୍ରକାଶ କରିବାକୁ ଉଦ୍ୟମ କରି ପଞ୍ଚସଖା କବିମାନେ କୃତକାର୍ଯ୍ୟ ହୋଇଛନ୍ତି । ଓଡ଼ିଆ ଭାଷାରେ ଶୁଦ୍ଧ-ଉପଯୋଗୀ ଶବ୍ଦ ଓ ସାର୍ଥକ ପଦ ବ୍ୟବହାର କରି କଠିନ ତତ୍ତ୍ୱକୁ ବୁଝାଇବା ପାଇଁ ଜଗନ୍ନାଥ ଦାସ ହିଁ ବଳିଷ୍ଠ ଉଦ୍ୟମ କରି ସଫଳ ହୋଇଛନ୍ତି । ପଞ୍ଚସଖାଙ୍କ ଭିତରେ ଜଗନ୍ନାଥ

ଦାସ ଏହି ମୂର୍ତ୍ତିର ପ୍ରକାଶଭଙ୍ଗୀର ପ୍ରସ୍ତାବରୂପେ ପୂଜା ପାଇ ଆସୁଥିଲେ ମଧ୍ୟ ଏ ମାର୍ଗ ପ୍ରବର୍ତ୍ତନରେ ଅନ୍ୟ ସଖାମାନଙ୍କ ଦାନ ନ୍ୟୂନ ନୁହେଁ । ଏ ମାର୍ଗକୁ ପ୍ରଶସ୍ତତର କରିବାରେ ପଞ୍ଚସଖାଙ୍କ ଭିତରେ ବଳରାମ ଓ ଅଚ୍ୟୁତଙ୍କ ଦାନ ମଧ୍ୟ ଯଥେଷ୍ଟ ରହିଛି ।

ଶାରଳା ଦାସ ଓଡ଼ିଆ ଭାଷାରେ ମହାଭାରତ ଲେଖିବା ପରେ ଓଡ଼ିଶାର ଲୋକେ ତାହାକୁ ବହୁ ଆଦର କରୁଥିବାରୁ ପୁରାଣ ସାହିତ୍ୟକୁ ଲୋକମାନଙ୍କ ଭିତରେ ପ୍ରଚାର କରିବା ପାଇଁ ପଞ୍ଚସଖାର ଜଗନ୍ନାଥ, ବଳରାମ, ଅଚ୍ୟୁତ ପ୍ରଭୃତି ଉଦ୍ୟୋଗୀ ହୋଇଥିଲେ । ସେମାନେ ଶାରଳା ଦାସଙ୍କ ପନ୍ଥା ଅବଲମ୍ବନ କରି ମୂଳ ପୁରାଣମାନଙ୍କର ସାରବସ୍ତୁ ଉପରେ ନିର୍ଭର କରି ପୁରାଣ ରଚନା କରିଥିଲେ । ଭାଗବତ, ହରିବଂଶ, ବ୍ରହ୍ମାଣ୍ଡ ପୁରାଣ ପ୍ରଭୃତି ଗ୍ରନ୍ଥମାନ ଲୋକଙ୍କ ଭିତରେ ପୁରାଣପାଠ ସ୍ପୃହା ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଭକ୍ତିଭାବ ପ୍ରଚାରରେ ମଧ୍ୟ ସାହାଯ୍ୟ କରିଥିଲା । ପରବର୍ତ୍ତୀ ଯୁଗରେ ଏମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ କବିମାନେ ବହୁ ପୁରାଣ ଜନସାଧାରଣଙ୍କ ବୋଧଗମ୍ୟ ଭାଷାରେ ପଦ୍ୟ ମାଧ୍ୟମରେ ରଚନା କରିଛନ୍ତି । ମୂଳଗ୍ରନ୍ଥର ଅନୁବାଦ ନକରି ମୂଳବସ୍ତୁକୁ ଗ୍ରହଣ କରି ସ୍ୱତନ୍ତ୍ର ପୁରାଣ ଗ୍ରନ୍ଥ ରଚନା କରିବାରେ ଶାରଳା ଦାସ ଯେଉଁ ମାର୍ଗ ପ୍ରଦର୍ଶନ କରି ଯାଇଥିଲେ, ପଞ୍ଚସଖାର କବିମାନେ ସେହି ମାର୍ଗ ଅନୁସରଣ କରିଥିଲେ । ଅବଶ୍ୟ, ପରେ ଅନେକମାନେ ଏହି ପଥର ପଥିକ ହୋଇଥିବାରୁ ମୂଳ ସଂସ୍କୃତ ପୁରାଣମାନଙ୍କର କଥାବସ୍ତୁ ଓ ତତ୍ତ୍ୱସମ୍ପଦ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନଲାଭ କରିବାରେ ଓଡ଼ିଶା ଜନସାଧାରଣ ବଞ୍ଚିତ ହୋଇଛନ୍ତି । କିନ୍ତୁ ଏହା କବିମାନଙ୍କର ସ୍ୱତନ୍ତ୍ର ଗ୍ରନ୍ଥଗୌରବ ଲାଘବରେ କୌଣସି ବ୍ୟାଘାତ ଘଟାଇ ନାହିଁ । ଏମାନଙ୍କ ପୁରାଣ ବହୁଜନାଦୃତ ହେବାରୁ ପରବର୍ତ୍ତୀ ସମୟରେ ଏହି ପ୍ରଣାଳୀରେ ଅନେକାନେକ ପୁରାଣ ଲେଖିବାକୁ ଅନ୍ୟ କବିମାନେ ଆଗ୍ରହ ପ୍ରକାଶ କରି କୃତକାର୍ଯ୍ୟ ହୋଇଥିଲେ ଏବଂ ଓଡ଼ିଆ ପୁରାଣ ସାହିତ୍ୟକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଲୋକଙ୍କ ଧର୍ମ ଓ ନୀତିଜ୍ଞାନ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲେ ।

ବୈଷ୍ଣବ ଧର୍ମର ପ୍ରଚାର କ୍ଷେତ୍ରରେ ପଞ୍ଚସଖା ଅଗ୍ରଗାମୀ ହୋଇଥିଲେ । ଏମାନଙ୍କ ପ୍ରଭାବରୁ ଏକ କାଳ ଭିତରେ ଏତେ ପ୍ରଚୁର ଲେଖକ ହୋଇ

କରିଥିଲା । ଶ୍ରୁତି ନବଧା ଭକ୍ତିର ପ୍ରଚାର ଏମାନଙ୍କ ଦ୍ୱାରା ବିଶେଷ ଭାବରେ ସମ୍ଭବ ହୋଇଥିଲା ।

ଜ୍ଞାନମିଶ୍ରା ଭକ୍ତିଯୋଗ ପଞ୍ଚସଖାଙ୍କ ସାହିତ୍ୟରେ ବିଶେଷ ଭାବରେ ପ୍ରକାଶ ପାଇଥିଲା ।

ଏମାନେ ସହଜ ସାଧନ ସଙ୍ଗେ ସଙ୍ଗେ ଭକ୍ତିମାର୍ଗର ପ୍ରଚାର ମଧ୍ୟ କରିଥିଲେ ।

ଚୈତନ୍ୟଦେବଙ୍କୁ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ଏମାନେ ଗ୍ରହଣ କରିଥିଲେ । ଚୈତନ୍ୟଦେବଙ୍କ ସମ୍ବନ୍ଧରେ ଅଚ୍ୟୁତାନନ୍ଦଙ୍କ ଭଣିତାଯୁକ୍ତ ଗ୍ରନ୍ଥମାନଙ୍କରେ ବହୁ ସ୍ଥାନରେ ଉଲ୍ଲେଖ ଥିଲେ ମଧ୍ୟ ଅନ୍ୟ ସଖାମାନଙ୍କ ଗ୍ରନ୍ଥରେ ଏହି ବିଷୟ ଦେଖାଯାଏ ନାହିଁ । ପରବର୍ତ୍ତୀ କାଳର ଦିବାକର ଦାସଙ୍କ ଜଗନ୍ନାଥଦାସଙ୍କ ଜୀବନୀଗ୍ରନ୍ଥ "ଜଗନ୍ନାଥଚରିତାମୃତ"ରେ ଓ ପରବର୍ତ୍ତୀ କାଳର ଈଶ୍ୱରଦାସଙ୍କ "ଚୈତନ୍ୟ ଭାଗବତ" ଗ୍ରନ୍ଥରେ ଚୈତନ୍ୟ-ଜଗନ୍ନାଥ, ଚୈତନ୍ୟ-ପଞ୍ଚସଖା ବିଷୟର ବିସ୍ତୃତ ବର୍ଣ୍ଣନା ଦେଖାଯାଏ ।

ଏମାନେ ଚୈତନ୍ୟଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ବୋଲି ଗ୍ରହଣ କରିବା ସଙ୍ଗେ ସଙ୍ଗେ ନୀଳାଚଳକୁ ମର୍ତ୍ତ୍ୟ ବୈକୁଣ୍ଠ, ଶ୍ରୀଜଗନ୍ନାଥ ଠାକୁରଙ୍କୁ ନିତ୍ୟ-କୃଷ୍ଣ, ରାଧାଙ୍କ ମିଳିତ ତନୁ ଓ ଅବତାରୀ ବୋଲି ପ୍ରତିପାଦନ କରି ପ୍ରଚାର କରିଛନ୍ତି ।

ପାପ, ପତିତ, ଅଜ୍ଞାନୀ ଜନଙ୍କୁ ସଂସାରରୁ ମୁକ୍ତ କରିବା ପାଇଁ ଚୈତନ୍ୟ ଦେବ ଯେଉଁ ମହାମନ୍ତ୍ର ପ୍ରଚାର କରିଥିଲେ ତାହାକୁ ଏମାନେ ବିଶେଷଭାବରେ ଓଡ଼ିଶାରେ ବୃଦ୍ଧି କରିଥିଲେ । ଏମାନେ ସହଜ ସରଳ ଭାବରେ 'ହରେ ରାମ କୃଷ୍ଣ' ମହାମନ୍ତ୍ରକୁ ବ୍ୟାଖ୍ୟା କରି ପ୍ରଚାର କରିବାରୁ ଏହା ଓଡ଼ିଶାର ଦୂରପଲ୍ଲୀରେ ସୁପରିଚିତ ହୋଇପାରିଥିଲା । ଅଚ୍ୟୁତାନନ୍ଦଙ୍କ ଲେଖାରୁ ଶ୍ରୀଚୈତନ୍ୟ ମହାମନ୍ତ୍ରର ଦୁଇଟି ରୂପ ସ୍ୱୀକାର କରିଥିବା ଜଣାଯାଏ; ଗୋଟିଏ ଉତ୍କଳ ପାଇଁ, ଅନ୍ୟଟି ବଙ୍ଗ ପାଇଁ । ଉତ୍କଳରେ 'ହରେ ରାମ ହରେ କୃଷ୍ଣ' ଓ ବଙ୍ଗରେ 'ହରେ କୃଷ୍ଣ ହରେ ରାମ' ମନ୍ତ୍ରର ପ୍ରଚାର ସେ ସ୍ୱୀକାର

କରିଥିଲେ । ପଞ୍ଚସଖାମାନେ ଏହି "ହରେ ରାମ ହରେ କୃଷ୍ଣ" ମନ୍ତ୍ରକୁ ଯୁକ୍ତିଦ୍ୱାରା ସିଦ୍ଧାନ୍ତ କରି ଚୈତନ୍ୟଦେବ, ରାଜା ପ୍ରତାପରୁଦ୍ର ଓ ପଣ୍ଡିତମାନଙ୍କଦ୍ୱାରା ସ୍ୱୀକୃତ କରାଇ ନେଇଥିବା ଅଚ୍ୟୁତାନନ୍ଦଙ୍କ ଲେଖାରୁ ଜଣାଯାଏ । ଓଡ଼ିଶାକୁ ଏହା ଏମାନଙ୍କର ବିଶିଷ୍ଟ ଦାନ । ପଞ୍ଚସଖା-ପ୍ରବର୍ତ୍ତିତ ମନ୍ତ୍ରଟି ଶାସ୍ତ୍ରମାନଙ୍କରେ ମହାମନ୍ତ୍ର ନାମରେ ଖ୍ୟାତ ।

ଉତ୍କଳରେ—ହରେ ରାମ ହରେ ରାମ ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।

ବଙ୍ଗରେ— ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ମୁଦ୍ରକ : ଓଡ଼ିଶା ପ୍ରିଣ୍ଟିଙ୍ଗ୍ ୱାର୍କସ୍‌ରେ ଶ୍ରୀ ବାଦଲ୍ ସେନ୍‌ଗୁପ୍ତଙ୍କ ଦ୍ୱାରା ମୁଦ୍ରିତ । ୧୯୬୮ ।